# Holy Bible

## Aionian Edition®

ସ୪ର୍ଗାର୍ ବାଟ୍ ନ୪ଉଁଆ ନିଅମ୍

Bodo Parja: BOPO Bible

*Holy Bible Aionian Edition* ®

ସ୪ର୍ଗାର୍ ବାଟ୍ ନ୪ଉଁଆ ନିଅମ୍

Bodo Parja: BOPO Bible

Creative Commons Attribution 4.0 International, 2018-2025
Source text: eBible.org
Source version: 4/18/2025
Source copyright: Creative Commons Attribution 4.0
The Word for the World International, 2020

Formatted by Speedata Publisher 5.1.9 (Pro) on 6/2/2025
100% Free to Copy and Print
TOR Anonymously
https://AionianBible.org

Published by Nainoia Inc, https://Nainoia-Inc.signedon.net
All profits are given to https://CoolCup.org

We pray for a modern Creative Commons translation in every language
Translator resources at https://AionianBible.org/Third-Party-Publisher-Resources
Report content and format concerns to Nainoia Inc
Volunteer help is welcome and appreciated!

*Celebrate Jesus Christ's victory of grace!*

# Preface

ବଡ଼ ପରଜା at AionianBible.org/Preface

The *Holy Bible Aionian Edition* ® is the world's first Bible *un-translation*! What is an *un-translation*? Bibles are translated into each of our languages from the original Hebrew, Aramaic, and Koine Greek. Occasionally, the best word translation cannot be found and these words are transliterated letter by letter. Four well known transliterations are *Christ*, *baptism*, *angel*, and *apostle*. The meaning is then preserved more accurately through context and a dictionary. The Aionian Bible un-translates and instead transliterates eleven additional Aionian Glossary words to help us better understand God's love for individuals and all mankind, and the nature of afterlife destinies.

The first three words are *aiōn*, *aiōnios*, and *aïdios*, typically translated as *eternal* and also *world* or *eon*. The Aionian Bible is named after an alternative spelling of *aiōnios*. Consider that researchers question if *aiōn* and *aiōnios* actually mean *eternal*. Translating *aiōn* as *eternal* in Matthew 28:20 makes no sense, as all agree. The Greek word for *eternal* is *aïdios*, used in Romans 1:20 about God and in Jude 6 about demon imprisonment. Yet what about *aiōnios* in John 3:16? Certainly we do not question whether salvation is eternal! However, *aiōnios* means something much more wonderful than infinite time! Ancient Greeks used *aiōn* to mean *eon* or *age*. They also used the adjective *aiōnios* to mean *entirety*, such as *complete* or even *consummate*, but never infinite time. Read Dr. Heleen Keizer and Ramelli and Konstan for proofs. So *aiōnios* is the perfect description of God's Word which has *everything* we need for life and godliness! And the *aiōnios* life promised in John 3:16 is not simply a ticket to eternal life in the future, but the invitation through faith to the *consummate* life beginning now!

The next seven words are *Sheol*, *Hadēs*, *Geenna*, *Tartaroō*, *Abyssos*, and *Limnē Pyr*. These words are often translated as *Hell*, the place of eternal punishment. However, *Hell* is ill-defined when compared with the Hebrew and Greek. For example, *Sheol* is the abode of deceased believers and unbelievers and should never be translated as *Hell*. *Hadēs* is a temporary place of punishment, Revelation 20:13-14. *Geenna* is the Valley of Hinnom, Jerusalem's refuse dump, a temporal judgment for sin. *Tartaroō* is a prison for demons, mentioned once in 2 Peter 2:4. *Abyssos* is a temporary prison for the Beast and Satan. Translators are also inconsistent because *Hell* is used by the King James Version 54 times, the New International Version 14 times, and the World English Bible zero times. Finally, *Limnē Pyr* is the Lake of Fire, yet Matthew 25:41 explains that these fires are prepared for the Devil and his angels. So there is reason to review our conclusions about the destinies of redeemed mankind and fallen angels.

The eleventh word, *eleēsē*, reveals the grand conclusion of grace in Romans 11:32. Please understand these eleven words. The original translation is unaltered and a highlighted note is added to 64 Old Testament and 200 New Testament verses. To help parallel study and Strong's Concordance use, apocryphal text is removed and most variant verse numbering is mapped to the English standard. We thank our sources at eBible.org, Crosswire.org, unbound.Biola.edu, Bible4u.net, and NHEB.net. The Aionian Bible is copyrighted with creativecommons.org/licenses/by/4.0, allowing 100% freedom to copy and print, if respecting source copyrights. Check the Reader's Guide and read at AionianBible.org, with Android, and with TOR network. Why purple? King Jesus' Word is royal and purple is the color of royalty! All profits are given to CoolCup.org.

# History

ବଡ଼ ପରଜା at AionianBible.org/History

06/21/75 - Two boys, P. and J., wonder if Jesus saves all and pray.
04/15/85 - Aionian Bible conceived as B. and J. pray.
12/18/13 - Aionian Bible announced as J. and J. pray.
06/21/15 - Aionian Bible birthed as G. and J. pray.
01/11/16 - AionianBible.org domain registered.
06/21/16 - 30 translations available in 12 languages.
12/07/16 - Nainoia Inc established as non-profit corporation.
01/01/17 - Creative Commons Attribution No Derivatives 4.0 license added.
01/16/17 - Aionian Bible Google Play Store App published.
07/01/17 - 'The Purple Bible' nickname begins.
07/30/17 - 42 translations now available in 22 languages.
02/01/18 - Holy Bible Aionian Edition® trademark registered.
03/06/18 - Aionian Bibles available in print at Amazon.com.
09/15/18 - Aionian Bible dedicated as J. and J. pray again.
10/20/18 - 70 translations now available in 33 languages.
11/17/18 - 104 translations now available in 57 languages.
03/24/19 - 135 translations now available in 67 languages.
10/28/19 - Aionian Bible nursed as another J. and J. pray.
10/31/19 - 174 translations now available in 74 languages.
02/22/20 - Aionian Bibles available in print at Lulu.com.
05/25/20 - Illustrations by Gustave Doré, La Grande Bible de Tours, Felix Just.
08/29/20 - Aionian Bibles now available in ePub format.
12/01/20 - Right to left and Hindic languages now available in PDF format.
03/31/21 - 214 translations now available in 99 languages.
11/17/21 - Aionian Bible Branded Leather Bible Covers now available.
12/20/21 - Social media presence on Facebook, Twitter, LinkedIn, YouTube, etc.
01/01/22 - 216 translations now available in 99 languages.
01/09/22 - StudyPack resources for Bible translation study.
01/23/22 - Volunteers celebrate with pie and prayer.
02/14/22 - Strong's Concordance from Open Scriptures and STEPBible.
02/14/23 - Aionian Bible published on the TOR Network.
12/04/23 - Eleēsē added to the Aionian Glossary.
02/04/24 - 352 translations now available in 142 languages.
05/01/24 - 370 translations now available in 164 languages.
08/05/24 - 378 translations now available in 165 languages.
08/18/24 - Creative Commons Attribution 4.0 International, if source allows.
10/20/24 - Gospel Primer handout format.
11/24/24 - Progressive Web Application off-line format.
01/28/25 - All profits are given to CoolCup.org.
03/12/25 - 382 translations now available in 166 languages.
05/04/25 - 393 translations now available in 175 languages.
05/27/25 - 462 translations now available in 229 languages.

# Table of Contents

## NEW TESTAMENT


ମାତିଉ ........ 1
ମାର୍କ ........ 36
ଲୁକ ........ 58
ଜହନ୍ ........ 95
ପେରିତ୍ ........ 123
ରମିୟ୍ ........ 157
୧ କରନ୍ତି ........ 172
୨ କରନ୍ତି ........ 187
ଗାଲାତିୟ୍ ........ 198
ଏପିସିୟ୍ ........ 203
ପିଲିପିୟ୍ ........ 208
କଲସି ........ 212
୧ ତେସଲନିକି ........ 216
୨ ତେସଲନିକି ........ 220
୧ ତିମତି ........ 222
୨ ତିମତି ........ 226
ତିତସ୍ ........ 229
ପିଲିମନ୍ ........ 231
ଏବ୍ରି ........ 232
ଜାକୁବ ........ 243
୧ ପିତର୍ ........ 247
୨ ପିତର୍ ........ 251
୧ ଜହନ୍ ........ 254
୨ ଜହନ୍ ........ 258
୩ ଜହନ୍ ........ 259
ଜିଉଦା ........ 260
ପ୍ରକାସିତ୍ ........ 262


## APPENDIX


Reader's Guide
Glossary
Maps
Destiny
Illustrations, Doré

# NEW TESTAMENT




ସଃଡେବଃଲ୍ ଜିସୁ କୟ୍ଲା, “ଉବା, ଇ ଲକ୍ମଃନ୍କାର୍ ହାହ୍ କେମା କଃର୍, ବଃଲେକ୍ ଇ ଲକ୍ମଃନ୍ କାୟ୍ କଃରୁଲାୟ୍ ସେରି ଜାଣୁ ନଃହାରୁଲାୟ୍ ।”
ଆର୍ ସେମଃନ୍ ଜିସୁର୍ ବଃସ୍ତୁର୍ ବାଟା କଃରୁକେ କେଳିବାଚ୍ଲାୟ୍ ।
ଲୁକ 23:34

# ମାଟିଉ

1 ଇ ଲେକା ଅଃଉଁଲି ଜିସୁ କ୍ରିସ୍ଟର୍ ହୁର୍ବାର୍ କୁଲ୍‌ବଃଉଁସ୍‌ମଃନାର୍
ନାଉଁମଃନ୍ । ସେ ଦାଉଦ୍ ବଃଉଁସାର୍ ରିଲା, ଆର୍ ସେ
ଅବ୍ରାହାମାର୍ କୁଲ୍‌ବଃଉଁସାର୍ ଲେକାହଃତାର୍ । 2 ଅବ୍ରାହାମାର୍
ହୟ୍‌ସି ଇସାକ୍; ଇସାକାର୍ ହୟ୍‌ସି ଜାକୁବ; ଜାକୁବର୍ ହୟ୍‌ସି
ଜିଉଦା ଆର୍ ତାର୍ ବାୟ୍‌ସିମଃନ୍‌କେ ଜଃଲମ୍ ଦିଲା, 3 ପେରସ୍
ଆର୍ ଜେରହର୍ ଉବାସି ଜିଉଦା ଆର୍ ଆୟ୍‌ସି ତାମର୍; ପେରସାର୍
ହୟ୍‌ସି ହିସ୍ରଣ୍; ହିସ୍ରଣାର୍ ହୟ୍‌ସି ଆରାମ୍, 4 ଆରାମାର୍ ହୟ୍‌ସି
ଅମିନାଦବ୍, ଅମିନାଦବାର୍ ହୟ୍‌ସି ନହସନ୍, ନହସନାର୍ ହୟ୍‌ସି
ସଲମନ୍, 5 ସଲ୍‌ମନାର୍ ହୟ୍‌ସିର୍ ନାଉଁ ବୟାଜ, ବୟାଜାର୍
ଆୟ୍‌ସିର୍ ନାଉଁ ରାହାବ, ବୟାଜାର୍ ହୟ୍‌ସିର୍ ନାଉଁ ଅବେଦ,
ଅବେଦର୍ ଆୟ୍‌ସିର୍ ନାଉଁ ରୁତ୍, ଅବେଦର୍ ହୟ୍‌ସି ଜିସି । 6
ଜିସିର୍ ହୟ୍‌ସି ଦାଉଦ୍ ରଃଜା, ଦାଉଦାର୍ ହୟ୍‌ସି ସଲ୍‌ମନ୍,
ସଲ୍‌ମନାର୍ ଆୟ୍‌ସି ଆଗେ ଉରିୟର୍ ଡକୁର୍ସି ରିଲି, 7 ସଲ୍‌ମନାର୍
ହୟ୍‌ସି ରିହବିୟାମ୍, ରିହବିୟାମାର୍ ହୟ୍‌ସି ଅବିୟ, 8 ଅବିୟର୍
ହୟ୍‌ସି ଆସା, ଆସାର୍ ହୟ୍‌ସି ଜିହସାପଟ୍, ଜିହସାପଟାର୍ ହୟ୍‌ସି
ଜରାମ, ଜରାମାର୍ ହୟ୍‌ସି ଉଜିୟ, 9 ଉଜିୟର୍ ହୟ୍‌ସି ଜତାମ୍,
ଜତାମାର୍ ହୟ୍‌ସି ଆହାସ୍, ଆହାସାର୍ ହୟ୍‌ସି ହିଜକିଅ, 10
ହିଜକିଅ ମନସିକେ ଜଃଲମ୍ ଦିଲା ମନସି ଆମନ୍‌କେ ଜଃଲମ୍
ଦିଲା ଆମନ୍ ଜସିଅକେ ଜଃଲମ୍ ଦିଲା, 11 ଆମନାର୍ ହୟ୍‌ସି
ଜସିଅ, ଜସିୟର୍ ହୟ୍‌ସି ଜିକନିୟ ଆର୍ ତାର୍ ବାୟ୍‌ସିମଃନ୍;
ଇସ୍ରାଇଲ୍‌ମଃନ୍‌କେ ବାବିଲନ୍ ଦେସେ ବାନ୍ଧି ନେତାବଃଲ୍ ଜିକନିୟ
ଜଃଲମ୍ ଅୟ୍‌ରିଲା । 12 ବାବିଲନ୍ ଦେସେ ଇସ୍ରାଏଲ୍‌ମଃନ୍‌କେ
ବାନ୍ଧି ନିଆ ଅୟ୍‌ଲା ହଃଚେ ଜିକନିୟର୍ ହୟ୍‌ସି ସଲ୍‌ଟିଏଲ୍
ଜଃଲମ୍ ଅୟ୍‌ଲା । ସଲ୍‌ଟିଏଲାର୍ ହୟ୍‌ସି ଜିରୁବାବେଲ୍, 13
ଜିରୁବାବେଲାର୍ ହୟ୍‌ସି ଅବିହୁଦ୍, ଅବିହୁଦାର୍ ହୟ୍‌ସି ଏଲିୟାକିମ୍,
ଏଲିଆକିମାର୍ ହୟ୍‌ସି ଆସର୍, 14 ଆସର୍ ତାର୍ ହୟ୍‌ସି ସାଦକ୍,
ସାଦକାର୍ ହୟ୍‌ସି ଆକିମ୍, ଆକିମାର୍ ହୟ୍‌ସି ଏଲିହୁଦ୍, 15
ବାବିଲନ୍ ବଃନ୍‌ବାସ୍ ଅୟ୍‌ଲା ହଃଚେ ଜିସୁର୍ ଜଃଲମ୍ ହଃତେକ୍,
ଇସଃବୁ ହୁର୍ବାର୍ ଦାଦିବାବୁମଃନାର୍ ବିସୟେ ଲେକା ଜାୟ୍
ଆଚେ, ଜେହାକିନ୍, ସଲ୍‌ଟେଲ୍, ଜେରୁବାବେଲ୍, ଏଲିହୁଦ୍,
ଏଲିଆକିମ୍ ଆଜର୍, ଜାଦକ୍, ଆକିମ୍, ଏଲିଉଦ୍, ଏଲିଆଜର୍,
ମତାନ୍, ଜାକୁବ, ଆର୍ ଜସେପ୍, ଜେକି ଜିସୁ ଜାକେକି ମଃସିଆ
ବଃଲ୍‌ତି ତାର୍ ଆୟ୍‌ସି ମିୟମ୍‌କେ ବିବା ଅୟ୍‌ଲା, 16 ମତାନାର୍
ହୟ୍‌ସି ଜାକୁବକ୍, ଜାବୁବର୍ ହୟ୍‌ସି ଜସେପ୍, ଇ ଜସେପ୍
ମରିୟମ୍‌କେ ବିବା ଅୟ୍‌ରିଲା, ଇ ମରିୟମାର୍ ହେଟେ ହୁଣି
ଜିସୁ ଜଃଲମ୍ ଅୟ୍‌ଲା, ଲକ୍‌ମଃନ୍ ତାକ୍ କ୍ରିସ୍ଟ ଆର୍ ମଃସିଆ
ବଃଲି କଃଉତି । 17 ଇବାନ୍ୟା ଅବ୍ରାହାମାର୍ ତଃୟ୍‌ହୁଣି ଦାଉଦ୍
ହଃତେକ୍ ଚଃଉଦ କୁଲ୍‌ବଃଉଁସ୍, ଆର୍ ଦାଉଦାର୍ ତଃୟ୍‌ହୁଣି
ବାବିଲନ୍ ବାନ୍ଧାୟ୍‌ଅୟ୍ ଜାତାହଃତେକ୍ ଚଃଉଦ କୁଲ୍‌ବଃଉଁସ୍,
ଆରେକ୍ ବାବିଲନ୍ ବାନ୍ଧାୟ୍‌ଅୟ୍ ଗଃଲା ତଃୟ୍‌ହୁଣି କ୍ରିସ୍ଟର୍
ଜଃଲମ୍ ହଃତେକ୍ ଚଃଉଦ କୁଲ୍‌ବଃଉଁସ୍ । 18 ଜିସୁ କ୍ରିସ୍ଟର୍
ଜଃଲମ୍ ଇବାନ୍ୟା ଅୟ୍‌ଲି । ତାର୍ ଆୟ୍‌ସି ମରିୟମ୍‌କେ ଜସେପ୍
ସଃଙ୍ଗ୍ ବିବା ଅଃଉଁକେ ମାଗ୍‌ଣି ହଃଚେ, ସେମଃନ୍ ବିବା ନଃଉତା
ଆଗ୍‌ତୁ ପବିତ୍ର ଆତ୍ମା ତଃୟ୍‌ହୁଣି ସେ ଆଙ୍ଗେ ଅୟ୍‌ଆଚେ ବଃଲି
ଜାଣାହଃଲ୍‌ଲି । 19 ମରିୟମାର୍ ଡକ୍ରାସି ଜସେପ୍ ଦଃର୍ମି ଲକ୍
ରିଲା, ତଃବାର୍‌ଗିନେ ସେ ମରିୟମ୍‌କ୍ ସଃବୁଲକାର୍ ମୁଏଁ ଲାଜ୍
କଃରାଉଁକ୍ ମଃନ୍ ନଃକେଲା, ଆର୍ ସେ ଲୁକ୍‌ଣେ ତାକ୍ ଚାଡୁକ୍
ମଃନ୍‌କଃଲା । 20 ମଃତର୍ ସେ ଇରି ମଃନେ ହାତ୍‌ଲା ହଃଚେ,
ଦଃକା, ମାପ୍ରୁର୍ ଗଟେକ୍ ଦୁତ୍ ତାକ୍ ଚଃହ୍ନେ ଦଃକାୟ୍ ଅୟ୍
କୟ୍‌ଲା, “ଏ ଦାଉଦ୍ ବଃଉଁସାର୍ ଜସେପ୍! ମରିୟମ୍‌କେ ବିବା
ଅଃଉଁକେ ଡିର୍ନାୟ୍, କାୟ୍‌ତାକ୍‌ବଃଲେକ୍ ସେ ପବିତ୍ର ଆତ୍ମାୟ୍
ଆଙ୍ଗେ ଅୟ୍‌ଆଚେ । 21 ସେ ଗଟେକ୍ ହିଲା ଜଃଲମ୍ କଃରେଦ୍,
ଆର୍ ତୁମି ତାର୍ ନାଉଁ ଜିସୁ ସଃଙ୍ଗ୍ଲାଉଆସ୍, କାୟ୍‌ତାକ୍‌ବଃଲେକ୍
ସେ ତାର୍ ଲକ୍‌ମଃନ୍‌କେ ସେମଃନାର୍ ହାହେ ହୁଣି ମୁକ୍ଲାୟ୍‌ଦ୍ ।”
22 ବାବ୍‌ବାଦିର୍ ତଃୟ୍‌ହୁଣି ଇସ୍ୱରାର୍ ଇ ଜୁୟ୍ କଃତା ଜଃନ୍‌କଃରି
ହୁରୁଣ୍ ଅୟ୍‌ଦ୍, ଇତାର୍ ଗିନେ ଇ ସଃବୁ ଗଃଟ୍‌ଲି । 23 ସେ
ବାବ୍‌ବାଣି ଅଃଉଁଲି, “ଗଟେକ୍ ଦଃଙ୍ଗ୍ଲି ଟକି ଆଙ୍ଗେ ଅୟ୍‌ଦ୍ ଆର୍
ସେ ଗଟେକ୍ ହିଲା ଜଃଲମ୍ କଃରେଦ୍, ଆର୍ ଲକ୍‌ମଃନ୍ ତାର୍
ନାଉଁ ଇମାନୁଏଲ୍ ବଃଲି ସଃଙ୍ଗ୍ଲାଉତି ।” ଇ ନାଉଁଆର୍ ଅଃର୍ତ୍,
ଅଃମାର୍ ସଃଙ୍ଗ୍ ଇସ୍ୱର୍ ଆଚେ । 24 ଇତାର୍‌ହଃଚେ ଜସେପ୍
ନିଦେହୁଣି ଉଟ୍‌ଲା ଆର୍ ଇସ୍ୱରାର୍ ଦୁତ୍ ତାକ୍ ଜୁୟ୍‌ରଃକମ୍
କୟ୍‌ରିଲା, ସେବାନ୍ୟା କଃଲା ଆର୍ ମରିୟମ୍‌କେ ବିବା ଅୟ୍‌ଲା ।
25 ମଃତର୍ ମରିୟମ୍ ତାର୍ ହିଲା ଜଃଲମ୍ ନଃକେର୍ତା ହଃତେକ୍
ଜସେପ୍ ତାର୍ ସଃଙ୍ଗ୍ ସୟ୍‌ନଃକେଲା, ଆର୍ ସେ ହିଲା ଜଃଲମ୍
ଅୟ୍‌ଲାକ୍, ଜସେପ୍ ସେ ହିଲାର୍ ନାଉଁ ଜିସୁ ବଃଲି ଦିଲା ।

2 ହେରଦ୍ ରଃଜା ରାଇଜ୍ କଃର୍ତାବଃଲ୍ ଜିଉଦା ରାଜିର୍
ବେତ୍‌ଲିହିମ୍ ଗଃଲେ ଜିସୁ ଜଃଲମ୍ ଅୟ୍‌ଲା ହଃଚେ, ଦଃକା,
ହୁର୍ବ ଦେସାର୍ କଃତିଗଟ୍ ହଃଣ୍ଡିତ୍‌ମଃନ୍ ଜିରୁସାଲମ୍ ଆୟ୍‌ଲାୟ୍,
2 ଆର୍ ହଃଚାର୍ଲାୟ୍, “ଜୁୟ୍ ହିଲା ଜିଉଦିମଃନାର୍ ରଃଜା ଅଃଉଁକେ
ଜଃଲମ୍ ଅୟ୍‌ଆଚେ, ସେ କୁୟ୍‌ତି ଆଚେ? କାୟ୍‌ତାକ୍‌ବଃଲେକ୍
ଅଃମିମଃନ୍ ହୁର୍ବ୍ ଦେସାର୍ ଅଃଗାସେ ତାର୍ ତାରା ଦଃକି ତାକ୍
ଜୁଆର୍ କଃରୁକେ ଆସିଆଚୁ ।” 3 ଇରି ସୁଣି ହେରଦ୍ ରଃଜା ଆର୍
ତାର୍ ସଃଙ୍ଗ୍ ଜିରୁସାଲମାର୍ ସଃବୁ ଲକ୍‌ମଃନ୍ କାବା ଅୟଃଲାୟ୍ ।
4 ସେତାକ୍ ହେରଦ୍ ରଃଜା ଲକ୍‌ମଃନାର୍ ସଃବୁ ବଃଡ୍ ଜାଜକ୍
ଆର୍ ହଃଣ୍ଡିତ୍ ମଃନ୍‌କେ କୁଦି ସେମଃନ୍‌କେ ହଃଚାର୍ଲା, “ମଃସିଆ
ଜେ କି କ୍ରିସ୍ଟ, ସେ କୁୟ୍‌ତି ଜଃଲମ୍ ଅୟ୍‌ଦ୍?” 5 ସେମଃନ୍ ଉତ୍ତୁର୍
ଦିଲାୟ୍, “ଜିଉଦା ରାଜିର୍ ବେତ୍‌ଲିହିମ୍,” କାୟ୍‌ତାକ୍‌ବଃଲେକ୍
ଇ କଃତା ଗଟେକ୍ ବାବ୍‌ବାଦି ଲେକିଆଚେ- 6 “ଏଗା ଜିଉଦା
ରାଜିର୍ ବେତ୍‌ଲିହିମ୍, ତୁୟ୍ ଜିଉଦା ରାଜିର୍ ବଃଡ୍ ଗଃଲ୍‌ମଃନାର୍
ବିତ୍ରେ କୁୟ୍ ଗୁଣେ ହେଁ ସାନ୍ ନାୟ୍, କାୟ୍‌ତାକ୍‌ବଃଲେକ୍ ଅଃମାର୍

ଇସ୍ରାଏଲ୍ ଲକ୍‌ମଃନ୍‌କେ ଚାଲାଉଁକ୍, ଗଟେକ୍ ଚାଲାଉତା ଲକ୍
ତର୍ ତଃୟ୍‌ହୁଣି ଆସେଦ୍ ।” 7 ଇରି ସୁଣି ହେରଦ୍ ହୁର୍ବ ଦେସାର୍
ସେ ହଃଣ୍ତିତ୍‌ମଃନ୍‌କେ ଲୁକ୍‌ଣେ କୁଦି, ସେ ତାରା କଃଡେବଃଲ୍
ଡିସ୍‌ଲି, ଇରି ସେମଃନାର୍ ତଃୟ୍‌ହୁଣି ନିକ କଃରି ବୁଜ୍‌ଲା । 8
ତାର୍‌ହଃଚେ ହେରଦ୍ ରଃଜା ସେମଃନ୍‌କେ ବେତ୍‌ଲିହିମ୍ ହଃଟାୟ୍
କୟ୍‌ଲା, “ତୁମିମଃନ୍ ଜାୟ୍ ସେ ହିଲାକ୍ ନିକକଃରି ଲଲା ଆର୍
ତାକ୍ ବେଟ୍ ହାୟ୍‌ଲା ଦାହ୍ରେ ମକ୍ ଜାଣାଉଆ, ଜଃନ୍‌କଃରି ମୁଁୟ୍
ହେଁ ଜାୟ୍ ତାକ୍ ଜୁଆର୍ କଃରିନ୍ମ ।” 9 ହଃଣ୍ତିତ୍‌ମଃନ୍ ରଃଜାର୍
କଃତା ସୁଣି ସେତିହୁଣି ଗଃଲାୟ୍, ଆର୍ ସେମଃନ୍ ହୁର୍ବ୍ ଦେସେ
ଜୁୟ୍ ତାରା ଦଃକି ରିଲାୟ୍, ସେ ତାରା ସେମଃନାର୍ ଆଗେ
ଆଗେ ଜାୟ୍, ଜୁୟ୍ ଗଃରେ ହିଲା ରିଲା ସେ ଗଃର୍ ଉହ୍ରେ ଜାୟ୍
ତେବଃଲି । 10 ସେମଃନ୍ ସେ ତାରାକେ ଦଃକି ବଃଡେ ସଃର୍ଦା
ଅୟଃଲାୟ୍ । 11 ଆର୍ ଗଃର୍ ବିତ୍ରେ ହୁରି ସେ ହିଲାକ୍ ତାର୍
ଆୟ୍‌ସି ମରିୟମ୍ ସଃଙ୍ଗ୍ ଦଃକ୍‌ଲାୟ୍ ଆର୍ ତାକ୍ ହାଦେ ଡୁଲି
ଜୁଆର୍ କଃଲାୟ୍, ଆରେକ୍ ନିଜାର୍ ନିଜାର୍ ହେଲି ଉଗାଲି ସନା,
ବୁଟେକ୍ ମଲାର୍ ଦୁହ୍‌ଣି ଆର୍ ବାସ୍ନା ଚିକଣ୍ ସେ ହିଲାକ୍ ଦିଲାୟ୍ ।
12 ଇତାର୍‌ହଃଚେ ହେରଦ୍ ରଃଜାର୍ ଲଃଗେ ବାଉଲି ନଃଜଃଉଁକେ
ଇସ୍ୱର୍ ସେମଃନ୍‌କେ ଚଃହ୍ନେ ଆଡର୍ ଦିଲାକ୍, ସେମଃନ୍ ବିନ୍
ବାଟ ଅୟ୍ ନିଜାର୍ ଦେସେ ବାଉଲି ଗଃଲାୟ୍ । 13 ହଃଣ୍ତିତ୍‌ମଃନ୍
ଗଃଲା ହଃଚେ, ଇସ୍ୱରାର୍ ଗଟେକ୍ ଦୁତ୍ ଜସେପ୍‌କେ ଚଃହ୍ନେ
ଦଃକାୟ୍‌ଅୟ୍ କୟ୍‌ଲା, “ଉଟ୍, ହିଲାକ୍ ଆର୍ ତାର୍ ଆୟ୍‌ସିକ୍ ଦଃରି
ମିସର୍ ଦେସେ ହଃଲାଉ, ଆରେକ୍ ଅଃମି ନଃକଉତା ହଃତେକ୍
ସେତି ରିଆ, କାୟ୍‌ତାକ୍‌ବଃଲେକ୍ ହେରଦ୍ ରଃଜା ହିଲାକ୍ ମଃର୍ନେ
ମାରୁକ୍ ଲଳେଦ୍ ।” 14 ସେତାକ୍ ଜସେପ୍ ଉଟି ହିଲାକ୍ ଆର୍
ମରିୟମ୍‌କ୍ ଦଃରି ସେ ରାତି ମିସର୍ ଦେସେ ହଃଲାୟ୍‌ଲାୟ୍ ।
15 ଆର୍ ହେରଦ୍ ମଃର୍ତା ହଃତେକ୍ ସେତି ରିଲାୟ୍, ଜଃନ୍‌କଃରି
ବାବ୍‌ବାଦି କୟ୍‌ରିଲା ମାପ୍ରୁର୍ ଇ କଃତା ହୁରୁଣ୍ ଅୟ୍‌ଦ୍, “ମିସର୍
ଦେସେ ହୁଣି ମୁଁୟ୍ ଅଃହ୍‌ଣାର୍ ହଅକେ କୁଦି ଆଣ୍‌ଲେ ।” 16
ଇତାର୍‌ହଃଚେ ହୁର୍ବ୍ ଦେସେ ହୁଣି ଆସିରିଲା ହଃଣ୍ତିତ୍‌ମଃନ୍ ତାକ୍
ଜଃଟିକଃରି ଗଃଲାୟ୍ ବଃଲି ହେରଦ୍ ଜାଣୁ ହାରି ବଃଡେ ରିସା
ଅୟ୍‌ଲା, ଆର୍ ହଃଣ୍ତିତ୍‌ମଃନାର୍ ତଃୟ୍‌ହୁଣି ଜୁୟ୍ ବେଳାୟ୍ ତାରା
ଉଦିରିଲି ସେରି ନିକକଃରି ବୁଜିରିଲା, ସେ ହଃର୍କାରେ ଦୁୟ୍
ବଃର୍ସ୍ ଆର୍ ତାର୍ ତଃୟ୍‌ହୁଣି ସାନ୍ ବଃର୍ସାର୍ ଜଃତେକ୍ ଅଃଣ୍ଣା
ହିଲାମଃନ୍ ବେତ୍‌ଲିହିମ୍ ଆର୍ ତାର୍ ଲଃଗାଲଃଗିର୍ ଗଃଳେ
ରିଲାୟ୍, ସଃଇନ୍‌ମଃନ୍‌କେ ହଃଟାୟ୍ ସେ ସଃବ୍‌କେ ମଃର୍ନେ
ମାରାୟ୍‌ଲା । 17 ସଃଡେବଃଲ୍ ଜିରିମିୟ ବାବ୍‌ବାଦିର୍ ଇ କଃତା
ହୁରୁଣ୍ ଅୟ୍‌ଲି, 18 “ରାମା ଗଃଳେହୁଣି ଗଟେକ୍ ବଃଡ୍ ଟଣ୍ଡ
ସୁଣୁକ୍ ଅୟ୍‌ଲି, ସେରି ଏତାୟ୍ ଏତାୟ୍ କାନ୍ଦତାର୍ । ରାହେଲ୍
ତାର୍ ହିଲାମଃନାର୍ ଗିନେ କାନ୍ଦଲି; ହିଲାମଃନ୍ ଆର୍ ନାୟ୍‌ନି
ବଃଲି, ସେ ତାର୍ ଦୁକ୍ ହାସ୍ରାଉତା କଃତା ନଃମାନ୍‌ଲି ।” 19
ହେରଦ୍ ମଃଲା ହଃଚେ, ଇସ୍ୱରାର୍ ଗଟେକ୍ ଦୁତ୍ ଜସେପ୍‌କେ
ମିସରେ ଚଃହ୍ନେ ଦଃକାୟ୍ ଅୟ୍ କୟ୍‌ଲା, 20 “ଉଟ୍, ହିଲାକ୍
ଆର୍ ତାର୍ ଆୟ୍‌ସିକ୍ ଦଃରି ଇସ୍ରାଏଲ୍ ଦେସେ ବାଉଳି ଜାହା ।
କାୟ୍‌ତାକ୍‌ବଃଲେକ୍ ଜୁୟ୍ ଲକ୍‌ମଃନ୍ ହିଲାକ୍ ଜିବନ୍ ନେଉଁକେ
ମଃନ୍ କଃର୍ତି ରିଲାୟ୍, ସେମଃନ୍ ମଃଲାୟ୍ ।” 21 ସେତାକ୍
ଜସେପ୍ ଉଟି ଜିସୁ ହିଲାକ୍ ଆର୍ ତାର୍ ଆୟ୍‌ସିକ୍ ଦଃରି ଇସ୍ରାଏଲ୍
ଦେସେ ବାଉଳି ଗଃଲା । 22 ମଃତର୍ ହେରଦ୍ ମଃଲା ହଃଚେ
ତାର୍ ହୟ୍‌ସି ଆର୍କିଲାୟ ଜିଉଦା ରାଇଜାର୍ ରଃଜା ଅୟ୍‌ଆଚେ
ବଃଲି ସୁଣି ଜସେପ୍ ସେତି ଜଃଉଁକେ ଡିର୍‌ଲା, ମଃତର୍ ଚଃହ୍ନେ
ଆଡର୍ ହାୟ୍ ଗାଲିଲି ଗଃଲା । 23 ମଃତର୍ ଇସ୍ୱର୍ ତାକ୍ ଚଃହ୍ନେ
କୟ୍‌ଲାକ୍, ସେ ଗାଲିଲି ରାଇଜ୍ ହାକ୍ ହଃଲାୟ୍‌ଲା । ଆର୍
ନାଜରିତ୍ ନାଉଁଆର୍ ଗଃଳେ ଜାୟ୍ ବାସା କଃଲାୟ୍ । ଜଃନ୍‌କଃରି
ବାବ୍‌ବାଦିମଃନାର୍ ଇ ବଃଚନ୍ ହୁରୁଣ୍ ଅୟ୍‌ଦ୍, “ସେ ନାଜରିତିୟ
ବଃଲି ଡାକେ ହୁଟେଦ୍ ।”

**3** ସଃଡେବଃଲ୍ ବାପ୍ତିସମ୍ ଦେତା ଜହନ୍ ଜିଉଦା ଦେସାର୍
ସୁକ୍‌ଲା ବଃଟାୟ୍ ଆସି ପର୍ଚାର୍ କଃରୁକେ ଆରୁମ୍ କଃଲା, 2
“ତୁମାର୍ ହାହ୍‌ଚାଡା, କାୟ୍‌ତାକ୍‌ବଃଲେକ୍ ସଃର୍ଗ୍ ରାଇଜ୍ ଚଃମେ
ଅୟ୍‌ଲିନି ।” 3 ଜିସାୟ୍ ବାବ୍‌ବାଦି ଜାର୍ କଃତା କୟ୍‌ରିଲା, ଇରି
ସେ ମାନାୟ୍, “ସୁକ୍‌ଲା ବଃଟାୟ୍ ଉଲ୍‌ଗାଟ୍ ଅୟ୍ କଃଉତିରିଲା
ଗଟ୍ ଲକାର୍ ଟଣ୍ଡ, ‘ମାପ୍ରୁର୍ ଗିନେ ବାଟ୍ ତିଆର୍ କଃରା; ତାର୍
ବାଟ୍ ସଃଳ୍‌କ୍ କଃରା ।’” 4 ଜହନ୍ ଉଟ୍ ରମେ ବୁଣ୍‌ଲା ବଃସ୍ତର୍
ହିନ୍ଦ୍‌ତି ରିଲା ଆର୍ ତାର୍ ଅଃଟାୟ୍ ଚାମାର୍ ଅଃଟାବାନ୍ଦଣ୍ ବାନ୍ଦ୍‌ତି
ରିଲା । ଆରେକ୍ ସେ ଜିଟ୍‌କା ଆର୍ ବଃନାର୍ ମଃଉଁ କାତିରିଲା
। 5 ସଃଡେବଃଲ୍ ଜିରୁସାଲମ୍ ଗଃଳାର୍ ଆର୍ ଜିଉଦା ରାଜିର୍,
ଆରେକ୍ ଜର୍ଦନ୍ ଗାଡ୍ ଚଃମେ ରିଲା ସଃବୁ ଲକ୍‌ମଃନ୍ ଜହନ୍
ଲଃଗେ ଆସୁକ୍ ଦଃର୍ଲାୟ୍ । 6 ଆର୍ ସେମଃନ୍ ନିଜେ ନିଜେ
କଃରିରିଲା ହାହ୍ ଆର୍ ଦସ୍ ସଃବୁ ମାନ୍‌ଲାୟ୍, ଆର୍ ଜହନ୍
ତଃୟ୍‌ହୁଣି ଜର୍ଦନ୍ ଗାଡେ ବାପ୍ତିସମ୍ ନିଲାୟ୍ । 7 ମଃତର୍
ପାରୁସି ଆର୍ ସାଦୁକିମଃନାର୍ ବିତ୍ରେ ଗାଦେକ୍ ଲକ୍ ବାପ୍ତିସମ୍
ନେଉଁକେ ଆସ୍ତାର୍ ଦଃକି ଜହନ୍ ସେମଃନ୍‌କେ କୟ୍‌ଲା, “ଏ ନାଗ୍
ସାହ୍ ଆର୍ ତାର୍ ବଃଉଁସ୍‌ମଃନ୍, ଇସ୍ୱର୍ ତୁମିକେ ଜୁୟ୍ ଡଃଣ୍ଡ
ଦେଉଁକେ ଜଃଉଁଲା, ସେତିହୁଣି ବଚୁ ହାରାସ୍ ବଃଲି କେ ତୁମିକେ
କୟ୍‌ଲା? 8 ଜଦି ତୁମିମଃନ୍ ସଃତ୍‌କଃରି ହାହ୍ରେ ହୁଣି ମଃନ୍
ବାଦ୍‌ଲାୟ୍ ଆଚାସ୍, ତଃବେ ନିକ କାମ୍ କଃରି ଦଃକାଉଆ । 9
ମଃନେ ବାବା ନାୟ୍ ଜେ, ଅବ୍ରାହାମ୍ ତ ଅଃମାର୍ ଉବା ବଃଲି
କୟ୍‌ଲେକ୍, ତୁମିମଃନ୍ ଡଃଣ୍ଡ ତଃୟ୍‌ହୁଣି ମୁକ୍‌ଲୁ ହାରାସ୍ । ମୁଁୟ୍
ତୁମିମଃନ୍‌କେ କଃଉଁଲେ, ଇସ୍ୱର୍ ଇ ଟେଳାମଃନାର୍ ତଃୟ୍‌ହୁଣି
ହେଁ ଅବ୍ରାହାମାର୍ ଗିନେ ହିଲାମଃନ୍ ଉବ୍‌ଜାଉଁ ହାରେ । 10 ଆର୍
ଅଃବେ ହେଁ ଗଃଚ୍‌ମଃନାର୍ ବୁନ୍ଟେ କୁରାଡି ଲାଗି ଆଚେ; ବଃଲେକ୍
ଜୁୟ୍ ଗଃଚେ ନିକ ହଃଲ୍ ନଃହେଲେ, ସେ ଗଃଚ୍‌କେ କାଟିକଃରି
ଜୟେ ହଃକା ଅୟ୍‌ଦ୍ । 11 ମୁଁୟ୍ ସିନା ତୁମିକେ ହାହ୍ରେ ହୁଣି
ମଃନ୍ ବାଦ୍‌ଲାୟ୍ ଆଚାସ୍ ବଃଲି ହାଣାୟ୍ ବାପ୍ତିସମ୍ ଦେଉଁଲେ,

ମଃତର୍ ମର୍ ହଃଚେ ଜେ ଆସୁଲା, ସେ ମର୍ ତଃୟ୍‌ହୁଣି ଅଃଦିକ୍
ବଃଡ୍, ତାର୍ ହାଦାର୍ ହାଣ୍ଡାୟ୍ ବଃଉଁକେ ମୁଁୟ୍ ଜୟ୍‌ଗ୍ ନାୟ୍;
ସେ ତୁମିମଃନ୍‌କେ ପବିତ୍ର ଆତ୍ମା ଆର୍ ଜୟେ ବାପ୍ତିସମ୍ ଦଃୟ୍‌ଦ୍
। 12 ଅଃହ୍‌ଣାର୍ କଟାର୍ ହଃର୍ଚୀଲ୍ କଃରୁକେ ଆର୍ ସଃବୁ ନିକ
ଗଅଁକେ ରୁଣ୍ଡାୟ୍ ଅଃହ୍‌ଣାର୍ ଗଃଦ୍ୟାୟ୍ ସଃଙ୍ଗ୍ରଉଁକ୍ ତାର୍ ଆତେ
କୁଲା ଆଚେ, ମଃତର୍ ସଃବୁ ହଃଲମଃନ୍‌କେ ନଃଲିବ୍‌ତା ଜୟେ
ହଡାୟ୍ ହଃକାୟ୍‌ଦ୍ ।” 13 ସଃଡେବଃଲ୍ ଜିସୁ ଜହନ୍ ତଃୟ୍‌ହୁଣି
ବାପ୍ତିସମ୍ ନେଉଁକେ ଗାଲିଲି ହୁଣି ଜର୍ଦନ୍ ଗାଡେ ଆୟ୍‌ଲା । 14
ମଃତର୍ ଜହନ୍ ମଃନାକଃରି ଜିସୁକେ କୟ୍‌ଲା, “ମୁଁୟ୍ ସିନା ତର୍
ତଃୟ୍‌ହୁଣି ବାପ୍ତିସମ୍ ହାଉତା କଃତା, ଆର୍ ତୁୟ୍ ମର୍ ତଃୟ୍
ଆସି ଆଚ୍‌ସି ।” 15 ମଃତର୍ ଜିସୁ ତାକ୍ କୟ୍‌ଲା, “ଅଃବେ ମର୍
କଃତାୟ୍ ରାଜି ଅଃଉ, କାୟ୍‌ତାକ୍‌ବଃଲେକ୍ ଅଃମି ଇବାନ୍ୟା ସଃବୁ
ଦଃର୍ମ୍‌କାମ୍ କଃରି ଇସ୍ୱରାର୍ ଇଚା ହୁରୁଣ୍ କଃର୍ତାର୍ ଲଳାଆଚେ
।” ତଃବେ ଜହନ୍ ତାକ୍ ବାପ୍ତିସମ୍ ଦେଉଁକେ ରାଜି ଅୟ୍‌ଲା ।
16 ଜିସୁ ବାପ୍ତିସମ୍ ନଃୟ୍ ହାଣାୟ୍ ହୁଣି ବାରାୟ୍‌ଲା, ଆର୍ ସଃର୍ଗ୍
ଉଗାଳି ଅୟ୍‌ଲି, ଆରେକ୍ ସେ ଇସ୍ୱରାର୍ ଆତ୍ମାକ୍ ହାଣ୍ଡୁକା ହର୍
ଅୟ୍ ତାର୍ ଉହ୍ରେ ଉତ୍ରି ଆସ୍ତାର୍ ଦଃକ୍‌ଲା । 17 ଆର୍ ସଃଡେବଃଲ୍
ସଃର୍ଗେ ହୁଣି ଗଟେକ୍ କଃତା ସୁଣା ଅୟ୍‌ଲି, “ଏ ଅଃମାର୍ ଲାଡାର୍
ହଅ, ଆର୍ ତଃୟ୍ ଅଃମି ବଃଡେ ସଃନ୍‌ମତ୍ ।”

4 ଇତାର୍‌ହଃଚେ ସୟ୍‌ତାନ୍ ତଃୟ୍‌ହୁଣି ପରିକ୍ୟା କଃରାୟ୍
ଅଃଉଁକେ ପବିତ୍ର ଆତ୍ମା ଜିସୁକେ ସୁକ୍‌ଲା ବଃଟାୟ୍ କାଡାୟ୍
ନିଲି । 2 ଆରେକ୍ ଜିସୁ ଚାଳିସ୍ ଦିନ୍ ଆର୍ ଚାଳିସ୍ ରାତି ଉହାସ୍
ରିଲା ହଃଚେ, ତାକ୍ ବେସି ବୁକ୍ ଲାଗ୍‌ଲି । 3 ସଃଡେବଃଲ୍
ସୟ୍‌ତାନ୍ ତାର୍ ଲଃଗେ ଆସି କୟ୍‌ଲି, “ତୁୟ୍ ଜଦି ଇସ୍ୱରାର୍
ହୟ୍‌ସି, ତଃବେ ଇ ଟେଳାମଃନ୍‌କେ ରୁଟି ଅଃଉଁକେ କଃଉ ।”
4 ମଃତର୍ ଜିସୁ ଉତୁର୍ ଦିଲା, “ଦଃର୍ମ୍‌ସାସ୍ତରେ ଲେକା ଆଚେ,
‘ମାନାୟ୍ ଅଃବ୍‌କା ରୁଟି କାୟ୍ କଃରି ଜିବନ୍ ନଃରେୟ୍, ମଃତର୍
ଇସ୍ୱରାର୍ ଟଣ୍ଡେ ହୁଣି ବାରାୟ୍‌ଲା ହଃତି ବଃଚନେ ବାଚେଦ୍,
ଜୁୟ୍‌ରି ଜିବନ୍ ଗିନେ ଲଳା ।’” 5 ଇତାର୍‌ହଃଚେ ସୟ୍‌ତାନ୍
ଜିସୁକେ ପବିତ୍ର ଗଃଲ୍ ଜିରୁସାଲମେ ନଃୟ୍ ମନ୍ଦିର୍ ଟିହେ ଟିଆ
କଃରାୟ୍ ତାକ୍ କୟ୍‌ଲି, 6 “ତୁୟ୍ ଜଦି ଇସ୍ୱରାର୍ ହୟ୍‌ସି, ତଃବେ
ଇତି ହୁଣି ତଃଳେ ଡଃଗାଉ, କାୟ୍‌ତାକ୍‌ବଃଲେକ୍ ସାସ୍ତରେ ଲେକା
ଆଚେ- ‘ସେ ଅଃହ୍‌ଣାର୍ ଦୁତ୍‌ମଃନ୍‌କେ ତକେ ବଚାଉଁକେ ଆଡର୍
ଦଃୟ୍ ହଃଟାୟ୍‌ଦ୍; ସେମଃନ୍ ତକ୍ ଆତେ ଟେକି ଦଃର୍ତି, ତଃବେ
ତର୍ ହାଦ୍ ହେଁ ଟେଳାୟ୍ ନଃହାୟ୍ ।’” 7 ଜିସୁ ତାକ୍ ଉତୁର୍ ଦିଲା,
“ସାସ୍ତରେ ଆରେକ୍ ଲେକା ଆଚେ, ‘ତୁୟ୍ ନିଜାର୍ ମାପ୍ରୁ ଇସ୍ୱର୍‌କେ
ପରିକ୍ୟା କଃର୍ ନାୟ୍ ।’” 8 ଆରେକ୍ ସୟ୍‌ତାନ୍ ଜିସୁକେ ଗଟେକ୍
ଉଚ୍ ହଃର୍ବାତ୍ ଟିହେ ନିଲି ଆର୍ ଜଃଗତାର୍ ସଃବୁ ରାଇଜ୍ ଆର୍
ସେ ରାଇଜାର୍ ସଃବୁ ଦଃନ୍ ଦଃକାୟ୍ କୟ୍‌ଲି, 9 “ତୁୟ୍ ଜଦି ମକ୍
ମୁଣ୍ଡିଆ ମାରି ଜୁଆର୍ କଃର୍ସି, ତଃବେ ଇ ସଃବୁ ମୁୟ୍ ତକ୍ ଦଃୟ୍‌ନ୍ଦ
।” 10 ତଃବେ ଜିସୁ ଉତୁର୍ ଦିଲା, “ଦୁର୍ ଅଃଉ, ସୟ୍‌ତାନ୍!
ସାସ୍ତରେ ଲେକା ଆଚେ, ‘ତୁୟ୍ ତର୍ ମାପ୍ରୁ ଇସ୍ୱର୍‌କେ ଜୁଆର୍
କଃର୍ ଆର୍ ତାର୍ ହଃକା ସେବା କଃର୍ ।’” 11 ତାର୍‌ହଃଚେ
ସୟ୍‌ତାନ୍ ଜିସୁକେ ଚାଡି ହଃଳାୟ୍‌ଲି; ଆର୍ ଦୁତ୍‌ମଃନ୍ ଆସି ତାର୍
ସେବା କଃରୁକେ ଦଃର୍ଲାୟ୍ । 12 ଜଃଡେବଃଲ୍ ଜହନ୍‌କେ ବାନ୍ଧି
ଜଃଇଲେ ହୁରାୟ୍‌ଲାୟ୍ ବଃଲି ଜିସୁ ସୁଣ୍‌ଲା, ସେ ଗାଲିଲିକେ
ଗଃଲା । 13 ଆର୍ ସେ ନାଜରିତ୍ ତଃୟ୍ ନଃରେୟ୍ ସୁବ୍‌ଲନ୍ ଆର୍
ନପ୍ତାଲି ହଲିୟେ ରିଲା ଗାଲିଲି ସଃମ୍‌ନ୍ଦ କଃଣ୍ଡିର୍ କପୁର୍ନାହୁମ୍
ଗଃଳେ ଜାୟ୍ ବାସା କଃଲା । 14 ଜଃନ୍‌କଃରି ଜିସାୟ୍ ବାବ୍‌ବାଦି
ଲେକ୍‌ଲା ଇ କଃତା ହୁରୁଣ୍ ଅୟ୍‌ଦ୍, 15 “ସୁବ୍‌ଲନ୍ ଦେସ୍ ଆର୍
ନପ୍ତାଲି ଦେସ୍, ସଃମ୍‌ନ୍ଦ ଚଃମାର୍ ଆର୍ ଜର୍ଦନ୍ ଗାଡାର୍ ସେହାଟି
ରିଲା ଅଜିଉଦିମଃନାର୍ ଗାଲିଲି । 16 ଅଃନ୍ଧାରେ ବାସା କଃର୍ତା
ଲକ୍‌ମଃନ୍ ଗଟେକ୍ ବଃଡ୍ ଉଜାଲ୍ ଦଃକ୍‌ତି, ଆର୍ ମଃର୍ନାର୍ ଚାୟ୍
ଦେସେ ରେତା ଲକ୍‌ମଃନାର୍ ଉହ୍ରେ, ସେ ଉଜାଲ୍ ଉଦେଦ୍ ।” 17
ସଃଡେବଃଲ୍ ହୁଣି ଜିସୁ ପର୍ଚାର୍ କଃରୁକେ ଆରୁମ୍ କଃରି କଃଉଁକେ
ଦଃର୍ଲା, “ତୁମାର୍ ହାହ୍ ଚାଡା, କାୟ୍‌ତାକ୍‌ବଃଲେକ୍ ସଃର୍ଗ୍ ରାଇଜ୍
ଚଃମେ ଅୟ୍‌ଲିନି ।” 18 ଜିସୁ ଗାଲିଲି ସଃମ୍‌ନ୍ଦ କଃଣ୍ଡିବାଟ୍
ବୁଲ୍‌ତିରିଲା ବଃଲ୍ ସିମନ୍, ଜାକେ ପିତର୍ ବଃଲି କଃଉତି, ଆର୍
ତାର୍ ବାୟ୍‌ସି ଆନ୍ଦ୍ରିଅ, ଇ ଦୁୟ୍ ବାୟ୍‌କ୍ ସଃମ୍‌ନ୍ଦେ ବୟ୍‌ଜାଲ୍
ହଃକାଉତାର୍ ଦଃକ୍‌ଲା, କାୟ୍‌ତାକ୍‌ବଃଲେକ୍ ସେମଃନ୍ ମାଚୁଆ
ରିଲାୟ୍ । 19 ଜିସୁ ସେମଃନ୍‌କେ କୟ୍‌ଲା, “ମର୍ ସଃଙ୍ଗ୍ ଆସା,
ମୁଁୟ୍ ତୁମିମଃନ୍‌କେ ନଃର୍‌ମଃନ୍‌କେ ମାପୁର୍ ଲଃଗେ ଆଣୁକେ
ସିକାୟ୍‌ନ୍ଦ ।” 20 ସେଦାହ୍ରେ ସେମଃନ୍ ତାକାର୍ ଜାଲ୍ ଚାଡ୍‌ଲାୟ୍
ଆର୍ ଜିସୁର୍ ସଃଙ୍ଗ୍ ଗଃଲାୟ୍ । 21 ଆରେକ୍ ଜିସୁ ସେତିହୁଣି
କଃଣ୍ଡେକ୍ ଆଗେ ଜାୟ୍ ଜେବଦିର୍ ହୟ୍‌ସି ଜାକୁବ ଆର୍ ଜହନ୍
ନାଉଁଆର୍ ଆରେକ୍ ଦୁୟ୍ ବାୟ୍‌କ୍ ତାକାର୍ ଉବାସି ଜେବଦି ସଃଙ୍ଗ୍
ଡଙ୍ଗାୟ୍ ଜାଲ୍ ହଃଜାଲ୍‌ତି ରିଲାର୍ ଦଃକି ସେମଃନ୍‌କେ କୁଦ୍‌ଲା
। 22 ଆର୍ ସେମଃନ୍ ସେଦାହ୍ରେ ଡଙ୍ଗା ଆର୍ ତାକାର୍ ଉବାସିକ୍
ଚାଡି ଜିସୁର୍ ହଃଚେ ହଃଚେ ଗଃଲାୟ୍ । 23 ତାର୍‌ହଃଚେ ଜିସୁ
ସେମଃନାର୍ ପାର୍ତ୍‌ନା ଗଃରେମଃନ୍ ସିକ୍ୟା ଦଃୟ୍ ସଃର୍ଗ୍ ରାଇଜାର୍
ନିକ କବୁର୍ ପର୍ଚାର୍ କଃଲା ଆର୍ ସଃବୁ ରଃକମାର୍ ରଗିକ୍
ଉଜ୍ କଃରିକଃରି ଗାଲିଲିର୍ ସଃବୁ ହାକ୍ ବୁଲୁକ୍ ଦଃର୍ଲା । 24
ଆର୍ ଜିସୁର୍ କଃତା ସିରିଆ ଦେସାର୍ ସଃବୁ ହାକ୍ ଉର୍ଜି ଅୟ୍‌ଲି,
ଆରେକ୍ ଲକ୍‌ମଃନ୍ ବୁତ୍ ଡଃସ୍‌ଲାର୍ ଲକ୍‌କେ, କୁନ୍ଦେଲ୍ ରଗି,
ଏକ୍‌ଅଃଙ୍ଗ୍ରି ରଗି, ଇବାନ୍ୟା ଗାଦେକ୍ ରଃକମାର୍ ରଗେ ମଃଲୁ
ହଃଳିରିଲା ଲକ୍ ଆର୍ ଦୁକାୟ୍ ହଃଳିରିଲା ସଃବୁ ଲକ୍‌ମଃନ୍‌କେ
ଜିସୁର୍ ଲଃଗେ ଆଣ୍‌ଲାୟ୍, ଆର୍ ଜିସୁ ସେମଃନ୍‌କେ ଉଜ୍ କଃଲା ।
25 ଆରେକ୍ ଗାଲିଲିର୍, ଦେକାପଲି ବଃସ୍ତି, ଜିରୁସାଲମ୍, ଜିଉଦା
ରାଇଜ୍ ଆର୍ ଜର୍ଦନ୍ ଗାଡ୍ ସେହାଟିର୍ ଗାଦେକ୍ ଲକ୍‌ମଃନ୍ ତାର୍
ହଃଚେ ହଃଚେ ଗଃଲାୟ୍ ।

5 ଜିସୁ ଲକ୍‌ମଃନ୍‌କେ ଦଃକି ଗଟେକ୍ ଡଙ୍ଗ୍ରର୍ ଉହ୍ରେ ଗଃଲା,
ଆର୍ ସେତି ବଃସ୍‌ଲା; ତାର୍‌ହଃଚେ ଜିସୁର୍ ଚେଲାମଃନ୍

ତାର୍ ଲଃଗେ ଆୟ୍‌ଲାୟ୍ । 2 ସେତାକ୍ ଜିସୁ ସେମଃନ୍‌କେ
ସିକ୍ୟା ଦେଉଁକେ ଦଃର୍ଲା । 3 "ଜୁୟ୍ ଲକ୍‌ମଃନ୍ ଇସ୍ୱରାର୍ ଆତ୍ମା
ଉହ୍ରେ ବଃର୍ସା କଃର୍ତି, ସେମଃନାର୍ ବାୟ୍‌ଗ୍; କାୟ୍‌ତାକ୍‌ବଃଲେକ୍
ସଃର୍ଗ୍ ରାଇଜ୍ ସେମଃନ୍‌କାର! 4 କାନ୍ଦୁତା ଲକ୍‌ମଃନାର୍ ବାୟ୍‌ଗ୍;
ସେମଃନ୍ ଦୁକ୍ ବଃଲ୍ ସାସ୍ ହାଉଁ ହାର୍ତି! 5 ମାୟଃନ୍‌କାରି
ଲକ୍‌ମଃନାର୍ ବାୟ୍‌ଗ୍; କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ବୁୟ୍ଁ ଦେଉଁକେ
ସଃୟ୍‌ତ୍ କଃରି ଆଚେ, ସେରି ସେମଃନ୍ ହାଉତି! 6 ଇସ୍ୱରାର୍
ଇଚା ଦଃର୍ମ୍‌କାମ୍ କଃରୁକେ ଜୁୟ୍ ଲକ୍‌ମଃନାର୍ ମଃନ୍, ସେମଃନାର୍
ବାୟ୍‌ଗ୍; କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ସେମଃନାର୍ ମଃନ୍ ସଃର୍ଦା
କଃରାୟ୍‌ଦ୍! 7 ବିନ୍ ଲକ୍‌କେ ଦଃୟା ଦଃକାଉତା ଲକ୍‌ମଃନାର୍
ବାୟ୍‌ଗ୍; କାୟ୍‌ତାକ୍‌ବଃଲେକ୍ ସେମଃନ୍ ଦଃୟା ହାଉତି! 8
ମଃନ୍‌ବିତ୍ରେ ଜେ ନିର୍ମୁଳ୍ ସେମଃନ୍ ବାୟ୍‌ଗ୍; କାୟ୍‌ତାକ୍‌ବଃଲେକ୍
ସେମଃନ୍ ଇସ୍ୱର୍‌କେ ଦଃକ୍‌ତି! 9 ସୁସ୍ତାକାରି ଲକ୍‌ମଃନାର୍
ବାୟ୍‌ଗ୍; କାୟ୍‌ତାକ୍‌ବଃଲେକ୍ ସେମଃନ୍ ଇସ୍ୱରାର୍ ହୟ୍‌ସି ବଃଲି
ଡାକେ ହୁଟ୍‌ତି! 10 ଇସ୍ୱରାର୍ ଇଚାୟ୍ ଦଃର୍ମ୍‌କାମ୍ କଃରି ତାଡ୍‌ନା
ହାଉତା ଲକ୍‌ମଃନାର୍ ବାୟ୍‌ଗ୍; କାୟ୍‌ତାକ୍‌ବଃଲେକ୍ ସଃର୍ଗ୍ ରାଇଜ୍
ସେମଃନାର୍ ।" 11 "ଲକ୍‌ମଃନ୍ ଜଃଡେବଃଲ୍ ତୁମିମଃନ୍‌କେ
ମର୍ ଗିନେ ଲିନ୍ଦା ଆର୍ ତାଡ୍‌ନା କଃର୍ତି, ଆରେକ୍ ମିଚେ ତୁମାର୍
ବିରଦେ ସଃବୁ ରଃକମାର୍ କଃରାବ୍ କଃତା କଃଉତି, ତଃବେ
ତୁମିମଃନାର୍ ବାୟ୍‌ଗ୍ । 12 ତୁମିମଃନ୍ ଅଃନାୟ୍ ସଃର୍ଦା କଃରା,
କାୟ୍‌ତାକ୍‌ବଃଲେକ୍ ସଃର୍ଗ୍ ହୁରେ ତୁମାର୍ ଗିନେ ଗାଦେକ୍ ପୁରିସ୍କାର୍
ଆଚେ; ସେବାନ୍ୟା ତ ତୁମାର୍ ହୁର୍ବାର୍ ବାବ୍‌ବାଦିମଃନ୍‌କେ ତାଡ୍‌ନା
କଃରି ରିଲାୟ୍ ।" 13 "ତୁମିମଃନ୍ ହୁର୍ତିବିର୍ ଲକ୍‌ମଃନାର୍ ଗିନେ
ନଣ୍ ହର୍, ମଃତର୍ ନଣ୍ ଜଦି ତାର୍ ସୁଆଦ୍ ଆରାୟ୍‌ଦ୍, ତଃବେ
ସେରି କଃନ୍‌କଃରି ହେଁ ନଣାର୍ ଗୁଣ୍ କଃରି ହାରି ନୟ୍ । ସେରି
ଆର୍ କୁୟ୍ କାମେ ହେଁ ନଃଲାଗେ, ସେରି ହଃଦାୟ୍ ହଃଲ୍ଲାୟ୍‌କଃରି
ଲକ୍‌ମଃନ୍ ତାକ୍ ମାଡ୍‌ତା ଜୟ୍‌ଗ୍ ।" 14 "ତୁମିମଃନ୍ ଜଃଗତାର୍
ଉଜାଲ୍ ହର୍ । ଡଙ୍ଗର୍ ଉହ୍ରେ ତିଆର୍ ଅୟ୍‌ଲା ଗଃଲ୍ ଲୁକି
ରେଉଁ ନାହାରେ । 15 ଆର୍ ଲକ୍‌ମଃନ୍ କୁପି ଲାଗାୟ୍ ମାଣ୍
ତଃଳେ ନଃସେଙ୍ଗାଉତି, ମଃତର୍ ଦିହ୍‌ରୁକା ଉହ୍ରେ ସଃଙ୍ଗାଉତି,
ସେତାକ୍ ସେରି ଗଃରେ ରିଲା ସଃବୁ ଲକ୍‌କେ ଉଜାଲ୍ ଦଃୟ୍‌ଦ୍
। 16 ସେନ୍‌କାର୍ ତୁମିମଃନାର୍ ଉଜାଲ୍ ଲକ୍‌ମଃନାର୍ ଆଗେ
ଡିସ, ଜଃନ୍‌କଃରି ସେମଃନ୍ ତୁମିମଃନାର୍ ସଃତ୍‌କାମ୍ ଦଃକି
ତୁମିମଃନାର୍ ସଃର୍ଗ୍ ଉହ୍ରେ ରିଲା ଉବାଦିର୍ ଜଃଜ୍‌ମାନ୍ କଃର୍ତି
।" 17 "ମୁଁୟ୍ ଜେ ମସାର୍ ବିଦି କି ବାବ୍‌ବାଦିମଃନାର୍ ଦଃର୍ମ୍
ସାସ୍ତର୍ ନଃସ୍ଟ କଃରୁକେ ଆସିଆଚି ବଃଲି ବାବା ନାୟ୍; ନଃସ୍ଟ
କଃରୁକେ ନଃଆସି ମଃତର୍ ହୁରୁଣ୍ କଃରୁକେ ଆସିଆଚି । 18
କାୟ୍‌ତାକ୍‌ବଃଲେକ୍ ମୁଁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ, ସଃର୍ଗ୍
ଆର୍ ହୁର୍ତିବି ରେତା ହଃତେକ୍, ମସାର୍ ବିଦିର୍ ଗଟେକ୍ ମଃତ୍ରା କି
ଗଟେକ୍ ଟପା ନଃସ୍ଟ ନୟ୍, ସଃବୁ କଃତା ହୁର୍ନ୍ ନଃଉତା ହଃତେକ୍
ଇରି ନଃଗେଟେ । 19 ବଃଲେକ୍ ଜୁୟ୍ ଲକ୍ ଇ ସଃବୁ ସାନ୍
ସାନ୍ ଆଦେସ୍‌ମଃନାର୍ ବିତ୍ରେ କୁୟ୍ ଗଟେକ୍ ଆଦେସ୍ ନଃମାନେ
ଆର୍ ଲକ୍‌ମଃନ୍‌କେ ହେଁ ସେବାନ୍ୟା ସିକ୍ୟା ଦଃୟଃଦ୍, ସେ ସଃର୍ଗ୍
ରାଇଜେ ସାନ୍ ବଃଲାୟ୍ ଅୟ୍‌ଦ୍; ମଃତର୍ ଜୁୟ୍ ଲକ୍ ସେ ସଃବୁ
ମାନେଦ୍ ଆର୍ ସିକ୍ୟା ଦଃୟଃଦ୍, ସେ ସଃର୍ଗ୍ ରାଇଜ୍ ତଃୟ୍ଁ ବଃଡ୍
ବଃଲାୟ୍ ଅୟ୍‌ଦ୍ । 20 କାୟ୍‌ତାକ୍‌ବଃଲେକ୍ ମୁଁୟ୍ ତୁମିମଃନ୍‌କେ
କଃଉଁଲେ, ଜଃବେ ହଃତେକ୍ ତୁମିମଃନାର୍ କାମ୍ ଇସ୍ୱରାର୍ ଇଚା
ହଃର୍କାରେ ଆର୍ ଦଃର୍ମ୍ ଗୁରୁ ଆର୍ ପାରୁସି ମଃନାର୍ ତଃୟ୍‌ହୁଣି
ଅଃଦିକ୍ ବିସ୍ୱାସ୍ ଅୟ୍‌ନଃରିଲେକ୍, ତଃବେ ତୁମିମଃନ୍ ସଃର୍ଗ୍
ରାଇଜେ ଜଃଉଁ ନଃହାରାସ୍ ।" 21 "ତୁମିମଃନ୍ ସୁଣି ଆଚାସ୍ ଜେ,
ହୁର୍ବ୍ କାଳେ ଲକ୍‌ମଃନ୍‌କେ କଃଉଆ ଅୟ୍‌ଆଚେ, 'ନଃର୍ ମାରା
ନାୟ୍, ଆର୍ ଜୁୟ୍‌ଲକ୍ ନଃର୍ ମାରେଦ୍, ସେ ବିଚାର୍ କଃର୍ତା ଟାଣେ
ଡଃଣ୍ଡ ହାୟ୍‌ଦ୍ ।' 22 ମଃତର୍ ମୁଁୟ୍ ତୁମିମଃନ୍‌କେ କଃଉଁଲେ, ଜୁୟ୍
ଲକ୍ ଅଃହ୍‌ଣାର୍ ବାୟ୍ ଉହ୍ରେ ରିସା ଅୟ୍‌ଦ୍, ସେ ବିଚାର୍ କଃର୍ତା
ଟାଣେ ଡଃଣ୍ଡ ହାୟ୍‌ଦ୍ । ଆରେକ୍ ଜୁୟ୍‌ଲକ୍ ଅଃହ୍‌ଣାର୍ ବାୟ୍‌କ୍
ନିର୍ବୁଦିଆ ବଃଲି କୟ୍‌ଦ୍, ସେ ବେରାଣେ ଡଃଣ୍ଡ ହାୟ୍‌ଦ୍; ଆର୍
ଜୁୟ୍‌ଲକ୍ ଲଳାକ୍ ନୟ୍‌ଲାର୍ ବଃଲି କୟ୍‌ଦ୍, ସେ ଜୟ୍ ଲାଗ୍‌ତା
ନଃର୍କେ ଡଃଣ୍ଡ ହାୟ୍‌ଦ୍, **(Geenna g1067)** 23 ଇତାକ୍, ଇସ୍ୱରାର୍
ଗିନେ ବେଦି ଲଃଗେ ତୁମି ତୁମାର୍ ଦାନ୍ ଆଣ୍‌ତି ରିଲା ବଃଲ୍
ତୁମାର୍ ବିରଦେ ତୁମାର୍ ବାୟ୍‌ଦିର୍ କାୟ୍ କଃତା ଆଚେ ବଃଲି
ସେତି ତୁମିକେ ଏତୁହଃଳେଦ୍, 24 ତଃବେ ସେତିର୍ ବେଦି ତଃଳେ
ତୁମାର୍ ଦାନ୍ ସଃଙ୍ଗାୟ୍ ବାଉଳି ଜାହା, ଆଗ୍‌ତୁ ନିଜାର୍ ବାୟ୍
ସଃଙ୍ଗ୍ ମିସା, ଆର୍ ତାର୍‌ହଃଚେ ତୁମାର୍ ଦାନ୍ ବେଦି ଉହ୍ରେ ଆଣି
ଦିଆସ୍ ।" 25 "ତୁମାର୍ ବିରଦି ସଃଙ୍ଗ୍ ବାଟେ ରିଲାବଃଲ୍ ବେଗି
ତାର୍ ସଃଙ୍ଗ୍ ମିସାବିଲା ବାବ୍ ଦଃକାଉଆ, ନୟ୍‌ଲେକ୍ ବିରଦି
ତୁମିକେ ବିଚାର୍ କଃର୍ତା ଲକାର୍ ଆତେ ସଃହ୍ରି ଦଃୟଃଦ୍, ଆରେକ୍
ବିଚାର୍‌କଃରୁ ତୁମିକେ ଜାଗୁଆଲି ଆତେ ସଃହ୍ରି ଦଃୟ୍‌ଦ୍, ଆର୍
ତୁମି ଜଃଇଲେ ହୁରାସ୍ । 26 ମୁଁୟ୍ ତୁମିକେ ସଃତ୍ କଃଉଁଲେ,
ତୁମି ସଃରା ସଃରି ଗଟେକ୍ କାସୁ ହେଁ ନଃସୁଜ୍‌ତା ହଃତେକ୍ ସେ
ଜଃଗାୟ୍ ହୁଣି କଃନ୍‌କଃରି ହେଁ ମୁକ୍‌ଲି ଆସୁ ନଃହାରାସ୍ ।" 27
"ତୁମିମଃନ୍ ସୁଣି ଆଚାସ୍, ଲେକାଆଚେ, 'ଦାରିକାମ୍ କଃରା ନାୟ୍
।' 28 ମଃତର୍ ମୁଁୟ୍ ତୁମିମଃନ୍‌କେ କଃଉଁଲେ, ଜୁୟ୍‌ଲକ୍ ଜୁୟ୍
ମାୟ୍‌ଜିକେ କଃରାବ୍ ଆକାୟ୍ ଦଃକେଦ୍, ସେ ତାର୍ ସଃଙ୍ଗ୍ ମଃନ୍
ବିତ୍ରେ ଦାରିକାମ୍ କଃରି ସଃର୍ଲାନି । 29 ଆର୍ ତୁମିକେ ଜଃଡେବଃଲ୍
କାତା ଆକି ହାହ୍ କଃରାୟ୍‌ଦ୍, ତଃବେ ସେରି କାଡି ହଃଲ୍ଲାଉଆ,
କାୟ୍‌ତାକ୍‌ବଃଲେକ୍ ତୁମାର୍ ସଃବୁ ଗଃଗାଲ୍ ନଃର୍କେ ନଃସ୍ଟ
ଅଃଉତା ବାଟା ଗଟେକ୍ ଆକି ନଃସ୍ଟ ଅଃଉତାର୍ ତୁମାର୍ ଗିନେ
ନିକ । **(Geenna g1067)** 30 ଆରେକ୍ ତୁମିକେ ଜଃଡେବଃଲ୍ କାତା
ଆତ୍ ହାହ୍ କାମ୍ କଃରାୟ୍‌ଦ୍, ତଃବେ ସେରି କାଟି ହଃଲ୍ଲାଉଆ,
କାୟ୍‌ତାକ୍‌ବଃଲେକ୍ ତୁମାର୍ ସଃବୁ ଗଃଗାଲ୍ ନଃର୍କେ ହଃଲ୍‌ତା
ବାଟା ଗଟେକ୍ ଆତ୍ ନଃସ୍ଟ ଅଃଉତାର୍ ତୁମାର୍ ଗିନେ ନିକ
।" **(Geenna g1067)** 31 "ଆରେକ୍ ଲେକା ଆଚେ, 'ଜୁୟ୍‌ଲକ୍

ଅ୫ହ୍ଣାର୍ ମାୟ୍‌ଜିକେ ଚାଡେଦ୍, ସେ ତାକ୍ ଚାଡ୍‌ହ୫ତାର୍ ଲେକି
ଦେଉଅ ।' 32 ମ୫ତର୍ ମୁଁୟ୍ ତୁମିମ୫ନ୍‌କେ କ୫ଉଁଲେ, ଜୁୟ୍‌ଲକ୍
ଅ୫ହ୍ଣାର୍ ମାୟ୍‌ଜିକେ ଦାରିକାମାର୍ ଦ୫ସ୍ ଚାଡି ବିନ୍ କାମାର୍
ଗିନେ ଚାଡେଦ୍, ତ୫ବେ ସେ ତାକ୍ ଦାରିଆଣି କ୫ରାୟ୍‌ଦ୍,
ଆର୍ ଜୁୟ୍ ଲକ୍ ସେ ଚାଡ୍‌ଲା ମାୟ୍‌ଜିକେ ସ୫ଙ୍ଗାୟ୍‌ଦ୍, ସେ ହେଁ
ଦାରିକାମ୍ କ୫ରେଦ୍ ।" 33 "ଆରେକ୍ ତୁମିମ୫ନ୍ ସୁଣି ଆଚାସ୍
ଜେ, ହୁର୍ବ୍ କାଳେ ଲକ୍‌ମ୫ନ୍‌କେ କ୫ଉଆ ଜାୟ୍‌ରିଲି, 'ତୁମି
ମିଚ୍ ହ୫ର୍ମାଣ୍ କ୫ରାନାୟ୍, ମ୫ତର୍ ଅ୫ହ୍ଣାର୍ ହ୫ର୍ମାଣ୍ ସ୫ବୁ
ମାପ୍ରୁର୍ ଗିନେ ହୁରୁଣ୍ କ୫ରା ।' 34 ମ୫ତର୍ ମୁଁୟ୍ ତୁମିମ୫ନ୍‌କେ
କ୫ଉଁଲେ, ସ୫ୟ୍‌ତ୍ କ୫ର୍ତାବ୫ଲ୍ କ୫ବେ ହେଁ ହ୫ର୍ମାଣ୍ କ୫ରା
ନାୟ୍; ସ୫ର୍ଗାର୍ ହ୫ର୍ମାଣ୍ କ୫ରା ନାୟ୍, ବ୫ଲେକ୍ ସେରି ଇସ୍ୱରାର୍
ସିଙ୍ଗାସଣ୍; 35 କି ହୁର୍ତିବିର୍ ହ୫ର୍ମାଣ୍ କ୫ରା ନାୟ୍, ବ୫ଲେକ୍
ସେରି ଇସ୍ୱରାର୍ ହାଦ୍ ସ୫ଙ୍ଗାଉତା ଟାଣ୍; ଜିରୁସାଲମାର୍ ହ୫ର୍ମାଣ୍
କ୫ରା ନାୟ୍, ବ୫ଲେକ୍ ସେରି ମ୫ହାର୫ଜାର୍ ଗ୫ଲ୍; 36 ଆରେକ୍
ଅ୫ହ୍ଣାର୍ ମୁଣ୍ଡାର୍ ହ୫ର୍ମାଣ୍ କ୫ରା ନାୟ୍, ବ୫ଲେକ୍ ସେତିର୍
ଗଟେକ୍ ବାଲ୍ ହେଁ ଦବ୍ କି କ୫ଲ୍ୟା କ୫ରୁକେ ତୁମାର୍ ସ୫କ୍ତି ନାୟ୍
। 37 ତୁମିମ୫ନ୍ 'ହେଁ' ଅଲେ 'ହେଁ' ବ୫ଲା, 'ନାୟ୍' ଅଲେ 'ନାୟ୍'
ବ୫ଲା, ଇତିହୁଣି ଜାୟ୍‌ରି ଅ୫ଦିକ୍, ସେରି ଦୁସ୍ଟ ଆତ୍ମା ତ୫ୟ୍‌ହୁଣି
ଆସେଦ୍ ।" 38 "ତୁମିମ୫ନ୍ ସୁଣି ଆଚାସ୍, ଲେକା ଆଚେ, 'ଆକିର୍
ବାଦୁଲେ ଆକି ଆର୍ ଦାତାର୍ ବାଦୁଲେ ଦାତ୍ ।' 39 ମ୫ତର୍
ମୁଁୟ୍ ତୁମିମ୫ନ୍‌କେ କ୫ଉଁଲେ, କେ ତୁମାର୍ ଦୁସ୍ଟ କ୫ଲେକ୍ ତାର୍
ବାଦ୍‌ଲା ନିଆନାଁୟ୍, ମ୫ତର୍ ଜେ ତୁମାର୍ କାତା ଗାଲେ ଚାହୁଲ୍
ମାରେଦ୍, ତାକ୍ ଡେବ୍ରି ଗାଲ୍ ହେଁ ଦ୫କାୟ୍ ଦିଆସ୍ । 40 ଆର୍
କେ ଜଦି ତୁମାର୍ ଆଙ୍ଗି ନେଉଁକେ ମ୫ନ୍‌କ୫ରି ବିଚାର୍ କ୫ର୍ତା
ଟାଣେ ନ୫ୟ୍‌ଦ୍, ତ୫ବେ ତାକ୍ ତୁମାର୍ ହ୫ଚ୍ୟା ହେଁ ଦିଆସ୍ । 41
ଆର୍ ଜଦି ଗଟେକ୍ ସ୫ଇନ୍ ତାର୍ ବଜ୍ ବଲାୟ୍ କସେକ୍ ଜୁଉ
ବ୫ଲି ବ୫ଲ୍‌ମାଡ୍ କ୫ଲେକ୍, ତୁମି ତାର୍ ସ୫ଙ୍ଗ ଦୁୟ୍ କସ୍ ଜାହା
। 42 କେ ଜଦି ତୁମିକେ କାୟ୍‌ରି ମାଗେଦ୍, ତାକ୍ ଦିଆସ୍; ଆର୍
କେ ଜଦି ତୁମାର୍ ତ୫ୟ୍‌ହୁଣି ରିଣ୍ ନେଉଁକେ ମ୫ନ୍ କ୫ରେଦ୍,
ତାକ୍ ଦିଆସ୍ ।" 43 "ତୁମିମ୫ନ୍ ସୁଣି ଆଚାସ୍, ଲେକା ଆଚେ,
'ତୁମାର୍ ନିଜାର୍ ଲକ୍‌କେ ଲାଡ୍ କ୫ରା ଆର୍ ତୁମାର୍ ସ୫ତ୍ରୁକେ
ଲାଡ୍ କ୫ରା ନାୟ୍ ।' 44 ମ୫ତର୍ ମୁଁୟ୍ ତୁମିମ୫ନ୍‌କେ କ୫ଉଁଲେ,
ତୁମିମ୫ନାର୍ ସ୫ତ୍ରୁମ୫ନ୍‌କେ ଲାଡ୍ କ୫ରା, ଆର୍ ଜୁୟ୍ ଲକ୍‌ମ୫ନ୍
ତୁମିକେ କ୫ସ୍ଟ ଦେତି, ସେମ୫ନାର୍ ଗିନେ ପାର୍ତ୍‌ନା କ୫ରା,
45 ଜ୫ନ୍‌କ୫ରି ତୁମିମ୫ନ୍ ତୁମାର୍ ସ୫ର୍ଗାର୍ ଉବାଦିର୍ ହୟ୍‌ସି
ଅ୫ଉଆସ୍; ସେ ତ ମିଚ୍ ଆର୍ ସ୫ତ୍ ଲକାର୍ ଉହ୍ରେ ଅ୫ହ୍ଣାର୍
ବେଲ୍ ଉଦାଉଁଲା, ଆରେକ୍ ଦ୫ର୍ମି ଆର୍ ଅ୫ଦ୫ର୍ମି ଲକ୍‌ମ୫ନାର୍
ଉହ୍ରେ ବ୫ର୍ସା ମାରାଉଁଲା । 46 ଆର୍ ଜୁୟ୍ ଲକ୍‌ମ୫ନ୍ ତୁମିକେ
ଲାଡ୍ କ୫ର୍ତି, ସେମ୫ନ୍‌କେ ହ୫କା ଲାଡ୍ କ୫ଲେକ୍ ତୁମାର୍ କାୟ୍
ପୁରିସ୍କାର୍? ରିବ୍‌ନିମ୫ନ୍ ହେଁ ତ ସେବାନ୍ୟା କ୫ରୁଲାୟ୍! 47 ଆର୍
ତୁମିମ୫ନ୍ ଜଦି ନିଜାର୍ ନିଜାର୍ ବାୟ୍‌କ୍ ହ୫କା ଜୁଆର୍ କ୫ରାସ୍,
ତ୫ବେ ତୁମି ଅ୫ଦିକ୍ କାୟ୍‌ରି କ୫ରୁଲାସ୍? ଅଜିଉଦିମ୫ନ୍ ହେଁ ତ
ସେବାନ୍ୟା କ୫ରୁଲାୟ୍! 48 ବ୫ଲେକ୍, ତୁମିମ୫ନାର୍ ସ୫ର୍ଗାର୍
ଉବାଦି ଜ୫ନ୍‌କାର୍ ସିଦ୍, ତୁମିମ୫ନ୍ ହେଁ ସେବାନ୍ୟା ସିଦ୍ ଅ୫ଉଆ
।"

6 "ଲକ୍‌ମ୫ନ୍‌କେ ଦ୫କାୟ୍ ଅ୫ଉଁକେ ଇଚା କ୫ରି ସେମ୫ନାର୍
ମୁଏଁ ଇସ୍ୱରାର୍ ଇଚା ବିରଦେ କ୫ରାନାୟ୍; ଇତାକ୍ ଜ୫ଗ୍ରାତ୍
ଅୟ୍‌ରିଆ, ସେବାନ୍ୟା କ୫ଲେକ୍ ତୁମାର୍ ସ୫ର୍ଗାର୍ ଉବାଦି
ତ୫ୟ୍‌ହୁଣି ତୁମି କାୟ୍ ହେଁ ପୁରିସ୍କାର୍ ହାଉଁ ନ୫ହାରାସ୍ ।"
2 "ଇତାକ୍ ଦାନ୍ କ୫ର୍ତାବ୫ଲ୍ ହେଟ୍‌କପଟ୍ୟାମ୫ନାର୍ ହର୍
ଅ୫ହ୍ଣାର୍ ମୁଏଁ ତୁରି ହୁକା ନାୟ୍; ସେମ୫ନ୍ ଲକ୍‌ମ୫ନାର୍
ତ୫ୟ୍‌ହୁଣି ଜ୫ଜ୍‌ମାନ୍ ହାଉଁକ୍ ପାର୍ତ୍‌ନା ଗ୫ରେ ଆର୍ ସାୟ୍
ମ୫ଜାୟ୍ ସେବାନ୍ୟା କ୫ର୍ତି । ମୁଁୟ୍ ତୁମିମ୫ନ୍‌କେ ସ୫ତ୍ କ୫ଉଁଲେ,
ସେମ୫ନ୍ ଅ୫ହ୍ଣା ଅ୫ହ୍ଣା କ୫ଲା କାମାର୍ ପୁରିସ୍କାର୍ ହାୟ୍‌ଲାୟ୍
ଆଚ୍‌ତି । 3 ମ୫ତର୍ ତୁମିମ୫ନ୍ ଦାନ୍ କ୫ର୍ତାବ୫ଲ୍ ତୁମାର୍
କାତା ଆତ୍ କାୟ୍ କ୫ରୁଲି, ସେରି ଡେବ୍ରି ଆତ୍ ନ୫ଜାଣ, 4
ଜ୫ନ୍‌କ୫ରି ତୁମାର୍ ଇ ଦାନ୍ ଲୁକ୍‌ଣେ ଅୟ୍‌ଦ୍ ଆର୍ ତୁମାର୍
ଉବାଦି ଜେ ଲୁକ୍‌ଣେ ଦ୫କେଦ୍, ସେ ତୁମିକେ ହ୫ଲ୍ ଦ୫ୟ୍‌୫ଦ୍ ।"
5 "ପାର୍ତନା କ୫ର୍ତାବ୫ଲ୍ ହେଟ୍‌କପଟ୍ୟାମ୫ନାର୍ ହର୍ ଅ୫ଉଆ
ନାୟ୍, କାୟ୍‌ତାକ୍‌ବ୫ଲେକ୍ ସେମ୫ନ୍ ଲକ୍‌କେ ଦ୫କାୟ୍ ଅ୫ଉଁକେ
ପାର୍ତ୍‌ନା ଗ୫ରେ ଆର୍ ସାୟ୍ ମୁଣ୍ଡେମ୫ନ୍ ଟିଆଅୟ୍ ପାର୍ତ୍‌ନା
କ୫ରୁକେ ମ୫ନ୍ କ୫ର୍ତି; ମୁଁୟ୍ ତୁମିମ୫ନ୍‌କେ ସ୫ତ୍ କ୫ଉଁଲେ,
ସେମ୫ନ୍ ଅ୫ହ୍ଣା ଅ୫ହ୍ଣା କ୫ଲା କାମାର୍ ସ୫ର୍ନେ ପୁରିସ୍କାର୍
ହାୟ୍ ଆଚ୍‌ତି । 6 ମ୫ତର୍ ତୁମି ପାର୍ତ୍‌ନା କ୫ର୍ତାବ୫ଲ୍ ତୁମାର୍
ଗ୫ର୍ ବିତ୍ରେ ଜାହା ଆରେକ୍ ଦୁଆର୍ ଡାହିକ୫ରି ଲୁକ୍‌ଣେ ତୁମାର୍
ଉବାଦି ଚ୫ମେ ପାର୍ତ୍‌ନା କ୫ରା; ଆର୍ ତୁମାର୍ ସ୫ବୁ ଦ୫କ୍‌ତା
ସ୫ର୍ଗାର୍ ଉବାଦି, ଜେ କି ନ୫ଡିସ୍ତେ ଆଚେ, ସେ ସେରି ଦ୫କି
ତୁମିକେ ପୁରିସ୍କାର୍ ଦ୫ୟ୍‌୫ଦ୍ ।" 7 "ଆରେକ୍ ପାର୍ତ୍‌ନା କ୫ର୍ତାବ୫ଲ୍
ଇସ୍ୱର୍‌କେ ଅଜିଉଦି ଲକାର୍ ହର୍ ଚୁଚାହଲ୍ୟା କ୫ତାମ୫ନ୍ କୟ୍
ତର୍‌କେ ତର୍ ପାର୍ତ୍‌ନା କ୫ରାନାୟ୍, କାୟ୍‌ତାକ୍‌ବ୫ଲେକ୍ ସେମ୫ନ୍
ବୁତେକ୍ କ୫ତା କୟ୍ ପାର୍ତ୍‌ନା କ୫ଲେକ୍ ଇସ୍ୱର୍ ସେମ୫ନାର୍ କ୫ତା
ସୁଣେଦ୍ ବ୫ଲି ମ୫ନେ ବାବ୍‌ତି । 8 ଇତାର୍ ଗିନେ ସେମ୫ନାର୍
ହର୍ ଅ୫ଉଆ ନାୟ୍, କାୟ୍‌ତାକ୍‌ବ୫ଲେକ୍ ତୁମିମ୫ନାର୍ କାୟ୍‌ରି
ଲଳା, ସେରି ମାଗ୍‌ତା ଆଗ୍‌ତୁ ତୁମାର୍ ସ୫ର୍ଗାର୍ ଉବାଦି ଇସ୍ୱର୍
ସେରି ଜାଣେଦ୍ । 9 ତ୫ବାର୍‌ଗିନେ ତୁମିମ୫ନ୍ ଇବାନ୍ୟା ବ୫ଲି
ପାର୍ତ୍‌ନା କ୫ରା- 'ଏ ଅ୫ମାର୍ ସ୫ର୍ଗାର୍ ଉବା, ତର୍ ନାଉଁ ପବିତ୍ର
ବ୫ଲି ମାନ୍‌ତି ଅ୫ଉଅ; 10 ତର୍ ରାଇଜ୍ ଆସ, ଜ୫ନ୍‌କ୫ରି
ସ୫ର୍ଗେ ସେନ୍‌କ୫ରି ହୁର୍ତିବି ତ୫ୟ୍ ତର୍ ଇଚା ହୁରୁଣ୍ ଅ୫ଉଅ ।
11 ଆଜି ଅ୫ମିମ୫ନ୍‌କ୍ ଲଳା ରିଲା କାଦି ଦେ । 12 ଅ୫ମିମ୫ନ୍
ଜ୫ନ୍‌କ୫ରି ଅ୫ହ୍ଣା ଅ୫ହ୍ଣାର୍ ସ୫ବୁ ଦସିମ୫ନ୍‌କେ କେମା
କ୫ରୁଲୁ, ସେନ୍‌କ୫ରି ଅ୫ମାର୍ ସ୫ବୁ ହାହ୍ କେମା କ୫ର୍ । 13
ପରିକ୍ୟାୟ୍ ଅ୫ମିମ୫ନ୍‌କ୍ ଆଣ୍‌ନାୟ୍, ମ୫ତର୍ ସୟ୍‌ତାନ୍ ଜେ

ଦୁସ୍ଟ ତାର୍ ତଃୟ୍ହୁଣି ଅଃମିକ୍ ରଃକ୍ୟା କଃର୍ । ଜଃନ୍ ରାଇଜ୍,
ସଃକ୍ତି ଆର୍ ଜଃଜ୍ମାନ୍ ଜୁଗେ ଜୁଗେ ତର୍ ଅଃଉଅ, ଆମେନ୍
।'" 14 "ତୁମି ଜଦି ଲକ୍ମଃନାର୍ ସଃବୁ ଦଃସ୍ କେମା କଃରାସ୍,
ତଃବେ ତୁମାର୍ ସଃର୍ଗାର୍ ଉବାଦି ତୁମିକେ ହେଁ କେମା କଃରେଦ୍
। 15 ମଃତର୍ ତୁମି ଜଦି ଲକ୍ମଃନ୍କେ କେମା ନଃକେରାସ୍,
ତଃବେ ତୁମାର୍ ସଃର୍ଗାର୍ ଉବାଦି ହେଁ ତୁମାର୍ ଦଃସ୍ ସଃବୁ କେମା
ନଃକେରେ ।" 16 "ଉହାସ୍ କଃର୍ତାବଃଲ୍ ହେଟ୍କପଟ୍ୟାମଃନାର୍
ହର୍ ମୁଉଁ ସୁକାୟ୍ ରିଆନାୟ୍, କାୟ୍ତାକ୍ବଃଲେକ୍ ସେମଃନ୍
ଉହାସ୍ କଃରୁଲାୟ୍ ବଃଲି ଲକ୍ମଃନ୍କେ ଦଃକାୟ୍ ଅଃଉଁକେ
ଅଃହ୍ଣା ଅଃହ୍ଣାର୍ ମୁଉଁ ସୁକାୟ୍ ରେତି; ମୁଁୟ୍ ତୁମିମଃନ୍କେ
ସଃତ୍ କଃଉଁଲେ, ସେମଃନ୍ ଅଃହ୍ଣା ଅଃହ୍ଣା କଃଲା କାମାର୍
ପୁରିସ୍କାର୍ ହାୟ୍ ଆଚ୍ତି । 17 ମଃତର୍ ତୁମି ଉହାସ୍ କଃର୍ତାବଃଲ୍
ମୁଉଁ ଦଃଉଆ ଆର୍ ମୁଣ୍ଡେ ଚିକଣ୍ ଲାଗାଉଆ, 18 ଜଃନ୍କଃରି ତୁମି
ଉହାସ୍ କଃରୁଲାସ୍ ବଃଲି ଲକ୍ମଃନ୍ ନଃଜାଣତ୍, ମଃତର୍ ତୁମାର୍
ନଃଡିସ୍ତାର୍ ଉବାଦିର୍ ମୁଏଁ ଜାଣାହଃଲା; ଆର୍ ତୁମାର୍ ସଃର୍ଗାର୍
ଉବାଦି ଜେ କି ନଃଡିସ୍ତେ ଆଚେ, ସେ ତୁମିକେ ହଃଲ୍ ଦଃୟଃଦ୍
।" 19 "ଜୁୟ୍ ଲଃଗେ ଅଳ୍ମା କି କିଲୁଆ ନଃସ୍ଟ କଃରେଦ୍,
ଆରେକ୍ ଚର୍ମଃନ୍ ସିନ୍ଧମାରି ଚରି ନେତି, ଇବାନ୍ୟା ହୁର୍ତିବି
ଲଃଗେ ଅଃହ୍ଣା ଅଃହ୍ଣାର୍ ଗିନେ ଦଃନ୍ ଅଃର୍ଜା ନାୟ୍ । 20
ମଃତର୍ ଜୁୟ୍ ଲଃଗେ ଅଳ୍ମା କି କିଲୁଆ ନଃସ୍ଟ ନଃକେରେ ଆର୍
ଚର୍ମଃନ୍ ସିନ୍ଧମାରି ଚରି ନଃନେତି, ଇବାନ୍ୟା ସଃର୍ଗେ ଅଃହ୍ଣା
ଅଃହ୍ଣାର୍ ଗିନେ ଦଃନ୍ ଅଃର୍ଜା । 21 କାୟ୍ତାକ୍ବଃଲେକ୍ ଜୁୟ୍ତି
ତୁମାର୍ ଦଃନ୍, ସେତି ତୁମାର୍ ମଃନ୍ ।" 22 "ଆକି ଗଃଗାଲାର୍
କୁପି । ଇତାର୍ ଗିନେ ତୁମାର୍ ଆକି ଜଦି ନିକ ରଃୟ୍ଦ୍, ତଃବେ
ତୁମାର୍ ସଃବୁ ଗଃଗାଲ୍ ଉଜାଲ୍ ଅୟ୍ଦ୍ । 23 ମଃତର୍ ତୁମାର୍ ଆକି
ଜଃଡେବଃଲ୍ ନିକ ନଃରେୟ୍, ତଃବେ ତୁମାର୍ ସଃବୁ ଗଃଗାଲ୍
ଅଃନ୍ଧାର୍ ଅୟ୍ଦ୍ । ବଃଲେକ୍ ତୁମାର୍ ମଃନାର୍ ଉଜାଲ୍ ଜଦି
ଅଃନ୍ଧାର୍ ଅୟ୍ଦ୍, ତଃବେ ସେ ଅଃନ୍ଧାର୍ କଃଡେ ବୟଃଙ୍କାର୍ ।"
24 "କୁୟ୍ ମାନାୟ୍ ହେଁ ଜଳେକ୍ ସାଉକାରାର୍ ସେବା କଃରୁ
ନାହାରେ; କାୟ୍ତାକ୍ବଃଲେକ୍ ସେ ଗଟ୍ଲକ୍କେ ଲାଡ୍ କଃରେଦ୍
ଆର୍ ଆରେକ୍ ଗଟ୍ଲକ୍କେ ଲାଡ୍ ନଃକେରେ, ନୟ୍ଲେକ୍
ଗଟ୍ଲକାର୍ କଃତା ମାନେଦ୍ ଆର୍ ଆରେକ୍ ଗଟ୍ଲକାର୍ କଃତା
ନଃମାନେ । ତୁମିମଃନ୍ ଇସ୍ୱର୍ ଆର୍ ଦଃନ୍, ଦୁୟ୍ ଲକାର୍ ଦଃଙ୍ଗ୍ଳା
ଅଃଉଁ ନାହାରାସ୍ ।" 25 "ଇତାର୍ ଗିନେ ମୁଁୟ୍ ତୁମିମଃନ୍କେ
କାଉଁଲେ, କାୟ୍ରି କାଉଁନ୍ଧ ଆର୍ କାୟ୍ରି ହିଉଁନ୍ଧ, ଇବାନ୍ୟା
ତୁମାର୍ ଜିବନାର୍ ଗିନେ, କି କାୟ୍ରି ହିନ୍ଧନ୍, ଇବାନ୍ୟା ତୁମାର୍
ଗଃଗାଳାର୍ ଗିନେ ହେଁ ଚିତା କଃରାନାୟ୍ । କାଦି ତଃୟ୍ହୁଣି
ଜିବନ୍ ଆର୍ ବଃସ୍ତୁର୍ ତଃୟ୍ହୁଣି ଗଃଗାଲ୍ କାୟ୍ ବଃଡ୍ ନାୟ୍?
26 ଅଃଗାସାର୍ ଚେଳେମଃନ୍କେ ଦଃକା, ସେମଃନ୍ ନଃବୁଣ୍ତି
କି ନଃକାଟ୍ତି, ଆରେକ୍ ହାଲେ ନଃସେଙ୍ଗାଉତି, ଅୟ୍ଲେକ୍
ହେଁ ତୁମାର୍ ସଃର୍ଗାର୍ ଉବାଦି ସେମଃନ୍କେ କାଦି ଦେଉଁଲା ।
ତୁମିମଃନ୍ କାୟ୍ ସେମଃନାର୍ ତଃୟ୍ହୁଣି ବଃଡ୍ ନାୟ୍? 27
ଆରେକ୍ ତୁମିମଃନାର୍ ବିତ୍ରେ କେ ଚିତା କଃରି କଃରି ଅଃହ୍ଣାର୍
ଆୟ୍ସ୍ କଃଣ୍ଡେକ୍ ବାଡାଉଁ ହାରେ?" 28 "ଆର୍ ବଃସ୍ତୁର୍ ଗିନେ
କାୟ୍ତାକ୍ ଚିତା କଃରୁଲାସ୍? ବଃନାର୍ ହୁଲ୍ମଃନାର୍ କଃତା ବାବି
ଦଃକା, ସେରିମଃନ୍ କଃନ୍କଃରି ବାଡ୍ତି; ସେରିସଃବୁ କଃବାଲ୍
ନଃକେର୍ତି, କି ସୁତା କାଟି ସେମଃନାର୍ ଗିନେ ବଃସ୍ତୁର୍ ନଃବୁଣ୍ତି
। 29 ମଃତର୍ ମୁଁୟ୍ ତୁମିମଃନ୍କେ କଃଉଁଲେ, ରଃଜା ସଲ୍ମନ୍
ଅଃହ୍ଣାର୍ ସଃବୁ ଦଃନ୍ ରଃୟ୍କଃରି ହେଁ, ଇ ହୁଲ୍ମଃନାର୍ ହର୍
ଗଟେକ୍ ସୁନ୍ଧର୍ ବଃସ୍ତୁର୍ କଃବେ ହିନ୍ଧି ନଃରିଲା । 30 ମଃତର୍
ହଃଦାର୍ ଜୁୟ୍ ଜାଲ୍ ଆଜି ଆଚେ, ଆର୍ କାଲି ଚୁଲି ବିତ୍ରେ ହଃକା
ଅୟ୍ଦ୍, ତାକ୍ ଜଃଡେବଃଲ୍ ଇସ୍ୱର୍ ଇବାନ୍ୟା ବେସ୍ ଦେଉଁଲା,
ତଃବେ ଏ ଅଃଳକ୍ ବିସ୍ୱାସିମଃନ୍, ସେ କାୟ୍ ତୁମିମଃନ୍କେ
ଅଃଦିକ୍ ସଃତ୍କଃରି ବଃସ୍ତୁର୍ ନଃଦେୟ୍?" 31 "ଇତାର୍ ଗିନେ
କାୟ୍ରି କାହାସ୍? କାୟ୍ରି ହିଉଆସ୍? କି କାୟ୍ରି ହିନ୍ଧାସ୍?
ଇବାନ୍ୟା ବଃଲି ଚିତା କଃରା ନାୟ୍ । 32 କାୟ୍ତାକ୍ବଃଲେକ୍
ଅଜିଉଦିମଃନ୍ ଇସ୍ୱର୍କେ ନଃଜାଣ୍ତି, ସେମଃନ୍ ଇସଃବୁ ବିସୟ୍
ଲଳି ବୁଲ୍ତି । ଆର୍ ଇ ସଃବୁ ବିସୟ୍ ଜେ ତୁମିମଃନାର୍ ଲଳା,
ସେରି ତୁମାର୍ ସଃର୍ଗାର୍ ଉବାଦି ଜାଣୁଲା । 33 ମଃତର୍ ତୁମିମଃନ୍
ହଃର୍ତୁ ଇସ୍ୱରାର୍ ରାଇଜ୍ ଆର୍ ସେ ତୁମାର୍ ତଃୟ୍ହୁଣି କାୟ୍ରି
ଇଚା କଃରୁଲା ସେତାକ୍ ଦିଆନ୍ କଃରା, ତଃବେ ସେ ତୁମିକେ
ଇସଃବୁ ହେଁ ଦଃୟଃଦ୍ । 34 ବଃଲେକ୍ କାଲିର୍ ଗିନେ ଚିତା
କଃରାନାୟ୍, କାୟ୍ତାକ୍ବଃଲେକ୍ କାଲି ନିଜେ ନିଜାର୍ ଗିନେ
ଚିତା କଃରାସ୍ । ଆଜିର୍ କଃସ୍ଟ ଆଜିର୍ ଗିନେ ସଃରି ।"

**7** "ତୁମିମଃନ୍ ଜଃନ୍କଃରି ବିଚାରେ ନଃହେଳାସ୍, ଇତାର୍ ଗିନେ
ବିନ୍ ଲକାର୍ ବିଚାର୍ କଃରାନାୟ୍ । 2 କାୟ୍ତାକ୍ବଃଲେକ୍
ଜୁୟ୍ ବିଚାରେ ବିଚାର୍ କଃରାସ୍, ସେ ବିଚାରେ ତୁମିମଃନ୍କେ ହେଁ
ବିଚାର୍ କଃରା ଅୟ୍ଦ୍; ଆରେକ୍ ଜୁୟ୍ ନାହେଁ ନାହି ଦିଆସ୍, ସେ
ନାହେଁ ତୁମିମଃନ୍କେ ହେଁ ନାହି ଦିଆ ଅୟ୍ଦ୍ । 3 ଆର୍ କାୟ୍ତାକ୍
ତୁମାର୍ ବାୟ୍ର୍ ଆକାୟ୍ ରିଲା ସାନ୍ କୁଟା ଦଃକୁଲାସ୍, ମଃତର୍
ତୁମାର୍ ନିଜାର୍ ଆକାୟ୍ ଜୁୟ୍ ବଃଡ୍ ଆକିକୁଟା ଆଚେ, ସେରି
କାୟ୍ତାକ୍ ବାବି ନଃଦେକୁଲାସ୍? 4 ବଃଲେକ୍ ତୁମି କଃନ୍କଃରି
ନିଜାର୍ ବାୟ୍କ୍ କଃଉଁ ହାରାସ୍, 'ଆଉ ତର୍ ଆକାୟ୍ ରିଲା
ସାନ୍ ଆକିକୁଟା ବାର୍କଃରି ଦଃୟ୍ନ୍ଧ,' ଆର୍ ଦଃକା, ତୁମାର୍
ଆକାୟ୍ ବଃଡ୍ ଆକିକୁଟା ଆଚେ! 5 ରେ, ହେଟ୍କପଟ୍ୟାମଃନ୍,
ଆଗ୍ତୁ ନିଜାର୍ ଆକାୟ୍ ରିଲା ବଃଡ୍ ଆକିକୁଟା ବାର୍ କଃରି
ହଃକାଉଆ, ତାର୍ହଃଚେ ନିଜାର୍ ବାୟ୍ର୍ ଆକାୟ୍ ରିଲା ସାନ୍
ଆକିକୁଟା ବାର୍ କଃରୁକ୍ ନିକକଃରି ଦଃକୁ ହାର୍ସି ।" 6 "ଜାୟ୍ରି
ପବିତ୍ର ସେରି କୁକୁର୍ମଃନ୍କେ ଦିଆସ୍ ନାୟ୍, କଃନ୍ଅୟ୍ଲେକ୍
ସେମଃନ୍ ଲେଉଟିକଃରି ତୁମିକେ ଚାବ୍ତି । କି ତୁମାର୍ ମୁକ୍ତା
ଗୁସ୍ରାମଃନାର୍ ମୁଏଁ ହଃକାଉଆ ନାୟ୍, କଃନ୍ଅୟ୍ଲେକ୍ ସେମଃନ୍
ସେ ସଃବୁ ସେମଃନାର୍ ହାଦେ ରଃମ୍ନ୍ଧି ହଃକାଉତି ।" 7

“ମାଗା, ତଃବେ ତୁମିମଃନ୍‌କେ ଦିଆ ଅୟ୍‌ଦ୍; ଲଲା, ତଃବେ
ତୁମିମଃନ୍ ମିଳାଉଆସ୍; କଃହାଟେ ମାରା, ତଃବେ ତୁମାର୍
ଗିନେ କଃହାଟ୍ ଉଗାଳା ଅୟ୍‌ଦ୍ । 8 ବଃଲେକ୍, ଜୁୟ୍ ଲକ୍
ମାଗେଦ୍, ସେ ହାୟ୍‌ଦ୍; ଜେ ଲଳେଦ୍, ସେ ମିଳାୟ୍‌ଦ୍; ଆର୍
ଜେ କଃହାଟେ ମାରେଦ୍, ତାର୍ ଗିନେ କଃହାଟ୍ ଉଗାଳି ଦିଆ
ଅୟ୍‌ଦ୍ । 9 ଆର୍ ତୁମାର୍ ବିତ୍ରେ ଇବାନ୍ୟା କୁୟ୍ ଉବା ଆଚେ, ଜେ
ଅଃହ୍‌ଣାର୍ ହୟ୍‌ସି ରୁଟି ମାଗ୍‌ଲେକ୍ ତାକ୍ ଟେଳା ଦଃୟ୍‌ଦ୍?
10 ଆରେକ୍ ମାଚ୍ ମାଗ୍‌ଲେକ୍ ତୁମି ତାକ୍ ସାହ୍ ଦଃୟ୍‌ଦ୍? 11
ତୁମିମଃନ୍ କଃରାବ୍ ଅୟ୍‌ଲେକ୍ ହେଁ, ତୁମି ଜଃଡେବଃଲ୍ ଅଃହ୍‌ଣା
ଅଃହ୍‌ଣାର୍ ହିଲାମଃନ୍‌କେ ନିକ ନିକ ଦାନ୍ ଦେଉଁ ଜାଣାସ୍, ତଃବେ
ତୁମାର୍ ସଃର୍ଗାର୍ ଉବାଦି ତାର୍ ଲଃଗେ ମାଗ୍‌ତା ଲକ୍‌ମଃନ୍‌କେ
କଃତେକ୍ ଅଃଦିକ୍ ନିକ ବଃଲ୍‌ରିମଃନ୍ ନଃଦେୟ୍ ।” 12 “ବଃଲେକ୍
ଲକ୍‌ମଃନ୍ ତୁମାର୍ ସଃଙ୍ଗ୍ ଜଃନ୍‌କା ବେବାର୍ କଃରତ୍ ବଃଲି
ମଃନ୍ କଃରୁଲାସ୍, ତୁମିମଃନ୍ ହେଁ ସେମଃନାର୍ ସଃଙ୍ଗ୍ ସେବାନ୍ୟା
ବେବାର୍ କଃରା, କାୟ୍‌ତାକ୍‌ବଃଲେକ୍ ଇରି ହଃକା ମସାର୍ ବିଦି
ଆର୍ ବାବ୍‌ବାଦିମଃନାର୍ ଦଃର୍ମ୍‌ସାସ୍ତ୍ରର୍ ସିକ୍ୟାର୍ ସଃତ୍ ଅଃର୍ତ୍
।” 13 “ସାକୁଲ୍ ଦୁଆର୍ ଅୟ୍ ବିତ୍ରେ ହୁରା; କାୟ୍‌ତାକ୍‌ବଃଲେକ୍
ନାସ୍ କଃରୁକେ ନେତା ନଃର୍କାର୍ ଦୁଆର୍ ଅଃସାର୍ ଆର୍ ବାଟ
ବଃଡ୍, ଆରେକ୍ ସେ ଦୁଆର୍ ଦଃୟ୍ ହୁର୍ତା ଲକ୍ ଗାଦେକ୍ । 14
ଆର୍ ଅଃମ୍ରିର୍ ଜିବନ୍ ବାଟ୍‌କେ ନେତା ଦୁଆର୍ ସାକୁଲ୍ ଆର୍
ବାଟ କଃସ୍ଟ, ଆରେକ୍ ସେରି ବେଟ୍ ହାଉତା ଲକ୍ ଉଣା ।”
15 “ବାମାଉତା ମିଚ୍ ବାବ୍‌ବାଦିମଃନାର୍ ତଃୟ୍‌ହୁଣି ଜଃଗ୍ରାତ୍
ଅୟ୍‌ରିଆ; ସେମଃନ୍ ମେଣ୍ଢା ବେସ୍ ଦଃରି ତୁମାର୍ ଚଃମେ ଆସ୍ତି,
ମଃତର୍ ସେମଃନ୍ ମଃନ୍ ବିତ୍ରେ ଗଟେକ୍ ଗଟେକ୍ ଗଃଦବାଗ୍
ହର୍ । 16 ସେମଃନାର୍ କାମ୍ ଦଃକି ତୁମି ସେମଃନ୍‌କେ ଚିନୁ
ହାରାସ୍ । କାଟାବୁଟାୟ୍ ଅଙ୍ଗୁର୍ ଜୁବ୍‌ଲା ନଃହେଲେ କି କାଟାକଲି
ଗଃଚେହୁଣି ଡୁମ୍ବୁର୍ ହଃଲ୍ ନଃହେଲେ । 17 ସେବାନ୍ୟା ସଃବୁ ନିକ
ଗଃଚେ ନିକ ହଃଲ୍ ହଃଲେଦ୍, ମଃତର୍ କଃରାବ୍ ଗଃଚେ କଃରାବ୍
ହଃଲ୍ ହଃଲେଦ୍ । 18 ନିକ ଗଃଚେ କଃରାବ୍ ହଃଲ୍ ନଃହେଲେ,
କି କଃରାବ୍ ଗଃଚେ ନିକ ହଃଲ୍ ନଃହେଲେ । 19 ଜୁୟ୍ ଗଃଚେ
ନିକ ହଃଲ୍ ନଃହେଲେ, ସେ ଗଃଚ୍‌କେ କାଟି ଜୟେ ହଃକା ଅୟ୍‌ଦ୍
। 20 ବଃଲେକ୍ ସେରଃକମ୍ ବାମାଉତା ବାବ୍‌ବାଦିମଃନାର୍ କାମ୍
ଦଃକି ସେମଃନ୍‌କେ ତୁମି ଚିନୁ ହାରାସ୍ ।” 21 “ଜୁୟ୍ ଲକ୍‌ମଃନ୍
ମକ୍ ‘ମାପ୍ରୁ, ମାପ୍ରୁ’ ବଃଲି କଃଉତି, ସେମଃନ୍ ବିତ୍ରେ ସଃବୁଲକ୍
ସଃର୍ଗ୍ ରାଇଜେ ଜଃଉଁ ନଃହାର୍‌ତି, ମଃତର୍ ଜୁୟ୍ ଲକ୍‌ମଃନ୍
ମର୍ ସଃର୍ଗାର୍ ଉବାର୍ ଇଚା ହୁରୁଣ୍ କଃର୍ତି, ସେମଃନ୍ ହଃକା
ସଃର୍ଗ୍ ରାଇଜେ ଜଃଉଁକେ ହାର୍ତି । 22 ସେ ଇସ୍ୱରାର୍ ବିଚାର୍ ଦିନ୍
ଗାଦେକ୍ ଲକ୍ ମକ୍ କଃଉତି, ‘ଏ ମାପ୍ରୁ, ଏ ମାପ୍ରୁ, ଅଃମିମଃନ୍
କାୟ୍ ତର୍ ନାଉଁଏ ଇସ୍ୱରାର୍ ବାବ୍‌ବାଣି କୟ୍‌ନଃରିଲୁ? ଆରେକ୍
ତର୍ ନାଉଁଏ କାୟ୍ ବୁତ୍‌ମଃନ୍‌କେ ଚାଡାୟ୍ ନଃରିଲୁ? ଆର୍ ତର୍
ନାଉଁଏ କାୟ୍ ଅଃମିମଃନ୍ ଗାଦେକ୍ କାବାଅଃଉତା କାମ୍ କଃରି
ନଃରିଲୁ?’ 23 ସଃଡେବଃଲ୍ ମୁଁୟ୍ ସେମଃନ୍‌କେ କୟ୍‌ନ୍ଧ, ‘ମୁଁୟ୍
ତୁମିମଃନ୍‌କେ ନଃଜାଣି । ଏ ଅଃଦଃର୍ମିମଃନ୍, ମର୍ ଲଃଗେହୁଣି
ଦୁର୍ ଅଃଉଆ ।’” 24 “ତଃବେ ଜୁୟ୍‌ଲକ୍ ମର୍ ଇ ସଃବୁ କଃତା
ସୁଣେଦ୍ ଆର୍ ମାନେଦ୍, ସେ ଟେଳା ଉହ୍ରେ ଗଃର୍ ବାନ୍ଧଲା
ବୁଦିଆ ଲକ୍ ହର୍ ଅୟ୍‌ଦ୍ । 25 ବଃର୍ସା ଅୟ୍‌ଲି, ହୁର୍ ଆୟ୍‌ଲି,
ବାଉବଃତାସ୍ ଆୟ୍‌ଲି ଆର୍ ସେ ଗଃର୍‌କେ ଦଃକା ମାର୍‌ଲି ।
ମଃତର୍ ସେ ଗଃର୍ ନଃବେସୁଲ୍‌ଲି, କାୟ୍‌ତାକ୍‌ବଃଲେକ୍ ସେରି
ଚଃଟ୍ରା ଉହ୍ରେ କୁନାଦି ଅୟ୍‌ରିଲି ।” 26 “ଆର୍ ଜୁୟ୍‌ଲକ୍ ମର୍ ଇ
ସଃବୁ କଃତା ସୁଣି ନଃମାନେ, ସେ ବାଲି ଉହ୍ରେ ଗଃର୍ ବାନ୍ଧଲା
ନିର୍ବୁଦିଆ ଲକ୍ ହର୍ ଅୟ୍‌ଦ୍ । 27 ବଃଡ୍ ବଃର୍ସା ଅୟ୍‌ଲି, ହୁର୍
ଆୟ୍‌ଲି, ବାଉବଃତାସ୍ ଆୟ୍‌ଲି ଆର୍ ସେ ଗଃର୍‌କେ ଦଃକ୍ୟା
ମାର୍‌ଲି, ଆର୍ ସେ ଗଃର୍ ବାଙ୍ଗି ଅଦ୍ରିଗଃଲି । ଆରେକ୍ ତାର୍ ଦଃସା
ବଃଡେ ବୟ୍‌ଙ୍କାର୍ ଅୟ୍‌ଲି ।” 28 ଜିସୁ ଇ ସଃବୁ କଃତା କୟ୍
ସଃର୍ଲା ହଃଚେ, ଲକ୍‌ମଃନ୍ ତାର୍ ସିକ୍ୟା ସୁଣି କାବା ଅୟ୍‌ଲାୟ୍
। 29 କାୟ୍‌ତାକ୍‌ବଃଲେକ୍ ସେ ସେମଃନାର୍ ଗୁରୁମଃନାର୍ ହର୍
ସିକ୍ୟା ନଃଦେୟ୍, ଅଃଦିକାର୍ ହାୟ୍‌ଲା ଲକାର୍ ହର୍ ସେମଃନ୍‌କେ
ସିକ୍ୟା ଦେତିରିଲା ।

**8** ଜିସୁ ହଃର୍ବାତେ ହୁଣି ଉତ୍ରି ଆୟ୍‌ଲାକ୍, ଗାଦେକ୍ ଲକ୍ ତାର୍
ହଃଚେ ହଃଚେ ଗଃଲାୟ୍ । 2 ଆର୍ ଗଟେକ୍ ବଃଡ୍ ରଗି
ତାର୍ ତଃୟ୍ ଆସି ଜୁଆର୍ କଃରି କୟ୍‌ଲା, “ଏ ମାପ୍ରୁ, ତୁୟ୍ ଜଦି
ମଃନ୍ କଃଲେକ୍ ମକ୍ ଉଜ୍ କଃରୁ ହାର୍ସି ।” 3 ସେତାକ୍ ଜିସୁ ଆତ୍
ଲାମାୟ୍ ତାକ୍ ଚୁୟ୍‌କଃରି କୟ୍‌ଲା, “ମୁଁୟ୍ ମଃନ୍ କଃରୁଲେ, ତୁୟ୍
ଉଜ୍ ଅଃଉ ।” ସେଦାହ୍ରେ ତାର୍ ବଃଡ୍ ରଗେହୁଣି ଉଜ୍ ଅୟ୍‌ଲା ।
4 ଆର୍ ଜିସୁ ତାକ୍ କୟ୍‌ଲା, “ଦୁକ୍, ଇ କଃତା କାକେ କଃଉନାୟ୍,
ମଃତର୍, ଜାଜକ୍ ଲଃଗେ ଦଃକାୟ୍ ଅଃଉ, ଆରେକ୍ ମସା ଜୁୟ୍
ବେଟି ଦେଉଁକେ ଆଦେସ୍ ଦିଲା ଆଚେ, ସେରି ସେମଃନାର୍
ଚଃମେ ତୁୟ୍ ଉଜ୍ ଅୟ୍ ଆଚ୍‌ସି ବଃଲି ସାକି ଦେଉଁକେ ଦାନ୍
ଦେସ୍ ।” 5 ଜିସୁ କପୁର୍ନାହୁମ୍ ଗଃଳେ ଆୟ୍‌ଲାକ୍, ଗଟେକ୍ ସଏ
ସଃଇନାର୍ ଅଃଦିକାରି ତାର୍ ଚଃମେ ଆସି ଗଃଉଆରି କଃରି
କୟ୍‌ଲା, 6 “ଏ ମାପ୍ରୁ, ମର୍ ଦଃଙ୍ଗ୍‌ଲା ଏକ୍‌ଅଃଙ୍ଗି ରଗେ ହଃଳିକଃରି
ବଃଡେ କଃସ୍ଟ ହାୟ୍ ଗଃରେ ଟାଟାୟ୍ ସଇଆଚେ ।” 7 ଜିସୁ ତାକ୍
କୟ୍‌ଲା, “ମୁଁୟ୍ ଜାୟ୍ ତାକ୍ ଉଜ୍ କଃରିନ୍ଧ ।” 8 ମଃତର୍ ସେ
ମୁଳିକା ସଃଇନ୍ ଉତ୍ତୁର୍ ଦିଲା, “ମାପ୍ରୁ, ତୁୟ୍ ଜେ ମର୍ ଗଃରେ
ହାଦ୍ ହଃକାଉସି ମୁଁୟ୍ ଅଃନ୍‌କା ଜୟ୍‌ଗ୍ ନାୟ୍, ମଃତର୍ ତୁୟ୍
ହଃଦେକ୍ କଃଉ, ମର୍ ଦଃଙ୍ଗ୍‌ଲା ଉଜ୍ ଅୟ୍‌ଦ୍ । 9 ବଃଲେକ୍
ମୁଁୟ୍ ମର୍ ଉହ୍ରାର୍ ଅଃଦିକାରି ତଃଳେ ରେତା ଲକ୍ ଅୟ୍‌ଲେକ୍
ହେଁ ମର୍ ତଃଳେ ସଃଇନ୍‌ମଃନ୍ ଆଚ୍‌ତି; ମୁଁୟ୍ ଗଟ୍ ଲକ୍‌କେ,
‘ଜାଆ!’ ବଃଲେକ୍ ସେ ଜାୟ୍‌ଦ୍, ଆରେକ୍ ଗଟ୍‌ଲକ୍‌କେ, ‘ଆଉ!’
ବଃଲେକ୍ ସେ ଆସେଦ୍; ଆର୍ ମର୍ ଗତିଦଃଙ୍ଗ୍‌ଲାକ୍, ଇରି କଃର୍!
ବଃଲେକ୍ ସେ କଃରେଦ୍ ।” 10 ଜିସୁ ଇରି ସୁଣି କାବା ଅୟ୍
ହଃଚ୍ ବାଟ ଆସ୍ତା ଲକ୍‌କେ କୟ୍‌ଲା, “ମୁଁୟ୍ ତୁମିମଃନ୍‌କେ ସଃତ୍

କଃଉଁଲେ, ଇସ୍ରାଏଲ୍ ବିତ୍ରେ ଅଃଡେକ୍ ବଃଡ୍ ବିସ୍ୱାସ୍ ନଃହାୟ୍ଁ ।
11 ମଃତର୍ ମୁଁୟ୍ ତୁମିମଃନ୍‌କେ କଃଉଁଲେ, ଗାଦେକ୍ ଲକ୍ ଉଦ୍‌ତି
ଆର୍ ବୁଡ୍‌ତି ବାଟ୍‌ହୁଣି ଆସି ଅବ୍ରାହାମ୍, ଇସାକ୍ ଆର୍ ଜାକୁବକ୍
ସଃଙ୍ଗ୍ ସଃର୍ଗ୍ ରାଇଜେ ବଜି କାଉଁକେ ବଃସ୍ତି । 12 ମଃତର୍
ଜୁୟ୍ ଲକ୍‌ମଃନ୍ ସେ ରାଇଜେ ରେତା କଃତା, ସେମଃନ୍‌କେ
ହଃଦାୟ୍ ଅଃନ୍ଦାରେ ହଃକାଅୟଃଦ୍, ସେତି କାନ୍ଦତି ଆର୍ ଦାତ୍
ଚାବି ଅଃଉତି ।" 13 ଆର୍ ଜିସୁ ସଃଇନ୍ ଅଃଦିକାରିକ୍ କୟ୍‌ଲା,
"ଜାଆ, ତୁୟ୍ ଜଃନ୍‌କଃରି ବିସ୍ୱାସ୍ କଃରି ଆଚ୍‌ସି, ତର୍ ଉହ୍ରେ
ସେନ୍ ଅଃଉଅ ।" ସେଦାହ୍ରେ ସେ ଦଃଙ୍ଗ୍‌ଲା ଉଜ୍ ଅୟ୍‌ଲା । 14
ହଃଚେ ଜିସୁ ପିତର୍ ଗଃରେ ଆସି, ପିତରାର୍ ସଃତୁର୍ସି ଜଃରାର୍
ଗିନେ ଟାଟାୟ୍ ସଇରିଲାର୍ ଦଃକ୍‌ଲା; 15 ସେତାକ୍ ଜିସୁ ତାର୍
ଆତେ ଚୁୟ୍‌ଲାକ୍ ତାର୍ ଜଃର୍ ଚାଡ୍‌ଲି, ଆର୍ ସେ ଉଟି ତାର୍ ସେବା
କଃରୁକେ ଦଃର୍ଲି । 16 ସଃଞ୍ଜ୍ ଅୟ୍‌ଲାକ୍ ଲକ୍‌ମଃନ୍ ଗାଦାଗଟ୍
ବୁତ୍ ଡଃସ୍‌ଲାର୍ ଲକ୍‌ମଃନ୍‌କେ ଜିସୁର୍ ହାକ୍ ଆଣ୍‌ଲାୟ୍, ସେତାକ୍
ସେ ଗଟେକ୍ କଃତାୟ୍ ସେମଃନାର୍ ବୁତ୍ ଚାଡାୟ୍‌ଲା, ଆର୍
ସଃବୁ ମଃଲୁହଃଲ୍‌ଲା ଲକ୍‌କେ ଉଜ୍ କଃଲା । 17 ଇରଃକମ୍ ସେ
ଜିସାୟ୍ ବାବ୍‌ବାଦି କୟ୍‌ରିଲା କଃତା ହୁରୁଣ୍ କଃଲା, "ସେ ନିଜେ
ଅଃମିମଃନାର୍ ନିଗାଲ୍ ସଃବୁ ନିଲା ଆର୍ ବ୍ୟାଦି ସଃବୁ ବୟ୍‌ଲା
।" 18 ଜିସୁ ଅଃହ୍‌ଣାର୍ ଚାରିହାକାର୍ ଲକ୍‌ମଃନ୍‌କେ ଦଃକି ତାର୍
ଚେଲାମଃନ୍‌କେ ସଃମ୍‌ନ୍ଦାର୍ ସେହାଟିକ୍ ଜଃଉଁକେ କୟ୍‌ଲା । 19
ଆରେକ୍ ଗଟେକ୍ ସାସ୍ତ୍ରି ତାର୍ ଚଃମେ ଆସି କୟ୍‌ଲା, "ଏ ଗୁରୁ,
ତୁୟ୍ ଜୁୟ୍‌ତି ଗଃଲେକ୍ ହେଁ, ମୁଁୟ୍ ତର୍ ହଃଚେ ହଃଚେ ଆସିନ୍ଦ ।"
20 ସେତାକ୍ ଜିସୁ ତାକ୍ କୟ୍‌ଲା, "କଲ୍ୟାର୍ ହାର୍ ଆଚେ, ଅଃଗାସ୍
ଉହ୍ରାର୍ ଚେଳେମଃନାର୍ ବାସା ଆଚେ, ମଃତର୍ ନଃରାର୍ ହୟ୍‌ସିର୍
ମୁଣ୍ଡ ଗୁଞ୍ଜୁକେ ଟାଣ୍ ନାୟ୍ ।" 21 ଆରେକ୍ ଚେଲାମଃନାର୍ ବିତ୍ରେ
ଆରେକ୍ ଏକ୍ଲା କୟ୍‌ଲା, "ଏ ମାପ୍ରୁ, ହଃର୍ତୁ ଜାୟ୍ ମର୍ ଉବାକ୍
ବେଟି ହଃକାଉଁକ୍ ମକ୍ ଚାଡି ଦେ ।" 22 ମଃତର୍ ଜିସୁ ତାକ୍
କୟ୍‌ଲା, "ମର୍ ହଃଚେ ହଃଚେ ଆଉ, ମଃଲା ଲକ୍‌କେ ଅଃହ୍‌ଣା
ଅଃହ୍‌ଣାର୍ ମଃଲା ଲକ୍‌ମଃନ୍‌କେ ବେଟି ହଃକାଉଁକ୍ ଚାଡି ଦେସ୍
।" 23 ଜିସୁ ଡଙ୍ଗାୟ୍ ଚଃଗ୍‌ଲାକେ, ତାର୍ ଚେଲାମଃନ୍ ତାର୍
ହଃଚେ ହଃଚେ ଜଃଉଁକେ ଦଃର୍ଲାୟ୍ । 24 ଆର୍ ତଃଡ୍‌କାଣ୍
ସଃମ୍‌ନ୍ଦେ ଅଃପର୍‌ବଲ୍ ବାଉବଃତାସ୍ ଅୟ୍‌ଲି, ଆର୍ ଉଲାଳେ
ଡଙ୍ଗା ବୁଡୁକ୍ ଦଃର୍ଲି, ମଃତର୍ ଜିସୁ ସୟ୍‌ରିଲା । 25 ଆର୍ ସେମଃନ୍
ଜିସୁର୍ ଲଃଗେ ଆସି ତାକ୍ ଉଟାୟ୍ କଃରି କୟ୍‌ଲାୟ୍, "ଏ ମାପ୍ରୁ,
ବଚାଉ, ନୟ୍‌ଲେକ୍ ଅଃମି ବୁଡି ମଃରୁନ୍ଦ ।" 26 ଜିସୁ ସେମଃନ୍‌କେ
କୟ୍‌ଲା, "ଏ ଅଃଳକ୍ ବିସ୍ୱାସିମଃନ୍, ତୁମିମଃନ୍ କାୟ୍‌କଃରୁକ୍
ଅଃତେକ୍ ଡିରୁଲାସ୍?" ସଃଡେବଃଲ୍ ଜିସୁ ଉଟି ସଃମ୍‌ନ୍ଦ ଆର୍
ବାଉକେ ତିର୍ ଅଃଉଁକେ ଆଡର୍ ଦିଲା, ଆର୍ ସଃବୁ ତିର୍ ଅୟ୍‌ଲି
। 27 ସେତାକ୍ ଲକ୍‌ମଃନ୍ କାବା ଅୟ୍ କୟ୍‌ଲାୟ୍, "ଏ କଃନ୍‌କା
ଲକ୍, ବାଉ ଆର୍ ସଃମ୍‌ନ୍ଦ ହେଁ ତାର୍ କଃତା ମାନୁଲାୟ୍ ।" 28
ହଃଚେ ସେହାଟି ଗଦରିୟମଃନାର୍ ହଲିକେ ଜିସୁ ହଚ୍‌ଲାକ୍, ବୁତ୍
ଡଃସ୍‌ଲାର୍ ଦୁୟ୍ ଲକ୍ ମଃସୁଣ୍ କାଲେ ହୁଣି ବାରାୟ୍ ତାକେ ବେଟ୍
ଅୟଃଲାୟ୍ । ସେମଃନ୍ ଅଃନାୟ୍ ସଃକ୍ତି ରିଲାୟ୍ ଜେ, ସେ ବାଟ୍
ଦଃୟ୍ କେହେଁ ଜାଆ ଆସ୍ କଃରୁ ନଃହାର୍ତି ରିଲାୟ୍ । 29 ଆର୍
ସେଦାହ୍ରେ ସେମଃନ୍ ବେଲ୍‌କି ଅୟ୍‌କଃରି କୟ୍‌ଲାୟ୍, "ଏ ଇସ୍ୱରାର୍
ହୟ୍‌ସି, ତର୍ ସଃଙ୍ଗ୍ ଅଃମାର୍ କାୟ୍‌ରି ଆଚେ? ବେଳା ନଃଉତ୍
ତୁୟ୍ କି ଅଃମିମଃନ୍‌କେ ଡଃଣ୍ଡ ଦେଉଁକେ ଇତି ଆୟ୍‌ଲିସ୍?"
30 ଆର୍ ସେମଃନାର୍ ତଃୟ୍‌ହୁଣି ଦୁରିକେ ଗଟ୍ ଗୁସ୍ରା ମଃନ୍ଦା
ଚଃର୍ତିରିଲାୟ୍ । 31 ସେତାକ୍ ବୁତ୍‌ମଃନ୍ ଜିସୁକେ ଗଃଉଆରି
କଃରି କଃଉଁକେ ଦଃର୍ଲାୟ୍, "ତୁୟ୍ ଜଦି ଅଃମିମଃନ୍‌କ୍ ଚାଡାଉସି,
ତଃବେ ଗୁସ୍ରା ମଃନ୍ଦାର୍ ବିତ୍ରେ ହଃଟାଉ ।" 32 ଜିସୁ ସେମଃନ୍‌କେ
କୟ୍‌ଲା, "ଜାହା ।" ସେତାକ୍ ସେମଃନ୍ ବାରାୟ୍ ଗୁସ୍ରାମଃନାର୍
ବିତ୍ରେ ହୁର୍ଲାୟ୍, ଆର୍ ଗୁସ୍ରା ମଃନ୍ଦା ସଃବୁ ରସେ ଦଃବ୍‌ଳି ଜାୟ୍
ସଃମଃନ୍ଦ କଃଣ୍ଡାୟ୍ ହୁଣି ଆସି ସଃମଃନ୍ଦ ବିତ୍ରେ ଅଦ୍ରି ବୁଡି ମଃଲାୟ୍
। 33 ଆରେକ୍ ଚଃରାଉତା ଲକ୍‌ମଃନ୍ ହଃଳାୟ୍ ଗଃଳାୟ୍ ଆର୍
ଗଃଲ୍ ବିତ୍ରେ ଜାୟ୍ ସଃବୁ କଃତା ଆର୍ ବୁତ୍ ଡଃସ୍‌ଲାର୍ ଲକ୍‌କେ
ଜାୟ୍ ଜାୟ୍‌ରି ଗଃଟିରିଲି ସେରିମଃନ୍ ଜାଣାୟ୍‌ଲାୟ୍ । 34 ଆର୍
ଗଃଲ୍ ବିତ୍ରାର୍ ସଃବୁ ଲକ୍ ଜିସୁକେ ବେଟ୍ ଅଃଉଁକେ ବାରାୟ୍
ଆୟ୍‌ଲାୟ୍, ଆର୍ ତାକ୍ ଦଃକି ସେମଃନାର୍ ସଃନ୍ଦାୟ୍ ହୁଣି ବାରାୟ୍
ଜଃଉଁକେ ଗଃଉଆରି କଃଲାୟ୍ ।

**9** ଜିସୁ ଡଙ୍ଗାୟ୍ ବଃଗି ସଃମଃନ୍ଦ ଲିଙ୍ଗି ନିଜାର୍ ଗଃଳେ ଆୟ୍‌ଲା
। 2 ଆର୍ ଲକ୍‌ମଃନ୍ ମଃଲୁହଃଲ୍‌ଲା ଗଟେକ୍ ଏକ୍‌ଅଃଙ୍ଗି
ରଗିକ୍ କଃଟ୍ ତଃୟ୍ ବୟ୍‌କଃରି ତାର୍ ଚଃମେ ଆଣ୍‌ଲାୟ୍, ଆର୍
ଜିସୁ ସେମଃନାର୍ ବିସ୍ୱାସ୍ ଦଃକି ସେ ଏକ୍‌ଅଃଙ୍ଗି ରଗିକ୍ କୟ୍‌ଲା,
"ହଅରେ, ସାସ୍ ଦଃର୍, ତର୍ ହାହ୍ କେମା କଃରା ଅୟ୍‌ଲି ।" 3
ଆର୍ ହଃଣ୍ଡିତ୍‌ମଃନାର୍ ବିତ୍ରେ କେ କେମଃନ୍ ତାକାର୍ ତାକାର୍
ବିତ୍ରେ କଃଉଆକଇ ଅଃଉତି ରିଲାୟ୍, "ଇ ଲକ୍ ଇସ୍ୱର୍ ଲିନ୍ଦା
କଃରୁଲା ।" 4 ଜିସୁ ସେମଃନାର୍ ମଃନ୍ ବିତ୍ରାର୍ ବାବ୍‌ନା ଜାଣି
କୟ୍‌ଲା, "ତୁମିମଃନ୍ ନିଜାର୍ ନିଜାର୍ ମଃନ୍ ବିତ୍ରେ କାୟ୍‌କଃରୁକ୍
କଃରାବ୍ ଚିତା କଃରୁଲାସ୍? 5 ବଃଲେକ୍ କାୟ୍‌ରି ଉହାସ୍? 'ତର୍
ହାହ୍ କେମା କଃରା ଅୟ୍‌ଲି,' ବଃଲି କଃଉତାର୍, କି, 'ଉଟ୍, ଇଣ୍ଡ୍,'
ବଃଲି କଃଉତାର୍? 6 ମଃତର୍ ହୁର୍ତିଏ ହାହ୍ କେମା କଃରୁକେ
ନଃରାର୍ ହୟ୍‌ସିର୍ ଜେ ଅଃଦିକାର୍ ଆଚେ;" ଇରି ଜଃନ୍‌କଃରି
ତୁମିମଃନ୍ ଜାଣୁ ହାରାସ୍, ଇତାର୍ ଗିନେ ଜିସୁ ଏକ୍‌ଅଃଙ୍ଗି ରଗିକ୍
କୟ୍‌ଲା, "ଉଟ୍, ତର୍ କଃଟ୍ ଦଃରି ନିଜାର୍ ଗଃରେ ଜାଆ ।" 7
ସେତାକ୍ ସେ ରଗି ଉଟି ତାର୍ ଗଃରେ ଗଃଲା । 8 ସେରି ଦଃକି
ଲକ୍‌ମଃନ୍ ଡିରି ଗଃଳାୟ୍, ଆର୍ ଜୁୟ୍ ଇସ୍ୱର୍ ମାନାୟ୍‌ମଃନ୍‌କେ
ଇରଃକମ୍ ଅଃଦିକାର୍ ଦଃୟ୍ ଆଚେ, ତାର୍ ଜଃଜ୍‌ମାନ୍ କଃଲାୟ୍ ।
9 ଜିସୁ ସେତିହୁଣି ଜଃଉଁ ଜଃଉଁ ମାତିଉ ନାଉଁଆର୍ ଗଟ୍ ମାନାୟ୍‌କେ
ସିସ୍ଟ ବାନ୍ଦତା ଟାଣେ ବଃସି ରିଲାର୍ ଦଃକି ତାକେ କୟ୍‌ଲା, "ମର୍
ସଃଙ୍ଗ୍ ଆଉ ।" ସେତାକ୍ ସେ ଉଟି ଜିସୁର୍ ସଃଙ୍ଗ୍ ଗଃଲା । 10 ଆର୍
ଜିସୁ ମାତିଉର୍ ଗଃର୍ ବିତ୍ରେ କାଉଁକେ ବଃସ୍‌ଲା ବଃଲ୍, ଗାଦେକ୍

ରିବ୍ନି ଆର୍ ହାହିମଃନ୍ ଆସି ତାର୍ ଚେଲାମଃନାର୍ ସଃଙ୍ଗ
ବଃସ୍ଲାୟ୍ । 11 ପାରୁସିମଃନ୍ ସେରି ଦଃକି ତାର୍ ଚେଲାମଃନ୍କେ
କଃଉଁକେ ଦଃର୍ଲାୟ୍, "ତୁମିମଃନାର୍ ଗୁରୁ କାୟ୍କଃରୁକ୍ ରିବ୍ନି
ଆର୍ ହାହିମଃନାର୍ ସଃଙ୍ଗ କାଉଁଲା?" 12 ମଃତର୍ ଜିସୁ ସେରି ସୁଣି
କୟ୍ଲା, "ଉଜ୍ ଲକାର୍ ଗିନେ ବୟ୍ଦ୍କାରି ଲଳା ନାୟ୍, ମଃତର୍
ମଃଲୁ ହଃଲ୍ଲା ଲକାର୍ ଗିନେ ଲଳା ଆଚେ । 13 'ଅଃମି ହୁଜା
ମଃନ୍ ନଃକେରୁ, ମଃତର୍ ଦଃୟା ମଃନ୍ କଃରୁନ୍ଦୁ,' ଇ କଃତାର୍
ଅଃର୍ତ୍ ତୁମିମଃନ୍ ଜାୟ୍ ସିକା, ବଃଲେକ୍ ମୁଁୟ୍ ଦଃର୍ମିମଃନ୍କେ
କୁଦୁକେ ନାସି, ମଃତର୍ ହାହିମଃନ୍କେ କୁଦୁକେ ଆସି ଆଚି
।" 14 ସଃଡେବଃଲ୍ ଜହନାର୍ ଚେଲାମଃନ୍ ଜହନ୍ ତଃୟ୍ହୁଣି
ଜିସୁର୍ ତଃୟ୍ ଆସି କୟ୍ଲାୟ୍, "ଅଃମିମଃନ୍ ଆର୍ ପାରୁସିମଃନ୍
ଉହାସ୍ କଃରୁଲୁ, ମଃତର୍ ତର୍ ଚେଲାମଃନ୍ କାୟ୍ତାକ୍ ଉହାସ୍
ନଃକେର୍ତି?" 15 ଜିସୁ ସେମଃନ୍କେ କୟ୍ଲା, "ବଃର ଜଃଡେବଃଲ୍
ହଃତେକ୍ ବଃର ଗଚ୍ୟାମଃନାର୍ ସଃଙ୍ଗ ବିବାଗଃରେ ରଃୟ୍ଦ୍,
ସଃଡେବଃଲ୍ ହଃତେକ୍ ସେମଃନ୍ କାୟ୍ ଦୁକ୍ କଃର୍ତି, ମଃତର୍
ବେଳା ଆସେଦ୍ ଜଃଡେବଃଲ୍ ସେମଃନାର୍ ତଃୟ୍ହୁଣି ବଃରକେ
କାଡି ନିଆ ଅୟ୍ଦ୍, ସଃଡେବଃଲ୍ ସେମଃନ୍ ଉହାସ୍ କଃର୍ତି ।"
16 "କେହେଁ ନଃଉଆଁ ହଃଚ୍ୟାର୍ ହାଟ୍ଲି କଃଣ୍ଟେକ୍ ଚିରି ହର୍ନା
ହଃଚ୍ୟାୟ୍ ନଃଡେସାୟ୍, ବଃଲେକ୍ ସେ ହାଟ୍ଲି ହଃଚ୍ୟାର୍ ବଃଡ୍
କଃଣ୍ଡ ଚିଡାୟ୍ ନଃୟ୍ଦ୍ ଆର୍ ଆରେକ୍ ଅଃଦିକ୍ ବଃଡ୍ କାଣା
କଃରେଦ୍ । 17 ଆର୍ ଲକ୍ମଃନ୍ ନଃଉଆଁ ଅଙ୍ଗୁର୍ ରଃସ୍ ହର୍ନା
ଚାମ୍ ମଣାୟ୍ ନଃସେଙ୍ଗାଉତି, ସଃଙ୍ଗାୟ୍ଲେକ୍ ଚାମ୍ ମଣା ହାଟେଦ୍
। ଆର୍ ଅଙ୍ଗୁର୍ ରଃସ୍ ହର୍ଦ୍ ଅୟ୍ଦ୍, ଆର୍ ଚାମ୍ ମଣା ନଃସ୍ଟ ଅୟ୍ଦ୍;
ମଃତର୍ ଲକ୍ମଃନ୍ ନଃଉଆଁ ଅଙ୍ଗୁର୍ ରଃସ୍ ନଃଉଆଁ ଚାମ୍ ମଣାୟ୍
ସଃଙ୍ଗାଉତି ଆର୍ ଚାମ୍ ମଣା ଆର୍ ଅଙ୍ଗୁର୍ ରଃସ୍ ହେଁ ନଃସ୍ଟ ନୟ୍
।" 18 ଜିସୁ ସେମଃନ୍କେ ଇ କଃତାମଃନ୍ କଃଉତା ବଃଲ୍, ଗଟ୍
ଜିଉଦି ମୁଳିକା ଜିସୁର୍ ଚଃମେ ଆସି ଜୁଆର୍ କଃରି କୟ୍ଲା,
"ମର୍ ଜି ଅଃବେ ସେ ମଃଲି, ମଃତର୍ ତୁୟ୍ ଆସି ତାର୍ ଉହ୍ରେ
ଆତ୍ ସଃଙ୍ଗାୟ୍ଲେକ୍ ସେ ବଚେଦ୍ ।" 19 ସେତାକ୍ ଜିସୁ ଉଟି
ଅଃହ୍ଣାର୍ ଚେଲାମଃନାର୍ ସଃଙ୍ଗ ତାର୍ ହଃଚେ ହଃଚେ ଗଃଲାୟ୍
। 20 ଆର୍ ବାର ବଃର୍ସ୍ ହଃତେକ୍ ଗଃଗାଲ୍ଜାତା ରଗ୍ ଅୟ୍ରିଲା
ଗଟ୍ ମାୟ୍ଜି ଜିସୁର୍ ହଃଚ୍ବାଟ୍ୟା ଆସି ତାର୍ ହଃଚ୍ୟାର୍ ଆଚଲ୍
ଚୁୟ୍ଲି । 21 ବଃଲେକ୍ ସେ ମଃନେ ମଃନେ କଃଉତି ରିଲି, "ତାର୍
ହଃଚ୍ୟାର୍ ଆଚଲ୍ ଚୁୟ୍ଲେକ୍ ମୁଁୟ୍ ଉଜ୍ ଅୟ୍ନ୍ଦ ।" 22 ମଃତର୍
ଜିସୁ ହଃଚ୍ବାଟ୍ ଉଲ୍ଟି କଃରି ତାକ୍ ଦଃକି କୟ୍ଲା, "ଏ ନୁନି,
ସାସ୍ ଦଃର୍, ତର୍ ବିସ୍ୱାସ୍ ତକେ ନିକ କଃଲି ।" ତଃତ୍କାଣ୍ ସେ
ମାୟ୍ଜି ଉଜ୍ ଅୟ୍ଲି । 23 ହଃଚେ ଜିସୁ ସେ ଜିଉଦି ମୁଳିକାର୍
ଗଃରେ ଆସି ସୁର୍ଲି ହୁକ୍ତା ଲକ୍ମଃନ୍କେ ଆର୍ ଆଉଲି କାନ୍ଦତା
ଲକ୍ମଃନ୍କେ ଦଃକି କୟ୍ଲା, "ହଃଦାୟ୍ ବାରାଉଆ । 24 ଇ ଟକି
ନଃମେରେ, ମଃତର୍ ସଇ ଆଚେ ।" ସେତାକ୍ ସେମଃନ୍ ତାକ୍
ଗେଙ୍ଗାୟ୍କଃରି କଃଉଁକେ ଦଃର୍ଲାୟ୍ । 25 ମଃତର୍ ଲକ୍ମଃନ୍
ହଃଦାୟ୍ ବାରାୟ୍ଲାକେ ସେ ବିତ୍ରେ ଜାୟ୍ ସେ ଟକିର୍ ଆତେ
ଦଃରି ଉଟାୟ୍ଲାକ୍, ସେ ଉଟ୍ଲି ଆର୍ ଟିଅୟ୍ଲି । 26 ଆରେକ୍
ଇ କଃତା ଦେସ୍ ଜାକ ଉର୍ଜି ଅୟ୍ଲି । 27 ଜିସୁ ସେତିହୁଣି ଜାତା
ବଃଲ୍ ଜଳେକ୍ କାଣା ହଃଚେ ହଃଚେ ଜାୟ୍ ଆଉଲି ଅୟ୍ କାଉଁକେ
ଦଃର୍ଲାୟ୍, "ଏ ଦାଉଦାର୍ ହୟ୍ସି! ଅଃମିମଃନ୍କେ ଦଃୟା କଃର୍
।" 28 ଆରେକ୍ ସେ ଗଃରେ ହୁର୍ଲାକେ ସେ କାଣା ମାନାୟ୍ମଃନ୍
ତାର୍ ଚଃମେ ଆୟ୍ଲାୟ୍, ଜିସୁ ସେମଃନ୍କେ କୟ୍ଲା, "ମୁଁୟ୍ ଜେ
ଇରି କଃରୁ ହାରିନ୍ଦ ସେରି କାୟ୍ ବିସ୍ୱାସ୍ କଃରୁଲାସ୍?" ସେମଃନ୍
କୟ୍ଲାୟ୍, "ହେଁ ମାପ୍ରୁ ।" 29 ସେତାକ୍ ଜିସୁ ସେମଃନାର୍
ଆକାୟ୍ ଚୁୟ୍କଃରି କୟ୍ଲା, "ତୁମିମଃନାର୍ ବିସ୍ୱାସ୍ ହର୍କାରେ
ତୁମିମଃନ୍କେ ଅଃଉଅ ।" 30 ତଃବେ ସେମଃନାର୍ ଆକି ଡିସ୍ଲି ।
ଆରେକ୍ ଜିସୁ ସେମଃନ୍କେ ଜଃଗ୍ରାତ୍ କଃରାୟ୍ କୟ୍ଲା, "ଇ
କଃତା, କେ ଜଃନ୍କଃରି ନଃଜାଣତ୍ ।" 31 ମଃତର୍ ସେମଃନ୍
ବାରାୟ୍ ଜାୟ୍ ସେ ଦେସ୍ ଜାକେ ତାର୍ କଃତା କୟ୍ ବୁଲ୍ଲାୟ୍
। 32 ସେମଃନ୍ ବାରାୟ୍ ଜାତିରିଲା ବଃଲ୍, ଲକ୍ମଃନ୍ ଗୁଲା
ବୁତ୍ ଡଃସିରିଲା ଲକ୍କେ ଜିସୁର୍ ଚଃମେ ଆଣ୍ଲାୟ୍ । 33
ଆରେକ୍ ବୁତ୍ ଚାଡାୟ୍ଲାକ୍ ସେ ଗୁଲା କଃତା ଅଃଉଁକେ ଦଃର୍ଲା ।
ସେତାକ୍ ଲକ୍ମଃନ୍ କାବା ଅୟ୍ କୟ୍ଲାୟ୍, "ଇସ୍ରାଏଲ୍ ବିତ୍ରେ
ଇରଃକମ୍ ଗଃଟ୍ଣା ଗଃଟ୍ତାର୍ ଅଃମି କଃବେ ହେଁ ନଃଦେକୁ
।" 34 ମଃତର୍ ପାରୁସିମଃନ୍ କୟ୍ଲାୟ୍, "ସେ ବୁତ୍ମଃନାର୍
ମୁଳିକାକ୍ ଦଃରି ବୁତ୍ମଃନ୍କେ ଚାଡାଉଁଲା ।" 35 ଇତାର୍ହଃଚେ
ଜିସୁ ସଃବୁ ଗଃଳେ, ଆରେକ୍ ଗାଉଁମଃନ୍କେ ବୁଲୁକ୍ ଦଃର୍ଲା ।
ଆର୍ ସେମଃନାର୍ ପାର୍ତ୍ନା ଗଃରେ ସିକ୍ୟାଦଃୟ୍ ସଃର୍ଗ୍ ରାଇଜାର୍
ନିକ କବୁର୍ ପର୍ଚାର୍ କଃରି ସଃବୁ ରଃକମାର୍ ରଗ୍ ଆର୍ ସଃବୁ
ରଃକମାର୍ ମଃଲୁହଃଲ୍ଲାର୍ ଲକ୍ମଃନ୍କେ ଉଜ୍ କଃଲା । 36
ଆର୍ ଲକ୍ମଃନ୍କେ ଦଃକି ଜିସୁ ସେମଃନାର୍ ଗିନେ ଦଃୟା
ଦଃକାୟ୍ଲା, ବଃଲେକ୍ ସେମଃନ୍ ଗଃଉଳିଆ ନୟ୍ଲା ମେଣ୍ଡାମଃନ୍
ସଃହା ନୟ୍ଲା ହର୍ କଃସ୍ଟ ହାୟ୍ ଏଣେ ତେଣେ ଜଃତ୍କଃତ୍
ଅୟ୍ରିଲାୟ୍ । 37 ସଃଡେବଃଲ୍ ଜିସୁ ଅଃହ୍ଣାର୍ ଚେଲାମଃନ୍କେ
କୟ୍ଲା, "ତାସ୍ ସିନା ଜଃବର୍, ହାୟ୍ଟି କଃର୍ତା ଲକ୍ ଉଣା ।
38 ଇତାକ୍ ଅଃହ୍ଣାର୍ ତାସ୍ ହଃଦାୟ୍ ହାୟ୍ଟି କଃର୍ତା ଲକ୍କେ
ହଃଟାଉଁକେ, ତାସ୍ହଃଦାର୍ ସାଉକାର୍କେ ଗଃଉଆରି କଃରା ।"

**10** ଜିସୁ ଅଃହ୍ଣାର୍ ଚେଲାମଃନ୍କେ ଚଃମେ କୁଦି ସେମଃନ୍କେ
ବିଟାଲ୍ ବୁତ୍ମଃନ୍କେ ଚାଡାଉଁକେ ସେମଃନାର୍ ଉହ୍ରେ
ଅଃଦିକାର୍ ଦିଲା; ଆର୍ ସଃବୁ ରଃକମାର୍ ରଗ୍ ଆର୍ ଦୁକା ଉଜ୍
କଃରୁକେ ଅଃଦିକାର୍ ଦିଲା । 2 ସେ ବାରଗଟ୍ ଚେଲାମଃନାର୍
ନାଉଁ ଅଃଉଁଲି, ହଃର୍ତୁ ସିମନ୍, ଜାକେ ପିତର୍ ବଃଲି କଃଉତି ଆର୍
ତାର୍ ବାୟ୍ସି ଆନ୍ଦ୍ରିଅ; ଜେବଦିର୍ ହୟ୍ସି ଜାକୁବକ୍ ଆର୍ ତାର୍
ବାୟ୍ସି ଜହନ୍; 3 ପିଲିପ୍, ବାର୍ତଲମି; ତମା ଆର୍ ମାତିଉ ରିବ୍ନି;
ଆଲ୍ପିଅର୍ ହୟ୍ସି ଜାକୁବକ୍; ଆର୍ ତଦିୟ୍; 4 କିଣାନିୟ୍ ସିମନ୍,
ଜେ କି ଇସ୍ରାଏଲ୍ମଃନ୍କେ ମୁକ୍ଳାଉଁକେ ମଃନ୍ କର୍ତିରିଲା, ଆର୍

ଇସ୍କାରିଅତ୍ ଜିଉଦା, ଜେ ଜିସୁକେ ସଃତ୍ତୁର୍ ଆତେ ସଃହ୍ରି ଦିଲା ।
5 ଜିସୁ ବାରଗଟ୍ ଚେଲାମଃନ୍‌କେ ଅଃଦିକାର୍ ଦଃୟ୍ ହଃଟାୟ୍‌ଲା,
“ଅଜିଉଦିର୍ ଲକ୍‌ମଃନାର୍ ଟାଣେ ଜାହାନାୟ୍, ସମିରଣିୟମଃନାର୍
କୁୟ୍ ଗଃଳେ ହୁରା ନାୟ୍ । 6 ମଃତର୍ ଇସ୍ରାଏଲ୍ ବଃଉଁସାର୍
ଆଜ୍‌ଲା ମେଣ୍ଢାହର୍ ଲକ୍‌ମଃନାର୍ ହାକ୍ ଜାହା । 7 ଆର୍ ଜଃଉଁ
ଜଃଉଁ, ‘ସଃର୍ଗ୍ ରାଇଜ୍ ଚଃମେ ଅୟ୍‌ଲିନି!’ ବଃଲି ପର୍ଚାର୍ କଃରା!
8 ମଃଲୁହଃଲ୍‌ଲା ଲକ୍‌ମଃନ୍‌କେ ଉଜ୍ କଃରା, ମଃଲା ଲକ୍‌କେ
ଉଟାଉଆ, ବଃଡ୍ ରଗିମଃନ୍‌କେ ଉଜ୍ କଃରା, ବୁତ୍‌ମଃନ୍‌କେ
ବାର୍‌କଃରା ତୁମିମଃନ୍ ତଃନେ ହାୟ୍ ଆଚାସ୍, ତଃନେ ଦିଆସ୍ ।
9 ତୁମିମଃନ୍ ବେସ୍‌ଣି ଲଃଗେ ଟଃକା, ସନା, କି ରୁହା ନିଆନାଁୟ୍
। 10 ଆର୍ ଜାତାବଃଲ୍ ମଣା କି ଜଳେକ୍ ଆଙ୍ଗି କି ହାଣ୍ଡାୟ୍
କି ଡାଙ୍ଗ ନିଆନାଁୟ୍ । କାୟ୍‌ତାକ୍‌ବଃଲେକ୍ ହାୟ୍‌ଟି କଃର୍ତାଲକ୍
ତାର୍ ଜାୟ୍‌ରି ହାଉତା କଃତା, ସେରି ସେ ହାଉଁକ୍ ଜୟ୍‌ଗ୍ ।” 11
“ଆର୍ ତୁମିମଃନ୍ କୁୟ୍ ଗାଉଁଏ କି ଗଃଳେ ହୁରାସ୍, ସେତି କେ
ତୁମିକେ ଗଃରେ କୁଦି ଦଃରୁକ୍ ମଃନ୍ କଃରେଦ୍, ସେରି ଆନ୍‌ମାନ୍
କଃରା, ଆରେକ୍ ନଃବାଉଲ୍‌ତା ହଃତେକ୍ ସେତି ରିଆ । 12
ଜଃଡେବଃଲ୍ ଗଟ୍ ଗଃରେ ହୁରାସ୍, ସେତି ରେତା ଲକ୍‌ମଃନ୍‌କେ
କଃଉଆ, ‘ତୁମିମଃନାର୍ ସୁସ୍ତା ଅଃଉଆ!’ 13 ଜଦି ସେ ଗଃରାର୍
ମାନାୟ୍ ତୁମିକେ ରେଉଁକ୍ ଦଃୟଃଦ୍, ସେ ସୁସ୍ତା ତାର୍ ଉହ୍ରେ
ଅୟ୍‌ଦ୍, ଆର୍ ଜଦି ସେ ତାର୍ ଗଃରେ ରେଉଁକ୍ ନଃଦେରେ, ତଃବେ
ସେ ସୁସ୍ତା ତୁମାର୍ ଉହ୍ରେ ଲେଉଟି ଆସେଦ୍ । 14 ଜୁୟ୍ ଲକ୍
ତୁମିମଃନ୍‌କେ ଗଃଳେ କି ଗଃରେ ନଃକୁଦେ ଆର୍ ତୁମାର୍ କଃତା
ନଃସୁଣେ, ତଃବେ ସେତିହୁଣି ବାରାୟ୍ ଜାତା ବଃଲ୍ ତୁମି ତାକ୍
ଚାଡ୍‌ଲାସ୍ ବଃଲି ଚିନ୍ ହର୍ ତୁମାର୍ ହାଦାର୍ ଦୁଳି ହାହଲି ଦିଆସ୍
। 15 ମୁଁୟ୍ ତୁମିକେ ସଃତ୍ କଃଉଁଲେ, ବିଚାର୍ ଦିନ୍ ଇମଃନାର୍
ତଃୟ୍‌ହୁଣି ସଦମ୍ ଆର୍ ଗମ୍ରା ଗଃଳାର୍ ଲକ୍‌ମଃନ୍‌କେ ଇସ୍ୱର୍
ଅଃଦିକ୍ ଦଃୟା କଃରେଦ୍ ।” 16 “ଦଃକା ବାଗ୍‌ମଃନାର୍ ମଃନ୍ଦ୍ରାୟ୍
ମେଣ୍ଢାମଃନାର୍ ହର୍ ମୁଁୟ୍ ତୁମିମଃନ୍‌କେ ଅଃଦିକାର୍ ଦଃୟ୍
ହଃଟାଉଁଲେ; ସାହ୍ ହର୍ ବୁଦିଆ ଆର୍ ହାଣ୍ଡକା ହର୍ ନିର୍ମାୟା
ଅଃଉଆ । 17 ମଃତର୍ ମାନାୟ୍‌ମଃନାର୍ ତଃୟ୍‌ହୁଣି ଜଃଗ୍ରାତ୍
ଅଃଉଆ, ବଃଲେକ୍ ବେରାଣ୍ ମେଣ୍ଢାୟ୍ ହଃଚାଦି କଃରୁକେ ସଃହ୍ରି
ଦେତି ଆର୍ ସେମଃନାର୍ ପାର୍ତ୍‌ନା ଗଃରେ ସାଟ୍‌ଣି ସଃଙ୍ଗ ମାର୍ତି ।
18 ଆର୍ ତୁମିମଃନ୍‌କେ ମର୍ ଗିନେ ସଃର୍କାର୍ ଅଃଦିକାରି ଆର୍
ରଃଜାମଃନାର୍ ହାକ୍ ନେତି, ସେରି ସେମଃନାର୍ ଆର୍ ଅଜିଉଦି
ଲକାର୍ ତଃୟ୍ ସାକି ହର୍ ଅୟ୍‌ଦ୍ । 19 ମଃତର୍ ଜଃଡେବଃଲ୍
ତୁମିକେ ସଃହ୍ରି ଦେତି ସଃଡେବଃଲ୍ ତୁମିମଃନ୍ କଃନ୍‌କଃରି କାୟ୍
କଃତା କଃଉଆସ୍; ସେତାର୍ ଗିନେ ଚିତା କଃରାନାୟ୍, ବଃଲେକ୍
କାୟ୍‌ରି କଃଉଆସ୍ ସେରି ସେଦାହ୍ରେ ତୁମିମଃନ୍‌କେ ଦିଆ ଅୟ୍‌ଦ୍
। 20 କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ କଃଉତା ଲକ୍ ନାୟ୍;
ମଃତର୍ ତୁମାର୍ ଉବାଦିର୍ ପବିତ୍ର ଆତ୍ମା ତୁମାର୍ ମଃନ୍ ବିତ୍ରେ
ରଃୟ୍ କଃତା କୟ୍‌ଦ୍, ସେ ହଃକା କଃତା କଃଉତା ଲକ୍ ।” 21
“ବାୟ୍ ବାୟ୍‌କ୍, ଉବାସି ହୟ୍‌ସିକେ, ମଃର୍ନ୍ ଡଃଣ୍ଡ ହାଉଁକ୍ ସଃହ୍ରି
ଦେତି, ଆରେକ୍ ହିଲାମଃନ୍ ଉବାସି ଆୟ୍‌ସି ବିରଦେ ଉଟ୍‌ତି
ଆର୍ ସେମଃନ୍‌କେ ମଃର୍ନେ ମାର୍ତି । 22 ଆର୍ ମର୍ ନାଉଁ ଗିନେ
ତୁମିମଃନ୍ ସଃବୁଲକାର୍ ତଃୟ୍‌ହୁଣି ବିରଦ୍ କଃର୍ତି, ମଃତର୍ ଜୁୟ୍
ମାନାୟ୍ ସେସ୍ ହଃତେକ୍ ବିସ୍ୱାସେ ତିର୍ ଅୟ୍ ରଃୟ୍‌ଦ୍, ସେ ହାହେ
ହୁଣି ମୁକ୍ଲେଦ୍ । 23 ମଃତର୍ ସେମଃନ୍ ତୁମିକେ ଗଟ୍ ଗଃଳେ
କଃସ୍ଟ ଦେତି, ସଃଡେବଃଲ୍ ଆରେକ୍ ଗଟ୍ ଗଃଳେ ହଃଳାୟ୍
ଜାହା, ମୁଁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ, ଇସ୍ରାଏଲ୍ ଦେସାର୍
ସଃବୁ ଗଃଳେ ବୁଲି ନଃସେରାଉତା ଆଗ୍‌ତୁ ନଃରାର୍ ହୟ୍‌ସି
ଆସେଦ୍ ।” 24 “ଚେଲା ଗୁରୁ ତଃୟ୍‌ହୁଣି ଆର୍ ଗତିଦଃଙ୍ଗ୍‌ଲା
ସାଉକାର୍ ତଃୟ୍‌ହୁଣି ବଃଡ୍ ନାୟ୍ । 25 ଚେଲା ଅଃହ୍‌ଣାର୍
ଗୁରୁ ଆର୍ ଗତିଦଃଙ୍ଗ୍‌ଲା ଅଃହ୍‌ଣାର୍ ସାଉକାର୍ ହର୍ ଅୟ୍‌ଲେକ୍
ସେମଃନାର୍ ଗିନେ ସଃତେକ୍ ସଃରି । ସେମଃନ୍ ଜଃଡେବଃଲ୍
ଗଃରାର୍ ମୁଳିକାକ୍ ବାଲ୍‌ଜିବୁଲ୍ ବଃଲି କଃଉଁଲାୟ୍, ତଃବେ
ତାକାର୍ ଗଃରାର୍ କୁଟୁମ୍‌କେ ଅଃଦିକ୍ କଃଉତି ।” 26 “ବଃଲେକ୍
ଲକ୍‌ମଃନ୍‌କେ ଡିରା ନାୟ୍, କାୟ୍‌ତାକ୍‌ବଃଲେକ୍ ଜାୟ୍‌ରି ଜାଣା
ନଃହେଳେ ଅଃନ୍‌କାର୍ ଡାହିଅୟ୍ ଲୁକି ରିଲାର୍ କାୟ୍‌ରି ନାୟ୍,
ଆର୍ ଜାୟ୍‌ରି ଜାଣା ନଃହେଳେ ଅଃନ୍‌କାର୍ କାୟ୍‌ରି ନାୟ୍ । 27
ମୁଁୟ୍ ତୁମିମଃନ୍‌କେ ଜାୟ୍‌ରି ଅଃନ୍ଦ୍ରାରେ କଃଉଁଲେ ସେରି ଉଜାଳେ
କଃଉଆ, ଆରେକ୍ ଜାୟ୍‌ରି ତୁମିମଃନ୍ ଲୁକ୍‌ଣେ ସୁଣାସ୍ ସେରି
ଗଃରାର୍ ଚାନି ଉହ୍ରେ ହୁଣି ପର୍ଚାର୍ କଃରା । 28 ଆର୍ ଜୁୟ୍
ଲକ୍‌ମଃନ୍ ତୁମାର୍ ଗଃଗାଲ୍‌କେ ନଃସ୍ଟ କଃର୍ତି ମଃତର୍ ତୁମାର୍
ଜିବନ୍ ନଃସ୍ଟ କଃରୁ ନଃହାର୍‌ତି, ସେମଃନ୍‌କେ ଡିରି ଜାହାନାୟ୍,
ମଃତର୍ ଜେ ତୁମାର୍ ଗଃଗାଲ୍ ଆର୍ ଆତ୍ମାକେ ନଃର୍କେ ନଃସ୍ଟ
କଃରୁ ହାରେ, ତାକ୍ ହଃକା ଡିରା । (Geenna g1067) 29 ଜଳେକ୍
ଜଃଟ୍ୟାଚେଳେ କାୟ୍ ଗଟେକ୍ କାସୁ ଡାବୁୟ୍ ବିକା ନଃଉତି?
ଆର୍ ତୁମିମଃନାର୍ ଉବାଦିର୍ ଆଦେସ୍ ନୟ୍‌ଲେକ୍ ସେମଃନାର୍
ବିତ୍ରେ ଗଟେକ୍ ହେଁ ବୁଏଁ ନଦ୍ରେ । 30 ମଃତର୍ ଇସ୍ୱର୍ ତୁମାର୍
ମୁଣ୍ଡାର୍ ସଃର୍ନେ ବାଲ୍ ଗଃଣି ଆଚେ । 31 ଇତାକ୍ ଡିରି ଜାହାନାୟ୍,
ତୁମିମଃନ୍ ଗାଦେକ୍ ଜଃଟ୍ୟା ଚେଳେ ହୁଣି ବଃଡ୍ ।” 32 “ଆର୍
ଜୁୟ୍ ଲକ୍ ଲକ୍‌ମଃନାର୍ ତଃୟ୍ ମକ୍ ଜାଣି ବଃଲି କୟ୍‌ଦ୍, ମୁଁୟ୍
ହେଁ ମର୍ ସଃର୍ଗାର୍ ଉବାର୍ ତଃୟ୍ ତାକ୍ ଜାଣି ବଃଲି କୟ୍‌ଦ୍
। 33 ମଃତର୍ ଜୁୟ୍ ଲକ୍ ଲକ୍‌ମଃନାର୍ ତଃୟ୍ ମକ୍ ନଃଜାଣି
ବଃଲି କୟ୍‌ଦ୍, ମୁଁୟ୍ ହେଁ ସଃର୍ଗାର୍ ଉବାର୍ ତଃୟ୍ ତାକ୍ ନଃଜାଣି
ବଃଲି କୟ୍‌ଦ୍ ।” 34 “ମୁଁୟ୍ ହୁର୍ତିବିଏ ସୁସ୍ତା ଦେଉଁକେ ଆସି ଆଚି
ବଃଲି ମଃନେ ବାବା ନାୟ୍; ସୁସ୍ତା ଦେଉଁକେ ନାସି, ମଃତର୍
କଃଣ୍ଡା ଦେଉଁକେ ଆସି ଆଚି । 35 କାୟ୍‌ତାକ୍‌ବଃଲେକ୍ ଉବାସି
ସଃଙ୍ଗ ହୟ୍‌ସି ଆର୍ ଆୟ୍‌ସି ସଃଙ୍ଗ ଜିସିର୍ ଆର୍ ସଃତୁର୍ସି ସଃଙ୍ଗ
ବୁଆର୍ସିର୍ ବିରଦି କଃରୁକେ ଆସିଆଚି । 36 ଆର୍ ମାନାୟ୍‌ର୍
ଅଃହ୍‌ଣାର୍ କୁଟୁମାର୍ ଲକ୍ ହଃକା ତାର୍ ସଃତ୍ରୁ ଅଃଉତି ।” 37
“ଜୁୟ୍ ଲକ୍ ମକ୍ ଚାଡି ନିଜାର୍ ଆୟ୍‌ସି କି ଉବାସିକ୍ ଅଃଦିକ୍

ଲାଡ୍ କଃରେଦ୍, ସେ ମର୍ ଚେଲା ଅଃଉଁକେ ଜୟ୍‌ଗ୍ ନାୟ୍; ଜୁୟ୍
ଲକ୍ ମକ୍ ଚାଡି ନିଜାର୍ ଜିସି ହୟ୍‌ସିମଃନ୍‌କେ ଅଃଦିକ୍ ଲାଡ୍
କଃରେଦ୍, ସେ ମର୍ ଚେଲା ଅଃଉଁକେ ଜୟ୍‌ଗ୍ ନାୟ୍ । 38 ଆର୍
ଜେ ଅଃହ୍‌ଣାର୍ କ୍ରୁସ୍ ଦଃରି ମର୍ ହଃଚେ ହଃଚେ ନାସେ, ସେ
ମର୍ ଚେଲା ଅଃଉଁକେ ଜୟ୍‌ଗ୍ ନାୟ୍ । 39 ଜେ ଅଃହ୍‌ଣାର୍ ଜିବନ୍
ବାଚାୟ୍‌ଦ୍, ସେ ତାର୍ ଜିବନ୍ ଆରାୟ୍‌ଦ୍; ଆର୍ ଜେ ମର୍ ଗିନେ
ଅଃହ୍‌ଣାର୍ ଜିବନ୍ ଆରାୟ୍‌ଦ୍, ସେ ତାର୍ ଜିବନ୍ ବାଚାୟ୍‌ଦ୍ ।" 40
"ଜେ ତୁମିମଃନ୍‌କେ ଆଗଳି ଦଃରେଦ୍ ସେ ମକ୍ ଆଗଳି ଦଃରେଦ୍;
ଆର୍ ଜେ ମକ୍ ଆଗଳି ଦଃରେଦ୍, ସେ ମକ୍ ହଃଟାୟ୍‌ଲା ଉବାକ୍
ଆଗଳି ଦଃରେଦ୍ । 41 ଜେ ବାବ୍‌ବାଦିକେ ବାବ୍‌ବାଦି ବଃଲି
ଆଗଳି ଦଃରେଦ୍, ସେ ବାବ୍‌ବାଦିର୍ ପୁରିସ୍କାର୍ ହାୟ୍‌ଦ୍, ଆର୍ ଜେ
ଦଃର୍ମ୍ ଲକ୍‌କେ, ଦଃର୍ମି ଲକ୍ ବଃଲି ଆଗଳି ଦଃରେଦ୍, ସେ ଦଃର୍ମ୍
ଲକାର୍ ନାଉଁଏ ପୁରିସ୍କାର୍ ହାୟ୍‌ଦ୍ । 42 ଆରେକ୍ ଜୁୟ୍ ଲକ୍
ଇ ଚେଲାମଃନାର୍ ବିତ୍ରେ ଗଟେକ୍ ଲକ୍‌କେ ମର୍ ଚେଲା ବଃଲି
ଗିନେକ୍ କାକର୍ ହାଣି କାଉଁକେ ଦଃୟ୍‌ଃଦ୍, ମୁଁୟ୍ ତୁମିମଃନ୍‌କେ
ସଃତ୍ କଃଉଁଲେ, ସେ କଃନ୍‌କଃରି ହେଁ ଅଃହ୍‌ଣାର୍ ପୁରିସ୍କାର୍
ଆରାୟ୍ ନଃକେରେ ।"

**11** ଜିସୁ ଅଃହ୍‌ଣାର୍ ବାରଗଟ୍ ଚେଲାମଃନ୍‌କେ ବଃତାୟ୍ ସଃର୍ଲା
ହଃଚେ, ଗାଲିଲିର୍ ଲକ୍‌ମଃନାର୍ ଗଃଳେମଃନ୍ ସିକ୍ୟା
ଦେଉଁକେ ଆର୍ ନିକ କବୁର୍ ପର୍ଚାର୍ କଃରୁକେ ସେଟାଣେ ହୁଣି
ଗଃଲା । 2 ସଃଡେବଃଲ୍ ବାପ୍ତିସମ୍ ଦେତା ଜହନ୍ ଜଃଇଲ୍
ଗଃରେ ରିଲା । ଆର୍ କ୍ରିସ୍ଟ ଜୁୟ୍ ସଃବୁ କାମ୍ କଃର୍ତିରିଲା ସେ
ସଃବୁର୍ କବୁର୍ ହାୟ୍, ସେ ଅଃହ୍‌ଣାର୍ ଚେଲାମଃନ୍‌କେ ତାର୍
ହାକ୍ ହଃଟାୟ୍‌ଲା । 3 ସେମଃନ୍ ଜାୟ୍ ଜିସୁକେ ହଃଚାର୍ଲାୟ୍,
"ଜୁୟ୍ ଲକ୍ ଆସେଦ୍ ବଃଲି ଜହନ୍ କୟ୍‌ରିଲା, ତୁୟ୍ କାୟ୍ ସେ
ମାନାୟ୍? କି, ଅଃମିମଃନ୍ ଆରେକ୍ ବିନ୍ କାକେ ଜାଗୁନ୍ଧ?" 4
ଜିସୁ ସେମଃନ୍‌କେ କୟ୍‌ଲା, "ତୁମିମଃନ୍ ବାଉଳି ଜାହା ଆର୍
ଜାୟ୍ ଜାୟ୍‌ରି ସୁଣୁଲାସ୍ ଆର୍ ଦଃକୁଲାସ୍ ସେରି ସଃବୁ ଜହନ୍‌କେ
ଜାଣାଉଆ । 5 କାଣାମଃନ୍ ଦଃକୁ ହାରୁଲାୟ୍, ଚଟାମଃନ୍
ଇଣ୍ଟ ହାରୁଲାୟ୍, ବଃଡ୍ ରଗି ଉଜ୍ ଅଃଉଁଲାୟ୍, ବଃୟ୍‌ରାମଃନ୍
ସୁଣୁ ହାରୁଲାୟ୍, ମଃଲା ଲକ୍‌ମଃନ୍ ଉଟୁଲାୟ୍ ଆର୍ ଦୁକିଦିନାରି
ଲକ୍‌ମଃନାର୍ ତଃୟ୍ ହେଁ ନିକ କବୁର୍ ପର୍ଚାର୍ କଃରା ଅଃଉଁଲି ।
6 ଆର୍ ଜେ ମକ୍ ଅବିସ୍ୱାସ୍ ନଃକେରି, ବିସ୍ୱାସ୍ କଃରେଦ୍ ତାର୍
ବାୟ୍‌ଗ୍ ।" 7 ଜହନାର୍ ଚେଲାମଃନ୍ ବାଉଳି ଜାତାବଃଲ୍ ଜିସୁ
ଜହନାର୍ କଃତା ଲକ୍‌ମଃନ୍‌କେ କଃଉଁକେ ଦଃର୍ଲା, "ତୁମି କାୟ୍‌ରି
ଦଃକୁକ୍ ସୁକ୍‌ଲା ବଃଟାୟ୍ ଜାୟ୍ ରିଲାସ୍, କାୟ୍ ବାଉୟେ ଜଲ୍‌ତା
ସୁର୍ଲିନଃଳା? 8 ସେରି ନୟ୍‌ଲେକ୍ ତୁମିମଃନ୍ କାୟ୍‌ରି ଦଃକୁକେ
ବାରାୟ୍ ଜାୟ୍‌ରିଲାସ୍? କାୟ୍ ମଃସ୍‌ଣି ବଃସ୍ତ୍ରର୍ ହିନ୍ଦି ରିଲା
ମାନାୟ୍‌କେ? ଜୁୟ୍ ଲକ୍‌ମଃନ୍ ମଃସ୍‌ଣି ବଃସ୍ତ୍ରର୍ ହିନ୍ଦି ସେମଃନ୍
ରଃଜାର୍ ନଃଉରେ ରେତି । 9 ସେରି ନୟ୍‌ଲେକ୍ କାୟ୍‌କଃରୁକ୍
ବାରାୟ୍ ଜାୟ୍‌ରିଲାସ୍? କାୟ୍ ଗଟେକ୍ ବାବ୍‌ବାଦିକେ ଦଃକୁକେ?
ମୁଁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ, ତୁମିମଃନ୍ ବାବ୍‌ବାଦି
ତଃୟ୍‌ହୁଣି ଅଃଦିକ୍ ବଃଡ୍ ଲକ୍‌କେ ଦଃକ୍‌ଲାସ୍ । 10 ଜୁୟ୍
ଜହନାର୍ କଃତା ସାସ୍ତ୍ରରେ ଲେକାଆଚେ, 'ଇସ୍ୱର୍ କୟ୍‌ଲା,
ମୁଁୟ୍ ମର୍ କବୁର୍ କାରିଆକ୍ ତର୍ ଆଗ୍‌ତୁ ହଃଟାଉଁଲେ, ସେ
ଆଗ୍‌ତୁ ଜାୟ୍ ତର୍ ଗିନେ ବାଟ ତିଆର୍ କଃରେଦ୍ ।' 11 ମୁଁୟ୍
ତୁମିମଃନ୍‌କେ ସଃତ୍ କଃଉଁଲେ, ମାୟ୍‌ଜି ହେଟେହୁଣି ଜଃଲମ୍
ଅୟ୍‌ଲା ସଃବୁ ଲକ୍‌ମଃନାର୍ ବିତ୍ରେ ବାପ୍ତିସମ୍ ଦେତା ଜହନ୍
ତଃୟ୍‌ହୁଣି ବଃଡ୍ କେ ନାୟ୍ । ମଃତର୍ ଜେ ସଃର୍ଗ୍ ରାଇଜେ
ସଃବ୍‌କେ ସାନ୍, ସେ ଜହନାର୍ ତଃୟ୍‌ହୁଣି ହେଁ ବଃଡ୍ । 12 ଆର୍
ବାପ୍ତିସମ୍ ଦେଉ ଜହନ୍ ତାର୍ କଃତା ପର୍ଚାର୍ କଃଲା ବଃଳ୍‌ହୁଣି
ଆଜି ହଃତେକ୍ ସଃର୍ଗ୍ ରାଇଜ୍ ଉହ୍ରେ ବଃଳ୍‌ମାଡ୍ ଅଃଉଁଲି,
ଆରେକ୍ ଅଃଦିକାର୍ କର୍ତା ଲକ୍‌ମଃନ୍ ଜଃବର୍ ବଃଳ୍‌ବପୁ ସଃଙ୍ଗ୍
ଅଃଦିକାର୍ କଃରୁକେ ମଃନ୍ କଃରୁଲାୟ୍ । 13 ବଃଲେକ୍ ସଃବୁ
ବାବ୍‌ବାଦିମଃନ୍ ଆର୍ ମସାର୍ ବିଦି ଆର୍ ଦଃର୍ମ୍‌ସାସ୍ତ୍ରର୍ ଜହନ୍
ହଃତେକ୍ ବାବ୍‌ବାଣି କୟ୍‌ରିଲାୟ୍ । 14 ଆର୍ ତୁମିମଃନ୍ ଜଦି
ମାନୁକ୍ ମଃନ୍ କଃରୁଲାସ୍, ତଃବେ ଜୁୟ୍ ଏଲିୟ ଆସୁକ୍ ଆଚେ,
ଏ ହଃକା ସେ ମାନାୟ୍ । 15 ଜାର୍ ସୁଣୁକ୍ କାନ୍ ଆଚେ ସେ
ସୁଣ ।" 16 "ମଃତର୍ ମୁଁୟ୍ କାର୍ ସଃଙ୍ଗ୍ ଆଜିକାଲିର୍ ମାନାୟ୍‌ର୍
ତୁଲ୍‌ନା କଃରିନ୍ଧ? ଜୁୟ୍ ହିଲାମଃନ୍ ଆଟ୍ ବଃଜାରେ ବଃସି ଟାକାର୍
ଟାକାର୍ ବିତ୍ରେ କୁଦି କଃଉତି, 17 'ଅଃମିମଃନ୍ ତୁମାର୍ ଚଃମେ
ସୁର୍ଲି ହୁକ୍‌ଲୁ, ତୁମିମଃନ୍ ନଃନାଚ୍‌ଲାସ୍, ଅଃମିମଃନ୍ ଦୁକେ ଦୁକ୍
ଗିତ୍ କୟ୍‌ଲୁ, ତୁମିମଃନ୍ ନଃକାନ୍ଦ୍‌ଲାସ୍, ଇ ଜୁଗାର୍ ଲକ୍‌ମଃନ୍,
ସେ ହିଲାମଃନାର୍ ହର୍ ।' 18 କାୟ୍‌ତାକ୍‌ବଃଲେକ୍ ଜହନ୍ ଆସି
ଉହାସ୍ କଃଲା, ଅଙ୍ଗୁର୍ ରଃସ୍ ନଃକାୟ୍‌ଲା, ଆର୍ ଲକ୍‌ମଃନ୍
ଟାକ୍ କୟ୍‌ଲାୟ୍, 'ତାକେ ବୁତ୍ ଦଃରି ଆଚେ!' 19 ନଃରାର୍
ହୟ୍‌ସି ଆୟ୍‌ଲା ଆର୍ କାଉଆ ହିଉଆ ଆୟ୍‌ଲା, ଆର୍ ଲକ୍‌ମଃନ୍
କୟ୍‌ଲାୟ୍, 'ଦଃକା, ଏ ଗଟେକ୍ କାଉରାହେଟା ଆର୍ ମଃଦୁଆ,
ରିବ୍‌ନି ଆର୍ ହାହିମଃନାର୍ ସଃଙ୍ଗ୍‌ଆଳି!' ମଃତର୍ ଇସ୍ୱରାର୍
ଗ୍ୟାନ୍ ଅଃହ୍‌ଣାର୍ କାମ୍ ତଃୟ୍ ସଃତ୍ ବଃଲି ଜାଣାୟ୍‌ଦ୍ ।" 20
ସଃଡେବଃଲ୍ ଜୁୟ୍ ଗଃଳେ ଜିସୁର୍ ଗାଦେକ୍ ସଃକ୍ତିର୍ କାମ୍ କଃରା
ଅୟ୍‌ରିଲି, ସେ ଗଃଳ୍‌ମଃନ୍‌କେ ଜିସୁ ଲିନ୍ଦା କଃରୁକେ ଦଃର୍ଲା,
କାୟ୍‌ତାକ୍‌ବଃଲେକ୍ ସେମଃନ୍ ହାହ୍ ଚାଡି ନଃରିଲାୟ୍ । 21 "ଚି,
ଦଃଣ୍ଡାର୍ ଜୟ୍‌ଗ୍ କରାଜିନ୍, ଚି, ଦଃଣ୍ଡାର୍ ଜୟ୍‌ଗ୍ ବେତ୍‌ସାଇଦା,
କାୟ୍‌ତାକ୍‌ବଃଲେକ୍ ତୁମିମଃନାର୍ ବିତ୍ରେ ଜୁୟ୍ ଜୁୟ୍ ସଃକ୍ତିର୍ କାମ୍
କଃରା ଅୟ୍‌ଆଚେ, ସେରିମଃନ୍ ସଃବୁ ସର୍ ଆର୍ ସିଦନ୍ ତଃୟ୍ଁ
କଃରା ଅୟ୍‌ରିଲେକ୍, ସେମଃନ୍ କଃଡେବଃଲ୍ ହୁଣି ବାସ୍ତା ହିନ୍ଦି
ଚାରେ ବଃସି ହାହ୍ ଚାଡି ରିଲାୟ୍‌ହୁଣି । 22 ଅୟ୍‌ଲେକ୍ ହେଁ ମୁଁୟ୍
ତୁମିମଃନ୍‌କେ କଃଉଁଲେ, ଇସ୍ୱର୍ ବିଚାର୍ କର୍ତା ଦିନ୍ ସର୍ ଆର୍
ସିଦନ୍ ତଃୟ୍‌ର୍ ଲକ୍‌ମଃନ୍‌କେ ଅଃଦିକ୍ ଦଃୟା ଦଃକାୟ୍‌ଦ୍ । 23
ଏ କପୁର୍ନାହୁମ୍ ତଃୟ୍‌ର୍ ଲକ୍‌ମଃନ୍, ତୁମି କାୟ୍ ନିଜେ ସଃର୍ଗେ
ହଃତେକ୍ ଉଟୁକ୍ ମଃନ୍ କଃରୁଲାସ୍? ତୁମିକେ ନଃର୍କେ ହଃକା

ଅୟ୍‌ଦ୍‌, କାୟ୍‌ତାକ୍‌ବଽଲେକ୍‌ ତୁମାର୍‌ ତଽୟ୍‌ ଜୁୟ୍‌ ଜୁୟ୍‌ ସଽକ୍ତିର୍‌
କାମ୍‌ କଽରା ଅୟ୍‌ଆଚେ, ସେରି ସଽବୁ ଜଦି ସଦମ୍‌ ତଽୟ୍‌ କଽରା
ଅୟ୍‌ରିଲେକ୍‌, ସେରି ଆଜି ହଽତେକ୍‌ ରିଲିହୁଣି । **(Hadēs g86)**
**24** ମୁଁୟ୍‌ ତୁମିକେ ସଽତ୍‌ କଽଉଁଲେ, ଇସ୍ୱର୍‌ ବିଚାର୍‌ କଽର୍ତା ଦିନ୍‌
ତୁମାର୍‌ ତଽୟ୍‌ହୁଣି ସଦମ୍‌ ଦେସାର୍‌ ଲକ୍‌ମଽନ୍‌କେ ଅଽଦିକ୍‌ ଦଽୟା
ଦଽକାୟ୍‌ଦ୍‌ ।” **25** ସଽଡେବଽଲ୍‌ ଜିସୁ ପାର୍ଦ୍ଦନା କଽରି କୟ୍‌ଲା,
“ଏ ଉବା, ସଽର୍ଗ ଆର୍‌ ହୁର୍ତିବିର୍‌ ମାପ୍ରୁ, ତୁୟ୍‌ ବୁଦି ଆର୍‌ ଗ୍ୟାନ୍‌
ରିଲା ଲକ୍‌ମଽନ୍‌କେ ଇ ସଽବୁ କଽତା ଲୁକାୟ୍‌କଽରି ବୁଦି ନୟ୍‌ଲା
ଲକ୍‌କେ ଜାଣାୟ୍‌ଲିସ୍‌, ସେତାର୍‌ ଗିନେ ତକେ ଜୁଆର୍‌ କଽରୁଲେ
। **26** ଅୟ୍‌ ଉବା, କାୟ୍‌ତାକ୍‌ବଽଲେକ୍‌ ଇରି ତର୍‌ ଆକାୟ୍‌ ମଽନ୍‌
ସଽର୍ଦାର୍‌ କଽତା ଅୟ୍‌ଲି ।” **27** “ମର୍‌ ଉବାର୍‌ ଅଽଦିକାରେ ରିଲା
ସଽବୁ ଅଽଦିକାର୍‌ ମକ୍‌ ଦିଆ ଅୟ୍‌ଆଚେ, ଆର୍‌ ହୟ୍‌ସିକେ କେ
ନଽଜାଣ୍‌ତି, ମଽତର୍‌ ଉବାସି ହଽକା ଜାଣିଆଚେ, ଆରେକ୍‌ ଉବାକ୍‌
କେ ନଽଜାଣ୍‌ତି, ମଽତର୍‌ ହଅ ହଽକା ଜାଣିଆଚେ, ଆର୍‌ ହଅ
ଜୁୟ୍‌ମଽନ୍‌କ୍‌ ଉବାକ୍‌ ଜାଣାଉଁକ୍‌ ମଽନ୍‌ କଽରେଦ୍‌, ସେମଽନ୍‌
ହଽକା ଜାଣ୍‌ତି ।” **28** “ଏ ତାକ୍‌ଲା ଆର୍‌ ବଜ୍‌ ବୟ୍‌ଲା ଲକ୍‌ମଽନ୍‌,
ମର୍‌ ତଽୟ୍‌ ଆସା, ମୁଁୟ୍‌ ତୁମିମଽନ୍‌କେ ବିସାଉଁକ୍‌ ଦଽୟ୍‌ନ୍ଦୁ । **29**
ମର୍‌ ଜିଅଡି ଅଽହ୍‌ଣା ଅଽହ୍‌ଣାର୍‌ କଽନ୍ଦେ ବଽଉଆ, ଆର୍‌ ମର୍‌
ତଽୟ୍‌ହୁଣି ସିକା, କାୟ୍‌ତାକ୍‌ବଽଲେକ୍‌ ମୁଁୟ୍‌ ନିଜେ ଦିର୍‌ ଆର୍‌
ମଽନ୍‌ ସୁଦାର୍‌ ଅୟ୍‌ ଆଚି, ସେତାକ୍‌ ତୁମିମଽନ୍‌ ମର୍‌ ତଽୟ୍‌ ଜିବନ୍‌
ବିତ୍ରେ ବିସାଉଁ ହାରାସ୍‌ । **30** ଆରେକ୍‌ ମୁଁୟ୍‌ ଜୁୟ୍‌ ଜିଅଡି ଦଽୟ୍‌ନ୍ଦୁ
ସେରି ବଽଉଁକେ ନିକ ଆର୍‌ ଉହାସ୍‌ ।”

**12** ସଽଡେବଽଲ୍‌ ଜିସୁ ଆର୍‌ ତାର୍‌ ଚେଲାମଽନ୍‌ ବିସାଉଁଣିବାର୍‌
ଦିନ୍‌ ତାସ୍‌ ହଽଦାବାଟ୍‌ ଅୟ୍‌ ଗଽଲାୟ୍‌, ସଽଡେବଽଲ୍‌
ତାର୍‌ ଚେଲାମଽନ୍‌ ବୁକାର୍‌ ଗିନେ ଗଅଁ କେଡ୍‌ ଚିଡାୟ୍‌ କାଉଁକେ
ଦଽର୍ଲାୟ୍‌ । **2** ମଽତର୍‌ ସେରି ଦଽକି ପାରୁସିମଽନ୍‌ ଜିସୁକେ
କୟ୍‌ଲାୟ୍‌, “ଦଽକ୍‌, ବିସାଉଁଣିବାର୍‌ ଦିନ୍‌ ଜାୟ୍‌ରି କଽର୍ତା ବିଦି
ନାୟ୍‌, ସେରି ତର୍‌ ଚେଲାମଽନ୍‌ କଽରୁଲାୟ୍‌ ।” **3** ମଽତର୍‌ ଜିସୁ
ସେମଽନ୍‌କେ କୟ୍‌ଲା, “ଦାଉଦ୍‌ ଆର୍‌ ତାର୍‌ ସଽଙ୍ଗୁଆଳିମଽନ୍‌
ବୁକାର୍‌ ଗିନେ କାୟ୍‌ କଽରି ରିଲାୟ୍‌, ସେରି କାୟ୍‌ ତୁମିମଽନ୍‌
ନଽହଳାସ୍‌? **4** ସେମଽନ୍‌ କଽନ୍‌କଽରି ଇସ୍ୱରାର୍‌ ଗଽରେ ହୁରି ଜୁୟ୍‌
ରୁଟି ମାପ୍ରୁର୍‌ ତଽୟ୍‌ ଦିଆ ଅୟ୍‌ରିଲି, ମସାର୍‌ ବିଦି ହଽର୍କାରେ ସେ
ରୁଟି ଜାଜକ୍‌ମଽନ୍‌କେ ଚାଡି ବିନ୍‌ ଲକ୍‌ମଽନାର୍‌ କାଉଁକେ କାର୍‌
ଅଽଦିକାର୍‌ ନଽରିଲି, ସେରି କାୟ୍‌ଲାୟ୍‌ । **5** ଆର୍‌ ବିସାଉଁଣିବାର୍‌
ଦିନ୍‌ ଜାଜକ୍‌ମଽନ୍‌ ମନ୍ଦିର୍‌ ବିତ୍ରେ ହୁରି ବିସାଉଁଣି ଦିନାର୍‌ ବିଟାଳ୍‌
କଽଲେକ୍‌ ହେଁ ଦସି ବଽଲାୟ୍‌ ନଽଉତି, ମସାର୍‌ ବିଦି ସାସ୍ତରେ
ଇରି କାୟ୍‌ ତୁମିମଽନ୍‌ ନଽହଳାସ୍‌? **6** ମଽତର୍‌ ମୁଁୟ୍‌ ତୁମିକେ
କଽଉଁଲେ, ଇତି ମନ୍ଦିର୍‌ ତଽୟ୍‌ହୁଣି ଗଟେକ୍‌ ବଽଡ୍‌ ଲକ୍‌ ଆଚେ
। **7** ସାସ୍ତରେ ଲେକା ଆଚେ, ‘ଅଽମି ହୁଜା ମଽନ୍‌ ନଽକେରୁ,
ମଽତର୍‌ ଦଽୟା ମଽନ୍‌ କଽରୁନ୍ଦୁ ।’ ଇ କଽତାର୍‌ ବାବ୍‌ ତୁମି ଜାଣି
ରିଲେକ୍‌, ଇ ଦଽସ୍‌ ନୟ୍‌ଲା ଲକ୍‌ମଽନ୍‌କେ ଦସି ନଽକେଲାସ୍‌
ହୁଣି । **8** କାୟ୍‌ତାକ୍‌ବଽଲେକ୍‌ ନଽରାର୍‌ ହୟ୍‌ସି ନିଜେ ବିସାଉଁଣି
ବାରାର୍‌ ମାପ୍ରୁ ।” **9** ଜିସୁ ସେଟାଣେ ହୁଣି ଜାୟ୍‌ ସେମଽନାର୍‌
ପାର୍ଦ୍ଦନା ଗଽର୍‌ ବିତ୍ରେ ହୁର୍ଲା । **10** ସେତି ଗଟ୍‌ ଲକ୍‌ ରିଲା, ତାର୍‌
ଗଟେକ୍‌ ଆତ୍‌ ସୁକିଜାୟ୍‌ରିଲି । ଆରେକ୍‌ ଜିସୁର୍‌ ବିରଦେ ଦଽସ୍‌
ଦଽରୁକ୍‌ କଽତେକ୍‌ ଲକ୍‌ ଜାଗି ରିଲାୟ୍‌, ସେତାର୍‌ ଗିନେ ଜିସୁକେ
ହଽଚାର୍ଲାୟ୍‌, “ବିସାଉଁଣିବାର୍‌ ଦିନ୍‌ ଉଜ୍‌ କଽର୍ତାର୍‌ କାୟ୍‌ ମସାର୍‌
ବିଦି ବିରଦ୍‌ ନାୟ୍‌?” **11** ମଽତର୍‌ ଜିସୁ ସେମଽନ୍‌କେ କୟ୍‌ଲା,
“ଜଦି ତୁମିମଽନାର୍‌ ବିତ୍ରେ କାର୍‌ ଗଟେକ୍‌ ମେଣ୍ଢା ବିସାଉଁଣିବାର୍‌
ଦିନ୍‌ କାଲ୍‌ ବିତ୍ରେ ଅଦ୍ରେଦ୍‌, ତଽବେ ତାକ୍‌ କାୟ୍‌ ଉଟାୟ୍‌ ନାଣାସ୍‌?”
**12** ତଽବେ ମେଣ୍ଢା ତଽୟ୍‌ହୁଣି ମାନାୟ୍‌ କଽତେକ୍‌ ବଽଡ୍‌, ମସାର୍‌
ବିଦି ହଽର୍କାରେ “ବିସାଉଁଣିବାର୍‌ ଦିନ୍‌ ବିନ୍‌ ଲକେ ଉହ୍‌କାର୍‌ କଽର୍ତା
ବିଦି ।” **13** ତାର୍‌ହଽଚେ ଜିସୁ ସେମାନାୟ୍‌କେ କୟ୍‌ଲା, “ତର୍‌
ଆତ୍‌ ଲାମାଉ ।” ସେ ଆତ୍‌ ଲାମାୟ୍‌ଲାକେ ତାର୍‌ ବିନ୍‌ ଆତ୍‌ ହର୍‌
ଆରେକ୍‌ ନିକ ଅୟ୍‌ଲି । **14** ସେତାର୍‌ଗିନେ ପାରୁସିମଽନ୍‌ ବାରାୟ୍‌
ଜାୟ୍‌ କଽନ୍‌କଽରି ତାକେ ମଽର୍ନେ ମାରୁଆଁ ବଽଲି କୁଟ୍‌ ହାଚ୍‌ଲାୟ୍‌
। **15** ଜିସୁ ତାକ୍‌ ମାରୁକ୍‌ କୁଟ୍‌ ହାଚୁଲାୟ୍‌ ବଽଲି ଜାଣି ସେତି ହୁଣି
ଅଽଲ୍‌ଗା ଅୟ୍‌ ବାରାୟ୍‌ ଗଽଲା । ଆରେକ୍‌ ଗାଦେକ୍‌ ଲକ୍‌ ତାର୍‌
ହଽଚେ ହଽଚେ ଗଽଲାୟ୍‌, ଆର୍‌ ସେ ସଽବୁ ରଗିମଽନ୍‌କେ ଉଜ୍‌
କଽଲା । **16** ଆର୍‌ ତାର୍‌ କଽତା କାକେ ନଽକଽଉଁକ୍‌ ସେମଽନ୍‌କେ
କୟ୍‌ଲା । **17** ବାବ୍‌ବାଦି ଜିସାୟ୍‌ର୍‌ ତଽୟ୍‌ହୁଣି ଇସ୍ୱର୍‌ ଜୁୟ୍‌ କଽତା
କୟ୍‌ରିଲା ସେରି ହୁରୁଣ୍‌ ଅଽଉଁକେ ସେ ଇରି କଽଲା; **18** “ଅଽମାର୍‌
ଗତିଦଽଙ୍ଗ୍‌ଲା, ଜାକେ ଅଽମି ବାଚି ଆଚୁ, ସେ ଅଽମାର୍‌ ଆତ୍ମାର୍‌
ବଽଡେ ଲାଡାର୍‌, ତାର୍‌ ଉହ୍ରେ ଅଽମାର୍‌ ବଽଡେ ସଽନ୍‌ମତ୍‌; ମର୍‌
ଜିବନ୍‌ ତାର୍‌ ଉହ୍ରେ ଆସେଦ୍‌, ଆର୍‌ ସେ ଅଜିଉଦି ସଽବୁ ଦେସାର୍‌
ଲକ୍‌ମଽନାର୍‌ ତଽୟ୍‌ ମର୍‌ ନ୍ୟାୟ୍‌ ବିଚାର୍‌ ପର୍ଚାର୍‌ କଽରେଦ୍‌ ।
**19** ସେ ଗଽଣ୍ଡଗଲ୍‌ ନଽକେରେ କି ରାଟୁ ନଽକେରେ, କି ସାୟ୍‌
ମଽଜାୟ୍‌ ଟିଆ ନୟ୍‌, ଆର୍‌ ବଽଡ୍‌ ଟଣ୍ଡକଽରି ପର୍ଚାର୍‌ ନଽକେରେ
। **20** ସେ ସୁର୍ଲିଡାଙ୍ଗ ନଽବାଙ୍ଗେ ଆର୍‌ ସେ ଦୁଆଁ ଅଽଉତା ସଽଳିତା
ନଽଲିବାୟ୍‌ । ସେ ସଽହା ନୟ୍‌ଲା ଆର୍‌ ନିଗାଲ୍‌ ଲକ୍‌ମଽନାର୍‌
ନ୍ୟାୟ୍‌ ବିଚାର୍‌ ନଽଉତା ହଽତେକ୍‌, ତାର୍‌ କାମେ ହୁଣି ତୁନ୍‌
ନଽହାଳେ । **21** ଆର୍‌ ତାର୍‌ ନାଉଁଏ ଅଜିଉଦି ସଽବୁ ଲକ୍‌ମଽନ୍‌
ଆସା କଽର୍ତି ।” **22** ସଽଡେବଽଲ୍‌ ବୁତ୍‌ ଡଽସ୍‌ଲାର୍‌ କାଣା ଆର୍‌
ଗୁଲା ମାନାୟ୍‌କେ ଜିସୁର୍‌ ହାକ୍‌ ଆଣ୍‌ଲାୟ୍‌; ଆର୍‌ ଜିସୁ ତାକ୍‌ ଉଜ୍‌
କଽଲା, ତଽତ୍‌କାଣ୍‌ ସେ କଽତା କଽଉ ହାର୍ଲା ଆର୍‌ ଦଽକୁ ହାର୍ଲା ।
**23** ସେରି ଦଽକି ସଽବୁ ଲକ୍‌ମଽନ୍‌ କାବା ଅୟ୍‌ କୟ୍‌ଲାୟ୍‌, “ଏ କାୟ୍‌
ସେ ଦାଉଦାର୍‌ ହୟ୍‌ସି ନାୟ୍‌?” **24** ମଽତର୍‌ ପାରୁସିମଽନ୍‌ ସେରି
ସୁଣି କୟ୍‌ଲାୟ୍‌, “ଇ ଲକ୍‌ ବୁତ୍‌ମଽନାର୍‌ ମୁଳିକା ବାଲ୍‌ଜିବୁଲ୍‌
ତଽୟ୍‌ହୁଣି ସଽକ୍ତି ହାୟ୍‌ ବୁତ୍‌ମଽନ୍‌କେ ଚାଡାଉଁଲା ।” **25** ମଽତର୍‌
ଜିସୁ ସେମଽନାର୍‌ ମଽନାର୍‌ କଽତା ଜାଣି ସେମଽନ୍‌କେ କୟ୍‌ଲା,
“ଜୁୟ୍‌ ରାଇଜ୍‌ ବାଗ୍‌ ବାଗ୍‌ ଅୟ୍‌ ଅଽହ୍‌ଣାର୍‌ ବିରଦେ ଉଟେଦ୍‌,
ସେରି ନଽସ୍ଟ ଅୟ୍‌ ଜାୟ୍‌ଦ୍‌, ଆରେକ୍‌ ଜୁୟ୍‌ ଗଽଲ୍‌ କି ଗଽର୍‌ ବାଗ୍‌

ବାଗ୍ ଅୟ୍ ଅଃହ୍ଣାର୍ ବିରଦେ ଉଟେଦ୍, ସେରି ତିର୍ ଅୟ୍ ରେଉଁ
ନାହାରେ । 26 ଆର୍ ସୟ୍ତାନ୍ ଜଦି ସୟ୍ତାନ୍‌କେ ଚାଡାୟ୍‌ଦ୍,
ତଃବେ ସେ ବାଗ୍ ବାଗ୍ ଅୟ୍ ଅଃହ୍ଣାର୍ ବିରଦେ ଉଟ୍‌ଲିନି;
ତଃବେ ସୟ୍ତାନାର୍ ରାଇଜ୍ କଃନ୍‌କଃରି ତିର୍ ଅୟ୍ ରଃୟ୍‌ଦ୍?
27 ମୁଁୟ୍ ଜଦି ବାଲ୍‌ଜିବୁଲାର୍ ସଃକ୍ତିଏ ବୁତ୍‌ମଃନ୍‌କେ ଚାଡାଉଁଲେ,
ତଃବେ ତୁମିମଃନାର୍ ଚେଲାମଃନ୍ କାର୍ ବଃଳେ ବୁତ୍‌ମଃନ୍‌କେ
ଚାଡାଉତି, ତୁମାର୍ ଚେଲାମଃନାର୍ ଇ କାମାର୍ ଗିନେ ତୁମାର୍
ବିଚାର୍ ମିଚ୍ ବଃଲି ଜାଣା ହଃଲୁଲି । 28 ମଃତର୍ ମୁଁୟ୍ ଜଦି
ଇସ୍ୱରାର୍ ଆତ୍ମାର୍ ବଃଳେ ବୁତ୍‌ମଃନ୍‌କେ ଚାଡାଉଁଲେ, ତଃବେ ତ
ମାପ୍ରୁର୍ ରାଇଜ୍ ତୁମାର୍ ବିତ୍ରେ ଆସି ହଚ୍‌ଲିବେ ।” 29 “ଆରେକ୍
କେ ବଃଲ୍‌ବପୁ ଲକ୍‌କେ ନଃବାନ୍ଧଲେକ୍, କଃନ୍‌କଃରି ତାର୍ ଗଃରେ
ହୁରିକଃରି ତାର୍ ଆସ୍ତିବାଡି ଜୁରି ନେଉଁ ହାରେ? ତାକ୍ ହଃର୍ତୁ
ବାନ୍ଧଲେକ୍ ସିନା ତାର୍ ଗଃର୍ ଜୁରି ନେଉଁ ହାରେ ।” 30 “ଜେ
ମର୍ ସଃଙ୍ଗାର୍ ନାୟ୍, ସେ ମର୍ ବିରଦି, ଆରେକ୍ ଜେ ମର୍ ସଃଙ୍ଗ
ନଃରୁଣ୍ଡାୟ୍, ସେ ଜଃତ୍‌କଃତ୍ କଃରେଦ୍ । 31 ତଃବେ ମୁଁୟ୍
ତୁମିମଃନ୍‌କେ କଃଉଁଲେ, ମାନାୟ୍‌ମଃନାର୍ ସଃର୍ନେ ହାହ୍ ଆର୍
ଲିନ୍ଦା କଃତା କେମା କଃରା ଅୟ୍‌ଦ୍, ମଃତର୍ ପବିତ୍ର ଆତ୍ମାର୍
ବିରଦେ ଲିନ୍ଦା କଃତା କୟ୍‌ଲେକ୍ କେମା କଃରାନାୟ୍ । 32 ଆର୍
ଜେ ନଃରାର୍ ହୟ୍‌ସି ବିରଦେ କଃତା କୟ୍‌ଦ୍ ତାକ୍ କେମା ଦିଆ
ଅୟ୍‌ଦ୍, ମଃତର୍ ଜେ ପବିତ୍ର ଆତ୍ମା ବିରଦେ କଃତା କୟ୍‌ଦ୍,
ତାକ୍ ଇ ଜୁଗେ କି ସେ ଜୁଗେ କେମା ନାୟ୍ ।” (aiōn g165) 33
“ଗଃଚ୍‌କେ ନିକ କଃଉଆ ଆର୍ ତାର୍ ହଃଲ୍‌କେ ନିକ କଃଉଆ,
ନୟ୍‌ଲେକ୍ ଗଃଚ୍‌କେ କଃରା ବଃଲା ଆର୍ ତାର୍ ହଃଲ୍‌କେ ହେଁ
କଃରାବ୍ ବଃଲା । କାୟ୍‌ତାକ୍‌ବଃଲେକ୍ ହଃଲ୍‌କେ ଦଃକି ଗଃଚ୍
ଚିନା ହଃଳେଦ୍ । 34 ରେ ନାଗ୍ ସାହ୍ ଆର୍ ତାର୍ ବଃଉଁସ୍‌ମଃନ୍,
ତୁମିମଃନ୍ ଦୁସ୍ଟ ଅୟ୍‌କଃରି କଃନ୍‌କଃରି ସଃତ୍ କଃତା କଃଉ
ହାରାସ୍? କାୟ୍‌ତାକ୍‌ବଃଲେକ୍ ଗଃର୍ବ୍ ବିତ୍ରେ ଜାୟ୍‌ରି ରଃୟ୍‌ଦ୍,
ସେରି ଟଣ୍ଡ କୟ୍‌ଦ୍ । 35 ସଃତ୍ ମାନାୟ୍ ନିଜାର୍ ଗଃର୍ବ୍ ବିତ୍ରେ ରିଲା
ନିକରି ବାର୍ କଃରେଦ୍; ଆର୍ ବାନ୍ୟା ଲକ୍ ଗଃର୍ବେ ହୁଣି ବାନ୍ୟାରି
ବାର୍ କଃରେଦ୍ ।” 36 “ମୁଁୟ୍ ତୁମିକେ କଃଉଁଲେ, ଲକ୍‌ମଃନ୍
ଜଃତେକ୍ ଅଃଲ୍‌ସିଆ ଲାବ୍ ନୟ୍‌ଲା କଃତା କଃଉତି, ବିଚାର୍
ଦିନ୍ ସେମଃନ୍ ସେତିର୍ ଉତୁର୍ ଦେତି । 37 ଇତାକ୍ ତୁମାର୍
ଟଣ୍ଡାର୍ କଃତାକ୍ ଦଃରି ତୁମି ନିର୍ଦସି, ଆର୍ ତୁମାର୍ କଃତାକ୍
ଦଃରି ତୁମି ଦସି ବଃଲି ଜାଣା ହଃଲାସ୍ ।” 38 ସଃଡେବଃଲ୍ ସାସ୍ତ୍ରି
ଆର୍ ପାରୁସିମଃନାର୍ ବିତ୍ରେ କଃତି ଲକ୍ ଜିସୁକେ କୟ୍‌ଲାୟ୍,
“ଏ ଗୁରୁ, ଅଃମିମଃନ୍ ତର୍ ତଃୟ୍‌ହୁଣି ଗଟେକ୍ କାବା ଅଃଉତା
ଚିନ୍ ଦଃକୁକେ ମଃନ୍ କଃରୁଲୁ ।” 39 ମଃତର୍ ଜିସୁ ସେମଃନ୍‌କେ
କୟ୍‌ଲା, “ଦୁସ୍ଟ ଆର୍ ଇସ୍ୱର୍‌କେ ବିସ୍ୱାସ୍ ନଃକେର୍ତା ଲକ୍‌ମଃନ୍
ଚିନ୍ ଲଲ୍‌ତି,” ମଃତର୍ ବାବ୍‌ବାଦି ଜୁନସାର୍ ଚିନ୍ ଚାଡି କାୟ୍
ଚିନ୍ ହେଁ ସେମଃନ୍‌କେ ଦିଆ ନୟେ । 40 କାୟ୍‌ତାକ୍‌ବଃଲେକ୍
ଜୁନସ୍ ଜଃନ୍‌କଃରି ତିନି ଦିନ୍ ଆର୍ ତିନି ରାତି ବଃଡ୍ ମାଚାର୍
ହେଟ୍ ବିତ୍ରେ ରିଲା, ସେନ୍‌କଃରି ନଃରାର୍ ହୟ୍‌ସି ତିନି ଦିନ୍ ତିନି
ରାତି ମାଟି ବିତ୍ରେ ରଃୟ୍‌ଦ୍ । 41 ଜୁୟ୍ ଦିନ୍ ଇସ୍ୱର୍ ଲକ୍‌ମଃନାର୍
ବିଚାର୍ କଃରେଦ୍, ନିନିବିର୍ ଲକ୍‌ମଃନ୍ ତୁମାର୍ ବିରଦେ ଲିନ୍ଦା
କଃରୁକେ ଉଟ୍‌ତି, କାୟ୍‌ତାକ୍‌ବଃଲେକ୍ ସେମଃନ୍ ଜୁନସ୍ ପର୍ଚାର୍
କଃଲାକ୍ ହାହ୍ ଚାଡି ରିଲାୟ୍, ଆର୍ ଦଃକା, ଇତି ଜୁନସାର୍
ତଃୟ୍‌ହୁଣି ଗଟେକ୍ ବଃଡ୍ ଲକ୍ ଆଚେ । 42 ଆର୍ ବିଚାର୍ ଦିନ୍
ସିବା ଦେସାର୍ ରାଣି ବିଚାରେ ଇ କାଳାର୍ ମାନାୟ୍‌ମଃନାର୍ ସଃଙ୍ଗ
ଉଟି ସେମଃନ୍‌କେ ଦସି କଃରେଦ୍, କାୟ୍‌ତାକ୍‌ବଃଲେକ୍ ସେ
ସଲ୍‌ମନାର୍ ଗ୍ୟାନାର୍ କଃତା ସୁଣୁକ୍ ହୁର୍ତିବି ସଃର୍ଲା କନେହୁଣି
ଆସିରିଲି, ଆର୍ ଦଃକା, ଇତି ସଲ୍‌ମନାର୍ ତଃୟ୍‌ହୁଣି ବଃଡ୍
କଃତା ଇତି ଆଚେ । 43 “ବିଟାଲ୍ ଆତ୍ମା ଗଟ୍‌ଲକାର୍ ତଃୟ୍‌ହୁଣି
ବାରାୟ୍ ଗଃଲା ହଃଚେ, ହାଣି ନୟ୍‌ଲା ଜଃଗା ସଃବୁ ବୁଲିକଃରି
ବିସାଉଁକ୍ ଟାଣ୍ ଲଳେଦ୍, ଆର୍ ସେରି ମିଳାଉଁକ୍ ନାହାରେ ।
44 ସଃଡେବଃଲ୍ ସେ କୟ୍‌ଦ୍, ମୁଁୟ୍ ଜୁୟ୍ ଗଃରେହୁଣି ବାରାୟ୍
ଆସିରିଲେ, ମର୍ ସେ ଗଃରେ ଲେଉଟି ଜାୟ୍‌ନ୍ଦ । ଆରେକ୍
ସେଗଃରେ ଆସି ସେରି ନିର୍ମୁଳ୍ ଅୟ୍ ସୁନ୍ଦର୍ ଅୟ୍‌ରିଲାର୍ ଦଃକେଦ୍
। 45 ସଃଡେବଃଲ୍ ସେ ଜାୟ୍ ଅଃହ୍ଣାର୍ ତଃୟ୍‌ହୁଣି ଅଃଦିକ୍
ସାତ୍‌ଗଟ୍ ଦୁସ୍ଟ ଆତ୍ମା ସଃଙ୍ଗେ ଦଃରି ଆସେଦ୍, ଆରେକ୍ ସେମଃନ୍
ସେ ଗଃରେ ହୁରି ସେତି ବାସା କର୍ତି; ଆର୍ ସେଲକାର୍ ହଃର୍ତୁ
ଦଃସା ତଃୟ୍‌ହୁଣି ସେସ୍ ଦଃସା ଅଃଦିକ୍ କଃରାବ୍ ଅୟ୍‌ଦ୍, ଇ
କାଳାର୍ ଦୁସ୍ଟ ମାନାୟ୍‌ମଃନ୍ ଇରଃକମ୍ ଡଃଣ୍ଡ ହାଉତି ।” 46
ଜିସୁ ଲକ୍‌ମଃନ୍‌କେ ଇ କଃତା କଃଉତା ବଃଲ୍, ତାର୍ ଆୟ୍‌ସି
ଆର୍ ତାର୍ ବାୟ୍‌ସିମଃନ୍ ତାର୍ ସଃଙ୍ଗ ଟଣ୍ଡ ଅଃଉଁକେ ମଃନ୍‌କଃରି
ହଃଦାୟ୍ ଟିଆ ଅୟ୍‌ରିଲାୟ୍ । 47 ସେତାକ୍ ଗଟ୍‌ଲକ୍ ଜିସୁକେ
କୟ୍‌ଲା, “ଦଃକ୍, ତର୍ ଆୟ୍‌ଦି ଆର୍ ବାୟ୍‌ଦିମଃନ୍ ତର୍ ସଃଙ୍ଗ
ଟଣ୍ଡ ଅଃଉଁକେ ହଃଦାୟ୍ ଟିଆ ଅୟ୍ ଆଚ୍‌ତି ।” 48 ମଃତର୍ ଜିସୁ
ତାକ୍ ଉତୁର୍ ଦିଲା, “କେ ମର୍ ଆୟ୍ସା, ଆର୍ କୁୟ୍ ଲକ୍‌ମଃନ୍
ମର୍ ବାୟ୍‌ମଃନ୍?” 49 ସେ ଚେଲାମଃନାର୍ ବାଟ ଆତ୍ ଦଃକାୟ୍
କୟ୍‌ଲା, “ଏଦେ ଦଃକା, ଇ ଲକ୍‌ମଃନ୍ ମର୍ ଆୟ୍ସା ଆର୍ ମର୍
ବାୟ୍‌ମଃନ୍ । 50 ବଃଲେକ୍ ଜୁୟ୍‌ଲକ୍ ମର୍ ସଃର୍ଗାର୍ ଉବାର୍ ଇଚା
ହୁରୁଣ୍ କଃରେଦ୍, ସେ ମର୍ ବାୟ୍, ବେଣି ଆର୍ ଆୟ୍ସା ।”

**13** ଜିସୁ ସେଦିନ୍ ଗଃରେହୁଣି ବାରାୟ୍ ଜାୟ୍ ସଃମଃନ୍ଦ କଃଣ୍ଡାୟ୍
ଗଃଲା ଆର୍ ସେତି ସିକ୍ୟା ଦେଉଁକେ ବଃସ୍‌ଲା । 2 ସେତାକ୍
ତାର୍ ଚଃମେ ଗାଦେକ୍ ଲକ୍ ଆସି ରୁଣ୍ଡଲାକ୍, ସେ ଜାୟ୍ ଗଟେକ୍
ଡଙ୍ଗାୟ୍ ବଃସ୍‌ଲା, ଆର୍ ଲକ୍‌ମଃନ୍ କଃଣ୍ଡାୟ୍ ଟିଆଅୟ୍ ତାର୍
ସିକ୍ୟା ସୁଣ୍‌ଲାୟ୍ । 3 ତାର୍‌ହଃଚେ ସେ କଃତେକ୍ କଃତାମଃନ୍
କୟ୍ ସେମଃନ୍‌କେ କଃଉଁକେ ଦର୍ଲା, “ଦଃକା, ବୁଣ୍‌ତା ଗଟେକ୍
ମାନାୟ୍ ବିଆନ୍ ବୁଣୁକ୍ ବାରାୟ୍‌ଲା । 4 ବିଆନ୍ ବୁଣୁ ବୁଣୁ
କଃତେକ୍ ବିଆନ୍ ବାଟେ ଅଦୁର୍ଲି, ଆର୍ ଚେଳେମଃନ୍ ଆସି
ସେରିସଃବୁ ବେଟି କାୟ୍‌ଲାୟ୍ । 5 ଆରେକ୍ କଃତେକ୍ ବିଆନ୍
ଅଃଳକ୍ ମାଟି ରିଲା ଚଃଟ୍ରା ବୁୟେଁ ଅଦୁର୍ଲି ଆର୍ ବୁତେକ୍ ମାଟି

ନଃରିଲାକ୍ ବେଗି ଗଃଜା ଅୟ୍‌ଲି; 6 ମଃତର୍ ବେଲ୍ ଉଦ୍‌ଲାକ୍
ସେରିମଃନ୍ କଃରାକେ ହଡି କମ୍‌ଜି ଗଃଲି, ଆର୍ ତାର୍ ଚେର୍
ନଃରିଲାକ୍ ସୁକି ଗଃଲି । 7 ଆର୍ କଃତେକ୍ ବିଆନ୍ କାଟା ବୁଟା
ବିତ୍ରେ ଅଦୁର୍ଲି, ଆର୍ କାଟାବୁଟାମଃନ୍ ବାଡିକଃରି ସେସଃବୁକେ
ଚାହି ହଃକାୟ୍‌ଲି । 8 ମଃତର୍ ବିନ୍ କଃତେକ୍ ବିଆନ୍ ନିକ ମାଟାୟ୍
ଅଦୁର୍ଲି ଆର୍ ହଃଲ୍ ହଃଲ୍‌ଲି, କଃତେକ୍ ସଏ ଗୁଣ୍, କଃତେକ୍
ସାଟେ ଗୁଣ୍, ଆରେକ୍ କଃତେକ୍ ତିରିସ୍ ଗୁଣ୍ ଅଃଦିକ୍ ହଃଲ୍
ହଃଲ୍‌ଲି ।” 9 ଜିସୁ ତାର୍ କଃତା ସଃରାୟ୍‌କଃରି କୟ୍‌ଲା, “ଜାର୍
ସୁଣୁକ୍ କାନ୍ ଆଚେ ସେ ସୁଣ ।” 10 ଇତାର୍‌ହଃଚେ ଚେଲାମଃନ୍
ଜିସୁର୍ ଲଃଗେ ଆସି ହଃଚାର୍ଲାୟ୍, “ତୁୟ୍ ଲକ୍‌ମଃନ୍‌କେ କାୟ୍‌ତାକ୍
କଃତାମଃନ୍ କୟ୍ ବୁଜାଉଁଲିସ୍?” 11 ଜିସୁ ସେମଃନ୍‌କେ କୟ୍‌ଲା,
“କାୟ୍‌ତାକ୍‌ବଃଲେକ୍ ସଃର୍ଗ୍ ରାଇଜାର୍ ବିତ୍ରି କଃତା ଜାଣୁକେ
ତୁମିମଃନ୍‌କେ ବୁଦି ଦିଆଅୟ୍ ଆଚେ, ମଃତର୍ ସେମଃନ୍‌କେ
ଦିଆ ନହୟେ । 12 ତଃବେ ଜାର୍ ଆଚେ ତାକ୍ ଦିଆ ଅୟ୍‌ଦ୍,
ଆର୍ ତାର୍ ବୁତେକ୍ ଅୟ୍‌ଦ୍; ମଃତର୍ ଜାର୍ ନାୟ୍, ତାର୍ ତଃୟ୍
ଜାୟ୍‌ରି ଆଚେ, ସେସଃବୁ ହେଁ ତାର୍ ତଃୟ୍‌ହୁଣି ନିଆ ଅୟ୍‌ଦ୍ ।
13 ସେମଃନ୍ ଦଃକି ଦଃକି ନଃଦେକ୍‌ତି ଆର୍ ସୁଣୁ ସୁଣୁ ନଃସୁଣ୍‌ତି
କି ନଃବୁଜ୍‌ତି; ଇତାର୍ ଗିନେ ସେମଃନ୍‌କେ ମୁଁୟ୍ କଃତାମଃନ୍
କୟ୍ ବୁଜାଉଁଲେ । 14 ଆର୍ ଜିସାୟ୍ ବାବ୍‌ବାଦିର୍ ଇ ବାବ୍‌ବାଣି
ସେମଃନାର୍ ଗିନେ ହୁରୁଣ୍ ଅୟ୍‌ଲି- ‘ଇ ଲକ୍‌ମଃନ୍ ସୁଣୁ ସୁଣୁ
ସୁଣ୍‌ତି, ମଃତର୍ କଃନ୍‌କଃରି ହେଁ ବୁଜୁ ନଃହାର୍‌ତି; ଆରେକ୍
ଦଃକୁ ଦଃକୁ ଦଃକ୍‌ତି, ମଃତର୍ କଃନ୍‌କଃରି ହେଁ ଜାଣୁ ନଃହାର୍‌ତି
। 15 କାୟ୍‌ତାକ୍‌ବଃଲେକ୍ ଇ ଲକ୍‌ମଃନାର୍ ମଃନ୍ ଅଃଟୁଆ
ଅୟ୍‌ଲି, ସେମଃନ୍ କାନେ ବଃଡେ କଃସ୍ଟେ ସୁଣ୍‌ଲାୟ୍, ଆର୍
ଅଃହ୍‌ଣା ଅଃହ୍‌ଣାର୍ ଆକି ଲୁମ୍‌ଲାୟ୍ । ଜଃନ୍‌କଃରି ସେମଃନ୍
ଆକାୟ୍ ନଃଦେକ୍‌ତି, ଆର୍ କାନେ ନଃସୁଣ୍‌ତି, ଆର୍ ମଃନେ
ନଃବୁଜ୍‌ତି, ଆର୍ ବାଉଳି ନାସ୍ତି, ଆର୍ ଅଃମି ସେମଃନ୍‌କେ ଉଜ୍
ନଃକେରୁ ।’” 16 “ମଃତର୍ ବାୟ୍‌ଗ୍ ତୁମିମଃନାର୍ ଆକି, ଜଃନ୍
ସେରି ଦଃକେଦ୍, ବାୟ୍‌ଗ୍ ତୁମିମଃନାର୍ କାନ୍, ଜଃନ୍ ସେରି
ସୁଣେଦ୍ । 17 କାୟ୍‌ତାକ୍‌ବଃଲେକ୍ ମୁଁୟ୍ ତୁମିମଃନ୍‌କେ ସଃତ୍
କଃଉଁଲେ, ତୁମିମଃନ୍ ଜାୟ୍ ଜାୟ୍‌ରି ଦଃକୁଲାସ୍, ସେରି ସଃବୁ
କଃତେକ୍ ବାବ୍‌ବାଦି ଆର୍ ଦଃର୍ମି ଲକ୍‌ମଃନ୍ ଦଃକୁକେ ମଃନ୍
କଃଲାୟ୍, ମଃତର୍ ଦଃକୁକେ ନଃହାୟ୍‌ଲାୟ୍; ଆରେକ୍ ତୁମିମଃନ୍
ଜାୟ୍ ଜାୟ୍‌ରି ସୁଣୁଲାସ୍, ସେରି ସଃବୁ ସେମଃନ୍ ସୁଣୁକ୍ ମଃନ୍
କଃଲାୟ୍, ମଃତର୍ ନଃସୁଣ୍‌ଲାୟ୍ ।” 18 “ତଃବେ ତୁମିମଃନ୍
ବିଆନ୍ ବୁଣ୍‌ତା ଲକାର୍ କଃତାର୍ ବାବ୍ ସୁଣା, 19 ଜେ ସଃର୍ଗ୍
ରାଇଜାର୍ ବଃଚନ୍ ସୁଣି ସେରି ନଃବୁଜେ, ସେ ବାଟ ଲଃଗେ ଅଦ୍ରି
ରିଲା ବିଆନ୍ ହର୍, ସୟ୍‌ତାନ୍ ଆସି ତାର୍ ମଃନ୍ ବିତ୍ରେ ଜାୟ୍‌ରି
ବୁଣା ଜାୟ୍‌ରିଲି, ଦୁସ୍ଟ ସେରି ଚରି ନଃୟ୍‌ଦ୍ । ବାଟ ଲଃଗେ ଅଦ୍ରି
ରିଲା ବିଆନାର୍ ବାବ୍ ଅଃଉଁଲି ଇରି । 20 ଜେ ଇସ୍ୱରାର୍ ବଃଚନ୍
ସୁଣ୍‌ଲା ଦାହ୍ରେ ସଃର୍ଦାୟ୍ ସେରି ମଃନେ ଦଃରେଦ୍, ସେ ଚଃଟ୍ରା
ବୁୟେଁ ଅଦ୍ରି ରିଲା ବିଆନ୍ ହର୍, 21 ମଃତର୍ ସେମଃନାର୍ ଚେର୍
ବିତ୍ରେ ଜାୟ୍ ନଃରିଲାକ୍, ସେମଃନ୍ ବୁତେକ୍ ଗଃଳି ଦଃରି ରେଉଁ
ନଃହାର୍‌ତି, ହଃଚେ ଇସ୍ୱରାର୍ ବଃଚନ୍ ଗିନେ କାୟ୍ ଜଃଞ୍ଜାଲ୍ କି
ଦୁକ୍ କଃସ୍ଟ ଆୟ୍‌ଲେକ୍, ସେମଃନ୍ ସେଦାହ୍ରେ ସେରି ଚାଡିଦେତି
। 22 ଜେ ବଃଚନ୍ ସୁଣେଦ୍, ମଃତର୍ ଜଃଗତାର୍ ଚିତା ଆର୍
ଦଃନାର୍ ଲଃବ୍ ତାକ୍ ଚାହି ହଃକାୟ୍‌ଦ୍, ସେ ଆର୍ ହଃଲ୍ ହଃଲୁ
ନାହାରେ, ସେରି କାଟା ବୁଟାୟ୍ ଅଦ୍ରି ରିଲା ବିଆନ୍ ହର୍, ସେମଃନ୍
କାୟ୍ ହେଁ ତାସ୍ ନଃହାଉତି । (aiōn g165) 23 ମଃତର୍ ଜେ
ବଃଚନ୍ ସୁଣି ବୁଜେଦ୍, ସେ ନିକ ମାଟାୟ୍ ଅଦ୍ରି ରିଲା ବିଆନ୍
ହର୍, ସେମଃନ୍ ନିକ ତାସ୍ ଲାବ୍ କଃର୍ତି, କେ ସଏ ଗୁଣ୍ ଅଃଦିକ୍
ହାଉତି, କେ ସାଟେ ଗୁଣ୍ ଅଃଦିକ୍ ହାଉତି, ହିଁ ତିରିସ୍ ଗୁଣ୍ ଅଃଦିକ୍
ହାଉତି ।” 24 ଜିସୁ ଆରେକ୍ ଗଟ୍ କଃତା କୟ୍ ସେମଃନ୍‌କେ
ବୁଜାୟ୍‌ଲା, “ସଃର୍ଗ୍ ରାଇଜ୍ ଅଃନ୍‌କାର୍ ଗଟ୍ ମାନାୟ୍‌ହର୍, ସେ
ଅଃହ୍‌ଣାର୍ ହଃଦାୟ୍ ନିକ ବିଆନ୍ ବୁଣି ରିଲା, 25 ମଃତର୍
ଲକ୍‌ମଃନ୍ ସୟ୍‌ରିଲା ବଃଲ୍, ତାର୍ ସଃତ୍ରୁ ଆସି ସେ ଗଅଁ ବିଆନ୍
ବିତ୍ରେ କଃଦଟଳା ମୁଞ୍ଜି ବୁଣି ବାରାୟ୍ ଗଃଲା । 26 ତାର୍‌ହଃଚେ
ଜଃଡେବଃଲ୍ ମୁଞ୍ଜି ଗଃଜା ଅୟ୍ ହଃତାର୍ ବାରାୟ୍ ହଃଲ୍ ହଃଲୁକ୍
ଦଃର୍ଲି, ସଃଡେବଃଲ୍ କଃଦଟଳା ହେଁ ଡିସ୍‌ଲି । 27 ସେତାକ୍
ଗଃରାର୍ ଗତିଦଃଙ୍ଗ୍ଳାମଃନ୍ ଆସି ସାଉକାର୍‌କେ କୟ୍‌ଲାୟ୍,
‘ଏ ସାଉକାର୍, ତୁୟ୍ କାୟ୍ ତର୍ ହଃଦାୟ୍ ନିକ ବିଆନ୍ ବୁଣି
ନଃରିଲିସ୍? ତଃବେ କୁୟ୍‌ତିର୍ କଃଦଟଳା ରଃନ୍ ଉଟ୍‌ଲି?’ 28
ସେ ସେମଃନ୍‌କେ କୟ୍‌ଲା, ‘କୁୟ୍ ଅଲେ ସଃତ୍ରୁ ଇରି କଃରିଆଚେ
।’ ଆରେକ୍ ଗତିଦଃଙ୍ଗ୍ଳାମଃନ୍ କୟ୍‌ଲାୟ୍, ‘ଅଃମିମଃନ୍ ଜାୟ୍
ସେରି ଜିକି ହଃବ୍ଲାଉନ୍ଦ ବଃଲି କାୟ୍ ତର୍ ମଃନ୍?’ 29 ମଃତର୍
ସାଉକାର୍ କୟ୍‌ଲା, ‘ନାୟ୍, ତୁମିମଃନ୍ କଃଦଟଳା ଜିକ୍‌ତା ବଃଲ୍
କେଜାଣ୍ ତାର୍ ସଃଙ୍ଗ୍ ଗଅଁ ହେଁ ଜିକି ହଃବ୍ଲାଉଆସ୍ । 30 ସେତାକ୍
ତାସ୍ କାଟ୍‌ତା ହଃତେକ୍ କଃଦଟଳାକ୍ ହେଁ ବାଡୁକେ ଦିଆସ୍,
ହଃଚେ କାଟ୍‌ତା ବଃଲ୍ କାଟ୍‌ତା ଲକ୍‌କେ କୟ୍‌ଦ୍, ତୁମିମଃନ୍
ହଃର୍ତୁ କଃଦଟଳା ସଃବୁ ଗଟେ ଟାଣେ କଃରି ଜୟେ ହଡାଉଁକ୍
ହଃଣ୍ଡି ବାନ୍ଦ୍, ଆର୍ ଗଅଁ ସଃବୁ ମର୍ ଗଃଦ୍ୟାୟ୍ ସଃଙ୍ଗ୍ଳାଉଆ ।’”
31 ଜିସୁ ଆରେକ୍ ଗଟେକ୍ କଃତା କୟ୍ ସେମଃନ୍‌କେ କୟ୍‌ଲା,
“ସଃର୍ଗ୍ ରାଇଜ୍ ଅଃନ୍‌କାର୍ ଗଟେକ୍ ସଃର୍ସୁ ମୁଞ୍ଜି ହର୍, ଜୁୟ୍‌ରି
ନଃୟ୍ ଗଟ୍ ଲକ୍ ଅଃହ୍‌ଣାର୍ ବାଳେ ବୁଣ୍‌ଲା । 32 ସଃର୍ସୁ ମୁଞ୍ଜି
ସଃବ୍‌କେ ସାନ୍ ବିଆନ୍, ମଃତର୍ ସେରି ବାଡ୍‌ଲେକ୍, ସଃବୁ ସାଗ୍
ଗଃଚ୍ ତଃୟ୍‌ହୁଣି ବଃଡ୍ ଅୟ୍ ଇବାନ୍ୟା ବାଡେଦ୍ ଜେ, ଅଃଗାସ୍
ଉହ୍ରାର୍ ଚେଲେମଃନ୍ ଆସି ତାର୍ ଡାଲ୍‌ବିତ୍ରେ ଗୁଡା ଗାଲି ବାସା
କଃର୍ତି ।” 33 ଜିସୁ ସେମଃନ୍‌କେ ଆରେକ୍ ଗଟ୍ କଃତା କୟ୍
ସେମଃନ୍‌କେ କୟ୍‌ଲା, “ସଃର୍ଗ୍ ରାଇଜ୍ କମିର୍ ହର୍, ଗଟେକ୍
ମାୟ୍‌ଜି ସେରି ନଃୟ୍‌କଃରି ମାଣେକ୍ ଗମ୍‌ଗୁଣ୍ଡ ସଃଙ୍ଗ୍ ମିସାୟ୍
କଃରି ଚଃଟ୍‌କ୍‌ଲି, ଆର୍ ହଃଚେ ସେ ସଃବୁ କମିର୍ ହର୍ ଅୟ୍‌ଲି
।” 34 ଜିସୁ କଃତାମଃନ୍ କୟ୍ ଲକ୍‌ମଃନ୍‌କେ ସିକ୍ୟା ଦେତିରିଲା,

ଅଃନ୍‌କଃରି କଃତାମଃନ୍ ନଃକୟ୍‌କଃରି କାୟ୍ ସିକ୍ୟା ହେଁ ନଃଦେତି
ରିଲା, 35 ଇତାର୍ ଗିନେ ବାବ୍‌ବାଦିମଃନାର୍ ଇ ବାବ୍‌ବାଣି ହୁରୁଣ୍
ଅୟ୍‌ଲି, “ଅଃମି କଃତାମଃନ୍ କୟ୍ ସିକ୍ୟା ଦେଉଁନ୍ଦୁ; ଜଃଗତ୍
ଉବ୍‌ଜାଣ୍ ଅଃଉତା ଆଗ୍‌ତୁର୍ ଲୁକିରିଲା କଃତାସଃବୁ କଃଉନ୍ଦ
।” 36 ହଃଚେ ଜିସୁ ସେ ଲକ୍‌ମଃନ୍‌କେ ଚାଡି ଗଃରେ ହୁର୍ଲା,
ତାର୍‌ହଃଚେ ତାର୍ ଚେଲାମଃନ୍ ଜିସୁର୍ ଚଃମେ ଆସି ହଃଚାର୍ଲାୟ୍,
“ବାଲାର୍ କଃଦଟଲା କଃତାର୍ ବାବ୍ ନିକକଃରି ବୁଜାଉ ।” 37
ଜିସୁ କୟ୍‌ଲା, “ନିକ ବିଆନ୍ ଜେ ବୁଣେଦ୍, ସେ ନଃରାର୍ ହୟ୍‌ସି
। 38 ତାସ୍ ହଃଦା ଅଃଉଁଲି ଜଃଗତ୍, ଜୁୟ୍ ଲକ୍‌ମଃନ୍ ସଃର୍ଗ୍
ରାଇଜେ ବାସା କଃର୍ତି, ସେମଃନ୍ ନିକ ବିଆନ୍, କଃଦଟଲା ରଃନ୍
ହାହ୍ ଆତ୍ମାର୍ ଲକ୍‌ମଃନ୍ । 39 ଜୁୟ୍ ସଃତ୍ରୁ ସେରି ବୁଣ୍‌ଲି,
ସେ ସୟ୍‌ତାନ୍, କାଟାବେଟା ବେଳା ଅୟ୍‌ଲି ଜୁଗ୍ ସେସ୍ ଦିନ୍,
ଆର୍ କାଟ୍‌ତା ଲକ୍‌ସଃବୁ ସଃର୍ଗ୍ ଦୁତ୍‌ମଃନ୍ । (aiōn g165) 40
ବଃଲେକ୍ କଃଦଟଲା ଜଃନ୍‌କଃରି ଗଟେ ଟାଣେ ଗାଦା କଃରି
ଜୟେ ହଡାଉଁକ୍ ଅୟ୍‌ଦ୍, ଜୁଗ୍ ସେସ୍ ଦିନ୍ ସେରକମ୍ ଅୟ୍‌ଦ୍
। (aiōn g165) 41 ନଃରାର୍ ହୟ୍‌ସି ଅଃହ୍‌ଣାର୍ ଦୁତ୍‌ମଃନ୍‌କେ
ହଃଟାୟ୍‌ଦ୍ ଆର୍ ସେମଃନ୍ ତାର୍ ରାଇଜାର୍ ସଃବୁ ବାଦା ଅଃଉତା
ଲକ୍‌ମଃନ୍‌କେ ଆର୍ ଅଃଦଃର୍ମି ଲକ୍‌ମଃନ୍‌କେ ରୁଣ୍ଡାଉତି । 42
ଆର୍ ସେମଃନ୍‌କେ ଜୟ୍‌କୁଣ୍ଡେ ହଃବ୍ଲାଉତି, ସେ ବିତ୍ରେ କାନ୍ଦତାର୍
ଆର୍ ଦାତାର୍ କିଳିମିଳି ଅୟ୍‌ଦ୍ । 43 ସଃଡେବଃଲ୍ ଇସ୍ୱରାର୍
ଦଃର୍ମି ଲକ୍‌ମଃନ୍ ସେମଃନାର୍ ସଃର୍ଗାର୍ ଉବାସିର୍ ରାଇଜେ ବେଲ୍
ହର୍ ଜିକ୍‌ଜିକା ଡିସ୍ତି । ଜାର୍ ସୁଣୁକ୍ କାନ୍ ଆଚେ ସେ ସୁଣ ।”
44 “ସଃର୍ଗ୍ ରାଇଜ୍ ଗଟ୍ ହଃଦାୟ୍ ଲୁକ୍‌ଣେ ରିଲା ଦଃନ୍ ହର୍
। ଗଟ୍ ମାନାୟ୍ ସେରି ଦଃକି ସେ କଃତାକ୍ ଲୁକାୟ୍‌ଲା, ଆର୍
ସଃର୍ଦା ଅୟ୍ ଜାୟ୍ ଅଃହ୍‌ଣାର୍ ସଃର୍ନେ ବିକିକଃରି ସେ ହଃଦାକେ
ଗେନ୍‌ଲା ।” 45 “ଆରେକ୍ ସଃର୍ଗ୍ ରାଇଜ୍ ଇବାନ୍ୟା ଗଟେକ୍ ନିକ
ନିକ ମୁକ୍ତା ଲଲ୍‌ତିରିଲା ବେବାରି ହର୍ । 46 ଗଟେକ୍ ବଃଡେ
ମଲାର୍ ମୁକ୍ତା ଦଃକି ସେ ଜାୟ୍ ତାର୍ ଗଃରେ ରିଲାର୍ ସଃବୁ
ବିକିକଃରି ସେ ମୁକ୍ତାକେ ଗେନ୍‌ଲା ।” 47 “ଆରେକ୍ ସଃର୍ଗ୍ ରାଇଜ୍
ସଃମ୍‌ନ୍ଦ୍ରେ ହଃକାୟ୍‌ଲା ସଃବୁ ରଃକମାର୍ ମାଚ୍ ରୁଣ୍ଡାଉତା ଗଟେକ୍
ମାଚ୍‌ଜାଲ୍ ହର୍ । 48 ସେରି ବଃର୍ତି ଅୟ୍‌ଲାକ୍ ଲକ୍‌ମଃନ୍ କଃଣ୍ଡାୟ୍
ଜିକି ଆଣ୍‌ଲାୟ୍, ଆର୍ ବଃସି ନିକନିକରି ଡଙ୍ଗାୟ୍ ଗଟେଟାଣେ
କଃଲାୟ୍, ମଃତର୍ ବାନ୍ୟାରିମଃନ୍ ହଃଦାୟ୍ ହଃବ୍ଲାୟ୍‌ଲାୟ୍ ।
49 ଜୁଗ୍ ସେସ୍ ଦିନ୍ ସେରଃକମ୍ ଅୟ୍‌ଦ୍, ଦୁତ୍‌ମଃନ୍ ବାରାୟ୍
ଆସି ଦଃର୍ମିମଃନାର୍ ବିତ୍ରେ ଦୁସ୍ଟମଃନ୍‌କେ ବିନେ କଃର୍ତି । (aiōn
g165) 50 ଆରେକ୍ ସେମଃନ୍‌କେ ବଃଟିର୍ ଜୟ୍‌କୁଣ୍ଡେ ହଃକାଉତି,
ସେତି ସେମଃନ୍ କାନ୍ଦି କାନ୍ଦି ଦାତ୍ ଚାବି ଅଃଉତି ।” 51 ଜିସୁ
ସେମଃନ୍‌କେ ହଃଚାର୍ଲା, “ତୁମିମଃନ୍ କାୟ୍ ଇ ସଃବୁ କଃତା
ବୁଜ୍‌ଲାସ୍?” ସେମଃନ୍ ତାକ୍ କୟ୍‌ଲାୟ୍, “ହେଁ ମାପ୍ରୁ, ବୁଜ୍‌ଲୁ ।”
52 ସେତାକ୍ ଜିସୁ ସେମଃନ୍‌କେ କୟ୍‌ଲା, “ତଃବେ ଜୁୟ୍ ଗଃରାର୍
ମୁଳିକା ଅଃହ୍‌ଣାର୍ ଗଃଦିଆ ବିତ୍ରାର୍ ରିଲା ନଃଉଆଁ ଆର୍ ହଃର୍ନା
ତାସ୍ ବାର୍ କଃରେଦ୍, ସଃର୍ଗ୍ ରାଇଜାର୍ ଚେଲା ଅୟ୍‌ଲା ସଃବୁ
ଦର୍ମ୍ ଗୁରୁ ତାର୍ ହର୍ ।” 53 ଜିସୁ ଇ ସଃବୁ କଃତାମଃନ୍ କୟ୍‌ଲା
ହଃଚେ, ସେଟାଣେ ହୁଣି ବାରାୟ୍ ଗଃଲା । 54 ଆର୍ ସେ ନିଜାର୍
ଦାଦିବାବୁର୍ ଗଃଳେ ଆସି ଲକ୍‌ମଃନ୍‌କେ ସେମଃନାର୍ ପାର୍ତ୍ନା
ଗଃରେ ଇ ରଃକମ୍ ସିକ୍ୟା ଦିଲା ଜେ, ସେମଃନ୍ କାବା ଅୟ୍‌କଃରି
କୟ୍‌ଲାୟ୍, “ଇଲକାର୍ ଇ ରଃକମ୍ ବୁଦି ଆର୍ ସଃକ୍ତିର୍ କାମ୍
କୁୟ୍‌ତି ହୁଣି ଆୟ୍‌ଲି? 55 ଇ ମାନାୟ୍ କି ସେ ବାଡାୟ୍‌ର୍ ହୟ୍‌ସି
ନୟ୍? ଇତାର୍ ଆୟ୍‌ସି କାୟ୍ ମରିୟମ୍ ନୟ୍? ଆର୍ ଇତାର୍
ବାୟ୍‌ସିମଃନାର୍ ନାଉଁ କାୟ୍ ଜାକୁବକ୍, ଜସେପ୍, ସିମନ୍ ଆର୍
ଜିଉଦା ନୟ୍? 56 ଆର୍ ଇତାର୍ ବେଣିମଃନ୍ କାୟ୍ ସଃବୁ ଅଃମାର୍
ସଃଙ୍ଗ ନଃରେଉଁଲାୟ୍? ତଃବେ ସେ ଇ ସଃବୁ ଗ୍ୟାନ୍ ଆର୍ ସଃକ୍ତି
କୁୟ୍‌ତି ହୁଣି ହାୟ୍‌ଲା?” 57 ଆର୍ ସେମଃନ୍ ତାକେ ନଃମାନ୍‌ଲାୟ୍
। ମଃତର୍ ଜିସୁ ସେମଃନ୍‌କେ କୟ୍‌ଲା, “ବାବ୍‌ବାଦି ନିଜାର୍
ଦାଦିବାବୁ ଗଃଳେ ଆର୍ ନିଜାର୍ ଗଃର୍‌କୁଟୁମ୍‌କେ ଚାଡି ବିନ୍ ସଃବୁ
ଟାଣେ ମାନ୍‌ତି ହାୟ୍‌ଦ୍ ।” 58 ଆର୍ ଜିସୁ ସେ ଲକ୍‌ମଃନାର୍
ଅବିସ୍ୱାସ୍ ଗିନେ ସେତି ବୁତେକ୍ ସଃକ୍ତିର୍ କାମ୍ ନଃକେଲା ।

14 ସଃଡେବଃଲ୍ ଚଃକର୍‌ବତି ହେରଦ୍ ଜିସୁର୍ କଃତା ସୁଣି,
ତାର୍ ଦଃଙ୍ଗଲାମଃନ୍‌କେ କୟ୍‌ଲା, 2 “ଇ ବାପ୍ତିସମ୍ ଦେତା
ଜହନ୍ ତାର୍ ଦଃଙ୍ଗଲା, ସେ ମଃଲା ଲକ୍‌ମଃନାର୍ ତଃୟ୍‌ହୁଣି
ଜିବନ୍ ହାୟ୍ ଉଟିଆଚେ, ସେତାର୍ ଗିନେ ଇ ସଃବୁ ସଃକ୍ତି ତାର୍
ତଃୟ୍ କାମ୍ କଃରୁଲି ।” 3 ବଃଲେକ୍ ହେରଦ୍ ନିଜାର୍ ବାୟ୍‌ସି
ପିଲିପାର୍ ଡକୁର୍ସି ହେରଦିଆର୍ ଗିନେ ଜହନ୍‌କେ ଦଃର୍ଲା ଆର୍
ବାନ୍ଦି ଜଃଇଲ୍ ଗଃରେ ହୁରାୟ୍‌ରିଲା । 4 କାୟ୍‌ତାକ୍‌ବଃଲେକ୍
ଜହନ୍ ତାକ୍ କଃଉତି ରିଲା, “ହେରଦିଆକେ ସଃଙ୍ଗାଉତାର୍ ତର୍
ବିଦି ନାୟ୍ ।” 5 ଆର୍ ହେରଦ୍ ଜହନ୍‌କେ ମଃର୍ନେ ମାରୁକ୍
ମଃନ୍ କଃର୍ତି ରିଲେକ୍ ହେଁ ଲକ୍‌ମଃନ୍‌କେ ଡିର୍ତିରିଲା ଆର୍ ମାରୁ
ନଃଚ୍‌ତିରିଲା, କାୟ୍‌ତାକ୍‌ବଃଲେକ୍ ସେମଃନ୍ ଜହନ୍‌କେ ବାବ୍‌ବାଦି
ବଃଲି ମାନ୍‌ତି ରିଲାୟ୍ । 6 ମଃତର୍ ହେରଦାର୍ ଜଃଲମ୍ ଦିନ୍
ଆୟ୍‌ଲାକ୍, ହେରଦିଆର୍ ଜିସି ଗତିଆମଃନାର୍ ମୁଏଁ ନାଚି କଃରି
ହେରଦ୍‌କେ ସଃର୍ଦା କଃରାୟ୍‌ଲି । 7 ସେତାକ୍ ହେରଦ୍ ହଃର୍ମାଣ୍
କଃରି କୟ୍‌ଲା, “ମୁଁୟ୍ ସଃୟ୍‌ତ୍ କଃରି କଃଉଁଲେ, ତୁୟ୍ ଜୁୟ୍‌ରି
ମାଗ୍‌ଲେକ୍ ମୁଁୟ୍ ତକେ ସେରି ଦଃୟ୍‌ନ୍ଦ ।” 8 ଆର୍ ସେ ଟକିକେ
ତାର୍ ଆୟ୍‌ସି ସିକାୟ୍‌ଲାକ୍, ସେ କୟ୍‌ଲି, “ବାପ୍ତିସମ୍ ଦେତା
ଜହନାର୍ ମୁଣ୍ଡ ମକେ ଅଃବେ ଇତି ଗଟ୍ ତାଳି ତଃୟ୍ ଦେ
।” 9 ଇରି ସୁଣି ରଃଜା ବଃଡେ ଦୁକ୍ କଃଲା, ଅୟ୍‌ଲେକ୍ ହେଁ
ତାର୍ ସଃଙ୍ଗ ବଜିୟେ ବଃସି ରିଲା ଲକ୍‌ମଃନାର୍ ମୁଏଁ ହଃର୍ମାଣ୍
କଃରି ରିଲାର୍ ଗିନେ, ସେରି ଦେଉଁକେ ଆଦେସ୍ ଦିଲା । 10
ସେତାକ୍ ଜାଗୁଆଳିକେ ହଃଟାୟ୍ ଜଃଇଲ୍ ଗଃରେ ଜହନ୍‌କେ
ମୁଣ୍ଡ କାଟାୟ୍‌ଲା । 11 ଆର୍ ତାର୍ ମୁଣ୍ଡ ଗଟ୍ ତାଳାୟ୍ ଆଣାୟ୍ ସେ
ଟକିକେ ଦିଲାୟ୍, ଆରେକ୍ ସେ ଟକି ସେରି ଦଃରି ଆୟ୍‌ସି ହାକ୍
ନିଲି । 12 ତାର୍‌ହଃଚେ ଜହନାର୍ ଚେଲାମଃନ୍ ଆସି ଜହନାର୍

ମଃଲାମଃଲ୍ ନଃୟ୍ ମଃସୁଣ୍ କାଲେ ତହ୍ଲାୟ୍ ଆର୍ ଜାୟ୍ ଜିସୁକେ
ଜାଣାୟ୍‌ଲାୟ୍ । 13 ଜିସୁ ସେରି ସୁଣି ସେ ଟାଣ୍ ଚାଡି ଡଙ୍ଗାୟ୍
ଚଃଗି ଗଟେକ୍ ସିଣିନ୍ଡ ଟାଣେ ଗଃଲା । ଆର୍ ଲକ୍‌ମଃନ୍ ଇରି ସୁଣି
ଗଃଲ୍ ବିତ୍ରେହୁଣି ଆସି ଇଣ୍ଡି ଇଣ୍ଡି ତାର୍ ଚଃମେ ଗଃଲାୟ୍ । 14
ଆର୍ ଜିସୁ ଡଙ୍ଗାୟ୍‌ହୁଣି ବାରାୟ୍ ଅଲେକାର୍ ଲକ୍‌ମଃନ୍‌କେ ଦଃକି
ସେମଃନ୍‌କେ ଦଃୟା ଦଃକାୟ୍‌ଲା ଆର୍ ସେମଃନାର୍ ରଗିମଃନ୍‌କେ
ଉଜ୍ କଃଲା । 15 ବେଲ୍ ଅୟ୍‌ଲାକ୍ ଚେଲାମଃନ୍ ତାର୍ ଲଃଗେ
ଆସି କୟ୍‌ଲାୟ୍, “ଇରି ଗଟେକ୍ ସିଣିନ୍ଡ ଟାଣ୍, ଆରେକ୍ ଉତୁର୍
ବେଳା ଅୟ୍‌ଲିନି; ସେତାକ୍ ଲକ୍‌ମଃନ୍ ଗାଉଁଏମଃନ୍ ଜାୟ୍ ନିଜାର୍
ନିଜାର୍ ଗିନେ କାଦି ଗେନୁକ୍ ସେମଃନ୍‌କେ ଚାଡି ଦେସ୍ ।” 16
ମଃତର୍ ଜିସୁ ସେମଃନ୍‌କେ କୟ୍‌ଲା, “ସେମଃନ୍ ଜଃଉଁକେ ଲଳା
ନାୟ୍, ତୁମିମଃନ୍ ସେମଃନ୍‌କେ କାଳାଉଆ ।” 17 ସେମଃନ୍
ଜିସୁକେ କୟ୍‌ଲାୟ୍, “ଅଃମାର୍ ତଃୟ୍ ଅଃକାୟ୍ ହାଁଚ୍ ଗଟ୍ ରୁଟି
ଆର୍ ଜୁଳେକ୍ ମାଚ୍ ଆଚେ ।” 18 ଜିସୁ କୟ୍‌ଲା, “ସେରିମଃନ୍
ମର୍ ହାକ୍ ଆଣା ।” 19 ଆରେକ୍, ସେ ଲକ୍‌ମଃନ୍‌କେ ରଃନ୍ ଉହ୍ରେ
ବଃସୁକେ କୟ୍‌ଲା, ଆର୍ ଜିସୁ ସେ ହାଁଚ୍ ଗଟ୍ ରୁଟି ଆର୍ ଜଳେକ୍
ମାଚ୍‌କେ ଆତେ ଦଃରି ସଃର୍ଗ୍ ବାଟ୍ୟା ଦଃକି ଆସିର୍ବାଦ୍ କଃରି
ରୁଟିମଃନ୍ ବାଙ୍ଗାୟ୍ ଚେଲାମଃନ୍‌କେ ଦିଲା, ଆର୍ ଚେଲାମଃନ୍
ଲକ୍‌ମଃନ୍‌କେ ବାଟାକଃରି ଦିଲାୟ୍ । 20 ସଃବୁ ଲକ୍‌ମଃନ୍ ହେଟ୍
ହୁର୍ନେ କାୟ୍‌ଲାୟ୍ ଆର୍ ଚେଲାମଃନ୍ ଉବୁର୍ଲାର୍ କୁଦ୍ରି ରୁଟି ବେଟି
ବାର ଡଃଲା ବଃର୍ତି କଃଲାୟ୍ । 21 ସେତି କାୟ୍‌ଲା ଲକ୍, ମାୟ୍‌ଜି
ଆର୍ ସାନ୍ ହିଲାମଃନ୍‌କେ ଚାଡିକଃରି ହାକାହାକି ହାଁଚ୍ ଅଃଜାର୍
ଅଃଣ୍ଟୋଲକ୍ ରିଲାୟ୍ । 22 ସେଦାହ୍ରେ ଜିସୁ ଚେଲାମଃନ୍‌କେ ଡଙ୍ଗାୟ୍
ଚଃଗି ତାର୍ ଆଗ୍‌ତୁ ସଃମ୍‌ନ୍ଡ ସେହାଟି ଜଃଉଁକେ କୟ୍‌ଲା, ଆରେକ୍
ଜିସୁ ଲକ୍‌ମଃନ୍‌କେ ସେଲ ଚାଡି ଦିଲା । 23 ଲକ୍‌ମଃନ୍‌କେ ସେଲ
ଚାଡି ଦିଲା ହଃଚେ, ସେ ପାର୍ତ୍‌ନା କଃରୁକେ ଅଃଲ୍‌ଗା ଅୟ୍‌କଃରି
ଡଙ୍ଗର୍ ଉହ୍ରେ ଗଃଲା, ଆର୍ ସଃଞ୍ଜ ଅୟ୍‌ଲାକ୍ ହେଁ ସେତି ଏକ୍ଲା
ରିଲା । 24 ମଃତର୍ ଡଙ୍ଗା ସଃଡେବଃଲ୍ କଃଣ୍ଡାୟ୍ ହୁଣି ଅଃନାୟ୍
ଦୁରି ରିଲି, ଆର୍ ଜଃବର୍ ବାଉର୍ ଗିନେ ଉଲାଲ୍‌କେ ସେରି ଏଣେ
ତେଣେ ଅଃଉତି ରିଲି । 25 ମଃତର୍ ରାତି ଚାର୍‌ଟା ବଃଲ୍ ସେ
ସଃମଃନ୍ଡ ଉହ୍ରେ ଇଣ୍ଡି ଇଣ୍ଡି ଚେଲାମଃନାର୍ ଚଃମେ ଆୟ୍‌ଲା
। 26 ସେତାକ୍ ଚେଲାମଃନ୍ ଜିସୁକେ ସଃମ୍‌ନ୍ଡ ଉହ୍ରେ ଇଣ୍ଡତାର୍
ଦଃକି ଡିରିକଃରି କୟ୍‌ଲାୟ୍, “ଇରି ତ ଡୁମା!” ଆର୍ ସେମଃନ୍
ଡିରାର୍ ଗିନେ ବେଲ୍‌କି ଅୟ୍ଃଲାୟ୍ । 27 ମଃତର୍ ଜିସୁ ସେଦାହ୍ରେ
ସେମଃନାର୍ ସଃଙ୍ଗ ଟଣ୍ଡଅୟ୍ କୟ୍‌ଲା, “ସାସ୍ ଦଃରା, ଇରି ତ
ମୁଁୟ୍, ଡିରି ଜାହାନାୟ୍ ।” 28 ସେତାକ୍ ପିତର୍ ଉତୁର୍ ଦିଲା, “ଏ
ମାପ୍ରୁ, ଜଃବେ ତୁୟ୍, ତଃବେ ହାଣି ଉହ୍ରେ ତର୍ ଲଃଗେ ଜଃଉଁକେ
ମକ୍ ଆଦେସ୍ ଦେ ।” 29 ଜିସୁ ତାକ୍ କୟ୍‌ଲା, “ଆଉ ।” ସେତାକ୍
ପିତର୍ ଡଙ୍ଗାୟ୍‌ହୁଣି ଉତ୍ରି ହାଣି ଉହ୍ରେ ଇଣ୍ଡି ଇଣ୍ଡି ଜିସୁର୍ ଚଃମେ
ଗଃଲା । 30 ମଃତର୍ ସେ ବାଉକେ ଦଃକି ଡିର୍‌ଲା ଆର୍ ହାଣାୟ୍
ବୁଡୁକ୍ ଦଃର୍ଲା ଆର୍ ବେଲ୍‌କି ଅୟ୍ କୟ୍‌ଲା, “ଏ ମାପ୍ରୁ, ମକେ
ବଚାଉ ।” 31 ଜିସୁ ସେଦାହ୍ରେ ଆତ୍ ଲାମାୟ୍ ତାକେ ଦଃରି
କୟ୍‌ଲା, “ଏ ଅଃଳକ୍ ବିସ୍ୱାସି, କାୟ୍‌ତାକ୍ ମକ୍ ସଃତ୍ ନଃକେଲିସ୍
।” 32 ଆର୍ ସେମଃନ୍ ଡଙ୍ଗାୟ୍ ଚଃଗ୍‌ଲାକେ ବାଉ ତିର୍ ଅୟ୍‌ଲି ।
33 ସେତାକ୍ ଡଙ୍ଗାୟ୍ ରିଲା ଚେଲାମଃନ୍ ଜିସୁକେ ଜୁଆର୍ କଃରି
କୟ୍‌ଲାୟ୍, “ତୁୟ୍ ନିଜ୍‌କଃରି ଇସ୍ୱରାର୍ ହୟ୍‌ସି ।” 34 ସେମଃନ୍
ସଃମ୍‌ନ୍ଡ ଲିଙ୍ଗି ଗିନେସ୍‌ରଃତ୍ କଃଣ୍ଡାୟ୍ ହଚ୍‌ଲାୟ୍ । 35 ଆର୍
ସେତିର୍ ଲକ୍‌ମଃନ୍ ଜିସୁକେ ଚିନୁ ହାରି ସେତିର୍ ଚାରିବାଟ୍ୟା
କବୁର୍ ହଃଟାୟ୍‌ଲାୟ୍ ଆର୍ ଲକ୍‌ମଃନ୍ ସଃବୁ ରଗିମଃନ୍‌କେ ତାର୍
ଟାଣେ ଆଣ୍‌ଲାୟ୍ । 36 ଆର୍ ରଗ୍ୟାମଃନ୍ ଜଃନ୍‌କଃରି ଜିସୁର୍
ଗଃଗାଳାର୍ ହଃଚ୍ୟା ଆଚଲ୍ ଚିଉତି, ସେତାର୍‌ଗିନେ ଲକ୍‌ମଃନ୍
ହାଦେ ହଃଳି ଗଃଉଆରି କଃରୁକେ ଦଃର୍ଲାୟ୍, ଆରେକ୍ ଜଃତେକ୍
ଲକ୍ ଚୁୟ୍‌ଲାୟ୍ ସେମଃନ୍ ଉଜ୍ ଅୟ୍‌ଲା ।

**15** ସଃଡେବଃଲ୍ ଜିରୁସାଲମେ ହୁଣି ପାରୁସି ଆର୍ ଦଃର୍ମ୍‌ଗୁରୁ
ଜିସୁର୍ ହାକ୍ ଆୟ୍‌ଲାୟ୍ ଆର୍ କୟ୍‌ଲାୟ୍, 2 “ତର୍
ଚେଲାମଃନ୍ କାୟ୍‌ତାକ୍ ଅଃମାର୍ ପାରାଚିନ୍‌ମଃନ୍ ଦିଲା ରିତିବିଦି
କଃରି ଆସୁଲାର୍ ନଃମାନୁଲାୟ୍? କାୟ୍‌ତାକ୍‌ବଃଲେକ୍ କାତାବଃଲ୍
ଅଃମାର୍ ରିତିବିଦି ହଃର୍କାରେ ଆତ୍ ନଃଦଉଁଲାୟ୍ ।” 3 ଜିସୁ
ସେମଃନ୍‌କେ କୟ୍‌ଲା, “ତୁମିମଃନ୍ ହେଁ ତୁମାର୍ ଦାଦିବାବୁ ଦିଲାର୍
ବିଦି କଃରି ଆସୁଲାର୍ ଗିନେ କାୟ୍‌ତାକ୍ ଇସ୍ୱରାର୍ ଆଦେସ୍
ନଃମାନୁଲାସ୍? 4 ଇସ୍ୱର୍ ତ କୟ୍‌ଲା ଆଚେ, ‘ଆୟା ଉବାକ୍
ମାନା, ଆର୍ ଜୁୟ୍‌ଲକ୍ ଉବା କି ଆୟାକ୍ ସାୟ୍‌ପ୍ ଦଃୟ୍‌ଦ୍,
ସେ ନିଜ୍‌କଃରି ମଃର୍ନ୍ ଡଃଣ୍ଡ ହାୟ୍‌ଦ୍ ।’ 5 ମଃତର୍ ତୁମିମଃନ୍
କଃଉଁଲାସ୍, ଜୁୟ୍‌ଲକ୍ ଉବାକ୍ କି ଆୟାକ୍ କୟ୍‌ଦ୍, ‘ମର୍
ତଃୟ୍‌ହୁଣି ଜାର୍ ଗିନେ ତୁମାର୍ ଉହ୍‌କାର୍ ଅୟ୍‌ଲି ହୁଣି, ସେରି
ମାପ୍ରୁକ୍ ଦାନ୍ କଃରିଆଚି,’ 6 ସେ ଅଃହ୍‌ଣାର୍ ଉବା ଆୟାକ୍
ସଃତ୍‌କଃରି ନଃମାନେ, ଇହର୍ ତୁମିମଃନ୍ କଃରି ଆସୁଲାର୍
ରିତିବିଦି ଗିନେ ଇସ୍ୱରାର୍ ବଃଚନ୍ ହଲ୍ୟା କଃରୁଲାସ୍ । 7 ରେ
ହେଟ୍‌କପଟ୍ୟାମଃନ୍, ଜିସାୟ୍ ବାବ୍‌ବାଦି ତୁମିମଃନାର୍ ଗିନେ
ଟିକ୍ ବାବ୍‌ବାଣି କୟ୍‌ଆଚେ । 8 ‘ଇ ଜାତି ମୁଏଁ ମକ୍ ଜଃଜ୍‌ମାନ୍
କଃର୍ତି, ମଃତର୍ ସେମଃନାର୍ ମଃନ୍ ମର୍ ତଃୟ୍‌ହୁଣି ଦୁରିକ୍
ରଃୟ୍‌ଦ୍ । 9 ସେମଃନ୍ ମାନାୟ୍‌ମଃନାର୍ ରିତିବିଦିକ୍ ଦଃର୍ମ୍ ସିକ୍ୟା
କଃତା ବଃଲି ସିକ୍ୟା ଦେତି, ଆର୍ ହଲ୍ୟା ମର୍ ସେବା କଃର୍ତି
।’” 10 ଆରେକ୍ ଜିସୁ ଲକ୍‌ମଃନ୍‌କେ ଚଃମେ କୁଦି କୟ୍‌ଲା,
“ସୁଣା ଆର୍ ବୁଜା! 11 ଟଣ୍ଡ ବାଟ୍ୟା ଜାୟ୍‌ରି ବିତ୍ରେ ଜାୟ୍‌ଦ୍,
ସେରି ମାନାୟ୍‌କେ ବିଟାଲ୍ ନଃକେରେ, ମଃତର୍ ଟଣ୍ଡ ବାଟ୍ୟା
ଜାୟ୍‌ରି ବାରାୟ୍‌ଦ୍, ସେରି ହଃକା ମାନାୟ୍‌କେ ବିଟାଲ୍ କଃରେଦ୍
।” 12 ସଃଡେବଃଲ୍ ଚେଲାମଃନ୍ ଜିସୁର୍ ଚଃମେ ଆୟ୍‌ଲାୟ୍ ଆର୍
କୟ୍‌ଲାୟ୍, “ପାରୁସିମଃନ୍ ଇ କଃତା ସୁଣିକଃରି ଲାଜ୍ ହାୟ୍‌ଲାୟ୍
ଆଚ୍‌ତି, ସେରି କାୟ୍ ଜାଣୁଲିସ୍?” 13 ଜିସୁ ସେମଃନ୍‌କେ କୟ୍‌ଲା,
“ମର୍ ସଃର୍ଗାର୍ ଉବା ଜୁୟ୍‌ସଃବୁ ଗଃଚ୍ ନଃରୟ୍, ସେରିମଃନ୍
ସଃବୁ ଉଟ୍‌କା ଅୟ୍‌ଦ୍ ।” 14 “ସେମଃନ୍‌କେ ଚାଡା, ସେମଃନ୍

କାଣାମଃନ୍‌କେ ବାଟ ଦଃକାଉତା କାଣାମଃନ୍, ଜଃଡେବଃଲ୍ ଗଟ୍
କାଣା ଆରେକ୍ ଗଟ୍ କାଣାକେ ବାଟ କାଡାୟ୍‌ଦ୍, ତଃବେ ଦୁୟ୍
ଲକ୍ ହେଁ କାଲେ ଅଦୁର୍ତି ।” 15 ଇତାକ୍ ପିତର୍ ତାକ୍ କୟ୍‌ଲା,
“ଇ କଃତାର୍ ବାବ୍ ଅଃମିକ୍ ବୁଜାୟ୍ ଦେ ।” 16 ଜିସୁ କୟ୍‌ଲା,
“ତୁମିମଃନ୍ ହେଁ କାୟ୍ ଅଃବେ ହଃତେକ୍ ନଃବୁଜାସ୍? 17 ଜାୟ୍‌ରି
ସଃବୁ ଟଣ୍ଡ ବାଟ୍ୟା ହୁରେଦ୍, ସେରି ହେଟ୍ ବିତ୍ରେ ଜାୟ୍‌ଦ୍ ଆର୍
ହଃଦାୟ୍ ବାରାୟ୍ ଜାୟ୍‌ଦ୍, ଇରି କାୟ୍ ନଃବୁଜୁଲାସ୍? 18 ମଃତର୍
ଟଣ୍ଡ ବାଟ୍ୟା ଜାୟ୍‌ରି ସଃବୁ ବାରାୟ୍‌ଦ୍, ସେରି ଗଃର୍ବ୍ ବିତ୍ରେ ହୁଣି
ବାରାୟ୍‌ଦ୍, ଆର୍ ସେରି ହଃକା ମାନାୟ୍‌କେ ବିଟାଲ୍ କଃରେଦ୍ ।
19 ବଃଲେକ୍ ଗଃର୍ବ୍ ବିତ୍ରେ ହୁଣି କଃରାବ୍ ବାବ୍‌ନା, ନଃର୍‌ଅଃତ୍ୟା,
ଦାରି କଃର୍ତାର୍, ଦାରି ମାୟ୍‌ଜି ଟାଣେ ଜାତାର୍, ଚର୍ କାମ୍, ମିଚ୍
ସାକି ଆର୍ ଲିନ୍ଦା କଃର୍ତାର୍ ବାରାୟ୍‌ଦ୍ । 20 ଇ ସଃବୁ ବିସୟ୍
ମାନାୟ୍‌କେ ବିଟାଲ୍ କଃରେଦ୍, ମଃତର୍ ରିତିବିଦି ହଃର୍କାରେ
ନଃଦଉତା ଆତେ କାତାର୍ ମାନାୟ୍‌କେ ବିଟାଲ୍ ନଃକେରେ ।”
21 ଜିସୁ ସେ ଜଃଗାୟ୍‌ହୁଣି ବାରାୟ୍ ସର୍ ଆର୍ ସିଦନ୍ ହଲି ବାଟ
ଗଃଲା । 22 ଆର୍ ସେତି ବାସା କଃର୍ତି ରିଲା ଗଟେକ୍ କିଣାନ୍
ଦେସାର୍ ମାୟ୍‌ଜି ଆୟ୍‌ଲି ଆର୍ ଆଉଲି ଅୟ୍ କାଉଁକେ ଦଃର୍ଲି, “ଏ
ମାପ୍ରୁ, ଦାଉଦାର୍ ହୟ୍‌ସି, ମକେ ଦଃୟ୍ୟାକଃର୍, ମର୍ ଜିଇକେ ବୁତ୍
ଡଃସିଆଚେ, ଆର୍ ସେ ବଃଡେ କଃସ୍ଟ ହାଉଁଲି ।” 23 ମଃତର୍
ଜିସୁ ତାକ୍ ହଃଦେକ୍ ହେଁ ନଃକୟ୍‌ଲା । ସେତାକ୍ ଚେଲାମଃନ୍
ଆୟ୍‌ଲାୟ୍ ଆର୍ ଜିସୁକେ ଗଃଉଆରି କଃରି କଃଉଁକେ ଦଃର୍ଲାୟ୍,
“ଆକ୍ ଇତିହୁଣି ଚାଡି ଦେସ୍, ସେ ଜଃଉଅ, ବଃଲେକ୍ ଇ ମାୟ୍‌ଜି
ଅଃମାର୍ ହଃଚେ ହଃଚେ ଆଉଲି ଅଃଉଁଲି ।” 24 ମଃତର୍ ଜିସୁ
କୟ୍‌ଲା, “ମୁଁୟ୍ ଇସ୍ରାଏଲ୍ ବଃଉଁସାର୍ ଆଜ୍‌ଲା ମେଣ୍ଡାମଃନ୍‌କେ
ଚାଡି କାର୍ ଗିନେ ହେଁ ନାସି ।” 25 ମଃତର୍ ସେ ମାୟ୍‌ଜି ଆୟ୍‌ଲି
ଆର୍ ମୁଣ୍ଡିଆ ମାରି ଜୁଆର୍‌କଃରି କଃଉଁକେ ଦଃର୍ଲି, “ଏ ମାପ୍ରୁ, ମର୍
ଉହ୍‌କାର୍ କଃର୍ ।” 26 ମଃତର୍ ଜିସୁ କୟ୍‌ଲା, “ହିଲାମଃନାର୍
କାତା କାଦିକ୍ କୁକୁର୍‌ମଃନାର୍ ଚଃମେ ହଃକାଉତାର୍ ନିକ ନାୟ୍ ।”
27 ମଃତର୍ ମାୟ୍‌ଜି କୟ୍‌ଲି, “ଅୟ୍ ମାପ୍ରୁ, ବଃଲେକ୍ କୁକୁର୍‌ମଃନ୍
ଅଃହ୍‌ଣାର୍ ସାଉକାରାର୍ ଟେବୁଲ୍ ଉହ୍ରେ ହୁଣି ଅଦୁର୍ଲା ଲିତା
ସଃକ୍ଲିମଃନ୍ ବେଟି କାତି ।” 28 ସେତାକ୍ ଜିସୁ ତାକ୍ କୟ୍‌ଲା, “ଏ
ଆୟ୍ୟା, ତର୍ ବଃଡେ ବିସ୍ୱାସ୍, ତର୍ ଜଃନ୍‌କାର୍ ମଃନ୍ ତଃନ୍‌କାର୍
ଅଃଉଅ ।” ଆର୍ ସେଦାହ୍ରେ ତାର୍ ଜିସି ଉଜ୍ ଅୟ୍‌ଲି । 29
ଜିସୁ ସେ ଜଃଗା ଚାଡି ଗାଲିଲି ସଃମ୍‌ନ୍ଦ ଚଃମେ ଆୟ୍‌ଲା ।
ଆର୍ ଡଙ୍ଗର୍ ଉହ୍ରେ ଜାୟ୍ ବଃସ୍‌ଲା । 30 ଆରେକ୍ ଗାଦେକ୍
ଲକ୍ ଚଟା, କଃଲା, କାଣା, ଗୁଲା, ବଃଇରା ଆର୍ ବିନ୍‌ବିନ୍
ରଗ୍ୟାମଃନ୍‌କେ ସଃଙ୍ଗେ ଦଃରି ଜିସୁର୍ ଚଃମେ ଆୟ୍‌ଲାୟ୍,
ଆର୍ ସେମଃନ୍‌କେ ଜିସୁର୍ ହାଦ୍ ତଃଳେ ସଃଙ୍ଗାୟ୍‌ଲାୟ୍; ଆର୍
ଜିସୁ ସେମଃନ୍‌କେ ଉଜ୍ କଃଲା । 31 ଇ ରଃକମ୍ ଗୁଲାମଃନ୍
କଃତା କଃଉଁଲାୟ୍, କଲାମଃନ୍ ଉଜ୍ ଅଃଉଁଲାୟ୍, ଚଟାମଃନ୍
ଇଣ୍ଟୁଲାୟ୍ ଆର୍ କାଣାମଃନ୍ ଦଃକୁଲାୟ୍, ଇରି ଦଃକି ଲକ୍‌ମଃନ୍
କାବା ଅୟ୍‌ଲାୟ୍; ଆର୍ ଇସ୍ରାଏଲାର୍ ଇସ୍ୱରାର୍ ଜଃଜ୍‌ମାନ୍
କଃଲାୟ୍ । 32 ଆର୍, ଜିସୁ ତାର୍ ଚେଲାମଃନ୍‌କେ ଚଃମେ
କୁଦି କୟ୍‌ଲା, “ଇ ଲକ୍‌ମଃନାର୍ ଉହ୍ରେ ମର୍ ଜିବନେ ଦଃୟ୍ୟା
ଆସୁଲି, କାୟ୍‌ତାକ୍‌ବଃଲେକ୍ ଇମଃନ୍ ତିନିଦିନ୍ ଅୟ୍‌ଲି ମର୍
ସଃଙ୍ଗେ ଆଚ୍‌ତି ଆର୍ ଇମଃନାର୍ ଟାଣେ କାୟ୍‌ରି ହେଁ କାଉଁକେ
ନାୟ୍; କଃଡେବଃଲ୍ ବାଟେ ଜାତା ବଃଲ୍ ସେମଃନାର୍ ଜିବନ୍
ଉଡି ଜାୟ୍‌ଦ୍, ଇତାର୍ ଗିନେ ସେମଃନ୍‌କେ ବୁକାର୍ ହେଟେ
ଚାଡି ଦେଉଁକେ ମର୍ ମଃନ୍ ନାୟ୍ ।” 33 ଚେଲାମଃନ୍ ତାକ୍
କୟ୍‌ଲାୟ୍, “ଅଃତେକ୍ ଲକ୍‌ମଃନ୍‌କେ ଆଦାର୍ ହୁର୍ନେ କାଲାଉଁକେ
ଅଃମିମଃନ୍ ଇ ଗାଉଁଗୁଡା କି ଲକ୍‌ବାକ୍ ନୟ୍‌ଲା ଟାଣେ କୁୟ୍‌ତି
ହୁଣି ଅଃତେକ୍ ରୁଟି ମିଲାଉଁନ୍?” 34 ଜିସୁ ସେମଃନ୍‌କେ ହଃଚାର୍ଲା,
“ତୁମାର୍ ଟାଣେ କଃତିଗଟ୍ ରୁଟି ଆଚେ ।” ସେମଃନ୍ କୟ୍‌ଲାୟ୍,
“ସାତ୍‌ଗଟ୍ ରୁଟି ଆର୍ କଃତିଗଟ୍ ସାନ୍ ମାଚ୍ ଆଚେ ।” 35
ତାର୍‌ହଃଚେ ଜିସୁ ସେମଃନ୍‌କେ ବୁୟେଁ ବଃସୁକେ କୟ୍‌ଲା । 36
ଆର୍ ଜିସୁ ସେ ସାତ୍‌ଗଟ୍ ରୁଟି ଆର୍ ମାଚ୍‌କେ ଦଃରି ଇସ୍ୱର୍‌କେ
ଦନ୍ୟବାଦ୍ ଦିଲା ଆର୍ ଚେଲାମଃନ୍‌କେ ଦିଲା; ଆର୍ ସେମଃନ୍
ଲକ୍‌ମଃନ୍‌କେ ବାଟାକଃରି ଦିଲାୟ୍ । 37 ସଃବୁ ଲକ୍‌ମଃନ୍ ହେଟ୍
ହୁର୍ନେ କାୟ୍‌ଲାୟ୍ ଆର୍ ଚେଲାମଃନ୍ ଉବୁର୍ଲାର୍ ବାଙ୍ଗ୍ଲା ରୁଟି
ବେଟି ସାତ୍ ଡଃଲା ବଃର୍ତି କଃଲାୟ୍ । 38 କାତା ଲକ୍‌ମଃନ୍
ମାୟ୍‌ଜି ଆର୍ ସାନ୍ ହିଲାମଃନ୍‌କେ ଚାଡି ଚାରି ଆଜାର୍ ଅଃଣ୍ଡ୍ରାଲକ୍
ରିଲାୟ୍ । 39 ଇତାର୍‌ହଃଚେ ଜିସୁ ଲକ୍‌ମଃନ୍‌କେ ସେଲ ଚାଡି
ଦିଲା ଆର୍ ଡଙ୍ଗାୟ୍ ଚଃଗି ମଗ୍‌ଦାନ୍ ସଃନ୍ଦି ଲଃଗେ ଆୟ୍‌ଲା ।

**16** ପାରୁସି ଆର୍ ସାଦୁକିମଃନ୍ ଜିସୁକ୍ ହାନ୍ଦାୟ୍ ହଃକାଉଁକ୍
ତାର୍‌ହାକ୍ ଆୟ୍‌ଲାୟ୍ । ସେମଃନ୍ ତାକ୍ ଇସ୍ୱର୍ ବାଚ୍‌ଲା
ଆଚେ ବଃଲି ସାକି ଦେଉଁକେ ସେ ଅଃଗାସ୍ ଉହ୍ରେ ଗଟେକ୍ କାବା
ଅଃଉତା ଚିନ୍ କଃରି ଦଃକାଅ ବଃଲି କୟ୍‌ଲାୟ୍ । 2 ମଃତର୍ ଜିସୁ
ସେମଃନ୍‌କେ କୟ୍‌ଲା, “ବେଲ୍ ବୁଡ୍‌ତା ବଃଲ୍ ତୁମିମଃନ୍ କଃଉତି
ରିଆସ୍, ‘ନିକ ହାଗ୍ ଅୟ୍‌ଦ୍, କାୟ୍‌ତାକ୍‌ବଃଲେକ୍ ଅଃଗାସ୍ ବଃନି
ହର୍ ରଃଙ୍ଗ ଅୟ୍‌ଆଚେ ।’ 3 ଆର୍ ସଃକାଲ୍ୟା ବଃଲ୍ କଃଉଆସ୍,
‘ଆଜି ବାଉହାଣି ଅୟ୍‌ଦ୍, କାୟ୍‌ତାକ୍‌ବଃଲେକ୍ ଅଃଗାସ୍ ବଃନି
ହର୍ ରଃଙ୍ଗ ଆର୍ ବାଦୁଲ୍ୟା ଅୟ୍‌ଆଚେ ।’ ତୁମିମଃନ୍ ଅଃଗାସାର୍
ରଃକମ୍ ଦଃକି ଅଃନ୍ ଅୟ୍‌ଦ୍ ବଃଲି ଆନ୍‌ମାନ୍ ହାରୁଲାସ୍,
ମଃତର୍ ଅଃବେ ଗଃଟ୍‌ତା କାଳାର୍ ଚିନ୍ ଦଃକି କାୟ୍‌ତାକ୍ ବୁଜୁ
ନଃହାରୁଲାସ୍? 4 ଦୁସ୍ଟ ଆର୍ ଇସ୍ୱର୍‌କେ ବିସ୍ୱାସ୍ ନଃକେର୍ତା
ଲକ୍‌ମଃନ୍ ଚିନ୍ ଲଳ୍‌ତି, ମଃତର୍ ଜୁନସାର୍ ଚିନ୍ ଚାଡି ଆର୍
କାୟ୍ ଚିନ୍ ହେଁ ସେମଃନ୍‌କେ ଦିଆ ନୟ୍ ।” ତାର୍‌ହଃଚେ ଜିସୁ
ସେମଃନ୍‌କେ ଚାଡି ବିନ୍ ଟାଣେ ଗଃଲା । 5 ଚେଲାମଃନ୍
ସଃମ୍‌ନ୍ଦାର୍ ସେହାଟି ହଚ୍‌ଲାୟ୍, ମଃତର୍ ରୁଟି ନେଉଁକେ ହାସୁର୍ଲାୟ୍
। 6 ଜିସୁ ସେମଃନ୍‌କେ କୟ୍‌ଲା, “ପାରୁସି ଆର୍ ସାଦୁକିମଃନାର୍
କମିର୍ ତଃୟ୍‌ହୁଣି ଦୁରିକ୍ ରିଆ ।” 7 ସେତାକ୍ ତାକାର୍ ତାକାର୍
ବିତ୍ରେ କଃଉଆକଇ ଅଃଉଁକେ ଦଃର୍ଲାୟ୍, “ଅଃମି ରୁଟି ଆଣୁକେ

ହାସୁର୍‌ଲାକେ ସେ ଇରି କଃଉଁଲା ।” 8 ମଃତର୍ ଜିସୁ ସେରି ଜାଣି
କୟ୍‌ଲା, “ଏ ଅଃଳକ୍ ବିସ୍ୱାସିମଃନ୍, ତୁମାର୍ ତଃୟ୍ ରୁଟି ନାୟ୍
ବଃଲି କାୟ୍‌ତାକ୍ ତୁମାର୍ ତୁମାର୍ ବିତ୍ରେ କଃତା ଅଃଉଁଲାସ୍? 9
ତୁମିମଃନ୍ କାୟ୍ ଅଃବେ ହଃତେକ୍ ବୁଜୁ ନଃହାରୁଲାସ୍? ସେ
ହାଁଚ୍ ଅଃଜାର୍ ଲକ୍ ହାଁଚ୍‌ଗଟ୍ ରୁଟି କାୟ୍‌ଲା ହଃଚେ, ଉବ୍ରୁର୍ଲା
ବାଣ୍ଡ୍‌ଲାରିମଃନ୍ କଃତି ଡଃଲା ବେଟ୍‌ଲାସ୍? ଇରି କାୟ୍ ତୁମାର୍
ଏତୁ ନାୟ୍ । 10 ଆରେକ୍ ଚାରି ଅଃଜାର୍ ଲକ୍ ସାତ୍‌ଗଟ୍ ରୁଟି
କାୟ୍ ସଃର୍ଲା ହଃଚେ ଉବ୍ରୁର୍ଲା ବାଣ୍ଡ୍‌ଲା ରୁଟିମଃନ୍ କଃତି ଡଃଲା
ବେଟ୍‌ଲାସ୍? 11 ମୁଁୟ୍ ତୁମିମଃନ୍‌କେ ରୁଟି କଃତା କୟ୍‌ନଃରିଲେ,
ଇରି କଃନ୍‌କଃରି ବୁଜୁ ନଃହାରୁଲାସ୍? ମଃତର୍ ମୁଁୟ୍ ପାରୁସି
ଆର୍ ସାଦୁକିମଃନାର୍ କମିର୍ ତଃୟ୍‌ହୁଣି ଦୁରିକ୍ ରିଆ ବଃଲି
କୟ୍‌ରିଲେ ।” 12 ଜିସୁ ରୁଟାୟ୍ ମିସାଉତା କମିର୍ କଃତା
କୟ୍ ନଃରିଲା, ମଃତର୍ ପାରୁସି ଆର୍ ସାଦୁକିମଃନାର୍ ସିକ୍ୟା
ତଃୟ୍‌ହୁଣି ଜଃଗ୍ରାତ୍ ଅୟ୍ ରେଉଁକେ ସେମଃନ୍‌କେ କୟ୍‌ରିଲା,
ସେରି ସେମଃନ୍ ସଃଡେବଃଲ୍ ବୁଜ୍‌ଲାୟ୍ । 13 ତାର୍‌ହଃଚେ ଜିସୁ
କାଇସରିଆ ପିଲିପି ଗଃଳେ ଆସି ଅଃହ୍‌ଣାର୍ ଚେଲାମଃନ୍‌କେ
ହଃଚାର୍ଲା, “ନଃରାର୍ ହୟ୍‌ସି କେ ବଃଲି ଲକ୍‌ମଃନ୍ କାୟ୍‌ରି
କଃଉଁଲାୟ୍?” 14 ଇତାକ୍ ସେମଃନ୍ କୟ୍‌ଲାୟ୍, “କେ କେ
କଃଉଁଲାୟ୍, ବାପ୍ତିସମ୍ ଦେତା ଜହନ୍, କେ କେ ଏଲିୟ, ଆରେକ୍
କେ କେ ଜିରିମିୟ ଆର୍ ବାବ୍‌ବାଦିମଃନାର୍ ବିତ୍ରେ ଗଟେକ୍ ।” 15
ଜିସୁ ସେମଃନ୍‌କେ ହଃଚାର୍ଲା, “ମଃତର୍ ମୁଁୟ୍ କେ ବଃଲି ତୁମିମଃନ୍
କାୟ୍‌ରି କଃଉଁଲାସ୍?” 16 ସିମନ୍ ପିତର୍ କୟ୍‌ଲା, “ତୁୟ୍ କ୍ରିସ୍ଟ,
ଜିବନ୍ ଇସ୍ୱରାର୍ ହୟ୍‌ସି ।” 17 ତାର୍‌ହଃଚେ ଜିସୁ କୟ୍‌ଲା,
“ଏ ଜୁନସାର୍ ହୟ୍‌ସି ସିମନ୍ ତର୍ ବାୟ୍‌ଗ୍, ବଃନି ଆର୍ ମାସ୍
ବଃଲେକ୍ ମାନାୟ୍ ତକେ ଇରି କଃଉଁକେ ନଃକୟ୍‌କଃରି, ମଃତର୍
ମର୍ ସଃର୍ଗୋର୍ ଉବା ନିଜେ ଇରି ତର୍ ମୁଏଁ କୟ୍ ଆଚେ । 18
ଆର୍ ମୁଁୟ୍ ହେଁ ତକେ କଃଉଁଲେ, ତୁୟ୍ ପିତର୍, ବଃଲେକ୍ ଟେଳା,
ମଃତର୍ ଇ ଟେଳା ଉହ୍ରେ ମୁଁୟ୍ ମର୍ ମଣ୍ଡ୍‌ଲି ତିଆର୍ କଃରିନ୍ଲ, ଆର୍
ନଃର୍କାର୍ ବଃଲ୍ ତାକେ ଆରାଉଁକ୍ ନାହାରେ । (Hadēs g86) 19
ମୁଁୟ୍ ତକେ ସଃର୍ଗ୍ ରାଇଜାର୍ କୁଚିକାଡା ଦଃୟ୍‌ନ୍ଲ, ତୁୟ୍ ହୁର୍ତିବିଏ
ଜାୟ୍‌ରି ବଃନ୍ଲ କଃର୍ସି ସଃର୍ଗେ ହେଁ ସେରି ବଃନ୍ଲ ରଃୟ୍‌ଦ୍, ଆରେକ୍
ହୁର୍ତିୟେ ଜାୟ୍‌ରି ମେଲା କଃର୍ସି ସଃର୍ଗେ ହେଁ ସେରି ମେଲା ଅୟ୍‌ଦ୍
।” 20 ସଃଡେବଃଲ୍ ସେ ଜେ କ୍ରିସ୍ଟ ହଃକା ମଃସିଆ, ଇ କଃତା
କାକେ ହେଁ ନଃକଉଁକ୍ ତାର୍ ଚେଲାମଃନ୍‌କେ କୟ୍‌ଲା । 21
ସଃଡେବଃଲ୍ ହୁଣି ଜିସୁ ଅଃହ୍‌ଣାର୍ ଚେଲାମଃନ୍‌କେ କଃଉଁକେ
ଦଃର୍ଲା, “ମକ୍ ଜଃନ୍‌କଃରି ହେଁ ଜିରୁସାଲମ୍ ଜଃଉଁକେ ଅୟ୍‌ଦ୍ ।
ଆର୍ ପାରାଚିନ୍, ବଃଡ୍ ଜାଜକ୍, ଆର୍ ଦଃର୍ମ୍‌ଗୁରୁ ଆତେ ବଃଡେ
ଦୁକ୍ ଡଃଣ୍ଡ ହାୟ୍‌ନ୍ଲ । ଆର୍ ମଃରିନ୍ଲ ଆରେକ୍ ତିନିଦିନାର୍ ହଃଚେ
ମଃର୍ନେହୁଣି ଉଟୁକ୍ ଅୟ୍‌ଦ୍ ।” 22 ସେତାକ୍ ପିତର୍ ଜିସୁକେ
ଗଟ୍ ହାକ୍ କୁଦିନିଲା ଆର୍ ଦଃକା ଦଃୟ୍ କଃଉଁକେ ଦଃର୍ଲା, “ଏ
ମାପ୍ରୁ, ଇସ୍ୱର୍ ତକେ ଦଃୟା କଃର, ଇରିମଃନ୍ ତକେ କଃବେ ହେଁ
ନଃଉଅ ।” 23 ମଃତର୍ ଜିସୁ ଉଲ୍‌ଟି ଦଃକି ପିତର୍‌କେ କୟ୍‌ଲା,
“ମର୍ ଚଃମେହୁଣି ଦୁର୍ ଅଃଉ ସୟ୍‌ତାନ୍, ତୁୟ୍ ମର୍ ବାଦାହର୍
ମଃଜାୟ୍ କାୟ୍‌ତାକ୍ ଅଃଉଁଲିସ୍, ବଃଲେକ୍ ତୁୟ୍ ଇସ୍ୱରାର୍ କଃତା
ନଃବାବି ମାନାୟ୍‌ର୍ କଃତା ବାବୁଲିସ୍ ।” 24 ସଃଡେବଃଲ୍ ଜିସୁ
ଅଃହ୍‌ଣାର୍ ଚେଲାମଃନ୍‌କେ କୟ୍‌ଲା, “କେ ମର୍ ହଃଚେ ହଃଚେ
ଆସୁକ୍ ମଃନ୍ କଃରେଦ୍, ତଃବେ ସେ ଅଃହ୍‌ଣାର୍ ଇଚାକ୍ ଚାଡ୍,
ଆର୍ ଅଃହ୍‌ଣାର୍ କ୍ରୁସ୍ ବୟ୍‌କଃରି ମର୍ ହଃଚେ ହଃଚେ ଆସ
। 25 ବଃଲେକ୍ କୁୟ୍ ମାନାୟ୍ ଅଃହ୍‌ଣାର୍ ଜିବନ୍ ବଚାଉଁକେ
ମଃନ୍ କଃରେଦ୍, ସେ ତାର୍ ଜିବନ୍ ଆରାୟ୍‌ଦ୍, ମଃତର୍ କୁୟ୍
ମାନାୟ୍ ମର୍ ଗିନେ ଅଃହ୍‌ଣାର୍ ଜିବନ୍ ଆରାୟ୍‌ଦ୍, ସେ ତାର୍
ଜିବନ୍ ରଃକ୍ୟା କଃରେଦ୍ । 26 ଆର୍ ଜଦି କେ ଜଃଗତାର୍
ସଃବୁ ଲାବ୍‌କଃରି ଅଃହ୍‌ଣାର୍ ଜିବନ୍ ଆରାୟ୍‌ଦ୍, ତଃବେ ତାର୍
କାୟ୍ ଲାବ୍ ଅୟ୍‌ଦ୍, ଆର୍ ଅଃହ୍‌ଣାର୍ ଜିବନ୍ ଲେଉଟି ହାଉତା
ହାୟ୍ ସେ କାୟ୍‌ରି ଦେଉଁ ହାରେ? 27 ଆରେକ୍ ନଃରାର୍ ହୟ୍‌ସି
ଅଃହ୍‌ଣାର୍ ଉବାସିର୍ ଜଃଜ୍‌ମାନ୍ ସଃଙ୍ଗ୍ ଅଃହ୍‌ଣାର୍ ଦୁତ୍‌ମଃନାର୍
ସଃଙ୍ଗ୍ ଆରେକ୍ ଗଟ୍‌ତର୍ ଆସେଦ୍ ଆର୍ ସଃଡେବଃଲ୍ ସେ ହଃତି
ଲକ୍‌ମଃନ୍‌କେ ତାର୍ କାମ୍ ହର୍କାରେ ହଃଲ୍ ଦଃୟ୍‌ଦ୍ । 28
ମୁଁୟ୍ ତୁମିକେ ସଃତ୍ କଃଉଁଲେ, ନଃରାର୍ ହୟ୍‌ସି ଅଃହ୍‌ଣାର୍
ରାଇଜେ ଆସ୍ତାର୍ ନଃଦେକ୍‌ତା ହଃତେକ୍, ଇତି ଟିଆ ଅୟ୍‌ରିଲା
ଲକ୍‌ମଃନାର୍ ବିତ୍ରେ କଃତେକ୍ ଲକ୍ କଃନ୍‌କଃରି ହେଁ ନଃମେର୍ତି
।”

## 17

ଚଅ ଦିନାର୍ ହଃଚେ ଜିସୁ, ପିତର୍, ଜାକୁବକ୍ ଆର୍ ତାର୍
ବାୟ୍‌ସି ଜହନ୍‌କେ ସଃଙ୍ଗେ ଦଃରି ଅଃଲ୍‌ଗା ଅୟ୍ ଗଟେକ୍
ଉଚ୍ ଡଙ୍ଗ୍ରର୍ ଉହ୍ରେ ନିଲା । 2 ସେତି ସେମଃନାର୍ ମୁଏଁ ଜିସୁ
ବିନ୍ ରୁହ୍ ଅୟ୍‌ଲା, ତାର୍ ମୁଁ ବେଲ୍ ହର୍ ଉଜାଳ୍ ଆର୍ ତାର୍
ବଃସ୍ତ୍ରର୍ ବେଲ୍ ଉଜାଳ୍ ହର୍ ଚିଟ୍ ଦବ୍ ଅୟ୍‌ଲି । 3 ଆରେକ୍
ମସା ଆର୍ ଏଲିୟ ଜିସୁର୍ ସଃଙ୍ଗ୍ କଃତାବାର୍ତା କଃଉତାର୍
ଚେଲାମଃନ୍‌କେ ଡିସ୍‌ଲି । 4 ସେତାକ୍ ପିତର୍ ଜିସୁକେ କୟ୍‌ଲା,
“ଏ ମାପ୍ରୁ, ଅଃମିମଃନ୍ ଇଟାଣେ ଆଚୁ ଇରି ଅଃନାୟ୍ ନିକ,
ତର୍ ମଃନ୍ ଅୟ୍‌ଲେକ୍ ମୁଁୟ୍ ଇତି ତିନିଗଟ୍ କୁଳିଆ କଃରିନ୍ଲ,
ତର୍ ଗିନେ ଗଟେକ୍, ମସାର୍ ଗିନେ ଗଟେକ୍ ଆର୍ ଏଲିୟର୍
ଗିନେ ଗଟେକ୍ ।” 5 ପିତର୍ ଇ କଃତା କଃଉ କଃଉ କଃଣ୍ଡେକ୍
ଉଜାଳ୍ ମେଗ୍ ସେମଃନ୍‌କେ ଡାହ୍‌ଲି, ଆର୍ ସେ ମେଗେ ହୁଣି ଇ
କଃତା କଃଉଆ ଅୟ୍‌ଲି, “ଇରି ଅଃମାର୍ ଲାଡାର୍ ହଅ, ଆର୍
ଉହ୍ରେ ଅଃମାର୍ ବଃଡେ ସଃନ୍‌ମତ୍, ଆର୍ କଃତା ସୁଣା ।” 6
ଇରି ସୁଣି ଚେଲାମଃନ୍ ବେସି ଡିର୍‌ଲାୟ୍ ଆର୍ ମୁଁ ତଃଳେ କଃରି
ବୁଯେଁ ଡୁଲ୍‌ଲାୟ୍ । 7 ତାର୍‌ହଃଚେ ଜିସୁ ଆସି ସେମଃନ୍‌କେ
ଚୁୟ୍‌କଃରି କୟ୍‌ଲା, “ଉଟା, ଡିରି ଜାହାନାୟ୍ ।” 8 ଆର୍
ସେମଃନ୍ ଉହ୍ରେ ଦଃକି ଜିସୁକେ ଚାଡି ଆରେକ୍ କାକେ ହେଁ
ନଃଦେକ୍‌ଲାୟ୍ । 9 ସେମଃନ୍ ଡଙ୍ଗ୍ରେ ହୁଣି ଉତ୍ରୁର୍ତା ବଃଲ୍ ଜିସୁ
ସେମଃନ୍‌କେ ଆଦେସ୍ ଦଃୟ୍ କୟ୍‌ଲା, “ନଃରାର୍ ହୟ୍‌ସି ମଃର୍ନେ

ହୁଣି ଉଟି ନଃକେର୍ତା ହଃତେକ୍, ତୁମି ଇ ଦଃକ୍ଲା କଃତା କାକେ
ହେଁ କଃଉଆ ନାୟ୍ ।" 10 ଚେଲାମଃନ୍ ତାକ୍ ହଃଚାର୍ଲାୟ୍,
"ତଃବେ ଦଃର୍ମ୍ମଗୁରୁମଃନ୍ କାୟ୍‌ତାକ୍ କଃଉଁଲାୟ୍ ହଃର୍ତୁ ଏଲିୟ
ଆସେଦ୍?" 11 ଜିସୁ କୟ୍‌ଲା, "ଏଲିୟ ଆସିକଃରି ସଃବୁ କଃତା
ଆରେକ୍ ଟିକ୍‌ଟାକ୍ କଃରେଦ୍ । 12 ମଃତର୍ ମୁଁୟ୍ ତୁମିମଃନ୍‌କେ
କଃଉଁଲେ, ଏଲିୟ ଆସି ସଃର୍ଲାନି, ମଃତର୍ ଲକ୍‌ମଃନ୍ ତାକେ
ନଃଚିନିକଃରି ଜାୟ୍‌ରି ମଃନ୍ ସେରି ତାକେ କଃରି ଆଚ୍‌ତି ।
ସେରଃକମ୍ ନଃରାର୍ ହୟ୍‌ସି ହେଁ ସେମଃନାର୍ ଆତେ ଦୁକ୍ ଡଃଣ୍ଡ
ହାଉଁକ୍ ଜଃଉଁଲା ।" 13 ଜିସୁ ବାପ୍ତିସମ୍ ଦେଉ ଜହନ୍ ବିସୟେ
କୟ୍‌ଲା ବଃଲି ଜିସୁର୍ ଚେଲାମଃନ୍ ସଃଡେବଃଲ୍ ବୁଜ୍‌ଲାୟ୍ ।
14 ହଃଚେ ଜିସୁ ଆର୍ ତାର୍ ଚେଲାମଃନ୍ ଲକ୍‌ମଃନାର୍ ଚଃମେ
ଆୟ୍‌ଲାୟ୍, ସେତି ଗଟେକ୍ ଲକ୍ ଜିସୁର୍ ଲଃଗେ ଆସି ମାଣ୍ଡିକୁଟା
ଟେସି କୟ୍‌ଲା, 15 "ଏ ମାପ୍ରୁ, ମର୍ ହଅକେ ଦଃୟା କଃର୍,
କାୟ୍‌ତାକ୍‌ବଃଲେକ୍ ସେ କୁନ୍ହେଲ୍‌ମଃରି ବଃଡେ କଃସ୍ଟ ହାଉଁଲା,
ସେ କଃବେ କଃବେ ଜୟେ, କଃବେ କଃବେ ହାଣାୟ୍ କୁନ୍ହେଲ୍
ମଃରୁଲା । 16 ମୁଁୟ୍ ତର୍ ଚେଲାମଃନାର୍ ଟାଣେ ଆଣି ରିଲେ,
ମଃତର୍ ସେମଃନ୍ ତାକ୍ ଉଜ୍ କଃରୁକେ ନଃହାୟ୍‌ଲାୟ୍ ।" 17 ଜିସୁ
କୟ୍‌ଲା, "ଏରେ ଅବିସ୍ୱାସି ଆର୍ ବିନ୍ ବାଟେ ଜାତା ଲକ୍‌ମଃନ୍,
କଃତି କାଲ୍ ହଃତେକ୍ ମୁଁୟ୍ ତୁମାର୍ ସଃଙ୍ଗ ରଃୟ୍‌ନ୍ଦ? ଆର୍
କଃତେକ୍ କାଲ୍ ତୁମାର୍ ବେବାର୍ ସଃମ୍ଭାଳିନ୍ଦ? ତାକ୍ ଇତି ମର୍
ଚଃମେ ଆଣା ।" 18 ଜିସୁ ବୁତ୍‌କେ ଗଟ୍ ଦଃକା ଦିଲାକ୍, ବୁତ୍
ତାର୍ ତଃୟ୍‌ହୁଣି ବାରାୟ୍‌ଗଃଲି, ଆର୍ ସେ ହିଲା ସେଦାହ୍ନେ
ଉଜ୍ ଅୟ୍‌ଲା । 19 ଇତାର୍‌ହଃଚେ ଚେଲାମଃନ୍ ଜିସୁର୍ ଟାଣେ
ଲୁକ୍‌ଣେ ଆସି ହଃଚାର୍ଲାୟ୍, "ଅଃମିମଃନ୍ କାୟ୍‌ତାକ୍ ସେ ବୁତ୍
ଚାଡାଉଁ ନଃହାର୍ଲୁ?" 20 ଜିସୁ ସେମଃନ୍‌କେ କୟ୍‌ଲା, "ତୁମାର୍
ଅଃଳକ୍ ବିସ୍ୱାସ୍ ଗିନେ, କାୟ୍‌ତାକ୍‌ବଃଲେକ୍ ମୁଁୟ୍ ତୁମିକେ
ସଃତ୍ କଃଉଁଲେ, ଜଦି ଗଟେକ୍ ସଃର୍ସୁ ମୁଞ୍ଜି ହର୍ ତୁମାର୍ ବିସ୍ୱାସ୍
ରଃୟ୍‌ଦ୍, ତଃବେ ଇ ଡଙ୍ଗର୍‌କେ, 'ଇତିହୁଣି ସେତି ଗୁଚି ଜାଆ,'
ବଃଲି କୟ୍‌ଲେକ୍, ଗୁଚି ଜାୟ୍‌ଦ୍; ଆର୍ ବିସ୍ୱାସାର୍ ବଃଳେ କାୟ୍‌ରି
ହେଁ ନଃହାର୍ତାର୍ ନାୟ୍ । 21 ମଃତର୍ ପାର୍ତ୍ନା ଆର୍ ଉହାସ୍ ଚାଡି
ବିନ୍ କାୟ୍ ଉପାୟେ ଇ ରଃକମ୍ ବୁତ୍ ବାରାୟ୍ ନଃଜାୟ୍ଁ ।" 22
ତାର୍‌ହଃଚେ ଚେଲାମଃନ୍ ଗାଲିଲିୟେ ଗଟ୍‌ଟାଣେ ରୁଣ୍ଡ୍‌ଲାବଃଲ୍,
ଜିସୁ ସେମଃନ୍‌କେ କୟ୍‌ଲା, "ନଃରାର୍ ହୟ୍‌ସି ନଃର୍‌ମଃନାର୍
ଆତେ ସଃହ୍ରି ଅଃଉଁକେ ଜଃଉଁଲା, 23 ସେମଃନ୍ ତାକେ ମଃର୍ନେ
ମାର୍ତି, ଆର୍ ତିନିଦିନାର୍ ହଃଚେ ସେ ଆରେକ୍ ଉଟେଦ୍ ।"
ଇତାକ୍ ଚେଲାମଃନ୍ ବଃଡେ ଦୁକ୍ ଅୟଃଲାୟ୍ । 24 ଜିସୁ ଆର୍
ତାର୍ ଚେଲାମଃନ୍ କପୁର୍ନାହୁମ୍ ଆୟ୍‌ଲା ହଃଚେ, ମନ୍ଦିର୍ ସିସ୍ଟ
ନେତା ଲକ୍ ପିତର୍ ଚଃମେ ଆସି ହଃଚାର୍ଲା, "ତୁମାର୍ ଗୁରୁ କାୟ୍
ମନ୍ଦିରାର୍ ସିସ୍ଟ ନଃଦେୟ୍?" 25 ପିତର୍ କୟ୍‌ଲା, "ହେଁ, ଦଃୟ୍‌ଦ୍
।" ପିତର୍ ଗଃରେ ଆୟ୍‌ଲା ହଃଚେ, ଜିସୁ ଆଗ୍‌ତୁ ତାକ୍ କୟ୍‌ଲା,
"ସିମନ୍ ତୁୟ୍ କାୟ୍‌ରି ବାବୁଲିସ୍? ହୁର୍ତିବିର୍ ରଃଜାମଃନ୍ କାର୍
ତଃୟ୍‌ହୁଣି ସିସ୍ଟ କି ରଃଜାର୍ ବାଗ୍ ନେତି? ନିଜାର୍ ଦେସାର୍
ଲକ୍‌ମଃନାର୍ ତଃୟ୍‌ହୁଣି କି, ବିନ୍ ଦେସାର୍ ଲକ୍ ତଃୟ୍‌ହୁଣି?"
26 ପିତର୍ କୟ୍‌ଲା, "ବିନ୍ ଦେସାର୍ ଲକାର୍ ତଃୟ୍‌ହୁଣି ।" ତଃବେ
ଜିସୁ ତାକ୍ କୟ୍‌ଲା, "ତଃବେ ତ ନିଜାର୍ ଦେସାର୍ ଲକ୍‌ମଃନ୍
ଚାଡ୍ ହାଉତି । 27 ମଃତର୍ ଅଃମିମଃନ୍ ସେମଃନାର୍ ବାଦା
ନଃଦେଉଁଆ, ଇତାର୍ ଗିନେ ସଃମ୍‌ନ୍ଦେ ଜାଆ ଆର୍ ବଃଲ୍‌ସି
ହଃକାଉ, ଆର୍ ହଃର୍ତୁ ଜୁୟ୍ ମାଚ୍ ଲାଗେଦ୍, ତାକେ ଦଃରି ତାର୍
ଟଣ୍ଡ ମେଲା କଃଲେକ୍ ଗଟେକ୍ ରୁହା ଅଦ୍‌ଲି ହାଉସି, ସେରି ଆଣି
ମର୍ ଗିନେ ଆର୍ ତୁମାର୍ ଗିନେ ସେମଃନ୍‌କେ ସିସ୍ଟ ଦେସ୍ ।"

18 ସଃଡେବଃଲ୍ ଚେଲାମଃନ୍ ଜିସୁର୍ ହାକ୍ ଆସି ହଃଚାର୍ଲାୟ୍,
"ତଃବେ ସଃର୍ଗ୍ ରାଇଜେ କେ ସଃବ୍‌କେ ବଃଡ୍?" 2 ଜିସୁ
ଗଟେକ୍ ସାନ୍ ହିଲାକ୍ ଚଃମେ କୁଦି ସେମଃନାର୍ ମଃଜାୟ୍ ଟିଆ
କଃରାୟ୍ କୟ୍‌ଲା, 3 "ମୁଁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ,
ତୁମିମଃନ୍ ଲେଉଟି ସାନ୍ ହିଲା ହର୍ ନୟ୍‌ଲେକ୍, କଃବେ ହେଁ ସଃର୍ଗ୍
ରାଇଜେ ଜଃଉଁ ନଃହାରାସ୍ । 4 କୁୟ୍ ମାନାୟ୍ ଇ ସାନ୍ ହିଲା ହର୍
ଅଃହ୍‌ଣାକ୍ ସାନ୍ କଃରେଦ୍, ସେ ସଃର୍ଗ୍ ରାଇଜେ ସଃବ୍‌କେ ବଃଡ୍
ଅୟ୍‌ଦ୍ । 5 ଆର୍ କୁୟ୍ ମାନାୟ୍ ମର୍ ନାଉଁଏ ଇ ହର୍ ଗଟେକ୍
ସାନ୍ ହିଲାକେ ଆଗଳି ଦଃରେଦ୍, ସେ ମକେ ଆଗଳି ଦଃରେଦ୍ ।"
6 "ମଃତର୍ ଜୁୟ୍‌ଲକ୍ ମକ୍ ବିସ୍ୱାସ୍ କଃର୍ତା ଇ ସାନ୍ ହିଲାମଃନାର୍
ବିତ୍ରାର୍ ଏକ୍ଲାକେ ବାଦା ଦଃୟଃଦ୍, ତାର୍ ଗଃଲାୟ୍ ଗଟେକ୍ ବଃଡ୍
ଜଃତା ଟେଳା ଅଳାୟ୍ ସଃମ୍‌ନ୍ଦେ ହଃକାୟ୍‌ଲେକ୍ ତାର୍ ଗିନେ ନିକ
ଅୟ୍‌ଲି ହୁଣି । 7 ଚି! ଲକ୍‌ମଃନାର୍ ବିସ୍ୱାସେ ବାଦା ଦେତାର୍
ଗିନେ ଡଃଣ୍ଡ ହାଉତା ଜଃଗତ୍, ବାଦା ତ ବାୟ୍‌ଦ୍‌ରେ ଗଃଟେଦ୍,
ମଃତର୍ ଚି! ଜୁୟ୍ ଲକାର୍ ଗିନେ ଲକ୍‌ମଃନାର୍ ବିସ୍ୱାସେ ବାଦା
ଅୟ୍‌ଦ୍ ସେ ଦଃଣ୍ଡାର୍ ଜୟ୍‌ଗ୍ ।" 8 "ଜଦି ତୁମାର୍ ଆତ୍ କି ହାଦାର୍
ଗିନେ ତୁମି ହାହ୍ କଃରୁଲାସ୍, ତଃବେ ସେରି କାଟି ହଃକାଉଆ;
ଦୁୟ୍ ଆତ୍ ଆର୍ ଦୁୟ୍ ହାଦ୍ ଦଃରି କଃବେ ନଃଲିବ୍‌ତା ଜୟ୍
ତଃୟ୍ ହଃଲ୍‌ତା ବାଦୁଲେ, କଃଲା କି ଚଟା ଅୟ୍ ଅଃମ୍ବ୍ର୍ ଜିବନେ
ହୁର୍ତାର୍ ତୁମାର୍ ଗିନେ ନିକ । (aiōnios g166) 9 ଜଦି ତୁମାର୍
ଗଟେକ୍ ଆକିର୍ ଗିନେ ତୁମି ହାହ୍ କଃରୁଲାସ୍, ତଃବେ ତାକ୍
କାଡି ହଃଲ୍ଲାଉଆ; ଦୁୟ୍ ଆକି ଦଃରି ନଃର୍କେ ସଃର୍ଜ୍‌ଲା ଜୟେ
ହଃଲ୍‌ତା ବାଟା, ଗଟେକ୍ ଆକି ଦଃରି ଅଃମ୍ବ୍ର୍ ଜିବନେ ହୁର୍ତାର୍
ନିକ ।" (Geenna g1067) 10 "ଜଃଗ୍ରାତ୍, ଇ ସାନ୍ ହିଲାମଃନାର୍
ବିତ୍ରେ ଏକ୍ଲାକେ ହେଁ ଇନ୍‌ମାନ୍ କଃରାନାୟ୍, କାୟ୍‌ତାକ୍‌ବଃଲେକ୍
ମୁଁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ, ସଃର୍ଗେ ସେମଃନାର୍
ଦୁତ୍‌ମଃନ୍ ସଃବୁ ବଃଳ୍ ମର୍ ସଃର୍ଗାର୍ ଉବାର୍ ମୁଉଁ ଦଃକୁଲାୟ୍
। 11 କାୟ୍‌ତାକ୍‌ବଃଲେକ୍ ଜାୟ୍‌ରି ଆଜ୍‌ଲି ଆଚେ, ସେରି ଲଳି
ବଚାଉଁକେ ନଃରାର୍ ହୟ୍‌ସି ଆସି ଆଚେ ।" 12 "ତୁମିମଃନ୍
କାୟ୍‌ରି ମଃନେ କଃରୁଲାସ୍? କୁୟ୍ ଲକାର୍ ହାଁଚ୍ କଳି ମେଣ୍ଡା
ରେତି, ଆର୍ ସେମଃନାର୍ ବିତ୍ରେ ଗଟେକ୍ ଆଜେଦ୍, ତଃବେ କାୟ୍
ଗଟେକ୍ ଉଣା ହାଁଚ୍ କଳି ମେଣ୍ଡାକେ ଡଙ୍ଗେ ଚାଡି ସେ ଜାୟ୍ ସେ

ଆଜ୍‌ଲା ମେଣ୍ଡାକେ ନଃଲଲେ? 13 ଜଃଡେବଃଲ୍ ତାକ୍ ମିଳାୟ୍‌ଦ୍,
ତଃବେ ମୁଁୟ୍ ତୁମିକେ ସଃତ୍ କଃଉଁଲେ, ଜୁୟ୍ ଗଟେକ୍ ଉଣା ହାଁତ୍
କଳି ମେଣ୍ଡା ଆଜି ନଃରିଲାୟ୍, ସେମଃନାର୍ ବାଟା ଆଜିରିଲା
ଗଟେକ୍ ମେଣ୍ଡାର୍ ଗିନେ ସେ ଅଃଦିକ୍ ସଃର୍ଦା କଃରେଦ୍ । 14
ସେବାନ୍ୟା ଇ ସାନ୍‌ମଃନାର୍ ବିତ୍ରେ ଗଟେକ୍ ନଃସ୍ଟ ଅୟ୍‌ଦ୍, ଇରି
ତୁମାର୍ ସଃର୍ଗାର୍ ଉବାର୍ ମଃନ୍ ନାୟ୍ ।" 15 "ଜଃଡେବଃଲ୍ ତୁମାର୍
ବାୟ୍ ତୁମାର୍ ବିରଦେ ହାହ୍ କଃରେଦ୍, ତଃବେ ତୁମାର୍ ଦୁୟ୍
ଲକାର୍ ବିତ୍ରେ ତାକେ ତାର୍ ଦସ୍ ଦଃକାଉଆ । ଜଦି ସେ ତୁମାର୍
କଃତା ସୁଣେଦ୍, ତଃବେ ତୁମି ଅଃହ୍‌ଣାର୍ ବାୟ୍‌କ୍ ହାୟ୍‌ଲାସ୍ ।
16 ମଃତର୍ ସେ ଜଦି ତୁମାର୍ କଃତା ନଃସୁଣେ, ତଃବେ ତୁମାର୍
ସଃଙ୍ଗ ଆରେକ୍ ଗଟ୍ ଲକ୍‌କେ ନୟ୍‌ଲେକ୍ ଦୁୟ୍ ଲକ୍‌କେ ନଃୟ୍
ତାର୍ ଲଃଗେ ଜାହା । ଜଃନ୍‌କଃରି ଅଃମାର୍ ସାସ୍ତୁର୍ ହଃର୍କାରେ
'ଦୁୟ୍ କି ତିନି ସାକିର୍ ମୁଏଁ ସଃବୁ କଃତା ତିର୍ ଅୟ୍‌ଦ୍ ।' 17
ସେ ଜଦି ସେମଃନାର୍ କଃତା ହେଁ ନଃମାନେ, ତଃବେ ମଣ୍ଡଲିକେ
କଃଉଆ ଆର୍ ଜଦି ସେ ମଣ୍ଡଲିର୍ କଃତା ହେଁ ନଃମାନେ, ତଃବେ
ସେ ତୁମାର୍ ଆକାୟ୍ ଅଜିଉଦି ଆର୍ ରିବ୍‌ନି ହର୍ ଅଃଉଅ, ଆର୍
ତାର୍ ସଃଙ୍ଗ ମିଲାମିସା କଃରାନାୟ୍ ।" 18 "ମୁଁୟ୍ ତୁମିକେ ସଃତ୍
କଃଉଁଲେ, ତୁମିମଃନ୍ ହୁର୍ତିବିଏ ଜାୟ୍‌ରି ସଃବୁ ବଃନ୍ଦ କଃରାସ୍,
ସଃର୍ଗେ ସେରି ସଃବୁ ବଃନ୍ଦ କଃରା ଅୟ୍‌ଦ୍, ଆରେକ୍ ସଃଙ୍ଗସାରେ
ଜାୟ୍‌ରି ସଃବୁ ଉଗାଲାସ୍, ସଃର୍ଗେ ହେଁ ସେରି ସଃବୁ ଉଗାଲା
ଅୟ୍‌ଦ୍ ।" 19 "ଆର୍ ମୁଁୟ୍ ତୁମିକେ ସଃତ୍ କଃତା କଃଉଁଲେ,
ହୁର୍ତିବିଏ ତୁମାର୍ ବିତ୍ରେ ଦୁୟ୍ ଲକ୍ ଜୁୟ୍ ବିସୟ୍ ହେଁ ଗଟେକ୍
ମଃନେ ଜାୟ୍‌ରି ହେଁ ମାଗାସ୍, ମର୍ ସଃର୍ଗାର୍ ଉବାର୍ ଆତେ
ସେ ଅଃଦିକାର୍ ଆଚେ, ସେରି ତୁମାର୍ ଗିନେ ଅୟ୍‌ଦ୍ । 20
କାୟ୍‌ତାକ୍‌ବଃଲେକ୍ ଜୁୟ୍ ଟାଣେ ଦୁୟ୍ କି ତିନିଲକ୍ ମର୍ ନାଉଁଏ
ଗଟେତଃୟ୍ଁ ରୁଣ୍ଡତି, ସେ ଟାଣେ ମୁଁୟ୍ ସେମଃନାର୍ ତଃୟ୍ ରଃୟ୍‌ନ୍ଦ
।" 21 ସଃଡେବଃଲ୍ ପିତର୍ ଜିସୁର୍ ଚଃମେ ଆସି ହଃଚାର୍ଲା, "ଏ
ମାପ୍ରୁ, କଃତିତର୍ ମର୍ ବାୟ୍ ମର୍ ବିରଦେ ହାହ୍ କଃଲେକ୍ ତାର୍
ଦଃସ୍ କେମା କଃରିନ୍ଦ? କାୟ୍ ସାତ୍ ତର୍ ହଃତେକ୍?" 22 ଜିସୁ
ତାକ୍ କୟ୍‌ଲା, "ତୁମିକେ ସାତ୍ ତର୍ ହଃତେକ୍ ନଃକୟ୍ଁ, ମଃତର୍
ସତୁରି ଗୁଣ୍ ସାତ୍ ତର୍ ହଃତେକ୍ । 23 କାୟ୍‌ତାକ୍‌ବଃଲେକ୍ ସଃର୍ଗ
ରାଇଜ୍ ଇହର୍ । ଗଟେକ୍ ରଃଜା ଅଃହ୍‌ଣାର୍ ଗତିଦଃଙ୍ଗଲାମଃନାର୍
ସଃଙ୍ଗ ଇସାବ୍ କଃରୁକେ ମଃନ୍ କଃଲା । 24 ରିଣ୍‌ଦେଉ ଇସାବ୍
କଃରୁକେ ଆରୁମ୍ କଃଲାକ୍, ଲାକେ ଟଃକା ରିଣ୍ ନଃୟ୍‌ରିଲା
ଗଟେକ୍ ଦଃଙ୍ଗଲାକେ ରିଣ୍‌ଦେଉ ଚଃମେ ଆଣ୍‌ଲାୟ୍ । 25 ମଃତର୍
ରିଣ୍ ସୁଜୁକ୍ ତାର୍ କାୟ୍‌ରି ହେଁ ନଃରିଲାକ୍ ତାର୍ ସାଉକାର୍ ତାକ୍,
ତାର୍ ଡକୁର୍ସିକେ, ତାର୍ ହିଲା ଆର୍ ତାର୍ ଜାୟ୍‌ରି ରିଲାର୍ ସଃବୁ
ବିକିକଃରି ରିଣ୍ ସୁଜୁକ୍ କୟ୍‌ଲା । 26 ସେତାକ୍ ସେ ରିଣିଆ
ଗତିଦଃଙ୍ଗଲା ସାଉକାରାର୍ ଗଡେ ଡୁଲି ଜୁଆର୍ କଃରି କାଉଁକେ
ଦଃର୍ଲା, 'ସାଉକାର୍ ତୁୟ୍ ମକେ ଦଃର୍ମ୍ କଃରି ଜାଗ୍, ମୁଁୟ୍ ତର୍
ସଃବୁ ରିଣ୍ ସୁଜିନ୍ଦ ।' 27 ତାର୍‌ହଃଚେ ତାର୍ ସାଉକାର୍ ତାର୍
ବିସ୍ୱାସ୍ ଦଃକି ରିଣିଆ ଗତିଦଃଙ୍ଗଲାକ୍ ଦଃୟା କଃଲା, ଆର୍
ତାର୍ ରିଣ୍ ହେଁ କେମା କଃଲା ।" 28 "ମଃତର୍ ସେ ରିଣିଆ
ଗତିଦଃଙ୍ଗଲା ମାନାୟ୍ ସେତିହୁଣି ବାରାୟ୍ ଗଃଲା ଆର୍ ତାର୍
ତଃୟ୍‌ହୁଣି ପଚାସ୍ ଟଃକା ରିଣ୍ ନଃୟ୍‌ରିଲା ଗଟେକ୍ ସଃଙ୍ଗାର୍
ଦଃଙ୍ଗଲାକେ ଦଃକ୍‌ଲା ଆର୍ ତାକ୍ ଦଃରି ତାର୍ ଟଟି ହିଚି କଃଉଁକେ
ଦଃର୍ଲା, 'ତୁୟ୍ ଜଃତେକ୍ ରିଣ୍ ନିଲିସ୍ ଆଟ୍‌ସି ସୁଜ୍ ।' 29 ସେତାକ୍
ତାର୍ ସଃଙ୍ଗାର୍ ଗତିଦଃଙ୍ଗଲା ତାର୍ ହାଦେ ଡୁଲି କାକୁଲ୍‌ତି ଅୟ୍
ଗଃଉଆରି କଃରୁକେ ଦଃର୍ଲା, 'ମକେ ଅଃଳକ୍ ଦଃର୍ମ୍ କଃରି ଜାଗ୍,
ମୁଁୟ୍ ସଃବୁ ରିଣ୍ ସୁଜିନ୍ଦ ।' 30 ମଃତର୍ ସେ ରାଜି ନୟ୍‌ଲା, ଆର୍
ରିଣ୍ ନଃସୁଜ୍‌ତା ହଃତେକ୍ ତାକ୍ ଜଃଇଲେ ହୁରାୟ୍‌ଲା । 31
ସେତାକ୍ ତାର୍ ସଃଙ୍ଗାର୍ ଗତିଦଃଙ୍ଗଲାମଃନ୍ ଇ ଗଃଟ୍‌ଣା ଦଃକି
ବଃଡେ ଦୁକ୍ କଃଲାୟ୍, ଆର୍ ତାକାର୍ ସାଉକାର୍‌କେ ଇ ସଃବୁ
ଗଃଟ୍‌ଣା ଗଟେକ୍ ଗଟେକ୍ କଃରି ଜାଣାୟ୍‌ଲାୟ୍ । 32 ସେତାର୍
ଗିନେ ତାର୍ ସାଉକାର୍ ତାକ୍ ଚଃମେ କୁଦିକଃରି କୟ୍‌ଲା, 'ଏ
ହଃଟ୍‌କାର୍ ରିଣିଆ ଗତିଦଃଙ୍ଗଲା, ତୁୟ୍ ମକ୍ ଗଃଉଆରି କଃଲାକ୍
ମୁଁୟ୍ ତର୍ ସଃବୁ ରିଣ୍ କେମା କଃଲେ । 33 ମୁଁୟ୍ ଜଃନ୍‌କଃରି
ତକେ ଦଃୟା କଃଲେ, ସଃନ୍‌କଃରି ହେଁ ଅଃହ୍‌ଣାର୍ ସଃଙ୍ଗାର୍
ଗତିଦଃଙ୍ଗଲାକ୍ ଦଃର୍ମ୍ କଃର୍ତାର୍ ତର୍ କାମ୍ ନଃରିଲି କି?' 34 ଆର୍
ତାର୍ ସାଉକାର୍ ରିସା ଅୟ୍ ସଃବୁ ରିଣ୍ ନଃଚୁଟ୍‌ତା ହଃତେକ୍ ତାକ୍
ଡଃଣ୍ଡ ହାଉଁକ୍ ଜଃଇଲେ ହୁରାଉତା ଲକାର୍ ଆତେ ସଃହ୍ରି ଦିଲା
।" 35 ଜିସୁ କଃତା କୟ୍‌ସଃରାୟ୍ କୟ୍‌ଲା, "ତୁମିମଃନ୍ ହଃତି
ଲକ୍ ଜଦି ମଃନ୍ ବିତ୍ରେହୁଣି ସଃର୍ଦା ମଃନେ ଅଃହ୍‌ଣା ଅଃହ୍‌ଣାର୍
ବାୟ୍‌ମଃନ୍‌କେ କେମା ନଃକେରାସ୍, ତଃବେ ମର୍ ସଃର୍ଗାର୍ ଉବା
ହେଁ ତୁମିମଃନ୍‌କେ ସେନ୍‌କଃରି କେମା ନଃକେରେ ।"

**19** ଜିସୁ ଇସଃବୁ କଃତା କୟ୍ ସଃର୍ଲା ହଃଚେ, ଗାଲିଲି
ତଃୟ୍‌ହୁଣି ଲେଉଟି ଜର୍ଦନ୍ ଗାଡାର୍ ସେହାଟି ରେତା
ଜିଉଦା ରାଇଜ୍ ହାକ୍ ହଚ୍‌ଲା । 2 ଆରେକ୍ ଗାଦେକ୍ ଲକ୍ ତାର୍
ହଃଚେ ହଃଚେ ଗଃଲାୟ୍, ଆର୍ ସେତି ସେ ରଗିମଃନ୍‌କେ ଉଜ୍
କଃଲା । 3 ସଃଡେବଃଲ୍ ପାରୁସିମଃନ୍ ଜିସୁର୍ ଚଃମେ ଆୟ୍‌ଲାୟ୍
ଆର୍ ତାକ୍ କଃଟ୍‌ହାଲ୍ କଃରି ହଃଚାର୍ଲାୟ୍, "କାୟ୍‌ତାର୍ ଗିନେ ହେଁ
ଅଃହ୍‌ଣାର୍ ମାୟ୍‌ଜିକେ ମସାର୍ ବିଦି ହଃର୍କାରେ କାୟ୍ ଚାଡୁକ୍
ଅୟ୍‌ଦ୍?" 4 ଜିସୁ କୟ୍‌ଲା, "ତୁମିମଃନ୍ କାୟ୍‌ରି ଦଃର୍ମ୍ ସାସ୍ତୁର୍
ନଃହଳାସ୍? ରାଜି ଉବ୍‌ଜାୟ୍‌ଲା ମାପ୍ରୁ ଆଗେହୁଣି ସେମଃନ୍‌କେ
ଅଃଣ୍ଡା ଆର୍ ଟକି କଃରି ତିଆର୍ କଃରିଆଚେ । 5 ଆର୍ କୟ୍‌ଲା,
'ଇତାର୍ ଗିନେ ମାନାୟ୍ ଆୟାଉବାକ୍ ଚାଡେଦ୍ ଆର୍ ଅଃହ୍‌ଣାର୍
ମାୟ୍‌ଜି ଟାଣେ ମଃନ୍ ଦଃୟଃଦ୍ ଆର୍ ଦୁୟ୍ ଲକ୍ ଗଟେକ୍ ଅଃଉତି
।' 6 ଇତାକ୍ ସେମଃନ୍ ଆର୍ ବିନ୍ ନଃଉତି, ମଃତର୍ ଗଟେକ୍
ଅଃଉତି; ବଃଲେକ୍ ଜାୟ୍‌ରି ଇସ୍ୱର୍ ମିସାୟ୍ ଆଚେ, ମାନାୟ୍
ସେରି ଅଃଲ୍‌ଗା ଅଃଲ୍‌ଗା ନଃକେର ।" 7 ପାରୁସିମଃନ୍ ତାକ୍
ହଃଚାର୍ଲାୟ୍, "ତଃବେ ମସା କାୟ୍‌ତାକ୍ ଚାଡ୍‌ହଃତାର୍ ଲେକି
ଦଃୟ୍ ମାୟ୍‌ଜିକେ ଚାଡୁକ୍ ଆଦେସ୍ ଦଃୟ୍ ଆଚେ?" 8 ଜିସୁ

ସେମଽନ୍‌କେ କୟ୍‌ଲା, "କାୟ୍‌ତାକ୍‌ବଽଲେକ୍ ମସା ତୁମିମଽନାର୍
ଅଽଟୁଆ ମଽନ୍ ଦଽକିକଽରି ତୁମିମଽନାର୍ ଅଽହ୍‌ଣା ଅଽହ୍‌ଣାର୍
ମାୟ୍‌ଜିକେ ଚାଡୁକ୍ କୟ୍‌ଲା, ମଽତର୍ ଆଗ୍‌ତୁ ହୁଣି ସେନ୍‌କାର୍
ନଽରିଲି । 9 ମଽତର୍ ମୁଁୟ୍ ତୁମିମଽନ୍‌କେ କଽଉଁଲେ, ଜୁୟ୍ ଲକ୍
ଅଽହ୍‌ଣାର୍ ମାୟ୍‌ଜିକେ, ଦାରି ଦଽସ୍ ଚାଡି ବିନ୍ କଽତାର୍ ଗିନେ
ଚାଡ୍ ହଽତାର୍ ଦଽୟଽଦ୍ ଆର୍ ଆରେକ୍ ଗଟେକ୍ ମାୟ୍‌ଜିକେ
ସଽଙ୍ଗାୟ୍‌ଦ୍ ସେ ଦାରିକାମ୍ କଽରେଦ୍ ।" 10 ଚେଲାମଽନ୍ ଜିସୁକେ
କୟ୍‌ଲାୟ୍, "ମାୟ୍‌ଜି ସଽଙ୍ଗ ଅଽଣ୍ଟାର୍ ଜଦି ଇରଽକମ୍ ବିସୟ୍
ଆଚେ, ତଽବେ ବିବା କଽଉତାର୍ ନିକ ନାୟ୍ ।" 11 ମଽତର୍ ଜିସୁ
ସେମଽନ୍‌କେ କୟ୍‌ଲା, "ସଽବୁ ଲକ୍ ଇ କଽତା ମାନୁ ନଽହାର୍‌ତି,
ମଽତର୍ ଜୁୟ୍ ଲକ୍‌ମଽନ୍‌କେ ସଽକ୍ତି ଦିଆ ଅୟ୍‌ଆଚେ, ସେମଽନ୍
ହଽକା କଽରୁ ହାର୍ତି । 12 କାୟ୍‌ତାକ୍‌ବଽଲେକ୍ କେ କେ ଆୟ୍‌ସିର୍
ହେଟେହୁଣି ବେଜୁ ଅୟ୍ ଜଽଲମ୍ ଅୟ୍ ଆଚ୍‌ତି, ଆର୍ କେ କେ
ମାନାୟ୍ ତଽୟ୍‌ହୁଣି ବେଜୁ କଽରାଜାୟ୍ ଆଚ୍‌ତି, ଆରେକ୍ କେ
କେ ସଽର୍ଗ୍ ରାଇଜ୍ ଗିନେ ଅଽହ୍‌ଣା ଅଽହ୍‌ଣାକ୍ ବେଜୁ କଽରି
ଆଚ୍‌ତି । ଜୁୟ୍ ଲକ୍ ଇରି କଽରୁ ହାରେ, ସେ କଽର ।" 13
ଜିସୁ ଜଽନ୍‌କଽରି ସାନ୍ ହିଲାମଽନାର୍ ଉହ୍ରେ ଆତ୍ ସଽଙ୍ଗାୟ୍
ପାର୍ତ୍ନା କଽରେଦ୍, ଇତାର୍ ଗିନେ ଲକ୍‌ମଽନ୍ ତାର୍ ଚଽମେ ସାନ୍
ସାନ୍ ହିଲାମଽନ୍‌କେ ଆଣ୍‌ଲାୟ୍, ମଽତର୍ ଚେଲାମଽନ୍ ଆଣ୍‌ତା
ଲକ୍‌ମଽନ୍‌କେ ଦଽକାଦିଲାୟ୍ । 14 ମଽତର୍ ଜିସୁ କୟ୍‌ଲା,
"ସାନ୍ ହିଲାମଽନ୍‌କେ ଚାଡି ଦିଆସ୍, ସେମଽନ୍‌କେ ମର୍ ଚଽମେ
ଆସୁକ୍ ମଽନା କଽରା ନାୟ୍, କାୟ୍‌ତାକ୍‌ବଽଲେକ୍ ସଽର୍ଗ୍ ରାଇଜ୍
ଇରଽକମ୍ ଲକ୍‌ମଽନାର୍ ।" 15 ଆର୍ ଜିସୁ ସେମଽନାର୍ ଉହ୍ରେ
ଆତ୍ ସଽଙ୍ଗାୟ୍ ଆସିର୍ବାଦ୍ କଽରି ସେତିହୁଣି ବାରାୟ୍ ଗଽଲା ।
16 ଆର୍ ଗଟ୍ ମାଜନ୍ ଦଽଙ୍ଗଲା ଜିସୁର୍ ଚଽମେ ଆସି ହଽଚାର୍ଲା,
"ଏ ସଽତ୍ ଗୁରୁ, ଅଽମ୍ବ୍ରର୍ ଜିବନ୍ ହାଉଁକ୍ ମୁଁୟ୍ କାୟ୍ ନିକ କାମ୍
କଽରିନ୍ଥ?" (aiōnios g166) 17 ଜିସୁ ତାକ୍ କୟ୍‌ଲା, "ନିକ ବିସୟେ
ମକ୍ କାୟ୍‌ତାକ୍ ହଽଚାରୁଲି? ଇସ୍ୱର୍ ହଽକା ସଽତ୍, ମଽତର୍
ତୁୟ୍ ଜଦି ଅଽମ୍ବ୍ରର୍ ଜିବନ୍ ହାଉଁକେ ମଽନ୍ କଽରୁଲିସ୍, ତଽବେ
ଇସ୍ୱରାର୍ ବିଦି ସଽବୁ ମାନ୍ ।" 18 ସେ ଜିସୁକେ ହଽଚାର୍ଲା, "କାୟ୍
କାୟ୍ ରଽକମ୍ ବଲ୍?" ଜିସୁ ତାକ୍ କୟ୍‌ଲା, "ଇରିମଽନ୍, 'ନଽର୍
ମାରା ନାୟ୍, ଦାରିକାମ୍ କଽରା ନାୟ୍, ଚରି କଽରାନାୟ୍, ମିଚ୍
ସାକି ଦିଆସ୍ ନାୟ୍ । 19 ଆୟା ଉବାକ୍ ମାନ୍‌ତି କଽରା, ଆରେକ୍
ତୁମାର୍ ହାକିହଽଲ୍‌ସାକେ ଅଽହ୍‌ଣାକ୍ ଲାଡ୍ କଽଲା ହର୍ ଲାଡ୍
କଽରା ।'" 20 ସେ ବେଣ୍ଟ୍ୟା ମାନାୟ୍ ଜିସୁକେ କୟ୍‌ଲା, "ଇରିମଽନ୍
ମୁଁୟ୍ ସଽବୁ କଽରି ଆସୁଲେ, ମର୍ ଆର୍ କାୟ୍‌ରି କଽରୁକେ ବାକି
ଆଚେ?" 21 ଜିସୁ ତାକ୍ କୟ୍‌ଲା, "ଜଦି ତୁୟ୍ ହୁରୁଣ୍ ଅଽଉଁକେ
ମଽନ୍ କଽରୁଲିସ୍, ତଽବେ ଜାୟ୍‌କଽରି ଅଽହ୍‌ଣାର୍ ସଽର୍ନେ ଦଽନ୍
ବିକିକଽରି କାୟ୍‌ରି ନୟ୍‌ଲା ଲକ୍‌ମଽନ୍‌କେ ଦାନ୍ କଽରି ଦେସ୍,
ଆର୍ ତୁୟ୍ ସଽର୍ଗେ ଦଽନ୍ ହାଉସି; ତାର୍‌ହଽଚେ, ମର୍ ହଽଚେ
ହଽଚେ ଆଉ ।" 22 ମଽତର୍ ଇ କଽତା ସେ ବେଣ୍ଟ୍ୟା ସୁଣ୍‌ଲା,
ଆର୍ ମଽନ୍ ଦୁକ୍‌କଽରି ବାରାୟ୍ ଗଽଲା, ବଽଲେକ୍ ତାର୍ ଜଽବର୍
ଦଽନ୍ ରିଲି । 23 ସେତାକ୍ ଜିସୁ ଅଽହ୍‌ଣାର୍ ଚେଲାମଽନ୍‌କେ
କୟ୍‌ଲା, "ମୁଁୟ୍ ତୁମିମଽନ୍‌କେ ସଽତ୍ କଽଉଁଲେ, ମାଜନ୍ ଲକ୍
କଽଡେ କଽସ୍ଟେ ସଽର୍ଗ୍ ରାଇଜେ ଜାୟ୍‌ଦ୍ । 24 ଆରେକ୍ ଗଟ୍‌ତର୍
ମୁଁୟ୍ ତୁମିମଽନ୍‌କେ ସଽତ୍ କଽଉଁଲେ, ଗଟ୍ ମାଜନ୍ ଲକ୍ ଇସ୍ୱରାର୍
ରାଇଜେ ଜାତା ବାଟା, ସୁତ୍‌ଲିର୍ କାଣାବାଟ୍ ଅୟ୍ ଉଟ୍ ଚିଙ୍ଗ୍‌ଲ୍‌ତାର୍
ଉସାସ୍ ।" 25 ଚେଲାମଽନ୍ ଇରି ସୁଣ୍‌ଲାୟ୍ ଆର୍ କାବା ଅୟ୍
କୟ୍‌ଲାୟ୍, "ତଽବେ କେ ହାହେହୁଣି ନିଜ୍‌କେ ବଚାଉ ହାରେ?"
26 ଜିସୁ ସେମଽନ୍‌କେ ଦଽକି କୟ୍‌ଲା, "ଇରି ମାନାୟ୍ କଽରୁ
ନଽହାରେ ମଽତର୍ ଇସ୍ୱର୍ ସଽବୁ କଽରୁହାରେ ।" 27 ପିତର୍
ଜିସୁକେ କୟ୍‌ଲା, "ଦଽକ୍, ଅଽମିମଽନ୍ ସଽବୁ ଚାଡିକଽରି ତର୍
ହଽଚେ ହଽଚେ ଆସି ଆଚୁ, ଅଽମିମଽନ୍ ତଽବେ କାୟ୍‌ରି ହାଉନ୍ଥ?"
28 ଜିସୁ ସେମଽନ୍‌କେ କୟ୍‌ଲା, "ମୁଁୟ୍ ତୁମିମଽନ୍‌କେ ସଽତ୍ କଽରି
କଽଉଁଲେ, ନଽଉଆଁ ଜୁଗ୍ ଆୟ୍‌ଲେକ୍ ଜଽଡେବଽଲ୍ ନଽରାର୍
ହୟ୍‌ସି ଅଽହ୍‌ଣାର୍ ଜଽଜ୍‌ମାନ୍ ସିଙ୍ଗାସଣ୍ ତଽୟ୍ଁ ବଽସେଦ୍,
ସଽଡେବଽଲ୍ ମର୍ ହଽଚେ ହଽଚେ ଆସି ଆଚାସ୍, ତୁମିମଽନ୍ ହେଁ
ବାରଗଟ୍ ସିଙ୍ଗାସଣେ ବଽସିକଽରି ଇସ୍ରାଏଲାର୍ ବାର ବଽଉଁସ୍
ଉହ୍ରେ ରାଜ୍ କଽରାସ୍ । 29 ଆରେକ୍ ଜୁୟ୍ ଲକ୍ ମର୍ ନାଉଁ ଗିନେ
ଗଽର୍, ବାୟ୍, ବେଣି, ଉବା, ଆୟା, ହିଲା, କି ବୁୟ୍ଁ ଚାଡେଦ୍ ସେ
ସଏ ଗୁଣ୍ ଅଽଦିକ୍ ଆସିର୍ବାଦ୍, ଆର୍ ଅଽମ୍ବ୍ରର୍ ଜିବନ୍ ହାୟ୍‌ଦ୍ ।
(aiōnios g166) 30 ମଽତର୍ ହଽର୍ତୁ ରିଲା କଽତେକ୍ ଲକ୍ ହଽଚେ
ଅଽଉତି ଆର୍ ହଽଚେ ରିଲା କଽତେକ୍ ଲକ୍ ହଽର୍ତୁ ଅଽଉତି ।"

## 20

"ସଽର୍ଗ୍ ରାଇଜ୍ ଇବାନ୍ୟା ଗଟେକ୍ ସାଉକାର୍ ହର୍, ସଽକାଲ୍
ଅୟ୍‌ଲା ଦାହ୍ରେ ତାର୍ ଅଙ୍ଗୁର୍ ବାଳେ ବୁତି ଲାଗାଉଁକେ
ଲକ୍‌ମଽନ୍‌କେ ଲଲୁକ୍ ବାରାୟ୍ ଗଽଲା । 2 ସେ ବୁତିକଽରୁ
ଲକ୍‌ମଽନ୍‌କେ ଦିନେକେ ଗଟେକ୍ ରୁହା ଟଽକା ବୁତି ଦେଉଁକେ
ଚିଡାୟ୍‌କଽରି ଅଙ୍ଗୁର୍ ବାଳେ ହଽଟାୟ୍‌ଲା । 3 ଆରେକ୍ ନଅଽ
ଗଽଟା ବେଳାୟ୍ ସେ ବାରାୟ୍ ଗଽଲା ଆର୍ ବଽଜାରେ ବିନ୍
ଲକ୍‌ମଽନ୍ ହାୟ୍‌ଟି ନୟ୍‌ଲାକ୍ ଅଽଲ୍‌ସିଆ ଅୟ୍ ଟିଆ ଅୟ୍‌ରିଲାର୍
ଦଽକ୍‌ଲା ଆର୍ ସେମଽନ୍‌କେ କୟ୍‌ଲା, 4 'ତୁମିମଽନ୍ ହେଁ ମର୍
ଅଙ୍ଗୁର୍ ବାଳେ ଜାହା, ଆର୍ ତୁମିକେ ଜାୟ୍‌ରି ଦେତାର୍ ଟିକ୍
ସଽତେକ୍ ତୁମିକେ ଦଽୟ୍‌ନ୍ଥ ।' 5 ଆର୍ ସେମଽନ୍ ଗଽଲାୟ୍ ।
ତାର୍‌ହଽଚେ ସେ ବାର ଗଽଟା ଆର୍ ତିନିଗଽଟା ବେଳାୟ୍ ବାରାୟ୍
ଗଽଲା ଆର୍ ସେହର୍ ଲକ୍‌ମଽନ୍‌କେ ଅଙ୍ଗୁର୍ ବାଳେ ହଽଟାୟ୍‌ଲା ।
6 ଆରେକ୍ ହାଁଚ୍ ଗଽଟା ବେଳାୟ୍ ବାରାୟ୍ ଗଽଲା ଆର୍ କଽତି
ଲକ୍‌କେ ଅଽଲ୍‌ସିଆ ଅୟ୍ ଟିଆ ଅୟ୍‌ରିଲାର୍ ଦଽକି ହଽଚାର୍ଲା,
'ତୁମିମଽନ୍ କାୟ୍‌ତାକ୍ ହାୟ୍‌ଟି ନଽକେରି ବେଲ୍ ବୁଡାଉଁଲାସ୍?'
7 ସେମଽନ୍ ତାକ୍ କୟ୍‌ଲାୟ୍, 'ବଽଲେକ୍ ଅଽମିକ୍ କେ ବୁତି
ନଽଲାଗାଉତି ।'" ସେ ସେମଽନ୍‌କେ କୟ୍‌ଲା, "ତୁମିମଽନ୍ ହେଁ
ମର୍ ଅଙ୍ଗୁର୍ ବାଳେ ଜାହା ।" 8 "ହଽଚେ ବେଲ୍ ବୁଡ୍‌ତା ବଽଲ୍
ଅଙ୍ଗୁର୍ ବାଳାର୍ ସାଉକାର୍ ତାର୍ ଗୁମୁସ୍ତାକ୍ କୟ୍‌ଲା, 'ବୁତି କଽଲା

ଲକ୍ମଽନ୍କେ କୁଦି ହଽଚେ ଆୟ୍ଲା ଲକ୍ମଽନ୍ ତଽୟ୍ହୁଣି ଆରୁମ୍
କଽରି ହଽର୍ତୁର୍ ଲକ୍ମଽନ୍କେ ବୁତି ଡାବୁ ଦେସ୍ ।' 9 ଜୁୟ୍
ଲକ୍ମଽନ୍ ହାଁଚ୍ ଗଽଟା ବଽଲ୍ ଆସି ବୁତି କଽରି ରିଲାୟ୍, ସେମଽନ୍
ଗଟେକ୍ ଲେକା ରୁହା ଟଽକା ବୁତି ଡାବୁ ହାୟ୍ଲାୟ୍ । 10 ଆରେକ୍
ହଽର୍ତୁମ୍ହୁଣି ବୁତି କଽଲା ଲକ୍ ଅଽଦିକ୍ ହାଉନ୍ଡ ବଽଲି ମଽନେ
ବାବ୍ତି ରିଲାୟ୍, ମଽତର୍ ସେମଽନ୍ ହେଁ ଗଟେକ୍ ଲେକା ରୁହା
ଟଽକା ହାୟ୍ଲାୟ୍ । 11 ମଽତର୍ ସେରି ହାୟ୍ ସାଉକାର୍କେ
ରିସା ଅୟ୍ ଉଲୁକ୍ ଦଽର୍ଲାୟ୍ ଆର୍ କୟ୍ଲାୟ୍, 12 'ଇ ହଽଚାର୍
ଲକ୍ମଽନ୍ ଗଟେକ୍ ଗଽଟା ମଽତର୍ ହାୟ୍ଟି କଽଲାୟ୍, ଆରେକ୍
ଅଽମିମଽନ୍ ଦିନ୍ ସଽରା କଽରାୟ୍ ହାୟ୍ଟି କଽଲୁ, ମଽତର୍ ତୁୟ୍
ସେମଽନ୍କେ ଅଽମାର୍ ସଽମାନ୍ କଽଲିସ୍ ।'" 13 "ମଽତର୍
ସେମଽନାର୍ ବିତ୍ରେ ଗଟେକ୍ ଲକ୍କେ ସାଉକାର୍ କୟ୍ଲା, 'ବାୟ୍,
ତକେ ମୁଁୟ୍ ଅଽନ୍ୟାୟ୍ ନଽକେରି, ତୁୟ୍ କାୟ୍ ମର୍ ସଽଙ୍ଗ ଗଟେକ୍
ଲେକା ରୁହା ଟଽକାର୍ ଗିନେ ରାଜି ଅୟ୍ନଽରିଲିସ୍? 14 ଜାୟ୍ରି
ହାୟ୍ ଆଚ୍ସି, ସେରି ଦଽରି ବାରାୟ୍ ଜାଆ, ମଽତର୍ ଇ ହଽଚାର୍
ଗଟ୍ ଗଽଟା ହାୟ୍ଟି କଽଲା ଲକ୍କେ ହେଁ ତର୍ ହର୍ ଦେଉଁକେ ମର୍
ମଽନ୍ । 15 ଅଽହ୍ଣାର୍ ଦଽନ୍କେ ନିଜାର୍ ମଽନ୍ ଇଚାୟ୍ ଦେଉଁକେ
କାୟ୍ ମର୍ ଅଽଦିକାର୍ ନାୟ୍? କି ମୁଁୟ୍ ସଽତ୍ କାମ୍ କଽଲାକ୍ ଡାରା
ଅଽଉଁଲାସ୍?'" 16 "ସେରଽକମ୍ ହଽଚେ ରିଲା ଲକ୍ ହଽର୍ତୁ ଅଽଉତି
ଆର୍ ହଽର୍ତୁ ରିଲା ଲକ୍ ହଽଚେ ଅଽଉତି ।" 17 ଜିସୁ ଜିରୁସାଲମ୍
ଜଽଉଁକେ ବାରାଉତା ବଽଲ୍ ବାର ଗଟ୍ ଚେଲାମଽନ୍କେ ଅଽଲ୍ଗା
କଽରି ବାଟେ ସେମଽନ୍କେ କୟ୍ଲା, 18 "ଦଽକା, ଅଽମିମଽନ୍
ଜିରୁସାଲମେ ଜଽଉଁଲୁ, ବଽଡ୍ ଜାଜକ୍ ଆର୍ ଦଽର୍ମ୍ଗୁରୁ ଆତେ
ନଽରାର୍ ହୟ୍ସି ସଽହ୍ରି ଅୟ୍ଦ୍ । ଆର୍ ସେମଽନ୍ ତାକ୍ ମଽର୍ନ୍
ଡଽଣ୍ଡାର୍ ଦସି କଽର୍ତି । 19 ଆର୍ ଟାହ୍ରା କଽରୁକେ, ସାଟ୍ଣି ମାରୁକ୍
ଆର୍ କ୍ରୁସ୍ ଉହ୍ରେ ଅଽତ୍ୟା କଽରୁକେ ଅଜିଉଦି ଲକ୍ମଽନାର୍ ଆତେ
ସଽହ୍ରି ଦେତି; ଆର୍ ତିନିଦିନାର୍ ହଽଚେ ସେ ଉଟେଦ୍ ।" 20
ସଽଡେବଽଲ୍ ଜେବଦିର୍ ଡକୁର୍ସି ଅଽହ୍ଣାର୍ ହୟ୍ସିମଽନ୍କେ ଦଽରି
ଜିସୁର୍ ଚଽମେ ଆୟ୍ଲି ଆର୍ ଜୁଆର୍ କଽରି ଦଽୟା କଽରୁକେ
କୟ୍ଲି । 21 ଜିସୁ ତାକ୍ ହଽଚାର୍ଲା, "ତୁୟ୍ କାୟ୍ରି ମଽନ୍
କଽରୁଲିସ୍?" ସେ ଜିସୁକେ କୟ୍ଲି, "ତୁୟ୍ ଅଽହ୍ଣାର୍ ରାଇଜେ
ରଽଜା ଅୟ୍ ଆୟ୍ଲେକ୍, ମର୍ ଇ ଜଳେକ୍ ହଅର୍ ବିତ୍ରେ ଗଟେକ୍
ତର୍ କାତା ବାଟ୍ୟା ଆରେକ୍ ଗଟେକ୍ ତର୍ ଡେବ୍ରି ବାଟ୍ୟା ବଽସୁକେ
ଅଽଦିକାର୍ ଦେ ।" 22 ମଽତର୍ ଜିସୁ ଜେବଦିର୍ ଜୁଳେକ୍ ହୟ୍ସିକ୍
କୟ୍ଲା, "ତୁମି କାୟ୍ରି ମାଗୁଲାସ୍ ସେରି ଜାଣୁ ନଽହାରୁଲାସ୍
। ମୁଁୟ୍ ଜୁୟ୍ ଦୁକାର୍ କପାୟ୍ ସୁରୁକ୍ ଜଽଉଁଲେ, ସେତି କାୟ୍
ତୁମି ସୁରୁକ୍ ହାରାସ୍?" ସେମଽନ୍ ତାକ୍ କୟ୍ଲାୟ୍, "ହାରୁନ୍ଡ
।" 23 ଜିସୁ ସେମଽନ୍କେ କୟ୍ଲା, "ତୁମିମଽନ୍ ମର୍ ଦୁକାର୍
କପାୟ୍ ସୁରୁକ୍ ହାରାସ୍ ସଽତ୍, ମଽତର୍ ମର୍ କାତା ବାଟ୍ୟା ଆର୍
ଡେବ୍ରି ବାଟ୍ୟା କାକେ ବଽସୁକେ ଦେତାର୍ ମର୍ ଅଽଦିକାର୍ ନାୟ୍ ।
ମଽତର୍ ଜୁୟ୍ ଲକ୍ମଽନାର୍ ଗିନେ ମର୍ ଉବା ଟାଣ୍ ବାଚି ଆଚେ,
ସେମଽନ୍ ହଽକା ବଽସ୍ତି ।" 24 ଜଽଡେବଽଲ୍ ବିନ୍ ଦଽସ୍ଗଟ୍
ଚେଲା ଇରି ସୁଣି ସେ ଦୁୟ୍ ବାୟ୍ର୍ ଉହ୍ରେ ରିସା ଅୟ୍ଲାୟ୍ ।
25 ମଽତର୍ ଜିସୁ ସେମଽନ୍କେ ତାର୍ ଚଽମେ କୁଦି କୟ୍ଲା, "ଇ
ଅଜିଉଦି ଲକ୍ମଽନାର୍ ରଽଜାମଽନ୍ ବିନ୍ ଲକ୍ମଽନାର୍ ଉହ୍ରେ
ରାଜ୍ କଽର୍ତି ଆର୍ ବଽଡ୍ ବଽଡ୍ ଲକ୍ମଽନ୍ ସେମଽନାର୍ ଉହ୍ରେ
ଅଽଦିକାର୍ ଦଽକାଉତି, ଇରି ତୁମି ଜାଣାସ୍ । 26 ତୁମାର୍ ବିତ୍ରେ
ସେନ୍କାର୍ ନାୟ୍, ମଽତର୍ ତୁମାର୍ ବିତ୍ରେ ଜେ ବଽଡ୍ ଅଽଉଁକେ
ମଽନ୍ କଽରେଦ୍, ସେ ବିନ୍ ଲକାର୍ ସେବାକାରି ହର୍ ଅଽଉଅ ।
27 ଆରେକ୍ ଆର୍ ତୁମାର୍ ବିତ୍ରେ ଜେ ସଽବ୍କେ ବଽଡ୍ ଅଽଉଁକେ
ମଽନ୍ କଽରେଦ୍, ତଽବେ ସେ ଗତିଦଽଙ୍ଗ୍ଲା ହର୍ ସଽବ୍କାର୍
ସେବା କଽର । 28 ଜଽନ୍କଽରି ନଽରାର୍ ହୟ୍ସି ହେଁ ସେବା
ହାଉଁକ୍ ନାସେ, ମଽତର୍ ସେବା କଽରୁକେ ଆର୍ ଗାଦେକ୍ ଲକାର୍
ଗିନେ ମୁକ୍ଲାଉତା ମଲ୍ ହର୍ ଅଽହ୍ଣାର୍ ଜିବନ୍ ଦେଉଁକେ ଆସି
ଆଚେ ।" 29 ଜିସୁ ଆର୍ ତାର୍ ଚେଲାମଽନ୍ ଜିରିହ ଗଽଲେହୁଣି
ବାରାୟ୍ ଗଽଲା ବଽଲ୍, ଗାଦେକ୍ ଲକ୍ମଽନ୍ ତାର୍ ହଽଚେ ହଽଚେ
ଗଽଲାୟ୍ । 30 ଆର୍ ବାଟ୍ ଲଽଗେ ବଽସିରିଲା ଜଳେକ୍ କାଣା ଜିସୁ
ସେବାଟ୍ ଅୟ୍ ଜଽଉଁଲା ବଽଲି ସୁଣ୍ଲାୟ୍ ଆର୍ ଉଲ୍ଗାଟ୍ ଅୟ୍
କୟ୍ଲାୟ୍, "ଏ ମାପ୍ରୁ, ଦାଉଦାର୍ ହୟ୍ସି, ଅଽମିକ୍ ଦଽୟା କଽର୍
।" 31 ମଽତର୍ ଲକ୍ମଽନ୍ ସେମଽନ୍କେ ତୁନ୍ହାଲୁକେ ଦଽକା
ଦିଲାୟ୍, ମଽତର୍ ସେମଽନ୍ ଆରେକ୍ ଉଲ୍ଗାଟ୍ ଅୟ୍ କୟ୍ଲାୟ୍,
"ଏ ମାପ୍ରୁ, ଦାଉଦାର୍ ହୟ୍ସି, ଅଽମିକ୍ ଦଽୟା କଽର୍ ।" 32
ତାର୍ହଽଚେ ଜିସୁ ଟିଆ ଅୟ୍ ସେମଽନ୍କେ କୁଦି ହଽଚାର୍ଲା, "ମୁଁୟ୍
ତୁମାର୍ ଗିନେ କାୟ୍ରି କଽରିନ୍ଡ ବଽଲି ତୁମି ମଽନ୍ କଽରୁଲାସ୍?"
33 ସେମଽନ୍ ତାକ୍ କୟ୍ଲାୟ୍, "ଏ ମାପ୍ରୁ, ଜଽନ୍କଽରି ଅଽମାର୍
ଆକି ଉଗାଳି ଅଽଉଅ ଆର୍ ଅଽମି ଦଽକୁ ହାରୁନ୍ଡ ।" 34 ଆର୍
ଜିସୁ ଦଽୟା କଽରୁକେ ମଽନ୍ କଽଲା, ଆର୍ ସେମଽନାର୍ ଆକି
ଚୁୟ୍ଲା, ତଽବେ ସେଦାହ୍ରେ ସେମଽନ୍ ଦଽକୁକେ ହାର୍ଲାୟ୍ ଆର୍
ଜିସୁର୍ ହଽଚେ ହଽଚେ ଇଣ୍ଟକ୍ ଦଽର୍ଲାୟ୍ ।

21 ଜଽଡେବଽଲ୍ ଜିସୁ ଆର୍ ତାର୍ ଚେଲାମଽନ୍ ଜିରୁସାଲମ୍
ଲଽଗାର୍ ଜିତ୍ ଡଙ୍ଗର୍ ଉହ୍ରେ ରିଲା ବେତ୍ପାଗି ଗାଉଁଏ
ହଚ୍ଲାୟ୍, ସଽଡେବଽଲ୍ ଜିସୁ ଜଳେକ୍ ଚେଲାକେ ଇ କଽତା
କୟ୍ ହଽଟାୟ୍ଲା, 2 "ତୁମାର୍ ମୁଆଁର୍ ସେ ଗାଉଁଏ ଜାହା, ଆର୍
ସେତି ହଚ୍ଲେକ୍, ସେତି ବାନ୍ଡଲାର୍ ଗଟେକ୍ ମାୟ୍ ଗଽଦ ଆର୍
ତାର୍ ଗଟେକ୍ ହିଲାଗଽଦକ୍ ଦଽକାସ୍; ସେମଽନ୍କେ ମେଲି ମର୍
ହାକ୍ ଆଣା । 3 ଆର୍ କେ ତୁମିକେ କାୟ୍ରି କୟ୍ଦ୍, ତଽବେ
କଽଉଆ, 'ଇମଽନାର୍ ତଽୟ୍ ମାପ୍ରୁର୍ ଲଳା ଆଚେ ।' ସେଦାହ୍ରେ
ସେ ସେମଽନ୍କେ ହଽଟାୟ୍ଦ୍ ।" 4 ବାବ୍ବାଦିର୍ କଽତାମଽନ୍
ହୁରୁଣ୍ ଅଽଉଁକେ ଇରି ଅୟ୍ଲି, 5 "ସିଅନାର୍ ଦଽଙ୍ଗ୍ଲିମଽନ୍କେ
କଽଉଆ, 'ଦଽକ୍ ତର୍ ରଽଜା ତର୍ ଚଽମେ ଆସୁଲା! ସେ ବଽଡେ
ଦିରାର୍ ଆର୍ ହିଲାଗଽଦ ଉହ୍ରେ ବଽସି ଆଚେ, ଆର୍ ଗଽଦ
ହିଲା ଉହ୍ରେ ଚଽଗି ଆସୁଲା ।'" 6 ସେତାକ୍ ଚେଲାମଽନ୍ ଜିସୁର୍

କଃତା ମାନି ସେନ୍ କଃଲାୟ୍ । 7 ତାର୍‌ହଃଚେ ମାୟ୍ ଗଃଦ
ଆର୍ ହିଲାଗଃଦକ୍ ଜିସୁର୍ ହାକ୍ ଆଣ୍‌ଲାୟ୍, ଆର୍ ତାର୍ ଉହ୍ରେ
ବଃସ୍ତୁର୍‌ମଃନ୍ ଅଚାୟ୍‌ଲାୟ୍, ଆର୍ ଜିସୁ ତାର୍ ଉହ୍ରେ ବଃସ୍‌ଲା । 8
ଆରେକ୍ ଲକ୍‌ମଃନାର୍ ବିତ୍ରେ ଗାଦେକ୍ ଲକ୍ ଅଃହ୍‌ଣା ଅଃହ୍‌ଣାର୍
ବଃସ୍ତୁର୍ ବାଟେ ଅଚାୟ୍‌ଲାୟ୍ ଆର୍ କଃତେକ୍ କଃଜୁରି ଗଃଚାର୍
ଡାଳ୍ ମାରି ଆଣି ବାଟେ ଅଚାଉଁକେ ଦଃର୍ଲାୟ୍ । 9 ଆର୍ ଜିସୁର୍
ଆଗେ ଆର୍ ହଃଚେ ଜାତା ଲକ୍‌ମଃନ୍ ବଃଡ୍ ଟଣ୍ଡ କଃରି କଃଉଁକେ
ଦଃର୍ଲାୟ୍, “ହସାନ୍ନା, ଦାଉଦାର୍ ହୟ୍‌ସି, ମାପ୍ରୁର୍ ନାଉଁଏ ଜେ
ଆସୁଲା, ତାର୍ ଆସିର୍ବାଦ୍ ଅଃଉଅ, ସଃବ୍‌କେ ଉହ୍ରାର୍ ମାପ୍ରୁର୍
ଜଃଜ୍‌ମାନ୍ ଅଃଉଅ ।” 10 ଆରେକ୍ ଜିସୁ ଜିରୁସାଲମେ ଗଃଲାକେ
ଜିରୁସାଲମ୍ ଗଃଲ୍‌ଜାକ “ଏ କେ?” ବଃଲି ଉର୍ଜି ଅୟ୍‌ଲି । 11
ସେତାକ୍ ଲକ୍‌ମଃନ୍ କୟ୍‌ଲାୟ୍, “ଏ ଗାଲିଲି ରାଇଜାର୍ ନାଜରିତ୍
ଗାଉଁଆର୍ ବାବ୍‌ବାଦି ଜିସୁ ।” 12 ତାର୍‌ହଃଚେ ଜିସୁ ମନ୍ଦିର୍ ବିତ୍ରେ
ଗଃଲା, ଆର୍ ସେତି ବିକାବାଞ୍ଜା କଃର୍ତା ସଃବୁ ଲକ୍‌ମଃନ୍‌କେ
ବାର୍‌କଃଲା । ଆର୍ ଡାବୁ ବାଦ୍‌ଲାଉତା ବେବାରିମଃନାର୍ ଟେବୁଲ୍
ଆର୍ ହାଣ୍ଡୁକା ବେବାରିମଃନାର୍ ବଃସ୍ତା କୁର୍ଚିମଃନ୍ ଉଲ୍‌ଟାୟ୍
ହଃକାୟ୍‌ଲା । 13 ଆର୍ ଜିସୁ ସେମଃନ୍‌କେ କୟ୍‌ଲା, “ସାସ୍ତ୍ରରେ
ଲେକା ଆଚେ, ‘ଅଃମାର୍ ଗଃର୍ ଇସ୍ୱରାର୍ ପାର୍ତ୍‌ନାଗଃର୍ ବଃଲି
ଡାକେ ହୁଟେଦ୍,’ ମଃତର୍ ତୁମିମଃନ୍ ତାକ୍ କଃଜ୍ଞାର୍‌ମଃନ୍ ଲୁକ୍‌ତା
ହାର୍ କଃରୁଲାସ୍ ।” 14 ଆରେକ୍ କାଣା ଆର୍ ମେଟା ଲକ୍‌ମଃନ୍
ମନ୍ଦିର୍ ବିତ୍ରେ ଜିସୁର୍ ତଃୟ୍ ଆୟ୍‌ଲାକ୍, ସେ ସେମଃନ୍‌କେ ଉଜ୍
କଃଲା । 15 ମଃତର୍ ବଃଡ୍ ଜାଜକ୍ ଆର୍ ଦଃର୍ମ୍‌ଗୁରୁ ମଃନ୍ ତାର୍
କାବା ଅଃଉତା କାମ୍ ସଃବୁ ଆର୍ ମନ୍ଦିର୍ ବିତ୍ରେ, “ଦାଉଦାର୍
ହୟ୍‌ସିର୍ ଜୟ୍ ଅଃଉଅ,” ବଃଲି ଉଲ୍‌ଗାଟ୍ ଅଃଉତା ହିଲାମଃନ୍‌କେ
ଦଃକି ରିସା ଅୟ୍‌ଲାୟ୍ । 16 ସେମଃନ୍ ଜିସୁକେ ହଃଚାର୍ଲାୟ୍,
“ଇମଃନ୍ କାୟ୍ ବଃଲି କଃଉଁଲାୟ୍, ସେରି କାୟ୍ ତୁୟ୍ ସୁଣୁଲିସ୍?”
ଜିସୁ ସେମଃନ୍‌କେ କୟ୍‌ଲା, “ହେଁ ସୁଣୁଲେ । ତୁମିମଃନ୍ କାୟ୍ ଇ
କଃତା କଃବେହେଁ ଦଃର୍ମ୍ ସାସ୍ତ୍ରରେ ହଳି ନଃକେରାସ୍, ‘ତୁମି ସାନ୍
ହିଲା ଆର୍ ଦୁଦ୍ କାତା ହିଲାମଃନ୍‌କେ ଟିକ୍ ବାବେ ଜଃଜ୍‌ମାନ୍
କଃରୁକେ ସିକାୟ୍ ଆଚାସ୍?’” 17 ଆରେକ୍ ଜିସୁ ସେମଃନ୍‌କେ
ଚାଡି ଜିରୁସାଲମେ ହୁଣି ବାରାୟ୍ ବେତାନିଆକେ ଗଃଲା ଆର୍
ସେ ରାତି ସେତି ରିଲା । 18 ଆର୍‌କ ଦିନ୍ ସଃକାଳ୍ୟା ଜିସୁ
ଜିରୁସାଲମ୍ ଗଃଲେ ବାଉଲ୍‌ତା ବଃଲ୍ ତାକ୍ ବୁକ୍ ଲାଗ୍‌ଲି । 19
ଆର୍ ବାଟ୍ ହାଳାୟ୍ ଗଟେକ୍ ଡୁମ୍ବୁର୍ ଗଃଚ୍ ଦଃକି ତାର୍ ଚଃମେ
ଗଃଲା, ସେ ଗଃଚେ ହଃତାର୍ ଚାଡି କାୟ୍‌ରି ହେଁ ନଃହାୟ୍‌ଲାକେ
ସାୟ୍‌ପ୍ ଦଃୟ୍ ଡୁମ୍ବୁର୍ ଗଃଚ୍‌କେ କୟ୍‌ଲା, “ସଃବୁ ଦିନ୍ ହେଁ ତର୍
ତଃୟ୍ ହଃଲ୍ ନଃଦେର ।” ସେତାର୍‌ଗିନେ ସେଦାହ୍ରେ ସେ ଡୁମ୍ବୁର୍
ଗଃଚ୍ ସୁକ୍‌ଲି । (aiōn g165) 20 ଚେଲାମଃନ୍ ସେରି ଦଃକି କାବା
ଅୟ୍‌କଃରି କୟ୍‌ଲାୟ୍, “ଡୁମ୍ବୁର୍ ଗଃଚ୍ କଃନ୍‌କଃରି ସେଦାହ୍ରେ
ସୁକ୍‌ଲି ।” 21 ଜିସୁ ସେମଃନ୍‌କେ କୟ୍‌ଲା, “ମୁଁୟ୍ ତୁମିକେ
ସଃତ୍ କଃଉଁଲେ, ଜଦି ତୁମାର୍ ବିସ୍ୱାସ୍ ଆଚେ, ଆର୍ ତୁମିମଃନ୍
ଅବିସ୍ୱାସ୍ ନଃକେରାସ୍, ତଃବେ ଇ ଡୁମ୍ବୁର୍ ଗଃଚ୍‌କେ ଜଃନ୍‌କାର୍
ଅୟ୍‌ଆଚେ, ଅଃତେକ୍ ହଃକା କଃରାସ୍ ସେରି ନାୟ୍, ମଃତର୍
ଜଦି ଇ ଡଙ୍ଗୁର୍‌କେ ହେଁ ‘ଉଟ୍‌କି ଅୟ୍ ସଃମ୍‌ନ୍ଦେ ଜାୟ୍ ଅଦୁର୍’
ବଃଲି କଃଉଆସ୍, ତଃବେ ସେରଃକମ୍ ଅୟ୍‌ଦ୍ । 22 ଆରେକ୍
ବିସ୍ୱାସ୍ କଃରି ପାର୍ତ୍‌ନା କଃରାସ୍ ଆର୍ ଜାୟ୍‌ରି ମାଗାସ୍ ସେରି
ସଃବୁ ହାଉଆସ୍ ।” 23 ତାର୍‌ହଃଚେ ଜିସୁ ମନ୍ଦିର୍ ବିତ୍ରେ ହୁରି
ସିକ୍ୟା ଦେତାବଃଳ୍ ବଃଡ୍ ଜାଜକ୍‌ମଃନ୍ ଆର୍ ପାରାଚିନ୍‌ମଃନ୍
ତାର୍ ଚଃମେ ଆସି ହଃଚାର୍ଲାୟ୍, “ତୁୟ୍ କୁୟ୍ ଅଃଦିକାର୍ ଦଃରି
ଇସଃବୁ କଃରୁଲିସ୍, ଆର୍ ତକେ କେ ଇ ଅଃଦିକାର୍ ଦିଲା?” 24
ଜିସୁ ସେମଃନ୍‌କେ କୟ୍‌ଲା, “ମୁଁୟ୍ ହେଁ ତୁମିମଃନ୍‌କେ ଗଟେକ୍
କଃତା ହଃଚାରିନ୍ଦୁ, ଜଦି ତୁମିମଃନ୍ ମକେ ସେରି କଃଉଆସ୍,
ତଃବେ ମୁଁୟ୍ କୁୟ୍ ଅଃଦିକାରେ ଇ ସଃବୁ କଃରୁଲେ ସେରି କୟ୍‌ନ୍ଦୁ
। 25 ଜହନ୍ ବାପ୍ତିସମ୍ ଦେତା ଅଃଦିକାର୍ କାର୍ ତଃୟ୍‌ହୁଣି
ହାୟ୍‌ରିଲା? ସଃର୍ଗେ ହୁଣି କି ମାନାୟ୍ ତଃୟ୍‌ହୁଣି?” ସେତାକ୍
ସେମଃନ୍ ତାକାର୍ ତାକାର୍ ବିତ୍ରେ କଃଉଆକଇ ଅୟ୍‌ଲାୟ୍,
ଆର୍ କଃଉଁକେ ଦଃର୍ଲାୟ୍, “ଜଦି ସଃର୍ଗେ ହୁଣି ବଃଲି କଃଉନ୍ଦୁ,
ତଃବେ ସେ ଅଃମିକ୍ କୟ୍‌ଦ୍, ‘ତଃବେ ତୁମିମଃନ୍ କାୟ୍‌ତାକ୍
ଜହନ୍‌କେ ବିସ୍ୱାସ୍ ନଃକେଲାସ୍?’ 26 ଜଦି ମାନାୟ୍ ତଃୟ୍‌ହୁଣି
ବଃଲି କଃଉନ୍ଦୁ, ତଃବେ ଲକ୍‌ମଃନ୍‌କେ ଡିର୍, କାୟ୍‌ତାକ୍‌ବଃଲେକ୍
ସଃବୁ ଲକ୍‌ମଃନ୍ ଜହନ୍‌କେ ବାବ୍‌ବାଦି ବଃଲି ମାନୁଲାୟ୍ ।” 27
ଇତାର୍ ଗିନେ ସେମଃନ୍ ଜିସୁକେ କୟ୍‌ଲାୟ୍, “ଅଃମି ନଃଜାଣୁ ।”
ଜିସୁ ସେମଃନ୍‌କେ କୟ୍‌ଲା, “ତଃବେ ମୁଁୟ୍ କୁୟ୍ ଅଃଦିକାରେ
ଇ ସଃବୁ କଃରୁଲେ, ସେରି ମୁଁୟ୍ ହେଁ ତୁମିକେ ନଃକୟ୍ଁ ।” 28
“ମଃତର୍ ତୁମିମଃନ୍ ଇ କଃତାକ୍ କାୟ୍‌ରି ବାବୁଲାସ୍? ଗଟେକ୍
ଲକାର୍ ଜଳେକ୍ ହୟ୍‌ସି ରିଲାୟ୍, ସେ ବଃଡ୍ ହୟ୍‌ସି ହାକ୍ ଆସି
କୟ୍‌ଲା, ‘ବାୟ୍ ଜାଆ, ଆଜି ଅଙ୍ଗୁର୍ ବାଳେ ହାୟ୍‌ଟି କଃର୍ ।’
29 ବଃଡ୍ ହୟ୍‌ସି କୟ୍‌ଲା, ‘ମର୍ ମଃନ୍ ନାୟ୍,’ ମଃତର୍ ହଃଚେ
ମଃନ୍ ବାଦ୍‌ଲାୟ୍ କଃରି ଗଃଲା । 30 ଆର୍ ସାନ୍ ହୟ୍‌ସିର୍ ହାକ୍
ଆସି କୟ୍‌ଲା, ‘ବାୟ୍, ଜାଆ ଅଙ୍ଗୁର୍ ବାଳେ ହାୟ୍‌ଟି କଃର୍,’ ସେ
କୟ୍‌ଲା, ‘ମାପ୍ରୁ ଜଃଉଁଲେ,’ ମଃତର୍ ସେ ନଃଗେଲା । 31 ଇ
ଦୁୟ୍‌ଲକାର୍ ବିତ୍ରେ କେ ଉବାସିର୍ କଃତା ମାନ୍‌ଲା?” ସେମଃନ୍
କୟ୍‌ଲାୟ୍, “ବଃଡ୍ ହୟ୍‌ସି ।” ଜିସୁ ସେମଃନ୍‌କେ କୟ୍‌ଲା, “ମୁଁୟ୍
ତୁମିକେ ସଃତ୍ କଃଉଁଲେ, ରିବ୍‌ନି ଆର୍ ବେସୁଆମଃନ୍ ତୁମାର୍
ଆଗ୍‌ତୁ ଇସ୍ୱରାର୍ ରାଇଜେ ଜାତି । 32 କାୟ୍‌ତାକ୍‌ବଃଲେକ୍ ଜହନ୍
ତୁମାର୍ ହାକ୍ ଦଃର୍ମାର୍ ବାଟ୍ ଅୟ୍ ଆୟ୍‌ଲା ଆର୍ ତୁମିମଃନ୍ ତାକ୍
ବିସ୍ୱାସ୍ ନଃକେଲାସ୍, ମଃତର୍ ରିବ୍‌ନି ଆର୍ ବେସୁଆମଃନ୍ ତାକ୍
ବିସ୍ୱାସ୍ କଃଲାୟ୍, ମଃତର୍ ତୁମିମଃନ୍ ଜଃନ୍‌କଃରି ଇସ୍ୱରାର୍ ଇଚା
ବିସ୍ୱାସ୍ କଃରୁ ହାରାସ୍, ଇତାର୍ ଗିନେ ସେରି ଦଃକି ହେଁ ମଃନ୍
ନଃବାଦ୍‌ଲାୟ୍‌ଲାସ୍ ।” 33 ଜିସୁ କୟ୍‌ଲା, “ଆରେକ୍ ଗଟ୍ କଃତା
ସୁଣା, ଗଟେକ୍ ସାଉକାର୍ ରିଲା, ସେ ଗଟେକ୍ ଅଙ୍ଗୁର୍ ବାଳ୍ କଃରି
ଚାରି ବେଳ୍‌ତ୍ ବାଳ୍ ବୁଣ୍‌ଲା ଆର୍ ମଃଜାୟ୍ ଅଙ୍ଗୁର୍ ରଃସ୍ ହିଳ୍‌ତା

ଗଃଣା ବଃସାଇଲା, ଆର୍ ଅଙ୍ଗୁର୍ ବାଲ୍ ଜାଗ୍ତା ମାଚା ବାନ୍ଧଲା ।
ଆରେକ୍ ତାସିମଃନ୍କେ ସେ ଅଙ୍ଗୁର୍ ବାଲ୍ ବାଗେ ଦିଲା ଆର୍
ବିଦେସ୍ ବାରାୟ୍ ଗଃଲା । 34 ତାର୍ହଃଚେ ହଃଳ୍ କଲ୍ତା ବେଳା
ଅୟ୍ଲାକ୍, ସେ ତାର୍ ବାଗ୍ ହାଉଁକ୍ ବାଗ୍ ତାସିମଃନାର୍ ହାକ୍
ଅଃହ୍ଣାର୍ ଗତିଦଃଙ୍ଗ୍ଲାମଃନ୍କ୍ ହଃଟାୟ୍ଲା । 35 ମଃତର୍ ବାଗ୍
ତାସିମଃନ୍ ତାର୍ ଗତିଦଃଙ୍ଗ୍ଲାମଃନ୍କ୍ ଗଟେକ୍କେ ଦଃରିକଃରି
ମାଡ୍ ମାର୍ଲାୟ୍, ଆରେକ୍ ଗଟେକ୍କେ ମଃର୍ନେ ମାର୍ଲାୟ୍, ଆରେକ୍
ଗଟ୍ ଲକ୍କେ ଟେଳା ସୁତି ମାର୍ଲାୟ୍ । 36 ଆରେକ୍ ସେ ହଃର୍ତୁ
ତଃୟ୍ହୁଣି ଅଃଦିକ୍ ଗତିଦଃଙ୍ଗ୍ଲାମଃନ୍କ୍ ହଃଟାୟ୍ଲା, ଆରେକ୍
ବାଗ୍ ତାସିମଃନ୍ ସେମଃନ୍କେ ହେଁ ସେନ୍କାର୍ କଃଲାୟ୍ । 37
'ମଃତର୍ ମର୍ ହଅକେ ସେମଃନ୍ ମାନ୍ତି କଃର୍ତି,' ଇରି କୟ୍
ହଃଚେ ଅଃହ୍ଣାର୍ ହୟ୍ସିକେ ସେମଃନାର୍ ହାକ୍ ହଃଟାୟ୍ଲା ।
38 ମଃତର୍ ସେ ବାଗ୍ ତାସିମଃନ୍ ହୟ୍ସିକ୍ ଦଃକି ତାକାର୍ ତାକାର୍
ବିତ୍ରେ କଃଉଆକଇ ଅୟଃଲାୟ୍, 'ଏ ତ ସାଉକାରାର୍ ହୟ୍ସି,
ଆସା ଆକ୍ ମଃର୍ନେ ମାରି, ଇତାର୍ ଅଃଦିକାର୍ ଅଃମାର୍ ଆତେ
ନେଉଁଆ ।' 39 ତାର୍ହଃଚେ ତାକ୍ ଦଃରି ଅଙ୍ଗୁର୍ ବାଳେହୁଣି
ହଃଦାୟ୍ ହଃକାୟ୍ ମଃର୍ନେ ମାର୍ଲାୟ୍ ।" 40 ଜିସୁ ହଃଚାର୍ଲା,
"ତଃବେ ଜଃଡେବଃଲ୍ ସେ ଅଙ୍ଗୁର୍ ବାଳାର୍ ସାଉକାର୍ ଆସେଦ୍
ସଃଡେବଃଲ୍ ସେ ବାଗ୍ ତାସିମଃନ୍କେ କାୟ୍ କଃରେଦ୍?" 41
ସେମଃନ୍ ତାକ୍ କୟ୍ଲାୟ୍, "ସାଉକାର୍ ସେ ଦୁସ୍ଟମଃନ୍କେ ବଃଡେ
ଆର୍ଲାକଃରି ମଃରାୟ୍ଦ୍, ଆର୍ ଜୁୟ୍ ବାଗ୍ ତାସିମଃନ୍ ଟିକ୍
ବେଳାୟ୍ ତାର୍ ବାଗାର୍ ହଃଳ୍ ଦେତି, ସେମଃନ୍କେ ଅଙ୍ଗୁର୍
ବାଲ୍ ବାଗ୍ତାସ୍ କଃରୁକେ ଦଃୟ୍ଦ୍ ।" 42 ଜିସୁ ସେମଃନ୍କେ
କୟ୍ଲା, "ତୁମିମଃନ୍ କାୟ୍ କଃବେ ହେଁ ଦଃର୍ମ୍ ସାସ୍ତରେ ଇ
କଃତା ନଃହଳାସ୍? 'ଗଃର୍ ବାନ୍ଧତା ଲକ୍ମଃନ୍ ଜୁୟ୍ ଟେଳାକେ
ଦୁର୍କଃଲାୟ୍, ସେରି କନାର୍ ମୁଳ୍ ଟେଳା ଅୟ୍ଲି । ମାପ୍ରୁର୍
ତଃୟ୍ହୁଣି ଇରି ଅୟ୍ଲି, ଆର୍ ସେରି ଅଃମାର୍ ଗିନେ କାବା
ଅଃଉତା କଃତା ।'" 43 "ଇତାର୍ ଗିନେ ମୁଁୟ୍ ତୁମିମଃନ୍କେ
କଃଉଁଲେ, ଇସ୍ୱରାର୍ ରାଇଜ୍ ତୁମାର୍ ତଃୟ୍ହୁଣି କାଡି ନିଆ
ଅୟ୍ଦ୍, ଆର୍ ଜୁୟ୍ ଲକ୍ମଃନ୍ ଇସ୍ୱରାର୍ ଇଚା ହୁରୁଣ୍ କଃର୍ତି,
ସେମଃନ୍କେ ଦିଆ ଅୟ୍ଦ୍ । 44 ଆର୍ ଜେ ଇ ଟେଳା ଉହ୍ରେ
ଅଦ୍ରେଦ୍ ସେ ହୁଟିକଃରି କଃଣ୍ଡ କଃଣ୍ଡ ଅୟ୍ଦ୍, ଆରେକ୍ ଇ ଟେଳା
ଜାର୍ ଉହ୍ରେ ଅଦ୍ରେଦ୍ ତାକ୍ ସେରି ଗୁଣ୍ଡଗୁଣ୍ଡା କଃରେଦ୍ ।" 45 ବଃଡ୍
ଜାଜକ୍ ଆର୍ ପାରୁସିମଃନ୍ ତାର୍ ଇ ସଃବୁ କଃତାମଃନ୍ ସୁଣ୍ଲାୟ୍,
ଆର୍ ଜିସୁ ଜେ ସେମଃନ୍କେ ଦଃକାୟ୍ କୟ୍ଲା ବଃଲି ବୁଜ୍ଲାୟ୍
। 46 ଇତାର୍ ଗିନେ ସେମଃନ୍ ତାକ୍ ଦଃରୁକ୍ ଉପାୟ୍ କଃଲାୟ୍,
ମଃତର୍ ଲକ୍ମଃନ୍କେ ଡିର୍ଲାୟ୍, ବଃଲେକ୍ ଲକ୍ମଃନ୍ ଜିସୁକେ
ବାବ୍ବାଦି ବଃଲି ମାନ୍ତି ରିଲାୟ୍ ।

**22** ଜିସୁ ଆରେକ୍ କଃତାମଃନ୍ କୟ୍ ଲକ୍ମଃନ୍କେ ସିକ୍ୟା
ଦିଲା, 2 "ସଃର୍ଗ୍ ରାଇଜ୍ ଇବାନ୍ୟା । ଗଟେକ୍ ରଃଜା
ତାର୍ ହୟ୍ସିର୍ ବିବାବଜି କଃଲା । 3 ଆର୍ ସେ ବଜି
ତଃୟ୍ ଆସ୍ତା ଲକ୍ମଃନ୍କେ କୁଦୁକେ ସେ ରଃଜା ଅଃହ୍ଣାର୍
ଗତିଦଃଙ୍ଗ୍ଲାମଃନ୍କ୍ ହଃଟାୟ୍ଲା, ମଃତର୍ ସେ ଲକ୍ମଃନ୍ ଆସୁକ୍
ମଃନ୍ ନଃକେଲାୟ୍ । 4 ସେ ଆରେକ୍ ବିନ୍ ଗତିଦଃଙ୍ଗ୍ଲାମଃନ୍କ୍
ଇ କଃତା କୟ୍କଃରି ହଃଟାୟ୍ଲା, 'ବଜିକେ ଆସ୍ତା ଲକ୍ମଃନ୍କେ
କଃଉଆ, ଦଃକା ଅଃମି ବଜି ରାନ୍ଧି ସଃର୍ଲୁନି, ଅଃମାର୍ ଦୁମାଦୁମା
ଚେଳି ଆର୍ ମେଣ୍ଡାମଃନ୍ ମାର୍ଲୁ ଆଚୁ । ସଃବୁ ତିଆର୍ ଅୟ୍ଲି
ଆଚେ ତୁମିମଃନ୍ ବିବା ବଜିକେ ଆସା ।' 5 ମଃତର୍ ସେ ବଜିକେ
ଆସ୍ତା ଲକ୍ମଃନ୍ ରଃଜାର୍ କଃତାକ୍ ଅମାନ୍ୟା କଃରି କେ ତ
ଅଃହ୍ଣାର୍ ତାସ୍ ହଃଦାୟ୍ ଆର୍ କେ ତ ଅଃହ୍ଣା ଅଃହ୍ଣାର୍
ବେବାର୍କେ ଗଃଲାୟ୍ । 6 ବାକି ଲକ୍ମଃନ୍ ରଃଜାର୍ ଗତି
ଦଃଙ୍ଗ୍ଲାମଃନ୍କେ ଦଃରିକଃରି ଆର୍ଲା କଃଲାୟ୍ ଆର୍ ମଃର୍ନେ
ହେଁ ମାର୍ଲାୟ୍ । 7 ମଃତର୍ ରଃଜା ଇ କଃତା ସୁଣି ଜଃବର୍
ରିସା ଅୟ୍ଲା ଆର୍ ସେ ତାର୍ ସଃଇନ୍ ମଃନ୍କେ ହଃଟାୟ୍
କଃରି ସେ ହଃତ୍ୟାକାରିମଃନ୍କେ ମଃର୍ନେ ମାରାୟ୍ଲା, ଆର୍
ସେମଃନାର୍ ଗଃଲ୍କେ ବଃସମ୍ କଃଲା । 8 ତାର୍ହଃଚେ ରଃଜା
ତାର୍ ଗତିଦଃଙ୍ଗ୍ଲାମଃନ୍କ୍ କୟ୍ଲା, 'ବିବା ବଜି ତ ରାନ୍ଧା ଅୟ୍ଲି
ଆଚେ, ମଃତର୍ ମୁଁୟ୍ କୁଦି ରିଲା ଲକ୍ମଃନ୍ ବଜି କାଉଁକେ
ଜୟ୍ଗ୍ ନାୟ୍ । 9 ଅଃବେ ତୁମିମଃନ୍ ଗଃଲାର୍ ସଃବୁ ବଃଡ୍
ବଃଡ୍ ସାଉଳିମଃନ୍କେ ଜାହା ଆର୍ ଜଃତେକ୍ ଲକ୍ମଃନ୍କେ
ଦଃକାସ୍, ସେ ସଃବୁ ଲକ୍କେ କୁଦି ଆଣା ।' 10 ସେତାକ୍ ସେ
ଗତିଦଃଙ୍ଗ୍ଲାମଃନ୍ ସେ ବଃଡ୍ ବଃଡ୍ ସାଉଳିମଃନ୍କେ ଗଃଲାୟ୍
ଆର୍ ସେତି ସଃତ୍ ଆର୍ ଜଃତେକ୍ ଦୁସ୍ଟ ଲକ୍ମଃନ୍କେ ଦଃକ୍ଲାୟ୍,
ସେ ସଃବ୍କେ ରୁଣ୍ଡାୟ୍ ଆଣ୍ଲାୟ୍, ଆର୍ ସେସଃବୁ ଲକ୍ମଃନ୍
ବିବା ବଃଙ୍ଗ୍ଲାୟ୍ ବଃର୍ତି ଅୟଃଲାୟ୍ ।" 11 "ମଃତର୍ ରଃଜା
ବିବା ବଜିୟେ କୁଦ୍ଲା ଲକ୍ମଃନ୍କେ ଦଃକୁକେ ବିତ୍ରେ ଆସି ସେ
ସେତି ବିବା ବଃସ୍ତର୍ ହିନ୍ଧିନଃରିଲା ଗଟେକ୍ ମାନାୟ୍କେ ଦଃକି
କଃରି ତାକ୍ କୟ୍ଲା, 12 'ଏ ବାୟ୍, ତୁୟ୍ ବିବା ହଃଚ୍ୟା ନଃହିନ୍ଧି
କଃନ୍କଃରି ଇ ଟାଣେ ଆସି ଆଚ୍ସି?' ମଃତର୍ ସେମାନାୟ୍
କାୟ୍ବଃଲି ହେଁ ଉତ୍ରୁର୍ ନଃଦିଲା । 13 ସେତାକ୍ ରଃଜା ତାର୍
ସେବାକାରି ମଃନ୍କେ କୟ୍ଲା, 'ଇ ମାନାୟ୍ର୍ ଆତେ ଗଡେ
ବାନ୍ଧି ଆକ୍ ହଃଦାର୍ ଅଃନ୍ଧାରେ ହଃକାଉଆ, ତଃବେ ସେ ସେତି
କାନ୍ଦି କାନ୍ଦି ଦାତ୍ ଚାବି ଅୟ୍ଦ୍ ।'" 14 ଜିସୁ କୟ୍ ସଃରାୟ୍ ଇରି
କୟ୍ଲା, "ବଃଲେକ୍ କୁଦ୍ଲା ଲକ୍ ଗାଦେକ୍, ମଃତର୍ ବାଚ୍ଲା
ଲକ୍ ଉଣା ।" 15 ସଃଡେବଃଲ୍ ପାରୁସିମଃନ୍ ସେତିହୁଣି ବାରାୟ୍
ଜାୟ୍ ଜିସୁକେ କଃତା ହଃଚାରି କଃରି ହାନ୍ଦେ ହଃକାଉଁକ୍ ସେମଃନ୍
କୁଟ୍ ହାଚ୍ଲାୟ୍ । 16 ତଃବେ ସେମଃନ୍ ତାକାର୍ ଚେଲାମଃନ୍କେ
ହେରଦିୟ୍ ଦଃଳାର୍ କଃତେକ୍ ଲକ୍ମଃନାର୍ ସଃଙ୍ଗ୍ ଜିସୁର୍ ହାକ୍
ହଃଟାୟ୍ଲାୟ୍, ସେମଃନ୍ ଜାୟ୍ ଜିସୁକେ କୟ୍ଲାୟ୍, "ଏ ଗୁରୁ,
ଅଃମି ଜାଣୁଲୁ, ତୁୟ୍ ସଃତ୍ ଆର୍ ସଃତ୍ ବାବେ ଇସ୍ୱରାର୍ ଇସାବେ
ସିକ୍ୟା ଦେଉଁଲିସ୍, ଆରେକ୍ ତୁୟ୍ କାକେ ହେଁ ନଃଡିରୁଲିସ୍
ବଃଲେକ୍ ତୁୟ୍ ଲକ୍ମଃନାର୍ ମୁକ୍ମେଟ୍ ନଃଦେକ୍ସି । 17 ତଃବେ

ଅଃମିକ୍ କଃଉ, ରମ୍ ଦେସାର୍ ରଃଜା କାଇସର୍‌କେ ଅଃମି ସିସ୍ଟ
ଦେତାର୍ ବିଦି କି ନାୟ୍?" 18 ମଃତର୍ ଜିସୁ ସେମଃନାର୍ କୁଟ୍
ଜାଣି କୟ୍‌ଲା, "ରେ ହେଟ୍‌କପଟ୍ୟାମଃନ୍, କାୟ୍‌ତାକ୍ ତୁମିମଃନ୍
ମକ୍ ହାନ୍ଦାୟ୍ ହଃକାଉଁକ୍ ଉପାୟ୍ କଃରୁଲାସ୍? 19 ସେ ସିସ୍ଟ
ଦେତା ଡାବୁ ମକ୍ ଦଃକାଉଆ ।" ତଃବେ ସେମଃନ୍ ଗଟ୍ କାସୁ
ତାକ୍ ଦିଲାୟ୍ । 20 ଜିସୁ ସେମଃନ୍‌କେ ହଃଚାର୍ଲା, "ଇ ମୁର୍ତି ଆର୍
ନାଉଁ କାର୍?" 21 ସେମଃନ୍ କୟ୍‌ଲାୟ୍, "ରମ୍ ରାଜିର୍ ରଃଜା
କାଇସରାର୍ ।" ତଃବେ ଜିସୁ ସେମଃନ୍‌କେ କୟ୍‌ଲା, "ତଃବେ
ଜୁୟ୍‌ରି କାଇସରାର୍, ସେରି କାଇସର୍‌କେ ଦିଆସ୍; ଆର୍ ଜୁୟ୍‌ରି
ଇସ୍ୱରାର୍ ସେରି ଇସ୍ୱର୍‌କେ ଦିଆସ୍ ।" 22 ସେମଃନ୍ ଇ କଃତା
ସୁଣି କାବା ଅୟ୍‌ଲାୟ୍ ଆର୍ ଜିସୁକେ ଚାଡି ହଃଲାୟ୍‌ଲାୟ୍ । 23
ସେ ଦିନ୍ ସାଦୁକିମଃନାର୍ ବିତ୍ରେ କଃତେକ୍ ଲକ୍ ଜିସୁର୍ ଲଃଗେ
ଆୟ୍‌ଲାୟ୍, ସେମଃନ୍ ମଃଲା ଲକ୍‌ମଃନ୍ ଆରେକ୍ ଉଟ୍‌ତି ବଃଲି
ନଃମାନ୍‌ତି ରିଲାୟ୍ । 24 ସେମଃନ୍ ଜିସୁକେ କୟ୍‌ଲାୟ୍, "ଏ ଗୁରୁ,
ମସା କୟ୍‌ଆଚେ ଜେ, କେ ଜଦି ବିବା ଅୟ୍ ହିଲାମଃନ୍ ନଃଉତ୍
ମଃରେଦ୍, ତଃବେ ତାର୍ ବାୟ୍‌ସି, ମଃରୁ ବାୟ୍‌ସିର୍ ଡକୁର୍ସିକେ
ବିବା ଅୟ୍ ସେ ତାର୍ ବାୟ୍‌ସିର୍ ଗିନେ ହିଲା ଜଃଲମ୍ କଃରେଦ୍
ଆର୍ ସେ ହିଲା ସେ ମଃଲା ବାୟ୍‌ସିର୍ ବଃଉଁସ୍ ବାଡାୟ୍‌ଦ୍ । 25
ତଃବେ ଦଃକ୍, ଅଃମାର୍ ବିତ୍ରେ ସାତ୍ ବାୟ୍ ରିଲାୟ୍, ହଃର୍ତୁ ବାୟ୍
ବିବା ଅୟ୍ ମଃଲା, ଆର୍ ହିଲାଟକି ନଃରିଲାକ୍ ତାର୍ ଡକୁର୍ସିକେ
ତାର୍ ହିଟିର୍ ବାୟ୍‌ସି ସଃଙ୍ଗାୟ୍‌ଲା । 26 ତାର୍ ହିଟିର୍ ବାୟ୍‌ସି
ଆରେକ୍ ତାର୍ ହିଟିର୍ ବାୟ୍‌ସି, ଇ ରଃକମ୍ ସାତ୍ ବାୟ୍ ଜାକ ହେଁ
ସେ ଟକିକେ ସଃଙ୍ଗାୟ୍‌ଲାୟ୍, ଆର୍ ହିଲାଟକି ନଃଉତ୍ ମଃଲାୟ୍
। 27 ହଃଚେ ସେ ମାୟ୍‌ଜି ହେଁ ମଃଲି । 28 ତଃବେ ହଃଚେ
ଜଃଡେବଃଲ୍ ମଃଲାଲକ୍‌ମଃନ୍ ଉଟ୍‌ତି ଆଚେ ସଃଡେବଃଲ୍ ସେ
ମାୟ୍‌ଜି ସାତ୍ ବାୟ୍ ବିତ୍ରାର୍ କାର୍ ଡକୁର୍ସି ଅୟ୍‌ଦ୍, ବଃଲେକ୍
ସେ ସାତ୍ ବାୟ୍ ହେଁ ତ ତାକ୍ ସଃଙ୍ଗାୟ୍ ରିଲାୟ୍ ।" 29 ଜିସୁ
ସେମଃନ୍‌କେ କୟ୍‌ଲା, "ତୁମିମଃନ୍ ଦର୍ମ୍ ସାସ୍ତର୍ ଆର୍ ଇସ୍ୱରାର୍
ସଃକ୍ତି ହେଁ ନଃଜାଣି ବୁଲ୍‌କି ଜଃଉଁଲାସ୍ । 30 ବଃଲେକ୍ ମଃଲା
ଲକ୍‌ମଃନ୍ ଉଟ୍‌ତି ସଃଡେବଃଲ୍ ସେମଃନ୍ ବିବା ନଃକେର୍ତି କି ବିବା
ନଃଉତି । ମଃତର୍ ସେମଃନ୍ ସଃର୍ଗାର୍ ଦୁତ୍‌ମଃନାର୍ ହର୍ ଅୟ୍
ରେତି । 31 ମଃଲା ଲକ୍‌ମଃନ୍ ଉଟ୍‌ତାର୍ କଃତା ଇସ୍ୱର୍ ଜୁୟ୍‌ରି
ତୁମିମଃନ୍‌କେ କୟ୍‌ଲା ଆଚେ, ସେରି କି କଃବେ ତୁମିମଃନ୍
ନଃହଲାସ୍? 32 'ଅଃମି ଅବ୍ରାହାମାର୍ ଇସ୍ୱର୍, ଇସାକାର୍ ଇସ୍ୱର୍
ଆର୍ ଜାକୁବର୍ ଇସ୍ୱର୍ ।' ସେ ମଃଲା ଲକ୍‌ମଃନାର୍ ଇସ୍ୱର୍ ନାୟ୍,
ମଃତର୍ ବଚ୍‌ଲା ଲକାର୍ ଇସ୍ୱର୍ ।" 33 ଜିସୁର୍ ଇ ସିକ୍ୟା ସୁଣିକଃରି
ଲକ୍‌ମଃନ୍ ବଃଡେ କାବା ଅୟ୍‌ଲାୟ୍ । 34 ଜିସୁ ସାଦୁକିମଃନ୍‌କେ
ତୁନ୍ ହାଲାୟ୍‌ଲା ଆଚେ ବଃଲି ସୁଣି ପାରୁସିମଃନ୍ ଗଟେଟଃୟ୍
ରୁଣ୍ଡଲାୟ୍ । 35 ଆର୍ ସେମଃନାର୍ ବିତ୍ରେ ଗଟେକ୍ ବିଦି ସିକାଉ
ଜିସୁକେ ହାନ୍ଦାୟ୍ ହଃକାଉଁକ୍ ହଃଚାର୍ଲା, 36 "ଏ ଗୁରୁ, ମସାର୍
ବିଦି ବିତ୍ରେ କୁୟ୍ ଆଦେସ୍ ବଃଡ୍?" 37 ଜିସୁ ତାକ୍ କୟ୍‌ଲା, "ତୁୟ୍
ଅଃହ୍‌ଣାର୍ ସଃର୍ନେ ମଃନ୍, ସଃବୁ ଜିବନ୍, ସଃବୁ ମଃନ୍ ଦଃୟ୍
ମାପ୍ରୁ ଅଃହ୍‌ଣାର୍ ଇସ୍ୱର୍‌କେ ଲାଡ୍ କଃର୍ । 38 ଇରି ଅଃଉଁଲି
ସଃବ୍‌କେ ବଃଡ୍ ଆର୍ ହଃର୍ତୁ ଆଦେସ୍ । 39 ତାର୍ ହଃଚାର୍ ବଲ୍
ହେଁ ଇ ବଲ୍ ହର୍, 'ତୁମି ଅଃହ୍‌ଣାର୍ ହାକିହଃଲ୍‌ସାକେ ଅଃହ୍‌ଣାକ୍
ଲାଡ୍ କଃଲା ହର୍ ଲାଡ୍ କଃରା ।' 40 ଇ ଜଲେକ୍ ଆଦେସ୍
ଉହ୍ରେ ମସାର୍ ସଃର୍ନେ ବିଦି ଆର୍ ବାବ୍‌ବାଦିମଃନାର୍ ସିକ୍ୟା ବଃର୍ସା
କଃରୁଲି ।" 41 ପାରୁସିମଃନ୍ ଗଟେଟାଣେ ରୁଣ୍ଡି ରିଲାବଃଲ୍ ଜିସୁ
ସେମଃନ୍‌କେ ହଃଚାର୍ଲା, 42 "କ୍ରିସ୍ଟ ବଃଲେକ୍ ମସିଅକ୍ କେ ବଃଲି
ତୁମିମଃନ୍ କାୟ୍‌ରି ବାବୁଲାସ୍, ସେ କାର୍ ହୟ୍‌ସି?" ସେମଃନ୍
ଜିସୁକେ କୟ୍‌ଲାୟ୍, "ଦାଉଦାର୍ ହୟ୍‌ସି ।" 43 ଜିସୁ ସେମଃନ୍‌କେ
କୟ୍‌ଲା, "ତଃବେ ଦାଉଦ୍ ମସିଆକ୍ 'ମର୍ ମାପ୍ରୁ' ବଃଲି କାୟ୍‌ତାକ୍
କୟ୍‌ଆଚେ? କାୟ୍‌ତାକ୍‌ବଃଲେକ୍ ଆତ୍ମା ତଃୟ୍‌ହୁଣି ସେ ଇରି
ଲେକିଆଚେ, 44 'ମାପ୍ରୁ ମର୍ ମାପ୍ରୁକ୍ କୟ୍‌ଲା, ମୁୟ୍ ଜଃଡେବଃଲ୍
ହଃତେକ୍ ତୁମାର୍ ସଃତ୍ରୁମଃନ୍‌କେ, ତୁମାର୍ ହାଦ୍ ତଃଳେ ନଃକେରି
ଆଚୁ, ସଃଡେବଃଲ୍ ହଃତେକ୍ ମର୍ କାତାକୁଚି ବାଟ୍ ବଃସିରେ
।' 45 ଜଦି ଦାଉଦ୍ ମସିଆକ୍ 'ମର୍ ମାପ୍ରୁ' ବଃଲି କୟ୍‌ଆଚେ,
ତଃବେ କ୍ରିସ୍ଟ କଃନ୍‌କଃରି ଦାଉଦାର୍ ହୟ୍‌ସି ଅଃଉଁ ହାରେ?" 46
ତଃବେ ଜିସୁକେ କେହେଁ ହଃଦେକ୍ କଃଉଁକେ ନଃହାୟ୍‌ଲାୟ୍,
ଆର୍ ସେଦିନ୍ ହୁଣି କେହେଁ ତାକ୍ କାୟ୍ କଃତା ହେଁ ହଃଚାରୁକ୍
ସାସ୍ ନଃକେଲାୟ୍ ।

23 ସଃଡେବଃଲ୍ ଜିସୁ ଲକ୍‌ମଃନ୍‌କେ ଆର୍ ତାର୍
ଚେଲାମଃନ୍‌କେ କୟ୍‌ଲା, 2 "ଦର୍ମ୍‌ଗୁରୁ ଆର୍ ପାରୁସିମଃନ୍
ମସାର୍ କୁର୍ଚି ଉହ୍ରେ ବଃସି ଆଚ୍‌ତି । 3 ତଃବେ ସେମଃନ୍ ଜୁୟ୍‌ରି
ସଃବୁ କଃରୁକେ କଃଉଁଲାୟ୍, ସେ ସଃବୁ ମାନା ଆର୍ କଃରା,
ମଃତର୍ ସେମଃନାର୍ କାମ୍ ହର୍ ତୁମିମଃନ୍ କଃରାନାୟ୍, ବଃଲେକ୍
ସେମଃନ୍ ଜାୟ୍‌ରି ସିକାଉତି ସେରି ନଃକେର୍ତି । 4 ସେମଃନ୍ ସିକ୍ୟା
ସଃବୁ ଲକ୍‌ମଃନାର୍ ହିଟି ଉହ୍ରେ ଜଃବର୍ ବଜ୍ ହର୍ ଲାଦିଦେତି,
ମଃତର୍ ନିଜେ ଆଙ୍ଗୁଟି ସଃଙ୍ଗେ ହେଁ ସେରି ଟେକି ଦେଉଁକେ ମଃନ୍
ନଃକେର୍ତି । 5 ସେମଃନ୍ ଲକ୍‌ମଃନ୍‌କେ ଦଃକାଉଁକ୍ ଅଃହ୍‌ଣା
ଅଃହ୍‌ଣାର୍ ସଃବୁ କଃର୍ତା କାମ୍ କଃର୍ତି, ସେମଃନ୍ ସାସ୍ତ୍ରର୍ ବଃଚନ୍
ଲେକାହାଟା କଃହାଳେ ଆର୍ ଡେଣାୟ୍ ବାନ୍ଧି ଅଃଉତି, ଆର୍
ଦଃକା, ସେମଃନ୍ ହିନ୍ଧିରେତା ବଃସ୍ତ୍ରରାର୍ ଆଚଲ୍ ସଃବୁ ଅଃନାୟ୍
ଡେଙ୍ଗ୍, 6 ଆର୍ ବଜିଲଃଗେ ବଃଡ୍ ଟାଣେ ବଃସୁକେ ଆର୍
ପାର୍ତ୍ନା ଗଃରେ ବଃଡ୍ କୁର୍ଚି ଉହ୍ରେ ବଃସୁକେ ମଃନ୍ କଃର୍ତି ।
7 ଆର୍ ସେମଃନ୍ ଆଟେ ବଃଜାରେ ଲକ୍‌ମଃନାର୍ ତଃୟ୍‌ହୁଣି
ଜୁଆର୍ ହାଉଁକେ, ଆର୍ ଲକ୍‌ମଃନ୍ ସେମଃନ୍‌କେ 'ଏ ଗୁରୁ' ବଃଲି
କଃଉଅତ୍ ବଃଲି ମଃନ୍ କଃର୍ତି । 8 ମଃତର୍ ତୁମିମଃନ୍ 'ଗୁରୁ'
ବଃଲାୟ୍ ଅଃଉଆ ନାୟ୍, ବଃଲେକ୍ ତୁମିମଃନାର୍ ଗୁରୁ ଅଃକାୟ୍
ଗଟେକ୍, ଆରେକ୍ ତୁମିମଃନ୍ ସଃବୁ ବାୟ୍ ବାୟ୍ । 9 ଆର୍
ତୁମିମଃନ୍ ଇ ହୁର୍ତିବିଏ କାକେ ହେଁ 'ଉବା' ବଃଲି କଃଉଆ ନାୟ୍,
ବଃଲେକ୍ ତୁମାର୍ ଉବାଦି ଗଟେକ୍ ସେ, ସେ ସଃର୍ଗେ ଆଚେ

। 10 ଆର୍ ତୁମିମଃନ୍ 'ମୁଲିକା' ବଃଲି କଃଉଆୟ୍ ଅଃଉଆ
ନାୟ୍, ବଃଲେକ୍ ତୁମାର୍ ମୁଲିକା ଗଟେକ୍, ସେ କ୍ରିସ୍ଟ । 11
ମଃତର୍ ତୁମାର୍ ବିତ୍ରେ ଜୁୟ୍ ଲକ୍ ବଃଡ୍, ସେ ତୁମାର୍ ସେବାକାରି
ଅଃଉଅ । 12 ଆର୍ ଜୁୟ୍ଲକ୍ ଅଃହ୍ଣାକ୍ ବଃଡ୍ ବଃଲି ଦଃକାୟ୍
ଅୟ୍ଦ୍, ତାକ୍ ସାନ୍ କଃରା ଅୟ୍ଦ୍, ଜୁୟ୍ ଲକ୍ ଅଃହ୍ଣାକ୍ ସାନ୍
କଃରେଦ୍, ତାକ୍ ବଃଡ୍ କଃରା ଅୟ୍ଦ୍ ।" 13 "ମଃତର୍ ଏ ଡଃଣ୍ଡ
ହାଉତା ଜୟ୍ଗ୍ ହେଟ୍କପଟ୍ୟା ଦଃର୍ମ୍ଗୁରୁ ଆର୍ ପାରୁସିମଃନ୍,
କାୟ୍ତାକ୍ବଃଲେକ୍ ତୁମିମଃନ୍ ଲକ୍ମଃନାର୍ ସଃର୍ଗ୍ ରାଇଜେ
ଜାତା ବାଟ୍କେ ବଃନ୍ଦ କଃରୁଲାସ୍; ତୁମିମଃନ୍ ତ ନିଜେ ସଃର୍ଗ୍
ରାଇଜେ ନଃଜଃଉଁଲାସ୍ ଆରେକ୍ ସଃର୍ଗେ ଜାତା ଲକ୍ମଃନ୍କେ
ହେଁ ଜଃଉଁକେ ନଃଦେଉଁଲାସ୍ । 14 ଏ ଡଃଣ୍ଡ ହାଉତା ଜୟ୍ଗ୍
ହେଟ୍କପଟିଆ ସାସ୍ତ୍ରି ଆର୍ ପାରୁସିମଃନ୍, ବଃଲେକ୍ ତୁମିମଃନ୍
ହଲ୍ୟାୟ୍ ଡେଙ୍ଗ ପାର୍ତ୍ନା କଃରାସ୍, ଆର୍ ରାଣ୍ଡି ମାୟ୍ଜିମଃନାର୍
ଗଃର୍ସଃବୁ ଜୁରି ନେଉଁଲାସ୍, ଇତାର୍ ଗିନେ ତୁମିମଃନ୍ ବଃଡେ
ଡଃଣ୍ଡ ହାଉଆସ୍ ।" 15 "ଏ ଦଃଣ୍ଡାର୍ ଜୟ୍ଗ୍ ହେଟ୍କପଟ୍ୟା
ଦଃର୍ମ୍ଗୁରୁ ଆର୍ ପାରୁସିମଃନ୍, କାୟ୍ତାକ୍ବଃଲେକ୍ ତୁମିମଃନ୍
ଗଟେକ୍ ଲକ୍କେ ତୁମାର୍ ଦଃର୍ମେ ମିସାଉଁକେ ସଃବୁ ସଃମ୍ନ୍ଦ
ଆର୍ ସେହାଟିର୍ ଦେସ୍ ବୁଲ୍ତିରିଆସ୍, ଆରେକ୍ ଜଃଡେବଃଲ୍
ସେ ତୁମାର୍ ଦଃର୍ମେ ମିସେଦ୍, ସଃଡେବଃଲ୍ ତାକ୍ ତୁମିମଃନାର୍
ତଃୟ୍ହୁଣି ଦୁୟ୍ ଗୁଣ୍ ନଃର୍କେ ଡଃଣ୍ଡ ହାଉଁକ୍ ଜୟ୍ଗ୍ କଃରାଉଁଲାସ୍
।" (Geenna g1067) 16 "ଏ ବଃଡେ ଦଃଣ୍ଡାର୍ ଜୟ୍ଗ୍ ଜେ, ତୁମି
କାଣା ଲକ୍କେ ବାଟ ଦଃକାଉତା କାଣାମଃନ୍, ତୁମିମଃନ୍ କଃଉତି
ରିଆସ୍, 'କେ ମନ୍ଦିର୍ ହଃର୍ମାଣ୍ କଃଲେକ୍ କାୟ୍ ନୟ୍, ମଃତର୍
ଜୁୟ୍ ଲକ୍ ମନ୍ଦିରେ ରିଲା ସନାକେ ହଃର୍ମାଣ୍ କଃରେଦ୍, ତଃବେ
ସେ ହଃର୍ମାଣ୍ ବାୟ୍ଦ୍ରେ ଲାଗେଦ୍ ।' 17 ଏ ନିର୍ବୁଦିଆ ଆର୍
କାଣାମଃନ୍ ସନା, କି ସେ ସନାକେ ପବିତ୍ର କଃରି ଆଚେ ଜୁୟ୍
ମନ୍ଦିର୍, ଇ ଜଲେକ୍ ବିତ୍ରେ କୁୟ୍ରି ବଃଡ୍? 18 ଆରେକ୍ ତୁମିମଃନ୍
କଃଉତି ରିଆସ୍, 'ଜଦି କେ ହୁଜା ବେଦିର୍ ହଃର୍ମାଣ୍ କଃଲେକ୍
ସେରି କାୟ୍ରି ନାୟ୍, ମଃତର୍ ଜେ ହୁଜା ବେଦି ଉହ୍ରେ ରିଲା
ବେଟିର୍ ହଃର୍ମାଣ୍ କଃରେଦ୍, ତଃବେ ସେ ହଃର୍ମାଣ୍ ବାୟ୍ଦ୍ରେ
ଲାଗେଦ୍ ।' 19 ଏ କାଣାମଃନ୍ ହୁଜା କି ସେ ହୁଜାକେ ପବିତ୍ର
କଃରେଦ୍ ଜୁୟ୍ ବେଦି ଇ ଜୁଲେକ୍ ବିତ୍ରେ କୁୟ୍ରି ବଃଡ୍? 20
ତଃବେ ଜୁୟ୍ ଲକ୍ ହୁଜା ବେଦିର୍ ହଃର୍ମାଣ୍ କଃରେଦ୍, ସେ ତ
ହୁଜା ବେଦି ଆର୍ ବେଦି ଉହ୍ରେ ରିଲା ବେଟିକ୍ ହେଁ ହଃର୍ମାଣ୍
କଃରେଦ୍ । 21 ଆର୍ ଜେ ମନ୍ଦିରାର୍ ହଃର୍ମାଣ୍ କଃରେଦ୍, ସେ
ମନ୍ଦିର୍ ଆର୍ ସେତି ବାସାକଃର୍ତା ଇସ୍ୱରାର୍ ନାଉଁଏ ହେଁ ହଃର୍ମାଣ୍
କଃରେଦ୍ । 22 ଆରେକ୍ ଜେ ସଃର୍ଗାର୍ ହଃର୍ମାଣ୍ କଃରେଦ୍,
ସେ ଇସ୍ୱରାର୍ ସିଙ୍ଗାସଣ୍ ଆର୍ ସେତି ବଃସିରିଲା ଇସ୍ୱରାର୍
ହଃର୍ମାଣ୍ କଃରେଦ୍ ।" 23 "ଏ, ଦଃଣ୍ଡାର୍ ଜୟ୍ଗ୍ ହେଟ୍କପଟ୍ୟା
ଦଃର୍ମ୍ଗୁରୁ ଆର୍ ପାରୁସିମଃନ୍, ବଃଲେକ୍ ତୁମିମଃନ୍ ପଦିନା,
ହାନ୍ମରି ଆର୍ ଜିରାର୍ ଦଃସ୍ ବାଗାର୍ ଗଟେକ୍ ବାଗ୍ ଇସ୍ୱର୍କେ
ଦେଉଁଲାସ୍, ଆର୍ ମସାର୍ ବିଦିର୍ ବଃଡ୍ ବଲ୍ ସଃବୁ, ବଃଲେକ୍
ନ୍ୟାୟ୍ବିଚାର୍, ବିସ୍ୱାସ୍ ଦଃୟା କଃର୍ତାର୍ ଆର୍ ମାନ୍ତାର୍, ଇ
ସଃବୁ ତୁମିମଃନ୍ ଚାଡି ଆଚାସ୍; ମଃତର୍ ମସାର୍ ବିଦିର୍ ହଃର୍ତୁ
କଃତା ସଃବୁ ନଃଚାଡି, ଇ କଃତା ଆଗେ ମାନ୍ତା ଲଳା ।
24 ଏ କାଣାମଃନ୍କେ ବାଟ ଦଃକାଉତା ଲକ୍ମଃନ୍ ତୁମିମଃନ୍
ମଚିକ୍ ଚାନୁଲାସ୍, ମଃତର୍ ଉଟ୍କେ ଗିଲୁଲାସ୍ ।" 25 "ଏ, ଡଃଣ୍ଡ
ହାଉତା ଜୟ୍ଗ୍ ହେଟ୍କପଟ୍ୟା ଦଃର୍ମ୍ଗୁରୁ ଆର୍ ପାରୁସିମଃନ୍,
ବଃଲେକ୍ ତୁମିମଃନ୍ ଗିନାର୍ ଆର୍ ତାଳିର୍ ହଃଦା ବାଟ୍ୟା
ଦଃଉଁଲାସ୍ ଆର୍ ନିର୍ମୁଲ୍ କଃରୁଲାସ୍, ମଃତର୍ ବିତୁର୍ ବାଟ୍ୟା
ସେରିମଃନ୍ ଜୁରିଆକାମ୍ ଆର୍ ମଃନାର୍ କଃରାବ୍ ଚିତାମଃନ୍
ବଃର୍ତି ଅୟ୍ଆଚେ । 26 ରେ କାଣା ପାରୁସିମଃନ୍ ଆଗ୍ତୁ ଗିନାର୍
ଆର୍ ତାଳିର୍ ବିତ୍ରାର୍ ଦଃଉଆ, ତଃବେ ହଃଦା ବାଟ୍ୟା ହେଁ
ନିର୍ମୁଲ୍ ଅୟ୍ଦ୍ ।" 27 "ଏ ଦଃଣ୍ଡାର୍ ଜୟ୍ଗ୍ ହେଟ୍କପଟ୍ୟା
ଦଃର୍ମ୍ଗୁରୁ ଆର୍ ପାରୁସିମଃନ୍, କାୟ୍ତାକ୍ବଃଲେକ୍ ତୁମିମଃନ୍
ଚିଟ୍ଦବ୍ ଡିସ୍ତା ମଃସୁଣ୍ ହର୍, ବଃଲେକ୍ ସେରି ହଃଦାୟ୍ ସୁନ୍ଦର୍
ଡିସେଦ୍, ମଃତର୍ ବିତ୍ରେ ମଃଲା ଲକାର୍ ଆଡ୍ ଆର୍ ସଃବୁ
ରଃକମାର୍ ବିଟାଳ୍ ବଃର୍ତି ଅୟ୍ ରଃୟ୍ଦ୍ । 28 ସେରଃକମ୍
ତୁମିମଃନ୍ ହେଁ ହଃଦାୟ୍ ସଃବୁ ଲକାର୍ ଆକାୟ୍ ଦଃର୍ମି ଲକ୍
ବଃଲି ଦଃକାୟ୍ ଅଃଉଁଲାସ୍, ମଃତର୍ ବିତ୍ରେ ହେଟ୍କପଟ୍ ଆର୍
ଅଃଦଃର୍ମି କାମ୍ ବଃର୍ତି ଅୟ୍ ରଃୟ୍ଦ୍ ।" 29 "ଏ ଦଃଣ୍ଡାର୍
ଜୟ୍ଗ୍ ହେଟ୍କପଟ୍ୟା ଦଃର୍ମ୍ଗୁରୁ ଆର୍ ପାରୁସିମଃନ୍, ବଃଲେକ୍
ତୁମିମଃନ୍ ବାବ୍ବାଦିମଃନାର୍ ମଃସୁଣ୍ ତିଆର୍ କଃରୁଲାସ୍ ଆର୍
ଦଃର୍ମି ଲକ୍ମଃନ୍କେ ଏତାଉଁକେ ମଃସୁଣ୍କେ ସୁନ୍ଦର୍ କଃରୁଲାସ୍ ।
30 ଆର୍ କଃଉଁଲାସ୍, 'ଅଃମିମଃନ୍ ଜଦି ଅଃମାର୍ ହୁର୍ବାର୍ ଦାଦିବାବୁ
ବଃଳାର୍ ଲକ୍ମଃନାର୍ ସଃଙ୍ଗ ରିଲେକ୍, ଅଃମିମଃନ୍ ସେମଃନାର୍
ସଃଙ୍ଗ ବାବ୍ବାଦିମଃନ୍କେ ଅଃତ୍ୟା କଃରୁକେ ନଃମିସ୍ଲୁ ହୁଣି ।' 31
ଇତାକ୍ ତୁମିମଃନ୍ ଜେ ବାବ୍ବାଦିମଃନ୍କେ ଅଃତ୍ୟାକାରିମଃନାର୍
କୁଳ୍ ବଃଉଁସ୍ ଅଃଉଁଲାସ୍, ସେ କଃତା ତୁମିମଃନ୍ ଅଃହ୍ଣା
ଅଃହ୍ଣାର୍ କଃତାୟ୍ ସାକି ଦେଉଁଲାସ୍ । 32 ତଃବେ ତୁମି
ଆଗେ ଜାହା, ତୁମାର୍ ହୁର୍ବ୍ କାଳାର୍ ଦାଦିବାବୁମଃନ୍ ଜୁୟ୍ କାମ୍
ଆରୁମ୍ କଃରି ରିଲାୟ୍, ସେରି ହୁରୁଣ୍ କଃରା । 33 ଏ ସାହ୍, ଏ
ନାଗ୍ସାହାର୍ ବଃଉଁସ୍ମଃନ୍! ତୁମିମଃନ୍ ନଃର୍କ୍ ବିଚାର୍ ଦଃଣ୍ଡେହୁଣି
କଃନ୍କଃରି ମୁକ୍ଳାସ୍? (Geenna g1067) 34 ଇତାକ୍ ଦଃକା,
ମୁଁୟ୍ ତୁମାର୍ ହାକ୍ ବାବ୍ବାଦି, ଗ୍ୟାନି ଆର୍ ଦଃର୍ମ୍ଗୁରୁ ଲକ୍କେ
ହଃଟାଉଁଲେ; ତୁମିମଃନ୍ ସେମଃନାର୍ ବିତ୍ରାର୍ କାକେ କାକେ
ମଃର୍ନେ ମାରାସ୍ ଆର୍ କ୍ରୁସ୍ ଉହ୍ରେ ଅଃତ୍ୟା କଃରାସ୍, ଆର୍
କାକ୍କାକ୍ ତୁମାର୍ ପାର୍ତ୍ନା ଗଃରେ ସାଟ୍ଣି ସଃଙ୍ଗ ମାରାସ୍ ଆର୍
ଗଃଳେମଃନ୍ ଲକ୍ମଃନ୍କେ ଆର୍ଲା କଃରାସ୍ । 35 ଜୁୟ୍ ଦଃର୍ମି
ହେବଲ୍କେ ଅଃତ୍ୟା ତଃୟ୍ହୁଣି ଆରୁମ୍ କଃରି, ଜୁୟ୍ ବେରିକାର୍
ହୟ୍ସି ଜିକରିଅକେ ତୁମିମଃନ୍ ମନ୍ଦିର୍ ତଃୟ୍ର୍ ପବିତ୍ର ବେଦି
ଟାଣେ ଆର୍ ହୁଜାବେଦିର୍ ମଃଜାୟ୍ ମାର୍ଲାସ୍, ତାର୍ ଅଃତ୍ୟା

ହଃତେକ୍ ହୁର୍ତିବିଏ ଜଃତେକ୍ ସଃବୁ ଦଃର୍ମ୍ ଲକ୍‌ମଃନ୍‌କେ ଅଃତ୍ୟା
ଅୟ୍‌ଆଚେ, ସେ ସଃବୁ ଡଃଣ୍ଡ ତୁମାର୍ ଉହ୍ରେ ହଃଲେଦ୍ । 36 ମୁଇଁ
ତୁମିକେ ସଃତ୍ କଃଉଁଲେ, ଇ ସଃବୁ ଲକ୍‌ମଃନ୍‌କେ ଅଃତ୍ୟା କଃରି
ରିଲାକ୍ ଇ କାଲାର୍ ଲକ୍‌ମଃନାର୍ ଉହ୍ରେ ଇ ସଃବୁ ଡଃଣ୍ଡ ହଃଲେଦ୍
।” 37 “ଏ ଜିରୁସାଲମ୍, ବାବ୍‌ବାଦିମଃନ୍‌କେ ଅଃତ୍ୟାକାରିଣି
ଜିରୁସାଲମ୍, ଆର୍ ମାପ୍ରୁ ତର୍ ଠଃୟ୍ ହଃଟାୟ୍‌ରିଲା ଲକ୍‌ମଃନ୍‌କେ
ଟେଳା ଚେଟି ମଃର୍ନେ ମାରି ରିଲା ଜିରୁସାଲମ୍, ମାୟ୍‌କୁକ୍‌ଡ଼ା
ଜଃନ୍‌କଃରି ତାର୍ ହିଲାମଃନ୍‌କେ ତାର୍ ଡେଣା ତଃଳେ ରୁଣ୍ଡାୟ୍‌ଦ୍,
ସେରଃକମ୍ ମୁଇଁ କଃତେକ୍ ତର୍ ହିଲାମଃନ୍‌କେ ରୁଣ୍ଡାଉଁକ୍ ମଃନ୍
କଃଲେ, ମଃତର୍ ତୁମିମଃନ୍ ମଃନ୍ ନଃକେଲାସ୍ । 38 ଦଃକା
ତୁମାର୍ ମନ୍ଦିର୍ ତୁମାର୍ ଆତେ ଚାଡି ଦିଆ ଅୟ୍‌ଆଚେ । 39
ବଃଲେକ୍ ମୁଇଁ ତୁମିମଃନ୍‌କେ ସଃତ୍ କଃଉଁଲେ, ‘ମାପ୍ରୁର୍ ନାଉଁଏ
ଜେ ଆସୁଲା ତାର୍ ଆସିର୍ବାଦ୍,’ ତୁମିମଃନ୍ ଇ କଃତା ନଃକଉତା
ହଃତେକ୍ ଆଜିହୁଣି ମକ୍ କଃବେ ହେଁ ଦଃକୁ ନଃହାରାସ୍ ।”

**24** ଜିସୁ ମନ୍ଦିର୍ ବିତ୍ରେହୁଣି ବାରାୟ୍ ଜାତିରିଲା ବଃଲ୍, ତାର୍
ଚେଲାମଃନ୍ ମନ୍ଦିରାର୍ ମେଲ୍‌ଗଃର୍‌ମଃନ୍ ଦଃକାଉଁକ୍ ତାର୍
ହାକ୍ ଆୟ୍‌ଲାୟ୍ । 2 ତଃବେ ଜିସୁ ସେମଃନ୍‌କେ କୟ୍‌ଲା,
“ତୁମିମଃନ୍ କାୟ୍‌ରି ଇସଃବୁ ନଃଦେକୁଲାସ୍? ମୁଇଁ ତୁମିକେ ସଃତ୍
କଃଉଁଲେ, ଇ ଗଟେ ଟେଳା ଆରେକ୍ ଗଟେକ୍ ଟେଳା ଉହ୍ରେ
ନଃରେୟ୍, ସଃବୁ ହେଁ ବୁଯେଁକୁଲାୟ୍ ଅୟ୍‌ଦ୍ ।” 3 ତାର୍‌ହଃଚେ ଜିସୁ
ଜିତ୍ ଡଙ୍ଗ୍ରେ ବଃସ୍‌ଲାକେ ଚେଲାମଃନ୍ ତାର୍ ଲଃଗେ ଲୁକ୍‌ଣେ ଆସି
ତାକ୍ ହଃଚାର୍ଲାୟ୍, “ଅଃମିମଃନ୍‌କେ କଃଉ, ଇ ସଃବୁ ଗଃଟ୍‌ଣା
କଃବେ ଗଃଟେଦ୍? ଆର୍ ତର୍ ଆସ୍ତାର୍ ଆର୍ ଜୁଗ୍ ସେସ୍ ଅଃଉତା
ଚିନ୍ କାୟ୍‌ରି ସେରି ଅଃମିକ୍ କଃଉ ।” (aiōn g165) 4 ତଃବେ ଜିସୁ
ସେମଃନ୍‌କେ କୟ୍‌ଲା, “ଜଃଗ୍ରାତ୍ ଅୟ୍‌ରିଆ, ଜଃନ୍‌କଃରି କେ ହେଁ
ତୁମିକେ ନଃବୁଲ୍‌କାଉତି । 5 ବଃଲେକ୍ କଃତେକ୍ ଲକ୍‌ମଃନ୍ ମର୍
ନାଉଁଏ ଆସି ‘ମୁଇଁ କ୍ରିସ୍ଟ ବଃଲେକ୍ ମଃସିଆ!’ ବଃଲି କୟ୍‌କଃରି
ଗାଦି ଲକ୍‌ମଃନ୍‌କେ ବୁଲ୍‌କାଉତି । 6 ତୁମିମଃନ୍ ଜୁଜ୍ ଅଃଉତା
କଃତା ସୁଣାସ୍ ଆର୍ ଜୁଜ୍ ଅଃଉତିରିଲାର୍ କବୁର୍ ସୁଣାସ୍, ମଃତର୍
ଜଃଗ୍ରାତ୍, ଡିରା ନାୟ୍, ବଃଲେକ୍ ଇ ସଃବୁ ବାୟ୍‌ଦ୍‌ରେ ଗଃଟେଦ୍,
ମଃତର୍ ସଃଡେବଃଲ୍ ଜୁଗ୍ ନଃବୁଡେ । 7 କାୟ୍‌ତାକ୍‌ବଃଲେକ୍
ଦେସ୍ ବିରଦେ ଦେସ୍, ଲକ୍ ବିରଦେ ଲକ୍ ଉଟ୍‌ତି, ଆରେକ୍
ଟାଣେ ଟାଣେ କଃତାର୍ ଅୟ୍‌ଦ୍ ଆର୍ ଦଃର୍ତି ଲଃଦ୍‌ବଃଦେଦ୍ ।
8 ମଃତର୍ ଇ ସଃବୁ ଗଃଟ୍‌ଣା ମାୟ୍‌ଜିର୍ ହିଲା ଜଃଲମ୍ କର୍ତା
ଆଗ୍‌ତୁ ଆରୁମ୍ ଦୁକା ହର୍ ।” 9 “ମଃତର୍ ସଃଡେବଃଲ୍ ଲକ୍‌ମଃନ୍
ତୁମିକେ କଃସ୍ଟବଗ୍ କଃରୁକେ ସଃହ୍ରି ଦେତି, ଆର୍ ସେମଃନ୍
ତୁମିକେ ମଃର୍ନେ ମାର୍ତି, ଆର୍ ମର୍ ନାଉଁଏ ବିସ୍ୱାସ୍ କର୍ତା ଗିନେ
ସଃବୁ ଜାତିର୍ ଲକ୍‌ମଃନ୍ ତୁମିକେ ଗିଣ୍ କର୍ତି । 10 ସଃଡେବଃଲ୍
ଗାଦେକ୍ ଲକ୍‌ମଃନ୍ ବାଦା ହାଉତି ଆର୍ ମାପ୍ରୁ ବିସ୍ୱାସ୍ ଚାଡି
ସେମଃନ୍ ତାକାର୍ ତାକାର୍ ବିତ୍ରେ ଦଃରାୟ୍‌ଦେତି ଆର୍ ତାକାର୍
ତାକାର୍ ବିତ୍ରେ ଗିଣ୍ କଃରାକଃରି ଅଃଉତି । 11 ଆର୍ ସଃଡେବଃଲ୍
ବୁତେକ୍ ବାମାଉତା ବାବ୍‌ବାଦିମଃନ୍ ବାରାୟ୍‌କଃରି ଗାଦେକ୍
ଲକ୍‌ମଃନ୍‌କେ ବୁଲ୍‌କାଉତି । 12 ସଃଡେବଃଲ୍ ଅଃଦଃର୍ମ୍ କାମ୍
ଜଃବର୍ ଅୟ୍‌ଦ୍, ଇତାକ୍ ଇସ୍ୱରାର୍ ଗିନେ ଗାଦେକ୍ ଲକାର୍ ଲାଡ୍
ଊଣା ଅୟ୍‌ଦ୍ । 13 ମଃତର୍ ଜେ ସେସ୍ ହଃତେକ୍ ସାସ୍ ଦଃରି
ରଃୟ୍‌ଦ୍, ସେ ନିଜ୍‌କେ ବଚାଉ ହାରେ । 14 ଆର୍ ସଃବୁ ବାସାର୍
ଲକ୍‌ମଃନାର୍ ଠଃୟ୍ ସାକି ଦେଉଁକେ ସଃର୍ଗ୍ ରାଇଜାର୍ ଇ ନିକ
କବୁର୍ ହୁର୍ତି ସଃରା ପର୍ଚାର୍ କଃରା ଅୟ୍‌ଦ୍, ତାର୍‌ହଃଚେ ଜୁଗ୍
ସେସ୍ ଅୟ୍‌ଦ୍ ।” 15 “ଇତାକ୍ ତୁମିମଃନ୍ ଜଃଡେବଃଲ୍ ଦାନିଏଲ୍
ବାବ୍‌ବାଦି କୟ୍‌ଲା, ସେ ନାସ୍‌କାରି ଗିଣ୍ ଆସ୍ତିକ୍ ମନ୍ଦିରାର୍ ପବିତ୍ର
ଟାଣେ ରେତାର୍ ଦଃକାସ୍ ।” ହଲ୍‌ତା ଲକ୍ ଇରି ବୁଜତ୍ । 16
“ସଃଡେବଃଲ୍ ଜୁୟ୍ ଲକ୍‌ମଃନ୍ ଜିଉଦା ରାଜାୟ୍ ରେତି ସେମଃନ୍
ଡଙ୍ଗ୍ରେ ହଃଲାୟ୍ ଜଃଉଅତ୍ । 17 ସଃଡେବଃଲ୍ ଜୁୟ୍ ଲକ୍‌ମଃନ୍
ଚାନି ଉହ୍ରେ ରେତି ସେମଃନ୍ ନିଜାର୍ ଗଃର୍ ବିତ୍ରାର୍ ଆସ୍ତିବାଡି
ନେଉଁକେ ଉତ୍ରି ନାସତ୍ । 18 ଆର୍ ସଃଡେବଃଲ୍ ଜେ ତାସ୍
ହଃଦାୟ୍ ରଃୟ୍‌ଦ୍, ସେ ତାର୍ ହଃଚ୍ୟା ଆଣୁକେ ଗଃରେ ବାଉଳି
ଜଃଉଅ ନାୟ୍ । 19 ସଃଡେବଃଲ୍ ଜୁୟ୍ ମାୟ୍‌ଜିମଃନ୍ ଆଙ୍ଗେ ରେତି
ଆର୍ ଦୁଦ୍ କାଲାଉତିରେତି, ସେମଃନ୍ ଜଃବର୍ ଡଃଣ୍ଡ ହାଉତି
। 20 ମଃତର୍ ତୁମାର୍ ହଃଲାଉତାର୍ ଜଃନ୍‌କଃରି ସିତ୍ ବଃଲ୍ କି
ବିସାଉଁଣିବାର୍ ଦିନ୍ ନଃଉଅ, ଇତାକ୍ ଇସ୍ୱର୍‌କେ ପାର୍ତ୍‌ନା କଃରା ।
21 ବଃଲେକ୍ ସଃଡେବଃଲ୍ ଇ ରଃକମ୍ ଜଃବର୍ ଡଃଣ୍ଡ ଗଃଟେଦ୍
ଜେ, ଜଃଗତାର୍ ଆରୁମେ ହୁଣି ଆଜି ହଃତେକ୍ ନଃଗେଟେ, ଆର୍
କଃବେ ହେଁ ନଃଗେଟେ । 22 ମଃତର୍ ଇସ୍ୱର୍ ସେ କଃସ୍ଟାର୍ ଦିନ୍
ଊଣା କଃରି ନଃରିଲେକ୍ କେହେଁ ମୁକ୍ତି ହାଉଁକେ ନଃହାର୍ଲାୟ୍ ହୁଣି ।
ମଃତର୍ ଇସ୍ୱର୍ ବାଚ୍‌ଲାର୍ ଲକ୍‌ମଃନାର୍ ଗିନେ ସେ ଦିନ୍‌କେ ଊଣା
କଃରାଅୟ୍‌ଦ୍ ।” 23 “ଆର୍ ସଃଡେବଃଲ୍ କେ ତୁମିମଃନ୍‌କେ ‘କ୍ରିସ୍ଟ
ଇତି ଆଚେ,’ କି, ସେତିଆଚେ,’ ବଃଲି କୟ୍‌ଲେକ୍, ତୁମି ତାକ୍
ବିସ୍ୱାସ୍ କଃରାନାୟ୍ । 24 ବଃଲେକ୍ ସଃଡେବଃଲ୍ ବାମାଉତା କ୍ରିସ୍ଟ
ଆର୍ ବାମାଉତା ବାବ୍‌ବାଦିମଃନ୍ ଉଟି ବଃଡ୍ ବଃଡ୍ ଚିନ୍ ଆର୍
କାବା ଅଃଉତା କାମ୍‌ମଃନ୍ ଦଃକାଉତି, ଜଦି ଅଃଉଁ ହାରେ ଇସ୍ୱର୍
ବାଚ୍‌ଲା ଲକ୍‌ମଃନ୍‌କେ ହେଁ ବୁଲ୍‌କାଉତି । 25 ଦଃକା, ମୁଇଁ
ଗଃଟ୍‌ଣା ଗଃଟ୍‌ତା ଆଗ୍‌ତୁ ତୁମିମଃନ୍‌କେ ସଃବୁ ଜାଣାୟ୍‌ଲେ ।” 26
“ତଃବେ ଦଃକା, ଲକ୍‌ମଃନ୍ ତୁମିକେ ମାପ୍ରୁ ବଃଟାୟ୍ ଆଚେ ବଃଲି
କଃଉତି, ତଃବେ ବାରାୟ୍ ଜାହା ନାୟ୍, ଦଃକା ସେ ବିତୁର୍ ଗଃରେ
ଲୁକି ଆଚେ ବଃଲି କଃଉତି, ତଃବେ ତାକାର୍ କଃତା ବିସ୍ୱାସ୍
କଃରା ନାୟ୍ । 27 ବଃଲେକ୍ ବିଜ୍‌ଲି ଜଃନ୍‌କଃରି ହୁର୍ବ୍ ଦିଗେ
ମଃଲ୍‌କାୟ୍ ବେଲ୍ ବୁଡ୍‌ତି ଦିଗ୍ ହଃତେକ୍ ଉଜାଲ୍ ଦଃକାଜାୟ୍‌ଦ୍,
ନଃରୋର୍ ହୟ୍‌ସି ହେଁ ସଃନ୍‌କଃରି ଆସେଦ୍ ।” 28 “ବଃଲେକ୍
ଜୁୟ୍‌ଟାଣେ ମଃଲା ଗଃଗାଲ୍ ରଃୟ୍‌ଦ୍, ସେଟାଣେ ରାବଣ୍‌ମଃନ୍
ହେଁ ଗଟେଟଃୟ୍ ରୁଣ୍ଡତି ।” 29 “ମଃତର୍ ସେ ଦିନାର୍ ଡଃଣ୍ଡ
ହଃଚେ, ସେଦାହ୍ରେ ବେଲ୍ ଅଃନ୍ଧାର୍ ଅୟ୍‌ଦ୍ ଆର୍ ଜଃନ୍ ଉଜାଲ୍
ନଃଦେୟ୍, ତାରାମଃନ୍ ସଃର୍ଗେ ହୁଣି ଅଦୁର୍ଟି ଆର୍ ଅଃଗାସାର୍ ସଃବୁ

ସଃକ୍ତିମଃନ୍ ଏଣେ ତେଣେ ଅଃଉତି । 30 ସଃଡେବଃଲ୍ ଅଃଗାସ୍
ଉହ୍ରେ ନଃରାର୍ ହୟ୍ସିର୍ ଚିନ୍ମଃନ୍ ଡିସେଦ୍ ଆର୍ ସଃଡେବଃଲ୍
ହୁର୍ତିବିର୍ ସଃବୁ ବାସାର୍ ଲକ୍ମଃନ୍ କାନ୍ଦ୍ତି ଆର୍ ନଃରାର୍
ହୟ୍ସିକେ ସଃକ୍ତି ଆର୍ ବଃଡେ ଜଃଜ୍ମାନ୍ ସଃଙ୍ଗ୍ ଅଃଗାସାର୍
ମେଗେ ଆସ୍ତାର୍ ଦଃକ୍ତି । 31 ଆର୍ ତୁରି ହୁକି ଅଃହ୍ଣାର୍
ସଃର୍ଗ୍ ଦୁତ୍ମଃନ୍କେ ହଃଟାୟ୍ଦ୍ ଆର୍ ଦୁତ୍ମଃନ୍ ହୁର୍ତିବିର୍ ଗଟ୍
କନେହୁଣି ଆରେକ୍ ଗଟ୍ କଃନ୍ ହଃତେକ୍ ଚାରିହଃକାର୍ ତାର୍
ବାଚ୍ଲା ଲକ୍ମଃନ୍କେ ରୁଣ୍ଡାଉତି ।" 32 "ଡୁମୁର୍ ଗଃଚାର୍ ଗଟେକ୍
କଃତା ସିକା, ଜଃଡେବଃଲ୍ ତାର୍ କଃନ୍ଦାୟ୍ କଃଉଁଣା ହଃତାର୍
ଦଃରେଦ୍ ଆର୍ ଡାଲ୍ ହଃତାର୍ ଅୟ୍ ବାଡି ଆସେଦ୍, ସଃଡେବଃଲ୍
ତୁମି କଃରା ଦିନ୍ ଆସୁଲି ବଃଲି ଜାଣାସ୍ । 33 ସେରଃକମ୍
ତୁମିମଃନ୍ ଜଃଡେବଃଲ୍ ଇସଃବୁ ଗଃଟ୍ଣା ଦଃକ୍ଲେକ୍, ନଃରାର୍
ହୟ୍ସି ଦୁଆର୍ ଚଃମେ ବଃଲି ଜାଣା । 34 ମୁଁୟ୍ ତୁମିକେ ସଃତ୍
କଃଉଁଲେ, ଇ ସଃବୁ କଃତା ନଃଗଟ୍ତା ହଃତେକ୍ ଅଃବେ ଇ
କାଳାର୍ ଲକ୍ମଃନ୍ କଃନ୍କଃରି ହେଁ ନଃମେର୍ତି । 35 ଅଃଗାସ୍
ଆର୍ ହୁର୍ତିବି ନଃସ୍ମ ଅୟ୍ଦ୍, ମଃତର୍ ମର୍ କଃତା କଃବେ ନଃସ୍ମ
ନୟେ ।" 36 "ମଃତର୍ ସେ କଃବେ ଆସେଦ୍, ସେ ଦିନ୍ ଆର୍
ବେଳା କେ ନଃଜାଣ୍ତି, ସଃର୍ଗାର୍ ଦୁତ୍ମଃନ୍ କି ହୟ୍ସି ହେଁ
ନଃଜାଣେ, ମଃତର୍ ସଃର୍ଗାର୍ ଉବା ହଃକା ଏକ୍ଲା ଜାଣେଦ୍ । 37
ଆର୍ ନହର୍ ବଃଲ୍ ଜୁୟ୍ରଃକମ୍ ଗଃଟିରିଲି ନଃରାର୍ ହୟ୍ସି
ଆସ୍ତା ବଃଲ୍ହେଁ ସେରଃକମ୍ ଅୟ୍ଦ୍ । 38 ହାଣି ମାରି ହୁର୍ତି
ବୁଡ୍ତା ଆଗ୍ତୁ ନହ ଜାଜେ ହୁର୍ତା ଦିନ୍ ହଃତେକ୍ ଲକ୍ମଃନ୍
ଜଃନ୍କଃରି କାଉଆ ହିଉଆ ଆର୍ ବିବା କଃରୁକ୍ ଆର୍ ବିବା
ଦେଉଁକେ ମାତି ରିଲାୟ୍ । 39 ହୁର୍ ହାଣି ଆସି ସଃବୁଲକେ ବଳାୟ୍
ନଃନେତା ହଃତେକ୍ ଜଃନ୍କଃରି କାୟ୍ରି ଅୟ୍ଦ୍, ସେରି କେ ଜାଣି
ନଃରିଲାୟ୍, ନଃରାର୍ ହୟ୍ସି ଆସ୍ତା ବଃଲ୍ ହେଁ ସେରଃକମ୍ ଅୟ୍ଦ୍
। 40 ସଃଡେବଃଲ୍ ଦୁୟ୍ ଲକ୍ ତାସ୍ ହଃଦାୟ୍ ରେତି, ଗଟେକ୍
ଲକ୍କେ ନିଆ ଅୟ୍ଦ୍ ଆର୍ ଗଟ୍ ଲକ୍କେ ଚାଡି ଦିଆ ଅୟ୍ଦ୍ ।
41 ଜଳେକ୍ ମାୟ୍ଜିମଃନ୍ ଜଃତାୟ୍ ରୁଚ୍ତି ରେତି, ଏକ୍ଲାକେ ନିଆ
ଅୟ୍ଦ୍, ଆରେକ୍ ଏକ୍ଲାକେ ଚାଡି ଦିଆ ଅୟ୍ଦ୍ ।" 42 "ଇତାର୍
ଗିନେ ତୁମିମଃନ୍ ଜଃଗ୍ରାତ୍ ଅୟ୍ରିଆ, ବଃଲେକ୍ ତୁମାର୍ ମାପ୍ରୁ
କୁୟ୍ ଦିନ୍ ଆସେଦ୍ ସେରି ତୁମିମଃନ୍ ନଃଜାଣାସ୍ । 43 ମଃତର୍
ତୁମିମଃନ୍ ଇରି ଜାଣିରିଆ ଜେ, କୁୟ୍ ବେଳାୟ୍ ଚର୍ ଆସେଦ୍ ଇରି
ଗଃରାର୍ ମୁଳିକା ଜାଣି ରିଲେକ୍, ସେ ଜଃଗ୍ରାତ୍ ଅୟ୍ରିଲା ହୁଣି
ଆର୍ ଗଃରେ ସିନ୍ଧ ମାରୁକ୍ ନଃଦିଲା ହୁଣି । 44 ତଃବାର୍ଗିନେ
ତୁମିମଃନ୍ ହେଁ ଜଃଗ୍ରାତ୍ ଅୟ୍ରିଆ ବଃଲେକ୍ ଜୁୟ୍ ବେଳାୟ୍
ତୁମିମଃନ୍ ମଃନେ ବାବି ନଃରିଆସ୍ ସେ ବେଳାୟ୍ ନଃରାର୍ ହୟ୍ସି
ଆସେଦ୍ ।" 45 "ତଃବେ ସାଉକାର୍ ତାର୍ ଲକ୍ମଃନ୍କେ ଟିକ୍
ବେଳାୟ୍ ହଃଳିବାତ୍ୟା ଦେଉଁକେ ଜାକେ ସେମଃନାର୍ ଉହ୍ରେ
ବାଚ୍ଲା ଆଚେ, ଇବାନ୍ୟା ସଃତ୍ ଆର୍ ବୁଦିର୍ ଗତିଦଃଙ୍ଗ୍ଳା କେ?
46 ସାଉକାର୍ ଆସି ତାର୍ ଜୁୟ୍ ଗତିଦଃଙ୍ଗ୍ଳାକ୍ ସେରଃକମ୍ କାମ୍
କଃର୍ତି ରିଲାର୍ ଦଃକେଦ୍, ତଃବେ ସେ ଦଃଙ୍ଗ୍ଳାର୍ ବାୟ୍ଗ୍ । 47
ମୁଁୟ୍ ତୁମିମଃନ୍କେ ସଃତ୍ କଃଉଁଲେ, ସାଉକାର୍ ସେ ଦଃଙ୍ଗ୍ଳାକେ
ତାର୍ ସଃବୁ ସଃମ୍ପତି ଉହ୍ରେ ଅଃଦିକାର୍ ଦଃୟ୍ଦ୍ । 48 ମଃତର୍
ଜଦି ସେ ଦୁସ୍ଟ ଗତିଦଃଙ୍ଗ୍ଳା ମର୍ ସାଉକାର୍ ଆସ୍ତାର୍ ବିଲମ୍
କଃରେଦ୍ ବଃଲି ମଃନ୍ ବିତ୍ରେ କୟ୍, 49 ଅଃହ୍ଣାର୍ ସଃଙ୍ଗ୍ଟାର୍
ଗତିଦଃଙ୍ଗ୍ଳାମଃନ୍କ୍ ମାଡ୍ ମାରୁକ୍ ଦଃରେଦ୍ ଆର୍ ମଃଦୁଆ
ମଃନାର୍ ସଃଙ୍ଗ୍ କାଉଆ ହିଉଆ କଃରେଦ୍, 50 ସେବାନ୍ୟା
ଅୟ୍ଲେକ୍ ଜୁୟ୍ ଦିନ୍ ସେ ଜାଗି ନଃରେୟ୍, ଆର୍ ଜୁୟ୍ ବେଳା
ଗତିଦଃଙ୍ଗ୍ଳା ଜାଣି ନଃରେୟ୍, ସେ ଦିନ୍ ଆର୍ ସେ ବେଳାୟ୍ ତାର୍
ସାଉକାର୍ ଆସେଦ୍ । 51 ଆରେକ୍ ସାଉକାର୍ ସେ ଗତିଦଃଙ୍ଗ୍ଳାକ୍
କଃଣ୍ଟ କଃଣ୍ଟ କଃରି କାଟି ହେଟ୍କପଟ୍ୟା ମଃନାର୍ ସଃଙ୍ଗ୍ ବାଗ୍
ବାଟା ଟିକ୍ କଃରେଦ୍; ସେତି ସେ କାନ୍ଦି କାନ୍ଦି ଦାତ୍ ଚାବି ଅୟ୍ଦ୍
।"

**25** "ସଃଡେବଃଲ୍ ସଃର୍ଗ୍ ରାଇଜ୍ ଦଃସ୍ଗଟ୍ ଦଃଙ୍ଗ୍ଳି ହର୍
ଅୟ୍ଦ୍; ସେମଃନ୍ ଅଃହ୍ଣା ଅଃହ୍ଣାର୍ କୁପି ଦଃରି ବଃରକେ
ବେଟୁକ୍ ବାରାୟ୍ଲାୟ୍ । 2 ସେମଃନାର୍ ବିତ୍ରେ ହାଁଚ୍ ଗଟ୍
ନିର୍ବୁଦିଆଣି ରିଲାୟ୍ ଆର୍ ହାଁଚ୍ ଗଟ୍ ବୁଦିଆଣି ରିଲାୟ୍ । 3
ସେ ନିର୍ବୁଦିଆଣି ଦଃଙ୍ଗ୍ଳିମଃନ୍ ଅଃହ୍ଣା ଅଃହ୍ଣାର୍ କୁପି ଦଃରି
ଗଃଲାୟ୍, ମଃତର୍ ସେମଃନ୍ ବିନେ ଅଃଦିକ୍ ଚିକଣ୍ ଦଃରି
ନଃରିଲାୟ୍ । 4 ମଃତର୍ ବୁଦିଆଣି ଦଃଙ୍ଗ୍ଳିମଃନ୍ ଅଃହ୍ଣା
ଅଃହ୍ଣାର୍ କୁପି ସଃଙ୍ଗ୍ ବିନେ ଅଃଦିକ୍ ଚିକଣ୍ ଦଃରି ରିଲାୟ୍
। 5 ବଃର ଆସୁକ୍ ବେଳ୍ କଃଲା ଗିନେ ସଃବୁ ଦଃଙ୍ଗ୍ଳିମଃନ୍
ଗୁନି ଗୁନି ସଇଲାୟ୍ ।" 6 "ମଃତର୍ ମଃଜାରାତି ବଃଲ୍,
'ଏଦେ ଦଃକା, ବଃର ଆୟ୍ଲାନି, ଆସା ବେଟୁକ୍ ଜୁଆଁ,' ବଃଲି
ଲକ୍ମଃନ୍ ଉଲ୍ଗାଟ୍ ଅୟଃଲାୟ୍ । 7 ସଃଡେବଃଲ୍ ସେ ଦଃସ୍ଗଟ୍
ଦଃଙ୍ଗ୍ଳିମଃନ୍ ଉଟି ଅଃହ୍ଣା ଅଃହ୍ଣାର୍ କୁପି ହଃଜାଲ୍ଲାୟ୍ ।
8 ତାର୍ହଃଚେ ସେ ନିର୍ବୁଦିଆଣି ଦଃଙ୍ଗ୍ଳିମଃନ୍ ସେ ବୁଦିଆଣି
ଦଃଙ୍ଗ୍ଳିମଃନ୍କେ କୟ୍ଲାୟ୍, 'ତୁମାର୍ ଚିକଣ୍ ଅଃମିକ୍ କଃଣ୍ଟେକ୍
ଦିଆ, କାୟ୍ତାକ୍ବଃଲେକ୍ ଅଃମାର୍ କୁପିସଃବୁ ଲିବି ଜଃଉଁଲି ।'
9 ମଃତର୍ ବୁଦିଆଣି ଦଃଙ୍ଗ୍ଳିମଃନ୍ କୟ୍ଲାୟ୍, 'ନାୟ୍, ନାୟ୍,
ନାୟ୍, ତୁମାର୍ ଅଃମାର୍ ଗିନେ ଚିକଣ୍ ନଃକେଟେ । ଦୁକାଣେ
ଜାୟ୍ ନିଜାର୍ ନିଜାର୍ ଗିନେ ଚିକଣ୍ ଗେନି ଆଣା ।' 10 ମଃତର୍
ସେମଃନ୍ ଚିକଣ୍ ଗେନୁକ୍ ଜାତାବଃଲ୍ ବଃର ଆୟ୍ଲା, ଆର୍ ଜୁୟ୍
ହାଁଚ୍ ଗଟ୍ ଦଃଙ୍ଗ୍ଳିମଃନ୍ ତିଆର୍ ଅୟ୍ରିଲାୟ୍, ସେମଃନ୍ ବଃର
ସଃଙ୍ଗ୍ ବିବା ଗଃରେ ହୁର୍ଲାୟ୍, ଆର୍ ଦୁଆର୍ ଡାହାଅୟ୍ଲି ।" 11
"ତାର୍ହଃଚେ ସେ ହାଁଚ୍ଗଟ୍ ନିର୍ବୁଦିଆଣି ଦଃଙ୍ଗ୍ଳିମଃନ୍ ହେଁ ଆସି
କୟ୍ଲାୟ୍, 'ଏ ମାପ୍ରୁ, ଏ ମାପ୍ରୁ, ଅଃମାର୍ ଗିନେ କଃହାଟ୍ ଉଗାଳା
।' 12 ମଃତର୍ ବଃର ସେମଃନ୍କେ କୟ୍ଲା, 'ମୁଁୟ୍ ତୁମିମଃନ୍କେ
ସଃତ୍ କଃଉଁଲେ, ମୁଁୟ୍ ତୁମିମଃନ୍କେ ନଃଜାଣି ।'" 13 ଇ କଃତା
କୟ୍ ସଃରାୟ୍ ଜିସୁ କୟ୍ଲା, "ତଃବେ ଜଃଗ୍ରାତ୍ ଅୟ୍ରିଆ,
କାୟ୍ତାକ୍ବଃଲେକ୍ ତୁମିମଃନ୍ ନଃରାର୍ ହୟ୍ସି ଆସ୍ତାର୍ ସେଦିନ୍

କି ସେବେଲା ନଃଜାଣାସ୍ ।” 14 “ଗଟ୍ ଦିନ୍ ଗଟ୍ ଲକ୍ ଅଃହ୍‌ଣାର୍
ଗତିଦଃଙ୍ଗ୍‌ଲାମଃନ୍‌କ୍ କୁଦିକଃରି ଅଃହ୍‌ଣାର୍ ସଃବୁ ଦଃନ୍‌ବିଡ୍
ତାକାର୍ ଆତେ ସଃର୍ହି ଦିଲା, ଆର୍ ବିଦେସ୍ ଜଃଉଁକେ ବାରାୟ୍‌ଲା,
ସଃର୍ଗ୍ ରାଇଜ୍ ଇହର୍ । 15 ସେ ଗଟ୍ ଲକ୍‌କେ ହାଁଚ୍ ଅଃଜାର୍
ରୁହା ଟଃକା ଆର୍ ଗଟ୍ ଲକ୍‌କେ ଦୁୟ୍ ଅଃଜାର୍ ରୁହା ଟଃକା
ଆର୍ ଗଟ୍ ଲକ୍‌କେ ଗଟେକ୍ ଅଃଜାର୍ ରୁହା ଟଃକା, ଇରଃକମ୍
ସେମଃନ୍‌କେ ସେମଃନାର୍ ହାର୍ତା ସଃକାତ୍ ଦଃକି ଦଃୟ୍‌କଃରି, ସେ
ବିଦେସ୍ ଗଃଲା । 16 ଜୁୟ୍ ଦଃଙ୍ଗ୍‌ଲା ହାଁଚ୍ ଅଃଜାର୍ ରୁହା ଟଃକା
ହାୟ୍‌ରିଲା, ସେ ସଃଙ୍ଗେ ସଃଙ୍ଗେ ସେରି ବେବାର୍ କଃରି ଆରେକ୍
ହାଁଚ୍ ଅଃଜାର୍ ରୁହା ଟଃକା ଲାବ୍ କଃଲା । 17 ସେରଃକମ୍ ଦୁୟ୍
ଅଃଜାର୍ ରୁହା ଟଃକା ହାୟ୍‌ରିଲା, ସେ ହେଁ ଆରେକ୍ ଦୁୟ୍ ଅଃଜାର୍
ରୁହା ଟଃକା ଲାବ୍ କଃଲା । 18 ମଃତର୍ ଜୁୟ୍ ଦଃଙ୍ଗ୍‌ଲା ଗଟେକ୍
ଅଃଜାର୍ ରୁହା ଟଃକା ହାୟ୍ ରିଲା, ସେ ଜାୟ୍ ଗଟ୍ କାଲ୍ କଃଣି
ଅଃହ୍‌ଣାର୍ ସାଉକାରାର୍ ସେ ଟଃକାକ୍ ତହିକଃରି ମାଟାୟ୍ ଲୁକାୟ୍
ରିଲା ।” 19 “ବୁତେକ୍ ଦିନାର୍ ହଃଚେ ସେ ଗତିଦଃଙ୍ଗ୍‌ଲାମଃନାର୍
ସାଉକାର୍ ବାଉଲି ଆସି ସେମଃନାର୍ ସଃଙ୍ଗ୍ ତଃହ୍‌ଣା ଦଃୟ୍‌ରିଲା
ଟଃକାର୍ ଇସାବ୍ କଃରୁକେ ଦଃର୍ଲା । 20 ଜୁୟ୍ ଦଃଙ୍ଗ୍‌ଲା ହାଁଚ୍
ଅଃଜାର୍ ରୁହା ଟଃକା ହାୟ୍‌ରିଲା, ସେ ଆରେକ୍ ହାଁଚ୍ ଅଃଜାର୍
ରୁହା ଟଃକା ଆଣି କୟ୍‌ଲା, ‘ସାଉକାର୍ ତୁୟ୍ ମକ୍ ହାଁଚ୍ ଅଃଜାର୍
ରୁହା ଟଃକା ଦଃୟରିଲିସ୍, ଦଃକ୍, ଅଃବେ ମୁଁୟ୍ ଆରେକ୍ ହାଁଚ୍
ଅଃଜାର୍ ରୁହା ଟଃକା ବେବାର୍ କଃରି ଲାବ୍ କଃରି ଆଚି ।’ 21
ତାର୍ ସାଉକାର୍ ତାକ୍ କୟ୍‌ଲା, ‘ବଃଡେ ସଃତ୍, ଆର୍ ସଃତ୍
ଗତିଦଃଙ୍ଗ୍‌ଲା, ତୁୟ୍ ଅଃଳକ୍ କଃତାୟ୍ ମାୟଃନ୍‌କାରି ଅୟ୍‌ଲିସ୍,
ମୁଁୟ୍ ତକେ ବୁତେକ୍ ବିସୟେ ଅଃଦିକାର୍ ଦଃୟ୍‌ନ୍ଦ୍, ତୁୟ୍ ତର୍
ସାଉକାର୍ ସଃଙ୍ଗ୍ ମିସି ସଃର୍ଦା କଃର୍ ।’” 22 “ତାର୍‌ହଃଚେ
ଜୁୟ୍ ଦଃଙ୍ଗ୍‌ଲା ଦୁୟ୍ ଅଃଜାର୍ ରୁହା ଟଃକା ହାୟ୍‌ରିଲା ସେ
ହେଁ ଆସି କୟ୍‌ଲା, ‘ସାଉକାର୍ ତୁୟ୍ ମକ୍ ଦୁୟ୍ ଅଃଜାର୍ ରୁହା
ଟଃକା ଦଃୟରିଲିସ୍, ଦଃକ୍ ମୁଁୟ୍ ଆରେକ୍ ଦୁୟ୍ ଅଃଜାର୍ ରୁହା
ଟଃକା ଲାବ୍ କଃରି ଆଚି ।’ 23 ତାର୍ ସାଉକାର୍ ତାକ୍ କୟ୍‌ଲା,
‘ତୁୟ୍ ବଃଡେ ସଃତ୍ ଗତିଦଃଙ୍ଗ୍‌ଲା, ତୁୟ୍ ଅଃଳକ୍ କଃତାୟ୍
ମାୟଃନ୍‌କାରି ଅୟ୍‌ଲିସ୍, ତକେ ବୁତେକ୍ କଃତା ଉହ୍ରେ ଅଃଦିକାର୍
ଦଃୟ୍‌ନ୍ଦ୍ । ତୁୟ୍ ଅଃହ୍‌ଣାର୍ ସାଉକାର୍ ସଃଙ୍ଗ୍ ମିସି ସଃର୍ଦା କଃର୍
।’” 24 “ତାର୍‌ହଃଚେ ଜୁୟ୍ ଦଃଙ୍ଗ୍‌ଲା ଗଟେକ୍ ଅଃଜାର୍ ରୁହା
ଟଃକା ହାୟ୍‌ରିଲା ସେ ହେଁ ଆସି କୟ୍‌ଲା, ‘ସାଉକାର୍ ଦଃକ୍, ତୁୟ୍
ବଃଡେ ଅଃଟୁଆ ମଃନାର୍ ଲକ୍ । ତୁୟ୍ ଜୁୟ୍‌ତି ବୁଣି ନଃରେସି
ସେତି କାଟ୍‌ସି ଆର୍ ଜୁୟ୍‌ତି ତୁୟ୍ ଉଡାଳି ନଃରେସି ସେତି
ରୁଣ୍ଡାଉସି, ଇରି ମୁଁୟ୍ ଜାଣିରିଲେ । 25 ଇତାର୍ ଗିନେ ମୁଁୟ୍ ତକେ
ଡିରିକଃରି ତର୍ ଟଃକାକ୍ ମାଟିତଃଳେ ତହି ଲୁକାୟ୍ ସଃଙ୍ଗ୍‌ଲାୟ୍
ରିଲେ, ଦଃକ୍ ତୁୟ୍ ନିଜାର୍ ଟଃକା ହାୟ୍‌ଲିସ୍ ।’” 26 “ମଃତର୍
ତାର୍ ସାଉକାର୍ ତାକ୍ କୟ୍‌ଲା, ‘ଏରେ ଦୁସ୍ଟ ଆର୍ ଅଃଳ୍‌ସିଆ
ଗତିଦଃଙ୍ଗ୍‌ଲା, ମୁଁୟ୍ ଜୁୟ୍‌ତି ବୁଣି ନଃରେୟ୍ ସେତି କାଟିନ୍ଦ୍, ଆର୍
ଜୁୟ୍‌ତି ତାସ୍ ଉଡାଳି ନଃକେରି ସେତି ରୁଣ୍ଡାୟ୍‌ନ୍ଦ୍, ଇରି କାୟ୍ ତୁୟ୍
ଜାଣିରିଲିସ୍? 27 ତଃବେ ତୁୟ୍ କଃଣ୍ତର୍ ଲାଗାୟ୍ ରିଲେକ୍, ମୁଁୟ୍
ଆସି କଃଣ୍ତର୍ ସଃଙ୍ଗ୍ ମର୍ ଟଃକା ହାୟ୍‌ଲେହୁଣି ।’ 28 ଆରେକ୍
ସାଉକାର୍ କୟ୍‌ଲା, ‘ଇ ଲକାର୍ ତଃୟ୍‌ହୁଣି ଇ ଟଃକା ନଃୟ୍ ଜାର୍
ଦଃସ୍ ଅଃଜାର୍ ଟଃକା ଆଚେ, ତାକ୍ ଦିଆସ୍ । 29 ବଃଲେକ୍ ଜୁୟ୍
ଲକାର୍ ଆଚେ ତାକ୍ ଦିଆ ଅୟ୍‌ଦ୍ ଆର୍ ତାର୍ ଜଃବର୍ ଅୟ୍‌ଦ୍ ।
ମଃତର୍ ଜାର୍ ନାୟ୍, ତାର୍ ହାକ୍ ଜାୟ୍‌ରି ଆଚେ, ସେରି ହେଁ ତାର୍
ତଃୟ୍‌ହୁଣି ନିଆ ଅୟ୍‌ଦ୍ । 30 ଆର୍ ତୁମିମଃନ୍ ଇ ଅଃଳ୍‌ସିଆ
ଗତିଦଃଙ୍ଗ୍‌ଲାକ୍ ହଃଦାୟ୍ ଅଃନ୍ଦାରେ ହଃକାଉଆ, ସେତି ସେ
କାନ୍ଦି କାନ୍ଦି ଦାତ୍ ଚାବି ଅୟ୍‌ଦ୍ ।’” 31 “ଜଃଡେବଃଳ୍ ସଃବୁ
ସଃର୍ଗ୍‌ଦୁତ୍ ସଃଙ୍ଗ୍ ରଃଜା ଅୟ୍ ଜଃକ୍‌ମାନ୍ ସଃଙ୍ଗ୍ ନଃରାର୍ ହୟ୍‌ସି
ଆସେଦ୍, ସଃଡେବଃଳ୍ ସେ ଅଃହ୍‌ଣାର୍ ଜଃକ୍‌ମାନ୍ ସିଙ୍ଗ୍‌ସଣ୍
ଉହ୍ରେ ବଃସେଦ୍ । 32 ଆରେକ୍ ତାର୍ ମୁଏଁ ସଃବୁ ବାସାର୍
ଲକ୍‌ମଃନ୍‌କେ ଗଟେତଃୟ୍ଁ କଃରା ଅୟ୍‌ଦ୍, ଆର୍ ସେମଃନ୍‌କେ
ଦୁୟ୍ ଦଃଳ୍ କଃରି ବାଗ୍ କଃରେଦ୍, ଜଃନ୍‌କଃରି ଗଃଉଳିଆ
ଚେଳିକ୍ ଆର୍ ମେଣ୍ଡାକେ ଅଃଲ୍‌ଗା କଃରି, 33 ମେଣ୍ଡାମଃନ୍‌କେ
ତାର୍ କାତା ବାଟ୍ୟା ଆର୍ ଚେଳିମଃନ୍‌କେ ତାର୍ ଡେବ୍ରି ବାଟ୍ୟା
ଟିଆ କଃରେଦ୍ । 34 ତାର୍‌ହଃଚେ ରଃଜା ତାର୍ କାତା ବାଟ୍ୟାର୍
ଲକ୍‌ମଃନ୍‌କେ କୟ୍‌ଦ୍, ‘ଆସା, ମର୍ ଉବାର୍ ଆସିର୍ବାଦ୍ ହାୟ୍‌ଲା
ଲକ୍‌ମଃନ୍ । ତୁମାର୍ ଗିନେ ଜଃଗତାର୍ ଆରୁମେ ଜୁୟ୍ ରାଇଜ୍
ତିଆର୍ ଅୟ୍‌ଆଚେ, ଆସା ସେ ରାଇଜାର୍ ଅଃଦିକାରି ଅଃଉଆ
। 35 ବଃଲେକ୍ ମୁଁୟ୍ ବୁକେ ରିଲେ, ତୁମିମଃନ୍ ମକ୍ କାଉଁକେ
ଦିଲାସ୍; ଆର୍ ମୁଁୟ୍ ସସେ ରିଲେ, ତୁମିମଃନ୍ ମକ୍ ହାଣି ସକୁକ୍
ଦିଲାସ୍; ମୁଁୟ୍ ହଃର୍‌ବାସି ରିଲେ, ମକ୍ ରେଉଁକ୍ ତୁମାର୍ ଗଃରେ
ଟାଣ୍ ଦିଲାସ୍; 36 ମୁଁୟ୍ ନଃଗ୍‌ଲା ରିଲେ, ତୁମିମଃନ୍ ମକ୍ ବଃସ୍ତ୍ରର୍
ହିନ୍ଦାୟ୍‌ଲାସ୍; ମଃଲୁହଃଳି ରିଲାବଃଳ୍ ମର୍ ଜଃତ୍ନ୍ କଃଲାସ୍;
ମୁଁୟ୍ ଜଃଇଲ୍‌ବିତ୍ରେ ରିଲେ ତୁମିମଃନ୍ ମକ୍ ଦଃକୁକେ ଆସି ରିଲାସ୍
।’” 37 “ତଃବେ ଦଃର୍ମି ଲକ୍‌ମଃନ୍ ତାକ୍ କଃଉତି, ‘ଏ ମାପୁ ଅଃମି
କଃବେ ତକେ ବୁକେ ରିଲାର୍ ଦଃକି କାଉଁକେ ଦଃୟ୍‌ରିଲୁ? ଆର୍
ସସେ ରିଲାର୍ ଦଃକି ହାଣି ସକୁକ୍ ଦଃୟ୍‌ରିଲୁ? 38 ଆର୍ କଃବେ
ତକେ ହଃର୍‌ବାସି ରିଲାର୍ ଦଃକି, ଅଃମାର୍ ଗଃରେ ଟାଣ୍ ଦିଲୁ?
ଆର୍ ତକେ ନଃଗ୍‌ଲା ଦଃକି ବଃସ୍ତ୍ରର୍ ହିନ୍ଦାୟ୍‌ଲୁ? 39 ଆର୍ କଃବେ
ତୁୟ୍ ମଃଲୁହଃଳି ରିଲାବଃଳ୍ ଆର୍ ଜଃଇଲେ ରିଲା ବଃଳ୍ ଅଃମି
ତର୍ ଲଃଗେ ଆସିରିଲୁ?’ 40 ସଃଡେବଃଳ୍ ରଃଜା ସେମଃନ୍‌କେ
କୟ୍‌ଦ୍, ‘ମୁଁୟ୍ ତୁମିକେ ସଃତ୍ କଃଉଁଲେ, ତୁମିମଃନ୍ ଜଃଡେବଃଳ୍
ମର୍ ଇ ଇନସ୍ତା ବାୟ୍‌ମଃନାର୍ ବିତ୍ରେ ଗଟେକ୍ ନିଗାଲ୍ ଲକ୍‌କେ
ଇସଃବୁ କଃରି ରିଲାସ୍ ବଃଲି ସେରି ସଃବୁ ତୁମିମଃନ୍ ମକେ
କଃରିଆଚାସ୍ ।’” 41 “ତାର୍‌ହଃଚେ ରଃଜା ତାର୍ ଡେବ୍ରି ବାଟ୍ୟାର୍
ଲକ୍‌ମଃନ୍‌କେ ହେଁ କୟ୍‌ଦ୍, ‘ଏ ଇସ୍ୱରାର୍ ସାୟ୍‌ପ୍ ହାୟ୍‌ଲା
ଲକ୍‌ମଃନ୍ ମର୍ ମୁୟେଁହୁଣି ଦୁର୍ ଅଃଉଆ! ଆର୍ ସୟ୍‌ତାନ୍ ଆର୍
ତାର୍ ଦୁତ୍ ମଃନାର୍ ଗିନେ ସଃବୁ ଦିନାର୍ ହାଁୟ୍ ଜୁୟ୍ ଜୟ୍ ତିଆର୍

ଅୟ୍‌ଆଚେ ସେତି ଜଃହା । (aiōnios g166) 42 ବଃଲେକ୍ ମୁଁୟ୍
ବୁକେ ରିଲେ ତୁମିମଃନ୍ ମକ୍ କାଉଁକେ ନଃଦିଲାସ୍; ସସେ ରିଲେ,
ମକେ ହାଣି ସକୁକ୍ ନଃଦିଲାସ୍ । 43 ମୁଁୟ୍ ହଃର୍‌ବାସି ରିଲେ, ମକ୍
ତୁମିମଃନ୍ ଟାଣ୍ ନଃଦିଲାସ୍; ମୁଁୟ୍ ନଃଗ୍‌ଲା ରିଲେ, ମକ୍ ବଃସ୍ତୁର୍
ହିନ୍ଧୁକେ ନଃଦିଲାସ୍; ମୁଁୟ୍ ମଃଲୁହଃଳି ରିଲେ ଆର୍ ଜଃଇଲେ
ରିଲେ, ମକ୍ ଦଃକୁକେ ନାୟ୍‌ଲାସ୍ ।'" 44 "ତଃବେ ସେମଃନ୍ ହେଁ
କଃଉତି, 'ଏ ମାପ୍ରୁ, କଃବେ ଅଃମିମଃନ୍ ତକେ ବୁକେ ରିଲାର୍ କି
ସସେ ରିଲାର୍, ଆର୍ ହଃର୍‌ବାସି ରିଲାର୍ କି ନଃଗ୍‌ଲା ରିଲାର୍,
ଆର୍ ମଃଲୁହଃଳି ରିଲାର୍ କି ଜଃଇଲେ ରିଲାର୍ ଦଃକି ତର୍ ସେବା
ନଃକେଲୁ?' 45 ତଃବେ ରଃଜା ସେମଃନ୍‌କେ କୟ୍‌ଦ୍, 'ମୁଁୟ୍
ତୁମିକେ ସଃତ୍ କଃଉଁଲେ, ଇ ଇନସ୍ତା ଲକାର୍ ବିତ୍ରାର୍ ଗଟେକ୍
ନିଗାଲ୍ ଲକ୍‌କେ ହେଁ ଇ ସଃବୁ କଃରି ନଃରିଲାର୍‌ଗିନେ ତୁମିମଃନ୍
ମକ୍ ନଃକେଲାସ୍ ।' 46 ଆର୍ ଇ ଲକ୍‌ମଃନ୍ ସଃବୁ ଦିନାର୍ ଗିନେ
ଡଃଣ୍ଡ ବଃଗ୍‌ତି, ମଃତର୍ ଦଃର୍ମି ଲକ୍‌ମଃନ୍ ସଃବୁ ଦିନାର୍ ଗିନେ
ଅଃମ୍ବ୍ରର୍ ଜିବନ୍ ଅଃଦିକାରି କଃରୁକେ ଜାତି ।" (aiōnios g166)

**26** ଜିସୁ ଇ ସଃବୁ କଃତା କୟ୍‌ଲା ହଃଚେ, ତାର୍
ଚେଲାମଃନ୍‌କେ କୟ୍‌ଲା, 2 "ମୁକ୍ଲାଉଁଣି ହଃର୍ବ୍ ଅଃଉଁକେ
ଅଃବେ ଦୁୟ୍ ଦିନ୍ ଆଚେ, ଇରି ତୁମିମଃନ୍ ଜାଣାସ୍ । ଆରେକ୍
ସଃଡେବଃଲ୍ କୁସ୍ କାଟେ ମଃରୁକ୍ ନଃରାର୍ ହୟ୍‌ସି ସଃହ୍ରି
ଅୟ୍‌ଦ୍ ।" 3 ସଃଡେବଃଲ୍ ବଃଡ୍ ଜାଜକ୍ ଆର୍ ଲକ୍‌ମଃନାର୍
ପାରାଚିନ୍‌ମଃନ୍ କୟାପା ନାଉଁଆର୍ ମୁଲ୍ ଜାଜକାର୍ କୁଆଲେ
ରୁଣ୍ଡ୍‌ଲାୟ୍ । 4 ଆର୍ ସେମଃନ୍ ଜିସୁକେ କେ ନଃଜାଣ୍‌ଲା ହର୍
ଦଃରି ମାରୁକ୍ କୁଟ୍ କଃଲାୟ୍ । 5 ମଃତର୍ ସେମଃନ୍ କୟ୍‌ଲାୟ୍,
"ହଃର୍ବ୍ ବଃଲ୍ ନୟ୍, କେଜାଣ୍ ଲକ୍‌ମଃନାର୍ ବିତ୍ରେ ମାଡ୍‌ଗଲ୍
ଅଃଉତି ।" 6 ଜିସୁ ବେତାନିଆର୍ ବଃଡ୍ ରଗେ ହୁଣି ଉଜ୍ ଅୟ୍‌ରିଲା
ସିମନ୍ ଗଃରେ ରିଲାବଃଲ୍, 7 ଗଟ୍ ମାୟ୍‌ଜି ଆଲାବାସ୍ଟେର୍
ନାଉଁଆର୍ ଟେଲାୟ୍ ତିଆର୍ ଅୟ୍‌ଲା କର୍ଣ୍ଡାୟ୍ ବେସି ମଲାର୍ ବାସ୍ନା
ଚିକଣ୍ ଦଃରି ଜିସୁର୍ ହାକ୍ ଆୟ୍‌ଲି, ଆର୍ ଜିସୁ କାଉଁକେ ବଃସି
ରିଲାବଃଲ୍ ତାର୍ ମୁଣ୍ଡେ ଡାଲୁକ୍ ଦଃର୍ଲି । 8 ଚେଲାମଃନ୍ ଇ
ସଃବୁ ଦଃକି ରିସା ଅୟ୍ ତାକ୍ କୟ୍‌ଲାୟ୍, "ଅଃତେକ୍ ଚିକଣ୍
କାୟ୍‌ତାକ୍ ହର୍ଚ୍ ଅଃଉଁଲି? 9 ଇ ଚିକଣ୍ ତ ବୁତେକ୍ ମଲେ
ବିକିକଃରି ସେ ଡାବୁ ନୟ୍‌ଲା ଲକ୍‌ମଃନ୍‌କେ ଦିଲେକ୍ ଅୟ୍‌ଲି ହୁଣି
।" 10 ଜିସୁ ଚେଲାମଃନାର୍ କଃତା ସୁଣି ସେମଃନ୍‌କେ କୟ୍‌ଲା,
"କାୟ୍‌ତାକ୍ ତୁମିମଃନ୍ ଇ ମାୟ୍‌ଜିଟକିକ୍ କଃସ୍ଟ ଦେଉଁଲାସ୍? ସେ
ତ ମର୍ ଗିନେ ଗଟେକ୍ ବଃଡେ ନିକ ଆର୍ ସୁନ୍ଦ୍ରର୍ କାମ୍ କଃରି
ଆଚେ । 11 ଗଃରିବ୍ ଲକ୍‌ମଃନ୍ ତ ସଃବୁବଃଲ୍ ତୁମାର୍ ସଃଙ୍ଗେ
ଆଚ୍‌ତି, ମଃତର୍ ମୁଁୟ୍ ସଃବୁ ବଃଲ୍ ତୁମାର୍ ସଃଙ୍ଗ୍ ନଃରେୟ୍
। 12 ମଃତର୍ ସେ ମର୍ ଗଃଗାଲ୍ ଉହ୍ରେ ବାସ୍ନା ଚିକଣ୍ ଡାଳି
ମକ୍ ତହ୍‌ତା ଦିନାର୍ ଗିନେ ତିଆର୍ କଃଲା ହର୍ ଇରି କଃରି
ଆଚେ । 13 ମୁଁୟ୍ ତୁମିକେ ସଃତ୍ କଃଉଁଲେ, ଗୁଳା ଜଃଗତାର୍
ଜୁୟ୍ ଜୁୟ୍ ଜଃଗାୟ୍ ନିକ କବୁର୍ ପର୍ଚାର୍ ଅୟ୍‌ଦ୍, ସେ ଟାଣେ
ଇ ମାୟ୍‌ଜିଟକିକ୍ ମଃନେ ହଃକାଉତା ଗିନେ ସେ କଃରି ରିଲା
ଇ କାମାର୍ କଃତା ହେଁ କଃଉଆ ଅୟ୍‌ଦ୍ ।" 14 ସଃଡେବଃଲ୍
ବାରଗଟ୍ ଚେଲାମଃନାର୍ ବିତ୍ରେ ଇସ୍କାରିଅତ୍ ଜିଉଦା ନାଉଁଆର୍
ଗଟ୍ ଚେଲା ଜାଜକ୍ ହାକ୍ ଜାୟ୍‌କଃରି କୟ୍‌ଲା, 15 "ମକ୍ କାୟ୍‌ରି
ଦିଆସ୍ କଃଉଆ, ମୁଁୟ୍ ଜିସୁକେ ଦଃରାୟ୍ ଦଃୟ୍‌ନ୍ଦ?" ସେତାକ୍
ସେମଃନ୍ ତାକ୍ ତିରିସ୍ ଗଟ୍ ରୁହା ଟଃକା ଗଃଣିକଃରି ଦିଲାୟ୍ । 16
ସଃଡେବଃଲ୍ ହୁଣି ଜିଉଦା ଜିସୁକେ ସେମଃନାର୍ ଆତେ ଦଃରାୟ୍
ଦେଉଁକେ ବାଟ ଲଲୁକ୍ ଦଃର୍ଲା । 17 କମିର୍ ନୟ୍‌ଲା ରୁଟି ହଃର୍ବାର୍
ହଃର୍ତୁମ୍ ଦିନ୍ ଚେଲାମଃନ୍ ଜିସୁର୍ ଲଃଗେ ଆସିକଃରି ହଃଚାର୍ଲାୟ୍,
"ଅଃମିମଃନ୍ କୁୟ୍‌ଟାଣେ ମୁକ୍ଲାଉଁଣି ହଃର୍ବ୍ ବଜି ତିଆର୍ କଃରୁନ୍ଦ
ବଃଲି ତୁୟ୍ ମଃନ୍ କଃରୁଲିସ୍?" 18 ଜିସୁ ଚେଲାମଃନ୍‌କେ
କୟ୍‌ଲା, "ଗଃଲ୍ ବିତ୍ରେ ହଃଲ୍‌ନା ଲକାର୍ ହାକ୍ ଜାୟ୍, ତାକ୍
କଃଉଆ, ଗୁରୁ କଃଉଁଲା, 'ମର୍ ବେଳା ଚଃମେ ଅୟ୍‌ଲିନି, ମୁଁୟ୍
ମର୍ ଚେଲାମଃନାର୍ ସଃଙ୍ଗ୍ ତର୍ ଗଃରେ ମୁକ୍ଲାଉଁଣି ହଃର୍ବ୍ କାଉଁନ୍ଦ
।'" 19 ସେତାକ୍ ଚେଲାମଃନ୍ ଜିସୁ କୟ୍‌ଲା ହର୍ ମୁକ୍ଲାଉଁଣି ହଃର୍ବ୍
ବଜି ତିଆର୍ କଃଲାୟ୍ । 20 ହଃଚେ ସଃଞ୍ଜ ଅୟ୍‌ଲାକ୍ ଜିସୁ
ତାର୍ ବାରଗଟ୍ ଚେଲାମଃନାର୍ ସଃଙ୍ଗ୍ କାଉଁକେ ବଃସ୍‌ଲା । 21
ସେମଃନ୍ କାତି ରିଲାବଃଲ୍ ଜିସୁ କୟ୍‌ଲା, "ମୁଁୟ୍ ତୁମିକେ ସଃତ୍
କଃଉଁଲେ, ତୁମାର୍ ବିତ୍ରେ ଗଟ୍‌ଲକ୍ ମକ୍ ସଃତୁମଃନାର୍ ଆତେ
ଦଃରାୟ୍ ଦଃୟ୍‌ଦ୍ ।" 22 ଇ କଃତା ସୁଣି ଚେଲାମଃନ୍ ବଃଡେ
ଦୁକ୍ କଃଲାୟ୍, ଆର୍ ସଃବୁ ଚେଲା ଜିସୁକେ ହଃଚାରୁକ୍ ଦଃର୍ଲାୟ୍,
"ମାପ୍ରୁ ମୁଁୟ୍ କି ସେ ଲକ୍?" 23 ଜିସୁ କୟ୍‌ଲା, "ଜେ ମର୍
ସଃଙ୍ଗ୍ କପାୟ୍ ଆତ୍ ବୁଡାୟ୍‌ଦ୍, ସେ ମକ୍ ସଃତୁର୍ ଆତେ ସଃହ୍ରି
ଦଃୟ୍‌ଦ୍ । 24 ନଃରାର୍ ହୟ୍‌ସିର୍ କଃତା ସାସ୍ତରେ ଜଃନ୍‌କଃରି
ଲେକା ଅୟ୍‌ଆଚେ, ସେରଃକମ୍ ସେ ମଃରୁକ୍ ଜଃଉଁଲା ସଃତ୍,
ମଃତର୍ ଜୁୟ୍ ଲକାର୍ ଆତେହୁଣି ନଃରାର୍ ହୟ୍‌ସି ସଃତୁର୍
ଆତେ ଦଃରାୟ୍ ଅଃଉଁଲା, ଚି ସେ ଦଃଣ୍ଡାର୍ ଜୟ୍‌ଗ୍, ସେଲକାର୍
ଜଃଲମ୍ ଅୟ୍‌ନଃରିଲେକ୍ ନିକ ଅୟ୍‌ଲି ହୁଣି ।" 25 ଇତାକ୍ ଜୁୟ୍
ଜିଉଦା ଜିସୁକେ ସଃତୁର୍ ଆତେ ସଃହ୍ରିଦିଲା, ସେ ହଃଚାର୍ଲା,
"ଗୁରୁ, ସେ ଲକ୍ କି ମୁଁୟ୍?" ଜିସୁ ତାକ୍ କୟ୍‌ଲା, "ହେଁ ତୁୟ୍
କୟ୍ ଆଚ୍‌ସି ।" 26 ଆର୍ ସେମଃନ୍ କାତି ରିଲାବଃଲ୍ ଜିସୁ
ରୁଟି ଦଃରି ଇସ୍ୱର୍‌କେ ଦନ୍ୟବାଦ୍ ଦିଲା ଆର୍ ସେରି ଆସିର୍ବାଦ୍
କଃରି ଚେଲାମଃନ୍‌କେ ଦଃୟ୍ କୟ୍‌ଲା, "ନିଆ କାହା, ଇରି ମର୍
ଗଃଗାଲ୍ ।" 27 ହଃଚେ ସେ ଗଟେକ୍ କପାୟ୍ ଅଙ୍ଗୁର୍ ରଃସ୍ ଦଃରି
ଇସ୍ୱର୍‌କେ ଦନ୍ୟବାଦ୍ ଦିଲା ଆର୍ ଚେଲାମଃନ୍‌କେ ଦଃୟ୍ କୟ୍‌ଲା,
"ଇରି ସଃବୁଲକ୍ ତୁକା, 28 ଇରି ମର୍ ବଃନି, ଲକ୍‌ମଃନାର୍ ହାହ୍
କେମା ଗିନେ ମୁଁୟ୍ ମର୍ ଜୁୟ୍ ବଃନି ଡାଳି ଦେଉଁକେ ଜଃଉଁଲେ,
ଜୁୟ୍‌ରି ଇସ୍ୱରାର୍ ନଃଉଆଁ ବିଦିର୍ ଗଟ୍ ଚିନ୍ । 29 ମଃତର୍
ମୁଁୟ୍ ତୁମିମଃନ୍‌କେ କଃଉଁଲେ, ଜୁୟ୍ ଦିନ୍ ମୁଁୟ୍ ମର୍ ଉବାର୍
ରାଇଜେ ତୁମାର୍ ସଃଙ୍ଗ୍ ନଃଉଆକଃରି ଅଙ୍ଗୁର୍ ରଃସ୍ ତୁକିନ୍ଦ,
ସେଦିନ୍ ହଃତେକ୍ ଆଜିହୁଣି ମୁଁୟ୍ ଇରି କଃବେହେଁ ନଃକାୟ୍ଁ ।"

30 ଆରେକ୍ ସେମଃନ୍ ଦନ୍ୟବାଦ୍ ଗିତ୍ କୟ୍ଲା ହଃଚେ ଜିତ୍
ଡଙ୍ଗେ ଗଃଲାୟ୍ । 31 ସଃଡେବଃଲ୍ ଜିସୁ ସେମଃନ୍‌କେ କୟ୍ଲା,
"ଆଜି ରାତି ତୁମିମଃନ୍ ସଃବୁ ଲକ୍ ମକ୍ ଚାଡି ହଃଲାଉଆସ୍,
କାୟ୍‌ତାକ୍‌ବଃଲେକ୍ ସାସ୍ତରେ ଲେକା ଆଚେ, 'ଅଃମି ମେଣ୍ଡା
ଗଃଉଳିଆକ୍ ମାରୁଆଁ ଆର୍ ମଃନ୍ଦାର୍ ମେଣ୍ଡାମଃନ୍ ଜଃତ୍‌କଃତ୍
ଅଃଉତି ।' 32 ମଃତର୍ ମୁଁୟ୍ ମଃରିକଃରି ଆରେକ୍ ଉଟ୍‌ଲା
ହଃଚେ, ତୁମାର୍ ଆଗେ ଗାଲିଲିକେ ଜାୟ୍‌ନ୍ଦ ।" 33 ମଃତର୍
ପିତର୍ ଜିସୁକେ କୟ୍ଲା, "ଅୟ୍‌ଲେକ୍ ହେଁ ସଃବୁଲକ୍ ତକେ
ଚାଡି ହଃଲାଉତି, ମଃତର୍ ମୁଁୟ୍ କଃବେ ହେଁ ଚାଡି ନଃଜାୟ୍ଁ
।" 34 ଜିସୁ ପିତର୍‌କେ କୟ୍ଲା, "ମୁଁୟ୍ ତକେ ସଃତ୍ କଃଉଁଲେ,
ଆଜି ରାତି କୁକ୍ଲା ନଃବାସ୍ତା ଆଗ୍‌ତୁ ତୁୟ୍ ମକ୍ ନଃଜାଣି ବଃଲି
ତିନିତର୍ କଃଉସି ।" 35 ପିତର୍ ଜିସୁକେ କୟ୍ଲା, "ଜଦି ମକ୍
ତର୍ ସଃଙ୍ଗ ମଃରୁକ୍ ହଃଲେଦ୍ ତଃବେ ହେଁ ମୁଁୟ୍ ତକେ ନଃଜାଣି
ବଃଲି କଃବେ ହେଁ କଃଉନଃଚି ।" ଆର୍ ସଃବୁ ଚେଲାମଃନ୍
ହେଁ ସେରଃକମ୍ କୟ୍ଲାୟ୍ । 36 ଇତାର୍‌ହଃଚେ ଜିସୁ ତାର୍
ଚେଲାମଃନାର୍ ସଃଙ୍ଗ ଗେତ୍‌ସିମନି ନାଉଁଆର୍ ବାଳେ ଗଃଲାୟ୍,
ଜିସୁ ତାର୍ ଚେଲାମଃନ୍‌କେ କୟ୍ଲା, "ସେତି ଜାୟ୍ ମୁଁୟ୍ ପାର୍ତ୍‌ନା
କଃରି ଆସ୍ତା ହଃତେକ୍ ତୁମିମଃନ୍ ଇତି ବଃସିରିଆ ।" 37 ଜିସୁ
ପିତର୍ ଆର୍ ଜେବଦିର୍ ଜୁଳେକ୍ ହୟ୍‌ସିକ୍ ସଃଙ୍ଗେ ନିଲା, ଆର୍
ସେ ମଃନ୍ ବିତ୍ରେ ବଃୟ୍ଯା ବିକଲ୍ ଅଃଉଁକେ ଦଃର୍ଲା, 38 ଆର୍
ଜିସୁ ସେମଃନ୍‌କେ କୟ୍ଲା, "ମର୍ ହଃରାଣ୍ ମଃର୍ତା ହର୍ ଉକ୍ଳି
ଜଃଉଁଲି, ତୁମିମଃନ୍ ଇତି ରଃୟ୍ ଜାଗିରିଆ ।" 39 ଆରେକ୍
ଜିସୁ ଅଃଳକ୍ ଦୁରି ଆଗେ ଜାୟ୍‌କଃରି ମାଣ୍ଡିକୁଟା ଦଃୟ୍ ପାର୍ତ୍‌ନା
କଃରି କୟ୍ଲା, "ଏ ମର୍ ଉବା, ଜଦି ତର୍ ଇଚା, ତଃବେ ଇ ଦୁକ୍
କଃସ୍ଟାର୍ କପା ମର୍ ତଃୟ୍‌ହୁଣି ଦୁର୍ ଅଃଉଅ, ମଃତର୍ ଇରି ମର୍
ଇଚା ନାୟ୍, ତର୍ ଇଚା ।" 40 ଆର୍ ସେ ଚେଲାମଃନାର୍ ହାକ୍
ଆସି ସେମଃନ୍‌କେ ସଇରିଲାର୍ ଦଃକ୍ଲା, ଆର୍ ସେ ପିତର୍‌କେ
କୟ୍ଲା, "ତୁମିମଃନ୍ କାୟ୍ ମର୍ ସଃଙ୍ଗ ଚଃନେକ୍ ହେଁ ଜାଗୁ
ନାହାର୍ଲାସ୍? 41 ତୁମିମଃନ୍ ହାନ୍ଦାୟ୍ ଜଃନ୍‌କଃରି ନଃହେଳାସ୍,
ଇତାର୍ ଗିନେ ଜାଗି ରଃୟ୍ ପାର୍ତ୍‌ନା କଃରା; ତୁମାର୍ ଆତ୍ମାର୍
ଇଚା ସଃତ୍, ମଃତର୍ ଗଃଗାଲ୍ ଦୁର୍ବୁଲ୍ ।" 42 ଆରେକ୍ ଜିସୁ
ଆରେକ୍ ଗଟ୍‌ତର୍ ଜାୟ୍ ପାର୍ତ୍‌ନା କଃରି କୟ୍ଲା, "ଏ ମର୍
ଉବା, ନଃଡୁକ୍‌ଲେକ୍ ଦୁକ୍ କଃସ୍ଟାର୍ କପା ଜଦି ମର୍ ତଃୟ୍‌ହୁଣି
ଦୁର୍ ଅଃଉଁ ନାହାରେ, ତଃବେ ତର୍ ଇଚା ହୁରୁଣ୍ ଅଃଉଅ ।"
43 ତାର୍‌ହଃଚେ ଜିସୁ ବାଉଳି ଆସି ଆରେକ୍ ଚେଲାମଃନ୍‌କେ
ସଇରିଲାର୍ ଦଃକ୍ଲା, ବଃଲେକ୍ ସେମଃନାର୍ ଆକି ନିଦେ ଡାହି
ଅଃଉତି ରିଲି । 44 ସେତାକ୍ ଜିସୁ ଚେଲାମଃନ୍‌କେ ଚାଡି ଆରେକ୍
ପାର୍ତ୍‌ନା କଃରୁକେ ଗଃଲା, ଆରେକ୍ ଗଟ୍‌ତର୍ ସେରଃକମ୍ କଃତା
କୟ୍‌କଃରି ତିନିଜରା ପାର୍ତ୍‌ନା କଃଲା । 45 ତାର୍‌ହଃଚେ ସେ
ଚେଲାମଃନାର୍ ଲଃଗେ ବାଉଳି ଆସିକଃରି ସେମଃନ୍‌କେ କୟ୍ଲା,
"ଚଃନେକ୍ ହର୍ ସଇକଃରି ବିସାଉଆ, ଦଃକା ସେ ବେଲ୍ ଚଃମେ
ହଚ୍‌ଲିନି । ଆରେକ୍ ନଃରାର୍ ହୟ୍‌ସି ହାହିମଃନାର୍ ଆତେ ସଃହ୍ରି
ଅଃଉଁକେ ଜଃଉଁଲା । 46 ଉଟା, ଅଃମିମଃନ୍ ଜୁଆଁ, ହଦେ ଦଃକା!
ଜେ ମକ୍ ସଃତ୍ରୁର୍ ଆତେ ଦଃରାୟ୍ ଦଃୟ୍‌ଦ୍ ସେ ମର୍ ଲଃଗେ ଆସି
କେଟ୍‌ଲାବେ ।" 47 ଜିସୁ ଇ କଃତା କଃଉତି ରିଲାବଃଲ୍, ବାରଗଟ୍
ଚେଲାମଃନାର୍ ବିତ୍ରେ ଇସ୍କାରିଅତ୍ ଜିଉଦା ନାଉଁଆର୍ ଗଟ୍ ଚେଲା
ଆର୍ ତାର୍ ସଃଙ୍ଗ ଗଟ୍‌ମଃନ୍ଦା ଲକ୍ କଃଣ୍ଡା ଆର୍ ଟେଙ୍ଗା ଦଃରିକଃରି
ଆୟ୍‌ଲାୟ୍, ସେମଃନ୍‌କେ ବଃଡ୍ ଜାଜକ୍ ଆର୍ ଲକ୍‌ମଃନାର୍
ପାରାଚିନ୍‌ମଃନ୍ ହଃଟାୟ୍ ରିଲାୟ୍ । 48 ଆର୍ ଜିସୁକେ ସଃତ୍ରୁର୍
ଆତେ ସଃହ୍ରି ଦେତା ଜିଉଦା ଜିସୁ କୁୟ୍‌ରି ବଃଲି ସେମଃନ୍‌କେ
ଚିନାଉତା ଗିନେ ଇ ଚିନ୍ ଦଃୟ୍ କୟ୍‌ରିଲା, "ମୁଁୟ୍ ଜାକେ ଚୁମିନ୍ଦ
ସେ ହଃକା ଜିସୁ, ତାକ୍ ତୁମିମଃନ୍ ଦଃରା ।" 49 ଆର୍ ଜିଉଦା
ସେଦାହ୍ରେ ଜିସୁର୍ ଲଃଗେ ଆସି "ଏ ଗୁରୁ ଜୁଆର୍" ଇରି କୟ୍
ତାକ୍ ଚୁମ୍ଲା । 50 ମଃତର୍ ଜିସୁ ତାକ୍ କୟ୍ଲା, "ଏ ବାୟ୍,
ତୁୟ୍ ଜୁୟ୍ କାମ୍ କଃରୁକେ ଆସି ଆଚ୍‌ସି, ସେରି ବେଗି କଃର୍ ।"
ତାର୍‌ହଃଚେ ଜିଉଦା ସଃଙ୍ଗ ଆସିରିଲା ଲକ୍‌ମଃନ୍ ଜିସୁକେ ଦଃରି
ବାନ୍ଦ୍‌ଲାୟ୍ । 51 ଜିସୁର୍ ସଃଙ୍ଗେ ରିଲା ଗଟେକ୍ ଚେଲା ତାର୍
କଃଣ୍ଡା ବେଟିକଃରି ମୁଲ୍ ଜାଜକାର୍ ଗତିଦଃଙ୍ଗଲାର୍ କାନ୍ କାଟି
ହଃକାୟ୍ଲା । 52 ଜିସୁ ତାକ୍ କୟ୍ଲା, "ତର୍ କଃଣ୍ଡାକ୍ କାପ୍ ବିତ୍ରେ
ସଃଙ୍ଗାଉ, ବଃଲେକ୍ ଜୁୟ୍ ଲକ୍‌ମଃନ୍ କଃଣ୍ଡା ଦଃର୍ତି, ସେମଃନ୍
କଃଣ୍ଡା ସଃଙ୍ଗ ହଃକା ନାସ୍ ଅଃଉତି । 53 ଆରେକ୍ ତୁମିମଃନ୍
କାୟ୍‌ରି ମଃନେ ବାବୁଲାସ୍, ମୁଁୟ୍ ଜଦି ମର୍ ଉହ୍‌କାର୍ ଗିନେ ମର୍
ଉବାକ୍ ଗଃଉଆରି କଃଲେକ୍ ସେ ଅଃବେ ସଃଙ୍ଗେ ସଃଙ୍ଗେ ମର୍
ଗିନେ ବାରଗଟ୍ ନିଜାର୍ ଦଃଲ୍ ତଃୟ୍‌ହୁଣି ଅଃଦିକ୍ ସଃର୍ଗ୍ ଦୁତ୍‌କେ
ହଃଟାୟ୍‌ଦ୍ । 54 ତଃବେ ଇରଃକମ୍ ବାୟ୍‌ଦ୍‌ରେ ଗଃଟେଦ୍ ବଃଲି
ଦଃର୍ମ୍ ସାସ୍ତର୍ ତଃୟ୍ଁ ଜାୟ୍‌ରି ଲେକା ଆଚେ, ସେରି କଃନ୍‌କଃରି
ହୁରୁଣ୍ ଅୟ୍‌ଦ୍?" 55 ସଃଡେବଃଲ୍ ଜିସୁ ଲକ୍‌ମଃନ୍‌କେ କୟ୍ଲା,
"ଗଟେକ୍ କଃଙ୍ଗାର୍ ବିରଦେ ବାରାୟ୍‌ଲାହର୍ କଃଣ୍ଡା ଆର୍ ଟେଙ୍ଗା
ଦଃରି ତୁମିମଃନ୍ କାୟ୍‌ରି ମକ୍ ଦଃରୁକ୍ ଆୟ୍‌ଲାସ୍? ସଃବୁ
ଦିନ୍ ମୁଁୟ୍ ମନ୍ଦିର୍ ବିତ୍ରେ ବଃସି ସିକ୍ୟା ଦେତିରିଲେ, ମଃତର୍
ସଃଡେବଃଲ୍ ତୁମିମଃନ୍ ମକ୍ ନଃଦେର୍‌ଲାସ୍ । 56 ମଃତର୍
ବାବ୍‌ବାଦିମଃନାର୍ ଦଃର୍ମ୍‌ସାସ୍ତର୍ ଜଃନ୍‌କଃରି ହୁରୁଣ୍ ଅୟ୍‌ଦ୍
ସେତାକ୍ ଇସଃବୁ ଅୟ୍‌ଆଚେ ।" ସଃଡେବଃଲ୍ ସବୁ ଚେଲାମଃନ୍
ଜିସୁକେ ଚାଡି ହଃଲାୟ୍‌ଲାୟ୍ । 57 ଜୁୟ୍ ଲକ୍‌ମଃନ୍ ଜିସୁକେ
ଦଃର୍ଲାୟ୍, ଆର୍ ସେମଃନ୍ ତାକ୍ କୟ୍ଯାପା ମୁଲ୍ ଜାଜକ୍ ଗଃରେ
ନିଲାୟ୍ । ସେତି ଦଃର୍ମ୍‌ଗୁରୁ ଆର୍ ପାରାଚିନ୍‌ମଃନ୍ ରୁଣ୍ଡି ରିଲାୟ୍ ।
58 ପିତର୍ କଃଣ୍ଡେକ୍ ଦୁରିରଃୟ୍ ମୁଲ୍ ଜାଜକାର୍ କୁଆଲ୍ ହଃତେକ୍
ଜିସୁର୍ ହଃଚେହଃଚେ ଗଃଲା । ଜିସୁକେ ସେମଃନ୍ କଃନ୍‌କଃର୍ତି
ସେରି ଦଃକୁକେ ସେ ବିତ୍ରେ ଜାୟ୍ ଜାଗୁଆଳିମଃନାର୍ ସଃଙ୍ଗ
ବଃସିରିଲା । 59 ସଃଡେବଃଲ୍ ବଃଡ୍ ଜାଜକ୍ ମଃନ୍ ଆର୍ ସଃବୁ
ବଃଡ୍‌କୁଟୁମେ ବଃସିରିଲା ଜିଉଦି ଲକ୍‌ମଃନ୍ ଜିସୁକେ ମଃର୍ନେ
ମାରୁକ୍ ତାର୍ ବିରଦେ ମିଚ୍ ସାକିମଃନ୍‌କେ ଲଲୁକ୍ ଦଃର୍ଲାୟ୍ । 60

ଗାଦେକ୍ ଲକ୍ ଜିସୁର୍ ବିରଦେ ମିଚ୍ ସାକିମଃନ୍ ବାରାୟ୍ଲାୟ୍,
ମଃତର୍ କାୟ୍ରି ନଃହାୟ୍ଲାୟ୍ । ମଃତର୍ ସଃରାସଃରି ବଃଲ୍
ଦୁୟ୍ଲକ୍ ବାରାୟ୍ କୟ୍ଲାୟ୍, 61 "ଇ ମାନାୟ୍ କୟ୍ଆଚେ,
'ମୁଁୟ୍ ଇସ୍ୱରାର୍ ମନ୍ଦିର୍‌କେ ବାଙ୍ଗିକଃରି ସେରି ତିନିଦିନାର୍ ବିତ୍ରେ
ଆରେକ୍ ବାନ୍ଧ ହାରିନ୍ଦ ।'" 62 ମୁଲ୍ ଜାଜକ୍ ଟିଆ ଅୟ୍କଃରି
ଜିସୁକେ କୟ୍ଲା, "ତୁୟ୍ କାୟ୍ତାକ୍ କାୟ୍ରି ନଃକଉଁଲିସ୍? ତର୍
ବିରଦେ ଇମଃନ୍ ଜୁୟ୍ ସାକି ଦେଉଁଲାୟ୍, ଇରି କାୟ୍ରି?" 63
ମଃତର୍ ଜିସୁ ତୁନ୍‌ହାଲି ରିଲା; ସେତାକ୍ ମୁଲ୍ ଜାଜକ୍ ଜିସୁକେ
କୟ୍ଲା, "ମୁଁୟ୍ ତକେ ଜିବନ୍ ରିଲା ଇସ୍ୱରାର୍ ନାଉଁଏ ହଃର୍ମାଣ୍
କଃରି ହଃଚାରୁଲେ, ମକ୍ କଃଉ, ତୁୟ୍ କି ଇସ୍ୱରାର୍ ହୟ୍ସି
କ୍ରିସ୍ଟ ବଃଲେକ୍ ମସିଆ?" 64 ଜିସୁ ତାକ୍ କୟ୍ଲା, "ତୁୟ୍ ତ
କୟ୍ଲିସ୍, ଆରେକ୍ ମୁୟ୍ ତୁମିମଃନ୍‌କେ କଃଉଁଲେ, ଆଜିହୁଣି
ତୁମିମଃନ୍ ନଃରାର୍ ହୟ୍ସିକ୍ ସଃବ୍‌କେ ଉଟ୍ୟା ସଃକାତ୍ ଇସ୍ୱରାର୍
କାତା ବାଟ୍ୟା ବଃସି ରିଲାର୍ ଆର୍ ଅଃଗାସ୍ ଉହ୍ରେ ଆସ୍ତାର୍
ଦଃକାସ୍ ।" 65 ସେତାକ୍ ମୁଲ୍ ଜାଜକ୍ ଅଃହ୍‌ଣାର୍ ବଃସ୍ତର୍
ଚିରି କୟ୍ଲା, "ଇମାନାୟ୍ ଇସ୍ୱରାର୍ ଲିନ୍ଦା କଃଲା, ଅଃମାର୍
ଆର୍ ସାକି କାୟ୍ତାକ୍ ଲଳା? ଦଃକା ତୁମିମଃନ୍ ଅଃବେ ହେଁ
ଇସ୍ୱର୍‌କେ ଲିନ୍ଦା କଃଲାର୍ ସୁଣ୍‌ଲାସ୍ । 66 ତଃବେ ତୁମିମଃନ୍
କାୟ୍ରି ବଃଲୁଲାସ୍ ।" ସେତାକ୍ ସେମଃନ୍ କୟ୍ଲାୟ୍, "ସେ ଦସି,
ସେ ମଃର୍ନ୍ ଦଃଣ୍ଡାର୍ ଜୟ୍ଗ୍ ।" 67 ସଃଡେବଃଲ୍ ସେମଃନ୍ ଜିସୁର୍
ମୁୟେ ଲାଳ୍ ତୁକ୍‌ଲାୟ୍, ଆର୍ ତାକେ ବିଦା ମାର୍‌ଲାୟ୍; ଆର୍ କେ
କେ ଜିସୁକେ ଚାହୁଲ୍ ମାରି କୟ୍ଲାୟ୍, 68 "ଏ କ୍ରିସ୍ଟ, ତୁୟ୍ ଜଦି
ବାବ୍‌ବାଣି କଃଉତା ଲକ୍, ତଃବେ ଅଃମିକ୍ କଃଉ, କେ ତକେ
ମାର୍ଲା?" 69 ଇବିତ୍ରେ ପିତର୍ ହଃଦାର୍ କୁଆଲେ ବଃସିରିଲା,
ଆର୍ ଗଟେକ୍ ଦଃଙ୍ଗଲି ଆସି ତାକ୍ କୟ୍ଲି, "ତୁୟ୍ ହେଁ ଗାଲିଲିର୍
ଜିସୁର୍ ସଃଙ୍ଗ ରିଲିସ୍ ।" 70 ମଃତର୍ ପିତର୍ ସଃବୁ ଲକ୍‌ମଃନାର୍
ମୁଏଁ ନାୟ୍ ବଃଲି କୟ୍ଲା, "ତୁୟ୍ କାୟ୍ରି କଃଉଁଲିସ୍, ସେରି ମୁଁୟ୍
ନଃଜାଣି ।" 71 ଆରେକ୍ ପିତର୍ ହଃଦାର୍ ଦୁଆର୍ ଲଃଗେ ବାରାୟ୍
ଗଃଲାକେ, ଆରେକ୍ ଗଟେକ୍ ଦଃଙ୍ଗଲି ତାକ୍ ଦଃକିକଃରି ସେତି
ରିଲା ଲକ୍‌ମଃନ୍‌କେ କୟ୍ଲି, "ଇ ମାନାୟ୍ ନାଜରିତ୍ ଜିସୁର୍ ସଃଙ୍ଗ
ରିଲା ।" 72 ପିତର୍ ଆରେକ୍ ଗଟ୍‌ତର୍ ନାୟ୍ ବଃଲି କୟ୍ଲା,
"ମୁଁୟ୍ ହଃର୍ମାଣ୍ କଃରି କଃଉଁଲେ, ସେମାନାୟ୍‌କେ ମୁଁୟ୍ ନଃଜାଣି
।" 73 ଚଃନେକ୍ ହଃଚେ ସେତି ଟିଆ ଅୟ୍ରିଲା ଲକ୍‌ମଃନ୍
ପିତର୍ ଚଃମେ ଆସି ତାକ୍ କୟ୍ଲାୟ୍, "ତୁୟ୍ ହେଁ ବାୟ୍‌ଦ୍‌ରେ
ସେମଃନାର୍ ବିତ୍ରେ ଗଟ୍ ଲକ୍, ବଃଲେକ୍ ତର୍ କଃତା କଃଉତାର୍
ଜାଣା ହଃଲୁଲି ।" 74 ସେତାକ୍ ପିତର୍ କୟ୍ଲା, "ମୁଁୟ୍ ହଃର୍ମାଣ୍
କଃରି ସଃତ୍ କଃଉଁଲେ, ସେନ୍ ନୟ୍ଲେକ୍ ଇସ୍ୱର୍ ମକ୍ ଡଃଣ୍ଡ
ଦେଉଅ । ମୁଁୟ୍ ସେମାନାୟ୍‌କେ ନଃଜାଣି ।" ସେଦାହ୍ରେ କୁକ୍‌ଲା
ବାସ୍‌ଲି, 75 ଆର୍ ସଃଡେବଃଲ୍ ପିତର୍‌କେ ଜିସୁ କୟ୍ରିଲା କଃତା
ମଃନେ ହଃଲ୍‌ଲି, ଜିସୁ କୟ୍ରିଲା, "କୁକ୍‌ଲା ନଃବାସ୍ତା ଆଗ୍‌ତୁ
ତୁୟ୍ ମକ୍ ନଃଜାଣି ବଃଲି ତିନିତର୍ କଃଉସି ।" ପିତର୍ ହଃଦାୟ୍
ବାରାୟ୍ ଜାୟ୍ ବଃଡେ ଦୁକ୍ ଅୟ୍ କାନ୍ଦଲା ।

27 ସଃକାଲ୍ ଅୟ୍ଲାକ୍ ବଃଡ୍ ଜାଜକ୍ ମଃନ୍ ଆର୍
ପାରାଚିନ୍‌ମଃନ୍ ଜିସୁକେ ମଃର୍ନେ ମାରୁକ୍ ତାର୍ ବିରଦେ
ଗୁସ୍ଟ କଃଲାୟ୍ । 2 ସେମଃନ୍ ଜିସୁକେ ସିକ୍ଲି ସଃଙ୍ଗ ବାନ୍ଦି ରମିୟ
ସାସନ୍‌କଃର୍ତା ପିଲାତ ନାଉଁଆର୍ ଗର୍ନର୍ ଆତେ ସଃହ୍ରି ଦିଲାୟ୍ ।
3 ସଃଡେବଃଲ୍ ଜିସୁକେ ସଃତ୍ରୁର୍ ଆତେ ସଃହ୍ରି ଦିଲା ଜିଉଦା,
ଜିସୁ ମଃର୍ନ୍ ଦଃଣ୍ଡ ହାୟ୍ ଆଚେ, ଇରି ଦଃକିକଃରି ସେ ନିଜାର୍
ବୁଲ୍ କାମ୍‌କେ ଏତାୟ୍ ଦୁକ୍‌କଃରି ମଃନ୍‌ବାଦ୍‌ଲାୟ୍ ବଃଡ୍ ଜାଜକ୍
ଆର୍ ପାରାଚିନ୍‌ମଃନାର୍ ଲଃଗେ ସେ ତିରିସ୍ ଗଟ୍ ରୁହା ଟଃକା
ବାଉଲାୟ୍ ଦଃୟ୍ କୟ୍ଲା, 4 "ମୁଁୟ୍ ଗଟେକ୍ ନିର୍ଦସି ଲକ୍‌କେ
ମଃର୍ନ୍ ଦଃଣ୍ଡ ହାଉଁକ୍ ସଃହ୍ରି ଦଃୟ୍ ହାହ୍ କଃରିଆଚି ।" ମଃତର୍
ସେମଃନ୍ କୟ୍ଲାୟ୍, "ସେ କଃତାୟ୍ ଅଃମାର୍ କାୟ୍ରି ଆଚେ?
ସେ କଃତା ତୁୟ୍ ବୁଜ୍ ।" 5 ସେତାକ୍ ଜିଉଦା ରୁହା ଟଃକା ସଃବୁ
ମନ୍ଦିର୍ ବିତ୍ରେ ହଃବ୍ଲାୟ୍‌କଃରି ହଃଲାୟ୍ଲା, ତାର୍‌ହଃଚେ ସେ ଜାୟ୍
ନିଜେ ଉଚ୍‌କି ଅୟ୍ ମଃଲା । 6 ମଃତର୍ ବଃଡ୍ ଜାଜକ୍ ମଃନ୍
ସେ ରୁହା ଟଃକା ନଃୟ୍‌କଃରି କୟ୍ଲାୟ୍, "ଇ ଟଃକା ମନ୍ଦିରାର୍
ଟଃକା ସଃଙ୍ଗ ଗଟେ ଟାଣେ ମିସାୟ୍ ବଃଣ୍ଡାର୍ ବିତ୍ରେ ସଃଙ୍ଗାଉତା
ବିଦି ନୟ୍, ବଃଲେକ୍ ଇରି ଗଟ୍ ଲକାର୍ ବଃନିର୍ ମଲ୍ ।" 7
ସେମଃନ୍ ଇ ଟଃକାକ୍ କାୟ୍ କଃରୁଆଁ ବଃଲି କଃତା ଅୟ୍‌କଃରି
ବିନ୍‌ଦେସାର୍ ଲକ୍‌ମଃନାର୍ ମଃସୁଣ୍ ଗିନେ ଗଟ୍ କୁମ୍ବାର୍ ଲକାର୍
ବୁୟ୍ଁ ସେ ଟଃକା ଦଃୟ୍ ଗେନ୍‌ଲାୟ୍ । 8 ସେତାର୍‌ଗିନେ ଆଜି
ହଃତେକ୍ ସେ ହଃଦାକେ "ବଃନି ହଃଦା" ବଃଲି କଃଉତି ।
9 ଇରଃକମ୍ ଜିରିମିୟ ବାବ୍‌ବାଦି କୟ୍ରିଲା ବାବ୍‌ବାଣି ହୁରା
ଅୟ୍ଲି, "ଜାୟ୍ରି ତିରିସ୍ ଟଃକାୟ୍ ବିକୁକ୍ ଇସ୍ରାଏଲ୍ ଲକ୍‌ମଃନ୍
ତିର୍ କଃରି ରିଲାୟ୍, ସେ ତିରିସ୍ ଟଃକା ସେମଃନ୍ ନଃୟ୍, 10
ସେ କୁମ୍ବାର୍ ଲକାର୍ ହଃଦା ଗେନ୍‌ଲାୟ୍ । ଇରି କଃରୁକେ ମକ୍
ଇସ୍ୱର୍ ଆଦେସ୍ ଦଃୟ୍ରିଲା ।" 11 ଜିସୁକେ ରମିୟ ଗର୍ନରାର୍
ପିଲାତର୍ ଚଃମେ ଟିଆ କଃଲାୟ୍, ଆର୍ ଗର୍ନରାର୍ ପିଲାତ
ଜିସୁକେ ହଃଚାର୍ଲା, "ତୁୟ୍ କାୟ୍ ଜିଉଦିମଃନାର୍ ରଃଜା?" ଜିସୁ
କୟ୍ଲା, "ହେଁ, ତୁୟ୍ କଃଉଁଲିସ୍ ।" 12 ମଃତର୍ ବଃଡ୍ ଜାଜକ୍
ଆର୍ ପାରାଚିନ୍‌ମଃନ୍ ଜିସୁର୍ ବିରଦେ ଦଃସ୍ ଦଃକାୟ୍ କୟ୍ଲାକ୍,
ଜିସୁ କାୟ୍ରି ହେଁ ନଃକୟ୍ଲା । 13 ସେତାକ୍ ପିଲାତ ଜିସୁକେ
କୟ୍ଲା, "ଇମଃନ୍ ତର୍ ବିରଦେ କଃତେକ୍ ସାକି ଦେଉଁଲାୟ୍,
ସେ ସଃବୁ ତୁୟ୍ କାୟ୍ ନଃସୁଣୁଲିସ୍?" 14 ମଃତର୍ ଜିସୁ କଃତା
ହଃଦେକ୍ ହେଁ କାୟ୍ରି ନଃକୟ୍ଲା, ତଃବେ ପିଲାତ ବଃଡେ କାବା
ଅୟ୍ଲା । 15 ସଃବୁ ବଃର୍ସ୍ ନିସ୍ତାର୍ ହଃର୍ବ୍ ବଃଲ୍ ଲକ୍‌ମଃନାର୍
ଇଚାୟ୍ ଗଟେକ୍ କଃୟ୍‌ଦିକେ ସେମଃନାର୍ ଗିନେ ଚାଡି ଦେତାର୍
ରମିୟ ସଃର୍କାରାର୍ ଗର୍ନରାର୍ ରିତି ରିଲି । 16 ସଃଡେବଃଲ୍
ସେମଃନାର୍ ବାରବା ନାଉଁଆର୍ ଗଟେକ୍ ବଃଡ୍ କୟ୍‌ଦି ରିଲା । 17
ତଃବେ ସେମଃନ୍ ଗଟ୍‌ତଃୟ୍ ରୁଣ୍ଡଲାବଃଲ୍ ପିଲାତ ସେମଃନ୍‌କେ

ହଃଚାର୍ଲା, "ମୁଁୟ୍ ତୁମାର୍ ଗିନେ କାକେ ଚାଡି ଦଃୟ୍ନ୍ତୁ ବଃଲି
ତୁମିମଃନ୍ ଇଚା କଃରୁଲାସ୍? ବାରବାକେ କି ଜାକେ କ୍ରିସ୍ଟ
ବଃଲି କଃଉତି, ସେ ଜିସୁକେ?" 18 କାୟ୍‌ତାକ୍‌ବଃଲେକ୍ ଜିଉଦି
ନେତାମଃନ୍ ଜେ ଡାରା ଅୟ୍‌କଃରି ଜିସୁକେ ସଃହ୍ରି ଦଃୟ୍‌ରିଲାୟ୍,
ସେରି ପିଲାତ ଜାଣି ରିଲା । 19 ଆର୍ ପିଲାତ ବିଚାର୍ କଃର୍ତା
ଟାଣେ ବଃସିରିଲାବଃଲ୍ ତାର୍ ଡକୁର୍ସି ତାର୍ ଚଃମେ କବୁର୍
ହଃଟାୟ୍‌ଲି, "ସେ ଦଃର୍ମି ଲକାର୍ କଃତାୟ୍ ତୁୟ୍ ମୁଲ୍‌କେ ଆତ୍
ଦେସ୍‌ନାୟ୍, କାୟ୍‌ତାକ୍‌ବଃଲେକ୍ ତାର୍ ଗିନେ ମୁଁୟ୍ ଆଜି ଚଃହ୍ନେ
ବଃଡେ କଃସ୍ଟ ହାୟ୍ ଆଚି ।" 20 ମଃତର୍ ବଃଡ୍ ଜାଜକ୍ ଆର୍
ପାରାଚିନ୍‌ମଃନ୍ ବାରବାକେ ଚାଡୁକ୍ ଆର୍ ଜିସୁକେ ଅଃତ୍ୟା
କଃରୁକେ ଲକ୍‌ମଃନ୍‌କେ କଃଉଁକେ ବୁଜାୟ୍‌ଲାୟ୍ । 21 ମଃତର୍
ପିଲାତ ଆରେକ୍ ଲକ୍‌ମଃନ୍‌କେ ହଃଚାର୍ଲା, "ଅଃମି ଇ ଦୁୟ୍ ଲକାର୍
ବିତ୍ରେ ତୁମାର୍ ଗିନେ କାକେ ଚାଡି ଦେଉଁନ୍ତୁ ବଃଲି ତୁମିମଃନାର୍
ମଃନ୍?" ସେମଃନ୍ କୟ୍‌ଲାୟ୍, "ବାରବାକେ ।" 22 ପିଲାତ
ସେମଃନ୍‌କେ ହଃଚାର୍ଲା, "ତଃବେ ଜାକେ କ୍ରିସ୍ଟ ବଃଲି କଃଉତି, ସେ
ଜିସୁକେ ମୁଁୟ୍ କାୟ୍ କଃରିନ୍ତୁ?" ସେମଃନ୍ ସଃବୁଲକ୍ କୟ୍‌ଲାୟ୍,
"ତାକ୍ କ୍ରୁସ୍ ଉହ୍ରେ ଚଃଗାଉଆ ।" 23 ସେତାକ୍ ସେ ହଃଚାର୍ଲା,
"କାୟ୍‌ତାକ୍, ସେ କାୟ୍ ଦଃସ୍ କଃରିଆଚେ?" ମଃତର୍ ସେମଃନ୍
ବଃଡେ ଉଲ୍‌ଗାଟ୍ ଅୟ୍ କୟ୍‌ଲାୟ୍, "ତାକ୍ କ୍ରୁସ୍ ଉହ୍ରେ ଚଃଗାଉଆ
।" 24 ଇତାକ୍ ପିଲାତ ଜଃଡେବଃଲ୍ ଦଃକ୍‌ଲା ଜେ, ସେ କାୟ୍
କଃରୁକେ ନଃହାରୁଲା, ବଃଲେକ୍ ଆରେକ୍ ଗଃଣ୍ଡଗଲ୍ ଅଃଉଁଲି ।
ସଃଡେବଃଲ୍ ସେ ହାଣି ନଃୟ୍ ଲକ୍‌ମଃନାର୍ ମୁଏଁ ଆତ୍ ଦୟ୍‌କଃରି
କୟ୍‌ଲା, "ଇ ଲକାର୍ ଅଃତ୍ୟାୟ୍ ମୁଁୟ୍ ନିର୍ଦସ୍! ତୁମିମଃନ୍ ସେରି
ବୁଜା ।" 25 ଇତାକ୍ ସଃବୁଲକ୍ କୟ୍‌ଲାୟ୍, "ଜିସୁର୍ ଅଃତ୍ୟାର୍
ଦଃସ୍ ଅଃମାର୍ ଆର୍ ଅଃମାର୍ ହିଲାମଃନାର୍ ଉହ୍ରେ ହଃଉ ।" 26
ସେତାକ୍ ପିଲାତ ସେମଃନାର୍ ଗିନେ ବାରବାକେ ଚାଡି ଦିଲା,
ମଃତର୍ ଜିସୁକେ ସାଟ୍‌ଣି ସଃଙ୍ଗ ମାରାୟ୍ କ୍ରୁସ୍ ଉହ୍ରେ ଚଃଗାଉଁକ୍
ସଃଇନ୍‌ମଃନାର୍ ଆତେ ସଃହ୍ରି ଦିଲା । 27 ତାର୍‌ହଃଚେ ପିଲାତର୍
ସଃଇନ୍‌ମଃନ୍ ଜିସୁକେ ପିଲାତର୍ କୁଆଲ୍ ବିତ୍ରେ ନଃୟ୍ ସଃବୁ
ସଃଇନ୍ ଦଃଲ୍‌କେ ଜିସୁର୍ ଚଃମେ ରୁଣ୍ଡାୟ୍‌ଲାୟ୍ । 28 ଆରେକ୍
ସଃଇନ୍‌ମଃନ୍ ଜିସୁର୍ ବଃସ୍ତର୍ କାଡି ତାକ୍ ଜାମ୍‌କଲି ହର୍ ଡିସ୍ତା
ବଃସ୍ତର୍ ହିନ୍ଦାୟ୍‌ଲାୟ୍ । 29 ଆର୍ ସେମଃନ୍ ଗଟ୍ କାଟାର୍ ମୁକୁଟ୍
ହାଜିକଃରି ଜିସୁର୍ ମୁଣ୍ଡେ ହିନ୍ଦାୟ୍‌ଲାୟ୍, ଆର୍ ତାର୍ କାତା ଆତେ
ଗଟ୍ ସୁର୍ଲିଡାଙ୍ଗ ଦଃରାୟ୍‌କଃରି ତାର୍ ମୁଏଁ ମାଣ୍ଡିକୁଟା ଟେସ୍‌ଲାୟ୍,
ଆର୍ ଗେଜ୍ଜାୟ୍‌କଃରି କୟ୍‌ଲାୟ୍, "ଏ ଜିଉଦିମଃନାର୍ ରଃଜା,
ଜୁଆର୍ ।" 30 ଆର୍ ସେମଃନ୍ ଜିସୁର୍ ଉହ୍ରେ ଲାଳ୍ ତୁକ୍‌ଲାୟ୍
ଆର୍ ସେମଃନ୍ ଜୁୟ୍ ଡାଙ୍ଗ ତାକ୍ ଦଃରାୟ୍ ରିଲାୟ୍, ସେ ଡାଙ୍ଗ
ସଃଙ୍ଗ ତାର୍ ମୁଣ୍ଡେ ମାରୁକ୍ ଦଃର୍ଲାୟ୍ । 31 ଆରେକ୍ ସେମଃନ୍
ଜିସୁକେ ଗେଜ୍ଜାୟ୍‌ଲା ହଃଚେ, ସେ ରଃଜାର୍ ବଃସ୍ତର୍ କାଡି
ତାର୍ ନିଜାର୍ ବଃସ୍ତର୍ ହିନ୍ଦାୟ୍‌ଲାୟ୍ ଆର୍ ଜିସୁକେ କ୍ରୁସ୍ ଉହ୍ରେ
ଚଃଗାଉଁକ୍ ନିଲାୟ୍ । 32 ସେମଃନ୍ ଜିରୁସାଲମ୍ ଗଃଲେହୁଣି
ବାରାୟ୍ ଜାତାବଃଲ୍ କୁରିଣିୟ ଗଃଳାର୍ ସିମନ୍ ନାଉଁଆର୍ ଗଟ୍
ଲକ୍‌କେ ଦଃକ୍‌ଲାୟ୍, ଆର୍ ସଃଇନ୍‌ମଃନ୍ ଜିସୁର୍ କ୍ରୁସ୍ ବଃଉଁକେ
ତାକ୍ ବଃଲ୍‌ମତ୍ କଃଲାୟ୍ । 33 ଆର୍ ସେମଃନ୍ ଗଲ୍‌ଗତା
ନାଉଁଆର୍ ଗଟେକ୍ ଜଃଗାୟ୍, ବଃଲେକ୍, ଜାକେ "ମୁଣ୍ଡ କିହ୍ରି ହର୍
ଜଃଗା" ବଃଲି କଃଉତି, ସେତି ହଚି, 34 ସେତି ସେମଃନ୍ ଜିସୁକେ
ହିତା ମିସିରିଲା ଅଙ୍ଗୁର୍ ରଃସ୍ କାଉଁକେ ଦିଲାୟ୍, ମଃତର୍ ଜିସୁ
ସେରି ଚାକିକଃରି କାଉଁକେ ମଃନ୍ ନଃକେଲା । 35 ତାର୍‌ହଃଚେ
ସେମଃନ୍ ଜିସୁକେ କ୍ରୁସ୍ ଉହ୍ରେ ଜଃଗାୟ୍ ତାର୍ ବଃସ୍ତର୍‌କେ
କେଳିବାଚି ଅଃହ୍‌ଣା ଅଃହ୍‌ଣାର୍ ବିତ୍ରେ ବାଟା କଃରି ନିଲାୟ୍ ।
36 ଆରେକ୍ ସେତି ରଃୟ୍ ତାକ୍ ଜାଗ୍‌ତି ରିଲାୟ୍ । 37 ଆର୍
ସେମଃନ୍ ତାର୍ ମୁଣ୍ଡ ଉହ୍ରାର୍ କ୍ରୁସ୍ କାଟେ ଇ ଦଃସାର୍ କଃତା
ଲେକି ଲାଗାୟ୍‌ଲାୟ୍, "ଏ ଜିଉଦିମଃନାର୍ ରଃଜା, ଜିସୁ ।" 38
ସଃଡେବଃଲ୍ ଜୁଳେକ୍ କଃଙ୍ଗାର୍‌ମଃନ୍‌କେ ହେଁ ଜିସୁର୍ କାତା ବାଟ
ଗଟ୍ ଲକ୍‌କେ ଆର୍ ଡେବ୍ରି ବାଟ ଗଟ୍ ଲକ୍‌କେ ତାର୍ ସଃଙ୍ଗ
କ୍ରୁସ୍ ଉହ୍ରେ ଚଃଗାୟ୍‌ଲାୟ୍ । 39 ଆର୍ ସେ ବାଟ ଜାତିରିଲା
ଲକ୍‌ମଃନ୍ ଅଃହ୍‌ଣା ଅଃହ୍‌ଣାର୍ ମୁଣ୍ଡ ଜଲାୟ୍ ଜିସୁର୍ ଲିନ୍ଦା କଃରି
କଃଉଁକେ ଦଃର୍ଲାୟ୍, 40 "ରେ ମନ୍ଦିର୍ ବାଙ୍ଗୁ ଆର୍ ତିନିଦିନ୍ ବିତ୍ରେ
ସେତାକ୍ ତିଆର୍ କଃରୁ, ତୁୟ୍ ଜଦି ସଃତ୍ ଇସ୍ୱରାର୍ ହୟ୍‌ସି,
ତଃବେ ନିଜ୍‌କେ ବଚାଉ ଆର୍ କ୍ରୁସ୍ କାଟେହୁଣି ଉତ୍ରି ଆଉ ।" 41
ବଃଡ୍ ଜାଜକ୍ ମଃନ୍ ହେଁ ଦଃର୍ମ୍‌ଗୁରୁ ଆର୍ ପାରାଚିନ୍‌ମଃନାର୍
ସଃଙ୍ଗ ମିସିକଃରି ସେବାନ୍ୟା କୟ୍‌କଃରି ଜିସୁକେ ଲିନ୍ଦା କଃରୁକେ
ଦଃର୍ଲାୟ୍, 42 "ସେ ବିନ୍ ସଃବୁ ଲକ୍‌ମଃନ୍‌କେ ରଃକ୍ୟାକଃଲା,
ମଃତର୍ ଅଃବେ ଅଃହ୍‌ଣାକ୍ ବଚାଉଁକେ ନଃହାରୁଲା, ସେ ତ
ଇସ୍ରାଏଲାର୍ ରଃଜା ସେ ଇ ଦାହ୍ରେ କ୍ରୁସ୍ ଉହ୍ରେ ହୁଣି ଉତ୍ରି ଆସ,
ତଃବେ ଅଃମିମଃନ୍ ତାର୍ ତଃୟ୍ ବିସ୍ୱାସ୍ କଃରୁଆଁ । 43 ସେ
ନିଜ୍‌କେ ଇସ୍ୱର୍ ହୟ୍‌ସି ବଃଲି ଇସ୍ୱର୍ ଉହ୍ରେ ଆସ୍ର କଃରିଆଚେ,
ତଃବେ ଦଃକୁଆଁ ଇସ୍ୱର୍ ତାକ୍ ଅଃବେ ରଃକ୍ୟା କଃରୁକେ ମଃନ୍
କଃରୁଲା କି ନାୟ୍ ।" 44 ଆରେକ୍ ଜୁୟ୍ କଃଙ୍ଗାର୍‌ମଃନ୍‌କେ
ଜିସୁର୍ ସଃଙ୍ଗ କ୍ରୁସେ ଚଃଗା ଜାୟ୍ ରିଲି, ସେମଃନ୍ ହେଁ ଜିସୁକେ
ସେବାନ୍ୟା ଗେଜ୍ଜାଉଁକ୍ ଦଃର୍ଲାୟ୍ । 45 ହଃଚେ ବାର ଗଃଟାହୁଣି
ତିନି ଗଃଟା ହଃତେକ୍ ଦେସ୍‌ଜାକ ଅଃନ୍ଦାର୍ ଅୟ୍‌ଲି । 46 ଆର୍
ହାକାହାକି ତିନି ଗଃଟାବଃଲ୍ ଜିସୁ ବଃଡ୍ ଟଣ୍ଡ କଃରି କୟ୍‌ଲା,
"ଏଲି, ଏଲି, ଲାମା ସାବକ୍‌ତାନି?" ବଃଲେକ୍, "ଏ ମର୍ ଇସ୍ୱର୍,
ଏ ମର୍ ଇସ୍ୱର୍, ତୁୟ୍ ମକ୍ କାୟ୍‌ତାକ୍ ଚାଡ୍‌ଲିସ୍?" 47 ଇରି
ସୁଣି ସେତି ଟିଆ ଅୟ୍‌ରିଲା କଃତେକ୍ ଲକ୍‌ମଃନ୍ କୟ୍‌ଲାୟ୍,
"ଇ ଲକ୍ ଏଲିୟକେ କୁଡୁଲା!" 48 ସେଦାହ୍ରେ ସେମଃନାର୍
ବିତ୍ରାର୍ ଗଟ୍ ଲକ୍ ଦଃବ୍‌ଳି ଜାୟ୍‌କଃରି, ଗଟେକ୍ ସ୍ପଞ୍ଜ ଆଣି
ତାକ୍ ହିତା ଅଙ୍ଗୁର୍ ରଃସେ ବୁଡାୟ୍‌କଃରି, ସେତାକ୍ ଡାଙ୍ଗ ଟିହେ
ବାନ୍ଦିକଃରି ଜିସୁକେ କାଉଁକେ ଦିଲା । 49 ମଃତର୍ ବିନ୍ ଲକ୍‌ମଃନ୍
କୟ୍‌ଲାୟ୍, "ରିଆ, ଏଲିୟ ତାକ୍ ବଚାଉଁକେ ଆସୁଲା କି ନାୟ୍
ଦଃକୁଆଁ ।" 50 ମଃତର୍ ଜିସୁ ଆରେକ୍ ଗଟ୍‌ତର୍ ଆଉଲି

ଅୟ୍ ଆତ୍ମା ଚାଡ୍‌ଲା । 51 ଆରେକ୍ ଦଃକା ମନ୍ଦିର୍‌କେ ଦୁୟ୍
ବାଗ୍ କଃର୍ତା ମଃଜାୟ୍ ଅଳାୟ୍‌ରିଲା ପର୍ଦା ଉହ୍ରେ ହୁଣି ତଃଳ୍
ହଃତେକ୍ ଚିରି ଅୟ୍ ଦୁୟ୍ ହଳା ଅୟ୍‌ଲି, ଆର୍ ବୁୟ୍ଁ ଲଃଦ୍‌ବଃଦ୍‌ଲି,
ଆର୍ ଡଙ୍ଗ୍ରାର୍ ଟେଳାମଃନ୍ ହୁଟ୍‌ଲି । 52 ଆରେକ୍ ମଃସୁଣ୍
କାଲ୍‌ମଃନ୍ ମେଲା ଅୟ୍‌ଲି, ଆର୍ ଗାଦେକ୍ ମଃଲା ଇସ୍ୱରାର୍
ପବିତ୍ର ଲକ୍‌ମଃନ୍ ଉଟ୍‌ଲାୟ୍ । 53 ଆରେକ୍ ସେମଃନ୍ ମଃରି ଉଟି
ମଃସୁଣ୍ କାଲେ ହୁଣି ବାରାୟ୍‌ଲାୟ୍, ଆର୍ ଜିସୁ ମଃରି ଉଟ୍‌ଲା
ହଃଚେ, ସେମଃନ୍ ପବିତ୍ର ଜିରୁସାଲମ୍ ଗଃଳେ ଗଃଲାୟ୍ ଆର୍
ଗାଦେକ୍ ଲକ୍‌ମଃନ୍‌କେ ଦଃକାୟ୍ ଅୟ୍‌ଲାୟ୍ । 54 ହାଁଟ୍ କଳି
ସଃଇନ୍‌ମଃନାର୍ ମୁଳିକା ଆର୍ ତାର୍ ସଃଙ୍ଗ୍ ଜୁୟ୍ ଲକ୍‌ମଃନ୍
ଜିସୁକେ ଜାଗି ରିଲାୟ୍, ସେମଃନ୍ ଦଃର୍ତି ଲଃଦ୍‌ବଃଦ୍‌ଲାର୍ ଗଃଟ୍‌ଣା
ଦଃକି ବଃଡେ ଡିରିକଃରି କୟ୍‌ଲାୟ୍, "ସଃତ୍‌କଃରି, ଏ ଇସ୍ୱରାର୍
ହୟ୍‌ସି ରିଲା ।" 55 ଆରେକ୍ କଃତେକ୍ ମାୟ୍‌ଜିମଃନ୍ ସେ
ଜଃଗାୟ୍ ରଃୟ୍ ଦୁରିକ୍‌ହୁଣି ଇ ସଃବୁ ଦଃକ୍‌ତି ରିଲାୟ୍; ସେମଃନ୍
ଜିସୁକେ ସେବା କଃରି କଃରି ଗାଲିଲି ତଃୟ୍‌ହୁଣି ଜିସୁର୍ ସଃଙ୍ଗ୍
ଆସି ରିଲାୟ୍ । 56 ସେମଃନାର୍ ବିତ୍ରେ ମଗ୍‌ଦଲିନି ମରିୟମ୍,
ଜାକୁବକ୍ ଆର୍ ଜସେପାର୍ ଆୟ୍‌ସି ମରିୟମ୍ ଆର୍ ଜେବଦିର୍
ହୟ୍‌ସି ଜାକୁବକ୍ ଆର୍ ଜହନାର୍ ଆୟ୍‌ସି ରିଲାୟ୍ । 57 ବେଲ୍
ବୁଡି ଆସ୍ତାବଃଳ୍ ଜସେପ୍ ନାଉଁଆର୍ ହାରାମାତିଆର୍ ଗଟ୍ ମାଜନ୍
ଲକ୍ ଆୟ୍‌ଲା; ସେ ହେଁ ଜିସୁର୍ ଗଟେକ୍ ଚେଲା ରିଲା । 58
ସେ ପିଲାତର୍ ହାକ୍ ଜାୟ୍‌କଃରି ଜିସୁର୍ ଗଃଗାଲ୍ ମାଗ୍‌ଲା,
ତଃବେ ପିଲାତ ଜିସୁର୍ ଗଃଗାଲ୍ ଦେଉଁକେ ଆଦେସ୍ ଦିଲା । 59
ଜସେପ୍ ଜିସୁର୍ ଗଃଗାଲ୍‌କେ ନିଲା ଆର୍ ନିର୍ମୁଳ୍ ନଃଉଆଁ ହଃଚ୍ୟା
ଗୁଲ୍ୟାୟ୍, 60 ଜସେପ୍ ଅଃହ୍‌ଣାର୍ ଗିନେ ଜୁୟ୍ ନଃଉଆଁ ମଃସୁଣ୍
ଡଙ୍ଗ୍ରେ କଃଣିରିଲା, ସେ ବିତ୍ରେ ଜିସୁର୍ ମଃଲ୍‌କେ ସଃଙ୍ଗ୍ଲାୟ୍ ମଃସୁଣ୍
କାଲାର୍ ଦୁଆର୍ ବାଟେ ଗଟ୍ ବଃଡ୍ ଟେଳା ଡାହିକଃରି ଗଃଲାୟ୍ ।
61 ମଗ୍‌ଦଲିନି ମରିୟମ୍ ଆର୍ ବିନ୍ ମରିୟମ୍ ସେଟାଣେ ମଃସୁଣ୍
ଚଃମେ ବଃସି ରିଲାୟ୍ । 62 ତାର୍ ଆର୍‌କ ଦିନ୍, ବଃଲେକ୍
ବିସାଉଁଣିବାର୍ ଦିନ୍ ବଃଡ୍ ଜାଜକ୍ ଆର୍ ପାରୁସିମଃନ୍ ପିଲାତର୍
ଚଃମେ ରୁଣ୍ଡିକଃରି କୟ୍‌ଲାୟ୍, 63 "ଏ ଆଜ୍ଞା, ଅଃମିମଃନ୍‌କ୍
ଏତୁ ହଃଲୁଲି, ସେ ମିଚୁଆ ଜିବନ୍ ରିଲା ବଃଳ୍ କୟ୍‌ରିଲା,
'ତିନିଦିନାର୍ ହଃଚେ ମୁଁୟ୍ ଆରେକ୍ ଉଟିନ୍ଧ ।' 64 ସେତାର୍‌ଗିନେ
ତିନିଦିନ୍ ହଃତେକ୍ ମଃସୁଣ୍ ଜାଗୁକେ ଆଦେସ୍ ଦେ, ନୟ୍‌ଲେକ୍
କେଜାଣ୍ ତାର୍ ଚେଲାମଃନ୍ ଆସି ତାର୍ ମଃଲ୍‌କେ ଚରିନଃୟ୍
ଲକ୍‌ମଃନ୍‌କେ କଃଉତି, 'ସେ ଜିବନ୍ ହାୟ୍‌କଃରି ଉଟ୍‌ଲା ଆଚେ;'
ସେନ୍‌କାର୍ ଅୟ୍‌ଲେକ୍ ହଃର୍ତୁର୍ ମିଚ୍ ତଃୟ୍‌ହୁଣି ହଃଚାର୍ ମିଚ୍
ଅଃଦିକ୍ କଃରାବ୍ ଅୟ୍‌ଦ୍ ।" 65 ପିଲାତ ସେମଃନ୍‌କେ କୟ୍‌ଲା,
"ଗଟ୍‌ଦଃଳ୍ ଜାଗୁଆଳିମଃନ୍‌କେ ନିଆ ଆର୍ ଜଃତେକ୍ ହାରୁଲାସ୍
ସଃତେକ୍ ମଃସୁଣ୍‌କେ ଜାଗାଉଆ ।" 66 ତଃବେ ସେମଃନ୍
ଜାୟ୍ ସେ ମଃସ୍‌ଣେ ଡାହ୍‌ଲା ଟେଳାୟ୍ ମୁଦ୍ରାମାର୍‌ଲାୟ୍, ଆର୍
ଜାଗୁଆଳିମଃନ୍‌କେ ଜିସୁର୍ ମଃସୁଣ୍ ଜାଗ୍‌ଲାୟ୍ ।

**28** ବିସାଉଁଣିବାର୍ ସଃର୍ଲା ହଃଚେ, ରଃୟ୍‌ବାର୍ ବର୍ ସଃକାଲ୍ୟା
ମଗ୍‌ଦଲିନି ମରିୟମ୍ ଆର୍ ବିନ୍ ମରିୟମ୍ ମଃସୁଣ୍
ଦଃକୁକେ ଗଃଲାୟ୍ । 2 ଆର୍ ସଃଡେବଃଳ୍ ଦଃର୍ତି ଲଃଦ୍‌ବଃଦ୍‌ଲି,
ଆର୍ ଇସ୍ୱରାର୍ ଗଟେକ୍ ଦୁତ୍ ସଃର୍ଗେହୁଣି ଉତ୍ରି ଆସି ମଃସୁଣ୍
ବାଟେ ଡାହିରିଲା ଟେଳା ଗୁଚାୟ୍ ତାର୍ ଉହ୍ରେ ବଃସ୍‌ଲା । 3
ସେ ଦୁତାର୍ ରୁହ୍ ବିଜ୍‌ଲି ହର୍ ଆର୍ ତାର୍ ହିନ୍ଦ୍ରିରିଲା ବଃସ୍ତ୍ରର୍
କଃରାଟେଳା ହର୍ ଚିଟ୍ ଦବ୍ ରିଲି । 4 ଆରେକ୍ ଜାଗ୍‌ତା
ଲକ୍‌ମଃନ୍ ଦୁତ୍‌କେ ଡିରିକଃରି ତଃର୍‌ତଃରି ମଃଲା ଲକାର୍ ହର୍
ଅୟ୍‌ଲାୟ୍ । 5 ମଃତର୍ ସଃର୍ଗ୍ ଦୁତ୍ ସେ ମାୟ୍‌ଜିମଃନ୍‌କେ
କୟ୍‌ଲା, "ତୁମିମଃନ୍ ଡିରା ନାୟ୍, ବଃଲେକ୍ ତୁମିମଃନ୍ ଜେ କ୍ରୁସ୍
ଉହ୍ରେ ମଃଲା ଜିସୁକେ ଲଲୁଲାସ୍, ମୁଁୟ୍ ସେରି ଜାଣି । 6 ସେ
ଇତି ନାୟ୍, ମଃତର୍ ସେ ଜଃନ୍‌କଃରି କୟ୍‌ରିଲା, ତଃନ୍‌କଃରି
ସେ ଉଟି ଆଚେ, ଆସା ଜୁୟ୍‌ତି ତାର୍ ମଃଲା ଗଃଗାଲ୍ ସଃଙ୍ଗ୍ଲା
ଜାୟ୍‌ରିଲି, ସେ ଟାଣ୍ ଦଃକା । 7 ବେଗି ଜାୟ୍ ତୁମିମଃନ୍ ତାର୍
ଚେଲାମଃନ୍‌କେ କଃଉଆ, 'ଜିସୁ ମଃଲା ଲକ୍‌ମଃନାର୍ ବିତ୍ରେହୁଣି
ଉଟି ଆଚେ, ଆରେକ୍ ଦଃକା ସେ ତୁମାର୍ ଆଗ୍‌ତୁ ଗାଲିଲି ରାଜିଏ
ଜଃଉଁଲା, ସେତି ତାକ୍ ତୁମିମଃନ୍ ଦଃକାସ୍!' ଦଃକା ମୁଁୟ୍ ତୁମିକେ
ଜାୟ୍‌ରି କୟ୍‌ଲେ, ସେରି ହାସ୍ରା ନାୟ୍ ।" 8 ଇ କଃତା ସୁଣି
ସେ ମାୟ୍‌ଜିମଃନ୍ ବେସି ଡିର୍ଲାୟ୍, ଆର୍ ବଃଡେ ସଃର୍ଦା ଅୟ୍
ମଃସୁଣ୍ କାଲେ ହୁଣି ଦାପେ ଜାୟ୍‌କଃରି ଜିସୁର୍ ଚେଲାମଃନ୍‌କେ
କଃବୁର୍ ଦେଉଁକେ ଦଃବୁଲ୍‌ଲାୟ୍ । 9 ଆର୍ ଜିସୁ ସେଦାହ୍ରେ
ସେମଃନ୍‌କେ ଦଃକାୟ୍ ଅୟ୍‌କଃରି କୟ୍‌ଲା, "ତୁମାର୍ ସୁସ୍ତା
ଅଃଉଅ ।" ତଃବେ ସେମଃନ୍ ଜିସୁର୍ ଲଃଗେ ଆସି ତାର୍ ହାଦ୍
ଦଃରି ତାକ୍ ଜୁଆର୍ କଃଲାୟ୍ । 10 ସେତାକ୍ ଜିସୁ ସେମଃନ୍‌କେ
କୟ୍‌ଲା, "ଡିରା ନାୟ୍, ତୁମିମଃନ୍ ଜାହା ଆର୍ ମର୍ ବାୟ୍‌ମଃନ୍‌କେ
କଃଉଆ ସେମଃନ୍ ଗାଲିଲି ଜଃଉଅତ୍; ସେମଃନ୍ ମକ୍ ସେତି
ଦଃକ୍‌ତି ।" 11 ସେ ମାୟ୍‌ଜିମଃନ୍ ଜିସୁର୍ ଚେଲାମଃନ୍‌କେ କବୁର୍
କଃଉଁକେ ଜାତା ବଃଳ୍, ମଃସୁଣ୍ ଜାଗ୍‌ତା ଲକ୍‌ମଃନାର୍ ବିତ୍ରେ
କଃତେକ୍ ସଃଇନ୍‌ମଃନ୍ ଜିରୁସାଲମ୍ ଗଃଳେ ଜାୟ୍ ସେ ସଃବୁ
ଗଃଟ୍‌ଣାର୍ କଃତାମଃନ୍ ବଃଡ୍ ଜାଜକ୍ ମଃନ୍‌କେ ଜାଣାୟ୍‌ଲାୟ୍
। 12 ଜାଜକ୍‌ମଃନ୍ ପାରାଚିନ୍‌ମଃନାର୍ ସଃଙ୍ଗ୍ ମିସିକଃରି ଗୁସ୍ଟି
କଃଲାୟ୍ ଆର୍ ସେମଃନ୍ ସଃଇନ୍‌ମଃନ୍‌କେ ବୁତେକ୍ ଟଃକା
ଦଃୟ୍ କୟ୍‌ଲାୟ୍, 13 "ତୁମିମଃନ୍ କଃଉଆ ଅଃମିମଃନ୍ ସଃବୁ
ନିଦୟ୍ ରିଲାବଃଳ୍ ତାର୍ ଚେଲାମଃନ୍ ରାତି ଆସିକଃରି ଜିସୁର୍
ମଃଲା ମଃଲ୍‌କେ ଚରିକଃରି ନିଲାୟ୍ । 14 ଆର୍ ଜଦି ଇ କଃତା
ଗର୍ନର୍ ସୁଣେଦ୍, ତଃବେ ଅଃମିମଃନ୍ ତାକ୍ ବୁଜାୟ୍ କଃଉନ୍ଧ ଜେ,
ତୁମିମଃନାର୍ କାୟ୍ ଦଃସ୍ ନାୟ୍, ତୁମିମଃନ୍ ଚିତା କଃରାନାୟ୍
।" 15 ସେତାକ୍ ସଃଇନ୍‌ମଃନ୍ ଟଃକା ନଃୟ୍, ସେମଃନ୍‌କେ
ଜଃନ୍‌କଃରି କଃଉଆ ଅୟ୍‌ରିଲି ସେନ୍ କଃଲାୟ୍ । ଇତାକ୍ ଇ
କଃତା ଜିଉଦିମଃନାର୍ ବିତ୍ରେ ଉର୍ଜିଅୟ୍ ଆଜି ହଃତେକ୍ ହେଁ ସେ
କଃତା ଆଚେ । 16 ଜିସୁର୍ ଏଗାର୍‌ଗଟ୍ ଚେଲା ଗାଲିଲି ଜାୟ୍,

ଜିସୁ ଜୁୟ୍ ଡଙ୍ଗେ ଜଃଉଁକେ କୟ୍‌ରିଲା, ସେ ଡଙ୍ଗେ ଗଃଲାୟ୍ । 17
ଆର୍ ସେମଃନ୍ ସେତି ଜିସୁକେ ଦଃକି ଜୁଆର୍ କଃଲାୟ୍, ମଃତର୍
କେ କେ ସଃତ୍ ନଃକେଲାୟ୍; 18 ଆରେକ୍ ଜିସୁ ସେମଃନାର୍
ଚଃମେ ଆସି କଃତା ଅୟ୍ କୟ୍‌ଲା, "ସଃର୍ଗ୍ ଆର୍ ହୁର୍ତିବିର୍ ସଃବୁ
ଅଃଦିକାର୍ ମକେ ଦିଆ ଅୟ୍‌ଆଚେ । 19 ତଃବେ ତୁମିମଃନ୍ ଜାୟ୍
ସଃବୁ ବାସାର୍ ରିଲା ଲକ୍‌ମଃନ୍‌କେ ଉବା, ହଅ ଆର୍ ପବିତ୍ର
ଆତ୍ମାର୍ ନାଉଁଏ ବାପ୍ତିସମ୍ ଦଃୟ୍, ସେମଃନ୍‌କେ ଚେଲା କଃରା
। 20 ଆର୍ ମୁଁୟ୍ ତୁମିମଃନ୍‌କେ ଜୁୟ୍ ଜୁୟ୍ ଆଡର୍ ଦଃୟ୍ ଆଚି
ସେରି ସଃବୁ ମାନୁକ୍ ସିକାଉଆ, ଆରେକ୍ ମଃନେ ରଃକା ଜୁଗ୍
ସେସ୍ ଅଃଉତା ହଃତେକ୍ ସଃବୁବଃଲ୍ ମୁଁୟ୍ ତୁମିମଃନାର୍ ସଃଙ୍ଗେ
ସଃଙ୍ଗେ ଆଚି ।" (aiōn g165)

# ମାର୍କ

1 ଇରି ଅଃଉଁଲି ଇସ୍ୱରାର୍ ହୟ୍‌ସି ଜିସୁ କ୍ରିସ୍ଟର୍ ନିକ କବୁର୍
ଆରୁମ୍ । 2 ଜଃନ୍‌କଃରି ଜିସାୟ୍ ବାବ୍‌ବାଦିର୍ ସାସ୍ତରେ
ଲେକାଆଚେ, "ଇସ୍ୱର୍ ମାପ୍ରୁ କୟ୍‌ଲା, 'ସୁଣା ମୁୟ୍ ମର୍ କବୁର୍
କାରିଆକ୍ ତର୍ ଆଗ୍‌ତୁ ହଃଟାଉଁନ୍ଧ, ସେ ତର୍ ଗିନେ ବାଟ ତିଆର୍
କଃରେଦ୍ ।' 3 ଗଟ୍ ମାନାୟ୍ ସୁକ୍‌ଲା ବଃଟାୟ୍ ହୁଣି ଉଲ୍‌ଗାଟ୍
ଅୟ୍ କଃଉଁଲା, 'ମାପ୍ରୁର୍ ଗିନେ ବାଟ୍ ତିଆର୍ କଃରା; ଆର୍
ରଃଜାର୍ ଗିନେ ବାଟ୍ ସଃଲ୍‌କ୍ କଃରା ।'" 4 ବାପ୍ତିସମ୍ ଦେତା
ଜହନ୍ ସୁକ୍‌ଲା ବଃଟାୟ୍ ଆୟ୍‌ଲା ଆର୍ ପର୍ଚାର୍ କଃରି କୟ୍‌ଲା,
"ହାହେ ହୁଣି ମଃନ୍ ବାଦ୍‌ଲାୟ୍ ଆସା ଆର୍ ବାପ୍ତିସମ୍ ନିଆ,
ଇସ୍ୱର୍ ତୁମାର୍ ହାହ୍ କେମା କଃରେଦ୍ ।" 5 ଜିଉଦା ରାଜିର୍ ଆର୍
ଜିରୁସାଲମ୍ ଗଃଲାର୍ ଆରେକ୍ ଜର୍ଦନ୍ ଗାଡ୍ ଚଃମେ ରିଲା ସଃବୁ
ଲକ୍‌ମଃନ୍ ଜହନ୍ ଲଃଗେ ଆସୁକ୍ ଦଃର୍ଲାୟ୍ ଆର୍ ସେମଃନ୍ ନିଜେ
ନିଜେ କଃରିରିଲା ହାହ୍ ଆର୍ ଦସ୍ ସଃବୁ ମାନ୍‌ଲାୟ୍, ଆର୍ ଜହନ୍
ତଃୟ୍‌ହୁଣି ଜର୍ଦନ୍ ଗାଡେ ବାପ୍ତିସମ୍ ନିଲାୟ୍ । 6 ଜହନ୍ ଉଟ୍
ରମେ ବୁଣ୍‌ଲା ବଃସ୍ତର୍ ହିନ୍ଧତି ରିଲା ଆର୍ ଚାମାର୍ ଅଃଟାବାନ୍ଧଣ୍
ବାନ୍ଧତି ରିଲା, ସେ ଜିଟ୍‌କା ଆର୍ ବଃନାର୍ ମଃଉଁ କାତିରିଲା । 7
ସେ ପର୍ଚାର୍ କଃରୁକେ ଦଃର୍ଲା, "ମର୍ ହଃଚେ ଜେ ଆସୁଲା ସେ
ମର୍ ତଃୟ୍‌ହୁଣି ଅଃଦିକ୍ ବଃଡ୍, ମୁଁୟ୍ ତାର୍ ହାଦାର୍ ହାଣ୍ଡାୟ୍‌ର୍
ବାନ୍ଧଣ୍ ଇଟାଉତା ଜୟ୍‌ଗ୍ ନାୟ୍ । 8 ମୁଁୟ୍ ତୁମିମଃନ୍‌କେ ହାଣାୟ୍
ବାପ୍ତିସମ୍ ଦିଲେ, ମଃତର୍ ସେ ତୁମିମଃନ୍‌କେ ପବିତ୍ର ଆତ୍ମାୟ୍
ବାପ୍ତିସମ୍ ଦଃୟ୍‌ଦ୍ ।" 9 ସଃଡେବଃଲ୍ ଜିସୁ ଗାଲିଲି ରାଜିର୍
ନାଜରିତ୍ ଗାଉଁଏ ହୁଣି ଆୟ୍‌ଲା ଆର୍, ଜର୍ଦନ୍ ଗାଡେ ଜହନ୍
ତଃୟ୍‌ହୁଣି ବାପ୍ତିସମ୍ ହାୟ୍‌ଲା । 10 ଜିସୁ ବାପ୍ତିସମ୍ ନଃୟ୍ ହାଣାୟ୍
ହୁଣି ବାରାୟ୍‌ଲା, ଆର୍ ସଃର୍ଗ୍ ଉଗାଳି ଅୟ୍‌ଲି ଆର୍ ପବିତ୍ର ଆତ୍ମା
ହାଣ୍ଡିକା ହର୍ ଅୟ୍ ତାର୍ ଉହ୍ରେ ଉତ୍ରି ଆସ୍ତାର୍ ସେ ଦଃକ୍‌ଲା । 11
ଆର୍ ସଃଡେବଃଲ୍ ସଃର୍ଗେ ହୁଣି ଗଟେକ୍ କଃତା ସୁଣା ଅୟ୍‌ଲି,
"ତୁୟ୍ ଅଃମାର୍ ଲାଡାର୍ ହଅ, ତର୍ ତଃୟ୍ ଅଃମାର୍ ବଃଡେ
ସଃନ୍‌ମତ୍ ।" 12 ତଃତ୍‌କାଣ୍ ପବିତ୍ର ଆତ୍ମା ଜିସୁକେ ଗଟେକ୍
ସୁକ୍‌ଲା ବଃଟାୟ୍ ନିଲି, 13 ଜିସୁ ସୁକ୍‌ଲା ବଃଟାୟ୍ ଚାଲିସ୍ ଦିନ୍
ହଃତେକ୍ ରିଲା, ଆର୍ ସେତି ଜିସୁକେ ସୟ୍‌ତାନ୍ ପରିକ୍ୟା କଃଲି
। ସେ ବଃନାର୍ ଜଃନ୍ତୁମଃନାର୍ ସଃଙ୍ଗ୍ ରେତିରିଲା ଆର୍ ସଃର୍ଗ୍
ଦୁତ୍‌ମଃନ୍ ତାର୍ ସେବା କଃର୍ତି ରିଲାୟ୍ । 14 ଜହନ୍‌କେ ବାନ୍ଧି
ଜଃଇଲେ ହୁରାୟ୍‌ଲା ହଃଚେ, ଜିସୁ ଗାଲିଲିକେ ଆୟ୍‌ଲା ଆର୍
ଇସ୍ୱରାର୍ ନିକ କବୁର୍ ପର୍ଚାର୍ କଃରୁକେ ଦଃର୍ଲା । 15 ଜିସୁ
ପର୍ଚାର୍ କଃରି କଃଉଁକେ ଦଃର୍ଲା, "ଟିକ୍ ବେଳା ଆୟ୍‌ଲି ଆଚେ,
ଇସ୍ୱରାର୍ ରାଇଜ୍ ଲଃଗେ ଅୟ୍‌ଲିନି! ତୁମାର୍ ହାହ୍ ଚାଡା ଆର୍
ନିକ କବୁର୍‌କେ ବିସ୍ୱାସ୍ କଃରା ।" 16 ଜିସୁ ଗାଲିଲି ସଃମ୍‌ନ୍ଧ
କଃଣ୍ଡିବାଟ୍ ଜାତିରିଲା ବଃଲ୍, ସେ ସିମନ୍ ଆର୍ ତାର୍ ବାୟ୍‌ସି
ଆନ୍ଦ୍ରିଅକ୍ ମାଚ୍ ଦଃରୁକେ ସଃମ୍‌ନ୍ଦେ ବୟ୍‌ଜାଲ୍ ହଃକାଉତି ରିଲାର୍
ଦଃକ୍‌ଲା । ବଃଲେକ୍ ସେମଃନ୍ ମାଚୁଆ ରିଲାୟ୍ । 17 ଜିସୁ
ସେମଃନ୍‌କେ କୟ୍‌ଲା, "ମର୍ ହଃଚେ ଆସା, ମୁଁୟ୍ ତୁମିମଃନ୍‌କେ
ନଃର୍‌ମଃନ୍‌କେ ମାପ୍ରୁର୍ ଲଃଗେ ଆଣୁକେ ସିକାୟ୍‌ନ୍ଧ ।" 18
ସେଦାହ୍ରେ ସେମଃନ୍ ତାକାର୍ ଜାଲ୍ ଚାଡ୍‌ଲାୟ୍ ଆର୍ ଜିସୁର୍
ହଃଚେ ଗଃଲାୟ୍ । 19 ଜିସୁ କଃଣ୍ଡେକ୍ ଦୁରିକ୍ ଗଃଲା ହଃଚେ,
ସେ ଜେବଦିର୍ ହୟ୍‌ସି ଜାକୁବ ଆର୍ ତାର୍ ବାୟ୍‌ସି ଜହନ୍‌କେ
ଦଃକ୍‌ଲା । ସେମଃନ୍ ଡଙ୍ଗାୟ୍ ଜାଲ୍ ହଃଜାଲ୍‌ତି ରିଲାୟ୍ । 20
ସେଦାହ୍ରେ ଜିସୁ ସେମଃନ୍‌କେ କୁଦ୍‌ଲା, ଆର୍ ସେମଃନ୍ ତାକାର୍
ଉବାସି ଜେବଦିକ୍ ବୁତ୍ୟାର୍ ଲକାର୍ ସଃଙ୍ଗ୍ ଡଙ୍ଗାୟ୍ ଚାଡ୍‌ଲାୟ୍
ଆର୍ ତାର୍ ହଃଚେ ହଃଚେ ଗଃଲାୟ୍ । 21 ତାର୍‌ହଃଚେ ଜିସୁ
ଆର୍ ଚେଲାମଃନ୍ କପୁର୍ନାହୁମ୍ ଗଃଳେ ଗଃଲାୟ୍, ଆର୍ ଜିସୁ
ଜିଉଦିମଃନାର୍ ବିସାଉଁଣିବାର୍ ଦିନ୍ ତାକାର୍ ପାର୍ତ୍ନା ଗଃରେ ହୁର୍ଲା
ଆର୍ ସିକ୍ୟା ଦେଉଁକେ ଦଃର୍ଲା । 22 ଜିସୁର୍ ସିକ୍ୟା ସୁଣିକଃରି
ସେତିର୍ ଲକ୍‌ମଃନ୍ କାବା ଅୟ୍‌ଲାୟ୍, କାୟ୍‌ତାକ୍‌ବଃଲେକ୍ ଜିସୁ
ଦଃର୍ମ୍ ଗୁରୁମଃନାର୍ ହର୍ ସିକ୍ୟା ନଃଦେୟ୍ କଃରି ଅଃଦିକାର୍
ହାୟ୍‌ଲା ଲକାର୍ ହର୍ ସିକ୍ୟା ଦେତିରିଲା । 23 ସଃଡେବଃଲ୍
ଜିଉଦିମଃନାର୍ ପାର୍ତ୍ନା ଗଃରେ ବିଟାଲ୍ ଆତ୍ମା ଡସି ରିଲା ଲକ୍
ରିଲା, ସେ ଆଉଲି ଅୟ୍‌କଃରି କୟ୍‌ଲା, 24 "ଏ ନାଜରିତ୍ ବଃସ୍ତିର୍
ଜିସୁ ତୁୟ୍ ଅଃମାର୍ ତଃୟ୍ ହୁଣି କାୟ୍‌ରି ମଃନ୍‌କଃରୁଲିସ୍?
ତୁୟ୍ କାୟ୍ ଅଃମିକ୍ ନାସ୍ କଃରୁକେ ଆସି ଆଚ୍‌ସି? ତୁୟ୍ କେ
ମୁଁୟ୍ ଜାଣି ଆଚି, ତୁୟ୍ ଇସ୍ୱରାର୍ ଗଟେକ୍ ପବିତ୍ର ମାନାୟ୍ ।"
25 ଜିସୁ ତାକ୍ ଦଃକା ଦଃୟ୍‌କଃରି କୟ୍‌ଲା, "ତୁନ୍‌ହାଲ୍, ଆର୍
ଇମାନାୟ୍ ତଃୟ୍‌ହୁଣି ବାରାୟ୍ ଜାଆ ।" 26 ତାର୍‌ହଃଚେ ସେ
ବୁତ୍ ସେମାନାୟ୍‌କେ ମଳିକଃରି ତଃଳେ ଅଦ୍ରାୟ୍‌ଲି ଆର୍ ଆଉଲି
ଅୟ୍ ତାର୍ ତଃୟ୍‌ହୁଣି ବିଟାଲ୍ ଆତ୍ମା ବାରାୟ୍ ଗଃଲି । 27 ଇରି
ଦଃକିକଃରି ସେତିର୍ ଲକ୍‌ମଃନ୍ ବଃଡେ କାବା ଅୟ୍‌ଲାୟ୍ ଆର୍
ତାକାର୍ ବିତ୍ରେ କଃଉଆକଇ ଅଃଉଁକେ ଦଃର୍ଲାୟ୍, "ଇରି କାୟ୍‌ରି?
ଇରି ତ ଅଃଦିକାର୍ ହାୟ୍‌ଲା ନଃଉଆଁ ସିକ୍ୟା ଦେଉଁଲା ଆର୍ ସେ
ବୁତ୍‌ମଃନ୍‌କେ ହେଁ ଆଦେସ୍ ଦେଉଁଲା, ଆର୍ ସେମଃନ୍ ତାର୍ ବଲ୍
ମାନୁଲାୟ୍ ।" 28 ତାର୍‌ହଃଚେ ଜିସୁର୍ କଃତା ଗାଲିଲି ରାଜିର୍
ଚାରିହାକ୍ ଉର୍ଜି ଅୟ୍‌ଲି । 29 ତାର୍‌ହଃଚେ ଜିସୁ ଆର୍ ତାର୍
ଚେଲାମଃନ୍ ପାର୍ତ୍ନା ଗଃରେ ହୁଣି ବାରାୟ୍ ଜାକୁବକ୍ ଆର୍ ଜହନ୍
ସଃଙ୍ଗ୍ ମିସି ସଃଲ୍‌କେ ସିମନ୍ ଆର୍ ଆନ୍ଦ୍ରିଅର୍ ଗଃରେ ଗଃଲାୟ୍ ।
30 ସେ ଗଃରେ ସିମନାର୍ ସଃତୁର୍ସି ଜଃରାର୍ ଗିନେ ଟାଟାୟ୍ ଡୁଳି
ରିଲି, ସେତାର୍‌ଗିନେ ଚେଲାମଃନ୍ ସିମନାର୍ ସଃତୁର୍ସି ଜଃରୁଲି
ବଃଲି ଜିସୁକେ ସେଦାହ୍ରେ କୟ୍‌ଲାୟ୍ । 31 ଜିସୁ ତାର୍ ଲଃଗେ
ଗଃଲା ଆର୍ ତାର୍ ଆତେ ଦଃରି ତାକ୍ ଉଟାୟ୍‌ଲା, ସେଦାହ୍ରେ
ତାର୍ ଜଃର୍ ଚାଡ୍‌ଲି ଆର୍ ସେ ସେମଃନ୍‌କେ କାଉଁକେ ହିଉଁକ୍
ଦଃୟ୍‌କଃରି, ତାକାର୍ ସେବା କଃରୁକେ ଦଃର୍ଲି । 32 ବେଲ୍ ବୁଡି
ସଃଞ୍ଜ୍ ଅୟ୍‌ଲାକ୍, ଲକ୍‌ମଃନ୍ ଜଃର୍‌ଦୁକାର୍ ଆର୍ ବୁତ୍ ଡଃସ୍‌ଲାର୍
ସଃବୁ ଲକ୍‌ମଃନ୍‌କେ ଜିସୁର୍ ଲଃଗେ ଆଣୁକେ ଦଃର୍ଲାୟ୍ । 33 ସେ

ଗଃଳାର୍ ସଃବୁ ଲକ୍‌ମଃନ୍ ଜିସୁ ରିଲା ଗଃରାର୍ ଦୁଆର୍ ଚଃମେ
ରୁଣ୍ଡ୍‌ଲାୟ୍ । 34 ସଃଡେବଃଲ୍ ଜିସୁ ବିନ୍‌ବିନ୍ ଜଃର୍ ଦୁକାୟ୍
ହଃଳିରିଲା ଲକ୍‌ମଃନ୍‌କେ ଉଜ୍ କଃଲା । ଜିସୁ ବୁତ୍ ଡଃସିରିଲା
ଗାଦେକ୍ ଲକ୍‌ମଃନ୍‌କେ ହେଁ ଉଜ୍ କଃଲା, ଜିସୁ କେ ବଃଲି
ଦୁତ୍‌ମଃନ୍ ଚିନ୍‌ତି ରିଲାୟ୍ ସେତାର୍‌ଗିନେ ଜିସୁ ସେ ବୁତ୍‌ମଃନ୍‌କେ
କାୟ୍‌ରି ହେଁ କଃଉଁକେ ନଃଦିଲା । 35 ତାର୍ ଆର୍‌କ ଦିନାର୍
ଉଟ୍‌ଲା ସଃକାଲ୍ ଜିସୁ ଅଃନ୍ଧାର୍ ଅଃନ୍ଧାର୍ ଉଟି, ଗଟେକ୍ ସିଣିନ୍ଦ
ଟାଣେ ଗଃଲା ଆର୍ ସେତି ପାର୍ତ୍‌ନା କଃରୁକେ ଦଃର୍ଲା । 36
ସଃଡେବଃଲ୍ ସିମନ୍ ଆର୍ ତାର୍ ସଃଙ୍ଗ୍‌ଆଳିମଃନ୍ ତାକ୍ ଲଲୁକ୍
ଦଃର୍ଲାୟ୍ । 37 ଜଃଡେବଃଲ୍ ସେମଃନ୍ ଜିସୁକେ ବେଟ୍ ହାୟ୍‌ଲାୟ୍,
ସେମଃନ୍ କୟ୍‌ଲାୟ୍, "ସଃବୁ ଲକ୍‌ମଃନ୍ ତକେ ଲଲୁଲାୟ୍ ।" 38
ମଃତର୍ ଜିସୁ ସେମଃନ୍‌କେ କୟ୍‌ଲା, "ଅଃମିମଃନ୍ ଇ ଚଃମାର୍
ବିନ୍‌ବିନ୍ ଗାଉଁଏମଃନ୍ ଜୁଆଁ, ଜଃନ୍‌କଃରି ସେ ଗାଉଁଏ ହେଁ
ମୁଁୟ୍ ସିକ୍ୟା ଦେଉଁ ହାରି, କାୟ୍‌ତାକ୍‌ବଃଲେକ୍ ମୁଁୟ୍ ଇତାର୍
ଗିନେ ଆସି ଆଚି ।" 39 ତାର୍‌ହଃଚେ ସେ ଗାଲିଲି ଗଃଳାର୍
ସଃବୁହାକ୍ ବୁଲ୍‌ଲା ଆର୍ ପାର୍ତ୍‌ନା ଗଃରେମଃନ୍ ସିକ୍ୟା ଦିଲା ଆର୍
ବୁତ୍‌ମଃନ୍‌କେ ଚାଡାୟ୍‌ଲା । 40 ଗଟେକ୍ ବଃଡ୍ ରଗି ଆୟ୍‌ଲା,
ଆର୍ ଜିସୁର୍ ମୁଏଁ ମାଣ୍ଡିକୁଟା ଟେସି ହାଦେତୁଳି ଗଃଉଆରି କଃରି
କୟ୍‌ଲା, "ତୁୟ୍ ମଃନ୍ କଃଲେକ୍ ମକ୍ ଉଜ୍ କଃରୁ ହାର୍ସି ।" 41
ଜିସୁ ତାର୍ ଉହ୍ରେ ଦଃୟା ଦଃକାୟ୍‌ଲା ଆର୍ ଆତ୍ ଲାମାୟ୍ ତାକ୍
ଚୁୟ୍‌କଃରି କୟ୍‌ଲା, "ମୁଁୟ୍ ମଃନ୍ କଃରୁଲେ ତୁୟ୍ ଉଜ୍ ଅଃଉ!"
42 ଆର୍ ସେଦାହ୍ରେ ସେମାନାୟ୍‌ର୍ ବଃଡ୍ ରଗ୍ ଚାଡ୍‌ଲି, ଆର୍ ସେ
ଉଜ୍ ଅୟ୍‌ଲା । 43 ଜିସୁ ସେମାନାୟ୍‌କେ ଜଃଉଁକେ କୟ୍‌ଲା,
ମଃତର୍ ତାକ୍ ଜଃଗ୍ରାତ୍ କଃରାୟ୍ କୟ୍‌ଲା, 44 "ମୁଁୟ୍ ତର୍ ଗିନେ
ଜାୟ୍‌ରି କଃଲେ, ସେ କଃତା କାକେ ହେଁ କଃଉନାୟ୍, ମଃତର୍
ଜାଆ ଆର୍ ଜାଜକ୍‌କେ ଦଃକାଉ, ଆର୍ ତକେ ନିର୍ମୁଲ୍ କଃରା
ଅୟ୍‌ଆଚେ ବଃଲି ଲକ୍‌ମଃନାର୍ ଚଃମେ ସାକି ଦେଉଁକେ, ମସାର୍
ବିଦି ହଃର୍କାରେ ଦାନ୍ ଦେସ୍ ।" 45 ମଃତର୍ ସେମାନାୟ୍ ବାରାୟ୍
ଗଃଲା ଆର୍ ସେକଃତା ସଃବୁ ହାକ୍ କଃଉଁକେ ଦଃର୍ଲା, ସେ
ଇବାନ୍ୟା ପର୍ଚାର୍ କଃଲା ଜେ, ଜିସୁ କୁୟ୍ ଗଃଳେ ହେଁ ଦଃକ୍‌ଣେ
ଜଃଉଁକେ ନଃହାର୍‌ଲା; ମଃତର୍ ସେ ଲକ୍‌ବାକ୍ ନୟ୍‌ଲା ଟାଣେ
ରେଉଁକ୍ ଦଃର୍ଲା, ମଃତର୍ ଚାରିହାକାର୍ ଲକ୍‌ମଃନ୍ ତାର୍ ଟାଣେ
ଆସୁକ୍ ଦଃର୍ଲାୟ୍ ।

**2** କଃତି ଦିନାର୍ ହଃଚେ ଜିସୁ କପୁର୍ନାହୁମ୍ ଗଃଳେ ସେ ଜୁୟ୍
ଗଃଳେ ରେତି ରିଲା ସେ ଗଃରେ ବାଉଳି ଆୟ୍‌ଲା, ଆର୍
ଜିସୁ ଗଃରେ ଆଚେ ବଃଲି କବୁର୍ ଚାରିହାକ୍ ଉର୍ଜି ଅୟ୍‌ଲି । 2
ସେତି ଗାଦି ଲକ୍ ରୁଣ୍ଡ୍‌ଲାୟ୍, ବାଟ ଦୁଆର୍ ମୁଣ୍ଡାୟ୍ ହେଁ ଟାଣ୍
ନଃରିଲି, ଜିସୁ ସେମଃନ୍‌କେ ଇସ୍ୱରାର୍ କଃତା କଃଉତି ରିଲା ।
3 ସଃଡେବଃଲ୍ ଗଟ୍ ଏକ୍‌ଅଃଙ୍ଗି ରଗିକେ ଚାରିଲକ୍ ବୟ୍‌କଃରି
ଜିସୁର୍ ଲଃଗେ ଆଣ୍‌ଲାୟ୍ । 4 ଟେଲାକୁର୍ଟା ଲକ୍ ମଃନ୍ଦାର୍ ଗିନେ
ଜିସୁର୍ ଚଃମେ ଆଣୁ ନଃହାର୍‌ଲାକ୍ ଜିସୁ ଜୁୟ୍‌ତି ଟିଅୟ୍ ରିଲା, ସେ
ସଃଲ୍‌କେ ଚାନି କାଣାକଃରି ରଗି ମାନାୟ୍ ସୟ୍‌ରିଲା ଟାଟି ତଃୟ୍
ଉତ୍ରାୟ୍‌ଲାୟ୍ । 5 ଜିସୁ ସେ ଲକ୍‌ମଃନାର୍ ବିସ୍ୱାସ୍ ଦଃକି ଏକ୍‌ଅଃଙ୍ଗି
ରଗିକ୍ କୟ୍‌ଲା, "ଏ ହିଲା ତର୍ ହାହ୍ ସଃବୁ କେମା କଃରା ଅୟ୍‌ଲି
।" 6 କଃତେକ୍ ଦର୍ମ୍‌ଗୁରୁ ମଃନ୍ ବଃସିକଃରି ସେମଃନାର୍ ବିତ୍ରେ
ମଃନେ ବାବ୍‌ଲାୟ୍, 7 "ଇମାନାୟ୍ କାୟ୍‌ତାକ୍ ଇବାନ୍ୟା କଃଉଁଲା?
ସେ ଇସ୍ୱରାର୍ ଲିନ୍ଦା କଃରୁଲା! ମାପ୍ରୁକ୍ ଚାଡି କେହେଁ ହାହ୍ କେମା
କଃରୁ ନଃହାରେ ।" 8 ଜିସୁ ସେମଃନାର୍ ମଃନ୍ ବିତ୍ରାର୍ ବାବ୍‌ନା
ଆତ୍ମା ତଃୟ୍ ଜାଣୁ ହାରି, ସେମଃନ୍‌କେ କୟ୍‌ଲା, "ତୁମି କାୟ୍‌ତାକ୍
ଇରଃକମ୍ ମଃନେ ବାବୁଲାସ୍? 9 କାୟ୍‌ରି ଉହାସ୍? ଏକ୍‌ଅଃଙ୍ଗି
ରଗିକ୍, 'ତର୍ ହାହ୍ କେମା କଃରା ଅୟ୍‌ଲି,' ବଃଲି କଃଉତାର୍,
କି, 'ଉଟ୍, ତର୍ ସୟ୍‌ରିଲା କଃଟ୍ ଦଃରିକଃରି ଜାଆ,' ବଃଲି
କଃଉତାର୍? 10 ମଃତର୍ ହୁର୍ତିବି ଉହ୍ରେ ହାହ୍ କେମା କଃର୍ତା
ଅଃଦିକାର୍ ନଃରାର୍ ହୟ୍‌ସି ଜେ ମୁଁୟ୍, ମର୍ ଅଃଦିକାର୍ ଆଚେ,
ଇରି ଜଃନ୍‌କଃରି ତୁମି ଜାଣୁ ହାରାସ୍ ।" ଇତାକ୍ ଏକ୍‌ଅଃଙ୍ଗି ରଗିକ୍
ଜିସୁ ଇ କଃତା କୟ୍‌ଲା, 11 "ମୁଁୟ୍ ତକେ କଃଉଁଲେ, ଉଟ୍ ତର୍
କଃଟ୍ ବୟ୍ ଗଃରେ ଜାଆ!" 12 ଜିସୁ କୟ୍‌ଲା ଦାହ୍ରେ କଃଟ୍
ବୟ୍ ସଃବୁ ଲକାର୍ ମୁୟେ ସେମାନାୟ୍ ବାରାୟ୍ ଗଃଲା । ଇରି
ସବୁ ଲକ୍‌ମଃନ୍ ଦଃକି କାବା ଅୟ୍‌ଲାୟ୍ ଆର୍ ଇସ୍ୱରାର୍ ଗୁଣ୍
ଗାୟ୍‌ଲାୟ୍ ଆର୍ କୟ୍‌ଲାୟ୍, "ଅଃମି କଃବେହେଁ ଅଃନ୍‌କାର୍ ଦଃକି
ନଃରିଲୁ ।" 13 ଜିସୁ ଆରେକ୍ ଗାଲିଲି ସଃମ୍‌ନ୍ଦ କଣ୍ଡି ବାଟ ବାରାୟ୍
ଗଃଲା, ଆର୍ ଅଲେକାର୍ ଲକ୍ ତାର୍ ହାକ୍ ଆୟ୍‌ଲାୟ୍, ଆର୍ ଜିସୁ
ସିକ୍ୟା ଦେଉଁକେ ଦଃର୍‌ଲା । 14 ଜିସୁ ଜଃଉଁ ଜଃଉଁ ଆଲ୍‌ପିଅର୍
ହଇସି ଲେବିକେ ତାର୍ ରିବ୍‌ନି ବଃଙ୍ଗ୍‌ଲାୟ୍ ବଃସିରିଲାର୍ ଦଃକ୍‌ଲା
। ଆର୍ ତାକେ କୟ୍‌ଲା, "ମର୍ ହଃଚେ ଆଉ ।" ସେ ଜିସୁର୍ କଃତା
ସୁଣ୍‌ଲା ଦାହ୍ରେ ଉଟି ତାର୍ ହଃଚେ ଗଃଲା । 15 ହଃଚେ ଜିସୁ
ଲେବି ବଃଉଁସାର୍ ଗଃରେ କାଉଁକେ ବଃସ୍‌ଲା ବଃଳ୍ ଗାଦେକ୍
ରିବ୍‌ନି, ହାହି ଆର୍ ଚେଲାମଃନ୍ ହେଁ ସଃଙ୍ଗେ ବଃସ୍‌ଲାୟ୍ ।
ସେମଃନ୍ ଗାଦା ଲକ୍ ରିଲାୟ୍ ଆର୍ ତାର୍ ସଃଙ୍ଗେ ବୁଲ୍‌ତି ରିଲାୟ୍
। 16 ଜିସୁ ହାହି ଆର୍ ରିବ୍‌ନି ମଃନାର୍ ସଃଙ୍ଗେ ବଃସି କାତାର୍
ଦଃକି ପାରୁସି ଦଃଳାର୍ ଦର୍ମ୍ ଗୁରୁମଃନ୍ ତାର୍ ଚେଲାମଃନ୍‌କେ
କଃଉଁକେ ଦଃର୍ଲାୟ୍, "ଜିସୁ ରିବ୍‌ନି ଆର୍ ହାହିମଃନାର୍ ସଃଙ୍ଗେ
କାୟ୍‌ତାକ୍ କାଉଁଲା?" 17 ଜିସୁ ସେମଃନାର୍ କଃଉତାର୍ ସୁଣି
କୟ୍‌ଲା, "ଜୁୟ୍ ମାନାୟ୍ ଉଜ୍ ଅୟ୍‌ଆଚେ ତାର୍ ଗିନେ ବୟ୍‌ଦ୍‌କାରି
ଲଳା ନାୟ୍, ମଃତର୍ ଜୁୟ୍ ମାନାୟ୍ ମଃଲୁ ହଃଳି ଆଚେ ତାର୍
ଗିନେ ଲଳା । ମୁୟଁ ଦଃର୍ମି ଲକ୍‌ମଃନ୍‌କେ କୁଦୁକ୍ ନାସି, ମଃତର୍
ହାହିମଃନାର୍ ଗିନେ ଆସି ଆଚି ।" 18 ଜହନାର୍ ଚେଲାମଃନ୍
ଆର୍ ପାରୁସିମଃନ୍ ଉହାସ୍ କଃର୍ତି ରିଲାୟ୍, ସେତାର୍ ଗିନେ
କଃତେକ୍ ଲକମଃନ୍ ଆୟ୍‌ଲାୟ୍ ଆର୍ ଜିସୁକେ ହଃଚାର୍ଲାୟ୍,
"ଜହନାର୍ ଚେଲାମଃନ୍ ଆର୍ ପାରୁସିମଃନ୍ ଉହାସ୍ କଃରୁଲାୟ୍,
ମଃତର୍ ତର୍ ଚେଲାମଃନ୍ କାୟ୍‌ତାକ୍ ଉହାସ୍ ନଃକେରୁଲାୟ୍?"
19 ଜିସୁ ସେମଃନ୍‌କେ କୟ୍‌ଲା, "ବଃରଗଚ୍ୟାମଃନ୍ ବଃରସଃଙ୍ଗ୍

ବିବା ଗଃରେ ରେତା ବଃଲ୍ ସେମଃନ୍ କାୟ୍‌ତାକ୍ ଉହାସ୍ କଃର୍ତି?
ବଃର ଜଃଡେବଃଲ୍ ହଃତେକ୍ ସେମଃନାର୍ ସଃଙ୍ଗେ ରଃୟ୍‌ଦ୍,
ସଃଡେବଃଲ୍ ହଃତେକ୍ ସେମଃନ୍ ଉହାସ୍ କଃରୁକେ ନଃହାର୍‌ତି ।
20 ମଃତର୍ ବେଲା ଆସେଦ୍, ଜଃଡେବଃଲ୍ ବଃର ଦଃଙ୍ଗ୍‌ଲାକେ
ସେମଃନାର୍ ତଃୟ୍‌ହୁଣି କାଡି ନିଆ ଅୟ୍‌ଦ୍, ସଃଡେବଃଲ୍
ସେମଃନ୍ ଉହାସ୍ କଃର୍ତି ।” 21 “କେହେଁ ନଃଉଆଁ ହଃଚ୍ୟାର୍
ହାଟ୍‌ଲି କଃଣ୍ଡେକ୍ ଚିରି ହଃର୍ନା ହଃଚ୍ୟାୟ୍ ମିସାୟ୍ ନଃତୁନ୍ତି,
ତୁନ୍‌ଲେକ୍ ନଃଉଁଆରି ହଃର୍ନା ତାକ୍ ଅଃଦିକ୍ ଚିରେଦ୍, ଆର୍
ଅଃଦିକ୍ ହାଟାୟ୍‌ଦ୍ । 22 ସେବାନ୍ୟା କେହେଁ ନଃଉଆଁ ଅଙ୍ଗୁର୍
ରଃସ୍ ହଃର୍ନା ଚାମ୍ ମଣାୟ୍ ନଃସେଙ୍ଗାଉତି, ସଃଙ୍ଗାୟ୍‌ଲେକ୍ ସେରି
ମଣାକେ ହାଟାୟ୍‌ଦ୍, ଆରେକ୍ ଅଙ୍ଗୁର୍ ରଃସ୍ ଆର୍ ଚାମ୍‌ମଣା
ମିସ୍‌ଣେ ନଃସ୍ଟ ଅୟ୍‌ଦ୍ । ମଃତର୍ ନଃଉଆଁ ଅଙ୍ଗୁର୍ ରଃସ୍ ନଃଉଆଁ
ଚାମ୍‌ମଣାୟ୍ ସଃଙ୍ଗାୟ୍‌ବାର୍ ଆଚେ ।” 23 ବିସାଉଁଣିବାର୍ ଦିନ୍
ଜିସୁ ଆର୍ ତାର୍ ଚେଲାମଃନ୍ ତାସ୍ ହଃଦା ବାଟ୍‌ଅୟ୍ ଜାତିରିଲାୟ୍
। ଜଃଉଁ ଜଃଉଁ ତାର୍ ଚେଲାମଃନ୍ ତାସ୍ କେଡ୍ ଚିଡାଉଁକେ
ଦଃର୍ଲାୟ୍ । 24 ସେତାର୍ ଗିନେ ପାରୁସିମଃନ୍ ଜିସୁକେ କୟ୍‌ଲାୟ୍,
“ଦଃକ୍ ତର୍ ଚେଲାମଃନ୍ ବିସାଉଁଣିବାର୍ ଦିନ୍ ଜୁୟ୍‌ରି କଃର୍ତା
ବିଦି ନାୟ୍ କାୟ୍‌ତାକ୍ ସେରିମଃନ୍ କଃରୁଲାୟ୍?” 25 ଜିସୁ
ସେମଃନ୍‌କେ କୟ୍‌ଲା, “କାଦି ଲଳାରିଲା ବଃଲ୍ ଦାଉଦ୍ ଆର୍
ତାର୍ ସଃଙ୍ଗୁଆଲିମଃନ୍ ବୁକେ ରିଲାୟ୍, ସଃଡେବଃଲ୍ ଦାଉଦ୍ କାୟ୍
କଃରିରିଲା, ସେରି କାୟ୍ ତୁମିମଃନ୍ କଃବେହେଁ ନଃହଳାସ୍? 26
ଅବିଆତର୍ ମୁଲ୍ ଜାଜକ୍ ବଃଲ୍ ଦାଉଦ୍ କଃନ୍‌କଃରି ଇସ୍ୱରାର୍
ଗଃରେ ହୁରି, ଜୁୟ୍ ମାପୁର୍ ରୁଟି ଜାଜକ୍‌ମଃନ୍‌କେ ଚାଡି କେହେଁ
କାତା ବିଦି ନାୟ୍, ମଃତର୍ ଦାଉଦ୍ ସେରି କାୟ୍‌ଲା ଆର୍ ତାର୍
ସଃଙ୍ଗୁଆଲିମଃନ୍‌କେ ଦଃୟ୍‌ରିଲା ।” 27 ଆର୍ ଜିସୁ ସେମଃନ୍‌କେ
କୟ୍‌ଲା, “ବିସାଉଁଣିବାର୍ ମାନାୟ୍‌ମଃନାର୍ ଗିନେ ଅୟ୍‌ଆଚେ,
ମଃତର୍ ମାନାୟ୍‌ମଃନାର୍ ଗିନେ ନାୟ୍ । 28 ସେତାର୍ ଗିନେ
ନଃରାର୍ ହୟ୍‌ସି ହେଁ ବିସାଉଁଣିବାର୍ ମାପ୍ରୁ ।”

3 ଜିସୁ ଆରେକ୍ ଗଟ୍‌ତର୍ ପାର୍ତ୍‌ନା ଗଃରେ ଗଃଲା । ସେତି
ଗଟେକ୍ ମାନାୟ୍ ରିଲା, ତାର୍ ଆତ୍ ସୁକି ଜାୟ୍‌ରିଲି । 2
ଆର୍ ସେ କେଜାଣ୍ ବିସାଉଁଣିବାର୍ ଦିନ୍ ଉଜ୍ କଃରେଦ୍ କି
ନାୟ୍ ବଃଲି କଃତେକ୍ ଲକ୍‌ମଃନ୍ ଦଃକ୍‌ତି ରିଲାୟ୍; ଜଃନ୍‌କଃରି
ସେ ଲକ୍‌ମଃନ୍ ତାକ୍ ଦଃସ୍ ଦଃରୁ ହାର୍ତି । 3 ଜିସୁ ଆତ୍ ସୁକି
ରିଲା ମାନାୟ୍‌କେ କୟ୍‌ଲା, “ଆଉ ମଃଜାୟ୍ ଟିଆ ଅଃଉ ।” 4
ତାର୍‌ହଃଚେ ଜିସୁ ଲକ୍‌ମଃନ୍‌କେ କୟ୍‌ଲା, “ବିସାଉଁଣିବାର୍ ଦିନ୍
କାୟ୍ କଃର୍ତା ବିଦି? ବଃଲ୍ କାମ୍ କଃର୍ତାର୍ କି କଃରାବ୍ କଃର୍ତାର୍?
ଗଟ୍ ଲକାର୍ ଜିବନ୍ ବଚାଉତାର୍, କି ଗଟ୍ ଲକାର୍ ଜିବନ୍ ନଃସ୍ଟ
କଃର୍ତାର୍?” ମଃତର୍ ସେ ଲକ୍‌ମଃନ୍ ତୁନ୍‌ହଃଳି ରିଲାୟ୍ । 5
ଜିସୁ ସେମାନାୟ୍‌ର୍ ଅଃଟୁଆ ମଃନ୍ ଦଃକି ମଃନ୍ ଦୁକ୍ କଃରି
ଚାରିହାକ୍ ଦଃକ୍‌ଲା, ଆର୍ ସେମାନାୟ୍‌କେ କୟ୍‌ଲା, “ତର୍ ଆତ୍
ଲାମାଉ ।” ସେ ଲକ୍ ଜିସୁର୍ ହାକ୍ ତାର୍ ଆତ୍ ଲାମାୟ୍‌ଲା
ଆର୍ ସେଦାହ୍ରେ ତାର୍ ଆତ୍ ନିକ ଅୟ୍‌ଲି । 6 ତାର୍‌ହଃଚେ
ପାରୁସିମଃନ୍ ସେତିହୁଣି ବାରାୟ୍ ଗଃଲାୟ୍, ଆର୍ ସେଦାହ୍ରେ
ସେମଃନ୍ ହେରଦିୟ୍ ଦଃଳାର୍ କଃତିଲକାର୍ ସଃଙ୍ଗେ ମିସ୍‌ଲାୟ୍
ଆର୍ ଜିସୁକେ ମଃର୍ନେ ମାରୁଆଁ ବଃଲି କୁଟ୍ ହାଚ୍‌ଲାୟ୍ । 7
ଜିସୁ ତାର୍ ଚେଲାମଃନାର୍ ସଃଙ୍ଗେ ମିସି ଗାଲିଲି ସଃମ୍‌ନ୍ଦେ ଗଃଲା
। ଆର୍ ଗାଲିଲି ରାଜିର୍ ଗାଦେକ୍ ଲକ୍‌ମଃନ୍ ତାକାର୍ ହଃଚେ
ଗଃଲାୟ୍, ଆର୍ ଜିଉଦାର୍, 8 ଜିରୁସାଲମ୍, ଇଦମ୍ ଆର୍ ଜର୍ଦନ୍
ଗାଡାର୍ ସେହାଟିର୍ ସର୍ ଆର୍ ସିଦନାର୍ ଚାରିହାକାର୍ ଅଲେକାର୍
ଲକ୍ ତାର୍ ସଃବୁ କାମ୍ କଃଲାର୍ ସୁଣି ତାର୍ ଟାଣେ ଆୟ୍‌ଲାୟ୍ ।
9 ସଃଡେବଃଲ୍ ଅଲେକାର୍ ଲକ୍‌ମଃନ୍ ତାର୍ ଉହ୍ରେ ଜଃନ୍‌କଃରି
ମାଡାଚଃଗା ନଃକେର୍ତି, ସେତାର୍‌ଗିନେ ଗଟେକ୍ ସାନ୍ ଡଙ୍ଗା
ଲଳୁକ୍ ଜିସୁ ଚେଲାମଃନ୍‌କେ କୟ୍‌ଲା । 10 କାୟ୍‌ତାକ୍‌ବଃଲେକ୍
ଜିସୁ ଗାଦି ଲକ୍‌ମଃନ୍‌କେ ଉଜ୍ କଃରିରିଲା, ସେତାକ୍ ସେତି ରିଲା
ରଗ୍‌ଦୁକା ଅୟ୍‌ରିଲା ଲକ୍‌ମଃନ୍ ଜିସୁକେ ଚିଉନ୍ଦ ବଃଲି ମାଡାଚଃଗା
ଅଃଉତି ରିଲାୟ୍ । 11 ଆର୍ ସେତି ରିଲା କଃତି ଲକ୍‌କେ
ବିଟାଲ୍‌ବୁତ୍ ଡଃସିରିଲି, ଆର୍ ଜଃଡେବଃଲ୍ ସେ ବିଟାଲ୍‌ବୁତ୍
ଡଃସିରିଲା ଲକ୍‌ମଃନ୍ ଜିସୁକେ ଦଃକ୍‌ତି ରିଲାୟ୍, ସେମଃନ୍
ଜିସୁର୍ ମୁଏଁ ତଃଳେ ଡୁଳି ଆଉଲି ଅୟ୍‌କଃରି କଃଉତି ରିଲାୟ୍,
“ତୁୟ୍ ଇସ୍ୱରାର୍ ହୟ୍‌ସି ।” 12 ସେତାକ୍ ଜିସୁ ତାର୍ କଃତା କାକେ
ହେଁ ନଃକଃଉଁକ୍ ବିଟାଲ୍ ବୁତ୍‌ମଃନ୍‌କେ ଅଃଟୁଆ କଃରି କୟ୍‌ଲା ।
13 ତାର୍‌ହଃଚେ ଜିସୁ ଗଟେକ୍ ଡଙ୍ଗୁର୍ ଉହ୍ରେ ଗଃଲା, ଆର୍ ସେ
ଜାକେ ମଃନ୍‌କଃଲା ତାକ୍ ତାର୍ ଚଃମେ କୁଦ୍‌ଲା, ଆର୍ ସେମଃନ୍
ତାର୍ ଲଃଗେ ଆୟ୍‌ଲାୟ୍ । 14 ଜିସୁ ସେମଃନାର୍ ବିତ୍ରେ ବାରଗଟ୍
ଚେଲାମଃନ୍‌କେ ବାଚ୍‌ଲା, ଆର୍ ସେମଃନ୍‌କେ ପେରିତ ବଃଲି
ନାଉଁ ଦିଲା, ଆର୍ କୟ୍‌ଲା, “ତୁମିମଃନ୍ ମର୍ ସଃଙ୍ଗେ ରିଆସ୍ ଆର୍
ମୁଁୟ୍ ତୁମିମଃନ୍‌କେ ନିକ କବୁର୍ ପର୍ଚାର୍ କଃରୁକେ ହଃଟାୟ୍‌ନ୍ଦ
।” 15 ଆର୍ ଜିସୁ ସେମଃନ୍‌କେ ବୁତ୍ ଚାଡାଉଁକେ ଅଃଦିକାର୍
ଦିଲା । 16 ତାର୍‌ହଃଚେ ଜିସୁ ବାରଗଟ୍ ଚେଲାମଃନ୍‌କେ ବାଚ୍‌ଲା,
ସିମନାର୍ ନାଉଁ ପିତର୍ ବଃଲି ଦିଲା, 17 ଜେବଦିର୍ ହୟ୍‌ସି ଜାକୁବ
ଆର୍ ତାର୍ ବାୟ୍‌ସି ଜହନ୍‌କେ ବିନେରିଗସ୍, ବଃଲେକ୍ “ଗଃର୍ଜ୍‌ତା
ମେଗାର୍ ହୟ୍‌ସି” ବଃଲି ନାଉଁ ଦିଲା । 18 ଆନ୍ଦ୍ରିଅ, ପିଲିପ୍,
ବାର୍ତଲମି, ମାତିଉ, ତମା, ଆଲ୍‌ପିଅର୍ ହୟ୍‌ସି ଜାକୁବ, ତଦିୟ୍,
କିଣାନିୟ୍ ସିମନ୍, ଜୁୟ୍ ମାନାୟ୍ କି ଇସ୍ରାଏଲାର୍ ଲକ୍‌ମଃନ୍‌କେ
ରମିୟ୍ ସଃର୍କାର୍ ତଃୟ୍‌ହୁଣି ମୁକ୍‌ଲାଉଁକେ ମଃନ୍ କଃର୍ତିରିଲା ।
ଜିଉଦିମଃନାର୍ ବିତ୍ରେ ସେ ଏକ୍ଲା, 19 ଆର୍ ଇସ୍କାରିଅତ୍ ଜିଉଦା,
ଜେ କି ଜିସୁକେ ସଃତ୍ରୁର୍ ଆତେ ସଃହ୍ରି ଦିଲା । 20 ତାର୍‌ହଃଚେ
ଜିସୁ ଗଃରେ ଆୟ୍‌ଲା; ଆର୍ ସେତି ଗାଦା ଲକ୍‌ମଃନ୍ ରୁଣ୍ଡିରିଲାୟ୍,
ତଃବାର୍‌ଗିନେ ଜିସୁ ଆର୍ ତାର୍ ଚେଲାମଃନ୍ କାଉଁକେ ହେଁ
ନଃହାୟ୍‌ଲାୟ୍ । 21 ଜଃଡେବଃଲ୍ ଜିସୁର୍ ଗଃରାର୍ ଲକ୍ ଇ
କଃତା ସୁଣ୍‌ଲାୟ୍, ସଃଡେବଃଲ୍ ସେମଃନ୍ ଜିସୁକେ ବାଉଳାୟ୍
ଆଣୁକେ ଗଃଲାୟ୍, କାୟ୍‌ତାକ୍‌ବଃଲେକ୍, “ଜିସୁର୍ ମୁଣ୍ଡ ବଃୟ୍ଲା

ଅୟ୍‌ଲି," ବଃଲି ଲକ୍‌ମଃନ୍ କଃଉଆକଇ ଅଃଉତି ରିଲାୟ୍ ।
22 ଜିରୁସାଲମେ ହୁଣି ଆୟ୍‌ଲା ପାରୁସିମଃନ୍ କଃଉତି ରିଲାୟ୍,
"ଜିସୁକେ ବୁତ୍‌ମଃନାର୍ ରଃଜା ବାଲ୍‌ଜିବୁଲ୍ ବୁତ୍ ଡଃସିଆଚେ,
ତାର୍ ବଃଲେ ସେ ଲକ୍‌କେ ଡଃସିରିଲା ବୁତ୍‌ମଃନ୍‌କେ ଚାଡାଉଁଲା
।" 23 ସେତାର୍‌ଗିନେ ଜିସୁ ସେମଃନ୍‌କେ ଲଃଗେ କୁଦ୍‌ଲା ଆର୍
ସେମଃନ୍‌କେ ଗଟେକ୍ କଃତା କୟ୍ ବୁଜାୟ୍‌ଲା, "ସୟ୍‌ତାନ୍
କଃନ୍‌କଃରି ସୟ୍‌ତାନ୍‌କେ ଚାଡାୟ୍‌ଦ୍? 24 ଗଟେକ୍ ରାଇଜ୍ ଦୁୟ୍
ବାଗ୍ ଅୟ୍ ନିଜାର୍ ବିରଦେ ଉଟ୍‌ଲେକ୍ ସେ ରାଇଜ୍ କଃବେ ହେଁ
ତିର୍ ଅୟ୍ ରେଉଁ ନାହାରେ । 25 ଜଃବେ କୁୟ୍ ଗଃରାର୍ ଲକ୍‌ମଃନ୍
ଅଃହ୍‌ଣା ଅଃହ୍‌ଣାର୍ ବିତ୍ରେ ବାଗ୍ ବାଗ୍ ଅଃଉତି, ତଃବେ ସେ
ଗଃର୍ ତିର୍ ଅୟ୍ ରେଉଁ ନାହାରେ । 26 ସେରଃକମ୍ ସୟ୍‌ତାନ୍
ଜଃଡେବଃଲ୍ ଅଃହ୍‌ଣାର୍ ବିରଦେ ଉଟେଦ୍, ତାର୍ ରାଇଜ୍ ତିର୍
ଅୟ୍ ରେଉଁ ନାହାରେ, ମଃତର୍ ସେ ନାସ୍ ଅୟ୍‌ଦ୍ ।" 27 "ଆରେକ୍
କେ ବଃଲ୍‌ବପୁ ଲକ୍‌କେ ନଃବାନ୍ଦ୍‌ଲେକ୍, କଃନ୍‌କଃରି ତାର୍ ଗଃରେ
ହୁରିକଃରି ତାର୍ ଆସ୍ତିବାଡି ଚରି ନେଉଁ ହାରେ? ତାକ୍ ହଃର୍ତୁ
ବାନ୍ଦ୍‌ଲେକ୍ ସିନା ତାର୍ ଗଃର୍ ଚରି ନେଉଁ ହାରେ ।" 28 "ମୁଁୟ୍
ତୁମିମଃନ୍‌କେ ସଃତ୍ କଃଉଁଲେ, ଲକ୍‌ମଃନ୍ ଜଃତେକ୍ ହାହ୍ ଆର୍
ଲିନ୍ଦ୍‌ାକଃରି ଆଚ୍‌ତି, ସେ ସଃବୁ କେମା ଅୟ୍‌ଦ୍, ଆର୍ ଜୁୟ୍
ଲକ୍‌ମଃନ୍ ମାପ୍ରୁର୍ ବିରଦେ କଃତା କଃଉତି, ସେ ଲକ୍‌କେ କେମା
କଃରା ଅୟ୍‌ଦ୍ । 29 ମଃତର୍ ଜେ ପବିତ୍ର ଆତ୍ମା ବିରଦେ ଲିନ୍ଦ୍‌ା
କଃତା କୟ୍‌ଦ୍, ତାକ୍ ସଃବୁ ଦିନାର୍ ହାୟ୍ଁ କେମା ନାୟ୍ । ମଃତର୍
ସେ ସଃବୁ ଦିନ୍ ହାହି ଅୟ୍ ରଃୟ୍‌ଦ୍ ।" (aiōn g165, aiōnios
g166) 30 ଜିସୁ ଇବାନ୍ୟା କାୟ୍‌ତାକ୍ କୟ୍‌ଲା ବଃଲେକ୍ ଦଃର୍ମ୍
ସାସ୍ତ୍ରିମଃନ୍ ଜିସୁକେ ବୁତ୍ ଦଃରି ଆଚେ ବଃଲି କଃଉତି ରିଲାୟ୍ ।
31 ସଃଡେବଃଲ୍ ଜିସୁର୍ ଆୟ୍‌ସି ଆର୍ ବାୟ୍‌ସିମଃନ୍ ଆୟ୍‌ଲାୟ୍
ଆର୍ ହଃଦାୟ୍ ଟିଆଅୟ୍ ଜିସୁକେ କୁଦୁକେ କବୁର୍ ହଃଟାୟ୍‌ଲାୟ୍
। 32 ଜଃଡେବଃଲ୍ ଜିସୁର୍ ଚାରିହାକ୍ ଲକ୍‌ମଃନ୍ ରୁଣ୍ଡିକଃରି
ବଃସିରିଲାୟ୍, ସେମଃନ୍ ଜିସୁକେ କୟ୍‌ଲାୟ୍, "ତର୍ ଆୟ୍‌ଦି,
ବାୟ୍‌ଦି ଆର୍ ବେଣିମଃନ୍ ହଃଦାୟ୍‌ରଃୟ୍ ତକେ ଲଲୁଲାୟ୍ ।" 33
ଜିସୁ ସେ ଲକ୍‌ମଃନ୍‌କେ କୟ୍‌ଲା, "କେ ମର୍ ଆୟ୍ସା, ଆର୍ କେ
ମର୍ ବାୟ୍‌ମଃନ୍?" 34 ଜିସୁ ସେତି ବଃସିରିଲା ଚାରିବେଲ୍‌ତାର୍
ଲକ୍‌କେ ଦଃକିକଃରି ସେ କୟ୍‌ଲା, "ଦଃକା! ଇ ଲକ୍‌ମଃନ୍ ମର୍
ଆୟ୍ସା ଆର୍ ବାୟ୍‌ମଃନ୍, 35 ଜୁୟ୍‌ଲକ୍ ଇସ୍ୱରାର୍ ଇଚା ହୁରୁଣ୍
କଃରେଦ୍ ସେ ଲକ୍ ମର୍ ବାୟ୍, ବେଣି ଆର୍ ଆୟ୍ସା ।"

4 ଜିସୁ ଆରେକ୍ ଗାଲିଲି ସଃମ୍‌ନ୍ଦ୍ କଃଣ୍ଡାୟ୍ ହୁଣି ସିକ୍ୟା ଦେଉଁକେ
ଦଃର୍ଲା, ଗାଦେକ୍ ଲକ୍‌ମଃନ୍ ଆସି ତାର୍ ଚାରିହାକ୍ ରୁଣ୍ଡ୍‌ଲାୟ୍
ଲାଗି ଜିସୁ ସଃମ୍‌ନ୍ଦେ ରିଲା ଗଟେକ୍ ଡଙ୍ଗାୟ୍ ଜାୟ୍ ବଃସ୍‌ଲା,
ଆର୍ ଲକ୍‌ମଃନ୍ ସଃମ୍‌ନ୍ଦ୍ କଃଣ୍ଡାୟ୍ ରିଲାୟ୍ । 2 ସଃଡେବଃଲ୍
ଜିସୁ କଃତା କୟ୍‌କଃରି ସେମଃନ୍‌କେ ଗାଦେକ୍ କଃତା କଃଉଁକେ
ଦଃର୍ଲା, ଆର୍ ସେମଃନ୍‌କେ କୟ୍‌ଲା । 3 "ସୁଣା ଗଟେକ୍ ମାନାୟ୍
ତାର୍ ହଃଦାୟ୍ ବିଆନ୍ ବୁଣୁକ୍ ବାରାୟ୍‌ଲା । 4 ସେ ବିଆନ୍
ବୁଣ୍‌ତା ବଃଲ୍, କଃତେକ୍ ବିଆନ୍ ବାଟ ଲଃଗେ ଅଦୁର୍ଲି, ଆର୍
ଚେଳେମଃନ୍ ଆସି ସେ ସଃବୁ କାୟ୍‌ଲାୟ୍ । 5 ଆର୍ କଃତେକ୍
ବିଆନ୍ ଅଃଳକ୍ ମାଟିରିଲା ଟେଳା ବୁୟେଁ ଅଦୁର୍ଲି, ଆର୍ ଅଃଳକ୍
ମାଟି ରିଲି ଲାଗି ବେଗି ଗଃଜା ଅୟ୍‌ଲି । 6 ମଃତର୍ ବେଲ୍ ଉଦି
କଃରା କଃଲାକ୍ ଗଃଜା ସଃବୁ ହଡିଗଃଲି, ଚେର୍ ସଃବୁ ମାଟି
ବିତ୍ରେ ଜାୟ୍ ନଃରିଲାକ୍ ଗଃଜାମଃନ୍ ସୁକିଗଃଲି । 7 କଃତେକ୍
ବିଆନ୍ କାଟା ବୁଟା ବିତ୍ରେ ଅଦୁର୍ଲି, ଆର୍ କାଟା ବୁଟାମଃନ୍ ବାଡ୍‌ଲି
ଆର୍ ସେ ଗଃଜାମଃନ୍‌କେ ଚାହ୍‌ଲି, ତଃବାର୍‌ଗିନେ ସେ ଗଃଚେ
ହଃଲ୍ ନଃଦେର୍ଲି । 8 ମଃତର୍ ବିନ୍ କଃତେକ୍ ବିଆନ୍ ନିକ ବୁୟେଁ
ଅଦୁର୍ଲି, ଆର୍ ସେରି ଗଃଜା ଅୟ୍ ବାଡିକଃରି ହଃଲ୍ ହଃଲ୍‌ଲି,
କଃତେକ୍ ତିରିସ୍ ଗୁଣ୍, କଃତେକ୍ ସାଟେ ଗୁଣ୍ ଆର୍ ସଏ ଗୁଣ୍
ହଃଲ୍‌ଲି ।" 9 ଜିସୁ କୟ୍‌ଲା, "ଜାର୍ ସୁଣୁକ୍ କାନ୍ ଆଚେ ସେ
ସୁଣ ।" 10 ଜଃଡେବଃଲ୍ ଜିସୁ ଏକ୍ଲା ରିଲା, ବାରଗଟ୍ ଚେଲା
ଆର୍ ତାକାର୍ ସଃଙ୍ଗ୍ ରିଲା ଲକ୍‌ମଃନ୍ ଜିସୁର୍ ଲଃଗେ ଆୟ୍‌ଲାୟ୍
ଆର୍ ଗଃଉଆରି କଃଲାୟ୍, "ତୁୟ୍ କାୟ୍‌ତାକ୍ କଃତା କୟ୍ ସିକ୍ୟା
ଦେଉଁଲିସ୍ ।" 11 ଜିସୁ ସେମଃନ୍‌କେ କୟ୍‌ଲା, "ତୁମିମଃନ୍‌କେ
ଇସ୍ୱରାର୍ ରାଇଜାର୍ ବିତ୍ରିକଃତା ବୁଜୁକେ ସଃକ୍ତି ଦିଆ ଅୟ୍‌ଆଚେ,
ମଃତର୍ ବିନ୍ ଲକ୍‌ମଃନ୍‌କେ କଃତାକୟ୍ ସିକ୍ୟା ଦେଉଁକ୍ ଅଃଉଁଲି
। 12 ଜଃନ୍‌କଃରି, ସେମଃନ୍ ଦଃକି ଦଃକି, ଜାଣୁ ନଃହାର୍‌ତି;
ଆର୍ ସୁଣି ସୁଣି, ବୁଜୁ ନଃହାର୍‌ତି । ଜଦି ସେମଃନ୍ ଜାଣ୍‌ତି ଆର୍
ବୁଜ୍‌ତି ଆର୍ କଃଡେବଃଲ୍ ମାପ୍ରୁ ହାକ୍ ବାଉଳି ଆସ୍ତି, ଆର୍ କେମା
ହାଉତି ।" 13 ଜିସୁ ଆରେକ୍ ସେମଃନ୍‌କେ କୟ୍‌ଲା, "ଇ କଃତା
ତୁମିମଃନ୍ କାୟ୍ ବୁଜୁକ୍ ନଃହାରୁଲାସ୍? ତଃବେ ବିନ୍ କଃତା
କଃନ୍‌କଃରି ବୁଜାସ୍? 14 ବୁଣୁ ଇସ୍ୱରାର୍ ବଃଚନ୍ ବୁଣେଦ୍ । 15
କଃତେକ୍ ଲକ୍ ବାଟ ଲଃଗାର୍ ବୁୟ୍ଁ ହର୍, ସେମଃନ୍ ଇସ୍ୱରାର୍
ବଃଚନ୍ ସୁଣ୍‌ତି, ମଃତର୍ ସୁଣ୍‌ଲା ଦାହ୍ରେ ସୟ୍‌ତାନ୍ ଆସି ସେମଃନ୍
ସୁଣିରିଲା ବଃଚନ୍‌କେ ଚରି ନଃୟ୍‌ଦ୍ । 16 କଃତେକ୍ ଲକ୍ ଚଃଟ୍ରା
ଉହ୍ରେ ଅଃଳକ୍ ମାଟି ରିଲା ବୁୟ୍ଁ ହର୍, ସେମଃନ୍ ବଃଚନ୍ ସୁଣ୍‌ଲା
ଦାହ୍ରେ, ସଃର୍ଦାଅୟ୍ ମଃନେ ଦଃର୍ତି । 17 ମଃତର୍ ସେମଃନାର୍
ଚେର୍ ମାଟି ବିତ୍ରେ ଜାୟ୍‌ନଃରିଲା ଗିନେ, ସେ ଲକ୍‌ମଃନ୍ ଚଃନେକ୍
ମଃତର୍ ତିର୍ ଅୟ୍ ରେତି, ଆର୍ ଜଃଡେବଃଲ୍ ମାପ୍ରୁର୍ ବଃଚନାର୍
ଗିନେ ଦୁକ୍‌କଃସ୍ଟ କି ତାଡ୍‌ନା ଆୟ୍‌ଲେକ୍, ସେଦାହ୍ରେ ବିସ୍ୱାସ୍
ଚାଡ୍‌ତି, ସେମଃନ୍ ବୁଣା ଅୟ୍‌ରିଲା ଚଃଟ୍ରା ବୁୟ୍ଁ ହର୍ । 18
ଆର୍ କଃତେକ୍ ଲକ୍ କାଟାବୁଟା ବିତ୍ରେ ବୁଣ୍‌ଲା ବିଆନ୍ ହର୍
ବଃଚନ୍ ସୁଣ୍‌ତି, ଆର୍ ଜଃଗତାର୍ ଚିତା, ଦଃନାର୍ ଲଃବ୍ ଆର୍
ବିନ୍ ସବୁ ରଃକମାର୍ ଲାଲ୍‌ସା ସେମଃନ୍‌କେ ଚାହି ହଃକାୟ୍‌ଦ୍
ଆର୍ ସେମଃନ୍ ହଃଲ୍ ହଃଲୁ ନଃହାର୍‌ତି । 19 ଜିବନେ ଦଃନ୍ଦି,
ଜଃଗତାର୍ ମଲ୍‌ନୟ୍‌ଲା ଦଃନ୍ ଆର୍ ବିନ୍ ଜିନିସାର୍ ଇଚା ଆସେଦ୍
ଆର୍ ଚାହେଦ୍ ସେତାକ୍ ସେରି ହଃଲ୍ ନଃଦେରେ । (aiōn g165)
20 ମଃତର୍ ଜୁୟ୍ ଲକ୍‌ମଃନ୍ ମାପ୍ରୁର୍ ବଃଚନ୍ ସୁଣି ସେରି ମଃନେ
ଦଃର୍ତି ଆର୍ ତିରିସ୍ ଗୁଣ୍, ସାଟେ ଗୁଣ୍ ଆର୍ ସଏ ଗୁଣ୍ ହଃଲ୍

ହଃଲ୍ତି, ସେମଃନ୍ ବୁଣା ଅୟ୍ରିଲା ନିକ ବୁୟ୍ଁ ହର୍ ।" 21
ଜିସୁ ଆରେକ୍ ସେମଃନ୍‌କେ କୟ୍‌ଲା, "କୁୟ୍ ଲକ୍ କାୟ୍ କୁପି
ଲାଗାୟ୍, ମାଣ୍ ତଃଳେ କି କଃଟ୍ ତଃଳେ ସଃଙ୍ଗାଉଁକେ ଆଣେଦ୍?
ମଃତର୍ ଲକ୍‌ମଃନ୍ କୁପି ଲାଗାୟ୍ ରୁକା ଉହ୍ରେ ସଃଙ୍ଗାଉଁକେ
କାୟ୍ ନାଣ୍ତି? 22 କାୟ୍‌ତାକ୍‌ବଃଲେକ୍ ଜାଣା ନଃହେଲ୍‌ତାର୍
କାୟ୍‌ରି ହେଁ ଲୁକ୍‌ଣେ ନାୟ୍, ଆର୍ ଜୁୟ୍‌ରି ଲୁକି ଆଚେ, ସେରି
ହଃଦାୟ୍ ବାରାଉଁକ୍ ଲୁକି ଆଚେ । 23 ଜଦି ତୁମାର୍ କାନ୍ ଆଚେ,
ତଃବେ ସୁଣା!" 24 ଜିସୁ ଆରେକ୍ ସେମଃନ୍‌କେ କୟ୍‌ଲା, "ତୁମି
ଜାୟ୍‌ରି ସୁଣୁଲାସ୍ ସେ କଃତାକ୍ ଜଃଗ୍ରାତ୍, ତୁମିମଃନ୍ ଜୁୟ୍ ନାହେଁ
ନାହାସ୍, ସେ ନାହେଁ ତୁମିମଃନ୍‌କେ ନାହି ଦିଆ ଅୟ୍‌ଦ୍ ଆର୍
ତୁମିମଃନ୍‌କେ ଅଃଦିକ୍ ଦିଆ ଅୟ୍‌ଦ୍ । 25 କାୟ୍‌ତାକ୍‌ବଃଲେକ୍
ଜାର୍ ଆଚେ, ତାକ୍ ଦିଆ ଅୟ୍‌ଦ୍, ଆର୍ ଜାର୍ ନାୟ୍ ତାର୍ ତଃୟ୍
ଜାୟ୍‌ରି ଆଚେ, ସେରି ହେଁ ତାର୍ ତଃୟ୍‌ହୁଣି ନିଆ ଅୟ୍‌ଦ୍ ।"
26 ଆରେକ୍ ଜିସୁ କୟ୍‌ଲା, "ଇସ୍ୱରାର୍ ରାଇଜ୍ ଇରଃକମ୍ ।
ଜଃନ୍‌କଃରି ଗଟ୍‌ଲକ୍ ତାର୍ ବୁୟେଁ ବିଆନ୍ ବୁଣେଦ୍ । 27 ଆରେକ୍
ସେଲକ୍ ରାତିବଃଲ୍ ସୟ୍‌ଦ୍, ଆର୍ ଦିନ୍ ବଃଲ୍ ଉଟେଦ୍; ଆର୍
ବିଆନ୍ କଃନ୍‌କଃରି ଆକରି ବାଡେଦ୍ ଇରି ସେମାନାୟ୍ ନଃଜାଣେ
। 28 ବୁୟ୍ଁ ନିଜେ ହଃଲ୍ ହଃଳାୟ୍‌ଦ୍, ହଃର୍ତୁ ହଃତାର୍, ତାର୍‌ହଃଚେ
କେଡ୍, ଆର୍ କେଡ୍ ବଃର୍ତି ଗଅଁ ଅୟ୍‌ଦ୍ । 29 ମଃତର୍ ସଃର୍ନେ
କେଡ୍ ହାକ୍‌ଲେକ୍ କାଟ୍‌ତା ବେଳା ଅୟ୍‌ଲି ବଃଲି ସେ ଲକ୍ ଇଳା
ସଃଙ୍ଗ କାଟେଦ୍ ।" 30 ଜିସୁ ଆରେକ୍ କୟ୍‌ଲା, "ମୁଁୟ୍ କାର୍ ସଃଙ୍ଗ
ଇସ୍ୱରାର୍ ରାଇଜ୍ ତୁଲ୍‌ନା କଃରିନ୍ଦ? ଆରେକ୍ ମୁଁୟ୍ ତୁମିମଃନ୍‌କେ
କୁୟ୍ କଃତା କୟ୍ ସେରି ବୁଜାୟ୍‌ନ୍ଦ? 31 ଇସ୍ୱରାର୍ ରାଇଜ୍
ଗଟେକ୍ ସାନ୍ ସଃର୍ସୁ ମୁଞ୍ଜି ହର୍; ମାଟାୟ୍ ବୁଣ୍‌ତା ବଃଲ୍ ଇରି
ହୁର୍ତିବିର୍ ସଃବୁ ମୁଞ୍ଜି ତଃୟ୍‌ହୁଣି ସାନ୍ । 32 ମଃତର୍ ବୁଣ୍‌ଲା
ହଃଚେ ଇରି ବାଡିକଃରି ସଃବୁସାଗ୍ ତଃୟ୍‌ହୁଣି ବଃଡ୍ ଅୟ୍‌ଦ୍,
ଆରେକ୍ ତାର୍ ଇରଃକମ୍ ବଃଡ୍‌ବଃଡ୍ ଡାଲ୍ ଅୟ୍‌ଦ୍ ଜେ, ଅଃଗାସ୍
ଉହ୍ରାର୍ ଚେଳେମଃନ୍ ତାର୍ ଚାୟ୍ ଲଃଗେ ଗୁଡା କଃରୁକେ ହାର୍ତି
।" 33 ଜିସୁ ଇରଃକମ୍ କଃତେକ୍ କଃତା କୟ୍ ସେମଃନାର୍
ବୁଜୁ ହାର୍ତା ହଃତେକ୍ ସେମଃନ୍‌କେ ସିକ୍ୟା ଦେତିରିଲା । 34
ଜିସୁ କଃତା ନଃକୟ୍‌କଃରି କାୟ୍ ସିକ୍ୟା ହେଁ ନଃଦେତି ରିଲା,
ମଃତର୍ ଜିସୁ ଅଃହ୍‌ଣାର୍ ଚେଲାମଃନ୍‌କେ ସଃବୁ କଃତା ଲୁକ୍‌ଣେ
ବୁଜାଉତି ରିଲା । 35 ସେଦିନ୍ ସଃଞ୍ଜ ଅୟ୍‌ଲାକ୍, ଜିସୁ ତାର୍
ଚେଲାମଃନ୍‌କେ କୟ୍‌ଲା, "ଆସା ଅଃମି ସଃମ୍ନ୍ଦାର୍ ସେହାଟି
ଜୁଆଁ ।" 36 ତଃବେ ଚେଲାମଃନ୍ ଲକ୍‌ମଃନ୍‌କେ ସେତି ଚାଡି
ଜୁୟ୍ ଡଙ୍ଗାୟ୍ ଜିସୁ ବଃସିରିଲା, ଚେଲାମଃନ୍ ହେଁ ଜାୟ୍ ସେତି
ବଃସ୍‌ଲାୟ୍, ଆର୍ ଜିସୁକେ ତାର୍ ସଃଙ୍ଗ ନିଲାୟ୍ । ଆରେକ୍ ସେତି
ବିନ୍ ବିନ୍ ଡଙ୍ଗା ହେଁ ତାକାର୍ ସଃଙ୍ଗ ରିଲି । 37 ତାର୍‌ହଃଚେ
ତଃତ୍‌କାଣ୍ ସଃମ୍ନ୍ଦେ ଅଃପର୍‌ବଲ୍ ବାଉବଃତାସ୍ ଅୟ୍‌ଲି, ଆର୍
ସଃମ୍ନ୍ଦେ ଉଲାଲ୍ ଉଟି ଡଙ୍ଗା ବଃର୍ତି ହାଣି ଅଃଉଁକେ ଦଃର୍ଲି । 38
ସଃଡେବଃଲ୍ ଜିସୁ ଡଙ୍ଗାର୍ ହଃଚ୍‌ବାଟ୍ ମୁଚ୍‌ଳା ଉହ୍ରେ ମୁଣ୍ଡ ଲାଦି
ସୟ୍‌ରିଲା; ଆର୍ ଚେଲାମଃନ୍ ଜିସୁକେ ଉଟାୟ୍ କୟ୍‌ଲାୟ୍, "ଏ
ଗୁରୁ, ଅଃମିମଃନ୍ ମଃଲୁ, ଅଃମାର୍ ଗିନେ ତର୍ କାୟ୍ ଚିତା ନାୟ୍?"
39 ଜିସୁ ଉଟିକଃରି ବାଉହାଣିକେ ଦଃକା ଦଃୟ୍ ସଃମ୍ନ୍ଦକେ
କୟ୍‌ଲା, "ତୁନ୍‌ହାଲ୍, ଚୁପ୍‌ଅଃଉ ।" ସେତାକ୍ ବାଉ ଡେବ୍‌ଲି ଆର୍
ସଃବୁ ତିର୍ ଅୟ୍‌ଲି । 40 ତାର୍‌ହଃଚେ ଜିସୁ ଚେଲାମଃନ୍‌କେ
କୟ୍‌ଲା, "ତୁମିମଃନ୍ କାୟ୍‌ତାକ୍ ଅଃତେକ୍ ଡିରୁଲାସ୍, ଅଃବେ
ହଃତେକ୍ କାୟ୍ ତୁମାର୍ ବିସ୍ୱାସ୍ ନାୟ୍?" 41 ସେତାକ୍ ସେମଃନ୍
ଅଃପର୍‌ବଲ୍ ଡିରିକଃରି ତାକାର୍ ତାକାର୍ ବିତ୍ରେ କଃଉଆକଇ
ଅଃଉଁକେ ଦଃର୍ଲାୟ୍, "ଏ ତଃବେ କେ ଜେ, ବାଉ ଆର୍ ସଃମ୍ନ୍ଦ
ହେଁ ଆର୍ କଃତା ମାନୁଲାୟ୍ ।"

**5** ତାର୍‌ହଃଚେ ଜିସୁ ଆର୍ ତାର୍ ଚେଲାମଃନ୍ ଗାଲିଲି ସଃମ୍ନ୍ଦ
ସେହାଟି ରିଲା ଗରାସିୟମଃନାର୍ ଦେସେ ହଚ୍‌ଲାୟ୍ । 2 ଜିସୁ
ଡଙ୍ଗାୟ୍‌ହୁଣି ଉତୁର୍ଲା ଦାହ୍ରେ ଗଟେକ୍ ବିଟାଲ୍ ବୁତ୍ ଦଃର୍ଲା ଲକ୍
ମଃସ୍‌ଣେ ହୁଣି ବାରାୟ୍ ଜିସୁର୍ ଲଃଗେ ଆୟ୍‌ଲା । 3 ସେ ଲକ୍
ମଃସ୍‌ଣେ ରେତିରିଲା, ତାକ୍ କେ ହେଁ ସିକ୍ଲି ସଃଙ୍ଗ ବାନ୍ଦି ସଃଙ୍ଗାଉଁକ୍
ନଃହାର୍ତି ରିଲାୟ୍ । 4 କଃତିତର୍ ତାକ୍ ସିକ୍ଲି ସଃଙ୍ଗ ଆତେ ଗଡେ
ବାନ୍ଦ୍‌ତି ରିଲାୟ୍, ମଃତର୍ ସେ ସିକ୍ଲିକେ ଚିଡାୟ୍ ଗଃର୍ଣ୍ଡା ଗଃର୍ଣ୍ଡା
କଃରି ହଃକାଉତି ରିଲା, ତାକ୍ ବାନ୍ଦିକଃରି ଆୟ୍‌ତ୍ କଃରୁକେ
କାର୍ ସଃକ୍ତି ନଃରିଲି । 5 ସେ ଦିନ୍‌ରାତି ସଃବୁବଃଲ୍ ମଃସ୍‌ଣେ
ଆର୍ ଡଙ୍ଗେ ବୁଲି ବୁଲି ବେଲ୍‌କି ଅଃଉତି ରିଲା, ଆର୍ ନିଜାର୍
ଗିନେ ନିଜେ ଟେଳାୟ୍ ଚେଚି ଅୟ୍ ଗାଉ କଃର୍ତିରିଲା । 6 ସେ
ମାନାୟ୍ ଜିସୁକେ ଦୁରିକ୍ ହୁଣି ଦଃକ୍‌ଲା ଆର୍ ଦଃବ୍‌ଲି ଆୟ୍‌ଲା
ଆର୍ ଜିସୁକେ ଜୁଆର୍ କଃଲା । 7 ଆର୍ ସେ ଆଉଲି ଅୟ୍‌କଃରି
କୟ୍‌ଲା, "ଏ ସଃବ୍‌କେ ବଃଡ୍ ଇସ୍ୱରାର୍ ହୟ୍‌ସି ଜିସୁ, ମର୍‌ତଃୟ୍
ତର୍ କାୟ୍‌ରି ଆଚେ? ମୁଁୟ୍ ତକେ ଇସ୍ୱରାର୍ ନାଉଁଏ ଗଃଉଆରି
କଃରୁଲେ, ମକ୍ ଡଃଣ୍ଡ ଦେନାୟ୍ ।" 8 କାୟ୍‌ତାକ୍‌ବଃଲେକ୍
ଜିସୁ ତାକ୍ କଃଉଁକେ ଜାତିରିଲା, "ଏ ବିଟାଲ୍ ବୁତ୍ ଇ ଲକ୍
ତଃୟ୍‌ହୁଣି ବାରାୟ୍ ଜାଆ ।" 9 ଜିସୁ ତାକ୍ ହଃଚାର୍ଲା, "ତର୍
ନାଉଁ କାୟ୍ ନାଉଁ?" ସେ କୟ୍‌ଲା, "ମର୍ ନାଉଁ ବାହିନି, ବଃଲେକ୍
ଅଃମି ଗାଦେକ୍ ।" 10 ଆର୍ ସେ କାନିକଃର୍ମ୍ ଅୟ୍ ଗଃଉଆରି
କଃରି କଃଉଁକ୍ ଦଃର୍ଲା, "ଇତିହୁଣି ସଃନ୍ଦି ଜିଣ୍‌ତେ ଦୁରିକ୍ ଅଃମିକ୍
ହଃଟାଉ ନାୟ୍ ।" 11 ସେତିର୍ ଡଙ୍ଗର୍ କଃଲ୍‌କାୟ୍ ଗଟ୍ ଗୁସ୍ରା
ମଃନ୍ଦା ଚଃର୍ତି ରିଲାୟ୍ । 12 ସେ ବିଟାଲ୍ ଦୁତ୍‌ମଃନ୍ ଜିସୁକେ
କାନିକଃର୍ମ୍ ଅୟ୍ ଗଃଉଆରି କଃଲାୟ୍, "ହୟ୍ ଗୁସ୍ରାମଃନାର୍
ବିତ୍ରେ ହୁରୁକ୍ ଅଃମିକ୍ ସେମଃନାର୍ ବିତ୍ରେ ହଃଟାଉ ।" 13 ଜିସୁ
ସେମଃନ୍‌କେ ଜଃଉଁକେ ଆଦେସ୍ ଦିଲାକ୍, ବିଟାଲ୍ ଦୁତ୍‌ମଃନ୍ ସେ
ଲକାର୍ ତଃୟ୍‌ହୁଣି ବାରାୟ୍‌ଲାୟ୍, ଆର୍ ସେତି ରିଲା ଗୁସ୍ରାମଃନାର୍
ବିତ୍ରେ ହୁର୍ଲାୟ୍, ଆର୍ ସେ ଗୁସ୍ରା ମଃନ୍ଦା ଦଃବ୍‌ଲି ଜାୟ୍ ସଃମ୍ନ୍ଦ
କଃଣ୍ଟାୟ୍ ହୁଣି ଅଦ୍ରି ବୁଡି ମଃଲାୟ୍ । 14 ତାର୍‌ହଃଚେ ଗୁସ୍ରା
ଚଃରାଉତା ଲକ୍‌ମଃନ୍ ହଃଳାୟ୍ ଜାୟ୍ ସଃବୁ ଗଃଲେ ଆର୍ ଗାଉଁଏ
ଜିସୁ କଃରିରିଲା ଗଃଟ୍‌ଣା ସଃବୁ କୟ୍‌ଲାୟ୍, ତଃବାର୍‌ଗିନେ

ଲକ୍‌ମଃନ୍ କାୟ୍‌ରି ଅୟ୍‌ଆଚେ ବଃଲି ଦଃକୁକ୍ ଆୟ୍‌ଲାୟ୍ । 15
ଆର୍ ଲକ୍‌ମଃନ୍ ଜିସୁର୍ ଲଃଗେ ଆୟ୍‌ଲାୟ୍, ଆର୍ ହଃର୍ତୁ ଜୁୟ୍
ଲକ୍‌କେ ବିଟାଲ୍ ବୁତ୍ ଡଃସିରିଲି, ସେମାନାୟ୍ ନିକ ଅୟ୍‌କଃରି
ହଃଚ୍ୟା ହିନ୍ଧି ସୁସ୍ତାମଃନେ ବଃସିରିଲାର୍ ଦଃକିକଃରି ସେମଃନ୍
ଡିରି ଗଃଲାୟ୍ । 16 ଜୁୟ୍ ଲକ୍‌ମଃନ୍ ବୁତ୍ ଡଃସ୍‌ଲାର୍ ଲକ୍‌କେ
ନିକ କଃଲାର୍ ଆର୍ ଗୁସ୍ରାମଃନ୍ ବୁଡି ମଃଲାର୍ ଦଃକି ରିଲାୟ୍,
ସେମଃନ୍ ନଃଜାଣ୍‌ତା ଲକ୍‌କେ ସଃବୁ କଃତା କୟ୍‌ଲାୟ୍ । 17
ଲକ୍‌ମଃନ୍ ଇ କଃତା ସୁଣିକଃରି, ଜିସୁକେ ତାକାର୍ ସଃନ୍ଧି ଚାଡି
ଜାଆ ବଃଲି ଗଃଉଆରି କଃଲାୟ୍ । 18 ଜିସୁ ଡଙ୍ଗାୟ୍ ଚଃଗ୍‌ତିରିଲା
ବଃଲ୍, ଜୁୟ୍ ମାନାୟ୍‌କେ ବୁତ୍ ଡଃସିରିଲି, ସେମାନାୟ୍ ଜିସୁକେ
"ମୁଁୟ୍ ହେଁ ତର୍ ସଃଙ୍ଗ୍ ଆସିନ୍ଧ," ବଃଲି ତର୍‌କେ ତର୍ କାନିକଃର୍ମ୍
ଅୟ୍ ଗଃଉଆରି କଃଲା । 19 ମଃତର୍ ଜିସୁ ସେମାନାୟ୍‌କେ
ତାର୍ ସଃଙ୍ଗ୍ ଜଃଉଁକେ ମଃନାକଃରି ତାକ୍ କୟ୍‌ଲା, "ତୁୟ୍ ତର୍
ଗଃରେ, ତର୍ ଲକ୍‌ମଃନାର୍ ଟାଣେ ବାଉଳି ଜାଆ, ଆର୍ ମାପ୍ରୁ
ତର୍ ଗିନେ ଜାୟ୍ ଜାୟ୍‌ରି କଃରି ଆଚେ, ଆର୍ ତକେ ଦଃୟା
କଃରି ଆଚେ, ସେ କଃତା ସେମଃନ୍‌କେ କଃଉ ।" 20 ସେମାନାୟ୍
ଜିସୁର୍ କଃତାମାନି ସେତିହୁଣି ଗଃଲା, ଆର୍ ଜିସୁ ତାକ୍ ଜାୟ୍
ଜାୟ୍‌ରି କଃରିରିଲା, ସେ କଃତା ଦେକାପଲି, ବଃଲେକ୍ ଦଃସ୍‌ଗଟ୍
ଗାଉଁଆର୍ ସଃବୁ ହାକ୍ ପର୍ଚାର୍ କଃରି ବୁଲ୍‌ଲା; ଆର୍ ଜଃତେକ୍
ଲକ୍‌ମଃନ୍ ଇ କଃତା ସୁଣ୍‌ଲାୟ୍, ସେମଃନ୍ କାବା ଅୟ୍‌ଲାୟ୍ । 21
ଜିସୁ ଆରେକ୍ ଗଟ୍‌ତର୍ ଡଙ୍ଗାୟ୍ ବଃସି ଇହାଟି ବାଉଳି ଆୟ୍‌ଲା
। ସେଲଃଗେ ଗାଦେକ୍ ଲକ୍‌ମଃନ୍ଧା ରୁଣ୍ଡ୍‌ଲାୟ୍, ଆର୍ ଜିସୁ ସେ
ସଃମ୍‌ନ୍ଧ କଃଣ୍ଡାୟ୍ ରିଲା । 22 ସଃଡେବଃଲ୍ ଗଟେକ୍ ଜାଇରସ୍
ନାଉଁଆର୍ ଲକ୍ ପାର୍ତ୍‌ନା ଗଃରାର୍ ମୁଳିକା ସେ ଲଃଗେ ଆୟ୍‌ଲା,
ଆର୍ ଜିସୁକେ ଦଃକିକଃରି ତାର୍ ହାଦେ ଡୁଳି ଜୁଆର୍ କଃଲା
। 23 ଆର୍ ବଃଡେ କାନିକଃର୍ମ୍ ଅୟ୍ ଗଃଉଆରି କଃଲା, "ମର୍
ବାର ବଃର୍ସାର୍ ସାନ୍ ଜିଇ ମଃର୍ତା ଉହ୍ରେ ଆଚେ, ସେ ଜଃନ୍‌କଃରି
ମଃର୍ନ୍ ତଃୟ୍‌ହୁଣି ବଚେଦ୍, ଇତାର୍ ଗିନେ ତୁୟ୍ ଆଉ ଆର୍ ତାର୍
ଉହ୍ରେ ଆତ୍ ସଃଙ୍ଗାଉ ।" 24 ଜିସୁ ତାର୍ ସଃଙ୍ଗ୍ ଗଃଲା, ଆର୍
ସେତି ରିଲା ଲକ୍‌ମଃନ୍ଧା ତାର୍ ହଃଚେ ହଃଚେ ଗଃଲାୟ୍ ଆର୍
ସେମଃନ୍ ଜିସୁର୍ ଉହ୍ରେ ମାଡାଚଃଗା ଅଃଉତିରିଲାୟ୍ । 25
ସଃଡେବଃଲ୍ ବାର ବଃର୍ସ୍ ହଃତେକ୍ ଗଃଗାଲ୍‌ଜାତା ରଗେ ହଃଲ୍‌ଲା
ଗଟେକ୍ ମାୟ୍‌ଜିରିଲି । 26 ସେ ରଗ୍ ଚାଡାୟ୍ ଅଃଉଁକେ କଃତେକ୍
ବୟ୍‌ଦ୍‌କାରି ହାକ୍ ଜାୟ୍‌କଃରି ସଃବୁଦଃନ୍ ସଃରାୟ୍‌ରିଲି, ମଃତର୍
ନିକ ଅଃଉତା ବାଦୁଲେ ଆରେକ୍ ଅଃଦିକ୍ ରଗି ଅୟ୍ ରିଲି ।
27 ସେ ମାୟ୍‌ଜି ଜିସୁର୍ କଃତା ସୁଣ୍‌ଲି, ଆର୍ ସେ ଲକ୍‌ମଃନ୍ଧା
ବିତ୍ରେ ଜିସୁର୍ ହଃଚ୍‌ବାଟ୍ୟା ଆସି ଜିସୁର୍ ହଃଚ୍ୟା ଆଚଲ୍ ଚୁୟ୍‌ଲି ।
କାୟ୍‌ତାକ୍‌ବଃଲେକ୍ ସେ ବାବ୍‌ତି ରିଲି, 28 "ଜିସୁର୍ ହଃଚ୍ୟାର୍
ଆଚଲ୍ ଚୁୟ୍‌ଲେକ୍ ମୁଁୟ୍ ଉଜ୍ ଅୟ୍‌ଦ୍ ।" 29 ସେ ଜିସୁର୍ ହଃଚ୍ୟା
ଆଚଲ୍ ଚୁୟ୍‌ଲା ଦାହ୍ରେ ସେ ଗଃଗାଲ୍ ଜାତା ରଗେ ହୁଣି ଉଜ୍
ଅୟ୍‌ଲେ ବଃଲି ତାର୍ ଗଃଗାଳେ ଜାଣ୍‌ଲି । 30 ସେଦାହ୍ରେ ଜିସୁ
ଅଃହ୍‌ଣାର୍ ତଃୟ୍‌ହୁଣି ସଃକ୍ତି ବାରାୟ୍‌ଲାର୍ ମଃନ୍ ବିତ୍ରେ ଜାଣ୍‌ଲା
ଆର୍ ଲକ୍ ମଃନ୍ଧା ହାକ୍ ଲେଉଟି କଃରି କୟ୍‌ଲା, "କେ ମର୍
ବଃସ୍ତ୍ରରାର୍ ଆଚଲ୍ ଚୁୟ୍‌ଲା?" 31 ତାର୍ ଚେଲାମଃନ୍ ଜିସୁକେ
କୟ୍‌ଲାୟ୍, "ତୁୟ୍ ତ ଦଃକୁଲିସ୍ ଲକ୍‌ମଃନ୍ କଃନ୍‌କଃରି ତର୍
ଉହ୍ରେ ମାଡା ଚଃଗା ଅଃଉଁଲାୟ୍, ଆର୍ ତୁୟ୍ କଃଉଁଲିସ୍, 'କେ ମକ୍
ଚୁୟ୍‌ଲା?'" 32 ଜେ ତାକ୍ ଚୁୟ୍‌ରିଲି ତାକ୍ ଦଃକିନ୍ଧ ବଃଲି ଜିସୁ
ଚାରିହାକ୍ ଦଃକୁକ୍ ଦର୍ଲା । 33 ସେତାକ୍ ସେ ମାୟ୍‌ଜି ଅଃହ୍‌ଣାର୍
ଉହ୍ରେ ଜୁୟ୍ ଗଃଟ୍‌ଣା ଗଃଟି ଆଚେ ବଃଲି ଜାଣ୍‌ଲି ଆର୍ ଡିରାର୍
ମାଡେ ତଃର୍‌ତଃରି କଃରି ଆୟ୍‌ଲି, ଆର୍ ଜିସୁର୍ ହାଦ୍ ତଃଳେ
ଡୁଳି ସଃବୁ ସଃତ୍ କଃତା ତାକ୍ କୟ୍‌ଲି । 34 ଜିସୁ ତାକ୍ କୟ୍‌ଲା,
"ଏ ମର୍ ଜିଇ ତର୍ ବିସ୍ୱାସ୍ ତକେ ଉଜ୍ କଃରିଆଚେ, ସୁସ୍ତାୟ୍
ଜାଆ ଆର୍ ତର୍ ରଗେ ହୁଣି ଉଜ୍ ଅୟ୍‌ରେ ।" 35 ଜିସୁ ଇ କଃତା
କଃଉତା ବଃଲ୍, ସେ ପାର୍ତ୍‌ନା ଗଃରାର୍ ମୁଳିକା ଜାଇରସାର୍
ଗଃରେହୁଣି କଃତି ଲକ୍ ଆୟ୍‌ଲାୟ୍ ଆର୍ କୟ୍‌ଲାୟ୍, "ତର୍
ଜିଦି ମଃଲିନି, ଗୁରୁକ୍ ଆର୍ କାୟ୍‌ତାକ୍ କଃସ୍ଟ ଦେଉଁଲିସ୍?" 36
ମଃତର୍ ଜିସୁ ସେମଃନାର୍ କଃତା ସୁଣ୍‌ଲା ନଃସୁଣ୍‌ଲା ହର୍ ଅୟ୍
ପାର୍ତ୍‌ନା ଗଃରାର୍ ମୁଳିକାକେ କୟ୍‌ଲା, "ଡିରା ନାୟ୍, ମଃତର୍
ବିସ୍ୱାସ୍ କଃର୍ ।" 37 ତାର୍‌ହଃଚେ ଜିସୁ ପିତର୍, ଜାକୁବ ଆର୍
ତାର୍ ବାୟ୍‌ସି ଜହନ୍‌କେ ଚାଡି କାକେ ହେଁ ତାର୍ ସଃଙ୍ଗ୍ ନଃନିଲା ।
38 ଆର୍ ସେମଃନ୍ ମୁଳିକା ଜାଇରସାର୍ ଗଃରେ ହଟ୍‌ଲାୟ୍, ସେତି
ଜିସୁ ଲକ୍‌ମଃନ୍ କାଲାହୁଲି ଆର୍ କାନ୍ଧାବାଳା ଅଃଉତି ରିଲାର୍
ଦଃକ୍‌ଲାୟ୍ । 39 ଜିସୁ ବିତ୍ରେ ଗଃଲା ଆର୍ କୟ୍‌ଲା, "କାୟ୍‌ତାକ୍
କାଲାହୁଲି ଆର୍ କାନ୍ଧାବାଳା ଅଃଉଁଲାସ୍ । ଇ ଟକି ନଃମେରେ,
ମଃତର୍ ସଇଆଚେ ।" ଇ କଃତା ସୁଣି ଲକ୍‌ମଃନ୍ ଟାହ୍ରା କଃରୁକେ
ଦର୍ଲାୟ୍ । 40 ମଃତର୍ ଜିସୁ ସଃବ୍‌କେ ହଃଦାୟ୍ ବାର୍‌କଃରି,
ସେ ହିଲାର୍ ଉବାସି, ଆୟ୍‌ସି ଆର୍ ଅଃହ୍‌ଣାର୍ ଲକ୍‌ମଃନାର୍
ସଃଙ୍ଗ୍ ସେ ଟକିହିଲା ଜୁୟ୍‌ତି ସୟ୍‌ରିଲି, ସେତି ଗଃଲାୟ୍ । 41
ତାର୍‌ହଃଚେ ଜିସୁ ସେ ଟକିହିଲାର୍ ଆତେ ଦଃରି ତାକ୍ କୟ୍‌ଲା,
"ଟଲିତାକୁମ୍!" ବଃଲେକ୍, "ଏ ନୁନି, ମୁଁୟ୍ ତକେ କଃଉଁଲେ,
ଉଟ୍ ।" 42 ସେଦାହ୍ରେ ସେ ଟକିହିଲା ଉଟ୍‌ଲି ଆର୍ ଚାଲାବୁଲା
କଃରୁକେ ଦର୍ଲି, ବଃଲେକ୍ ତାକ୍ ବାର ବଃର୍ସ୍ ଅୟ୍‌ରିଲି । ଇରି
ଦଃକି କଃରି ସେମଃନ୍ କାବା ଅୟ୍ ଗଃଲାୟ୍ । 43 ମଃତର୍
କେ ହେଁ ଜଃନ୍‌କଃରି ଇ କଃତା ନଃଜାଣଦ୍, ଇତାର୍ ଗିନେ ଜିସୁ
ସେମଃନ୍‌କେ କାକେହେଁ କଃଉଆ ନାୟ୍ ବଃଲି କୟ୍‌ଲା, ଆର୍ ସେ
କୟ୍‌ଲା, "ଇ ଟକି ହିଲାକ୍ କାୟ୍‌ରି ଅଲେ କାଉଁକେ ଦିଆସ୍ ।"

**6** ଜିସୁ ସେ ଟାଣ୍ ଚାଡି ଅଃହ୍‌ଣାର୍ ଗାଉଁ ନାଜରିତେ ଗଃଲା ଆର୍
ଚେଲାମଃନ୍ ତାର୍ ହଃଚେ ଗଃଲାୟ୍ । 2 ବିସାଉଁଣିବାର୍ ଦିନ୍
ଆୟ୍‌ଲାକ୍ ସେ ପାର୍ତ୍‌ନା ଗଃରେ ସିକ୍ୟା ଦେଉଁକେ ଦର୍ଲା, କଃତେକ୍
ଲକ୍ ତାର୍ କଃତା ସୁଣି କାବାଅୟ୍ କୟ୍‌ଲାୟ୍, "ଇମାନାୟ୍‌ର୍
ଇ ବୁଦି କୁୟ୍‌ତିହୁଣି ଆୟ୍‌ଲି? ଆରେକ୍ ଇ ବୁଦି କୁୟ୍‌ତିହୁଣି
ହାୟ୍‌ଲା ଆଚେ? ଆର୍ ଜୁୟ୍ ସଃକ୍ତିର୍ କାମ୍ ତାର୍ ଆତେ ଅଃଉଁଲି,

ଇରିମଃନ୍ କାଯ୍ରି? 3 ଇ ମାନାଯ୍ କାଯ୍ ସେ ବାଡାଯ୍ ନଯ୍? ଏ
କାଯ୍ ମରିୟମାର୍ ହଯ୍ସି ଆର୍ ଜାକୁବକ୍, ଜସି, ଜିଉଦା ଆର୍
ସିମନାର୍ ବାଯ୍ସି ନଯ୍? ଆର୍ ଇତାର୍ ବେଣିମଃନ୍ କାଯ୍ ଅଃମାର୍
ସଃଙ୍ଗ ଇତି ନଃରେଉଁଲାଯ୍?” ଇରି କଯ୍ ସେମଃନ୍ ଜିସୁକେ
ମାନ୍ତି ନଃକେଲାଯ୍ । 4 ଜିସୁ ସେମଃନ୍‌କେ କଯ୍‌ଲା, “ନିଜାର୍
ଗାଉଁଏ, ନିଜାର୍ କୁଟୁମ୍ ଆର୍ ନିଜାର୍ ଗଃରାର୍ ଲକ୍‌ମଃନ୍‌କେ
ଚାଡି ବାବ୍‌ବାଦି ସଃବୁ ତଃଯ୍ ମାନ୍ତି ହାଯ୍‌ଦ୍ ।” 5 ସେଟାଣେ ଜିସୁ
କଃତିଗଟ୍ ରଗି ଉହ୍ରେ ଆତ୍ ସଃଙ୍ଗାଯ୍ ସେମଃନ୍‌କେ ଉଜ୍ କଃର୍ତାର୍
ଚାଡି, ସେତି ଆର୍ କାଯ୍ ସଃକ୍ତିର୍ କାମ୍ ନଃକେଲା । 6 ଆର୍
ସେମଃନାର୍ ଅବିସ୍ୱାସ୍ ଦଃକି ଜିସୁ କାବା ଅଯ୍‌ଲା । 7 ଜିସୁ ଚାରି
ଦିଗେ ଗାଉଁ ଗାଉଁ ବୁଲି ଲକ୍‌ମଃନ୍‌କେ ସିକ୍ୟା ଦେଉଁକେ ଦଃର୍ଲା
। ଇତାର୍‌ହଃଚେ ଜିସୁ ବାରଗଟ୍ ଚେଲାମଃନ୍‌କେ ଗଟେ ଟାଣେ
କୁଦ୍‌ଲା ଆର୍ ସେମଃନ୍‌କେ ଦୁଯ୍‌ଦୁଯ୍ ଲକେ ହଃଟାଉଁକେ ଦଃର୍ଲା,
ଆର୍ ସେମଃନ୍‌କେ ବିଟାଲ୍ ବୁତ୍‌ମଃନାର୍ ଉହ୍ରେ ଅଃଦିକାର୍ ଦଃଯ୍
ହଃଟାଯ୍‌ଲା । 8 ସେମଃନ୍ ଜାତାବଃଲ୍ ଗଟ୍ ଡାଙ୍ଗକେ ଚାଡି ରୁଟି,
କି ମଣା, କି ଅଃଟା ବାନ୍ଧଣ୍ ଜାଲିଆ ବିତ୍ରେ ଡାବୁ ନଃନେଉଁକେ
ଜିସୁ ସେମଃନ୍‌କେ କଯ୍‌ଲା । 9 ମଃତର୍ ସେମଃନ୍‌କେ ହାଣ୍ଡାଯ୍
ହିନ୍ଧକେ କଯ୍‌ଲା, ଆର୍ ହିନ୍ଦିରିଲା ଆଙ୍ଗି ଚାଡି, ବିନ୍ ଆଙ୍ଗି
ନିଆନାଁଯ୍ ବଃଲି କଯ୍‌ଲା । 10 ଜିସୁ ଆରେକ୍ ସେମଃନ୍‌କେ
କଯ୍‌ଲା, “ତୁମିମଃନ୍ ଜୁଯ୍ ଗଃରେ ହୁରାସ୍, ବାଉଲ୍‌ତା ହଃତେକ୍
ସେ ଗଃରେ ରିଆ । 11 ମଃତର୍ ଜୁଯ୍ ଗାଉଁଆର୍ ଲକ୍‌ମଃନ୍
ତୁମିକେ ନଃଦେର୍ତି, କି ତୁମାର୍ କଃତା ନଃସୁଣ୍‌ତି, ସେତିହୁଣି
ବାଉଲ୍‌ତା ବଃଲ୍, ସେମଃନାର୍ ସାକି ଅଃଉଁକେ ତୁମାର୍ ହାଦାର୍
ଦୁଲି ହାହଲି ଦିଆସ୍ ।” 12 ସେତାର୍‌ଗିନେ ଚେଲାମଃନ୍ ବାରାଯ୍
ଜାଯ୍ ଦଃସ୍ ହାହ୍ ଚାଡି ଜିବନ୍ ବାଦ୍‌ଲାଉଁକ୍ ପର୍ଚାର୍ କଃଲାଯ୍
। 13 ଆର୍ ଗାଦି ଲକ୍‌ମଃନ୍‌କେ ବୁତ୍ ଚାଡାଯ୍‌ଲାଯ୍ ଆର୍ ଗାଦି
ରଗିମଃନ୍‌କେ ଚିକଣ୍ ଲାଗାଯ୍ ଉଜ୍ କଃଲାଯ୍ । 14 ଜିସୁର୍ ନାଉଁ
ସଃବୁହାକ୍ ଡାକ୍ ହୁଟ୍‌ଲି ଲାଗି ହେରଦ୍ ରଃଜା ତାର୍ କଃତା
ସୁଣ୍‌ଲା ଆର୍ ଲକ୍ କଃଉତି ରିଲାଯ୍, “ବାପ୍ତିସମ୍ ଦେତା ଜହନ୍
ମଃଲା ଲକାର୍ ବିତ୍ରେହୁଣି ଉଟି ଆଚେ, ସେତାକ୍ ଇସଃବୁ କାବା
ଅଃଉତା କାମ୍ କଃରୁକେ ସେ ସଃକ୍ତି ହାଯ୍‌ଆଚେ ।” 15 ମଃତର୍
ବିନ୍ ଲକ୍‌ମଃନ୍ କଃଉତି ରିଲାଯ୍, “ଏ ଏଲିୟ, ଆରେକ୍ କଃତି
ଲକ୍ କଃଉତି ରିଲାଯ୍, ହୁର୍ବାର୍ ବାବ୍‌ବାଦିମଃନାର୍ ବିତ୍ରେ ଏହେଁ
ଗଟେକ୍ ବାବ୍‌ବାଦି ।” 16 ମଃତର୍ ହେରଦ୍ ଇରି ସୁଣି କଯ୍‌ଲା,
“ଜୁଯ୍ ଜହନ୍‌କ୍ ମୁଣ୍ଡ ମୁଁଯ୍ କାଟିରିଲେ, ସେ ଆରେକ୍ ଉଟିଆଚେ
।” 17 ହେରଦ୍ ନିଜାର୍ ବାଯ୍ସି ପିଲିପାର୍ ଡକୁର୍ସି ହେରଦିଆକେ
ସଃଙ୍ଗାଇ ରିଲା, ସେତାର୍‌ଗିନେ ହେରଦିଆକେ ସଃର୍ଦା କଃରାଉଁକ୍
ନିଜେ ଲକ୍ ହଃଟାଯ୍ ଜହନ୍‌କେ ଦଃରି ଆଣି ବାନ୍ଧି ଜଃଇଲ୍
ବିତ୍ରେ ହୁରାଯ୍ ରିଲା । 18 କାଯ୍‌ତାକ୍‌ବଃଲେକ୍ ବାପ୍ତିସମ୍ ଦେତା
ଜହନ୍ ହେରଦ୍‌କେ କଃଉତିରିଲା, “ନିଜାର୍ ବାଯ୍‌ଦିର୍ ଡକୁର୍ସିକେ
ସଃଙ୍ଗାଉତାର୍ ତର୍ ବିଦିନାଯ୍ଁ ।” 19 ସେତାର୍‌ଗିନେ ହେରଦିଆ
ରିସା ଅଯ୍ ଜହନ୍‌କେ ମଃର୍ନେ ମାରୁକ୍ ମଃନ୍ କଃର୍ତିରିଲି, ମଃତର୍
ଜହନ୍‌କେ ମାରୁ ନଃହାର୍‌ତି ରିଲି । 20 କାଯ୍‌ତାକ୍‌ବଃଲେକ୍
ହେରଦ୍ ଜହନ୍‌କେ ଗଟ୍ ଦଃର୍ମି ଆର୍ ପବିତ୍ର ମାନାଯ୍ ବଃଲି
ଜାଣି ଡିରି ରିଲା ଆର୍ ମାରୁ ନଃଚ୍‌ତି ରିଲା । ଆର୍ ଜହନାର୍
କଃତା ସୁଣି ରିସା ଅଯ୍‌ଲେକ୍ ହେଁ, ତାର୍ କଃତା ସୁଣ୍‌ତି ରିଲା
। 21 ତାର୍‌ହଃଚେ ହେରଦିଆକେ ଗଟ୍ ବାଟ ମିଲ୍‌ଲି, ସେଦିନ୍
ହେରଦାର୍ ଜଃଲମ୍ ଦିନ୍, ମଃତ୍ରିମଃନାର୍ ଗିନେ, ହାଁତ୍ କଳି
ସଃଇନ୍ ଉହ୍ରେ ବଃଡ୍ ସଃଇନ୍‌ମଃନାର୍ ଗିନେ ଆର୍ ଗାଲିଲିର୍
ବଃଡ୍ ବଃଡ୍ ଲକାର୍ ଗିନେ ରାତ୍ୟା ଗଟେକ୍ ବଃଡ୍ ବଜି ଅଯ୍‌ଲି ।
22 ଆର୍ ହେରଦିଆର୍ ନିଜାର୍ ଜିସି ବିତ୍ରେ ଆସି ନାଚ୍‌ଲି, ଆର୍
ହେରଦ୍ ଆର୍ ତାର୍ ସଃଙ୍ଗ ବଜିୟେ ବଃସିରିଲା ଲକ୍‌ମଃନ୍‌କେ
ସଃର୍ଦା କଃରାଯ୍‌ଲି । ସେତାର୍‌ଗିନେ ହେରଦ୍ ରଃଜା, ଜିସିକେ
କୁଦି କଯ୍‌ଲା, “ଜାଯ୍‌ରି ମଃନ୍ କଃରୁଲିସ୍, ସେରି ମାଗ୍, ମୁଁଯ୍
ତକେ ସେରି ଦଃଯ୍‌ନ୍ଧ ।” 23 ରଃଜା ଜିସିକେ କଯ୍‌ଲା, “ମୁଁଯ୍
ହଃର୍ମାଣ୍ କଃରି କଃଉଁଲେ, ତୁଯ୍ ଜାଯ୍‌ରି ମାଗ୍‌ଲେକ୍, ଆର୍
ରାଇଜାର୍ ଆଦ୍‌ବାଗ୍ ମାଗ୍‌ଲେକ୍ ହେଁ ମୁଁଯ୍ ସେରି ଦଃଯ୍‌ନ୍ଧ ।”
24 ସେତାକ୍ ସେ ଜିସି ବାରାଯ୍ ଜାଯ୍ ତାର୍ ଆଯ୍‌ସିକ୍ ହଃଚାର୍ଲି,
“ମୁଯ୍ଁ କାଯ୍‌ରି ମାଗିନ୍ଧ?” ତଃବେ ତାର୍ ଆଯ୍‌ସି ତାକ୍ କଯ୍‌ଲି,
“ବାପ୍ତିସମ୍ ଦେତା ଜହନାର୍ ମୁଣ୍ଡ ମାଗ୍ ।” 25 ସୁଣ୍‌ଲା ଦାହ୍ରେ
ଜିସି ରଃଜାର୍ ହାକ୍ ବାଉଳି ଆଯ୍‌ଲି ଆର୍ ଇରି କଯ୍ ମାଗ୍‌ଲି,
“ମର୍ ମଃନ୍, ତୁଯ୍ ବାପ୍ତିସମ୍ ଦେଉ ଜହନାର୍ ମୁଣ୍ଡ ଗଟ୍ ତାଳି
ତଃଯ୍ ମକ୍ ଇ ଦାହ୍ରେ ଦେ ।” 26 ସେତାର୍‌ଗିନେ ରଃଜା ବଃଡେ
ଦୁକ୍ କଃଲା, ମଃତର୍ ରଃଜା ଅଃହ୍‌ଣାର୍ ହଃର୍ମାଣ୍ ଆର୍ କାଉଁକେ
ବଃସିରିଲା ଲକାର୍ ଗିନେ ନାଯ୍ ବଃଲି କଃଉଁକେ ନଃହାର୍‌ଲା
। 27 ସେତାର୍‌ଗିନେ ରଃଜା ସେଦାହ୍ରେ ଗଟ୍ ସଃଇନ୍ ହଃଟାଯ୍
ଜହନାର୍ ମୁଣ୍ଡକାଟି ଆଣୁକେ କଯ୍‌ଲା । ତାର୍‌ହଃଚେ ସଃଇନ୍
ଜଃଇଲ୍ ଗଃରେ ଜାଯ୍ ତାର୍ ମୁଣ୍ଡକାଟି ଆଣ୍‌ଲା । 28 ଆର୍
ସେରି ଗଟ୍ ତାଳି ତଃଯ୍ ଜିସିକେ ଦିଲା, ଆର୍ ଜିସି ସେରି ନଃଯ୍
ତାର୍ ଆଯ୍‌ସିକ୍ ଦିଲି । 29 ଜହନାର୍ ଚେଲାମଃନ୍ କବୁର୍ ହାଯ୍
ଆଯ୍‌ଲାଯ୍ ଆର୍ ଜହନାର୍ ମଃଲାମଃଲ୍ ନଃଯ୍ ମଃସୁଣ୍ କାଲେ
ତହ୍‌ଲାଯ୍ । 30 ତାର୍‌ହଃଚେ ପେରିତ୍‌ମଃନ୍ ଜିସୁର୍ ଲଃଗେ
ରୁଣ୍ଡଲାଯ୍ ଆର୍ ସେମଃନ୍ ଜାଯ୍‌ରି ଜାଯ୍‌ରି କଃରି ରିଲାଯ୍ ଆର୍
ତୁଯ୍ ଜୁଯ୍‌ରି ସିକ୍ୟା ଦଃଯ୍‌ରିଲାଯ୍ ସେରିମଃନ୍ ତାକ୍ କଯ୍‌ଲାଯ୍ ।
31 ଗାଦେକ୍ ଲକ୍ ଜାଆଆସ୍ ଅଃଉତିରିଲାଯ୍ ଲାଗି, ସେମଃନ୍
କାଉଁକେ ହେଁ ନଃହାର୍‌ତି ରିଲାଯ୍ । ସେତାକ୍ ଜିସୁ ସେମଃନ୍‌କେ
କଯ୍‌ଲା, “ଅଃମିମଃନ୍ ଅଃଲ୍‌ଗା ଅଯ୍ ଗଟେକ୍ ସିଣିନ୍ଧ ଟାଣେ
ଜୁଆଁ, ଆର୍ ସେତି ଚଃନେକ୍ ବିସାଉଆ ।” 32 ତାର୍‌ହଃଚେ
ସେମଃନ୍ ସେ ଟାଣ୍ ଚାଡି ଡଙ୍ଗାଯ୍ ବଃସି ଗଟ୍ ସିଣିନ୍ଧ ଟାଣେ
ବାରାଯ୍ ଗଃଲାଯ୍ । 33 ମଃତର୍ କଃତିଲକ୍ ସେମଃନ୍‌କେ ବାରାଯ୍
ଜାତାର୍ ଦଃକ୍‌ଲାଯ୍ ଆର୍ ଚିନ୍‌ଲାଯ୍ ଆର୍ ଲକ୍‌ମଃନ୍ ସଃବୁ
ଗଃଳେହୁଣି ହାଦେ ଇଣ୍ଡିଜାଯ୍ ସେତି ଅଃକା ସଃଙ୍ଗ ଦଃବ୍‌ଲିଜାଯ୍

ସେମ୪ନାର୍ ଆଗାଳି ହଚ୍‌ଲାୟ୍ । 34 ଜିସୁ ଡଙ୍ଗାୟ୍ ହୁଣି ଉତ୍ରି
ଅଲେକାର୍ ଲକ୍‌ମ୪ନ୍‌କେ ଦ୪କି ସେ ଲକାର୍ ଗିନେ ମ୪ନ୍
ବିତ୍ରେ ଦ୪ୟା ଆୟ୍‌ଲି, କାୟ୍‌ତାକ୍‌ବ୪ଲେକ୍ ସେମ୪ନ୍ ଗ୪ଉଲିଆ
ନୟ୍‌ଲା ମେଣ୍ଢା ହର୍ ରିଲାୟ୍, ଆର୍ ସେମ୪ନ୍‌କେ ଅ୪ନେକ୍
କ୪ତା ସିକ୍ୟା ଦେଉଁକ୍ ଦ୪ର୍ଲା । 35 ବେସି ବେଲ୍ ଆୟ୍‌ଲାକ୍
ଜିସୁର୍ ଚେଲାମ୪ନ୍ ଆସି ତାକ୍ କୟ୍‌ଲାୟ୍, "ଇଟାଣ୍ ତ ଲକ୍‌ବାକ୍
ନୟ୍‌ଲା ଟାଣ୍ ଆର୍ ବେସି ବେଲ୍ ଅୟ୍‌ଲିବେ; 36 ଲକ୍‌ମ୪ନ୍
ଜ୪ନ୍‌କ୪ରି ଚାରିହାକ୍ ଗାଉଁଗୁଡାୟ୍ ଜାୟ୍ ନିଜାର୍ ନିଜାର୍ ଗିନେ
କାଉଁକେ କାଦି ଗେନ୍‌ତି । ଇତାର୍ ଗିନେ ସେମ୪ନ୍‌କେ ସେଲ
ଦେସ୍ ।" 37 ମ୪ତର୍ ଜିସୁ ସେମ୪ନ୍‌କେ କୟ୍‌ଲା, "ତୁମିମ୪ନ୍
ସେମ୪ନ୍‌କେ କାଳାଉଆ ।" ସେତାକ୍ ଚେଲାମ୪ନ୍ କୟ୍‌ଲାୟ୍,
"ଅ୪ମିମ୪ନ୍ ଜାୟ୍ ହାଁଚ୍‌କଳି ଟ୪କାର୍ ରୁଟି ଗେନିଆଣି କାୟ୍
ସେମ୪ନ୍‌କେ କାଳାଉଁକ୍ ହାରୁନ୍ତୁ?" 38 ଜିସୁ ସେମ୪ନ୍‌କେ
ହ୪ଚାର୍ଲା, "ତୁମାର୍‌ହାକ୍ କ୪ତିଗଟ୍ ରୁଟି ଆଚେ ଜାୟ୍ ଦ୪କା
।" ଚେଲାମ୪ନ୍ ଦ୪କିଆସି କୟ୍‌ଲାୟ୍, "ହାଁଚ୍ ଗଟ୍ ରୁଟି ଆର୍
ଜଳେକ୍ ମାଚ୍ ଆଚେ ।" 39 ସେତି ଜ୪ନ୍‌କ୪ରି ଦ୪ଲ୍ ଦ୪ଲ୍
ଅୟ୍ କ୪ଉଁଲା ର୪ନ୍ ଉହ୍ରେ ଲକ୍‌ମ୪ନ୍‌କେ ବ୪ସାଉଁକ୍ ଜିସୁ
ଚେଲାମ୪ନ୍‌କେ କୟ୍‌ଲା । 40 ସେତାକ୍ ଲକ୍‌ମ୪ନ୍ ସ୪ବୁ ହାଁଚ୍‌କଳି
ଆର୍ ଦୁୟ୍‌କଳି ଦ୪ସ୍ ଲେକା ଅୟ୍ ବ୪ସ୍‌ଲାୟ୍ । 41 ତାର୍‌ହ୪ଚେ
ଜିସୁ ସେ ହାଁଚ୍ ଗଟ୍ ରୁଟି ଜଳେକ୍ ମାଚ୍ ଦ୪ରି ସ୪ର୍ଗ୍ ବାଟ୍ୟା ଦ୪କି
ଇସ୍ୱର୍‌କେ ପାର୍ତ୍‌ନା କ୪ଲା ଆର୍ ରୁଟିମ୪ନ୍ ଆସିର୍ବାଦ୍ କ୪ରି
ଲକ୍‌ମ୪ନ୍‌କେ ବାଟାକ୪ରି ଦେଉଁକେ ଚେଲାମ୪ନ୍‌କେ କୟ୍‌ଲା,
ଆର୍ ସେ ଜଳେକ୍ ମାଚ୍‌କ୍ ସେ ସ୪ବୁ ଲକ୍‌ମ୪ନ୍‌କେ ବାଟାକ୪ରି
ଦେଉଁକେ ଦିଲା । 42 ସେତିର୍ ସ୪ବୁଲକ୍ ହେଟ୍ ହୁର୍ନେ କାୟ୍‌ଲାୟ୍
। 43 ସ୪ବୁଲକ୍ କାୟ୍ ସ୪ର୍ଲା ହ୪ଚେ, ଚେଲାମ୪ନ୍ ଉବ୍ରୁର୍ଲାର୍
ବାଙ୍ଗ୍‌ଲା ରୁଟି ଆର୍ ମାଚ୍ ରୁଣ୍ଡାୟ୍ ବାରଡ୪ଲା ବ୪ର୍ତି କ୪ଲାୟ୍
। 44 ଜ୪ତେକ୍ ଲକ୍‌ମ୪ନ୍ ରୁଟି କାୟ୍‌ରିଲାୟ୍ ସେମ୪ନାର୍
ବିତ୍ରେ ଅ୪ବ୍‌କା ଅ୪ଣ୍ଡାହିଲା ହ୪କା ହାଁଚ୍ ଅ୪ଜାର୍ ରିଲାୟ୍
। 45 ତ୪ତ୍‌କାଣ୍ ଜିସୁ ତାର୍ ଚେଲାମ୪ନ୍‌କେ ଡଙ୍ଗାୟ୍ ଚ୪ଗି
ସ୪ମ୍‌ନ୍ଦ ସେହାଟିର୍ ବେତ୍‌ସାଇଦାକେ ଆଗ୍‌ତୁ ହ୪ଟାୟ୍‌ଲା,
ଆର୍ ତାର୍‌ହ୪ଚେ ଲକ୍‌ମ୪ନ୍‌କେ ହେଁ ଗ୪ରେ ହ୪ଟାୟ୍‌ଲା ।
46 ଜିସୁ ଲକ୍‌ମ୪ନ୍‌କେ ସେଲଚାଡି ଦ୪ୟ୍ ପାର୍ତ୍‌ନା କ୪ରୁକେ
ଡଙ୍ଗର୍ ଉହ୍ରେ ଗ୪ଲା । 47 ସ୪ଞ୍ଜ ଅୟ୍‌ଲା ହ୪ଚେ, ଡଙ୍ଗା ମ୪ଜି
ସ୪ମ୍‌ନ୍ଦେ ରିଲାବ୪ଲ୍ ଜିସୁ ସ୪ମ୍‌ନ୍ଦ କ୪ଣ୍ଡିଏ ଏକ୍ଲା ରିଲା । 48
ଚେଲାମ୪ନ୍ ଡଙ୍ଗା ଗାଟୁକେ କ୪ସ୍ଟ ହାଉତାର୍ ଜିସୁ ଦ୪କ୍‌ଲା,
କାୟ୍‌ତାକ୍‌ବ୪ଲେକ୍ ତାକାର୍ ଆଗ୍‌ବାଟ୍ୟା ବାଉ ଅ୪ଉତି ରିଲି,
ଉଜାଲ୍ ଅ୪ଉତାବ୪ଲ୍ ଚାର୍‌ଟା ବ୪ଲ୍ ଜିସୁ ସ୪ମ୍‌ନ୍ଦ ଉହ୍ରେ ଇଣ୍ଡି
ଇଣ୍ଡି ତାକାର୍ ଚ୪ମେ ଆୟ୍‌ଲା, ଆର୍ ସେମ୪ନ୍‌କେ ଜିଣ୍‌ତେ
ହାକ୍‌ମାରି ଜ୪ଉଁକେ ମ୪ନ୍ କ୪ର୍ତିରିଲା । 49 ମ୪ତର୍ ସେମ୪ନ୍
ତାକ୍ ସ୪ମ୍‌ନ୍ଦ ଉହ୍ରେ ଇଣ୍ଡତାର୍ ଦ୪କି ଡୁମା ବ୪ଲି ବେଲ୍‌କି
ଅୟ୍‌ଲାୟ୍ । 50 କାୟ୍‌ତାକ୍‌ବ୪ଲେକ୍ ସ୪ବୁଲକ୍ ତାକ୍ ଦ୪କି ଡିରି
ଗ୪ଲାୟ୍ । ମ୪ତର୍ ଜିସୁ ତ୪ତ୍‌କାଣ୍ ତାକାର୍ ସ୪ଙ୍ଗ କ୪ତାଅୟ୍
କୟ୍‌ଲା, "ଡିରା ନାୟ୍ ସାସ୍ ଦ୪ରା, ଇରି ତ ମୁଁୟ୍ ।" 51 ଆରେକ୍
ସେ ସେମ୪ନାର୍ ଲ୪ଗେ ଜାୟ୍ ଡଙ୍ଗାୟ୍ ବ୪ସ୍‌ଲା, ଆର୍ ବାଉ
ବ୪ନ୍ଦ ଅୟ୍‌ଲି, ସେତାର୍‌ଗିନେ ଚେଲାମ୪ନ୍ ମ୪ନେ ମ୪ନେ
ଅ୪ପର୍‌ବଲ୍ କାବା ଅୟ୍‌ଲାୟ୍ । 52 କାୟ୍‌ତାକ୍‌ବ୪ଲେକ୍ ଜିସୁ ହାଁଚ୍
ଆଜାର୍ ଲକ୍‌ମ୪ନ୍‌କେ କାଦି କାଳାୟ୍‌ଲାର୍ ବୁଦି ସେମ୪ନ୍‌କେ
ଅୟ୍‌ନ୪ରିଲି, ଆର୍ ତାକାର୍ ମ୪ନ୍ ଅ୪ଟୁଆ ଅୟ୍‌ରିଲି । 53
ସେମ୪ନ୍ ସ୪ମ୍‌ନ୍ଦ ଲିଙ୍ଗି ଗିନେସ୍‌ର୪ତ୍ କ୪ଣ୍ଡାୟ୍ ଆୟ୍‌ଲାୟ୍,
ଆର୍ ସେତି ସେମ୪ନ୍ ଡଙ୍ଗା ବାନ୍ଦଲାୟ୍ । 54 ଆର୍ ସେମ୪ନ୍
ଡଙ୍ଗାୟ୍‌ହୁଣି ଉତୁର୍ଲା ଦାହ୍ରେ ଲକ୍‌ମ୪ନ୍ ଜିସୁକେ ଚିନ୍‌ଲାୟ୍ । 55
ସେଦାହ୍ରେ ଲକ୍‌ମ୪ନ୍ ଲ୪ଗାର୍ ଗାଉଁମ୪ନ୍‌କେ ଦ୪ବ୍‌ଳି ଜାୟ୍,
ଜୁୟ୍ ଜୁୟ୍ ଟାଣେ ଜିସୁ ଆଚେ ବ୪ଲି ସୁଣ୍‌ଲାୟ୍, ସେ ଟାଣେ
ମ୪ଲୁହ୪ଲ୍‌ଲା ଲକ୍‌ମ୪ନ୍‌କେ ଟାଟି ତ୪ୟୁଁ ବୟ୍‌ଆଣୁକେ ଦ୪ର୍ଲାୟ୍
। 56 ଆର୍ ଜିସୁ ଜୁୟ୍ ଜୁୟ୍, ଗ୪ଳେ ଆର୍ ଗାଉଁଏ ଗୁଡାୟ୍ ଗ୪ଲା,
ଲକ୍‌ମ୪ନ୍ ସେ ସ୪ବୁଟାଣେ ଜୁୟ୍ ମାନାୟ୍‌ମ୪ନ୍ ମ୪ଲୁ ହ୪ଳି
ରିଲାୟ୍, ସେମ୪ନ୍‌କେ ଲକ୍‌ମ୪ନ୍ ଆଟ୍ ବ୪ଜାରେ ନ୪ୟ୍ ସଳାୟ୍
ସେମ୪ନ୍ ଜ୪ନ୍‌କ୪ରି ଜିସୁର୍ ହ୪ଚ୍ୟାର୍ ଆଚଲ୍ ଚିଉତି, ସେତାକ୍
ତାକ୍ ଗ୪ଉଆରି କ୪ଲାୟ୍ ଆର୍ ଜ୪ତେକ୍ ଲକ୍ ଚୁୟ୍‌ଲାୟ୍
ସେମ୪ନ୍ ଉଜ୍ ଅୟ୍‌ଲାୟ୍ ।

7 ତାର୍‌ହ୪ଚେ ପାରୁସିମ୪ନ୍ ଆର୍ ଜିରୁସାଲମେ ହୁଣି ଆସିରିଲା
କ୪ତେକ୍ ଦ୪ର୍ମ୍‌ଗୁରୁମ୪ନ୍ ଜିସୁର୍ ଚ୪ମେ ରୁଣ୍ଡଲାୟ୍ । 2
ଆର୍ ସେମ୪ନ୍ ଜିସୁର୍ କ୪ତିଗଟ୍ ଚେଲାକେ ଜିଉଦିମ୪ନାର୍
ରିତିବିଦି ହ୪ର୍କାରେ ଆତ୍ ନ୪ଦଉତ୍ ମେଳି ଆତେ କାତିରିଲାର୍
ଦ୪କ୍‌ଲାୟ୍ । 3 ପାରୁସିମ୪ନ୍ ଆର୍ ଜିଉଦିମ୪ନ୍ ହୁର୍ବ୍
କାଳାର୍ ପାରାଚିନ୍‌ମ୪ନାର୍ ରିତିବିଦି ମାନିକ୪ରି ନିକକ୪ରି ଆତ୍
ନ୪ଦୟ୍‌ଲେକ୍ କାୟ୍‌ରି ହେଁ କାତି ନ୪ରିଲାୟ୍ । 4 ଜ୪ଡେବ୪ଲ୍
ସେମ୪ନ୍ ଆଟେ ବ୪ଜାରେ ହୁଣି ଗ୪ରେ ଆସ୍ତି ରିଲାୟ୍, ଅ୪ହ୍‌ଣା
ଅ୪ହ୍‌ଣାର୍ ଗ୪ଗାଲ୍ ଦ୪ଉତି ରିଲାୟ୍, ନ୪ଦ୪ଉତା ହ୪ତେକ୍
କାଦି ନ୪କାତି ରିଲାୟ୍; ଆର୍ ଗିନା, ମୁତା ଆର୍ କ୪ସ୍‌ଆଣ୍ଡିର୍
ହାଣାୟ୍ ବୁଡାଉତାର୍ ଆର୍ କାୟ୍‌କାୟ୍‌ରି ଗାଦେକ୍ ରିତିବିଦି
ମାନୁକେ ସେମ୪ନ୍ ଆଦେସ୍ ହାୟ୍ ରିଲାୟ୍ । 5 ଇତାର୍ ଗିନେ
ପାରୁସି ଆର୍ ଦ୪ର୍ମ୍‌ଗୁରୁମ୪ନ୍ ଜିସୁକେ ହ୪ଚାର୍ଲାୟ୍, "ତର୍
ଚେଲାମ୪ନ୍‌କେ ହୁର୍ବ୍ କାଳାର୍ ପାରାଚିନ୍‌ମ୪ନାର୍ ରିତିବିଦି
ହ୪ର୍କାରେ କାୟ୍‌ତାକ୍ ଚାଲାଚାଲ୍‌ତି ନ୪କେରି ଆତ୍ ନ୪ଦ୪ୟ୍
ମେଳି ଆତେ କାଉଁଲାୟ୍?" 6 ଜିସୁ ସେମ୪ନ୍‌କେ କୟ୍‌ଲା,
"ରେ ହେଟ୍‌କପଟ୍ୟାମ୪ନ୍, ଜିସାୟ୍ ବାବ୍‌ବାଣିଏ ତୁମାର୍ ଗିନେ
ସ୪ତ୍ କ୪ତା କୟ୍‌ଲା ଆଚେ, ଜ୪ନ୍‌କ୪ରି ଲେକା ଆଚେ- ଇସ୍ୱର୍
କ୪ଉଁଲା, 'ଇ ଜାତି ମୁଏଁ ମକ୍ ମାନ୍‌ତି କ୪ର୍ତି, ମ୪ତର୍ ସେମ୪ନାର୍
ମ୪ନ୍ ମର୍ ତ୪ୟ୍‌ହୁଣି ଦୁରିକ୍ ର୪ୟ୍‌ଦ୍ । 7 ଆର୍ ସେମ୪ନ୍
ମାନାୟ୍‌ମ୪ନାର୍ ରିତିବିଦିକ୍ ମାପୁର୍ ବ୪ଲି ଲକ୍‌ମ୪ନ୍‌କେ ସିକ୍ୟା
ଦେତି, ଆର୍ ହଲ୍ୟା ହଲ୍ୟା ଇ ଲକ୍‌ମ୪ନ୍ ମର୍ ସେବା କ୪ର୍ତି ।'"

8 “ତୁମିମଃନ୍ ଇସ୍ୱର୍ ଦିଲା ବିଦି ଚାଡି ନଃର୍‌ମଃନାର୍ ରିତିବିଦିକ୍
ଦଃରି ଆଚାସ୍ ।” 9 ଆରେକ୍ ଜିସୁ ସେମଃନ୍‌କେ କୟ୍‌ଲା,
“ତୁମିମଃନ୍ ଅଃହ୍‌ଣା ଅଃହ୍‌ଣାର୍ ମାନି ଆସ୍ତାର୍ ରିତିବିଦି ଗିନେ,
ଇସ୍ୱରାର୍ ବିଦିକେ ଚାଡୁଲାସ୍ । 10 କାୟ୍‌ତାକ୍‌ବଃଲେକ୍ ମସା
କୟ୍‌ଲା ଆଚେ, ‘ନିଜାର୍ ଆୟା ଉବାକ୍ ମାନ୍‌ତି କଃରା,’ ଆର୍,
‘ଜୁୟ୍ ଲକ୍ ଆୟା ଉବାକ୍ ସାୟ୍‌ପ୍ ଦଃୟ୍‌ଦ୍ ସେ ବାୟ୍‌ଦ୍‌ରେ ମଃର୍ନି
ଦଃଣ୍ଡ ହାୟ୍‌ଦ୍ ।’ 11 ମଃତର୍ ତୁମିମଃନ୍ ସିକ୍ୟା ଦେଉଁଲାସ୍,
କେ ଜଦି ଉବା କି ଆୟାକ୍ କୟ୍‌ଦ୍, ‘ମର୍ ତଃୟ୍‌ହୁଣି ତୁମି ଜାୟ୍
ଉହ୍‌କାର୍ ହାଉତାର୍ ଆଚେ, ସେରି ମୁଁୟ୍ କର୍ବାନ୍ କଃରି ଆଚି ।’
ବଃଲେକ୍ ଇସ୍ୱର୍‌କେ ଦାନ୍ କଃରିଆଚି । 12 ତଃବେ ତୁମି ଇବାନ୍ୟା
ଲକ୍‌ମଃନ୍‌କେ ତାକାର୍ ଆୟ୍‌ସି ଉବାସିର୍ ଗିନେ କାୟ୍‌ରି ହେଁ
କଃରୁକେ ନଃଦେଉଁଲାସ୍ । 13 ଇବାନ୍ୟା ତୁମିମଃନ୍ ତୁମାର୍ କଃରି
ଆସ୍ତା ରିତିବିଦି ଗିନେ ଇସ୍ୱର୍ ଦିଲା ରିତିବିଦିକ୍ ନଃମାନୁଲାସ୍,
ଆର୍ କଃତେକ୍ କଃତେକ୍ କାମ୍ କଃରୁଲାସ୍ ।” 14 ତାର୍‌ହଃଚେ
ଜିସୁ ଲକ୍‌ମଃନ୍ଙ୍କେ ଲଃଗେ କୁଦି କୟ୍‌ଲା, “ତୁମିମଃନ୍ ସଃବୁଲକ୍
ମର୍ କଃତା ସୁଣା ଆର୍ ବୁଜା; 15 ଇବାନ୍ୟା କୁୟ୍ କଃତା ନାୟ୍
ଜୁୟ୍‌ରି ହଃଦାୟ୍ ହୁଣି ଆସି ଲକାର୍ ବିତ୍ରେ ହୁରି ତାକ୍ ବିଟାଳ୍
କଃରେଦ୍, ମଃତର୍ ଜୁୟ୍‌ରି ଲକାର୍ ବିତ୍ରେ ହୁଣି ବାରାୟ୍‌ଦ୍, ସେ
ସଃବୁ ତାକ୍ ବିଟାଳ୍ କଃରେଦ୍ । 16 ଜଦି ଜାର୍ ସୁଣୁକ୍ କାନ୍
ଆଚେ, ସେ ସୁଣ ।” 17 ତାର୍‌ହଃଚେ ଜିସୁ ଲକ୍‌ମଃନାର୍ ତଃୟ୍‌ହୁଣି
ଗଃର୍ ବିତ୍ରେ ଆୟ୍‌ଲା ହଃଚେ, ତାର୍ ଚେଲାମଃନ୍ ତାକ୍ ଇ
କଃତାର୍ ବାବ୍ କାୟ୍‌ରି ବଃଲି ହଃଚାର୍ଲାୟ୍ । 18 ଜିସୁ ସେମଃନ୍‌କେ
କୟ୍‌ଲା, “ତୁମିମଃନ୍‌କେ ହେଁ କାୟ୍ ସେମଃନାର୍ ହର୍ ବୁଦି ନାୟ୍?
ଜାୟ୍‌ରି ସଃବୁ ହଃଦାୟ୍‌ହୁଣି ଲକ୍‌ମଃନାର୍ ବିତ୍ରେ ହୁରେଦ୍, ସେରି
ତାକ୍ ବିଟାଳ୍ କଃରୁ ନାହାରେ । 19 କାୟ୍‌ତାକ୍‌ବଃଲେକ୍ ସେରି
ତାର୍ ମଃନ୍ ବିତ୍ରେ ନଃହୁରି ହେଟ୍ ବିତ୍ରେ ହୁରେଦ୍, ଆର୍ ହଃଦାୟ୍
ବାରାୟ୍ ଜାୟ୍‌ଦ୍, ଇରି କାୟ୍ ନଃବୁଜୁଲାସ୍?” ଇବାନ୍ୟା ଜିସୁ
ସଃବୁ କାଦି ନିର୍ମୁଳ୍ ଅୟ୍ ରଃୟ୍‌ଦ୍ ବଃଲି କୟ୍‌ଲା । 20 ଜିସୁ
ଆରେକ୍ ସେମଃନ୍‌କେ କୟ୍‌ଲା, “ଜାୟ୍‌ରି ଲକ୍‌ମଃନାର୍ ତଃୟ୍‌ହୁଣି
ହଃଦାୟ୍ ବାରାୟ୍‌ଦ୍, ସେରି ତାକ୍ ବିଟାଳ୍ କଃରେଦ୍ । 21
କାୟ୍‌ତାକ୍‌ବଃଲେକ୍ ଲକାର୍ ବିତ୍ରେ ହୁଣି ବଃଲେକ୍ ଲକ୍‌ମଃନାର୍
ମଃନ୍ ବିତ୍ରେ ହୁଣି କଃରାବ୍ ଚିତା, ଚର୍ କଃରୁକେ, ଦାରି କଃରୁକେ,
ନଃର୍‌ଅଃତ୍ୟା, 22 ବେସୁଆ, ଲଃବ୍ କାମ୍, ମିଚ୍ କଃଉତାର୍,
ଅଃଲ୍‌ସିଆ, ଅଃକାର୍ ଅଃଉତାର୍, ଲକାର୍ ବିରଦେ ଲିନ୍ଦାକଃତା
କଃଉତାର୍, ଗଃର୍ବ୍ ଦଃକାୟ୍ ଅଃଉତାର୍, ବକୁଆ ବୁଦି । 23
ଇରିମଃନ୍ ସଃବୁ ଲକାର୍ ମଃନ୍ ବିତ୍ରେ ହୁଣି ହଃଦାୟ୍ ବାରାଉଁଲି
ଆର୍ ଲକ୍‌ମଃନ୍‌କେ ବିଟାଳ୍ କଃରୁଲି ।” 24 ଇତାର୍‌ହଃଚେ
ଜିସୁ ସେ ଜଃଗାୟ୍‌ହୁଣି ଉଟି ସର୍ ସଃନ୍ଦିକେ ଗଃଲା ଆର୍ ତାକ୍
କେ ହେଁ ନଃଜାଣତ୍ ବଃଲି ଇଚା କଃରି ଗଟେକ୍ ଗଃରେ ହୁର୍ଲା,
ମଃତର୍ ସେ ଲୁକ୍‌ଣେ ରେଉଁ ନଃହାର୍ଲା । 25 ସଃଡେବଃଳ୍ ଜିସୁର୍
କଃତା ସୁଣି ସେଦାହ୍ରେ ଗଟେକ୍ ମାୟ୍‌ଜି ଜାର୍ ଜିସିକେ ବୁତ୍
ଡଃସିରିଲି, ସେ ସଃଙ୍ଗେ ସଃଙ୍ଗେ ଜିସୁର୍ ଲଃଗେ ଆୟ୍‌ଲି ଆର୍
ତାର୍ ଗଡେ ଡୁଲ୍‌ଲି । 26 ସେ ମାୟ୍‌ଜି ସର୍ ହଲିର୍ ସୁରପଇନିକିଆ
ଜାତିର୍ ଗ୍ରିକ୍‌ମାୟ୍‌ଜି ରିଲି, ଆର୍ ସେ ଜିସୁକେ ଗଃଉଆରି କଃରି
ମର୍ ଜିଇର୍ ଲଃଗେହୁଣି ବୁତ୍ ଚାଡାଉ ବଃଲି କଃଉତି ରିଲି ।
27 ଜିସୁ ତାକ୍ କୟ୍‌ଲା, “ଆଗ୍‌ତୁ ହିଲାମଃନ୍‌କେ ହେଟ୍ ହୁର୍ନେ
କାଉଁକେ ଦିଆସ୍, କାୟ୍‌ତାକ୍‌ବଃଲେକ୍ ହିଲାମଃନାର୍ କାତା କାଦି
କୁକୁର୍‌ମଃନାର୍ ଚଃମେ ହିଙ୍ଗ୍‌ତାର୍ ନିକ ନାୟ୍ ।” 28 ମଃତର୍
ସେ ମାୟ୍‌ଜି ଉତୁର୍ ଦିଲି, “ହେଁ ମାପ୍ରୁ, ମଃତର୍ କୁକୁର୍‌ମଃନ୍ ହେଁ
ଟେବୁଲ୍ ତଃଳେ ଅଦ୍ରି ରିଲା ହିଲାମଃନାର୍ ଲିତା ସଃକ୍ଲିମଃନ୍
ବେଟି କାତି ।” 29 ଜିସୁ ତାକ୍ କୟ୍‌ଲା, “ତର୍ ଇ କଃତାର୍
ଗିନେ, ତୁୟ୍ ଗଃରେ ବାଉଳି ଜାଆ, ତର୍ ଜିଦିର୍ ଲଃଗେହୁଣି ବୁତ୍
ବାରାୟ୍ ଗଃଲିବେ ।” 30 ସେ ମାୟ୍‌ଜି ଗଃରେ ଜାୟ୍ ତାର୍ ଜିସି
ଟାଟାୟ୍ ସଇରିଲାର୍ ଆର୍ ବୁତ୍ ବାରାୟ୍ ଜାୟ୍‌ରିଲାର୍ ଦଃକ୍‌ଲି
। 31 ଆରେକ୍ ଜିସୁ ସର୍ ସଃନ୍ଦିହୁଣି ସିଦନ୍ ଆର୍ ଦେକାପଲି
ସଃନ୍ଦି ଅୟ୍‌କଃରି ଗାଲିଲି ସଃମ୍‌ନ୍ଦ ଚଃମେ ଆୟ୍‌ଲା । 32 ସେତି
ଲକ୍‌ମଃନ୍ ଗୁଲା ଆର୍ ବଃୟ୍‌ରା ଲକ୍‌କେ ଆଣ୍‌ଲାୟ୍, ଆର୍
ତାର୍ ଉହ୍ରେ ଆତ୍ ସଃଙ୍ଗାଉ ବଃଲି ଜିସୁକେ ଗଃଉଆରି କଃରି
କୟ୍‌ଲାୟ୍ । 33 ଜିସୁ ସେମାନାୟ୍‌କେ ଲକ୍‌ମଃନାର୍ ତଃୟ୍‌ହୁଣି
ଅଃଲ୍‌ଗା କଃରି ଏକ୍ଲାକେ କୁଦି ନଃୟ୍ ତାର୍ କାନେ ଜଳେକ୍
ଆଙ୍ଗ୍‌ଟି ହୁରାୟ୍‌ଲା ଆର୍ ଲାଳ୍ ତୁକି ତାର୍ ଜିବେ ଚୁୟ୍‌ଲା । 34
ତାର୍‌ହଃଚେ ଜିସୁ ସଃର୍ଗ୍ ବାଟ୍ ଦଃକି ବଃଡ୍ ହୁଣ୍ଡାଣ୍ ହୁଣ୍ଡିକଃରି
ସେମାନାୟ୍‌କେ କୟ୍‌ଲା, “ଇପ୍‌ପତ ।” ବଃଲେକ୍, “ଇଟିଜା ।”
35 ସେଦାହ୍ରେ ସେମାନାୟ୍‌ର୍ କାନ୍ ଉଗାଲି ଅୟ୍‌ଲି ଆର୍ ତାର୍
ଜିବାର୍ ବାନ୍ଧଣ୍ ଇଟ୍‌ଲି ଲାଗି ସେ ନିକ କଃରି କଃତା ଅଃଉଁକେ
ଦଃର୍ଲା । 36 ତାର୍‌ହଃଚେ ଜିସୁ କାକେ ହେଁ ଇ କଃତା କଃଉଆ
ନାୟ୍ ବଃଲି ସେମଃନ୍‌କେ ନିକ କଃରି କୟ୍‌ଲା; ମଃତର୍ ଜଃତେକ୍
କଃଉଁକେ ମଃନା କଃଲେକ୍ ହେଁ ସେମଃନ୍ ଅଃଦିକ୍ ସଃବୁହାକ୍
ପର୍ଚାର୍ କଃରି ବୁଲ୍‌ଲାୟ୍ । 37 ଇ କଃତା ଲକ୍‌ମଃନ୍ ସୁଣି କାବା
ଅୟ୍‌ଗଃଲାୟ୍ ଆର୍ କୟ୍‌ଲାୟ୍, “ସେ ସଃବୁ କାମ୍ ନିକକଃରି
କଃଲା ଆଚେ, ଆର୍ ବଃୟ୍‌ରା ଲକ୍‌କେ ସୁଣ୍‌ତା ସଃକ୍ତି ଆର୍ ଗୁଲା
ଲକ୍‌କେ କଃଉତା ସଃକ୍ତି ଦେଉଁଲା ।”

**8** ସଃଡେବଃଳ୍ ଆରେକ୍ ଗାଦେକ୍ ଲକ୍ ଜିସୁର୍ ଚଃମେ ଆସି
ରୁଣ୍ଡ୍‌ଲାୟ୍, ସେମଃନାର୍ ହାକ୍ କାଉଁକେ କାୟ୍‌ରି ହେଁ ନଃରିଲି
। ଆର୍ ଜିସୁ ତାର୍ ଚେଲାମଃନ୍‌କେ ତାର୍ ଚଃମେ କୁଦି କୟ୍‌ଲା,
2 “ଇ ଲକ୍‌ମଃନାର୍ ଗିନେ ମକ୍ ବଃଡେ ଦଃୟ୍ୟା ଅଃଉଁଲି । ଇ
ଲକ୍‌ମଃନ୍ ତିନି ଦିନ୍ ଅୟ୍‌ଲିନି ମର୍ ସଃଙ୍ଗ୍ ଆଚ୍‌ତି, ଅଃବେ
ସେମଃନାର୍ ହାକ୍ କାଉଁକେ କାୟ୍‌ରି ହେଁ ନାୟ୍ । 3 ଜଦି ମୁଁୟ୍
ସେମଃନ୍‌କେ ବୁକେ ଗଃରେ ହଃଟାୟ୍‌ନ୍ଲ, ତଃବେ ଜାତାବାଟେ
ସେମଃନ୍ ମୁର୍ଚା ଅୟ୍‌ଜାତି, ସେମଃନାର୍ ବିତ୍ରେ କଃତେକ୍ ଲକ୍
ବଃଡେ ଦୁରିକ୍ ହୁଣି ଆସି ଆଚ୍‌ତି ।” 4 ତାର୍ ଚେଲାମଃନ୍
ଜିସୁକେ କୟ୍‌ଲାୟ୍, “ଇତି ଲକ୍‌ବାକ୍ ନୟ୍‌ଲା ଟାଣେ କୁୟ୍‌ତି

ହୁଣି ରୁଟି ଆଣି ଏମଃନ୍‌କେ ହେଟ୍‌ହୁର୍ନେ କାଉଁକେ ଦେଉଁନ୍ନ?” 5
ଜିସୁ ଚେଲାମଃନ୍‌କେ ହଃଚାର୍ଲା, “କଃତିଗଟ୍ ରୁଟି ତୁମାର୍ ହାକ୍
ଆଚେ?” ସେମଃନ୍ କୟ୍‌ଲାୟ୍, “ସାତ୍‌ଗଟ୍ ।” 6 ତାର୍‌ହଃଚେ
ଜିସୁ ଲକ୍‌ମଃନ୍‌କେ ମାଟାୟ୍ ବଃସୁକେ କୟ୍‌ଲା, ଆରେକ୍ ଜିସୁ
ସେ ସାତ୍‌ଗଟ୍ ରୁଟିକେ ଆତେ ଦଃରି ଇସ୍ୱର୍‌କେ ପାର୍ତ୍‌ନାକଃରି
ରୁଟିସଃବୁ କଃଣ୍ଡ କଃଣ୍ଡ କଃରି ଲକ୍‌ମଃନ୍‌କେ ବାଟି ଦିଆସ୍ ବଃଲି
ତାର୍ ଚେଲାମଃନ୍‌କେ ଦିଲା; ଚେଲାମଃନ୍ ସଃବୁ ଲକ୍‌ମଃନ୍‌କେ
ସେରି ବାଟାକଃରି ଦିଲାୟ୍ । 7 ଚେଲାମଃନାର୍ ହାକ୍ କଃତିଗଟ୍
ସାନ୍ ମାଚ୍ ହେଁ ରିଲି; ସେ ମାଚ୍‌କେ ହେଁ ଦଃରି ଜିସୁ ଆସିର୍ବାଦ୍
କଃରି ଲକ୍‌ମଃନ୍‌କେ ବାଟାକଃରି ଦେଉଁକେ ତାର୍ ଚେଲାମଃନ୍‌କେ
କୟ୍‌ଲା । 8 ସଃବୁ ଲକ୍‌ମଃନ୍ ହେଟ୍ ହୁର୍ନେ କାୟ୍‌ଲାୟ୍ ଆର୍
ଚେଲାମଃନ୍ ଉବ୍‌ରୁର୍ଲାର୍ ବାଙ୍ଗ୍‌ଲା ରୁଟି ବେଟି ସାତ୍ ଡଃଲା ବଃର୍ତି
କଃଲାୟ୍ । 9 କାୟ୍‌ଲା ଲକ୍‌ମଃନ୍ ହାକାହାକି ଚାରି ଆଜାର୍
ଲକ୍ ରିଲାୟ୍ । 10 ତାର୍‌ହଃଚେ ଜିସୁ ସେମଃନ୍‌କେ ସେଲଦିଲା,
ଆର୍ ସେଦାହ୍ରେ ଜିସୁ ତାର୍ ଚେଲାମଃନାର୍ ସଃଙ୍ଗ୍ ଡଙ୍ଗାୟ୍ ଚଃଗି
ଦଲ୍‌ମନୁତା ହଲିକେ ଗଃଲାୟ୍ । 11 ତାର୍‌ହଃଚେ ପାରୁସିମଃନ୍
ଆସି ଜିସୁର୍ ସଃଙ୍ଗ୍ କଃତା ଦଃରାଦଃରି ଅଃଉଁକେ ଦଃର୍ଲାୟ୍, ଆର୍
ସେମଃନ୍ ଜିସୁକେ ହାନ୍ଦାୟ୍ ହଃକାଉଁକ୍ ମଃନ୍‌କଃରି, ଅଃଗାସ୍
ଉହ୍ରେ ଗଟେକ୍ ଚିନ୍ ମାଗ୍‌ଲାୟ୍ । 12 ସେତାକ୍ ଜିସୁ ଆତ୍ମାୟ୍ ବାବି
ବଃଡ୍‌ହୁଣ୍ଡାଣ୍ ଚାଡି କୟ୍‌ଲା, “ଅଃବାର୍ ଲକ୍‌ମଃନ୍ କାୟ୍‌ତାକ୍
ଚିନ୍ ଲଲୁଲାୟ୍? ମୁଁୟ୍ ତୁମିକେ ସଃତ୍ କଃଉଁଲେ, ଅଃବାର୍
ଲକ୍‌ମଃନ୍‌କେ କାୟ୍ ଚିନ୍ ହେଁ ଦିଆ ନାୟ୍ ।” 13 ତାର୍‌ହଃଚେ ଜିସୁ
ପାରୁସିମଃନ୍‌କେ ଚାଡିକଃରି ଆରେକ୍ ଡଙ୍ଗାୟ୍ ଚଃଗି ସଃମ୍ନ୍ଦ
ସେହାଟି କଃଣ୍ଡାୟ୍ ଗଃଲା । 14 ସଃଡେବଃଲ୍ ଜିସୁର୍ ଚେଲାମଃନ୍
ରୁଟି ନେଉଁକେ ହାସୁର୍ଲାୟ୍; ଡଙ୍ଗାୟ୍ ସେମଃନାର୍ ତଃୟ୍ ଅଃକାୟ୍
ଗଟେକ୍ ମଃତର୍ ରୁଟି ରିଲି । 15 ଜିସୁ ସେମଃନ୍‌କେ ଚେତାୟ୍
ଦଃୟ୍‌କଃରି କୟ୍‌ଲା, “ପାରୁସିମଃନାର୍ ଆର୍ ହେରଦାର୍ କମିର୍
ତଃୟ୍‌ହୁଣି ଜଃଗ୍ରାତ୍ ଅୟ୍‌ରିଆ ।” 16 ସେତାକ୍ ତାକାର୍ ତାକାର୍
ବିତ୍ରେ କଃଉଆକଇ ଅଃଉଁକେ ଦଃର୍ଲାୟ୍, “ଅଃମାର୍ ହାକ୍ ରୁଟି
ନାୟ୍ ବଃଲି ଜିସୁ ଇ କଃତା କୟ୍‌ଲା ।” 17 ସେମଃନ୍ କାୟ୍‌ରି
କଃତାବାର୍ତା ଅଃଉଁଲାୟ୍ ସେରି ଜିସୁ ମଃନ୍‌ବିତ୍ରେ ଜାଣିକଃରି
ସେମଃନ୍‌କେ କୟ୍‌ଲା, “ତୁମାର୍ ତଃୟ୍ ରୁଟି ନାୟ୍ ବଃଲି ତୁମିମଃନ୍
କାୟ୍‌ତାକ୍ କଃତାବାର୍ତା କଃରୁଲାସ୍? ତୁମିମଃନ୍ କାୟ୍ ଅଃବେ
ହଃତେକ୍ ଜାଣୁ ନଃହାରୁଲାସ୍? ତୁମିମଃନ୍ କଃତେକ୍ ନିର୍ବୁଦିଆ?
18 ଆକି ରେଉଁ ରେଉଁ କାୟ୍ ତୁମିମଃନ୍ ଦଃକୁକ୍ ନଃହାରୁଲାସ୍?
ତୁମିମଃନ୍‌କେ କାନ୍ ରେଉଁ ରେଉଁ କାୟ୍ ସୁଣୁକ୍ ନଃହାରୁଲାସ୍?
19 ମୁୟ୍ଁ ଜଃଡେବଃଲ୍ ହାଁଚ୍ ଆଜାର୍ ଲକ୍‌ମଃନାର୍ ଗିନେ ହାଁଚ୍
ଗଟ୍ ରୁଟି ବାଙ୍ଗି କାଲାୟ୍ ରିଲେ, ସଃଡେବଃଲ୍ ତୁମିମଃନ୍ କଃତି
ଡଃଲା ହୁରାକଃରି ଉବ୍‌ରୁର୍ଲାର୍ ବାଙ୍ଗ୍‌ଲା ରୁଟି ବେଟିରିଲାସ୍? ସେରି
କାୟ୍ ଏତୁ ନାୟ୍?” ସେମଃନ୍ କୟ୍‌ଲାୟ୍, “ବାର ଡଃଲା ।” 20
ଜିସୁ କୟ୍‌ଲା, “ଆର୍ ସେ ଚାରିଅଃଜାର୍ ଲକ୍‌ମଃନାର୍ ଗିନେ
ମୁଁୟ୍ ଜଃଡେବଃଲ୍ ସାତ୍‌ଗଟ୍ ରୁଟି ବାଙ୍ଗିକଃରି ଦଃୟ୍‌ରିଲେ,
ସଃଡେବଃଲ୍ କଃତି ଡଃଲା ଉବ୍‌ରୁର୍ଲା ବାଙ୍ଗ୍‌ଲା ରୁଟି ବେଟି ରିଲାସ୍?”
ସେମଃନ୍ କୟ୍‌ଲାୟ୍, “ସାତ୍ ଡଃଲା ।” 21 ତାର୍‌ହଃଚେ ଜିସୁ
ସେମଃନ୍‌କେ କୟ୍‌ଲା, “ତୁମିମଃନ୍ କାୟ୍‌ରି ଅଃବେ ହଃତେକ୍
ବୁଜୁ ନଃହାରୁଲାସ୍?” 22 ତାର୍‌ହଃଚେ ସେମଃନ୍ ବେତ୍‌ସାଇଦା
ଆୟ୍‌ଲାୟ୍ । ସେତି କଃତେକ୍ ଲକ୍ ଗଟ୍ କାଣାକେ ଜିସୁର୍ ଲଃଗେ
ଆଣି, ତାକ୍ ଚିଉଁକ୍ ଜିସୁକେ କାନିକଃର୍ମ୍ ଅୟ୍ ଗଃଉଆରି କଃଲାୟ୍
। 23 ଜିସୁ ସେ କାଣାର୍ ଆତେ ଦଃରି ଗାଉଁଏ ହୁଣି ତାକ୍ ବାର୍‌କଃରି
ନିଲା, ଆର୍ ତାର୍ ଆକାୟ୍ ଲାଲ୍ ଲାଗାୟ୍‌ଲା, ଆର୍ ତାର୍ ଉହ୍ରେ
ଆତ୍ ସଃଙ୍ଗାୟ୍ କଃରି ତାକ୍ ହଃଚାର୍ଲା, “ତୁୟ୍ କାୟ୍‌ରି ଦଃକୁ
ହାରୁଲିସ୍ କି?” 24 ସେ ଦଃକି କୟ୍‌ଲା, “ହେଁ ମୁଁୟ୍ ଲକ୍‌ମଃନ୍‌କେ
ଦଃକୁଲେ, କାୟ୍‌ତାକ୍‌ବଃଲେକ୍ ମୁଁୟ୍ ଗଃଚ୍ ହର୍ କାୟ୍‌ରି ଅଲେ
ଇଣ୍ଡ୍‌ତାର୍ ଦଃକୁଲେ ।” 25 ତାର୍‌ହଃଚେ ଜିସୁ ଆରେକ୍ ସେ
କାଣାର୍ ଆକାୟ୍ ଚୁୟ୍‌ଲା, ତଃବେ ସେ ନିକକଃରି ଦଃକ୍‌ଲା, ଆର୍
ସେ କାଣା ନିକ ଅୟ୍ ସଃବୁ ବିସୟ୍‌କେ ନିକକଃରି ଦଃକୁକ୍ ଦଃର୍ଲା
। 26 ତାର୍‌ହଃଚେ ଜିସୁ ତାକ୍ ନିଜାର୍ ଗଃରେ ହଃଟାୟ୍ ଦଃୟ୍
କୟ୍‌ଲା, “ଇ ଗାଉଁ ବିତୁର୍‌କେ ହେଁ ତୁୟ୍ ମୁଲ୍‌କେ ଜାନାୟ୍ଁ ।”
27 ଇତାର୍‌ହଃଚେ ଜିସୁ ଆର୍ ତାର୍ ଚେଲାମଃନ୍ କାଇସରିଆ
ପିଲିପି ହଲିର୍ ଗାଉଁମଃନ୍‌କେ ଗଃଲାୟ୍, ଜାତାବାଟେ ଜିସୁ ତାର୍
ଚେଲାମଃନ୍‌କେ ହଃଚାର୍ଲା, “ମୁୟ୍ଁ କେ ବଃଲି ଲକ୍‌ମଃନ୍ କାୟ୍‌ରି
କଃଉଁଲାୟ୍?” 28 ସେମଃନ୍ ତାକ୍ ଉତୁର୍ ଦିଲାୟ୍, “କଃତିଲକ୍
କଃଉଁଲାୟ୍, ତୁୟ୍ ବାପ୍ତିସମ୍ ଦେତା ଜହନ୍; ଆର୍ କଃତିଲକ୍
କଃଉଁଲାୟ୍, ତୁୟ୍ ଏଲିୟ୍; ମଃତର୍ ବିନ୍ କଃତେକ୍ ଲକ୍‌ମଃନ୍
କଃଉଁଲାୟ୍, ବାବ୍‌ବାଦିମଃନାର୍ ବିତ୍ରାର୍ ଗଟେକ୍ ବାବ୍‌ବାଦି ।”
29 ଜିସୁ ସେମଃନ୍‌କେ ହଃଚାର୍ଲା, “ମଃତର୍ ମୁଁୟ୍ କେ ବଃଲି
ତୁମିମଃନ୍ କାୟ୍‌ରି କଃଉଁଲାସ୍?” ପିତର୍ ତାକ୍ ଉତୁର୍ ଦିଲା, ତୁୟ୍
ଇସ୍ୱର୍ ବାଚ୍‌ଲା ହାହେ ହୁଣି ମୁକ୍ଳାଉତା କ୍ରିସ୍ଟ । 30 ତଃବେ ଜିସୁ
ସେମଃନ୍‌କେ ଚେତାୟ୍ ଦଃୟ୍ କୟ୍‌ଲା “ମୁଁୟ୍ କେ ବଃଲି ତୁମିମଃନ୍
କାକେ ହେଁ କାୟ୍‌ରି କଃଉଆ ନାୟ୍ ।” 31 ଜିସୁ ଚେଲାମଃନ୍‌କେ
ସିକ୍ୟା ଦେଉଁକ୍ ଆରୁମ୍ କଃଲା, “ନଃରାର୍ ହୟ୍‌ସିକ୍ ବାୟ୍‌ଦ୍‌ରେ
ଦୁକ୍ କଃସ୍ଟ ହାୟ୍‌ଦ୍, ଆର୍ ପାରାଚିନ୍, ବଃଡ୍ ଜାଜକ୍ ମଃନ୍, ଆର୍
ଦଃର୍ମ୍ ଗୁରୁମଃନ୍ ଦୁର୍ କଃର୍ତି ଆର୍ ମଃର୍ନେ ମାର୍‌ତି, ଆରେକ୍
ସେ ତିନି ଦିନାର୍ ହଃଚେ ଉଟେଦ୍ ।” 32 ଜିସୁ ଇ ସଃବୁ କଃତା
ଚେଲାମଃନ୍‌କେ ହୁଟାୟ୍‌କଃରି କୟ୍‌ଲା, ମଃତର୍ ପିତର୍ ଜିସୁକେ
ଗଟ୍‌ହାକ୍ ବିନେ କୁଦି ନଃୟ୍ ଦଃକା ଦିଲା, “ଇବାନ୍ୟା ତକେ
କଃବେ ହେଁ ନଃଉଅ ।” 33 ମଃତର୍ ଜିସୁ ଉଲ୍‌ଟି କଃରି ନିଜାର୍
ଚେଲାମଃନ୍‌କେ ଦଃକି ପିତର୍‌କେ ଦଃକା ଦଃୟ୍ କୟ୍‌ଲା, “ମର୍
ମୁଏଁ ହୁଣି ଦୁର୍ ଅଃଉ ସୟ୍‌ତାନ୍, କାୟ୍‌ତାକ୍‌ବଃଲେକ୍ ତୁୟ୍
ଇସ୍ୱରାର୍ ବିସୟ୍ ନଃବାବି, ଲକ୍‌ମଃନାର୍ ବିସୟ୍ ବାବୁଲିସ୍ ।”
34 ତାର୍‌ହଃଚେ ଜିସୁ ତାର୍ ଚେଲାମଃନାର୍ ସଃଙ୍ଗ୍ ଲକ୍‌ମଃନ୍‌କେ
ତାର୍ ଲଃଗେ କୁଦି କୟ୍‌ଲା, “ଜୁୟ୍ ଲକ୍ ମର୍ ହଃଚେ ଆସୁକ୍

ମଽନ୍ କଽରେଦ୍, ତଽବେ ସେ ଅଽହ୍ଣାର୍ ସଽବୁ ଚାଡି ଅଽହ୍ଣାର୍
କ୍ରୁସ୍ ବୟ୍କଽରି ମର୍ ହଽଚେ ଆସ । 35 କାୟ୍ତାକ୍ବଽଲେକ୍ ଜୁୟ୍
ଲକ୍ ନିଜାର୍ ଜିବନ୍ ବଚାଉଁକେ ମଽନ୍ କଽରେଦ୍, ସେ ଜିବନ୍
ହାରାୟ୍ଦ୍; ମଽତର୍ ଜୁୟ୍ଲକ୍ ମର୍ ଗିନେ ଆର୍ ମର୍ ନିକ କବୁର୍
ଗିନେ ନିଜାର୍ ଜିବନ୍ ଆରାୟ୍ଦ୍, ସେ ତାର୍ ଜିବନ୍କେ ସଽବୁ
ଦିନ୍ ଗିନେ ରଽକ୍ୟା କଽରେଦ୍ । 36 ଜଦି ଗଟ୍ଲକ୍ ଜଽଗତାର୍
ସଽବୁ ଲାବ୍କଽରି ନିଜାର୍ ଜିବନ୍ ଆରାୟ୍ଦ୍, ତଽବେ ତାର୍ କାୟ୍
ଲାବ୍? 37 ଆର୍ ମାନାୟ୍ ଅଽହ୍ଣାର୍ ଜିବନ୍ ବାଦୁଲେ କାୟ୍ରି
ଦେଉଁ ହାରେ? 38 ଜଦି କୁୟ୍ଲକ୍ ଇ କାଳାର୍ ହାହିମଽନାର୍ ଆର୍
ଦୁସ୍ଟ ଲକ୍ମଽନାର୍ ବିତ୍ରେ ମର୍ ଆର୍ ମର୍ ବଽଚନ୍ ଗିନେ ଲାଜ୍
ଅୟ୍ଦ୍, ନଽରାର୍ ହୟ୍ସି ଜଽଡେବଽଲ୍ ପବିତ୍ର ଦୁତ୍ମଽନାର୍ ସଽଙ୍ଗ
ଅଽହ୍ଣାର୍ ଉବାସିର୍ ଜଽଜ୍ମାନ୍ ସଽଙ୍ଗ ଆସେଦ୍, ସଽଡେବଽଲ୍
ସେ ହେଁ ତାର୍ ବିସୟେ ଲାଜ୍ ହାୟ୍ଦ୍ ।"

**9** ଜିସୁ ସେମଽନ୍କେ ଆରେକ୍ କୟ୍ଲା, "ମୁଁୟ୍ ତୁମିମଽନ୍କେ
ସଽତ୍ କଽଉଁଲେ, ଇସ୍ୱରାର୍ ରାଇଜ୍କେ ସଽକ୍ତି ସଽଙ୍ଗ ନାସ୍ତା
ହଽତେକ୍ ଇତି ଟିଆ ଅୟ୍ରିଲା ଲକ୍ମଽନାର୍ ବିତ୍ରେ କଽତେକ୍
ଲକ୍ କଽନ୍କଽରି ହେଁ ନଽମେର୍ତି ।" 2 ଚଅ ଦିନ୍ ଗଽଲା ହଽଚେ,
ଜିସୁ ପିତର୍, ଜାକୁବକ୍ ଆର୍ ଜହନ୍କେ ସଽଙ୍ଗେ ଦଽରି ଗଟେକ୍
ବଽଡ୍ ଉଚ୍ ଡଙ୍ଗର୍ ଉହ୍ରେ କୁଦି ନିଲା । 3 ଆର୍ ତାକାର୍ ମୁଏଁ
ଜିସୁ ଅଽହ୍ଣାର୍ ଗଽଗାଳାର୍ ରୁହ୍ ବାଦ୍ଲାୟ୍ଲା, ତାର୍ ବଽସ୍ତର୍
ଇବାନ୍ୟା ଉଜାଲ୍ ଆର୍ ଚିଟ୍ ଦବ୍ ଅୟ୍ଲି, ହୁର୍ତିବିର୍ କୁୟ୍ ଦବା
ହେଁ ସେବାନ୍ୟା କଽରି ଆକାଲୁ ନାହାରେ । 4 ସଽଡେବଽଲ୍ ମସା
ଆର୍ ଏଲିୟ ସଽଙ୍ଗ ଜିସୁ କଽତାବାର୍ତା ଅଽଉତି ରିଲାର୍ ସେମଽନ୍
ଦଽକ୍ଲାୟ୍ । 5 ତାର୍ହଽଚେ ପିତର୍ ଜିସୁକେ କୟ୍ଲା, "ଏ
ଗୁରୁ, ଅଽମିମଽନ୍ ଇଟାଣେ ଆଚୁ ଇରି ବଽଲ୍ କଽତା; ଅଽମିମଽନ୍
ତିନିଗଟ୍ କୁଲିଆ ବାନ୍ଧୁନ୍ଦ, ଗଟେକ୍ ତର୍ ଗିନେ, ଗଟେକ୍ ମସାର୍
ଗିନେ ଆରେକ୍ ଗଟେକ୍ ଏଲିୟର୍ ଗିନେ ।" 6 କାୟ୍ତାକ୍ବଽଲେକ୍
ପିତର୍ ଜିସୁକେ କାୟ୍ କଽତା କୟ୍ନ୍ଦ ବଽଲି ଜାଣି ନଽରିଲା, ଆର୍
ସଽଡେବଽଲ୍ ଚେଲାମଽନ୍ ବେସି ଡିରି ଜାୟ୍ରିଲାୟ୍ । 7 ଆରେକ୍
ସଽଡେବଽଲ୍ କଽଣ୍ଡେକ୍ ମେଗ୍ ଆୟ୍ଲି ଆର୍ ତାକାର୍ ଉହ୍ରେ ଡାହି
ଅୟ୍ଲି, ଆର୍ ସେ ମେଗ୍ ବିତ୍ରେହୁଣି ଗଟେକ୍ ସଽବଦ୍ ସୁଣ୍ଲାୟ୍,
"ଇରି ମର୍ ଲାଡାର୍ ହଅ, ତାର୍ କଽତା ସୁଣା ।" 8 ତାର୍ହଽଚେ
ସେମଽନ୍ ଚାରିହାକ୍ ଦଽକ୍ଲାୟ୍, ମଽତର୍ ତାକାର୍ ସଽଙ୍ଗ ଜିସୁକେ
ଚାଡି କାକେ ହେଁ ନଽଦେକ୍ଲାୟ୍ । 9 ସେମଽନ୍ ଡଙ୍ଗେହୁଣି ଉତ୍ରି
ଆସ୍ତାବଽଲ୍ ଜିସୁ ସେମଽନ୍କେ ନିକ କଽରି କୟ୍ଲା, "ତୁମିମଽନ୍
ଜୁୟ୍ରି ସଽବୁ ଦଽକି ଆଚାସ୍, ସେରି ମଽଲା ଲକାର୍ ତଽୟ୍ହୁଣି
ନଽରାର୍ ହୟ୍ସି ନୁଟ୍ତା ହଽତେକ୍ ଇ କଽତା କାକେ ହେଁ କଽଉଆ
ନାୟ୍ ।" 10 ସେତାକ୍ ଜିସୁ କୟ୍ଲା କଽତାକ୍ ଦଽରି ସେମଽନ୍
କଽତାବାର୍ତା ଅଽଉଁକେ ଦଽର୍ଲାୟ୍, "ମଽରିକଽରି ଆରେକ୍ ଉଟ୍ତାର୍
କାୟ୍ରି?" 11 ସେମଽନ୍ ଜିସୁକେ ହଽଚାର୍ଲାୟ୍, "ଏଲିୟ ନିଜ୍କଽରି
ହଽର୍ତୁ ଆସେଦ୍ ବଽଲି ଦଽର୍ମ୍ ଗୁରୁମଽନ୍ ଇ କଽତା କାୟ୍ତାକ୍
କଽଉଁଲାୟ୍?" 12 ଜିସୁ ସେମଽନ୍କେ କୟ୍ଲା, "ଏଲିୟ ଆସିକଽରି
ସଽବୁ କଽତା ଟିକ୍ଟାକ୍ କଽର୍ଚା କଽତା ସଽତ୍, ତଽବେ ନଽରାର୍
ହୟ୍ସି ସଽବୁ ଦୁକ୍ କଽସ୍ଟ ହାୟ୍ଦ୍ ଆର୍ ଲକ୍ମଽନ୍ ତାକ୍ ଲିନ୍ଦା
କଽର୍ତି ବଽଲି କାୟ୍ତାକ୍ ତାର୍ କଽତା ଲେକା ଅୟ୍ଆଚେ? 13
ମଽତର୍ ମୁଁୟ୍ ତୁମିମଽନ୍କେ କଽଉଁଲେ, ଏଲିୟ ବାବ୍ବାଦି ଆସି
ସଽର୍ଲାନି, ଆର୍ ତାର୍ କଽତା ଜାୟ୍ରି ସାସ୍ତରେ ଲେକା ଆଚେ,
ସେବାନ୍ୟା ଲକ୍ମଽନ୍ ତାର୍ ସଽଙ୍ଗ ଜାୟ୍ରି ମଽନ୍ କଽଲାୟ୍ ସେରି
କଽଲାୟ୍ ।" 14 ଇତାର୍ହଽଚେ ଜିସୁ ଆର୍ ବିନ୍ ଚେଲାମଽନ୍
ତାର୍ ଚେଲାମଽନାର୍ ଚଽମେ ଆସି ଦଽକ୍ଲାୟ୍ ଜେ, ତାକାର୍
ଚାରିବେଲ୍ତ୍ ଲକ୍ମଽନ୍ ରୁଣ୍ଡି ଆଚ୍ତି ଆର୍ କଽତିଗଟ୍ ଦଽର୍ମ୍ଗୁରୁ
ତାକାର୍ ସଽଙ୍ଗ କଽତା ଦଽରାଦଽରି ଅଽଉତି ରିଲାୟ୍ । 15
ଆର୍ ସଽଡେବଽଲ୍ ସେ ଲକ୍ମଽନ୍ ଜିସୁକେ ଦଽକ୍ଲା ଦାହ୍ରେ
କାବା ଅୟ୍ଗଽଲାୟ୍ ଆର୍ ଜିସୁର୍ ଲଽଗେ ଦଽବ୍ଲି ଆସି ତାକ୍
ଜୁଆର୍ କଽଲାୟ୍ । 16 ଜିସୁ ତାର୍ ଚେଲାମଽନ୍କେ ହଽଚାର୍ଲା,
"କାୟ୍ତାର୍ ଗିନେ ତୁମିମଽନ୍ ସେ ଲକ୍ମଽନାର୍ ସଽଙ୍ଗ କଽତାୟ୍
ଦଽରାଦଽରି ଅଽଉତି ରିଲାସ୍ ।" 17 ସେ ଲକ୍ ମଽନ୍ଦାର୍ ବିତ୍ରେହୁଣି
ଗଟେକ୍ ମାନାୟ୍ କୟ୍ଲା, "ଏ ଗୁରୁ, ମର୍ ହଅକେ ଗୁଲା ବୁତ୍
ଦଽରିଆଚେ, ଆର୍ ସେ ଟଣ୍ଡ ଅଽଉଁକେ ନଽହାରୁଲା ଲାଗି ମୁଁୟ୍
ତାକ୍ ତର୍ ଲଽଗେ ଆଣି ରିଲେ । 18 ଆର୍ ଜଽଡେବଽଲ୍ ତାକ୍
ଜୁୟ୍ତି ବୁତ୍ ଦଽରେଦ୍, ତାକ୍ ତଽଳେ ଅଦ୍ରାୟ୍ ଦଽୟ୍ଦ୍ ଆର୍ ତାର୍
ଟଣ୍ଡେହୁଣି ହେହୁଲ୍ ବାର୍ କଽରେଦ୍ ଆର୍ ସେ ଦାତ୍ କିଟ୍କିଟ୍
କଽରେଦ୍, ସେ ସୁକି ଜଽଉଁଲା । ସେ ବୁତ୍ ଚାଡାଉଁକେ ମୁଁୟ୍ ତର୍
ଚେଲାମଽନ୍କେ କୟ୍ଲେ, ମଽତର୍ ସେମଽନ୍ ଚାଡାଉଁ ନାହାର୍ଲାୟ୍
।" 19 ଜିସୁ ସେମଽନ୍କେ କୟ୍ଲା, "ଏ ଅବିସ୍ୱାସି ଜାତି, ମୁଁୟ୍
ତୁମାର୍ ସଽଙ୍ଗ କଽତେକ୍ ଦିନ୍ ରଽୟ୍ନ୍ଦ, ମୁଁୟ୍ ତୁମାର୍ କାମ୍
ଦଽକି କଽତେକ୍ କାଲ୍ ସଽମ୍ବାଳିନ୍ଦ; ସେ ହିଲାକ୍ ମର୍ ଲଽଗେ
ଆଣା!" 20 ସେ ହିଲାକ୍ ଜିସୁର୍ ଲଽଗେ ଆଣ୍ଲାୟ୍ । ତାକ୍
ଡଽସିରିଲା ବୁତ୍ ଜିସୁକେ ଦଽକିକଽରି ସେ ହିଲାକ୍ ବୟ୍ଙ୍କାର୍
ବାବେ ମଳିକଽରି ମାଟାୟ୍ ଅଦ୍ରାୟ୍ଲି ଆର୍ ତାର୍ ମୁଏଁ ହେହୁଲ୍
ତୁମା ବାର୍କଽରି ସେ ହିଲା ଡୁଲ୍ଗୁଣ୍ଡଲ୍ ଅଽଉଁକେ ଦଽର୍ଲା । 21
ଜିସୁ ସେ ହିଲାର୍ ଉବାସିକ୍ ହଽଚାର୍ଲା, "ଇ ହିଲାକ୍ କଽବେ ହୁଣି
ଇବାନ୍ୟା ଅଽଉଁଲି?" ଉବାସି କୟ୍ଲା, "ହିଲାବଽଲ୍ ହୁଣି; 22
ଇ ବୁତ୍ ହିଲାକ୍ ମଽରାଉଁକେ କଽତିତର୍ ଜୟ୍ ଲଽଗେ ଆର୍
କଽତିତର୍ ହାଣି ଲଽଗେ ଅଦ୍ରାୟ୍ ଆଚେ, ମଽତର୍ ତୁୟ୍ ଜଦି ବଽଲ୍
କଽରୁ ହାର୍ସି, ତଽବେ ଅଽମାର୍ ଉହ୍ରେ ଦଽର୍ମ୍ କଽର୍ସି ।" 23 ଜିସୁ
ତାକ୍ କୟ୍ଲା, "କାୟ୍ରି କଽଉଁଲିସ୍? ଜଦି କଽରୁ ହାର୍ସି! ବିସ୍ୱାସ୍
କଽର୍ତା ଲକାର୍ ଗିନେ ସଽବୁ ଅଽଉଁ ହାରେ ।" 24 ସେ ହିଲାର୍
ଉବାସି ସେଦାହ୍ରେ ଟଣ୍ଡ ହୁଟାୟ୍କଽରି କୟ୍ଲା, "ହେଁ, ମୁଁୟ୍ ବିସ୍ୱାସ୍
କଽରୁଲେ, ମକ୍ ବିସ୍ୱାସ୍ ତଽୟ୍ ବାଡୁକେ ଉହ୍କାର୍ କଽର୍ ।" 25
ଆର୍ ଜଽଡେବଽଲ୍ ଜିସୁ ହାକ୍ ଲକ୍ମଽନ୍ ଦଽବ୍ଲି ଆସ୍ତିରିଲାର୍
ଦଽକି, ଜିସୁ ସେ ବିଟାଲ୍ ଆତ୍ମାକେ ଦଽମ୍କାୟ୍କଽରି କୟ୍ଲା, "ଏ

ଗୁଲା ଆର୍ ବଃୟ୍‌ରା ବୁତ୍, ମୁଁୟ୍ ତକେ କଃଉଁଲେ, ଇ ହିଲାର୍
ତଃୟ୍‌ହୁଣି ବାରାୟ୍ ଜାଆ, ଆର୍ କଃବେ ହେଁ ଇ ହିଲାର୍ ବିତ୍ରେ
ହୁର୍ନାୟ୍ଁ ।” 26 ତାର୍‌ହଃଚେ ସେ ବୁତ୍ କିର୍‌କିରି କଃରି ସେହିଲାକ୍
ଜଃବର୍‌କଃରି ମଲିହଃକାୟ୍ ତାର୍ ବିତ୍ରେ ହୁଣି ବାରାୟ୍‌ଗଃଲି,
ଆର୍ ସେ ହିଲା ମଃଲା ହର୍ ଅୟ୍‌ଲା ଲାଗି ଲକ୍‌ମଃନ୍ ତାକ୍
କୟ୍‌ଲାୟ୍, “ସେ ତ ମଃରିଗଃଲା!” 27 ମଃତର୍ ଜିସୁ ତାକ୍ ଆତେ
ଦଃରି ଉଟାୟ୍‌ଲା, ଆର୍ ସେ ହିଲା ଉଟିକଃରି ଟିଆ ଅୟ୍‌ଲା । 28
ଜିସୁ ଜଃଡେବଃଲ୍ ଗଃରେ ଆୟ୍‌ଲା, ତାର୍ ଚେଲାମଃନ୍ ଲୁକ୍‌ଣେ
ତାକ୍ ହଃଚାର୍ଲାୟ୍, “କାୟ୍‌ତାର୍ ଗିନେ ଅଃମି ତାକ୍ ଚାଡାଉଁ
ନଃହାର୍ଲୁ?” 29 ଜିସୁ ସେମଃନ୍‌କେ ଉତୁର୍ ଦିଲା, “ଇବାନ୍ୟା
ବୁତ୍‌ମଃନ୍‌କେ ପାର୍ତ୍‌ନାୟ୍ ଚାଡି ଆରେକ୍ କୁୟ୍‌ତି ହେଁ ଚାଡାଉଁକ୍
ହାରି ନୟ୍ ।” 30 ଜିସୁ ଆର୍ ତାର୍ ଚେଲାମଃନ୍ ସେଟାଣ୍ ଚାଡି
ଗାଲିଲି ବାଟ ଅୟ୍ ଗଃଲାୟ୍ । ସେ ରେତା ଜଃଗାୟ୍ କେ ହେଁ
ନଃଜାଣତ୍ ବଃଲି ଜିସୁ ମଃନ୍ କଃର୍ତିରିଲା, 31 କାୟ୍‌ତାକ୍‌ବଃଲେକ୍
ଜିସୁ ତାର୍ ଚେଲାମଃନ୍‌କେ ଇ କଃତା କୟ୍ ସିକ୍ୟା ଦେତିରିଲା,
“ନଃରାର୍ ହୟ୍‌ସି ନଃର୍‌ମଃନାର୍ ଆତେ ସଃହ୍ରି ଅୟ୍‌ଦ୍, ଆରେକ୍
ସେମଃନ୍ ତାକ୍ ମଃର୍ନେ ମାର୍ତି, ଆର୍ ସେ ମଃରି ତିନିଦିନ୍
ଅୟ୍‌ଲା ହଃଚେ, ଆରେକ୍ ଉଟେଦ୍ ।” 32 ମଃତର୍ ସେମଃନ୍
ଇ କଃତା ବୁଜୁ ନଃହାୟ୍‌ଲାୟ୍ ଆର୍ ଜିସୁକେ ହଃଚାରୁକ୍ ଡିର୍ତି
ରିଲାୟ୍ । 33 ତାର୍‌ହଃଚେ ଜିସୁ ଆର୍ ଚେଲାମଃନ୍ କପୁର୍ନାହୁମ୍
ଆୟ୍‌ଲାୟ୍, ଜିସୁ ଗଃରେ ହଚି ସେମଃନ୍‌କେ ହଃଚାର୍ଲା, “ତୁମିମଃନ୍
ବାଟେ ରିଲାବଃଲ୍ କାୟ୍‌ବଃଲି କଃତାବାର୍ତା ଅଃଉତି ରିଲାସ୍?”
34 ମଃତର୍ ସେମଃନ୍ ତୁନ୍‌ହାଲି ରିଲାୟ୍, କାୟ୍‌ତାକ୍‌ବଃଲେକ୍
ସେମଃନ୍ ବାଟେ ରିଲାବଃଲ୍ ତାକାର୍ ତାକାର୍ ବିତ୍ରେ କେ ବଃଡ୍
ବଃଲି କଃତାବାର୍ତା ଅଃଉତି ରିଲାୟ୍ । 35 ଜିସୁ ବଃସ୍‌ଲା ଆର୍
ତାର୍ ବାରଗଟ୍ ଚେଲାମଃନ୍‌କେ କୁଦିକଃରି କୟ୍‌ଲା, “ଜୁୟ୍
ମାନାୟ୍ ସଃବ୍‌କେ ବଃଡ୍ ଅଃଉଁକେ ମଃନ୍ କଃରେଦ୍, ସେ ମାନାୟ୍
ସଃବ୍‌କେ ସାନ୍ ଅଃଉଅ ଆର୍ ସଃବ୍‌କାର୍ ସେବାକାରି ଅଃଉଅ ।”
36 ତାର୍‌ହଃଚେ ଜିସୁ ଗଟେକ୍ ସାନ୍ ହିଲାକ୍ ଦଃରିକଃରି ସଃବୁ
ଲକାର୍ ମଃଜାୟ୍ ଟିଆକଃଲା ଆର୍ ସେ ହିଲାକ୍ କଳେ ଦଃରି
ସେମଃନ୍‌କେ କୟ୍‌ଲା, 37 “ଜୁୟ୍ ଲକ୍ ମର୍ ନାଉଁଏ ଇବାନ୍ୟା
ସାନ୍ ହିଲାକ୍ ଦଃରେଦ୍, ସେମାନାୟ୍ ମକ୍ ଦଃରେଦ୍, ଜୁୟ୍
ମାନାୟ୍ ମକ୍ ଦଃରେଦ୍ ସେ ମାନାୟ୍ ମକ୍ ନଃଦେରେ, ମଃତର୍
ସେ ମକ୍ ହଃଟାୟ୍‌ଲା ଉବାକ୍ ଦଃରେଦ୍ ।” 38 ଜହନ୍ ଜିସୁକେ
କୟ୍‌ଲା, “ଏ ଗୁରୁ, ଗଟ୍‌ଲକ୍ ତର୍ ନାଉଁଏ ବୁତ୍ ଚାଡାଉତାର୍
ଦଃକ୍‌ଲୁ, ଆର୍ ସେ ଅଃମାର୍ ଦଃଳାର୍ ଲକ୍ ନଃରିଲା ଲାଗି ଅଃମି
ତାକ୍ ମଃନା କଃଲୁ ।” 39 ମଃତର୍ ଜିସୁ କୟ୍‌ଲା, “ତାକ୍ ମଃନା
କଃରା ନାୟ୍; କାୟ୍‌ତାକ୍‌ବଃଲେକ୍ ଇବାନ୍ୟା କୁୟ୍ ମାନାୟ୍ ନାୟ୍,
ଜେ କି ମର୍ ନାଉଁ ଦଃରି କାବା ଅଃଉତା କାମ୍ କଃରେଦ୍ ଆର୍
ସେଦାହ୍ରେ ମକ୍ ଲିନ୍ଦା କଃରେଦ୍ । 40 କାୟ୍‌ତାକ୍‌ବଃଲେକ୍,
ଜୁୟ୍ ଲକ୍ ଅଃମାର୍ ବିରଦେ ନାୟ୍, ସେ ଅଃମାର୍ ଦଃଳାର୍
ଲକ୍ । 41 ମୁଁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ, ଜୁୟ୍ ଲକ୍
ତୁମିମଃନ୍‌କେ ଜିସୁ କ୍ରିସ୍ଟର୍ ଲକ୍ ବଃଲି ମର୍ ନାଉଁଏ ଗଟେକ୍ ଗିନା
ହାଣି କାଉଁକେ ଦଃୟ୍‌ଦ୍ ସେ ଲକ୍ ବାୟ୍‌ଦ୍‌ରେ ତାର୍ ପୁରିସ୍କାର୍
କଃବେ ଆରାୟ୍ ନଃକେରେ ।” 42 ଜିସୁ ଆରେକ୍ କଃଉଁକେ
ଦଃର୍ଲା, “ଆର୍ ଜୁୟ୍ ମାନାୟ୍ ମର୍ ଲଃଗେ ବିସ୍ୱାସ୍ କଃର୍ତା
ଲକ୍‌କେ ବାଦା ଦଃୟ୍‌ଦ୍ ସେମାନାୟ୍‌କେ ଗଃଳାୟ୍ ଗଟେକ୍ ବଃଡ୍
ମଃଗ୍ନି ଜଃତା ଟେଳା ବାନ୍ଦିକଃରି ତାକ୍ ସଃମ୍ନ୍ଦେ ହଃକାୟ୍‌ଲେକ୍
ବଃଲ୍ ଅୟ୍‌ଲି ହୁଣି । 43 ଆର୍ ତୁମାର୍ ଗଟେକ୍ ଆତାର୍ ଗିନେ
ତୁମି ହାହ୍ କାମ୍ କଃରୁଲାସ୍, ତଃବେ ତୁମି ସେ ଆତ୍‌କେ କାଟି
ହଃଲ୍ଲାଉଆ; କାୟ୍‌ତାକ୍‌ବଃଲେକ୍ ଜଳେକ୍ ଆତ୍ ରଃୟ୍‌କଃରି
ନଃର୍କେ, ବଃଲେକ୍ କଃବେ ନଃଲିବ୍‌ତା ଜୟେ ହଃଲ୍‌ତା ବାଦୁଲେ,
ଗଟେକ୍ ଆତ୍ ରଃୟ୍‌କଃରି ଜିବନେ ଜାତାର୍ ତୁମାର୍ ଗିନେ
ନିକ । (Geenna g1067) 44 କାୟ୍‌ତାକ୍‌ବଃଲେକ୍ ନଃର୍କେ ଜୁୟ୍
କିଳାମଃନ୍ ଆଚ୍‌ତି, ସେ କିଳାମଃନ୍ କଃବେ ନଃମେର୍ତି, ଆର୍
ଜୁୟ୍ ଜୟ୍ ଲାଗ୍‌ତି ରଃୟ୍‌ଦ୍, ସେ ଜୟ୍ କଃବେ ନଃଲିବେ । 45
ଆର୍ ତୁମାର୍ ଗଟେକ୍ ଗଡାର୍ ଗିନେ ହାହ୍ କାମ୍ କଃରୁଲାସ୍,
ତଃବେ ତୁମି ସେ ଗଡ୍‌କେ କାଟି ହଃଲ୍ଲାଉଆ; କାୟ୍‌ତାକ୍‌ବଃଲେକ୍
ଜଳେକ୍ ଗଡ୍ ଦଃରିକଃରି ନଃର୍କେ ଜାତା ବାଟା, ଗଟେକ୍ ଗଡ୍
ଦଃରିକଃରି ଜିବନେ ଜାତାର୍ ତୁମାର୍ ଗିନେ ନିକ । (Geenna
g1067) 46 କାୟ୍‌ତାକ୍‌ବଃଲେକ୍ ନଃର୍କେ ଜୁୟ୍ କିଳାମଃନ୍ ଆଚ୍‌ତି,
ସେ କିଳାମଃନ୍ କଃବେ ନଃମେର୍ତି, ଆର୍ ଜୁୟ୍ ଜୟ୍ ଲାଗ୍‌ତି
ରଃୟ୍‌ଦ୍, ସେ ଜୟ୍ କଃବେ ନଃଲିବେ । 47 ଆର୍ ତୁମାର୍
ଆକି ଜଦି ହାହ୍ କଃରାଉଁଲି ତଃବେ ସେରି କାଡି ହଃକାଉଆ
ଜଳେକ୍ ଆକି ରଃୟ୍ ନଃର୍କେ ଜାତା ବାଦୁଲେ ଗଟେକ୍ ଆକି
ନଃୟ୍ ଇସ୍ୱରାର୍ ରାଇଜେ ଜାତାର୍ ନିକ । (Geenna g1067)
48 କାୟ୍‌ତାକ୍‌ବଃଲେକ୍ ନଃର୍କେ ଜୁୟ୍ କିଳାମଃନ୍ ଆଚ୍‌ତି, ସେ
କିଳାମଃନ୍ କଃବେ ନଃମେର୍ତି, ଆର୍ ଜୁୟ୍ ଜୟ୍ ଲାଗ୍‌ତି ରଃୟ୍‌ଦ୍,
ସେ ଜୟ୍ କଃବେ ନଃଲିବେ ।” 49 “ନଣ୍ ସଃଙ୍ଗ୍ମ ଜଃନ୍‌କଃରି ହୁଜା
ଦେତାର୍ ନିର୍ମୁଳ୍ ଅୟ୍‌ଦ୍, ହଃତି ଲକ୍ ସେବାନ୍ୟା ଜୟ୍ ସଃଙ୍ଗ୍ମ
ନିର୍ମୁଳ୍ ଅଃଉତି ।” 50 “ନଣ୍ ବଃଡେ ନିକ, ମଃତର୍ ନଣ୍ ଜଦି
ଅଃଲଣା ଅୟ୍‌ଦ୍, ତଃବେ ତାକ୍ କଃନ୍‌କଃରି ଆରେକ୍ ସୁଆଦ୍
କଃରୁକେ ଅୟ୍‌ଦ୍?” “ତୁମିମଃନ୍ ନଣ୍ ହର୍ ନିକ ଗୁଣ୍ ଦଃରି ରିଆ,
ଆର୍ ତୁମାର୍ ବିତ୍ରେ ମିସିବିଳିକଃରି ସୁସ୍ତାୟ୍ ରିଆ ।”

**10** ଜିସୁ ସେ ଟାଣ୍ ଚାଡି ଜିଉଦା ସଃନ୍ଦାୟ୍ ଆର୍ ଜର୍ଦନ୍ ଗାଡ୍
ସେହାଟି ଆୟ୍‌ଲା, ଆର୍ ଅଲେକାର୍ ଲକ୍ ତାର୍ ଚଃମେ
ରୁଣ୍ଡ୍‌ଲାୟ୍, ସଃବୁ ବଃଳାର୍ ହର୍ ଜିସୁ ସିକ୍ୟା ଦେଉଁକେ ଦଃର୍ଲା ।
2 ଇବିତ୍ରେ କଃତିଗଟ୍ ପାରୁସିମଃନ୍ ଜିସୁକେ ହଃଚାରି ହାନ୍ଦାୟ୍
ହଃକାଉଁକ୍ ଆସି କୟ୍‌ଲାୟ୍, “ତୁୟ୍ କଃଉ, ଗଟ୍ ଅଃଣ୍ଡ୍ରା ତାର୍
ଡକୁର୍ସିକେ ଚାଡ୍‌ତାର୍ କାୟ୍ ବିଦି ଆଚେ?” 3 ଜିସୁ ଲକ୍‌ମଃନ୍‌କେ
ହଃଚାର୍ଲା, “ମସା କାୟ୍ ଆଦେସ୍ ଦଃୟ୍ ଆଚେ?” 4 ସେମଃନ୍
କୟ୍‌ଲାୟ୍, “ଚାଡ୍‌ହଃତାର୍ ଲେକି ଦଃୟ୍ ମାୟ୍‌ଜି ଚାଡୁକ୍ ମସା

ବିଦି ଦିଲାଆଚେ ।" 5 ଜିସୁ ସେମଃନ୍‌କେ କୟ୍‌ଲା, "ତୁମିମଃନାର୍
ଅଃଟୁଆ ମଃନ୍ ଦଃକି ମସା ତୁମାର୍ ଗିନେ ଇ ସଃବୁ ଆଦେସ୍
ଲେକି ଆଚେ । 6 ମଃତର୍ ହୁର୍ଟିବିର୍ ଉବ୍‌ଜାଣାର୍ ତଃୟ୍‌ହୁଣି
ଇସ୍ୱର୍ ସେମଃନ୍‌କେ ଅଃଣ୍ଡା ଆର୍ ଟକିକଃରି ହାଜ୍‌ଲା ଆଚେ । 7
ଇତାର୍ ଗିନେ ଗଟ୍ ମାନାୟ୍ ଆୟ୍‌ସି ଉବାସିକ୍ ଚାଡି ଦୁୟ୍‌ଲକ୍
ଗଟେକ୍ ଗଃଗାଲ୍ ଅଃଉତି । 8 ଇତାକ୍ ସେମଃନ୍ ଆର୍ ଜଳେକ୍
ଗଃଗାଲ୍ ନୟ୍, ମଃତର୍ ଗଟେକ୍ ଗଃଗାଲ୍ ଅଃଉତି । 9 ଇସ୍ୱର୍
ଜାୟ୍‌ରି ମିସାୟ୍ ଆଚେ, ମାନାୟ୍ ସେରି ବିନ୍‌ବିନ୍ ନଃକେର ।"
10 ଗଃରେ ଗଃଲା ହଃଚେ ଚେଲାମଃନ୍ ଆରେକ୍ ଗଟ୍‌ତର୍ ଆର୍
ବାବ୍ ହଃଚାର୍ଲାୟ୍ । 11 ଜିସୁ ସେମଃନ୍‌କେ କୟ୍‌ଲା, "ଜୁୟ୍‌ମାନାୟ୍
ତାର୍ ନିଜାର୍ ଡକୁର୍ସିକେ ଚାଡି ଗଟ୍ ବିନ୍ ମାୟ୍‌ଜିକେ ସଃଙ୍ଗାୟ୍‌ଦ୍,
ତଃବେ ତାର୍ ଡକୁର୍ସିର୍ ବିରଦେ ଦାରି କାମ୍ କଃରେଦ୍ । 12
ଆର୍ ଜଦି ଗଟ୍ ଲକାର୍ ଡକୁର୍ସି, ନିଜାର୍ ଅଃଣ୍ଡାକେ ଚାଡି ବିନ୍
ଅଃଣ୍ଡାକେ ଗଃର୍ କଃରେଦ୍ ତଃବେ ସେ ଦାରିକାମ୍ କଃରେଦ୍ ।"
13 ଜିସୁ ଜଃନ୍‌କଃରି ସାନ୍‌ସାନ୍ ହିଲାମଃନ୍‌କେ ଚୁୟ୍‌ଦ୍, ଇତାର୍
ଗିନେ ଲକ୍‌ମଃନ୍ ସେମଃନ୍‌କେ ଜିସୁର୍ ତଃୟ୍ ଆଣୁକେ ଦଃର୍ଲାୟ୍,
ମଃତର୍ ଜିସୁର୍ ଚେଲାମଃନ୍ ଲକ୍‌ମଃନ୍‌କେ ଦଃକାଦେତି ରିଲାୟ୍
। 14 ଜିସୁ ସେରି ଦଃକି ରିସା ଅୟ୍, ଚେଲାମଃନ୍‌କେ କୟ୍‌ଲା,
"ସାନ୍ ହିଲାମଃନ୍‌କେ ମର୍ ଲଃଗେ ଆସୁକ୍ ଆଗଟା ନାୟ୍,
କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍ ରାଇଜ୍ ଇବାନ୍ୟା ଲକ୍‌ମଃନାର୍
। 15 ମୁଁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ, ଜୁୟ୍ ଲକ୍ ଇସ୍ୱର୍
ରାଇଜ୍‌କେ ଇ ସାନ୍ ହିଲା ହର୍ ନଃଦେର୍‌ଲେକ୍, ସେ କଃନ୍‌କଃରି
ହେଁ ଇସ୍ୱରାର୍ ରାଇଜେ ହୁରୁ ନାହାରେ ।" 16 ତାର୍‌ହଃଚେ ଜିସୁ
ସାନ୍ ସାନ୍ ହିଲାମଃନ୍‌କେ କଳେଦଃରି ସେମଃନାର୍ ଉହ୍ରେ ଆତ୍
ସଃଙ୍ଗାୟ୍ ଆସିର୍ବାଦ୍ କଃଲା । 17 ଜିସୁ ବାରାୟ୍ ଜଃଉଁକେ ବାଟ୍
ଦର୍ଲାବଃଲ୍, ଗଟ୍ ମାନାୟ୍ ଦଃବ୍‌ଲି ଦଃବ୍‌ଲି ଆସି ତାର୍ ମୁଏଁ
ମାଣ୍ଡିକୁଟା ଟେସି ହଃଚାର୍ଲା, "ଏ ସଃତ୍ ଗୁରୁ, ଅଃମ୍ବର୍ ଜିବନ୍
ହାଉଁକ୍ ମୁଁୟ୍ କାୟ୍‌ରି କଃରିନ୍ହ?" (aiōnios g166) 18 ଜିସୁ ଉତୁର୍
ଦିଲା, "ତୁୟ୍ ମକ୍ କାୟ୍‌ତାକ୍ ସଃତ୍ ବଃଲି କଃଉଁଲିସ୍? ଇସ୍ୱର୍‌କେ
ଚାଡିକଃରି କେହେଁ ସଃତ୍ ନାୟ୍ । 19 ତୁୟ୍ ମାପ୍ରୁର୍ ବିଦି ଜାଣି
ଆଚ୍‌ସି, 'ନଃର୍ ଅଃତ୍ୟା କଃରାନାୟ୍, ଦାରିକାମ୍ କଃରାନାୟ୍,
ଚର୍ କାମ୍ କଃରାନାୟ୍, ମିଚ୍‌ସାକି ଦିଆସ୍ ନାୟ୍, ଟକା ନାୟ୍,
ନିଜାର୍ ଆୟ୍ୟା ଉବାକ୍ ମାନ୍‌ତି କଃରା ।'" 20 ଜିସୁକେ ସେମାନାୟ୍
କୟ୍‌ଲା, "ଏ ଗୁରୁ, ମୁଁୟ୍ ତ ହିଲାବଃଲ୍‌ହୁଣି ଇସଃବୁ ଆଦେସ୍
ମାନି ଆସୁଲେ ।" 21 ଜିସୁ ତାକ୍ ମୁଏଁ ଦଃକି ଲାଡ୍ କଃଲା ଆର୍
କୟ୍‌ଲା, "ତର୍ ଅଃବେ ହେଁ ଗଟ୍ ବିସୟ୍ ଉଣାଆଚେ, ତୁୟ୍
ଜାଆ, ତର୍ ନିଜାର୍ ଜାୟ୍‌ରି ଆଚେ, ସେରିମଃନ୍ ବିକିକଃରି
ଗଃରିବ୍‌ମଃନ୍‌କେ ବାଟାକଃରି ଦେସ୍, ଆର୍ ତୁୟ୍ ସଃର୍ଗେ ଦଃନ୍
ହାଉସି; ଆର୍ ମର୍ ହଃଚେ ଆଉ ।" 22 ଜଃଡେବଃଲ୍ ସେମାନାୟ୍
ଇରି ସୁଣ୍‌ଲା, ତାର୍ ମୁଉଁ ସୁକିଗଃଲି ଆର୍ ସେ ମଃନ୍କକ୍ ଅୟ୍
ବାରାୟ୍‌ଗଃଲା, କାୟ୍‌ତାକ୍‌ବଃଲେକ୍ ସେମାନାୟ୍‌ର୍ ଅଲେକାର୍
ଦଃନ୍‌ରିଲି । 23 ସେତାକ୍ ଜିସୁ ଚାରିହାକ୍ ଦଃକି ଚେଲାମଃନ୍‌କେ
କୟ୍‌ଲା, "ଜୁୟ୍‌ଲକାର୍ ଦଃନ୍ ଆଚେ, ସେମଃନ୍ ଇସ୍ୱରାର୍
ରାଇଜେ ଜଃଉଁକେ ବଃଡେ ହାବଲ୍ ଆଚେ ।" 24 ଜିସୁର୍
କଃତାସୁଣି ଚେଲାମଃନ୍ ବଃଡେ କାବା ଅୟ୍‌ଲାୟ୍ । ମଃତର୍
ଜିସୁ ଆରେକ୍ ଗଟ୍‌ତର୍ କୟ୍‌ଲା, "ହିଲାମଃନ୍ ସୁଣା, ଇସ୍ୱରାର୍
ରାଇଜେ ଜଃଉଁକେ ବଃଡେ ହାବଲ୍ । 25 ଇସ୍ୱରାର୍ ରାଇଜେ
ଗଟ୍ ମାଜନ୍ ଲକ୍ ଜାତା ବାଟା, ସୁତ୍‌ଲିର୍ କାଣାବାଟ୍ ଅୟ୍ ଉଟ୍
ଚିଙ୍ଗୁଲ୍‌ତାର୍ ଉହାସ୍ ।" 26 ଚେଲାମଃନ୍ ଆରେକ୍ ବଃଡେ କାବା
ଅୟ୍‌ଲାୟ୍, ଆର୍ ସେମଃନାର୍ ବିତ୍ରେ କଃଉଆକଇ ଅୟ୍‌ଲାୟ୍,
"ଇବାନ୍ୟା ଅଲେ କୁୟ୍ ମାନାୟ୍ ମୁକ୍ତି ହାଉଁ ହାରେ?" 27 ଜିସୁ
ଚେଲାମଃନ୍‌କେ ଦଃକି କୟ୍‌ଲା, "ଇରି ମାନାୟ୍‌ର୍ ଗିନେ ହାବଲ୍,
ମଃତର୍ ଇସ୍ୱରାର୍ ଗିନେ ନୟ୍ । ବଃଲେକ୍ ଇସ୍ୱର୍ ତଃୟ୍ ସଃବୁ
ଉସାସ୍ ।" 28 ପିତର୍ ଜିସୁକେ କୟ୍‌ଲା, "ଦଃକ୍ ତର୍ ଚେଲା
ଅଃଉଁକେ ଅଃମିମଃନ୍ ସଃବୁ ଚାଡି ତର୍ ହଃଚେ ଆୟ୍‌ଲୁ ଆଚୁ
।" 29 ଜିସୁ ସେମଃନ୍‌କେ କୟ୍‌ଲା "ମୁଁୟ୍ ସଃତ୍ କଃଉଁଲେ, କୁୟ୍
ମାନାୟ୍ ମର୍ ଗିନେ ଆର୍ ନିକ କବୁର୍ ପର୍ଚାର୍ କଃର୍ତା ଗିନେ
ଗଃର୍, ବାୟ୍, ବେଣି କି ଆୟ୍ୟା ଉବା, ହିଲାମଃନ୍ କି ବୁୟ୍ଁ ଚାଡି
ଆଚେ, 30 ଆର୍ ଇ ହୁରେ ତାଡ୍‌ନା ସଃଙ୍ଗେ ସଏ ଗୁଣ୍ ଗଃର୍,
ବାୟ୍, ବେଣି, ଆୟ୍ୟା, ହିଲାମଃନ୍ ଆର୍ ବୁୟ୍ଁବାଳା, ଆରେକ୍
ସେ ଜୁଗେ ଅଃମ୍ବର୍ ଜିବନ୍ ନାହାୟ୍, ଅଃନ୍‌କା ଲକ୍ କେ ନାୟ୍
। (aiōn g165, aiōnios g166) 31 ମଃତର୍ ହଃର୍ତୁ ରିଲା ଗାଦେକ୍
ଲକ୍ ହଃଚେ ଅଃଉତି, ଆର୍ ହଃଚେ ରିଲା ଗାଦେକ୍ ଲକ୍ ହଃର୍ତୁ
ଅଃଉତି ।" 32 ଚେଲାମଃନ୍ ଜିରୁସାଲମେ ଜାତିରିଲାବଃଲ୍,
ବାଟେ ରିଲାୟ୍ ଆର୍ ଜିସୁ ସେମଃନାର୍ ଆଗେ ଆଗେ ଜାତିରିଲା,
ସେମଃନ୍ କାବା ଅଃଉତି ରିଲାୟ୍, ଆର୍ ହଃଚେ ଜାତା ଲକ୍‌ମଃନ୍
ହେଁ ଡିରି ଜାୟ୍ ରିଲାୟ୍ । ଇତାକ୍ ସେ ଆରେକ୍ ବାରଗଟ୍
ଚେଲାମଃନ୍‌କେ ଅଃଲ୍‌ଗା କଃରି, ତାକ୍ ଜାୟ୍ ଜାୟ୍‌ରି ଗଃଟୁକ୍
ଜଃଉଁଲି, ସେରି ସଃବୁ ସେମଃନ୍‌କେ ଜାଣାୟ୍‌ଲା । 33 ଜିସୁ
ସେମଃନ୍‌କେ କୟ୍‌ଲା, "ସୁଣା, ଅଃମିମଃନ୍ ଜିରୁସାଲମେ ଜଃଉଁଲୁ,
ନଃରାର୍ ହୟ୍‌ସି, ବଃଡ୍ ଜାଜକ୍ ଆର୍ ଦଃର୍ମ୍ ଗୁରୁମଃନାର୍ ଆତେ
ସଃହ୍ରି ଅୟ୍‌ଦ୍ । ଆର୍ ସେମଃନ୍ ତାକ୍ ଦସିକଃରି ମଃର୍ନ୍ ଡଃଣ୍ଡ
ଆଦେସ୍ ଦଃୟ୍, ଅଜିଉଦି ଲକାର୍ ଆତେ ସଃହ୍ରି ଦେତି । ସେମଃନ୍
ତାକ୍ ବିଚାର୍ କଃର୍ତି ଆର୍ ମଃର୍ନ୍ ଡଃଣ୍ଡ ଦେତି । 34 ଆରେକ୍
ସେ ଲକ୍‌ମଃନ୍ ତାକ୍ ଟାହ୍ରା କଃର୍ତି, ତାର୍ ଉହ୍ରେ ଲାଳ୍ ତୁକ୍‌ତି,
କର୍ଡା ସଃଙ୍ଗେ ମାର୍ତି ଆର୍ ମଃର୍ନେ ମାର୍ତି, ଆର୍ ସେ ତିନିଦିନାର୍
ହଃଚେ ଉଟେଦ୍ ।" 35 ଜେବଦିର୍ ହୟ୍‌ସି ଜାକୁବକ୍ ଆର୍ ଜହନ୍
ଜିସୁ ହାକ୍ ଆସି କୟ୍‌ଲାୟ୍, "ଏ ଗୁରୁ, ଅଃମିମଃନ୍ ତକେ ଜାୟ୍‌ରି
ମାଗୁନ୍ହ, ସେରି ଅଃମାର୍ ଗିନେ କଃର୍ ବଃଲି ଅଃମାର୍ ଇଚା
।" 36 ସେତାର୍‌ଗିନେ ଜିସୁ ସେମଃନ୍‌କେ ହଃଚାର୍ଲା, "ମୁଁୟ୍
ତୁମାର୍ ଗିନେ କାୟ୍‌ରି କଃରିନ୍ହ ବଃଲି ମଃନ୍ କଃରୁଲାସ୍?"
37 ସେମଃନ୍ ଜିସୁକେ ଉତୁର୍ ଦିଲାୟ୍, "ଜଃଡେବଃଲ୍ ତୁୟ୍

ତର୍ ଜଃଜ୍‌ମାନ୍ ଗାଦି ଉହ୍ରେ ବଃସ୍‌ଲେକ୍, ଅଃମିକ୍ ଏକ୍ଲାକେ
କାତାବାଟ୍ୟା, ଆରେକ୍ ଗଟ୍‌ଲକ୍‌କେ ଡେବ୍ରିବାଟ୍ୟା ବଃସୁକେ ଇ
ବର୍ ଦେଏ ।" 38 ଜିସୁ ସେମଃନ୍‌କେ କୟ୍‌ଲା, "ତୁମିମଃନ୍ କାୟ୍‌ରି
ମାଗୁଲାସ୍, ସେରି ନଃଜାଣୁଲାସ୍ । ମୁଁୟ୍ ଜୁୟ୍ ଦୁକ୍ ବଗାର୍
କପାୟ୍ ଡୁକୁଲେ, ତୁମି କାୟ୍ ସେ କପାୟ୍ ଡୁକୁକ୍ ହାରାସ୍?
ମୁଁୟ୍ ଜୁୟ୍ ମଃର୍ନାର୍ ବାପ୍ତିସମ୍ ନେଉଁଲେ ସେ ବାପ୍ତିସମ୍ ତୁମି
କାୟ୍ ନେଉଁ ହାରାସ୍?" 39 ସେମଃନ୍ କୟ୍‌ଲାୟ୍, "ହାରୁ ।" ଜିସୁ
ସେମଃନ୍‌କେ କୟ୍‌ଲା, "ମୁଁୟ୍ ଜୁୟ୍ କପାୟ୍ ଡୁକୁଲେ, ତୁମିମଃନ୍
ସେ କପାୟ୍ ଡୁକୁକ୍ ହାରାସ୍ ଆର୍ ମୁଁୟ୍ ଜୁୟ୍ ବାପ୍ତିସମ୍ ହାଉଁଲେ,
ତୁମିମଃନ୍ ସେତି ବାପ୍ତିସମ୍ ଅଃଉଆସ୍ । 40 ମଃତର୍ ମର୍
କାତାବାଟ୍ୟା କି ଡେବ୍ରିବାଟ୍ୟା ବଃସୁକେ ଦେତାର୍ ମର୍ ଅଃଦିକାର୍
ନାୟ୍, ମଃତର୍ ମର୍ ଉବା ଜୁୟ୍ ଲକ୍‌ମଃନାର୍ ଗିନେ ସେ ଟାଣ୍
ବାଚ୍‌ଲା ଆଚେ, ସେମଃନ୍ ସେତି ବଃସ୍ତି ।" 41 ଜଃଡେବଃଲ୍
ତାର୍ ଦଃସ୍‌ଗଟ୍ ଚେଲାମଃନ୍ ଇରି ସୁଣ୍‌ଲାୟ୍, ସେମଃନ୍ ଜାକୁବ
ଆର୍ ଜହନ୍ ଉହ୍ରେ ରିସା ଅୟ୍‌ଲାୟ୍ । 42 ସେତାକ୍ ଜିସୁ
ଚେଲାମଃନ୍‌କେ ତାର୍ ଚଃମେ କୁଦି କୟ୍‌ଲା, "ଜୁୟ୍ ଲକ୍‌ମଃନ୍
ଅଜିଉଦି ଲକ୍‌ମଃନାର୍ ଉହ୍ରେ ରାଜ୍ କଃର୍ତା ଲକ୍ ଅଃଉତି,
ସେମଃନ୍ ଅଜିଉଦିର୍ ଲକ୍‌ମଃନାର୍ ଉହ୍ରେ ଅଃଦିକାର୍ ଦଃକାଉତି,
ଆର୍ ସେମଃନାର୍ ବଃଡ୍ ଲକ୍‌ମଃନ୍ ଅଜିଉଦିର୍ ଲକ୍‌ମଃନ୍‌କେ
ଆର୍ ତାକାର୍ ଉହ୍ରେ ରାଜ୍ କଃର୍ତା ଲକ୍‌ମଃନାର୍ ଉହ୍ରେ ଅଃଦିକାର୍
ଦଃକାଉତି, ଇରି ତୁମିମଃନ୍ ଜାଣାସ୍ । 43 ମଃତର୍ ତୁମାର୍
ବିତ୍ରେ ସେନ୍‌କାର୍ ନାୟ୍, ମଃତର୍ ତୁମାର୍ ବିତ୍ରେ କେ ବଃଡ୍
ଅଃଉଁକେ ମଃନ୍ କଃରେଦ୍, ସେ ତୁମିମଃନାର୍ ସେବାକାରି ଅଃଉଅ
। 44 ଆର୍ ତୁମାର୍ ବିତ୍ରେ ଜେ ସଃବ୍‌କେ ବଃଡ୍ ଅଃଉଁକେ ମଃନ୍
କଃରେଦ୍, ତଃବେ ସେ ଗତିଦଃଙ୍ଗ୍‌ଲା ହର୍ ସଃବ୍‌କାର୍ ସେବା
କଃର । 45 କାୟ୍‌ତାକ୍‌ବଃଲେକ୍ ନଃରାର୍ ହୟ୍‌ସି ହେଁ ସେବା
ହାଉଁକ୍ ନାସେ, ମଃତର୍ ସେବା କଃରୁକେ ଆର୍ ଗାଦେକ୍ ଲକାର୍
ଗିନେ ମୁକ୍ଲାଉତା ମଲ୍ ହର୍ ଅଃହ୍‌ଣାର୍ ଜିବନ୍ ଦେଉଁକେ ଆସି
ଆଚେ ।" 46 ତାର୍‌ହଃଚେ ସେମଃନ୍ ଜିରିହ ହଚ୍‌ଲାୟ୍ ଆର୍
ସେ ଅଃହ୍‌ଣାର୍ ଚେଲାମଃନ୍‌କେ ଆର୍ ଅଲେକାର୍ ଲକ୍ ମିସି
ଜିରିହହୁଣି ବାଉଲ୍‌ତାବଃଲ୍ ଟିମାୟର୍ ହୟ୍‌ସି ବାର୍ଟିମୟ ନାଉଁଆର୍
କାଣା ବିକାରି ବାଟ ହାଳାୟ୍ ବଃସିରିଲା । 47 ସେ ଜଃଡେବଃଲ୍
ନାଜରିତ୍ ବଃସ୍ତିର୍ ଜିସୁ ବଃଲି ଇରି ସୁଣି ଆଉଲି ଅୟ୍ କୟ୍‌ଲା,
"ଏ ଦାଉଦାର୍ ହୟ୍‌ସି, ମକ୍ ଦଃୟା କଃର୍ ।" 48 କଃତେକ୍
ଲକ୍‌ମଃନ୍ ତାକ୍ ତୁନ୍‌ହାଲୁକେ ଦଃକାଦେଉଁକେ ଦଃର୍ଲାୟ୍, ମଃତର୍
ସେ ଆରେକ୍ ଆଉଲି ଅୟ୍ କୟ୍‌ଲା, "ଏ ଦାଉଦାର୍ ହୟ୍‌ସି, ମକ୍
ଦଃୟା କଃର୍ ।" 49 ସେତାକ୍ ଜିସୁ ଡେବ୍‌ଲା ଆର୍ କୟ୍‌ଲା, "ତାକ୍
ଇତି କୁଦା ।" ସେମଃନ୍ ସେକାଣାକେ କୁଦି କୟ୍‌ଲାୟ୍, "ସାସ୍
ଦଃର୍, ଉଟ୍ ଜିସୁ ତକେ କୁଦୁଲା ।" 50 ସେ ତାର୍ ହୁଙ୍ଗୁର୍ଲା ହଃଚ୍ୟା
ଉର୍ଲି ହଃକାୟ୍ ସେଦାହ୍ରେ ଉଟିକଃରି ଜିସୁର୍ ତଃୟ୍ ଆୟ୍‌ଲା । 51
ଜିସୁ କୟ୍‌ଲା, "ମୁଁୟ୍ ତର୍ ଗିନେ କାୟ୍‌ରି କଃରିନ୍ଦୁ ବଃଲି ମଃନ୍
କଃରୁଲିସ୍?" ସେ କାଣା ମାନାୟ୍ ତାକ୍ କୟ୍‌ଲା, "ଏ ଗୁରୁ, ମୁଁୟ୍
ଜଃନ୍‌କଃରି ଦଃକୁହାରିନ୍ଦୁ ।" 52 ଜିସୁ କୟ୍‌ଲା, "ଜାଆ, ତର୍
ବିସ୍ୱାସ୍ ତକେ ଉଜ୍ କଃଲି ।" ତଃତ୍‌କାଣ୍ ସେ କାଣା ମାନାୟ୍
ଦଃକୁ ହାର୍ଲା ଆର୍ ବାଟେବାଟେ ଜିସୁର୍ ହଃଚେ ଜଃଉଁକେ ଦଃର୍ଲା
।

**11** ଜଃଡେବଃଲ୍ ସେମଃନ୍ ଜିରୁସାଲମାର୍ ଲଃଗେ ଆର୍ ଜିତ୍
ଡଙ୍ଗୁର୍ ହାକାର୍ ବେତ୍‌ପାଗି ଆର୍ ବେତାନିଆ ଚଃମେ
ହଚ୍‌ଲାୟ୍, ସଃଡେବଃଲ୍ ଜିସୁ ତାର୍ ଚେଲାମଃନାର୍ ବିତ୍ରେ ଜଳେକ୍
ଚେଲାକେ ଇ କଃତା କୟ୍ ହଃଟାୟ୍‌ଲା, 2 "ତୁମାର୍ ମୁଉଁ ଚଃମେ
ରିଲା ଗାଉଁଏ ଜାହା ଆର୍ ସେ ଗାଉଁଏ ହୁରୁହୁରୁ ତୁମି ତାର୍ ଉହ୍ରେ
କେହେଁ କଃବେ ନଃବେସ୍‌ଲା ଅଃନ୍‌କା ଗଟେକ୍ ହିଲାଗଃଦକ୍
ବାନ୍ଧିରିଲାର୍ ଦଃକାସ୍, ତୁମି ତାକ୍ ମେଲିକଃରି ମର୍ ଲଃଗେ
ଆଣା । 3 ଜଃଡେବଃଲ୍ କେ ତୁମିମଃନ୍‌କେ କାୟ୍‌ତାକ୍ ଇ ଗଃଦ
ହିଲାକ୍ ମେଲି ନେଉଁଲାସ୍ ବଃଲି ହଃଚାରେଦ୍; ତଃବେ ତୁମି
ତାକେ କଃଉଆସ୍, ଇରି ଅଃମାର୍ ମାପ୍ରୁର୍ ଗିନେ ଲଳା ଆଚେ
ଆର୍ ସେମାନାୟ୍ ତୁମିମଃନ୍‌କେ ଚାଡି ଦଃୟ୍‌ଦ୍ ।" 4 ସେ ଜଳେକ୍
ଚେଲାମଃନ୍ ଗାଉଁଏ ବଃସ୍ତିଏ ଆର୍ ସେମଃନ୍ ଗାଉଁଆର୍ ଗଟ୍
ଗଃରାର୍ ଦୁଆର୍ ଚଃମେ ହଃଦାର୍ ସଃକ୍ଲାୟ୍ ଗଟେକ୍ ହିଲାଗଃଦକ୍
ବାନ୍ଧି ରିଲାର୍ ଦଃକ୍‌ଲାୟ୍, ଆର୍ ସେମଃନ୍ ତାକ୍ ମେଲ୍‌ଲାୟ୍
। 5 ସଃଡେବଃଲ୍ ସେ ଲଃଗେ ଟିଆ ଅୟ୍‌ରିଲା କଃତେକ୍
ଲକ୍‌ମଃନ୍ ହଃଚାର୍ଲାୟ୍, "ଇ ହିଲାଗଃଦକ୍ ମେଲି କାୟ୍ କଃରୁଲାସ୍
।" 6 ଜିସୁ ଜଃନ୍‌କଃରି ଚେଲାମଃନ୍‌କେ କୟ୍‌ରିଲା, ସେମଃନ୍
ସେ ଲକ୍‌ମଃନ୍‌କେ ସେନ୍ ବଃଲି କୟ୍‌ଲାୟ୍; ତାର୍‌ହଃଚେ ସେ
ଲକ୍‌ମଃନ୍ ଚେଲାମଃନ୍‌କେ ଗଃଦ ହିଲାକ୍ ମେଲି ନେଉଁକେ
ଦିଲାୟ୍ । 7 ସେମଃନ୍ ଗଃଦ ହିଲାକ୍ ଜିସୁର୍ ଲଃଗେ ଆଣି ଅଃହ୍‌ଣା
ଅଃହ୍‌ଣାର୍ ବଃସ୍ତ୍ରର୍ ହିଲାଗଃଦର୍ ହିଟି ଉହ୍ରେ ଅଚାୟ୍‌ଲାୟ୍, ଆର୍
ଜିସୁ ତାର୍ ଉହ୍ରେ ବଃସ୍‌ଲା । 8 ଆରେକ୍ କଃତେକ୍ ଲକ୍‌ମଃନ୍
ଜିସୁର୍ ଜାତା ବାଟେ ଅଃହ୍‌ଣା ଅଃହ୍‌ଣାର୍ ବଃସ୍ତ୍ରର୍ ଅଚାୟ୍‌ଲାୟ୍,
ଆର୍ କଃତେକ୍ ଲକ୍‌ମଃନ୍ ଗଃଚାର୍ ଡାଳ୍ କାଟି ଆଣି ବାଟେ
ଅଚାୟ୍‌ଲାୟ୍ । 9 ଆର୍ ଜୁୟ୍ ଲକ୍‌ମଃନ୍ ଜିସୁର୍ ଆଗ୍‌ବାଟ୍ୟା
ଆର୍ ହଃଚ୍ ବାଟ୍ୟା ଇଣ୍ଡି ଜାତି ରିଲାୟ୍, ସେମଃନ୍ ବଃଡ୍ ଟଣ୍ଡ
ଅୟ୍ କଃଉତି ରିଲାୟ୍, "ହସାନ୍ନା, ବଃଲେକ୍ ଜୟ୍ ଅଃଉଅ,
ମାପ୍ରୁର୍ ନାଉଁଏ ଜେ ଆସୁଲା, ତାର୍ ବାୟ୍‌ଗ୍ । 10 ଅଃମାର୍
ଦାଦିବାବୁ ଦାଉଦାର୍ ଆସ୍ତା ରାଇଜାର୍ ବାୟ୍‌ଗ୍, ସଃବ୍‌କେ ଉହ୍ରାର୍
ହସାନ୍ନା, ବଃଲେକ୍ ଜୟ୍ ଅଃଉଅ ।" 11 ଜିସୁ ଜିରୁସାଲମେ
ଆୟ୍‌ଲା ଆର୍ ମନ୍ଦିର୍ ବିତ୍ରେ ହୁରି ଚାରିହାକ୍ ଦଃକି ବୁଲ୍‌ଲା ଆର୍
ସଃଞ୍ଜ ଅୟ୍‌ଲାକ୍ ତାର୍ ବାରଗଟ୍ ଚେଲାମଃନାର୍ ସଃଙ୍ଗ୍ ମିସି
ବେତାନିଆ ଗାଉଁଏ ଗଃଲାୟ୍ । 12 ଆର୍ ତାର୍ ଆର୍‌କ ଦିନ୍ ଜିସୁ
ଆର୍ ତାର୍ ଚେଲାମଃନ୍ ବେତାନିଆ ଗାଉଁଏ ହୁଣି ଜିରୁସାଲମେ
ବାରାୟ୍ ଆସ୍ତାବଃଲ୍ ଜିସୁକ୍ ବୁକ୍ ଲାଗ୍‌ଲି । 13 ସଃଡେବଃଲ୍
ସେ ଦୁରିକ୍ ହୁଣି ଗଟେକ୍ ହଃତାର୍ ରିଲା ଡୁମୁର୍ ଗଃଚ୍ ଦଃକ୍‌ଲା

। ଜିସୁ ସେ ଗଃଚ୍ ଲଃଗେ ଡୁମ୍ବୁର୍ ହଃଲ୍ ମିଳେଦ୍ ବଃଲି ଆସା
ଅୟ୍କଃରି ଗଃଲା; ମଃତର୍ ସେ ଗଃଚେ ଅଃବ୍କା ହଃତାର୍ ଚାଡି
କାୟ୍ରି ହେଁ ନଃହାୟ୍ଲା, କାୟ୍ତାକ୍ବଃଲେକ୍ ସଃଡେବଃଲ୍
ଡୁମ୍ବୁର୍ ହଃଲ୍ତା ଦିନ୍ ନଃରିଲି । 14 ସେତାକ୍ ଜିସୁ ସେ ଡୁମ୍ବୁର୍
ଗଃଚ୍କେ କୟ୍ଲା, “ଆର୍ କଃବେ ହେଁ କେ ତର୍ ତଃୟ୍ହୁଣି
ହଃଲ୍ ନଃକାଅ ।” ତାର୍ ଚେଲାମଃନ୍ ଇ କଃତା ସୁଣ୍ତିରିଲାୟ୍
। (aiōn g165) 15 ତାର୍ହଃଚେ ସେମଃନ୍ ଜିରୁସାଲମ୍ ମନ୍ଦିରେ
ଗଃଲାୟ୍ ଆର୍ ଜିସୁ ମନ୍ଦିର୍ ବିତ୍ରେ ହୁରି ସେଡି ଗେନା ବିକା କଃର୍ତା
ସେଡିର୍ ବେବାରିମଃନ୍କେ ବାର୍କଃରି କଃଡୁକ୍ ଦଃର୍ଲା, ଆର୍
ଡାବୁ ବେବାରିମଃନାର୍ ଟେବୁଲ୍ କୁର୍ଚି ଆର୍ ହାରୁଆ ବିକ୍ତା
ଲକାର୍ କୁର୍ଚିମଃନ୍ ଉଲ୍ଟାୟ୍ ହଃକାୟ୍ଲା; 16 ଆର୍ ସେ ମନ୍ଦିର୍
ବିତ୍ରାର୍ କୁଆଲ୍ ବାଟ କାକେ ହେଁ କାୟ୍ରି ହେଁ ଦଃରି ନେଉଁକେ
ନଃଦିଲା । 17 ଜିସୁ ଲକ୍ମଃନ୍କେ ସିକ୍ୟା ଦଃୟ୍ କୟ୍ଲା, “ଇରି
କାୟ୍ ଲେକା ନାୟ୍, ‘ଅଃମାର୍ ଗଃର୍ ସଃବୁ ଜାତିର୍ ଲକ୍ମଃନାର୍
ଗିନେ ଇସ୍ୱରାର୍ ପାର୍ତ୍ନାଗଃର୍ ବଃଲି ଡାକେ ହୁଟେଦ୍ ।’ ମଃତର୍
ତୁମିମଃନ୍ ଇ ଗଃର୍କେ କଃଙ୍ଗାର୍ମଃନାର୍ ଲୁକ୍ତା ହାର୍ କଃରି
ଆଚାସ୍ ।” 18 ବଃଡ୍ ଜାଜକ୍ ଆର୍ ଦଃର୍ମ୍ ଗୁରୁମଃନ୍ ଜଃଡେବଃଲ୍
ଇ କଃତା ସୁଣ୍ଲାୟ୍, ସେମଃନ୍ ଜିସୁକେ ମଃର୍ନେ ମାରୁକ୍ ଉପାୟ୍
କଃରୁକେ ଦଃର୍ଲାୟ୍, କାୟ୍ତାକ୍ବଃଲେକ୍ ଲକ୍ମଃନ୍ ତାର୍ ସିକ୍ୟା
ସୁଣି କାବା ଅଃଉତିରିଲାର୍ ଗିନେ ସେମଃନ୍ ଜିସୁକେ ଡିରି
ଜାୟ୍ରିଲାୟ୍ । 19 ସେ ଦିନ୍ ସଃଞ୍ଜ ଅୟ୍ଲାକ୍ ଜିସୁ ଆର୍
ଚେଲାମଃନ୍ ଜିରୁସାଲମେ ହୁଣି ବାରାୟ୍ ଗଃଲାୟ୍ । 20 ତାର୍
ଆର୍କ ଦିନାର୍ ସଃକାଳ୍ୟା ସେମଃନ୍ ଜାତି ରିଲାବଃଲ୍, ସେ
ବାଟେ ରିଲା ଜୁୟ୍ ଡୁମ୍ବୁର୍ ଗଃଚ୍କେ ଜିସୁ ସାୟ୍ପ୍ ଦଃୟ୍ରିଲା,
ସେ ଗଃଚ୍କେ ବୁନ୍ଦେହୁଣି ସୁକି ଜାୟ୍ରିଲାର୍ ଦଃକ୍ଲାୟ୍ । 21
ପିତର୍ ତାର୍ ହଃଚାର୍ ଦିନାର୍ କଃତା ଏତାୟ୍ କଃରି କୟ୍ଲା,
“ଏ ଗୁରୁ, ଦଃକ୍, ଇ ଡୁମ୍ବୁର୍ ଗଃଚ୍କେ ତୁୟ୍ ଜଃନ୍କଃରି ସାୟ୍ପ୍
ଦଃୟ୍ରିଲିସ୍, ତଃନ୍କଃରି ସେ ଗଃଚ୍ ସୁକି ଜଃଉଁଲି ।” 22 ଜିସୁ
ଚେଲାମଃନ୍କେ କୟ୍ଲା, “ଇସ୍ୱର୍ ଲଃଗେ ବିସ୍ୱାସ୍ କଃରା । 23
ମୁଁୟ୍ ତୁମିମଃନ୍କେ ସଃତ୍ କଃଉଁଲେ, ଜଃଡେବଃଲ୍ ଜୁୟ୍ ମାନାୟ୍
ଗଟେକ୍ ଡଙ୍ଗର୍କେ ଉଟ୍କି ଅୟ୍ ଜାଆ ଆର୍ ସଃମ୍ନ୍ଦେ ଅଦୁର୍
ବଃଲି କୟ୍ଦ୍, ଆର୍ ସେ ନିଜାର୍ ମଃନ୍ ବିତ୍ରେ ଅବିସ୍ୱାସ୍ ନଃକେରି,
ଜୁୟ୍ରି ଅୟ୍ଦ୍ ବଃଲି ବିସ୍ୱାସ୍ କଃରେଦ୍, ତାର୍ ଗିନେ ନିଜ୍କଃରି
ସେରଃକମ୍ ଅୟ୍ଦ୍ । 24 ଇତାର୍ ଗିନେ ମୁଁୟ୍ ତୁମିମଃନ୍କେ
କଃଉଁଲେ, ତୁମି ପାର୍ତ୍ନା କଃରି ଜାୟ୍ ଜାୟ୍ରି ମାଗାସ୍, ସେରି
ହାୟ୍ଆଚୁ ବଃଲି ବିସ୍ୱାସ୍ କଃରା, ତଃବେ ତୁମିମଃନ୍କେ ସେରି
ସଃବୁ ମିଳେଦ୍ । 25 ଜଃଡେବଃଲ୍ ତୁମି ପାର୍ତ୍ନା କଃରୁକେ
ଟିଆ ଅଃଉଆସ୍, ତଃବେ ସଃଡେବଃଲ୍ ତୁମାର୍ ବିରଦେ କାର୍
ଦଃସ୍ ରଃୟ୍ଦ୍ ବଃଲେକ୍ ତୁମି ତାକ୍ କେମା ଦିଆସ୍, ତଃବେ
ତୁମାର୍ ଉବାଦି ଜେ ସଃର୍ଗେ ଆଚେ, ସେ ହେଁ ତୁମିମଃନ୍କେ
କେମା ଦଃୟ୍ଦ୍ । 26 ଜଃଡେବଃଲ୍ ତୁମି କାକେ ହେଁ କେମା
ନଃଦିଆସ୍, ତଃବେ ତୁମାର୍ ସଃର୍ଗେ ରିଲା ଉବାଦି ହେଁ ତୁମାର୍
ହାହ୍ କେମା ନଃକେରେ ।” 27 ସେମଃନ୍ ଆରେକ୍ ଗଟ୍ତର୍
ଜିରୁସାଲମ୍ ଲଃଗେ ଆୟ୍ଲାୟ୍, ଆର୍ ଜଃଡେବଃଲ୍ ଜିସୁ ସେ
ମନ୍ଦିର୍ ଲଃଗେ ବୁଲ୍ତି ରିଲା, ସଃଡେବଃଲ୍ ବଃଡ୍ ଜାଜକ୍ମଃନ୍,
ଦଃର୍ମ୍ଗୁରୁମଃନ୍ ଆର୍ ପାରାଚିନ୍ମଃନ୍ ତାର୍ ଲଃଗେ ଆୟ୍ଲାୟ୍,
28 ଆର୍ ସେମଃନ୍ ଜିସୁକେ ହଃଚାର୍ଲାୟ୍, “ଇ ସଃବୁ କାମ୍ ତୁୟ୍
କୁୟ୍ ଅଃଦିକାର୍ ବଃଲେ କଃରୁଲିସ୍, ଆର୍ ଇ କାମ୍ କଃର୍ତା ଗିନେ
ତକେ କେ ଅଃଦିକାର୍ ଦଃୟ୍ଆଚେ?” 29 ଜିସୁ ସେମଃନ୍କେ
ଉତୁର୍ ଦିଲା, “ମୁଁୟ୍ ତୁମିମଃନ୍କେ ଗଟେକ୍ କଃତା ହଃଚାରିନ୍କ୍,
ଜଃଡେବଃଲ୍ ତୁମି ମର୍ କଃତାର୍ ଉତୁର୍ ଦିଆସ୍; ତଃବେ ମୁଁୟ୍
କୁୟ୍ ଅଃଦିକାରେ ଇ ସଃବୁ କାମ୍ କଃରୁଲେ, ସେ କଃତା କୟ୍ନ୍କ ।
30 ଜହନ୍ ବାପ୍ତିସମ୍ ଦେତା ଅଃଦିକାର୍ କୁୟ୍ତି ହୁଣି ହାୟ୍ରିଲା?
ସଃର୍ଗେ ହୁଣି କି ଲକ୍ମଃନାର୍ ତଃୟ୍ହୁଣି? ସେରି ମକ୍ କଃଉଆ
।” 31 ସେମଃନ୍ ତାକାର୍ ତାକାର୍ ବିତ୍ରେ କଃତା ଅଃଉଁକେ
ଦଃର୍ଲାୟ୍, “ଜଦି ଅଃମି ସଃର୍ଗେହୁଣି ବଃଲି କଃଉନ୍କ, ତଃବେ ତୁମି
କାୟ୍ତାକ୍ ଜହନ୍ କୟ୍ଲା କଃତାକ୍ ବିସ୍ୱାସ୍ ନଃକେଲାସ୍ ବଃଲି
କୟ୍ଦ୍ । 32 ତଃବେ ଅଃମି ମାନାୟ୍ ତଃୟ୍ହୁଣି ବଃଲି କଃଉଆ
କି?” କାୟ୍ତାକ୍ବଃଲେକ୍ ସେମଃନ୍ ଲକ୍ମଃନ୍କେ ଡିର୍ତି ରିଲାୟ୍,
କାୟ୍ତାକ୍ବଃଲେକ୍ ସଃବୁ ଲକ୍ ଜହନ୍କେ ଗଟେକ୍ ବାବ୍ବାଦି
ବଃଲି ମାନ୍ତି ରିଲାୟ୍ । 33 ସେତାର୍ଗିନେ ସେମଃନ୍ ଜିସୁକେ
ଉତୁର୍ ଦଃୟ୍ କୟ୍ଲାୟ୍, “ଅଃମି ନଃଜାଣୁ ।” ତାର୍ହଃଚେ ଜିସୁ
ସେମଃନ୍କେ କୟ୍ଲା, “ତଃବେ ମୁଁୟ୍ ହେଁ କୁୟ୍ ଅଃଦିକାର୍ ବଃଲେ
ଇ ସଃବୁ କାମ୍ କଃରୁଲେ, ସେରି ମୁଁୟ୍ ତୁମିମଃନ୍କେ ନଃକୟ୍ଁ ।”

**12** ତାର୍ହଃଚେ ଜିସୁ ଲକ୍ମଃନ୍କେ କଃତା କୟ୍ ସିକ୍ୟା
ଦେଉଁକ୍ ଦଃର୍ଲା, “ଗଟେକ୍ ଲକ୍ ଗଟ୍ ଅଙ୍ଗୁର୍ ବାଲ୍ କଃରି
ତାର୍ ଚାରିବେଲ୍ତ୍ ବାଲ୍ ବୁଣ୍ଲା, ଆରେକ୍ ଅଙ୍ଗୁର୍ ହଃଲ୍ ହିଲୁକ୍
ଗଟେକ୍ କୁଣ୍ଡ ଟିଆର୍ କଃଲା । ଆର୍ ଜାଗ୍ତା ମାଚା ହେଁ ବାନ୍ଦଲା;
ତାର୍ହଃଚେ ସେ ଅଙ୍ଗୁର୍ ବାଲ୍କେ ତାସିମଃନ୍କେ ବାଗେ ଦଃୟ୍
ବିଦେସ୍ ଗଃଲା । 2 ଜଃଡେବଃଲ୍ ଅଙ୍ଗୁର୍ ହଃଲ୍ କଲ୍ତା ବେଳା
ଆୟ୍ଲି, ତାସିମଃନାର୍ ତଃୟ୍ହୁଣି ନିଜାର୍ ବାଗ୍ ହାଉଁକେ ଗଟେକ୍
ଗଡିଦଃଙ୍ଗ୍ଲାକ୍ ଟିକ୍ ବେଳାୟ୍ ସେମଃନାର୍ ହାକ୍ ହଃଟାୟ୍ଲା ।
3 ମଃତର୍ ତାସିମଃନ୍ ସେ ଦଃଙ୍ଗ୍ଲାକେ ଦଃରି ମାଡ୍ ମାର୍ଲାୟ୍
ଆର୍ ଚୁଚା ଆତେ ହଃଟାୟ୍ଲାୟ୍ । 4 ତାର୍ହଃଚେ ସେ ସାଉକାର୍
ଆରେକ୍ ଗଟେକ୍ ଗଡିଦଃଙ୍ଗ୍ଲାକ୍ ସେମଃନାର୍ ହାକ୍ ହଃଟାୟ୍ଲା;
ସେମଃନ୍ ତାର୍ ହେଁ ମୁଣ୍ଡ ହୁଟାୟ୍ଲାୟ୍ ଆର୍ ତାକ୍ ଇନସ୍ତା କଃଲାୟ୍
। 5 ସେ ଆରେକ୍ ଗଟେକ୍ ଦଃଙ୍ଗ୍ଲାକେ ହଃଟାୟ୍ଲା; ସେମଃନ୍
ତାକ୍ ମଃର୍ନେ ମାର୍ଲାୟ୍ । ତାର୍ହଃଚେ ସେ ସାଉକାର୍ ବୁତେକ୍
ଦଃଙ୍ଗ୍ଲାମଃନ୍କେ ହଃଟାୟ୍ଲା; ତାସିମଃନ୍ ଦଃଙ୍ଗ୍ଲାମଃନାର୍
ବିତ୍ରେ କଃତିଲକେ ମାଡ୍ ମାର୍ଲାୟ୍ ଆର୍ କଃତି ଲକ୍ମଃନ୍କେ
ମଃର୍ନେ ମାର୍ଲାୟ୍ । 6 ସେ ସାଉକାର୍ ହାକ୍ ଅଃବେ ଗଟେକ୍ ଲକ୍
ମଃତର୍ ବାକି ରିଲା, ସେ ତାର୍ ଲାଡାର୍ ହୟ୍ସି । ମର୍ ନିଜାର୍

ହଅକେ ସେମଽନ୍ ମାନ୍‌ତି କଽର୍ତି, ବଽଲି ସେ ସଽରାସଽରି ବଽଲ୍
ନିଜାର୍ ହୟ୍‌ସିକ୍ ସେମଽନାର୍ ହାକ୍ ହଽଟାୟ୍‌ଲା । 7 ମଽତର୍ ସେ
ତାସିମଽନ୍ କଽଉଆକଇ ଅୟ୍‌ଲାୟ୍, 'ଏ ଅଽଉଁଲା ସାଉକାରାର୍
ହୟ୍‌ସି । ଆସା ଅଽମି ଆକ୍ ମଽର୍ନେ ମାରୁଆଁ, ତଽବେ ସଽବୁ
ଅଽଦିକାର୍ ଅଽମାର୍ ଅୟ୍‌ଦ୍ ।' 8 ତଽବେ ସେମଽନ୍ ସାଉକାରାର୍
ହୟ୍‌ସିକେ ଦଽରି ମଽର୍ନେ ମାର୍‌ଲାୟ୍ ଆର୍ ତାକ୍ ଅଙ୍ଗୁର୍ ବାଲେ
ହୁଣି ହଽଦାୟ୍ ହଽକାୟ୍‌ଲାୟ୍ ।" 9 ଜିସୁ ହଽଚାର୍ଲା, "ତଽବେ
ଅଙ୍ଗୁର୍ ବାଳାର୍ ସାଉକାର୍ କାୟ୍‌ରି କଽରେଦ୍? ସେ ଆସି ସେ
ଲକ୍‌ମଽନ୍‌କେ ମଽର୍ନେ ମାରେଦ୍, ଆରେକ୍ ବିନ୍ ଲକ୍‌ମଽନ୍‌କେ ସେ
ଅଙ୍ଗୁର୍ ବାଲ୍‌କେ ଦଽୟ୍‌ଦ୍ । 10 ତୁମିମଽନ୍ କାୟ୍ ଦଽର୍ମ୍ ସାସ୍ତୁର୍
ତଽୟ୍‌ଁ ଇ କଽତା ନଽହଳାସ୍? 'ଗଽର୍ ବାନ୍ଧୁତା ଲକ୍‌ମଽନ୍ ଜୁୟ୍
ଟେଳାକେ ଲଳା ନାୟ୍ ବଽଲି ଦୁର୍‌କଽଲାୟ୍, ମଽତର୍ ସେ ଟେଳା
କନାର୍ ମୁଳ୍ କୁନାଦି ଟେଳା ଅୟ୍‌ଲି । 11 ମାପ୍ରୁ ନିଜେ ଇରି କଽଲା,
ଆର୍ ଇରି ଅଽମାର୍ ହାଁୟ୍ ଗିନେ କାବା ଅଽଉତା କଽତା ।'" 12
ଇତାକ୍ ସେମଽନ୍ ଜିସୁକେ ଦଽରୁକ୍ ମଽନ୍ ହାଚ୍‌ଲାୟ୍, ମଽତର୍
ସେମଽନ୍ ଲକ୍‌ମଽନ୍‌କେ ଡିର୍‌ଲାୟ୍; କାୟ୍‌ତାକ୍‌ବଽଲେକ୍ ସେ
କଽତା ସେମଽନ୍‌କେ ଦଽକାୟ୍ କଽରି କୟ୍‌ରିଲା ବଽଲି ସେମଽନ୍
ବୁଜ୍‌ଲାୟ୍, ଆର୍ ସେମଽନ୍ ତାକ୍ ଚାଡିକଽରି ହଽଲାୟ୍‌ଲାୟ୍ ।
13 ହଽଚେ ଜିସୁର୍ କଽତାର୍ ଦଽସ୍ ଦଽରୁକ୍ ଜିଉଦି ନେତାମଽନ୍,
ପାରୁସି ଆର୍ ହେରଦିୟ ଦଽଳାର୍ କଽତେକ୍ ଲକ୍‌ମଽନ୍‌କେ ଜିସୁର୍
ହାକ୍ ହଽଟାୟ୍‌ଲାୟ୍ । 14 ସେମଽନ୍ ଆସି ଜିସୁକେ କୟ୍‌ଲାୟ୍,
"ଗୁରୁ ଅଽମି ଜାଣୁଲୁ ଜେ, ତୁୟ୍ ସଽତ୍ ଆର୍ କାକେହେଁ ନଽଡିର୍‌ସି;
କାୟ୍‌ତାକ୍‌ବଽଲେକ୍ ତୁୟ୍ ଲକ୍‌ମଽନାର୍ ମୁକ୍‌ମେଟ୍ ନଽଦେକ୍‌ସି,
ମଽତର୍ ଇସ୍ୱରାର୍ ଇସାବେ ସିକ୍ୟା ଦେସି । କାଇସର୍‌କେ
ସିସ୍ଟ ଦେତା ବିଦି କି ନାୟ୍?" 15 ମଽତର୍ ଜିସୁ ସେମଽନାର୍
ହେଟ୍‌କପଟ୍ ଜାଣି ସେମଽନ୍‌କେ କୟ୍‌ଲା, "କାୟ୍‌ତାକ୍ ମକ୍
କଽଟ୍‌ହାଲ୍ ବୁଜୁଲାସ୍? ଗଟେକ୍ ରୁହା ଅଦ୍‌ଲି ମର୍ ହାକ୍ ଆଣା,
ମୁୟ୍‌ଁ ସେରି ଦଽକିନ୍ଧ ।" 16 ସେମଽନ୍ ଗଟେକ୍ ରୁହା ଅଦ୍‌ଲି ତାକ୍
ଦିଲାୟ୍, ଜିସୁ ସେମଽନ୍‌କେ ହଽଚାର୍ଲା, "ଇ ମୁର୍ତି ଆର୍ ନାଉଁ
କାର୍?" ସେମଽନ୍ ଜିସୁକେ ଉତୁର୍ ଦିଲାୟ୍, "କାଇସରାର୍ ।"
17 ଜିସୁ ସେମଽନ୍‌କେ କୟ୍‌ଲା, "ଜୁୟ୍‌ରି କାଇସରାର୍, ସେରି
କାଇସର୍‌କେ ଦିଆସ୍, ଆର୍ ଜୁୟ୍‌ରି ଇସ୍ୱରାର୍, ସେରି ଇସ୍ୱର୍‌କେ
ଦିଆସ୍ ।" ସେମଽନ୍ ଜିସୁର୍ କଽତା ସୁଣି କାବା ଅୟ୍‌ଲାୟ୍ । 18
ଇତାର୍‌ହଽଚେ ମଽରି ଉଟ୍‌ତାର୍ ନଽମାନ୍‌ତା ସାଦୁକିମଽନ୍ ଜିସୁର୍
ଚଽମେ ଆସି ହଽଚାରୁକ୍ ଦଽର୍ଲାୟ୍, 19 "ଏ ଗୁରୁ, ମସା ଅଽମାର୍
ଗିନେ ଲେକିଆଚେ, ଜଦି ଗଟ୍ ଲକାର୍ ବାୟ୍ ମଽରେଦ୍, ଆର୍
ତାର୍ ଡକୁର୍ସି ବାଚି ରଽୟ୍‌ଦ୍ ଆର୍ ତାର୍ ହିଲାମଽନ୍ ନଽରେତି,
ତଽବେ ତାର୍ ବାୟ୍ ତାର୍ ଡକୁର୍ସିକେ ବିବା ଅୟ୍‌କଽରି ତାର୍
ବାୟ୍‌ସିର୍ ଗିନେ ବଽଉଁସ୍ ବାଡାଉଁ ହାରେଦ୍ । 20 ଗଟ୍ ଗଽରେ
ସାତ୍ ବାୟ୍ ରିଲାୟ୍; ସଽବ୍‌କେ ବଽଡ୍ ବାୟ୍‌ସି ବିବା ଅୟ୍‌ଲା ଆର୍
ହିଲାମଽନ୍ ନଽଉଡ୍ ମଽଲା; 21 ତାର୍‌ହଽଚେ ତାର୍ ହିଟିର୍ ବାୟ୍‌ସି
ସେ ଟକିକେ ବିବା ଅୟ୍‌ଲା, ସେ ହେଁ ହିଲାମଽନ୍ ନଽଉଡ୍ ମଽଲା;
ଆର୍ ତାର୍ ହିଟିର୍ ବାୟ୍‌ସି ହେଁ ସେ ଟକିକେ ବିବାଅୟ୍ ହିଲାମଽନ୍
ନଽଉଡ୍ ମଽଲା । 22 ସାତ୍ ବାୟ୍ ଜାକ ସେରଽକମ୍ ସେ ଟକିକେ
ବିବା ଅୟ୍‌ଲାୟ୍, ଆର୍ ହିଲାମଽନ୍ ନଽଉଡ୍ ମଽଲାୟ୍; ସଽବ୍‌କାର୍
ହଽଚେ ସେ ମାୟ୍‌ଜି ଟକି ହେଁ ମଽଲି । 23 ଜୁୟ୍‌ଦିନ୍ ସଽବୁ
ମଽଲା ଲକ୍‌ମଽନ୍ ଉଟ୍‌ତାବଽଲ୍ ସେମଽନ୍ ଉଟ୍‌ତି, ସଽଡେବଽଲ୍
ସେ ମାୟ୍‌ଜି ସେ ସାତ୍ ବାୟ୍‌ମଽନାର୍ ବିତ୍ରାର୍ କାର୍ ଡକୁର୍ସି
ଅୟ୍‌ଦ୍? ସାତ୍ ବାୟ୍ ଜାକ ତାକ୍ ବିବା ଅୟ୍‌ରିଲାୟ୍ ।" 24
ଜିସୁ ସେମଽନ୍‌କେ କୟ୍‌ଲା, "ତୁମିମଽନ୍ ଦଽର୍ମ୍ ସାସ୍ତୁର୍ ଆରେକ୍
ଇସ୍ୱରାର୍ ସଽକ୍ତିକେ ହେଁ ନଽଜାଣ୍‌ତାର୍ କାୟ୍ ତୁମାର୍ ଉଲୁର୍
କଽତା ନାୟ୍ । 25 ମଽଲା ଲକ୍‌ମଽନ୍ ଉଟ୍‌ଲା ହଽଚେ ସେମଽନ୍
ବିବା ନଽକେର୍ତି କି ବିବା ନଽଉତି, ସେମଽନ୍ ସଽର୍ଗାର୍ ଦୁତ୍‌ମଽନାର୍
ହର୍ ରେତି । 26 ମଽତର୍ ମଽଲା ଲକ୍‌ମଽନ୍ ଜେ ଉଟ୍‌ତି, ସେ
କଽତା କି ତୁମିମଽନ୍ ମସାର୍ ସାସ୍ତୁରେ ସେ ବୁଟାୟ୍ ଜୟ୍‌ଲାଗ୍‌ତା
କଽତା ନଽହଳାସ୍? ଇସ୍ୱର୍ କଽନ୍‌କଽରି ମସାକ୍ କୟ୍‌ଲା, 'ମୁଁୟ୍
ଅବ୍ରାହାମାର୍ ଇସ୍ୱର୍, ଇସାକାର୍ ଇସ୍ୱର୍ ଆର୍ ଜାକୁବାର୍ ଇସ୍ୱର୍?'
27 ସେ ମଽଲା ଲକ୍‌ମଽନାର୍ ଇସ୍ୱର୍ ନୟ୍‌ଁ, ମଽତର୍ ସେ ଜିବନ୍
ଲକ୍‌ମଽନାର୍ ଇସ୍ୱର୍ । ତୁମିମଽନ୍ ବଽଡେ ଉଲୁ ଅଽଉଁଲାସ୍ ।" 28
ସଽଡେବଽଲ୍ ଗଟ୍ ଦଽର୍ମ୍‌ଗୁରୁ ଜିସୁର୍ ଲଽଗେ ଆସି ସେମଽନାର୍
କଽତା ଦଽରାଦଽରି ସୁଣ୍‌ଲା, ଆର୍ ଜିସୁ ଜେ ସାଦୁକିମଽନ୍‌କେ
ଟିକ୍ ଉତୁର୍ ଦିଲା ଆଚେ ବଽଲି ଜାଣି ସେ ଜିସୁକେ ହଽଚାର୍ଲା,
"ସଽବୁ ଆଦେସ୍ ବିତ୍ରେ କୁୟ୍ ଆଦେସ୍ ବଽଡ୍?" 29 ଜିସୁ ଉତୁର୍
ଦିଲା, "ସଽବ୍‌କେ ବଽଡ୍ ବଲ୍ ଅଽଉଁଲି, 'ଏ ଇସ୍ରାଏଲ୍ ସୁଣ୍! ମାପ୍ରୁ
ଅଽମାର୍ ଇସ୍ୱର୍ ଗଟେକ୍ ହଽକା ମାପ୍ରୁ ଆଚେ । 30 ଆର୍ ତୁମିମଽନ୍
ଅଽହ୍‌ଣାର୍ ସଽବୁ ମଽନ୍, ସଽବୁ ଜିବନ୍, ସଽବୁ ମଽନ୍ ଆର୍ ସବୁ
ସଽକ୍ତି ଦଽୟ୍ ଅଽହ୍‌ଣାର୍ ମାପ୍ରୁ ଇସ୍ୱର୍‌କେ ଲାଡ୍ କଽରା ।' 31
ଆରେକ୍ ଗଟେକ୍ ବଲ୍ ଅଽଉଁଲି, 'ତୁମିମଽନ୍ ନିଜ୍‌କେ ଜଽତେକ୍
ଲାଡ୍ କଽରୁଲାସ୍, ବିନ୍ ଲକେ ହେଁ ସେରଽକମ୍ ଲାଡ୍‌କଽରା । ଇ
ଜୁଳେକ୍ ବିଦି ଚାଡି ଆରେକ୍ ବିନ୍ ବଽଡ୍ ବିଦି କୁୟ୍‌ରି ନାୟ୍ ।'"
32 ଇ କଽତା ସୁଣି ସେ ଦଽର୍ମ୍ ସାସ୍ତ୍ରି ଜିସୁକେ କୟ୍‌ଲା, "ଏ ଗୁରୁ,
ସେରି ସଽତ୍, ସେ ଜେ ଗଟେକ୍ ଆର୍ ତାକ୍ ଚାଡି କେହେଁ ନାୟ୍, ଇ
କଽତା ତୁୟ୍ ସଽତ୍ କୟ୍‌ଲିସ୍ । 33 ଆର୍ ସଽବୁ ଗଽର୍ବ୍, ସଽବୁ ବୁଦି
ଆର୍ ସଽବୁ ସଽକ୍ତି ଦଽୟ୍ ଇସ୍ୱର୍‌କେ ଲାଡ୍ କଽରୁକେ ଅୟ୍‌ଦ୍, ଆର୍
ହଽଲ୍‌ସା ଲକ୍‌ମଽନ୍‌କେ ନିଜ୍‌କେ ଲାଡ୍ କଽଲାହର୍ ଲାଡ୍ କଽର୍ତାର୍
ସଽବୁ ହୁଜାବିଦି ତଽୟ୍‌ହୁଣି ଇ ଜୁଳେକ୍ ବଲ୍ ଅଽଦିକ୍ ବଽଡ୍ ।"
34 ସେ ଲକ୍ ବୁଦିର୍ ସଽଙ୍ଗ୍ ଉତୁର୍ ଦଽୟ୍‌ଆଚେ ବଽଲି ଜାଣି, ଜିସୁ
ତାକ୍ କୟ୍‌ଲା, "ତୁୟ୍ ଇସ୍ୱରାର୍ ରାଇଜ୍ ତଽୟ୍‌ହୁଣି ଦୁରିକ୍ ନାୟ୍
।" ଇତାର୍‌ହଽଚେ କେ ହେଁ ଜିସୁକେ ଆରେକ୍ କାୟ୍ କଽତା ହେଁ
ହଽଚାରୁକ୍ ସାସ୍ ନଽକେଲାୟ୍ । 35 ଜିସୁ ମନ୍ଦିର୍ ଗଽରେ ସିକ୍ୟା
ଦେତାବଽଲ୍ ଲକ୍‌ମଽନ୍‌କେ ହଽଚାର୍ଲା, "କ୍ରିସ୍ଟ ଜେ ଦାଉଦାର୍
ହୟ୍‌ସି ବଽଲି ଇରି ଦଽର୍ମ୍‌ଗୁରୁମଽନ୍ କଽନ୍‌କଽରି କଽଉଁଲାୟ୍? 36

ଦାଉଦ୍ ନିଜେ ପବିତ୍ର ଆତ୍ମାର୍ ସଃକ୍ତି ତଃୟ୍ କୟ୍ରିଲା, ମାପ୍ରୁ
ମର୍ ମାପ୍ରୁକେ କୟ୍ଲା, ମୁଁୟ୍ ଜଃଡେବଃଲ୍ ହଃତେକ୍ ତୁମାର୍
ସଃତ୍ରୁମଃନ୍‌କେ ତର୍ ହାଦ୍ ତଃଳେ ନଃକେରି ଆଚୁ, ସଃଡେବଃଲ୍
ହଃତେକ୍ ତୁୟ୍ ମର୍ କାତା ବାଟ୍ୟା ବଃସିରେ । 37 ନିଜେ ଦାଉଦ୍
କ୍ରିସ୍ଟକେ ମାପ୍ରୁ ବଃଲି କୟ୍ଲା, ତଃବେ ସେ କଃନ୍‌କଃରି ଦାଉଦାର୍
ହୟ୍ସି?” ସଃବୁ ଲକ୍‌ମଃନ୍ ସଃର୍ଦା ଅୟ୍ ଜିସୁର୍ କଃତା ସୁଣ୍‌ତି
ରିଲାୟ୍ । 38 ଜିସୁ କୟ୍ଲା, “ଦଃର୍ମ୍ ଗୁରୁମଃନାର୍ ତଃୟ୍‌ହୁଣି
ଜଃଗ୍ରାତ୍ ଅୟ୍‌ରିଆ, ସେମଃନ୍ ଡେଙ୍ଗ୍ ବଃସ୍ତୁର୍ ହଃଜି କଃରି ଏଣେ
ତେଣେ ବୁଲୁକ୍ ମଃନ୍ କଃର୍ତି, ଆର୍ ଆଟ୍ ବଃଜାରେ ମାନ୍‌ତି ଆଟ୍
ବଃଜାରେ ଜୁଆର୍ ହାଉଁକ୍, 39 ପାର୍ତ୍‌ନା ଗଃରେ ଉଚ୍ ଟାଣେ
ବଃସୁକେ ମଃନ୍ କଃର୍ତି । ବଜି ଟାଣେ ହେଁ ସେମଃନ୍ ବଃଡ୍ ଜଃଗା
ହାଉଁକ୍ ମଃନ୍ କଃର୍ତି । 40 ସେମଃନ୍ ରାଣ୍ଡି ମାୟ୍‌ଜିମଃନାର୍ ଗଃର୍
ଦୁଆର୍ ସଃବୁ ଅଃଦିକାର୍ କଃରି ନେତି ଆର୍ ବଃଲ୍ ଦଃକାୟ୍
ଅଃଉଁକେ ସେମଃନ୍ ଡେଙ୍ଗ୍ ପାର୍ତ୍‌ନା କଃର୍ତି । ସେମଃନ୍ ଜଃବର୍
ବିଚାର୍ ତଃୟ୍ଁ ଡଃଣ୍ଡ ହାଉତି ।” 41 ଜିସୁ ମନ୍ଦିରାର୍ ଦାନ୍
ହଃକାଉତା ଦାନ୍‌ହେଲି ଲଃଗେ ବଃସି ଲକ୍‌ମଃନ୍ କଃନ୍‌କଃରି
ସେତି ଦାନ୍ ଦେଉଁଲାୟ୍, ସେରି ଦଃକ୍‌ତିରିଲା । ସଃଡେବଃଲ୍
କଃତେକ୍ ମାଜନ୍ ଲକ୍‌ମଃନ୍ ବୁତେକ୍ ଦାନ୍ ହଃକାୟ୍‌ଲାୟ୍; 42
ତାର୍‌ହଃଚେ ଗଟେକ୍ ଗଃରିବ୍ ରାଣ୍ଡି ମାୟ୍‌ଜି ଆସି, ଜଳେକ୍
ସାନ୍ ତାମ୍ବାକାସୁ ସେତି ଦାନ୍ ହଃକାୟ୍‌ଲି, ସେ ତାମ୍ବାକାସୁର୍
ମଲ୍ ଗଟେ ଟଃକା ତଃୟ୍ ହୁଣି ହେଁ ଉଣା । 43 ଜିସୁ ତାର୍
ଚେଲାମଃନ୍‌କେ ଲଃଗେ କୁଦି କୟ୍ଲା, “ମୁଁୟ୍ ତୁମିକେ ସଃତ୍
କଃଉଁଲେ, ବଃଣ୍ଡାରେ ଦାନ୍ ହଃକାଉତା ଲକ୍‌ମଃନାର୍ ବିତ୍ରେ ଇ
କାୟ୍‌ରି ନୟ୍ଲା ରାଣ୍ଡିମାୟ୍‌ଜି ସଃବୁ ଲକାର୍ ତଃୟ୍‌ହୁଣି ଅଃଦିକ୍
ଦାନ୍‌ହେଲି ତଃୟ୍ ହଃକାୟ୍‌ଆଚେ । 44 କାୟ୍‌ତାକ୍‌ବଃଲେକ୍
ସଃବୁ ଲକ୍‌ମଃନ୍ ବୁତେକ୍ ଦଃନ୍ ତଃୟ୍‌ହୁଣି ଅଃଳକ୍ ଅଃଳକ୍
ହଃକାୟ୍‌ଲାୟ୍, ମଃତର୍ ଇ କାୟ୍‌ରି ନୟ୍ଲା ରାଣ୍ଡି ମାୟ୍‌ଜି ତାର୍
ଅକେଟ୍ ବଃଲ୍ ହେଁ ନିଜାର୍ ଜିବନ୍ ବଚାଉଁକେ ତାର୍ ହାକ୍ ଜାୟ୍‌ରି
ରିଲି ସେରିସଃବୁ ହଃକାୟ୍‌ଲି ।”

**13** ଜିସୁ ଜିରୁସାଲମେ ମନ୍ଦିର୍ ବିତ୍ରେ ହୁଣି ବାରାୟ୍ ଜାତିରିଲା
ବଃଲ୍ ତାର୍ ଚେଲାମଃନାର୍ ବିତ୍ରେହୁଣି ଗଟେକ୍ ଚେଲା
କୟ୍ଲା, “ଏ ଗୁରୁ, ଦଃକ୍ କଃନ୍‌କା ଟେଳାମଃନ୍ ଆର୍ କଃନ୍‌କା
ମେଳ୍‌ଗଃର୍ ।” 2 ଜିସୁ ତାକ୍ କୟ୍ଲା, “ତୁୟ୍ କାୟ୍ ଇ ବଃଡ୍
ମେଳ୍‌ଗଃର୍ ଦଃକୁଲିସ୍? ମଃତର୍ ଇ ଗଟେକ୍ ଟେଳା ଆରେକ୍
ଗଟେକ୍ ଟେଳା ଉହ୍ରେ ନଃରେୟ୍, ସଃବୁ ହେଁ ମାଟାୟ୍ ମିସେଦ୍
।” 3 ଜିସୁ ମନ୍ଦିର୍ ମୁଆଟି ବାଟାର୍ ଜିତ୍ ଡଙ୍ଗେ ବଃସିରିଲା
ବଃଲ୍, ପିତର୍, ଜାକୁବ, ଜହନ୍ ଆର୍ ଆନ୍ଦ୍ରିଅ ଲୁକ୍‌ଣେ ଆସି
ତାକ୍ ହଃଚାର୍ଲାୟ୍, 4 “କଃବେ ଇ ଗଃଟ୍‌ଣା ଗଃଟେଦ୍, ଆରେକ୍
ଇ ଗଃଟ୍‌ଣା ଗଃଟ୍ରୁଲି ବଃଲି ଅଃମି କଃନ୍‌କଃରି ଜାଣୁନ୍ଁ, ଆର୍
ସେ ବଃଳାର୍ ଚିନ୍ କାୟ୍‌ରି ଅଃମିକ୍ କଃଉ ।” 5 ସେତାକ୍ ଜିସୁ
ସେମଃନ୍‌କେ କଃଉଁକେ ଦଃର୍ଲା, “କେ ତୁମିମଃନ୍‌କେ ଜଃନ୍‌କଃରି
ନଃଜେଟ୍‌ତି, ସେତାର୍‌ଗିନେ ଜଃଗ୍ରାତ୍ ଅୟ୍‌ରିଆ । 6 କଃତେକ୍
ଲକ୍‌ମଃନ୍ ମର୍ ନାଉଁଏ ଆସ୍ତି ଆର୍ ‘ମୁଁୟ୍ କ୍ରିସ୍ଟ’ ବଃଲି କଃତେକ୍
ଲକ୍‌ମଃନ୍‌କେ ଜଃଟ୍‌ତି । 7 ମଃତର୍ ତୁମିମଃନ୍ ଜଃଡେବଃଲ୍
ଜୁଜାର୍ କଃତା ସୁଣ୍‌ଲେକ୍ ଆର୍ ଜୁଜ୍ ଲାଗ୍‌ତାର୍ ସୁଣ୍‌ଲେକ୍ ଡିରା
ନାୟ୍; ଇବାନ୍ୟା ଗଃଟ୍‌ଣାମଃନ୍ ବାୟ୍‌ଦ୍‌ରେ ଗଃଟେଦ୍, ମଃତର୍
ଇରି ଜୁଗ୍ ବୁଡ୍‌ତା କାଲ୍ ନାୟ୍ । 8 କାୟ୍‌ତାକ୍‌ବଃଲେକ୍ ଲକ୍
ବିରଦେ ଲକ୍ ଜୁଜ୍ ଲାଗ୍‌ତି, ରାଇଜ୍ ବିରଦେ ରାଇଜ୍ ଉଟେଦ୍
ଆର୍ ଟାଣେ ଟାଣେ ଦଃର୍ତି ଲଃଦ୍‌ବଃଦେଦ୍, ଦୁର୍ବିକ୍ୟା ଅୟ୍‌ଦ୍;
ମଃତର୍ ଇସଃବୁ ହିଲା ଜଃଲମ୍ କଃର୍ତା ମାୟ୍‌ଜିଟକିର୍ ଆରୁମ୍
ଦୁକା ହର୍ ।” 9 “ମଃତର୍ ତୁମିମଃନ୍ ନିଜାର୍ ନିଜାର୍ ବିସୟେ
ଜଃଗ୍ରାତ୍ ଅୟ୍‌ରିଆ; ଲକ୍‌ମଃନ୍ ତୁମିମଃନ୍‌କେ ବେରାଣ୍ ମଃଣ୍ଡାୟ୍
ସଃହ୍ରି ଦେତି, ଆର୍ ତୁମିମଃନ୍‌କେ ପାର୍ତ୍‌ନା ଗଃରେ ନଃୟ୍ ମାଡ୍
ମାର୍ତି, ଆରେକ୍ ମର୍ ଗିନେ ସଃର୍କାର୍ ଲକ୍‌ମଃନାର୍ ତଃୟ୍ ଆର୍
ରଃଜାମଃନାର୍ ତଃୟ୍ ସେମଃନାର୍ ଗିନେ ସାକି ଅଃଉଁକେ ଟିଆ
ଅଃଉଆସ୍ । 10 ମଃତର୍ ଜୁଗ୍ ବୁଡ୍‌ତା ଆଗ୍‌ତୁ ବାୟ୍‌ଦ୍‌ରେ ସଃବୁ
ଜାତିର୍ ଲକ୍‌ମଃନାର୍ ବିତ୍ରେ ନିକ କବୁର୍ ପର୍ଚାର୍ ଅୟ୍‌ଦ୍ । 11
ଇତାକ୍ ଲକ୍‌ମଃନ୍ ଜଃଡେବଃଲ୍ ତୁମିମଃନ୍‌କେ ବିଚାର୍ କଃରୁକେ
ବାନ୍ଦି ନେତି, ସଃଡେବଃଲ୍ ତୁମି କାୟ୍‌ରି କଃଉନ୍ଁ ବଃଲି ଆଗ୍‌ତୁ
ଚିତା କଃରାନାୟ୍; ମଃତର୍ ତୁମିମଃନ୍‌କେ ସଃଡେବଃଲ୍ କାୟ୍‌ରି
କଃଉଁକେ ଦିଆ ଅୟ୍‌ଦ୍, ସେରି କଃଉଆ, କାୟ୍‌ତାକ୍‌ବଃଲେକ୍
ତୁମିମଃନ୍ କଃତା କଃଉତା ଲକ୍ ନୟ୍, ମଃତର୍ ପବିତ୍ର ଆତ୍ମା
କଃତା କୟ୍‌ଦ୍ । 12 ଲକ୍‌ମଃନ୍ ଅଃହ୍‌ଣାର୍ ବାୟ୍ ବାୟ୍‌କ୍,
ଉବାସି ହୟ୍‌ସିକେ, ମଃର୍ନ୍ ଡଃଣ୍ଡ ହାଉଁକ୍ ସଃହ୍ରି ଦେତି, ଆରେକ୍
ହିଲାମଃନ୍ ଉବାସି ଆୟ୍‌ସି ବିରଦେ ଉଟ୍‌ତି ଆର୍ ସେମଃନ୍‌କେ
ମଃର୍ନେ ମାର୍ତି । 13 ଆର୍ ମର୍ ନାଉଁ ଗିନେ ତୁମିମଃନ୍ ସଃବୁଲକାର୍
ତଃୟ୍‌ହୁଣି ଗିଣ୍‌କଃରାୟ୍ ଅଃଉଆସ୍, ମଃତର୍ ଜୁୟ୍ ମାନାୟ୍
ସେସ୍ ହଃତେକ୍ ବିସ୍ୱାସେ ତିର୍ ଅୟ୍ ରଃୟ୍‌ଦ୍, ସେ ହାହେ ହୁଣି
ନିଜ୍‌କେ ବଚାଉ ହାରେଦ୍ ।” 14 ମଃତର୍ ଜଃଡେବଃଲ୍ ତୁମିମଃନ୍
ସେ ନାସ୍‌କାରି ଗିଣ୍ ଆସ୍ତିକ୍ ଜୁୟ୍ ଜଃଗା ଲଃଗେ ରେତା ବିଦି
ନାୟ୍, ସେ ଜଃଗା ଲଃଗେ ରେତାର୍ ଦଃକାସ୍ । ହଲ୍‌ତା ଲକ୍ ଆର୍
ଅଃର୍ତ୍ ବୁଜତ୍ । ସଃଡେବଃଲ୍ ଜିଉଦା ରାଇଜ୍ ଲଃଗେ ରେତା
ଲକ୍‌ମଃନ୍ ଡଙ୍ଗର୍ ଉହ୍ରେ ହଃଳାୟ୍ ଜଃଉଅତ୍ । 15 ଆର୍ ଜୁୟ୍
ମାନାୟ୍ ଗଃରାର୍ ଚାନି ଉହ୍ରେ ରଃୟ୍‌ଦ୍, ସେ ତଃଳେ ଉତ୍ରନାୟ୍ଁ
ଆର୍ କାୟ୍‌ରି ନେଉଁକେ ଗଃର୍ ବିତ୍ରେ ଜଃଉଅ ନାୟ୍ । 16
ଆର୍ ଜୁୟ୍ ମାନାୟ୍ ତାସ୍ ହଃଦାୟ୍ ରଃୟ୍‌ଦ୍, ସେମାନାୟ୍ ତାର୍
ହଃଚ୍ୟା ନେଉଁକେ ଗଃରେ ଲେଉଟି ଆସ ନାୟ୍ । 17 ମଃତର୍
ସଃଡେବଃଲ୍ ଜୁୟ୍ ମାୟ୍‌ଜିମଃନ୍ ଆଙ୍ଗେ ରେତି ଆର୍ ହିଲାର୍ନି
ଅୟ୍ ହିଲାକ୍ ଦୁଦ୍ କାଳାଉତି ରେତି, ସେମଃନାର୍ ଗିନେ ବଃଡେ
କଃସ୍ଟ ଆଚେ । 18 ଇ ଗଃଟ୍‌ଣାମଃନ୍ ଜଃନ୍‌କଃରି କି ସିତ୍ ମାସେ
ନଃଗେଟେ ଇତାର୍ ଗିନେ ଇସ୍ୱର୍ ତଃୟ୍ ପାର୍ତ୍‌ନା କଃରା । 19
କାୟ୍‌ତାକ୍‌ବଃଲେକ୍ ସଃଡେବଃଲ୍ ଇବାନ୍ୟା ଦୁକ୍ କଃସ୍ଟ ଆସେଦ୍

ଜେ, ଇସ୍ୱର୍ ରାଇଜ୍ ଉବ୍‌ଜାୟ୍‌ଲା ଦିନ୍‌ହୁଣି ଆଜି ହଃତେକ୍
ସେବାନ୍ୟା କଃବେ ହେଁ ଅୟ୍‌ନଃରିଲି ଆର୍ କଃବେ ହେଁ ନଃଗେଟେ
। 20 ଆର୍ ଇସ୍ୱର୍ ସେ ଦିନ୍‌କେ ଊଣା କଃରି ନଃରିଲେକ୍,
ତଃବେ କେହେଁ ମୁକ୍ତି ହାଉଁ ନଃହାର୍‌ଲା ହୁଣି; ମଃତର୍ ଇସ୍ୱର୍
ଜୁୟ୍ ଲକ୍‌ମଃନ୍‌କେ ବାଚି ଆଚେ, ସେ ବାଚ୍‌ଲା ଲକ୍‌ମଃନାର୍
ଗିନେ ସେଦିନ୍‌ମଃନ୍ ଊଣା କଃରିଆଚେ । 21 "ଆର୍ ଜଃଡେବଃଲ୍
କେ ତୁମିମଃନ୍‌କେ 'କ୍ରିସ୍ଟ ଇତି ଆଚେ,' କି, 'ସେତିଆଚେ,' ବଃଲି
କୟ୍‌ଲେକ୍, ତୁମି ତାକ୍ ବିସ୍ୱାସ୍ କଃରାନାୟ୍ । 22 ସଃଡେବଃଲ୍
ମିଚ୍ କ୍ରିସ୍ଟ ଆର୍ ମିଚ୍ ବାବ୍‌ବାଦିମଃନ୍ ବାରାଉତି, ଆର୍ ସେମଃନ୍
କଃତେକ୍ କଃତେକ୍ ଚିନ୍ ଦଃକାୟ୍‌କଃରି କଃତେକ୍ କଃତେକ୍
କାବା ଅଃଉତା କାମ୍‌ମଃନ୍ କଃର୍ତି; ଦଃର୍କାର୍ ଅୟ୍‌ଲେକ୍ ଇସ୍ୱର୍
ବାଚ୍‌ଲା ଲକ୍‌ମଃନ୍‌କେ ହେଁ ବୁଲ୍‌କାଉତି । 23 ମଃତର୍ ତୁମି
ଜଃଗ୍ରାତ୍ ଅୟ୍‌ରିଆ, ଦଃକା ମୁଁୟ୍ ଗଃଟ୍‌ଣା ଗଃଟ୍‌ତା ଆଗ୍‌ତୁ
ତୁମିମଃନ୍‌କେ ସଃବୁ କଃଉଁଲେ ।" 24 "ମଃତର୍ ସେ ସଃବୁ କଃସ୍ଟ
ହଃଚେ, ବେଲ୍ ଅଃନ୍ଦାର୍ ଅୟ୍‌ଦ୍, ଆର୍ ଜଃନ୍ ଉଜାଲ୍ ନଃଦେୟ୍ ।
25 ଆରେକ୍ ସଃର୍ଗାର୍ ତାରାମଃନ୍ ତଃଳେ ଅଦ୍ରୁକ୍ ଦଃର୍ତି ଆର୍
ଅଃଗାସାର୍ ସଃକ୍ତିମଃନ୍ ଜଃଡ୍‌କଃଡ୍ ଅଃଉତି । 26 ସଃଡେବଃଲ୍
ନଃରାର୍ ହୟ୍‌ସି ବଃଡେ ବଃଲ୍ ସଃକାତ୍ ଆର୍ ଜଃଜ୍‌ମାନ୍ ସଃଙ୍ଗେ
ମେଗ୍ ଉହ୍ରେ ହୁଣି ଉତ୍ରି ଆସ୍ତାର୍ ସଃବୁ ଲକ୍‌ମଃନ୍ ଦଃକ୍‌ତି ।
27 ସଃଡେବଃଲ୍ ସେ ଦୁତ୍‌ମଃନ୍‌କେ ହଃଟାୟ୍‌କଃରି ହୁର୍ତିବିର୍
ସେସ୍ ସଃନ୍ଦିହୁଣି ଅଃଗାସାର୍ ସେସ୍ ସଃନ୍ଦି ହଃତେକ୍ ଚାରି ଦିଗାର୍
ଅଃହ୍‌ଣା ବାଚ୍‌ଲା ଲକ୍‌ମଃନ୍‌କେ ରୁଣ୍ଡାୟ୍‌ଦ୍ ।" 28 "ଡୁମୁର୍
ଗଃଚାର୍ ଗଟେକ୍ କଃତା ସିକା, ଜଃଡେବଃଲ୍ ତାର୍ କଃନ୍ଦାୟ୍
କଃଉଁଣା ହଃତାର୍ ଦଃରେଦ୍ ଆର୍ ଡାଲ୍ ହଃତାର୍ ଅୟ୍ ବାଡି
ଆସେଦ୍, ସଃଡେବଃଲ୍ ତୁମି କଃରା ଦିନ୍ ଆସୁଲି ବଃଲି ଜାଣାସ୍
। 29 ସେବାନ୍ୟା ଜଃଡେବଃଲ୍ ଇ ସଃବୁ ଗଃଟ୍‌ଣାମଃନ୍ ଗଃଟ୍‌ତାର୍
ଦଃକାସ୍, ସଃଡେବଃଲ୍ ତୁମି ସେ ଦିନ୍ ଦୁଆର୍ ଲଃଗେ ଅୟ୍‌ଲି
ବଃଲି ଜାଣାସ୍ । 30 ମୁଁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ,
ଇ ସଃବୁ ଗଃଟ୍‌ଣା ନଃଗଟ୍‌ତା ହଃତେକ୍ ଇ ଜୁଗାର୍ ଲକ୍‌ମଃନ୍
କଃବେ ହେଁ ନାସ୍ ନଃଉତି । 31 ଅଃଗାସ୍ ଆର୍ ହୁର୍ତିବି ନଃସ୍ଟ
ଅୟ୍‌ଦ୍, ମଃତର୍ ମର୍ କଃତା କଃବେ ନଃସ୍ଟ ନୟେ ।" 32
"ମଃତର୍ ସେ ଦିନ୍ କି ବେଳା କଃବେ ଆସେଦ୍ ସେରି କେ
ହେଁ ନଃଜାଣ୍‌ତି; ସଃର୍ଗାର୍ ଦୁତ୍‌ମଃନ୍ କି ନଃରାର୍ ହୟ୍‌ସି ହେଁ
ନଃଜାଣେ, ମଃତର୍ ମର୍ ସଃର୍ଗାର୍ ଉବା ଏକ୍ଲା ହଃକା ଜାଣି
ଆଚେ । 33 ତୁମିମଃନ୍ ଜଃଗ୍ରାତ୍ ଅୟ୍‌ରିଆ ଆର୍ ଜାଗିରିଲା,
କାୟ୍‌ତାକ୍‌ବଃଲେକ୍ ସେ ଦିନ୍ ଆର୍ ସେ ବେଳା କଃବେ ଆସେଦ୍
ସେରି ତୁମିମଃନ୍ ନଃଜାଣାସ୍ । 34 ସେରି ଇବାନ୍ୟା, ଜଃନ୍‌କଃରି
ଗଟେକ୍ ଲକ୍ ଅଃହ୍‌ଣାର୍ ଗଃର୍‌ଦୁଆର୍ ଚାଡିକଃରି ବିନ୍ ଦେସେ
ବାସାକଃରି ଆଚେ, ଆର୍ ସେ ଅଃହ୍‌ଣାର୍ ଗତିଦଃଙ୍ଗ୍‌ଲାମଃନ୍‌କ୍
ଗଃରାର୍ ଅଃଦିକାର୍ ଦଃୟ୍, ହଃତି ଲକାର୍ କାମ୍ ହଃତି ଲକ୍‌କେ
ଦଃୟ୍‌ଆଚେ, ଆର୍ ଦୁଆର୍ ଜାଗ୍‌ତା ଲକ୍‌କେ ହେଁ ନିକକଃରି
ଜାଗି ରେଉଁକ୍ ଆଦେସ୍ ଦଃୟ୍ ଆଚେ । 35 କଃଡେବଃଲ୍ ସିନା
ସେ ଗଃରାର୍ ସାଉକାର୍ ଲୁକ୍‌ଣେ ଆସେଦ୍ ଆର୍ ତୁମିମଃନ୍‌କେ
ସଇରିଲାର୍ ଦଃକେଦ୍ । 36 ଇତାର୍ ଗିନେ ଜଃଗ୍ରାତ୍ ଅୟ୍‌ରିଆ,
କାୟ୍‌ତାକ୍‌ବଃଲେକ୍ ସେ ସଃଞ୍ଜ୍ ବେଳାୟ୍, କି ମଃଜାରାତି, କି
କୁକ୍‌ଲା ବାସ୍ତା ବେଳାୟ୍ କି ସଃକାଲ୍ୟା, କଃଡେବଃଲ୍ କି ଆସେଦ୍
ସେରି ତୁମିମଃନ୍ ନଃଜାଣାସ୍ । 37 ମୁଁୟ୍ ତୁମିମଃନ୍‌କେ ଜାୟ୍‌ରି
କଃଉଁଲେ, ସେରି ସଃବ୍‌କେ କଃଉଁଲେ, ଜଃଗ୍ରାତ୍ ଅୟ୍‌ରିଆ ।"

14 ନିସ୍ତାର୍ ହଃର୍ବ୍ ଆର୍ କମିର୍ ନଃମିସ୍‌ଲା ମୁକ୍ଲାଉଁଣି ହଃର୍ବ୍
ଅଃଉଁକେ ଦୁୟ୍ ଦିନ୍ ରିଲି, ସଃଡେବଃଲ୍ ବଃଡ୍ ଜାଜକ୍,
ଜିଉଦି ଆର୍ ଦଃର୍ମ୍ ଗୁରୁମଃନ୍ ଜିସୁକେ କଃନ୍‌କଃରି କୁଟ୍‌କଃରି
ମଃର୍ନେ ମାର୍ତି, ସେତାକ୍ ଉପାୟ୍ କଃର୍ତି ରିଲାୟ୍ । 2 ସେମଃନ୍
କୟ୍‌ଲାୟ୍, "ହଃର୍ବ୍ ଦିନ୍ ଜିସୁକେ ବାନ୍ଦ୍ନା ନଃହାରୁ, ସେବାନ୍ୟା
କଃଲେକ୍ ଲକ୍‌ମଃନ୍ ରିସାଅୟ୍ ଉରାଟୁ କଃର୍ତି ।" 3 ବେତାନିଆ
ଗାଉଁଆର୍ ବଃଡ୍ ରଗି ସିମନାର୍ ଗଃରେ ଜିସୁ କାଉଁକେ ବଃସି
ରିଲାବଃଲ୍, ଗଟ୍ ମାୟ୍‌ଜି ତାର୍ ଟାଣେ ଆୟ୍‌ଲି, ସେ ଗଟ୍
କଣ୍ଡି ବଃର୍ତି ବଃଡେ ମଲାର୍ ବାସ୍ନା ଚିକଣ୍ ଆଣ୍‌ଲି, ଆର୍ ସେ
ଚିକଣ୍ ନିର୍ମୁଲ୍ ଜଟାମାଂସି ଗଃଚାର୍ ରଃସେ ତିଆର୍ ଅୟ୍‌ରିଲି ।
ସେ ମାୟ୍‌ଜି କଃଣ୍ଡିର୍ ମୁଉଁ ବାଙ୍ଗିକଃରି ସଃର୍ତେ ଚିକଣ୍ ଜିସୁର୍
ମୁଣ୍ଡେ ଡାଲୁକେ ଦଃର୍ଲି । 4 ସେରି ଦଃକି ସେତିରିଲା ଲକ୍‌ମଃନ୍
କଃଉଆକଇ ଅୟ୍‌ଲାୟ୍, "ଇ ବାସ୍ନା ଚିକଣ୍ କାୟ୍‌ତାକ୍ ହର୍ଚ୍
କଃରୁଲି? 5 ଇ ବାସ୍ନା ଚିକଣାର୍ ମଲ୍ ଗଟ୍ ଲକାର୍ ବଃର୍ସେକାର୍
କାମାଉଣି ସଃଙ୍ଗେ ସଃମାନ୍ । ଇରି ବିକ୍‌ଲା ଡାବୁ ନଃୟ୍ ବୁକାର୍
ଲକ୍‌ମଃନ୍‌କେ ଦେଉଁକେ ଅୟ୍‌ଲି ହୁଣି!" ଇବାନ୍ୟା ବଃଲି ସେମଃନ୍
ତାକ୍ ଲିନ୍ଦା କଃଲାୟ୍ । 6 ଜିସୁ କୟ୍‌ଲା, "ସେ ମାୟ୍‌ଜିକେ ଚାଡା;
କାୟ୍‌ତାକ୍ ତାକ୍ କଃସ୍ଟ ଦେଉଁଲାସ୍? ସେ ମର୍ ଗିନେ ନିକ କାମ୍
କଃରିଆଚେ । 7 କାୟ୍‌ତାକ୍‌ବଃଲେକ୍ ଗଃରିବ୍ ଲକ୍‌ମଃନ୍ ତ
ସଃବୁବଃଲ୍ ତୁମାର୍ ଚଃମେ ଆଚ୍‌ତି, ତୁମି ଜଃଡେବଃଲ୍ ମଃନ୍
କଃରାସ୍, ସଃଡେବଃଲ୍ ସେମଃନାର୍ ଉହ୍‌କାର୍ କଃରୁ ହାରାସ୍
। ମଃତର୍ ମୁଁୟ୍ ସଃବୁବଃଲ୍ ତୁମାର୍ ସଃଙ୍ଗେ ନଃରେୟ୍ଁ । 8 ଇ
ମାୟ୍‌ଜି ମର୍ ଗିନେ ତାର୍ ହାରୁସଃକ୍ତି ହଃତେକ୍ କଃଲି ଆଚେ,
ସେ ତହ୍‌ତା ଗିନେ ମର୍ ମଃଲା ଗଃଗାଲ୍‌କେ ଆଗ୍‌ତୁ ଚିକଣ୍
ହାଦାୟ୍ ଦିଲି ଆଚେ । 9 ମୁଁୟ୍ ତୁମିକେ ସଃତ୍ କଃଉଁଲେ, ଗୁଲା
ଜଃଗତାର୍ ଜୁୟ୍ ଜୁୟ୍ ଜଃଗାୟ୍ ନିକ କବୁର୍ ପର୍ଚାର୍ ଅୟ୍‌ଦ୍,
ସେ ଟାଣେ ଇ ମାୟ୍‌ଜିଟକିକ୍ ମଃନେ ହଃକାଉତା ଗିନେ ସେ
କଃରି ରିଲା ଇ କାମାର୍ କଃତା ହେଁ କଃଉଆ ଅୟ୍‌ଦ୍ ।" 10
ସେତାକ୍ ବାରଗଟ୍ ଚେଲାମଃନାର୍ ବିତ୍ରେ ଇସ୍କାରିଅତ୍ ଜିଉଦା
ନାଉଁଆର୍ ଗଟ୍ ଚେଲା ବଃଡ୍ ଜାଜକ୍‌ମଃନାର୍ ଆତେ ଜିସୁକେ
ସଃହ୍ରି ଦେଉଁକେ ସେମଃନାର୍ ଚଃମେ ଗଃଲା 11 ବଃଡ୍ ଜାଜକ୍
ଜିଉଦାର୍ ଇବାନ୍ୟା କଃତା ସୁଣି ସର୍ଦା ଅୟ୍‌ଲା । ଜିସୁକେ
ଦଃରାୟ୍ ଦିଲେକ୍ ଜିଉଦାକେ ଡାବୁ ଦେଉଁନ୍ଦ ବଃଲି ସଃୟ୍‌ତ୍
କଃଲାୟ୍, ସେତାକ୍ ଜିଉଦା ଜିସୁକେ ବଃଡ୍ ଜାଜକ୍‌ମଃନାର୍ ଆତେ

କ୪ନ୍‌କ୪ରି ଦ୪ରାୟ୍ ଦେଉଁ ହାରେ ଇ ଉପାୟ୍ ଲଲୁକ୍ ଦ୪ର୍ଲା ।
12 ତାର୍‌ହ୪ଚେ କମିର୍ ନୟ୍‌ଲା ରୁଟି କାତା ହ୪ର୍ବାର୍ ହ୪ର୍ତୁଦିନ୍,
ଜୁୟ୍‌ଦିନ୍ ନିସ୍ତାର୍ ହ୪ର୍ବାର୍ ହୁଜାମେଣ୍ଡା ଦିଆ ଅୟ୍‌ଦ୍, ସେଦିନ୍
ଜିସୁର୍ ଚେଲାମ୍‌୪ନ୍ ଆସି ଜିସୁକେ ହ୪ଚାର୍ଲାୟ୍, “ଅ୪ମିମ୪ନ୍
କୁୟ୍‌ଟାଣେ ତର୍‌ଗିନେ ମୁକ୍ଲାଉଁଣି ହ୪ର୍ବ୍ ବଜି କ୪ରୁନ୍ଧ ବ୪ଲି ତୁୟ୍
ମ୪ନ୍ କ୪ରୁଲିସ୍?” 13 ତାର୍‌ହ୪ଚେ ଜିସୁ ଜଳେକ୍ ଚେଲାକେ
ଗ୪ଲ୍ ବିତ୍ରେ ହ୪ଟାୟ୍ ସେମ୪ନ୍‌କେ କୟ୍‌ଲା, “ଗ୪ଲ୍ ବିତ୍ରେ
ଜାହା, ଆର୍ ହାଣିଡକା ବୟ୍ ଜାତା ଗଟ୍‌ଲକ୍ ତୁମିମ୪ନ୍‌କେ
ବେଟ୍ ଅୟ୍‌ଦ୍, ତୁମି ତାର୍ ହ୪ଚେହ୪ଚେ ଜାହା । 14 ସେ ଜୁୟ୍
ଗ୪ରେ ହୁରେଦ୍, ତୁମି ଜାୟ୍ ସେ ଗ୪ରାର୍ ମୁଳିକାକ୍ କ୪ଉଆ,
‘ଅ୪ମାର୍ ଗୁରୁ ହ୪ଚାରୁଲା, ମୁଁୟ୍ ଆର୍ ମର୍ ଚେଲାମ୪ନ୍ କୁୟ୍
ବ୪କ୍ରାୟ୍ ମୁକ୍ଲାଉଁଣି ହ୪ର୍ବ୍ ବଜି କ୪ର୍ତାର୍ ଆଚେ ସେ ବ୪କ୍ରା
କୁୟ୍‌ତି ଆଚେ?’ 15 ସେ ଗ୪ରାର୍ ମୁଳିକା ତୁମିକେ ସୁନ୍ଙ୍କର୍‌କ୪ରି
ସ୪ଜାୟ୍‌ଲାର୍ ଟିକ୍‌ଟାକ୍ ଅୟ୍‌ଲାର୍ ଉହ୍ରାର୍ ଗଟ୍ ବ୪ଡ୍ ବ୪କ୍ରା
ଦ୪କାୟ୍ ଦ୪ୟ୍‌ଦ୍ ସେତି ଅ୪ମାର୍ ଗିନେ ବଜି ତିଆର୍ କ୪ରା
।” 16 ତାର୍‌ହ୪ଚେ ଚେଲାମ୪ନ୍ ଗ୪ଲ୍ ବିତ୍ରେ ଗ୪ଲାୟ୍, ଆର୍
ଜିସୁ ଜ୪ନ୍‌କ୪ରି କୟ୍‌ରିଲା ସେତି ସେବାନ୍ୟା ଦ୪କି ଚେଲାମ୪ନ୍
ମୁକ୍ଲାଉଁଣି ହ୪ର୍ବ୍ ଦିନାର୍ ବଜି ତିଆର୍ କ୪ଲାୟ୍ । 17 ସ୪ଞ୍ଜ
ଅୟ୍‌ଲାକ୍ ଜିସୁ ବାରଗଟ୍ ଚେଲାମ୪ନ୍‌କେ ଦ୪ରି ସେତି ଜାୟ୍
ହଚ୍‌ଲା । 18 ସେମ୪ନ୍ ମିସ୍‌ଣେ ବ୪ସି କାତାବ୪ଲ୍ ଜିସୁ କୟ୍‌ଲା,
“ମୁଁୟ୍ ସ୪ତ୍ କ୪ଉଁଲେ, ତୁମାର୍ ବିତ୍ରେ ଗଟ୍ ମାନାୟ୍ ମକ୍ ସ୪ତ୍ରୁର୍
ଆତେ ସ୪ହ୍ରି ଦ୪ୟ୍‌ଦ୍ ଜୁୟ୍ ମାନାୟ୍ କି ମର୍ ସ୪ଙ୍ଗ ବ୪ସି କାଉଁଲା
।” 19 ଚେଲାମ୪ନ୍ ମ୪ନ୍ଙ୍କକ୍ କ୪ରି ଏକ୍ଲା ଏକ୍ଲା ତାକ୍ ହ୪ଚାରୁକ୍
ଦ୪ର୍ଲାୟ୍, “ସେ କାୟ୍ ମୁଁୟ୍?” 20 ଜିସୁ ସେମ୪ନ୍‌କେ କୟ୍‌ଲା,
“ତୁମି ବାର ଲକାର୍ ବିତ୍ରେ ଏକ୍ଲା, ଜେ କି ମର୍ ସ୪ଙ୍ଗ କପାୟ୍
ଆତ୍ ବୁଡାୟ୍ ଆଚେ । 21 ନ୪ରାର୍ ହୟ୍‌ସିର୍ କ୪ତା ଜ୪ନ୍‌କ୪ରି
ସାସ୍ତରେ ଲେକା ଆଚେ, ସ୪ନ୍‌କ୪ରି ସେ ମ୪ରୁକ୍ ଜ୪ଉଁଲା
ସ୪ତ୍, ମ୪ତର୍ ଜୁୟ୍ ଲକାର୍ ଆତେହୁଣି ନ୪ରାର୍ ହୟ୍‌ସି ସ୪ହ୍ରି
ଅ୪ଉଁଲା, ସେ ଅ୪ପର୍‌ବଲ୍ ଡ୪ଣ୍ଡ ହାୟ୍‌ଦ୍, ସେମାନାୟ୍ ଜ୪ଲମ୍
ଅୟ୍‌ନ୪ରିଲେକ୍ ତାର୍ ଗିନେ ବ୪ଲ୍ ଅୟ୍‌ଲି ହୁଣି ।” 22 ସ୪ବୁଲକ୍
ବ୪ସି କାତାବ୪ଲ୍ ଜିସୁ ରୁଟି ଦ୪ରି ଆସିର୍ବାଦ୍ କ୪ଲା ଆର୍
ସେରି ବାଙ୍ଗାୟ୍ ଦ୪ୟ୍ କୟ୍‌ଲା, “ନିଆ, ଇରି ମର୍ ଗ୪ଗାଲ୍ ।”
23 ଆର୍ କପାୟ୍ ରିଲା ଅଙ୍ଗୁର୍ ର୪ସ୍ ଦ୪ରି ସେତାର୍ ଗିନେ
ହେଁ ପାର୍ତ୍‌ନା କ୪ଲା ଆର୍ ସେମ୪ନ୍‌କେ ଦିଲା, ଆର୍ ସେମ୪ନ୍
ସେତିର୍ ଡୁକ୍‌ଲାୟ୍ । 24 ଆର୍ ଜିସୁ ସେମ୪ନ୍‌କେ କୟ୍‌ଲା,
“ଜୁୟ୍ ବିଦିର୍ ବ୪ନି ସ୪ବୁ ଲକାର୍ ଗିନେ ଦେଉଁଲେ, ଇରି ମର୍
ସେ ବ୪ନି । 25 ମୁଁୟ୍ ତୁମିମ୪ନ୍‌କେ ସ୪ତ୍ କ୪ଉଁଲେ, ମୁଁୟ୍
ଜୁୟ୍‌ଦିନ୍ ଇସ୍ୱରାର୍ ରାଇଜେ ନ୪ଉଆଁ କ୪ରି ଅଙ୍ଗୁର୍ ର୪ସ୍
ଡୁକିନ୍ଧ, ସେଦିନ୍ ହ୪ତେକ୍ ଇରି ଆର୍ କ୪ବେ ହେଁ ନ୪ଡୁକି ।”
26 ଆରେକ୍ ସେମ୪ନ୍ ଦନ୍ୟବାଦ୍ ଗିତ୍ କୟ୍‌ଲା ହ୪ଚେ ଜିତ୍
ଡଙ୍ଗେ ଗ୪ଲାୟ୍ । 27 ଜିସୁ ସେମ୪ନ୍‌କେ କୟ୍‌ଲା, “ତୁମିମ୪ନ୍
ମକ୍ ଚାଡି ହ୪ଲାଉଆସ୍, ଇରି ସାସ୍ତରେ ଲେକା ଅୟ୍‌ଆଚେ,
‘ମୁଁୟ୍ ଗ୪ଉଳିଆକେ ମ୪ର୍ନେ ମାରିନ୍ଧ, ଆର୍ ମେଣ୍ଡାମ୪ନ୍ ଏଣେ
ତେଣେ ହ୪ଲାଉତି । 28 ମ୪ତର୍ ମୁଁୟ୍ ମ୪ରିକ୪ରି ଆରେକ୍
ଉଟ୍‌ଲା ହ୪ଚେ, ତୁମାର୍ ଆଗେ ଗାଲିଲିକେ ଜାୟ୍‌ନ୍ଧ ।’” 29
ମ୪ତର୍ ପିତର୍ କୟ୍‌ଲା, “ସ୪ବୁ ଚେଲାମ୪ନ୍ ଚାଡି ଗ୪ଲେକ୍
ହେଁ ମୁଁୟ୍ କ୪ବେ ଚାଡି ନ୪ଜାୟ୍ଁ ।” 30 ଜିସୁ ତାକ୍ କୟ୍‌ଲା,
“ମୁଁୟ୍ ତକେ ସ୪ତ୍ କ୪ଉଁଲେ, ଆଜି ଇ ରାତି କୁକ୍‌ଲା ଦୁୟ୍‌ତର୍
ବାସ୍ତା ହ୪ର୍ତୁ ତୁୟ୍ ମକ୍ ନ୪ଜାଣି ବ୪ଲି ତିନିତର୍ କ୪ଉସି ।” 31
ମ୪ତର୍ ପିତର୍ ଇ କ୪ତା ସୁଣି ଅ୪ଟୁଆ କ୪ରି କୟ୍‌ଲା, “ମକ୍
ତର୍ ସ୪ଙ୍ଗ ମ୪ରୁକ୍ ଅୟ୍‌ଲେକ୍ ହେଁ ମୁଁୟ୍ ତକେ ନ୪ଜାଣି ବ୪ଲି
କ୪ବେ ନ୪କୟ୍ଁ ।” ସ୪ବୁ ଚେଲାମ୪ନ୍ ହେଁ ସେବାନ୍ୟା କୟ୍‌ଲାୟ୍
। 32 ତାର୍‌ହ୪ଚେ ଜିସୁ ଆର୍ ତାର୍ ଚେଲାମ୪ନ୍ ଗେତ୍‌ସିମନି
ନାଉଁଆର୍ ଗଟେକ୍ ଟାଣେ ଆୟ୍‌ଲାୟ୍, ଆର୍ ଜିସୁ ଅ୪ହ୍‌ଣାର୍
ଚେଲାମ୪ନ୍‌କେ କୟ୍‌ଲା, “ମୁଁୟ୍ ପାର୍ତ୍‌ନା କ୪ର୍ତା ହ୪ତେକ୍ ଇତି
ବ୪ସି ରିଆ ।” 33 ଆରେକ୍ ଜିସୁ ତାର୍ ସ୪ଙ୍ଗ ପିତର୍, ଜାକୁବକ୍
ଆର୍ ଜହନ୍‌କେ ନିଲା, ଆର୍ ଅ୪ପର୍‌ବଲ୍ କାବା ଅୟ୍‌ଲା ଆର୍
ବ୪ଡେ ଆର୍ଲା ଅୟ୍‌ଲା । 34 ଆର୍ ଜିସୁ ସେମ୪ନ୍‌କେ କୟ୍‌ଲା,
“ମର୍ ହ୪ରାଣ୍ ମ୪ର୍ତା ହର୍ ଉକ୍‌ଳି ଜ୪ଉଁଲି, ତୁମିମ୪ନ୍ ଇତି
ର୪ୟ୍ ଜାଗିରିଆ ।” 35 ଜିସୁ ସେମ୪ନ୍ ଚାଡି କ୪ଣ୍ଡେକ୍ ଦୁରିକ୍
ଜାୟ୍ ବୁୟେଁ ମାଣ୍ଡି କୁଟା ଟେସି ପାର୍ତ୍‌ନା କ୪ରି କୟ୍‌ଲା, “ଜଦି
ଅ୪ଉଁ ହାରେ, ତ୪ବେ ଇ ବେଳା ମର୍ ତ୪ୟ୍‌ହୁଣି ଗୁଚି ଜ୪ଉଅ ।”
36 ଆରେକ୍ ସେ କୟ୍‌ଲା, “ଏ ମର୍ ଉବା, ତର୍ ଆତେ ସ୪ବୁ ଅ୪ଉଁ
ହାରେ, ଇ କ୪ସ୍ଟାର୍ ଡୁକ୍‌ତା କପା ମର୍ ତ୪ୟ୍‌ହୁଣି ଦୁର୍‌କ୪ର୍,
ଅୟ୍‌ଲେକ୍ ହେଁ ମର୍ ଇଚା ନୟ୍, ତର୍ ଇଚା ହୁରୁଣ୍ ଅ୪ଉଅ ।”
37 ଆରେକ୍ ତାର୍‌ହ୪ଚେ ଜିସୁ ବାଉଳି ଆୟ୍‌ଲା ଆର୍ ତିନିଗଟ୍
ଚେଲା ନିଦଉତି ରିଲାର୍ ଦ୪କିକ୪ରି ସିମନ୍‌କେ କୟ୍‌ଲା, “ପିତର୍
ତୁୟ୍ କାୟ୍ ସୟ୍‌ଆଚ୍‌ସି? ଚ୪ନେକ୍‌ହେଁ କାୟ୍ ଚେତା ରେଉଁ
ନାହାର୍ଲିସ୍?” 38 ଆର୍ ଜିସୁ ସେମ୪ନ୍‌କେ କୟ୍‌ଲା, “ହାନ୍ଦାୟ୍
ଜ୪ନ୍‌କ୪ରି ତୁମିମ୪ନ୍ ନ୪ହେଳାସ୍, ସେତାର୍‌ଗିନେ ଜାଗିର୪ୟ୍
ପାର୍ତ୍‌ନା କ୪ରା । ଆତ୍ମାର୍ ଇଚା ସ୪ତ୍, ମ୪ତର୍ ଗ୪ଗାଲ୍ ଦୁର୍ବୁଲ୍
।” 39 ଆରେକ୍ ଗଟ୍‌ତର୍ ଜାୟ୍ ଆଗାର୍ ହର୍ କୟ୍ ପାର୍ତ୍‌ନା
କ୪ଲା । 40 ତାର୍‌ହ୪ଚେ ଆରେକ୍ ବାଉଳି ଆସି ଚେଲାମ୪ନ୍‌କେ
ସଇରିଲାର୍ ଦ୪କ୍‌ଲା; କାୟ୍‌ତାକ୍‌ବ୪ଲେକ୍ ସେମ୪ନାର୍ ଆକି
ଡାହି ଅ୪ଉତି ରିଲି, ଆର୍ ସେମ୪ନ୍ କାୟ୍‌ରି ଉତ୍ତୁର୍ ଦେଉଁନ୍ଧ
ବ୪ଲି ଜାଣି ନ୪ରିଲାୟ୍ । 41 ଇ ସ୪ଙ୍ଗ ତିନିତର୍ ଜିସୁ ବାଉଳି
ଆସି ସେମ୪ନ୍‌କେ କୟ୍‌ଲା, “ଚ୪ନେକ୍ ସଇକ୪ରି ବିସାଉଆ;
ବୁତେକ୍ ବେଲ୍ ଅୟ୍‌ଲି; ନ୪ରାର୍ ହୟ୍‌ସି ହାହିମ୪ନାର୍ ଆତେ
ସ୪ହ୍ରି ଅ୪ଉତା ବେଳା ଅୟ୍‌ଲିନି । 42 ଉଟା, ଅ୪ମିମ୪ନ୍ ଜୁଆଁ,
ହଦେ ଦ୪କା! ଜେ ମକ୍ ସ୪ତ୍ରୁର୍ ଆତେ ଦ୪ରାୟ୍ ଦ୪ୟ୍‌ଦ୍ ସେ
ମର୍ ଲ୪ଗେ ଆସି କେଟ୍‌ଲାବେ ।” 43 ଆର୍ ସେଦାହ୍ରେ ସେ
କ୪ତା ଅ୪ଉତାବ୪ଲ୍ ବାରଗଟ୍ ଚେଲାମ୪ନାର୍ ବିତ୍ରେ ଜିଉଦା

ନାଉଁଆର୍ ଚେଲା ଆର୍ ତାର୍ ସଃଙ୍ଗ ବଃଡ୍ ଜାଜକ୍, ଦଃର୍ମ୍ଗୁରୁ
ଆର୍ ପାରାଚିନ୍‌ମଃନାର୍ ତଃୟ୍‌ହୁଣି ଲକ୍‌ମଃନ୍ କଃଣ୍ଡା ଆର୍ ଟେଙ୍ଗା
ଦଃରି ଆୟ୍‌ଲାୟ୍ । 44 ଜିସୁକେ ସଃତ୍ରୁ ଆତେ ଦଃରାୟ୍ ଦେତା
ଜିଉଦା ସେମଃନ୍‌କେ ଇ କଃତା କୟ୍‌ରିଲା, "ମୁଁୟ୍ ଜାକେ ଚୁମିନ୍ଧ
ସେ ହଃକା ଜିସୁ ତାକ୍ ଜଃତୁନେ ଦଃରି ନିଆ ।" 45 ଇତାକ୍ ଜିଉଦା
ହଚୁହଚୁ ଜିସୁର୍ ଲଃଗେ ଗଃଲା ଆର୍ "ଏ ଗୁରୁ!" ବଃଲି ଚୁମ୍‌ଲା ।
46 ଇତାର୍ ଗିନେ ସେମଃନ୍ ଜିସୁକେ ଦଃର୍ଲାୟ୍ ଆର୍ ବାନ୍ଧଲାୟ୍
। 47 ମଃତର୍ ଲଃଗେ ଟିଆ ଅୟ୍‌ରିଲା ଲକ୍‌ମଃନାର୍ ବିତ୍ରେ
ଗଟ୍ ମାନାୟ୍ କଃଣ୍ଡା ବାର୍‌କଃରି ମୁଲ୍ ଜାଜକାର୍ ଗତିଦଃଙ୍ଗ୍ଲାର୍
କାନ୍ କାଟି ହଃକାୟ୍‌ଲା । 48 ଜିସୁ ସେମଃନ୍‌କେ କୟ୍‌ଲା,
"ଚର୍‌ମଃନାର୍ ବିରଦେ ବାରାୟ୍‌ଲା ହର୍ କଃଣ୍ଡା ଆର୍ ଟେଙ୍ଗା
ଦଃରି କାୟ୍ ମକ୍ ଦଃରୁକ୍ ଆୟ୍‌ଲାସ୍? 49 ମୁଁୟ୍ ଦିନେକେ ମନ୍ଦିର୍
ଗଃରେ ତୁମାର୍ ସଃଙ୍ଗ ରଃୟ୍ ସିକ୍ୟା ଦେତି ରିଲେ, ମଃତର୍ ତୁମି
ମକ୍ ଦଃରୁ ନଃଚ୍‌ଲାସ୍, ମଃତର୍ ସାସ୍ତ୍ରର୍ ତଃୟେଁ ଲେକା ଅୟ୍‌ଲା
କଃତା ଜଃନ୍‌କଃରି ହୁରୁଣ୍ ଅୟ୍‌ଦ୍, ସେତାକ୍ ଇରି ଅଃଉଁଲି ।" 50
ତାର୍‌ହଃଚେ ସଃବୁ ଚେଲାମଃନ୍ ଜିସୁକେ ଚାଡି ହଃଳାୟ୍‌ଲାୟ୍
। 51 ମଃତର୍ ଗଟ୍ ବେଣ୍ଡ୍ୟା ମାନାୟ୍ ଡୁମ୍‌ଣ୍ଡା ଗଃଗାଲେ ଗଟ୍
ହଃଚ୍ୟା ହୁଙ୍ଗି ଜିସୁର୍ ହଃଚେହଃଚେ ଜାତାର୍ ଦଃକି, ସେମଃନ୍ ସେ
ବେଣ୍ଡ୍ୟା ମାନାୟ୍‌କେ ଦଃରୁକ୍ ମୁଣ୍ଡ୍ୟାୟ୍‌ଲାୟ୍ । 52 ମଃତର୍ ସେ
ତାର୍ ହାତୁଲ୍ ହଃଚ୍ୟା ହିଙ୍ଗିକଃରି ଡୁମ୍‌ଣ୍ଡା ଗଃଗାଲେ ହଃଳାୟ୍‌ଲା ।
53 ତାର୍‌ହଃଚେ ସେମଃନ୍ ଜିସୁକେ ମୁଲ୍ ଜାଜକ୍ ଲଃଗେ ନିଲାୟ୍,
ଆରେକ୍ ବଃଡ୍ ଜାଜକ୍, ପାରାଚିନ୍‌ମଃନ୍ ଆର୍ ଦଃର୍ମ୍ଗୁରୁମଃନ୍
ଆସି ରୁଣ୍ଡଲାୟ୍ । 54 ପିତର୍ ଦୁରିକ୍ ରଃୟ୍ ତାକାର୍ ହଃଚେହଃଚେ
ଜାୟ୍ ମୁଲ୍ ଜାଜକାର୍ କୁଆଲେ ହୁରି ଜାଗୁଆଳିମଃନାର୍ ସଃଙ୍ଗ
ଜୟ୍ ଚେକୁକ୍ ବଃସ୍‌ଲା । 55 ସଃଡେବଃଲ୍ ବଃଡ୍ ଜାଜକ୍ ଆର୍
ଜିଉଦି ବଃଡ୍ କୁଟୁମାର୍ ଲକ୍‌ମଃନ୍ ଜିସୁକେ ମଃର୍ନେ ମାରୁକ୍ ତାର୍
ବିରଦେ ସାକି ଲଲୁକ୍ ଦଃର୍ଲାୟ୍, ମଃତର୍ ହାଉଁ ନଃହାୟ୍‌ଲାୟ୍ ।
56 କାୟ୍‌ତାକ୍‌ବଃଲେକ୍ ଜଃତେକ୍ ଲକ୍ ତାର୍ ବିରଦେ ମିଚ୍ ସାକି
ଦିଲେକ୍ ହେଁ କାର୍ କଃତା କାକେ ନଃମିସ୍‌ଲି । 57 ତାର୍‌ହଃଚେ
କଃତିଲକ୍ ଟିଆଅୟ୍ ତାର୍ ବିରଦେ ସାକି ଦେଉଁକେ ଦଃର୍ଲାୟ୍,
58 "ଅଃମି ଇ କଃତା ତାର୍ ଟଣ୍ଡେହୁଣି କଃଉତାର୍ ସୁଣିଆଚୁ, 'ମୁଁୟ୍
ମାନାୟ୍ ଆତେ ବାନ୍ଧଲା ମନ୍ଦିର୍‌କେ ବଃସ୍ଲାୟ୍‌କଃରି, ତିନିଦିନ୍
ବିତ୍ରେ ଆରେକ୍ ଗଟେକ୍ ମାନାୟ୍‌ର୍ ଆତ୍ ତିଆର୍ ନଃକେର୍ତା
ମନ୍ଦିର୍ ତିଆର୍ କଃରିନ୍ଧ ।'" 59 ମଃତର୍ ଇ କଃତା ହେଁ ସାକି
ଲଃଗେ ନଃମିସ୍‌ଲି । 60 ସେତାର୍‌ଗିନେ ମୁଲ୍ ଜାଜକ୍ ଉଟି
ମଃଜାୟ୍ ଟିଆ ଅୟ୍ ଜିସୁକେ ହଃଚାର୍ଲା, "ତର୍ ବିରଦେ ଲକ୍‌ମଃନ୍
ଜୁୟ୍ ସାକି ଦେଉଁଲାୟ୍, ତାର୍ କାୟ୍ ଉତୁର୍ ନଃଦେଉଁଲିସ୍?" 61
ମଃତର୍ ଜିସୁ ତୁନ୍‌ହାଳି ରିଲା, କାୟ୍‌ହେଁ ଉତୁର୍ ନଃଦିଲା ମୁଲ୍
ଜାଜକ୍ ଆରେକ୍ ଗଟ୍‌ତର୍ ହଃଚାର୍ଲା, "ତୁୟ୍ କାୟ୍ ଉହ୍‌କାର୍
କାରି ଇସ୍ୱରାର୍ ହୟ୍‌ସି କ୍ରିସ୍ଟ?" 62 ଜିସୁ ତାକ୍ ଉତୁର୍ ଦିଲା,
"ହିଁ ମୁଁୟ୍ ସେ, ଆର୍ ତୁମିମଃନ୍ ମୁଁୟ୍ ଜେ ନଃରାର୍ ହୟ୍‌ସି,
ସଃବ୍‌କେ ବଃଡ୍ ସଃକ୍ତିମାନାର୍ କାତାବାଟ୍ୟା ବଃସ୍ତାର୍ ଆର୍
ଅଃଗାସ୍ ମେଗ୍‌ମାଳେ ଆସ୍ତାର୍ ଦଃକାସ୍ ।" 63 ମୁଲ୍ ଜାଜକ୍
ଅଃହ୍‌ଣାର୍ ଆଙ୍ଗି ଚିରି କୟ୍‌ଲା, "ଅଃମିକ୍ ଆରେକ୍ ଅଃଦିକ୍
ସାକିର୍ କାୟ୍ ଲଳା ଆଚେ? 64 ତୁମିମଃନ୍ ଇସ୍ୱର୍‌କେ ଲିନ୍ଦା
କଃର୍ତାର୍ ସୁଣ୍‌ଲାସ୍, ତୁମାର୍ ମଃନେ କାୟ୍ ବିଚାର୍ କଃରୁଲାସ୍?"
ସେତାକ୍ ସେ ମଃର୍ନ୍ ଡଃଣ୍ଡ ହାଉଅ ବଃଲି ସଃବୁଲକ୍ ଦସି କଃଲାୟ୍
। 65 ଆରେକ୍ କେ କେ ଜିସୁର୍ ଉହ୍ରେ ତୁକୁକ୍ ଦଃର୍ଲାୟ୍ ଆର୍
ସେମଃନ୍ ତାର୍ ମୁୟେ ତୁଆଲ୍ ବାନ୍ଧଲାୟ୍ ଆର୍ ବିଦା ମାରି
କଃଉଁକେ ଦଃର୍ଲାୟ୍, "ତୁୟ୍ ତ ଗଟେକ୍ ବାବ୍‌ବାଦି, ତକ୍ କେ ମାର୍ଲା
କଃଉ? ଇବାନ୍ୟା କୟ୍ ଜାଗୁଆଳିମଃନ୍ ଚାହୁଲ୍ ମାରିମାରି ତାକ୍
ଦଃରି ନିଲାୟ୍ ।" 66 ସଃଡେବଃଲ୍ କୁଆଲେ ପିତର୍ ରିଲାବଃଲ୍,
ମୁଲ୍ ଜାଜକାର୍ ଦଃଙ୍ଗ୍ଲି ପିତର୍‌କେ ଜୟ୍ ଚେକ୍‌ତାର୍ ଦଃକ୍‌ଲି
। 67 ଆର୍ ପିତର୍‌କେ ନିକ କଃରି ଦଃକି କୟ୍‌ଲି, "ତୁୟ୍ ହେଁ
ନାଜରିତ୍ ଜିସୁର୍ ସଃଙ୍ଗ ରିଲିସ୍ ।" 68 ମଃତର୍ ପିତର୍ ନାୟ୍
ବଃଲି କାୟ୍‌ଲା, "ତାକ୍ ମୁଁୟ୍ ନଃଜାଣି ଆର୍ ତୁୟ୍ କାୟ୍ ବଃଲି
କଃଉଁଲିସ୍ ମୁଁୟ୍ ନଃବୁଜୁଲେ ।" ଇରି କୟ୍ ସେ ହଃଦା ବାଟ
ବାରାୟ୍ ଗଃଲା । ଆର୍ ସଃଡେବଃଲ୍ ହଃକା କୁକ୍‌ଳା ଡାକ୍‌ଲି ।
69 ଆରେକ୍ ସେ ଦଃଙ୍ଗ୍ଲି ତାକ୍ ଦଃକି ଲଃଗେ ଟିଆ ଅୟ୍‌ରିଲା
ଲକ୍‌ମଃନ୍‌କେ ଆରେକ୍ ଗଟ୍‌ତର୍ କଃଉଁକେ ଦଃର୍ଲି, "ଇ ଲକ୍
ହେଁ ସେମଃନାର୍ ବିତ୍ରେ ଏକ୍ଲା ।" 70 ମଃତର୍ ପିତର୍ ଆରେକ୍
ଗଟ୍‌ତର୍ ନାୟ୍ ବଃଲି କଃଉଁକେ ଦଃର୍ଲା । ଚଃନେକ୍ ରିଲାହଃଚେ
ଆରେକ୍ ଗଟ୍‌ତର୍ ତାର୍ ଲଃଗେ ଟିଆ ଅୟ୍‌ରିଲା ଲକ୍‌ମଃନ୍
ପିତର୍‌କେ କୟ୍‌ଲାୟ୍, "ବାୟ୍‌ଦ୍‌ରେ ତୁୟ୍ ହେଁ ସେ ଲକ୍‌ମଃନାର୍
ବିତ୍ରେ ଏକ୍ଲା, କାୟ୍‌ତାକ୍‌ବଃଲେକ୍ ତୁୟ୍ ତ ଗାଲିଲିର୍ ଲକ୍ ।" 71
ମଃତର୍ ସେ ନିଜ୍‌କେ ସାୟ୍‌ପ୍ ଦଃୟ୍ ଆର୍ ହଃର୍ମାଣ୍ କଃଉଁକେ
ଦଃର୍ଲା, "ତୁମିମଃନ୍ ଜୁୟ୍ ମାନାୟ୍‌ର୍ କଃତା କଃଉଁଲାସ୍ ତାକ୍
ମୁଁୟ୍ ନଃଜାଣି ।" 72 ସେଦାହ୍ରେ ଦୁୟ୍‌ତର୍ କୁକ୍‌ଳା ବାସ୍‌ଲି,
ସଃଡେବଃଲ୍, "ଦୁୟ୍‌ତର୍ କୁକ୍‌ଳା ବାସ୍ତା ଆଗ୍‌ତୁ ତୁୟ୍ ମକ୍
ନଃଜାଣି ବଃଲି ତିନିତର୍ କଃଉସି," ଇ କଃତା ଜିସୁ ପିତର୍‌କେ
କୟ୍‌ରିଲା, ସେ କଃତା ତାକ୍ ଏତୁହଃଲ୍‌ଲି, ଆର୍ ସେ କଃତା
ଏତାୟ୍ କାନ୍ଦୁକ୍ ଦଃର୍ଲା ।

**15** ସଃକାଲ୍ ଅୟ୍‌ଲା ଦାହ୍ରେ ବେରାଣ୍‌ମଃଣ୍ଡାର୍ ପାରାଚିନ୍‌ମଃନ୍,
ଦଃର୍ମ୍ଗୁରୁ ଆର୍ ବଃଡ୍ ଜାଜକ୍‌ମଃନ୍ ବେରାଣ୍ କଃରି
ଜିସୁକ୍ ବାନ୍ଧିନଃୟ୍ ପିଲାତର୍ ଆତେ ସଃହ୍ରି ଦିଲାୟ୍ । 2 ପିଲାତ
ଜିସୁକେ ହଃଚାର୍ଲା, "ତୁୟ୍ କାୟ୍ ଜିଉଦିମଃନାର୍ ରଃଜା?" ଜିସୁ
ତାକେ ଉତୁର୍ ଦିଲା, "ତୁୟ୍ ତ ନିଜେ କୟ୍‌ଲିସ୍ ।" 3 ଆର୍ ବଃଡ୍
ଜାଜକ୍‌ମଃନ୍ ଜିସୁର୍ ବିରଦେ ଗାଦେକ୍ ଦଃସ୍ ଲାଦୁକ୍ ଦଃର୍ଲାୟ୍ ।
4 ପିଲାତ ଆରେକ୍ ଗଟ୍‌ତର୍ ହଃଚାର୍ଲା, "ତୁୟ୍ କାୟ୍ ଉତୁର୍ ହେଁ
ନଃଦେଉଁଲିସ୍, ଦଃକ୍ ସେ ଲକ୍‌ମଃନ୍ ତର୍ ବିରଦେ କଃତେକ୍
ଦଃସାର୍ କଃତା କଃଉଁଲାୟ୍ ।" 5 ମଃତର୍ ଜିସୁ କାୟ୍‌ବଃଲିହେଁ
ଉତୁର୍ ନଃଦିଲା ଲାଗି ପିଲାତ କାବା ଅୟ୍‌ଲା । 6 ମଃତର୍ ସଃବୁ

ନିସ୍ତାର୍ ହଃର୍ବବଃଲ୍ ଲକ୍‌ମଃନ୍ ଜୁୟ୍ କଃୟ୍‌ଦିକେ ମାଗ୍‌ତି ରିଲାୟ୍
ସେ କଃୟ୍‌ଦିକେ ସେମଃନ୍‌କାର ଗିନେ ପିଲାତ ଚାଡି ଦେତିରିଲା
। 7 ସଃଡେବଃଲ୍ ଜୁୟ୍ ଲକ୍‌ମଃନ୍ ସଃର୍କାର୍ ବିରଦେ ଉଟି ଉରାଟୁ
କଃରି ନଃର୍ ଅଃତ୍ୟା ହେଁ କଃର୍ତି ରିଲାୟ୍, ସେମଃନ୍‌କେ ଜଃଇଲେ
ହୁରାଉତି ରିଲାୟ୍, ସେମଃନାର୍ ବିତ୍ରେ ବାରବା ନାଉଁଆର୍ ଗଟେକ୍
ରିଲା । 8 ସେତାକ୍ ପିଲାତର୍ ଲଃଗେ ଲକ୍‌ମଃନ୍ ଜାୟ୍ କୟ୍‌ଲାୟ୍,
"ଅଃମାର୍ ବିଦି ହଃର୍କାରେ କଃର୍ ।" 9 ପିଲାତ ସେମଃନ୍‌କେ
କୟ୍‌ଲା, "ଇ ଜିଉଦିମଃନାର୍ ରଃଜାକ୍ ତୁମାର୍ ଗିନେ ଚାଡିନ୍ଙ୍କ
ବଃଲି ତୁମି କାୟ୍ ମଃନ୍ କଃରୁଲାସ୍?" 10 କାୟ୍‌ତାକ୍‌ବଃଲେକ୍
ବଃଡ୍ ଜାଜକ୍‌ମଃନ୍ ଡାରା ଅୟ୍‌କଃରି ଜିସୁକେ ତାର୍ ଆତେ
ସଃହ୍ରି ଦଃୟ୍ ଆଚ୍‌ତି ବଃଲି ପିଲାତ ଜାଣିରିଲା । 11 ମଃତର୍
ପିଲାତ ଜଃନ୍‌କଃରି ସେମଃନାର୍ ଗିନେ ବାରବାକେ ଚାଡେଦ୍
ସେତାର୍ ଗିନେ ବଃଡ୍ ଜାଜକ୍‌ମଃନ୍ ଲକ୍‌ମଃନ୍‌କେ ସିକାଉତି
ରିଲାୟ୍ । 12 ମଃତର୍ ପିଲାତ ଆରେକ୍ ଗଟ୍‌ତର୍ ଲକ୍‌ମଃନ୍ହାକେ
କୟ୍‌ଲା, "ତଃବେ ତୁମିମଃନ୍ ଜାକେ ଜିଉଦିମଃନାର୍ ରଃଜା ବଃଲି
କଃଉଁଲାସ୍ ତାକ୍ ମୁଁୟ୍ କାୟ୍‌କଃରିନ୍ଙ୍କ?" 13 ଲକ୍‌ମଃନ୍ହାମଃନ୍
ଉଲ୍‌ଗାଟ୍ ଅୟ୍ କୟ୍‌ଲାୟ୍, "ତାକ୍ କୁସ୍ କାଟେ ଚଃଗାଉଆ ।" 14
ପିଲାତ ସେମଃନ୍‌କେ ହଃଚାର୍ଲା, "କାୟ୍‌ତାକ୍! ସେ କାୟ୍ ଦଃସ୍
କଃରିଆଚେ?" ମଃତର୍ ଲକ୍‌ମଃନ୍ ଅଃଦିକ୍ ଉଲ୍‌ଗାଟ୍ ଅୟ୍
କୟ୍‌ଲାୟ୍, "ତାକେ କୁସ୍ କାଟେ ଚଃଗାଉଆ ।" 15 ତଃବାର୍
ଗିନେ ପିଲାତ ଲକ୍‌ମଃନ୍ହାକେ ସଃର୍ଦା କଃରୁକେ ମଃନ୍‌କଃରି
ତାକାର୍ ଗିନେ ବାରବାକେ ଚାଡି ଦିଲା; ଆର୍ ଜିସୁକେ କର୍ଡା
ସଃଙ୍ଗ୍ ମାରାୟ୍‌କଃରି କୁସ୍ କାଟେ ଚଃଗାଉଁକ୍ ସେମଃନାର୍ ଆତେ
ସଃହ୍ରି ଦିଲା । 16 ସେତାକ୍ ସଃଇନ୍‌ମଃନ୍ ଜିସୁକେ ପିଲାତର୍
କୁଆଲ୍ ବିତ୍ରେ ନିଲାୟ୍ ଆର୍ ସଃବୁ ସଃଇନ୍ ଦଃଲ୍‌କେ କୁଦିକଃରି
ରୁଣ୍ଡାୟ୍‌ଲାୟ୍ । 17 ସେମଃନ୍ ଜିସୁକେ ବେଜା ରଃଙ୍ଗାର୍ ମଃସିଣ୍
ବଃସ୍ତ୍ର୍ ଆର୍ କାଟାର୍ ମୁକୁଟ୍ ତିଆର୍‌କଃରି ମୁଣ୍ଡେ ହିନ୍ଦାୟ୍‌ଲାୟ୍
। 18 ତାର୍‌ହଃଚେ ସେମଃନ୍ ଜିସୁକେ "ଜିଉଦିମଃନାର୍ ରଃଜା
ଜୁଆର୍ ।" ଇବାନ୍ୟା ବଃଲି କୟ୍‌ଲାୟ୍ ଆର୍ ଟାହ୍ରା କଃରୁକେ
ଦଃର୍ଲାୟ୍ । 19 ଆରେକ୍ ସେମଃନ୍ ଜିସୁର୍ ମୁଣ୍ଡେ ଡାଙ୍ଗ୍ ସଃଙ୍ଗ୍
ମାର୍ଲାୟ୍ ଆର୍ ତାର୍ ମୁଏଁ ତୁକ୍‌ତି ରିଲାୟ୍; ଆର୍ ମାଣ୍ଡିକୁଟା ଟେସି
ଜୁଆର୍ କଃରୁକେ ଦଃର୍ଲାୟ୍ । 20 ସେମଃନ୍ ତାକ୍ ଇବାନ୍ୟା କଃରି
କିଜ୍ୟାୟ୍‌ଲା ହଃଚେ ସେ ବେଜା ରଃଙ୍ଗାର୍ ବଃସ୍ତ୍ର୍ ଇଟାୟ୍‌କଃରି
ତାର୍ ନିଜାର୍ ବଃସ୍ତ୍ର୍ ହିନ୍ଦାୟ୍‌ଲାୟ୍; ତାର୍‌ହଃଚେ ଜିସୁକେ କୁସ୍
କାଟେ ଚଃଗାୟ୍ ମାରୁକ୍ ହଃଦାୟ୍ ବାର୍‌କଃରି ନିଲାୟ୍ । 21
ସଃଡେବଃଲ୍ ଆଲେକ୍‌ଜେଣ୍ଡାର୍ ଆର୍ ରୁପର୍ ଉବାସି ସିମନ୍
ନାଉଁଆର୍ ଗଟେକ୍ କୁରିଣିୟ ଲକ୍ ତାକାର୍ ଗାଉଁଏ ହୁଣି ଆୟ୍‌ଲା
ଆର୍ ସେବାଟ୍ ହାକ୍‌ମାରି ଜାତିରିଲାବଃଲ୍ ତାକ୍ ଜିସୁର୍ କୁସ୍ କାଟ୍
ବୟ୍ ନେଉଁକେ ବଃଲ୍‌ମଡ୍ କଃଲାୟ୍ । 22 ସେମଃନ୍ ଜିସୁକେ
"ଗଲ୍‌ଗତା," ବଃଲେକ୍, "କଃହାଲ୍" ନାଉଁଆର୍ ଡଙ୍ଗେ ଆଣ୍‌ଲାୟ୍
। 23 ଆର୍ ସେମଃନ୍ ଗଃନ୍ଧ ରଃସ୍ ମିସ୍‌ଲା ଅଙ୍ଗୁର୍ ରଃସ୍ ଜିସୁକେ
କାଉଁକେ ଦିଲାୟ୍, ମଃତର୍ ଜିସୁ ସେରି କାଉଁକେ ନଃଚ୍‌ଲା । 24
ତାର୍‌ହଃଚେ ସେମଃନ୍ ଜିସୁକେ କୁସ୍ କାଟେ ଚଃଗାୟ୍‌ଲାୟ୍; ଆର୍
ଜିସୁର୍ ବଃସ୍ତ୍ର୍ କେ କାୟ୍‌ରି ହାଉତି ବଃଲି କେଳି ବାଚିକଃରି ତାର୍
ବଃସ୍ତ୍ର୍‌ସଃବୁ ଅଃହ୍‌ଣା ଅଃହ୍‌ଣାର୍ ବିତ୍ରେ ବାଟାକଃରି ନିଲାୟ୍ ।
25 ଜିସୁକେ ଦିନ୍ ନଅଗାଟା ବଃଲ୍ କୁସ୍ କାଟେ ଚଃଗାୟ୍‌ଲାୟ୍ ।
26 ଆର୍ ତାକାର୍ ଲିନ୍ହା ହଃଟାୟ୍ "ଏ ଜିଉଦିମଃନାର୍ ରଃଜା"
ବଃଲି ଜିସୁର୍ ମୁଣ୍ଡ ଉହ୍ରାର୍ କାଟେ ମାର୍ଲାୟ୍ । 27 ଆରେକ୍
ଜିସୁର୍ ସଃଙ୍ଗ୍ କାଡାବାଟ୍ୟା ଏକ୍ଲାକେ ଆର୍ ଡେବ୍ରିବାଟ୍ୟା ଏକ୍ଲାକେ
ଇବାନ୍ୟା କଃରି ଜଳେକ୍ କଃଙ୍ଗାର୍‌କେ ଜିସୁର୍ ସଃଙ୍ଗ୍ କୁସ୍ କାଟେ
ଚଃଗାୟ୍‌ଲାୟ୍ । 28 ସେତାକ୍ ଦଃର୍ମ୍ ସାସ୍ତ୍ରେ ଲେକା ଅୟ୍‌ରିଲା
ଇ କଃତା ସଃତ୍ ଅୟ୍‌ଲି, ସେଡି ଲେକା ଆଚେ, ସେ ହାହିମଃନାର୍
ସଃଙ୍ଗ୍ ଗଃଣ୍‌ତି ଅୟ୍‌ଲା । 29 ଆର୍ ସେବାଟ୍ ଦଃୟ୍ ଜାତା ଆସ୍ତା
ଲକ୍‌ମଃନ୍ ନିଜାର୍ ମୁଣ୍ଡ ଜଲାୟ୍ ଜଲାୟ୍ ଜିସୁର୍ ବିରଦେ ଲିନ୍ହା
କଃତା କଃଉତି ରିଲାୟ୍, "ଏ ହୁଣି ମନ୍ଦିର୍ ବଃସ୍ଲାୟ୍‌କଃରି ତିନିଦିନ୍
ବିତ୍ରେ ତିଆର୍ କଃରୁ । 30 ଅଃବେ କୁସ୍ କାଟେହୁଣି ଉତ୍ରି ଆଉ
ଆର୍ ନିଜ୍‌କେ ବଚାଉ ।" 31 ସେବାନ୍ୟା ବଃଡ୍ ଜାଜକ୍‌ମଃନ୍ ହେଁ
ଦଃର୍ମ୍ ଗୁରୁମଃନାର୍ ସଃଙ୍ଗ୍ ମିସିକଃରି ଲିନ୍ହା କଃରୁକେ ଦଃର୍ଲାୟ୍,
"ସେ ବିନ୍ ଲକ୍‌ମଃନ୍‌କେ ବାଚାୟ୍‌ଲା, ମଃତର୍ ସେ ଅଃବେ
ନିଜ୍‌କେ ବଚାଉଁ ନଃହାରୁଲା! 32 ତୁୟ୍ ଜଦି ସଃତ୍‌କଃରି ଇସ୍ରାଏଲ୍
ରଃଜା କ୍ରିସ୍ଟ, ଅଃବେ କୁସ୍ କାଟେହୁଣି ଉତ୍ରି ଆଉ, ତଃବେ ଅଃମି
ତକେ ସଃତ୍ କଃରୁନ୍ଙ୍କ ।" ଆର୍ ଜିସୁର୍ ସଃଙ୍ଗ୍ କୁସ୍ କାଟେ
ଚଃଗାୟ୍‌ଲା ଦୁୟ୍ ଲକ୍ ହେଁ ସେବାନ୍ୟା କଃରି ଜିସୁକେ ଲିନ୍ହା
କଃରୁକେ ଦଃର୍ଲାୟ୍ । 33 ସେଦିନ୍ ମଃୟ୍‌ଦାନ୍ ମୁଣ୍ଡେବଃଲ୍‌ହୁଣି
ତିନି ଗଃଟାହଃତେକ୍ ଦେସ୍‌ଜାକ ଅଃନ୍ଧାର୍ ଅୟ୍‌ଲି । 34 ତିନି
ଗଃଟା ବଃଲ୍ ଜିସୁ ଉଲ୍‌ଗାଟ୍ ଅୟ୍ କୟ୍‌ଲା "ଏଲହି, ଏଲହି,
ଲାମା ସାବାକ୍‌ତାନି । ବଃଲେକ୍, ଏ ମର୍ ଇସ୍ୱର୍, ଏ ମର୍ ଇସ୍ୱର୍,
ମକେ କାୟ୍ କଃରୁକେ ହାକ୍ରେହଃକାୟ୍ ଆଚ୍‌ସି?" 35 ତାର୍ ଇ
କଃତା ସୁଣି କଃତିଲକ୍ କୟ୍‌ଲାୟ୍, "ସୁଣା ସେ ଏଲିୟ୍‌କେ କୁଦୁଲା
।" 36 ସେମଃନାର୍ ବିତ୍ରେ ଏକ୍ଲା ଦଃବ୍‌ଳିଜାୟ୍ କଃଣ୍ଡେକ୍ ସ୍ୱଞ୍ଜକେ
ହିଡା ରସେ ବାଡାୟ୍ ଗଟେକ୍ ବେଡ୍ ଡାଙ୍ଗ୍ ଟିହେ ବାନ୍ଧି ସେରି
ଜିସୁର୍ ଅଟି ଲଗେ ଟେକି ଦଃୟ୍ କୟ୍‌ଲା, "ରିଆ ଦଃକୁଆଁ, ତାକେ
କୁସେହୁଣି ଉତ୍ରାୟ୍ ଆଣୁକେ ଏଲିୟ୍ ଆସୁଲାକି ନାୟ୍?" 37 ଜିସୁ
ସେଦାହ୍ରେ ଉଲ୍‌ଗାଟ୍ ଅୟ୍ ଜିବନ୍ ଚାଡ୍‌ଲା । 38 ମନ୍ଦିର୍ ବିତ୍ରାର୍
ଜଲ୍‌ତିରିଲା ପର୍ଦା ଉହ୍ରେ ହୁଣି ତଃଳେ ହଃତେକ୍ ଦୁୟ୍‌କଃଣ୍ଡ ଅୟ୍
ଚିରି ଅୟ୍‌ଲି । 39 ଗଟ୍ ଇଜାର୍ ମଃନାର୍ ମୁଳିକା ଜିସୁର୍ କୁସ୍
ଚଃମେ ଟିଆ ଅୟ୍ ଜିସୁ କଃନ୍‌କଃରି ଜିବନ୍ ଚାଡ୍‌ଲା ସେରି
ଦଃକ୍‌ତି ରିଲା । ସେ କୟ୍‌ଲା, "ଇ ମାନାୟ୍ ସଃତ୍‌କଃରି ଇସ୍ୱରାର୍
ହୟ୍‌ସି ରିଲା ।" 40 କଃତିଗଟ୍ ମାୟ୍‌ଜିମଃନ୍ ଦୁରି ଟିଆ ଅୟ୍
ଦଃକ୍‌ତି ରିଲାୟ୍ । ସେମଃନାର୍ ବିତ୍ରେ ରିଲି ମଗ୍‌ଦଲିନି ମରିୟମ୍,
ସାନ୍ ଜାକୁବ ଆର୍ ଜସିର୍ ଆୟ୍‌ସି ମରିୟମ୍ ଆର୍ ସଲମି ରିଲାୟ୍
। 41 ଜିସୁ ଗାଲିଲିଏ ରେତା ବଃଲ୍ ସେମଃନ୍ ତାର୍ ସେବାକାରି

ଅୟ୍ ଉହ୍‌କାର୍ କଃର୍ତି ରିଲାୟ୍ । ତାର୍ ସଃଙ୍ଗ୍ ଜିରୁସାଲମ୍‌କେ
ଆସିରିଲା ଗାଦେକ୍ ମାୟ୍‌ଜି ଲକ୍‌ମଃନ୍ ହେଁ ସେତି ଗଃଲାୟ୍
। 42 ବିସାଉଁଣି ଦିନ୍ ଆଗ୍‌ତୁ ଆରାମାତିଆର୍ ଜସେପ୍ ଆସି
ହତ୍‌ଲା । ସେ ବଃଡ୍ ପଞ୍ଚାୟ୍‌ତାର୍ ବଃଡେ ମାୟ୍‌ନାର୍ ଲକ୍‌ରିଲା
ଆର୍ ଇସ୍ୱରାର୍ ରାଇଜ୍‌କେ ଜାଗ୍‌ତି ରିଲା । 43 ସେଦିନ୍ ସଃବୁ
ଜଃଗ୍ରାତ୍ ଅଃଉତା ବିନ୍ ବଃଲେକ୍ ବିସାଉଁଣି ଦିନାର୍ ଆଗାର୍ ଦିନ୍
। ହାରାମାତିଆର୍ ଜସେପ୍ ନଃଡିରି କଃରି ପିଲାତ ହାକ୍ ଜାୟ୍
ଜିସୁର୍ ମଃଲା ଗଃଗାଲ୍ ନେଉଁକେ ମାଗ୍‌ଲା ଜେକି ସେ ନିଜେ
ହେଁ ଇସ୍ୱରାର୍ ସଃର୍ଗ୍ ରାଇଜାର୍ ଆସା କଃରିରିଲା । 44 ଜିସୁ
ସଃଡେବଃଲ୍ ମଃରି ଗଃଲାର୍ ସୁଣିକଃରି ପିଲାତ କାବାଅୟ୍‌ଲା ।
ଦାୟ୍‌ତେ ରିଲା ନିଜାର୍ ମୁଳିକାକେ କୁଦି ଜିସୁ ମଃରି ବୁତ୍ ଗଃଲି
ଅୟ୍‌ଲିବେକି ବଃଲି ହଃଚାର୍ଲା 45 ତାର୍ ତଃୟ୍ ହୁଣି ଇ କଃତା
ନିଜ୍‌କଃରି ସୁଣି ପିଲାତ ଜିସୁର୍ ଗଃଗାଳକେ ନେଉଁକେ ଜସେପ୍
କେ କୟ୍‌ଲା । 46 ଜସେପ୍ ଜିସୁର୍ ଗଃଗାଲ୍‌କେ କ୍ରୁସେହୁଣି ଉତ୍ରାୟ୍
କଃଣ୍ଡେକ୍ ହଃଚ୍ୟା ଆଣି ଜିସୁର୍ ଗଃଗାଳେ ଗୁଳ୍ୟାୟ୍‌ଲା ଆର୍
ଡଙ୍ଗ୍ରେ କଃଣିରିଲା ଗଟ୍ ମଃସୁଣ୍ କାଲେ ନଃୟ୍ ସଃଙ୍ଗାୟ୍‌ଲା
ଆର୍ ମଃସୁଣ୍ ବାଟାର୍ ଦୁଆର୍ ବାଟେ ବଃଡ୍ ଚଃଟ୍ରା ଡାହି କାଲ୍
ବଃନ୍ଦ କଃଲାୟ୍ । 47 ମଗ୍‌ଦଲିନି ମରିୟମ୍ ଆର୍ ଜସିର୍ ଆୟ୍‌ସି
ମରିୟମ୍ ସେତି ରଃୟ୍ ଜିସୁର୍ ଗଃଗାଲ୍ କେଣେ ସଃଙ୍ଗାୟ୍‌ଲାୟ୍
ବଃଲି ଦଃକ୍‌ତି ରିଲାୟ୍ ।

**16** ବିସାଉଁଣିବାର୍ ସଃର୍ଲା ହଃଚେ, ମଗ୍‌ଦଲିନି ମରିୟମ୍,
ଜାକୁବର୍ ଆୟ୍‌ସି ମରିୟମ୍ ଆର୍ ସଲମି ଜିସୁର୍ ଗଃଗାଳେ
ଲାଗାଉଁକେ ବାସ୍ନା ଚିକଣ୍ ଗେନ୍‌ଲାୟ୍ । 2 ରୟ୍‌ବାର୍ ଦିନ୍
ବର୍ ସଃକାଳ୍ୟା ସେମଃନ୍ ମଃସ୍‌ଣେ ଗଃଲାୟ୍, ସଃଡେବଃଲ୍
ବେଲ୍ ଉଦିରିଲି । 3 ସେମଃନ୍ ଜାତାବଃଲ୍ ତାକାର୍ ତାକାର୍
ବିତ୍ରେ କଃଉଆକଇ ଅଃଉତିରିଲାୟ୍, "ମଃସୁଣ୍ କାଲାର୍ ଦୁଆର୍
ବାଟେ ଡାହିରିଲା ଟେଳା ଅଃମାର୍ ଗିନେ କେ ଗୁଚାୟ୍ ଦେତି?
କାୟ୍‌ତାକ୍‌ବଃଲେକ୍ ସେରି ବଃଡେ ବଃଡ୍ ଟେଳା ରିଲି । 4 ମଃତର୍
ସଃଡେବଃଲ୍ ସେମଃନ୍ ଦଃକ୍‌ଲାୟ୍ ଜେ, ମଃସୁଣ୍ ଦୁଆଁରେ
ଡାହିରିଲା ସେ ବଃଡ୍ ଟେଳା ବିନେ ଗୁଚି ଆଚେ । 5 ସେତାର୍‌ଗିନେ
ସେମଃନ୍ ମଃସୁଣ୍ ବିତ୍ରେ ଗଃଲାୟ୍, ସେତି ସେମଃନ୍ ଗଟେକ୍
ଦବ୍‌ଳା ବଃସ୍ତ୍ରର୍ ହିନ୍ଦିରିଲା ଗଟେକ୍ ବେଣ୍ଡ୍ୟାକ୍ ମଃସୁଣ୍ ବିତ୍ରେ
କାତାବାଟ୍ୟା ବଃସିରିଲାର୍ ଦଃକି ସେମଃନ୍ ବେସି କାବାଅୟ୍‌ଲାୟ୍
।" 6 ସେତାକ୍ ସେ ସେମଃନ୍‌କେ କୟ୍‌ଲା, "ଡିରା ନାୟ୍, ତୁମିମଃନ୍
କ୍ରୁସ୍ ଉହ୍ରେ ଚଃଗାୟ୍ ମାରିରିଲା ନାଜରିତ୍ ଜିସୁକେ ଲଲୁଲାସ୍;
ସେ ଉଟି ଆଚେ, ସେ ଇତି ନାୟ୍; ଦଃକା, ଇ ଜଃଗାୟ୍ ସେମଃନ୍
ତାକ୍ ସଃଙ୍ଗାୟ୍ ରିଲାୟ୍ । 7 ଅଃବେ ତୁମିମଃନ୍ ଜାୟ୍ ତାର୍
ଚେଲାମଃନ୍‌କେ ଆର୍ ପିତର୍‌କେ ଇ କଃତା କଃଉଆ, 'ତୁମାର୍
ଆଗେ ଆଗେ ଜିସୁ ଗାଲିଲିକେ ଜଃଉଁଲା; ଜିସୁ ତୁମିମଃନ୍‌କେ
ଜୁୟ୍ ରଃକମ୍ କୟ୍‌ରିଲା, ସେରଃକମ୍ ତୁମିମଃନ୍ ସେତି ତାକ୍
ଦଃକାସ୍ ।'" 8 ସେତାକ୍ ମାୟ୍‌ଜିମଃନ୍ ମଃସୁଣ୍ ବିତ୍ରେ ହୁଣି
ବାରାୟ୍ ଗଃଲାୟ୍, ବଃଲେକ୍ ସେମଃନ୍ ଡିରି ଜାୟ୍‌ରିଲାୟ୍, ଆର୍
କାବା ଅୟ୍‌ରିଲାୟ୍, ସେମଃନ୍ ବଃଡେ ଡିର୍‌ଲାୟ୍, ସେତାର୍‌ଗିନେ
ସେମଃନ୍ ପିତର୍‌କେ ଚାଡି କାକେ ହେଁ କାୟ୍‌ରି ନଃକୟ୍‌ଲାୟ୍
। 9 **(note: The most reliable and earliest manuscripts do not include Mark 16:9-20.)** ରୟ୍‌ବାର୍ ଦିନ୍ ବର୍ ସଃକାଳ୍ୟା ଜିସୁ
ଉଟିକଃରି ଜାର୍ ତଃୟ୍‌ହୁଣି ସାତ୍‌ଗଟ୍ ବୁତ୍ ଚାଡାୟ୍‌ରିଲା, ସେ
ମଗ୍‌ଦଲିନି ମରିୟମ୍‌କେ ଆଗ୍‌ତୁ ଦଃକାୟ୍ ଅୟ୍‌ଲା । 10 ସେ
ଜାୟ୍‌କଃରି ଜିସୁର୍ ଚେଲାମଃନ୍‌କ୍ ଇ କବୁର୍ କୟ୍‌ଲି; ସଃଡେବଃଲ୍
ସେମଃନ୍ ଦୁକେ ରଃୟ୍ ରଦନ୍ କଃର୍ତି ରିଲାୟ୍ । 11 ମରିୟମ୍
ସେମଃନ୍‌କେ କୟ୍‌ଲି, "ଜିସୁ ବଚ୍‌ଲା ଆଚେ; ଆର୍ ଜିସୁ ମକ୍
ଦଃକାୟ୍ ଅୟ୍‌ଆଚେ ।" ମଃତର୍ ଇ କଃତା ସୁଣି ସେମଃନ୍
ସଃତ୍ ନଃକେଲାୟ୍ । 12 ଇ ସଃବୁ ଗଃଟ୍‌ଣା ଗଃଟ୍‌ଲା ହଃଚେ,
ଚେଲାମଃନାର୍ ବିତ୍ରାର୍ ଦୁୟ୍‌ଲକ୍ ଗଟେକ୍ ଗାଉଁ ଜାତିରିଲା ବଃଳ୍,
ଜିସୁ ବିନ୍ ରୁହ୍ ଅୟ୍ ସେମଃନ୍‌କେ ଦଃକାୟ୍ ଅୟ୍‌ଲା । 13
ସେମଃନ୍ ବାଉଳି ଆସି ବିନ୍ ଚେଲାମଃନ୍‌କେ ଇ କଃତା କୟ୍‌ଲାୟ୍;
ମଃତର୍ ସେମଃନାର୍ କଃତାକ୍ ହେଁ ସେମଃନ୍ ସଃତ୍ ନଃକେଲାୟ୍
। 14 ଇତାର୍‌ହଃଚେ ଜଃଡେବଃଲ୍ ଏଗାର୍‌ଗଟ୍ ଚେଲାମଃନ୍ କାତି
ରିଲାୟ୍, ସଃଡେବଃଲ୍ ସେମଃନ୍‌କେ ଜିସୁ ଦଃକାୟ୍ ଅୟ୍‌ଲା, ଜିସୁ
ସେମଃନ୍‌କେ ସେମଃନାର୍ ଅବିସ୍ୱାସ୍ ଆର୍ ଅଃଟୁଆ ମଃନାର୍ ଗିନେ
ସେମଃନ୍‌କେ ଉଲ୍‌ଲା । କାୟ୍‌ତାକ୍‌ବଃଲେକ୍ ଜୁୟ୍ ଲକ୍‌ମଃନ୍ ଜିସୁ
ଉଟିରିଲାର୍ ଦଃକିରିଲାୟ୍, ସେମଃନାର୍ କଃତା ଇ ଚେଲାମଃନ୍
ସଃତ୍ କଃରି ନଃରିଲାୟ୍ । 15 ଆରେକ୍ ଜିସୁ ସେମଃନ୍‌କେ
କୟ୍‌ଲା, "ତୁମିମଃନ୍ ଜଃଗତାର୍ ଚାରିହାକ୍ ଜାୟ୍, ସଃବୁ ଜାତିର୍
ଲକ୍‌ମଃନାର୍ ତଃୟ୍ ଇ ନିକ କବୁର୍ ପର୍ଚାର୍ କଃରା । 16 ଜୁୟ୍‌ଲକ୍
ସଃତ୍ କଃରି ବାପ୍ତିସମ୍ ନଃୟ୍‌ଦ୍, ସେ ହାହେହୁଣି ମୁକ୍ତି ହାୟ୍‌ଦ୍;
ମଃତର୍ ଜୁୟ୍‌ଲକ୍ ଅବିସ୍ୱାସ୍ କଃରେଦ୍, ସେ ଦସି ଆର୍ ଦଃଣ୍ଡ
ହାୟ୍‌ଦ୍ । 17 ସଃତ୍ ବିସ୍ୱାସିମଃନାର୍ ଇ ସଃବୁ ଚିନ୍ ଅୟ୍‌ଦ୍,
ସେମଃନ୍ ମର୍ ନାଉଁଏ ବୁତ୍ ଚାଡାଉତି ଆର୍ ନଃଉଆଁ ନଃଉଆଁ
ବାସାୟ୍ କଃତା କଃଉତି । 18 ସେମଃନ୍ ଆତେ ସାହ୍ ଦଃର୍ତି,
ଆର୍ ବିସ୍ ମିସ୍‌ଲାର୍ କାୟ୍‌ରି କାୟ୍‌ଲେକ୍ ହେଁ ସେମଃନାର୍ କାୟ୍
ହେଁ ନୟ୍; ସେମଃନ୍ ଜଃର୍ ଦୁକାର୍ ଲକ୍‌ମଃନାର୍ ଉହ୍ରେ ଆତ୍
ସଃଙ୍ଗାୟ୍‌ଲେକ୍, ସେମଃନ୍ ନିକ ଅଃଉତି ।" 19 ଇ ସଃବୁ କଃତା
ସେମଃନ୍‌କେ କୟ୍‌ଲା ହଃଚେ, ଜିସୁ ମାପ୍ରୁକ୍ ସଃର୍ଗେ ନିଆ ଅୟ୍‌ଲି,
ସେ ଜାୟ୍ ଇସ୍ୱର୍ ମାପ୍ରୁର୍ କାତାବାଟ୍ୟା ବଃସ୍‌ଲା । 20 ତାର୍‌ହଃଚେ
ଚେଲାମଃନ୍ ହୁର୍ତିବିର୍ ସଃବୁ ହାକ୍ ଜାୟ୍ ଲକ୍‌ମଃନ୍‌କେ ନିକ
କବୁର୍ ପର୍ଚାର୍ କଃଲାୟ୍, ଆର୍ ଜିସୁ ମାପ୍ରୁ ନିଜେ ସେମଃନାର୍
ସଃଙ୍ଗେ ରଃୟ୍, ସେମଃନାର୍ ପର୍ଚାର୍ ସଃତ୍ ବଃଲି ଲକ୍‌ମଃନ୍‌କେ
ଦଃକାଉଁକ୍, ସେମଃନ୍‌କେ କାବା ଅଃଉତା ଚିନ୍ କଃରୁକେ ସଃକ୍ତି
ଦିଲା ।

# ଲୁକ

1 ଏ ତିଅପିଲସ୍, ଜୁୟ୍ ଲକ୍‌ମଃନ୍ ଅଃମାର୍ ବିତ୍ରେ
ଗଃଟିଜାୟ୍‌ରିଲା ଗଃଟ୍‌ଣା ମଃନାର୍ କଃତେକ୍ କଃତାମଃନ୍
ଟିକ୍‌କଃରି ଲେକୁକ୍ ମଃନ୍ କଃଲାୟ୍, 2 ସେରି ନିଜାର୍ ଆକାୟ୍
ଦଃକି ରିଲାର୍ ଜାଗୁଆଳି ଆର୍ ନିକ କବୁର୍ ପର୍ଚାର୍ କଃର୍ତା
ଲକ୍‌ମଃନ୍ ଅଃମିମଃନ୍‌କ୍ ଜାଣାୟ୍‌ଲା ହଃର୍କାରେ, 3 ଏ ମାୟ୍‌ନାର୍
ତିଅପିଲ ମୁଳେ ହୁଣି ସଃବୁ କଃତା ଗଟେକ୍ ଗଟେକ୍ କଃରି
ମିସାୟ୍ ଆଗେହୁଣି ଅୟ୍ ଆସ୍ତା କଃତାମଃନ୍ ତର୍ ଗିନେ ଲେକୁକ୍
ମୁଁୟ୍ ହେଁ ଟିକ୍ ବଃଲି ମଃନେ ବାବ୍‌ଲେ । 4 ଜଃନ୍‌କଃରି ଜୁୟ୍ ଜୁୟ୍
ସଃବୁ କଃତା ସିକି ଆଚ୍‌ସି ସେ ସଃବୁ କଃତାକ୍ ବାୟ୍‌ଦ୍‌ରେ ଜାଣୁ
ହାର୍ସି । 5 ହେରଦ୍ ଜିଉଦା ଦେସାର୍ ରଃଜା ରିଲା ବଃଲ୍ ଅବିୟ
ଜାଜକ୍ ଦଃଳାର୍ ଜିକରିଅ ନାଉଁଆର୍ ଗଟେକ୍ ଜାଜକ୍ ରିଲା; ତାର୍
ଡକୁର୍ସିର୍ ନାଉଁ ଏଲିସାବେତ୍, ସେ ହାରଣ୍ ଜାଜକ୍ ବଃଉଁସାର୍
ରିଲି । 6 ସେମଃନ୍ ଦୁୟ୍ ଲକ୍ ହେଁ ଇସ୍ୱରାର୍ ସଃବୁ ନିୟମ୍
ଆର୍ ବିଦି ମାନ୍‌ତି ରିଲାୟ୍ ଆର୍ ମାପ୍ରୁର୍ ଆକାୟ୍ ଦଃର୍ମି ଲକ୍
ଅୟ୍‌ରିଲାୟ୍ । 7 ମଃତର୍ ସେମଃନାର୍ ହିଲାମଃନ୍ ନଃରିଲାୟ୍,
କାୟ୍‌ତାକ୍‌ବଃଲେକ୍ ଏଲିସାବେତ୍ ବାଞ୍ଜି ରିଲି, ଆରେକ୍ ସେ
ଦୁୟ୍ ଲକ୍ ବୁଡାବୁଡି ଅୟ୍‌ରିଲାୟ୍ । 8 ଜିକରିଅ ଅଃହ୍‌ଣାର୍
ଦଃଳାର୍ ହାଲୁ ହଃର୍କାରେ ଇସ୍ୱରାର୍ ମନ୍ଦିର୍ ଲଃଗେ ଜାୟ୍ ଜାଜକ୍
କାମ୍ କଃର୍ତି ରିଲା ବଃଲ୍, 9 ଜାଜକ୍ କାମାର୍ ବିଦି ହଃର୍କାରେ
କେଳି ବାଚିକଃରି ତାକ୍ ମାପ୍ରୁର୍ ମନ୍ଦିର୍ ବିତ୍ରେ ହୁରି କଃରି ଦୁହ୍‌ଣି
ହଡାଉଁକ୍ ହଃଲ୍‌ଲି । 10 ଆର୍ ସେ ଦୁହ୍‌ଣି ହଡାଉତା ବଃଲ୍ ସଃର୍ନେ
ଲକ୍‌ମଃନ୍ହା ହଃଦାୟ୍ ପାର୍ତ୍‌ନା କଃର୍ତି ରିଲାୟ୍ । 11 ସଃଡେବଃଲ୍
ମାପ୍ରୁର୍ ଗଟେକ୍ ଦୁତ୍ ଦୁହ୍‌ଣି ହଡାଉତା ବେଦିର୍ କାତା ବାଟ୍ୟା
ଆସି ଟିଆ ଅୟ୍ ତାକ୍ ଦଃକାୟ୍ ଅୟ୍‌ଲା । 12 ଜିକରିଅ ତାକ୍
ଦଃକି, କାବା ଅୟ୍‌ଲା ଆର୍ ଡିରି ଗଃଲା । 13 ମଃତର୍ ଦୁତ୍
ତାକ୍ କୟ୍‌ଲା, "ଜିକରିଅ, ଡିର୍ ନାୟ୍, କାୟ୍‌ତାକ୍‌ବଃଲେକ୍ ତର୍
ପାର୍ତନା ଇସ୍ୱର୍ ସୁଣି ଆଚେ, ଆର୍ ତର୍ ଡକୁର୍ଦି ଏଲିସାବେତ୍ ତର୍
ଗିନେ ଗଟେକ୍ ହିଲା ଜଃଲମ୍ କଃରେଦ୍, ଆର୍ ତୁୟ୍ ତାର୍ ନାଉଁ
ଜହନ୍ ସଃଙ୍ଗାଉସି । 14 ତାର୍ ଗିନେ ତୁମିମଃନ୍ ବଃଡେ ସଃର୍ଦା
କଃରାସ୍, ଆର୍ ବିନ୍ ସଃବୁ ଲକ୍‌ମଃନ୍ ହେଁ ତାର୍ ଜଃଲମେ ସଃର୍ଦା
କଃର୍ତି । 15 ଜଃନ୍‌କଃରି ସେ ମାପ୍ରୁର୍ ଲଃଗେ ଗଟେକ୍ ବଃଡ୍ ଲକ୍
ଅୟ୍‌ଦ୍, ସେ କଃବେ ହେଁ ଅଙ୍ଗୁର୍ ରଃସ୍ କି ଲଃନ୍ହାମଃଦ୍ ନଃକାୟ୍,
ଆର୍ ସେ ଆୟ୍‌ସିର୍ ହେଟେ ହୁଣି ହେଁ ପବିତ୍ର ଆତ୍ମାୟ୍ ହୁର୍ନ ଅୟ୍‌ଦ୍
। 16 ଆର୍ ସେ ଇସ୍ରାଏଲ୍ ଜାତିର୍ କଃତେକ୍ ଲକ୍‌ମଃନ୍‌କେ
ସେମଃନାର୍ ସଃର୍ଗାର୍ ମାପ୍ରୁ ଇସ୍ୱରାର୍ ହାକ୍ ଲେଉଟାୟ୍ ଆଣେଦ୍
। 17 ଉବାସି ଆୟ୍‌ସିମଃନାର୍ ମଃନ୍, ହିଲାମଃନାର୍ ଗିନେ ଆର୍
ଅମାନ୍ୟାମଃନ୍‌କେ ଦଃର୍ମି ଲକ୍‌ମଃନାର୍ ଗ୍ୟାନ୍ ସଃଙ୍ଗ୍ ମାନୁକ୍
ଲେଉଟାଉଁକ୍ ଆର୍ ମାପ୍ରୁର୍ ଗିନେ ଲକ୍‌ମଃନ୍‌କେ ତିଆର୍ କଃରୁକେ
ଏଲିୟର୍ ଆତ୍ମା ଆର୍ ସଃକାତ୍ ସଃଙ୍ଗ୍ ତାର୍ ଆଗେ ଇଣ୍ଡେଦ୍ ।"
18 ଇତାର୍ ଗିନେ ଜିକରିଅ ଦୁତ୍‌କେ ହଃଚାର୍ଲା, "ଇରି ଗଃଟେଦ୍
ବଃଲି ମୁଁୟ୍ କଃନ୍‌କଃରି ଜାଣିନ୍ନ? କାୟ୍‌ତାକ୍‌ବଃଲେକ୍ ମୁଁୟ୍
ତ ବୁଡା ଅୟ୍‌ଲେବେ ଆର୍ ମର୍ ବୁଡିର୍ ବଃୟ୍‌ସ୍ ହେଁ ଅଃଦିକ୍
ଅୟ୍‌ଲିନି ।" 19 ଦୁତ୍ ତାକ୍ ଉତୁର୍ ଦିଲା, "ମୁଁୟ୍ ଗାବ୍ରିଏଲ୍,
ମୁଁୟ୍ ଇସ୍ୱରାର୍ ଲଃଗେ ଟିଅଉତା ଦୁତ୍, ଆର୍ ତକେ ଇ କଃତା
କଃଉଁକେ ଆର୍ ଇ ସଃର୍ଦାର୍ କବୁର୍ ପର୍ଚାର୍ କଃରୁକେ ମାପ୍ରୁ ମକ୍
ହଟାୟ୍‌ଲା ଆଚେ । 20 ଦଃକ୍ ଇସଃବୁ ନଃଗଟ୍‌ତା ଦିନ୍ ହଃତେକ୍
ତୁୟ୍ ଗୁଲା ଅୟ୍ କଃତା କଃଉ ନଃହାର୍‌ସି, କାୟ୍‌ତାକ୍‌ବଃଲେକ୍
ମର୍ ଜୁୟ୍ ସଃବୁ କଃତା ଟିକ୍ ବେଳାୟ୍ ହୁରୁଣ୍ ଅୟ୍‌ଦ୍, ଇସଃବୁ
କଃତାକ୍ ତୁୟ୍ ସଃତ୍ ନଃକେଲିସ୍ ।" 21 ଇ ବିତ୍ରେ ଲକ୍‌ମଃନ୍
ଜିକରିଅକେ ହଃଦାୟ୍ ଜାଗିରିଲାୟ୍, ଆର୍ ମନ୍ଦିର୍ ବିତ୍ରେ ସେ
ବୁଡେକ୍‌ଗଃଳି ରିଲାଲାଗି ସେମଃନ୍ କାବା ଅଃଉତିରିଲାୟ୍ ।
22 ମଃତର୍ ସେ ବାରାୟ୍ ଆସି ସେମଃନ୍‌କେ ଟଣ୍ଡ ଅଃଉଁକେ
ନଃହାର୍‌ଲା, ଇତାକ୍ ସେ ମନ୍ଦିର୍ ବିତ୍ରେ ଦଃର୍ସନ୍ ହାଇଆଚେ
ବଃଲି ସେମଃନ୍ ଜାଣ୍‌ଲାୟ୍ ଆର୍ ସେ ସେମଃନ୍‌କେ ଆଡ୍‌ସଃଗ୍ୟା
କଃରୁକେ ଦଃର୍ଲା, ଆର୍ ଗୁଲା ଅୟ୍ ରିଲା । 23 ତାର୍‌ହଃଚେ ତାର୍
ସେବା କଃର୍ତା ହାଲୁ ଦିନ୍ ସଃବୁ ସଃର୍ଲାକ୍, ସେ ନିଜାର୍ ଗଃରେ
ବାଉଳି ଗଃଲା । 24 କଃତି ଦିନ୍ ଗଃଲା ହଃଚେ ତାର୍ ଡକୁର୍ସି
ଏଲିସାବେତ୍ ଆଙ୍ଗ୍ରେ ଅୟ୍‌ଲି, ଆର୍ ସେ ହାଁଚ୍ ମାସ୍ ହଃତେକ୍
ସେ କଃତା କାକେ ହେଁ ନଃକୟ୍‌ଲି । 25 ଆର୍ ମଃନେ ମଃନେ
କୟ୍‌ଲି, "ଲକ୍‌ମଃନାର୍ ଲିନ୍ଦା ମର୍ ତଃୟ୍‌ହୁଣି ଦୁର୍ କଃରୁକେ
ମାପ୍ରୁ ମର୍ ଉହ୍ରେ ଦଃୟ୍ୟା କଃରି ମକ୍ ଇରଃକମ୍ କଃଲା ଆଚେ
।" 26 ଏଲିସାବେତ୍ ଆଙ୍ଗ୍ରେ ଅୟ୍ ଚଅ ମାସ୍ ଅୟ୍‌ଲା ହଃଚେ,
ଗାବ୍ରିଏଲ୍ ଦୁତ୍ ଇସ୍ୱର୍ ଲଃଗେହୁଣି ଗାଲିଲି ରାଜିର୍ ନାଜରିତ୍
ନାଉଁଆର୍ ଗଃଳେ ଗଟେକ୍ ଦଃଙ୍ଗ୍ଳି ଟକିର୍ ଚଃମେ ଆୟ୍‌ଲା ।
27 ସେ ଦଃଙ୍ଗ୍ଳି ଟକିକେ ଦାଉଦ୍ ବଃଉଁସାର୍ ଜସେପ୍ ନାଉଁଆର୍
ଗଟେକ୍ ମାନାୟ୍ ସଃଙ୍ଗ୍ ବିବା ଅଃଉଁକେ ମାଗ୍‌ଣି କଃରି ରିଲାୟ୍,
ସେ ଦଃଙ୍ଗ୍ଳି ଟକିର୍ ନାଉଁ ମରିୟମ୍ । 28 ସେ ଦୁତ୍ ଗଃରେ
ହୁରି ତାର୍ ଲଃଗେ ଆସି କୟ୍‌ଲା, "ଏ ଦଃୟ୍ୟାର୍ ଜୟ୍‌ଗ୍ ଟକି,
ତର୍ ସୁସ୍ତା ଅଃଉଅ, ମାପ୍ରୁ ତର୍ ସଃଙ୍ଗ୍ ଆଚେ ।" 29 ମଃତର୍
ମରିୟମ୍ ଇ କଃତାକ୍ ସୁଣି ଜଃବର୍ କାବା ଅୟ୍‌ଲି ଆର୍ ଇ
କଃତାର୍ ବାବ୍ କାୟ୍‌ରି ବଃଲି ମଃନେ ମଃନେ ବାବୁକ୍ ଦଃର୍ଲି ।
30 ସେତାର୍ ଗିନେ ଦୁତ୍ ତାକ୍ କୟ୍‌ଲା, "ଏ ମରିୟମ୍, ଡିର୍ ନାୟ୍,
କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ତକେ ଦଃୟ୍ୟା କଃରି ଆଚେ । 31
ଆର୍ ଦଃକ୍, ତୁୟ୍ ଆଙ୍ଗ୍ରେ ଅୟ୍‌କଃରି ଗଟେକ୍ ହିଲା ଜଃଲମ୍
କଃର୍ସି, ଆର୍ ତାର୍ ନାଉଁ ଜିସୁ ବଃଲି ଦିଆସ୍ । 32 ସେ ସଃବ୍‌କେ
ଉଟ୍ୟା ଅୟ୍‌ଦ୍, ଆର୍ ସେ ସଃବ୍‌କେ ବଃଡ୍ ମାପ୍ରୁର୍ ହୟ୍‌ସି ବଃଲି
ଡାକେ ହୁଟେଦ୍; ଆର୍ ଇସ୍ୱର୍ ତାକ୍ ତାର୍ ଦାଦିବାବୁ ଦାଉଦାର୍
ହର୍ ସିଙ୍ଗାସଣ୍ ଦଃୟ୍‌ଦ୍ । 33 ସେ ଜାକୁବକ୍ ବଃଉଁସ୍ ଉହ୍ରେ
ଜୁଗେଜୁଗେ ରାଜ୍ କଃରେଦ୍, ଆର୍ ତାର୍ ରାଇଜ୍ କଃବେ ସେସ୍
ନହୟ୍ ।" (aiōn g165) 34 ମଃତର୍ ମରିୟମ୍ ଦୁତ୍‌କେ କୟ୍‌ଲି,

“ଇରି କଃନ୍‌କଃରି ଅୟ୍‌ଦ୍? ମୁଁୟ୍ ତ କୁୟ୍ ଅଃଣ୍ଡାକେ ହେଁ ନଃଜାଣି
।” 35 ଦୁତ୍ ତାକ୍ ଉତୁର୍ ଦିଲା, “ପବିତ୍ର ଆତ୍ମା ତର୍ ଉହ୍ରେ
ଉତ୍ରେଦ୍ ଆର୍ ସଃବ୍‌କେ ଉଟ୍ୟା ଇସ୍ୱର୍ ସଃକ୍ତି ତକେ ଦଃରେଦ୍,
ଆର୍ ସେତାର୍‌ଗିନେ ଜୁୟ୍ ହିଲା ଜଃଲମ୍ ଅୟ୍‌ଦ୍, ସେ ପବିତ୍ର
ଆର୍ ସେ ମାପ୍ରୁର୍ ହୟ୍‌ସି ବଃଲାୟ୍ ଅୟ୍‌ଦ୍ । 36 ଆରେକ୍ ଦଃକ୍,
ତର୍ ନିଜାର୍ ଲକ୍ ଏଲିସାବେତ୍ ହେଁ ବୁଡି ବଃଇଁସେ ଗଟେକ୍
ହିଲାକ୍ ହେଟେ ଦଃରିଆଚେ । ଜେ ବାଞ୍ଝି ବଃଲି ଡାକେ ହୁଟିରିଲି,
ତାକ୍ ଅଃବେ ଆଣ୍ଟେ ଅୟ୍‌କଃରି ଚଅ ମାସ୍ ଅୟ୍‌ଲିନି । 37
କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍ କୟ୍‌ଲା ଟଣ୍ଡାର୍ କଃତା କଃବେ
ହେଁ ନଃହିଟେ ।” 38 ଆର୍ ମରିୟମ୍ କୟ୍‌ଲି, “ଦଃକ୍, ମୁଁୟ୍ ତ
ମାପ୍ରୁର୍ ଗଟେକ୍ ଗତିଦଃଙ୍ଗ୍‌ଲି; ତୁୟ୍ କୟ୍‌ଲା କଃତା ହର୍ ମର୍
ଜିବନେ ଗଃଟ ।” ତାର୍‌ହଃଚେ ଦୁତ୍ ତାର୍ ଚଃମେହୁଣି ବାରାୟ୍
ଗଃଲା । 39 ସଃଡେବଃଲ୍ ମରିୟମ୍ ଉଟିକଃରି ଡଙ୍ଗ୍‌ର୍ ହଲି
ତଃୟ୍ ରିଲା ଜିଉଦା ରାଜିର୍ ଗଟେକ୍ ଗଃଳେ ସେଦାହ୍ରେ ଗଃଲି
। 40 ଆରେକ୍ ଜିକରିଅର୍ ଗଃର୍ ବିତ୍ରେ ହୁରି ଏଲିସାବେତ୍‌କେ
ଜୁଆର୍ କଃଲି । 41 ଆର୍ ଏଲିସାବେତ୍ ମରିୟମାର୍ ଜୁଆର୍
ସୁଣ୍‌ଲା ଦାହ୍ରେ ଏଲିସାବେତାର୍ ହେଟେ ରିଲା ହିଲା ନାଚୁକ୍
ଦଃର୍ଲା, ଆର୍ ଏଲିସାବେତ୍ ପବିତ୍ର ଆତ୍ମାୟ୍ ହୁର୍ନ୍ ଅୟ୍, 42
ଜଃବର୍ ଟଣ୍ଡ ଅୟ୍ କୟ୍‌ଲି, “ସଃବୁ ମାୟ୍‌ଜିମଃନାର୍ ବିତ୍ରେ ତର୍
ବାୟ୍‌ଗ୍, ଆର୍ ବାୟ୍‌ଗ୍ ତର୍ ଗଃର୍ବାର୍ ହଃଲ୍ । 43 ଆର୍ ମର୍
ମାପ୍ରୁର୍ ଆୟ୍‌ସି ମକ୍ ଦଃକୁକ୍ ଆସେଦ୍, ମର୍ ଅଃଡେକ୍ ନିକ
ବାୟ୍‌ଗ୍ କୁୟ୍‌ତି ହୁଣି ଅୟ୍‌ଲି । 44 କାୟ୍‌ତାକ୍‌ବଃଲେକ୍ ଦଃକ୍,
ତର୍ କଃତା ସୁଣ୍‌ଲା ଦାହ୍ରେ ମର୍ ହେଟେ ରିଲା ହିଲା ନାଚି ଉଟ୍‌ଲା
। 45 ଜେ ବିସ୍ୱାସ୍ କଃଲି, ତାର୍ ବାୟ୍‌ଗ୍, କାୟ୍‌ତାକ୍‌ବଃଲେକ୍
ମାପ୍ରୁର୍ ତଃୟ୍‌ହୁଣି ତାକ୍ ଜୁୟ୍ ଜୁୟ୍‌ରି କଃଉଆ ଅୟ୍‌ଆଚେ, ସେ
ସଃବୁ କଃତା ହୁରୁଣ୍ ଅୟ୍‌ଦ୍ ।” 46 ଆର୍ ମରିୟମ୍ କୟ୍‌ଲି,
“ମର୍ ହଃରାଣ୍ ମାପ୍ରୁର୍ ଦନ୍ୟବାଦ୍ କଃରୁଲି; 47 ଆରେକ୍ ମର୍
ଆତ୍ମା ମର୍ ମୁକ୍ଲାଉତା ଇସ୍ୱର୍ ମାପ୍ରୁର୍ ଲଃଗେ ଅଃନାୟ୍ ସଃର୍ଦା
କଃରୁଲି, 48 କାୟ୍‌ତାକ୍‌ବଃଲେକ୍ ମାପ୍ରୁ ଅଃହ୍‌ଣାର୍ ଗତିଦଃଙ୍ଗ୍‌ଲିର୍
ଗଃରିବ୍‌ଅଃବୁସ୍ତା ଦଃକିଆଚେ, ଆର୍ ଦଃକ୍, ଅଃବେହୁଣି ଜୁଗ୍
ଜୁଗ୍ ହଃତେକ୍ ସଃବୁ ଲକ୍‌ମଃନ୍ ମର୍ ବାୟ୍‌ଗ୍ ବଃଲି କଃଉତି
। 49 କାୟ୍‌ତାକ୍‌ବଃଲେକ୍ ଅଃନାୟ୍ ବଃଡ୍ ସଃକାତିଆ ମାପ୍ରୁ,
ସେ ମର୍ ଗିନେ ଅଃନାୟ୍ ବଃଡ୍ କାମ୍ କଃରି ଆଚେ । ତାର୍
ନାଉଁ ପବିତ୍ର; 50 ଆର୍ ତାକ୍ ମାନ୍‌ତି କଃର୍ତା ଲକ୍‌ମଃନାର୍
ଗିନେ ତାର୍ ଦଃୟା ଜୁଗେ ଜୁଗେ ରଃୟ୍‌ଦ୍ । 51 ସେ ଅଃହ୍‌ଣାର୍
ଡେଣାର୍ ବଃଲ୍‌ସଃକାତ୍ ଦଃକାୟ୍‌ଆଚେ, ଆର୍ ଆକାରିମିମଃନ୍‌କେ
ସେମଃନାର୍ ମଃନ୍ ବିତ୍ରାର୍ ବାବ୍‌ନାକେ ଜଃତ୍‌କଃତ୍ କଃରିଆଚେ ।
52 ସେ ବଃଲ୍‌ସଃକାତ୍ ରିଲା ରଃଜାମଃନ୍‌କେ ସିଙ୍ଗାସଣ୍ ତଃୟ୍‌ହୁଣି
ଉତ୍ରାୟ୍ ଆଚେ, ଆର୍ ଇନସ୍ତ ଲକ୍‌ମଃନ୍‌କେ ବଃଡ୍ କଃରିଆଚେ ।
53 ସେ ବୁକେ ରିଲା ଲକ୍‌କେ ନିକ ନିକ କାଦି ହେଟ୍ ହୁର୍ନେ କାଳାୟ୍
ଆଚେ; ଆର୍ ମାଜନ୍ ଲକ୍‌ମଃନ୍‌କେ ଚୁଚା ଆତେ ହଃଟାୟ୍‌ଲା
ଆଚେ । 54 ଅଃମାର୍ ହୁର୍ବାର୍ ଦାଦିବାବୁମଃନାର୍ ସଃଙ୍ଗ୍ କଃରିରିଲା
ସଃୟ୍‌ତ୍ ହୁରୁଣ୍ କଃରି ତାର୍ ଦଃଙ୍ଗ୍‌ଲା ଇସ୍ରାଏଲ୍‌କେ ଉହ୍‌କାର୍
କଃରୁକେ ଆସିଆଚେ; ଆର୍ ଅଃହ୍‌ଣାର୍ ଆର୍ ଦଃର୍ମି ଅବ୍ରାହାମ୍
ଆର୍ ତାର୍ ହୟ୍‌ସି ମଃନାର୍ ଗିନେ, 55 ସେ ଜୁଗେଜୁଗେ ଅବ୍ରାହାମ୍
ଆର୍ ତାର୍ ସଃବୁ ବଂସାର୍ ଲକ୍‌ମଃନ୍‌କେ ଦଃୟା କଃରୁକେ
ହାସ୍ରି ନଃକେରେ ।” (aiōn g165) 56 ଆର୍ ମରିୟମ୍ ହାକାହାକି
ତିନି ମାସ୍ ହଃତେକ୍ ଏଲିସାବେତ୍ ସଃଙ୍ଗ୍ ରିଲି ଆର୍ ଅଃହ୍‌ଣାର୍
ଗଃରେ ବାଉଳି ଗଃଲି । 57 ତାର୍‌ହଃଚେ ଏଲିସାବେତ୍ ହିଲା
ଜଃଲମ୍ କର୍ତା ବେଳା ଆୟ୍‌ଲାକ୍, ସେ ଗଟେକ୍ ହିଲା ଜଃଲମ୍
କଃଲି । 58 ଆର୍ ମାପ୍ରୁ ତାର୍ ସଃଙ୍ଗ୍ କଃତେକ୍ ବଃଡ୍ ଦଃର୍ମ୍
କଃରିଆଚେ, ଇ କଃତା ସୁଣି ତାର୍ ହାକି ହଃଲ୍‌ସା ଲକ୍ ଆର୍
ତାର୍ ନିଜାର୍ ଲକ୍‌ମଃନ୍ ସଃର୍ଦା କଃରୁକେ ଦଃର୍ଲାୟ୍ । 59
ଜଃଡେବଃଲ୍ ହିଲା ଜଃଲମ୍ ଅୟ୍‌କଃରି ଆଟ୍‌ଦିନ୍ ଅୟ୍‌ଲି, ତାକାର୍
ରିତିବିଦି ହଃର୍କାରେ ସେ ହିଲାକ୍ ସୁନତ୍ କଃରୁକେ ନିଲାୟ୍,
ଆର୍ ତାର୍ ଉବାସିର୍ ନାଉଁ ହଃର୍କାରେ ତାର୍ ନାଉଁ ଜିକରିଅ
ବଃଲି ସଃଙ୍ଗାଉଁକ୍ ମଃନ୍ କଃଲାୟ୍ । 60 ମଃତର୍ ତାର୍ ଆୟ୍‌ସି
ଉତୁର୍ ଦିଲି, “ନାୟ୍, ତାର୍ ନାଉଁ ଜହନ୍ ଅୟ୍‌ଦ୍ ।” 61 ସେମଃନ୍
ତାକ୍ କୟ୍‌ଲାୟ୍, “ତୁମାର୍ ନିଜାର୍ ବଃଉଁସାର୍ ଲକ୍‌ମଃନାର୍
ବିତ୍ରେ ଇବାନ୍ୟା ନାଉଁ ତ କାର୍ ହେଁ ନାୟ୍ ।” 62 ତାର୍‌ହଃଚେ
କାୟ୍ ନାଉଁ ଦିଆଅୟ୍‌ଦ୍ ବଃଲି ତାର୍ ଉବାସି ମଃନ୍‌କଃରୁଲା,
ସେରି ସେମଃନ୍ ତାର୍ ଉବାସିକ୍ ଆତ୍‌ସଃଗ୍ୟା କଃରି ହଃଚାରୁକ୍
ଦଃର୍ଲାୟ୍ । 63 ସେତାର୍ ଗିନେ ଜିକରିଅ ଗଟେକ୍ ଲେକଃତା
ହାଟା ମାଗ୍‌ଲା, ଆର୍ “ତାର୍ ନାଉଁ ଜହନ୍,” ବଃଲି ଲେକ୍‌ଲା ।
ଇତାର୍ ଗିନେ ସଃବୁଲକ୍ କାବା ଅୟ୍‌ଲାୟ୍ । 64 ଆର୍ ସେଦାହ୍ରେ
ତାର୍ ଟଣ୍ଡ ହୁଟ୍‌ଲି ଆର୍ ଜିବ୍ ଇଟ୍‌ଲି ଲାଗି ଆରେକ୍ ଗଟ୍‌ତର୍
କଃତା ଅଃଉଁକେ ଦଃର୍ଲା ଆର୍ ଇସ୍ୱରାର୍ ଗୁଣ୍ କଃଉଁକେ ଦଃର୍ଲା
। 65 ତାର୍ ହାକିହଃଲ୍‌ସାର୍ ସଃବୁ ଲକ୍‌ମଃନ୍ ଡିରି ଗଃଲାୟ୍,
ଆର୍ ଇସଃବୁ କଃତା ଜିଉଦା ଦେସାର୍ ଡଙ୍ଗ୍‌ର୍ ହଲିର୍ ସଃବୁ
ଗଃଳେ ଆର୍ ଗାଉଁଏମଃନ୍ ଲକ୍‌ମଃନ୍ କଃଉଆକଇ ଅୟ୍‌ଲାୟ୍
। 66 ଆରେକ୍ ସୁଣ୍‌ଲା ସଃବୁ ଲକ୍‌ମଃନ୍ ସେସଃବୁ ନିଜାର୍
ନିଜାର୍ ମଃନ୍ ବିତ୍ରେ ଦଃରି କୟ୍‌ଲାୟ୍, “ଇ ହିଲା ତଃବେ କାୟ୍‌ରି
ଅୟ୍‌ଦ୍?” କାୟ୍‌ତାକ୍‌ବଃଲେକ୍ ମାପ୍ରୁର୍ ଆତ୍ ତାର୍ ଉହ୍ରେ ଆଚେ
। 67 ଆର୍ ଜହନାର୍ ଉବାସି ଜିକରିଅ ପବିତ୍ର ଆତ୍ମାୟ୍ ହୁର୍ନ୍ ଅୟ୍
ଇ ବାବ୍‌ବାଣି କୟ୍‌ଲା- 68 “ଦନ୍ୟ ମାପ୍ରୁ, ଇସ୍ରାଏଲାର୍ ଇସ୍ୱର୍,
କାୟ୍‌ତାକ୍‌ବଃଲେକ୍ ସେ ତାକାର୍ ଲକ୍‌ମଃନ୍‌କେ ଦଃୟା କଃରି
ମୁକ୍ତିଦେଉଁକେ ଆସିଆଚେ । 69 ସେ ଅଃମିମଃନାର୍ ମୁକ୍ତିକାରି
ସେ ନିଜାର୍ ଦଃଙ୍ଗ୍‌ଲା ଦାଉଦ୍ ବଃଉଁସାର୍, ଗଟେକ୍ ବପୁକାରି
ମୁକ୍ଲାଉତା ଲକ୍‌କେ ଅଃମିମଃନ୍‌କ୍ ଦିଲା ଆଚେ । 70 ଆଗେହୁର୍ବେ
ହୁଣି ମାପ୍ରୁ ତାର୍ ପବିତ୍ର ବାବ୍‌ବାଦିମଃନାର୍ ଟଣ୍ଡେ ଜାୟ୍ ବଃଲି
କୟ୍ ରିଲା । (aiōn g165) 71 ସେବାନ୍ୟା ଅଃମାର୍ ସଃତ୍ରୁମଃନାର୍
ତଃୟ୍‌ହୁଣି ଆର୍ ଅଃମିକ୍ ଇନସ୍ତା କଃର୍ତା ସଃବୁଲକାର୍ ଆତେ ହୁଣି

ଅଃମିକ୍ ମୁକ୍ତି କଃରିଆଚେ ଆଚେ । 72 ଜଃନ୍‌କଃରି ସେ ଅଃମାର୍
ହୁର୍ବାର୍ ନିର୍ମୁଲ୍ ଦାଦିବାବୁମଃନ୍‌କେ ଦଃୟା ଦଃକାୟ୍‌ଦ୍, ଆର୍
ସେମଃନାର୍ ପବିତ୍ର ବିଦି ଏତାଉଁକେ, 73 ଆର୍ ଅଃମାର୍ ଉବା
ଅବ୍ରାହାମାର୍ ଲଃଗେ ଜୁୟ୍ ହଃର୍ମାଣ୍ କଃରି ରିଲା, ଅଃହ୍‌ଣାର୍
ସେ ପବିତ୍ର ବିଦି ଏତାୟ୍‌ଦ୍, 74 ଆରେକ୍ ଜଃନ୍‌କଃରି ଅଃମି
ସଃତ୍ରୁମଃନାର୍ ଆତେ ହୁଣି ଅଃମିକ୍ ରଃକ୍ୟା ହାୟ୍, ନଃଡିର୍‌ତେ
ଜୁଗ୍‌ଜୁଗ୍ ହଃତେକ୍ ତାର୍ ସେବା କଃରୁନ୍ତୁ, 75 ଜିବନ୍ କାଳେ
ଅଃମିମଃନ୍ ପବିତ୍ର ଆର୍ ଦଃର୍ମେ ଜିବନ୍ କାଟୁଆଁ ଇରି ଇସ୍ୱରାର୍
ଇଚା ।" 76 "ଆର୍ ଏ ମର୍ ହିଲା, ତୁୟ୍ ସଃବ୍‌କେ ଉଟ୍ୟା
ଇସ୍ୱରାର୍ ଗଟେକ୍ ବାବ୍‌ବାଦି ବଃଲି ଡାକେ ହୁଟ୍‌ସି, ତୁୟ୍ ମାପୁର୍
ଗଟେକ୍ ଆଗ୍‌ତୁର୍ କବୁର୍‌କାରିଆ ହର୍, ତାର୍ ଗିନେ ତାର୍ ବାଟ
ତିଆର୍ କଃର୍ସି । 77 କାୟ୍‌ତାକ୍‌ବଃଲେକ୍ ଅଃନ୍ହାରେ ଆର୍ ମଃରୁକ୍
ବଃସିରିଲା ଲକ୍‌କେ ହାହେ ହୁଣି ମୁକ୍ତି ଦେଉଁକେ, 78 ଆରେକ୍
ଅଃମାର୍ ଇସ୍ୱର୍ ମାପୁ ଦଃୟାକାରି ଆର୍ କଃଉଁଣା ମଃନାର୍, ସେ
ଅଃମାର୍ ଗିନେ ମୁକୁଲ୍‌ତା ସଃକ୍ତି ଉଦାୟ୍‌ଦ୍ । 79 ସେ ଲାଡାର୍
ଦଃୟା ଗିନେ ଇସ୍ୱରାର୍ ଲକ୍‌ମଃନ୍‌କେ ସେମଃନାର୍ ହାହ୍ କେମା
ସଃଙ୍ଗ ମୁକୁଲ୍‌ତା ସୁସ୍ତାର୍ ଗିଆନ୍ ଦେଉଁକେ, ତୁୟ୍ ତାକାର୍ ବାଟ
ତିଆର୍ କଃରୁକେ ତାକାର୍ ଆଗେ ଇଣ୍ଡସି ।" 80 ଆରେକ୍ ସେ
ହିଲା ଗଃଗାଲ୍ ଆର୍ ପବିତ୍ର ଆତ୍ମାୟ୍ ବାଡୁକେ ଦଃର୍ଲା, ଆର୍
ସେ ଇସ୍ରାଏଲ୍ ମଃନାର୍ ଲଃଗେ ଦଃକାୟ୍ ନଃଉତା ହଃତେକ୍
ଲକ୍‌ବାକ୍ ନୟ୍‌ଲା ସୁକ୍‌ଲା ବଃଟାୟ୍ ରେତିରିଲା ।

**2** ସଃଡେବଃଳ୍ ରମିୟ୍ ଦେସ୍ ବିତ୍ରାର୍ ଚଃକର୍‌ବତି ଅଗସ୍ଟ
କାଇସର୍ ତଃୟ୍‌ହୁଣି ଦେସାର୍ ସଃବୁ ଲକ୍‌ମଃନାର୍ ନାଉଁ
ଲେକାଉଁକ୍ ଆଦେସ୍ ଆୟ୍‌ଲି । 2 ସୁରିଆର୍ ଗର୍ନର୍ କୁରିଣିୟର୍
ବଃଳ୍ ହଃର୍ତୁମ୍ ତର୍ ଇ ଲକ୍ ଗଃଣ୍‌ତି ଆରୁମ୍ ଅୟ୍‌ରିଲି । 3
ସେତାର୍ ଗିନେ ସଃବୁ ଲକ୍‌ମଃନ୍ ନାଉଁ ଲେକାଉଁକ୍ ଅଃହ୍‌ଣା
ଅଃହ୍‌ଣାର୍ ଗଃଳେ ଜାତିରିଲାୟ୍ । 4 ସେତାର୍ ଗିନେ ଜସେପ୍
ହେଁ ନାଉଁ ଲେକାଉଁକ୍ ମରିୟମ୍ ସଃଙ୍ଗ ଗାଲିଲି ରାଜିର୍ ନାଜରିତ୍
ଗଃଳେହୁଣି ଜିଉଦା ରାଜିର୍ ବେତ୍‌ଲିହିମ୍ ନାଉଁଆର୍ ଦାଉଦାର୍
ଗଃଳେ ଗଃଲାୟ୍, କାୟ୍‌ତାକ୍‌ବଃଲେକ୍ ସେ ଦାଉଦାର୍ ବଃଉଁସାର୍
ଲକ୍ ରିଲା । 5 ତାର୍ ସଃଙ୍ଗ ମରିୟମ୍‌କ୍ ବିବା ଅଃଉଁକେ
ମାଗ୍‌ଣି ଅୟ୍‌ରିଲି ଆର୍ ମରିୟମ୍ ଆଙ୍ଗେ ରିଲି । ସେତାର୍ ଗିନେ
ସେ ମରିୟମ୍ ସଃଙ୍ଗ ନାଉଁ ଲେକାଉଁକ୍ ଗଃଲା । 6 ସେମଃନ୍
ବେତ୍‌ଲିହିମ୍ ଗଃଳେ ରିଲା ବଃଳ୍ ମରିୟମାର୍ ହିଲା ଜଃଲମ୍
ଅଃଉତା ବେଳ୍ ଅୟ୍‌ଲି । 7 ଆରେକ୍ ମରିୟମ୍ ହଃର୍ତୁ ହିଲା ଜଃଲମ୍
କଃଲି ଆର୍ ତାକ୍ ହଃଚ୍ୟାୟ୍ ଗୁଲ୍ୟାୟ୍ ଗାଇ ସାଳାର୍ ଡଙ୍ଗାୟ୍
ସଳାୟ୍‌ଲାୟ୍ । କାୟ୍‌ତାକ୍‌ବଃଲେକ୍ ବାସାଗଃରେ ସେମଃନାର୍
ଗିନେ ଟାଣ୍ ନଃରିଲି । 8 ସେ ବେତ୍‌ଲିହିମ୍ ହଲିଲଃଗେ କଃତିଗଟ୍
ମେଣ୍ଢା ଗଃଉଳିଆମଃନ୍ ହଃଦାୟ୍ ରଃୟ୍ ରାତିଆ ସେମଃନାର୍
ମେଣ୍ଢାମଃନ୍ହାକେ ଜାଗ୍‌ତି ରିଲାୟ୍ । 9 ମାପୁର୍ ଗଟେକ୍ ଦୁତ୍
ସେମଃନାର୍ ଲଃଗେ ଆୟ୍‌ଲା, ଆରେକ୍ ମାପୁର୍ ଜଃଜ୍‌ମାନାର୍
ଉଜାଲ୍ ସେମଃନାର୍ ଚାରିବେଲ୍‌ତ୍ ଅୟ୍‌ଲି, ଆର୍ ସେମଃନ୍
ଅଃନାୟ୍ ଡିରି ଗଃଲାୟ୍ । 10 ସେତାକ୍ ଦୁତ୍ ସେମଃନ୍‌କେ
କୟ୍‌ଲା, "ଡିରି ଜାହାନାୟ୍; ଦଃକା, ମୁଁୟ୍ ସଃବୁଲକାର୍ ବଃଡେ
ସଃର୍ଦାର୍ ନିକ କବୁର୍ ତୁମିମଃନ୍‌କେ ପର୍ଚାର୍ କଃରୁଲେ, 11
କାୟ୍‌ତାକ୍‌ବଃଲେକ୍ ଆଜି ଦାଉଦାର୍ ଗଃଳେ ତୁମାର୍ ଗିନେ
ରଃକ୍ୟାକାରି ଲକ୍ ଜଃଲମ୍ ଅୟ୍‌ଲା ଆଚେ, ସେ କ୍ରିସ୍ଟ ମାପୁ । 12
ଆର୍ ତୁମାର୍ ଗିନେ ଇରି ଚିନ୍ ହର୍ ଅୟ୍‌ଦ୍, ତୁମିମଃନ୍ ଗଟେକ୍
ହିଲାକ୍ ହଚ୍ୟାୟ୍ ଗୁଲ୍ୟାୟ୍ କଃରି ଗାଇ ଡଙ୍ଗାୟ୍ ସଇରିଲାର୍
ଦଃକାସ୍ ।" 13 ଆରେକ୍ ଉଲୁସ୍ତେ ସେ ଦୁତାର୍ ସଃଙ୍ଗ ସଃର୍ଗୋର୍
ଦୁତ୍‌ମଃନ୍ହା ଆସିକଃରି ଇସ୍ୱରାର୍ ନାଉଁଏ ସଃର୍ଦାର୍ ଗିତ୍ କଃଉଁକେ
ଦଃର୍ଲାୟ୍, 14 "ସଃର୍ଗ୍ ଉହ୍ରାର୍ ଇସ୍ୱରାର୍ ଜଃଜ୍‌ମାନ୍ ଅଃଉଅ,
ଆରେକ୍ ହୁର୍ତିବି ବିତ୍ରେ ତାର୍ ସଃନ୍‌ମତ୍ ଲକ୍‌ମଃନାର୍ ଉହ୍ରେ ସୁସ୍ତା
ଅଃଉଅ ।" 15 ଦୁତ୍‌ମଃନ୍ ସେମଃନାର୍ ତଃୟ୍‌ହୁଣି ସଃର୍ଗେ ବାଉଳି
ଗଃଲା ହଃଚେ, ମେଣ୍ଢା ଗଃଉଳିଆମଃନ୍ ତାକାର୍ ତାକାର୍ ବିତ୍ରେ
କଃତା ଅଃଉଁକେ ଦଃର୍ଲାୟ୍, "ଆସା, ଅଃମିମଃନ୍ ବେତ୍‌ଲିହିମ୍
ହଃତେକ୍ ଜାୟ୍‌କଃରି ମାପୁ ଅଃମିମଃନ୍‌କ୍ ଇ ଜୁୟ୍ ଗଃଟ୍‌ଣା
ଜାଣାୟ୍‌ଲା, ସେରି ଦଃକୁଆଁ ।" 16 ଆର୍ ହଃଚେ ସେମଃନ୍
ବେଗି ଜାୟ୍ ଲଳିକଃରି ମରିୟମ୍ ଆର୍ ଜସେପ୍, ଆରେକ୍
ଗାଇଡଙ୍ଗାୟ୍ ହିଲାକ୍ ସଇରିଲାର୍ ଦଃକ୍‌ଲାୟ୍ । 17 ସେମଃନ୍
ତାକ୍ ଦଃକିକଃରି ସେ ହିଲାର୍ କଃତା ଦୁତ୍ ଜାୟ୍‌ବଃଲି କୟ୍‌ରିଲା,
ସେ ସଃବୁ ହୁଟାୟ୍‌କଃରି କୟ୍‌ଲାୟ୍ । 18 ଆରେକ୍ ଜଃତେକ୍
ଲକ୍ ମେଣ୍ଢା ଗଃଉଳିଆମଃନାର୍ ତଃୟ୍‌ହୁଣି ସେ ସଃବୁ କଃତା
ସୁଣ୍‌ଲାୟ୍, ସେସଃବୁ ଲକ୍‌ମଃନ୍ କାବା ଅୟ୍ ଗଃଲାୟ୍ । 19
ମଃତର୍ ମରିୟମ୍ ଇ ସଃବୁ କଃତା ମଃନ୍ ବିତ୍ରେ ଦଃରି ବାବୁକ୍
ଦଃର୍ଲି । 20 ଆର୍ ମେଣ୍ଢା ଗଃଉଳିଆମଃନ୍‌କେ ଦୁତ୍ ଜଃନ୍‌କଃରି
କୟ୍‌ରିଲା, ସେବାନ୍ୟା ସେମଃନ୍ ଜାୟ୍ ଜାୟ୍‌ରି ସୁଣିରିଲାୟ୍ ଆର୍
ଦଃକିରିଲାୟ୍, ସେ ସଃବୁର୍ ଗିନେ ଇସ୍ୱରାର୍ ଜଃଜ୍‌ମାନ୍ ଆର୍
ଗୁଣାର୍ ଗିତ୍ କୟ୍ କୟ୍ କଃରି ବାଉଳି ଗଃଲାୟ୍ । 21 ଆଟ୍‌ଦିନ୍
ଅୟ୍‌ଲା ହଃଚେ, ମସାର୍ ରିତିବିଦି ହଃର୍କାରେ ହିଲାକ୍ ସୁନତ୍
କଃରୁକେ ମନ୍ଦିରେ ନଃୟ୍, ସେ ହିଲାର୍ ନାଉଁ ଜିସୁ ଦିଲାୟ୍;
ମରିୟମ୍ ଆଙ୍ଗେ ନଃଉତ୍ ସଃର୍ଗ୍ ଦୁତ୍ ସେମଃନ୍‌କେ ଇ ନାଉଁ
ସଃଙ୍ଗାଉଁକ୍ କୟ୍‌ରିଲା । 22 ହଃଚେ ଜଃଡେବଃଳ୍ ମସାର୍
ବିଦିବିଦାନ୍ ହଃର୍କାରେ ସେମଃନାର୍ ନିର୍ମୁଲ୍ ଅଃଉତା ଦିନ୍ ଆୟ୍‌ଲି,
ତଃବେ ସେମଃନ୍ ହିଲାକ୍ ମାପୁତଃୟ୍ ସଃହ୍ରି ଦେଉଁକେ ଜିରୁସାଲମ୍
ମନ୍ଦିରେ ନିଲାୟ୍ । 23 ଜଃନ୍‌କଃରି ମାପୁର୍ ବିଦିବିଦାନ୍ ସାସ୍ତ୍ରେ
ଲେକା ଅୟ୍‌ଲା ହଃର୍କାରେ, ସଃଡେବଃଳ୍, "ସଃବୁ ହଃର୍ତୁମ୍ ଜଃଲମ୍
ଅୟ୍‌ଲା ଅଃଣ୍ଡାହିଲା ମାପୁର୍ ନାଉଁଏ ପବିତ୍ର ବଃଲି ଗଃଣ୍‌ତି ଅଃଉତି
।" 24 ଆରେକ୍, ସେମଃନ୍ ତାକ୍ ମାପୁକ୍ ଦେତା ହାୟ୍ ଆର୍
ମାପୁର୍ ବିଦିବିଦାନ୍ ସାସ୍ତ୍ରେ ଲେକା ଅୟ୍‌ଲା ଲେକା ହଃର୍କାରେ
ଜଳେକ୍ ହାଣ୍ଡୁକା, ନୟ୍‌ଲେକ୍ ଜଳେକ୍ ହାରୁଆ ହୁଜା ଦେଉଁକ୍
ତାକ୍ ଜିରୁସାଲମେ ନିଲାୟ୍ । 25 ଆର୍ ଦଃକା, ଜିରୁସାଲମେ

ସିମିଅନ୍ ନାଉଁଆର୍ ଗଟେକ୍ ଦଽର୍ମି ଆର୍ ମାପ୍ରୁର୍ ଦିଆନ୍ କାରିଆ
ରିଲା; ସେ ଇସ୍ରାଏଲ୍‌କେ ମୁକ୍ଲାଉତା ଲକ୍ କଽବେ ଆସେଦ୍ ବଽଲି
ଜାଗି ରିଲା, ଆରେକ୍ ପବିତ୍ର ଆତ୍ମା ତାର୍ ସଽଙ୍ଗ୍ରେଽୟ୍ ସାସ୍
ଦେତିରିଲି ରିଲି, 26 ଆର୍, ମାପ୍ରୁ କ୍ରିସ୍ଟକେ ନଽଦେକ୍‌ତା ହଽତେକ୍
ତାର୍ ମଽର୍ନ୍ ନୟ୍, ଇ କଽତା ପବିତ୍ର ଆତ୍ମା ତାକ୍ ଜାଣାୟ୍‌ରିଲି
। 27 ସେ ପବିତ୍ର ଆତ୍ମା କାଡାୟ୍ ଆଣ୍‌ଲାକ୍ ମନ୍ଦିରେ ଆୟ୍‌ଲା,
ଆରେକ୍ ଜିସୁ ହିଲାର୍ ଆୟ୍‌ସି ଉବାସି ଜଽଡେବଽଲ୍ ତାକାର୍
ବିଦିବିଦାନ୍ ହଽର୍କାରେ କାମ୍ କଽରୁକେ ଜିସୁକେ ମନ୍ଦିର୍ ବିତ୍ରେ
ଆଣ୍‌ଲାୟ୍, 28 ସଽଡେବଽଲ୍ ସିମିଅନ୍ ହିଲାକ୍ କଳେ ଦଽରି
ଇସ୍ୱରାର୍ ଗୁଣ୍ ଗିତ୍ କୟ୍ କଽରି କୟ୍‌ଲା- 29 “ଏ ମାପ୍ରୁ, ଅଽବେ
ତୁୟ୍ ଅଽହ୍‌ଣାର୍ କଽତା ହଽର୍କାରେ, ତର୍ ଗତିଦଽଙ୍ଗ୍‌ଲାକ୍ ସୁସ୍ତାୟ୍
ଜଽଉଁକେ ଦେଉଁଲିସ୍, 30 କାୟ୍‌ତାକ୍‌ବଽଲେକ୍ ମର୍ ଆକି ତର୍
ମୁକ୍ତି ଦଽକିଆଚେ, 31 ଜୁୟ୍‌ରି ତୁୟ୍ ସଽବୁ ଲକ୍‌ମଽନାର୍ ମୁଏଁ
ତିଆର୍ କଽରି ଆଚ୍‌ସି । 32 ଆର୍, ଅଜିଉଦିମଽନ୍‌କେ ସଽତ୍
ଜାଣାଉତା ଉଜାଲ୍ ଆରେକ୍ ତର୍ ଲକ୍ ଇସ୍ରାଏଲାର୍ ଜଽଜ୍‌ମାନ୍
କଽରିଆଚ୍‌ସି ।” 33 ସାନ୍ ହିଲାର୍ ବିସୟେ କଽଉଆ ଅୟ୍‌ରିଲାର୍
ସଽବୁ କଽତା ସୁଣି, ତାର୍ ଆୟ୍‌ସି ଉବାସି କାବା ଅୟ୍‌ଲାୟ୍ । 34
ଆର୍ ସିମିଅନ୍ ସେମଽନ୍‌କେ ଆସିର୍ବାଦ୍ କଽରି ଜିସୁର୍ ଆୟ୍‌ସି
ମରିୟମ୍‌କେ କୟ୍‌ଲା, “ଇ ହିଲା ଇସ୍ରାଏଲାର୍ ବେସି ଲକାର୍
ନଽସ୍ଟ ଆର୍ ରଽକ୍ୟା କଽରୁକେ ଆଚେ ସେ ଇସ୍ୱରାର୍ ତଽୟ୍ ହୁଣି
ଚିନ୍ ଅୟ୍‌ଦ୍ ଅଽନେକ୍ ଲକ୍ ତାର୍ ବିରଦେ ଉଟ୍‌ତି । 35 ସେତାକ୍
ଇ ହିଲା କଽତେକ୍ ଲକାର୍ ବୁଡ୍‌ତାର୍ ଆର୍ ଉଟ୍‌ତାର୍, ଆର୍
ଜାର୍ ବିରଦେ କଽତା କଽଉଆ ଅୟ୍‌ଦ୍, ଇବାନ୍ୟା ଗଟେକ୍ ଚିନ୍
ହର୍ ଅଽଉଁକେ ବାଚା ଅୟ୍‌ଆଚେ; ଆରେକ୍ ତର୍ ଜିବନ୍ ବିତ୍ରେ
ହେଁ କଽଣ୍ଡା ବୁସି ଅୟ୍‌ଦ୍ ।” 36 ଆର୍ ହାନା ନାଉଁଆର୍ ଗଟେକ୍
ବାବ୍‌ବାଦିଣି ରିଲି; ସେ ଆସେର୍ ବଽଉଁସାର୍ ପିନୁଏଲାର୍ ଜିସି ।
ତାର୍ ବୁଟେକ୍ ବଽର୍ସ୍ ଅୟ୍‌ରିଲି; ସେ ବାଳତ୍ ଦଽଙ୍ଗ୍‌ଲି ରିଲା ହଽଚେ
ବିବା ଅୟ୍‌କଽରି ସାତ୍ ବଽର୍ସ୍ ତାର୍ ଉକ୍ରାସି ସଽଙ୍ଗ୍ ରିଲି ଆର୍
ଉକ୍ରାସି ମଽଲାକ୍ ରାଣ୍ଡି ଅୟ୍‌ରିଲି, ତାକ୍ ଚାରିକଳି ଚାରି ବଽର୍ସ୍
ଜିବନ୍ କାଟ୍‌ଲି । 37 ସେ ସଽବୁବଽଲ୍ ମନ୍ଦିର୍ ବିତ୍ରେ ରେତିରିଲି,
ଆର୍ ଦିନ୍‌ରାତି ଉହାସ୍ ଆର୍ ପାର୍ତନା ସଽଙ୍ଗ୍ ମାପ୍ରୁର୍ ସେବା
କଽର୍ତିରିଲି । 38 ହିଲା ଜିସୁକେ ମନ୍ଦିରେ ଟେକି ଦିଲା ହଽଚେ,
ହାନା ସେତି ହଚି ଇସ୍ୱର୍‌କେ ଦନ୍ୟବାଦ୍ ଦିଲି ଆର୍ ଜିରୁସାଲମାର୍
ଲକ୍‌ମଽନ୍‌କେ ମୁକ୍ତି ଦଽୟ୍‌ଦ୍ ବଽଲି ଜୁୟ୍‌ମଽନ୍ ବିସ୍ୱାସ୍ କଽରି
ଜାଗି ରିଲାୟ୍ ସେ ସଽବ୍‌କେ ଜିସୁର୍ କଽତା ଜାଣାୟ୍‌ଲି । 39
ହଽଚେ ଜସେପ୍ ଆର୍ ମରିୟମ୍ ମାପ୍ରୁର୍ ବିଦିବିଦାନ୍ ହଽର୍କାରେ
ସଽବୁ କାମ୍ ସଽରାୟ୍‌କଽରି ସେମଽନ୍ ନିଜାର୍ ଗାଲିଲିର୍ ନାଜରିତ୍
ଗଽଳେ ବାଉଳି ଗଽଲାୟ୍ । 40 ଆର୍ ସେ ହିଲା ବାଡୁକେ ଦଽର୍ଲା
ଆର୍ ବୁଦି ଗ୍ୟାନେ ହୁର୍ନ୍ ଅଽଉଁ ଅଽଉଁ ବଽଲ୍‌ସଽକାତ୍ ଅୟ୍‌ଲା, ଆର୍
ଇସ୍ୱରାର୍ ଦଽୟା ତାର୍ ଉହ୍ରେ ରିଲି । 41 ହଽତିବଽର୍ସ୍ ମୁକ୍ଲାଉଁଣି
ହଽର୍ବ୍ ମାନୁକ୍ ଜିସୁର୍ ଆୟ୍‌ସି ଉବାସି ଜିରୁସାଲମେ ଜାତିରିଲାୟ୍
। 42 ଜଽଡେବଽଲ୍ ଜିସୁକେ ବାର ବଽର୍ସ୍ ଅୟ୍‌ଲି, ରିତିବିଦି
ହଽର୍କାରେ ସେମଽନ୍ ହଽର୍ବ୍ ମାନୁକ୍ ଜିରୁସାଲମେ ଗଽଲାୟ୍ । 43
ତାକାର୍ ହଽର୍ବ୍ ମାନ୍‌ତା ଦିନ୍ ସଽର୍ଲାକ୍, ଜଽଡେବଽଲ୍ ସେମଽନ୍
ବାଉଳି ଆସ୍ତି ରିଲାୟ୍, ସଽଡେବଽଲ୍ ଜିସୁ ହିଲା ଜିରୁସାଲମେ
ତେବ୍‌ଲା, ଇ କଽତା ତାର୍ ଆୟ୍‌ସି ଉବାସି ଜାଣି ନଽରିଲାୟ୍
। 44 ମଽତର୍ ଜିସୁ ସେମଽନାର୍ ସଽଙ୍ଗ୍ରାର୍ ଲକ୍‌ମଽନାର୍ ସଽଙ୍ଗ୍
ଆଚେ ବଽଲି ମଽନେ ବାବି, ସେମଽନ୍ ଗଟେକ୍ ଦିନାର୍ ବାଟ
ଗଽଲା ହଽଚେ, ସେମଽନ୍ ତାକାର୍ ନିଜାର୍ ଲକ୍‌ମଽନାର୍ ବିତ୍ରେ
ଜିସୁକେ ଲଳୁକ୍ ଦଽର୍ଲାୟ୍, 45 ଆରେକ୍ ଜିସୁକେ ନଽମିଲାୟ୍,
ଲଳି ଲଳି ଜିରୁସାଲମେ ଲେଉଟି ଗଽଲାୟ୍ । 46 ତିନି ଦିନାର୍
ହଽଚେ ସେମଽନ୍ ଜିସୁକେ ମନ୍ଦିରେ ବେଟ୍ ହାୟ୍‌ଲାୟ୍, ସେ
ହଽଣ୍ଡିତ୍ ମଽନାର୍ ସଽଙ୍ଗ୍ ବଽସି କଽରି ସେମଽନାର୍ କଽତା ସୁଣ୍‌ତି
ରିଲା ଆର୍ ସେମଽନ୍‌କେ କଽତେକ୍ କଽତା ହଽଚାର୍ତି ରିଲା, 47
ଆର୍ ଜଽତେକ୍ ଲକ୍ ତାର୍ କଽତା ସୁଣ୍‌ତି ରିଲାୟ୍, ସେ ସଽବୁ
ଲକ୍‌ମଽନ୍ ତାର୍ ବୁଦିକ୍ ଆର୍ ସେ ଦେତିରିଲା ଉତ୍ତୁର୍‌କେ ସୁଣି
କାବା ଅୟ୍ ଜାତିରିଲାୟ୍ । 48 ଜଽଡେବଽଲ୍ ଜିସୁର୍ ଆୟ୍‌ସି
ଉବାସି ତାକ୍ ଦଽକ୍‌ଲାୟ୍, ସେମଽନ୍ କାବା ଅୟ୍‌ଲାୟ୍, ଆର୍ ତାର୍
ଆୟ୍‌ସି ତାକ୍ କୟ୍‌ଲି, “ଏ ହିଲା, କାୟ୍‌ତାକ୍ ତୁୟ୍ ଅଽମାର୍ ସଽଙ୍ଗ୍
ଇବାନ୍ୟା କଽଲିସ୍? ଦଽକ୍, ତର୍ ଉବାଦି ଆର୍ ମୁଁୟ୍ କଽତେକ୍
କାକୁଲ୍‌ତି ଅୟ୍ ତକେ ଲଳୁଲୁ ।” 49 ଜିସୁ ସେମଽନ୍‌କେ କୟ୍‌ଲା,
“କାୟ୍‌ତାକ୍ ତୁମିମଽନ୍ ମକ୍ ଲଳ୍‌ତି ରିଲାସ୍? ମର୍ ଉବାର୍ ଗଽରେ
ରେତାର୍ ମର୍ ବିଦି, ଇ କଽତା କାୟ୍ ତୁମି ଜାଣି ନଽରିଲାସ୍?” 50
ମଽତର୍ ସେ ସେମଽନ୍‌କେ ଜୁୟ୍ କଽତା କୟ୍‌ଲା, ସେରି ସେମଽନ୍
ବୁଜୁ ନଽହାୟ୍‌ଲାୟ୍ । 51 ହଽଚେ ଜିସୁ ସେମଽନାର୍ ସଽଙ୍ଗ୍ ମିସି
ନାଜରିତ୍ ବାଉଳି ଆୟ୍‌ଲା ଆର୍ ସେମଽନାର୍ କଽତା ମାନିକଽରି
ରିଲା, ଆରେକ୍, ତାର୍ ଆୟ୍‌ସି ଇ ସଽବୁ କଽତା ଗଟେକ୍ ଗଟେକ୍
କଽରି ତାର୍ ମଽନ୍‌ବିତ୍ରେ ଦଽର୍ଲି । 52 ଆର୍ ଜିସୁ ଗ୍ୟାନେ ଆର୍
ଗଽଗାଳେ, ଆରେକ୍ ଇସ୍ୱରାର୍ ଆର୍ ନଽର୍‌ମଽନାର୍ ଦଽୟାୟ୍
ବାଡୁକେ ଦଽର୍ଲା ।

3 ତିବିରିଆ କାଇସର୍ ବଽଲେକ୍ ଚଽକର୍‌ବତିର୍ ରାଜ୍ କଽର୍ତା
ବଽଲାର୍ ହଽନ୍କ ବଽର୍ସ୍ ବଽଲ୍, ଜଽଡେବଽଲ୍ ପନ୍ତିଅ ପିଲାତ
ଜିଉଦାର୍ ଗର୍ନର୍ ରିଲା ଆର୍ ହେରଦ୍ ଗାଲିଲି ରାଜିର୍ ତଽଳ୍ୟା
ରଽଜା ରିଲା, ଆର୍ ତାର୍ ବାୟ୍‌ସି ପିଲିପ୍ ଇତୁରିଆ ଆର୍ ତ୍ରାକନିତି
ରାଜିର୍, ଆରେକ୍ ଲୁସାନିଆ ଅବିଲିନି ଗଽଲାର୍ ତଽଳ୍ୟା ରଽଜା
ରିଲା । 2 ଆର୍ ହାନାନ୍ ଆର୍ କୟାପା ମୁଲ୍ ଜାଜକ୍ ରିଲାୟ୍,
ସଽଡେବଽଲ୍ ଇସ୍ୱରାର୍ କଽତା ବଽଟାୟ୍ ଜିକରିଅର୍ ହୟ୍‌ସି ଜହନ୍
ଲଽଗେ ଆୟ୍‌ଲି । 3 ସେତାର୍ ଗିନେ ସେ ଜହନ୍ ଜର୍ଦନ୍ ଗାଡ୍
ଲଽଗାର୍ ସଽବୁହାକ୍ ଜାୟ୍‌କଽରି, “ହାହ୍ କେମା ଗିନେ ମଽନ୍
ବାଦ୍‌ଲାୟ୍ ବାପ୍ତିସମ୍ ନିଲେକ୍ ମାପ୍ରୁ ହାହ୍ କେମା କଽରେଦ୍,”
ବଽଲି ପର୍ଚାର୍ କଽରୁକେ ଦଽର୍ଲା । 4 ଜହନ୍‌କଽରି ଜିସାୟ୍
ବାବ୍‌ବାଦିର୍ ସାସ୍ତରେ ଲେକା ଅୟ୍‌ଆଚେ; “ଗଟ୍ ଲକ୍ ସୁକ୍‌ଲା

ବଃଟାୟ୍ ଉଲ୍ଗାଟ୍ ଅୟ୍କଃରି କଃଉଁଲା, ମାପୁର୍ ଗିନେ ବାଟ୍
ତିଆର୍ କଃରା, ତାର୍ ଜାତାର୍ ଗିନେ ଗଟେକ୍ ସଃଲ୍କ୍ ବାଟ୍
ତିଆର୍ କଃରା; 5 ସଃବୁ କାଲ୍ ବୁୟଁ ତହା ଅୟ୍ଦ୍, ଆରେକ୍ ସଃବୁ
ହଃର୍ବାଡ୍ ଆର୍ ଡଙ୍ଗର୍ମଃନ୍ ସଃମାନ୍ କଃରା ଅୟ୍ଦ୍, ବାଙ୍କ୍ଟା
ବାଟ୍ମଃନ୍ ସଃବୁ ସଃଲ୍କ୍ ଅୟ୍ଦ୍, ଆର୍ ଟେଲ୍ କାଲ୍ ରିଲା
ବୁଇଁମଃନ୍ ବାଟ ଅୟ୍ଦ୍ । 6 ଆରେକ୍ ସଃବୁ ମାନାୟ୍ ଜାତି
ଇସ୍ୱରାର୍ ମୁକ୍ତି ଦଃକ୍ତି ।” 7 ତଃବେ, ତାର୍ ଲଃଗେ ବାପ୍ତିସମ୍
ନେଉଁକେ ବାରାୟ୍ ଆସ୍ତି ରିଲା ଲକ୍ମଃନ୍ହାକେ ଦଃକି ଜହନ୍
କୟ୍ଲା, “ଏ ନାଗ୍ ସାହ୍ ଆର୍ ତାର୍ ବଃଉଁସ୍ମଃନ୍, ଇସ୍ୱର୍ ତୁମିକେ
ଜୁୟ୍ ଡଃଣ୍ଡ ଦେଉଁକେ ଜଃଉଁଲା, ସେତିହୁଣି ମୁକ୍ଲୁ ହାରାସ୍ ବଃଲି
କେ ତୁମିକେ କୟ୍ଲା? 8 ଜଦି ତୁମିମଃନ୍ ସଃତ୍କଃରି ହାହେ ହୁଣି
ମଃନ୍ ବାଦ୍ଲାୟ୍ ଆଚାସ୍, ତଃବେ ନିକ କାମ୍ କଃରି ଦଃକାଉଆ ।
ଅବ୍ରାହାମ୍ ତ ଅଃମାର୍ ଉବା ବଃଲି ମଃନେ ମଃନେ ହେଁ କଃଉଆ
ନାୟ୍; କାୟ୍ତାକ୍ବଃଲେକ୍ ମୁଁୟ୍ ତୁମିମଃନ୍କେ କଃଉଁଲେ, ଇସ୍ୱର୍
ଇ ଟେଲାମଃନାର୍ ତଃୟ୍ହୁଣି ହେଁ ଅବ୍ରାହାମାର୍ ଗିନେ ହିଲାମଃନ୍
ଉବ୍ଜାଉଁ ହାରେ । 9 ଆର୍ ଅଃବେ ହେଁ ଗଃଚ୍ମଃନାର୍ ବୁନ୍ଦେ
କୁରାଡି ଲାଗି ଆଚେ; ବଃଲେକ୍ ଜୁୟ୍ ଗଃଚେ ନିକ ହଃଲ୍
ନଃହେଲେ, ସେ ଗଃଚ୍କେ କାଟିକଃରି ଜୟେ ହଃକା ଅୟ୍ଦ୍ ।”
10 ଇତାର୍ଗିନେ ଲକ୍ମଃନ୍ହାମଃନ୍ ତାକ୍ ହଃଚାରୁକ୍ ଦଃର୍ଲାୟ୍,
“ସେବାନ୍ୟା ଅୟ୍ଲେକ୍ ଅଃମିମଃନ୍ କାୟ୍ କଃରୁନ୍ତୁ?” 11 ଜହନ୍
ସେମଃନ୍କେ ଉତୁର୍ ଦିଲା, “ଜାର୍ ଲଃଗେ ଜଲେକ୍ ଆଙ୍ଗି ଆଚେ,
ସେ ଜାକେ ନାୟ୍, ତାକ୍ ଗଟେକ୍ ଦେଅ; ଆର୍ ଜାର୍ ଲଃଗେ
କାଉଁକେ କାଦି ଆଚେ, ସେ ହେଁ ସେବାନ୍ୟା କଃର ।” 12 ଆର୍
କଃଟେକ୍ ରିବ୍ନିମଃନ୍ ହେଁ ବାପ୍ତିସମ୍ ନେଉଁକ୍ ଆସି ଜହନ୍କେ
ହଃଚାର୍ଲାୟ୍, “ଏ ଗୁରୁ, ଅଃମିମଃନ୍ କାୟ୍ କଃରୁନ୍ତୁ?” 13 ଆରେକ୍,
ଜହନ୍ ସେମଃନ୍କେ କୟ୍ଲା, “ତୁମାର୍ ଗିନେ ଜଃଟେକ୍ ନେତା
ନିୟମ୍ ଆଚେ ସଃଟେକ୍ ହଃକା ନିଆ, ତାର୍ ତଃୟ୍ହୁଣି ଅଃଦିକ୍
ଆଦାୟ୍ କଃରି ନିଆନାଁୟ୍ ।” 14 କଃଟେକ୍ ଇଜାର୍ମଃନ୍ ହେଁ ଆସି
ତାକ୍ ହଃଚାରୁକ୍ ଦଃର୍ଲାୟ୍, “ଆର୍ ଅଃମିମଃନ୍ କାୟ୍ କଃରୁନ୍ତୁ?”
ଜହନ୍ ସେମଃନ୍କେ କୟ୍ଲା, “ବଃଲ୍ମାଡେ କାର୍ ଦଃନ୍ ଚାଡାୟ୍
ନିଆନାଁୟ୍ କି କାକେ ସୁନେସୁନେ ଦସି କଃରାନାୟ୍ । ତୁମିକେ
ଜଃଟେକ୍ ବଃର୍ତାନ୍ ମିଲୁଲି ସେତି ମଃନ୍ ସଃର୍ଦାକଃରି ରିଆ ।”
15 ସଃଡେବଃଲ୍ ଲକ୍ମଃନ୍ କ୍ରିସ୍ଟ ଆସ୍ତାର୍ ଜାଗିରିଲାର୍ ଗିନେ
ଆର୍ ଜହନ୍ କେଜାଣ୍ କ୍ରିସ୍ଟ ଅୟ୍ ରଃୟ୍ଦ୍ ବଃଲି ସେମଃନ୍ ମଃନ୍
ବିତ୍ରେ ବାବ୍ତି ରିଲାୟ୍ । 16 ତଃବାର୍ ଗିନେ ଜହନ୍ ସେମଃନ୍କେ
ଉତୁର୍ ଦିଲା, “ମୁଁୟ୍ ସିନା ତୁମିମଃନ୍କେ ହାଣାୟ୍ ବାପ୍ତିସମ୍
ଦେଉଁଲେ, ମଃତର୍ ମର୍ ତଃୟ୍ହୁଣି ଜେ ଅଃଦିକ୍ ସଃକ୍ତିମାନ୍,
ସେ ଆସୁଲା, ତାର୍ ହାଣ୍ଡାୟ୍ର୍ ବାନ୍ଧୁଣ୍ ଇଟାଉଁକ୍ ମୁଁୟ୍ ଜୟ୍ଗ୍
ନାୟ୍; ସେ ତୁମିମଃନ୍କେ ପବିତ୍ର ଆତ୍ମାୟ୍ ଆର୍ ଜୟେ ବାପ୍ତିସମ୍
ଦଃୟ୍ଦ୍ । 17 ଅଃହ୍ଣାର୍ କଟାର୍ ହଃର୍ଚାଲ୍ କଃରୁକେ ଆର୍
ସଃବୁ ନିକ ଗଅଁକେ ରୁଣ୍ଡାୟ୍ ଅଃହ୍ଣାର୍ ଗଃଦ୍ୟାୟ୍ ସଃଙ୍ଗ୍ରାଉଁକ୍
ତାର୍ ଆତେ କୁଲା ଆଚେ, ମଃତର୍ ସଃବୁ ହଃଲମଃନ୍କେ
ନଃଲିବ୍ତା ଜୟେ ହଡାୟ୍ ହଃକାୟ୍ଦ୍ ।” 18 ସେ ଇବାନ୍ୟା
ଗାଦେକ୍ ସିକ୍ୟା ଦିଲା, ଆର୍ ବିନ୍ ବିନ୍ ରଃକମାର୍ ମଃନ୍ ସଃର୍ଦାର୍
କଃତା କୟ୍ ଲକ୍ମଃନାର୍ ତଃୟ୍ ନିକ କବୁର୍ ପର୍ଚାର୍ କଃଲା
। ଆର୍ ମଃନ୍ ବାଦ୍ଲାଉଁକ୍ ସେମଃନ୍କେ ଗଃଉଆରି କଃଲା ।
19 ମଃତର୍ ତଃଲ୍ୟା ରଃଜା ହେରଦ୍ ନିଜାର୍ ବାୟ୍ସିର୍ ଡକୁର୍ସି
ହେରଦିଆକେ ସଃଙ୍ଗ୍ରାୟ୍ରିଲା କଃତା ଆର୍ ତାର୍ କଃଲା ସଃବୁ
କଃରାବ୍ କଃତାର୍ ଗିନେ ଜହନ୍ ତଃୟ୍ହୁଣି ଲିନ୍ଦା କଃରାୟ୍
ଅୟ୍ଲାକ୍, 20 ତଃଲ୍ୟା ରଃଜା ହେରଦ୍ ଜହନ୍କେ ଜଃଇଲ୍
ଗଃରେ ହୁରାୟ୍କଃରି ନିଜାର୍ ସଃର୍ନେ କଃରାବ୍ କାମ୍ ସଃଙ୍ଗ
ଇରି ହେଁ ଗଟେକ୍ ମିସାୟ୍ଲା । 21 ସଃବୁ ଲକ୍ମଃନ୍ ବାପ୍ତିସମ୍
ନିଲା ହଃଚେ, ଜିସୁ ହେଁ ବାପ୍ତିସମ୍ ନିଲା । ଆର୍ ଜିସୁ ପାର୍ତ୍ନା
କଃର୍ତିରିଲା ବଃଲ୍ ସଃର୍ଗ୍ ଉଗାଳି ଅୟ୍ଲି, 22 ଆରେକ୍ ପବିତ୍ର
ଆତ୍ମା ହାଣ୍ଡ୍କା ହର୍ ଗଃଗାଲ୍ ଦଃରି ଜିସୁର୍ ଉହ୍ରେ ଉତ୍ରି ଆସି
ବଃସ୍ଲି; ଆର୍ ସଃର୍ଗେ ହୁଣି ଗଟେକ୍ କଃତା ସୁଣା ଅୟ୍ଲି, “ତୁୟ୍
ଅଃମାର୍ ଲାଡାର୍ ହଅ, ତର୍ ତଃୟ୍ ଅଃମାର୍ ବଃଡେ ସଃନ୍ମତ୍
।” 23 ଜିସୁ ପର୍ଚାର୍ କାମ୍ ଆରୁମ୍ କଃଲା ବଃଲ୍ ତାକ୍ ହାକାହାକି
ତିରିସ୍ ବଃର୍ସ୍ ଅୟ୍ରିଲି; ଲକ୍ମଃନାର୍ ବାବ୍ନା ଇସାବେ ଜିସୁ
ଜସେପାର୍ ହୟ୍ସି; ଜସେପ୍ ଏଲିର୍ ହୟ୍ସି, 24 ଏଲି ମତାତର୍
ହୟ୍ସି, ମତାତ ଲେବିର୍ ହୟ୍ସି, ଲେବି ମଲ୍କିର୍ ହୟ୍ସି, ମଲ୍କି
ଜନ୍ନୟର୍ ହୟ୍ସି, ଜନ୍ନୟ ଜସେପାର୍ ହୟ୍ସି, 25 ଜସେପ୍
ମତିତ୍ୟାର୍ ହୟ୍ସି, ମତିତ୍ୟା ଆମସାର୍ ହୟ୍ସି, ଆମସ୍ ନାହୁମାର୍
ହୟ୍ସି, ନାହୁମ ହେସଲିର୍ ହୟ୍ସି, ହେସଲି ନଗୟାର୍ ହୟ୍ସି,
26 ନଗୟ ମହତାର୍ ହୟ୍ସି, ମହତ ମତିତ୍ୟାର୍ ହୟ୍ସି, ମତିତ୍ୟା
ସିମଇର୍ ହୟ୍ସି, ସିମଇ ଜସେକାର୍ ହୟ୍ସି, ଜସେକ ଜଦାର୍
ହୟ୍ସି, 27 ଜଦା ଜହନାର୍ ହୟ୍ସି, ଜହନ୍ ରେସାର୍ ହୟ୍ସି,
ରେସା ଜିରୁବାବେଲାର୍ ହୟ୍ସି, ଜିରୁବାବେଲ୍ ସଲ୍ଟିୟେଲାର୍
ହୟ୍ସି, ସଲ୍ଟିୟେଲ୍ ନେରିର୍ ହୟ୍ସି, 28 ନେରି ମଲକିର୍
ହୟ୍ସି, ମଲକି ଅଦିର୍ ହୟ୍ସି, ଅଦି କସାମାର୍ ହୟ୍ସି, କସାମ
ଏଲ୍ମଦାନାର୍ ହୟ୍ସି, ଏଲ୍ମଦାନ ଏରର୍ ହୟ୍ସି, 29 ଏର
ଜିହସୁୟର୍ ହୟ୍ସି, ଜିହସୁୟ ଏଲିଆଜରାର୍ ହୟ୍ସି, ଏଲିଆଜର୍
ଜରିମର୍ ହୟ୍ସି, ଜରିମ ମତାତର୍ ହୟ୍ସି, ମତାତ ଲେବିର୍
ହୟ୍ସି, 30 ଲେବି ସିମିଅନାର୍ ହୟ୍ସି, ସିମିଅନ୍ ଜିଉଦାର୍
ହୟ୍ସି, ଜିଉଦା ଜସେପାର୍ ହୟ୍ସି, ଜସେପ୍ ଜନାମାର୍ ହୟ୍ସି,
ଜନାମ ଏଲିଆକିମାର୍ ହୟ୍ସି, 31 ଏଲିଆକିମ୍ ମଲାହର୍ ହୟ୍ସି,
ମଲାହ ମନାର୍ ହୟ୍ସି, ମନା ମତତାର୍ ହୟ୍ସି, ମତତା ନାତନାର୍
ହୟ୍ସି, ନାତନ୍ ଦାଉଦାର୍ ହୟ୍ସି, 32 ଦାଉଦ୍ ଜିସିର୍ ହୟ୍ସି,
ଜିସି ଅବେଦର୍ ହୟ୍ସି, ଅବେଦ ବୟଜାର୍ ହୟ୍ସି, ବୟଜ
ସେଲହର୍ ହୟ୍ସି, ସେଲହ ନହସନାର୍ ହୟ୍ସି, 33 ନହସନ୍
ଅମିନାଦବାର୍ ହୟ୍ସି, ଅମିନାଦବ୍ ଅଦ୍ମିନାର୍ ହୟ୍ସି, ଅଦ୍ମିନ୍
ଅର୍ନିର୍ ହୟ୍ସି, ଅଃର୍ନି ହିସ୍ରଣାର୍ ହୟ୍ସି, ହେସ୍ରଣ ପେରସାର୍

ହୟ୍ସି, ପେରସ୍ ଜିଉଦାର୍ ହୟ୍ସି, 34 ଜିଉଦା ଜାକୁବର୍ ହୟ୍ସି,
ଜାକୁବ ଇସାକାର୍ ହୟ୍ସି, ଇସାକ୍ ଅବ୍ରାହାମାର୍ ହୟ୍ସି, ଅବ୍ରାହାମ୍
ତେରହର୍ ହୟ୍ସି, ତେରହ ନାହରାର୍ ହୟ୍ସି, 35 ନାହର
ସରୁଗାର୍ ହୟ୍ସି, ସରୁଗ ରଗୁର୍ ହୟ୍ସି, ରଗୁ ପେଲଗାର୍ ହୟ୍ସି,
ପେଲଗ ଏବରାର୍ ହୟ୍ସି, ଏବର୍ ସେଲହାର୍ ହୟ୍ସି, 36 ସେଲହ
କେନାନାର୍ ହୟ୍ସି, କେନାନ୍ ଅରପକଦାର୍ ହୟ୍ସି, ଅରପକଦା
ସେମର୍ ହୟ୍ସି, ସେମ ନହର୍ ହୟ୍ସି, ନହର୍ ଉବାସି ଲେମକ୍,
37 ଲେମକ ମତୁସେଲହାର୍ ହୟ୍ସି, ମତୁସେଲହ ହନକାର୍
ହୟ୍ସି, ହନକ ଜେରଦାର୍ ହୟ୍ସି, ଜେରଦ ମହଲେଲାର୍
ହୟ୍ସି, ମହଲେଲ୍ କେନାନାର୍ ହୟ୍ସି 38 କେନାନ୍ ଏନସାର୍
ହୟ୍ସି, ଏନସ ସେତର୍ ହୟ୍ସି, ସେତ ଆଦମାର୍ ହୟ୍ସି, ଆଦମ୍
ଇସ୍ୱରାର୍ ହୟ୍ସି ।

**4** ଜିସୁ ପବିତ୍ର ଆତ୍ମାୟ୍ ହୁର୍ନ୍ ଅୟ୍ ଜର୍ଦନ୍ ଗାଡେ ହୁଣି ବାଉଲ୍ଲା,
ଆର୍ ଚାଲିସ୍ ଦିନ୍ ହଃତେକ୍ ପବିତ୍ର ଆତ୍ମା ତାକ୍ ସୁକ୍ଲା
ବଃଟାୟ୍ କାଡାୟ୍ ନିଲି, ସେତି ଜିସୁକ୍ ସୟ୍ତାନ୍ ପରିକ୍ୟା କଃର୍ତି
ରିଲି । 2 ସୟ୍ତାନ୍ ପରିକ୍ୟା କଃଲା ଦିନ୍ମଃନ୍ ଜିସୁ କାୟ୍ରି ହେଁ
ନଃକାୟ୍ଲା ଆର୍ ସେ ସଃବୁ ଦିନ୍ ସଃର୍ଲାକ୍ ଜିସୁକେ ବେସି ବୁକ୍
ଲାଗ୍ଲି । 3 ସଃଡେବଃଲ୍ ସୟ୍ତାନ୍ ତାକ୍ କୟ୍ଲି, "ତୁୟ୍ ଜଦି
ଇସ୍ୱରାର୍ ହୟ୍ସି, ତଃବେ ଇ ଟେଙାମଃନ୍କେ ରୁଟି ଅଃଉଁକେ
କଃଉ ।" 4 ଜିସୁ ସୟ୍ତାନ୍କେ ଉତୁର୍ ଦିଲା, "ଦଃର୍ମ୍ସାସ୍ତରେ
ଲେକା ଆଚେ, 'ମାନାୟ୍ ଅଃବ୍କା ରୁଟି କାୟ୍ କଃରି ଜିବନ୍
ନଃରେୟ୍ ।'" 5 ତାର୍ହଃଚେ ସୟ୍ତାନ୍ ଜିସୁକେ ଗଟେକ୍ ଉଚ୍
ଟାଣେ ନଃୟ୍କଃରି, ଚଃନେକ୍ ବିତ୍ରେ ଜଃଗତାର୍ ସଃବୁ ରାଇଜ୍କେ
ଦଃକାୟ୍ଲି । 6 ଆରେକ୍, ସୟ୍ତାନ୍ ଜିସୁକେ କୟ୍ଲି, "ମୁଁୟ୍
ତକେ ଇ ସଃବୁର୍ ଅଃଦିକାର୍ ଆର୍ ଇ ସଃବୁ ଦଃନ୍ବିତ୍ ଦଃୟ୍ନ୍ନ,
କାୟ୍ତାକ୍ବଃଲେକ୍ ଇ ସଃବୁ ମକ୍ ସଃହ୍ରି ଦିଆ ଅୟ୍ଆଚେ, ଆର୍
ମୁଁୟ୍ ଜାକେ ମଃନ୍କଃଲେକ୍ ତାକ୍ ଦେଉଁହାରି । 7 ସେତାକ୍ ତୁୟ୍
ଜଦି ମକ୍ ମୁଣ୍ଡିଆ ମାରି ଜୁଆର୍ କଃର୍ସି, ତଃବେ ଇ ସଃବୁ ମୁୟ୍
ତକ୍ ଦଃୟ୍ନ୍ନ ।" 8 ଜିସୁ ତାକ୍ ଉତୁର୍ ଦିଲା, "ସାସ୍ତରେ ଲେକା
ଅୟ୍ଆଚେ, 'ତୁୟ୍ ତର୍ ମାପ୍ରୁ ଇସ୍ୱର୍କେ ଜୁଆର୍ କଃର୍ ଆର୍
ତାର୍ ହଃକା ସେବା କଃର୍ ।'" 9 ଆରେକ୍ ସୟ୍ତାନ୍ ଜିସୁକେ
ଜିରୁସାଲମେ ନଃୟ୍ କଃରି ମନ୍ଦିର୍ ଟିହେ ଟିଆ କଃରାୟ୍ ତାକ୍
କୟ୍ଲି, "ତୁୟ୍ ଜଦି ଇସ୍ୱରାର୍ ହୟ୍ସି, ତଃବେ ଇତି ହୁଣି ତଃଲେ
ଡଃଗାଉ । 10 କାୟ୍ତାକ୍ବଃଲେକ୍ ସାସ୍ତରେ ଲେକା ଆଚେ,
ତକେ ବଚାଉଁକେ ଇସ୍ୱର୍ ଅଃହ୍ଣାର୍ ଦୁତ୍ମଃନ୍କେ ଆଦେସ୍
ଦଃୟ୍ ହଃଟାୟ୍ଦ୍ । 11 ଆରେକ୍ ଇରି ହେଁ ଲେକା ଆଚେ,
କଃଡେବଃଲ୍ ସିନା ତର୍ ହାଦ୍ ଟେଙାୟ୍ ହାୟ୍ଦ୍, ଇତାର୍ଗିନେ
ସେମଃନ୍ ତକ୍ ଆତେ ଟେକି ଦଃର୍ତି ।" 12 ଆରେକ୍ ଜିସୁ ତାକ୍
ଉତୁର୍ ଦିଲା, "ସାସ୍ତରେ ଲେକା ଆଚେ, 'ତୁୟ୍ ନିଜାର୍ ମାପ୍ରୁ
ଇସ୍ୱର୍କେ ପରିକ୍ୟା କଃର୍ ନାୟ୍ ।'" 13 ଜିସୁକେ, ସୟ୍ତାନ୍
ଇ ସଃବୁ ରଃକମାର୍ କଃଟ୍ହାଲ୍ ବୁଜି ସଃର୍ଲା ହଃଚେ ଅଃଲକ୍
କାଲ୍ ହଃତେକ୍ ତାକ୍ ଚାଡିକଃରି ହଃଲାୟ୍ଲି । 14 ଆର୍ ହଃଚେ
ଜିସୁ ଆତ୍ମାର୍ ସଃକାତ୍ ସଃଙ୍ଗେ ଗାଲିଲି ବାଉଳି ଗଃଲା, ଆର୍
ଚାରିହାକ୍ ତାର୍ କଃତା ଉର୍ଜି ଅୟ୍ଲି । 15 ଆରେକ୍ ଜିସୁ ସେତିର୍
ଲକ୍ମଃନାର୍ ପାର୍ତ୍ନା ଗଃରେମଃନ୍ ସିକ୍ୟା ଦଃୟ୍ ସଃବ୍କାର୍
ତଃୟ୍ହୁଣି ଜଃଜ୍ମାନ୍ ହାଉଁକ୍ ଦଃର୍ଲା । 16 ତାର୍ହଃଚେ ଜିସୁ
ଜୁୟ୍ ନାଜରିତେ ବାଡିରିଲା, ସେ ଟାଣେ ଗଃଲା ଆର୍ ଅଃହ୍ଣାର୍
ରିତିବିଦି ହଃର୍କାରେ ବିସାଉଁଣିବାର୍ ଦିନ୍ ପାର୍ତ୍ନା ଗଃରେ ଜାୟ୍
ହୁର୍ଲା, ଆର୍ ଦଃର୍ମ୍ ସାସ୍ତୁର୍ ହାଟ୍କଃରୁକେ ଟିଆ ଅୟ୍ଲା । 17
ସଃଡେବଃଲ୍ ଜିସାୟ୍ ବାବ୍ବାଦିର୍ ପୁସ୍ତକ୍ ତାକ୍ ଦିଆଅୟ୍ଲି,
ଆର୍ ଜିସୁ ସେ ପୁସ୍ତକ୍କେ ମେଲାକଃରି, ଜୁୟ୍ ଲଃଗେ ଇ କଃତା
ଲେକା ଅୟ୍ଆଚେ, ସେରି ମିଳାୟ୍ଲା, 18 "ମାପ୍ରୁର୍ ଆତ୍ମା ମର୍
ଉହ୍ରେ ଆଚେ, ଜଃନ୍କଃରି, ଦୁକି ଦିନାରିମଃନାର୍ ତଃୟ୍ ନିକ
କବୁର୍ ପର୍ଚାର୍ କଃରୁକେ ସେ ମକ୍ ଅବିସେକ୍ କଃରି ଆଚେ,
ଜଃଇଲେ ରିଲା ଲକ୍ମଃନ୍କେ ମୁକ୍ଲାଉଁକେ ଆର୍ କାଣାମଃନାର୍
ତଃୟ୍ ଆକି ଦଃକ୍ତାର୍ କଃତା ପର୍ଚାର୍ କଃରୁକେ, ଆରେକ୍
ଅଃତ୍ୟାଚାର୍ ହାଉତା ଲକ୍ମଃନ୍କେ ମୁକ୍ଲାଉଁକେ, 19 ଆର୍
ମାପ୍ରୁ ତାର୍ ଲକ୍ମଃନ୍କେ ଉହ୍କାର୍ କଃର୍ତା ବଃର୍ସ୍ ଆସିଆଚେ,
ଇ କଃତା ପର୍ଚାର୍ କଃରୁକେ ସେ ମକ୍ ହଃଟାୟ୍ ଆଚେ ।" 20
ତାର୍ହଃଚେ ସେ ପୁସ୍ତକ୍କେ ବଃନ୍ଧକଃରି ସେତିର୍ ପାର୍ତ୍ନା ଗଃରାର୍
ଜାଗୁଆଳି ଲକେ ଦଃୟ୍କଃରି ବଃସ୍ଲା । ଆର୍ ପାର୍ତ୍ନା ଗଃରାର୍
ସଃବୁ ଲକ୍ମଃନାର୍ ଆକି ତାର୍ ଉହ୍ରେ ରିଲି । 21 ଆରେକ୍ ଜିସୁ
ସେମଃନ୍କେ କଃଉଁକେ ଦଃର୍ଲା, "ଆଜି ଦଃର୍ମ୍ ସାସ୍ତରାର୍ ଇ କଃତା
ତୁମିମଃନାର୍ ସୁଣ୍ତା ହଃର୍କାରେ ହୁରୁଣ୍ ଅୟ୍ଲି ।" 22 ଆର୍
ସଃବୁ ଲକ୍ମଃନ୍ ତାର୍ କଃତାକ୍ ସଃତ୍ ବଃଲି ସାକି ଦେଉଁକେ
ଦଃର୍ଲାୟ୍ ଆର୍ ତାର୍ ଟଣ୍ଡେ ହୁଣି ବାରାୟ୍ଲା ଦଃୟାୟ୍ ଉହ୍କାର୍
କଃର୍ତା କଃତାର୍ ଗିନେ କାବା ଅୟ୍ଗଃଲାୟ୍; ଆରେକ୍, ସେମଃନ୍
କଃଉଁକେ ଦଃର୍ଲାୟ୍, "ଏ କାୟ୍ ଜସେପାର୍ ହୟ୍ସି ନୟ୍?"
23 ସେତାକ୍ ସେ ସେମଃନ୍କେ କୟ୍ଲା, "ଜାୟ୍ରି କଃତାୟ୍
ଆଚେ, 'ତୁମିମଃନ୍ ବାୟ୍ଦ୍ରେ ମକ୍ ସେ କଃତା କଃଉଆସ୍, ଏ
ବୟ୍ଦ୍କାରି ତୁୟ୍ ନିଜେ ଅଃହ୍ଣାକ୍ ଉଜ୍ କଃର୍ ।' ଆରେକ୍ ହେଁ
କଃଉଆସ୍, 'କପୁର୍ନାହୁମ୍ ଗଃଲେ ଜାୟ୍ ଜାୟ୍ରି ଗଃଟି ଆଚେ
ବଃଲି ଅଃମିମଃନ୍ ସୁଣି ଆଚୁ, ସେ ସଃବୁ ଇ ଲଃଗେ ଇତି ନିଜାର୍
ଜଃଲମ୍ ଗଃଲେ ହେଁ କଃର୍ ।'" 24 ଆରେକ୍ ସେ କୟ୍ଲା, "ମୁଁୟ୍
ତୁମିମଃନ୍କେ ସଃତ୍ କଃଉଁଲେ, କୁୟ୍ ବାବ୍ବାଦି ହେଁ ନିଜାର୍
ଦାଦିବାବୁର୍ ଗଃଲେ ମାନ୍ତି ନଃହାଉତି ।" 25 "ମଃତର୍ ମୁଁୟ୍
ତୁମିମଃନ୍କେ ସଃତ୍ କଃଉଁଲେ, ଏଲିୟର୍ ବଃଲ୍ ଜଃଡେବଃଲ୍
ତିନି ବଃର୍ସ୍ ଚଅ ମାସ୍ ହଃତେକ୍ ଅଃଗାସ୍ ବଃନ୍ଦ ଅୟ୍ଲାକ୍ ସଃବୁ
ଦେସ୍ଜାକ କଃତାର୍ ଅୟ୍ରିଲି, ସଃଡେବଃଲ୍ ଇସ୍ରାଏଲ୍ ଦେସେ
ଗାଦେକ୍ ରାଣ୍ଡିମଃନ୍ ରିଲାୟ୍; 26 ଅୟ୍ଲେକ୍ ହେଁ ମାପ୍ରୁ ଏଲିୟ୍କେ
ସେମଃନାର୍ ବିତ୍ରେ କାର୍ ଲଃଗେ ହେଁ ନଃହେଟାୟ୍ କଃରି ସିଦନ୍
ଦେସାର୍ ସାରିପତାର୍ ଗଟେକ୍ ରାଣ୍ଡି ମାୟ୍ଜି ହାକ୍ ହଃଟାୟ୍ଲା

। 27 ଆରେକ୍ ବାବ୍‌ବାଦି ଇଲିସାୟର୍ ବଃଲ୍ ଇସ୍ରାଏଲ୍ ଦେସେ
କଃତେକ୍ ବଃଡ୍ ରଗିମଃନ୍ ରିଲାୟ୍; ଅୟ୍‌ଲେକ୍ ହେଁ ସେମଃନାର୍
ବିତ୍ରେ କେ ହେଁ ଉଜ୍ କଃରା ଅୟ୍‌ନଃରିଲାୟ୍, ମଃତର୍ ଅଃବ୍‌କା
ସୁରିଆ ଦେସାର୍ ନାମାନ୍ ଉଜ୍ କଃରା ଅୟ୍‌ରିଲା ।" 28 ପାର୍ତ୍‌ନା
ଗଃରେ ଇ ସଃବୁ କଃତା ସୁଣୁ ସୁଣୁ ସଃବୁ ଲକ୍ ରିସା ଅୟ୍‌ଲାୟ୍,
29 ଆରେକ୍ ସେମଃନ୍ ଉଟି ତାକାର୍ ଗଃଲେ ହୁଣି ଜିସୁକେ ବାର
କଃଲାୟ୍ ଆର୍ ସେମଃନାର୍ ଗଃଲ୍ ଜୁୟ୍ ହଃର୍ବାଡ୍ ଉହ୍ରେ ରିଲି,
ସେ ହଃର୍ବାଡ୍ ଉହ୍ରେ ହୁଣି ତଃଲେ ହେଲାଉଁକ୍ ତାକ୍ ସେତି ନିଲାୟ୍,
30 ମଃତର୍ ଜିସୁ ଲକ୍‌ମଃନ୍ଦା ବିତ୍ରେ ହୁଣି ବାରାୟ୍ ଗଃଲା । 31
ସେ କପୁର୍ନାହୁମ୍ ନାଉଁଆର୍ ଗାଲିଲିର୍ ଗଟେକ୍ ଗଃଲେ ଆୟ୍‌ଲା,
ଆରେକ୍ ବିସାଉଁଣିବାର୍ ଦିନ୍ ଲକ୍‌ମଃନ୍‌କେ ସିକ୍ୟା ଦେଉଁକେ
ଦଃର୍ଲା, 32 ଆର୍ ସେମଃନ୍ ତାର୍ ସିକ୍ୟା ସୁଣି କାବା ଅୟ୍ ଗଃଲାୟ୍,
କାୟ୍‌ତାକ୍‌ବଃଲେକ୍ ତାର୍ କଃତା ଅଃଦିକାର୍ କଃତା ରିଲି । 33
ଗଟ୍ ଦିନ୍ ପାର୍ତ୍‌ନା ଗଃରେ ଗଟେକ୍ ବିଟାଲ୍ ବୁତ୍ ଦଃରିରିଲା ଲକ୍
ରିଲା; ସେ ଉଲ୍‌ଗାଟ୍ ଅୟ୍‌କଃରି କୟ୍‌ଲା, 34 "ଏ ନାଜରିତ୍
ଜିସୁ, ତର୍ ଅଃମାର୍ କାୟ୍‌ରି ଆଚେ? ତୁୟ୍ କାୟ୍ ଅଃମିମଃନ୍‌କ୍
ନାସ୍ କଃରୁକେ ଆୟ୍‌ଲିସ୍? ତୁୟ୍ କେ, ସେରି ମୁଁୟ୍ ଜାଣି; ତୁୟ୍
ଇସ୍ୱରାର୍ ସେ ପବିତ୍ର ମାନାୟ୍ ।" 35 ଜିସୁ ତାକ୍ ଦଃମ୍‌କାୟ୍
କଃରି କୟ୍‌ଲା, "ତୁନ୍‌ହାଲ୍, ଇ ଲକାର୍ ତଃୟ୍‌ହୁଣି ବାରାୟ୍ ଜାଆ
।" ତାର୍‌ହଃଚେ ସେ ବୁତ୍ ତାକ୍ ମଃଜି ଟାଣେ ଅଡ୍ରାୟ୍ ଦଃୟ୍ ତାର୍
କାୟ୍ ନଃସ୍ଟ ନଃକେରି ତାର୍ ତଃୟ୍‌ହୁଣି ବାରାୟ୍ ଗଃଲି । 36
ଆର୍ ହଃଚେ ସଃବୁ ଲକ୍‌ମଃନ୍ କାବା ଅୟ୍‌କଃରି ତାକାର୍ ତାକାର୍
ବିତ୍ରେ କଃଉଆକଇ ଅୟ୍‌ଲାୟ୍, "ଇରି କଃନ୍‌କା କଃତା? ସେ
ଅଃଦିକାର୍ ଆର୍ ସଃକ୍ତିର୍ ସଃଙ୍ଗ ବିଟାଲ୍ ଆତ୍ମାମଃନ୍‌କେ ଆଦେସ୍
ଦିଲେକ୍, ସେମଃନ୍ ବାରାୟ୍ ଜଃଉଁଲାୟ୍ ।" 37 ତାର୍‌ହଃଚେ
ତାର୍ ସଃବୁ କଃତା ଚାରିବାଟାର୍ ସଃବୁ ହାକ୍ ଉର୍ଜି ଅୟ୍‌ଲି । 38
ତାର୍‌ହଃଚେ ଜିସୁ ପାର୍ତ୍‌ନା ଗଃରେହୁଣି ଉଟି ସିମନାର୍ ଗଃରେ
ଗଃଲା । ସିମନାର୍ ସଃତୁର୍ସି ଜଃବର୍ ଜଃର୍ତିରିଲି, ଆର୍ ସେମଃନ୍
ତାର୍ ବିସୟେ ଜିସୁକେ ଗଃଉଆରି କଃଲାୟ୍ । 39 ସେତାର୍
ହଃଚେ ଜିସୁ ତାର୍ ଲଃଗେ ଟିଆ ଅୟ୍ ଜଃର୍‌କେ ଦଃମ୍‌କାୟ୍‌ଲା,
ଆର୍ ତାର୍ ଜଃର୍ ଚାଡ୍‌ଲି, ଆରେକ୍ ସେ ସେଦାହ୍ରେ ଉଟିକଃରି
ସେମଃନାର୍ ସେବା କଃରୁକେ ଦଃର୍ଲି । 40 ବେଲ୍ ବୁଡ୍‌ତା ବଃଲ୍,
ଜୁୟ୍ ଲକ୍‌ମଃନାର୍ ଲଃଗେ ବିନ୍ ବିନ୍ ରଃକମାର୍ ରଗ୍‌ଦୁକାୟ୍
ହଃଲ୍‌ଲା ଲକ୍‌ମଃନ୍ ରିଲାୟ୍, ସେ ସଃବ୍‌କେ ଜିସୁର୍ ଲଃଗେ
ଆଣ୍‌ଲାୟ୍ ଆର୍ ଜିସୁ ସଃବୁ ଲକାର୍ ଉହ୍ରେ ଆତ୍ ସଃଙ୍ଗାୟ୍ ଉଜ୍
କଃଲା । 41 ଆରେକ୍ ବୁତ୍‌ମଃନ୍ ହେଁ ଆଉଲି ଅୟ୍‌କଃରି, "ତୁୟ୍
ଇସ୍ୱରାର୍ ହୟ୍‌ସି," ବଃଲି କୟ୍ ଗାଦେକ୍ ଲକାର୍ ତଃୟ୍‌ହୁଣି
ବାରାୟ୍ ଗଃଲାୟ୍ । ଆରେକ୍ ଜିସୁ ସେମଃନ୍‌କେ ମଦାରେଉଁକେ
କୟ୍‌ଲା ଆର୍ କଃତା କଃଉଁକେ ନଃଦିଲା, କାୟ୍‌ତାକ୍‌ବଃଲେକ୍ ସେ
କ୍ରିସ୍ଟ ବଃଲି ସେମଃନ୍ ଜାଣିରିଲାୟ୍ । 42 ସଃକାଲ୍ ଅୟ୍‌ଲାକ୍, ଜିସୁ
ଗଃଲେହୁଣି ବାରାୟ୍ ଜାୟ୍ ଗଟେକ୍ ସିଶିନ୍ଦ ଟାଣେ ଗଃଲା; ଆର୍
ଲକ୍‌ମଃନ୍ଦା ତାକ୍ ଲଲି ଲଲି ତାର୍ ଲଃଗେ ଆୟ୍‌ଲାୟ୍, ଆରେକ୍
ସେ ସେମଃନାର୍ ଲଃଗେହୁଣି ଚାଡି ନଃଜାୟ୍ଁ, ସେତାର୍‌ଗିନେ ତାକ୍
ତେବାଉଁକ୍ ଦଃର୍ଲାୟ୍ । 43 ମଃତର୍ ଜିସୁ ସେମଃନ୍‌କେ କୟ୍‌ଲା,
"ବିନ୍ ବିନ୍ ଗଃଲେମଃନ୍ ହେଁ ମକ୍ ବାୟ୍‌ଦ୍‌ରେ ମାପୁର୍ ରାଇଜାର୍
ନିକ କବୁର୍ ପର୍ଚାର୍ କଃରୁକେ ହଃଲେଦ୍, କାୟ୍‌ତାକ୍‌ବଃଲେକ୍
ଇତାର୍ ଗିନେ ମାପୁ ମକ୍ ହଃଟାୟ୍ ଆଚେ ।" 44 ଆରେକ୍ ସେ
ଜିଉଦା ଦେସାର୍ ପାର୍ତ୍‌ନା ଗଃରେମଃନ୍ ପର୍ଚାର୍ କଃରୁକେ ଦଃର୍ଲା
।

5 ଗଟ୍ ଦିନ୍ ଜିସୁ ଗିନେସ୍‌ରଃତ୍ ସଃମ୍‌ନ୍ଦ କଃଣ୍ଡାୟ୍ ଟିଆ
ଅୟ୍‌ରିଲା, ସଃଡେବଃଲ୍ ଲକ୍‌ମଃନ୍ଦାମଃନ୍ ତାର୍ ତଃୟ୍‌ହୁଣି
ଇସ୍ୱରାର୍ କଃତା ସୁଣୁକ୍ ତାର୍ ଉହ୍ରେ ମାଡାମାଡି ଅଃଉତି ରିଲାୟ୍;
2 ଆର୍ ସେ ସଃମ୍‌ନ୍ଦ କଃଣ୍ଡାୟ୍ ଜଲେକ୍ ଡଙ୍ଗା ରିଲାର୍ ଦଃକ୍‌ଲା;
ମାଚୁଆମଃନ୍ ସେତିହୁଣି ଉତ୍ରି ଜାଲ୍ ଦଃଉତି ରିଲାୟ୍ । 3
ସେତିର୍ ଡଙ୍ଗାମଃନାର୍ ବିତ୍ରେ ଜୁୟ୍ ଡଙ୍ଗା ସିମନାର୍ ରିଲି, ସେତି
ଜିସୁ ଚଃଗ୍‌ଲା ଆର୍ କଃଣ୍ଡାୟ୍ ହୁଣି କଃଣ୍ଡେକ୍ ଦୁରିକ୍ ଜଃଉଁକେ
ଗଃଉଆରି କଃଲାୟ୍; ଆର୍ ସେ ଡଙ୍ଗାୟ୍‌ହୁଣି ଲକ୍‌ମଃନ୍ଦାମଃନ୍‌କେ
ସିକ୍ୟା ଦେଉଁକେ ଦଃର୍ଲା । 4 ଜିସୁ କଃତା ସଃରାୟ୍‌କଃରି
ସିମନ୍‌କ୍ କୟ୍‌ଲା, "ଡେଙ୍ଗ ହାଣି ଲଃଗେ ଜାୟ୍ ମାଚ୍ ଦଃରୁକ୍
ତୁମାର୍ ଜାଲ୍ ହଃକାଉଆ ।" 5 ଆର୍ ହଃଚେ ସିମନ୍ ଉତୁର୍
ଦିଲା, "ଏ ଗୁରୁ, ଅଃମିମଃନ୍ ରାତିସଃରା କଃସ୍ଟକଃରି କାୟ୍‌ରି
ହେଁ ନଃଦେରୁ; ମଃତର୍ ତର୍ କଃତା ମାନି କଃରି ମୁଁୟ୍ ଜାଲ୍
ହଃକାୟ୍‌ନ୍ଦ ।" 6 ଆର୍ ସେମଃନ୍ ଜାଲ୍ ହଃକାୟ୍‌କଃରି ଗାଦେକ୍
ମାଚ୍ ଦଃର୍ଲାୟ୍, ଆରେକ୍ ସେମଃନାର୍ ଜାଲ୍ ଚିଡୁକ୍ ଦଃର୍ଲି । 7
ସେତାର୍‌ଗିନେ ସେମଃନାର୍ ଜୁୟ୍ ସଃଙ୍ଗଆଲିମଃନ୍ ବିନ୍ ଡଙ୍ଗାୟ୍
ରିଲାୟ୍, ସେମଃନ୍ ଜଃନ୍‌କଃରି ଆସିକଃରି ଉହ୍‌କାର୍ କଃର୍ତି,
ସେତାର୍ ଗିନେ ସେମଃନ୍ ସେମଃନ୍‌କେ ଆତ୍ ମାରି କୁଦ୍‌ଲାୟ୍
। ତଃବେ ସେମଃନ୍ ଆସି ଜଲେକ୍ ଡଙ୍ଗା ଇବାନ୍ୟା ମାଚ୍ ବଃର୍ତି
କଃଲାକ୍ ତାକାର୍ ଡଙ୍ଗାମଃନ୍ ବୁଡୁକ୍ ଦଃର୍ଲି । 8 ମଃତର୍ ସିମନ୍
ପିତର୍ ଇ ସଃବୁ ଦଃକି ଜିସୁର୍ ହାଦ୍ ତଃଲେ ହଃଲି କୟ୍‌ଲା,
"ଏ ମାପୁ, ମର୍ ତଃୟ୍‌ହୁଣି ଦୁରିକ୍ ଜାଆ, କାୟ୍‌ତାକ୍‌ବଃଲେକ୍
ମୁଁୟ୍ ଗଟେକ୍ ହାହି ମାନାୟ୍ ।" 9 କାୟ୍‌ତାକ୍‌ବଃଲେକ୍ ସେମଃନ୍
ଅଃତେକ୍ ମାଚ୍ ଦଃରି ରିଲାୟ୍ ଜେ, ସେରି ଦଃକି ସିମନ୍ ଆର୍
ତାର୍ ସଃଙ୍ଗଆଲିମଃନ୍ କାବା ଅୟ୍‌ଲାୟ୍ । 10 ଆରେକ୍ ଜେବଦିର୍
ଜଲେକ୍ ହୟ୍‌ସି ଜାକୁବକ୍ ଆର୍ ଜହନ୍, ଜୁୟ୍‌ମଃନ୍ କି ସିମନାର୍
ସଃଙ୍ଗ ରିଲାୟ୍, ସେମଃନ୍ ହେଁ ସେରଃକମ୍ କାବା ଅୟ୍‌ଲାୟ୍ ।
ଆରେକ୍ ଜିସୁ ସିମନ୍‌କେ କୟ୍‌ଲା, "ଡିର୍ନାୟ୍, ଆଜିହୁଣି ତୁୟ୍
ମାନାୟ୍‌ମଃନ୍‌କେ ଦଃର୍ସି ।" 11 ସେତାର୍ ହଃଚେ ସେମଃନ୍
ଡଙ୍ଗାମଃନ୍ କଃଣ୍ଡାୟ୍ ଆଣି ସଃବୁ ଚାଡି କଃରି ଜିସୁର୍ ହଃଚେ
ଗଃଲାୟ୍ । 12 ଗଟ୍‌ତର୍ ଜିସୁ ଗଟ୍ ଗଃଲେ ରିଲା ବଃଲ୍, ଦଃକା,
ସେତି ଗଟେକ୍ ବଃଡ୍ ରଗି ରିଲା; ସେ ଜିସୁକେ ଦଃକି ମୁଣ୍ଡିଆ
ମାରିକଃରି କାନିକର୍ମି ଅୟ୍ କୟ୍‌ଲା, "ଏ ମାପୁ, ତୁୟ୍ ଜଦି ମଃନ୍

କଽର୍ସି, ତଽବେ ମକ୍ ଉଜ୍ କଽରୁ ହାର୍ସି ।" 13 ସେତାର୍ ଗିନେ
ଜିସୁ ଆତ୍ ଲାମାୟ୍ ତାକ୍ ଚୁୟ୍କଽରି କୟ୍ଲା, "ମୁଁୟ୍ ମଽନ୍
କଽରୁଲେ, ତୁୟ୍ ଉଜ୍ ଅଽଉ ।" ସେଦାହ୍ରେ ବଽଡ୍ ରଗ୍ ତାର୍
ତଽୟ୍ହୁଣି ଦୁର୍ ଅୟ୍ଲି । 14 ଆର୍ ଜିସୁ ତାକ୍ କୟ୍ଲା, "କାକେ
ହେଁ କଽଉ ନାୟ୍, ମଽତର୍ ସଽଲ୍କେ ଜାଜକ୍ ଲଽଗେ ଜାଆ,
ଆର୍ ସେ ତକେ ପରିକ୍ୟା କଽରି ଦଽକ, ତାର୍ହଽଚେ ତୁୟ୍ ନିର୍ମୁଲ୍
ଅୟ୍ ଆତ୍ସି ବଽଲି ବିନ୍ ଲକ୍ମଽନାର୍ ତଽୟ୍ ସାକି ଦେଉଁକ୍
ମସାର୍ ବିଦି ହଽର୍କାରେ ଦାନ୍ ଦେସ୍ ।" 15 ମଽତର୍ ଜିସୁର୍
କଽତା ଆରେକ୍ ଅଽଦିକ୍ ଉର୍ଜି ଅୟ୍ଲି, ଆରେକ୍ ଅଲେକାର୍
ଲକ୍ ତାର୍ ସିକ୍ୟା ସୁଣୁକ୍ ଆର୍ ନିଜାର୍ ନିଜାର୍ ରଗେ ହୁଣି ଉଜ୍
ଅଽଉଁକେ ତାର୍ ହାକ୍ ଆୟ୍ଲାୟ୍ । 16 ମଽତର୍ ସେ ଲକ୍ବାକ୍
ନୟ୍ଲା ସିଣିନ୍ଦ ଜଽଗାୟ୍ମଽନ୍ ରଽୟ୍ ପାର୍ଥନା କଽର୍ତିରିଲା । 17
ଗଟ୍ଦିନ୍ ଜିସୁ ସିକ୍ୟା ଦେତିରିଲା, ଆର୍ ଗାଲିଲିର୍ ସଽବୁ ଗାଉଁ,
ଆରେକ୍ ଜିଉଦା ରାଜି ଆର୍ ଜିରୁସାଲମେ ହୁଣି ଆସିରିଲା ପାରୁସି
ଆର୍ ଦଽର୍ମ୍ ଗୁରୁମଽନ୍ ଲଽଗେ ବଽସି ରିଲାୟ୍ । ଆର୍ ଜିସୁ
ଜଽନ୍କଽରି ରଗ୍ ଉଜ୍ କଽରେଦ୍, ଇତାର୍ ଗିନେ ମାପ୍ରୁର୍ ସଽକ୍ତି
ସେତି ଆୟ୍ଲି । 18 ଆରେକ୍ ଦଽକା, କଽତେକ୍ ଲକ୍ ଗଟେକ୍
ଏକ୍ଅଽଙ୍ଗି ରଗିକେ କଽଟେ ବୟ୍ଆଣି ତାକ୍ ବିତ୍ରେ ନେଉଁକେ ଆର୍
ଜିସୁର୍ ମୁଏଁ ସଽଙ୍ଗାଉଁକ୍ ଉପାୟ୍ କଽର୍ତି ରିଲାୟ୍ । 19 ମଽତର୍
ଲକ୍ ମଽନ୍ହାର୍ ଗିନେ ତାକ୍ ବିତ୍ରେ ନେଉଁକେ ବାଟ ନଽମିଲ୍ଲାକ୍
ସେମଽନ୍ ଗଽରାର୍ ଚାନି ଉହ୍ରେ ଜାୟ୍, ଚାନି କାଣା କଽରି କଽଟ୍
ସଽଙ୍ଗ ତାକ୍ ମଽଜାୟ୍ ଜିସୁର୍ ଲଽଗେ ଉତ୍ରାୟ୍ଲାୟ୍ । 20 ଜିସୁ
ସେମଽନାର୍ ବିସ୍ୱାସ୍ ଦଽକି କୟ୍ଲା, "ଏ ବାୟ୍, ତର୍ ହାହ୍ ସଽବୁ
କେମା କଽରାଅୟ୍ ଆଚେ ।" 21 ସେତାର୍ ଗିନେ ଦଽର୍ମ୍ଗୁରୁ
ଆର୍ ପାରୁସିମଽନ୍ ନିଜାର୍ ନିଜାର୍ ବିତ୍ରେ କଽତାବାର୍ତା ଅୟ୍
ଇବାନ୍ୟା ବଽଲି କଽଉଁକେ ଦଽର୍ଲାୟ୍, "ଇ ମାନାୟ୍ ତ ଇସ୍ୱରାର୍
ଲିନ୍ଦା କଽରୁଲା, ଇ ମାନାୟ୍ କେ? ଅଽବ୍କା ମାପ୍ରୁକ୍ ଚାଡି ଆର୍
କେ ହାହ୍ କେମା କଽରୁହାରେ?" 22 ମଽତର୍ ଜିସୁ ସେମଽନାର୍
କଽତାବାର୍ତା ବୁଜିକଽରି ସେମଽନ୍କେ ଉତୁର୍ ଦିଲା, "ତୁମିମଽନ୍
ନିଜାର୍ ନିଜାର୍ ମଽନ୍ ବିତ୍ରେ କାୟ୍ରି କଽତାବାର୍ତା ଅଽଉଁଲାସ୍?
23 କାୟ୍ରି ଉପାସ୍? ତର୍ ହାହ୍ ସଽବୁ କେମା କଽରା ଅୟ୍ଲି
ବଽଲି କଽଉତାର୍, କି ଉଟ୍ ଇଣ୍ଟି ଜାଆ ବଽଲି କଽଉତାର୍? 24
ମଽତର୍ ହୁର୍ତିବିଏ ହାହ୍ କେମା କଽରୁକେ ନଽରାର୍ ହୟ୍ସିର୍ ଜେ
ଅଽଦିକାର୍ ଆଚେ," ଇରି ଜଽନ୍କଽରି ତୁମିମଽନ୍ ଜାଣୁ ହାରାସ୍,
ଇତାର୍ ଗିନେ ଜିସୁ ଏକ୍ଅଽଙ୍ଗି ରଗିକ୍ କୟ୍ଲା, "ମୁଁୟ୍ ତକେ
କଽଉଁଲେ, ଉଟ୍ ଆର୍ ନିଜାର୍ କଽଟ୍ ଦଽରି ନିଜାର୍ ଗଽରେ
ଜାଆ ।" 25 ସେତାର୍ ହଽଚେ ସେ ସେଦାହ୍ରେ ସେମଽନାର୍ ମୁଏଁ
ଉଟି, ଜୁୟ୍ କଽଟ୍ ଉହ୍ରେ ସେ ସୟ୍ରିଲା, ସେରି ଦଽରି ଇସ୍ୱରାର୍
ଗୁଣ୍ଗାୟ୍କଽରି ନିଜାର୍ ଗଽରେ ଗଽଲା । 26 ସେତାର୍ ଗିନେ
ସଽବୁଲକ୍ କାବା ଅୟ୍ ଇସ୍ୱରାର୍ ଗୁଣ୍ କଽଉଁକେ ଦଽର୍ଲାୟ୍ ଆର୍
ବେସି ଡିରିକଽରି କୟ୍ଲାୟ୍, "ଆଜି ଅଽମିମଽନ୍ କଽତେକ୍ କାବା
ଅଽଉତା କାମ୍ ଦଽକ୍ଲୁ ।" 27 ଆର୍ ହଽଚେ ଜିସୁ ବାରାୟ୍
ଜାୟ୍ ଲେବି ନାଉଁଆର୍ ଗଟେକ୍ ରିବ୍ନି ବଽଙ୍ଗ୍ଲାୟ୍ ସିସ୍ତ ମାଗ୍ତା
ଟାଣେ ବଽସିରିଲାର୍ ଦଽକି ତାକ୍ କୟ୍ଲା, "ମର୍ ହଽଚେ ହଽଚେ
ଆଉ ।" 28 ସେତାକ୍ ଲେବି ସଽବୁ ଚାଡିକଽରି ଉଟ୍ଲା ଆର୍
ଜିସୁର୍ ହଽଚେ ହଽଚେ ଜଽଉଁକେ ଦଽର୍ଲା । 29 ଆରେକ୍ ଲେବି
ନିଜାର୍ ଗଽରେ ଜିସୁର୍ ଗିନେ ଗଟେକ୍ ବଽଡ୍ ବଜି କଽଲା, ଆର୍
ଗାଦେକ୍ ରିବ୍ନି ଆର୍ ବିନ୍ ବିନ୍ ଲକ୍ ସେମଽନାର୍ ସଽଙ୍ଗ ବଜି
କାଉଁକେ ବଽସ୍ଲାୟ୍ । 30 ସେତାର୍ ଗିନେ ପାରୁସିମଽନ୍ ଆର୍
ସେମଽନାର୍ ଦଽଲାର୍ ଦଽର୍ମ୍ଗୁରୁମଽନ୍ ଜିସୁର୍ ଚେଲାମଽନାର୍
ବିରଦେ କଽତା କଽଉଁକେ ଦଽର୍ଲାୟ୍, "ତୁମିମଽନ୍ କାୟ୍ତାକ୍
ରିବ୍ନି ଆର୍ ହାହିମଽନାର୍ ସଽଙ୍ଗ କାଉଆହିଉଆ କଽରୁଲାସ୍?"
31 ଜିସୁ ସେମଽନ୍କେ ଉତୁର୍ ଦିଲା, "ନିକ ଲକ୍ମଽନାର୍ ଗିନେ
ବୟ୍ଦ୍କାରି ଲଳା ନାୟ୍, ମଽତର୍ ରଗିମଽନାର୍ ଗିନେ ଲଳା
ଆଚେ । 32 ମୁଁୟ୍ ଦଽର୍ମି ଲକ୍ମଽନ୍କେ କୁଦୁକେ ନାସି, ମଽତର୍
ମଽନ୍ ବାଦ୍ଲାୟ୍ ଆସ୍ତା ହାହିମଽନ୍କେ କୁଦୁକେ ଆସିଆଚି ।" 33
କଽତେକ୍ ଲକ୍ ଜିସୁକେ କୟ୍ଲାୟ୍, "ଜହନ୍ ଆର୍ ଚେଲାମଽନ୍
ତର୍କେ ତର୍ ଉହାସ୍ ଆର୍ ପାର୍ତନା କଽର୍ତି, ପାରୁସିମଽନାର୍
ଚେଲାମଽନ୍ ହେଁ ସେବାନ୍ୟା କଽର୍ତି, ମଽତର୍ ତର୍ ଚେଲାମଽନ୍
କାଉଆ ହିଉଆ କଽର୍ତି ।" 34 ସେତାକ୍ ଜିସୁ ସେମଽନ୍କେ
କୟ୍ଲା, "ବଽର ଗଚ୍ୟାମଽନାର୍ ସଽଙ୍ଗ ବଽର ବିବା ଗଽରେ
ରେତା ବଽଲ୍ ତୁମିମଽନ୍ କାୟ୍ ସେମଽନ୍କେ ଉହାସ୍ କଽରାଉଁ
ହାରାସ୍? କଽବେ ହେଁ ନାୟ୍! 35 ମଽତର୍ ବେଲ୍ ଆସେଦ୍,
ଜଽଡେବଽଲ୍ ସେମଽନାର୍ ତଽୟ୍ହୁଣି ବଽରକେ ଅଽଲ୍ଗା କଽରା
ଅୟ୍ଦ୍, ସଽଡେବଽଲ୍ ସେମଽନ୍ ଉହାସ୍ କଽର୍ତି ।" 36 ଆରେକ୍
ଜିସୁ ସେମଽନ୍କେ ଗଟେକ୍ କଽତାନି କୟ୍ଲା, "କେହେଁ ନଽଉଆଁ
ହଽଚ୍ୟାର୍ ହାଟ୍ଲି କଽଣ୍ଡେକ୍ ଚିରି ହଽର୍ନା ହଽଚ୍ୟାୟ୍ ନଽମିସାୟ୍;
ମିସାୟ୍ଲେକ୍ ସେ ନଽଉଆଁ ହାଟ୍ଲି ହଽର୍ନା ହାଟ୍ଲିକ୍ ଅଽଦିକ୍
ଚିରେଦ୍, ଆରେକ୍ ନଽଉଆଁ ହଽଚ୍ୟାର୍ କଽଣ୍ଡେକ୍ ହାଟ୍ଲି ହେଁ
ହଽର୍ନା ସଽଙ୍ଗ ନଽମିସେ । 37 ଆର୍ କେହେଁ ନଽଉଆଁ ଅଙ୍ଗୁର୍ ରଽସ୍
ହଽର୍ନା ଚାମ୍ ମଣାୟ୍ ନଽସେଙ୍ଗାୟ୍; ସଽଙ୍ଗାୟ୍ଲେକ୍ ନଽଉଆଁ
ଅଙ୍ଗୁର୍ ରଽସ୍ ଚାମ୍ ମଣାକେ ହଽଟାୟ୍ ଗଽସ୍ରି ଜାୟ୍ଦ୍, ଆର୍
ଚାମ୍ମଣା ନଽସ୍ତ ଅୟ୍ଦ୍ । 38 ମଽତର୍ ନଽଉଆଁ ଅଙ୍ଗୁର୍ ରଽସ୍
ନଽଉଆଁ ଚାମ୍ ମଣାୟ୍ ସଽଙ୍ଗାଉଁ ଅୟ୍ଦ୍ । 39 ଆର୍, କେ ହେଁ
ହଽର୍ନା ଅଙ୍ଗୁର୍ ରଽସ୍ କାୟ୍କଽରି ନଽଉଆଁ ଅଙ୍ଗୁର୍ ରଽସ୍ କାଉଁକେ
ମଽନ୍ ନଽକେରେ, କାୟ୍ତାକ୍ବଽଲେକ୍ ସେ କୟ୍ଦ୍, ହଽର୍ନାରି ତ
ବେସି ନିକ ।"

**6** ଗଟେକ୍ ବିସାଉଁଣିବାର୍ ଦିନ୍ ଜିସୁ ଗଅଁ ହଽଦା ବାଟ
ଅୟ୍କଽରି ଜାତିରିଲା ବଽଲ୍ ତାର୍ ଚେଲାମଽନ୍ ଗଅଁ କେଡ୍
ଚିଡାୟ୍ ତାକାର୍ ଆତେ ରଽମ୍ନ୍ଦି କାତି ରିଲାୟ୍ । 2 ମଽତର୍
ପାରୁସିମଽନାର୍ ବିତ୍ରେ କଽତିଲକ୍ କୟ୍ଲାୟ୍, "ବିସାଉଁଣିବାର୍ ଦିନ୍
ଜାୟ୍ରି କଽର୍ତାର୍ ସାସ୍ତରାର୍ ବିଦି ନାୟ୍, ସେରି ତୁମି କାୟ୍ତାକ୍

କଃରୁଲାସ୍?” 3 ଜିସୁ ସେମଃନ୍‌କେ ଉତୁର୍ ଦିଲା, “ଦାଉଦ୍
ଆର୍ ତାର୍ ସଃଙ୍ଗଆଳିମଃନ୍ ବୁକେ ରିଲା ବଃଲ୍ ସେ କାୟ୍
କଃରିରିଲା, ସେରି କାୟ୍ ତୁମିମଃନ୍ କଃବେ ହେଁ ନଃହଳାସ୍?
4 ସେ କଃନ୍‌କଃରି ଇସ୍ୱରାର୍ ଗଃରେ ହୁରିକଃରି, ଜୁୟ୍ ରୁଟି
ମାପ୍ରୁର୍ ଲଃଗେ ଦିଆ ଅଃଉତି ରିଲି ସେରି ଜାଜକ୍‌ମଃନ୍‌କେ
ଚାଡି କେହେଁ କାତା ବିଦି ନଃରିଲି, ସେରି ନଃୟ୍‌କଃରି କାୟ୍‌ରିଲା
ଆର୍ ନିଜାର୍ ସଃଙ୍ଗଆଳିମଃନ୍‌କେ ହେଁ ଦଃୟ୍‌ରିଲା ।” 5 ଆର୍
ଜିସୁ ସେମଃନ୍‌କେ କୟ୍‌ଲା, “ନଃରାର୍ ହୟ୍‌ସି ବିସାଉଁଣିବାର୍
ଦିନାର୍ ମାପ୍ରୁ ।” 6 ଜିସୁ ଆରେକ୍ ଗଟେକ୍ ବିସାଉଁଣିବାର୍ ଦିନ୍
ପାର୍ତ୍‌ନା ଗଃରେ ହୁରି ସିକ୍ୟା ଦେତିରିଲା; ସେତି ଗଟେକ୍ ଲକ୍
ରିଲା, ତାର୍ କାତା ଆତ୍ ସୁକିଜାୟ୍‌ରିଲି । 7 ଆର୍ କେଜାଣ୍ ଜିସୁ
ବିସାଉଁଣିବାର୍ ଦିନ୍ ଉଜ୍ କଃରେଦ୍ କି ବଃଲି କଃତେକ୍ ଦର୍ମ୍ମଗୁରୁ
ଆର୍ ପାରୁସିମଃନ୍ ଦଃକ୍‌ତି ରିଲାୟ୍, ଜଃନ୍‌କଃରି ସେମଃନ୍ ତାର୍
ବିରଦେ ଦଃସ୍ ଦଃର୍‌ତାର୍ ବାଟ୍ ହାଉତି । 8 ମଃତର୍ ଜିସୁ
ସେମଃନାର୍ ମଃନ୍ ବିତ୍ରାର୍ କଃତା ଜାଣୁ ହାରି, ଜୁୟ୍ ଲକାର୍ ଆତ୍
ସୁକିଜାୟ୍‌ରିଲି, ତାକ୍ କୟ୍‌ଲା, “ଉଟ୍ ମଃଜାୟ୍ ଟିଆ ଅଃଉ ।”
ଆର୍ ସେ ଉଟି ଟିଆ ଅୟ୍‌ଲା । 9 ତାର୍‌ହଃଚେ ଜିସୁ ସେମଃନ୍‌କେ
କୟ୍‌ଲା, “ମୁଁୟ୍ ତୁମିମଃନ୍‌କେ ହଃଚାରୁଲେ, ବିସାଉଁଣିବାର୍ ଦିନ୍
କାୟ୍ କର୍ତା ବିଦି? ନିକ କଃର୍ତାର୍ କି କଃରାବ୍ କର୍ତାର୍? ଜିବନ୍
ବଚାଉତାର୍ କି ନାସ୍ କଃର୍ତାର୍?” 10 ଆର୍ ସେ ଚାରିହାକ୍
ସଃବ୍‌କେ ଦଃକିକଃରି ତାକ୍ କୟ୍‌ଲା, “ତର୍ ଆତ୍ ଲାମାଉ ।”
ତଃବାର୍ ଗିନେ ସେ ଆତ୍ ଲାମାୟ୍‌ଲା, ଆରେକ୍ ତାର୍ ଆତ୍ ନିକ
ଅୟ୍‌ଲି । 11 ମଃତର୍ ସେମଃନ୍ ବଃଡେ ରିସା ଅୟ୍‌ଲାୟ୍, ଆର୍
ଜିସୁର୍ ବିରଦେ କାୟ୍ କଃରୁଆଁ ବଃଲି ନିଜାର୍ ନିଜାର୍ ବିତ୍ରେ
କଃତାବାର୍ତା ଅଃଉଁକେ ଦଃର୍ଲାୟ୍ । 12 ସଃଡେବଃଲ୍ ଗଟ୍‌ଦିନ୍
ଜିସୁ ପାର୍ତ୍‌ନା କଃରୁକେ ଡଙ୍ଗର୍ ଉହ୍ରେ ଜାୟ୍‌କଃରି ରାତିସଃରା
ଇସ୍ୱରାର୍ ଲଃଗେ ପାର୍ତନା କଃଲା । 13 ସଃକାଲ୍ ହାୟ୍‌ଲା
ଦାହ୍ରେ ସେ ନିଜାର୍ ଚେଲାମଃନ୍‌କେ ଚଃମେ କୁଦି ସେମଃନାର୍
ବିତ୍ରେ ବାର ଲକ୍‌କେ ବାଚ୍‌ଲା, ଆର୍ ସେମଃନ୍‌କେ ପେରିତ
ବଃଲି ନାଉଁ ଦିଲା; 14 ସେମଃନ୍ ଅୟ୍‌ଲାୟ୍, ସିମନ୍, ଜାକେ
ସେ ପିତର୍ ବଃଲି ନାଉଁ ଦିଲା, ଆର୍ ତାର୍ ବାୟ୍‌ସି ଆନ୍ଦ୍ରିଅ,
ଜାକୁବ ଆର୍ ଜହନ୍, ପିଲିପ୍ ଆର୍ ବାର୍ତଲମି, 15 ମାତିଉ
ଆର୍ ତମା, ଆଲ୍‌ପିଅର୍ ହୟ୍‌ସି ଜାକୁବ ଆର୍ ସିମନ୍ ଜାକେ
ତିକ୍‌ତିକା ବଃଲି କଃଉତି, 16 ଜାକୁବର୍ ହୟ୍‌ସି ଜିଉଦା ଆର୍
ଇସ୍କାରିଅତ୍ ଜିଉଦା, ଜେ କି ଜିସୁକେ ସଃତ୍ରୁର୍ ଆତେ ସଃହ୍ରି
ଦିଲା । 17 ଆର୍ ଜିସୁ ଡଙ୍ଗ୍ରେ ହୁଣି ପେରିତ୍‌ମଃନାର୍ ସଃଙ୍ଗ୍ ଉତ୍ରି
ଆୟ୍‌ଲା । ଆରେକ୍ ତାର୍ ଗାଦେକ୍ ଚେଲା ମଃନାର୍ ସଃଙ୍ଗ୍
ସଃର୍ସି ବୁଯେଁ ଟିଆ ଅୟ୍‌ଲା, ଆରେକ୍ ସଃବୁ ଜିଉଦା ରାଜି,
ଜିରୁସାଲମ୍, ଆର୍ ସଃମ୍‌ନ୍ଦ କଃଣ୍ଠାୟ୍ ରିଲା ସର୍ ଆର୍ ସିଦନ୍
ଗଃଳେହୁଣି ଗାଦେକ୍ ଲକ୍‌ମଃନ୍ ଆସି ରୁଣ୍ଡଲାୟ୍; 18 ସେମଃନ୍
ଜିସୁର୍ କଃତା ସୁଣୁକ୍ ଆର୍ ନିଜାର୍ ନିଜାର୍ ରଗେ ହୁଣି ଉଜ୍
ଅଃଉଁକେ ଆସି ରିଲାୟ୍, ଆର୍ ଜୁୟ୍‌ମଃନ୍ ବିଟାଲ୍ ଆତ୍ମାମଃନାର୍
ଗିନେ କଃସ୍ଟ ହାଉତିରିଲାୟ୍, ଆର୍ ଜିସୁ ସେମଃନ୍‌କେ ଉଜ୍
କଃଲା; 19 ଆରେକ୍ ଲକ୍‌ମଃନ୍ଦା ଜିସୁକେ ଚିଉଁକ୍ ଉପାୟ୍
କଃର୍ତି ରିଲାୟ୍, କାୟ୍‌ତାକ୍‌ବଃଲେକ୍ ତାର୍ ତଃୟ୍‌ହୁଣି ସଃକ୍ତି
ବାରାୟ୍ ଲକ୍‌ମଃନ୍‌କେ ଉଜ୍ କଃର୍ତିରିଲି । 20 ସଃଡେବଃଲ୍ ଜିସୁ
ଅଃହ୍‌ଣାର୍ ଚେଲାମଃନ୍‌କେ ଦଃକିକଃରି କୟ୍‌ଲା, “ଦୁକିଦିନାରି
ଜେ ତୁମିମଃନ୍, ତୁମିମଃନାର୍ ବାୟ୍‌ଗ୍, କାୟ୍‌ତାକ୍‌ବଃଲେକ୍
ମାପ୍ରୁର୍ ରାଇଜ୍ ତୁମିମଃନ୍‌କାର୍ । 21 ଅଃବେ ବୁକେ ଆଚାସ୍
ଜେ ତୁମିମଃନ୍, ତୁମିମଃନାର୍ ବାୟ୍‌ଗ୍, କାୟ୍‌ତାକ୍‌ବଃଲେକ୍
ତୁମାର୍ ଆଦାର୍ ହୁରେଦ୍ । ଅଃବେ କାନ୍ଦଲାସ୍ ଜେ ତୁମିମଃନ୍,
ତୁମାର୍ ବାୟ୍‌ଗ୍, କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ ନିଚଲାସ୍ ।” 22
“ନଃରାର୍ ହୟ୍‌ସିର୍ ଗିନେ ଲକ୍‌ମଃନ୍ ଜଃଡେବଃଲ୍ ତୁମିମଃନ୍‌କେ
ଗିଣ୍ କଃର୍ତି, ଜାତିବାର୍‌ତି, ଆରେକ୍ ଲିନ୍ଦା କଃର୍ତି, ଆର୍ ତୁମାର୍
ନାଉଁକେ କଃରାବ୍ ବଃଲି ମାନ୍‌ତି ନଃକେର୍ତି, ତଃବେ ତୁମିମଃନାର୍
ବାୟ୍‌ଗ୍ । 23 ସେ ଦିନ୍ ସଃର୍ଦା ଅୟ୍ ନାଚା, କାୟ୍‌ତାକ୍‌ବଃଲେକ୍
ଦଃକା, ସଃର୍ଗେ ତୁମାର୍ ଗିନେ ଗାଦି ପୁରିସ୍କାର୍ ଆଚେ; ଆର୍,
ସେବାନ୍ୟା ତ ସେମଃନାର୍ ଦାଦିବାବୁମଃନ୍ ବାବ୍‌ବାଦିମଃନ୍‌କେ
କଃର୍ତି ରିଲାୟ୍ ।” 24 “ମଃତର୍ ଚି, ଡଃଣ୍ଡାର୍ ଜୟ୍‌ଗ୍ ମାଜନ୍ ଲକ୍
ତୁମିମଃନ୍, କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ ଅଃହ୍‌ଣା ଅଃହ୍‌ଣାର୍
ସୁକ୍ ବଗ୍ କଃରିଆଚାସ୍ । 25 ଚି, ଡଃଣ୍ଡାର୍ ଜୟ୍‌ଗ୍ ଜେ
ତୁମିମଃନ୍ ଅଃବେ ଆଦାର୍ ହୁର୍ଲା ଲକ୍‌ମଃନ୍ ଜେ ତୁମିମଃନ୍,
କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ ବୁକେ ମଃରାସ୍ । ଚି, ଡଃଣ୍ଡାର୍
ଜୟ୍‌ଗ୍ ଜେ ତୁମିମଃନ୍ ଅଃବେ ନିଚଲୁଲାସ୍, କାୟ୍‌ତାକ୍‌ବଃଲେକ୍
ତୁମିମଃନ୍ ମଃନ୍ଦକ୍ କଃରାସ୍ ଆର୍ କାନ୍ଦାସ୍ ।” 26 “ଜଃଡେବଃଲ୍
ଲକ୍‌ମଃନ୍ ତୁମିମଃନାର୍ ଗୁଣ୍ କଃଉତି, ସଃଡେବଃଲ୍ ଚି, ତୁମିମଃନ୍
ଡଃଣ୍ଡାର୍ ଜୟ୍‌ଗ୍; ସେବାନ୍ୟା ତ ସେମଃନାର୍ ଦାଦିବାବୁମଃନ୍ ମିଚ୍
ବାବ୍‌ବାଦିମଃନ୍‌କେ କଃର୍ତି ରିଲାୟ୍ ।” 27 “ମଃତର୍ ସୁଣୁଲାସ୍ ଜେ
ତୁମିମଃନ୍, ତୁମିମଃନ୍‌କେ ମୁଁୟ୍ କଃଉଁଲେ, ତୁମାର୍ ସଃତ୍ରୁମଃନ୍‌କେ
ଲାଡ୍ କଃରା; ଜୁୟ୍ ଲକ୍‌ମଃନ୍ ତୁମିମଃନ୍‌କେ ଗିଣ୍ କଃର୍ତି,
ସେମଃନାର୍ ବଃଲ୍ ଚିତା କଃରା; 28 ଜୁୟ୍ ଲକ୍‌ମଃନ୍ ତୁମିକେ
ସାୟ୍‌ପ୍ ଦେତି, ସେମଃନ୍‌କେ ଆସିର୍ବାଦ୍ କଃରା; ଜୁୟ୍ ଲକ୍‌ମଃନ୍
ତୁମିକେ ହିନ୍‌ମାନ୍ କଃର୍ତି, ସେମଃନାର୍ ଗିନେ ପାର୍ତ୍‌ନା କଃରା ।
29 ଜେ ତୁମିକେ ଗଟେକ୍ ଗାଲେ ଚାହ୍ରଲ୍ ମାରେଦ୍, ତାର୍ ଗିନେ
ଆରେକ୍ ଗଟେକ୍ ଗାଲ୍ ହେଁ ଦଃକାୟ୍ ଦିଆସ୍; ଆର୍ ଜେ ତୁମାର୍
ହଃଚ୍ୟା ନଃୟ୍‌ଦ୍, ତାକ୍ ତୁମାର୍ ଆଙ୍ଗ୍ରି ହେଁ ନେଉଁକେ ମଃନା କଃରା
ନାୟ୍ । 30 ଜୁୟ୍ ଲକ୍ ତୁମିକେ ମାଗେଦ୍, ତାକ୍ ଦିଆସ୍; ଆର୍ ଜେ
ତୁମାର୍ ଦଃନ୍‌ବିତ୍ ନଃୟ୍ ଜାୟ୍‌ଦ୍, ତାର୍ ତଃୟ୍‌ହୁଣି ସେରି ଆରେକ୍
ମାଗା ନାୟ୍ । 31 ଲକ୍‌ମଃନ୍ ତୁମାର୍ ସଃଙ୍ଗ୍ ଜଃନ୍‌କା ବେବାର୍
କଃରତ୍ ବଃଲି ମଃନ୍ କଃରୁଲାସ୍, ତୁମିମଃନ୍ ହେଁ ସେମଃନାର୍
ସଃଙ୍ଗ୍ ସେବାନ୍ୟା ବେବାର୍ କଃରା ।” 32 “ଆରେକ୍ ଜୁୟ୍
ଲକ୍‌ମଃନ୍ ତୁମିମଃନ୍‌କେ ଲାଡ୍ କଃର୍ତି, ସେମଃନ୍‌କେ ହଃକା ଲାଡ୍

କଃଲେକ୍, ତୁମି କାୟ୍ ଦଃର୍ମ୍ ହାଉଆସ୍? କାୟ୍‌ତାକ୍‌ବଃଲେକ୍
ହାହିମଃନ୍ ହେଁ ଅଃହ୍‌ଣା ଅଃହ୍‌ଣାର୍ ଲାଡ୍ କଃର୍ତା ଲକ୍‌ମଃନ୍‌କେ
ଲାଡ୍ କଃର୍ତି । 33 ଆର୍ ଜୁୟ୍ ଲକ୍ ତୁମାର୍ ବଃଲ୍ କଃର୍ତି, ଜଦି
ତୁମିମଃନ୍ ସେମଃନାର୍ ହଃକା ନିକ କଃରାସ୍, ତଃବେ ତୁମିମଃନ୍
କାୟ୍ ଆସିର୍ବାଦ୍ ହାଉଆସ୍? କାୟ୍‌ତାକ୍‌ବଃଲେକ୍ ହାହିମଃନ୍ ହେଁ
ସେବାନ୍ୟା କଃର୍ତି । 34 ଆରେକ୍, ଜୁୟ୍ ଲକାର୍ ତଃୟ୍‌ହୁଣି ତୁମାର୍
ହାଉତା ଆସା ରଃୟ୍‌ଦ୍, ସେମଃନ୍‌କେ ହଃକା ରିଣ୍ ଦିଲେକ୍
ତୁମିମଃନ୍ କାୟ୍ ଦଃୟା ହାଉଆସ୍? ହାହିମଃନ୍ ହେଁ ସଃମାନ୍
ଇସାବେ କଃଣ୍‌ତର୍ ହାଉଁକ୍ ହାହିମଃନ୍‌କେ ରିଣ୍ ଦେତି । 35
ମଃତର୍ ତୁମାର୍ ସଃତ୍ତୁମଃନ୍‌କେ ଲାଡ୍ କଃରା ଆର୍ ସେମଃନାର୍
ନିକ କଃରା, ଆରେକ୍ କଃଣ୍‌ତର୍ ହାଉଁକ୍ ଆସା ନଃକେରି
ରିଣ୍ ଦିଆସ୍; ସେବାନ୍ୟା କଃଲେକ୍ ତୁମିମଃନ୍‌କାର୍ ପୁରିସ୍କାର୍
ବୁଟେକ୍ ଅୟ୍‌ଦ୍ ଆର୍ ତୁମିମଃନ୍ ସଃବ୍‌କେ ଉଟ୍ୟା ମାପ୍ରୁର୍
ହୟ୍‌ସି ଅଃଉଆସ୍, କାୟ୍‌ତାକ୍‌ବଃଲେକ୍ ଦନ୍ୟବାଦ୍ ନଃଦେତା
ଲକ୍‌ମଃନ୍‌କେ ଆର୍ ଦୁସ୍ଟ ଲକ୍‌ମଃନ୍‌କେ ଇସ୍ୱର୍ ଦଃୟା କଃରେଦ୍ ।
36 ତୁମାର୍ ସଃର୍ଗାର୍ ଉବାଦି ଜଃନ୍ କଃରି ଦଃୟାକାରି, ତୁମିମଃନ୍
ହେଁ ସେବାନ୍ୟା ଦଃର୍ମି ଅଃଉଆ ।" 37 "ଆରେକ୍, ବିନ୍ ଲକାର୍
ବିଚାର୍ କଃରାନାୟ୍, ତଃବେ ଇସ୍ୱର୍ ତୁମିକେ ବିଚାର୍ ନଃକେରେ;
ଦସି କଃରା ନାୟ୍, ତଃବେ ମାପ୍ରୁ ହେଁ ତୁମିକେ ଦସି ନଃକେରେ ।
କେମା କଃରା, ତଃବେ ତୁମିକେ ହେଁ ଇସ୍ୱର୍ କେମା କଃରେଦ୍;
38 ଦାନ୍ ଦିଆସ୍, ତଃବେ ଇସ୍ୱର୍ ତୁମିକେ ହେଁ ଦାନ୍ ଦଃୟ୍‌ଦ୍
ଲକ୍‌ମଃନ୍ ମାଣ୍‌କ୍ ହୁରାକଃରି ତାକ୍ ଚାହି ଜଲାୟ୍ ଉଚ୍‌ଲାୟ୍‌କଃରି
ତୁମିମଃନାର୍ ଆଚଳେ ଦେତି; କାୟ୍‌ତାକ୍‌ବଃଲେକ୍ ଜୁୟ୍ ମାଣେ
ନାହି ଦିଆସ୍, ସେ ମାଣେ ତୁମିମଃନ୍ ଆରେକ୍ ହାଉଆସ୍ ।"
39 ଜିସୁ ସେମଃନ୍‌କେ ଗଟେକ୍ କଃତା ହେଁ କୟ୍‌ଲା, "ଗଟେକ୍
କାଣା ଆରେକ୍ ଗଟେକ୍ କାଣାକେ ବାଟ୍ କାଡାଉଁକେ ହାରେ?
ସେମଃନ୍ କାୟ୍ ଦୁୟ୍ ଲକ୍ ହେଁ କାଲେ ନଦୁର୍ତି? 40 ଗୁରୁ
ତଃୟ୍‌ହୁଣି ଚେଲା ବଃଡ୍ ନାୟ୍; ମଃତର୍ ଜଃଡେବଃଲ୍ ଚେଲା
ଗୁରୁ ତଃୟ୍‌ହୁଣି ସଃବୁ ସିକେଦ୍ ତଃବେ ସେ ହେଁ ଗୁରୁର୍ ସଃମାନ୍
ଅୟ୍‌ଦ୍ ।" 41 "ଆର୍, କାୟ୍‌ତାକ୍ ତୁମାର୍ ନିଜାର୍ ବାୟ୍‌ର୍
ଆକାୟ୍ ରିଲା ସାନ୍ କୁଟା ଦଃକୁଲାସ୍, ମଃତର୍ ତୁମାର୍ ନିଜାର୍
ଆକାୟ୍ ଜୁୟ୍ ବଃଡ୍ ଆକିକୁଟା ଆଚେ, ସେରି କାୟ୍‌ତାକ୍ ବାବି
ନଃଦେକୁଲାସ୍? 42 ତୁମି ନିଜାର୍ ଆକାୟ୍ ରିଲା ବଃଡ୍ ଆକିକୁଟା
ନଃଦେକି କଃନ୍‌କଃରି ନିଜାର୍ ବାୟ୍‌କ୍ କଃଉଁ ହାରାସ୍, ବାୟ୍,
ଆଉ, ତର୍ ଆକାୟ୍ ରିଲା ସାନ୍ ଆକିକୁଟା ବାର୍ କଃରି ଦଃୟ୍‌ନ୍ଢ?
ରେ, ହେଟ୍‌କପଟ୍ୟାମଃନ୍, ଆଗ୍‌ତୁ ନିଜାର୍ ଆକାୟ୍ ରିଲା ବଃଡ୍
ଆକିକୁଟା ବାର୍ କଃରି ହଃକାଉଆ, ତାର୍‌ହଃଚେ ନିଜାର୍ ବାୟ୍
ମଃନାର୍ ଆକାୟ୍ ରିଲା ସାନ୍ ଆକିକୁଟା ବାର୍ କଃରୁକ୍ ନିକ
କଃରି ଦଃକୁ ହାରାସ୍ ।" 43 "ବଃଲ୍ ଗଃଚେ କଃରାବ୍ ହଃଲ୍
ନଃହେଳେ, କଃରାବ୍ ଗଃଚେ ବଃଲ୍ ହଃଲ୍ ନଃହେଳେ । 44
କାୟ୍‌ତାକ୍‌ବଃଲେକ୍ ସଃବୁ ଗଃଚ୍‌କେ ତାର୍ ହଃଲ୍ ଦଃକି ଚିନୁକ୍
ଅୟ୍‌ଦ୍, କାଟା ଗଃଚେ ହୁଣି ଲକ୍‌ମଃନ୍ ଡୁମୁର୍ ହଃଲ୍ ନଃକଲ୍‌ତି,
କି କାଟାବୁଟା ଲଃଗେହୁଣି ଅଙ୍ଗୁର୍ ହଃଲ୍ ନଃକଲ୍‌ତି । 45 ଗଟେକ୍
ସଃତ୍ ଲକ୍ ତାର୍ ଗଃର୍ବ୍ ବିତ୍ରେ ରିଲା ନିକ କଃତା ସଃବୁ ବାର୍
କଃରେଦ୍, ଗଟେକ୍ କଃରାବ୍ ଲକ୍ ତାର୍ ଗଃର୍ବ୍ ବିତ୍ରେ ରିଲା
କଃରାବ୍ କଃତା ସଃବୁ ବାର୍ କଃରେଦ୍, କାୟ୍‌ତାକ୍‌ବଃଲେକ୍
ଗଃର୍ବ୍ ବିତ୍ରେ ରିଲା ସଃବୁ କଃତା ଟଣ୍ଡ ବାଟ ହଃଦାୟ୍ ଆସେଦ୍
।" 46 "ଆର୍, ତୁମିମଃନ୍ କାୟ୍‌ତାକ୍ ମକ୍ ମାପ୍ରୁ, ମାପ୍ରୁ ବଃଲି
କଃଉଁଲାସ୍, ମଃତର୍ କାୟ୍‌ତାକ୍ ମର୍ କଃତା ନଃମାନୁଲାସ୍?
47 ଜୁୟ୍ ଲକ୍ ମର୍ ଲଃଗେ ଆସି ମର୍ କଃତା ସୁଣି ସେ ସଃବୁ
ମାନେଦ୍, ସେ କାର୍ ସଃମାନ୍, ସେରି ମୁଁୟ୍ ତୁମିକେ କୟ୍‌ଦ୍ । 48
ସେ ଇବାନ୍ୟା ଗଟେକ୍ ଗଃର୍ ବାନ୍ଧୁତା ଲକ୍ ହର୍, ଜେ ଡେଙ୍ଗ
କଃରି କାଲ୍ କଃଣି ଟେଳାକୁନାଦି ହଃକାୟ୍‌ରିଲା, ହୁର୍ ଆୟ୍‌ଲି
ଆର୍ ସେ ଗଃର୍‌କେ ଦଃକା ମାର୍‌ଲି, ମଃତର୍ ସେ ଗଃର୍‌କେ
ଡୁଲାଉଁକ୍ ନାହାର୍ଲି, ବଃଲେକ୍ ସେରି ନିକ କଃରି ବାନ୍ଧା ଅୟ୍‌ରିଲି ।
49 ମଃତର୍ ଜେ ସୁଣି ନଃମାନେ, ସେ କୁନାଦି ନଃମାରି ମାଟିଉହ୍ରେ
ଗଃର୍ ବାନ୍ଧିରିଲା ଲକ୍ ହର୍; ବାଉବଃତାସ୍ ଆୟ୍‌ଲି ଆର୍ ସେ
ଗଃର୍‌କେ ଜଃବର୍‌କଃରି ଦଃକ୍ୟା ମାର୍‌ଲି, ସେଦାହ୍ରେ ସେ ଗଃର୍
ବାଙ୍ଗି ଗଃଲି ଆର୍ ତାର୍ ଦଃସା ବୟ୍‌ଙ୍କାର୍ ଅୟ୍‌ଲି ।"

**7** ଜିସୁର୍ କଃତା ଲକ୍‌ମଃନ୍ ସୁଣ୍‌ତି ରିଲାବଃଲ୍ ଅଃହ୍‌ଣାର୍
ସଃର୍ନେ କଃତା କୟ୍ ସଃରାୟ୍‌କଃରି କପୁର୍ନାହୁମ୍ ଗଃଲେ
ଗଃଲା । 2 ସଃଡେବଃଲ୍ ଗଟେକ୍ ସଏ ସଃଇନାର୍ ଉହ୍ରେ
ବଃଡ୍ ସଃଇନାର୍ ଗତିଦଃଙ୍ଗ୍‌ଲା ମଃଲୁ ହଃଲି ରିଲା । ସେ ତାକ୍
ବଃଡେ ଲାଡ୍ କଃର୍ତିରିଲା । 3 ସେ ଜିସୁର୍ ବିସୟେ କବୁର୍
ହାୟ୍ ସେ ଜଃନ୍‌କଃରି ଆସି ତାର୍ ଗତିଦଃଙ୍ଗ୍‌ଲାର୍ ଜିବନ୍ ଉଜ୍
କଃରେଦ୍, ଆର୍ ଗିନେ ତାର୍ ହାକ୍ ଜିଉଦିମଃନାର୍ କଃଡେକ୍
ପାରାଚିନ୍‌ମଃନ୍‌କେ ହଃଟାୟ୍ ଗଃଉଆରି କଃଲା । 4 ସେମଃନ୍
ଜିସୁର୍ ଚଃମେ ହଚି ତାକ୍ ବଃଡେ ଗଃଉଆରି କଃରୁକେ ଦଃର୍ଲାୟ୍,
"ତୁୟ୍ ତାର୍ ଗିନେ ଇରି କଃର୍ସି, ସେ ସେତାର୍ ଜୟ୍‌ଗ୍ ଆଚେ । 5
କାୟ୍‌ତାକ୍‌ବଃଲେକ୍ ସେ ଅଃମାର୍ ଜିଉଦି ଲକ୍‌ମଃନ୍‌କେ ଲାଡ୍
କଃରୁଲା ଆର୍ ସେ ନିଜେ ଅଃମାର୍ ଗିନେ ପାର୍ତ୍‌ନା ଗଃର୍ ବାନ୍ଧି
ଦଃୟ୍ ଆଚେ ।" 6 ସେତାକ୍ ଜିସୁ ସେମଃନାର୍ ସଃଙ୍ଗ ଗଃଲା,
ସେ ଗଃରାର୍ ଅଃଳକ୍ ଲଃଗେ ହଚ୍‌ଲାକ୍, ସଃଇନ୍ ମଃନାର୍
ବଃଡ୍ ସଃଇନ୍ ତାର୍ ଅଃହ୍‌ଣାର୍ ଲକ୍‌ମଃନ୍‌କେ ହଃଟାୟ୍ ଜିସୁକେ
କୟ୍‌ଲା, "ମାପ୍ରୁ କଃସ୍ଟ କଃର୍ ନାୟ୍ ନି, ବଃଲେକ୍ ତୁୟ୍ ଜେ
ମର୍ ଗଃରେ ହାଦ୍ ହଃକାଉସି ମୁଁୟ୍ ଅଃନ୍‌କା ଜୟ୍‌ଗ୍ ନାୟ୍ ।
7 ଇତାକ୍ ମୁଁୟ୍ ତର୍ ଲଃଗେ ଜଃଉଁକେ ଜୟ୍‌ଗ୍ ବଃଲି ମଃନେ
ନଃବାବ୍‌ଲେ, ମଃତର୍ ହଃଦେକ୍ ଆଦେସ୍ ଦଃୟ୍ କଃଉ, ମର୍
ଦଃଙ୍ଗ୍‌ଲା ଉଜ୍ ଅଃଉଅ । 8 କାୟ୍‌ତାକ୍‌ବଃଲେକ୍ ମୁଁୟ୍ ମର୍
ଉହ୍ରାର୍ ଅଃଦିକାରି ତଃଳେ ରେତା ଲକ୍ ଅୟ୍‌ଲେକ୍ ହେଁ ମର୍
ତଃଳେ ସଃଇନ୍‌ମଃନ୍ ଆଚ୍‌ତି; ମୁଁୟ୍ ଗଟ୍ ଲକ୍‌କେ, 'ଜାଆ!'
ବଃଲେକ୍ ସେ ଜାୟ୍‌ଦ୍, ଆରେକ୍ ଗଟ୍‌ଲକ୍‌କେ, 'ଆଉ!' ବଃଲେକ୍

ସେ ଆସେଦ୍; ଆର୍ ମର୍ ଗତିଦଃଙ୍ଗଲାକ୍, ଇରି କଃର୍! ବଃଲେକ୍
ସେ କଃରେଦ୍ ।" 9 ଜିସୁ ଇ ସଃବୁ କଃତା ସୁଣି ବଃଡେ କାବା
ଅୟ୍ଲା, ଆର୍ ଲେଉଟି ଦଃକି ତାର୍ ହଃଚେ ଆସ୍ତା ଲକ୍ମଃନ୍କେ
କୟ୍ଲା, ମୁଁୟ୍ ତୁମିମଃନ୍କେ ସଃତ୍ କଃଉଁଲେ, ଇସ୍ରାଏଲ୍ ବିତ୍ରେ
ହେଁ ଅଃଡେକ୍ ବଃଡ୍ ବିସ୍ୱାସ୍ ନଃହାୟ୍ଁ । 10 ଆର୍ ହଃଟାୟ୍ରିଲା
ଲକ୍ମଃନ୍ ଗଃରେ ବାଉଳି ଆସି ସେ ଗତିଦଃଙ୍ଗଲାକ୍ ଉଜ୍
ଅୟ୍ଲାର୍ ଦଃକ୍ଲାୟ୍ । 11 ଆର୍ ହଃଚେ ଜିସୁ ନାଇନ ନାଉଁଆର୍
ଗଃଳେ ଗଃଲା ଆର୍ ତାର୍ ଚେଲାମଃନ୍ ଆର୍ ଗାଦେକ୍ ଲକ୍ ତାର୍
ସଃଙ୍ଗ ଜାତିରିଲାୟ୍ । 12 ଜିସୁ ଗଃଲ୍ ଦୁଆର୍ ଚଃମେ ହତ୍ଲାକ୍,
ଦଃକା ଲକ୍ମଃନ୍ ଗଟେକ୍ ମଃଲା ଲକ୍କେ ସେ ଗଃଳେ ହୁଣି
ହଃଦାୟ୍ ବୟ୍ ଆଣ୍ତି ରିଲାୟ୍, ସେ ଆୟ୍ସିର୍ ଗଟେକ୍ ବଃଲି
ହୟ୍ସି ରିଲା, ଆରେକ୍ ସେ ମାଇଜି ରାଣ୍ଡି, ଆର୍ ସେ ଗଃଳାର୍
ଗାଦେକ୍ ଲକ୍ମଃନ୍ ତାର୍ ସଃଙ୍ଗ ରିଲାୟ୍ । 13 ତାକ୍ ଦଃକି
ମାପ୍ରୁ ତାକ୍ ଦଃୟା କଃରୁକେ ମଃନ୍ କଃରି କୟ୍ଲା, "କାନ୍ଦ ନାୟ୍ଁ
।" 14 ଆର୍ ସେ ଚଃମେ ଜାୟ୍ ମଃଲାଡଃଣ୍ଡିଆକେ ଚୁୟ୍ଲା,
ଆରେକ୍ ମଃଲ୍ ବୟ୍ରିଲା ଲକ୍ମଃନ୍ ଟିଆ ଅୟ୍ଲାକ୍, ଜିସୁ
କୟ୍ଲା, "ଏ ବେଣ୍ଡ୍ୟା, ମୁଁୟ୍ ତକେ କଃଉଁଲେ ଉଟ୍ ।" 15 ସେତାକ୍
ମଃଲା ଲକ୍ ଉଟି ବଃସ୍ଲା, ଆର୍ କଃତା କଃଉଁକେ ଦଃର୍ଲା,
ଆରେକ୍ ଜିସୁ ତାକେ ତାର୍ ଆୟ୍ସିର୍ ଆତେ ସଃହ୍ରି ଦିଲା ।
16 ଇତାକ୍ ସଃର୍ନେ ଲକ୍ମଃନ୍ ଡିରି ଗଃଲାୟ୍, ଆର୍ ଇସ୍ୱରାର୍
ଜଃଜ୍ମାନ୍ କଃରି କୟ୍ଲାୟ୍, "ଅଃମାର୍ ବିତ୍ରେ ଗଟେକ୍ ବଃଡ୍
ବାବ୍ବାଦି ବାରାୟ୍ ଆଚେ, ଆର୍ ମାପ୍ରୁ ଅଃହ୍ଣାର୍ ଲକ୍ମଃନ୍କେ
ମୁକ୍ଲାଉଁକେ ଆସି ଆଚେ ।" 17 ଆରେକ୍ ଜିସୁର୍ କଃତା ସଃବୁ
ଜିଉଦା ଦେସ୍ ଆର୍ ଚାରି ଦିଗାର୍ ସଃବୁ ହଲି ବାଟ ଉର୍ଜି ଅୟ୍ଲି ।
18 ଆରେକ୍ ଜହନାର୍ ଚେଲାମଃନ୍ ଜିସୁର୍ ଇ ସଃବୁକଃତା ତାକ୍
ଜାୟ୍ ଜହନ୍କେ କୟ୍ଲାୟ୍ । 19 ସେତାକ୍ ଜହନ୍ ଅଃହ୍ଣାର୍
ଚେଲା ମଃନାର୍ ବିତ୍ରେ ଦୁୟ୍ ଲକ୍କେ ଚଃମେ କୁଦି ମାପ୍ରୁ ହାକ୍
ଇରି କୟ୍ ହଃଟାୟ୍ଲା, "ଜୁୟ୍ ଲକ୍ ଆସେଦ୍ ବଃଲି ଜହନ୍
କୟ୍ରିଲା, ତୁୟ୍ କାୟ୍ ସେ ମାନାୟ୍? କି, ଅଃମିମଃନ୍ ଆରେକ୍
ବିନ୍ କାକେ ଜାଗୁନ୍ତ?" 20 ସେ ଚେଲାମଃନ୍ ଜିସୁର୍ ଚଃମେ ହଚି
କୟ୍ଲାୟ୍, "ବାପ୍ତିସମ୍ ଦେଉ ଜହନ୍ ଅଃମିକ୍ ତର୍ ଚଃମେ ଇରି
କଃଉଁକେ ହଃଟାୟ୍ଲା ଆଚେ, ଜାର୍ ଆସୁକ୍ ଆଚେ ସେ ଲକ୍
କାୟ୍ ତୁୟ୍ କି ଅଃମିମଃନ୍ ଆରେକ୍ ଗଟ୍ ଲକ୍କେ ଜାଗୁନ୍ତ?"
21 ସଃଡେବଃଲ୍ ଜିସୁ ଗାଦେକ୍ ଲକ୍କେ କେମା କଃରି ରଗ୍,
ଦୁକାସୁକା, ଆରେକ୍ ବୁତ୍ଡୁମା ତଃୟ୍ହୁଣି ଉଜ୍ କଃଲା, ଆରେକ୍
ଗାଦେକ୍ କାଣାକେ ଆକି ଦଃକାୟ୍ଲା । 22 ଆର୍ ସେ ଜହନାର୍
ଚେଲାମଃନ୍କେ କୟ୍ଲା, "ତୁମିମଃନ୍ ବାଉଳି ଜାହା ଆର୍ ଜାୟ୍
ଜାୟ୍ରି ସୁଣୁଲାସ୍ ଆର୍ ଦଃକୁଲାସ୍ ସେରି ସଃବୁ ଜହନ୍କେ
ଜାଣାଉଆ, କାଣାମଃନ୍ ଦଃକୁ ହାରୁଲାୟ୍, ଚଟାମଃନ୍ ଇଣ୍ଟେ
ହାରୁଲାୟ୍, ବଃଡ୍ ରଗେ ହଃଲ୍ଲା ଲକ୍ମଃନ୍ ଉଜ୍ ଅଃଉଁଲାୟ୍,
ବଃୟ୍ରାମଃନ୍ ସୁଣୁ ହାରୁଲାୟ୍, ମଃଲା ଲକ୍ମଃନ୍ ଉଟୁଲାୟ୍
ଆର୍ ଦୁକିଦିନାରି ଲକ୍ମଃନାର୍ ତଃୟ୍ ହେଁ ନିକ କବୁର୍ ପର୍ଚାର୍
କଃରା ଅଃଉଁଲି । 23 ଆର୍ ଜେ ମକ୍ ଅବିସ୍ୱାସ୍ ନଃକେରି, ବିସ୍ୱାସ୍
କଃରେଦ୍ ତାର୍ ବାୟ୍ଗ୍ ।" 24 ଜହନାର୍ ଚେଲାମଃନ୍ ଗଃଲା
ହଃଚେ ଜିସୁ ଜହନ୍ ବିସୟେ କଃତା କଃଉଁକେ ଦଃର୍ଲା, "ତୁମି
କାୟ୍ରି ଦଃକୁକ୍ ସୁକ୍ଲା ବଃଟାୟ୍ ଜାୟ୍ ରିଲାସ୍, କାୟ୍ ବାଉୟେ
ଜଲ୍ତା ସୁର୍ଲିନଃଲା ବୁଟାକ୍? 25 ସେରି ନୟ୍ଲେକ୍ ତୁମିମଃନ୍
କାୟ୍ରି ଦଃକୁକେ ବାରାୟ୍ ଜାୟ୍ରିଲାସ୍? କାୟ୍ ମଃସ୍ଣି ବଃସ୍ତ୍ର
ହିନ୍ଦି ରିଲା ମାନାୟ୍କେ? ଦଃକା ଜୁୟ୍ମଃନ୍ ବୁତେକ୍ ମଲାର୍
ବଃସ୍ତ୍ରର୍ ହିନ୍ଦି ସୁକେ ରେତି, ସେମଃନ୍ ରଃଜାର୍ ନଃଉଁରେ
ରେତି । 26 ମକ୍ କଃଉଆ, ସେରି ନୟ୍ଲେକ୍ କାୟ୍ରି ଦଃକୁକ୍
ଜାୟ୍ରିଲାସ୍, କାୟ୍ ଗଟେକ୍ ବାବ୍ବାଦିକେ? ମୁଁୟ୍ ତୁମିକେ ସଃତ୍
କଃଉଁଲେ, ବାବ୍ବାଦି ତଃୟ୍ହୁଣି ସଃବ୍କେ ବଃଡ୍ ଲକ୍କେ, 27
ଜାର୍ ବିସୟେ ଦଃର୍ମ୍ ସାସ୍ତରେ ଲେକାଆଚେ, 'ମାପ୍ରୁ କୟ୍ଲା,
ଦଃକା ଅଃମାର୍ କବୁର୍କାରିଆ ତୁମାର୍ ଆଗ୍ତୁ ହଃଟାଉଁଲୁ,
ସେ ତୁମାର୍ ଚଃମେ ତୁମାର୍ ବାଟ ହାଜେଦ୍, ଇରି ସେମାନାୟ୍
ଜହନ୍ ।' 28 ମୁଁୟ୍ ତୁମିମଃନ୍କେ ସଃତ୍ କଃଉଁଲେ, ମାୟ୍ଜି
ହେଟେହୁଣି ଜଃଲମ୍ ଅୟ୍ଲା ଲକ୍ମଃନାର୍ ବିତ୍ରେ ବାପ୍ତିସମ୍
ଦେତା ଜହନ୍ ତଃୟ୍ହୁଣି ବଃଡ୍ କେ ନାୟ୍, ଅୟ୍ଲେକ୍ ହେଁ
ମାପ୍ରୁର୍ ରାଇଜେ ଜେ ସାନ୍, ସେ ତାର୍ ତଃୟ୍ହୁଣି ବଃଡ୍ ।"
29 ଜୁୟ୍ ଲକ୍ମଃନ୍ ଇସଃବୁ କଃତା ସୁଣ୍ତି ରିଲାୟ୍, ସେମଃନ୍,
ମୁଲ୍କଃରି ରିବ୍ନିମଃନ୍, ଇସ୍ୱରାର୍ ବିଦି ହୁରୁଣ୍ କଃରି ଜହନ୍
ତଃୟ୍ହୁଣି ବାପ୍ତିସମ୍ ନଃୟ୍ ରିଲାୟ୍ । 30 ମଃତର୍ ପାରୁସି ଆର୍
ବିଦି ସିକାଉମଃନ୍ ସେମଃନାର୍ ଜିବନାର୍ ଗିନେ ଇସ୍ୱରାର୍ ଇଚାକ୍
ଅମାନ୍ୟା କଃରି ଜହନାର୍ ତଃୟ୍ହୁଣି ବାପ୍ତିସମ୍ ନଃୟ୍ ନଃରିଲାୟ୍
। 31 ଜିସୁ ଆରେକ୍ କୟ୍ଲା, "ତଃବେ ମୁଁୟ୍ କାର୍ ସଃଙ୍ଗ ଅଃବାର୍
ଜୁଗାର୍ ଲକ୍ମଃନ୍କେ ତୁଳ୍ନା କଃରିନ୍ତ, ଆରେକ୍ ସେମଃନ୍ କାର୍
ହର୍ । 32 ଜୁୟ୍ ହିଲାମଃନ୍ ଆଟ୍ ବଃଜାରେ ବଃସି ଡାକାର୍
ଡାକାର୍ ବିତ୍ରେ କୁଦି କଃଉତି, ଅଃମିମଃନ୍ ତୁମାର୍ ଚଃମେ ସୁର୍ଲି
ହୁକ୍ଲୁ, ତୁମିମଃନ୍ ନଃନାଚ୍ଲାସ୍, ଅଃମିମଃନ୍ ଦୁକେ ଦୁକ୍ ଗିତ୍
କୟ୍ଲୁ, ତୁମିମଃନ୍ ନଃକାନ୍ଦଲାସ୍, ସେମଃନ୍, ସେ ହିଲାମଃନାର୍
ହର୍ । 33 କାୟ୍ତାକ୍ବଃଲେକ୍ ବାପ୍ତିସମ୍ ଦେଉ ଜହନ୍ ଆୟ୍ଲା
ଆର୍ ରୁଟି ନଃକାଇଲା କି ଅଙ୍ଗୁର୍ ରଃସ୍ ହେଁ ନଃକାୟ୍ଲା ଆର୍
ତୁମିମଃନ୍ କୟ୍ଲାସ୍ ସେ ବୁତ୍ ଦଃରାୟ୍ ଅୟ୍ଆଚେ । 34
ନଃରାର୍ ହୟ୍ସି ଆୟ୍ଲା ଆର୍ କାଉଆ ହିଉଆ କଃରୁଲା ଆର୍
ତୁମିମଃନ୍ କଃଉଁଲାସ୍ ଦଃକା, ଇମାନାୟ୍ କାଉରାହେଟା ଆର୍
ମଃଦୁଆ, ରିବ୍ନି ଆର୍ ହାହିମଃନାର୍ ସଃଙ୍ଗଆଳି । 35 ମଃତର୍
ଜୁୟ୍ ଲକ୍ମଃନ୍ ଇସ୍ୱରାର୍ ଗ୍ୟାନ୍ ସିକ୍ତି ସେମଃନାର୍ ଜିବନେ
ତାର୍ ସଃତ୍ ହଃର୍ମାଣ ମିଳେଦ୍ ।" 36 ଆର୍ ପାରୁସିମଃନାର୍
ବିତ୍ରେ ଗଟେକ୍ ଲକ୍ ଜିସୁକେ ତାର୍ ସଃଙ୍ଗ ବଃସି କାଉଁକେ
ଗଃଉଆରି କଃଲା, ସେତାକ୍ ଜିସୁ ପାରୁସି ଗଃରେ ଜାୟ୍ ତାର୍
ସଃଙ୍ଗ କାଉଁକେ ବଃସ୍ଲା । 37 ଆର୍ ଦଃକା, ସେ ଗଃଳେ ଗଟେକ୍

ହାହି ମାଇଜିଟକି ରିଲି, ଜିସୁ ସେ ପାରୁସିର୍ ଗଃରେ କାଉଁକେ
ବଃସି ରିଲା, ଇରି ଜାଣିକଃରି ସେ ଗଟେକ୍ କଣ୍ଟାୟ୍ ବାସ୍ନା ଚିକଣ୍
ଦଃରି ଆୟ୍‌ଲି । 38 ଆର୍ ଜିସୁର୍ ହଃଚ୍‌ବାଟ୍ ଆସି ତାର୍ ହାଦ୍
ଚଃମେ ଟିଅୟ୍, କାନ୍ଦି କାନ୍ଦି ତାର୍ ଆସୁହାଣାୟ୍ ହାଦ୍ ବିଜାୟ୍‌ଲି
ଆର୍ ତାର୍ ମୁଣ୍ଡାର୍ ବାଲ୍ ସଃଙ୍ଗ୍ ହୁଚୁକ୍ ଦଃର୍ଲି, ଆର୍ ତାର୍ ହାଦ୍
ଚୁମି ଚୁମି ବାସ୍ନା ଚିକଣ୍ ହାଦ୍‌ଲାଉଁକ୍ ଦଃର୍ଲି । 39 ସେରି ଦଃକି
ଜୁୟ୍ ପାରୁସି ତାକେ କାଉଁକେ କୁଦି ରିଲା, ସେ ମଃନେ ମଃନେ
କୟ୍‌ଲା, "ଏ ଜଦି ବାବ୍‌ବାଦି ଅୟ୍‌ରିଲେକ୍ ତାକ୍ ଜେ ଚିଉଁଲି
ତଃବେ ସେ କେ ଆର୍ କଃନ୍‌କା ମାଇଜିଟକି, ବଃଲେକ୍ ସେ
ହାହି ମାଇଜି ବଃଲି ଇରି ଜାଣୁ ହାର୍ଲା ହୁଣି ।" 40 ଜିସୁ ତାକ୍
କୟ୍‌ଲା, "ସିମନ୍, ତକ୍ ମର୍ ହଃଦେକ୍ କଃଉତାର୍ ଆଚେ ।"
ସିମନ୍ କୟ୍‌ଲା, "ମାପ୍ରୁ କଃଉ ।" 41 "ଗଟେକ୍ ମାଜନାର୍ ଜଳେକ୍
ରିଣିଆ ରିଲାୟ୍, ଗଟେକ୍ ହାଁଚ୍ ସଅ ଟଃକା ଆରେକ୍ ଗଟ୍‌ଲକ୍
ଦୁୟ୍ କଳି ଦଃସ୍‌ଟଃକା ରିଣ୍ କଃରି ରିଲା । 42 ରିଣ୍ ସୁଜୁକ୍
କାୟ୍‌ରି ହେଁ ନଃରିଲାକ୍ ସାଉକାର୍ ସେ ଦୁୟ୍ ଲକେ କେମା
କଃରି ରିଣ୍ ଚାଡି ଦିଲା, ଇତାକ୍ ସେମଃନାର୍ ବିତ୍ରେ କେ ତାକ୍
ଅଃଦିକ୍ ଲାଡ୍ କଃରେଦ୍?" 43 ସିମନ୍ କୟ୍‌ଲା, "ମର୍ ବାବ୍‌ନାୟ୍
ସେ ଜାକେ କେମା କଃରି ଅଃଦିକ୍ ରିଣ୍ ଚାଡ୍‌ଲା ସେ ।" ଜିସୁ
ସିମନ୍‌କ୍ କୟ୍‌ଲା, "ତୁୟ୍ ଟିକ୍ ବିଚାର୍ କଃଲିସ୍ ।" 44 ଆର୍ ସେ
ମାୟ୍‌ଜିଟକିକ୍ ଦଃକି ସିମନ୍‌କ୍ କୟ୍‌ଲା, "ଇ ମାୟ୍‌ଜିକେ କାୟ୍
ଦଃକୁଲିସ୍? ମୁଁୟ୍ ତର୍ ଗଃରେ ଆୟ୍‌ଲେ, ତୁୟ୍ ମର୍ ହାଦାର୍
ଗିନେ ହାଣି ନଃଦିଲିସ୍, ମଃତର୍ ଇ ମାୟ୍‌ଜି ଅଃହ୍‌ଣାର୍ ଆସୁ
ହାଣାୟ୍ ମର୍ ହାଦ୍ ବିଜାୟ୍‌ଲି, ଆର୍ ତାର୍ ମୁଣ୍ଡାର୍ ବାଳେ ହୁଚ୍‌ଲି
। 45 ତୁୟ୍ ମକ୍ ନଃଚୁମ୍‌ଲିସ୍, ମଃତର୍ ମୁଁୟ୍ ତର୍ ଗଃର୍ ବିତ୍ରେ
ଆୟ୍‌ଲାବଃଲ୍ ହୁଣି ଏ ମର୍ ହାଦ୍ ଚୁମୁକେ ବଃନ୍ଦ୍ ନଃକେରେ ।
46 ତୁୟ୍ ମର୍ ମୁଣ୍ଡେ ଚିକଣ୍ ଲାଗାୟ୍ ନଃକେଲିସ୍, ମଃତର୍ ଏ
ମର୍ ହାଦେ ବାସ୍ନାଚିକଣ୍ ହାଦ୍‌ଲାୟ୍‌ଲି । 47 ଇତାକ୍ ମୁଁୟ୍ ତକେ
କଃଉଁଲେ, ଆର୍ ବୁତେକ୍ ହାହ୍ କେମା କଃରା ଅୟ୍‌ଲି, ବଃଲେକ୍
ସେ ମକ୍ ବୁତେକ୍ ଲାଡ୍ କଃଲି, ମଃତର୍ ଜାକେ ଅଃଳକ୍ ହାହ୍
କେମା କଃରା ଅୟ୍‌ଦ୍, ସେ ଅଃଳକ୍ ଲାଡ୍ କଃରେଦ୍ ।" 48
ଆର୍ ସେ ମାୟ୍‌ଜିକେ ଜିସୁ କୟ୍‌ଲା, "ତର୍ ସଃର୍ନେ ହାହ୍ କେମା
କଃରା ଅୟ୍‌ଲି ।" 49 ସେତାକ୍ ତାର୍ ସଃଙ୍ଗ୍ କାଉଁକେ ବଃସି
ରିଲା ଲକ୍‌ମଃନ୍ ମଃନେ ମଃନେ କଃଉଁକେ ଦଃର୍ଲାୟ୍, "ହାହ୍‌ହେଁ
ହେଁ କେମା କଃରୁଲା, ଏ ତଃବେ କେ?" 50 ମଃତର୍ ଜିସୁ ସେ
ମାୟ୍‌ଜିକେ କୟ୍‌ଲା, "ତର୍ ବିସ୍ୱାସ୍ ତକେ ବଚାୟ୍ ଆଚେ, ସୁସ୍ତାୟ୍
ଜା ।"

**8** ଆର୍ ଅଃଳକ୍ ବେଲ୍ ହଃଚେ, ଜିସୁ ଗଃଳେ ଗଃଳେ ଆର୍ ଗାଉଁ
ଗାଉଁ ବୁଲି ମାପ୍ରୁର୍ ରାଇଜାର୍ ନିକ କବୁର୍ ପର୍ଚାର୍ କଃରୁକେ
ଦଃର୍ଲା । ଆର୍ ବାର ଗଟ୍ ଚେଲା ତାର୍ ସଃଙ୍ଗେ ରିଲାୟ୍ । 2 ଆର୍
ଜୁୟ୍ ମାୟ୍‌ଜିମଃନ୍ ବୁତ୍‌ଆତ୍ମା, ଆର୍ ରଗେ ହୁଣି ଉଜ୍ କଃରାୟ୍
ଅୟ୍‌ରିଲାୟ୍, ସେମଃନ୍ ହେଁ ତାର୍ ସଃଙ୍ଗ୍ ରିଲାୟ୍, ମରିୟମ୍
ଜାକେ ମଗ୍‌ଦଲିନି ମରିୟମ୍ ବଃଲି କଃଉତି, ଜାର୍ ତଃୟ୍‌ହୁଣି
ସାତ୍ ବୁତ୍ ବାରାୟ୍ ଜାୟ୍‌ରିଲାୟ୍; 3 ହେରଦାର୍ ଗୁମୁସ୍ତା କୁଜାର୍
ଡକୁର୍ସି, ଜହନା, ସସନା, ଆରେକ୍ କଃତେକ୍ ମାୟ୍‌ଜିମଃନ୍ ତାର୍
ସଃଙ୍ଗ୍ ରଃୟ୍ ଅଃହ୍‌ଣା ଅଃହ୍‌ଣାର୍ ଦଃନ୍ ବିତ୍ ଦଃୟ୍, ଜିସୁର୍
ଆର୍ ଚେଲାମଃନାର୍ ସେବା କଃର୍ତି ରିଲାୟ୍ । 4 ଗାଦେକ୍ ଲକ୍
ରୁଣ୍ଡ୍‌ଲାକ୍, ଆର୍ ଗଃଳ୍‌ମଃନ୍ ତଃୟ୍‌ହୁଣି ଲକ୍‌ମଃନ୍ ତାର୍ ତଃୟ୍
ଆୟ୍‌ଲାକ୍, ଜିସୁ ଇ କଃତା କୟ୍‌ଲା, 5 "ଗଟେକ୍ ବିଆନ୍ ବୁଣ୍‌ତା
ଲକ୍ ଅଃହ୍‌ଣାର୍ ବିଆନ୍ ଦଃରି ବୁଣୁକ୍ ବାରାୟ୍‌ଲା, ସେ ବୁଣ୍‌ତା
ବଃଲ୍ କଃତେକ୍ ବିଆନ୍ ବାଟେ ଅଦୁର୍ଲି ଆର୍ ହାଦ୍ ତଃଳେ
ମାଡାଚଃଗା ଅୟ୍‌ଲି, ଆରେକ୍ ଅଃଗାସ୍ ଉହ୍ରାର୍ ଚେଳେମଃନ୍
ସେରିସଃବୁ କାୟ୍‌ଲାୟ୍ । 6 ଆରେକ୍ କଃତେକ୍ ଚଃଟ୍ରା ଉହ୍ରାର୍
ବୁୟେଁ ଅଦୁର୍ଲି, ଆରେକ୍ ଗଃଜା ଅୟ୍ ରଃସ୍ ନଃହାୟ୍‌ଲାକେ ସୁକି
ଗଃଲି, 7 ଆର୍ କଃତେକ୍ ବିଆନ୍ କାଟା ବୁଟା ବିତ୍ରେ ଅଦୁର୍ଲି,
ଆରେକ୍ କାଟା ଗଃଚ୍‌ମଃନ୍ ବାଡି ସେ ସଃବ୍‌କେ ଡାହି ହଃକାୟ୍‌ଲି;
8 ବିନ୍ କଃତେକ୍ ନିକ ବୁୟେଁ ଅଦୁର୍ଲି, ଆର୍ ବାଡି ସଏ ଗୁଣ୍
ହଃଲ୍ ହଃଲ୍‌ଲି ।" ଜିସୁ ଇରି କୟ୍ କୟ୍ ବଃଡ୍ ଟଣ୍ଡ୍ କଃରି
କୟ୍‌ଲା, "ଜାର୍ ସୁଣୁକ୍ କାନ୍ ଆଚେ ସେ ସୁଣ ।" 9 ଜିସୁର୍
ଚେଲାମଃନ୍ ଇ କଃତାର୍ ବାବ୍ କାୟ୍‌ରି ବଃଲି ହଃଚାର୍ଲାୟ୍ ।
10 ସେତାକ୍ ଜିସୁ କୟ୍‌ଲା, "ମାପ୍ରୁ ରାଇଜାର୍ ବୁଜୁ ନଃହାର୍ଟା
କଃତା ଜାଣୁକେ ତୁମିମଃନ୍‌କେ ଗ୍ୟାନ୍ ଦିଆ ଅୟ୍‌ଆଚେ, ମଃତର୍
ବିନ୍ ଲକ୍‌ମଃନ୍‌କେ କଃତା କୟ୍ ବୁଜାଉଁକେ ଅୟ୍‌ଦ୍, ଜଃନ୍‌କଃରି
ସେମଃନ୍ ଦଃକୁ ଦଃକୁ ନଃଦେକ୍‌ତି ଆର୍ ସୁଣୁ ସୁଣୁ ନଃବୁଜ୍‌ତି ।"
11 "ବିଆନ୍ ବୁଣୁର୍ ବାବ୍ ଅୟ୍‌ଲି, ବିଆନ୍ ଇସ୍ୱରାର୍ କଃତା 12
ଆର୍ ବାଟ ଲଃଗେ ରିଲା ବିଆନ୍ ଇବାନ୍ୟା ଲକ୍‌କେ ବୁଜାୟ୍‌ଦ୍,
ଜୁୟ୍‌ମଃନ୍ ଇସ୍ୱରାର୍ କଃତା ସୁଣ୍‌ତି, ତାର୍‌ହଃଚେ ସୟ୍‌ତାନ୍ ଆସି,
ସେମଃନ୍ ଜଃନ୍‌କଃରି ବିସ୍ୱାସ୍‌କଃରି ହାହେହୁଣି ମୁକ୍ତି ହାୟ୍ ବଚୁ
ନଃହାର୍‌ତି, ଇତାକ୍ ସୟ୍‌ତାନ୍ ଆସେଦ୍ ଆର୍ ସେମଃନାର୍ ମଃନ୍
ବିତ୍ରେ ହୁଣି ଇସ୍ୱରାର୍ କଃତା ଚରି ନଃୟ୍‌ଦ୍ । 13 ଆର୍ ଚଃଟ୍ରା
ବୁୟାଁୟ୍ ବିଆନ୍ ଇବାନ୍ୟା ଲକ୍‌କେ ବୁଜାୟ୍‌ଦ୍, ଜୁୟ୍‌ମଃନ୍ ବଃଚନ୍
ସୁଣି ବଃଡେ ସଃର୍ଦାୟ୍ ମଃନେ ଦଃର୍ତି, ମଃତର୍ ସେମଃନାର୍ ଚେର୍
ବିତ୍ରେ ଜାୟ୍ ନଃରିଲାକ୍, ସେମଃନ୍ ଚଃନେକାର୍ ଗିନେ ଇସ୍ୱରାର୍
କଃତାକ୍ ବିସ୍ୱାସ୍ କଃର୍ତି ଆର୍ ପରିକ୍ୟା ବଃଲ୍ ଦଃର୍ମ୍ ଚାଡ୍‌ତି
। 14 ଆର୍ କାଟା ଗଃଚ୍ ବିତ୍ରେ ଅଦ୍ରି ରିଲା ବିଆନ୍ ଇବାନ୍ୟା
ଲକ୍‌କେ ବୁଜାୟ୍‌ଦ୍, ଜୁୟ୍‌ମଃନ୍ ଇସ୍ୱରାର୍ କଃତା ସୁଣ୍‌ତି, ମଃତର୍
ସଂସାର୍ ଚିତା, ଦଃନ୍ ଆର୍ ସୁକ୍ ଲଳି ସଃବୁ ଦିନାର୍ ଜିବନ୍
କାଟୁ କାଟୁ ତଃଳେ ଚାହି ଅୟ୍‌ଜାତି, ଆର୍ ହଃଲ୍ ଦଃରୁନାହାର୍ତି
। 15 ଆର୍ ନିକ ବୁୟେଁ ଅଦ୍ରି ରିଲା ବିଆନ୍ ଇବାନ୍ୟା ଲକ୍‌କେ
ବୁଜାୟ୍‌ଦ୍, ଜୁୟ୍‌ମଃନ୍ ନିକକଃରି ଆର୍ ନିର୍ମାୟା ମଃନେ ଇସ୍ୱରାର୍
କଃତା ସୁଣି ଗଃର୍ବ୍‌ବିତ୍ରେ ଦଃର୍ତି ଆର୍ ସଃମ୍ଭାଳି ରଃୟ୍ ହଃଲ୍
ହଃଲ୍‌ତି ।" 16 "କେହେଁ କୁପି ଲାଗାୟ୍ ମାଣ୍ ତଃଳେ ଡାହି
ନଃସେଙ୍ଗାୟ୍ ଆର୍ କଃଟ୍ ତଃଳେ ନଃସେଙ୍ଗାୟ୍, ମଃତର୍ ଦିହ୍‌ରୁକା

ଉହ୍ରେ ସଃଙ୍ଗାୟ୍ଦ୍, ଜଃନ୍କଃରି ବିତ୍ରେ ହୁର୍ତା ଲକ୍ମଃନ୍ ଉଜାଳ୍
ଦଃକ୍ତି ।” 17 “କାୟ୍ତାକ୍ବଃଲେକ୍ ଜାୟ୍ରି ହଃଦାୟ୍ ନଃଡିସେ
ଇବାନ୍ୟା ଲୁକ୍ଲାର୍ କାୟ୍ରି ହେଁ ନାୟ୍, ଆର୍ ଜାୟ୍ରି ଜାଣା
ଜାୟ୍ ହଃଦାୟ୍ ଜାଣା ନଃହୟ୍, ଇବାନ୍ୟା ଲୁକ୍ଲାର୍ କାୟ୍ରି ନାୟ୍
।” 18 “ବଃଲେକ୍ କଃନ୍କଃରି ସୁଣୁଲାସ୍ ସେତାକ୍ ଜଃଗ୍ରାତ୍,
ବଃଲେକ୍ ଜାର୍ ଆଚେ ତାକ୍ ଦିଆ ଅୟ୍ଦ୍ ଆର୍ ଜାର୍ ନାୟ୍ ସେ
ଜାୟ୍ରି ନିଜାର୍ ଆଚେ ବଃଲି ମଃନେକଃରେଦ୍, ସେରି ହେଁ ତାର୍
ତଃୟ୍ହୁଣି ନିଆ ଅୟ୍ଦ୍ ।” 19 ଜିସୁର୍ ଆୟ୍ସି ଆର୍ ବାୟ୍ସିମଃନ୍
ତାର୍ ଚଃମେ ଆୟ୍ଲାୟ୍, ମଃତର୍ ଲକ୍ମଃନ୍ହା ଗିନେ ତାକେ
ବେଟ୍ ଅଃଉଁ ନଃହାର୍ତି ରିଲାୟ୍ । 20 କେ ଅଲେ ଜିସୁକେ ଇ
କବୁର୍ ଦିଲାୟ୍, “ତର୍ ଆୟ୍ଦି ଆର୍ ବାୟ୍ଦିମଃନ୍ ତର୍ ସଃଙ୍ଗ
ବେଟ୍ ଅଃଉଁକେ ମଃନ୍ କଃରି ହଃଦାୟ୍ ଟିଆ ଅୟ୍ ଆଚ୍ତି ।” 21
ମଃତର୍ ଜିସୁ ସେମଃନ୍କେ କୟ୍ଲା, “ଜୁୟ୍ମଃନ୍ ଇସ୍ୱରାର୍ କଃତା
ସୁଣ୍ତି ଆର୍ ମାନ୍ତି ସେମଃନ୍ ମର୍ ଆୟା ଆର୍ ବାୟ୍ମଃନ୍
।” 22 ସଃଡେବଃଲ୍ ଗଟ୍ଦିନ୍ ଜିସୁ ଆର୍ ତାର୍ ଚେଲାମଃନ୍
ଗଟେକ୍ ଡଙ୍ଗାୟ୍ ଚଃଗ୍ଲାୟ୍ ଆର୍ ଜିସୁ ସେମଃନ୍କେ କୟ୍ଲା,
“ଆସା ସଃମ୍ନ୍ଦ୍ରାର୍ ସେହାଟି ଜୁଆଁ,” ସେତାକ୍ ସେମଃନ୍ ଡଙ୍ଗା
ମେଲ୍ଲାୟ୍ । 23 ମଃତର୍ ସେମଃନ୍ ଡଙ୍ଗା ଗାଟି ଜାତା ବଃଲ୍
ଜିସୁ ସୟ୍ ରିଲା, ସଃଡେବଃଲ୍ ସଃମନ୍ଦ୍ରେ ବାଉହାଣି ଆୟ୍ଲି ଆର୍
ସେମଃନାର୍ ଡଙ୍ଗାୟ୍ ହାଣି ହୁରୁକ୍ ଦଃର୍ଲି ଆର୍ ସେମଃନ୍ ବଃଡେ
ଜଃଞ୍ଜାଳେ ହଃଲ୍ଲାୟ୍ । 24 ସେତାକ୍ ଚେଲାମଃନ୍ ଜିସୁର୍ ଚଃମେ
ଆୟ୍ଲାୟ୍ ଆର୍ ତାକେ ଉଟାୟ୍ କୟ୍ଲାୟ୍, “ଏ ଗୁରୁ, ଏ ଗୁରୁ,
ଅଃମିମଃନ୍ ମଃଲୁ,” ଇତାକ୍ ସେ ଉଟି ବାଉ ଆର୍ ଉଲାଳ୍କେ
ଦଃମ୍କାୟ୍ଲା, ଆର୍ ସେ ସଃବୁ ତୁନ୍ହାଲ୍ଲି ଆର୍ ତିର୍ ଅୟ୍ଲି ।
25 ଆରେକ୍ ସେ ସେମଃନ୍କେ କୟ୍ଲା, “ତୁମିମଃନାର୍ ବିସ୍ୱାସ୍
କଃୟ୍?” ମଃତର୍ ସେମଃନ୍ ଡିରି ଜାୟ୍ କାବା ଅୟ୍ ତାକାର୍
ତାକାର୍ ବିତ୍ରେ କଃଉଆକଇ ଅଃଉଁକେ ଦଃର୍ଲାୟ୍, “ତଃବେ ଏ
କେ ଜେ ସେ ବାଉହାଣିକେ ହେଁ ଆଦେସ୍ ଦିଲେକ୍ ସେମଃନ୍
ତାର୍ ବଲ୍ ମାନୁଲାୟ୍ ।” 26 ତାର୍ହଃଚେ ଜିସୁ ଆର୍ ତାର୍
ଚେଲାମଃନ୍ ଗାଲିଲି ମୁଁଆଟିର୍ ଗରାସିୟ୍ମଃନାର୍ ହଲି ତଃୟ୍
ହଚ୍ଲାୟ୍, 27 ଜିସୁ ଡଙ୍ଗାୟ୍ ହୁଣି ବାରାୟ୍ କଃଣ୍ଡାୟ୍ ଉତୁର୍ଲାକ୍,
ସେ ଗଃଳାର୍ ଗଟେକ୍ ବୁତ୍ ଡଃସିରିଲା ଲକ୍ ତାକ୍ ବେଟ୍ ଅୟ୍ଲା,
ସେ କଃତେକ୍ କାଲ୍ ହଃତେକ୍ ହଃଚ୍ୟା ନଃହିନ୍ଦି ଗଃରେ ନଃରେୟ୍
ମଃସ୍ଣେ ରେତିରିଲା । 28 ସେ ଜିସୁକେ ଦଃକି କିର୍କିରି କଃରି
ତାର୍ ଗଡ୍ ତଃଳେ ଡୁଲି ବଃଡ୍ ଟଣ୍ଡ କଃରି କୟ୍ଲା, “ଏ ସଃବ୍କେ
ଉହ୍ରାର୍ ଇସ୍ୱରାର୍ ହୟ୍ସି ଜିସୁ, ତର୍ ସଃଙ୍ଗ ମର୍ କାୟ୍ରି ଆଚେ?
ମୁଁୟ୍ ତକେ ଗଃଉଆରି କଃରୁଲେ ମକେ ଡଃଣ୍ଡ ଦେନାୟ୍,” 29
କାୟ୍ତାକ୍ବଃଲେକ୍ ଜିସୁ ବିଟାଳ୍ ବୁତ୍ ଆତ୍ମାକେ ସେମାନାୟ୍
ତଃୟ୍ହୁଣି ବାରାୟ୍ ଜଃଉଁକେ ଆଦେସ୍ ଦେଉଁକ୍ ଜାତିରିଲା, ସେ
ବୁତ୍ ଆତ୍ମା କଃତେକ୍ ତର୍ ତାକ୍ ଡଃସି ରିଲି, ଆରେକ୍ ଲକ୍ମଃନ୍
ତାକ୍ ସିକ୍ଲି ସଃଙ୍ଗ ବାନ୍ଦି ରେତିରିଲାୟ୍, ମଃତର୍ ସେ ବାନ୍ଧଣ୍
ସଃବୁ ଚିଡାୟ୍ କଃରି ବୁତ୍ ତାକ୍ ସୁକ୍ଲା ବଃଟାୟ୍ ନେତିରିଲି ।
30 ଜିସୁ ତାକ୍ ହଃଚାର୍ଲା, “ତର୍ ନାଉଁ କାୟ୍ରି?” ସେ କୟ୍ଲା,
“ବାହିନି, ବଃଲେକ୍ ବୁତେକ୍,” ତାକ୍ ବୁତେକ୍ ବୁତ୍ ତାର୍ ବିତ୍ରେ
ହୁରି ରିଲାୟ୍ । 31 ଆରେକ୍ ଜିସୁ ଜଃନ୍କଃରି ସେମଃନ୍କେ
ହଃତାଳେ ଜଃଉଁକେ ଆଦେସ୍ ନଃଦେୟ୍, ଇତାକ୍ ସେମଃନ୍
ଜିସୁକେ ଗଃଉଆରି କଃରୁକେ ଦଃର୍ଲାୟ୍ । **(Abyssos g12)** 32
ସେତି ଡଙ୍ଗର୍ କଃଳ୍କାୟ୍ ଗଟେକ୍ ଗୁସ୍ରା ମଃନ୍ହା ଚଃର୍ତି ରିଲାୟ୍,
ଆରେକ୍ ସେ ଜଃନ୍କଃରି ସେମଃନ୍କେ ସେ ଗୁସ୍ରାମଃନାର୍ ବିତ୍ରେ
ହୁରୁକ୍ ଆଦେସ୍ ଦଃୟ୍ଦ୍ ଇତାକ୍ ସେମଃନ୍ ଜିସୁକେ ଗଃଉଆରି
କଃଲାୟ୍ । 33 ଜିସୁ ସେମଃନ୍କେ ଆଦେସ୍ ଦିଲାକ୍, ବୁତ୍ମଃନ୍
ସେ ମାନାୟ୍ ତଃୟ୍ହୁଣି ବାର୍ ଅୟ୍ ଗୁସ୍ରାମଃନାର୍ ବିତ୍ରେ ହୁର୍ଲାୟ୍,
ସେତାକ୍ ସେ ଗୁସ୍ରା ମଃନ୍ହା ସଃଙ୍ଗେ ସଃଙ୍ଗେ ଡଙ୍ଗର୍ ଉହ୍ରେ
ହୁଣି ଦଃବ୍ଲି ଜାୟ୍ ସଃମ୍ନ୍ଦ୍ରେ ଅଦ୍ରି ବୁଡି ମଃଲାୟ୍ । 34 ଗୁସ୍ରା
ଚଃରାଉତା ଲକ୍ମଃନ୍ ସେ ଗଃଟ୍ଣା ଦଃକି ହଃଳାୟ୍ ଜାୟ୍ ଗଃଳେ
ଆର୍ ଗାଉଁଏମଃନ୍ ଜାଣାୟ୍ଲାୟ୍ । 35 ସେତାକ୍ ଲକ୍ମଃନ୍
ସେ ଗଃଟ୍ଣା ଦଃକୁକ୍ ବାରାୟ୍ ଆୟ୍ଲାୟ୍, ଆରେକ୍ ଜିସୁର୍
ଚଃମେ ଆୟ୍ଲାୟ୍, ଆର୍ ଜୁୟ୍ ମାନାୟ୍ ତଃୟ୍ହୁଣି ବୁତ୍ମଃନ୍
ବାରାୟ୍ ଜାୟ୍ରିଲାୟ୍, ତାକେ ହଃଚ୍ୟା ହିନ୍ଦି ନିକ ମଃନେ ଜିସୁର୍
ହାଦ୍ ତଃଳେ ବଃସି ରିଲାର୍ ଦଃକି ଡିରି ଗଃଲାୟ୍ । 36 ଆର୍
ଜୁୟ୍ ଲକ୍ମଃନ୍ ଦଃକିରିଲାୟ୍ ସେମଃନ୍ ସେ ବୁତ୍ ଡଃସ୍ଲାର୍
ଲକ୍ କଃନ୍କଃରି ଉଜ୍ ଅୟ୍ଲା, ସେରି ସଃବୁ ଲକ୍ମଃନ୍କେ
ଜାଣାୟ୍ଲାୟ୍ । 37 ସେତାକ୍ ଗରାସିୟ୍ ମଃନାର୍ ହଲିର୍ ଚାରିବାଟ୍
ରିଲା ସଃବୁ ଲକ୍ ସେମଃନାର୍ ତଃୟ୍ହୁଣି ଜଃଉଁକେ ଜିସୁକେ
ଗଃଉଆରି କଃଲାୟ୍, କାୟ୍ତାକ୍ବଃଲେକ୍ ସେମଃନ୍ ବଃଡେ ଡିରି
ଜାୟ୍ ରିଲାୟ୍, ଆର୍ ସେ ଗଟେକ୍ ଡଙ୍ଗାୟ୍ ଚଃଗି ବାଉଳିଗଃଲା
। 38 ମଃତର୍ ଜୁୟ୍ ଲକ୍ ତଃୟ୍ହୁଣି ବୁତ୍ମଃନ୍ ବାରାୟ୍ ଜାୟ୍
ରିଲାୟ୍ ସେ ଜିସୁର୍ ସଃଙ୍ଗ ରେଉଁକ୍ ଗଃଉଆରି କଃରୁକେ ଦଃର୍ଲା
। 39 ମଃତର୍ ସେ ତାକେ ହଃଟାୟ୍ କଃରି କୟ୍ଲା, “ତୁୟ୍ ଗଃରେ
ବାଉଳି ଜା, ଆର୍ ଇସ୍ୱର୍ ତର୍ ଗିନେ ଜାୟ୍ ଜାୟ୍ରି କଃରିଆଚେ
ସେରିମଃନ୍ ପର୍ଚାର୍ କଃର୍,” ସେତାକ୍ ସେ ଗଃଲା ଆର୍ ଜିସୁ
ତାର୍ଗିନେ ଜାୟ୍ ଜାୟ୍ରି କଃରିରିଲା ଗଃଳ୍ଜାକ କଃଉଁକେ
ଦଃର୍ଲା । 40 ଜଃଡେବଃଲ୍ ଜିସୁ ସଃମ୍ନ୍ଦ୍ରାର୍ ଇହାଟି ଆୟ୍ଲା,
ଲକ୍ମଃନ୍ ତାକ୍ ସଃର୍ଦାମଃନେ ବେଟ୍ ଅୟ୍ଲାୟ୍, ବଃଲେକ୍ ସଃବୁ
ଲକ୍ ତାକ୍ ଜାଗି ରିଲାୟ୍ । 41 ଆର୍ ଦଃକା ଜାଇରସ୍ ନାଉଁଆର୍
ଗଟେକ୍ ଲକ୍ ଆୟ୍ଲା, ସେ ପାର୍ତ୍ନା ଗଃରାର୍ ମୁଳିକା ଲକ୍ ରିଲା,
ସେ ଜିସୁର୍ ଗଡ୍ ତଃଳେ ଡୁଲି, ଅଃହ୍ଣାର୍ ଗଃରେ ଜଃଉଁକେ
ଗଃଉଆରି କଃଲା । 42 ବଃଲେକ୍ ତାର୍ ବାର ବଃର୍ସାର୍ ଗଟେକ୍
ବଃଲି ଜିସି ରିଲି, ଆର୍ ସେ ମଃରୁକ୍ କଃଣ୍ଡେକ୍ ରିଲି, ମଃତର୍
ଜିସୁ ଜାତାବଃଲ୍ ଲକ୍ମଃନ୍ ତାର୍ ଉହ୍ରେ ମାଡାଚଃଗା ଅଃଉତି
ରିଲାୟ୍ । 43 ସଃଡେବଃଲ୍ ବାର ବଃର୍ସ୍ ହଃତେକ୍ ଗଃଗାଳ୍ଜାତା
ରଗ୍ ଦଃରି ଜିବନ୍ କାଟ୍ତାର୍ ଗଟେକ୍ ମାୟ୍ଜି ଜେ କି ନିଜାର୍

ଦଽନ୍‌ବିତ୍ ସଽରାୟ୍‌କଽରି ହେଁ କାର୍ ତଽୟ୍‌ହୁଣି ଉଜ୍ ଅଽଉଁ
ନାହାର୍ତି ରିଲି । 44 ସେ ହଽଚ୍‌ବାଟ୍ୟା ଆସି ଜିସୁର୍ ହଽଚ୍ୟାର୍
ଆଚଲ୍ ଚୁୟ୍‌ଲି, ସେଦାହ୍ରେ ତାର୍ ଗଽଗାଳାର୍ ଗଽଗାଲ୍ ଜାତାର୍
ତେବଽଲି । 45 ସେତାକ୍ ଜିସୁ କୟ୍‌ଲା, "କେ ମକ୍ ଚୁୟ୍‌ଲା?"
ମଽତର୍ ସଽବୁ ଲକ୍ ନାୟ୍ ବଽଲ୍‌ଲାକ୍, ପିତର୍ କୟ୍‌ଲା, "ଏ ଗୁରୁ,
ଲକ୍‌ମଽନ୍ ଟେଲା ଟେଲି ଅୟ୍ ତର୍‌ଉହ୍ରେ ମାଡା ଚଽଗା ଅଽଉଁଲାୟ୍
।" 46 ମଽତର୍ ଜିସୁ କୟ୍‌ଲା, "କେ ଅଲେ ମକ୍ ଚୁୟ୍‌ଲା,
କାୟ୍‌ତାକ୍‌ବଽଲେକ୍ ମର୍ ତଽୟ୍‌ହୁଣି ସଽକ୍ତି ବାର୍‌ଲି ବଽଲି ମୁଁୟ୍
ଜାଣ୍‌ଲେ ।" 47 ସଽଡେବଽଲ୍ ସେ ମାୟ୍‌ଜି ଦଽକ୍‌ଲି ଜେ, ସେ
ଲୁକି ରେଉଁ ନଽହାର୍‌ଲି, ସଽଡେବଽଲ୍ ସେ ତଽର୍‌ତଽରି ଜିସୁର୍
ଗଡ୍ ତଽଳେ ଡୁଲ୍‌ଲି ଆର୍ କାୟ୍‌ତାକ୍ ତାକ୍ ଚୁୟ୍‌ଲି ଆରେକ୍
କଽନ୍‌କଽରି ସେଦାହ୍ରେ ଉଜ୍ ଅୟ୍‌ଲି ସେରିସଽବୁ ଲକ୍‌ମଽନାର୍
ମୁଏଁ କୟ୍‌ଲି । 48 ସେତାକ୍ ଜିସୁ ତାକେ କୟ୍‌ଲା, "ଜିଇ,
ତର୍ ବିସ୍ୱାସ୍ ତକେ ଉଜ୍ କଽଲି ଆଚେ, ସୁସ୍ତା ଅୟ୍ ଜାଆ ।"
49 ଜିସୁ ଇ କଽତା କଽଉତା ବଽଲ୍, ପାର୍ତ୍‌ନାଗଽରାର୍ ମୁଳିକାର୍
ଗଽରେହୁଣି ଗଟ୍ ଲକ୍ ଆସି ତାକେ କୟ୍‌ଲା, "ତର୍ ଜିଦି ମଽଲିନି,
ଗୁରୁକ୍ ଆରେକ୍ କଽସ୍ଟ ଦେସ୍‌ନାୟ୍ ।" 50 ମଽତର୍ ଜିସୁ ଇରି
ସୁଣି ଜାଇରସ୍‌କେ କୟ୍‌ଲା, "ଡିରା ନାୟ୍, ମଽତର୍ ବିସ୍ୱାସ୍ କଽର୍
ଆର୍ ସେ ବଚେଦ୍ ।" 51 ଆର୍ ଜିସୁ ଗଽରେ ଆସି, ପିତର୍,
ଜହନ୍ ଆର୍ ଜାକୁବ୍‌କ୍ ଆରେକ୍ ହିଲାର୍ ଉବାସି ଆୟ୍‌ସିକ୍ ଚାଡି,
କାକେ ହେଁ ସଽଙ୍ଗେ ଜଽଉଁକେ ନଽଦିଲା । 52 ମଽତର୍ ସଽବୁ
ଲକ୍ ପାର୍ତ୍‌ନା ଗଽରାର୍ ମୁଳିକାର୍ ଜିସି ମଽଲାକ୍ ଉରେ ମାରିଅୟ୍
କାନ୍ଦ୍‌ତି ରିଲାୟ୍, ସେତାକ୍ ଜିସୁ କୟ୍‌ଲା, "କାନ୍ଦା ନାୟ୍, ସେ
ନଽମେରେ ମଽତର୍ ସଇ ଆଚେ ।" 53 ମଽତର୍ ସେ ମଽରି ଆଚେ
ବଽଲି ଜାଣିରିଲାକ୍ ଲକ୍‌ମଽନ୍ ଜିସୁକେ ଗେଙ୍ଗାଉଁକ୍ ଦଽର୍ଲାୟ୍
। 54 ମଽତର୍ ଜିସୁ ଟକିର୍ ଆତେ ଦଽରି କୟ୍‌ଲା, "ଏ ନୁନି
ହିଲା ଉଟ୍ ।" 55 ସେତାକ୍ ତାର୍ ଆତ୍ମା ବାଉଳି ଆୟ୍‌ଲି ଆର୍
ସେ ସେଦାହ୍ରେ ଉଟ୍‌ଲି, ଆରେକ୍ ଜିସୁ ତାକ୍ କାୟ୍‌ରି କଽଣ୍ଡେକ୍
କାଉଁକେ ଦେଉଁକେ କୟ୍‌ଲା । 56 ଇତାକ୍ ତାର୍ ଉବାସି ଆୟ୍‌ସି
କାବା ଅୟ୍‌ଲାୟ୍, ମଽତର୍ ସେ ଗଽଟ୍‌ଣାର୍ କଽତା କାକେ ହେଁ
କଽଉଆ ନାୟ୍ ବଽଲି ସେମଽନ୍‌କେ କୟ୍‌ଲା ।

**9** ଇ ବିତ୍ରେ ଜିସୁ ବାର ଗଟ୍ ଚେଲାକେ କୁଦି ଗଟ୍ ଟାଣେ
ରୁଣ୍ଡାୟ୍‌ଲା, ଆର୍ ସେମଽନ୍‌କେ ସଽବୁ ବୁତ୍ ଚାଡାଉଁକେ
ଆରେକ୍ ରଗ୍ ଉଜ୍ କଽରୁକେ ସଽକ୍ତି ଆର୍ ଅଽଦିକାର୍ ଦିଲା
। 2 ସେ ସେମଽନ୍‌କେ ମାପ୍ରୁର୍ ରାଇଜାର୍ ନିକ କବୁର୍ ପର୍ଚାର୍
କଽରୁକେ ଆର୍ ରଗିମଽନ୍‌କେ ନିକ କଽରୁକେ ଅଽଦିକାର୍ ଦଽୟ୍
ହଽଟାୟ୍‌ଲା । 3 ଆର୍ ସେମଽନ୍‌କେ କୟ୍‌ଲା, "ତୁମିମଽନ୍ ଜାତା
ବଽଲ୍ ଡାଙ୍ଗ, ମଣା, ରୁଟି କି ଟଽକା, କାୟ୍‌ରି ହେଁ ନିଆ ନାୟ୍,
ଆରେକ୍ ଜଳେକ୍ ଆଙ୍ଗି ହେଁ ସଽଙ୍ଗେ ଦଽରା ନାୟ୍ । 4 ଆର୍
ଜୁୟ୍ ଗଽରେ ଜାହାସ୍, ସେତିହୁଣି ନଽବାଉଲ୍‌ତା ହଽତେକ୍ ସେତି
ରିଆ । 5 ଆର୍ ଜଽତେକ୍ ଲକ୍ ତୁମିମଽନ୍‌କେ ନଽଦେର୍‌ତି, ସେ
ଗଽଳେ ହୁଣି ବାରାୟ୍ ଜାତା ବଽଲ୍, ସେମଽନାର୍ ବିରଦେ ସାକି
ଦେଉଁକେ ତୁମାର୍ ହାଦାର୍ ଦୁଳି ହାହଲି ଦିଆସ୍ ।" 6 ସେତାକ୍
ସେମଽନ୍ ସେତିହୁଣି ଗଽଲାୟ୍ ଆର୍ ସଽବୁ ହାକ୍ ନିକ କବୁର୍
ପର୍ଚାର୍ ଆର୍ ରଗିମଽନ୍‌କେ ଉଜ୍ କଽରୁ କଽରୁ ଗାଉଁ ଗାଉଁ ବୁଲୁକ୍
ଦଽର୍ଲାୟ୍ । 7 ଜଽଡେବଽଲ୍ ତଽଲ୍ୟାରଽଜା ହେରଦ୍ ଇସଽବୁ
ଗଽଟ୍‌ଣା କଽତା ସୁଣି ବେସି କାବା ଅୟ୍‌ଲା, ଆର୍ ତାର୍ ବୁଦି ବାଣା
ଅୟ୍‌ଲି, କାୟ୍‌ତାକ୍‌ବଽଲେକ୍ ବାପ୍ତିସମ୍ ଦେତା ଜହନ୍ ମଽର୍ନେ
ହୁଣି ଉଟି ଆଚେ ବଽଲି କେ କେ କଽଉତି ରିଲାୟ୍ । 8 ଆରେକ୍
କେ କେ ଏଲିୟ୍ ଦଽକାୟ୍ ଅୟ୍‌ଆଚେ ଆର୍ ବିନ୍ ଲକ୍‌ମଽନ୍ ଆଗ୍
ହୁର୍ବାର୍ ବାବ୍‌ବାଦିମଽନାର୍ ବିତ୍ରେ ଗଟେକ୍ ମଽର୍ନେହୁଣି ଉଟି ଆଚେ
ବଽଲି କଽଉତି ରିଲାୟ୍ । 9 ମଽତର୍ ହେରଦ୍ ରଽଜା କୟ୍‌ଲା,
"ଜହନ୍‌କେ ମୁଣ୍ଡ ତ ମୁଁୟ୍ କାଟି ଆଚି, ମଽତର୍ ଜାର୍ ବିସୟେ ମୁଁୟ୍
ଅଽନ୍‌କାର୍ ସୁଣୁଲେ ଏ ତଽବେ କେ?" ଆର୍ ସେ ତାକ୍ ଦଽକୁକ୍
ମଽନ୍ କଽର୍ତି ରିଲା । 10 ତାର୍‌ହଽଚେ ହଽଟାୟ୍‌ଲା ଚେଲାମଽନ୍
ବାଉଳି ଆସି, ଜାୟ୍‌ରି ଜାୟ୍‌ରି କଽରି ରିଲାୟ୍ ସେରି ସଽବୁ
ଜିସୁକେ ଗଟେକ୍ ଗଟେକ୍ କଽରି କୟ୍‌ଲାୟ୍, ଆର୍ ସେମଽନ୍‌କେ
ସଽଙ୍ଗେ ଦଽରି ଅଽଲ୍‌ଗା ଅୟ୍ ବେତ୍‌ସାଇଦା ନାଉଁଆର୍ ଗଽଳେ
ଗଽଲାୟ୍ । 11 ମଽତର୍ ଲକ୍‌ମଽନ୍ ସେରି ଜାଣି ତାର୍ ହଽଚେ
ହଽଚେ ଗଽଲାୟ୍, ଜିସୁ ମଽନ୍‌ବିଚାରି ସେମଽନ୍‌କେ କୁଦ୍‌ଲା,
ଆର୍ ମାପ୍ରୁ ରାଇଜାର୍ କଽତା ସେମଽନ୍‌କେ କଽଉଁକେ ଦଽର୍ଲା,
ଆର୍ ଜୁୟ୍ ଲକ୍‌ମଽନାର୍ ରଗେ ହୁଣି ଉଜ୍ ଅଽଉତାର୍ ଲଳା ରିଲି
ସେମଽନ୍‌କେ ଉଜ୍ କଽଲା । 12 ଇ ବିତ୍ରେ ବେଲ୍ ଆଡ୍ ମାରୁକ୍
ଦଽର୍ଲି, ସେତାକ୍ ବାର ଚେଲାମଽନ୍ ଆସି ଜିସୁକେ କୟ୍‌ଲାୟ୍,
"ଲକ୍‌ମଽନ୍ ଜଽନ୍‌କଽରି ଚାରିହଽକାର୍ ଗାଉଁ ଆର୍ ହାଳା ମଽନ୍‌କେ
ଜାୟ୍ ରେଉଁକେ ଟାଣ୍ ଆର୍ କାଦି ହାଉଁ ହାର୍‌ତି, ସେତାକ୍
ସେମଽନ୍‌କେ ସେଲ ଦେସ୍, କାୟ୍‌ତାକ୍‌ବଽଲେକ୍ ଅଽମିମଽନ୍
ଇତି ଲକ୍‌ବାକ୍ ନୟ୍‌ଲା ଟାଣେ ଆଚୁ ।" 13 ମଽତର୍ ଜିସୁ
ସେମଽନ୍‌କେ କୟ୍‌ଲା, "ତୁମିମଽନ୍ ସେମଽନ୍‌କେ କାଦି କାଳାଉଆ
।" ସେମଽନ୍ କୟ୍‌ଲାୟ୍, "ଅଽମାର୍ ଚଽମେ ହାଁଚ୍ ଗଟ୍ ରୁଟି ଆର୍
ଜଳେକ୍ ମାଚ୍ ହୁଣି ଅଽଦିକ୍ ନାୟ୍, ସେରି ନୟ୍‌ଲେକ୍ ଅଽମିମଽନ୍
କାୟ୍ ଜାୟ୍ ଇ ସଽବୁ ଲକ୍‌ମଽନାର୍ ଗିନେ କାଦି ଗେନୁଆଁ?"
14 କାୟ୍‌ତାକ୍‌ବଽଲେକ୍ ସେମଽନ୍ ମାୟ୍‌ଜି ଆର୍ ହିଲାଟକିକେ
ଚାଡି ଅଽବ୍‌କା ଅଽଣ୍ଡାମଽନ୍ ହାକାହାକି ହାଁଚ୍ ଆଜାର୍ ରିଲାୟ୍,
ଆର୍ ଜିସୁ ଅଽହ୍‌ଣାର୍ ଚେଲାମଽନ୍‌କେ କୟ୍‌ଲା, "ଦୁୟ୍‌କଳି ଦଽସ୍
ଲେକା ଦଽଲ୍ ଦଽଲ୍ କଽରି ଲକ୍‌ମଽନ୍‌କେ ବଽସାଉଆ ।" 15
ସେତାକ୍ ସେମଽନ୍ ସେନ୍ କଽରି ବଽସାୟ୍‌ଲାୟ୍ । 16 ଆରେକ୍
ସେ ହାଁଚ୍‌ଗଟ୍ ରୁଟି ଆର୍ ଜଳେକ୍ ମାଚ୍‌କେ ଦଽରି ସଽର୍ଗ୍ ହାକ୍
ଦଽକି ସେରି ଆସିର୍ବାଦ୍ କଽଲା ଆରେକ୍ ବାଙ୍ଗି ଲକ୍‌ମଽନ୍‌କେ
ଦେଉଁକେ ଚେଲାମଽନ୍‌କେ ଦେଉଁକେ ଦଽର୍ଲା । 17 ସେତାକ୍
ସଽବୁ ଲକ୍ ଆଦାର୍ ହୁର୍ନେ କାୟ୍‌ଲାୟ୍ ଆର୍ ତାକାର୍ ତଽୟ୍ ଉବ୍ରି
ରିଲାର୍ ଚେଲାମଽନ୍ ବାର ଡଽଲା ବାଙ୍ଗ୍‌ଲା ରୁଟିମଽନ୍ ବେଟ୍‌ଲାୟ୍

। 18 ଗଟ୍‌ତର୍ ଜିସୁ ଲକ୍‌ବାକ୍ ନୟ୍‌ଲା ଟାଣେ ପାର୍ତ୍‌ନା କଽର୍ତା
ବଽଲ୍, ଚେଲାମଽନ୍ ତାର୍ ସଽଙ୍ଗ ରିଲାୟ୍ ଆର୍ ସେ ସେମଽନ୍‌କେ
ହଽଚାର୍ଲା, "ମୁଁୟ୍ କେ ବଽଲି ଲକ୍‌ମଽନ୍ କାୟ୍‌ରି କଽଉଁଲାୟ୍?"
19 ଇତାକ୍ ସେମଽନ୍ କୟ୍‌ଲାୟ୍, "ବାପ୍ତିସମ୍ ଦେତା ଜହନ୍,
ମଽତର୍ କେ କେ କଽଉତି ଏଲିୟ ଆର୍ କେ କେ କଽଉତି ଆଗ୍
ହୁର୍ବାର୍ ବାବ୍‌ବାଦିମଽନାର୍ ବିତ୍ରେ ଗଟେକ୍ ମଽର୍ନେ ହୁଣି ଉଟି
ଆଚେ ।" 20 ଜିସୁ ସେମଽନ୍‌କେ ହଽଚାର୍ଲା, "ମଽତର୍ ମୁଁୟ୍ କେ
ବଽଲି ତୁମିମଽନ୍ କାୟ୍‌ରି କଽଉଁଲାସ୍," ପିତର୍ କୟ୍‌ଲା, "ତୁୟ୍
ଇସ୍ୱରାର୍ କ୍ରିସ୍ଟ ।" 21 ସେତାକ୍ ଜିସୁ ଇ କଽତା କାକେ ହେଁ
ନଽକଉଁକ୍ ଅଽଟୁଆ କଽରି ଚେଲାମଽନ୍‌କେ କୟ୍‌ଲା, 22 ଆରେକ୍
ସେ ସେମଽନ୍‌କେ କୟ୍‌ଲା, "ନଽରାର୍ ହୟ୍‌ସିକେ ଜଽନ୍‌କଽରି
ହେଁ ବଽଡେ ଦୁକ୍ ବୟ୍‌ଗ୍ କଽରୁକେ ଅୟ୍‌ଦ୍ ଆର୍ ପାରାଚିନ୍,
ବଽଡ୍ ଜାଜକ୍ ଆର୍ ଦଽର୍ମ୍ ଗୁରୁମଽନ୍ ତାକେ ଦୁର୍ କଽର୍ତି, ଆର୍
ମଽର୍ନେ ମାର୍‌ତି ଆର୍ ତିନି ଦିନାର୍ ତଽଳେ ଉଟୁକ୍ ଅୟ୍‌ଦ୍ ।" 23
ସଽଡେବଽଲ୍ ସେ ସଽବ୍‌କେ କୟ୍‌ଲା, "କେ ଜଦି ମର୍ ହଽଚେ
ଆସୁକ୍ ମଽନ୍ କଽରେଦ୍, ତଽବେ ସେ ଅଽହ୍‌ଣାକ୍ ଚାଡ ଆର୍
ହଽତି ଦିନ୍ ଅଽହ୍‌ଣାର୍ କ୍ରୁସ୍ ବୟ୍‌କଽରି ମର୍ ହଽଚେ ହଽଚେ
ଆସ । 24 କାୟ୍‌ତାକ୍‌ବଽଲେକ୍ ଜୁୟ୍ ଲକ୍ ଅଽହ୍‌ଣାର୍ ଜିବନ୍
ରଽକ୍ୟାକଽରୁକେ ମଽନ୍‌କଽରେଦ୍, ସେ ସେରି ଆରାୟ୍‌ଦ୍, ମଽତର୍
ଜୁୟ୍ ଲକ୍ ମର୍ ଗିନେ ଅଽହ୍‌ଣାର୍ ଜିବନ୍ ଆରାୟ୍‌ଦ୍, ସେ ତାର୍
ଜିବନ୍ ବଚାୟ୍‌ଦ୍ । 25 ଆର୍ ମାନାୟ ଜଽଡେବଽଲ୍ ଜଽଗତାର୍
ସଽବୁ ହାୟ୍ ଅଽହ୍‌ଣାକ୍ ଆରାୟ୍‌ଦ୍, ତଽବେ ତାର୍ କାୟ୍ ଲାବ୍? 26
ସେତାକ୍ ଜୁୟ୍ ଲକ୍ ମର୍ ବଽଚନ୍ ଗିନେ ଲାଜ୍ ଅୟ୍‌ଦ୍, ନଽରାର୍
ହୟ୍‌ସି ଜଽଡେବଽଲ୍ ଅଽହ୍‌ଣାର୍ ଆର୍ ଉବାସିର୍ ଆରେକ୍ ପବିତ୍ର
ଦୁତ୍ ମଽନାର୍ ଜଽଜ୍‌ମାନ୍ ସଽଙ୍ଗ ଆସେଦ୍, ସଽଡେବଽଲ୍ ସେ ହେଁ
ତାର୍ ବିସୟେ ଲାଜ୍ କଽରେଦ୍ । 27 ମଽତର୍ ମୁଁୟ୍ ତୁମିକେ ସଽତ୍
କଽଉଁଲେ ମାପ୍ରୁର୍ ରାଇଜ୍ ନଽଦେକ୍‌ତା ହଽତେକ୍ ଇତି ଟିଆ ଅୟ୍
ରିଲା ଲକ୍‌ମଽନାର୍ ବିତ୍ରେ କଽତେକ୍ ଲକ୍ ବାୟ୍‌ଦ୍‌ରେ ନଽମେର୍ତି
।" 28 ଇ ସଽବୁ ଗଽଟ୍‌ଣାର୍ ଆଟ୍‌ଦିନ୍ ହଽଚେ ଜିସୁ ପିତର୍, ଜହନ୍,
ଆର୍ ଜାକୁବକେ ସଽଙ୍ଗେ ଦଽରି ପାର୍ତ୍‌ନା କଽରୁକେ ଡଙ୍ଗର୍ ଉହ୍ରେ
ଗଽଲା । 29 ଆରେକ୍ ସେ ପାର୍ତ୍‌ନା କଽର୍ତା ବଽଲ୍ ତାର୍ ମୁଆଁର୍
ରୁହ୍ ବାଦୁଲ୍‌ଲି ଆର୍ ତାର୍ ବଽସ୍ତୁର୍ ଚିଟ୍‌ଦବ୍ ଆର୍ ବଽଡେ ଉଜାଲ୍
ଅୟ୍‌ଲି । 30 ଆର୍ ଦଽକା, ତଽତ୍‌କାଣ୍, ମସା ଆର୍ ଏଲିୟ ଇ
ଦୁୟ୍ ଲକ୍ ତାର୍ ସଽଙ୍ଗ କଽତାବାର୍ତା ଅଽଉଁକେ ଦଽର୍ଲାୟ୍ । 31
ସେମଽନ୍ ସଽର୍ଗାର୍ ଜଽଜ୍‌ମାନ୍ ସଽଙ୍ଗ ଦଽକାୟ୍ ଅଽଉତି ରିଲାୟ୍,
ଜିସୁ ଜିରୁସାଲମେ ଜଽଉଁକେ ଜୁୟ୍ ମଽନ୍ କଽର୍ତି ରିଲା ବିସୟ୍‌କ୍
ଦଽରି କଽତାବାର୍ତା ଅଽଉତି ରିଲାୟ୍ । 32 ସଽଡେବଽଲ୍ ପିତର୍
ଆର୍ ତାର୍ ସଽଙ୍ଗଆଳିମଽନ୍ ବର୍ ନିଦେ ସଇ ରିଲାୟ୍, ମଽତର୍
ସେମଽନ୍ ନିଦେହୁଣି ଚେତା ଅୟ୍‌ଲାକ୍, ଜିସୁର୍ ଜଽଜ୍‌ମାନ୍ ଆର୍
ତାର୍ ସଽଙ୍ଗ ଟିଆ ଅୟ୍‌ରିଲା ଦୁୟ୍ ଲକ୍‌କେ ଦଽକ୍‌ଲାୟ୍ । 33
ଆରେକ୍ ସେମଽନ୍ ତାକାର୍ ତଽୟ୍‌ହୁଣି ଆସ୍ତା ବଽଲ୍ ପିତର୍
ଜିସୁକେ କୟ୍‌ଲା, "ଏ ଗୁରୁ, ଅଽମିମଽନ୍ ଇତି ଆଚୁ ଇରି ନିକ
ଅଽମିମଽନ୍ ତିନିଗଟ୍ କୁଳିଆ ତିଆର୍ କଽରୁନ୍ଧ ତର୍ ଗିନେ ଗଟେକ୍
ମସାର୍ ଗିନେ ଗଟେକ୍ ଆର୍ ଏଲିୟର୍ ଗିନେ ଗଟେକ୍," ମଽତର୍
ପିତର୍ କାୟ୍‌ରି କଽଉଁଲା, ସେରି ଜାଣୁ ନଽହାର୍‌ଲା । 34 ପିତର୍
ଇରି କଽଉଁ କଽଉଁ କଽଣ୍ଡେକ୍ ମେଗ୍ ଆସି ସେମଽନ୍‌କେ ଡାହ୍‌ଲି
ଆର୍ ସେମଽନ୍ ମେଗେ ହୁର୍ତା ବଽଲ୍ ଡିର୍ଲାୟ୍ । 35 ଆରେକ୍
ସେ ମେଗେ ହୁଣି ଇ କଽତା ସୁଣା ଅୟ୍‌ଲି, "ଇରି ମର୍ ହଅ,
ମୁୟ୍‌ଁ ବାଚ୍‌ଲାର୍, ଆର୍ କଽତା ସୁଣା ।" 36 ଇ କଽତା ସୁଣ୍‌ଲା
ହଽଚେ ଜିସୁ ଏକ୍ଲା ଡିସ୍‌ଲା, ଆର୍ ସେମଽନ୍ ତୁନ୍ ହାଲ୍‌ଲାୟ୍
ଆର୍ ଜାୟ୍‌ରି ଜାୟ୍‌ରି ଦଽକି ରିଲାୟ୍, ସେତିର୍ କାୟ୍ କଽତା
ସଽଡେବଽଲ୍ କାକେ ହେଁ ନଽକୟ୍‌ଲାୟ୍ । 37 ତାର୍ ଆର୍‌କ ଦିନ୍
ଜିସୁ ଆର୍ ତାର୍ ତିନିଗଟ୍ ଚେଲାମଽନ୍ ଡଙ୍ଗେ ହୁଣି ଉତୁର୍ଲାକ୍
ବୁତେକ୍ ଲକ୍‌ମଽନ୍ ତାକ୍ ବେଟ୍ ଅୟ୍‌ଲାୟ୍, 38 ଆର୍ ଦଽକା,
ଲକ୍‌ମଽନାର୍ ବିତ୍ରେ ଗଟ୍ ଲକ୍ ଆଉଲି ଅୟ୍ କୟ୍‌ଲା, "ଏ ଗୁରୁ
ମୁଁୟ୍ ତକେ ଗଽଉଆରି କଽରୁଲେ ମର୍ ହିଲାକ୍ ଦଽର୍ମ୍ କଽର୍,
କାୟ୍‌ତାକ୍‌ବଽଲେକ୍ ସେ ମର୍ ଗଟେକ୍ ବଽଲି ହିଲା । 39 ଦଽକ୍
ତାକ୍ ଗଟେକ୍ ବୁତ୍ ଦଽରେଦ୍ ଆର୍ ସେ ତଽତ୍‌କାଣ୍ ଆଉଲି
ଅୟ୍‌ଦ୍, ଆରେକ୍ ସେ ତାକ୍ ଅଽନ୍‌କା ଆଳାଡାଳା କଽରେଦ୍ ମୁଏଁ
ହୁଣି ହେହୁଲ୍ ବାରାୟ୍‌ଦ୍, ଆରେକ୍ ସେ ତାକେ ବାନା କାବ୍‌ରା
କଽରି ବଽଡେ କଽସ୍ଟେ ବାରାୟ୍ ଜାୟ୍‌ଦ୍ । 40 ତାକ୍ ଚାଡାଉଁକେ
ତର୍ ଚେଲାମଽନ୍‌କେ ଗଽଉଆରି କଽଲେ, ମଽତର୍ ସେମଽନ୍
ନଽହାର୍‌ଲାୟ୍ ।" 41 ଜିସୁ କୟ୍‌ଲା, "ରେ ଅବିସ୍ୱାସି ବିନ୍ ବାଟ୍
ଜାତା ବଽଉଁସ୍ କଽତେକ୍ କାଲ୍ ମୁଁୟ୍ ତୁମାର୍ ସଽଙ୍ଗ ରଽୟ୍
ତୁମିମଽନାର୍ ଇବାନ୍ୟା କଽତା ସଽମ୍ବାଳିନ୍ଧ, ତର୍ ହଅକେ ଇତି
ଆଣ୍," 42 ସେ ଆସ୍ତା ବଽଲ୍ ବୁତ୍ ତାକ୍ ତଽଳେ ଅଦ୍ରାୟ୍ ବଽଡେ
ଆଳାଡାଳା କଽଲି, ମଽତର୍ ଜିସୁ ବିଟାଲ୍ ବୁତ୍‌କେ ଦଽମ୍‌କାୟ୍‌ଲା
ଆର୍ ବାର୍ କଽଲା ଆର୍ ହିଲାକ୍ ଉଜ୍ କଽରି ତାର୍ ଉବାସିର୍
ଆତେ ଦିଲା । 43 ସେତାକ୍ ସଽବୁଲକ୍ ଇସ୍ୱରାର୍ ବଽଡେ ସଽକ୍ତି
ଦଽକି କାବା ଅୟ୍‌ଲାୟ୍, ମଽତର୍ ତାର୍ କଽଲା ସଽବୁ କାମ୍ ଗିନେ
ସଽବୁ ଲକ୍ କାବା ଅଽଉତାବଽଲ୍ ସେ ଅଽହ୍‌ଣାର୍ ଚେଲା ମଽନ୍‌କେ
କୟ୍‌ଲା । 44 "ଇ ସଽବୁ କଽତା ତୁମିମଽନାର୍ କାନେ ହୁରାଉଆ,
କାୟ୍‌ତାକ୍‌ବଽଲେକ୍ ନଽରାର୍ ହୟ୍‌ସି ମାନାୟ୍‌ମଽନାର୍ ଆତେ
ସଽର୍ହି ଅଽଉଁକେ ଜଽଉଁଲା ।" 45 ମଽତର୍ ଚେଲାମଽନ୍ ସେକଽତା
ବୁଜୁ ନଽହାର୍‌ଲାୟ୍, ଆର୍ ସେରି ସେମଽନାର୍ ତଽୟ୍ ଲୁକ୍‌ଣେ
ରିଲି, ଜଽନ୍‌କଽରି ସେମଽନ୍ ବୁଜୁକ୍ ନଽହାର୍ତି, ଆରେକ୍ ସେମଽନ୍
ସେ କଽତା ତାକ୍ ହଽଚାରୁକ୍ ଡିର୍ତି ରିଲାୟ୍ । 46 ସେମଽନାର୍
ବିତ୍ରେ କେ ବଽଡ୍ ସେ କଽତାକ୍ ସେମଽନ୍ ତାକାର୍ ତାକାର୍
ବିତ୍ରେ ଦଽରାଦଽରି ଅୟ୍‌ଲାୟ୍ । 47 ମଽତର୍ ଜିସୁ ସେମଽନାର୍
ଦଽରାଦଽରି ଅଽଉତାର୍ ମଽନ୍ ବିତ୍ରେ ଜାଣି ଗଟେକ୍ ସାନ୍ ହିଲାକ୍
ଦଽରି ଅଽହ୍‌ଣାର୍ ଚଽମେ ଟିଆ କଽରାୟ୍ ସେମଽନ୍‌କେ କୟ୍‌ଲା,
48 "ଜୁୟ୍ ଲକ୍ ମର୍ ନାଉଁଏ ଇ ସାନ୍ ହିଲାକ୍ ଆଗଳେଦ୍ ସେ ମକେ

ଆଗଲେଦ୍ ଆର୍ ଜେ ମକେ ଆଗଲେଦ୍ ସେ ମର୍ ହଃଟାୟ୍ଲା
ଉବାକ୍ ଆଗଲେଦ୍, କାୟ୍ତାକ୍ବଃଲେକ୍ ତୁମାର୍ ସଃବ୍କାର୍
ବିତ୍ରେ ଜେ ସଃବେକ୍ ସାନ୍ ସେ ସଃବ୍କେ ବଃଡ୍ ।” 49 ସେତାକ୍
ଜହନ୍ କୟ୍ଲା, “ଏ ଗୁରୁ, ଅଃମିମଃନ୍ ଗଟ୍ ଲକ୍କେ ତର୍ ନାଉଁଏ
ବୁତ୍ ଚାଡାଉତାର୍ ଦଃକ୍ଲୁ ଆର୍ ସେ ଅଃମାର୍ ଦଃଲେ ନଃରିଲାକ୍
ଅଃମି ତାକେ ମଃନା କଃଲୁ ।” 50 ମଃତର୍ ଜିସୁ କୟ୍ଲା, “ମଃନା
କଃରା ନାୟ୍, କାୟ୍ତାକ୍ବଃଲେକ୍ ଜେ ତୁମାର୍ ବିରଦି ନାୟ୍
ସେ ତୁମାର୍ ଦଃଲାର୍ ଲକ୍ ।” 51 ହଃଚେ ଜଃଡେବଃଲ୍ ଜିସୁର୍
ସଃର୍ଗେ ଜାତାର୍ ବେଳା ହୁରୁଣ୍ ଅୟ୍ ଆସ୍ତି ରିଲି, ସଃଡେବଃଲ୍ ସେ
ଜିରୁସାଲମ୍ ଜଃଉଁକେ ମଃନ୍କେ ଅଃଟୁଆ କଃରି, 52 ଅଃହ୍ଣାର୍
ଆଗ୍ତୁ ଲକ୍ ହଃଟାୟ୍ଲା, ସେମଃନ୍ ଜାୟ୍ ତାର୍ ଗିନେ ସଃବୁ
ଟିକ୍ କଃରୁକେ ସମିରଣିୟ ମଃନାର୍ ଗଟେକ୍ ଗାଉଁଏ ହୁର୍ଲାୟ୍
। 53 ମଃତର୍ ସେ ଜିରୁସାଲମ୍ ଜଃଉଁକେ ମଃନ୍ କଃରି ଆଚେ
ବଃଲି ଜାଣି ତାକେ ମାନ୍ତି ନଃକେଲାୟ୍ । 54 ଇରି ଦଃକି
ଜାକୁବ ଆର୍ ଜହନ୍ ସେ ଦୁୟ୍ ଚେଲା କୟ୍ଲାୟ୍, “ମାପ୍ରୁ, ଏଲିୟ
ହେଁ ଜଃନ୍ କଃରି ରିଲା ସେନ୍ କଃର୍, ଅଃଗାସ୍ ଉହ୍ରେ ହୁଣି
ଜୟ୍ ଅଦ୍ରି ସେମଃନ୍କେ ନାସ୍ କଃର, ଇରି ଅଃମିମଃନ୍ କଃଉନ୍ଦ
ବଃଲି କାୟ୍ ତର୍ ମଃନ୍?” 55 ମଃତର୍ ସେ ଲେଉଟି କଃରି
ସେମଃନ୍କେ ରିସା ଅୟ୍ଲା ଆର୍ ଦଃକା ଦିଲା ଆର୍ କୟ୍ଲା,
“ତୁମିମଃନ୍ କଃନ୍କା ଆତ୍ମାର୍ ଲକ୍ ଇରି ନଃଜାଣୁଲାସ୍, ନଃରାର୍
ହୟ୍ସି ମାନାୟ୍ମଃନାର୍ ହଃରାଣ୍ ନାସ୍ କଃରୁକେ ନାସେ ମଃତର୍
ବଚାଉଁକେ ଆସି ଆଚେ” 56 ତାର୍ହଃଚେ ସେମଃନ୍ ଆରେକ୍ ଗଟ୍
ବିନ୍ ଗାଉଁ ଗଃଲାୟ୍ । 57 ସେମଃନ୍ ବାଟେ ଜାତା ବଃଲ୍ ଗଟେକ୍
ଲକ୍ ଜିସୁକେ କୟ୍ଲା, “ତୁୟ୍ ଜୁୟ୍ତି ଗଃଲେକ୍ ହେଁ ମୁଁୟ୍ ତର୍
ହଃଚେ ହଃଚେ ଆସିନ୍ଦ ।” 58 ଜିସୁ ତାକ୍ କୟ୍ଲା, “କଲ୍ୟାର୍
ହାର୍ ଆଚେ, ଅଃଗାସ୍ ଉହ୍ରାର୍ ଚେଳେମଃନାର୍ ବାସା ଆଚେ,
ମଃତର୍ ନଃରାର୍ ହୟ୍ସିର୍ ମୁଣ୍ଡ ଗୁଞ୍ଜୁକେ ଟାଣ୍ ନାୟ୍ ।” 59
ତାର୍ହଃଚେ ସେ ଆରେକ୍ ଗଟ୍ ଲକ୍କେ କୟ୍ଲା, “ମର୍ ହଃଚେ
ହଃଚେ ଆଉ ।” ମଃତର୍ ସେ କୟ୍ଲା, “ଏ ମାପ୍ରୁ, ହଃର୍ତୁ ଜାୟ୍
ମର୍ ଉବାକ୍ ବେଟି ହଃକାଉଁକ୍ ମକ୍ ଚାଡି ଦେ ।” 60 ମଃତର୍
ସେ ତାକେ କୟ୍ଲା, “ମଃଲା ଲକ୍ମଃନ୍କେ ଅଃହ୍ଣା ଅଃହ୍ଣାର୍
ମଃଲା ଲକ୍କେ ବେଟି ହଃକାଉଁକ୍ ଚାଡି ଦେସ୍, ମଃତର୍ ତୁୟ୍ ଜା
ଆର୍ ମାପ୍ରୁର୍ ରାଇଜ୍ କଃତା ପର୍ଚାର୍ କଃର୍ ।” 61 ଆରେକ୍ ଗଟ୍
ଲକ୍ ହେଁ କୟ୍ଲା, “ମାପ୍ରୁ ତର୍ ହଃଚେ ହଃଚେ ଆସିନ୍ଦ ମଃତର୍
ହଃର୍ତୁ ମର୍ ଗଃରାର୍ ଲକ୍ମଃନ୍ ତଃୟ୍ହୁଣି ସେଲ ମାଗି ଆସୁକ୍
ଚାଡି ଦେ ।” 62 ମଃତର୍ ଜିସୁ ତାକ୍ କୟ୍ଲା, “ଜେ ନାଗୁରେ
ଆତ୍ ଚାହି କଃରି ହଃଚ୍ବାଟ୍ ଦଃକେଦ୍, ସେ ମାପ୍ରୁର୍ ରାଇଜାର୍
ଜୟ୍ଗ୍ ନୟ୍ ।”

10 ଆର୍ ହଃଚେ ମାପ୍ରୁ ଆର୍ ତିନି କଳି ଦଃସ୍ ଲକ୍କେ ବାଚ୍ଲା
ଆର୍ ଜୁୟ୍ ଗଃଲେ ଆର୍ ଟାଣେ ସେ ଜଃଉଁକେ ମଃନ୍ କଃରି
ରିଲା ସେ ଟାଣ୍ ମଃନ୍କେ ଦୁୟ୍ ଦୁୟ୍ ଲକ୍ କଃରି ସେମଃନ୍କେ
ତାର୍ ଆଗ୍ତୁ ହଃଟାୟ୍ଲା । 2 ଆରେକ୍ ସେ ସେମଃନ୍କେ
କୟ୍ଲା, “ତାସ୍ ସିନା ଜଃବର୍, ହାୟ୍ଟି କଃର୍ତା ଲକ୍ ଉଣା ।
ଇତାକ୍ ଅଃହ୍ଣାର୍ ତାସ୍ ହଃଦାୟ୍ ହାୟ୍ଟି କଃର୍ତା ଲକ୍କେ
ହଃଟାଉଁକେ, ତାସ୍ହଃଦାର୍ ସାଉକାର୍କେ ଗଃଉଆରି କଃରା । 3
ତୁମିମଃନ୍ ଜାହା! ଦଃକା ବାଗ୍ମଃନାର୍ ମଃନ୍ଦାୟ୍ ମେଣ୍ଡାମଃନାର୍
ହର୍ ମୁଁୟ୍ ତୁମିମଃନ୍କେ ଅଃଦିକାର୍ ଦଃୟ୍ ହଃଟାଉଁଲେ । 4
ମଣା, ଡାବୁ ଦଃରୁକ୍ ଜାଲିଆ ମଣା ଆର୍ ହାଣ୍ଡାୟ୍ ନିଆଁନାୟ୍,
ଆର୍ ବାଟେ କାକେ ଜୁଆର୍ କଃରା ନାୟ୍ । 5 ଆର୍ ଜୁୟ୍ ଗଃରେ
ତୁମିମଃନ୍ ହୁରାସ୍, ହଃର୍ତୁ କଃଉଆ ଇ ଗଃରେ ସୁସ୍ତା ଅଃଉଅ
। 6 ଆର୍ ସେ ଗଃରେ ଜଦି ସୁସ୍ତାର୍ ଜୟ୍ଗ୍ ଲକ୍ ରଃୟ୍ଦ୍,
ତଃବେ ତୁମିମଃନାର୍ ସୁସ୍ତା ତାର୍ ଉହ୍ରେ ଅୟ୍ଦ୍, ମଃତର୍, ଜଦି
ନଃରେୟ୍ ତଃବେ ସେ ସୁସ୍ତା ତୁମାର୍ ଉହ୍ରେ ଲେଉଟି ଆସେଦ୍ ।
7 ଆରେକ୍ ସେମଃନାର୍ ତଃୟ୍ ଜାୟ୍ରି ରଃୟ୍ଦ୍, ସେରି କାୟ୍
କଃରି ସେ ଗଃରେ ରିଆ, କାୟ୍ତାକ୍ବଃଲେକ୍ ହାୟ୍ଟି କଃର୍ତାଲକ୍
ଅଃହ୍ଣାର୍ ବୁତି ହାଉତାର୍ ଜୟ୍ଗ୍, ଗଃର୍କେ ଗଃର୍ ଜାହା ନାୟ୍
। 8 ଆରେକ୍ ଜୁୟ୍ ଗଃଲେ ତୁମିମଃନ୍ ହୁରାସ୍ ଆର୍ ଲକ୍ମଃନ୍
ତୁମିମଃନ୍କେ ଦଃର୍ତି, ସେତି ତୁମିମଃନ୍କେ ଜାୟ୍ରି ଦିଆ ଅୟ୍ଦ୍
ସେରି କାହା । 9 ସେତି ରିଲା ଜଃର୍ଦୁକା ଲକ୍ମଃନ୍କେ ଉଜ୍
କଃରା ଆର୍ ସେମଃନ୍କେ କଃଉଆ ଇସ୍ୱରାର୍ ରାଇଜ୍ ତୁମାର୍
ଚଃମେ ଅୟ୍ଲି । 10 ମଃତର୍ ଜୁୟ୍ ଗଃଲେ ତୁମି ହୁରାସ୍ ଆର୍
ଲକ୍ମଃନ୍ ତୁମିମଃନ୍କେ ନଃଦେର୍ତି, ସେତିର୍ ସଃଲ୍କାୟ୍ମଃନ୍
ବାରାୟ୍ ଜାୟ୍ କଃଉଆ, 11 ତୁମିମଃନାର୍ ଗଃଲାର୍ ଜୁୟ୍ ଦୁଳି
ଅଃମାର୍ ହାଦେ ଡଃସି ଆଚେ, ସେରି ହେଁ ତୁମାର୍ ଗିନେ ହାହଲି
ଦେଉଁଲୁ, ଅୟ୍ଲେକ୍ ହେଁ ଇସ୍ୱରାର୍ ରାଇଜ୍ ଜେ ଚଃମେ ଅୟ୍ଲି,
ଇରି ଜାଣି ରିଆ । 12 ମୁଁୟ୍ ତୁମିମଃନ୍କେ କଃଉଁଲେ, ସେ ବିଚାର୍
କଃର୍ତା ଦିନ୍ ସେ ଗଃଲାର୍ ଡଃଣ୍ଡ ତଃୟ୍ହୁଣି ସଦମ୍ ହାୟ୍ଲା
ଦଃଣ୍ଡ ଉଣା ଅୟ୍ଦ୍ ।” 13 “ଚି! ଦଃଣ୍ଡାର୍ ଜୟ୍ଗ୍ କରାଜିନ୍ ତର୍
ଦଃସା କି ବୟଃଙ୍କାର୍ ଅୟ୍ଦ୍, ଚି! ଦଃଣ୍ଡାର୍ ଜୟ୍ଗ୍ ବେତ୍ସାଇଦା
ତର୍ ଦଃସା ହେଁ କି ବୟଃଙ୍କାର୍ ଅୟ୍ଦ୍, କାୟ୍ତାକ୍ବଃଲେକ୍
ତୁମିମଃନାର୍ ତଃୟ୍ ଜୁୟ୍ ଜୁୟ୍ ସଃକ୍ତିର୍ କାମ୍ କଃରା ଅୟ୍ଆଚେ,
ସେ ସଃବୁ ଜଦି ସର୍ ଆର୍ ସିଦନେ କଃରା ଅୟ୍ରିଲେକ୍, ସେମଃନ୍
କଃତେକ୍ କାଲ୍ ଆଗ୍ତୁ ବାସ୍ତା ହିନ୍ଦି ଚାରେ ବଃସି ମଃନ୍ ବାଦ୍ଲାୟ୍
ହାହ୍ ଚାଡି ରିଲାୟ୍ହୁଣି । 14 ଅୟ୍ଲେକ୍ ହେଁ ବିଚାର୍ କଃର୍ତା ଦିନ୍,
ତୁମିମଃନାର୍ ଦଃସା ତଃୟ୍ହୁଣି ସର୍ ଆର୍ ସିଦନାର୍ ଦଃସା ଉଣା
ଅୟ୍ଦ୍ । 15 ଆର୍ ରେ କପୁର୍ନାହୁମ୍ ଜୁୟ୍ କାୟ୍ ସଃର୍ଗ୍ ହଃତେକ୍
ଉଟ୍ସି? ନଃର୍କ୍ ହଃତେକ୍ ତକେ ତଃଲେ ହଃକା ଅୟ୍ଦ୍ ।” (Hadēs
g86) 16 ଜିସୁ ଆରେକ୍ ତାର୍ ଚେଲାମଃନ୍କେ କୟ୍ଲା, “ଜେ
ତୁମାର୍ କଃତା ସୁଣେଦ୍, ସେ ମର୍ କଃତା ସୁଣେଦ୍, ଆର୍ ଜେ
ତୁମିକେ ମାନ୍ତି ନଃକେରେ, ସେ ମକେ ମାନ୍ତି ନଃକେରେ, ଆର୍
ଜେ ମକେ ମାନ୍ତି ନଃକେରେ, ସେ ମକ୍ ହଃଟାୟ୍ଲା ଉବାକ୍ ହେଁ
ମାନ୍ତି ନଃକେରେ ।” 17 ଇତାର୍ହଃଚେ ସେ ତିନି କଳି ଦଃସ୍ଲକ୍

ବାଉଲି ଆସି ସଃର୍ଦା ଅୟ୍ କୟ୍‌ଲାୟ୍, "ମାପ୍ରୁ, ବୁତ୍‌ମଃନ୍ ହେଁ ତର୍
ନାଉଁଏ ଅଃମିମଃନାର୍ ଆଦେସ୍ ମାନ୍‌ଲାୟ୍ ।" 18 ମଃତର୍ ଜିସୁ
ସେମଃନ୍‌କେ କୟ୍‌ଲା, "ବିଜ୍‌ଲି ହର୍ ସଃର୍ଗେ ହୁଣି ସୟ୍‌ତାନ୍‌କେ
ଅଦୁର୍ତାର୍ ମୁଁୟ୍ ଦଃକ୍‌ଲେ । 19 ଦଃକା ମୁଁୟ୍ ତୁମିମଃନ୍‌କେ ସାହ୍
ଆର୍ ମିଚକାକ୍‌ଲା ଉହ୍ରେ ଇଣ୍ଟୁକ୍ ଅଃଦିକାର୍ ଦଃୟ୍‌ଆଚି, ଆରେକ୍
ସଃତ୍ରୁର୍ ସଃବୁ ସଃକ୍ତି ଉହ୍ରେ ହେଁ ତୁମିକେ ଅଃଦିକାର୍ ଦଃୟ୍ ଆଚି,
ଆର୍ କାୟ୍‌ରି ହେଁ ତୁମିମଃନାର୍ ନଃସ୍ଟ କଃରୁ ନାହାରେ । 20
ଅୟ୍‌ଲେକ୍ ହେଁ ବୁତ୍‌ମଃନ୍ ଜେ ତୁମାର୍ ତଃଳେ ଆଚ୍‌ତି, ଇତାକ୍
ସଃର୍ଦା ଅଃଉଆ ନାୟ୍, ମଃତର୍ ତୁମିମଃନାର୍ ନାଉଁ ଜେ ସଃର୍ଗେ
ଲେକା ଅୟ୍‌ଆଚେ, ଇତାକ୍ ସଃର୍ଦା ଅଃଉଆ ।" 21 ସଃଡେବଃଲ୍
ଜିସୁ ପବିତ୍ର ଆତ୍ମାର୍ ସଃକ୍ତିୟେ ସଃର୍ଦା ଅୟ୍ କୟ୍‌ଲା, "ଉବା,
ସଃର୍ଗ୍ ଆର୍ ହୁର୍ତିବିର୍ ମାପ୍ରୁ, ତୁୟ୍ ଗ୍ୟାନି ଆର୍ ବୁଦିଗିଆନ୍ ଲକ୍
ତଃୟ୍‌ହୁଣି ଇ ସଃବୁ କଃତା ଲୁକାୟ୍ କଃରି ସାନ୍ ହିଲାମଃନାର୍
ଟାଣେ ଜାଣାୟ୍‌ଲିସ୍, ଇତାର୍ ଗିନେ ତର୍ ଗୁଣ୍ କଃଉଁଲେ । ହିଁ
ଉବା, କାୟ୍‌ତାକ୍‌ବଃଲେକ୍ ଇରି ହଃକା ତର୍ ଆକାୟ୍ ବଃଡ୍
ସଃର୍ଦାର୍ କଃତା ଅୟ୍‌ଲି ।" 22 "ମର୍ ଉବାର୍ ଅଃଦିକାରେ ରିଲା
ସଃବୁ ଅଃଦିକାର୍ ମକ୍ ଦିଆ ଅୟ୍‌ଆଚେ, ଆର୍ ହୟ୍‌ସିକେ କେ
ନଃଜାଣ୍‌ତି, ମଃତର୍ ଉବାସି ହଃକା ଜାଣିଆଚେ, ଆରେକ୍ ଉବାକ୍
କେ ନଃଜାଣ୍‌ତି, ମଃତର୍ ହଅ ହଃକା ଜାଣିଆଚେ, ଆର୍ ହଅ
ଜୁୟ୍‌ମଃନାର୍ ତଃୟ୍ ଉବାକ୍ ଜାଣାଉଁକ୍ ମଃନ୍ କଃରେଦ୍, ସେମଃନ୍
ହଃକା ଜାଣ୍‌ତି ।" 23 ଆରେକ୍ ଜିସୁ ନିଜାର୍ ଚେଲାମଃନାର୍ ହାକ୍
ଲେଉଟିକଃରି କୟ୍‌ଲା, "ତୁମିମଃନ୍ ଇ ସଃବୁ ଦଃକିଆଚାସ୍ ବଃଲି
ତୁମିମଃନାର୍ କଃତେକ୍ ବାୟ୍‌ଗ୍ । 24 କାୟ୍‌ତାକ୍‌ବଃଲେକ୍ ମୁଁୟ୍
ତୁମିମଃନ୍‌କେ କଃଉଁଲେ, ତୁମିମଃନ୍ ଜାୟ୍ ଜାୟ୍‌ରି ଦଃକୁଲାସ୍,
ସେରି ସଃବୁ କଃତେକ୍ ବାବ୍‌ବାଦି ଆର୍ ରଃଜା ଦଃକୁକ୍ ମଃନ୍
କଃଲାୟ୍, ମଃତର୍ ନଃଦେକ୍‌ଲାୟ୍; ଆରେକ୍ ତୁମିମଃନ୍ ଜାୟ୍
ଜାୟ୍‌ରି ସୁଣୁଲାସ୍, ସେରି ସଃବୁ ସେମଃନ୍ ସୁଣୁକ୍ ମଃନ୍ କଃଲାୟ୍,
ମଃତର୍ ନଃସୁଣ୍‌ଲାୟ୍ ।" 25 ଆର୍ ଦଃକା ଗଟେକ୍ ବିଦି ସିକାଉ
ଉଟି ଆସି ଜିସୁକେ କଃଟୋଲ୍ ବୁଜୁକ୍ ହଃଚାର୍ଲା, "ଏ ଗୁରୁ, ଅଃମ୍ଭ୍ରର୍
ଜିବନ୍ ହାଉଁକ୍ ମୁଁୟ୍ କାୟ୍‌ରି କଃରିନ୍ଦ ।" (aiōnios g166) 26
ଜିସୁ ତାକ୍ କୟ୍‌ଲା, "ଦଃର୍ମ୍ ବିଦିଏ କାୟ୍‌ରି ଲେକା ଆଚେ?
ତୁୟ୍ କଃନ୍‌କଃରି ହାଟ୍ କଃରୁଲିସ୍?" 27 ସେ କୟ୍‌ଲା, "ତୁମି
ଅଃହ୍‌ଣାର୍ ସଃର୍ନେ ଗଃର୍ବ୍, ସଃର୍ନେ ହଃରାଣ୍, ସଃର୍ନେ ସଃକ୍ତି
ଆର୍ ସଃର୍ନେ ମଃନ୍ ଦଃୟ୍ ଅଃହ୍‌ଣାର୍ ମାପ୍ରୁ ଇସ୍ୱର୍‌କେ ଲାଡ୍
କଃରା, ଆର୍ ନିଜ୍‌କେ ଲାଡ୍ କଃଲା ହର୍ ହାକିହଃଲ୍‌ସାକେ ଲାଡ୍
କଃରା ।" 28 ସେତାକ୍ ଜିସୁ ତାକ୍ କୟ୍‌ଲା, "ତୁୟ୍ ସଃତ୍ କଃତା
କୟ୍‌ଲିସ୍, ତଃବେ ଇରି କଃର୍ ସେନ୍ ଅୟ୍‌ଲେକ୍ ତୁୟ୍ ଅଃମ୍ଭ୍ରର୍
ଜିବନ୍ ହାଉସି ।" 29 ମଃତର୍ ଦଃର୍ମ୍ ଗୁରୁ ଅଃହ୍‌ଣାକ୍ ଦଃର୍ମି
ବଃଲି ଦଃକାୟ୍ ଅଃଉଁକେ ମଃନ୍ କଃରି, ଜିସୁକେ ହଃଚାର୍ଲା,
"ତଃବେ ମର୍ ହାକିହଃଲ୍‌ସା କେ?" 30 ଜିସୁ ସେକଃତାକେ ଦଃରି
କୟ୍‌ଲା, "ଗଟେ ଲକ୍ ଜିରୁସାଲମେ ହୁଣି ଜିରିହକେ ଜାତା ବଃଲ୍
କଃଣ୍ଟାର୍‌ମଃନାର୍ ହାବ୍ଲେ ହଃଲ୍‌ଲା, ତାର୍ ହଃଚ୍ୟା ହାଟା ଚାଡାୟ୍
ନିଲାୟ୍ ଆର୍ ମାଡ୍ ମାର୍‌ଲାୟ୍ ଆର୍ ମଃରାଜିଉଆ କଃରି ଚାଡି
ହଃଲାୟ୍‌ଲାୟ୍ । 31 ଇ ଗଃଟ୍‌ଣାହଃଚେ ଗଟେକ୍ ଜାଜକ୍ ସେ
ବାଟେ ଜାତି ରିଲା, ଆର୍ ସେ ତାକ୍ ଦଃକି ବିନ୍ ବାଟ୍ ହିଟିକଃରି
ଗଃଲା । 32 ସେବାନ୍ୟା ଗଟେକ୍ ଲେବିୟ, ବଃଲେକ୍ ପାରାଚିନ୍
ହେଁ ସେଟାଣେ ଆସି ତାକେ ଦଃକି ବିନ୍ ବାଟ ଅୟ୍‌କଃରି ଗଃଲା ।
33 ମଃତର୍ ଗଟେକ୍ ସମିରଣିୟ ଲକ୍ ତାର୍ ଚଃମେ ଆସି ତାକ୍
ଦଃକି ଦଃୟ୍ୟା କଃଲା । 34 ଆର୍ ତାର୍ ଚଃମେ ଜାୟ୍ ତାର୍ ଗାଉ
ତଃୟ୍ୟଁ ଚିକଣ୍ ଆର୍ ଅଙ୍ଗୁର୍ ରଃସ୍ ଡାଳି ସେ ସଃବୁ ହାଟ୍‌ଲି ସଃଙ୍ଗ୍
ବାନ୍ଦ୍‌ଲା ଆର୍ ଅଃହ୍‌ଣାର୍ ଗଃଦ ଉହ୍ରେ ବଃସାୟ୍ ବାଟ ଲଃଗାର୍
ଗଟେକ୍ ବିସାଉତା ଗଃରେ ନିଲା, ଆର୍ ତାର୍ ସେବା କଃଲା । 35
ତାର୍ ଆର୍‌କ ଦିନ୍ ଜଳେକ୍ ରୁହା ଟଃକା ବାର୍‌କଃରି ଦଃର୍ମ୍‌ସାଳାର୍
ମୁଳିକାକେ ଦଃୟ୍‌କଃରି କୟ୍‌ଲା, ଇଲକାର୍ ସେବା ଜଃତୁନ୍
କଃର୍, ଜାୟ୍‌ରି ଅଃଦିକ୍ ଅୟ୍‌ଦ୍, ମୁଁୟ୍ ବାଉଲି ଆୟ୍‌ଲା ବଃଳ୍
ସଃବୁ ଦଃୟ୍‌ନ୍ଦ । 36 ଇ ତିନି ଲକ୍ ବିତ୍ରେ କେ କଃଣ୍ଟାର୍‌ମଃନାର୍
ହାବୁଲେ ହଃଲି ରିଲା ଲକାର୍ ହାକିହଃଲ୍‌ସା ବଃଲି ମଃନେ
କଃରୁଲିସ୍?" 37 ଦଃର୍ମ୍ ଗୁରୁ ଉତ୍ତୁର୍ ଦିଲା, "ଜେ ତାକ୍ ଦଃୟ୍ୟା
କଃଲା ସେ," ଜିସୁ ତାକେ କୟ୍‌ଲା, "ଜାଆ ଆର୍ ତୁୟ୍ ହେଁ ସେନ୍
କଃର୍ ।" 38 ଜିସୁ ଆର୍ ତାର୍ ଚେଲାମଃନ୍ ଗଟେକ୍ ଗାଉଁଏ
ହୁର୍ଲାୟ୍, ଆର୍ ମାର୍ତା ନାଉଁଆର୍ ଗଟେକ୍ ମାୟ୍‌ଜି ତାର୍ ଗଃରେ
କୁଦି ନିଲି । 39 ମରିୟମ୍ ନାଉଁଆର୍ ତାର୍ ବେଣି ରିଲି, ସେ ଜିସୁ
ମାପ୍ରୁର୍ ହାଦ୍ ତଃଳେ ବଃସି ତାର୍ କଃତା ସୁଣ୍‌ତି ରିଲି । 40
ମଃତର୍ ମାର୍ତା ରାନ୍ଦାଗାଟା କର୍ତା କାମେ ଲାଗି ରିଲି, ଇତାକ୍
ସେ ଜିସୁର୍ ଚଃମେ ଆସି କୟ୍‌ଲି, "ଏ ମାପ୍ରୁ, ମର୍ ବେଣି ମକ୍
ଗଟ୍‌ଲକ୍‌କେ ଗଃରାର୍ ରାନ୍ଦା ଗଃଟା କାମ୍ କଃରୁକେ ଦଃକାୟ୍
ଦଃୟ୍ ଆଚେ, ସେବାଟ୍ କାୟ୍ ତର୍ ମଃନ୍ ନାୟ୍? ତଃବେ ମକେ
ଉହ୍‌କାର୍ କଃରୁକେ ତାକ୍ କଃଉ ।" 41 ମଃତର୍ ମାପ୍ରୁ ଉତ୍ତୁର୍
ଦିଲା, "ମାର୍ତା, ମାର୍ତା, ତୁୟ୍ ବୁତେକ୍ ବିସୟ୍ ଚିତା କଃରୁଲିସ୍
ଆର୍ ଜଃଞ୍ଜାଳ୍ ଅଃଉଁଲାସ୍ । 42 ମଃତର୍ ଅଃଳକ୍ କଃତିଗଟ୍,
ମଃତର୍ ଗଟେକ୍ ହଃକା ଲଳା; ମରିୟମ୍ ତ ମର୍ କଃତା ସୁଣ୍‌ଲି
ଆର୍ ନିକ ବାଗ୍ ବାଚ୍‌ଲା ଆଚେ ଆର୍ ସେରି ତାର୍ ତଃୟ୍‌ହୁଣି
ଚାଡାୟ୍ ନେଉଁ ନୟ୍ ।"

**11** ଗଟ୍‌ତର୍ ଜିସୁ କୁୟ୍ ଗଟ୍ ଟାଣେ ପାର୍ତ୍‌ନା କର୍ତିରିଲା,
ସେ ପାର୍ତ୍‌ନା ସଃରାୟ୍‌ଲାକ୍, ତାର୍ ଚେଲାମଃନାର୍ ବିତ୍ରେ
ଗଟ୍‌ଲକ୍ କୟ୍‌ଲା, "ଏ ମାପ୍ରୁ ବାପ୍ତିସମ୍ ଦେତା ଜହନ୍ ଜଃନ୍‌କଃରି
ଅଃହ୍‌ଣାର୍ ଚେଲାମଃନ୍‌କେ ପାର୍ତ୍‌ନା କଃରୁକେ ସିକାୟ୍‌ଲା,
ସେନ୍‌କଃରି ଅଃମିମଃନ୍‌କ୍ ପାର୍ତ୍‌ନା କଃରୁକେ ସିକାଉ ।" 2
ଇତାକ୍ ସେ ସେମଃନ୍‌କେ କୟ୍‌ଲା, "ଜଃଡେବଃଲ୍ ତୁମିମଃନ୍
ପାର୍ତ୍‌ନା କଃରାସ୍, ସଃଡେବଃଲ୍ କଃଉଆ, ଏ ଅଃମାର୍ ଉବା, ତର୍
ନାଉଁ ପବିତ୍ର ବଃଲି ମାନ୍‌ତି ଅଃଉଅ, ତର୍ ରାଇଜ୍ ଆସ । 3 ହଃତି
ଦିନ୍ ଅଃମାର୍ ଲଳା ରିଲା କାଦି ଦେ । 4 ଅଃମାର୍ ହାହ୍ ସଃର୍ନେ

କେମା କଃର୍, କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍ ହେଁ ଅଃହ୍‌ଣା
ଅଃହ୍‌ଣାର୍ ସଃବୁ ଦସିମଃନ୍‌କେ କେମା କଃରୁଲୁ, ପରିକ୍ୟାୟ୍
ଅଃମିମଃନ୍‌କ୍ ଆଣ୍‌ନାୟ୍ ।” 5 ଆର୍ ଜିସୁ ତାର୍ ଚେଲାମଃନ୍‌କେ
କୟ୍‌ଲା, “ତୁମିମଃନ୍‌କାର୍ କାର୍ ଅଃନ୍‌କାର୍ ମିତ୍ର ଆଚେ କି,
ଜାର୍ ଚଃମେ ମଃଜାରାତି ସେ ଜାୟ୍ କୟ୍‌ଦ୍, ଏ ମାପ୍ରୁସାଦ୍
ମକେ ତିନିଗଟ୍ ରୁଟି ଉଦାର୍ ଦେ, 6 କାୟ୍‌ତାକ୍‌ବଃଲେକ୍ ମର୍
ଗଟେକ୍ ମିତ୍ର ଗତ୍ ଆସି ଆଚେ, ତାକ୍ କାଉଁକେ ଦେଉଁକେ ମର୍
ଟାଣେ କାୟ୍‌ରି ହେଁ ନାୟ୍ । 7 ଆର୍ ସେ ଗଃର୍ ବିତ୍ରେହୁଣି
ଅଃନ୍‌କଃରି କୟ୍‌ଦ୍ ମକେ କଃସ୍ଟ ଦେନାୟ୍, ଦୁଆର୍ ଡାହ୍‌ଲୁବେ,
ଆର୍ ମର୍ ହିଲାମଃନ୍ ମର୍ ସଃଙ୍ଗ ସଇ ଆଚ୍‌ତି, ମୁଁୟ୍ ଉଟି
ତକେ ଦେଉଁକେ ନାହାରି । 8 ମୁଁୟ୍ ତୁମିମଃନ୍‌କେ କଃଉଁଲେ,
ସେ ତାର୍ ମିତ୍ର ଅୟ୍‌ରିଲାକ୍ ହେଁ ଉଟି ନଃଦେୟ୍, ଅୟ୍‌ଲେକ୍
ହେଁ ସେ ଲାଜ୍ ନଃୟ୍‌କଃରି ତର୍‌କେ ତର୍ ମାଗ୍‌ତି ରିଲାକ୍, ସେ
ଉଟି ତାର୍ ଜଃତେକ୍ ଲଳା ସଃତେକ୍ ଦଃୟ୍‌ଦ୍ ।” 9 “ମୁଁୟ୍ ହେଁ
ତୁମିମଃନ୍‌କେ କଃଉଁଲେ, ମାଗା ତୁମିମଃନ୍‌କେ ଦିଆ ଅୟ୍‌ଦ୍,
ଲଳା ମିଳାଉଆସ୍, କଃହାଟେ ମାରା ତୁମିମଃନାର୍ ଗିନେ ମେଲା
ଅୟ୍‌ଦ୍ । 10 କାୟ୍‌ତାକ୍‌ବଃଲେକ୍ ଜେ ମାଗେଦ୍ ସେ ହାୟ୍‌ଦ୍, ଜେ
ଲଳେଦ୍ ସେ ମିଳାୟ୍‌ଦ୍, ଆର୍ ଜେ କଃହାଟେ ମାରେଦ୍ ତାର୍
ଗିନେ କଃହାଟ୍ ଉଗାଳି ଦିଆ ଅୟ୍‌ଦ୍ । 11 ଆର୍ ତୁମିମଃନାର୍
ବିତ୍ରେ ଅଃନ୍‌କାର୍ ଉବାସି କେ ଆଚେ, ଜାକେ ତାର୍ ହୟ୍‌ସି ମାଚ୍
ମାଗ୍‌ଲେକ୍ ସେ ତାକେ ମାଚ୍ ବାଦୁଲେ ସାହ୍ ଦଃୟ୍‌ଦ୍? 12 ଆର୍
ଡିମ୍ ମାଗ୍‌ଲେକ୍, ତାକ୍ କାୟ୍ ମିଚକାକ୍‌ଲା ଦଃୟ୍‌ଦ୍? 13 ଇତାକ୍
ତୁମିମଃନ୍ କଃରାବ୍ ଅୟ୍‌ଲେକ୍ ହେଁ, ଜଃବେ ଅଃହ୍‌ଣା ଅଃହ୍‌ଣାର୍
ହିଲାମଃନ୍‌କେ ନିକ ନିକ ଦାନ୍ ଦେଉଁକେ ଜାଣାସ୍, ତଃବେ ଜୁୟ୍
ଉବା ସଃର୍ଗେହୁଣି ଦାନ୍ କଃରେଦ୍, ସେ ତାର୍ ଚଃମେ ମାଗ୍‌ତା
ଲକ୍‌ମଃନ୍‌କେ କଃତେକ୍ ଅଃଦିକ୍ ପବିତ୍ର ଆତ୍ମା ନଃଦେୟ୍ ।” 14
ଗଚ୍‌ତର୍ ଜିସୁ ଗଟେକ୍ ବୁତ୍ ଚାଡାଉତି ରିଲା, ସେରି ଗୁଲା ବୁତ୍;
ବୁତ୍ ବାରାୟ୍ ଗଃଲା ହଃଚେ ଗୁଲା ଲକ୍ କଃତା କୟ୍‌ଲା, ସେତାକ୍
ଲକ୍‌ମଃନ୍ କାବା ଅୟ୍‌ଲାୟ୍ । 15 ମଃତର୍ ସେମଃନାର୍ ବିତ୍ରେ
କେ କେ କୟ୍‌ଲାୟ୍, “ଜିସୁ ଦୁତ୍‌ମଃନାର୍ ମୁଳିକା ବାଲ୍‌ଜିବୁଲ୍‌କେ
ଦଃରି ବୁତ୍‌ମଃନ୍‌କେ ଚାଡାଉଁଲା ।” 16 ବିନ୍ ଲକ୍‌ମଃନ୍ ତାକେ
ହାନ୍ଦ୍ୱାୟ୍ ହଃକାଉଁକ୍ ମଃନ୍ କଃର୍ତି ରିଲାୟ୍, ଇତାର୍ ଗିନେ ଇସ୍ୱର୍
ଜେ ତାର୍ ସଃଙ୍ଗେ ଆଚେ, ଇଡିର୍ ଚିନ୍ ହଃର୍କାରେ ଅଃଗାସ୍
ଉହ୍ରେ ଗଟେକ୍ ଚିନ୍ ଦଃକାଉଁକ୍ କୟ୍‌ଲାୟ୍ । 17 ମଃତର୍ ଜିସୁ
ସେମଃନାର୍ ମଃନାର୍ କଃତା ଜାଣି କୟ୍‌ଲା, “ଜୁୟ୍ ରାଇଜ୍ ହେଁ
ବାଗ୍ ଅୟ୍ ଅଃହ୍‌ଣାର୍ ବିରଦେ ଉଟ୍‌ଲେକ୍, ସେ ନାସ୍ ଅୟ୍
ଜାୟ୍‌ଦ୍, ଆରେକ୍ ଗଟେକ୍ ଗଃର୍ ଦୁୟ୍ ବାଗ୍ ଅୟ୍‌ଲେକ୍ ସେରି
ନାସ୍ ଅୟ୍‌ଦ୍ । 18 ଆର୍ ସୟ୍‌ତାନ୍ ହେଁ ଜଦି ବାଗ୍ ଅୟ୍ ଅଃହ୍‌ଣାର୍
ବିରଦେ ଉଟ୍‌ଲିନି, ସେନ୍ ଅୟ୍‌ଲେକ୍ ତାର୍ ରାଇଜ୍ କଃନ୍‌କଃରି
ତିର୍ ଅୟ୍ ରଃୟ୍‌ଦ୍? ମୁଁୟ୍ ବାଲ୍‌ଜିବୁଲ୍‌କେ ଦଃରି ବୁତ୍‌ମଃନ୍‌କେ
ଚାଡାଉଁଲେ ବଃଲି ତୁମିମଃନ୍ ତ କଃଉଁଲାସ୍ । 19 ମଃତର୍ ମୁଁୟ୍
ଜଃବେ ବାଲ୍‌ଜିବୁଲ୍‌କେ ଦଃରି ବୁତ୍‌ମଃନ୍‌କେ ଚାଡାଉଁଲେ, ତଃବେ
ତୁମାର୍ ହୟ୍‌ଦିମଃନ୍ କାକେ ଦଃରି ବୁତ୍‌ମଃନ୍‌କେ ଚାଡାଉଁଲାୟ୍?
ଇତାକ୍ ସେମଃନ୍ ହଃକା ତୁମାର୍ ବିଚାର୍ କଃର୍ତି । 20 ମଃତର୍
ମୁଁୟ୍ ଜଦି ଇସ୍ୱରାର୍ ସଃକ୍ତିୟେ ବୁତ୍‌ମଃନ୍‌କେ ଚାଡାଉଁଲେ, ଇରି
ଜାଣାହଃଲୁଲି ଜେ, ଇସ୍ୱରାର୍ ରାଇଜ୍ ତୁମାର୍ ଚଃମେ ଆଚେ ।”
21 “ସଃକ୍ତିମାନ୍ ଲକ୍ ଜୁୟ୍ ହଃତେକ୍ ଅଃତ୍ୟାର୍ ସଃଙ୍ଗ ଅଃହ୍‌ଣାର୍
ଗଃର୍ ବାଚାୟ୍‌ଦ୍, ସେ ହଃତେକ୍ ତାର୍ ଦଃନ୍ ବିତ୍ ତିର୍ ରଃୟ୍‌ଦ୍
। 22 ମଃତର୍ ଜଃଡେବଃଲ୍ ତାର୍ ତଃୟ୍‌ହୁଣି ଅଃଦିକ୍ ବଃଲ୍‌ଉଆ
ଲକ୍ ତାକେ ମାଡି ବଃସେଦ୍ ଆର୍ ଜିଣେଦ୍ ସଃଡେବଃଲ୍ ଜୁୟ୍
ଅଃତ୍ୟାର୍ ଉହ୍ରେ ତାର୍ ଆସ୍ର ରିଲି, ସେରି ସଃବୁ ସେ ଜିକି
ନଃୟ୍‌ଦ୍, ଆର୍ ତାର୍ ଦଃନ୍‌ବିତ୍ ହେଁ ଚରି ନଃୟ୍‌ଦ୍ ।” 23 “ଜେ
ମର୍ ସଃଙ୍ଗାର୍ ନାୟ୍, ସେ ମର୍ ବିରଦି, ଆରେକ୍ ଜେ ମର୍ ସଃଙ୍ଗ
ନଃରୁଣ୍ଡାୟ୍, ସେ ଜଃତ୍‌କଃତ୍ କଃରେଦ୍ ।” 24 “ବିଟାଳ୍ ଆତ୍ମା
ଗଚ୍‌ଲକାର୍ ତଃୟ୍‌ହୁଣି ବାରାୟ୍ ଗଃଲା ହଃଚେ, ହାଣି ନୟ୍‌ଲା
ଜଃଗା ସଃବୁ ବୁଲିକଃରି ବିସାଉଁକ୍ ଟାଣ୍ ଲଳେଦ୍, ଆର୍ ସେରି
ନଃମିଲ୍‌ଲେକ୍, ସେ କୟ୍‌ଦ୍, ମୁଁୟ୍ ଜୁୟ୍ ଗଃରେହୁଣି ବାରାୟ୍
ଆସିରିଲେ, ମର୍ ସେ ଗଃରେ ଲେଉଟି ଜାୟ୍‌ନ୍ଦ । 25 ଆରେକ୍
ସେଗଃରେ ଆସି ସେରି ନିର୍ମୁଲ୍ ଅୟ୍ ସୁନ୍ଦର୍ ଅୟ୍‌ରିଲାର୍ ଦଃକେଦ୍
। 26 ସଃଡେବଃଲ୍ ସେ ଜାୟ୍ ଅଃହ୍‌ଣାର୍ ତଃୟ୍‌ହୁଣି ଅଃଦିକ୍
ଦୁସ୍ଟ ଆରେକ୍ ସାତ୍ ଗଟ୍ ଆତ୍ମା ସଃଙ୍ଗେ ଦଃରି ଆସେଦ୍ ଆର୍
ସେମଃନ୍ ଆସି ସେତି ବାସା କଃର୍ତି ଆର୍ ସେଲକାର୍ ହଃର୍ତୁର୍
ଦଃସା ତଃୟ୍‌ହୁଣି ସେସ୍ ଦଃସା ଅଃଦିକ୍ କଃରାବ୍ ଅୟ୍‌ଦ୍ ।”
27 ସେ ଇସଃବୁ କଃତା କଃଉତା ବଃଲ୍ ଲକ୍‌ମଃନାର୍ ବିତ୍ରେ
ଗଟେକ୍ ମାୟ୍‌ଜି ଆଉଲି ଅୟ୍‌ଲି ଆର୍ କୟ୍‌ଲି, “ବାୟ୍‌ଗ୍ ସେ
ଗଃର୍ବ୍, ଜୁୟ୍‌ରି ତକେ ଦଃର୍ଲି, ଆର୍ ସେ ଦୁଦ୍, ଜୁୟ୍‌ତି ହୁଣି ତୁୟ୍
କାୟ୍‌ଲିସ୍ ।” 28 ମଃତର୍ ଜିସୁ କୟ୍‌ଲା, “ନାୟ୍, ଜୁୟ୍‌ମଃନ୍
ଇସ୍ୱରାର୍ ବଃଚନ୍ ସୁଣ୍‌ତି ଆର୍ ମାନ୍‌ତି ସେମଃନାର୍ ବାୟ୍‌ଗ୍ ।”
29 ଲକ୍‌ମଃନ୍ ମଃନ୍ଦ୍ୱା ମଃନ୍ଦ୍ୱା ଅୟ୍ ରୁଣ୍ଡିଲାବଃଲ୍, ଜିସୁ କଃଉଁକେ
ଦଃର୍ଲା, “ଇ ଅଃବାର୍ ଲକ୍ ଦୁସ୍ଟ । ଇମଃନ୍ ଚିନ୍ ଲଳ୍‌ତି, ମଃତର୍
ଜୁନସାର୍ ଚିନ୍ ଚାଡି ବିନ୍ କାୟ୍ ଚିନ୍ ସେମଃନ୍‌କେ ଦିଆ ନୟ୍ ।
30 କାୟ୍‌ତାକ୍‌ବଃଲେକ୍ ଜୁନସ୍ ଜଃନ୍‌କଃରି ନିନିବିର୍ ଲକ୍‌ମଃନାର୍
ଗିନେ ଚିନ୍ ହର୍ ଅୟ୍‌ଲା, ନଃରାର୍ ହୟ୍‌ସି ହେଁ ସେବାନ୍ୟା,
ଇ କାଳାର୍ ଲକ୍‌ମଃନାର୍ ଗିନେ ଚିନ୍ ହର୍ ଅୟ୍‌ଦ୍ । 31 ସିବା
ଦେସାର୍ ରାଣି ବିଚାରେ ଇ କାଳାର୍ ମାନାୟ୍‌ମଃନାର୍ ସଃଙ୍ଗ
ଉଟି ସେମଃନ୍‌କେ ଦସି କଃରେଦ୍, କାୟ୍‌ତାକ୍‌ବଃଲେକ୍ ସେ
ସଲ୍‌ମନାର୍ ଗ୍ୟାନାର୍ କଃତା ସୁଣୁକ୍ ହୁର୍ତିବି ସଃର୍ଲା କନେହୁଣି
ଆସିରିଲି, ଆର୍ ଦଃକା, ଇତି ସଲ୍‌ମନାର୍ ତଃୟ୍‌ହୁଣି ବଃଡ୍
କଃତା ଇତି ଆଚେ । 32 ନିନିବିର୍ ଲକ୍‌ମଃନାର୍ ବିଚାର୍ କଃର୍ତା
ଦିନ୍ ଇ କାଳାର୍ ଲକ୍‌ମଃନ୍ ସଃଙ୍ଗ ଟିଅୟ୍, ଏମଃନ୍‌କେ ଦସି
କଃର୍ତି, କାୟ୍‌ତାକ୍‌ବଃଲେକ୍ ସେମଃନ୍ ଜୁନସାର୍ ପର୍ଚାର୍ ସୁଣି
ହାହ୍ ଚାଡିରିଲାୟ୍ । ଆର୍ ଦଃକା, ଜୁନସାର୍ ତଃୟ୍‌ହୁଣି ବଃଡ୍

କଃତା ଇତି ଆଚେ ।” 33 “କେ ହେଁ କୁପି ଲାଗାୟ୍ ଲୁକାୟ୍କଃରି
କି ମାଣ୍ ତଃଳେ ନଃସେଙ୍ଗାୟ୍, ମଃତର୍ ରୁକା ଉହ୍ରେ ସଃଙ୍ଗାୟ୍ଦ୍,
ଜଃନ୍କଃରି ଗଃର୍ ବିତ୍ରେ ହୁର୍ତା ଲକ୍ମଃନ୍ ଉଜାଲ୍ ଦଃକୁକ୍ ହାର୍ତି
। 34 ତୁମାର୍ ଆକି ଗଃଗାଲାର୍ କୁପି, ଜଃଡେବଃଲ୍ ତୁମାର୍
ଆକି ନିକ ରଃୟ୍ଦ୍ ସଃଡେବଃଲ୍ ତୁମାର୍ ସଃର୍ନେ ଗଃଗାଲ୍ ହେଁ
ଉଜାଲ୍ ଅୟ୍ଦ୍, ମଃତର୍ ଜଃଡେବଃଲ୍ ସେରି ମେଳି ରଃୟ୍ଦ୍,
ସଃଡେବଃଲ୍ ଗଃଗାଲ୍ ହେଁ ଅଃନ୍ଧାର୍ ଅୟ୍ଦ୍ । 35 ତଃବେ
ଜଃଗ୍ରାତ୍, ଜଃନ୍କଃରି ତୁମାର୍ ମଃନାର୍ ଉଜାଲ୍ ଅଃନ୍ଧାର୍ ନୟ୍ ।
36 ଇତାକ୍ ତୁମାର୍ ସଃର୍ନେ ଗଃଗାଲ୍ ଜଦି ଉଜାଲ୍ ଅୟ୍ଦ୍ ଆର୍
ସେତିର୍ କୁୟ୍ ବାଗ୍ ହେଁ ଅଃନ୍ଧାର୍ ନଃରେୟ୍, ତଃବେ କୁପି ଜଃନ୍
ଉଜାଲ୍ ଅୟ୍ ତୁମିକେ ଉଜାଲ୍ ଦଃୟ୍ଦ୍ ସେନ୍କଃରି ତୁମାର୍ ସଃର୍ନେ
ଗଃଗାଲ୍ ଉଜାଲ୍ ଅୟ୍ଦ୍ ।” 37 ଜିସୁ କଃତା କଃଉତି ରିଲା ବଃଲ୍,
ଗଟେକ୍ ପାରୁସି ତାକ୍ ଅଃହ୍ଣାର୍ ଗଃରେ କାଉଁକେ ଗଃଉଆରି
କଃଲା, ଆର୍ ସେ ଗଃରେ ହୁରି କଃରି କାଉଁକେ ବଃସ୍ଲା । 38
ମଃତର୍ ଜିସୁ କାତା ଆଗ୍ତୁ ଆତ୍ ଦଃୟ୍ ନଃରିଲା, ଇରି ଦଃକି
ସେ ପାରୁସି କାବା ଅୟ୍ଲା, 39 ସେତାକ୍ ମାପ୍ରୁ ତାକେ କୟ୍ଲା,
“ତୁମି ପାରୁସିମଃନ୍ ସିନା ଗିନା ଆର୍ ତାଳିର୍ ହଃଦା ବାଟ୍ୟା
ନିର୍ମୁଲ୍ କଃରାସ୍, ମଃତର୍ ତୁମାର୍ ବିତ୍ରେ ଲଃବ୍ ଆର୍ ଦୁସ୍ଟ କାମ୍
ସଃବୁ ବଃର୍ତି ଆଚେ । 40 ଏ ନିର୍ବୁଦିଆମଃନ୍, ଜେ ହଃଦା ବାଟ୍ୟା
ତିଆର୍ କଃଲା ସେ ହେଁ କାୟ୍ ବିତୁର୍ ବାଟ୍ୟା ତିଆର୍ ନଃକେଲା?
41 ତୁମିମଃନ୍ ଜାୟ୍ରି ଲଃବ୍କଃରି ଅଃର୍ଜି ଆଚାସ୍ ସେରି ଗଃରିବ୍
ଲକ୍ମଃନ୍କେ ଦାନ୍ କଃରା, ତଃବେ ସଃତ୍ କଃରି ହୁରା କଃରି
ନିର୍ମୁଲ୍ ଅଃଉଆସ୍ । 42 ମଃତର୍ ଚି! ଡଃଣ୍ଡ ହାଉତାର୍ ଜୟ୍ଗ୍
ପାରୁସିମଃନ୍, କାୟ୍ତାକ୍ବଃଲେକ୍ ତୁମିମଃନ୍ ପଦିନା, ଆରୁଦ,
ଆର୍ ସଃବୁ ରଃକମାର୍ ସାଗାର୍ ଦଃସ୍ ବାଗେ ହୁଣି ବାଗେକ୍
ଦେଉଁଲାସ୍, ଆର୍ ନ୍ୟାୟ୍ ବିଚାର୍ ଆର୍ ଇସ୍ୱରାର୍ ଲାଡ୍କେ
ନଃଦେକୁଲାସ୍, ମଃତର୍ ଇ ସଃର୍ନେ ମାନ୍ତାର୍ ଆର୍ ବିନ୍ ସଃବୁ
ଚାଡ୍ତାର୍ ନିକ ନାୟ୍ ।” 43 “ଚି! ଡଃଣ୍ଡାର୍ ଜୟ୍ଗ୍ ପାରୁସିମଃନ୍
କାୟ୍ତାକ୍ବଃଲେକ୍ ତୁମିମଃନ୍ ପାର୍ଦ୍ନା ଗଃରେ ବଃଡ୍ କୁର୍ଚି ଆର୍
ଆଟେ ବଃଜାରେ ଜୁଆର୍ ହାଉଁକ୍ ବଃଲ୍ ହାଉଆସ୍, 44 ଚି!
ତୁମିମଃନ୍ ଡଃଣ୍ଡ ହାଉତା ଜୟ୍ଗ୍, କାୟ୍ତାକ୍ବଃଲେକ୍ ତୁମିମଃନ୍
ଲୁକ୍ଲା ମଃସୁଣ୍ କାଲ୍ ହର୍ ତାର୍ ଉହ୍ରେ ଜାତା ଆସ୍ତା ଲକ୍ମଃନ୍
ସେରି ମଃସୁଣ୍ କାଲ୍ ବଃଲି ଜାଣୁ ନଃହାର୍ତି ।” 45 ବିଦି
ସିକାଉ ମଃନ୍କାର୍ ବିତ୍ରେ ଗଟ୍ଲକ୍ ତାକ୍ କୟ୍ଲା, “ଏ ଗୁରୁ,
ଇରି କୟ୍କଃରି ଅଃମିମଃନ୍କ୍ ହେଁ ଲାଜ୍ କଃରାଉଁଲିସ୍ ।” 46
ଜିସୁ କୟ୍ଲା, “ଚି! ବିଦି ସିକାଉ ଲକ୍ମଃନ୍ ତ ତୁମିମଃନ୍,
ତୁମିମଃନ୍ ହେଁ ଡଃଣ୍ଡାର୍ ଜୟ୍ଗ୍, କାୟ୍ତାକ୍ବଃଲେକ୍ ତୁମିମଃନ୍
ଲକ୍ମଃନାର୍ ଉହ୍ରେ ନଃହାର୍ତା ବଜ୍ ଲାଦୁଲାସ୍, ଆର୍ ନିଜେ
ଗଟେକ୍ ଆଙ୍ଗୁଟାୟ୍ ହେଁ ଟେକି ଉହ୍କାର୍ ନଃକେରୁଲାସ୍ । 47 ଚି!
ତୁମିମଃନ୍ ଡଃଣ୍ଡ ହାଉତା ଜୟ୍ଗ୍, କାୟ୍ତାକ୍ବଃଲେକ୍ ତୁମିମଃନ୍
ବାବ୍ବାଦିମଃନାର୍ ମଃସୁଣ୍ ବାନ୍ଧୁଲାସ୍, ମଃତର୍ ତୁମିମଃନ୍କାର୍
ଦାଦିବାବୁମଃନ୍ ସେମଃନ୍କେ ମାରି ରିଲାୟ୍ । 48 ବଃଲେକ୍
ତୁମିମଃନାର୍ ଦାଦିବାବୁମଃନାର୍ କାମାର୍ ତୁମିମଃନ୍ ସାକି ଆଚାସ୍
ଆର୍ ସେରି ମାନୁଲାସ୍, କାୟ୍ତାକ୍ବଃଲେକ୍ ସେମଃନ୍ ସିନା
ସେମଃନ୍କେ ମାରି ରିଲାୟ୍, ଆରେକ୍ ତୁମିମଃନ୍ ସେମଃନାର୍
ମଃସୁଣ୍ ବାନ୍ଧୁଲାସ୍ । 49 ସେତାକ୍ ଇସ୍ୱର୍ ହେଁ ଅଃହ୍ଣାର୍
ଗ୍ୟାନେ କୟ୍ଆଚେ ଅଃମି ସେମଃନାର୍ ତଃୟ୍ ବାବ୍ବାଦି ଆର୍
ପେରିତ୍ମଃନ୍କେ ହଃଟାଉଁନ୍ଧୁ । ସେମଃନାର୍ ବିତ୍ରେ କାକେ କାକେ
ମାର୍ତି ଆର୍ କାକେ କାକେ ଆର୍ଲା କଃର୍ତି, 50 ଇ ଜୁଗାର୍ ଲକ୍ମଃନ୍
ହୁର୍ତି ଉବୁଜ୍ଲା ତଃୟ୍ହୁଣି ସଃବୁ ବାବ୍ବାଦିମଃନାର୍ ଅଃତ୍ୟା
କଃଲାର୍ ଗିନେ ଡଃଣ୍ଡ ହାଉତି ଜଃନ୍କଃରି ହେବଲାର୍ ବଃନି
ବାର୍ଲା ତଃୟ୍ହୁଣି ଜୁୟ୍ ଜିକରିଅର୍ ହୁଜା ବେଦି ଆର୍ ମନ୍ଦିରାର୍
ପବିତ୍ର ଟାଣେ ମାଡ୍ କାୟ୍ ମଃଲାୟ୍, ତାକାର୍ ବାରାୟ୍ଲା ବଃନି
ହଃତେକ୍ ଜଃଗତାର୍ ହାହେ ହଃଲ୍ଲି, ଜଃତେକ୍ ବାବ୍ବାଦିମଃନାର୍
ବଃନି ବାରାୟ୍ ଆଚେ, 51 ହେବଲ୍କେ ଅଃତ୍ୟା ତଃୟ୍ ହୁଣି
ଆରୁମ୍ କଃରି ଜିକରିଅର୍ ହଃତେକ୍ ଜାକେ କି ପବିତ୍ର ବେଦି
ଆର୍ ପବିତ୍ର ଟାଣେ ଅଃତ୍ୟା କଃରାଜାୟ୍ ରିଲି । ହେଁ ମୁୟ୍ଁ
ତୁମିମଃନ୍କେ କଃଉଁଲେ ଇ ଜୁଗାର୍ ଲକ୍ମଃନ୍ ସେ ସଃବୁଲକାର୍
ହାୟ୍ଁ ଦଃଣ୍ଡ ହାଉତି ।” 52 “ଚି! ଡଃଣ୍ଡ ହାଉତା ଜୟ୍ଗ୍, ବିଦି
ସିକାଉମଃନ୍, କାୟ୍ତାକ୍ବଃଲେକ୍ ତୁମିମଃନ୍ ଗ୍ୟାନାର୍ କୁଚିକାଡା
ନିଜେ ଚର୍ଲାସ୍, ତୁମିମଃନ୍ ନିଜେ ନଃହୁର୍ଲାସ୍ ଆର୍ ହୁର୍ତା
ଲକ୍ମଃନ୍କେ ହୁରୁକ୍ ନଃଦିଲାସ୍ ।” 53 ଆରେକ୍ ସେ ସେଡି ହୁଣି
ବାରାୟ୍ ଗଃଲା ହଃଚେ ଦଃର୍ମଗୁରୁ ଆର୍ ପାରୁସିମଃନ୍ ଅଃନାୟ୍
ଡାରା ଅୟ୍, 54 ଜିସୁର୍ କଃତା ବୁଲ୍ ଦଃରୁକ୍ ହାନ୍ଧା ଅଡି, ତାକ୍
କଃତେକ୍ କଃତା ହଃଚାରୁକେ ଦଃର୍ଲାୟ୍ ।

**12** ଇ ବିତ୍ରେ ଗାଦା ଲକ୍ମଃନ୍ ରୁଣ୍ଡି ତାକାର୍ ତାକାର୍
ଉହ୍ରେ ମାଡା ଚଃଗା ଅଃଉତି ରିଲାୟ୍, ସଃଡେବଃଲ୍ ଜିସୁ
ଅଃହ୍ଣାର୍ ଚେଲାମଃନ୍କେ କଃଉଁକେ ଦଃର୍ଲା, “ପାରୁସିମଃନାର୍
କମିର୍ ହର୍ ହେଟ୍କପଟ୍ ବିସୟେ ଜଃଗ୍ରାତ୍ ଅୟ୍ରିଆ । 2
ମଃତର୍ ଜାୟ୍ରି ନଃଡିସେ ଇରଃକମ୍ ଡାହି ଅୟ୍ଲାର୍ କାୟ୍ରି
ନାୟ୍, ଆର୍ ଜାୟ୍ରି ଜାଣା ନଃହେଲେ ଇରଃକମ୍ ଲୁକ୍ଲାର୍
କାୟ୍ରି ନାୟ୍ଁ, 3 ବଃଲେକ୍ ତୁମିମଃନ୍ ଜାୟ୍ ଜାୟ୍ରି ଅଃନ୍ଧାରେ
କୟ୍ ଆଚାସ୍ ସେରି ସଃବୁ ସୁଣା ଅୟ୍ଦ୍, ଆରେକ୍ ଜାୟ୍ରି
କାହାଟ୍ ଡାହ୍ଲା ବିତୁର୍ ବଃକ୍ରାୟ୍ ଲୁକ୍ଣେ କୟ୍ ଆଚାସ୍ ସେରି
ଚାନି ଉହ୍ରେ ପର୍ଚାର୍ କଃରା ଅୟ୍ଦ୍ ।” 4 “ମଃତର୍ ମର୍ ସଃଙ୍ଗୁଆଳି
ଜେ ତୁମିମଃନ୍, ତୁମିମଃନ୍କେ କଃଉଁଲେ, ଜୁୟ୍ ଲକ୍ ତୁମାର୍
ଗଃଗାଲ୍କେ ମଃର୍ନେ ମାରେଦ୍, ମଃତର୍ ତାର୍ହଃଚେ ଆର୍ କାୟ୍ରି
କଃରୁ ନାହାରେ, ସେମଃନ୍କେ ଡିରା ନାୟ୍ । 5 ମଃତର୍ କାକେ
ଡିରାସ୍, ସେରି ମୁଁୟ୍ ତୁମିକେ ଜାଣାୟ୍ଦ୍, ମଃର୍ନେ ମାର୍ଲା ହଃଚେ
ନଃର୍କେ ହଃକାଉଁକେ ଜୁୟ୍ ଇସ୍ୱରାର୍ ଅଃଦିକାର୍ ଆଚେ ତାକ୍
ଡିରିକଃରି ରିଆ । ହେଁ ମୁଁୟ୍ ତୁମିକେ ସଃତ୍ କଃଉଁଲେ ତାକ୍
ଡିରା ।” (Geenna g1067) 6 “ହାଁଚ୍ଗଟ୍ ଜଃଟ୍ୟା ଚେଳେ କାୟ୍

ଜଳେକ୍ କାସୁ ଡାବୁୟ୍ ବିକା ନଃଉତି? ଆର୍ ସେମଃନାର୍ ବିତ୍ରେ
ଗଟେକ୍ ହେଁ ଇସ୍ୱର୍ ନଃହାସ୍ରେ । 7 ମଃତର୍ ତୁମିମଃନାର୍ ମୁଣ୍ଡାର୍
ସଃର୍ନେ ବାଲ୍ ହେଁ ଗଃଣା ଅୟ୍ଆଚେ । ଡିରା ନାୟ୍ ତୁମିମଃନ୍
ଗାଦେକ୍ ଗଃର୍ ଜଃଟ୍ୟା ଚେଳେ ହୁଣି ଅଃଦିକ୍ ବଃଡ୍ ।” 8
“ଆର୍ ମୁଁୟ୍ ତୁମିମଃନ୍କେ କଃଉଁଲେ, ଜୁୟ୍ମାନାୟ୍ ଲକାର୍ ମୁଏଁ
ମକ୍ କ୍ରିସ୍ଟ ବଃଲି କୟ୍ଦ୍, ନଃରାର୍ ହୟ୍ସି ହେଁ ଇସ୍ୱରାର୍ ଦୁତ୍
ମଃନାର୍ ମୁଏଁ ତାକେ ଜାଣି ଆଚି ବଃଲି କୟ୍ଦ୍ । 9 ମଃତର୍
ଜୁୟ୍ମାନାୟ୍ ଲକାର୍ ମୁଏଁ ମକ୍ ନଃଜାଣି ବଃଲେଦ୍, ମୁଁୟ୍ ହେଁ
ଇସ୍ୱରାର୍ ଦୁତ୍ମଃନାର୍ ମୁଏଁ ତାକ୍ ନଃଜାଣି ବଃଲିନ୍ଦ ।” 10
“ଆର୍ ଜୁୟ୍ମାନାୟ୍ ନଃରାର୍ ହୟ୍ସି ବିରଦେ କଃତା କୟ୍ଦ୍ ତାକ୍
କେମା ଦିଆ ଅୟ୍ଦ୍, ମଃତର୍ ଜୁୟ୍ ମାନାୟ୍ ପବିତ୍ର ଆତ୍ମା ବିରଦେ
ଲିନ୍ଦା କଃତା କୟ୍ଦ୍ ତାକେ କେମା ଦିଆ ନୟ୍ ।” 11 “ଆର୍
ଜଃଡେବଃଲ୍ ସେମଃନ୍ ତୁମିମଃନ୍କେ ପାର୍ତ୍ନା ଗଃରାର୍ ବଃଡ୍
ଲକ୍ ଆର୍ ଅଃଦିକାରି ଲକ୍ମଃନାର୍ ଚଃମେ ଆଣ୍ତି, ସଃଡେବଃଲ୍
ତୁମିମଃନ୍ ଅଃହ୍ଣାର୍ ଗିନେ କଃନ୍କଃରି ଆର୍ କାୟ୍ ଉତ୍ତୁର୍
ଦିଆସ୍ ଆର୍ କାୟ୍ରି କଃଉଆସ୍ ସେତାକ୍ ଚିତା କଃରା ନାୟ୍ ।
12 କାୟ୍ତାକ୍ବଃଲେକ୍ କାୟ୍ରି କଃଉଁକେ ଅୟ୍ଦ୍ ସେରି ପବିତ୍ର
ଆତ୍ମା ସଃଡେବଃଲ୍ ତୁମିକେ ସିକାୟ୍ଦ୍ ।” 13 ଲକ୍ମଃନାର୍ ବିତ୍ରେ
ଗଟ୍ଲକ୍ ଜିସୁକେ କୟ୍ଲା, “ଏ ଗୁରୁ, ମର୍ ବାୟ୍କ୍ ମର୍ ସଃଙ୍ଗ
ଦାଦି ଅଃର୍ଜ୍ଲା ଦଃନ୍ ବାଟା କଃରୁକେ କଃଉ ।” 14 ମଃତର୍ ଜିସୁ
ତାକ୍ କୟ୍ଲା, “ଏ ବାୟ୍, କେ ମକେ ତୁମିମଃନାର୍ ଉହ୍ରେ ବିଚାର୍
କଃରୁକେ ଆର୍ ବାଟା କଃରୁକେ ଅଃଦିକାର୍ ଦିଲାଆଚେ?” 15
ଆରେକ୍ ସେ ସେମଃନ୍କେ କୟ୍ଲା, “ଜଃଗ୍ରାତ୍ ସଃବୁ ରଃକମ୍
ଲଃବ୍ ତଃୟ୍ହୁଣି ଦୁରିକ୍ ରିଆ, କାୟ୍ତାକ୍ବଃଲେକ୍ ଗଟ୍ ଲକାର୍
ଜିବନ୍ ତାର୍ ଦଃନ୍ ବିତ୍ ଉହ୍ରେ ବଃର୍ସା ନଃକେରେ ।” 16 ଆର୍
ଜିସୁ ସେମଃନ୍କେ ଇ କଃତା କୟ୍ଲା, “ଗଟେକ୍ ମାଜନ୍ ଲକାର୍
ହଃଦାୟ୍ ବୁତେକ୍ ତାସ୍ ଅୟ୍ଲି, 17 ସେତାକ୍ ସେ ମଃନେ ମଃନେ
ଚିତା କଃରି କୟ୍ଲା, ‘କାୟ୍ କଃରିନ୍ଦ? କାୟ୍ତାକ୍ବଃଲେକ୍
ତାସ୍ ରୁଣ୍ଡାୟ୍ କଃରି ସଃଙ୍ଗାଉଁକେ ଟାଣ୍ ନାୟ୍ ।’ 18 ଆରେକ୍
ସେ କୟ୍ଲା, ‘ଇରି କଃରିନ୍ଦ, ମର୍ ଗଃଦ୍ୟା ସଃବୁ ବଃସ୍ଲାୟ୍ନ୍ଦ
ଆର୍ ବଃଡ୍ ବଃଡ୍ କଃରି ବାନ୍ଦିନ୍ଦ ଆର୍ ସେତି ମର୍ ଗଅଁ ସଃବୁ
ସଃଙ୍ଗାୟ୍ନ୍ଦ । 19 ଆର୍ ମୁୟ୍ଁ ମର୍ ହଃରାଣ୍କେ କୟ୍ଦ୍, ରେ
ହଃରାଣ୍, ବୁତେକ୍ ବଃର୍ସାର୍ ହାଁୟ୍ ତର୍ ଜଃବର୍ କାଦିକଣ୍ଡା
ଆଚେ, ବିସାଉ, କାଆ, ଆର୍ ସଃର୍ଦାକଃର୍ ।’ 20 ମଃତର୍
ଇସ୍ୱର୍ ତାକ୍ କୟ୍ଲା, ‘ରେ ନିର୍ବୁଦିଆ ଆଜି ରାତି ତର୍ ହଃରାଣ୍
ତର୍ ତଃୟ୍ହୁଣି ନିଆ ଅୟ୍ଦ୍, ସେତାକ୍ ଜାୟ୍ ଜାୟ୍ରି ରୁଣ୍ଡାୟ୍
ଆଚ୍ସି, ସେରି ସଃବୁ କାର୍ ଅୟ୍ଦ୍?’” 21 “ଜେ ଅଃହ୍ଣାର୍
ଗିନେ ଦଃନ୍ ଅଃର୍ଜେଦ୍, ମଃତର୍ ଇସ୍ୱରାର୍ ଆକାୟ୍ ସେ ମାଜନ୍
ନାୟ୍, ତାକେ ଅଃନ୍କାର୍ ଅୟ୍ଦ୍ ।” 22 ଜିସୁ ଅଃହ୍ଣାର୍
ଚେଲାମଃନ୍କେ କୟ୍ଲା, “ଇତାର୍ ଗିନେ ମୁଁୟ୍ ତୁମିମଃନ୍କେ
କଃଉଁଲେ, କାୟ୍ରି କାଉଁନ୍ଦ ଇରି କୟ୍ କଃରି, ତୁମିମଃନାର୍ ଜିବନ୍
ଗିନେ ଆରେକ୍ କାୟ୍ରି ହିନ୍ଦନ୍ଦ, ଇରି କୟ୍ କଃରି ତୁମିମଃନାର୍
ଗଃଗାଲ୍ ଗିନେ ହେଁ ଚିତା କଃରା ନାୟ୍ । 23 କାୟ୍ତାକ୍ବଃଲେକ୍
କାଦି ତଃୟ୍ହୁଣି ଜିବନ୍ ଆର୍ ବଃସ୍ତ୍ରର୍ ତଃୟ୍ହୁଣି ଗଃଗାଲ୍ ବଃଡ୍
। 24 ଚେଳେମଃନାର୍ କଃତା ବାବି ଦଃକା, ସେମଃନ୍ ନଃବୁଣ୍ତି
କି ନଃକାଟ୍ତି, ଆରେକ୍ ସେମଃନାର୍ ତାସ୍ ଗଃଦ୍ୟା ଗଃର୍
ନାୟ୍, ଆର୍ ଇସ୍ୱର୍ ସେମଃନ୍କେ କାଦି ଦେଉଁଲା, ତୁମିମଃନ୍
ଚେଳେମଃନାର୍ ତଃୟ୍ହୁଣି କଃତେକ୍ ଅଃଦିକ୍ ବଃଡ୍, 25 ଆରେକ୍
ତୁମିମଃନାର୍ ବିତ୍ରେ କେ ଚିତା କଃରି କଃରି ଅଃହ୍ଣାର୍ ଆୟୁଁସ୍
କଃଣ୍ଡେକ୍ ବାଡାଉଁ ହାରେ? 26 ବଃଲେକ୍ ତୁମିମଃନ୍ ସଃବ୍କେ
ଗଟେକ୍ ସାନ୍ କାମ୍ ହେଁ କଃରୁ ନଃହାରାସ୍, ତଃବେ ବିନ୍ ସଃବୁ
ବିସୟ୍ ଚିତା କାୟ୍ତାକ୍ କଃରୁଲାସ୍? 27 ବଃନ୍ ହୁଲ୍ମଃନାର୍
କଃତା ବାବି ଦଃକା, ସେରିମଃନ୍ କଃନ୍କଃରି ସୁତା ନଃକାଟ୍ତି କି
ସେମଃନାର୍ ଗିନେ ବଃସ୍ତ୍ରର୍ ନଃବୁଣ୍ତି, ଅୟ୍ଲେକ୍ ହେଁ ମୁଁୟ୍
ତୁମିମଃନ୍କେ କଃଉଁଲେ, ସଲ୍ମନ୍ ରଃଜା ହେଁ ଅଃହ୍ଣାର୍ ସଃର୍ନେ
ଦଃନ୍ ରଃୟ୍କଃରି, ଗଟେକ୍ ହୁଲ୍ ହର୍ ହେଁ ସୁନ୍ଦର୍ ବଃସ୍ତ୍ରର୍ ହିନ୍ଦି
ନଃରିଲା । 28 ମଃତର୍ ଜୁୟ୍ ରଃନ୍ ଆଜି ହଃଦାୟ୍ ଆଚେ ଆର୍
କାଲି ଚୁଲି ବିତ୍ରେ ହଃକା ଅୟ୍ଦ୍, ତାକ୍ ଜଦି ଇସ୍ୱର୍ ଅଃନ୍କାର୍
ବେସ୍ ଦେଉଁଲା, ତଃବେ ଏ ଅଃଳକ୍ ବିସ୍ୱାସିମଃନ୍ ସେ ତୁମିକେ
କଃତେକ୍ ଅଃଦିକ୍ ନଃଦେୟ୍ ।” 29 “ଆରେକ୍ କାୟ୍ରି କାହାସ୍
ଆର୍ କାୟ୍ରି ହିଉଆସ୍, ସେରିମଃନ୍ ଲଳି ବୁଲା ନାୟ୍ ଆର୍ ଚିତା
ହେଁ କଃରା ନାୟ୍ । 30 କାୟ୍ତାକ୍ବଃଲେକ୍ ଜଃଗତାର୍ ଅଜିଉଦି
ଲକ୍ମଃନ୍ ଇରିମଃନ୍ ଲଳି ବୁଲ୍ତି, ମଃତର୍ ଇ ସଃବୁ ବିସୟ୍
ଜେ ତୁମିମଃନାର୍ ଲଳା ଆଚେ ସେରି ତୁମିମଃନାର୍ ସଃର୍ଗାର୍
ଉବାଦି ଜାଣେଦ୍ । 31 ମଃତର୍ ତୁମିମଃନ୍ ଇସ୍ୱରାର୍ ରାଇଜ୍
ଲଳା, ଆର୍ ଇ ସଃବୁ ବିସୟ୍ ତୁମିମଃନ୍କେ ଦିଆ ଅୟ୍ଦ୍ ।” 32
“ଏ ସାନ୍ ଦଃଲ୍, ଡିରା ନାୟ୍, କାୟ୍ତାକ୍ବଃଲେକ୍ ତୁମିମଃନ୍କେ
ତାର୍ ରାଇଜ୍ ଦେଉଁକେ ତୁମିମଃନାର୍ ସଃର୍ଗାର୍ ଉବାଦିର୍ ବଃଡେ
ସଃର୍ଦା । 33 ତୁମିମଃନାର୍ ଜାୟ୍ରି ଆଚେ ସେରି ବିକିକଃରି କଃରି
ଗଃରିବ୍ମଃନ୍କେ ଦାନ୍ କଃରା, ଜାୟ୍ରି ନଃସ୍ଟ ନଃହୟ୍ ଅଃନ୍କାର୍
ମଣା ଅଃହ୍ଣା ଅଃହ୍ଣାର୍ ଗିନେ ତିଆର୍ କଃରା, କୁୟ୍ତି ଚର୍
ଚଃମେ ନାସେ ଆର୍ ଅଳ୍ମା ନଃସ୍ଟ ନଃକେରେ ଅଃନ୍କାର୍ ସଃର୍ଗେ
ନଃସ୍ଟ ନଃଉତା ଦଃନ୍ ଅଃର୍ଜା; 34 କାୟ୍ତାକ୍ବଃଲେକ୍ ଜୁୟ୍ତି
ତୁମାର୍ ଦଃନ୍, ସେତି ତୁମାର୍ ମଃନ୍ ।” 35 “ତୁମିମଃନ୍ ଅଃଟାବିଳା
ବାନ୍ଦି ଅୟ୍ରିଆ, ଆର୍ କୁପି କଃଚ୍ତି ରେଅ, 36 ଆର୍ ମାପ୍ରୁ ବିବା
ବଜି ତଃୟ୍ହୁଣି ବାଉଳି ଆସି କଃହାଟେ ମାର୍ଲା ଦାହ୍ରେ ଜୁୟ୍
ଲକ୍ମଃନ୍ ତାର୍ ଗିନେ ତଃତ୍କାଣ୍ କଃହାଟ୍ ଉଗାଲୁକ୍ ଜାଗି
ରେତି, ତୁମିମଃନ୍ ସେମଃନାର୍ ହର୍ ଅୟ୍ରିଆ । 37 ମାପ୍ରୁ ଆସି
ଜୁୟ୍ ଗତିଦଃଙ୍ଗଲାକ୍ ଜଃଗ୍ରାତ୍ ରିଲାର୍ ଦଃକେଦ୍, ସେମଃନାର୍
ବାୟ୍ଗ୍, ମୁଁୟ୍ ତୁମିମଃନ୍କେ ସଃତ୍ କଃଉଁଲେ, ସେ ଅଃହ୍ଣାର୍
ଅଃଟା ବାନ୍ଦି କଃରି ସେମଃନ୍କେ କାଉଁକେ ବଃସାୟ୍, ଚଃମେ
ଜାୟ୍ ସେବା କଃରେଦ୍ । 38 ଆର୍ ସେ ଜଦି ମଃଜାରାତି କି

କୁକ୍ଲାବାସେ ହେଁ ଆସି ସେମଃନ୍କେ ସେନ୍କାର୍ ଦଃକେଦ୍,
ତଃବେ ସେ ଦଃଙ୍ଗ୍ଲା ମଃନାର୍ ବାୟ୍ଗ୍ । 39 ମଃତର୍ ଇରି
ଜାଣିରିଆ କୁୟ୍ ବେଲାୟ୍ ଚର୍ ଆସେଦ୍ ଇରି ଗଃରାର୍ ସାଉକାର୍
ଜାଣି ରିଲେକ୍, ତାର୍ ଗଃରେ ସିନ୍ଦ୍ ମାରୁକ୍ ନଃଦିଲା ହୁଣି । 40
ତୁମିମଃନ୍ ହେଁ ଜଃଗ୍ରାତ୍ ଅୟ୍ରିଆ, କାୟ୍ତାକ୍ବଃଲେକ୍ ଜୁୟ୍
ବେଲାୟ୍ ତୁମିମଃନ୍ ମଃନେ କଃରି ନଃରିଆସ୍ ସେ ବେଲାୟ୍
ନଃରାର୍ ହୟ୍ସି ଆସେଦ୍ ।” 41 ସେତାକ୍ ପିତର୍ କୟ୍ଲା, “ଏ
ମାପ୍ରୁ ତୁୟ୍ ଅଃମିମଃନ୍କ୍ ହଃକା ଇ କଃତା କଃଉଁଲିସ୍, କି ସଃବୁ
ଲକ୍କେ କଃଉଁଲିସ୍?” 42 ଜିସୁ ମାପ୍ରୁ ଉତ୍ତୁର୍ ଦିଲା, “ଇତାକ୍
ଅଃହ୍ଣାର୍ ଗଃରାର୍ ଦଃଙ୍ଗ୍ଲାମଃନ୍କେ ସଃମାନ୍ ବେଲାୟ୍ ଟିକ୍
ଅୟ୍ରିଲା ହଃଲିବାତ୍ୟା ଦେଉଁକେ ସାଉକାର୍ ଜାକେ ସେମଃନାର୍
ଉହ୍ରେ ବାଚେଦ୍, ଇବାନ୍ୟା ସଃତ୍ ବୁଦିକାରି ଗୁମୁସ୍ତା କେ ଆଚେ?
43 ସାଉକାର୍ ଆସି ତାର୍ ଜୁୟ୍ ଗତିଦଃଙ୍ଗ୍ଲାକ୍ ସେରଃକମ୍ କାମ୍
କଃର୍ତି ରିଲାର୍ ଦଃକେଦ୍, ତଃବେ ସେ ଦଃଙ୍ଗ୍ଲାର୍ ବାୟ୍ଗ୍ । 44
ମୁଁୟ୍ ତୁମିମଃନ୍କେ ସଃତ୍ କଃଉଁଲେ, ସାଉକାର୍ ସେ ଦଃଙ୍ଗ୍ଲାକେ
ତାର୍ ସଃବୁ ସଃମ୍ପତି ଉହ୍ରେ ଅଃଦିକାର୍ ଦଃୟ୍ଦ୍ । 45 ମଃତର୍
ଜଦି ସେ ଗୁମୁସ୍ତା ମର୍ ସାଉକାର୍ ଆସ୍ତାର୍ ବିଲମ୍ ଆଚେ ବଃଲି
ମଃନେ ମଃନେ କୟ୍ ଗତିଦଃଙ୍ଗ୍ଲା ଦଃଙ୍ଗ୍ଲିମଃନ୍କେ ମାରୁକ୍
ଆର୍ କାଉଆ ହିଉଆ କଃରି ମାତୁକ୍ ମୁଲ୍ୟାୟ୍ଦ୍, 46 ସେବାନ୍ୟା
ଅୟ୍ଲେକ୍ ସେ ଗତିଦଃଙ୍ଗ୍ଲା ଜୁୟ୍ ଦିନ୍ ଜାଗି ନଃରେୟ୍ ଆର୍
ଜୁୟ୍ ବେଲା ସେ ଜାଣି ନଃରେୟ୍, ସେଦିନ୍ ଆର୍ ସେ ବେଲାୟ୍
ତାର୍ ସାଉକାର୍ ଆସେଦ୍, ସାଉକାର୍ ତାକ୍ ଜଃବର୍ ଡଃଣ୍ଡ ଦଃୟ୍,
ହଟ୍କାର୍ ଲକାର୍ ସଃଙ୍ଗ୍ ତାର୍ ବାଗ୍ ସଃମାନ୍ କଃରେଦ୍ ।” 47
“ଆର୍ ଜୁୟ୍ ଗତିଦଃଙ୍ଗ୍ଲା ଅଃହ୍ଣାର୍ ସାଉକାରାର୍ ମଃନ୍ ଜାଣି
ତିଆର୍ ଅୟ୍ ନଃରେୟ୍, କି ତାର୍ ମଃନ୍କେ ଗଃଲା ହର୍ କାମ୍
କଃରି ନଃରେୟ୍, ସେ ଜଃବର୍ ମାଡ୍କାୟ୍ଦ୍ । 48 ମଃତର୍ ଜେ
ନଃଜାଣି ମାଡ୍ କାତା ହାୟ୍ଟି କଃରି ରଃୟ୍ଦ୍ ସେ ଅଃଳକ୍ ମାଡ୍
କାୟ୍ଦ୍, ଜାକେ ବୁତେକ୍ ଦିଆ ଅୟ୍ଆଚେ ତାର୍ ତଃୟ୍ହୁଣି
ବୁତେକ୍ ମାଗା ଅୟ୍ଦ୍, ଆର୍ ଲକ୍ମଃନ୍ ଜାକେ ବୁତେକ୍ ଦଃୟ୍
ଆଚ୍ତି ତାର୍ ତଃୟ୍ହୁଣି ବୁତେକ୍ ମାଗ୍ତି ।” 49 “ମୁଁୟ୍ ହୁର୍ତିବିଏ
ଜୟ୍ ଲାଗାଉଁକେ ଆସି ଆଚି, ସେରି ଜଦି ଲାଗ୍ଲିନି, ତଃବେ
ମର୍ ଆର୍ କାୟ୍ ମଃନ୍ ଆଚେ? 50 ମଃତର୍ ମକ୍ ଗଟେକ୍
ବାପ୍ତିସମେ ବାପ୍ତିସମ୍ ନେଉଁକେ ଅୟ୍ଦ୍ ଆର୍ ସେରି ନଃଉତା
ହଃତେକ୍ ମୁଁୟ୍ କଃନ୍କଃରି କଃସ୍ଟ ହାଉଁଲେ । 51 ମୁଁୟ୍ ହୁର୍ତିବିଏ
ସୁସ୍ତା ଦେଉଁକେ ଆସି ଆଚି ବଃଲି କାୟ୍ ତୁମିମଃନ୍ ମଃନେ
କଃରୁଲାସ୍? ମୁଁୟ୍ ତୁମିମଃନ୍କେ କଃଉଁଲେ, ନାୟ୍, ମଃତର୍
ବେଗଲ୍ କଃରୁକେ ଆସିଆଚି । 52 କାୟ୍ତାକ୍ବଃଲେକ୍ ଆଜି
ହଃତେକ୍ ଗଟେ ଗଃରେ ହାଁଚ୍ ଲକ୍ ରିଲେକ୍ ଦୁୟ୍ଲକ୍ ବିରଦେ
ତିନିଲକ୍, ଆର୍ ତିନିଲକ୍ ବିରଦେ ଦୁୟ୍ଲକ୍ ବିନ୍ ବିନ୍ ଅଃଉତି
। 53 ହୟ୍ସି ବିରଦେ ଉବାସି, ଉବାସିର୍ ବିରଦେ ହୟ୍ସି, ଜିସି
ବିରଦେ ଆୟ୍ସି, ଆୟ୍ସି ବିରଦେ ଜିସି, ବୁଆରି ବିରଦେ ସଃତୁର୍ସି,
ସଃତୁର୍ସି ବିରଦେ ବୁଆର୍ସି ବିନ୍ ବିନ୍ ଅଃଉତି ।” 54 ଆରେକ୍ ଜିସୁ
ଲକ୍ମଃନ୍କେ ହେଁ କୟ୍ଲା, “ବୁଡ୍ତି ଦିଗ୍ ବାଟ୍ୟା ମେଗ୍ ଉଟ୍ତାର୍
ଦଃକ୍ଲେକ୍, ସେଦାହ୍ରେ ତୁମିମଃନ୍ କଃଉଆସ୍, ବଃର୍ସା ମାରେଦ୍
ଆର୍ ସେବାନ୍ୟା ଅୟ୍ଦ୍ । 55 ଆରେକ୍ ଦଃକିଣ୍ ଦିଗ୍ ବାଟ୍ୟା
ବାଉ ଅଃଉତାର୍ ଦଃକ୍ଲେକ୍, ତୁମିମଃନ୍ କଃଉଆସ୍, ବଃଡେ
କଃରା ଅୟ୍ଦ୍, ଆର୍ ସେବାନ୍ୟା ଅୟ୍ଦ୍ । 56 ରେ ହେଟ୍କପଟ୍ୟା,
ତୁମିମଃନ୍ ହୁର୍ତିବି ଆର୍ ଅଃଗାସ୍ ଉହ୍ରେ ଚିନ୍ ସଃବୁ ଦଃକି ବୁଜୁ
ହାରୁଲାସ୍, ମଃତର୍ ଇ କାଳାର୍ ଚିନ୍ ସଃବୁ କଃନ୍କଃରି ବୁଜୁ
ନଃହାରୁଲାସ୍?” 57 “ଆର୍ ତୁମିମଃନ୍ ନିଜେ ନିଜେ କାୟ୍ତାକ୍
ଟିକ୍ ବିଚାର୍ ନଃକେରୁଲାସ୍? 58 କାୟ୍ତାକ୍ବଃଲେକ୍ ତୁମାର୍
ବିରଦି ସଃଙ୍ଗ୍ ବିଚାର୍ କଃର୍ତା ଅଃଦିକାରି ଚଃମେ ଜାତା ବଃଲ୍,
ବାଟେ ତାର୍ ତଃୟ୍ହୁଣି ମୁକ୍ତ ଅଃଉଁକେ ରାଜିରାମା ଅଃଉଆ,
ଚଃନେମଃନେ ସେ ତୁମିକେ ସେ ବିଚାର୍ କଃର୍ତା ଅଃଦିକାରି ହାକ୍
ଜିକି ନଃୟ୍ଦ୍, ଆରେକ୍ ବିଚାର୍ କଃର୍ତା ଅଃଦିକାରି ତୁମିକେ
ସଃଇନ୍ମଃନାର୍ ଆତେ ସଃହ୍ରି ଦଃୟ୍ଦ୍ ଆର୍ ସଃଇନ୍ମଃନ୍
ତୁମିକେ ଜଃଇଲେ ହୁରାଉତି । 59 ମୁଁୟ୍ ତୁମିକେ ସଃତ୍ କଃଉଁଲେ,
ତୁମି ସଃରା ସଃରି ଗଟେକ୍ କାସୁ ହେଁ ନଃସୁଜ୍ତା ହଃତେକ୍ ସେ
ଜଃଗାୟ୍ ହୁଣି କଃନ୍କଃରି ହେଁ ମୁକ୍ଳି ଆସୁ ନଃହାରାସ୍ ।”

**13** ସଃଡେବଃଳ୍ ସେତି ରିଲା କଃତେକ୍ ଲକ୍ମଃନ୍ ଆସି,
ପିଲାତ ଜୁୟ୍ ଗାଲିଲିୟମଃନାର୍ ବଃନି ସେମଃନାର୍ ହୁଜା
ସଃଙ୍ଗ୍ ମିସାୟ୍ ରିଲା, ସେମଃନାର୍ କଃତା ଜିସୁକେ ଜାଣାୟ୍ଲାୟ୍
। 2 ତଃବେ ଜିସୁ ସେମଃନ୍କେ କୟ୍ଲା, “ଇସଃବୁ ଗଃଟ୍ଲାକ୍
ଇ ଗାଲିଲିୟ୍ମଃନ୍ ବିନ୍ ସଃବୁ ଗାଲିଲିୟମଃନାର୍ ତଃୟ୍ହୁଣି
ଅଃଦିକ୍ ହାହି ବଃଲି କି ତୁମିମଃନ୍ ମଃନେ କଃରୁଲାସ୍? 3
ମୁଁୟ୍ ତୁମିମଃନ୍କେ କଃଉଁଲେ, ନାୟ୍ ସେମଃନ୍ ସେନ୍କାର୍
ନଃରିଲାୟ୍, ମଃତର୍ ହାହେହୁଣି ମଃନ୍ ନଃବାଦ୍ଲାୟ୍ଲେକ୍
ତୁମିମଃନ୍ ସଃବୁଲକ୍ ସେରଃକମ୍ ନାସ୍ ଅଃଉଆସ୍ । 4
ସିଲହ ତଃୟ୍ ସେ ଜୁୟ୍ ଅଃଟ୍ର ଲକାର୍ ଉହ୍ରେ ଜାଗ୍ତା ଗଃର୍
ଚଃହ୍ଲାୟ୍ ସେମଃନାର୍ ଜିବନ୍ ନିଲି, ସେମଃନାର୍ ବିସୟେ ତୁମି
କାୟ୍ରି ବାବୁଲାସ୍? ସେମଃନ୍ ସଃବୁ ଜିରୁସାଲମାର୍ ଲକ୍ମଃନାର୍
ତଃୟ୍ହୁଣି ଅଃଦିକ୍ ହାହି ବଃଲି ତୁମିମଃନ୍ ମଃନେ କଃରୁଲାସ୍?
5 ମୁଁୟ୍ ମଃତର୍ ତୁମିମଃନ୍କେ କଃଉଁଲେ, ହାହେହୁଣି ମଃନ୍
ନଃବାଦ୍ଲାୟ୍ଲେକ୍ ତୁମିମଃନ୍ ହେଁ ସେବାନ୍ୟା ନଃସ୍ଟ ଅଃଉଆସ୍
।” 6 ଆରେକ୍ ଜିସୁ ଇ କଃତା ହେଁ ସେମଃନ୍କେ କୟ୍ଲା,
“ଗଟ୍ ଲକାର୍ ଅଙ୍ଗୁର୍ ବାଳେ ଗଟ୍ ଡୁମ୍ବୁର୍ ଗଃଚ୍ ଲାଗାୟ୍ରିଲା ।
ସାଉକାର୍ ଆସିକଃରି ଡୁମ୍ବୁର୍ ଗଃଚେ ହଃଳ୍ ଲଳ୍ଲା, ମଃତର୍ ସେ
ହାଉଁ ନଃହାର୍ଲା । 7 ସେତାର୍ଗିନେ ସେମାନାୟ୍ ତାର୍ ଅଙ୍ଗୁର୍
ବାଳେ କାମ୍ କଃର୍ତା ମାନାୟ୍କେ କୟ୍ଲା, ‘ଦଃକ୍ ତିନି ବଃର୍ସ୍
ଅୟ୍ଲିବେ ମୁୟ୍ଁ ଆସି ଇ ଡୁମ୍ବୁର୍ ଗଃଚେ ହଃଳ୍ ଲଳୁଲେ, ମଃତର୍
ହାଉଁ ନଃହାରୁଲେ; ଇ ଡୁମ୍ବୁର୍ ଗଃଚ୍କେ ମାରିହଃକାଉ, ଇରି
କାୟ୍ତାକ୍ ବୁୟ୍ଁକ୍ ନଃସ୍ଟ କଃରୁଲି?’ 8 ମଃତର୍ ସେ ସାଉକାର୍କେ

କୟ୍‌ଲା, 'ସାଉକାର୍, ଆକ୍ ଇ ବଽର୍ସ୍ ହେଁ ଚାଡ଼ିଦେସ୍, ମୁଁୟ୍ ଇ
ଗଽଚାର୍ ଚାରି ହାକ୍ କଽଣିକଽରି କାତ୍ ଦଽୟନ୍ନ୍, 9 ଆର୍ ଜଦି ଇ
ଗଽଚେ ହଽଲ୍ ହଽଲ୍‌ଲେକ୍ ବଽଲ୍ କଽତା, ମଽତର୍ ଜଦି ହଽଲ୍
ନଽହେଲେ ତଽବେ ତୁୟ୍ ଇ ଗଽଚ୍‌କେ ମାରିହଽକାଉ ।'" 10
ଗଟ୍‌ତର୍ ଜିସୁ ବିସାଉଁଣିବାର୍ ଦିନ୍ ଗଟେକ୍ ପାର୍ତ୍‌ନା ଗଽରେ
ସିକ୍ୟା ଦେତିରିଲା । 11 ଆର୍ ଦଽକା ସେତି ଗଟେକ୍ ଦୁସ୍ଟ ଆତ୍ମା
ଡଽସିରିଲା ମାୟ୍‌ଜି ରିଲି, ସେ ଅଽଟ୍ର ବଽର୍ସ୍ ହଽତେକ୍ କୁବ୍‌ଲି
ଅୟ୍‌ରିଲି, ସେ ସଽଲ୍‌କେ ଅୟ୍ ଟିଆ ଅଽଉଁକେ ନଽହାର୍‌ତିରିଲି
। 12 ଜିସୁ ତାକ୍ ଦଽକି ଲଽଗେ କୁଦି କୟ୍‌ଲା, "ଏ ଆୟ୍ମା, ତୁୟ୍
ନିକ ଅୟ୍‌ଲିସ୍!" 13 ଆର୍ ଜିସୁ ତାର୍ ଉହ୍ରେ ଆତ୍ ସଽଙ୍ଗାୟ୍‌ଲା,
ଆର୍ ସେଦାହ୍ରେ ସେ ସଽଲ୍‌କ୍ ଅୟ୍ ଟିଆ ଅୟ୍‌ଲି, ଆର୍ ସେ
ଇସ୍ୱରାର୍ ଗୁଣ୍‌ଗାଉଁକେ ଦଽର୍ଲି । 14 ମଽତର୍ ଜିସୁ ବିସାଉଁଣିବାର୍
ଦିନ୍ ଉଜ୍ କଽଲାକ୍ ପାର୍ତ୍‌ନାଗଽରାର୍ ମୁଲିକା ରିସା ଅୟ୍‌କଽରି
ଲକ୍‌ମଽନ୍‌କେ କୟ୍‌ଲା, "କାମ୍ କଽରୁକେ ଚଅ ଦିନ୍ ଆଚେ,
ତଽବେ ସେସଽବୁ ଦିନ୍ ଆସିକଽରି ନିକ ଅଽଉଆ, ମଽତର୍
ବିସାଉଣିବାରେ ନିକ ଅଽଉଁକେ ଆସା ନାୟ୍ ।" 15 ମଽତର୍
ମାପ୍ରୁ ତାକେ କୟ୍‌ଲା, "ରେ ହେଟ୍‌କପଟ୍ୟା, ତୁମିମଽନ୍ ସଽବୁଲକ୍
କାୟ୍‌ରି ବିସାଉଁଣି ଦିନ୍ ତୁମାର୍ ବଽଇଲ୍ କି ଗଽଦ ସାଳେହୁଣି
ମେଲି ନଽୟ୍ କାୟ୍ ହାଣି ନଽକାଳାଉଆସ୍? 16 ତଽବେ ଦଽକା
ଅଽଟ୍ର ବଽର୍ସ୍ ହଽତେକ୍ ସୟ୍‌ତାନ୍ ତଽୟ୍‌ହୁଣି କୁବ୍‌ଲି ଅୟ୍‌ରିଲି
ଅବ୍ରାହାମାର୍ ବଽଉଁସାର୍ ଇ ମାୟ୍‌ଜିଟକି କାୟ୍ ବିସାଉଁଣିବାରେ
ନିଜାର୍ ବାନ୍ଧଣ୍ ତଽୟ୍‌ହୁଣି ମୁକୁଲ୍‌ତାର୍ ଦଽର୍‌କାର୍ ନଽରିଲି?"
17 ଆର୍ ଜିସୁ ଇ କଽତାସଽବୁ କୟ୍‌ଲାକ୍, ତାର୍ ବିରଦିସଽବୁ
ଲାଜ୍ ହାୟ୍‌ଲାୟ୍, ମଽତର୍ ଲକ୍‌ମଽନ୍ହା ସେ କଽରିରିଲା ସଽବୁ
କାବା କାମ୍ ଗିନେ ସଽର୍ଦା କଽରୁକେ ଦଽର୍ଲାୟ୍ । 18 ସେତାକ୍
ଜିସୁ କୟ୍‌ଲା, "ମାପ୍ରୁର୍ ରାଇଜ୍ କାର୍ ହର୍? ଆରେକ୍ କାର୍
ସଽଙ୍ଗ ମୁଁୟ୍ ତାର୍ ତୁଲ୍‌ନା କଽରିନ୍ନ? 19 ସେରି ଇବାନ୍ୟା ଗଟେକ୍
ସଽର୍ସୁ ମୁଞ୍ଜି ହର୍, ଜୁୟ୍‌ରି ନଽୟ୍ ଗଟ୍‌ଲକ୍ ତାର୍ ବାଳେ ବୁଣ୍‌ଲା,
ଆର୍ ସେରି ବାଡି କଽରି ଗଽଚ୍ ଅୟ୍‌ଲି, ଆର୍ ଅଽଗାସ୍ ଉହ୍ରାର୍
ଚେଳେମଽନ୍ ଆସି ତାର୍ ଡାଲ୍‌ବିତ୍ରେ ଗୁଡା ଗାଲ୍‌ଲାୟ୍ ।" 20
ଜିସୁ ଆରେକ୍ କୟ୍‌ଲା, "ଇସ୍ୱରାର୍ ରାଇଜ୍‌କେ ମୁଁୟ୍ କାର୍
ସଽଙ୍ଗ ତୁଲ୍‌ନା କଽରିନ୍ନ? 21 ସେରି ଗଟେକ୍ କମିର୍ ହର୍,
ଗଟେକ୍ ମାୟ୍‌ଜି ସେରି ନଽୟ୍‌କଽରି ମାଣେକ୍ ଗମ୍‌ଗୁଣ୍ଡ ସଽଙ୍ଗ
ମିସାୟ୍ କଽରି ଚଽଟ୍‌କ୍‌ଲି, ଆର୍ ତାର୍‌ହଽଚେ ସେ ସଽବୁ କମିର୍
ହର୍ ଅୟ୍‌ଲି ।" 22 ଜିସୁ ଜିରୁସାଲମେ ଜାତିରିଲା ବଽଲ୍ ସେ
ଗଽଳେ ଗଽଳେ ଆର୍ ଗାଉଁଏ ଗାଉଁଏ ବୁଲି କଽରି ଲକ୍‌ମଽନ୍‌କେ
ସିକ୍ୟା ଦେତି ରିଲା । 23 ଗଟ୍ ଲକ୍ ତାକ୍ କୟ୍‌ଲା, "ମାପ୍ରୁ,
ହାହେହୁଣି ମୁକ୍ତି ହାଉତା ଲକ୍‌ମଽନ୍ କାୟ୍ ଅଽଳକ୍?" ତଽବେ
ଜିସୁ ସେମଽନ୍‌କେ କୟ୍‌ଲା, 24 "ସାକୁଲ୍ ଦୁଆର୍ ଦଽୟ୍ ଜଽଉଁକେ
ହାରୁ ସଽକାତ୍ ଉପାୟ୍ କଽରା, ବଽଲେକ୍ ମୁଁୟ୍ ତୁମିମଽନ୍‌କେ
କଽଉଁଲେ, ଗାଦେକ୍ ଲକ୍‌ମଽନ୍ ମାପ୍ରୁର୍ ରାଇଜେ ଜଽଉଁକେ ହାରୁ
ସଽକାତ୍ ଉପାୟ୍ କଽର୍ତି, ମଽତର୍ ଜଽଉଁକେ ନାହାର୍ତି । 25 ଗଽରାର୍
ମୁଲିକା ଉଟି ଦୁଆର୍ ଡାହ୍‌ଲା ହଽଚେ, ଜଽଡେବଽଲ୍ ତୁମିମଽନ୍
ହଽଦାୟ୍ ଟିଆ ଅୟ୍‌ରିଆସ୍ ଆର୍ ଏ ମାପ୍ରୁ ଅଽମାର୍ ଗିନେ କାହାଟ୍
ଉଗାଲ୍, ଇରି କୟ୍ କଽହାଟେ ମାରୁକେ ଦଽରାସ୍, ସଽଡେବଽଲ୍
ସେ ତୁମିକେ କୟ୍‌ଦ୍, ତୁମିମଽନ୍ କୁୟ୍‌ତିର୍ ଲକ୍, ସେରି ମୁୟଁ
ନଽଜାଣି । 26 ସଽଡେବଽଲ୍ ତୁମିମଽନ୍ କଽଉଁକେ ଦଽରାସ୍
ଅଽମିମଽନ୍ ତର୍ ସଽଙ୍ଗ ଗଟେ ଟାଣେ କାୟ୍‌ଲୁ ଆଚୁ, ଆର୍ ତୁୟ୍
ଅଽମାର୍ ଡଽଣ୍ଡେ ବାଟେ ସିକ୍ୟା ଦଽୟ୍‌ରିଲିସ୍ । 27 ମଽତର୍ ସେ
ତୁମିକେ କୟ୍‌ଦ୍, ତୁମିମଽନ୍ କୁୟ୍‌ତିର୍ ଲକ୍ ସେରି ମୁଁୟ୍ ନଽଜାଣି,
ରେ ଅଽଦଽର୍ମିମଽନ୍ ସଽବୁ ମର୍ ମୁଏଁହୁଣି ଦୁର୍ ଅଽଉଆ । 28
ଜଽଡେବଽଲ୍ ତୁମିମଽନ୍ ଅବ୍ରାହାମ୍, ଇସାକ୍, ଜାକୁବକ୍ ଆର୍ ବିନ୍
ସଽବୁ ବାବ୍‌ବାଦିମଽନ୍‌କେ ଇସ୍ୱରାର୍ ରାଇଜେ ରିଲାର୍ ଦଽକାସ୍
ଆର୍ ନିଜ୍ ନିଜ୍‌କେ ହଽଦାୟ୍ ହଽକାଉତାର୍ ଦଽକାସ୍, ସଽଡେବଽଲ୍
ସେତି ତୁମିମଽନ୍ କାନ୍ଦ୍ୱାସ୍ ଆର୍ ଦାତ୍ ଚାବି ଅଽଉଆସ୍ । 29
ଆରେକ୍ ଉଦ୍‌ତି ଆର୍ ବୁଡ୍‌ତି, ଉତୁର୍ ଆର୍ ଦଽକିଣ୍‌ବାଟ୍ୟାର୍
ଲକ୍‌ମଽନ୍ ଆସି ମାପ୍ରୁର୍ ରାଇଜେ କାଉଁକେ ବଽସ୍ତି । 30 ଆର୍
ଦଽକା, ଜୁୟ୍ ଲକ୍‌ମଽନ୍ ଅଽବେ ହଽଚେ ଆଚ୍‌ତି ସେମଽନ୍ ଆଗାଳି
ଅଽଉତି ଆର୍ ଆଗାଳି ରିଲା ଲକ୍‌ମଽନ୍ ହଽଚେ ଅଽଉତି ।" 31
ସଽଡେବଽଲ୍ କଽତେକ୍ ପାରୁସିମଽନ୍ ଆସି ଜିସୁକେ କୟ୍‌ଲାୟ୍,
"ତୁୟ୍ ଇ ଟାଣ୍ ଚାଡିକଽରି ବାରାୟ୍‌ଜାଆ, କାୟ୍‌ତାକ୍‌ବଽଲେକ୍
ହେରଦ୍ ତକେ ମଽର୍ଣ୍ଣେ ମାରୁକ୍ ମଽନ୍ କଽରୁଲା ।" 32 ତଽବେ
ଜିସୁ ସେମଽନ୍‌କେ କୟ୍‌ଲା, "ତୁମିମଽନ୍ ଜାୟ୍ ସେ କଲ୍ୟାକ୍
କଽଉଆ, ଦଽକା ମୁଁୟ୍ ଆଜି ଆର୍ କାଲି ବୁତ୍ ଚାଡାଉଁଲେ ଆର୍
ରଗିମଽନ୍‌କେ ନିକା କଽରୁଲେ, ଆର୍ ତିନି ଦିନ୍‌କେ ମର୍ କାମ୍
ହୁରା ଅୟ୍‌ଦ୍ । 33 ଜଽନ୍‌ଅଽଅ, ଆଜି, କାଲି ଆର୍ ହଽରିଦିନ୍ ମକ୍
ଜଽଉଁକେ ହଽଳେଦ୍, ବଽଲେକ୍ ଜିରୁସାଲମ୍ ଗଽଳାର୍ ହଽଦାୟ୍
ବାବ୍‌ବାଦି ମଽର୍ତା କଽତା ନାୟ୍ ।" 34 "ଏ ଜିରୁସାଲମ୍, ଏ
ଜିରୁସାଲମ୍, ବାବ୍‌ବାଦିମଽନ୍‌କେ ମଽର୍ଣ୍ଣେ ମାରି ରିଲା ଜିରୁସାଲମ୍
ଆର୍ ମାପ୍ରୁ ହଽଟାୟ୍ ରିଲା ଲକ୍‌ମଽନ୍‌କେ ଟେଳା ଚେଚି ମଽର୍ଣ୍ଣେ
ମାରି ରିଲା ଜିରୁସାଲମ୍, ମାୟ୍‌କୁକ୍‌ଡ଼ା ଜଽନ୍‌କଽରି ଡେଣା ତଽଳେ
ତାର୍ ହିଲାମଽନ୍‌କେ ରୁଣ୍ଟାୟ୍‌ଦ୍, ସେବାନ୍ୟା ମୁଁୟ୍ କଽତେକ୍ ତର୍,
ତର୍ ହିଲାମଽନ୍‌କେ ଗଟେ ଟାଣେ କଽରୁକେ ମଽନ୍ କଽଲେ,
ମଽତର୍ ତୁମିମଽନ୍ ମଽନ୍ ନଽକେଲାସ୍ । 35 ଦଽକା, ତୁମାର୍
ଗଽର୍ ତୁମିମଽନାର୍ ଆତେ ଚାଡିଦିଆ ଅଽଉଁଲି; ଆର୍ ମୁଁୟ୍
ତୁମିମଽନ୍‌କେ କଽଉଁଲେ, 'ମାପ୍ରୁର୍ ନାଉଁଏ ଜେ ଆସୁଲା, ସେ
ବାୟ୍‌ଗ୍, ତୁମିମଽନ୍ ଜୁୟ୍ ଦିନ୍ ଇ କଽତା କଽଉଆସ୍, ସେଦିନ୍
ନାଆସ୍ତା ହଽତେକ୍ ମକ୍ ତୁମିମଽନ୍ ଆରେକ୍ ନଽଦେକାସ୍ ।'"

**14** ଗଟ୍‌ତର୍ ଜିସୁ ବିସାଉଁଣିବାର୍ ଦିନ୍, ପାରୁସିମଽନାର୍
ଗଟେକ୍ ମୁଲିକାର୍ ଗଽରେ ବଜି କାଉଁକେ ଗଽଲା,
ଲକ୍‌ମଽନ୍ ଜିସୁକେ ଦଽକି ଲାଗ୍‌ଲାୟ୍ । 2 ଆର୍ ଦଽକା, ସେତି
ଜିସୁର୍ ମୁଏଁ ହୁଲା ବେମାରେ ହଽଳି ରିଲା ଗଟେକ୍ ଲକ୍ ରିଲା । 3

ଜିସୁ ପାରୁସି ଆର୍ ଦଃର୍ମ୍‌ସାସ୍ତ୍ରିମଃନ୍‌କେ ହଃଚାର୍ଲା "ବିସାଉଁଣିବାରେ
ରଗିକ୍ ଉଜ୍ କଃରୁକେ ବିଦି ଆଚେ କି ନାୟ୍?" ମଃତର୍ ସେମଃନ୍
ଚିମ୍‌ରା ଅୟ୍‌ରିଲାୟ୍ । 4 ଆରେକ୍ ଜିସୁ ତାକ୍ ଚୁୟ୍‌କଃରି ଉଜ୍
କଃଲା, ଆର୍ ତାର୍ ଗଃରେ ହଃଟାୟ୍ ଦିଲା । 5 ତାର୍‌ହଃଚେ
ଜିସୁ ସେମଃନ୍‌କେ କୟ୍‌ଲା, "ତୁମାର୍ ବିତ୍ରେ କେ ନିଜାର୍ ହିଲା କି
ବଃଇଲ୍ କୁଇଁକାଲେ ଅଦୁର୍ଲେକ୍ କାୟ୍‌ରି ତାକେ ବିସାଉଁଣିବାରେ
ତଃତ୍‌କାଣ୍ ଉଟାଉଁ ନଃଚାସ୍?" 6 ଆର୍ ସେମଃନ୍ ଜିସୁକେ
ଇସଃବୁ କଃତାର୍ ଉତ୍ତୁର୍ ଦେଉଁ ନଃହାର୍‌ଲାୟ୍ । 7 ଆରେକ୍
ବଜି କାଉଁକେ ଆୟ୍‌ଲା ଲକ୍‌ମଃନ୍ କଃନ୍‌କଃରି ନିଜାର୍ ଗିନେ
ବଃଡ୍ ଟାଣ୍ ବାଚ୍‌ତି ରିଲାୟ୍, ଇରି ଦଃକିକଃରି ଜିସୁ ସେମଃନ୍‌କେ
ଇ କଃତା କୟ୍‌ଲା, 8 "ଜଃବେ ତୁମିକେ କୁୟ୍ ଲକ୍ ତାର୍ ବିବା
ବଜିକେ କୁଡେଦ୍, ତଃବେ ସଃଡେବଃଲ୍ ତୁମି ସେଡି ଜାୟ୍ ବଃଡ୍
ଲକ୍ ବଃସ୍ତା ଟାଣେ ବଃସା ନାୟ୍, କଃଡେବଃଲ୍ ସିନା ତୁମାର୍
ଠଃୟ୍‌ହୁଣି ଅଃଦିକ୍ ମାନ୍‌ତି ହାଉତା ଲକ୍‌କେ ସେ କୁଦି ରଃୟ୍‌ଦ୍,
9 ଆର୍ ଜେ ତୁମିକେ ଆର୍ ସେ ମାନ୍‌ତି ହାଉତା ଲକ୍‌କେ କୁଦି
ରଃୟ୍‌ଦ୍, ସେ ଆସିକଃରି ତୁମିକେ କୟ୍‌ଦ୍, ତୁୟ୍ ସେଡିହୁଣି
ଉଟ୍ ଇ ବଃଡ୍ ଲକେ ଟାଣ୍ ଦେସ୍; ସଃଡେବଃଲ୍ ତୁମି ଲାଜ୍
ହାୟ୍, ତଃଳେ ଜାୟ୍ ବଃସାସ୍ । 10 ମଃତର୍ ଜଃଡେବଃଲ୍ ତୁମି
ବିବା ବଜିକେ ଜାହାସ୍, ସଃଡେବଃଲ୍ ତୁମି ଜାୟ୍ ତଃଳେ ବଃସା,
ଜଃନ୍‌କଃରିକି ତୁମିକେ କୁଦ୍‌ଲା ମାନାୟ୍ ଆସିକଃରି ତୁମିକେ
ଦଃକି କୟ୍‌ଦ୍, ଏ ବାୟ୍, ଇ ବଃଡ୍ ଟାଣେ ଆସିକଃରି ବଃସ୍;
ସଃଡେବଃଲ୍ ତୁମାର୍ ସଃଙ୍ଗ୍ ବଜିଗଃରେ ବଃସି ରିଲା ସଃବୁ
ଲକାର୍ ମୁଏଁ ତୁମି ଜଃଜ୍‌ମାନ୍ ହାଉଆସ୍ । 11 ବଃଲେକ୍ ଜୁୟ୍
ଲକ୍ ନିଜ୍‌କେ ବଃଡ୍ ବଃଲି ଦଃକାୟ୍ ଅୟ୍‌ଦ୍, ତାକ୍ ସାନ୍ କଃରା
ଅୟ୍‌ଦ୍, ଆର୍ ଜେ ନିଜ୍‌କେ ସାନ୍ କଃରେଦ୍, ତାକ୍ ବଃଡ୍ କଃରା
ଅୟ୍‌ଦ୍ ।" 12 ଜିସୁ ତାକ୍ କାଉଁକେ କୁଦିରିଲା ମାନାୟ୍‌କେ କୟ୍‌ଲା,
"ଦିନ୍‌ବଃଲ୍ କି ରାତିବଃଲ୍ ବଜି ଦିଲେକ୍ ଅଃହ୍‌ଣାର୍ ସଃଙ୍ଗ୍ କି
ବାୟ୍, କି ନିଜାର୍‌ଲକେ କି ହାକିହଃଲ୍‌ସାର୍ ମାଜନ୍‌ମଃନ୍‌କେ କୁଦା
ନାୟ୍, ବଃଲେକ୍ ସେମଃନ୍ ହେଁ ଗଟ୍ ଦିନ୍ ତୁମିକେ ବଜି କାଉଁକେ
କୁଦ୍‌ତି; ଆର୍ ସଃଡେବଃଲ୍ ତୁମିମଃନ୍ ବାଦ୍‌ଲା ହାଉଆସ୍ । 13
ମଃତର୍ ତୁମି ବଜି ଦିଲେକ୍, ଇନସ୍ତାମଃନ୍‌କେ, କଲାମଃନ୍‌କେ,
ଚଟାମଃନ୍‌କେ ଆର୍ କାଣାମଃନ୍‌କେ କୁଦା; 14 ତଃବେ ତୁମି
ମଃନ୍‌କାର୍ ବାୟ୍‌ଗ୍ ଅୟ୍‌ଦ୍, ବଃଲେକ୍ ତୁମିକେ ଲେଉଟାୟ୍
ଦେଉଁକେ ସେମଃନାର୍ ହାକ୍ କାୟ୍‌ରି ନାୟ୍ ଆର୍ ଜଃଡେବଃଲ୍
ଦଃର୍ମିଲକ୍‌ମଃନ୍ ଆରେକ୍ ଜିବନ୍ ହାୟ୍‌କଃରି ଉଟ୍‌ତି, ସଃଡେବଃଲ୍
ଇସ୍ୱର୍ ତୁମିକେ ଲେଉଟାୟ୍ ଦଃୟ୍‌ଦ୍ ।" 15 ଜିସୁର୍ ସଃଙ୍ଗ୍
କାଉଁକେ ବଃସିରିଲା ଲକ୍‌ମଃନାର୍ ବିତ୍ରେ ଗଟେକ୍ ଲକ୍ ଇସଃବୁ
କଃତା ସୁଣି, ଜିସୁକେ କୟ୍‌ଲା, "ଜୁୟ୍ ଲକ୍ ମାପ୍ରୁର୍ ରାଇଜେ
ବଜି କାଉଁକେ ବଃସେଦ୍ ତାର୍ ବାୟ୍‌ଗ୍ ।" 16 ମଃତର୍ ଜିସୁ
ତାକ୍ କୟ୍‌ଲା, "ଗଟ୍ ଲକ୍ ଗଟ୍‌ତର୍ ରାତିବଃଲ୍ୟା ବଃଡ୍‌ବଜି
ଦେଉଁକେ ମଃନ୍‌କଃରି ଗାଦେକ୍ ଲକେ କୁଦ୍‌ଲା; 17 ଆର୍
ଜଃଡେବଃଲ୍ ବଜି ଦେତା ବେଲା ଅୟ୍‌ଲି, ସଃଡେବଃଲ୍ ସେ ବଜି
କାଉଁକେ ଆସିରିଲା ଲକ୍‌ମଃନ୍‌କେ ବଜି କାଉଁକେ ଆସା ବଃଲି
କୁଦୁକେ ତାର୍ ଗତିଦଃଙ୍ଗ୍‌ଲାକ୍ ହଃଟାୟ୍‌ଲା । 18 ମଃତର୍ ସେ
କୁଦା ଅୟ୍‌ରିଲା ଲକ୍‌ମଃନ୍ ଅଃକାମାଡେ ଗଃଉଆରି କଃରୁକେ
ଦଃର୍ଲାୟ୍, 'ଅଃମିମଃନ୍ ଆସୁ ନଃହାରୁ,' ହଃର୍ତୁର୍ ମାନାୟ୍ କୟ୍‌ଲା,
'ମୁଁୟ୍ ଅଃବେ ବେଡା କଃଣ୍ଟେକ୍ ଗେନ୍‌ଲେ ଆଚି, ମକ୍ ସେରି
ଦଃକୁକ୍ ହଃଲେଦ୍; ସେତାର୍‌ଗିନେ ମୁଁୟ୍ ଆସୁ ନଃହାରି, ମକ୍
କେମା କଃର୍ ।' 19 ଆରେକ୍ ଏକ୍ଲା ଗଃଉଆରି କଃଲା, 'ମୁଁୟ୍
ହାଁଚ୍ ଅଃଲ୍ ବଃଇଲ୍ ଗେନିଆଚି, ଆର୍ ମୁୟ୍ଁ ଅଃବେ ସେମଃନ୍‌କେ
ସିକ୍‌ଲାର୍ କି ନଃସିକ୍‌ଲାର୍ ଜାଣୁକେ ଜଃଉଁଲେ; ସେତାର୍‌ଗିନେ
ମୁଁୟ୍ ଆସୁ ନଃହାରି, ମୁଁୟ୍ କେମା ହାୟ୍ ଆଚି ବଃଲି ମଃନେ
କଃର୍ । 20 ବିନ୍ ମାନାୟ୍ କୟ୍‌ଲା, ମୁଁୟ୍ ନଃଉଆଁ କଃରି
ବିବା ଅୟ୍ ଆଚି, ସେତାର୍‌ଗିନେ ମୁଁୟ୍ ଆସୁ ନଃହାରି ।" 21
"ତଃବେ ସେ ଦଃଙ୍ଗ୍‌ଲା ବାଉଳି ଆସିକଃରି ତାର୍ ସାଉକାର୍ କେ
ସେସଃବୁ କଃତା ଜାଣାୟ୍‌ଲା । ସେତାକ୍ ସାଉକାର୍ ବଃଡେ
ରିସା ଅୟ୍ ଅଃହ୍‌ଣାର୍ ଗତିଦଃଙ୍ଗ୍‌ଲାକ୍ କୟ୍‌ଲା, 'ତୁୟ୍ ବେଗି
ଜାୟ୍‌କଃରି ଗଃଲାର୍ ଡଃଣ୍ଡ୍ ଆର୍ କଲିବିଲି ଜାୟ୍ ଗଃରିବ୍,
କଃଲା, କାଣା ଆର୍ ଚଟାମଃନ୍‌କେ ଇତି କୁଦିଆଣ୍ ।' 22 ହଃଚେ
ସେ ଗତିଦଃଙ୍ଗ୍‌ଲା କୟ୍‌ଲା, ଏ ସାଉକାର୍ ତର୍ ବଲ୍ ହଃର୍କାରେ
କଃରାଜାୟ୍ ଆଚେ; ଅୟ୍‌ଲେକ୍ ହେଁ ଆରେକ୍ ଗାଦା ଲକାର୍
ଗିନେ ଟାଣ୍ ଆଚେ । 23 ତଃବେ ସାଉକାର୍ ସେ ଗତିଦଃଙ୍ଗ୍‌ଲାକ୍
କୟ୍‌ଲା, 'ରଃଜାର୍ ରଃସ୍ତାବାଟେ ଆର୍ ସାଉଲିମଃନ୍‌କେ ଜାୟ୍,
ମର୍ ଗଃର୍ ଜଃନ୍‌କଃରି ବଃର୍ତି ଅୟ୍‌ଦ୍, ସେତାକ୍ ଲକ୍‌ମଃନ୍‌କେ
ଆସୁକ୍ କଃଉ ।' 24 ମୁୟ୍ଁ ତୁମିକେ କଃଉଁଲେ, ସେ କୁଦାୟ୍
ଅୟ୍‌ରିଲା ଲକ୍‌ମଃନ୍‌କାର୍ ବିତ୍ରେ କେହେଁ ମର୍ ବଜିର୍ ସୁଆଦ୍
ଚାକୁ ନାହାରେ ।" 25 ଗଟ୍‌ତର୍ ଗାଦେକ୍ ଲକ୍‌ମଃନ୍ଦା ଜିସୁର୍ ସଃଙ୍ଗ୍
ଜାତି ରିଲାୟ୍, ଜିସୁ ସେମଃନ୍‌କେ ଦଃକି କୟ୍‌ଲା, 26 "ଜଦି କେ
ମର୍ ହାକ୍ ଆସିକଃରି ଅଃହ୍‌ଣାର୍ ଉବାକ୍, ଆୟାକ୍, ଡକୁର୍ସିକେ,
ହିଲାମଃନ୍‌କ୍, ବାୟ୍‌କ୍ ଆର୍ ବେଣିମଃନ୍‌କେ; ଆର୍ ତାର୍ ନିଜାର୍
ଜିବନ୍‌କେ ହେଁ ମର୍ ଠଃୟ୍‌ହୁଣି ଅଃଦିକ୍ ଲାଡ୍ କଃରେଦ୍, ତଃବେ
ସେ ମର୍ ଚେଲା ଅଃଉଁ ନାହାରେ । 27 ଜୁୟ୍ ଲକ୍ ଅଃହ୍‌ଣାର୍
କ୍ରୁସ୍ ବୟ୍ କଃରି ମର୍ ହଃଚେ ନିଣ୍ଡେ, ସେ ମର୍ ଚେଲା ଅଃଉଁ
ନଃହାରେ ।" 28 "ତୁମାର୍ ବିତ୍ରେ କେ ଜାଗୁଆଳି ଗଃର୍ ବାନ୍ଦୁତା
ଗିନେ ଇଚା କଃରି, ସେରି ବାନ୍ଦି ସଃରାଉଁକ୍, ତାର୍ ହାକ୍ ଡାବୁ
ଆଚେ କି ନାୟ୍, ଇରି ଆଗ୍‌ତୁ ବଃସିକଃରି କଃତେକ୍ ସଃରେଦ୍,
ସେରି କାୟ୍ ଇସାବ୍ ନଃକେରେ? 29 ଜଦି ସେ କୁନାଦି କଃଣି
ଗଃର୍‌ବାନ୍ଦି ସଃରାଉଁକ୍ ନାହାର୍ଲା, ତଃବେ ଜଃତେକ୍ ଲକ୍ ସେରି
ଦଃକ୍‌ତି, ସଃବୁଲକ୍ ତାକ୍ ଲାଜ୍ କଃରାୟ୍ କଃଉତି । 30 ଦଃକା
ଇ ମାନାୟ୍ ଗଃର୍ ବାନ୍ଦୁକେ ଆରୁମ୍ କଃଲା, ମଃତର୍ ସଃରାଉଁକ୍
ନଃହାର୍ଲା ।" 31 "ଜଦି ଗଟ୍ ରଃଜା ବିନ୍ ଗଟେକ୍ ରଃଜା ସଃଙ୍ଗ୍
ଜୁଜ୍ କଃରୁକେ ଜାତିରିଲା ବଃଲ୍, କଳେ ଅଃଜାର୍ ସଃଇନ୍ ଦଃରି

ତାର୍ ବିରଦେ ଜୁଜ୍ କଃରୁକେ ଆସ୍ତି ରିଲା ରଃଜାର୍ ସଃଙ୍ଗ୍ ଦଃସ୍
ଅଃଜାର୍ ସଃଇନ୍ ଦଃରିକଃରି ଜୁଜ୍ କଃରୁକେ ହାରେଦ୍ କି ନାୟ୍,
ସେରି ଆଗ୍‌ତୁ ବଃସିକଃରି କାୟ୍ ବିଚାର୍ ନଃକେରେ? 32 ଜଦି
ସେ ତାର୍ ସଃଙ୍ଗ୍ ଜୁଜ୍ କଃରୁକେ ନଃହାରେ, ତଃବେ ସେ ବିନ୍
ରଃଜା ଦୁରିକ୍ ରିଲା ବଃଲ୍ କବୁର୍‌କାରିଆକେ ହଃଟାୟ୍ ବୁଜାମାନା
ଅଃଉଁକେ ଗଃଉଆରି କଃରେଦ୍ । 33 ସେରଃକମ୍, ତୁମାର୍ ବିତ୍ରେ
ଜୁୟ୍ ଲକ୍ ନିଜାର୍ ସଃର୍ନେ ନଃଚାଡ୍‌ଲେକ୍, ସେ ମର୍ ଚେଲା
ଅଃଉଁ ନାହାରେ ।" 34 "ନଣ୍ ତ ସୁଆଦ୍; ମଃତର୍ ନଣ୍ ଜଦି ତାର୍
ସୁଆଦ୍ ଆରାୟ୍‌ଦ୍, ତଃବେ ସେରି କାୟ୍ କଃରୁ ଅୟ୍‌ଦ୍? 35 ସେରି
ବୁୟ୍ କି କାତ୍ ଗାଦାୟ୍ ହେଁ ଜୟ୍‌ଗ୍ ନୟ୍, ମଃତର୍ ଲକ୍‌ମଃନ୍
ସେରି ଉର୍କୁଲାୟ୍ ହଃକାଉତି । ଜାର୍ ସୁଣୁକ୍ କାନ୍ ଆଚେ ସେ
ସୁଣ ।"

**15** ଗଟ୍‌ଦିନ୍ ରିବ୍‌ନି ଆର୍ ହାହି ଲକ୍‌ମଃନ୍ ଜିସୁର୍ କଃତା ସୁଣୁକ୍
ତାର୍ ହାକ୍ ଆସ୍ତି ରିଲାୟ୍ । 2 ସେତାକ୍ ପାରୁସିମଃନ୍ ଆର୍
ଦଃର୍ମ୍‌ଗୁରୁମଃନ୍ ଇରି ଦଃକି କଃରି ଲିନ୍ଦା କଃରୁକେ ଦଃର୍ଲାୟ୍ ଆର୍
ଲିନ୍ଦା କଃରି କୟ୍‌ଲାୟ୍, "ଇ ଲକ୍ ହାହିମଃନାର୍ ସଃଙ୍ଗ୍ ମିସୁଲା
ଆର୍ ସେମଃନାର୍ ସଃଙ୍ଗ୍ କାଉଁଲା!" 3 ସେତାକ୍ ଜିସୁ ସେମଃନ୍‌କେ
ଇ କଃତା କୟ୍‌ଲା, 4 "ତୁମାର୍ ବିତ୍ରେ ଇରଃକମ୍ କୁୟ୍ ଲକ୍ ଆଚେ
ଜେ, ତାର୍ ଜଦି ହାଁଟ୍‌କଲି ମେଣ୍ଢା ରେତି, ଆର୍ ସେମଃନାର୍ ବିତ୍ରେ
ଗଟେକ୍ ଆଜେଦ୍, ତଃବେ ସେ ଲକ୍ ଗଟେକ୍‌ଉଣା ହାଁଟ୍‌କଲି
ମେଣ୍ଢାକ୍ ହଃଦାୟ୍ ଚାଡିକଃରି, ସେ ଆଜିରିଲା ମେଣ୍ଢାକ୍ ମିଳାଉତା
ହଃତେକ୍ ତାକେ କାୟ୍ ନଃଲଳେ? 5 ଜଃଡେବଃଳ୍ ସେ ଲକ୍
ଆଜିରିଲା ମେଣ୍ଢାକ୍ ମିଳାୟ୍‌ଦ୍ ସେ ବଃଡେ ସଃର୍ଦାଅୟ୍, ତାକ୍
କଃନ୍ଦେ ବୟ୍ କଃରି ତାର୍ ଗଃରେ ଆଣେଦ୍ । 6 ଆରେକ୍ ଅଃହ୍‌ଣାର୍
ଲକ୍‌ବାକ୍‌କେ ଆର୍ ହାକିହଃଳ୍‌ସାକେ କୁଦି ସେମଃନ୍‌କେ କୟ୍‌ଦ୍,
'ଆସା ତୁମିମଃନ୍ ମର୍ ସଃଙ୍ଗ୍ ସଃର୍ଦା କଃରା, କାୟ୍‌ତାକ୍‌ବଃଲେକ୍
ଆଜିରିଲା ମେଣ୍ଢାକେ ମିଳାୟ୍‌ଲେ ।' 7 ମୁଁୟ୍ ତୁମିକେ କଃଉଁଲେ,
ସେରଃକମ୍ ଜୁୟ୍ ଲକ୍‌ମଃନାର୍ ମଃନ୍ ବାଦ୍‌ଲାୟ୍ ଆସ୍ତାକ୍ ମଃନ୍
ନାୟ୍, ଇବାନ୍ୟା ଗଟେକ୍‌ଉଣା ହାଁଟ୍‌କଲି ଦଃର୍ମି ଲକ୍‌ମଃନାର୍
ତଃୟ୍‌ହୁଣି, ଜେ ହାହ୍ ଚାଡେଦ୍, ଇରଃକମ୍ ଗଟେକ୍ ହାହି ଲକାର୍
ଗିନେ ସଃର୍ଗେ ଅଃଦିକ୍ ସଃର୍ଦା ଅୟ୍‌ଦ୍ ।" 8 "ତଃବେ ଇରଃକମ୍
କୁୟ୍ ମାୟ୍‌ଜି ଆଚେ ଜେ, ତାର୍ ଜଦି ଦଃସ୍‌ଗଟ୍ ରୁହା ଟଃକା
ରଃୟ୍‌ଦ୍, ଆର୍ ସେତିର୍ ଗଟେକ୍ ଆଜେଦ୍, ତଃବେ ସେ କୁପି
ଲାଗାୟ୍ କଃରି ଗଃର୍ ରୁଣ୍ଡାୟ୍ ସେରି ମିଳାଉତା ହଃତେକ୍
କାୟ୍ ଜଃତୁନେ ନଃଲଳେ? 9 ଆରେକ୍ ଆଜିରିଲା ସେ ଟଃକା
ମିଳାୟ୍‌ଲେକ୍ ସେ ତାର୍ ସଃଙ୍ଗ୍‌ମଃନ୍‌କେ ଆର୍ ହାକିହଃଳ୍‌ସାକେ
କୁଦିକଃରି କୟ୍‌ଦ୍, ମର୍ ସଃଙ୍ଗ୍ ସଃର୍ଦା କଃରା, ବଃଲେକ୍ ମର୍
ଜୁୟ୍ ଟଃକା ଆଜିରିଲି ସେରି ମିଳାୟ୍‌ଲେ । 10 ମୁଁୟ୍ ତୁମିମଃନ୍‌କେ
କଃଉଁଲେ, ସେରଃକମ୍ ଜେ ହାହ୍‌ଚାଡେଦ୍, ଇରଃକମ୍ ଗଟେକ୍
ହାହିର୍ ଗିନେ ଇସ୍ୱରାର୍ ଦୁତ୍‌ମଃନାର୍ ଚଃମେ ସଃର୍ଦା ଅୟ୍‌ଦ୍
।" 11 ଜିସୁ ଆରେକ୍ କୟ୍‌ଲା, "ଗଟ୍ ଲକାର୍ ଜୁଳେକ୍ ହୟ୍‌ସି
ରିଲାୟ୍ । 12 ସାନ୍ ହୟ୍‌ସି ଉବାସିକ୍ କୟ୍‌ଲା, 'ଉବା, ମର୍
ବାଗାର୍ ଦଃନ୍‌ବିତ୍ ଅଃବେ ମକ୍ ଦେ ।' ତଃବେ ତାର୍ ଉବାସି
ତାର୍ ଦଃନ୍‌ବିତ୍‌କେ ସଃର୍ନେ ଦୁୟ୍ ବାୟ୍‌କ୍ ବାଟାକଃରି ଦିଲା
। 13 ଅଃଳକ୍ ଦିନ୍ ଗଃଲାହଃଚେ ସାନ୍ ହୟ୍‌ସି ତାର୍ ବାଗାର୍
ଦଃନ୍‌ବିତ୍‌କେ ଗଟେତଃୟ୍ କଃରି ଦୁର୍ ଦେସେ ଗଃଲା, ଆର୍ ସେତି
ଜାୟ୍ ହଲ୍ୟାହଲ୍ୟା ଅଃହ୍‌ଣାର୍ ଜିବନ୍ କାଟି ସଃର୍ନେ ଦଃନ୍‌ବିତ୍
ବୁଡାୟ୍‌ଲା । 14 ମଃତର୍ ସଃବୁ ଦଃନ୍ ବୁଡାୟ୍‌ଲା ହଃଚେ, ସେ
ଦେସେ କଃତାର୍ ଅୟ୍‌ଲାକ୍, ତାର୍ ଅକେଟ୍ ଅଃଉଁକେ ଦଃର୍ଲି । 15
ସେତାର୍‌ଗିନେ ସେ ଜାୟ୍ ସେ ଦେସାର୍ ଗଟେ ଲକାର୍ ତଃୟ୍
ଜାୟ୍ ଗତି କଃଟ୍‌ଲା ଆର୍ ସେ ଲକ୍ ତାକ୍ ଗୁସ୍ରା ଚଃରାଉଁକେ ତାର୍
ହଃଦାୟ୍ ହଃଟାୟ୍‌ଲା; 16 ଆରେକ୍ ଗୁସ୍ରାମଃନ୍ ଜୁୟ୍ ଚେମି କାତି
ରିଲାୟ୍, ସେ କାଦି କାୟ୍‌କଃରି ସେ ତାର୍ ହେଟ୍ ହୁରାଉଁକେ ମଃନ୍
କଃର୍ତିରିଲା, ମଃତର୍ କେ ତାକ୍ କାୟ୍‌ରି ହେଁ ନଃଦେତିରିଲାୟ୍ ।
17 ମଃତର୍ ସେ ଚେତ୍‌ନା ହାୟ୍ କୟ୍‌ଲା, 'ମର୍ ଉବାର୍ ଗଃରେ
କଃବାଳିମଃନାର୍ କାଦି ଅଃଗ୍‌ଳି ଜଃଉଁଲି, ମଃତର୍ ମୁଁୟ୍ ଇତି
ରଃୟ୍ କଃରି ବୁକେ ମଃରୁଲେ । 18 ଅଃବେ ମୁଁୟ୍ ଉଟି ମର୍
ଉବାର୍ ହାକ୍ ଜାୟ୍‌ନ୍ଲ ଆର୍ ତାକ୍ କୟ୍‌ଦ୍, ଉବା, ସଃର୍ଗାର୍ ମାପ୍ରୁର୍
ବିରଦେ ଆର୍ ତର୍ ବିରଦେ ମୁଁୟ୍ ହାହ୍ କଃଲେ ଆଚି । 19
ଆଜିହୁଣି ମୁଁୟ୍ ତର୍ ହୟ୍‌ଦି ବଃଲାୟ୍ ଅଃଉଁକେ ମର୍ ଆରେକ୍
ଜୟ୍‌ଗ୍ ନାୟ୍, ମଃତର୍ ଅଃବେ ମକ୍ ତର୍ ଗଟେକ୍ ଗତିକଃବାଳି
ହର୍ କଃରି ଦଃର୍ ।' 20 ସେ ଉଟି ତାର୍ ଉବାସିର୍ ହାକ୍ ଗଃଲା,
ମଃତର୍ ସେ ଦୁରିକ୍ ରିଲା ବଃଲ୍ ତାର୍ ଉବାସି ତାକ୍ ଦଃକି ଦଃୟ୍ୟା
ଦଃକାୟ୍‌ଲା, ଆର୍ ଦଃବ୍‌ଳିଜାୟ୍ ତାକେ ହଃଟଲି କଃରି ଲଃବଦେ
ଚୁମ୍‌ଲା । 21 ହୟ୍‌ସି ତାକ୍ କୟ୍‌ଲା, 'ଉବା, ସଃର୍ଗାର୍ ମାପ୍ରୁର୍
ବିରଦେ ଆର୍ ତର୍ ବିରଦେ ମୁଁୟ୍ ହାହ୍ କଃରିଆଚି, ଅଃବେ
ଆର୍ ତର୍ ହଅ ବଃଲି କଃଉଆୟ୍ ଅଃଉତାର୍ ମୁଁୟ୍ ଜୟ୍‌ଗ୍ ନାୟ୍
।' 22 ମଃତର୍ ଉବାସି ତାର୍ ଗତିଦଃଙ୍ଗ୍ଲାମଃନ୍‌କ୍ କୟ୍‌ଲା,
ସଃବ୍‌କେ ନିକ ବଃସ୍ତୁର୍ ବେଗି ଆଣି ଆକ୍ ହିନ୍ଦାଉଆ, ତାର୍ ଆତେ
ହାଜେର୍ ଆର୍ ତାର୍ ହାଦେ ହାଣ୍ଡାୟ୍ ହିନ୍ଦାଉଆ । 23 ଆରେକ୍
ଗଟେକ୍ ଦୁମା ମେଣ୍ଢା ମାରା; ଆସା ଅଃମିମଃନ୍ ବଜି କଃରି ସଃର୍ଦା
କଃରୁଆଁ । 24 ବଃଲେକ୍ ମର୍ ଇ ହଅ ମଃରି ଜାୟ୍‌ରିଲା ଆରେକ୍
ବାଚ୍‌ଲା; ଆଜିରିଲା, ଆରେକ୍ ମିଳ୍‌ଲା । ତଃବେ ସେମଃନ୍
ସଃର୍ଦା କଃରୁକେ ଦଃର୍ଲାୟ୍ ।" 25 "ସଃଡେବଃଳ୍ ତାର୍ ବଃଡ୍
ହୟ୍‌ସି ହଃଦାୟ୍ ରିଲା । ସେ ଜଃଡେବଃଳ୍ ଆସି ଗଃର୍ ଚଃମେ
ହଚ୍‌ଲା, ସଃଡେବଃଳ୍ ବାଜା ବାଜ୍‌ତାର୍ ଆର୍ ନାଚ୍‌ତାର୍ ଆଉଳି
ସୁଣିକଃରି, 26 ସେ ଦଃଙ୍ଗ୍ଲାମଃନାର୍ ବିତ୍ରେ ଗଟ୍‌ଲକେ କୁଦିକଃରି
ଇସଃବୁ କାୟ୍‌ରି ଅଃଉଁଲି ବଃଲି ତାକ୍ ହଃଚାର୍ଲା । 27 ସେ
ଦଃଙ୍ଗ୍ଲା ତାକ୍ କୟ୍‌ଲା, ତର୍ ବାୟ୍‌ଦି ଗଃରେ ବାଉଳି ଆସିଆଚେ,
ଆର୍ ତର୍ ଉବାଦି ତାକ୍ ନିକ ଗଃଗାଳେ ହାୟ୍‌ଲାକ୍ ଦୁମା ମେଣ୍ଢା
ମାରିଆଚେ ।" 28 "ସେତାର୍‌ଗିନେ ସେ ରିସା ଅୟ୍‌କଃରି ଗଃରେ
ଜଃଉଁକେ ମଃନ୍ ନଃକେଲା; ମଃତର୍ ତାର୍ ଉବାସି ଆସିକଃରି

ତାକ୍ କଃତେକ୍ ଗଃଉଆରି କଃରୁକେ ଦଃର୍ଲା । 29 ମଃତର୍ ସେ
ଉବାସିକ୍ କୟ୍ଲା, ଦଃକ୍, ଅଃତେକ୍ ବଃର୍ସ୍ ଅୟ୍ଲି ମୁୟ୍ଁ ତର୍
ଗଟ୍ ଦଃଙ୍ଗ୍ଲା ହର୍ କଃରି ସେବା କଃରିଆସୁଲେ, ଆର୍ କଃବେ
ହେଁ ମୁୟ୍ଁ ତର୍ ଆଦେସ୍ ଅମାନ୍ୟା ନଃକେରି, ଅୟ୍ଲେକ୍ ହେଁ
ମର୍ ସଃଙ୍ଗ୍ମଃନାର୍ ସଃଙ୍ଗ୍ ମିସିକଃରି ବଜି କଃରୁକେ ତୁୟ୍ ମକ୍
କଃବେ ମେଣ୍ଢାହିଲା ହେଁ ନଃଦେସି; 30 ମଃତର୍ ତର୍ ଇ ଜୁୟ୍
ହୟ୍ଦି ଦାରିୟାଣିମଃନାର୍ ସଃଙ୍ଗ୍ ତର୍ ଦଃନ୍‌ବିତ୍ ବୁଡାୟ୍ଲା ଆର୍
ଜଃଡେବଃଲ୍ ସେ ବାଉଳି ଆୟ୍ଲା, ସଃଡେବଃଲ୍ ତୁୟ୍ ତାର୍
ଗିନେ ଗଟ୍ ଡୁମା ମେଣ୍ଢା ମାର୍‌ଲିସ୍ । 31 ତଃବେ ତାର୍ ଉବାସି
ତାକେ କୟ୍ଲା, ହଅରେ ତୁୟ୍ ତ ସଃବୁବଃଲ୍ ମର୍ ସଃଙ୍ଗ୍ ଆଚ୍‌ସି,
ଆର୍ ଜୁୟ୍‌ସଃବୁ ମର୍ ସେରି ସଃବୁ ତର୍; 32 ମଃତର୍ ଇ ଜୁୟ୍ ତର୍
ବାୟ୍ଦି ମଃରି ଜାୟ୍ରିଲା ଆରେକ୍ ବଚ୍‌ଲା, ଆଜିରିଲା ଆରେକ୍
ମିଲ୍‌ଲା, ସେତାର୍ ଗିନେ ବଜି ଆର୍ ସଃର୍ଦା କଃର୍ତାର୍ ରିଲି ।"

**16** ଜିସୁ ତାର୍ ଚେଲାମଃନ୍‌କେ କୟ୍ଲା, "ଗଟେକ୍ ମାଜନ୍
ଲକ୍ ରିଲା; ତାର୍ ଗଟେକ୍ ଗୁମୁସ୍ତା ରିଲା, ସେ ଗୁମୁସ୍ତା
ତାର୍ ଦଃନ୍‌ବିତ୍‌କେ ନଃସ୍ଟ କଃରୁଲା ବଃଲି ସୁଣି, ତାକ୍ କୁଦି
କୟ୍ଲା, 2 'ମୁଁୟ୍ ତର୍ ବିସୟେ ଇରି କାୟ୍ କଃତା ସୁଣୁଲେ?
ତର୍ ଇ ଗୁମୁସ୍ତା କାମାର୍ ଇସାବ୍ ଦେ, କାୟ୍‌ତାକ୍‌ବଃଲେକ୍
ତୁୟ୍ ଅଃବେ ଗୁମୁସ୍ତା ଅୟ୍ ରେଉଁ ନଃହାର୍‌ସି ।' 3 ତଃବେ ସେ
ଗୁମୁସ୍ତା ମଃନେ ମଃନେ ବାବ୍‌ଲା, 'ତଃବେ ମୁଁୟ୍ କାୟ୍ କଃରିନ୍ଧ?
ମର୍ ସାଉକାର୍ ତ ମର୍ ତଃୟ୍‌ହୁଣି ଗୁମୁସ୍ତା ହଃଦ୍ ଚାଡାୟ୍
ନେଉଁଲା । ମାଟି ମାରୁକ୍ ମର୍ ସଃକ୍ତି ନାୟ୍, ଆର୍ ବିକ୍ ମାଗୁକ୍
ହେଁ ମକ୍ ଲାଜ୍ ଲାଗୁଲି । 4 ମୁଁୟ୍ ଗୁମୁସ୍ତା ହଃଦେ ହୁଣି ବାର
ଅୟ୍ଲା ହଃଚେ ଲକ୍‌ମଃନ୍ ଜଃନ୍‌କଃରି ମକ୍ ସେମଃନ୍ ଅଃହ୍‌ଣା
ଅଃହ୍‌ଣାର୍ ଗଃରେ କୁଦି ମାୟ୍‌ନ୍ କଃର୍ତି, ଇତାର୍ ଗିନେ ମୁଁୟ୍
କାୟ୍ କଃରିନ୍ଧ ସେରି ବୁଜ୍‌ଲେବେ ।' 5 ତଃବେ ସେ ଗୁମୁସ୍ତା
ତାର୍ ସାଉକାରାର୍ ସଃବୁ ରିଣ୍ୟାମଃନ୍‌କେ ତାର୍ ଲଃଗେ କୁଦ୍‌ଲା,
ଆର୍ ହର୍ତୁର୍ ଲକ୍‌କେ କୟ୍ଲା, 'ତୁୟ୍ ମର୍ ସାଉକାର୍ ତଃୟ୍‌ହୁଣି
କଃତେକ୍ ରିଣ୍ ନଃୟ୍ ଆଚ୍‌ସି?' ସେ କୟ୍ଲା, 'ହାଁଚ୍‌କଳି ପାଉଁନ୍
ଚିକଣ୍ ।' 6 ତଃବେ ସେ ଗୁମୁସ୍ତା ତାକ୍ କୟ୍ଲା, 'ଅଃବେ
ତୁୟ୍ କାତାୟ୍ ବେଗି ପଚାସ୍ ପାଉଁନ୍ ଚିକଣ୍ ବଃଲି ଲେକ୍ ।'
7 ତାର୍‌ହଃଚେ ସେ ଆରେକ୍ ଏକ୍ଲାକେ କୟ୍ଲା, 'ତୁୟ୍ ମର୍
ସାଉକାରାର୍ ତଃୟ୍‌ହୁଣି କଃତେକ୍ ରିଣ୍ ନଃୟ୍ ଆଚ୍‌ସି?' ସେ
କୟ୍ଲା, 'ହାଁଚ୍‌କଳି ବାସ୍ତା ଗଅଁ ।' ସେ ଗୁମୁସ୍ତା ତାକ୍ କୟ୍ଲା,
'ତୁୟ୍ ଅଃବେ ଇ କାତାୟ୍ ଚାରିକଳି ବାସ୍ତା ଗଅଁ ବଃଲି ଲେକ୍ ।'"
8 "ସେ ଅଃନ୍ୟାୟ୍‌କାରି ଗୁମୁସ୍ତା ବୁଦିର୍ ସଃଙ୍ଗ୍ କାମ୍ କଃରି ରିଲାକ୍,
ତାର୍ ସାଉକାର୍ ତାର୍ ଗୁଣ୍ କୟ୍ଲା; କାୟ୍‌ତାକ୍‌ବଃଲେକ୍ ଇ
ଜଃଗତାର୍ ଲକ୍‌ମଃନ୍ ସେମଃନାର୍ ନିଜାର୍ ଜାତି ଗିନେ ଉଜାଲାର୍
ଲକ୍‌ମଃନାର୍ ତଃୟ୍‌ହୁଣି ଅଃଦିକ୍ ବୁଦିକାରି ।" (aiōn g165) 9
"ମୁଁୟ୍ ହେଁ ତୁମିମଃନ୍‌କେ କଃଉଁଲେ, ଦୁସ୍ଟ ଜଃଗତାର୍ ଦଃନେ
ଅଃହ୍‌ଣା ଅଃହ୍‌ଣାର୍ ଗିନେ ସଃଙ୍ଗ୍ ଲାବ୍ କଃରା, ଜଃନ୍‌କଃରି ସେରି
ସଃର୍ଲେକ୍ ତୁମିମଃନ୍‌କେ ସଃବୁ ଦିନାର୍ ଗଃର୍ ବିତ୍ରେ ଦଃର୍ତି ।
(aiōnios g166) 10 ଜୁୟ୍ ଲକ୍ ସାନ୍ କାମେ ସଃତ୍ ଅୟ୍ଦ୍ ତଃବେ
ସେ ବଃଡ୍ କାମେ ହେଁ ହଟ୍‌କାର୍ ନୟ୍, ଆରେକ୍ ଜୁୟ୍ ଲକ୍
ସାନ୍ କାମେ ଅଃଦଃର୍ମି ତଃବେ ସେ ବଃଡ୍ କାମେ ହେଁ ହଃଟ୍‌କାର୍
ଅୟ୍ଦ୍ । 11 ତଃବେ ଜଦି ତୁମିମଃନ୍ ଜଃଗତାର୍ ଦଃନେ ଅଃଦଃର୍ମି
ଅଃଉଁଲାସ୍, ତଃବେ କେ ତୁମିକେ ସଃତ୍ କଃରି ସଃତ୍ୟା ଦଃନ୍
ତୁମାର୍ ଆତେ ଦଃୟ୍ଦ୍? 12 ଆର୍ ଜଦି ତୁମିମଃନ୍ ହଃରାର୍
ଦଃନେ ସଃତ୍ ନଃକେରୁଲାସ୍, ତଃବେ କେ ତୁମିକେ ତୁମାର୍
ନିଜାର୍ ଦଃନ୍ ଦେତି ।" 13 "ଗଟ୍ ଦଃଙ୍ଗ୍ଲା ଅଃକାବଃଲ୍ ଜଳେକ୍
ସାଉକାରାର୍ ସେବା କଃରୁ ନାହାରେ; ବଃଲେକ୍ ସେ ଏକ୍ଲାକେ
ଲାଡ୍ ନଃକେରେ ଆର୍ ଏକ୍ଲାକେ ଲାଡ୍ କଃରେଦ୍, ନୟ୍ଲେକ୍
ଏକ୍ଲାର୍ କଃତା ମାନେଦ୍ ଆର୍ ବିନ୍ ଏକ୍ଲାର୍ କଃତା ନଃମାନେ ।
ସେରଃକମ୍ ତୁମିମଃନ୍ ଇସ୍ୱରାର୍ ଆର୍ ଦଃନାର୍ ଅଃକାବଃଲ୍
ଦୁୟ୍ ଲକାର୍ ଗତି ଦଃଙ୍ଗ୍ଲା ଅଃଉଁ ନାହାରାସ୍ ।" 14 ଇସଃବୁ
କଃତା ସୁଣି ଦଃନ୍‌ଲଃବି ପାରୁସିମଃନ୍ ଜିସୁକେ ଲିନ୍ଦା କଃରୁକେ
ଦଃର୍ଲାୟ୍ । 15 ସେତାର୍‌ଗିନେ ଜିସୁ ସେମଃନ୍‌କେ କୟ୍ଲା,
"ଜୁୟ୍ ଲକ୍‌ମଃନ୍ ଅଃହ୍‌ଣା ଅଃହ୍‌ଣାକ୍ ଲକ୍‌ମଃନାର୍ ଆକାୟ୍
ଦଃର୍ମି ବଃଲି ଦଃକାୟ୍‌ଅଃଉତି, ତୁମିମଃନ୍ ସେନ୍‌କାର୍ ଲକ୍,
ମଃତର୍ ଇସ୍ୱର୍ ତୁମିମଃନାର୍ ମଃନ୍ ବିତ୍ରାର୍ କଃତା ଜାଣେଦ୍;
କାୟ୍‌ତାକ୍‌ବଃଲେକ୍ ଜାୟ୍ରି ମାନାୟ୍‌ମଃନାର୍ ବିତ୍ରେ ବଃଡ୍ ସେରି
ମାପୁର୍ ଆକାୟ୍ ବାନ୍ୟା ।" 16 "ମସାର୍ ବିଦିବିଦାନ୍ ଆର୍
ବାବ୍‌ବାଦିମଃନାର୍ ଲେକା ଜହନ୍ ଆସ୍ତା ହଃତେକ୍ ଚଲି ଆସ୍ତି
ରିଲି; ତାର୍ ହଃଚେ ହୁଣି, ଇସ୍ୱରାର୍ ରାଇଜାର୍ ନିକ କବୁର୍
ପର୍ଚାର୍ ଅୟ୍ ଆସୁଲି, ଆର୍ ହଃତି ଲକ୍‌ମଃନ୍ ବଃଲ୍‌ସଃକାତ୍
ସଃଙ୍ଗ୍ ଇସ୍ୱରାର୍ ରାଇଜେ ହୁରୁଲାୟ୍ । 17 ମଃତର୍ ବିଦିର୍
ଗଟେକ୍ ଟପା ବୁଡ୍‌ତା ବାଟା ଅଃଗାସ୍ ଆର୍ ହୁର୍ତିବି ବୁଡ୍‌ତାର୍
ଉସାସ୍ ।" 18 "ଜୁୟ୍‌ଲକ୍ ଅଃହ୍‌ଣାର୍ ଡକୁର୍ସିକେ ଚାଡିକଃରି ବିନ୍‌ରି
ବିବା ଅୟ୍ଦ୍ ସେ ଦାରିକାମ୍ କଃରେଦ୍; ଆରେକ୍ ଜୁୟ୍ ଲକ୍ ସେ
ଚାଡେଲି ମାୟ୍‌ଜିକେ ବିବା ଅୟ୍ଦ୍ ସେ ହେଁ ଦାରି କଃରେଦ୍ ।"
19 "ଗଟେକ୍ ମାଜନ୍ ଲକ୍ ରିଲା, ସେ ବେସିମଲାର୍ ବଃସ୍ତ୍ର ହିନ୍ଦି,
ସଃବୁଦିନ୍ ବଃଲ୍ କାଦି କାୟ୍‌କଃରି ବଃଡେ ସଃର୍ଦାୟ୍ ରେତିରିଲା
। 20 ମଃତର୍ ତାର୍ ଦୁଆର୍ ମୁଏଁ ଲାଜାର୍ ନାଉଁଆର୍ ଗଟେକ୍
ବିକାରି ରେତିରିଲା, ତାର୍ ଗଃଗାଲ୍‌ଜାକ ଗାଉ ବଃର୍‌ତି ଅୟ୍ରିଲି;
21 ଲାଜାର୍ ସେ ମାଜନ୍ ଲକାର୍ ଟେବୁଲ୍ ତଃୟ୍‌ହୁଣି ଅଦୁର୍ଲା
ଲିତାସଃକ୍ଲି କାୟ୍ ହେଟ୍ ହୁରାୟ୍ ବଃଲି ଆସା କଃର୍ତିରିଲା
। ଆର୍ କୁକୁର୍‌ମଃନ୍ ଆସି ତାର୍ ଗାଉକ୍ ଚାଟ୍‌ତି ରିଲାୟ୍ ।"
22 "ମଃତର୍ ଦିନ୍ ଆୟ୍ଲି ସେ ବିକାରି ଲାଜାର୍ ମଃରିଗଃଲା
ଆର୍ ସଃର୍ଗାର୍ ଦୁତ୍ ଆସି ତାକ୍ ଅବ୍ରାହାମାର୍ କଳେ ନଃୟ୍
ବଃସାୟ୍ଲାୟ୍; ହଃଚେ ସେ ମାଜନ୍ ଲକ୍ ହେଁ ମଃରିଗଃଲା
ଆର୍ ତାକ୍ ତହାଅୟ୍ଲି । 23 ଆର୍ ସେ ନଃର୍କ୍‌କୁଣ୍ଡେ ହଃଳି
ବିସ୍‌ଜଃଳାକେ କିଲିବିଲି ଅୟ୍ ଉହ୍ରେ ଦଃକି ଦୁରିକ୍ ଅବ୍ରାହାମ୍

ଆର୍ ତାର୍ କଲେ ଲାଜାର୍‌କେ ଦଃକ୍‌ଲା । **(Hadēs g86)** 24 ସେ
କୟ୍‌ଲା, ‘ହଁ ଉବା ଅବ୍ରାହାମ୍ ମକ୍ ଦଃୟା କଃରି ଲାଜାର୍‌କେ
ଅଃଳକ୍ ମର୍ ହାକ୍ ହଃଟାଉ, ଜଃନ୍‌କଃରି ସେ ହାଣାୟ୍ ତାର୍
ଆଙ୍ଗଟିର୍ ଟିହ୍ ବୁଡାୟ୍ କଃରି ମର୍ ଜିବ୍‌କେ କାକର୍ କଃରେଦ୍,
କାୟ୍‌ତାକ୍‌ବଃଲେକ୍ ମୁୟ୍ଁ ଇ ଜୟେ କଃଲ୍‌ବଃଲ୍ ଅଃଉଁଲେ ।’” 25
“ମଃତର୍ ଅବ୍ରାହାମ୍ ତାକ୍ କୟ୍‌ଲା, ‘ହିଲାରେ ତୁୟ୍ ଜେ ବାଚିରିଲା
ବଃଲ୍ ତର୍ ଜିବନେ ସଃବୁ ବଃଲ୍‌ରି ହାୟ୍‌ଲିସ୍ ଆର୍ ଲାଜାର୍
ସେରଃକମ୍ କଃରାବ୍ ବିସୟ୍ ସଃବୁ ହାୟ୍‌ଲା, ଅୟ୍‌ଲେକ୍ ହେଁ
ସାସ୍ ଦଃର୍‌ଲା ଇରି ମଃନେ ଏତାଉ; ମଃତର୍ ଅଃବେ ଲାଜାର୍
ଇ ଜଃଗାୟ୍ ସୁକ୍ ହାଉଁଲା, ଆର୍ ତୁୟ୍ ସେ ଜୟେ କିଲିବିଲି
ଅଃଉଁଲାସ୍ । 26 ସେରି ଚାଡି ତୁମାର୍ ଅଃମାର୍ ବିତ୍ରେ ବଃଡେ ଦୁର୍
ଆଚେ, ଜଃନ୍‌କଃରି ଜୁୟ୍‌ମଃନ୍ ଇ ଟାଣେହୁଣି ତୁମିମଃନାର୍ ହାକ୍
ଜଃଉଁକେ ମଃନ୍ କଃର୍ତି, ସେମଃନ୍ ଜଃଉଁ ନଃହାର୍‌ତି ଆରେକ୍
ସେ ଟାଣେହୁଣି କେ ଅଃମାର୍ ହାକ୍ ଲିଙ୍ଗି କଃରି ଆସୁ ନାହାର୍‌ତି
।’ 27 ସେତାକ୍ ସେ ମାଜନ୍ କୟ୍‌ଲା, ‘ଏ ଉବା ସେବାନ୍ୟା
ଅୟ୍‌ଲେକ୍ ମୁୟ୍ଁ ତକ୍ ଗଃଉଆରି କଃରି କଃଉଁଲେ ଲାଜାର୍‌କେ
ମର୍ ଉବାର୍ ଗଃରେ ହଃଟାଉ । 28 କାୟ୍‌ତାକ୍‌ବଃଲେକ୍ ମର୍
ହାଁଚ୍ ବାୟ୍ ଆଚ୍‌ତି ସେମଃନ୍ ହେଁ ଜଃନ୍ କଃରି ଇ ବିସ୍‌ଜଃଳା
ଟାଣେ ନାସ୍ତି, ସେତାର୍‌ଗିନେ ସେ ସେମଃନାର୍ ହାକ୍ ସାକି ଦଃୟ୍‌ଦ୍
।’ 29 ମଃତର୍ ଅବ୍ରାହାମ୍ କୟ୍‌ଲା, ‘ତୁମାର୍ ବାୟ୍‌ମଃନାର୍ ହାକ୍
ମସା ଆର୍ ବାବ୍‌ବାଦିମଃନାର୍ ଦଃର୍ମ୍‌ସାସ୍ତ୍ରର୍ ଆଚେ, ସେମଃନ୍
ସେମଃନାର୍ କଃତା ସୁଣତ୍ । 30 ସେତାର୍‌ଗିନେ ସେ କୟ୍‌ଲା,
ନାୟ୍ ଉବା ଅବ୍ରାହାମ୍, ସଃତେକ୍ ସଃରି ନୟ୍, ମଃତର୍ ଜଦି ମଃଲା
ଲକାର୍ ତଃୟ୍‌ହୁଣି ଗଟ୍‌ଲକ୍ ସେମଃନାର୍ ହାକ୍ ଜାୟ୍‌ଦ୍, ତଃବେ
ସେମଃନ୍ ସଃତ୍ କଃରି ହାହ୍ ଚାଡ୍‌ତି ।’ 31 ମଃତର୍ ଅବ୍ରାହାମ୍
ତାକ୍ କୟ୍‌ଲା, ‘ଜଦି ସେମଃନ୍ ମସା ଆର୍ ବାବ୍‌ବାଦିମଃନାର୍
କଃତା ନଃସୁଣ୍‌ତି, ତଃବେ ମଃଲା ଲକାର୍ ବିତ୍ରାର୍ ଗଟ୍‌ଲକ୍
ଉଟିଜାୟ୍ ବୁଜାୟ୍‌ଲେକ୍ ହେଁ ସେମଃନ୍ ତାର୍ କଃତା ନଃଦେର୍ତି
।’”

**17** ଜିସୁ ତାର୍ ଚେଲାମଃନ୍‌କେ କୟ୍‌ଲା, “ବାଦା ଜେ ନାସେ,
ଇରି କୟ୍‌ନୟ୍, ଜେ ପରିକ୍ୟାୟ୍ ହଃଲେଦ୍ ସେ ହାହେ
ହଃଲେଦ୍, ମଃତର୍ ଜାର୍ ତଃୟ୍‌ହୁଣି ଇରି ଗଃଟେଦ୍, ଚି! ସେ
ଦଃଣ୍ଡାର୍ ଜୟ୍‌ଗ୍ । 2 ଇ ନିର୍ମାୟା ଲକାର୍ ବିତ୍ରାର୍ ଗଟ୍‌ଲକେ ହାହ୍
କଃରାୟ୍‌ଦ୍, ତାର୍ ଗଃଳାୟ୍ ଗଟେକ୍ ଜଃତାଟେଲା ବାନ୍ଦିକଃରି
ସଃମ୍‌ନ୍ଦ୍ରେ ହଃକାୟ୍ ରିଲେକ୍ ତାର୍ ଗିନେ ନିକ ଅୟ୍‌ତାକ୍ । 3
ତଃବେ ତୁମିମଃନ୍ ଅଃହ୍‌ଣା ଅଃହ୍‌ଣାର୍ କାମେ ଜଃଗ୍ରାତ୍ ଅୟ୍‌ରିଆ,
ଜଦି ତୁମାର୍ ବାୟ୍ ହାହ୍ କଃରେଦ୍, ତଃବେ ତାକ୍ ଦଃକା ଦିଆସ୍;
ଆର୍ ସେ ଜଦି ହାହ୍‌ଚାଡେଦ୍, ତଃବେ ତାକ୍ କେମା ଦିଆସ୍ । 4
ଆରେକ୍, ଜଦି ସେ ଗଟେଦିନ୍ ବିତ୍ରେ ସାତ୍ ତର୍ ତୁମାର୍ ବିରଦେ
ହାହ୍ କଃରେଦ୍ ଆର୍ ସାତ୍ ତର୍ ତୁମାର୍ ହାକ୍ ଲେଉଟି ଆସି
କୟ୍‌ଦ୍, ମୁଁୟ୍ ହାହ୍ ଚାଡୁଲେ ବଃଲି କୟ୍‌ଦ୍, ତଃବେ ନିଚୟ୍
ତାକ୍ କେମା କଃରା ।” 5 ପେରିତ୍‌ମଃନ୍ ମାପ୍ରୁକେ କୟ୍‌ଲାୟ୍,
“ଅଃମାର୍ ବିସ୍ୱାସ୍ ବାଡାଉ ।” 6 ମାପ୍ରୁ ସେମଃନ୍‌କେ କୟ୍‌ଲା,
“ଜଦି ଗଟ୍ ସଃର୍ସୁ ମୁଞ୍ଜି ହର୍ ତୁମାର୍ ବିସ୍ୱାସ୍ ରଃୟ୍‌ଦ୍, ତଃବେ
ଇ ଚିତ୍‌କଲି ଗଃଚ୍‌କେ ତୁୟ୍ ଚେର୍ ସଃଙ୍ଗ୍ ଉଟ୍‌କି ଅୟ୍‌କଃରି
ସଃମ୍‌ନ୍ଦ୍ରେ ଜାୟ୍ ରୟ୍ ଅଃଉଅ ବଃଲି କୟ୍‌ଲେକ୍ ସେରି ତୁମାର୍
କଃତା ମାନେଦ୍ ।” 7 “ମଃତର୍ ତୁମାର୍ ବିତ୍ରେ ଇରଃକମ୍ ଲକ୍
କେ ଆଚେ, ତାର୍ ଗତିଦଃଙ୍ଗ୍‌ଲା କଃସି କଃରି ଆୟ୍‌ଲା ଦାହ୍ରେ କି
ଗାଇମଃନ୍ହା ଚଃରାୟ୍ କଃରି ଆୟ୍‌ଲା ଦାହ୍ରେ ସେ ତାକେ କୟ୍‌ଦ୍,
ଇ ଦାହ୍ରେ ଆସିକଃରି କାଉଁକେ ବଃସ୍? 8 ମଃତର୍ ସେ ତାକ୍ କାୟ୍
ଇରଃକମ୍ ନଃକୟ୍‌କଃରି, ମର୍ ଗିନେ କାଉଁକେ ବାଟା କଃର୍,
ଆର୍ ମୁୟ୍ଁ କାତା ହଃତେକ୍ ମର୍ ସେବା କଃର୍ ତାର୍ ହଃଚେ ତୁୟ୍
କାଦି କାସି । 9 ସେ ଗତିଦଃଙ୍ଗ୍‌ଲା ତାର୍ କଃତାମାନି ତାର୍ ସେବା
କଃରେଦ୍, ତଃବେ ହେଁ ସେ କାୟ୍ ତାକ୍ ବଃଲ୍ ବଃଲି କୟ୍‌ଦ୍?
10 ସେ ରଃକମ୍ ତୁମିମଃନ୍ ହେଁ କଃତାମାନି ସଃବୁ କାମ୍ କଃଲା
ହଃଚେ କଃଉଆ, ‘ଅଃମିମଃନ୍ ଜୟ୍‌ଗ୍ ନୟ୍‌ଲା ଗତିଦଃଙ୍ଗ୍‌ଲା,
ଜାୟ୍‌ରି କଃର୍ତା କଃତା ସେରି ହଃକା ବାୟ୍‌ଦ୍‌ରେ କଃରିଆଚୁ ।’”
11 ଜିସୁ ଜିରୁସାଲମେ ଜାତିରିଲା ବଃଲ୍ ସମିରଣ୍ ଆର୍ ଗାଲିଲି
ବାଟ୍ ଅୟ୍ ଜାତିରିଲା । 12 ଆର୍, ସେ କୁୟ୍ ଗଟେକ୍ ଗାଉଁଏ
ହୁର୍‌ଲାକେ, ସେତି ଦଃସ୍‌ଗଟ୍ ବଃଡ୍ ରଗିମଃନ୍ ତାର୍ ସଃଙ୍ଗ୍
ବେଟ୍ ଅୟ୍‌ଲାୟ୍ । 13 ସେମଃନ୍ ଦୁରିକ୍ ଟିଅୟ୍ ଆଉଲି ଅୟ୍
କୟ୍‌ଲାୟ୍, “ଏ ଜିସୁ! ଗୁରୁ! ଅଃମିକ୍ ଦଃୟା କଃର୍ ।” 14 ଆରେକ୍
ଜିସୁ ସେମଃନ୍‌କେ ଦଃକି କଃରି କୟ୍‌ଲା, “ତୁମିମଃନ୍ ଜାୟ୍ ନିଜ୍
ନିଜ୍‌କେ ଜାଜକ୍‌ମଃନ୍‌କେ ଦଃକାଉଆ ।” ଆର୍ ସେମଃନ୍ ଜଃଉଁ
ଜଃଉଁ ବାଟେ ଉଜ୍ ଅୟ୍‌ଲାୟ୍ । 15 ମଃତର୍ ସେମଃନାର୍ ବିତ୍ରେ
ଗଟେକ୍ ଲକ୍ ମୁୟ୍ଁ ନିକଅୟ୍ ଆଚି ବଃଲି ଜାଣି କଃରି ବଃଡ୍ ଟଣ୍ଡେ
ଇସ୍ୱରାର୍ ଗୁଣ୍‌ଗାୟ୍ କଃରି ଜିସୁର୍ ଲଃଗେ ବାଉଳି ଆସି, 16 ସେ
ଜିସୁର୍ ଗଃଳ୍ ତଃଳେ ଡୁଳି ତାର୍ ଗୁଣ୍ କଃଉଁକେ ଦଃର୍ଲା, ସେ
ଗଟେକ୍ ସମିରଣିୟ ଲକ୍ ରିଲା । 17 ସେତାର୍‌ଗିନେ ଜିସୁ ତାକ୍
କୟ୍‌ଲା, “ଦଃସ୍‌ଲକ୍ କାୟ୍‌ରି ଉଜ୍ ନଃଉତି? ତଃବେ ଆରେକ୍
ନଅଲକ୍ କଃୟ୍‌ଗଃଲାୟ୍? 18 ଇସ୍ୱରାର୍ ଜଃଜ୍‌ମାନ୍ କଃଉଁକେ ଇ
ଅଜିଉଦି ଲକ୍‌କେ ଚାଡି କଃରି କାୟ୍‌ରି ଆରେକ୍ କେହେଁ ବାଉଳି
ନାୟ୍‌ଲାୟ୍?” 19 ଜିସୁ ତାକ୍ କୟ୍‌ଲା, “ଉଟିକଃରି ଜା ତର୍ ବିସ୍ୱାସ୍
ତକ୍ ଉଜ୍ କଃରିଆଚେ ।” 20 ମାପ୍ରୁର୍ ରାଜି କଃବେ ଆସେଦ୍
ବଃଲି ପାରୁସିମଃନ୍ ଜିସୁକେ ହଃଚାର୍ଲାୟ୍, ସେ ସେମଃନ୍‌କେ
କୟ୍‌ଲା, “ଇସ୍ୱରାର୍ ରାଇଜ୍ ଦଃକ୍‌ଣେ ନାସେ; 21 ଆର୍ ଦଃକା
ଇସ୍ୱରାର୍ ରାଇଜେ ଇତି ଆଚେ କି ସେତି ଆଚେ ବଃଲି ଲକ୍‌ମଃନ୍
ନଃକଉତି; କାୟ୍‌ତାକ୍‌ବଃଲେକ୍ ମାପ୍ରୁର୍ ରାଇଜେ ତୁମାର୍ ବିତ୍ରେ
ଆଚେ ।” 22 ମଃତର୍ ସେ ଚେଲାମଃନ୍‌କେ କୟ୍‌ଲା, “ଇବାନ୍ୟା
ବେଳା ଆସେଦ୍ ଜଃଡେବଃଲ୍ ତୁମିମଃନ୍ ନଃରାର୍ ହୟ୍‌ସିର୍
ଦିନ୍‌ମଃନାର୍ ବିତ୍ରାର୍ ଗଟେକ୍ ଦିନ୍ ଦଃକୁକ୍ ମଃନ୍ କଃରାସ୍
ମଃତର୍ ନଃଦେକାସ୍ । 23 ଦଃକା, ସେତି, ଦଃକା, ଇତି ବଃଲି

ଲକ୍‌ମଃନ୍ ତୁମିକେ କଃଉତି, ମଃତର୍ ତୁମିମଃନ୍ ସେମଃନାର୍
ହଃଚେ ଜାହା ନାୟ୍ । 24 କାୟ୍‌ତାକ୍‌ବଃଲେକ୍ ବିଜ୍‌ଲି ମାରି
ଜଃନ୍‌କଃରି ଅଃଗାସ୍ ଉହ୍ରେ ଗଟେକ୍ ହାକ୍‌ହୁଣି ଆରେକ୍ ଗଟେକ୍
ହାକ୍ ହଃତେକ୍ ଉଜାଲ୍ ଦଃୟ୍‌ଦ୍ ନଃରାର୍ ହୟ୍‌ସି ଆସ୍ତା ଦିନ୍
ସେବାନ୍ୟା ଦଃକାୟ୍ ଅୟ୍‌ଦ୍ । 25 ମଃତର୍ ଆଗ୍‌ତୁ ତାକେ
ବାୟ୍‌ଦ୍‌ରେ ବଃଡେ ଦୁକ୍ ବୟ୍‌ଗ୍ କଃରୁକେ ଅୟ୍‌ଦ୍ ଆର୍ ଇ
କାଳାର୍ ଲକ୍‌ମଃନ୍ ଦୁର୍ କଃର୍ତି । 26 ଆର୍, ନହର୍ ବଃଳ୍
ଜଃନ୍‌କଃରି ଗଃଟିରିଲି, ନଃରାର୍ ହୟ୍‌ସିର୍ ବଃଳ୍ ହେଁ ସେନ୍‌କାର୍
ଗଃଟେଦ୍; 27 ଜାଜେ ନହ ହୁର୍ତା ହଃତେକ୍ ଲକ୍‌ମଃନ୍ କାତାର୍
ହିଉତାର୍ ଆର୍ ବିବା କଃରୁକ୍ ଆର୍ ବିବା ଦେଉଁକ୍ ମାତି ରିଲାୟ୍,
ଆରେକ୍ ହୁର୍‌ହାଣି ଆସି ରାଜିବୁଡାୟ୍ ସଃବ୍‌କେ ନାସ୍ କଃଲି ।
28 ଲତର୍ ବଃଳ୍ ହେଁ ସେରଃକମ୍ ଗଃଟିରିଲି, ଲକ୍‌ମଃନ୍ କାତାର୍
ହିଉତାର୍, ବିକାବାଞ୍ଜା, ଗଃଚ୍‌ଲାଗାଉତାର୍ ଆର୍ ଗଃର୍‌ବାନ୍ଧକେ
ଲାଗି ରିଲାୟ୍ । 29 ମଃତର୍ ଲତ ସଦମ୍ ଗଃଲେହୁଣି ବାରାୟ୍
ଗଃଲାଦିନ୍ ଅଃଗାସ୍ ଉହ୍ରେ ହୁଣି ଜୟ୍ ଆର୍ ଗନ୍ଧକ୍ ବଃର୍ସା ଅୟ୍
ସଃବ୍‌କେ ନାସ୍ କଃଲି । 30 ନଃରାର୍ ହୟ୍‌ସି ଆସ୍ତା ଦିନ୍ ହେଁ
ସେରଃକମ୍ ଗଃଟେଦ୍ ।" 31 "ସେଦିନ୍ ଜୁୟ୍ ଲକ୍ ଚାନି ଉହ୍ରେ
ରଃୟ୍‌ଦ୍ ସେ ଗଃର୍ ବିତ୍ରେ ରିଲା ତାର୍ ଆସ୍ତିବାଡି ନେଉଁକେ ଉତ୍ରି
ନାଆସ; ସେବାନ୍ୟା ଜୁୟ୍ ଲକ୍ ହଃଦାୟ୍ ରଃୟ୍‌ଦ୍, ସେ ଗଃରେ
ବାଉଳି ଜଃଉଅ ନାୟ୍ । 32 ଲତର୍ ତକୁର୍ସିର୍ କଃତା ଏତାଉଆ
। 33 ଜୁୟ୍‌ଲକ୍ ତାର୍ ଜିବନ୍ ବଚାଉଁକେ ଉପାୟ୍ କଃରେଦ୍,
ସେ ଆରାୟ୍‌ଦ୍, ମଃତର୍ ଜୁୟ୍‌ଲକ୍ ମର୍ ନାଉଁଏ ନିଜାର୍ ଜିବନ୍
ଆରାୟ୍‌ଦ୍, ତଃବେ ସେ ତାର୍ ଜିବନ୍ ବାଚାୟ୍‌ଦ୍ । 34 ମୁୟ୍ଁ
ତୁମିମଃନ୍‌କେ କଃଉଁଲେ, ସେ ରାତି ଦୁୟ୍ ଲକ୍ ଗଟେ ଟାଟିଏ
ସୟ୍‌ରେତି, ଗଟ୍‌ଲକ୍‌କେ ଦିଆଅୟ୍‌ଦ୍ ଆରେକ୍ ଗଟ୍‌ଲକ୍‌କେ ଚାଡା
ଅୟ୍‌ଦ୍ । 35 ଜଲେକ୍ ମାଇଜି ଗଟ୍‌ତଃୟ୍ ରୁଚ୍‌ତି ରେତି ଗଟ୍‌ଲକେ
ଦିଆଅୟ୍‌ଦ୍ ଆର୍ ଗଟ୍‌ଲକେ ଚାଡା ଅୟ୍‌ଦ୍ ।" 36 ଦୁୟ୍‌ଲକ୍
କାମ୍‌ହଃଦାୟ୍ ରେତି, ଏକ୍ଲାକେ ଦିଆଅୟ୍‌ଦ୍ ଆର୍ ଗଟ୍‌ଲକ୍‌କେ
ଚାଡା ଅୟ୍‌ଦ୍ । 37 ତଃବେ ଚେଲାମଃନ୍ ହଃଚାର୍ଲାୟ୍, "ଏ ମାପ୍ରୁ
ଇ ଗଃଟ୍‌ଣା କୁୟ୍‌ତି ଗଃଟେଦ୍?" ଜିସୁ ସେମଃନ୍‌କେ କୟ୍‌ଲା,
"ଜୁୟ୍‌ଟାଣେ ମଃଲା ଗଃଗାଲ୍ ରଃୟ୍‌ଦ୍, ସେଟାଣେ ରାବଣ୍‌ମଃନ୍
ହେଁ ଗଟେତଃୟ୍ ରୁଣ୍ଡତି ।"

**18** ବାଞ୍ଜି ନଃହେଳି ସଃବୁବଃଳ୍ ପାର୍ତ୍‌ନା କଃର୍ତାର୍ ଜେ ଲଳା,
ଇ କଃତା ଜିସୁ ସେମଃନ୍‌କେ ଗଟ୍ କଃତା କୟ୍ ବୁଜାୟ୍‌ଲା,
2 "ଗଟ୍ ଗଃଳେ ଗଟ୍ ବିଚାର୍‌କଃରୁ ରିଲା, ସେ ଇସ୍ୱର୍‌କେ
ନଃଡିର୍‌ତି ରିଲା କି ଲକ୍‌ମଃନ୍‌କେ ହେଁ ନଃମାନ୍‌ତି ରିଲା । 3
ସେ ଗଃଳେ ଗଟେକ୍ ରାଣ୍ଡି ରିଲି, ସେ ରାଣ୍ଡି ତର୍‌କେ ତର୍ ତାର୍
ହାକ୍ ଜାୟ୍‌କଃରି କଃଉତିରିଲି, ମର୍ ସଃତ୍ରୁର୍ ଅନ୍ୟାୟ୍‌ର୍ ବିଚାର୍
କଃରି ମକେ ନ୍ୟାୟ୍ ଦେ । 4 ଆର୍ ସେ ବିଚାର୍‌କଃରୁ ମାନାୟ୍
ସେ ରାଣ୍ଡିକେ ଉହ୍‌କାର୍ କଃରୁକେ ରାଜି ଅଃଉଁକେ ନଃଚ୍‌ତିରିଲା;
ମଃତର୍ ହଃଚେ ସେ ମଃନେ ମଃନେ କୟ୍‌ଲା, 'ଜଦି ମୁଁୟ୍
ଇସ୍ୱର୍‌କେ ନଃଡିରୁଲେ କି ନଃର୍‌ମଃନ୍‌କେ ମାନ୍‌ତି ନଃକେରୁଲେ,
5 ଅୟ୍‌ଲେକ୍ ହେଁ ଇ ରାଣ୍ଡି ମକ୍ କଃସ୍ଟ ଦେଉଁଲି ଇତାର୍ ଗିନେ ମୁଁୟ୍
ତାର୍ ସଃତ୍ରୁର୍ ବିଚାର୍ କଃରି ତାକ୍ ନ୍ୟାୟ୍ ଅଃଦିକାର୍ ଦଃୟ୍‌ନ୍ଦ;
ନୟ୍‌ଲେକ୍ ସେ ସଃବୁବଃଳ୍ ଆସି ମକ୍ ବିସାଉଁକ୍ ନଃଦେୟ୍ ।'" 6
ସେତାକ୍ ମାପ୍ରୁ କୟ୍‌ଲା, "ଇ ଅଃନ୍ୟାୟ୍ ବିଚାର୍‌କଃରୁ କାୟ୍‌ରି
କଃଉଁଲା ସେରି ସୁଣା । 7 ତଃବେ ଇସ୍ୱରାର୍ ଜୁୟ୍ ବାଚ୍‌ଲାର୍
ଲକ୍‌ମଃନ୍ ଦିନ୍‌ରାତି ତାର୍ ତଃୟ୍‌ହୁଣି ଉହ୍‌କାର୍ ହାଉଁକେ ତାକେ
କୁଦ୍‌ତିରେତି, ତଃବେ ସେ କି ସେମଃନ୍‌କେ କଃଲା ନ୍ୟାୟ୍ ବିଚାର୍
ନଃକେରେ? 8 ମୁଁୟ୍ ତୁମିମଃନ୍‌କେ କଃଉଁଲେ, ସେ ବେଗି
ସେମଃନ୍‌କେ ଅୟ୍‌ରିଲାର୍ ନ୍ୟାୟ୍ ବିଚାର୍ କଃରେଦ୍, ମଃତର୍
ନଃରାର୍ ହୟ୍‌ସି ଆସି ହୁର୍ତିବିଏ କାୟ୍‌ରି ବିସ୍ୱାସ୍ ଦଃକେଦ୍?"
9 ନିଜ୍ ନିଜ୍‌କେ ଦଃର୍ମିଲକ୍ ବଃଲି ଦଃକାୟ୍ ଅୟ୍ ଆସ୍ର କଃରି
ସଃବ୍‌କେ ହିନ୍‌ମାନ୍ କଃର୍ତିରିଲା କଃତି ଲକ୍‌ମଃନ୍‌କେ ଜିସୁ ଇ
କଃତା ହେଁ କୟ୍‌ଲା, 10 "ଦୁୟ୍ ଲକ୍ ପାର୍ତ୍‌ନା କଃରୁକେ ମନ୍ଦିରେ
ଗଃଲାୟ୍, ଗଟେକ୍ ପାରୁସି ଆର୍ ଗଟ୍‌ଲକ୍ ରିବ୍‌ନି ।" 11 "ପାରୁସି
ଟିଆଅୟ୍ ଅଃହ୍‌ଣାର୍ ଚଃମେ ଇ ରଃକମ୍ ପାର୍ତ୍‌ନା କଃରୁକେ
ଦଃର୍‌ଲା, ଏ ଇସ୍ୱର୍ ମୁଁୟ୍ ତର୍ ଦଃର୍ମ୍‌ଗୁଣ୍ କଃତା କଃଉଁଲେ
ଜେ, ମୁଁୟ୍ ବିନ୍ ସଃବୁ ଲକାର୍ ହର୍ ଅଃଦଃର୍ମି, ହଃଟ୍‌କାର୍,
ଦାରିକାମ୍ କଃର୍ତା ଲକ୍ କି ଇ ରିବ୍‌ନି ହର୍ ହେଁ ନାୟ୍; 12
ମୁଁୟ୍ ଆଟ୍‌ଦିନ୍‌କେ ଦୁୟ୍ ତର୍ ଉହାସ୍ କଃରୁଲେ, ଆର୍ ମୁଁୟ୍
ମର୍ ସଃବୁ ଆଉଣିର୍ ଦଃସ୍‌ବାଗାର୍ ବାଗେକ୍ ଦେଉଁଲେ ।" 13
"ମଃତର୍ ରିବ୍‌ନି ଦୁରିକ୍ ଟିଆ ଅୟ୍ ସଃର୍ଗ୍‌ହାକ୍ ଦଃକୁକ୍ ହେଁ
ସାସ୍ ନଃକେଲା, ମଃତର୍ ତାର୍ ବୁକେ ମାରିଅୟ୍ କଃଉଁକେ
ଦଃର୍‌ଲା, ଏ ଇସ୍ୱର୍, ମୁଁୟ୍ ହାହି ମକ୍ ଦଃୟା କଃର୍ । 14
ମୁଁୟ୍ ତୁମିମଃନ୍‌କେ କଃଉଁଲେ, ପାରୁସି ନଃୟ୍ ମଃତର୍ ରିବ୍‌ନି
ମାପ୍ରୁର୍ ଆକାୟ୍ ଦଃର୍ମି ଗଃଣାଅୟ୍‌ଲା ଲକ୍ ବଃଲି ଅଃହ୍‌ଣାର୍
ଗଃରେ ଗଃଲା; କାୟ୍‌ତାକ୍‌ବଃଲେକ୍ ଜୁୟ୍‌ଲକ୍ ଅଃହ୍‌ଣାକ୍ ବଃଡ୍
ବଃଲି ଦଃକାୟ୍ ଅୟ୍‌ଦ୍, ତାକ୍ ମାପ୍ରୁ ସାନ୍ କଃରେଦ୍, ମଃତର୍
ଜୁୟ୍‌ଲକ୍ ନିଜ୍‌କେ ସାନ୍ କଃରେଦ୍, ତାକ୍ ମାପ୍ରୁ ବଃଡ୍ କଃରେଦ୍
।" 15 ଜିସୁ ଜଃନ୍‌କଃରି ସାନ୍ ସାନ୍ ହିଲାମଃନ୍‌କେ ଚୁୟ୍‌ଦ୍,
ଇତାର୍ ଗିନେ କଃତେକ୍ ଲକ୍‌ମଃନ୍ ତାକାର୍ ହିଲାମଃନ୍‌କେ
ଜିସୁର୍ ଲଃଗେ ଆଣୁକେ ଦଃର୍ଲାୟ୍; ମଃତର୍ ଚେଲାମଃନ୍ ସେରି
ଦଃକି ହିଲାମଃନ୍‌କେ ଆଣା ନାୟ୍ ବଃଲି ଲକ୍‌ମଃନ୍‌କେ ଦଃକା
ଦିଲାୟ୍ । 16 ମଃତର୍ ଜିସୁ ସେମଃନ୍‌କେ ତାର୍ ଚଃମେ କୁଦିକଃରି
କୟ୍‌ଲା, "ସାନ୍ ହିଲାମଃନ୍‌କେ ମର୍ ହାକ୍ ଆସୁକ୍ ଦିଆସ୍
ଆର୍ ସେମଃନ୍‌କେ ମଃନା କଃରା ନାୟ୍; ବଃଲେକ୍ ମାପ୍ରୁର୍
ରାଇଜ୍ ଇ ରଃକମ୍ ହିଲାମଃନାର୍ । 17 ମୁଁୟ୍ ତୁମିମଃନ୍‌କେ
ସଃତ୍ କଃଉଁଲେ, ଜୁୟ୍‌ଲକ୍ ସାନ୍‌ହିଲା ହର୍ ମାପ୍ରୁର୍ ରାଇଜ୍‌କେ
ନଃଦେରେ, ତଃବେ ସେ କଃବେ ହେଁ ସେତି ହୁରୁକ୍ ନାହାରେ ।"
18 ଗଟ୍ ଜିହୁଦିମଃନାର୍ ମୁଳିକା ଜିସୁକେ ହଃଚାର୍ଲା, "ଏ ସଃତ୍
ଗୁରୁ, ଅଃମ୍ରର୍ ଜିବନାର୍ ଅଃଦିକାରି ଅଃଉଁକେ ମୁଁୟ୍ କାୟ୍‌ରି

କଃରିନ୍ଧ?” (aiōnios g166) 19 ସେତାକ୍ ଜିସୁ ତାକ୍ କୟ୍ଲା,
“ତୁୟ୍ ମକ୍ ସଃତ୍ ବଃଲି କାୟ୍ତାକ୍ କଃଉଁଲିସ୍? ଏକ୍ଲାକେ ଚାଡି,
ବଃଲେକ୍, ଇସ୍ୱର୍‌କେ ଚାଡି ସଃତ୍ କେ ହେଁ ନାୟ୍ । 20 ମାପ୍ରୁର୍
ବିଦି ସଃବୁ ତ ତକେ ଜାଣା, ଦାରି କଃରା ନାୟ୍, ନଃର୍ ଅଃତ୍ୟା
କଃରା ନାୟ୍, ଚର୍ କଃରା ନାୟ୍, ଲକାର୍ ବିରଦେ ମିଚ୍ ସାକି
ଦିଆସ୍ ନାୟ୍, ଆର୍ ଅଃହ୍ଣାର୍ ଆୟାଉବାକ୍ ଆର୍ଦ୍ନା କଃରା ।”
21 ସେମାନାୟ୍ କୟ୍ଲା, “ଇସଃବୁ ମୁଁୟ୍ ବେଣ୍ଡ୍ୟାବଃଲ୍‌ହୁଣି ମାନି
କଃରି ଆସିଆଚି ।” 22 ଜିସୁ ଇରି ସୁଣି ତାକ୍ କୟ୍ଲା, “ତର୍
ଆରେକ୍ ଗଟେକ୍ କାମ୍ କଃରୁକେ ବାକି ଆଚେ; ତୁୟ୍ ଅଃହ୍ଣାର୍
ସଃର୍ନେ ଦଃନ୍‌ବିତ୍ ବିକିକଃରି ଗଃରିବ୍‌ମଃନ୍‌କେ ବାଟିଦେସ୍ ଆର୍
ତୁୟ୍ ସଃର୍ଗେ ଦଃନ୍ ହାଉସି; ଆରେକ୍ ମର୍ ହଃଚେ ହଃଚେ
ଆଉ ।” 23 ମଃତର୍ ସେ ଇସଃବୁ କଃତା ସୁଣିକଃରି ବଃଡେ
ଦୁକ୍ ଅୟ୍ଲା, କାୟ୍ତାକ୍‌ବଃଲେକ୍ ସେ ବଃଡେ ମାଜନ୍ ରିଲା
। 24 ସେତାକ୍ ସେ ଦୁକ୍ ଅୟ୍ଲାର୍ ଦଃକି ଜିସୁ କୟ୍ଲା, “ଜୁୟ୍
ଲକ୍‌ମଃନାର୍ ଦଃନ୍ ଆଚେ ସେମଃନ୍ କଃଡେ କଃସ୍ଟେ ଇସ୍ୱରାର୍
ରାଇଜେ ଜାତି । 25 କାୟ୍ତାକ୍‌ବଃଲେକ୍ ଗଟ୍ ମାଜନ୍ ଲକ୍
ଇସ୍ୱରାର୍ ରାଇଜେ ଜାତା ବାଟା, ସୁତ୍‌ଲିର୍ କାଣାବାଟ୍ ଅୟ୍ ଉଟ୍
ଚିଙ୍ଗ୍ଲତାର୍ ଉସାସ୍ ।” 26 ଜୁୟ୍ ଲକ୍‌ମଃନ୍ ଇସଃବୁ କଃତା
ସୁଣ୍‌ଲାୟ୍, ସେମଃନ୍ ଜିସୁକେ କୟ୍ଲାୟ୍, “ତଃବେ କେ ମୁକ୍ତି ଅଃଉଁ
ହାରେ?” 27 ମଃତର୍ ଜିସୁ କୟ୍ଲା, “ଜାୟ୍‌ରି ମାନାୟ୍‌ମଃନାର୍
ଆତେ ନାୟ୍, ସେରି ଇସ୍ୱରାର୍ ତଃୟ୍ ଅୟ୍‌ଦ୍ ।” 28 ସେତାକ୍
ପିତର୍ କୟ୍ଲା, “ଦୁକ୍, ଅଃମିମଃନ୍ ଅଃହ୍ଣା ଅଃହ୍ଣାର୍ ସଃର୍ନେ
ଦଃନ୍‌ବିତ୍ ଚାଡିକଃରି ତର୍ ହଃଚେ ହଃଚେ ଆୟ୍ଲୁ ଆଚୁ ।” 29
ଜିସୁ ସେମଃନ୍‌କେ କୟ୍ଲା, “ମୁଁୟ୍ ତୁମିମଃନ୍‌କେ ସଃତ୍ କଃରି
କଃଉଁଲେ, ଜୁୟ୍ ଲକ୍‌ମଃନ୍ ଇସ୍ୱରାର୍ ରାଇଜ୍ ଗିନେ ଗଃର୍ କି
ଡକୁର୍ସିକେ, ବାୟ୍ କି ଉବାଆୟା କି ହିଲାଟକି ଚାଡି ଆଚ୍‌ତି,
30 ଇ ହୁରେ ବୁଟେକ୍‌ଗୁଣ୍ ଆର୍ ସେ ଜୁଗେ ଅଃମ୍ରର୍ ଜିବନ୍
ନଃହାୟ୍, ଇବାନ୍ୟା ଲକ୍ କେହେଁ ନାୟ୍ ।” (aiōn g165, aiōnios
g166) 31 ତାର୍‌ହଃଚେ ଜିସୁ ବାରଗଟ୍ ଚେଲାମଃନ୍‌କେ ଅଃଲ୍‌ଗା
କଃରି ସେମଃନ୍‌କେ କୟ୍ଲା, “ଦଃକା ଅଃମିମଃନ୍ ଜିରୁସାଲମେ
ଜଃଉଁଲୁ, ଆର୍ ନଃରାର୍ ହୟ୍‌ସିର୍ କଃତା ବାବ୍‌ବାଦିମଃନ୍ ଜୁୟ୍
ସଃବୁ ବିସୟ୍ ଲେକି ଆଚ୍‌ତି, ସେରିସଃବୁ ହୁର୍ନ୍ ଅୟ୍‌ଦ୍; 32
କାୟ୍ତାକ୍‌ବଃଲେକ୍ ସେ ଅଜିଉଦିମଃନାର୍ ଆତେ ସଃହ୍ରି ଅୟ୍‌ଦ୍,
ଆରେକ୍ ସେମଃନ୍ ତାକ୍ ଟାହ୍ରା କର୍ତି, ତାକ୍ ଇନସ୍ତା କଃରି ତାର୍
ଉହ୍ରେ ଲାଳ୍ ତୁକ୍‌ତି । 33 ତାକେ ସାଟ୍‌ଣି ସଃଙ୍ଗ୍ ମାଡ୍‌ମାରି ମଃର୍ନେ
ମାର୍ତି; ମଃତର୍ ସେ ତିନି ଦିନାର୍ ତଃଲେ ଜିବନ୍ ହାୟ୍ ଉଟେଦ୍
।” 34 ମଃତର୍ ଚେଲାମଃନ୍ ଇସଃବୁ କଃତା ମୁଳ୍‌କେ ବୁଜୁ
ନଃହାର୍‌ଲାୟ୍; ଇ କଃତା ସେମଃନାର୍ ତଃୟ୍‌ହୁଣି ଲୁକ୍‌ଣେ ରିଲି,
ଆର୍ ଜାୟ୍ ଜାୟ୍‌ରି କଃଉଆ ଅଃଉତି ରିଲି, ସେସଃବୁ ସେମଃନ୍
ବୁଜୁ ନଃହାର୍‌ତିରିଲାୟ୍ । 35 ଜିସୁ ଜିରିହର୍ ଲଃଗେ ଅଃଉତି
ରିଲା ବଃଲ୍ ଗଟେକ୍ କାଣା ମାନାୟ୍ ବାଟ୍‌ଲଃଗେ ବଃସିକଃରି
ବିକ୍ ମାଗ୍‌ତିରିଲା । 36 ସେ କାଣା ଲକ୍‌ମଃନ୍ଦା ଉଲ୍‌ଗାଟ୍ ଅୟ୍
ଜାତାର୍ ସୁଣିକଃରି, “କଃତା କାୟ୍‌ରି?” ବଃଲି ହଃଚାରୁକ୍ ଦଃର୍ଲା
। 37 ଲକ୍‌ମଃନ୍ ତାକ୍ କୟ୍ଲାୟ୍, “ନାଜରିତ୍ ଜିସୁ ଇ ବାଟ୍ ଅୟ୍
ଜଃଉଁଲା ।” 38 ସେତାକ୍ କାଣା ବଃଡ୍ ଟଣ୍ଡେ ଅୟ୍ କୟ୍ଲା,
“ଏ ଦାଉଦାର୍ ହୟ୍‌ସି ଜିସୁ ମକ୍ ଦଃୟା କଃର୍ ।” 39 ମଃତର୍
ଆଗାଳି ଜାତିରିଲା ଲକ୍‌ମଃନ୍ ତାକ୍ ତୁନ୍ ହାଲୁକ୍ ଦଃକା ଦେଉଁକେ
ଦଃର୍ଲାୟ୍, ମଃତର୍ ସେ ଆରେକ୍ ଅଃଦିକ୍ ବଃଡ୍ ଟଣ୍ଡେ କଃଉଁକେ
ଦଃର୍ଲା “ଏ ଦାଉଦାର୍ ହୟ୍‌ସି, ମକ୍ ଦଃୟା କଃର୍ ।” 40 ସେତାକ୍
ଜିସୁ ସେତି ଟେବିକଃରି ତାକେ ମର୍ ହାକ୍ ଆଣା ବଃଲି କୟ୍ଲା;
ଆରେକ୍ ସେ ଚଃମେ ହଚ୍‌ଲାକ୍, ଜିସୁ ତାକ୍ ହଃଚାର୍ଲା, 41 “ମୁଁୟ୍
ତର୍ ଗିନେ କାୟ୍‌ରି କଃରିନ୍ଧ ବଃଲି ତୁୟ୍ ମଃନ୍ କଃରୁଲିସ୍?” ସେ
କୟ୍ଲା, “ଏ ମାପ୍ରୁ ମୁଁୟ୍ ଜଃନ୍‌କଃରିକି ଆରେକ୍ ଦଃକୁକ୍ ହାରିନ୍ଧ
।” 42 ଜିସୁ ତାକ୍ କୟ୍ଲା, “ତଃବେ ଦଃକ୍! ତର୍ ବିସ୍ୱାସ୍ ତକେ
ଉଜ୍ କଃରିଆଚେ ।” 43 ସେଦାହ୍ରେ ସେ ଆକି ହାୟ୍ ଇସ୍ୱରାର୍
ଗୁଣ୍ କଃତା କୟ୍ କୟ୍ କଃରି ଜିସୁର୍ ହଃଚେ ହଃଚେ ଜଃଉଁକେ
ଦଃର୍ଲା ଆର୍ ସଃବୁଲକ୍ ସେରି ଦଃକିକଃରି ମାପ୍ରୁର୍ ଗୁଣ୍‌ଗିତ୍
କୟ୍ଲାୟ୍ ।

**19** ହଃଚେ ଜିସୁ ଜିରିହ ଜାୟ୍ ସେବାଟ୍ୟା ଅୟ୍ ଜାତିରିଲା, 2
ଆର୍ ଦଃକା, ଜକିୟ ନାଉଁଆର୍ ଗଟ୍ ମାନାୟ୍ ରିଲା, ସେ
ଗଟ୍ ମୁଳିକା ରିବ୍‌ନି ଆର୍ ମାଜନ୍ ଲକ୍ ରିଲା । 3 ଜିସୁ କେ ବଃଲି
ସେରି ଦଃକୁକ୍ ସେ ଉପାୟ୍ କର୍ତିରିଲା, ମଃତର୍ ଲକ୍‌ମଃନ୍ଦା
ବିଡ୍ରେ ଦଃକୁ ନଃହାର୍‌ତିରିଲା, ବଃଲେକ୍ ସେ ବୁଟ୍‌କା ରିଲା ।
4 ସେତାକ୍ ସେ ଲକ୍‌ମଃନାର୍ ଆଗେ ଦଃବ୍‌ଳି ଜାୟ୍ ଜିସୁକେ
ଦଃକୁକ୍ ଗଟ୍ ଡୁମ୍ରୁର୍ ଗଃଚେ ଚଃଗ୍‌ଲା, କାୟ୍ତାକ୍‌ବଃଲେକ୍ ସେ
ବାଟ ଅୟ୍ ଜିସୁ ଜାତାର୍ ରିଲି । 5 ଜିସୁ ସେତି ଆସି ଉହ୍ରେ
ଦଃକି ତାକେ କୟ୍ଲା, “ଜକିୟ, ବେଗି ଉତ୍ରି ଆଉ ଆଜି ମକ୍
ବାୟ୍‌ଦ୍‌ରେ ତର୍ ଗଃରେ ରେଉଁକ୍ ହଃଲେଦ୍ ।” 6 ସେତାକ୍ ସେ
ସେଦାହ୍ରେ ଉତ୍ରି ଆସି ସଃର୍ଦାୟ୍ ତାକ୍ ଗଃରେ କୁଦ୍‌ଲା । 7 ସେରି
ଦଃକି ସଃବୁଲକ୍ ଲିନ୍ଦା କଃରି କଃଉଁକେ ଦଃର୍ଲାୟ୍, “ସେ ଗଟ୍
ହାହି ଗଃରେ ରେଉଁକ୍ ଜଃଉଁଲା ।” 8 ମଃତର୍ ଜକିୟ ଉଟିକଃରି
ଜିସୁକେ କୟ୍ଲା, “ଏ ମାପ୍ରୁ, ଦଃକ୍, ମର୍ ଆଦ୍‌ବାଗ୍ ଦଃନ୍
ମୁଁୟ୍ ନୟ୍ଲା ଲକ୍‌କେ ଦେଉଁଲେ, ଆର୍ ଜଦି ବଃଲ୍‌ମାଡେ କାର୍
ତଃୟ୍‌ହୁଣି କାୟ୍‌ରି ଆଣି ରଃୟ୍‌ନ୍ଧ, ତଃବେ ଚାରି ଗୁଣ୍ ବାଉଲାୟ୍
ଦେଉଁଲେ ।” 9 ସେତାକ୍ ଜିସୁ ତାର୍ କଃତା କୟ୍ଲା, “ଆଜି ଇ
ଗଃରେ ମୁକ୍ତି ହଚିଆଚେ, ସେତାକ୍ ଏ ହେଁ ଗଟେକ୍ ଅବ୍ରାହାମାର୍
ହିଲା । 10 କାୟ୍ତାକ୍‌ବଃଲେକ୍ ଜୁୟ୍‌ରି ଆଜି ଆଚେ, ସେରି ଲଳି
ବଚାଉଁକେ ନଃରାର୍ ହୟ୍‌ସି ଆସିଆଚେ ।” 11 ଲକ୍‌ମଃନ୍ ଇ
କଃତାମଃନ୍ ସୁଣ୍‌ତା ବଃଲ୍ ସେ ଆରେକ୍ ଗଟ୍ କଃତା କୟ୍ଲା,
“କାୟ୍ତାକ୍‌ବଃଲେକ୍ ସେ ଜିରୁସାଲମ୍ ଚଃମେ ଅୟ୍‌ରିଲା ଆର୍
ମାପ୍ରୁର୍ ରାଇଜ୍ ବେଗି ଆସେଦ୍ ବଃଲି ସେମଃନ୍ ବାବ୍‌ତିରିଲାୟ୍ ।”
12 ସେତାକ୍ ଜିସୁ କୟ୍ଲା, “ଗଟେକ୍ ବଃଡ୍ ଲକ୍ ଅଃହ୍ଣାର୍ ଗିନେ

ରଃଜାହଃଦ୍ ହାୟ୍ କଃରି ବାଉଲି ଆସୁକ୍ ଦୁରି ଦେସ୍‌କେ ଗଃଲା ।
13 ସେ ଅଃହ୍‌ଣାର୍ ଦଃସ୍‌ଗଟ୍ ଗତିଦଃଙ୍ଗ୍‌ଲାମଃନ୍‌କ୍ କୁଦିକଃରି
ସେମଃନ୍‌କେ ହଃତି ଲକ୍‌କେ ଗଟେକ୍ ଲେକା ସନାଅଦ୍ଲି ଦଃୟ୍
କୟ୍‌ଲା, ‘ମୁଁୟ୍ ଆସ୍ତା ହଃତେକ୍ ବେବାର୍ କଃରା ।’ 14 ମଃତର୍
ତାର୍ ଦେସାର୍ ଲକ୍‌ମଃନ୍ ତାକେ ଗିଣ୍ କଃର୍ତି ରିଲାୟ୍, ଆର୍
ସେମଃନ୍ ତାର୍ ହଃଚେ କବୁର୍‌କାରିଆକେ ହଃଟାୟ୍ କୟ୍‌ଲାୟ୍,
‘ଇ ମାନାୟ୍ ଅଃମାର୍ ଉହ୍ରେ ରାଜ୍ କଃରେଦ୍, ଇରି ଅଃମାର୍
ମଃନ୍ ନାୟ୍ ।’” 15 “ହଃଚେ ସେ ରାଇଜ୍ କଃର୍ତା ରଃଜାହଃଦ୍
ହାୟ୍ ବାଉଲି ଆସି ଜୁୟ୍ ଗତିଦଃଙ୍ଗ୍‌ଲାମଃନ୍‌କ୍ ଦଃନ୍ ଦଃୟ୍‌ରିଲା
ସେମଃନାର୍ ବିତ୍ରେ ବେବାର୍ କଃରି କେ କଃତେକ୍ ଲାବ୍ କଃଲା
ଆଚେ, ସେରି ଜାଣୁକେ ସେମଃନ୍‌କେ ତାର୍ ଚଃମେ କୁଦି ଆଣୁକେ
କୟ୍‌ଲା । 16 ସେତାକ୍ ହଃର୍ତୁର୍ ମାନାୟ୍ ଆସି କୟ୍‌ଲା, ‘ମାପ୍ରୁ,
ତୁଇ ଦିଲା ସନାଅଦ୍ଲି ନଃୟ୍ ଆରେକ୍ ଦଃସ୍‌ଗଟ୍ ସନା ଅଦ୍‌ଲି
ଲାବ୍ କଃଲେ ଆଚି ।’ 17 ସେ ତାକେ କୟ୍‌ଲା, ‘ନିକ କଃତା, ତୁୟ୍
ସଃତ୍ ଗତିଦଃଙ୍ଗ୍‌ଲା, ତୁୟ୍ କଃଡେକ୍ ସାନ୍ କଃତାୟ୍ ବିସ୍ୱାସ୍ ସଃଙ୍ଗ୍
କାମ୍ କଃରି ଆଚ୍‌ସି ବଃଲି ଦଃସ୍ ଗଟ୍ ଗଃଲ୍ ଉହ୍ରେ ଅଃଦିକାରି
ଅଃଉ ।’ 18 ତାର୍ ହଃଚାର୍ ଆରେକ୍ ଗଟ୍ ମାନାୟ୍ ଆସି କୟ୍‌ଲା,
‘ସାଉକାର୍ ତର୍ ଗଟେକ୍ ଟଃକାୟ୍ ଆରେକ୍ ହାଁଚ୍‌ଗଟ୍ ସନାଅଦ୍ଲି
ଲାବ୍ କଃଲେ ଆଚି ।’ 19 ସେ ତାକେ ହେଁ କୟ୍‌ଲା, ‘ତୁୟ୍ ହେଁ
ହାଁଚ୍ ଗଟ୍ ଗଃଲ୍ ଉହ୍ରେ ଅଃଦିକାର୍ ଅଃଉ ।’” 20 “ସଃରାସଃରି
ମାନାୟ୍ ଆସି କୟ୍‌ଲା, ସାଉକାର୍, ଦଃକ୍ ଇରି ତର୍ ସନାଅଦ୍ଲି,
ମୁଁୟ୍ ଇରି ତୁଆଲ୍ ଗଃଟାୟ୍ ବାନ୍ଦି ସଃଙ୍ଗ୍‌ଲାୟ୍‌ରିଲେ; 21 ବଃଲେକ୍
ମୁଁୟ୍ ତକେ ଡିର୍‌ଲେ କାୟ୍‌ତାକ୍‌ବଃଲେକ୍ ତୁୟ୍ ଗଟେକ୍ କଃଟି
ମାନାୟ୍, ଜୁୟ୍‌ରି ସଃଙ୍ଗ୍‌ଲାୟ୍ ନଃରେସି ସେରି ଟେକି ନେସି, ଆରେକ୍
ଜାୟ୍‌ରି ବୁଣି ନଃରେସି ସେରି କାଟି ନେସି । 22 ସେ ତାକେ
କୟ୍‌ଲା, ‘ଏରେ ଦୁସ୍ଟ ଗତିଦଃଙ୍ଗ୍‌ଲା, ତର୍ କୟ୍‌ଲା କଃତାୟ୍ ତର୍
ବିଚାର୍ କଃରିନ୍ଦୁ, ମୁୟ୍ଁ ଗଟେକ୍ କଃଟି ମାନାୟ୍, ଜୁୟ୍‌ରି ସଃଙ୍ଗ୍‌ଲାୟ୍
ନଃରେୟ୍ଁ, ସେରି ଟେକି ନଃୟ୍‌ନ୍ଦୁ, ଆର୍ ଜୁୟ୍‌ରି ବୁଣି ନଃରେୟ୍ଁ
ସେରି କାଟିନ୍ଦୁ, ଇରି ଜାଣିରିଲିସ୍ । 23 ତଃନ୍‌ଅଲେ ବେଙ୍କେ ମର୍
ଟଃକା କାୟ୍‌କଃରୁକ୍ ସଃଙ୍ଗ୍‌ଲାୟ୍ ନଃରିଲିସ୍? ତଃବେ ମୁଁୟ୍ ଆସି
କଃଣ୍‌ତର୍ ସଃଙ୍ଗ୍ ହାୟ୍‌ଲେହୁଣି ।’” 24 “ଆରେକ୍ ସେ ଲଃଗେ
ଟିଅୟ୍ ରିଲା ଲକ୍‌ମଃନ୍‌କେ ରଃଜା କୟ୍‌ଲା, ଆର୍ ତଃୟ୍‌ହୁଣି ଇ
ଦଃନ୍ ନଃୟ୍ ଜାୟ୍ ଜାର୍ ତଃୟ୍ ଦଃସ୍‌ଗଟ୍ ସନାଅଦ୍ଲି ଆଚେ ତାକେ
ଦିଆସ୍ । 25 ସେତାକ୍ ସେମଃନ୍ ତାକେ କୟ୍‌ଲାୟ୍, ମାପ୍ରୁ, ତାର୍
ତ ଦଃସ୍ ଗଟ୍ ସନାଅଦ୍ଲି । 26 ମୁଁୟ୍ ତୁମିମଃନ୍‌କେ କଃଉଁଲେ, ଜୁୟ୍
ଲକାର୍ ଆଚେ ତାକେ ଦିଆଅୟ୍‌ଦ୍, ମଃତର୍ ଜାର୍ ନାୟ୍ ତାର୍
ତଃୟ୍ ଜାୟ୍‌ରି ଆଚେ, ସେରି ହେଁ ତାର୍ ତଃୟ୍‌ହୁଣି ନିଆ ଅୟ୍‌ଦ୍ ।
27 ମଃତର୍ ମର୍ ଇ ଜୁୟ୍ ସଃତ୍ରୁମଃନ୍ ମୁଁୟ୍ ସେମଃନାର୍ ଉହ୍ରେ
ରାଜ୍ କଃର ବଃଲି ମଃନ୍ ନଃକେର୍‌ତି ରିଲାୟ୍, ସେମଃନ୍‌କେ
ଇତି ଆଣି ମର୍ ମୁଏଁ ଅଃତ୍ୟା କଃରା ।” 28 ଇ ସଃବୁ କଃତା
କୟ୍ ସଃର୍ଲା ହଃଚେ, ଜିସୁ ଚେଲାମଃନାର୍ ଆଗେ ଆଗେ ବାରାୟ୍
ଜିରୁସାଲମ୍ ବାଟ ଜଃଉଁକେ ଦଃର୍ଲା । 29 ଆର୍ ଜଃଡେବଃଲ୍
ସେ ଜିତ୍‌ହଃର୍ବାତ୍ ଲଃଗାର୍ ବେତ୍‌ପାଗି ଆର୍ ବେତାନିଆ ଲଃଗେ
ହଚ୍‌ଲାକେ, ସଃଡେବଃଲ୍ ସେ ଅଃହ୍‌ଣାର୍ ଚେଲାମଃନାର୍ ବିତ୍ରେ
ଦୁୟ୍ ଲକ୍‌କେ ଇ କଃତା କୟ୍ ହଃଟାୟ୍‌ଲା, 30 “ତୁମାର୍ ମୁଉଁ
ସାମ୍‌ନାୟ୍ ରିଲା ହୟ୍ ଗାଉଁଏ ଜାହା; ସେତି ହୁର୍ତାବଃଲ୍ ଜାର୍
ଉହ୍ରେ କେ ହେଁ କଃବେ ବଃସି ନଃରେୟ୍, ଅଃନ୍‌କାର୍ ଗଟ୍
ହିଲାଗଃଦକେ ବାନ୍ଦା ଅୟ୍‌ରିଲାର୍ ଦଃକାସ୍; ତାକେ ମେଲି
ଆଣା । 31 ଆର୍ ଜଃବେ କେ ତୁମିମଃନ୍‌କେ କାୟ୍‌କଃରୁକ୍
ମେଲୁଲାସ୍ ବଃଲି ହଃଚାର୍ଲା, ଆକ୍ ମାପ୍ରୁର୍ ଲଳା ଆଚେ
ସେତାର୍ ଗିନେ ବଃଲି କଃଉଆ ।” 32 ସେତାକ୍, ହଃଟାୟ୍‌ଲା
ଚେଲାମଃନ୍ ଜାୟ୍‌କଃରି, ସେ ସେମଃନ୍‌କେ ଜଃନ୍‌କଃରି କୟ୍‌ରିଲା
ସେରଃକମ୍ ଦଃକ୍‌ଲାୟ୍ । 33 ଆର୍, ସେମଃନ୍ ଗଃଦହିଲାକେ
ମେଲ୍‌ତା ବଃଲ୍ ତାର୍ ସାଉକାର୍‌ମଃନ୍ ସେମଃନ୍‌କେ ହଃଚାର୍ଲାୟ୍,
“କାୟ୍‌କଃରୁକ୍ ହିଲାଗଃଦକେ ମେଲୁଲାସ୍?” 34 ସେମଃନ୍
କୟ୍‌ଲାୟ୍, “କାୟ୍‌ତାକ୍‌ବଃଲେକ୍ ଆକ୍ ମାପ୍ରୁର୍ ଲଳା ଆଚେ ।”
35 ଆର୍ ସେମଃନ୍ ହିଲାଗଃଦକେ ଜିସୁର୍ ହାକ୍ ଆଣି ତାର୍ ଉହ୍ରେ
ଅଃହ୍‌ଣା ଅଃହ୍‌ଣାର୍ ବଃସ୍ତୁର୍ ଅଚାୟ୍ ଜିସୁକେ ବଃସାୟ୍‌ଲାୟ୍ ।
36 ଆର୍ ସେ ଜାତାବଃଲ୍ ଲକ୍‌ମଃନ୍ ବାଟେ ଅଃହ୍‌ଣା ଅଃହ୍‌ଣାର୍
ବଃସ୍ତୁର୍ ଅଚାୟ୍ ଦେଉଁକେ ଦଃର୍ଲାୟ୍ । 37 ଆରେକ୍, ଜିସୁ
ଜଃଡେବଃଲ୍ ଜିତ୍ ଡଙ୍ଗ୍‌ରାର୍ କଃଲ୍‌କି ଲଃଗେ ଅୟ୍‌ଲା, ସଃଡେବଃଲ୍
ସଃର୍ନେ ଚେଲାମଃନ୍ଦା ଦଃକିରିଲା ସଃବୁ ସଃକ୍ତିର୍ କାମାର୍ ଗିନେ
ସଃର୍ଦା ଅୟ୍ ଆଉଲି ଅୟ୍‌କଃରି ଇସ୍ୱରାର୍ ଗୁଣ୍ କଃଉ କଃଉ
କୟ୍‌ଲାୟ୍, 38 “ମାପ୍ରୁର୍ ନାଉଁଏ ଜୁୟ୍ ରଃଜା ଆସୁଲା, ତାର୍
ବଃଡ୍ ବାୟ୍‌ଗ୍, ସଃର୍ଗାର୍ ସୁସ୍ତା ଆର୍ ଇସ୍ୱରାର୍ ଜଃଜ୍‌ମାନ୍
ଅଃଉଅ ।” 39 ସେତାକ୍ ଲକ୍‌ମଃନାର୍ ବିତ୍ରେ କଃତିଗଟ୍ ପାରୁସି
ତାକେ ଦଃକା ଦିଲାୟ୍, “ଏ ଗୁରୁ, ତର୍ ଚେଲାମଃନ୍‌କେ ଚିମ୍‌ରା
ଅଃଉଁକେ କଃଉ ।” 40 ଜିସୁ କୟ୍‌ଲା, “ମୁଁୟ୍ ତୁମିକେ କଃଉଁଲେ,
ଏମଃନ୍ ଚିମ୍‌ରା ଅୟ୍‌ଲେକ୍ ଟେଳାମଃନ୍ ଆଉଲି ଅଃଉତି ।” 41
ଆର୍ ଜଃଡେବଃଲ୍ ଜିସୁ ଜିରୁସାଲମେ ଆୟ୍‌ଲା, ସଃଡେବଃଲ୍
ଗଃଲ୍‌କେ ଦଃକି ତାର୍ ଗିନେ କାନ୍ଦି କଃରି କୟ୍‌ଲା, 42 “ତୁୟ୍, ହେଁ,
ତୁୟ୍ ଜଦି ଆଜି ସୁସ୍ତାର୍ କଃତାମଃନ୍ ଜାଣ୍‌ଲିସ୍‌ହୁଣି! ମଃତର୍
ଅଃବେ ତର୍ ଆକାୟ୍ ଲୁକ୍‌ଣେ ଆଚେ । 43 ବେଳା ଆସୁଲି,
ଜଃଡେବଃଲ୍ ତର୍ ସଃତ୍ରୁମଃନ୍ ତର୍ ଚାରି ବେଲ୍‌ତ୍ ରୁଣ୍ଡିକଃରି
ତକେ ବେଲ୍‌ତି, ଆରେକ୍ ତର୍ ସଃବୁ ଦୁଆର୍ ବଃନ୍ଦ କଃର୍ତି । 44
ଆରେକ୍ ତକେ ଆର୍ ତର୍ ବିତ୍ରେ ରିଲା ସଃବୁ ତର୍ ହିଲାମଃନ୍‌କେ
ମାଟାୟ୍ ମିସାଉତି, ଆର୍ ତର୍ ବିତ୍ରେ ଗଟେକ୍ ଟେଳା ଆରେକ୍
ଗଟେକ୍ ଟେଳା ଉହ୍ରେ ରେଉଁକ୍ ନଃଦେତି, ଇବାନ୍ୟା ବେଲ୍ ତର୍
ଉହ୍ରେ ଆସେଦ୍ ।” 45 ଆର୍ ସେ ମନ୍ଦିର୍ ବିତ୍ରେ ହୁରି ବିକାବାଞ୍ଜା
କଃର୍ତା ଲକ୍‌ମଃନ୍‌କେ ଇରି କୟ୍ ବାର୍ କଃରୁକେ ଦଃର୍ଲା, 46
“ସାସ୍ତ୍ରେ ଲେକା ଆଚେ, ଇସ୍ୱର୍ କଃଉଁଲା, ‘ଅଃମାର୍ ଗଃର୍
ଇସ୍ୱରାର୍ ପାର୍ତ୍ନାଗଃର୍ ଅୟ୍‌ଦ୍, ମଃତର୍ ତୁମିମଃନ୍ ତାକେ

କଃଜ୍ଞାର୍‌ମଃନାର୍ ଲୁକ୍‌ତା ହାର୍ କଃରିଆଚାସ୍ ।’” 47 ଆର୍ ଜିସୁ
ଦିନେକେ ମନ୍ଦିରେ ସିକ୍ୟା ଦେତିରିଲା, ମଃତର୍ ବଃଡ୍ ଜାଜକ୍
ଆର୍ ଦଃର୍ମ୍ ଗୁରୁମଃନ୍ ଲକ୍‌ମଃନାର୍ ନେତାମଃନ୍ ତାକ୍ ନାସ୍
କଃରୁକେ ଉପାୟ୍ କଃର୍ତି ରିଲାୟ୍ । 48 ମଃତର୍ ଲକ୍‌ମଃନ୍ ଏକ୍
ମଃନେ ତାର୍ ସିକ୍ୟା ସୁଣ୍‌ତିରିଲାୟ୍, ସେତାକ୍ ସେମଃନ୍ କାୟ୍‌ରି
କଃରୁନ୍ଧ ବଃଲି ଠିର୍ କଃରୁ ନଃହାର୍‌ତିରିଲାୟ୍ ।

20 ଗଟ୍‌ଦିନ୍ ଜିସୁ ଜଃଡେବଃଲ୍ ମନ୍ଦିରେ ସିକ୍ୟା ଦେତିରିଲା
ଆର୍, ନିକ କବୁର୍ ପର୍ଚାର୍ କଃର୍ତିରିଲା, ସଃଡେବଃଲ୍ ବଃଡ୍
ଜାଜକ୍ ଆର୍ ଦଃର୍ମ୍‌ଗୁରୁମଃନ୍ ପାରାଚିନ୍‌ମଃନାର୍ ସଃଙ୍ଗ୍ ଆସି
ତାକ୍ କୟ୍‌ଲାୟ୍, 2 “ତୁୟ୍ ଇରିମଃନ୍ କୁୟ୍ ଅଃଦିକାରେ କଃରୁଲିସ୍
ଆର୍ ଜେ ତକେ ଇ ଅଃଦିକାର୍ ଦିଲା, ସେ କେ, ଅଃମିକ୍ କଃଉ?”
3 ମଃତର୍ ଜିସୁ ସେମଃନ୍‌କେ ଉତ୍ତୁର୍ ଦିଲା, “ମୁୟ୍ ହେଁ ତୁମିକେ
ଗଟେକ୍ କଃତା ହଃଚାରିନ୍ଧ, ମକେ କଃଉଆ, 4 ବାପ୍ତିସମ୍ ଦେତା
ଜହନ୍ ବାପ୍ତିସମ୍ ଦେତା ଅଃଦିକାର୍ ସଃର୍ଗେ ହୁଣି କି ଲକାର୍
ତଃୟ୍‌ହୁଣି ଅୟ୍‌ଲି?” 5 ସେତାକ୍ ସେମଃନ୍ ତାକାର୍ ତାକାର୍
ବିତ୍ରେ କଃଉଆକଇ ଅୟ୍ କୟ୍‌ଲାୟ୍, “ଜଦି ସଃର୍ଗେ ହୁଣି ବଃଲି
କଃଉନ୍ଧ, ତଃବେ ସେ କୟ୍‌ଦ୍ ତୁମିମଃନ୍ କାୟ୍‌ତାକ୍ ଜହନ୍‌କେ
ବିସ୍ୱାସ୍ ନଃକେଲାସ୍? 6 ମଃତର୍ ଜଦି ମାନାୟ୍ ତଃୟ୍‌ହୁଣି
ବଃଲି କଃଉନ୍ଧ, ତଃବେ ଲକ୍‌ମଃନ୍ ଅଃମିକ୍ ଟେଳା ସୁତ୍ରି ମାରି
ହଃକାଉତି, କାୟ୍‌ତାକ୍‌ବଃଲେକ୍ ଜହନ୍ ତ ଗଟେକ୍ ବାବ୍‌ବାଦି
ବଃଲି ଲକ୍‌ମଃନ୍ ବେସି ବିସ୍ୱାସ୍ କଃର୍ତି ରିଲାୟ୍ ।” 7 ଇତାର୍
ଗିନେ ସେରି କୁୟ୍‌ତିହୁଣି ଅୟ୍‌ଲି, ଇରି ନଃଜାଣୁ ବଃଲି ସେମଃନ୍
କୟ୍‌ଲାୟ୍ । 8 ଜିସୁ ସେମଃନ୍‌କେ କୟ୍‌ଲା, “ତଃବେ ମୁୟ୍ କୁୟ୍
ଅଃଦିକାରେ ଇସଃବୁ କଃରୁଲେ, ସେରି ହେଁ ତୁମିମଃନ୍‌କେ ନଃକୟ୍
।” 9 ତାର୍‌ହଃଚେ ଜିସୁ ଲକ୍‌ମଃନ୍‌କେ ଇ କଃତା କଃଉଁକେ
ଦଃର୍ଲା । “ଗଟ୍ ମାନାୟ୍ ଗଟ୍ ଅଙ୍ଗୁର୍ ବାଲ୍ କଃରି ସେରି ବାଗ୍
ତାସିମଃନ୍‌କେ ବାଗେ ଦଃୟ୍ ବୁଟେକ୍ ଦିନାର୍ ଗିନେ ବିଦେସେ
ଗଃଲା । 10 ଆରେକ୍ ସେ ତାସିମଃନ୍ ଜଃନ୍‌କଃରି ତାକେ ବାଳାର୍
ଅଙ୍ଗୁର୍ ହଃଳାର୍ ବାଗ୍ ଦେତି, ଇତାକ୍ ସେ ଗଟେକ୍ ଗତିଦଃଙ୍ଗ୍ଲାକ୍
ଟିକ୍ ବେଳାୟ୍ ସେମଃନାର୍ ତଃୟ୍ ହଃଟାୟ୍‌ଲା, ମଃତର୍ ସେ
ତାସିମଃନ୍ ତାକ୍ ମାଡ୍ ମାରି ଚୁଚା ଆତେ ହଃଟାୟ୍‌ଲାୟ୍, 11
ସେ ଆରେକ୍ ଗଟ୍ ଗତିଦଃଙ୍ଗ୍ଲାକ୍ ହେଁ ହଃଟାୟ୍‌ଲା; ମଃତର୍
ସେମଃନ୍ ତାକେ ହେଁ ମାଡ୍ ମାରି ଲାଜ୍ କଃରାୟ୍ ଆର୍ ଚୁଚା
ଆତେ ହଃଟାୟ୍‌ଲାୟ୍ । 12 ତାର୍‌ହଃଚେ ସେ ଦୁୟ୍ ଲକ୍‌କେ
ହଃଟାୟ୍‌ଲା ହଃଚେ, ଆରେକ୍ ଗଟ୍ ଲକ୍‌କେ ହଃଟାୟ୍‌ଲା, ମଃତର୍
ସେମଃନ୍ ତାକେ ହେଁ ବାନାକାବ୍‌ରା କଃରି ହଃଦାୟ୍ ହଃକାୟ୍‌ଲାୟ୍
। 13 ସେତାକ୍ ଅଙ୍ଗୁର୍ ବାଳାର୍ ସାଉକାର୍ କୟ୍‌ଲା ମୁୟ୍ କାୟ୍
କଃରିନ୍ଧ? ମର୍ ଲାଡାର୍ ହଅକେ ହଃଟାୟ୍‌ନ୍ଧ, କେଜାଣ୍ ସେମଃନ୍
ତାକେ ମାୟ୍‌ନ୍ କଃର୍ତି । 14 ମଃତର୍ ତାସିମଃନ୍ ତାକ୍ ଦଃକି
ତାକାର୍ ତାକାର୍ ବିତ୍ରେ କଃଉଆକଇ ଅଃଉଁକେ ଦଃର୍ଲାୟ୍, ଏ
ତ ସାଉକାରାର୍ ହୟ୍‌ସି, ଆକ୍ ମଃର୍ନେ ମାରୁଆଁ, ତଃବେ ସଃବୁ
ଦଃନ୍‌ବିତ୍ ଅଃମାର୍ ଅୟ୍‌ଦ୍ । 15 ଆର୍ ସେମଃନ୍ ତାକ୍ ମଃର୍ନେ
ମାରି ଅଙ୍ଗୁର୍ ବାଳାର୍ ସେହାଟି ହଃକାୟ୍‌ଲାୟ୍ । ତଃନ୍‌ଅଲେ
ଅଙ୍ଗୁର୍ ବାଳାର୍ ସାଉକାର୍ ସେମଃନ୍‌କେ କଃନ୍‌କଃରେଦ୍? 16 ସେ
ଆସି ଇ ତାସିମଃନ୍‌କେ ନାସ୍ କଃରେଦ୍ ଆର୍ ବିନ୍ ଲକ୍‌ମଃନ୍‌କେ
ଅଙ୍ଗୁର୍ ବାଲ୍ ଦଃୟ୍‌ଦ୍ ।” ଇରି ସୁଣି ସେମଃନ୍ କୟ୍‌ଲାୟ୍, “ସେରି
ନଃଉଅ ।” 17 ମଃତର୍ ସେମଃନ୍‌କେ ଆକି ନିକକଃରି ସଃଲ୍‌କେ
ଦଃକି କୟ୍‌ଲା, “ତଃବେ ଇ ଜୁୟ୍ କଃତା ଲେକାଆଚେ, ତାର୍ ବାବ୍
କାୟ୍‌ରି, ଗଃର୍ ବାନ୍ଧୁମଃନ୍ ଜୁୟ୍ ଟେଳାକେ ମଃନ୍ ନଃକେଲାୟ୍,
ସେରି କନାର୍ ମୁଲ୍ ଟେଳା ଅୟ୍‌ଲି । 18 ଜେ ସେ ଟେଳା
ଉହ୍ରେ ଅଦ୍ରେଦ୍, ସେ କଃଣ୍ଡ କଃଣ୍ଡ ଅୟ୍‌ଦ୍, ଆର୍ ସେ ଟେଳା
ଜାର୍ ଉହ୍ରେ ଅଦ୍ରେଦ୍ ତାକ୍ ସେରି ଗୁଣ୍ଡାଗୁଣ୍ଡା କଃରେଦ୍ ।” 19
ଇତାକ୍ ଦଃର୍ମ୍‌ଗୁରୁ ଆର୍ ମୁଲ୍ ଜାଜକ୍‌ମଃନ୍ ସେଦାହ୍ରେ ତାକେ
ଦଃରୁକେ ମଃନ୍ କଃଲାୟ୍, ମଃତର୍ ସେମଃନ୍ ଲକ୍‌ମଃନ୍‌କେ
ଡିର୍‌ଲାୟ୍, ବଃଲେକ୍ ସେ କଃତା ସେମଃନ୍‌କେ ଦଃକିକଃରି
ଜିସୁ ସେମଃନ୍‌କେ କୟ୍‌ଲା ବଃଲି ସେମଃନ୍ ବୁଜ୍‌ଲାୟ୍ । 20
ସେତାକ୍ ସେମଃନ୍ ତାକ୍ ସଃର୍‌କାରି ଅଃଦିକାରିମଃନାର୍ ଆତେ
ଆର୍ ରାଇଜ୍‌କର୍ତା ଲକାର୍ ଅଃଦିକାର୍ ତଃଳେ ସଃର୍ହି ଦେଉଁକେ
ସୁବିଦା ଲଳି ତାର୍ କଃତାୟ୍ ଦଃସ୍ ଦଃରୁକ୍ ଚାଲାକି ବାବେ
ଅଃହ୍‌ଣା ଅଃହ୍‌ଣାକ୍ ଦଃର୍ମି ଲକ୍ ବଃଲି ଦଃକାୟ୍ ଅଃଉତା
ଚର୍‌ମଃନ୍‌କେ ଲାଚ୍ ଦଃୟ୍ ହଃଟାୟ୍‌ଲାୟ୍ । 21 ସେ ଚର୍‌ମଃନ୍
ଜିସୁକେ ହଃଚାର୍ଲାୟ୍, “ଏ ଗୁରୁ, ଅଃମିମଃନ୍ ଜାଣିଆଚୁ ତୁୟ୍
ସଃତ୍ କଃତା କଃଉଁଲିସ୍ ଆର୍ ସିକ୍ୟା ଦେଉଁଲିସ୍ ଆର୍ କାର୍
ମୁକ୍‌ମେଟ୍ ନଃଦେକ୍‌ସି, ମଃତର୍ ସଃତ୍‌କଃରି ଇସ୍ୱରାର୍ ଇସାବେ
ସିକ୍ୟା ଦେଉଁଲିସ୍ । 22 ଅଃମିମଃନ୍‌କ୍ କଃଉ, କାଇସର୍‌କେ
ସିସ୍ତ ଦେତା ଅଃମାର୍ ବିଦି ଆଚେ କି ନୟ୍?” 23 ମଃତର୍ ଜିସୁ
ସେମଃନାର୍ ଚାଲାକିକେ ଜାଣି ସେମଃନ୍‌କେ କୟ୍‌ଲା, “ମକ୍
ଗଟ୍ ଅଦ୍‌ଲି ଦଃକାଉଆ । 24 ମକେ ଗଟେକ୍ ଟଃକା ଦଃକାଉ
। ଇତି କାର୍ ମୁର୍ତି ଆର୍ ନାଉଁ ଆଚେ?” ସେମଃନ୍ କୟ୍‌ଲାୟ୍,
“କାଇସର୍ ।” 25 ସେତାକ୍ ଜିସୁ ସେମଃନ୍‌କେ କୟ୍‌ଲା, “ତଃବେ
ଜୁୟ୍‌ରି କାଇସରାର୍ ସେରି କାଇସର୍‌କେ ଦିଆସ୍; ଆର୍ ଜୁୟ୍‌ରି
ଇସ୍ୱରାର୍ ସେରି ଇସ୍ୱର୍‌କେ ଦିଆସ୍ ।” 26 ଇତାକ୍ ସେମଃନ୍
ଲକାର୍ ଆଗେ ତାର୍ କଃତାର୍ ଦଃସ୍ ଦଃରୁକ୍ ହାରି ନାହାର୍ଲାୟ୍,
ଆର୍ ସେମଃନ୍ ତାର୍ କଃତାୟ୍ କାବା ଅୟ୍ ମଦା ଅୟ୍‌ଲାୟ୍ । 27
ତାର୍‌ହଃଚେ ମଃଲା ଲକ୍ ଉଟ୍‌ତାର୍ ସଃତ୍ ନଃକେର୍ତା କଃତିଗଟ୍
ସାଦୁକିମଃନ୍ ଜିସୁର୍ ହାକ୍ ଆସି ହଃଚାର୍ଲାୟ୍, 28 “ଏ ଗୁରୁ,
ମସା ଅଃମାର୍ ଗିନେ ଲେକ୍‌ଲାଆଚେ ଜେ, ଜଦି ଗଟ୍ ଲକାର୍
ବାୟ୍‌ସିର୍ ଡକୁର୍ସି ରେଉଁ ରେଉଁ ହିଲାମଃନ୍ ନଃଉତ୍ ମଃରେଦ୍,
ତଃନ୍‌ଅଲେ ତାର୍ ବାୟ୍‌ସି ତାର୍ ଡକୁର୍ସିକେ ସଃଙ୍ଗ୍ଲାୟ୍ କଃରି
ଅଃହ୍‌ଣାର୍ ବାୟ୍‌ସିର୍ ବଃଉଁସ୍ ବାଡାୟ୍‌ଦ୍ । 29 ଗଟ୍‌ତର୍ ସାତ୍
ବାୟ୍ ରିଲାୟ୍, ବଃଡ୍ ବାୟ୍‌ସି ଗଟ୍ ମାୟ୍‌ଜିକେ ବିବା ଅୟ୍‌ଲା ଆର୍
ହିଲାମଃନ୍ ନଃଉତ୍ ମଃଲା । 30 ଦୁୟ୍ ବାୟ୍‌ର୍ ହଃଚେ ଆରେକ୍

ଗଟ୍ ବାୟ୍‌ସି ହେଁ ତାକ୍ ସଃଙ୍ଗାୟ୍‌ଲା; 31 ସେରଃକମ୍ ସାତ୍ ବାୟ୍
ଜାକ ହିଲାମଃନ୍ ନଃଉତ୍ ମଃଲାୟ୍ । 32 ସଃରାସଃରି ସେ
ମାୟ୍‌ଜି ହେଁ ମଃଲି । 33 ତଃବେ ମଃଲାଲକ୍‌ମଃନ୍ ଉଟ୍‌ତାବଃଲ୍
ସେମଃନାର୍ ବିତ୍ରେ ସେ କାର୍ ଡକୁର୍ସି ଅୟ୍‌ଦ୍? ସାତ୍ ବାୟ୍
ଜାକ ତ ତାକେ ସଃଙ୍ଗାୟ୍ ରିଲାୟ୍ ।” 34 ଜିସୁ ସେମଃନ୍‌କେ
କୟ୍‌ଲା, “ଇ ଜଃଗତାର୍ ଲକ୍‌ମଃନ୍ ବିବା କଃର୍ତି ଆର୍ ବିବା ଦେତି
। (aiōn g165) 35 ମଃତର୍ ଜୁୟ୍‌ମଃନ୍ ସେ ଜଃଗତାର୍ ଗିନେ
ଉଟ୍‌ତାର୍ ଜୟ୍‌ଗ୍ ଅଃଉତି, ସେମଃନ୍ ବିବା ନଃକେର୍ତି କି ବିବା
ନଃଉତି । (aiōn g165) 36 ଆରେକ୍, ସେମଃନ୍ ମଃରୁ ନଃହାର୍ତି,
କାୟ୍‌ତାକ୍‌ବଃଲେକ୍ ସେମଃନ୍ ଦୁତ୍ ମଃନ୍‌କାର୍ ହର୍ ରେତି, ଆର୍
ମଃରି ଉଟ୍‌ଲା ହିଲାମଃନ୍ ଅୟ୍‌ରିଲାକ୍ ଇସ୍ୱରାର୍ ହିଲାମଃନ୍
ଅଃଉତି । 37 ମଃତର୍ ମଃଲାଲକ୍‌ମଃନ୍ ଜେ ଉଟ୍‌ତି, ଇରି ମସା
ହେଁ ଗଟ୍ ବୁଟାର୍ ଗଃଟ୍‌ଣାୟ୍, ମାପ୍ରୁକେ ଅବ୍ରାହାମାର୍ ଇସ୍ୱର୍,
ଇସାକାର୍ ଇସ୍ୱର୍, ଜାକୁବାର୍ ଇସ୍ୱର୍ ବଃଲି କୟ୍ ଜାଣାୟ୍‌ଲା
ଆଚେ । 38 ସେତ ମଃଲା ଲକାର୍ ଇସ୍ୱର୍ ନଃୟ୍, ମଃତର୍
ଜିବନ୍ ଲକାର୍, କାୟ୍‌ତାକ୍‌ବଃଲେକ୍, ସଃବୁ ଲକ୍ ତାର୍ ଲଃଗେ
ଜିବନ୍ ରିଲା ଲକ୍ ।” 39 ସେତି କଃତେକ୍ ସାସ୍ତ୍ରର୍ ଜାଣତା
ଲକ୍‌ମଃନ୍ ଉତୁର୍ ଦିଲାୟ୍, “ଏ ଗୁରୁ, ତୁୟ୍ ଟିକ୍ କୟ୍‌ଲିସ୍ ।” 40
ସେତାକ୍ ସେମଃନ୍ ଜିସୁକେ କାୟ୍ କଃତା ହଃଚାରୁକ୍ ଆର୍ ସାସ୍
ନଃକେଲାୟ୍ । 41 ମଃତର୍ ଜିସୁ ସେମଃନ୍‌କେ ହଃଚାର୍ଲା, “କ୍ରିସ୍ଟ
ଜେ ଦାଉଦାର୍ ହୟ୍‌ସି ବଃଲି ଲକ୍‌ମଃନ୍ କଃନ୍‌କଃରି କଃଉଁଲାୟ୍?
42 ବଃଲେକ୍ ନିଜେ ଦାଉଦ୍ ଗିତ୍‌ସହିତା ଲେକାହଃତାର୍ ତଃୟ୍ଁ
କୟ୍‌ଆଚେ, ମାପ୍ରୁ ମର୍ ମାପ୍ରୁକ୍ କୟ୍‌ଲା, 43 ମୁୟ୍ଁ ଜଃଡେବଃଲ୍
ହଃତେକ୍ ତୁମାର୍ ସଃତ୍ରୁମଃନ୍‌କେ ତୁମାର୍ ହାଦ୍‌ସଃଙ୍ଗାଉତା ଟାଣେ
ଆଣିନାଚୁ, ସଃଡେବଃଲ୍ ହଃତେକ୍ ମର୍ କାତାବାଟ୍ୟା ବଃସିରେ
। 44 ତଃବେ, ଦାଉଦ୍ ତାକେ ମାପ୍ରୁବଃଲି କଃଉଁଲା, ତଃବେ
ସେ କଃନ୍‌କଃରି ତାର୍ ହୟ୍‌ସି?” 45 ହଃଚେ ସେ ସଃବୁ ଲକାର୍
ମୁଏଁ ଚେଲାମଃନ୍‌କେ କୟ୍‌ଲା, 46 “ଦଃର୍ମ୍ ଗୁରୁମଃନାର୍ ତଃୟ୍
ଜଃଗ୍ରାତ୍, ସେମଃନ୍ ଡେଙ୍ଗ ବଃସ୍ତ୍ରର୍ ହିନ୍ଦି ବୁଲୁକ୍, ଆର୍ ଆଟେ
ବଃଜାରେ ଜୁଆର୍ ହାଉଁକେ, ପାର୍ତ୍‌ନା ଗଃରେ ବଃଡ୍ କୁର୍ଚି ଆର୍
ବଜିତଃୟ୍ ବଃଡ୍ ଟାଣେ ବଃସୁକେ ମଃନ୍ କଃର୍ତି । 47 ସେମଃନ୍
ରାଣ୍ଡିମଃନାର୍ ଗଃର୍‌ଗୁଡା ସଃବୁ ଅଃଦିକାର୍ କଃର୍ତି ଆର୍ ଚାଲାକି
କଃରି ବେସି ଗଃଲି ପାର୍ତ୍‌ନା କଃର୍ତି; ସେମଃନ୍ ଜଃବର୍ ବିଚାର୍
ତଃୟ୍ଁ ଡଃଣ୍ଡ ହାଉତି ।”

21 ଇତାର୍‌ହଃଚେ ଜିସୁ ଚାରିହାକ୍ ଆକିହ୍‌କାୟ୍, ମାଜନ୍
ଲକମଃନ୍ ଦାନ୍‌ହେଲି ତଃୟ୍ ନିଜାର୍ ନିଜାର୍ ଦାନ୍ ଦେତାର୍
ଦଃକ୍‌ଲା । 2 ଆର୍, ଜିସୁ ଗଟ୍ ଗଃରିବ୍ ରାଣ୍ଡି ଜଳେକ୍ ସାନ୍
ତାମ୍ବାକାସୁ ହଃକାଉତାର୍ ଦଃକ୍‌ଲା 3 ମୁୟ୍ଁ ତୁମିମଃନ୍‌କେ
ନିଜ୍‌କଃରି କଃଉଁଲେ, “ଇ ଗଃରିବ୍ ରାଣ୍ଡି ସଃବ୍‌କେ ଅଃଦିକ୍
ଦିଲିଆଚେ । 4 କାୟ୍‌ତାକ୍‌ବଃଲେକ୍ ଇ ସଃବୁ ଲକ୍ ବଃଣ୍ଟାରେ
ନିଜାର୍ ନିଜାର୍ ଉବୁର୍ଲା ଦଃନ୍ ଅଃଳକ୍ ଅଃଳକ୍ ହଃକାୟ୍‌ଲାୟ୍,
ମଃତର୍ ଏ ନିଜାର୍ ଅକେଟ୍ ବଃଲ୍ ନିଜାର୍ ଜିବନ୍ ବଚାଉଁକେ
ଜଃତେକ୍ ରିଲି, ସେ ସଃବୁ ଦାନ୍‌କଃଲି ।” 5 ଆର୍ କଃତେକ୍
ଚେଲାମଃନ୍ ମନ୍ଦିରାର୍ ବିସୟେ କଃତାବାର୍ତା ଅଃଉତି ରିଲାୟ୍
। ସେମଃନ୍ କଃଉତି ରିଲାୟ୍, ସେତି ତିଆର୍ ଅୟ୍‌ରିଲା ସୁନ୍ଦର୍
ଟେଳା, ଆର୍ ଇସ୍ୱର୍‌କେ ଦାନ୍ ଦଃୟ୍‌ରିଲା, ଜିନିସ୍‌ସଃବୁ ସଃଙ୍ଗ
ମନ୍ଦିର୍ ବଃଡେ ସୁନ୍ଦର୍ ଡିସୁଲି । 6 ଜିସୁ ସେମଃନ୍‌କେ କୟ୍‌ଲା,
“ତୁମିମଃନ୍ ଇରି ଜାୟ୍‌ରି ସଃବୁ ଦଃକୁଲାସ୍, ବେଳା ଆସେଦ୍
ଜଃଡେବଃଲ୍ ଗଟେକ୍ ଟେଳା ଆରେକ୍ ଗଟେକ୍ ଟେଳା ଉହ୍ରେ
ନଃରେୟ୍, ସଃର୍ନେ ମାଟାୟ୍ ମିସେଦ୍ ।” 7 ସେତାକ୍ ସେମଃନ୍
ତାକ୍ ହଃଚାର୍ଲାୟ୍, “ଏ ଗୁରୁ, ତଃବେ ଇସଃବୁ କଃବେ ଗଃଟେଦ୍?
ଆରେକ୍ ଜୁୟ୍ ବେଳାୟ୍ ଇ ସଃବୁ ଗଃଟ୍‌ଣା ଲଃଗେ ଅୟ୍‌ଦ୍
ସଃଡେବଃଳାର୍ ଚିନ୍ କାୟ୍‌ରି?” 8 ସେତାକ୍ ଜିସୁ କୟ୍‌ଲା,
“ଜଃଗ୍ରାତ୍ ରିଆ, ତୁମିମଃନ୍ ଜଃନ୍‌କଃରି ଉଲୁ ନଃଉଁଆସ୍;
କାୟ୍‌ତାକ୍‌ବଃଲେକ୍ ଗାଦେକ୍ ଲକ୍‌ମଃନ୍ ମର୍ ନାଉଁଏ ଆସି
ମୁୟ୍ଁ ସେ ଆର୍ ବେଲ୍ ହଚ୍‌ଲିନି ବଃଲି କଃଉତି; ସେମଃନାର୍
ହଃଚେ ଜାହାନାୟ୍ । 9 ମଃତର୍ ତୁମିମଃନ୍ ଜଃଡେବଃଲ୍
ଜୁଜ୍ ଆର୍ ଗଣ୍ଡଗଲ୍ ଅଃଉତାର୍ ସୁଣାସ୍, ସଃଡେବଃଲ୍ ଡିରା
ନାୟ୍; କାୟ୍‌ତାକ୍‌ବଃଲେକ୍ ଇରିମଃନ୍ ହଃର୍ତୁ ଗଃଟେଦ୍, ମଃତର୍
ତଃତ୍‌କାଣ୍ ଜୁଗ୍ ସେସ୍ ନୟ୍ ।” 10 ତାର୍‌ହଃଚେ ସେ ସେମଃନ୍‌କେ
କୟ୍‌ଲା, “ଲକ୍ ବିରଦେ ଲକ୍ ଆର୍ ରାଇଜ୍ ବିରଦେ ରାଇଜ୍
ଉଟ୍‌ତି । 11 ଆର୍ ବଃଡ୍‌ବଃଡ୍ ବୁଇଁକମ୍ପ, ଆର୍ ଟାଣେ ଟାଣେ
ମଃର୍ଡି ଦଃରେଦ୍ ଆର୍ କଃତାର୍ ଅୟ୍‌ଦ୍, ଆର୍ ଅଃଗାସ୍ ଉହ୍ରେ
ବୟଃଙ୍କାର୍ ଗଃଟ୍‌ଣାମଃନ୍ ଦଃକାୟ୍ ଅୟ୍‌ଦ୍ ଆର୍ ବଃଡେ ବଃଡେ
ଚିନ୍‌ମଃନ୍ ଡିସେଦ୍ । 12 ମଃତର୍ ଇସଃବୁ ଗଃଟ୍‌ଣା ଗଃଟ୍‌ତା ହୁର୍ବେ
ଲକ୍‌ମଃନ୍ ତୁମିକେ ଦଃର୍ତି ଆର୍ ପାର୍ତ୍‌ନା ଗଃରେ ଆର୍ ଜଃଇଲେ
ସଃର୍ହି ଦଃୟ୍ ଆର୍ଲା କଃର୍ତି ମର୍ ନାଉଁଏ ତୁମିକେ ରଃଜା ଆର୍
ସଃର୍କାର୍ ଅଃଦିକାରିମଃନାର୍ ତଃୟ୍ ଟିଆ ଅଃଉଁକେ ହଃଳେଦ୍;
13 ଇରି ମର୍ ବିସୟେ ବିନ୍ ଲକ୍‌ମଃନ୍‌କେ ସାକି ଦେଉଁକେ
ତୁମିମଃନ୍‌କେ ବାଟ ମିଳେଦ୍ । 14 ବଃଲେକ୍ ନିଜାର୍ ବିସୟେ
କାୟ୍ ଉତୁର୍ ଦିଆସ୍ ସେତାକ୍ ଆଗ୍‌ତୁ ଚିତା ନଃକେରୁକ୍ ଅଃହ୍‌ଣା
ଅଃହ୍‌ଣାର୍ ମଃନ୍ ବିତ୍ରେ ତିର୍ କଃରା; 15 କାୟ୍‌ତାକ୍‌ବଃଲେକ୍
ମୁୟ୍ଁ ତୁମିମଃନ୍‌କେ ଅଃନ୍‌କାର୍ କଃତା ଆର୍ ଗ୍ୟାନ୍ ଦଃୟ୍‌ନ୍ଦ
ଜେ, ତୁମିମଃନାର୍ ସଃର୍ନେ ବିରଦି ଲକ୍ ସେତାର୍ ବିରଦ୍ କି
ଜଃବାଉ ଦେଉଁକ୍ ନଃହାର୍ତି । 16 ମଃତର୍ ତୁମିମଃନ୍‌କେ ଉବାଦି
ଆୟ୍‌ଦି, ବାୟ୍, ନିଜାର୍ ଲକ୍‌ମଃନ୍ ହେଁ ସଃର୍ହି ଦେତି, ଆରେକ୍
ତୁମାର୍ ବିତ୍ରେ ସଃଙ୍ଗ ମଃନ୍‌ହେଁ କାକେ କାକେ ମଃର୍ନେ ମାର୍ତି । 17
ଆରେକ୍ ମର୍ ନାଉଁଆର୍ ଗିନେ ତୁମିମଃନ୍‌କେ ସଃବୁଲକ୍ ଗିଣ୍
କଃର୍ତି । 18 ମଃତର୍ ତୁମାର୍ ମୁଣ୍ଡାର୍ ବାଲ୍ ହେଁ ନଃସ୍ଟ ନୟ୍ । 19
ତୁମିମଃନ୍ ଅଃଟୁଆ ଅୟ୍‌ରିଲେକ୍ ଅଃହ୍‌ଣା ଅଃହ୍‌ଣାର୍ ହଃରାଣ୍
ରଃକ୍ୟା କଃରାସ୍ ।” 20 “ମଃତର୍ ତୁମିମଃନ୍ ଜଃଡେବଃଲ୍
ଜିରୁସାଲମ୍‌କେ ସଃଇନ୍ ଦଃଲ୍ ମଃନ୍ ବେଳି ଅୟ୍‌ଲାର୍ ଦଃକାସ୍

ସଃଡେବଃଲ୍ ସେରି ବଃସମ୍ ଅଃଉତାର୍ ଲଃଗେ ଅୟ୍ଲି ବଃଲି
ଜାଣାସ୍ । 21 ସଃଡେବଃଲ୍ ଜୁୟ୍ ଲକ୍ମଃନ୍ ଜିଉଦା ରାଇଜେ
ରେତି, ସେମଃନ୍ ଡଙ୍ଗର୍ ଉହ୍ରେ ହଃଲାୟ୍ ଜଃଅତ୍, ଜୁୟ୍ଲକ୍
ଗଃଲ୍ ବିତ୍ରେ ରେତି, ନିଚୟ୍ ସେମଃନ୍ ବାରାୟ୍ ଜଃଅତ୍, ଆର୍
ଜୁୟ୍ଲକ୍ ଗାଉଁଏ ରେତି, ସେମଃନ୍ ଗଃଲ୍ ବିତ୍ରେ ନଃଜଃଅତ୍; 22
କାୟ୍ତାକ୍ବଃଲେକ୍ ଲେକ୍ଲା କଃତା ସଃବୁ ହୁରୁଣ୍ ଅଃଉଁକେ
ସେରି ଟିକ୍ ଡଃଣ୍ଡାର୍ ବେଲା ଅୟ୍ଦ୍ । 23 ସଃଡେବଃଲ୍ ଜୁୟ୍
ଟକିମଃନ୍ ଆଙ୍ଗେ ରେତି ଆର୍ ଜୁୟ୍ ଟକିମଃନାର୍ ଦୁଦ୍ କଃତା ସାନ୍
ହିଲା ରେତି, ସେମଃନ୍ ବଃଡେ ଦୁକ୍ ହାଉତି, କାୟ୍ତାକ୍ବଃଲେକ୍
ହୁର୍ତିବିଏ ବଃଡ୍ ବିପ୍ତି ଆର୍ ଇ ଜାତିକେ ଡଃଣ୍ଡ ଗଃଟେଦ୍
। 24 ଆର୍ ସେମଃନ୍ କଃଣ୍ଡା ଲଃଗେ ହୁଜାଇ ଅଃଉତି ଆର୍
ବାନ୍ଦାୟ୍ ଅୟ୍ ସଃବୁ ଅଜିଉଦି ବିତ୍ରେ ନିଆ ଅଃଉତି, ଆରେକ୍
ବିନ୍ ଜାତିମଃନାର୍ କାଲ୍ ହୁରୁଣ୍ ନଃଉତା ହଃତେକ୍ ଜିରୁସାଲମ୍
ସେମଃନାର୍ ହାଦ୍ତଃଳେ ରଃୟ୍ଦ୍ ।" 25 "ଆରେକ୍ ବେଳ୍,
ଜଃନ୍ ତାରାମଃନାର୍ ତଃୟ୍ ଚିନ୍ ଦଃକାଜାୟ୍ଦ୍ ଆର୍ ହୁର୍ତିବିଜାକ
ଲକ୍ ମଃନାର୍ ବିତ୍ରେ ବିପ୍ତି ଗଃଟେଦ୍; ସଃମ୍ନ୍ଦ ଆର୍ ଉଲାଳାର୍
ଗଃର୍ଜାଣେ ସେମଃନାର୍ ବୁଦି ବାଣା ଅୟ୍ଦ୍ । 26 ଆରେକ୍ ହୁର୍ତିବି
ଉହ୍ରେ ଆସ୍ତି ରିଲା ଗଃଟ୍ଣା ମଃନ୍ ଡିରିକଃରି ଲକ୍ମଃନ୍ ମୁର୍ଚା
ହର୍ ଅଃଉତି, ବଃଲେକ୍ ଅଃଗାସ୍ ଉହ୍ରାର୍ ସଃକ୍ତିମଃନ୍ ଜଃତ୍କଃତ୍
ଅଃଉତି । 27 ସଃଡେବଃଲ୍ ଲକ୍ମଃନ୍ ନଃରାର୍ ହୟ୍ସିକେ
ବଃଡେ ସଃକ୍ତି ଆର୍ ଜଃଜ୍ମାନ୍ ସଃଙ୍ଗ ମେଗେ ଆସ୍ତାର୍ ଦଃକ୍ତି
। 28 ମଃତର୍ ଇ ସଃବୁ ଗଃଟ୍ଣା ଆରୁମ୍ ଅୟ୍ଲେକ୍ ତୁମିମଃନ୍
ମୁଣ୍ଡ ଟେକି ଉହ୍ରେ ଦଃକା, ବଃଲେକ୍ ତୁମିମଃନାର୍ ମୁକୁଲ୍ତାର୍
ଚଃମେ ଅୟ୍ଲି ।" 29 ଆର୍, ସେ ସେମଃନ୍କେ ଗଟ୍ କଃତା କୟ୍
କୟ୍ଲା, "ଡୁମ୍ବୁର୍ ଆର୍ ସଃବୁ ଗଃଚ୍ମଃନାର୍ କଃତା ବାବି ଦଃକା;
30 ଜଃଡେବଃଲ୍ ସେ ଡାଲ୍ ହଃତାର୍ମଃନ୍ କଃଉଁଣା ଅୟ୍ଦ୍,
ସଃଡେବଃଲ୍ ତୁମିମଃନ୍ ସେରି ଦଃକି, କଃରା ବିନ୍ ଲଃଗେ ଅୟ୍ଲି
ବଃଲି ନିଜେ ନିଜେ ଜାଣୁଲାସ୍ । 31 ସେନ୍କଃରି ତୁମିମଃନ୍ ହେଁ
ଇସଃବୁ ଗଃଟ୍ଣା ଦଃକ୍ଲେକ୍ ମାପ୍ରୁର୍ ରାଇଜ୍ ଲଃଗେ ଅୟ୍ଲି
ବଃଲି ଜାଣା ।" 32 "ମୁୟ୍ଁ ତୁମିକେ ସଃତ୍ କଃଉଁଲେ, ଇ ସଃବୁ
ଗଃଟ୍ଣା ଗଃଟ୍ତା ହଃତେକ୍ ଅଃବାର୍ ଲକ୍ମଃନାର୍ ବଃଉଁସ୍
ନଃବୁଡେ । 33 ଅଃଗାସ୍ ଆର୍ ହୁର୍ତିବି ନଃସ୍ଟ ଅୟ୍ଦ୍, ମଃତର୍
ମର୍ କଃତା କଃବେ ନଃସ୍ଟ ନଃହୟ୍ ।" 34 "ତୁମିମଃନ୍ ନିଜାର୍
ନିଜାର୍ ବିସୟେ ଜଃଗ୍ରାତ୍ ଅୟ୍ରିଆ, ଚଃନେମଃନେ ତୁମାର୍
ମଃନ୍ ମାତୁଆଳି ଆର୍ ମଃଦ୍ କାଉଁକେ ଆରେକ୍ ଜିବ୍କାର୍ ଗିନେ
ଚିତାୟ୍ ବୁଡି ରେତା ବଃଲ୍ ସେ ଦିନ୍ ଲୁକ୍ଣେ ତୁମାର୍ ଉହ୍ରେ
ଆସେଦ୍; 35 କାୟ୍ତାକ୍ବଃଲେକ୍ ସେରି ହାନ୍ଦା ହର୍ ସଃରା
ହୁର୍ତିବି ସଃବୁଲକାର୍ ଉହ୍ରେ ଆସେଦ୍ । 36 ମଃତର୍ ଜଃନ୍କଃରି
ଇ ସଃବୁ ଆଗ୍ତୁ ଗଃଟ୍ଣା ତଃୟ୍ହୁଣି ବଟୁକେ ଆର୍ ନଃରାର୍
ହୟ୍ସି ଚଃମେ ଟିଆ ଅଃଉଁକେ ହାରାସ୍ ଇତାକ୍ ସଃବୁ ବଃଲ୍
ଗଃଉଆରି କଃରି ଜାଗି ରିଆ ।" 37 ଜିସୁ ହଃତିଦିନ୍ ମନ୍ଦିରେ
ସିକ୍ୟା ଦେତିରିଲା ଆର୍ ସଃବୁ ରାତି ବାରାୟ୍ ଜାୟ୍ ଜିତ୍ ଡଙ୍ଗେ
ରେତିରିଲା । 38 ଆର୍ ସଃବୁ ଲକ୍ ମନ୍ଦିରେ ତାର୍ ସିକ୍ୟା ସୁଣୁକ୍
ହଃତି ସଃକାଳ୍ୟା ତାର୍ ତଃୟ୍ ଆସ୍ତି ରିଲାୟ୍ ।

**22** ମୁକ୍ଲାଉଁଣି ହଃର୍ବ୍ ନାଉଁଆର୍ କମିର୍ ନଃମିସ୍ଲା ମୁକ୍ଲାଉଁଣି
ହଃର୍ବ୍ ଚଃମେ ଅୟ୍ ଆସ୍ତିରିଲି । 2 ଆର୍ ବଃଡ୍ ଜାଜକ୍
ଆର୍ ଦଃର୍ମ୍ଗୁରୁମଃନ୍ କଃନ୍କଃରି ଜିସୁକେ କେ ନଃଜାଣ୍ଲା
ହର୍ ନାସ୍ କଃରୁହାର୍ତି, ସେତାର୍ ଉପାୟ୍ କଃର୍ତି ରିଲାୟ୍,
କାୟ୍ତାକ୍ବଃଲେକ୍ ସେମଃନ୍ ଲକ୍ମଃନ୍କେ ଡିର୍ତି ରିଲାୟ୍ । 3
ସଃଡେବଃଲ୍ ବାରଗଟ୍ ଚେଲା ବିତ୍ରେ ରିଲା ଇସ୍କାରିଅତ୍ ନାଉଁଆର୍
ଜିଉଦାର୍ ମଃନ୍ବିତ୍ରେ ସୟ୍ତାନ୍ ହୁର୍ଲି । 4 ସେତାକ୍, ସେ ଜାୟ୍,
କଃନ୍କଃରି କଃରି ଜିସୁକେ ବଃଡ୍ ଜାଜକ୍ ଆର୍ ସଃଇନ୍ମଃନାର୍
ମୁଲିକାମଃନାର୍ ଆତେ ଦଃରାୟ୍ ଦଃୟ୍ଦ୍ ସେରି ତାକାର୍ ସଃଙ୍ଗ
କଃତାବାର୍ତା କଃଲା । 5 ସେତାକ୍ ସେମଃନ୍ ସଃର୍ଦା ଅୟ୍ଲାୟ୍
ଆର୍ ତାକେ ଡାବୁ ଦେଉଁକେ ଚିଡାହଡା କଃଲାୟ୍ । 6 ଆର୍
ଜିହୁଦା ରାଜି ଅୟ୍ ଲକ୍ମଃନାର୍ ଲୁକ୍ଣେ ତାକେ ସେମଃନାର୍
ଆତେ ସଃର୍ହି ଦେଉଁକ୍ ବାଟ ଲଲ୍ତିରିଲା । 7 ତାର୍ହଃଚେ
ଜୁୟ୍ଦିନ୍ ମୁକ୍ଲାଉଣି ହଃର୍ବାର୍, ହୁଜାମେଣ୍ଡା ଦେଉଁକ୍ ହଃଳେଦ୍, ସେ
କମିର୍ ନଃମିସାଉତା ରୁଟିର୍ ହଃର୍ବ୍ ହଚ୍ଲି; 8 ଆର୍, ଜିସୁ ପିତର୍
ଆର୍ ଜହନ୍କେ ଇରି କୟ୍ କଃରି ହଃଟାୟ୍ଲା, "ଅଃମିମଃନ୍
ଜଃନ୍କଃରି କାଉଁ ହାରୁନ୍ଦ, ଇତାକ୍ ତୁମିମଃନ୍ ଜାୟ୍ ଅଃମାର୍
ଗିନେ ମୁକ୍ଲାଉଁଣି ହଃର୍ବ୍ ବଜି କଃରା ।" 9 ସେତାକ୍ ସେମଃନ୍
ଜିସୁକେ ହଃଚାର୍ଲାୟ୍, "ଅଃମିମଃନ୍ କୁୟ୍ ଟାଣେ ଇରି ଟିକ୍
କଃରୁନ୍ଦ ବଃଲି ତୁୟ୍ ମଃନ୍ କଃରୁଲିସ୍?" 10 ଜିସୁ ସେମଃନ୍କେ
କୟ୍ଲା, "ଦଃକା ତୁମିମଃନ୍ ଗଃଲ୍ ବିତ୍ରେ ହୁରୁହୁରୁ, ଡକାୟ୍ ହାଣି
ବୟ୍ନେତା ଗଟ୍ ମାନାୟ୍କେ ତୁମିମଃନ୍ ବେଟ୍ ହାଉଆସ୍, ସେ
ଜୁୟ୍ ଗଃରେ ହୁରେଦ୍, ତାର୍ ହଃଚେହଃଚେ ସେ ଗଃରେ ଜାୟ୍
ଗଃରାର୍ ମୁଲିକାକେ କଃଉଆ, 11 ଅଃମାର୍ ଗୁରୁ ତକେ ହଃଚାରି
ଆସୁକ୍ ମକେ ହଃଟାୟ୍ ଆଚେ, ମୁୟ୍ଁ ମର୍ ଚେଲାମଃନାର୍ ସଃଙ୍ଗ
କୁୟ୍ତି ମୁକ୍ଲାଉଁଣି ହଃର୍ବ୍ ବଜି କଃରିନ୍ଦ ବଃଲି କଃଉଁଲା, କୁୟ୍
ବଃକ୍ରାୟ୍ କଃରୁନ୍ଦ । 12 ସେତି ସେ ତୁମିକେ ଉହ୍ରାର୍ ଗଟେକ୍
ସୁନ୍ଦର୍ ବଃଡ୍ ବଃକ୍ରା ଦଃକାୟ୍ ଦଃୟ୍ଦ୍; ସେତି ଟିକ୍ କଃରା ।" 13
ସେତାକ୍ ସେମଃନ୍ ଜାୟ୍, ଜିସୁ ଜଃନ୍କଃରି ସେମଃନ୍କେ କୟ୍
ରିଲା ସେନ୍କାର୍ ଦଃକି ମୁକ୍ଲାଉଁଣି ହଃର୍ବ୍ ବଜି ଟିକ୍ କଃଲାୟ୍ । 14
ଆରେକ୍, ବେଳା ଅୟ୍ଲାକ୍ ଜିସୁ ଆର୍ ତାର୍ ସଃଙ୍ଗ ପେରିତ୍ମଃନ୍
କାଉଁକେ ବଃସ୍ଲାୟ୍ । 15 ଆର୍ ଜିସୁ ସେମଃନ୍କେ କୟ୍ଲା,
"ମର୍ ଦୁକ୍ ହାଉତା ହୁର୍ବେ ମୁୟ୍ଁ ତୁମାର୍ ସଃଙ୍ଗ ଇ ମୁକ୍ଲାଉଁଣି ହଃର୍ବ୍
ବଜି କାଉଁକେ ମଃନ୍କଃଲେ । 16 କାୟ୍ତାକ୍ବଃଲେକ୍, ମୁୟ୍ଁ
ତୁମିମଃନ୍କେ କଃଉଁଲେ, ମାପ୍ରୁର୍ ରାଇଜେ ଆର୍ ସଃବୁ ବାବ୍
ଜାଣା ନଃହେଲ୍ତା ହଃତେକ୍ କଃବେହେଁ ଇରି କାଉଁନଃଚି ।"
17 ଆର୍ ଜିସୁ ଅଙ୍ଗୁର୍ ରଃସ୍ କପାୟ୍ ଦଃରି ମାପ୍ରୁକେ ଜୁଆର୍
କଃରି ଦଃୟ୍ କୟ୍ଲା, "ଇରି ନିଆ ନିଜାର୍ ନିଜାର୍ ବିତ୍ରେ ବାଟା

କଃରା, 18 କାୟ୍‌ତାକ୍‌ବଃଲେକ୍ ମୁୟ୍‌ଁ ତୁମିମଃନ୍‌କେ କଃଉଁଲେ,
ମାପ୍ରୁର୍ ରାଇଜ୍ ନାସ୍ତା ହଃତେକ୍ ମୁୟ୍‌ଁ ଆଜିହୁଣି ଅଙ୍ଗୁର୍ ରଃସ୍
ଆରେକ୍ କାଉଁନଃଚି ।" 19 ଆର୍, ଜିସୁ ରୁଟିକ୍ ଦଃରି ମାପ୍ରୁକେ
ଜୁଆର୍ କଃରି, ସେରି ବାଙ୍ଗାୟ୍ ସେମଃନ୍‌କେ ଦଃୟ୍ କଃରି
କୟ୍‌ଲା, "ତୁମାର୍ ଗିନେ ଦିଆଅୟ୍‌ଲା ମର୍ ଗଃଗାଲ୍ ଇରି; ମକେ
ଏତାଉଁକେ ଇରି କଃରା ।" 20 ସେରଃକମ୍ ରୁଟି କାୟ୍‌ଲା ହଃଚେ
କପାୟ୍ ଅଙ୍ଗୁର୍ ରଃସ୍ ଦଃରି କୟ୍‌ଲା, "ତୁମାର୍ ଗିନେ ଦିଆଅୟ୍‌ଲା
ମର୍ ବଃନି, ଇରି ସେ ତୁମାର୍ ଗିନେ ମର୍ ବଃନି ତଃୟ୍ ଟିକ୍ କଃଲା
ନଃଉଆଁ ବିଦି ।" 21 "ମଃତର୍ ଦଃକା ଜେ ମକେ ସଃତୁ ଆତେ
ସଃର୍ହି ଦେଉଁଲା, ତାର୍ ଆତ୍ ମର୍ ସଃଙ୍ଗ୍ ଟେବୁଲ୍ ଉହ୍ରେ ଆଚେ
। 22 କାୟ୍‌ତାକ୍‌ବଃଲେକ୍ ମାପ୍ରୁ ଜଃନ୍‌କଃରି ଟିକ୍ କଃରିଆଚେ,
ନଃରାର୍ ହୟ୍‌ସି ସେନ୍‌କଃରି ମଃରୁକ୍ ଜଃଉଁଲା ସଃତ୍, ମଃତର୍
ଜୁୟ୍ ଲକ୍ ସଃହ୍ରି ଦେଉଁଲା, ଚି, ସେ ଡଃଣ୍ଡ୍ରୁର୍ ଜୟ୍‌ଗ୍ ।" 23
ସେତାକ୍ ସେମଃନାର୍ ବିତ୍ରେ କେ ଇରି କଃରୁକେ ଜଃଉଁଲା, ସେ
କଃତାକ୍ ଦଃରି ତାକାର୍ ତାକାର୍ ବିତ୍ରେ କଃଉଆକଇ ଅଃଉଁକେ
ଦଃର୍ଲାୟ୍ । 24 ଆରେକ୍, ସେମଃନାର୍ ବିତ୍ରେ କେ ବଃଡ୍, ସେ
କଃତାକ୍ ଦଃରାଦଃରି ଅୟ୍‌ଲାୟ୍ । 25 ସେତାକ୍ ଜିସୁ ସେମଃନ୍‌କେ
କୟ୍‌ଲା, "ଅଜିଉଦିମଃନାର୍ ରଃଜାମଃନ୍ ସେମଃନାର୍ ଉହ୍ରେ ରାଜ୍
କଃର୍ତି, ଆରେକ୍ ସେମଃନ୍ ସେମଃନାର୍ ଦେସାର୍ ନିଜ୍‌ଲକ୍ ବଃଲି
ଡାକେ ହୁଟ୍‌ତି । 26 ମଃତର୍ ତୁମିମଃନ୍ ତାକାର୍ ହର୍ ଅଃଉଆ
ନାୟ୍, ମଃତର୍ ତୁମାର୍ ବିତ୍ରେ ଜେ ବଃଡ୍ ସେ ସାନ୍ ହର୍ ଅଃଉଅ,
ଆର୍ ଜେ ମୁଳିକା ସେ ସେବାକାରି ହର୍ ଅଃଉଅ । 27 ତଃବେ
କେ, ବଃଡ୍? ଜେ କାଉଁକେ ବଃସେଦ୍, କି, ଜେ ସେବା କଃରେଦ୍?
ଜେ କାଉଁକେ ବଃସେଦ୍, ସେ କି ବଃଡ୍ ନାୟ୍? ମଃତର୍ ମୁୟ୍‌ଁ
ତୁମାର୍ ବିତ୍ରେ ଗଟ୍ ଗତିଦଃଙ୍ଗ୍‌ଲା ହର୍ ଆଚି ।" 28 "ମଃତର୍
ତୁମିମଃନ୍ ମର୍ ସଃବୁ ପରିକ୍ୟାୟ୍ ମର୍ ସଃଙ୍ଗ୍ ରଃୟ୍ ଆସୁଲାସ୍,
29 ଇତାକ୍ ମର୍ ଉବା ଜଃନ୍‌କଃରି ମର୍ ଗିନେ ରାଇଜ୍ ବାଚ୍‌ଲା
ଆଚେ, ମୁୟ୍‌ଁ ହେଁ ସେରଃକମ୍ ତୁମାର୍ ଗିନେ ବାଚିଆଚି । 30
ଜଃନ୍‌କଃରି ମର୍ ରାଇଜେ ମର୍ ସଃଙ୍ଗ୍ କାଉଆ ହିଉଆ କଃରାସ୍
ଆର୍ ସିଙ୍ଗାସଣ୍ ଉହ୍ରେ ବଃସି ଇସ୍ରାଏଲାର୍ ବାର ବଃଉଁସ୍‌କେ ରାଜ୍
କଃରାସ୍ ।" 31 "ସିମନ୍, ସିମନ୍, ଦଃକ୍ ଗଅଁକେ ଚାଲାଣାୟ୍
ଚାଲାଉତା ହର୍ ସୟ୍‌ତାନ୍ ତୁମିମଃନ୍‌କେ ଚାଲାଉଁକ୍ ଅଃଦିକାର୍
ହାୟ୍ ଆଚେ । 32 ମଃତର୍ ତର୍ ବିସ୍ୱାସ୍ କଃର୍ତାର୍ ଜଃନ୍‌କଃରି
ଉଣା ନାୟ୍, ସେତାକ୍ ମୁୟ୍‌ଁ ତର୍ ଗିନେ ଗଃଉଆରି କଃରୁଲେ
। ଆର୍ ତୁୟ୍ ଆରେକ୍ ବାଉଳିଆସି ଅଃହ୍‌ଣାର୍ ବାୟ୍‌ମଃନ୍‌କେ
ତିର୍‌କଃର୍ ।" 33 ମଃତର୍ ପିତର୍ ଜିସୁକେ କୟ୍‌ଲା, "ଏ ମାପ୍ରୁ
ମୁୟ୍‌ଁ ତର୍ ସଃଙ୍ଗ୍ ଜଃଇଲ୍ ଜଃଉଁକେ ଆର୍ ମଃରୁକ୍ ହେଁ ରାଜି
ଆଚି ।" 34 ମଃତର୍ ଜିସୁ କୟ୍‌ଲା, "ଏ ପିତର୍, ମୁୟ୍‌ଁ ତକେ
କଃଉଁଲେ, ଆଜି ରାତି କୁକ୍‌ଲା ନଃବାସ୍ତେ ତୁୟ୍ ମକ୍ ନଃଜାଣି
ବଃଲି ତିନିତର୍ କଃଉସି ।" 35 ଆର୍, ଜିସୁ ସେମଃନ୍‌କେ କୟ୍‌ଲା,
"ଜଃଡେବଃଲ୍ ତୁମିମଃନ୍‌କେ ଜାଲିଆ, ମଣା, ଆର୍ ହାଣ୍ଡାୟ୍
ନଃନେଇଁ ଜଃଉଁକେ ହଃଟାୟ୍‌ରିଲେ, ସଃଡେବଃଲ୍ ତୁମାର୍ କି
କାୟ୍‌ରି ଉଣା ଅୟ୍‌ଲି?" ସେମଃନ୍ କୟ୍‌ଲାୟ୍, "ନାୟ୍ ।" 36
ଜିସୁ ସେମଃନ୍‌କେ ଆରେକ୍ କୟ୍‌ଲା, "ମଃତର୍ ଅଃବେ, ଜାର୍
ଜାଲିଆ ମଣା ଆଚେ, ସେ ସେରି ନେଉଅ, ସେବାନ୍ୟା ମଣାହେଁ
ନେଉଅ, ଆର୍ ଜାର୍ ନୟ୍, ସେ ଅଃହ୍‌ଣାର୍ ଆଙ୍ଗି କଃଣ୍ଡେକ୍
ବିକିକଃରି କଃରି କଃଣ୍ଡା ଗେନ । 37 କାୟ୍‌ତାକ୍‌ବଃଲେକ୍ ମୁୟ୍‌ଁ
ତୁମିମଃନ୍‌କେ କଃଉଁଲେ, ସେ ବିଦିନୟ୍‌ଲା ହାହିମଃନାର୍ ସଃଙ୍ଗ୍
ଗଣିତା ଅୟ୍‌ଲା ଇ ଜୁୟ୍ କଃତା ଲେକା ଅୟ୍‌ଆଚେ, ସେରି ମର୍
ତଃୟ୍ ହୁରୁଣ୍ ଅଃଉତା ଲଳା ଆଚେ; ଇତାକ୍ ମର୍ କଃତା ହୁରୁଣ୍
ଅଃଉଁଲି ।" 38 ସେତାକ୍ ସେମଃନ୍ କୟ୍‌ଲାୟ୍, "ମାପ୍ରୁ, ଦଃକ୍
ଇତି ଜଳେକ୍ କଃଣ୍ଡା ଆଚେ ।" ଆର୍ ଜିସୁ ସେମଃନ୍‌କେ କୟ୍‌ଲା,
"ସଃତେକ୍ ସଃରି ।" 39 ଜିସୁ ଗଃଲେହୁଣି ବାରାୟ୍, ହଃତିଦିନାର୍
ହର୍ ବାରାୟ୍ ଜିତ୍ ଡଙ୍ଗ୍ରେ ଗଃଲା ଆର୍ ଚେଲାମଃନ୍ ହେଁ ତାର୍
ହଃଚେହଃଚେ ଗଃଲାୟ୍ । 40 ସେଟାଣେ ହଚି ଜିସୁ ସେମଃନ୍‌କେ
କୟ୍‌ଲା, "ଜଃନ୍ କଃରି ହାନ୍ଦ୍ରାୟ୍ ନଃହେଲାସ୍, ସେତାର୍ ଗିନେ
ପାର୍ତ୍‌ନା କଃରା ।" 41 ଆର୍ ସେ ସେମଃନ୍‌କେ ଚାଡି କଃଣ୍ଡେକ୍
ଦୁରିକ୍ ଜାୟ୍ ମାଣ୍ଡିକୁଟା ଟେସି, ଇ ପାର୍ତ୍‌ନା କଃରୁକେ ଦଃର୍ଲା ।
42 "ଉବା ଜଦି ତର୍ ମଃନ୍ ଅୟ୍‌ଦ୍ ତଃବେ ଇ ଦୁକ୍ ରଃକମାର୍
କପା ମର୍ ତଃୟ୍‌ହୁଣି ଦୁର୍‌କଃର୍; ଅୟ୍‌ଲେକ୍ ହେଁ ମର୍ ମଃନ୍
ନାୟ୍, ମଃତର୍ ତର୍ ଇଚା ହୁରୁଣ୍ ଅଃଉଅ ।" 43 ଆର୍, ଗଟ୍
ସଃର୍ଗାର୍ ଦୁତ୍ ଦଃକାୟ୍ ଅୟ୍ ତାକେ ସଃକ୍ତି ଦିଲା । 44 ଆରେକ୍,
ସେ ଦୁକେ ବାଙ୍ଗିହଃଲି ଏକ୍‌ମଃନେ ପାର୍ତ୍‌ନା କଃରୁକେ ଦଃର୍ଲା
ଆର୍ ତାର୍ ଜଃଲ୍ ବଃନିତିହ୍‌ଲା ହର୍ ବୁୟେଁ ତିହ୍‌ଲି । 45 ଆର୍
ସେ ପାର୍ତ୍‌ନା କଃରି ସଃରାୟ୍ ଉଟି ଚେଲାମଃନାର୍ ହାକ୍ ଆସି
ସେମଃନ୍‌କେ ଦୁକାର୍‌ଗିନେ ନିଦଉତାର୍ ଦଃକ୍‌ଲା । 46 ଆରେକ୍
ଜିସୁ ସେମଃନ୍‌କେ କୟ୍‌ଲା, "କାୟ୍‌ତାକ୍ ସଃଉଁଲାସ୍? ଜଃନ୍‌କଃରି
ହାନ୍ଦ୍ରାୟ୍ ନଃହେଲାସ୍ ଇତାର୍ ଗିନେ ଉଟି ପାର୍ତ୍‌ନା କଃରା ।" 47
ଜିସୁ କଃତା କଃଉତାବଃଲ୍, ଦଃକା ଲକ୍‌ମଃନ୍ ଆୟ୍‌ଲାୟ୍, ଆର୍
ବାରଗଟ୍ ଚେଲା ବିତ୍ରେ ଜିଉଦା ନାଉଁଆର୍ ଏକ୍ଲା ସେମଃନାର୍
ଆଗେ ଆଗେ ଆସି ଜିସୁକେ ଚୁମୁକେ ତାର୍ ଚଃମେ ଗଃଲା
। 48 ମଃତର୍ ଜିସୁ ତାକ୍ କୟ୍‌ଲା, "ଏ ଜିଉଦା, ତୁମି କଃରି
ନଃରାର୍ ହୟ୍‌ସିକେ କାୟ୍ ସଃତୁ ଆତେ ସଃର୍ହି ଦେଉଁଲିସ୍?" 49
ସେତାକ୍ କାୟ୍‌ରି ଅୟ୍‌ଦ୍ ସେରି ଦଃକି ତାର୍ ସଃଙ୍ଗ୍‌ଆଲିମଃନ୍
କୟ୍‌ଲାୟ୍, "ମାପ୍ରୁ ଅଃମିମଃନ୍ କାୟ୍ କଃଣ୍ଡା ସଃଙ୍ଗ୍ ମାରୁଆଁ?" 50
ଆର୍, ସେମଃନାର୍ ବିତ୍ରେ ଏକ୍ଲା ମୁଲ୍ ଜାଜକାର୍ ଗତିଦଃଙ୍ଗ୍‌ଲାକ୍
ମାରି କଃରି ତାର୍ କାତା ବାଟ୍ୟାର୍ କାନ୍ କାଟି ହଃକାୟ୍‌ଲା ।
51 ମଃତର୍ ଜିସୁ ଉତୁର୍ ଦିଲା, "ଅଃତେକ୍ ସଃରି;" ଆର୍ ସେ
ଲକାର୍ କାନ୍ ଚୁଇ, ତାକ୍ ଉଜ୍ କଃଲା । 52 ଆର୍ ଜିସୁ ତାର୍
ବିରଦେ ଆସିରିଲା ମୁଲ୍ ଜାଜକ୍, ମନ୍ଦିର୍ ଜାଗୁଆଲିମଃନାର୍
ମୁଲ୍ ସଃଇନ୍ ଆର୍ ପାରାଚିନ୍‌ମଃନ୍‌କେ କୟ୍‌ଲା, "ଚର୍ ବିରଦେ
ବାରୟ୍‌ଲା ହର୍ କଃଣ୍ଡା ଆର୍ ଟେଙ୍ଗା ଦଃରି ତୁମିମଃନ୍ କାୟ୍‌ତାକ୍

ଦଽରୁକେ ଆୟ୍‌ଲାସ୍? 53 ମୁୟ୍ଁ ଦିନେକେ ତୁମାର୍ ସଽଙ୍ଗ ମନ୍ଦିରେ
ରିଲେ, ମଽତର୍ ତୁମିମଽନ୍ ସଽଡେବଽଲ୍ ମକ୍ ଦଽରୁ ନଽଚ୍‌ଲାସ୍,
ମଽତର୍ ଇରି ତୁମାର୍ ବେଳା, ଅଽନ୍ଦାରାର୍ ଅଽଦିକାର୍ ଇରି
।" 54 ହଽଚେ ସେମଽନ୍ ଜିସୁକେ ଦଽରିନଽୟ୍ ମୁଲ୍ ଜାଜକାର୍
ଗଽରେ ଆଣ୍‌ଲାୟ୍; ମଽତର୍ ପିତର୍ ଦୁରିକେ ରଽୟ୍ କଽରି ହଽଚେ
ହଽଚେ ଗଽଲା । 55 ଆର୍ ସେମଽନ୍ କୁଆଲେ ଜୟ୍ ଲାଗାୟ୍
ଗଟେଟାଣେ ବଽସ୍‌ଲାକେ, ପିତର୍ ସେମଽନାର୍ ବିତ୍ରେ ବଽସିରିଲା
। 56 ଗଟ୍ ଗତିଦଽଙ୍ଗ୍ଲି ତାକେ ଜୟ୍ ଲଽଗେ ବଽସିରିଲାର୍
ଦଽକି ତାକ୍ ସଽଲ୍‌କେ ମୁଏଁ ଦଽକି କୟ୍‌ଲି, "ଇ ଲକ୍ ହେଁ ତାର୍
ସଽଙ୍ଗ ରିଲା ।" 57 ମଽତର୍ ପିତର୍ ନାୟ୍ ବଽଲି କୟ୍‌ଲା, "ଏ
ଆୟ୍‌ଯା, ମୁୟ୍ଁ ତାକ୍ ନଽଜାଣି ।" 58 ଚଽନେକ୍ ଗଽଲାହଽଚେ
ଆରେକ୍ ଗଟ୍‌ଲକ୍ ତାକ୍ ଦଽକି କୟ୍‌ଲା, "ତୁୟ୍ ହେଁ ସେମଽନାର୍
ବିତ୍ରେ ଏକ୍ଲା ।" ମଽତର୍ ପିତର୍ କୟ୍‌ଲା, "ନାୟ୍ ବାୟ୍, ମୁଁୟ୍
ନୟ୍ ।" 59 ଗଟ୍ ଗଽଟା ହଽଚେ ଆରେଗଟ୍ ମାନାୟ୍ ନିଜ୍‌କଽରି
କାଉଁକେ ଦଽର୍ଲା, "ଇମାନାୟ୍ ହେଁ ସଽତ୍‌କଽରି ତାର୍ ସଽଙ୍ଗ ରିଲା,
କାୟ୍‌ତାକ୍‌ବଽଲେକ୍ ସେତ ଗାଲିଲିର୍ ଲକ୍ ।" 60 ମଽତର୍ ପିତର୍
କୟ୍‌ଲା, "ବାୟ୍ ଜୁୟ୍‌ରି କଽଉଁଲିସ୍, ମକ୍ ସେରି ଜାଣାନାୟ୍!"
ତଽତ୍‌କାଣ୍ ସେ ଇ କଽତା କଽଉଁକଽଉଁ କୁକ୍‌ଳା ବାସ୍‌ଲି । 61
ଆର୍, ଜିସୁ ହଽଚ୍‌ବାଟ୍ ଉଲ୍‌ଟି କଽରି ପିତର୍‌କେ ସଽଲ୍‌କେ
ଦଽକ୍‌ଲା; ଇତାର୍‌ହଽଚେ, "ଆଜି କୁକ୍‌ଳା ବାସ୍ତା ଆଗ୍‌ତୁ ତୁୟ୍
ମକେ ତିନିତର୍ ନଽଜାଣିବଽଲି କଽଉସି," ଇ ଜୁୟ୍ କଽତା ମାପ୍ରୁ
ପିତର୍‌କେ କୟ୍‌ରିଲା, 62 ସେରି ତାର୍ ମଽନେ ହଽଲ୍‌ଲି, ଆର୍
ସେ ହଽଦାୟ୍ ବାରାୟ୍ ଜଽବର୍ ରଦନ୍ କଽଲା । 63 ଆରେକ୍
ଜୁୟ୍ ଲକ୍‌ମଽନ୍ ଜିସୁକେ ଦଽରି ଜାଗି ରିଲାୟ୍, ସେମଽନ୍ ତାକ୍
ମାରିମାରି ଗେଙ୍ଗ୍ଲାୟ୍‌ଲାୟ୍ । 64 ଆର୍, ତାକେ ମୁୟେ ତୁଆଲ୍ ବାନ୍ଦି
ହଽଚାରୁକ୍ ଦଽର୍ଲାୟ୍, "ତୁୟ୍ ତ ବାବ୍‌ବାଣି କଽଉତା ଲକ୍, କଽଉ
ତକେ କେ ମାର୍‌ଲା?" 65 ଆରେକ୍ ସେମଽନ୍ ଜିସୁକେ ଗାଦେକ୍
କଽତା କୟ୍ ତାକ୍ ଲିନ୍ଦା କଽରୁକେ ଦଽର୍ଲାୟ୍ । 66 ତାର୍‌ହଽଚେ
ସଽକାଲ୍ ହାୟ୍‌ଲା ଦାହ୍ରେ ଜିଉଦି ଲକ୍‌ମଽନାର୍ ବେରାଣାର୍
ପାରାଚିନ୍ ଆର୍ ମୁଲ୍ ଜାଜକ୍ ଆର୍ ଦଽର୍ମ୍‌ଗୁରୁମଽନ୍ ରୁଣ୍ଡି କଽରି
ଅଽହ୍‌ଣାମଽନାର୍ ବେରାଣ୍‌ମୁଣ୍ଡାୟ୍ ନଽୟ୍ କଽରି କୟ୍‌ଲାୟ୍, "ଜଦି
ତୁୟ୍ କ୍ରିସ୍ଟ ଅଽମିମଽନ୍‌କ୍ କଽଉ ।" 67 ମଽତର୍ କ୍ରିସ୍ଟ ସେମଽନ୍‌କେ
କୟ୍‌ଲା, "ମୁଁୟ୍ ଜଦି ତୁମିମଽନ୍‌କେ କୟ୍‌ଦ୍, ତୁମିମଽନ୍ ସଽତ୍
ନଽକେରାସ୍ । 68 ତଽବେ, ମୁୟ୍ଁ ଜଦି ହଽଚାରିନ୍ଦ, ତୁମିମଽନ୍
ଉତ୍ତୁର୍ ନଽଦିଆସ୍ । 69 ମଽତର୍ ଅଽବେହୁଣି, ନଽରାର୍ ହୟ୍‌ସି
ବଽଡ୍ ସଽକ୍ତିମାନ୍ ଇସ୍ୱରାର୍ କାତାବାଟ୍ୟା ବଽସେଦ୍ ।" 70
ସେତାକ୍ ସେମଽନ୍ ସଽବୁଲକ୍ ହଽଚାର୍ଲାୟ୍, "ତଽବେ ତୁୟ୍ କି
ଇସ୍ୱରାର୍ ହୟ୍‌ସି?" ଜିସୁ ସେମଽନ୍‌କେ ଉତ୍ତୁର୍ ଦିଲା, "ମୁୟ୍ଁ ସେ
ବଽଲି ତୁମି କଽଉଁଲାସ୍ ।" 71 ତଽବେ ସେମଽନ୍ କୟ୍‌ଲାୟ୍,
"ଅଽମାର୍ ସାକିର୍ ଦଽର୍‌କାର୍ ନାୟ୍, ଅଽମିମଽନ୍ ତ ନିଜେ ନିଜେ
ତାର୍ ନିଜାର୍ ଟଣ୍ଡେ ହୁଣି ଇରି ସୁଣ୍‌ଲୁ ।"

# 23

ଆର୍ ହଽଚେ ବେରାଣାର୍ ସଽବୁଲକ୍ ଉଟି ଜିସୁକେ ପିଲାତ
ହାକ୍ ନିଲାୟ୍ । 2 ଆର୍, ସେମଽନ୍ ତାର୍ ବିରଦେ,
କଽଉଁକେ ଦଽର୍ଲାୟ୍, "ଅଽମିମଽନ୍ ଦଽକ୍‌ଲୁ, ଇ ଲକ୍ ଅଽମାର୍
ଜାତିକେ ରଽଜାର୍ ବିରଦି କଽରାଉଁଲା ଆର୍ କାଇସର୍‌କେ ସିସ୍ଟ
ନଽଦେଉଁକେ କଽଉଁଲା, ଆର୍ ନିଜ୍‌କେ କ୍ରିସ୍ଟ ରଽଜାବଽଲି କଽଉଁଲା
।" 3 ସେତାକ୍ ପିଲାତ ହଽଚାର୍ଲା, "ତୁୟ୍ କି ଜିଉଦିମଽନାର୍
ରଽଜା?" ଜିସୁ ଉତ୍ତୁର୍ ଦିଲା, "ତୁୟ୍ କଽଉଁଲିସ୍ ।" 4 ସେତାକ୍
ପିଲାତ ବଽଡ୍ ଜାଜକ୍ ଆର୍ ଲକ୍‌ମଽନ୍‌କେ କୟ୍‌ଲା, "ମୁୟ୍ଁ
ଇମାନାୟ୍‌ର୍ ତଽୟ୍ କାୟ୍ ଦଽସ୍ ହେଁ ନଽହାଉଁଲେ ।" 5 ମଽତର୍
ସେମଽନ୍ ଆରେକ୍ ଜଽବର୍ କଽରି କାଉଁକେ ଦଽର୍ଲାୟ୍, "ଇ ଲକ୍
ସଽବୁ ଜିଉଦା ଦେସେ ସିକ୍ୟା ଦଽୟ୍‌କଽରି ଗାଲିଲି ହୁଣି ଆରୁମ୍
କଽରି ଇ ଜଽଗା ହଽତେକ୍ ହେଁ ଲକ୍‌ମଽନ୍‌କେ ମାତାଉଁଲା ।" 6
ମଽତର୍ ପିଲାତ ଇରି ସୁଣି କଽରି ହଽଚାର୍ଲା, "ଇମାନାୟ୍ ଗାଲିଲିର୍
କି?" 7 ସେ ତ ହେରଦାର୍ ରାଜିର୍ ଲକ୍ ତାର୍ ଅଽଦିକାରେ ବଽଲି
ଜାଣି କଽରି, ସେ ଜିସୁକେ ହେରଦ୍ ହାକ୍ ହଽଟାୟ୍‌ଲା, ବଽଲେକ୍
ସେ ହେଁ ସେନ୍‌କାବଽଲ୍ ଜିରୁସାଲମେ ରିଲା । 8 ହେରଦ୍ ଜିସୁକେ
ଦଽକି କଽରି ଅଽନାୟ୍ ସଽର୍ଦାଅୟ୍‌ଲା, କାୟ୍‌ତାକ୍‌ବଽଲେକ୍ ସେ
ଜିସୁର୍ କଽତା ସୁଣିରିଲାକ୍ ଆର୍ ବୁତ୍‌ଦିନ୍ ହୁଣି ତାକ୍ ଦଽକୁକ୍
ମଽନ୍ କଽର୍ତିରିଲା ଆର୍ ତାର୍ ତଽୟ୍‌ହୁଣି କାୟ୍‌ହେଁ କାବା ଅଽଉତା
ଚିନ୍ ଦଽକୁକ୍ ଆସା କଽର୍ତିରିଲା । 9 ଇତାକ୍ ହେରଦ୍ କଽତେକ୍
କଽତା ଜିସୁକେ ହଽଚାର୍ଲା, ମଽତର୍ ଜିସୁ ତାକେ କାୟ୍ ଉତ୍ତୁର୍ ହେଁ
ନଽଦିଲା । 10 ଆର୍ ବଽଡ୍ ଜାଜକ୍ ଆର୍ ଦଽର୍ମ୍‌ଗୁରୁମଽନ୍ ଟିଆ
ଅୟ୍‌କଽରି ତାର୍ ବିରଦେ ଅଽପର୍‌ବଲ୍ ଦଽସ୍ ଲାଦୁକ୍ ଦଽର୍ଲାୟ୍ ।
11 ସେତାକ୍ ହେରଦ୍ ଆର୍ ତାର୍ ସଽଇନ୍‌ମଽନ୍ ଜିସୁକେ ଲିନ୍ଦାକଽରି
ଗେଙ୍ଗ୍ଲାୟ୍‌ଲାୟ୍, ତାର୍‌ହଽଚେ ସେମଽନ୍ ତାକ୍ ରଽଜା ବଽସ୍ତ୍ରର୍
ହିନ୍ଦାୟ୍ ପିଲାତ ହାକ୍ ଆରେକ୍ ହଽଟାୟ୍‌ଲାୟ୍ । 12 ସେଦିନ୍
ହେରଦ୍ ଆର୍ ପିଲାତ ସଽଙ୍ଗ ଅୟ୍‌ଲାୟ୍ ହୁର୍ବେ ସେମଽନାର୍ ବିତ୍ରେ
ସଽତ୍ରୁ ବାବ୍ ରିଲି । 13 ଇତାର୍ ହଽଚେ ପିଲାତ ରଽଜା, ବଽଡ୍
ଜାଜକ୍‌ମଽନ୍‌କେ, ବଽଡ୍ ଲକ୍‌ମଽନ୍‌କେ ଆର୍ ଲକ୍‌ମଽନ୍‌କେ କୁଦି
ସେମଽନ୍‌କେ କୟ୍‌ଲା, 14 "ଇମାନାୟ୍ ଲକ୍‌ମଽନ୍‌କେ ବିରଦ୍
କଽରାଉଁଲା ବଽଲି ତୁମିମଽନ୍ ଆକ୍ ମର୍‌ହାକ୍ ଆଣ୍‌ଲାସ୍; ଆର୍
ଦଽକା ଅଽମି ତୁମିମଽନାର୍ ଚଽମେ ଆକ୍ ହଽଚାର୍‌ଲେକ୍ ତାର୍
ବିରଦେ ତୁମିମଽନ୍ ଜୁୟ୍ ସଽବୁ ଦଽସ୍ ଦେଉଁଲାସ୍, ସେନ୍‌କାର୍
କାୟ୍ ଦଽସ୍ ଇତାର୍ ଲଽଗେ ହାଉଁ ନଽହାର୍ଲେ । 15 ହେରଦ୍ ହେଁ
କାୟ୍ ଦଽସ୍ ନଽହାୟ୍‌ଲା, କାୟ୍‌ତାକ୍‌ବଽଲେକ୍ ସେ ତାକ୍ ଅଽମାର୍
ଚଽମେ ଆରେକ୍ ହଽଟାୟ୍‌ଲା; ଆର୍ ଦଽକା ମଽର୍ନ୍ ଡଽଣ୍ଡ ହାଉତା
କାୟ୍ କାମ୍ ନଽକେରେ; 16 ସେତାକ୍ ମୁଁୟ୍ ଆକ୍ ଡଽଣ୍ଡ ଦଽୟ୍
ଚାଡି ଦଽୟ୍‌ନ୍ଦ ।" 17 ହଽତି ମୁକ୍ଲାଉଣି ହଽର୍ବେ ସେମଽନାର୍ ଗିନେ
ତାକ୍ ଗଟ୍ କଽୟ୍‌ଦିକେ ମୁକ୍‌ଲାଉତାର୍ ଅଽଉତି ରିଲି । 18 ମଽତର୍
ସେମଽନ୍ ସଽବୁଲକ୍ ଉଲ୍‌ଗାଟ୍ ଅୟ୍ କଽଉଁକେ ଦଽର୍ଲାୟ୍, "ଆକ୍
ମଽର୍ନେ ମାରା, ଅଽମାର୍ ଗିନେ ବାରବାକେ ଚାଡା ।" 19 ସେ

ବାରବା ଗଃଲ୍ ବିତ୍ରେ ଅୟ୍ରିଲା ଗଣ୍ଡଗଳାର୍ ଗିନେ ଆର୍ ନଃର୍
ଅଃତ୍ୟା ଗିନେ ଜଃଇଲେ ରିଲା । 20 ମଃତର୍ ପିଲାତ ଜିସୁକେ
ମୁକ୍ଲାଉଁକେ ମଃନ୍ କଃରି ସେମଃନ୍କେ ଆରେକ୍ ବୁଜାୟ୍ଲା ।
21 ମଃତର୍ ସେମଃନ୍ ଉଲ୍ଗାଟ୍ ଅୟ୍ କୟ୍ଲାୟ୍, "ତାକ୍ କୁସ୍
ଉହ୍ରେ ଚଃଗାଉଆ, କୁସେ ଚଃଗାଉଆ ।" 22 ମଃତର୍ ପିଲାତ
ଇତାର୍ ସଃଙ୍ଗ୍ ତିନିତର୍ କୟ୍ଲା, "କାୟ୍କଃରୁକ୍, ସେ କାୟ୍
ଦଃସ୍ କଃଲା ଆଚେ? ମୁୟ୍ଁ ତାର୍ ତଃୟ୍ ମଃର୍ନ୍ଡଃଣ୍ଡ ହାଉତା
କାୟ୍ ଦଃସ୍ ହେଁ ନଃହାଉଁଲେ; ଅଃମି ତାକେ ଡଃଣ୍ଡ ଦଃୟ୍ କଃରି
ଚାଡୁଆଁ ।" 23 ମଃତର୍ ତାକେ କୁସ୍ ଉହ୍ରେ ଚଃଗାଉଆ ବଃଲି
ଉଲ୍ଗାଟ୍ ଅୟ୍ ବଃଡ୍ଟଣ୍ଡ କଃରି କୟ୍ଲାୟ୍ ଆର୍ ସେମଃନାର୍
କୟ୍ଲା କଃତା ହଃର୍କାରେ ହୁରୁଣ୍ ଅୟ୍ଲି । 24 ଆର୍ ସେମଃନାର୍
କଃତା ହଃର୍କାରେ କଃରା ଜଃଉଅ ବଃଲି ପିଲାତ ତିର୍ କଃରି
ଆଦେସ୍ ଦିଲା; 25 ମଃତର୍ ଗଣ୍ଡଗଳ୍ ଆର୍ ନଃର୍ ଅଃତ୍ୟା
ଗିନେ ଜଃଇଲେ ରିଲା ଜୁୟ୍ ଲକାର୍ ଗିନେ ସେମଃନ୍ କଃଉତି
ରିଲାୟ୍, ତାକ୍ ସେ ଚାଡି ଦିଲା, ଆର୍ ଜିସୁକେ ସେ ସେମଃନାର୍
ଇଚା ହଃର୍କାରେ କଃରୁକେ ସଃହ୍ରି ଦିଲା । 26 ସେମଃନ୍ ଜିସୁକେ
ନେତାବଃଲ୍ ଗଟ୍ ସାନ୍ ଗାଉଁଏହୁଣି ଗଃଲ୍ହାକ୍ ଆସ୍ତି ରିଲା
ସିମନ୍ ନାଉଁଆର୍ ଗଟେକ୍ କୁରିଣିୟ ଲକ୍କେ ଦଃରି ଜିସୁର୍
ହଃଚେହଃଚେ କୁସ୍ ବୟ୍ ଜଃଉଁକେ ତାର୍ କଃନ୍ଦେ ସେ କୁସ୍
ଲାଦ୍ଲାୟ୍ । 27 ଆରେକ୍ ଲକ୍ମଃନାର୍ ଆର୍ ତାର୍ ଗିନେ
ବୁକେ ମାରି ଅୟ୍ କାନ୍ଦ୍ତା ମାୟ୍ଜିମଃନାର୍ ଗାଦେକ୍ ମଃନ୍ଦା
ଜିସୁର୍ ହଃଚେ ଜାତିରିଲାୟ୍ । 28 ମଃତର୍ ଜିସୁ, ସେମଃନାର୍
ବାଟ୍ୟା ଉଲ୍ଟି ଦଃକି କୟ୍ଲା, "ଏ ଜିରୁସାଲମାର୍ ଆୟ୍ଯାମଃନ୍,
ମର୍ ଗିନେ କାନ୍ଦା ନାୟ୍ଁ, ମଃତର୍ ନିଜାର୍ ଗିନେ ଆର୍ ନିଜାର୍
ନିଜାର୍ ହିଲାମଃନାର୍ ଗିନେ କାନ୍ଦା । 29 କାୟ୍ତାକ୍ବଃଲେକ୍
ଦଃକା, ଜୁୟ୍ମଃନ୍ ବାଞ୍ଜି, ଆରେକ୍ ଜୁୟ୍ମଃନ୍ କଃବେ ହେଁ ଆଙ୍ଗେ
ଅଃଉଁକେ ନାୟ୍ ଆର୍ ହିଲାକ୍ ଦୁଦ୍ ନଃକାଳାଉତି, ସେମଃନ୍କେ
ଲକ୍ମଃନ୍ ଜଃଡେବଃଲ୍ ବାୟ୍ଗ୍, ବାୟ୍ଗ୍ ବଃଲି କଃଉତି ଇବାନ୍ୟା
ବେଳା ଆସୁଲି । 30 ସଃଡେବଃଲ୍ ଲକ୍ମଃନ୍ ଡଙ୍ଗ୍ରମଃନ୍କେ
କଃଉତି, ଅଃମାର୍ ଉହ୍ରେ ଅଦୁର୍, ହଃର୍ବାଡ୍ମଃନ୍କେ କଃଉତି
ଅଃମିମଃନ୍କ୍ ଲୁକାଉ । 31 କାୟ୍ତାକ୍ବଃଲେକ୍ ଲକ୍ମଃନ୍
ଜଦି କଃଚା ଦାରୁକ୍ ଅଃନ୍ କଃରୁଲାୟ୍, ତଃବେ ସୁକ୍ଲା ଦାରୁକ୍
କଃନ୍କଃରି ନଃକେର୍ତି?" 32 ଆରେକ୍ ମଃର୍ନ୍ ଡଃଣ୍ଡ ହାଉତା
ଜୁଳେକ୍ ଚର୍ମଃନ୍କେ ହେଁ ତାର୍ ସଃଙ୍ଗ୍ ନେତିରିଲାୟ୍ । 33
ଆର୍ ସେମଃନ୍ "କଃହାଲ୍" ନାଉଁଆର୍ ଜଃଗାୟ୍ ହଚି ସେତି
ଜିସୁକେ କୁସ୍ ଉହ୍ରେ ଚଃଗାୟ୍ଲାୟ୍, ଆରେକ୍ ଚର୍ମଃନାର୍ ବିତ୍ରେ
ଏକ୍ଲାକେ ଜିସୁର୍ କାତାବାଟ୍ୟା ଆରେକ୍ ଏକ୍ଲାକେ ଡେବ୍ରିବାଟ୍ୟା
କୁସ୍କାଟେ ଚଃଗାୟ୍ଲାୟ୍ । 34 ସଃଡେବଃଲ୍ ଜିସୁ କୟ୍ଲା,
"ଉବା, ଇ ଲକ୍ମଃନ୍କାର୍ ହାହ୍ କେମା କଃର୍, ବଃଲେକ୍ ଇ
ଲକ୍ମଃନ୍ କାୟ୍ କଃରୁଲାୟ୍ ସେରି ଜାଣୁ ନଃହାରୁଲାୟ୍ ।" ଆର୍
ସେମଃନ୍ ଜିସୁର୍ ବଃସ୍ତ୍ରର୍ ବାଟା କଃରୁକେ କେଳିବାଚ୍ଲାୟ୍ । 35
ଆରେକ୍ ମୁଲିକାମଃନ୍ ଟିଅୟ୍ କଃରି ଦଃକ୍ତି ରିଲାୟ୍, ଆର୍ ବଃଡ୍
ଲକ୍ମଃନ୍ ହେଁ ତାକ୍ ଗେଙ୍ଗ୍ଲାୟ୍କଃରି କଃଉଁକେ ଦଃର୍ଲାୟ୍, "ସେ
ବିନ୍ ଲକ୍କେ ବାଚାୟ୍ଲା; ସେ ଜଦି ଇସ୍ୱର୍ ବାଚ୍ଲା କ୍ରିସ୍ଟ ତଃବେ
ନିଜ୍କେ ବଚାଉ ।" 36 ତାର୍ହଃଚେ ସଃଇନ୍ମଃନ୍ ହେଁ ଆସି ତାକ୍
ହିତା ରଃସ୍ ଦଃୟ୍ ଗେଙ୍ଗ୍ଲାୟ୍ଲାୟ୍ । 37 "ତୁୟ୍ ଜଦି ଜିଉଦିମଃନାର୍
ରଃଜା ନିଜ୍କେ ବଚାଉ ।" 38 ଆର୍ ତାର୍ ମୁଣ୍ଡ ଉହ୍ରାର୍ କାଟେ
ଇରି ଲେକା ଅୟ୍ରିଲି, "ଏ ଜିଉଦିମଃନାର୍ ରଃଜା ।" 39
ଆର୍, କୁସ୍ଉହ୍ରେ ରିଲା ଚର୍ମଃନାର୍ ବିତ୍ରେ ଏକ୍ଲା ଲିନ୍ଦା କଃରି
କଃଉଁକେ ଦଃର୍ଲା, "ତୁୟ୍ କାୟ୍ କ୍ରିସ୍ଟ ନୟ୍? ତୁୟ୍ ନିଜ୍କେ ଆର୍
ଅଃମିକ୍ ବଚାଉ ।" 40 ମଃତର୍ ବିନ୍ ଚର୍ ତାକେ ଦଃକାଦଃୟ୍
କୟ୍ଲା, "ତୁୟ୍ ହେଁ ସଃମାନ୍ ବିଚାର୍ ଡଃଣ୍ଡ ହାଉଁଲିସ୍, ଇସ୍ୱର୍କେ
କାୟ୍ ତର୍ ଡିର୍ ହେଁ ନାୟ୍? 41 ଆର୍ ଅଃମିମଃନ୍ ସିନା ନ୍ୟାୟ୍
ହଃର୍କାରେ ଡଃଣ୍ଡ ହାଉଁଲୁ, କାୟ୍ତାକ୍ବଃଲେକ୍ ଅଃମିମଃନ୍ ନିଜାର୍
ନିଜାର୍ ଦଃସାର୍ ହାୟ୍ ଡଃଣ୍ଡ ହାଉଁଲୁ, ମଃତର୍ ଇ ମାନାୟ୍
କାୟ୍ ଦଃସ୍ ହେଁ ନଃକେରେ ।" 42 ଆର୍ ସେ ଜିସୁକେ କୟ୍ଲା,
"ଏ ଜିସୁ, ତୁୟ୍ ନିଜାର୍ ରାଇଜେ ଗଃଲେକ୍ ମକେ ଏତାଉ
।" 43 ସେତାକ୍ ଜିସୁ ତାକେ କୟ୍ଲା, "ମୁଁୟ୍ ତକେ ସଃତ୍
କଃଉଁଲେ, ଆଜି ତୁୟ୍ ମର୍ ସଃଙ୍ଗ୍ ସଃର୍ଗ୍ ରାଜାୟ୍ ହଚ୍ସି ।"
44 ସଃଡେବଃଲ୍ ମୁଣ୍ଡେବେଳ୍ ଅୟ୍ରିଲି, ଆର୍ ବେଳ୍ ଅଃନ୍ଦାର୍
ଅୟ୍ଲାକ୍, ତିନିଗଃଟା ହଃତେକ୍ ଦେସ୍ଜାକ ଅଃନ୍ଦାର୍ ଅୟ୍ଲି
। 45 ଆର୍, ମନ୍ଦିର୍ ବିତ୍ରାର୍ ପବିତ୍ର ଟାଣ୍ ଆର୍ ବଃଡ୍ ପବିତ୍ର
ଟାଣକ୍ ଦୁୟ୍ ବାଗ୍ କଃର୍ତା ହଃଚ୍ୟା ପର୍ଦା ମଃଜାୟ୍ ହୁଣି ଦୁୟ୍ ହଳା
ଅୟ୍ ଚିରି ଅୟ୍ଲି । 46 ଆର୍ ଜିସୁ ବଃଡ୍ ଟଣ୍ଡ କଃରି କୁଦ୍ଲା,
"ଏ ଉବା, ତର୍ ଆତେ ମୁଁୟ୍ ମର୍ ଆତ୍ମା ସଃହିଁ ଦେଉଁଲେ, ଇରି
କୟ୍କଃରି ଜିବନ୍ ଚାଡ୍ଲା ।" 47 ହାଁଚ୍ କଳି ସଃଇନ୍ମଃନାର୍
ଉହ୍ରେ ବଃଡ୍ ସଃଇନ୍ ଇ ଗଃଟ୍ଣା ଦଃକି, ଇସ୍ୱରାର୍ ଜଃଜ୍ମାନ୍
କଃରି କୟ୍ଲା, "ଇମାନାୟ୍ ବାୟ୍ଦ୍ରେ ଗଟ୍ ଦଃର୍ମି ଲକ୍ ରିଲା
।" 48 ଆର୍, ଜୁୟ୍ ଲକ୍ମଃନ୍ ଦଃକୁକ୍ ରୁଣ୍ଡିରିଲାୟ୍, ସେମଃନ୍
ସେରିଦଃକି ବୁକେ ମାରି ଅୟ୍ ଅୟ୍ ଗଃରେ ବାଉଳି ଗଃଲାୟ୍
। 49 ମଃତର୍ ଜିସୁର୍ ଅଃହ୍ଣାର୍ ସଃବୁ ଲକ୍ମଃନ୍ ଆର୍
ଗାଲିଲିହୁଣି ଗଟେତଃୟ୍ ମିସି ତାର୍ ହଃଚେହଃଚେ ଆସିରିଲା
ଟକିମଃନ୍ ଦୁରିକ୍ ଟିଆ ଅୟ୍ ଇସଃବୁ ଦଃକ୍ତି ରିଲାୟ୍ । 50
ଆର୍ ଦଃକା ଜିଉଦିମଃନାର୍ ହାରାମାତିଆ ଗଃଳାର୍ ଜସେପ୍
ନାଉଁଆର୍ ଗଟେ ମାନାୟ୍ ବେରାଣ୍ମୁଣ୍ଡାର୍ ଲକ୍ ରିଲା, ସେ
ଗଟେକ୍ ସଃତ୍ ଆର୍ ଦଃର୍ମି ଲକ୍ ରିଲା; 51 ସେ ଜିଉଦିମଃନାର୍
ହଃନ୍ଦି ଆର୍ କୁଟ୍ କଃତାୟ୍ ରାଜି ଅୟ୍ନଃରିଲା ଆର୍ ମାପୁର୍
ରାଇଜ୍କେ ଜାଗ୍ତିରିଲା ହାରାମାତିଆ । 52 ସେ ପିଲାତ ହାକ୍
ଜାୟ୍ ଜିସୁର୍ ମଃଲା ଗଃଗାଳ୍କେ ମାଗ୍ଲା । 53 ଆର୍ ସେରି
ଉତ୍ରାୟ୍ ଆଣି, ମଃସ୍ଣି ହଃଚ୍ୟା ଗୁଳ୍ୟାୟ୍ ଜୁୟ୍ତିକି କଃବେ କାକେ
ହେଁ ସେତି ସଃଙ୍ଗ୍ଲାୟ୍ ନଃରିଲାୟ୍, ଅଃନ୍କା ଡଙ୍ଗ୍ରେ କଃଣିରିଲା
ମଃସୁଣ୍ କାଲେ ତାକେ ସଃଙ୍ଗ୍ଲାୟ୍ଲାୟ୍ । 54 ସେଦିନ୍ ତିଆର୍

ଅଽଉତା ଦିନ୍ ରିଲି ଆର୍ ବିସାଉଁଣିବାର୍ ଆରୁମ୍ ଅଽଉତି ରିଲି ।
ଆର୍ ସେମଽନ୍ ବିସାଉଣିଦିନ୍ ବିସାୟ୍‌ଲାୟ୍, କାୟ୍‌ତାକ୍‌ବଽଲେକ୍
ସେରି ଦଽର୍ମ୍‌ସାସ୍ତ୍ରରେ ରିଲି । 55 ଇତାର୍‌ହଽଚେ ଗାଲିଲି ହୁଣି
ତାର୍‌ସଽଙ୍ଗ୍ ଆସିରିଲା ମାୟ୍‌ଜି ଟକିମଽନ୍ ହଽଚେହଽଚେ ଜାୟ୍
ମଽସୁଣ୍ କାଲ୍ ଆର୍ କଽନ୍‌କଽରି ତାର୍ ଗଽଗାଲ୍ ସଽଙ୍ଗ୍‌ଲାୟ୍‌ଲାୟ୍
ସେରି ଦଽକ୍‌ଲାୟ୍, 56 ଆରେକ୍ ସେମଽନ୍ ବାଉଳି ଜାୟ୍ ବାସ୍ନା
ଗୁଣ୍ଡ ଆର୍ ଚିକଣ୍‌ମଽନ୍ ତିଆର୍ କଽଲାୟ୍ । ଆର୍ ବିସାଉଁଣିବାରେ
ସେମଽନ୍ ବିଦି ହଽର୍କାରେ ବିସାୟ୍‌ଲାୟ୍ ।

24 ଆର୍ ବିସାଉଁଣିବାର୍ ଦିନ୍ ସେମଽନ୍ ବିଦି ହଽର୍କାରେ
ବିସାୟ୍‌ଲାୟ୍, ମଽତର୍ ସାତ୍ ଦିନାର୍ ହଽର୍ତୁମ୍ ଦିନ୍ ବର୍
ସଽକାଲ୍ୟା ସେମଽନ୍ ସେମଽନାର୍ ତିଆର୍ କଽଲାର୍ ବାସ୍ନା ଚିକଣ୍
ଦଽରି ମଽସ୍‌ଣେ ଗଽଲାୟ୍ । 2 ଆରେକ୍ ସେତି ସେମଽନ୍ ମଽସୁଣ୍
କାଲେ ଡାହ୍‌ଲା ଟେଳା ବିନେ ଗୁଚାଇରିଲାର୍ ଦଽକ୍‌ଲାୟ୍ । 3
ମଽତର୍ ବିତ୍ରେ ଜାୟ୍ ଜିସୁ ମାପ୍ରୁର୍ ଗଽଗାଲ୍ ନଽହାୟ୍‌ଲାୟ୍ ।
4 ସେତାର୍‌ଗିନେ ସେମଽନାର୍ ବୁଦି ବାଣା ଅଽଉତି ରିଲି, ଆର୍
ଅଽନ୍‌କା ବେଳାୟ୍ ଦଽକା, ଉଜାଲ୍ ବଽସ୍ତ୍ରର୍ ହିନ୍ଦ୍‌ଲା ଦୁୟ୍ ଲକ୍
ସେମଽନାର୍ ଲଽଗେ ହଚ୍‌ଲାୟ୍ । 5 ସେତାକ୍ ସେମଽନ୍ ଡିରି
କଽରି ମୁଁ ତଽଳେ ଅଦ୍ରାୟ୍ ରିଲାକ୍, ସେମଽନ୍ ସେ ମାୟ୍‌ଜିମଽନ୍‌କେ
କୟ୍‌ଲାୟ୍, “ମଽଲା ଲକାର୍ ବିତ୍ରେ ତୁମିମଽନ୍ କାୟ୍‌ତାକ୍ ଜିବନ୍
ଲକେ ଲଲୁଲାସ୍? 6 ଜିସୁ ଇତି ନାୟ୍, ମଽତର୍ ସେ ଉଟି ଆଚେ ।
ସେ ଗାଲିଲି ରିଲାବଽଲ୍ ତୁମିମଽନ୍‌କେ କୟ୍‌ରିଲା ସେରି ଏତାଉଆ
। 7 ନଽରାର୍ ହୟ୍‌ସି ବାୟ୍‌ଦ୍‌ରେ ହାହିମଽନାର୍ ଆତେ ସଽହ୍ରିଅୟ୍
କ୍ରୁସ୍ ଉହ୍ରେ ମଽରେଦ୍ ଆର୍ ତିନିଦିନାର୍ ହଽଚେ ମଽର୍ନେହୁଣି
ଉଟେଦ୍ ।” 8 ସେତାକ୍ ସେମଽନ୍ ସେ କଽତା ଏତାୟ୍‌ଲାୟ୍; 9
ଆର୍ ମଽସୁଣ୍ କାଲେ ହୁଣି ବାରାୟ୍ ଜାୟ୍ ଏଗାର୍‌ଗଟ୍ ଚେଲା
ଆର୍ ବିନ୍ ଲକ୍‌ମଽନ୍‌କେ ଇ କଽତା ଜାଣାୟ୍‌ଲାୟ୍ । 10 ଏମଽନ୍
ମଗ୍‌ଦଲିନି ମରିୟମ୍, ଆର୍ ଜହନା, ଆର୍ ଜାକୁବାର୍ ଆୟ୍‌ସି
ମରିୟମ୍, ଆର୍ ସଽଙ୍ଗେ ରିଲା ବିନ୍ ମାଇଜିମଽନ୍ ପେରିତ୍‌ମଽନ୍‌କ୍
ଇସଽବୁ କଽତା ଜାଣାୟ୍‌ଲାୟ୍ । 11 ମଽତର୍ ସେମଽନାର୍ ଇ
ସଽବୁ କଽତା ମିଚ୍ ହର୍ ଲାଗ୍‌ଲି ଆର୍ ସେମଽନ୍ ସେମଽନ୍‌କେ
ସଽତ୍ ନଽକେଲାୟ୍ । 12 ମଽତର୍ ପିତର୍ ଉଟି ମଽସୁଣ୍ କାଲେ
ଦଽବ୍‌ଳି ଗଽଲା ଆର୍ ଲଽହ୍‌ଟି କଽରି ଦଽକି ଅଽକାୟ୍ ମଽସ୍‌ଣି
ହଽଚ୍ୟା ସଽବୁ ଦଽକ୍‌ଲା, ଆର୍ ସେ ଇ ଗଽଟ୍‌ଣା ବିସୟେ କାବା
ଅୟ୍ ତାର୍ ଗଽରେ ବାଉଳି ଗଽଲା । 13 ଆର୍, ଦଽକା ସେଦିନ୍
ସେମଽନାର୍ ବିତ୍ରେ ଦୁୟ୍‌ଲକ୍ ଜିରୁସାଲମେ ହୁଣି ହଽକାହାକି ଚାରି
କସ୍ ଦୁରି ଇମାୟୁ ନାଉଁଆର୍ ଗାଉଁଏ ଜାତିରିଲାୟ୍ । 14 ଇ ସଽବୁ
ଗଽଟ୍‌ଣାର୍ କଽତା ତାକାର୍ ତାକାର୍ ବିତ୍ରେ କଽଉଆକଇ ଅଽଉତି
ରିଲାୟ୍ । 15 ସେମଽନ୍ କଽଉଆକଇ ଆର୍ କଽତା ଦଽରାଦଽରି
ଅଽଉତାବଽଲ୍ ଜିସୁ ସେମଽନାର୍ ଲଽଗେ ହଚି ସେମଽନାର୍
ସଽଙ୍ଗ୍ ସଽଙ୍ଗ୍ ଜଽଉଁକେ ଦଽର୍ଲା । 16 ମଽତର୍ ସେମଽନାର୍
ଆକି ଅଽନ୍‌କାର୍ ମୁଦି ଅୟ୍‌ରିଲି ଜେ, ସେମଽନ୍ ଜିସୁକେ ଚିନୁ
ନାହାର୍ଲାୟ୍ । 17 ଜିସୁ ସେମଽନ୍‌କେ କୟ୍‌ଲା, “ତୁମିମଽନ୍ ଇଣ୍ଡି
ଇଣ୍ଡି ଜୁୟ୍ ସଽବୁ କଽତା ତୁମାର୍ ବିତ୍ରେ କଽଉଆକଇ ଅଽଉଁଲାସ୍
ସେରି ସଽବୁ କାୟ୍‌ରି?” ସେତାକ୍ ସେମଽନ୍ ଦୁକାର୍ ଗିନେ ମୁଁ
ସୁକାୟ୍ ଟିଆଅୟ୍‌ରିଲାୟ୍, 18 ଆର୍, ସେମଽନାର୍ ବିତ୍ରେ କ୍ଲେୟ୍‌ପା
ନାଉଁରା ଏକ୍ଲା ତାକେ ଉତୁର୍ ଦିଲା, “ଜିରୁସାଲମେ ରେତା
ଲକ୍‌ମଽନାର୍ ବିତ୍ରେ ତୁୟ୍ କାୟ୍ ଏକ୍ଲା, ସେ ଟାଣାର୍ ଇ କଽତି
ଦିନାର୍ ଗଽଟ୍‌ଣା ନଽଜାଣ୍‌ସି?” 19 ଜିସୁ ସେମଽନ୍‌କେ ହଽଚାର୍ଲା,
“କାୟ୍ କାୟ୍ ଗଽଟ୍‌ଣା?” ସେମଽନ୍ ତାକେ କୟ୍‌ଲାୟ୍, “ନାଜରିତ୍
ଜିସୁର୍ କଽତା; ସେ ଇସ୍ୱର୍ ଆର୍ ସଽବୁଲକାର୍ ଆକାୟ୍, କାମେ
ଆର୍ କଽତାୟ୍ ହେଁ ସେ ଗଟ୍ ବପୁକାରି ବାବ୍‌ବାଦି ରିଲା । 20
ଆର୍, ଅଽମାର୍ ବଽଡ୍ ଜାଜକ୍ ଆର୍ ମୁଳିକାମଽନ୍ କଽନ୍‌କଽରି
ମଽର୍ନ୍ ବିଚାର୍ ଡଽଣ୍ଡ ହାଉଁକ୍ ସଽହ୍ରିକଽରି ତାକ୍ କ୍ରୁସ୍ ଉହ୍ରେ ମଽର୍ନେ
ମାର୍‌ଲାୟ୍ ସେ ସଽବୁ କଽତା । 21 ମଽତର୍ ଜେ ଇସ୍ରାଏଲ୍‌କେ
ରଽକ୍ୟା କଽରେଦ୍, ସେ ଜେ ଇମାନାୟ୍ ସେରି ଅଽମିମଽନ୍ ଆସା
କଽରି ରିଲୁ; ମଽତର୍ ସେରି ଚାଡି ଇରିମଽନ୍ ଗଽଟି ତିନି ଦିନ୍
ଅୟ୍‌ଲିନି । 22 ଆରେକ୍ କଽତିଗଟ୍ ଟକିହିଲାମଽନ୍ ଅଽମିକ୍
କାବା କଽରିଆଚ୍‌ତି; ସେମଽନ୍ ଉଟ୍‌ଲାସଽକାଲ୍ ମଽସୁଣ୍ ହଽଦାୟ୍
ଜାୟ୍ ରିଲାୟ୍, 23 ଆର୍ ସେମଽନ୍ ଜିସୁର୍ ଗଽଗାଲ୍ ନଽହାୟ୍
ଆସି କୟ୍‌ଲାୟ୍, ସେମଽନ୍ ଦୁତ୍‌ମଽନ୍‌କେ ଦଽକ୍‌ଲାୟ୍, ଆର୍
ସେମଽନ୍ କୟ୍‌ଲାୟ୍ ସେ ଜିବନ୍ ହାୟ୍‌ଆଚେ । 24 ଆର୍ କଽତିଗଟ୍
ଅଽମାର୍ ସଽଙ୍ଗ୍‌ଆଳିମଽନ୍ ମଽସୁଣ୍ ବିତ୍ରେ ଜାୟ୍ ମାୟ୍‌ଜି ଟକିମଽନ୍
ଜଽନ୍‌କଽରି କୟ୍‌ରିଲାୟ୍, ସେବାନ୍ୟା ଦଽକ୍‌ଲାୟ୍, ମଽତର୍ ତାକ୍
ନଽଦେକ୍‌ଲାୟ୍ ।” 25 ସେତାକ୍ ଜିସୁ ସେମଽନ୍‌କେ କୟ୍‌ଲା,
“ଏ ନିର୍ବୁଦିଆମଽନ୍ ଆର୍ ବାବ୍‌ବାଦିମଽନ୍ କୟ୍‌ଲା କଽତାୟ୍
ବିସ୍ୱାସ୍ ନଽକେର୍ତା ସିତୁଲ୍ ମଽନ୍ ଲକ୍‌ମଽନ୍ । 26 ଇ ସଽବୁ
ଦୁକ୍‌କଽସ୍ଟ ହାୟ୍ ନିଜାର୍ ଜଽଜ୍‌ମାନ୍ ସଽଙ୍ଗ୍ ଜାତାର୍ କାୟ୍ କ୍ରିସ୍ଟର୍
ଦଽର୍‌କାର୍ ନଽରିଲି?” 27 ସେତି ସେ ମସା ଆର୍ ସଽର୍ନେ
ବାବ୍‌ବାଦିମଽନାର୍ ତଽୟ୍‌ହୁଣି ଆରୁମ୍ କଽରି ସଽବୁ ଦଽର୍ମ୍ ସାସ୍ତ୍ରର୍
ତଽୟ୍‌ର୍ ଅଽହ୍‌ଣାର୍ ସଽବୁ କଽତାର୍ ବାବ୍ ସେ ସେମଽନ୍‌କେ
ବୁଜାୟ୍ ଦିଲା । 28 ଆର୍ ସେମଽନ୍ ଜୁୟ୍ ଗାଉଁଏ ଜାତିରିଲାୟ୍,
ସେ ଗାଉଁ ଲଽଗାଲଽଗି ଅୟ୍‌ଲାକ୍, ଜିସୁ ଆରେକ୍ ଆଗ୍‌ହାକ୍
ଗଽଲାହର୍ ଅୟ୍‌ଲା, 29 ମଽତର୍ ସେମଽନ୍ ତାକ୍ ତେବାୟ୍
କୟ୍‌ଲାୟ୍, “ଅଽମାର୍ ସଽଙ୍ଗେ ରେବେ, କାୟ୍‌ତାକ୍‌ବଽଲେକ୍
ସଽଞ୍ଜ୍ ଅୟ୍ ଆସୁଲି ଆର୍ ବେଲ୍ ବୁଡ୍‌ଲିନି ।” ସେତାକ୍ ଜିସୁ
ସେମଽନାର୍ ସଽଙ୍ଗ୍ ରେଉଁକେ ଗଽର୍‌ବିତ୍ରେ ହୁର୍ଲା । 30 ଆର୍,
ଜିସୁ ସେମଽନାର୍ ସଽଙ୍ଗ୍ କାଉଁକେ ବଽସ୍‌ଲାବଽଲ୍ ସେ ରୁଟି ଦଽରି
ଆସିର୍ବାଦ୍ କଽଲା ଆର୍ ସେରି ବାଙ୍ଗ୍‌ଲାୟ୍ ସେମଽନ୍‌କେ ଦିଲା ।
31 ସେତାକ୍ ସେମଽନାର୍ ଆକି ଉଗାଳି ଅୟ୍‌ଲି ଆର୍ ସେମଽନ୍
ତାକ୍ ଚିନ୍‌ଲାୟ୍ । ଆର୍ ତାର୍‌ହଽଚେ ସେମଽନାର୍ ତଽୟ୍‌ହୁଣି
ତାକାର୍ ଆକାୟ୍ ମଽୟାଁ ଅୟ୍‌ଲା । 32 ସେତାକ୍ ସେମଽନ୍ ତାକାର୍
ତାକାର୍ ବିତ୍ରେ କୟ୍‌ଲାୟ୍, “ଜଽଡେବଽଲ୍ ବାଟେ ଅଽମାର୍ ସଽଙ୍ଗ୍

କଃତାବାର୍ତା ଅଃଉତି ରିଲା ଅଃମିମଃନ୍‌କ୍ ଦଃର୍ମ୍ ସାସ୍ତ୍ରର୍ ବୁଜାଉତି
ରିଲା, ସଃଡେବଃଲ୍ କାୟ୍ ଅଃମାର୍ ମଃନ୍ ବିତ୍ରେ ଉକୁଲ୍‌ତି
ନଃରିଲି?” 33 ଆର୍ ତଃତ୍‌କାଣ୍ ସେମଃନ୍ ଉଟି ଜିରୁସାଲମେ
ବାଉଳି ଜାୟ୍ ରୁଣ୍ଡିରିଲା ଏଗାର୍‌ଗଟ୍ ଚେଲାମଃନ୍‌କେ ଆର୍
ସେମଃନାର୍ ସଃଙ୍ଗ୍‌ଆଳିମଃନ୍‌କେ ଦଃକ୍‌ଲାୟ୍ । 34 ସେମଃନ୍
କଃଉତି ରିଲାୟ୍, “ମାପ୍ରୁ ବାୟ୍‌ଦ୍‌ରେ ଉଟିଆଚେ ଆର୍ ସିମନ୍‌କେ
ଦଃକାୟ୍ ଅୟ୍‌ଆଚେ ।” 35 ଆରେକ୍, ସେମଃନ୍ ଜାତା ବାଟେ
ସଃବୁ ଗଃଟି ରିଲାର୍ ଆର୍ ରୁଟି ବାଙ୍ଗାୟ୍ ଦିଲାର୍ କଃନ୍‌କଃରି ସେ
ମଃନ୍‌କେ ଚିନାୟ୍ ଅୟ୍‌ଲା, ସେରିମଃନ୍ ହେଁ କଃଉଁକେ ଦଃର୍ଲାୟ୍ ।
36 ମଃତର୍ ସେମଃନ୍ ଇ ସଃବୁ କଃତା କଃଉତା ବଃଲ୍ ଜିସୁ ମାପ୍ରୁ
ନିଜେ ସେମଃନାର୍ ମଃଜାୟ୍ ଟିଆଅୟ୍ କୟ୍‌ଲା, “ତୁମିମଃନାର୍
ସୁସ୍ତା ଅଃଉଅ ।” 37 ମଃତର୍ ସେମଃନ୍ ଦଃକିକଃରି କାବା
ଅୟ୍ ଡିର୍‌ଲାୟ୍ ଆର୍ ଗଟେକ୍ ବୁତ୍‌ଆତ୍ମା ଦଃକୁଲୁ ବଃଲି ମଃନେ
ବାବ୍‌ଲାୟ୍ । 38 ସେ ସେମଃନ୍‌କେ କୟ୍‌ଲା, “କାୟ୍‌କଃରୁକ୍
ଜଃଜ୍‌କି ଜଃଉଁଲାସ୍? ଆର୍ ତୁମାର୍ ମଃନ୍‌ବିତ୍ରେ କାୟ୍‌ତାକ୍ ସଃତ୍
ନଃକେରି କଃତାବାର୍ତା ଅଃଉଁଲାସ୍? 39 ଇରି ତ ନିଜେ ମୁଁୟ୍
ମାନାୟ୍, ମର୍ ଆତ୍ ଆର୍ ହାଦ୍ ଦଃକା, ମକ୍ ଚୁୟ୍‌କଃରି ଦଃକା,
କାୟ୍‌ତାକ୍‌ବଃଲେକ୍ ମର୍ ଜଃନ୍‌କାର୍ ମାସ୍ ଆର୍ ଆଡ୍ ତୁମିମଃନ୍
ଦଃକୁଲାସ୍ ବୁତ୍‌ଆତ୍ମା ମଃନାର୍ ସେନ୍‌କାର୍ ନାୟ୍ ।” 40 ଆର୍ ସେ
ଇରି କୟ୍, ସେମଃନ୍‌କେ ନିଜାର୍ ଆତ୍ ଆର୍ ହାଦ୍ ଦଃକାୟ୍‌ଲା ।
41 ସେମଃନ୍ ସଃତ୍ ନଃକେଲାୟ୍, ଅୟ୍‌ଲେକ୍ ହେଁ କାବା ଅୟ୍
ସଃର୍ଦା ଅୟ୍‌ଲାୟ୍; ତଃବେ ଜିସୁ ସେମଃନ୍‌କେ ହଃଚାର୍ଲା, “ତୁମାର୍
ଲଃଗେ କାୟ୍‌ରି କାତାର୍ ଆଚେ କି?” 42 ସେତାକ୍ ସେମଃନ୍
କଃଣ୍ଡେକ୍ ବାଜ୍‌ଲା ମାଚ୍ ଦିଲାୟ୍ । 43 ଆର୍, ଜିସୁ ସେରି ନଃୟ୍
ସେମଃନାର୍ ମୁଏଁ କାୟ୍‌ଲା, 44 ଆରେକ୍ ଜିସୁ ସେମଃନ୍‌କେ
କୟ୍‌ଲା, “ମସାର୍ ବିଦିଲଃଗେ ଆର୍ ବାବ୍‌ବାଦିମଃନାର୍ ଆର୍
ଗିତ୍‌ସହିତା ଦଃର୍ମ୍ ସାସ୍ତ୍ରର୍ ଲଃଗେ ମର୍ କଃତା ଲେକାଅୟ୍
ଆଚେ, ସେରିମଃନ୍ ବାୟ୍‌ଦ୍‌ରେ ହୁର୍ନ୍ ଅୟ୍‌ଦ୍, ମୁଁୟ୍ ତୁମାର୍ ସଃଙ୍ଗ୍
ରିଲାବଃଲ୍ ତୁମିମଃନ୍‌କେ ଇ ସଃବୁ କଃତା କୟ୍‌ରିଲେ ।” 45
ସଃଡେବଃଲ୍ ସେମଃନ୍ ଜଃନ୍‌କଃରି ଦଃର୍ମ୍ ସାସ୍ତ୍ରର୍ ବୁଜୁ ହାର୍ତି
ସେତାର୍‌ଗିନେ ଜିସୁ ସେମଃନାର୍ ବୁଦିର୍ ଦୁଆର୍ ଉଗାଳ୍‌ଲା, 46
ଆର୍ ସେ ସେମଃନ୍‌କେ କୟ୍‌ଲା, “ଅଃନ୍‌କଃରି ଲେକା ଆଚେ
କ୍ରିସ୍ଟ ଦୁକ୍ ବୟ୍‌ଗ୍ କଃରେଦ୍ ଆର୍ ତିନିଦିନ୍‌କେ ମଃଲା ଲକାର୍
ତଃୟ୍‌ହୁଣି ଉଟେଦ୍, 47 ଆରେକ୍ ଜିରୁସାଲମେ ହୁଣି ଆରୁମ୍
କଃରି ସଃବୁ ଲକ୍‌ମଃନାର୍ ତଃୟ୍ ତାର୍ ନାଉଁଏ ହାହ୍ କେମା
ହାଉଁକେ ମଃନ୍ ବାଦ୍‌ଲାୟ୍ ଆସ୍ତା କଃତା ପର୍ଚାର୍ କଃରାଅୟ୍‌ଦ୍ ।
48 ତୁମିମଃନ୍ ଇସଃବୁ କଃତାର୍ ସାକି ଆଚାସ୍ । 49 ଆରେକ୍
ଦଃକା, ମର୍ ଉବା, ଜୁୟ୍‌ରି ଜଃବାଉ ଦଃୟ୍‌ଆଚେ ସେରି ମୁଁୟ୍
ତୁମିମଃନାର୍ ଚଃମେ ହଃଟାୟ୍‌ନ୍ଦି, ମଃତର୍ ଉହ୍ରେ ହୁଣି ସଃକ୍ତି
ନଃହାଉତା ହଃତେକ୍ ତୁମିମଃନ୍ ଇ ଗଃଳେ ରିଆ ।” 50
ତାର୍‌ହଃଚେ ଜିସୁ ସେମଃନ୍‌କେ ବେତାନିଆ ଜାତା ବାଟ ହଃତେକ୍
ନଃୟ୍ କଃରି, ନିଜାର୍ ଆତ୍ ଟେକି ସେମଃନ୍‌କେ ଆସିର୍ବାଦ୍ କଃଲା
। 51 ଆରେକ୍ ଆସିର୍ବାଦ୍ କଃରି କଃରି ତାକାର୍ ତଃୟ୍‌ହୁଣି
ଅଃଲ୍‌ଗା ଅୟ୍ ସଃର୍ଗେ ଗଃଲା । 52 ସେତି ସେମଃନ୍ ତାକ୍ ଜୁଆର୍
କଃରି ବଃଡେ ସଃର୍ଦାଅୟ୍ ଜିରୁସାଲମେ ବାଉଳି ଗଃଲାୟ୍ । 53
ଆରେକ୍ ସଃବୁବଃଲ୍ ମନ୍ଦିରେ ରଃୟ୍ ଇସ୍ୱରାର୍ ଗୁଣ୍‌ମଃନ୍ କୟ୍
ସଃର୍ଦା କଃରୁକ୍ ଦଃର୍ଲାୟ୍ ।

# ଜହନ୍

1 ଆରୁମେ ବାକ୍ୟ ରିଲି, ବାକ୍ୟ ଇସ୍ୱର୍ ସଃଙ୍ଗ ରିଲା, ସେ ବାକ୍ୟ
ହଃକା ଇସ୍ୱର୍ ରିଲା । 2 ସେ ଆରୁମେ ଇସ୍ୱର୍ ସଃଙ୍ଗ ରିଲା ।
3 ଆରେକ୍ ସେ ବାକ୍ୟର୍ ବଃଲେ ଇସ୍ୱର୍ ସଃବୁ ଉବ୍‌ଜାଣ୍ କଃଲା,
ତାର୍ ବିନା କାୟ୍‌ରି ହେଁ ଉବ୍‌ଜାଣ୍ ନଃହୟ୍ । 4 ସେ ବାକ୍ୟ
ଜିବନାର୍ ମୁଲ୍ ରିଲି ଆର୍ ସେଜିବନ୍ ମାନାୟ୍ ଜାତିର୍ ଉଜାଲ୍ ।
5 ଆର୍ ସେ ଉଜାଲ୍ ଅଃନ୍ଧାର୍ ବିତ୍ରେ ସଃବୁ ବଃଲ୍ ଜଃଲ୍‌କି ଆସୁଲି,
ଆର୍ ଅଃନ୍ଧାର୍ ତାକ୍ ନଃଦେର୍ଲି । 6 ଇସ୍ୱର୍ ତଃୟ୍‌ହୁଣି ହଃଟାୟ୍‌ଲା
ଗଟ୍‌ଲକ୍ ଆୟ୍‌ଲା, ତାର୍ ନାଉଁ ଜହନ୍ । 7 ସେ ଜଃନ୍‌କଃରି
ଉଜାଲାର୍ କଃତା କୟ୍‌ଦ୍, ଆରେକ୍ ତାର୍ ତଃୟ୍‌ହୁଣି ସଃବୁଲକ୍
ସଃତ୍ କଃର୍ତି, ଇତାକ୍ ସେ ସାକି ଦେଉଁକ୍ ଆୟ୍‌ଲା । 8 ସେ ନିଜେ
ସେ ଉଜାଲ୍ ନଃରିଲା, ମଃତର୍ ସେ ଉଜାଲାର୍ କଃତା ସାକି
ଦେଉଁକେ ଆସିରିଲା । 9 ଜୁୟ୍ ସଃତ୍ ଉଜାଲ୍ ଜଃଗତେ ଆସି
ସଃବୁ ଜାତିକ୍ ଉଜାଲ୍ କଃରେଦ୍, ସେରିହଃକା ସଃତ୍ୟା ଉଜାଲ୍
। 10 ସେ ଜଃଗତେ ରିଲା, ଆର୍ ସେ ହୁର୍ତି ତାର୍ ତଃୟ୍‌ହୁଣି
ଉବ୍‌ଜାଣ୍ ଅୟ୍‌ଲି, ଅୟ୍‌ଲେକ୍ ହେଁ ଜଃଗତ୍ ତାକ୍ ଚିନୁ ନାହାର୍ଲି
। 11 ସେ ଅଃହ୍‌ଣାର୍ ରାଜିଏ ଆୟ୍‌ଲା, ଅୟ୍‌ଲେକ୍ ହେଁ ତାର୍
ନିଜାର୍ ଲକ୍‌ମଃନ୍ ତାକେ ନଃଦେର୍ଲାୟ୍ । 12 ମଃତର୍ ଜଃତେକ୍
ଲକ୍ ତାକ୍ ଦଃର୍ଲାୟ୍, ବଃଲେକ୍ ତାର୍ ନାଉଁଏ ସଃତ୍ କଃଲାୟ୍
ସେମଃନ୍‌କେ ସେ ଇସ୍ୱରାର୍ ହିଲା ଅଃଉଁକେ ଅଃଦିକାର୍ ଦିଲା
। 13 ସେମଃନ୍ ବଃନିତଃୟ୍, ଗଃଗାଲାର୍ ଇଚାୟ୍ କି ମାନାୟ୍‌ର୍
ଇଚାୟ୍ ଜଃଲମ୍ ନଃଉତି, ମଃତର୍ ଇସ୍ୱରାର୍ ଇଚାୟ୍ ଜଃଲମ୍
ଅୟ୍‌ଲାୟ୍ । 14 ଆର୍ ସେ ବଃଚନ୍ ନଃର୍ ମାନାୟ୍ ଅୟ୍‌ଲା,
ଆର୍ ଦଃୟା ଆର୍ ସଃତ୍ ସଃଙ୍ଗ ହୁରୁଣ୍ ଅୟ୍ ଅଃମାର୍ ବିତ୍ରେ
ବାସା କଃଲା; ଆର୍ ଉବାର୍ ତଃୟ୍‌ହୁଣି ଆୟ୍‌ଲା ଗଟେକ୍ ବଃଲି
ହୟ୍‌ସିର୍ ଜଃଜ୍‌ମାନ୍ ହାୟ୍‌ରିଲା ହର୍ ତାର୍ ଜଃଜ୍‌ମାନ୍ ଦଃକ୍‌ଲୁ
। 15 ଜହନ୍ ସାକି ଅୟ୍ ସେମାନାୟ୍‌ର୍ କଃତା ଉଲ୍‌ଗାଟ୍ ଅୟ୍
କୟ୍‌ଲା, “ଜେ ମର୍ ହଃଚେ ଆସୁଲା, ସେ ମର୍ ତଃୟ୍‌ହୁଣି ବଃଡ୍,
ବଃଲେକ୍ ମୁୟ୍ ଜଃର୍ନ୍ ନଃଉତ୍ ସେ ରିଲା, ଜାର୍ କଃତା ମୁୟ୍
କୟ୍ ରିଲେ, ସେ ଇମାନାୟ୍ ।” 16 ତାର୍ ଦଃୟାର୍ ହୁର୍ନାର୍ ଗିନେ
ଅଃମିମଃନ୍ ଆସିର୍ବାଦ୍ ହାୟ୍‌ଆଚୁ ହେଁ ଆସିର୍ବାଦ୍ ଉହ୍ରେ ଆସିର୍ବାଦ୍
ହାୟ୍‌ଆଚୁ । 17 ବଃଲେକ୍ ଇସ୍ୱର୍ ମସାର୍ ଦଃୟ୍‌କଃରି ବିଦି ଦିଲା,
ମଃତର୍ ଦଃୟା ଆର୍ ସଃତ୍ ଜିସୁ କ୍ରିସ୍ଟର୍ ଆସିର୍ବାଦ୍ ତଃୟ୍‌ହୁଣି
ଆୟ୍‌ଲି । 18 କେହେଁ କଃବେ ଇସ୍ୱର୍‌କେ ନଃଦେକେ, ମଃତର୍
ତାର୍ ସଃଙ୍ଗ ରିଲା ତାର୍ ଗଟେକ୍ ବଃଲି ନିଜାର୍ ହୟ୍‌ସି ତାକ୍
ଜାଣାୟ୍ ଆଚେ । 19 “ତୁୟ୍ କେ?” ଇରି ଜହନ୍‌କେ ହଃଚାରୁକେ
ଜିଉଦିମଃନ୍ ଜଃଡେବଃଲ୍ ଜିରୁସାଲମେ ହୁଣି ଜାଜକ୍ ଆର୍
ଲେବିମଃନ୍‌କେ ତାର୍ ଲଃଗେ ହଃଟାୟ୍‌ଲାୟ୍, ସଃଡେବଃଲ୍ ଜହନ୍
ଇ ସାକି ଦିଲା । 20 ଜହନ୍ ହୁଟାୟ୍‌କଃରି କୟ୍‌ଲା, “ମୁୟ୍ କ୍ରିସ୍ଟ
ନାୟ୍ ।” 21 ସେତାକ୍ ସେମଃନ୍ ତାକ୍ ହଃଚାର୍ଲାୟ୍, “ତଃବେ
ତୁୟ୍ କାୟ୍ ଏଲିୟ?” ସେ କୟ୍‌ଲା, “ମୁୟ୍ ଏଲିୟ ନାୟ୍ ।”
“ତୁୟ୍ କାୟ୍ ସେ ବାବ୍‌ବାଦି?” ସେ କୟ୍‌ଲା, “ମୁୟ୍ ନାୟ୍ ।”
22 ସେତାକ୍ ସେମଃନ୍ ତାକ୍ କୟ୍‌ଲାୟ୍, “ଅଃମିକ୍ ହଃଟାୟ୍‌ଲା
ଲକ୍‌ମଃନ୍‌କେ ଜଃନ୍‌କଃରି ଉତୁର୍ ଦେଉଁହାରୁ, ଇତାର୍ ଗିନେ
ତୁୟ୍ କେ? ତୁୟ୍ ନିଜାର୍ କଃତା କାୟ୍‌ରି କଃଉଁଲିସ୍?” 23 ଜିସାୟ୍
ବାବ୍‌ବାଦି ଜଃନ୍‌କଃରି କୟ୍‌ରିଲା ଜହନ୍ ସେରଃକମ୍ କୟ୍‌ଲା-
“ମୁୟ୍ ସୁକ୍‌ଲା ବଃଟାୟ୍ ଆଉଲି ଅୟ୍ କଃଉତା ଗଟ୍ ଲକାର୍
ଟଣ୍ଡ, ମାପ୍ରୁର୍ ବାଟ୍ ସଃଲ୍‌କ୍ କଃରା ।” 24 ଆର୍ ପାରୁସିମଃନାର୍
ବିତ୍ରେ ହଃଟାୟ୍‌ରିଲା ଲକ୍‌ମଃନ୍ ତାକ୍ ହଃଚାର୍ଲାୟ୍ । 25 ସେମଃନ୍
ଜହନ୍‌କେ ହଃଚାର୍ଲାୟ୍, “ତୁୟ୍ ଜଦି କ୍ରିସ୍ଟ ନାୟ୍ କି ଏଲିୟ ନାୟ୍
କି ବାବ୍‌ବାଦି ନାୟ୍, ତଃବେ କାୟ୍‌ତାକ୍ ବାପ୍ତିସମ୍ ଦେଉଁଲିସ୍?”
26 ଜହନ୍ ସେମଃନ୍‌କେ ଉତୁର୍ ଦିଲା, “ମୁୟ୍ ହାଣାୟ୍ ବାପ୍ତିସମ୍
ଦେଉଁଲେ, ମଃତର୍ ଜାକେ ତୁମିମଃନ୍ ନଃଜାଣାସ୍, ସେ ତୁମାର୍
ବିତ୍ରେ ଆଚେ । 27 ସେ ମର୍ ହଃଚେ ଆସୁଲା, ମୁୟ୍ ତାର୍
ହାଣ୍ଡାୟ୍‌ର୍ ବାନ୍ଧୁଣ୍ ଇଟାଉତା ଜୟ୍‌ଗ୍ ନାୟ୍ ।” 28 ଜର୍ଦନ୍
ଗାଡାର୍ ସେହାଟି ଜୁୟ୍ ଜଃଗାୟ୍ ଜହନ୍ ବାପ୍ତିସମ୍ ଦେତିରିଲା
ସେ ବେତ୍‌ନିଆ ଗାଉଁଏ ଇସଃବୁ ଗଃଟ୍‌ଲି । 29 ତାର୍ ଆର୍‌କ
ଦିନ୍ ଜିସୁକ୍ ତାର୍ ଆସ୍ତାର୍ ଦଃକି ଜହନ୍ କୟ୍‌ଲା, “ଏଦେ ଦଃକା
ଇସ୍ୱରାର୍ ମେଣ୍ଡା ବଦା, ଜେ ଜଃଗତାର୍ ହାହାର୍ ବଜ୍ ବୟ୍
ନଃୟ୍‌ଦ୍ । 30 ଜେ ମର୍ ହଃଚେ ଆସୁଲା, ସେ ମର୍ ତଃୟ୍‌ହୁଣି
ବଃଡ୍, ବଃଲେକ୍ ସେ ମର୍ ଜଃଲମ୍ ହୁର୍ବେ ରିଲା, ଜାର୍ କଃତା
କୟ୍‌ରିଲେ ସେ ଇମାନାୟ୍ ।” 31 ମୁୟ୍ ହେଁ ତାକ୍ ଚିନି ନଃରିଲେ,
ମଃତର୍ ତାକ୍ ଜଃନ୍‌କଃରି ଇସ୍ରାଏଲ୍‌ମଃନ୍ ଜାଣ୍‌ତି, ଇତାର୍ ଗିନେ
ମୁୟ୍ ହାଣାୟ୍ ବାପ୍ତିସମ୍ ଦେଉଁକ୍ ଆସିଆଚି । 32 ଜହନ୍ ସାକି
ଦଃୟ୍ କୟ୍‌ଲା, “ମୁୟ୍ ଗଟ୍ ଆତ୍ମାକେ ହାଣ୍ଡକା ହର୍ ସଃର୍ଗେ
ହୁଣି ଉତ୍ରି ଆସ୍ତାର୍, ଆର୍ ସେ ତାର୍ ଉହ୍ରେ ବଃସ୍ତାର୍ ଦଃକ୍‌ଲେ
। 33 ମୁୟ୍ ହେଁ ତାକେ ଜାଣି ନଃରିଲେ ମଃତର୍ ମାପ୍ରୁ ମକେ
ହାଣାୟ୍ ବାପ୍ତିସମ୍ ଦେଉଁକ୍ ହଃଟାୟ୍‌ଲା, ସେ କୟ୍‌ରିଲା, ‘ତୁୟ୍
ଗଟ୍ ମାନାୟ୍‌ର୍ ଉହ୍ରେ ଆତ୍ମା ଆସି ବଃସ୍ତାର୍ ଦଃକ୍‌ସି, ସେ ହଃକା
ସେ ଲକ୍ ଜେ ପବିତ୍ର ଆତ୍ମାୟ୍ ବାପ୍ତିସମ୍ ଦଃୟ୍‌ଦ୍ ।’ 34 ମୁୟ୍
ସେରି ଦଃକିଆଚି ଆର୍ ସେ ହଃକା ଇସ୍ୱରାର୍ ହୟ୍‌ସି ବଃଲି
ସାକି ଦେଉଁଲେ ।” 35 ତାର୍ ଆର୍‌କ ଦିନ୍ ଆରେକ୍ ଜହନ୍
ସଃଙ୍ଗ ତାର୍ ଚେଲାମଃନାର୍ ବିତ୍ରେ ଦୁୟ୍‌ଲକ୍ ଟିଅୟ୍ ରିଲାୟ୍; 36
ସଃଡେବଃଲ୍ ଜିସୁ ଇଣ୍ଡି ଜାତାର୍ ଦଃକି, ଜହନ୍ କୟ୍‌ଲା, “ଏଦେ
ଦଃକା ଇସ୍ୱରାର୍ ମେଣ୍ଡା ବଦା ।” 37 ସେ ଜଲେକ୍ ଚେଲା ତାର୍
କଃଉତାର୍ ସୁଣି ଜିସୁର୍ ହଃଚେହଃଚେ ଗଃଲାୟ୍ । 38 ଜିସୁ
ଉଲ୍‌ଟି ସେମଃନ୍ ତାର୍ ହଃଚେ ହଃଚେ ଆସ୍ତାର୍ ଦଃକି ହଃଚାର୍ଲା,
“ତୁମିମଃନ୍ କାୟ୍‌ରି ଲଲୁଲାସ୍?” ସେମଃନ୍ ତାକ୍ କୟ୍‌ଲାୟ୍,
“ରାବ୍‌ବି, ବଃଲେକ୍, ଗୁରୁ, ତୁୟ୍ କୁୟ୍‌ତି ରେଉଁଲିସ୍?” 39 ସେ
ସେମଃନ୍‌କେ କୟ୍‌ଲା, “ଆସା ଦଃକାସ୍ ।” ସେତାକ୍ ସେମଃନ୍
ଜାୟ୍ ତାର୍ ରେତା ଟାଣ୍ ଦଃକଃଲାୟ୍, ଆରେକ୍ ସେଦିନ୍ ତାର୍

ସଃଙ୍ଗ ରିଲାୟ୍; ସଃଡେବଃଲ୍ ସଃକାଳ୍ୟା ଦଃସ୍ଗଃଟା ଅୟ୍ରିଲି ।
40 ଜୁୟ୍ ଦୁୟ୍ ଲକ୍ ଜହନ୍ ତଃୟ୍ହୁଣି କଃତା ସୁଣି ଜିସୁର୍ ହଃଚେ
ହଃଚେ ଜାୟ୍ ରିଲାୟ୍, ସେମଃନାର୍ ବିତ୍ରେ ଏକ୍ଲା ପିତର୍ ସିମନାର୍
ବାୟ୍ସି ଆନ୍ଦ୍ରିଅ ରିଲା । 41 ଆନ୍ଦ୍ରିଅ ହଃର୍ତୁମ୍ ନିଜାର୍ ବାୟ୍ସି
ସିମନ୍କ୍ ବେଟ୍ହାୟ୍ ତାକ୍ କୟ୍ଲା, "ଅଃମି ମସିଅକ୍, ବଃଲେକ୍
କ୍ରିସ୍ଟକେ ଦଃକିଆଚୁ ।" 42 ତାର୍ହଃଚେ ସେ ସିମନ୍କ୍ ଜିସୁ ହାକ୍
ଆଣ୍ଲା । ଜିସୁ ତାକ୍ ନିକକଃରି ଦଃକ୍ଲା ଆର୍ କୟ୍ଲା, "ତୁୟ୍
ଜହନାର୍ ହୟ୍ସି ସିମନ୍, ତୁୟ୍ କେପା ବଃଲେକ୍ ପିତର୍ ବଃଲି
ଡାକେ ହୁଟ୍ସି, ଇତାର୍ ଅଃର୍ତ୍ ଟେଳା ।" 43 ତାର୍ ଆର୍କ ଦିନ୍
ଜିସୁ ଗାଲିଲି ଜଃଉଁକେ ମଃନ୍ କଃଲା, ସେ ପିଲିପ୍କେ ଦଃକ୍ଲା
ଆର୍ ତାକେ କୟ୍ଲା, "ମର୍ ହଃଚେ ହଃଚେ ଆଉ ।" 44 ପିଲିପ୍
ବେତ୍ସାଇଦା ଗାଉଁଆର୍ ଲକ୍ ରିଲା, ସେରି ଆନ୍ଦ୍ରିଅ ଆର୍ ପିତର୍
ରେତା ଗଃଲ୍ ରିଲି । 45 ପିଲିପ୍ ନିତନିଏଲ୍କେ ବେଟ୍ ଅୟ୍
ତାକେ କୟ୍ଲା, "ଜାର୍ କଃତା ମସା ବିଦିଲଃଗେ ଲେକିଆଚେ,
ଆରେକ୍ ବାବ୍ବାଦିମଃନ୍ ହେଁ ଲେକି ଆଚ୍ତି, ଅଃମିମଃନ୍ ତାକ୍
ଦଃକି ଆଚୁ, ତାର୍ ଉବାସି ଜସେପ୍ ନାଜରିତ୍ ଗାଉଁଆର୍ ଜିସୁ
।" 46 ନିତନିଏଲ୍ ତାକ୍ ହଃଚାର୍ଲା, "ନାଜରିତ୍ ହୁଣି କାୟ୍ ସଃତ୍
କଃତା ବାରାଉଁ ହାରେ?" ପିଲିପ୍ ତାକ୍ କୟ୍ଲା, "ଆଉ ଆର୍
ଦଃକ୍ ।" 47 ଜିସୁ ନିତନିଏଲ୍କେ ଅଃହ୍ଣାର୍ ଚଃମେ ଆସ୍ତାର୍
ଦଃକି, ସେ ତାର୍ କଃତା କୟ୍ଲା, "ଏଦେ ଦଃକା ନିଜ୍କଃରି
ଏ ଗଟେକ୍ ଇସ୍ରାଏଲ୍ ଲକ୍, ଆର୍ ତଃୟ୍ ମିଚ୍ମଃୟା ନାୟ୍
।" 48 ନିତନିଏଲ୍ ଜିସୁକେ ହଃଚାର୍ଲା, "ତୁୟ୍ ମକ୍ କଃନ୍କଃରି
ଜାଣ୍ଲିସ୍?" ଜିସୁ ତାକ୍ ଉତୁର୍ ଦିଲା, "ପିଲିପ୍ ତକ୍ କୁଦ୍ତା
ଆଗ୍ତୁ ତୁୟ୍ ଜଃଡେବଃଲ୍ ଡୁମ୍ବୁର୍ ଗଚ୍ତଳେ ଟିଅୟ୍ ରିଲିସ୍,
ସଃଡେବଃଲ୍ ମୁୟ୍ ତକ୍ ଦଃକିରିଲେ ।" 49 ନିତନିଏଲ୍ ଉତୁର୍
ଦିଲା, "ଏ ରାବ୍ବି, ବଃଲେକ୍ ଏ ଗୁରୁ, ତୁୟ୍ ଇସ୍ୱରାର୍ ହୟ୍ସି,
ତୁୟ୍ ଇସ୍ରାଏଲ୍କେ ଚାଲାଉତା ରଃଜା ।" 50 ଜିସୁ ତାକ୍ ଉତୁର୍
ଦିଲା, "ମୁୟ୍ ତକେ ଡୁମ୍ବୁର୍ ଗଃଚ୍ ତଃଳେ ଦଃକି ରିଲେ ବଃଲି
କୟ୍ଲାକ୍ କି ତୁୟ୍ ବିସ୍ୱାସ୍ କଃରୁଲିସ୍? ତୁୟ୍ ଇତାର୍ ତଃୟ୍ହୁଣି
ବଃଡ୍ ବଃଡ୍ ବିସୟ୍ ଦଃକ୍ସି ।" 51 ଆରେକ୍ ଜିସୁ ସେମଃନ୍କେ
କୟ୍ଲା, "ମୁୟ୍ ତୁମିମଃନ୍କେ ସଃତ୍ କଃଉଁଲେ, ତୁମିମଃନ୍ ସଃର୍ଗ୍
ଉଗାଳି ଅଃଉତାର୍ ଇସ୍ୱରାର୍ ଦୁତ୍ମଃନ୍କେ ନଃରାର୍ ହୟ୍ସିର୍
ଚଃମେ ଉହ୍ରେ ଜାତାର୍ ଆର୍ ଉତ୍ରି ଆସ୍ତାର୍ ଦଃକାସ୍ ।"

**2** ଦୁୟ୍ଦିନାର୍ ହଃଚେ ଗାଲିଲିର୍ କାନା ନାଉଁଆର୍ ଗଃଳେ
ଗଟେକ୍ ବିବା ଅୟ୍ଲି । ଆର୍ ଜିସୁର୍ ଆୟ୍ସି ସେଡି ରିଲି;
2 ଜିସୁକେ ଆର୍ ତାର୍ ଚେଲାମଃନ୍କେ ହେଁ ବିବାତଃୟ୍ କୁଦି
ରିଲାୟ୍ । 3 ଅଙ୍ଗୁର୍ ରଃସ୍ ସଃର୍ଲାକ୍ ଜିସୁର୍ ଆୟ୍ସି ଜିସୁକେ
କୟ୍ଲି, "ସେମଃନାର୍ ଅଙ୍ଗୁର୍ ରଃସ୍ ନାୟ୍ ।" 4 ସେତାକ୍ ଜିସୁ
ତାକ୍ କୟ୍ଲା, "ଏଗା ଆୟା, ମକ୍ କାୟ୍ରି କଃରୁକେ ଅୟ୍ଦ୍?
ଅଃବେ ହଃଡେକ୍ ମର୍ ବେଳା ନାସେତା ।" 5 ଜିସୁର୍ ଆୟ୍ସି
ସେବାକାରିମଃନ୍କେ କୟ୍ଲି, "ଜିସୁ ତୁମିମଃନ୍କେ ଜାୟ୍ବଃଲି
କୟ୍ଦ୍, ସେରି କଃରା ।" 6 ଆର୍ ସେଲଃଗେ ଜିଉଦିମଃନାର୍
ନିର୍ମୁଳ୍ ଅଃଉତା ବିଦି ହଃର୍କାରେ ହଃତି ଗୁନାୟ୍ ହାଁଡ୍କଲି ମୁତା
ହାଣି ଦଃର୍ତାର୍ ଚଅଗଟ୍ ଟେଳାୟ୍ ଡିଆର୍ ଅୟ୍ଲା ବଃଡ୍
ବଃଡ୍ ହାଣି ଗୁନା ରିଲି । ଗଟେକ୍ ଗଟେକ୍ ହାଣି ଗୁନାୟ୍
ହାଁଡ୍କଲି ମୁତା ହାଣି ଦଃର୍ତିରିଲି । 7 ଜିସୁ ଦଃଙ୍ଗ୍ଳାମଃନ୍କେ
କୟ୍ଲା, "ଇ ଗୁନାୟ୍ମଃନ୍ ହାଣି ବଃର୍ତି କଃରା ।" ସେତାକ୍
ସେମଃନ୍ ହଃତିତଃୟ୍ ଗଃଳା ହଃଡେକ୍ ବଃର୍ତି କଃଲାୟ୍ । 8 ଜିସୁ
ସେମଃନ୍କେ କୟ୍ଲା, "ଅଃବେ ଇତିର୍ ହାଣି ଡୁବି ନଃୟ୍କଃରି
ବଜିର୍ ବଃଣ୍ଟାର୍ ଗଃରିଆକ୍ ଦିଆସ୍ ।" ସେତାକ୍ ସେମଃନ୍ ତାର୍
ଲଃଗେ ନିଲାୟ୍ । 9 ବଃଣ୍ଟାର୍ ଗଃରିଆ ସେ ଅଙ୍ଗୁର୍ ରଃସ୍
ଅୟ୍ରିଲା ହାଣିକ୍ ଚାକିକଃରି ସେରି କୁୟ୍ତିହୁଣି ଆୟ୍ଲି, ସେରି
ଜାଣୁ ନଃହାର୍ଲା, ମଃତର୍ ଜୁୟ୍ମଃନ୍ ବଃଣ୍ଟାର୍ଗଃରିଆକ୍ ହାଣି
ଡୁବି ଦିଲାୟ୍ ସେମଃନ୍ ଜାଣି ରିଲାୟ୍, ସେତାର୍ ଗିନେ ସେ
ବଃରକ୍ କୁଦିକଃରି କୟ୍ଲା, 10 "ସଃବୁଲକ୍ ହଃର୍ତୁମ୍ ନିକ ଅଙ୍ଗୁର୍
ରଃସ୍ ଦେତି, ଆର୍ ଲକ୍ମଃନ୍ କାୟ୍କଃରି ମାତ୍ଲା ହଃଚେ
ବଃର୍ନ୍ରି ଦେତି; ମଃତର୍ ତୁମି ଅଃବେ ହଃଡେକ୍ ନିକ ଅଙ୍ଗୁର୍ ରଃସ୍
ସଃଙ୍ଗ୍ଲାୟ୍ ଆଚାସ୍ ।" 11 ଜିସୁ ଇବାନ୍ୟା ହଃର୍ତୁମେ ଗାଲିଲିର୍
କାନା ଗଃଳେ କାବା ଅଃଉତା ଚିନ୍ ଆରୁମ୍ କଃରି ଅଃହ୍ଣାର୍
ଜଃଜ୍ମାନ୍ ଦଃକାୟ୍ଲା, ଆର୍ ତାର୍ ଚେଲାମଃନ୍ ତାର୍ତଃୟ୍
ବିସ୍ୱାସ୍ କଃଲାୟ୍ । 12 ଇତାର୍ ହଃଚେ ଜିସୁ ଅଃହ୍ଣାର୍ ଆୟ୍ସି,
ବାୟ୍ମଃନ୍ ଆର୍ ଚେଲାମଃନାର୍ ସଃଙ୍ଗ କପୁର୍ନାହୁମ୍ ଗଃଳେ
ଗଃଲାୟ୍; ଆରେକ୍ ସେମଃନ୍ ସେଡି କଃତି ଦିନ୍ ରିଲାୟ୍ ।
13 ସଃଡେବଃଲ୍ ଜିଉଦିମଃନାର୍ ମୁକ୍ଲାଉଁଣି ହଃର୍ବ୍ ଚଃମେ ଅୟ୍
ଆସିରିଲି, ଆର୍ ଜିସୁ ଜିରୁସାଲମେ ଗଃଲା । 14 ଆରେକ୍,
ଜିସୁ ମନ୍ଦିରେ ଗାୟ୍, ମେଣ୍ଡା, ହାଣ୍ଡୁକା ବେବାରିମଃନ୍କେ ଆର୍
ଡାବୁ ବାଦ୍ଲାଉମଃନ୍ କେ ବଃସି ରିଲାର୍ ଦଃକ୍ଲା, 15 ସେତାକ୍
ସେ ଡର୍ଲଃଗେ ସାଟ୍ଣି ଡିଆର୍ କଃରି ଗାୟ୍, ମେଣ୍ଡା ମଃନ୍କେ
ମନ୍ଦିରେ ହୁଣି ବାର୍ କଃରି ଦିଲା । ଡାବୁ ବାଦ୍ଲାଉମଃନାର୍ ସଃବୁ
ଟେବୁଲ୍ମଃନ୍କେ ଉଲ୍ଟାୟ୍ ଦଃୟ୍ ଟଃକା ବିଚ୍ରି ହଃକାୟ୍ଲା 16
ଆର୍ ଜିସୁ ହାରୁଆ ବେବାରିମଃନ୍କେ କୟ୍ଲା, "ଇ ସଃବୁକ୍ ଇତି
ହୁଣି ଦଃରି ଜାହା, ମର୍ ଉବାର୍ ଗଃର୍କେ ବେବାର୍ ଗଃର୍ କଃରା
ନାୟ୍ ।" 17 "ଏ ପବିତ୍ର ଇସ୍ୱର୍, ତର୍ ଗଃରାର୍ ଗିନେ ଗଃର୍ବେ ଜୟ୍
ଲାଗ୍ଲା ହର୍ ମକ୍ ଚିତା ମାଡି ବଃସେଦ୍ ।" ଇରି ଦଃର୍ମ୍ ସାସ୍ତରେ
ଲେକା ଆଚେ ବଃଲି ତାର୍ ଚେଲାମଃନ୍କେ ମଃନେ ହଃଳ୍ଲି । 18
ସେତାକ୍ ଜିଉଦିମଃନାର୍ ମୁଳିକାମଃନ୍ ଜିସୁ ହାକ୍ ବାଉଳି ଆସି
ଇରି ହଃଚାର୍ଲାୟ୍, ତୁୟ୍ ଇସଃବୁ କାମ୍ କଃରୁକେ "ଅଃଦିକାର୍ ହାୟ୍
ଆଚ୍ସି, ବଃଲି ଅଃମିମଃନ୍ କଃନ୍କଃରି ଜାଣୁନ୍ତ ଅଃମିମଃନ୍କ୍
କାୟ୍ ଚିନ୍ ଦଃକାଉଁହାର୍ସି?" 19 ଜିସୁ ସେମଃନ୍କେ ଉତୁର୍ ଦିଲା,
"ତୁମିମଃନ୍ ଇ ମନ୍ଦିର୍କେ ନଃସ୍ଟ କଃଲେକ୍, ତିନ୍ ଦିନ୍ ବିତ୍ରେ ମୁୟ୍
ସେରି ଆରେକ୍ ଡିଆର୍ କଃରିନ୍ତ ।" 20 ସେତାକ୍ ଜିଉଦିମଃନ୍
କୟ୍ଲାୟ୍, "ଇ ମନ୍ଦିର୍ ଡିଆର୍ କଃରୁକେ ଦୁୟ୍କଳି ଚଅ ବଃର୍ସ୍

ଲାଗି ଆଚେ; ଆର୍ ତୁୟ୍ କାୟ୍ରି ସେରି ତିନିଦିନ୍ ବିତ୍ରେ ତିଆର୍
କଽର୍ସି?" 21 ମଽତର୍ ଜିସୁ ତାର୍ ଅଽହ୍ଣାର୍ ଗଽଗାଲ୍ ମନ୍ଦିର୍କେ
ଦଽକାୟ୍ ଇ କଽତା କୟ୍ରିଲା । 22 ଜିସୁ ମଽରି ଉଟ୍ଲା ହଽଚେ
ତାର୍ ଚେଲାମଽନ୍ ମଽନେ ଏତାୟ୍ଲାୟ୍ ଜେ ସେ ଇରି କୟ୍ ରିଲା;
ଆରେକ୍, ସେମଽନ୍ ଦଽର୍ମ୍ ସାସ୍ତ୍ରର୍ ଆର୍ ଜିସୁର୍ କୟ୍ଲା କଽତାକ୍
ସଽତ୍ କଽଲାୟ୍ । 23 ମୁକ୍ଲାଉଁଣି ହଽର୍ବ୍ ବଽଲ୍ ଜିସୁ ଜିରୁସାଲମେ
ରିଲାବଽଲ୍ ଗାଦେକ୍ ଲକ୍ ସେ କଽଲା କାବା ଅଽଉତା ଚିନ୍ ଦଽକି
ତାକେ ସେମଽନ୍ ତାର୍ ନାଉଁଏ ବିସ୍ୱାସ୍ କଽଲାୟ୍ । 24 ମଽତର୍
ଜିସୁ ସେମଽନ୍କେ ସଽତ୍ ନଽକେରି ସେମଽନାର୍ ତଽୟ୍ହୁଣି
ଅଽହ୍ଣାକ୍ ଅଽଲ୍ଗା କଽରିରିଲା, କାୟ୍ତାକ୍ବଽଲେକ୍ ଜିସୁ ସେ
ସଽବ୍କେ ନିକ କଽରି ଜାଣିରିଲା, 25 ଆରେକ୍, କୁୟ୍ ମାନାୟ୍
ଜେ ନଽରାର୍ ହୟ୍ସି ବିସୟେ ସାକି ଦଽୟ୍ଦ୍, ଇରି ଜିସୁର୍ ଲଲା
ନଽରିଲି, ବଽଲେକ ନଽର୍ମଽନାର୍ ମଽନେ କାୟ୍ରି ଆଚେ, ସେରି
ସେ ନିଜେ ଜାଣୁହାର୍ତିରିଲା ।

3 ପାରୁସିମଽନାର୍ ବିତ୍ରେ ନିକଦିମ ନାଉଁଆର୍ ଗଟେକ୍
ଜିଉଦିମଽନାର୍ ମୁଳିକା ରିଲା । 2 ସେ ରାତିବଽଲ୍ ଜିସୁର୍
ଲଽଗେ ଆସି ତାକ୍ କୟ୍ଲା, "ଏ ଗୁରୁ, ତୁୟ୍ ଜେ ଇସ୍ୱର୍ ତଽୟ୍ହୁଣି
ଆୟ୍ଲା ଗୁରୁ, ଇରି ଅଽମିମଽନ୍ ଜାଣିଆଚୁ, ବଽଲେକ୍ ତୁୟ୍
ଇରି ଜୁୟ୍ ସଽବୁ କାବା ଅଽଉତା ଚିନ୍ କଽରୁଲିସ୍, ଇସ୍ୱର୍ ସଽଙ୍ଗ୍
ନଽରିଲେକ୍ ସେସଽବୁ କେହେଁ କଽରୁ ନାହାରେ ।" 3 ଜିସୁ
ତାକ୍ କୟ୍ଲା, "ସଽତ୍କଽରି ମୁୟ୍ ତକ୍ କଽଉଁଲେ, ଆରେକ୍
ଜଽଲମ୍ ନୟ୍ଲେକ୍ କେହେଁ ଇସ୍ୱରାର୍ ରାଇଜ୍ ଦଽକୁ ନାହାରେ
।" 4 ନିକଦିମ ଜିସୁକେ ହଽଚାର୍ଲା, "ବୁଡା ଅୟ୍ଲେକ୍ ମାନାୟ୍
କଽନ୍କଽରି ଆରେକ୍ ତରେକ୍ ଜଽଲମ୍ ଅଽଉଁ ହାରେ? ସେ
କାୟ୍ରି ଆରେକ୍ ଗଟ୍ତର୍ ତାର୍ ଆୟ୍ସିର୍ ହେଟେ ହୁରି ଜଽଲମ୍
ଅଽଉଁ ହାରେ?" 5 ଜିସୁ କୟ୍ଲା, "ସଽତ୍ କଽରି ମୁୟ୍ ତକ୍
କଽଉଁଲେ, ହାଣି ଆର୍ ଆତ୍ମାୟ୍ ଆରେକ୍ ତରେକ୍ ଜଽଲମ୍
ନୟ୍ଲେକ୍ କେହେଁ ଇସ୍ୱରାର୍ ରାଇଜେ ଜଽଉଁ ନାହାରେ । 6
ଗଽଗାଳେ ହୁଣି ଜାୟ୍ରି ଜଽଲମ୍ ସେରି ଗଽଗାଲ୍ ଆରେକ୍, ଆତ୍ମା
ତଽୟ୍ହୁଣି ଜାୟ୍ରି ଜଽଲମ୍, ସେରି ଆତ୍ମା । 7 ତୁମି ସଽବ୍କେ
ବାୟ୍ଦ୍ରେ ଆରେକ୍ ତରେକ୍ ଜଽଲମ୍ ଅଽଉଁକେ ହଽଲେଦ୍ ବଽଲି
ମୁୟ୍ ଜୁୟ୍ରି କଽଉଁଲେ, ଇତାର୍ ଗିନେ କାବା ଅଽଉଅ ନାୟ୍ ।
8 ବାଉ ଜୁୟ୍ ଦିଗେ ମଽନ୍କଽରେଦ୍, ସେ ଦିଗେ ଜାୟ୍ଦ୍ ଆର୍
ତୁମିମଽନ୍ ତାର୍ ସଽବ୍ଦ୍ ସୁଣାସ୍, ମଽତର୍ ସେରି କୁୟ୍ତିହୁଣି
ଆସେଦ୍ ଆର୍ କୁୟ୍ତି ଜାୟ୍ଦ୍, ସେରି ନଽଜାଣାସ୍; ଆତ୍ମାୟ୍
ହୁଣି ଜଽଲମ୍ ଅୟ୍ଲା ହଽତି ଲକାର୍ କଽତା ସେନ୍କାର୍ ।"
9 ନିକଦିମ ଜିସୁକେ କୟ୍ଲା, "ଇରିମଽନ୍ କଽନ୍କଽରି ଅଽଉଁ
ହାରେ?" 10 ଜିସୁ ତାକ୍ କୟ୍ଲା, "ତୁୟ୍ ଇସ୍ରାଏଲ୍ମଽନାର୍
ଗଟେକ୍ ଗୁରୁ ଅୟ୍କଽରି ହେଁ ଇ ସଽବୁ କାୟ୍ରି ନଽବୁଜୁଲିସ୍?
11 ମୁୟ୍ ସଽତ୍କଽରି କଽଉଁଲେ- ଅଽମି ଜୁୟ୍ରି ଜାଣିଆଚୁ ସେରି
କଽଉଁଲୁ ଆର୍ ଜୁୟ୍ରି ଦଽକିଆଚୁ ସେରି ସାକି ଦେଉଁଲୁ ଅୟ୍ଲେକ୍
ହେଁ ତୁମି ସଽତ୍ ନଽକେରୁଲାସ୍ । 12 ମୁୟ୍ ତୁମିକେ ଜଽଗତାର୍
କଽତା କୟ୍ଲେକ୍ ତୁମି ସଽତ୍ ନଽକେରୁଲାସ୍, ଜଽଡେବଽଲ୍
ମୁୟ୍ ସଽର୍ଗ୍ହୁରାର୍ କଽତା କୟ୍ଲେକ୍ ତୁମି ମକେ କଽନ୍କଽରି
ସଽତ୍ କଽରାସ୍? 13 ଜୁୟ୍ ନଽରାର୍ ହୟ୍ସି ସଽର୍ଗୋହୁଣି ଉତ୍ରୁର୍ଲା,
ତାର୍ ବିନା ଆର୍ କେ ସଽର୍ଗେ ନଽଜାୟ୍ଁ ।" 14 ମସା ଜଽନ୍କଽରି
ସୁକ୍ଲାବଽଟାୟ୍ ହିତୁଳାର୍ ସାହ୍ ଲାଟି ଟିହେ କଽରି ଉହ୍ରେ
ଉଟାୟ୍ରିଲା, ସେନ୍କଽରି ନଽରାର୍ ହୟ୍ସି ହେଁ ଉହ୍ରେ ଉଟା
ଅୟ୍ଦ୍ । 15 ଜଽନ୍କଽରି ଜେହେଁ ତାର୍ ତଽୟ୍ ବିସ୍ୱାସ୍ କଽରେଦ୍
ସେ ଅଽମ୍ରର୍ ଜିବନ୍ ହାୟ୍ଦ୍ । (aiōnios g166) 16 ବଽଲେକ୍
ଇସ୍ୱର୍ ଜଽଗତ୍କେ ଅଽତେକ୍ ଲାଡ୍ କଽଲା ଜେ ସେ ଅଽହ୍ଣାର୍
ଗଟେକ୍ ବଽଲି ହୟ୍ସିକ୍ ଦାନ୍ ଦିଲା, ଜଽନ୍କଽରି ଜେହେଁ ତାକେ
ବିସ୍ୱାସ୍ କଽରେଦ୍ ସେ ନଽସ୍ଟ ନୟ୍ ସେ ଅଽମ୍ରର୍ ଜିବନ୍ ହାୟ୍ଦ୍ ।
(aiōnios g166) 17 ଇସ୍ୱର୍ ନିଜାର୍ ହୟ୍ସିକ୍ ଜଽଗତ୍କେ ବିଚାର୍
କଽରୁକେ ନାୟ୍, ମଽତର୍ ଜଽଗତ୍କେ ଜଽନ୍କଽରି ବଚାଉଁକେ
ଅୟ୍ଦ୍ ସେତାର୍ଗିନେ ହଽଟାୟ୍ ଆଚେ । 18 ଜୁୟ୍ ଲକ୍ ହୟ୍ସିର୍
ତାଣେ ବିସ୍ୱାସ୍ କଽରେଦ୍ ତାର୍ ବିଚାର୍ ନାୟ୍; ମଽତର୍ ଜେ ବିସ୍ୱାସ୍
ନଽକେରେ ତାର୍ ବିଚାର୍ ଅୟ୍ ସଽର୍ଲିନି, ବଽଲେକ୍ ସେ ଇସ୍ୱରାର୍
ଗଟେକ୍ବଽଲି ହୟ୍ସିର୍ ନାଉଁଏ ବିସ୍ୱାସ୍ ନଽକେରେ । 19 ଆର୍,
ସେ ବିଚାର୍ ଇରି, ଜଽଗତାର୍ ଉଜାଲ୍ ତଽରାସି ଆଚେ, ଆର୍
ଲକ୍ମଽନ୍ ଉଲାଲ୍କେ ନଽଚିକଽରି ଅଽନ୍ଧାର୍କେ ଲାଡ୍ କଽଲାୟ୍,
ବଽଲେକ୍ ସେମଽନ୍କାର କାମ୍ ସଽବୁ ମଽନ୍ଦ । 20 ବଽଲେକ୍
ଜୁୟ୍ ଲକ୍ କଽରାବ୍ କାମ୍ କଽରେଦ୍, ଉଜାଲ୍କେ ଗିଣ୍ କଽରେଦ୍,
ବଽଲେକ୍ ତାର୍ କଽରାବ୍ କାମ୍ମଽନ୍ ହଽଦାୟ୍ ହଽଲ୍ତା ଡିର୍କେ
ଉଜାଳେ ଆସୁନଽଚେ । 21 ଜାର୍ କାମ୍ ସଽତ୍, ସେ ଉଜାଳେ
ଆସୁକ୍ ମଽନ୍ କଽରେଦ୍, ଜଽନ୍କଽରି ତାର୍ କାମ୍ ଇସ୍ୱରାର୍
ତଽୟ୍ହୁଣି ଅୟ୍ଲି ବଽଲି ଜାଣା ହଽଲେଦ୍ । 22 ଇତାର୍ହଽଚେ,
ଜିସୁ ଆର୍ ତାର୍ ଚେଲାମଽନ୍ ଜିଉଦା ଦେସେ ଗଽଲାୟ୍, ଆର୍
ସେଟାଣେ ସେମଽନ୍କାର ସଽଙ୍ଗ୍ ରଽୟ୍କଽରି ବାପ୍ତିସମ୍ ଦେଉଁକ୍
ଦଽର୍ଲା । 23 ଜହନ୍ ହେଁ ସାଲିମ୍ ଚଽମାର୍ ଆନନେ ବାପ୍ତିସମ୍
ଦେତିରିଲା, କାୟ୍କଽରୁକ୍ ବଽଲେକ୍ ସେଡି ବୁଟେକ୍ ହାଣି ରିଲି,
ଆର୍ ଲକ୍ମଽନ୍ ତାର୍ ତଽୟ୍ ଆସ୍ତି ରିଲାୟ୍ ଆର୍ ବାପ୍ତିସମ୍
ନେତି ରିଲାୟ୍ । 24 ଜହନ୍ ସଽଡେବଽଲ୍ ହଽତେକ୍ ଜଽଇଲେ
ଜାୟ୍ ନଽରିଲା । 25 ନିର୍ମୁଳ୍ ଅଽଉତା କଽତାର୍ ଗିନେ, ଜହନ୍
ତଽୟ୍ଁ ହୁଣି ଆୟ୍ଲା କଽତିଗଟ୍ ଚେଲାମଽନ୍ ଗଟ୍ ଜିଉଦି ସଽଙ୍ଗ୍
ଦଽରାଦଽରି ଅୟ୍ଲାୟ୍ । 26 ଜହନାର୍ ଚେଲାମଽନ୍ ଜହନ୍ ହାକ୍
ଜାୟ୍ ତାକେ ସାକିଦି ଲାୟ୍, "ଗୁରୁ, ଏତାଉ ଜର୍ଦନ୍ ଗାଡାର୍
ଉଦ୍ୟାନ୍ବାଟ୍ ଜୁୟ୍ ମାନାୟ୍ ତର୍ ସଽଙ୍ଗ୍ ରେତିରିଲା, ଜାର୍ କଽତା
ତୁୟ୍ କଽଉତି ରିଲିସ୍, ସେ ଅଽବେ ବାପ୍ତିସମ୍ ଦେଉଁଲା, ଆର୍
ସଽବୁ ଲକ୍ ତାର୍ ହାକ୍ ଜଽଉଁଲାୟ୍ ।" 27 ଜହନ୍ କୟ୍ଲା, ସଽର୍ଗେ
ହୁଣି ଇସ୍ୱର୍ ନଽଦିଲେକ୍ କୁୟ୍ ଲକ୍ କାୟ୍ରିହେଁ ହାଉଁନାହାରେ ।
28 "ମୁୟ୍ କ୍ରିସ୍ଟ ନାୟ୍, ତାର୍ ଆଗାଳି ହଟାୟ୍ଲାର୍ ଆସିଆଚି, ମୁୟ୍

ଇରି କୟ୍ରିଲେ । ତୁମିମଽନ୍ ନିଜେ ସେ ସାକି । 29 ଜୁୟ୍ ଲକ୍
କଽନ୍ୟା ଆଣେଦ୍, ସେ ବଽର, ମଽତର୍ ବଽରର୍ ସଽଙ୍ଗ୍ ଅଽହ୍ଣାର୍
ଲକ୍ ଟିଆ ଅୟ୍ କଽତା ସୁଣେଦ୍, ସେ ବଽରର୍ ଗିନେ ବଽଡେ
ସଽର୍ଦା ଅୟ୍ଦ୍ । ବଽଲେକ୍ ମର୍ ଇ ସଽର୍ଦା ହୁର୍ନ୍ ଅୟ୍ଆଚେ ।
30 ସେ ବାୟ୍ଦ୍ରେ ବାଡୁକେ ହଽଲେଦ୍, ମଽତର୍ ମୁୟ୍ ବୁଡୁକ୍
ହଽଲେଦ୍ ।” 31 ଜେ ସଽର୍ଗେହୁଣି ଆସେଦ୍ ସେ ସଽବ୍କେ ବଽଡ୍ ।
ଜେ ହୁର୍ତିବିଏ ହୁଣି ଜାତ୍ ଅୟ୍ଆଚେ ସେ ଜଽଗତାର୍, ଆର୍ ସେ
ଜଽଗତାର୍ କଽତା କୟ୍ଦ୍ ମଽତର୍ ଜେ ସଽର୍ଗେହୁଣି ଆସେଦ୍
ସେ ସଽବ୍କାର୍ ଉହ୍ରେ ବଽଡ୍ । 32 ସେ ଜାୟ୍ରି ଦଽକିଆଚେ
ଆର୍ ସୁଣି ଆଚେ ସେରି ସାକି ଦଽୟ୍ଦ୍, ମଽତର୍ ତାର୍ କଽତା
କେହେଁ ତାର୍ ସାକି ଦିଲାର୍ ସଽତ୍ନଽକେଲାୟ୍ । 33 ମଽତର୍ ଜେ
ତାର୍ ସାକି ଦିଲାର୍ ଦଽରିଆଚେ ଇସ୍ୱର୍ ଜେ ସଽତ୍ ବଽଲି ସେ
ମୁଦ୍ରା ମାରାୟ୍ ଆଚେ । 34 ଜାକେ ଇସ୍ୱର୍ ହଽଟାୟ୍ ଆଚେ ସେ
ଇସ୍ୱରାର୍ କଽତା କୟ୍ଦ୍, ବଽଲେକ୍ ସେ ଇସ୍ୱର୍ ତାକେ ହୁର୍ନ୍କଽରି
ତାର୍ ଆତ୍ମା ଦଽୟ୍ଦ୍ । 35 ଉବାସି ହୟ୍ସିକ୍ ଲାଡ୍ କଽରେଦ୍,
ଆର୍ ସଽବୁ ବିସୟ୍ ତାର୍ ଆତେ ସଽହ୍ରି ଦଽୟ୍ଆଚେ । 36 ଜେ
ହୟ୍ସିର୍ ଟାଣେ ବିସ୍ୱାସ୍ କଽରେଦ୍ ସେ ଅଽମ୍ର୍ ଜିବନ୍ ହାୟ୍ଦ୍;
ଜେ ହୟ୍ସିକ୍ ମାୟ୍ନ୍ ନଽକେରେ ସେ ଅଽମ୍ର୍ ଜିବନ୍ ହାଉଁ
ନାହାରେ, ମଽତର୍ ଇସ୍ୱରାର୍ ରିସା ତଽଲେ ରଽୟ୍ଦ୍ । (aiōnios
g166)

# 4

4 ପାରୁସିମଽନ୍ ସୁଣ୍ଲାୟ୍ ଜେ ଜିସୁ ଜହନ୍ ତଽୟ୍ହୁଣି ଅଽଦିକ୍
ଚେଲା କଽରୁଲା ଆର୍ ସେମଽନ୍କେ ବାପ୍ତିସମ୍ ଦେଉଁଲା ।
2 ସଽତ୍କଽରି ଜିସୁ କାକେହେଁ ବାପ୍ତିସମ୍ ଦେତିନଽରିଲା; ତାର୍
ଚେଲାମଽନ୍ ଦେତି ରିଲାୟ୍ । 3 ତାର୍ କଽତା ପାରୁସିମଽନ୍ ସୁଣି
ଆଚ୍ତି ବଽଲି ଜଽଡେବଽଲ୍ ଜିସୁ ସୁଣ୍ଲା, ସଽଡେବଽଲ୍ ସେ
ଜିଉଦା ରାଇଜ୍ ଚାଡି ଆରେକ୍ ଗାଲିଲି ଗଽଲା । 4 ମଽତର୍ ଜାତା
ବାଟେ ତାକ୍ ସମିରଣ ବାଟ୍ ଅୟ୍ ଜଽଉଁକେ ହଽଲ୍ଲି । 5 ତଽବେ
ଜିସୁ ଜାୟ୍ ଜାକୁବକ୍ ତାର୍ ହୟ୍ସି ଜସେପ୍ ଜୁୟ୍ ବୁୟ୍ଁ କଽଣ୍ଡେକ୍
ଦଽୟ୍ରିଲା, ତାର୍ ଚଽମାର୍ ସୁକାର୍ ନାଉଁଆର୍ ସମିରଣାର୍
ଗଟେକ୍ ଗଽଲେ ହଚ୍ଲା । 6 ସେଟାଣେ ଜାକୁବର୍ କୁଇଁକାଲ୍
ରିଲି, ଜିସୁ ବାଟ୍ ଇଣ୍ଡି ଇଣ୍ଡି ତାକି ରିଲାକ୍, ସେ କୁଇଁକାଲ୍ ଚଽମେ
ବଽସ୍ଲା । ସଽଡେବଽଲ୍ ମୁଣ୍ଡେବେଳା ଅୟ୍ରିଲି । 7 ଜିସୁ ସେ
କୁଇଁକାଲ୍ ଚଽମେ ବଽସି ରିଲାବଽଲ୍ ଗଟେକ୍ ସମିରଣିୟା ମାୟ୍ଜି
ହାଣି ନେଉଁକ୍ ସେ କୁଇଁକାଲେ ଆୟ୍ଲି । ଜିସୁ ତାକେ କୟ୍ଲା,
“ମକ୍ ହାଣି ଗୁଲିକ୍ କାଉଁକେ ଦେ ।” 8 ସଽଡେବଽଲ୍ ତାର୍
ଚେଲାମଽନ୍ କାଦି ଗେନି ଆଣୁକେ ଗଽଲ୍ବିତ୍ରେ ଜାୟ୍ରିଲାୟ୍ । 9
ସେତାକ୍ ସମିରଣିୟା ମାୟ୍ଜି ଜିସୁକେ କୟ୍ଲି, “ତୁୟ୍ ଗଟେକ୍
ଜିଉଦି ଲକ୍ ଆର୍ ମୁୟ୍ ଗଟେକ୍ ସମିରଣିୟା, ତଽବେ କଽନ୍କଽରି
ମର୍ ଆତାର୍ ହାଣି କାଉଁକେ ମାଗୁଲିସ୍? ବଽଲେକ୍ ସମିରଣିୟା
ମଽନାର୍ସଽଙ୍ଗ୍ ଜିଉଦିମଽନାର୍ ଚାଲାଚାଲ୍ତି ନଽରିଲି ।” 10 ଜିସୁ
କୟ୍ଲା, “ଇସ୍ୱର୍ ଦିଲା ଦାନ୍ ଆର୍ ‘ମକ୍ କାଉଁକେ ଦେ,’ ବଽଲି
ଜେ ତକ୍ କଽଉଁଲା, ସେ କେ, ଇରି ଜାଣିରିଲେକ୍, ଆର୍ ତୁୟ୍
ତାକ୍ ମାଗ୍ଲେକ୍ ସେ ତକ୍ ଜିବନ୍ ଦେତା ହାଣି ଦିଲାହୁଣି ।” 11
ସେ ମାଇଜି ତାକ୍ କୟ୍ଲି, “ଏ ମାପ୍ରୁ, ହାଣି କାଡୁକ୍ ତର୍ହାକ୍
ବାଲ୍ଟି ନାୟ୍, ଆରେକ୍ କୁଇଁକାଲ୍ ତ ଡେଙ୍ଗ୍ । ତୁୟ୍ କୁୟ୍ତିହୁଣି
ଜିବନ୍ ଦେତା ହାଣି ହାଉସି? 12 ଅଽମାର୍ ଦାଦିବାବୁ ଜାକୁବ ଇ
କୁଇଁକାଲ୍ କଽଣି ଦଽୟ୍ରିଲା; ସେ ଆର୍ ତାର୍ ହୟ୍ସିମଽନ୍ ଆର୍
ଗାୟ୍ଗରୁ ଇତିର୍ ହାଣି କାତି ରିଲାୟ୍ । ତୁୟ୍ କାୟ୍ ଜାକୁବର୍
ତଽୟ୍ହୁଣି ବଽଡ୍?” 13 ଜିସୁ ସେ ମାୟ୍ଜିକେ କୟ୍ଲା, “ଇ
କୁଇଁକାଲାର୍ ହାଣି ଜେ କାୟ୍ଦ୍ ତାକ୍ ଆରେକ୍ ସସ୍ ଲାଗେଦ୍,
14 ମୁୟ୍ ଜୁୟ୍ ହାଣି ଦଽୟ୍ନ୍ବ, ସେରି ଜୁୟ୍ ଲକ୍ କାୟ୍ଦ୍ ତାକ୍
କଽବେ ହେଁ ସସ୍ ନୟ୍, ମଽତର୍ ମୁୟ୍ ତାକ୍ ଜୁୟ୍ ହାଣି ଦଽୟ୍ନ୍ବ,
ସେରି ଅଽମ୍ର୍ ଜିବନ୍ ଦେତା ହାଜ୍ରା ହାଣି ହର୍ ତାର୍ ତାଣେ
ଉଚୁଲ୍ତି ରଽୟ୍ଦ୍ ।” (aiōn g165, aiōnios g166) 15 ସେ ମାୟ୍ଜି
କୟ୍ଲି, “ଏ ମାପ୍ରୁ, ମକ୍ ସେ ହାଣି ଦେ, ଜଽନ୍କଽରି ମକ୍ କଽବେ
ସସ୍ ନଽଲାଗେ, ଆରେକ୍ ହାଣି କାଡୁକ୍ ଅଽତେକ୍ ବାଟ୍ ଆସୁକ୍
ନଽହେଲେ ।” 16 ଜିସୁ ତାକେ କୟ୍ଲା, “ଜା, ଆର୍ ତର୍ ଡକ୍ରାଦିକ୍
ଇତି କୁଦି ଆଣ୍ ।” 17 ସେ ମାୟ୍ଜି କୟ୍ଲି, “ମର୍ ଅଽଣ୍ଡା ନାୟ୍
।” ଜିସୁ ତାକ୍ କୟ୍ଲା, “ମର୍ ଅଽଣ୍ଡା ନାୟ୍, ଇ କଽତା ସଽତ୍
କୟ୍ଲିସ୍ । 18 ବଽଲେକ୍ ତର୍ ହାଁଚ୍ ଗଟ୍ ଅଽଣ୍ଡା ରିଲାୟ୍, ଆର୍
ଅଽବେ ତୁୟ୍ ଜାର୍ ସଽଙ୍ଗ୍ ଆଚ୍ସି ସେ ହେଁ ତର୍ ଡକ୍ରାଦି ନାୟ୍ ।
ଇରି ସଽତ୍ କୟ୍ଆଚ୍ସି ।” 19 ମାୟ୍ଜି ଜିସୁକେ କୟ୍ଲି, “ଏ
ମାପ୍ରୁ, ତୁୟ୍ ଜେ ଗଟେକ୍ ବାବ୍ବାଦି, ଇରି ମୁୟ୍ ଦଽକୁ ହାରୁଲେ
। 20 ଅଽମାର୍ ଦାଦିବାବୁମଽନ୍ ଇ ଡଙ୍ଗେ ଇସ୍ୱର୍କେ ସେବା
କଽଲାୟ୍, ମଽତର୍ ତୁମି ଜିହୁଦିମଽନ୍ କଽଉଁଲାସ୍ ଇସ୍ୱର୍କେ
ହୁଜା କଽର୍ତା ଟିକ୍ ଜଽଗା ଅଽଉଁଲି ଜିରୁସାଲମ୍ ।” 21 ଜିସୁ
ତାକ୍ କୟ୍ଲା, “ଏ ଆୟା, ମର୍ କଽତା ସଽତ୍କଽର୍, ଗଟ୍ ଦିନ୍
ଆସେଦ୍, ଲକ୍ମଽନ୍ ଉବାକ୍ ଇ ଡଙ୍ଗେ କି ଜିରୁସାଲମେ ସେବା
ନଽକେର୍ତି । 22 ତୁମି ସମିରଣିୟ ମଽନ୍ ସଽତ୍କଽରି କାକେ ସେବା
କଽରୁଲାସ୍ ନଽଜାଣୁଲାସ୍; ମଽତର୍ ଅଽମି ଜିଉଦିମଽନ୍ କାକେ
ସେବା କଽରୁଲୁ ଜାଣୁଲୁ, ବଽଲେକ୍ ମୁକ୍ତି କଽର୍ତାର୍ ଜିଉଦିମଽନାର୍
ତଽୟ୍ହୁଣି ଆସେଦ୍ । 23 ମଽତର୍ ଜୁୟ୍ ଦିନ୍ ସଽତ୍ ସେବାକଽର୍ତା
ଲକ୍ମଽନ୍ ଆତ୍ମାୟ୍ ଆର୍ ସଽତ୍ୟା କଽରି ଉବାର୍ ହୁଜା କଽର୍ତି,
ସେନ୍କାର୍ ଦିନ୍ ଆସୁଲି, ଆରେକ୍, ଅଽବେ ହେଁ ଆୟ୍ଲିନି,
କାୟ୍ତାକ୍ବଽଲେକ୍ ଉବା ଅଽନ୍କାର୍ ହୁଜାକଽର୍ତା ଲକ୍ମଽନ୍କେ
ମଽନ୍ କଽରେଦ୍ । 24 ଇସ୍ୱର୍ ଆତ୍ମା । ଆର୍ ଜୁୟ୍ ଲକ୍ମଽନ୍
ଇସ୍ୱରାର୍ ସେବା କଽର୍ତି, ସେମଽନ୍ ସଽତ୍ ଆର୍ ଆତ୍ମାୟ୍ ହୁର୍ନ୍ ଅୟ୍
ହୁଜା କଽର୍ତା ବିଦି ।” 25 ସେ ମାୟ୍ଜି ଜିସୁକେ କୟ୍ଲି, “ମୁୟ୍
ଜାଣି, ମସିଅ ଜାକେ କ୍ରିସ୍ଟ ବଽଲି କଽଉତି, ସେ ଆସେଦ୍, ଆର୍
ଜଽଡେବଽଲ୍ ସେ ଆସେଦ୍, ସେ ଅଽମିକ୍ ସଽବୁ କଽତା କୟ୍ଦ୍ ।”
26 ଜିସୁ ତାକ୍ କୟ୍ଲା, “ତର୍ ସଽଙ୍ଗ୍ କଽତା ଅଽଉଁଲେ ଜେ ମୁୟ୍,
ମୁୟ୍ ହଽକା ସେମାନାୟ୍ ।” 27 ଅଽନ୍କାବଽଲ୍ ଜିସୁର୍ ଚେଲାମଽନ୍

ବାଉଲି ଆୟ୍‌ଲାୟ୍, ଆର୍ ଜିସୁ ଗଟ୍ ମାୟ୍‌ଜି ସଽଙ୍ଗ ଗଟିକଽର୍ତାର୍
ଦଽକି ସେମଽନ୍ ବଽଡେ କାବା ଅୟ୍‌ଲାୟ୍, ମଽତର୍ କେହେଁ
ସେ ମାୟ୍‌ଜିକେ, "ତର୍ କାୟ୍‌ରି ଲଳା ବଽଲି ନଽକୟ୍‌ଲାୟ୍, କି
କାୟ୍‌କଽରୁକ୍ ତାର୍ ସଽଙ୍ଗ କଽତା ଅଽଉଁଲିସ୍, ବଽଲି" ଜିସୁକେ
ହେଁ ହଽଚାରୁକ୍ ସାସ୍ ନଽକେଲାୟ୍ । 28 ସେତାର୍‌ହଽଚେ ସେ
ମାୟ୍‌ଜି ତାର୍ ହାଣି ଡକା ସେତି ଚାଡିକଽରି ଗଽଲ୍ ବିତ୍ରେ ଜାୟ୍
ଲକ୍‌ମଽନ୍‌କେ କୟ୍‌ଲି, 29 "ଆସା, ଗଟ୍ ଲକ୍‌କେ ଦଽକାସ୍, ମୁୟ୍
ଜାୟ୍‌ଜାୟ୍‌ରି କଽରିଆଚି ସେରି ସଽବୁ ସେ ମକେ କୟ୍‌ଲା; ସେ
କେଜାଣ୍ କ୍ରିସ୍ଟ ଅୟ୍ ରଽୟ୍‌ଦ୍ କାୟ୍‌କି?" 30 ସେତାକ୍ ଲକ୍‌ମଽନ୍
ଗଽଲେହୁଣି ବାରାୟ୍ ଜିସୁର୍ ହାକ୍ ଜଽଉଁକେ ଦଽର୍ଲାୟ୍ । 31
ସଽଡେବଽଲ୍ ଚେଲାମଽନ୍ ଜିସୁକେ ଗଽଉଆରି କଽରି କୟ୍‌ଲାୟ୍,
ଏ ଗୁରୁ କାଦି କାଆ । 32 ମଽତର୍ ଜିସୁ ଚେଲାମଽନ୍‌କେ କୟ୍‌ଲା,
"ତୁମିମଽନ୍ ଜୁୟ୍ କାଦିର୍ କଽତା ନଽଜାଣାସ୍, କାଉଁକେ ଇବାନ୍ୟା
କାଦି ମର୍ ତଽୟ୍ ଆଚେ ।" 33 ସେତାକ୍ ଚେଲାମଽନ୍ ତାକାର୍
ତାକାର୍ ବିତ୍ରେ କଽଉଆକଇ ଅୟ୍‌ଲାୟ୍, "କେ ଅଲେ ତାକ୍ କାଦି
ଆଣି ଦଽୟ୍ ରଽୟ୍‌ଦ୍ କାୟ୍‌କି?" 34 ଜିସୁ ସେମଽନ୍‌କେ କୟ୍‌ଲା,
"ମକ୍ ହଽଟାୟ୍‌ଲା ଉବା ଦଽୟ୍‌ରିଲା କାମ୍ ହୁରୁଣ୍ କଽର୍ତାର୍ ହଽକା
ଅୟ୍‌ଲି ମର୍ କାଦି ।" 35 ଜିସୁ ସେମଽନ୍‌କେ କୟ୍‌ଲା, "ତାସ୍
କାଟୁକ୍ ଆରେକ୍ ଚାରି ମାସ୍ ଆଚେ, ଇରି କାୟ୍ ତୁମିମଽନ୍
ନଽକଉଁଲାସ୍? ମଽତର୍ ମୁୟ୍ ତୁମିକେ କଽଉଁଲେ, ନିକ କଽରି
ତାସ୍ ହଽଦାୟ୍‌ମଽନ୍ ଅଽବେ ଦଽକା, ସେ ସଽବୁ କାଟୁକ୍ ହାକି
ଆଚେ । 36 ଅଽବେ ହଽତେକ୍ ବୁତିଆର୍‌କେ ବୁତି ଦିଆ ଅଽଉଁଲି,
ସେ ଅଽମ୍ବର୍ ଜିବନ୍ ଗିନେ ତାସ୍ ରୁଣ୍ଡାଉଁଲା; ତଽବେ ବିଆନ୍ ବୁଣୁ
ଆର୍ ତାସ୍ କାଟୁ, ଇ ଦୁୟ୍‌ଲକ୍ ସଽର୍ଦା କଽର୍ତି । (aiōnios g166)
37 ଇ କଽତା ସଽତ୍ୟା, ଏକ୍ଲା ବୁଣେଦ୍ ଆରେକ୍ ଏକ୍ଲା କାଟେଦ୍
। 38 ଜୁୟ୍ ହଽଦାୟ୍ ତୁମି କାମ୍ କଽରି ନଽରିଲାସ୍, ସେତି ତାସ୍
କାଟୁକ୍ ମୁୟ୍ ତୁମିକେ ହଽଟାୟ୍ ଆଚି; ବିନ୍ ଲକ୍ ସେତି କଽସ୍ଟ
କଽଲାୟ୍ ଆଚ୍‌ତି, ମଽତର୍ ତୁମି ଲାବ୍ ହାଉଁଲାସ୍ ।" 39 ମୁୟ୍ ଜୁୟ୍
ଜୁୟ୍‌ରି କଽରିଆଚି ସେରି ସଽବୁ ସେ ମକ୍ କୟ୍‌ଲା ବଽଲି ଜୁୟ୍
ମାୟ୍‌ଜି କୟ୍‌ରିଲି, ତାର୍ ସାକିର୍ ଗିନେ ସେ ଗଽଲାର୍ ସମିରଣିୟା
ମଽନାର୍ ବିତ୍ରେ ଗାଦେକ୍ ଲକ୍ ତାର୍ ତଽୟ୍ ବିସ୍ୱାସ୍ କଽଲାୟ୍ ।
40 ସେତାକ୍ ସମିରଣିୟ୍‌ମଽନ୍ ତାର୍ ଚଽମ୍ ଆସି, ସେମଽନ୍ ତାକେ
ସେତି ସେମଽନ୍‌କାର ସଽଙ୍ଗ ରେଉଁକେ ଗଽଉଆରି କଽଲାୟ୍,
ତଽବେ ଜିସୁ ସେତି ଦୁୟ୍‌ଦିନ୍ ରିଲା । 41 ଆର୍ ଜିସୁର୍ କଽତା
ସୁଣି ଆରେକ୍ ଜଽବର୍ ଲକ୍‌ମଽନ୍ ବିସ୍ୱାସ୍ କଽଲାୟ୍ । 42 ଆର୍
ସେମଽନ୍ ସେ ମାୟ୍‌ଜିକେ କୟ୍‌ଲାୟ୍, "ତର୍ କଽତାର୍ ଗିନେ ଅଽମି
ବିସ୍ୱାସ୍ ନଽକେରୁ, ମଽତର୍ ଜିସୁର୍ କଽତା ଅଽମିମଽନ୍ ନିଜେ ସୁଣି,
ସେ ଜେ ନିଜ୍‌କଽରି ସଽତ୍ କଽରି ଜଽଗତାର୍ ରଽକ୍ୟାକଽର୍ତା ଲକ୍
ଇରି ଅଽମାର୍ ବିସ୍ୱାସ୍ ଅୟ୍‌ଆଚେ ।" 43 ଜିସୁ ସେତି ଦୁୟ୍‌ଦିନ୍
ରଽୟ୍‌କଽରି, ସେତି ହୁଣି ବାରାୟ୍ ଗାଲିଲି ଗଽଲା । 44 ଗଟ୍
ବାବ୍‌ବାଦି ନିଜାର୍ ଦେସେ ମାନ୍‌ତି ନଽହାୟ୍ ବଽଲି ଜିସୁ ନିଜେ
ସାକିଦିଲା । 45 ଆରେକ୍ ଜଽଡେବଽଲ୍ ଜିସୁ ଗାଲିଲି ହଚ୍‌ଲା,
ଲକ୍‌ମଽନ୍ ଜିସୁକେ ହଽଟଳି ନିଲାୟ୍, କାୟ୍‌ତାକ୍‌ବଽଲେକ୍ ମୁକ୍ତି
ହଽର୍ବ୍ ବଽଲ୍ ଜିସୁ ଜିରୁସାଲମେ କଽରିରିଲା କାମ୍ ସଽବୁ ସେମଽନ୍
ଦଽକି ରିଲାୟ୍ । ବଽଲେକ୍ ସେମଽନ୍ ସେ ହଽର୍ବେ ଜାୟ୍‌ରିଲାୟ୍ ।
46 ତାର୍ ହଽଚେ ଗାଲିଲିର୍ କାନା ଗାଉଁଏ ବାଉଲ୍‌ଲା, ସେତି ସେ
ହାଣିକ୍ ଅଙ୍ଗୁର୍ ରଽସ୍ କଽରିରିଲା । ସେତି ଗଟ୍ ରାଜ୍ ଗୁମୁସ୍ତା
ରିଲା ଆର୍ ତାର୍ ହୟ୍‌ସି କପୁର୍ନାହୁମ୍ ଗଽଳେ ମଽଲୁ ହଽଳି ରିଲା
। 47 ସଽଡେବଽଲ୍ ସେ ରାଜ୍ ଗୁମୁସ୍ତା ଜିସୁ ଜିଉଦା ତଽୟ୍‌ହୁଣି
ଗାଲିଲି ଆୟ୍‌ଲା ଆଚେ ବଽଲି ସୁଣି, ସେ ଜିସୁର୍ ଚଽମେ ଆୟ୍‌ଲା
ଆର୍ କପୁର୍ନାହୁମ୍ ଜାୟ୍ ତାର୍ ହୟ୍‌ସିକ୍ ଉଜ୍ କଽରୁକେ ଗଽଉଆରି
କଽରୁକେ ଦଽର୍ଲା, ବଽଲେକ୍ ତାର୍ ହୟ୍‌ସି ମଽରୁକ୍ କଽଣ୍ଡେକ୍
ରିଲା । 48 ସେତାକ୍ ଜିସୁ ତାକେ କୟ୍‌ଲା, "ଚିନ୍ ଆର୍ କାବା
ଅଽଉତା କାମ୍‌ମଽନ୍ ନଽଦେକ୍‌ଲେକ୍ ତୁମିମଽନ୍ କଽବେ ହେଁ
ସଽତ୍ ନଽକେରାସ୍ ।" 49 ରାଜ୍ ଗୁମୁସ୍ତା ଜିସୁକେ କୟ୍‌ଲା, "ଏ
ମାପ୍ରୁ, ମର୍ ହିଲା ମଽର୍ତା ଆଗ୍‌ତୁ ମର୍ ସଽଙ୍ଗ ଆଉ ।" 50 ଜିସୁ
ତାକେ କୟ୍‌ଲା, "ଜା, ତର୍ ହୟ୍‌ଦି ବଚ୍‌ଲାବେ ।" ଜିସୁ ସେ ଲକେ
ଜୁୟ୍ କଽତା କୟ୍‌ଲା, ସେ କଽତା ସଽତ୍‌କଽରି ସେତି ହୁଣି ଗଽଲା
। 51 ଆର୍ ସେ ଜଽଉଁଜଽଉଁ ତାର୍ ଗତିଦଽଙ୍ଗଲାମଽନ୍ ବାଟେ
ବେଟ୍‌ଅୟ୍ ତର୍ ହିଲା ବଚ୍‌ଲାବେ ବଽଲି କୟ୍‌ଲାୟ୍ । 52 ସେତାକ୍
ରାଜ୍ ଗୁମୁସ୍ତା ସେମଽନ୍‌କେ ହଽଚାର୍ଲା, "କଽଡେବଽଲ୍ ହିଲା ଉଜ୍
ଅୟ୍‌ଲା ।" ସେତାକ୍, ତାର୍ ଦଽଙ୍ଗଲାମଽନ୍ କୟ୍‌ଲାୟ୍, "ଗଽଲା
କାଲି ସାତ୍ ଗଽଟା ବେଳାୟ୍ ତାର୍ ଜଽର୍ ଚାଡ୍‌ଲି ।" 53 ଇତାକ୍
ଉବାସି ବୁଜ୍‌ଲା ଜେ, ଜିସୁ ଜୁୟ୍ ବେଳାୟ୍ ତର୍ ହୟ୍‌ଦି ବଚ୍‌ଲାବେ
ବଽଲି ତାକ୍ କୟ୍‌ରିଲା, ଟିକ୍ ସଽଡେବଽଲ୍ ଇ ଗଽଟ୍‌ଣା ଗଽଟ୍‌ଲି
। ଆର୍ ସେ ନିଜେ ଆର୍ ତାର୍ ସଽବୁ ଗଽର୍ କୁଟୁମ୍ ଜିସୁକେ
ବିସ୍ୱାସ୍ କଽଲାୟ୍ । 54 ଜିସୁ ଜିଉଦା ତଽୟ୍‌ହୁଣି ଆରେକ୍ ଗଟ୍‌ତର୍
ଗାଲିଲିକେ ଆୟ୍‌ଲା ହଽଚେ, ସେ ଇତାର୍ ସଽଙ୍ଗ ଦୁୟ୍‌ତର୍ ଅୟ୍‌ଲି
କାବା ଅଽଉତା ଚିନ୍ କଽଲା ।

5 ଇତାର୍ ହଽଚେ ଜିଉଦିମଽନାର୍ ଗଟ୍ ହଽର୍ବ ଆୟ୍‌ଲି, ଆର୍
ଜିସୁ ଜିରୁସାଲମେ ଗଽଲା । 2 ଜିରୁସାଲମାର୍ ମେଣ୍ଡା ଦୁଆର୍
ଲଽଗେ ସେତି ଗଟ୍ ହାଣିବଽନ୍ଧ ଆଚେ । ଏବ୍ରି ବାସାୟ୍ ତାକ୍
ବେତ୍‌ସଽୟ୍‌ଦା ବଽଲି କଽଉତି, ତାର୍ ହାଁଚ୍‌ଗଟ୍ ହିଣ୍ଡା ଆଚେ । 3
ସେ ହିଣ୍ଡା ଉହ୍ରେ ଗାଦେକ୍ ରଗେ ହଽଲ୍‌ଲା ଲକ୍‌ମଽନ୍, କାଣା,
ଚଟା, ଗଽଗାଲ୍ ସୁକ୍‌ଲା ଲକ୍‌ମଽନ୍ ରେତିରିଲାୟ୍ । ସେମଽନ୍ ହାଣି
ଜୁଲୁକ୍‌ତାର୍ ଜାଗି ରେତିରିଲାୟ୍ । 4 ବଽଲେକ୍ କଽଡେକଽଡେ
ବଽଲ୍ ମାପ୍ରୁର୍ ଦୁତ୍ ହାଣିବଽନ୍ଧେ ଉତ୍ରି ହାଣି ଜୁଲ୍‌କାଉତି ରିଲା,
ଆର୍ ହାଣି ଜୁଲୁକ୍‌ଲା ହଽଚେ ଜେ ଆଗ୍‌ତୁ ସେତି ବୁଡ୍‌ତି ରିଲା,
ସେ ଜୁୟ୍ ରଗେ ହଽଳି ରିଲେକ୍ ହେଁ ଉଜ୍ ଅଽଉତି ରିଲା । 5
ସେତି ଦୁୟ୍‌କଳି ଅଽଟ୍ର ବଽର୍ସ୍ ଦଽରି ଗଟେକ୍ ମଽଲୁ ହଽଲ୍‌ଲା ଲକ୍
ରିଲା । 6 ଜିସୁ ତାକେ ସେତି ରିଲାର୍ ଦଽକି, ବୁଟେକ୍ ବଽର୍ସ୍
ହୁଣି ରଗେ ହଽଳି ଆଚେ ବଽଲି ଜାଣି ତାକ୍ ହଽଚାର୍ଲା, "ତୁୟ୍

କାୟ୍ ଉଜ୍ ଅଃଉଁକେ ମଃନ୍ କଃରୁଲିସ୍?” 7 ସେ ରଗି ଜିସୁକେ
କୟ୍‌ଲା, “ଏ ମାପ୍ରୁ, ହାଣି ଦଃମ୍‌କ୍‌ଲା ବଃଲ୍ ମକ୍ ବଃନ୍ଧୁ ବିତ୍ରେ
ଟେକି ନେଉଁକ୍ ମର୍ କେ ହେଁ ନାୟ୍; ଆର୍ ମୁୟ୍ ଜଃଉଁ ଜଃଉଁ
ବିନ୍ ଲକ୍ ମର୍ ଆଗ୍‌ତୁ ହାଣାୟ୍ ଜାୟ୍ ବୁଡୁଲା ।” 8 ଜିସୁ ତାକ୍
କୟ୍‌ଲା, “ଉଟ୍, ତର୍ ଟାଟି ଦଃରି ଇଣ୍ଡ ।” 9 ସେଦାହ୍ରେ ସେ
ରଗି ଉଜ୍ ଅୟ୍‌ଲା ଆର୍ ତାର୍ କଃଟ୍ ଦଃରି ଇଣ୍ଡ୍‌କ୍ ଦଃର୍ଲା ।
ସେଦିନ୍ ବିସାଉଁଣିବାର୍ ରିଲି । 10 ସେତାକ୍ ଜିଉଦି ମୁଲିକାମଃନ୍
ଉଜ୍ ଅୟ୍‌ରିଲା ଲକେ କାଉଁକେ ଦଃର୍ଲାୟ୍, “ଆଜି ବିସାଉଁଣିବାର୍,
ତର୍ ଟାଟି ଉଟାୟ୍ ନେତାର୍ ବିଦି ନାୟ୍ ।” 11 ମଃତର୍ ସେ
କୟ୍‌ଲା, “ଜେ ମକ୍ ଉଜ୍ କଃଲା, ସେ ମକ୍ ଟାଟି ଦଃରି ଇଣ୍ଡି
ଜାଆ ବଃଲି କୟ୍‌ଲା ।” 12 ସେମଃନ୍ ତାକ୍ ହଃଚାର୍ଲାୟ୍, “ତର୍
ଟାଟି ଦଃରି ଇଣ୍ଡି ଜାଆ ବଃଲି ଜେ କୟ୍‌ଲା, ସେ ମାନାୟ୍ କେ?”
13 ମଃତର୍ ସେ କେ, ସେ ଉଜ୍ ଅୟ୍‌ଲା ମାନାୟ୍ ଜାଣି ନଃରିଲା,
ବଃଲେକ୍ ସେତି ଅଲେକାର୍ ଲକ୍ ରିଲାକ୍, ଜିସୁ, ନଃଜାଣ୍‌ଲା
ହର୍ ବାରାୟ୍ ଗଃଲା । 14 ଇତାର୍ ହଃଚେ, ଜିସୁ ତାକେ ମନ୍ଦିରେ
ବେଟ୍ ହାୟ୍‌ଲା ଆର୍ କୟ୍‌ଲା, “ଦଃକ୍, ଅଃବେ ତୁୟ୍ ଉଜ୍ ଅୟ୍
ଆଚ୍‌ସି; ହାହ୍ କଃର୍ ନାୟ୍, ଜଃନ୍‌କଃରି ତର୍ ଉହ୍ରେ ଅଃଦିକ୍
ଡଃଣ୍ଡ ନଃହେଲେ ।” 15 ସେ ଲକ୍ ଜାୟ୍‌କଃରି, ଜେ ତାକ୍ ଉଜ୍
କଃରିରିଲା, ସେ ଜିସୁ ବଃଲି ଜିଉଦି ମୁଲିକାମଃନ୍‌କେ କୟ୍‌ଲା ।
16 ତଃବେ ଜିସୁ ବିସାଉଁଣିବାର୍ ବିନ୍ ଉଜ୍ କଃର୍ତା କାମ୍ କଃରି
ରିଲାକ୍, ଜିଉଦି ମୁଲିକାମଃନ୍ ତାକ୍ କଃସ୍ଟ ଦେଉଁକ୍ ଦଃର୍ଲାୟ୍ ।
17 ଜିସୁ ସେମଃନ୍‌କେ କୟ୍‌ଲା, “ମର୍ ଉବା ସଃବୁବଃଲ୍ କାମ୍
କଃରୁଲା, ଆର୍ ମୁୟ୍ ହେଁ କଃରୁଲେ ।” 18 ଇ କଃତା ସୁଣି ଜିଉଦି
ଲକ୍‌ମଃନ୍ ଜିସୁକେ ମଃର୍ନେ ମାରୁକ୍ କୁଟ୍ କଃରୁକେ ଦଃର୍ଲାୟ୍;
ବଃଲେକ୍ ଜିସୁ ବିସାଉଁଣି ବାରାର୍ ବିଦି ମାନ୍‌ତି ନଃରିଲା, ସେରି
ହଃକା ନାୟ୍, ମଃତର୍ ଜିସୁ ଇସ୍ୱର୍‌କେ ନିଜାର୍ ଉବା ବଃଲି କୟ୍
ନିଜ୍‌କେ ଇସ୍ୱର୍ ସଃଙ୍ଗ୍ ସଃମାନ୍ କଃର୍ତି ରିଲା । 19 ସେତାକ୍
ଜିସୁ ସେମଃନ୍‌କେ କୟ୍‌ଲା, “ମୁୟ୍ ତୁମିକେ ସଃତ୍ କଃଉଁଲେ,
ହୟ୍‌ସି ନିଜାର୍ କାୟ୍‌ରି କଃରୁ ନାହାରେ; ସେ ତାର୍ ଉବାସି
ଜାୟ୍‌ରି କଃର୍ତାର୍ ଦଃକେଦ୍, ହୟ୍‌ସି ହେଁ ସେରି କଃରେଦ୍ ।
ଉବାସି ଜାୟ୍‌ରି କଃରେଦ୍, ହୟ୍‌ସି ହେଁ ସେରି କଃରେଦ୍ । 20
ବଃଲେକ୍ ଉବାସି ହୟ୍‌ସିକ୍ ଲାଡ୍ କଃରୁଲା, ଆରେକ୍ ସେ ନିଜେ
ଜାୟ୍‌ଜାୟ୍‌ରି କଃରେଦ୍ ସେରିମଃନ୍ ତାକେ ଦଃକାୟ୍‌ଦ୍, ଆର୍
ତୁମିମଃନ୍ ଜଃନ୍‌କଃରି କାବା ଅଃଉଆସ୍, ଇତାର୍ ଗିନେ ସେ
ତାକେ ଇତାର୍ ତଃୟ୍‌ହୁଣି ଆରେକ୍ ବଃଡ୍ ବଃଡ୍ କାମ୍ ଦଃକାୟ୍‌ଦ୍
। 21 ଜଃନ୍‌କଃରି ଉବା ମଃଲା ଲକେ ଉଟାୟ୍ ସେମଃନ୍‌କେ ଜିବନ୍
କଃରେଦ୍, ସେରଃକମ୍ ହୟ୍‌ସି ହେଁ ଜାକେ ମଃନ୍ କଃରେଦ୍ ତାକ୍
ଜିବନ୍ ଦଃୟ୍‌ଦ୍ । 22 ଆର୍ ଉବାସି ହେଁ କାର୍ ବିଚାର୍ ନଃକେରେ,
ମଃତର୍ ସଃବୁ ଲକ୍ ଜଃନ୍‌କଃରି ଉବାକ୍ ଜଃଜ୍‌ମାନ୍ କଃରୁଲାୟ୍,
ସେରଃକମ୍ ହୟ୍‌ସିକ୍ ହେଁ ମାନ୍‌ତି କଃର୍ତି, ସେତାର୍ ଗିନେ ହୟ୍‌ସିକ୍
ସଃବୁ ରଃକମାର୍ ବିଚାର୍ କଃର୍ତା ଅଃଦିକାର୍ ଦଃୟ୍‌ଆଚେ ।
23 ସେବାନ୍ୟା ଅୟ୍‌ଲେକ୍ ଉବା ଜଃନ୍‌କଃରି ମାନ୍‌ତି ହାଉଁଲା,
ହୟ୍‌ସି ହେଁ ସେନ୍‌କାର୍ ସଃବ୍‌କାର୍ ତଃୟ୍‌ହୁଣି ମାନ୍‌ତି ହାୟ୍‌ଦ୍;
ଜେ ହୟ୍‌ସିକ୍ ମାୟ୍‌ନ୍ ନଃକେରେ, ସେ ତାକ୍ ହଃଟାୟ୍‌ରିଲା
ଉବାସିକ୍ ହେଁ ମାନ୍‌ତି ନଃକେରେ ।” 24 “ମୁୟ୍ ତୁମିମଃନ୍‌କେ
ସଃତ୍ କଃଉଁଲେ, ଜେ ମର୍ କଃତା ସୁଣି ମକ୍ ହଃଟାୟ୍‌ଲା ଉବାକ୍
ବିସ୍ୱାସ୍ କଃରେଦ୍, ସେ ଅଃମ୍ବ୍ରର୍ ଜିବନ୍ ହାୟ୍‌ଦ୍, ଆର୍ ସେ ବିଚାର୍
ଦଃଣ୍ଡେ ନଃହେଲି, ମଃର୍ନ୍‌କେ ଜିଣିକଃରି ଜିବନେ ଜାୟ୍‌ଆଚେ
। (aiōnios g166) 25 ମୁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ,
ଜଃଡେବଃଲ୍ ମଃଲା ଲକ୍‌ମଃନ୍ ଇସ୍ୱରାର୍ ହୟ୍‌ସିର୍ ଟଣ୍ଡ ସୁଣ୍‌ତି,
ଆର୍ ଜୁୟ୍ ଲକ୍‌ମଃନ୍ ସୁଣ୍‌ତି ସେମଃନ୍ ଜିବନ୍ ହାଉତି, ଅଃନ୍‌କା
ବେଳା ଆସୁଲି ଆର୍ ସେ ବେଳା ଅଃବେ ହେଁ ଆୟ୍‌ଲିନି । 26
ବଃଲେକ୍ ଉବା ଜଃନ୍‌କଃରି ନିଜେ ଜିବନ୍, ସେରଃକମ୍ ହୟ୍‌ସିକ୍
ହେଁ ନିଜେ ଜିବନାର୍ ମୁଳ୍ ଅଃଉଁକେ ଦଃୟ୍‌ଆଚେ । 27 ଆର୍
ସେ ନଃରାର୍ ହୟ୍‌ସି ଅୟ୍‌ଲାକ୍, ଇସ୍ୱର୍ ତାକ୍ ବିଚାର୍ କଃରୁକେ
ଅଃଦିକାର୍ ଦିଲା । 28 ଇତାର୍ ଗିନେ କାବା ଅଃଉଆ ନାୟ୍,
ବେଳା ଆସୁଲି ଜଃଡେବଃଲ୍ ଜୁୟ୍ ଲକ୍‌ମଃନ୍ ମଃସୁଣ୍ ବିତ୍ରେ
ମଃରିଆଚ୍‌ତି, ସେମଃନ୍ ତାର୍ ଟଣ୍ଡ ସୁଣ୍‌ତି, 29 ଆର୍ ଜୁୟ୍
ଲକ୍‌ମଃନ୍ ସଃତ୍ କାମ୍ କଃରିଆଚ୍‌ତି, ସେମଃନ୍ ଆରେକ୍ ଜିବନ୍
ହାୟ୍ ମଃସ୍‌ଣେ ହୁଣି ଉଟ୍‌ତି ଆର୍ ଅଃମ୍ବ୍ରର୍ ଜିବନ୍ ହାଉତି ଆର୍
ଜୁୟ୍ ଲକ୍‌ମଃନ୍ ଦୁସ୍ଟକାମ୍ କଃରି ଆଚ୍‌ତି, ସେମଃନ୍ ହେଁ ଆରେକ୍
ଉଟ୍‌ତି ଆର୍ ଡଃଣ୍ଡ ବଗ୍ କଃରୁକେ ବିଚାର୍ ହାଉତି, ଅଃନ୍‌କା
ବେଳା ଆସୁଲି ।” 30 “ମୁୟ୍ ଅଃହ୍‌ଣାର୍ ତଃୟ୍‌ହୁଣି କାୟ୍‌ରି ହେଁ
କଃରୁ ନାହାରି, ମୁୟ୍ ଜଃନ୍‌କଃରି ସୁଣିନ୍ଧ ସେନ୍‌କଃରି ବିଚାର୍
କଃରିନ୍ଧ, ଆର୍ ମର୍ ବିଚାର୍ ଟିକ୍, କାୟ୍‌ତାକ୍‌ବଃଲେକ୍ ମର୍ ଇଚା
ହୁରୁଣ୍ କଃରୁକେ କାମ୍ ନଃକେରି, ମଃତର୍ ମକ୍ ହଃଟାୟ୍‌ଲା
ଉବାର୍ ଇଚା ହୁରୁଣ୍ କଃରୁକେ କାମ୍ କଃରୁଲେ ।” 31 “ଜଦି ମୁୟ୍
ମର୍ ନିଜାର୍ ବିସୟେ ନିଜେ କଃତା କୟ୍‌ଦ୍, ତଃନ୍‌ଅୟ୍‌ଲେକ୍
ମର୍ ସାକି ଦିଲାର୍ ସଃତ୍ ନାୟ୍ । 32 ମର୍ ବାଟ୍ ଅୟ୍ ଜେ କଃତା
କଃଉଁଲା ସେ ଆରେଗଟ୍ ଲକ୍; ଆରେକ୍ ମର୍ ବିସୟେ ସେ
ଜାୟ୍‌ରି ସାକି ଦେଉଁଲା, ସେ କଃତା ସଃତ୍, ସେରି ମୁୟ୍ ଜାଣି ।
33 ତୁମିମଃନ୍ ଜହନ୍ ହାକ୍ ଲକ୍ ହଃଟାୟ୍ ରିଲାସ୍, ଆର୍ ସେ
ସଃତ୍ ହାକ୍ ଅୟ୍ କଃତା ସାକି ଦଃୟ୍‌ଆଚେ । 34 ମୁୟ୍ ଲକାର୍
କଃତା ନଃଦେରି, ମଃତର୍ ଜଃନ୍‌କଃରି ତୁମିମଃନ୍ ହାହେହୁଣି
ମୁକ୍ତି ହାଉଁ ହାରାସ୍ ସେତାକ୍ ଇରିମଃନ୍ ସାକି ଦେଉଁଲେ । 35
ଜହନ୍ ଗଟ୍ କଃଚ୍‌ତିରିଲା ଉଜାଲ୍ ଦେତା କୁପି ହର୍ ରିଲା,
ଆର୍ ତୁମିମଃନ୍ ଅଃଳକ୍ ଦିନ୍ ହଃତେକ୍ ସେ ଉଜାଳେ ଉଜାଲ୍
ଅଃଉଁକେ ମଃନ୍ କର୍ତି ରିଲାସ୍ । 36 ମଃତର୍ ଜହନ୍ ତଃୟ୍‌ହୁଣି
ମର୍ ଗଟେକ୍ ବଃଡ୍ ସାକି ଆଚେ, ବଃଲେକ୍ ମର୍ ଉବା ଜୁୟ୍
କାମ୍ ସଃରାଉଁକେ ଦିଲାଆଚେ, ସେ ସଃବୁ ମୁୟ୍ କଃରୁଲେ,
ଉବା ମକ୍ ହଃଟାୟ୍ ଆଚେ ବଃଲି ସେସଃବୁ ମର୍ ବିସୟେ
କଃଉଁଲି । 37 ଆର୍ ଜୁୟ୍ ଉବା ମକ୍ ହଃଟାୟ୍‌ଲା, ସେ ମର୍

ବିସୟେ ସାକି ଦେଉଁଲା । ତୁମିମଽନ୍ କଽବେ ହେଁ ତାର୍ ଟଣ୍ଡ
ନଽସୁଣାସ୍ କି ତାର୍ ମୁଉଁ ନଽଦେକାସ୍, 38 ଆର୍ ତାର୍ କଽତା
ତୁମାର୍ ମଽନ୍ ବିତ୍ରେ ଟାଣ୍ ନଽହାୟ୍, ବଽଲେକ୍ ଇସ୍ୱର୍ ଜାକେ
ହଽଟାୟ୍‌ଲା, ତାକେ ତୁମିମଽନ୍ ବିସ୍ୱାସ୍ ନଽକେରୁଲାସ୍ । 39
ତୁମିମଽନ୍ ଦଽର୍ମ୍ ସାସ୍ତର୍ ଲଲୁଲାସ୍, ବଽଲେକ୍ ସେତିହୁଣି ଅଽମ୍ରର୍
ଜିବନ୍ ହାଉନ୍ଧ ବଽଲି ବାବୁଲାସ୍; ଆର୍, ସେ ଦଽର୍ମ୍‌ସାସ୍ତର୍ ମର୍
ବିସୟେ ସାକି ଦେଉଁଲି । (aiōnios g166) 40 ମଽତର୍ ତୁମିମଽନ୍
ଜିବନ୍ ହାଉଁକ୍ ମର୍ ଲଽଗେ ଆସୁକ୍ ମଽନ୍ ନଽକେରୁଲାସ୍ ।
41 ମୁୟ୍ ମାନାୟ୍‌ମଽନାର୍ ତଽୟ୍‌ହୁଣି ଜଽଜ୍‌ମାନ୍ ହାଉଁକ୍ ମଽନ୍
ନଽକେରି, 42 ମଽତର୍ ମୁୟ୍ ତୁମିମଽନ୍‌କେ ଜାଣିଆଚି, ତୁମିମଽନ୍
କଽନ୍‌କା ଲକ୍, ଆର୍ ତୁମିମଽନାର୍ ମଽନ୍ ବିତ୍ରେ ଇସ୍ୱରାର୍ ଗିନେ
ଲାଡ୍ ନାୟ୍ । 43 ମୁୟ୍ ମର୍ ଉବାର୍ ନାଉଁଏ ଆୟ୍‌ଲେ ଆଚି,
ଆର୍ ତୁମିମଽନ୍ ତ ମକେ ନଽଦେରୁଲାସ୍; ମଽତର୍ ବିନ୍ ଲକ୍
ଜଦି ନିଜାର୍ ନାଉଁଏ ଆସେଦ୍, ତଽବେ ତୁମିମଽନ୍ ତାକ୍ ଦଽରାସ୍
। 44 ତୁମିମଽନ୍ ମକ୍ କଽନ୍‌କଽରି ବିସ୍ୱାସ୍ କଽରାସ୍? ତୁମିମଽନ୍
ତ ତୁମାର୍ ତୁମାର୍ ତଽୟ୍‌ହୁଣି ଜଽଜ୍‌ମାନ୍ ହାଉଁଲାସ୍, ମଽତର୍
ଗଟେକ୍ ବଽଲି ଇସ୍ୱରାର୍ ଜୁୟ୍ ଜଽଜ୍‌ମାନ୍ ଆଚେ ସେରି ହାଉଁକ୍
ମଽନ୍ ନଽକେରୁଲାସ୍ । 45 ମୁୟ୍ ଜେ ଉବାର୍ ଲଽଗେ ତୁମାର୍
ବିରଦେ କଽତା କୟ୍‌ନ୍ଧ, ଇରି ବାବା ନାୟ୍; ଜୁୟ୍ ମସାକ୍ ତୁମିମଽନ୍
ଆସା କଽରି ଆଚାସ୍, ସେ ତୁମାର୍ ବିରଦେ କଽତା କଽଉଁଲା ।
46 ବଽଲେକ୍ ତୁମିମଽନ୍ ଜଦି ମସାକ୍ ବିସ୍ୱାସ୍ କଽରି ରିଲେକ୍
ମକ୍ ହେଁ ବିସ୍ୱାସ୍ କଽଲାସ୍ ହୁଣି, ବଽଲେକ୍, ସେ ମର୍ ବିସୟେ
ଲେକିଆଚେ । 47 ମଽତର୍ ତୁମିମଽନ୍ ଜଦି ମସା ଲେକ୍‌ଲା
ଲେକା ବିସ୍ୱାସ୍ ନଽକେରୁଲାସ୍, ତଽବେ କଽନ୍‌କଽରି ମୁୟ୍ କୟ୍‌ଲା
କଽତାକ୍ ବିସ୍ୱାସ୍ କଽରାସ୍?”

**6** ଇତାର୍ ହଽଚେ ଜିସୁ ଗାଲିଲି ସଽମ୍‌ନ୍ଦ୍ରାର୍ ବଽଲେକ୍ ତିବିରିଆ
ସଽମ୍‌ନ୍ଦ୍ରାର୍ ସେହାଟି ଗଽଲା । 2 ଆର୍ ରଗିମଽନ୍‌କେ ଜୁୟ୍
ଜୁୟ୍ କାବା ଅଽଉତା ଚିନ୍ କର୍ତିରିଲା, ସେରିସଽବୁ ଦଽକି ବୁଟେକ୍
ଲକ୍ ତାର୍ ହଽଚେ ହଽଚେ ଜଽଉଁକେ ଦଽର୍ଲାୟ୍ । 3 ସେତାକ୍ ଜିସୁ
ହଽର୍ବାଡ୍ ଉହ୍ରେ ଜାୟ୍ ଅଽହ୍‌ଣାର୍ ଚେଲାମଽନାର୍ ସଽଙ୍ଗ୍ ସେତି
ବଽସ୍‌ଲା । 4 ସଽଡେବଽଲ୍ ଜିଉଦିମଽନାର୍ ମୁକ୍ଲାଉଁଣି ହଽର୍ବ୍ ଚଽମେ
ଅୟ୍ ଆସ୍ତି ରିଲି । 5 ତାର୍ ଲଽଗେ ଅଲେକାର୍ ଲକ୍‌ମଽନ୍‌କେ
ଆସ୍ତାର୍ ଦଽକି ଜିସୁ ପିଲିପ୍‌କେ ହଽଚାର୍ଲା, “ଅଽତେକ୍ ଲକ୍‌ମଽନାର୍
କାଉଁକେ କୁୟ୍‌ତି ହୁଣି କାଦି ଗେନୁଆଁ?” 6 ମଽତର୍ ପିଲିପକେ
କଽଟ୍‌ହାଲ୍ ବୁଜୁକ୍ ଜିସୁ ଇ କଽତା କୟ୍‌ରିଲା, କାୟ୍‌ତାକ୍‌ବଽଲେକ୍
ଜିସୁ କାୟ୍ କଽରୁକେ ଜାତିରିଲା ସେ ନିଜେ ଜାଣି ରିଲା । 7
ପିଲିପ୍ ଜିସୁକେ କୟ୍‌ଲା, “ଇ ସଽବୁ ଲକାର୍ ଗିନେ କଽଣ୍ଡେକ୍
କଽଣ୍ଡେକ୍ ଦେଉଁକ୍ ହାଁଚ୍‌କଲି ରୁହା ଟଽକାର୍ ରୁଟି ହେଁ ନଽକେଟେ
।” 8 ଜିସୁର୍ ଆରେକ୍ ଗଟ୍ ଚେଲା ସିମନ୍ ପିତର୍ ତାର୍ ବାୟ୍‌ସି
ଆନ୍ଦ୍ରିଅ କୟ୍‌ଲା, 9 “ଇତି ଗଟେକ୍ ହିଲାଆଚେ, ତାର୍ ଲଽଗେ
ଜଽବ ତଽୟ୍ ତିଆର୍ ଅୟ୍‌ରିଲା ହାଁଚ୍ ଗଟ୍ ରୁଟି ଆର୍ ଜଳେକ୍
ବାଜ୍‌ଲା ମାଚ୍ ଆଚେ, ମଽତର୍ ଅଽତେକ୍ ଲକାର୍ ଗିନେ କାୟ୍
ଅୟ୍‌ଦ୍?” 10 ଜିସୁ ଚେଲାମଽନ୍‌କେ କୟ୍‌ଲା, “ଲକ୍‌ମଽନ୍‌କେ
ବଽସାଉଆ ।” ସେତି ଜଽବର୍ ରଽନ୍ ରିଲି, ସେ ରଽନ୍ ଉହ୍ରେ
ସଽବୁଲକ୍ ବଽସ୍‌ଲାୟ୍; ସେତି ଅଽଣ୍ଟାହିଲା ହଽକା ହାକାହାକି
ହାଁଚ୍ ଆଜାର୍ ରିଲାୟ୍ । 11 ସେତାକ୍ ଜିସୁ ସେ ରୁଟି ଦଽରି
ଇସ୍ୱର୍‌କେ ପାର୍ତ୍ନା କଽରି ସେତି ବଽସି ରିଲା ଲକ୍‌ମଽନ୍‌କେ
ବାଟାକଽରି ଦିଲା । ସେନ୍‌କଽରି ଜଳେକ୍ ମାଚ୍‌କେ ହେଁ ବାଟାକଽରି
ଦିଲା, ସେମଽନ୍ ଜଽତେକ୍ ମଽନ୍‌କଽଲାୟ୍ ସଽତେକ୍ ଦିଲା ।
12 ଆର୍ ସେମଽନାର୍ ଆଦାର୍ ହୁର୍ଲାକ୍ ଜିସୁ ଚେଲାମଽନ୍‌କେ
କୟ୍‌ଲା, “ଜଽନ୍‌କଽରି କାୟ୍‌ରି ନଽସ୍ଟ ନୟେ, ଇତାର୍ ଗିନେ
ବାଙ୍ଗ୍‌ଲା କୁଦ୍ରି ଜାୟ୍‌ରି ଉବ୍ରି ଆଚେ ସେରି ବେଟା ।” 13 ସେତାକ୍
ଚେଲାମଽନ୍ ଲକ୍‌ମଽନ୍ ଜଽବ ତଽୟ୍ ତିଆର୍ ଅୟ୍‌ଲା ହାଁଚ୍ ଗଟ୍
ରୁଟି କାୟ୍ ଉବ୍ରୁର୍ଲାର୍ ବେଟି ବାର ଡଽଲା ବର୍ତି କଽଲାୟ୍ । 14
ସେତାକ୍ ସେତି ରିଲା ଲକ୍‌ମଽନ୍ ଜିସୁ କଽଲାର୍ କାବା ଅଽଉତା
ଚିନ୍ ଦଽକି କଽଉଁକେ ଦଽର୍ଲାୟ୍, “ଜୁୟ୍ ବାଡ୍‌ବାଦି ଜଽଗତାର୍
ଆସ୍ତାର୍ ରିଲି, ଏ ବାୟ୍‌ଦ୍‌ରେ ସେ ।” 15 ଇତାକ୍ ଲକ୍‌ମଽନ୍
ଜିସୁକେ ବଽଲ୍‌ମାଡ୍‌କଽରି ଦଽରି ନଽୟ୍ ରଽଜା କଽରୁକେ ଉପାୟ୍
କଽରୁଲାୟ୍ ବଽଲି ଜାଣି, ଜିସୁ ସେମଽନାର୍ ତଽୟ୍‌ହୁଣି ଅଽଲ୍‌ଗା
ଅୟ୍ ଏକ୍ଲା ହଽର୍ବାଡ୍ ଉହ୍ରେ ଆରେକ୍ ବାରାୟ୍ ଗଽଲା । 16
ସେଦିନ୍ ସଽଞ୍ଜ୍ ଅୟ୍‌ଲାକ୍ ଜିସୁର୍ ଚେଲାମଽନ୍ ସଽମଽନ୍ଦ କଽଣ୍ଟାୟ୍
ଗଽଲାୟ୍, 17 ଆର୍ ଡଙ୍ଗ୍‌ଗାୟ୍ ବଽସି ସଽମଽନ୍ଦ ସେହାଟି ରିଲା
କପୁର୍ନାହୁମ୍ ଗଽଲେ ଜଽଉଁକେ ଦଽର୍ଲାୟ୍ । ସଽଡେବଽଲ୍ ରାତି
ଅୟ୍ ଆସ୍ତି ରିଲି, ଜିସୁ ସଽଡେବଽଲ୍ ହଽତେକ୍ ସେମଽନାର୍
ଲଽଗେ ଆସି ନଽରିଲା । 18 ସଽଡେବଽଲ୍ ଅଽପର୍‌ବଲ୍ ବାଉ
ଆୟ୍‌ଲାକ୍ ହାଣାୟ୍ ଉଲାଲ୍ ଉଟ୍‌ତିରିଲି । 19 ଇତାର୍ ହଽଚେ
ଚେଲାମଽନ୍ ହାକାହାକି ଦୁୟ୍ ତିନି କସ୍ ଡଙ୍ଗ୍‌ଗା ଗାଟି ଗଽଲା ହଽଚେ
ଜିସୁ ସଽମଽନ୍ଦ ଉହ୍ରେ ଇଣ୍ଡି ଇଣ୍ଡି ଡଙ୍ଗ୍‌ଗା ଚଽମେ ଆସ୍ତିରିଲାର୍
ଦଽକି ଜଽବର୍ ଡିର୍‌ଲାୟ୍ । 20 ମଽତର୍ ଜିସୁ ସେମଽନ୍‌କେ
କୟ୍‌ଲା, “ଇରି ତ ମୁୟ୍, ଡିରି ଜାହାନାୟ୍ ।” 21 ତାର୍‌ହଽଚେ
ଚେଲାମଽନ୍ ଜିସୁକେ ଡଙ୍ଗ୍‌ଗା ବିତ୍ରେ ନେଉଁକ୍ ମଽନ୍ କଽଲାୟ୍,
ଆରେକ୍ ସେମଽନ୍ ଜୁୟ୍ ଟାଣେ ଜାତିରିଲାୟ୍ ଡଙ୍ଗ୍‌ଗା ତଽଡ୍‌କାଣ୍
ସେଟାଣେ କଽଣ୍ଡିଏ ହଚ୍‌ଲି । 22 ସେଟାଣେ ଗଟେକ୍ ଡଙ୍ଗ୍‌ଗା
ଚାଡି ବିନ୍ କୁୟ୍ ଡଙ୍ଗ୍‌ଗା ହେଁ ନଽରିଲି, ଆର୍ ସେତି ଜେ ଜିସୁ
ଅଽହ୍‌ଣାର୍ ଚେଲାମଽନାର୍ ସଽଙ୍ଗ୍ ଜାୟ୍‌ନଽରିଲା, ଇରି ଜୁୟ୍
ଲକ୍‌ମଽନ୍ ତାର୍ ଆର୍‌କ ବିନ୍ ସଽମଽନ୍ଦ ସେହାଟି ଟିଅୟ୍ ରିଲାୟ୍
ସେମଽନ୍ ଦଽକି ରିଲାୟ୍ । 23 କୁୟ୍‌ତି ମାପ୍ରୁ ଜିସୁ ପାର୍ତ୍ନା କଽରି
ଲକ୍‌ମଽନ୍‌କେ ରୁଟି କାଉଁକେ ଦଽୟ୍‌ରିଲା, ସେ ଜଽଗା ଲଽଗେ
ତିବିରିଆ ତଽୟ୍‌ହୁଣି ଆରେକ୍ କଽତିଗଟ୍ ଡଙ୍ଗ୍‌ଗା ଆସି ହଚ୍‌ଲି ।
24 ମଽତର୍ ଜିସୁ କି ତାର୍ ଚେଲାମଽନ୍ ସେତି ନଽରିଲାୟ୍, ଇରି
ଦଽକି ଲକ୍‌ମଽନ୍ ଜିସୁକେ ଲଜି ଲଜି ଡଙ୍ଗ୍‌ଗାୟ୍ ଚଽଗି କପୁର୍ନାହୁମ୍
ଗଽଲେ ଗଽଲାୟ୍ । 25 ଆର୍ ସଽମ୍‌ନ୍ଦ୍ରାର୍ ସେହାଟି ଜିସୁକେ

ଦଽକି ଲକ୍‌ମଽନ୍ ହଽଚାର୍ଲାୟ୍, "ଏ ଗୁରୁ, ତୁୟ୍ କଽଡେବଽଲ୍
ଆସି ଇତି ହବ୍‌ଲିସ୍?" 26 ଜିସୁ ସେମଽନ୍‌କେ କୟ୍‌ଲା, "ମୁୟ୍
ତୁମିମଽନ୍‌କେ ସଽତ୍ କଽଉଁଲେ, ମର୍ କାବା ଅଽଉତା ଚିନ୍ ଦଽକି,
ମକେ ଲଲୁକ୍ ନାସାସ୍ । ମଽତର୍ ରୁଟି କାୟ୍ ଆଦାର୍ ହୁର୍ଲାକ୍
ମକେ ଲଲୁଲାସ୍ । 27 ଜୁୟ୍ କାଦି ନଽସ୍ଟ ଅୟ୍‌ଦ୍ ତାର୍ ଗିନେ
କଽସ୍ଟ କଽରା ନାୟ୍ । ମଽତର୍ ଜୁୟ୍ କାଦି ନଽସ୍ଟ ନୟ୍ ଅଽମ୍ରିର୍
ଜିବନ୍ ଦଽୟ୍‌ଦ୍, ସେତାର୍ ଗିନେ କଽସ୍ଟ କଽରା; ଇ କାଦି ନଽରାର୍
ହୟ୍‌ସି ତୁମିମଽନ୍‌କେ ଦଽୟ୍‌ଦ୍, କାୟ୍‌ତାକ୍‌ବଽଲେକ୍ ଇସ୍ୱର୍ ଉବା
ସେତାର୍ ଗିନେ ତାକ୍ ମୁଦ୍ରା ଦଽୟ୍ ଆଚେ ।" (aiōnios g166) 28
ସେତାକ୍ ସେମଽନ୍ ତାକ୍ ହଽଚାର୍ଲାୟ୍, "ଇସ୍ୱର୍ ଜୁୟ୍‌ରି ମଽନ୍
କଽରୁଲା ସେରି ଅଽମି କଽରୁକେ ଅଽମିକ୍ କାୟ୍‌ରି କଽରୁକେ
ହଽଲେଦ୍?" 29 ଜିସୁ ସେମଽନ୍‌କେ କୟ୍‌ଲା, "ଜାକେ ଇସ୍ୱର୍
ହଽଟାୟ୍ ଆଚେ, ତାକ୍ ବିସ୍ୱାସ୍ କଽଲେକ୍ ତୁମିମଽନ୍ ସେରି
କଽରୁ ହାରାସ୍ ।" 30 ସେତାକ୍ ସେମଽନ୍ ଜିସୁକେ ହଽଚାର୍ଲାୟ୍,
"ତକେ ଅଽମି ଜଽନ୍‌କଽରି ବିସ୍ୱାସ୍ କଽରୁନ୍ତ ସେତାର୍ ଗିନେ
ଅଽମିକ୍ କାୟ୍ କାବା ଅଽଉତା ଚିନ୍ ଦଽକାଉଁ ହାର୍ସି? କଽଉ
କାୟ୍ କଽରୁ ହାର୍ସି? 31 ଅଽମାର୍ ଦାଦିବାବୁମଽନ୍ ଟଽଙ୍ଗ୍ୱାବଽଟାୟ୍
ମାନା କାୟ୍‌ଲାୟ୍, ଅଽମାର୍ ସାସ୍ତୁରେ ଲେକା ଆଚେ, 'ସେ ଇ
କାଦି ସଽର୍ଗେ ହୁଣି ଦିଲା ।'" 32 ସେତାକ୍ ଜିସୁ ସେମଽନ୍‌କେ
କୟ୍‌ଲା, "ମୁୟ୍ ସଽତ୍ କଽଉଁଲେ, ଜାୟ୍‌ରି ମସା ତୁମିମଽନ୍‌କେ
ଦଽୟ୍‌ରିଲା, ସେରି ସଽର୍ଗେ ହୁଣି ଆୟ୍‌ଲା କାଦି ନାୟ୍; ମଽତର୍
ମର୍ ଉବା ତୁମିମଽନ୍‌କେ ସଽର୍ଗେ ହୁଣି ସଽତ୍ୟା କାଦି ଦଽୟ୍‌ଦ୍
। 33 ଜେ ସଽର୍ଗେ ହୁଣି ଉତ୍ରି ଆସି ଜଽଗତାର୍ ଜିବନ୍ ଦଽୟ୍‌ଦ୍,
ସେ ଅଽଉଁଲା ସେ ଇସ୍ୱର୍ ଦେତା କାଦି ।" 34 ସେମଽନ୍ ଜିସୁକେ
କୟ୍‌ଲାୟ୍, "ମାପ୍ରୁ, ଅଽମିକ୍ ସଽବୁବଽଲ୍ ଇ କାଦି ଦେ ।" 35 ଜିସୁ
ସେମଽନ୍‌କେ କୟ୍‌ଲା, "ମୁୟ୍ ସେ ଜିବନ୍ ଦେତା କାଦି, ଜେ ମର୍
ତଽୟ୍ ଆସେଦ୍, ତାକ୍ କଽବେ ହେଁ ବୁକ୍ ନୟ୍ । ଜେ ମକେ ବିସ୍ୱାସ୍
କଽରେଦ୍, ତାକ୍ କଽବେ ହେଁ ସସ୍ ନୟ୍ । 36 ମୁୟ୍ ତୁମିମଽନ୍‌କେ
କଽଉଁଲେ, ତୁମିମଽନ୍ ମକେ ଦଽକି ହେଁ ବିସ୍ୱାସ୍ ନଽକେରୁଲାସ୍ ।
37 ଜୁୟ୍‌ମଽନ୍‌କ୍ ମର୍ ଉବା ମକେ ଦଽୟ୍ ଆଚେ, ସେମଽନ୍ ମର୍
ଲଽଗେ ଆସ୍ତି; ଆର୍ ଜେ ମର୍ ଲଽଗେ ଆସେଦ୍ ମୁୟ୍ କଽବେ
ହେଁ ତାକ୍ ବାର୍‌କଽରି ନଽଦେୟ୍ଁ । 38 କାୟ୍‌ତାକ୍‌ବଽଲେକ୍ ମୁୟ୍
ମର୍ ଇଚା ହୁରୁଣ୍ କଽରୁକେ ନାୟ୍, ମଽତର୍ ମକ୍ ହଽଟାୟ୍‌ଲା
ଇସ୍ୱରାର୍ ଇଚା ହୁରୁଣ୍ କଽରୁକେ ମୁୟ୍ ସଽର୍ଗେ ହୁଣି ଆସି ଆଚି
। 39 ଆର୍ ଜେ ମକେ ହଽଟାୟ୍ ଆଚେ ସେ ଜୁୟ୍‌ମଽନ୍‌କ୍ ମକ୍
ଦିଲା ଆଚେ, ସେମଽନାର୍ ବିତ୍ରେ ମୁୟ୍ ଗଟେକ୍ ଲକ୍‌କେ ହେଁ
ଆରାୟ୍ ନଽକେରି, ମଽତର୍ ସେସ୍ ଦିନ୍ ସେ ସଽବ୍‌କେ ଆରେକ୍
ଉଟାୟ୍‌ନ୍ତ, ଇରି ତାର୍ ଇଚା । 40 କାୟ୍‌ତାକ୍‌ବଽଲେକ୍ ଉବା ମଽନ୍
କଽରୁଲା, ଜୁୟ୍ ଲକ୍‌ମଽନ୍ ତାର୍ ହୟ୍‌ସିକ୍ ଦଽକି ତାର୍ ତଽୟ୍
ବିସ୍ୱାସ୍ କର୍ତି, ସେମଽନ୍ ଅଽମ୍ରିର୍ ଜିବନ୍ ହାଅତ୍ । ଇତାକ୍ ସେସ୍
ଦିନ୍ ମୁୟ୍ ସେ ସଽବ୍‌କେ ଆରେକ୍ ଉଟାୟ୍‌ନ୍ତ ।" (aiōnios g166)
41 ଜିସୁ ନିଜ୍‌କେ ସଽର୍ଗେ ହୁଣି ଆୟ୍‌ଲା କାଦି ବଽଲି କୟ୍‌ଲାକ୍,
ଜିଉଦିମଽନ୍ ଇ କଽତାକ୍ ଲିନ୍ଦା କଽରୁକେ ଦର୍ଲାୟ୍ । 42 ଆର୍
ସେମଽନ୍ କୟ୍‌ଲାୟ୍, "ଇ ମାନାୟ୍ ତ ଜିସୁ ତାର୍ ଉବାସି କାୟ୍
ଜସେପ୍ ନୟ୍? ତାର୍ ଆୟ୍‌ସି ଉବାସିକ୍ ଅଽମି ଜାଣୁ, ତଽବେ ସେ
ସଽର୍ଗେ ହୁଣି ଆସି ଆଚି ବଽଲି କଽନ୍‌କଽରି କଽଉଁଲା?" 43 ଜିସୁ
ସେମଽନ୍‌କେ କୟ୍‌ଲା, "ଇ ସଽବୁ ଗାଣେଞ୍ଜ କଽତା ଚାଡା ।" 44
ଜୁୟ୍ ଉବା ମକେ ହଽଟାୟ୍ ଆଚେ, ସେ ମର୍ ହାକ୍ ଜିକି କଽରି
ନାଣ୍‌ଲେକ୍, କେହେଁ ମର୍ ଲଽଗେ ଆସୁ ନାହାରେ; ଜୁୟ୍ ଲକ୍‌ମଽନ୍
ଆସ୍ତି ସେମଽନ୍‌କେ ମୁୟ୍ ସେସ୍ ଦିନ୍ ଆରେକ୍ ଉଟାୟ୍‌ନ୍ତ । 45
ବାବ୍‌ବାଦିମଽନ୍ ଦର୍ମ୍ ସାସ୍ତୁରେ ଲେକି ଆଚ୍‌ତି, "ଇସ୍ୱର୍ ତଽୟ୍
ହଽକା ସଽବୁ ଲକ୍ ସିକ୍ୟା ହାଉତି ।" ଜୁୟ୍ ଲକ୍ ଉବାର୍ କଽତା
ସୁଣି ତାର୍ ତଽୟ୍‌ହୁଣି ସିକ୍ୟା ହାୟ୍‌ଦ୍, ସେ ମର୍ ତଽୟ୍ ଆସେଦ୍ ।
46 ଇତାର୍ ଅଽର୍ଦ୍ ନାୟ୍ ଜେ, ବିନ୍ ଲକ୍ କେ ଉବାକ୍ ଦଽକି ଆଚେ,
ସେରି ନାୟ୍, ଜେ ଇସ୍ୱର୍ ତଽୟ୍‌ହୁଣି ଆସି ଆଚେ ସେ ହଽକା
ତାକେ ଦଽକିଆଚେ । 47 ମୁୟ୍ ତୁମିମଽନ୍‌କେ ସଽତ୍ କଽଉଁଲେ,
ଜୁୟ୍ ଲକ୍ ବିସ୍ୱାସ୍ କଽରେଦ୍ ସେ ଅଽମ୍ରିର୍ ଜିବନ୍ ହାୟ୍‌ଆଚେ
। (aiōnios g166) 48 ମୁୟ୍ ଜିବନ୍ ଦେତା କାଦି । 49 ତୁମାର୍
ଦାଦିବାବୁମଽନ୍ ଟଽଙ୍ଗ୍ୱାବଽଟାୟ୍ ମାନା କାୟ୍‌ଲାୟ୍, ଅୟ୍‌ଲେକ୍
ହେଁ ସେମଽନ୍ ମଽଲାୟ୍ । 50 ମଽତର୍ ଜୁୟ୍ କାଦି ସଽର୍ଗେ ହୁଣି
ଆସେଦ୍, ତାକ୍ ଜେ କାୟ୍‌ଦ୍ ସେ ଅଽମ୍ରିର୍ ଜିବନ୍ ହାୟ୍‌ଦ୍ । 51
ମୁୟ୍ ସଽର୍ଗେ ହୁଣି ଆୟ୍‌ଲା ସେ ଜିବନ୍ ଦେତା କାଦି । ଇ କାଦି
ଜେ କାୟ୍‌ଦ୍ ସେ ସଽବୁ ଦିନ୍ ହାୟ୍ଁ ଜିବନ୍ ହାୟ୍‌ଦ୍ । ମୁୟ୍ ଜୁୟ୍
କାଦି ଦଽୟ୍‌ନ୍ତ ସେରି ମର୍ ଗଽଗାଲ୍ । ଜଽଗତ୍‌କେ ବଚାଉଁକ୍ ମୁୟ୍
ସେରି ଦଽୟ୍‌ନ୍ତ । (aiōn g165) 52 ସେତାକ୍ ଇରି ସୁଣି ଜିଉଦିମଽନ୍
ରିସା ଅୟ୍ ଉରାଟୁ ଅୟ୍ କଽରି କଽଉଁକେ ଦର୍ଲାୟ୍, "ଇମାନାୟ୍
ତାର୍ ଗଽଗାଲ୍ କଽନ୍‌କଽରି ଅଽମିକ୍ କାଉଁକେ ଦଽୟ୍‌ଦ୍?" 53
ସେତାକ୍ ଜିସୁ ସେମଽନ୍‌କେ କୟ୍‌ଲା, "ମୁୟ୍ ସଽତ୍ କଽଉଁଲେ,
ନଽରାର୍ ହୟ୍‌ସିର୍ ଗଽଗାଲ୍ ନଽକାୟ୍‌ଲେକ୍ ଆର୍ ତାର୍ ବଽନି
ନଽସୁର୍‌ଲେକ୍ ତୁମିମଽନ୍ ଜିବନ୍ ହାଉଁ ନାହାରାସ୍ । 54 ଜୁୟ୍
ଲକ୍ ମର୍ ମାସ୍ କାୟ୍‌ଦ୍ ଆର୍ ମର୍ ବଽନି ସୁରେଦ୍ ସେ ଅଽମ୍ରିର୍
ଜିବନ୍ ହାୟ୍‌ଦ୍ ଆର୍ ମୁୟ୍ ସେସ୍ ଦିନ୍ ତାକେ ଆରେକ୍ ଉଟାୟ୍‌ନ୍ତ
। (aiōnios g166) 55 କାୟ୍‌ତାକ୍‌ବଽଲେକ୍ ମର୍ ମାସ୍ ସଽତ୍ କାଦି
ଆର୍ ମର୍ ବଽନି ସଽତ୍ ସୁର୍‌ତାର୍ । 56 ଜୁୟ୍ ଲକ୍ ମର୍ ମାସ୍
କାୟ୍‌ଦ୍ ଆର୍ ମର୍ ବଽନି ସୁରେଦ୍, ସେ ମର୍ ତଽୟ୍ ରଽୟ୍‌ଦ୍
ଆର୍ ମୁୟ୍ ହେଁ ତାର୍ ତଽୟ୍ ରଽୟ୍‌ନ୍ତ । 57 ଜିବନାର୍ ଉବା ମକେ
ହଽଟାୟ୍ ଆଚେ, ଆର୍ ତାର୍ ଗିନେ ମୁୟ୍ ହେଁ ଜିବନ୍ ଆଚି,
ସେବାନ୍ୟା ଜେ ମର୍ ମାସ୍ କାୟ୍‌ଦ୍, ମର୍ ଗିନେ ସେ ହେଁ ଜିବନ୍
ରଽୟ୍‌ଦ୍ । 58 ଜୁୟ୍ କାଦି ସଽର୍ଗେ ହୁଣି ଆସି ଆଚେ, ସେରି ଇ
କାଦି । ତୁମାର୍ ଦାଦିବାବୁମଽନ୍ ଜଽନ୍‌କଽରି ସେ କାଦି କାୟ୍‌କଽରି
ମଽଲାୟ୍, ଇରି ସେନ୍‌କାର୍ ନାୟ୍; ଜେ ଇ କାଦି କାୟ୍‌ଦ୍, ଅଽମ୍ରିର୍
ଜିବନ୍ ହାୟ୍ ବାଚି ରଽୟ୍‌ଦ୍ ।" (aiōn g165) 59 ଜିସୁ କପୁର୍ନାହୁମ୍

ଗଃଳାର୍ ଗଟେକ୍ ପାର୍ତ୍ନା ଗଃରେ ସିକ୍ୟା ଦେତାବଃଲ୍ ଇରି ସଃବୁ
କୟ୍‌ଲା । 60 ତଃବେ ଜିସୁର୍ ଚେଲାମଃନାର୍ ବିତ୍ରେ କଃତେକ୍
ଇ ସଃବୁ କଃତା ସୁଣି କୟ୍‌ଲାୟ୍, “ଇରି ବାନ୍ୟା କଃତା, କେ
ଇରି ସଃବୁ ସୁଣୁ ହାରେ?” 61 ମଃତର୍ ଜିସୁ, ତାର୍ ଚେଲାମଃନ୍
ଜେ ସେ କଃତାକ୍ ଗାଣେଞ୍ଜୁ କଃଉଁଲାୟ୍, ସେରି ମଃନେ ଜାଣୁ
ହାରି ସେମଃନ୍‌କେ କୟ୍‌ଲା, “ଇରି କାୟ୍ ତୁମିମଃନାର୍ ବାଦା
ଅଃଉଁଲି? 62 ତଃବେ ନଃରାର୍ ହୟ୍‌ସି ଜୁୟ୍‌ତି ହୁଣି ଆସି ଆଚେ,
ସେଟାଣେ ଲେଉଟି ଜାତାର୍ ଦଃକ୍‌ଲେକ୍, କାୟ୍ କଃରାସ୍? 63
ଇସ୍ୱରାର୍ ଆତ୍ମା ହଃକା ଜିବନ୍ ଦେଉଁ ହାରେ । ନଃରାର୍ ଗଃଗାଲ୍
ତଃୟ୍‌ର୍ ସଃକ୍ତି କାୟ୍‌ରି ହେଁ କଃରୁ ନାହାରେ । ଇସ୍ୱରାର୍ ସେ
ଜିବନ୍ ଦେତା ଆତ୍ମାକେ ତୁମିମଃନ୍ ଜଃନ୍‌କଃରି ଜାଣୁ ହାରାସ୍,
ସେତାର୍ ଗିନେ ମୁୟ୍ ଇ ସଃବୁ କଃତା କୟ୍‌ଲେ । 64 ଅୟ୍‌ଲେକ୍
ହେଁ ତୁମିମଃନାର୍ ବିତ୍ରେ କେ କେ ସଃତ୍ ନଃକେରୁଲାୟ୍ ।”
କାୟ୍‌ତାକ୍‌ବଃଲେକ୍ ଜିସୁକେ ଜୁୟ୍ ଲକ୍‌ମଃନ୍ ସଃତ୍ ନଃକେର୍ତି
ଆର୍ ତାକେ ସଃତ୍ରୁ ଆତେ କେ ସଃହ୍ରି ଦଃୟ୍‌ଦ୍, ସେରି ସେ
ଆଗ୍‌ତୁ ହୁଣି ଜାଣି ରିଲା । 65 ଜିସୁ ଆରେକ୍ କୟ୍‌ଲା, “ଇତାର୍
ଗିନେ ମୁୟ୍ କଃଉଁଲେ, ଉବା ନଃହେଟାୟ୍‌ଲେକ୍, କେ ମର୍ ତଃୟ୍
ଆସୁ ନାହାରେ ।” 66 ଇ କଃତା ସୁଣି ସଃଡେବଃଲ୍ ହୁଣି ଜିସୁର୍
ଚେଲାମଃନାର୍ ବିତ୍ରେ କଃତେକ୍ ତାର୍ ସଃଙ୍ଗ୍ ଜଃଉଁକେ ମଃନ୍
ନଃକେରି ବାଉଳି ଗଃଲାୟ୍ । 67 ସେତାକ୍ ଇରି ଦଃକି ଜିସୁ ତାର୍
ବାର ଗଟ୍ ଚେଲାମଃନ୍‌କେ ହଃଚାର୍ଲା, “ତୁମିମଃନ୍ ହେଁ କି ମକେ
ଚାଡି ଜଃଉଁକେ ମଃନ୍ କଃରୁଲାସ୍?” 68 ସିମନ୍ ପିତର୍ ଜିସୁକେ
କୟ୍‌ଲା, “ମାପ୍ରୁ, ଅଃମି ଆର୍ କାର୍ ଲଃଗେ ଜଃଉଁନ୍ଦୁ? ତର୍ ତଃୟ୍
ତ ଅଃମ୍ବର୍ ଜିବନାର୍ କଃତାଆଚେ । (aiōnios g166) 69 ତୁୟ୍ ତ
ଇସ୍ୱର୍ ତଃୟ୍‌ହୁଣି ଆୟ୍‌ଲା ପବିତ୍ର ମାନାୟ୍, ଇ କଃତା ଅଃମି
ଅଃବେ ସଃତ୍‌କଃରି ଆଚୁ ।” 70 ଜିସୁ ସେମଃନ୍‌କେ କୟ୍‌ଲା,
“ମୁୟ୍ କାୟ୍ ତୁମିକେ ବାର ଲକ୍‌କେ ବାଚ୍‌ଲାର୍ ନାୟ୍? ଅୟ୍‌ଲେକ୍
ହେଁ ତୁମାର୍ ବିତ୍ରେ ଗଟ୍ ଲକ୍ ସୟ୍‌ତାନ୍ ।” 71 ଜିସୁ ଇସ୍କାରିଅତ୍
ସିମନାର୍ ହୟ୍‌ସି ଜିଉଦାକେ ଦଃକିକଃରି ଇ କଃତା କୟ୍‌ଲା,
କାୟ୍‌ତାକ୍‌ବଃଲେକ୍ ବାର ଗଟ୍ ଚେଲା ବିତ୍ରେ ଗଟେକ୍ ଚେଲା
ଅୟ୍‌କଃରି ହେଁ ଜିଉଦା ଜିସୁକେ ସଃତ୍ରୁ ଆତେ ଦଃରାୟ୍ ଦେଉଁକ୍
ଜାତିରିଲା ।

**7** ଇତାର୍ ହଃଚେ ଜିସୁ ଗାଲିଲି ତଃୟ୍ ବୁଲୁକ୍ ଦର୍ଲା; ସେ ଆର୍
ଜିଉଦା ଦେସେ ବୁଲୁକ୍ ମଃନ୍ ନଃକେଲା, କାୟ୍‌ତାକ୍‌ବଃଲେକ୍
ସେଡିର୍ ଜିଉଦି ବଃଡ୍ ଲକ୍‌ମଃନ୍ ତାକ୍ ମଃର୍ନେ ମାରୁକ୍ ମଃନ୍
କଃର୍ତି ରିଲାୟ୍ । 2 ଜିଉଦିମଃନାର୍ “କୁଲ୍ୟାୟ୍ ବାସା ଅଃଉତା”
ହଃର୍ବ୍ ଦିନ୍ ଚଃମେ ଆୟ୍‌ଲି । 3 ସେତାକ୍ ଜିସୁର୍ ବାୟ୍‌ମଃନ୍ ତାକ୍
କୟ୍‌ଲାୟ୍, “ଇ ଜଃଗା ଚାଡି ଜିଉଦା ଦେସେ ଜାଆ, ତୁୟ୍ କର୍ତା
କାମ୍ ସଃବୁ ସେତି ତର୍ ଲଃଗେ ଆସ୍ତା ଚେଲାମଃନ୍ ଦଃକତ୍ । 4
ବଃଲେକ୍ କେ ନିଜ୍‌କେ ଜାଣାୟ୍ ଅଃଉଁକେ ମଃନ୍ କଃଲେକ୍, ସେ
ଅଃହ୍‌ଣାର୍ କାମ୍ ଲୁକାୟ୍‌କଃରି ନଃକେରେ, ତୁୟ୍ ଜଃଡେବଃଲ୍
ଇ ସଃବୁ କାମ୍ କଃରୁଲିସ୍, ତଃବେ ଜଃଗତାର୍ ସଃବୁ ତକେ
ଜାଣତ୍ ।” 5 ବଃଲେକ୍ ତାର୍ ବାୟ୍‌ମଃନ୍ ହେଁ ତାକେ ବିସ୍ୱାସ୍
ନଃକେର୍ତିରିଲାୟ୍ । 6 ସେତାକ୍ ଜିସୁ ସେମଃନ୍‌କେ କୟ୍‌ଲା,
“ମର୍ ବେଲା ଅଃବେ ହଃତେକ୍ ଆସି ନଃକେରେତା, ମଃତର୍
ତୁମିମଃନାର୍ ଗିନେ ସଃବୁ ବେଲା ଟିକ୍ । 7 କାୟ୍‌ତାକ୍‌ବଃଲେକ୍
ଜଃଗତ୍ ତୁମିକେ ଗିଣ୍ ନଃକେରେ । ମଃତର୍ ଜଃଗତ୍ ମକ୍ ଗିଣ୍
କଃରେଦ୍, କାୟ୍‌ତାକ୍‌ବଃଲେକ୍ ତାର୍ କାମ୍ ସଃବୁ କଃରାବ୍ ବଃଲି
ମୁୟ୍ ସାକି ଦଃୟ୍ ଆସୁଲେ । 8 ତୁମିମଃନ୍ ଇ ହଃର୍ବ୍‌କେ ଜାହା,
ମୁୟ୍ ଜଃଉଁ ନାହାରି, କାୟ୍‌ତାକ୍‌ବଃଲେକ୍ ମର୍ ବେଲା ଅଃବେ
ହଃତେକ୍ ଆସି ନଃକେରେ ।” 9 ଇ ସଃବୁ କଃତା କୟ୍ ଜିସୁ
ଗାଲିଲିୟେ ରଃୟ୍‌ଗଃଲା । 10 ମଃତର୍ ଜିସୁର୍ ବାୟ୍‌ସିମଃନ୍
ହଃର୍ବ୍‌କେ ଗଃଲା ହଃଚେ, ଜିସୁ ହେଁ ଗଃଲା । ଜାଣ୍‌ତେ ନାୟ୍
ମଃତର୍ ଗଟ୍ ରଃକମ୍ ଲୁକ୍‌ଣେ । 11 ଇତାକ୍ ଜିଉଦିମଃନ୍ ହଃର୍ବ୍
ବଃଲ୍ ଜିସୁକେ ଲଲୁ ଲଲୁ ହଃଚାର୍ଲାୟ୍, “ସେ କଃୟ୍?” 12 ଆର୍
ଲକ୍‌ମଃନ୍ ଜିସୁର୍ ବିସୟେ କୁସୁର୍‌କାସାର୍ ଅୟ୍ କଃତାବାର୍ତା
ଅଃଉତି ରିଲାୟ୍ । କେ କେ କୟ୍‌ଲାୟ୍, “ସେ ଗଟେକ୍ ସଃତ୍
ଲକ୍,” ଆର୍ କେ କେ କୟ୍‌ଲାୟ୍, “ନାୟ୍, ସେ ଲକ୍‌ମଃନ୍‌କେ ବୁଲ୍
ବାଟ୍‌କେ ନେଉଁଲା ।” 13 ମଃତର୍ ଜିଉଦି ବଃଡ୍ ଲକ୍‌ମଃନ୍‌କେ
ଡିରିକଃରି କେ ହେଁ ଜିସୁର୍ ବିସୟେ ଆକେଡାକେ କଃତାବାର୍ତା
ନଃକେର୍ତି ରିଲାୟ୍ । 14 ମଃତର୍ ହଃର୍ବ୍ ଆଦ୍‌ବାଗ୍ ସଃର୍ଲା ହଃଚେ
ଜିସୁ ମନ୍ଦିରେ ଜାୟ୍ ସିକ୍ୟା ଦେଉଁକ୍ ଆରୁମ୍ କଃଲା । 15 ଇତାକ୍
ଜିଉଦି ବଃଡ୍ ଲକ୍‌ମଃନ୍ କାବା ଅୟ୍ କୟ୍‌ଲାୟ୍, “ଏ କୁୟ୍‌ତି ହେଁ
ସିକ୍ୟା ନାହାୟ୍, ଅଃତେକ୍ କଃତା ଜାଣ୍‌ଲା କଃନ୍‌କଃରି?” 16
ଜିସୁ ସେମଃନ୍‌କେ କୟ୍‌ଲା, “ମର୍ ସିକ୍ୟା ମର୍ ନିଜାର୍ ନାୟ୍,
ମଃତର୍ ମକ୍ ହଃଟାୟ୍‌ଲା ଇସ୍ୱରାର୍ ତଃୟ୍‌ହୁଣି ଆୟ୍‌ଲା ସିକ୍ୟା
ଦେଉଁଲେ । 17 ଜେ ଜଦି ଇସ୍ୱରାର୍ ଇଚା ହୁରୁଣ୍ କଃରୁକେ ମଃନ୍
କଃରେଦ୍, ତଃବେ ମର୍ ସିକ୍ୟା ଇସ୍ୱର୍ ତଃୟ୍‌ହୁଣି ଆସିଆଚେ,
କି ମୁୟ୍ ମର୍ ନିଜାର୍ ଅଃଦିକାରେ କଃଉଁଲେ, ସେରି ସେ ଜାଣୁ
ହାରେ । 18 ଜେ ନିଜାର୍ ଅଃଦିକାରେ କଃତା କୟ୍‌ଦ୍, ସେ ନିଜାର୍
ଜଃଜ୍‌ମାନ୍ କଃରୁକେ ମଃନ୍ କଃରେଦ୍, ମଃତର୍ ଜେ ଅଃହ୍‌ଣାକ୍
ହଃଟାୟ୍‌ଲା ଇସ୍ୱରାର୍ ଜଃଜ୍‌ମାନ୍ କଃରୁକେ ମଃନ୍ କଃରେଦ୍,
ସେ ସଃତ୍ ଆର୍ ତାର୍ ତଃୟ୍ କାୟ୍ ଦୁସ୍ଟ ନାୟ୍ । 19 ମସା କାୟ୍
ତୁମିମଃନ୍‌କେ ବିଦି ନଃଦେୟ୍? ମଃତର୍ ତୁମିମଃନାର୍ ବିତ୍ରେ କେ
ହେଁ ସେ ବିଦି ନଃମାନାସ୍ । ତୁମିମଃନ୍ ମକେ ମାରୁକ୍ କାୟ୍‌ତାକ୍
ମଃନ୍ ହାଚୁଲାସ୍?” 20 ଲକ୍‌ମଃନ୍ ତାକ୍ କୟ୍‌ଲାୟ୍, “ତକ୍ ବୁତ୍
ଦଃରି ଆଚେ, ତକ୍ କେ ମାରୁକ୍ ମଃନ୍ କଃରୁଲାୟ୍?” 21 ଜିସୁ
ସେମଃନ୍‌କେ କୟ୍‌ଲା, “ମୁୟ୍ ଗଟେକ୍ ବଃଡ୍ କାମ୍ କଃଲେ, ଆର୍
ତୁମିମଃନ୍ ସଃବୁ ସେରି ଦଃକି କାବା ଅୟ୍ ଆଚାସ୍ । 22 ତୁମାର୍
ହୟ୍‌ଦିମଃନ୍‌କ୍ ସୁନତ୍ କଃରୁକେ ମସା ଆଦେସ୍ ଦିଲା ଆଚେ;
ଇରି ମସାର୍ ତଃୟ୍‌ହୁଣି ଆସି ଆଚେ ସେରି ନାୟ୍, ମଃତର୍ ତୁମାର୍
ଦାଦିବାବୁ ତଃୟ୍‌ହୁଣି ଆସି ଆଚେ ଆର୍ ବିସାଉଁଣିବାର୍ ଦିନ୍ ହେଁ

ହିଲାମଃନ୍‌କେ ସୁନତ୍ କଃରୁଲାସ୍ । ଆର୍ ସେତାକ୍ ବିସାଉଁଣିବାର୍
ବିଦି ନଃମାନୁଲାସ୍, ଇରି ମଃନେ ନଃହେକାଉଁଲାସ୍ । 23 ଜଦି
ବିସାଉଁଣିବାର୍ ଦିନ୍ ଗଟେକ୍ ହିଲାକ୍ ସୁନତ୍ କଃଲେକ୍ ମସାର୍
ବିଦି ଅମାନ୍ୟା କଃରା ନଃଉଁଲି, ତଃବେ ବିସାଉଁଣିବାର୍ ଦିନ୍ ମୁୟ୍
ଗଟେକ୍ ଲକାର୍ ସଃବୁ ଗଃଗାଲ୍‌କେ ଉଜ୍ କଃଲେକ୍ ତୁମିମଃନ୍
କାୟ୍‌ତାକ୍ ମକ୍ ରିସା ଅଃଉଁଲାସ୍? 24 ହଃଦାର୍ କଃତାକ୍ ଦଃକି
ବିଚାର୍ କଃରା ନାୟ୍, ମଃତର୍ ଜୁୟ୍‌ରି ଟିକ୍ ସେରି ବିଚାର୍ କଃରା
।" 25 ଇତାକ୍ ଜିରୁସାଲମ୍ ତୟ୍ୟଁ କଃତେକ୍ ଲକ୍ କଃଉଁକେ
ଦଃର୍ଲାୟ୍, "ଜୁୟ୍ ମାନାୟ୍‌କେ ମାରୁକ୍ ଜିଉଦି ବଃଡ୍ ଲକ୍‌ମଃନ୍
ମଃନ୍ କଃରୁଲାୟ୍, ଏ କାୟ୍ ସେ ନାୟ୍? 26 ଆର୍ ଦଃକା ସେ
ସଃବୁ ଲକାର୍ ଆଗେ ଅଃତେକ୍ କଃତା କଃଉଁଲା, ମଃତର୍ ତାକେ
ହଃଦେକ୍ କେ ହେଁ କାୟ୍‌ରି ନଃକଉଁଲାୟ୍ । ଏ କ୍ରିସ୍ଟ ବଃଲି
ଜିଉଦି ମୁଳିକା ଲକ୍‌ମଃନ୍ କାୟ୍ ନିଜ୍‌କଃରି ଜାଣ୍‌ଲାୟ୍‌ନି? 27
ଜଃଡେବଃଲ୍ କ୍ରିସ୍ଟ ଆସେଦ୍, ସେ କୁୟ୍‌ତି ହୁଣି ଆୟ୍‌ଲା କେ
ଜାଣୁ ନଃହାର୍‌ତି, ମଃତର୍ ଇ ମାନାୟ୍ କୁୟ୍‌ତି ହୁଣି ଆୟ୍‌ଲା
ଅଃମିମଃନ୍ ଜାଣୁ ।" 28 ସେତାକ୍ ଜିସୁ ମନ୍ଦିରେ ସିକ୍ୟା ଦେତା
ବଃଲ୍ ଉଲ୍‌ଗାଟ୍ ଅୟ୍‌କଃରି କୟ୍‌ଲା, "ମୁୟ୍ କେ ଆର୍ କୁୟ୍‌ତି ହୁଣି
ଆସି ଆଚି, ତୁମିମଃନ୍ କାୟ୍ ଜାଣିଆଚାସ୍? ମୁୟ୍ ନିଜ୍ ନିଜ୍‌କେ
ନାସି । ମକେ ଜେ ହଃଟାୟ୍ ଆଚେ, ସେ ସଃତ୍ୟା, ତୁମିମଃନ୍ ତାକ୍
ନଃଜାଣାସ୍ । 29 ମଃତର୍ ମୁୟ୍ ତାକ୍ ଜାଣି, କାୟ୍‌ତାକ୍‌ବଃଲେକ୍
ମକ୍ ସେ ହଃଟାୟ୍ ଆଚେ, ମୁୟ୍ ତାର୍ ତଃୟ୍‌ହୁଣି ଆସି ଆଚି ।"
30 ସେତାକ୍ ସେମଃନ୍ ଇରି ସୁଣି ତାକେ ଦଃରୁକ୍ ମଃନ୍ କଃଲାୟ୍,
ମଃତର୍ ତାର୍ ଟିକ୍ ବେଳା ଆସି ନଃରିଲାକ୍, କେ ତାର୍ ଉହ୍ରେ
ଆତ୍ ଦେଉଁକ୍ ନଃହାୟ୍‌ଲାୟ୍ । 31 ମଃତର୍ ଲକ୍‌ମଃନାର୍ ବିତ୍ରେ
ଗାଦେକ୍ ଲକ୍ ତାକ୍ ବିସ୍ୱାସ୍ କଃରି କୟ୍‌ଲାୟ୍, "ଏ ଜୁୟ୍ ସଃବୁ
କାବା ଅଃଉତା ଚିନ୍ କଃରି ଆଚେ, କ୍ରିସ୍ଟ ଆୟ୍‌ଲେକ୍ ଇମାନାୟ୍‌ର୍
ତଃୟ୍‌ହୁଣି କାୟ୍‌ରି ଅଃଦିକ୍ କାବା ଅଃଉତା କାମ୍ କଃରେଦ୍?" 32
ଜିସୁର୍ ବିସୟେ ଲକ୍‌ମଃନ୍ ଇରଃକମ୍ କଃତା ବାର୍ତା ଅଃଉତାର୍
ପାରୁସିମଃନ୍ ସୁଣ୍‌ଲାୟ୍, ସେତାକ୍ ପାରୁସିମଃନ୍ ଆର୍ ବଃଡ୍
ଜାଜକ୍‌ମଃନ୍ ଜିସୁକେ ବାନ୍ଧୁକେ ଜାଗୁଆଳିମଃନ୍‌କେ ହଃଟାୟ୍‌ଲାୟ୍
। 33 ସେତାକ୍ ଜିସୁ କୟ୍‌ଲା, "ମୁୟ୍ ତୁମିମଃନାର୍ ସଃଙ୍ଗ୍
ଆର୍ ଅଃଳକ୍ ବେଳା ରଃୟ୍‌ନ୍ଙ୍କ, ତାର୍‌ହଃଚେ ମକ୍ ହଃଟାୟ୍‌ଲା
ଇସ୍ୱରାର୍ ତଃୟ୍ ବାଉଳି ଜାୟ୍‌ନ୍ଙ୍କ । 34 ତୁମିମଃନ୍ ମକେ ଲଳାସ୍,
ମଃତର୍ ନଃହାଉଆସ୍, କାୟ୍‌ତାକ୍‌ବଃଲେକ୍ ମୁୟ୍ ଜୁୟ୍‌ତି ରଃୟ୍‌ନ୍ଙ୍କ
ତୁମିମଃନ୍ ସେତି ଜଃଉଁ ନାହାରାସ୍ ।" 35 ଇତାକ୍ ଜିଉଦି
ମୁଳିକାମଃନ୍ ତାକାର୍ ତାକାର୍ ବିତ୍ରେ କଃଉଆକଇ ଅୟ୍‌ଲାୟ୍,
"ଏ କୁୟ୍‌ତି ଜାୟ୍‌ଦ୍ ଜେ ଅଃମି ତାକେ ଲଲୁ ନଃହାରୁ? ଜୁୟ୍ ଗ୍ରିକ୍
ଗଃଳେ ଚିନ୍‌ବିନ୍ ଅୟ୍‌ରିଲା ଜିଉଦି ମଃନାର୍ ତଃୟ୍ ଜାୟ୍‌କଃରି
କାୟ୍ ଗ୍ରିକ୍ ଲକ୍‌ମଃନ୍‌କେ ସିକ୍ୟା ଦଃୟ୍‌ଦ୍? 36 ତୁମିମଃନ୍ ମକେ
ଲଳାସ୍, ମଃତର୍ ହାଉଁ ନାହାରାସ୍ ଆର୍ ମୁୟ୍ ଜୁୟ୍‌ତି ରଃୟ୍‌ନ୍ଙ୍କ
ତୁମିମଃନ୍ ସେତି ଜଃଉଁ ନାହାରାସ୍ । ସେ ଇ ଜୁୟ୍ କଃତା କୟ୍‌ଲା,
ସେତାର୍ ବାବ୍ କାୟ୍‌ରି?" 37 ହଃର୍ବାର୍ ସେସ୍ ଦିନ୍, ବଃଲେକ୍
ବଃଡ୍ ଦିନ୍ ଜିସୁ ଟିଆ ଅୟ୍ ଉଲ୍‌ଗାଟ୍ ଅୟ୍‌କଃରି କୟ୍‌ଲା, "ଜେ
ସସେ ଆଚେ ସେ ମର୍ ଲଃଗେ ଆସ ଆର୍ ସୁର । 38 ଆର୍ ଜେ
ମର୍ ତଃୟ୍ ବିସ୍ୱାସ୍ କଃରେଦ୍, ଦଃର୍ମ୍ ସାସ୍ତର୍ ତଃୟ୍‌ର୍ ଲେକା
ହଃର୍କାରେ, ଜେ ମର୍ ତଃୟ୍ ବିସ୍ୱାସ୍ କଃରେଦ୍ ତାର୍ ଗଃର୍ବେ ହୁଣି
ଜିବନ୍ ଦେତା ହାଜ୍ରା ହାଣି ଉଚ୍‌ଳି ଜାତିରଃୟ୍‌ଦ୍ ।" 39 ଜିସୁ
ପବିତ୍ର ଆତ୍ମାର୍ କଃତାକ୍ ଦଃରି ଇରି କୟ୍‌ଲା, ଜୁୟ୍ ଲକ୍‌ମଃନ୍
ଜିସୁର୍ ତଃୟ୍ ବିସ୍ୱାସ୍ କଃର୍ତି, ସେମଃନ୍ ହଃଚେ ଇ ପବିତ୍ର ଆତ୍ମା
ହାଉତି, ସଃଡେବଃଲ୍ ହଃତେକ୍ ଜିସୁ ଜଃଜ୍‌ମାନ୍ ଅୟ୍‌ନଃରିଲା,
ସେତାକ୍ ପବିତ୍ର ଆତ୍ମା ହାୟ୍ ନଃରିଲାୟ୍ । 40 ଜଃଡେବଃଲ୍
ଲକ୍‌ମଃନ୍ ଜିସୁର୍ ଇ କାତା ସୁଣ୍‌ଲାୟ୍, ସେମଃନାର୍ ବିତ୍ରେ
କଃତେକ୍ କୟ୍‌ଲାୟ୍, "ଏ ବାୟ୍‌ଦ୍‌ରେ ସେ ବାବ୍‌ବାଦି ।" 41 ବିନ୍
ଲକ୍‌ମଃନ୍ କୟ୍‌ଲାୟ୍, "ଏ କ୍ରିସ୍ଟ ।" ମଃତର୍ କେକେ କଃଉଁକେ
ଦଃର୍ଲାୟ୍, "କ୍ରିସ୍ଟ କାୟ୍ ଗାଲିଲି ତଃୟ୍‌ହୁଣି ଆସେଦ୍? 42 ସାସ୍ତର୍
ତଃୟ୍ୟଁ ଲେକା ଆଚେ, 'କ୍ରିସ୍ଟ ଜେ ଦାଉଦ୍ ବଃଉଁସେହୁଣି ଆର୍
ଦାଉଦ୍ ଜୁୟ୍‌ତି ରିଲା, ସେ ବେତ୍‌ଲିହିମ୍ ଗାଉଁଏ ହୁଣି ଆସେଦ୍
।'" 43 ସେତାକ୍ ଲକ୍‌ମଃନାର୍ ବିତ୍ରେ ଜିସୁର୍ ଗିନେ ଲକ୍‌ମଃନାର୍
କଃତା ବିନ୍‌ବିନ୍ ଅୟ୍‌ଲି । 44 ଆର୍ ସେମଃନାର୍ ବିତ୍ରେ କଃତେକ୍
ଜିସୁକେ ଦଃରି ନେଉଁକ୍ ମଃନ୍ କଃର୍ତି ରିଲାୟ୍, ମଃତର୍ କେ ହେଁ
ଜିସୁର୍ ଉହ୍ରେ ଆତ୍ ଦେଉଁ ନାହାର୍ଲାୟ୍ । 45 ଇ ବିତ୍ରେ ଜାଗୁଆଳି
ବଃଡ୍ ଜାଜକ୍ ଆର୍ ପାରୁସିମଃନାର୍ ଲଃଗେ ବାଉଳି ଆୟ୍‌ଲାକ୍,
ସେମଃନ୍‌କେ ବଃଡ୍ ଜାଜକ୍ ଆର୍ ପାରୁସିମଃନ୍ ହଃଚାର୍ଲାୟ୍,
"ଜିସୁକେ କାୟ୍‌ତାକ୍ ଦଃରି ନାଣ୍‌ଲାସ୍?" 46 ଜାଗୁଆଳିମଃନ୍
କୟ୍‌ଲାୟ୍, "ଇମାନାୟ୍ ଜଃନ୍‌କା କଃତା କଃଉଁଲା, ତାର୍ ହର୍
କୁୟ୍ ମାନାୟ୍ କଃବେ ସେନ୍‌କାର୍ କଃତା ନଃକୟ୍ ।" 47 ସେତାକ୍
ପାରୁସିମଃନ୍ ସେମଃନ୍‌କେ କୟ୍‌ଲାୟ୍, "ତୁମିମଃନ୍ ହେଁ କାୟ୍
ବୁଲ୍‌କି ଆଚାସ୍? 48 ପାରୁସି କି ଅଃମାର୍ ମୁଳିକାମଃନାର୍ ବିତ୍ରେ
କେ କାୟ୍ ଗଟ୍ ଲକ୍ ହେଁ ଜିସୁକେ ବିସ୍ୱାସ୍ କଃରି ଆଚ୍‌ତି? 49
ମଃତର୍ ଇ ଲକ୍‌ମଃନ୍ ମସାର୍ ବିଦି ନଃଜାଣ୍‌ତି, ସେତାର୍ ଗିନେ
ଇମଃନ୍ ସଃବୁ ସାୟ୍‌ପ୍ ହାୟ୍‌ଲା ଲକ୍ ।" 50 ସଃଡେବଃଲ୍ ନିକଦିମ
ନାଉଁଆର୍ ଗଟେକ୍ ପାରୁସି ସେତି ରିଲା, ସେ ଆଗ୍‌ତୁ ଗଟ୍‌ତର୍
ଜିସୁକେ ଦଃକୁକ୍ ହାୟ୍‌ରିଲା । ସେ ସେମଃନ୍‌କେ କୟ୍‌ଲା, 51
"ଅଃମି ମସାର୍ ବିଦି ହଃର୍କାରେ ଗଟ୍ ଲକ୍‌କେ ଦସି କଃର୍ତା ଆଗ୍‌ତୁ
ତାର୍ କଃତା ବିଚାର୍ କଃରୁକେ ଅୟ୍‌ଦ୍ ଆର୍ ସେ କାୟ୍‌ରି କଃରି
ଆଚେ ସେରି ଦଃକୁକ୍ ହଃଳେଦ୍ ।" 52 ଜିଉଦିମଃନ୍ କୟ୍‌ଲାୟ୍,
"ତୁୟ୍ ହେଁ କାୟ୍ ଗଟେକ୍ ଗାଲିଲିର୍ ଲକ୍? ବଃଲ୍‌କଃରି ସାସ୍ତର୍
ହଳ୍, ତଃବେ ଗାଲିଲି ତଃୟ୍‌ହୁଣି କୁୟ୍ ବାବ୍‌ବାଦି ହେଁ ଜଃଲମ୍
ଅଃଉଁ ନାହାରେ, ଇ କଃତା ତୁୟ୍ ଜାଣୁ ହାର୍ସି ।" 53 ଆର୍ ସେମଃନ୍
ସଃବୁଲକ୍ ଅଃହ୍‌ଣା ଅଃହ୍‌ଣାର୍ ଗଃରେ ଗଃଲାୟ୍ ।

**8** ତାର୍‌ହଃଚେ ଜିସୁ ଜିତ୍ ଡଙ୍ଗ୍ରେ ଗଃଲା । 2 ତାର୍ ଆର୍‌କ ଦିନ୍
ସଃକାଳ୍ୟା ଜିସୁ ମନ୍ଦିର୍‌କେ ବାଉଳି ଆୟ୍‌ଲା, ଆର୍ ସେତି

ସଃବୁ ଲକ୍‌ମଃନ୍ ରୁଣ୍ଡିଲାକ୍, ସେ ବଃସି ସେମଃନ୍‌କେ ସିକ୍ୟା
ଦେଉଁକ୍ ମୁଲ୍ୟାୟ୍‌ଲା । 3 ଆର୍ ଦଃର୍ମ୍‌ଗୁରୁ ଆର୍ ପାରୁସିମଃନ୍ ଦାରି
କାମେ ଦଃରା ହଃଲ୍‌ଲା ଗଟେକ୍ ମାୟ୍‌ଜିକେ ଦଃରି ଆଣ୍‌ଲାୟ୍
ଆର୍ ସଃବୁ ଲକାର୍ ମଃଜାୟ୍ ଟିଆ କଃରି ଜିସୁକେ ହଃଚାର୍ଲାୟ୍,
4 "ଏ ଗୁରୁ, ଇ ମାୟ୍‌ଜି ଦାରିକାମ୍ କଃର୍ତା ବଃଲ୍ ଦଃରା ହଃଲି
ଆଚେ । 5 ଅଃନ୍‌କା ମାୟ୍‌ଜିମଃନ୍‌କେ ଟେଲା ସୁତ୍ରି ମାରୁକ୍
ମସା ଅଃମିକ୍ ବିଦି ତଃୟ୍ ଆଡର୍ ଦଃୟ୍‌ଆଚେ । ତଃବେ ତୁୟ୍
ଇ ବିସୟେ କାୟ୍ ବଃଲୁଲିସ୍?" 6 ସେମଃନ୍ ଜିସୁକେ ହାନ୍ଦେ
ହଃକାୟ୍ ଦଃସ୍ ଲାଦୁକ୍ ଇ କଃତା ହଃଚାରି ରିଲାୟ୍, ମଃତର୍
ଜିସୁ ମୁଆଁର୍ ହାଣି ଆଦ୍‌କଃରି ଆଙ୍ଗୁଟି ସଃଙ୍ଗ୍ ବୁୟେଁ ଲେକୁକ୍
ଦଃର୍ଲା । 7 ସେମଃନ୍ ଜିସୁକେ ଆରେକ୍ ହଃଚାର୍ଲାକ୍, ଜିସୁ ମୁଣ୍ଡି
ଟେକି ସେମଃନ୍‌କେ କୟ୍‌ଲା, "ତୁମାର୍ ବିତ୍ରେ ଜେ କଃବେ କାୟ୍
ହାହ୍ ନଃକେରେ, ସେ ଆସି ତାକ୍ ହଃର୍ତୁ ଟେଲା ମାର ।" 8
ଇରି କୟ୍ ଜିସୁ ଆରେକ୍ ଗଟ୍‌ତର୍ ମୁଆଁର୍ ହାଣି ଆଦ୍‌କଃରି
ବୁୟେଁ ଲେକୁକ୍ ଦଃର୍ଲା । 9 ଜିସୁର୍ କଃତା ସୁଣି ସେମଃନ୍ ବଃଡ୍
ତଃୟ୍‌ହୁଣି ଆରୁମ୍ କଃରି ସାନ୍ ହଃତେକ୍ ଗଟେକ୍ ହଃଚେ ଗଟେକ୍
କଃରି ସଃବୁ ହଃଲାୟ୍‌ଲାୟ୍ । ଆରେକ୍ ଜିସୁ ଆର୍ ସେ ମାୟ୍‌ଜି
ହଃକା ସେତି ଟିଆ ଅୟ୍‌ରିଲାୟ୍ । 10 ଆରେକ୍ ଜିସୁ ମୁଣ୍ଡି ଟେକି
ମାୟ୍‌ଜିକେ ହଃଚାର୍ଲା, "ସେମଃନ୍ କଃୟ୍? ତକ୍ ଦସି କଃରି ଡଃଣ୍ଡି
ଦେଉଁକ୍ କାୟ୍ ଗଟେକ୍ ଲକ୍‌ହେଁ ନଃରିଲାୟ୍?" 11 ସେ କୟ୍‌ଲି,
"ନାୟ୍ ମାପ୍ରୁ, କେ ହେଁ ନାୟ୍ ।" ସେତାକ୍ ଜିସୁ କୟ୍‌ଲା, "ମୁୟ୍
ହେଁ ତକ୍ ଦସି ବଃଲି ନଃକୟ୍ଁ । ଜାଆ, ମଃତର୍ ଆରେକ୍ ହାହ୍
କଃର୍ ନାୟ୍ ।" 12 ଜିସୁ ଆରେକ୍ ଲକ୍‌ମଃନ୍‌କେ କୟ୍‌ଲା, "ମୁୟ୍
ଜଃଗତାର୍ ଉଜାଲ୍, ଜେ ମର୍ ହଃଚେ ହଃଚେ ଆସେଦ୍, ସେ
ଜିବନାର୍ ଉଜାଲ୍ ହାୟ୍‌ଦ୍, ଆର୍ ସେ କଃବେ ହେଁ ଅଃନ୍ଦାରେ
ନିଣ୍ଡେ ।" 13 ସେତାକ୍ ପାରୁସିମଃନ୍ ତାକ୍ କୟ୍‌ଲାୟ୍, "ଅଃବେ
ତୁୟ୍ ନିଜେ ନିଜାର୍ ବିସୟେ ସାକି ଦେଉଁଲିସ୍, ସେତାକ୍ ତର୍
ସାକି ସଃତ୍ ନାୟ୍ ।" 14 ଜିସୁ ସେମଃନ୍‌କେ କୟ୍‌ଲା, "ନାୟ୍,
ମୁୟ୍ ନିଜାର୍ ଗିନେ ସାକି ଦିଲେକ୍ ହେଁ, ମୁୟ୍ ଜାୟ୍‌ରି କଃଉଁଲେ
ସେରି ସଃତ୍, କାୟ୍‌ତାକ୍‌ବଃଲେକ୍ ମୁୟ୍ କୁୟ୍‌ତି ହୁଣି ଆସି ଆଚି
ଆର୍ କୁୟ୍‌ତି ଜଃଉଁଲେ, ସେରି ମୁୟ୍ ଜାଣି ଆଚି, ମଃତର୍ ମୁୟ୍
କୁୟ୍‌ତି ହୁଣି ଆସି ଆଚି ଆର୍ କୁୟ୍‌ତି ଜଃଉଁଲେ, ତୁମି ସେରି
ନଃଜାଣାସ୍ । 15 ତୁମିମଃନ୍ ମାନାୟ୍ ଇସାବେ ବିଚାର୍ କଃରାସ୍,
ମଃତର୍ ମୁୟ୍ କାର୍ ବିଚାର୍ ନଃକେରି । 16 ମଃତର୍ ମୁୟ୍ ଜଦି
ବିଚାର୍ କଃରିନ୍ଦ୍, ତଃବେ ହେଁ ମର୍ ବିଚାର୍ ସଃତ୍ୟା, ବଃଲେକ୍
ମୁୟ୍ ଏକ୍ଲା ଇ କାମ୍ ନଃକେରି, ମଃତର୍ ମକ୍ ହଃଟାୟ୍‌ଲା ଉବା
ମର୍ ସଃଙ୍ଗ୍ ଆଚେ । 17 ତୁମାର୍ ବିଦି ସାସ୍ତ୍ରରେ ଲେକା ଆଚେ,
'ଦୁୟ୍ ଲକାର୍ ସାକି ସଃମାନ୍ ଅୟ୍‌ଲେକ୍, ସେମଃନ୍ ଜାୟ୍‌ରି
କଃଉଁଲାୟ୍ ସେରି ସଃତ୍ ।' 18 ମୁୟ୍ ନିଜାର୍ ଗିନେ ସାକି
ଦେଉଁଲେ, ଆର୍ ମକ୍ ହଃଟାୟ୍‌ଲା ଉବା ହେଁ ମର୍ ଗିନେ ସାକି
ଦେଉଁଲା ।" 19 ସେତାକ୍ ସେମଃନ୍ ଜିସୁକେ ହଃଚାର୍ଲାୟ୍, "ତର୍
ଉବାଦି କଃୟ୍?" ଜିସୁ କୟ୍‌ଲା, "ତୁମିମଃନ୍ ମକ୍ କି ମର୍ ଉବାକ୍
ନଃଜାଣାସ୍, ମକେ ଜାଣ୍‌ଲେକ୍ ମର୍ ଉବାକ୍ ଜାଣ୍‌ଲାସ୍ ହୁଣି
।" 20 ଜିସୁ ମନ୍ଦିର୍ ବିତ୍ରେ ସିକ୍ୟା ଦେତାବଃଲ୍ ବଃଣ୍ଡାର୍ ବଃକ୍ରା
ଚଃମେ ଇ ସଃବୁ କଃତା କୟ୍ ସିକ୍ୟା ଦେତିରିଲା, ମଃତର୍ ଜିସୁର୍
ବେଲ୍ ଆସି ନଃରିଲାକ୍ କେ ତାକ୍ ବାନ୍ଧୁକେ ନଃହାର୍‌ଲାୟ୍ । 21
ଜିସୁ ଆରେକ୍ ସେମଃନ୍‌କେ କୟ୍‌ଲା, "ମୁୟ୍ ଜଃଉଁଲେ, ଆର୍
ତୁମିମଃନ୍ ମକ୍ ଲଳାସ୍, ମଃତର୍ ତୁମିମଃନ୍ ନିଜାର୍ ନିଜାର୍
ହାହେ ମଃରାସ୍ । ମୁୟ୍ ଜୁୟ୍‌ତି ଜଃଉଁଲେ, ସେତି ତୁମିମଃନ୍ ଜଃଉଁ
ନାହାରାସ୍ ।" 22 ସେତାକ୍ ଜିଉଦି ବଃଡ୍ ଲକ୍‌ମଃନ୍ କଃଉଆକଇ
ଅଃଉଁକେ ଦଃର୍ଲାୟ୍, "ସେ କଃଉଁଲା, 'ସେ ଜୁୟ୍‌ତି ଜାୟ୍‌ଦ୍, ସେତି
ଅଃମିମଃନ୍ ଜଃଉଁ ନଃହାରୁ,' ସେ କାୟ୍ ଉଚ୍‌କି ଅୟ୍ ମଃରୁକ୍
ଜଃଉଁଲା?" 23 ସେତାକ୍ ଜିସୁ ସେମଃନ୍‌କେ କୟ୍‌ଲା, "ତୁମିମଃନ୍
ଇ ଜଃଗତେ ହୁଣି ଜାତ୍, ମଃତର୍ ମୁୟ୍ ସଃର୍ଗେ ହୁଣି ଆୟ୍‌ଲେ
ଆଚି । ତୁମିମଃନ୍ ଇ ଜଃଗତାର୍, ମଃତର୍ ମୁୟ୍ ଇ ଜଃଗତାର୍
ନାୟ୍ । 24 ସେତାକ୍ ମୁୟ୍ କଃଉଁଲେ, ତୁମିମଃନ୍ ନିଜାର୍ ନିଜାର୍
ହାହେ ମଃରାସ୍ । ମୁୟ୍ ଇରି ତୁମିକେ କୟ୍‌ଲେ, ବଃଲେକ୍ ମୁୟ୍
ଜେ, ମୁୟ୍ ସେ ମାନାୟ୍, ଇରି ତୁମିମଃନ୍ ବିସ୍ୱାସ୍ ନଃକେଲେକ୍,
ନିଜାର୍ ନିଜାର୍ ହାହେ ମଃରାସ୍ ।" 25 ସେତାକ୍ ସେମଃନ୍ ତାକ୍
ହଃଚାର୍ଲାୟ୍, "ତୁୟ୍ କେ?" ଜିସୁ ସେମଃନ୍‌କେ କୟ୍‌ଲା, "ସେ
କଃତା ମୁୟ୍ ଆରୁମେ ହୁଣି କୟ୍ ଆସୁଲେ । 26 ତୁମିମଃନାର୍
କଃତା କଃଉଁକେ ଆର୍ ତୁମିମଃନ୍‌କେ ବିଚାର୍ କଃରୁକେ ମର୍
ଗାଦେକ୍ କଃତା ଆଚେ । ମଃତର୍ ମକେ ଜେ ହଃଟାୟ୍‌ଲା ଆଚେ,
ସେ ସଃତ୍, ତାର୍ ତଃୟ୍‌ହୁଣି ଜାୟ୍‌ରି ସୁଣି ଆଚି, ସେରି ଜଃଗତ୍‌କେ
ଜାଣାଉଁଲେ ।" 27 ଜିସୁ ତାର୍ ଉବାସିର୍ କଃତା କଃଉଁଲା, ଇରି
ସେମଃନ୍ ବୁଜୁ ନଃହାୟ୍‌ଲାୟ୍ । 28 ସେତାକ୍ ଜିସୁ ସେମଃନ୍‌କେ
କୟ୍‌ଲା, "ଜଃଡେବଃଲ୍ ତୁମିମଃନ୍ ନଃରାର୍ ହୟ୍‌ସିକ୍ ଉହ୍ରେ ଉଟା
ଅୟ୍‌ଦ୍, ସଃଡେବଃଲ୍ ମୁୟ୍ ଜେ, ମୁୟ୍ ସେ ମାନାୟ୍; ଆର୍ ମୁୟ୍
ନିଜାର୍ ଅଃଦିକାରେ କାୟ୍‌ରି ହେଁ ନଃକେରି, ମଃତର୍ ଉବା ମକ୍
ଜଃନ୍‌କଃରି ସିକ୍ୟା ଦଃୟ୍‌ଆଚେ, ସେନ୍‌କଃରି ଇସଃବୁ କଃତା ଜେ
କଃଉଁଲେ, ଇରି ତୁମିମଃନ୍ ବୁଜୁ ହାରାସ୍ । 29 ଜେ ମକ୍ ହଃଟାୟ୍
ଆଚେ, ସେ ମର୍ ସଃଙ୍ଗ୍ ଆଚେ, ସେ ମକ୍ ଏକ୍ଲାକେ କଃବେ
ନଃଚାଡେ, କାୟ୍‌ତାକ୍‌ବଃଲେକ୍ ତାର୍ ଜାୟ୍‌ରି ମଃନ୍, ମୁୟ୍ ସେରି
କଃରୁଲେ ।" 30 ଜିସୁର୍ ଇ କଃତା ସଃବୁ ସୁଣି ଗାଦେକ୍ ଲକ୍
ତାର୍ ତଃୟ୍ ବିସ୍ୱାସ୍ କଃଲାୟ୍ । 31 ବଃଲେକ୍ ତାକ୍ ବିସ୍ୱାସ୍
କଃର୍ତା ଜିଉଦିମଃନ୍‌କେ ଜିସୁ କୟ୍‌ଲା, "ଜଦି ମର୍ କଃତା ମାନି
ତିର୍ ଅୟ୍‌ରିଆସ୍, ତଃବେ ତୁମି ନିଜ୍‌କଃରି ମର୍ ଚେଲା ଅଃଉଆସ୍
। 32 ତୁମିମଃନ୍ ସଃତ୍ ଜାଣାସ୍, ଆର୍ ସେ ସଃତ୍ ତୁମିମଃନ୍‌କେ
ମୁକ୍ଲାୟ୍‌ଦ୍ ।" 33 ଜିଉଦିମଃନ୍ କୟ୍‌ଲାୟ୍, "ଅଃମି ଅବ୍ରାହାମାର୍
ବଃଉଁସ୍, ଅଃମି କଃବେ କାର୍ ଗତିଦଃଙ୍ଗ୍‌ଲା ଅୟ୍ ସେବା ନଃକେରୁ,
ତଃବେ ତୁମିମଃନ୍ ମୁକ୍ଲାସ୍ ବଃଲି କଃନ୍‌କଃରି କଃଉଁଲିସ୍? ଇ
କଃତାର୍ ଅଃର୍ତ୍ କାୟ୍‌ରି?" 34 ଜିସୁ ସେମଃନ୍‌କେ କୟ୍‌ଲା, "ମୁୟ୍

ସଃତ୍ କଃଉଁଲେ, ଜୁୟ୍ ଲକ୍ମଃନ୍ ହାହ୍ କଃର୍ତି, ସେ ହାହାର୍
ଗତିଦଃଙ୍ଗ୍ଲା । 35 ଗତିଦଃଙ୍ଗ୍ଲା ସଃବୁବଃଲ୍ ଗଃର୍ କୁଟୁମାର୍
ଲକ୍ ଅୟ୍ ନଃରେୟ୍, ମଃତର୍ ହଅ ସଃବୁ ଦିନ୍ ଗଃରାର୍ ଲକ୍
ଅୟ୍ ରଃୟ୍ଦ୍ । (aiōn g165) 36 ବଃଲେକ୍ ହଅ ଜଦି ତୁମିମଃନ୍କେ
ମୁକ୍ଲାୟ୍ଦ୍, ତଃବେ ତୁମିମଃନ୍ ନିଜ୍କଃରି ମୁକ୍ଲାସ୍ । 37 ତୁମିମଃନ୍
ଅବ୍ରାହାମାର୍ ବଃଉଁସ୍ ଇରି ମୁୟ୍ ଜାଣି ଆଚି । ଅୟ୍ଲେକ୍ ହେଁ
ତୁମିମଃନ୍ ମକେ ମାରୁକ୍ ମଃନ୍ ହାଚୁଲାସ୍, କାୟ୍ତାକ୍ବଃଲେକ୍
ତୁମିମଃନ୍ ମର୍ ସିକ୍ୟା ସୁଣି ମାନୁକ୍ ମଃନ୍ ନଃକେରୁଲାସ୍ । 38
ମର୍ ଉବାର୍ ଟାଣେ ଜାୟ୍ ଜାୟ୍ରି ଦଃକି ଆଚି, ସେରି ସଃବୁ
କଃଉଁଲେ । ମଃତର୍ ତୁମାର୍ ଉବାଦି କୟ୍ଲା ହର୍ ତୁମିମଃନ୍
କାମ୍ କଃରୁଲାସ୍ ।” 39 ସେମଃନ୍ ତାକ୍ କୟ୍ଲାୟ୍, “ଅଃମାର୍
ଉବା ଅବ୍ରାହାମ୍ ।” ଜିସୁ ସେମଃନ୍କେ କୟ୍ଲା, “ତୁମିମଃନ୍
ଜଦି ନିଜ୍କଃରି ଅବ୍ରାହାମାର୍ ହୟ୍ସି ଅୟ୍ରିଲାସ୍ ହୁଣି, ତଃବେ
ଅବ୍ରାହାମ୍ କଃଲା କାମ୍ ସଃବୁ କଃଲାସ୍ ହୁଣି । 40 ଇସ୍ୱର୍
ତଃୟ୍ହୁଣି ସୁଣ୍ଲା ସଃତ୍କେ ଚାଡି, ମୁୟ୍ ଆରେକ୍ କାୟ୍ରି
ନଃକୟ୍ଁ, ଅୟ୍ଲେକ୍ ହେଁ ତୁମିମଃନ୍ ମକେ ମଃର୍ନେ ମାରୁକ୍ ଚେସ୍ଟା
କଃରୁଲାସ୍, ଅବ୍ରାହାମ୍ ଇବାନ୍ୟା କାମ୍ କଃରି ନଃରିଲା । 41
ତୁମିମଃନ୍ ତୁମାର୍ ଉବାଦିର୍ କାମ୍ କଃରୁଲାସ୍ ।” ସେମଃନ୍ ତାକ୍
କୟ୍ଲାୟ୍, “ଅଃମିମଃନ୍ ଦାରି ମାୟ୍ଜିର୍ ହିଲା ନାୟ୍; ଇସ୍ୱର୍
ହଃକା ଅଃମାର୍ ଉବା, ଆର୍ ଅଃମିମଃନ୍ ସଃତ୍କଃରି ତାର୍ ହଅ
।” 42 ଜିସୁ ସେମଃନ୍କେ କୟ୍ଲା, “ଇସ୍ୱର୍ ଜଦି ନିଜ୍କଃରି
ତୁମାର୍ ଉବାଦି ଅୟ୍ରିଲେକ୍ ତୁମିମଃନ୍ ମକ୍ ଲାଡ୍ କଃଲାସ୍
ହୁଣି, ବଃଲେକ୍ ମୁୟ୍ ଇସ୍ୱର୍ ତଃୟ୍ହୁଣି ଆସି ଅଃବେ ଇତି ଆଚି,
ମୁୟ୍ ମର୍ ଅଃଦିକାରେ ନାସି, ମଃତର୍ ଇସ୍ୱର୍ ମକେ ହଃଟାୟ୍
ଆଚେ । 43 ମୁୟ୍ ଜାୟ୍ରି କଃଉଁଲେ, ତୁମିମଃନ୍ କାୟ୍ତାକ୍
ବୁଜୁ ନଃହାରୁଲାସ୍? କାୟ୍ତାକ୍ବଃଲେକ୍ ତୁମିମଃନ୍ ମର୍ ସିକ୍ୟା
ସୁଣି ସଃମ୍ବାଲୁ ନଃହାରୁଲାସ୍ । 44 ତୁମାର୍ ଉବାଦି ସୟ୍ତାନ୍,
ତାର୍ ଇଚା ହଃର୍କାରେ ତାର୍ କାମ୍ କଃରୁକେ ତୁମାର୍ ମଃନ୍;
ରାଜି ଉବୁଜ୍ଲା ଦିନ୍ ହୁଣି ସେ ନଃର୍ ମାରୁ ରିଲା, ଆର୍ ସେ
କଃବେ ସଃତ୍ ବାଟ୍ୟା ନଃରେୟ୍, କାୟ୍ତାକ୍ବଃଲେକ୍ ତାର୍
ତଃୟ୍ ସଃତ୍ ନାୟ୍, ଜଃଡେବଃଲ୍ ସେ ମିଚ୍ କୟ୍ଦ୍, ସଃଡେବଃଲ୍
ସେ ନିଜାର୍ ତଃୟ୍ହୁଣି କୟ୍ଦ୍ । କାୟ୍ତାକ୍ବଃଲେକ୍ ସେ ମିଚ୍
ଆର୍ ସେ ସଃବୁ ମିଚୁଆମଃନାର୍ ଉବାସି । 45 ମଃତର୍ ମୁୟ୍
ସଃତ୍ କଃଉଁଲାକ୍ ତୁମିମଃନ୍ ମକ୍ ବିସ୍ୱାସ୍ ନଃକେରୁଲାସ୍ ।
46 ମୁୟ୍ ହାହି ବଃଲି ତୁମାର୍ ବିତ୍ରେ କେ ମକ୍ ହଃର୍ମାଣ୍ ଦେଉଁ
ହାରେ? ମୁୟ୍ ଜଦି ସଃତ୍ କୟ୍ଦ୍ ତୁମିମଃନ୍ କାୟ୍ତାକ୍ ମକ୍
ବିସ୍ୱାସ୍ ନଃକେରୁଲାସ୍? 47 ଜେ ଇସ୍ୱରାର୍ ତଃୟ୍ହୁଣି ଜଃଲମ୍,
ସେ ଇସ୍ୱରାର୍ କଃତା ସୁଣେଦ୍, ତୁମିମଃନ୍ ଇସ୍ୱର୍ ତଃୟ୍ହୁଣି
ଜଃଲମ୍ ନଃଉଁଆସ୍, ସେତାକ୍ ମର୍ କଃତା ନଃସୁଣୁଲାସ୍ ।” 48
ଜିଉଦିମଃନ୍ ଜିସୁକେ କୟ୍ଲାୟ୍, “ତୁୟ୍ ଗଟେକ୍ ସମିରଣିୟ,
ଆର୍ ତକ୍ ଜେ ବୁତ୍ ଡଃସି ଆଚେ, ଇରି କାୟ୍ ଅଃମିମଃନ୍ ଟିକ୍
ନଃକଉଁଲୁ?” 49 ଜିସୁ ସେମଃନ୍କେ କୟ୍ଲା, “ନାୟ୍, ମକ୍
ବୁତ୍ ନଃଡେସେ, ମଃତର୍ ମୁୟ୍ ମର୍ ଉବାକ୍ ମାନ୍ତି କଃରୁଲେ,
ମଃତର୍ ତୁମିମଃନ୍ ମକ୍ ନଃମାନୁଲାସ୍ । 50 ମଃତର୍ ମୁୟ୍ ନିଜେ
ନିଜ୍କେ ଜଃଜ୍ମାନ୍ କଃରୁକେ ମଃନ୍ ନଃକେରି, ମଃତର୍ ଇ କଃତା
ମର୍ ଗିନେ ଆରେକ୍ ଗଟ୍ଲକ୍ ମଃନ୍ କଃରୁଲା, ଆର୍ ସେ ମର୍
ହାକ୍ ଅୟ୍ ବିଚାର୍ କଃରେଦ୍ । 51 ମୁୟ୍ ସଃତ୍ କଃଉଁଲେ, ଜେ
ମର୍ ସିକ୍ୟା ମାନେଦ୍, ସେ କଃବେ ହେଁ ମଃର୍ନ୍ ନଃଦେକେ ।” (aiōn
g165) 52 ଜିଉଦିମଃନ୍ ତାକ୍ କୟ୍ଲାୟ୍, “ଅଃବେ ଅଃମିମଃନ୍ ଟିକ୍
ଜାଣ୍ଲୁ ଜେ, ସଃତ୍କଃରି ତକ୍ ବୁତ୍ ଡଃସି ଆଚେ । ଅବ୍ରାହାମ୍
ଆର୍ ବାଚ୍ବାଦିମଃନ୍ ସଃବୁ ମଃଲାୟ୍ ଆର୍ ତୁୟ୍ କଃଉଁଲିସ୍, ଜେ
ତର୍ ସିକ୍ୟା ମାନେଦ୍ ସେ କଃବେ ହେଁ ମଃର୍ନାର୍ ଗଃନ୍ଦ ନାହାୟ୍
। (aiōn g165) 53 ତୁୟ୍ କାୟ୍ ଅଃମାର୍ ଉବା ଅବ୍ରାହାମ୍ ହୁଣି
ବଃଡ୍? ସେ ତ ମଃରି ଆଚେ, ବାଚ୍ବାଦିମଃନ୍ ହେଁ ମଃଲାୟ୍
ଆଚ୍ତି, ତୁୟ୍ ନିଜ୍କେ କାୟ୍ ବଃଲି ମଃନେ କଃରୁଲିସ୍?” 54 ଜିସୁ
ସେମଃନ୍କେ କୟ୍ଲା, “ମୁୟ୍ ଜଦି ନିଜ୍କେ ଜଃଜ୍ମାନ୍ କଃରୁଲେ,
ତଃବେ ମର୍ ଜଃଜ୍ମାନାର୍ କାୟ୍ ମଲ୍ ନାୟ୍, ଜେ ମର୍ ଜଃଜ୍ମାନ୍
କଃରୁଲା, ସେ ମର୍ ଉବା, ଜାକେ ତୁମିମଃନ୍ ତୁମାର୍ ଇସ୍ୱର୍
ବଃଲି କଃଉଁଲାସ୍ । 55 ତୁମିମଃନ୍ କଃବେ ତାକ୍ ନଃଜାଣାସ୍,
ମଃତର୍ ମୁୟ୍ ତାକ୍ ଜାଣି, ତାକ୍ ମୁୟ୍ ନଃଜାଣି ବଃଲି ଜଦି
କୟ୍ଦ୍, ତଃବେ ତୁମାର୍ ହର୍ ମୁୟ୍ ହେଁ ଗଟେକ୍ ମିଚୁଆ ଅୟ୍ନ୍ଦ ।
ମଃତର୍ ମୁୟ୍ ନିଜ୍କଃରି ତାକ୍ ଜାଣି ଆର୍ ତାର୍ କଃତା ମାନୁଲେ
। 56 ତୁମିମଃନାର୍ ଉବାଦି ଅବ୍ରାହାମ୍ ମର୍ ଆସ୍ତା ଦିନ୍ ଦଃକିନ୍ଦ
ବଃଲି ଆସା କଃରି ବଃଡେ ସଃର୍ଦା ଅୟ୍ରିଲା । ସଃତ୍କଃରି ସେ
ମକ୍ ଦଃକି ବଃଡେ ସଃର୍ଦା ଅୟ୍ରିଲା ।” 57 ସେତାକ୍ ଜିଉଦିମଃନ୍
ଜିସୁକେ କୟ୍ଲାୟ୍, “ତକ୍ ତ ଦୁୟ୍କଲି ଦଃସ୍ ବଃର୍ସ୍ ହେଁ ନାୟ୍,
ତୁୟ୍ କାୟ୍ ଅବ୍ରାହାମ୍କେ ଦଃକି ଆଚ୍ସି?” 58 ଜିସୁ ସେମଃନ୍କେ
କୟ୍ଲା, “ମୁୟ୍ ସଃତ୍ କଃଉଁଲେ, ଅବ୍ରାହାମାର୍ ଜଃଲମ୍ ହୁର୍ବେ
ମୁୟ୍ ଆଚି ।” 59 ସେତାକ୍ ଇରି ସୁଣି ସେମଃନ୍ ଜିସୁକେ ମାରୁକ୍
ଟେଳା ବେଚ୍ଲାୟ୍, ମଃତର୍ ଜିସୁ ସଃବୁ ଲକାର୍ ତଃୟ୍ହୁଣି
ହିଚ୍କିକଃରି ମନ୍ଦିରେ ହୁଣି ବାରାୟ୍ ଗଃଲା ।

9 ଗଟ୍ ଦିନ୍ ଜିସୁ ଜାତାବଃଲ୍ ବାଟେ ଗଟେକ୍ ଜଃଲମ୍ କାଣାକେ
ଦଃକ୍ଲା । 2 ଚେଲାମଃନ୍ ଜିସୁକେ ହଃଚାର୍ଲାୟ୍, “ଏ ଗୁରୁ,
କାର୍ ହାହ୍ ଗିନେ ଇ ଲକ୍ କାଣା ଅୟ୍ ଜଃଲମ୍ ଅୟ୍ଲା, ତାର୍
ନିଜାର୍ କି ତାର୍ ଆୟ୍ସି ଉବାସିର୍ ହାହାର୍ ଗିନେ?” 3 ଜିସୁ
କୟ୍ଲା, “ଏ କି ତାର୍ ଉବାସି ଆୟ୍ସି ହାହ୍ ନଃକେର୍ତି, ମଃତର୍
ଇସ୍ୱରାର୍ ସଃକ୍ତି ଜଃନ୍କଃରି ଆର୍ ତଃୟ୍ ଜାଣା ହଃଳେଦ୍, ଇତାର୍
ଗିନେ ସେ କାଣା ଅୟ୍ ଜଃଲମ୍ ଅୟ୍ଲା ଆଚେ । 4 ଦିନ୍ ବଃଳାର୍
ଉଜାଳ୍ ରେଉଁ ରେଉଁ ମର୍ ହଃଟାୟ୍ଲା ଉବାର୍ କାମ୍ ଅଃମିକ୍
କଃରୁକେ ହଃଳେଦ୍ । ରାତି ଆସୁଲି, ସଃଡେବଃଲ୍ କେ କାମ୍
କଃରୁ ନଃହାର୍ତି । 5 ଇ ଜଃଗତେ ରେତା ହଃତେକ୍ ମୁୟ୍
ଜଃଗତାର୍ ଉଜାଳ୍ ।” 6 ଇରି କୟ୍ଲା ହଃଚେ, ଜିସୁ ମାଟାୟ୍

ଲାଲ୍ ତୁକି ସେ ଲାଳେ କଽଣ୍ଡେକ୍ କାଦ କଽଲା ଆର୍ ସେରି ନଽୟ୍
ସେ କାଣାର୍ ଦୁୟ୍ ଅଽକାୟ୍ ଲାଗାୟ୍ ତାକ୍ କୟ୍ଲା, 7 “ଜାଆ,
ସିଲଅ ବଽନ୍ଦେ ମୁଉଁ ଦଽୟ୍ ଆଉ ।” ସିଲଅ ବଽଲେକ୍ ପେରିତ ।
ସେ ଲକ୍ ଜାୟ୍ ମୁଉଁ ଦୟ୍ଲା ଆର୍ ସେ ଦଽକୁକ୍ ହାର୍ଲା ଆର୍
ଗଽଲା । 8 ସେତାକ୍ ହାକି ହଽଲ୍ସା ଆର୍ ଜୁୟ୍ ଲକ୍ମଽନ୍ ତାକ୍
ବିକ୍ ମାଗ୍ତାର୍ ଦଽକି ରିଲାୟ୍, ସେମଽନ୍ ହଽଚାର୍ଲାୟ୍, “ଇ ଲକ୍
କାୟ୍ ବଽସି ବିକ୍ ମାଗ୍ତି ନଽରିଲା?” 9 କେ କେ କୟ୍ଲାୟ୍, “ଏ
ତ ସେ,” ଆର୍ କେ କେ କୟ୍ଲାୟ୍, “ନାୟ୍, ସେ ନାୟ୍, ମଽତର୍
ତାର୍ ହର୍ ଡିସୁଲା ।” ମଽତର୍ ସେ ଲକ୍ କୟ୍ଲା, “ମୁୟ୍ ହଽକା
ସେ ।” 10 ସେତାକ୍ ଲକ୍ମଽନ୍ ତାକ୍ ହଽଚାର୍ଲାୟ୍, “ତଽବେ ତୁୟ୍
କଽନ୍କଽରି ଦଽକୁ ହାରୁଲିସ୍?” 11 ସେ କୟ୍ଲା, “ଜାକେ ଜିସୁ
ବଽଲି କଽଉତି ସେ ଲକ୍ ମାଟାୟ୍ କାଦ ଚଽଟ୍କି ମର୍ ଜୁଳେକ୍
ଅଽକାୟ୍ ଲାଗାୟ୍ଲା, ଆର୍ ମକ୍ କୟ୍ଲା, ସିଲହକେ ଜାୟ୍ ମୁଉଁ
ଦୟ୍ଅଽଉ; ସେତାକ୍ ମୁୟ୍ ଗଽଲେ ଆର୍ ମୁଉଁ ଦଽୟ୍ ଅୟ୍ଲେ,
ଆର୍ ଆକି ଦଽକୁକ୍ ହାର୍ଲେ ।” 12 ସେମଽନ୍ ତାକ୍ ହଽଚାର୍ଲାୟ୍,
“ସେ କଽୟ୍?” ସେ ଲକ୍ କୟ୍ଲା, “ମୁୟ୍ ନଽଜାଣି ।” 13 ଆକି
ଦଽକୁ ହାର୍ଲା ସେ ଜଽଲମ୍ କାଣାକେ ଲକ୍ମଽନ୍ ପାରୁସିମଽନାର୍
ଲଽଗେ ନିଲାୟ୍ । 14 ଜିସୁ ଜୁୟ୍ ଦିନ୍ କାଦ ଲାଗାୟ୍ ତାର୍ ଆକି
ଦଽକାୟ୍ ରିଲା, ସେ ଦିନ୍ ବିସାଉଁଣିବାର୍ ରିଲି । 15 ତଽବେ
ପାରୁସିମଽନ୍ ଆରେକ୍ ତାକ୍ ହଽଚାର୍ଲାୟ୍, “କଽନ୍କଽରି ସେ ଆକି
ଦଽକୁକ୍ ହାର୍ଲା,” ସେତାକ୍ ସେ ସେମଽନ୍କେ କୟ୍ଲା, “ମର୍
ଆକି ଉହ୍ରେ ସେ କଽଣ୍ଡେକ୍ କାଦ ଲାଗାୟ୍ଲା, ମୁୟ୍ ଜାୟ୍ ଦଽୟ୍
ଆୟ୍ଲେ, ଆର୍ ମୁୟ୍ ଅଽବେ ଆକି ଦଽକୁ ହାରୁଲେ ।” 16
ସେତାକ୍ ପାରୁସିମଽନାର୍ ବିତ୍ରେ କେ କେ କୟ୍ଲାୟ୍, “ଜେ ଇ
ଚିନ୍ କଽରି ଆଚେ, ସେ ଇସ୍ୱର୍ ତଽୟ୍ହୁଣି ନାସେ, ବଽଲେକ୍
ସେ ବିସାଉଁଣିବାର୍ ଦିନ୍ ମେଣ୍ଡୁଲା ।” ଆର୍ କେ କେ କୟ୍ଲାୟ୍,
“ଗଟେକ୍ ହାହି ଲକ୍ କଽନ୍କଽରି ଇରଽକମ୍ କାବା ଅଽଉତା କାମ୍
କଽରୁହାରେ?” ଇ କଽତାର୍ ଗିନେ ତାକାର୍ ବିତ୍ରେ କଽତା ବିନ୍ବିନ୍
ଅୟ୍ଲି । 17 ସେତାକ୍ ପାରୁସିମଽନ୍ ଆରେକ୍ ସେ ଲକ୍କେ
ହଽଚାର୍ଲାୟ୍, “ଜେ ତକ୍ ଆକି ଦଽକାୟ୍ଲା ତାର୍ ବିସୟେ ତୁୟ୍
କାୟ୍ ବଽଲି କଽଉଁଲିସ୍?” ସେ ଲକ୍ କୟ୍ଲା, “ସେ ଗଟେକ୍
ବାବ୍ବାଦି ।” 18 ମଽତର୍ ସେ ଜେ ଜଽଲମେ ହୁଣି କାଣା ରିଲା
ଆର୍ ଆକି ଦଽକୁକ୍ ହାର୍ଲା ଇ କଽତା ତାର୍ ଉବାସି ଆୟ୍ସିକ୍
କୁଦି ନଽହେଚାର୍ତା ହଽତେକ୍ ଜିଉଦି ବଽଡ୍ ଲକ୍ମଽନ୍ ଇରି ସଽତ୍
ନଽକେଲାୟ୍ । 19 ସେତାକ୍ ସେମଽନ୍ ତାର୍ ଆୟ୍ସି ଉବାସିକ୍
ହଽଚାର୍ଲାୟ୍, “ତୁମାର୍ ଜୁୟ୍ ହଅ କାଣା ଅୟ୍ ଜଽଲମ୍ ଅୟ୍ ରିଲା
ବଽଲୁଲାସ୍, ଏ କାୟ୍ ତୁମାର୍ ସେ ହଅ? ତଽବେ ସେ ଅଽବେ
କଽନ୍କଽରି ଦଽକୁ ହାରୁଲା?” 20 ସେତାକ୍ ତାର୍ ଉବାସି ଆୟ୍ସି
କୟ୍ଲାୟ୍, “ହେଁ, ଅଽମିମଽନ୍ ଜାଣୁ, ସେ ଅଽମାର୍ ହଅ, ସେ
କାଣା ଅୟ୍ ଜଽଲମ୍ ଅୟ୍ରିଲା । 21 ମଽତର୍ ସେ କଽନ୍କଽରି
ଅଽବେ ଦଽକୁ ହାରୁଲା ଆର୍ କେ ତାକ୍ ଆକି ଦଽକାୟ୍ଲା, ସେରି
ଅଽମି ନଽଜାଣୁ, ତାକ୍ ହଽଚାରା, ସେ ତ ବେଣ୍ଡ୍ୟା ଅୟ୍ଲା ଆଚେ,
ଆର୍ ତାର୍ କଽତା ସେ ନିଜେ କଽଉ ହାରେ ।” 22 ସେଲକାର୍
ଉବାସି ଆୟ୍ସି ଜିଉଦି ବଽଡ୍ ଲକ୍ମଽନ୍କେ ଡିରି କଽରି ଇସଽବୁ
କଽତା କୟ୍ଲାୟ୍, କାୟ୍ତାକ୍ବଽଲେକ୍ ଜଦି କେ ଜିସୁକେ କ୍ରିସ୍ଟ
ବଽଲି ମାନେଦ୍, ତଽବେ ତାକେ ଦଽଳେ ହୁଣି ବାର୍ କଽରା ଅୟ୍ଦ୍;
ଇରି ଜିଉଦିମଽନ୍ ଆଗେ ଟିକ୍ କଽରି ରିଲାୟ୍ । 23 ସେତାକ୍
ତାର୍ ଉବାସି ଆୟ୍ସି କୟ୍ଲାୟ୍, “ତାର୍ ବଽୟ୍ସ୍ ଅୟ୍ଆଚେ
ତାକ୍ ହଽଚାରା ।” 24 ସେତାକ୍ ସେମଽନ୍ ସେ ଜଽଲମ୍ କାଣାକେ
ଆରେକ୍ ଗଟ୍ତର୍ କୁଦି କୟ୍ଲାୟ୍, “ଇସ୍ୱର୍କେ ଜଽଜ୍ମାନ୍
କଽରୁଲିସ୍ ତାର୍ ଚଽମେ ସଽୟ୍ତ୍ କଽରି କଽଉ, ଅଽମି ଜାଣୁ
ଜୁୟ୍ ଲକ୍ ତକ୍ ଆକି ଦଽକାୟ୍ଲା ସେ ଗଟେକ୍ ହାହି ।” 25
ସେ ଲକ୍ କୟ୍ଲା, “ସେ ହାହି କି ନାୟ୍ ମୁୟ୍ ନଽଜାଣି, ଗଟେକ୍
କଽତା ହଽକା ଜାଣି, ମୁୟ୍ କାଣା ରିଲେ ଅଽବେ ଦଽକୁ ହାରୁଲେ
।” 26 ସେତାକ୍ ସେମଽନ୍ ତାକ୍ ହଽଚାର୍ଲାୟ୍, “ତକ୍ ସେ କାୟ୍
କଽଲା, କଽନ୍କଽରି ସେ ତର୍ ଆକି ମେଲା କଽଲା?” 27 ସେଲକ୍
ସେମଽନ୍କେ କୟ୍ଲା, “ମୁୟ୍ କୟ୍ ସଽର୍ଲେନି, ମଽତର୍ ତୁମିମଽନ୍
ସେ କଽତା ସୁଣୁକ୍ ମଽନ୍ ନଽକେଲାସ୍, ଆରେକ୍ ଗଟ୍ତର୍ ସୁଣୁକ୍
କାୟ୍ତାକ୍ ମଽନ୍ କଽରୁଲାସ୍? ତୁମି ହେଁ କାୟ୍ ତାର୍ ଚେଲା
ଅଽଉଁକେ ମଽନ୍ କଽରୁଲାସ୍?” 28 ସେତାକ୍ ସେମଽନ୍ ତାକ୍
ସାୟ୍ପ୍ ଦଽୟ୍ କୟ୍ଲାୟ୍, “ତୁୟ୍ ସିନା ତାର୍ ଚେଲା, ଅଽମି
ମସାର୍ ଚେଲା । 29 ଅଽମି ଜାଣିଆଚୁ ଇସ୍ୱର୍ ମସାର୍ ସଽଙ୍ଗ୍
କଽତାବାର୍ତା କଽରି ରିଲା, ମଽତର୍ ସେ ଲକ୍ କୁୟ୍ତି ହୁଣି ଆସି
ଆଚେ, ସେରି ହେଁ ଅଽମି ନଽଜାଣୁ ।” 30 ସେ ମାନାୟ୍ କୟ୍ଲା,
“ଇରି ବଽଡେ କାବା ଅଽଉତା କାତା, ସେ ମକ୍ ଆକି ଦଽକାୟ୍ଲା,
ଅୟ୍ଲେକ୍ ହେଁ ସେ କୁୟ୍ତି ହୁଣି ଆସି ଆଚେ ତୁମିମଽନ୍ ଇରି
ନଽଜାଣାସ୍ । 31 ଅଽମି ଜାଣୁ ଇସ୍ୱର୍ ହାହିମଽନାର୍ କଽତା
ନଽସୁଣେ, ମଽତର୍ ଜଦି କେ ଇସ୍ୱର୍କେ ସେବା କଽରେଦ୍ ଆର୍
ତାର୍ ଇଚା ସାଦୁନ୍ କଽରେଦ୍, ତାର୍ କଽତା ହଽକା ଇସ୍ୱର୍ ସୁଣେଦ୍
। 32 ଜଽଗତାର୍ ଉବ୍ଜାଣ୍ ଅୟ୍ଲା ହୁର୍ବେ ହୁଣି କଽବେ ହେଁ
ଜଽଲମ୍ କାଣାକେ ଆକି ଦଽକାୟ୍ଲାର୍ ସୁଣା ଜାୟ୍ ନଽରିଲି ।
(aiōn g165) 33 ଏ ଇସ୍ୱର୍ ତଽୟ୍ହୁଣି ଆସି ନଽରିଲେକ୍, ସେ
କଽବେ ଇ କାମ୍ କଽରୁ ନାହାର୍ଲା ହୁଣି ।” 34 ସେମଽନ୍ ତାକ୍
କୟ୍ଲାୟ୍, “ତୁୟ୍ ତ ହୁରା ହାହେ ଜଽଲମ୍ ଅୟ୍ ହାହେ ବାଡି
ଆଚ୍ସି, ଆର୍ ତୁୟ୍ ଅଽମିକ୍ ସିକ୍ୟା ଦେଉଁଲିସ୍?” ଇରି କୟ୍
ସେମଽନ୍ ତାକ୍ ପାର୍ତ୍ନା ଗଽରେ ହୁଣି ବାର କଽଲାୟ୍ । 35 ଜିଉଦି
ବଽଡ୍ ଲକ୍ମଽନ୍ ତାକ୍ ପାର୍ତ୍ନା ଗଽରେ ହୁଣି ବାର କଽରି ଆଚ୍ତି,
ଜିସୁ ଇରି ସୁଣି ଆରେକ୍ ଗଟ୍ତର୍ ସେ ଲକ୍କେ ବେଟ୍ ହାୟ୍ ତାକ୍
ହଽଚାର୍ଲା, “ତୁୟ୍ କାୟ୍ ନଽରାର୍ ହୟ୍ସିକ୍ ବିସ୍ୱାସ୍ କଽରୁଲିସ୍?”
36 ସେ କୟ୍ଲା, “ଏ ମାପ୍ରୁ, ସେ କେ ମକ୍ କଽଉ, ଜଽନ୍କଽରି
ମୁୟ୍ ତାକ୍ ବିସ୍ୱାସ୍ କଽରିନ୍ଦ ।” 37 ଜିସୁ ତାକ୍ କୟ୍ଲା, “ତୁୟ୍
ତାକ୍ ଦଽକି ଆଚ୍ସି, ତର୍ ସଽଙ୍ଗ୍ ଅଽବେ ଜେ କଽତା କଽଉଁଲା,

ସେ ହଃକା ସେ ଲକ୍ ।” 38 ସେତାକ୍ ସେ କୟ୍ଲା, “ମାପ୍ରୁ ମୁୟ୍
ବିସ୍ୱାସ୍ କଃରୁଲେ ।” ଆର୍ ସେ ଇରି କୟ୍ ଜିସୁର୍ ହାଦେ ଢୁଲି
ଜୁଆର୍ କଃଲା । 39 ଆରେକ୍ ଜିସୁ କୟ୍ଲା, “ନଃଦେକ୍ତା ଲକ୍
ଜଃନ୍କଃରି ଦଃକ୍ତି ଆର୍ ଦଃକ୍ତା ଲକ୍ ଜଃନ୍କଃରି କାଣା
ଅଃଉତି, ମାନାୟ୍ ମଃନାର୍ ଇ ବିଚାର୍ ଗିନେ ମୁୟ୍ ଜଃଗତ୍କେ
ଆସିଆଚି ।” 40 ସେତି ରିଲା କଃତେକ୍ ପାରୁସିମଃନ୍ ଇ କଃତା
ସୁଣି ତାକ୍ କୟ୍ଲାୟ୍, “ଅଃମି ହେଁ କାୟ୍ କାଣା?” 41 ଜିସୁ
ସେମଃନ୍କେ କୟ୍ଲା, “କାଣା ଅୟ୍ରିଲେକ୍ ତୁମିମଃନ୍ ହାହି
ନୟ୍ଲାସ୍ ହୁଣି । ମଃତର୍ ଦଃକୁ ହାରୁଲାସ୍ ବଃଲି କଃଉଁଲାସ୍,
ସେତାକ୍ ତୁମିମଃନ୍ ଅଃଦିକ୍ ଦସି ।”

**10** ଜିସୁ କୟ୍ଲା, “ମୁୟ୍ ସଃତ୍ କଃଉଁଲେ, ଜୁୟ୍ ଲକ୍ ଦୁଆର୍
ବାଟ୍ ଅୟ୍ ମେଣ୍ଢା ସାଲେ ନଃହୁରି, ବିନ୍ ବାଟ୍ କଃତି
ଡଃଗାୟ୍ ହୁରେଦ୍, ସେ ଚର୍ ଆର୍ କଃଙ୍ଗାର୍ । 2 ମଃତର୍ ଜେ
ଦୁଆର୍ ବାଟ୍ ଅୟ୍ ହୁରେଦ୍, ସେ ମେଣ୍ଢା ମଃନ୍ଦାର୍ ଗଃଉଳିଆ ।
3 ଜାଗୁଆଳି ତାର୍ ଗିନେ ଦୁଆର୍ ଉଗାଳି ଦଃୟ୍ଦ୍, ଆର୍ ସେ
ନିଜାର୍ ମେଣ୍ଢାମଃନ୍କେ ନାଉଁ ଦଃରି କୁଦ୍ଲେକ୍ ସେମଃନ୍ ତାର୍
କଃତା ସୁଣ୍ତି, ଆର୍ ସେ ମେଣ୍ଢାମଃନ୍କେ ହଃଦାୟ୍ ବାଟ୍ କାଡାୟ୍
ନଃୟ୍ଦ୍ । 4 ମେଣ୍ଢାମଃନ୍କେ ହଃଦାୟ୍ ଆଣ୍ତା ବଃଲ୍ ଆଗେ
ଆଗେ ଗଃଉଳିଆ ଇଣ୍ଢେଦ୍ ଆର୍ ମେଣ୍ଢାମଃନ୍ ତାର୍ ହଃଚେ
ହଃଚେ ଇଣ୍ଡତି, କାୟ୍ତାକ୍ବଃଲେକ୍ ସେମଃନ୍ ତାର୍ କୁଦ୍ତାର୍
ଚିନ୍ତି । 5 ମେଣ୍ଢାମଃନ୍ ନଃଚିନ୍ଲା ଲକାର୍ ହଃଚେ ହଃଚେ
କଃବେ ହେଁ ନଃଜାତି, ମଃତର୍ ତାର୍ ଚଃମେହୁଣି ହଃଳାୟ୍ ଜାତି,
କାୟ୍ତାକ୍ବଃଲେକ୍ ସେମଃନ୍ ତାର୍ ଟଣ୍ଡ ନଃଚିନ୍ତି ।” 6 ଜିସୁ
ସେମଃନ୍କେ କଃତାୟ୍ କୟ୍ ଇରି କୟ୍ରିଲା, ମଃତର୍ ଲକ୍ମଃନ୍
ସେସଃବୁ କାୟ୍ରି ବଃଲି ବୁଜୁ ନଃହାୟ୍ଲାୟ୍ । 7 ସେତାକ୍
ଜିସୁ ଆରେକ୍ କୟ୍ଲା, “ମୁୟ୍ ତୁମିକେ ସଃତ୍ କଃଉଁଲେ, ମୁୟ୍
ମେଣ୍ଢାମଃନାର୍ ଦୁଆର୍ । 8 ଜୁୟ୍ ଲକ୍ମଃନ୍ ମର୍ ଆଗ୍ତୁ ଆସି
ଆଚ୍ତି ସେମଃନ୍ ସଃବୁ ଚର୍ ଆର୍ ଜୁରିୟା, ମଃତର୍ ମେଣ୍ଢାମଃନ୍
ସେମଃନାର୍ କଃତା ନଃସୁଣ୍ଲାୟ୍ । 9 ମୁୟ୍ ଅଃଉଁଲେ ଦୁଆର୍,
ଜେ ମର୍ ବାଟ୍ ଅୟ୍ ହୁରେଦ୍ ସେ ମୁକ୍ତି ହାୟ୍ଦ୍; ଆରେକ୍
ବିତ୍ରେ ଆସେଦ୍ ଆର୍ ହଃଦାୟ୍ ଜାୟ୍ ଚାରା ହାୟ୍ଦ୍ । 10
ଚର୍ ଚରୁକ୍, ମାରୁକ୍ ଆର୍ ନାସ୍ କଃରୁକେ ଆସେଦ୍; ସେମଃନ୍
ଜଃନ୍କଃରି ଜିବନ୍ ହାଉତି ଆର୍ ଜଃବର୍ କଃରି ହାଉତି, ଇତାର୍
ଗିନେ ମୁୟ୍ ଆସିଆଚି ।” 11 “ମୁୟ୍ ନିକ ମେଣ୍ଢା ଗଃଉଳିଆ,
ମେଣ୍ଢାମଃନାର୍ ଗିନେ ମର୍ ଜିବନ୍ ଦଃୟ୍ନ୍ଦ । 12 ଜେ ମେଣ୍ଢା
ଗଃଉଳିଆ ନାୟ୍, ସେ ବୁତ୍ୟାର୍ ଗିନେ ବୁତି ହାଉଁକେ ମେଣ୍ଢା
ଚଃରାୟ୍ଦ୍, ସେତାକ୍ ମେଣ୍ଢାମଃନ୍ ଜାର୍ ନିଜାର୍ ନାୟ୍, ସେ
ବାଗ୍ ଆୟ୍ଲେକ୍ ମେଣ୍ଢାମଃନ୍କେ ଚାଡି ହଃଳାୟ୍ଦ୍ ଆର୍ ବାଗ୍
ସେମଃନ୍କେ ଦଃରି କାୟ୍ଦ୍, ଆର୍ ମେଣ୍ଢାମଃନ୍କେ ଜଃତ୍କଃତ୍
କଃରେଦ୍ । 13 କାୟ୍ତାକ୍ବଃଲେକ୍ ସେ ବୁତ୍ୟାର୍ ଲାଗି ବଃର୍ତାନ୍
ହାଉଁକ୍ ମେଣ୍ଢା ଚଃରାୟ୍ଦ୍, ତଃବେ ସେ ମେଣ୍ଢାମଃନାର୍ ଗିନେ
ଚିତା ନଃକେରେ । 14 ମୁୟ୍ ନିକ ମେଣ୍ଢା ଗଃଉଳିଆ, ଉବା
ଜଃନ୍କଃରି ମକ୍ ଜାଣିଆଚେ ଆର୍ ମୁୟ୍ ଉବାକ୍ ଜାଣି । 15
ମୁୟ୍ ସେନ୍କଃରି ମର୍ ମେଣ୍ଢାମଃନ୍କେ ଜାଣି ଆର୍ ସେମଃନ୍ ହେଁ
ମକ୍ ଜାଣ୍ତି । ଆର୍ ମୁୟ୍ ସେମଃନାର୍ ଗିନେ ଜିବନ୍ ଦେଉଁକ୍
ରାଜି ଆଚି । 16 ଜୁୟ୍ ମେଣ୍ଢାମଃନ୍ ଇ ସାଲେ ହୁଣି ନୟ୍, ମର୍
ଇବାନ୍ୟା ଆରେକ୍ ବିନ୍ ମେଣ୍ଢାମଃନ୍ ଆଚ୍ତି, ସେମଃନ୍କେ ହେଁ
ମକ୍ ଆଣୁକେ ଅୟ୍ଦ୍, ଆରେକ୍ ସେମଃନ୍ ମର୍ ଟଣ୍ଡ ସୁଣ୍ତି,
ତଃବେ ଗଟେକ୍ ମଃନ୍ଦା ଆର୍ ଗଟେକ୍ ଗଃଉଳିଆ ଅୟ୍ଦ୍ ।”
17 “ମୁୟ୍ ମର୍ ଜିବନ୍ ଦେଉଁକ୍ ମଃନ୍ କଃରୁଲେ, ତଃବେ ଉବା
ମକ୍ ଲାଡ୍ କଃରୁଲା, ଆର୍ ମୁୟ୍ ମର୍ ଜିବନ୍ ଆରେକ୍ ହାଉଁକ୍
ସେରି ଦଃୟ୍ନ୍ଦ । 18 ମର୍ ଜିବନ୍କେ କେ ମର୍ ତଃୟ୍ହୁଣି
ନେଉଁକ୍ ନାହାରେ । ମଃତର୍ ମୁୟ୍ ନିଜେ ମଃନ୍କଃରି ମର୍
ଜିବନ୍ ଦଃୟ୍ନ୍ଦ । ନିଜାର୍ ଜିବନ୍ ଦେଉଁକ୍ ଆର୍ ତାକ୍ ବାଉଳାୟ୍
ଆଣୁକେ ମର୍ ଅଃଦିକାର୍ ଆଚେ, ଇରି କଃରୁକେ ମର୍ ଉବା
ମକ୍ ଆଦେସ୍ ଦଃୟ୍ଆଚେ ।” 19 ଜିସୁର୍ ଇ କଃତାର୍ ଗିନେ
ଆରେକ୍ ଜିଉଦି ଲକ୍ମଃନାର୍ ବିତ୍ରେ କଃତା ବିନ୍ବିନ୍ ଅୟ୍ଲି ।
20 ସେମଃନାର୍ ବିତ୍ରେ କଃତେକ୍ ଲକ୍ କୟ୍ଲାୟ୍, “ତାକ୍ ବୁତ୍
ଡଃସି ଆଚେ, ସେ ଗଟେକ୍ ବଃୟ୍ଆ! ତାର୍ କଃତା କାୟ୍ତାକ୍
ସୁଣୁଲାସ୍ ।” 21 ବିନ୍ ଲକ୍ମଃନ୍ କୟ୍ଲାୟ୍, “ବୁତ୍ ଡଃସ୍ଲାର୍
ଲକ୍ ଅଃନ୍କା କଃତା ନଃକୟ୍ଲା ହୁଣି, ଆରେକ୍ ବୁତ୍ କାୟ୍
କାଣାକେ ଆକି ଦଃକାଉଁ ହାରେ?” 22 ସଃଡେବଃଲ୍ ସିତ୍ ମାସ୍,
ଆର୍ ଜିରୁସାଲମ୍ ମନ୍ଦିରେ ହୁର୍ତା ହଃର୍ବ୍ ଅଃଉତି ରିଲି । 23 ଆର୍
ଜିସୁ ମନ୍ଦିରେ ସଲ୍ମନ୍ ହିଣ୍ଡା ଉହ୍ରେ ବୁଲ୍ତି ରିଲା । 24 ସେତି
ଜିଉଦିମଃନ୍ ଜିସୁକେ ଚାରିହାକ୍ ବେଳି ହଃଚାର୍ଲାୟ୍, “ଆର୍ କଃତି
ଦିନ୍ ଅଃମିମଃନ୍କ୍ ଲୁକାୟ୍ ରେସି? ଜଦି ତୁୟ୍ ହଃରାଣ୍ କ୍ରିସ୍ଟ,
ତଃବେ ସଃତ୍ କଃରି ଅଃମିକ୍ କଃଉ ।” 25 ଜିସୁ ସେମଃନ୍କେ
କୟ୍ଲା, “ମୁୟ୍ ତୁମିମଃନ୍କେ ଆଗେ କୟ୍ ସଃର୍ଲେନି, ମଃତର୍
ତୁମିମଃନ୍ ବିସ୍ୱାସ୍ ନଃକେରୁଲାସ୍ । ଉବା ତଃୟ୍ହୁଣି ଅଃଦିକାର୍
ହାୟ୍ ମୁୟ୍ ଜୁୟ୍ ସଃବୁ କାମ୍ କଃରୁଲେ, ସେରି ମର୍ ନାଉଁଏ
ସାକି ଦେଉଁଲି । 26 ମଃତର୍ ତୁମିମଃନ୍ ବିସ୍ୱାସ୍ ନଃକେରୁଲାସ୍,
କାୟ୍ତାକ୍ବଃଲେକ୍ ତୁମି ମର୍ ମେଣ୍ଢା ନାୟ୍ । 27 ମର୍ ମଃନ୍ଦାର୍
ମେଣ୍ଢାମଃନ୍ ମର୍ ଟଣ୍ଡ ସୁଣ୍ତି, ଆର୍ ମୁୟ୍ ସେମଃନ୍କେ ଜାଣି
ଆର୍ ସେମଃନ୍ ମର୍ ହଃଚେ ହଃଚେ ଆସ୍ତି । 28 ଆରେକ୍ ମୁୟ୍
ସେମଃନ୍କେ ଅଃମ୍ରର୍ ଜିବନ୍ ଦଃୟ୍ନ୍ଦ, ଆର୍ ସେମଃନ୍ କଃବେ
ନଃସ୍ଟ ନଃଉତି । ଆର୍ ସେମଃନ୍କେ ମର୍ ତଃୟ୍ହୁଣି କେ ଚାଡାୟ୍
ନେଉଁ ନଃହାର୍ତି । **(aiōn g165, aiōnios g166)** 29 ମର୍ ଉବା ମକ୍
ଜାୟ୍ରି ଦଃୟ୍ଆଚେ, ସେରି ସଃବୁ ତଃୟ୍ହୁଣି ବଃଡେ ମଲ୍, ଆର୍
ଉବାର୍ ଆତେ ହୁଣି କେ ସେରି ଚାଡାୟ୍ ନେଉଁ ନାହାରେ । 30
ଉବା ଆର୍ ମୁୟ୍ ଏକ୍ ।” 31 ଇ କଃତା ସୁଣି ଜିଉଦିମଃନ୍ ଜିସୁକେ
ମାରୁକ୍ ଆରେକ୍ ଟେଳା ବେଟ୍ଲାୟ୍ । 32 ଜିସୁ ସେମଃନ୍କେ
କୟ୍ଲା, “ଉବାର୍ ବଲେ ମୁୟ୍ ତୁମାର୍ ବିତ୍ରେ ଗାଦେକ୍ ନିକ କାମ୍

କ୪ରିଆଚି, ତାର୍ ବିତ୍ରେ କୁୟ୍ ନିକ କାମାର୍ ଗିନେ ମକେ ମାରୁକ୍
ଟେଳା ବେଟି ଆଚାସ୍?” 33 ଜିଉଦିମ୪ନ୍ ତାକ୍ କୟ୍ଲାୟ୍, “ତର୍
ନିକ କାମାର୍ ଗିନେ ନାୟ୍ ମ୪ତର୍ ଇସ୍ୱର୍ ଲିନ୍ଦାର୍ ଗିନେ, ତୁୟ୍
ଗଟ୍ ସାନ୍ ଲକ୍, ମ୪ତର୍ ନିଜ୍‌କେ ଇସ୍ୱର୍ ସ୪ମାନ୍ କ୪ରୁଲିସ୍
।” 34 ଜିସୁ ସେମ୪ନ୍‌କେ କୟ୍ଲା, “ତୁମାର୍ ବିଦିତ୪ୟ୍ ଲେକା
ଆଚେ, ଇସ୍ୱର୍ କ୪ଉଁଲା, ‘ତୁମିମ୪ନ୍ ଇସ୍ୱର୍‌ମ୪ନ୍ ।’ 35 ଜୁୟ୍
ଲକ୍‌ମ୪ନାର୍ ଲ୪ଗେ ଇସ୍ୱରାର୍ ବ୪ଚନ୍ ଆୟ୍ଲି, ସେମ୪ନ୍‌କେ
ଇତି ଇସ୍ୱର୍‌ମ୪ନ୍ ବ୪ଲି କୟ୍ଲା । ଆର୍ ଦ୪ର୍ମ୍ ସାସ୍ତର୍ ତ୪ୟ୍‌ର୍
କ୪ତା କାଟାଜ୍‌ଉଁ ନାହାରେ । 36 ତ୪ନ୍‌ଅଲେ ଜାକେ ଇସ୍ୱର୍
ପବିତ୍ର କ୪ରି ଜ୪ଗତ୍‌କେ ହ୪ଟାୟ୍ ଆଚେ, ତାକେ ତୁମିମ୪ନ୍,
‘ମୁୟ୍ ଇସ୍ୱରାର୍ ହୟ୍‌ସି,’ ଇରି ମୁୟ୍ କୟ୍ଲାକ୍, ତୁୟ୍ ଇସ୍ୱର୍ ଲିନ୍ଦା
କ୪ରୁଲିସ୍ ବ୪ଲି କ୪ଉଁଲାସ୍? 37 ଜଦି ମୁୟ୍ ମର୍ ଉବାର୍ ଇଚା
ହ୪ର୍କାରେ କାମ୍ ନ୪କେରୁଲେ, ତ୪ବେ ମକ୍ ବିସ୍ୱାସ୍ କ୪ରା ନାୟ୍
। 38 ମ୪ତର୍ ଜଦି ମୁୟ୍ ତାର୍ ଇଚା ହ୪ର୍କାରେ କାମ୍ କ୪ରୁଲେ,
ତ୪ବେ ମକ୍ ବିସ୍ୱାସ୍ ନ୪କେଲେକ୍ ହେଁ ଉବା ଜେ ମର୍ ତ୪ୟ୍
ଆଚେ ଆର୍ ମୁୟ୍ ଉବା ତ୪ୟ୍ ଆଚି, ଇରି ଜ୪ନ୍‌କ୪ରି ତୁମିମ୪ନ୍
ଜାଣାସ୍ ଆର୍ ବୁଜାସ୍ ଇତାର୍ ଗିନେ ମର୍ କାମ୍ ସ୪ବୁକ୍ ବିସ୍ୱାସ୍
କ୪ରା ।” 39 ସେତାକ୍ ସେମ୪ନ୍ ତାକ୍ ଆରେକ୍ ଗଟ୍‌ତର୍ ଦ୪ରୁକ୍
ଚେସ୍ଟା କ୪ଲାୟ୍, ମ୪ତର୍ ଜିସୁ ସେମ୪ନାର୍ ତ୪ୟ୍‌ହୁଣି କ୪ସ୍ରି
ଗ୪ଲା । 40 ଇତାର୍ ହ୪ଚେ ଜିସୁ ଆରେକ୍ ଜର୍ଦନ୍ ଗାଡାର୍
ସେହାଟି ଗ୪ଲା, ଆର୍ ବାପ୍ତିସମ୍ ଦେତା ଜହନ୍ ହ୪ର୍ତୁ ଜୁୟ୍‌ଟାଣେ
ବାପ୍ତିସମ୍ ଦେତିରିଲା ସେତି ଜାୟ୍ ରିଲା । 41 ଆର୍ ତାର୍ ଲ୪ଗେ
ଗାଦେକ୍ ଲକ୍ ଆୟ୍ଲାୟ୍, ସେମ୪ନ୍ କ୪ଉଆକଇ ଅୟ୍ଲାୟ୍,
“ଜହନ୍ ନିଜେ କାବା ଅ୪ଉତା ଚିନ୍ କ୪ରି ନ୪ରିଲା, ମ୪ତର୍ ଇ
ଲକାର୍ କ୪ତା ଜାୟ୍‌ରି କୟ୍‌ରିଲା ସେସ୪ବୁ ସ୪ତ୍ ।” 42 ଆର୍
ସେତି ଜିସୁକେ ଗାଦେକ୍ ଲକ୍ ବିସ୍ୱାସ୍ କ୪ଲାୟ୍ ।

# 11

ବେତାନିଆ ଗାଉଁଆର୍ ଲାଜାର୍ ନାଉଁଆର୍ ଗଟେକ୍ ଲକ୍
ମ୪ଲୁ ହ୪ଳି ରିଲା; ମରିୟମ୍ ଆର୍ ତାର୍ ବେଣ୍‌ସି ମାର୍ତା
ସେ ଗାଉଁଏ ରେତିରିଲାୟ୍ । 2 ଜୁୟ୍ ମାୟ୍‌ଜି ଜିସୁ ମାପ୍ରୁର୍
ହାଦେ ବାସ୍ନା ଚିକଣ୍ ଡାଳି ନିଜାର୍ ମୁଣ୍ଡାର୍ ବାଳେ ଜିସୁର୍ ହାଦ୍
ହୁଚ୍‌ଲି, ଇରି ସେ ମରିୟମ୍; ତାର୍ ବାୟ୍‌ସି ଲାଜାର୍ ମ୪ଲୁ
ହ୪ଳି ରିଲା । 3 ତ୪ବେ ସେ ଦୁୟ୍ ବେଣି ଜିସୁର୍ ହାକ୍ କବୁର୍
ହ୪ଟାୟ୍ଲାୟ୍, “ମାପ୍ରୁ ଦ୪କ୍ ଜାକେ ତୁୟ୍ ଲାଡ୍ କ୪ରୁଲିସ୍, ସେ
ମ୪ଲୁ ହ୪ଳି ଆଚେ ।” 4 ମ୪ତର୍ ଜିସୁ ଇରି ସୁଣିକ୪ରି କୟ୍ଲା,
“ଇ ଜ୪ର୍ ମ୪ରୁକ୍ ନୟ୍, ମ୪ତର୍ ଇସ୍ୱରାର୍ ଜ୪ଜ୍‌ମାନାର୍ ଗିନେ,
ସେତାର୍‌ଗିନେ ଜ୪ନ୍‌କ୪ରି ଇସ୍ୱରାର୍ ଜ୪ଜ୍‌ମାନ୍ ଅ୪ଉତା ସ୪ଙ୍ଗ
ଇସ୍ୱରାର୍ ହୟ୍‌ସି ହେଁ ଜ୪ଜ୍‌ମାନ୍ ହାୟ୍‌ଦ୍ ।” 5 ଜିସୁ ମାର୍ତା ଆର୍
ତାର୍ ବେଣ୍‌ସି, ମରିୟମ୍ ଆର୍ ଲାଜାର୍‌କେ ଲାଡ୍ କ୪ର୍ତିରିଲା ।
6 ତ୪ବେ ଲାଜାର୍ ମ୪ଲୁ ହ୪ଳି ଆଚେ ବ୪ଲି ଜିସୁ ସୁଣ୍‌ଲାକ୍
ହେଁ, ସେ ଜୁୟ୍ ଜ୪ଗାୟ୍ ରିଲା, ସେତି ଆରେକ୍ ଦୁୟ୍ ବିନ୍
ର୪ୟ୍‌ଗ୪ଲା । 7 ଦୁୟ୍ ଦିନାର୍ ହ୪ଚେ ଜିସୁ ଚେଲାମ୪ନ୍‌କେ
କୟ୍ଲା, “ଅ୪ମିମ୪ନ୍ ଜିଉଦାକେ ବାଉଳି ଜୁଆଁ ।” 8 ଚେଲାମ୪ନ୍
ଜିସୁକେ କୟ୍ଲାୟ୍, “ଏ ଗୁରୁ, ଜିଉଦିମ୪ନ୍ କ୪ତିଦିନ୍ ତ୪ଳେ
ତକ୍ ଟେଳା ସୁତ୍ରି ମାରୁକ୍ ଚେସ୍ଟା କ୪ର୍ତି ରିଲାୟ୍, ସେତି କାୟ୍
ଆରେକ୍ ଗଟ୍‌ତର୍ ବାଉଳି ଜ୪ଉଁକେ ମ୪ନ୍ କ୪ରୁଲିସ୍?” 9
ଜିସୁ ସେମ୪ନ୍‌କେ କୟ୍ଲା, “ଦିନ୍ କାୟ୍ ବାର ଗ୪ଟା ନାୟ୍?
ଜେ ଦିନ୍ ବ୪ଲ୍ ବାଟ୍ ଇଣ୍ଡେଦ୍ ସେ ଜଟ୍ୟାୟ୍ ନୟ୍, ବ୪ଲେକ୍
ସ୪ଡେବ୪ଲ୍ ଉଜାଲ୍ ଜ୪ଗତ୍‌କେ ଦେତି ର୪ୟ୍‌ଦ୍ । 10 ମ୪ତର୍
ରାତି ବ୪ଲ୍ ଇଣ୍ଡଲେକ୍ ସେ ଜଟ୍ୟାୟ୍‌ଅୟ୍‌ଦ୍, ବ୪ଲେକ୍ ତାର୍
ତ୪ୟ୍ ଉଜାଲ୍ ନାୟ୍ ।” 11 ଜିସୁ ଇସ୪ବୁ କ୪ତା କୟ୍ଲା ହ୪ଚେ,
ଚେଲାମ୪ନ୍‌କେ ଆରେକ୍ କୟ୍ଲା, “ଅ୪ମାର୍ ସ୪ଙ୍ଗବାୟ୍ ଲାଜାର୍
ନିଦୟ୍ଲା ଆଚେ, ମ୪ତର୍ ମୁୟ୍ ତାକ୍ ନିଦେ ହୁଣି ଉଟାଉତା
ହାଁୟ୍ ଜ୪ଉଁଲେ ।” 12 ସେତାକ୍ ଚେଲାମ୪ନ୍ ଜିସୁକେ କୟ୍ଲାୟ୍,
“ମାପ୍ରୁ, ଜଦି ସେ ନିଦୟ୍ଲା ଆଚେ, ତ୪ନ୍‌ଅୟ୍ଲେକ୍ ସେ ଉଜ୍
ଅୟ୍ ଉଟେଦ୍ ।” 13 ଜିସୁ ଲାଜାରାର୍ ମ୪ର୍ନ୍ କ୪ତା କୟ୍‌ରିଲା,
ମ୪ତର୍ ସେ ନିଦେ ସୟ୍‌ରିଲା କ୪ତା କୟ୍ଲା ବ୪ଲି ସେମ୪ନ୍
ମ୪ନେ ବାବ୍‌ଲାୟ୍ । 14 ତ୪ବେ, ଜିସୁ ସ୪ଡେବ୪ଲ୍ ନିକ କ୪ରି
ବୁଜାୟ୍ କୟ୍ଲା, “ଲାଜାର୍ ମ୪ରି ଆଚେ; 15 ଆର୍ ମୁୟ୍ ଜେ ସେ
ଜ୪ଗାୟ୍ ନ୪ରିଲେ, ଜ୪ନ୍‌କ୪ରି ତୁମିମ୪ନ୍ ବିସ୍ୱାସ୍ କ୪ରାସ୍,
ଇତାର୍ ଗିନେ ତୁମାର୍ ଗିନେ ସ୪ର୍ଦା କ୪ରୁଲେ; ଜୁଆଁ, ଅ୪ମିମ୪ନ୍
ତାର୍ ଲ୪ଗେ ଜୁଆଁ ।” 16 ସେତାକ୍ ତମା, ଜାକେ ଲକ୍‌ମ୪ନ୍
ଦିଦୁମ୍ ବ୪ଲେକ୍ ଜ୪ଉଁଣା ବ୪ଲି କ୪ଉତି । ସେ ନିଜାର୍ ସ୪ଙ୍ଗାର୍
ଚେଲାମ୪ନ୍‌କେ କୟ୍ଲା, “ଜୁଆଁ ଅ୪ମିମ୪ନ୍ ହେଁ ଜାୟ୍ ଜିସୁର୍
ସ୪ଙ୍ଗ ମ୪ରୁଆଁ ।” 17 ଜିସୁ ବେତନିଆୟ୍ ହଚି ସୁଣ୍‌ଲା ଜେ,
ଲାଜାର୍‌କେ ମ୪ସୁଣ୍ କାଲେ ତହିକ୪ରି ଚାରି ଦିନ୍ ଅୟ୍ଲିନି ।
18 ବେତାନିଆ ଜିରୁସାଲମ୍ ଲ୪ଗେ ରିଲି, ହାକାହାକି ଗଟ୍ କସ୍
ଦୁରି; 19 ଆରେକ୍ ଜିଉଦିମ୪ନାର୍ ବିତ୍ରାର୍ କ୪ତେକ୍ ଲକ୍ ମାର୍ତା
ଆର୍ ମରିୟମ୍‌କେ ସେମ୪ନାର୍ ବାୟ୍‌ର୍ ବିସୟେ ଦୁକ୍‌ହାସ୍ରାଉଁକ୍
ସେମ୪ନାର୍ ଲ୪ଗେ ଆସି ରିଲାୟ୍ । 20 ସେତାକ୍ ଜିସୁ ଆସି
ଆଚେ ବ୪ଲି ଜ୪ଡେବ୪ଲ୍ ମାର୍ତା ସୁଣ୍‌ଲି, ସ୪ଡେବ୪ଲ୍ ସେ
ଜିସୁକେ ବେଟୁକ୍ ଗ୪ଲି, ମ୪ତର୍ ମରିୟମ୍ ଗ୪ରେ ବ୪ସିରିଲି
। 21 ମାର୍ତା ଜିସୁକେ କୟ୍ଲି, “ମାପ୍ରୁ, ତୁୟ୍ ଇତି ରିଲେକ୍, ମର୍
ବାୟ୍ ନ୪ମେର୍ଲା ହୁଣି । 22 ମ୪ତର୍ ଅ୪ବେ ହେଁ ତୁୟ୍ ଇସ୍ୱର୍‌କେ
ଜାୟ୍‌ରି ମାଗ୍‌ସି, ଇସ୍ୱର୍ ଜେ ସେରି ତକ୍ ଦ୪ୟ୍‌ଦ୍, ଇରି ମୁୟ୍
ଜାଣି ।” 23 ଜିସୁ ମାର୍ତାକ୍ କୟ୍ଲା, “ତୁମାର୍ ବାୟ୍ ଆରେକ୍
ଉଟେଦ୍ ।” 24 ମାର୍ତା ଜିସୁକେ କୟ୍ଲି, “ସେ ଜେ ସେସ୍ ଦିନ୍
ମ୪ରି ଉଟ୍‌ତାବ୪ଲ୍ ସେ ଉଟେଦ୍, ଇରି ମୁୟ୍ ଜାଣି ।” 25 ଜିସୁ
ତାକ୍ କୟ୍ଲା, “ମୁୟ୍ ମ୪ରି ଉଟ୍‌ତାର୍ ଆର୍ ଜିବନ୍, ଜୁୟ୍ ଲକ୍
ମର୍ ତ୪ୟ୍ ବିସ୍ୱାସ୍ କ୪ରେଦ୍, ସେ ଜଦି ମ୪ରେଦ୍, ଅୟ୍ଲେକ୍
ହେଁ ସେ ବାଚେଦ୍ । 26 ଆରେକ୍ ଜେ ବଚେଦ୍ ଆର୍ ମର୍ ତ୪ୟ୍
ବିସ୍ୱାସ୍ କ୪ରେଦ୍, ସେ କ୪ବେ ହେଁ ନ୪ମେରେ, ଇରି କାୟ୍
ବିସ୍ୱାସ୍ କ୪ରୁଲାସ୍?” (aiōn g165) 27 ସେ ଜିସୁକେ କୟ୍ଲି, “ଏ

ମାପ୍ରୁ, ମୁୟ୍ ସେରି ବିସ୍ୱାସ୍ କଽରୁଲେ, ତୁୟ୍ ଜେ ଇସ୍ୱରାର୍ ହୟ୍ସି
ସେ କ୍ରିସ୍ଟ, ଜେ ଜଽଗତ୍‌କେ ଆସ୍ତାର୍ ରିଲି ଇରି ମର୍ ବିସ୍ୱାସ୍ ।”
28 ଇରି କୟ୍‌ଲା ହଽଚେ, ମାର୍ଥା ବାଉଳି ଜାୟ୍ ତାର୍ ବେଣ୍‌ସି
ମରିୟମ୍‌କେ ଏକ୍ଲାକେ କୁଦି କୟ୍‌ଲି, “ଗୁରୁ ଆୟ୍‌ଲବେ, ଆର୍
ତକ୍ କୁଦୁଲା ।” 29 ମରିୟମ୍ ଇ କଽତା ସୁଣିକଽରି ଦାପେ ଉଟି
ଜିସୁର୍ ଲଽଗେ ଗଽଲି । 30 ଜିସୁ ସଽଡେବଽଲ୍ ହଽତେକ୍ ଗାଉଁ
ବିତ୍ରେ ଆସି ନଽରିଲା, ମଽତର୍ ମାର୍ଥା ତାକେ ଜୁୟ୍ ଜଽଗାୟ୍
ବେଟ୍ ଅୟ୍‌ରିଲି, ସଽଡେବଽଲ୍ ହଽତେକ୍, ଜିସୁ ସେ ଜଽଗାୟ୍
ରିଲା । 31 ତଽବେ ଜୁୟ୍ ଜିଉଦିମଽନ୍ ତାର୍ ସଽଙ୍ଗ୍ ଗଽରେ
ରଽୟ୍ ତାକ୍ ଦୁକ୍ ହାସ୍ରାଉତି ରିଲାୟ୍, ସେମଽନ୍ ମରିୟମ୍‌କେ
ଉଟିଜାତାର୍ ଦଽକିକଽରି ସେ ମଽସ୍‌ଣେ କାନ୍ଦୁକ୍ ଜଽଉଁଲି ବଽଲି
ବାବି ତାର୍ ହଽଚେ ହଽଚେ ଗଽଲାୟ୍ । 32 ଜିସୁ ଜୁୟ୍ ଜଽଗାୟ୍
ରିଲା, ମରିୟମ୍ ସେଲଽଗେ ହଚ୍‌ଲା ଦାହ୍ରେ, ସେ ଜିସୁର୍ ଗଡ୍
ତଽଳେ ଢୁଳି କୟ୍‌ଲି, “ମାପ୍ରୁ, ତୁୟ୍ ଇତି ରିଲେକ୍ ମର୍ ବାୟ୍
ନଽମେର୍ଲା ହୁଣି ।” 33 ମରିୟମ୍ ଆର୍ ତାର୍ ସଽଙ୍ଗ୍ ଆସିରିଲା
ଜିଉଦି ଲକମଽନ୍‌କେ କାନ୍ଦୁତି ରିଲାର୍ ଦଽକିକଽରି ଜିସୁ ଆତ୍ମାୟ୍
ବଽଡେ ଦୁକ୍ କଽଲା । 34 ଜିସୁ ହଽଚାର୍ଲା, “କୁୟ୍‌ତି ତାକ୍ ସଽଙ୍ଗାୟ୍
ଆଚାସ୍?” ସେମଽନ୍ ଜିସୁକେ କୟ୍‌ଲାୟ୍, “ମାପ୍ରୁ, ଆଉ ଦଽକ୍‌ସି
।” 35 ଜିସୁ କାନ୍ଦ୍‌ଲା । 36 ସେତାକ୍ ଜିଉଦିମଽନ୍ କୟ୍‌ଲାୟ୍,
“ଦଽକା, ସେ ତାକ୍ କଽତେକ୍ ଲାଡ୍ କର୍ଽତିରିଲା ।” 37 ମଽତର୍
ସେମଽନାର୍ ବିତ୍ରେ କେ କେ କୟ୍‌ଲାୟ୍, “ଇମାନାୟ୍ କାୟ୍ ସେ
କାଣାର୍ ଆକି ଦଽକାୟ୍ ନଽରିଲା? ସେ ମଽନ୍ କଽଲେକ୍ କାୟ୍
ଲାଜାର୍‌କେ ମଽର୍ନେ ହୁଣି ବଚାଉଁକ୍ ନାହାର୍ଲା ହୁଣି?” 38 ସେତାକ୍
ଜିସୁ ଆରେକ୍ ଦୁକ୍ ଅୟ୍ ମଽସ୍‌ଣେ ଗଽଲା; ସେ ମଽସୁଣ୍ ଗଟେକ୍
ହାର୍ ରିଲି, ସେ ବିତ୍ରେ ଲାଜାର୍‌କେ ସଽଙ୍ଗାୟ୍ ବାଟ୍ ମୁୟେ ଗଟ୍
ବଽଡ୍ ଟେଳା ଡାହି ରିଲାୟ୍ । 39 ଜିସୁ ମଽଲା ଲକାର୍ ବେଣ୍‌ସିକେ
କୟ୍‌ଲା, “ଇ ଟେଳାକେ ଗୁଚାଉଆ ।” ମାର୍ଥା କୟ୍‌ଲି, “ମାପ୍ରୁ, ସେ
ଗଽନ୍ଦତି ରଽୟ୍‌ଦ୍, ବଽଲେକ୍ ସେ ମଽରିକଽରି ଚାରି ଦିନ୍ ଅୟ୍‌ଲିନି
।” 40 ଜିସୁ ତାକ୍ କୟ୍‌ଲା, “ଜଦି ତୁୟ୍ ବିସ୍ୱାସ୍ କର୍ଽସି, ତଽବେ
ଇସ୍ୱରାର୍ ଜଽଜ୍‌ମାନ୍ କାମ୍ ଦଽକ୍‌ସି ବଽଲି ମୁୟ୍ କାୟ୍ ତକ୍ କୟ୍
ନଽରିଲେ?” 41 ସେତାକ୍ ସେମଽନ୍ ଟେଳା ଗୁଚାୟ୍‌ଲାୟ୍ । ଆର୍
ଜିସୁ ସର୍ଽଗ୍ ହାକ୍ ଦଽକି କଽରି ପାର୍ତ୍‌ନା କଽରି କୟ୍‌ଲା, “ଉବା,
ତୁୟ୍ ମର୍ ପାର୍ତ୍‌ନା ସୁଣୁଲିସ୍ ବଽଲି ମୁୟ୍ ତକ୍ ଜୁଆର୍ କଽରୁଲେ
। 42 ତୁୟ୍ ସଽବୁବଽଲ୍ ମର୍ ପାର୍ତ୍‌ନା ସୁଣୁଲିସ୍, ଇରି ମୁୟ୍ ଜାଣି;
ମଽତର୍ ଇ ଜୁୟ୍ ଲକମଽନ୍ଦା ମର୍ ଚାରିବେଲ୍‌ତ୍ ଟିଆ ଅୟ୍ ଆଚ୍‌ତି,
ତୁୟ୍ ମକ୍ ହଽଟାୟ୍ ଆଚ୍‌ସି ବଽଲି ସେମଽନ୍ ଜଽନ୍‌କଽରି ବିସ୍ୱାସ୍
କର୍ଽତି, ଇତାର୍ ଗିନେ ସେମଽନାର୍ ଗିନେ ମୁୟ୍ ଇରି କଽଉଁଲେ
।” 43 ଜିସୁ ଇରି କୟ୍ ବଽଡ୍ ଟଣ୍ଟ କଽରି କୟ୍‌ଲା, “ଲାଜାର୍,
ବାରାୟ୍ ଆଉ!” 44 ସେଦାହ୍ରେ ମଽଲା ଲାଜାର୍ ବାରାୟ୍ ଆୟ୍‌ଲା,
ତାର୍ ଆତେ ଆର୍ ଗଡେ ଦବ୍ ତୁଆଲ୍ ବାନ୍ଦା ଅୟ୍‌ରିଲି, ଆରେକ୍
ତାର୍ ମୁୟେ କଽଣ୍ଡେକ୍ କଽଦି ଡାହି ରିଲାୟ୍, ଜିସୁ ସେମଽନ୍‌କେ
କୟ୍‌ଲା, “ତାର୍ ବାନ୍ଦୁଣ୍ ଇଟାୟ୍ ଇଣ୍ଡୁକ୍ ଦିଆସ୍ ।” 45 ତଽବେ
ଜିଉଦିମଽନାର୍ ବିତ୍ରେ ଗାଦେକ୍, ବଽଲେକ୍ ଜୁୟ୍ ଲକ୍‌ମଽନ୍
ମରିୟମ୍ ହାକ୍ ଆସି ରିଲାୟ୍ ଆର୍ ଜିସୁର୍ କାମ୍ ଦଽକିରିଲାୟ୍,
ସେମଽନ୍ ତାର୍‌ତଽୟ୍ ବିସ୍ୱାସ୍ କଽଲାୟ୍ । 46 ଆରେକ୍ ସେମଽନାର୍
ବିତ୍ରାର୍ କେ କେ ପାରୁସିମଽନାର୍ ହାକ୍ ଜାୟ୍, ଜିସୁ ଜୁୟ୍ ଜୁୟ୍‌ରି
କଽରିରିଲା, ସେରି ସଽବୁ ସେମଽନ୍‌କେ କୟ୍‌ଲାୟ୍ । 47 ଇରି
ସୁଣି ବଽଡ୍ ଜାଜକ୍ ଆର୍ ପାରୁସିମଽନ୍ ବଽଡ୍ ବେରାଣ୍ କୁଦାୟ୍
କୟ୍‌ଲାୟ୍, “ଅଽମିମଽନ୍ କାୟ୍‌ରି କଽରୁଆଁ? ଇ ଲକ୍ ତ ଗାଦେକ୍
କାବା ଅଽଉତା ଚିନ୍ କଽରୁଲା । 48 ଜଦି ଅଽମିମଽନ୍ ତାକ୍
ଇରଽକମ୍ ଚାଡି ଦେଉଁଆ, ତଽନ୍‌ଅୟ୍‌ଲେକ୍ ସଽବୁଲକ୍ ତାର୍
ତଽୟ୍ ବିସ୍ୱାସ୍ କର୍ଽତି, ଆରେକ୍ ରମିୟମଽନ୍ ଆସି ଅଽମାର୍ ମନ୍ଦିର୍
ଆର୍ ଜାତିକ୍ ନଽସ୍ଟ କଽରି ଦେତି ।” 49 ମଽତର୍ ସେମଽନାର୍
ବିତ୍ରାର୍ ଏକ୍ଲା ବଽଲେକ୍ କୟାପା ନାଉଁଆର୍ ସେ ବର୍ଽସାର୍ ମୁଲ୍
ଜାଜକ୍ ସେମଽନ୍‌କେ କୟ୍‌ଲା, “ତୁମିମଽନ୍ କଽଡେକ୍ ଉଲୁ,
50 ସଽବୁ ଲକ୍ ନଽସ୍ଟ ନୟ୍‌କଽରି, ସଽବୁ ଲକାର୍ ଗିନେ ଏକ୍ଲା
ଜେ ମର୍ଽତାର୍ ତୁମାର୍ ଗିନେ ନିକ, ଇରି ହେଁ ତୁମିମଽନ୍ ବୁଜୁ
ନଽହାରୁଲାସ୍?” 51 କୟାପା ନିଜାର୍ ତଽୟ୍‌ହୁଣି ଇରି ନଽକୟ୍,
ମଽତର୍ ସେ ବର୍ଽସାର୍ ମୁଲ୍ ଜାଜକ୍ ଅୟ୍‌ରିଲାକ୍, ସେ ଜିସୁକେ
ଜିଉଦି ଲକ୍‌ମଽନାର୍ ଗିନେ ମଽରୁକେ ଜଽଉଁଲା ବଽଲି ବାବ୍‌ବାଣି
କଽଉତିରିଲା, 52 ଆର୍ ଅଽକାୟ୍ ସେ ଲକ୍‌ମଽନାର୍ ଗିନେ
ନାୟ୍, ମଽତର୍ ଇସ୍ୱରାର୍ ଚିନ୍‌ବିନ୍ ଅୟ୍‌ରିଲା ହିଲାମଽନ୍‌କେ ହେଁ
ରୁଣ୍ଡାୟ୍‌କଽରି ଗଟେକ୍ କଽରୁକେ ମଽର୍ନ୍ ଡଽଣ୍ଡ ହାଉଁକ୍ ଜଽଉଁଲା,
ଇତାର୍ ଗିନେ ଇ ବାବ୍‌ବାଣି କୟ୍‌ଲା । 53 ସେତାକ୍ ସେ ଦିନ୍ ହୁଣି
ଜିଉଦି ନେତାମଽନ୍ ଜିସୁକେ ମଽର୍ନେ ମାରୁକ୍ କୁଟ୍ କଽଲାୟ୍ । 54
ତଽବେ, ଜିସୁ ଜିଉଦିମଽନାର୍ ବିତ୍ରେ ଆରେକ୍ ଦଽକ୍‌ଣେ ଚାଲା
ବୁଲା ନଽକେଲା, ମଽତର୍ ଜିସୁ ସେ ଜଽଗାୟ୍ ହୁଣି ବାରାୟ୍ ଜାୟ୍
ଟଽଙ୍ଗା ବଽଟା ଲଽଗେ ରିଲା ଜଽଗାର୍ ଏପ୍ରିଅମ୍ ନାଉଁଆର୍ ଗଟେକ୍
ଗଽଳେ ଗଽଲା, ଆରେକ୍ ସେ ଚେଲାମଽନାର୍ ସଽଙ୍ଗ୍ ସେତି ରିଲା
। 55 ସଽଡେବଽଲ୍ ଜିଉଦିମଽନାର୍ ମୁକ୍ଲାଉଁଣି ହର୍ଽବ୍ ଲଽଗେ
ଆସ୍ତିରିଲି, ଆରେକ୍ ଗାଉଁଏମଽନ୍ ହୁଣି ଅଽହ୍‌ଣା ଅଽହ୍‌ଣାକ୍
ନିର୍ମୁଲ୍ କଽରୁକେ ମୁକ୍ତି ହର୍ଽବ୍ ଆଗ୍‌ତୁ ଜିରୁସାଲମେ ଗଽଲାୟ୍ ।
56 ସେତାକ୍ ସେମଽନ୍ ଜିସୁକେ ଲଲୁ ଲଲୁ ମନ୍ଦିରେ ଟିଅୟ୍ ରିଲା
ବଽଲ୍ ତାକାର୍ ତାକାର୍ ବିତ୍ରେ କଽଉଁକେ ଦର୍ଽଲାୟ୍, “ତୁମିମଽନ୍
କାୟ୍‌ରି ମଽନେ କଽରୁଲାସ୍? ସେ କାୟ୍ ହର୍ଽବ୍‌କେ ନାସେ?” 57
ବଽଡ୍ ଜାଜକ୍ ଆର୍ ପାରୁସିମଽନ୍ ଜିସୁକେ ଦଽରୁକ୍, ଜିସୁ କୁୟ୍‌ତି
ଆଚେ, ଇରି ଜଦି କେ ଜାଣିଆଚେ, ତଽବେ ସେରି ସେମଽନ୍‌କେ
ଜାଣାଉଁକ୍ ଆଦେସ୍ କଽରି ରିଲାୟ୍ ।

**12** ଇ ବିତ୍ରେ ଜିସୁ ମୁକ୍ଲାଉଁଣି ହର୍ଽବ୍ ଅଽଉତା ଚଅ ଦିନ୍ ଆଗ୍‌ତୁ
ବେତାନିଆ ଗଽଳେ ଗଽଲା; ସେତି ଲାଜାରାର୍ ଗଽର୍
ରିଲି, ଜୁୟ୍ ମଽରିରିଲା ଲାଜାର୍‌କେ ଜିସୁ ଉଟାୟ୍‌ରିଲା । 2
ସେତି ସେମଽନ୍ ଜିସୁର୍ ଗିନେ ଗଟେକ୍ ରାତି ବଜି କଽଲାୟ୍; ସେ

ବଜିଲଃଗେ ମାର୍ଠା ସେବା କଃର୍ତିରିଲି, ଆର୍ ଜୁୟ୍ ଲକ୍ମଃନ୍ ତାର୍
ସଃଙ୍ଗ୍ କାଉଁକେ ବଃସ୍ଲାୟ୍ ଲାଜାର୍ ହେଁ ସେମଃନାର୍ ସଃଙ୍ଗ୍
ରିଲା । 3 ସଃଡେବଃଲ୍ ମରିୟମ୍ ଆଦ୍ ଲିଟର୍ ବୁଟେକ୍ ମଲାର୍
ସୁଦ୍ ଜଟାମାଂସି ଚିକଣ୍ ଆଣି, ଜିସୁର୍ ହାଦେ ସେରି ଡାଳି ନିଜାର୍
ମୁଣ୍ଡାର୍ ବାଳେ ଜିସୁର୍ ହାଦ୍ ହୁଚ୍ଲି, ଆର୍ ଚିକଣାର୍ ବାସ୍ନାୟ୍
ଗଃର୍ ଗଃମ୍କି ଗଃଲି । 4 ମଃତର୍ ଜିସୁର୍ ଚେଲାମଃନାର୍ ବିତ୍ରାର୍
ଇସ୍କାରିଅତ୍ ଜିଉଦା ନାଉଁଆର୍ ଜୁୟ୍ ଚେଲା ଜିସୁକେ ସଃତ୍ରୁର୍
ଆତେ ସଃହ୍ରି ଦେଉଁକ୍ ଜାତିରିଲା, ସେ କୟ୍ଲା, 5 "ଇ ବାସ୍ନାଚିକଣ୍
ସାତ୍କଲି ଦଃସ୍ ଟଃକାୟ୍ ବିକାଜାୟ୍ ଗଃରିବ୍ମଃନ୍କେ କାୟ୍ତାକ୍
ଦିଆ ନଃଗେଲି?" 6 ସେ ଜେ ଗଃରିବ୍ମଃନାର୍ ଗିନେ ଚିତା
କଃର୍ତିରିଲା ବଃଲି ଇରି କୟ୍ଲା, ସେରି ନାୟ୍, ମଃତର୍ ସେ
ଗଟେକ୍ ଚର୍ ରିଲା, ଆରେକ୍ ତାର୍ ଲଃଗେ ଡାବୁ ହେଲି ରିଲାକ୍
ସେତି ଜାୟ୍ ଜାୟ୍ରି ସଃଙ୍ଗ୍ ଜାତିରିଲି, ସେରି ସେ ଚରି କଃରି
ନଃୟ୍ ଜାତିରିଲା । 7 ସେତାକ୍ ଜିସୁ କୟ୍ଲା, "ତାକ୍ ଚାଡି
ଦିଆସ୍, ଜଃନ୍କଃରି ମକ୍ ତହ୍ତା ଦିନ୍ ଗିନେ ସେ ଇରି ସଃଙ୍ଗ୍ରାଉଁକ୍
ହାରେ । 8 ଗଃରିବ୍ମଃନ୍ ତ ସଃବୁବଃଲ୍ ତୁମାର୍ ଚଃମେ ଆଚ୍ତି,
ମଃତର୍ ମୁୟ୍ ସଃବୁବଃଲ୍ ତୁମାର୍ ଚଃମେ ନଃରେୟ୍ଁ ।" 9 ଇ
ବିତ୍ରେ ଗାଦେକ୍ ଜିଉଦି ଲକ୍ ଜିସୁ ବେତ୍ନିଆ ଲଃଗେ ଆଚେ
ବଃଲି ଜାଣୁ ହାରି, ଅଃକାୟ୍ ଜିସୁର୍ ଗିନେ ନାୟ୍, ମଃତର୍
ଜୁୟ୍ ଲାଜାର୍କେ ସେ ମଃଲା ଲକାର୍ ତଃୟ୍ହୁଣି ଉଟିରିଲା,
ତାକ୍ ଦଃକୁକ୍ ହେଁ ଆୟ୍ଲାୟ୍ । 10 ସେତାକ୍ ଲାଜାର୍କେ
ହେଁ ମଃର୍ନେ ମାରୁକ୍ ବଃଡ୍ ଜାଜକ୍ମଃନ୍ କୁଟ୍ କଃଲାୟ୍ । 11
ବଃଲେକ୍ ଲାଜାର୍ ଗିନେ ଜିଉଦିମଃନାର୍ ବିତ୍ରାର୍ କଃତେକ୍
ଲକ୍ମଃନ୍ ସେମଃନ୍କେ ନଃମାନ୍ତିରିଲାୟ୍, ଆର୍ ଜାୟ୍ ଜିସୁର୍
ତଃୟ୍ ବିସ୍ୱାସ୍ କଃର୍ତି ରିଲାୟ୍ । 12 ତାର୍ ଆର୍କ ଦିନ୍ ମୁକ୍ତି
ହଃର୍ବ୍କେ ଆସିରିଲା ଗାଦେକ୍ ଲକ୍ ଜିସୁ ଜିରୁସାଲମେ ଆସୁଲା
ବଃଲି ସୁଣ୍ଲାୟ୍ । 13 ସେତାକ୍ ସେମଃନ୍ କଃଜ୍ରି ଡାଳ୍ ଦଃରି
ଜିସୁକେ ଦଃକୁକ୍ ବାରାୟ୍ ଗଃଲାୟ୍, ଆର୍ ବଃଡ୍ ଟଣ୍ଡେ କଃଉଁକେ
ଦଃର୍ଲାୟ୍, "ହସାନ୍ନା । ମାପ୍ରୁର୍ ନାଉଁଏ ଜେ ଆସୁଲା, ତାର୍ ବାୟ୍ଗ୍;
ଇସ୍ରାଏଲ୍କେ ଚାଲାଉତା ରଃଜାକ୍ ଇସ୍ୱର୍ ଆସିର୍ବାଦ୍ କଃର ।"
14 ଆରେକ୍ ଜିସୁ ଗଟେକ୍ ଗଃଦ ଉହ୍ରେ ବଃସି ଆସ୍ତି ରିଲା ।
ଜଃନ୍କଃରି ଦଃର୍ମ୍ସାସ୍ତରେ ଲେକା ଆଚେ- 15 "ଏ ସିଅନାର୍
ଦଃଙ୍ଗ୍ଲିମଃନ୍, ଡିରା ନାୟ୍; ଦଃକା ତୁମାର୍ ରଃଜା ଆସୁଲା, ସେ
ହିଲାଗଃଦ ଉହ୍ରେ ଚଃଗିକଃରି ଆସୁଲା ।" 16 ତାର୍ ଚେଲାମଃନ୍
ହଃର୍ତୁମ୍ ଇ ସଃବୁ ବିସୟ୍ ବୁଜୁ ନଃହାୟ୍ଲାୟ୍, ମଃତର୍ ଜିସୁ
ଜଃଜ୍ମାନ୍ ହାୟ୍ଲା ହଃଚେ ଇ ସଃବୁ ବିସୟ୍ ଜେ ତାର୍ ବିସୟେ
ସାସ୍ତରେ ଲେକା ଅୟ୍ଆଚେ, ଆରେକ୍ ତାର୍ ଗିନେ ସେମଃନ୍
ଜେ ଇ ସଃବୁ କଃରିଆଚ୍ତି, ସେରି ସେମଃନାର୍ ମଃନେ ଏତୁ
ହଃଲ୍ଲି । 17 ଆରେକ୍ ଜିସୁ ଲାଜାର୍କେ ମଃସ୍ଣେ ହୁଣି କୁଦି
ମଃଲା ଲକାର୍ ତଃୟ୍ହୁଣି ଉଟାଉତା ବଃଲ୍ ଜୁୟ୍ ଲକ୍ମଃନ୍ହା
ତାର୍ ସଃଙ୍ଗ୍ ରିଲାୟ୍, ସେମଃନ୍ ଇସଃବୁ କଃତା ସାକି ଦେଉଁକ୍
ଦଃର୍ଲାୟ୍ । 18 ସେତାର୍ଗିନେ ଲକ୍ମଃନ୍ହା ଜିସୁକେ ମିସୁକ୍ ଜାୟ୍
ରିଲାୟ୍, ବଃଲେକ୍ ସେ ଇ କାବା ଅଃଉତା ଚିନ୍ କଃରି ଆଚେ
ବଃଲି ସେମଃନ୍ ସୁଣି ରିଲାୟ୍ । 19 ସେତାକ୍ ପାରୁସିମଃନ୍
କଃଉଆକଇ ଅୟ୍ଲାୟ୍, "ଦଃକ୍ଲାସ୍ ତ, ଅଃମିମଃନାର୍ ସଃବୁ
କାମ୍ ଉଲ୍ଟା ଅଃଉଁଲି, ଦଃକା ଜଃଗତ୍ଜାକ ତାର୍ ହଃଚେ
ଜଃଉଁଲାୟ୍ ।" 20 ହଃର୍ବ୍ ବଃଲ୍ ସେବା କଃରୁକ୍ ଜିରୁସାଲମେ
ଆସ୍ତି ରିଲା ଲକ୍ମଃନାର୍ ବିତ୍ରେ କଃତେକ୍ ଗ୍ରିକ୍ ଲକ୍ମଃନ୍
ରିଲାୟ୍ । 21 ସେମଃନ୍ ଗାଲିଲିର୍ ବେତ୍ସାଇଦା ଗାଉଁଆର୍ ଲକ୍
ରିଲାୟ୍, ସେମଃନ୍ ପିଲିପ୍ ଲଃଗେ ଆସି ତାକ୍ ଗଃଉଆରି କଃରି
କୟ୍ଲାୟ୍, "ମାପ୍ରୁ, ଜିସୁକେ ଦଃକୁକ୍ ଅଃମାର୍ ଇଚା ।" 22 ପିଲିପ୍
ଜାୟ୍କଃରି ଆନ୍ଦ୍ରିଅକେ କୟ୍ଲା, ଆରେକ୍ ଆନ୍ଦ୍ରିଅ ଆର୍ ପିଲିପ୍
ଜାୟ୍ ଜିସୁକେ କୟ୍ଲାୟ୍ । 23 ଜିସୁ ସେମଃନ୍କେ କୟ୍ଲା,
"ନଃରାର୍ ହୟ୍ସି ଜଃଜ୍ମାନ୍ ହାଉଁକ୍ ବେଳା ହଚ୍ଲିନି । 24 ମୁୟ୍
ତୁମିକେ ସଃତ୍କଃରି କଃଉଁଲେ, ଗଅଁ ମୁଞ୍ଜି ଜଦି ମାଟାୟ୍ ଅଦ୍ରି
ନଃମେରେ, ତଃନ୍ଅୟ୍ଲେକ୍ ସେରି ଗଟେକ୍ ହଃକା ରଃୟ୍ଦ୍,
ମଃତର୍ ଜଦି ମଃରେଦ୍ ତଃବେ ବୁଟେକ୍ ହଃଲ୍ ହଃଳେଦ୍, 25 ଜେ
ନିଜାର୍ ଜିବନ୍କେ ଲାଡ୍ କଃରେଦ୍, ସେ ତାର୍ ଜିବନ୍ ଆରାୟ୍ଦ୍,
ଆରେକ୍ ଜେ ନିଜାର୍ ଜିବନ୍କେ ଇ ଜଃଗତେ ଗିଣ୍ କଃରେଦ୍
ସେ ସେରି ଅଃମ୍ରର୍ ଜିବନ୍ ଗିନେ ବାଚାୟ୍ଦ୍ । (aiōnios g166)
26 କେ ଜଃବେ ସେବାକାରି ସେବା କଃରୁକେ ମଃନ୍ କଃରେଦ୍,
ତଃବେ ସେ ମର୍ ହଃଚେ ଆସ; ଆରେକ୍ ମୁୟ୍ ଜୁୟ୍ତି ରଃୟ୍ନ୍ହ
ମର୍ ସେବା କଃରୁ ହେଁ ସେତି ରଃୟ୍ଦ୍, କେ ଜଃବେ ମର୍ ସେବା
କଃରେଦ୍, ତଃବେ ଉବା ତାକ୍ ମାନ୍ତି ଦଃୟ୍ଦ୍ ।" 27 "ଅଃବେ
ମୁୟ୍ ବଃଡେ ଦଃନ୍ଦାୟ୍ ଆଚି, ମୁୟ୍ କାୟ୍ ବଃଲିନ୍ହ? ଉବା ଇ
ବିପ୍ତି ତଃୟ୍ହୁଣି ବଚାଉ ବଃଲିନ୍ହ କି? ସେତାର୍ ଗିନେ ତ ଆସି
ଆଚି । ଦୁକ୍ ବଗ୍ତା ବେଳାମଃନ୍ ସଃମ୍ବାଲୁକ୍ ତ ମୁୟ୍ ଆସିଆଚି
।" 28 ଉବା ଅଃହ୍ଣାର୍ ନାଉଁକ୍ ଜଃଜ୍ମାନ୍ କଃର୍ । ସଃଡେବଃଲ୍
ସଃର୍ଗେହୁଣି ଇ କଃତା ସୁଣା ଗଃଲି, "ମୁୟ୍ଁ ତାକ୍ ଜଃଜ୍ମାନ୍
କଃରିଆଚି ଆର୍ ଆରେକ୍ ଜଃଜ୍ମାନ୍ କଃରିନ୍ହ ।" 29 ସେତାକ୍
ସେଲଃଗେ ଟିଆ ଅୟ୍ରିଲା ଲକ୍ମଃନ୍ ଇରି ସୁଣି ମେଗ୍ ଗର୍ଜାଣ୍
ଅୟ୍ଲି ବଃଲି କୟ୍ଲାୟ୍; ବିନ୍ ଲକ୍ମଃନ୍ କୟ୍ଲାୟ୍, "ଗଟ୍
ଦୁତ୍ ତାକ୍ ଟଣ୍ଡ ଅୟ୍ଲା ।" 30 ମଃତର୍ ଜିସୁ ସେମଃନ୍କେ
କୟ୍ଲା, "ମର୍ ଗିନେ ଇ କଃତା ସୁଣା ନୟ୍, ମଃତର୍ ତୁମାର୍
ଗିନେ ଅୟ୍ଆଚେ । 31 ଅଃବେ ଇ ଜଃଗତାର୍ ବିଚାର୍ କେଟି
ଆଚେ; ଅଃବେ ଇ ଜଃଗତାର୍ ମୁଳିକାକେ ହଃଦାୟ୍ ହଃକାଜାୟ୍ଦ୍
। 32 ଆର୍ ମକ୍ ଜଃଡେବଃଲ୍ ହୁର୍ତିବି ହୁଣି ଉହ୍ରେ ଉଟା ଅୟ୍ଦ୍,
ସଃଡେବଃଲ୍ ସଃବ୍କେ ନିଜାର୍ ହାକ୍ ନଃୟ୍ନ୍ହ ।" 33 ଜିସୁ
କୁୟ୍ରଃକମ୍ ମଃର୍ନ୍ ଡଃଣ୍ଡ ବଗ୍ କଃରୁକେ ଜାତିରିଲା, ସେରି
ଜାଣାଉଁକ୍ ଇରି କୟ୍ଲା । 34 ସେତାକ୍ ଲକ୍ମଃନ୍ହା ତାକ୍ ଉତ୍ତର୍
ଦିଲାୟ୍, କ୍ରିସ୍ଟ ସଃବୁ ଅଃମ୍ରର୍ ରଃୟ୍ଦ୍ ବଃଲି ଅଃମିମଃନ୍ ବିଦି
ସାସ୍ତରେ ହୁଣି ଜାଣି ଆଚୁ, ତଃବେ ନଃରାର୍ ହୟ୍ସି ବାୟ୍ଦ୍ରେ

ଉହ୍ରେ ଉଟା ଅୟ୍‌ଦ୍ ବଽଲି ତୁୟ୍ କଽନ୍‌କଽରି କଽଉଁଲିସ୍? ଇ
ନଽରାର୍ ହୟ୍‌ସି କେ? (aiōn g165) 35 ସେତାକ୍ ଜିସୁ ସେମଽନ୍‌କେ
କୟ୍‌ଲା, ଆରେକ୍ ଅଽଳକ୍ ବେଳା ମଽତର୍ ଉଜାଲ୍ ତୁମାର୍ ବିତ୍ରେ
ଆଚେ, ଅଽନ୍ଦ୍ବାର୍ ଜଽନ୍‌କଽରି ତୁମିମଽନ୍‌କେ ଡାହି ନଽକେରେ,
ଇତାର୍ ଗିନେ ତୁମାର୍ ଲଽଗେ ଉଜାଲ୍ ରେଉଁ ରେଉଁ ଜଽଗ୍ରାତ୍
ଅଽଉଆ; ଜେ ଅଽନ୍ଦ୍ବାରେ ଚାଲାଚାଲ୍‌ତି କଽରେଦ୍, ସେ କେଣେ
ଜଽଉଁଲା ସେରି ନଽଜାଣେ । 36 ତୁମିମଽନ୍ ଜଽନ୍‌କଽରି ଉଜାଳାର୍
ହିଲା ଅଽଉଆସ୍, ସେତାର୍ ଗିନେ ଉଜାଲ୍ ତୁମାର୍ ଲଽଗେ ରେଉଁ
ରେଉଁ ଉଲାଲ୍‌କେ ବିସ୍ୱାସ୍ କଽରା । ଜିସୁ ଇସଽବୁ କଽତା କୟ୍‌ଲା
ହଽଚେ, ସେମଽନାର୍ ତଽୟ୍‌ହୁଣି ଗଽଲା ଆର୍ ସେମଽନାର୍
ତଽୟ୍‌ହୁଣି ଲୁକିକଽରି ରିଲା । 37 ଜିସୁ ସେମଽନାର୍ ମୁୟେ
ଅଽତେକ୍ କାବା ଅଽଉତା ଚିନ୍ କଽରିରିଲା, ଅୟ୍‌ଲେକ୍ ହେଁ
ସେମଽନ୍ ତାର୍ ତଽୟ୍ ବିସ୍ୱାସ୍ ନଽକେର୍ତି ରିଲାୟ୍ । 38 ଜଽନ୍‌କଽରି
ବାବ୍‌ବାଦି ଜିସାୟ୍ ଲେକ୍‌ଲା ଇ ବଽଚନ୍ ହୁରା ଅୟ୍‌ଦ୍, ଏ ମାପ୍ରୁ,
କେ ଅଽମାର୍ କବୁର୍‌କେ ବିସ୍ୱାସ୍ କଽରି ଆଚେ? ଆର୍ ମାପ୍ରୁର୍
ସଽକ୍ତି କାର୍ ତଽୟ୍ ଜାଣା ଅୟ୍‌ଆଚେ? 39 ଇତାର୍ ଗିନେ ସେମଽନ୍
ବିସ୍ୱାସ୍ କଽରୁ ନାହାର୍ତି ରିଲାୟ୍, ବଽଲେକ୍ ଜିସାୟ୍ ଆରେକ୍
କୟ୍‌ଆଚେ- 40 ସେ ସେମଽନାର୍ ଆକି ଅଽନ୍ଧ କଽଲା ଆଚେ ଆର୍
ସେମଽନାର୍ ମଽନ୍ ଅଽଟୁଆ କଽରିଆଚେ, ଜଽନ୍‌କଽରି ସେମଽନ୍
ଦଽକୁ ନଽହାର୍‌ତି ଆର୍ ସେମଽନାର୍ ମଽନେ ନଽବୁଜ୍‌ତି, ଆରେକ୍
ବାଉଳିନାସ୍ତି, ଆରେକ୍ ଅଽମି ସେମଽନ୍‌କେ ଉଜ୍ ନଽକେରୁ । 41
ଜିସାୟ୍ ଇ ସଽବୁ କୟ୍‌ଲା, ବଽଲେକ୍ ସେ ଜିସୁର୍ ଜଽଜ୍‌ମାନ୍
ଦଽକ୍‌ଲା ଆର୍ ତାର୍ ବିସୟେ କଽତା କୟ୍‌ଲା । 42 ଅୟ୍‌ଲେକ୍ ହେଁ
ଜିଉଦି ମୁଳିକାମଽନାର୍ ବିତ୍ରାର୍ ହେଁ ବୁତେକ୍ ଲକ୍ ତାର୍ ତଽୟ୍
ବିସ୍ୱାସ୍ କଽଲାୟ୍, ମଽତର୍ ଚଽନେମଽନେ ସେମଽନ୍ ଦଽଳେ ହୁଣି
ବାର୍‌ତି, ଇତାର୍ ଗିନେ ପାରୁସିମଽନାର୍ ଗିନେ ସେରି କଽଉଁକେ
ନଽଚ୍‌ତିରିଲାୟ୍, 43 ବଽଲେକ୍ ସେମଽନ୍ ଇସ୍ୱରାର୍ ତଽୟ୍‌ହୁଣି
ଜଽଜ୍‌ମାନ୍ ହାଉତା ବାଟା, ନଽର୍‌ମଽନାର୍ ତଽୟ୍‌ହୁଣି ଜଽଜ୍‌ମାନ୍
ବଽଲ୍ ହାୟ୍‌ଲାୟ୍ । 44 ଜିସୁ ବଽଡ୍ ଟଣ୍ଡେ କଽରି କୟ୍‌ଲା, ଜେ
ମର୍ ତଽୟ୍ ବିସ୍ୱାସ୍ କଽରେଦ୍, ସେ ମର୍ ତଽୟ୍ ହଽକା ବିସ୍ୱାସ୍
ନଽକେରେ, ମଽତର୍ ମକ୍ ଜେ ହଽଟାୟ୍ ଆଚେ ତାର୍ ତଽୟ୍
ବିସ୍ୱାସ୍ କଽରେଦ୍ । 45 ଆରେକ୍ ଜେ ମକ୍ ଦଽକି ଆଚେ ସେ
ମକ୍ ହଽଟାୟ୍‌ଲା ଲକ୍‌କେ ହେଁ ଦଽକି ଆଚେ । 46 ଜୁୟ୍ ଲକ୍
ମର୍ ତଽୟ୍ ବିସ୍ୱାସ୍ କଽରେଦ୍, ସେ ଜଽନ୍‌କଽରି ଅଽନ୍ଦ୍ବାରେ ବାସା
ନଽକେରେ, ଇତାର୍ ଗିନେ ମୁୟ୍ ଜଽଗତ୍‌କେ ଉଜାଲ୍ ଅୟ୍ ଆସି
ଆଚି । 47 କେ ଜଦି ମର୍ କଽତା ସୁଣି ନଽମାନେ, ତଽନ୍‌ଅୟ୍‌ଲେକ୍
ମୁୟ୍ ତାର୍ ବିଚାର୍ ନଽକେରି; ବଽଲେକ୍ ମୁୟ୍ ଜଽଗତାର୍ ବିଚାର୍
କଽରୁକେ ନାସି, ମଽତର୍ ଜଽଗତ୍‌କେ ମୁକ୍ତି ଦେଉଁକେ ଆସିଆଚି
। 48 ଜେ ମକ୍ ନଽଦେରେ ଆର୍ ମର୍ କଽତା ନଽସୁଣେ, ତାର୍
ବିଚାର୍ କଽର୍ତା ଲକ୍ ଆଚେ; ମୁୟ୍ ଜୁୟ୍ କଽତା କୟ୍ ଆଚି, ସେରି
ସେସ୍ ଦିନ୍ ତାର୍ ବିଚାର୍ କଽରେଦ୍ । 49 କାୟ୍‌ତାକ୍‌ବଽଲେକ୍
ଇ କଽତା ସଽତ୍, ବଽଲେକ୍ ମୁୟ୍ ନିଜାର୍ ତଽୟ୍‌ହୁଣି କାୟ୍‌ରି
ନଽକୟ୍‌ଁ, ମଽତର୍ ମୁୟ୍ କାୟ୍‌ରି କୟ୍‌ନ୍ଧ ଆର୍ କାୟ୍‌ରି ଜାଣାୟ୍‌ନ୍ଧ
ସେରି ମକ୍ ହଽଟାୟ୍‌ଲା ଉବା ମକ୍ ଆଦେସ୍ ଦଽୟ୍‌ଆଚେ । 50
ଆର୍ ତାର୍ ବଲ୍ ଜେ ଅଽମ୍ବ୍ରର୍ ଜିବନ୍, ଇରି ମୁୟ୍ ଜାଣି, ତଽବେ
ମୁୟ୍ ଜୁୟ୍ ଜୁୟ୍ କଽତା କୟ୍‌ନ୍ଧ, ଉବା ମକ୍ ଜଽନ୍‌କଽରି ଆଦେସ୍
ଦଽୟ୍‌ଆଚେ ସେନ୍‌କଽରି କୟ୍‌ନ୍ଧ । (aiōnios g166)

13 ମୁକ୍ଲାଉଁଣି ହଽର୍ବ୍ ଅଽଉତା ଆଗ୍‌ତୁ ଜିସୁ ଇ ଜଽଗତେ ହୁଣି
ଉବାସିର୍ ହାକ୍ ତାର୍ ଜାତା ବେଳା ହଚିଆଚେ ବଽଲି
ଜାଣି ଜଽଗତେ ରିଲା ନିଜାର୍ ଜୁୟ୍ ଲକ୍‌ମଽନ୍‌କେ ସେ ଲାଡ୍
କଽରି ଆସ୍ତି ରିଲା, ସେମଽନ୍‌କେ ତାର୍ ଜିବନାର୍ ସଽରାସଽରି
ଲାଡ୍ କଽଲା । 2 ଆରେକ୍ ରାତି ବଜି ବଽଲ୍ ଜଽଡେବଽଲ୍
ସିମନାର୍ ହୟ୍‌ସି ଇସ୍କାରିଅତ୍ ଜିଉଦାର୍ ମଽନ୍ ବିତ୍ରେ ଜିସୁକେ
ସଽତ୍ରୁ ଆତେ ଦଽରାୟ୍ ଦେଉଁକ୍ ସୟ୍‌ତାନ୍ ଉସ୍‌କାୟ୍ ରିଲି, 3
ସଽଡେବଽଲ୍ ଉବା ଜେ ତାର୍ ଆତେ ସଽବୁ ଅଽଦିକାର୍ ସଽହ୍ରି
ଦଽୟ୍ ଆଚେ ଆର୍ ସେ ଜେ ଇସ୍ୱରାର୍ ଲଽଗେହୁଣି ଆସି ଆଚେ,
ଆରେକ୍ ଇସ୍ୱରାର୍ ହାକ୍ ବାଉଳି ଜାୟ୍‌ଦ୍ । 4 ତଽବେ ଜିସୁ କାତା
ବାଟାୟ୍ ହୁଣି ଉଟି ନିଜାର୍ ଉହ୍ରେ ହିନ୍ଦ୍ବିରିଲା ବଽସ୍ତ୍ରର୍ କାଡି ଦଽୟ୍
ଗଟେକ୍ ତୁଆଲ୍ ସଽଙ୍ଗ୍ଣ ନିଜାର୍ ଅଽଟାୟ୍ ବାନ୍ଧ୍ଲା, 5 ତାର୍‌ହଽଚେ
ଜିସୁ ତାବ୍‌ଲାୟ୍ ହାଣି ଡାଲ୍‌ଲା, ଆରେକ୍ ଚେଲାମଽନାର୍ ହାଦ୍
ଦଽୟ୍ ଦଽୟ୍ ନିଜାର୍ ଅଽଟାୟ୍ ବାନ୍ଧି ରିଲା ତୁଆଲ୍ ସଽଙ୍ଗ୍ଣ ହୁଚୁକ୍
ଦଽର୍ଲା । 6 ଜଽଡେବଽଲ୍ ଜିସୁ ସିମନ୍ ପିତର୍ ହାକ୍ ଆୟ୍‌ଲା;
ପିତର୍ ତାକ୍ କୟ୍‌ଲା, “ମାପ୍ରୁ ତୁୟ୍ କାୟ୍ କଽରୁକ୍ ମର୍ ଗଡ୍
ଦଽୟ୍ ଦେଉଁଲିସ୍?” 7 ଜିସୁ ତାକ୍ ଉତୁର୍ ଦିଲା, “ମୁୟ୍ ଜାୟ୍‌ରି
କଽରୁଲେ ସେରି ତୁମି ଅଽବେ ନଽଜାଣୁଲାସ୍, ମଽତର୍ ହଽଚେ
ବୁଜାସ୍ ।” 8 ପିତର୍ ମଽନାକଽରି ଜିସୁକେ କୟ୍‌ଲା, “ତୁୟ୍ କଽବେ
ହେଁ ମର୍ ଗଡ୍ ଦଽୟ୍ ଦେନାୟ୍ ।” ଜିସୁ ତାକ୍ କୟ୍‌ଲା, “ଜଦି
ମୁୟ୍ ତର୍ ହାଦ୍ ଦଽୟ୍ ନଽଦେୟ୍‌ଁ, ତଽବେ ତୁୟ୍ ମର୍ ଚେଲା
ଅଽଉଁ ନାହାର୍ସି ।” (aiōn g165) 9 ସିମନ୍ ପିତର୍ ଜିସୁକେ କୟ୍‌ଲା,
“ମାପ୍ରୁ, ତଽନ୍‌ଅଲେ ମର୍ ହାଦ୍ ନାୟ୍, ମଽତର୍ ମର୍ ଆତ୍ ଆର୍
ମୁଣ୍ଡେ ହେଁ ଦଽୟ୍ ଦେ ।” 10 ଜିସୁ ତାକ୍ କୟ୍‌ଲା, “ଜେ ଗଽଦାୟ୍
ଆଚେ ତାର୍ ଗଡ୍ ଦଽଉତା ଦଽର୍‌କାର୍ ଆର୍ କାୟ୍‌ରି କଽରୁକେ
ଲଳା ନାୟ୍, ସେ ଲକ୍ ସଽତ୍‌କଽରି ନିର୍ମୁଳ୍, ତୁମିମଽନ୍ ସଽବୁ ଲକ୍
ନିର୍ମୁଳ୍ ଆଚାସ୍, ମଽତର୍ ଏକ୍ଲା ନାୟ୍ ।” 11 କାୟ୍‌ତାକ୍‌ବଽଲେକ୍
ଜେ ତାକ୍ ସଽତ୍ରୁ ଆତେ ସଽହ୍ରି ଦଽୟ୍‌ଦ୍ ସେ ତାକ୍ ଜାଣିରିଲା;
ସେତାର୍‌ଗିନେ ସେ କୟ୍‌ଲା, “ଏକ୍ଲାକେ ଚାଡି ତୁମିମଽନ୍ ସଽବୁଲକ୍
ନିର୍ମୁଳ୍ ଅୟ୍ ଆଚାସ୍ ।” 12 ତାର୍‌ହଽଚେ ଜିସୁ ଚେଲାମଽନାର୍
ହାଦ୍ ଦୟ୍‌ଦଽୟ୍ ଅଽହ୍‌ଣାର୍ ବଽସ୍ତ୍ରର୍ ହିନ୍ଦି ଅଽହ୍‌ଣାର୍ ଜଽଗାୟ୍
ବଽସ୍‌ଲା ହଽଚେ ସେ ସେମଽନ୍‌କେ ହଽଚାର୍ଲା, “ମୁୟ୍ ତୁମାର୍
ଗିନେ କାୟ୍‌ରି କଽରି ଆଚି, ସେରି କାୟ୍ ତୁମିମଽନ୍ ବୁଜୁ ହାର୍ଲାସ୍?
13 ତୁମିମଽନ୍ ମକ୍ ଗୁରୁ ଆର୍ ମାପ୍ରୁ ବଽଲି କଽଉଁଲାସ୍, ଇରି
ଟିକ୍ କଽତା, ବଽଲେକ୍ ମୁୟ୍ ତ ସେ । 14 ତଽବେ ତୁମାର୍ ଗୁରୁ

ଆର୍ ମାପ୍ରୁ ଅୟ୍ ମୁୟ୍ ଜଦି ତୁମାର୍ ହାଦ୍ ଦୟ୍‌ଦିଲେ ଆଚି,
ତଃବେ ତୁମିମଃନ୍ ହେଁ ସେବାନ୍ୟା ତୁମାର୍ ବିତ୍ରେ ହେଁ ବାୟ୍‌ଦ୍‌ରେ
ଦଃଉଆଦଇ ଅଃଉଆ । 15 ତୁମିମଃନ୍‌କେ ମୁୟ୍ ଜଃନ୍‌କାର୍
କଃରିଆଚି, ତୁମିମଃନ୍ ହେଁ ଜେ ସେରଃକମ୍ କଃରା ଇତାର୍ ଗିନେ
ମୁୟ୍ ତୁମିମଃନ୍‌କେ ଗଟେକ୍ ନିକ କାମ୍ କଃରି ଦଃକାୟ୍ ଆଚି ।
16 ମୁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ, ଗଟେକ୍ ଗତିଦଃଙ୍ଗ୍ଲା
ଅଃହ୍‌ଣାର୍ ସାଉକାର୍ ତଃୟ୍‌ହୁଣି ବଃଡ୍ ନାୟ୍, କି ଗଟେକ୍
କବୁର୍‌କାରିଆ ଅଃହ୍‌ଣାର୍ କବୁର୍‌ହଃଟାଉ ତଃୟ୍‌ହୁଣି ବଃଡ୍ ନାୟ୍
। 17 ଜଦି ତୁମିମଃନ୍ ଇ ସଃବୁ ଜାଣାସ୍, ତଃବେ ସେବାନ୍ୟା
କଃଲେକ୍ ତୁମିମଃନାର୍ ବାୟ୍‌ଗ୍ । 18 ମୁୟ୍ ତୁମିମଃନାର୍ କଃତା
ନଃକୟ୍ଁ, ମୁୟ୍ କଃନ୍‌କା ଲକ୍‌ମଃନ୍‌କେ ବାଚ୍‌ଲାର୍, ସେରି ମୁୟ୍
ଜାଣି; ମଃତର୍ ଦଃର୍ମ୍ ସାସ୍ତର୍ ତଃୟ୍‌ର୍ ଇ ବଃଚନ୍ ଜଃନ୍‌କଃରି
ହୁରୁଣ୍ ଅୟ୍‌ଦ୍, ସେତାର୍‌ଗିନେ ଇବାନ୍ୟା ଗଃଟୁଲି, ଜେ ମର୍ ଅଃର୍ନ୍
କାୟ୍‌ଲା, ସେ ମର୍ ବିରଦେ ଲାତ୍ ଟେକ୍‌ଲା । 19 ସେରି ଗଃଟ୍‌ତା
ବଃଲ୍ ମୁୟ୍ ସେ ବଃଲି ତୁମିମଃନ୍ ଜଃନ୍‌କଃରି ବିସ୍ୱାସ୍ କଃରାସ୍,
ଇତାର୍ ଗିନେ ସେରି ଗଃଟ୍‌ତା ହୁର୍ବେ ମୁୟ୍ ଅଃବେ ତୁମିମଃନ୍‌କେ
କଃଉଁଲେ । 20 ମୁୟ୍ ତୁମିକେ ସଃତ୍ କଃଉଁଲେ, ଜେ ମୁୟ୍ ହଃଟାୟ୍
ରିଲା ଗଟେକ୍ ଲକେ ଗଃରେ କୁଦି ଦଃରେଦ୍, ସେ ମକ୍ ସେବାନ୍ୟା
ଦଃରେଦ୍, ଆର୍ ଜେ ମକ୍ ଦଃରେଦ୍, ମକ୍ ଜେ ହଃଟାୟ୍ ଆଚେ
ସେ ଇସ୍ୱର୍‌କେ ହେଁ ସେ ଦଃରେଦ୍ ।" 21 ଜିସୁ ଇସଃବୁ ସାକି
ଦିଲା ହଃଚେ ଆତ୍ମାୟ୍ ଦୁକ୍ କଃଲା, ଆର୍ ହୁଟାୟ୍‌କଃରି କୟ୍‌ଲା,
"ମୁୟ୍ ସଃତ୍ କଃଉଁଲେ, ତୁମାର୍ ବିତ୍ରାର୍ ଏକ୍ଲା ମକ୍ ସଃତ୍ରୁର୍
ଆତେ ଦଃରାୟ୍ ଦଃୟ୍‌ଦ୍ ।" 22 ଜିସୁ କାକେ ଦଃକାୟ୍ ଇ କଃତା
କୟ୍‌ଲା, ବୁଜୁ ନଃହାରି ଚେଲାମଃନ୍ ଅଃହ୍‌ଣା ଅଃହ୍‌ଣାର୍ ମୁୟେ
ଦଃକା ଦଃକି ଅୟ୍‌ଲାୟ୍ । 23 ଜିସୁର୍ ଚେଲାମଃନାର୍ ବିତ୍ରାର୍
ଏକ୍ଲା ଜାକେ ଜିସୁ ଲାଡ୍ କଃର୍ତିରିଲା, ସେ ଜିସୁର୍ କାତାବାଟ୍ୟା
ବଃସି କାତିରିଲା । 24 ସିମନ୍ ପିତର୍ ତାକ୍ ଆତ୍‌ସଃଗ୍ୟା କଃରି
କୟ୍‌ଲା, "ସେ କାର୍ କଃତା କଃଉଁଲା, ତାକ୍ ହଃଚାର୍ ।" 25
ସେ ଚେଲା ଆରେକ୍ ଅଃଳକ୍ ଜିସୁର୍ ବୁକେ ଡେରାୟ୍ ଅୟ୍ ତାକ୍
ହଃଚାର୍ଲା, "ମାପ୍ରୁ ସେ କେ?" 26 ସେତାକ୍ ଜିସୁ କୟ୍‌ଲା, "ଇ
ରୁଟି କପାୟ୍ ବୁଡାୟ୍ ଜାକେ ମୁୟ୍ ଦଃୟ୍‌ନ୍ନ ସେ ସେମାନାୟ୍ ।"
ଇରି କୟ୍‌କଃରି ଜିସୁ କଃଣ୍ଡେକ୍ ରୁଟିକ୍ କପାୟ୍ ବୁଡାୟ୍‌କଃରି
ସିମନାର୍ ହୟ୍‌ସି ଇସ୍କାରିଅତ୍ ଜିଉଦାକେ ଦିଲା । 27 ଜିଉଦା
ରୁଟିକ୍ କାୟ୍‌ଲା ଦାହ୍ରେ ସୟ୍‌ତାନ୍ ତାର୍ ଗଃର୍ବେ ହୁର୍ଲି । ଜିସୁ ତାକ୍
କୟ୍‌ଲା, "ଜୁୟ୍‌ରି କଃରୁକେ ଜଃଉଁଲିସ୍ ସେରି ବେଗି କଃର୍ ।"
28 ମଃତର୍ ଜିସୁ କାୟ୍‌ତାକ୍ ତାକ୍ ଇ କଃତା କୟ୍‌ଲା, କାଉଁକେ
ବଃସିରିଲା ଲକ୍‌ମଃନ୍ କେହେଁ ବୁଜୁକ୍ ନଃହାୟ୍‌ଲାୟ୍ । 29
ବଃଲେକ୍ ଜିଉଦାର୍ ଲଃଗେ ଡାବୁ ହେଳି ରିଲାକ୍ ହଃର୍ବାର୍ ଗିନେ
ଜାୟ୍ ଜାୟ୍‌ରି ଲଳା, ସେରି ଗେନୁକ୍ ନୟ୍‌ଲେକ୍ ଗଃରିବ୍‌ମଃନ୍‌କେ
ଅଃଳକ୍ ଦାନ୍ ଦେଉଁକ୍ ଜିସୁ ତାକ୍ କୟ୍‌ଲା ବଃଲି କେ କେ
ମଃନେ ବାବ୍‌ଲାୟ୍ । 30 ତାର୍‌ହଃଚେ ଇସ୍କାରିଅତ୍ ଜିଉଦା ରୁଟି
କାୟ୍‌ଲା, ଆର୍ ସେଦାହ୍ରେ ବାରାୟ୍ ଗଃଲା, ସଃଡେବଃଲ୍ ରାତି
ଅୟ୍‌ରିଲି । 31 ଜିଉଦା ବାରାୟ୍ ଗଃଲା ହଃଚେ ଜିସୁ କୟ୍‌ଲା,
"ଅଃବେ ନଃରାର୍ ହୟ୍‌ସି ଜଃଜ୍‌ମାନ୍ ଅୟ୍‌ଲା ଆର୍ ତାର୍‌ତଃୟ୍
ଇସ୍ୱର୍ ହେଁ ଜଃଜ୍‌ମାନ୍ ଅୟ୍‌ଲା । 32 ଜଦି ଇସ୍ୱର୍ ତାର୍‌ତଃୟ୍
ଜଃଜ୍‌ମାନ୍ ଅୟ୍‌ଲା, ତଃବେ ଇସ୍ୱର୍ ହେଁ ତାକ୍ ଅଃହ୍‌ଣାର୍ ତଃୟ୍
ଜଃଜ୍‌ମାନ୍ କଃରେଦ୍, ଆରେକ୍ ଦାପେ ତାକ୍ ଜଃଜ୍‌ମାନ୍ କଃରେଦ୍
। 33 ହିଲାମଃନ୍ ମୁୟ୍ ତୁମାର୍ ସଃଙ୍ଗ୍ ଆରେକ୍ ବୁତେକ୍ ବେଳା
ନଃରେୟ୍ଁ । ତୁମିମଃନ୍ ମକ୍ ଲଳାସ୍; ଆରେକ୍ ମୁୟ୍ ଜୁୟ୍ ଟାଣେ
ଜଃଉଁଲେ, ତୁମିମଃନ୍ ସେ ଜଃଗାୟ୍ ଜଃଉଁ ନଃହାରାସ୍, ଇରି ମୁୟ୍
ଜଃନ୍‌କଃରି ଜିଉଦି ଅଃଦିକାରିମଃନ୍‌କେ କୟ୍‌ରିଲେ, ସେରଃକମ୍
ଅଃବେ ତୁମିମଃନ୍‌କେ ହେଁ କଃଉଁଲେ । 34 ତୁମିମଃନ୍ ତୁମାର୍
ତୁମାର୍ ବିତ୍ରେ ଲାଡ୍ କଃରା, ଇ ନଃଉଆଁ ବିଦି ମୁୟ୍ ତୁମିମଃନ୍‌କେ
ଦେଉଁଲେ, ମୁୟ୍ ଜଃନ୍‌କଃରି ତୁମିମଃନ୍‌କେ ଲାଡ୍ କଃରିଆଚି,
ତୁମିମଃନ୍ ହେଁ ସେନ୍‌କଃରି ତୁମାର୍ ତୁମାର୍ ବିତ୍ରେ ଲାଡ୍ କଃରା ।
35 ଜଦି ତୁମାର୍ ତୁମାର୍ ବିତ୍ରେ ଲାଡ୍ ରଃୟ୍‌ଦ୍, ତଃବେ ତୁମିମଃନ୍
ଜେ ମର୍ ଚେଲା ଇରି ସଃବୁ ଲକ୍‌ମଃନ୍ ଜାଣ୍ତି ।" 36 ସିମନ୍
ପିତର୍ ଜିସୁକେ ହଃଚାର୍ଲା, "ମାପ୍ରୁ, ତୁୟ୍ କୁୟ୍‌ତି ଜଃଉଁଲିସ୍?"
ଜିସୁ କୟ୍‌ଲା, "ମୁୟ୍ କୁୟ୍ ଟାଣେ ଜଃଉଁଲେ, ତୁମିମଃନ୍ ଅଃବେ
ମର୍ ହଃଚେ ହଃଚେ ସେତି ଜଃଉଁ ନଃହାରାସ୍, ମଃତର୍ ହଃଚେ
ଜାହାସ୍ ।" 37 ପିତର୍ ଜିସୁକେ କୟ୍‌ଲା, "ମାପ୍ରୁ ମୁୟ୍ ଅଃବେ
କାୟ୍‌କଃରୁକ୍ ତର୍ ହଃଚେ ହଃଚେ ଜଃଉଁ ନଃହାରି? ମୁୟ୍ ତର୍
ଗିନେ ନିଜାର୍ ଜିବନ୍ ଦଃୟ୍‌ନ୍ନ ।" 38 ଜିସୁ କୟ୍‌ଲା, "ତୁୟ୍ କାୟ୍
ମର୍ ଗିନେ ନିଜାର୍ ଜିବନ୍ ଦେସି? ମୁୟ୍ ତକ୍ ସଃତ୍ କଃଉଁଲେ
ଆଜି ରାତି କୁକ୍‌ଲା ନଃବାସ୍ତେ ତୁୟ୍ ମକ୍ ତିନିତର୍ ନଃଜାଣି ବଃଲି
କଃଉସି ।"

**14** ଜିସୁ କୟ୍‌ଲା, "ତୁମିମଃନାର୍ ମଃନ୍ ନଃଡିର, ତୁମିମଃନ୍
ଇସ୍ୱର୍ ତଃୟ୍ ବିସ୍ୱାସ୍ କଃରା, ଆର୍ ମର୍ ତଃୟ୍‌ହେଁ ବିସ୍ୱାସ୍
କଃରା । 2 ମର୍ ଉବାର୍ ଗଃରେ ଗାଦେକ୍ ବାସା କଃର୍ତା ଟାଣ୍
ଆଚେ; ସେରି ସଃତ୍ ଅୟ୍‌ନଃରିଲେକ୍, ମୁୟ୍ ତୁମିକେ ଇ କଃତା
ନଃକୟ୍‌ଲେ ହୁଣି, ମୁୟ୍ ତୁମାର୍ ଗିନେ ଟାଣ୍ ଟିକ୍ କଃରୁକେ
ଜଃଉଁଲେ; 3 ଆର୍, ମୁୟ୍ ଜାୟ୍‌କଃରି ତୁମାର୍ ଗିନେ ଟାଣ୍ ଟିକ୍
କଃଲେକ୍ ଆରେକ୍ ଆସିନ୍ନ, ଆର୍ ମୁୟ୍ ଜୁୟ୍ ଟାଣେ ରଃୟ୍‌ନ୍ନ
ତୁମିମଃନ୍ ହେଁ ଜଃନ୍‌କଃରି ସେ ଟାଣେ ରିଆସ୍, ସେତାର୍‌ଗିନେ
ତୁମିକେ ନିଜାର୍ ତଃୟ୍ ନଃୟ୍‌ନ୍ନ । 4 ଆରେକ୍ ମୁୟ୍ ଜୁୟ୍
ଟାଣେ ଜଃଉଁଲେ, ସେତିର୍ ବାଟ୍ ତୁମିମଃନ୍ ଜାଣାସ୍ ।" 5 ତମା
ଜିସୁକେ ହଃଚାର୍ଲା, "ମାପ୍ରୁ, ତୁୟ୍ କୁୟ୍ ଟାଣେ ଜଃଉଁଲିସ୍, ସେରି
ଅଃମିମଃନ୍ ନଃଜାଣୁ; ସେତି ଜାତାର୍ ବାଟ୍ କଃନ୍‌କଃରି ଜାଣୁନ୍ନ?"
6 ଜିସୁ ତାକ୍ କୟ୍‌ଲା, "ମୁୟ୍ ବାଟ୍, ସଃତ୍ ଆର୍ ଜିବନ୍, ମର୍
ଦଃୟ୍ ନଃଗେଲେକ୍ କେ ହେଁ ଉବାର୍ ହାକ୍ ଜଃଉଁ ନାହାରେ
। 7 ମକ୍ ଜାଣ୍‌ଲେକ୍, ମର୍ ଉବାକ୍ ହେଁ ଜାଣାସ୍; ଅଃବେହୁଣି
ତୁମିମଃନ୍ ତାକ୍ ଜାଣିଆଚାସ୍ ଆର୍ ତାକ୍ ଦଃକିଆଚାସ୍ ।" 8

ପିଲିପ୍ ଜିସୁକେ କୟ୍ଲା, "ମାପ୍ରୁ ଅଃମିମଃନ୍କ୍ ଉବାକ୍ ଦଃକାଉ,
ସଃତେକ୍ ଅଃମାର୍ ଗିନେ ସଃରି ।" 9 ଜିସୁ ତାକ୍ କୟ୍ଲା,
"ପିଲିପ୍, ଅଃତେକ୍ କାଲ୍ ଦଃରି ମୁୟ୍ ତୁମାର୍ ସଃଙ୍ଗ୍ ଆଚି, ଆର୍
ଆଜି ହଃତେକ୍ ତୁୟ୍ କାୟ୍ ମକ୍ ଚିନୁ ନଃହାର୍ଲିସ୍? ଜେ ମକ୍
ଦଃକି ଆଚେ ସେ ମର୍ ଉବାକ୍ ଦଃକି ଆଚେ; ଅଃମିମଃନ୍କ୍
ଉବାକ୍ ଦଃକାଉ ବଃଲି ତୁୟ୍ କଃନ୍କଃରି କଃଉଁଲିସ୍? 10 ମୁୟ୍
ଜେ ଉବାର୍ ସଃଙ୍ଗ୍ ଆଚି ଆର୍ ଉବା ମର୍ ସଃଙ୍ଗ୍ ଆଚେ, ଇ କଃତା
କାୟ୍ରି ବିସ୍ୱାସ୍ କଃରୁ ନଃହାରୁଲିସ୍? ମୁୟ୍ ତୁମିମଃନ୍କେ ଜୁୟ୍
କଃତା କଃଉଁଲେ, ସେରି ସଃବୁ ମର୍ ନିଜାର୍ ସିକ୍ୟା ନାୟ୍, ମଃତର୍
ଉବା ମର୍ ତଃୟ୍ ରଃୟ୍ ଅଃହ୍ଣାର୍ କାମ୍ କଃରୁଲା । 11 ମୁୟ୍
ଜେ ଉବାର୍ ସଃଙ୍ଗ୍ ଆଚି ଆର୍ ଉବା ଜେ ମର୍ ତଃୟ୍ ଆଚେ, ମର୍
ଇ କଃତା ବିସ୍ୱାସ୍ କଃରା, ନୟ୍ଲେକ୍, ମର୍ କାମ୍ ଦଃକି ବିସ୍ୱାସ୍
କଃରା । 12 ମୁୟ୍ ତୁମିକେ ସଃତ୍କଃରି କଃଉଁଲେ, ମର୍ତଃୟ୍
ଜେ ବିସ୍ୱାସ୍ କଃରେଦ୍, ମୁୟ୍ ଜୁୟ୍ ଜୁୟ୍ କାମ୍ କଃରୁଲେ, ସେ ହେଁ
ସେରିସଃବୁ କଃରେଦ୍, ଆରେକ୍ ସେସଃବୁ ତଃୟ୍ହୁଣି ହେଁ ଅଃଦିକ୍
ବଃଡ୍ କାମ୍ କଃରେଦ୍, ବଃଲେକ୍ ମୁୟ୍ ଉବାର୍ ହାକ୍ ଜଃଉଁଲେ
। 13 ଆରେକ୍ ଉବା ଜଃନ୍କଃରି ହୟ୍ସିର୍ ଗିନେ ଜଃଜ୍ମାନ୍
ହାୟ୍ଦ୍, ଇତାର୍ ଗିନେ ତୁମିମଃନ୍ ମର୍ ନାଉଁଏ ଜାୟ୍ରି ହେଁ
ମାଗାସ୍ ସେରି ମୁୟ୍ କଃରିନ୍ଧ । 14 ଜଦି ତୁମିମଃନ୍ ମର୍ ନାଉଁଏ
ଜାୟ୍ରିହେଁ ମାଗାସ୍, ମୁୟ୍ ସେରି ତୁମିକେ ଦଃୟ୍ନ୍ଧ ।" 15 ଜଦି
ତୁମିମଃନ୍ ମକ୍ ଲାଡ୍ କଃରାସ୍ ତଃନ୍ଅୟ୍ଲେକ୍ ମର୍ ଆଦେସ୍
ସଃବୁ ମାନାସ୍ । 16 ଆରେକ୍ ମୁୟ୍ ଉବାକ୍ ଗଃଉଆରି କଃରିନ୍ଧ
ଆର୍ ତୁମାର୍ ସଃଙ୍ଗ୍ ସଃବୁ ଦିନ୍ ରେଉଁକେ ସେ ତୁମିକେ ଆରେକ୍
ଗଟ୍ ଉହ୍କାର୍ କାରିକେ ହଃଟାୟ୍ଦ୍ । (aiōn g165) 17 ବଃଲେକ୍
ସେ ସଃତ୍ ଆତ୍ମା ଦଃୟ୍ଦ୍ । ଜଃଗତ୍ ତାକ୍ ଦଃରୁକ୍ ନାହାରେ,
ବଃଲେକ୍ ଜଃଗତ୍ ତାକ୍ ନଃଦେକେ କି ନଃଜାଣେ; ମଃତର୍
ତୁମିମଃନ୍ ତାକ୍ ଜାଣିଆଚାସ୍, ବଃଲେକ୍ ସେ ତୁମିମଃନାର୍ ସଃଙ୍ଗ୍
ରଃୟ୍ଦ୍, ଆରେକ୍ ସେ ତୁମାର୍ ମଃନ୍ ବିତ୍ରେ ରଃୟ୍ଦ୍ । 18
"ମୁୟ୍ ଗଃଲା ହଃଚେ, ତୁମିମଃନ୍କେ ଟୁରାହିଲା କଃରି ଚାଡି
ନଃଜାୟ୍ଁ, ମୁୟ୍ ତୁମାର୍ ହାକ୍ ବାଉଳି ଆସିନ୍ଧ । 19 ଅଃଳକ୍
ମଃତର୍ ବେଲ୍ ଆଚେ, ଜଃଗତ୍ ମକ୍ ଆରେକ୍ ଦଃକୁ ନାହାରେ;
ମଃତର୍ ତୁମିମଃନ୍ ମକ୍ ଦଃକାସ୍, ବଃଲେକ୍ ମୁୟ୍ ଜିବନ୍, ଆର୍
ତୁମିମଃନ୍ ହେଁ ଜିବନ୍ ରିଆସ୍ । 20 ମୁୟ୍ ଜେ ମର୍ ଉବାର୍ ତଃୟ୍,
ଆରେକ୍ ତୁମିମଃନ୍ ମର୍ତଃୟ୍ ଆର୍ ମୁୟ୍ ତୁମାର୍ ତଃୟ୍ ଆଚି
। ଇରି ସେଦିନ୍ ଆୟ୍ଲେକ୍, ତୁମିମଃନ୍ ଜାଣାସ୍ ।" 21 "ଜେ
ମର୍ ଆଦେସ୍ ସଃବୁ ହାୟ୍ କଃରି ମାନେଦ୍ ସେ ତ ମକ୍ ଲାଡ୍
କଃରେଦ୍ ଆରେକ୍ ଜେ ମକ୍ ଲାଡ୍ କଃରେଦ୍, ମର୍ ଉବା ତାକ୍
ଲାଡ୍ କଃରେଦ୍, ଆର୍ ମୁୟ୍ ତାକ୍ ଲାଡ୍ କଃରିନ୍ଧ ଆର୍ ତାର୍ ତଃୟ୍
ମୁୟ୍ ନିଜେ ଦଃକାୟ୍ ଅୟ୍ନ୍ଧ ।" 22 ଜିଉଦା, ଜେ ଇସ୍କାରିଅତ୍
ଜିଉଦା ନାୟ୍, ସେ ଜିସୁକେ କୟ୍ଲା, "ଏ ମାପ୍ରୁ, ଇରି କଃନ୍କଃରି
ଅୟ୍ଦ୍? ତୁୟ୍ ଜଃଗତ୍କେ ନିଜ୍କେ ନଃଦେକାୟ୍, ଅଃମାର୍ ତଃୟ୍
କଃନ୍କଃରି ଅଃହ୍ଣାକ୍ ଜାଣାଉଁସି?" 23 ଜିସୁ ତାକ୍ କୟ୍ଲା,
"ଜଦି କେ ମକ୍ ଲାଡ୍ କଃରେଦ୍, ତଃନ୍ଅୟ୍ଲେକ୍ ସେ ମର୍ କଃତା
ମାନେଦ୍, ଆରେକ୍ ମର୍ ଉବା ତାକ୍ ଲାଡ୍ କଃରେଦ୍, ଆରେକ୍
ଉବା ଆର୍ ମୁୟ୍ ଆସି ତାର୍ତଃୟ୍ ବାସା କଃରୁନ୍ଧ । 24 ଜେ ମକ୍
ଲାଡ୍ ନଃକେରେ, ସେ ମର୍ ବଃଚନ୍ ନଃମାନେ । ଆର୍ ଜୁୟ୍
କଃତା ତୁମିମଃନ୍ ସୁଣୁଲାସ୍, ସେରି ମର୍ ନିଜାର୍ ନାୟ୍, ମଃତର୍
ମକେ ଜେ ହଃଟାୟ୍ ଆଚେ ସେ ଉବାର୍ ।" 25 ମୁୟ୍ ତୁମାର୍
ସଃଙ୍ଗ୍ ରେଉଁ ରେଉଁ ତୁମିମଃନ୍କେ ଇସଃବୁ କଃତା କଃଉଁଲେ ।
26 ମଃତର୍ ସେ ଉହ୍କାର୍କାରି, ବଃଲେକ୍ ଜୁୟ୍ ପବିତ୍ର ଆତ୍ମାକେ
ଉବା ମର୍ ନାଉଁଏ ହଃଟାୟ୍ଦ୍, ସେ ତୁମିମଃନ୍କେ ସଃବୁ ବିସୟେ
ସିକ୍ୟା ଦଃୟ୍ଦ୍ ଆର୍ ମୁୟ୍ ତୁମିମଃନ୍କେ ଜାୟ୍ ଜାୟ୍ରି କୟ୍
ଆଚି, ସେରିସଃବୁ ତୁମିମଃନ୍କେ ଏତୁ କଃରାୟ୍ ଦଃୟ୍ଦ୍ । 27
ମୁୟ୍ ତୁମିମଃନ୍କେ ସୁସ୍ତା ଦଃୟ୍ କଃରି ଜଃଉଁଲେ, ମର୍ ନିଜାର୍
ସୁସ୍ତା ତୁମିମଃନ୍କେ ଦେଉଁଲେ, ଜଃଗତ୍ ଜଃନ୍କଃରି ଦଃୟ୍ଦ୍,
ମୁୟ୍ ତୁମିମଃନ୍କେ ସେନ୍କଃରି ଦାନ୍ ନଃକେରି । ତୁମିମଃନ୍
ମଃନ୍ ବିତ୍ରେ ଚିତା କଃରା ନାୟ୍ କି ଡିରା ନାୟ୍ । 28 ମୁୟ୍ ଜେ
ଜଃଉଁଲେ ଆର୍ ତୁମାର୍ ହାକ୍ ଆରେକ୍ ବାଉଳି ଆସିନ୍ଧ, ମର୍ ଇ
କଃତା ତ ସୁଣିଆଚାସ୍ । ଜଦି ତୁମିମଃନ୍ ମକ୍ ଲାଡ୍ କର୍ତି ରିଲେକ୍
ମୁୟ୍ ମର୍ ଉବାର୍ ହାକ୍ ଜଃଉଁଲେ ବଃଲି ସଃର୍ଦା ଅୟ୍ଲାସ୍
ହୁଣି, ବଃଲେକ୍ ଉବା ମର୍ ତଃୟ୍ହୁଣି ବଃଡ୍ । 29 ଆରେକ୍
ସେରି ଗଃଟ୍ତା ବଃଳ୍ ତୁମିମଃନ୍ ଜଃନ୍କଃରି ବିସ୍ୱାସ୍ କଃରାସ୍,
ଇତାର୍ ଗିନେ ସେରି ଗଃଟ୍ତା ଆଗ୍ତୁ ମୁୟ୍ ଅଃବେ ତୁମିମଃନ୍କେ
କୟ୍ଆଚି । 30 ମୁୟ୍ ତୁମାର୍ ସଃଙ୍ଗ୍ ଆରେକ୍ ବୁତେକ୍ ଗଃଳି
କଃତାବାର୍ତା କଃରୁ ନଃହାରି, ବଃଲେକ୍ ଜଃଗତାର୍ ଅଃଦିକାରି
ଆସୁଲା; ଆର୍ ମର୍ ଉହ୍ରେ ତାର୍ କାୟ୍ରିହେଁ ଅଃଦିକାର୍ ନାୟ୍
। 31 ମଃତର୍ ଉବା ମକ୍ ଜଃନ୍କଃରି ଆଡର୍ ଦଃୟ୍ ଆଚେ,
ସେରଃକମ୍ ମୁୟ୍ କାମ୍ କଃରିନ୍ଧ, ତଃନ୍ଅୟ୍ଲେକ୍ ମୁୟ୍ ମର୍
ଉବାକ୍ ଲାଡ୍ କଃରୁଲେ ବଃଲି ଜଃଗତ୍ ଜାଣେଦ୍ । ଉଟା,
ଅଃମିମଃନ୍ ଇତିହୁଣି ଜୁଆଁ ।

15 ମୁୟ୍ ସଃତ୍ୟା ଅଙ୍ଗ୍ରୁର୍ ମାଲ୍, ଆରେକ୍ ମର୍ ଉବା ତାସି
। 2 ମର୍ ତଃୟ୍ ରିଲା ଜୁୟ୍ କଃନ୍ଦା ହଃଲ୍ ନଃହେଲେ,
ତାକ୍ ସେ କାଟି ହଃକାୟ୍ଦ୍; ଆର୍ ଜୁୟ୍ କଃନ୍ଦା ହଃଲ୍ ହଃଲେଦ୍,
ସେରି ଅଃଦିକ୍ ହଃଲ୍ ହଃଲୁକ୍ ତାକ୍ ହର୍ଚୋଲ୍ କଃରେଦ୍ । 3 ମୁୟ୍
ତୁମିମଃନ୍କେ ଜୁୟ୍ କଃତା କୟ୍ଆଚି, ସେତାର୍ଗିନେ ତୁମିମଃନ୍
ନିର୍ମୁଲ୍ ଅୟ୍ ସଃରିଆଚାସ୍ । 4 ମର୍ ତଃୟ୍ ରିଆ, ତଃବେ ମୁୟ୍
ତୁମାର୍ ତଃୟ୍ ରଃୟ୍ନ୍ଧ । କଃନ୍ଦା ଜଃନ୍କଃରି ଅଙ୍ଗ୍ରୁର୍ ମାଳେ
ନଃରିଲେକ୍ ନିଜେ ହଃଲ୍ ହଃଲୁ ନାହାରେ, ସେହର୍ ତୁମିମଃନ୍
ହେଁ ମର୍ ତଃୟ୍ ନଃରିଲେକ୍ ହଃଲ୍ ହଃଲୁ ନଃହାରାସ୍ । 5
ମୁୟ୍ ଅଙ୍ଗ୍ରୁର୍ ମାଲ୍, ଆର୍ ତୁମିମଃନ୍ କଃନ୍ଦା, ଜେ ମର୍ତଃୟ୍
ରଃୟ୍ଦ୍ ଆର୍ ମୁୟ୍ ଜାର୍ତଃୟ୍ ରଃୟ୍ନ୍ଧ, ସେ ଜଃବର୍ ହଃଲ୍
ହଃଲେଦ୍; ବଃଲେକ୍ ମୁୟ୍ ନୟ୍ଲେକ୍ ତୁମିମଃନ୍ କାୟ୍ରି କଃରୁ

ନଃହାରାସ୍ । 6 କେ ଜଃବେ ମର୍‌ତଃୟ୍ ନଃରେୟ୍, ତଃବେ ତାକ୍
ଗଟେକ୍ କାଟ୍‌ଲା କଃନ୍ଦା ହର୍ ହଃଦାୟ୍ ହଃକାଅୟ୍‌ଦ୍ ଆର୍ ସେରି
ସୁକିଜାୟ୍‌ଦ୍; ଇରଃକମ୍ କଃନ୍ଦାମଃନ୍‌କ୍ ଲକ୍‌ମଃନ୍ ଗଟ୍‌ଟାଣେ
ରୁଣ୍ଡାୟ୍ କଃରି ଜୟେ ହଃକାଉତି ଆର୍ ସେରିମଃନ୍ ହଡିଜାୟ୍‌ଦ୍ ।
7 ଜଦି ତୁମିମଃନ୍ ମର୍‌ତଃୟ୍ ରିଆସ୍, ଆର୍ ମର୍ କଃତା ତୁମାର୍
ତଃୟ୍ ରଃୟ୍‌ଦ୍, ତଃବେ ତୁମିମଃନ୍ ଜାୟ୍‌ରି ମଃନ୍‌କଃରି ମାଗାସ୍,
ସେରି ହାଉଆସ୍ । 8 ତୁମିମଃନ୍ ଜଃବର୍ ହଃଲ୍ ହଃଲ୍‌ଲେକ୍
ମର୍ ଉବା ଜଃକ୍‌ମାନ୍ ହାୟ୍‌ଦ୍, ଆର୍ ତୁମିମଃନ୍ ମର୍ ନିଜାର୍
ଚେଲା ଅଃଉଆସ୍ । 9 ଉବା ଜୁୟ୍‌ରଃକମ୍ ମକ୍ ଲାଡ୍ କଃଲା
ଆଚେ, ମୁୟ୍ ହେଁ ସେରଃକମ୍ ତୁମିମଃନ୍‌କେ ଲାଡ୍ କଃରିଆଚି;
ମର୍ ଲାଡେ ତିର୍ ଅୟ୍‌ରିଆ । 10 ମୁୟ୍ ଜଃନ୍‌କଃରି ମର୍ ଉବାର୍
ଆଦେସ୍ ମାନି କଃରି ତାର୍ ଲାଡେ ତିର୍ ଅୟ୍ ଆଚି, ତୁମିମଃନ୍
ସେରଃକମ୍ ଜଃବେ ମର୍ ଆଦେସ୍ ମାନାସ୍ ତଃବେ ମର୍ ଲାଡେ
ତିର୍ ଅୟ୍‌ରିଆସ୍ । 11 ମର୍ ସଃର୍ଦା ଜଃନ୍‌କଃରି ତୁମାର୍ ଲଃଗେ
ରଃୟ୍‌ଦ୍, ଆର୍ ତୁମିମଃନାର୍ ସଃର୍ଦା ହୁରୁଣ୍ ଅୟ୍‌ଦ୍, ଇତାର୍ ଗିନେ
ମୁୟ୍ ଇ ସଃବୁ କୟ୍‌ଲେ । 12 ମୁୟ୍ ଜଃନ୍‌କଃରି ତୁମିମଃନ୍‌କେ
ଲାଡ୍ କଃରିଆଚି, ତୁମିମଃନ୍ ହେଁ ସେନ୍‌କଃରି ତୁମାର୍ ତୁମାର୍
ବିତ୍ରେ ଲାଡ୍ କଃରା, ଇରି ମର୍ ଆଦେସ୍, 13 ଅଃହ୍‌ଣାର୍ ନିଜାର୍
ଲକାର୍ ଗିନେ ନିଜାର୍ ଜିବନ୍ ଦେତାର୍ ଚାଡି କାର୍ ଆରେକ୍
ଅଃଦିକ୍ ବଃଡ୍ ଲାଡ୍ ନାୟ୍ । 14 ମୁୟ୍ ତୁମିମଃନ୍‌କେ ଜୁୟ୍ ଆଡର୍
ଦେଉଁଲେ, ସେରି ଜଦି ମାନାସ୍, ତଃବେ ତୁମିମଃନ୍ ମର୍ ନିଜାର୍
ଲକ୍ । 15 ମୁୟ୍ ତୁମିମଃନ୍‌କେ ଆରେକ୍ ଗତିଦଃଙ୍ଗ୍ଲା ବଃଲି
ନଃକୟ୍ଁ, ବଃଲେକ୍ ସାଉକାର୍ କାୟ୍‌ରି କଃରୁଲା, ଦଃଙ୍ଗ୍ଲା ସେରି
ନଃଜାଣେ, ମଃତର୍ ମୁୟ୍ ତୁମିକେ ନିଜାର୍ ସଃଙ୍ଗ୍ ବଃଲି କୟ୍‌ଆଚି,
ବଃଲେକ୍ ମୁୟ୍ ମର୍ ଉବାର୍ ତଃୟ୍‌ହୁଣି ଜାୟ୍ ଜାୟ୍‌ରି ସୁଣିଆଚି,
ସେରି ସଃବୁ ତୁମିମଃନ୍‌କେ ଜାଣାୟ୍ ଦିଲେଆଚି । 16 ତୁମିମଃନ୍
ମକ୍ ବାଚ୍‌ଲାର୍ ନାୟ୍, ମଃତର୍ ମୁୟ୍ ତୁମିମଃନ୍‌କେ ବାଚି ଆଚି,
ଆର୍ ତୁମିମଃନ୍ ଜଃନ୍‌କଃରି ଅଃଦିକ୍ ହଃଲ୍ ହଃଲୁକ୍ ହାରାସ୍ ଆର୍
ତୁମାର୍ ହଃଲ୍ ସଃବୁ ଦିନ୍ ରଃୟ୍‌ଦ୍, ଇତାର୍ ଗିନେ, ତୁମିମଃନ୍‌କେ
କାମେ ଲାଗାୟ୍ ଆଚି । ସେତାକ୍ ତୁମିମଃନ୍ ମର୍ ନାଉଁଏ ଉବାକ୍
ଜାୟ୍‌ରି ହେଁ ମାଗାସ୍, ସେ ସେରି ତୁମିକେ ଦଃୟ୍‌ଦ୍ । 17 ତୁମିମଃନ୍
ଜଃନ୍‌କଃରି ଗଟ୍ ଲକ୍ ଆରେକ୍ ଗଟ୍ ଲକ୍‌କେ ଲାଡ୍ କଃରାସ୍,
ଇତାର୍ ଗିନେ ମୁୟ୍ ତୁମିମଃନ୍‌କେ ଇସଃବୁ ଆଡର୍ ଦେଉଁଲେ
। 18 ଜଦି ଜଃଗତ୍ ତୁମିମଃନ୍‌କେ ବିରଦ୍ କଃରେଦ୍, ତଃବେ
ତୁମିମଃନ୍‌କେ ବିରଦ୍ କର୍ତା ଆଗ୍‌ତୁ, ସେରି ଜେ ମକ୍ ଗିଣ୍ କଃରି
ଆଚେ, ଇରି ଜାଣା । 19 ଜଦି ତୁମିମଃନ୍ ଜଃଗତାର୍ ଅୟ୍‌ରିଲେକ୍,
ଜଃଗତ୍ ତୁମିମଃନ୍‌କେ ନିଜାର୍ ଲକ୍ ବଃଲି ଲାଡ୍ କଃଲିହୁଣି,
ମଃତର୍ ତୁମିମଃନ୍ ଜଃଗତାର୍ ନାୟ୍, ମଃତର୍ ମୁୟ୍ ତୁମିମଃନ୍‌କେ
ଜଃଗତ୍ ବିତ୍ରେହୁଣି ବାଚି ଆଚି, ଇତାର୍ ଗିନେ ଜଃଗତ୍ ତୁମିକେ
ବିରଦ୍ କଃରେଦ୍ । 20 ଗତିଦଃଙ୍ଗ୍ଲା ସାଉକାର୍ ତଃୟ୍‌ହୁଣି ବଃଡ୍
ନାୟ୍, ମୁୟ୍ ତୁମିମଃନ୍‌କେ ଇ ଜୁୟ୍ କଃତା କୟ୍‌ରିଲେ, ସେରି
ଏତୁ କଃରା । ଜଦି ସେମଃନ୍ ମକ୍ ତାଡ୍‌ନା କଃରିଆଚ୍‌ତି, ତଃବେ
ତୁମିମଃନ୍‌କେ ହେଁ ତାଡ୍‌ନା କର୍ତି; ଜଦି ସେମଃନ୍ ମର୍ କଃତା
ମାନି ଆଚ୍‌ତି, ତଃବେ ତୁମିମଃନାର୍ କଃତାକ୍ ହେଁ ମାନ୍‌ତି । 21
ମଃତର୍ ସେମଃନ୍ ମକ୍ ହଃଟାୟ୍‌ଲା ଲକ୍‌କେ ଜାଣି ନଃରିଲାକ୍,
ମର୍ ନାଉଁ ଗିନେ ତୁମିକେ ଇସଃବୁ କର୍ତି । 22 ଜଦି ମୁୟ୍ ଆସି
ସେମଃନ୍‌କେ କୟ୍ ନଃରିଲେକ୍, ସେମଃନାର୍ ହାହ୍ ନିଲାହୁଣି;
ମଃତର୍ ଅଃବେ ସେମଃନାର୍ ହାହ୍ ବିସୟେ ସେମଃନ୍ କାୟ୍ ହେଁ
ବାଟ୍ ଦଃକାଉଁ ନଃହାର୍‌ତି । 23 ଜେ ମକ୍ ବିରଦ୍ କଃରେଦ୍, ସେ
ମର୍ ଉବାକ୍ ହେଁ ବିରଦ୍ କଃରେଦ୍ । 24 ଜୁୟ୍ କାମ୍‌ସଃବୁ ଆରେକ୍
କେ ହେଁ ନଃକେର୍ତି, ମୁୟ୍ ଜଦି ସେରିସଃବୁ ସେମଃନାର୍ ବିତ୍ରେ
କଃରି ନଃରିଲେକ୍, ସେମଃନାର୍ ହାହ୍ ନିଲାହୁଣି; ମଃତର୍ ଅଃବେ
ସେମଃନ୍ ଦଃକିଆଚ୍‌ତି, ଆରେକ୍ ମକ୍ ଆର୍ ମର୍ ଉବାକ୍ ଗିଣ୍
କଃରି ଆଚ୍‌ତି । 25 ମଃତର୍ ସେମଃନ୍ ତିନିହଲ୍ୟାୟ୍ ମକ୍ ବିରଦ୍
କଃଲାୟ୍, ସେମଃନାର୍ ବିଦିଲଃଗେ ଲେକାଅୟ୍‌ଲା ଇ ବଃଚନ୍
ଜଃନ୍‌କଃରି ହୁରା ଅୟ୍‌ଦ୍, ଇତାର୍ ଗିନେ ଇବାନ୍ୟା ଗଃଟୁଲି । 26
ଉବାର୍ ଲଃଗେହୁଣି ମୁୟ୍ ତୁମାର୍ ହାକ୍ ଜୁୟ୍ ଉହ୍‌କାର୍ କାରିକେ
ହଃଟାୟ୍ନ୍କ, ସେ ଉବାର୍ ତଃୟ୍‌ହୁଣି ଆସି ପବିତ୍ର ଆତ୍ମାର୍ ବିସୟେ
ସଃତ୍ ସାକି ଦଃୟ୍‌ଦ୍ । ଆର୍ ମର୍ ବିସୟେ ହେଁ ସାକି ଦଃୟ୍‌ଦ୍ ।
27 ଆର୍ ତୁମିମଃନ୍ ହେଁ ସାକି, ବଃଲେକ୍ ତୁମିମଃନ୍ ଆରୁମେ ହୁଣି
ମର୍ ସଃଙ୍ଗ୍ ଆଚାସ୍ ।

16 “ତୁମିମଃନ୍ ଜଃନ୍‌କଃରି ନିଜାର୍ ବିସ୍ୱାସ୍ ଦଃରି ରିଆସ୍,
ସେତାର୍ ଗିନେ ମୁୟ୍ ତୁମିମଃନ୍‌କେ ଇସଃବୁ କଃତା
କୟ୍‌ଆଚି । 2 ସେମଃନ୍ ତୁମିମଃନ୍‌କେ ଦଃଲେ ହୁଣି ବାର୍‌ତି
ଆର୍ ଇବାନ୍ୟା ଦିନ୍ ଆସୁଲି, ଜଃଡେବଃଲ୍ ଲକ୍‌ମଃନ୍ ତୁମିକେ
ମଃର୍ନେ ମାର୍ତି ଆର୍ ଇସ୍ୱର୍ ଲଃଗେ ସେବା କଃରୁଲୁ ବଃଲି ମଃନେ
ବାବ୍‌ତି । 3 ଆର୍ ଲକ୍‌ମଃନ୍ ତୁମାର୍ ସଃଙ୍ଗ୍ ଇସଃବୁ କର୍ତି,
କାୟ୍‌ତାକ୍‌ବଃଲେକ୍ ସେମଃନ୍ ମକ୍ କି ମର୍ ଉବାକ୍ ନଃଜାଣ୍‌ତି
। 4 ମଃତର୍ ଇସଃବୁ ଗଃଟ୍‌ତା ଦିନ୍ ଆୟ୍‌ଲେକ୍, ମୁୟ୍ ଜେ
ତୁମିମଃନ୍‌କେ କୟ୍‌ରିଲେ, ଇରି ଜଃନ୍‌କଃରି ତୁମିମଃନ୍ ମଃନେ
ଏତାଉଆସ୍, ଇତାର୍ ଗିନେ ମୁୟ୍ ଇସଃବୁ କଃତା ତୁମିମଃନ୍‌କେ
କଃଉଁଲେ । ମୁୟ୍ ତୁମାର୍ ସଃଙ୍ଗ୍ ରିଲେଲାଗି, ଆରୁମେ ହୁଣି
ଇ କଃତା କୟ୍ ନଃରିଲେ ।” 5 “ଅଃବେ ମୁୟ୍ ମକ୍ ହଃଟାୟ୍
ରିଲା ଲକାର୍ ତଃୟ୍ ବାଉଲି ଜଃଉଁଲେ । ଅୟ୍‌ଲେକ୍ ହେଁ ତୁୟ୍
କେଣେ ଜଃଉଁଲିସ୍ ବଃଲି ତୁମାର୍ ବିତ୍ରେ କେହେଁ ମକ୍ ଗଃଉଆରି
ନଃକେରୁଲାସ୍ । 6 ଅଃବେ ମୁୟ୍ ତୁମିମଃନ୍‌କେ ଇସଃବୁ କଃତା
କୟ୍‌ଲେ ବଃଲି ତୁମିମଃନ୍ ମଃନ୍ ବିତ୍ରେ ବଃଡେ ଦୁକ୍ କଃରୁଲାସ୍ ।
7 ମଃତର୍ ମୁୟ୍ ତୁମିମଃନ୍‌କେ ସଃତ୍ କଃଉଁଲେ, ମୁୟ୍ ଗଃଲେକ୍
ତୁମିମଃନାର୍ ବାୟ୍‌ଗ୍ ଅୟ୍‌ଦ୍, ବଃଲେକ୍ ମୁୟ୍ ନଃଗେଲେକ୍, ସେ
ଉହ୍‌କାର୍ କର୍ତା ଆତ୍ମା ତୁମାର୍ ଲଃଗେ ନାସେ, ମଃତର୍ ମୁୟ୍
ଗଃଲେକ୍ ଉବା ତାକ୍ ତୁମାର୍ ଲଃଗେ ହଃଟାୟ୍‌ଦ୍ । 8 ସେ ଆସି
ହାହ୍, ଦଃର୍ମ୍ ଆର୍ ଇସ୍ୱରାର୍ ନ୍ୟାୟ୍ ବିଚାର୍ ବିସୟେ ଜଃଗତାର୍

ଲକ୍‌ମଃନ୍‌କେ ସଃତ୍ ବୁଦି ଦଃୟ୍‌ଦ୍ ଇରି ଇସ୍ୱରାର୍ ଇଚା । 9
ହାହ୍ ବିସୟେ ସେମଃନ୍ ଦସି, ବଃଲେକ୍ ସେମଃନ୍ ମର୍‌ତଃୟ୍
ବିସ୍ୱାସ୍ ନଃକେଲାୟ୍ । 10 ଦଃର୍ମି ବିସୟେ ସେମଃନ୍ ଦସି,
ବଃଲେକ୍ ମୁୟ୍ ଉବାର୍ ହାକ୍ ଜଃଉଁଲେ, ଇରି ଉବା ଇସ୍ୱରାର୍
ଇଚା ଆର୍ ତୁମିମଃନ୍ ମକ୍ ନଃଦେକାସ୍ । 11 ନ୍ୟାୟ୍ ବିସୟେ
ସେମଃନ୍ ଦସି, ବଃଲେକ୍ ଇ ଜଃଗତାର୍ ଅଃଦିକାରିକ୍ ବିଚାର୍
କଃରା ଅୟ୍‌ଆଚେ । 12 ମୁୟ୍ ତୁମିମଃନ୍‌କେ ଆରେକ୍ ଗାଦେକ୍
କଃତା କଃଉତାର୍ ଆଚେ, ମଃତର୍ ତୁମିମଃନ୍ ଅଃବେ ସେସଃବୁ
ସୁଣି ସଃମ୍ବାଲୁ ନଃହାରାସ୍ । 13 ମଃତର୍ ସେ, ବଃଲେକ୍ ସଃତ୍
ଆତ୍ମା ଆୟ୍‌ଲେକ୍, ସେ ବାଟ୍ ଦଃକାୟ୍ ତୁମିମଃନ୍‌କେ ସଃବୁ ସଃତ୍
ବିତ୍ରେ ନଃୟ୍‌ଦ୍, କାୟ୍‌ତାକ୍‌ବଃଲେକ୍ ସେ ଅଃହ୍‌ଣାର୍ ତଃୟ୍‌ହୁଣି
କଃତା ନଃକୟ୍‌ଁ, ମଃତର୍ ଜାୟ୍ ଜାୟ୍‌ରି ସୁଣେଦ୍ ସେରି ସଃବୁ
କୟ୍‌ଦ୍, ଆରେକ୍ ଜାୟ୍‌ରି ଆଗେ ଗଃଟୁକ୍ ଆଚେ ସେରି କୟ୍‌ଦ୍
। 14 ସେ ମକ୍ ଜଃଜ୍‌ମାନ୍ କଃରେଦ୍, ବଃଲେକ୍ ସେ ମୁୟ୍
କୟ୍‌ଲା ସଃବୁକଃତା ତୁମିମଃନ୍‌କେ ଜାଣାୟ୍‌ଦ୍ । 15 ଜାୟ୍ ଜାୟ୍‌ରି
ଉବାର୍, ସେରିସଃବୁ ମର୍, ଇତାର୍‌ଗିନେ ମୁୟ୍ କୟ୍‌ଲେ, ପବିତ୍ର
ଆତ୍ମା ମର୍ ତଃୟ୍‌ହୁଣି ସଃବୁ କଃତା ନଃୟ୍ ସେ ତୁମିମଃନ୍‌କେ
ଜାଣାୟ୍‌ଦ୍ ।” 16 “ଅଃଳକ୍ ବେଳା ମଃତର୍ ଆଚେ, ତୁମିମଃନ୍
ମକ୍ ଆରେକ୍ ଦଃକୁ ନଃହାରାସ୍, ଆରେକ୍ ଗଟ୍‌ତର୍ ଅଃଳକ୍
ବେଳ୍ ଗଃଲା ହଃଚେ ତୁମିମଃନ୍ ମକ୍ ଦଃକୁ ହାରାସ୍ ।” 17 ତଃବେ
ତାର୍ ଚେଲାମଃନାର୍ ବିତ୍ରେ କଃତିଲକ୍ କଃଉଆକଇ ଅୟ୍‌ଲାୟ୍,
“ଅଃଳକ୍ ବେଳା ଆଚେ, ତୁମିମଃନ୍ ମକ୍ ଦଃକୁ ନାହାରାସ୍,
ଆରେକ୍ ଗଟ୍‌ତର୍ ଅଃଳକ୍ ବେଳା ଗଃଲା ହଃଚେ ତୁମିମଃନ୍ ମକ୍
ଦଃକୁ ହାରାସ୍ ଆର୍ ମୁୟ୍ ଉବାର୍ ଲଃଗେ ଜଃଉଁଲେ, ଇ ଜୁୟ୍
କଃତା ସେ ଅଃମିମଃନ୍‌କ୍ କଃଉଁଲା, ଇତାର୍ ଅଃର୍ତ୍ କାୟ୍‌ରି?
18 ଅଃଳକ୍ ବେଳ୍ ବଃଲି ଏ କାୟ୍‌ରି କଃଉଁଲା? ସେ କାୟ୍‌ରି
କଃଉଁଲା ଅଃମିମଃନ୍ ବୁଜୁ ନଃହାରୁଲୁ ।” 19 ଚେଲାମଃନ୍ ତାକ୍
ଗଃଉଆରି କଃରୁକେ ମଃନ୍ କଃରୁଲାୟ୍ ବଃଲି ଜାଣୁ ହାରି, ଜିସୁ
ସେମଃନ୍‌କେ କୟ୍‌ଲା, “ଅଃଳକ୍ ବେଳା ଆଚେ, ତୁମିମଃନ୍ ମକ୍
ଦଃକୁ ନାହାରାସ୍, ଆରେକ୍ ଗଟ୍‌ତର୍ ଅଃଳକ୍ ବେଳ୍ ଗଃଲା
ହଃଚେ ତୁମିମଃନ୍ ମକ୍ ଦଃକୁ ହାରାସ୍, ମୁୟ୍ ଇ ଜୁୟ୍ କଃତା
କୟ୍‌ଲେ, ସେ କଃତାକ୍ ଦଃରି ତୁମିମଃନ୍ ନିଜାର୍ ନିଜାର୍ ବିତ୍ରେ
କାୟ୍‌ବଃଲି କଃଉଆକଇ ଅଃଉଁଲାସ୍? 20 ସଃତ୍‌କଃରି ମୁୟ୍
ତୁମିମଃନ୍‌କେ କଃଉଁଲେ, ତୁମିମଃନ୍ ଦୁକ୍ କଃରାସ୍ ଆର୍ ଏତାୟ୍
ଏତାୟ୍ କାନ୍ଦାସ୍, ମଃତର୍ ଜଃଗତ୍ ସଃର୍ଦା କଃରେଦ୍; ତୁମିମଃନ୍
ଦୁକ୍ ଅଃଉଆସ୍, ମଃତର୍ ତୁମାର୍ ଦୁକ୍ ସଃର୍ଦାୟ୍ ହାସ୍‌ଲେଦ୍
। 21 ହିଲା ଜଃଲମ୍ କଃର୍ତା ବେଳା ଆୟ୍‌ଲେକ୍ ମାୟ୍‌ଜି ଦୁକ୍
ହାୟ୍‌ଦ୍, ମଃତର୍ ସେ ହିଲା ଜଃଲମ୍ କଃଲା ହଃଚେ ଜଃଗତ୍‌କେ
ଗଟେକ୍ ନଃର୍ ହିଲା ଜଃଲମ୍ କଃଲା, ଇ ସଃର୍ଦା ଗିନେ ତାର୍
ଦୁକ୍‌କଃସ୍ଟ ହାସ୍ରିଜାୟ୍‌ଦ୍ । 22 ସେବାନ୍ୟା ତୁମିମଃନ୍ ଅଃବେ
ଦୁକ୍ ହାଉଁଲାସ୍, ମଃତର୍ ମୁୟ୍ ଆରେକ୍ ଗଟ୍‌ତର୍ ତୁମିମଃନ୍‌କେ
ଦଃକାୟ୍ ଅୟ୍‌ନ୍ଧ, ଆର୍ ତୁମିମଃନାର୍ ମଃନ୍ ସଃର୍ଦା ଅୟ୍‌ଦ୍ ଆର୍
କେହେଁ ତୁମାର୍ ଲଃଗେହୁଣି ତୁମିମଃନାର୍ ସେ ସଃର୍ଦା ଚାଡାୟ୍
ନଃନେୟ୍ ।” 23 “ସେଦିନ୍ ଆୟ୍‌ଲେକ୍ ତୁମିମଃନ୍ ମକ୍ କାୟ୍‌ରି
ହେଁ ଗଃଉଆରି କଃରୁକେ ନଃହେଲେ, ମୁୟ୍ ତୁମିମଃନ୍‌କେ ସଃତ୍
କଃଉଁଲେ, ଜଦି ତୁମିମଃନ୍ ମର୍ ନାଉଁଏ ଉବାକ୍ ଜାୟ୍‌ରି ମାଗାସ୍,
ସେ ତୁମିମଃନ୍‌କେ ସେରି ଦଃୟ୍‌ଦ୍ । 24 ଅଃବେ ହଃତେକ୍
ତୁମିମଃନ୍ ମର୍ ନାଉଁଏ କାୟ୍‌ରି ନଃମାଗାସ୍; ଅଃବେହୁଣି ମାଗା,
ତୁମିମଃନାର୍ ସଃର୍ଦା ଜଃନ୍‌କଃରି ହୁର୍ନ୍ ଅୟ୍‌ଦ୍, ସେତାର୍‌ଗିନେ
ତୁମିମଃନ୍ ସେରି ହାଉଆସ୍ ।” 25 “ମୁୟ୍ ତୁମିମଃନ୍‌କେ କଃତାନି
କୟ୍‌କଃରି କଃଉଁଲେ, ବେଳ୍ ଆସୁଲି, ଜଃଡେବଃଲ୍ ମୁୟ୍ ଆରେକ୍
କଃତାନି କୟ୍‌କଃରି ତୁମିମଃନ୍‌କେ ନଃକୟ୍‌ଁ, ମଃତର୍ ଉବାର୍
ବିସୟେ ନିକକଃରି ବୁଜ୍‌ଲାହର୍ ତୁମିମଃନ୍‌କେ ଜାଣାୟ୍‌ନ୍ଧ । 26
ସେଦିନ୍ ଆୟ୍‌ଲେକ୍, ତୁମିମଃନ୍ ମର୍ ନାଉଁଏ ଉବାକ୍ ମାଗାସ୍;
ସଃଡେବଃଲ୍ ମୁୟ୍ ତୁମାର୍ ଗିନେ ଉବାକ୍ ଗଃଉଆରି କଃରୁକେ
ନଃହେଲେ, 27 ବଃଲେକ୍ ଉବା ନିଜେ ତୁମିମଃନ୍‌କେ ଲାଡ୍
କଃରୁଲା, କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ ମକ୍ ଲାଡ୍ କଃରୁଲାସ୍
ଆର୍ ମୁୟ୍ ଜେ ଇସ୍ୱର୍ ଲଃଗେ ହୁଣି ଆସିଆଚି, ସେରି ତୁମିମଃନ୍
ବିସ୍ୱାସ୍ କଃରୁଲାସ୍ । 28 ସଃତ୍‌କଃରି ମୁୟ୍ ଉବାର୍ ଲଃଗେ
ହୁଣି ଜଃଗତେ ଆସିଆଚି; ଆର୍ ଅଃବେ ମୁୟ୍ ଜଃଗତ୍ ଚାଡି
ଉବାର୍ ଲଃଗେ ବାଉଳି ଜାୟ୍‌ନ୍ଧ ।” 29 ଇ କଃତା ସୁଣି ତାର୍
ଚେଲାମଃନ୍ ତାକ୍ କୟ୍‌ଲାୟ୍, “ଦଃକ୍, ଅଃବେ ତୁୟ୍ ବୁଜ୍‌ଲା
ହର୍‌କଃରି କଃଉଁଲିସ୍ ଆର୍ କଃତାନି ଆରେକ୍ ନଃକଉଁଲିସ୍ । 30
ଅଃବେ ଅଃମିମଃନ୍ ଜାଣ୍‌ଲୁ ଜେ ତୁୟ୍ ସଃବୁ ବିସୟ୍ ଜାଣି ଆଚ୍‌ସି,
ଆରେକ୍ ତୁୟ୍ କାକେ ଗଃଉଆରି କଃର୍ତା ଲଳା ନାୟ୍; ଇସ୍ୱର୍
ଲଃଗେ ହୁଣି ତୁୟ୍ ଆସି ଆଚ୍‌ସି ବଃଲି ଅଃମିମଃନ୍ ଇତାର୍ ଗିନେ
ସଃତ୍ କଃରୁଲୁ ।” 31 ଜିସୁ ସେମଃନ୍‌କେ କୟ୍‌ଲା, “ତୁମିମଃନ୍
କାୟ୍ ଅଃବେ ସଃତ୍ କଃରୁଲାସ୍? 32 ଦଃକା, ବେଳା ଆସୁଲି,
ହେଁ, ଆୟ୍‌ଲିନି, ଜଃଡେବଃଲ୍ ତୁମିମଃନ୍ ଚିନ୍‌ବିନ୍ ଅୟ୍ ସଃବୁ
ଲକ୍ ନିଜାର୍ ନିଜାର୍ ଗଃରେ ହଃଳାୟ୍ ଜାହାସ୍, ଆର୍ ମକ୍ ଏକ୍ଲା
କଃରି ଚାଡାସ୍, ଅୟ୍‌ଲେକ୍ ହେଁ ମୁୟ୍ ଏକ୍ଲା ନାୟ୍, ବଃଲେକ୍ ଉବା
ମର୍ ସଃଙ୍ଗ୍ ଆଚେ । 33 ତୁମିମଃନ୍ ଜଃନ୍‌କଃରି ମର୍ ଲଃଗେ
ରଃୟ୍ ସୁସ୍ତା ହାଉଆସ୍, ଇତାର୍ ଗିନେ ମୁୟ୍ ତୁମିମଃନ୍‌କେ ଇ
ସଃବୁ କଃତା କଃଉଁଲେ । ଜଃଗତେ ତୁମାର୍ ଗିନେ ଦୁକ୍ କଃସ୍ଟ
ଆଚେ, ମଃତର୍ ସାସ୍ ଦଃରା, ମୁୟ୍ ଜଃଗତ୍‌କେ ଜିଣି ଆଚି ।”

**17** ଜିସୁ ଇ ସଃବୁ କଃତା କୟ୍ ସଃରାୟ୍ ସଃର୍ଗ୍ ବାଟ୍ୟା
ଦଃକିକଃରି କୟ୍‌ଲା, “ଉବା, ମର୍ ବେଳା ହଚ୍‌ଲିନି,
ତର୍ ହୟ୍‌ଦିକ୍ ଜଃଜ୍‌ମାନ୍ କଃର୍, ଜଃନ୍‌କଃରି ହୟ୍‌ଦି ହେଁ ତକ୍
ଜଃଜ୍‌ମାନ୍ କଃରେଦ୍, 2 ତୁୟ୍ ତାକ୍ ସଃବୁ ମାନାୟ୍ ଜାତି ଉହ୍ରେ
ଅଃଦିକାର୍ ଦଃୟ୍‌ଆଚ୍‌ସି । ଜଃନ୍‌କଃରି ତୁୟ୍ ଜୁୟ୍‌ମଃନ୍‌କ୍ ତାର୍
ଆତେ ସଃହ୍ରି ଦଃୟ୍ ଆଚ୍‌ସି, ସେମଃନ୍‌କେ ସେ ଅଃମ୍ବ୍ରର୍ ଜିବନ୍
ଦଃୟ୍‌ଦ୍ । (aiōnios g166) 3 ଆର୍, ଗଟେକ୍ ବଃଲି ସଃତ୍ୟା

ଇସ୍ୱର୍ ଜେ ତୁୟ୍, ତକ୍ ଆର୍ ତୁୟ୍ ହଃଟାୟ୍ଲା ଜିସୁ କ୍ରିସ୍ଟକେ
ଜାଣ୍ତାର୍ ହଃକା ଅଃମ୍ବର୍ ଜିବନ୍ । (aiōnios g166) 4 ତୁୟ୍
ମକ୍ ଜୁୟ୍ କାମ୍ କଃରୁକେ ଦଃୟ୍ଆଚ୍ସି, ସେରି ମୁୟ୍ ସଃରାୟ୍
କଃରି ହୁର୍ତିବିଏ ତକ୍ ଜଃଜ୍ମାନ୍ କଃରି ଆଚି । 5 ଏ ଉବା,
ଜଃଗତାର୍ ଉବ୍ଜାଣ୍ ହୁର୍ବେ ତର୍ ସଃଙ୍ଗ୍ ମର୍ ଜୁୟ୍ ଜଃଜ୍ମାନ୍
ରିଲି, ଅଃବେ ତର୍ ମୁୟେ ତୁୟ୍ ମକ୍ ଜଃଜ୍ମାନ୍ କଃର୍ । 6 ତୁୟ୍
ମକ୍ ଜଃଗତାର୍ ବିତ୍ରେ ଜୁୟ୍ ଲକ୍ମଃନ୍କେ ସଃହିଁ ଦଃୟ୍ରିଲିସ୍,
ମୁୟ୍ ସେମଃନାର୍ ଲଃଗେ ତର୍ ନାଉଁ ଜାଣାୟ୍ଲେ ଆଚି; ସେମଃନ୍
ତର୍ ରିଲାୟ୍, ଆର୍ ତୁୟ୍ ସେମଃନ୍କେ ମକ୍ ସଃହିଁ ଦିଲିସ୍,
ଆର୍ ସେମଃନ୍ ତର୍ କଃତା ମାନ୍ଲାୟ୍ ଆଚ୍ତି । 7 ତୁୟ୍
ମକ୍ ଜୁୟ୍ ଜୁୟ୍ରି ସଃହିଁ ଦଃୟ୍ ଆଚ୍ସି, ସେ ସଃବୁ ଜେ ତର୍
ତଃୟ୍ହୁଣି ଆସି ଆଚେ, ଇରି ସେମଃନ୍ ଅଃବେ ବୁଜି ଆଚ୍ତି । 8
କାୟ୍ତାକ୍ବଃଲେକ୍ ତୁୟ୍ ମକ୍ ଜୁୟ୍ ସଃବୁ କଃତା ସଃହିଁ ଦିଲିସ୍,
ମୁୟ୍ ସେମଃନ୍କେ ସେସଃବୁ ସଃହିଁ ଦିଲେ ଆଚି, ଆର୍ ସେମଃନ୍
ଦଃରି ଆଚ୍ତି, ଆରେକ୍ ମୁୟ୍ ଜେ ତର୍ ଲଃଗେହୁଣି ଆସି ଆଚି,
ଆର୍ ତୁୟ୍ ମକ୍ ହଃଟାୟ୍ ଆଚ୍ସି ବଃଲି ନିଜ୍କଃରି ଜାଣ୍ଲାୟ୍
ଆର୍ ବିସ୍ୱାସ୍ କଃରୁଲାୟ୍ । 9 ମୁୟ୍ ସେମଃନାର୍ ଗିନେ ପାର୍ତ୍ନା
କଃରୁଲେ; ଜଃଗତାର୍ ଗିନେ ପାର୍ତ୍ନା ନଃକେରି, ମଃତର୍ ତୁୟ୍
ମକ୍ ଜୁୟ୍ମଃନ୍କ୍ ଦଃୟ୍ ଆଚ୍ସି, ସେମଃନାର୍ ଗିନେ ପାର୍ତ୍ନା
କଃରୁଲେ, କାୟ୍ତାକ୍ବଃଲେକ୍ ସେମଃନ୍ ତର୍; 10 ଜୁୟ୍ ଜୁୟ୍ରି
ମର୍, ସେ ସଃବୁ ତର୍, ଆରେକ୍ ଜୁୟ୍ ଜୁୟ୍ରି ତର୍, ସେ ସଃବୁ
ମର୍; ଆର୍ ମୁୟ୍ ସେମଃନାର୍ ତଃୟ୍ହୁଣି ଜଃଜ୍ମାନ୍ ହାୟ୍ଆଚି
। 11 ମୁୟ୍ ଆରେକ୍ ଇ ଜଃଗତେ ନଃରେୟିଁ, ମଃତର୍ ଇମଃନ୍
ଜଃଗତେ ରେଉଁଲାୟ୍; ଆରେକ୍, ମୁୟ୍ ତର୍ ଲଃଗେ ଜଃଉଁଲେ ।
ପବିତ୍ର ଉବା, ତୁୟ୍ ମକ୍ ଦିଲା ନାଉଁଆର୍ ସଃକ୍ତିୟେ ସେମଃନ୍କେ
ବଚାଉ; ଜଃନ୍କଃରି ଅଃମିମଃନ୍ ଗଟେକ୍, ସେମଃନ୍ ସେବାନ୍ୟା
ଗଟେକ୍ ଅଃଉଁକେ ଉହ୍କାର୍ କଃର୍ । 12 ସେମଃନାର୍ ସଃଙ୍ଗ୍
ରେତି ରିଲାବଃଲ୍ ମୁୟ୍ ସେମଃନ୍କେ ତର୍ ନାଉଁଆର୍ ସଃକ୍ତିୟେ
ବାଚାୟ୍ ଆସିଆଚି, ଜୁୟ୍ ନାଉଁ ତୁୟ୍ ମକ୍ ଦଃୟ୍ଆଚ୍ସି; ଆର୍
ମୁୟ୍ ସେମଃନ୍କେ ଜଃଗ୍ରାତ୍ କଃରି ବାଚାୟ୍ ଆଚି ଆର୍ ଦଃର୍ମ୍
ସାସ୍ତର୍ ତଃୟ୍ର୍ ବଃଚନ୍ ଜଃନ୍କଃରି ହୁରୁଣ୍ ଅୟ୍ଦ୍, ଇତାର୍
ଗିନେ ଜୁୟ୍ ଲକ୍ ନଃସ୍ଟ ଅଃଉଁକେ ରିଲି ସେ ହଃକା ନଃସ୍ଟ ଅୟ୍ଲା
ଆଚେ ଆର୍ ସେମଃନାର୍ ବିତ୍ରେ ଗଟେକ୍ ହେଁ ନଃସ୍ଟ ନଃଉତି ।
13 ଆର୍ ଅଃବେ ମୁୟ୍ ତର୍ ଲଃଗେ ଆସୁଲେ, ଆର୍ ସେମଃନାର୍
ମଃନ୍ ବିତ୍ରେ ମର୍ ସଃର୍ଦା ଜଃନ୍କଃରି ହୁରା ଅୟ୍ଦ୍, ସେତାର୍
ଗିନେ ଜଃଗତେ ରେଉଁ ରେଉଁ ମୁୟ୍ ଇ ସଃବୁ କଃତା କଃଉଁଲେ ।
14 ମୁୟ୍ ସେମଃନ୍କେ ତର୍ ବଃଚନ୍ ଦଃୟ୍ ଆଚି, ଆର୍ ଜଃଗତ୍
ସେମଃନ୍କେ ବିରଦ୍ କଃରିଆଚେ, କାୟ୍ତାକ୍ବଃଲେକ୍ ମୁୟ୍
ଜଃନ୍କଃରି ଇ ଜଃଗତାର୍ ଲକ୍ ନାୟ୍, ସେମଃନ୍ ହେଁ ସେବାନ୍ୟା
ଇ ଜଃଗତାର୍ ଲକ୍ ନାୟ୍ । 15 ତୁୟ୍ ସେମଃନ୍କେ ଜଃଗତେ ହୁଣି
ନେ ବଃଲି ମୁୟ୍ ପାର୍ତ୍ନା ନଃକେରି, ମଃତର୍ ସେମଃନ୍କେ ଦୁସ୍ଟ
ଲକାର୍ ଆତେ ହୁଣି ବଚାଉ ବଃଲି ପାର୍ତ୍ନା କଃରୁଲେ । 16 ମୁୟ୍
ଜଃନ୍କଃରି ଇ ଜଃଗତାର୍ ଲକ୍ ନାୟ୍, ସେମଃନ୍ ହେଁ ସେବାନ୍ୟା
ଇ ଜଃଗତାର୍ ଲକ୍ ନାୟ୍ । 17 ସଃତ୍ ସଃଙ୍ଗ୍ ସେମଃନ୍କେ ପବିତ୍ର
କଃର୍, ତର୍ ବଃଚନ୍ ତ ସଃତ୍ । 18 ତୁୟ୍ ମକ୍ ଜଃନ୍କଃରି
ଜଃଗତେ ହଃଟାୟ୍ ଆଚ୍ସି, ମୁୟ୍ ହେଁ ସେମଃନ୍କେ ସେବାନ୍ୟା
ଜଃଗତେ ହଃଟାୟ୍ ଆଚି । 19 ଆର୍ ସେମଃନ୍ ହେଁ ଜଃନ୍କଃରି
ସଃତ୍ ସଃଙ୍ଗ୍ ପବିତ୍ର ଅଃଉତି, ଇତାର୍ ଗିନେ ମୁୟ୍ ସେମଃନାର୍
ଗିନେ ନିଜ୍କେ ପବିତ୍ର କଃରୁଲେ । 20 ମୁୟ୍ ଅଃବ୍କା ଇମଃନାର୍
ଗିନେ ପାର୍ତ୍ନା ନଃକେରି, ମଃତର୍ ଇମଃନାର୍ ବଃଚନ୍ ସଃଙ୍ଗ୍
ଜୁୟ୍ ଲକ୍ମଃନ୍ ମର୍ ଲଃଗେ ବିସ୍ୱାସ୍ କଃର୍ତି, ସେମଃନାର୍ ଗିନେ
ହେଁ ପାର୍ତ୍ନା କଃରୁଲେ । 21 ଜଃନ୍କଃରି ସେମଃନ୍ ସଃବୁ ଲକ୍
ଗଟେକ୍ ଅଃଉତି ଇରି ମର୍ ପାର୍ତ୍ନା; ଏ ଉବା, ତୁୟ୍ ଜଃନ୍କଃରି
ମର୍ ଲଃଗେ ଆଚ୍ସି ଆର୍ ମୁୟ୍ ତର୍ ଲଃଗେ ଆଚି, ସେମଃନ୍
ହେଁ ସେବାନ୍ୟା ଅଃମାର୍ ଲଃଗେ ରେଅତ୍, ଜଃନ୍କଃରି ତୁୟ୍ ମକ୍
ହଃଟାୟ୍ଲିସ୍ ବଃଲି ଜଃଗତ୍ ବିସ୍ୱାସ୍ କଃରେଦ୍ । 22 ଆର୍, ତୁୟ୍
ମକ୍ ଜୁୟ୍ ଜଃଜ୍ମାନ୍ ଦଃୟ୍ ଆଚ୍ସି, ମୁୟ୍ ସେମଃନ୍କେ ସେରି
ଦଃୟ୍ ଆଚି, ଜଃନ୍କଃରି ତୁୟ୍ ଆର୍ ମୁୟ୍ ଗଟେକ୍, ସେମଃନ୍
ସେବାନ୍ୟା ଗଟେକ୍ ଅଃଉତି; 23 ମୁୟ୍ ସେମଃନାର୍ ଲଃଗେ,
ଆର୍ ତୁୟ୍ ମର୍ ଲଃଗେ, ଜଃନ୍କଃରି ସେମଃନ୍ ମିସି ଗଟେକ୍
ଅଃଉତି, ତଃବେ ଜଃଗତ୍ ବୁଜେଦ୍ ଜେ ତୁୟ୍ ମକ୍ ହଃଟାୟ୍ଲିସ୍,
ଆରେକ୍ ମକ୍ ଜଃନ୍କାର୍ ଲାଡ୍ କଃଲିସ୍, ସେମଃନ୍କେ ସେବାନ୍ୟା
ଲାଡ୍ କଃରୁଲିସ୍ ।" 24 "ଏ ଉବା, ତୁୟ୍ ମକ୍ ଜୁୟ୍ମଃନ୍କ୍
ଦଃୟ୍ ଆଚ୍ସି, ମୁୟ୍ ଜୁୟ୍ ଲଃଗେ ରଃୟ୍ନ୍ନ, ସେମଃନ୍ ହେଁ
ସେତି ଜଃନ୍କଃରି ମର୍ ସଃଙ୍ଗ୍ ରେତି ଆର୍ ଜଃଗତାର୍ ଉବ୍ଜାଣ୍
ହୁର୍ବେ ତୁୟ୍ ମକ୍ ଲାଡ୍ କଃରି ରିଲାକ୍ ମକ୍ ଜୁୟ୍ ଜଃଜ୍ମାନ୍
ଦଃୟ୍ ଆଚ୍ସି, ମର୍ ସେ ଜଃଜ୍ମାନ୍ ସେମଃନ୍ ଜଃନ୍କଃରି
ଦଃକ୍ତି, ଇରି ମର୍ ମଃନ୍ । 25 ଏ ଦଃର୍ମି ଉବା, ଜଃଗତ୍ ତକ୍
ନଃଜାଣେ, ମଃତର୍ ମୁୟ୍ ତକ୍ ଜାଣି ଆଚି; ଆର୍, ତୁୟ୍ ଜେ ମକ୍
ହଃଟାୟ୍ଲିସ୍, ସେରି ଇମଃନ୍ ଜାଣି ଆଚ୍ତି । 26 ଆରେକ୍, ତୁୟ୍
ମକ୍ ଜୁୟ୍ ଲାଡ୍ କଃଲିସ୍, ସେରି ଜଃନ୍କଃରି ସେମଃନାର୍ ତଃୟ୍
ରଃୟ୍ଦ୍ ଆର୍ ମୁୟ୍ ସେମଃନାର୍ ତଃୟ୍ ରଃୟ୍ନ୍ନ, ଇତାର୍ ଗିନେ
ମୁୟ୍ ସେମଃନ୍କେ ତର୍ ନାଉଁ ଜାଣାୟ୍ ଆଚି ଆର୍ ସଃବୁବଃଲ୍
ଜାଣାୟ୍ଦ୍ ।"

**18** ଜିସୁ ଇସଃବୁ ପାର୍ତ୍ନା ସଃରାୟ୍କଃରି ଅଃହ୍ଣାର୍
ଚେଲାମଃନାର୍ ସଃଙ୍ଗ୍ କିଦ୍ରଣ୍ ନାଉଁଆର୍ ଦରାଣ୍ ସେହାଟିକ୍
ବାରାୟ୍ ଗଃଲାୟ୍ । ସେତି ଗଟେକ୍ ବାଲ୍ ରିଲି, ଆର୍ ଜିସୁ
ଆର୍ ତାର୍ ଚେଲାମଃନ୍ ସେଲଃଗେ ହୁର୍ଲାୟ୍ । 2 ଜୁୟ୍ ଜିଉଦା
ଜିସୁକେ ସଃତ୍ରୁ ଆତେ ସଃହ୍ରି ଦିଲା, ସେ ହେଁ ସେ ଟାଣ୍ ଜାଣିରିଲା,
କାୟ୍ତାକ୍ବଃଲେକ୍ ଜିସୁ ଗାଦେକ୍ ତର୍ ଅଃହ୍ଣାର୍ ଚେଲାମଃନାର୍
ସଃଙ୍ଗ୍ ସେଟାଣେ ଜାୟ୍ରିଲାୟ୍ । 3 ସେତାକ୍, ଜାଗୁଆଳି ସଃଇନ୍
ଦଃଲ୍ ଆରେକ୍ ବଃଡ୍ ଜାଜକ୍ ଆର୍ ପାରୁସିମଃନାର୍ ତଃୟ୍ହୁଣି

ହାୟ୍‌ଲା ସଃଇନ୍‌ମଃନ୍‌କେ ଦଃରି ଲାତର୍ ଆର୍ କଃଣ୍ଡାମଃନ୍
ଦଃରି ସେ ଲଃଗେ ଆୟ୍‌ଲାୟ୍ । 4 ସେତାକ୍ ଜିସୁ, ତାର୍ ସଃଙ୍ଗ୍
ଜାୟ୍ ଜାୟ୍‌ରି ଗଃଟୁକ୍ ଜଃଉଁଲି, ସେସଃବୁ ଜାଣି ଆଗ୍‌ତୁ ଜାୟ୍
ସେମଃନ୍‌କେ ହଃଚାର୍ଲା, "ତୁମିମଃନ୍ କାକେ ଲଲୁଲାସ୍?" 5
ସେମଃନ୍ ତାକ୍ ଉତୁର୍ ଦିଲାୟ୍, "ନାଜରିତ୍ ଜିସୁକେ ।" ଜିସୁ
ସେମଃନ୍‌କେ କୟ୍‌ଲା, "ମୁୟ୍ ସେ ଲକ୍ ।" ଜୁୟ୍ ଜିଉଦା ଜିସୁକେ
ସଃତୁର୍ ଆତେ ସଃହ୍ରି ଦିଲା, ସେ ହେଁ ସେମଃନାର୍ ସଃଙ୍ଗ୍ ଟିଆ
ଅୟ୍‌ରିଲା । 6 ଜିସୁ ଜଃଡେବଃଲ୍ ସେମଃନ୍‌କେ କୟ୍‌ଲା, "ମୁୟ୍
ସେ ଲକ୍," ସଃଡେବଃଲ୍ ସେମଃନ୍ ହଃଚେ ଗୁଚି ଜାୟ୍ ବୁୟେଁ
ହଃଲ୍ଲାୟ୍ ଅୟ୍‌ଲାୟ୍ । 7 ସେତାକ୍ ଜିସୁ ସେମଃନ୍‌କେ ଆରେକ୍
ଗଟ୍‌ତର୍ ହଃଚାର୍ଲା, "ତୁମିମଃନ୍ କାକେ ଲଲୁଲାସ୍?" ସେମଃନ୍
କୟ୍‌ଲାୟ୍, "ନାଜରିତ୍ ଜିସୁକେ ।" 8 ଜିସୁ ଉତୁର୍ ଦିଲା, "ମୁୟ୍
ଜେ ସେ ଲକ୍, ଇରି ତ ମୁୟ୍ ତୁମିମଃନ୍‌କେ କୟ୍‌ଲେ । ଇତାର୍
ଗିନେ ଜଦି ତୁମିମଃନ୍ ମକ୍ ଲଲୁଲାସ୍, ତଃବେ ମର୍ ଏମଃନ୍‌କେ
ଜଃଉଁକେ ଚାଡି ଦିଆସ୍ ।" 9 ଜିସୁ ଇରି କୟ୍‌ଲା, ଜଃନ୍‌କଃରି ସେ
କୟ୍‌ଲା ଇ ବଃଚନ୍ ହୁରୁଣ୍ ଅୟ୍‌ଦ୍, "ତୁୟ୍ ମକ୍ ଜୁୟ୍‌ମଃନ୍‌କ୍ ଦଃୟ୍
ଆଚ୍‌ସି, ସେମଃନାର୍ ବିତ୍ରେ ମୁୟ୍ ଗଟ୍ ଲକ୍‌କେ ହେଁ ଆରାୟ୍
ନଃକେରି ।" 10 ସିମନ୍ ପିତର୍ ଲଃଗେ ଗଟେକ୍ କଃଣ୍ଡା ରିଲାକ୍
ସେ ସେରି ବାର କଃରି ମୁଲ୍ ଜାଜକାର୍ ଗତିଦଃଙ୍ଗ୍‌ଲାକ୍ ମାର୍ଲା
ଆର୍ ତାର୍ କାତା ବାଟାର୍ କାନ୍ କାଟ୍‌ଲା; ସେ ଦଃଙ୍ଗ୍‌ଲାର୍ ନାଉଁ
ମାଲ୍‌କ । 11 ସେତାକ୍ ଜିସୁ ପିତର୍‌କେ କୟ୍‌ଲା, "ତର୍ କଃଣ୍ଡାକ୍
କାପ୍ ବିତ୍ରେ ସଃଙ୍ଗ୍ଲାଉ; ଉବା ମକ୍ ଜୁୟ୍ ଦୁକ୍ କଃସ୍ଟାର୍ କପା ଦଃୟ୍
ଆଚେ, ମୁୟ୍ କାୟ୍ ସେତିର୍ ନଃସୁରି?" 12 ଇତାର୍ ହଃଚେ
ସଃଇନ୍ ଦଃଲ୍, ସଃଇନ୍ ଅଃଦିକାରି ଆରେକ୍ ଜିଉଦିମଃନାର୍
ଜାଗୁଆଲିମଃନ୍ ଜିସୁକେ ଦଃରି ବାନ୍ଦ୍‌ଲାୟ୍, 13 ଆର୍ ତାକ୍ ବାନ୍ଦି
ହଃର୍ତୁମ୍ ହାନାନର୍ ଲଃଗେ ନିଲାୟ୍, କାୟ୍‌ତାକ୍‌ବଃଲେକ୍ ସେ,
ସେ ବଃର୍ସାର୍ ମୁଲ୍ ଜାଜକ୍ କୟାପା ରିଲା ତାର୍ ସଃତ୍ରାସି । 14
ସଃବୁ ଲକ୍‌ମଃନାର୍ ଗିନେ ଗଟ୍ ଲକ୍ ମଃର୍ତାର୍ ବଃଲ୍ କବୁର୍
ବଃଲି ଜିଉଦିମଃନ୍‌କେ ଜେ କୟ୍‌ରିଲା, ଇ ମାନାୟ୍ ସେ କୟାପା
। 15 ସିମନ୍ ପିତର୍ ଆର୍ ଆରେକ୍ ଗଟେକ୍ ଚେଲା ଜିସୁର୍
ହଃଚେ ହଃଚେ ଜାତିରିଲାୟ୍ । ସେ ଚେଲା ମୁଲ୍ ଜାଜକାର୍
ଚିନାଜାଣା ଲକ୍ ରିଲା ତଃବେ ଜିସୁର୍ ସଃଙ୍ଗ୍ ମୁଲ୍ ଜାଜକାର୍
କୁଆଳେ ହୁର୍ଲା; 16 ମଃତର୍ ପିତର୍ ହଃଦାର୍ କୁଆଲାର୍ ଦୁଆର୍
ଲଃଗେ ଟିଆ ଅୟ୍‌ରିଲା । ସଃଡେବଃଲ୍ ସେ ଜୁୟ୍ ବିନ୍ ଚେଲା
ମୁଲ୍ ଜାଜକାର୍ ଚିନାଜାଣା ରିଲା, ସେ ହଃଦାୟ୍ ଜାୟ୍ ଦୁଆର୍
ଜାଗୁଆଲିକେ କୟ୍ ପିତର୍‌କେ ବିତ୍ରେ ଆଣ୍‌ଲା । 17 ସେତାକ୍ ସେ
ଦୁଆର୍ ଜାଗ୍‌ତା ଦଃଙ୍ଗ୍‌ଲି ପିତର୍‌କେ କୟ୍‌ଲି, "ତୁୟ୍ ହେଁ କାୟ୍ ଇ
ଲକାର୍ ଚେଲାମଃନାର୍ ବିତ୍ରେ ଗଟ୍ ଲକ୍ ନାୟ୍?" ପିତର୍ କୟ୍‌ଲା,
"ନାୟ୍ ମୁୟ୍ ନାୟ୍ ।" 18 ସିତାର୍ ଗିନେ ଗତିଦଃଙ୍ଗ୍‌ଲା ଆର୍
ଜାଗୁଆଲିମଃନ୍ ଜୟ୍ ଲାଗାୟ୍ ସେତି ଟିଆ ଅୟ୍ ଜୟ୍ ଚେକ୍‌ତି
ରିଲାୟ୍; ପିତର୍ ହେଁ ସେମଃନାର୍ ସଃଙ୍ଗ୍ ଟିଆ ଅୟ୍ ଜୟ୍ ଚେକ୍‌ତି
ରିଲା । 19 ଇ ବିତ୍ରେ ମୁଲ୍ ଜାଜକ୍ ଜିସୁକେ ତାର୍ ଚେଲାମଃନାର୍
ବିସୟେ ଆର୍ ତାର୍ ସିକ୍ୟା ବିସୟେ ହଃଚାର୍ଲା । 20 ଜିସୁ ତାକ୍
ଉତୁର୍ ଦିଲା, "ମୁୟ୍ ଜଃଗତେ ହୁଟାୟ୍ କଃରି କଃତା କୟ୍‌ଆଚି,
ଜୁୟ୍ ଲଃଗେ ସଃବୁ ଜିଉଦି ଲକ୍‌ମଃନ୍ ଗଟେତଃୟେଁ ରୁଣ୍ଡତି,
ଇବାନ୍ୟା ପାର୍ତ୍‌ନା ଗଃରେ ଆର୍ ମନ୍ଦିରେ ମୁୟ୍ ସଃବୁ ବଃଲ୍ ସିକ୍ୟା
ଦଃୟ୍‌ଆଚି; ମୁୟ୍ ଲୁକ୍‌ଣେ କାୟ୍‌ରି ହେଁ ନଃକୟେଁ । 21 ମକ୍
କାୟ୍‌ତାକ୍ ଗଃଉଆରି କଃରୁଲିସ୍? ମୁୟ୍ ସେମଃନ୍‌କେ କାୟ୍‌ରି
କୟ୍‌ଆଚି, ଜୁୟ୍ ଲକ୍‌ମଃନ୍ ସୁଣି ଆଚ୍‌ତି, ସେମଃନ୍‌କେ ହଃଚାର୍;
ଦଃକ୍, ମୁୟ୍ ଜାୟ୍ ଜାୟ୍‌ରି କୟ୍‌ଆଚି, ସେମଃନ୍ ସେସଃବୁ ଜାଣି
ଆଚ୍‌ତି ।" 22 ଜିସୁ ଇରି କୟ୍‌ଲାକ୍ ଜାଗୁଆଲିମଃନାର୍ ବିତ୍ରେ
ଲଃଗେ ଟିଆ ଅୟ୍‌ରିଲା ଗଟେକ୍ ଲକ୍ ଜିସୁକେ ଚାହୁଲ୍ ମାରି
କୟ୍‌ଲା, "ତୁୟ୍ ମୁଲ୍ ଜାଜକ୍‌କେ ଇବାନ୍ୟା ଉତୁର୍ ଦେଉଁକ୍
କଃନ୍‌କଃରି ସାସ୍ କଃଲିସ୍?" 23 ଜିସୁ ତାକ୍ ଉତୁର୍ ଦିଲା, "ଜଦି
ମୁୟ୍ କଃରାବ୍ କୟ୍‌ଲେ, ତଃବେ କଃରାବ୍ କୟ୍‌ଲାର୍ ସଃବାର୍
ମୁୟେ ସାକି ଦେସ୍; ମଃତର୍ ଜଦି ମୁୟ୍ ବଃଲ୍ କୟ୍‌ଲେ, ତଃବେ
କାୟ୍‌ତାକ୍ ମକ୍ ମାରୁଲାସ୍?" 24 ସେତାକ୍ ହାନାନ୍ ଜିସୁକେ
ବାନ୍ଦ୍‌ଲା ସଃଙ୍ଗ୍ ମୁଲ୍ ଜାଜକ୍ କୟାପାର୍ ଲଃଗେ ହଃଟାୟ୍‌ଲା । 25
ଇ ବିତ୍ରେ ସିମନ୍ ପିତର୍ ଟିଆ ଅୟ୍ ଜୟ୍ ଚେକ୍‌ତି ରିଲା । ସେତାକ୍
ସେତି ରିଲା ବିନ୍ ଲକ୍‌ମଃନ୍ ତାକ୍ ହଃଚାର୍ଲାୟ୍, "ତୁୟ୍ ହେଁ କାୟ୍
ତାର୍ ଚେଲାମଃନାର୍ ବିତ୍ରେ ଗଟ୍ ଲକ୍ ନାୟ୍?" ମଃତର୍ ପିତର୍
ନଃମାନିକଃରି କୟ୍‌ଲା, "ନାୟ୍ ମୁୟ୍ ନାୟ୍ ।" 26 ମୁଲ୍ ଜାଜକାର୍
ଗତିଦଃଙ୍ଗ୍‌ଲାମଃନାର୍ ବିତ୍ରେ ଗଟ୍‌ଲକ୍, ବଃଲେକ୍ ପିତର୍ ଜାର୍
କାନ୍ କାଟିରିଲା, ତାର୍ ଗଟେକ୍ ନିଜାର୍ ଲକ୍ କୟ୍‌ଲା, "ମୁୟ୍
କାୟ୍ ତକ୍ ତାର୍ ସଃଙ୍ଗ୍ ଗେଦ୍‌ସିମନି ବାଳେ ଦଃକିନଃରିଲେ?"
27 ସେତାକ୍ ପିତର୍ ଆରେକ୍ ଗଟ୍‌ତର୍ ନଃମାନିକଃରି କୟ୍‌ଲା,
"ନାୟ୍ ମୁୟ୍ ନାୟ୍ ।" ଆର୍ ସେଦାହ୍ରେ ଗାଞ୍ଜା କୁକ୍‌ଲା ବାସ୍‌ଲା ।
28 ତାର୍ ଆର୍‌କ ଦିନ୍ ବର୍ ସଃକାଳ୍ୟା ଜିସୁକେ କୟାପା ତଃୟ୍‌ହୁଣି
ପିଲାତ ରଃଜାର୍ କୁଆଲ୍ ବିତ୍ରେ ନିଲାୟ୍ । ଜିଉଦି ଅଃଦିକାରିମଃନ୍
ଜଃନ୍‌କଃରି ବିଟାଲ୍ ନଃୟ୍‌କଃରି ମୁକ୍ଲାଉଁଣି ହଃର୍ବ୍ ବଜି କାଉଁକେ
ହାର୍ଟି, ଇତାର୍ ଗିନେ ସେମଃନ୍ ନଃଉର୍ ବିତ୍ରେ ହୁରୁ ନଃଚ୍‌ଲାୟ୍
। 29 ସେତାକ୍ ପିଲାତ ସେମଃନାର୍ ଲଃଗେ ବାରାୟ୍ ଆସି
ହଃଚାର୍ଲା, "ଇ ଲକ୍ ବିରଦେ ତୁମିମଃନ୍ କାୟ୍ ଦଃସାର୍ କଃତା
ଆଣୁଲାସ୍?" 30 ସେମଃନ୍ ତାକ୍ ଉତୁର୍ ଦିଲାୟ୍, "ଇ ଲକ୍ ଜଦି
ଦଃସ୍ କଃରି ନଃରିଲେକ୍, ଅଃମିମଃନ୍ ତାକ୍ ତର୍ ଆତେ ସଃହ୍ରି
ନଃଦିଲୁ ହୁଣି ।" 31 ସେତାକ୍ ପିଲାତ ସେମଃନ୍‌କେ କୟ୍‌ଲା,
"ତୁମିମଃନ୍ ଇ ଲକ୍‌କେ ଦଃରିଜାୟ୍ ତୁମିମଃନାର୍ ବିଦି ହଃର୍କାରେ
ଇତାର୍ ବିଚାର୍ କଃରା ।" ଜିଉଦିମଃନ୍ ତାକ୍ କୟ୍‌ଲାୟ୍, "କାକେ
ମଃର୍ନ୍ ଡଃଣ୍ଡ ଦେତାର୍ ଅଃମିମଃନାର୍ ଅଃଦିକାର୍ ନାୟ୍ । 32
ଜିସୁ କୁୟ୍ ରଃକମାର୍ ମଃର୍ନ୍ ଡଃଣ୍ଡ ବଗୁକ୍ ଜଃଉଁଲା, ଇ ବିସୟେ
ଜିସୁ ଜାୟ୍‌ରି କୟ୍‌ରିଲା, ସେରି ଜଃନ୍‌କଃରି ହୁରୁଣ୍ ଅୟ୍‌ଦ୍,
ଇତାର୍ ଗିନେ ସେମଃନ୍ ଇରି କୟ୍‌ଲାୟ୍ ।" 33 ତଃବେ ପିଲାତ

କୁଆଲ୍ ବିତ୍ରେ ବାଉଳି ଜାୟ୍, ଜିସୁକେ କୁଦି ହଃଚାର୍ଲା, “ତୁୟ୍
କାୟ୍ ଜିଉଦିମଃନାର୍ ରଃଜା?” 34 ଜିସୁ ତାକ୍ ଉତୁର୍ ଦିଲା,
“ତୁୟ୍ କାୟ୍ ନିଜାର୍ ଇରି କଃଉଁଲିସ୍, କି ବିନ୍ ଲକ୍‌ମଃନ୍ ମର୍
ବିସୟେ ତକ୍ ଇରି କୟ୍ ଆଚ୍‌ତି?” 35 ପିଲାତ ଉତୁର୍ ଦିଲା,
“ମୁୟ୍ କାୟ୍ ଗଟେକ୍ ଜିଉଦି? ତର୍ ନିଜାର୍ ଲକ୍ ଆର୍ ବଃଡ୍
ଜାଜକ୍‌ମଃନ୍ ତକ୍ ମର୍ ଆତେ ସଃହ୍ରି ଦଃୟ୍ ଆଚ୍‌ତି; ତୁୟ୍
କାୟ୍ କଃରି ଆଚ୍‌ସି?” 36 ଜିସୁ ଉତୁର୍ ଦିଲା, “ମର୍ ରାଇଜ୍
ଇ ଜଃଗତାର୍ ବିସୟେ ନାୟ୍, ଜଦି ମର୍ ରାଇଜ୍ ଜଃଗତାର୍
ବିସୟେ ଅୟ୍‌ରିଲେକ୍, ତଃବେ ମୁୟ୍ ଜିଉଦି ଅଃଦିକାରିମଃନାର୍
ଆତେ ସଃହ୍ରି ନୟ୍‌ଲେ ହୁଣି, ସେତାର୍ ଗିନେ ମର୍ ଜାଗୁଆଲି
ଲକ୍‌ମଃନ୍ ଜୁଜ୍ କଃଲାୟ୍ ହୁଣି; ମଃତର୍ ମର୍ ରାଇଜ୍ ସଃତ୍‌କଃରି
ସେ ବିସୟେ ନାୟ୍ ।” 37 ସେତାକ୍ ପିଲାତ ଜିସୁକେ ହଃଚାର୍ଲା,
“ତଃବେ ତୁୟ୍ କାୟ୍ ଗଟେକ୍ ରଃଜା?” ଜିସୁ ଉତୁର୍ ଦିଲା, “ତୁୟ୍
ତ କଃଉଁଲିସ୍, ମୁୟ୍ ଗଟେକ୍ ରଃଜା । ମୁୟ୍ ଜଃନ୍‌କଃରି ସଃତ୍
ବାଟ୍ୟା ଅୟ୍ ସାକି ଦଃୟ୍‌ନ୍ତ, ଇତାର୍ ଗିନେ ମୁୟ୍ ଜଃଲମ୍ ଅୟ୍
ଆଚି ଆର୍ ଜଃଗତେ ଆସିଆଚି । ଜୁୟ୍ ଲକ୍ ସଃତାର୍ ହୟ୍‌ସି,
ସେ ମର୍ କଃତା ସୁଣେଦ୍ ।” 38 ପିଲାତ ଜିସୁକେ କୟ୍‌ଲା, “ସଃତ୍
କାୟ୍‌ରି?” ତାର୍‌ହଃଚେ ପିଲାତ ଆରେକ୍ ଜିଉଦିମଃନାର୍ ଲଃଗେ
ହଃଦାୟ୍ ଜାୟ୍ ସେମଃନ୍‌କେ କୟ୍‌ଲା, “ମୁୟ୍ ଇତାର୍ ଲଃଗେ
କାୟ୍ ହେଁ ଦଃସ୍ ନଃହାଉଁଲେ । 39 ମଃତର୍ ମୁୟ୍ ଜେ ମୁକ୍ଲାଉଁଣି
ହର୍ବେ ଦିନ୍ ଗଟ୍ ଲକ୍‌କେ ମୁକ୍ଲାୟ୍ ଦଃୟ୍‌ନ୍ତ, ଇରି ତୁମିମଃନାର୍
ରିତିବିଦି ଆଚେ; ବଃଲେକ୍ ଜିଉଦିମଃନାର୍ ରଃଜାକ୍ ମୁୟ୍ ତୁମାର୍
ଗିନେ ମୁକ୍ଲାୟ୍‌ନ୍ତ ବଃଲି କାୟ୍ ତୁମିମଃନାର୍ ମଃନ୍?” 40 ସେତାକ୍
ସେମଃନ୍ ଆରେକ୍ ଉଲ୍‌ଗାଟ୍ ଅୟ୍ କୟ୍‌ଲାୟ୍, “ନାୟ୍, ଇ ଲକ୍‌କେ
ନାୟ୍, ମଃତର୍ ବାରବାକେ ମୁକ୍ଲାଉ ।” ଇ ବାରବା ଗଟେକ୍ ଚର୍
ରିଲା ।

**19** ତାର୍‌ହଃଚେ ପିଲାତ ଜିସୁକେ ନଃୟ୍‌କଃରି କର୍ଡା ମାରାୟ୍‌ଲା
। 2 ଆରେକ୍ ସଃଇନ୍‌ମଃନ୍ କାଟାର୍ ମୁକୁଟ୍ ତିଆର୍ କଃରି
ଜିସୁକେ ମୁଣ୍ଡେ ହିନ୍ଦାୟ୍‌ଲାୟ୍ ଆର୍ ତାକ୍ ଆଙ୍ଗି ହିନ୍ଦାୟ୍‌ଲାୟ୍; 3
ଆର୍ ସେମଃନ୍ ତାର୍ ଲଃଗେ ଆସି କୟ୍‌ଲାୟ୍, “ଏ ଜିଉଦିମଃନାର୍
ରଃଜା ଜୁଆର୍;” ଆରେକ୍ ସେମଃନ୍ ତାକ୍ ଚାହୁଲ୍ ମାରୁକ୍
ଦଃର୍ଲାୟ୍ । 4 ପିଲାତ ଆରେକ୍ ଗଟ୍‌ତର୍ ହଃଦାୟ୍ ବାରାୟ୍
ଲକ୍‌ମଃନ୍‌କେ କୟ୍‌ଲା, “ଦଃକା, ମୁୟ୍ ତାକ୍ ତୁମିମଃନାର୍ ଲଃଗେ
ବାର କଃରି ଆଣୁଲେ । ଇରି ତୁମିମଃନ୍ ନିଜେ ଜାଣାସ୍ ଜେ,
ତାକ୍ ଦସି କଃରୁକେ ମୁୟ୍ ତାର୍ ଲଃଗେ କାୟ୍ ହେଁ ଦଃସ୍
ନଃହାଉଁଲେ ।” 5 ସେତାକ୍ ଜିସୁ ସେ ବେଜା ରଃଙ୍ଗର୍ ଆଙ୍ଗି ଆର୍
କାଟାର୍ ମୁକୁଟ୍ ହିନ୍ଦି ହଃଦାୟ୍ ଆୟ୍‌ଲା । ପିଲାତ ଲକ୍‌ମଃନ୍‌କେ
କୟ୍‌ଲା, “ଦଃକା, ଇରି ସେ ଲକ୍ ।” 6 ସେତାକ୍ ବଃଡ୍ ଜାଜକ୍
ଆର୍ ମନ୍ଦିର୍ ଜାଗୁଆଲିମଃନ୍ ଜିସୁକେ ଦଃକି ଉଲ୍‌ଗାଟ୍ ଅୟ୍
କୟ୍‌ଲାୟ୍, “ତାକ୍ କ୍ରୁସ୍ ଉହ୍ରେ ଚଃଗାଉଆ, କ୍ରୁସେ ଚଃଗାଉଆ ।”
ପିଲାତ ସେମଃନ୍‌କେ କୟ୍‌ଲା, “ତୁମିମଃନ୍ ତାକ୍ ନଃୟ୍ କ୍ରୁସେ
ଚଃଗାଉଆ, କାୟ୍‌ତାକ୍‌ବଃଲେକ୍ ମୁୟ୍ ମଃର୍ନ ଡଃଣ୍ଡ ଦେଉଁକ୍
ତାର୍ ଲଃଗେ କାୟ୍ ହେଁ ଦଃସ୍ ନଃହାୟ୍ ।” 7 ଜିଉଦିମଃନ୍
ତାକ୍ ଉତୁର୍ ଦିଲାୟ୍, “ଅଃମିମଃନାର୍ ଗଟେକ୍ ବିଦି ଆଚେ
ଆର୍ ସେ ବିଦି ହର୍କାରେ ସେ ମଃର୍ନ ଡଃଣ୍ଡ ବାୟ୍‌ଦ୍‌ରେ ହାଉତା
ଜୟ୍‌ଗ୍, କାୟ୍‌ତାକ୍‌ବଃଲେକ୍ ସେ ନିଜ୍‌କେ ଇସ୍ୱରାର୍ ହୟ୍‌ସି
ବଃଲି କଃଉଁଲା ।” 8 ସେତାକ୍ ପିଲାତ ଇ କଃତା ସୁଣି ଅଃଦିକ୍
ଡିରି ଗଃଲା; 9 ଆରେକ୍, ସେ ଆରେକ୍ ଗଟ୍‌ତର୍ କୁଆଲ୍
ବିତ୍ରେ ବାଉଳି ଜାୟ୍ ଜିସୁକେ ହଃଚାର୍ଲା, “ତୁୟ୍ କୁୟ୍‌ତିହୁଣି ଆସି
ଆଚ୍‌ସି?” ମଃତର୍ ଜିସୁ ତାକ୍ ଉତୁର୍ ନଃଦିଲା । 10 ସେତାକ୍
ପିଲାତ ତାକ୍ କୟ୍‌ଲା, “ମର୍ ସଃଙ୍ଗ କଃତା ନଃଉସି? ତୁୟ୍
ଜାଣ୍, ତକ୍ ମୁକ୍‌ଲାଉଁକେ ମର୍ ଅଃଦିକାର୍ ଆଚେ ଆର୍ ତକ୍
କ୍ରୁସ୍ ଉହ୍ରେ ଚଃଗାଉଁକ୍ ହେଁ ମର୍ ଅଃଦିକାର୍ ଆଚେ, ଇରି କାୟ୍
ତୁୟ୍ ନଃଜାଣ୍‌ସି?” 11 ଜିସୁ କୟ୍‌ଲା, “ଜଦି ଇସ୍ୱର୍ ତଃୟ୍‌ହୁଣି
ତକ୍ ଅଃଦିକାର୍ ଦିଆଅୟ୍ ନଃରିଲେକ୍, ସେବାନ୍ୟା ଅୟ୍‌ଲେକ୍
ମର୍ ବିରଦେ ତର୍ କାୟ୍‌ରି ହେଁ ଅଃଦିକାର୍ ନଃରିଲିହୁଣି; ତଃବେ
ଜେ ମକ୍ ତର୍ ଆତେ ସଃହ୍ରି ଦଃୟ୍‌ଆଚେ, ତାର୍ ହାହ୍ ଅଃନାୟ୍
ବଃଡ୍ ।” 12 ସେତାକ୍ ପିଲାତ ତାକ୍ ମୁକ୍‌ଲାଉଁକେ ଚେଷ୍ଟା କଃଲା,
ମଃତର୍ ଜିଉଦିମଃନ୍ ଆଉଲି ଅୟ୍‌କଃରି କୟ୍‌ଲାୟ୍, “ଜଦି ତୁୟ୍
ଇ ଲକ୍‌କେ ମୁକ୍ଲାଉସି, ତଃବେ ତୁୟ୍ କାଇସର୍ ସଃଙ୍ଗ ନାୟ୍; ଜୁୟ୍
ଲକ୍ ଅଃହ୍‌ଣାକ୍ ରଃଜା ବଃଲି କୟ୍‌ଦ୍, ସେ କାୟ୍‌ସରାର୍ ବିରଦେ
କଃତା କୟ୍‌ଦ୍ ।” 13 ତଃବେ, ପିଲାତ ଇ ସଃବୁ କଃତା ସୁଣି
ଜିସୁକେ ବାର୍‌କଃରି ଆଣି ଟେଲା ବାଦ୍‌ହୁର୍, ଜାକେ ଏବ୍ରି ବାସାୟ୍
“ଗବ୍‌ବତା” ବଃଲି କଃଉତି, ସେ ବିଚାର୍ କର୍ତା ଟାଣେ ବଃସ୍‌ଲା
। 14 ସେ ଦିନ୍ ମୁକ୍ଲାଉଁଣି ହର୍ବେ ତିଆର୍ ଅଃଉତା ଦିନ୍ ରିଲି,
ଆର୍ ସଃଡେବଃଳ୍ ସଃକାଳ୍ ଚଅ ଗଃଟା ଅୟ୍‌ରିଲି । ଆରେକ୍,
ପିଲାତ ଜିଉଦିମଃନ୍‌କେ କୟ୍‌ଲା, “ଦଃକା, ତୁମିମଃନାର୍ ରଃଜା
।” 15 ସେତାକ୍ ସେମଃନ୍ ଆଉଲି ଅୟ୍ କୟ୍‌ଲାୟ୍, “ତାକ୍
ମଃର୍ନେ ମାରା, ମଃର୍ନେ ମାରା, କ୍ରୁସ୍ ଉହ୍ରେ ଚଃଗାଉଆ ।” ପିଲାତ
ସେମଃନ୍‌କେ କୟ୍‌ଲା, “ମୁୟ୍ କାୟ୍ ତୁମିମଃନାର୍ ରଃଜାକ୍ କ୍ରୁସେ
ଚଃଗାୟ୍‌ନ୍ତ?” ବଃଡ୍ ଜାଜକ୍‌ମଃନ୍ କୟ୍‌ଲା, “କାଇସର୍‌କେ ଚାଡି
ଅଃମାର୍ ଆରେକ୍ କେ ରଃଜା ନାୟ୍ ।” 16 ସେତାକ୍ ଜିସୁକେ
ଜଃନ୍‌କଃରି କ୍ରୁସ୍ ଉହ୍ରେ ଚଃଗା ଅୟ୍‌ଦ୍, ଇତାର୍ ଗିନେ, ପିଲାତ
ତାକ୍ ସେମଃନାର୍ ଇଚା ହର୍କାରେ ସଃହ୍ରି ଦିଲା, ତଃବେ ସେମଃନ୍
ଜିସୁକେ ନିଲାୟ୍ । 17 ହଃଚେ ସେମଃନ୍ ଜିସୁକେ ଦଃରି ଗଃଲାୟ୍,
ଆର୍ ଜିସୁ ନିଜେ କ୍ରୁସ୍ ବୟ୍ କଃହାଲ୍ ନାଉଁଆର୍ ଗଟେକ୍ ଟାଣେ
ବାରାୟ୍ ଗଃଲା । ଜାକେ ଏବ୍ରି ବାସାୟ୍ ଗଲ୍‌ଗତା ବଃଲି କଃଉତି
। 18 ସେତି ସେମଃନ୍ ତାକ୍ କ୍ରୁସ୍ ଉହ୍ରେ ଚଃଗାୟ୍‌ଲାୟ୍ ଆର୍
ତାର୍ ସଃଙ୍ଗେ ଆରେକ୍ ଦୁୟ୍ ଲକ୍‌କେ ଚଃଗାୟ୍‌ଲାୟ୍, ଦୁୟ୍ ହାକ୍
ଦୁୟ୍ ଲକ୍‌କେ ଆର୍ ମଃଜାୟ୍ ଜିସୁକେ । 19 ଆର୍ ପିଲାତ
ଗଟେକ୍ ଲେକା ଲେକି କଃରି ଜିସୁର୍ କ୍ରୁସ୍ ଉହ୍ରେ ଲାଗାୟ୍‌ଲା ।
ସେତି ଲେକା ଅୟ୍‌ରିଲି, “ନାଜରିତ୍ ଜିସୁ, ଜିଉଦିମଃନାର୍ ରଃଜା

।” 20 ଜିଉଦିମଃନାର୍ ବିତ୍ରେ ଗାଦେକ୍ ଇ ଲେକା ହଲ୍ଲାୟ୍,
କାୟ୍ତାକ୍ବଃଲେକ୍ ଜୁୟ୍ ଟାଣେ ଜିସୁକେ କ୍ରୁସ୍ ଉହ୍ରେ ଚଃଗା
ଅୟ୍ରିଲି, ସେରି ଗଃଳାର୍ ଲଃଗେ ରିଲି; ଆରେକ୍ ସେ ଲେକା
ଏବ୍ରି, ଲାଟିନ୍ ଆର୍ ଗ୍ରିକ୍ ବାସାୟ୍ ଲେକା ଅୟ୍ରିଲି । 21 ତଃବେ
ଜିଉଦିମଃନାର୍ ବଃଡ୍ ଜାଜକ୍ମଃନ୍ ପିଲାତକେ କୟ୍ଲାୟ୍, “ତୁୟ୍
‘ଜିଉଦିମଃନାର୍ ରଃଜା’ ବଃଲି ନଃଲେକି, ‘ମୁୟ୍ ଜିଉଦିମଃନାର୍
ରଃଜା ବଃଲି ନିଜ୍କେ କଃଉତିରିଲା,’ ଇବାନ୍ୟା ଲେକ୍ ।” 22
ପିଲାତ କୟ୍ଲା, “ମୁୟ୍ ଜାୟ୍ରି ଲେକିଆଚି, ସେରି ଲେକିଆଚି
।” 23 ସଃଇନ୍ମଃନ୍ ଜିସୁକେ କ୍ରୁସ୍ ଉହ୍ରେ ଚଃଗାୟ୍ଲା ହଃଚେ
ଚାରି ଗଟ୍ ସଃଇନ୍ ତାର୍ ବଃସ୍ତ୍ରର୍ ଚାରି ବାଗ୍ କଃରି ବାଟାକଃରି
ନିଲାୟ୍, ହଃତି ସଃଇନ୍ମଃନାର୍ ଗିନେ ଗଟେକ୍ ଗଟେକ୍ ବାଗ୍,
ଆର୍ ସେମଃନ୍ ତାର୍ ଆଙ୍ଗିକ୍ ହେଁ ନିଲାୟ୍ । ମଃତର୍ ତାର୍ ଉହ୍ରେ
ହିନ୍ଦ୍ଲା ଆଙ୍ଗି ସିଲାୟ୍ ନାୟ୍ ଉହ୍ରେ ହୁଣି ତଃଳେ ହଃତେକ୍ ସଃବୁ
ବୁଣା ଅୟ୍ରିଲି । 24 ତଃବେ ସଃଇନ୍ମଃନ୍ ତାକାର୍ ତାକାର୍ ବିତ୍ରେ
କଃଉଆକଇ ଅୟ୍ଲାୟ୍, “ଇତାକ୍ ଚିରୁ ନଃଚୁଆଁ, ମଃତର୍ ଇରି
କାର୍ ଅୟ୍ଦ୍, ସେତାର୍ ଗିନେ କେଳି ବାଚୁଆଁ ।” ଜଃନ୍କଃରି ଦଃର୍ମ୍
ସାସ୍ତ୍ରର୍ ତଃୟ୍ର୍ ଇ ବଃଚନ୍ ହୁରୁଣ୍ ଅୟ୍ଦ୍, “ସେମଃନ୍ ଅଃହ୍ଣା
ଅଃହ୍ଣାର୍ ବିତ୍ରେ ମର୍ ବଃସ୍ତ୍ରର୍ ବାଟା କଃଲାୟ୍, ଆରେକ୍ ମର୍
ଆଙ୍ଗିର୍ ଗିନେ କେଳି ବାଚ୍ଲାୟ୍ ।” ତଃବେ ସଃଇନ୍ମଃନ୍ ଇସଃବୁ
କଃଲାୟ୍ । 25 ମଃତର୍ ଜିସୁ କ୍ରୁସ୍ ଲଃଗେ ତାର୍ ଆୟ୍ସି, ତାର୍
ଆୟ୍ସିର୍ ବେଣ୍ସି, କ୍ଲପାର୍ ଡକୁର୍ସି ମରିୟମ୍ ଆର୍ ମଗ୍ଦଲିନି
ମରିୟମ୍ ଟିଆ ଅୟ୍ରିଲାୟ୍ । 26 ଜିସୁ ତାର୍ ଆୟ୍ସି ଆର୍ ଜୁୟ୍
ଚେଲାମଃନ୍କେ ଲାଡ୍ କଃର୍ତିରିଲା, ସେମଃନ୍କେ ଲଃଗେ ଟିଆ
ଅୟ୍ରିଲାର୍ ଦଃକି ଆୟ୍ସିକ୍ କୟ୍ଲା, “ଏ ଆୟା, ଦଃକ୍, ତର୍
ହୟ୍ଦି ।” 27 ସେଦାହ୍ରେ ସେ ଚେଲାକେ କୟ୍ଲା, “ଦଃକା, ତର୍
ଆୟ୍ଦି!” ଆର୍ ସେଦାହ୍ରେ ହୁଣି ସେ ଚେଲା ଜିସୁର୍ ଆୟ୍ସିକ୍
ଅଃହ୍ଣାର୍ ଗଃରେ ନିଲା । 28 ଇତାର୍ ହଃଚେ ଜିସୁ ଦଃର୍ମ୍ ସାସ୍ତ୍ରର୍
ତଃୟ୍ର୍ ବଃଚନ୍ ଜଃନ୍କଃରି ହୁରୁଣ୍ ଅୟ୍ଦ୍, ଇତାର୍ ଗିନେ ସଃବୁ
ବିସୟ୍ ଅଃବେ ସଃରିଆଚେ ବଃଲି ଜାଣି କୟ୍ଲା, “ମକ୍ ସସ୍
ଲାଗୁଲି ।” 29 ସେତି ହିତା ଅଙ୍ଗୁର୍ ରଃସ୍ ବଃର୍ତି ଅୟ୍ରିଲା ଗଟେକ୍
ଡକା ରିଲି; ତଃବେ ସେମଃନ୍ ସେତି କଃଣ୍ଡେକ୍ ସ୍ପଞ୍ଜ ବୁଡାୟ୍
ସେରି ହାଟ୍ଲି ସଃଙ୍ଗ ଗଟେକ୍ ଡେଙ୍ଗ ଡାଙ୍ଗେ ଗୁଳିଆୟ୍ ତାର୍ ଟଣ୍ଡ
ଲଃଗେ ଦିଲାୟ୍ । 30 ସେତାକ୍ ଜିସୁ ସେ ହିତା ଅଙ୍ଗୁର୍ ରଃସ୍ ସୁରି
କୟ୍ଲା, “ସେସ୍ ଅୟ୍ଲି ।” ଆର୍ ସେ ମୁଣ୍ଡ ଲଃସାୟ୍ କଃରି ଆତ୍ମା
ଚାଡ୍ଲା । 31 ସେ ଦିନ୍ ହଃର୍ବାର୍ ଗିନେ ତିଆର୍ ହଃଲ୍ତା ଦିନ୍
ରିଲାକ୍, ଗଃଗାଲ୍ମଃନ୍ ଜଃନ୍କଃରି ବିସାଉଁଣି ବାରେ କ୍ରୁସ୍ ଉହ୍ରେ
ନଃରେୟ୍, କାୟ୍ତାକ୍ବଃଲେକ୍ ସେ ବିସାଉଁଣିବାର୍ ଦିନ୍ ରିଲି,
ସେତାକ୍ ସେମଃନାର୍ ଗଡ୍ ବାଙ୍ଗା ଜଃଉଅ ଆର୍ ସେମଃନ୍କେ
କ୍ରୁସ୍ କାଟେ ହୁଣି ଉତ୍ରାୟ୍ ଆଣୁକେ ଜିଉଦି ଅଃଦିକାରିମଃନ୍
ପିଲାତକେ ଗଃଉଆରି କଃଲାୟ୍ । 32 ତଃବେ ସଃଇନ୍ମଃନ୍ ଜାୟ୍
ଜିସୁର୍ ସଃଙ୍ଗ କ୍ରୁସ୍କାଟେ ଚଃଗା ଅୟ୍ରିଲା ବିନ୍ ଦୁୟ୍ ଲକାର୍
ଗଡ୍ ବାଙ୍ଗାୟ୍ଲାୟ୍ । 33 ମଃତର୍ ସେମଃନ୍ ଜିସୁର୍ ଲଃଗେ
ଆସି ସେ ମଃରି ଗଃଲାବେ ବଃଲି ଦଃକି ତାର୍ ଗଡ୍ ବାଙ୍ଗାଉଁ
ନଃଚ୍ଲାୟ୍ । 34 ତଃବେ ସଃଇନ୍ମଃନାର୍ ବିତ୍ରେ ଗଟ୍ ଲକ୍ ବାଲା
ସଃଙ୍ଗ ଜିସୁର୍ କୁଚାୟ୍ ବୁସ୍ଲା, ଆର୍ ସେଦାହ୍ରେ ବଃନି ଆର୍ ହାଣି
ବାରାୟ୍ଲି । 35 ଜେ ଦଃକି ଆଚେ, ସେ ସାକି ଦଃୟ୍ଆଚେ,
ଜଃନ୍କଃରି ତୁମିମଃନ୍ ହେଁ ବିସ୍ୱାସ୍ କଃରାସ୍; ଆରେକ୍ ତାର୍
ସାକି ସଃତ୍ୟା, ଆର୍ ସେ ଜେ ସଃତ୍ କଃଉଁଲା, ଇରି ସେ ଜାଣେଦ୍
। 36 କାୟ୍ତାକ୍ବଃଲେକ୍ ଦଃର୍ମ୍ ସାସ୍ତ୍ରର୍ ତଃୟ୍ର୍ ଇ ବଃଚନ୍
ହୁରୁଣ୍ ଅଃଉଁକେ ଇସଃବୁ ବିସୟ୍ ଗଃଟ୍ଲି, “ତାର୍ କଃଣ୍ଡେକ୍ ଆଡ୍
ହେଁ ନଃବାଙ୍ଗେ ।” 37 ଦଃର୍ମ୍ ସାସ୍ତ୍ରର୍ ତଃୟ୍ ଆରେକ୍ ଗଟେକ୍
ବଃଚନ୍ ଲେକା ଅୟ୍ଆଚେ, “ସେମଃନ୍ ଜାକେ ବାଲା ସଃଙ୍ଗ
ବୁସ୍ଲାୟ୍, ତାକ୍ ଦଃକ୍ତି ।” 38 ଇ ସଃବୁ ଗଃଟ୍ଲା ହଃଚେ, ଜୁୟ୍
ହାରାମାତିଆର୍ ଜସେପ୍ ଜିସୁର୍ ଗଟେକ୍ ଚେଲା ରିଲା, ମଃତର୍
ଜିଉଦି ଅଃଦିକାରିମଃନ୍କେ ଡିରିକଃରି ଜାଣାୟ୍ ନଃଉତିରିଲା,
ସେ ଜିସୁର୍ ଗଃଗାଲ୍ ନେଉଁକ୍ ପିଲାତକେ ଗଃଉଆରି କଃଲା
। ସେତାକ୍ ପିଲାତ ନେ ବଃଲି କୟ୍ଲା । ତଃବେ ସେ ଆସି
ଜିସୁର୍ ଗଃଗାଲ୍ ନିଲା । 39 ଜୁୟ୍ ନିକଦିମ ହଃର୍ତୁମ୍ ରାତି ବଃଳ୍ୟା
ଜିସୁର୍ ଲଃଗେ ଆସିରିଲା, ସେ ହେଁ ହଃକାହାକି ପଚାସ୍ ସେର୍
ବାସ୍ନା ଚିକଣ୍ ମିସ୍ଲା ଦୁହ୍ଣି ଦଃରି ଆୟ୍ଲା । 40 ସେମଃନ୍
ଜିସୁର୍ ଗଃଗାଲ୍ ନଃୟ୍ ଜିଉଦିମଃନାର୍ ମଃସ୍ଣେ ତହ୍ତା ରିତି
ହଃର୍କାରେ ସେରି ବାସ୍ନା ଚିକଣ୍ ହାଦ୍ଲାୟ୍ ତାକ୍ ଦବ୍ ମଃସ୍ଣି
ହଃଚ୍ୟା ଗୁଳ୍ୟାୟ୍ଲାୟ୍ । 41 ଜୁୟ୍ ଟାଣେ ଜିସୁକେ କ୍ରୁସ୍ ଉହ୍ରେ
ଚଃଗା ହାୟ୍ରିଲି, ସେ ଟାଣେ ଗଟେକ୍ ବାଲ୍ ରିଲି, ଆର୍ ସେ
ବାଳେ ଗଟେକ୍ ନଃଉଆଁ ମଃସୁଣ୍ ରିଲି, ସେତି କଃବେ କାକେ ହେଁ
ସଃଙ୍ଗାୟ୍ ନଃରିଲାୟ୍ । 42 ଆର୍ ଜିଉଦିମଃନାର୍ ତିଆର୍ ହଃଲ୍ତା
ଦିନ୍ ରିଲାକ୍ ସେ ଟାଣେ ସେମଃନ୍ ଜିସୁକେ ସଃଙ୍ଗାୟ୍ଲାୟ୍,
କାୟ୍ତାକ୍ବଃଲେକ୍ ସେ ମଃସୁଣ୍ ଲଃଗେ ରିଲି ।

**20** ରୟ୍ବାର୍ ଦିନ୍ ବର୍ ସଃକାଳ୍ୟା ଅଃନ୍ଦାର୍ ରେଉଁ ରେଉଁ
ମଗ୍ଦଲିନି ମରିୟମ୍ ମଃସୁଣ୍ ଲଃଗେ ଜାୟ୍ ସେଲଃଗେ
ଡାହିରିଲା ଟେଳା ଗୁଚିରିଲାର୍ ଦଃକ୍ଲି । 2 ତଃବେ ସେ ଦଃବ୍ଳି
ଜାୟ୍ ସିମନ୍ ପିତର୍ ଆର୍ ଜିସୁ ଜାକେ ଲାଡ୍ କଃର୍ତିରିଲା, ସେ ବିନ୍
ଚେଲାର୍ ଲଃଗେ ଆୟ୍ଲି, ଆର୍ ସେମଃନ୍କେ କୟ୍ଲି, “ସେମଃନ୍
ମାପ୍ରୁକ୍ ମଃସୁଣ୍ କାଲେ ହୁଣି ନଃୟ୍ ଗଃଲାୟ୍ ଆଚ୍ତି, ଆରେକ୍
ତାକ୍ କୁୟ୍ ଟାଣେ ସଃଙ୍ଗାୟ୍ ଆଚ୍ତି, ସେରି ଅଃମିମଃନ୍ ନଃଜାଣୁ
।” 3 ସେତାକ୍ ପିତର୍ ଆର୍ ସେ ବିନ୍ ଚେଲା ମଃସୁଣ୍ ଲଃଗେ
ଜଃଉଁକେ ବାରାୟ୍ଲାୟ୍ । 4 ସେମଃନ୍ ଦୁୟ୍ଲକ୍ ଅଃକାବଃଲ୍
ଦଃବ୍ଲୁକ୍ ଦଃର୍ଲାୟ୍, ଆର୍ ସେ ବିନ୍ ଚେଲା ପିତର୍କେ ହଃଚେ
ଚାଡି ଆଗ୍ତୁ ମଃସୁଣ୍ ଲଃଗେ ହଚ୍ଲା, 5 ଆର୍ ଲଃହ୍ଟିକଃରି
ବିତ୍ରେ ଦଃକି ଜିସୁକେ ଜୁୟ୍ ମଃସ୍ଣି ହଃଚ୍ୟା ଗୁଳ୍ୟାୟ୍ ରିଲାୟ୍
ସେରି ସଃବୁ ଅଦ୍ରି ରିଲାର୍ ଦଃକ୍ଲା, ମଃତର୍ ସେ ବିତ୍ରେ ନଃହୁର୍ଲା
। 6 ହଃଚେ ସିମନ୍ ପିତର୍ ହେଁ ତାର୍ ହଃଚେ ହଃଚେ ଆସି

ହଚ୍‌ଲା ଆର୍ ମଃସୁଣ୍ ବିତ୍ରେ ହୁରି ଦଃକ୍‌ଲା ଜେ, ସେ ମଃସ୍‌ଣି
ହଃଚ୍ୟାମଃନ୍ ଅଦ୍ରିଆଚେ, 7 ଆରେକ୍ ତାର୍ ମୁଣ୍ଡେ ଜୁୟ୍ ତୁଆଲ୍
ବାନ୍ଧା ଅୟ୍‌ରିଲି, ସେରି ସେ ମଃସ୍‌ଣି ହଃଚ୍ୟା ସଃଙ୍ଗେ ନଃରେୟ୍
ବିନେ ଗଟେକ୍ ଜଃଗାୟ୍ ଗୁଲ୍ୟାୟ୍ ଅୟ୍‌ଆଚେ । 8 ସଃଡେବଃଲ୍
ଜୁୟ୍ ବିନ୍ ଚେଲା ଆଗ୍‌ତୁ ମଃସୁଣ୍ ଲଃଗେ ଆସିରିଲା, ସେ
ହେଁ ବିତ୍ରେ ହୁରି ଦଃକ୍‌ଲା ଆର୍ ବିସ୍ୱାସ୍ କଃଲା; 9 ମଃତର୍
ମଃଲା ଲକ୍‌ମଃନାର୍ ବିତ୍ରେହୁଣି ଜିସୁକେ ଜେ ଜିବନ୍ ହାୟ୍
ଉଟୁକ୍ ଅୟ୍‌ଦ୍, ଦଃର୍ମ ସାସ୍ତର୍ ତଃୟ୍‌ର୍ ଇ ବଃଚନ୍ ସେମଃନ୍
ସଃଡେବଃଲ୍ ହଃତେକ୍ ବୁଜି ନଃରିଲାୟ୍ । 10 ତାର୍‌ହଃଚେ
ଚେଲାମଃନ୍ ସେମଃନାର୍ ଗଃରେ ବାଉଳି ଗଃଲାୟ୍ । 11 ମଃତର୍
ମରିୟମ୍ କାନ୍ଦି କାନ୍ଦି ହଃଦାୟ୍ ମଃସୁଣ୍ ଲଃଗେ ଟିଆ ଅୟ୍‌ରିଲି;
ଆରେକ୍ କାନ୍ଦି କାନ୍ଦି ସେ ଲଃହ୍‌ଟିକଃରି ମଃସୁଣ୍ ବିତ୍ରେ ଦଃକ୍‌ଲି,
12 ଆର୍ ଜିସୁର୍ ଗଃଗାଲ୍ ଜୁୟ୍ ଜଃଗାୟ୍ ସଃଙ୍ଗେ ଅୟ୍‌ରିଲି,
ସେତିର୍ ମୁଣ୍ଡ ଲଃଗେ ଗଟ୍‌ଲକ୍ ଆର୍ ହାଦ୍ ଲଃଗେ ଆରେକ୍
ଗଟ୍‌ଲକ୍, ଇବାନ୍ୟା ଦୁୟ୍ ଲକ୍ ଦବ୍ ବଃସ୍ତ୍ରର୍ ହିନ୍ଦ୍ରିରିଲା ଦୁତ୍‌କେ
ବଃସି ରିଲାର୍ ଦଃକ୍‌ଲି । 13 ସେମଃନ୍ ତାକ୍ କୟ୍‌ଲାୟ୍, "ଏ
ଆୟ୍ଯା, କାୟ୍‌ତାକ୍ କାନ୍ଦୁଲିସ୍?" ସେ ସେମଃନ୍‌କେ କୟ୍‌ଲି, "କୁୟ୍
ଲକ୍ କି ମର୍ ମାପ୍ରୁକ୍ ନିଲାୟ୍ ଆଚ୍‌ତି, ଆର୍ ତାକ୍ କୁୟ୍ ଟାଣେ
ସଃଙ୍ଗ୍ରାୟ୍ ଆଚ୍‌ତି, ସେରି ମୁୟ୍ ନଃଜାଣି ।" 14 ସେ ଇରି କୟ୍
ହଃଚ୍‌ବାଟ୍ୟା ଲେଉଟିକଃରି ଜିସୁକେ ଟିଆ ଅୟ୍‌ରିଲାର୍ ଦଃକ୍‌ଲି,
ମଃତର୍ ସେ ଜେ ଜିସୁ ସେରି ଜାଣୁ ନାହାର୍ଲି । 15 ଜିସୁ ତାକ୍
କୟ୍‌ଲା, "ଏ ଆୟ୍ଯା, କାୟ୍‌ତାକ୍ କାନ୍ଦୁଲିସ୍? କାକେ ଲଲୁଲିସ୍?"
ସେ ତାକ୍ ବାଳାର୍ ଜାଗୁଆଲି ବଃଲି ବାବି କୟ୍‌ଲି, "ମାପ୍ରୁ, ତୁୟ୍
ଜଦି ତାକ୍ ନଃୟ୍ ଆଚ୍‌ସି, ତଃବେ ତାକ୍ କୁୟ୍ ଟାଣେ ସଃଙ୍ଗ୍ରାୟ୍
ଆଚ୍‌ସି, ମକ୍ କଃଉ, ଆର୍ ମୁୟ୍ ତାକ୍ ନଃୟ୍‌ନ୍ଧ ।" 16 ଜିସୁ ତାକ୍
କୟ୍‌ଲା, "ମରିୟମ୍ ।" ସେ ଲେଉଟିକଃରି ଏବ୍ରି ବାସାୟ୍ କୟ୍‌ଲି,
"ରାବ୍‌ବୁନି!" ବଃଲେକ୍, "ଏ ଗୁରୁ ।" 17 ଜିସୁ ତାକ୍ କୟ୍‌ଲା, "ମକ୍
ଦଃରି ରିଆ ନାୟ୍, କାୟ୍‌ତାକ୍‌ବଃଲେକ୍ ମୁୟ୍ ଅଃବେ ହଃତେକ୍
ଉବାର୍ ଲଃଗେ ନଃଜାୟ୍ଁତା; ମଃତର୍ ମର୍ ବାୟ୍‌ମଃନାର୍ ଲଃଗେ
ଜାୟ୍ ସେମଃନ୍‌କେ କଃଉ, ମୁୟ୍ ମର୍ ଉବା ଆର୍ ସେମଃନାର୍
ଉବାସି, ମର୍ ଇସ୍ୱର୍ ଆର୍ ସେମଃନାର୍ ଇସ୍ୱରାର୍ ଲଃଗେ
ଜଃଉଁଲେ ।" 18 ମଗ୍‌ଦଲିନି ମରିୟମ୍ ଜାୟ୍, ମୁୟ୍ ମାପ୍ରୁକ୍ ଦଃକି
ଆଚି, ଆର୍ ସେ ମକ୍ ଇସଃବୁ କୟ୍‌ଆଚେ ବଃଲି ଚେଲାମଃନ୍‌କେ
କୟ୍‌ଲି । 19 ସେଦିନ୍, ବଃଲେକ୍, ରୟ୍‌ବାର୍ ଦିନ୍ ସଃଞ୍ଜବେଲ୍ୟା
ଜଃଡେବଃଲ୍ ଚେଲାମଃନ୍ ଜୁୟ୍ ଗଃରେ ରିଲାୟ୍, ସେତିର୍ ଜିଉଦି
ଅଃଦିକାରିମଃନ୍‌କେ ଡିରିକଃରି ଦୁଆର୍ ଡାହି ଅୟ୍ ରେଡିରିଲାୟ୍,
ସଃଡେବଃଲ୍ ଜିସୁ ଆସି ମଃଜି ଟାଣେ ଟିଆ ଅୟ୍ ସେମଃନ୍‌କେ
କୟ୍‌ଲା, "ତୁମିମଃନାର୍ ସୁସ୍ତ୍ରା ଅଃଉଅ ।" 20 ଆରେକ୍, ଇରି
କୟ୍ ସେ ସେମଃନ୍‌କେ ଅଃହ୍‌ଣାର୍ ଆତ୍ ଆର୍ କୁଚି ଦଃକାୟ୍‌ଲା
। ସେତାକ୍ ଚେଲାମଃନ୍ ମାପ୍ରୁକ୍ ଦଃକି ସଃର୍ଦା ଅୟ୍‌ଲାୟ୍ ।
21 ଜିସୁ ସେମଃନ୍‌କେ ଆରେକ୍ କୟ୍‌ଲା, "ତୁମିମଃନାର୍ ସୁସ୍ତ୍ରା
ଅଃଉଅ; ଉବା ଜଃନ୍‌କଃରି ମକ୍ ହଃଟାୟ୍ ଆଚେ, ମୁୟ୍ ହେଁ
ସେବାନ୍ୟା ତୁମିମଃନ୍‌କେ ହଃଟାଉଁଲେ ।" 22 ସେ ଇରି କୟ୍
ସେମଃନାର୍ ଉହ୍ରେ ହୁଣ୍ଡାଣ୍ ଚାଡି ସେମଃନ୍‌କେ କୟ୍‌ଲା, "ପବିତ୍ର
ଆତ୍ମାକେ ହାଉଆ । 23 ତୁମିମଃନ୍ ଜଦି କାର୍ ହାହ୍ କେମା
କଃରାସ୍, ତାର୍ ହାହ୍ କେମା ଅୟ୍‌ଦ୍; ଆରେକ୍, ଜଦି କାର୍ ହାହ୍
କେମା ନଃକେରାସ୍, ତାର୍ ହାହ୍ କେମା ନୟ୍ ।" 24 ମଃତର୍
ଜିସୁ ଜଃଡେବଃଲ୍ ଆସିରିଲା, ସଃଡେବଃଲ୍ ବାର ଲକାର୍ ବିତ୍ରେ
ତମା ନାଉଁଆର୍ ଗଟ୍‌ଲକ୍, ଜାକେ ଦିଦୁମ୍ ବଃଲି କଃଉତି, ସେ
ସେମଃନାର୍ ସଃଙ୍ଗେ ନଃରିଲା । 25 ତଃବେ ବିନ୍ ଚେଲାମଃନ୍
ତାକ୍ କୟ୍‌ଲାୟ୍, "ଅଃମିମଃନ୍ ମାପ୍ରୁକ୍ ଦଃକି ଆଚୁ ।" ମଃତର୍
ତମା ସେମଃନ୍‌କେ କୟ୍‌ଲା, "ତାର୍ ଆତେ କୁଟି ମାର୍ଲା ଚିନ୍
ସଃବୁ ନଃଦେକ୍‌ଲେକ୍, ଆର୍ ସେ ସଃବୁ ଜଃଗା ଲଃଗେ ମର୍
ଆଙ୍ଗୁଟି ସଃଙ୍ଗେ ନଃଚୁୟ୍‌ଲେକ୍ ଆର୍ ତାର୍ କୁଚାୟ୍ ମର୍ ଆତ୍
ନଃଚୁୟ୍‌ଲେକ୍ ମୁୟ୍ କଃବେ ହେଁ ବିସ୍ୱାସ୍ ନଃକେରି ।" 26 ଆଟ୍
ବିନ୍ ହଃଚେ ଜିସୁର୍ ଚେଲାମଃନ୍ ଆରେକ୍ ଗଃର୍ ବିତ୍ରେ ରିଲାୟ୍
ଆର୍ ତମା ହେଁ ସେମଃନାର୍ ସଃଙ୍ଗେ ରିଲା । ଆର୍ ଦୁଆର୍ ସଃବୁ
ଡାହି ଅୟ୍‌ରିଲାବଃଲ୍ ଜିସୁ ଆସି ମଃଜାୟ୍ ଟିଆ ଅୟ୍ କୟ୍‌ଲା,
"ତୁମିମଃନାର୍ ସୁସ୍ତ୍ରା ଅଃଉଅ ।" 27 ହଃଚେ ସେ ତମାକ୍ କୟ୍‌ଲା,
"ଇହାକ୍ ତର୍ ଆଙ୍ଗୁଟି ଆଣି ମର୍ ଆତ୍ ଦଃକ୍ ଆର୍ ଆତ୍ ଲାମାୟ୍
ମର୍ କୁଚାୟ୍ ଚିଉ; ଅବିସ୍ୱାସି ନୟ୍‌କଃରି ସଃତ୍‌କଃର୍ ।" 28 ତମା
ଜିସୁକେ କୟ୍‌ଲା, "ମର୍ ମାପ୍ରୁ, ମର୍ ଇସ୍ୱର୍ ।" 29 ଜିସୁ ତାକ୍
କୟ୍‌ଲା, "ତୁୟ୍ କାୟ୍ ମକ୍ ଦଃକ୍‌ଲାକ୍ ବିସ୍ୱାସ୍ କଃଲିସ୍? ଜୁୟ୍
ଲକ୍‌ମଃନ୍ ନଃଦେକି ବିସ୍ୱାସ୍ କଃରି ଆଚ୍‌ତି, ସେମଃନାର୍ ବାୟ୍‌ଗ୍
।" 30 ଜିସୁ ଚେଲାମଃନାର୍ ମୁୟେ ଇବାନ୍ୟା ଗାଦେକ୍ ବିନ୍ ବିନ୍
ରଃକମାର୍ କାବା ଅଃଉତା ଚିନ୍ କଃଲା, ସେସଃବୁ ଇ ପୁସ୍ତକ୍
ଲଃଗେ ଲେକା ନୟ୍; 31 ମଃତର୍ ତୁମିମଃନ୍ ଜଃନ୍‌କଃରି ବିସ୍ୱାସ୍
କଃରାସ୍ ଜେ, ଜିସୁ ଇସ୍ୱରାର୍ ହୟ୍‌ସି କ୍ରିସ୍ଟ, ଆରେକ୍ ବିସ୍ୱାସ୍
କଃରି ଜଃନ୍‌କଃରି ତୁମିମଃନ୍ ତାର୍ ନାଉଁଏ ଜିବନ୍ ହାଉଆସ୍,
ଇତାର୍ ଗିନେ ଇ ସଃବୁ ଲେକା ଜାୟ୍ ଆଚେ ।

**21** ଇତାର୍ ହଃଚେ ଜିସୁ ତିବିରିଆ ସଃମଃନ୍ଦ କଃଣ୍ଡାୟ୍
ଚେଲାମଃନ୍‌କେ ଆରେକ୍ ଦଃକାୟ୍ ଅୟ୍‌ଲା । ସେ
ଇରଃକମ୍ ଦଃକାୟ୍ ଅୟ୍‌ଲା; 2 ସିମନ୍ ପିତର୍, ତମା, ଜାକେ
ଦିଦୁମ୍ ବଃଲି କଃଉତି, ଗାଲିଲିର୍ କାନା ଗାଉଁଆର୍ ନିତନିଏଲ୍,
ଜେବଦିର୍ ହୟ୍‌ସିମଃନ୍ ଆର୍ ତାର୍ ଚେଲାମଃନାର୍ ବିତ୍ରେ ଦୁୟ୍‌ଲକ୍
ଗଟେତଃୟ୍ଁ ରୁଣ୍ଡି ରିଲାୟ୍ । 3 ସିମନ୍ ପିତର୍ ସେମଃନ୍‌କେ
କୟ୍‌ଲା, "ମୁୟ୍ ମାଚ୍ ଦଃରୁକ୍ ଜଃଉଁଲେ ।" ସେମଃନ୍ ତାକ୍
କୟ୍‌ଲାୟ୍, "ଅଃମିମଃନ୍ ହେଁ ତର୍ ସଃଙ୍ଗେ ଜଃଉଁନ୍ଧ ।" ସେମଃନ୍
ବାରାୟ୍ ଜାୟ୍ ଡଙ୍ଗ୍ରାୟ୍ ଚଃଗ୍‌ଲାୟ୍, ଆର୍ ସେ ରାତି କାୟ୍‌ରି ହେଁ
ଦଃରୁ ନଃହାୟ୍‌ଲାୟ୍ । 4 ମଃତର୍ ସଃକାଲ୍ ଅୟ୍‌ଲା ହଃଚେ
ଜିସୁ କଃଣ୍ଡାୟ୍ ଟିଆ ଅୟ୍‌ଲା, ଅୟ୍‌ଲେକ୍ ହେଁ ସେ ଜିସୁ ବଃଲି
ଚେଲାମଃନ୍ ଜାଣୁ ନଃହାୟ୍‌ଲାୟ୍ । 5 ଜିସୁ ସେମଃନ୍‌କେ କୟ୍‌ଲା,

“ହିଲାମଽନ୍ ତୁମାର୍ ଲଽଗେ କାୟ୍‌ରି ମାଚ୍ କାଉଁକେ ଆଚେ?”
ସେମଽନ୍ ତାକ୍ କୟ୍‌ଲାୟ୍, “ନାୟ୍, କାୟ୍‌ରି ହେଁ ନାୟ୍ ।”
6 ଜିସୁ ସେମଽନ୍‌କେ କୟ୍‌ଲା, “ଡଙ୍ଗାର୍ କାତା ବାଟ୍ୟା ଜାଲ୍
ହଽକାଉଆ, ଆର୍ ତୁମିମଽନ୍ ହାଉଆସ୍ ।” ସେତାକ୍ ସେମଽନ୍
ଜାଲ୍ ହଽକାୟ୍‌ଲାୟ୍, ଆର୍ ଜାଲେ ଅଽତେକ୍ ମାଚ୍ ଲାଗ୍‌ଲାୟ୍
ଜେ, ସେମଽନ୍ ଜାଲ୍ ଜିକୁକ୍ ସଽକ୍ତି ନଽକେଟ୍‌ଲି । 7 ସେତାକ୍
ଜିସୁ ଜୁୟ୍ ଚେଲାକେ ଲାଡ୍ କଽର୍ତିରିଲା, ସେ ଜହନ୍ ପିତର୍‌କେ
କୟ୍‌ଲା, “ଏ ତ ମାପ୍ରୁ ।” ସିମନ୍ ପିତର୍ ଏ ତ ମାପ୍ରୁ ବଽଲି ସୁଣି
ଡୁମ୍‌ଣ୍ଡା ଅୟ୍‌ରିଲାକ୍ ଅଽହ୍‌ଣାର୍ ଆଙ୍ଗି ହିନ୍ଦି ସଽମ୍‌ନ୍ଦେ ଡଽଗାୟ୍‌ଲା;
8 ମଽତର୍ ବିନ୍ ଚେଲାମଽନ୍ ମାଚ୍ ବଽର୍ତି ଅୟ୍‌ରିଲା ଜାଲ୍ ଜିକି
ଜିକି ଡଙ୍ଗାକ୍ କଽଣ୍ଡିଏ ଆଣ୍‌ଲାୟ୍, କାୟ୍‌ତାକ୍‌ବଽଲେକ୍ ସେମଽନ୍
କଽଣ୍ଡାୟ୍ ହୁଣି ଅଽଦିକ୍ ଦୁରିକ୍ ନଽରିଲାୟ୍, ଅଽକାୟ୍ ହଽକାହାକି
ଦଽସ୍ କଳି ଆତ୍ ଦୁରିକ୍ ରିଲାୟ୍ । 9 ସେମଽନ୍ କଽଣ୍ଡିଏ ଉତ୍ରି
ସେତି ଇଙ୍ଗାଜୟ୍ ଉହ୍ରେ ମାଚ୍ ଆର୍ ରୁଟି ସଽଙ୍ଗାୟ୍ ରିଲାର୍
ଦଽକଽଲାୟ୍ । 10 ଜିସୁ ସେମଽନ୍‌କେ କୟ୍‌ଲା, “ତୁମିମଽନ୍
ଅଽବେ ଜୁୟ୍ ମାଚ୍ ଦଽରି ଆଚାସ୍, ସେତିର୍ କଽତିଗଟ୍ ଆଣା ।”
11 ସିମନ୍ ପିତର୍ ଜାୟ୍ ସାତ୍‌କଳି ତେର ଗଟ୍ ବଽଡ୍ ବଽଡ୍ ମାଚ୍
ବଽର୍ତି ଅୟ୍‌ରିଲା ଜାଲ୍ କଽଣ୍ଡିଏ ଜିକି ଆଣ୍‌ଲା; ଆର୍ ଅଽତେକ୍
ମାଚ୍ ରିଲାକ୍ ହେଁ ଜାଲ୍ ନଽଚିଡ୍‌ଲି । 12 ଜିସୁ ସେମଽନ୍‌କେ
କୁଦିକଽରି କୟ୍‌ଲା, “ଆସି କାହା ।” ଚେଲାମଽନାର୍ ବିତ୍ରେ କେ
ହେଁ ତୁୟ୍ କେ ବଽଲି ତାକ୍ ହଽଚାରୁକ୍ ସାସ୍ ନଽକେର୍ତି ରିଲାୟ୍,
କାୟ୍‌ତାକ୍‌ବଽଲେକ୍ ସେ ଜେ ମାପ୍ରୁ ଇରି ସେମଽନ୍ ଜାଣି ରିଲାୟ୍
। 13 ଜିସୁ ଆସି ରୁଟି ନଽୟ୍ ସେମଽନ୍‌କେ ଦିଲା, ଆର୍ ସେବାନ୍ୟା
ମାଚ୍ ହେଁ ଦିଲା । 14 ମଽଲା ଲକାର୍ ବିତ୍ରେ ଉଟ୍‌ଲା ହଽଚେ ଜିସୁ
ଚେଲାମଽନ୍‌କେ ଆର୍ ସଽଙ୍ଗ ତିନିତର୍ ଦଽକାୟ୍ ଅୟ୍‌ଲା । 15
ସେମଽନ୍ କାୟ୍‌ଲା ହଽଚେ ଜିସୁ ସିମନ୍ ପିତର୍‌କେ ହଽଚାର୍ଲା, “ଏ
ଜହନାର୍ ହୟ୍‌ସି ସିମନ୍, ତୁୟ୍ କାୟ୍ ମକ୍ ଇମଽନାର୍ ତଽୟ୍‌ହୁଣି
ଅଽଦିକ୍ ଲାଡ୍ କଽରୁଲିସ୍?” ସେ ତାକ୍ କୟ୍‌ଲା, “ହେଁ ମାପ୍ରୁ, ମୁୟ୍
ଜେ ତକ୍ ଲାଡ୍ କଽରୁଲେ, ସେରି ତୁୟ୍ ଜାଣି ଆଚ୍‌ସି ।” ଜିସୁ
ତାକ୍ କୟ୍‌ଲା, “ମର୍ ମେଣ୍ଡା ହିଲାମଽନ୍‌କେ ଚଽରାଉ ।” 16 ଜିସୁ
ଆରେକ୍ ଇତାର୍ ସଽଙ୍ଗ ଦୁୟ୍‌ତର୍ ତାକ୍ ହଽଚାର୍ଲା, “ଏ ଜହନାର୍
ହୟ୍‌ସି ସିମନ୍, ତୁୟ୍ କାୟ୍ ମକ୍ ଲାଡ୍ କଽରୁଲିସ୍?” ସିମନ୍ ତାକ୍
କୟ୍‌ଲା, “ହେଁ ମାପ୍ରୁ, ମୁୟ୍ ଜେ ତକ୍ ଲାଡ୍ କଽରୁଲେ, ସେରି
ତୁୟ୍ ଜାଣି ଆଚ୍‌ସି ।” ଜିସୁ ତାକ୍ କୟ୍‌ଲା, “ମର୍ ମେଣ୍ଡାମଽନାର୍
ଜଽତୁନ୍ କଽର୍ ।” 17 ଜିସୁ ଇତାର୍ ସଽଙ୍ଗ ତିନିତର୍ ତାକ୍
ହଽଚାର୍ଲା, “ଏ ଜହନାର୍ ହୟ୍‌ସି ସିମନ୍, ତୁୟ୍ କାୟ୍ ମକ୍ ଲାଡ୍
କଽରୁଲିସ୍?” ତୁୟ୍ କାୟ୍ ମକ୍ ଲାଡ୍ କଽରୁଲିସ୍? ଇରି କୟ୍ ସେ
ତିନିତର୍ ପିତର୍‌କେ ହଽଚାର୍ଲାକ୍ ପିତର୍ ଦୁକ୍ ଅୟ୍ ତାକ୍ କୟ୍‌ଲା,
“ମାପ୍ରୁ, ତୁୟ୍ ସଽବୁ କଽତା ଜାଣି ଆଚ୍‌ସି; ମୁୟ୍ ଜେ ତକ୍ ଲାଡ୍
କଽରୁଲେ, ସେରି ତୁୟ୍ ଜାଣି ଆଚ୍‌ସି ।” ଜିସୁ ତାକ୍ କୟ୍‌ଲା, “ମର୍
ମେଣ୍ଡାମଽନ୍‌କେ ଚଽରାଉ । 18 ସଽତ୍‌କଽରି ମୁୟ୍ ତକ୍ କଽଉଁଲେ,
ବେଣ୍ଡ୍ୟା ରିଲାବଽଲ୍ ତୁୟ୍ ଅଽହ୍‌ଣାର୍ ଅଽଟା ବାନ୍ଦି ଅୟ୍ ଜୁୟ୍
ହାକ୍ ମଽନ୍, ସେ ହାକ୍ ବୁଲ୍‌ତି ରିଲିସ୍, ମଽତର୍ ବୁଡା ଅୟ୍‌ଲେକ୍
ଅଽହ୍‌ଣାର୍ ଆତ୍ ଲାମାଉସି ଆର୍ ବିନ୍ ଲକ୍ ତର୍ ଅଽଟାକ୍ ବାନ୍ଦି
ଜୁୟ୍ ହାକ୍ ତର୍ ମଽନ୍ ନଽରେୟ୍, ସେ ହାକ୍ ତକ୍ ନଽୟ୍ ଜାୟ୍‌ଦ୍
।” 19 ପିତର୍ କଽନ୍‌କଽରି ମଽର୍ନ୍ ବଗ୍ କଽରି ଇସ୍ୱରାର୍ ଜଽଜ୍‌ମାନ୍
କଽରେଦ୍, ସେ କଽତାକ୍ ଦଽରି ଜିସୁ ଇରି କୟ୍‌ଲା । ଇରି କୟ୍‌ଲା
ହଽଚେ ଜିସୁ ତାକ୍ କୟ୍‌ଲା, “ମର୍ ହଽଚେ ଆଉ ।” 20 ଜିସୁ
ଜୁୟ୍ ଚେଲାକେ ଲାଡ୍ କଽର୍ତିରିଲା ଆର୍ ଜେ ରାତ୍ୟା କାତାବଽଲ୍
ତାର୍ ବୁକେ ଡେରାୟ୍ ଅୟ୍, ମାପ୍ରୁ, ତକ୍ କେ ସଽତ୍ରୁ ଆତେ
ସଽହ୍ରି ଦଽୟ୍‌ଦ୍ ବଽଲି ହଽଚାରିରିଲା, ସେ ଚେଲାକେ ପିତର୍
ଉଲ୍‌ଟି କଽରି ହଽଚେ ଆସ୍ତିରିଲାର୍ ଦଽକ୍‌ଲା । 21 ପିତର୍ ତାକ୍
ଦଽକି ଜିସୁକେ ହଽଚାର୍ଲା, “ମାପ୍ରୁ, ଇମାନାୟ୍‌ର୍ ବିସୟେ ତୁୟ୍
କାୟ୍‌ରି କଽଉଁଲିସ୍?” 22 ଜିସୁ ତାକ୍ କୟ୍‌ଲା, “ମୁୟ୍ ଆରେକ୍
ଗଟ୍‌ତର୍ ଆସ୍ତା ଦିନ୍ ହଽତେକ୍ ସେ ରେଉଅ ବଽଲି ମୁୟ୍ ଜଦି
ମଽନ୍ କଽରିନ୍ଧ, ତଽବେ ତର୍ କାୟ୍‌ରି ଆଚେ? ତୁୟ୍ ମର୍ ହଽଚେ
ଆଉ ।” 23 ସେତାକ୍ ସେ ଚେଲା ଜେ ନଽମେରେ, ଇ କଽତା
ବାୟ୍‌ମଽନାର୍ ବିତ୍ରେ ଉର୍ଜି ଅୟ୍‌ଲି, ମଽତର୍ ସେ ନଽମେରେ ବଽଲି
ଜିସୁ ତାକ୍ କୟ୍‌ନଽରିଲା, ମଽତର୍ ମୁୟ୍ ଆରେକ୍ ଗଟ୍‌ତର୍ ଆସ୍ତା
ଦିନ୍ ହଽତେକ୍ ସେ ରେଉଅ ବଽଲି ଜଦି ମୁୟ୍ ମଽନ୍ କଽରିନ୍ଧ,
ତଽବେ ତର୍ କାୟ୍‌ରି ଆଚେ ବଽଲି କୟ୍‌ରିଲା । 24 ଜେ ଇସଽବୁ
କଽତା ସାକି ଦେଉଁଲା ଆର୍ ଇସଽବୁ ଲେକି ଆଚେ, ଇରି ସେ
ଚେଲା; ଆର୍ ତାର୍ ସାକି ଜେ ସଽତ୍, ସେରି ଅଽମିମଽନ୍ ଜାଣୁ
। 25 ଆରେକ୍, ଜିସୁ ଗାଦେକ୍ ଗାଦେକ୍ କାମ୍ ହେଁ କଽରିରିଲା;
ସେସଽବୁ ଜଦି ଗଟେକ୍ ଗଟେକ୍ କଽରି ଲେକା ଅୟ୍‌ରିଲେକ୍,
ତଽନ୍‌ଅୟ୍‌ଲେକ୍ ଅଽତେକ୍ ପୁସ୍ତକ୍ ଲେକା ଅୟ୍‌ଲି ହୁଣି ଜେ, ମର୍
ବାବ୍‌ନାୟ୍ ଜଽଗତ୍‌ଜାକ ହେଁ ସେସଽବୁ ସଽଙ୍ଗାଉଁକ୍ ଟାଣ୍ ନୟ୍‌ଲି
ହୁଣି ।

# ପେରିତ୍

1 ଏ ଲାଡାର୍ ତିଅପିଲ, ଜିସୁ ସେ କାମ୍ ଆରୁମ୍ କଽରି ଜୁୟ୍‌ରି
କଽଲା ଆର୍ ସିକାୟ୍‌ଲା ସେରି ମର୍ ଇ ହଽର୍ତୁ ପୁସ୍ତକେ
ଲେକୁଲେ । 2 ସେ ଜୁୟ୍‌ମଽନ୍‌କ୍ ପେରିତ୍ ବାବେ ବାଚିରିଲା
ସେମଽନ୍‌କେ ସଽର୍ଗେ ଜାତା ଆଗ୍‌ତୁ ଜାତା ହଽତେକ୍ ପବିତ୍ର
ଆତ୍ମାୟ୍ ସଽକ୍ତିଦଽୟ୍ ସଽର୍ଗେ ଗଽଲା । 3 ଜିସୁ ଅଽହ୍‌ଣାକ୍
ଦୁକ୍‌ବଗ୍ ହଽଚେ ହେଁ ଗାଦେକ୍ ସଽତ୍ କାମ୍ ଦଽକାୟ୍ ସେମଽନାର୍
ତଽୟ୍ ଅଽହ୍‌ଣାକ୍ ସେ ନିଜେ ଅଽମ୍ବର୍ ଜିବନ୍ ବଽଲି ଦଽକାୟ୍‌ଲା
। ଆରେକ୍ ଦୁୟ୍‌କଳି ଦିନ୍ ହଽତେକ୍ ଗାଦାତର୍ ସେମଽନ୍‌କେ
ଦଽକାୟ୍ ଅୟ୍ ଇସ୍ୱରାର୍ ରାଇଜାର୍ କଽତା କୟ୍‌ଲା । 4 ଗଟ୍‌ତର୍
ସେମଽନାର୍ ସଽଙ୍ଗ୍ କାଉଁକେ ବଽସ୍‌ଲା ବଽଲ୍ ଜିସୁ ସେମଽନ୍‌କେ
ଇ ବଲ୍ ଦିଲା, “ତୁମିମଽନ୍ ଜିରୁସାଲମେ ହୁଣି କେଣେ ଜାହା
ନାୟ୍, ମଽତର୍ ସଽର୍ଗାର୍ ଉବାର୍ ସଽୟ୍‌ତ୍ କଽତା ମର୍ ତଽୟ୍‌ହୁଣି
ଜାୟ୍‌ରି ସୁଣି ଆଚାସ୍, ସେରି ଜାଗିରିଆ । 5 କାୟ୍‌ତାକ୍‌ବଽଲେକ୍
ଜହନ୍ ହାଣିୟେ ବାପ୍ତିସମ୍ ଦିଲା ସଽତ୍, ମଽତର୍ ତୁମିମଽନ୍ କଽତି
ଦିନ୍ ହଽଚେ ପବିତ୍ର ଆତ୍ମାୟ୍ ବାପ୍ତିସମ୍ ଅଽଉଆସ୍ ।” 6 ସେତାକ୍
ପେରିତ୍‌ମଽନ୍ ଗଟ୍‌ତଽୟ୍ ରୁଣ୍ଡି ଜିସୁକେ ହଽଚାରୁକ୍ ଦଽର୍ଲାୟ୍,
“ଏ ମାପ୍ରୁ, ତୁୟ୍ କାୟ୍ ଅଽବେ ହଽକା ଇସ୍ରାଏଲ୍ ଆତେ ରାଇଜ୍
ବାଉଳାୟ୍ ଦେଉଁଲିସ୍ କି?” 7 ଜିସୁ ସେମଽନ୍‌କେ କୟ୍‌ଲା, “ଜୁୟ୍
ସଽବୁ କାଲ୍ ଆର୍ ସଽମୟ୍ ସଽର୍ଗାର୍ ଉବା ଅଽହ୍‌ଣା ଅଽଦିକାରେ
ସଽଙ୍ଗାୟ୍ ଆଚେ, ସେରି ତୁମିମଽନାର୍ ଜାଣ୍‌ତା କଽତା ନାୟ୍ ।
8 ମଽତର୍ ପବିତ୍ର ଆତ୍ମା ତୁମାର୍ ଉହ୍ରେ ଆୟ୍‌ଲେକ୍ ତୁମିମଽନ୍
ସଽକାତ୍ ହାଉଆସ୍ ଆର୍ ଜିରୁସାଲମ, ସଽବୁ ଜିଉଦା ରାଜି ଆର୍
ସମିରଣ୍, ଆରେକ୍ ହୁର୍ତିବିର୍ ସେସ୍ ସଽନ୍ଦି ହଽତେକ୍ ହେଁ ମର୍ ସାକି
ଅଽଉଆସ୍ ।” 9 ସେ ଇ ସଽବୁ କଽତା କୟ୍‌ଲା ହଽଚେ, ସେମଽନ୍
ଦଽକୁଦଽକୁ କଽଣ୍ଡେକ୍ ମେଗ୍ ଆସି ଜିସୁକେ ଉହ୍ରେ ନଽୟ୍‌ଗଽଲି
ଆର୍ ସେମଽନ୍ ତାକେ ଦଽକୁ ନାହାର୍ଲାୟ୍ । 10 ଜିସୁ ଜଽଉଁଜଽଉଁ
ଚେଲାମଽନ୍ ଅଽଗାସ୍‌କେ ଦଽକୁଲାୟ୍, ଅଽନ୍‌କା ବେଳାୟ୍ ଦବ୍
ବଽସ୍ତର୍ ହିନ୍ଦ୍‌ଲା ଦୁୟ୍ ଲକ୍ ସେମଽନାର୍ ଚଽମେ ଆୟ୍‌ଲାୟ୍ । 11
ଆରେକ୍ ସେମଽନ୍ କୟ୍‌ଲାୟ୍, “ଏ ଗାଲିଲିର୍ ଲକ୍ କାୟ୍‌ତାକ୍
ତୁମିମଽନ୍ ଅଽଗାସ୍‌କେ ଦଽକି ଟିଆ ଅୟ୍ ଆଚାସ୍? ଇ ଜୁୟ୍ ଜିସୁ
ତୁମାର୍ ଚଽମେ ହୁଣି ସଽର୍ଗେ ନିଆ ଅୟ୍‌ଲା ତାକେ ତୁମିମଽନ୍
ଜୁୟ୍ ରଽକମ୍ ସଽର୍ଗେ ଜାତାର୍ ଦଽକ୍‌ଲାସ୍, ସେ ସେରଽକମ୍
ସଽର୍ଗେହୁଣି ବାଉଳି ଆସେଦ୍ ।” 12 ଇତାର୍ ହଽଚେ ସେମଽନ୍
ଜିତ୍‌ଡଙ୍ଗେ ହୁଣି ଜିରୁସାଲମ୍‌କେ ବାଉଳି ଆୟ୍‌ଲାୟ୍, ସେ ଡଙ୍ଗର୍
ଜିରୁସାଲମ୍ ଚଽମେ ଗଟେକ୍ ଅଳିର୍ ବାଟ୍‌ରିଲି । 13 ସେମଽନ୍,
ବଽଲେକ୍, ପିତର୍, ଜହନ୍, ଜାକୁବ, ଆନ୍ଦ୍ରିଅ, ପିଲିପ୍, ତମା,
ବାର୍ତଲମି, ମାତିଉ, ଆଲ୍‌ପିଅସାର୍ ହୟ୍‌ସି ଜାକୁବ, ଉଦ୍‌ଜଗି
ସିମନ୍ ଜେ ଇସ୍ରାଏଲ୍ ମଽନ୍‌କେ ମୁକ୍ଲାଉଁକ୍ ମଽନ୍‌କଽର୍ତିରିଲା,
ଆର୍ ଜାକୁବର୍ ହୟ୍‌ସି ଜିଉଦା ଜିରୁସାଲମ୍ ଗଽଲେ ଗଽଲାୟ୍
। ଆର୍ ଜୁୟ୍ ଉହ୍ରାର୍ ବଽକ୍ରାୟ୍ ସେମଽନ୍ ରେତି ରିଲାୟ୍ ସେତି
ଗଽଲାୟ୍ । 14 ସେମଽନ୍ ସଽବୁ ମାୟ୍‌ଜିମଽନାର୍ ସଽଙ୍ଗ୍ ଆର୍
ଜିସୁର୍ ଆୟ୍‌ସି ମରିୟମ୍ ଆର୍ ତାର୍ ବାୟ୍‌ମଽନାର୍ ସଽଙ୍ଗ୍ ଗଟେକ୍
ଟାଣେ ଗଟେକ୍‌ମଽନେ ପାର୍ତ୍‌ନା କଽରୁକେ ସଽବୁଲଽକ୍ ରୁଣ୍ଡିତି
ରିଲାୟ୍ । 15 କଽତିଦିନାର୍ ହଽଚେ ହାକାହାକି ଚଅକଳି ବିସ୍ୱାସି
ବାୟ୍‌ବେଣି ମଽନାର୍ ଲକ୍ ଦଽଲ୍ ବିତ୍ରେ ପିତର୍ ଟିଆଅୟ୍ କୟ୍‌ଲା,
16 “ବାୟ୍‌ବେଣିମଽନ୍, ଜୁୟ୍ ଇସ୍କାରିଅତ୍ ଜିଉଦା ଜିସୁକ୍ ଦଽର୍ତା
ଲକ୍‌ମଽନ୍‌କେ ବାଟ୍ ଦଽକାୟ୍‌ରିଲା, ତାର୍ କଽତାକ୍ ପବିତ୍ର ଆତ୍ମା
ଦାଉଦାର୍ ଟଣ୍ଡେ ଜାୟ୍‌ରି କୟ୍‌ରିଲି ସେ ସାସ୍ତର୍ କଽତା ହୁରୁଣ୍
ଅଽଉଁକେ ରିଲି । 17 କାୟ୍‌ତାକ୍‌ବଽଲେକ୍ ଜିଉଦା ଅଽମାର୍ ଦଽଲ୍
ବିତ୍ରେ ଏକ୍ଲା ବଽଲି ଗଽଣ୍‌ତି ଅଽଉତି ରିଲା, ଆର୍ ଇ ସେବା
ହଽଦେ ସେ ହେଁ ରିଲା ।” 18 ଇ ଜିଉଦା ଜିସୁକେ ଦଽରାୟ୍ ଜୁୟ୍
ଅଽଦଽର୍ମାର୍ ଟଽକା ହାୟ୍‌ରିଲା, ସେ ଟଽକାୟ୍ କଽଣ୍ଡେକ୍ ବୁୟ୍ଁ
ଗେନା ଜାୟ୍ ରିଲି, ଆରେକ୍ ସେ ସେତି ଟିଆଟିଆ ହଽବ୍‌ଲାୟ୍
ଅୟ୍‌ଲା, ତାର୍ ହେଟ୍ ହୁଟ୍‌ଲି, ଆର୍ ଅଽତ୍‌ନିହଟା ବାରାୟ୍‌ଲି । 19
ଆର୍ ଜିରୁସାଲମ୍ ଗଽଲେ ବାସାକଽର୍ତା ସବୁ ଲକ୍‌ମଽନ୍ ଜାଣ୍‌ଲାୟ୍
ଆର୍ ସେ ହଽଦା, ତାକାର୍ ବାସାୟ୍ “ହକଲ୍‌ଦମା” ବଽଲେକ୍
ବଽନିର୍ ହଽଦା ବଽଲି ଡାକ୍ ହୁଟ୍‌ଲି । 20 “ଆର୍ ଗିତସଂଗିତା
ପୁସ୍ତକେ ଇରି ଲେକା ଆଚେ,” “ତାର୍ ଗଽର୍ ସୁନା ଅଽଉଅ,
ସେତି କେ ବାସା ନଽକେରତ୍, ଆରେକ୍ ହେଁ ଲେକା ଆଚେ ତାର୍
କାମ୍ ବିନ୍‌ଲକ୍ ହାଉଅ ।” 21 “ସେତାକ୍ ମାପ୍ରୁ ଜିସୁର୍ ମଽରି
ଉଟ୍‌ଲାର୍ ସାକି ଅଽଉଁକେ ଆରେକ୍ ଗଟେକ୍ ଲକ୍ ଅଽମାର୍ ସଽଙ୍ଗ୍
ମିସ୍ତା ଲଳା । ଜହନ୍ ବାପ୍ତିସମ୍ ଦେତା ବଽଲ୍ ହୁଣି ଆରୁମ୍ କଽରି
ଅଽମାର୍ ତଽୟ୍‌ହୁଣି ଉହ୍ରେ ସଽର୍ଗେ ଗଽଲା ଦିନ୍‌ହୁଣି ଜଽତେକ୍
ଦିନ୍ ମାପ୍ରୁ ଜିସୁ ଅଽମାର୍ ବିତ୍ରେ ଜାଆ ଆସ୍ କଽର୍ତିରିଲା, 22 ଜିସୁ
ଜହନ୍ ତଽୟ୍‌ହୁଣି ବାପ୍ତିସମ୍ ହାୟ୍‌ଲା ଦିନ୍‌ହୁଣି ସଽର୍ଗେ ଜାତା
ହଽତେକ୍ ସଽବୁବଽଲ୍ ମାପ୍ରୁ ଜିସୁ ଅଽମିମଽନାର୍ ସଽଙ୍ଗ୍ ବୁଲାଚାଲା
ଅଽଉତାବଽଲ୍ ଜୁୟ୍ ଲକ୍ ଅଽମାର୍ ଦଽଲେ ରିଲାୟ୍ ସେମଽନାର୍
ବିତ୍ରେ ଏକ୍ଲାକେ ଉଟ୍‌ତା ଦଽର୍କାର୍ ।” 23 ସେତାକ୍ ସେମଽନ୍ ଦୁୟ୍
ଲକ୍‌କେ, ବଽଲେକ୍ ଜସେପ୍ ଜାକେ ବଽର୍ସବା ବଽଲି କଽଉତି ଆର୍
ଜାର୍ ଆରେକ୍ ଗଟ୍ ନାଉଁ ଜୁସ୍ତ ଆର୍ ମତିୟ୍‌କେ ଦୁୟ୍ ଲକାର୍
ନାଉ ଆଣ୍‌ଲାୟ୍ । 24 ଆର୍ ଇ ପାର୍ତ୍‌ନା କଽଲାୟ୍, “ଏ ମାପ୍ରୁ ତୁୟ୍
ସଽବୁ ଲକାର୍ ଚିତା ଜାଣୁଲିସ୍, ଇ ଦୁୟ୍ ଲକାର୍ ବିତ୍ରେ କାକେ
ତୁୟ୍ ବାଚି ଆଚ୍‌ସି, ଅଽମିକ୍ ଜାଣାଉ; ଜିଉଦା ମଽଲାକ୍ ତାର୍
ସେବା ଆର୍ ପେରିତ୍ ହଽଦ୍ ବୁଡି ଆଚେ, 25 ଇ ଲକ୍ ଜିଉଦାର୍
ଟାଣେ ପେରିତ୍ ଚେଲା କାମ୍ କଽରେଦ୍, ସେବା ହଽଦ୍ ହାଉଁକ୍ ଇ
ଦୁୟ୍ ଲକାର୍ ବିତ୍ରେ ତୁମି କାକେ ବାଚି ଆଚାସି, ତାକେ ଦଽକାଉ
।” 26 ତାର୍ ହଽଚେ ସେମଽନ୍ ସେ ଦୁୟ୍ ଲକାର୍ ଗିନେ କେଳି
ବାଚ୍‌ଲାୟ୍, ଆର୍ ମତିୟ୍‌ର୍ ନାଉଁଏ କେଳି ହୁଟ୍‌ଲି, ସେତାକ୍ ସେ
ଏଗାର୍ ପେରିତ୍ ସଽଙ୍ଗ୍ ଗଽଣା ଅୟ୍‌ଲି ।

2 ଜଃଡ୍‌ବଃଲ୍ ପେଣ୍ଟିକସ୍ଟ ହଃର୍ବାର୍ ଦିନ୍ ଚଃମେ ଅୟ୍‌ଲି ସଃବୁ
କ୍ରିସ୍ଟ ବିସ୍ୱାସିମଃନ୍ ଗଟ୍ ଟାଣେ ଗୁଣ୍ଡି ରିଲାୟ୍, 2 ଆର୍
ଗୁରାଗାଲିର୍ ସଃବଦ୍ ହର୍ ଗଟେକ୍ ସଃବଦ୍ ତଃଡ୍‌କାଣ୍ ଅଃଗାସେ
ହୁଣି ଆୟ୍‌ଲି ଆର୍ ଜୁୟ୍ ଗଃରେ ସେମଃନ୍ ବଃସି ରିଲାୟ୍
ସେ ଗଃରାର୍ ଚାରିହାକ୍ ମାଡିଗଃଲି । 3 ଆର୍ ଜୟ୍ ହର୍
ଜିବ୍‌ମଃନ୍ ସେମଃନ୍‌କେ ଦଃକାୟ୍ ଅୟ୍‌ଲି, ଆର୍ ଗଟେକ୍ ଗଟେକ୍
ଲକେ ସେମଃନାର୍ ସଃବ୍‌କାର୍ ଉହ୍ରେ ଉତୁର୍ଲି । 4 ସେତାକ୍
ସଃବୁ ଲକ୍ ପବିତ୍ର ଆତ୍ମାୟ୍ ହୁର୍ନ୍ ଅୟ୍‌ଲାୟ୍ ଆରେକ୍ ଆତ୍ମା
ସେମ୍‌ନଃକେ ଜଃନ୍‌କଃରି କଃଉଁକେ ଦିଲି, ସେନ୍‌କଃରି ସେମଃନ୍
ବିନ୍ ବିନ୍ ବାସାୟ୍ କଃତା କାଉଁକେ ଦଃର୍ଲାୟ୍ । 5 ଅଃଡେବଃଲ୍
ଅଃଗାସ୍ ତଃଳେ ରିଲା ହୁର୍ତିବିର୍ ବିନ୍‌ବିନ୍ ଦେସେହୁଣି ଆସିରିଲା
ଜିଉଦିମଃନ୍ ଜିରୁସାଲମେ ସେବାକାରି ସେତି ରିଲାୟ୍ । 6 ଆର୍
ସେ ଗଃର୍ଜ୍ଜାଣ୍ ଅୟ୍‌ଲାକ୍ ଗାଦାଲକ୍ ରୁଣ୍ଡଲାୟ୍ ଆର୍ କ୍ରିସ୍ଟବିସ୍ୱାସି
ମଃନ୍ ନିଜାର୍ ନିଜାର୍ ବାସାୟ୍ କଃଉତାର୍ ସୁଣି ବଃଡେ କାବା
ଅୟ୍‌ଲାୟ୍ । 7 ଆରେକ୍ ସେମଃନ୍ ବଃଡେ କାବା ଅୟ୍ କୟ୍‌ଲାୟ୍,
“ଇ ଜୁୟ୍ ଲକ୍‌ମଃନ୍ କଃତା କଃଉଁଲାୟ୍ ସେମଃନ୍ କାୟ୍ ଗାଲିଲିର୍
ନଃଉତି? 8 ତଃବେ ଅଃମିମଃନ୍ କଃନ୍‌କଃରି ହଃତି ଲକ୍ ନିଜାର୍
ନିଜାର୍ ବାସାୟ୍ କଃତା କଃଉତାର୍ ସୁଣ୍‌ଲୁ । 9 ପାର୍ତିୟ,
ମାଦିୟ ଆର୍ ଏଲାମିୟ, ଆରେକ୍ ମେସପଟାମିଆ, ଜିଉଦା
ଆର୍ କାପାଦକିଆ, ପନ୍ତ ଆର୍ ଆସିଆ, 10 ପ୍ରୁଗିଆ ଆର୍
ପପୁଲିଆ, ମିସର୍ ଆର୍ କୁରିଣି ଚଃମାର୍ ଲିବିଆ ହଲିର୍ ଆର୍
ରମ୍ ହୁଣି ଆୟ୍‌ଲା ଜିଉଦି ଆର୍ ଜିଉଦି ଦଃର୍ମେ ମିସିକଃରି
ଆସିରିଲା ଲକ୍‌ମଃନ୍, 11 ଆରେକ୍ କ୍ରିତିଅ ଆର୍ ଆରବ୍ ଦେସାର୍
ଜିଉଦି ଲକ୍‌ମଃନ୍ ଜେ ଅଃମିମଃନ୍, ଅଃମିମଃନାର୍ ଦଃର୍ମ୍ ଦାରାୟ୍
ଅଃମାର୍ ନିଜାର୍ ନିଜାର୍ ବାସାୟ୍ ଇସ୍ୱରାର୍ ମହାନ୍ କଃତା
କଃଉତାର୍ ସୁଣ୍‌ଲୁ ।” 12 ଆର୍ ସଃବୁ କାବା ଆର୍ ବୁଦି ବାଣା ଅୟ୍
ସେମଃନାର୍ ବିତ୍ରେ କଃଉଁକେ ଦଃର୍ଲାୟ୍, “ଇତାର୍ ବାବ୍ କାୟ୍‌ରି
।” 13 ମଃତର୍ ବିନ୍ ଲକ୍‌ମଃନ୍ ବିସ୍ୱାସି ମଃନ୍‌କେ ଟାହ୍ରାକଃରି
କଃଉଁକେ ଦଃର୍ଲାୟ୍, “ଇମଃନ୍ ମଃଦ୍ କାୟ୍ ମାତି ଆଚ୍‌ତି ।” 14
ମଃତର୍ ପିତର୍ ଏଗାର୍‌ଗଟ୍ ସଃଙ୍ଗ୍ ଟିଆଅୟ୍ ବଃଡ୍ ଟଣ୍ଡକଃରି
ସେମଃନାର୍ ଚଃମେ କଃତା କଃଉଁକ୍ ଦଃର୍ଲା, “ଆର୍ ଏ ଜିଉଦି
ଲକ୍‌ମଃନ୍ ଆର୍ ଜିରୁସାଲମାର୍ ସଃବୁ ଲକ୍ ତୁମିମଃନ୍ ଇରି
ସୁଣା ଆର୍ ମର୍ କଃତାର୍ ଅଃର୍ତ୍ ବୁଜାୟ୍ କଃଉଁଲେ ଜାଣା । 15
କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ ଜଃନ୍‌କଃରି ମଃନେ ବାବୁଲାସ୍
ଇମଃନ୍ ସେମଃନାର୍ ହର୍ ମାତୁଆଳି ନାୟ୍, ବଃଲେକ୍ ଅଃବେ
ସଃକାଲ୍ ନଅଃ ଗଃଟା ଅୟ୍‌ଆଚେ । 16 ମଃତର୍ ଜୟେଲ୍
ବାବ୍‌ବାଦି ଜାୟ୍‌ରି କୟ୍‌ଆଚେ, ଇରି ସେ ଗଃଟ୍‌ଣା ।” 17 “ଇସ୍ୱର୍
କୟ୍‌ଆଚେ ସେସ୍ କାଳେ ଅଃନ୍‌କାର୍ ଇରି ମୁୟ୍ଁ କଃରିନ୍ଦ । ମୁୟ୍ଁ
ସଃବୁ ଲକାର୍ ଉହ୍ରେ ନିଜାର୍ ଆତ୍ମା ବଃର୍ସାଇନ୍ଦ ସେତାକ୍ ମର୍
କବୁର୍ କଃଉତି ହୟ୍‌ଦି ଜିଦିମଃନ୍ ବାବ୍‌ବାଣି କଃଉତି; ଆର୍
ତୁମିମଃନାର୍ ବେଣ୍ଡ୍ୟାମଃନ୍ ନିକ କଃତାମଃନ୍ ଦଃକ୍‌ତି, ଆରେକ୍
ତୁମାର୍ ପାରାଚିନ୍‌ମଃନ୍ ଚଃହ୍ନୁନ୍ ଦଃକ୍‌ତି । 18 ହେଁ ସେ କାଳେ
ମୁୟ୍ଁ ମର୍ ଗତିଦଃଙ୍ଗ୍‌ଲାମଃନାର୍ ଉହ୍ରେ ମର୍ ଆତ୍ମା ହଃଟାୟ୍‌ନ୍ଦ,
ସେତାକ୍ ସେମଃନ୍ ବାବ୍‌ବାଣି କଃଉତି । 19 ମୁୟ୍ଁ ଅଃଗାସ୍ ଉହ୍ରେ
କାବା ଅଃଉତା କାମ୍ ଆରେକ୍ ଅଃଗାସ୍ ତଃଳାର୍ ହୁର୍ତିବି ତଃୟ୍
ବିନ୍ ବିନ୍ ଚିନ୍, ବଃନି, ଜୟ୍, ଆର୍ କଃଳିଆ ଦୁଆଁ ଦଃକାୟ୍‌ନ୍ଦ
। 20 ମାପ୍ରୁର୍ ବଃଡ୍ ଆର୍ ଜଃଜ୍‌ମାନାର୍ ଦିନ୍ ଆସ୍ତା ଆଗ୍‌ତୁ
ବେଲ୍ ଅଃନ୍ଦାର୍, ଆର୍ ଜଃନ୍ ବଃନି ହର୍ ଅୟ୍‌ଦ୍ । 21 ଆର୍
ଅଃନ୍‌କାର୍ ଗଃଟେଦ୍ ଜେ, ଜଃଡେବଃଲ୍ ମାପ୍ରୁର୍ ନାଉଁଏ ପାର୍ତ୍‌ନା
କଃରେଦ୍, ସେ ମୁକ୍ତି ହାୟ୍‌ଦ୍ ।” 22 “ଏ ଇସ୍ରାଏଲ୍ ଲକ୍‌ମଃନ୍
ଇ ସଃବୁ କଃତା ସୁଣା ନାଜରିତାର୍ ଜିସୁ କଃତେକ୍ ସଃକ୍ତିର୍
କାମ୍, କାବା ଅଃଉତା କାମ୍, ଆର୍ ଚିନ୍ ଦଃକାୟ୍ ତୁମିମଃନାର୍
ଚଃମେ ଇସ୍ୱରାର୍ ହଃଟାୟ୍‌ଲା ଲକ୍ ବଃଲି ଚିନାୟ୍‌ଅୟ୍ ଆଚେ,
ତାର୍ ତଃୟ୍ ଇସ୍ୱର୍ ଜେ ତୁମିମଃନାର୍ ବିତ୍ରେ ଇତି ସଃବୁ କାମ୍
କଃରିଆଚେ, ଇରି ତୁମିମଃନ୍ ନିଜେ ନିଜେ ଜାଣାସ୍ । 23
ଇସ୍ୱର୍ ତାର୍ ଜଃଜ୍‌ନା ହଃର୍କାରେ ଜିସୁକେ ତୁମାର୍ ଆତେ ସଃହ୍ରି
ଦେଉଁକେ ତିର୍ କଃରିରିଲା । ଆରେକ୍ ତୁମି ତାକେ ବିଦିନୟ୍‌ଲା
ହାହିମଃନାର୍ ସଃଙ୍ଗ୍ କ୍ରୁସେ ଚଗାୟ୍ ମାର୍‌ଲାସ୍ । 24 ମଃତର୍
ଇସ୍ୱର୍ ମଃର୍ନ୍ ବାନ୍ଦୁଣ୍ ଇଟାୟ୍ ତାକେ ଉଟାୟ୍ ଆଚେ, କାୟ୍‌ତାକ୍
ବଃଲେକ୍ ସେ ମଃରି କଃରି ସଃବୁଦିନ୍ ରେତା ହାବଲ୍ । 25 ଦାଉଦ୍
ତାର୍ କଃତା କୟ୍‌ଆଚେ, ‘ମୁୟ୍ଁ ସଃବୁବଃଲ୍ ମର୍ ମୁଏଁ ମାପ୍ରୁକ୍
ଦଃକି ଆଚି, କାୟ୍‌ତାକ୍ ବଃଲେକ୍ ମୁୟ୍ଁ ନଃଡିରି, ସେତାକ୍ ସେ
ମର୍ କାତା ବାଟ୍ୟା ଆଚେ । 26 ସେତାକ୍ ମର୍ ମଃନ୍ ସଃର୍ଦା, ଆର୍
ମର୍ ଜିବନ୍ ବଃଡେ ସଃର୍ଦା ଅୟ୍‌ଲି, ଆର୍ ମର୍ ମଃର୍‌ତା ଗଃଗାଲ୍
ହେଁ ଇସ୍ୱରାର୍ ବଃର୍ସାୟ୍ ବାଚେଦ୍ । 27 କାୟ୍‌ତାକ୍‌ବଃଲେକ୍
ତୁୟ୍ ମର୍ ହଃରାଣ୍‌କେ ହଃତାଳେ ନଃଚାଡ୍‌ସି, ଆର୍ ଅଃହ୍‌ଣାର୍
ଦଃର୍ମି ଲକ୍‌କେ ମଃସୁଣ୍ କାଲେ ନଃସ୍ଟ ଅଃଉଁକେ ନଃଦେସି ।
(Hadēs g86) 28 ତୁୟ୍ ମର୍ ଜିବନାର୍ ବାଟ୍ ଦଃକାୟ୍ ଆଚ୍‌ସି,
ତୁୟ୍ ମର୍ ସଃଙ୍ଗ୍ ରିଲେକ୍ ମକ୍ ସଃର୍ଦାୟ୍ ହୁର୍ନ୍ କଃର୍ସି ।’ 29
ଏ ଇସ୍ରାଏଲାର୍ ବାୟ୍‌ବେଣିମଃନ୍, ଦାଦିବାବୁର୍ ମୁଳ୍ ବଃଉଁସ୍
ଦାଉଦାର୍ କଃତା ମୁୟ୍ଁ ତୁମିମଃନ୍‌କେ ଟଣ୍ଡ ମେଲାକଃରି କଃଉତା
ଅଃଦିକାର୍ ଜେ, ସେ ମଃଲା ଆର୍ ମଃସ୍‌ଣେ ତାକେ ତହ୍‌ଲାୟ୍,
ଆର୍ ତାର୍ ମଃସୁଣ୍ ଆଜି ହଃତେକ୍ ଅଃମାର୍ ତଃୟ୍ ଆଚେ । 30
ଅୟ୍‌ଲେକ୍ ହେଁ ସେ ବାବ୍‌ବାଦି ଅୟ୍‌ରିଲାକ୍ ଆର୍ ତାର୍ ବଃଉଁସାର୍
ଗଟେକ୍ ଲକ୍‌କେ ଇସ୍ୱର୍ ତାର୍ ସିଙ୍ଗାସଣେ ବଃସାଉଁକ୍ ତାର୍
ଚଃମେ ହଃର୍ମାଣ୍ କଃରି ସଃୟ୍‌ତ୍ କଃରିରିଲା । 31 ଇସ୍ୱର୍ ଆସୁଲା
ଦିନେ କାୟ୍‌ରି କଃରୁକେ ଜଃଉଁଲା, ଦାଉଦ୍ ସେରି ଜାଣୁହାରି
କ୍ରିସ୍ଟ ଉଟ୍‌ତା କଃତା କୟ୍ ଆଚେ, କାୟ୍‌ତାକ୍‌ବଃଲେକ୍ ସେ
ହଃତାଳେ ଚାଡା ନୟ୍‌ଲା; ଆର୍ ତାର୍ ଗଃଗାଲ୍ ନଃସ୍ଟ ନୟ୍‌ଲି
।” (Hadēs g86) 32 ଇ ଜିସୁକେ ଇସ୍ୱର୍ ଉଟାୟ୍ ଆଚେ, ସେ
କଃତା ଅଃମି ସଃବୁ ଜାଣୁ । 33 ଜିସୁ, ତାର୍ ଉବାସି ଇସ୍ୱର୍ କାତା
ବାଟ୍ୟା ସେ ଉଟାୟ୍ ଇସ୍ୱରାର୍ କାତା ଆଡ୍ ତଃୟ୍‌ହୁଣି ଉଚ୍ ଆର୍

ଉବାର୍ ତଃୟ୍ହୁଣି ସଃୟ୍ତାର୍ ପବିତ୍ର ଆତ୍ମା ହାୟ୍କଃରି ଜାୟ୍ରି
ତୁମିମଃନ୍ ଦଃକୁଲାସ୍ ଆର୍ ସୁଣୁଲାସ୍, ସେରି ସେ ଅଃମାର୍ ଉଡ୍ରେ
ଡାଳି ଦଃୟ୍ ଆଚେ । 34 କାୟ୍ତାକ୍ବଃଲେକ୍ ଦାଉଦ୍ ସଃର୍ଗେ
ଜାୟ୍ ନଃରିଲା, ମଃତର୍ ସେ ନିଜେ କୟ୍ଆଚେ, "ମାପ୍ରୁ ମର୍
ମାପ୍ରୁକ୍ କୟ୍ଲା, 35 ମୁୟଁ ଜୁୟ୍ ହଃତେକ୍ ତୁମାର୍ ସଃତ୍ରୁମ୍ନଃକେ
ତୁମାର୍ ହାଦ୍ ତଃଳେ ନଃକେରି, ସେ ହଃତେକ୍ ମର୍ କାତା ବାଟ୍ୟା
ବଃସିରେ ।" 36 "ବଃଲେକ୍ ସଃର୍ନେ ଇସ୍ରାଏଲ୍ ବଃଉଁସ୍ ବାୟ୍ଦ୍ରେ
ଜାଣତ୍ ଜୁୟ୍ ଜିସୁକେ ତୁମିମଃନ୍ କ୍ରୁସେ ମାର୍ଲାସ୍ ତାକେ ଇସ୍ବର୍
ମାପ୍ରୁ ଆର୍ କ୍ରିସ୍ଟ ଜଳେକ୍ ହଃଦେ ବଃସାୟ୍ ଆଚେ ।" 37 ଇ
କଃତା ସୁଣି ସେମଃନାର୍ ମଃନ୍ ବାଙ୍ଗିଗଃଲି ଆରେକ୍ ସେମଃନ୍
ପିତର୍ ଆର୍ କବୁର୍କାରିଆ ମଃନ୍କେ କୟ୍ଲାୟ୍, "ବାୟ୍ମଃନ୍
ଆମିମଃନ୍ କାୟ୍ କଃରୁଆଁ?" 38 ସେତାକ୍ ପିତର୍ ସେମଃନ୍କେ
କୟ୍ଲା, "ତୁମିମଃନ୍ ମଃନ୍ ବାଦ୍ଲାଉଆ ଆର୍ ଅଃହ୍ଣା ଅଃହ୍ଣାର୍
ହାହ୍ କେମା ଗିନେ ହଃତି ଲକ୍ ଜିସୁ କ୍ରିସ୍ଟର୍ ନାଉଁଏ ବାପ୍ତିସମ୍
ହାଉଆ, ସେନ୍ଅୟ୍ଲେକ୍ ତୁମିମଃନ୍ ପବିତ୍ର ଆତ୍ମାର୍ ଦାନ୍
ହାଉଆସ୍ । 39 କାୟ୍ତାକ୍ବଃଲେକ୍ ଇ ସଃୟ୍ତ୍ ତୁମାର୍ ଗିନେ
ଅୟ୍ଆଚେ, ତୁମିମଃନାର୍ ହିଲାମଃନାର୍ ଗିନେ ଆରେକ୍ ଦୁରେ
ରେତା ଜଃତେକ୍ ଲକ୍କେ ମାପ୍ରୁ ଅଃମାର୍ ଇସ୍ବର୍ ଅଃହ୍ଣାର୍
ଚଃମେ କୁଦେଦ୍, ସେ ସଃବ୍କାର୍ ଗିନେ ।" 40 ଆରେକ୍ ବିନ୍
ଲକ୍ମଃନ୍କେ କଃତେକ୍ କଃତାୟ୍ ପିତର୍ ସାକି ଦେଉଁକ୍ ଦଃର୍ଲା
ଆର୍ ସେମଃନ୍କେ ଗଃଉଆରି କଃରି କୟ୍ଲା, "ଇ ହେଟ୍କୁଟ୍ୟା
ବଃଉଁସ୍ ତଃୟ୍ହୁଣି ତୁମିମଃନ୍ ମୁକ୍ଲା ।" 41 ସେତାକ୍ ଜୁୟ୍ମଃନ୍
ପିତରାର୍ କଃତା ମଃନେ ବିସ୍ୱାସ୍ କଃଲାୟ୍, ସେମଃନ୍ ବାପ୍ତିସମ୍
ହାୟ୍ଲାୟ୍, ଆର୍ ସେ ଦିନ୍ ହାକାହାକି ତିନି ଅଃଜାର୍ ଲକ୍
ବିସ୍ୱାସି ଦଃଳେ ମିସ୍ଲାୟ୍ । 42 ସେମଃନ୍ ପେରିତ୍ମଃନାର୍
ସିକ୍ୟାୟ୍, ସଃଙ୍ଗେ ରେତାର୍, ରୁଟି ବାଙ୍ଗ୍ତା ତଃୟ୍, ପାର୍ତ୍ନା
କଃର୍ତା ତଃୟ୍ ମଃନ୍ହଃରାଣ୍ ଦଃୟ୍ରିଲାୟ୍ । 43 ଆର୍ ଲକ୍ମଃନ୍
କାବା ଅୟ୍ଲାୟ୍, କାୟ୍ତାକ୍ବଃଲେକ୍ ପେରିତ୍ମଃନ୍ ଗାଦେକ୍
କାବା ଅଃଉତା କାମ୍ ଆର୍ ଚିନ୍ମଃନ୍ ଦଃକାଉଁକ୍ ଦଃର୍ଲାୟ୍ ।
44 ମଃତର୍ ଜୁୟ୍ ଲକ୍ମଃନ୍ ବିସ୍ୱାସ୍ କଃଲାୟ୍ ସେମଃନ୍ ସଃବୁ
ଗଟେକ୍ ଟାଣେ ରୁଣ୍ଡି ସଃବୁ ରଃକମାର୍ ଦଃନ୍ବିତ୍ ସଃବାର୍ ବଃଲି
ବାବ୍ତି ରିଲାୟ୍ । 45 ଆରେକ୍ ସେମଃନ୍ ଅଃହ୍ଣା ଅଃହ୍ଣାର୍
ସଃବୁ ରଃକମାର୍ ଦଃନ୍ସଃପତି ବିକିକଃରି ଜାର୍ ଜଃତେକ୍
ଲଳା ସଃବ୍କେ ବାଟାକଃରୁକ୍ ଦଃର୍ଲାୟ୍ । 46 ଆର୍ ସେମଃନ୍
ଏକ୍ ମଃନ୍ ଅୟ୍ ସଃବୁ ବିନ୍ ମନ୍ଦିରେ ରୁଣ୍ଡିରେତି ରିଲାୟ୍ ଆର୍
ଗଃରେ ଗଃରେ ରୁଟି ବାଙ୍ଗି କଃରି ସଃର୍ଦାୟ୍ ଆର୍ ସୁସାର୍ ମଃନେ
କାଉଆ ହିଉଆ କର୍ତି ରିଲାୟ୍ । 47 ଆର୍ ସେମଃନ୍ ଇସ୍ୱରାର୍
ଦଃୟାର୍ ଜଃଜ୍ମାନ୍ କର୍ତି ରିଲାୟ୍ ଆର୍ ସଃବୁ ଲକାର୍ ଗଃର୍
ମଃନ୍କେ ଜାତି ରିଲାୟ୍, ଆରେକ୍ ମାପ୍ରୁ ହାହେ ହୁଣି ମୁକ୍ତି ହାୟ୍ଲା
ଲକ୍ମଃନ୍କେ ହଃତିଦିନ୍ ସେମଃନାର୍ ଦଃଳେ ମିସାଉତି ରିଲାୟ୍
।

3 ଗଟ୍ ଦିନ୍ ପିତର୍ ଆର୍ ଜହନ୍ ପାର୍ତ୍ନା ବେଳାୟ୍ ଉହୁର୍ଅଳି
ତିନି ଗଃଟାବଃଳ୍ ମନ୍ଦିରେ ଜାତିରିଲାୟ୍ । 2 ଅଃନ୍କାବଃଳ୍
ଜଃଲମେହୁଣି ହୁଣି ଗଟେକ୍ ଚଟାଲକେ ମନ୍ଦିର୍ ଦୁଆର୍ ଚମେ ବୟ୍
ନଃୟ୍ ବଃସାଉତି ରିଲାୟ୍; ମନ୍ଦିରେ ଜାତିରିଲା ଲକ୍ମଃନ୍କେ
ବିକ୍ମାକୁକ୍ ଲକ୍ମଃନ୍ ତାକେ ହଃତି ଦିନ୍ ମନ୍ଦିରାର୍ ସୁନ୍ଦର୍
ନାଉଁଆର୍ ଦୁଆରେ ବଃସାଉତି ରିଲାୟ୍ । 3 ସେ ଚଟା, ପିତର୍
ଆର୍ ଜହନ୍କେ ମନ୍ଦିର୍ ବିତ୍ରେ ଜାତାର୍ ଦଃକି ବିକ୍ମାକୁକ୍ ଦଃର୍ଲା
। 4 ପିତର୍ ଆର୍ ଜହନ୍ ତାକେ ନିକ୍କଃରି ଦଃକ୍ଲାୟ୍, ଆର୍
ପିତର୍ କୟ୍ଲା, "ଅଃମାର୍ ବାଟ ଦଃକ୍ ।" 5 ସେତାକ୍ ସେ ଚଟା
ସେମଃନାର୍ ତଃୟ୍ହୁଣି କାୟ୍ରି ହାଉଁକ୍ ଆସା କଃରି ସେମଃନାର୍
ହାକ୍ ଦଃକ୍ଲା । 6 ମଃତର୍ ପିତର୍ କୟ୍ଲା, "ରୁହା କି ସନା
ମର୍ ତଃୟ୍ ନାୟ୍, ମଃତର୍ ମର୍ ଜାୟ୍ରି ଆଚେ ସେରି ମୁୟଁ ତକ୍
ଦେଉଁଲେ, ନାଜରିତାର୍ ଜିସୁର୍ କ୍ରିସ୍ଟର୍ ନାଉଁଏ ଇଣ୍ଡ ।" 7 ଆରେକ୍
ସେ ତାର୍ କାତା ଆତ୍ ଦଃରି ଉଟାୟ୍ଲା, ତଃତ୍କାଣ୍ ତାର୍ ହାଦ୍
ଆର୍ ଗଡାର୍ ଗଃଟି ସଃବୁ ବଃଳ୍ ହାୟ୍ଲି । 8 ଆରେକ୍ କୁଦ୍ମାଡି
ଟିଆ ଅୟ୍ଲା, ଆରେକ୍ ଇଣ୍ଡକ୍ ଦଃର୍ଲା, ଆର୍ ସେ ଇଣ୍ଡଇଣ୍ଡ
ଆର୍ କୁଦ୍ମାରୁମାରୁ, ଆରେକ୍ ଇସ୍ୱରାର୍ ଜଃଜ୍ମାନ୍ କଃରୁକଃରୁ
ସେମଃନାର୍ ସଃଙ୍ଗେ ମନ୍ଦିର୍ ବିତ୍ରେ ଗଃଲା । 9 ସେତିରିଲା
ଲକ୍ମଃନ୍ ତାକେ ଇଣ୍ଡତାର୍ ଆର୍ ଇସ୍ୱରାର୍ ଜଃଜ୍ମାନ୍ କଃର୍ତାର୍
ଦଃକ୍ଲାୟ୍ । 10 ଆର୍ ଜୁୟ୍ ଲକ୍ ମନ୍ଦିରାର୍ ସୁନ୍ଦର୍ ନାଉଁଆର୍
ଦୁଆର୍ ଚଃମେ ବଃସି ବିକ୍ ମାଗ୍ତିରିଲା, ଏ ସେ ଲକ୍ ବଃଲି
ସେମଃନ୍ ଚିନ୍ଲାୟ୍ ଆରେକ୍ ତାକେ ଜାୟ୍ଜାୟ୍ରି ଗଃଟିରିଲି
ସେରି ଦଃକି ସେମଃନ୍ ବଃଡେ ଡିର୍ଲାୟ୍, ଆର୍ କାବା ଅୟ୍ଲାୟ୍
। 11 ସେ ଚଟାକେ ପିତର୍ ଆର୍ ଜହନ୍ ସଃଙ୍ଗ ସଲ୍ମନାର୍
ହିଣ୍ଡାୟ୍ ରିଲାର୍ ଦଃକି ସଃବୁ ଲକ୍ ବଃଡେ କାବା ଅୟ୍ଲାୟ୍,
ଆର୍ ସେମଃନାର୍ ତଃୟ୍ ଦଃବ୍ଳି ଆୟ୍ଲାୟ୍ । 12 ପିତର୍ ସେରି
ଦଃକି ଲକ୍ମଃନ୍କେ କୟ୍ଲା, ଏ ଇସ୍ରାଏଲ୍ ଲକ୍ମଃନ୍ କାୟ୍ତାକ୍
ଇ ଚଟାର୍ ଗିନେ କାବା ଅଃଉଁଲାସ୍, ଅଃମିମଃନ୍ ଜଃନ୍କଃରି
ନିଜାର୍ ସଃକ୍ତି କି ଇସ୍ବର୍ ବିସ୍ୱାସ୍ ବଃଳେ ଆକ୍ ଇଣ୍ଡକ୍ ଦଃୟ୍
ଆଚୁ, ସେରି ବାବି କାୟ୍ତାକ୍ ଅଃମିକ୍ ଦଃକିଲାଗୁଲାସ୍? 13
ଅବ୍ରାହାମ୍, ଇସାକ୍ ଆର୍ ଜାକୁବର୍ ଇସ୍ୱର୍, ଅଃମାର୍ ଦାଦିବାବୁର୍
ଇସ୍ୱର୍ ଅଃହ୍ଣାର୍ ଦଃଙ୍ଗ୍ଳା ଜିସୁକେ ଜଃଜ୍ମାନ୍ କରି ଆଚେ,
ସେ ଜିସୁକେ ତୁମିମଃନ୍ ସଃତ୍ରୁଆତେ ସଃହ୍ରି ଦିଲାସ୍ ଜଃଡେବଃଳ୍
ପିଲାତ୍ ତାକେ ମୁକ୍ଲାଉଁକ୍ ତିର୍ କର୍ତିରିଲା ସଃଡେବଃଳ୍ ତାକେ
ତୁମିମଃନ୍ ପିଲାତର୍ ଚଃମେ ମୁକ୍ଲାଉଁକ୍ ନଃଦିଲାସ୍ । 14 ତୁମିମଃନ୍
ସେ ପବିତ୍ର ଆର୍ ଦଃର୍ମିଲକ୍କେ ଚାଡ୍ଲାକ୍ ଆର୍ ଗଟେକ୍
ନଃର୍ ଅଃତ୍ୟାକାରିକେ ଜଃନ୍କଃରି ତୁମାର୍ ଗିନେ ଚାଡୁକ୍ ଇତି
ପିଲାତ୍କେ ଗଃଉଆରି କଃଲାସ୍ । 15 ମଃତର୍ ଜିବନାର୍ ବାଟ୍
ଦଃକାଉତା ଲକେ ତୁମିମଃନ୍ ମାର୍ଲାସ୍, ତାକେ ଇସ୍ୱର୍ ମଃଲା
ଲକ୍ମଃନାର୍ ତଃୟ୍ହୁଣି ଉଟାୟ୍ଲା ଆଚେ, ଅଃମିମଃନ୍ ସେତିର୍
ସାକି । 16 ଆର୍ ଜିସୁର୍ ନାଉଁଏ ବିସ୍ୱାସ୍ କଃଲାକ୍ ଇ ଜୁୟ୍ ଲକ୍କେ

ତୁମିମଃନ୍ ଦଃକୁଲାସ୍ ଆର୍ ଜାଣି ଆଚାସ୍, ଆକ୍ ତାର୍ ନାଉଁ
ବଃଲ୍ ଦଃୟ୍ଆଚେ; ହେଁ ତାର୍ ବିସ୍ୱାସ୍ ହଃକା ତୁମାର୍ ସଃବ୍କାର୍
ଚଃମେ ଆକ୍ ଉଜ୍ କଃରି ଆଚେ । 17 "ଆର୍ ଏ ଇସ୍ରାଏଲିୟ
ବାୟ୍ବେଣିମଃନ୍ ତୁମିମଃନ୍ ଆର୍ ତୁମାର୍ ମୁଳିକାମଃନ୍ ଜିସୁକେ
ଜାୟ୍ରି କଃଲାସ୍ ସେରି ନଃଜାଣିକଃରି ଇରି କଃରି ଆଚାସ୍, ଇରି
ମୁୟ୍ଁ ଜାଣି । 18 ମଃତର୍ ଇସ୍ୱର୍ ଜିସୁ କ୍ରିସ୍ଟର୍ ଦୁକ୍ ବଗ୍ କଃତା
ସଃବୁ ବାବ୍ବାଦିର୍ ମୁଏଁ ଜାୟ୍ଜାୟ୍ରି ହୁର୍ବେ ପର୍ଚାର୍ କଃରିରିଲା
ସେ ସଃବୁ ଅଃନ୍କଃରି ହୁରୁଣ୍ କଃଲା । 19 ବଃଲେକ୍ ତୁମିମଃନ୍
ଜଃନ୍କଃରି ତୁମିମଃନାର୍ ହାହ୍ କେମା ହାଉଁହାରାସ୍, ଇତାର୍
ଗିନେ ମଃନ୍ ବାଦ୍ଲାୟ୍ ବାଉଳି ଆସା । 20 ତଃନ୍ଅୟ୍ଲେକ୍
ମାପ୍ରୁର୍ ତଃୟ୍ହୁଣି ସୁସ୍ତାର୍ ବେଳା ଆସେଦ୍ ଆରେକ୍ ତୁମାର୍
ଗିନେ ହୁର୍ବେ ଟିକ୍ କଃଲା ହଃର୍କାରେ କ୍ରିସ୍ଟ ବଃଲେକ୍ ଜିସୁକେ
ସେ ହଃଟାୟ୍ଦ୍ । 21 ସଃବୁ ବିସୟ୍ର୍ ନଃଉଆଁ କଃର୍ତାର୍ ଜୁୟ୍
ବେଳାର୍ କଃତା ହୁର୍ବ୍କାଳେ ହୁଣି ଇସ୍ୱର୍ ଅଃହ୍ଣାର୍ ପବିତ୍ର
ବାବ୍ବାଦିମଃନାର୍ ମୁଏଁ କୟ୍ଆଚେ, ସେ ବେଳା ଆସ୍ତା ହଃତେକ୍
ଜିସୁକେ ସଃର୍ଗେ ରେଉଁକ୍ ଅୟ୍ଦ୍ । (aiōn g165) 22 ଇ ବିସୟେ
ମସା କୟ୍ ରିଲା ମାପ୍ରୁ ଇସ୍ୱର୍ ତୁମିମଃନାର୍ ବାୟ୍ମଃନାର୍ ବିତ୍ରେ
ତୁମାର୍ ଗିନେ ମର୍ ହର୍ ଗଟେକ୍ ବାବ୍ବାଦିକେ ହଃଟାୟ୍ଦ୍, ଜୁୟ୍
ଜୁୟ୍ କଃତା ସେ ତୁମିମଃନ୍କେ କୟ୍ଦ୍ ସେ ସଃବୁକଃତା ତୁମିମଃନ୍
ତାର୍ କଃତା ସୁଣୁକ୍ ହଃଲେଦ୍ । 23 ମଃତର୍ ଅଃନ୍କାର୍ ଗଃଟେଦ୍
ଜେ ବାବ୍ବାଦିର୍ କଃତା ନଃସୁଣେ ସେ ଇସ୍ୱରାର୍ ଲକ୍ମଃନାର୍
ତଃୟ୍ହୁଣି ତାକେ ଅଃଲ୍ଗା କଃରି ନଃସ୍ଟ କଃରାଅୟ୍ଦ୍ । 24
ଜାୟ୍ରି ଅଃବେ ଗଃଟୁଲି ସାମୁଏଲ୍ ବାବ୍ବାଦି ଆର୍ ତାର୍ ହଃଚାର୍
ବଃଲ୍ହୁଣି ଜଃତେକ୍ ବାବ୍ବାଦି କଃତା କୟ୍ ଆଚ୍ତି ସେମଃନ୍
ସଃବୁ ହେଁ ଇ କାଳାର୍ କଃତା ପର୍ଚାର୍ କଃରି ଆଚ୍ତି । 25
ବାବ୍ବାଦି ମଃନାର୍ ତୁମିମଃନ୍ ସେ ବାବ୍ବାଦିର୍ ହିଲାମଃନ୍
ଆର୍ ତୁମାର୍ ବଃଉଁସ୍ ତଃୟ୍ହୁଣି ହୁର୍ଟିବିର୍ ସଃବୁ ବାସାର୍ ଲକ୍
ଆସିର୍ବାଦ୍ ହାଉତି, ଇ କଃତା ଇସ୍ୱର୍ ଅବ୍ରାହାମ୍କେ କୟ୍ରିଲା,
ଆର୍ ତୁମିମଃନାର୍ ଦାଦିବାବୁମଃନାର୍ ସଃଙ୍ଗ୍ ଜୁୟ୍ ବିଦି କଃରି
ରିଲା ତୁମିମଃନ୍ ସେ ନିୟମାର୍ ହିଲା ଆଚାସ୍ । 26 ସେତାର୍
ଗିନେ ଇସ୍ୱର୍ ତାର୍ ଦଃଙ୍ଗ୍ଲାକେ ବାଚିଆଚେ, ଜଃନ୍କଃରି ସେ
ତୁମାର୍ ହଃତି ଲକ୍କେ ନିଜାର୍ ନିଜାର୍ ଦୁସ୍ଟ ତଃୟ୍ହୁଣି ବାଉଳାୟ୍
ଆସିର୍ବାଦ୍ କଃରେଦ୍ ।"

**4** ପିତର୍ ଆର୍ ଜହନ୍ ଲକ୍ମଃନାର୍ ତଃୟ୍ କଃତା କଃଉତାବଃଳ୍
ଜାଜକ୍ମଃନ୍ ମନ୍ଦିରାର୍ ହାଁଙ୍କ୍ଲି ସଃଇନ୍ ଉହ୍ରେ ବଃଡ୍
ସଃୟ୍ନ୍ ଆର୍ ସାଦୁକିମଃନ୍ ସେମଃନାର୍ ଚଃମେ ହଚ୍ଲାୟ୍, 2
ସେମଃନ୍ ରିସା ଅୟ୍ରିଲାୟ୍, କାୟ୍ତାକ୍ବଃଲେକ୍ ପେରିତ୍ମଃନ୍
ଲକ୍ମଃନ୍କେ ସିକ୍ୟା ଦେତି ରିଲାୟ୍ ଆର୍ ଜିସୁର୍ କଃତାକ୍ ଦଃରି
ମଃଲା ଲକ୍ମଃନ୍ ଉଟ୍ତି ବଃଲି ପର୍ଚାର୍ କଃର୍ତି ରିଲାୟ୍ । 3
ଆର୍ ସେମଃନ୍ ପିତର୍ ଆର୍ ଜହନ୍କେ ଦଃରି ଆରେକ୍ ଗଟ୍
ଦିନ୍ ହଃତେକ୍ ଜଃଇଲେ ହୁରାୟ୍ଲାୟ୍, କାୟ୍ତାକ୍ବଃଲେକ୍
ସଃଡେବଃଳ୍ ସଃଞ୍ଜ୍ ଅୟ୍ରିଲି । 4 ମଃତର୍ ସେମଃନାର୍ ସିକ୍ୟା
ସୁଣିରିଲା ଗାଦେକ୍ ଲକ୍ ବିସ୍ୱାସ୍ କଃଲାୟ୍ ଆର୍ ଅଃଣ୍ଟାଲକ୍ ହାଁଚ୍
ଅଃଜାର୍ ରିଲାୟ୍ । 5 ତାର୍ ହଃଚାର୍ ଦିନ୍ ଜିଉଦିମଃନାର୍ ମୁଳିକା,
ପାରାଚିନ୍ ଆର୍ ଦର୍ମ୍ ଗୁରୁମଃନ୍ ଜିରୁସାଲମେ ରୁଣ୍ଟ୍ଲାୟ୍ । 6
ସେତି ମୁଲ୍ ଜାଜକ୍ ହାନାନ୍, କୟାପା, ଜହନ୍, ଆଲେକ୍ଜେଣ୍ଡ୍ରାର୍,
ଆରେକ୍ ମୁଲ୍ ଜାଜକ୍ ବଃଉଁସାର୍ ସଃବୁ ଲକ୍କେ ବେଟ୍ ଅୟ୍ଲା ।
7 ସେମଃନ୍ ପେରିତ୍ମଃନ୍କ୍ ମଃଜାୟ୍ ଟିଆ କଃରାୟ୍ ହଃଚାରୁକ୍
ଦଃର୍ଲାୟ୍, "ତୁମି ଇରି କଃନ୍କଃରି କଃରୁଲାସ୍? କାର୍ ସଃକ୍ତିୟେ
ଆର୍ କାର୍ ନାଉଁଏ ତୁମିମଃନ୍ ଇରି କଃରିଆଚାସ୍?" 8 ସେତାକ୍
ପିତର୍ ପବିତ୍ର ଆତ୍ମାୟ୍ ହୁର୍ନ୍ ଅୟ୍ ସେମଃନ୍କେ କୟ୍ଲା,
"ଏ ଲକ୍ମଃନାର୍ ମୁଳିକା ଆର୍ ପାରାଚିନ୍ମଃନ୍ ।" 9 ଜଦି
ଆଜି ଅଃମିକ୍ ଇ ଚଟାକେ କଃରିରିଲା ନିକ କାମାର୍ ଗିନେ
ହଃଚାର୍ଲାସ୍, ଆର୍ ସେ ଲକ୍ କଃନ୍କଃରି ଉଜ୍ ଅୟ୍ଆଚେ ବଃଲି
ଜାଣୁକେ ମଃନ୍କଃରୁଲାସ୍ । 10 ତଃନ୍ଅଲେ ତୁମିମଃନ୍ ଆର୍
ସଃର୍ନେ ଇସ୍ରାଏଲ୍ ଲକ୍ ଜାଣତ୍ ଜୁୟ୍ ନାଜରିତାର୍ ଜିସୁ କ୍ରିସ୍ଟକେ
ତୁମିମଃନ୍ କ୍ରୁସେ ମାରି ରିଲାସ୍, ତାକେ ଇସ୍ୱର୍ ମଃଲା ଲକାର୍
ତଃୟ୍ହୁଣି ଉଟାୟ୍ ଆଚେ, ତାର୍ ନାଉଁଏ ହେଁ ତାର୍ ତଃୟ୍ହୁଣି
ଇ ଲକ୍ ଉଜ୍ ଅୟ୍ ତୁମିମଃନାର୍ ମୁଏଁ ଟିଆ ଅୟ୍ଆଚେ । 11
ଇ ଜିସୁର୍ ବିସୟେ ସାସ୍ତରେ ଲେକା ଆଚେ, ଗଃର୍ ବାନ୍ଦ୍ଦୁମଃନ୍
ଜୁୟ୍ ଟେଳାକେ ମଃନ୍ ନଃକେଲାୟ୍, ମଃତର୍ ସେରି କନାର୍
ମୁଲ୍ ଟେଳା ଅୟ୍ଲି, ଇରି ସେ ଟେଳା । 12 ତାକେ ଚାଡି କାର୍
ତଃୟ୍ ମୁକ୍ତି ନାୟ୍, କାୟ୍ତାକ୍ବଃଲେକ୍ ଜାର୍ତଃୟ୍ ଆମିମଃନ୍କେ
ମୁକ୍ଲୁକ୍ ଅୟ୍ଦ୍, ଅଃଗାସ୍ ତଃଳେ, ମାନାୟ୍ମଃନାର୍ ବିତ୍ରେ କାୟ୍
ନାଉଁ ଦିଆ ନୟେ । 13 ସେମଃନ୍ ପିତର୍ ଆର୍ ଜହନାର୍ ସାସ୍
ଦଃକି ଆର୍ ସେମଃନ୍ ଜେ ସିକିତ୍ ନୟ୍ଲା ଲକ୍ ଆର୍ ଗ୍ୟାନ୍
ନୟ୍ଲା ଲକ୍, ଇରି ଜାଣି କାବା ଅୟ୍ଲାୟ୍ ଆରେକ୍ ସେମଃନ୍
ଜିସୁର୍ ସଃଙ୍ଗ୍ ରିଲାୟ୍ ବଃଲି ସେମଃନ୍କେ ଚିନ୍ଲାୟ୍ । 14 ଆର୍
ସେ ଉଜ୍ ଅୟ୍ଲା ଲକ୍ ସେମଃନାର୍ ତଃୟ୍ ଟିଆ ଅୟ୍ରିଲାର୍
ଦଃକି ତାକାର୍ ବିରଦେ କାୟ୍ରି କଃଉଁକେ ନଃହାୟ୍ଲାୟ୍ ।
15 ତାର୍ହଃଚେ ସେମଃନ୍କେ ବେରାଣ୍ ମଃଣ୍ଡାୟ୍ ହୁଣି ବାରାୟ୍
ଜଃଉଁକେ କୟ୍ଲାୟ୍, ଆର୍ ସେମଃନ୍ ତାକାର୍ ବିତ୍ରେ କଃତା
ଅଃଉଁକେ ଦଃର୍ଲାୟ୍, 16 "ଇ ଲକ୍ମଃନ୍କେ କାୟ୍କଃରୁଆଁ?"
କାୟ୍ତାକ୍ ବଃଲେକ୍ ଇମଃନାର୍ ତଃୟ୍ହୁଣି ଗଟେକ୍ ବଃଡ୍ କାବା
ଅଃଉତା ଚିନ୍ମଃନ୍ ଅୟ୍ଆଚେ, "ଇରି ଜିରୁସାଲମାର୍ ସଃବୁ ଲକ୍
ଜାଣି ଆଚ୍ତି, ଅଃମିମଃନ୍ ସେରି ନାୟ୍ ବଃଲୁନାହାରୁ । 17 ମଃତର୍
ଇ କଃତାକ୍ ଲକ୍ମଃନାର୍ ଟାଣେ ଅଃଦିକ୍ ଉର୍ଜି ନଃଉଅ, ଇତାର୍
ଗିନେ ଜିସୁର୍ ନାଉଁଏ କାକେ ହେଁ ନଃକଉଁକେ ସେମଃନ୍କେ
ଜଃଗ୍ରାତ୍ କଃରାୟ୍ଲାୟ୍ ।" 18 ହଃଚେ ପିତର୍ ଆର୍ ଜହନ୍କେ
ଆରେକ୍ ବିତ୍ରେ କୁଦି ଜିସୁର୍ ନାଉଁଏ ମୁଲ୍କେ କଃତା ନଃକଉଁକେ
ଆର୍ ସିକ୍ୟା ନଃଦେଉଁକେ ନିକକଃରି ଆଦେସ୍ ଦିଲାୟ୍ । 19
ମଃତର୍ ପିତର୍ ଆର୍ ଜହନ୍ ସେମଃନ୍କେ କୟ୍ଲାୟ୍, "ଇସ୍ୱରାର୍

କଃତା ସୁଣ୍ତା ବାଦୁଲେ ତୁମିମଃନାର୍ କଃତା ସୁଣ୍ତାର୍ ମାପ୍ରୁର୍
ଆକାୟ୍ ଟିକ୍ କି ନାୟ୍, ସେରି ତୁମିମଃନ୍ ବିଚାର୍ କଃରି ଦଃକା ।
20 କାୟ୍ତାକ୍ ବଃଲେକ୍ ଅଃମିମଃନ୍ ଜାୟ୍ଜାୟ୍ରି ଦଃକିଆଚୁ
ଆର୍ ସୁଣି ଆଚୁ, ସେରି ସଃବୁ ନଃକୟ୍କଃରି ରେଉଁନାହାରୁ ।"
21 ସେତାକ୍ ଲକ୍ମଃନାର୍ ଗିନେ ସେମଃନ୍କେ ଡଃଣ୍ଡ ଦେଉଁକ୍
କାୟ୍ ଉପାୟ୍ ନଃହାୟ୍ ସେମଃନ୍କେ ଚାଡି ଦିଲାୟ୍, ବଃଲେକ୍
ଜାୟ୍ରି ଗଃଟ୍ଲି ସେତାର୍ ଗିନେ ଲକ୍ ସଃବୁ ଇସ୍ୱରାର୍ ଜଃଜ୍ମାନ୍
କଃରୁକେ ଦଃର୍ଲାୟ୍ । 22 ଜୁୟ୍ ଲକାର୍ ତଃୟ୍ ସେ ଉଜ୍ ଅୟ୍ଲା
କାବା ଅଃଉତା ଚିନ୍ମଃନ୍ କଃରାଜାୟ୍ ରିଲି, ତାକେ ଚାଲିସ୍ ବଃର୍ସ୍
ହୁଣି ଅଃଦିକ୍ ଅୟ୍ରିଲି । 23 ପିତର୍ ଆର୍ ଜହନ୍ ଜଃଇଲେ ହୁଣି
ମୁକୁଲ୍ଲା ହଃଚେ, ତାକାର୍ ଦଃଳେ ଗଃଲାୟ୍ ଆର୍ ବଃଡ୍ ଜାଜକ୍
ଆର୍ ପାରାଚିନ୍ମଃନ୍ ସେମଃନ୍କେ ଜାୟ୍ ଜାୟ୍ରି କୟ୍ରିଲାୟ୍,
ସେରି ସଃବୁ ଜାଣାୟ୍ଲାୟ୍ । 24 ବିସ୍ୱାସି ମଃନ୍ ସେରି ସୁଣି
ଏକ୍ମଃନେ ଇସ୍ୱର୍କେ ଆଉଲି ଅୟ୍ ପାର୍ତ୍ନା କଃରି କୟ୍ଲାୟ୍,
"ଏ ମାପ୍ରୁ ତୁୟ୍ ଅଃଗାସ୍, ହୁର୍ତିବି, ସଃମ୍ନ୍ଦ ଆର୍ ସେ ବିତ୍ରେ
ଆଚ୍ତା ସଃବୁ ବିସୟ୍କେ ଉବ୍ଜାୟ୍ ଆଚ୍ସି । 25 ତୁୟ୍ ଅଃହ୍ଣାର୍
ଦଃଙ୍ଗ୍ଲା ଅଃମାର୍ ଉବା ଦାଉଦାର୍ ମୁଏଁ ପବିତ୍ର ଆତ୍ମାୟ୍ ଇ କଃତା
କୟ୍ଆଚ୍ସି ।" "ଅଜିଉଦିମଃନ୍ କାୟ୍ତାକ୍ ରିସା ଅୟ୍ଲାୟ୍ ଆର୍
ଲକ୍ମଃନ୍ ସୁନେ ସୁନେ କୁଟ୍କଃଲାୟ୍ ।" 26 ମାପ୍ରୁର୍ ବିରଦେ
ଆର୍ ତାର୍ ବାଚ୍ଲା ଲକାର୍ ଆର୍ ମଃସିଆ ବିରଦେ ହୁର୍ତିବିର୍
ରଃଜାମଃନ୍ ଟିଆ ଅୟ୍ଲାୟ୍ ଆରେକ୍ ସାସନ୍ କଃରୁମଃନ୍
ରୁଣ୍ଡ୍ଲାୟ୍ । 27 "କାୟ୍ତାକ୍ବଃଲେକ୍ ତୁମାର୍ ଜୁୟ୍ ପବିତ୍ର
ଦଃଙ୍ଗ୍ଲା ଜିସୁକେ ଅବିସେକ୍ କଃଲିସ୍ ସଃତ୍କଃରି ତାର୍ ବିରଦେ
ହେରଦ୍ ରଃଜା ଆର୍ ପନ୍ତିଅପିଲାତ୍ ଜୁଳେକ୍ ଅଜିଉଦିମଃନ୍ ଆର୍
ଇସ୍ରାଏଲ୍ ଲକ୍ମଃନାର୍ ସଃଙ୍ଗ୍ ଇ ଗଃଳେ, 28 ତୁମାର୍ ସଃକ୍ତି ଆର୍
ତୁମାର୍ ଇଚା ହଃର୍କାରେ ଜୁଣ୍ ସଃବୁକଃତା ଗଃଟେଦ୍ ବଃଲି ହୁର୍ବେ
ତିରକ୍ରା ଅୟ୍ରିଲି ସେରି କଃରୁକେ ଗଟେକ୍ତଃୟ୍ ରୁଣ୍ଡ୍ଲାୟ୍ ।
29 ଆର୍ ଅଃବେ ଏ ମାପ୍ରୁ ସେମଃନାର୍ ଉଲ୍ତାର୍ ଆର୍ ଗଃର୍ଜ୍ଣ୍ଣକେ
ଦଃକ୍ ଆରେକ୍ ତର୍ ଗତିଦଃଙ୍ଗ୍ଲାମଃନ୍ ହୁରା ହୁସ୍ଟିସଃଙ୍ଗ୍ ତର୍
କଃତା କଃଉଁକେ ସାସ୍ ଦେ । 30 ଆର୍ ତାର୍ ସଃଙ୍ଗ୍ ତର୍ ପବିତ୍ର
ଦଃଙ୍ଗ୍ଲା ଜିସୁର୍ ନାଉଁଏ ଉଜ୍ କଃରୁକେ ଆର୍ ଚିନ୍ ଆର୍ କାବା
ଅଃଉତା କାମ୍ମଃନ୍ କଃରୁକେ ତର୍ ଆତ୍ ମେଲାକଃର୍ ।" 31
ସେମଃନ୍ ପାର୍ତ୍ନା କଃଲା ହଃଚେ ଜୁୟ୍ତି ରୁଣ୍ଡି ରିଲାୟ୍ ସେଟାଣ୍
ଲଃଦ୍ବଃଦି ଗଃଲି, ଆରେକ୍ ସଃବୁଲକ୍ ପବିତ୍ର ଆତ୍ମାୟ୍ ହୁର୍ନ୍ଅୟ୍
ବଃଡେ ସାସେ ଇସ୍ୱରାର୍ କଃତା କଃଉଁକେ ଦଃର୍ଲାୟ୍ । 32 ବିସ୍ୱାସ୍
କଃର୍ତା ଲକ୍ମଃନ୍ ଗଟେକ୍ ମଃନ୍ ଆର୍ ଗଟେକ୍ ହଃରାଣ୍ ଅୟ୍
ରେତିରିଲାୟ୍, ସେମଃନାର୍ ବିତ୍ରେ କେ ହେଁ ଅଃହ୍ଣାର୍ ଦଃନ୍କେ
ନିଜାର୍ ବଃଲି କୟ୍ ନଃକେର୍ତି ରିଲାୟ୍, ମଃତର୍ ସେମଃନାର୍
ସଃବୁ ଦଃନାର୍ ସଃମାନ୍ ବାଗ୍ ହାଉତିରିଲାୟ୍ । 33 ପେରିତ୍ମଃନ୍
ବଃଡେ ସଃକ୍ତିର୍ ସଃଙ୍ଗ୍ ଜିସୁର୍ ଉଟ୍ଲା ବିସୟେ ସାକି ଦେଉଁକ୍
ଦଃର୍ଲାୟ୍, ଆର୍ ସଃବ୍କାର୍ ଉହ୍ରେ ଇସ୍ୱରାର୍ ବଃଡେ ଦଃୟା
ରିଲି । 34 ବଃଲେକ୍ ସେମଃନାର୍ ବିତ୍ରେ କାର୍ କାୟ୍ରି ଅକେଟ୍
ନଃରିଲି, କାୟ୍ତାକ୍ବଃଲେକ୍ ଜଃତେକ୍ ଲକାର୍ ବୁୟ୍ଁ ଆର୍ ଗଃର୍
ରିଲି ସେମଃନ୍ ସେରି ବିକି ସଃର୍ନେ ଟଃକା ଆଣ୍ତି ରିଲାୟ୍, 35
ଆର୍ ପେରିତ୍ମଃନ୍କ୍ ଦେତି ରିଲାୟ୍ ଆର୍ ହଃତି ଲକ୍କେ ତାର୍
ଲଳା ହଃର୍କାରେ ବାଟା କଃରାଅଉତିରିଲି । 36 ଆରେକ୍ ଜସେପ୍
ଲେବି ବଃଉଁସେ ଜଃଲମ୍ ଗଟେକ୍ ସାଇପ୍ରସ୍ ନାଉଁଆର୍ ଟାଣ୍
ଲକ୍ ଜାକେ ପେରିତ୍ମଃନ୍ ବର୍ନବା ବଃଲି ଆରେକ୍ ଗଟ୍ ନାଉଁ
ସଃଙ୍ଗ୍ଲାୟ୍ ରିଲାୟ୍, ବଃଲେକ୍ "ଗଟ୍ଲକ୍ ଜେକି ସାସ୍ ଦଃୟ୍ଦ୍
।" 37 ତାର୍ କଃଣ୍ଡେକ୍ ବୁୟ୍ଁ ରିଲି ସେ ବୁଇଁକେ ବିକିକଃରି ସଃବୁ
ଟଃକା ପେରିତ୍ମଃନ୍କ୍ ଆଣି ଦିଲା ।

**5** ହନନିଅ ନାଉଁଆର୍ ଗଟେକ୍ ଲକ୍ ତାର୍ ମାୟ୍ଜି ସପିରାର୍
ସଃଙ୍ଗ୍ କଃତାଅୟ୍ କଃଣ୍ଡେକ୍ ବୁୟ୍ଁ ବିକ୍ଲାୟ୍ । 2 ମଃତର୍
ହନନିଅ ତାର୍ ମାୟ୍ଜି ସଃଙ୍ଗ୍ କଃତାଅୟ୍, ବିକ୍ଲା ଟଃକାର୍
କଃତେକ୍ ଲୁକାୟ୍ ବାକି ଟଃକା ଆଣି ପେରିତ୍ମଃନ୍କ୍ ଦିଲାୟ୍ ।
3 ସେତାକ୍ ପିତର୍ କୟ୍ଲା, "ଏ ହନନିଅ ପବିତ୍ର ଆତ୍ମା ଚଃମେ
ମିଚ୍ କଃଉଁକେ ଆର୍ ବୁୟ୍ଁ ବିକ୍ଲା ଟଃକାର୍ କଃତେକ୍ ଲୁକାୟ୍
ସଃଙ୍ଗ୍ଲାଉଁକ୍ ସୟ୍ତାନ୍ ତର୍ ମଃନ୍କେ କାୟ୍ତାକ୍ ଅଃଦିକାର୍
କଃରି ଆଚେ ।" 4 ନଃବିକ୍ତା ହୁର୍ବେ ସେରି କାୟ୍ ତର୍ ନିଜାର୍
ଅୟ୍ନଃରିଲି? ଆର୍ ବିକ୍ଲା ହଃଚେ ସେତିର୍ ଟଃକା କାୟ୍ ତୁମାର୍
ଅଃଦିକାରେ ନଃରିଲି? ତଃବେ ତୁୟ୍ କାୟ୍ତାକ୍ ଇ ହର୍ ମଃନେ
ବାବ୍ଲିସ୍? ତୁୟ୍ ମାନାୟ୍ର୍ ଚଃମେ ମିଚ୍ କୟ୍ଲିସ୍, ସେରି ନାୟ୍
ମଃତର୍ ଇସ୍ୱର୍ ଚଃମେ ମିଚ୍ କୟ୍ଲିସ୍ । 5 ଇ ସଃବୁ କଃତା
ସୁଣ୍ଲା ଦାହ୍ରେ ହନନିଅ କଚାଳି ଅୟ୍ ତଃଳେ ଅଦ୍ରି ମଃଲା ।
ସେତାକ୍ ସେମଃନ୍ ଇ କଃତା ଜଃତେକ୍ ଲକ୍ ସୁଣ୍ଲାୟ୍ ସଃବୁ
ଲକ୍ ବଃଡେ ଡିର୍ଲାୟ୍ । 6 ଆର୍ ବେଣ୍ଡ୍ୟା ହିଲାମଃନ୍ ଆସି
ତାକେ ହଃଚ୍ୟା ଗୁଲ୍ୟାୟ୍ଲାୟ୍, ଆର୍ ତାକେ ହଃଦାୟ୍ ବୟ୍
ନଃୟ୍ ମଃସ୍ଣେ ତହ୍ଲାୟ୍ । 7 ହାକାହାକି ତିନି ଗଃଟା ହଃଚେ
ତାର୍ ଡକୁର୍ସି ଆୟ୍ଲି, ମଃତର୍ କାୟ୍ରି ଅୟ୍ଆଚେ ସେରି ଜାଣି
ନଃରିଲି । 8 ପିତର୍ ତାକେ ହଃଚାର୍ଲା, "କଃଉ ତ, ତୁମିମଃନ୍
କାୟ୍ ଅଃତେକ୍ ଟଃକାୟ୍ ଇ ବୁୟ୍ଁ ବିକି ରିଲାସ୍?" ସେ କୟ୍ଲି,
"ସଃତେକ୍ ସେ ।" 9 ସେତାକ୍ ପିତର୍ ତାକେ କୟ୍ଲା, "ମାପ୍ରୁର୍
ଆତ୍ମାକେ କଃଟ୍ହାଲ୍ ବୁଜୁକ୍ ତୁମିମଃନ୍ କାୟ୍ତାକ୍ ଗଟିକଃତା
ଅୟ୍ଲାସ୍, ଦଃକ୍ ସେମଃନ୍ ତର୍ ଡକ୍ରାଦିକ୍ ମଃସ୍ଣେ ତହି ଆଚ୍ତି,
ସେମଃନ୍ ଦୁଆର୍ଲଃଗେ ହଃଚ୍ଲାୟ୍ବେ । ଆର୍ ସେମଃନ୍ ତକ୍
ହେଁ ହଃଦାୟ୍ ବୟ୍ ନେତି ।" 10 ତଃତ୍କାଣ୍ ସେ ପିତରାର୍
ହାଦ୍ ତଳେ ଅଦ୍ରୁଳି ଆର୍ ମଃଲି, ଆର୍ ବେଣ୍ଡ୍ୟାହିଲାମଃନ୍ ଗଃର୍
ବିତ୍ରେ ହୁରି ତାକେ ମଃଲାର୍ ଦଃକି ହଃଦାୟ୍ ବୟ୍ ନିଲାୟ୍
ଆର୍ ତାର୍ ଡକ୍ରାସିର୍ ଚଃମେ ତହ୍ଲାୟ୍ । 11 ସେତାକ୍ ସଃବୁ
ମଣ୍ଡ୍ଳି ଆର୍ ଜଃତେକ୍ ଲକ୍ ଇ ସଃବୁ କାବାଅଃଉତା କାମ୍ ଆର୍
ସଃକ୍ତି ଜାଣ୍ଲାୟ୍, ସେମଃନ୍ ସଃବୁ ବଃଡେ ଡିରି ଗଃଲାୟ୍ ।
12 ପେରିତ୍ମଃନାର୍ ଆତେ ଲକ୍ମଃନାର୍ ବିତ୍ରେ ଗାଦେକ୍ ଚିନ୍

ଆର୍ କାବାଅଉତା କାମ୍ କଃରାଗଃଲି, ଆର୍ ସଃବୁ ବିସ୍ୱାସି ଦଃଲ୍
ସଲ୍ମନାର୍ ମଣ୍ଡପେ ଗଟେତଃୟ୍ ରୁଣ୍ଡ୍ଲାୟ୍ । 13 ମଃତର୍ ବିନ୍
ଲକ୍ମଃନାର୍ ବିତ୍ରେ କେ ସେମଃନାର୍ ସଃଙ୍ଗ୍ ସେଟି ଜଃଉଁକେ
ସାସ୍ ନଃକେଲାୟ୍, ଅୟ୍ଲେକ୍ ହେଁ ସେମଃନାର୍ ଜଃଜ୍ମାନ୍
କଃର୍ଟି ରିଲାୟ୍ । 14 ମଃତର୍ ଆରେକ୍ ଅଃଦିକ୍ ଅଃଣ୍ଡା ଆର୍
ମାୟ୍ଜିମଃନ୍ ଇସ୍ୱର୍ ତଃୟ୍ ବିସ୍ୱାସ୍କଃରି ମାପ୍ରୁର୍ ବିସ୍ୱାସି ଦଃଲେ
ମିସୁକ୍ ଦଃର୍ଲାୟ୍ । 15 ଅଃନ୍କାର୍ ଅୟ୍ଲି ଜେ ପିତର୍ ଆସ୍ତା ବଃଲ୍
ତାର୍ ତଃୟ୍ ଜଃନ୍କଃରି ରଗିମଃନାର୍ ବିତ୍ରେ କାର୍ କାର୍ ଉହ୍ରେ
ତାର୍ ସାୟ୍ ହଃଲେଦ୍ ଇତାର୍ ଗିନେ ଲକ୍ମଃନ୍ ରଗିମ୍ନଃକେ
ହଃଦାୟ୍ ବୟ୍ ଆଣି ଟାଟାୟ୍ ଆର୍ କଃଟେ ସଳାଉତି ରିଲାୟ୍ ।
16 ଜିରୁସାଲମାର୍ ଚାରିହାକାର୍ ଗଃଲେ ହୁଣି ଲକ୍ମଃନ୍ ରଗି
ମଃନ୍କେ ଆର୍ ବିଟାଳ୍ ଆତ୍ମା ଦଃର୍ଲା ଲକ୍ମଃନ୍ ଗଟ୍ତଃୟ୍
ରୁଣ୍ଡ୍ତି ରିଲାୟ୍ ଆର୍ ସେମଃନ୍ ଉଜ୍ ଅଃଉତିରିଲାୟ୍ । 17
ହଃଚେ ମୁଲ୍ ଜାଜକ୍ ଆର୍ ତାର୍ ସଃଙ୍ଗ୍ଆଲିମଃନ୍, ବଃଲେକ୍
ସାଦୁକି ଦଃଲ୍, ପେରିତ୍ମଃନ୍କ୍ ଅଃକାର୍ ଅୟ୍ ଜଃବର୍ ରିସା
ଅୟ୍ଲାୟ୍ । 18 ଆର୍ ପେରିତ୍ମଃନ୍କ୍ ବାନ୍ଧି ନଃୟ୍ ଜଃଇଲେ
ହୁରାୟ୍ଲାୟ୍ । 19 ମଃତର୍ ମାପ୍ରୁର୍ ଗଟେକ୍ ଦୁତ୍ ରାତି ବଃଲ୍
ଜଃଇଲାର୍ ଦୁଆର୍ ସଃବୁ ମେଲା କଃଲା, ଆର୍ ସେମ୍ନଃକେ
ହଃଦାୟ୍ ବାର୍କଃରି କୟ୍ଲା, 20 "ଜାହା ଆର୍ ମନ୍ଦିରେ ଟିଆ
ଅୟ୍ ଲକ୍ମଃନ୍କେ ଇ ନଃଉଆଁ ଜିବନାର୍ କଃତା କଃଉଆ ।"
21 ସେମଃନ୍ କଃତା ମାନି ସେମଃନ୍ ସଃକାଳ୍ୟା ମନ୍ଦିର୍ ବିତ୍ରେ
ଜାୟ୍, ଲକ୍ମଃନ୍କେ ସିକ୍ୟା ଦେଉଁକ୍ ଦଃର୍ଲାୟ୍ । ଇ ବିତ୍ରେ
ମୁଲ୍ ଜାଜକ୍ ଆର୍ ତାର୍ ସଃଙ୍ଗ୍ଆଲିମଃନ୍ ଆସି ଜିଉଦିମଃନାର୍
ବେରାଣେ ଆର୍ ଇସ୍ରାଏଲ୍ମଃନାର୍ ପାରାଚିନ୍ ମଃନ୍କେ କୁଦି ଗଟ୍
ଟାଣେ ରୁଣ୍ଡ୍ଲାୟ୍, ଆରେକ୍ ପେରିତ୍ମଃନ୍କ୍ ଜଃଇଲେ ଆଣୁକେ
ଲକ୍ ହଃଟାୟ୍ଲାୟ୍ । 22 ମଃତର୍ ଜାଗୁଆଳିମଃନ୍ ଜଃଇଲେ
ସେମଃନ୍କେ ନଃମିଳାୟ୍ ବାଉଳି ଆସି ଜିଉଦି ବେରାଣେ
କୟ୍ଲାୟ୍, 23 "ଅଃମିମଃନ୍ ଦଃକ୍ଲୁ ଜଃଇଲ୍ ଗଃର୍ ନିକକଃରି
ଡାହି ଅୟ୍ଆଚେ, ଆର୍ ଦୁଆର୍ମଃନ୍କେ ଜାଗୁଆଳିମଃନ୍
ଟିଆ ଅୟ୍ ଆଚ୍ତି, ମଃତର୍ ଦୁଆର୍ ମେଲା କଃଲାକ୍ ବିତ୍ରେ
ଅଃମିମଃନ୍ କାକେ ହେଁ ନଃହାୟ୍ଲୁ ।" 24 ଇ ସଃବୁ କଃତା ସୁଣି
ମନ୍ଦିରାର୍ ଜାଗୁଆଳିମଃନାର୍ ଅଃଦିକାରି ଆର୍ ବଃଡ୍ ଜାଜକ୍ମଃନ୍
ପେରିତ୍ମଃନ୍କ୍ କାୟ୍ରି ଅୟ୍ଆଚେ ବଃଲି ତାକାର୍ ବୁଦି ବାଣା
ଅୟ୍ଲି । 25 ଅଃଡେବଃଲ୍ ଗଟ୍ ଲକ୍ ଆସି ସେମଃନ୍କେ କୟ୍ଲା,
"ଦଃକା ଜୁୟ୍ ଲକ୍ମଃନ୍କେ ତୁମିମଃନ୍ ଜଃଇଲେ ହୁରାୟ୍ ରିଲାସ୍,
ସେମଃନ୍ ମନ୍ଦିରେ ଟିଆ ଅୟ୍ ଲକ୍ମଃନ୍କେ ସିକ୍ୟା ଦେଉଁଲାୟ୍
। 26 ସଃଡେବଃଲ୍ ମନ୍ଦିର୍ ଜାଗୁଆଳିମଃନାର୍ ମୁଲ୍ ସଃୟ୍ନ୍
ତାର୍ ଜାଗୁଆଳିମଃନାର୍ ସଃଙ୍ଗ୍ ଜାୟ୍ ପେରିତ୍ମଃନ୍କ୍ ଆରେକ୍
ଆଣ୍ଲାୟ୍, ମଃତର୍ ବଃଲ୍ମାଡ୍କଃରି ନାୟ୍, କାୟ୍ତାକ୍ବଃଲେକ୍
ଅଃଉଁ ହାରେ ଲକ୍ମଃନ୍ ତାକାର୍ ଉହ୍ରେ ଟେଳା ମାର୍ଟି, ସେତାକ୍
ଡିର୍ଟି ରିଲାୟ୍ ।" 27 ସେମଃନ୍ ପେରିତ୍ମଃନ୍କ୍ ଆଣି ବେରାଣ୍
ମଃଣ୍ଡାୟ୍ ଟିଆ କଃଲାୟ୍, ସେତାକ୍ ମୁଲ୍ ଜାଜକ୍ ସେମଃନ୍କେ
ହଃଚାର୍ଲା । 28 "ଆମିମଃନ୍ ତୁମିମଃନ୍କେ ଜିସୁର୍ ନାଉଁଏ ସିକ୍ୟା
ଦେଉଁକ୍ କଃତେକ୍ ମଃନା କଃରି ରିଲୁ, ମଃତର୍ ଦଃକା ତୁମିମଃନ୍
କାୟ୍ କଃରିଆଚାସ୍, ତୁମିମଃନ୍ ତୁମାର୍ ସିକ୍ୟା ଜିରୁସାଲମାର୍
ଚାରିହାକ୍ ଉର୍ଜି କଃଲାସ୍, ଆର୍ ସେ ଲକାର୍ ମଃର୍ନ୍ ଦଃସ୍ ଅଃମାର୍
ଉହ୍ରେ ଲାଦୁକ୍ ମଃନ୍କଃରୁଲାସ୍ ।" 29 ମଃତର୍ ପିତର୍ ଆର୍ ବିନ୍
ପେରିତ୍ମଃନ୍ କୟ୍ଲାୟ୍, ଅଃମି ବାୟ୍ଦ୍ରେ ମାନାୟ୍ମଃନାର୍
କଃତା ନଃମାନ୍ତୁ, ଇସ୍ୱରାର୍ କଃତା ମାନୁନ୍ତ୍ । 30 ଜୁୟ୍ ଜିସୁକ୍
ତୁମିମଃନ୍ କ୍ରୁସେ ମଃର୍ନେ ମାର୍ଲାସ୍, ଅଃମାର୍ ଦାଦିବାବୁର୍ ଇସ୍ୱର୍
ତାକେ ମଃର୍ନେ ହୁଣି ଉଟାୟ୍ ଆଚେ । 31 ଆରେକ୍ ସେ
ଜଃନ୍କଃରି ଇସ୍ରାଏଲ୍କେ ମଃନ୍ ବାଦ୍ଲାୟ୍ ଆର୍ ହାହ୍ କେମା
ଦଃୟ୍ଦ୍, ଇତାର୍ ଗିନେ ଇସ୍ୱର୍ ଅଃହ୍ଣାର୍ କାତା ଆତେ ତାକେ
ଅଃଦିକାରି ଆର୍ ମୁକ୍ତାଉତା ଲକ୍କଃରି ବଃଡ୍ କଃରି ଆଚେ
। 32 ଆର୍ ଆମିମଃନ୍ ଇ ସଃବୁ ବିସୟାର୍ ସାକି, ଆର୍ ଜୁୟ୍
ପବିତ୍ର ଆତ୍ମାକେ ଇସ୍ୱର୍ ଅଃହ୍ଣାର୍ କଃତା ମାନ୍ତା ଲକ୍ମଃନ୍କେ
ଦଃୟ୍ଆଚେ, ସେ ହେଁ ସାକି । 33 ଇ କଃତା ଜିଉଦି ବେରାଣାର୍
ଲକ୍ମଃନ୍ ସୁଣି ରିସା ଅୟ୍ଲାୟ୍ ଆର୍ ସେମଃନ୍କେ ମଃର୍ନେ
ମାରୁକ୍ କୁଟ୍ ହାତ୍ଲାୟ୍ । 34 ମଃତର୍ ଗମଲିଏଲ୍ ନାଉଁଆର୍
ଗଟେକ୍ ପାରୁସି, ସେ ଗଟେକ୍ ମସାର୍ ସାସ୍ତରାର୍ ଦଃର୍ମ୍ ଗୁରୁ
ଆର୍ ସଃବ୍କାର୍ ମାନ୍ତି ହାଉତା ଲକ୍, ସେ ବେରାଣେ ଟିଆଅୟ୍
ପେରିତ୍ମଃନ୍କ୍ ହଃଦାୟ୍ ବାର୍କଃରୁକେ କୟ୍ଲା । 35 ଆର୍
ସେ ସେମଃନ୍କେ କୟ୍ଲା, "ଏ ଇସ୍ରାଏଲ୍ ଲକ୍ମଃନ୍ କାୟ୍ରି
କଃରୁକେ ମଃନ୍ କଃରୁଲାସ୍ ସେ କଃତାୟ୍ ଜାଗ୍ରତ୍ ଅଃଉଆ । 36
କାୟ୍ତାକ୍ବଃଲେକ୍ ଇତାର୍ ହୁର୍ବେ ତିଉଦା ଅଃହ୍ଣାକ୍ ଗଟେକ୍
ବଃଡ୍ ଲକ୍ ବଃଲି କୟ୍ଲା, ଆର୍ ହାକାହାକି ଚାଲିସ୍ ଲକ୍ ତାର୍
ଦଃଲେ ରିଲାୟ୍, ମଃତର୍ ତାକେ ମାରା ଅୟ୍ଲି ଆର୍ ସେ ଚାଲିସ୍
ଲକ୍ ଜଃତ୍କଃତ୍ ଅୟ୍ଲାୟ୍, ଆର୍ ତାର୍ କାମ୍ ହୁରୁଣ୍ ନୟ୍ଲି ।
37 ତାର୍ହଃଚେ, ଲକ୍ଗଃଣ୍ତି କଃର୍ତା ବଃଲ୍ ଗାଲିଲିର୍ ଜିଉଦା
ଲକ୍ମଃନ୍କେ ତାର୍ ଦଃଲେ ନିଲା, ଆର୍ ଗଃଣ୍ଡଗଲ୍ କଃରାୟ୍ଲା
। ତାକେ ହେଁ ମାରା ଅୟ୍ଲି । ଜଃତେକ୍ ଲକ୍ ତାର୍ ଦଃଲେ
ରିଲାୟ୍ ସେମଃନ୍ ହେଁ ଜଃତ୍କଃତ୍ ଅୟ୍ଲାୟ୍ । 38 ଅଃବେ
ତୁମିମଃନ୍କେ କଃଉଁଲେ ଇ ପେରିତ୍ମଃନ୍କ୍ କାୟ୍ ନଃକେରି
ଚାଡିଦିଆସ୍, କାୟ୍ତାକ୍ବଃଲେକ୍ ଇ ଜଃଜ୍ନା ଆର୍ କାମ୍ ଜଦି
ମାନାୟ୍ ମଃନାର୍ ତଃୟ୍ହୁଣି ଅୟ୍ ରଃୟ୍ଦ୍ ତଃବେ ସେରି ନଃସ୍ଟ
ଅୟ୍ଦ୍ । 39 ମଃତର୍ ଜଦି ସେରି ଇସ୍ୱର୍ ତଃୟ୍ହୁଣି ଅୟ୍ ରଃୟ୍ଦ୍,
ତଃବେ ସେମଃନ୍କେ କାୟ୍ରି କଃରୁକେ ନଃହାରାସ୍, କେଜାଣ୍
ଇସ୍ୱର୍ ବିରଦେ ଜୁଜ୍ କଃରୁଲାସ୍ ବଃଲି ଜାଣା ହଃଲେଦ୍ । ଜିଉଦି
ବେରାଣାର୍ ଲକ୍ମଃନ୍ ଗମଲିଆର୍ କଃତା ମାନ୍ଲାୟ୍ । 40
ସେମଃନ୍ ପେରିତ୍ମଃନ୍କ୍ କୁଦି କର୍ଡା ସଃଙ୍ଗ୍ ମାଡ୍ ମାର୍ଲାୟ୍ ଆର୍
ଜିସୁର୍ ନାଉଁଏ କଃତା ନଃକଉଁକ୍ କୟ୍କଃରି ଚାଡି ଦିଲାୟ୍ । 41
ସେତାକ୍ ଜିସୁର୍ ନାଉଁ ଗିନେ ଲିନ୍ଦା ହାଉଁକ୍ ଜୟ୍ଗ୍ ବଃଲି ଗଃଣା

ଅୟ୍‌ଲାୟ୍, ସେତାକ୍ ସେମଃନ୍ ସଃର୍ଦା କଃରିକଃରି ବେରାଣ୍
ମଃଣ୍ଡାୟ୍ ହୁଣି ବାରାୟ୍ ଗଃଲାୟ୍ । 42 ଆର୍ ସେମଃନ୍ ହଃତି
ଦିନ୍ ମନ୍ଦିରେ ଆର୍ ଗଃରେ ସିକ୍ୟା ଦେଉଁକ୍ ଆର୍ ଜିସୁ ଜେ କ୍ରିସ୍ଟ,
ବଃଲେକ୍ ମୁକ୍ଲାଉତା ଲକ୍, ଇ ନିକ କବୁର୍ ପର୍ଚାର୍ କଃରୁକେ
ଦଃର୍ଲାୟ୍ ।”

## 6

ଜଃଡେବଃଲ୍ ଚେଲାମଃନ୍ ବୁଟେକ୍ ଅଃଉଁକେ ଦଃର୍ଲାୟ୍
ସଃଡେବଃଲ୍ ଗ୍ରିକ୍ କଃଉତା ଜିଉଦିମଃନ୍ ଏବ୍ରି ଲକ୍‌ମଃନାର୍
ସଃଙ୍ଗ କଃଉଆକଇ ଅଃଉଁକେ ଦଃର୍ଲାୟ୍, କାୟ୍‌ତାକ୍‌ବଃଲେକ୍
ହଃତି ଦିନାର୍ କାଦି ବାଟା କଃର୍ତାବଃଲ୍ ସେମଃନାର୍ ରାଣ୍ଡିମଃନ୍‌କେ
ନଃଦେଉଁଲାୟ୍ ବଃଲି ଗ୍ରିକ୍ ବାସା କଃଉତିରିଲା ଜିଉଦିମଃନ୍
କୟ୍‌ଲାୟ୍ । 2 ସେତାକ୍ ବାରଗଟ୍ ଚେଲା ଦଃଲାର୍ ସଃବୁ
ବିସ୍ୱାସି ମଃନ୍‌କେ କୁଦିକଃରି କୟ୍‌ଲାୟ୍ “ଇସ୍ୱରାର୍ କଃତା ପର୍ଚାର୍
ନଃକେରି କାଦି ବାଟା କଃର୍ତା ସେବାୟ୍ ଲାଗି ରେତାର୍ ନିକ ନାୟ୍
। 3 ବଃଲେକ୍ ଏ ବାୟ୍‌ବେଣିମଃନ୍, ଜୁୟ୍‌ମଃନ୍‌କ୍ ଆମିମଃନ୍
ଇ କାମ୍ କଃରାଉଁ ହାରୁ ଅଃନ୍‌କାର୍ ଡାକ୍‌ହୁଟା ଆର୍ ପବିତ୍ର
ଆତ୍ମା ଆର୍ ଗ୍ୟାନେ ହୁରୁଣ୍ ସାତ୍ ଲକ୍‌କେ ତୁମିମଃନାର୍ ବିତ୍ରେ
ବାଚି ତିର୍ କଃରା । 4 ମଃତର୍ ଅଃମିମଃନ୍ ପାର୍ତ୍‌ନାୟ୍ ଆର୍
ମାପ୍ରୁର୍ କଃତା ପର୍ଚାର୍ କଃର୍ତା ସେବା କାମେ ମଃନ୍ ଦଃୟ୍
ଲାଗିରେଉଁନ୍ଧ ।” 5 ଇ କଃତା ସଃବ୍‌କାର୍ ମଃନ୍‌କେଗଃଲି ଆର୍
ସେମଃନ୍ ବିସ୍ୱାସ୍ ଆର୍ ପବିତ୍ର ଆତ୍ମାୟ୍ ହୁର୍ନ୍ ସ୍ତିପାନ୍ ନାଉଁଆର୍
ଲକ୍‌କେ ଆର୍ ପିଲିପ୍, ପର୍କର୍, ନିକାନର୍, ତିମନ୍, ପାର୍‌ମନା
ଆର୍ ଆନ୍ତିଅକିଆର୍ ହୁର୍ବେ ଜିଉଦି ଦଃର୍ମ୍ ଦାରାୟ୍ ମିସିରିଲା
ଅଜିଉଦି ନିକଲାୟ୍‌କେ ବାଚ୍‌ଲାୟ୍ । 6 ଆର୍ ପେରିତ୍ ମଃନାର୍
ମୁଏଁ ଆଣ୍‌ଲାୟ୍, ଆର୍ ପାର୍ତ୍‌ନା କଃରି ସେମଃନାର୍ ଉହ୍ରେ ଆତ୍
ସଃଙ୍ଗାୟ୍ ଆସିର୍ବାଦ୍ କଃଲାୟ୍ । 7 ଇତାର୍ ହଃଚେ ଇସ୍ୱରାର୍
କଃତା ଅଃଦିକ୍ ପର୍ଚାର୍ ଅଃଉଁକେ ଦଃର୍ଲି, ଆର୍ ଜିରୁସାଲମେ
ଜିସୁର୍ ଚେଲା ଅଃଉଁକେ ଦଃର୍ଲାୟ୍ ଆର୍ ଜାଜକ୍ ମଃନ୍‌ହେଁ ବିସ୍ୱାସ୍
କଃରୁକେ ଦଃର୍ଲାୟ୍ । 8 ସ୍ତିପାନ୍ ମାପ୍ରୁର୍ ଦଃୟାର୍ ସଃକ୍ତିୟେ
ହୁର୍ନ୍‌ଅୟ୍ ଲକ୍‌ମଃନାର୍ ବିତ୍ରେ ବଃଡେ ବଃଡେ କାବା ଅଃଉତା
କାମ୍ ସାଦୁନ୍ କଃରୁକେ ଦଃର୍ଲା । 9 ମଃତର୍ ଲିବର୍ତିନ୍, କୁରିଣିୟ୍
ଆର୍ ଆଲେକ୍‌ଜେଣ୍ଡ୍ରିଆ ମଃନାର୍ ଗଃଲେମଃନ୍ ବାସା କଃର୍ତା
ନାଉଁଏ ଡାକ୍‌ହୁଟା ଜିଉଦିମଃନାର୍ ପାର୍ତ୍‌ନା ଗଃରାର୍ କଃତେକ୍
ଲକ୍ ଆରେକ୍ କିଲିକିଆ ଆର୍ ଆସିଆର୍ କଃତେକ୍ ଲକ୍ ସ୍ତିପାନ୍
ସଃଙ୍ଗ କଃତା କାଟାକାଟି ଅଃଉଁକ୍ ଦଃର୍ଲାୟ୍ । 10 ମଃତର୍
ସେ ଜୁୟ୍ ଆତ୍ମାର୍ ସଃକ୍ତିୟେ କଃତା କଃଉତି ରିଲା ସେମଃନ୍
ତାର୍ ବିରଦେ ଆରେକ୍ କଃଉଁ ନଃହାର୍ତିରିଲାୟ୍ । 11 ସେତାକ୍
ଲକ୍‌ମଃନ୍‌କେ ଉସ୍‌କାୟ୍‌ଲାୟ୍ ଆର୍ କୟ୍‌ଲାୟ୍, “ଆମିମଃନ୍ ଇ
ଲକ୍ ମସାର୍ ଆର୍ ଇସ୍ୱରାର୍ ବିରଦେ ଲିନ୍ଦା କଃତା କଃଉତାର୍
ସୁଣିଆଚୁ ।” 12 ଲକ୍‌ମଃନ୍‌କେ ଆର୍ ପାରାଚିନ୍ ଆର୍ ଦଃର୍ମ୍
ଗୁରୁମଃନକେ ରିସା କଃରାୟ୍ ତାକେ ବଃଲ୍‌ମାଡ୍ କଃରି ଦଃରି
ବେରାଣ୍ ମଃଣ୍ଡାୟ୍ ନିଲାୟ୍ । 13 ଆର୍ ମିଚ୍ ସାକିମଃନ୍‌କେ
ଟିଆ କଃରାୟ୍‌ଲାୟ୍, ସେମଃନ୍ କୟ୍‌ଲାୟ୍, “ଇ ଲକ୍” ସେମଃନ୍
କୟ୍‌ଲାୟ୍ ଇ ପବିତ୍ର ମନ୍ଦିର୍ ଆର୍ ମସାର୍ ବିଦି ବିରଦେ କଃତା
କୟ୍‌ବୁଲୁଲା, 14 କାୟ୍‌ତାକ୍‌ବଃଲେକ୍ ନାଜରିତାର୍ ସେ ଜିସୁ
ଇ ମନ୍ଦିର୍ ବଃସମ୍ କଃରେଦ୍, ଆର୍ ଅଃମିକ୍ ଜୁୟ୍ ଜୁୟ୍ ମସା
ରିତିବିଦି ଦଃୟ୍ ଆଚେ, ସେରି ସଃବୁ ବାଦ୍‌ଲାୟ୍‌ଦ୍ ବଃଲି ସେ
କଃଉତାର୍ “ଅଃମିମଃନ୍ ସୁଣି ଆଚୁ ।” 15 ସଃଡେବଃଲ୍ ବେରାଣ୍
ମଃଣ୍ଡାୟ୍ ବଃସି ରିଲା ସଃବୁ ଲକ୍ ତାକେ ନିକକଃରି ଦଃକ୍‌ଲାୟ୍,
ତାର୍ ମୁଁ ଦୁତାର୍ ମୁଁ ହର୍ ଦଃକ୍‌ଲାୟ୍ ।

## 7

ସେତାକ୍ ବଃଡ୍ ଜାଜକ୍ ସ୍ତିପାନ୍‌କେ ହଃଚାର୍ଲା “ତର୍‌ବିରଦେ
ଇରି କାୟ୍ ସଃତ୍ କି?” 2 ସେ କୟ୍‌ଲା, ଏ ବାୟ୍ ଆର୍
ଉବାମଃନ୍ ସୁଣା, ଅଃମାର୍ ଉବା ଅବ୍ରାହାମ୍ ହାରଣ୍ ତଃୟ୍ଁ
ବାସାକ୍‌ର୍ତା ଦାଦା ସଃଡେବଃଲ୍ ସେ ମେସପଟାମିଆ ରିଲା,
ସଃଡେବଃଲ୍ ଜଃଜ୍‌ମାନ୍ ଇସ୍ୱର୍ କୟ୍‌ଲା । 3 ଆର୍ ତାକେ
କୟ୍‌ଲା ତୁୟ୍ ତର୍ ଦେସେ ହୁଣି ଅଃହ୍‌ଣାର୍ ନିଜାର୍ ଲକ୍‌ତଃୟ୍
ହୁଣି ବାରାୟ୍ ଆଉ ଆରେକ୍ ଅଃମି ତକ୍ ଜୁୟ୍ ଦେସ୍ ଦଃକାଉଁନ୍ଧ
ସେ ଦେସେ ଜାଆ । 4 ସେତାକ୍ ତାର୍ କଲଦିଅ ଦେସେ ହୁଣି
ବାରାୟ୍ ସେ ହାରଣ୍ ତଃୟ୍ଁ ବାସା କଃଲା, ହଃଚେ ଅବ୍ରାହାମ୍
ଉବାସି ମଃଲାକେ ସେତି ହୁଣି ତୁମିମଃନ୍ ଅଃବେ ଜୁୟ୍ ଦେସେ
ବାସା କଃରିଆଚାସ୍ ଇସ୍ୱର୍ ତାକେ ଇ ଦେସେ ଆଣ୍‌ଲା । 5
ଆର୍ ସେ ତାକେ ସେତି କାୟ୍ ଅଃଦିକାର୍ ନଃଦିଲା, ଗଟେକ୍
ହାଦାର୍ ବୁୟ୍ଁ ହେଁ ନଃଦିଲା, ଆରେକ୍ ସଃଡେବଃଲ୍ ତାର୍ ହଅ
ନଃରିଲାକ୍ ହେଁ ସେ ତାକେ ଆର୍ ତାର୍ ଆଗାଳିର୍ ବଃଉଁସ୍‌କେ
ସେରି ଅଃଦିକାର୍ କଃରୁକେ ଦଃୟ୍‌ନ୍ଧ ବଃଲି ସଃୟ୍‌ତ୍ କଃଲା
। 6 ଇସ୍ୱର୍ ଅବ୍ରାହାମ୍‌କେ କୟ୍‌ଲା, ତୁମାର୍ ବଃଉଁସ୍ ବିନ୍
ଦେସେ ବାସା କଃରାସ୍ ଆର୍ ସେତିର୍ ଲକ୍ ତାକେ ଚାରିସ ବଃର୍ସ୍
ହଃତେକ୍ ଗତିଦଃଙ୍ଗ୍‌ଲା କଃରି ସେମଃନ୍‌କେ ଡଃଣ୍ଡ ଦେତି । 7
ଆରେକ୍ ଇସ୍ୱର୍ କୟ୍‌ଲା ସେମଃନ୍ ଜୁୟ୍ ବାସାର୍ ଲକ୍‌ମଃନାର୍
ଗତିଦଃଙ୍ଗ୍‌ଲା ଅଃଉତି ଅଃମି ତାର୍ ବିଚାର୍ କଃରୁନ୍ଧ, ତାର୍‌ହଃଚେ
ସେମଃନ୍ ବାରାୟ୍ ଆସି ଇ ଟାଣେ ଅଃମାର୍ ସେବା କଃର୍ତି । 8
ଆର୍ ଇସ୍ୱର୍ ଅବ୍ରାହାମ୍‌କେ ସୁନତି ବିଦି ଦିଲା, ଆରେକ୍ ସେନ୍‌କାର୍
ଅବ୍ରାହାମ୍, ଇସାକ୍‌କେ ଜଃଲମ୍ ଦଃୟ୍ ଆଟ୍‌ଦିନ୍ ଅୟ୍‌ଲାକ୍ ସୁନତ୍
କଃଲା, ଜିସହାକ୍ ଜାକୁବକେ ଆର୍ ଜାକୁବକ୍ ବାରଗଟ୍ ହିଲା
ବଃଲେକ୍ ବାର କୁଲ୍‌ବଃଉଁସ୍‌କେ ଜଃଲମ୍ ଦଃୟ୍ ସୁନତ୍ କଃଲା ।
9 “ଜାକୁବର୍ ହୟ୍‌ସିମଃନ୍ ତାର୍ ବାୟ୍‌ସି ଜସେପ୍‌କେ ଅଃକାର୍ ଅୟ୍
ତାକେ ମିସର୍ ଦେସେ ଗତିଦଃଙ୍ଗ୍‌ଲା କଃରି ବିକ୍‌ଲାୟ୍, ମଃତର୍
ଇସ୍ୱର୍ ତାର୍ ସଃଙ୍ଗ ରିଲା ।” 10 ଆର୍ ତାର୍ ସଃବୁ କଃସ୍ଟେ ତାକେ
ମୁକ୍ଲାୟ୍ ମିସରାର୍ ରଃଜା ପାରର୍ ମୁଏଁ ତାକେ ଦଃୟା ଆର୍ ଗ୍ୟାନ୍
ଦିଲା, ସେତାକ୍ ପାର ରଃଜା ତାକେ ମିସର୍ ଆର୍ ଅଃହ୍‌ଣାର୍
ଗଃରାର୍ ଗୁମୁସ୍ତା କଃଲା । 11 ହଃଚେ ସଃବୁ ମିସର୍ ଆର୍ କିଣାନ୍
ଦେସେ କଃତାର୍ ଅୟ୍‌ଲି ଆରେକ୍ ବଃଡ୍ କଃସ୍ଟ ଅୟ୍‌ଲି ଆର୍
ଅଃମାର୍ ଦାଦିବାବୁମଃନ୍ କାଦି ହାଉଁ ନଃହାୟ୍‌ଲାୟ୍ । 12 ମଃତର୍

ମିସର୍ ଦେସେ କାଦି ଆଚେ ବଽଲି ସୁଣି ଜାକୁବ ତାର୍ ହୟ୍‌ସି
ଅଽମାର୍ ଦାଦିବାବୁମଽନ୍‌କେ ସେତି ହଽର୍ତୁ ତର୍ ହଽଟାୟ୍‌ଲା ।
13 ଆରେକ୍ ହଽଚାର୍‌ତର୍ ଜସେପ୍ ଅଽହ୍‌ଣାର୍ ବାୟ୍‌ମଽନାର୍
ତଽୟ୍ ଚିନାୟ୍ ଅୟ୍‌ଲା ଆର୍ ପାର ରଽଜା ଜସେପାର୍ କୁଟୁମ୍‌କେ
ଜାଣ୍‌ଲା । 14 ସେତାକ୍ ଜସେପ୍ ଅଽହ୍‌ଣାର୍ ଉବାସି ଜାକୁବକେ
ଆର୍ ତିନିକଳିହଽନ୍କ ତାକାର୍ କୁଟୁମ୍ ସଽବ୍‌କେ ମିସର୍ ଦେସେ
କୁଦ୍‌ଲା । 15 ସେତାକ୍ ଜାକୁବ ମିସର୍ ଦେସେ ଗଽଲା ସେତି
ଜାକୁବ ଆର୍ ଅଽମାର୍ ଦାଦିବାବୁମଽନ୍ ମଽଲାୟ୍ । 16 ଆର୍
ସେମଽନାର୍ ମଽଲା ଗଽଗାଲ୍‌କେ ସିକିମ୍‌କେ ନିଆଗଽଲି, ଆର୍
ଅବ୍ରାହାମ୍ ସେତି ହମର୍ ଲକ୍‌ମଽନ୍ ତଽୟ୍‌ହୁଣି ଜୁୟ୍ ମଽସୁଣ୍‌ହଽଦା
ରୁହା ଟଽକା ଦଽୟ୍ ଗେନିରିଲା ସେମଽନ୍‌କେ ସେତି ତହ୍‌ଲାୟ୍ ।
17 ମଽତର୍ ଇସ୍ୱର୍ ଅବ୍ରାହାମ୍‌କେ ଜୁୟ୍ ସଽୟ୍‌ତ୍ କଽରିରିଲା ସେ
ସଽୟ୍‌ତ୍ ହୁରୁଣ୍ ଅଽଉତା ବେଳା ଅୟ୍‌ଲାକ୍ ଲକ୍‌ମଽନ୍ ମିସର୍
ଦେସେ ବଂସ୍ ବାଡି ଗାଦେକ୍ ଅୟ୍‌ଲାୟ୍ । 18 ସଽରାସଽରି
ମିସର୍ ଦେସେ ଆରେକ୍ ଗଟ୍ ରଽଜା ଅୟ୍‌ଲା, ସେ ଜସେପ୍ ଜାଣି
ନଽରିଲା । 19 ସେ ପାର ରଽଜା ଅଽମିମଽନାର୍ ଜାତିକ୍ ନିଚ୍
ଦଽକ୍‌ଲା ଆରେକ୍ ଅଽମାର୍ ଦାଦିବାବୁମଽନ୍ ଅଽହ୍‌ଣା ଅଽହ୍‌ଣାର୍
ହିଲାମଽନ୍‌କେ ମଽର୍ନେ ମାରି ହଽଦାୟ୍ ହଽକାଉଁକ୍ ସେମଽନ୍‌କେ
କଽସ୍ଟ ଦିଲା । 20 ସଽଡେବଽଲ୍ ମସା ଜଽଲମ୍ ଅୟ୍‌ଲା ସେ
ଇସ୍ୱରାର୍ ଆକାୟ୍ ବଽଡେ ସୁନ୍ଦର୍ ରିଲା ଆର୍ ତିନିମାସ୍ ହଽତେକ୍
ଅଽହ୍‌ଣାର୍ ଉବାସି ଗଽରେ ବାଡ୍‌ଲା । 21 ହଽଚେ ଜଽଡେବଽଲ୍
ହଽଦାୟ୍ ହଽଲ୍‌ଲା ସଽଡେବଽଲ୍ ପାରର୍ ଜିସି ତାକେ ବେଟିଆଣ୍‌ଲି
ଆର୍ ତାର୍ ନିଜାର୍ ହୟ୍‌ସି ହର୍ ବାଡାୟ୍‌ଲି । 22 ଆର୍ ମସା
ମିସରାର୍ ସଽବୁ ଗିଆନେ ସିକିତ୍ ଅୟ୍‌ଲା, ଆର୍ କଽତାୟ୍ ଆର୍
କାମେ ବଽଡେ ଡାକ୍‌ହୁଟ୍‌ଲା । 23 "ମସାକ୍ ଚାଳିସ୍ ବଽର୍ସ୍ ହୁର୍ନ୍
ଅୟ୍‌ଲାକ୍ ଅଽହ୍‌ଣାର୍ ତାର୍ ନିଜାର୍ ଇସ୍ରାଏଲ୍ ବାୟ୍ ମଽନ୍‌କେ
ଜାଣୁକେ ତାର୍ ମଽନ୍ ଅୟ୍‌ଲି । 24 ସଽଡେବଽଲ୍ ଗଟ୍ ଲକ୍‌କେ
ଅଽନ୍ୟାୟ୍ କଽର୍ତାର୍ ଦଽକି ସେ ତାର୍ ବାଟ୍ ଆୟ୍‌ଲା ଆର୍ ସେ
ମିସରାର୍ ଲକ୍‌କେ ମଽର୍ନେ ମାର୍ଲା ଆର୍ ନ୍ୟାୟ୍ ହାଉତା ଲକ୍‌କେ
ଉହ୍‌କାର୍ କଽଲା । 25 ତାର୍ ଆତେ ଇସ୍ୱର୍ ତାର୍ ବାୟ୍‌ମଽନ୍‌କେ
ମୁକ୍ଳାଉଁଲା ଇତି ଲକ୍‌ମଽନ୍ ଜାଣ୍‌ଲାୟ୍ ବଽଲି ମସା ମଽନେମଽନେ
ବାବ୍‌ତି ରିଲା, ମଽତର୍ ତାର୍ ବାୟ୍‌ମଽନ୍ ବୁଜୁ ନଽହାୟ୍‌ଲାୟ୍ । 26
ଆର୍‌କ ଦିନ୍ ସେମଽନ୍ ମାଡଗଲ୍ ଅଽଉତାର୍ ଦଽକି ସେମଽନ୍‌କେ
ସୁସ୍ତାୟ୍ ମିସାଉଁକେ ମସା କୟ୍‌ଲା, ତୁମିମଽନ୍ ଇସ୍ରାଏଲ୍ ବାୟ୍
ବାୟ୍ ଅୟ୍ ହେଁ କାୟ୍‌ତାକ୍ ଅଽନ୍ୟାୟ୍ କଽରୁଲାସ୍? 27 ମଽତର୍
ଜୁୟ୍ ଲକ୍ ଅଽନ୍ୟାୟ୍ କଽର୍ତିରିଲା ସେ ମସାକ୍ ହେଲାୟ୍ କୟ୍‌ଲା,
କେ ତକ୍ ଅଽମାର୍ ଉହ୍ରେ ବିଚାର୍ କଽରୁକେ ଅଽଦିକାରି ହଽଦ୍
ଦଽୟ୍‌ଆଚେ? 28 ତୁୟ୍ କାଲି ଜଽନ୍‌କଽରି ସେ ମିସରାର୍ ଲକ୍‌କେ
ମଽର୍ନେ ମାର୍ଲିସ୍ ସେନ୍ କାୟ୍ ମକ୍ ମାରୁକ୍ ମଽନ୍ କଽରୁଲିସ୍? 29
ଇ କଽତା ସୁଣି ମସା ହଽଳାୟ୍ ଜାୟ୍ ମିଦିୟନ୍ ଦେସେ ବାସା
କଽଲା, ସେତି ତାର୍ ଜଳେକ୍ ହୟ୍‌ସି ଜଽଲମ୍ ଅୟ୍‌ଲାୟ୍ ।" 30
"ହଽଚେ ଚାଳିସ୍ ବଽର୍ସ୍ ହୁର୍ନ୍ ଅୟ୍‌ଲାକ୍ ସିନୟ୍ ହଽର୍ବାତ୍ ତଽୟ୍
ଗଟେକ୍ ଜୟ୍‌ଲାଗତା ବୁଟାୟ୍ ଇସ୍ୱରାର୍ ଦୁତ୍ ତାକେ ଦଽକାୟ୍
ଅୟ୍‌ଲା । 31 ମସା ସେରି ଦଽକି କାବା ଅୟ୍‌ଲା ଆର୍ ନିକକଽରି
ଦଽକୁକ୍ ଚଽମେ ଜାତା ବଽଲ୍ ମାପ୍ରୁର୍ ଇ କଽତା ସୁଣାଗ୍‌ଲି ।
32 ଅଽମି ତୁମାର୍ ଦାଦିବାବୁମଽନାର୍ ଇସ୍ୱର୍ ଅବ୍ରାହାମ୍, ଇସାକ୍
ଆର୍ ଜାକୁବର୍ ଇସ୍ୱର୍, ସେତାକ୍ ମସା ଦଽଲ୍‌କିଗଽଲା ଆର୍
ନିକକଽରି ଦଽକୁକ୍ ସାସ୍ ନଽକେଲା । 33 ତାର୍‌ହଽଚେ ମାପ୍ରୁ
ତାକେ କୟ୍‌ଲା ତର୍ ହାଦେ ହୁଣି ହାଣ୍ଡାୟ୍ କୁସ୍ଲାଉ କାୟ୍‌ତାକ୍
ବଽଲେକ୍ ତୁୟ୍ ଜୁୟ୍ ଟାଣେ ଟିଅୟ୍ ଆଚ୍‌ସି ସେରି ପବିତ୍ର
ମାଟି । 34 ମିସର୍ ଦେସେ ଅଽମାର୍ ଜୁୟ୍ ଲକ୍‌ମଽନ୍ ଆଚ୍‌ତି
ସେମଽନାର୍ କଽସ୍ଟ ଦଽକି ଆଚି ଆର୍ ସେମଽନାର୍ କାନ୍ଦତାର୍
ସୁଣିଆଚି ଆରେକ୍ ସେମଽନ୍‌କେ ମୁକ୍ଳାଉଁକ୍ ଉତ୍ରି ଆସି ଆଚି
ଆର୍ ଅଽବେ ଅଽମି ତକ୍ 'ମିସର୍ ଦେସେ ହଽଟାୟ୍‌ନ୍ଦ ।'" 35
"କେ ତକ୍ ରାଜ୍ କଽରୁକେ ଆର୍ ବିଚାର୍ କଽରୁକେ ମୁଳିକା ହଽଦ୍
ଦିଲା ବଽଲି ଜୁୟ୍ ମସାକ୍ ସେମଽନ୍ ମଽନ୍ ନଽକେଲାୟ୍ ତାକେ
ଇସ୍ୱରାର୍ ଦୁତ୍ ବୁଟାୟ୍ ଦଽକାୟ୍ ଅୟ୍‌ରିଲା, ତୁୟ୍ ତାର୍ ଉହ୍‌କାର୍
କଽରୁକେ ମୁକ୍ଳାଉତା ଲକ୍ କଽରି ହଽଟାୟ୍‌ଲା । 36 ଲକ୍‌ମଽନ୍‌କେ
ମିସର୍ ଦେସ୍, ସୁପ୍‌ସାଗଽର୍ ଆର୍ ଚାଳିସ୍ ବଽର୍ସ୍ ହଽତେକ୍
ସୁକ୍‌ଲା ବଽଟାୟ୍ କାବା ଅଽଉତା କାମ୍ ଆର୍ ଚିନ୍‌ମଽନ୍ ଦଽକାୟ୍
ସେମଽନ୍‌କେ ବାର୍‌କଽରି ଆଣ୍‌ଲା । 37 ଇ ମସା ଇସ୍ରାଏଲ୍
ଲକ୍‌ମଽନ୍‌କେ କୟ୍‌ଲା, ଇସ୍ୱର୍ ତୁମିମଽନାର୍ ବାୟ୍‌ମଽନାର୍ ବିତ୍ରେ
ତୁମାର୍ ଗିନେ ମର୍ ହର୍ ଗଟେକ୍ ବାବ୍‌ବାଦିକେ ହଽଟାୟ୍‌ଦ୍
। 38 ଇ ସୁକ୍‌ଲା ବଽଟାୟ୍ ମଣ୍ଡଳି ବିତ୍ରେ ରଽୟ୍ ସିନୟ୍
ହଽର୍ବାତେ ତାର୍ ସଽଙ୍ଗ କଽତା କଽର୍ତିରିଲା, ଦୁତାର୍ ଆର୍ ଅଽମାର୍
ଦାଦିବାବୁମଽନାର୍ ବିତ୍ରେ ମଽଜାୟ୍ ଅୟ୍‌ରିଲା, ସେ ତୁମିମଽନ୍‌କେ
ଦେଉଁକ୍ ଅଽମ୍ରର୍ ଜିବନ୍ ହାୟ୍‌ଲା ।" 39 "ଅଽମିମଽନାର୍
ଦାଦିବାବୁମଽନ୍ ତାର୍ କଽତା ମାନୁକ୍ ମଽନ୍ ନଽକେରି, ତାକେ
ଚାଡ୍‌ଲାୟ୍ ଆରେକ୍ ମିସର୍‌କେ ବାଉଳି ଗଽଲାୟ୍ । 40 ଆର୍
ହାରଣ୍‌କେ କୟ୍‌ଲାୟ୍ ଅଽମାର୍ ଆଗେ ଆଗେ ଜଽଉଁକେ ଅଽମାର୍
ଗିନେ ଦେବ୍‌ତାମଽନ୍‌କେ ତିଆର୍ କଽର୍, କାୟ୍‌ତାକ୍‌ବଽଲେକ୍
ଇ ଜୁୟ୍ ମସା ଆମିମଽନ୍‌କେ ମିସର୍ ଦେସେ ହୁଣି ବାର୍‌କଽରି
ଆଣ୍‌ଲା ତାର୍ କାୟ୍‌ରି ଆଚେ ଅଽମି ନଽଜାଣୁ ।" 41 ଆର୍
ସଽଡେବଽଲ୍ ସେମଽନ୍ ଗଟେକ୍ ବାଚିମୁର୍ତି ହାଜ୍‌ଲାୟ୍, ଆର୍ ସେ
ମୁର୍ତିକେ ହୁଜା ଦଽୟ୍ ଅଽହ୍‌ଣାର୍ ଆତେ ତିଆର୍ କଽଲା ଆସ୍ତିକ୍
ମାନି ବଜିକଽରୁକେ ଦଽର୍ଲାୟ୍ । 42 ମଽତର୍ ଇସ୍ୱରାର୍ ତଽୟ୍‌ହୁଣି
ଇସ୍ୱରାର୍ ସେବା କଽରୁକେ ଚାଡିକଽରି ସେମଽନ୍ ଅଽଗାସାର୍
ହୁଜା କଽରୁକେ ଦଽର୍ଲାୟ୍, ଜଽନ୍‌କଽରି ବାବ୍‌ବାଦିର୍ ସାସ୍ତରେ
ଲେକା ଆଚେ- "ଏ ଇସ୍ରାଏଲ୍ ବଽଉଁସ୍ ସୁକ୍‌ଲା ବଽଟାୟ୍ ଚାଳିସ୍
ବଽର୍ସ୍ ହଽତେକ୍ ତୁମିମଽନ୍ କାୟ୍ ଅଽମାର୍ ଗିନେ ମେଣ୍ଢା ହୁଜା
ଆର୍ ହସୁହୁଜା ଦଽୟ୍‌ନଽରିଲାସ୍, 43 'ତଽବେ ତୁମିମଽନ୍ ସେବା
କଽରୁକେ ଜୁୟ୍ ହୁଡ୍‌ଲା ସଽବୁ ତିଆର୍ କଽରି ରିଲାସ୍, ସେ ମାଲେକ୍

ଦେବ୍‌ତାର୍ ତୁମ୍ମୁ ଆର୍ ରମ୍ପା ଦେବ୍‌ତାର୍ ତାରାକେ ତୁମିମଃନ୍ ବୟ୍‌ଲାସ୍ । ଇତାକ୍ ମୁୟ୍ଁ ତୁମିମଃନ୍‌କେ ବାନ୍ଦିକଃରି ବାବିଲନ୍ ତଃୟ୍‌ର୍ ସେହାଟି ହଃଟାୟ୍‌ନ୍ଦୁ ।'" 44 "ତୁମି ଜୁୟ୍ ନିକ କଃତା ଦଃକାୟ୍ ଆଚାସ୍ ସେନ୍‌କାର୍ ସାକ୍ୟତୁମ ତିଆର୍ କଃରା ବଃଲି ମସାକ୍ ଜେ କୟ୍‌ରିଲା ତାର୍ କଃତାୟ୍ ଅଃମାର୍ ଦାଦିବାବୁମଃନ୍ ସୁକ୍‌ଲା ବଃଟାୟ୍ ସାକ୍ୟତୁମ୍ମୁ ତିଆର୍ କଃଲାୟ୍ । 45 ହଃଚେ ଅଃମାର୍ ଦାଦିବାବୁମଃନ୍ ସେମଃନାର୍ ଦାଦିବାବୁ ତଃୟ୍‌ହୁଣି ହାୟ୍‌ରିଲା ସେ ସାକ୍ୟତୁମ୍ମୁ କେ ଜିହସୟ୍ ସଃଙ୍ଗେ ବୟ୍‌ନଃୟ୍ ଆଗେ ଆଗେ ଗଃଲାୟ୍ ଆର୍ ଇସ୍ୱର୍ ବାର୍‌କଃଲା ଅଜିଉଦି ଲକ୍‌ମଃନାର୍ ଦେସ୍ ଅଃଦିକାର୍ କଃଲାୟ୍, ସେରି ଦାଉଦାର୍ ଦିନ୍ ହଃତେକ୍ ରିଲି । 46 ସେ ଇସ୍ୱରାର୍ ଆକାୟ୍ ଦଃୟା ଦଃକାୟ୍ ଅୟ୍‌ରିଲା ଆର୍ ଜାକୁବର୍ ଇସ୍ୱରାର୍ ଗିନେ ଗଟେକ୍ କୁଲ୍ୟା ଗଃର୍ ବାନ୍ଧୁକେ ପାର୍ଥନା କଃଲା । 47 ମଃତର୍ ସଲ୍‌ମନ୍ ତାର୍ ଗିନେ ଗଟେକ୍ ମନ୍ଦିର୍ ବାନ୍ଧଲା ।" 48 "ଅୟ୍‌ଲେକ୍ ହେଁ ବାବ୍‌ବାଦି କୟ୍‌ଆଚେ, 'ସଃର୍ଗୋର୍ ଇସ୍ୱର୍ ସେ ଲକ୍‌ମଃନାର୍ ବାନ୍ଧଲା ମନ୍ଦିରେ ବାସା ନଃକେରେ ।' 49 ମାପ୍ରୁ କୟ୍‌ଆଚେ, 'ଜଃନ୍‌କଃରି ସଃର୍ଗ୍ ଅଃମାର୍ ସିଙ୍ଗାସଣ୍ ହୁର୍ତିବି ଅଃମାର୍ ହାଦ୍ ସଃଙ୍ଗାଉତା ଟାଣ୍ । ତୁମିମଃନ୍ ଅଃମାର୍ ଗିନେ କଃନ୍‌କା ଗଃର୍ ବାନ୍ଧସ୍? କି ଅଃମାର୍ ବିସାଉତା ଟାଣ୍ କଃୟ୍? 50 ଅଃମାର୍ ଆତ୍ କାୟ୍ ଇରି ସଃବୁ ଉବ୍‌ଜାୟ୍ ନଃକେରେ?'" 51 ସ୍ତିପାନ୍ କୟ୍‌ଲା, "ଏ ସୁନତ୍ ନୟ୍‌ଲା ଅମାନ୍ୟା ମଃନ୍ ଲକ୍‌ମଃନ୍, ତୁମିମଃନ୍ ବଃୟ୍‌ରା ଲକ୍, ସଃବୁବଃଲ୍ ପବିତ୍ର ଆତ୍ମାର୍ ବିରଦ୍ କଃରୁଲାସ୍, ତୁମିମଃନାର୍ ଦାଦିବାବୁମଃନ୍ ଜଃନ୍‌କାର୍ ତୁମିମଃନ୍ ହେଁ ସେନ୍‌କାର୍ । 52 ବାବ୍‌ବାଦିମଃନାର୍ ବିତ୍ରେ କାକେ ତୁମିମଃନାର୍ ଦାଦିବାବୁମଃନ୍ କାକେ କଃସ୍ଟ ଦଃୟ୍ ନଃରିଲାୟ୍ କି? ଜୁୟ୍ ଲକ୍‌ମଃନ୍ ସେ ଦଃର୍ମି ଲକାର୍ ଆସ୍ତା କଃତା ହୁର୍ବେ ଜାଣାୟ୍ ରିଲା ସେମଃନ୍‌କେ ସେମଃନ୍ ମଃର୍ନେ ମାର୍‌ଲାୟ୍, ଅଃବେ ତୁମିମଃନ୍ ଜିସୁକେ ସଃତ୍ରୁର୍ ଆତେ ସଃହ୍ପି ମଃର୍ନେ ମାରି ଆଚାସ୍ । 53 ତୁମିମଃନ୍ ସଃର୍ଗୋର୍ ଦୁତ୍‌ମଃନ୍ ତଃୟ୍‌ହୁଣି ଦିଲା ଇସ୍ୱରାର୍ ବିଦିବିଦାନ୍ ହାୟ୍ ଆଚାସ୍, ମଃତର୍ ମାନି ନଃକେଲାସ୍ ।" 54 ଇ ସଃବୁ କଃତା ସୁଣି ବେରାଣେ ବଃସ୍‌ଲା ଲକ୍‌ମଃନ୍ ମଃନେମଃନେ ବାଦା ହାୟ୍‌ଲାୟ୍, ଆର୍ ସ୍ତିପାନ୍‌କେ ରିସାଅୟ୍ ଦାତ୍‌ଚାବୁକେ ଦଃର୍ଲାୟ୍ । 55 ମଃତର୍ ସେ ପବିତ୍ର ଆତ୍ମାୟ୍ ହୁର୍ନ୍ ଅୟ୍ ସଃର୍ଗ୍ ହାକ୍ ନିକକଃରି ଅଃନ୍ୟାୟ୍ ଦଃକ୍‌ଲା ଆର୍ ଇସ୍ୱରାର୍ ଜଃଜ୍‌ମାନ୍ ଆର୍ ଜିସୁକେ ଇସ୍ୱରାର୍ କାତା ବାଟ୍ୟା ଟିଆ ଅୟ୍‌ରିଲାର୍ ଦଃକି କୟ୍‌ଲା, 56 ଦଃକା ମୁୟ୍ଁ ସଃର୍ଗ୍ ମେଲା ଅଃଉତାର୍ ଆର୍ ନଃରାର୍ ହୟ୍‌ସିକ୍ ଇସ୍ୱରାର୍ କାତା ବାଟ୍ୟା ଟିଆ ଅୟ୍‌ରିଲାର୍ ଦଃକୁଲେ । 57 ମଃତର୍ ସେମଃନ୍ ମୁଁ ଟାଣ୍‌କଃରି ବଃଡ୍ ଟଣ୍ଡକଃରି ଉଲ୍‌ଗାଟ୍ ଅୟ୍ ଅଃହ୍‌ଣା ଅଃହ୍‌ଣାର୍ କାନ୍ ମୁଦି ଅୟ୍‌ଲାୟ୍ ସେମଃନ୍ ଅଃକା ସଃଙ୍ଗେ ଦବ୍ଲି ଆୟ୍‌ଲାୟ୍ ଆର୍ ତାର ଉହ୍ରେ ମାଡିବଃସ୍‌ଲାୟ୍ । 58 ଆରେକ୍ ସେମଃନ୍ ତାକେ ଗଃଳେ ହୁଣି ବାର୍‌କଃରି ନଃୟ୍ ଟେଲାସୁତ୍ରି ମାରୁକ୍ ଦଃର୍ଲାୟ୍ ଆର୍ ସାକିମଃନ୍ ସାଉଲ୍ ନାଉଁଆର୍ ଗଟେକ୍ ବେଣ୍ଟ୍ୟାର୍ ହାଦ୍ ତଃଳେ ଅଃହ୍‌ଣା ଅଃହ୍‌ଣାର୍ ବଃସ୍ତୁର୍ ସଃଙ୍ଗାୟ୍ ଲାୟ୍ 59 ଜଃଡେବଃଲ୍ ସେମଃନ୍ ସ୍ତିପାନ୍‌କେ ଟେଲା ସୁତ୍ରି ମାର୍ତି ରିଲାୟ୍, ସଃଡେବଃଲ୍ ସ୍ତିପାନ୍ ପାର୍ଥନା କଃରି କୟ୍‌ଲା, "ଏ ମାପ୍ରୁ ଜିସୁ ମର୍ ଆତ୍ମା ନେ" 60 ଆରେକ୍ ସେ ମାଣ୍ଡିକୁଟା ଟେସି ବଃଡ୍ ଟଣ୍ଡ କଃରି ଆଉଲି ଅୟ୍ କୟ୍‌ଲା, ଏ ମାପ୍ରୁ, ଇ ହାହ୍ ଇମଃନାର୍ ବିରଦେ ଗଃଣ୍‌ନା କଃର୍ ନାୟ୍ । ସେ ଇରି କୟ୍ ହଃରାଣ୍ ଚାଡ୍‌ଲା । ସାଉଲ୍ ସ୍ତିପାନାର୍ ମଃର୍ନ୍ ଦଃକୁକ୍ ମଃନ୍ କଃର୍ତିରିଲା ।

8 ସାଉଲ୍ ସ୍ତିପାନାର୍ ଜିବନ୍ ନାସ୍ କଃରୁକେ ମଃନ୍‌ରିଲି, ସେଦିନ୍ ହୁଣି ଜିରୁସାଲମାର୍ ମଣ୍ଡଳିକେ ବଃଡେ କଃସ୍ଟ ଆୟ୍‌ଲି, ସେତାକ୍ ପେରିତ୍‌ମଃନ୍‌କ୍ ଚାଡି ବିନ ଚେଲାସଃବୁ ଜିଉଦାରାଜି ଆର୍ ସମିରଣ୍ ହଲିବାଟ୍ ଚାରିହାକ୍ ବିଚ୍ରି ଅୟ୍‌ଲାୟ୍ । 2 ଅୟ୍‌ଲେକ୍ ହେଁ କଃତିଲକ୍ ସ୍ତିପାନ୍‌କେ ତହ୍‌ଲାୟ୍ ଆର୍ ତାର୍ ଗିନେ କାନ୍ଦଲାୟ୍ । 3 ମଃତର୍ ସାଉଲ୍ ଗଃରେ ଗଃରେ ହୁରି ଅଃଣ୍ଡା ଆର୍ ମାୟ୍‌ଜି ମଃନ୍‌କେ ଜିକି ଆଣି ଜଃଇଲେ ହୁରାୟ୍‌ଲା, ଆର୍ ମଣ୍ଡଳିକେ ନଃସ୍ଟ କଃରୁକେ ଦଃର୍ଲା । 4 ସେତାକ୍ ଜୁୟ୍‌ମଃନ୍ ଜଃତ୍‌କଃତ୍ ଅୟ୍‌ରିଲାୟ୍ ସେମଃନ୍ ଚାରିହାକ୍ ବୁଲିବୁଲି ନିକ କବୁର୍ ପର୍ଚାର୍ କଃଲାୟ୍ । 5 ଆରେକ୍ ପିଲିପ୍ ସମିରଣକେ ଜାୟ୍ ବଃଡ୍ ବଃଡ୍ ଗଃଳାର୍ ଲକ୍‌ମଃନ୍‌କେ କ୍ରିସ୍ଟର୍ କଃତା ପର୍ଚାର୍ କଃରୁକେ ଦଃର୍ଲାୟ୍ । 6 ଆର୍ ଲକ୍‌ମଃନ୍ ପିଲିପାର୍ କଃତା ସୁଣି ଆର୍ ସେ କଃଲା କାବା ଅଃଉତା କାମ୍ ଦଃକି ଗଟେମଃନେ ତାର୍ କଃତାକ୍ ଦଃର୍ଲାୟ୍ । 7 କାୟ୍‌ତାକ୍‌ବଃଲେକ୍ ବିଟାଲ୍ ଆତ୍ମାମଃନ୍ ଲକ୍‌ମଃନାର୍ ତଃୟ୍‌ହୁଣି କିର୍‌କିରି କଃରି ବାରାୟ୍ ଆସୁକ୍ ଦଃର୍ଲାୟ୍ ଆରେକ୍ ଗାଦେକ୍ ଏକ୍‌ଅଃଙ୍ଗି ଆର୍ ଚଟାମଃନ୍ ଉଜ୍ ଅଃଉଁକ୍ ଦଃର୍ଲାୟ୍ । 8 ସେତାକ୍ ସେ ଗଃଳେ ବଃଡେ ସଃର୍ଦା ଅୟ୍‌ଲି । 9 ମଃତର୍ ସିମନ୍ ନାଉଁଆର୍ ଗଟେକ୍ ଲକ୍ ଇତାର୍ ହୁର୍ବେ ଗୁରୁ ଗୁଣିଆକଃରି ନିଜ୍‌କେ ଗଟେକ୍ ବଃଡ୍ ଲକ୍‌ବଃଲି କୟ୍ ସମିରଣ୍ ତଃୟ୍‌ର୍ ଲକ୍‌ମଃନ୍‌କେ କାବା କଃର୍ତିରିଲା । 10 ଇସ୍ୱରାର୍ ସଃକ୍ତିକ୍ ଜୁୟ୍ ବଃଡ୍ ବଃଲି କଃଉଆ ଅୟ୍‌ଦ୍ ସିମନ୍‌କେ ଏ ସେ ବଃଲି ତାକେ ମାନ୍‌ତି କଃର୍ତି ରିଲାୟ୍ । 11 କାୟ୍‌ତାକ୍ ବଃଲେକ୍ ସେ ବୁତ୍‌ଦିନ୍ ହୁଣି ତାର୍ ଗୁରୁଗୁଣିଆ କାମ୍ କଃରି ସେମଃନ୍‌କେ କାବା କଃର୍ତିରିଲା । 12 ମଃତର୍ ପିଲିପ୍ ଇସ୍ୱରାର୍ ରାଇଜାର୍ ଆର୍ ଜିସୁ କ୍ରିସ୍ଟର୍ ନାଉଁଏ ନିକ କବୁର୍ ପର୍ଚାର୍ କଃଲାକ୍ ସେମଃନ୍ ଜଃଡେବଃଲ୍ ସଃତ୍ କଃଲାୟ୍ ସଃଡେବଃଲ୍ ହୁଣି ଅଃଣ୍ଡା ଆର୍ ମାୟ୍‌ଜିମଃନ୍ ବାପ୍ତିସମ୍ ଅଃଉଁକେ ଦଃର୍ଲାୟ୍ । 13 ଆର୍ ସିମନ୍ ନିଜେ ହେଁ ବିସ୍ୱାସ୍ କଃରି ବାପ୍ତିସମ୍ ହାୟ୍‌ଲା ଆର୍ ପିଲିପାର୍ ସଃଙ୍ଗେ ରିଲା ଆର୍ କଃତେକ୍ କଃତେକ୍ ଚିନ୍ ଆର୍ ବଃଡ୍‌ବଃଡ୍ ସଃକ୍ତିର୍ କାମ୍ ଦଃକି କାବା ଅଃଉଁକେ ଦଃର୍ଲା । 14 ସମିରଣ୍ ତଃୟ୍‌ର୍ ଲକ୍‌ମଃନ୍ ଜେ ଇସ୍ୱରାର୍ କଃତା ସୁଣିକଃରି ମାନି ଆଚ୍‌ତି, ଇରି ଜଃଡେବଃଲ୍ ଜିରୁସାଲମେ ରିଲା ପେରିତ୍‌ମଃନ୍ ସୁଣ୍‌ଲାୟ୍, ସଃଡେବଃଲ୍ ସେମଃନ୍ ପିତର୍ ଆର୍ ଜହନ୍‌କେ ସେମଃନାର୍ ତଃୟ୍ ହଃଟାୟ୍‌ଲାୟ୍ । 15 ସେମଃନ୍

ଜାୟ୍ ଜଃନ୍‌କଃରି ପବିତ୍ର ଆତ୍ମା ହାଉତି ଇତାକ୍ ସେମଃନାର୍
ଗିନେ ପାର୍ତ୍‌ନା କଃଲାୟ୍; 16 କାୟ୍‌ତାକ୍ ବଃଲେକ୍ ସେମଃନାର୍
ବିତ୍ରେ କାର୍ ଉହ୍ରେ ହେଁ ପବିତ୍ର ଆତ୍ମା ଉତ୍ରି ନଃରିଲି, ମଃତର୍
ସେମଃନ୍ ମାପ୍ରୁ ଜିସୁର୍ ନାଉଁଏ ବାପ୍ତିସମ୍ ହାୟ୍ ରିଲାୟ୍ । 17
ସଃଡେବଃଲ୍ ସେମଃନ୍ ପିତର୍ ଆର୍ ଜହନ୍ ସେମଃନାର୍ ଉହ୍ରେ
ଆତ୍ ସଃଙ୍ଗ୍ଲାୟ୍‌ଲାକ୍ ସେମଃନ୍ ପବିତ୍ର ଆତ୍ମା ହାୟ୍‌ଲାୟ୍ । 18
ପେରିତ୍‌ମଃନାର୍ ଆତ୍ ସଃଙ୍ଗ୍ଲାୟ୍‌ଲାକ୍ ଆତ୍ମା ଦିଆ ଅଃଉଁଲି ଇରି
ଦଃକି ସିମନ୍ ସେମ୍‌ନଃକେ ଟଃକା ଜାଚି କୟ୍‌ଲା, 19 "ମକ୍ ହେଁ
ଇ ଅଃଦିକାର୍ ଦିଆ, ମୁୟ୍ଁ ଜୁୟ୍ ଲକାର୍ ଉହ୍ରେ ଆତ୍ ସଃଙ୍ଗ୍ଲାୟ୍‌ଦ୍
ସେ ପବିତ୍ର ଆତ୍ମା ହାଉଅ ।" 20 ମଃତର୍ ପିତର୍ ତାକେ କୟ୍‌ଲା,
"ତର୍ ଟଃକା ତର୍ ସଃଙ୍ଗେ ନଃସ୍ଟ ଅଃଉଅ, କାୟ୍‌ତାକ୍ ବଃଲେକ୍
ଇସ୍ୱରାର୍ ଦାନ୍‌କେ ଗେନୁକ୍ ବାବଃଲିସ୍ । 21 ଇ କଃତାୟ୍ ତର୍
ବାଗ୍ ନାୟ୍, କି ଅଃଦିକାର୍ ନାୟ୍, କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍
ଚଃମେ ତର୍ ମଃନାର୍ ବାବ୍‌ନା ନିକ ନାୟ୍ । 22 ତଃବେ ତର୍ ଦୁସ୍ଟ
ଚାଡି ମଃନ୍ ବାଦ୍‌ଲାୟ୍ ମାପ୍ରୁର୍ ତଃୟ୍ ପାର୍ତ୍‌ନା କଃର୍, କେଜାଣ୍
ତର୍ ମଃନାର୍ ବାବ୍‌ନା କେମା ଅଃଉଁ ହାରେ । 23 କାୟ୍‌ତାକ୍
ବଃଲେକ୍ ତୁୟ୍ ଡାରା କଃତାୟ୍ ହୁର୍ନ୍ ଅୟ୍ ହାହ୍ ବାନ୍ଧଣେ ବାନ୍ଧାୟ୍
ଅୟ୍ ଆଚ୍‌ସି ବଃଲି ମୁୟ୍ଁ ଜାଣୁଲେ ।" 24 ସେତାକ୍ ସିମନ୍ ପିତର୍
ଆର୍ ଜହନ୍‌କେ କୟ୍‌ଲା, "ତୁମିମଃନ୍ ଜାୟ୍‌ଜାୟ୍‌ରି କଃଉଁଲାସ୍
ସେତିର୍ କାୟ୍ କଃତା ହେଁ ମକ୍ ନଃଉଅ, ଇତାକ୍ ତୁମିମଃନ୍ ମର୍
ଗିନେ ମାପ୍ରୁ ତଃୟ୍ ପାର୍ତ୍‌ନା କଃରା ।" 25 ଅଃନ୍‌କଃରି ସେମଃନ୍
ଜିସୁର୍ ସାକି ଦେଉଁକେ ଆର୍ ମାପ୍ରୁର୍ କଃତା କୟ୍ ସମିରଣିୟର୍
ଗାଉଁମଃନ୍‌କେ ନିକ କବୁର୍ ପର୍ଚାର୍ କଃରି ପିତର୍ ଆର୍ ଜହନ୍
ଜିରୁସାଲମ୍ ବାଉଲ୍‌ଲାୟ୍ । 26 ହଃଚେ ଇସ୍ୱରାର୍ ଗଟେକ୍ ଦୁତ୍
ପିଲିପକେ କୟ୍‌ଲା, "ଉଟ୍, କାତା ଦିଗେ ଜୁୟ୍ ବାଟ୍ ଜିରୁସାଲମ୍
ହୁଣି ଗାଜା ହାକ୍ ଜାୟ୍‌ଆଚେ ସେ ବାଟେ ଜାଆ" ଆଜିକାଲି ଲକ୍
ସେ ବାଟ୍ ଅୟ୍ ନଃଜାତି । 27 ସେତାକ୍ ପିଲିପ୍ ଉଟିଗଃଲା,
ଆର୍ ଦଃକ୍‌ଲା, ଇତିଅପିଆର୍ ଦେସାର୍ କାଣ୍ଡାକି ନାଉଁଆର୍
ରାଣିର୍ ତଃଳାର୍ ବଃଡ୍‌ହଃଦ୍ ହାୟ୍‌ଲା ଇତିଅପିଆର୍ ବେଜୁ, ଜେ
ରାଣିର୍ ସଃବୁଦଃନ୍ ବଃଣ୍ଡାରାର୍ ଅଃଦିକାରି ରିଲା, ସେ ସେବା
କଃରୁକେ ଜିରୁସାଲମ୍ ଆସିରିଲା । 28 ସେ ବାଉଲି ଜଃଉଁଜଃଉଁ,
ଅଃହ୍‌ଣାର୍ ରଃତ୍ ଉହ୍ରେ ବଃସି ଜିସାୟ୍ ବାବ୍‌ବାଦିର୍ ସାସ୍ତର୍
ଉଲ୍‌ଗାଟ୍ ଅୟ୍ ହଲ୍‌ତି ରିଲା । 29 ସଃଡେବଃଲ୍ ପବିତ୍ର ଆତ୍ମା
ପିଲିପକେ କୟ୍‌ଲି, "ଚଃମେ ଜାୟ୍ ରଃତ୍ ଚାଲାଉ ସଃଙ୍ଗେ ଜାଆ"
30 ସେତାକ୍ ପିଲିପ୍ ଦଃବ୍‌ଲି ଜାୟ୍ ସେ ଜିସାୟ୍ ବାବ୍‌ବାଦିର୍
ସାସ୍ତର୍ ହଃଲ୍‌ତାର୍ ସୁଣି ହଃଚାର୍ଲା, "ତୁୟ୍ ଜାୟ୍‌ରି ହଲୁଲିସ୍,
ସେରି କାୟ୍ ବୁଜୁଲିସ୍ ।" 31 ବେଜୁ କୟ୍‌ଲା "କେ ମକ୍ ବୁଜାୟ୍
ନଃଦିଲେକ୍ ମୁୟ୍ଁ କଃନ୍‌କଃରି ବୁଜୁ ହାରିନ୍ଧ?" ଆର୍ ସେ ରଃତ୍
ଉହ୍ରେ ଚଃଗି ଆସି ଅଃହ୍‌ଣାର୍ ଚଃମେ ବଃସୁକ୍ ଗଃଉଆରି କୟ୍‌ଲା
। 32 ସାସ୍ତରାର୍ ଜୁୟ୍‌ରି ସେ ହଲ୍‌ତିରିଲା ସେରି ଇରି- "ସେ ମେଣ୍ଡା
ହର୍ ହୁଜା କଃରୁକେ ନେତା ମେଣ୍ଡା ହର୍ ଚିମ୍‌ରା ଅୟ୍‌ରିଲା,
ଆରେକ୍ ଗଃଡ୍‌ରା ମେଣ୍ଡାର୍ ରମ୍ କାଟ୍‌ତା ଲକ୍‌ମଃନାର୍ ତଃୟ୍
ଜଃନ୍‌କଃରି ତୁନ୍‌ହଃଳି ରଃୟ୍‌ଦ୍, ସେନ୍‌କାର୍ ସେ ଟଣ୍ଡ ହୁଟାୟ୍
ନଃକେଲା । 33 ସେ ଦୁକ୍ ସଃମ୍ବାଲ୍‌ଲାକ୍ ତାର୍ ଡଃଣ୍ଡ ଉଣା ନୟ୍‌ଲି
। ତାର୍ ବଃଉଁସ୍ କେ କଃଉ ହାରେ? କାୟ୍‌ତାକ୍ ବଃଲେକ୍ ତାର୍
ଜିବନ୍ ହୁର୍ତିବି ତଃୟ୍ ହୁଣି ନିଆ ଅୟ୍‌ଲି ।" 34 ଗୁମୁସ୍ତାବେଜୁ
ପିଲିପକେ କୟ୍‌ଲା, "ମୁୟ୍ଁ ତକ୍ ଗଃଉଆରି କଃରୁଲେ, ବାବ୍‌ବାଦି
କାର୍ କଃତା କଃଉଁଲା, ତାର୍ କଃତା କି ଆର୍ କାର୍ କଃତା?"
35 ସେତାକ୍ ପିଲିପ୍ ଟଣ୍ଡ ହୁଟାୟ୍ ସାସ୍ତରାର୍ ଇ କଃତାୟ୍ ହୁଣି
ମୁଲ୍ୟାୟ୍ ତାର୍ ତଃୟ୍ ଜିସୁର୍ ନିକ କବୁର୍ ପର୍ଚାର୍ କଃଲା । 36
ଆର୍ ସେମଃନ୍ ବାଟେ ଜଃଉଁଜଃଉଁ, କୁଣ୍ ଗଟେକ୍ ହାଣିନାଲେ
ହଚ୍‌ଲାୟ୍, ସେତାକ୍ ବେଜୁ କୟ୍‌ଲା, "ଇତି ତ ହାଣି ଆଚେ, ମର୍
ବାପ୍ତିସମ୍ ହାଉଁକ୍ କାୟ୍ ବାଦା ଆଚେ?" 37 ପିଲିପ୍ କୟ୍‌ଲା
ତୁୟ୍ ସଃବୁ ମଃନ୍ ହଃରାଣ୍ ସଃଙ୍ଗେ ଜଦି ବିସ୍ୱାସ୍ କଃର୍ସି ତଃବେ
ଅଃଉଁ ହାରେ । ସେତାକ୍ ବେଜୁ କୟ୍‌ଲା ଜିସୁ କ୍ରିସ୍ଟ ଜେ ଇସ୍ୱରାର୍
ହୟ୍‌ସି ଇରି ମୁୟ୍ଁ ବିସ୍ୱାସ୍ କଃରୁଲେ । 38 ଆରେକ୍ ବେଜୁ ରଃତ୍
ତେବାଉଁକେ କୟ୍‌ଲା । ତଃବେ ପିଲିପ୍ ଆର୍ ବେଜୁ ହାଣି ବିତ୍ରେ
ଉତୁର୍ଲାୟ୍ ଆର୍ ପିଲିପ୍ ତାକେ ବାପ୍ତିସମ୍ ଦିଲା । 39 ସେମଃନ୍
ହାଣି ବିତ୍ରେ ହୁଣି ବାରାୟ୍ ଆୟ୍‌ଲାକ୍ ମାପ୍ରୁ ଆତ୍ମା ପିଲିପକେ
କେଣେ ଦଃରିଗଃଲି ଆରେକ୍ ବେଜୁ ଆର୍ ପିଲିପକେ ଦଃକୁ
ନଃହାର୍‌ଲା, ଅୟ୍‌ଲେକ୍ ହେଁ ସେ ସଃର୍ଦା ଅୟ୍‌କଃରି ତାର୍ ବାଟେ
ଗଃଲା । 40 ମଃତର୍ ପିଲିପ୍ ଅସ୍‌ଦଦ୍ ତଃୟ୍ ଦଃକାୟ୍ ଅୟ୍‌ଲା;
ଆର୍ ସେ ଜଃଉଁଜଃଉଁ ଗଃଳେମଃନ୍ ଜିସୁର୍ ନିକ କବୁର୍ ପର୍ଚାର୍
କଃରି କାଇସରିଆ ତଃୟ୍ ହଚ୍‌ଲା ।

9 ମଃତର୍ ସାଉଲ୍ ଅଃବେ ହଃତେକ୍ ହେଁ ମାପ୍ରୁର୍ ଚେଲାମଃନାର୍
ବିରଦେ ଡିରାୟ୍ ଆର୍ ମଃର୍ନେ ମାର୍ତା କଃତା କୟ୍ ମୁଲ୍
ଜାଜକ୍ ଚଃମେ ଗଃଲା । 2 ଆରେକ୍ କ୍ରିସ୍ଟ ବିସ୍ୱାସି ଜୁୟ୍ ଅଃଣ୍ଡା
ଆର୍ ମାୟ୍‌ଜିକେ ଦଃକ୍‌ଲେକ୍, ସେମଃନ୍‌କେ ଜଃନ୍‌କଃରି ବାନ୍ଧି
ଜିରୁସାଲମେ ଆଣୁ ହାରେ, ଇତାର୍ ଗିନେ ଦମେସକାର୍ ସଃବୁ
ପାର୍ତ୍‌ନା ଗଃରେ ତାର୍‌ତଃୟ୍ ହୁଣି ଲେକାହଃତାର୍ ମାଗ୍‌ଲା । 3
ହଃଚେ ସେ ଜଃଉଁଜଃଉଁ ଦମେସକ୍ ଚଃମେ ଆୟ୍‌ଲାକ୍ ସେଦାହ୍ରେ
ଗଟେକ୍ ଅଃଗାସାର୍ ଉଜାଲ୍ ତାର୍ ଚାରିହାକ୍ ଜଃଲ୍‌କିଗଃଲି । 4
ସେତାକ୍ ସେ ବୁୟେଁ ତଃଳେ ଅଦ୍ରି ଇ କଃତା ସୁଣ୍‌ଲା, "ଏ ସାଉଲ୍
କାୟ୍‌ତାକ୍ ଅଃମିକ୍ କଃସ୍ଟ ଦେଉଁଲିସ୍?" 5 ସେ କୟ୍‌ଲା, "ଏ
ମାପ୍ରୁ, ତୁୟ୍ କେ?" ସେ କଃତା ଆରେକ୍ ସୁଣାଗଃଲି, ଜାକେ
ତୁୟ୍ କଃସ୍ଟ ଦେଉଁଲିସ୍ ମୁୟ୍ଁ ସେ ଜିସୁ । 6 "ମଃତର୍ ଉଟ୍
ଆର୍ ଗଃଲ୍ ବିତ୍ରେ ଜାଆ, ଆର୍ ତକ୍ କାୟ୍‌ରି କଃରୁକେ ଅୟ୍‌ଦ୍
ସେରି କଃଉଆ ଅୟ୍‌ଦ୍ ।" 7 ଜୁୟ୍ ଲକ୍‌ମଃନ୍ ସାଉଲ୍ ସଃଙ୍ଗେ
ଜାତିରିଲାୟ୍ ସେମଃନ୍ ସେ ଗଃର୍ଜାଣ୍ ସୁଣି କାକେ ହେଁ ନଃଦେକି
କାବା ଅୟ୍ ଟିଆ ଅୟ୍‌ଲାୟ୍ । 8 ଆରେକ୍ ସାଉଲ୍ ବୁୟେଁ ହୁଣି
ଉଟି ଜଃଡେବଃଲ୍ ଅଃହ୍‌ଣାର୍ ଆକି ମେଲାକଃଲା ସଃଡେବଃଲ୍
ସେ କାୟ୍‌ରି ଦଃକି ନଃହାର୍‌ଲା, ଇତାକ୍ ତାକେ ଆତେ ଦଃରି

ଦମେସକ୍ ନିଲାୟ୍ । 9 ଆର୍ ସେ ତିନି ଦିନ୍ ହ୪ତେକ୍ କାଣା
ଅୟ୍ରିଲା, ଆର୍ କାୟ୍ରି ନ୪କାୟ୍ଲା କି ନ୪ସୁର୍ଲା । 10
ଦମେସକ୍ ତ୪ୟ୍ ହନନିଅ ନାଉଁଆର୍ ଗଟେକ୍ କ୍ରିସ୍ଟ ଚେଲା ରିଲା
। ମାପ୍ରୁ ତାକେ ଦ୪କାୟ୍ ଅୟ୍ କୟ୍ଲା, "ହନନିଅ ଏ ମାପ୍ରୁ, କ୪ଉ
।" 11 ସେତାକ୍ ମାପ୍ରୁ ତାକେ କୟ୍ଲା, "ଉଟ୍ ଆର୍ ସ୪ଲ୍କ୍
ନାଉଁଆର୍ ବାଟେ ଜାୟ୍ ଜିଉଦାର୍ ଗ୪ରେ ତାର୍ସୁସ୍ ଗ୪ଲାର୍
ସାଉଲ୍ ନାଉଁଆର୍ ଗଟେକ୍ ଲକେ କଜ୍, କାୟ୍ତାକ୍ ବ୪ଲେକ୍
ସେ ପାର୍ତ୍ନା କ୪ରୁଲା । 12 ଆର୍ ସେ ଜ୪ନ୍କ୪ରି ଦ୪କୁକ୍ ହାରେ
ଇତାର୍ ଗିନେ ହନନିଅ ନାଉଁଆର୍ ଗଟେକ୍ ଲକ୍ ଆସି ତାର୍ ଉହ୍ରେ
ଆତ୍ ସ୪ଙ୍ଗାଉଁଲା ବ୪ଲି ସେ ଦ୪ର୍ସନ୍ ଦ୪କିଆଚେ ।" 13 ମ୪ତର୍
ହନନିଅ କୟ୍ଲା, "ମାପ୍ରୁ, ଜିରୁସାଲମେ ତୁମାର୍ ଦ୪ର୍ମି ମ୪ନ୍କେ
ଇ ଲକ୍ କ୪ତେକ୍ କ୪ସ୍ଟ ଦ୪ୟ୍ଆଚେ, ସେରି ମୁୟ୍ଁ କ୪ତେକ୍ ଲକ୍
ତ୪ୟ୍ହୁଣି ଇ ଲକାର୍ କ୪ତା ସୁଣି ଆଚି । 14 ଆର୍ ଇ ଟାଣେ
ଜ୪ତେକ୍ ଲକ୍ ତୁମାର୍ ନାଉଁଏ ପାର୍ତ୍ନା କ୪ର୍ତି ସେମ୪ନ୍କେ
ବାନ୍ଦ୍କେ ସେ ବ୪ଡ୍ ଜାଜକ୍ମ୪ନାର୍ ତ୪ୟ୍ହୁଣି ଅ୪ଦିକାର୍
ହାୟ୍ଆଚେ ।" 15 ମ୪ତର୍ ମାପ୍ରୁ ତାକେ କୟ୍ଲା, "ଜାଆ,
କାୟ୍ତାକ୍ ବ୪ଲେକ୍ ସେ ଅଜିଉଦି, ର୪ଜା ଆର୍ ଇସ୍ରାଏଲାର୍
ଲକ୍ମ୪ନାର୍ ମୁଏଁ ଅ୪ମାର୍ ପର୍ଚାର୍ କ୪ରୁକେ ଅ୪ମି ତାକେ ବାଚି
ଆଚୁ । 16 ବ୪ଲେକ୍ ମର୍ ନାଉଁଆର୍ ଗିନେ ତାକେ କ୪ତେକ୍
ଦୁକ୍ ହାଉଁକ୍ ଅୟ୍ଦ୍ ସେରି ମୁଁୟ୍ ତାକେ ଜାଣାୟ୍ନ୍ଦ ।" 17
ସେତାକ୍ ହନନିଅ ଜାୟ୍କ୪ରି ସେ ଗ୪ର୍ବିତ୍ରେ ହୁର୍ଲା । ଆରେକ୍
ତାର୍ ଉହ୍ରେ ଆତ୍ ସ୪ଙ୍ଗାୟ୍କ୪ରି କୟ୍ଲା, "ସାଉଲ୍ ବାୟ୍, ମାପ୍ରୁ
ବ୪ଲେକ୍ ଜୁୟ୍ ଜିସୁ, ଆସ୍ତାବ୪ଲ୍ ବାଟେ ତକେ ଦ୪କାୟ୍ ଅୟ୍ଲା,
ତୁୟ୍ ଜ୪ନ୍କ୪ରି ଦ୪କୁ ହାର୍ସି ଆର୍ ପବିତ୍ର ଆତ୍ମାୟ୍ ହୁର୍ନ୍ ଅ୪ଉସି,
ଇତାକ୍ ସେ ମକ୍ ହ୪ଟାୟ୍ ଆଚେ ।" 18 ସେ ଦାହ୍ରେ ତାର୍
ଆକାୟ୍ ହୁଣି ମାଚ୍ହ୪କଲ୍ ହର୍ କାୟ୍ରି ଗଟେକ୍ ଅଦୁର୍ଲି ଆର୍
ସେ ଦକୁକ୍ ହାର୍ଲା । ଆରେକ୍ ସେ ଉଟି ବାପ୍ତିସମ୍ ହାୟ୍ଲା । 19
ଆର୍ ସାଉଲ କାଦି କାୟ୍ ବ୪ଲ୍ ହାୟ୍ଲା । ଦମେସକ୍ ତ୪ୟ୍
ସାଉଲାର୍ ପର୍ଚାର୍ ହ୪ଚେ ସେ ଦମେସକେ ଚେଲାମ୪ନାର୍ ସ୪ଙ୍ଗ
କ୪ତିଦିନ୍ ରିଲା । 20 ଆରେକ୍ ଜିସୁ ଇସ୍ୱରାର୍ ହୟ୍ସି ବ୪ଲି
ତ୪ତ୍କାଣ୍ ସେ ପାର୍ତ୍ନା ଗ୪ରେମ୪ନ୍ ପର୍ଚାର୍ କ୪ରୁକେ ଦ୪ର୍ଲା ।
21 ଆର୍ ଜୁୟ୍ମ୪ନ୍ ତାର୍ କ୪ତା ସୁଣ୍ଲାୟ୍ ସେମ୪ନ୍ ସ୪ବୁ ଲକ୍
କାବା ଅ୪ଉଁକେ ଦ୪ର୍ଲାୟ୍ । "ଜିସୁ ନାଉଁ ଦ୪ରି ପାର୍ତ୍ନା କ୪ର୍ତା
ଲକ୍ମ୪ନ୍କେ ଜିରୁସାଲମେ କ୪ସ୍ଟ ଦେତିରିଲା ଆର୍ ଜ୪ନ୍କ୪ରି
ସେମ୪ନ୍କେ ବାନ୍ଦି ବ୪ଡ୍ ଜାଜକ୍ ମ୪ନାର୍ ହାକ୍ ନେଉଁ ହାରେ
ସେତାକ୍ ଦମେସକ୍ ଆସି ରିଲା, ଏକି ସେ ନାୟ୍?" 22 ମ୪ତର୍
ସାଉଲ୍ ଅ୪ଦିକ୍ ସ୪କ୍ତି ଅୟ୍ ଉଟ୍ଲା ଆରେକ୍ ଏ ଜେ କ୍ରିସ୍ଟ
ବ୪ଲେକ୍ ମସିଅ ଇରି ନିକକ୪ରି ବୁଜାୟ୍ଲା, ଇତାକ୍ ଦମେସକ୍
ତ୪ୟ୍ର୍ ଜିଉଦିମ୪ନ୍ ଆରେକ୍ କାୟ୍ରି କ୪ଉଁକେ ନ୪ହାୟ୍ଲାୟ୍
। 23 ବୁତେକ୍ ବିନ୍ ଗ୪ଲା ହ୪ଚେ ଜିଉଦିମ୪ନ୍ ସାଉଲ୍କେ
ମ୪ର୍ନେ ମାରୁକ୍ ମିସିକ୪ରି କୁଟ୍ ହାଚ୍ଲାୟ୍ । 24 ମ୪ତର୍ ସାଉଲ୍
ସେମ୪ନାର୍ କୁଟ୍ ହାଚ୍ତାର୍ ସୁଣ୍ଲା । ଆର୍ ସେମ୪ନ୍ ଜ୪ନ୍କ୪ରି
ତାକେ ମାର୍ତି, ଇତାର୍ ଗିନେ ଦିନ୍ ରାତି ଗ୪ଲାର୍ ସ୪ବୁ ଦୁଆରେ
ଜାଗିରିଲାୟ୍ । 25 ମ୪ତର୍ ତାର୍ ଚେଲାମ୪ନ୍ ରାତିବ୪ଲ୍ ତାକେ
ଗଟେକ୍ ଡ୪ଲାୟ୍ ବ୪ସାୟ୍ କୁଆଲେ ହୁଣି ତ୪ଲେ ଉତ୍ରାୟ୍ଲାୟ୍
। 26 ତାର୍ହ୪ଚେ ସାଉଲ୍ ଜିରୁସାଲମ୍କେ ଜାୟ୍ ଚେଲାମ୪ନାର୍
ସ୪ଙ୍ଗ ମିସୁକ୍ ମ୪ନ୍ହାଚ୍ତି ରିଲା, ମ୪ତର୍ ସେ ଜେ ଗଟେକ୍
ଚେଲା ଇରି ସ୪ତ୍ ନ୪କେରି ସ୪ବୁଲକ୍ ତାକେ ଡିର୍ତି ରିଲାୟ୍
। 27 ମ୪ତର୍ ବର୍ନବା ତାକେ ସ୪ଙ୍ଗେ ଦ୪ରି ପେରିତ୍ ମ୪ନାର୍
ଚ୪ମେ ଆଣ୍ଲା, ଆରେକ୍ ତାର୍ ବାଟେ ଜ୪ନ୍କ୪ରି ମାପ୍ରୁ ତାକେ
ଦ୪କାୟ୍ ଅୟ୍ଲା, ଆର୍ ମାପ୍ରୁ ତାକେ କ୪ତା କୟ୍ଲା, ଆର୍
କ୪ନ୍କ୪ରି ସେ ଦମେସକ୍ ତ୪ୟ୍ ବ୪ଡେ ସାସେ ଜିସୁର୍ ନାଉଁଏ
ପର୍ଚାର୍ କ୪ର୍ତିରିଲା, ଇ ସ୪ବୁ ସେମ୪ନାର୍ ଟାଣେ ଗଟେକ୍
ଗଟେକ୍ କ୪ରି କୟ୍ଲା । 28 ଆର୍ ସାଉଲ ପେରିତ୍ ମ୪ନାର୍
ସ୪ଙ୍ଗେ ରିଲା ସେମ୪ନାର୍ ସ୪ଙ୍ଗ ଜିରୁସାଲମେ ବୁଲାବୁଲିକ୪ରି,
ମାପ୍ରୁର୍ ନାଉଁଏ ବ୪ଡେ ସାସେ ପର୍ଚାର୍ କ୪ରୁକେ ଦ୪ର୍ଲା । 29
ଇ ସ୪ବୁ ସେ ଗ୍ରିକ୍ ବାସାର୍ ଜିଉଦିମ୪ନାର୍ ସ୪ଙ୍ଗ କ୪ତାବାର୍ତା
ଆର୍ କ୪ତାୟ୍ ଦ୪ରାଦ୪ରି ଅ୪ଉତି ରିଲା, ମ୪ତର୍ ସେମ୪ନ୍
ତାକେ ମ୪ର୍ନେ ମାରୁକ୍ ଉପାୟ୍ କ୪ର୍ତି ରିଲାୟ୍ । 30 ସେରି
ଜାଣୁ ହାରି ବିସ୍ୱାସି ବାୟ୍ମ୪ନ୍ ସାଉଲ୍କେ କାଇସରିଆକେ
ନିଲାୟ୍ ଆର୍ ତାର୍ସୁସ୍କେ ହ୪ଟାୟ୍ଲାୟ୍ । 31 ଅ୪ନ୍କ୪ରି
ସ୪ବୁ ଜିଉଦା ରାଜି, ଗାଲିଲି ଆର୍ ସମିରଣ୍ ମଣ୍ଡଳି ନିକ ର୪ୟ୍
ମାପ୍ରୁକ୍ ଡିରିକ୪ରି ଚାଲାଚାଲ୍ତି ଅୟ୍ ସୁସ୍ତା ହାଉତି ରିଲାୟ୍,
ଆରେକ୍ ପବିତ୍ର ଆତ୍ମାର୍ ଉହ୍କାର୍ ସ୪ଙ୍ଗ ବାଡୁକେ ଦ୪ର୍ଲାୟ୍
। 32 ଇ ବିତ୍ରେ ପିତର୍ ସ୪ବୁ ହଲି ବୁଲି ବୁଲି ଲୁଦ୍ ଗ୪ଲାର୍
ଇସ୍ୱରାର୍ ବିସ୍ୱାସିମ୪ନାର୍ ଚ୪ମେ ଆୟ୍ଲା । 33 ସେତି ସେ
ଏନିୟ୍ ନାଉଁଆର୍ ଲକ୍କେ ବେଟ୍ହାୟ୍ଲା, ସେ ଆଟ୍ ବ୪ର୍ସ୍
ହ୪ତେକ୍ ମ୪ଲୁହ୪ଲି ଟାଟାୟ୍ ହୁଣି ଉଟୁ ନ୪ହାର୍ତି ରିଲା, ତାକେ
ଏକ୍ଅ୪ଙ୍ଗି ରଗ୍ ଅୟ୍ରିଲି । 34 ପିତର୍ ତାକେ କୟ୍ଲା, "ଏନିୟ୍
ଜିସୁ କ୍ରିସ୍ଟ ତକ୍ ଉଜ୍ କ୪ରୁକେ ମ୪ନ୍କ୪ରୁଲା, ଉଟ୍ ଆର୍ ତର୍
ଟାଟି ଉଟାଉ" ସେତାକ୍ ସେ ତ୪ତ୍କାଣ୍ ଉଟ୍ଲା । 35 ଆର୍ ଲୁଦ୍
ଆର୍ ସାରଣାଇ ବାସାକ୪ର୍ତାର୍ ଲକ୍ମ୪ନ୍ ତାକେ ଦ୪କି ମାପ୍ରୁର୍
ହାକ୍ ବାଉଳି ଆୟ୍ଲାୟ୍ । 36 ଜାପ ତ୪ୟ୍ ତାବିତା ନାଉଁଆର୍
ବିସ୍ୱାସି ମାୟ୍ଜି ରିଲି, ଗ୍ରିକ୍ ବାସାୟ୍ ନାଉ ଦର୍କା, ବ୪ଲେକ୍ "ଗଟ୍
କଟ୍ରା ।" ସେ ଗ୪ରିବ୍ମ୪ନ୍କେ ଉହ୍କାର୍ ଆର୍ ଗ୪ରିବ୍ ମ୪ନ୍କେ
ଦାନ୍ କ୪ର୍ତିରିଲି । 37 ସ୪ଡେବ୪ଲ୍ ସେ ରଗେ ହ୪ଳି ମ୪ଲି;
ସେତାକ୍ ସେମ୪ନ୍ ତାକେ ହାଣି ଗ୪ଦ୍ଲାୟ୍ ଗଟେକ୍ ଉହ୍ରାର୍
ବ୪କ୍ରାୟ୍ ସଳାୟ୍ଲାୟ୍ । 38 ଆରେକ୍ ଲୁଦ୍ ଜାପର୍ ଚ୪ମେ
ରିଲି; ଚେଲାମ୪ନ୍ ପିତର୍ ସେତି ଆଚେ ବ୪ଲି ଦୁୟ୍ ଲକ୍କେ
ତାର୍ ତ୪ୟ୍ ହ୪ଟାୟ୍ ଗ୪ଉଆରି କ୪ଲାୟ୍, "ଅ୪ମାର୍ ତ୪ୟ୍
ବେଗିଆଉ ।" 39 ଇତାକ୍ ପିତର୍ ଉଟି ସେମ୪ନାର୍ ସ୪ଙ୍ଗ ଗ୪ଲା,
ସେ ଆୟ୍ଲାକ୍ ସେମ୪ନ୍ ତାକେ ଉହ୍ରାର୍ ବ୪କ୍ରାୟ୍ ନିଲାୟ୍, ଆର୍

ରାଣ୍ଡିମଃନ୍ ତାର୍ ଚାରିବେଲ୍‌ତ୍ ବେଲି କାନ୍ଦି କାନ୍ଦି କୟ୍‌ଲାୟ୍,
ଦର୍କା ତାକାର୍ ସଃଙ୍ଗ୍ ରିଲାବଃଲ୍ ଜୁୟ୍ ସଃବୁ ହିନ୍ଦ୍ରା ହଃଚ୍ୟା
ସଃବୁ ତିଆର୍ କଃରିରିଲି, ସେରି ସଃବୁ ଦଃକାଉଁକ୍ ଦଃର୍ଲାୟ୍ ।
40 ମଃତର୍ ପିତର୍ ବଃକ୍ରାୟ୍ ହୁଣି ସଃବ୍‌କେ ବାର୍‌କଃରି ମାଣ୍ଡିକୁଟା
ଟେସି ପାର୍ତ୍‌ନା କଃଲା ଆରେକ୍ ମଃଲାର୍ ଗଃଗାଲ୍ ମୁଁ ବୁଲାୟ୍
କୟ୍‌ଲା, "ତାବିତା, ଉଟ୍" ସେତାକ୍ ସେ ଆକି ଉଗାଲି ପିତର୍‌କେ
ଦଃକ୍‌ଲି ଆର୍ ଉଟି ବଃସ୍‌ଲି । 41 ଆରେକ୍ ସେ ଆତେ ଦଃରି
ତାକେ ଉଟାୟ୍‌ଲା । ସଃବୁ ବିସ୍ୱାସି ଆର୍ ରାଣ୍ଡିମଃନ୍‌କେ କୁଦି
ଦଃର୍କାକେ ଜିବନ୍ ହାୟ୍‌ଲାର୍ ଦଃକାୟ୍‌ଲା । 42 ଇ କଃତା ଜାପର୍
ଚାରିହାକ୍ ଜାଣାହଃଲ୍‌ଲି ଆର୍ ଗାଦେକ୍ ଲକ୍ ମାପ୍ରୁକ୍ ବିସ୍ୱାସ୍
କଃଲାୟ୍ । 43 ଆରେକ୍ ପିତର୍ ବୁତେକେ ଦିନ୍ ହଃତେ ଜାପ
ତଃୟ୍ ସିମନ୍ ନାଉଁଆର୍ ଚାମ୍‌ରା ଗଃରେ ରିଲା ।

**10** କାଇସରିଆ ଗଃଲେ କର୍ନିଲିୟ ନାଉଆର୍ ଗଟେକ୍ ଲକ୍
ରିଲା "ସେ ଇତାଲିକ୍ ନାଉଁଆର୍ ରମିୟ୍ ସଃଇନ୍ ଦଃଲାର୍
ଗଟେକ୍ ହାଁଣ୍ଡ୍‌କଲି ସଃଇନାର୍ ଅଃଦିକାରି ।" 2 ସେ ଗଟେକ୍
ଦଃର୍ମି ଲକ୍ ଆର୍ ତାର୍ ଗଃର୍‌କୁଟୁମ୍ ସଃବୁ ଇସ୍ୱର୍‌କେ ମାନ୍‌ତି
ରିଲାୟ୍, ସେ ଦିଉଦି ଗଃରିବ୍‌ମଃନ୍‌କେ ଉହ୍‌କାର୍ କଃର୍ତିରିଲା ଆର୍
ସଃବୁବଃଲ୍ ମାପ୍ରୁକ୍ ପାର୍ତ୍‌ନା କଃର୍ତିରିଲା । 3 ଗଟ୍ ଦିନ୍ ଉହୁର୍‌ଅଳି
ହାକାହାକି ତିନି ଗଃଟା ବଃଲ୍ ସେ ଦୁତ୍‌କେ ଦଃର୍ସନେ ନିକକଃରି
ଦଃକ୍‌ଲା, ଜଃନ୍‌କଃରି ଇସ୍ୱରାର୍ ଦୁତ୍ ତାର୍ ଚଃମେ ଆସି କୟ୍‌ଲା,
"ଏ କର୍ନିଲିୟ ।" 4 ସେତାକ୍ ତାକେ ନିକକଃରି ଦଃକି, ଡିରିକଃରି
କୟ୍‌ଲା, "ଏ ମାପ୍ରୁ କାୟ୍‌ରି?" ସେ ତାକେ କୟ୍‌ଲା, "ଇସ୍ୱର୍
ତର୍ ପାର୍ତ୍‌ନା ଆର୍ ତର୍ ଦାନ୍ ଦେତା ତଃୟ୍ ସଃର୍ଦା ଅୟ୍‌ଆଚେ
ଆର୍ ଉତୁର୍ ଦେଉଁକେ ଇଚା କଃରିଆଚେ । 5 ଅଃବେ ଜାପ
ତଃୟ୍ ଲକ୍ ହଃଟାୟ୍ ସିମନ୍‌କେ କୁଦି ଆଣାଉ ତାର୍ ଆରେକ୍
ଗଟ୍ ନାଉଁ ଅଃଉଁଲି ପିତର୍ । 6 ସେ ସିମନ୍ ନାଉଁଆର୍ ଚାମ୍‌ରାର୍
ଗଃରେ ଆଚେ, ତାର୍ ଗଃର୍ ସଃମ୍‌ନ୍ଦ୍ କଃଣ୍ଡାୟ୍ ।" 7 ଇରି କୟ୍
ଦୁତ୍ ଗଃଲା ହଃଚେ କର୍ନିଲିୟ ତାର୍ ଗଃରାର୍ ଦଃଙ୍ଗ୍ଲା ବିତ୍ରେ
ଦୁୟ୍‌ଲକେ ଆର୍ ତାର୍ ସଃଇନ୍‌ମଃନାର୍ ବିତ୍ରେ ଗଟେକ୍ ଦଃର୍ମି
ସଃଇନ୍‌କେ କୁଦ୍‌ଲା । 8 ଆର୍ ସେମଃନ୍‌କେ ସଃବୁ କଃତା କୟ୍
ଜାପକେ ହଃଟାୟ୍‌ଲା । 9 ଆର୍‌କ ଦିନ୍ ସେମଃନ୍ ଜଃଉଁ ଜଃଉଁ
ଜଃଡେବଃଲ୍ ସେ ଗଃଲାର୍ ଚଃମେ ଅୟ୍‌ଲାୟ୍, ସଃଡେବଃଲ୍
ପିତର୍ ଦିନ୍ ବାରଗଃଟା ବଃଲ୍ ପାର୍ତ୍‌ନା କଃରୁକେ ଚାନି ଉହ୍ରେ
ଗଃଲା । 10 ଆର୍ ସେ ବୁକ୍ ଅୟ୍‌ଲା, ଆର୍ କାଉଁକେ ମଃନ୍
କଃଲା ମଃତର୍ ସେମଃନ୍ କାଦି ରାନ୍ଧ୍‌ତା ବଃଲ୍ ସେ ଗଟେକ୍
ଦଃର୍ସନ୍ ଦଃକ୍‌ଲା । 11 ସେ ଦଃକ୍‌ଲା ଜେ, ଅଃଗାସ୍ ଉଗାଳି
ଅୟ୍‌ଆଚେ ଆର୍ ଗଟେକ୍ ବଃଡ୍ ହଃଚ୍ୟା ଚାରିକନେ ଦଃରା ଅୟ୍
ହୁର୍ତିବି ଉହ୍ରେ ଗଃସ୍ରାୟ୍ ଦିଆ ଅଃଉଁଲି । 12 ସେତି ହୁର୍ତିବିର୍
ସଃବୁ ହଃର୍କାର୍ ଚାରି ହଃଦୁମାର୍ ବଃନାର୍ ଜଃତୁମଃନ୍, ବୁୟେଁ
ରାଙ୍ଗ୍‌ତା ଜିବ୍ ଜଃତୁମଃନ୍ ଆର୍ ଅଃଗାସାର୍ ଚେଲେମଃନ୍ ରିଲାୟ୍
। 13 ଆର୍ ତାକେ ଇ କଃତା କଃଉଆ ଅୟ୍‌ଲି, "ଏ ପିତର୍ ଉଟ୍
ମାର୍ ଆର୍ କାଆ ।" 14 ମଃତର୍ ପିତର୍ କୟ୍‌ଲା, "ନାୟ୍ ମାପ୍ରୁ,
ମୁୟେଁ କଃବେ ହେଁ ଅପବିତ୍ର ଆର୍ ବିଟାଲ୍ କାଦି ନଃକାୟ୍ ।"
15 ଆରେକ୍ ଗଟ୍‌ତର୍ ତାକେ ଇ କଃତା ସୁଣା ଅୟ୍‌ଲି, "ଇସ୍ୱର୍
ଜାୟ୍‌ରି ନିର୍ମୁଲ୍ କଃରି ଆଚେ, ସେତାକ୍ ବିଟାଲ୍ ବଃଲି କଃଉନାୟ୍
।" 16 ଅଃନ୍‌କଃରି ତିନିତର୍ ଅୟ୍‌ଲା ହଃଚେ, ଆର୍ ହଃଚ୍ୟା
ତଃତ୍‌କାଣ୍ ଅଃଗାସେ ଉଟାୟ୍ ନିଆ ଅୟ୍‌ଲି । 17 ପିତର୍ ଜାୟ୍‌ରି
ଦଃର୍ସନେ ଦଃକ୍‌ଲା ସେତାର୍ ବାବ୍ କାୟ୍‌ରି ଏତାୟ୍ ଏତାୟ୍ ସେ
କାବା ଅୟ୍‌ଲା । ଅଃନ୍‌କାବଃଲ୍ କର୍ନିଲିୟ ହଃଟାୟ୍‌ଲା ଲକ୍‌ମଃନ୍
ସିମନାର୍ ଗଃର୍ ଲଲ୍‌ଲାୟ୍ ଆର୍ ତାର୍ ଦୁଆର୍ ଚଃମେ ଟିଆ
ଅୟ୍‌ଲାୟ୍ । 18 ସିମନ୍ ପିତର୍ "ସେ ଗଃରେ ଆଚେ କି ନାୟ୍
ବଃଲି, କୁଦିକଃରି ହଃଚାର୍ଲାୟ୍ ।" 19 ପିତର୍ ଦଃର୍ସନ୍ ଦଃକ୍‌ଲା
କଃତା ବାବ୍‌ତାବଃଲ୍ ଆତ୍ମା ତାକେ କୟ୍‌ଲି, "ସୁଣ୍, ତଃଳେ ତିନି
ଲକ୍ ତକେ ଲଲୁଲାୟ୍ । 20 ଉଟ୍ ତଃଳେ ଜାଆ ଆର୍ କାୟ୍‌ରି
ଅଃହ୍ରାଦ୍ ନଃବାବି ତାକାର୍ ସଃଙ୍ଗ୍ ଜାଆ କାୟ୍‌ତାକ୍‌ବଃଲେକ୍
ମୁୟେଁ ସେମଃନ୍‌କେ ହଃଟାୟ୍ ଆଚି ।" 21 ସେତାକ୍ ପିତର୍ ସେ
ଲକ୍‌ମଃନାର୍ ହାକ୍ ଉତ୍ରି ଆସି କୟ୍‌ଲା, "ତୁମିମଃନ୍ ଜାକେ
ଲଲୁଲାସ୍ ସେ ମୁୟେଁ । ତୁମିମଃନ୍ କାୟ୍‌ତାକ୍ ଆସି ଆଚାସ୍?" 22
ସେମଃନ୍ କୟ୍‌ଲାୟ୍, କର୍ନିଲିୟ ନାଉଁଆର୍ ଗଟେକ୍ ହାଁଣ୍ଡ୍‌କଲି
ସଃଇନାର୍ ଅଃଦିକାରି, ସେ ଗଟେକ୍ ଦଃର୍ମି ଲକ୍ ଆର୍ ଇସ୍ୱର୍‌କେ
ମାନ୍‌ତା ଲକ୍ ଆର୍ ସଃବୁ ଜିଉଦିମଃନାର୍ ତଃୟ୍ ଜାଣାସୁଣା ଲକ୍
। "ସେ ତାର୍ ଗଃରେ ତକ୍ କୁଦି ହଃଟାୟ୍ ଆଚେ ।" ଆର୍ ତର୍
କଃତା ସୁଣୁକ୍ "ପବିତ୍ର ଦୁତ୍ ତାକେ ଦଃର୍ସନ୍ ଦଃୟ୍ ଆଚେ ।"
23 ସେତାକ୍ ସେମଃନ୍‌କେ ଗଟ୍ ରାତି ରେଉଁକେ ଗଃର୍ ବିତ୍ରେ
କୁଦ୍‌ଲା, ତାର୍ ଆର୍‌କ ଦିନ୍ ଉଟି ତାକାର୍ ସଃଙ୍ଗ୍ ଗଃଲା, ଆରେକ୍
ଜାପର୍ ବିସ୍ୱାସି ବାୟ୍‌ମଃନାର୍ ବିତ୍ରେ କଃତେକ୍ ଲକ୍ ତାର୍ ସଃଙ୍ଗ୍
ଗଃଲାୟ୍ । 24 ଆରେକ୍ ଗଟ୍ ଦିନ୍ ସେମଃନ୍ କାଇସରିଆ
ହଚ୍‌ଲାୟ୍, ଜୁୟ୍‌ତି କର୍ନିଲିୟ ତାର୍ ନିଜାର୍ ଲକ୍‌ମଃନ୍‌କେ କୁଦି
ସେମଃନ୍‌କେ ଜାଗ୍‌ତି ରିଲା । 25 ପିତର୍ ହଚ୍‌ଲାକ୍ କର୍ନିଲିୟ
ତାକେ ବେଟ୍ ଅୟ୍ ଗଡ୍‌ତଃଳେ ଡୁଳି ଜୁଆର୍ କଃଲା । 26
ମଃତର୍ ପିତର୍ ତାକେ ଉଟାୟ୍ କୟ୍‌ଲା, "ଟିଆ ଅଃଉ" ମୁୟେଁ ହେଁ
ଗଟେକ୍ ମାନାୟ୍ । 27 ସେତାକ୍ ସେ ତାର୍ ସଃଙ୍ଗ୍ କଃତା ଅଃଉଁ
ଅଃଉଁ ଗଃର୍ ବିତ୍ରେ ଗଃଲା, ଆର୍ ଗାଦେକ୍ ଲକ୍ ରୁଣ୍ଡି ରିଲାର୍
ଦଃକ୍‌ଲା । 28 ଆରେକ୍ ସେ ସେମଃନ୍‌କେ କୟ୍‌ଲା, ଅଜିଉଦି
ଲକ୍‌ମଃନାର୍ ସଃଙ୍ଗ୍ ମିସ୍ତାର୍ କି ତାର୍ ଚଃମେ ଜାତାର୍ ଜିଉଦି
ଲକ୍‌ମଃନାର୍ ବିଦି ନାୟ୍, ସେରି "ତୁମିମଃନ୍ ଜାଣାସ୍, ଅୟ୍‌ଲେକ୍
ହେଁ କୁୟ୍ ଲକ୍‌କେ ହାହି କି ବିଟାଲ୍ ବଃଲି ନଃକଃଉଁକ୍ ଇସ୍ୱର୍
ମକ୍ ଦଃର୍ସନ୍ ଦଃକାୟ୍‌କଃରି କୟ୍‌ଆଚେ । 29 ସେତାକ୍ ତୁମି
କୁଦ୍‌ଲାଦାହ୍ରେ ମୁୟେଁ ନାୟ୍ ନଃବେଲି ତୁମାର୍ ଗଃରେ ଆୟ୍‌ଲେ ।
ଇତାକ୍ ମୁୟେଁ ହଃଚାରୁଲେ କି କାୟ୍‌ତାକ୍ ମକ୍ କୁଦି ଆଚାସ୍?"
30 କର୍ନିଲିୟ କୟ୍‌ଲା, "ତିନ୍ ବିନ୍ ହୁର୍ବେ ଟିକ୍ ଇ ବେଳାୟ୍ ମର୍
ଗଃରେ ତିନିଗଃଟା ବେଳାୟ୍ ପାର୍ତ୍‌ନା କଃର୍ତିରିଲେ ଆର୍ ଗଟ୍

ଦଃବ୍‌ଳା ବଃସ୍ତୁର୍ ହିନ୍ଦ୍ରିଲା ଗଟେକ୍ ଲକ୍ ମର୍ ଚଃମେ ଟିଆ
ଅୟ୍ କୟ୍‌ଲା, 31 ‘କର୍ନିଲିୟ, ତର୍ ପାର୍ଥ୍‌ନା ଇସ୍ୱର୍ ସୁଣି ଆଚେ
ଆରେକ୍ ତର୍ ଦାନ୍ ସଃବୁ ଇସ୍ୱର୍ ଏତୁ କଃରି ଆଚେ ।’ 32
ତଃବେ ଜାପକେ ଲକ୍ ହଃଟାୟ୍ ସିମନ୍ ପିତର୍‌କେ କୁଦି ଆଣ୍, ସେ
ସଃମ୍‌ନ୍ଦ କଃଣ୍ଡାୟ୍ ସିମନ୍ ଚାମ୍‌ରାର୍ ଗଃରେ ଆଚେ । 33 ଇତାର୍
ଗିନେ ମୁୟ୍ଁ ସଃଙ୍ଗେ ସଃଙ୍ଗେ ତର୍ ତଃୟ୍ ଲକ୍ ହଃଟାୟ୍‌ଲେ ଆର୍
ତୁୟ୍ ଆସି ଆଚ୍‌ସି, ନିକ କଃରି ଆଚ୍‌ସି । ତଃବେ ମାପ୍ରୁ ତକ୍
ଜାୟ୍‌ରି ସଃବୁ କୟ୍‌ଆଚେ ସେରି ସୁଣୁକ୍ ଅଃମିମଃନ୍ ଇସ୍ୱରାର୍
ଚଃମେ ଆଚୁ ।” 34 ସେତାକ୍ ପିତର୍ ଟଣ୍ଡ ହୁଟାୟ୍ କୟ୍‌ଲା, “ମୁୟ୍ଁ
ଅଃବେ ସଃତ୍ ବୁଜୁ ହାରୁଲେ ଜେ, ଇସ୍ୱର୍ ସଃବ୍‌କେ ସଃମାନ୍
ବାବେ ଦଃକୁଲା ।” 35 ମଃତର୍ ହଃତି ଲକ୍ ଜେ ତାକେ ମାନେଦ୍
ଆର୍ ଦର୍ମ୍ କାମ୍ କଃରେଦ୍ ମାପ୍ରୁ ତାକେ ନିଜାର୍ କଃରେଦ୍, ଇରି
ମୁୟ୍ଁ ସଃତ୍ କଃରି ବୁଜୁଲେ । 36 ତୁମଃନ୍ ଜାଣି ଆଚାସ୍ ଜେ,
ଇସ୍ୱର୍ ଇସ୍ରାଏଲ୍‌ମଃନାର୍ ହାକ୍ ଜୁୟ୍ ସେ ନିକ କବୁର୍ ହଃଟାୟ୍
ରିଲାର୍ ସେରି ହଃକା ଜିସୁ ପର୍ଚାର୍ କଃରି ରିଲାର୍ ସୁସ୍ତାର୍ କବୁର୍,
ଇ ଜିସୁ କ୍ରିସ୍ଟ ସଃବ୍‌କାର୍ ମାପ୍ରୁ । 37 ଜହନ୍ ପର୍ଚାର୍ କଃଲା
ବାପ୍ତିସମ୍ ଗାଲିଲି ତଃୟ୍‌ହୁଣି ମୁଲ୍ୟାୟ୍ କଃରି ସଃବୁ ଜିଉଦା
ରାଜାୟ୍ କାୟ୍‌ରି ଗଃଟ୍‌ଲି ସେତିର୍ କଃତା ତୁମିମଃନ୍ ଜାଣାସ୍ ।
38 ବଃଲେକ୍ ନାଜରିତାର୍ ଜିସୁର୍ କଃତା, କଃନ୍‌କଃରି ଇସ୍ୱର୍
ତାକେ ପବିତ୍ର ଆତ୍ମାୟ୍ ଅବିସେକ୍ କଃଲା ଆର୍ ସଃକ୍ତି ଦଃୟ୍‌ରିଲା
ଆର୍ ସେ ନିକ କାମ୍ କଃଲା, ଆର୍ ସୟ୍‌ତାନ୍ ଆତେ ହୁଣି ରଗି
ମଃନ୍‌କେ ଉଜ୍ କଃରି ସଃବୁ ହାକ୍ ବୁଲ୍‌ଲା, କାୟ୍‌ତାକ୍ ବଃଲେକ୍
ଇସ୍ୱର୍ ତାର୍ ସଃଙ୍ଗ ରିଲା । 39 ଆରେକ୍ ସେ ଜିଉଦିମଃନାର୍
ଦେସେ ଆର୍ ଜିରୁସାଲମେ ଜାୟ୍ ଜାୟ୍‌ରି କଃଲା ଅଃମିମଃନ୍
ସେ ସଃବୁର୍ ସାକି । ତାକେ ସେମଃନ୍ କୁସେ ଜଃଗାୟ୍ ମାର୍ଲାୟ୍
। 40 ତାକେ ଇସ୍ୱର୍ ତିନିଦିନାର୍ ହଃଚେ ମଃଲା ତଃୟ୍‌ହୁଣି
ଉଟାୟ୍‌ଲା ଆର୍ ଲକ୍‌ମଃନ୍‌କେ ଦଃକାୟ୍‌ଲା । 41 ସେ ସଃବ୍‌କେ
ଦଃକାୟ୍ ନଃୟ୍‌ଲା, ମଃତର୍ ଇସ୍ୱର୍ ହୁର୍ବେ ଟିକ୍ କଃଲା ସାକି ଜେ
ଅଃମିମଃନ୍, ଅଃମିମଃନ୍‌କ୍ ଦଃକାୟ୍ ଅୟ୍‌ଲା, ସେ ମଃଲା ଲକ୍
ତଃୟ୍‌ହୁଣି ଉଟ୍‌ଲା ହଃଚେ ଅଃମିମଃନ୍ ତାର୍‌ସଃଙ୍ଗ କାଉଆ ହିଉଆ
କଃଲୁ । 42 ଆର୍ ଲକ୍‌ମଃନ୍ ତଃୟ୍ ପର୍ଚାର୍ କଃରୁକେ ଆରେକ୍
ମଃଲା ଆର୍ ଜିବନ୍ ଲକ୍‌ମଃନ୍‌କେ ବିଚାର୍ କର୍ତା ଗିନେ ଇସ୍ୱର୍
ତାକେ ବାଚିଆଚେ ବଃଲି ସାକି ଦେଉଁକ୍ ସେ ଅଃମିମଃନ୍‌କ୍ ବାଚି
ଆଚେ । 43 ତାର୍ ବିସୟେ ଇ କଃତା କୟ୍‌ଲା ଜୁୟ୍ ଲକ୍ ତାକେ
ସଃତ୍ କଃରେଦ୍ ସେ ତାର୍ ନାଉଁଏ ହାହ୍ କେମା ହାୟ୍‌ଦ୍ ଇରି
ସଃବୁ ବାବ୍‌ବାଦି ମଃନ୍ କୟ୍ ଆଚ୍‌ତି । 44 ପିତର୍ ଇ ସଃବୁ କଃତା
କଃଉତା ବଃଲ୍ ଜଃତେକ୍ ଲକ୍ ସୁଣ୍‌ତି ରିଲାୟ୍ ସେ ସଃବୁଲକାର୍
ଉହ୍ରେ ପବିତ୍ର ଆତ୍ମା ଉତ୍ରୁର୍ଲି । 45 ସୁନତ୍ ହାୟ୍‌ଲା ପିତର୍ ସଃଙ୍ଗ
ଆୟ୍‌ଲା ଜିଉଦି ବିସ୍ୱାସିମଃନ୍ ସଃବୁଲକ୍ ଅଜିଉଦି ଲକ୍‌ମଃନାର୍
ଉହ୍ରେ ହେଁ ପବିତ୍ର ଆତ୍ମା ଆସ୍ତାର୍ ଦଃକି କାବା ଅୟ୍‌ଲାୟ୍ । 46
କାୟ୍‌ତାକ୍‌ବଃଲେକ୍ ଜିଉଦି ବିସ୍ୱାସିମଃନ୍ ସେମଃନ୍‌କେ ବିନ୍ ବିନ୍
ବାସାୟ୍ କଃତା ଅଃଉତାର୍ ଆର୍ ଇସ୍ୱରାର୍ ଜଃଜ୍‌ମାନ୍ କର୍ତାର୍
ସୁଣ୍‌ଲାୟ୍ ସଃଡେବଃଲ୍ ପିତର୍ କୟ୍‌ଲା, 47 “ଇ ଜୁୟ୍ ଲକ୍‌ମଃନ୍
ଅଃମାର୍ ହର୍ ପବିତ୍ର ଆତ୍ମା ହାୟ୍ ଆଚ୍‌ତି ଇମଃନ୍ ଜଃନ୍‌କଃରି
ବାପ୍ତିସମ୍ ନଃହାଉତି ସେତାକ୍ କେ କାୟ୍ ହାଣି ନାୟ୍ ବଃଲେଦ୍?”
48 ଆରେକ୍ ସେମଃନ୍‌କେ ଜିସୁ କ୍ରିସ୍ଟର୍ ନାଉଁଏ ବାପ୍ତିସମ୍ ଦେଉଁକ୍
ଆଦେସ୍ ଦିଲା, ହଃଚେ ସେମଃନ୍ କଃତି ଦିନ୍ ସେତି ରେଉଁକ୍
ତାକେ ଗଃଉଆରି କଃଲାୟ୍ ।

11 ଅଜିଉଦିମଃନ୍ ହେଁ ଇସ୍ୱରାର୍ କଃତା ସୁଣ୍‌ଲାୟ୍, ଇରି
ପେରିତ୍‌ମଃନ୍ ଆର୍ ଜିଉଦା ରାଜିୟେ ରିଲା ବିସ୍ୱାସି
ବାୟ୍‌ମଃନ୍ ହେଁ ସୁଣ୍‌ଲାୟ୍ । 2 ଆର୍ ଜଃଡେବଃଲ୍ ପିତର୍
ଜିରୁସାଲମେ ଆୟ୍‌ଲା, ସଃଡେବଃଲ୍ ସୁନତ୍ ଚେଲାମଃନ୍ ତାକ୍
ବିରଦ୍‌କଃରି କୟ୍‌ଲାୟ୍ । 3 “ତୁୟ୍ ଅସୁନତ୍ ଲକ୍‌ମଃନାର୍ ଗଃର୍
ବିତ୍ରେ ଜାୟ୍ ସେମଃନାର୍ ସଃଙ୍ଗ କାୟ୍‌ଆଚ୍‌ସି” 4 ମଃତର୍ ପିତର୍
ଇ କଃତାକ୍ ଆରୁମେ ହୁଣି ସେସ୍ ହଃତେକ୍ ବୁଜାୟ୍ କୟ୍‌ଲା । 5
“ମୁୟ୍ଁ ଜାପ ଗଃଲେ ପାର୍ଥ୍‌ନା କର୍ତିରିଲେ ଆରେକ୍ ଦର୍ସନେ
ଇରି ଦଃକ୍‌ଲେ, ଗଟେକ୍ ବଃଡ୍ ହଃଚ୍ୟା ତାର୍ ଚାରି କନେ
ଦଃରାଅୟ୍ ଅଃଗାସେ ହୁଣି ତଃଳେ ଉତ୍ରି ଆସୁଲି । 6 ଆର୍ ସେରି
ମର୍ ହଃତେକ୍ ଆୟ୍‌ଲି, ମୁୟ୍ଁ ତାକେ ଦଃକି ବାବୁକ୍ ଦଃର୍ଲେ
ସେତି ହୁର୍ତିବିର୍ ଚାରି ଗଡିଆ ଜଃତ୍ତୁ, ବୁୟେଁ ରାଙ୍ଗ୍ତା ଜିବ୍ ଆର୍
ଅଃଗାସାର୍ ଚେଳେମଃନ୍ ରିଲାର୍ ଦଃକ୍‌ଲେ । 7 ଆରେକ୍ ମକ୍
କଃଉଆ ଅଃଉତା ଗଟେକ୍ କଃତା ସୁଣ୍‌ଲେ, ଏ ପିତର୍ ‘ଉଟ୍
ମାରିକଃରି କାଆ ।’ 8 ମଃତର୍ ମୁୟ୍ଁ କୟ୍‌ଲେ, ‘ନାୟ୍ ମାପ୍ରୁ, ମୁୟ୍ଁ
ପବିତ୍ର ନୟ୍‌ଲାର୍ କି ବିଟାଲ୍‌ରି କାୟ୍‌ରି କଃବେ ହେଁ ନଃକାୟ୍
।’ 9 ମଃତର୍ ଆରେକ୍ ଗଟ୍‌ତର୍ ସଃର୍ଗେ ହୁଣି ଗଟେକ୍ କଃତା
ସୁଣାଗଃଲି, ମାପ୍ରୁ ଜାୟ୍‌ରି ପବିତ୍ର କଃରି ଆଚେ ତାକେ ବିଟାଲ୍
ବଃଲି ନଃକ୍‌ଉ । 10 ଅଃନ୍‌କଃରି ତିନିତର୍ ଆୟ୍‌ଲି, ହଃଚେ
ସଃର୍ଗେ ନିଆ ଅୟ୍‌ଲି । 11 ଆରେକ୍ ଦଃକା ସେଦାହ୍ରେ ତିନିଲକ୍
ଅଃମି ଜୁୟ୍ ଗଃରେ ରିଲୁ, ସେତି ଦୁଆରେ ଟିଆ ଅୟ୍‌ରିଲାୟ୍
। ସେମଃନ୍ କାଇସରିଆ ହୁଣି ହଃଟାୟ୍ ରିଲାକ୍ ଆସି ରିଲାୟ୍
। 12 ଆରେକ୍ କାୟ୍‌ରି ଅଃହ୍ରାତ୍ ନଃବାବି ସେମଃନାର୍ ସଃଙ୍ଗ
ଜଃଉଁକେ ପବିତ୍ର ଆତ୍ମା ମକ୍ କୟ୍‌ଲି, ଆର୍ ଚଅ ଲକ୍ ବାୟ୍‌ମଃନ୍
ହେଁ ମର୍ ସଃଙ୍ଗ ଗଃଲାୟ୍, ଆର୍ ଆମିମଃନ୍ କର୍ନିଲିୟର୍ ଗଃର୍
ବିତ୍ରେ ଗଃଲୁ । 13 ସେ କଃନ୍‌କଃରି ଗଟେକ୍ ସଃର୍ଗ୍ ଦୁତ୍‌କେ
ଦର୍ସନେ ଦଃକିରିଲା ସେରି ଆମିମଃନ୍‌କେ କୟ୍‌ଲା, ସେ ଦୁତ୍
ତାର୍ ଗଃରେ ଟିଅୟ୍ ତାକେ କୟ୍‌ଲା, ଜାପକେ ଲକ୍ ହଃଟାୟ୍
ପିତର୍ ବଃଲେକ୍ ସିମନ୍‌କେ କୁଦାୟ୍ ଆଣ୍ । 14 ସେ ଆସି
ଜୁୟ୍ ସଃବୁ କଃତାୟ୍ ତୁୟ୍ ଆର୍ ଗଃର୍‌କୁଟୁମ୍ ସଃବୁ ହାହେ ହୁଣି
ମୁକ୍ଲାସ୍ ସେ ତୁମିକେ କୟ୍‌ଦ୍ । 15 ହଃଚେ ମୁୟ୍ଁ କଃତା କଃଉଁକ୍
ମୁଲ୍ୟାଉତା ବଃଲ୍ ପବିତ୍ର ଆତ୍ମା ହର୍ତୁ ଅଃମାର୍ ଉହ୍ରେ ଆୟ୍‌ଲା
ହର୍, ସେମଃନାର୍ ଉହ୍ରେ ହେଁ ଆୟ୍‌ଲି । 16 ସଃଡେବଃଲ୍ ମାପ୍ରୁର୍
ଇ କଃତା ମକ୍ ଏତୁ ହଃଲ୍‌ଲି, ‘ଜହନ୍ ହାଣିୟେ ବାପ୍ତିସମ୍ ଦିଲା

ସଽତ୍, ମଽତର୍ ତୁମିମଽନ୍ ପବିତ୍ର ଆତ୍ମାୟ୍ ବାପ୍ତିସମ୍ ଅଽଉଆସ୍
।' 17 ତଽବେ ଆମିମଽନ୍ ମାପ୍ରୁ ଜିସୁ କ୍ରିସ୍ଟ ତଽୟ୍ ବିସ୍ୱାସ୍ କଽର୍ତା
ବଽଲ୍ ଇସ୍ୱର୍ ଜଽନ୍‌କଽରି ଆମିମଽନ୍‌କେ ଦାନ୍ ଦଽୟ୍‌ରିଲା,
ସେନ୍‌କଽରି ସେମଽନ୍‌କେ ହେଁ ସଽମାନ୍ ଦାନ୍ ଦିଲା, ତଽବେ ମୁୟ୍ଁ
କଽନ୍‌କଽରି ଇସ୍ୱର୍‌କେ ବିରଦ୍ କଽଲେ ହୁଣି?" 18 ଇ ସଽବୁ
କଽତା ସୁଣ୍‌ଲାକ୍ ସେମଽନ୍ ତୁନ୍‌ହାଲ୍‌ଲାୟ୍, ଇସ୍ୱରାର୍ ଜଽଜ୍‌ମାନ୍
କଽରି କୟ୍‌ଲାୟ୍, ତଽବେ "ଇସ୍ୱର୍ ଅଜିଉଦି ଲକ୍‌ମଽନ୍ ହେଁ
ଜିବନ୍ ହାଉଁକ୍ ମଽନ୍ ବାଦ୍‌ଲାଉଁକ୍ ଦାନ୍ ଦଽୟ୍‌ଆଚେ ।" 19 ଇ
ବିତ୍ରେ ସ୍ତିପାନାର୍ ଗିନେ ଗଽଟି ରିଲା କଽସ୍ଟ ଗିନେ ଜୁୟ୍‌ମଽନ୍
ଏଣେ ତେଣେ ଅୟ୍‌ରିଲାୟ୍, ସେମଽନ୍ ପଇନିକିଆ ସାଇପ୍ରସ୍
ଆର୍ ଆନ୍ତିଅକିଆ ହଽତେକ୍ ବୁଲି ବୁଲି ଜିଉଦିମଽନ୍‌କେ ଚାଡି
କାର୍ ତଽୟ୍ ମାପ୍ରୁର୍ କଽତା ପର୍ଚାର୍ ନଽକେର୍ତି ରିଲାୟ୍ । 20
ମଽତର୍ ସେମଽନାର୍ ବିତ୍ରେ କଽତେକ୍ ସାଇପ୍ରସ୍ ଆର୍ କୁରିଣିୟର୍
ଲକ୍ ଆନ୍ତିଅକିଆକ୍ ଆସି ଗ୍ରିକ୍‌ମଽନ୍‌କେ ହେଁ ମାପ୍ରୁ ଜିସୁର୍ ନିକ
କବୁର୍ ପର୍ଚାର୍ କଽରୁକେ ଦଽର୍ଲାୟ୍ । 21 ଆର୍ ସେମଽନାର୍ ସଽଙ୍ଗ
ମାପ୍ରୁର୍ ଆତ୍ ରିଲି, ଆରେକ୍ ଗାଦେକ୍ ଲକ୍ ବିସ୍ୱାସ୍ କଽରି ମାପ୍ରୁ
ହାକ୍ ଆୟ୍‌ଲାୟ୍ । 22 ସେମଽନାର୍ କଽତା ଜିରୁସାଲମ୍ ମଣ୍ଡଳି
ତଽୟ୍ ସୁଣା ଅୟ୍‌ଲି, ସେତାକ୍ ସେମଽନ୍ ଆନ୍ତିଅକିଆର୍ ହଽତେକ୍
ବର୍ନବାକ୍ ହଽଟାୟ୍‌ଲାୟ୍ । 23 ବର୍ନବା ସେତି ହଚି ଇସ୍ୱରାର୍
ଦଽୟା ଦଽକି ସଽର୍ଦା ଅୟ୍‌ଲା, ଆର୍ ସେମଽନ୍ ମଽନ୍ ହଽରାଣ୍
ଦଽୟ୍ ଏକ୍ ଅୟ୍ ମାପ୍ରୁର୍ ତଽୟ୍ ରେତି ଇତାର୍ ଗିନେ ସଽବ୍‌କେ
ଗଽଉଆରି ସାସ୍‌ଦିଲା । 24 କାୟ୍‌ତାକ୍‌ବଽଲେକ୍ ବର୍ନବା ଗଟେକ୍
ନିକ ଲକ୍ ପବିତ୍ର ଆତ୍ମାର୍ ଆର୍ ବିସ୍ୱାସେ ହୁର୍ନ୍ ରିଲା ଅଽନ୍‌କଽରି
ଗାଦେକ୍ ଲକ୍ ମାପ୍ରୁର୍ ତଽୟ୍ ଆୟ୍‌ଲାୟ୍ । 25 ହଽଚେ ସେ
ସାଉଲ୍‌କେ ଲଲୁକ୍ ତାର୍ସୁସ୍‌କେ ବାରାୟ୍ ଗଽଲା । 26 ଆରେକ୍
ସେ ତାକେ ମିଳାୟ୍ ଆନ୍ତିଅକିଆକ୍ ନିଲା । ସେତି ସେମଽନ୍
ଗଟେକ୍ ବଽର୍ସ୍ ହଽତେକ୍ ମଣ୍ଡଳିର୍ ସଽଙ୍ଗ ରଽୟ୍ ଗାଦେକ୍ ଲକ୍
ମଽନ୍‌କେ ସିକ୍ୟା ଦିଲାୟ୍, ଆରେକ୍ ଆନ୍ତିଅକିଆର୍ ଚେଲାମଽନ୍
ହଽର୍ତୁ କ୍ରିସ୍ଟାନ୍ ବଽଲି ଡାକ୍ ହୁଟ୍‌ଲାୟ୍ । 27 ସଽଡେବଽଲ୍ କଽତେକ୍
ବାବ୍‌ବାଦି ଜିରୁସାଲମେ ହୁଣି ଆନ୍ତିଅକିଆକ୍ ଆୟ୍‌ଲାୟ୍ । 28
ସେମଽନାର୍ ବିତ୍ରେ ଆଗାବ୍ ନାଉଁଆର୍ ଗଟେକ୍ ଲକ୍ ହୁର୍ତିଏ
ବଽଡେ କଽତାର୍ ଅୟ୍‌ଦ୍ ବଽଲି ଆତ୍ମା ତଽୟ୍ ଜାଣାୟ୍‌ଲା, ସେରି
କ୍ଲାଉଦିଆ ରମରାଜିର୍ ଚକର୍ ବତି ରିଲାବଽଲ୍ ଗଽଟ୍‌ଲି । 29
ସେତାକ୍ ଚେଲାମଽନ୍ ହଽତିଲକ୍ ତାକାର୍ ହାରୁସଽକାତ୍ ଜିଉଦା
ରାଜିର୍ ବାୟ୍‌ମଽନ୍‌କେ ଉହ୍‌କାର୍ କଽରୁକେ ତିର୍ କଽଲାୟ୍ । 30
ଆର୍ ସେମଽନ୍ ହେଁ ସେନ୍‌କଽରି ବର୍ନବା ଆର୍ ସାଉଲ୍ ଆତେ
ପାରାଚିନ୍‌ମଽନ୍‌କେ ଡାବୁ ହଟାୟ୍‌ଲାୟ୍ ।

12 ସଽଡେବଽଲ୍ ହେରଦ୍ ରଽଜା ମଣ୍ଡଳିର୍ କଽତେକ୍
ଲକ୍‌ମଽନ୍‌କେ କଽସ୍ଟ ଦେଉଁକ୍ ଆରୁମ୍ କଽଲା । 2 ସେ
ଜହନାର୍ ବାୟ୍‌ସି ଜାକୁବକେ କଽଣ୍ଡା ସଽଙ୍ଗ ଅଽତ୍ୟା କଽଲା । 3
ଇତାକ୍ ଜିଉଦିମଽନ୍ ସଽର୍ଦା ଅଽଉତାର୍ ଦଽକି ସେ ପିତର୍‌କେ
ବାନ୍ଧ୍‌ଲାୟ୍ । ସଽଡେବଽଲ୍ କମିର୍ ନଽମିସାୟ୍‌ଲା ହିଟାର୍ ହଽର୍ବ୍
ରିଲି । 4 ହଽଚେ ସେ ତାକେ ଦଽରି ଜଽଇଲେ ହୁରୟ୍‌ଲା,
ମୁକ୍ଲାଉଁଣି ହଽର୍ବ୍ ସଽର୍ଲେକ୍ ତାକେ ଲକ୍‌ମଽନାର୍ ତଽୟ୍ ବାର୍‌କଽରି
ଆଣୁକେ ଟିକ୍ କଽଲା ଆର୍ ହଽତି ଦଽଳେ ଚାରିଲକ୍ ଲେକା
ରେତା ଚାରିଗଟ୍ ସଽଇନ୍ ଦଽଲ୍ ତାକେ ଜାଗାୟ୍‌ଲା । 5 ତଽବେ
ପିତର୍ ଜଽଇଲେ ରିଲା, ମଽତର୍ ତାର୍ ଗିନେ ମଣ୍ଡଳି ଏକ୍‌ମଽନେ
ଇସ୍ୱର୍ ତଽୟ୍ ପାର୍ତ୍‌ନା କଽର୍ତି ରିଲାୟ୍ । 6 ହଽଚେ ହେରଦ୍
ଜୁୟ୍‌ଦିନ୍ ପିତର୍‌କେ ବାର୍‌କଽରି ଆଣ୍‌ତାର୍ ରିଲି, ସେ ଆଗାର୍
ରାତି ସିକ୍ଲାୟ୍ ବାନ୍ଧା ଅୟ୍ ଜଳେକ୍ ସଽୟ୍‌ନ୍ ମଽଜାୟ୍ ସୟ୍‌ରିଲା,
ଆର୍ ସଽଇନ୍‌ମଽନ୍ ଦୁଆର୍ ମୁଏଁ ଜାଗ୍‌ତି ରିଲାୟ୍ । 7 ଆର୍
ଦଽକା ମାପ୍ରୁର୍ ଦୁତ୍ ହଚ୍‌ଲା ଆର୍ ଜଽଇଲ୍ ଗଽର୍ ଉଜାଲ୍ ଅୟ୍‌ଲି
ଆର୍ ସେ ପିତର୍‌କେ କୁଚାୟ୍‌ମାରି ତାକେ ନିଦ୍ ବାଙ୍ଗାୟ୍ କୟ୍‌ଲା,
"ବେଗି ଉଟ୍" ସଽଡେବଽଲ୍ ତାର୍ ଆତେ ହୁଣି ସିକ୍ଲି କୁସୁଲ୍‌ଲି
। 8 ଆରେକ୍ ଦୁତ୍ ତାକେ କୟ୍‌ଲା, "ଅଽଟାବିଳା ବାନ୍ଧ ଆର୍
ହାଣ୍ଡାୟ୍ ହିନ୍ଧ ।" ପିତର୍ ସେନ୍ କଽଲା ଆର୍ ତାକେ କୟ୍‌ଲା,
ଆର୍ "ଗଽଗାଳେ ହଽଚ୍ୟା ହୁଙ୍ଗି ମର୍ ହଽଚେହଽଚେ ଆଉ ।" 9
ସେ ବାରାୟ୍ ତାର୍ ହଽଚେହଽଚେ ଗଽଲା, ମଽତର୍ ଦୁତ୍ ଜାୟ୍‌ରି
କଽଲା, ପିତର୍ ସେରି ଜେ ସଽତ୍ ବଽଲି ଜାଣି ଇସଽବୁ ଚଽହ୍ନେ
ଦଽକୁଲେ ବଽଲି ବାବ୍‌ତି ରିଲା । 10 ଜଽଡେବଽଲ୍ ହଽର୍ତୁ ଆର୍
ହଽଚାର୍ ଜାଗ୍‌ତା ଦଽଲ୍ ଲିଙ୍ଗିକଽରି ଜୁୟ୍ ଲଽଉଆର୍ ଦୁଆର୍ ବାଟ୍
ଅୟ୍ ଗଽଳେ ଜଽଉଁକେ ଅୟ୍‌ଦ୍ ସେ ଚଽମେ ଆୟ୍‌ଲାୟ୍, ସେ
ଦୁଆର୍ ମଽନ୍‌କେ ମଽନ୍ ସେମଽନାର୍ ଗିନେ ଉଗାଳି ଅୟ୍‌ଲି ଆର୍
ସେମଽନ୍ ବାରୟ୍ ଜାୟ୍ ଡଽଣ୍ଡାର୍ ସଽରାସଽରି ମୁଣ୍ଡ ହଽତେକ୍
ଗଽଲାୟ୍, ସେଦାହ୍ରେ ସେ ଦୁତ୍ ପିତର୍‌କେ ଚାଡି ବାଣାଅୟ୍‌ଲା ।
11 ସଽଡେବଽଲ୍ ପିତର୍ ଚେତ୍‌ନା ଅୟ୍ କୟ୍‌ଲା ମାପ୍ରୁ ଅଽହ୍‌ଣାର୍
ଦୁତ୍ ହଽଟାୟ୍ ହେରଦ୍ ଆତେ ହୁଣି ଆର୍ ଜିଉଦି ଲକ୍‌ମଽନାର୍
ତଽୟ୍‌ହୁଣି ମକ୍ ମୁକ୍ଲାୟ୍ ଆଚେ, "ଇତି ମୁୟ୍ଁ ଅଽବେ ନିଜ୍‌କଽରି
ଜାଣ୍‌ଲେ ।" 12 ସେ ଇ କଽତା ବାବି ମାର୍କ ବଽଲେକ୍ ଜହନାର୍
ଆୟ୍‌ସି ମରିୟମାର୍ ଗଽରେ ଆୟ୍‌ଲା, ସେତି ଗାଦେକ୍ ଲକ୍ ରୁଣ୍ଡି
ପାର୍ତ୍‌ନା କଽର୍ତି ରିଲାୟ୍ । 13 ସେ ହଽଦାର୍ ଦୁଆର୍ ମାର୍ଲାକ୍ ରଦା
ନାଉଁଆର୍ ଗଟେକ୍ ଗତିଦଽଙ୍ଗ୍ଲି କେ ବଽଲି ହଽଚାରୁକ୍ ଗଽଲି ।
14 ସେ ପିତରାର୍ ଟଣ୍ଡ ସୁଣି ସଽର୍ଦା ଅୟ୍ ଦୁଆର୍ ଉଗାଳି ନଽକେରି
ବିତ୍ରେ ଦଽବ୍‌ଲି ଗଽଲି ଆର୍ ଦୁଆରେ ପିତର୍ ଟିଆ ଅୟ୍‌ଆଚେ
ବଽଲି କୟ୍‌ଲି । 15 ସେମଽନ୍ ତାକେ କୟ୍‌ଲାୟ୍ "ତୁୟ୍ ବଽୟା
ଅୟ୍‌ଲିସ୍" ମଽତର୍ ସେ ସଽତ୍ ବଽଲି କଽଉଁକେ ଦଽର୍ଲି, ସେମଽନ୍
କୟ୍‌ଲାୟ୍, "ଇରି ପିତରାର୍ ଦୁତ୍ ।" 16 ମଽତର୍ ପିତର୍ ଦୁଆରେ
ତର୍‌କେତର୍ ମାର୍ତି ରିଲା, ଆରେକ୍ ସେମଽନ୍ ଦୁଆର୍ ଉଗାଳି
ତାକେ ଦଽକି କାବା ଅୟ୍‌ଲାୟ୍ । 17 ମଽତର୍ ସେମଽନ୍‌କେ ତୁନ୍
ହାଲୁକ୍ ଆତ୍ ସଽଗ୍ୟାକଽରି କୟ୍‌ଲା ଆର୍ ମାପ୍ରୁ କଽନ୍‌କଽରି
ତାକେ ଜଽଇଲେ ହୁଣି ବାର୍‌କଽରି ଆଣ୍‌ଲା ସେରି ସେମଽନଽକେ
ଗଟେକ୍ ଗଟେକ୍ କଽରି କୟ୍‌ଲା, ଆରେକ୍ "ସେ କୟ୍‌ଲା ଇସଽବୁ

କଃତା ଜାକୁବକ୍ ଆର୍ ବାୟ୍‌ମଃନ୍‌କେ ଜାଣାଉ" ଆର୍ ସେ ସେତି
ହୁଣି ବିନେ ଗଃଲା । 18 ସଃକାଳ୍ ଅୟ୍‌ଲାକ୍ ପିତର୍ କେଣେ ଗଃଲା
ବଃଲି ସଃଇନ୍‌ମଃନାର୍ ବିତ୍ରେ ଉର୍ଜି ଅୟ୍‌ଲି । 19 ଆର୍ ହେରଦ୍
ତାକେ ଲଲୁ ନାହାର୍ଲାକ୍ ଜାଗ୍‌ତା ସଃଇନ୍‌ମଃନ୍‌କେ ହଃଚାର୍ଲା
ହଃଚେ ସେମଃନ୍‌କେ ମଃର୍ନେ ମାରୁକ୍ କୟ୍‌ଲା । ହଃଚେ ଜିଉଦା
ରାଜାୟ୍ ହୁଣି କାଇସରିଆ ଜାୟ୍ ସେତି ରିଲା । 20 ସଃଡେବଃଲ୍
ହେରଦ୍ ସର୍ ଆର୍ ସିଦନ୍ ଲକାର୍ ଉହ୍ରେ ବଃଡେ ରିସା ଅୟ୍‌ରିଲା,
ଆର୍ ସେମଃନ୍ ଗଟେକ୍ ଦଃଳ୍‌ଅୟ୍ ତାର୍ ଚଃମେ ଆୟ୍‌ଲାୟ୍ ଆର୍
ରଃଜାର୍ ସଃଉତା ଗଃରାର୍ ଗୁମୁସ୍ତା ବ୍ଲାସ୍ତକେ ଅଃହ୍‌ଣାର୍ କଃତାକ୍
ସୁସ୍ତା ଅଃଉଁକେ ଗଃଉଆରି କଃଲାୟ୍, କାୟ୍‌ତାକ୍ ବଃଲେକ୍
ରଃଜାର୍ ଦେସେ ହୁଣି ସେମଃନାର୍ ଦେସେ କାଦିକଣ୍ଡା ଜାତି
ରିଲି । 21 ଇତାକ୍ ଗଟେକ୍ ଟିକ୍ ଅୟ୍‌ଲା ବିନ୍ ହେରଦ୍ ରଃଜା
ବଃସ୍ତୁର୍ ହିନ୍ଦି ସିଙ୍ଘାସଣେ ବଃସି ସେମଃନାର୍ ମୁଏଁ ଗଟେକ୍ କଃତା
ଉଦେସ୍ ଦିଲା । 22 ସେତାକ୍ ଲକ୍‌ମଃନ୍ ଉଲ୍‌ଗାଟ୍ ଅୟ୍ କାଉଁକେ
ଦଃର୍ଲାୟ୍, "ଇରି ଦେବ୍‌ତାର୍ ଟଣ୍ଡ, ମାନାୟ୍‌ର୍ ଟଣ୍ଡ ନାୟ୍ ।"
23 ତଃତ୍‌କାଣ୍ ମାପ୍ରୁର୍ ଗଟେକ୍ ଦୁତ୍ ତାକେ ମାର୍ଲା, କାୟ୍‌ତାକ୍
ବଃଲେକ୍ ସେ ଇସ୍ୱର୍‌କେ ଜଃଜ୍‌ମାନ୍ ନଃକେଲା ଆର୍ ସେ ହକ୍
ଦଃରାୟ୍ ଅୟ୍ ମଃଲା । 24 ମଃତର୍ ଇସ୍ୱରାର୍ କଃତା ଅଃଦିକ୍
ଉର୍ଜିଅୟ୍ ଚାରିହାକ୍ ବାଟି ଅଃଉଁକେ ଦଃର୍ଲି । 25 ହଃଚେ ବର୍ନବା
ଆର୍ ସାଉଲ୍ ଅଃହ୍‌ଣାମଃନାର୍ ସେବା କାମ୍ ସଃରାୟ୍ ମାର୍କ
ବଃଲେକ୍ ଜହନ୍‌କେ ସଃଙ୍ଗେ ଦଃରି ଜିରୁସାଲମ୍ ବାଉଳି ଗଃଲାୟ୍
।

**13** ସଃଡେବଃଲ୍ ଆନ୍ତିଅକିଆର୍ ମଣ୍ଡଳି ତଃୟ୍ ବର୍ନବା,
ସିମିୟନ୍ ଜାକେ ନିଗର୍ ବଃଲି କଃଉତି, କୁରିଣିୟର୍
ଲୁକିଅର୍ ତଃଳିଆ ରଃଜା ହେରଦ୍ ତାକେ ବାଡାୟ୍ ରିଲା ମନହେମ୍
ଆର୍ ସାଉଲ୍ ଅଃନ୍‌କଃରି ବାବ୍‌ବାଦି ଆର୍ ସିକାଉତା ଲକ୍
ରିଲାୟ୍ । 2 ସେମଃନ୍ ମାପ୍ରୁର୍ ସେବା ଆର୍ ଉହାସ୍ କଃର୍ତାବଃଲ୍
ପବିତ୍ର ଆତ୍ମା କୟ୍‌ଲି, ଜୁୟ୍ କାମାର୍ ଗିନେ ଅଃମି ବର୍ନବା ଆର୍
ସାଉଲ୍‌କେ କୁଦି ଆଚୁ ସେତାକ୍ ସେମଃନ୍‌କେ ବିନେ କଃରା ।
3 ସେତାକ୍ ସେମଃନ୍ ଉହାସ୍ ଆର୍ ପାର୍ତ୍ନା କଃଲା ହଃଚେ,
ସେମଃନାର୍ ଉହ୍ରେ ଆତ୍ ସଃଙ୍ଗାୟ୍‌ଲାୟ୍ ଆର୍ ସେମଃନ୍‌କେ
ହଃଟାୟ୍‌ଲାୟ୍ । 4 ଇ ହଃର୍କାରେ ବର୍ନବା ଆର୍ ସାଉଲ୍ ପବିତ୍ର
ଆତ୍ମା ହଃଟାୟ୍‌ଲାକେ ସେଲୁକିଆକ୍ ଗଃଲାୟ୍, ସେତି ହୁଣି ହାଣି
ଜାଜେ ଚଃଗି ସାଇପ୍ରସ୍ ହାକ୍ ଗଃଲାୟ୍ । 5 ସେମଃନ୍ ସାଲମି
ତଃୟ୍ ହଚ୍‌ଲା ହଃଚେ ଜିଉଦିମଃନାର୍ ସଃବୁ ପାର୍ତ୍ନା ଗଃରେ
ଇସ୍ୱରାର୍ କଃତା ପର୍ଚାର୍ କଃରୁକେ ଦଃର୍ଲାୟ୍, ଆର୍ ଜହନ୍ ମାର୍କ
ହେଁ ସେମଃନ୍‌କେ ଉହ୍‌କାର୍ କଃରୁକେ ସେମଃନାର୍ ସଃଙ୍ଗେ ରିଲା
। 6 ଆରେକ୍ ସେମଃନ୍ ଚାରିହାକ୍ ଟାପୁମଃନ୍‌କେ ବୁଲି ବୁଲି
ପାପସ୍‌କେ ଆସି ଗଟେକ୍ ବମ୍‌ଲାଉତା ବାବ୍‌ବାଦିକେ ଦଃକ୍‌ଲାୟ୍,
ସେ ଗଟେକ୍ ଜିଉଦି ଆର୍ ତାର୍ ନାଉଁ ବାର୍‌ଜିସୁ । 7 ସେ ରଃଜା
ବାଚ୍‌ଲା ଗୁମୁସ୍ତା ସେର୍ଗିଅ ପାଉଲାର୍ ସଃଙ୍ଗୁଆଳି ରିଲା, ସେ
ରଃଜା ବାଚ୍‌ଲା ଗୁମୁସ୍ତା ଲକ୍ ଗଟେକ୍ ବୁଦିମାନ୍ ଲକ୍ ରିଲା, ସେ
ଇସ୍ୱରାର୍ କଃତା ସୁଣୁକ୍ ମଃନ୍ କଃରି ବର୍ନବା ଆର୍ ସାଉଲ୍‌କେ
ତାର୍ ଚଃମେ କୁଦାୟ୍‌ଲା । 8 ମଃତର୍ ସେ ଗୁଣିଆ ଏଲିମା, ଇରି
ତାର୍ ଗ୍ରିକ୍ ନାଉଁ, ସେ ରଃଜାର୍ ବାଚ୍‌ଲା ଅଃଦିକାରି ଜଃନ୍‌କଃରି
କି କ୍ରିସ୍ଟକେ ବିସ୍ୱାସ୍ ନଃକେରେ ସେତାର୍‌ଗିନେ ସେମଃନ୍‌କେ
ବାଦା ଦେଉଁକ୍ ଦଃର୍ଲା । 9 ମଃତର୍ ସାଉଲ୍ ଜାକେ ପାଉଲ୍
ବଃଲି ହେଁ କଃଉତି, ପବିତ୍ର ଆତ୍ମାୟ୍ ହୁର୍ନ୍ ଅୟ୍ ତାକେ ଗଃଡିୟା
ଗଃଡିୟା ଦଃକି କଃରି କୟ୍‌ଲା, 10 "ଏ ସୟ୍‌ତାନାର୍ ହୟ୍‌ସି
ତୁୟ୍ ସଃବୁ ହଃର୍କାର୍ ହେଟ୍‌କୁଟ୍ୟା ଆର୍ ଟକୁଆ ଆର୍ ସଃବୁ
ହଃର୍କାର୍ ଦଃର୍ମାର୍ ସଃତ୍ରୁ, ତୁୟ୍ ସଃବୁବଃଲ୍ ମାପ୍ରୁର୍ ସଃତ୍‌କେ
ମିଚ୍ କଃରୁକେ ଚେସ୍ଟା କଃରୁଲିସ୍ । 11 ଆର୍ ଅଃବେ ଦଃକ୍
ମାପ୍ରୁର୍ ଆତ୍ ତର୍ ଉହ୍ରେ ଆଚେ, ତୁୟ୍ କାଣା ଅୟ୍ କଃତି ଗଃଟା
ହଃତେକ୍ ବେଲ୍‌କେ ଦଃକୁ ନଃହାର୍‌ସି । ସେଦାହ୍ରେ ଦୁୟେଁରି
ଆର୍ ଅଃନ୍ଦାର୍ ତାକେ ଡାହ୍‌ଲି" ସେତାକ୍ ତାକେ ଆତ୍ ଦଃରି
କାଡାଉଁକ୍ ସେ ଏଣେ ତେଣେ ଆଣ୍ଡଳି ଲକ୍‌କେ ଲଲୁକ୍ ଦଃର୍ଲା
। 12 ସେ ରଃଜା ବାଚ୍‌ଲା ଗୁମୁସ୍ତା ଇ ଗଃଟ୍‌ଣା ଦଃକି ମାପ୍ରୁର୍
ତଃୟ୍ ବିସ୍ୱାସ୍ କଃଲା ବଃଲେକ୍ ସେ ମାପ୍ରୁର୍ କଃତା ସୁଣି କାବା
ଅୟ୍‌ରିଲା । 13 ହଃଚେ ପାଉଲ୍ ଆର୍ ତାର୍ ସଃଙ୍ଗୁଆଳିମଃନ୍
ପାପସ୍ ଟାଣେ ହୁଣି ହାଣି ଜାଜେ ପପୁଲିଆର୍ ପର୍ଗିକେ ଆୟ୍‌ଲାୟ୍,
ମଃତର୍ ଜହନ୍ ମାର୍କ ସେମଃନ୍‌କେ ଚାଡିକଃରି ଜିରୁସାଲମ୍
ବାଉଳି ଗଃଲା । 14 ସେମଃନ୍ ପର୍ଗି ହୁଣି ଜାୟ୍‌କଃରି ପିସିଦିଆର୍
ଆନ୍ତିଅକିଆ ହଚ୍‌ଲାୟ୍ ଆର୍ ବିସାଉଁଣିବାର୍ ବିନ୍ ଜିଉଦିମଃନାର୍
ପାର୍ତ୍ନା ଗଃରେ ଜାୟ୍ ବଃସ୍‌ଲାୟ୍ । 15 ଆରେକ୍ ମସାର୍
ସାସ୍ତର୍ ଆର୍ ବାବ୍‌ବାଦିର୍ ସାସ୍ତର୍ ହଢ୍‌ଲା ହଃଚେ ପାର୍ତ୍ନା
ଗଃରାର୍ ମୁଳିକାମଃନ୍ ସେମଃନାର୍ ହାକ୍ ଇରି କୟ୍ ହଃଟାୟ୍‌ଲାୟ୍
"ବାୟ୍‌ମଃନ୍ ଲକ୍‌ମଃନାର୍ ଗିନେ ଜଦି ତୁମିମଃନାର୍ କାୟ୍ ସିକ୍ୟା
ଦେତାର୍ କଃତା ଆଚେ ତଃବେ କଃଉଆ ।" 16 ସେତାକ୍ ପାଉଲ୍
ଟିଆ ଅୟ୍ ଆତ୍‌ସଃଗ୍ୟା କଃରି କଃଉଁକେ ଦଃର୍ଲା ଏ ଇସ୍ରାଏଲ୍
ଲକ୍‌ମଃନ୍ ଆର୍ ଇସ୍ୱର୍‌କେ ମାନ୍‌ତା ଲକ୍‌ମଃନ୍ ମର୍ କଃତା ସୁଣା,
17 ଇସ୍ରାଏଲ୍ ଜାତିର୍ ଇସ୍ୱର୍ ଅଃମିମଃନାର୍ ଦାଦିବାବୁମଃନ୍‌କେ
ବାଚ୍‌ଲା ଆର୍ ସେମଃନ୍ ମିସର୍ ଦେସେ ବାସା କଃର୍ତି ରିଲାୟ୍
ସଃଡେବଃଲ୍ ସେମ୍‌ନଃକେ ଉହ୍ରେ ଉଟାୟ୍‌ଲା ଆରେକ୍ ତାର୍
ବଃଳ୍ ସଃକାତ୍ ଆଡେ ସେତି ହୁଣି ସେମ୍‌ନଃକେ ବାର୍‌କଃରି
ଆଣ୍‌ଲା । 18 ହଃଚେ ଚାଳିସ୍ ବଃର୍ସ୍ ହଃତେକ୍ ସୁକ୍‌ଲା ବଃଟାୟ୍
ସେମଃନାର୍ ଗେଞ୍ଜଣା ସମ୍ଭାଳ୍‌ଲା । 19 ଆରେକ୍ କିଣାନ୍ ଦେସାର୍
ସାତ୍‌ଗଟ୍ ବଃଉଁସାର୍ ଲକ୍‌ମଃନ୍‌କେ ନାସ୍ କଃରି, 20 ହାକାହାକି
ଚାରିସଅ ଦୁୟ୍‌କଳିଦଃସ୍ ବଃର୍ସ୍ ବିତ୍ରେ ଇସଃବୁ ଗଃଟ୍‌ଣା ଗଃଟ୍‌ଲି
। "ଇତାର୍ ହଃଚେ ବାବ୍‌ବାଦି ସାମୁଏଲ୍ ହଃତେକ୍ ବିଚାର୍‌କର୍ତା
ଲକ୍‌ମଃନ୍‌କେ ବାଚ୍‌ଲା ।" 21 ତାର୍ ହଃଚେ ସେମଃନ୍ ଗଟେକ୍
ରଃଜା ହାଉଁକେ ପାର୍ତ୍ନା କଃଲାୟ୍, ଆର୍ ଇସ୍ୱର୍ ଦୁୟ୍‌କଳି ବଃର୍ସ୍
ହଃତେକ୍ ବିନ୍ୟାମିନ୍ ବଃଉଁସାର୍ କିସାର୍ ହୟ୍‌ସି ସାଉଲ୍‌କେ

ସେମଽନ୍‌କେ ରଽଜା କଽରି ଦିଲା । 22 ହଽଚେ ଇସ୍ୱର୍ ତାକେ
ରଽଜା ହଽଦ୍ କାଡିକଽରି ସେମଽନାର୍ ରଽଜା ଅଽଉଁକେ ଦାଉଦ୍‌କେ
ବାଚ୍‌ଲା ସେ ହେଁ ତାର୍ କଽତା ସାକି ଅୟ୍ କୟ୍‌ଲା ଅଽମି ଜିସିର୍
ଦାଉଦ୍‌କେ ମିଳାୟ୍ ଆଚୁ ସେ ଅଽମାର୍ ମଽନ୍ କଽଲା ଲକ୍, ସେ
ସଽବୁ କଽତାୟ୍ ଅଽମାର୍ ଇଚା ମାନେଦ୍ । 23 ତାର୍ ବଽଉଁସ୍
ହୁଣି ଇସ୍ୱରାର୍ ସଽୟ୍‌ତ୍ ହଽର୍କାରେ ଇସ୍ରାଏଲାର୍ ଗିନେ ଗଟେକ୍
ମୁକ୍ଳାଉତା ଲକ୍ ବଽଲେକ୍ ଜିସୁକେ ହଽଟାୟ୍‌ଦ୍ । 24 ଜିସୁ ତାର୍
କାମ୍ ଆରୁମ୍ କଽର୍ତା ହୁର୍ବେ ଜହନ୍ ସଽବୁ ଇସ୍ରାଏଲ୍ ଲକାର୍
ଚଽମେ ହଽର୍ତୁ ମଽନ୍ ବାଦ୍‌ଲାଉତା ବାପ୍ତିସମ୍ ପର୍ଚାର୍ କଽରି ରିଲା
। 25 ଆର୍ ଜହନ୍ ଅଽହ୍‌ଣାର୍ ଟିକ୍ କଽଲା କାମ୍ ସଽରାଉଁ ସଽରାଉଁ
ଲକ୍‌ମଽନ୍‌କେ କୟ୍‌ଲା, ମୁୟ୍‌ଁ ଜେ ବଽଲି ତୁମିମଽନ୍ ମଽନେ
ବାବୁଲାସ୍ ମୁୟ୍‌ଁ ସେ ନାୟ୍, ମଽତର୍ ଦଽକା ମର୍ ହଽଚେ ଗଟେକ୍
ଲକ୍ ଆସୁଲା, ତାର୍ ହାଦାର୍ ହାଣ୍ଡାୟ୍ କୁସ୍ଲାଉଁକେ ମୁୟ୍‌ଁ ଜୟ୍‌ଗ୍
ନାୟ୍ । 26 "ଏ ବାୟ୍‌ମଽନ୍ ଅବ୍ରାହାମ୍ ବଽଉଁସାର୍ ହିଲାମଽନ୍
ଆର୍ ତୁମିମଽନାର୍ ବିତ୍ରେ ଇସ୍ୱର୍ କେ ମାନ୍‌ତା ଅଜିଉଦିମଽନ୍
ଅଽମାର୍ ଚଽମେ ଇ ମୁକ୍ଳାଉତା କଽତା କୟ୍ ହଽଟାୟ୍ ଆଚେ
।" 27 କାୟ୍‌ତାକ୍‌ବଽଲେକ୍ ଜିରୁସାଲମାର୍ ଲକ୍‌ମଽନ୍ ଆରେକ୍
ସେମଽନାର୍ ମୁଳିକାମଽନ୍ ଜିସୁକେ ମୁକ୍ତିକାରି ବଽଲି ନଽଜାଣି
ଆରେକ୍ ହଽତି ବିସାଉଁଣିବାର୍‌ଦିନ୍ ହଳ୍‌ତା ବାବ୍‌ବାଦିମଽନାର୍
କଽତା ସଽବ୍‌କେ ନଽଜାଣିକଽରି ତାକେ ଦସି ବାବେ ବିଚାର୍
କଽରି ସଽବୁ ହୁରୁଣ୍ କଽଲାୟ୍ । 28 ଆର୍ ମଽର୍ନ୍ ଦଽଣ୍ଡାର୍ କାୟ୍
ଦଽସ୍ ନଽହାୟ୍‌ଲେକ୍ ହେଁ ତାକେ ମାରୁକ୍ ପିଲାତକେ ଗଽଉଆରି
କଽଲାୟ୍ । 29 ଆରେକ୍ ତାର୍ ବିସୟେ ଦଽର୍ମ୍‌ସାସ୍ତ୍ରରେ ଜୁୟ୍ ସଽବୁ
ଲେକା ଆଚେ ସେମଽନ୍ ସେ ସଽବୁ ହୁର୍ନ୍ କଽଲା ହଽଚେ ତାକେ
କ୍ରୁସେ ହୁଣି ଉତ୍ରାୟ୍ ଆଣି ମଽସ୍‌ଣେ ସଽଙ୍ଗାୟ୍‌ଲାୟ୍ । 30 ମଽତର୍
ଇସ୍ୱର୍ ତାକେ ମଽଲା ତଽୟ୍ ହୁଣି ଉଟାୟ୍‌ଲା । 31 ଆରେକ୍ ଜୁୟ୍
ଲକ୍‌ମଽନ୍ ତାର୍ ସଽଙ୍ଗ୍ ଗାଲିଲି ହୁଣି ଜିରୁସାଲମ୍ ଆସି ରିଲାୟ୍
ସେମଽନ୍ ବୁତେକ୍ ଦିନ୍ ହଽତେକ୍ ତାକେ ଦଽକ୍‌ଲାୟ୍, ସେମଽନ୍
ଇସ୍ରାଏଲ୍ ଲକ୍‌ମଽନାର୍ ଗିନେ ସାକି । 32 ଆର୍ ଦାଦିବାବୁ
ମଽନାର୍ ଚଽମେ କଽଲା ସଽୟ୍‌ତ୍ ଆମିମଽନ୍ ତୁମିମଽନଽକେ ଇ
ନିକ କବୁର୍ ପର୍ଚାର୍ କଽରୁଲୁ । 33 ଇସ୍ୱର୍ ଜିସୁକେ ଉଟାୟ୍ କଽରି
ସେମଽନାର୍ ହିଲା ଜେ ଆମିମଽନ୍ ଅଽମାର୍ ଗିନେ ସେ ସଽୟ୍‌ତ୍
ହୁରୁଣ୍ କଽରିଆଚେ, ଜଽନ୍‌କଽରି ଗିତ୍‌ସଙ୍ଗିତା ଦୁୟ୍ ଲଽଗେ
ଲେକା ଆଚେ- "ତୁୟ୍ ଅଽମାର୍ ହଅ; ଆଜି ମୁୟ୍‌ଁ ତର୍ ଉବାଦି
ଅୟ୍‌ଲେ ।" 34 ସେ ଜେ ମଽଲା ଲକ୍ ତଽୟ୍‌ହୁଣି ଉଟାୟ୍ ଆଚେ
ଆରେକ୍ ସେ ଜେ, ଆର୍ ନଽସ୍ଟ ଜଽଗାୟ୍ ନଽଲେଉଟେ ଇ କଽତା
ଇ ହଽର୍କାରେ କୟ୍‌ଆଚେ- "ମୁୟ୍‌ଁ ଦାଉଦାର୍ ଚଽମେ ସଽୟ୍‌ତ୍
କଽଲା ପବିତ୍ର, ଆର୍ ଟିର୍ ରେତା ଆସିର୍ବାଦାର୍ ଜୟ୍‌ଗ୍ ଦଽୟ୍‌ନ୍ଙ୍କ
।" 35 ଆରେକ୍ ହେଁ ସାସ୍ତରାର୍ ଗଟେକ୍ ତଽୟ୍ ଲେକାଆଚେ-
"ତୁୟ୍ ତକ୍ ମାନ୍‌ତା ଲକ୍‌କେ ମଽସ୍‌ଣେ ନଽସ୍ଟ ଅଽଉଁକେ ନଽଦେସି
।" 36 ଦାଉଦ୍ ତ ଅଽହ୍‌ଣାର୍ କାଳାର୍ ଲକ୍‌ମଽନାର୍ ବିତ୍ରେ
ଇସ୍ୱରାର୍ ଇଚା ହଽର୍କାରେ ସେବା କାମ୍ କଽଲା ହଽଚେ ମଽରି
ଗଽଲା ଆର୍ ଅଽହ୍‌ଣାର୍ ଦାଦିବାବୁ ମଽନାର୍ ଚଽମେ ତହ୍‌ଲାକ୍
ତାର୍ ଗଽଗାଲ୍ ନଽସ୍ଟ ଅୟ୍‌ଲି, 37 ମଽତର୍ ଜାକେ ଇସ୍ୱର୍
ମଽର୍ନେହୁଣି ଉଟାୟ୍‌ଲା ଆଚେ ସେ ନଽସ୍ଟ ନଽୟ୍ । 38 ତଽବେ ଏ
ବାୟ୍‌ମଽନ୍ ସୁଣା, ତୁମିମଽନ୍ ଇରି ଜାଣି ରିଆ ଜେ, ଇ ଲକାର୍
ତଽୟ୍‌ହୁଣି ତୁମାର୍ ଚଽମେ ହାହ୍ କେମାର୍ ନିକ କବୁର୍ ପର୍ଚାର୍
କଽରାଅୟ୍‌ଆଚେ ମସାର୍ ବିଦି ତଽୟ୍ ସଽବୁ ଲକ୍ ବିସ୍ୱାସ୍ କଽଲେକ୍
ଉଦାର୍ ହାଉତି । 39 ଆରେକ୍ ମସାର୍ ସାସ୍ତ୍ରର୍ ତଽୟ୍‌ହୁଣି ଜୁୟ୍
ସଽବୁ ବିସୟ୍ ତୁମିମଽନ୍ ଉଦାର୍ ହାୟ୍ ଦଽର୍ମି ଗଽଣା ନୟ୍‌ଲାସ୍
ବିସ୍ୱାସ୍ କଽର୍ତା ହଽତିଲକ୍ ତାର୍ ତଽୟ୍‌ହୁଣି ସେସଽବୁ କଽତାୟ୍
ହୁଣି ମୁକ୍‌ଲି ଦଽର୍ମି ଗଽଣା ଅଽଉତି । 40 ସେତାକ୍ ଜାଗ୍ରତ୍,
କଽଡେବଽଲ୍ ବାବ୍‌ବାଦିମଽନାର୍ ସାସ୍ତ୍ରରେ ଜାୟ୍‌ରି କଽଉଆ
ଅୟ୍‌ଆଚେ ସେରି ଜଽନ୍‌କଽରି ତୁମିମଽନ୍‌କେ ନଽଗଟେ । 41 ଏ
ଅମାନ୍ୟାର୍ ଲକ୍‌ମଽନ୍ ତୁମିମଽନ୍ କାବା ଅୟ୍ ମଽରା, ଇତାକ୍ ମୁୟ୍‌ଁ
ତୁମିମଽନାର୍ ବେଳାୟ୍ ଗଟେକ୍ କାମ୍ କଽରୁଲେ, ଜଦି ସେ କେ
ସେ କାମ୍ ତୁମାର୍ ଚଽମେ ଗଟେକ୍ ଗଟେକ୍ କଽରି କାୟ୍‌ରି କୟ୍‌ଦ୍,
ତଽବେ ତୁମିମଽନ୍ କଽନ୍‌କଽରି ହେଁ "ସେରି ସଽତ୍ କଽରା ନାୟ୍ ।"
42 ପାଉଲ୍ ଆର୍ ବର୍ନବା ପାର୍ତ୍‌ନା ଗଽରେହୁଣି ବାରୟ୍ ଜାତାବଽଲ୍
ଜଽନ୍‌କଽରି ଆରେକ୍ ଗଟ୍ ବିସାଉଁଣିବାର୍‌ଦିନ୍ ସେ ସଽବୁ କଽତା
ସେମଽନ୍‌କେ କଽଉଆ ଅୟ୍‌ଦ୍ ଇତାର୍ ଗିନେ ସେମଽନ୍ ଗଽଉଆରି
କଽରୁକେ ଦଽର୍ଲାୟ୍ । 43 ପାର୍ତ୍‌ନା ସଽର୍ଲା ହଽଚେ ଜିଉଦି ଆର୍
ଜିଉଦି ଦଽର୍ମ୍ ଦାରାୟ୍ ମିସ୍‌ଲା ଅଜିଉଦି ଲକ୍‌ମଽନାର୍ ବିତ୍ରେ
ଗାଦେକ୍ ଲକ୍ ପାଉଲ୍ ଆର୍ ବର୍ନବାର୍ ହଽଚେହଽଚେ ଗଽଲାୟ୍,
ପେରିତ୍‌ମଽନ୍ ସେମଽନାର୍ ସଽଙ୍ଗ୍ କଽତାବାର୍ତା କଽରି ଇସ୍ୱରାର୍
ଦଽୟାୟ୍ ଟିର୍ ଅୟ୍ ରେଉଁକ୍ ବୁଜାୟ୍‌ଲାୟ୍ । 44 ଆରେକ୍
ଗଟେକ୍ ବିସାଉଁଣି ବିନ୍ ଗଽଳାର୍ ସଽବୁଲକ୍ ଇସ୍ୱର୍ କଽତା
ସୁଣୁକ୍ ଗଟେତଽୟ୍ ଅୟ୍‌ଲାୟ୍ । 45 ମଽତର୍ ଜିଉଦିମଽନ୍
ଲକ୍‌ମଽନ୍‌କେ ଦଽକି ଡାରାୟ୍ ହୁର୍ନ୍ ଅୟ୍‌ଲାୟ୍, ଆରେକ୍ ଲିନ୍ଦା
କଽରି ପାଉଲାର୍ କଽତାକ୍ ଜଽବର୍ ବିରଦ୍ କଽରୁକେ ଦଽର୍ଲାୟ୍ ।
46 ସେତାକ୍ ପାଉଲ୍ ଆର୍ ବର୍ନବା ସାସ୍ ଦଽରି କୟ୍‌ଲାୟ୍ ହଽର୍ତୁ
ତୁମିମଽନାର୍ ତଽୟ୍ ଇସ୍ୱରାର୍ କଽତା କଽଉତା ଲଳାରିଲି, ମଽତର୍
ତୁମିମଽନ୍ ସେରି ନଽସୁଣ୍‌ଲାସ୍, ଅଽହ୍‌ଣା ଆହ୍‌ଣାକେ ଅଽମ୍ରର୍
ଜିବନାର୍ ଜୟ୍‌ଗ୍ ନାୟ୍ ବଽଲି ବିଚାର୍ କଽଲାକ୍, ଦଽକା ଅଽମି
ତୁମିମଽନ୍‌କେ ଚାଡି ଅଜିଉଦିମଽନାର୍ ତଽୟ୍ ଜଽଉଁଲୁ । (aiōnios
g166) 47 କାୟ୍‌ତାକ୍ ବଽଲେକ୍ ମାପ୍ରୁ ଆମିମଽନ୍‌କେ ଇ ଆଦେସ୍
ଦଽୟ୍‌ଆଚେ "ଆମିମଽନ୍ ଇ ଅଜିଉଦି ଲକ୍‌ମଽନାର୍ ଉଜାଲ୍ ହର୍
ତୁମିମଽନ୍‌କେ ବାଚି ଆଚୁ ।" ଜଽନ୍‌କଽରି ତୁମି ହୁର୍ତିବିର୍ ସେସ୍
ହଽତେକ୍ ମୁକ୍ଳାଉତା "ଲକ୍ ହର୍ ଅଽଉଆସ୍ ।" 48 ଅଜିଉଦିମଽନ୍
ଇରି ସୁଣି ସଽର୍ଦା ଅୟ୍‌ଲାୟ୍ ଆର୍ ଇସ୍ୱରାର୍ କଽତାକ୍ ଜଽଜ୍‌ମାନ୍
କଽରୁକେ ଦଽର୍ଲାୟ୍ ଆରେକ୍ ଜଽତେକ୍ ଲକ୍ ଅଽମ୍ରର୍ ଜିବନ୍
ଗିନେ ବାଚ୍‌ଲାର୍ ଅୟ୍‌ରିଲା, ସେମଽନ୍ ବିସ୍ୱାସ୍ କଽଲାୟ୍ ।

(aiōnios g166) 49 ଆର୍ ସଃବୁ ହଲିତଃୟ୍ ମାପୁର୍ କଃତା ପର୍ଚାର୍
ଅୟ୍ଲି । 50 ମଃତର୍ ଜିଉଦି ଅଃଦିକାରି ଅଜିଉଦି ଡାକ୍ ହୁଟା
ମାୟ୍ଜିମଃନ୍କେ ଆର୍ ଗଃଲାର୍ ବଃଡ୍ଜାଜକ୍ ଲକ୍ମଃନ୍କେ
ଜିଉଦିମଃନ୍ ସଃର୍ଜାୟ୍ଲାୟ୍ । ଆରେକ୍ ପାଉଲ୍ ଆର୍ ବର୍ନବାକ୍
ତାଲ୍ନା କଃରି ଅଃହ୍ଣାର୍ ସଃନ୍ଦି ତଃୟ୍ ହୁଣି ସେମଃନ୍କେ
ବାର୍କଃଲାୟ୍ । 51 ସେତାକ୍ ପେରିତ୍ମଃନ୍ ଅଃହ୍ଣା ଅଃହ୍ଣାର୍
ହାଦାର୍ ଦୁଲି ସେମଃନାର୍ ବିରଦେ ହାହଲି ଇକନିଆକେ ଗଃଲାୟ୍
। 52 ଆର୍ ଆନ୍ତିୟକିଆୟ୍ ଚେଲାମଃନ୍ ସଃର୍ଦାଅୟ୍ ପବିତ୍ର
ଆତ୍ମାୟ୍ ହୁର୍ନ୍ ଅଃଉଁକେ ଦଃର୍ଲାୟ୍ ।

14 ଇକନିଆୟ୍ ହେଁ ସେନ୍କାର୍ ଗଃଟ୍ଲି, ପାଉଲ୍ ଆର୍ ବର୍ନବା
ଜିଉଦିମଃନାର୍ ପାର୍ତ୍ନା ଗଃରେ ଜାୟ୍କଃରି ଇ କଃତା
କୟ୍ଲାୟ୍ ଜେ, ଜିଉଦି ଆର୍ ଅଜିଉଦିମଃନାର୍ ବିତ୍ରେ ଗାଦେକ୍
ଲକ୍ ବିସ୍ୱାସ୍ କଃଲାୟ୍ । 2 ମଃତର୍ ଜୁୟ୍ ଜିଉଦିମଃନ୍ ବିସ୍ୱାସ୍
ନଃକେଲାୟ୍ ସେମଃନ୍ ବିନ୍ ଅଜିଉଦି ଲକ୍ମଃନ୍କେ ସିର୍ଜାୟ୍
ବିସ୍ୱାସି ବାୟ୍ମଃନାର୍ ବିରଦେ ବିରଦ୍ ବାବ୍ ଜାତ୍କଃଲାୟ୍ । 3
ପାଉଲ୍ ଆର୍ ବର୍ନବା ସେତି ବୁତେକ୍ ବିନ୍ ହଃତେକ୍ ରଃୟ୍ ମାପ୍ରୁର୍
ଉହ୍ରେ ବଃର୍ସା କଃରି, ସାସ୍ ଦଃରି ପର୍ଚାର୍ କଃଲାୟ୍, ଆର୍ ଇସ୍ୱର୍
ସେମଃନାର୍ ଆତେ ହୁଣି ଚିନ୍ ଆର୍ କାବା ଅଃଉତା କାମ୍ କଃରି
ଅଃହ୍ଣାର୍ ଦଃୟାର୍ କଃତାକ୍ ସାକି ଦିଲାୟ୍ । 4 ମଃତର୍ ଗଃଲାର୍
ଲକ୍ମଃନ୍ ଦୁୟ୍ ବାଗ୍ ଅୟ୍ଲାୟ୍, ଗଟ୍ ଦଃଲେ ଜିଉଦିମଃନାର୍
ହାକ୍, ଆରେକ୍ ଗଟ୍ ଦଃଲ୍ ପେରିତ୍ ମଃନାର୍ ହାକ୍ ଅୟ୍ଲାୟ୍ । 5
ତାର୍ହଃଚେ ଅଜିଉଦି ଲକ୍ମଃନ୍ ଆର୍ ଜିଉଦିମଃନ୍, ସେମଃନାର୍
ମୁଲିକାମଃନାର୍ ସଃଙ୍ଗ୍ ସେମଃନ୍କେ କଃସ୍ଟ ଦେଉଁକ୍ ଦଃର୍ଲାୟ୍
ଆର୍ ଟେଲା ସଃତ୍ରୁକ୍ ତିର୍ କଃଲାୟ୍ । 6 ସଃଡେବଃଲ୍ ସେମଃନ୍
ସେରି ଜାଣୁ ହାରି ଲୁକାନିଆର୍ ଲୁସ୍ତ୍ରା ଆର୍ ଦର୍ବି ଗଃଲେ ଆର୍
ଚାରି ହଃକାର୍ ହଲିକ୍ ହଃଲାୟ୍ଲାୟ୍ । 7 ଆର୍ ସେତି ସେମଃନ୍
ନିକ କବୁର୍ ପର୍ଚାର୍ କଃଲାୟ୍ । 8 ଲୁସ୍ତ୍ରାୟ୍ ଗଟେକ୍ ଚଟା
ଲକ୍ ରିଲା ତାର୍ ହାଦ୍ ଦୁର୍ବୁଲ୍ ରିଲି ସେ ଜଃଲମେ ହୁଣି ଚଟା
ଆର୍ ସେ କଃବେ ଇଣ୍ଡି ନଃରିଲା । 9 ସେ ଲକ୍ ପାଉଲାର୍
ପର୍ଚାର୍ ସୁଣ୍ତି ରିଲା, ପାଉଲ୍ ତାକେ ଦଃକି ଆର୍ ଉଜ୍ ଅଃଉଁକେ
ତାର୍ ବିସ୍ୱାସ୍ ରିଲାର୍ ଦଃକି, 10 ପାଉଲ୍ ବଃଡ୍ ଟଣ୍ଡ କଃରି
କୟ୍ଲା "ତର୍ ହାଦେ କୁତ୍ମାଡି ସିଦା ଟିଆ ଅଃଉ!" ସେତାକ୍ ସେ
କୁତ୍ ମାଡି ଇଣ୍ଡକ୍ ଦଃର୍ଲା । 11 ପାଉଲ୍ ଜାୟ୍ରି କଃରିଆଚେ
ଲକ୍ମଃନ୍ ସେରି ଦଃକି ଲୁକାନିଆ ବାସାୟ୍ ବଃଡ୍ ଟଣ୍ଡ କଃରି
କଃଉଁକେ ଦଃର୍ଲାୟ୍ "ଦେବ୍ତାମଃନ୍ ମାନାୟ୍ ବେସେ ଅଃମାର୍
ତଃୟ୍ ଉତ୍ରି ଆସି ଆଚ୍ତି ।" 12 ସେମଃନ୍ ବର୍ନବାକ୍ ବ୍ରୁହସ୍ପତି,
ବଃଲେକ୍ ବଃଡ୍ ଦେବ୍ତା ବଃଲି କୟ୍ଲାୟ୍, ଆର୍ ପାଉଲ୍ ବେସି
କଃତା କଃଉତିରିଲା ଲକ୍ ରିଲା, ତାକେ ବୁଦ, ବଃଲେକ୍ କଃତା
କଃଉତା ଦେବ୍ତା ହେର୍ମାସ୍ ବଃଲି କୟ୍ଲାୟ୍ । 13 ଗଃଲ୍
ଚଃମେ ରିଲା ବଃଡ୍ ଦେବ୍ତା ମନ୍ଦିରାର୍ ହୁଜେରି କଃତିଗଟ୍ ଗଃଚ୍
ଆର୍ ହୁଲ୍ମାଲ୍ ଗଃଲାର୍ ଦୁଆରେ ଆଣି ଲକ୍ମଃନାର୍ ସଃଙ୍ଗ୍
ପେରିତ୍ମଃନାର୍ ଚଃମେ ହୁଜା ଦେଉଁକ୍ ମଃନ୍ କଃର୍ତି ରିଲାୟ୍ ।
14 ମଃତର୍ ପେରିତ୍ମଃନ୍ ବଃଲେକ୍ ବର୍ନବା ଆର୍ ପାଉଲ୍ ଇରି
ସୁଣି ଅଃହ୍ଣା ଅଃହ୍ଣାର୍ ବଃସ୍ତ୍ରର୍ ଚିରି ଲକ୍ମଃନାର୍ ଚଃମେ
ଦଃବ୍ଲି ଜାୟ୍ ବଃଡ୍ ଟଣ୍ଡ କଃରି କଃଉଁକେ ଦଃର୍ଲାୟ୍, 15 "ଏ
ବାୟ୍ମଃନ୍, ଇରି ସଃବୁ କାୟ୍ତାକ୍ କଃରୁଲାସ୍? ଅଃମିମଃନ୍ ହେଁ
ତୁମିମଃନାର୍ ହଃର୍ ନଃର୍ସେ, ଅଃମି ତୁମିମଃନାର୍ ଚଃମେ ଇ
ନିକ କବୁର୍ ପର୍ଚାର୍ କଃରୁଲୁ, ଜଃନ୍କଃରି ତୁମିମଃନ୍ ଇ ସଃବୁ
ମିଚ୍ ଦେବ୍ତା ତଃୟ୍ ହୁଣି ଦୁର୍ ଅୟ୍ ଜିବନ୍ ଇସ୍ୱର୍ ତଃୟ୍ ବାଉଲା
। ସେ ଅଃଗାସ୍ମଃଣ୍ଡଲ୍, ହୁର୍ତିବି, ସଃମ୍ନ୍ଦ ଆର୍ ସେତି ରିଲାର୍
ସଃବୁ ଉବ୍ଜାୟ୍ ଆଚେ । 16 ସେ ହୁର୍ବାର୍ ମାନାୟ୍ ମଃନାର୍
ତଃୟ୍ହୁଣି ଅୟ୍ ଆସ୍ତାର୍ ସଃବୁ ଲକ୍ମଃନ୍କେ ଅଃହ୍ଣା ଅଃହ୍ଣାର୍
ବାଟେ ଇଣ୍ଡକ୍ ଚାଡି ଦଃୟ୍ ରିଲା । 17 ଅୟ୍ଲେକ୍ ହେଁ ସେ
ଆହ୍ଣାକେ ଲୁକାୟ୍ନଃକେରି ନିକକାମ୍ କଃରି ସେ ନିକକଃରି
ଆଚେ, ଆର୍ ଅଃଗାସେ ହୁଣି ବଃର୍ସା ଆର୍ ତାସ୍ ଆର୍ କାଦି ଦଃୟ୍
ସଃର୍ଦାୟ୍ ତୁମିମଃନାର୍ ମଃନ୍ ହୁରୁଣ୍ କଃରିଆଚେ ।" 18 ଇ ସଃବୁ
କଃତା କୟ୍ ସେମଃନ୍ ବଃଡେ କଃସ୍ଟେ ସେମଃନାର୍ ଗିନେ ହୁଜା
କଃର୍ତାତଃୟ୍ ହୁଣି ବଃନ୍ଦକଃରାୟ୍ଲାୟ୍ । 19 ମଃତର୍ ପିସିଦିଆର୍
ଆନ୍ତିଅକିଆ ଆର୍ ଇକନିଆୟ୍ ହୁଣି ସେତି ଜିଉଦିମଃନ୍ ଆସି
ଲକ୍ମଃନ୍କେ ଉସ୍କାୟ୍ ଦିଲାୟ୍ ଆରେକ୍ ପାଉଲ୍କେ ଟେଲା
ମାରି, ସେ ମଃରି ଆଚେ ବଃଲି ମଃନେ ବାବିକଃରି ହଃଦାୟ୍
ଅଃର୍ଗଡି ନିଲାୟ୍ । 20 ମଃତର୍ ଚେଲାମଃନ୍ ତାକେ ବେଳି ଟିଆ
ଅୟ୍ଲାକ୍ ସେ ଉଟି ଗଃଲ୍ ବିତ୍ରେ ବାଉଲି ଗଃଲା, ଆର୍କ ଦିନ୍
ସେ ବର୍ନବା ସଃଙ୍ଗ୍ ଦର୍ବିକେ ଗଃଲା । 21 ସେମଃନ୍ ଦର୍ବି ଗଃଲେ
ନିକ କବୁର୍ ପର୍ଚାର୍ କଃଲାୟ୍ ଆର୍ ଗାଦେକ୍ ଲକ୍ମଃନ୍କେ
ଚେଲା କଃଲା ହଃଚେ, ଲୁସ୍ତ୍ରା, ଇକନିଆ ଆର୍ ଆନ୍ତିଅକିଆକ୍
ବାଉଲି ଆୟ୍ଲାୟ୍ । 22 ଆରେକ୍ ସେ ଟାଣେ ଚେଲାମଃନାର୍
ମଃନ୍କେ ତିର୍ କଃଲାୟ୍ ଆର୍ ବିସ୍ୱାସେ ତିର୍ ଅୟ୍ ରେଉଁକ୍
ସେମଃନ୍କେ ଗଃଉଆରି କଃରି ବଃର୍ସା କଃରାୟ୍ଲାୟ୍, "ବଃଡେ
ଦୁକ୍କଃସ୍ଟ ଅୟ୍ ଅଃମିକ୍ ଇସ୍ୱରାର୍ ରାଇଜେ ଜଃଉଁକେ ଅୟ୍ଦ୍
।" 23 ଆର୍ ସେମଃନ୍ ସେମଃନାର୍ ଗିନେ ହଃତି ମଣ୍ଡଳି ତଃୟ୍
ପାରାଚିନ୍ ବାଚି ଉହାସ୍ ସଃଙ୍ଗ୍ ପାର୍ତ୍ନା କଃଲାୟ୍ ଆର୍ ଜୁୟ୍ ମାପ୍ରୁ
ତଃୟ୍ ସେମଃନ୍ ବିସ୍ୱାସ୍ କଃର୍ତି ରିଲାୟ୍ ତାର୍ ଆତେ ସେମଃନ୍କେ
ସଃହ୍ପି ଦିଲାୟ୍ । 24 ହଃଚେ ସେମଃନ୍ ପିସିଦିଆ ବାଟ୍ ଦଃୟ୍,
ପପୁଲିଆ ଆୟ୍ଲାୟ୍ । 25 ଆର୍ ପର୍ଗି ତଃୟ୍ ମାପ୍ରୁର୍ କଃତା
ପର୍ଚାର୍ କଃରି ଆତାଲିଆ ଗଃଲାୟ୍ । 26 ସେତି ହୁଣି ହାଣି ଜାଜେ
ସେମଃନ୍ ଆନ୍ତିଅକିଆକ୍ ବାଉଲି ଆୟ୍ଲାୟ୍, ସେମଃନ୍ ଜୁୟ୍ କାମ୍
କଃର୍ତି ରିଲାୟ୍ ସେରି କଃରୁକେ ଇସ୍ୱରାର୍ ଦଃୟାୟ୍ ସଃହ୍ପିଅୟ୍
ସେଟାଣେ ହୁଣି ବାରାୟ୍ ଗଃଲାୟ୍ । 27 ସେମଃନ୍ ଆନ୍ତିଅକିଆ
ହଚି, ମଣ୍ଡଳିର୍ ଲକ୍ମଃନ୍କେ ଗଟ୍ତଃୟ୍ ରୁଣ୍ଡାୟ୍ଲାୟ୍ ଆର୍
ଇସ୍ୱର୍ ସେମଃନାର୍ ସଃଙ୍ଗେ ରଃୟ୍ ଜୁୟ୍ ସଃବୁ କାମ୍ କଃରି
ରିଲା ଆର୍ ଅଜିଉଦି ଲକ୍ମଃନ୍କେ ବିସ୍ୱାସାର୍ ଦୁଆର୍ ଉଗାଳି

ଦଃଅୟ୍‌ରିଲାୟ୍ ସେ ସଃବୁ ଗଟେକ୍ ଗଟେକ୍ କଃରି କୟ୍‌ଲାୟ୍ ।
28 ଆର୍ ସେମଃନ୍ ବିସ୍ୱାସିମଃନାର୍ ସଃଙ୍ଗ୍ ବୁତେକ୍ ଦିନ୍ ହଃତେକ୍
ସେତି ରିଲାୟ୍ ।

**15** ଇ ବିତ୍ରେ କଃତେକ୍ ଲକ୍ ଜିଉଦା ରାଜାୟ୍ ହୁଣି ଆସି
ବିସ୍ୱାସିମଃନ୍‌କେ ଇ ସିକ୍ୟା ଦେଉଁକ୍ ଦଃର୍ଲାୟ୍, "ମସାର୍
ବିଦି ହଃର୍କାରେ ତୁମିମଃନାର୍ ସୁନତ୍ ନୟ୍‌ଲେକ୍ ହାହେ ହୁଣି ମୁକ୍ଲୁକ୍
ନାହାରାସ୍ ।" 2 ଇତାକ୍ ପାଉଲ୍ ଆର୍ ବର୍ନବା ସେମଃନାର୍ ସଃଙ୍ଗ୍
କଃତା କାଟାକାଟି ଅୟ୍‌ଲାକ୍ ବାୟ୍‌ମଃନ୍ ପାଉଲ୍, ବର୍ନବା ଆର୍
ତାକାର୍ ବିତ୍ରେ ଆର୍ କଃତିଲକ୍ ଇ କଃତାକ୍ ଦଃରି ଜିରୁସାଲମାର୍
ପେରିତ୍ ଆର୍ ପାରାଚିନ୍‌ମଃନାର୍ ଡଃୟ୍ ଜଃଉଅ ବଃଲି ଡିର୍
କଃଲାୟ୍ । 3 ତଃବେ ମଣ୍ଡ୍‌ଳିର୍ ଲକ୍‌ମଃନ୍ ସେମଃନ୍‌କେ ବାଟ୍
ହଃତେକ୍ ନଃୟ୍ ଚାଡି ଦିଲା ହଃଚେ, ସେମଃନ୍ ପଇନିକିଆ
ଆର୍ ସମିରଣ ବାଟ୍ ଅୟ୍ ଜଃଉଁ ଜଃଉଁ ଅଜିଉଦି ଲକ୍‌ମଃନାର୍
ମଃନ୍ ବାଦ୍‌ଲାଉତାର୍ କଃତା କୟ୍‌କଃରି ସଃବୁ ବାୟ୍‌ମଃନାର୍
ବଃଡେ ସଃର୍ଦା କଃରାୟ୍‌ଲାୟ୍ । 4 ହଃଚେ ସେମଃନ୍ ଜିରୁସାଲମେ
ହଚି, ମଣ୍ଡ୍‌ଳି ଆର୍ ପେରିତ୍ ଆର୍ ପାରାଚିନ୍‌ମଃନାର୍ ଡଃୟ୍ ହଚି
ମାନ୍‌ତି ହାୟ୍‌ଲାୟ୍ ଆର୍ ଇସ୍ୱର୍ ସେମଃନାର୍ ସଃଙ୍ଗ୍ ରଃୟ୍ ଜୁୟ୍
ସଃବୁ କାମ୍ କଃରି ରିଲା ସେରି ସଃବୁ ଗଟେକ୍ ଗଟେକ୍ କଃରି
କୟ୍‌ଲାୟ୍ । 5 ମଃତର୍ ପାରୁସି ଦଃଳାର୍ କଃତି ଲକ୍ ଜିଉଦି
ବିସ୍ୱାସି ମଃନ୍ କୟ୍‌ଲାୟ୍ "ଅଜିଉଦି ଚେଲାମଃନ୍ ସୁନତ୍ ଅୟ୍
ମସାର୍ ବିଦି ମାନ୍‌ତା ଲଳା ଆଚେ ।" 6 ହଃଚେ ଇ ବିସୟେ
କଃତାବାର୍ତା କଃରୁକେ ପେରିତ୍ ଆର୍ ପାରାଚିନ୍‌ମଃନ୍ ରୁଣ୍ଡ୍‌ଲାୟ୍ ।
7 କଃତେକ୍ କଃତାବାର୍ତା ଅୟ୍‌ଲା ହଃଚେ ପିତର୍ ଉଟି ସେମଃନ୍‌କେ
କୟ୍‌ଲା, "ଏ ବାୟ୍‌ବେଣିମଃନ୍ ତୁମିମଃନ୍ ଜାଣାସ୍ ଜେ, ମର୍
ଟଣ୍ଡେହୁଣି ଅଜିଉଦି ଲକ୍‌ମଃନ୍ ଜଃନ୍‌କଃରି ନିକ କବୁର୍ ସୁଣି
ବିସ୍ୱାସ୍ କର୍ତି, ଇତାକ୍ ବୁତେକ୍ ଦିନ୍ ତଃଳେ ଇସ୍ୱର୍ ତୁମିମଃନାର୍
ବିତ୍ରେ ମକ୍ ବାଚିରିଲା । 8 ସଃବ୍‌କାର୍ ମଃନାର୍ କଃତା ଜାଣ୍‌ତା
ଇସ୍ୱର୍ ଅଃମିମଃନ୍‌କ୍ ଜଃନ୍‌କଃରି ପବିତ୍ର ଆତ୍ମା ଦଃୟ୍‌ଆଚେ,
ସେମଃନ୍‌କେ ହେଁ ସେନ୍‌କଃରି ଦଃୟ୍ ସେମଃନ୍‌କେ କୁଦିଆଚେ ।
9 ଆର୍ ସେ ଅଃମିମଃନାର୍ ଆର୍ ସେମଃନାର୍ ମଃନ୍ ବିତ୍ରେ କାୟ୍
ଅଃହ୍ରାତ୍ ନଃବାବି କଃରି ବିସ୍ୱାସ୍ ଗିନେ ସେମଃନାର୍ ହାହ୍ କେମା
କଃରି ଆଚେ । 10 ଇତାକ୍ ଜୁୟ୍ ଜିଅଡି ଅଃମାର୍ ଦାଦିବାବୁ ଆର୍
ଅଃମିମଃନ୍ ବଃଉଁକ୍ ନଃହାର୍‌ଲୁ, ସେ ଜିଅଡି ଚେଲାମଃନାର୍
କଃନ୍ଦେ ଲାଦିଦଃୟ୍ କାୟ୍‌ତାକ୍ ତୁମିମଃନ୍ ଇସ୍ୱର୍‌କେ ପରିକ୍ୟା
କଃରୁଲାସ୍? 11 ନୟ୍ ଇରି ଟିକ୍ ନାୟ୍ ମଃତର୍ ସେମଃନ୍
ଜଃନ୍‌କଃରି ବିସ୍ୱାସ୍ କଃରି ହାହେ ହୁଣି ମୁକ୍‌ଳି ଆଚ୍‌ତି, ଅଃମିମଃନ୍
ହେଁ ସେନ୍‌କାର୍ ମାପ୍ରୁ ଜିସୁର୍ ଦଃୟ୍ୟାୟ୍ ହାହେ ହୁଣି ମୁକ୍ତି ହାଉଁନ୍ଧ
ବଃଲି ବିସ୍ୱାସ୍ କଃରିଆଚୁ ।" 12 ସେତାକ୍ ସଃର୍ନେ ଲକ୍ ତୁନ୍
ହାଲ୍‌ଲାୟ୍ ଆର୍ ବର୍ନବା ଆର୍ ପାଉଲ୍ ଡଃୟ୍‌ହୁଣି ଅଜିଉଦି ଲକ୍
ବିତ୍ରେ ଇସ୍ୱର୍ ଜୁୟ୍ ସଃବୁ ଚିନ୍ ଆର୍ କାବା ଅଃଉତା କାମ୍ କଃରି
ରିଲାୟ୍, ସେମଃନ୍ ଡଃୟ୍‌ହୁଣି ସେତିର୍ ସଃବୁ କଃତା ସୁଣୁକ୍
ଦଃର୍ଲାୟ୍ । 13 ସେମଃନାର୍ କଃତା ସଃର୍ଲାହଃଚେ ଜାକୁବ ଟିଆ
ଅୟ୍ କୟ୍‌ଲା, "ଏ ବାୟ୍‌ବେଣିମଃନ୍ ମର୍ କଃତା ସୁଣା ।" 14
ଇସ୍ୱର୍ ଅଃହ୍‌ଣାର୍ ନାଉଁ ଗିନେ ଅଜିଉଦି ଲକ୍‌ମଃନାର୍ ବିତ୍ରେ
କଃତେକ୍ ଲକ୍‌କେ ମାନୁକ୍ କଃନ୍‌କଃରି ସେମଃନ୍‌କେ ଦଃୟ୍ୟା
କଃରିରିଲା, ସେରିମଃନ୍ ସିମନ୍ କୟ୍‌ଆଚେ । 15 ଆରେକ୍
ବାବ୍‌ବାଦିମଃନାର୍ କଃତା ଇତାର୍ ସଃଙ୍ଗ୍ ମିସୁଲି, ଜଃନ୍‌କଃରି
ସାସ୍ତରେ ଲେକାଆଚେ- 16 "ମାପ୍ରୁ କୟ୍‌ଲା, ଇତାର୍ ହଃଚେ ମୁୟ୍ଁ
ବାଉଳି ଆସିନ୍ଧ, ଆର୍ ଦାଉଦାର୍ ବଃସୁକ୍‌ଲା ଗଃର୍ ଆରେକ୍
ବାନ୍ଟିନ୍ଧ । ଆରେକ୍ ତାର୍ ବଃସମ୍ ଟାଣ୍ ସଃବୁ ଆରେକ୍ ବାନ୍ଟି
ସେରି ଆରେକ୍ ଟିଆ କଃରିନ୍ଧ ।" 17 ଜଃନ୍‌କଃରି ଉବୁର୍ଲା ଲକ୍
ଆର୍ ଜୁୟ୍ ସଃବୁ ଅଜିଉଦି ଲକ୍ ମର୍ ନାଉଁଏ ଡାକ୍ ହୁଟାଅୟ୍
ସେମଃନ୍ ମାପ୍ରୁକ୍ ଲଳ୍‌ତି । ସଃବୁ ସାଦୁନ୍ କର୍ତା ମାପ୍ରୁ ଇରି
କଃଉଁଲା । 18 ମାପ୍ରୁ ଇ କଃତା କଃଉଁଲା, ଜେ ହୁର୍ବ୍‌କାଳେ ହୁଣି ଇ
କଃତା ଜାଣାୟ୍‌ରିଲା । (aiōn g165) 19 "ତଃବେ ମର୍ ବିଚାର୍
ଇରି ଅଜିଉଦି ଲକ୍ ବିତ୍ରେ ଜୁୟ୍ ମଃନ୍ ଇସ୍ୱର୍ ହାକ୍ ବାଉଳ୍‌ତି
ସେମଃନ୍‌କେ ଅଃମିମଃନ୍ ବଜ୍ ବଳାଉଁ ନଃଚୁଆଁ । 20 ମଃତର୍
ମୁର୍ତି ବିସୟାର୍ ବିଟାଳ୍, ଦାରି, ଟଟି ହିଚି ମଃରାୟ୍‌ଲାର୍ ଜଃତୁ
ଆର୍ ବଃନି ହୁଣି ଅଃଲ୍‌ଗା ରେଉଁକ୍ ଅଃମି ସେମଃନ୍‌କେ ଚିଟି
ଲେକୁଆଁ । 21 କାୟ୍‌ତାକ୍‌ବଃଲେକ୍ ହୁର୍ବ୍ କାଳେହୁଣି ହଃତି ଗଃଳେ
ମସାର୍ ପର୍ଚାର୍ କର୍ତା ଲକ୍‌ମଃନ୍ ଆଚ୍‌ତି; ହଃତି ବିସାଉଁଣିବାର୍
ଦିନ୍ ପାର୍ତ୍‌ନା ଗଃରେ ତାର୍ ବିଦି ହାଟ୍ କଃରାଅଉଁଲି ।" 22
ତାର୍‌ହଃଚେ ପେରିତ୍ ଆର୍ ପାରାଚିନ୍‌ମଃନ୍ ସଃବୁ ମଣ୍ଡ୍‌ଳି ସଃଙ୍ଗ୍
ତାକାର୍ ତାକାର୍ ବିତ୍ରାର୍ ଲକ୍, ବଃଲେକ୍ ବାୟ୍‌ମଃନାର୍ ବିତ୍ରେ
ମୁଳିକା ବର୍ସବା ନାଉଁଏ ଡାକ୍‌ହୁଟା ଜିଉଦା ଆର୍ ସିଲାକ୍ ବାଚି
କଃରି ପାଉଲ୍ ଆର୍ ବର୍ନବା ସଃଙ୍ଗ୍ ଆନ୍ତିଅକିଆକ୍ ହଃଟାଉଁକ୍ ଡିର୍
କଃଲାୟ୍ । 23 ଆର୍ ସେମଃନ୍ ସେମଃନାର୍ ଆତେ ଇ ଚିଟି ଲେକି
ହଃଟାୟ୍‌ଲାୟ୍, "ଆନ୍ତିଅକିଆ, ସୁରିଆ ଆର୍ କିଲିକିଆର୍ ଅଜିଉଦି
ବାୟ୍‌ବେଣିମଃନ୍‌କେ ପେରିତ୍ ଆର୍ ପାରାଚିନ୍ ବାୟ୍‌ମଃନାର୍
ଜୁଆର୍ । 24 ଅଃମିମଃନ୍ ସୁଣି ଆଚୁ ଜେ, ଅଃମିମଃନ୍ ଜୁୟ୍
ଲକ୍‌ମଃନ୍‌କେ କାୟ୍ ବଲ୍ ନଃଦେଉଁ ଅଃମାର୍ ବିତ୍ରାର୍ ଅଃନ୍‌କାର୍
କଃତେକ୍ ଲକ୍ କଃତାୟ୍ ତୁମିମଃନାର୍ ମଃନ୍‌କେ ବିଗଃଲାୟ୍
କଃରି କାବା କଃରାୟ୍ ଆଚ୍‌ତି । 25 ଆର୍ ଅଃମିମଃନ୍ ଲକମଃନ୍
ଅୟ୍ ଗଟେ ଟାଣେ କଃରି ହଃଟାଉଁକେ ବାଚି ଆଚୁ ସେମଃନ୍
ଲାଡାର୍ ବର୍ନବା ଆର୍ ପାଉଲ୍ ସଃଙ୍ଗ୍ ଜାତି, 26 ଏ ବାୟ୍‌ମଃନ୍
ମାପ୍ରୁ ଜିସୁ କ୍ରିସ୍ଟର୍ ସେବାୟ୍ ଅଃହ୍‌ଣାର୍ ଜିବନ୍ ବିବ୍‌ତି ଡଃୟ୍
ହଃକାୟ୍ ଆଚ୍‌ତି । 27 ଇତାକ୍ ଅଃମିମଃନ୍ ଜିଉଦା ଆର୍ ସିଲାକେ
ହଃଟାଉଁଲୁ ଇମଃନ୍ ହେଁ ତାକାର୍ ମୁଏଁ ତୁମିମଃନ୍‌କେ ସେସଃବୁ
କଃତା ଜାଣାଉତି । 28 କଃତେକ୍ ଲଳାରି ବିଦିଚାଡି ତୁମିମଃନାର୍
ଉହ୍ରେ ଆରେକ୍ କାୟ୍‌ହେଁ ବଜ୍ ନଃଦେଉଁକେ ଅଃମି ପବିତ୍ର ଆତ୍ମା
ଡଃୟ୍ ହୁଣି ଆଦେସ୍ ହାୟ୍‌ଆଚୁ । 29 ସେ କଃତିଗଟ୍ ନିୟମ୍
ଅୟ୍‌ଲି ମୁର୍ତି ହୁଜାକାଦି କାହା ନାୟ୍ ବଃନି କାହା ନାୟ୍ ଆର୍

ଗଃଲା ନଃକାଟି ମାରିରିଲା ହସୁ ମାସ୍ କାହା ନାୟ୍, ଦାରି କାମ୍
ଚାଡି ଦିଆସ୍ ଇସଃବୁ କାମ୍ ନଃକେରୁକେ ଜଃଗ୍ରାତ୍ ରିଲେକ୍
ଉହ୍କାର୍ ଅୟ୍ଦ୍ । ଅଃମାର୍ ଜୁଆର୍ ହାଉଆ ।" 30 ସେମଃନ୍କେ
ମେଲାଣି ଦିଲାକ୍ ଆନ୍ତିଅକିଆକ୍ ଆୟ୍ଲାୟ୍ । ଆର୍ ବିସ୍ୱାସି
ମଃନ୍କେ ରୁଣ୍ଡାୟ୍ ଚିଟି ଦିଲାୟ୍ । 31 ସେମଃନ୍ ସେରି ହଲି,
ସୁସ୍ତା ଅୟ୍ ସଃର୍ଦା ଅୟ୍ଲାୟ୍ । 32 ଆରେକ୍ ଜିଉଦା ଆର୍
ସିଲା ନିଜେ ନିଜେ ହେଁ ବାବ୍ବାଦି ରିଲାକେ ବୁତେକ୍ ଗଃଲି
କଃତା କୟ୍ ସେ କଃତାକ୍ ବୁଜାୟ୍ ବାୟ୍ମଃନ୍କେ ହେଁ ତିର୍
କଃଲାୟ୍ । 33 ଆର୍ ସେତି ସେମଃନ୍ କଃତି ଦିନ୍ ରିଲା ହଃଚେ
ସେମଃନ୍କେ ହଃଟାୟ୍ ରିଲା ଲକ୍ମଃନ୍ ହାକ୍ ବାଉଲି ଜଃଉଁକେ
ବିସ୍ୱାସି ବାୟ୍ମଃନ୍ ସୁସ୍ତାୟ୍ ମେଲାଣି ଦିଲାୟ୍ । 34 ମଃତର୍
ସିଲା ସେତି ରେଉଁକ୍ ମଃନ୍ ନଃକେଲା । 35 ଆରେକ୍ ପାଉଲ୍
ଆର୍ ବର୍ନବା ଆନ୍ତିଅକିଆୟ୍ ରଃୟ୍ ଗାଦେକ୍ ଲକାର୍ ସଃଙ୍ଗ୍ ମିସି
ମାପ୍ରୁର୍ କଃତା ସିକ୍ୟା ଦିଲାୟ୍ ଆର୍ ନିକ କବୁର୍ ପର୍ଚାର୍ କଃରୁକେ
ଦଃର୍ଲାୟ୍ । 36 କଃତି ଦିନ୍ ହଃଚେ ପାଉଲ୍ ବର୍ନବାକ୍ କୟ୍ଲା,
"ଆଉ ଆମିମଃନ୍ ଜୁୟ୍ ଗଃଲେ ମଃନ୍ ମାପ୍ରୁର୍ କଃତା ପର୍ଚାର୍
କଃରି ଆଚୁ ସେ ସଃବୁ ଗଃଲ୍କେ ବାଉଲି ଜାୟ୍ ବାୟ୍ମଃନ୍
କଃନ୍କାର୍ ଆଚ୍ତି ସେରି ଦଃକୁକ୍ ଜୁ ।" 37 ଜହନ୍ ମାର୍କକେ
ହେଁ ସଃଙ୍ଗେ ନେଉଁକ୍ ବର୍ନବାର୍ ମଃନ୍ ରିଲି । 38 ମଃତର୍ ସେ
ସେମ୍ନଃକେ ଚାଡି ପପୁଲିଆ ହୁଣି ଆସିରିଲା ଆର୍ ସେମଃନାର୍
ସଃଙ୍ଗ୍ ପର୍ଚାର୍ କାମ୍କେ ଜାୟ୍ ନଃରିଲା, ତାକେ ସଃଙ୍ଗେ ନେଉଁକ୍
ପାଉଲ୍ ଟିକ୍ ନାୟ୍ ବଃଲି ବାବ୍ଲା । 39 ସେତାକ୍ ପାଉଲ୍ ଆର୍
ବର୍ନବା ବଃଡେ ଉଲାଉଲି ଅୟ୍ଲାକ୍ ସେମଃନ୍ ତାକାର୍ ବିଡ୍ରେ
ଅଃଲ୍ଗା ଅୟ୍ଲାୟ୍; ବର୍ନବା ଜଃନ୍ମାର୍କ ମାର୍କକେ ସଃଙ୍ଗେ ନଃୟ୍
ହାଣିଜାଜେ ସାଇପ୍ରସ୍ ହାକ୍ ଗଃଲା । 40 ମଃତର୍ ପାଉଲ୍ ସିଲାକ୍
ବାଚିକଃରି ବାୟ୍ମଃନାର୍ ତଃୟ୍ହୁଣି ମାପ୍ରୁର୍ ଦଃୟ୍ଆୟ୍ ସଃହ୍ରିଅୟ୍
ବାଉଲି ଗଃଲା । 41 ଆର୍ ସେ ସୁରିଆର୍ କିଲିକିଆ ବାଟ୍ ଅୟ୍
ଜଃଉଁଜଃଉଁ ମଣ୍ଡୁଲିମଃନ୍କେ ସୁସ୍ତିର୍ କଃଲା ।

**16** ହଃଚେ ପାଉଲ୍ ଦର୍ବି ଆର୍ ଲୁସ୍ତ୍ରା ହେଁ ଆୟ୍ଲା ଆର୍
ସେଟାଣେ ତିମତି ନାଉଁଆର୍ ଗଟେକ୍ ଚେଲା ରିଲା,
ସେ ଗଟେକ୍ ବିସ୍ୱାସି ଜିଉଦି ମାୟ୍ଜିର୍ ହୟ୍ସି, ମଃତର୍ ତାର୍
ଉବାସି ଗ୍ରିକ୍ ଲକ୍ ରିଲା । 2 ଲୁସ୍ତ୍ରା ଆର୍ ଇକନିଆୟ୍ ରେତା
ବାୟ୍ବେଣି ତିମତିକେ ନିକଲକ୍ ବଃଲି ସାକି ହାୟ୍ ରିଲାୟ୍
। 3 ତାକେ ସଃଙ୍ଗେ ନେଉଁକ୍ ପାଉଲ୍ ମଃନ୍କଃଲା ଆର୍ ସେ
ସଃବୁ ହଲିୟେ ରିଲା ଜିଉଦିମଃନାର୍ ଗିନେ ତାକେ ନଃୟ୍ ସୁନତି
କଃଲା । କାୟ୍ତାକ୍ ବଃଲେକ୍ ତାର୍ ଉବାସି ଗଟେକ୍ ଗ୍ରିକ୍ ଲକ୍
ବଃଲି ସଃବୁ ଜାଣି ରିଲାୟ୍ । 4 ଆରେକ୍ ସେମଃନ୍ ବିନ୍ବିନ୍
ଗଃଲ୍ମଃନ୍କେ ଜଃଉଁଜଃଉଁ ଜିରୁସାଲମାର୍ ପେରିତ୍ମଃନାର୍
ଆର୍ ପାରାଚିନ୍ମଃନାର୍ ଟିକ୍ କଃରି ତିର୍ କଃଲା ବଲ୍ ମାନୁକ୍
ସେମଃନାର୍ ତଃୟ୍ ସଃହ୍ରିଦିଲା । 5 ଅଃନ୍କଃରି ମଣ୍ଡୁଳିମଃନ୍
ବିସ୍ୱାସେ ତିର୍ ଅୟ୍ ଦିନ୍ ଦିନ୍କେ ବୁତେକ୍ ଅଃଉଁକେ ଦଃର୍ଲାୟ୍
। 6 ସେତାକ୍ ସେମଃନ୍ ଆସିଆ ତଃୟ୍ ମାପ୍ରୁର୍ କଃତା ପର୍ଚାର୍
କଃରୁକେ ପବିତ୍ର ଆତ୍ମା ମଃନ୍ ନଃକେଲାକ୍ ପ୍ରୁଗିଆ ଆର୍ ଗାଲାତି
ବାଟ୍ ଅୟ୍ଗଃଲାୟ୍ 7 ଆର୍ ସେମଃନ୍ ମୁସିଆ ତଃୟ୍ ହଚି
ବିତୁନିଆ ଜଃଉଁକେ ମଃନ୍ କଃଲାୟ୍, ମଃତର୍ ଜିସୁର୍ ଆତ୍ମା
ସେମଃନ୍କେ ଜଃଉଁକେ ନଃଦିଲି । 8 ସେତାକ୍ ସେମଃନ୍ ମୁସିଆ
ବାଟଅୟ୍ ତ୍ରୟା ହଚ୍ଲାୟ୍ । 9 ଆର୍ ରାତିବଃଳ୍ ପାଉଲ୍ ଗଟେକ୍
ଦଃର୍ସନ୍ ଦଃକ୍ଲା, ମାକିଦନିଆର୍ ଗଟେକ୍ ଲକ୍ ଟିଆଅୟ୍ ତାକେ
ଗଃଉଆରିକଃରି କଃଉଁଲା । "ମାକିଦନିଆ ତଃୟ୍ହୁଣି ଅଃମାର୍
ତଃୟ୍ ଆସି ଅଃମାର୍ ଉହ୍କାର୍ କଃର୍ ।" 10 ସେ ଦଃର୍ସନ୍ ଦଃକ୍ଲା
ହଃଚେ ଆମିମଃନ୍ ତଃତ୍କାଣ୍ ମାକିଦନିଆକେ ଜଃଉଁକେ ଟିଆର୍
ଅୟ୍ଲୁ କାୟ୍ତାକ୍ବଃଲେକ୍ ସେମଃନାର୍ ଚଃମେ ସେମଃନାର୍
ତଃୟ୍ ନିକ କବୁର୍ ପର୍ଚାର୍ କଃରୁକେ ଇସ୍ୱର୍ ଆମିମଃନ୍କେ
କୁଦି ଆଚେ ବଃଲି ଆମିମଃନ୍ ବୁଜ୍ଲୁ । 11 ସେତାକ୍ ତ୍ରୟା
ତଃୟ୍ହୁଣି ହାଣି ଜାଜେ ଅଃମିମଃନ୍ ସାମତ୍ରାକିକେ ଆର୍ ଆର୍କ
ବିନ୍ ନିଆପଲିକେ ହଚ୍ଲୁ । 12 ସେତି ହୁଣି ପିଲିପକେ ଗଃଲୁ,
ଇରି ମାକିଦନିଆ ଜିଲାର୍ ଗଟେକ୍ ବଃଡ୍ ଗଃଲ୍ ଆର୍ ରମ୍
ଦେସାର୍ ଲକ୍ମଃନ୍ ଆସି ବାସା କଃର୍ତା ଗଟେକ୍ ଟାଣ୍, ସେ
ଗଃଲେ ଆମିମଃନ୍ ବୁତେକ୍ ଦିନ୍ ରିଲୁ । 13 ବିସାଉଁଣିବାର୍ ଦିନ୍
ଗଃଲ୍ ଦୁଆରେ ହୁଣି ବାରାୟ୍ ଗାଡ୍କଃଣ୍ଡାୟ୍ ଗଃଲୁ, ସେତି ପାର୍ତ୍ନା
କଃର୍ତା ଟାଣ୍ ଆଚେ ବଃଲି ଆମିମଃନ୍ ମଃନେ ବାବ୍ତି ରିଲୁ ଆର୍
ଅଃମିମଃନ୍ ବଃସି ରୁଣ୍ଡିରିଲା ମାୟ୍ଜିମଃନ୍କେ କଃତା ଅଃଉଁକେ
ଦଃର୍ଲୁ । 14 ଆରେକ୍ ତୁୟତିରା ଗଃଲାର୍ କଃଚା ହଃତ୍ରିଆ ବଃସ୍ତ୍ରର୍
ବିକ୍ତା ଲୁଦିଆ ନାଉଁଆର୍ ଗଟେକ୍ ମାୟ୍ଜି ସେ ଇସ୍ୱର୍କେ
ମାନ୍ତି ରିଲି, ସେ ଅଃମାର୍ କଃତା ସୁଣ୍ତି ରିଲି । ସେ ଜଃନ୍କଃରି
ପାଉଲାର୍ କୟ୍ଲା କଃତାମଃନ୍ ଦିଆନ୍ ଦେତିରିଲି ଇତାର୍ ଗିନେ
ମାପ୍ରୁ ତାର୍ ମଃନ୍ ଉଗାଳ୍ଲା । 15 ଆରେକ୍ ସେ ଆର୍ ତାର୍
ଗଃର୍କୁଟୁମ୍ ବାପ୍ତିସମ୍ ନିଲା ହଃଚେ, ସେମଃନଃକେ ଗଃଉଆରି
କଃରି କୟ୍ଲି, ତୁମିମଃନ୍ ଜଦି ମକ୍ ମାପ୍ରୁର୍ ବିସ୍ୱାସି ଲକ୍ ବଃଲି
ବିଚାର୍ କଃରୁଲାସ୍, "ତଃବେ ମର୍ ଗଃରେ ଆସି ରିଆ ବଃଲି
ସେ ଆମିମଃନ୍କେ କଃଉଁକେ ଦଃର୍ଲି ।" 16 ଗଟ୍ଦିନ୍ ଆମିମଃନ୍
ପାର୍ତ୍ନା ଟାଣେ ଜଃଉଁଜଃଉଁ ସୟ୍ତାନ୍ ସଃକ୍ତି ରିଲା ଗଟେକ୍
ଗତିଦଃଙ୍ଗ୍ଲି ଆମିମଃନ୍କେ ବେଟ୍ ଅୟ୍ଲି । ସେ ଲକ୍ମଃନାର୍
ହାଞ୍ଜ୍ଲି ଦଃକ୍ତି ରିଲି । ସେତାକ୍ ତାର୍ ସାଉକାରାର୍ ବଃଡେ ଲାବ୍
ହାଉତିରିଲା । 17 ସେ ପାଉଲ୍ ଆର୍ ଅଃମାର୍ ହଃଚେ ହଃଚେ ଆସି
ଉଲ୍ଗାଟ୍ ଅୟ୍ କଃଉଁକେ ଦଃର୍ଲି "ଇ ଲକଃମଃନ୍ ସଃବ୍କେ ବଃଡ୍
ଇସ୍ୱରାର୍ ଗତିଦଃଙ୍ଗ୍ଲାମଃନ୍, ସେମଃନ୍ ତୁମିମଃନ୍କେ ମୁକ୍ଲାଉତା
ବାଟ୍ ଦଃକାଉଁଲାୟ୍ ।" 18 ସେ ବୁତେକ୍ ଦିନ୍ ହଃତେକ୍ ଇରି
କଃଲି, ମଃତର୍ ପାଉଲ୍ ରିସା ଅୟ୍ ଉଲ୍ଟି ଦଃକି ସେ ଆତ୍ମାକେ
କୟ୍ଲା, "ଜିସୁ କ୍ରିସ୍ଟର୍ ନାଉଁଏ କଃଉଁଲେ, ତାର୍ ତଃୟ୍ହୁଣି
ବାରୟ୍ଜାଆ ।" ଇତାକ୍ ସେଦାହ୍ରେ ବାରାୟ୍ ଗଃଲି । 19 ମଃତର୍
ତାର୍ ସାଉକାର୍ମଃନ୍ ତାକାର୍ ଲାବାର୍ ବଃର୍ସା ଗଃଲି ବଃଲି

ପାଉଲ୍ ଆର୍ ସିଲାକ୍ ଦଃରି ଗଃଲାର୍ ବଃଜାରାର୍ ମଃଜିଟାଣେ
ସେମଃନ୍‌କେ ସଃର୍କାରି ଅଃଦିକାରିମଃନାର୍ ଚଃମେ ନିଲାୟ୍ । 20
ଆର୍ ସେମଃନ୍ ସେମଃନ୍‌କେ ରମିୟ୍ ବିଚାର୍ କଃର୍ତା ଲକାର୍ ତଃୟ୍
ଆଣି କୟ୍‌ଲାୟ୍, "ଇ ଲକ୍‌ମଃନ୍ ଜିଉଦି, ଇମଃନ୍ ଅଃମାର୍ ଗଃଲେ
ଗଲ୍‌ମାଲ୍ କଃରୁଲାୟ୍ । 21 ଅଃମାର୍ ରମିୟ୍ ଲକ୍‌ମଃନାର୍ ଜୁୟ୍
ସଃବୁ ତିରିବିଦି ମାନ୍‌ତାର୍ ବିଦି ନାୟ୍ ସେରି ଇମଃନ୍ ସିକାଉଁଲାୟ୍
। 22 ସେତାକ୍ ଲକ୍‌ମଃନ୍ ହେଁ ସେମଃନାର୍ ବିରଦେ ଉଟ୍‌ଲାୟ୍
। ଆରେକ୍ ବିଚାର୍ କଃର୍ତା ଲକ୍‌ମଃନ୍ ସେମଃନାର୍ ବଃସ୍ତ୍ରର୍
କାଡି ସେମଃନ୍‌କେ ବେତ୍‌ଡାଙ୍ଗ୍ ସଃଙ୍ଗ୍ ମାରୁକ୍ କୟ୍‌ଲାୟ୍ । 23
ସେମଃନ୍ ସେମଃନ୍‌କେ ଜଃବର୍ ମାର୍ଲାୟ୍, ଆର୍ ଜଃଇଲ୍ ଗଃରେ
ହୁରାୟ୍ କଃରି ଜଃଇଲାର୍ ଅଃଦିକାରିକ୍ ସେମଃନ୍‌କେ ଜାଗ୍ରତେ
ଜାଗିରେଉଁକେ କୟ୍‌ଲାୟ୍ ।" 24 ସେ ଅଃନ୍‌କାର୍ ଆଦେସ୍ ହାୟ୍
ସେମଃନ୍‌କେ ଜଃୟ୍‌ଲ୍ ଜାଗ୍‌ଉଆଳି ବିତୁର୍ ଜଃଇଲେ ହୁରାୟ୍
ସେମଃନାର୍ ଗଡେ ବଃଡ୍ କଟ୍‌ଲା ବାନ୍ଧିଲାୟ୍ । 25 ମଃତର୍
ମଃଜାରାତି ପାଉଲ୍ ଆର୍ ସିଲା ଇସ୍ୱର୍ ତଃୟ୍ ପାର୍ତ୍‌ନା ଆର୍
ପ୍ରସଂସାର୍ ଗିତ୍ କଃଉତି ରିଲାୟ୍, ଆର୍ ବିନ୍ କଃୟ୍‌ଦିମଃନ୍ ସୁଣ୍‌ତି
ରିଲାୟ୍ । 26 ସଃଡେବଃଲ୍ ତଃତ୍‌କାଣ୍ ଦଃର୍ତି ଲଃଦ୍‌ବଃଦ୍‌ଲି
ଆର୍ ଜଃଇଲ୍ ଗଃରାର୍ କୁନାଦି ଦଃଲ୍‌କି ଜଃଉଁକେ ଆରୁମ୍
ଅୟ୍‌ଲି ଆର୍ ତଃତ୍‌କାଣ୍ ସଃବୁ ଦୁଆର୍ ଉଗାଳି ଅୟ୍‌ଲି ଆର୍
ହଃତି ଲକାର୍ ଆତ୍‌ଦଃଣ୍ଡି ଇଟ୍‌ଲି । 27 ଇତାକ୍ ଜୁୟ୍ ଜଃଇଲ୍
ଅଃଦିକାରି ନିଦେ ହୁଣି ଉଟି ଜଃଇଲାର୍ ଦୁଆର୍ ଉଗାଳି ଅୟ୍‌ଲାର୍
ଦଃକି କଃୟ୍‌ଦିମଃନ୍ ହଃଲାୟ୍ ଜାୟ୍ ଆଚ୍‌ତି ବଃଲି ମଃନେ
ବାବି କଃଣ୍ଡା ବାର୍‌କଃରି ନିଜେ ମାରିଅଃଉଁକେ ଜାତି ରିଲା ।
28 ମଃତର୍ ପାଉଲ୍ ବଃଡ୍ ଟଣ୍ଡ କଃରି କୟ୍‌ଲା, "ତର୍ ନିଜାର୍
କାୟ୍‌ରି କଃର୍ ନାୟ୍, କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍ ସଃବୁ
ଇତି ଆଚୁ ।" 29 ଜଃୟ୍‌ଲ୍ ଜାଗୁ ଅଳା ଆଣୁକେ କୟ୍ ଡଃଗାୟ୍
ଡିର୍‌କେ ତଃର୍‌ତଃରି ପାଉଲ୍ ଆର୍ ସିଲାର୍ ଚଃମେ ହଃଲାୟ୍
ଆସି ହାଦ୍ ତଃଳେ ଡୁଳ୍‌ଲା । 30 ଆର୍ ସେମଃନ୍‌କେ ହଃଦାୟ୍
ଆଣି କୟ୍‌ଲା, "ମାପ୍ରୁ, ହାହେ ହୁଣି ମୁକ୍ତିକ୍ ମକ୍ କାୟ୍ କଃରୁକେ
ଅୟ୍‌ଦ୍ ।" 31 ସେମଃନ୍ କୟ୍‌ଲାୟ୍, "ମାପ୍ରୁ ଜିସୁ ତଃୟ୍ ବିସ୍ୱାସ୍
କଃର୍ ତଃନ୍‌ଅୟ୍‌ଲେକ୍ ତୁମି ଗଃରାର୍ ସଃବୁ ଲକ୍ ହାହେ ହୁଣି
ମୁକ୍ତାସ୍ ।" 32 ହଃଚେ ସେମଃନ୍ ତାକେ ଆର୍ ତାର୍ ଗଃରେ ରିଲା
ସଃବ୍‌କେ ମାପ୍ରୁର୍ କଃତା କୟ୍‌ଲାୟ୍ । 33 ଆର୍ ଜଃୟ୍‌ଲ୍ ଜାଗୁ
ସେମଃନ୍‌କେ ରାତି ବଃଳ୍ ନଃୟ୍ ସେମଃନାର୍ ମାଡ୍ କାୟ୍‌ଲା ଗାଉ
ସଃବୁ ହାଣାୟ୍ ଦୟ୍‌ଦିଲା, ଆରେକ୍ ସେ ଆର୍ ତାର୍ ଗଃର୍ କୁଟୁମ୍
ସେଦାହ୍ରେ ବାପ୍ତିସମ୍ ନିଲାୟ୍ । 34 ତାର୍‌ହଃଚେ ସେ ଅଃହ୍‌ଣାର୍
ଗଃରେ ନଃୟ୍ କାଉଁକେ ଦିଲା ଆର୍ ସଃବୁ ଗଃର୍ କୁଟୁମ୍ ସଃଙ୍ଗ୍
ଇସ୍ୱର୍‌କେ ବିସ୍ୱାସ୍ କଃରି ବଃଡେ ସଃର୍ଦା ଅୟ୍‌ଲାୟ୍ । 35 ସଃକାଲ୍
ଅୟ୍‌ଲାକ୍ ବିଚାର୍ କଃର୍ତା ରମିୟ୍ ଅଃଦିକାରି ସଃଇନ୍‌ମଃନ୍‌କେ
ଇରି କୟ୍ ହଃଟାୟ୍‌ଲାୟ୍ "ସେ ଲକ୍‌ମଃନ୍‌କେ ଚାଡି ଦିଆସ୍ ।" 36
ସେତାକ୍ ଜଃଇଲ୍ ଅଃଦିକାରି ପାଉଲ୍‌କେ ଇ କଃତା ଜାଣାୟ୍‌ଲା,
"ତୁମିମଃନ୍‌କେ ଚାଡି ଦେଉଁକେ ବିଚାର୍ କଃର୍ତା ଅଃଦିକାରିମଃନ୍
ହଃଟାୟ୍ ଆଚ୍‌ତି, ଇତାକ୍ ବାରୟ୍ ଆସି ସୁସ୍ତାୟ୍ ଜାହା ।" 37
ମଃତର୍ ପାଉଲ୍ ସେମଃନ୍‌କେ କୟ୍‌ଲା, "ରମିୟ୍ ଲକ୍ ଜେ
ଅଃମିମଃନ୍ ଅଃମାର୍ ବିଚାର୍ ନଃକେରି ସେମଃନ୍ ସଃବ୍‌କାର୍ ମୁଏଁ
ଅଃମିକ୍ ମାଡ୍ ମାର୍ଲା ହଃଚେ ଜଃଇଲେ ହୁରାୟ୍ ଆଚ୍‌ତି ଆର୍
ଅଃବେ କି ଲୁକ୍‌ଣେ କି ଆମିମଃନ୍‌କେ ଚାଡି ଦେଉଁଲାୟ୍? ସେରି
ନାୟ୍ ମଃତର୍ ସେମଃନ୍ ନିଜେ ଆସି ଆମିମଃନ୍‌କେ ବାର୍‌କଃରତ୍
।" 38 ସେତାକ୍ ସଃଇନ୍ ମଃନ୍ ବିଚାର୍ କଃର୍ତା ମୁଳିକାମଃନ୍‌କେ ଇ
ସଃବୁ କଃତା ଜାଣାୟ୍‌ଲାୟ୍ ଆରେକ୍ ସେମଃନ୍ ଜେ ରମିୟ୍ ଲକ୍
ଇରି ସୁଣି ଡିରି ଗଃଲାୟ୍ । 39 ଆର୍ ସେମଃନ୍ ଆସି ସେମଃନ୍‌କେ
ଗଃଉଆରି କଃଲାୟ୍, ଆର୍ ସେମଃନ୍‌କେ ବାର୍‌କଃରି ଆଣି ଗଃଲେ
ହୁଣି ବାରାୟ୍ ଜଃଉଁକେ ସେମଃନ୍‌କେ ଗଃଉଆରି କଃଲାୟ୍ । 40
ସେତାକ୍ ପାଉଲ ଆର୍ ସିଲା ଜଃଇଲେ ହୁଣି ବାର୍‌ଅୟ୍ ଜାୟ୍
ଲୁଦିଆର୍ ଗଃରେ ଗଃଲାୟ୍ । ଆର୍ ବାୟ୍ ମଃନାର୍ ସଃଙ୍ଗ୍ ମିସି
ସେମଃନ୍‌କେ ବଃର୍ସା କଃତା କୟ୍‌ଲା ହଃଚେ ସେତି ହୁଣି ଗଃଲାୟ୍
।

**17** ହଃଚେ ସେମଃନ୍ ଆପିପଲି ଆର୍ ଆପଲନିଆ ବାଟ୍
ଅୟ୍ ତେସଲନିକିକେ ଆୟ୍‌ଲାୟ୍, ସେତି ଜିଉଦିମଃନାର୍
ଗଟେକ୍ ପାର୍ତ୍‌ନା ଗଃର୍ ରିଲି । 2 ଆର୍ ପାଉଲ୍ ତାର୍
ରିତି ହଃର୍କାରେ ସେମଃନାର୍ ଚଃମେ ଗଃଲା, ଆରେକ୍ ତିନି
ବିସାଉଁଣିବାର୍ ହଃତେକ୍ ସାସ୍ତରାର୍ କଃତା ସେମଃନ୍‌କେ
ବୁଜାୟ୍‌ଲା । 3 ଦଃର୍ମ୍‌ସାସ୍ତର୍ କୟ୍‌କଃରି ବୁଜାୟ୍‌ଲା "ଜେ ମସିହର୍"
ଦୁକ୍‌ବୟ୍‌ଗ୍ ଆର୍ ମଃର୍ନ୍ ବୟ୍‌ଗ୍ କଃରି ମଃଲା ଲକ୍‌ତଃୟ୍‌ହୁଣି
ଉଟ୍‌ତାର୍ ଲଳା ରିଲି ଆର୍ ସେ ଜୁୟ୍ ଜିସୁକେ ସେମଃନାର୍
ତଃୟ୍ ପର୍ଚାର୍ କଃରୁଲା ସେ ଜେ କ୍ରିସ୍ଟ ଇ କଃତା ଟିକ୍ କଃରି
ବୁଜାୟ୍‌ଲା । 4 ସେତାକ୍ ସେମଃନାର୍ ବିତ୍ରେ କଃତି ଲକ୍ ବିସ୍ୱାସ୍
କଃରି ପାଉଲ୍ ଆର୍ ସିଲାର୍ ସଃଙ୍ଗ୍ ମିସ୍‌ଲାୟ୍ ଆର୍ ଜିଉଦି ଦଃର୍ମ୍
କଃର୍ତା ଗ୍ରିକ୍ ଲକ୍‌ମଃନାର୍ ବିତ୍ରେ ଗାଦେକ୍ ଲକ୍ ଆର୍ କଃତିଗଟ୍
ମାୟ୍‌ନ୍ ହାଉତା ମାୟ୍‌ଜିମଃନ୍ ସେମଃନାର୍ ସଃଙ୍ଗ୍ ମିସ୍‌ଲାୟ୍ । 5
ମଃତର୍ ଜିଉଦିମଃନ୍ ଡାରା ଅୟ୍ କଃତେକ୍ ବଃଜାରାର୍ କଃତିଗଟ୍
ଦୁସ୍ଟଲକ୍‌ମଃନକେ ସଃଙ୍ଗେ ଆଣି ଲକ୍‌ମଃନକେ ଗଟେଟାଣେ
କଃରି ଗଃଳେ ଗଃଣ୍ଡଗଲ୍ ଲାଗାୟ୍‌ଲାୟ୍ ଆର୍ ଜାସନାର୍ ଗଃରେ
ହୁରି ସେମଃନ୍‌କେ ଲକ୍‌ମଃନାର୍ ଚଃମେ ବାର୍‌କଃରି ଆଣୁକେ
ଉପାୟ୍ କଃଲାୟ୍ । 6 ମଃତର୍ ସେମଃନ୍‌କେ ନଃହାୟ୍, ସେମଃନ୍
ଜାସନ୍ ଆର୍ କଃତିଲକ୍ ବିସ୍ୱାସି ବାୟ୍‌ମଃନ୍‌କେ ଗଃଲାର୍ ସଃର୍କାରି
ଅଃଦିକାରିମଃନାର୍ ତଃୟ୍ ଜିକି ଆଣି ରାଟୁକଃରି କୟ୍‌ଲାୟ୍, "ଇ
ଜୁୟ୍ ଲକ୍‌ମଃନ୍ ହୁର୍ତିବିକ୍ ଉଲ୍‌ଟାହାଲ୍‌ଟା କଃଲାୟ୍‌ନି ସେମଃନ୍
ଇତି ହେଁ ଆସି ଆଚ୍‌ତି, 7 ସେମଃନ୍‌କେ ଜାସନ୍ ତାର୍ ଗଃରେ
କୁଦି ଆଚେ । ଜିସୁ ନାଉଁଏ ଆରେକ୍ ଗଟ୍ ରଃଜା" ଆଚେ ବଃଲି
କୟ୍ ଇମଃନ୍ ରମ୍ ଦେସାର୍ କାଇସର୍ ବିରଦ୍ କଃରୁଲାୟ୍ ।
8 ସେମଃନାର୍ ଇ କଃତା ସୁଣି ଲକ୍‌ମଃନ୍ ଆର୍ ରମ୍ ସଃର୍କାର୍

ଅଃଦିକାରିମଃନ୍ ଗଃଣ୍ଣଗଲ୍ ଅୟ୍‌ଲାୟ୍ । 9 ହଃଚେ ସେମଃନ୍
ଜାସନ୍ ଆର୍ ତାର୍ ସଃଙ୍ଗୁଆଳି ମଃନ୍‌କେ ଜରିମନା ନଃୟ୍
ଜାମିନେ ଚାଡ୍‌ଲାୟ୍ । 10 ଆରେକ୍ ବାୟ୍‌ମଃନ୍ ପାଉଲ୍ ଆର୍
ସିଲାକ୍ ରାତିବଃଲ୍ ବରିଆକେ ହଃଟାୟ୍‌ଲାୟ୍ । ସେମଃନ୍ ସେତି
ହଚି ଜିଉଦିମଃନାର୍ ପାର୍ତ୍‌ନା ଗଃରେ ଗଃଲାୟ୍ । 11 ତେସଲନିକି
ତଃୟ୍ ରେତା ଜିଉଦିମଃନ୍ ହୁଣି ଇମଃନ୍ କଲାମଃନାର୍ ରିଲାୟ୍,
ଇମଃନ୍ ବଃଡେ ସଃର୍ଦାୟ୍ ମାପୁର୍ କଃତା ସୁଣ୍‌ଲାୟ୍, ଆରେକ୍
ଇ ସଃବୁ ସଃତ୍ କି ନାୟ୍ ଜାଣୁକେ ହଃତିଦିନ୍ ଦଃର୍ମ୍ ସାସ୍ତର୍
ହଲ୍‌ତି ରିଲାୟ୍ । 12 ସେତାକ୍ ସେମଃନାର୍ ବିତ୍ରେ କଃତେକ୍
ଆର୍ ଗ୍ରିକ୍‌ମାୟ୍‌ଜିମଃନାର୍ ବିତ୍ରେ କଃତେକ୍ ମାଜନ୍ ମାୟ୍‌ଜି ଆର୍
ଅଃଣ୍ଡାମଃନ୍ ହେଁ ବିସ୍ୱାସ୍ କଃଲାୟ୍ । 13 ମଃତର୍ ଜଃଡେବଃଲ୍
ତେସଲନିକିର୍ ଜିଉଦିମଃନ୍ ଜାଣ୍‌ଲାୟ୍ ଜେ, ଇସ୍ୱରାର୍ କଃତା
ପାଉଲ୍ ବରିଆୟ୍ ହେଁ ପର୍ଚାର୍ କଃଲା, ସଃଡେବଃଲ୍ ସେମଃନ୍
ସେତି ଆସି ଲକ୍‌ମଃନ୍‌କେ ଜାଣାୟ୍‌ଲାୟ୍ ଆର୍ ଡିରାୟ୍‌ଲାୟ୍
। 14 ସେତାକ୍ ବାୟ୍‌ମଃନ୍ ବେଗି ପାଉଲ୍‌କେ ସଃମ୍‌ନ୍ଦ ବାଟ୍
ଜଃଉଁକେ ହଃଟାୟ୍‌ଲାୟ୍, ଆର୍ ସିଲା ଆର୍ ତିମତି ସେତି ରିଲାୟ୍
। 15 ମଃତର୍ ଜୁୟମଃନ୍ ପାଉଲ୍‌କେ ସଃଙ୍ଗେ ନିଲାୟ୍, ସେମଃନ୍
ତାକେ ଏତେନ୍‌ସ୍ ହଃତେକ୍ ବାଉଲାୟ୍ ଆଣ୍‌ଲାୟ୍ ଆର୍ ସିଲା
ଆର୍ ତିମତି ଜଃନ୍‌କଃରି ବେଗି ତାର୍‌ତଃୟ୍ ଆସ୍ତି, ପାଉଲାର୍ ଇ
ଆଦେସ୍ ସୁଣି ଆୟ୍‌ଲାୟ୍ । 16 ଏତେନ୍‌ସ୍ ତଃୟ୍ ପାଉଲ୍, ସିଲା
ଆର୍ ତିମତିର୍ ଆସ୍ତାର୍ ଜାଣି ରେତା ବଃଲ୍ ସେ ଗଃଲେ ହୁରି ମୁର୍ତି
ଗାଦା ରିଲାର୍ ଦଃକି ପାଉଲ୍ ଆତ୍ମାୟ୍ ଦୁକ୍ କଃଲା । 17 ସେତାକ୍
ସେ ପାର୍ତ୍‌ନା ଗଃରେ ଜିଉଦି ଆର୍ ଇସ୍ୱର୍‌କେ ସେବା କଃର୍ତା
ଅଜିଉଦି ଲକ୍‌ମଃନାର୍ ସଃଙ୍ଗ୍ ଆର୍ ଡେଲା ବାଟେ ହଃତିଦିନ୍
ଜୁୟ୍ ଲକ୍‌ମଃନାର୍ ସଃଙ୍ଗ୍ ବେଟ୍ ଅଃଉତି ରିଲା ସେମଃନ୍‌କେ
ସେମଃନାର୍ ବିସୟେ କଃତା କଃଉତି ରିଲା । 18 ସେତି ଏପିକୁର
ଆର୍ ସ୍ତଇକାର୍ କଃତିଗଟ୍ ଗୁରୁମଃନ୍ ହେଁ ତାର୍‌ସଃଙ୍ଗ୍ କଃତା
କାଟାକାଟି ଅଃଉତିରିଲାୟ୍ ଆର୍ କେକେ କୟ୍‌ଲାୟ୍ "ଏ ବୁଟେକ୍
କଃତା କଃଉ କାୟ୍‌ରି କଃଉଁକେ ମଃନ୍‌କଃରୁଲା?" ଆର୍ କେକେ
କୟ୍‌ଲାୟ୍, "ସେ ବିଦେସି ଦେବ୍‌ତା ମଃନାର୍ ପର୍ଚାର୍ କଃରୁଲା
ବଃଲି ଜାଣାହଃଲୁଲି ।" କାୟ୍‌ତାକ୍ ବଃଲେକ୍ ପାଉଲ୍ ଜିସୁ ମଃରି
ଉଟ୍‌ଲା କଃତା ପର୍ଚାର୍ କଃର୍ତିରିଲା ବଃଲି କୟ୍‌ଲାୟ୍ । 19 ହଃଚେ
ସେମଃନ୍ ପାଉଲ୍‌କେ ଜିଉଦି ବେରାଣେ ଆରପାଗ୍ ତଃୟ୍ ନିଲାୟ୍,
ଆର୍ କୟ୍‌ଲାୟ୍, "ଇ ଜୁୟ୍ ନଃଉଆଁ ସିକ୍ୟା ତୁୟ୍ ଦେଉଁଲିସ୍,
ସେରି କାୟ୍‌ରି ବଃଲି ଅଃମି ଜାଣୁ ହାରୁ କି? 20 କାୟ୍‌ତାକ୍
ବଃଲେକ୍ ତୁୟ୍ ଅଃମିମଃନ୍‌କ୍ କଃତେକ୍ କାବା ଅଃଉତା କଃତା
ସୁଣାଉଁଲିସ୍, ତଃବେ ଇ ସଃବୁ କଃତାର୍ ବାବ୍ କାୟ୍‌ରି, ଅଃମି
ଜାଣୁକେ ମଃନ୍‌କଃରୁଲୁ ।" 21 ଏତିନିର୍ ଲକ୍‌ମଃନ୍ ଆର୍ ସେତି
ରେତା ବିଦେସି ଲକ୍‌ମଃନ୍ ନଃଉଆଁ କଃଉତାର୍ ଆର୍ ସୁଣ୍‌ତାର୍
ଚାଡି କୁୟ୍ କାମେ ହେଁ ସଃମୟ୍ ନଃସ୍ଟ ନଃକେର୍ତି ରିଲାୟ୍ । 22
ଇତାକ୍ ପାଉଲ୍ ଆରପାଗାର୍ ବେରାଣ୍ ମଃଜାୟ୍ ଟିଆ ଅୟ୍
କୟ୍‌ଲା, "ଏ ଏତିନିର୍ ଲକ୍‌ମଃନ୍ ତୁମିମଃନ୍ ସଃବୁ କଃତାୟ୍
ବଃଡେ ଦଃର୍ମ୍ ବିସ୍ୱାସି ଇରି ମୁୟ୍ଁ ଦଃକୁଲେ ।" 23 ବଃଲେକ୍ ମୁୟ୍ଁ
ତୁମାର୍ ଗଃଲ୍‌କେ ଅୟ୍ ବୁଲ୍‌ତାବଃଲ୍ ତୁମିମଃନାର୍ ହୁଜାକଃର୍ତା
ଟାଣ୍ ସଃବୁ ଦଃକୁ ଦଃକୁ ଗଟେକ୍ ବେଦିହିଣ୍ଡା ଦଃକ୍‌ଲେ ଜାର୍
ଉହ୍ରେ ଇ କଃତା ଲେକା ଅୟ୍‌ରିଲି, "ନଃଜାଣ୍‌ତା ଦେବ୍‌ତାର୍ ଗିନେ
।" ତଃବେ ତୁମିମଃନ୍ ଜାକେ ନଃଜାଣି ହୁଜା କଃରୁଲାସ୍, ମୁୟ୍ଁ
ତାର୍‌ବିସୟେ ତୁମିମଃନାର୍ ତଃୟ୍ ପର୍ଚାର୍ କଃରୁଲେ । 24 ଜୁୟ୍
ଇସ୍ୱର୍ ଜଃଗତ୍ ଆର୍ ସେତିର୍ ସଃବୁ ବିସୟ୍ ତିଆର୍ କଃରି ଆଚେ,
ସେ ସଃର୍ଗ୍ ଆର୍ ହୁର୍ତିବିର୍ ମାପୁ ଅୟ୍‌ରିଲାକ୍ ମାନାୟ୍ ଆତେ
ତିଆର୍ ଅୟ୍‌ଲା ମନ୍ଦିର୍‌ମଃନ୍‌କେ ବାସା ନଃକେରେ । 25 ଆରେକ୍
ତାର୍ କାୟ୍ ଉଣା ନଃରିଲାକ୍ ମାନାୟ୍ ଆତେ ହୁଣି ଦିଲା ହୁଜା ସେ
ଲଳା ନଃକେରେ, ସେ ନିଜେ ସଃବ୍‌କେ ଜିବନାର୍ ହୁଣ୍ଟାଣ୍ ଆର୍
ସଃର୍ନେ ଲଳାରିଲା ବିସୟ୍ ଦଃୟ୍‌ଦ୍ । 26 ଆର୍ ସେ ହୁର୍ତିବିର୍ ସଃବୁ
ହାକ୍ ବାସା କଃରୁକେ ଗଟେକ୍ ଲକ୍ ତଃୟ୍‌ହୁଣି ସଃବୁ ଲକ୍‌କେ
ତିଆର୍ କଃରି ଆଚେ, ସେ ସଃବ୍‌କାର୍ ଟିକ୍ କାଲ୍ ଆର୍ ବାସା
କଃର୍ତାର୍ ଦିନ୍ ତିର୍ କଃରି ଆଚେ । 27 ସେମଃନ୍ ଜଃନ୍‌କଃରି
ଇସ୍ୱର୍‌କେ ଲଳିକଃରି ତାକେ ହାଉଁ ହାର୍ତି, ଅୟ୍‌ଲେକ୍ ହେଁ ସେ
ଅଃମାର୍ କାର୍ ତଃୟ୍‌ହୁଣି ଦୁରିକ୍ ନାୟ୍ । 28 କାୟ୍‌ତାକ୍‌ବଃଲେକ୍
ତାର୍ ତଃୟ୍ ଅଃମାର୍, ଜିବନ୍ ରେତାର୍, ଜାତାର୍ ଆର୍ ଅବୁସ୍ତା
ଜଃନ୍‌କାର୍ ତୁମିମଃନାର୍ ଗିତ୍‌ଲେକୁ ମଃନାର୍‌ବିତ୍ରେ କେକେ କୟ୍
ଆଚ୍‌ତି, କାୟ୍‌ତାକ୍ ବଃଲେକ୍ ଅଃମିମଃନ୍ ହେଁ ତାର୍ ହିଲା ମଃନ୍
। 29 ତଃବେ ଆମିମଃନ୍ ଇସ୍ୱରାର୍ ହିଲା ଅୟ୍‌ରିଲାକ୍ ଇସ୍ୱର୍
ହର୍ ମାନାୟ୍ ଗଃଲ୍‌ଲା ଆର୍ ବାବ୍‌ନା ହଃର୍କାରେ ଗେନି ରିଲାର୍
ସନା କି ରୁହା କି ଟେଳା ହର୍ ମଃନେ କଃରା ନାୟ୍ 30 ଇସ୍ୱର୍
ସେ ଗ୍ୟାନ୍ ନୟ୍‌ଲା କାଲ୍‌କେ ଚାଡି ଆଚେ ସଃତ୍, ମଃତର୍
ସେ ଅଃବେ ସଃବୁ ମାନାୟ୍‌କେ ମଃନ୍ ବାଦ୍‌ଲାଉଁକ୍ ଜାଣାଉଁଲା
। 31 କାୟ୍‌ତାକ୍‌ବଃଲେକ୍ ଜୁୟ୍ ଦିନ୍ ସେ ଅଃହ୍‌ଣାର୍ ବାଚ୍‌ଲା
ଲକ୍ ହୁଣି ଦଃର୍ମେ ଜଃଗତାର୍ ବିଚାର୍ କଃରେଦ୍, ଅଃନ୍‌କାର୍
ଗଟେକ୍ ଦିନ୍ ତିର୍ କଃରି ଆଚେ ଆର୍ ତାକେ ମଃଲା ଲକାର୍
ତଃୟ୍ ହୁଣି ଉଟାୟ୍ ଇ କଃତାକ୍ ସଃବ୍‌କାର୍ ଦଃୟ୍ ହଃର୍ମାଣ୍
ଦଃୟ୍ ଆଚେ । 32 ମଃର୍ନେ ହୁଣି ଉଟ୍‌ତା କଃତା ସୁଣି କେକେ
ଟାହ୍ରା କଃରୁକେ ଦଃର୍ଲାୟ୍ ଆର୍ କେକେ କୟ୍‌ଲାୟ୍, "ଆମିମଃନ୍
ଆରେକ୍ ଗଟ୍‌ତର୍ ଇ କଃତା ସୁଣୁକ୍ ମଃନ୍‌କଃରୁଲୁ ।" 33 ଇରି
କୟ୍ ପାଉଲ୍ ବେରାଣେ ହୁଣି ବାରାୟ୍ ଗଃଲା । 34 ମଃତର୍ କେ
କେ ତାର୍ ବାଟ୍ୟା ଅୟ୍ ତାକେ ବିସ୍ୱାସ୍ କଃଲାୟ୍, ସେମଃନାର୍
ବିତ୍ରେ ବେରାଣାର୍ ସେ ଗଟ୍ ମେମର୍ ରିଲା ଦିଅନୁସିଅ ଦାମାରି
ନାଉଁଆର୍ ଗଟେକ୍ ମାୟ୍‌ଜି ଆର୍ ସେମଃନାର୍ ସଃଙ୍ଗ୍ ଆରେକ୍
କଃତି ଲକ୍ ରିଲାୟ୍ ।

**18** ଇ ସଃବୁ ଗଃଟ୍‌ଣା ହଃଚେ ସେ ଆତିନି ହୁଣି କରନ୍ତିକେ
ଗଃଲା । 2 ଆର୍ ସେ ଆକିଲା ନାଉଁଆର୍ ଗଟେକ୍
ଜିଉଦିଲକେ ବେଟ୍ ଅୟ୍‌ଲା, ପନ୍ତୁ ତାର୍ ଜଃଲମ୍ ମାଟି ଅଃଳକ୍

ଦିନ୍ ଅୟ୍‌ଲି ତାର୍ ଡକୁର୍ସି ପ୍ରିସ୍କିଲା ଇଟାଲିଆ ହୁଣି ଆସି ରିଲି,
କାୟ୍‌ତାକ୍ ବଃଲେକ୍ କ୍ଲାଉଦିଆ ସଃବୁ ଜିଉଦିମଃନ୍‌କେ ରମ୍ ହୁଣି
ବାରାୟ୍ ଜଃଉଁକେ ବଲ୍ ଦଃୟ୍ ରିଲା । ପାଉଲ୍ ସେମଃନାର୍
ସଃଙ୍ଗ୍ ବେଟ୍ ଅଃଉଁକେ ଗଃଲା । 3 ଆର୍ ସେମଃନ୍ ସଃଙ୍ଗ୍ ରିଲା,
ଆର୍ କାମ୍ କଃରୁକେ ଦଃର୍ଲା, କାୟ୍‌ତାକ୍‌ବଃଲେକ୍ ସେମଃନ୍
ତୁମ୍ ବୁଣ୍‌ତା ଲକ୍ ରିଲାୟ୍ ଏହେଁ ଇ ବେବାରେ ଜିଉତିରିଲା
। 4 ଆରେକ୍ ହଃତି ବିସାଉଁଣିବାର୍ ଦିନ୍ ସେ ପାର୍ତ୍ନା ଗଃରେ
ଆଲ୍‌ଚଃନା କଃରି ଜିଉଦି ଆର୍ ଗ୍ରିକ୍ ମଃନାର୍ ବିସ୍ୱାସ୍ କଃରାଉଁକ୍
ମଃନ୍ ହାତ୍‌ତି ରିଲା । 5 ସଃଡେବଃଲ୍ ସିଲା ଆର୍ ତିମତି
ମାକିଦନିଆୟ୍ ହୁଣି ଆୟ୍‌ଲାୟ୍ ସଃଡେବଃଲ୍ ପାଉଲ୍ ମାପ୍ରୁର୍
କଃତା ପର୍ଚାର୍ କଃରୁକେ ଲାଗିହଃଜିରିଲା, ଆର୍ ଜିସୁ ଜେ କ୍ରିସ୍ଟ
ବଃଲେକ୍ ମସିଅ ଇରି ଜିଉଦି ମଃନ୍‌କେ ସାକି ଦେତିରିଲା । 6
ମଃତର୍ ସେମଃନ୍ ବିରଦ୍ ଆର୍ ଲିନ୍ଦା କଃଲାୟ୍, ସେ ଅଃହ୍‌ଣାର୍
ହଃଚ୍ୟା ହାହଳି ସେମଃନ୍‌କେ କୟ୍‌ଲା, ତୁମିମଃନାର୍ ବଃନି
ତୁମାର୍ ମୁଣ୍ଡେ ହଃଳ, ମୁୟ୍ଁ ନିର୍ଦସ୍, ଅଃବେହୁଣି ମୁୟ୍ଁ ଅଜିଉଦି
ଲକ୍‌ମଃନାର୍ ତଃୟ୍ ଜାଇନ୍ଧ । 7 ସେତାକ୍ ସେ ଟାଣ୍ ହୁଣି ତିତସ୍
ଜୁସ୍ତ ନାଉଁଆର୍ ଇସ୍ୱର୍ ବିସ୍ୱାସି ଗଃରେ ଗଃଲା, ସେତି ପାର୍ତ୍ନା
କଃରୁକେ ଲାଗିରିଲି । 8 ମଃତର୍ ପାର୍ତ୍ନା ଗଃରାର୍ ମୁଳିକା
କ୍ରିସ୍ପ ଆର୍ ଗଃର୍‌କୁଟୁମ୍ ମାପ୍ରୁକ୍ ବିସ୍ୱାସ୍ କଃଲାୟ୍, ଆର୍ କରନ୍ତି
ଲକ୍‌ମଃନାର୍ ବିତ୍ରେ ଗାଦେକ୍ ଲକ୍ ସିକ୍ୟା ସୁଣି ବିସ୍ୱାସ୍ କଃରୁକେ
ଦଃର୍ଲାୟ୍ ଆର୍ ବାପ୍ତିସମ୍ ନିଲାୟ୍ । 9 ଆରେକ୍ ମାପ୍ରୁ ରାତିବଃଲ୍
ଦଃକାୟ୍‌ଅୟ୍ ପାଉଲ୍‌କେ କୟ୍‌ଲା, "ଡିର୍ ନାୟ୍, ତୁନ୍ ନଃହାଲି
ପର୍ଚାର୍ କଃରୁକେ ବନ୍ଦ ନଃକେର୍ । 10 କାୟ୍‌ତାକ୍‌ବଃଲେକ୍ ଅଃମି
ତର୍ ସଃଙ୍ଗ୍ ଆଚୁ କୁୟ୍ ଲକ୍ ତକ୍ କାୟ୍ କଃରୁକେ ନାହାରେ,
ବଃଲେକ୍ ଅଃମାର୍ ଗାଦେକ୍ ଲକ୍ ଇ ଗଃଳେ ଆଚ୍‌ତି ।" 11
ଆରେକ୍ ସେ ସେମଃନାର୍ ତଃୟ୍ ଇସ୍ୱରାର୍ କଃତା ସିକ୍ୟା ଦଃୟ୍
ବଃର୍ସେକ୍ ଚଅ ମାସ୍ ସେତି ବାସ୍ କଃଲା । 12 ମଃତର୍ ଗାଲିଅନ୍
ଆକାୟା ରମିୟ ରାଇଜ୍ କଃର୍ତା ବଃଲ୍ ଜିଉଦିମଃନ୍ ଜେ ପାଉଲ୍
ବିରଦେ ଉଟି ତାକେ ବେରାଣ୍ ମଃଣ୍ଡାୟ୍ ବିଚାର୍ କଃରୁକେ ଆଣି
କୟ୍‌ଲାୟ୍ । 13 "ଇ ଲକ୍ ମସାର୍ ବିଦିର୍ ବିରଦାର୍ ଇସ୍ୱର୍‌କେ
ସେବା କଃରୁକେ ଲକ୍‌ମଃନ୍‌କେ ବୁଲ୍‌କାଉଁଲା ।" 14 ମଃତର୍
ପାଉଲ୍ ଟଣ୍ଡ ହୁଟାୟ୍ କଃତା କଃଉଁକ୍ ଦଃର୍ଲା ବଃଲ୍, ଗାଲିଅନ୍
ଜିଉଦିମଃନ୍‌କେ କୟ୍‌ଲା, "ଏ ଜିଉଦିମଃନ୍ କାୟ୍ ଅଃନ୍ୟାୟ୍
ଅୟ୍‌ରିଲେକ୍ ସଃମ୍ପାଳିକଃରି ତୁମିମଃନାର୍ କଃତା ସୁଣୁକ୍ ଟିକ୍
ଅୟ୍‌ଲି ହୁଣି । 15 ମଃତର୍ ଇ ସଃବୁ ଅଃବ୍‌କା କଃତା, ନାଉଁ
ଆର୍ ଅଃର୍ଦ୍ ତୁମିମଃନାର୍ ମସାର୍ ବିଦିର୍ କଃତା ଲାଗି, ତୁମିମଃନ୍
ବୁଜା, ମୁୟ୍ଁ ଇ ସଃବୁ କଃତା ବିଚାର୍ ନଃକେରି ।" 16 ଇରି
କୟ୍ ସେମଃନ୍‌କେ ବେରାଣେ ହୁଣି ବାର୍‌କଃରି କଃଦ୍‌ଲା । 17
ସେତାକ୍ ସଃବୁ ଲକ୍ ପାର୍ତ୍ନା ଗଃରାର୍ ମୁଳିକା ସସ୍ତନାକେ ଦଃରି
ବେରାଣ୍ ମୁୟେ ମାଡ୍ ମାରୁକ୍ ଦଃର୍ଲାୟ୍, ମଃତର୍ ଗାଲିଅନ୍ ସେ
ସଃବୁ କଃତାକ୍ ନଃମାନ୍‌ଲା । 18 ପାଉଲ୍ ବୁତେକ୍ ଦିନ୍ ଦଃରି
କରନ୍ତିଏ ବିସ୍ୱାସି ବାୟ୍‌ବେଣିମଃନାର୍ ସଃଙ୍ଗ୍ ରିଲା । ତାର୍ ହଃଚେ
ସେଲଃଗେ ରିଲା ସିକିରାକେ ଗଃଲା, ହୁର୍ବାର୍ ତାର୍ ଗଟେକ୍
ମାନ୍‌ସିକ୍ କଃରିରିଲା ହଃର୍କାରେ କେଙ୍କ୍ରେଆ ତଃୟ୍ଁ ସେ ତାର୍
ମୁଣ୍ଡ କୁରାୟ୍‌ଲା । ତାର୍‌ହଃଚେ ପ୍ରିସ୍କିଲା ଆର୍ ଆକିଲା ସଃଙ୍ଗ୍ ହାଣି
ଜାଜେ ସିରିଆ ଜଃଉଁକେ ବାରାୟ୍‌ଲା । 19 ହଃଚେ ସେମଃନ୍
ଏପିସିଏ ହଚ୍‌ଲାୟ୍, ଆରେକ୍ ସେଟାଣେ ସେମଃନ୍‌କେ ଚାଡି
ନିଜେ ପାର୍ତ୍ନା ଗଃର୍ ବିତ୍ରେ ଜାୟ୍ ଜିଉଦିମଃନ୍‌କାର୍ ସଃଙ୍ଗ୍
ଆଲ୍‌ଚଃନା କଃଲା । 20 ଆରେକ୍ ସେମଃନ୍ ତାକେ ଅଃଦିକ୍ ଦିନ୍
ରେଉଁକ୍ ଗଃଉଆରି କଃଲାୟ୍, ମଃତର୍ ସେ ମଃନ୍ ନଃକେଲା ।
21 ମଃତର୍ ସେମଃନାର୍ ତଃୟ୍‌ହୁଣି ମେଲାଣି ନଃୟ୍ କୟ୍‌ଲା,
"ଇସ୍ୱରାର୍ ଇଚା ଅୟ୍‌ଲେକ୍, ଆରେକ୍ ଗଟ୍‌ତର୍ ତୁମାର୍ ତଃୟ୍
ବାଉଳି ଆସିନ୍ଧ ।" ଆରେକ୍ ସେ ଏପିସିଏ ହୁଣି ହାଣି ଜାଜେ ଚଃଗି
ଗଃଲା । 22 କାଇସରିଆ ହଃଚି ସେ ଜାଜେ ହୁଣି ଉତୁର୍ଲା ଆର୍
ଜାୟ୍ ବିସ୍ୱାସିମଃନ୍‌କେ ଜୁଆର୍ କଃରି ଆନ୍ତିଅକିଆକ୍ ଗଃଲା । 23
ସେଟାଣେ କଃତି ଦିନ୍ ରିଲା ହଃଚେ ସେ ସେତି ହୁଣି ଗଃଲା, ଆର୍
ଗାଲାତି ହଲି ଆର୍ ପ୍ରୁଗିଆ ବାଟ୍ ଜଃଉଁଜଃଉଁ ଚେଲାମଃନ୍‌କେ
ସାସ୍‌ଦିଲା । 24 ଇ ବିତ୍ରେ ଆପଲ୍ ନାଉଁଆର୍ ଗଟେକ୍ ଜିଉଦି
ଏପିସିଏ ଆୟ୍‌ଲା, ତାର୍ ଜଃଲମ୍ ମାଟି ଆଲେକ୍‌ଜେଣ୍ଡ୍ରିଆ, ନିକ
କଃଉଁ ହାର୍ତାର୍ ଆର୍ ଦଃର୍ମ୍ ସାସ୍ତର୍ ଜାଣ୍‌ଲା ଲକ୍ ରିଲା । 25
ଇ ମାନାୟ୍ ମାପ୍ରୁର୍ ବାଟ୍ ବିସୟେ ସିକ୍ୟା ହାୟ୍‌ରିଲା, ଆରେକ୍
ଆତ୍ମାୟ୍ ହୁର୍ନ ଅୟ୍ ଜିସୁର୍ କଃତା ନିକ କଃରି ସିକ୍ୟା ଦେତିରିଲା
ମଃତର୍ ସେ ଅଃବ୍‌କା ଜହନାର୍ ବାପ୍ତିସମ୍ କଃତା ଜାଣିରିଲା । 26
ସେ ପାର୍ତ୍ନା ଗଃରେ ସାସ୍ ଦଃରି ସିକ୍ୟା ଦେଉଁକ୍‌ଦଃର୍ଲା । ମଃତର୍
ପ୍ରିସ୍କିଲା ଆର୍ ଆକିଲା ତାର୍ କଃତା ସୁଣି ତାକାର୍ ସଃଙ୍ଗ୍ ନୟ୍
ଅଃଦିକ୍ ନିକ କଃରି ଇସ୍ୱରାର୍ ବାଟ୍ କଃତା ସେମଃନ୍ ବୁଜାୟ୍‌ଲାୟ୍
। 27 ସେ ଆକାୟା ଦେସ୍‌କେ ଜଃଉଁକେ ମଃନ୍‌କଃଲାକ୍ ବାୟ୍‌ମଃନ୍
ତାକେ ବଃର୍ସା ଦଃୟ୍ ତାକେ ଆଗଳି ଦଃରୁକ୍ ଚେଲାମଃନ୍‌କେ
ଚିଟି ଲେକ୍‌ଲାୟ୍ । ସେ ସେତି ହଚି ଜୁୟ୍‌ମଃନ୍ ସଃତ୍‌କଃରି
ରିଲାୟ୍, ଇସ୍ୱର୍ ଦଃୟ୍ୟା ତଃୟ୍ ସେମଃନାର୍ କଃତେକ୍ ଉହ୍‌କାର୍
କଃଲା । 28 କାୟ୍‌ତାକ୍‌ବଃଲେକ୍ ଜିସୁ ଜେ କ୍ରିସ୍ଟ, ଇରି ଦଃର୍ମ୍
ସାସ୍ତର୍ ତଃୟ୍‌ହୁଣି ବୁଜାୟ୍ ସେ ଡାକେହାକେ ସଃକ୍ତିର୍ ସଃଙ୍ଗ୍
ଜିଉଦିମଃନାର୍ କଃତାକ୍ କାଟ୍‌ତିରିଲା ।

**19** ଆପଲ୍ କରନ୍ତି ତଃୟ୍ ରେତାବଃଲ୍, ପାଉଲ୍ ଦେସାର୍ ହୁର୍ବ୍
ହଲିବାଟ୍ ଆସିକଃରି ଏପିସିଏ ଆସି ହଚ୍‌ଲା । ସେତି
ସେ କଃତି ଗଟ୍ ଚେଲାକେ ବେଟ୍ ଅୟ୍‌ଲା, 2 ସେ ସେମଃନ୍‌କେ
ହଃଚାର୍ଲା, "ବିସ୍ୱାସ୍ କଃର୍ତା ବଃଲ୍ କାୟ୍ ତୁମିମଃନ୍ ପବିତ୍ର ଆତ୍ମା
ହାୟ୍‌ରିଲାସ୍?" ସେମଃନ୍ ତାକେ କୟ୍‌ଲାୟ୍, ନାୟ୍, "ପବିତ୍ର
ଆତ୍ମା ଜେ ଆଚେ ବଃଲି ସେରି ଅଃମି କଃବେ ହେଁ ନଃସୁଣୁ ।" 3
ସେତାକ୍, ସେ ହଃଚାର୍ଲା ତଃବେ ତୁମିମଃନ୍ କାୟ୍‌ତି ବାପ୍ତିସମ୍
ହାୟ୍‌ଲାସ୍? ସେମଃନ୍ କୟ୍‌ଲାୟ୍, "ଜହନ୍ ତଃୟ୍‌ହୁଣି ବାପ୍ତିସମ୍
ହାୟ୍‌ଆଚୁ ।" 4 ସେତାକ୍ ପାଉଲ୍ କୟ୍‌ଲା, "ଜହନ୍ ଇସ୍ରାଏଲ୍

ଲକ୍ମଃନ୍କେ ମଃନ୍ ବାଦ୍ଲାଉତା ବାପ୍ତିସମେ ବାପ୍ତିସମ୍ ଦଃୟ୍,
ତାର୍ହଃଚେ ଜେ ଆସେଦ୍ ତାର୍ ତଃୟ୍ ବଃଲେକ୍ ଜିସୁର୍ ତଃୟ୍
ବିସ୍ୱାସ୍ କଃରୁକେ ଅୟ୍ଦ୍ ବଃଲି ଲକ୍ମଃନ୍କେ କଃଉତି ରିଲା ।
5 ସେମଃନ୍ ଇରି ସୁଣି ମାପ୍ରୁ ଜିସୁର୍ ନାଉଁଏ ବାପ୍ତିସମ୍ ନିଲାୟ୍
। 6 ଆର୍ ପାଉଲ୍ ସେମଃନାର୍ ଉହ୍ରେ ଆତ୍ ସଃଙ୍ଗ୍ଲାୟ୍ଲାକ୍
ପବିତ୍ର ଆତ୍ମା ଆୟ୍ଲି, ଆରେକ୍ ସେମଃନ୍ ବିନ ବିନ୍ ବାସାୟ୍
କଃତା କଃଉଁକେ ଆର୍ ଇସ୍ୱରାର୍ କବୁର୍ କଃଉଁକେ ଦଃର୍ଲାୟ୍ । 7
ସେମଃନ୍ ସଃବୁ ହାକାହାକି ବାର ଗଟ୍ ଅଃଣ୍ଟ୍ଲାଲକ୍ ରିଲାୟ୍ ।" 8
ହଃଚେ ସେ ଜିଉଦିମଃନାର୍ ପାର୍ତ୍ନା ଗଃର୍ ବିତ୍ରେ ଜାୟ୍ ତିନି ମାସ୍
ହଃତେକ୍ ସାସ୍ ଦଃରି ଇସ୍ୱରାର୍ ରାଇଜାର୍ କଃତା ପର୍ଚାର୍ କଃଲା
ଆର୍ ବିସ୍ୱାସେ ବାଡ୍ରୁକେ କୟ୍ଲା । 9 ମଃତର୍ ଜଃଡେବଃଲ୍
କଃତେକ୍ ଲକ୍ ଅଃଟୁଆ ଆର୍ ଅମାନ୍ୟାର୍ ଅୟ୍ ଲକ୍ମଃନାର୍
ଚଃମେ ସେ କଃତାକ୍ ଲିନ୍ଦା କଃରୁକେ ଦଃର୍ଲାୟ୍ । ସଃଡେବଃଲ୍
ପାଉଲ୍ ସେମଃନ୍କେ ଚାଡି ଚେଲାମଃନ୍କେ ଅଃଲ୍ଗା କଃଲା ଆର୍
ହଃତି ଦିନ୍ ତୁରାନର୍ ଇସ୍କୁଲେ ଆଲ୍ଚଃନା କଃରୁକେ ଦଃର୍ଲାୟ୍ ।
10 ଦୁୟ୍ ବଃର୍ସ୍ ହଃତେକ୍ ଅଃନ୍କାର୍ ଅୟ୍ଲି, ସେତାକ୍ ଆସିଆର୍
ଜିଉଦି ଆର୍ ଅଜିଉଦି ମାପ୍ରୁର୍ କଃତା ସୁଣ୍ଲାୟ୍ । 11 ଆରେକ୍
ଇସ୍ୱର୍ ପାଉଲ୍ ଆତେହୁଣି କାବା ଅଃଉତା ସକ୍ତିର୍ କାମ୍ କର୍ତି
ରିଲା । 12 ଅଃନ୍କାର୍ କି ପାଉଲ୍ ବାଉର୍ତା ରୁମାଲ୍ ଆର୍
ବଃସ୍ତ୍ରର୍ ରଗିମଃନାର୍ ତଃୟ୍ ଆଣ୍ଲେକ୍ ସେମଃନାର୍ ତଃୟ୍ ହୁଣି
ରଗ୍ ଚାଡି ଜାତି ରିଲି, ଆର୍ ଦୁସ୍ଟ ଆତ୍ମାମଃନ୍ ବାରୟ୍ ଜାତି
ରିଲାୟ୍ । 13 ମଃତର୍ ବାର୍ବୁଲା ଜିଉଦି ବୁତ୍ ଚାଡାଉମଃନାର୍
ବିତ୍ରେ କଃତେକ୍ ଲକ୍ ହେଁ ଦୁସ୍ଟ ଆତ୍ମା ଦଃରିରିଲା "ଲକ୍ମଃନାର୍
ଉହ୍ରେ ମାପ୍ରୁ ଜିସୁର୍ ନାଉଁ କୟ୍କଃରି ଜୁୟ୍ ଜିସୁକେ ପାଉଲ୍
ପର୍ଚାର୍ କଃରୁଲା ମୁୟ୍ଁ ତୁମିମଃନ୍କେ ତାର୍ ନାଉଁଏ ଆଦେସ୍
ଦେଉଁଲେ ।" 14 ଆରେକ୍ ସ୍କେବା ନାଉଁଆର୍ ଗଟେକ୍ ଜିଉଦି
ବଃଡ୍ ଜାଜକାର୍ ସାତ୍ ଗଟ୍ ହୟ୍ସି ଅଃନ୍କଃରି କର୍ତି ରିଲାୟ୍ ।
15 ମଃତର୍ ଦୁସ୍ଟ ଆତ୍ମା ସେମଃନ୍କେ କୟ୍ଲି, "ମୁୟ୍ଁ ଜିସୁକେ
ଜାଣି, ଆର୍ ପାଉଲ୍କେ ଚିନି ଆଚି, ମଃତର୍ ତୁମିମଃନ୍ କେ?"
16 ସଃଡେବଃଲ୍ ଦୁସ୍ଟ ଆତ୍ମା ଡଃସିରିଲା ଲକ୍ ସେମଃନାର୍ ଉହ୍ରେ
ଡଃଗାୟ୍ ସେ ଦୁୟ୍ ଲକ୍କେ ଅଃନ୍କା ମାଡ୍ ମାର୍ଲା ଜେ, ସେମଃନ୍
ନଃଗ୍ଲା ଆର୍ କଃଣ୍ଡିଆକାବ୍ରା ଅୟ୍ ସେ ଗଃରେ ହୁଣି ବାରୟ୍
ହଃଲାୟ୍ଲାୟ୍ । 17 ଇ କଃତା ଏପିସିଏ ଜିଉଦି ଆର୍ ଅଜିଉଦି
ସଃବୁ ଲକ୍ ଜାଣ୍ଲାୟ୍, ଆର୍ ସେତାକ୍ ସଃବୁ ଲକ୍ ଡିର୍ଲାୟ୍
ଆର୍ ମାପ୍ରୁ ଜିସୁର୍ ନାଉଁକ୍ ଜଃଜ୍ମାନ୍ କଃରୁକେ ଦଃର୍ଲାୟ୍ । 18
ଆରେକ୍ ବିସ୍ୱାସିମଃନାର୍ ବିତ୍ରେ ଗାଦେକ୍ ଲକ୍ ଆସି ଅଃହ୍ଣାର୍
ଅଃହ୍ଣାର୍ ହାହ୍ କାମ୍ ମାନ୍ଲାୟ୍ ଆର୍ ଜାଣାଉଁକ୍ ଦଃର୍ଲାୟ୍ । 19
ଆର୍ ଗୁଣିଆ କାମ୍ କର୍ତା ଗାଦେକ୍ ଲକ୍ ନିଜାର୍ ନିଜାର୍ ପୁସ୍ତକ୍
ଆଣି ରୁଣ୍ଡାୟ୍ ସଃବ୍କାର୍ ମୁଏଁ ହଡାୟ୍ ହଃକାୟ୍ଲାୟ୍, ସେମଃନ୍
ସେ ସଃବୁର୍ ମଲ୍ ଇସାବ୍ କଃରି ଦୁୟ୍କଳି ଦଃସ୍ ଅଃଜାର୍ ରୁହା
ଟଃକା ବଃଲି କୟ୍ଲାୟ୍ । 20 ଅଃନ୍କଃରି ମାପ୍ରୁର୍ କଃତା ସଃକ୍ତିଏ
ବାଡୁକେ ଦଃର୍ଲି, ଆର୍ ଅଃଦିକ୍ ସଃକାତ୍ ଅଃଉଁକେ ଦଃର୍ଲି ।
21 ଇ ସଃବୁ କଃତା ସର୍ଲା ହଃଚେ ପାଉଲ୍ ମାକିଦନିଆ ଆର୍
ଆକାୟା ବାଟ୍ ଅୟ୍ ଜିରୁସାଲମ୍କେ ଜଃଉଁକେ ଆତ୍ମାୟ୍ ମଃନ୍
କଃରି କୟ୍ଲା, "ସେତି ଗଃଲା ହଃଚେ ମକେ ବାୟ୍ଦ୍ରେ ରମ୍କେ
ହେଁ ଜଃଉଁକେ ଅୟ୍ଦ୍" 22 ଆରେକ୍ ଜୁୟ୍ମଃନ୍ ତାର୍ ଜଃତୁନ୍
କର୍ତି ରିଲାୟ୍ ସେମଃନାର୍ ବିତ୍ରେ ତିମତି ଆର୍ ଏରାସ୍ଟ, ଇ
ଦୁୟ୍ ଲକ୍କେ ମାକିଦନିଆକେ ହଃଟାୟ୍ କଃରି ସେ ଅଃଳକ୍
ଦିନ୍ ହଃତେକ୍ ଆସିଆ ତଃୟ୍ ରିଲା । 23 ସଃଡେବଃଲ୍ ମାପ୍ରୁ
ଦଃକାୟ୍ ରିଲା ବାଟାର୍ ଗିନେ ଏପିସି ଗଃଳେ ବଃଡେ ଗଃଣ୍ଡଗଲ୍
ଅୟ୍ଲି । 24 କାୟ୍ତାକ୍ବଃଲେକ୍ ଦିମାତ୍ରିୟ ନାଉଁଆର୍ ଗଟେକ୍
ରୁହା ମୁର୍ତି ହାଜୁ ଆର୍ତେମିର୍ ରୁହା ମନ୍ଦିର୍ ବାନ୍ଦ୍ତି ରିଲା ଆର୍
ମେସ୍ତୁରି ମଃନ୍କାର୍ ବୁତେକ୍ ଲାବ୍ କଃରାଉତି ରିଲା । 25
ସେ ସେମଃନ୍କେ ଆର୍ ସେ ବେବାର୍କଃରୁ ମେସ୍ତୁରିମଃନ୍କେ
କୁଦି କୟ୍ଲା, "ଆଗ୍ୟାମଃନ୍ ଇ ବେବାରାର୍ ଗିନେ ଅଃମି ଲାବ୍
ହାଉଁଲୁ, ଇରି ତୁମିମଃନ୍ ସଃବୁ ଜାଣିଆଚାସ୍ । 26 ଆର୍ ଆତେ
ହାଜ୍ଲା ଦେବ୍ତାମଃନ୍ ଇସ୍ୱର୍ ନାୟ୍ ବଃଲି କୟ୍ ପାଉଲ୍ ଅଃବ୍କା
ଏପିସିଏ ନାୟ୍ ମଃତର୍ ସଃବୁ ଆସିଆର୍ ଗାଦେକ୍ ଲକ୍ମଃନ୍କେ
ବୁଲ୍କାଉଁଲା, ଇରି ତୁମିମଃନ୍ ଦଃକୁଲାସ୍ ଆର୍ ସୁଣୁଲାସ୍ ।
27 ଇତାକ୍ ଜେ, ଅଃମାର୍ ବେବାରେ ବାଦା ଅଃଉତାର୍ ଦଃକା
ଜଃଉଁଲି, ସେରି ନାୟ୍ ମଃତର୍ ଜୁୟ୍ ମହାଦେବି ଆର୍ତେମିକ୍ ସଃବୁ
ଆସିଆ ଆର୍ ଜଃଗତ୍ ସଃରା ହୁଜା କଃରୁଲାୟ୍ ସେ ମନ୍ଦିରାର୍ ହେଁ
ଜଃଜ୍ମାନାର୍ ଲିନ୍ଦା ଅଃଉଁଲି ।" 28 ଇ କଃତା ସୁଣି ସେମଃନ୍ ବେସି
ରିସା ଅୟ୍ ଉଲ୍ଗାଟ୍ ଅୟ୍ କଃଉଁକେ ଦଃର୍ଲାୟ୍, "ଏପିସି ମଃନାର୍
ଆର୍ତେମି ବଃଡ୍ଦେବିର୍ ଜୟ୍ ଅଃଉଅ ।" 29 ଇତାକ୍ ସଃବୁ ଗଃଲ୍
ଜାକ ଗଃଣ୍ଡଗଲ୍ ଅୟ୍ଲି, ଆର୍ ସେମଃନ୍ ପାଉଲାର୍ ସଃଙ୍ଗାର୍
ମାକିଦନିଆର୍ ଗାୟ ଆର୍ ଆରିସ୍ତାର୍କକେ ଦଃରି ଜୁଜ୍ବଃଟାକ୍
ଦଃବୁଳ୍ଲାୟ୍ । 30 ଇତାକ୍ ପାଉଲ୍ ଲକ୍ମଃନାର୍ ବିତ୍ରେ ଜଃଉଁକେ
ମଃନ୍କଃଲା, ମଃତର୍ ଚେଲାମଃନ୍ ତାକେ ଜଃଉଁକେ ନଃଦିଲାୟ୍
। 31 ଆର୍ ଆସିଆର୍ ବଃଡ୍ ସର୍କାରି ଲକ୍ମଃନାର୍ ବିତ୍ରେ
ହେଁ କଃତି ଲକ୍ ତାକାର୍ ନିଜାର୍ ଲକ୍ ରିଲାକ୍ ଲକ୍ ହଃଟାୟ୍
ଜୁଜ୍ବଃଟାୟ୍ ନଃଜ୍ଉଁକେ ପାଉଲ୍କେ ଗଃଉଆରି କଃଲାୟ୍ ।
32 ସଃଡେବଃଲ୍ କେ କେ ଇ କଃତା, କେ କେ ସେ କଃତା କୟ୍
ଉଲ୍ଗାଟ୍ ଅଃଉତି ରିଲାୟ୍, କାୟ୍ତାକ୍ ବଃଲେକ୍ ବେରାଣ୍ ମେଣ୍ଟା
ଜଃବର୍ ଉରାଟୁ ଅୟ୍ଲି । ଆର୍ ସେମଃନ୍ ଜେ କାୟ୍ତାକ୍ ରୁଣ୍ଡି
ଆଚ୍ତି ସେରି ଅଃନେକ୍ ଲକ୍ ଜାଣି ନଃରିଲାୟ୍ । 33 ଆର୍
ଜିଉଦିମଃନ୍ ଆଲେକ୍ଜେଣ୍ଡାର୍କେ ଆଗ୍ତୁ ବାର୍କଃରି ଆଣୁକେ
ଲକ୍ମଃନ୍କେ ତାକେ ଜୁଜାୟ୍ଲାୟ୍, କାୟ୍ତାକ୍ବଃଲେକ୍ ସେତି
ଆଲେକ୍ଜେଣ୍ଡାର୍ ଆତେ ସଃଗ୍ୟା କଃରି ଲକ୍ମଃନାର୍ ଚଃମେ
ବିସ୍ୱାସିମଃନାର୍ ବାଟ୍ୟା ଅୟ୍ ବୁଜାଉଁକେ ମଃନ୍ କର୍ତି ରିଲାୟ୍ ।
34 ମଃତର୍ ସେ ଗଟେକ୍ ଜିଉଦି ବଃଲି ସେମଃନ୍ ଜାଣ୍ଲାୟ୍,
ସଃଡେବଃଲ୍ ସଃବୁ ଲକ୍ ଦୁୟ୍ ଗଃଟା ହଃତେକ୍ ଉରାଟୁ କଃରୁକେ

ଦଃର୍ଲାୟ୍, "ଏପିସିମଃନାର୍ ଆର୍ତେମି ବଃଡ୍‌ଦେବିର୍ ଜଃୟ୍ ଅଃଉଅ
।" 35 ତାର୍ ହଃଚେ ଗଃଳାର୍ ବେବର୍ତା ଲକ୍‌ମଃନ୍‌କେ ଚିମ୍‌ରା
କଃରାୟ୍ କୟ୍‌ଲା ଏ ଏପିସିର୍ ଲକ୍‌ମଃନ୍ ଏପିସି ଗଃଳ୍ ବଃଡ୍‌ଦେବି
ଆର୍ତେମି ଆର୍ ଅଃଗାସେ ହୁଣି ଅଦୁର୍ଲା ମୁର୍ତିର୍ ମନ୍ଦିର୍ ଦଃକାସୁଣା
କଃରୁ ଇରି ସଃବୁଲକେ ଜାଣା ଆଚେ । 36 ତଃବେ ଇ ସଃବୁ
କଃତା କେ ନାୟ୍ ବଃଲେଦ୍, ଇତାକ୍ ତୁମିମଃନ୍ ସୁସ୍ତା ଅଃଉତାର୍
ଆର୍ କାୟ୍‌ରି ନଃବାବି କାୟ୍ କାମ୍ କଃର୍ତାର୍ ନିକ ନାୟ୍ । 37
କାୟ୍‌ତାକ୍‌ବଃଲେକ୍ ଜୁୟ୍ ଲକ୍‌ମଃନ୍‌କେ ତୁମି ଦଃରି ଆଣି ଆଚାସ୍
ଇ ମଃନ୍ ତ ମନ୍ଦିରାର୍ କାୟ୍‌ରି ଚରି ନଃକେର୍‌ତି କି ଅଃମାର୍
ଦେବିର୍ ଲିନ୍ଦା ନଃକେର୍ତି । 38 ଇତାକ୍ ଜଦି କାର୍ ବିରଦେ
ଦିମାତ୍ରିୟ୍‌ର ଆର୍ ତାର୍ ସଃଙ୍ଗଆଳି ମେସ୍ତ୍ରିମଃନାର୍ କାୟ୍ କଃତା
ଆଚେ ତଃବେ ବିଚାର୍ କଃର୍ତା ବେରାଣ୍ ମଃଣ୍ଡା ମେଲା ଆଚେ,
ଆର୍ ସାସନ୍ କଃରୁମଃନ୍ ଆଚ୍‌ତି; ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍
ବିରଦେ ଦଃସ୍ ଆଣତ୍ । 39 ମଃତର୍ ଜଦି ତୁମିମଃନାର୍ ଆର୍
କାୟ୍‌ରି କଃଉତାର୍ ଆଚେ ତଃବେ କୁଟୁମ୍ ବେରାଣେ ତାର୍
ବିଦି ହଃର୍କାରେ ବୁଜାମଃଣା ଅୟ୍‌ଦ୍ । 40 କାୟ୍‌ତାକ୍‌ବଃଲେକ୍
ସଃତ୍‌କଃରି ଆଜିର୍ ଗଃଣ୍ଡଗଲ୍ ଗିନେ ଅଃମାର୍ ବିତ୍ରେ କାୟ୍ କଃତା
ଅଃଉଁକେ ଆଚେ ଅଃମିମଃନ୍ ଇ ଗଣ୍ଡଗଳାର୍ କାୟ୍ କଃତା କଃଉ
ନଃହାରୁ । 41 ଇରି କୟ୍ ସେ କୁଟୁମାର୍ ସଃବ୍‌କେ ମେଲାଣି ଦିଲା
।

**20** ସେ ଗଃଣ୍ଡଗଲ୍ ସଃର୍ଲା ହଃଚେ, ପାଉଲ୍ ଚେଲାମଃନ୍‌କେ
କୁଦି ସେମଃନ୍‌କେ ବଃର୍‌ସା ଦିଲା ଆର୍ ସେମଃନାର୍
ତଃୟ୍‌ହୁଣି ମେଲାଣି ମାଗି ମାକିଦନିଆକେ ଜଃଉଁକେ ବାରାୟ୍‌ଲା
। 2 ସେ ସଃବୁ ହଲିବାଟ୍ ଗଃଲାବଃଲ୍ ସେ ଚେଲାମଃନ୍‌କେ
ବଃର୍‌ସା ଦିଲା ହଃଚେ ଆକାୟାକେ ଆୟ୍‌ଲା । 3 ସେତି ତିନି
ମାସ୍ ରଃୟ୍, ଜଃଡେବଃଲ୍ ଜାଜେ ଚଃଗି ସୁରିଆକ୍ ଜଃଉଁକେ
ମଃନ୍ କଃଲା, ସଃଡେବଃଲ୍ ଜିଉଦିମଃନ୍ ତାର୍ ବିରଦେ କୁଟ୍
କଃଲାକ୍ ସେ ମାକିଦନିଆ ବାଟ୍ ଅୟ୍ ବାଉଲୁକ୍ ମଃନ୍‌କଃଲା
। 4 ଆର୍ ପୁରର୍ ହୟ୍‌ସି ବେରିଆର୍ ସପାତ୍ର, ତେସଲନିକି
ମଃନାର୍ ବିତ୍ରେ ଆରିସ୍ତାର୍କ ଆର୍ ସେକୁନ୍ଦ, ଦର୍ବିର୍ ଗାୟ, ତିମତି
ଆର୍ ଆସିଆର୍ ଲକ୍‌ମଃନାର୍ ବିତ୍ରେ ତୁକିକ୍ ଆର୍ ତ୍ରପିମ୍ ତାର୍
ସଃଙ୍ଗ ଗଃଲାୟ୍ । 5 ଇମଃନ୍ ସଃବୁ ଆଗ୍‌ତୁ ଜାୟ୍ ତ୍ରୟା ତଃୟ୍
ଅଃମିମଃନ୍‌କେ ଜାଗ୍‌ତି ରିଲାୟ୍ । 6 ଆର୍ କମିର୍ ନୟ୍‌ଲା ରୁଟିର୍
ହଃର୍ବ ହଃଚେ ଅଃମିମଃନ୍ ଜାଜେ ଚଃଗି ପିଲିପି ଗଃଲେ ହୁଣି
ଗଃଲୁ ଆରେକ୍ ହାଁଚ୍‌ଦିନ୍ ଅୟ୍‌ଲି ତ୍ରୟା ତଃୟ୍ ସେମଃନାର୍
ଟାଣେ ଆୟ୍‌ଲୁ; ସେତି ଅଃମିମଃନ୍ ସାତ୍ ଦିନ୍ ରିଲୁ । 7 ସାତ୍
ରୟ୍‌ବାର୍ ଦିନ୍ ସଃଞ୍ଜବେଲାୟ୍ ଜଃଡେବଃଲ୍ ଅଃମିମଃନ୍ କାଉଁକ୍
ଏକ୍ ଅୟ୍‌ରିଲୁ, ସଃଡେବଃଲ୍ ପାଉଲ୍ ଆର୍‌କ ଦିନ୍ ଜଃଉଁକେ
ମଃନ୍‌କଃର୍ତିରିଲା, ମଃଜା ରାତି ହଃତେକ୍ ପର୍ଚାର୍ କଃଲା । 8
ଜୁୟ୍ ଉହ୍ରାର୍ ବଃକ୍ରାୟ୍ ଅଃମିମଃନ୍ ରୁଣ୍ଡିରିଲୁ ଗାଦାଗଟ୍ କୁପି
ଲାଗିରିଲି । 9 ଆର୍ ଇଉତୁକ୍ ନାଉଁଆର୍ ଗଟେକ୍ ଦଃଙ୍ଗଳା
ଜର୍‌କା ଉହ୍ରେ ବଃସିରିଲା, ତାକେ ବଃଡେ ନିଦ୍ ଅଃଉତି ରିଲି,
ପାଉଲ୍ ପର୍ଚାର୍ ଡେଙ୍ଗ କଃଲାକ୍ ସେ ନିଦାର୍ ଗିନେ ତିନିତାଲାୟ୍
ହୁଣି ତଃଳେ ଅଦୁର୍ଲା ଆର୍ ତାକେ ଉଟାୟ୍‌ଲାକ୍, ସେ ମଃଲା
ବଃଲି ଜାଣାହଃଲ୍‌ଲା । 10 ସେତାକ୍ ପାଉଲ୍ ତଃଳେ ଉତ୍ରି ତାକେ
ହଃଟଲିକଃରି ତାକେ ଚୁମିକଃରି କୟ୍‌ଲା, "ଚିନ୍ତାକଃରାନାୟ୍"
କାୟ୍‌ତାକ୍ ବଃଲେକ୍ "ସେ ଜିବନ୍ ଆଚେ ।" 11 ହଃଚେ ସେ ଉହ୍ରେ
ଜାୟ୍ ସେମଃନାର୍ ସଃଙ୍ଗ ରୁଟି ବାଣ୍ଟି କାୟ୍‌ଲାୟ୍ ଆରେକ୍ ସଃକାଲ୍
ଅଃଉତା ହଃତେକ୍ ସେମଃନାର୍ ସଃଙ୍ଗ ବୁତେକ୍ କଃତାବାର୍ତା
କଃରି ପାଉଲ୍ ଗଃଲା । 12 ଆର୍ ସେମଃନ୍ ସେ ହିଲାକ୍
ଜିବନ୍ ରିଲାକ୍ ତାକାର୍ ସଃଙ୍ଗ ଗଃରେ ନିଲାୟ୍ ଆର୍ ସଃର୍ଦା
ହାୟ୍‌ଲାୟ୍ । 13 ମଃତର୍ ଅଃମିମଃନ୍ ଆଗ୍‌ତୁ ଡଙ୍ଗାୟ୍ ଚଃଗି
ଆସସ୍‌କେ ଜଃଉଁକେ ଦଃର୍ଲୁ, ସେତି ହୁଣି ଅଃମିମଃନ୍ ପାଉଲ୍‌କେ
ନେଉଁକ୍ ମଃନ୍ କଃରି ରିଲୁ କାୟ୍‌ତାକ୍ ବଃଲେକ୍ ସେ ନିଜେ
ଇଣ୍ଡି ଇଣ୍ଡି ଜଃଉଁକେ ତିର୍ କଃରିରିଲା । 14 ସଃଡେବଃଲ୍ ସେ
ଆମିମଃନ୍‌କେ ଆସସ୍ ତଃୟ୍ ବେଟ୍ ଅୟ୍‌ଲା, ଅଃମିମଃନ୍ ତାକେ
ଜାଜେ ମିତୁଲିନିକ୍ ଗଃଲୁ । 15 ଆର୍ ସେତି ହୁଣି ଜାଜ୍ ସଃଙ୍ଗ
ଅଃମିମଃନ୍ ଆର୍‌କ ଦିନ୍ କିଅସ୍ ଚଃମେ ଆୟ୍‌ଲୁ, ତାର୍ ଆର୍‌କ
ଦିନ୍ ସାମ ତଃୟ୍ ଜାଜ୍ ତେବାୟ୍‌ଲୁ ଆର୍ ତାର୍ ଆର୍‌କ ଦିନ୍
ମିଲିତ ତଃୟ୍ ହଚ୍‌ଲୁ । 16 କାୟ୍‌ତାକ୍ ବଃଲେକ୍ ଆସିଆ ତଃୟ୍
ପାଉଲ୍‌କେ ରେଉଁକ୍ ନଃହେଲେ ଇତାକ୍ ସେ ଏପିସିଏ ଚାଡି
ଜଃଉଁକେ ମଃନେ ତିର୍ କଃରିରିଲା, ସେତାକ୍ ସେ ପେଣ୍ଟିକସ୍ତ ଦିନ୍
ଜିରୁସାଲମେ ହଚୁକ୍ ମଃନ୍ କଃର୍ତି ରିଲା । 17 ମିଲିତ ତଃୟ୍‌ହୁଣି
ପାଉଲ ଏପିସିଏ ଲକ୍ ହଃଟାୟ୍ ମଣ୍ଡଳିର୍ ପାରାଚିନ୍‌ମଃନ୍‌କେ
ଅଃହ୍‌ଣାର୍ ଚଃମେ କୁଦାୟ୍‌ଲା । 18 ସେମଃନ୍ ତାର୍ ଚଃମେ
ହଚ୍‌ଲାକ୍, ସେ ସେମଃନ୍‌କେ କୟ୍‌ଲା, "ଆସିଆ ଆୟ୍‌ଲା ହଃର୍ତୁ
ଦିନ୍ ହୁଣି ମୁୟଁ ସଃବୁବଃଲ୍ ତୁମାର୍ ବିତ୍ରେ କଃନ୍‌କଃରି ଦିନ୍
ବିତାୟ୍‌ଲେ । 19 ମଃନେ ମଃନେ ଆସୁ ଗଃସ୍ରାୟ୍ ଜିଉଦିମଃନାର୍
ହେଟ୍‌କୁଟାର୍ ଗିନେ ମକ୍ ଜଃନ୍‌କାର୍ କଃଟ୍‌ହାଲ୍ ଗଃଟ୍‌ତି ରିଲି ସେ
ସଃବୁ ବିତ୍ରେ କଃନ୍‌କଃରି ମାପ୍ରୁର୍ ସେବାକାମ୍ କଃର୍ତି ରିଲେ । 20
କଃନ୍‌କଃରି କାୟ୍ ନିକ କଃତା ତୁମାର୍ ତାଣେ ଜାଣାଉଁକେ ଆର୍
ତୁମିମଃନ୍‌କେ, ଉହ୍‌କାର୍ ଅୟ୍‌ଦ୍ ସେରି ଗଃରେଗଃରେ କଃଉଁକେ
ଲୁକାୟ୍ ନଃରିଲେ 21 ସେମଃନ୍ ହାହେହୁଣି ଇସ୍ୱରାର୍ ହାକ୍ ମଃନ୍
ବାଦ୍‌ଲାୟ୍ ଅଃମିମଃନାର୍ ଜିସୁକେ ସଃତ୍ କଃରୁକେ ଜିଉଦି ଆର୍
ଅଜିଉଦି ଲକ୍‌ମଃନ୍‌କେ ହେଁ ଅଃକାହର୍ ସାକି ଦେତିରିଲେ ।
ସେରି ତୁମି ଜାଣାସ୍ । 22 ଅଃବେ ଦଃକା ମୁୟଁ ଆତ୍ମାର୍ ବଃଳେ
ଜିରୁସାଲମ୍‌କେ ଜଃଉଁଲେ, ସେତି ମକ୍ କାୟ୍ କାୟ୍‌ରି ଅୟ୍‌ଦ୍
ସେରି ମୁୟଁ ନଃଜାଣି । ମଃତର୍ ଅଃତେକ୍ ଜାଣି, 23 ମର୍ ଗିନେ
ବାନ୍ଧଣ ଆର୍ କଃସ୍ଟ ଆଚେ, ଇରି ପବିତ୍ର ଆତ୍ମା ମକ୍ ସଃବୁ ଗଃଳେ
ସାକି ଦେଉଁଲି । 24 ମଃତର୍ ଜଃନ୍‌କଃରି ମର୍ ଟିକ୍ ଅୟ୍‌ଲା ବାଟେ
ସଃରାସଃରି ହତେକ୍ ଦଃବ୍‌ଲୁକ୍ ହାରିନ୍ଦ ଆର୍ ଇସ୍ୱରାର୍ ଦୟାର୍
ତଃୟ୍ ନିକ କବୁର୍ ଗିନେ ସାକି ଅଃଉଁକେ ଜୁୟ୍ ପର୍ଚାର୍ କଃର୍ତା

କାମ୍ ମାପ୍ରୁ ଜିସୁ ତଃୟ୍ ହୁଣି ହାୟ୍ ଆଚି, ସେରି ହୁର୍ନ୍ କଃରୁକେ
ହାରି ଇତାକ୍ ମୁୟ୍ଁ ଅଃହ୍ଣାର୍ ହଃର୍ ଜିବନ୍‌କେ ଲାଡ୍ ନଃକେରି
ସେରି ସାନ୍ ବଃଲି ବାବୁଲେ ।” 25 “ଆରେକ୍ ଅଃବେ ଦଃକା
ତୁମିମଃନାର୍ ବିତ୍ରେ ଇସ୍ୱରାର୍ ରାଇଜ୍ ପର୍ଚାର୍ କଃରି ବୁଲ୍‌ଲେ
ଅଃନ୍‌କାର୍ ଜେ ତୁମିମଃନ୍ କଃବେ ଆର୍ ମକେ ଦଃକୁ ନଃହାରାସ୍
ବଃଲି ମୁୟ୍ଁ ଜାଣି । 26 ସେତାକ୍ ମୁୟ୍ଁ ସଃବ୍‌କାର୍ ବଃନି ତଃୟ୍‌ହୁଣି
ମର୍ ଦାୟ୍‌ତ୍ ନାୟ୍ ଇରି ମୁୟ୍ଁ ଆଜି ତୁମିମଃନ୍‌କେ କଃଉଁଲେ ।
27 ଇସ୍ୱରାର୍ ସଃବୁ ଇଚା ମୁୟ୍ଁ ତୁମିମଃନ୍‌କେ ଜାଣାଉଁକେ ଲାଜ୍
ଅୟ୍‌ନଃରିଲେ । 28 ତୁମିମଃନ୍ ଅଃହ୍ଣା ଅଃହ୍ଣାର୍ ବିସୟେ ଆର୍
ଜୁୟ୍ ମଣ୍ଡଳି ଇସ୍ୱର୍ ଅଃହ୍ଣାର୍ ନିଜାର୍ ବଃନି ଦଃୟ୍ ଗେନି ଆଚେ
ତାର୍ ସେ ମଣ୍ଡଳିକେ ହାଳି ପବିତ୍ର ଆତ୍ମା ଜୁୟ୍ ସଃବୁ ମଃନ୍ଦା ବିତ୍ରେ
ତୁମିମଃନ୍‌କେ ମୁଳିକା ହର୍ ବାଚି ଆଚେ, ସେମଃନାର୍ ବିସୟେ
ଜଃଗ୍ରତ୍ ଅୟ୍‌ରିଆ । 29 ମର୍ ଗଃଲା ହଃଚେ ବାଗ୍‌ମଃନ୍ ତୁମାର୍
ବିତ୍ରେ ହୁରି ମଃନ୍ଦାକେ ଦଃୟା ନଃକେରି ଜଃତ୍‌କଃତ୍ କଃର୍ତି । 30
ଆରେକ୍ ତୁମିମଃନାର୍ ବିତ୍ରେ ହେଁ ଲକ୍‌ମଃନ୍ ଚେଲାମଃନ୍‌କେ
ଅଃହ୍ଣାର୍ ହଃଚେ ଜିକି ନେଉଁକ୍ ଉଲ୍‌ଟା କଃତାମଃନ୍ କଃଉତି,
ଇରି ମୁୟ୍ଁ ଜାଣି । 31 ତଃବେ ତୁମିମଃନ୍ ଜାଗି ରିଆ ଆର୍ ମୁୟ୍ଁ
ତିନିବଃର୍ସ୍ ହଃତେକ୍ ଦିନ୍ ରାତି ଆସୁ ଗଃସ୍ରାୟ୍ ହଃତି ଲକ୍‌କେ
ଚେତ୍‌ନା ଦେଉଁକେ ବଃନ୍ଦ୍ କଃରିନଃରିଲେ, ଇରି ଏତୁ କଃରା ।”
32 “ଅଃବେ ମୁୟ୍ଁ ତୁମିମଃନ୍‌କେ ଇସ୍ୱରାର୍ ଟାଣେ ଆର୍ ତାର୍
ଦଃୟାର୍ କଃତା ତଃୟ୍ ଦେଉଁଲେ ସେ ତୁମିମଃନ୍ ସଃବ୍‌କେ ଦଃର୍ମି
ଆର୍ ନିର୍ମୁଲ୍ ଲକ୍ ଅଃଉଁକେ କଃରୁ ହାରେ । 33 ମୁୟ୍ଁ କାର୍ ରୁହା
କି ସନା କି ବଃସ୍ତ୍ର ଲଃବ୍ କଃରି ନଃରିଲେ । 34 ମର୍ ଇ ଜଳେକ୍
ଆତେ ମର୍ ଆର୍ ମର୍ ସଃଙ୍ଗଆଳି ମଃନାର୍ ଅକେଟ୍ ହୁରୁଣ୍
କଃରୁକେ କାମ୍ କଃରି ଆସୁଲେ, ଇତି ତୁମିମଃନ୍ ନିଜେନିଜେ
ଜାଣାସ୍ । 35 ଅଃନ୍‌କଃରି ହାୟ୍‌ଟି କଃରି ନିଗାଲ୍ ଲକ୍‌ମଃନ୍‌କେ
ଉହ୍‌କାର୍ କଃର୍ତାର୍ ଆରେକ୍ ହାଉତା ବାଦୁଲେ ଦାନ୍‌କଃର୍ତାର୍
ନିକ ବଃଲିନ୍ଦ୍, ମାପ୍ରୁ ଜିସୁ ନିଜେ ଇ ଜୁୟ୍ କଃତା କୟ୍‌ଆଚେ
ସେରି ଏତାଉତାର୍ ତୁମିମଃନାର୍ କଃତା । ଇସାବ୍ କଃତା ମୁୟ୍ଁ
ତୁମିମଃନ୍‌କେ ମର୍ କାମ୍ ତଃୟ୍ ଦଃକାୟ୍ ଆଚି ।” 36 ଇ ସଃବୁ
କଃତା କୟ୍‌ଲା ହଃଚେ, ମାଣ୍ଡିକୁଟା ଦଃୟ୍ ସେମଃନାର୍ ସଃଙ୍ଗ
ପାର୍ତ୍‌ନା କଃଲା । 37 ଆର୍ ସେମଃନ୍ ସଃବୁଲକ୍ କାନ୍ଦିକାନ୍ଦି
ପାଉଲ୍‌କେ ହଃଟଳି ଚୁମୁକେ ଦଃର୍ଲାୟ୍ । 38 ଆରେକ୍ ସେମଃନ୍
ତାର୍ ମୁଁ ଆର୍ ଦଃକୁ ନଃହାର୍‌ତି ବଃଲି ସେ ଜୁୟ୍ କଃତା କୟ୍‌ରିଲା
ସେତାର୍‌ଗିନେ ମଃନଦୁକ୍ କଃଲା ହଃଚେ ସେମଃନ୍ ତାକେ ଡଙ୍ଗା
ହଃତେକ୍ ହଚାଉଁକ୍ ଗଃଲାୟ୍ ।

**21** ସେମଃନାର୍ ତଃୟ୍‌ହୁଣି ମେଲାଣି ହାୟ୍ ଅଃମିମଃନ୍ ଗଟେକ୍
ଜାଜେ ଚଃଗି ସଃଳ୍‌କ୍ ବାଟେ କସ୍‌କେ ଆୟ୍‌ଲୁ, ଆର୍‌କ
ଦିନ୍ ରଦାକେ, ଆରେକ୍ ସେତି ହୁଣି ପାତାରାକେ ଆୟ୍‌ଲୁ । 2
ସେତି ପଇନିକିଆ ଜାତା ଗଟେକ୍ ଡଙ୍ଗା ମିଳାୟ୍ ସେତି ଚଃଗି
ଗଃଲୁ । 3 ହଃଚେ ସାଇପ୍ରସ୍ ଦଃକାଗଃଲାକେ ସେରି ଡେବ୍ରି ବାଟ୍
ଚାଡି ଅଃମିମଃନ୍ ସିରିଆକେ ଜାୟ୍‌କଃରି ସର୍ ତଃୟ୍ ହତ୍‌ଲୁ,
କାୟ୍‌ତାକ୍‌ବଃଲେକ୍ ସେତି ଡଙ୍ଗାୟ୍ ହୁଣି ଆସ୍ତିବାଡି ଉତ୍ରାଉତାର୍
ରିଲି । 4 ସେତି ବିସ୍ୱାସିମଃନ୍‌କେ ଲଳି ସେମଃନ୍‌କେ ବେଟ୍‌ହାୟ୍
ସେତି ସାତ୍‌ଦିନ୍ ରିଲୁ, ଆରେକ୍ ପାଉଲ୍ ଜଃନ୍‌କଃରି ଜିରୁସାଲମେ
ନଃହଚେ, ଇତାର୍ ଗିନେ ସେମଃନ୍ ଆତ୍ମା ତଃୟ୍ ତାକେ କୟ୍‌ଲାୟ୍
। 5 ସାତ୍ ଦିନ୍ ରିଲା ହଃଚେ ଅଃମିମଃନ୍ ବାଉଳି ବାଟ୍‌ଦଃର୍ଲୁ,
ଆରେକ୍ ସେମଃନ୍ ସଃବୁ ମାୟ୍‌ଜି ଆର୍ ହିଲାମଃନାର୍ ସଃଙ୍ଗ
ଗଃଳାର୍ ହଃଦା ହଃତେକ୍ ଅଃମିମଃନ୍‌କ୍ ଚାଡୁକ୍ ଆୟ୍‌ଲାୟ୍, ଆର୍
ସଃମ୍‌ନ୍ଦ୍ କଃଣ୍ଡାୟ୍ ମାଣ୍ଡିକୁଟା ଟେସି ଅଃମିମଃନ୍ ପାର୍ତ୍‌ନା କଃଲୁ
। 6 ଆର୍ ଅଃମାର୍ ବିତ୍ରେ ମେଲାଣି ଦିଲୁ, ହଃଚେ ଅଃମିମଃନ୍
ଡଙ୍ଗାୟ୍ ଚଃଗ୍‌ଲୁ ଆର୍ ସେମଃନ୍ ଗଃର୍‌କେ ବାଉଳି ଗଃଲାୟ୍
। 7 ଅଃମିମଃନ୍ ସର୍ ଗଃଳେ ହୁଣି ଜାଜେ ପତଲ୍‌ମାୟ୍ ତଃୟ୍
ହତ୍‌ଲୁ, ଆର୍ ବାୟ୍‌ମଃନ୍‌କେ ଜୁଆର୍ କଃଲୁ ଆର୍ ଗଟେକ୍
ଦିନ୍ ସେମଃନାର୍ ସଃଙ୍ଗ ରିଲୁ । 8 ଆର୍‌କ ଦିନ୍ ଅଃମିମଃନ୍
କାଇସରିଆକେ ଗଃଲୁ ଆର୍ ସାତ୍ ଲକାର୍ ବିତ୍ରେ ଜିରୁସାଲମେ
ରିଲାନିକ କବୁର୍ ପର୍ଚାର୍ କଃର୍ତା ପିଲିପ୍ ଗଃରେ ଜାୟ୍ ତାର୍
ସଃଙ୍ଗ ରିଲୁ । 9 ତାର୍ ଚାରିଗଟ୍ ଦଃଙ୍ଗ୍‌ଳି ଟକି ରିଲାୟ୍, ସେମଃନ୍
ଇସ୍ୱରାର୍ ବାବ୍‌ବାଣି କଃଉତି ରିଲାୟ୍ । 10 ସେଟାଣେ ଅଃମିମଃନ୍
ବୁତେକ୍ ଦିନ୍ ରିଲା ହଃଚେ ଆଗାବ୍ ନାଉଁଆର୍ ଗଟେକ୍ ବାବ୍‌ବାଦି
ଜିଉଦା ରାଜି ହୁଣି ଆୟ୍‌ଲା । 11 ସେ ଅଃମାର୍ ଚଃମେ ଆସି
ପାଉଲାର୍ ଅଃଟା ବାନ୍ଦ୍ଣ୍ ନେୟ୍‌କଃରି ଅଃହ୍ଣାର୍ ଆତ୍‌ଗଡ୍
ବାନ୍ଦି କଃରି କୟ୍‌ଲା, “ପବିତ୍ର ଆତ୍ମା ମକ୍ ଇରି କଃଉଁଲି, ‘ଇ
ଅଃଟାବିଳା ବାନ୍ଦ୍‌ଲା ଲକ୍‌କେ’ ଜିରୁସାଲମାର୍ ଲକ୍ ଜିଉଦିମଃନ୍
ଅଃନ୍‌କଃରି ବାନ୍ଦି ଅଜିଉଦି ଲକ୍‌ମଃନାର୍ ଆତେ ସଃହ୍ରିଦେତି ।”
12 ଇ ସଃବୁ କଃତା ସୁଣି ଜିରୁସାଲମ୍‌କେ ନଃଜ୍‌ଉଁକେ ଅଃମି ଆର୍
ସେଟାଣାର୍ ଲକ୍‌ମଃନ୍ ତାକେ ଗଃଉଆରି କଃଲୁ । 13 ସେତାକ୍
ପାଉଲ୍ କୟ୍‌ଲା, “ତୁମିମଃନ୍ କାୟ୍ କଃରୁଲାସ୍ କାନ୍ଦିକଃରି ମର୍
ଗଃର୍ବ୍ ହଦାୟ୍‌ଲା ହର୍ କଃରୁଲାସ୍? କାୟ୍‌ତାକ୍ ବଃଲେକ୍ ମୁୟ୍ଁ
ମାପ୍ରୁ ଜିସୁର୍ ନାଉଁ ଗିନେ ଜିରୁସାଲମେ ବାନ୍ଦାୟ୍ ଅଃଉଁକେ ରାଜି,
ସଃତେକ୍ ନାୟ୍, ମଃତର୍ ମଃରୁକ୍ ହେଁ ରାଜି ଆଚି ।” 14 ସେ
ନଃମାନ୍‌ଲାକ୍ ଅଃମିମଃନ୍ ତୁନ୍‌ହଃଲ୍‌ଲୁ ଆର୍ କୟ୍‌ଲୁ, “ମାପ୍ରୁର୍
ଇଚା ହୁର୍ନ୍ ଅଃଉଅ ।” 15 ଅଃଳକ୍ ଦିନ୍ ସେତି ରିଲା ହଃଚେ
ଅଃମିମଃନ୍ ଆସ୍ତିବାଡି ଦଃରି ଜିରୁସାଲମ୍‌କେ ଗଃଲୁ । 16
ଆରେକ୍ କାଇସରିଆ ହୁଣି କଃତିଗଟ୍ ଚେଲା ହେଁ ଅଃମାର୍ ସଃଙ୍ଗ
ଆୟ୍‌ଲାୟ୍, ସେମଃନ୍ ସାଇପ୍ରସ୍ ମାନାସନ୍ ନାଉଁଆର୍ ଗଟେକ୍
ହଃର୍ତୁର୍ ଚେଲାକେ ସଃଙ୍ଗେ ଆଣ୍‌ଲା, ତାର୍ ଗଃରେ ଅଃମିମଃନାର୍
ରେଉଁକ୍ ରିଲି । 17 ଅଃମିମଃନ୍ ଜିରୁସାଲମେ ହତ୍‌ଲାକ୍ ବିସ୍ୱାସି
ବାୟ୍‌ମଃନ୍ ଅଃମିମଃନ୍‌କ୍ ସଃର୍ଦାୟ୍ କୁଦ୍‌ଲାୟ୍ । 18 ଆର୍‌କ
ଦିନ୍ ପାଉଲ୍ ଅଃମାର୍ ସଃଙ୍ଗ ଜାକୁବର୍ ଗଃରେ ଗଃଲା; ଆର୍
ସଃବୁ ପାରାଚିନ୍‌ମଃନ୍ ସେତି ରିଲାୟ୍ । 19 ପାଉଲ୍ ସେମଃନ୍‌କେ
ଜୁଆର୍ କଃଲା ହଃଚେ, ଇସ୍ୱର୍ ତାର୍ ସେବା କାମାର୍ ଗିନେ

ଅଜିଉଦି ଲକ୍‌ମଃନାର୍ ବିତ୍ରେ ଜୁୟ୍ ଜୁୟ୍ କାମ୍ କଃରି ରିଲା ସେ
ସଃବୁ ଗଟେକ୍ ଗଟେକ୍ କଃରି ସେମଃନାର୍ ତଃୟ୍ କୟ୍‌ଲା । 20
ସେମଃନ୍ ସେରି ସୁଣି ଇସ୍ୱରାର୍ ଜଃଜ୍‌ମାନ୍ କଃରୁକେ ଦଃର୍ଲାୟ୍ ।
ଆରେକ୍ ତାକେ କୟ୍‌ଲାୟ୍, "ଏ ବାୟ୍ ପାଉଲ୍ ଜିଉଦିମଃନାର୍
ବିତ୍ରେ ଜେ କଃତି ଅଃଜାର୍ ବିସ୍ୱାସି ଆଚ୍‌ତି, ଇରି ତୁୟ୍ ଦଃକୁଲିସ୍,
ସଃବୁ ଲକ୍ ମସାର୍ ବିଦିକେ ମାନୁକେ ଦଃରିବଃସ୍ତାର୍‌ମଃନ୍ ।
21 ଆରେକ୍ ଅଜିଉଦି ମଃନ୍‌କାର୍ ଦେସେ ବାସା କର୍ତା ସଃବୁ
ଜିଉଦି ମଃନ୍‌କେ ଅଃହ୍‌ଣା ଅଃହ୍‌ଣାର୍ ସାନ୍ ହିଲାମଃନ୍‌କେ
ସୁନତ୍ ନଃକେରୁକ୍ ଆର୍ ମସାର୍ ବିଦି ହଃର୍କାରେ ନଃଚାଲୁକେ
ସେମଃନ୍‌କେ ସିକ୍ୟା ଦଃୟ୍‌ଆଚ୍‌ସି ଇ କଃତା ସେମଃନ୍ ସୁଣି
ଆଚ୍‌ତି ।" 22 ତୁୟ୍ ଆସି ଆଚ୍‌ସି ବଃଲି ସେମଃନ୍ ବାୟ୍‌ଦ୍‌ରେ
ସୁଣ୍‌ତି ତବେ କଃନ୍ କଃରୁଆଁ? 23 ଇତାକ୍ ଅଃମିମଃନ୍ ତୁମିକେ
ଜାୟ୍‌ରି କଃଉଁଲୁ ସେରି କଃର୍, ଅଃମାର୍ ଚଃମେ ଚାରି ଲକ୍
ଆଚ୍‌ତି ସେମଃନ୍ ଗଟେକ୍ ବ୍ରତ କଃରି ଆଚ୍‌ତି । 24 ସେମଃନ୍‌କେ
ନଃୟ୍‌କଃରି ସେମଃନାର୍ ସଃଙ୍ଗ୍ ନିଜ୍‌କେ ସୁଦ୍ କଃର୍, ଆର୍
ସେମଃନାର୍ ମୁଣ୍ଡ୍‌କୁରାୟ୍‌ଲା କର୍ଚ୍ ଦେସ୍, ତଃନ୍ ଅୟ୍‌ଲେକ୍ ତର୍
କଃତାୟ୍ ସେମଃନ୍ ଜୁୟ୍ ସଃବୁ କଃତା ସୁଣି ଆଚ୍‌ତି ସେତି କାୟ୍
ସଃତ୍ ନାୟ୍, ଆର୍ ତୁୟ୍ ହେଁ ନିଜେ ମସାର୍ ବିଦି ହାଲୁଲିସ୍, ଇରି
ସଃବୁ ଜାଣ୍‌ତି । 25 ମଃତର୍ ଜୁୟ୍ ଅଜିଉଦି ଲକ୍‌ମଃନ୍ ବିସ୍ୱାସି
ଅୟ୍ ଆଚ୍‌ତି, ସେମଃନାର୍ କଃତାକ୍ ମୁର୍ତି ଚଃମାର୍ ହୁଜାକାଦି,
ବଃନି, ଟଟି ହିଚ୍‌ଲା ଜଃତୁର୍ ମାସ୍ ଆର୍ ଦାରି କାମ୍ ହୁଣି ଅଃହ୍‌ଣା
ଆହ୍‌ଣାକେ ଅଃଲ୍‌ଗା କର୍ତାର୍ ଜେ ନିକ ଇରି ଅଃମିମଃନ୍ ବିଚାର୍
କଃରି ଲେକି ଆଚୁ । 26 ସେତାକ୍ ପାଉଲ୍ ସେ ଲକ୍‌ମଃନାର୍
ଗିନେ ଆର୍‌କ ଦିନ୍ ସେମଃନାର୍ ସଃଙ୍ଗ୍ ନିଜ୍‌କେ ନିର୍ମୁଲ୍ କଃରି
ମନ୍ଦିର୍ ବିତ୍ରେ ଗଃଲା, ଆରେକ୍ ସେମଃନାର୍ ହଃତି ଲକାର୍
ଗିନେ ଦାନ୍ ଦେଉଁକେ ନିର୍ମୁଲ୍ କାମେ କଃତି ଦିନ୍ ଲାଗେଦ୍ ସେରି
ଜାଣାୟ୍‌ଲା । 27 ସେ ସାତ୍ ଦିନ୍ ସର୍ଲାକ୍ ଆସିଆର୍ ଜିଉଦିମଃନ୍
ମନ୍ଦିରେ ପାଉଲ୍‌କେ ଦଃକି ଲକ୍‌ମଃନ୍‌କେ ସିର୍ଜାୟ୍‌ଲାୟ୍, ଆରେକ୍
ତାକେ ଦଃରି ଉଲ୍‌ଗାଟ୍ ଅୟ୍ କଃଉଁକେ ଦଃର୍ଲାୟ୍, 28 "ଏ
ଇସ୍ରାଏଲ୍ ଲକ୍‌ମଃନ୍" ସେମଃନ୍ ବେଲ୍‌କି ଅୟ୍ କୟ୍‌ଲାୟ୍ "ଜୁୟ୍
ଲକ୍ ସଃବୁ ଟାଣେ ଅଃମିମଃନାର୍ ବାସାର୍ ଲକ୍ ମସାର୍ ବିଦି
ଆର୍ ଇ ଟାଣ୍ ବିରଦେ ସଃବ୍‌କେ ସିକ୍ୟା ଦେତି ରିଲା ସେ ଇ
ଲକ୍, ଆର୍ ହେଁ ସେ ମନ୍ଦିର୍ ବିତ୍ରେ ଅଜିଉଦିମଃନ୍‌କେ ହେଁ ଆଣି
ଇ ପବିତ୍ର ଟାଣ୍‌କେ ବିଟାଲ୍ କଃରି ଆଚେ ।" 29 କାୟ୍‌ତାକ୍
ବଃଲେକ୍ ହୁର୍ବେ ଗଃଲ୍ ବିତ୍ରେ ଏପିସିର୍ ତ୍ରପିମ୍‌କେ ପାଉଲ୍ ସଃଙ୍ଗେ
ଦଃକି ରିଲାୟ୍ ଆର୍ ସେ ମନ୍ଦିର୍ ବିତ୍ରେ ଆଣେଦ୍ ବଃଲି ବାବ୍‌ତି
ରିଲାୟ୍ । 30 ଇତାକ୍ ଗଃଲାର୍ ସଃବୁ ହାକ୍ ଉରାଟୁ ଅୟ୍‌ଲାୟ୍,
ଆର୍ ଉର୍ଜି ଅୟ୍‌ଲି ଲକ୍‌ମଃନ୍ ଗଟେକ୍ ତଃୟ୍ ଦଃବୁଲ୍‌ଲାୟ୍
ଆରେକ୍ ସେମଃନ୍ ପାଉଲ୍‌କେ ଦଃରି ମନ୍ଦିରାର୍ ହଃଦାୟ୍ ଜିକି
ଆଣ୍‌ଲାୟ୍, ଆର୍ ସେ ଦାହ୍ରେ ଦୁଆର୍ ସଃବୁ ଡାହ୍‌ଲାୟ୍ । 31
ଆରେକ୍ ସେମଃନ୍ ତାକେ ମାରି ହଃକାଉଁକ୍ ଉପାୟ୍ କଃଲାକ୍
ସଃବୁ ଜିରୁସାଲମେ ଗଃଣ୍ଡଗଲ୍ ଅୟ୍‌ଆଚେ ବଃଲି ସଃଇନ୍
ଦଃଳାର୍ ସଃଇନ୍ ଅଃଦିକାରି ଟାଣେ କଃବୁର୍ ଆୟ୍‌ଲି । 32
ଇତାକ୍ ସେଦାହ୍ରେ ସଃଇନ୍ ଆର୍ ହାଁଟ୍ କଳି ସଃଇନ୍ ଉହ୍ରାର୍
ଅଃଦିକାରିକ୍ ଦଃରି ସେମଃନାର୍ ତଃୟ୍ ଦଃବୁଲ୍‌ଲା, ସେମଃନ୍
ସଃଇନ୍ ଅଃଦିକାରିକ୍, ଆର୍ ସଃଇନ୍‌ମଃନ୍‌କେ ଦଃକି ପାଉଲ୍‌କେ
ମାରୁକେ ବଃନ୍ଦ୍ କଃଲାୟ୍ । 33 ସଃଡେବଃଲ୍ ସଃଇନ୍ ଅଃଦିକାରି
ଚଃମେ ଆସି ତାକେ ଦଃରି ଜଳେକ୍ ସିକ୍ଳାୟ୍ ବାନ୍ଧୁକେ କୟ୍‌ଲା,
ଆର୍ ହଃଚାର୍ଲାୟ୍, "ଇ ଲକ୍ କେ? ଆର୍ କାୟ୍ କଃରିଆଚେ?" 34
ସେତାକ୍ ଲକ୍‌ମଃନାର୍ ବିତ୍ରେ କେକେ ଇ କଃତା ଆର୍ କଃତେକ୍
ସେ କଃତା କୟ୍ ଉରାଟୁ କଃରୁକେ ଦଃର୍ଲାୟ୍, ଆର୍ ସେ ଉରାଟୁର୍
ମୁଳ୍ ନିଜ୍‌କଃରି ଜାଣୁ ନଃହାର୍ଲାକ୍ ତାକେ ସଇନ୍‌ମଃନାର୍ ରେତା
ଟାଣେ ନେଉଁକ୍ ଆଦେସ୍ ଦିଲା । 35 ଜଃଡେବଃଲ୍ ତାକେ ହାଉଜ୍
ଉହ୍ରେ ଆଣ୍‌ଲାୟ୍, ସଃଡେବଃଲ୍ ଲକ୍‌ମଃନାର୍ ରିସାକ୍ ଦଃକି
ସଇନ୍‌ମଃନ୍ ତାକେ ବୟ୍ ନେଉଁକ୍ ହଃଲ୍‌ଲି । 36 କାୟ୍‌ତାକ୍
ବଃଲେକ୍ ଗାଦେକ୍ ଲକ୍ ହଃଚେ ଜଃଉଁ ଜଃଉଁ ତାକେ "ମଃର୍ନେ
ମାରା" ବଃଲି ଉଲ୍‌ଗାଟ୍ ଅୟ୍ କଃଉତି ରିଲାୟ୍ । 37 ସେମଃନ୍
ପାଉଲ୍‌କେ ଗଃଲ୍ ବିତ୍ରେ ନେଉଁକ୍ ଦଃର୍ଲା ବଃଲ୍ ସେ ସଃଇନ୍
ଅଃଦିକାରିକ୍ କୟ୍‌ଲା, "ମୁୟ୍ଁ ତକ୍ କାୟ୍‌ରି କୟ୍‌ନ୍ଦ୍ କି?" "ସେ
ତାକ୍ କୟ୍‌ଲା, ତୁୟ୍ କାୟ୍ ଗ୍ରିକ୍ ଜାଣ୍‌ସି? 38 ତଃବେ ଇତାର୍
ହୁର୍ବେ ଜୁୟ୍ ମିସରାର୍ କଃଙ୍ଗ୍ରାର୍ ଜେ ଚାରି ଆଜାର୍ ଲକ୍‌ମଃନ୍‌କେ
ସୁକ୍‌ଲା ବଃଟାୟ୍ ନଃୟ୍‌ରିଲା ତୁୟ୍ କି ସେଲକ୍ ନାୟ୍?" 39
ସେତାକ୍ ପାଉଲ୍ କୟ୍‌ଲା, "ମୁୟ୍ଁ ଗଟେକ୍ ଜିଉଦି" ତାର୍ସୁସ୍
ଗଃଳାର୍ ଲକ୍ କିଲିକିଆର୍ ଗଟେକ୍ ବଃଡ୍ ଜାଣାସୁଣା ଗଃଳାର୍
ଲକ୍ । ଇ ଲକ୍‌ମଃନ୍‌କେ କଃତା କଃଉଁକେ ଆଦେସ୍ ଦେ ବଃଲି
ତକେ ଗଃଉଆରି କଃରୁଲେ । 40 ମୁଳିକା ମାନାୟ୍ କାଉଁକେ
ଦିଲାକ୍ ପାଉଲ୍ ହାଉଜେ ଟିଆ ଅୟ୍ ସେମଃନ୍‌କେ ଆତ୍‌ସଃଗ୍ୟା
କଃଲା, ଆର୍ ସଃବୁ ଲକ୍ ତୁନ୍‌ହଃଲ୍‌ଲାକ୍ ସେ ଏବ୍ରି ବାସାୟ୍
ସେମଃନ୍‌କେ କଃଉଁକେ ଦଃର୍ଲା ।

**22** "ଏ ବାୟ୍ ଆର୍ ଉବାମଃନ୍, ମୁୟ୍ଁ ଅଃବେ ତୁମିମଃନାର୍
ଚଃମେ ଜୁୟ୍ ମର୍ ନିଜାର୍ କଃତା କଃଉଁଲେ ସୁଣା ।"
2 ପାଉଲ ସେମଃନାର୍ ଚଃମେ ଏବ୍ରି ବାସାୟ୍ କଃତା କଃଉଁଲା
ବଃଲି ସୁଣି ସେମଃନ୍ ଅଃଦିକ୍ ତୁନ୍‌ହଃଲ୍‌ଲାକ୍ । 3 ସେତାକ୍ ସେ
କୟ୍‌ଲା, "ମୁୟ୍ଁ ଗଟେକ୍ ଜିଉଦି, କିଲିକିଆର୍ ତାର୍ସୁସ୍ ଗଃଳେ
ମର୍ ଜଃଲମ୍, ମଃତର୍ ମୁୟ୍ଁ ଇ ଗଃଳେ ବାଡି ଆଚି ଅଃମିମଃନାର୍
ଦାଦିବାବୁମଃନାର୍ ବିଦି ବିଦାନ୍ ହଃର୍କାରେ ଗମଲିଏଲାର୍ ଚେଲା
ରିଲେ, ସଃର୍ଦାୟ୍ ତୁମିମଃନ୍ ସଃବୁ ଆଜି ଜଃନ୍‌କଃରି ବିସ୍ୱାସି
ଆଚାସ୍ ଇସ୍ୱରାର୍ ଗିନେ ମୁୟ୍ଁ ହେଁ ସେନ୍ ଦଃରିବଃସି ବିସ୍ୱାସି ଅୟ୍
ଆଚି । 4 ମୁୟ୍ଁ ମାପ୍ରୁ ବାଟ୍ ଜାତା ଅଃଣ୍ଡ୍ରା ଆର୍ ମାୟ୍‌ଜିମଃନ୍‌କେ
ବାନ୍ଦି ଜଃଇଲେ ହୁରାୟ୍ ମଃର୍ନ୍ ଡଃଣ୍ଡ ଦେତି ରିଲେ । 5 ମର୍
ଇ କଃତା ସଃତ୍, ମୁଳ୍ ଜାଜକ୍ ଆର୍ ପାରାଚିନ୍ ସଃବୁ ଲକ୍
ମର୍ ସାକି, ସେମଃନାର୍ ତଃୟ୍‌ହୁଣି ମୁୟ୍ଁ ବାୟ୍ ମଃନାର୍ ଚଃମେ

ଚିଟି ହାୟ୍ ଦମେସକ୍ ରେତା ଲକ୍‌ମଃନ୍ ଜଃନ୍‌କଃରି ଡଃଣ୍ଡ
ହାଉତି ଇତାକ୍ ସେମଃନ୍‌କେ ହେଁ ସିକ୍‌ଲାୟ୍ ବାନ୍ଧି ଜିରୁସାଲମାର୍
ବେରାଣେ ଆଣୁକେ ସେଟାଣେ ଜାୟ୍‌ରିଲେ ।” 6 ମଃତର୍ ମୁୟ୍ଁ
ଜଃଉଁଜଃଉଁ ଦମେସକ୍ ଚଃମେ ଆୟ୍‌ଲାକ୍ ମଃୟ୍‌ଦାନ୍ ବଃଲ୍
ତଃତ୍‌କାଣ୍ ମର୍ ଚାରି ବେଲ୍‌ତ୍ ଅଃଗାସେ ହୁଣି ବଃଡେ ଉଜାଲ୍
ଜଃଲ୍‌କି ଗଃଲି । 7 ସେତାକ୍ ମୁୟ୍ଁ ବୁୟେଁ ଅଦୁର୍ଲେ ଆର୍ ମର୍
ଗିନେ ଇ କଃତା ସୁଣା ଗଃଲି, “ସାଉଲ୍, ସାଉଲ୍, କାୟ୍‌ତାକ୍
ମକ୍ କଃସ୍ଟ ଦେଉଁଲିସ୍?” 8 “ମୁୟ୍ଁ ହଃଚାର୍ଲେ, ମାପ୍ରୁ ତୁୟ୍ କେ?
ସେତାକ୍ ସେ ମକ୍ କୟ୍‌ଲା, ତୁୟ୍ ଜୁୟ୍ ନାଜରିତାର୍ ଜିସୁକେ
କଃସ୍ଟ ଦେଉଁଲିସ୍, ମୁୟ୍ଁ ସେ ।” 9 ଜୁୟ୍‌ମଃନ୍ ମର୍ ସଃଙ୍ଗ ରିଲାୟ୍
ସେମଃନ୍ ସେ ଉଜାଲ୍ ଦଃକ୍‌ଲାୟ୍ ସଃତ୍, ମଃତର୍ ଜେ ମକ୍
କଃତା କୟ୍‌ଲା, ତାର୍ ଟଣ୍ଡ ନଃସୁଣ୍‌ତି । 10 ସେତାକ୍ ମୁୟ୍ଁ
ହଃଚାର୍ଲେ, ମାପ୍ରୁ ମୁୟ୍ଁ କାୟ୍‌ରି କଃରିନ୍ଦୁ, ସେତାକ୍ ମାପ୍ରୁ କୟ୍‌ଲା,
“ଉଟ୍ ଦମେସକ୍ ଜାଆ, ଆର୍ ସଃବୁ ଇସ୍ୱରାର୍ କାମ୍ କଃରୁକେ
ତର୍ ଗିନେ ଟିକ୍ କଃରା ଅୟ୍‌ଆଚେ ସେ ସଃବୁ ତକ୍ ସେତି
କଃଉଆ ଅୟ୍‌ଦ୍ 11 ସେ ଉଜାଲାର୍ ଜଃଜ୍‌ମାନ୍ ଗିନେ ମୁୟ୍ଁ
ଦଃକୁ ନଃହାର୍ଲାକ୍ ମର୍ ସଃଙ୍ଗ ରେତା ଲକ୍‌ମଃନାର୍ ମକେ ଆତେ
ଦଃରି ଦମେସକ୍‌କେ ଆଣ୍‌ଲାୟ୍ ।” 12 “ସେତି ରିଲା ସଃବୁ
ଜିଉଦିମଃନାର୍ ଚଃମେ ଡାକ୍ ହୁଟା ହନନିଅ ନାଉଁଆର୍ ବିଦି
ହଃର୍କାରେ ଗଟେକ୍ ମାପ୍ରୁର୍ ହୁଜା କଃର୍ତା ଲକ୍, ସେତିରିଲା ଜିଉଦି
ଲକ୍ ମଃନ୍ ତାକେ ମାୟ୍‌ନ୍ କଃର୍ତି ରିଲାୟ୍ । 13 ସେ ମର୍
ଚଃମେ ଆସି ଟିଆଅୟ୍ ମକ୍ କୟ୍‌ଲା, ସାଉଲ୍ ବାୟ୍ ଆକି ଦଃକ୍,
ସେଦାହ୍ରେ ମୁୟ୍ଁ ତାକେ ଦଃକ୍‌ଲେ । 14 ଆରେକ୍ ସେ କୟ୍‌ଲା,
‘ଅଃମିମଃନାର୍ ଦାଦିବାବୁର୍ ଇସ୍ୱର୍ ତାର୍ ମଃନ୍ ଜାଣୁକେ ଆର୍
ସେ ଦଃର୍ମି ଲକ୍‌କେ ଦଃକୁକ୍ ଆରେକ୍ ତାର୍ ମୁଆଁର୍ କଃତା ସୁଣୁକ୍
ତକ୍ ବାଚି ଆଚେ ।’ 15 କାୟ୍‌ତାକ୍‌ବଃଲେକ୍ ତୁୟ୍ ଜାୟ୍ ଜାୟ୍‌ରି
ଦଃକି ଆଚ୍‌ସି ଆର୍ ସୁଣି ଆଚ୍‌ସି, ସେ ସଃବୁ କଃତା ସଃବୁ
ଲକମଃନାର୍ ତଃୟ୍ ତାର୍ ସାକି ଅଃଉସି । 16 ଆର୍ ଅଃବେ ତୁୟ୍
କାୟ୍‌ତାକ୍ ବେଳା କଃରୁଲିସ୍, ଉଟ୍ ବାପ୍ତିସମ୍ ହାଉ, ଆରେକ୍
ତାର୍ ନାଉଁଏ ପାର୍ତ୍ନା କଃରି ନିଜାର୍ ହାହ୍ ସଃବୁ ଦଃଉ ।” 17
“ଇତାର୍ ହଃଚେ ମୁୟ୍ଁ ଜିରୁସାଲମ୍‌କେ ବାଉଳି ଆସି, ମନ୍ଦିରେ
ପାର୍ତ୍ନା କଃର୍ତା ବଃଲ୍ ଦଃର୍ସନ୍ ଦଃକ୍‌ଲେ, 18 ସେ ଦଃର୍ସନେ ମୁୟ୍
ମାପ୍ରୁକେ ଦଃକ୍‌ଲେ, ସେ ମକ୍ କୟ୍‌ଲା, ବେଲ୍ ନଃକେରି ‘ବେଗି
ଜିରୁସାଲମ୍‌କେ ଜାଆ’ କାୟ୍‌ତାକ୍ ବଃଲେକ୍ ସେମଃନ୍ ଅଃମାର୍
ବିସୟେ ତର୍ ସାକି ନଃମାନ୍‌ତି । 19 ସେତାକ୍ ମୁୟ୍ଁ କୟ୍‌ଲେ,
‘ମାପ୍ରୁ ମୁୟ୍ଁ ଜେ ତର୍ ତଃୟ୍ ବିସ୍ୱାସି ମଃନ୍‌କେ ପାର୍ତ୍ନା ଗଃରେ
ଦଃରି ଜଃଇଲେ ହୁରାଉତି ରିଲେ, ଇରି ସେମଃନ୍ ନିଜେ ଜାଣି
ଆଚ୍‌ତି ।’ 20 ଆର୍ ଜଃଡେବଃଲ୍ ତୁମାର୍ ସାକି ସ୍ତିପାନ୍ ମାଡ୍ କାଟି
ରିଲା, ସଃଡେବଃଲ୍ ମୁୟ୍ଁ ହେଁ ସେ ଚଃମେ ଟିଆ ଅୟ୍ ସେରି ରାଜି
ଅୟ୍‌ରିଲେ, ଆର୍ ଅଃତ୍ୟା କଃର୍ତା ଲକ୍‌ମଃନାର୍ ବଃସ୍ତ୍ରର୍ ଜାଗ୍‌ତି
ରିଲେ । 21 ସେତାକ୍ ପର୍ବୁ ମକ୍ କୟ୍‌ଲା, ‘ଜାଆ,’ କାୟ୍‌ତାକ୍
ବଃଲେକ୍ ଦୁର୍‌କେ ଅଜିଉଦି ଲକ୍‌ମଃନାର୍ ତଃୟ୍ ହଃଟାୟ୍‌ନ୍ଦୁ ।”
22 ପାଉଲ୍ ଇ କଃତା କଃଉତା ହଃତେକ୍ ଲକ୍‌ମଃନ୍ ସୁଣ୍‌ତିରିଲାୟ୍
ଆର୍ ବଃଡ୍ ଟଣ୍ଡ କଃରି କୟ୍‌ଲାୟ୍, “ଅଃନ୍‌କା ଲକ୍‌କେ ହୁର୍ତିବି
ହୁଣି ଦୁର୍ କଃରା, କାୟ୍‌ତାକ୍ ବଃଲେକ୍ ସେ ଜିବନ୍ ରେତାର୍ ନିକ
ନାୟ୍ ।” 23 ଆର୍ ଜଃଡେବଃଲ୍ ସେମଃନ୍ ଉରାଟୁ କଃରି ଅଃହ୍‌ଣା
ଅଃହ୍‌ଣାର୍ ବଃସ୍ତ୍ରର୍ ହିଙ୍ଗି ଅଃଗାସେ ଦୁଳି ହଃକାଉଁକ୍ ଦଃର୍ଲାୟ୍
। 24 ସଃଡେବଃଲ୍ ସଃଇନ୍ ଅଃଦିକାରି ତାକେ ଗଃଲ୍ ବିତ୍ରେ
ନେଉଁକ୍ କୟ୍‌ଲା, ଆରେକ୍ ଲକ୍‌ମଃନ୍ ତାର୍ ବିରଦେ କାୟ୍‌ତାକ୍
ଅଃନ୍‌କାର୍ ଉରାଟୁ କଃରୁଲାୟ୍ ସେରି ଜାଣୁକ୍ କୁଆଲ୍ ବିତ୍ରେ
ନଃୟ୍ ସାଟ୍‌ଣି ମାରାୟ୍ ତାର୍ କଃଟ୍‌ହାଲ୍ ବୁଜୁକ୍ କୟ୍‌ଲା । 25
ସେମଃନ୍ ତାକେ କର୍ଡା ମାରୁକ୍ ବାନ୍ଧଲା ହଃଚେ, ପାଉଲ୍ ଚଃମେ
ଟିଆ ଅୟ୍‌ରିଲା ହାଁତ୍ କଳି ସଃୟ୍‌ନ୍ ଉହ୍ରାର୍ ମୁଳିକା ସଃଇନ୍‌କେ
କୟ୍‌ଲା, “ଗଟେକ୍ ରମିୟ ଲକାର୍ ବିଚାର୍ ନଃକେରି ତାକେ
ସାଟ୍‌ଣି ସଃଙ୍ଗ ମାର୍ତାର୍ ତୁମାର୍ ତଃୟ୍ କାୟ୍ ବିଦି ଆଚେ?” 26
ସେ ସଃଇନ୍ ଅଃଦିକାରି ଇରି ସୁଣି ସଃଇନ୍ ଅଃଦିକାରି ଚଃମେ
ଜାୟ୍ ଇ କଃତା କୟ୍‌ଲା, “ତୁୟ୍ କାୟ୍‌ରି କଃରୁକେ ଜଃଉଁଲିସ୍?
ଇ ଲକ୍ ତ ଗଟେକ୍ ରମିୟ ଲକ୍ ।” 27 ସେତାକ୍ ସେ ସଃଇନ୍
ଅଃଦିକାରି ଆସି ତାକେ ହଃଚାର୍ଲା, “ମକ୍ କଃଉ, ତୁୟ୍ କାୟ୍
ଗଟେକ୍ ରମିୟ?” ସେ କୟ୍‌ଲା, “ହେଁ ।” 28 ସଃଇନ୍ ଅଃଦିକାରି
କୟ୍‌ଲା, “ବୁତେକ୍ ଟଃକା ଦଃୟ୍ ମୁୟ୍ଁ ଇ ରମିୟ ଲକ୍ ଅୟ୍ ଆଚି
।” ମଃତର୍ ପାଉଲ୍ କୟ୍‌ଲା, ମୁୟ୍ଁ ଜଃଲମେ ହୁଣି ରମିୟ୍ ।
29 ତଃବେ ଜୁୟ୍‌ମଃନ୍ ତାକେ କଃଟ୍‌ହାଲ୍ ବୁଜୁକ୍ ମଃନ୍ କଃର୍ତି
ରିଲାୟ୍ ସେମଃନ୍ ତଃତ୍‌କାଣ୍ ସେତି ହୁଣି ତୁନ୍‌ହାଲ୍‌ଲାୟ୍ ଆର୍
ଗଟେକ୍ ଅଃଜାର୍ ସଃଇନାର୍ ମୁଳିକା ହେଁ ସେ ଗଟେକ୍ ରମିୟ,
ଇରି ଜାଣ୍‌ଲାକ୍ ପାଉଲ୍‌କ୍ ବାନ୍ଧଲାର୍ ଗିନେ ଡିରି ଗଃଲା । 30
ମଃତର୍ ସେ କାୟ୍‌ତାକ୍ ଜିଉଦିମଃନାର୍ ତଃୟ୍‌ହୁଣି ଦସି କଃରି
ଆଚ୍‌ତି, ସେରି ନିଜ୍‌କଃରି ଜାଣୁକେ ସେ ଆର୍‌କ ଦିନ୍ ତାର୍
ବାନ୍ଧଲାର୍ ଇଟାୟ୍ ବଃଡ୍ ଜାଜକ୍ ଆର୍ ସଃବୁଲକ୍ ଜିଉଦିମଃନାର୍
ବେରାଣ୍ ମଃଣ୍ଡାୟ୍ ସଃଙ୍ଗେ ଆସୁକ୍ କୟ୍‌ଲା, ଆର୍ ପାଉଲ୍‌କେ
ନଃୟ୍ ସେମଃନାର୍ ଚଃମେ ଟିଆ କଃରାୟ୍‌ଲା ।

**23** ଆର୍ ପାଉଲ୍ ଜିଉଦି ବେରାଣ୍ ମଃଣ୍ଡାକ୍ ନିକ କଃରି ଦଃକି
କୟ୍‌ଲା, “ଏ ଇସ୍ରାଏଲିୟ ବାୟ୍‌ମଃନ୍, ମୁୟ୍ଁ ଆଜି ହଃତେକ୍
ନିକ ମଃନେ ଇସ୍ୱରାର୍ ଚଃମେ ଚାଲ୍‌ଚାଲ୍‌ତି କଃରି ଆସିଆଚି
।” 2 ସେତାକ୍ ମୁଲ୍ ଜାଜକ୍ ହନନିଅ ପାଉଲ୍ ଚଃମେ ଟିଆ
ଅୟ୍‌ରିଲା ଲକ୍ ମଃନ୍‌କେ ତାର୍ ମୁଏଁ ଚାହୁଲ୍ ମାରୁକ୍ କୟ୍‌ଲା । 3
ସଃଡେବଃଲ୍ ପାଉଲ୍ ତାକେ କୟ୍‌ଲା, “ଏ ଚୁନ୍ ମାର୍‌ଲା ଦଃବ୍‌ଲା
କୁଡ୍, ଇସ୍ୱର୍ ତକ୍ ମାରେଦ୍, ତୁୟ୍ ଅଃକାବଃଲ୍ ବିଦି ହଃର୍କାରେ
ମର୍ ବିଚାର୍ ନଃକେରି, ବିଦି ବିରଦେ ମକ୍ ମାରୁକ୍ କଃଉଁଲିସ୍?”
4 ସେତାକ୍ ଚଃମେ ଟିଆ ଅୟ୍‌ରିଲା ଲକ୍‌ମଃନ୍ କୟ୍‌ଲାୟ୍, “ତୁୟ୍
କି ଇସ୍ୱରାର୍ ମୁଲ୍ ଜାଜକ୍‌କେ ଲିନ୍ଦା କଃରୁଲିସ୍?” 5 ଆରେକ୍
ପାଉଲ୍ କୟ୍‌ଲା, “ଏ ଇସ୍ରାଏଲିୟ ବାୟ୍‌ମଃନ୍ ସେ ମୁଲ୍ ଜାଜକ୍

ବଃଲି ମୁୟଁ ଜାଣି ନଃରିଲେ, କାୟ୍ତାକ୍ ବଃଲେକ୍ ସାସ୍ତରେ
ଲେକା ଆଚେ, ତୁମି ଅଃହ୍‌ଣାର୍ ମୁଳିକାକ୍ ମଃନ୍ଦ କଃତା କଃଉଆ
ନାୟ୍ ।" 6 ମଃତର୍ ପାଉଲ୍ ଗଟେକ୍ ବାଗ୍ ସାଦୁକି ଆର୍ ଗଟେକ୍
ବାଗ୍ ପାରୁସି ବଃଲି ଜାଣି ବେରାଣ୍ ମଃଣ୍ଡାୟ୍ ଉଲ୍‌ଗାଟ୍ ଅୟ୍
କୟ୍‌ଲା, "ଏ ଇସ୍ରାଏଲିୟ ବାୟ୍‌ମଃନ୍ ମୁୟଁ ଗଟେକ୍ ପାରୁସି
ଆର୍ ପାରୁସିର୍ ହୟ୍‌ସି, ଆରେକ୍ ଇ ବଃର୍ସା, ବଃଲେକ୍ ମଃଲା
ଲକ୍ ମଃନାର୍ ଉଟ୍‌ତା ବିସୟେ ମୁୟଁ ବିଚାର୍ ଅଃଉଁଲେ ।" 7
ସେ ଇ କଃତା କୟ୍‌ଲାକ୍ ପାରୁସି ଆର୍ ସାଦୁକି ମଃନାର୍ ବିତ୍ରେ
ଦଃରାମ୍‌ସ୍କା ଅୟ୍‌ଲାୟ୍, ଆର୍ ବେରାଣ୍ ମଃଣ୍ଡା ଦଃଲ୍ ବାଗ୍ ଅୟ୍‌ଲି
। 8 କାୟ୍ତାକ୍ ବଃଲେକ୍ ସାଦୁକିମଃନ୍ ମଃଲେକ୍ ଉଟ୍‌ତାର୍ ନାୟ୍
କି ଦୁତ୍ ଆର୍ ଆତ୍ମା ନାୟ୍ ବଃଲି କଃଉତି, ମଃତର୍ ପାରୁସିମଃନ୍
ଇ ତିନିଗଟ୍ ହେଁ ମାନ୍‌ତି । 9 ଇତାକ୍ ବଃଡେ ଉରାଟୁ ଅୟ୍‌ଲି
ଆର୍ ପାରୁସିମଃନାର୍ ଦଃଳାର୍ କଃତେକ୍ ଦଃର୍ମ୍ମଗୁରୁମଃନ୍ ଉଟି
କଃତା ଦଃରା ଦଃରି ଅୟ୍ କୟ୍‌ଲାୟ୍ "ଅଃମିମଃନ୍ ଇ ଲକ୍‌ତଃୟ୍
କାୟ୍ ଦଃସ୍ ନଃଦେକୁ, କେ ଜାଣ୍ କୁୟ୍ ଆତ୍ମା କି ଦୁତ୍ ତାର୍ ସଃଙ୍ଗେ
କଃତା କଃଉଁଲା ।" 10 ଅଃନ୍‌କାର୍ ବଃଡେ ଉରାଟୁ ଅୟ୍‌ଲାକ୍
କଃଡେବଃଲ୍ ପାଉଲ୍‌କେ କଃଣ୍ଡ କଃଣ୍ଡ କଃରି ମାର୍ତି, ଇ ଡିରାର୍
ଗିନେ ସଃଇନ୍ ଅଃଦିକାରି ସେମଃନାର୍ ବିତ୍ରେ ବଃଲ୍ ମାଡେ ଗଃଲ୍
ବିତ୍ରେ ଆଣୁକେ ସଃଇନ୍‌ମଃନ୍‌କେ ଆଦେସ୍ ଦିଲା । 11 ସେ ରାତି
ମାପ୍ରୁ ତାର୍ ଚଃମେ ଟିଆ ଅୟ୍ କୟ୍‌ଲା, "ଡିର୍ ନାୟ୍ ସାସ୍ ଦଃର୍
କାୟ୍ତାକ୍‌ବଃଲେକ୍ ତୁୟ୍ ଜଃନ୍‌କଃରି ଜିରୁସାଲମେ ଅଃମାର୍
ସାକି ଦିଲିସ୍, ସେନ୍‌କଃରି ତକ୍ ରମ୍ ତଃୟ୍ ହେଁ ସାକି ଦେଉଁକ୍
ଅୟ୍‌ଦ୍ ।" 12 ଆର୍‌କ ଦିନ୍ ସଃକାଳ୍ ଅୟ୍‌ଲାକ୍ ଜିଉଦିମଃନ୍ ମଃନ୍ଦ
ଅୟ୍ ପାଉଲ୍‌କେ ନଃମାର୍ତା ହଃତେକ୍ ଅଃର୍ନ୍ ଆଣି ଚୁୟ୍‌ଲେକ୍
ସାୟ୍‌ପ୍ ହାଉଁନ୍ଦ ବଃଲି ଅଃହ୍‌ଣା ଅଃହ୍‌ଣାକ୍ ସଃୟ୍‌ତ୍ କଃଲାୟ୍
। 13 ଇ କୁଟ୍ କଃଲା ଲକ୍‌ମଃନ୍ ଦୁୟ୍ କଳି ଲକ୍ ହୁଣି ଅଃଦିକ୍
ରିଲାୟ୍ । 14 ସେମଃନ୍ ବଃଡ୍ ଜାଜକ୍ ଆର୍ ପାରାଚିନ୍‌ମଃନାର୍
ହାକ୍ ଆସି କୟ୍‌ଲାୟ୍ "ଅଃମିମଃନ୍ ପାଉଲ୍‌କେ ମଃର୍ନେ ନଃମାର୍ତା
ହଃତେକ୍ କାୟ୍‌ରି କାୟ୍‌ଲେକ୍ ସାୟ୍‌ପ୍ ହାଉଁନ୍ଦ ବଃଲି ନିଜେ ନିଜେ
ସଃୟ୍‌ତ୍ କଃରି ଆଚୁ । 15 ତଃବେ ତୁମିମଃନ୍ ଅଃଦିକ୍ ନିକ କଃରି
ତାର୍ ବିଚାର୍ କଃରୁକେ ମଃନ୍ କଃରୁଲୁ ବଃଲି ଜଃଟି କଃରି ତାକେ
ତୁମିମଃନାର୍ ଚଃମେ ଆଣୁକେ ଅଃବେ ବେରାଣ୍ ମୁଣ୍ଡାର୍ ଲକେ
ଆର୍ ସଃଇନ୍ ଅଃଦିକାରିକ୍ ଗଃଉଆରି କଃରା । ସେ ବେରାଣେ
ଆସ୍ତା ହୁର୍ବେ ଅଃମିମଃନ୍ ତାକେ ମାରୁକ୍ ଜାଗି ଆଚୁ ।" 16
ମଃତର୍ ପାଉଲାର୍ ବେଣ୍‌ସିର୍ ହୟ୍‌ସି ସେମଃନାର୍ ଜାଗି ରିଲାର୍
କଃତା ସୁଣି ଆସି, ଗଃଲ୍ ବିତ୍ରେ ହୁରି ପାଉଲ୍‌କେ ଜାଣାୟ୍‌ଲା
। 17 ସେତାକ୍ ପାଉଲ୍ ଗଟେକ୍ ହାଁଚ୍ କଳି ମୁଳିକା ସଃଇନ୍‌କେ
କୁଦି କୟ୍‌ଲା, "ଇ ବେଣ୍ଡ୍ୟାକ୍ ଏକ୍ ଅଃଜାର୍ ସଃଇନାର୍ ମୁଳିକାର୍
ଚଃମେ ନେ, କାୟ୍ତାକ୍‌ବଃଲେକ୍ ତାକେ ଜାଣାଉଁକ୍ ଆର୍ କାୟ୍
କଃତା ଆଚେ ।" 18 ସେତାକ୍ ତାକେ ସଃଇନାର୍ ଅଃଦିକାରି
ମୁଳିକା ଚଃମେ ନଃୟ୍ କୟ୍‌ଲା, "କଃୟ୍‌ଦି ପାଉଲ୍ ତାର୍ ଚଃମେ
ମକ୍ କୁଦି ତର୍ ଚଃମେ ଇ ବେଣ୍ଡ୍ୟାକେ ଆଣୁକେ ଗଃଉଆରି
କଃଲା, ତୁୟ୍ କଃଉ ଆର୍ କାୟ୍ କଃତା ଆଚେ ।" 19 ସଃଇନାର୍
ଅଃଦିକାରି ସେ ବେଣ୍ଡ୍ୟାର୍ ଆତ୍ ଦଃରି ଗଟେକ୍ ସିଣିନ୍ଦ ଟାଣେ
ନଃୟ୍ ତାକେ ହଃଚାର୍ଲା, "ମକ୍ ଜାଣାଉ ତର୍ କାୟ୍‌ରି କଃଉତାର୍
ଆଚେ?" 20 ସେ କୟ୍‌ଲା, ପାଉଲାର୍ କଃତାକ୍ ଅଃଦିକ୍ ନିକ
କଃରି ବିଚାର୍ କଃରୁକେ, ହେଟ୍‌କପଟିଆ ଜିଉଦିମଃନ୍ ତାକେ
କାଲି ବେରାଣ୍ ମଃଣ୍ଡାୟ୍ ଆଣୁକେ ତକ୍ ଗଃଉଆରି କଃରୁକେ
ଟିକ୍ କଃରି ଆଚ୍‌ତି । 21 ଇତାକ୍ ସେମଃନାର୍ କଃତାୟ୍ ରାଜି
ଅଃଉଅ ନାୟ୍, କାୟ୍ତାକ୍‌ବଃଲେକ୍ ତାକେ ମଃର୍ନେ ନଃମାର୍ତା
ହଃତେକ୍ ଅଃର୍ନ୍ ହାଣି ଚୁୟ୍‌ଲେକ୍ ସାୟ୍‌ପ୍ ହାଉଁନ୍ଦ ବଃଲି ନିଜେ
ନିଜେ ସଃୟ୍‌ତ୍ କଃରି ଦୁୟ୍ କଳି ଲକ୍ ହୁଣି ଅଃଦିକ୍ ତାକେ ଜାଗି
ଆଚ୍‌ତି । ଆର୍ ଅଃବେ ସେମଃନ୍ ତର୍ ତଃୟ୍‌ହୁଣି ଆଦେସ୍ ହାଉଁକ୍
ଜାଗି ଆଚ୍‌ତି । 22 ସେତାକ୍ ସଃଇନ୍ ଅଃଦିକାରି ସେ ବେଣ୍ଡ୍ୟାକ୍
ହଃଟାୟ୍ ଦଃୟ୍ ତାକେ କୟ୍‌ଲା, "ତୁୟ୍ ଜୁୟ୍ କଃତା ମକ୍
କୟ୍‌ଲିସ୍, ଇତି କାକେ ହେଁ କଃଉନାୟ୍ ।" 23 ସଃୟ୍‌ନ୍ ଅଃଦିକାରି
ତାର୍ ଜଳେକ୍ ଅଃଦିକାରିକ୍ କୁଦି କୟ୍‌ଲା "କାଇସରିଆ ହାକ୍
ଜଃଉଁକେ ଦୁୟ୍‌ସ ସଃଇନ୍ ମଃନ୍‌କେ ଜାଗ୍ରତ୍ କଃର୍, ଦୁୟ୍‌କଳି
ଗଃଳା ଚଃଗୁ ଆର୍ ଦୁୟ୍‌ସ ବାଲା ଦଃରୁ ମଃନ୍‌କେ ଆର୍ ଆଜି
ରାତି ନଅ ଗଃଟା ବଃଲ୍ ବାରାଉଁକେ ଟିକ୍ କଃର୍ । 24 ଆରେକ୍
ସେମଃନ୍ ଜଃନ୍‌କଃରି ପାଉଲ୍‌କେ ବଃସାୟ୍ ରଃଜାର୍ ଗୁମୁସ୍ତା
ପେଲିକ୍‌ସ୍ ତଃୟ୍ ଜଃତୁନେ ନେତି, ଇତାକ୍ ସଃବୁ କଃରୁକେ
ଆଦେସ୍ ଦିଲା ।" 25 ଆର୍ ମୁଳିକା ଅଃନ୍‌କାର୍ ଗଟେକ୍ ଚିଟି
ଲେକ୍‌ଲା । 26 "ମାୟ୍‌ନ୍ କାରି ଗନର୍ ପେଲିକ୍‌ସ୍‌କେ କ୍ଲାଉଦିଅ,
ଲୁସିଆକେ ଜୁଆର୍ । 27 ଜିଉଦିମଃନ୍ ଇ ଲକ୍‌କେ ଦଃରି ମାରୁକ୍
ଜାତା ବଃଲ୍ ମୁୟଁ ସଃଇନ୍ ମଃନାର୍ ସଃଙ୍ଗେ ଜାୟ୍ ସେ ଗଟେକ୍
ରମିୟ ବଃଲି ଜାଣି ଆକ୍ ବାଚାୟ୍‌ଲେ । 28 କାୟ୍ତାର୍ ଗିନେ
ସେମଃନ୍ ଆକ୍ ଦଃସ୍ ଦଃରୁଲାୟ୍ ସେରି ଜାଣୁକେ ମଃନ୍‌କଃରି
ମୁୟଁ ଆକ୍ ସେମଃନାର୍ ବେରାଣେ ନିଲେ । 29 ମଃର୍ନ୍ ଉଃଣ୍ଡ କି
ବାନ୍ଧଣ୍ ଜୟ୍‌ଗ୍ କାୟ୍ କଃତା ଆର୍ ବିରଦେ ଦଃସ୍ କଃରା ନଃଜାୟ୍ଁ
ସେମଃନାର୍ ବିଦିର୍ କଃତା ଦଃସ୍ କଃରା ଅଃଉଁଲି ବଃଲି ମୁୟଁ
ବୁଜ୍‌ଲେ । 30 ଇ ଲକ୍ ବିରଦେ କୁଟ୍ କଃରା ଅୟ୍‌ଆଚେ ବଃଲି
ମକ୍ କୟ୍‌ଲାକ୍ ମୁୟଁ ଆକ୍ ଦାପେ ତର୍ ହାକ୍ ହଃଟାୟ୍‌ଲେ, ଆର୍
ଦଃସ୍ ଦଃରୁ ମଃନ୍‌କେ ହେଁ ଆର୍ ବିରଦେ ସାକି ଦେଉଁକ୍ କୟ୍‌ଲେ
।" 31 ସେତାକ୍ ସଃଇନ୍‌ମଃନ୍ ଆଦେସ୍ ହାୟ୍‌ଲା ହଃର୍କାରେ
ପାଉଲ୍‌କେ ଦଃରି ରାତି ବଃଲ୍ ଆନ୍ତିପାତ୍ରିକେ ଆଣ୍‌ଲାୟ୍ । 32
ଆର୍‌କ ଦିନ୍ ସଃଇନ୍‌ମଃନ୍ ଗଃଳା ଚଃଗୁମଃନ୍‌କେ ତାର୍ ସଃଙ୍ଗେ
ଜଃଉଁକେ ଚାଡ୍‌ଲାୟ୍ ଆର୍ ଗଃଳେ ବାଉଳି ଗଃଲାୟ୍ । 33 ହଃଚେ
ଗଳାଚଃଗୁମଃନ୍ କାଇସରିଆକେ ଆସି ସାସନ୍‌କର୍ତାକେ ଚିଟି
ଦିଲାୟ୍ ଆର୍ ପାଉଲ୍‌କେ ହେଁ ତାର୍ ଆତେ ସଃହ୍ରି ଦିଲାୟ୍ ।
34 ସେ ଚିଟି ହଦ୍‌ଲା ହଃଚେ ସେ କୁୟ୍ ରାଇଜାର୍ ଲକ୍ ବଃଲି
ହଃଚାର୍ଲା, ଆରେକ୍ ସେ ଜେ କିଲିକିଆର୍ ଲକ୍ ଇରି ଜାଣ୍‌ଲା

। 35 ଆର୍ ସେ କୟ୍‌ଲା, "ତର୍ ଦଃସ୍ ଦଃରୁମଃନ୍ ଆୟ୍‌ଲେକ୍
ମୁୟ୍ ତର୍ କଃତା ସୁଣିନ୍ଧ" ଆର୍ ସେ ହେରଦାର୍ କୁଆଲ୍ ତଃୟ୍ଁ
ତାକେଜଃୟ୍‌ଲେ ଡାହୁକେ କୟ୍‌ଲା ।

**24** ହାଁଚ୍ ଦିନ୍ ହଃଚେ ହନନିଅ ମୁଲ୍ ଜାଜକ୍ ପାରାଚିନ୍ ମଃନ୍
ଆର୍ ତର୍ତୁଲ୍ ନାଉଁଆର୍ ଗଟେକ୍ ଅକିଲ୍ ସଃଙ୍ଗ କାଇସରିଆ
ଆୟ୍‌ଲାୟ୍ ଆର୍ ସେମଃନ୍ ପାଉଲାର୍ ବିରଦେ ରଃଜାର୍ ତଃୟ୍
ଦଃସ୍ ଆଣ୍‌ଲାୟ୍ । 2 ପାଉଲ୍‌କେ କୁଦ୍‌ଲାକ୍ ତର୍ତୁଲ୍ ତାକେ
ଦସ୍‌ଦଃରି କଃଉଁକେ ଦଃର୍ଲା, "ଏ ପେଲିକ୍‌ସ୍ ତର୍ ସାସନ୍ ତଃୟ୍
ହୁଣି ଅଃମିମଃନ୍ ଜେ ସୁସ୍ତାୟ୍ ଆଚୁ ଆରେକ୍ ତର୍ ରାଜ୍ କଃର୍ତା
ବଃଲ୍ ଇ ଲକ୍‌ମଃନାର୍ ଗିନେ ଅଃମାର୍ ଦଃଳେ ନିକ ଉହ୍‌କାର୍
ମଃନ୍ ଅଃଉଁଲି । 3 ଇରି ଅଃମି ସଃବୁ ବଃଲ୍ ଆର୍ ସଃବୁ ଟାଣେ
ହୁରାହୁରି ମାଇନ୍ କଃରି ମାନୁଲୁ । 4 ମଃତର୍ ମୁୟ୍ଁ ଜଃନ୍‌କଃରି
ତକ୍ ଅଃଦିକ୍ ବେଲ୍ ହଃତେକ୍ କଃଉଁକେ ମଃନ୍ ନଃକେରି, ଇତାର୍
ଗିନେ ଅଃଳକ୍ କଃତା କଃଉଁଲେ, ଦଃର୍ମ୍‌କଃରି ସୁଣୁକ୍ ଗଃଉଆରି
କଃରୁଲେ । 5 କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍ ଇ ଲକ୍‌କେ
ବଃଡେ କୁର୍ଲିଆ ବଃଲି ଜାଣୁଲୁ, ଜଃଗତାର୍ ସଃବୁ ଟାଣେ ସଃବୁ
ଜିଉଦିମଃନାର୍ ବିତ୍ରେ କୁର୍ଲିଆର୍ ବଂସାର୍ ଲକ୍ ଆର୍ ନାଜରିତ୍
ଦଃଳାର୍ ଗଟେକ୍ ବଃଡ୍ ମୁଳିକା ବଃଲି ଜାଣି ଆଚୁ । 6 ଆରେକ୍
ହେଁ ଏ ମନ୍ଦିର୍ ବିଟାଳ୍ କଃରୁକେ ମୁଲ୍ୟାଉତି ରିଲା, ମଃତର୍
ଅଃମିମଃନ୍ ଆକ୍ ଦଃର୍ଲୁ । 7 ମଃତର୍ ସଃଇନାର୍ ମୁଳିକା ଲୁସିଆ
ଆସି ବଃଲ୍‌ମାଡ୍ କଃରି ଅଃମାର୍ ତଃୟ୍‌ହୁଣି ଚାଡାୟ୍ ନିଲା । 8
ଆର୍ ଇତାର୍ ଦଃସ୍ ଦଃରୁ ମଃନ୍‌କେ ତର୍ ମୁଏଁ ଟିଆ ଅଃଉଁକେ
କୟ୍‌ଲା, ଇ ସଃବୁ ବିସୟେ ଅଃମିମଃନ୍ ଇତାର୍ ବିରଦେ ଦଃସ୍
ଦଃରୁଲୁ, ତୁୟ୍ ନିଜେ ଆକ୍ ହଃଚାର୍‌ଲେକ୍ ସେ ସଃବୁ ଜାଣୁ
ହାର୍ସି ।" 9 ଜିଉଦିମଃନ୍ ହେଁ ଇ ଦସ୍ ଦେତାର୍ ସଃତ୍ ବଃଲି
କଃଉଁଲାୟ୍ । 10 ସେତାକ୍ ଗନର୍ କଃତା କଃଉଁକେ ପାଉଲ୍‌କେ
ଆଡ୍‌ସଃଗ୍ୟା କଃଲାକ୍, ସେ କୟ୍‌ଲା, ତୁୟ୍ ବୁଟେକ୍ ବଃର୍ସ୍ ଅୟ୍‌ଲି
ଇ ଜାତିର୍ ଲକ୍‌ମଃନାର୍ ବିଚାର୍ କଃରୁଲିସ୍ ବଃଲି ମୁୟ୍ଁ ଜାଣି
ଆଚି, ସେତାକ୍ ମୁୟ୍ଁ ସାସ୍ ଦଃରି ମର୍ କଃତା କଃଉଁଲେ । 11
ବାରଦିନ୍ ହୁଣି ଅଃଦିକ୍ ନାୟ୍ ମୁୟ୍ଁ ସେବା କଃରୁକେ ଜିରୁସାଲମ୍
ମନ୍ଦିରେ ଜାୟ୍‌ରିଲେ, ଇରି ତୁୟ୍ ହଃଚାରି ଜାଣୁ ହାର୍‌ସି । 12
ଆର୍ ଇମଃନ୍ ମନ୍ଦିରେ କି ପାର୍ତ୍‌ନା ଗଃରେ କି ଗଃଳେ ମକେ
କାର୍ ସଃଙ୍ଗ ଗଃଣ୍ଡଗଲ୍ କଃର୍ତାର୍ କି ଲକ୍‌ମଃନ୍‌କେ ଉସ୍‌କାଉତାର୍
ନଃଦେକ୍‌ତି । 13 ଆରେକ୍ ଅଃବେ ଇମଃନ୍ ମର୍ ବିରଦେ
ଜୁୟ୍‌ସଃବୁ ଦଃସ୍ ଦଃରି ଆଚ୍‌ତି ଇ ସଃବୁ ବିସୟେ ତର୍ ତଃୟ୍
କାୟ୍ ସାକି ଦେଉଁ ନଃହାର୍‌ତି । 14 ମଃତର୍ ଇମଃନ୍ ଜାକେ
ଗଟେକ୍ ମିଚ୍ ଦସି ବଃଲି କଃଉଁଲାୟ୍ ମୁୟ୍ଁ ସେ ଦଃର୍ମ୍ ହଃର୍କାରେ
ଅଃମାର୍ ଦାଦିବାବୁମଃନାର୍ ଇସ୍ୱରାର୍ ହୁଜା କଃରୁଲେ, ଜାୟ୍
ଜାୟ୍‌ରି ବିଦି ହଃର୍କାରେ ଆର୍ ଜାୟ୍ ଜାୟ୍‌ରି ବାବ୍‌ବାଦି ସାସ୍ତରେ
ଲେକା ଆଚେ, ସେରି ସଃବୁ ମୁୟ୍ଁ ବିସ୍ୱାସ୍ କଃରୁଲେ । 15 ଆରେକ୍
ଦଃର୍ମି ଆର୍ ହାହିମଃନ୍ ଉଟ୍‌ତି ବଃଲି ଜାୟ୍‌ରି ଇମଃନ୍ ନିଜେ
ଜାଣୁଲାୟ୍, ମୁୟ୍ଁ ହେଁ ଇସ୍ୱର୍ ତଃୟ୍ ସେନ୍‌କାର୍ ବଃର୍ସା କଃରି
ଆଚି ବଃଲି ତର୍ ତଃୟ୍ ମାନୁଲେ । 16 ଇତାର୍ ଗିନେ ମୁୟ୍ଁ ହେଁ
ସଃବୁ ବଃଲ୍ ଇସ୍ୱର୍ ଆର୍ ମାନାୟ୍ ତଃୟ୍ ନିର୍ଦସି ମଃନେ ରେଉଁକ୍
ଜଃତ୍ତୁନ୍ କଃରୁଲେ । 17 "ବୁଟେକ୍ ବଃର୍ସ୍ କାଲ୍ ମୁୟ୍ଁ ଜିରୁସାଲମ୍
ହୁଣି ଦୁରିକ୍ ରିଲା ହଃଚେ ମର୍ ନିଜାର୍ ଲକ୍‌ମଃନାର୍ ଗିନେ
ଦାନ୍ ଦେଉଁକ୍ ଆର୍ ହୁଜା କଃରୁକେ ଜିରୁସାଲମେ ଜାୟ୍‌ରିଲେ
। 18 ସଃଡେବଃଲ୍ ଇମଃନ୍ ମକ୍ ମନ୍ଦିରେ ସୁଚି ଅୟ୍‌ରିଲାର୍
ଦଃକ୍‌ଲାୟ୍ । ମୁୟ୍ଁ କୁୟ୍ ଲକ୍‌ମଃନାର୍ ତଃୟ୍ କି କୁୟ୍ କୁର୍ଲିଆ
ମଃନାର୍ ତଃୟ୍ ମିସି ନଃରିଲେ । 19 ମଃତର୍ ଆସିଆର୍ କଃତେକ୍
ଜିଉଦିମଃନ୍ ରିଲାୟ୍ । ଜଦି ସେମଃନାର୍ ମର୍ ବିରଦେ କାୟ୍
କଃତା ରିଲେକ୍ ତଃବେ ତର୍ ଚଃମେ ସେମଃନ୍ ଆସି କାୟ୍ ଦଃସ୍
ରିଲେକ୍ ଜାଣାଉତାର୍ ରିଲି । 20 ଆରେକ୍ ମୁୟ୍ଁ ଜଦି ଅଃନ୍ୟାୟ୍
କଃରିଆଚି ବେରାଣେ ଟିଆ ଅୟ୍ ଆଚି ସେରି ଜିଉଦି ଲକ୍‌ମଃନ୍
କଃଉଅତ୍ । 21 ସେ ଗଟେକ୍ କଃତା ଚାଡି ବେରାଣ୍ ମଃଣ୍ଡାୟ୍ ଟିଆ
ଅୟ୍‌ଲା ବଃଲ୍ ମୁୟ୍ଁ ଅଃଟୁଆ ବାବେ କୟ୍‌ରିଲେ, ମଲାଲକ୍‌ମଃନ୍
ଉଟ୍‌ତି ବଃଲି ମୁୟ୍ଁ ବିସ୍ୱାସ୍ କଃରୁଲାକ୍ ଆଜି ତୁମିମଃନାର୍ ତଃୟ୍
ବିଚାର୍ କଃରାୟ୍ ଅଃଉଁଲେ ।" 22 ମଃତର୍ ପେଲିକ୍‌ସ୍ ସେ ବାଟ୍
ବିସୟେ କଃତେକ୍ ଜାଣି ରିଲାକ୍ ବିଚାର୍ ବଃନ୍ଧ କଃରି କଃଉଁକେ
"ଗଟେକ୍ ଆଜାର୍ ସଃଇନାର୍ ମୁଲ୍ ସଃଇନ୍ ଲୁସିଆ ଆୟ୍‌ଲେକ୍
ମୁୟ୍ଁ ତର୍ କଃତା ଚିଡାଇନ୍ଧ ବଃଲି କୟ୍‌ଲା ।" 23 ଆରେକ୍ ସେ
ସଃଇନ୍ ଅଃଦିକାରିକ୍ ତାର୍ କାୟ୍ ନିଜାର୍ ଲକ୍ ତାର୍ ଜଃତ୍ତୁନ୍
କଃରୁକେ ନାୟ୍ ନଃବେଲୁକ୍ ଆର୍ ତାକେ କଃୟ୍‌ଦି ହର୍ ବଚାଉଁକ୍
ଆର୍ ନିକ କଃରି ଦଃକୁକ୍ କୟ୍‌ଲା । 24 କଃତିଦିନ୍ ହଃଚେ
ପେଲିକ୍‌ସ୍ ଦ୍ରୁସିଲା ନାଉଁଆର୍ ଅଃହ୍‌ଣାର୍ ଜିଉଦି ମାୟ୍‌ଜି ସଃଙ୍ଗ
ଆସି ପାଉଲ୍‌କେ କୁଦାୟ୍ କ୍ରିସ୍ଟ ଜିସୁର୍ ତଃୟ୍ ବିସ୍ୱାସ୍ କଃତା ତାର୍
ତଃୟ୍ ହୁଣି ସୁଣ୍‌ଲାୟ୍ । 25 ମଃତର୍ ସେ ଦଃର୍ମି ଆର୍ ନିଜ୍‌କେ
ମାପୁ ତଃୟ୍ ସଃହ୍ରି ଅୟ୍ କଃରାବ୍ କାମ୍ ଚାଡ୍‌ତାର୍, ବିସ୍ୱାସେ ତିର୍
ଅୟ୍‌ରେତାର୍ ଆର୍ ଆସୁଲା ମାପୁର୍ ବିଚାର୍ କଃର୍ତାର୍ କଃଉତା
ବଃଲ୍ ପେଲିକ୍‌ସ୍ ଡିରି ଜାୟ୍ କୟ୍‌ଲା, "ଅଃବେ ତୁୟ୍ ଜାଆ,
ସୁବିଦା ଅୟ୍‌ଲେକ୍ ଆରେକ୍ ତକ୍ କୁଦାୟ୍‌ନ୍ଧ ।" 26 ଆରେକ୍ ହେଁ
ପାଉଲ୍ ତାକେ ଟଃକା ଦଃୟ୍‌ଦ୍ ବଃଲି ପେଲିକ୍‌ସ୍ ଆସା କଃରି
ତର୍‌କେ ତର୍ ତାକେ କୁଦି ତାର୍ ସଃଙ୍ଗ କଃତା ଅଃଉତି ରିଲା
। 27 ମଃତର୍ ଦୁୟ୍ ବଃର୍ସ୍ ହୁର୍ନ୍ ଅୟ୍‌ଲା ହଃଚେ ପର୍କିୟ୍ ପେସ୍ଟ
ପେଲିକ୍‌ସ୍ ହଃଦେ ବଃସ୍‌ଲା, ଆର୍ ପେଲିକ୍‌ସ୍ ଜିଉଦିମଃନାର୍
ମଃନ୍‌କେ ଜଃଉଁକେ ମଃନ୍‌କଃରି ପାଉଲ୍‌କେ କଃୟ୍‌ଦି କଃରି ଚାଡି
ଗଃଲା ।

**25** ସେତାକ୍ ପେସ୍ଟ ଅଃଦିକାରି ହଃଦ୍ ହାୟ୍ ତିନିଦିନ୍ ହଃଚେ
କାଇସରିଆ ହୁଣି ଜିରୁସାଲମେ ଗଃଲା । 2 ଆର୍ ସେତି
ବଃଡ୍ ଜାଜକ୍‌ମଃନ୍ ଆର୍ ଜିଉଦିମଃନ୍ ତାର୍ ତଃୟ୍ ଆରେକ୍
ପାଉଲ୍ ବିରଦେ ଗଃଉଆରି କଃଲାୟ୍, 3 ଆର୍ ସେ ଜଃନ୍‌କଃରି
"ପାଉଲ୍‌କେ ଜିରୁସାଲମେ କୁଦାୟ୍ ହଃଟାୟ୍‌ଦ୍, ଇତାର୍ ଗିନେ

ତାକେ ଗଃଉଆରି କଃଲାୟ୍; ଆର୍ ସେମଃନ୍ ବାଟେ ମାରୁକ୍
ଜାଗୁକେ ଦଃର୍ଲାୟ୍ । 4 ସେତାକ୍ ପେସ୍ଟ କୟ୍ଲା, ପାଉଲ୍
କାଇସରିଆ ତଃୟ୍ କଃୟ୍ଦି ଅୟ୍ଆଚେ, ଆର୍ ମୁୟ୍ଁ ହେଁ ବେଗି
ସେତି ଜଃଉଁଲେ । 5 ତଃବେ ତୁମିମଃନାର୍ ବିତ୍ରେ ମୁଲିକାମଃନ୍
ମଃର୍ ସଃଙ୍ଗ୍ କାଇସରିଆ ଆସା ସେତି ଜାୟ୍ ପାଉଲାର୍ ବିରଦେ
କାୟ୍ ଦଃସ୍ ରିଲେକ୍ ସେତି କଃଉଆ ।” 6 ହଃଚେ ପେସ୍ଟ
ସେମଃନାର୍ ସଃଙ୍ଗ୍ ଆଟ୍ ଦଃସ୍ ଦିନ୍ ହୁଣି ଅଃଦିକ୍ ନଃରଃୟ୍
କାଇସରିଆକେ ବାଉଳି ଗଃଲା ଆର୍ ଆର୍କ ଦିନ୍ ବେରାଣେ
ବଃସି ବିଚାର୍ କଃରୁକେ ପାଉଲ୍କେ ଆଣାୟ୍ଲା । 7 ପାଉଲ୍
ଆୟ୍ଲାକ୍ ଜିରୁସାଲମାର୍ ଜିଉଦିମଃନ୍ ଆସି ତାର୍ ଚାରିବେଲ୍ତ୍
ଟିଆ ଅୟ୍ ତାର୍ ବିରଦେ ଅଃଦିକ୍ ଦସ୍ ଲାଦୁକ୍ ଦଃର୍ଲାୟ୍, ମଃତର୍
ସେରି ସଃବୁ ସେମଃନ୍ ସାକି ଦେଉଁକ୍ ନଃହାର୍ଲାୟ୍ । 8 ସେତାକ୍
ପାଉଲ୍ ତାର୍ ନିଜାର୍ ସାକି ଦଃୟ୍ କୟ୍ଲା, “ଜିଉଦିମଃନାର୍
ବିଦି ବିରଦେ କି ମନ୍ଦିର୍ ବିରଦେ କି କାଇସରାର୍ ବିରଦେ ମୁୟ୍ଁ
କାୟ୍ ଦଃସ୍ ନଃକେରି ।” 9 ମଃତର ପେସ୍ଟ ଜିଉଦିମଃନ୍କେ
ବଃଲ୍ ବଃଲାୟ୍ ଅଃଉଁକେ ମଃନ୍ କଃରି ପାଉଲ୍କେ ଗଃଉଆରି
କଃଲା, “ତୁୟ୍ କାୟ୍ ଜିରୁସାଲମ୍କେ ଜାୟ୍ ସେତି ଅଃମାର୍
ଚଃମେ ବିଚାର୍ କଃରାୟ୍ ଅଃଉଁକେ ମଃନ୍ କଃରୁଲିସ୍?” 10
ମଃତର୍ ପାଉଲ୍ କୟ୍ଲା, “ମୁୟ୍ଁ କାଇସରାର୍ ବେରାଣ୍ ମେଣ୍ଡା
ଚଃମେ ଟିଆ ଅୟ୍ ଆଚି, ସେଟାଣେ ମର୍ ବିଚାର୍ ଅଃଉଅ,
ମୁୟ୍ଁ ଜିଉଦିମଃନାର୍ ଗିନେ କାୟ୍ ଅଃନ୍ୟାୟ୍ ନଃକେରି, ତୁୟ୍
ହେଁ ସେରି ନିକ କଃରି ଜାଣି ଆଚ୍ସି । 11 ତଃବେ ଜଦି ମୁୟ୍ଁ
ଅଃନ୍ୟାୟ୍ କଃରି ରଃୟ୍ନ୍ଲି, ଆର୍ ମଃର୍ନ୍ ଡଃଣ୍ଡ ହାଉତା କାମ୍
କଃରି ରଃୟ୍ନ୍ଲି, ତଃବେ ମଃର୍ନ୍ ଡଃଣ୍ଡ ହାଉଁକ୍ ନାୟ୍ ନଃବେଲି,
ମଃତର୍ ମର୍ ବିରଦେ ଜାୟ୍ରି ସଃବୁ କଃଉଁଲାୟ୍, ଇ ସଃବୁ ବିତ୍ରେ
ଜଦି ହଃଦେକ୍ ସଃତ୍ ନାୟ୍, ତଃବେ କେହେଁ ସେମଃନାର୍ ଆତେ
ଚାଡୁକ୍ ନାହାରେ, ମୁୟ୍ଁ କାଇସର୍ ମୁଏଁ ବିଚାର୍ କଃରାୟ୍ ଅଃଉଁକେ
ଗଃଉଆରି କଃରୁଲେ ।” 12 ସେତାକ୍ ପେସ୍ଟ ମଃନ୍ତ୍ରିମଃନାର୍
ସଃଙ୍ଗ୍ କଃତା ଅୟ୍ କୟ୍ଲା, “ତୁୟ୍ କାଇସର୍ ଚଃମେ ବିଚାର୍
ଅଃଉଁକେ ଗଃଉଆରି କଃରି ଆଚ୍ସି, ତୁୟ୍ କାଇସର୍ ଚଃମେ
ଜାସି ।” 13 କଃତି ଦିନ୍ ଗଃଲା ହଃଚେ ରଃଜା ଆଗ୍ରିପା ଆର୍
ବର୍ନିକି କାଇସରିଆକେ ଆସି ପେସ୍ଟକେ ବେଟ୍ ଅୟ୍ଲାୟ୍ । 14
ସେମଃନ୍ ବୁତେକ୍ ଦିନ୍ ସେତି ରିଲାକ୍ ରଃଜାର୍ ଚଃମେ ପେସ୍ଟ
ପାଉଲାର୍ କଃତା ଜାଣାୟ୍ କୟ୍ଲା, “ପେଲିକ୍ସ୍ ଗଟେକ୍ ଲକ୍କେ
କଃୟ୍ଦି କଃରି ଚାଡି ଗଃଲା ଆଚେ । 15 ମୁୟ୍ଁ ଜିରୁସାଲମେ
ରିଲା ବଃଳ୍ ଜିଉଦିମଃନାର୍ ବଃଡ୍ ଜାଜକ୍ ଆର୍ ପାରାଚିନ୍ମଃନ୍
ମର୍ ତଃୟ୍ କୟ୍ କଃରି ତାର୍ ବିରଦେ ଡଃଣ୍ଡ ଦେଉଁକ୍ ଗଃଉଆରି
କର୍ତି ରିଲାୟ୍ । 16 ମୁକାମୁକି ସେମଃନ୍କେ କୟ୍ଲେ, ତୁମି
ଆର୍ ପାଉଲ୍ ମୁଁଆମୁୟ୍ଁ ନଃଉତା ହଃତେକ୍ ଆର୍ ଜୁୟ୍ ଲକ୍
ଜାକେ ଦଃସ୍ ଲାଦେଦ୍ ସେଲକ୍ ତାର୍ ନିଜାର୍ ସାକି ଦେଉଁକ୍
ସୁବିଦା ନଃହାଉତା ହଃତେକ୍ ତାକେ ଦସି କଃର୍ତା ଅଃମାର୍
ରମିୟ୍ମଃନାର୍ ବିଦି ନାୟ୍ । 17 ଇତାକ୍ ସେମଃନ୍ ମର୍ ସଃଙ୍ଗ୍
ଇଟାଣେ ଆୟ୍ଲାକ୍ ମୁୟ୍ଁ ବେଲ୍ ନଃକେରି ସଃଙ୍ଗେ ସଃଙ୍ଗେ
ଆର୍କ ଦିନ୍ ବେରାଣେ ବଃସି ସେ ଲକ୍କେ ଆଣୁକେ କୟ୍ଲେ ।
18 ଦଃସ୍ ଦଃରୁମଃନ୍ ଟିଆ ଅୟ୍ ମୁୟ୍ଁ ଜଃନ୍କାର୍ ଦଃସାର୍ କଃତା
ଜାଗ୍ତି ରିଲେ, ସେନ୍କାର୍ କାୟ୍ ଦଃସ୍ ତାର୍ ଗିନେ ନାଣ୍ଲାୟ୍ ।
19 ମଃତର୍ ସେମଃନାର୍ ତାକାର୍ ଦଃର୍ମ୍ ଆରେକ୍ ଜିରୁସାଲମେ
ଜିସୁ ନାଉଁଆର୍ ଗଟେକ୍ ମଃଲା ଲକ୍ ଜାକେ ପାଉଲ୍ ଜିବନ୍
ଆଚେ ବଃଲି କଃଉତି ରିଲା ସେ ସଃବୁ କଃତା ତାର୍ ବିରଦେ
ସେମଃନାର୍ ବିତ୍ରେ କଃତା ଦଃରାଦଃରି ଅୟ୍ଲାୟ୍ । 20 ଇସଃବୁ
କଃତା ଆରେକ୍ ନିକ କଃରି ଜାଣୁକେ କାୟ୍କଃରୁକ୍ ଅୟ୍ଦ୍ ତିର୍
କଃରୁ ନଃହାର୍ଲେ, ଆର୍ ପାଉଲ୍ ଜିରୁସାଲମ୍ ଜାୟ୍ ଇ କଃତାକ୍
ବିଚାର୍ କଃରାୟ୍ ଅଃଉଁକେ ଇଚା କି ନାୟ୍ ବଃଲି ହଃଚାର୍ଲେ । 21
ମଃତର୍ ପାଉଲ୍ କାଇସର୍ ଚଃମେ ବିଚାର୍ ହାଉଁକେ ଗଃଉଆରି
କଃଲା, ତଃବେ ମୁୟ୍ଁ କାଇସର୍ ହାକ୍ ନଃହେଟାଉତା ହଃତେକ୍
ବାନ୍ଦି ରେଉଁକ୍ କୟ୍ଲେ ।” 22 ସେତାକ୍ ଆଗ୍ରିପା ପେସ୍ଟକେ
କୟ୍ଲା, “ମୁୟ୍ଁ ନିଜେ ସେଲକାର୍ କଃତା ସୁଣୁକ୍ ମଃନ୍ କଃରୁଲେ
।” “ସେ କୟ୍ଲା କାଲି ତୁୟ୍ ତାର୍ କଃତା ସୁଣ୍ସି ।” 23 ତଃବେ
ଆର୍କ ଦିନ୍ ଆଗ୍ରିପା ଆର୍ ବର୍ନକି ବଃଡେ ଦଃଲ୍ବଃଲ୍ ସଃଙ୍ଗ୍ ଆସି
ବଃଡ୍ ବଃଡ୍ ହାଁତ୍ କଲି ସଃଇନ୍ ମଃନାର୍ ଉହ୍ରେ ବଃଡ୍ସଃଇନ୍
ଆର୍ ଗଃଳାର୍ ମୁଲିକା ସଃଙ୍ଗ୍ ବିଚାର୍ କଃରୁକେ ବଃଙ୍ଗ୍ଲାୟ୍
ହୁରି ବଃସ୍ଲାକେ, ପେସ୍ଟର୍ କଃତା ହଃର୍କାରେ ପାଉଲ୍କେ ଆଣା
ଅୟ୍ଲି । 24 ସେତାକ୍ ପେସ୍ଟ କୟ୍ଲା, “ଏ ମଃହାରଃଜା ଆଗ୍ରିପା
ଆର୍ ଅଃମାର୍ ସଃଙ୍ଗ୍ ଇଟାଣେ ରେତା ବଃଡ୍ ମାନାୟ୍ମଃନ୍
ତୁମିମଃନ୍ ଇ ଲକ୍କେ ଦଃକୁଲାସ୍, ଆର୍ ବିରଦେ ଜିରୁସାଲମେ
ଆର୍ ଇଟାଣେ ହେଁ ଜିଉଦି ଲକ୍ମଃନ୍ ଅଃମାର୍ ତଃୟ୍ ଗଃଉଆରି
କଃରି ଆଚ୍ତି ତାର୍ ଆର୍ ଜିବନ୍ ରେତାର୍ ଜୟ୍ଗ୍ ନାୟ୍ ବଃଲି
ସଃବୁଲକ୍ ଉରାଟୁ କଃଲାୟ୍ । 25 ମଃତର୍ ଇ ଲକ୍ ମଃର୍ନ୍
ଦଃଣ୍ଡାର୍ କାୟ୍ କାମ୍ ନଃକେରେ ବଃଲି ମୁୟ୍ଁ ବୁଜ୍ଲେ, ଆର୍
ହଃଚେ ନିଜେ ଚଃକର୍ବତିର୍ ଚଃମେ ବିଚାର୍ କଃରା ଅଃଉଁକେ
ଗଃଉଆରି କଃଲାକ୍ ମୁୟ୍ଁ ତାକେ ସେତି ହଃଟାଉଁକ୍ ତିର୍ କଃଲେ
। 26 ମଃତର୍ ମାପ୍ରୁ ହାକ୍ ଲେକୁକ୍ ମର୍ କାୟ୍ କଃତା ନାୟ୍,
ଇତାର୍ ଗିନେ ବିଚାର୍ କଃରି ମୁୟ୍ଁ ଜଃନ୍କଃରି କାୟ୍ରି ଲେକୁକ୍
ହାଉଁ ହାରି ଇତାକ୍ ତାକେ ଏ ରଃଜା ଆଗ୍ରିପା ତର୍ ତଃୟ୍ ଆଣି
ଆଚି । 27 କାୟ୍ତାକ୍ ବଃଲେକ୍ କଃୟ୍ଦିକେ ହଃଟାଉତା ବଃଲ୍
ତାର୍ ବିରଦେ ରିଲା ଦଃସ୍ ମଃନ୍ ନଃଦେକାୟ୍ଲେକ୍ ନିକ ନାୟ୍
ବଃଲି ମୁୟ୍ଁ ଜାଣୁଲେ ।”

**26** ସେତାକ୍ ଆଗ୍ରିପା ପାଉଲ୍କେ କୟ୍ଲା, “ତକ୍ ନିଜାର୍
ବିସୟେ କଃଉଁକେ ସୁବିଦା ଦିଆ ଅୟ୍ଲି, ସଃଡେବଃଳ୍
ପାଉଲ୍ ଆଦ୍ ସାଗ୍ୟାକଃରି ସେ ନିଜାର୍ କଃତା କଃଉଁକେ ଦଃର୍ଲା
।” 2 “ଏ ମଃହାରଃଜା ଆଗ୍ରିପା ଜିଉଦିମଃନ୍ ମର୍ ବିରଦେ
ଜୁୟ୍ ସଃବୁ ମିଚ୍ ଦସ୍ମଃନ୍ କଃଉଁଲାୟ୍, ସେତାକ୍ ମୁୟ୍ଁ ଜେ

ତର୍ ତଃୟ୍ ମର୍ ନିଜାର୍ ସାକି ଦେଉଁକ୍ ସୁବିଦା ହାୟ୍ ଆଚି
ଇତାର୍ ଗିନେ ମୁୟ୍ଁ ନିଜ୍‌କେ ବାୟ୍‌ଗ୍ ମଃନେକଃରୁଲେ, 3
କାୟ୍‌ତାକ୍‌ବଃଲେକ୍ ତୁୟ୍ ଜିଉଦିମଃନାର୍ ସଃବୁ ରିତିବିଦି ଆର୍
କଃତା ସଃବୁ ନିକକଃରି ଜାଣ୍‌ସି, ଇତାକ୍ ମଃନ୍ ଦଃୟ୍ ମର୍
କଃତା ସୁଣୁକ୍ ତକେ ଗଃଉଆରି କଃରୁଲେ ।” 4 “ହିଲାବଃଲ୍
ହୁଣି ନିଜାର୍ ଲକ୍‌ମଃନାର୍ ତଃୟ୍ ଆର୍ ଜିରୁସାଲମେ ମର୍ ଜିବନ୍
କାଟ୍‌ତାର୍ ଜିଉଦିମଃନ୍ ସଃବୁ ଜାଣିଆଚ୍‌ତି । 5 ସେମଃନ୍ ହଃର୍ତୁ
ହୁଣି ମକ୍ ଜାଣି ଆଚ୍‌ତି, ଜଦି ମଃନ୍‌କଃର୍ତି ତଃବେ ସାକି ଦେଉଁକେ
ହାର୍ତି ଜେ ମୁୟ୍ଁ ଅଃମାର୍ ଦଃର୍ମାର୍ ସଃବ୍‌କେ ଜିଣ୍‌ତେ କଃସ୍ଟ
ମାନିକଃରି ସେ ହଃର୍କାରେ ମୁୟ୍ଁ ପାରୁସି ଅୟ୍ ଜିବନ୍ କାଟ୍‌ଲେ ।
6 ଅଃମିମଃନାର୍ ଦାଦିବାବୁମଃନାର୍ ଟାଣେ ଇସ୍ୱର୍ ଜୁୟ୍ ସଃୟ୍‌ତ୍
କଃରିରିଲା ସେ ସଃୟ୍‌ତାର୍ ସଃତ୍‌କଃରି ମୁୟ୍ଁ ବିଚାର୍ ହାଉଁକେ
ମୁୟ୍ଁ ଟିଆ ଅୟ୍ ଆଚି । 7 ଅଃମାର୍ ବାର ଗସ୍ଟି ସଃୟ୍‌ତାର୍ ହଃଲ୍
ହାଉଁକେ ଆସା ବଃର୍ସା କଃରି ଦିନ୍ ରାତି ଏକ୍‌ମଃନେ ଇସ୍ୱରାର୍
ହୁଜା କଃରୁଲାୟ୍, ଏ ମଃହାରଃଜା ସେ ସଃୟ୍‌ତାର୍ ଗିନେ ମୁୟ୍ଁ
ଜିଉଦିମଃନାର୍ ତଃୟ୍ ବିଚାର୍ କଃରାୟ୍ ଅଃଉଁଲେ । 8 ଇସ୍ୱର୍
ଜେ ମଃଲା ଲକ୍‌କେ ଉଟାୟ୍‌ଦ୍ ଇରି କାୟ୍‌ତାକ୍ ତୁମାର୍ ବିଚାରେ
ମିଚ୍ ବଃଲି ମଃନେ ବାବୁଲାସ୍?” 9 “ନାଜରିତାର୍ ଜିସୁର୍ ନାଉଁଏ
ମର୍ ଗାଦେକ୍ କାମ୍ ତାର୍ ନାଉଁ ବିରଦେ କଃରୁକେ ଆଚେ, ଇରି
ମୁୟ୍ଁ ନିଜେ ମଃନେ ବାବ୍‌ତିରିଲେ । 10 ଆର୍ ଜିରୁସାଲମେ
ମୁୟ୍ଁ ଇତି ହେଁ କୟ୍‌ରିଲେ ବଃଡ୍ ଜାଜକ୍‌ମଃନାର୍ ତଃୟ୍ ହୁଣି
ଅଃଦିକାର୍ ହାୟ୍ ଇସ୍ୱରାର୍ ବିସ୍ୱାସିମଃନ୍‌କେ ଜଃଇଲେ ହୁରାୟ୍
ରିଲେ ଆର୍ ସେମଃନାର୍ ମଃର୍ନ୍ ଦଃଣ୍ଡ ବଃଲ୍ ମୁୟ୍ଁ ସେମଃନାର୍
ଡଃଣ୍ଡ ହାଉତା ଲକାର୍ ବିରଦେ ମର୍ ରାଜି ରିଲି । 11 ଆର୍
ଜିଉଦିମଃନାର୍ ପାର୍ତ୍‌ନା ଗଃରେ ତର୍‌କେ ତର୍ ସେମଃନ୍‌କେ
ଡଃଣ୍ଡ ଦଃୟ୍ ସେମଃନ୍‌କେ ଜିସୁର୍ ଲିନ୍ଦା କଃରି ତାକେ ଚାଡୁକ୍
ବଃଲ୍‌ମାଡ୍ କଃର୍ତିରିଲେ ଆରେକ୍ ସେମଃନାର୍ ବିରଦେ ରିସା ଅୟ୍
ବିନ୍ ଦେସାର୍ ଗଃଲ୍‌ମଃନ୍‌କେ ହେଁ ଜାୟ୍ ସେମଃନ୍‌କେ କଃସ୍ଟ
ଦେତିରିଲେ ।” 12 “ଇ କାମ୍ କଃରୁକେ ବଃଡ୍ ଜାଜକ୍‌ମଃନାର୍
ତଃୟ୍‌ହୁଣି ଅଃଦିକାର୍ ଲେକା ଦଃରି ଦମେସକ୍ ଜାତା ବଃଲ୍, 13
ଏ ମଃହାରଃଜା, ମଃୟ୍‌ଦାନ୍ ବଃଲ୍ ବାଟେ ଅଃଗାସେ ହୁଣି ବେଲ୍
ତଃୟ୍‌ହୁଣି ବଃଳେ ଉଜାଲ୍ ମର୍ ସଃଙ୍ଗେ ରିଲା ଲକ୍‌ମଃନାର୍
ଚାରି ବେଲ୍‌ତ୍ ଉଜାଲ୍ ଅଃଉତାର୍ ଦଃକ୍‌ଲେ । 14 ଅଃମିମଃନ୍
ସଃବୁ ବୁୟେଁ ଅଦୁର୍ଲାକ୍ ମୁୟ୍ଁ ଏବ୍ରି ବାସାୟ୍ ମର୍ ଗିନେ ଇ କଃତା
କଃଉଆ ଅୟ୍‌ଲି, ସାଉଲ୍, କାୟ୍‌ତାକ୍ ମକ୍ କଃସ୍ଟ ଦେଉଁଲିସ୍
ତିତିର୍ ହିଲେ ବଃୟ୍‌ଲ୍ ଲାତ୍ ମାର୍‌ଲେକ୍ ବଃୟ୍‌ଲ୍‌କେ ଜଃନ୍‌କଃରି
କଃସ୍ଟ ଅୟ୍‌ଦ୍, ତକ୍ ହେଁ ସେନ୍ କଃସ୍ଟ ଅୟ୍‌ଦ୍ । 15 ସେତାକ୍ ମୁୟ୍
ହଃଚାର୍ଲେ, ‘ମାପ୍ରୁ ତୁୟ୍ କେ?’ ସେତାକ୍ ମାପ୍ରୁ କୟ୍‌ଲା, ‘ଜୁୟ୍
ଜିସୁକେ ତୁୟ୍ କଃସ୍ଟ ଦେଉଁଲିସ୍ ମୁୟ୍ଁ ସେ,’ 16 ମଃତର୍ ଉଟ୍
କୁଡ୍‌ମାଡି ଟିଆ ଅଃଉ, କାୟ୍‌ତାକ୍‌ବଃଲେକ୍ ମୁୟ୍ଁ ତକ୍ ମର୍ କାମ୍
କଃରୁକେ ଆର୍ ତୁୟ୍ ମର୍ ଜାୟ୍‌ଜାୟ୍‌ରି ଦଃକି ଆଚ୍‌ସି ଆରେକ୍
ଦଃକ୍‌ସି, ସେସଃବୁ କଃତାର୍ ବିନ୍ ଲକ୍‌ମଃନ୍‌କେ କଃଉଁକେ ତକ୍
ଦଃକାୟ୍ ଅୟ୍ ଆଚି । 17 ଦିଉଦି ଆର୍ ଅଜିଉଦି ଲକ୍‌ମଃନ୍ ଚଃମେ
ମୁୟ୍ ତକେ ହଃଟାୟ୍‌ନ୍ଧ । ସେମଃନାର୍ ତଃୟ୍ ହୁଣି ମୁୟ୍ଁ ତକେ
ବାଚାୟ୍‌ନ୍ଦ । 18 ତୁୟ୍ ସେମଃନାର୍ ଆକି ଦଃକାଉଁକେ ଅୟ୍‌ଦ୍
ଆର୍ ସେମଃନ୍‌କେ ଅଃନ୍ଦାରେ ହୁଣି ଉଜାଳେ ଆର୍ ସୟ୍‌ତାନ୍
ଅଃଦିକାରେ ହୁଣି ମାପ୍ରୁ ହାକ୍ ବାଉଳାୟ୍ ଆଣୁକେ ଅୟ୍‌ଦ୍ ଆର୍
ଜଃନ୍‌କଃରି ମର୍ ତଃୟ୍ ବିସ୍ୱାସାର୍ ଗିନେ ସେମଃନାର୍ ହାହ୍
କେମା ଅୟ୍‌ଦ୍ ଆର୍ ମାପ୍ରୁର୍ ବାଚ୍‌ଲା ଲକ୍ ମଃନାର୍ ତଃୟ୍
ସେମଃନ୍ ଟାଣ୍ ହାଉତି ।” 19 “ଏ ମଃହାରଃଜା ଆଗ୍ରିପା ମୁୟ୍ଁ ସେ
ସଃର୍ଗାର୍ ଜାୟ୍‌ରି ଦଃର୍ସନ୍ ଦଃକି ଆଚି ତାର୍ ଅମାନ୍ୟାର୍ ନୟ୍‌ଲେ
। 20 ମଃତର୍ ହଃର୍ତୁ ଦମେସକ୍ ଆର୍ ଜିରୁସାଲମାର୍ ଲକ୍‌ମଃନାର୍
ତଃୟ୍, ହଃଚେ ଜିଉଦା ରାଜି ଆର୍ ସଃବୁ ହଲି ତଃୟ୍, ଆରେକ୍
ଅଜିଉଦି ଲକ୍‌ମଃନାର୍ ତଃୟ୍ ହେଁ ପର୍ଚାର୍ କଃରୁକେ ଦଃର୍ଲେ,
ଜଃନ୍‌କଃରି ସେମଃନ୍ ହାହେ ହୁଣି ମଃନ୍ ବାଦ୍‌ଲାୟ୍ କଃରି ଇସ୍ୱର୍
ହାକ୍ ବାଉଳି ଆସ୍ତି ଆର୍ ମଃନ୍ ବାଦୁଲାୟ୍ ଆଚୁ ବଃଲି ତାକାର୍
କାମେ ଦଃକାଉତି । 21 ଇତାର୍ ଗିନେ ଜିଉଦିମଃନ୍ ମନ୍ଦିର୍ ବିତ୍ରେ
ମକ୍ ଦଃରି ମଃର୍ନେ ମାରୁକ୍ ଉପାୟ୍ କଃର୍ତି ରିଲାୟ୍ । 22 ତଃବେ
ଇସ୍ୱର୍ ତଃୟ୍ ଉହ୍‌କାର୍ ହାୟ୍ ମୁୟ୍ଁ ଆଜି ହଃତେକ୍ ସାନ୍ ବଃଡ୍
ସଃବ୍‌କାର୍ ତଃୟ୍ ସାକି ଦଃୟ୍ ଆସୁଲେ ଆରେକ୍ ବାବ୍‌ବାଦିମଃନ୍
ଆର୍ ମସା ଜାୟ୍ ଜାୟ୍‌ରି ଗଃଟେଦ୍ ବଃଲି କୟ୍‌ରିଲାୟ୍ ସେରି
ମୁୟ୍ଁ କଃଉଁଲେ । 23 ବଃଲେକ୍ କ୍ରିସ୍ଟ ବାୟ୍‌ଦ୍‌ରେ ଦୁକ୍ ବୟଃଗ୍
କଃରି ଆରେକ୍ ମଃଲା ଲକ୍ ତଃୟ୍‌ହୁଣି ହଃର୍ତୁ ଉଟ୍‌ଲା ହଃଚେ
ଜିଉଦି ଆର୍ ଅଜିଉଦି ଲକ୍‌ମଃନାର୍ ତଃୟ୍ ମୁକ୍ତିର୍ ଉଜାଲ୍
ଦଃକାୟ୍‌ଦ୍ ।” 24 ଅଃନ୍‌କଃରି ସେ ନିଜାର୍ କଃତା ସୁଣାଉତା ବଃଲ୍
ପେସ୍ଟ ବଃଡ୍ ଟଣ୍ଡ କଃରି କୟ୍‌ଲା, ପାଉଲ୍ ତୁୟ୍ ବଃୟ୍ଳାଅୟ୍‌ଲିସ୍
ଜଃବର୍ ଗିଆନ୍ ତକ୍ ବଃୟ୍ଳା କଃରି ଆଚେ । 25 ମଃତର୍ ପାଉଲ୍
କୟ୍‌ଲା, ଏ ମଃହାରଃଜା ପେସ୍ଟ ମୁୟ୍ଁ ବଃୟ୍ଳା ନାୟ୍, ସଃତ୍ ଆର୍
ତିର୍ ବୁଦିର୍ କଃତା କଃଉଁଲେ । 26 ରଃଜା ତୁୟ୍ ତ ଇ ସଃବୁ
କଃତା ଜାଣି ଆଚ୍‌ସି, ଆର୍ ତର୍ ଚଃମେ ହେଁ ସାସେ କଃତା
କଃଉଁଲେ, କାୟ୍‌ତାକ୍‌ବଃଲେକ୍ ଇ ସଃବୁ କଃତାର୍ କାୟ୍ କଃତା
ତର୍ ନଃଜାଣ୍‌ଲାର୍ ନୟ୍ ବଃଲି ମର୍ ବିସ୍ୱାସ୍; ଇରି ତ ଲୁକ୍‌ଣେ
କଃଲାର୍ ନୟ୍ । 27 ଏ ମଃହାରଃଜା, ଆଗ୍ରିପା, ତୁୟ୍ କାୟ୍
ବାବ୍‌ବାଦି ମଃନ୍‌କେ ବିସ୍ୱାସ୍ କଃରୁଲିସ୍? ତୁୟ୍ ବିସ୍ୱାସ୍ କଃରୁଲିସ୍
ବଃଲି ମୁୟ୍ଁ ଜାଣି । 28 ସେତାକ୍ ଆଗ୍ରିପା ପାଉଲ୍‌କେ କୟ୍‌ଲା,
“କଃଡେକ୍ ବେଗି ତୁୟ୍ ମକ୍ କ୍ରିସ୍ଟାନ୍ କଃରିନ୍ଧ ବଃଲି ବାବୁଲିସ୍
କି?” 29 ପାଉଲ୍ ଉତୁର୍ ଦିଲା “ଅଃଳକ୍ ବେଳା ଅଃଉଅ କି
ବୁତେକ୍ ବେଳା ଅଃଉଅ” ତୁୟ୍ ହଃକା ନାୟ୍, ମଃତର୍ ଜଃତେକ୍
ଲକ୍ ଆଜି ଇସ୍ୱର୍ ତଃୟ୍ “ମର୍ ପାର୍ତ୍‌ନା ସୁଣୁଲାୟ୍, ଜଃନ୍‌କଃରି
ସେମଃନ୍ ସଃବୁ ହେଁ ମର୍ ହର୍ ଅଃଉଅତ୍, ମଃତର୍ ସେମଃନ୍‌କେ
ଇ ବାନ୍ଧଣ୍ ନଃହେଳ, ଇରି ମୁୟ୍ଁ ଇସ୍ୱର୍ ତଃୟ୍ ପାର୍ତ୍‌ନା କଃରୁଲେ
।” 30 ସେତାକ୍ ରଃଜା ଆର୍ ତାର୍ ତଃଳାର୍ ଅଃଦିକାରି ବର୍ନକି

ଆର୍ ସେମଽନାର୍ ସଽଙ୍ଗେ ରିଲା ଲକ୍‌ମଽନ୍ ଉଟ୍‌ଲାୟ୍ । 31 ଆର୍
ଜାତା ବଽଲ୍ ତାକାର୍ ତାକାର୍ ବିତ୍ରେ କଽଉଆକଇ ଅୟ୍‌ଲାୟ୍, “ଇ
ଲକ୍ ମଽର୍ନ୍ନି ଡଽଣ୍ଡ କି ସିକ୍‌ଲି ତଽୟ୍ ବାନ୍ଧାୟ୍ ଅଽଉତା କାୟ୍ କାମ୍
ନଽକେରେ ।” 32 ଆର୍ ଆଗ୍ରିପା ପେସ୍ଟକେ କୟ୍‌ଲା, ଇ ଲକ୍ ଜଦି
କାଇସର୍ ତଽୟ୍ ବିଚାର୍ କଽରାୟ୍ ଅଽଉଁକେ ଗଽଉଆରି କଽରି
ନଽରିଲେକ୍ ତଽବେ ଚାଡି ଦିଆ ଅୟ୍‌ଲି ହୁଣି ।

**27** ଜଽଡେବଽଲ୍ ଅଽମିମଽନାର୍ ଜାଜେ ଚଽଗି ଇଟାଲିଆକେ
ଜଽଉଁକେ ତିର୍ ଅୟ୍‌ରିଲି, ସଽଡେବଽଲ୍ ପାଉଲ୍ ଆର୍
କଽତେକ୍ କୟ୍‌ଦି ରଽଜାର୍ ସଽୟ୍‌ନ୍ ଦଽଲାର୍ ଜୁଲିଅ ନାଉଁଆର୍
ଗଟେକ୍ ହାଁଣ୍ଡ୍କଲି ସଽଇନାର୍ ମୁଲିକାର୍ ଆତେ ସଽହ୍ରି ଅୟ୍‌ଲାୟ୍
। 2 ସେତାକ୍ ଆସିଆ କଽଣ୍ଡାୟ୍ ବିନ୍ ବିନ୍ ଟାଣେ ଜଽଉଁକେ ରିଲା
ଗଟେକ୍ ଆଦ୍ରାମୁତିଅ ଡଙ୍ଗାୟ୍ ଅଽମିମଽନ୍ ଚଽଗି ଗଽଲୁ; ଆର୍
ମାକିଦନିଆର୍ ଆରିସ୍ତାର୍କ୍ ନାଉଁଆର୍ ଗଟେକ୍ ତେସଲନିକିର୍ ଲକ୍
ଅଽମାର୍ ସଽଙ୍ଗ ରିଲା । 3 ଆର୍‌କ ଦିନ୍ ଅଽମିମଽନ୍ ସିଦନ୍ ତଽୟ୍
ହଚ୍‌ଲୁ, ଆର୍ ଜୁଲିଅ ପାଉଲ୍‌କେ ଦଽୟା କଽର୍ତି ରିଲା ଆର୍ ତାର୍
ଲକ୍‌ମଽନାର୍ ତଽୟ୍ ଜାୟ୍ ଉହ୍‌କାର୍ ହାଉଁକେ ଚାଡିଦିଲା । 4
ଅଽମିମଽନ୍ ସେଟାଣେ ହୁଣି ଜଽବର୍ ବାଉର୍ ଗିନେ ସାଇପ୍ରସ୍
କଽଣ୍ଡିକଽଣ୍ଡି ଗଽଲୁ । 5 କିଲିକିଆ ଆର୍ ପପୁଲିଆ ଚଽମାର୍ ସଽମ୍‌ନ୍ଦ୍
ଲିଡ୍ଗି ଲୁକିଆର୍ ମୁରାକ୍ ଆୟ୍‌ଲୁ । 6 ସେତାକ୍ ସଏ ସଽୟ୍‌ନାର୍
ଅଽଦିକାରି ଇଟାଲିଆକେ ଜାୟ୍‌ରିଲା ଆଲେକ୍‌ଜେଣ୍ଡ୍ରିଆ ଡଙ୍ଗା
ହାୟ୍‌ଲୁ ସେତି ଚଽଗି ଜୁଲିଆ ହାକ୍ ଗଽଲୁ । 7 ହଽଚେ ବୁଟେକ୍
ଦିନ୍ ହଽତେକ୍ ଦିରେ ଦିରେ ଜାୟ୍ କଽସ୍ଟେ କିନ୍ଦର୍ ଚଽମେ ହଚ୍‌ଲୁ
ଆର୍ ବାଉ ଅଽମିକ୍ ଆଗ୍‌ତୁ ଜଽଉଁକେ ନଽଦିଲାକ୍ ସାଲନି ବାଟ୍
ଅୟ୍ କ୍ରିତିର୍ କଣ୍ଡି କଣ୍ଡି ଗଽଲୁ । 8 ଆରେକ୍ କଽସ୍ଟେ କଣ୍ଡି କଣ୍ଡି
ଜାୟ୍ ସୁନ୍ଦର୍ ସାଗର୍ ନାଉଁଆର୍ ଜଽଗାୟ୍ ଜାଜ୍‌ମଽନ୍ ଟିଆଅୟ୍
ରେତାଟାଣେ ଆୟ୍‌ଲୁ, ସେରି ଲାସା ଚଽମେ ରିଲି । 9 ଅଽନ୍‌କାର୍
ବୁଟେକ୍ ଦିନ୍ ଅୟ୍‌ଲି ଆରେକ୍ ସଽମ୍‌ନ୍ଦେ ବେସି ହାବଲ୍ ଅୟ୍‌ଲି,
କାୟ୍‌ତାକ୍ ବଽଲେକ୍ ସଽଡେବଽଲ୍ ଉହାସ୍ ହଽର୍ବ୍ ସଽରି ରିଲି
। ଇତାକ୍ ପାଉଲ୍ ସେମଽନ୍‌କେ ଜଽଗ୍ରତ୍ କଽରି କୟ୍‌ଲା, 10
“ବାୟ୍‌ବାବୁମଽନ୍, ଇ ଜାଜେ ଗଽଲେକ୍ ଡଙ୍ଗାର୍ ଆସ୍ତିମଽନ୍ ନଽସ୍ଟ
ଅୟ୍‌ଦ୍, ସେରି ହଽକା ନାୟ୍, ମଽତର୍ ଅଽମାର୍ ଜିବନ୍ ନଽସ୍ଟ
ଅୟ୍‌ଦ୍ ବଽଲି ମୁୟ୍ଁ ଜାଣୁଲେ ।” 11 ମଽତର୍ ସଽଇନାର୍ ଅଽଦିକାରି
ଜୁଲିଆ ପାଉଲାର୍ କଽତାକ୍ ସଽତ୍‌ନଽକେରି, ଜାଜ୍ ଡାୟ୍‌ବର୍
ଆର୍ ଜାଜାର୍ ଅଽଦିକାରିର୍ କଽତାୟ୍ ଅଽଦିକ୍ ସଽତ୍‌କଽଲା ।
12 ଆର୍ ସେ ଜାଜ୍‌ମଽନ୍ ରେତାଟାଣେ, ସିତ୍ ବଽଲ୍ ରେଉଁକ୍
ସୁବିଦା ନଽରିଲାକ୍, ସେତାକ୍ କଽନ୍‌କଽରି ହେଁ ପଇନିକ୍ ତଽୟ୍
ଜାୟ୍ ସେତି ସିତ୍ ଦିନ୍ ରେଉଁକ୍ ଜାଜ୍ ଚାଲାଉଁକ୍ ବୁଟେକ୍
ଲକ୍ କୟ୍‌ଲାୟ୍ । ସେ ପଇନିକ୍ କ୍ରିତିର୍ ଗଟେକ୍ ଜାଜ୍‌ମଽନ୍
ରେତାଟାଣ୍, ସେରି ଡେବ୍ରି ଉଦ୍ୟାନ୍ ଆର୍ କାତାବାଟ୍ୟାର୍ ଉଦ୍ୟାନ୍
ବାଟ୍ ଆଚେ । 13 ହଽଚେ କାତା ବାଟାର୍ ବାଉ ଦିରେ ଦିରେ
ଆୟ୍‌ଲାକ୍, ସେମଽନ୍ ସୁବ୍ ଅଽଉଁଲି ବଽଲି ମଽନେକଽରି ହାଣି
ଜାଜ୍‌କେ ତେବାଉତା ଲଽଉଆର୍‌ଆକଲି ଟେକିକଽରି କ୍ରିତିର୍
କଽଣ୍ଡିକଽଣ୍ଡି ଜଽଉଁକେ ଦଽର୍ଲାୟ୍ । 14 ମଽତର୍ ସେଦାହ୍ରେ ଜାକେ
ଇଉରକ୍ଲିଲ୍ ବଽଲି କଽଉତି, ସେ “ଉତୁର୍ ହୁର୍ବ୍” ମୁର୍କେ ବାଉହାଣି
ଆସି ଜାଜେଜ ଡୁକ୍‌ଲି । 15 ଆରେକ୍ ଜାଜ୍ ବାଉର୍ ହାକ୍ ମୁଁ
କଽରୁକେ ନଽହାର୍‌ଲାକ୍ ଅଽମିମଽନ୍ ଡଙ୍ଗାକ୍ ତାର୍‌ମଽନେ ହାଣାୟ୍
ହଽଉଁରୁକ୍ ଚାଡି ଦିଲୁ । 16 ଆରେକ୍ କ୍ଲାଉଦା ନାଉଁଆର୍ ଟାପୁ
ଟାଣାର୍ କଽଣ୍ଡାୟ୍ କଽସ୍ଟେ ଜାଜାର୍ ଡଙ୍ଗା ଗଟେକ୍ ଦଽରି ବଚ୍‌ଲୁ
। 17 ଆର୍ ଜାଜାର୍ ଡାୟ୍‌ବର୍‌ମଽନ୍ ତାକେ ଉହ୍ରେ ଉଟାୟ୍
ବାନ୍ଦଲାୟ୍ ଆରେକ୍ କଽଡେବଽଲ୍ ସେମଽନ୍ ଲିବିଆର୍ ସୁର୍ତି
ନାଉଁଆର୍ ହାଣି ବିତ୍ରାର୍ ବାଲି ଗାଦାୟ୍ ଜାଜ୍ ଡୁକେଦ୍ ବଽଲି ଡିରି
କଽରି ଡଙ୍ଗାୟ୍ ବାନ୍ଧତା ପାଲ୍ ଇଟାୟ୍ ଜାଜ୍ ବାଉ ସଽଙ୍ଗ ହାଣାୟ୍
ହଽଉଁରୁକ୍ ଚାଡି ଦିଲାୟ୍ । 18 ମୁର୍କେ ବାଉ ଗିନେ ବଽଡେ ହାବଲ୍
ଅୟ୍‌ଲାକ୍ ଆର୍‌କ ଦିନ୍ ଜାଜାର୍ ଡାୟ୍‌ବର୍‌ମଽନ୍ ଆସ୍ତିବାଡିମଽନ୍
ସଽମଽନ୍ଦ ବିତ୍ରେ ହଽକାୟ୍‌ଲାୟ୍ । 19 ଆରେକ୍ ତାର୍ ଆର୍‌କ
ଦିନ୍ ଡାୟ୍‌ବର୍‌ମଽନ୍ ଡଙ୍ଗା ମଽରାମତ୍ କଽର୍ତା ଜଽତର୍‌ହାତି ହେଁ
ସଽମ୍‌ନ୍ଦେ ହଽବ୍‌ଲାୟ୍‌ଲାୟ୍ । 20 କଽତେକ୍ ଦିନ୍ ହଽତେକ୍ ବେଲ୍
କି ତାରା, ଜଽନ୍ ଦଽକୁ ନଽହାର୍‌ଲୁ । ଗଽଲିକେ ଗଽଲି ଜଽବର୍
ବାଉ ଅଽଉତାର୍ ଦଽକି ଅଽମିମଽନାର୍ ବଚ୍‌ତାର୍ ବଽର୍ସା ଚାଡିଦିଲୁ
। 21 ଆର୍ ବୁଟେକ୍ ଦିନ୍ ସଽବୁଲକ୍ ବୁକାର୍‌ହେଟେ ରିଲାକ୍
ପାଉଲ୍ ସେମଽନାର୍ ବିତ୍ରେ ଟିଆ ଅୟ୍ କୟ୍‌ଲା, “ବାୟ୍‌ମଽନ୍ ମର୍
କଽତା ମାନି କ୍ରିତି ତଽୟ୍ ହୁଣି ଚାଡି ନଽରିଲେକ୍ ଅଽମାର୍ ଇ
କଽସ୍ଟ ନୟ୍‌ଲିହୁଣି । 22 ଜଽନ୍‌ଅଉଅ, ଅଽବେ ମୁୟ୍ଁ ତୁମିମଽନ୍‌କେ
କଽଉଁଲେ, ସାସ୍‌ଦଽରା, କାୟ୍‌ତାକ୍‌ବଽଲେକ୍ ତୁମିମଽନାର୍ ବିତ୍ରେ
କାର୍ ଜିବନ୍ ନଽସ୍ଟ ନୟ୍ ମଽତର୍ ଡଙ୍ଗା ନଽସ୍ଟ ଅୟ୍‌ଦ୍ । 23
ମୁୟ୍ଁ ଜୁୟ୍ ଇସ୍ୱର୍‌କେ ମାନୁଲେ ତାର୍ ଗଟେକ୍ ଦୁତ୍ ଇ ରାତି
ମର୍ ଚଽମେ ଟିଆ ଅୟ୍ କୟ୍‌ଲା, 24 ଏ ପାଉଲ୍ ଡିର୍ ନାୟ୍,
କାଇସର୍ ଚଽମେ ତକ୍ ଟିଆ ଅଽଉଁକେ ଅୟ୍‌ଦ୍, ଆର୍ ତର୍ ସଽଙ୍ଗ
ଜାତା ସଽବୁ ଲକ୍‌କେ ଇସ୍ୱର୍ ତକେ ଦଽୟ୍ ଆଚେ । 25 ତଽବେ
ବାୟ୍‌ମଽନ୍ ସାସ୍‌ଦଽରା କାୟ୍‌ତାକ୍ ବଽଲେକ୍ ଇସ୍ୱର୍ ତଽୟ୍ ମର୍
ବିସ୍ୱାସ୍ ଆଚେ ଜେ, ମକ୍ ଜଽନ୍‌କଽରି କଽଉଆ ଅୟ୍‌ଆଚେ,
ସେବାନ୍ୟା ଗଽଟେଦ୍ । 26 ମଽତର୍ ଅଽମିକ୍ କୁୟ୍ ଗଟେକ୍ ଚାରି
ହାକ୍ ହାଣି ମଽଜାୟ୍ ବୁୟ୍ଁ ରିଲା ଟାଣେ ଜଽଉଁକେ ଅୟ୍‌ଦ୍ ।”
27 ଇ ରଽକମ୍ ଅଽମିମଽନ୍ ଆଦ୍ରିଆ ସଽମ୍‌ନ୍ଦେ ଏଣେ ତେଣେ
ଅଽଉଁ ଅଽଉଁ ଜଽଡେବଽଲ୍ ଚଽଉଦ ରାତି ଅୟ୍‌ଲି ସଽଡେବଽଲ୍
ଡାୟ୍‌ବର୍‌ମଽନ୍ ମଽଜାରାତି ବଽଲ୍ କୁୟ୍ ଗଟେକ୍ କଽଣ୍ଡାୟ୍ ହଚୁନ୍ଦ୍
। 28 ଇତାକ୍ ସେମଽନ୍ ହାଣିକ୍ ନାହିକଽରି ଦୁୟ୍‌କଲି ମିଟର୍
ଡେଙ୍ଗ ହାଣି ଆଚେ ବଽଲି ଜାଣ୍‌ଲାୟ୍; ଆରେକ୍ କଽଣ୍ଡେକ୍ ଆଗ୍‌ତୁ
ଜାୟ୍ ଆରେକ୍ ଗଚ୍‌ତର୍ ନାହି ତିରିସ୍ ମିଟର୍ ଡେଙ୍ଗ ହାଣି ଆଚେ
ବଽଲି ଜାଣ୍‌ଲାୟ୍; 29 କଽଡେବଽଲ୍ ଅଽମିମଽନ୍ କୁୟ୍ ଟେଲାୟ୍
ଡୁକାୟ୍ ଅଽଉଁନ୍ଦ୍, ଇ ଡିରାର୍ ଗିନେ ଡାୟ୍‌ବର୍‌ମଽନ୍ ଜାଜ୍ ହଽଚାର୍
ଚାରି ବେଲ୍‌ତ୍ ଜାଜ୍ ତେବାଉତା ଲଽଉଆ ଆକଲି ହଽକାୟ୍‌ଲାୟ୍,

ଦିନ୍ ରାତି ପାର୍ତନା କଽରିକଽରି ଜାଗିରିଲାୟ୍ । 30 ଆରେକ୍
ଡାୟ୍‌ବର୍‌ମଽନ୍ ଜାଜାର୍ ଆଗ୍‌ବାଟାର୍ ଜାଜ୍ ତେବାଉତା ଆକଳି
ହଽକାଉଁଲୁ ବଽଲି ମିଚ୍ କୟ୍ ଉହ୍ରେ ବାନ୍ଦି ରିଲାୟ୍ । ଡଙ୍ଗା ସଽମ୍‌ନ୍ଦେ
ଉତ୍ରାୟ୍ ଜାଜେ ହୁଣି ହଽଳାଉଁକ୍ ଉପାୟ୍ କଽଲାୟ୍ । 31 ପାଉଲ୍
ହାଁଞ୍ଜକଳି ସଽଇନାର୍ ବଽଡ୍ ସଽଇନ୍‌କେ ଆର୍ ସଽଇନ୍‌ମଽନ୍‌କେ
କୟ୍‌ଲା, ଇ ଡଙ୍ଗାୟ୍ ନଽରିଲେକ୍ ତୁମିମଽନ୍ ବଚୁ ନାହାରାସ୍
। 32 ସେତାକ୍ ସଽଇନ୍‌ମଽନ୍ ଡଙ୍ଗାର୍ ଡର୍‌ମଽନ୍ କାଟି ତାକେ
ହାଣାୟ୍ ହଽବ୍‌ଳାୟ୍‌ଲାୟ୍ । 33 ଆର୍ ଦିନ୍ ଆରୁମ୍ ଅଽଉତାବଽଲ୍
ପାଉଲ୍ ସେମଽନ୍‌କେ ସାସ୍ ଦଽୟ୍ କୟ୍‌ଲା, “ଆଜିକେ ଚଽଉଦ
ଦିନ୍ ଅୟ୍‌ଲି ତୁମିମଽନ୍ କାୟ୍‌ରି ନଽକାୟ୍ ବୁକେ ଆଚାସ୍ ।
34 ଇତାକ୍ କାୟ୍‌ରି କଽଣ୍ଡେକ୍ କାଉଁକେ ମୁୟ୍ଁ ତୁମିମଽନ୍‌କେ
କଽଉଁଲେ, କାୟ୍‌ତାକ୍‌ବଽଲେକ୍ ସେରି ତୁମିମଽନାର୍ ଜିବନ୍
ମୁକ୍ଳାୟ୍‌ଦ୍, ତଽବେ ତୁମାର୍ କାର୍ ମୁଣ୍ଡାର୍ ବାଲ୍ ଗଟେକ୍ ନଽସ୍ଟ
ନାୟ୍ ।” 35 ସେ ଇସଽବୁ କଽତା କୟ୍ ରୁଟି ଦଽରି ସଽବ୍‌କାର୍
ମୁଏଁ ଇସ୍ୱର୍‌କେ ଦନ୍ୟବାଦ୍ କଽରି ସେରି କାଉଁକେ ଦଽର୍ଲାୟ୍
। 36 ସେତାକ୍ ସେମଽନ୍ ସଽବୁ ସାସ୍‌ହାୟ୍ ନିଜେ ନିଜେ ହେଁ
କାୟ୍‌ଲାୟ୍ । 37 ସେତି ସେ ଡଙ୍ଗାୟ୍ ସଽବୁ ଅୟ୍ ୨୭୬ ଲକ୍ ରିଲା
। 38 ସେମଽନ୍ ହେଟ୍‌ହୁର୍ନେ କାୟ୍‌ଲା ହଽଚେ ଡଙ୍ଗାକ୍ ଉସାସ୍
କଽରୁକେ ଗଅଁକେ ସଽମନ୍ଦେ ହଽବ୍‌ଳାୟ୍‌ଲାୟ୍ । 39 ଉଜାଲ୍
ଅୟ୍‌ଲାକ୍ ସେ ଜଽଗା ସେମଽନ୍ ଚିନୁ ନଽହାୟ୍‌ଲାୟ୍, ମଽତର୍
ଡାୟ୍‌ବର୍‌ମଽନ୍ ହାଣି ବିତ୍ରାର୍ ବାଲି ଗାଦା ଚଽମାର୍ ଗଟେକ୍ କାଲ୍
ଟାଣ୍ ଦଽକି ସେତି ଡଙ୍ଗା ତେବାଉଁକ୍ ଉପାୟ୍ କଽଲାୟ୍ । 40
ଇତାକ୍ ଜାଜ୍ ତେବାଉତା ଆକଳିର୍ ଡର୍ କାଟି ସେସଽବୁକେ
ସଽମ୍‌ନ୍ଦେ ବୁଡିଜଽଉଁକ୍ ଚାଡିଦିଲାୟ୍, ଆର୍ ସଽଙ୍ଗେସଽଙ୍ଗେ ଜାଜାର୍
ପାଲ୍ ଡର୍‌ସଽବୁ ଇଟାୟ୍ ବାଉ ବାଟ୍ୟା ଆଗାର୍ ଜାଜାର୍ ପାଲ୍
ଉଡାୟ୍‌ଲାୟ୍, ତଽବେ ଜାଜ୍ ବାଉୟେ ଟେଲିଅୟ୍ କଽଣ୍ଡିବାଟ୍
ଗଽଲି । 41 ମଽତର୍ ସେମଽନ୍ ଦୁୟ୍‌ସଽମ୍‌ନ୍ଦ ମିସିରିଲା ଟାଣେ
ଜାୟ୍ ହଚ୍‌ଲାୟ୍, ଜାଜ୍ ହାଣି ବିତ୍ରାର୍ ବାଲି ଗାଦା ତଽୟ୍ ଡୁକ୍‌ଲି
ଆର୍ ଜାଜାର୍ ମୁଉଁବାଟ୍ ମୁଣ୍ଡ ଗାଡିଅୟ୍ ନଽଗୁଚ୍‌ଲି, ମଽତର୍
ହଽଚ୍ ବାଟ୍ ଉଲାଳାର୍ ଗିନେ ବାଙ୍ଗ୍‌କ୍ ଦଽର୍ଲି । 42 ସଽଡେବଽଲ୍
କଽଇଦିମଽନାର୍ ବିତ୍ରେ କେ ହଽଉଁରି ହଽଳାୟ୍ ଜାତି ଇତାର୍
ଗିନେ ସେମଽନ୍‌କେ ମାରୁକ୍ ସଽଇନ୍‌ମଽନ୍ କଽତା ଅୟ୍‌ଲାୟ୍ ।
43 ମଽତର୍ ସଽଇନାର୍ ଅଽଦିକାରି ପାଉଲାର୍ ଜିବନ୍ ରଽକ୍ୟା
କଽରୁକେ ମଽନ୍‌କଽରି ସେ କାମ୍‌କଽର୍ତା ତଽୟ୍‌ହୁଣି ମଽନାକଽଲା,
ଆରେକ୍ ଜୁୟ୍‌ମଽନ୍ ହଽଉଁରୁକ୍ ହାର୍ତି ସେମଽନ୍ ସଽମ୍‌ନ୍ଦେ ଡଽଗାୟ୍
ହଽଉଁରି ହଽଉଁରି କଽଣ୍ଡାୟ୍ ଜଽଉଅତ୍ ବଽଲି କୟ୍‌ଲା । 44
ଆରେକ୍ ବାକିଲକ୍ ବିତ୍ରେ କେକେ ହାଟା ଆର୍ କେକେ ଡଙ୍ଗାର୍
ବାଙ୍ଗ୍‌ଲା କଽଣ୍ଡମଽନ୍ ଦଽରି ଜଽଉଅତ୍, ବଽଲ୍‌ଲାକେ ଅଽନ୍‌କଽରି
ସେମଽନ୍ ସଽବୁ ଲକ୍ ଜଽତୁନେ ସଽମ୍‌ନ୍ଦ କଽଣ୍ଡାୟ୍ ହଚ୍‌ଲାୟ୍ ।

**28** ଅଽମିମଽନ୍ ରଽକ୍ୟା ହାୟ୍ ହଽଚ୍‌ଲାକେ ସେ ଜଽଗା ମିଲିତି
ଟାପୁ ବଽଲି ଜାଣ୍‌ଲୁ । 2 ଆର୍ ସେତିର୍ ଅଜିଉଦି ଲକ୍‌ମଽନ୍
ଅଽମିକ୍ ବଽଡେ ଦଽୟା ଦଽକାୟ୍‌ଲାୟ୍, କାୟ୍‌ତାକ୍‌ବଽଲେକ୍
ବଽର୍ସା ଆର୍ ସିତ୍ ଅଽଉତି ରିଲାକ୍ ସେମଽନ୍ ଜୟ୍ ଲାଗାୟ୍
ଅଽମିକ୍ ତାହୁକ୍ ଦିଲାୟ୍ । 3 ମଽତର୍ ପାଉଲ୍ ହଽଣ୍ଡେକ୍ ଜାଟି
ରୁଣ୍ଡାୟ୍ ଆଣି ଜୟେ ହଽକାୟ୍‌ଲାକ୍ ତାହାତାର୍ ଗିନେ ଗଟେକ୍
ବିସ୍ ସାହ୍ ବାରୟ୍ ପାଉଲାର୍ ଆତେ ଚାବି ଅଳାୟ୍ ଅୟ୍‌ରିଲି । 4
ସେତି ଲକ୍‌ମଽନ୍ ତାର୍ ଆତେ ସେ ସାହ୍‌କେ ଅଳାୟ୍ ଅୟ୍‌ରିଲାର୍
ଦଽକି, ତାକାର୍ ତାକାର୍ ବିତ୍ରେ କଽଉଆକଇ ଅୟ୍‌ଲାୟ୍, “ଇ
ବିଦେସିଆ ଲକ୍ ବାୟ୍‌ଦ୍‌ରେ ହଽତ୍ୟାକାରି, ସଽମ୍‌ନ୍ଦେ ହୁଣି ରଽକ୍ୟା
ହାୟ୍‌ଲାକ୍ ହେଁ ଦଽର୍ମ୍ ଆକ୍ ଜିବନ୍ ରେଉଁକେ ନଽଦେଉଁଲି ।” 5
ମଽତର୍ ପାଉଲ୍ ସେ ସାହ୍‌କେ ଉର୍ଲି ଜୟେ ହଽକାୟ୍‌ଲା, ଆର୍
ତାର୍ କାୟ୍‌ହେଁ ନୟ୍‌ଲି । 6 ସେ ହୁଲି ଜାୟ୍‌ଦ୍ କି ତଽତ୍‌କାଣ୍
ମଽରେଦ୍ ବଽଲି ଦଽକ୍ତି ରିଲାୟ୍, ମଽତର୍ ବୁତେକ୍ ବେଲ୍ ହଽତେକ୍
ଦଽକ୍‌ଲା ହଽଚେ ହେଁ ତାର୍ କାୟ୍‌ନୟ୍‌ଲି, ଇରି ଦଽକି ସେମଽନ୍
କଽଉଆକଇ ଅୟ୍‌ଲାୟ୍, “ଏ ଗଟେକ୍ ମାପ୍ରୁ ।” 7 ସେ ଜଽଗାର୍
ଚଽମେ ପୁବ୍‌ଲିଆ ନାଉଁଆର୍ ଗଟେକ୍ ମୁଳିକା ଲକାର୍ ବୁୟ୍ଁ ଆର୍
ଗଽର୍ ରିଲି, ଅଽମିକ୍ କୁଦି ତିନିଦିନ୍ ହଽତେକ୍ ତାର୍ ଗଽରେ
ରେଉଁକ୍ ଦିଲା ଆର୍ ଜଽତୁନ୍ କଽଲା । 8 ସଽଡେବଽଲ୍ ପୁବ୍‌ଲିଆର୍
ଉବାସି ଜଽର୍ ଆର୍ ବଽନ୍ଦାଲ୍ ଗିନେ ସୟ୍‌ରିଲା । ଆର୍ ପାଉଲ୍
ବିତ୍ରେ ଜାୟ୍ ପାର୍ତ୍‌ନା କଽଲା ଆର୍ ତାର୍ ଉହ୍ରେ ଆତ୍ ସଽଙ୍ଗାୟ୍
ତାକେ ଉଜ୍ କଽଲା । 9 ଇ ଗଽଟ୍‌ଣା ହଽଚେ ସେ ମିଲ୍‌ତିର୍ ସଽବୁ
ରଗିମଽନ୍ ଆସି ଉଜ୍ ଅୟ୍‌ଲାୟ୍ । 10 ସେମଽନ୍ ହେଁ ଆମିମଽନ୍‌କେ
ବଽଳେ ମାନ୍‌ତି କଽଲାୟ୍, ଅଽମି ଜଽଉଁକେ ବାରାଉତା ବଽଡେ
ଅଽମାର୍ ଦଽର୍‌କାର୍ ଆସ୍ତିବାଡି ମଽନ୍‌ହେଁ ଦିଲାୟ୍ । 11 ତିନିମାସ୍
ହଽଚେ ଅଽମିମଽନ୍ ଗଟେକ୍ ଆଲେକ୍‌ଜେଣ୍ଡ୍ରିଆର୍ ଜାଜେ ଚଽଗି
ଜଽଉଁକେ ଦଽର୍ଲୁ, ସେ ଡଙ୍ଗା ଇ ଜଽଗାୟ୍ ସିତ୍ କାଲ୍ ରିଲି, ତାର୍
ଚିନ୍ ଅୟ୍‌ଲି ଜଳା ମାପ୍ରୁ । 12 ସୁରାକୁସ୍ ଗଽଳେ ହଚ୍‌ଲୁ, ସେତି
ଅଽମିମଽନ୍ ତିନିଦିନ୍ ରିଲୁ । 13 ଆରେକ୍ ସେତି ହୁଣି ଜାଜେ ଜାୟ୍
ରେଗିଅ ତଽୟ୍ ହଚ୍‌ଲୁ ଦୁୟ୍ ଦିନାର୍ ହଽଚେ ଉତୁର୍ ଦିଗ୍ ବାଟ୍ୟାର୍
ବାଉ ଆୟ୍‌ଲାକ୍ ଆରେକ୍ ଗଟ୍ ଦିନ୍ ପୁତେଅଲିକେ ଆୟ୍‌ଲୁ । 14
ସେ ଟାଣେ ଅଽମିମଽନ୍ କ୍ରିସ୍ଟାନ୍ ବିସ୍ୱାସି ବାୟ୍‌ମଽନ୍‌କେ ବେଟ୍
ଅୟ୍‌ଲୁ, ଆର୍ ସେମଽନାର୍ ସଽଙ୍ଗ ଆଟ୍‌ଦିନ୍ ରେଉଁକ୍ ସେମଽନ୍
ଅଽମିକ୍ ଗଽଉଆରି କଽଲାୟ୍, ଅଽନ୍‌କଽରି ଅଽମିମଽନ୍ ରମ୍
ହଚ୍‌ଲୁ । 15 ଅଽମାର୍ କବୁର୍ ସୁଣି ରମ୍ ତଽୟ୍‌ର୍ ବିସ୍ୱାସି ବାୟ୍
ବେଣିମଽନ୍ ଅଽମିକ୍ ଅପିଅର୍ ଆଟ୍, ଆର୍ ତିନି ସରାୟ୍ ଗଽର୍
ହଽତେକ୍ ଅଽମିକ୍ ବେଟ୍ ଅଽଉଁକେ ଆୟ୍‌ଲାୟ୍, ଆରେକ୍ ପାଉଲ୍
ସେମଽନ୍‌କେ ଦଽକି ଇସ୍ୱର୍‌କେ ଜୁଆର୍ କଽରି ସାସ୍ ହାୟ୍‌ଲା ।
16 ଆର୍ ଅଽମିମଽନ୍ ରମ୍ ତଽୟ୍ ହଚ୍‌ଲାକ୍ ପାଉଲ୍‌କେ ଜାଗ୍‌ତା
ସଽଇନ୍‌ମଽନ୍ ସଽଙ୍ଗେ ଅଽଲ୍‌ଗା ତଽୟ୍ ରେଉଁକ୍ ଦିଆ ଅୟ୍‌ଲି
। 17 ତିନିଦିନ୍ ଗଽଲାକେ ପାଉଲ୍ ଜିଉଦିମଽନାର୍ ବଽଡ୍‌ବଽଡ୍
ଲକ୍‌କେ କୁଦ୍‌ଲା ଆର୍ ସେମଽନ୍ ରୁଣ୍ଡଲାକ୍, ପାଉଲ୍ ସେମଽନ୍‌କେ
କୟ୍‌ଲା, “ଏ ଇସ୍ରାଏଲାର୍ ବାୟ୍‌ବେଣିମଽନ୍, ଅୟ୍‌ଲେକ୍ ହେଁ ମୁୟ୍ଁ

ନିଜାର୍ ଲକ୍ ବିରଦେ କି ଅଃମାର୍ ଦାଦିବାବୁର୍ ରିତିବିଦି ବିରଦେ
କାୟ୍‌ରି ନଃକେରି, ଅୟ୍‌ଲେକ୍ ହେଁ ଜିରୁସାଲମ୍ ତଃୟ୍‌ହୁଣି
ରମିୟ୍‌ସମଃନାର୍ ଆତେ ସଃହିଅୟ୍‌ଲେ । 18 ସେମଃନ୍ ମର୍
ବିଚାର୍ କଃରି ମକେ ହଃଚାର୍ଲା ହଃଚେ ମର୍ ତଃୟ୍ ମଃର୍ନ୍ ଦଃଣ୍ଡର୍
କାୟ୍ ଦଃସ୍ ନଃରିଲାକ୍ ମକ୍ ଚାଡି ଦେଉଁକ୍ ମଃନ୍ କଃର୍ତି ରିଲାୟ୍
। 19 ମଃତର୍ ଜିଉଦିମଃନ୍ ମକ୍ ଚାଡ୍‌ତା କଃତାର୍ ବିରଦେ
କୟ୍‌ଲାକ୍ ମୁୟ୍ଁ କାଇସର୍ ଚଃମେ ବିଚାର୍ ଅଃଉଁକେ ଗଃଉଆରି
କଃଲେ, ମର୍ ନିଜାର୍ ଜାତି ବିରଦେ କାୟ୍ କଃତା ନଃରିଲି, ସେରି
ନାୟ୍ । 20 ସେତାର୍‌ଗିନେ ଇ ବିସୟେ ମୁୟ୍ଁ ତୁମିମଃନ୍‌କେ ମର୍
ସଃଙ୍ଗ୍ ବେଟ୍ ଅୟ୍ କଃତାବାର୍ତା କଃରୁକେ ଗଃଉଆରି କଃଲେ,
କାୟ୍‌ତାକ୍‌ବଃଲେକ୍ ଇସ୍ରାଏଲାର୍ ବଃର୍ସା ଗିନେ ମୁୟ୍ଁ ଇ ସିକ୍ଲାୟ୍
ବାନ୍ଦାୟ୍ ଅୟ୍ ଆଚି ।” 21 ସେତାକ୍ ସେମଃନ୍ ତାକେ କୟ୍‌ଲାୟ୍,
“ତର୍ କଃତା ଜିଉଦା ଦେସେ ହୁଣି ଅଃମିମଃନ୍ କାୟ୍ ଚିଟି
ନଃହାଉଁ, କି ବାୟ୍‌ମଃନାର୍ ବିତ୍ରେ କେ ଇତି ଆସି ତର୍ କଃତା
କାୟ୍ କଃରାବ୍ କବୁର୍ ନଃଦେତି କି ନଃକଃଉତି । 22 ମଃତର୍
ତର୍ ବାବ୍ କାୟ୍‌ରି ସେରି ଅଃମିମଃନ୍ ତର୍ ତଃୟ୍‌ହୁଣି ସୁଣୁକ୍
ମଃନ୍‌କଃରୁଲୁ, କାୟ୍‌ତାକ୍‌ବଃଲେକ୍ ଇ ଦଃଲ୍ ବିରଦେ କଃତା
କଃଉଁଲାୟ୍ ବଃଲି ଅଃମି ଜାଣୁ, ସଃବୁ ହାକ୍ ତର୍ ଦଃଲ୍ ବିରଦେ
କଃତାକ୍ ଅଃଉଁଲାୟ୍ ।” 23 ଇତାକ୍ ସେମଃନ୍ ତାର୍ ସଃଙ୍ଗ୍
ଗଟେକ୍ ଦିନ୍ ଟିକ୍‌କଃରି, ବୁତେକ୍ ଲକ୍ ତାର୍ ବାସାୟ୍ ଆୟ୍‌ଲାୟ୍
ଆର୍ ସେ ସଃକାଲ୍ ହୁଣି ସଃଞ୍ଜ ହଃତେକ୍ ସେମଃନାର୍ ସଃଙ୍ଗ୍
କଃତାଅୟ୍ ଇସ୍ୱରାର୍ ରାଇଜାର୍ ବିସୟେ ସାକି ଦିଲା, ଆରେକ୍
ମସାର୍ ବିଦି ଆରେକ୍ ବାବ୍‌ବାଦିମଃନାର୍ ସାସ୍ତର୍‌କେ ଦଃରି ଜିସୁର୍
କଃତା ସେମଃନ୍‌କେ ବିସ୍ୱାସ୍ କଃରାଉଁକ୍ କୟ୍‌ଲା । 24 ସେତାକ୍
କେକେ କୟ୍‌ଲା କଃତାକ୍ ବିସ୍ୱାସ୍‌କଃଲାୟ୍ ମଃତର୍ କେକେ ସଃତ୍
ନଃକେଲାୟ୍ । 25 ଆରେକ୍ ସେମଃନାର୍ ବିତ୍ରେ ଗଟେକ୍ ମଃନ୍
ନୟ୍‌ଲାକ୍ ସେତି ହୁଣି ଗଃଲାୟ୍ । ସେମଃନ୍ ଜାତାବଃଲ୍ ପାଉଲ୍
ଗଟେକ୍ କଃତା କୟ୍‌ଲା, “ତୁମିମଃନାର୍ ଦାଦିବାବୁମଃନ୍‌କେ
ବାବ୍‌ବାଦି ଜିସାୟ୍ ହୁଣି ପବିତ୍ର ଆତ୍ମା ସଃତ୍ କୟ୍ ଆଚେ ।” 26
ସେ କୟ୍‌ଆଚେ ଇ ଲକ୍‌ମଃନାର୍ ତଃୟ୍ ଜାୟ୍ କଃଉଆ, ତୁମିମଃନ୍
ସୁଣୁସୁଣୁ ସୁଣାସ୍, ମଃତର୍ ନଃବୁଜାସ୍, ଆରେକ୍ ଦଃକୁଦଃକୁ
ଦଃକାସ୍ ମଃତର୍ ଦଃକୁ ନଃହାରାସ୍ । 27 କାୟ୍‌ତାକ୍‌ବଃଲେକ୍ ଇ
ଲକ୍‌ମଃନ୍ ଅଃବୁଜ୍ୟା, ସେମଃନ୍ କାନେ କଃସ୍ଟେ ସୁଣ୍‌ଲାୟ୍, ଆର୍
ଅଃହ୍‌ଣାର୍ ଆକି ଲୁମଃଲାୟ୍, ଜଃନ୍‌କଃରି ସେମଃନ୍ ଆକାୟ୍
ନଃଦେକ୍‌ତି, ଆର୍ କାନେ ନଃସୁଣ୍‌ତି, ଆର୍ ଗଃର୍ବେ ନଃବୁଜ୍‌ତି,
ଆରେକ୍ ବାଉଳିନାସ୍ତି, ଆର୍ ଅଃମି ସେମଃନ୍‌କେ ଉଜ୍ ନଃକେରୁ ।
28 ସଃରାସଃରି ଇସ୍ୱରାର୍ ଇ ମୁକ୍ତି କଃର୍ତାର୍ ଅଜିଉଦି ଲକ୍‌ମଃନାର୍
ତଃୟ୍ ହଃଟାଅୟ୍‌ଆଚେ “ତୁମିମଃନ୍ ଇତି ଜାଣା, ସେମଃନ୍
ହେଁ ସୁଣ୍‌ତି ।” 29 ଆର୍ ପାଉଲ ଇ ସଃବୁ କଃତା କୟ୍‌ଲାକ୍
ଜିଉଦିମଃନ୍ ଅଃହ୍‌ଣା ଅଃହ୍‌ଣାର୍ ବିତ୍ରେ କଃଉଆକଇ ଅୟ୍
ହଃଲାୟ୍‌ଲାୟ୍ । 30 ପାଉଲ୍ ଗଟେକ୍ ଗଃର୍‌ବାଳା କଃରି ଦୁୟ୍
ବଃର୍ସ୍ ହଃତେକ୍ ରିଲା ଆର୍ ତାକେ ଦଃକୁକେ ଆସ୍ତି ରିଲା ସଃବୁ
ଲକ୍‌ମଃନ୍‌କେ ସଃର୍ଦାୟ୍ କୁଦ୍‌ତିରିଲା । 31 ସାସ୍ ସଃଙ୍ଗ୍ ଆର୍
କାକେ ନଃଡିରିକଃରି ଇସ୍ୱରାର୍ ରାଇଜ୍ ବିସୟେ ପର୍ଚାର୍ କଃରି,
ମାପ୍ରୁ ଜିସୁ କ୍ରିସ୍ଟର୍ ବିସୟେ ସିକ୍ୟା ଦେତି ରିଲା ।

# ରମିୟ୍

1 ପାଉଲ୍, କ୍ରିସ୍ଟ ଜିସୁର୍ ଗତିଦଃଙ୍ଗ୍ଲା ଆର୍ କୁଦ୍ଲାର୍ ଗଟ୍
ପେରିତ୍, ଆର୍ ଅଃହ୍ଣାର୍ ହୟ୍ସି ଅଃମାର୍ ମାପ୍ରୁ ଜିସୁ କ୍ରିସ୍ଟର୍
ବିସୟେ ନିଜାର୍ ଜୁୟ୍ ନିକ କବୁର୍ ଦଃର୍ମସାସ୍ତ୍ରରେ ଅଃହ୍ଣାର୍
ବାବ୍ବାଦି ମଃନ୍କାର୍ ତଃୟ୍ ହୁର୍ବେ ସଃୟ୍ତ୍ କଃରିରିଲା, ସେ
ନିକ କବୁର୍ । 2 ଦର୍ମ୍ ସାସ୍ତ୍ରର୍ ତଃୟ୍ଁ ଜୁୟ୍ ତାର୍ ପବିତ୍ର ବାବ୍ବାଦି
ମଃନ୍କେ ଦଃୟ୍ ନିକ କବୁର୍ ସଃୟ୍ତ୍ କଃରି ଆଚେ । 3 ସେ
ଜିସୁ କ୍ରିସ୍ଟ ଗଃଗାଲ୍ କଃତାୟ୍ ଦାଉଦାର୍ ବଃଉଁସେ ଜଃଲମ୍ । 4
ମଃତର୍ ଦଃର୍ମାର୍ ପବିତ୍ର ଆତ୍ମା ବିସୟେ ମଃଲା ଲକାର୍ ବିତ୍ରେ
ଆରେକ୍ ଉଟ୍ତାର୍ ତଃୟ୍ ଇସ୍ୱରାର୍ ହୟ୍ସି ବଃଲି ସଃକ୍ତି ସଃଙ୍ଗ
ଦଃକାୟ୍ ଅୟ୍ଲା, ସେ ଜିସୁ କ୍ରିସ୍ଟ ଅଃମାର୍ ମାପ୍ରୁ । 5 ଆର୍ ସଃବୁ
ଅଜିଉଦି ଲକ୍ମଃନାର୍ ବିତ୍ରେ ତୁମିମଃନ୍ ଜିସୁ କ୍ରିସ୍ଟର୍ ଦଃୟ୍ାୟ୍
ସଃତ୍ ପେରିତ୍ ଅୟ୍ ଆଚାସ୍ । 6 ତାର୍ ନାଉଁଆର୍ ଜଃଜ୍ମାନାର୍
ଗିନେ ସେ ଅଜିଉଦିମଃନ୍ ସଃବୁ ଜଃନ୍କଃରି ବିସ୍ୱାସ୍ କଃରି ଜିସୁ
କ୍ରିସ୍ଟର୍ ବଲ୍ ମାନୁକାର୍ ଅଃଉତି, ଇତାର୍ ଗିନେ ଅଃମିମଃନ୍
ତାର୍ ତଃୟ୍ ହୁଣି ଦଃୟ୍ା ଆର୍ ପେରିତ୍ ହଃଦ୍ ଦଃୟ୍ଆଚେ
। 7 ଆର୍ ଇସ୍ୱରାର୍ ଲାଡାର୍ ରମ୍ଗଃଳେ ରିଲା ତାର୍ ନିଜାର୍
ହୟ୍ସି ଅଃଉଁକେ ଡାକ୍ ହାୟ୍ ଆୟ୍ଲା ସଃବ୍କେ ଲେକୁଲେ ।
ଅଃମିମଃନାର୍ ଉବା ଇସ୍ୱର୍ ଆର୍ ମାପ୍ରୁ ଜିସୁ କ୍ରିସ୍ଟର୍ ତଃୟ୍ହୁଣି
ଦଃୟ୍ା ଆର୍ ସୁସ୍ତା ତୁମିମଃନ୍କେ ଅଃଉଆ । 8 ହଃର୍ତୁ ତୁମାର୍
ସଃବାର୍ ଗିନେ ମାପ୍ରୁ ଜିସୁ କ୍ରିସ୍ଟର୍ ନାଉଁଏ ମୁୟ୍ଁ ଇସ୍ୱର୍କେ
ଦନ୍ୟବାଦ୍ ଦେଉଁଲେ ବଃଲେକ୍ ତୁମିମଃନାର୍ ବିସ୍ୱାସାର୍ ନିକ
କବୁର୍ ହୁର୍ତିୟେ ସୁଣାଜଃଉଁଲି । 9 ମଃନ୍ ଆତ୍ମା ଦଃୟ୍କଃରି ମୁୟ୍ଁ
ଜୁୟ୍ ଇସ୍ୱର୍କେ ସେବା କଃରୁଲେ, ଆର୍ ଜୁୟ୍ ଇସ୍ୱରାର୍ ହୟ୍ସିର୍
ବିସୟେ ନିକ କବୁର୍ ପର୍ଚାର୍ କଃରୁଲେ, ସେ ସଃତ୍ ଇସ୍ୱର୍ ମର୍
ସାକି । 10 ପାର୍ତ୍ନା କଃର୍ତାବଃଲ୍ ମୁୟ୍ଁ ସଃବୁବଃଲ୍ ତୁମିମଃନ୍କେ
ଏତାଉଁଲେ, ଆର୍ ତୁମିମଃନାର୍ ହାକ୍ ଆସ୍ତାର୍ ଗିନେ ମକ୍ ସୁଜଗ୍
ମିଳ ବଃଲି ଇସ୍ୱରାର୍ ତଃୟ୍ ଗଃଉଆରି କଃରି ଆସୁଲେ । 11
ତୁମିମଃନାର୍ ହାକ୍ ଆସି, ମୁୟ୍ଁ ହାୟ୍ରିଲା ଆତ୍ମିକ୍ ଦାନ୍ ବିସୟ୍
ତୁମିମଃନ୍କେ ଜାଣାୟ୍ କଃରି ତୁମିମଃନାର୍ ବିସ୍ୱାସ୍କେ ଅଃଟୁଆ
କଃରିନ୍କ, ଇରି ମର୍ ବଃଡେ ମଃନ୍ । 12 ଇତାର୍ ଗିନେ ଅଃମି
ଏକ୍ଆରେକାର୍ ବିସ୍ୱାସ୍କେ ଅଃଟୁଆ କଃରୁ ହାରୁଆଁ । 13 ଏ
ବାୟ୍ବେଣିମଃନ୍ ତୁମିମଃନାର୍ ହାକ୍ ଜଃଉଁକେ ମୁୟ୍ଁ ଅଃନେକ୍
ତର୍ ମଃନ୍ କଃରି ଆଚି, ମଃତର୍ ବାଦା ହାୟ୍କଃରି ଅଃବେ
ହଃଚେ ଆସୁକ୍ ନଃହାର୍ଲେ ଆଚି । ବାକି ଅଜିଉଦିମଃନାର୍ ବିତ୍ରେ
ପର୍ଚାର୍ କଃରି ଜଃନ୍କଃରି ନିକ ହଃଲ୍ ହାୟ୍ଆଚି, ତୁମିମଃନାର୍
ବିତ୍ରେ ହେଁ ସେରି କଃରୁକେ ମର୍ ମଃନ୍ । 14 ଗ୍ରିକ୍ କି ବିଦେସିଆ
ସିକିତ୍ କି ଅସିକିତ୍ ସଃବାର୍ ତଃୟ୍ ମୁୟ୍ଁ ରିଣ୍ୟା ଅୟ୍ ଆଚି । 15
ତଃବେ ରମ୍ ଗଃଳାର୍ ଲକମଃନ୍ ଜେ ତୁମିମଃନ୍, ତୁମିମଃନାର୍
ତଃୟ୍ ହେଁ ନିକ କବୁର୍ ପର୍ଚାର୍ କଃରୁକେ ମୁୟ୍ଁ ମଃନ୍ କଃରୁଲେ ।
16 ସେ ନିକ କବୁର୍ ଉହ୍ରେ ମର୍ ହୁରା ବିସ୍ୱାସ୍ ଆଚେ । ସେରି
ହଃର୍ତୁକଃରି ଜିଉଦି ଆର୍ ତାର୍ ହଃଚେ ଅଜିଉଦି ବିସ୍ୱାସିମଃନାର୍
ମୁକ୍ତି ସାଦୁନ୍ ହାଁୟ୍ ଇସ୍ୱରାର୍ ସଃକ୍ତି । 17 ନଃର୍ମାନାୟ୍ ଇସ୍ୱରାର୍
ତଃୟ୍ କଃନ୍କଃରି ଦଃର୍ମି ଗଃଣା ଅଃଉଁ ହାରେଦ୍, ଇତିର୍ ଉପାୟ୍
ସେତି ଜାଣାୟ୍ ଦିଆଅୟ୍ ଆଚେ । ଆରୁମେ ହୁଣି ସେସ୍ ହଃତେକ୍
ମୁକ୍ତି ହାଉତାର୍ ଗଟେକ୍ ମଃତର୍ ଉପାୟ୍ ଅଃଉଁଲି, ବିସ୍ୱାସ୍ ।
ସାସ୍ତ୍ରର୍ ହଃର୍କାରେ, "ଜେ ବିସ୍ୱାସ୍ ଗିନେ ଇସ୍ୱରାର୍ ତଃୟ୍ ଦଃର୍ମି
ଗଃଣା ଅୟ୍ଦ୍ ସେ ବଚେଦ୍ ।" 18 କାୟ୍ତାକ୍ବଃଲେକ୍ ଜୁୟ୍
ଲକ୍ମଃନ୍ ଅଃଦଃର୍ମେ ସଃତ୍କେ ବିରଦ୍ କଃର୍ତି ସେମଃନାର୍ ସବୁ
ବିଟାଲ୍ ଆର୍ ଅଃଦଃର୍ମ୍ ବିରଦେ ସଃର୍ଗେ ହୁଣି ଇସ୍ୱରାର୍ ରିସା
ସେମଃନାର୍ ଉହ୍ରେ ହଃଲୁଲି । 19 ଇସ୍ୱର୍ ସେମଃନ୍କେ ଡଃଣ୍ଡ
ଦଃୟ୍ଦ୍, ବଃଲେକ୍ ଇସ୍ୱରାର୍ ବିସୟେ ଜାୟ୍ରି ଜାଣ୍ତାର୍ କଃତା,
ସେମଃନ୍ ସେରି ଜାଣି ଆଚ୍ତି, ଇସ୍ୱର୍ ନିଜେ ସେରି ନିକକଃରି
ଜାଣାଇ ଆଚେ । 20 ଇସ୍ୱର୍ ଜଃଗତ୍କେ ଉବ୍ଜାଣ୍ କଃଲା
ତଃୟ୍ହୁଣି ତାର୍ ଦଃକାୟ୍ ନଃଉତା ଗୁଣ୍ ସଃବୁ, ବଃଲେକ୍ ତାର୍
ନଃସେର୍ତା ସଃକ୍ତି ଆର୍ ଇସ୍ୱରାର୍ ଗୁଣ୍ ନିକକଃରି ଜାଣାହଃଳି
ଆଚେ, ଇସ୍ୱର୍ ଉବ୍ଜାୟ୍ଲା ବିସୟ୍ମଃନାର୍ ଦଃୟ୍ ସେରି ଜାଣୁ
ଅୟ୍ଦ୍ । ତଃବେ ସେମଃନ୍ ନଃଜାଣୁ ବଃଲି ଉତୁର୍ ଦେଉଁକେ
ବାଟ୍ ନଃରେୟ୍ । (aïdios g126) 21 କାୟ୍ତାକ୍ବଃଲେକ୍ ସେମଃନ୍
ଇସ୍ୱର୍କେ ଜାଣ୍ଲେକ୍ ହେଁ ତାକେ ଇସ୍ୱର୍ ବଃଲି ଜଃଜ୍ମାନ୍
ନଃକେଲାୟ୍ କି ଦନ୍ୟବାଦ୍ ନଃକେଲାୟ୍, ମଃତର୍ ଅଃହ୍ଣା
ଅଃହ୍ଣାର୍ ତିନିହଲ୍ୟା କଃତାବାର୍ତାୟ୍ ବିଲ୍ଲାୟ୍ ଆର୍ ସେମଃନାର୍
ନଃଜାଣ୍ତା ମଃନ୍ ଅଃନ୍ଦାର୍ ଅୟ୍ଲି । 22 ସେମଃନ୍ ନିଜ୍କେ ଗ୍ୟାନି
ବଃଲି ମଃନେ ବାବ୍ତି ମଃତର୍ ସଃତ୍କଃରି ସେମଃନ୍ ଅଗ୍ୟାନି
। 23 ଆରେକ୍ ଅଃମାର୍ ଇସ୍ୱରାର୍ ସେବା ନଃକେରି ସେମଃନ୍
ନଃସ୍ଟ ଅଃଉତା ମାନାୟ୍, ଚେଳେ, ଚାରିଗଡିଆ ଜଃତୁ ବୁୟେଁ
ରାଙ୍ଗତା ଜିବ୍ମଃନାର୍ ହର୍ ମୁର୍ତି ହାଜି ସେରିମଃନ୍କେ ଜଃଜ୍ମାନ୍
ସଃଙ୍ଗ ହୁଜା କଃରୁଲାୟ୍ । 24 ସେତାକ୍ ଇସ୍ୱର୍ ସେମଃନ୍କେ
ଚାଡି ଦଃୟ୍ ଆଚେ ଆର୍ ସେମଃନ୍ ନିଜାର୍ ନିଜାର୍ ମଃନ୍ ବିତ୍ରାର୍
କଃରାବ୍ ଇଚା ହଃର୍କାରେ ବିଟାଲ୍ କାମେ ବୁଡି ରେଉଁଲାୟ୍
ଆର୍ ସେମଃନ୍ ଏକ୍ଆରେକ୍ ସଃଙ୍ଗ ଗଃଗାଳାର୍ ଲାଜ୍ କାମ୍
କଃରୁଲାୟ୍ । 25 ସେମଃନ୍ ଇସ୍ୱରାର୍ ବିସୟେ ସଃତ୍ ବାଦୁଲେ
ମିଚ୍କେ ଆସ୍ର ନଃୟ୍ ଆଚ୍ତି । ଜୁଗ୍ଜୁଗ୍ ଜଃଜ୍ମାନ୍ ହାଉତା
ଇସ୍ୱର୍କେ ସେବା ନଃକେରି, ଇସ୍ୱର୍ ତିଆର୍କଃଲା ଆସ୍ତିମଃନାର୍
ହୁଜା ଆର୍ ସେବା କଃରୁଲାୟ୍; ସେ ଇସ୍ୱରାର୍ ଜୁଗେଜୁଗେ
ଜଃଜ୍ମାନ୍ ଅଃଉଅ । ଆମେନ୍ । (aiōn g165) 26 ସେମଃନ୍
ଲାଜାର୍ ହାହ୍ କାମେ ଲାଗି ଆଚ୍ତାର୍ ଗିନେ ଇସ୍ୱର୍ ସେମଃନ୍କେ
ସେ ଲାଜାର୍ କାମ୍ କଃରୁକେ ଚାଡିଦିଲା ଆଚେ, ସେମଃନାର୍
ଡକୁର୍ସିମଃନ୍ ନିଜାର୍ ଡକ୍ରାସିମଃନାର୍ ସଃଙ୍ଗ ସଃଉଆବଃସା
ନଃକେରି ହସୁମଃନାର୍ ହର୍ ଅଃଉଁଲାୟ୍ । 27 ଅଃଣ୍ଡାମଃନ୍
ହେଁ ତାକାର୍ ଡକୁର୍ସି ମଃନାର୍ ସଃଙ୍ଗ ସଃଉଆବଃସା ନଃକେରି

ହସୁମଽନାର୍ ହର୍ ଅଽଉଁଲାୟ୍ ଅଽଣ୍ଟାମଽନ୍ ତାକାର୍ ତାକାର୍
ବିତ୍ରେ କଽରାବ୍ କାମ୍‌ସଽବୁ କଽରୁଲାୟ୍ ଆର୍ ତାକାର୍ ଉହ୍ରେ
ଡଽଣ୍ଡ ଆଣୁଲାୟ୍ । 28 ଇ ଲକ୍‌ମଽନ୍ ଇସ୍ୱରାର୍ ବିସୟେ ସଽତ୍
ଗିଆନ୍ ହାଉଁକ୍ ମଽନ୍ ନଽକେଲାର୍ ଗିନେ, ଇସ୍ୱର୍ ସେମଽନ୍‌କେ
ଚାଡି ଦିଲାଆଚେ ଆର୍ ସେମଽନ୍ ବିଟାଲ୍‌ମଽନାର୍ ଲକ୍ ଅୟ୍
ମାନାୟ୍ ମଽନାର୍ ହର୍ ଜିବନ୍ ନଽକାଟୁଲାୟ୍ । 29 ସେମଽନ୍
ସଽବୁ ରଽକମାର୍ ଅଽଦଽର୍ମ୍, ଦୁସ୍ଟକାମ୍, ଲଽବ୍, ଡାରା, ଅଽକାର୍
ନଽର୍‌ଅଽତ୍ୟା, ଗଽଣ୍ଡଗଲ୍ୟା, ଟକୁଆ, ମଽନ୍ଦକାମେ ହୁର୍ନ୍ ସେମଽନ୍
ବିନ୍ ଲକାର୍ ଗାଣେଞ୍ଜୁ କାତି; 30 ସେମଽନ୍ ଚଣ୍ଡିଲାଗାଉ,
ଲିନ୍ଦ୍ରା କଽର୍ତି, ସେମଽନ୍ ଇସ୍ୱର୍‌କେ ଗିଣ୍ କଽର୍ତି, ଅଽତ୍ୟାକାରି,
ଗଽର୍ବିଆ, ଆକାରିଆ ଆର୍ ସେମଽନ୍ କଽରାବ୍ କାମ୍ କଽର୍ତା ଗିନେ
ବାଟ୍ କଜ୍‌ତି ରେତି ଆର୍ ସେମଽନ୍ ଆୟ୍ବା ଉବାକେ ନଽମାନ୍‌ତି
। 31 ସେମଽନ୍ ନିର୍ବୁଦିଆ, ଜଽବାଉ ରକିନଽକେର୍‌ତି, ଆର୍
ବିନ୍ ଲକ୍‌ମଽନ୍‌କେ ସେମଽନାର୍ କଽଣ୍ଡେକ୍ ହେଁ ଦଽୟା ନାୟ୍,
32 ସେମଽନ୍ ଜାଣ୍‌ତି ଜେ, ଇସ୍ୱରାର୍ ବିଦି ହଽର୍କାରେ ଇହର୍
ଲକ୍‌ମଽନ୍ ମଽର୍ନ୍ ଡଽଣ୍ଡ ହାଉତା ଜୟ୍‌ଗ୍ । ଇରି ଜାଣିକଽରି ହେଁ
ସେମଽନ୍ ସେ ରଽକମ୍ କଽରାବ୍ କାମ୍ କଽର୍ତିସେ ରେତି ଆର୍
ଜୁୟ୍ ଲକ୍‌ମଽନ୍ ଇ ରଽକମ୍ କାମ୍ କଽର୍ତି ସେମଽନ୍‌କେ ହେଁ ଟେକି
ଦେତି ।

**2** ଏ ମାନାୟ୍ ତୁମିମଽନ୍ କାୟ୍‌ରି ବିନ୍ ଲକ୍‌ମଽନାର୍ ବିଚାର୍
କଽରୁଲାସ୍? ତୁମି ଜୁୟ୍‌ଲକ୍ ଅୟ୍‌ଲେକ୍ ହେଁ, ଇରି କଽର୍ତାର୍
ତୁମାର୍ ହାଁୟ୍ ଟିକ୍ ନୟ୍ । ବିନ୍ ଲକାର୍ ଦଽସ୍ ଦଽରି ତୁମି
ଜଦି ସେରି କଽର୍ତି ରିଆସ୍, ସେତାର୍ ଗିନେ ତୁମି ନିଜ୍‌କେ ଦସି
କଽରୁଲାସ୍ । 2 ଅଽମି ଜାଣ୍‌ଲୁ, ଇସ୍ୱର୍ ଇ ହର୍ କାମ୍ କଽର୍ତା
ଲକ୍‌ମଽନାର୍ ସଽତ୍ ବିଚାର୍ କଽରେଦ୍ । 3 ଜୁୟ୍ କଽରାବ୍ କାମ୍
ଗିନେ ତୁମି ବିନ୍‌ଲକ୍‌ମଽନ୍‌କେ ଦସି କଽରୁଲାସ୍, ସେରି ଜଦି
ତୁମି ନିଜେ କଽର୍ତିରିଆସ୍ ତୁମି ଇସ୍ୱରାର୍ ବିଚାର୍ ତଽୟ୍ ହୁଣି
ରଽକ୍ୟା ହାଉଁ ହାରାସ୍ ବଽଲି କାୟ୍ ମଽନେ ବାବୁଲାସ୍? 4 ଅଽଉଁ
ହାରେ ତୁମି ଇସ୍ୱରାର୍ ନଽସେର୍ତା ଦଽୟା ଆର୍ ସଽମ୍ବାଲ୍‌ତାର୍
ନଽଜାଣୁଲାସ୍ । ତୁମି ବାୟ୍‌ଦ୍‌ରେ ଜାଣି ଆଚାସ୍ ଜେ, ତୁମି ମଽନ୍
ବାଦ୍‌ଲାଉଆ ବଽଲି ଇସ୍ୱର୍ ଅଽଡେକ୍ ନିକ ଦଽୟା କଽରୁଲା
। 5 ମଽତର୍ ତୁମି ଅଽଟୁଆ ଆର୍ ନଽବାଦୁଲ୍‌ତା ମଽନାର୍ ।
ସେତାକ୍ ସେସ୍ ଦିନାର୍ ନ୍ୟାୟ୍‌ବିଚାର୍ ବଽଲ୍ ଇସ୍ୱରାର୍ ରିସାର୍
ଲକ୍ ଅୟ୍ ଅଽଦିକ୍ ଜଽବର୍ ଡଽଣ୍ଡ ହାଉଆସ୍ । 6 କାୟ୍‌ତାକ୍
ବଽଲେକ୍ ଇସ୍ୱର୍ ହଽତି ଲକେ ନିଜାର୍ ନିଜାର୍ କାମାର୍ ହଽଲ୍
ଦଽୟ୍‌ଦ୍ । 7 ଜୁୟ୍ ଲକ୍‌ମଽନ୍ ଜଽଜ୍‌ମାନ୍, ମାନ୍‌ତି ଆର୍ ଅଽମ୍ବ୍ର୍
ଜିବନ୍ ହାଉତା ଆସାୟ୍ ସଽମ୍ବାଲି କଽରି ନିକ କାମ୍ କଽରି
ଜାତି, ସେମଽନ୍‌କେ ଇସ୍ୱର୍ ଅଽମ୍ବ୍ର୍ ଜିବନ୍ ଦଽୟ୍‌ଦ୍ । (aiōnios
g166) 8 ମଽତର୍ ଜୁୟ୍ ଲକ୍‌ମଽନ୍ ନିଜାର୍ ଗିନେ ଆଚ୍‌ତି, ସଽତ୍
ବାଟ୍‌କେ ଚାଡିକଽରି, ଅଽଦଽର୍ମ୍ ବାଟେ ଜାତି । ସେମଽନାର୍
ଉହ୍ରେ ଇସ୍ୱରାର୍ ଡଽଣ୍ଡ ଗଽଟେଦ୍ । 9 ଜୁୟ୍ ଲକ୍‌ମଽନ୍ ଦୁସ୍ଟ କାମ୍
କଽରୁଲାୟ୍, ସେମଽନାର୍ ଗିନେ କଽସ୍ଟ ଆର୍ ବିସ୍‌ଜଽଲାର୍ ଦିନ୍
ଆସୁଲି । ହଽର୍ତୁ ଜିଉଦି ଆର୍ ହଽଚେ ଅଜିଉଦିମଽନାର୍ ଉହ୍ରେ
ଦୁକ୍ କଽସ୍ଟ ଗଽଟେଦ୍ । 10 ମଽତର୍ ଜୁୟ୍‌ମଽନ୍ ସଽତ୍‌କାମ୍ କଽର୍ତି
ସେମଽନ୍‌କେ ଇସ୍ୱର୍ ମାନ୍‌ତି, ଜଽଜ୍‌ମାନ୍ ଆର୍ ସୁସ୍ତା ଦଽୟ୍‌ଦ୍
। ହଽର୍ତୁ ଜିଉଦିମଽନ୍‌କେ ଆର୍ ହଽଚେ ଅଜିଉଦିମଽନ୍‌କେ ହେଁ
। 11 କାୟ୍‌ତାକ୍‌ବଽଲେକ୍ ଇସ୍ୱର୍ ସଽବ୍‌କେ ସଽମାନ୍ ବିଚାର୍
କଽରେଦ୍ । 12 ବଽଲେକ୍ ଜଽତେକ୍ ଲକ୍ ମସାର୍ ବିଦି ନୟ୍‌ଲାର୍
ଅୟ୍ ଆଚ୍‌ତି ସେ ମଽନ୍ ହେଁ ମସାର୍ ବିଦି ଚାଡ୍‌ଲା ତଽୟ୍ ନସ୍ଟ
ଅଽଉତି ଆର୍ ଜଽତେକ୍ ମସାର୍ ବିଦି ହାୟ୍ ହାହ୍ କଽରି ମାତ୍‌ତି
ସେମଽନ୍ ମସାର୍ ବିଦି ହଽର୍କାରେ ବିଚାର୍ କଽରା ଜାୟ୍‌ଦ୍ । 13
କାୟ୍‌ତାକ୍‌ବଽଲେକ୍ ମସାର୍ ବିଦି ସୁଣୁମଽନ୍ ଇସ୍ୱରାର୍ ଚଽମେ
ଦଽର୍ମି ନଽଉତି ମଽତର୍ ମସାର୍ ବିଦି ମାନୁମଽନ୍ ଦଽର୍ମି ଗଽଣା
ଅଽଉତି । 14 ଅଜିଉଦିମଽନାର୍ ମସାର୍ ବିଦି ନାୟ୍, ମଽତର୍
ଜଦି ସେମଽନ୍ ମଽନାର୍ ଗିଆନ୍ ହଽର୍କାରେ ବିଦିର୍ ବିଦିବିଦାନ୍
ହଽର୍କାରେ କାମ୍ କଽର୍ତି, ସେରି ହଽକା ସେମଽନାର୍ ମସାର୍
ବିଦି ହର୍ । 15 ସେମଽନାର୍ କାମ୍ ଦଽୟ୍ ଇରି ନିକକଽରି ଜାଣା
ହଽଲୁଲି ଜେ, ବିଦିର୍ ରିତିବିଦି ସେମଽନାର୍ ମଽନ୍‌ବିତ୍ରେ ଲେକା
ଅୟ୍‌କଽରି ଆଚେ । ଇତିର୍ ସଽତ୍ ସେମଽନାର୍ ବୁଦିକେ ଦଽୟ୍ ହେଁ
ଜାଣାହଽଲେଦ୍ ସଽତ୍ ଚିତା କଽଲାବଽଲ୍ ବୁଦିକେ ସେମଽନ୍‌କେ
ନିର୍ଦସି କଽରେଦ୍, ଅସଽତ୍ ଚିତା କଽଲାବଽଲ୍ ଦସି କଽରେଦ୍
। 16 ଜୁୟ୍ ଦିନ୍ ଇସ୍ୱର୍ ଜିସୁ କ୍ରିସ୍ଟ ଦଽୟ୍ ମାନାୟ୍‌ମଽନ୍‌କାର୍
ଗୁପ୍ତ ବିସୟ୍ ସଽବୁ ବିଚାର୍ କଽରେଦ୍, ସେ ଦିନ୍ ମୁୟ୍ଁ ପର୍ଚାର୍
କଽରୁଲା ନିକ କବୁର୍ ହଽର୍କାରେ ଇ ସଽବୁ ଗଽଟେଦ୍ । 17
ତୁମିମଽନ୍ ନିଜ୍‌କେ ଜିଉଦି ବଽଲି କଽଉଁଲାସ୍, ମସାର୍ ବିଦି ଉହ୍ରେ
ବଽର୍ସା କଽରି ଆର୍ ଇସ୍ୱର୍ ସଽଙ୍ଗ ନିଜାର୍ ମିସାଣ୍‌କେ ନଽୟ୍ ଗଽର୍ବ୍
କଽରୁଲାସ୍ । 18 ତୁମାର୍ ଗିନେ ଇସ୍ୱରାର୍ ଇଚା ଜାଣିଆଚାସ୍
ଆର୍ ମସାର୍ ବିଦି ତଽୟ୍‌ହୁଣି ସଽତ୍ ଆର୍ ଅସଽତ୍ ଗିଆନ୍
ହାୟ୍‌ଆଚାସ୍ । 19 ନିକକଽରି ତୁମିମଽନ୍ ଜାଣିଆଚାସ୍ ଜେ,
ତୁମିମଽନ୍ କାଣାକେ ବାଟ୍ ଦଽକାଉତା ଲକ୍ ଅଽନ୍ଦାରେ ରେତା
ଲକ୍ ମଽନାର୍ ଗିନେ ଉଜାଲ୍ ହର୍, 20 ନିର୍ବୁଦିଆ ଲକ୍‌ମଽନାର୍
ଉପ୍‌ଦେସ୍ ଦେତା ଲକ୍, ଅଗ୍ୟାନି ମଽନାର୍ ଗୁରୁ । ତୁମିମଽନାର୍
ବିସ୍ୱାସ୍ ଜେ, ବିଦିର୍ ତୁମିମଽନ୍ ହୁରାହୁରି ସଽତ୍ ଆର୍ ଗିଆନ୍
ଲାବ୍ କଽରିଆଚାସ୍ । 21 ତୁମିମଽନ୍ ହଽର୍‌କେ ସିକ୍ୟା ଦେଉଁଲାସ୍,
ମଽତର୍ ନିଜେ କାୟ୍‌କଽରୁକ୍ ସିକ୍ୟା ହାଉଁ ନଽଚୁଲାସ୍? “ଚରି
କଽରା ନାୟ୍ ବଽଲି ସିକ୍ୟା ଦଽୟ୍ ନିଜେ ଚରି କଽରୁଲାସ୍ କି? 22
ଦାରି କଽରା ନାୟ୍” ବଽଲି କୟ୍, ତୁମି ନିଜେ ଦାରି କଽରୁଲାସ୍
କି? ତୁମିମଽନ୍ ମୁର୍ତି ହୁଜାକେ ଗିଣ୍ କଽରି ମନ୍ଦିର୍ ଚରୁଲାସ୍ କି?
23 ତୁମିମଽନ୍ ଇସ୍ୱରାର୍ ବିଦି ହାୟ୍‌ଆଚୁ ବଽଲି ଗଽର୍ବ୍ କଽରୁଲାସ୍,
ମଽତର୍ ସେରି ଅମାନ୍ୟା କଽରି ଇସ୍ୱର୍‌କେ ଲାଜ୍ କଽରାଉଁଲାସ୍
କି? 24 ସାସ୍ତରେ ଲେକା ଆଚେ, “ତୁମିମଽନାର୍ ଗିନେ ଅଜିଉଦି
ମଽନ୍‌କାର୍ ବିତ୍ରେ ଇସ୍ୱରାର୍ ନାଉଁ ଲିନ୍ଦ୍ରା ହାଉଁଲି ।” 25 ଜଦି

ତୁମି ମସାର୍ ବିଦି ମାନାସ୍ ତଃବେ ସଃତ୍‌କଃରି ସୁନତ୍ ତୁମାର୍
ହାଁୟ୍ ଲାବ୍ ଅୟ୍‌ଦ୍, ମଃତର୍ ଜଦି ମସାର୍ ବିଦି ନଃମାନାସ୍,
ତୁମିମଃନ୍ ସୁନତ୍ ଅୟ୍‌ନଃରିଲା ଲକ୍‌ମଃନାର୍ ସଃଙ୍ଗ ସଃମାନ୍
। 26 ଜଦି ସୁନତ୍ ଅୟ୍‌ନଃରିଲା ଗଟ୍ ଅଜିଉଦି ଲକ୍ ମସାର୍
ବିଦିବିଦାନ୍ ମାନ୍‌ତି ରଃୟ୍‌ଦ୍, ଇସ୍ୱର୍ ତାକ୍ ସୁନତ୍ ବଃଲି ଗଃଣ୍‌ତି
ନଃକେରେ କି? 27 ତଃବେ ଗଃଗାଲେ ସୁନତ୍ ଅୟ୍‌ନଃରିଲା ଜୁୟ୍
ଅଜିଉଦିମଃନ୍ ମସାର୍ ବିଦି ମାନ୍‌ତି, ସେମଃନ୍ ତୁମିମଃନାର୍
ବିଚାର୍ କଃର୍ତି, ବଃଲେକ୍ ତୁମିମଃନ୍ ଗଃଗାଲେ ସୁନତ୍ ଅୟ୍
ଲେକ୍‌ଲା ବିଦି ହାୟ୍ ରିଲେକ୍ ହେଁ, ସେରି ଅମାନ୍ୟା କଃରୁଲାସ୍ ।
28 ବଃଲେକ୍ ଗଃଗାଲେ ସୁନତ୍ ଅୟ୍ ଲକ୍ ଦଃକାଉଣି ଜିଉଦି
ବଃଲି କଃଉତା ଲକ୍ ସେ ସଃତ୍‌କଃରି ଜିଉଦି ନାୟ୍ । 29 ମଃତର୍
ଜେ ଆତ୍ମାୟ୍ ଜିଉଦି, ସେ ଅଃଉଁଲା ସଃତ୍ ଜିଉଦି । ସଃତ୍ ସୁନତ୍
ଅଃଉଁଲି ବିତ୍ରାର୍ କଃତା; ସେରି ଆତ୍ମିକ୍, ଲେକା ହଃର୍କାରେ ନୟ୍ ।
ଅଃନ୍‌କା ଲକ୍ ମାନାୟ୍ ମଃନାର୍ ତଃୟ୍‌ହୁଣି ଜଃଜ୍‌ମାନ୍ ନଃହାୟ୍,
ମଃତର୍ ଇସ୍ୱରାର୍ ତଃୟ୍‌ହୁଣି ଜଃଜ୍‌ମାନ୍ ହାୟ୍‌ଦ୍ ।

3 ତଃବେ ଅଜିଉଦିମଃନାର୍ ତଃୟ୍‌ହୁଣି ଜିଉଦିମଃନାର୍ ଅଃଦିକ୍
ସୁବିଦା କାୟ୍‌ରି? ସୁନତାର୍ ଉହ୍‌କାର୍ କାୟ୍‌ରି? 2 ଅଃନେକ୍
କିଚି । ସଃବ୍‌କେ ଆଗ୍‌ତୁ, ଇସ୍ୱର୍ ତାର୍ କବୁରାର୍ ଦାୟ୍‌ତ୍
ଜିଉଦିମଃନାର୍ ଉହ୍ରେ ସଃହ୍ରି ଆଚେ । 3 ବାୟ୍‌ଦ୍‌ରେ କଃତେକ୍
ଲକ୍ ଅବିସ୍ୱାସି । ମଃତର୍ ସେନ୍‌ବଃଲି କାୟ୍‌ରି ଇସ୍ୱରାର୍ ସଃୟ୍‌ତ୍
କାୟ୍ ହଲ୍ୟାୟ୍ ଅୟ୍‌ଦ୍? 4 ସେରି କଃବେ ହେଁ ନଃଉଅ, ବଃଲେକ୍
ହଃତିଲକ୍ ମିଚୁଆ ଅୟ୍‌ଲେକ୍ ଅଃଉଅ ମଃତର୍ ଇସ୍ୱର୍ ସଃତ୍
ବଃଲି ମାନ୍‌ତା ଲଳା, ଜଃନ୍‌କଃରି ସାସ୍ତୁରେ ଲେକା ଆଚେ,
"ତୁମି ଅଃହ୍‌ଣାର୍ କଃତାୟ୍ ଦଃର୍ମି ବଃଲି ଜାଣାହଃଲାସ୍ ଆରେକ୍
ବିଚାର୍ ଅଃଉତାବଃଳ୍ ଜାଣାସ୍ ।" 5 ମଃତର୍ ଜଦି ଅଃମିମଃନାର୍
ଅଃଦଃର୍ମ୍ ଇସ୍ୱରାର୍ ଦଃର୍ମ୍ ସାକି ଅୟ୍‌ଦ୍, ତଃବେ ଅଃମିମଃନ୍
କାୟ୍‌ରି କଃରୁଆଁ? ଜୁୟ୍ ଇସ୍ୱର୍ ହେଁ କଃଲା କାମାର୍ ଡଃଣ୍ଡ
ଦଃୟ୍‌ଦ୍ ସେ କି ଅଃଦଃର୍ମି? ମୁୟ୍ଁ ମାନାୟ୍ ବାବେ କଃଉଁଲେ
। 6 ସେରି କଃବେ ହେଁ ନଃଉଅ, କାୟ୍‌ତାକ୍‌ବଃଲେକ୍ ଇସ୍ୱର୍
ଜଦି ନ୍ୟାୟ୍‌କାରି ନୟ୍, ସେ କଃନ୍‌କଃରି ଜଃଗତାର୍ ନ୍ୟାୟ୍
ବିଚାର୍ କଃରେଦ୍? 7 ମଃତର୍ ଜଦି ମର୍ ମିଚେ ଇସ୍ୱରାର୍ ସଃତ୍
ତାର୍ ଜଃଜ୍‌ମାନ୍ ଅଃଦିକ୍ ଅୟ୍‌ଲି, ତଃନ୍‌ଅୟ୍‌ଲେକ୍ ମୁୟ୍ଁ ହେଁ
ଆରେକ୍ କାୟ୍‌ତାକ୍ ହାହି ବଃଲି ବିଚାର୍ କଃରାୟ୍ ଅଃଉଁଲେ? 8
ଅଃମିମଃନ୍ କାୟ୍‌କଃରୁକ୍ ନଃକଃଉଁଆ, "ଆସା କଃରାବ୍ କାମ୍
କଃରୁଆଁ, ଇତିହୁଣି ନିକ ହଃଲ୍ ମିଳେଦ୍?" ମୁୟ୍ଁ ଟିକ୍ ଇ ହର୍
କଃତା କଃଉଁଲେ ବଃଲି ଲିନ୍ଦା କଃରି କଃତିଲକ୍ ମକ୍ ଲାଜ୍
କଃରୁଲାୟ୍ । ସେମଃନ୍ ଇତାର୍ ଗିନେ ଜୁୟ୍ ଡଃଣ୍ଡ ହାଉତା
କଃତା, ବାୟ୍‌ଦ୍‌ରେ ହାଉତି । 9 ତଃବେ କାୟ୍‌ରି? ଅଃମିମଃନ୍
କାୟ୍ ବିନ୍ ଲକ୍‌ମଃନାର୍ ତଃୟ୍‌ହୁଣି ବଃଡ୍? ନାୟ୍ଁ କୁୟ୍ ରଃକମେ
ହେଁ ନାୟ୍, ବଃଲେକ୍ ଜିଉଦି ଆର୍ ଅଜିଉଦି ସଃବୁ ଲକ୍ ହାହାର୍
ତଃଳେ ହଃକା, ଅଃମିମଃନ୍ ଇମଃନାର୍ ବିରଦେ ଲିନ୍ଦା କଃରି ଆଚୁ
। 10 ଜଃନ୍‌କଃରି ସାସ୍ତୁରେ ଲେକା ଆଚେ, "ଦଃର୍ମି କେହେଁ ନାୟ୍,
ଗଟ୍‌ଲକ୍ ହେଁ ନାୟ୍; 11 ଜେ ଇସ୍ୱର୍‌କେ ବୁଜେଦ୍ ଅଃନ୍‌କାର୍ କେ
ହେଁ ନାୟ୍; ଜେ ଇସ୍ୱର୍‌କେ ଲଳେଦ୍ ଅଃନ୍‌କାର୍ ଗଟେଲକ୍ ଲକ୍
ହେଁ ନାୟ୍; 12 ସେମଃନ୍ ସଃବୁ ଲକ୍ ବିନ୍ ବାଟ୍ ଜାୟ୍‌ଆଚ୍‌ତି,
ଗଟ୍ ସଃଙ୍ଗେ କାମ୍‌କେ ନୟ୍‌ଲାର୍ ଅୟ୍‌ଆଚ୍‌ତି; ଜେ ସଃତ୍‌କାମ୍
କଃରେଦ୍ ଅଃନ୍‌କାର୍ କେ ହେଁ ନାୟ୍, ନାୟ୍, ଅଃନ୍‌କାର୍ ଗଟ୍‌ଲକ୍
ହେଁ ନାୟ୍ । 13 ସେମଃନାର୍ ଟଣ୍ଡ ଉଗାଳି ଅୟ୍‌ଲା ମଃସୁଣ୍
ହର୍, ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍ ଜିବେ ମିଚ୍ କୟ୍ ଆଚ୍‌ତି,
ସେମଃନାର୍ ଅଟି ତଃଳେ କାଲ୍‌ସାହାର୍ ବିସ୍ ଆଚେ । 14
ସେମଃନାର୍ ଟଣ୍ଡ ସାୟ୍‌ପ୍ ଆର୍ ହିତାୟ୍ ହୁର୍ଣ୍ଣ । 15 ସେମଃନାର୍
ହାଦ୍ ନଃର୍ ଅଃତ୍ୟା କଃରୁକେ ଦଃବ୍‌ଳେଦ୍ । 16 ସେମଃନାର୍
ବାଟେ ନାସ୍ ଆର୍ କଃସ୍ଟ ଆସେଦ୍ । 17 ସୁସ୍ତାର୍ ବାଟ୍ ସେମଃନ୍
ନଃଜାଣ୍‌ତି । 18 ସେମଃନାର୍ ଆକାୟ୍ ଅଃଳକ୍ ହେଁ ଇସ୍ୱରାର୍ ଡିର୍
ନାୟ୍ ।" 19 ଅଃମିମଃନ୍ ଜାଣୁଲୁ, ଜୁୟ୍ ଲକ୍‌ମଃନ୍ ମସାର୍ ବିଦିର୍
ତଃଳେ, ତାର୍ ସଃବୁ ବିଦିବିଦାନ୍ ସେମଃନ୍ ମାନୁକେ ହଃଳେଦ୍
। ଇସ୍ୱର୍ ଜୁୟ୍‌ଦିନ୍ ସଃରା ଜଃଗତାର୍ ବିଚାର୍ କଃରେଦ୍, ବିଦି
ଅମାନ୍ୟାକାରିମଃନ୍ କାୟ୍‌ହେଁ ବାବ୍‌ନା ଦଃକାୟ୍ ନିଜ୍‌କେ ନିର୍ଦସି
ବଃଲି କଃଉଁକେ ନାହାର୍ତି । 20 କାୟ୍‌ତାକ୍‌ବଃଲେକ୍ ବିଦିର୍ କଃର୍ତା
କାମ୍ ତଃୟ୍ କୁୟ୍ ଲକ୍ ଇସ୍ୱରାର୍ ଚଃମେ ଦଃର୍ମି ଗଃଣା ନୟ୍,
ବଃଲେକ୍ ବିଦି ତଃୟ୍ ହାହାର୍ ଗିଆନ୍ ଜାତ୍ ଅୟ୍‌ଦ୍ । 21 ଇସ୍ୱର୍
ନିଜାର୍ ସଃଙ୍ଗ ନଃର୍‌ମାନାୟ୍‌ର୍ ନିକମିସାଣ୍ ତାହୁନ୍ କଃରୁକ୍
ବିଦି ବାଦୁଲେ ଜାୟ୍‌ରି କଃରିଆଚେ, ସେରି ଅଃବେ ଜାଣାହଃଲି
ଆଚେ । ଇ ବିସୟେ ମସାର୍ ବିଦି ଆର୍ ବାବ୍‌ବାଦିମଃନ୍ ହେଁ
ସାକି ଦଃୟ୍ ଆଚ୍‌ତି । 22 ଜିସୁ କ୍ରିସ୍ଟର୍‌ତଃୟ୍ ବିସ୍ୱାସ୍ କଃଲାକ୍
ଅଃମିମଃନ୍ ଇସ୍ୱରାର୍ ଆକାୟ୍ ଦଃର୍ମି ବଃଲି ଗଃଣାଅୟ୍ ଆଚୁ,
ଇସ୍ୱର୍ କାକେହେଁ ମୁକ୍‌ମେଟ୍ ନଃକେରି କ୍ରିସ୍ଟର୍ ତଃୟ୍ ବିସ୍ୱାସ୍
କଃର୍ତା ସଃବୁଲକେ ଇ ଅଃଦିକାର୍ ଦଃୟ୍‌ଦ୍ । 23 ସଃବୁ ଲକ୍
ତ ହାହ୍ କଃରିଆଚ୍‌ତି, ଆର୍ ଇସ୍ୱରାର୍ ହୁର୍ନ୍ ଜଃଜ୍‌ମାନ୍‌କେ
ହାଉଁନାହାର୍‌ଲାୟ୍ ଆଚ୍‌ତି, 24 ମଃତର୍ ଇସ୍ୱର୍ କ୍ରିସ୍ଟ ଜିସୁର୍
ଦଃୟ୍ ବିନାମଲେ ଜୁୟ୍ ଦଃୟ୍ୟାର୍ ଦାନ୍ ଦଃୟ୍‌ଆଚେ, ସେରି
ଜୁୟ୍ ଲକମଃନ୍ ଦଃର୍ତି, ସେମଃନ୍‌କେ ମାପ୍ତୁ ଜିସୁ ମୁକ୍ତି ଦଃୟ୍‌ଦ୍
ଆର୍ ସେମଃନ୍ ଇସ୍ୱରାର୍ ଆକାୟ୍ ଦଃର୍ମି ବଃଲି ଗଃଣା ଅଃଉତି
। 25 ଇସ୍ୱର୍ ଜିସୁକେ ଦାନ୍ କଃଲା, ଜଃନ୍‌କଃରି ତାର୍ ମଃର୍ନ୍,
ତାର୍‌ତଃୟ୍ ବିସ୍ୱାସ୍ କଃର୍ତା ଲକ୍‌ମଃନାର୍ ହାହ୍ କେମାର୍ ଉପାୟ୍
ଅୟ୍‌ଦ୍ । ଇସ୍ୱର୍ ନିଜାର୍ ଦଃର୍ମି ଦଃକାଉଁକେ ଇରି କଃଲା ।
ଇସ୍ୱର୍ ସଃମ୍ବାଲିକଃରି ଲକମଃନାର୍ ହୁର୍ବେ କଃଲା ହାହ୍ ସଃବୁ
ଗଃଣିତା ନଃକେଲା । 26 ମଃତର୍ ଅଃବେ ସେ ନିଜାର୍ ଦଃର୍ମି
ଜାଣାଉଁକେ ହାହ୍ କେମାର୍ ବିଦି କଃରିଆଚେ । ଇତାର୍ ଗିନେ
ଇସ୍ୱର୍ ଜାଣାୟ୍ ଦଃୟ୍‌ଆଚେ ଜେ, ସେ ନିଜେ ଦଃର୍ମି ଆର୍ ଜୁୟ୍
ଲକ୍‌ମଃନ୍ ଜିସୁର୍ ତଃୟ୍ ବିସ୍ୱାସ୍ କଃର୍ତି, ସେ ସଃବୁ ଲକେ ଦଃର୍ମି
ବଃଲି ଗଃଣ୍‌ତି କଃରେଦ୍ । 27 ତଃବେ କୁୟ୍ ବିସୟେ ଅଃମିମଃନ୍

ଗ୪ର୍ବ୍ କ୪ରୁଆଁ? ନାୟ୍ ସେନ୍କା ବିସୟ୍ କାୟ୍ରି ନାୟ୍ । କାୟ୍ରି
କାମ୍ କ୪ର୍ତା ବିଦି ତ୪ୟ୍? କି ବିସ୍ୱାସାର୍ ବିଦି ତ୪ୟ୍? 28 ତ୪ବେ
ଅ୪ମି ସ୪ତ୍କ୪ରି ବୁଜି ଆଚୁ ଗଟ୍ଲକ୍ ତାର୍ ବିସ୍ୱାସ୍ ଗିନେ
ଇସ୍ୱରାର୍ ଚ୪ମେ ଦ୪ର୍ମି ବ୪ଲି ଗ୪ଣ୍ତି ଅୟ୍ଦ୍ ବିଦି ମାନ୍ତାର୍
ଗିନେ ନୟ୍ । 29 ବ୪ଲେକ୍ ଇସ୍ୱର୍ କି ଅ୪ବ୍କା ଜିଉଦି ମ୪ନାର୍
ଇସ୍ୱର୍? ସେ କି ଅଜିଉଦିମ୪ନାର୍ ହେଁ ଇସ୍ୱର୍ ନୟ୍? ବାୟ୍ଦ୍ରେ
ସେ ସ୪ବ୍କାର୍ ଇସ୍ୱର୍ । 30 ବ୪ଲେକ୍ ଇସ୍ୱର୍ ତ ଗଟେକ୍, ଆର୍
ସେ ବିସ୍ୱାସ୍ ଗିନେ ସୁନତ୍ ଜିଉଦି ଆର୍ ବିସ୍ୱାସ୍ ଗିନେ ଅସୁନତ୍
ଅଜିଉଦିମ୪ନ୍କେ ଦ୪ର୍ମି ଗ୪ଣେଦ୍ । 31 ତ୪ବେ ଅ୪ମିମ୪ନ୍
କି ବିସ୍ୱାସାର୍ ଗିନେ ବିଦିକେ ନ୪ସ୍ଟ କ୪ରୁଲୁ? ସେରି କ୪ବେ
ହେଁ ନ୪ଉଅ; ମ୪ତର୍ ଅ୪ମିମ୪ନ୍ ବିଦିର୍ କୁନାଦିକେ ଅ୪ଟୁଆ
କ୪ରୁଲୁ ।

4 ତ୪ବେ ଗ୪ଗାଲ୍ ହ୪ର୍କାରେ ଅ୪ମିମ୪ନାର୍ ଦାଦିବାବୁ
ଅବ୍ରାହାମ୍ କାୟ୍ରି ହାୟ୍ଆଚେ ବ୪ଲି ଆମିମ୪ନ୍ କ୪ଉଁଆ?
2 ଜଦି ଅବ୍ରାହାମ୍ ତାର୍ ନିଜାର୍ କାମାର୍ ଗିନେ ସେ ଇସ୍ୱରାର୍
ଆକାୟ୍ ଦ୪ର୍ମି ବ୪ଲି ଗ୪ଣା ଅୟ୍ଲାହୁଣି, ତ୪ବେ ତାର୍ ଗ୪ର୍ବ
କ୪ର୍ତାର୍ ରିଲି; ମ୪ତର୍ ଇସ୍ୱରାର୍ ଆକାୟ୍ ସେରି ଅୟ୍ନ୪ରିଲି
। 3 କାୟ୍ତାକ୍ବ୪ଲେକ୍ ସାସ୍ତର୍ କାୟ୍ରି କ୪ଉଁଲି, “ଅବ୍ରାହାମ୍
ଇସ୍ୱରାର୍ ତ୪ୟ୍ ବିସ୍ୱାସ୍ କ୪ଲା, ଆର୍ ବିସ୍ୱାସ୍ ଗିନେ ଇସ୍ୱର୍
ତାକେ ଦ୪ର୍ମି ବ୪ଲି ଗ୪ଣ୍ତି କ୪ଲା । 4 ଜେ କାମ୍ କ୪ରେଦ୍,
ତାର୍ ଗିନେ ତାର୍ ବୁତି ଦ୪ୟା ହର୍ ଗ୪ଣା ନ୪ୟ୍, ମ୪ତର୍
ତାର୍ ହାଉତାର୍ ବ୪ଲି ଗ୪ଣା ଅୟ୍ଦ୍ । 5 ମ୪ତର୍ ଜେ ନିଜାର୍
ଉହ୍ରେ ବିସ୍ୱା ନ୪କେରି, ଇସ୍ୱର୍ ତ୪ୟ୍ ବିସ୍ୱାସ୍ କ୪ରେଦ୍ ତାର୍
ବିସ୍ୱାସ୍ ଗିନେ ଅ୪ଦ୪ର୍ମିକେ ଦ୪ର୍ମି ବ୪ଲି ଗ୪ଣ୍ନା କ୪ର୍ତା ଇସ୍ୱର୍
ତାକେ ଦ୪ର୍ମି ବ୪ଲି ଗ୪ଣ୍ତି କ୪ରେଦ୍ । 6 ଜୁୟ୍ ଲକାର୍ କ୪ଲା
କାମ୍କେ ନ୪ଦେକିକ୪ରି ଇସ୍ୱର୍ ତାକେ ଦ୪ର୍ମି ବ୪ଲି ଗ୪ଣ୍ତି
କ୪ରେଦ୍, ତାକେ ଜ୪ଜ୍ମାନ୍ କ୪ରି ଦାଉଦ୍ କୟ୍ଆଚେ ।” 7
“ଜୁୟ୍ ଲକ୍ମ୪ନାର୍ ହାହ୍ ସ୪ବୁ କେମା ଅୟ୍ଆଚେ, ସେମ୪ନ୍
ଦନ୍ୟ । ଜେ ହାହ୍ କେମା ହାୟ୍ ଆଚେ ସେ ଦନ୍ୟ । 8 ମାପ୍ରୁ
ଜୁୟ୍ଲକାର୍ ହାହ୍ ଗ୪ଣ୍ନା ନ୪କେରେ ସେ ଦନ୍ୟ ।” 9 ଇତି
ଦାଉଦ୍ ଜୁୟ୍ ଲକ୍ମ୪ନ୍କେ ଦନ୍ୟ ବ୪ଲି କୟ୍ଆଚେ ସେମ୪ନ୍
କାୟ୍ରି ଅ୪ବ୍କା ସୁନତ୍ ଲକ୍ ରିଲାୟ୍? ନାୟ୍ ଅସୁନତ୍ ଲକ୍ମ୪ନ୍
ହେଁ ଦନ୍ୟ ଅ୪ଉଁହାର୍ତି । ଅ୪ମି କ୪ଉଁଲୁ ଅବ୍ରାହାମ୍ ବିସ୍ୱାସାର୍
ଗିନେ ଦ୪ର୍ମିବ୪ଲି ଗ୪ଣ୍ତି ଅୟ୍ଲା । 10 ଇରି ଜ୪ଡେବ୪ଲ୍
ଗ୪ଟିରିଲି? ଅବ୍ରାହାମ୍ ସୁନତ୍ ଅୟ୍ଲା ଆଗ୍ତୁ କି ହ୪ଚେ?
ଆଗ୍ତୁ, ହ୪ଚେ ନୟ୍ । 11 ସୁନତ୍ ଅ୪ଉତା ହୁର୍ବେ ଅବ୍ରାହାମ୍
ବିସ୍ୱାସ୍ କ୪ଲାକ୍ ଇସ୍ୱର୍ ତାକ୍ ଦ୪ର୍ମି ବ୪ଲି ଗ୪ଣ୍ନା କ୪ରିରିଲା
। ଇରି ଜାଣାଉତାର୍ ହାଁୟ୍ ଗଟେକ୍ ମୁଦ୍ରା ହର୍ ଅବ୍ରାହାମ୍ ଇ
ସୁନତ୍ ଚିନାର୍ ବିଦି ମାନି ରିଲା । ତ୪ବେ ଜୁୟ୍ ଲକ୍ମ୪ନ୍ ସୁନତ୍
ନୟ୍ କ୪ରି ହେଁ ଇସ୍ୱରାର୍ ତ୪ୟ୍ ଦ୪ର୍ମି ବ୪ଲି ଗ୪ଣ୍ତି ଅ୪ଉତି,
ଆତ୍ମିକ୍ ବାବେ ଅବ୍ରାହାମ୍ ସେମ୪ନାର୍ ଉବାସି ଅୟ୍ଦ୍ । 12
ଉବା ଅବ୍ରାହାମ୍ ସୁନତ୍ ଅ୪ଉତା ଆଗ୍ତୁ ଜୁୟ୍ ବିସ୍ୱାସ୍ ଚିନାୟ୍
ରିଲା, ଜଦି ସୁନତ୍ ଅୟ୍ନ୪ରିଲା ଲକ୍ମ୪ନ୍ ନିଜାର୍ ଜିବନେ
ସେର୪କମ୍ ବିସ୍ୱାସ୍ ଦ୪କାଉଁକ୍ ହାର୍ତି ଅବ୍ରାହାମ୍ ସେମ୪ନାର୍
ହେଁ ଉବାସି । 13 ବ୪ଲେକ୍ ଅବ୍ରାହାମ୍ ବିଦି ମାନ୍ଲାକେ ନୟ୍
ମ୪ତର୍ ତାର୍ ବିସ୍ୱାସାର୍ ଗିନେ ଇସ୍ୱର୍ ତ୪ୟ୍ ଦ୪ର୍ମି ବ୪ଲି
ଗ୪ଣ୍ତି ଅୟ୍ଲା, ଆର୍ ସେତାର୍ ଗିନେ ସେ ତାର୍ ବ୪ଉଁସାର୍
ଲକ୍ମ୪ନ୍ ହୁର୍ତିର୍ ଅ୪ଦିକାରି ଅ୪ଉତି ବ୪ଲି ଇସ୍ୱର୍ ଜ୪ବାଉ
ଦ୪ୟ୍ରିଲା । 14 ଜୁୟ୍ ଲକ୍ମ୪ନ୍ ବିଦି ମାନ୍ତି ସେମ୪ନ୍ସେ
ଜଦି ଇସ୍ୱରାର୍ ଦାନ୍ ହାଉତି, ତ୪ବେ ମାନାୟ୍ ମ୪ନାର୍ ବିସ୍ୱାସ୍
ହଲ୍ୟା, ଇସ୍ୱରାର୍ ଜ୪ବାଉ ଦିଲାର୍ ହେଁ କାୟ୍ ମଲ୍ ନାୟ୍ । 15
ବ୪ଲେକ୍ ବିଦି ନ୪ମାନ୍ଲେକ୍ ଇସ୍ୱରାର୍ ରିସା ଆଣେଦ୍, ମ୪ତର୍
ଜୁୟ୍ତି ବିଦି ନାୟ୍, ସେତି ବିଦି ଅମାନ୍ୟା ହେଁ ନାୟ୍ । 16 ଇତାର୍
ଗିନେ ଇ ସ୪ୟ୍ତ୍ ବିସ୍ୱାସ୍ ଗିନେ ହାଉଁକ୍ ଅୟ୍ଦ୍, ଜ୪ନ୍କ୪ରି
ସେରି ଦ୪ୟା ହ୪ର୍କାରେ ଅୟ୍ଦ୍, ଆର୍ ସେତାର୍ଗିନେ ସ୪ବୁ
ବ୪ଉଁସାର୍ ବାଟ୍ୟା, ଅ୪ବ୍କା ମସାର୍ ବିଦି ମାନ୍ତା ବ୪ଉଁସାର୍
ଗିନେ ନାୟ୍, ମ୪ତର୍ ଅବ୍ରାହାମ୍କେ ବିସ୍ୱାସ୍ କ୪ର୍ତା ବ୪ଉଁସ୍ ଗିନେ
ହେଁ ସେ ସ୪ୟ୍ତ୍ ଅ୪ଟୁଆ ର୪ୟ୍ଦ୍ । 17 ଇ ବିସୟେ ସାସ୍ତରେ
ଲେକା ଆଚେ, “ତକ୍ ମୁୟ୍ଁ ବୁତେକ୍ ଜାତିର୍ ଉବାସି କ୪ରି ଆଚି
।” ଇସ୍ୱରାର୍ ଆକାୟ୍ ଇ ଜ୪ବାଉ ଟିକ୍ ରିଲି, ବ୪ଲେକ୍ ଜୁୟ୍
ଇସ୍ୱର୍କେ ଅବ୍ରାହାମ୍ ବିସ୍ୱାସ୍ କ୪ର୍ତିରିଲା, ତାର୍ ବ୪ଚନ୍ ମ୪ଲା
ଲକ୍ମ୪ନ୍କେ ଜିବନ୍ କ୪ରେଦ୍ ଆର୍ ନ୪ରିଲା ତ୪ୟ୍ ସ୪ବୁ
ବିସୟ୍ ଉବ୍ଜାୟ୍ଦ୍ । 18 ଆସା ନ୪ରିଲେକ୍ ହେଁ ଅବ୍ରାହାମ୍
ବିସ୍ୱାସ୍ କ୪ରି ବ୪ର୍ସା କାରି ଅୟ୍ଲା । ସେତାକ୍ ସେ ଅ୪ନେକ୍
ଜାତିର୍ ଉବାସି ଅୟ୍ଲା, ବ୪ଲେକ୍ ସାସ୍ତିର୍ ହ୪ର୍କାରେ ତାକେ
ଜ୪ବାଉ ମିଳିରିଲି; “ତୁମାର୍ ବ୪ଉଁସ୍ ଅ୪ଗାସାର୍ ତାରା ହର୍
ଅଲେକାର୍ ଅ୪ଉତି ।” 19 ସ୪ଡେବ୪ଲ୍ ତାର୍ ବ୪ୟ୍ସ୍ ହାଁଞ୍ଚକଳି
ବ୪ର୍ସ୍ ଅୟ୍ରିଲି । ମ୪ତର୍ ନିଜାର୍ ଗ୪ଗାଲ୍କେ ବୁଡା ବ୪ଲି ଆର୍
ସାରାକେ ବୁଡି ବ୪ଲି ବାବ୍ଲେକ୍ ହେଁ ବିସ୍ୱାସ୍ ଉଣା ନ୪କେଲା,
20 ସେ ତାର୍ ବିସ୍ୱାସ୍କେ ନ୪ଚାଡ୍ଲା, କି ଇସ୍ୱରାର୍ ଜ୪ବାଉକେ
ଅ୪ହ୍ରାତ୍ ନ୪କେଲା ବିସ୍ୱାସ୍ ତାକ୍ ସ୪କ୍ତିୟେ ହୁର୍ନ୍ କ୪ଲି ଆର୍
ସେ ଇସ୍ୱରାର୍ ଜ୪ଜ୍ମାନ୍ କ୪ଲା । 21 ମ୪ତର୍ ଇସ୍ୱର୍ ଜୁୟ୍
ଜ୪ବାଉ କ୪ରିରିଲା, ସେରି ସେ ସାଦୁନ୍ କ୪ରେଦ୍ ବ୪ଲି ତାର୍
ବ୪ଡେ ବିସ୍ୱାସ୍ ରିଲି । 22 ତାର୍ ବିସ୍ୱାସ୍ ଗିନେ ଅବ୍ରାହାମ୍ ଇସ୍ୱର୍
ତ୪ୟ୍ ଦ୪ର୍ମି ବ୪ଲି ଗ୪ଣ୍ତି ଅୟ୍ଲା । 23 “ଦ୪ର୍ମି ବାବେ ଗ୪ଣ୍ତି
ଅ୪ଉତାର୍” ସାସ୍ତରାର୍ କ୪ତା ଅ୪ବ୍କା ଅବ୍ରାହାମାର୍ ଗିନେ ଜେ
ରିଲି ସେରି ନୟ୍ । 24 ଅ୪ମିମ୪ନ୍ ହେଁ ଇସ୍ୱରାର୍ ତ୪ୟ୍ ବିସ୍ୱାସ୍
କ୪ଲେକ୍ ଦ୪ର୍ମି ବାବେ ଗ୪ଣ୍ତି ଅ୪ଉଁନ୍ଦ । ଇସ୍ୱର୍ ମାପ୍ରୁ ଜିସୁକେ
ମ୪ର୍ନେହୁଣି ଉଟାୟ୍ ଆଚେ । 25 ସେ ମାପ୍ରୁ ଜିସୁ ଅ୪ମାର୍ ହାହାର୍
ଗିନେ ହାହ୍ କେମାର୍ ହୁଜା ହର୍ ମ୪ଲା, ଆରେକ୍ ଇସ୍ୱରାର୍
ତ୪ୟ୍ ଅ୪ମିମ୪ନ୍କ୍ ଦ୪ର୍ମି କ୪ରୁକେ ଉଟି ଆଚେ ।

**5** ଅ୪ବେ ବିସ୍ୱାସାର୍ ଗିନେ ଅ୪ମି ଇସ୍ୱରାର୍ ଆକାୟ୍ ଦ୪ର୍ମି
ଗ୪ଣା ଅୟ୍ ଆଚୁ ଆର୍ ଅ୪ମାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ହାୟ୍ଁ
ଇସ୍ୱରାର୍ ସ୪ଙ୍ଗ୍ ସୁସ୍ତାୟ୍ ଆଚୁ; 2 ସେ ଜିସୁ ଅ୪ମାର୍ ବିସ୍ୱାସାର୍
ଗିନେ ଅ୪ବେ ଅ୪ମାର୍ ଜିବନେ ଇସ୍ୱରାର୍ ଦ୪ୟା ଦାନ୍ ହାୟ୍ଲାର୍
ଦ୪ୟ୍ଆଚେ । ସେତାକ୍ ଇସ୍ୱରାର୍ ଜ୪ଜ୍ମାନେ ବାଗିଦାର୍
ଅ୪ଉତା ବ୪ର୍ସା ଅ୪ମିମ୪ନ୍କ୍ ସ୪ର୍ଦା କ୪ରି ର୪କି ଆଚେ । 3
ଅ୪ବ୍କା ସେରି ନୟ୍ ସ୪ବୁ ହ୪ର୍କାର୍ ଦୁକେ କ୪ସ୍ଟେ ହେଁ ସ୪ର୍ଦା
କ୪ରୁଲୁ, ବ୪ଲେକ୍ ବିସ୍ୱାସ୍ ନ୪ଚାଡି କ୪ରି କ୪ସ୍ଟ ସ୪ମ୍ବାଲ୍ଲେକ୍
ମ୪ନେ ସାସ୍ ଆସେଦ୍ । 4 ସାସ୍ ନିକ ଗୁଣ୍ ଆସେଦ୍, ଆର୍ ନିକ
ଗୁଣେ ହୁଣି ବ୪ର୍ସା ଜାତ୍ ଅୟ୍ଦ୍ । 5 ଆର୍ ବ୪ର୍ସା ଦ୪ୟ୍କ୪ରି
ଅ୪ମିମ୪ନ୍କ୍ ନିରାସ୍ ଅ୪ଉଁକେ ନ୪ଦେୟ୍ ବ୪ଲେକ୍ ଇସ୍ୱର୍
ଅ୪ମିମ୪ନ୍କ୍ ପବିତ୍ର ଆତ୍ମା ଦ୪ୟ୍କ୪ରି ଅ୪ମାର୍ ମ୪ନ୍ ବିତ୍ରେ
ତାର୍ ଲାଡ୍ ଦିଲା ଆଚେ । 6 ବ୪ଲେକ୍ ଜ୪ଡେବ୪ଲ୍ ଅ୪ମାର୍
ସାହା ନ୪ରିଲା ବ୪ଲ୍, କ୍ରିସ୍ଟ ଟିକ୍ ବେଳାୟ୍ ଅ୪ଦ୪ର୍ମିମ୪ନାର୍
ଗିନେ ମ୪ଲା । 7 ଦ୪ର୍ମି ଲକାର୍ ହାୟ୍ଁ କେ ମ୪ରୁକେ ମ୪ନ୍
ନ୪କେରେ, ନିକ ଲକାର୍ ଗିନେ କେ ଜିବନ୍ ଦେଉଁକେ ସାସ୍
କ୪ରୁହାରେ । 8 ମ୪ତର୍ ଅ୪ମିମ୪ନ୍ ହାହି ରିଲା ବ୪ଲ୍ ହେଁ କ୍ରିସ୍ଟ
ଜେ ଅ୪ମାର୍ ଗିନେ ମ୪ଲା, ସେତାକ୍ ଇସ୍ୱର୍ ଅ୪ମାର୍ ଗିନେ
ଅ୪ହ୍ଣାର୍ ଲାଡ୍ ଦ୪କାୟ୍ ଆଚେ । 9 କ୍ରିସ୍ଟର ବ୪ନିର୍ ଗିନେ
ଇସ୍ୱର୍ ଅ୪ମିକ୍ ଦ୪ର୍ମି ଗ୪ଣ୍ତି କ୪ରି ନିଜାର୍ କ୪ରିଆଚେ । ତ୪ନ୍
ଅଲେ ଇସ୍ୱରାର୍ ରିସାୟ୍ ହୁଣି ଅ୪ମିମ୪ନ୍କ୍ ବାୟ୍ଦ୍ରେ ବଚାୟ୍ଦ୍
। 10 ବ୪ଲେକ୍ ଅ୪ମିମ୪ନ୍ ଇସ୍ୱରାର୍ ସ୪ତ୍ରୁ ରିଲାବ୪ଲ୍ ଜଦି
ଇସ୍ୱରାର୍ ସ୪ଙ୍ଗ୍ ତାର୍ ହୟ୍ସିର୍ ମ୪ର୍ନ୍ ତ୪ୟ୍ ମିସ୍ତାର୍, ତ୪ବେ
ଇରି ଅ୪ଦିକ୍ ସ୪ତ୍ ଜେ ଅ୪ମିମ୪ନ୍ ମିସିକ୪ରି କ୍ରିସ୍ଟର୍ ଜିବନେ
ମୁକ୍ତି ହାଉନ୍ଡ୍ । 11 ଅ୪ବ୍କା ସ୪ତେକ୍ ସେ ନାୟ୍, ମ୪ତର୍ ମାପ୍ରୁ
ଜିସୁ କ୍ରିସ୍ଟର୍ ଦ୪ୟ୍ ଇସ୍ୱର୍ ଜୁୟ୍ ସ୪ବୁ କାମ୍ ସାଦୁନ୍ କ୪ରିଆଚେ,
ସେତାର୍ ଗିନେ ଅ୪ମାର୍ ମ୪ନ୍ ସ୪ର୍ଦାୟ୍ ହୁର୍ନ୍ ଅୟ୍ଆଚେ । ସେ
ଜିସୁ ଇସ୍ୱରାର୍ ସ୪ଙ୍ଗ୍ ଅ୪ମିମ୪ନ୍କ୍ ଆରେକ୍ ମିସାୟ୍ ଆଚେ ।
12 ଜ୪ଡ୍ବ୪ଲ୍ ଆଦମ୍ ହାହ୍ କ୪ଲା, ଜ୪ଗତେ ହାହ୍ ଆୟ୍ଲି,
ଆର୍ ହାହାର୍ ଗିନେ ମ୪ର୍ନ୍ ଆୟ୍ଲି । ସ୪ବୁଲକ୍ ହାହ୍ କ୪ଲାକ୍
ମ୪ର୍ନ୍ ସ୪ବୁ ଲକ୍ମ୪ନାର୍ ଉହ୍ରେ ଆୟ୍ଲି । 13 ବ୪ଲେକ୍ ବିଦି
ଦେତା ହୁର୍ବେ ହାହ୍ ଜ୪ଗତେ ରିଲି, ମ୪ତର୍ ବିଦି ନ୪ରିଲାବ୪ଲ୍
ହାହ୍ ଗ୪ଣା ନ୪ଉତିରିଲି । 14 ଆଦମ୍ ସ୪ମୟ୍ ତ୪ୟ୍ ହୁଣି
ମସା ହ୪ତେକ୍ କେ ହେଁ ଆଦମାର୍ ହର୍ ହାହ୍ କ୪ରି ନ୪ରିଲେକ୍
ହେଁ ସେମ୪ନାର୍ ଉହ୍ରେ ମ୪ର୍ନ୍ ରାଜ୍ କ୪ର୍ତି ରିଲି, ଜାର୍ ଆସ୍ତାର୍
ରିଲି, ଆଦମ୍ ତାର୍ ନିଜାର୍ ରୁହ୍ । 15 ମ୪ତର୍ ଇ ଦୁୟ୍ଲକାର୍
ବିତ୍ରେ ବେସି ବିନ୍ ଆଚେ । ଆଦମାର୍ ହାହ୍ ଆର୍ ଇସ୍ୱରାର୍ ଗ୪ଣ୍ତୁ
ନ୪ହାର୍ତା ଦାନାର୍ ସ୪କ୍ତି ସ୪ମାନ୍ ନୟ୍ । ଗଟେ ଲକାର୍ ହାହାର୍
ଗିନେ ଗାଦେକ୍ ଲକ୍ ମ୪ଲାୟ୍ । ମ୪ତର୍ ଇସ୍ୱର୍ ତାର୍ ବ୪ଡେ
ଦ୪ୟାର୍ ଗିନେ ଆରେକ୍ ଗଟ୍ ଲକ୍ ମାପ୍ରୁ ଜିସୁ କ୍ରିସ୍ଟର୍ ଗିନେ
ମାନାୟ୍ମ୪ନାର୍ ଜୁୟ୍ ଦାନାର୍ ଉପାୟ୍ କ୪ଲା ସେରି ଅ୪ଦିକ୍
ସ୪କ୍ତିରି ଅୟ୍ଲି । 16 ଆର୍ ଗଟ୍ ଲକାର୍ ହାହାର୍ ଗିନେ ମାନାୟ୍
ବିଚାରାର୍ ବାଦୁଲେ ଟିଆ ଅୟ୍ ଦସି ଅୟ୍ଲା, ମ୪ତର୍ ଅ୪ନେକ୍
ଲକାର୍ ହାହ୍ ଅୟ୍ଲେକ୍ ହେଁ ଆର୍ କେମାହାଉଁକେ କାୟ୍ ବିଦି
ନ୪ରିଲେକ୍ ହେଁ ଇସ୍ୱରାର୍ ସେ ଦାନ୍ ଗିନେ ଅ୪ବେ ମାନାୟ୍
ନିର୍ଦସି ବ୪ଲି ଗ୪ଣ୍ତି ଅ୪ଉଁ ହାରେଦ୍ । 17 ଜଦି ଗଟ୍ ଲକାର୍
ହାହାର୍ ଗିନେ ମ୪ର୍ନ୍ ରାଜ୍ କ୪ଲି, ମ୪ତର୍ ଗଟ୍ ଲକାର୍ ଗିନେ
ବ୪ଲେକ୍ ଜିସୁ କ୍ରିସ୍ଟ ଜାୟ୍ରି କ୪ରିଆଚେ, ସେରି କ୪ଡେକ୍ ବ୪ଡ୍
କାମ୍ । ଜୁୟ୍ ସ୪ବୁ ଲକ୍ ଇସ୍ୱରାର୍ ବ୪ଡେ ଦ୪ୟାୟ୍ ବିନା ମଲେ
ଇସ୍ୱରାର୍ ତ୪ୟ୍ ଦ୪ର୍ମି ବ୪ଲି ଗ୪ଣ୍ତି ଅ୪ଉତି, ସେମ୪ନ୍ ଜିସୁ
କ୍ରିସ୍ଟର୍ ସ୪ଙ୍ଗ୍ ଜିବନେ ରାଜ୍ କ୪ର୍ତି । 18 ଗଟ୍ ଲକାର୍ ହାହ୍
ଜ୪ନ୍କ୪ରି ସ୪ବୁ ଲକ୍ମ୪ନ୍କେ ଡ୪ଣ୍ଡ ଗ୪ଟ୍ଲି, ସେନ୍କ୪ରି
ଗଟ୍ ଲକାର୍ ଦ୪ର୍ମି କାମାର୍ ବିଦି ଗିନେ ସ୪ବୁ ଲକାର୍ ହାଁୟ୍
ମୁକ୍ତି ଆର୍ ଜିବନ୍ ଆଣି ଦ୪ୟ୍ଆଚେ । 19 କାୟ୍ତାକ୍ବ୪ଲେକ୍
ଗଟ୍ ଲକାର୍ ବଲ୍ ଅମାନ୍ୟାର୍ ଗିନେ ସ୪ବୁ ଲକ୍ ହାହି ଅୟ୍ଲାୟ୍
ସେନ୍କ୪ରି ହେଁ ଗଟ୍ ଲକ୍ ବଲ୍ ମାନ୍ଲାର୍ ଗିନେ ସ୪ବୁ ଲକ୍
ଇସ୍ୱରାର୍ ଆକାୟ୍ ଦ୪ର୍ମି ଅ୪ଉତି । 20 ମସାର୍ ବିଦି ଆୟ୍ଲାକ୍,
ଜ୪ନ୍କ୪ରି ହାହ୍ ଜାଣାହ୪ଲ୍ଲି; ମ୪ତର୍ ହାହ୍ ଜ୪ବର୍ ଅୟ୍ଲାକ୍
ଇସ୍ୱରାର୍ ଦ୪ୟା ହେଁ ଅ୪ଦିକ୍ ଅୟ୍ଲି । 21 ହାହ୍ ଜୁୟ୍ ହ୪ର୍କାରେ
ମ୪ର୍ନ୍ ଗିନେ ରାଜ୍ କ୪ରିରିଲି, ସେନ୍କ୪ରି ଇସ୍ୱରାର୍ ଦ୪ୟା
ମାପ୍ରୁ ଜିସୁ କ୍ରିସ୍ଟର୍ ଗିନେ ଅ୪ମିମ୪ନ୍କ୍ ଦ୪ର୍ମି ଗ୪ଣ୍ତି କ୪ରି
ଅ୪ମ୍ବ୍ରର୍ ଜିବନ୍ ଦ୪ୟ୍ଦ୍ । **(aiōnios g166)**

**6** ତ୪ବେ ଅ୪ମିମ୪ନ୍ କାୟ୍କ୪ରୁଆଁ? ଦ୪ୟା ଜ୪ନ୍କ୪ରି
ବୁତେକ୍ ଅୟ୍ଦ୍ ଇତାର୍ ଗିନେ କାୟ୍ ହାହେ ରେଉଁଆ? 2
ସେରି କ୪ବେ ହେଁ ନ୪ଉଅ, ହାହେ ମ୪ରି ଆଚୁ ଜେ ଅ୪ମିମ୪ନ୍,
ସେତି କ୪ନ୍କ୪ରି ଜିବନ୍ ରେଉଁଆ? 3 ଅ୪ମିମ୪ନ୍ ଜ୪ତେକ୍ ଲକ୍
କ୍ରିସ୍ଟ ଜିସୁର୍ ତ୪ୟ୍ ବାପ୍ତିସମ୍ ଅୟ୍ ଆଚୁ, ସ୪ବୁଲକ୍ ଜେ ତାର୍
ମ୪ର୍ନେ ବାପ୍ତିସମ୍ ଅୟ୍ ଆଚୁ, ଇରି କି ତୁମିମ୪ନ୍ ନ୪ଜାଣାସ୍? 4
ବ୪ଲେକ୍ ଅ୪ମିମ୪ନ୍ ବାପ୍ତିସମ୍ ତ୪ୟ୍ ମ୪ଲାକ୍ ତାର୍ ସ୪ଙ୍ଗ୍
ତହି ଅୟ୍ ଆଚୁ, ଜ୪ନ୍କ୪ରି କ୍ରିସ୍ଟ ଉବାର୍ ଜ୪ଜ୍ମାନାର୍ ସ୪କ୍ତିଏ
ମ୪ଲା ଲକ୍ ତ୪ୟ୍ହୁଣି ଜୁୟ୍ ହ୪ର୍କାରେ ଉଟ୍ଲା ଅ୪ମିମ୪ନ୍ ହେଁ
ସେ ହ୪ର୍କାରେ ଜିବନାର୍ ନ୪ଉଆଁ ବାବେ ଚାଲାଚାଲ୍ତି କ୪ରୁଆଁ
। 5 କାୟ୍ତାକ୍ବ୪ଲେକ୍ ଜଦି ଅ୪ମିମ୪ନ୍ ତାର୍ ମ୪ର୍ନାର୍ ହର୍
ମ୪ର୍ନ୍ ବୟ୪ଗ୍ କ୪ରି ତାର୍ ସ୪ଙ୍ଗ୍ ଗଟେକ୍ ଅୟ୍ ଆଚୁ ସେନ୍
ଅୟ୍ଲେକ୍ ବାୟ୍ଦ୍ରେ ତାର୍ ଉଟ୍ତାର୍ ହର୍ ହେଁ ଉଟିକ୪ରି ତାର୍
ସ୪ଙ୍ଗ୍ ଗଟେକ୍ ଅ୪ଉଁନ୍ଡ୍ । 6 ଅ୪ମିମ୪ନ୍ ଇରି ଜାଣିଆଚୁ, କ୍ରିସ୍ଟର୍
ସ୪ଙ୍ଗ୍ କ୍ରୁସ୍ ଉହ୍ରେ ଅ୪ମାର୍ ହ୪ର୍ନା ଜିବନ୍ ମ୪ରିଆଚେ, ସେତାର୍
ଗିନେ ହାହାର୍ ଗ୪ଗାଲ୍ ନାସ୍ ଅୟ୍ଆଚେ ଆର୍ ଅ୪ମି ହାହ୍
ସେବାକାମେ ହୁଣି ମୁକ୍ତି ଅୟ୍ ଆଚୁ । 7 କାୟ୍ତାକ୍ବ୪ଲେକ୍ ଜେ
ମ୪ରି ଆଚେ ସେ ହାହାର୍ ସ୪କ୍ତିଏ ହୁଣି ମୁକ୍ଲିଆଚେ । 8 ମ୪ତର୍
ଅ୪ମିମ୪ନ୍ ଜଦି କ୍ରିସ୍ଟର୍ ସ୪ଙ୍ଗ୍ ମ୪ରି ଆଚୁ, ତ୪ନ୍ଅୟ୍ଲେକ୍
ଅ୪ମିମ୪ନ୍ ଜେ ତାର୍ ସ୪ଙ୍ଗ୍ ହେଁ ବଚୁନ୍ଡ୍, ଇରି ଅ୪ମିମ୪ନ୍ ବିସ୍ୱାସ୍

କଃରୁଲୁ । 9 ଇରି ତ ଅଃମିମଃନ୍ ଜାଣୁ, କ୍ରିସ୍ଟ ମଃଲା ଲକାର୍
ତଃୟ୍ ହୁଣି ଉଟ୍‌ଲାକ୍, ଆର୍ କଃବେ ନଃମେରେ; ଜିସୁର୍ ଉହ୍ରେ
ମଃର୍ନାର୍ ଆର୍ ଅଃଦିକାର୍ ନାୟ୍ । 10 କାୟ୍‌ତାକ୍‌ବଃଲେକ୍ ସେ
ଜୁୟ୍ ମଃର୍ନ୍ ବୟଃଗ୍ କଃଲା, ସେତାର୍ ଗିନେ ସେ ଗଟେକ୍ ତର୍
ହାହ୍ ଗିନେ ମଃଲା, ମଃତର୍ ସେ ଜୁୟ୍ ଜିବନେ ବାଚିଆଚେ
ସେରି ଇସ୍ୱରାର୍ ତଃୟ୍ ବାଚ୍‌ଲା ଆଚେ । 11 ସେ ହଃର୍କାରେ
ତୁମିମଃନ୍ ହେଁ ଅଃହ୍‌ଣା ଅଃହ୍‌ଣାର୍ ହାହେ ମଃରି ଆଚୁ ବଃଲି
ମଃନେକଃରା । ମଃତର୍ ତୁମିମଃନ୍ ଅଃବେ କ୍ରିସ୍ଟ ଜିସୁର୍ ଦଃୟ୍
ଜିବନ୍ ହାୟ୍ ଇସ୍ୱରାର୍ ସଃଙ୍ଗ୍ ମିସି ଆଚାସ୍ । 12 ଇତାର୍ ଗିନେ
ହାହ୍ ତୁମିମଃନାର୍ ଜଃଗତାର୍ ଗଃଗାଲେ ରାଜ୍ ନଃକେର, ସେରି
କଃଲେକ୍ ତୁମିମଃନ୍ ସେତିର୍ କଃରାବ୍ ଇଚାର୍ ତଃଲେ ଚାଲୁଲାସ୍
। 13 ତୁମିମଃନ୍ ନିଜ୍ ନିଜ୍‌କେ କୁୟ୍ ହଃର୍କାରେ ହେଁ ହାହାର୍
ଚଃମେ ସଃହ୍ରି ଅୟ୍‌କଃରି ଦୁସ୍ଟ କାମାର୍ ଅଃସ୍ତୁର୍ ବାବେ କାମ୍
କଃରା ନାୟ୍ । ମଃତର୍ ମଃର୍ନେ ହୁଣି ରଃକ୍ୟା ହାୟ୍ ଜିବନ୍
ହାୟ୍‌ରିଲାର୍ ଗିନେ ତୁମିମଃନ୍ ଦଃର୍ମ୍ କାମ୍ ସାଦୁନ୍ କଃର୍ତା ହାୟ୍ଁ
ଅଃହ୍‌ଣା ଅଃହ୍‌ଣାକ୍ ଇସ୍ୱରାର୍ ତଃୟ୍ ସଃହ୍ରି ଦିଆସ୍ । 14 ହାହ୍
ତୁମାର୍ ଉହ୍ରେ ରାଜ୍ ନଃକେର । ବଃଲେକ୍ ତୁମିମଃନ୍ ବିଦିର୍
ତଃଲେ ନାୟ୍, ମଃତର୍ ଇସ୍ୱରାର୍ ଦଃୟାର୍ ତଃଲେ ଆଚାସ୍ ।
15 ତଃବେ କାୟ୍‌ରି? ଅଃମିମଃନ୍ ଜେ ବିଦିର୍ ତଃଲେ ନାୟ୍,
ମଃତର୍ ଦଃୟାର୍ ତଃଲେ ଆଚୁ, ଇତାର୍ ଗିନେ କାୟ୍ ହାହ୍
କଃରୁଆଁ? ସେରି କଃବେ ହେଁ ନଃଉଅ । 16 ତୁମିମଃନ୍ ବାୟ୍‌ଦ୍‌ରେ
ଜାଣି ଆଚାସ୍, ଜଦି ତୁମି କାର୍ ତଃଲ୍ୟା ଅୟ୍‌କଃରି ସେ ଲକାର୍
ହୁରା କଃତା ମାନାସ୍, ତଃବେ ତୁମି ସେଲକାର୍ ଗତିଦଃଙ୍ଗ୍ଲା
। ଜଦି ହାହାର୍ ଗତିଦଃଙ୍ଗ୍ଲା ଅଃଉଆସ୍, ତଃବେ ମଃରାସ୍;
ଜଦି ଇସ୍ୱରାର୍ ଦଃଙ୍ଗ୍ଲା ଅଃଉଆସ୍, ତଃବେ ତୁମାର୍ ଜିବନ୍
ବଚେଦ୍ । 17 ମଃତର୍ ଇସ୍ୱର୍‌କେ ଦନ୍ୟବାଦ୍ ଦେଉଁଲେ ଜେ
ତୁମିମଃନ୍ ହୁର୍ବେ ହାହାର୍ ଗତିଦଃଙ୍ଗ୍ଲା ରିଲାସ୍, ତୁମିମଃନ୍
ଅଃବେ ନିକ କବୁରାର୍ ସିକ୍ୟା ହାୟ୍‌ରିଲା, ସଃତ୍ ବିସୟ୍ ସଃବୁ
ମଃନ୍ ହଃରାଣେ ମାନୁଲାସ୍ । 18 ତୁମି ହାହେ ହୁଣି ମୁକ୍ଲିକଃରି
ଦଃର୍ମାର୍ ଗତିଦଃଙ୍ଗ୍ଲା ଅୟ୍ ଆଚାସ୍ । 19 ତୁମିମଃନାର୍ ଦୁର୍ବୁଲ୍
ଗିନେ, ଇ ସଃବୁ କଃତା ମୁୟ୍ଁ ଚାଲ୍‌ତା ବାସାୟ୍ କଃଉଁଲେ ।
ତୁମିମଃନ୍ ଜଃନ୍‌କଃରି ଅଃଦଃର୍ମ୍ ଗିନେ ଅଃହ୍‌ଣା ଅଃହ୍‌ଣାର୍ ସଃବୁ
ଗଃଗାଲ୍‌କେ ବିଟାଲ୍ ଆର୍ ଅଃଦଃର୍ମାର୍ ତଃୟ୍ ଗତିଦଃଙ୍ଗ୍ଲା ହର୍
ସଃହ୍ରି ରିଲାସ୍, ସେନ୍‌କଃରି ଅଃବେ ଅଃହ୍‌ଣା ଅଃହ୍‌ଣାର୍ ସଃବୁ
ଗଃଗାଲ୍‌କେ ନିର୍ମୁଲ୍ ଗିନେ ଦଃର୍ମ୍ ଟାଣେ ଗତିଦଃଙ୍ଗ୍ଲା ହର୍ ସଃହ୍ରି
ଆଚାସ୍ । 20 ତୁମିମଃନ୍ ହାହାର୍ ଗତିଦଃଙ୍ଗ୍ଲା ରିଲା ବଃଲ୍
ଦଃର୍ମ୍ ବିସୟେ ମୁକ୍ତ ରିଲାସ୍ । 21 ଅଃବେ ତୁମିମଃନ୍ ଜୁୟ୍ ସଃବୁ
କାମ୍ କଃରୁକେ ଲାଜ୍ ଅଃଉଁଲାସ୍, ସଃଡେବଃଲ୍ ସେସଃବୁ କଃର୍ତି
ରିଲାସ୍ । ତଃବେ ସେଡି ହୁଣି ତୁମି କାୟ୍ ଲାବ୍ ହାୟ୍‌ଲାସ୍? ସେ
ସଃବୁ କାମାର୍ ହଃଲ୍ ତ ମଃର୍ନ୍ । 22 ମଃତର୍ ଅଃବେ ତୁମିମଃନ୍
ହାହାର୍ ତଃଲେ ହୁଣି ମୁକ୍‌ଲି କଃରି ଇସ୍ୱରାର୍ ଗତିଦଃଙ୍ଗ୍ଲା ଅୟ୍
ଆଚାସ୍ । ଇତିର୍ ଲାବ୍ ଅଃଉଁଲି, ଇସ୍ୱରାର୍ ତଃୟ୍ ହୁରାହୁରି
ଆତ୍ମାୟ୍ ହୁର୍ତାର୍ ଆର୍ ଇତିର୍ ହଃଲ୍ ଅଃମ୍ବ୍ରର୍ ଜିବନ୍ । (aiōnios
g166) 23 କାୟ୍‌ତାକ୍‌ବଃଲେକ୍ ହାହାର୍ ବୁତି ମଃର୍ନ୍, ମଃତର୍
ଇସ୍ୱରାର୍ ଦଃୟାର୍ ଦାନ୍ ଅଃଉଁଲି, ମାପ୍ରୁ ଜିସୁ କ୍ରିସ୍ଟର୍ ସଃଙ୍ଗେ
ରିଲେକ୍ ଅଃମ୍ବ୍ରର୍ ଜିବନ୍ । (aiōnios g166)

7 ଏ ବାୟ୍‌ବେଣିମଃନ୍ ଅଃବେ ଜାୟ୍‌ରି କୟ୍‌ଦ୍ ବଃଲୁଲେ,
ତୁମିମଃନ୍ ସେରି ବୁଜୁକେ ହାରାସ୍, ବଃଲେକ୍ ତୁମିମଃନ୍
"ମସାର୍ ବିଦି" ବିସୟେ ଜାଣିଆଚାସ୍ । ମାନାୟ୍ ଜୁୟ୍ ହଃତେକ୍
ଜିବନ୍ ରଃୟ୍‌ଦ୍ ସେ ହଃତେକ୍ ମସାର୍ ବିଦି ତଃଲେ ରଃୟ୍‌ଦ୍
। 2 ଅଃଣ୍ଟା ଜିବନ୍ ରେତା ହଃତେକ୍ ତାର୍ ଡକୁର୍ସି ତାର୍ ସଃଙ୍ଗ୍
ବିବା ବାନ୍ଧଣେ ବାନ୍ଦି ଅୟ୍ ରଃୟ୍‌ଦ୍, ମଃତର୍ ଅଃଣ୍ଟା ମଃରି
ଗଃଲେକ୍ ମାୟ୍‌ଜି ଇ ବିଦି ତଃୟ୍‌ହୁଣି ମୁକ୍ଲେଦ୍ । 3 ଅଃଣ୍ଟା
ଜିବନ୍ ରେଉଁ ରେଉଁ, ଡକୁର୍ସି ଜଦି ବିନ୍ ଅଃଣ୍ଟାକେ ବିବା ଅୟ୍‌ଦ୍,
ତାକେ ଦାରିଆଣି ବଃଲି କଃଉଆ ଅୟ୍‌ଦ୍; ମଃତର୍ ଅଃଣ୍ଟା ଜଦି
ମଃରେଦ୍, ତଃବେ ମାୟ୍‌ଜି ମସାର୍ ବିଦି ତଃୟ୍‌ହୁଣି ମୁକ୍ତି ଅୟ୍‌ଦ୍,
ଆର୍ ସେ ବିନ୍ ଅଃଣ୍ଟାକେ ବିବା ଅୟ୍‌ଲେକ୍, ସେ ଦାରିଆଣି ନାୟ୍
। 4 ଏ ମର୍ ବାୟ୍‌ବେଣିମଃନ୍ ତୁମିମଃନାର୍ ହେଁ ଟିକ୍ ସେହର୍ ।
ତୁମିମଃନ୍ ବାପ୍ତିସମ୍ ଦଃୟ୍ କ୍ରିସ୍ଟର୍ ଗଃଗାଲ୍ ସଃଙ୍ଗ୍ ମଃର୍ନ୍ ବୟ୍‌ଗ୍
କଃରି, ତାର୍ ଉଟ୍‌ଲାତଃୟ୍ ହେଁ ଅଃଦିକାରି ଅୟ୍ ଆଚାସ୍ ଆର୍
ଅଃବେ ତୁମିମଃନ୍ ଇସ୍ୱରାର୍ ନିକ ଦଃଙ୍ଗ୍ଲା ଅୟ୍, ବିଦିର୍ ଗିନେ
ତୁମିମଃନ୍ ମଃରି ଆଚାସ୍ । 5 କାୟ୍‌ତାକ୍‌ବଃଲେକ୍ ଜଃଡେବଃଲ୍
ଅଃମିମଃନ୍ ଗଃଗାଲାର୍ ତଃଲେ ରିଲୁ ସଃଡେବଃଲ୍ ବିଦି ତଃୟ୍
ହାହ୍ ଇଚା ସଃବୁ ଅଃମିମଃନାର୍ ସଃର୍ନେ ଗଃଗାଲ୍ ବିଟ୍ରେ ମଃର୍ନାର୍
ଗିନେ ହଃଲ୍ ଉବ୍‌ଜାଉଁକ୍ କାମ୍ କଃର୍ତି ରିଲୁ । 6 ଅଃବେ ବିଦିଏ
ହୁଣି ମୁକ୍ତି ହାୟ୍ ଆଚୁ, ବଃଲେକ୍ ଜୁୟ୍‌ରି ଦିନେକ୍ ଅଃମିକ୍ ବାନ୍ଦି
କଃରି ରଃକିରିଲି, ସେ ତଃୟ୍‌ହୁଣି ଅଃମି ଅଃବେ ମଃରି ଆଚୁ ।
ଅଃମି ହୁର୍ବାର୍ ହର୍ ଲେକାର୍ ବିଦିର୍ ସେବା ନଃକେରୁ, ପବିତ୍ର
ଆତ୍ମା ଦଃକାୟ୍‌ଲା ବାଟେ ଅଃବେ ଅଃମି ଜଃଉଁଲୁ । 7 ତଃବେ
ଅଃମିମଃନ୍ କାୟ୍‌ରି କଃଉଆ? ବିଦି କାୟ୍ ହାହ୍? ସେରି କଃବେ
ହେଁ ନଃଉଅ । ଗଟ୍‌ବାଟ୍ ହାହ୍ କାୟ୍‌ରି, ସେରି ବିଦି ଚାଡି ମୁୟ୍ଁ
ନଃଜାଣ୍‌ଲେ ହୁଣି, କାୟ୍‌ତାକ୍‌ବଃଲେକ୍ ଲଃବ୍ କଃରା ନାୟ୍, ବିଦି
ଇରି କୟ୍ ନଃରିଲେକ୍ ଲଃବ୍ କାୟ୍‌ରି ସେରି ମୁୟ୍ଁ ନଃଜାଣ୍‌ଲେ
ହୁଣି । 8 ମଃତର୍ ହାହ୍ ବେଲ୍ ଦଃକି ବିଦି ଗିନେ ମର୍ ତଃୟ୍ ସଃବୁ
ହଃର୍କାର୍ ଲଃବ୍ ଜଃଲମ୍ କଃଲି; କାୟ୍‌ତାକ୍‌ବଃଲେକ୍ ବିଦି ଚାଡି
ହାହ୍ ମଃଲାର୍ । 9 ଆର୍, ଦିନେକ୍ ମୁୟ୍ଁ ବିନା ବିଦିଏ ବଚ୍‌ତିରିଲେ
ମଃତର୍ ମସାର୍ ବିଦି ଆୟ୍‌ଲାକ୍ ହାହ୍ ଜିବନ୍ ଅୟ୍‌ଲି, ଆରେକ୍
ମୁୟ୍ଁ ମଃଲେ । 10 ସେତାକ୍ ଜିବନ୍ ଦେଉଁକେ ଜୁୟ୍ ଆଦେସ୍
ମର୍ ଗିନେ ଆତ୍ମିକ୍ ମଃର୍ନ୍ ବିସୟ୍ ବଃଲି ସେରି ଜାଣା ଗଃଲି
। 11 ବଃଲେକ୍ ହାହ୍ ବେଲ୍ ଦଃକି ବିଦି ମକେ ଟକ୍‌ଲି, ଆର୍
ମକେ ଅଃତ୍ୟା କଃଲି । 12 ମସାର୍ ବିଦି ପବିତ୍ର; ତାର୍ ବଲ୍ ସଃବୁ
ପବିତ୍ର, ଟିକ୍ ଆର୍ ନିକ । 13 ତଃନ୍ ଅୟ୍‌ଲେକ୍ ଜୁୟ୍‌ରି ନିକ

ସେରି କି ମର୍ ଗିନେ ମଃର୍ନାର୍ ବିସୟ୍ ଅୟ୍‌ରିଲି? ସେରି କଃବେ
ହେଁ ନଃଉଅ । ହାହ୍ ହଃକା ସେରି କଃଲି, ନିକ ବିଦିକେ ବେବାର୍
କଃରି ହାହ୍ ମର୍ ମଃର୍ନ୍ ଗଃଟାୟ୍‌ଲି । ସେତାର୍ ଗିନେ ହାହାର୍
ଟିକ୍ ରୁହ୍ ଜାଣା ହଃଲ୍‌ଲି । ତଃବେ ବିଦିର୍ ଦଃୟ୍ ହାହାର୍ ବଃଡେ
ବୟ୍‌ଙ୍କାର୍ ବିସୟ୍ ଜାଣାହଃଲ୍‌ଲି । 14 ଅଃମିମଃନ୍ ଜାଣୁ, ବିଦି
ଆତ୍ମିକ୍ । ମଃତର୍ ମର୍ ମଃର୍ତା ଗଃଗାଲ୍ ହାହାର୍ ଗତିଦଃଙ୍ଗ୍‌ଲା ।
15 ମୁୟ୍ଁ ଜାୟ୍‌ରି କଃରିନ୍ଙ୍କ ସେରି ନଃଜାଣି, ମୁୟ୍ଁ ଜାୟ୍‌ରି ଇଚା
କଃରିନ୍ଙ୍କ ସେରି ନଃକେରି, ମଃତର୍ ମୁୟ୍ଁ ଜାୟ୍‌ରି ଗିଣ୍ କଃରିନ୍ଙ୍କ
ସେରି ହଃକା କଃରିନ୍ଙ୍କ । 16 ମଃତର୍ ଜାୟ୍‌ରି ମୁୟ୍ଁ ଇଚା ନଃକେରି
ସେରି ଜଦି କଃରିନ୍ଙ୍କ ତଃବେ ବିଦି ନିକ ବଃଲି ସେରି ମୁୟ୍ଁ ମାନୁଲେ
। 17 ଇତାକ୍ ମୁୟ୍ଁ ଆର୍ ସେରି ନଃକେରି ମଃତର୍ ମର୍ ତଃୟ୍
ରେତା ହାହ୍ ସେରି କଃରୁଲି । 18 ଇରି ମୁୟ୍ଁ ଜାଣି ମର୍ ତଃୟ୍,
ଗଃଗାଲେ ଜୁୟ୍‌ରି ହେଁ ନିକ ବିସୟ୍ ବାସା ନଃକେରେ, ଜଃନ୍ ମୁୟ୍ଁ
ଇଚା କଃରୁ ହାରୁଲେ, ମଃତର୍ ଜାୟ୍‌ରି ନିକ ସେରି କଃରୁକେ
ମର୍ ବଃଲ୍ ନାୟ୍ । 19 ବଃଲେକ୍ ଜୁୟ୍ ନିକ କାମ୍ କଃରୁକେ ମୁୟ୍ଁ
ଇଚା କଃରିନ୍ଙ୍କ, ସେରି ନଃକେରି, ମଃତର୍ ଜୁୟ୍ କଃରାବ୍ କାମ୍
କଃରୁକେ ମୁୟ୍ଁ ଇଚା ନଃକେରି ସେରି କଃରୁଲେ । 20 ମଃତର୍
ଜୁୟ୍‌ରି ମୁୟ୍ଁ ଇଚା ନଃକେରି, ସେରି ଜଦି କଃରିନ୍ଙ୍କ, ତଃବେ ମୁୟ୍ଁ
ନିଜେ ସେରି ନଃକେରୁଲେ, ମଃତର୍ ମର୍ ତଃୟ୍ ବାସା କଃର୍ତା
ହାହ୍ ସେରି କଃରୁଲି । 21 ଇରି ମର୍ ବିତ୍ରେ କାମ୍ କଃରୁଲା
ଗଟେକ୍ ବିଦି, ମୁୟ୍ଁ ଦଃକୁଲେ, ଜଃଡ୍‌ବଃଲ୍ ନିକ କାମ୍ କଃରୁକେ
ମଃନ୍ କଃରୁଲେ, ସେରି ନଃକେରି ଜୁୟ୍‌ରି କଃରାବ୍‌ରି ସେରି
ହଃକା କଃରୁଲେ । 22 ଇସ୍ୱରାର୍ ବିଦି ମାନୁକେ ମର୍ ମଃନ୍ । 23
ମଃତର୍ ମୁୟ୍ଁ ମର୍ ଗଃଗାଲେ ଗଟେକ୍ ବିନ୍ ବିଦି ଦଃକୁଲେ, ସେରି
ମର୍ ମଃନାର୍ ବିଦି ବିରଦେ ଜୁଜ୍ କଃରେଦ୍ ଆର୍ ମର୍ ସଃବୁ
ଗଃଗାଲେ ଜୁୟ୍ ହାହାର୍ ବିଦି ଆଚେ ମକେ ସେତି ବାନ୍ଦେଦ୍ । 24
କଃଡେକ୍ ବାୟ୍‌ଗ୍ ନୟ୍‌ଲାର୍ ମୁୟ୍ଁ! ମକ୍ ଇ ମଃର୍ତା ଗଃଗାଲେ ହୁଣି
କେ ମୁକ୍ତି କଃରେଦ୍? 25 ଇସ୍ୱରାର୍ ଦନ୍ୟବାଦ୍, ମାପ୍ରୁ ଜିସୁ କ୍ରିସ୍ଟର୍
ଦଃୟ୍ ଇରି ସେ ସାଦୁନ୍ କଃରିଆଚେ । ତଃବେ ଇରି ଅଃଉଁଲି
ମର୍ ଅବୁସ୍ତା । ଇସ୍ୱରାର୍ ବିଦି ଅଃବ୍‌କା ମୁୟ୍ ମର୍ ମଃନେ ମାନୁ
ହାରି । ମଃତର୍ ମର୍ ମାନାୟ୍ ଗୁଣ୍ ମକେ ହାହାର୍ ସେବାକାରି
ଅଃଉଁକେ ବଃଲ୍‌ମାଡ୍ କଃରୁଲି ।

**8** ଜୁୟ୍ ଲକ୍‌ମଃନ୍ କ୍ରିସ୍ଟ ଜିସୁର୍ ସଃଙ୍ଗ୍ ଜିବନ୍ କାଟୁଲାୟ୍,
ସେମଃନାର୍ ଗିନେ ଅଃବେ କାୟ୍ ଡଃଣ୍ଡ ନାୟ୍ । 2 ପବିତ୍ର
ଆତ୍ମା ଜୁୟ୍ ବିଦି ଦଃୟ୍ ଅଃମିକ୍ କ୍ରିସ୍ଟ ଜିସୁର୍ ସଃଙ୍ଗ୍ ମିସାୟ୍ କଃରି
ଜିବନ୍ ଦଃୟ୍‌ଆଚେ, ସେତାର୍ ଗିନେ ଅଃମିମଃନ୍ ହାହ୍ ଆର୍
ମଃର୍ନାର୍ ବିଦି ତଃୟ୍‌ହୁଣି ମୁକ୍‌ଳି ଆଚୁ । 3 ମାନାୟ୍‌ର୍ ଦୁର୍ବଳାର୍
ଗିନେ ମସା ଦିଲା ବିଦି ଜାୟ୍‌ରି ସାଦୁନ୍ କଃରୁକେ ନାହାର୍ଲି,
ଇସ୍ୱର୍ ସେରି କଃରି ଆଚେ । ନଃର୍ ଜିବନେ ହାହ୍‌କେ ନାସ୍
କଃର୍ତା ହାୟ୍ଁ ସେ ନିଜାର୍ ହୟ୍‌ସିକେ ହାହି ମାନାୟ୍ ହର୍ କଃରି
ହଃଟାୟ୍‌ଲା ଆର୍ କ୍ରିସ୍ଟ ଜିସୁ ହାହାର୍ ସଃକ୍ତି ନାସ୍ କଃରି ଆଚେ
। 4 ଜଃନ୍‌କଃରି ଗଃଗାଲାର୍ ବାବ୍‌ନା ହଃର୍କାରେ ଚାଲାଚାଲ୍‌ତି
ନଃକେରି ଆତ୍ମାର୍ ଗିଣେ ଚାଲାଚାଲ୍‌ତି କଃରି ରେଉଁନ୍ଙ୍କ ଜେ
ଅଃମିମଃନ୍, ଅଃମିମଃନାର୍ ତଃୟ୍ ବିଦିର୍ ଦଃର୍ମ୍‌ବିଦି ହୁରା ଅୟ୍‌ଦ୍
। 5 କାୟ୍‌ତାକ୍‌ବଃଲେକ୍ ଜୁୟ୍ ଲକ୍‌ମଃନ୍ ଜଃଗତାର୍ ସେମଃନ୍
ଗଃଗାଲାର୍ ବିସୟେ ମଃନ୍ ଦେତି, ମଃତର୍ ଜୁୟ୍ ଲକ୍‌ମଃନ୍
ଆତ୍ମାର୍ ମଃନାର୍ ଲକ୍, ସେମଃନ୍ ଆତ୍ମାର୍ କଃତାୟ୍ ମଃନ୍ ଦେତି
। 6 କାୟ୍‌ତାକ୍‌ବଃଲେକ୍ ଗଃଗାଲାର୍ ବାବ୍‌ନା ମଃର୍ନ୍ ଦଃୟ୍‌ଦ୍,
ମଃତର୍ ଆତ୍ମାର୍ ଗୁଣ୍ ଜିବନ୍ ଆର୍ ସୁସ୍ତାର୍ । 7 ଜଃନ୍ ଗଃଗାଲାର୍
ବାବ୍ ଇସ୍ୱରାର୍ ବିରଦେ ସଃତ୍ରୁ, ବଃଲେକ୍ ସେରି ଇସ୍ୱରାର୍ ବିଦିର୍
ତଃଳିଆ, ଆରେକ୍ ତଃଳିଆ ଅଃଉଁକେ ନାହାରେ । 8 ଜୁୟ୍
ଲକ୍‌ମଃନ୍ ଗଃଗାଲାର୍ ତଃଳେ ଆଚ୍‌ତି, ସେମଃନ୍ ଇସ୍ୱରାର୍
ସଃନ୍‌ମତ୍ ଅଃଉଁକେ ନଃହାର୍‌ତି । 9 ମଃତର୍ ଇସ୍ୱରାର୍ ଆତ୍ମା
ଜଦି ତୁମିମଃନାର୍ ତଃୟ୍ ବାସା କଃରେଦ୍, ସେରି ଅୟ୍‌ଲେକ୍
ତୁମିମଃନ୍ ଗଃଗାଲାର୍ ତଃଳେ ନାୟ୍ । ମଃତର୍ ଆତ୍ମାର୍ ତଃଳେ
ଆଚାସ୍ । ଜଦି କେ କ୍ରିସ୍ଟର୍ ଆତ୍ମା ହାୟ୍ ନଃରେୟ୍, ତଃବେ
ସେ ତାର୍ ନାୟ୍ । 10 ମଃତର୍ ଜଦି କ୍ରିସ୍ଟ ତୁମିମଃନାର୍ ତଃୟ୍
ବାସାକଃରୁଲା, ତୁମାର୍ ଗଃଗାଲ୍ ହାହେ ନଃସ୍ଟ ଅଃଉଁକେ ଜାତି
ରିଲେକ୍, ପବିତ୍ର ଆତ୍ମା ତୁମିକେ ଜିବନ୍ ଦଃୟ୍‌ଦ୍, ବଃଲେକ୍
ଇସ୍ୱରାର୍ ଆକାୟ୍ ତୁମିମଃନ୍ ଦଃର୍ମିବଃଲି ଗଃଣ୍‌ତି ଅୟ୍ ଆଚାସ୍ ।
11 ଆର୍ ଜେ ମଃଲା ଲକ୍‌ମଃନାର୍ ତଃୟ୍‌ହୁଣି ଜିସୁକେ ଉଟାୟ୍‌ଲା
ତାର୍ ଆତ୍ମା ଜଦି ତୁମିମଃନାର୍ ତଃୟ୍ ବାସା କଃରେଦ୍, ତଃବେ
ଜେ ମଃଲା ଲକାର୍ ବିତ୍ରେ ହୁଣି କ୍ରିସ୍ଟ ଜିସୁକେ ଉଟାୟ୍‌ଲା, ସେ
ତୁମିମଃନାର୍ ତଃୟ୍ ବାସା କଃର୍ତି ରେତା ଅଃହ୍‌ଣାର୍ ଆତ୍ମାର୍
ଗିନେ ତୁମିମଃନାର୍ ଜଃଗତାର୍ ଗଃଗାଲ୍‌କେ ହେଁ ଜିବନ୍ ଦଃୟ୍‌ଦ୍
। 12 ତଃବେ, ଏ ବାୟ୍‌ବେଣିମଃନ୍ ଅଃମିମଃନାର୍ କାମ୍ ଅଃଉଁଲି
ମାନାୟ୍ ମଃନାର୍ ଗୁଣ୍ ହଃର୍କାରେ ଜିବନ୍ କାଟୁ ନଃଚୁଆଁ । 13
କାୟ୍‌ତାକ୍‌ବଃଲେକ୍ ଜଦି ଗଃଗାଲାର୍ ବାବ୍ ହଃର୍କାରେ ଜିବନ୍
କାଟାସ୍, ତଃବେ ବାୟ୍‌ଦ୍‌ରେ ମଃରାସ୍, ମଃତର୍ ଜଦି ଆତ୍ମାୟ୍
ତୁମିମଃନ୍ ଗଃଗାଲାର୍ କାମ୍ ସଃବୁ ନାସ୍ କଃରାସ୍ ତଃବେ
ବଚାସ୍ । 14 ସେତାକ୍ ଜଃତେକ୍ ଲକ୍ ଇସ୍ୱରାର୍ ଆତ୍ମାୟ୍
ଚାଲ୍‌ତି ସେମଃନ୍ ଇସ୍ୱରାର୍ ହିଲାମଃନ୍ । 15 କାୟ୍‌ତାକ୍‌ବଃଲେକ୍
ଇସ୍ୱର୍ ଦିଲା ସେ ଆତ୍ମା ତୁମିମଃନ୍‌କେ ଗତି ତଃୟ୍ ହୁଣି ମୁକ୍ତି
କଃରିଆଚେ, ତୁମି ଆରେକ୍ ଡିର୍ତା ଲଳାନାୟ୍ । ମଃତର୍ ପବିତ୍ର
ଆତ୍ମା ତୁମିମଃନ୍‌କେ ଇସ୍ୱରାର୍ ହିଲା ଅଃଉତାର୍ ଅଃଦିକାର୍
ଦଃୟ୍ ଆଚେ । ସେତାର୍ ଗିନେ ଅଃମି ଅଃବେ ଇସ୍ୱର୍‌କେ "ଉବା"
ବଃଲି କଃଉଁଲୁ । 16 ଅଃମିମଃନ୍ ଇସ୍ୱରାର୍ ହୟ୍‌ସି ବଃଲି
ସେ ଆତ୍ମା ନିଜେ ଅଃମିମଃନାର୍ ଆତ୍ମା ସଃଙ୍ଗ୍ ସାକି ଦେଉଁଲି ।
17 ବଃଲେକ୍ ଅଃମିମଃନ୍ ଇସ୍ୱରାର୍ ହିଲା, ତାର୍ ଲକ୍‌ମଃନାର୍
ଗିନେ ଇସ୍ୱର୍ ଜୁୟ୍ ଆସିର୍ବାଦ୍ ସଃଙ୍ଗ୍ଲାୟ୍ ଆଚେ ସେତି ହେଁ
ଅଃମି ଅଃଦିକାର୍ ହାଉଁନ୍ଙ୍କ । ଆରେକ୍ କ୍ରିସ୍ଟର୍ ଗିନେ ଇସ୍ୱର୍
ଜାୟ୍‌ରି ସଃବୁ ସଃଙ୍ଗ୍ଲାୟ୍ ଆଚେ ସେରି ହେଁ ଅଃମାର୍ ଅଃଦିକାର୍

ଆଚେ ଜଦି ଅଃମିମଃନ୍ ଜିସୁର୍ ଦୁକ୍ ବଗେ ହେଁ ବାଗିଦାର୍
ଅଃଉଁଲୁ, ତେବେ ତାର୍ ଜଃଜ୍ମାନେ ହେଁ ଅଃଦିକାରି ଅଃଉଁନ୍ଦ
। 18 ବଃଲେକ୍ ମର୍ ବାବ୍ନାୟ୍ ଜୁୟ୍ ଜଃଜ୍ମାନ୍ ଅଃମିମଃନ୍କ୍
ମିଳେଦ୍, ସେ ଇସାବେ ଇ ଅଃବାର୍ କାଳାର୍ ଦୁକ୍ ବୟ୍ଗ୍ କଃର୍ତାର୍
କାୟ୍ରି ହେଁ ନାୟ୍ । 19 ମାପ୍ରୁ ତିଆର୍ କଃଲା ସଃବୁ ବିସୟ୍
ସଃର୍ଦାମଃନେ ସେଦିନ୍କେ ଜାଗି ଆଚେ, 20 ବଃଲେକ୍ ଉବ୍ଜାଣ୍
ଇସ୍ୱରାର୍ ତଃୟ୍ହୁଣି ସାୟ୍ପ୍ ହାୟ୍ ତାର୍ ଟିକ୍ ଜଃଗାୟ୍ହୁଣି
ବିନେ ଅୟ୍ଆଚେ । ମଃତର୍ ଅୟ୍ଲେକ୍ ହେଁ ତାର୍ ବଃର୍ସା ଆଚେ
। 21 ଆର୍ ଇସ୍ୱରାର୍ ହିଲାମଃନାର୍ ଜଃଜ୍ମାନାର୍ ବାଗିଦାରି
ଅୟ୍ ଉବ୍ଜାଣ୍ ନିଜେ ନଃସ୍ଟ ଅଃଉତା ବାନ୍ଦଣେ ହୁଣି ଗଟ୍ଦିନ୍
ମୁକ୍ତ ଅୟ୍ଦ୍ । 22 କାୟ୍ତାକ୍ବଃଲେକ୍ ସଃବୁ ଉବ୍ଜାଣ୍ ଜେ
ଆଜି ହଃତେକ୍ ଗଟେସଃଙ୍ଗ କାନ୍ଦଲି, ଆର୍ ହିଲାର୍ନି ଦୁକାୟ୍ କଃସ୍ଟ
ହାଉଁଲି, ଇରି ଅଃମିମଃନ୍ ଜାଣୁଲୁ । 23 ଅଃମିମଃନ୍ ଇସ୍ୱରାର୍
ହଃର୍ତୁ ଦାନ୍ ହର୍ ପବିତ୍ର ଆତ୍ମାକେ ହାୟ୍ ଆଚୁ; ଅୟ୍ଲେକ୍
ହେଁ ଇସ୍ୱରାର୍ ଗଃର୍କୁଟୁମାର୍ ଲକ୍ ଅୟ୍ ଗଃଗାଳାର୍ ମୁକ୍ତି
ହାଉତାର୍ ଗିନେ ଅଃମି ହେଁ ଜାଗିକଃରି ମଃନ୍ ବିତ୍ରେ କାନ୍ଦଲୁ
। 24 କାୟ୍ତାକ୍ବଃଲେକ୍ ବଃର୍ସାୟ୍ ଅଃମିମଃନ୍ ମୁକ୍ତି ହାୟ୍
ଆଚୁ, ମଃତର୍ ଆକାୟ୍ ଦଃକ୍ତା ଜୁୟ୍ ବଃର୍ସା ସେରି ବଃର୍ସା
ନାୟ୍, ବଃଲେକ୍ ଜୁୟ୍ରି ଗଟ୍ଲକ୍ ଦଃକୁଲା, ସେତାର୍ ଗିନେ ସେ
କାୟ୍କଃରୁକ୍ ଆର୍ ବଃର୍ସା କଃରେଦ୍? 25 ମଃତର୍ ଅଃମିମଃନ୍
ଜାୟ୍ରି ନଃଦେକୁଲୁ ଜଦି ତାର୍ ଗିନେ ଆସା କଃରୁନ୍ଦ, ତଃନ୍
ଅୟ୍ଲେକ୍ ସଃମ୍ବାଳି କଃରି ତାକେ ଜାଗି ରେଉଁନ୍ଦ । 26 ଆର୍ ସେ
ହଃର୍କାରେ ଆତ୍ମା ହେଁ ଅଃମିମଃନାର୍ ଦୁର୍ବୁଳେ ଉହ୍କାର୍ କଃରେଦ୍,
କାୟ୍ତାକ୍ବଃଲେକ୍ କାୟ୍ରି ପାର୍ତ୍ନା କଃର୍ତା ଲଳା, ସେରି
ଅଃମିମଃନ୍ ନଃଜାଣୁ, ସେତାର୍ଗିନେ ଆତ୍ମା ନିଜେ କୟ୍ ନଃଉତା
ବାସାୟ୍ ଅଃମାର୍ ଗିନେ ସଃବୁବଃଲ୍ ଗଃଉଆରି କଃରେଦ୍ ।
27 ଆରେକ୍ ଜେ ଅଃମିମଃନାର୍ ମଃନ୍ ବିତ୍ରାର୍ ଜାଣେଦ୍, ସେ
ଆତ୍ମାର୍ ବାବ୍ କାୟ୍ରି ସେରି ଜାଣେଦ୍, କାୟ୍ତାକ୍ବଃଲେକ୍
ଇସ୍ୱରାର୍ ଇଚା ହଃର୍କାରେ ଦଃର୍ମି ଲକାର୍ ଗିନେ ଗଃଉଆରି
କଃରେଦ୍ । 28 ଇରି ଅଃମିମଃନ୍ ଜାଣୁ ଜେ, ଜୁୟ୍ ଲକ୍ମଃନ୍
ଇସ୍ୱର୍କେ ଲାଡ୍ କଃର୍ତି, ଜୁୟ୍ ଲକ୍ମଃନ୍ ତାର୍ ଇଚା ହଃର୍କାରେ
କୁଦାଜାୟ୍ ଆଚ୍ତି, ଇସ୍ୱର୍ ଜେ ସେ ସଃବୁ କଃତାୟ୍ ସେମଃନାର୍
ନିକ କଃରେଦ୍ । 29 କାୟ୍ତାକ୍ବଃଲେକ୍ ଜୁୟ୍ ଲକ୍ମଃନ୍କେ
ସେ ହୁର୍ବେ ହୁଣି ଜାଣି ରିଲା ସେମଃନ୍କେ ତାର୍ ହୟ୍ସିର୍ ମୁର୍ତି
ହର୍ ଅଃଉଁକେ, ସେ ହୁର୍ବେ ହୁଣି ହେଁ ବାଚି ରିଲା, ଜଃନ୍କଃରି
ସେ ଗାଦେକ୍ ବାୟ୍ବେଣିମଃନାର୍ ବିତ୍ରେ ସଃବ୍କେ ବଃଡ୍ ବାୟ୍
ଅୟ୍ଦ୍ । 30 ଆର୍ ଜୁୟ୍ ଲକ୍ମଃନ୍କେ ସେ ହୁର୍ବେ ହୁଣି ବାଚି
ରିଲା ସେମଃନ୍କେ ସେ ହେଁ କୁଦ୍ଲା ଆରେକ୍ ଜୁୟ୍ମଃନ୍କ୍ ସେ
କୁଦ୍ଲା ସେ ସେମଃନ୍କେ ସେ ହେଁ ଦଃର୍ମି ବଃଲି ଗଃଣ୍ଲା, ଆର୍
ଜୁୟ୍ ଲକ୍ମଃନ୍କେ ସେ ଦଃର୍ମି ବଃଲି ଗଃଣ୍ଲା ସେମଃନ୍କେ ହେଁ
ସେ ଜଃଜ୍ମାନ୍ କଃଲା । 31 ତଃବେ ଇ ସଃବୁ ଗିନେ ଅଃମିମଃନ୍
କାୟ୍ରି କଃଉଆ? ଜଦି ଇସ୍ୱର୍ ଅଃମିମଃନାର୍ ସଃଙ୍ଗ, ତଃବେ
ଅଃମାର୍ ବିରଦେ କେ ଅଃଉଁକେ ହାରେଦ୍? 32 ଜେ ଅଃହ୍ଣାର୍
ହୟ୍ସିକେ ହେଁ ନଃବାଚାୟ୍ଲା, ମଃତର୍ ଅଃମାର୍ ସଃବୁ ଲକାର୍
ଗିନେ ତାକେ ସଃହ୍ରି ଦିଲା, ସେ କଃନ୍କଃରି ତାର୍ ସଃଙ୍ଗ ହେଁ
ସଃବୁ ବିସୟ୍ ଅଃମିମଃନ୍କ୍ ଦଃୟାୟ୍ ଦାନ୍ ନଃକେରେ? 33
ଇସ୍ୱର୍ ବାଚ୍ଲାର୍ ଲକ୍ମଃନାର୍ ବିରଦେ କେ ଦସି କଃରେଦ୍?
ଇସ୍ୱର୍ ତ ସେମଃନ୍କେ ନିର୍ଦସି ବଃଲି ଗଃଣ୍ନା କଃରେଦ୍ । 34
କେ ଦଃଣ୍ଡ ଦଃୟ୍ଦ୍? କ୍ରିସ୍ଟ ଜିସୁ ତ ମଃର୍ନ୍ ବୟ୍ଃଗ୍ କଃଲା ଆରେକ୍
ସେ ଉଟ୍ଲା, ସେ ଇସ୍ୱରାର୍ କାତା ବାଟ୍ୟା ଆଚେ, ସେ ହେଁ
ଅଃମିମଃନାର୍ ଗିନେ ଗଃଉଆରି କଃରୁଲା । 35 କ୍ରିସ୍ଟର୍ ଲାଡେ
ହୁଣି କେ ଅଃମିମଃନ୍କ୍ ଅଃଲ୍ଗା କଃରେଦ୍? କାୟ୍ କଃସ୍ଟ, କାୟ୍
ଜଃଞ୍ଜାଳ୍, କାୟ୍ ତାଳ୍ନା, କାୟ୍ କଃତାର୍, କାୟ୍ ନଃଗ୍ଳା, କାୟ୍
ବିପ୍ତି, କାୟ୍ କଃଣ୍ଡା? 36 ଜଃନ୍କଃରି ସାସ୍ତ୍ରରେ ଲେକା ଆଚେ,
ତୁମାର୍ ଗିନେ ଅଃମିମଃନ୍ ସଃବୁ ଦିନ୍ ମଃରୁଲୁ, ଅଃମିମଃନ୍ ହୁଜା
କଃର୍ତା ମେଣ୍ଡା ହର୍ ଗଃଣା ଅଃଉଁଲୁ । 37 ଅୟ୍ଲେକ୍ ହେଁ ଜେ
ଅଃମିମଃନ୍କ୍ ଲାଡ୍ କଃଲା ତାର୍ ଗିନେ ଅଃମିମଃନ୍ ଇସଃବୁ
ବିସୟେ ସଃବୁବାଟ୍ୟା ଜିଣି ଆଚୁ । 38 ମୁୟ୍ଁ ବାୟ୍ଦ୍ରେ ଜାଣି
ତାର୍ ଲାଡେ ହୁଣି ଅଃମି କଃବେ ହେଁ ଦୁରି ଅଃଉଁ ନଃହାରୁ । ମଃର୍ନ୍
କି ଜିବନ୍, ସଃର୍ଗ୍ ଦୁତ୍ କି ଅଃଗାସ୍ ମଃଣ୍ଡଳାର୍ କୁୟ୍ ଅଃଦିକାରି
ହେଁ କି ସଃକ୍ତି, ଅଃବେ କି ହଃଚେ, 39 ଉହ୍ରାର୍ କି ତଃଳାର୍, କାୟ୍
ବିସୟ୍ ସଃବୁ ଜଃଗତାର୍ ଇରଃକମ୍ କାୟ୍ ବିସୟ୍ ନାୟ୍ ଜୁୟ୍ରି
ପର୍ବୁ ଜିସୁ କ୍ରିସ୍ଟର୍ ଦଃୟ୍କଃରି ଜାଣାହଃଲ୍ତାର୍ ଇସ୍ୱରାର୍ ସେ
ଲାଡେ ହୁଣି ଆମିମଃନ୍କେ ଦୁର୍ କଃରୁ ହାରେଦ୍ ।

9 ମୁୟ୍ଁ ସଃତ୍ କଃଉଁଲେ କ୍ରିସ୍ଟର୍ ଅୟ୍ରିଲାକ୍ ଇରି ସଃତ୍
କଃଉଁଲେ, ମର୍ ମଃନ୍ ପବିତ୍ର ଆତ୍ମାର୍ ସଃକ୍ତି ମର୍ ସଃଙ୍ଗ ସାକି
ଦେଉଁଲି 2 ମର୍ ମଃନେ ବଃଡେ ଦୁକ୍ ଆର୍ ସଃବୁବଃଲ୍ ବାଦା
ଅଃଉଁଲି । 3 କାୟ୍ତାକ୍ବଃଲେକ୍ ଜୁୟ୍ମଃନ୍ ଗଃଗାଳେ ମର୍
ନିଜାର୍ ବାୟ୍ ବେଣି ମଃନାର୍ ଗିନେ ମୁୟ୍ଁ ନିଜେ କ୍ରିସ୍ଟର୍ ତଃୟ୍ହୁଣି
ବିନେ ଅୟ୍ ଇସ୍ୱରାର୍ ଗିନେ ସାୟ୍ପ୍ ହାଉଁକେ ଇଚା କଃରୁଲେ । 4
ବଃଲେକ୍ ସେମଃନ୍ ଇସ୍ୱରାର୍ ଲକ୍ । ଇସ୍ୱର୍ ସେମଃନ୍କେ ନିଜାର୍
ହିଲାହର୍ କଃରି ସେମଃନାର୍ ଚଃମେ ନିଜାର୍ ଜଃଜ୍ମାନ୍ ଦଃକାୟ୍
ରିଲା । ସେମଃନାର୍ ସଃଙ୍ଗ ନିୟମେ ବାନ୍ଦିଅୟ୍ ସେମଃନ୍କେ ବିଦି
ଦଃୟ୍ ରିଲା, ସେମଃନ୍ ସଃତ୍କଃରି ହୁଜା କଃରୁଲାୟ୍ ସେମଃନ୍
ଇସ୍ୱରାର୍ ତଃୟ୍ ହୁଣି ଜଃବାଉ ସଃବୁ ହାୟ୍ ଆଚ୍ତି । 5 ଅଃମାର୍
ଡାକେହୁଟା ଜିଉଦି ଦାଦି ବାବୁମଃନାର୍ ସେମଃନ୍ ବଃଉଁସ୍ମଃନ୍,
ଆରେକ୍ ମାନାୟ୍ ହଃର୍କାରେ କ୍ରିସ୍ଟ ସେ ବଃଉଁସେ ହୁଣି ଜାତ୍,
ସଃବ୍କେ ଚାଲାଉତା ଇସ୍ୱରାର୍ ଜୁଗେଜୁଗେ ହଃତେକ୍ ଦନ୍ୟ
ଅଃଉଅ, ଆମେନ୍ । (aiōn g165) 6 ଇସ୍ୱରାର୍ ସଃୟ୍ତ୍ ଜେ, ମିଚ୍
ଅୟ୍ଆଚେ, ଇରି ମୁୟ୍ଁ ନଃକୟ୍ଁ । ବଃଲେକ୍ ଜୁୟ୍ ଲକ୍ମଃନ୍
ଇସ୍ରାଏଲ୍ ବଃଉଁସେ ଜାତ୍, ସେମଃନ୍ ସଃବୁ ଇସ୍ୱରାର୍ ଲକ୍ନୟ୍,
7 କାୟ୍ତାକ୍ବଃଲେକ୍ ଅବ୍ରାହାମାର୍ ବଃଉଁସେ ହୁଣି ଜାତ୍ ଅୟ୍ଲା

ସଃବୁଲକ୍ ଇସ୍ୱରାର୍ ହିଲାମଃନ୍ ନୟ୍; ଇସ୍ୱର୍ ଅବ୍ରାହାମ୍‌କେ
କୟ୍‌ରିଲା "ମୁଇଁ ତର୍ ଜୁୟ୍ ବଃଉଁସ୍ ବିସୟେ ସଃୟ୍‌ତ୍ କଃଲେ,
ସେମଃନ୍ ଇସାକାର୍ ତୟ୍ ହୁଣି ଜାତ୍ ଅଃଉତି ।" 8 ଇତାର୍ ଅଃର୍ତ୍
ଇରି ମାନାୟ୍ ଅୟ୍ ରିଲାକେ ଇସ୍ୱରାର୍ ହିଲାମଃନ୍ ଅଃଉଁକେ
ନଃହାର୍‌ତି । ଇସ୍ୱରାର୍ ସଃୟ୍‌ତ୍ ହଃର୍କାରେ ଜଃଲମ୍ ଅୟ୍‌ରିଲା
ହିଲାମଃନ୍ ଇସ୍ୱରାର୍ ଆକାୟ୍ ସଃତ୍‌କଃରି ସଃତ୍ ହିଲା ବାବେ
ଗଃଣିତା ଅଃଉତି । 9 ଇସ୍ୱର୍ ଇ ଜଃବାଉ କଃରିରିଲା "ଟିକ୍
ଇ ମାସେ ମୁଇଁ ବାଉଲି ଆସିନ୍ଲୁ, ସେଡେବଃଲ୍ ସାରାର୍ କଳେ
ଗଟେକ୍ ହିଲା ରଃୟ୍‌ଦ୍ ।" 10 ଇ ହିଲା ଅଃମାର୍ ଦାଦିବାବୁ
ଇସାକ୍ ରିଲା, ରିବିକାର୍ ଜୁଳେକ୍ ହିଲା ଗଟେକ୍ ଉବାସି ଇସାକ୍
ତଃୟ୍‌ହୁଣି ଜଃଲମ୍ ଅୟ୍‌ରିଲାୟ୍ । 11 ଜଃଡେବଃଲ୍ ହିଲାମଃନ୍
ଜାତ୍ ଅୟ୍‌ନଃରିଲାୟ୍, ଆର୍ ବଃଲ୍ କି ମଃନ୍ଦ କାୟ୍‌ରି କଃରି
ନଃରିଲାୟ୍, ସଃଡେବଃଲ୍ କାମ୍ ଗିନେ ନାୟ୍, ମଃତର୍ କୁଦ୍‌ଲା
ଲକାର୍ ଇଚାର୍ ଗିନେ, ବାଚ୍‌ଲା ହଃର୍କାରେ ଇସ୍ୱରାର୍ ଜଃଜ୍‌ନା
ଜଃନ୍‌କଃରି ଟିର୍ ରଃୟ୍‌ଦ୍, 12 ଇତାର୍ ଗିନେ ଇ କଃତା ତାକେ
କଃଉଆ ଅୟ୍‌ରିଲି, "ବଃଡ୍ ବାୟ୍ ସାନ୍ ବାୟ୍‌ର୍ ସେବା କଃରେଦ୍
।" 13 ଜଃନ୍‌କଃରି ସାସ୍ତରେ ଲେକା ଆଚେ, "ଜାକୁବକେ ଅଃମି
ଲାଡ୍ କଃଲୁ, ମଃତର୍ ଏସାଉକେ ନାୟ୍ ।" 14 ତଃବେ ଆମିମଃନ୍
କାୟ୍ କଃରୁଆଁ? ଇସ୍ୱରାର୍ ତଃୟ୍ ଅଃଦଃର୍ମ୍ ଆଚେ କି? ଇରି
କଃବେ ହେଁ ନଃଉଅ । 15 ବଃଲେକ୍ ସେ ମସାକ୍ କୟ୍‌ରିଲା, ଜାର୍
ଉହ୍ରେ ଅଃମାର୍ ଦଃୟା ଆଚେ ତାକେ ଅଃମି ଦଃୟା କଃରୁନ୍ଲୁ,
ଆର୍ ଜାର୍ ଉହ୍ରେ ଅଃମାର୍ ଲାଡ୍ ଆଚେ, ତାକେ ଅଃମି ଲାଡ୍
କଃରୁନ୍ଲୁ । 16 ତଃବେ, ଜେ, ଇଚା କଃରେଦ୍ କି ଜେ ଚେସ୍ଟା
କଃରେଦ୍ ତାର୍ ତଃୟ୍‌ହୁଣି ଇରି ନୟ୍, ମଃତର୍ ଦଃୟାକାରି
ଇସ୍ୱରାର୍ ତଃୟ୍‌ହୁଣି ଅୟ୍‌ଆଚେ । 17 ଜଃନ୍‌କଃରି ସାସ୍ତର୍
ପାରକେ କଃଉଁଲି, ଅଃମି ଜଃନ୍‌କଃରି ତୁମାର୍ ତଃୟ୍ ଅଃମାର୍
ସଃକ୍ତି ଦଃକାଉଁନ୍ଲୁ, ଆର୍ ଜଃନ୍‌କଃରି ସଃବୁ ହୁର୍ତିବିଏ ଅଃମାର୍
ନାଉଁ ପର୍ଚାର୍ ଅୟ୍‌ଦ୍, ଇତାର୍ ଗିନେ ତ "ଅଃମି ତକ୍ ରଃଜା
କଃରିଆଚୁ । 18 ତଃବେ, ସେ ଜାକେ ମଃନ୍ କଃରେଦ୍, ତାକେ
ଦଃୟା କଃରେଦ୍, ଆରେକ୍ ଜାକେ ସେ ମଃନ୍ କଃରେଦ୍ ତାକେ
ଅଃଟୁଆ ମଃନ୍ କଃରେଦ୍ ।" 19 ତୁମାର୍ ବିତ୍ରେ କେ ମକ୍ କଃଉଁ
ହାରାସ୍ ତଃନ୍‌ଅୟ୍‌ଲେକ୍ ଇସ୍ୱର୍ କାୟ୍‌କଃରୁକ୍ ଅଃମାର୍ ଦଃସ୍
ଦଃରେଦ୍? ବଃଲେକ୍ ତାର୍ ଇଚାକ୍ କେ ଟେବାଉଁକେ ହାରେଦ୍?
20 ମଃତର୍ ଏ ମାନାୟ୍, ତୁମି କେ ଜେ, ଇସ୍ୱର୍‌କେ ବିରଦ୍
କଃରାସ୍? ଡିଆର୍ ଅୟ୍‌ଲା ଆସ୍ତି କି ଡିଆର୍ କଃଲା ଲକ୍‌କେ
କୟ୍‌ଦ୍, ମକ୍ ଇହର୍ ଡିଆର୍ କଃଲିସ୍ କାୟ୍‌ତାକ୍? 21 ନିଜାର୍
ଇଚା ହଃର୍କାରେ ଡକା ହାଜୁକେ ମାଟି ଉହ୍ରେ କୁମ୍ବାରାର୍ ହୁରା
ଅଃଦିକାର୍ ଆଚେ । ଗଟେକ୍ ମାଟି ବେଲାର୍ ସେ ଦୁୟ୍ ରଃକମ୍
ଡକା ହାଜୁକେ ହାରେଦ୍, ଗଟେକ୍ ଲଳାଗଳା ହାୟ୍ଁ ଆର୍ ଆରେକ୍
ଗଟେକ୍ ଲଳାଗଳା ନୟ୍‌ଲା ବିନ୍ କାମାର୍ ହାୟ୍ଁ । 22 ଇସ୍ୱର୍ ହେଁ
ଟିକ୍ ସେରଃକମ୍ କଃରିଆଚେ । ସେ ତାର୍ ରିସା ଦଃକାଉଁକେ
ଆର୍ ଅଃହ୍‌ଣାର୍ ସଃକ୍ତି ଜାଣାଉଁକେ ଇଚା କଃଲେକ୍ ଜୁୟ୍‌ମଃନ୍
ତାର୍ ରିସାର୍ ଲକ୍ ଅୟ୍ ନାସ୍ ଅଃଉଁକ୍ ଆଚ୍‌ତି ସେମଃନ୍‌କେ
ବଃଡେ ସଃମ୍ବାଳି କଃରି ଜାଗି ଆଚେ । 23 ଆରେକ୍ ସେ ତାର୍
ଜଃବର୍ ଜଃଜ୍‌ମାନ୍ ଜାଣାଉତାର୍ ଗିନେ ଅଃମିମଃନ୍‌କ୍ ବଃଡେ
ଦଃୟାର୍ ଲକ୍ ବାବେ ହୁର୍ବେହୁଣି ବାଚି ରିଲା । 24 ସେତାର୍‌ଗିନେ
ତ ସେ ଅଃବ୍‌କା ଜିଉଦିମଃନାର୍ ବିତ୍ରେହୁଣି ନାୟ୍, ମଃତର୍
ଅଜିଉଦିମଃନାର୍ ବିତ୍ରେହୁଣି ହେଁ ଅଃମିମଃନ୍‌କ୍ କୁଦିଆଚେ, 25
ଜଃନ୍‌କଃରି, ଇ ବିସୟ୍ ହସେୟର୍ ପୁସ୍ତକେ ଇସ୍ୱର୍ କୟ୍ ଆଚେ,
"ଜୁୟ୍ ଲକ୍‌ମଃନ୍ ମର୍ ଲକ୍ ନଃରିଲାୟ୍, ସେମଃନ୍‌କେ ମୁଇଁ ମର୍
ଲକ୍ ବଃଲି କୟ୍‌ଦ୍; ଆର୍ ଜେ ଲାଡାର୍ ନଃରିଲା, ତାକେ ଲାଡାର୍
ବଃଲି କୟ୍‌ଦ୍ ।" 26 "ଆରେକ୍ ଜୁୟ୍ ଟାଣେ ତୁମିମଃନ୍ ଅଃମାର୍
ଲକ୍ ନୟ୍ ବଃଲି ସେମଃନ୍‌କେ କଃଉଆ ଅୟ୍‌ରିଲି, ସେଟାଣେ
ସେମଃନ୍ ଜିବନ୍ ଇସ୍ୱରାର୍ ହୟ୍‌ସିମଃନ୍ ବଃଲି ଡାକ୍‌ହୁଟ୍‌ତି ।"
27 ଆରେକ୍ ଜିସାୟ୍ ଇସ୍ରାଏଲ୍‌ମଃନାର୍ ବିସୟେ କୟ୍‌ଆଚେ,
"ଇସ୍ରାଏଲ୍‌ମଃନ୍ ସଃମ୍ଦ୍ରାର୍ ବାଲି ହର୍ ଅଲେକାର୍ ଅୟ୍‌ଲେକ୍
ହେଁ ସେମଃନାର୍ ବିତ୍ରେ ଅଃଳକ୍ କଃଟେକ୍ ଲକ୍ ମଃତର୍ ମୁକ୍ତି
ହାଉତି । 28 ବଃଲେକ୍ ମାପ୍ରୁ ବେଗିକଃରି ହୁର୍ତିବିକେ ହୁରା ନ୍ୟାୟ୍
ବିଚାର୍ କଃରେଦ୍ । 29 ଆରେକ୍ ଜଃନ୍‌କଃରି ଜିସାୟ୍ ହୁର୍ବେ
କୟ୍‌ଆଚେ, ସଃବ୍‌କେ ଉଟ୍ୟା ସଃକାତ୍ ମାପ୍ରୁ ଜଦି ଅଃମାର୍ ଗିନେ
କଃଟେକ୍ ଲକେ ରଃକ୍ୟା କଃରି ନଃରିଲେକ୍, ଅଃମିମଃନ୍ ସଦମ୍
ଆର୍ ଗମ୍‌ରା ଗଃଳାର୍ ଲକ୍ ହର୍ ଅୟ୍‌ଲୁହୁଣି ।" 30 ତଃବେ
ଅଜିଉଦିମଃନାର୍ ବିସୟେ ଇରି କଃଉ ହାରୁଆଁ, ସେମଃନ୍ ଦଃର୍ମି
ଅଃଉଁକେ ଚେସ୍ଟା ନଃକେର୍ତି ରିଲାୟ୍, ମଃତର୍ ସେମଃନାର୍ ବିସ୍ୱାସ୍
ଗିନେ ଦଃର୍ମି ଗଃଣା ଅୟ୍‌ଆଚ୍‌ତି । 31 ମଃତର୍ ଇସ୍ରାଏଲାର୍
ଲକ୍‌ମଃନ୍, ବଃଲେକ ଜିଉଦିମଃନ୍ ବିଦି ଦଃୟ୍ ଦଃର୍ମି ଅଃଉଁକେ
ଚେସ୍ଟା କଃରି ଆରି ଜାୟ୍ ଆଚ୍‌ତି । 32 ଇତିର୍ ଅଃର୍ତ୍ ଅଃଉଁଲି,
ସେମଃନ୍ ନିଜାର୍ ଚେସ୍ଟା ଉହ୍ରେ ବଃର୍ସା କଃର୍ତି ରିଲାୟ୍, ବିସ୍ୱାସ୍
ଉହ୍ରେ ନୟ୍ । ସେତାର୍ ଗିନେ ସେମଃନ୍ ସେ ବାଦା ଦେତା
ଟେଳାୟ୍ ଜଟ୍ୟାୟ୍ ଅୟ୍‌ଲାୟ୍ । 33 ସାସ୍ତରେ ଜଃନ୍‌କଃରି ଲେକା
ଅୟ୍‌ଆଚେ, "ଦଃକା ମୁଇଁ ସିଅନେ ଗଟେକ୍ ବାଦା ଦେତା ଟେଳା
ଆର୍ ଜଟ୍ୟାୟ୍ ଅଃଉତା ଟେଳା ସଃଙ୍ଗ୍ଲାଉଁଲେ, ଆର୍ ଜେ ତାର୍
ତଃୟ୍ ବିସ୍ୱାସ୍ କଃରେଦ୍ ସେ ଲାଜ୍ ନଃହାୟ୍ ।"

**10** ଏ ବାୟ୍‌ବେଣିମଃନ୍ ମର୍ ନିଜାର୍ ଜାତିର୍ ଲକ୍‌ମଃନ୍ ମୁକ୍ତି
ହାଉତି, ଇରି ମର୍ ମଃନ୍ ବିତ୍ରାର୍ ଇଚା ଆର୍ ଇସ୍ୱରାର୍
ତଃୟ୍ ଇରି ମର୍ ପାର୍ତନା । 2 କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍
ବିସୟେ ଜେ ସେମଃନାର୍ ବଃଡେ ସଃର୍ଦା ଆଚେ, ଇରି ମୁୟ୍
ସେମଃନାର୍ ବାଟ୍ୟା ଅୟ୍ ସାକି ଦେଉଁଲେ, ମଃତର୍ ସେ ସଃର୍ଦା
ଗ୍ୟାନ୍ ସଃଙ୍ଗ୍ ନୟ୍ । 3 ବଃଲେକ୍ ମାନାୟ୍‌ମଃନ୍‌କେ ଦଃର୍ମି
ବଃଲି ଗଃଣ୍‌ତି କଃରୁକେ ଇସ୍ୱର୍ ଟିକ୍ କଃଲା ଉପାୟ୍‌କେ ବିସ୍ୱାସ୍
ନଃକେରି ସେମଃନ୍ ଦଃର୍ମି ଅଃଉଁକେ ନିଜାର୍ ବାଟେ ଚାଲି ଆଚ୍‌ତି
ସେତାର୍‌ଗିନେ ଇସ୍ୱରାର୍ ସେ ବାଟ୍‌କେ ଚାଡି ଆଚ୍‌ତି । 4

କ୍ରିସ୍ଟ ହଃକା ମସାର୍ ବିଦିର୍ ସଃରାସଃରି, ତାର୍ ତଃୟ୍ ହଃକା
ବିସ୍ୱାସ୍ କଃଲେକ୍ ନଃର୍ମାନାୟ୍ ଇସ୍ୱରାର୍ ଆକାୟ୍ ଦଃର୍ମି ବଃଲି
ଗଃଣ୍ତି ଅୟ୍ଦ୍ । 5 ବିଦି ମାନ୍‌ଲେକ୍ ଦଃର୍ମି ଅଃଉତା ବିସୟେ
ମସା ଲେକି ଆଚେ, "ଜୁୟ୍ ଲକ୍‌ମଃନ୍ ଇସ୍ୱରାର୍ ବଲ୍ ମାନ୍‌ତି
ସେମଃନ୍ ଜିବନ୍ ହାଉତି ।" 6 ମଃତର୍ ବିସ୍ୱାସ୍ ଗିନେ ଦଃର୍ମି
ଗଃଣା ଅଃଉତା ବିସୟେ ସାସ୍ତ୍ରରେ ଲେକା ଆଚେ, "ମଃନେ
ମଃନେ କଃଉଆ ନାୟ୍ କେ ସଃର୍ଗେ ଜାୟ୍ଦ୍, କ୍ରିସ୍ଟକେ ଉତ୍ରାୟ୍
ଆଣୁକେ? 7 କି କେ ହଃତାଲ୍‌ହୁରେ ଜାୟ୍ଦ୍ କ୍ରିସ୍ଟକେ ମଃଲା
ଲକାର୍ ବିତ୍ରେହୁଣି ଉଟାୟ୍ ଆଣୁକେ? ଇ କଃତା ତୁମିମଃନ୍
ହଃଚାର୍‌ତା ଲଳାନାୟ୍ । (Abyssos g12) 8 କାୟ୍‌ତାକ୍ ବଃଲେକ୍
ସାସ୍ତ୍ରର୍ ହଃର୍କାରେ, 'ଇସ୍ୱରାର୍ କବୁର୍ ତୁମାର୍ ଚଃମେ, ତୁମାର୍
ଟଣ୍ଟେ ଆର୍ ମଃନ୍‌ବିତ୍ରେ ଆଚେ ।' ବିସ୍ୱାସ୍ ବିସୟେ ଇ କବୁର୍
ହଃକା ଅଃମି ପର୍ଚାର୍ କଃରୁଲୁ । 9 ତଃବେ ତୁମି ଜଦି ଟଣ୍ଟେ
ଜିସୁକେ ମାପ୍ରୁ ବଃଲି କଃଉଆସ୍ ଆର୍ ଇସ୍ୱର୍ ତାକେ ମଃଲା
ଲକାର୍ ବିତ୍ରେହୁଣି ଉଟାୟ୍ ଆଚେ ବଃଲି ମଃନ୍ ବିତ୍ରେ ବିସ୍ୱାସ୍
କଃରାସ୍ ତଃବେ ମୁକ୍ତି ହାଉଆସ୍; 10 ମଃନ୍‌ବିତ୍ରେ ବିସ୍ୱାସ୍ ଗିନେ
ଅଃମିମଃନ୍ ଇସ୍ୱରାର୍ ଆକାୟ୍ ଦଃର୍ମି ବଃଲି ଗଃଣ୍ତି ଅଃଉଁହାରୁଆଁ
ଆର୍ ଟଣ୍ଟେ ମାପ୍ରୁ ବଃଲି କୟ୍‌ଲେକ୍ ଅଃମିମଃନ୍ ମୁକ୍ତି ହାଉଁହାରୁଆଁ
। 11 ତଃବେ ସାସ୍ତ୍ରର୍ କଃଉଁଲି, ଜେ କେ ତାର୍ ତଃୟ୍ ବିସ୍ୱାସ୍
କଃରେଦ୍ ସେ ଲାଜ୍ ନଃହାୟ୍ । 12 ବଃଲେକ୍ ଜିଉଦି ଆର୍
ଅଜିଉଦି ଲକାର୍ ବିତ୍ରେ କାୟ୍‌ହେଁ ବିନ୍ ନାୟ୍, ବଃଲେକ୍ ସଃବୁ
ଲକାର୍ ତ ଗଟେକ୍ ମାପ୍ରୁ, ଆର୍ ଜଃତେକ୍ ଲକ୍ ତାର୍ ତଃୟ୍
ପାର୍ଥନା କର୍ତି ସେ ସଃବୁ ଲକମଃନ୍‌କେ ସେ ଜଃବର୍ ଆସିର୍ବାଦ୍
କଃରେଦ୍ । 13 ବଃଲେକ୍ ଜେହେଁ ମାପ୍ରୁର୍ ନାଉଁ ଦଃରି ପାର୍ଥନା
କଃରେଦ୍ ସେ ମୁକ୍ତି ହାୟ୍ଦ୍ ।" 14 ତଃବେ ସେମଃନ୍ ଜାକେ
ବିସ୍ୱାସ୍ ନଃକେର୍‌ତି, ତାର୍ ତଃୟ୍ କଃନ୍‌କଃରି ପାର୍ଥନା କର୍ତି?
ଆରେକ୍ ଜାର୍ ବିସୟେ ସେମଃନ୍ ନଃସୁଣ୍ତି କଃନ୍‌କଃରି ତାର୍
ତଃୟ୍ ବିସ୍ୱାସ୍ କର୍ତି? ଆର୍ ପର୍ଚାର୍ କର୍ତା ଲକ୍ ନୟ୍‌ଲେକ୍
ସେମଃନ୍ କଃନ୍‌କଃରି ସୁଣ୍ତି? 15 ଆରେକ୍ ନିକ କବୁର୍ ପର୍ଚାର୍
କର୍ତା ଲକେ ନଃହେଟାୟ୍‌ଲେକ୍ କଃନ୍‌କଃରି ପର୍ଚାର୍ କର୍ତି?
ଜଃନ୍‌କଃରି ଲେକା ଆଚେ, ଜୁୟ୍ ଲକ୍‌ମଃନ୍ ନିକ କବୁର୍ ଆଣ୍ତି
ସେମଃନାର୍ ହାଦ୍ କଃଡେକ୍ ସୁନ୍ଦର୍ । 16 ମଃତର୍ ସଃବୁ ଲକ୍
ସେ ନିକ କବୁର୍‌କେ ନଃମାନ୍‌ଲାୟ୍ । ବଃଲେକ୍ ଜିସାୟ୍ ଲେକି
ଆଚେ, "ଏ ମାପ୍ରୁ କେ ଅଃମାର୍ କବୁର୍ ସୁଣି ବିସ୍ୱାସ୍ କଃରି
ଆଚେ?" 17 ତଃବେ ନିକ କବୁର୍ ସୁଣ୍‌ଲେକ୍ ବିସ୍ୱାସ୍ ଜଃନ୍ମେଦ୍
ଆର୍ କ୍ରିସ୍ଟକେ ପର୍ଚାର୍ କର୍ତାର୍ ହଃକା ସେ ନିକ କବୁର୍ ।
18 ମଃତର୍ ମୁଁୟ୍ ହଃଚାରୁଲେ, ସେମଃନ୍ କି ସେ ନିକ କବୁର୍
ନଃସୁଣ୍‌ତି? ହେଁ ବାୟଃଦ୍‌ରେ ସେମଃନ୍ ସୁଣି ଆଚ୍‌ତି, ବଃଲେକ୍
ସାସ୍ତ୍ରରେ ଲେକା ଆଚେ, "ସେମଃନାର୍ ଟଣ୍ଡ ହୁର୍ତିବି ସଃରା ଉର୍ଜି
ଅୟ୍‌ଆଚେ, ଆର୍ ସେମଃନାର୍ କଃତା ଜଃଗତାର୍ ସଃନ୍ଦି ହଃତେକ୍
ସେମଃନାର୍ ବାକ୍ୟ ସୁଣା ଅୟ୍‌ଆଚେ ।" 19 ମଃତର୍ ଆରେକ୍
ମୁୟ୍ଁ ହଃଚାରୁଲେ, ଇସ୍ରାଏଲ୍ ଲକ୍‌ମଃନ୍ କାୟ୍ ବୁଜି ନଃରିଲାୟ୍?
ହୁର୍ବେ ମସାର୍ ବଃଲ୍ ଇସ୍ୱର୍ କୟ୍‌ଲା, "ଅଃମାର୍ ଲକ୍‌ମଃନ୍‌କେ
ରିସା କଃରାଉଁକ୍ ଗଟ୍ ନଃଜାଣ୍ତା ଗସ୍ଟିକେ ବେବାର୍ କଃରିନ୍ଁ,
ସେହର୍ ଗଟ୍ ଅଃବୁଜ୍ୟା ଗସ୍ଟି ଦଃୟ୍ ମର୍ ଲକ୍‌ମଃନ୍‌କେ ରିସା
କଃରାୟ୍‌ନ୍ଁ ।" 20 ତାର୍ ହଃଚେ ଜିସାୟ୍ ଅଃଦିକାର୍ ସଃଙ୍ଗେ
କଃଉଁଲା, ଜୁୟ୍ ଲକ୍‌ମଃନ୍ ଅଃମିକ୍ ନଃକଜ୍‌ତି ରିଲାୟ୍, ସେମଃନ୍
ଅଃମିକ୍ ହାୟ୍‌ଲାୟ୍; ଜୁୟ୍ ଲକ୍‌ମଃନ୍ ଅଃମାର୍ ବିସୟେ ହଃଚାରି
ନଃଦେକ୍‌ତି ରିଲାୟ୍ ସେମଃନାର୍ ତଃୟ୍ ଅଃମି ଜାଣାୟ୍‌ଅୟ୍‌ଲୁ ।
21 ମଃତର୍ ଇସ୍ୱର୍ ଇସ୍ରାଏଲ୍‌ମଃନାର୍ ବିସୟେ କଃଉଁଲା, ମୁୟ୍ଁ
ଅମାନ୍ୟାର୍ ଆର୍ ଗଃଣ୍ଡଗଲ୍ କାରି ଲକମଃନାର୍ ଉହ୍ରେ ସଃବୁ
ବଃଲ୍ ମର୍ ଆତ୍ ଲାମାୟ୍ କୁଦୁଲେ ।

**11** ତଃବେ ମୁୟ୍ଁ ଆରେକ୍ ହଃଚାରୁଲେ, ଇସ୍ୱର୍ କି ଅଃହ୍‌ଣାର୍
ଲକ୍‌ମଃନ୍‌କେ ଚାଡି ଆଚେ? ସେରି କଃବେ ହେଁ ନଃଉଅ;
ବଃଲେକ୍ ମୁୟ୍ଁ ହେଁ ଅବ୍ରାହାମାର୍ ବଃଉଁସେ ଜଃର୍ନି ବିନ୍ୟାମିନ୍
କୁଟୁମାର୍ ଗଟେକ୍ ଇସ୍ରାଏଲିୟ । 2 ଇସ୍ୱର୍ ଆରୁମେ ହୁଣି
ବାଚିରିଲା ତାର୍ ଲକ୍‌ମଃନ୍‌କେ କଃବେ ନଃଚାଡେ । ତୁମିମଃନ୍
ସାସ୍ତ୍ରର୍ ତଃୟ୍ଁ ହଳି ଆଚାସ୍ କଃନ୍‌କଃରି ଏଲିୟ ଇସ୍ୱରାର୍ ଚଃମେ
ଇସ୍ରାଏଲ୍‌ମଃନାର୍ ବିରଦେ ଦଃସ୍ ଦଃୟ୍ କଃରି କୟ୍‌ରିଲା ।
3 "ମାପ୍ରୁ, ସେମଃନ୍ ତର୍ ବାବ୍‌ବାଦିମଃନ୍‌କେ ଅଃତ୍ୟା କଃରି
ଆଚ୍‌ତି, ତର୍ ହୁଜା ବେଦି ସଃବୁ କଃଣି ହଃକାୟ୍ ଆଚ୍‌ତି ଆର୍
ମୁୟ୍ଁ ଏକ୍ଲା ବାକି ଆଚି, ଆରେକ୍ ସେମଃନ୍ ମର୍ ଜିବନ୍ ନେଉଁକ୍
ଲଲୁଲାୟ୍ ।" 4 ମଃତର୍ ଇସ୍ୱର୍ ତାକେ କାୟ୍ ଉତ୍ତୁର୍ ଦଃୟ୍‌ରିଲା?
ଜୁୟ୍ ଲକମଃନ୍ ମିଚ୍ ବାଲ୍ ଦେବ୍‌ତା ଲଃଗେ ହାଦେହଃଳି ହୁଜା
ନଃକେର୍‌ତି ଇରଃକମ୍ ସାତ୍ ଅଃଜାର୍ ଲକ୍ ମୁୟ୍ଁ ଅଃହ୍‌ଣାର୍
ଗିନେ ବାକି ସଃଙ୍ଗ୍ରାୟ୍ ଆଚି । 5 ସେହର୍ ଇ ଅଃବାର୍ ବେଲାୟ୍
ହେଁ ଦଃୟାର୍ ବାଚ୍‌ଲା ହର୍ ଅଃଳକ୍ କଃତେକ୍ ବାକି ଆଚ୍‌ତି । 6
ଇସ୍ୱର୍ ସେମଃନ୍‌କେ ବାଚି ଆଚେ ନିଜାର୍ ନିଜାର୍ ଦଃୟାର୍ ଗିନେ
। ଜଦି ସେମଃନାର୍ ସଃତ୍ କାମାର୍ ଗିନେ ଇସ୍ୱର୍ ସେମଃନ୍‌କେ
ବାଚ୍‌ତାକ୍, ତାର୍ ଦଃୟା ସଃତ୍ ଦଃୟା ନଃୟ୍‌ଲି ହୁଣି । 7
ତଃବେ କାୟ୍‌ରି ଅୟ୍‌ଲି? ଇସ୍ରାଏଲ୍‌ମଃନ୍ ଜାୟ୍‌ରି କଜ୍‌ତି ରିଲାୟ୍,
ସେରି ନଃହାୟ୍‌ଲାୟ୍; ମଃତର୍ ଇସ୍ୱର୍ ବାଚ୍‌ଲା ଲକ୍‌ମଃନ୍ ସେରି
ହାୟ୍‌ଆଚ୍‌ତି, ଆର୍ ବାକି ଲକ୍‌ମଃନ୍ ମଃନ୍ ନଃଦିଲାୟ୍; 8
ଜଃନ୍‌କଃରି ସାସ୍ତ୍ରରେ ଲେକା ଆଚେ, "ଇସ୍ୱର୍ ଆଜି ହଃତେକ୍
ସେମଃନ୍‌କେ ଅଃଟୁଆ ମଃନ୍ ଆତ୍ମା ଦଃୟ୍‌ଆଚେ, ଇରଃକମ୍ ଆକି
ଦଃୟ୍‌ଆଚେ, ଜଃନ୍‌କଃରି ସେମଃନ୍ ଦଃକୁ ନଃହାର୍‌ତି, ଆର୍
ଇ ହର୍ କାନ୍ ଦଃୟ୍‌ଆଚେ, ଜଃନ୍‌କଃରି ସେମଃନ୍ ନଃସୁଣ୍ତି
।" 9 ଆରେକ୍ ଦାଉଦ୍ ଲେକିଆଚେ, "ସେମଃନାର୍ ହର୍ବ୍ ହୁନି
ହାଲୁନ୍ କର୍ତାବଃଳ୍ ହାନ୍ଦାୟ୍ ହଃଳତ୍ । ତଃଳେ ଅଦ୍ରି ଡଃଣ୍ଡ
ବୟ୍‌ଗ୍ କଃରତ୍ । 10 ଜଃନ୍‌କଃରି ସେମଃନ୍ ଦଃକୁ ନଃହାର୍‌ତି,
ଇତାର୍ ହାଁୟ୍ ସେମଃନାର୍ ଆକି ଅଃନ୍ଦ ଅଃଉଅ, ଆର୍ ତୁୟ୍
ସେମଃନାର୍ ଅଃଟା ସଃବୁବଃଳ୍ କୁବ୍‌ଲା କଃରିରେ ।" 11 ତଃବେ

ମୁୟଁ ହଃଚାରିନ୍କ, ଜିଉଦିମଃନ୍ ଜଟ୍ୟାୟ୍ ଅୟ୍ଲାର୍ ଗିନେ ନାସ୍
ଅୟ୍ଲାୟ୍ କି? କଃବେ ନାୟ୍ । ସେମଃନ୍ ହାହ୍ କଃଲାକ୍,
ସେମଃନ୍କେ ଗିଜ୍ରି କଃରାଉଁକ୍ ଅଜିଉଦିମଃନ୍କେ ମୁକ୍ତି ହାଉତାର୍
ଅଃଦିକାର୍ ଦିଆଅୟ୍ଲି । 12 ଜିଉଦିମଃନାର୍ ହାହ୍, ଜଃଗତାର୍
ବିନ୍ ସଃବୁଲକାର୍ ହାୟଁ ଜଃବର୍ ଆସିର୍ବାଦ୍ ଆଣିଆଚେ ।
ଜିଉଦିମଃନାର୍ ଆତ୍ମିକ୍ ବାବେ ଗଃରିବ୍ ଅୟ୍ଲାକ୍ ଅଜିଉଦିମଃନ୍
ଆସିର୍ବାଦ୍ ଜଃବର୍ ଲାବ୍ କଃରି ଆଚ୍ତି । ଜଦି ସଃବୁ ଜିଉଦି ଜାତି
ରଃକ୍ୟା ହାଉଁହାର୍ତି, ତଃନ୍ଅୟ୍ଲେକ୍ ସେତାର୍ଗିନେ ଆରେକ୍
କଃତେକ୍ ଅଃଦିକ୍ ଆସିର୍ବାଦ୍ ନଃମିଳେ? 13 ଅଜିଉଦିମଃନ୍କେ
ମୁୟଁ କଃଉଁଲେ, ତୁମିମଃନାର୍ ଗିନେ ପେରିତ୍ ଚେଲା ବାବେ
ସେବା କାମ୍ କଃରୁଲାକେ ମୁୟଁ ଗୁଣ୍ କଃରୁଲେ । 14 ଜଃନ୍କଃରି
ହେଁ ମର୍ ନିଜ୍ ଜାତିମଃନ୍କେ କାକ୍ରି କଃରାୟ୍ନ୍କ ସେ ସଃବୁ
ଲକାର୍ ବିତ୍ରେ କଃତେକ୍ ଲକ୍କେ ହେଁ ମୁକ୍ଲାଉଁକ୍ ହାରିନ୍କ । 15
ବଃଲେକ୍ ଜଦି ସେମଃନ୍କେ ହାକ୍ରେହଃକାୟ୍ଲାକେ, ଇସ୍ୱରାର୍
ସଃଙ୍ଗ୍ ଜଃଗତାର୍ ମିସ୍ତାର୍ ଗଃଟ୍ଲି । ତଃବେ ସେମଃନ୍କେ
ନିଜାର୍ କଃଲେକ୍ ତାର୍ ହଃଲ୍ କାୟ୍ରି ଅୟ୍ଦ୍? ସେରି ମଃଲା
ଲକ୍ ଜିବନ୍ ହାୟ୍ଲା ହର୍ ଅୟ୍ଦ୍ । 16 ଇସ୍ୱର୍ ହଃର୍ତୁ ଦିଲାର୍
ପବିତ୍ର ସେତାକ୍ ରୁଟିର୍ ସଃବୁ ହେଁ ଦିଆ ଅୟ୍ଆଚେ ବଃଲି
ଦଃରାଅୟ୍ଦ୍ । ଗଟ୍ ଗଃଚାର୍ ଚେର୍ ଜଦି ପବିତ୍ର ତଃବେ
କଃନ୍ଦାମଃନ୍ହେଁ ପବିତ୍ର । 17 ବାଳେ ଲାଗାୟ୍ ରିଲା ଗଟେକ୍ ଜିତ୍
ଗଃଚାର୍ କଃତିଗଟ୍ କଃନ୍ଦା କାଟିକଃରି, ବଃନାର୍ ଜିତ୍ ଗଃଚାର୍
କଃନ୍ଦା ସେଟାଣେ କଲମ୍ କଃରାଜାୟ୍ ଆଚେ, ଅଜିଉଦିମଃନ୍ ସେ
ବଃନାର୍ ଜିତ୍ ଗଃଚ୍ ହର୍ । ତୁମିମଃନ୍ ଅଃବେ ଜିଉଦିମଃନାର୍
ଅଃଟୁଆ ଆତ୍ମିକ୍ ଜିବନାର୍ ବାଗିଦାରି ଅୟ୍ ଆଚାସ୍ । 18 ତଃବେ
ତୁମିମଃନ୍ ଅଃଲ୍ଗା କଃରାଜାୟ୍ ରିଲା କଃନ୍ଦାମଃନ୍କେ ଇନସ୍ତା
କଃରାନାୟ୍ ତୁମିମଃନ୍ କାୟ୍ କଃରୁକେ ଗଃର୍ବେ କଃରୁଲାସ୍?
ତୁମିମଃନ୍ ତ କଃନ୍ଦା, ଗଃଚାର୍ ଚେର୍କେ ତୁମିମଃନ୍ ନଃହାଳାସ୍
ମଃତର୍ ଚେର୍ ତୁମିମଃନ୍କେ ବାରାୟ୍ ଆଚେ । 19 ତଃବେ
ତୁମି କଃଉଁ ହାରାସ୍, "ହେଁ ମଃତର୍ ମଃକ୍ ଜଃଗା ଦେତା ହାୟଁ
ତ ସେ କଃନ୍ଦାମଃନ୍କେ ଗଃର୍ଣ୍ଡା ଜାୟ୍ରିଲି ।" 20 ସେରି ସଃତ୍
ସେମଃନ୍ ବିସ୍ୱାସ୍ ନଃକେଲାକେ ଅଃଲ୍ଗା ଅୟ୍ଲାୟ୍ । ତୁମିମଃନ୍
ବିସ୍ୱାସ୍ କଃଲାର୍ ସେ ଟାଣ୍ ଅଃଦିକାର୍ କଃରି ଆଚାସ୍ । ମଃତର୍
ଗଃର୍ବ୍ ନଃକେରି ଡିରା । 21 ବଃଲେକ୍ ଜଦି ଗଃଚାର୍ ନିଜାର୍
କଃନ୍ଦା ହର୍ ଜିଉଦି ମଃନ୍କେ ଇସ୍ୱର୍ ଡଃଣ୍ଡ ନଃଦେୟ୍, ତଃବେ
ତୁମିମଃନ୍କେ ସେ କାୟ୍ ଚାଡି ଦଃୟ୍ଦ୍? 22 ଇତି ହୁଣି ଜାଣ୍ବା
କଃତା, ଇସ୍ୱର୍ ଦଃୟାକାରି ଆର୍ ଦଃୟାକାରି ନୟ୍ଲାର୍ ହେଁ ।
ଜୁୟ୍ ଲକ୍ମଃନାର୍ ହାଦ୍ ଗଃସ୍ରି ଜାୟ୍ଆଚେ, ସେମଃନାର୍ ଗିନେ
ସେ ଦଃୟା ନୟ୍ଲାର୍ ଅୟ୍ଆଚେ; ମଃତର୍ ତୁମିମଃନାର୍ ଗିନେ
ସେ ଦଃୟାକାରି, ଜଃତି ବିନ୍ ହଃତେକ୍ ତୁମିମଃନ୍ ତାର୍ ଦଃୟାର୍
ଲକ୍ ଅୟ୍ରିଆସ୍ । ତାର୍ ଦଃୟା ଆରାୟ୍ଲେକ୍ ତୁମିକେ ହେଁ
କାଟା ଅୟ୍ଦ୍ । 23 ଆର୍ ଜିଉଦିମଃନ୍ ଜଦି ଅବିସ୍ୱାସେ ରେତି
ତଃବେ ସେମଃନ୍ ହେଁ ଆରେକ୍ କଲମ୍ କଃରାଜାତି, ବଃଲେକ୍
ସେମଃନ୍କେ ଆରେକ୍ ତରେକ୍ କଲମ୍ କଃରୁକେ ଇସ୍ୱର୍ ହାରେଦ୍
। 24 ଅଜିଉଦିମଃନ୍ ବଃନ୍ଜିତ୍ ଗଃଚାର୍ କଃନା ହର୍ ସେରି
ଅଃଲ୍ଗା ଅୟ୍ ସଃମାନ୍ ନୟ୍ଲା ବାଳାର୍ ଲାଗାୟ୍ଲା ଜିତ୍ ଗଃଚ୍
ସଃଙ୍ଗ୍ କଲମ୍ କଃରାଜାୟ୍ ଆଚେ । ଜିଉଦି ଜାତି ବାଳାର୍
ଲାଗାୟ୍ଲା ଜିତ୍ ଗଃଚ୍ ହର୍ । ଇ ଗଃଚାର୍ ଅଃଲ୍ଗା ଅୟ୍ଲା କଃନା
ମଃନ୍କେ ଆରେକ୍ ଗଟ୍ତର୍ ଗଃଚ୍ ସଃଙ୍ଗ୍ ଜଲୁକେ ଇସ୍ୱରାର୍
ତଃୟ୍ କଃସ୍ଟ ନାୟ୍ । 25 ବାୟ୍ବେଣିମଃନ୍ ଇ ବିସୟେ ଗଟେକ୍
ଗୁପ୍ତ ସଃତ୍ କଃତା ଜାଣାଉଁଲେ, ସେରି ସୁଣ୍ଲେକ୍, ତୁମିମଃନ୍
ନିଜେନିଜେ ଗ୍ୟାନି ବଃଲି ବାବୁ ନଃହାରାସ୍ । ଇସ୍ରାଏଲାର୍
ଲକ୍ମଃନ୍ ସଃବୁବଃଲ୍ ଅମାନ୍ୟା ଅୟ୍ ନଃରେତି । ଅଜିଉଦିମଃନ୍
ସଃବୁ ଲକ୍ ଇସ୍ୱରାର୍ ହାକ୍ ଆସ୍ତା ହଃତେକ୍ ସେମଃନ୍ ସେନ୍କାର୍
ରେତି । 26 ଆର୍ ଇ ହଃର୍କାରେ ସଃବୁ ଇସ୍ରାଏଲ୍ ମଃନ୍ ମୁକ୍ତି
ହାଉତି, ଜଃନ୍କଃରି ଦଃର୍ମ୍ମସାସ୍ତ୍ରେ ଲେକା ଆଚେ, "ସିଅନେ
ହୁଣି ଉଦାର୍ କାରି ଆସେଦ୍, ସେ ଜାକୁବ ତଃୟ୍ହୁଣି ଅଃଦଃର୍ମ୍
ଦୁର୍ କଃରେଦ୍ ।" 27 ଆର୍ ଜଃଡେବଃଲ୍ ଅଃମାର୍ ହାହ୍ ସଃବୁ
ଦୁର୍ କଃରୁନ୍କ ସଃଡେବଃଲ୍ ସେମଃନାର୍ ସଃଙ୍ଗ୍ ଇ ନିଅମ୍ ଅୟ୍ଦ୍
। 28 ତୁମିମଃନାର୍ ବଃଲାର୍ ହାୟ୍ ଜିଉଦିମଃନ୍ ନିକ କବୁର୍
ଲାତ୍ ମାରି ଇସ୍ୱରାର୍ ସଃତ୍ରୁ ଅୟ୍ଆଚ୍ତି । ମଃତର୍ ଇସ୍ୱରାର୍
ବାଚ୍ଲାର୍ ଗିନେ ଆର୍ ସେମଃନାର୍ ଦାଦିବାବୁର୍ ଗିନେ ସେମଃନ୍
ଇସ୍ୱରାର୍ ଲାଡାର୍ ଅୟ୍ ଆଚ୍ତି । 29 ବଃଲେକ୍, ଇସ୍ୱର୍
ଜୁୟ୍ମଃନ୍କ୍ ବାଚିକଃରି ଆସିର୍ବାଦ୍ କଃରିଆଚେ, ସେମଃନାର୍
ଗିନେ ତାର୍ ଦାନ୍ସଃବୁ ସଃମାନ୍ । 30 ଅଜିଉଦିମଃନ୍ ହୁର୍ବେ
ଇସ୍ୱରାର୍ ଅମାନ୍ୟା ରିଲାୟ୍; ମଃତର୍ ଅଃବେ ଜିଉଦିମଃନାର୍
ଅମାନ୍ୟାର୍ ଗିନେ ଅଜିଉଦିମଃନ୍ ଇସ୍ୱରାର୍ ଦଃୟା ହାୟ୍ଆଚ୍ତି
। 31 ସେତାର୍ଗିନେ ଅଜିଉଦିମଃନ୍ ହେଁ ଦଃୟା ହାୟ୍ଆଚ୍ତି,
ଜିଉଦିମଃନ୍ ଅଃବେ ଇସ୍ୱରାର୍ ତଃୟ୍ହୁଣି ଦୁରିକ୍ ଜାୟ୍ ରିଲେକ୍
ହେଁ, ଦିନେକ୍ ସେମଃନ୍ ବାଉଳି ଆସି ଦଃୟା ହାଉତି । 32 ଇସ୍ୱର୍
ସଃବ୍କେ ଅମାନ୍ୟା ଅଃଉଁକେ ଚାଡି ଦଃୟ୍ ଆଚେ, ସେତାକ୍
ସଃବୁଲକ୍ ଇସ୍ୱରାର୍ ଦଃୟା ହାଉଁ ହାର୍ତି । (eleēsē g1653) 33
ଇସ୍ୱର୍ କଃଡେକ୍ ବଃଡ୍, ତାର୍ ବୁଦି ଆର୍ ଗ୍ୟାନ୍ କଃତେକ୍ ଡେଙ୍ଗା
ତାର୍ ବିଚାର୍ ସଃବୁ କେ ବୁଜାଉଁ ହାରେ? କେ ତାର୍ ବାଟ୍ ସଃବୁ
ଜାଣୁ ହାରେ? 34 ସାସ୍ତ୍ରେ ଜଃନ୍କାର୍ ଲେକା ଆଚେ, "କେ
ଇସ୍ୱରାର୍ ମଃନ୍ ବାବ୍ ଜାଣି ଆଚେ? କେ ତାକ୍ ଉପ୍ଦେସ୍ ଦେଉଁକ୍
ହାରେ? 35 କେ ଇସ୍ୱର୍କେ ଅଃନ୍କାର୍ କାୟ୍ରି ଦେଉଁ ହାରି
ଆଚେ, ସେତାର୍ ବାଦୁଲ୍ ଇସ୍ୱର୍କେ ଦେଉଁକେ ହଃଲିଆଚେ?"
36 ବଃଲେକ୍ ସଃବୁ ବିସୟ୍ ଇସ୍ୱର୍ ତଃୟ୍ହୁଣି ତିଆର୍ ଅୟ୍ଆଚେ,
ସଃବୁ ବିସୟ୍ ତାର୍ ଗିନେ ଆର୍ ତାର୍ ଜଃଜ୍ମାନ୍ ଗିନେ ଅୟ୍ଆଚେ
। ଜୁଗେଜୁଗେ ତାର୍ ଜଃଜ୍ମାନ୍ । ଆମେନ୍ । (aiōn g165)

**12** ତଃବେ ଏ ବାୟ୍ବେଣିମଃନ୍ ମୁୟଁ ତୁମିମଃନ୍କେ ଇସ୍ୱରାର୍
ଦଃୟାର୍ ଗିନେ ଗଃଉଆରି କଃରୁଲେ; ତୁମିମଃନ୍ ନିଜାର୍

ନିଜାର ଗଃଗାଲ୍‌କେ ଜିବନ୍ ରିଲାର୍, ପବିତ୍ର ଆର୍ ଇସ୍ୱର୍
ମଃନ୍‌କଃଲା ହୁଜା ହର୍ ଦଃୟ୍‌ଦିଆସ୍, ଇରି ତ ତୁମିମଃନାର୍
ଇସ୍ୱର୍ ତଃୟ୍ ଟିକ୍ ସେବା । 2 ତୁମିମଃନ୍ ଇ ଜଃଗତାର୍
ରିତି ହଃର୍କାରେ ଜିବନ୍ କାଟା ନାୟ୍ । ଇସ୍ୱର୍ ତୁମିମଃନାର୍
ମଃନ୍‌ବାବ୍‌କେ ବାଦ୍‌ଲାଅ ଆର୍ ତୁମାର୍ ମଃନ୍ ହୁରାହୁରି ବାବେ
ବାଦ୍‌ଲ । ତଃନ୍‌ଅୟ୍‌ଲେକ୍, ଇସ୍ୱରାର୍ ଇଚା କାୟ୍‌ରି, ତାର୍
ଆକାୟ୍ କୁୟ୍ ସଃବୁ ବିସୟ୍ ସଃତ୍, ମଃନ୍‌କେ ଗଃଲାର୍ ଆର୍
ସିଦ୍, ଇରି ତୁମିମଃନ୍ ଜାଣୁକେ ହାରାସ୍ । (aiōn g165) 3 ବଃଲେକ୍
ମକ୍ ଦିଲା ଦଃୟା ଗିନେ ମୁୟ୍ଁ ତୁମାର୍ ବିତ୍ରେ ରିଲା ସଃବୁ ଲକ୍‌କେ
କଃଉଁଲେ, ଅଃହ୍‌ଣାର୍ ବିସୟେ ଜଃନ୍‌କଃରି ମଃନେ ବାବ୍‌ତା
କଃତା ତାର୍ ତଃୟ୍‌ହୁଣି ନିଜ୍‌କେ ଅଃଦିକ୍ ବଃଡ୍ ବଃଲି ମଃନେ
ନଃକେରା; ମଃତର୍ ଇସ୍ୱର୍ ଜାକେ ଜଃତେକ୍ ବିସ୍ୱାସ୍ ଦିଲା
ଆଚେ, ସେ ହର୍ ସଃବୁଲକ୍ ନିଜ୍‌କେ ବାବା । 4 ବଃଲେକ୍
ଜଃନ୍‌କଃରି ଅଃମାର୍ ଗଟେକ୍ ଗଃଗାଲେ ଗାଦେକ୍ ଅଃଙ୍ଗ୍‌ମଃନ୍
ଆଚେ, ମଃତର୍ ସଃବୁ ଅଃଙ୍ଗ୍‌ମଃନାର୍ କାମ୍ ଗଟେ ରଃକମ୍ ନାୟ୍
। 5 ସେ ହର୍ ଅଃମି ଅଃନେକ୍ ମଃତର୍ କ୍ରିସ୍ଟର୍ ତଃୟ୍ ଗଟେକ୍
ଅୟ୍ ଜଲି ଅୟ୍ ଆଚୁ, ଅଃମି ଗଟେକ୍ ଗଃଗାଲ୍ ଆର୍ ଗଃଗାଲାର୍
ଅଃଙ୍ଗ୍‌ମଃନ୍ ହର୍ ଅଃମିମଃନ୍ ଏକ୍ ଆରେକ୍ ସଃଙ୍ଗ୍ ଜଲିଅୟ୍
ଆଚୁ । 6 ଆର୍ ଅଃମିକ୍ ଦିଆ ଅୟ୍‌ଲା ଦଃୟା ହଃର୍‌କାରେ
ଅଃଲ୍‌ଗା ଅଃଲ୍‌ଗା ଦାନ୍ ହାୟ୍ ଆଚୁ, ତଃବେ ସେ ଦାନ୍ ଜଦି
ବାବ୍‌ବାଣି ଅୟ୍‌ଦ୍ ଆସା ଅଃମିମଃନ୍ ବିସ୍ୱାସ୍ ହଃର୍‌କାରେ କାମ୍
କଃରୁଆଁ; 7 ସେରି ଜଦି ସେବା କାମ୍ ଅୟ୍‌ଲେକ୍ ଆସା ଅଃମିମଃନ୍
ସେବା କାମେ ଲାଗି ରେଉଅ । ଜେ ସିକ୍ୟା ଦଃୟ୍‌ଦ୍ ସେ ସିକ୍ୟା
ଦେଉଁକେଅଃୟ୍‌ଦ୍ । 8 ଆର୍ ଜେ ଉପ୍‌ଦେସ୍ ଦଃୟ୍‌ଦ୍ ସେ
ଉପ୍‌ଦେସ୍ ଦେଉଁକେ କାମେ ଲାଗି ରେଉଅ, ଜେ ଦାନ୍ ଦଃୟ୍‌ଦ୍
ସେ ସଃର୍ଦା ମଃନେ ଦେଅ, ଜାର୍ ସଃବୁ ବୁଜ୍‌ତାର୍ ଦାୟ୍‌ତ୍ ଆଚେ
ସେ ଜଃତୁନେ ସଃବୁ କାମ୍ କଃର; ଜେ ଦଃୟା କଃରେଦ୍ ସେ
ସଃର୍ଦା ମଃନେ ସେରି କଃର୍ । 9 ଲାଡ୍ ମଃନ୍ ବିତ୍ରାର୍ ଅଃଉଅ
ଜାୟ୍‌ରି ମଃନ୍କ ସେତାକ୍ ଗିଣ୍ କଃରା; ଜୁୟ୍‌ରି ନିକ ସେତି ମଃନ୍
ଦିଆସ୍ । 10 କ୍ରିସ୍ଟ ବିସ୍ୱାସି ବାୟ୍‌ବେଣି ହର୍ ଏକ୍‌ଆରେକ୍‌କେ ଲାଡ୍
କଃରା ଆର୍ ଏକ୍‌ଆରେକ୍‌କେ ମାୟ୍‌ନ୍ କଃରୁକେ ଇଚା କଃରା ।
11 ଅଃଲ୍‌ସିଆ ନଃୟ୍ ମାପ୍ରୁର୍ କାମେ କଃବାଲି ଅଃଉଆ, ଆତ୍ମାୟ୍
ହୁରୁଣ୍ ଅଃଉଆ; ମଃନ୍ ହଃରାଣେ ମାପ୍ରୁର୍ ସେବା କଃରା । 12
ମଃନେ ଆସା ରଃକି ସଃର୍ଦା କଃରା; ଦୁକ୍‌କଃସ୍ଟ ବଃଲ୍ ସାସ୍ ଦଃରା,
ସଃବୁ ବଃଲ୍ ପାର୍ତ୍‌ନାୟ୍ ଲାଗି ରିଆ । 13 କ୍ରିସ୍ଟ ବିସ୍ୱାସିମଃନାର୍
ଅକେଟ୍ ଦୁର୍ କଃରା, ଗତ୍ୟାମଃନାର୍ ସେବାକାରି ଅଃଉଆ । 14
ଜୁୟ୍ ଲକ୍‌ମଃନ୍ ତୁମିକେ ତାଲ୍‌ନା କଃର୍ତି ସେମଃନ୍‌କେ ଆସିର୍ବାଦ୍
କଃରା, ଆସିର୍ବାଦ୍ କଃରା ସାୟ୍‌ପ୍ ଦିଆସ୍ ନାୟ୍ । 15 ଜୁୟ୍
ଲକ୍‌ମଃନ୍ ସଃର୍ଦା କଃର୍ତି ସେମଃନାର୍ ସଃଙ୍ଗ୍ ମିସି ସଃର୍ଦା କଃରା;
ଜୁୟ୍ ଲକ୍‌ମଃନ୍ ଦୁକ୍ କଃର୍ତି ସେମଃନାର୍ ସଃଙ୍ଗ୍ ମିସି ଦୁକ୍ କଃରା
। 16 ସଃବ୍‌କେ ସଃମାନ୍ ଆକାୟ୍ ଦଃକା, ବଃଡ୍‌ହାଣ୍ୟା ନଃଉଆଁ,
ବାଙ୍ଗିହଃଲ୍‌ଲା ଲକ୍‌ମଃନାର୍ ସଃଙ୍ଗ୍ ଅଃଉଆ । ନିଜଃକେ ଗିଆନି
ବଃଲି ବାବାନାଁୟ୍ । 17 ମଃନ୍କ ବାଦୁଲେ କାର୍ ମଃନ୍କ କଃରା
ନାୟ୍, ସଃବାର୍ ଆକାୟ୍ ଜାୟ୍‌ରି ନିକ, ସେରିସଃବୁ କଃରା । 18
ସଃବୁଲକାର୍ ସଃଙ୍ଗ୍ ସୁସ୍ତାୟ୍ ରେଉଁକ୍ ହାରୁସଃକାତ୍ ଚେସ୍ଟା କଃରା
। 19 ଏ ଲାଡାର୍ ବାୟ୍‌ବେଣିମଃନ୍ ତୁମିମଃନ୍ ନିଜେ ନିଜେ କାର୍
ବାଦ୍‌ଲା ନିଆ ନାୟ୍ । ଇସ୍ୱରାର୍ ଡଃଣ୍ଡର୍ ଲକ୍ ଅଃଉତା ହାୟ୍ଁ
ତାକେ ଚାଡ଼ି ଦିଆସ୍ । ବଃଲେକ୍ ସାସ୍ତ୍ରେ ଲେକାଆଚେ, "ମାପ୍ରୁ
କଃଉଁଲା, ମୁୟ୍ଁ ତାର୍ ନ୍ୟାୟ୍ ବିଚାର୍ କଃରିନ୍ଁ । 20 ଆରେକ୍
ହେଁ ଜଦି ତୁମାର୍ ସଃତ୍ରୁ ବୁକେ ଆଚେ, ତଃବେ ତାକେ କାଉଁକେ
ଦିଆସ୍; ଜଦି ସସେ ଆଚେ, ତାକେ ସୁରାଉଆ; ବଃଲେକ୍ ଇହର୍
କଃଲେକ୍ ସେ ଲାଜେ ମୁଣ୍ଡ ତଃଳେ କଃରେଦ୍ ।" 21 କଃରାବ୍
କାମେ ଆରି ନଃକେରି, ନିକକାମେ କଃରାବ୍ କାମ୍‌କେ ଆରାଉଆ
।

13 ସଃବୁଲକ୍ ଅଃଦିକାର୍ ହାୟ୍‌ଲା ସାସନ୍‌କଃର୍ତାର୍
ଲକ୍‌ମଃନାର୍ କଃତା ମାନା, ବଃଲେକ୍ ଅଃଦିକାର୍ ଇସ୍ୱରାର୍
ତଃୟ୍ ହୁଣି ଆସେଦ୍, ଆରେକ୍ ଜୁୟ୍‌ସଃବୁ ଅଃଦିକାର୍ ହାୟ୍‌ରେତା
ସାସନ୍‌କଃର୍ତା ଆଚ୍‌ତି; ଇସ୍ୱର୍ ସେମଃନ୍‌କେ ବାଚିଆଚେ । 2
ତଃବେ ଜେ ଅଃଦିକାର୍‌କେ ବିରଦ୍ କଃରେଦ୍, ସେ ଇସ୍ୱରାର୍ ବିଦିର୍
ବିରଦ୍ କଃରେଦ୍; ଆରେକ୍ ଜୁୟ୍ ଲକ୍‌ମଃନ୍ କଃର୍ତି ସେମଃନ୍
ଅଃହ୍‌ଣା ଅଃହ୍‌ଣାର୍ ଉହ୍ରେ ଡଃଣ୍ଡ ଆଣ୍‌ତି । 3 ବଃଲେକ୍ ନିକ କାମ୍
କଃର୍ତା ଲକ୍‌ମଃନ୍ ମୁଲିକା ଲକ୍‌ମଃନ୍‌କେ ନଃଡିର୍‌ତି, ମଃତର୍
ଜୁୟ୍ ଲକ୍‌ମଃନ୍ କଃରାବ୍ କାମ୍ କଃର୍ତି ସେମଃନ୍ ଡିର୍‌ତି । ତୁମି କି
ଅଃଦିକାର୍ ହାୟ୍‌ଲା ସାସନ୍ କଃରୁର୍ ଚଃମେ ନଃଡିରୁକ୍ ଇଚା
କଃରୁଲାସ୍? ତଃବେ ନିକା କାମ୍ କଃରା, ତଃବେ ତାର୍ ତଃୟ୍‌ହୁଣି
ପ୍ରସଂସା ହାଉଆସ୍ । 4 ତୁମାର୍ ନିକ ହାୟ୍ଁ ସେ ଇସ୍ୱରାର୍ ତଃୟ୍
ହୁଣି ଅଃଦିକାର୍ ହାୟ୍ ଆଚେ । ମଃତର୍ ତୁମି ଜଦି କଃରାବ୍ କାମ୍
କଃରୁଲାସ୍, ତଃବେ ତୁମି ସାସନ୍‌କଃର୍ତା ଲକେ ଡିରା, ବଃଲେକ୍
ତୁମିକେ ଦଃଣ୍ଡ ଦେତା ହାୟ୍ଁ ସଃତ୍‌କଃରି ତାର୍ ଅଃଦିକାର୍ ଆଚେ
। ସେ ଇସ୍ୱରାର୍ ତଃୟ୍ ହୁଣି ବାଚ୍‌ଲା ଚାକର୍ । କଃରାବ୍ କାମ୍
କଃରୁମଃନ୍‌କେ ଦଃଣ୍ଡ ଦେତା ହାୟ୍ଁ ସେ ଇସ୍ୱରାର୍ ଆଦେସ୍
ମାନେଦ୍ । 5 ତଃବେ ତୁମିମଃନ୍ ସାସନ୍ କଃରୁମଃନାର୍ କଃତା
ମାନ୍‌ତା ଦର୍କାର୍ ଇସ୍ୱରାର୍ ଦଃଣ୍ଡ୍‌କେ ଡିରିକଃରି ନୟ୍, ମଃତର୍
ତୁମାର୍ ନିଜାର୍ ମଃନ୍ ଜୁୟ୍‌ରି ବଃଲ୍‌ବଃଲି କଃଉଁଲି ସେତାର୍
ଗିନେ । 6 ଇତାର୍ ଗିନେ ତୁମିମଃନ୍ ସିସ୍ତ ହେଁ ଦେଉଁଲାସ୍,
ବଃଲେକ୍ ସେମଃନ୍ ଇସ୍ୱରାର୍ ସେବାକାରି ହର୍ ଇ କାମେ ଲାଗି
ରେଉଁଲାୟ୍ । 7 ଜାର୍ ଜାୟ୍‌ରି ହାଉତାର୍ ତାକେ ସେରି ଦିଆସ୍;
ଜାକେ ସିସ୍ତ ଦେଉଁକ୍ ଅୟ୍‌ଦ୍, ତାକେ ସିସ୍ତ ଦିଆସ୍; ଜାକେ ଡିରୁକ୍
ଅୟ୍‌ଦ୍, ତାକେ ଡିରା; ଜାକେ ମାନ୍‌ତି କଃରୁକେ ଅୟ୍‌ଦ୍, ତାକେ
ମାୟ୍‌ନ୍ କଃରା । 8 ସଃବ୍‌କେ ଲାଡ୍ କଃର୍ତା ରିଣେ ରିଣ୍ୟା
ଅଃଉଆ ଆର୍ ବିନ୍ ବିସୟେ କାର୍ ତଃୟ୍ ହେଁ ରିଣ୍ୟା ଅଃଉଆ
ନାୟ୍; ବଃଲେକ୍ ଜେ ସଃବ୍‌କେ ଲାଡ୍ କଃରେଦ୍ ସେ ବିଦି ମାନି

ଆଚେ । 9 ବଃଲେକ୍ ଦାରିକାମ୍ କଃରା ନାୟ୍, ନଃର୍ ମାରା ନାୟ୍,
ଚରି କଃରା ନାୟ୍, ଲକାର୍ କାୟ୍‌ରି ହେଁ ଲଃବ୍ କଃରା ନାୟ୍,
ଆରେକ୍ ଜଦି କାୟ୍ ବଲ୍ ରଃୟ୍‌ଦ୍, ସେସଃବୁ ବିଦି ଗଟେତଃୟ୍
ଆଚେ, “ତୁମାର୍ ହଃଲ୍‌ସା ଲକେ ନିଜାର୍ ଜିବନ୍ ହର୍ ଲାଡ୍ କଃରା
।” 10 ତୁମି ଗଟ୍‌ଲକେ ଲାଡ୍ କଃର୍ତି ରିଲେକ୍ ତାକେ କଃବେ ହେଁ
ଅଃନ୍ୟାୟ୍ ନଃକେରାସ୍ । ସେତାକ୍ ଲାଡ୍‌କଃର୍ତାର୍ ଗିନେ ସଃବୁ
ବିଦି ମାନୁକ୍ ଅୟ୍‌ଦ୍ । 11 ଆରେକ୍, ଅଃବେ ତୁମିମଃନ୍ ନିଦେହୁଣି
ଜଃଗ୍ରତ୍ ଅଃଉତା ବେଳା ଆସି ଆଚେ, ଇରି ଜାଣି ଇସଃବୁ
କଃରା; ବଃଲେକ୍ ଅଃମିମଃନାର୍ ବିସ୍ୱାସ୍ କଃଲା ଦିନ୍‌ହୁଣି ଅଃବେ
ମୁକ୍ତି ହାଉତାର୍ ଅଃମାର୍ ଅଃଦିକ୍ ଚଃମେ । 12 ରାତି ସଃରୁଲି
ଉଜାଲ୍ ହାଉଁଲି, ଦିନ୍ ଚଃମେ ଆଚେ, ତଃବେ ଆସା ଅଃମିମଃନ୍
ଅଃନ୍ଦାରେ କଃର୍ତା କାମ୍‌ମଃନ୍ ଚାଡିକଃରି ଉଜାଳେ ଜୁଜ୍ କଃରୁକେ
ଟିକ୍ ସଃଜ୍ ହିନ୍ଧୁଆଁ । 13 ରଃଙ୍ଗରଃସିଆ, ମଃଦ୍ ମାତୁଆଳି,
ଗଃଗାଳାର୍ କଃରାବ୍ କାମ୍ ସଃବୁ ଆର୍ ନିଲାଜ୍ୟା, କଳିକଜ୍ୟା
ଆର୍ ଡାରା ଇସଃବୁୟ୍ ଜିବନ୍ ନଃକାଟି ଆସା, ଉଜାଳେ କାମ୍
କଃର୍ତା ଲକାର୍ ହର୍ ନିକ ଜିବନ୍ କାଟୁଆଁ । 14 ମାପ୍ରୁ ଜିସୁ କ୍ରିସ୍ଟର୍
ଅଃସ୍ତ୍ର୍‌ସଃସ୍ତ୍ରେ ସଃଜଃବାଜ୍ ଅୟ୍, ହାହ୍‌କେ ଚାଡା, ହାହ୍ ଆର୍
ଗଃଗାଳାର୍ ଇଚାକ୍ ହୁର୍ନ୍ କଃରୁକେ ମଃନେ ଚିତା କଃରା ନାୟ୍ ।

**14** ଦୁର୍ବଲ୍ ବିସ୍ୱାସିକେ ହେଁ ନିଜାର୍ ଦଃଳେ କୁଦା, ମଃତର୍
ତାର୍ ନିଜାର୍ ବିସ୍ୱାସ୍ ବିସୟେ ବିନ୍‌ବିନ୍ ଅଃଉଆ ନାୟ୍ ।
2 ଜେ ବିସ୍ୱାସେ ଅଃଟୁଆ, ସେ ସଃବୁ କାଦି କଃଉଁକେ ହାରେ,
ମଃତର୍ ଜାର୍ ବିସ୍ୱାସ୍ ଅଃଟୁଆ ନାୟ୍ ସେ ଅଃବ୍‌କା ଡାଲ୍‌ମାଲ୍
ସାଗ୍ କାଉଅ । 3 ଜେ ସଃବୁ ରଃକମ୍ କାଦି କାୟ୍‌ଦ୍, ସେ ନଃକାତା
ଲକେ ନିଚ୍ ନଃକେର, ଆରେକ୍ ଜେ ନଃକାୟ୍ ସେ କାତା ଲକେ
ବିଚାର୍ ନଃକେର୍; ବଃଲେକ୍ ଇସ୍ୱର୍ ତାକେ ଆଗଳି ଆଚେ ।
4 ତୁମିମଃନ୍ କେ ଜେ, ବିନ୍ ଲକାର୍ ଗତିଦଃଙ୍ଗ୍‌ଲାର୍ ବିଚାର୍
କଃରୁଲାସ୍? ସେ ତାର୍ କାମ୍ କଃତେକ୍ ଦୁରି କଃରୁ ହାରୁଲା କି
କଃରୁକେ ନଃହାରୁଲା, ସେରି ତାର୍ ସାଉକାର୍ ବିଚାର୍ କଃରେଦ୍,
ସେ ବାୟ୍‌ଦ୍‌ରେ ସେରି କଃରୁକେ ହାରେଦ୍, କାୟ୍‌ତାକ୍‌ବଃଲେକ୍
ତାର୍ ସାଉକାର୍ ତାକ୍ ତାର୍ କାମ୍ କଃରାଉଁକ୍ ହାରେ । 5
ଗଟ୍‌ଲକାର୍ ବିସ୍ୱାସେ ବିନ୍ ଦିନ୍‌ମଃନ୍ ତଃୟ୍‌ହୁଣି ଗଟେକ୍ ଟିକ୍
ଅଃଦିକ୍ ନିକ । ଆର୍ ବିନ୍ ଲକ୍ ସଃବୁ ଦିନ୍‌କେ ସଃମାନ୍ ବାବେ
ବିଚାର୍ କଃରେଦ୍ । ମଃତର୍ ଜେ ଜୁୟ୍‌ରି ଟିକ୍ ବଃଲି ବାବେଦ୍
ସେ ସେରି କଃର୍ । 6 ଜେ ଗଟ୍ ଦିନ୍‌କେ ଅଃଦିକ୍ ନିକ ବଃଲି
ମାନେଦ୍, ସେ ମାପ୍ରୁ ଜଃଜ୍‌ମାନ୍ ଗିନେ ସେରି କଃର; ଆର୍ ଜୁୟ୍
ଲକ୍ ଜାୟ୍‌ରି ହେଁ କାଉଁକେ ହାରେ, ସେ ମାପ୍ରୁର୍ ଜଃଜ୍‌ମାନ୍ ଗିନେ
କାଅ, ବଃଲେକ୍ ସେ ଇସ୍ୱର୍‌କେ ଦନ୍ୟବାଦ୍ ଦଃୟ୍‌ଦ୍; ଆରେକ୍
ଜୁୟ୍ ଲକ୍ କାୟ୍ କାଦି କାଉଁକେ ନଃଚେ, ସେ ମାପ୍ରୁର୍ ଜଃଜ୍‌ମାନ୍
ଗିନେ ସେରି କଃର, ଆର୍ ଇସ୍ୱର୍‌କେ ଦନ୍ୟବାଦ୍ ଦେଉଅ । 7
କେହେଁ ନିଜାର୍ ହାଁୟ୍ ନଃବଚେ, ଆର୍ ନିଜାର୍ ହାଁୟ୍ ନଃମେରେ
। 8 ଜଦି ଅଃମିମଃନ୍ ବଚୁଆଁ, ତଃବେ ମାପ୍ରୁର୍ ଗିନେ ବଚୁଆଁ,
ନୟ୍‌ଲେକ୍ ଜଦି ମଃରୁଆଁ ତଃବେ ମାପ୍ରୁର୍ ହାଁୟ୍ ମଃରୁଆଁ । ତଃବେ
ଜଦି ଅଃମିମଃନ୍ ବଚୁଆଁ କି ମଃରୁଆଁ, ଅଃମିମଃନ୍ ମାପ୍ରୁର୍ ଲକ୍ ।
9 କାୟ୍‌ତାକ୍‌ବଃଲେକ୍ କ୍ରିସ୍ଟ ମଃରି ଜିବନ୍ ହାୟ୍ ଉଟ୍‌ଲାକ୍ ସେ
ମଃଲା ଲକ୍‌ମଃନାର୍ ଆର୍ ଜିବନ୍ ଲକ୍‌ମଃନାର୍ ମାପ୍ରୁ ଅୟ୍‌ଆଚେ
। 10 ତଃବେ ତୁମି କାୟ୍‌ତାକ୍ ବିନ୍ ବିସ୍ୱାସି ବାୟ୍‌ର୍ ବିଚାର୍
କଃରୁଲାସ୍? ତୁମି କାୟ୍‌ତାକ୍ ବିନ୍ ବିସ୍ୱାସି ବାୟ୍‌କ୍ ଇନ୍‌ମାନ୍
କଃରୁଲାସ୍? ଅଃମିମଃନ୍ ସଃବୁଲକ୍ ତ ଇସ୍ୱରାର୍ ବିଚାର୍ କଃର୍ତା
ଟାଣେ ଟିଆ ଅଃଉଁନ୍ଦୁ । 11 ବଃଲେକ୍ ଦଃର୍ମ୍‌ସାସ୍ତ୍ରେ ଲେକା
ଆଚେ, “ମାପ୍ରୁ କଃଉଁଲା, ଅଃମି ଜିବନ୍ ମାପ୍ରୁ, ତଃବାର୍ ଗିନେ,
ସଃବୁଲକ୍ ମର୍ ମୁଏଁ ମାଣ୍ଡିକୁଟା ଟେସ୍ତି, ଆର୍ ମକ୍ ଇସ୍ୱର୍ ବଃଲି
ସଃବୁ ଲକ୍ ମାନ୍‌ତି ।” 12 ତଃବେ ଅଃମିମଃନ୍ ସଃବୁ ଲକ୍
ଇସ୍ୱରାର୍ ଚଃମେ ନିଜାର୍ ନିଜାର୍ କାମାର୍ ଇସାବ୍ ଦେଉଁକ୍
ଅୟ୍‌ଦ୍ । 13 ତଃବେ ତୁମି ଏକ୍ ଆରେକାର୍ ବିଚାର୍ କଃରା ନାୟ୍
। ଆର୍ ଇରଃକମ୍ ହେଁ କାୟ୍ କାମ୍ କଃରା ନାୟ୍, ଜୁୟ୍‌ତାର୍
ଗିନେ କି ତୁମାର୍ ବାୟ୍ ଜଟ୍ୟାୟ୍ ଅୟ୍ ହାହ୍ କଃରେଦ୍ । 14 ମୁୟ୍
ଜାଣି ଆଚି ଆର୍ ମାପ୍ରୁ ଜିସୁର୍ ତଃୟ୍ ବାୟ୍‌ଦ୍‌ରେ ଜାଣୁଲେ ଜେ,
କାୟ୍ ହେଁ କାଦି ବିଟାଲ୍ ନୟ୍, ମଃତର୍ ଜୁୟ୍‌ଲକ୍ କାୟ୍ କାଦିକ୍
ବିଟାଲ୍ ବଃଲି ମଃନେ କଃରେଦ୍ ତାର୍, ଗିନେ ସେରି ବିଟାଲ୍
। 15 ତୁମି କାୟ୍ କାଦି କାୟ୍‌ଲେକ୍ ତୁମାର୍ ବାୟ୍ ଜଦି ଦୁକ୍
ହାଉଁଲା, ତଃବେ ତୁମି ତାକ୍ ଲାଡ୍ ଚାଲାଚାଲ୍‌ତି ନଃକେରୁଲାସ୍
। ଜୁୟ୍ ବାୟ୍‌ର୍ ଗିନେ କ୍ରିସ୍ଟ ମଃଲା, ତୁମିମଃନ୍ ତୁମାର୍ ମଲ୍
ନୟ୍‌ଲା କାଦି ଗିନେ ତାକେ ନାସ୍ କଃରା ନାୟ୍ । 16 ତୁମି ଜାୟ୍‌ରି
ନିକ ବଃଲି ବାବୁଲାସ୍, ସେ କାମ୍‌କେ ବିନ୍ ଲକ୍‌ମଃନ୍ ଲିନ୍ଦା
ନଃକେରତ୍ । 17 ବଃଲେକ୍ ଇସ୍ୱରାର୍ ରାଇଜ୍ କାତାର୍ ହିଉତାର୍
ନାୟ୍, ମଃତର୍ ପବିତ୍ର ଆତ୍ମା ଦିଲା ଦଃର୍ମି, ସୁସ୍ତା ଆର୍ ସଃର୍ଦା ।
18 ଜେ କେ ଇ ରଃକମ୍ ବାବେ କ୍ରିସ୍ଟର୍ ସେବା କଃରେଦ୍; ସେ
ଇସ୍ୱର୍‌କେ ସଃର୍ଦା କଃରେଦ୍, ଲକ୍‌ମଃନାର୍ ତଃୟ୍ ହେଁ ମାୟ୍‌ନ୍
ହାୟ୍‌ଦ୍ । 19 ତଃବେ ଆସା, ସଃବାର୍ ବିତ୍ରେ ସୁସ୍ତା ଆଣୁକେ ଆର୍
ସଃକ୍ତି ଜଃନ୍ମାଉଁକେ ଜାୟ୍‌ରି ସଃବୁ ଦଃର୍କାର୍, ସେ ଉହ୍ରେ ଦିଆନ୍
ଦେଉଁଆ । 20 ମଲ୍ ନୟ୍‌ଲା କାଦିର୍ ଗିନେ ଇସ୍ୱର୍ ଜାୟ୍ କାମ୍
କଃଲା ଆଚେ, ସେରି ନଃସ୍ଟ କଃରା ନାୟ୍ । ସଃବୁ କାଦି କାଉଁକେ
ହାରୁଆଁ; ଅୟ୍‌ଲେକ୍ ହେଁ ଜୁୟ୍ କାଦି କାୟ୍‌ଲେକ୍ ବିନ୍ ଲକାର୍
ବାଦା ଗଃଟେଦ୍, ସେ କାଦି କାତାର୍ ନିକ ନାୟ୍ । 21 ମାସ୍
କାତାର୍ କି ମଃଦ୍ କାତାର୍ ଆର୍ କାୟ୍‌ରି କାତାର୍ ଜଦି ତୁମାର୍
ବାୟ୍‌ର୍ ଜଟ୍ୟାୟ୍ ଅଃଉତାର୍ ଅୟ୍‌ଦ୍, ତଃବେ ସେରି ନଃକେଲେକ୍
ନିକ । 22 ଇ ବିସୟେ ତୁମାର୍ ନିଜାର୍ ବିସ୍ୱାସ୍ ଅଃବ୍‌କା ଇସ୍ୱର୍
ଜାଣ । ଜୁୟ୍ ଲକ୍ ପରିକ୍ୟାୟ୍ ଜିଣିଆଚେ ବଃଲି ବିଚାର୍ କଃରି
କୁୟ୍ କାମ୍ ହେଁ କଃରେଦ୍, ଆର୍ ସେତାର୍‌ଗିନେ ହଃଚେ ତାକେ
ଦୁକ୍ କଃରୁକେ ନଃହେଳେ ସେ ଲକ୍ ଦନ୍ୟ । 23 ମଃତର୍ କାୟ୍
ହେଁ କାଦି କାତାର୍ ନିକ କି ନାୟ୍, ଅଃହ୍ରାତ୍ କଃରି ଜୁୟ୍‌ଲକ୍ ସେରି
କାୟ୍‌ଦ୍, ଇସ୍ୱରାର୍ ଚଃମେ ସେ ଦସି ଅୟ୍‌ଦ୍, କାୟ୍‌ତାକ୍‌ବଃଲେକ୍

ସେରି ତାର୍ ବିସ୍ୱାସ୍ ହଃର୍କାରେ କାମ୍ ନାୟ୍, ଆର୍ ଜାୟ୍ରି ହେଁ
ବିସ୍ୱାସେ ଅୟ୍ ନଃକେରେ ସେରି ହାହ୍ ।

**15** ଜୁୟ୍‌ମଃନ୍ ବିସ୍ୱାସେ ଡାଟ୍, ସେମଃନ୍ ଅଃଳକ୍
ବିସ୍ୱାସିମଃନାର୍ ଦଃସ୍ ଦୁର୍ବୁଲ୍‌କେ ସଃମ୍ଭାଳତ୍ । କେ ହେଁ
ଅଃବ୍‌କା ନିଜାର୍ ନିଜାର୍ ସୁକ୍ ଚେସ୍ଟା ନଃକେରତ୍ । 2 ମଃତର୍
ବିନ୍ ଲକ୍‌ମଃନାର୍ ନିକ ଗିନେ ଆର୍ ସେମଃନାର୍ ବିସ୍ୱାସ୍‌କେ
ଅଃଟୁଆ କଃର୍ତା ହାୟ୍ଁ ସେମଃନ୍‌କେ ସଃର୍ଦା କଃରାଉତାର୍ ଅଃମାର୍
କାମ୍ । 3 କ୍ରିସ୍ଟ ହେଁ ନିଜାର୍ ସୁକ୍ ଚେସ୍ଟା କଃରି ନଃରିଲା; ମଃତର୍
ଜଃନ୍‌କଃରି ସାସ୍ତରେ ଲେକା ଆଚେ, ଲିନ୍ଦା କଃରୁମଃନାର୍ ଲିନ୍ଦା
ମର୍ ଉହ୍ରେ ହଃଲ୍‌ଲି । 4 ଆରେକ୍ ଅଃମିମଃନ୍ ଜଃନ୍‌କଃରି
ସାସ୍ତରାର୍ ସିକ୍ୟା ତଃୟ୍‌ହୁଣି ସାସ୍ ଆର୍ ସୁସ୍ତା ଆର୍ ବଃର୍ସା
ହାଉଁନ୍ଦ୍; ଇତାର୍ ଗିନେ ହୁର୍ବକାଳେ ଜୁୟ୍ ଜୁୟ୍ରି ଲେକା ଅୟ୍‌ରିଲି,
ସେରିସଃବୁ ଅଃମାର୍ ସିକ୍ୟା ହାଁୟ୍ ଲେକା ଅୟ୍‌ଆଚେ । 5
ସାସ୍ ଆର୍ ସୁସ୍ତା ଦେଉଁକେ ଇସ୍ୱର୍ ତୁମିମଃନ୍‌କେ କ୍ରିସ୍ଟ ଜିସୁର୍
ହର୍ ସଃବୁଲକାର୍ ଗଟେକ୍ ମଃନ୍‌ବାବ୍ ଅଃଉଁକେ ଦେଉଅ । 6
ଜଃନ୍‌କଃରି ଗଟେକ୍ ମଃନେ ଗଟେକ୍ ଟଣ୍ଡେ ତୁମିମଃନ୍ ଇସ୍ୱରାର୍
ଆର୍ ଅଃମାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଉବାସିର୍ ଜଃଜ୍‌ମାନ୍ କଃରା ।
7 ତଃବେ ଇସ୍ୱରାର୍ ଜଃଜ୍‌ମାନ୍ ହାଁୟ୍ କ୍ରିସ୍ଟ ଜଃନ୍‌କଃରି ତୁମିକେ
ଦଃର୍‌ଲା, ତୁମିମଃନ୍ ହେଁ ସେନ୍‌କଃରି ଏକ୍‌ଆରେକ୍‌କେ ଆଗଲା ।
8 କାୟ୍‌ତାକ୍‌ବଃଲେକ୍ ମୁୟ୍ଁ କଃଉଁଲେ କ୍ରିସ୍ଟ ଇସ୍ୱରାର୍ ସଃତାର୍
ଗିନେ ସୁନତ୍ ଅୟ୍‌ଲା ଲକାର୍ ସେବାକାରି କଃରିଆଚେ ବଃଲେକ୍
ଦାଦିମଃନ୍‌କେ କଃଲା ସଃୟ୍‌ତ୍ ହୁରା କଃରେଦ୍ । 9 ଇସ୍ୱରାର୍
ଦଃୟାର୍ ଗିନେ ଅଜିଉଦି ଲକ୍‌ମଃନ୍ ହେଁ ତାର୍ ଜଃଜ୍‌ମାନ୍ କଃର୍ତି;
ଜଃନ୍‌କଃରି ସାସ୍ତରେ ଲେକାଆଚେ, "ଅଜିଉଦିମଃନାର୍ ବିତ୍ରେ
ତର୍ ଜଃଜ୍‌ମାନ୍ କଃରିନ୍ଦ୍, ଆର୍ ତର୍ ଗୁଣ୍ ଗାଇନ୍ଦ୍ ।" 10 ଆରେକ୍
ହେଁ ଲେକା ଆଚେ, "ଅଜିଉଦିମଃନ୍ ଇସ୍ୱରାର୍ ଲକ୍‌ମଃନାର୍
ସଃଙ୍ଗ୍ ସଃର୍ଦା କଃରା ।" 11 ଆରେକ୍ ହେଁ "ଅଜିଉଦି ସଃବୁଲକ୍
ମାପ୍ରୁର୍ ଜଃଜ୍‌ମାନ୍ କଃରା ଆର୍ ସଃବୁଲକ୍ ତାର୍ ଜଃଜ୍‌ମାନ୍
କଃରା ।" 12 ଆର୍ ଜିସାୟ୍ କୟ୍‌ଆଚେ, "ଜିସିର୍ ଚେର୍ ରଃୟ୍‌ଦ୍,
ଆର୍ ସେ ଅଜିଉଦି ଉହ୍ରେ ସାସନ୍ କଃରେଦ୍, ଆର୍ ସେମଃନ୍
ତାର୍ ଉହ୍ରେ ଆସା ରଃକ୍‌ତି ।" 13 ସଃବୁ ବଃର୍‌ସାର୍ ଇସ୍ୱର୍
ତୁମିମଃନାର୍ ବିସ୍ୱାସ୍ ଗିନେ ତୁମିମଃନ୍‌କେ ସଃର୍ଦା ଆର୍ ସୁସ୍ତାୟ୍
ହୁର୍ନ୍ କଃର୍ । ପବିତ୍ର ଆତ୍ମାର୍ ସଃକ୍ତିୟେ ତୁମିମଃନାର୍ ବଃର୍ସା
ବୁତେକ୍ ଅଃଉଅ । 14 ଏ ବାୟ୍‌ବେଣିମଃନ୍ ଇରି ମୁୟ୍ଁ ନିଜେ
ବିସ୍ୱାସ୍ କଃରୁଲେ, ତୁମିମଃନ୍ ଆପେ ସଃତ୍ ଗୁଣେ ଆର୍ ସଃବୁ
ଗ୍ୟାନେ ହୁର୍ନ୍; ଆର୍ ସଃବ୍‌କେ ସିକ୍ୟା ଦେଉଁକ୍ ହାରାସ୍ । 15
ମକ୍ ଇସ୍ୱର୍ ଦିଲା, ଦଃୟାର୍ ଗିନେ ମୁୟ୍ଁ ତୁମିମଃନ୍‌କେ ଆରେକ୍
ମଃନେ ଏତାୟ୍ ଦେତା ଗିନେ ଇସ୍ୱର୍ ଦିଲା ସାସାର୍ ସଃଙ୍ଗ୍
ତୁମିମଃନାର୍ ହାକ୍ ଲେକୁଲେ । 16 ବଃଲେକ୍ ଅଜିଉଦିମଃନ୍
ଜଃନ୍‌କଃରି ପବିତ୍ର ଆତ୍ମାର୍ ଗିନେ ପବିତ୍ର ଅୟ୍ ଦାନ୍ ଦିଲାର୍
ଦାନ୍‌ହର୍ ମାପ୍ରୁର୍ ଅଃଉତି, ଇତାର୍ ଗିନେ ସେମଃନାର୍ ତଃୟ୍
କ୍ରିସ୍ଟ ଜିସୁର୍ ସେବାକାରି ଅୟ୍ ଇସ୍ୱରାର୍ ନିକ କବୁରାର୍ ଜାଜକ୍
କାମ୍ କଃରୁକେ ମକ୍ ସେ ଦୟା ଦିଆ ଅୟ୍‌ଆଚେ । 17 କ୍ରିସ୍ଟ
ଜିସୁର୍ ସଃଙ୍ଗ୍ ଗଟେତଃୟ୍ଁ ଅୟ୍ ଇସ୍ୱରାର୍ ଗିନେ ଇ ସେବାକାମ୍
କଃରୁଲେ ବଃଲି ମୁୟ୍ଁ ଗଃର୍ବ୍ କଃରୁଲେ । 18 ଅଜିଉଦିମଃନ୍‌କେ
ଇସ୍ୱରାର୍ ବଲ୍ ମାନାଉତାର୍ ଗିନେ କ୍ରିସ୍ଟ ମର୍ ଦଃୟ୍ କାୟ୍ରି
ସାଦୁନ୍ କଃରିଆଚେ, ଇ କଃତା କଃଉଁକେ ସାସ୍ ହାୟ୍‌ଆଚି । 19
ଇରି ସେ କୟ୍‌ଆଚେ, ବାକ୍ୟ ଆର୍ କାମ୍ ଦଃୟ୍ ଆର୍ ଇସ୍ୱରାର୍
ଆତ୍ମାର୍ ସଃକ୍ତିୟେ । ତଃବେ ମୁୟ୍ଁ ଜିରୁସାଲମେ ହୁଣି ଇଲୁରିକେ
ଜାତା ବଃଲ୍ ବାଟେ କ୍ରିସ୍ଟର୍ ନିକ କବୁର୍ ହୁରାହୁରି ବାବେ ପର୍ଚାର୍
କଃରିଆଚି । 20 ହେଁ ଜଃନ୍‌କଃରି ମୁୟ୍ଁ ବିନ୍ ଲକାର୍ କୁନାଦି ଉହ୍ରେ
ନଃବାନ୍ଦି, ଜୁୟ୍ ଜଃଗାୟ୍ କ୍ରିସ୍ଟର ନାଉଁ ନଃହଚିଆଚେ, ସେଟାଣେ
ନିକ କବୁର୍ ପର୍ଚାର୍ କଃରୁକେ ମୁୟ୍ଁ ଇଚା କଃରି ଆସିଆଚି ।
21 ଜଃନ୍‌କଃରି ସାସ୍ତରେ ଲେକା ଆଚେ, "ଜୁୟ୍ ଲକ୍‌ମଃନ୍‌କ୍
ତାର୍ କଃତା କଃଉଆ ନୟେ, ସେମଃନ୍ ଦଃକ୍‌ତି ଆର୍ ଜୁୟ୍
ଲକ୍‌ମଃନ୍ ନଃସୁଣ୍‌ତି ସେମଃନ୍ ବୁଜ୍‌ତି ।" 22 ମୁୟ୍ଁ ତୁମାର୍ ହାକ୍
ଜଃଉଁକେ ବେସିତର୍ ବାଦା ହାୟ୍‌ଆସୁଲେ; 23 ମଃତର୍ ମର୍ ଇ
ଜଃଗାୟ୍ ମର୍ କାମ୍ ସଃରିଆଚେ ଆର୍ ମର୍ ଆସା, ତୁମିମଃନ୍‌କେ
ଦଃକୁକେ ମର୍ ଅଃନେକ୍ ବଃର୍ସାର୍ ଆସା ଅଃବେ ହୁରୁଣ୍ ଅୟ୍‌ଦ୍ ।
24 ମୁୟ୍ଁ ସ୍ପେନ୍‌କେ ଜାତାବଃଲ୍ ତୁମିମଃନ୍‌କେ ଦଃକି ଆସିନ୍ଦ୍ ବଃଲି
ବାବିଆଚି । ତୁମିମଃନାର୍ ତଃୟ୍ କଃତେକ୍ କାଲ୍ ରିଲା ହଃଚେ
ସେ ଜଃଗାୟ୍ ଜଃଉଁକେ ତୁମିମଃନ୍ ମକ୍ ବାଟ୍ ଦଃକାୟ୍ ଦିଆସ୍
ବଃଲି ଆସା କଃରୁଲେ । 25 ମଃତର୍ ଅଃବେ ସାଦୁମଃନାର୍ ସେବା
କଃରୁକେ ମୁୟ୍ଁ ଜିରୁସାଲମେ ଜଃଉଁଲେ । 26 ଜିରୁସାଲମେ ରିଲା,
ସାଦୁ ମଃନାର୍ ବିତ୍ରେ ଜୁୟ୍ ଲକ୍‌ମଃନ୍ ଗଃରିବ୍, ସେମଃନ୍‌କେ
ଉହ୍‌କାର୍ କଃରୁକେ ମାକିଦନିଆ ଆର୍ ଆକାୟାର୍ ମଣ୍ଡଲିମଃନ୍
ଦାନ୍ ଦଃୟ୍ ଉହ୍‌କାର୍ କଃରୁକେ ମଃନ୍ ହାଚିଆତ୍‌ତି । 27 ଇରି
ସେମଃନାର୍ ଡାକାର୍ ମଃନାର୍ ଜଃଜ୍‌ନା ସଃତ୍‌କଃରି ଇହର୍
କଃର୍ତାର୍ ସେମଃନାର୍ କାମ୍, ଜିଉଦିମଃନ୍ ନିଜାର୍ ଆତ୍ମିକ୍
ଆସିର୍ବାଦେ ଅଜିଉଦିମଃନ୍‌କେ ବାଗିଦାର୍ କଃରାୟ୍ ରିଲାକେ
ଜିଉଦିମଃନ୍‌କେ ନିଜାର୍ ଟଃକାଡାବୁର୍ ଆସିର୍ବାଦେ ବାଗିଦାର୍
କଃରାୟ୍ ସେମଃନ୍‌କେ ଉହ୍‌କାର୍ କଃର୍ତାର୍ ଅଜିଉଦିମଃନାର୍
କାମ୍ । 28 ଜିରୁସାଲମେ ସେ ଡାବୁକାସୁ ଦଃୟ୍‌କଃରି ମୁଦ୍ରାମାରି
ମର୍ କାମ୍ ସେସ୍ କଃଲା ହଃଚେ ମୁୟ୍ଁ ସ୍ପେନ୍ ଦେସେ ଜଃଉଁକେ
ବାରୟ୍‌ନ୍ଦ୍ ଆର୍ ଜାତା ବାଟେ ଦଃକି ଆସିନ୍ଦ୍ । 29 ଆର୍
ମୁୟ୍ଁ ଜାଣୁଲେ, ଜଃଡେବଃଲ୍ ମୁୟ୍ଁ ତୁମିମଃନାର୍ ହାକ୍ ଆସିନ୍ଦ୍
ସଃଡେବଃଲ୍ କ୍ରିସ୍ଟର୍ ହୁରାହୁରି ଆସିର୍ବାଦ୍ ସଃଙ୍ଗ୍ ଆସିନ୍ଦ୍ । 30
ମାପ୍ରୁ ଜିସୁ କ୍ରିସ୍ଟର୍ ନାଉଁଏ ଆର୍ ପବିତ୍ର ଆତ୍ମା ଦିଲା ଲାଡାର୍ ଗିନେ
ମୁୟ୍ଁ ବାୟ୍‌ବେଣିମଃନ୍ ତୁମିମଃନ୍‌କେ ଗଃଉଆରି କଃରୁଲେ, ମର୍
ଗିନେ ସଃର୍ଦା ମଃନେ ପାର୍ଥ୍‌ନା କଃରା । 31 ଅବିସ୍ୱାସିମଃନାର୍
ତଃୟ୍‌ହୁଣି ମୁୟ୍ଁ ଜଃନ୍‌କଃରି ମୁକ୍ତି ଅୟ୍‌ନ୍ଦ୍ ଆର୍ ଜିରୁସାଲମେ
ମର୍ ସେବା କାମ୍ ଜଃନ୍‌କଃରି ସେଡିର୍ ଇସ୍ୱରାର୍ ଲକ୍‌ମଃନ୍

ମଃନ୍ କଃର୍ତି, ସେତାର୍‌ଗିନେ ପାର୍ତ୍‌ନା କଃର୍ତିରିଆ । 32 ଇସ୍ୱରାର୍
ଇଚା ଅୟ୍‌ଲେକ୍ ମୁୟ୍‌ଁ ସଃର୍ଦାୟ୍ ତୁମିମଃନାର୍ ଚଃମେ ଆସିନ୍ଁ
ଆର୍ ତୁମିମଃନାର୍ ସଃଙ୍ଗ୍ କଃତି ଦିନ୍ ରଃୟ୍ ମର୍ ମଃନେ ସୁକ୍
ହାଉଁହାରିନ୍ଁ । 33 ସଃବୁ ସୁସ୍ତା ଦେତା ଇସ୍ୱର୍ ତୁମାର୍ ସଃବୁଲକାର୍
ସଃଙ୍ଗ୍ ରେଅ । ଆମେନ୍ ।

**16** କେଙ୍କ୍ରେଆ ମଣ୍ଡଳିର୍ ଗଟ୍ ସେବାକାରିଣି ବେଣି ପବିକେ
ତୁମିମଃନାର୍ ହାକ୍ ହଃଟାଉଁଲେ । 2 ମାପ୍ରୁର୍ ନାଉଁଏ
ତାକେ ଦଃରି ଇସ୍ୱରାର୍ ଲକ୍ ହର୍ ବେବାର୍ କଃରା । ତାର୍
ଲଳା ହଃର୍କାରେ ତାକେ ଉହ୍‌କାର୍ କଃରା । ମର୍ ଆର୍ ଅଃନେକ୍
ଲକାର୍ ସେ ଗଟେକ୍ ଉହ୍‌କାରି ଲକ୍ । 3 କ୍ରିସ୍ଟ ଜିସୁର୍ ସେବା
କାମେ ମର୍ ସଃଙ୍ଗ୍ କାମ୍ କଃର୍ତା ପ୍ରିସ୍କିଲା ଆର୍ ଆକିଲାକେ ମର୍
ଜୁଆର୍ ଜାଣାଉଆ; 4 ସେମଃନ୍ ମର୍ ହାୟ୍‌ଁ ନିଜାର୍ ନିଜାର୍
ଜିବନ୍‌କେ ବିପ୍‌ଦେ ହଃକାୟ୍ ଆଚ୍‌ତି । ମୁୟ୍‌ଁ ହଃକା ସେମଃନ୍‌କେ
ଦନ୍ୟବାଦ୍ ଦେଉଁଲେ ସେରି ନାୟ୍ ମଃତର୍ ସଃବୁ ଅଜିଉଦି ମଣ୍ଡଳି
ସେମଃନ୍‌କେ ଦନ୍ୟବାଦ୍ ଦେଉଁଲାୟ୍ । 5 ସେମଃନାର୍ ଗଃରେ
ଗଟେତଃୟ୍ ଅଃଉତା; ମଣ୍ଡଳିର୍ ସଃବୁଲକେ ହେଁ ମର୍ ଜୁଆର୍
ଜାଣାଉଁଲେ । ମର୍ ଲାଡାର୍ ବାୟ୍ ଏପାୟ୍‌ନେତକେ ମର୍ ଜୁଆର୍
ଜାଣାଉଆ । ଆସିଆ ଦେସେ ସେ ଅଃଉଁଲା ହଃର୍ତୁ କ୍ରିସ୍ଟ ବିସ୍ୱାସି ।
6 ତୁମିମଃନାର୍ ବଃଲ୍ ହାୟ୍‌ଁ ବେସି କଃସ୍ଟ କଃରି କାମ୍ କଃରିରିଲା
ମରିୟମ୍‌କେ ମର୍ ଜୁଆର୍ । 7 ଆନ୍ଦ୍ରନିକ ଆର୍ ଜୁନିୟାକେ ମର୍
ଜୁଆର୍ । ଇ ଦୁୟ୍ ଲକ୍ ଜିଉଦି ମର୍ ସଃଙ୍ଗ୍ ବନ୍ଦି ଗଃରେ ରିଲାୟ୍
। ମର୍ ତଃୟ୍‌ହୁଣି ହୁର୍ବେ ସେମଃନ୍ କ୍ରିସ୍ଟର ବିସ୍ୱାସି ଅୟ୍‌ରିଲାୟ୍
ଆର୍ ପେରିତ୍ ଚେଲାମଃନାର୍ ବିତ୍ରେ ସେମଃନ୍ ଜାଣାସୁଣା । 8
ମାପ୍ରୁର୍‌ତଃୟ୍ ମର୍ ଲାଡାର୍ ଆମ୍ପ୍ଲିଆକେ ଜୁଆର୍ ଜାଣାଉଆ । 9
କ୍ରିସ୍ଟର ସେବାୟ୍ ଅଃମାର୍ ସଃଙ୍ଗ୍ କାମ୍ କଃରୁ ଉର୍‌ବାନ୍‌କେ ଆର୍
ମର୍ ଲାଡାର୍ ଆରିସ୍ତାକେ ଜୁଆର୍ ଜାଣାଉଆ । 10 କ୍ରିସ୍ଟର୍ ବିସ୍ୱାସି
ଆପେଲୋକେ ଜୁଆର୍ ଜାଣାଉଆ । ଆରିସ୍ତବୁଲାର୍ କୁଟୁମାର୍
ଲକମଃନ୍‌କେ ଜୁଆର୍ ଜାଣାଉଆ । 11 ମର୍ ସଃଙ୍ଗ୍‌ର୍ ଜିଉଦି
ହେରଦିଆକେ ଜୁଆର୍ ଜାଣାଉଆ । ନାର୍କିସାର୍ ଗଃରେ ଜୁୟ୍
ଲକ୍‌ମଃନ୍ ମାପ୍ରୁର୍ ତଃୟ୍ ଆଚ୍‌ତି ସେମଃନ୍‌କେ ଜୁଆର୍ ଜାଣାଉଆ
। 12 ମାପ୍ରୁର୍ ସେବାକାମ୍ କଃରୁଲା କୁପେଣା ଆର୍ କୁପସ୍‌କେ
ଜୁଆର୍ ଜାଣାଉଆ । ଲାଡାର୍ ପର୍ସିସ୍‌କେ ଜୁଆର୍ ଜାଣାଉଆ,
ସେ ମାପ୍ରୁର୍ କାମେ ବେସି କାମ୍ କଃରିଆଚେ । 13 ମାପ୍ରୁର୍
ବାଚ୍‌ଲାର୍ ରୁପକେ ଆର୍ ତାର୍ ଆୟ୍‌ସିକ୍ ଜୁଆର୍ ଜାଣାଉଆ,
ସେ ହେଁ ମର୍ ଆୟା ହର୍ । 14 ଅସୁଙ୍କ୍ରିତ୍, ପ୍ଲେଗନ୍, ହର୍ମିସ୍,
ପାତ୍ରବା, ହର୍ମାସ୍, ଆର୍ ସେମଃନାର୍ ସଃଙ୍ଗ୍ ରିଲା ବିସ୍ୱାସି
ବାୟ୍‌ବେଣିମଃନ୍‌କେ ଜୁଆର୍ ଜାଣାଉଆ । 15 ସେମଃନାର୍
ସଃଙ୍ଗ୍ ରେଉଁଲା ବାୟ୍‌ବେଣିମଃନ୍‌କେ, ପିଲଲଗ୍ ଆର୍ ଜୁଲିଆ,
ନିରୁସ୍ ଆର୍ ତାର୍ ବେଣ୍‌ସି; ଆରେକ୍ ଅଲୁମ୍ପା ଆର୍ ସେମଃନାର୍
ସଃଙ୍ଗ୍ ରିଲା ସଃବୁ ସାଦୁମଃନ୍‌କେ ମର୍ ଜୁଆର୍ ଜାଣାଉଆ । 16
ପବିତ୍ର ଲାଡେ ସଃବ୍‌କେ ଜୁଆର୍ କଃରା । କ୍ରିସ୍ଟର୍ ସଃବୁ ମଣ୍ଡଳି
ତୁମିମଃନ୍‌କେ ଜୁଆର୍ ଜାଣାଉଁଲାୟ୍ । 17 ଏ ବାୟ୍‌ବେଣିମଃନ୍,
ତୁମିମଃନ୍ ଜୁୟ୍ ସିକ୍ୟା ହାୟ୍ ଆଚାସ୍, ସେଟିର୍ ଉଲ୍‌ଟା ଜୁୟ୍
ଲକ୍‌ମଃନ୍ ବାଗ୍‌କଃରି ଆର୍ ବାଦା ଗଃଟାଉତି, ସେମଃନ୍‌କେ
ଚିନିକଃରି ସେମଃନାର୍ ତଃୟ୍‌ହୁଣି ଅଃଲ୍‌ଗା ରେତାର୍ ଗିନେ
ମୁୟ୍‌ଁ ତୁମିକେ ଗଃଉଆରି କଃରୁଲେ । 18 ବଃଲେକ୍ ଇରଃକମ୍
ଲକ୍‌ମଃନ୍ ଅଃମାର୍ ମାପ୍ରୁ କ୍ରିସ୍ଟ ଜିସୁର୍ ସେବାକାରି ନାୟ୍, ମଃତର୍
ନିଜାର୍ ନିଜାର୍ ସେବାକାରି, ଆରେକ୍ ସୁନ୍ଦର୍ କଃତା କୟ୍
ସାଦାସିଦା ଲକ୍‌ମଃନାର୍ ମଃନ୍‌କେ ବୁଲ୍‌କାଉତି । 19 ବଃଲେକ୍
ତୁମିମଃନାର୍ ନିକ ବେବାର୍ ସଃବୁ ଲକାର୍ ବିତ୍ରେ ଉର୍ଜି ଅୟ୍‌ଆଚେ;
ତଃବେ ମୁୟ୍‌ଁ ତୁମାର୍ ଗିନେ ସଃର୍ଦା କଃରୁଲେ, ମଃତର୍ ତୁମିମଃନ୍
ଜଃନ୍‌କଃରି ସଃତ୍ କଃତାୟ୍ ଗିଆନି ଆର୍ ମିଚ୍ କଃତାୟ୍ ନିର୍ଦସି
ଅଃଉଆ, ଇରି ମର୍ ଇଚା । 20 ଆର୍ ସୁସ୍ତା ଦେତା ଇସ୍ୱର୍
ସୟ୍‌ତାନ୍‌କେ ବେଗି ତୁମିମଃନାର୍ ହାଦ୍ ତଃଳେ କଃରେଦ୍ ।
ଅଃମିମଃନାର୍ ମାପ୍ରୁ ଜିସୁକ୍ରିସ୍ଟର୍ ଦଃୟା ତୁମିମଃନାର୍ ସଃଙ୍ଗ୍
ରେଅ । 21 ମର୍ ସଃଙ୍ଗ୍ କାମ୍‌କଃରୁ ତିମତି ଆର୍ ମର୍ ସଃଙ୍ଗ୍‌ର୍
ଜିଉଦି ବାୟ୍‌ମଃନ୍ ଲୁକିୟ, ଜାସନ୍ ଆର୍ ସସିପାତ୍ର ତୁମିମଃନ୍‌କେ
ଜୁଆର୍ ଜାଣାଉଁଲାୟ୍ । 22 ମୁୟ୍‌ଁ ତର୍ତିୟ ପାଉଲ କୟ୍‌ଲା
ହଃର୍କାରେ ଇ ଚିଟି ଲେକୁ ମାପ୍ରୁ ନାଉଁଏ ମୁୟ୍‌ଁ ତୁମିମଃନ୍‌କେ
ଜୁଆର୍ ଜାଣାଉଁଲେ । 23 ମର୍ ଆର୍ ସଃବୁ ମଣ୍ଡଳିମଃନାର୍ ବଲ୍
ମଃନ୍ଦ୍ ବୁଜୁ ଗାୟ୍, ଜାର୍ ଗଃରେ ପାର୍ତ୍‌ନା କଃରୁମଃନ୍ ଗଟ୍‌ତଃୟ୍
ରୁଣ୍ଡ୍‌ତି ଆର୍ ଇ ଗଃଲାର୍ ଡାବୁ ସଃଙ୍ଗାଉ ଏରାସ୍ଟ, ଆର୍ ବାୟ୍ କାର୍ତ
ହେଁ ତୁମିମଃନ୍‌କେ ଜୁଆର୍ ଜାଣାଉଁଲାୟ୍ । 24 ମାପ୍ରୁ ଜିସୁ କ୍ରିସ୍ଟର୍
ଦଃୟା ତୁମିମଃନାର୍ ସଃବ୍‌କାର୍ ସଃଙ୍ଗ୍ ରେଉଅ । ଆରେକ୍ 25
ଆସା, ଇସ୍ୱର୍‌କେ ଜଃଜ୍‌ମାନ୍ କଃରୁଆଁ । ମୁୟ୍‌ଁ ପର୍ଚାର୍ କଃରୁଲା
ଜିସୁ କ୍ରିସ୍ଟର୍ ବିସୟେ ନିକ କବୁର୍ ଆର୍ ଜୁଗ୍ ଜୁଗ୍ ଦଃରି ଗୁପ୍ତ
ଆଚ୍‌ତା ସଃତ୍ ହଃର୍କାରେ ତୁମିମଃନାର୍ ବିସ୍ୱାସ୍‌କେ ଅଃଟୁଆ
ରଃକୁକେ ଇସ୍ୱରାର୍ ସଃକ୍ତି ଆଚେ । **(aiōnios g166)** 26 ସେ ବିତ୍ରି
କଃତାର୍ ସଃତ୍ ସଃବୁ ବାବ୍‌ବାଦିମଃନାର୍ ସାସ୍ତରେ ଜାଣାହଃଲି
ଆଚେ ଆର୍ ସେରି ଅଃବେ ଆରୁମ୍ ଆର୍ ସେସ୍ ନୟ୍‌ଲାର୍ ମାପ୍ରୁ
ଇସ୍ୱର୍ ଦଃୟ୍ ସବୁ ଜାତି ବିତ୍ରେ ପର୍ଚାର୍ ଅଃଉଁଲି । ଇତାର୍ ଗିନେ
ସଃବୁ ଲକ୍ ବିସ୍ୱାସ୍ କଃରି ଇସ୍ୱରାର୍ ବଲ୍ ମାନୁ ଅଃଉଁ ହାର୍ତି ।
**(aiōnios g166)** 27 ମାପ୍ରୁ ଜିସୁ କ୍ରିସ୍ଟର୍ ଦଃୟ୍ ଜୁଗେଜୁଗେ ସେ
ଗଟେକ୍ ବଃଲି ଗ୍ୟାନି ଇସ୍ୱରାର୍ ଜଃଜ୍‌ମାନ୍ ଅଃଉଅ । ଆମେନ୍
। **(aiōn g165)**

# ୧ କରନ୍ତି

1 ମୁୟ୍ଁ ପାଉଲ୍ ଆର୍ ଇସ୍ୱରାର୍ ଇଚା ହଃର୍କାରେ କୁଦ୍ଲାର୍
ଜିସୁ କ୍ରିସ୍ଟର୍ ପେରିତ୍ ଅଃମାର୍ ବାୟ୍ ସସ୍ତିନାକେ ଜୁଆର୍
ହଃଟାଉଁଲୁ । 2 କରନ୍ତି ଗଃଳେ ରିଲା ଇସ୍ୱରାର୍ ମଣ୍ଡଳିକେ ଇ ଚିଟି
ଲେକୁଲାୟ୍, ଜୁୟ୍ମଃନ୍ ଇସ୍ୱରାର୍ ହାୟ୍ ନିର୍ମୁଳ୍ ଲକ୍ ଅଃଉଁକେ
କୁଦ୍ଲାର୍ ଆର୍ ଜିସୁ କ୍ରିସ୍ଟର୍ ସଃଙ୍ଗ ମିସ୍ଲାକେ ଇସ୍ୱରାର୍ ଅୟ୍
ଆଚ୍ତି ଆର୍ ସଃବୁବଃଲ୍ ଅଃମାର୍ ମାପ୍ରୁ ଜିସୁକ୍ରିସ୍ଟର୍ ସେବା
କଃରୁଲାୟ୍ । 3 ସେ ସଃବୁଲକେ ଅଃମିମଃନାର୍ ଉବା ଇସ୍ୱରାର୍
ଆର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଦଃୟା ଆର୍ ସୁସ୍ତା ଅଃଉଅ । 4
ଜିସୁ କ୍ରିସ୍ଟର୍ ସଃଙ୍ଗ ମିସ୍ଲାକେ ତୁମିମଃନ୍କେ ଦିଆ ଅୟ୍ଲାର୍
ଇସ୍ୱରାର୍ ଜୁୟ୍ ଦଃୟା ଆୟ୍ଲି, ସେତାର୍ ଗିନେ ମୁୟ୍ଁ ସଃବୁବଃଲ୍
ତୁମିମଃନ୍କାର୍ କଃତାୟ୍ ଇସ୍ୱର୍କେ ଦନ୍ୟବାଦ୍ ଦେଉଁଲେ, 5
କାୟ୍ତାକ୍ବଃଲେକ୍ କ୍ରିସ୍ଟର୍ ସଃଙ୍ଗ ମିସ୍ଲାକେ ତାର୍ ତଃୟ୍ ସଃବୁ
କଃତାୟ୍, ମୁଲ୍କଃରି ସଃବୁ ରଃକମ୍ କଃତା କଃଉତାର୍ ସଃକ୍ତି
ତଃୟ୍ ଆର୍ ସଃବୁରଃକମ୍ ଗିଆନେ ତୁମିମଃନ୍ ମାଜନ୍ ଅୟ୍
ଆଚାସ୍ । 6 କ୍ରିସ୍ଟର୍ ସଃବୁ ବିସୟ୍ ତୁମିମଃନ୍କାର୍ ବିତ୍ରେ ତିର୍
କଃରାଅୟ୍ଆଚେ 7 ସେତାର୍ଗିନେ ତୁମିମଃନ୍କେ ଅଃମିମଃନାର୍
ମାପ୍ରୁ ଜିସୁ କ୍ରିସ୍ଟର୍ ଆସ୍ତାର୍ ଜାଗିରଃୟ୍ ପବିତ୍ର ଆତ୍ମାର୍ ଦାନେ
ହେଁ ଉଣା ନଃହେଲାସ୍ । 8 ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍
ଦିନେ ଜଃନ୍କଃରି ତୁମିମଃନ୍ ଲିନ୍ଦା ନଃହାଉଆସ୍, ଇତାର୍
ଗିନେ ସେ ତୁମିମଃନ୍କେ ସେସ୍ଦିନ୍ ହଃତେକ୍ ବାଚାୟ୍ଦ୍ । 9
ଜୁୟ୍ ଇସ୍ୱର୍ ତାର୍ ହୟ୍ସି ଜିସୁ କ୍ରିସ୍ଟର୍ ସଃଙ୍ଗ ରେତାର୍ ଗିନେ
ତୁମିମଃନ୍କେ କୁଦିଆଚେ ସେ ସଃବୁବଃଡ୍, ସଃତ୍ । 10 ଏ
ବାୟ୍ବେଣିମଃନ୍, ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ନାଉଁଏ ମୁଁୟ୍
ତୁମିମଃନ୍କେ ଗଃଉଆରି କଃରୁଲେ, ଜଃନ୍କଃରି ତୁମିମଃନ୍ ଗଟ୍
କଃତା କଃଉଆ, ଆର୍ ତୁମିମଃନ୍କାର୍ ବିତ୍ରେ ଦଲ୍ବାଗ୍ ନଃଉଅ,
ମଃତର୍ ତୁମିମଃନ୍କେ ଗଟେକ୍ ମଃନେ ଗଟେକ୍ ବିଚାରେ ମିସା ।
11 ଏ ମର୍ ବାୟ୍ବେଣିମଃନ୍, କ୍ଲୟ୍ ଗଃରାର୍ ଲକାର୍ ତଃୟ୍ହୁଣି
ତୁମାର୍ କଃତା ମକେ ଜାଣା ହଃଲିଆଚେ ଜେ, ତୁମାର୍ ବିତ୍ରେ
ବେଗଲ୍ ଆଚେ 12 ମର୍ କଃତାର୍ ବାବ୍ ଇରି, ତୁମିମଃନ୍କାର୍
ବିତ୍ରେ କୁୟ୍ କୁୟ୍ ଲକ୍ମଃନ୍, କଃଉଁଲାୟ୍, “ମୁଁୟ୍ ପାଉଲାର୍;”
କେକେ କଃଉଁଲାୟ୍ “ମୁଁୟ୍ ଆପଲାର୍;” କେକେ କଃଉଁଲାୟ୍
“ମୁଁୟ୍ କେପାର୍;” ଆର୍ କେକେ କଃଉଁଲାୟ୍ “ମୁଁୟ୍ କ୍ରିସ୍ଟର୍ ହଃଚେ
ଜଃଉଁଲେ ।” 13 କ୍ରିସ୍ଟ କାୟ୍ ବାଗ୍ ଅୟ୍ଆଚେ? ତୁମାର୍ ଗିନେ
କାୟ୍ ପାଉଲ କୁସେ ମଃରି ରିଲା? ଆର୍ ତୁମିମଃନ୍କେ କାୟ୍
ପାଉଲାର୍ ନାଉଁଏ ବାପ୍ତିସମ୍ ଅୟ୍ରିଲାସ୍? 14 କ୍ରିସ୍ପ ଆର୍ ଗାୟକ୍
ଚାଡି ତୁମିମଃନ୍କାର୍ ବିତ୍ରେ ଆର୍ କାକେହେଁ ବାପ୍ତିସମ୍ ନଃଦେୟ୍ଁ
ବଃଲି ମୁଁୟ୍ ଇସ୍ୱର୍କେ ଦନ୍ୟବାଦ୍ ଦେଉଁଲେ, 15 ଇତାର୍ ଗିନେ
କେ ତୁମିମଃନ୍କେ ମର୍ ନାଉଁଏ ବାପ୍ତିସମ୍ ଅୟ୍ ଆଚାସ୍ ବଃଲି
କେ ନଃକଃଉଅତ୍ । 16 ହେଁ ସ୍ତିପାନାର୍ କୁଟୁମ୍କେ ହେଁ ବାପ୍ତିସମ୍
ଦଃୟ୍ଆଚି; ଇରି ଚାଡି ମୁୟ୍ଁ ଆର୍ କାକେ ବାପ୍ତିସମ୍ ଦଃୟ୍ଆଚି
ବଃଲି ମୁୟ୍ଁ ଏତୁ କଃରୁଲେ । 17 କାୟ୍ତାକ୍ବଃଲେକ୍ କ୍ରିସ୍ଟ
ମକେ ବାପ୍ତିସମ୍ ଦେଉଁକେ ହଃଟାୟ୍ ନଃକେରେ, ନିକ କବୁର୍
ପର୍ଚାର୍ କଃରୁକେ ହଃଟାୟ୍ଲା, ସେରି ହେଁ କଃତାର୍ ବଃଡ୍ହାଣ୍
ଗିଆନେ ନାୟ୍, ଚଃନେମଃନେ କ୍ରୁସ୍ ଉହ୍ରେ କ୍ରିସ୍ଟର୍ ମଃର୍ନ୍ ହଲ୍ୟା
ଅୟ୍ଦ୍ । 18 କାୟ୍ତାକ୍ବଃଲେକ୍ ନାସ୍ ଅଃଉତା ଲକ୍ମଃନାର୍
ଗିନେ କ୍ରୁସ୍ ଉହ୍ରେ କ୍ରିସ୍ଟର୍ ମଃର୍ନ୍ କଃତା ନିର୍ବୁଦିଆ, ମଃତର୍ ମୁକ୍ତି
ହାଉତାର୍ ଅଃମିମଃନାର୍ ଗିନେ ସେରି ଇସ୍ୱରାର୍ ସଃକ୍ତି । 19
ତଃବେ ସାସ୍ତରେ ଲେକା ଆଚେ, “ମୁଁ ଗିଆନି ଲକ୍ମଃନାର୍ ଗିଆନ୍
ନଃସ୍ଟ କଃରିନ୍ଦ୍, ଆର୍ ବୁଦିମାନ୍ ମଃନାର୍ ବୁଦିକ୍ ନଃଚି ।” 20
ଗିଆନି କଃୟ୍? ହଃଣ୍ଡିତ୍ କଃୟ୍? ଇ ଜଃଗତାର୍ କଃତାକାଟୁ
ଗିଆନି କଃୟ୍? ଇସ୍ୱର୍ କାୟ୍ ଜଃଗତାର୍ ଗ୍ୟାନ୍କ୍ ନିର୍ବୁଦିଆ
ବଃଲି କୟ୍ ନଃକେରେ? (aiōn g165) 21 କାୟ୍ତାକ୍ବଃଲେକ୍
ଇସ୍ୱରାର୍ ଗିଆନ୍ ଜାଣାହଃଲି ରିଲେକ୍ ହେଁ ଜଃଗତ୍ ନିଜାର୍
ଗିଆନେ ଇସ୍ୱର୍କେ ନଃଜାଣ୍ଲାକ୍ ଇସ୍ୱର୍ ବଃକୁଆ ହାଣେ ବିସ୍ୱାସ୍
କଃଲେକ୍ ମୁକ୍ତି ହାଉତାର୍ ସେରି ଇସ୍ୱର୍ ତିର୍ କଃଲା ଆଚେ
। 22 କାୟ୍ତାକ୍ବଃଲେକ୍ ଜିଉଦି ମଃନ୍ କାବା ଅଃଉତା ଚିନ୍
ଲଲ୍ତି, ଆର୍ ଗ୍ରିକ୍ମଃନ୍ ଗିଆନ୍ ଲଲ୍ତି । 23 ମଃତର୍ ଅଃମିମଃନ୍
କ୍ରୁସେମଃଲା କ୍ରିସ୍ଟକେ ପର୍ଚାର୍ କଃରୁଲୁ, ଜେ ଜିଉଦିମଃନାର୍
ଗିନେ ବାଦା ହର୍ ଆର୍ ଅଜିଉଦିମଃନାର୍ ଗିନେ ଅଗ୍ୟାନ୍ ହର୍
। 24 ମଃତର୍ ଜିଉଦି ଅଃଉଆ କି ଅଜିଉଦି ଲକ୍ ଅଃଉଆ,
ଜୁୟ୍ ଲକ୍ମଃନ୍କେ ଇସ୍ୱର୍ କୁଦିଆଚେ, ସେମଃନାର୍ ଗିନେ
କ୍ରିସ୍ଟ ଇସ୍ୱରାର୍ ସଃକ୍ତି ଆର୍ ଇସ୍ୱରାର୍ ଗିଆନ୍ ହର୍ ଅୟ୍ଦ୍ ।
25 ବଃଲେକ୍ ଜୁୟ୍ରି ଇସ୍ୱରାର୍ ନିର୍ବୁଦିଆର୍ କଃତା ମାନାୟ୍ର୍
ଗିଆନେ ହୁଣି ଅଃଦିକ୍ ହୁର୍ନ୍ ଗିଆନ୍ ହର୍, ଆର୍ ଇସ୍ୱରାର୍ ବଃଲ୍
ନାୟ୍ଲାର୍ ମାନାୟ୍ର୍ ବଃଲ୍ ତଃୟ୍ ହୁଣି ଅଃଦିକ୍ ସଃକାତ୍ ହର୍ ।
26 ଏ ବାୟ୍ ଆର୍ ବେଣିମଃନ୍, ଇସ୍ୱର୍ କୁଦ୍ଲା ବଃଲ୍ ତୁମିମଃନ୍
କଃନ୍କାର୍ ରିଲାସ୍ ସେରି ଏତାୟ୍ ଦଃକା, ଜଃଗତାର୍ ଇସାବେ
ବାବିଦଃକା ସଂସାରାର୍ କଃତା ହଃର୍କାରେ ତୁମିମଃନାର୍ ବିତ୍ରେ
କଃତେକ୍ ଲକ୍ ଗିଆନି, ସଃକ୍ତିସାଳି ଆର୍ କଃତେକ୍ ଡାକେ ହୁଟି
ରିଲାୟ୍ । 27 ମଃତର୍ ଜଃନ୍କଃରି କୁୟ୍ ଜଃଗତ୍ ଇସ୍ୱରାର୍ ମୁଏଁ
ଗର୍ବ ନଃକେରେ, ଇତାକ୍ ମୁର୍କ୍ ବିସୟ୍ ବାଚି ଆଚେ । 28 ଇତାର୍
ଗିନେ ଇସ୍ୱର୍ ଗିଆନି ମଃନ୍କେ ଲାଜ୍ କଃରାଉଁକ୍ ଜଃଗତାର୍
ଅଗ୍ୟାନିମଃନ୍କେ ବାଚିଆଚେ, ଆରେକ୍ ବଃଲ୍ବାନ୍ମଃନ୍କ୍ ଲାଜ୍
କଃରାଉଁକ୍ ଇସ୍ୱର୍ ଜଃଗତାର୍ ବଃଲ୍ ନଃୟ୍ଲା ଲକ୍କେ ବାଚ୍ଲା
। 29 ଆର୍ ଜାୟ୍ରି ଜଃଗତାର୍ ଆକାୟ୍ ମାୟ୍ନ୍କାରି, ସେ ସଃବୁ
ତିନିହଲ୍ୟା କଃରୁକେ ଇସ୍ୱର୍ ଜଃଗତାର୍ ମଲ୍ ନୟ୍ଲାର୍ ଆର୍
ନଃହେଚାର୍ଲା କଃତାକ୍ ହେଁ, ଗଣିତା ନାୟ୍ଲାରିମଃନ୍ ବାଚ୍ଲା
ଆଚେ । 30 ମଃତର୍ ଇସ୍ୱର୍ ତୁମିମଃନ୍କେ ଜିସୁର୍ ତଃୟ୍ ମିସାୟ୍
ଆଚେ, ଆର୍ ସେ କ୍ରିସ୍ଟ ହଃକା ଅଃମାର୍ ଗିନେ ଗ୍ୟାନ୍ ହର୍
ଅୟ୍ଆଚେ । ତାର୍ ଗିନେ ଇସ୍ୱରାର୍ ସଃଙ୍ଗ ଅଃମିମଃନାର୍ ମିସାଣ୍

ଟିକ୍ ଅୟ୍ଆଚେ, ତଃବାର୍ ଗିନେ ଦଃର୍ମି ଆର୍ ପବିତ୍ର ଲକ୍ ଅୟ୍
ମୁକ୍ଲି ଆଚୁ । 31 ଇତାର୍ ଗିନେ ସାସ୍ତରେ ଜଃନ୍କାର୍ ଲେକା
ଅୟ୍ଆଚେ, "ଜେ ଗଃର୍ବ୍ କଃରୁକେ ମଃନ୍ କଃରେଦ୍, ସେ ମାପ୍ରୁ
ଜାୟ୍ରି କଃରିଆଚେ ସେତାର୍ ଗିନେ ସେ ଗଃର୍ବ କଃର ।"

**2** ଏ ବାୟ୍ ଆର୍ ବେଣିମଃନ୍, ଜଃଡ୍ବଃଲ୍ ମୁୟ଼ଁ ତୁମିମଃନ୍କାର୍
ହାକ୍ ଜାୟ୍ ରିଲେ, ସଃଡେବଃଲ୍ ଇସ୍ୱରାର୍ ଗୁପ୍ତ କଃତାର୍
ସଃତ୍ ପର୍ଚାର୍ କି, ଗିଆନାର୍ ବଃଡ୍କଃତା ଜେ ତୁମିମଃନାର୍ ହାକ୍
ପର୍ଚାର୍ କଃରିରିଲେ, ସେରି ନାୟ୍ । 2 କାୟ୍ତାକ୍ବଃଲେକ୍ ଜିସୁ
କ୍ରିସ୍ଟ ଆର୍ କ୍ରୁସ୍ ଉହ୍ରେ ତାର୍ ମଃର୍ନ୍ ଚାଡିକଃରି ତୁମିମଃନାର୍ ବିତ୍ରେ
ଆରେକ୍ କାୟ୍ କଃତା ହେଁ ନଜାଣୁକ୍ ମୁଁୟ୍ ମଃନେ ତିର୍ କଃଲେ
। 3 ଆରେକ୍, ମୁଁୟ୍ ଦୁର୍ବୁଲ୍, ଡିର୍, ଆର୍ ବଃଡେ ଡିରାର୍ ସଃଙ୍ଗ
ତୁମିମଃନାର୍ ବିତ୍ରେ ରିଲେ । 4 ଇତାର୍ ଗିନେ ମର୍ ସିକ୍ୟା ଆର୍
ମର୍ ପର୍ଚାର୍ ଗିଆନାର୍ ସୁନ୍ଙ୍କର୍ କଃତା ମିସ୍ଲାର୍ ନଃୟ୍କଃରି
ଇସ୍ୱରାର୍ ଆତ୍ମାର୍ ସଃକାତ୍ ଆର୍ ସଃତ୍ ହଃର୍ମାଣ୍ରିଲାର୍ ଅୟ୍ରିଲି
। 5 ତୁମିମଃନ୍କାର୍ ବିସ୍ୱାସ୍ ଜଃନ୍କଃରି ମାନାୟ୍ର୍ ଗିଆନ୍ ଉହ୍ରେ
ନଃୟ୍କଃରି ଇସ୍ୱରାର୍ ସଃକ୍ତି ଉହ୍ରେ ତିର୍ ଅୟ୍ଦ୍ । 6 ଅୟ୍ଲେକ୍
ହେଁ ଅଃମିମଃନ୍ ଆତ୍ମାୟ୍ ହୁର୍ନ୍ ଲକ୍ମଃନ୍କାର୍ ବିତ୍ରେ ଗିଆନାର୍
କଃତା କଃଉଁଲୁ, ମଃତର୍ ସେରି ଇ ଜଃଗତାର୍ ଗିଆନ୍ ନୟ୍ କି ଇ
ଜୁଗାର୍ ନେତାମଃନାର୍ ନଃସ୍ଟ ଗିଆନ୍ ନାୟ୍ । (aiōn g165) 7
ମଃତର୍ ଅଃମିମଃନ୍ ଗୁପ୍ତ ଗିଆନ୍ ହର୍ ଇସ୍ୱରାର୍ ଗିଆନାର୍ କଃତା
କଃଉଁଲୁ; ସେ ଗୁପ୍ତ ଗିଆନ୍ ଇସ୍ୱର୍ ଅଃମିମଃନାର୍ ଜଃଜ୍ମାନାର୍
ଗିନେ ଜଃଗତାର୍ ଉବ୍ଜାଣ୍ ହୁର୍ବେ ଟିକ୍ କଃରିରିଲା । (aiōn
g165) 8 ଇ ଜଃଗତାର୍ ଅଃଦିକାରିମଃନାର୍ ବିତ୍ରେ କେହେଁ ସେରି
ନଃଜାଣ୍ତି, ବଃଲେକ୍ ସେରି ଜାଣିରିଲେକ୍ ଜଃଜ୍ମାନାର୍ ମାପ୍ରୁକେ
କ୍ରୁସେ ଚଃଗାୟ୍ ନଃକେଲାୟ୍ହୁଣି । (aiōn g165) 9 ମଃତର୍
ଜଃନ୍କଃରି ଲେକା ଆଚେ, "ଆକି ଜୁୟ୍ରି ନଃଦେକେ, କାନ୍
ଜୁୟ୍ରି ନଃସୁଣେ, ଆର୍ ମାନାୟ୍ର୍ ମଃନେ ଜୁୟ୍ରି ଜାତ୍ ଅୟ୍
ନଃକେରେ, ସେ ସଃବୁ ଇସ୍ୱର୍ ଅଃହ୍ଣାର୍ ଲାଡ୍କାରି ଲକ୍ମଃନାର
ଗିନେ ଟିକ୍ କଃରିଆଚେ ।" 10 ମଃତର୍ ଇସ୍ୱର୍ ଆତ୍ମା ତଃୟ୍
ଅଃମିମଃନାର୍ ଗିନେ ଇ ବିତ୍ରି କଃତା କୟ୍ଆଚେ; ସେ ଆତ୍ମା
ହଃକା ଇସ୍ୱରାର୍ ସଃବୁ ଗୁପ୍ତ କଃତାମଃନ୍ କଜେଦ୍ । 11 ମାନାୟ୍ର୍
କଃତାମଃନ୍ ମାନାୟ୍ର୍ ବିତ୍ରେ ରିଲା ଆତ୍ମା ଜାଣେଦ୍ । ସେରଃକମ୍
ଇସ୍ୱରାର୍ କଃତାମଃନ୍ ଇସ୍ୱରାର୍ ଆତ୍ମାକେ ଚାଡି ଆରେକ୍ କେହେଁ
ନଃଜାଣେ । 12 ଜଃନ୍କଃରି ଇସ୍ୱରାର୍ ଲାଗି ଅଃମିମଃନ୍କ୍
ଦଃୟାକଃରି ଦିଲାର୍ କଃତାମଃନ୍ ଅଃମିମଃନ୍ ଜାଣୁ ହାରୁ,
ଇତାର୍ ଗିନେ ଅଃମିମଃନ୍ ଜଃଗତାର୍ ଆତ୍ମା ନଃହାୟ୍ ଇସ୍ୱରାର୍
ଆତ୍ମା ହାୟ୍ ଆଚୁ । 13 ଜୁୟ୍ସଃବୁ କଃତା ସିକ୍ୟା ଦେୟ୍ଆଚି
ଆତ୍ମିକ୍ କଃତା ଆତ୍ମିକ୍ ଲକ୍ମଃନ୍କେ ସିକ୍ୟା ଦଃୟ୍ଆଚି ।
ମଃତର୍ ମାନାୟ୍ର୍ ଗିଆନେ ସିକ୍ଲାର୍ କୟ୍ନଃରେଉଁ, ମଃତର୍
ଆତ୍ମାର୍ କଃତାମଃନ୍ ଆତ୍ମାର୍ କଃତାୟ୍ ବୁଜାୟ୍ ଆତ୍ମା ତଃୟ୍
ସିକ୍ଲା କଃତା କଃଉନ୍ତ । 14 ମଃତର୍ ଜୁୟ୍ଲକାର୍ ତଃୟ୍
ଇସ୍ୱରାର୍ ଆତ୍ମା ନାୟ୍ ସେ ଜଃଗତାର୍ ମାନାୟ୍ ଇସ୍ୱରାର୍ ଆତ୍ମାର୍
କଃତାମଃନ୍ ମାନି ନଃକେରେ, କାୟ୍ତାକ୍ବଃଲେକ୍ ସେ ସଃବୁ
ତାର୍ତଃୟ୍ ମଲ୍ ନୟ୍ଲାର୍, ଆରେକ୍ ସେ ସଃବୁ ବୁଜୁ ନାହାରେ,
ଜୁୟ୍ରି ସେସଃବୁ ଆତ୍ମାୟ୍ ହଃକା ବୁଜୁକ୍ ନଃଚ୍ତି । 15 ମଃତର୍
ଜାର୍ତଃୟ୍ ଇସ୍ୱରାର୍ ଆତ୍ମା ଆଚେ, ସେ ସଃବୁ କଃତାକ୍ ବିଚାର୍
କଃରେଦ୍, ମଃତର୍ ତାକେ କେହେଁ ତାର୍ ବୁଜୁକ୍ ନଃଚ୍ତି । 16
କାୟ୍ତାକ୍ବଃଲେକ୍ ସାସ୍ତ୍ରେ କଃଉଁଲି, "କେ ମାପ୍ରୁର୍ ମଃନ୍ ଜାଣି
ଆଚେ ଜେ, ସେ ତାକେ ସିକାଉଁ ହାରେ?" ମଃତର୍ ଅଃମିମଃନ୍
କ୍ରିସ୍ଟର୍ ମଃନ୍ ହାୟ୍ ଆଚୁ ।

**3** ଏ ବାୟ୍ବେଣିମଃନ୍, ମୁଁୟ୍ ଆତ୍ମାର୍ ମଃନାର୍ ଲକ୍ମଃନ୍କେ
କୟ୍ଲା ହର୍ ତୁମିମଃନ୍କେ କଃଉ ନଃହାର୍ଲେ, ମଃତର୍
ଗଃଗାଲାର୍ ଲକ୍ମଃନ୍କେ ଆର୍ କ୍ରିସ୍ଟର୍ ତଃୟ୍, ବିସ୍ୱାସାର୍
ହିଲାମଃନ୍କେ କୟ୍ଲା ହର୍ ତୁମିମଃନ୍କେ କୟ୍ଲେ । 2
ମୁଁୟ୍ ତୁମିମଃନ୍କେ ଦୁଦ୍ ସୁରାୟ୍ ବିନ୍ କାଦି ନଃଦିଲେ,
କାୟ୍ତାକ୍ବଃଲେକ୍ ତୁମିମଃନ୍କେ ସେରି ସୁରୁକ୍ ସଃକ୍ତିନଃରିଲି
ଆର୍ ଅଃବେ ହେଁ ସଃକାତ୍ ନଃଉଆସ୍ । 3 ସେତାକ୍, ଅଃବେ
ହଃତେକ୍ ତୁମିମଃନ୍କେ ଜଃଗତାର୍ ଲକ୍ହର୍ ଜିଉଁଲାସ୍ ।
କାୟ୍ତାକ୍ବଃଲେକ୍ ଜଃଡ୍ବଃଲ୍ ତୁମିମଃନ୍କାର୍ ବିତ୍ରେ ରିସା ଆର୍
ମାଡ୍ଗଲ୍ ଆଚେ, ତୁମିମଃନ୍କେ କାୟ୍ ଜଃଗତାର୍ ମାନାୟ୍ ନାୟ୍
ଆର୍ ମାନାୟ୍ର୍ ବାବ୍ ହଃର୍କାରେ ଚାଲ୍ଚାଲ୍ତି ନଃକେରାସ୍?
4 ଜୁୟ୍ତାକ୍ ଜଃଡ୍ବଃଲ୍ ଗଟ୍ଲକ୍ କୟ୍ଦ୍, "ମୁଁୟ୍ ପାଉଲାର୍"
ଆରେକ୍ ଏକ୍ଲା କୟ୍ଦ୍ "ମୁୟ଼ଁ ଆପଲାର୍," ତଃବେ ତୁମିମଃନ୍କେ
ଇସ୍ୱରାର୍ ଆତ୍ମା ନଃହାୟ୍ଲା ଲକ୍ମଃନାର୍ ହର୍ ନୟ୍କି? 5
ପାଉଲ୍ କେ ଆର୍ ଆପଲ୍ କେ? ସେମଃନ୍ତ ସେବାକାରି ମଃନ୍,
ଜୁୟ୍ମଃନାର୍ କଃରୁକେ ହଃତିଲକେ ମାପ୍ରୁ ଜଃନ୍କଃରି ଦଃୟ୍
ଆଚେ, ସେହଃର୍କାରେ ତୁମିମଃନ୍କେ ସଃତ୍ କଃରିଆଚାସ୍ । 6
ମୁଁୟ୍ ଲାଗାୟ୍ ଆଚି, ଆପଲ୍ ହାଣି ରଃକାୟ୍ ଆଚେ, ମଃତର୍
ଇସ୍ୱର୍ ବାଡାୟ୍ ଆଚେ । 7 ତଃବେ, ଜେ ରୟ୍ଦ୍ କି ଜେ ହାଣି
ରଃକାୟ୍ଦ୍, ସେ ବଃଡ୍ ନାୟ୍ ମଃତର୍ ବାଡାୟ୍ଦ୍ ଜୁୟ୍ ଇସ୍ୱର୍
ସେ ବଃଳ୍ । 8 ଜେ ରୟ୍ଦ୍ ଆର୍ ଜେ ହାଣି ଚିଚେଦ୍, ସେ
ଦୁୟ୍ଲକ୍ ଏକ୍, କାୟ୍ତାକ୍ବଃଲେକ୍ ହଃତିଲକ୍କେ ଇସ୍ୱର୍ ନିଜାର୍
କଃବାଲ୍ ହଃର୍କାରେ ପୁରିସ୍କାର୍ ଦଃୟ୍ଦ୍ । 9 କାୟ୍ତାକ୍ବଃଲେକ୍
ଅଃମିମଃନ୍ ଇସ୍ୱର୍ ସଃଙ୍ଗ କାମ୍ କଃରୁଲୁ । ତୁମିମଃନ୍କେ
ଇସ୍ୱରାର୍ ତାସ୍ହଃଦା ଇସ୍ୱରାର୍ ଗଃର୍ । 10 ମକେ ଦିଆଅୟ୍ଲା
ଇସ୍ୱରାର୍ ଦଃୟା ହଃର୍କାରେ ମୁୟ଼ଁ ଗଟ୍ ବୁଦିରିଲା ଗଃର୍ ବାନ୍ଙ୍କହର୍
କୁନାଦି ହଃକାୟ୍ ଆଚି, ବିନ୍ଲକ୍ ତାର୍ ଉହ୍ରେ ବାନ୍ଙ୍କଲା । ମଃତର୍
ହଃତିଲକ୍ ସେତାର୍ ଉହ୍ରେ କଃନ୍କଃରି ବାନ୍ଙ୍କଲାୟ୍, ସେ କଃତାୟ୍
ଜଃଗ୍ରାତ୍ ଅଃଉଆ । 11 କାୟ୍ତାକ୍ବଃଲେକ୍ ଇସ୍ୱର୍ ଜୁୟ୍ କୁନାଦି
କଃରିଆଚେ ସେରି ଚାଡିକଃରି ବିନ୍ କୁନାଦି କେ ହେଁ ହଃକାଉଁ
ନାହାରେ ସେ କୁନାଦି ଜିସୁ କ୍ରିସ୍ଟ । 12 ମଃତର୍ କଃତେକ୍ ଲକ୍
ସେ କୁନାଦି ଉହ୍ରେ ସନା, ରୁହା, ବଡେମଲାର୍ ଟେଲା ଗଃର୍

ବାନ୍ଧତି । ଆରେକ୍ କଃତେକ୍ ଲକ୍ ଗଃଚ୍, ରଃନ୍ କି ହିରି ସଃଙ୍ଗ୍
ତିଆର୍ କଃର୍ତି । 13 ତଃନ୍‌ଅଲେ ହଃତିଲକାର୍ କାମ୍ କଃନ୍‌କାର୍,
ସେରି ଜାଣାହଃଲେଦ୍, ବଃଲେକ୍ କ୍ରିସ୍ଟ ଆରେକ୍ ଆସ୍ତା ଦିନ୍
ସେରି ଦଃକାୟ୍‌ଦ୍, ବଃଲେକ୍ ସେଦିନ୍ ଅଃମାର୍ କାମ୍ ଜୟ୍ ସଃଙ୍ଗ୍
ଦଃକାୟ୍ ଅୟ୍‌ଦ୍, ଆର୍ ହଃତି ଲକାର୍ କାମ୍ କଃନ୍‌କାର୍, ସେ ଜୟ୍
ପରିକ୍ୟା କଃରେଦ୍ । 14 ଜେ ଜାୟ୍‌ରି କୁନାଦି ଉହ୍ରେ ଗଃଳି ଆଚେ,
ତାର୍ ସେ କାମ୍ ଜଦି ରଃୟ୍‌ଦ୍, ତଃବେ ସେ ପୁରିସ୍କାର୍ ହାୟ୍‌ଦ୍ । 15
ଜଦି କାର୍ କାମ୍ ହଡିଜାୟ୍‌ଦ୍, ସେ ପୁରିସ୍କାର୍ ନଃହାୟ୍, ଅୟ୍‌ଲେକ୍
ହେଁ ସେ ନିଜେ, ସେରି ଜୟ୍ ବିତ୍ରେ ଗଃଲାହର୍ ଅୟ୍ ମୁକ୍ଲେଦ୍ ।
16 ତୁମିମଃନ୍ କାୟ୍ ନଃଜାଣାସ୍? ତୁମିମଃନ୍ ଇସ୍ୱରାର୍ ମନ୍ଦିର୍,
ଆର୍ ଇସ୍ୱରାର୍ ଆତ୍ମା ତୁମିମଃନ୍‌କାର୍ ବିତ୍ରେ ବାସା କଃରେଦ୍ ।
17 ଜଦି କୁୟ୍ ଲକ୍ ଇସ୍ୱରାର୍ ମନ୍ଦିର୍‌କେ ନଃସ୍ଟ କଃରେଦ୍, ତବେ
ଇସ୍ୱର୍ ତାକେ ନଃସ୍ଟ କଃରେଦ୍; କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍
ମନ୍ଦିର୍ ପବିତ୍ର, ସେ ମନ୍ଦିର୍ ତୁମିମଃନ୍ । 18 କେ ଅଃହ୍‌ଣାକ୍
ନଃଟକ । ଜଦି କୁୟ୍‌ଲକ୍ ଇ ଜଃଗତାର୍ ତୁମିମଃନ୍‌କାର୍ ବିତ୍ରେ
ଅଃହ୍‌ଣାକ୍ ଗିଆନି ବଃଲି ବାବେଦ୍, ତଃବେ ସେ ଜଃନ୍‌କଃରି
ଗିଆନି ଅଃଉଁ ହାରେ, ଇତାର୍ ଗିନେ ସେ ବଃକୁଆ ହର୍ ଅଃଉଅ
। (aiōn g165) 19 କାୟ୍‌ତାକ୍‌ବଃଲେକ୍ ଇ ଜଃଗତାର୍ ଗିଆନ୍
ଇସ୍ୱରାର୍ ତଃୟ୍ ବଃକୁଆରି । ସାସ୍ତରେ ଲେକାଆଚେ, “ଇସ୍ୱର୍
ଗ୍ୟାନିମଃନ୍‌କ୍ ସେମଃନାର୍ ଚାଲାକିତଃୟ୍ ଦଃରେଦ୍ ।” 20
ଆରେକ୍ ହେଁ ସାସ୍ତରେ ଲେକାଆଚେ, “ଗ୍ୟାନିମଃନାର୍ କଃତା
କାଟାକାଟି ଅଃସାର୍ ବଃଲି ମାପ୍ରୁ ଜାଣୁଲା ।” 21 ମୁଲ୍‌କଃରି
ତୁମିମଃନ୍‌କେ ସଃବୁ କଃତାର୍ ଅଃଦିକାରି । ସେତାକ୍, କେ
ମାନାୟ୍ କଃଲା କାମ୍‌କେ ଗଃର୍ବ୍ ନଃକେର । 22 ପାଉଲ୍ ବଃଲା
କି ଆପଲ୍ ବଃଲା କି ପିତର୍ କଃଉଆ, ଜଃଗତ୍ କଃଉଆ କି
ଜିବନ୍ କଃଉଆ କି ମଃର୍ନ୍ କଃଉଆ, ଅଃବାର୍ କଃତା କଃଉଆ
କି ଗଃଟ୍‌ତା କଃତା ସଃବୁ ହେଁ ତୁମାର୍ । 23 ମଃତର୍ ତୁମିମଃନ୍
କ୍ରିସ୍ଟର୍, ଆର୍ କ୍ରିସ୍ଟ ଇସ୍ୱରାର୍ ।

**4** ଲକ୍‌ମଃନ୍ ଅଃମିମଃନ୍‌କ୍ କ୍ରିସ୍ଟର୍ ଦଃଙ୍ଗ୍‌ଲା, ଆରେକ୍ ଇସ୍ୱରାର୍
ଗୁପ୍ତୁକଃତାର୍ ବଃଣ୍ଡାର୍‌ଗଃରିଆ ବଃଲି ବାବତ୍ । 2 ଆର୍
ବଃଣ୍ଡାର୍‌ଗଃରିଆ କଃତାୟ୍ ଇରି ବାୟ୍‌ଦ୍‌ରେ ଲଳା, ଜଃନ୍‌କଃରି
ସେ ବିସ୍ୱାସାର୍ ଜୟ୍‌ଗ୍ ଜାଣାହଃଲେଦ୍ । 3 ମଃତର୍ ତୁମିମଃନ୍‌କେ
କି ଲକ୍ କଃଲା କୁଟୁମ୍ ବିଚାର୍ କଃର୍ତି ମର୍ ହାୟ୍‌ଁ ବଃଡ୍ କଃତା
ନାୟ୍, ଇ ରଃକମ୍ ମୁଁୟ୍ ନିଜେ ନିଜାର୍ ବୁଜୁକ୍ ନାହାରି ।
4 କାୟ୍‌ତାକ୍‌ବଃଲେକ୍ ମୁଁୟ୍ ନିଜାର୍ ବିରଦେ କାୟ୍‌ରି ବୁଜୁକ୍
ନଃଜାଣି । ଅୟ୍‌ଲେକ୍ ହେଁ ଇତାର୍ ଗିନେ ନିର୍ଦସି ବଃଲି
ଜାଣାନଃହେଲି; ମଃତର୍ ଜେ ମକେ ବିଚାର୍ କଃରେଦ୍, ସେ ମାପ୍ରୁ
। 5 ସେତାକ୍, ବେଳା ଆଗ୍‌ତୁ ମାପ୍ରୁ ବିଚାର୍ କଃରୁକେ ଆସ୍ତା
ହଃତେକ୍ କାୟ୍ କଃତା ହେଁ ବିଚାର୍ ନଃକେରା, ସେ ଅଃନ୍ଧାର୍
ବିତ୍ରାର୍ ଗୁପ୍ତୁ କଃତାମଃନ୍ ଉଜାଳେ ଦଃକାୟ୍‌ଦ୍, ଆରେକ୍ ମଃନାର୍
ବାବ୍‌ନାମଃନ୍ ହଃଦାୟ୍ ଦଃକାୟ୍‌ଦ୍; ସଃଡେବଃଲ୍ ହଃତିଲକ୍
ଇସ୍ୱରାର୍ ତଃୟ୍ ଜଃଜ୍‌ମାନ୍ ହାଉତି । 6 ଏ ବାୟ୍‌ବେଣିମଃନ୍,
ମୁଁୟ୍ ତୁମିମଃନ୍‌କେ ସିକାଉଁକେ ଇ ସଃବୁ କଃତା ମକେ ନିଜ୍‌କେ
ଆର୍ ଆପଲକେ ଦଃକି ଜାଣତ୍ ବଃଲି କୟ୍‌ଲେ, ଜଃନ୍‌କଃରି
ଜୁୟ୍‌ରି ସାସ୍ତରେ ଲେକା ଆଚେ, ସେରି ମାନା ଇତି ତୁମିମଃନ୍‌କେ
ଅଃମାର୍ ତଃୟ୍ ହୁଣି ସିକା, ଆରେକ୍ ଜଃନ୍‌କଃରି ତୁମିମଃନ୍‌କାର୍
ବିତ୍ରେ କାକେ ଦଃରି ଗଃର୍ବ କଃରା ନାୟ୍ ଆର୍ କାକେ ଦଃରି
ସାନ୍ କଃରାନାୟ୍ । 7 ବଃଲେକ୍ କେ ତୁମିକେ ବଃଡ୍ କଃଲା
ଆଚେ? ଆର୍ ଜୁୟ୍ ଇସ୍ୱରାର୍ ବେଟି ନଃହାଉଆସ୍, ଇରଃକମ୍
କାୟ୍‌ରି ଆଚେ? ଜଦି ତୁମି ଦାନ୍ ଦିଲା ହର୍ ହାୟ୍ ଆଚାସ୍, ତବେ
ସେରି ଦାନ୍ ନଃହାୟ୍‌ଲା ହର୍ କାୟ୍‌କଃରୁକ୍ ଗଃର୍ବ୍ କଃରୁଲାସ୍?
8 ତୁମିମଃନ୍‌କେ କାୟ୍ ସଃବୁ ଲଳାରି ମିଳିସଃର୍ଲିନି? ଅଃତେକ୍
ବିତ୍ରେ କାୟ୍ ତୁମିମଃନ୍ ମାଜନ୍ ଅୟ୍‌ଲାସ୍? ଅଃମିକ୍ ଚାଡି
ତୁମିମଃନ୍ କାୟ୍ ରଃଜା ଅୟ୍ ଆଚାସ୍? ହେଁ ତୁମିମଃନ୍ ରଃଜା
ଅୟ୍‌ରିଲେକ୍ ନିକ ଅୟ୍‌ଲି ହୁଣି, ତଃନ୍‌ଅଲେ ଅଃମିମଃନ୍ ହେଁ
ତୁମିମଃନାର୍ ସଃଙ୍ଗ୍ ରାୟ୍‌ଜ୍ କଃଲୁହୁଣି । 9 କାୟ୍‌ତାକ୍‌ବଃଲେକ୍
ମର୍ ଏତୁହଃଲୁଲି ଅଃମାର୍ ହର୍ ପେରିତ୍ ମଃନ୍‌କେ ଇସ୍ୱର୍
ସେସ୍ ହଃତେକ୍ ସଃଙ୍ଗ୍‌ଡାୟ୍ ଆଚେ ସଃବୁ ଜଃଗତାର୍ ଆର୍ ଦେବ୍
ଦୁତ୍ ମଃନାର୍ ମୁଏଁ ନିଚଳାୟ୍ ଅଃଉତା ଲକାର୍ କଃରି ସଃଙ୍ଗ୍‌ଡାୟ୍
ଆଚେ । 10 ଅଃମିମଃନ୍ କ୍ରିସ୍ଟର୍ ଗିନେ ବଃକୁଆ, ମଃତର୍
ତୁମିମଃନ୍ କ୍ରିସ୍ଟକେ ମିସିରିଲାକେ ବୁଦିରିଲାର୍; ଅଃମିମଃନ୍
ଦୁର୍ବୁଲ୍, ମଃତର୍ ତୁମିମଃନ୍ ବପୁକାରି, ତୁମିମଃନ୍ ଜଃଜ୍‌ମାନାର୍,
ମଃତର୍ ଅଃମିମଃନ୍ ହାକ୍ରେ ହିଙ୍ଗ୍‌ଲାର୍ । 11 ଅଃବେ ହଃତେକ୍
ହେଁ ଅଃମିମଃନ୍ ବୁକେ ଆର୍ ସଃସେ ଆଚୁ, ହାଟ୍‌ଲା ବଃସ୍ତର୍
ହିନ୍ଧଲୁ ଆର୍ ମାଡ୍‌କାଉଁଲୁ, ଆରେକ୍ ଆସ୍ର ନଃହାୟ୍ ଏଣେ ତେଣେ
ବୁଲୁଲୁ 12 ନିଜାର୍ ଆତେ କାମ୍ କଃରୁକଃରୁ କଃସ୍ଟ କଃରୁଲୁ,
ଲିନ୍ଦା ହାୟ୍ ଆସିର୍ବାଦ୍ କଃରୁଲୁ, କଃସ୍ଟ ହାୟ୍ ସଃମ୍ଭାଲ୍‌ଲୁ, 13
ବେଗଲ୍ କଃଲେକ୍ ହେଁ ମିସ୍ତା କଃତା କଃଉଁଲୁ; ଅଃବେ ହଃତେକ୍
ଅଃମିମଃନ୍ ଜଃଗତାର୍ କଃଉଆର୍ ହର୍ ଅୟ୍ ଆଚୁ, ସଃବୁଲକ୍
ଅଃମିକ୍ ହାକ୍ରେ ହଃକାୟ୍ ଆଚ୍‌ତି । 14 ମୁଁୟ୍ ତୁମିମଃନ୍‌କେ ଲାଜ୍
କଃରାଉଁକ୍ ଇରି ନଃଲେକି, ମଃତର୍ ମର୍ ନିଜାର୍ ଲାଡାର୍ ହିଲା
ବଃଲି ମଃନେକଃରି ତୁମିମଃନ୍‌କେ ଚେତାୟ୍ ଦେଉଁକେ ଇ ସଃବୁ
ଲେକୁଲେ । 15 କାୟ୍‌ତାକ୍‌ବଃଲେକ୍ ତୁମିମଃନାର୍ ଜଦି କ୍ରିସ୍ଟର୍
କଃତା ଦଃସ୍‌ଅଃଜାର୍ ସିକାଉତା ଲକ୍ ରେତି, ଅୟ୍‌ଲେକ୍ ହେଁ
ତୁମିମଃନ୍‌କାର୍ ଗଟେକ୍ ଉବାଦି; କାୟ୍‌ତାକ୍‌ବଃଲେକ୍ କ୍ରିସ୍ଟ ଜିସୁର୍
ସଃଙ୍ଗ୍ ମୁଁୟ୍ ତୁମିମଃନ୍‌କେ ନିକ କବୁରେ ପର୍ଚାର୍ କଃରି ତୁମାର୍
ଉବାଦି ହର୍ ଅୟ୍‌ଲେ ଆଚି । 16 ଇତାର୍ ଗିନେ ତୁମିମଃନ୍‌କେ
ଗଃଉଆରି କଃରୁଲେ, ତୁମିମଃନ୍ ମର୍ କଃତା ମାନା । 17
ଇତାର୍ ଗିନେ ମୁଁୟ୍ ତିମତିକେ ତୁମାର୍ ହାକ୍ ହଃଟାଉଁଲେ, ସେ
ମାପ୍ରୁର୍ ତଃୟ୍ ମର୍ ଲାଡାର୍ ମାୟ୍‌ଃନ୍‌କାରି ହଅ; ଜଃନ୍‌କଃରି ମୁଁୟ୍
ସଃବୁବାଟ୍ ସଃବୁ ବିସ୍ୱାସି ଦଃଳ୍‌କେ ସିକାଉଁଲେ, ସେ ରଃକମ୍
ସେ ତୁମିମଃନ୍‌କେ ମର୍ ଜିସୁ କ୍ରିସ୍ଟର୍ ଜିବନାର୍ ଗୁଣ୍‌ମଃନ୍ ସଃବୁ

ଏତାୟ୍ ଦଃୟ୍ଦ୍ । 18 ମୁଁୟ୍ ତୁମିମଃନ୍‌କାର୍ ହାକ୍ ନଃଜଃଉଁଲେ
ବଃଲି କୁୟ୍ କୁୟ୍ ଲକ୍‌ମଃନ୍ ହୁରାହୁରି ଗଃର୍ବ୍ କଃରୁଲାୟ୍ ।
19 ମଃତର୍ ଜଦି ମାପ୍ରୁ ମଃନ୍ କଃରେଦ୍, ମୁଁୟ୍ ତୁମିମଃନ୍‌କାର୍
ହାକ୍ ବେଗି ଆସିନ୍ନୁ; ଆରେକ୍ ଜୁୟ୍‌ମଃନ୍ ଗଃର୍ବ୍ କଃରୁଲାୟ୍,
ସେମଃନ୍‌କାର କଃତା ନାୟ୍ ମଃତର୍ ସଃକ୍ତି ମୁଁୟ୍ ନିଜେ ଜାଣିନ୍ନୁ
। 20 କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍ ରାଇଜ୍ କଃତାୟ୍ ହଃକା
ନାୟ୍, ମଃତର୍ ସଃକାତ୍ ଜାଣାହ୍‌ଲେଦ୍, 21 ତୁମିମଃନ୍‌କାର୍ ମଃନ୍
କାୟ୍‌ରି ମୁଁୟ୍ ଡାଙ୍ଗ ଦଃରି ତୁମାର୍ ହାକ୍ ଆସିନ୍ନୁ କି ଲାଡ୍ ନଃୟ୍
ଦିର୍‌ସୁସ୍ତାର୍ ମଃନ୍ ଆତ୍ମା ଦଃରି ଆସିନ୍ନୁ ।

**5** ସଃତ୍‌କଃରି ସୁଣାଜଃଉଁଲି ଜେ, ତୁମାର୍ ବିତ୍ରେ ଦାରିକାମ୍
ଆଚେ, ଆର୍ ଇ ରଃକମ୍ ଦାରିକାମ୍, ଜୁୟ୍‌ରିକି ଅଜିଉଦି
ଲକ୍‌ମଃନାର୍ ତଃୟ୍ ହେଁ ନାୟ୍, ଇ ରଃକମ୍ ଗଟ୍‌ଲକ୍ କୁଡ୍
ଆୟ୍‌ସିକ୍ ସଃଙ୍ଗ୍ଲାୟ୍ ଆଚେ । 2 ଆରେକ୍ ଜେ ଇ କାମ୍
କଃରିଆଚେ, ସେ ଜଃନ୍‌କଃରି ତୁମିମଃନ୍‌କାର୍ ତଃୟ୍ ହୁଣି ବିନେ
କଃରା ଅୟ୍‌ଦ୍, ଇତାର୍ ଗିନେ କାନ୍ଦି ନଃକେରି ଗଃର୍ବ୍ କଃରୁଲାସ୍
। 3 ମଃତର୍ ମୁଁୟ୍ ଗଃଗାଲେ ସେତି ନଃରିଲେକ୍ ହେଁ, ଆତ୍ମାୟ୍
ସେତି ରଃୟ୍, ଜେ ଅଃନ୍‌କା କାମ୍ କଃରିଆଚି, ମୁଁୟ୍ ସେତି ରିଲା
ହର୍ କଃଉଁଲେ ମାପ୍ରୁ ଜିସୁର୍ ନାଉଁଏ ତାର୍ ବିଚାର୍ ସଃରିଆଚେ ।
4 ବଃଲେକ୍, ତୁମିମଃନ୍‌କେ ଆର୍ ମର୍ ଆତ୍ମା ଅଃମିମଃନାର୍ ମାପ୍ରୁ
ଜିସୁ ନାଉଁଆର୍ ସଃକ୍ତିୟେ ରୁଣ୍ଡିକଃରି ଇରି ଟିକ୍ କଃରିଆଚୁ ଜେ, 5
ଅଃନ୍‌କା ଲକେ ଗଃଗାଲାର୍ ନଃସ୍ଟ ଅଃଉଁକେ ସୟ୍‌ତାନାର୍ ଆତେ
ସଃର୍ହିଦେତା ଲଲା, ଜଃନ୍‌କଃରି ମାପ୍ରୁ ଜିସୁର୍ ଦିନେ ତାର୍ ଆତ୍ମା
ବଚୁହାରେ । 6 ତୁମିମଃନ୍‌କେ ଅଃନ୍‌କଃରି ଗଃର୍ବ୍ କଃର୍ତାର୍ ନିକ
ନାୟ୍ । ତୁମିମଃନ୍ କାୟ୍ ନଃଜାଣାସ୍ କି, "ଇଡିକଃଣ୍ଡେ କମିର୍ ସଃବୁ
ମୟ୍‌ଦା ଇଟ୍‌ଲାକେ କମିର୍ କଃରି ଦଃୟ୍ଦ୍ ।" 7 ତୁମିମଃନ୍ ତ
ନିର୍ମୁଲ୍ ଲକ୍, ଇତାକ୍ ଜଃନ୍‌କଃରି ନଃଉଆଁ ମଇଦା ଅଃଉଁ ହାରାସ୍,
ଇତାର୍ ଗିନେ ହର୍ନା ମଇଦା ବାର୍‌କଃରି ହଃକାଉଆ; ବଃଲେକ୍
ଅଃମିମଃନାର୍ ମୁକ୍ଲାଉତା ହଃର୍ବାର୍ ମେଣ୍ଡାହିଲା, ବଃଲେକ୍ କ୍ରିସ୍ଟ
ହେଁ ହୁଜାଅୟ୍ ଆଚେ । 8 ତଃବେ ଆସା, ଅଃମିମଃନ୍ ଦୁସ୍ଟ ଆର୍
କଃରାବ୍ କାମାର୍ ହର୍ କମିର୍ ତଃୟ୍ ହଃର୍ବେ ହାଳି ନଃକେରି
ନିର୍‌ମଃୟ୍ଁ ସଃଙ୍ଗ ସଃତାର୍ କମିର୍ ନୟ୍‌ଲାର୍ ହଃର୍ବେ ମାନୁଆଁ
। 9 ଦାରି କଃରୁମଃନ୍ ସଃଙ୍ଗ, ମିଳାମିସା ନଃକେରୁକେ ମୁଁୟ୍
ତୁମିମଃନ୍‌କେ ହୁର୍ବାର୍ ଚିଟିତଃୟ୍ ଲେକି ରିଲେ । 10 ଇ ଜଃଗତାର୍
ଦାରିକଃରୁ କି ଦଃନ୍‌ଲଃବି, ଲକାର୍ ଦଃନ୍‌ବିତ୍ ଚର୍‌ତା ଲକ୍ କି
ହୁଜେରି ମଃନ୍‌କାର୍ ସଃଙ୍ଗ ଜେ ମୁଲ୍‌କେ ସଃଙ୍ଗ ଦଃରାନାୟ୍ଁ ।
ତଃନ୍‌ଅଲେ ତୁମିମଃନ୍‌କେ ଜଃଗତେ ହୁଣି ବାରାୟ୍ ଜଃଉଁକେ
ହଃଲେଦ୍ । 11 ମଃତର୍ ମର୍ ଲେକ୍‌ତାର୍ ବାବ୍ ଇରି ରିଲି, ଜଦି
କୁୟ୍‌ଲକ୍ ବାୟ୍ ବଃଲି ଡାକେହୁଟି ଦାରିଆ, କି ଦଃନ୍‌ଲଃବି, କି
ହୁଜେରି, କି ଲିନ୍ଦାକଃରୁ, କି ମାତୁଆଳି, କି ହଃରାର୍ ଦଃନ୍ ଚର୍
ଅୟ୍‌ଦ୍, ତଃବେ ସେରଃକମ୍ ଲକାର୍ ସଃଙ୍ଗ ମିସା ନାୟ୍, ଆରେକ୍
ତାର୍‌ସଃଙ୍ଗ କାହା ହେଁ ନାୟ୍ । 12 କାୟ୍‌ତାକ୍‌ବଃଲେକ୍ ହଃଦାର୍
ଲକ୍‌ମଃନାର୍ ବିଚାର୍ କଃରୁକେ ମୁଁୟ୍ କେ? ମଃତର୍ ବିସ୍ୱାସି
ଦଃଳ୍ ବିତ୍ରେ ରିଲା ଲକ୍‌ମଃନ୍‌କେ ବିଚାର୍ କଃର୍ତା ଅଃଦିକାର୍
ଅଃମାର୍ ନାୟ୍ କି? 13 ମଃତର୍ ଜୁୟ୍‌ମଃନ୍ ହଃଦାୟ୍ ଆଚ୍‌ତି,
ସେମଃନ୍‌କାର ବିଚାର୍ ଇସ୍ୱର୍ କଃରେଦ୍ । ଦଃର୍ମ୍ ସାସ୍ତରେ ଲେକା
ଆଚେ, "ସେ ଦୁସ୍ଟ ଲକ୍‌ମଃନ୍‌କେ ତୁମାର୍ ବିତ୍ରେ ହୁଣି ବାର୍‌କଃରି
ଦିଆସ୍ ।"

**6** ତୁମିମଃନ୍‌କାର୍ ବିତ୍ରେ କାର୍ ବିନ୍‌ଲକାର୍ ବିରଦେ କଃତା
ରିଲେକ୍ ସେତାର୍ ବିଚାର୍ କଃରୁକେ ବିସ୍ୱାସି ମଃନାର୍ ହାକ୍
ନଃଜାୟ୍ଁ ବିସ୍ୱାସ୍ ନଃକେର୍ତା ବିଚାର୍ କଃରୁ ଲକାର୍ ତଃୟ୍ ଜଃଉଁକେ
କଃନ୍‌କଃରି ସାସ୍ କଃରେଦ୍? 2 ଇସ୍ୱରାର୍ ଲକମଃନ୍ ଜଃଗତାର୍
ବିଚାର୍ କଃର୍ତି, ଇ କଃତା କାୟ୍ ତୁମିମଃନ୍ ନଃଜାଣାସ୍? ଆର୍
ଜଃଗତ୍‌କେ ତୁମିମଃନ୍ ବିଚାର୍ କଃରାସ୍, ତଃବେ ତୁମିମଃନ୍
ସାନ୍ ସାନ୍ କଃତା ବିଚାର୍ କଃରୁକେ ଜୟ୍‌ଗ୍ ନାୟ୍‌କି? 3
ଅଃମିମଃନ୍ ସଃର୍ଗ୍ ଦୁତ୍‌ମଃନାର୍ ବିଚାର୍ କଃରୁ ହାରୁନ୍ନୁ, ତଃବେ
ଜଃଗତାର୍ ଜିବ୍‌କା ବିସୟେ ବିଚାର୍ କଃରୁକେ କଃସ୍ଟ କି? ଇରି
କାୟ୍ ତୁମିମଃନ୍ ନଃଜାଣାସ୍? 4 ତଃବେ ଇ ଜିବନାର କଃତା
କାୟ୍‌ରି? ବଃଲେକ୍ ଜଦି ବିଚାରାର୍ ଗିନେ ତୁମିମଃନ୍‌କାର୍ ଇ
ଜିବନାର୍ କଃତା କାୟ୍ କଃତା ରିଲେକ୍, ତଃବେ ମଣ୍ଡଳିଏ ଜୁୟ୍
ଲକ୍‌ମଃନ୍ ଗଣିତା ନାୟ୍, ସେମଃନ୍‌କେ କାୟ୍ ବିଚାର୍ କଃରୁକେ
ବଚାସ୍? 5 ମୁଁୟ୍ ତୁମିମଃନ୍‌କେ ଲାଜ୍ କଃରାଉଁକ୍ କଃଉଁଲେ ।
ବାୟ୍‌ବାୟ୍ ବିତ୍ରେ କଃତା ଚିଡାଉଁକେ ହାରେ, ଇରଃକମ୍ ଏକ୍ଲା ହେଁ
ଗିଆନି ଲକ୍ କାୟ୍ ସଃତ୍‌କଃରି ତୁମାର୍ ବିତ୍ରେ ନାୟ୍? 6 ମଃତର୍
ବାୟ୍ ବିରଦେ ବାୟ୍ ବିଚାର୍ କଃର୍ତା କର୍ଟେ କୟ୍‌ଦ୍, ସେରି ହେଁ
ଅବିସ୍ୱାସିମଃନାର୍ ହାକ୍ । 7 ମଃତର୍ ତୁମିମଃନ୍‌କେ ଗଟ୍‌ଲକ୍
ଆରେକ୍ ଗଟ୍‌ଲକାର୍ ବିରଦେ ବିଚାର୍ କଃର୍ତାତଃୟ୍ ନେଉଁଲାସ୍,
ସେତାକ୍ ତୁମିମଃନ୍ ବାୟ୍‌ଦ୍‌ରେ ଦସି । ତଃବେ କାୟ୍‌ତାକ୍
ଅଃନ୍ୟାୟ୍ ସଃମ୍ଭାଲୁ ନାହାରୁଲାସ୍? 8 ତୁମିମଃନ୍ ନିଜେ ନିଜେ
ଅଃନ୍ୟାୟ୍ ଆର୍ ନଃସ୍ଟ କଃରୁଲାସ୍, ଆର୍ ସେରି ବାୟ୍ ମଃନ୍‌କେ
କଃରୁଲାସ୍ । 9 ତଃବେ ସଃତ୍ ନଃକେର୍ତା ଲକ୍ ତ ଇସ୍ୱରାର୍
ରାଇଜେ ଅଃଦିକାରି ନଃଉତି, ଇରି କାୟ୍ ତୁମିମଃନ୍ ନଃଜାଣାସ୍?
ବୁଲ୍‌କି ନଃଜାହା, ଦାରିଆ କି ହୁଜେରି କି ଅଃଣ୍ଡାଅଃଣ୍ଡା ଟକିଟକି
ଦାରି କଃର୍ତାର୍ କି ଟକି ହର୍ ଚାଲ୍‌ଚାଲ୍‌ତି କି ବେସୁଆ, 10 କି
ଚର୍ କି ଦଃନ୍‌ଲଃବି ମାତୁଆଳି କି ଲିନ୍ଦାକଃରୁ କି ବିନ୍ ଲକାର୍
ଆସ୍ତିମଃନ୍ ଚର୍, ଇମଃନ୍ ଇସ୍ୱରାର୍ ରାଇଜାର୍ ଅଃଦିକାରି ନଃଉତି
। 11 ଆର୍ ତୁମିମଃନ୍‌କାର୍ ବିତ୍ରେ କୁୟ୍ କୁୟ୍ ଲକ୍‌ମଃନ୍ ଇରଃକମ୍
ରିଲାୟ୍; ମଃତର୍ ମାପ୍ରୁ ଜିସୁ କ୍ରିସ୍ଟର୍ ନାଉଁଏ ଆର୍ ଅଃମିମଃନାର୍
ଇସ୍ୱରାର୍ ଆତ୍ମା ତଃୟ୍ ତୁମିମଃନ୍‌କେ ଦଃଉଆ ଅୟ୍‌ଆଚେ, ନିର୍ମୁଲ୍
କଃରା ଅୟ୍ ଆଚାସ୍ ଆର୍ ଦଃର୍ମି ବଃଲି ଗଃଣା ଅୟ୍ ଆଚାସ୍ ।
12 କେ କଃଉଁ ହାରେ, "ସଃବୁ କଃରୁକେ ମର୍ ଅଃଦିକାର୍ ଦିଆ
ଅୟ୍‌ଆଚେ, ମଃତର୍ ସଃବୁ କଃତା ଉହ୍‌କାରି ନାୟ୍ ।" ମୁଁୟ୍
କଃଉଁ ହାରି, ସଃବୁକଃତା ହୁର୍ନ୍ କଃରୁକେ ମର୍ ଅଃଦିକାର୍ ଆଚେ,

ମଃତର୍ ମୁଁୟ୍ କାୟ୍ କଃତାୟ୍ ହେଁ ଆରିନଃକେରି । 13 ଆରେକ୍
କେ କଃଉଁ ହାରେ, “କାଦି ହେଟାର୍ଗିନେ, ଆର୍ ହେଟ୍ କାଦିର୍
ଗିନେ; ମଃତର୍ ଇସ୍ୱର୍ ଜଳେକ୍କେ ହେଁ ନସ୍ଟ କଃରେଦ୍ ।”
ଗଃଗାଲ୍ ବେସୁଆ କାମ୍ ଗିନେ ନାୟ୍, ମଃତର୍ ମାପ୍ରୁର୍ ସେବାର୍
ଗିନେ, ଆର୍ ମାପ୍ରୁ ଗଃଗାଳାର୍ ଗିନେ ସଃବୁ ଜାଗାୟ୍ଦ୍ । 14
ଇସ୍ୱର୍ ଜିସୁ ମାପ୍ରୁକେ ମଃର୍ନେହୁଣି ଉଟାୟ୍ଲା, ଆରେକ୍ ନିଜାର୍
ସଃକ୍ତିଏ ଅଃମିମଃନ୍କ୍ ହେଁ ଉଟାୟ୍ଦ୍ । 15 ତୁମିମଃନାର୍ ଗଃଗାଲ୍
ଜେ କ୍ରିସ୍ଟର୍ ଗଃଗାଲ୍ ହର୍, ଇଡି ନଃଜାଣାସ୍ କି? ତଃବେ ମୁଁୟ୍
କ୍ରିସ୍ଟର୍ ଗଃଗାଲ୍କେ ନଃୟ୍କଃରି ବେସୁଆ ଗଃଗାଲ୍ କଃରିନ୍
କି? ସେରି କଃବେହେଁ ନଃଉଅ । 16 କି ଜେ ବେସୁଆ ସଃଙ୍ଗ୍
ମିସିଜାୟ୍ଦ୍, ସେ ତାର୍ ସଃଙ୍ଗ୍ ଗଟେକ୍ ଗଃଗାଲ୍ ଅୟ୍ଦ୍, ଇରି
କାୟ୍ ତୁମିମଃନ୍ ନଃଜାଣାସ୍? କାୟ୍ତାକ୍ କଃଉଆ ଅୟ୍ଆଚେ,
“ସେ ଦୁୟ୍ଲକ୍ ଗଟେକ୍ ଗଃଗାଲ୍ ଅଃଉତି ।” 17 ମଃତର୍ ଜେ
ମାପ୍ରୁ ସଃଙ୍ଗ୍ ମିସେଦ୍, ସେ ତାର୍ସଃଙ୍ଗ୍ ଆତ୍ମାୟ୍ ଗଟେକ୍ ଅୟ୍ଦ୍
। 18 ବେସୁଆ କାମ୍ ଚାଡି ଦିଆସ୍ । ମାନାୟ୍ ଜୁୟ୍ ହାହ୍ ହେଁ
କଃରେଦ୍, ସେରି ଗଃଗାଳାର୍ ବିଟାଲ୍ ନଃକେରେ; ମଃତର୍ ଜେ
ବେସୁଆ ଅୟ୍ଦ୍, ସେ ନିଜାର୍ ଗଃଗାଳାର୍ ବିରଦେ ହାହ୍ କଃରେଦ୍
। 19 ତୁମିମଃନ୍କାର୍ ଗଃଗାଲ୍ ଜେ ଇସ୍ୱରାର୍ ତଃୟ୍ ହୁଣି ହାୟ୍ଲା
ତୁମିମଃନ୍କାର୍ ବିଟ୍ରେ ବାସାକଃର୍ତା ପବିତ୍ର ଆତ୍ମାର୍ ମନ୍ଦିର୍, ଇରି
କାୟ୍ ନଃଜାଣାସ୍? ଆର୍ ତୁମିମଃନ୍ ନିଜେ ନିଜାର୍ ନାୟ୍, ମଃତର୍
ଇସ୍ୱରାର୍ । 20 କାୟ୍ତାକ୍ବଃଲେକ୍ ତୁମିମଃନ୍ ବଃଡେ ମଲେ
ଗେନ୍ଲାର୍; ଇତାର୍ ଗିନେ ତୁମିମଃନ୍କାର୍ ଗଃଗାଲ୍ ଇସ୍ୱରାର୍
ଜଃଜ୍ମାନ୍ ଗିନେ ବେବାର୍ କଃରା ।

**7** ତୁମିମଃନ୍ ଜୁୟ୍ସଃବୁ କଃତା ଲେକି ଆଚାସ୍, ସେ ସଃବୁର୍
ଉତୁର୍ ଇରି, ବିବା ନଃଉତାର୍ ଅଃଣ୍ଡ୍ରାର୍ ଗିନେ ନିକ୍; 2
ମଃତର୍ ଦାରିକାମ୍ ଡିରାର୍ ଗିନେ ହଃତି ଅଃଣ୍ଡ୍ରାର୍ ନିଜାର୍ ମାୟ୍ଜି
ଦଃର୍କାର୍, ଆର୍ ହଃତି ମାୟ୍ଜିର୍ ଗଟେକ୍ ଗଟେକ୍ ଅଃଣ୍ଡ୍ରା
ରେଅତ୍ । 3 ଅଃଣ୍ଡ୍ରା ନିଜାର୍ ମାୟ୍ଜିକେ ତାର୍ ହାଉତାର୍ ହୁରୁଣ୍
କଃର, ଆରେକ୍ ହେଁ ସେରଃକମ୍ ମାୟ୍ଜି ତାର୍ ଅଃଣ୍ଡ୍ରା ହାଉତାର୍
ହୁରୁଣ୍ କଃର । 4 ମାୟ୍ଜିର୍ ନିଜାର୍ ଗଃଗାଲ୍ ଉହ୍ରେ ଅଃଦିକାର୍
ନାୟ୍, ମଃତର୍ ଅଃଣ୍ଡ୍ରାର୍ ଆଚେ; ସେରଃକମ୍ ଡକ୍ରାସିର୍ ହେଁ ନିଜାର୍
ଅଃହ୍ଣାର୍ ଗଃଗାଲ୍ ଉହ୍ରେ ଅଃଦିକାର୍ ନାୟ୍ ମଃତର୍ ମାୟ୍ଜିର୍
ଆଚେ । 5 ଦୁୟ୍ଲକ୍ ହେଁ ନାୟ୍ ନଃବେଲା; କେଜାଣ୍ ପାର୍ତ୍ନା
ଗିନେ ବେଳା ହାଉଁକେ ଦୁୟ୍ଲକ୍ ହେଁ ମାନାମାନିଅୟ୍ ଚଃନେକାର୍
ଗିନେ ବିନେ ଅୟ୍ ରେଉଁ ହାରାସ୍; ଆର୍ ତୁମିମଃନ୍କାର୍ ଗଃଗାଲ୍
ଉଟ୍ତାର୍ ତେବାଉଁକେ ନାହାର୍ତାର୍ ଗିନେ ସୟ୍ତାନ୍ ଜଃନ୍କ୍ରି
ତୁମିମଃନ୍କେ କଃଟ୍ହାଲ୍ ନଃବୁଜେ, ଇତାର୍ ଗିନେ ଆରେକ୍
ମିସା । 6 ମୁଁୟ୍ ତୁମିକେ ଆଦେସ୍ ଦିଲା ହର୍ ନଃକୟ୍ଁ, ମଃତର୍
ତୁମିମଃନାର୍ ନିକ ଗିନେ ଇଡି କଃଉଁଲେ । 7 ଅୟ୍ଲେକ୍ ହେଁ
ସଃବୁଲକ୍ ମର୍ ହର୍ ଅଃଉତି, ଇରି ମର୍ ମଃନ୍, ମଃତର୍ କେ
ଇ ରଃକମ୍ କେ ସେ ରଃକମ୍, ହଃତିଲକ୍ ଇସ୍ୱରାର୍ ତଃୟ୍ ହୁଣି
ଦାନ୍ ହାୟ୍ ଆଚ୍ତି । 8 ମଃତର୍ ମୁୟ୍ଁ ବିବା ନଃଉତା ଆର୍
ରାଣ୍ଡିମଃନ୍କେ କଃଉଁଲେ, ସେମଃନ୍ ମର୍ ହର୍ ଏକ୍ଲା ରିଲେକ୍
ସେମଃନାର୍ ହାଁୟ୍ ନିକ ଅୟ୍ଦ୍ । 9 ମଃତର୍ ଜଦି ସେମଃନ୍
ଗଃଗାଳାର୍ ଇଚା ସଃମ୍ଭାଲୁ ନଃହାର୍ତି, ତଃବେ ବିବା ଅଃଉଅତ୍;
କାୟ୍ତାକ୍ବଃଲେକ୍ ଗଃଗାଲ୍ ସଃମ୍ଭାଲୁ ନଃହାର୍ତା ବାଦୁଲେ ବିବା
ଅଃଉତାର୍ ନିକ । 10 ମଃତର୍ ବିବା ଅୟ୍ଲାର୍ ମଃନ୍କେ ମୁଁୟ୍
ଜଃବର୍ କଃଉଁଲେ, ମୁୟ୍ଁ ନୟ୍ ମଃତର୍ ମାପ୍ରୁ କଃଉଁଲା ମାୟ୍ଜି
ନିଜାର୍ ଅଣ୍ଡ୍ରାତଃୟ୍ ହୁଣି ବିନେ ନଃଉଅ 11 ମଃତର୍ ଜଦି ସେ
ବିନ୍ ଅୟ୍ଦ୍, ତଃବେ ସେ ଆରେକ୍ ବିବା ନଃକେର, ଆର୍ ନିଜାର୍
ଅଣ୍ଡ୍ରାସଃଙ୍ଗ୍ ମିସ ଆର୍ ଅଃଣ୍ଡ୍ରା ନିଜାର୍ ମାୟ୍ଜିକେ ନଃଚାଡ । 12
ମଃତର୍ ବିନ୍ ସଃବ୍କେ କଃଉଁଲେ, ମାପ୍ରୁ ନଃକୟ୍, ଜଦି କୁୟ୍
ବିସ୍ୱାସି ବାୟ୍ର୍ ବିସ୍ୱାସ୍ ନକେର୍ତା ମାୟ୍ଜି ରଃୟ୍ଦ୍, ଆର୍ ସେ
ମାୟ୍ଜି ତାର୍ ସଃଙ୍ଗ୍ ରେଉଁକେ ମଃନ୍କଃରେଦ୍, ତଃବେ ସେ ତାକେ
ନଃଚାଡ । 13 ଆର୍ ଜୁୟ୍ ମାୟ୍ଜିର୍ ଅବିସ୍ୱାସି ଅଃଣ୍ଡ୍ରା ରୟ୍ଦ୍
ଆର୍ ସେ ଅଃଣ୍ଡ୍ରା ତାର୍ ସଃଙ୍ଗ୍ ରେଉଁକେ ମଃନ୍କଃରେଦ୍, ତଃବେ
ସେ ନିଜାର୍ ଡକ୍ରାସିକ୍ ଚାଡନାୟ୍ । 14 କାୟ୍ତାକ୍ବଃଲେକ୍
ଅବିସ୍ୱାସି ଅଃଣ୍ଡ୍ରା ମାୟ୍ଜିର୍ ଗିନେ ନିର୍ମୁଲ୍ କଃରାଜାୟ୍ ଆଚେ,
ଆର୍ ବିସ୍ୱାସ୍ ନୟ୍ଲା ମାୟ୍ଜି ଅଃଣ୍ଡ୍ରାର୍ ଗିନେ ନିର୍ମୁଲ୍ କଃରାଜାୟ୍
ଆଚେ, ତଃନ୍ ଅଲେ ତୁମିମଃନାର୍ ହିଲାମଃନ୍ ନିର୍ମୁଲ୍ ନାୟ୍ ।
15 ଅୟ୍ଲେକ୍ ହେଁ ଜଦି ଅବିସ୍ୱାସି ବିନ୍ବିନ୍ ଅଃଉଁକେ ମଃନ୍
କଃର୍ତି, ତବେ ସେମଃନ୍ ବିନ୍ବିନ୍ ଅଃଉଅତ୍, ଅଃନ୍କା ତଃୟ୍
ସେ ବାୟ୍ କି ବେଣି ଗତି ନାୟ୍; ଇସ୍ୱର୍ ତୁମିମଃନ୍କେ ସୁସ୍ତାୟ୍
ବେବାର୍ କଃରୁକେ କୁଦିଆଚେ । 16 ତଃବେ ଏ ବିସ୍ୱାସି ମାୟ୍ଜି
ତୁୟ୍ ଜେ ଅଃହ୍ଣାର୍ ଅଃଣ୍ଡ୍ରାର୍ ମୁକ୍ଲାଉତାର୍ ହର୍ ଅଃଉସି, ଇରି
କାୟ୍ ନଃଜାଣ୍ସି? କି ଏ ବିସ୍ୱାସି ଡକ୍ରାସି ତୁୟ୍ ଜେ ନିଜାର୍
ଡକୁର୍ଦିର୍ ମୁକ୍ଲାଉତାର୍ କଃତା ଅଃଉସି ଇରି କାୟ୍ ନଃଜାଣ୍ସି?
17 ମାପ୍ରୁ ଜାକେ ଜଃନ୍କଃରି ଦାନ୍ ବାଟାକଃରି ଦିଲା ଆଚେ,
ଇସ୍ୱର୍ ହଃତିଲକେ ଜଃନ୍କଃରି କୁଦି ଆଚେ ସେ ସେରଃକମ୍
ହଃକା ବେବାର୍ କଃର । ମୁଁୟ୍ ସଃବୁ ମଣ୍ଡ୍ଳି ତଃୟ୍ ଇ ରଃକମ୍
କଃଉଁଲେ । 18 କାକେ ଜଦି ଇସ୍ୱର୍ ସୁନତ୍ ଆୟ୍ଲା ଅବୁସ୍ତାୟ୍
କୁଦି ଆଚେ, ସେ ସୁନତ୍ ନୟ୍ଲା ହର୍ ଦଃକାୟ୍ ଅଃଉଁକ୍ ମଃନ୍
ନଃକେର । ଜଦି କାକେ ଇସ୍ୱର୍ ସୁନତ୍ ନଃଉତ୍ କୁଦ୍ଲା ଆଚେ,
ସେ ସୁନତ୍ ନଃଉଅ । 19 ସୁନତ୍ ଅଃଉତାର୍ କି ସୁନତ୍ ନଃଉତାର୍
ବଃଡ୍ କଃତା ନାୟ୍ ମଃତର୍ ଇସ୍ୱରାର୍ ଆଦେସ୍ ମାନ୍ତାର୍ ହଃକା
ବଃଡ୍ କଃତା । 20 ଇସ୍ୱର୍ କୁଦ୍ଲା ବଃଲ୍ ଜେ ଜୁୟ୍ ଅବୁସ୍ତାୟ୍
ରିଲା, ସେ ଅବୁସ୍ତାୟ୍ ରେଉଅ । 21 ତୁମି କି ଗତିଦଃଙ୍ଗ୍ଲା
ଅୟ୍ କୁଦାୟ୍ ଅୟ୍ ଆଚାସ୍? ଦୁକ୍ କଃରାନାୟ୍; ମଃତର୍ ଜଃବେ
ମୁକ୍ଲକ୍ ବାଟ ହାଉଆସ୍, ତଃବେ ସେ ଅବୁସ୍ତାକ୍ ବେବାର୍ କଃରା
। 22 କାୟ୍ତାକ୍ବଃଲେକ୍ ଜେ ଗତିଦଃଙ୍ଗ୍ଲା ଅୟ୍ କୁଦାୟ୍
ଅୟ୍ଆଚେ, ସେ ମାପ୍ରୁର୍ ମୁକ୍ତ ଲକ୍, ସେରଃକମ୍ ଜେ ମୁକ୍ତ ଅୟ୍
କୁଦାୟ୍ ଅୟ୍ଆଚେ, ସେ କ୍ରିସ୍ଟର୍ ଗତିଦଃଙ୍ଗ୍ଲା । 23 ଇସ୍ୱର୍

ତୁମିମଃନ୍‌କେ ବଃଡେ ମଲେ ଗେନି ଆଚେ, ମାନାୟ୍‌ମଃନାର୍
ଗତିଦଃଙ୍ଗ୍‌ଲା ଅଃଉଆ ନାୟ୍ । 24 ଏ ବାୟ୍ ଆର୍ ବେଣିମଃନ୍
ଇସ୍ୱର୍ ତୁମିମଃନ୍‌କେ କୁଦ୍‌ଲା ବଃଲ୍ ତୁମିମଃନ୍‌କେ ଜୁୟ୍ ଅବୁସ୍ତାୟ୍
ରିଲାସ୍ ସେ ଅବୁସ୍ତାୟ୍ ଇସ୍ୱରାର୍ ସଃଙ୍ଗ୍ ରିଆ । 25 ତୁମିମଃନ୍‌କେ
ବିବା ନୟ୍‌ଲା ଲକାର୍ କଃତା ଜାଣୁକେ ମଃନ୍ କଃଲାସ୍ ମାପ୍ରୁର୍
ତଃୟ୍ ହୁଣି କାୟ୍ କଃତା ହେଁ ନଃସୁଣି, ମଃତର୍ ମାପ୍ରୁର୍ ଦଃୟାର୍
ଗିନେ ବିସ୍ୱାସି ଅୟ୍ ନିଜାର୍ ମଃନାର୍ କଃତା କଃଉଁଲେ । 26
ମୁଁୟ୍ ମଃନ୍‌କଃରୁଲେ, ଜେ ମାନାୟ୍ ଜଃନ୍‌କଃରି ଆଚେ; ଆସୁଲା
ବିପ୍‌ତିର୍ ଗିନେ ସେରଃକମ୍ ରେତା ଲଲା । 27 ତୁମି କି ଡକୁର୍ଦି
ସଃଙ୍ଗ୍ ବାନ୍ଦିଅୟ୍ ଆଚାସ୍? ତଃବେ ମୁକ୍ତ ଅଃଉଁକେ ବାଟ୍ କଜା
ନାୟ୍ । ତୁମି କି ମାୟ୍‌ଜି ତଃୟ୍ ହୁଣି ମୁକ୍ତ? ତଃବେ ମାୟ୍‌ଜି
ହାଉଁକେ ବାଟ୍ କଜା ନାୟ୍ । 28 ମଃତର୍ ଜଦି ତୁମିମଃନ୍ ବିବା
କଃରିଆଚାସ୍, ତଃନ୍‌ଅଲେ ବାୟ୍‌ଦ୍‌ରେ ହାହ୍ ନଃକେରାସ୍ ।
ମଃତର୍ ବିବା ଅୟ୍‌ଲା ଲକ୍ ଗଃଗାଲେ ଦୁକ୍‌ହାୟ୍‌ଦ୍ । ଆର୍
ତୁମିମଃନ୍ ଜଃନ୍‌କଃରି ରଃକ୍ୟାହାଉଆସ୍, ଇରି ମର୍ ମଃନ୍ । 29
ମଃତର୍ ଏ ବାୟ୍‌ବେଣିମଃନ୍, ମର୍ କଃତାର୍ ବାବ୍ ଇରି, ବେଳା
ନାୟ୍‌ନି, ସେତାକ୍ ଜୁୟ୍‌ଲକାର୍ ମାୟ୍‌ଜି ଆଚେ, ସେମଃନ୍ ମାୟ୍‌ଜି
ନୟ୍‌ଲା ହର୍ ଅଃଉଅତ୍ । 30 ଆର୍ ଜୁୟ୍‌ମଃନ୍ କାନ୍ଦତି, ସେମଃନ୍
ନଃକାନ୍ଦତା ଲକ୍ ହର୍ ଅଃଉଅତ୍; ଆର୍ ଜୁୟ୍‌ମଃନ୍ ସଃର୍ଦା କର୍ତି,
ସେମଃନ୍ ସଃର୍ଦା ନଃକେର୍ତା ଲକ୍‌ହର୍ ଅଃଉଅତ୍; ଜୁୟ୍‌ମଃନ୍
ଗେନ୍‌ତି ସେମଃନ୍ ଅଃଦିକାରି ନୟ୍‌ଲା ଲକ୍‌ହର୍ ଅଃଉଅତ୍ ।
31 ଆର୍ ଜୁୟ୍ ଲକ୍‌ମଃନ୍ ଜଃଗତାର୍ କଃତାୟ୍ ବୁଡି ଆଚ୍‌ତି,
ସେମଃନ୍ ଜଃଗତେ ବୁଡି ନଃରେଅତ୍ । କାୟ୍‌ତାକ୍ ବଃଲେକ୍ ଇ
ଜଃଗତାର୍ ରୁହ୍ ଆରେକ୍ ତିର୍ ଅୟ୍ ନଃରେୟ୍ । 32 ତୁମିମଃନ୍‌କେ
ଜଃନ୍‌କଃରି ଚିତାକଃରା ନାୟ୍, ଇରି ମର୍ ମଃନ୍ । ଜେ ବିବା
ନୟ୍‌ଆଚେ ସେ କଃନ୍‌କଃରି ମାପ୍ରୁର୍ ଗଟେକ୍ ଲାଡାର୍ ଅୟ୍‌ଦ୍,
ଇତାର୍ ଗିନେ ମାପ୍ରୁର୍ କଃତା ନଃୟ୍ ଚିତା କଃରେଦ୍ । 33
ମଃତର୍ ଜେ ବିବା ଅୟ୍‌ଆଚେ, ସେ କଃନ୍‌କଃରି ନିଜାର୍ ମାୟ୍‌ଜିର୍
ଲାଡାର୍ ଅୟ୍‌ଦ୍, ସେତାର୍ ଗିନେ ସେ ଜଃଗତାର୍ କଃତାକ୍ ନଃୟ୍
ଚିତା କଃରେଦ୍ । 34 ତାର୍ ମଃନ୍ ଦୁୟ୍ ବାଗ୍ ଅୟ୍‌ଦ୍ । ବିବା
ନଃଉତା ମାୟ୍‌ଜି ଆର୍ ଦଃଙ୍ଗ୍‌ଲି ମାପ୍ରୁ କାମେ ସେ ମଃନ୍ ଦଃୟ୍‌ଦ୍,
ବଃଲେକ୍ ଗଃଗାଲେ ଆର୍ ଆତ୍ମାୟ୍ ମଃନେ ପବିତ୍ର ଅଃଉଁକେ
ମାପ୍ରୁର୍ କଃତା ନଃୟ୍ ଚିତା କର୍ତି; ମଃତର୍ ଜେ ବିବା ଅୟ୍‌ଆଚେ
ସେ କଃନ୍‌କଃରି ନିଜାର୍ ଅଃଣ୍ଡାର୍ ଲାଡାର୍ ଅଃଉଁକେ ଦଃନ୍ଦା
ରଃୟ୍‌ଦ୍, ସେତାର୍ ଗିନେ ଜଃଗତାର୍ କଃତାୟ୍ ଚିତା କଃରେଦ୍ ।
35 ଇ କଃତା ମୁଁୟ୍ ତୁମିମଃନ୍‌କାର୍ ନିଜାର୍ ବଃଲ୍ ହାୟ୍ କଃଉଁଲେ,
ତୁମିମଃନ୍ ବାନ୍ଧଣେ ବାନ୍ଧକେ ନଃକୟ୍ଁ, ମଃତର୍ ତୁମିମଃନ୍‌କେ
ଜଃନ୍‌କ୍‌ରି ନିକ ବେବାର୍ କଃରି ଏକ୍‌ମଃନେ ମାପ୍ରୁର୍ ତଃୟ୍ ମିସି
ରିଆସ୍, ଇତାର୍ ଗିନେ କଃଉଁଲେ । 36 ମାଗ୍‌ଣି ଅୟ୍‌ଲା ହଃଚେ
ଅଃଣ୍ଡା ଜଦି ମଃନ୍‌କଃରେଦ୍ ତଃବେ ମାଗ୍‌ଲା ଡକୁର୍ସିକେ ମିସୁକେ
ମଃନ୍ ଅଃଉଁଲି ଆର୍ ଜଦି ତାର୍ ଗଃଗାଲ୍ ଟେକୁଲି ସେ ତାକେ
ବିବା କଃରୁକେ ବାୟ୍‌ଦ୍‌ରେ ଲଲା, ତଃବେ ସେମଃନ୍ ତାକାର୍
ମଃନ୍ ହଃର୍କାରେ ବିବା କଃରତ୍, ଇତାର୍ ଗିନେ କାୟ୍ ହାହ୍ ନାୟ୍
। 37 ମଃତର୍ ଜେ ମଃନେ ତିର୍ ରଃୟ୍‌ଦ୍, ଆର୍ ଲଲାନାୟ୍
ବଃଲି ମଃନେ ବାବେଦ୍ ଆର୍ ଜାର୍ ଅଃହ୍‌ଣାର୍ ଅଃହ୍‌ଣାର୍ ଇଚା
ହଃର୍କାରେ କଃରୁକେ ଅଃଦିକାର୍ ରଃୟ୍‌ଦ୍, ଆର୍ ଜେ ନିଜାର୍
ମାଗ୍‌ଲା କଃନ୍ୟାକେ ବିବା ଅଃଉଁକେ ଜାଗୁହାରେ, ସେ ନିକ
କଃରେଦ୍ । 38 ଇତାକ୍ ଜେ ନିଜାର୍ ମାଗ୍‌ଲା କଃନ୍ୟାକେ ବିବା
ଅୟ୍‌ଦ୍, ସେ ନିକ କଃରେଦ୍, ଆର୍ ଜେ ବିବା ନଃୟେ, ସେ
ଅଃଦିକ୍ ନିକ କଃରେଦ୍ । 39 ଅଃଣ୍ଡା ଜିବନ୍ ରେତାହଃଟେକ୍
ମାୟ୍‌ଜି ତାର୍ ବାନ୍ଧଣେ ରଃୟ୍‌ଦ୍; ମଃତର୍ ଜଦି ଅଃଣ୍ଡା ମଃରେଦ୍,
ତଃବେ ମାୟ୍‌ଜି ଆରେକ୍ ବିବା ଅଃଉଁ ହାରେ, ମଃତର୍ ମାପ୍ରୁର୍
ବିସ୍ୱାସିକ୍ ବିବା କଃରୁକେ ହାରେ । 40 ମର୍ ମଃନ୍ ଇରି ସେ
ବିବା ଅୟ୍‌ରିଲେକ୍ ନିକ ଅୟ୍‌ଦ୍, ମଃତର୍ ବିବା ଅୟ୍‌ନଃରିଲେକ୍
ଅଃଦିକ୍ ସୁକ୍ ହାୟ୍‌ଦ୍ । ଆର୍ ମୁୟ୍ ହେଁ ଇସ୍ୱରାର୍ ଆତ୍ମା ହାୟ୍‌ଆଚି
ବଃଲି ବାବୁଲେ ।

**8** ଦେବ୍‌ତାକେ ବଗ୍ ଦେତାର୍ ମର୍ ଉତ୍ତୁର୍ ଇରି, “ଅଃମାର୍
ସଃବୁଲକାର୍ ଗିଆନ୍ ଆଚେ” ବଃଲି ତୁମିମଃନ୍ ଜୁୟ୍‌ରି
କଃଉଁଲାସ୍, ସେରି ଅଃମିମଃନ୍ ଜାଣୁ । ଗିଆନ୍ ଗଃର୍ବ୍ ଜାତ୍
କଃରେଦ୍ । ମଃତର୍ ଲାଡେ ଉହ୍‌କାର୍ ଅୟ୍‌ଦ୍ । 2 ଜଦି କେ
କୁୟ୍ କଃତାୟ୍ ଗିଆନି ବଃଲି ବାବେଦ୍, ତଃବେ ତାର୍ ଜଃନ୍‌କଃରି
ଜାଣ୍‌ତା ଦଃର୍କାର୍, ସେ ଅଃବେ ହଃଟେକ୍ ସେ ହର୍ ନଃଜାଣେତା
। 3 ମଃତର୍ କେ ଜଦି ଇସ୍ୱର୍‌କେ ଲାଡ୍ କଃରେଦ୍, ଇସ୍ୱର୍
ତାକେ ଜାଣି ଆଚେ । 4 ଇତାକ୍ ଦେବ୍‌ତାକେ ହୁଜାଦିଲାର୍ ବଗ୍
କାତାର୍ କଃତା ଅଃମିମଃନ୍ ଜାଣି ଆଚୁ, ଜଃଗତେ ମୁର୍ତିର୍ କାୟ୍
ମଲ୍ ନାୟ୍, ଆର୍ ଗଟେକ୍ ଇସ୍ୱର୍ ଚାଡି ଆରେକ୍ ଜୁଲେକ୍ ନାୟ୍
। 5 କାୟ୍‌ତାକ୍‌ବଃଲେକ୍ ସଃର୍ଗେ ଅଃଉଅ କି ହୁର୍ତିଏ ଅଃଉଅ,
ଜୁୟ୍ ଲକ୍‌ମଃନ୍‌କେ “ଦେବ୍‌ତା” ବଃଲି କଃଉତି ଜଦି ସେମଃନ୍
ରିଲେକ୍ ହେଁ ଇ ରଃକମ୍‌ତ ଗାଦା “ଦେବ୍‌ତା” ଆର୍ ଗାଦା “ମାପ୍ରୁ”
ରେଉଁ ହାର୍ତି । 6 ଅୟ୍‌ଲେକ୍ ହେଁ ଅଃମାର୍ ଗଟେକ୍ ହଃକା
ଇସ୍ୱର୍, ବଃଲେକ୍ ଜୁୟ୍ ଉବାର୍ ତଃୟ୍ ହୁଣି ସଃବୁକଃତା ଉବ୍‌ଜି
ଆଚେ, ଆର୍ ଅଃମିମଃନ୍ ତାର୍ ଗିନେ ବଚିଆଚୁ, ଆର୍ ଗଟେକ୍
ବଃଲି ମାପ୍ରୁ, ବଃଲେକ୍ ଜିସୁ କ୍ରିସ୍ଟ, ତାର୍‌ତଃୟ୍‌ହୁଣି ସଃବୁ କଃତା
ଉବ୍‌ଜି ଆଚେ, ଆର୍ ତାର୍‌ତଃୟ୍‌ହୁଣି ଅଃମିମଃନ୍ ବାଚି ଆଚୁ
। 7 ଅୟ୍‌ଲେକ୍ ହେଁ ସଃବୁଲକ୍ ଇ ସଃତ୍ ନଃଜାଣତି, ମଃତର୍
କଃତିଲକ୍ ଅଃବେ ହଃଟେକ୍ ଦେବ୍‌ତା ଆଚେ ବଃଲି ବାବି ମୁର୍ତି
ଦେବ୍‌ତାକେ ଦିଲା ହୁଜାକାଦି କାଉଁଲାୟ୍ ଆର୍ ସେମଃନାର୍
ବାବ୍‌ନା ଦୁର୍ବଳ୍ ରିଲାକେ ବିଟାଲ୍ ଅଃଉଁଲାୟ୍ । 8 ମଃତର୍
କାଦିମଃନ୍ ଅଃମିକ୍ ଇସ୍ୱରାର୍ ଚଃମେ କି ଦୁରିକ୍ ନଃକେରେ;
ନଃକାୟ୍‌ଲେକ୍ ଅଃମିମଃନାର୍ ନଃସ୍ଟ ନାୟ୍, କି କାୟ୍‌ଲେକ୍
ଅଃମିମଃନାର୍ ଲାବ୍ ନାୟ୍ । 9 ଜଃଗ୍ରାତ୍, ଚଃନେମଃନେ
ତୁମିମଃନ୍‌କାର୍ ଇ ଅଃଦିକାର୍ ଅଃଳକ୍ ବିସ୍ୱାସି ମଃନାର୍ ଗିନେ

ବାଦା ହର୍ ଅୟ୍‌ଦ୍ । 10 ବଃଲେକ୍ ଗଟ୍ ଦୁର୍ବୁଲ୍ ବିସ୍ୱାସି ତୁମାର୍
ହର୍ ଗଟ୍ "ଗିଆନି ଲକେ," ଜଦି ଦେଉଲେ ବଗ୍ କାତାର୍
ଦଃକେଦ୍, ତଃବେ ସେ ଦେବ୍‌ତାକେ ହୁଜା ଦିଲା ବଗ୍ କାଉଁକେ
ସଃର୍ଦା ନୟ୍‌କି? 11 ଇତାର୍ ଗିନେ ଜୁୟ୍ ଅଃଲକ୍ ବିସ୍ୱାସି ବାୟ୍‌ର୍
ଗିନେ କ୍ରିସ୍ଟ ମଃଲା, ମଃତର୍ ତୁମାର୍ ଇ "ଗିଆନ୍" ଗିନେ ନଃସ୍ଟ
ନଃଉଁଲା କି? 12 ଇ ରଃକମ୍ ବାୟ୍ ମଃନ୍‌କାର୍ ବିରଦେ ହାହ୍
କଃରି ଆର୍ ସେମଃନାର୍ ବଃଲ୍‌ମଃନ୍କ ଜାଣ୍‌ତା ଗ୍ୟାନିକ୍ କଃସ୍ଟ
ଦଃୟ୍ ତୁମିମଃନ୍ କ୍ରିସ୍ଟର୍ ବିରଦେ ହାହ୍ କଃରୁଲାସ୍ । 13 ସେତାକ୍
ଜଦି କାଦିମଃନ୍ ମର୍ ବାୟ୍‌ର୍ ବାଦାର୍ ଅଃଉତାର୍ କଃତା ଅୟ୍‌ଦ୍,
ତଃବେ ମର୍ ବାୟ୍ ଜଃନ୍‌କଃରି ମର୍‌ଗିନେ ବାଦା ନଃହାୟ୍, ଇତାର୍
ଗିନେ ମୁୟ୍ଁ କଃବେ ହେଁ ମାସ୍ ନଃକାୟ୍ଁ । (aiōn g165)

**9** ମୁୟ୍ଁ କାୟ୍ ମର୍ ଇଚାୟ୍ ନାୟ୍‌କି? ମୁୟ୍ଁ କାୟ୍ ପେରିତ୍
ନୟ୍‌କି? ମୁୟ୍ଁ କାୟ୍ ଅଃମାର୍ ମାପ୍ରୁ ଜିସୁକ୍ ନଃଦେକି?
ତୁମିମଃନ୍ କାୟ୍ ମାପ୍ରୁର୍ ତଃୟ୍ ମୁୟ୍ଁ କଃଲା କାମାର୍ ହଃଲ୍
ନୟ୍‌କି? 2 ଅୟ୍‌ଲେକ୍ ହେଁ ମୁୟ୍ଁ ବିନ୍ କାର୍ ତଃୟ୍ ଗଟ୍ ପେରିତ୍
ନୟ୍‌ଲେକ୍ ହେଁ ତୁମିମଃନାର୍ ହାକ୍ ଗଟ୍ ପେରିତ୍, କାୟ୍‌ତାକ୍
ବଃଲେକ୍ ମାପ୍ରୁର୍ ତଃୟ୍ ତୁମିମଃନ୍‌କେ ମର୍ ପେରିତ୍ ହଃଦାର୍
ମୁଦ୍ରାମାର୍‌ଲାର୍ । 3 ମର୍ ବିରଦେ ହଃଚାର୍ଲା ଲକ୍‌ମଃନ୍‌କେ ମଃର୍
ବିଚାର୍ ଇରି । 4 କାତାର୍ କାୟ୍ ଅଃମିମଃନାର୍ ଅଃଦିକାର୍
ନାୟ୍? 5 ବିନ୍ ସଃବୁ ପେରିତ୍, ମାପ୍ରୁର୍ ବାୟ୍‌ବେଣିମଃନ୍ ଆର୍
ପିତର୍ ହଃର୍ ବିସ୍ୱାସିନି ମାୟ୍‌ଜି ବିବା କଃରି ମିସ୍‌ଣେ ନଃୟ୍
ବୁଲୁକ୍ କାୟ୍ ଅଃମାର୍ ଅଃଦିକାର୍ ନାୟ୍? 6 କଃସ୍ଟକଃରି ବଚୁକ୍
କାୟ୍ ମର୍ ଆର୍ ବର୍ନବାର୍ ଅଃଦିକାର୍ ନାୟ୍? 7 କେ ନିଜାର୍
କଃର୍ଚ୍ କଃରି ସଃୟ୍‌ନ୍ କାମ୍ କଃରେଦ୍? କେ ଅଙ୍ଗୁର୍ ବାଲ୍
କଃରି ସେତିର୍ ହଃଲ୍ ନଃକାୟ୍? କି କେ ମେଣ୍ଡାମଃନ୍ହା ହାଳି
ତାକାର୍ ଦୁଦ୍ ନଃକାୟ୍? 8 ମୁୟ୍ଁ ମାନାୟ୍‌ଃର୍ ଗିନେ କାୟ୍
ଇସାବ୍ କଃତା ନଃକଃଉଁଲେ? ମସାର୍ ବିଦି ହେଁ କାୟ୍ ଇସାବ୍
କଃତା ନଃକୟ୍? 9 କାୟ୍‌ତାକ୍‌ବଃଲେକ୍ ମସାର୍ ସାସ୍ତ୍ରରେ ଇରି
ଲେକାଆଚେ, "ଦାନ୍ ମାଡାଉତା ବଃଳ୍ ବଃଇଲ୍ ମୁୟେ କତ୍ରା
ବାନ୍ଦ୍ନାୟ୍ ।" ଇସ୍ୱର୍ କାୟ୍‌ରି ବଃୟ୍‌ଲାର୍ କଃତା ଚିତା କଃରୁଲା?
10 ସେ କାୟ୍ ଅଃବ୍‌କା ଅଃମାର୍ ଗିନେ କୟ୍ ନଃକେରେକି?
ହେଁ ଅଃମାର୍ ଗିନେ ଇରି ଲେକା ଅୟ୍‌ଆଚେ, ଜଃନ୍‌କଃରି ଜେ
କାମାଉଣି କଃରେଦ୍, ବଃର୍ସାକଃରି ତାର୍ କାମାଉଣି କଃର୍ତା ଲଳା,
ଆର୍ ଜେ ମାଡାଉଁକେ ଗଃଣା ହଃକାୟ୍‌ଦ୍, ବାଗ୍ ହାଉଁକ୍ ଆସା
କଃରି ତାର୍ ମାଡାଉଁକେ ଗଃଣା ହଃକାଉତା ଲଳା । 11 ଜଦି
ଅଃମିମଃନ୍ ଅଃମାର୍ ଗିନେ ଆତ୍ମାର୍ ବିଆନ୍ ବୁଣି ଆଚୁ, ତଃବେ
ତୁମିମଃନ୍‌କାର୍ ଇ ଜଃଗତାର୍ ତାସ୍ ହାଉଁକେ ଆସା ନଃକେରୁ
କି? 12 ଜଦି ବିନ୍ ଲକ୍‌ମଃନ୍ ତୁମିମଃନ୍‌କାର୍ ବାଗାର୍ ଅଃଦିକାରି
ଅଃଉତି, ତଃବେ ଅଃମିମଃନ୍ କାୟ୍ ଆରେକ୍ ଅଃଦିକ୍ ନଃଉଁ?
ଅୟ୍‌ଲେକ୍ ହେଁ ସେ ଅଃଦିକାର୍ ଦଃକାୟ୍ ନଃକେରୁ; ମଃତର୍
ଜଃନ୍‌କଃରି କ୍ରିସ୍ଟର୍ ନିକ କବୁରାର୍ କାୟ୍ ବାଦା ନଃଉଅ ବଃଲି
ସଃବୁ ସଃମ୍ଭାଳ୍‌ଲୁ । 13 ଜୁୟ୍‌ମଃନ୍ ମନ୍ଦିରାର୍ ସେବା କଃର୍ତି,
ସେମଃନ୍ ଜେ, ମନ୍ଦିରାର୍ କାଦି ହାଉତି, ଆର୍ ଜୁୟ୍‌ମଃନ୍ ବେଦିର୍
ସେବାୟ୍ ଲାଗିରେତି, ସେମଃନ୍ ଜେ, ବେଦି ସଃଙ୍ଗାର୍ ବାଗ୍
ହାଉତି, ଇରି କାୟ୍ ନଃଜାଣାସ୍? 14 ସେରଃକମ୍ ଜୁୟ୍‌ମଃନ୍ ନିକ
କବୁର୍ ପର୍ଚାର୍ କଃର୍ତି, ସେମଃନ୍ ଜେ ନିକ କବୁର୍ ତଃୟ୍ ଜିବନ୍
କାଟ୍‌ତି, ଇରି ମାପ୍ରୁ କୟ୍ ଆଚେ । 15 ମଃତର୍ ମୁୟ୍ଁ ଅଃଦିକାର୍
ବେବାର୍ ନଃକେରି, ଆର୍ ମକେ ଜେ ଅଃନ୍ କଃରା ଅୟ୍‌ଦ୍, ଇତାର୍
ଗିନେ ମୁଁୟ୍ ଇରିମଃନ୍ ଲେକୁ ନଃଟୁଲେ; କାୟ୍‌ତାକ୍ ବଃଲେକ୍
କେ ମର୍ ଇ ଗଃର୍ବ୍‌କେ ତିନିହଲ୍ୟା କଃର୍ତା ବାଦୁଲେ ମୁୟ୍ଁ ମଃର୍ତାର୍
ନିକ । 16 କାୟ୍‌ତାକ୍‌ବଃଲେକ୍ ମୁୟ୍ଁ ଜଦି ନିକ କବୁର୍ ପର୍ଚାର୍
କଃରିନ୍କ, ସେତାକ୍ ମୁୟ୍ଁ ଗଃର୍ବ୍ କଃର୍ତାର୍ ଲଳାନାୟ୍ଁ, ଜଃନ୍‌କଃରି
ହେଁ ମୁୟ୍ଁ ସେରି କଃର୍ତା ଲଳା; ଆର୍ ଜଦି ମୁୟ୍ଁ ନିକ କବୁର୍
ପର୍ଚାର୍ ନଃକେଲେକ୍ ଚି, ମୁୟ୍ଁ ଦଃଣ୍ଡାର୍ ଜୟଃଗ୍ । 17 ଜଦି
ମୁୟ୍ଁ ନିଜାର୍ ଇଚାୟ୍ ଇ କାମ୍ କଃରିନ୍କ, ତଃବେ ମର୍ ପୁରିସ୍କାର୍
ଆଚେ; ମଃତର୍ ଜଦି ନିଜାର୍ ଇଚାୟ୍ ନଃକେରି, ତଃବେହେଁ
ସେବାକଃର୍ତା ହଃଦାର୍ ବଜ୍ ମକେ ସଃହ୍ରି ଦିଆ ଅୟ୍‌ଆଚେ ।
18 ତଃବେ ମର୍ ପୁରିସ୍କାର୍ କାୟ୍‌ରି ନାୟ୍, ସେତାର୍ ଗିନେ ନିକ
କବୁର୍ ପର୍ଚାର୍ କଃରୁକେ ମୁୟ୍ଁ କାୟ୍ ହେଁ ଅଃଦିକାର୍ ବଗ୍
କଃରୁକେ ବେବାର୍ ନଃକେରି । 19 କାୟ୍‌ତାକ୍‌ବଃଲେକ୍ ମୁଁୟ୍
ଜଃବର୍ ଲକେ ଲାବ୍ କଃରୁକେ ହାରି, ଇତାର୍ ଗିନେ ମୁୟ୍ଁ କାର୍
ତଃଳେ ଗତି ନଃରିଲେକ୍ ହେଁ ନିଜ୍‌କେ ସଃବୁ ଲକାର୍ ସେବାକାରି
ଅୟ୍ ଆଚି 20 ଜଃନ୍‌କଃରି ମୁୟ୍ଁ ଜିଉଦିମଃନ୍‌କେ କ୍ରିସ୍ଟର୍ ଗିନେ
ଲାବ୍ କଃରୁକେ ହାରି, ଇତାର୍ ଗିନେ ଜିଉଦିମଃନାର୍ ହାକ୍
ମୁୟ୍ଁ ଜିଉଦି ହର୍ ଅୟ୍‌ଲେ; ଜଃନ୍‌କଃରି ମସାର୍ ବିଦି ତଃଳେ
ରିଲା ଲକ୍‌ମଃନ୍‌କେ କ୍ରିସ୍ଟର୍ ଗିନେ ଲାବ୍ କଃରୁହାରି ଇତାର୍
ଗିନେ ମସାର୍ ବିଦିର୍ ତଃଳେ ନୟ୍‌ଲେକ୍ ହେଁ ବିଦି ତଃଳେ ରିଲା
ଲକ୍‌ମଃନ୍‌କାର୍ ହାକ୍ ବିଦି ତଃଳାର୍ ହଃର୍ ଅୟ୍‌ଲେ 21 ଜଃନ୍‌କଃରି
ମୁୟ୍ଁ ମସାର୍ ଅଜିଉଦି ଲକ୍‌ମଃନ୍‌କେ ଲାବ୍ କଃରୁହାରି, ଇତାର୍
ଗିନେ ମୁଁୟ୍ ଇସ୍ୱରାର୍ ବିଦି ନଃଚାଡି କ୍ରିସ୍ଟର୍ ବିଦିକେ ମାନ୍‌ଲେକ୍
ହେଁ ବିଦିନୟ୍‌ଲା ଲକ୍‌ମଃନାର୍ ହାକ୍ ମସାର୍ ବିଦିନୟ୍‌ଲା ହର୍
ଅୟ୍‌ଲେ । 22 ଜଃନ୍‌କଃରି ମୁୟ୍ଁ ବିସ୍ୱାସେ ଦୁର୍ବୁଲ୍ ମଃନ୍‌କେ ଲାବ୍
କଃରୁହାରି, ଇତାର୍ ଗିନେ ମୁଁୟ୍ ଦୁର୍ବୁଲ୍ ମଃନ୍‌କାର୍ ହାକ୍ ଦୁର୍ବୁଲ୍
ହର୍ ଅୟ୍‌ଲେ, ମୁୟ୍ଁ ଜଃନ୍‌କଃରି ହେଁ କଃତି ଲକ୍‌କେ ବଚାଉଁ
ହାରି, ଇତାର୍ ଗିନେ ମୁଁୟ୍ ସଃବୁ ଲକାର୍ ହାକ୍ ସଃବୁ ରଃକମ୍
ଚାଲାଚାଲ୍‌ତି କଃଲେ । 23 ମୁୟ୍ଁ ଜଃନ୍‌କଃରି ନିକ କବୁରାର୍
ଆସିର୍ବାଦାର୍ ବାଗିଦାରି ଅୟ୍‌ନ୍କ, ଇତାର୍ ଗିନେ ନିକ କବୁରାର୍
ଗିନେ ସଃବୁ କଃରିନ୍କ । 24 ଜୁୟ୍ ଲକ୍‌ମଃନ୍ କେଲ୍‌ତା ହଃଦାୟ୍
ଦଃବୁଲ୍‌ତି, ସେମଃନ୍ ଦଃବୁଲ୍‌ତି ସଃତ୍, ମଃତର୍ ଏକ୍ଲା ହ୍‌କା
ପୁରିସ୍କାର୍ ଜିଣେଦ୍, ଇରିକାୟ୍ ତୁମିମଃନ୍ ନଃଜାଣାସ୍? ତୁମିମଃନ୍
ଜଃନ୍‌କଃରି ପୁରିସ୍କାର୍ ହାଉଆସ୍, ଇତାର୍ ଗିନେ ସେନ୍‌କଃରି
ଦଃବ୍‌ଲା । 25 କୁଣ୍ ଲକ୍ କେଲ୍‌ତା ତଃୟ୍ କେଲୁକ୍ ସିକ୍‌ତାବଃଲ୍

ସେ ସଃବୁ କଃତାୟ୍ ବିଦି ହଃର୍କାରେ କଃରୁକେ ଅୟ୍ଦ୍; ସେମଃନ୍
ନଃସ୍କୁଅଃଉତା ଜିତ୍ଲା ପୁରିସ୍କାର୍ ହାଉଁକ୍ ସେରି କଃର୍ତି, ମଃତର୍
ଅଃମିମଃନ୍ ନଃସ୍କୁ ନଃଉତାର୍ ପୁରିସ୍କାର୍ ହାଉଁକେ ସେରି କଃରୁଲୁ
। 26 ସେତାକ୍ ମୁୟ୍ଁ ଏଣେ ତେଣେ ନାୟ୍, ସଃଲ୍କେ ଦଃବ୍ଲୁଲେ,
ମୁଁୟ୍ ବିଦାମାରୁଲେ, ମଃତର୍ ବାଉକେ ମାର୍ଲା ଲକ୍ ହର୍ ନୟ୍ ।
27 ମୁୟ୍ଁ କଃସ୍ଟ ସଃମ୍ଭାଳି ଗଃଗାଳକେ ଅଃଟୁଆ କଃରି ଆଚି ଆର୍
ନିଜାର୍ ଆୟ୍ତ୍ ତଃଳେ ସଃଙ୍ଗାୟ୍ ଆଚି କାୟ୍ତାକ୍ବଃଲେକ୍ ବିନ୍
ଲକ୍ମଃନାର୍ ତଃୟ୍ ନିକ କବୁର୍ ପର୍ଚାର୍ କଃରି ରିଲେକ୍ ହେଁ
ମୁୟ୍ଁ ନିଜେ ଜଃନ୍କଃରି ହଲ୍ୟାୟ୍ ପୁରିସ୍କାର୍ ଆରାୟ୍ ନଃକେରି ।

**10** କାୟ୍ତାକ୍ବଃଲେକ୍ ଏ ବାୟ୍ବେଣିମଃନ୍, ଅଃମିମଃନାର୍
ଦାଦିବାବୁ ମଃନାର୍ ସଃଙ୍ଗେ କାୟ୍ରି ସଃବୁ ଗଃଟିରିଲି
ସେରିଏତାଉଆ । ସେମଃନ୍ ସଃବୁଲକ୍ ବାଦୁଲ୍ ତଃଳେ ବିବ୍ତି
ନଃଉତ୍ ରିଲାୟ୍ ଆର୍ ସୁପ୍ ସାଗର୍ ଅୟ୍ ଲିଙ୍ଗ୍ଲାୟ୍ । 2
ମସାର୍ ହଃଚେ ଜାତାଲକ୍ ହିସାବେ ମେଗ୍ତଃଳେ ଆର୍ ସଃମ୍ନ୍ଦ୍ରେ
ସେମଃନ୍ ସଃବୁଲକ୍ ବାପ୍ତିସମ୍ ନଃୟ୍ରିଲାୟ୍ । 3 ଆର୍ ସଃବୁ
ଲକ୍ ଗଟେକ୍ ଆତ୍ମାର୍ କାଦି କାୟ୍ଲାୟ୍ 4 ଆର୍ ସଃବୁଲକ୍
ଆତ୍ମାର୍ ସୁର୍ତାର୍ ଆତ୍ମାର୍ ହଃର୍ବାତେ ହୁଣି ସୁର୍ଟି ରିଲାୟ୍ ଆର୍ ସେ
ହଃର୍ବାତ୍ କ୍ରିସ୍ଟ 5 ଅୟ୍ଲେକ୍ ହେଁ ସେମଃନ୍କାର ବିତ୍ରେ କଃତିଲକେ
ଇସ୍ୱରାର୍ ସଃଲ୍ମତ୍ ନଃରିଲି, ସେତାକ୍ ସେମଃନ୍ ଟଃଙ୍ଗ୍ଲାବଃଟାୟ୍
ମଃଲାୟ୍ ଇସାବ୍ କଃତା ଜେ ତୁମିମଃନ୍କେ ନଃଜାଣିକଃରି ରିଆ,
ଇତି ମର୍ ମଃନ୍ ନାୟ୍ । 6 ସେମଃନ୍ ଜଃନ୍କଃରି କଃରାବ୍
କଃତାୟ୍ ମଃନ୍ କଃରି ରିଲାୟ୍, ଅଃମିମଃନ୍ ସେରଃକମ୍ ମଃନ୍
କଃର୍ତାର୍ ନଃଉଆଁ, ଇତାର୍ ଗିନେ ଇସାବ୍ କଃତା ଅଃମିମଃନାର୍
ଗିନେ ଜାଣୁକେ ଅୟ୍ଆଚେ । 7 ଜଃନ୍କଃରି ସେମଃନ୍କାର ବିତ୍ରେ
କଃତିଲକ୍ ମୁର୍ତିହୁଜା କଃରୁଲାୟ୍, ସେରଃକମ୍ ତୁମିମଃନ୍ ମୁର୍ତିହୁଜା
କଃରାନାୟ୍ ଜଃନ୍କଃରି ଲେକା ଆଚେ, “ଲକ୍ମଃନ୍ କାଉଆ
ହିଉଆ କଃରୁକେ ବଃସ୍ଲାୟ୍ ଆର୍ ବେସୁଆ କାମ୍ କଃରୁକେ
ଦଃର୍ଲାୟ୍ ।” 8 ସେମଃନ୍କାର ବିତ୍ରେ କଃତିଲକ୍ ଦାରିକାମ୍ କଃରି
ଗଟେଦିନ୍ କଳେ ତିନି ଆଜାର୍ ଲକ୍ ମଃଲାୟ୍, ସେରଃକମ୍ ହାହ୍
ଅଃମିମଃନ୍ ନଃକେରୁଆଁ । 9 ଜଃନ୍କଃରି ସେମଃନ୍କାର ବିତ୍ରେ
କଃତେକ୍ ମାପ୍ରୁକେ କଃଟ୍ହାଲ୍ ବୁଜି ସାହ୍ ଚାବାୟ୍ଅୟ୍ ମଃଲାୟ୍,
ସେରଃକମ୍ ଅଃମିମଃନ୍ କ୍ରିସ୍ଟକେ କଃଟ୍ହାଲ୍ ନଃବୁଜୁଆଁ । 10
ଜଃନ୍କଃରି ସେମଃନ୍କାର ବିତ୍ରେ କଃତେକ୍ ଲକ୍ ଇସ୍ୱରାର୍
ବିରଦେ କଃତାକୟ୍ ମାର୍ତା ଦୁତାର୍ ଆତେ ନାସ୍ ଅୟ୍ଲାୟ୍,
ତୁମିମଃନ୍ ସେରଃକମ୍ କଃତା କଃଉଆ ନାୟ୍ । 11 ଇ ସଃବୁ
କଃତା ଦଃକାଦଃୟ୍ କୟ୍ଲା ହର୍ ସେମଃନ୍କେ ଗଃଟ୍ଲି, ଆର୍
ଜୁୟ୍ ମଃନ୍କାର୍ ଜୁଗ୍ ବୁଡ୍ତାର୍ ଅୟ୍ଲି ଆଚେ, ଇରଃକମ୍ ଜେ
ଅଃମିମଃନ୍, ଅଃମାର୍ ଜାଣୁକେ ସେରିମଃନ୍ ଲେକା ଅୟ୍ଆଚେ
। (aiōn g165) 12 ଇତାକ୍ ଜେ ନିଜ୍କେ ତିର୍ବଃଲି ବାବେଦ୍,
ସେ ଜଃନ୍କଃରି ତଃଳେ ନଃହେଳେ ଇତାର୍ ଗିନେ ସେ ଜଃଗ୍ରାତ୍
ଅଃଉଅ । 13 ମାନାୟ୍ର୍ ଗିନେ ଜୁୟ୍ ରଃକମ୍ କଃଟ୍ହାଲ୍
ଅୟ୍ଦ୍, ସେରି ଚାଡି ବିନ୍ ରଃକମ୍ କଃଟ୍ହାଲ୍ ତୁମିମଃନ୍କେ
ଗଃଟି ନଃକେରେ; ମଃତର୍ ଇସ୍ୱର୍ ସଃତ୍, ସେ ତୁମିମଃନ୍କେ
କାୟ୍ ହେଁ ସଃମ୍ଭାଲୁ ନଃହାର୍ତା କଃଟ୍ହାଳେ ହଃଲୁକ୍ ନଃଦେୟ୍,
ମଃତର୍ ଜଃନ୍କଃରି ତୁମିମଃନ୍ ସଃମ୍ଭାଲୁ ହାରାସ୍, ଇତାର୍ ଗିନେ
କଃଟ୍ହାଲ୍ ଗଃଟୁଗଃଟୁ ସେ ବଚାଉତା ବାଟ୍ ହେଁ ଟିକ୍ କଃରିଆଚେ
। 14 ଏ ମର୍ ଲାଡାର୍ ବାୟ୍ବେଣିମଃନ୍, ମୁର୍ତିହୁଜା ଚାଡିଦିଆସ୍
। 15 ମୁୟ୍ଁ ବୁଦି ରିଲା ଲକେ କୟ୍ଲା ହଃର୍ କଃଉଁଲେ; ମୁଁୟ୍
ଜାୟ୍ରି କଃଉଁଲେ, ସେରି ତୁମିମଃନ୍ ନିଜେ ବିଚାର୍ କଃରା । 16
ପର୍ବୁର୍ ବଜିଏ ଜୁୟ୍ ସୁର୍ତା କପା ଦଃରୁଲୁ, ସେତାର୍ଗିନେ ଅଃମି
ଇସ୍ୱର୍କେ ଦନ୍ୟବାଦ୍ ଦେଉଁଲୁ । ଇ ସୁର୍ତା କପାର୍ ସୁର୍ତାବଃଲ୍
ଅଃମି କ୍ରିସ୍ଟର୍ ବଃନିର୍ ବାଗିଦାର୍ ଅଃଉଁନ୍ଦୁ । ଆର୍ ରୁଟି ବାଙ୍ଗି
କାତାର୍ ଗିନେ ଅଃମି କ୍ରିସ୍ଟର୍ ଗଃଗାଳାର୍ ବାଗ୍ ହାଉଁନ୍ଦୁ 17
କାୟ୍ତାକ୍ବଃଲେକ୍ ରୁଟି ଗଟେକ୍ ଅୟ୍ଲାକ୍ ଅଃମିମଃନ୍ ଗାଦେକ୍
ଅୟ୍ଲେକ୍ ହେଁ ଗଟେକ୍ ଗଃଗାଳ୍, ଇତାକ୍ ଅଃମିମଃନ୍ ସଃବୁ
ସେ ଗଟେକ୍ ରୁଟିର୍ ବାଗାର୍ କଃଣ୍ଟେକ୍ ହାଉତା ଲକ୍ମଃନ୍ । 18
ଇସ୍ରାଏଲ୍ ଲକ୍ମଃନାର୍ କଃତା ବାବି ଦଃକା; ଜୁୟ୍ ଲକ୍ମଃନ୍
ହୁଜା ଦିଲା ମାସ୍ କାତି, ସେମଃନ୍ କାୟ୍ ବେଦିର୍ ହୁଜାୟ୍ ବାଗ୍
ନଃଉତି? 19 ତଃବେ ମୁୟ୍ଁ କାୟ୍ରି କଃଉଁଲେ? ଦେବ୍ତାକେ
ଦିଲା ହୁଜାକାଦି କାୟ୍ ମଲ୍ନାୟ୍ କି ମୁର୍ତିର୍ କାୟ୍ ମଃଲ୍ ନାୟ୍
। 20 ମଃତର୍ ମୁୟ୍ଁ କଃଉଁଲେ ଜେ, ଜାୟ୍ରି ସେମଃନ୍ ହୁଜା
କଃର୍ତି, ସେସଃବୁ ଇସ୍ୱରାର୍ ଗିନେ ହୁଜା ନଃକେରି ବୁତ୍ମଃନାର୍
ଗିନେ ହୁଜା କଃର୍ତି । ଆର୍ ତୁମିମଃନ୍କେ ବୁତ୍ମଃନାର୍ ସଃଙ୍ଗେ
ମିସାବିଲା ଅଃଉଆ, ଇରି ମର୍ ଇଚା ନାୟ୍ । 21 ତୁମିମଃନ୍
ମାପ୍ରୁର୍ ସୁର୍ତା କପା ଆର୍ ବୁତ୍ମଃନାର୍ ସୁର୍ତା କପା ଜଳେକାର୍
ବାଗ୍ ମିସୁ ନାହାରାସ୍; ତୁମିମଃନ୍ ମାପ୍ରୁର୍ ଆର୍ ବୁତ୍ମଃନାର୍
ଟେବୁଲ୍ ଜଳେକାର୍ ବାଗିଦାର୍ ଅଃଉଁ ନାହାରାସ୍ । 22 କି
ଅଃମିମଃନ୍ କାୟ୍ ମାପ୍ରୁକେ କାକ୍ରି କରାଉଁଆ? ଅଃମିମଃନ୍ କାୟ୍
ତାର୍ ତଃୟ୍ ହୁଣି ଅଃଦିକ୍ ସଃକ୍ତି । 23 ସେମଃନ୍ କଃଉଁଲାୟ୍
ସଃବୁ କଃରୁକେ ଅଃମାର୍ ଅଃଦିକାର୍ ଆଚେ, ମଃତର୍ ସଃବୁ
ହେଁ ଉହ୍କାର୍ ନାୟ୍ । ସଃବୁ କଃରୁକେ ଅଃଦିକାର୍ ଆଚେ,
ମଃତର୍ ସଃବୁ କଃତାୟ୍ ନିକ ଜାତ୍ ନାୟ୍ 24 କେ ହେଁ ନିଜାର୍
ଉହ୍କାର୍ ଗିନେ ଉପାୟ୍ ନଃକେର, ମଃତର୍ ହଃତିଲକ୍ ବିନ୍
ଲକାର୍ ବଃଲାର୍ ଗିନେ ଉପାୟ୍ କଃର । 25 ବଃଜାରେ ଜାୟ୍ରି
ବିକା ଅୟ୍ଦ୍ ବଃଲ୍ମଃନ୍ଦ ବୁଜୁକ୍ କାୟ୍ରି ହଚାରି ନଃକେରି ସେରି
କାହା, 26 କାୟ୍ତାକ୍ବଃଲେକ୍ ସାସ୍ତରେ ଲେକାଆଚେ, “ହୁର୍ତିବି
ଆର୍ ସେତି ରିଲାର୍ ସଃବୁ କଃତା ମାପ୍ରୁର୍ ।” 27 ଅଃବିସ୍ୱାସି
ମଃନ୍କାର୍ ବିତ୍ରାର୍ କେ ଜଦି ତୁମିମଃନ୍କେ କାଉଁକେ କୁଦେଦ୍,
ଆର୍ ତୁମିମଃନ୍ ଜଃଉଁକେ ମଃନ୍ କଃରାସ୍ ତଃବେ ଜାୟ୍ରି ହେଁ
ବାଟାକଃରା ଅୟ୍ଦ୍ ବଃଲ୍ମଃନ୍ଦ କାୟ୍ରି ବୁଜୁକ୍ ହଃଚାରା ନାୟ୍
ସେରି କାହା । 28 ମଃତର୍ କେ ଜଦି ତୁମିମଃନ୍କେ କୟ୍ଦ୍
ଇତି ହୁଜା କଃରା ଅୟ୍ଆଚେ, ତଃବେ କୟ୍ରିଲାର୍ ଗିନେ ଆର୍

ନିଜାର ବାବ୍ତାର୍ ଗିନେ କାହା ନାୟ୍ । 29 ତୁମାର୍ ନିଜାର୍
ବଃଲ୍ମଃନ୍କ ଜାଣ୍ତାର୍ ଗିନେ ବଃଲି ମୁଁୟ୍ ନଃକୟ୍ଁ ମଃତର୍
ତାର୍ ବଃଲ୍ମଃନ୍କ ଜାଣ୍ତାର୍ ଗିନେ ମର୍ ଅଃଦିକାର୍ କାୟ୍ତାକ୍
ବିନ୍ ଲକାର୍ ବଃଲ୍ ମଃନ୍ହାର୍ ଗିନେ ବିଚାର୍ ଅୟ୍ଦ୍? 30 ଜଦି
ମୁୟ୍ଁ ଇସ୍ୱର୍କେ ଦନ୍ୟବାଦ୍ ଦଃୟ୍ ଜୁୟ୍ କାଦି କାୟ୍ନ୍କ, ତଃବେ
ଜୁୟ୍ ଇସ୍ୱର୍କେ ଦନ୍ୟବାଦ୍ ଦଃୟ୍ନ୍କ ସେ ଇସ୍ୱର୍ ଲିନ୍ହା ହାୟ୍ଦ୍
କାୟ୍କଃରୁକ୍? 31 ସେତାର୍ ଗିନେ ତୁମିମଃନ୍ ଜାୟ୍ରି ହେଁ କାହା
ଆର୍ ଜାୟ୍ରିହେଁ କଃରା, ଇସ୍ୱରାର୍ ଜଃଜ୍ମାନ୍ ଗିନେ ସଃବୁ
କଃରା । 32 ଜିଉଦି କି ଅଜିଉଦି ଜେ କି ଇସ୍ୱରାର୍ ବିସ୍ୱାସି ଦଃଲ୍,
କାର୍ ଜଟ୍ୟାୟ୍ ଅଃଉତାର୍ ହର୍ ଅଃଉଆ ନାୟ୍ । 33 ତୁମି ମର୍
ହର୍ ଚାଲାଚାଲ୍ତି କଃରା । ମୁୟ୍ଁ ସଃବୁ କଃତାୟ୍ ସଃବ୍କେ
ସଃର୍ଦା କଃରାଉଁକ୍ ଚେସ୍ଟା କଃରୁଲେ, ଜଃନ୍କଃରି ମୁଁୟ୍ ହେଁ ମର୍
ନିଜାର୍ ଲାବ୍ ଆସା ନଃକେରି ଗାଦେକ୍ ଲକ୍ ମଃନ୍କାର୍ ମୁକ୍ତି
ହାଉତା ଗିନେ ସେମଃନାର୍ ନିକ ଉପାୟ୍ କଃରିନ୍କ ଆରେକ୍ ସଃବୁ
କଃତାୟ୍ ସଃବୁଲକେ ଜଃତୁନ୍ କଃରିନ୍କ ।

**11** ମୁୟ୍ଁ ଜଃନ୍କଃରି କ୍ରିସ୍ଟର୍ ଦଃକି କଃରୁଲେ, ତୁମିମଃନ୍କେ
ହେଁ ସେନ୍କଃରି ମର୍ ଦଃକି କଃରା । 2 ତୁମିମଃନ୍ ଜେ
ସଃବୁ କଃତାୟ୍ ମକେ ଏତାୟ୍ ରିଆସ୍ ଆର୍ ତୁମିମଃନ୍ ଜେ
ସଃବୁ ବିଦି ଦିଲେ ଆଚି ସେ ସଃବୁ ମାନୁ ହାରାସ୍ ଇତାର୍ ଗିନେ
ତୁମିମଃନ୍କେ ଦନ୍ୟବାଦ୍ କଃରୁଲେ । 3 ମଃତର୍ କ୍ରିସ୍ଟ ଜେ ହଃତି
ଅଣ୍କାମଃନାର୍ ମୁଣ୍ଡ ହର୍ ଆର୍ ଅଃଣ୍କା ଜେ ମାୟ୍ଜିର୍ ମୁଣ୍ଡହର୍
ଆର୍ ଇସ୍ୱର୍ ଜେ କ୍ରିସ୍ଟର୍ ମୁଣ୍ଡହର୍ ଇରି ତୁମିମଃନ୍ ଜାଣା ବଃଲି
ମର୍ ମଃନ୍ । 4 କୁୟ୍ ଅଃଣ୍କା ଅଃହ୍ଣାର୍ ମୁଣ୍ଡେ ଅଡ୍ଣା ଦଃୟ୍କଃରି
ପାର୍ତ୍ନା କଃରେଦ୍ କି ଇସ୍ୱରାର୍ କବୁର୍ ଲକ୍ମଃନ୍କେ କୟ୍ଦ୍
ସେ ଅଃହ୍ଣାର୍ ମୁଣ୍ଡ ଜେ କ୍ରିସ୍ଟ ତାର୍ ଇଜତ୍ କାଟେଦ୍ । 5
ମଃତର୍ ଜୁୟ୍ ମାୟ୍ଜି ଅଃହ୍ଣାର୍ ମୁଣ୍ଡ ଅଡ୍ଣା ନଃଡାହି କଃରି
ପାର୍ତ୍ନା କଃରେଦ୍ କି ବାବ୍ବାଣି କୟ୍ଦ୍ ସେ ଅଃହ୍ଣାର୍ ମୁଣ୍ଡ
ଜେ ଡକ୍ରାସି ତାର୍ ଇଜତ୍ କାଡେଦ୍, ତଃବେ ସେ ମାୟ୍ଜି ମୁଣ୍ଡ
କୁରାୟ୍ ଅୟ୍ଲା ମାୟ୍ଜି ସଃଙ୍ଗ ସଃମାନ୍ । 6 କାୟ୍ତାକ୍ବଃଲେକ୍
ଜଦି ମାୟ୍ଜି ମୁଣ୍ଡ ଅଡ୍ଣା ନଃଡାହେ, ତଃବେ ସେ ବାଲ୍ ହେଁ
କୁରାଅ, ମଃତର୍ ଜଦି ମାୟ୍ଜିର୍ ଗିନେ ବାଲ୍ କଃତ୍ରାଉତାର୍
କି ମୁଣ୍ଡ କୁରାଉତାର୍ ଲାଜାର୍ କଃତା, ତଃନ୍ ଅୟ୍ଲେକ୍ ସେ
ମୁଣ୍ଡେ ଅଡ୍ଣା ଡାହ । 7 ଅଃଣ୍କା ଇସ୍ୱରାର୍ ନିଜାର୍ ମୁର୍ତି ଆର୍
ଜଃଜ୍ମାନାର୍ ହର୍ ଅୟ୍ଲାକ୍ ସଃତ୍କଃରି ତାର୍ ମୁଣ୍ଡ ଅଡ୍ଣା
ଡାହ୍ତାର୍ ଲଲାନାୟ୍, ମଃତର୍ ମାୟ୍ଜି ଅଃଣ୍କାର୍ ଜଃଜ୍ମାନାର୍
ହର୍ । 8 କାୟ୍ତାକ୍ବଃଲେକ୍ ଅଃଣ୍କା ମାୟ୍ଜିତଃୟ୍ହୁଣି ଜଃଲମ୍
ଅୟ୍ ନଃକେରେ, ମଃତର୍ ମାୟ୍ଜି ଅଃଣ୍କା ତଃୟ୍ ହୁଣି ଜଃଲମ୍
ଅୟ୍ଆଚେ । 9 ଆର୍ ମାୟ୍ଜିର୍ ଗିନେ ଅଃଣ୍କା ଉବ୍ଜାଣ୍ ଅୟ୍
ନଃକେରେ; ମଃତର୍ ଅଃଣ୍କାର୍ ଗିନେ ମାୟ୍ଜି ଉବ୍ଜାଣ୍ ଅୟ୍ଲି
। 10 ଇତାର୍ ଗିନେ ଅଃହ୍ଣାର୍ ଅଃଣ୍କାର୍ ଅଃଦିକାର୍ ତଃଲେ
ଆଚେ ବଃଲି ଦଃକାଉଁକ୍ ଆର୍ ସଃର୍ଗ୍ ଦୁତ୍ମଃନାର୍ ଗିନେ ମାୟ୍ଜି
ମୁଣ୍ଡେ ଅଡ୍ଣା ଡାହ୍ତା ଲଲା । 11 ଅୟ୍ଲେକ୍ ହେଁ ମାପ୍ରୁର୍
ମିସାଣ୍ ତଃୟ୍ ଅଃଣ୍କାର୍ ତଃୟ୍ ହୁଣି ମାୟ୍ଜି ବିନ୍ ନାୟ୍ କି ମାୟ୍ଜି
ତଃୟ୍ହୁଣି ଅଃଣ୍କା ବିନ୍ ନାୟ୍ । ବଃଲେକ୍ ମାୟ୍ଜି ଜଃନ୍କଃରି
ଅଃଣ୍କାର୍ ତଃୟ୍ହୁଣି ଉବ୍ଜି ଆଚେ । 12 କାୟ୍ତାକ୍ବଃଲେକ୍
ମାୟ୍ଜି ଅଃଣ୍କା ତଃୟ୍ହୁଣି ଉବ୍ଜି ଆଚେ ଆର୍ ଅଃଣ୍କା ମାୟ୍ଜି
ତଃୟ୍ହୁଣି ଜଃଲମ୍ ଅୟ୍ଆଚେ । ମଃତର୍ ସଃବ୍କେ ଉବ୍ଜାଉତା
ଲକ୍ ଇସ୍ୱର୍ । 13 ତୁମିମଃନ୍ ନିଜେ ନିଜେ ବିଚାର୍ କଃରା ମୁଣ୍ଡ
ଅଡ୍ଣା ନଃଡାହିକଃରି ଇସ୍ୱରାର୍ ତଃୟ୍ ପାର୍ତ୍ନା କଃର୍ତାର୍ ମାୟ୍ଜି
ମଃନାର୍ କାୟ୍ ନିକ? 14 ଅଃମି ଜୁୟ୍ ଚାଲାଚାଲ୍ତି ତଃୟ୍ ଜଃଲମ୍
ଅୟ୍ ଆଚୁ ସେରି କାୟ୍ ତୁମି ମଃନ୍କେ ସିକାୟ୍ ନଃକେରେ ଜେ
ଅଃଣ୍କା ଡେଙ୍ଗ ବାଲ୍ ଚାଡ୍ଲେକ୍ ସେରି ଲାଜାର୍ କଃତା, 15
ମଃତର୍ ମାୟ୍ଜିର୍ ଡେଙ୍ଗ ବାଲ୍ ତାର୍ ଗିନେ ଜଃଜ୍ମାନାର୍ କଃତା
କି? କାୟ୍ତାକ୍ବଃଲେକ୍ ମୁଣ୍ଡାର୍ ଅଡ୍ଣାହର୍ ତାର୍ ବାଲ୍ ତାକେ
ଦିଆ ଅୟ୍ଲି ଆଚେ । 16 ମଃତର୍ କେ ଦ୍ରାମ୍ସ୍କା ଅଃଉଁକେ ମଃନ୍
କଃଲେକ୍ ସେ ଜାଣ ଜେ, ଅଃମିମଃନାର୍ ତଃୟ୍ କି ଇସ୍ୱରାର୍
ମଣ୍ଡଲିମଃନାର୍ ତଃୟ୍ ପାର୍ତ୍ନା କଃର୍ତା ଇରଃକମ୍ ବିଦିକେ ଚାଡି
ଆରେକ୍ କୁୟ୍ ବିଦି ନାୟ୍ । 17 ମଃତର୍ ତୁମିମଃନାର୍ ରୁଣ୍ଡତାର୍
ଜେ ବଃଲାର୍ ଗିନେ ନଃୟ୍କଃରି, ମଃତର୍ ନଃସ୍ଟାର୍ ଗିନେ
ଅଃଉଁଲି, ଇତାକ୍ ମୁଁୟ୍ ତୁମିମଃନ୍କାର୍ ଗୁଣ୍ କଃଉଁକେ ନାହାରି ଇ
ଆଦେସ୍ ଦେଉଁଲେ । 18 କାୟ୍ତାକ୍ବଃଲେକ୍ ହଃର୍ତୁ ମୁୟ୍ଁ ସୁଣୁଲେ
ଜେ, ପାର୍ତ୍ନା ଗଃରେ ମଣ୍ଡଲି ହର୍ ରୁଣ୍ଡତାବଃଲ୍ ତୁମିମଃନାର୍
ବିତ୍ରେ ଦଃଲ୍ ବାଗ୍ ଜାତ୍ ଅଃଉଁଲି, ଆର୍ ମୁଁୟ୍ ଆଦେକ୍ ଇତି
ସଃତ୍ କଃରୁଲେ । 19 ଜଃନ୍କଃରି ତୁମିମଃନ୍କାର୍ ବିତ୍ରେ
ଇସ୍ୱରାର୍ ତଃୟ୍ କୁୟ୍ ଲକ୍ମଃନାର୍ କଃତା ମାୟ୍ନ୍ କଃର୍ତାର୍
ସେରି ଜାଣା ହଃଜେଦ୍, ଇତାର୍ ଗିନେ ତୁମିମଃନ୍କାର୍ ବିତ୍ରେ
ଦଃଲ୍ ବାଗ୍ ବାୟ୍ଦ୍ରେ ଅୟ୍ଦ୍ । 20 ତୁମିମଃନ୍କେ ଗଟେକ୍
ଦଃଲ୍ ହର୍ ରୁଣ୍ଡି, ଜୁୟ୍ ବଜିୟେ ବାଗି ଅଃଉଁଲାସ୍, ଆର୍ ସେରି
ମାପ୍ରୁ ବଜି ବଃଲି ବାବୁଲାସ୍, ମଃତର୍ ସେରି ମାପ୍ରୁ ବଜି ନାୟ୍
। 21 କାୟ୍ତାକ୍ବଃଲେକ୍ କାତାବଃଲ୍ ତୁମିମଃନ୍କେ ହଃତିଲକ୍
ବିନ୍ଲକେ ନଃଜାଗି ନିଜାର୍ ନିଜାର୍ କାଦି କାଉଁକେ ବେଲ୍କି,
ସେତାକ୍ ଗଟ୍ଲକ୍ ବୁକେ ରଃୟ୍ଦ୍ ଆର୍ ବିନ୍ଲକ୍ ମାତେଦ୍ ।
22 କାୟ୍ରି? ତୁମିମଃନ୍କାର୍ କାୟ୍ କାଉଆହିଉଆ କଃରୁକେ
ନିଜାର୍ ଗଃର୍ ନାୟ୍, କି ତୁମିମଃନ୍କାର୍ ଇସ୍ୱରାର୍ ମଣ୍ଡଲିକେ
ନଃମାନୁଲାସ୍, ଆରେକ୍ ଜୁୟ୍ମଃନାର୍ ନାୟ୍ ସେମଃନ୍କେ
ଲାଜ୍ କଃରୁଲାସ୍? ମୁୟ୍ଁ ତୁମିମଃନ୍କେ କାୟ୍ବଃଲି କୟ୍ଦ୍?
କାୟ୍ରି ତୁମିମଃନ୍କାର୍ ଗୁଣ୍ କୟ୍ଦ୍? କଃବେ ହେଁ ନାୟ୍ । 23
କାୟ୍ତାକ୍ବଃଲେକ୍ ମାପ୍ରୁତଃୟ୍ ହୁଣି ଜୁୟ୍ ସିକ୍ୟା ହାୟ୍ଆଚି,
ତୁମିମଃନ୍କେ ଜାଣାଉଁଲେ, ସେରି ଇରି, ସତ୍ରୁ ଆତେ ସଃର୍ହିଅଉତା
ରାତି ମାପ୍ରୁ ଜିସୁ ରୁଟି ଦଃରି, 24 ଇସ୍ୱର୍କେ ଦନ୍ୟବାଦ୍ କଃରି,
ସେରି ବାଙ୍ଗି କୟ୍ଲା, “ଇରି ତୁମିମଃନ୍କାର୍ ଗିନେ ମର୍ ଗଃଗାଲ୍;
ମକେ ଏତାଉଁକେ ଇରି କଃରା ।” 25 ସେରଃକମ୍ କାୟ୍ଲା

ହଽଚେ, ସେ ସୁରୁକେ ହେଁ ନଽୟ୍ କୟ୍ଲା, "ଇ ସୁର୍ତା ଗିନା ମର୍
ବଽନିଏ ତାହୁନ୍ କଽଲା ଇସ୍ୱରାର୍ ନଽଉଆଁ ନିଅମ୍, ତୁମିମଽନ୍
ଜଽତିତର୍ ସୁରାସ୍, ସଽତିତର୍ ମକେ ଏତାଉଁକେ ଇରି କଽରା ।"
26 କାୟ୍ତାକ୍ବଽଲେକ୍ ଜଽତିତର୍ ତୁମିମଽନ୍ ଇ ରୁଟି କାହାସ୍
ଆର୍ ଇ ସୁର୍ତା ଗିନାୟ୍ହୁଣି ସୁରାସ୍ ସଽତେକ୍ ତର୍ ତୁମିମଽନ୍
ମାପ୍ରୁର୍ ଆସ୍ତାର୍ ହଽତେକ୍ ତାର୍ ମଽର୍ନାର୍ କବୁର୍ ପର୍ଚାର୍ କଽରାସ୍
। 27 କାୟ୍ତାକ୍ବଽଲେକ୍, ଜେହେଁ ନିଜ୍କେ ଜୟ୍ଗ୍ ନଽକେରି
ମାପ୍ରୁର୍ ଇ ରୁଟି କାୟ୍ଦ୍ କି ଇ ଗିନାର୍ ସୁରେଦ୍, ସେ ମାପ୍ରୁର୍
ଗଽଗାଲ୍ ଆର୍ ବଽନିର୍ ବିରଦେ ହାହ୍ କଽରେଦ୍ । 28 ମଽତର୍
ମାନାୟ୍ ନିଜ୍କେ ପରିକ୍ୟା କଽର, ଆର୍ ସେରଽକମ୍ ଇ ରୁଟି
କାଉଅ ଆର୍ ଇ ଗିନାର୍ ସୁର । 29 କାୟ୍ତାକ୍ବଽଲେକ୍ ଜେ
ମାପ୍ରୁର୍ ଗଽଗାଲାର୍ ଟିକ୍ ଅଽର୍ତ୍ ନଽବୁଜି କାୟ୍ଦ୍ ଆର୍ ସୁରେଦ୍,
ସେ ନିଜାର୍ ଡଽଣ୍ଡାର୍ ଗିନେ କାୟ୍ଦ୍ ଆର୍ ସୁରେଦ୍ । 30
ଇତାର୍ ଗିନେ ତୁମିମଽନ୍କାର୍ ବିତ୍ରେ ଗାଦେକ୍ ଦୁର୍ବୁଲ୍ ଆର୍
ମଽଲୁହଽଲ୍ଲାର୍ ଆର୍ ଗାଦେକ୍ ଲକ୍ ମଽରି ଆଚ୍ତି । 31 ମଽତର୍
ହଽର୍ତୁ ଜଦି ଅଽମିମଽନ୍ ଅଽହ୍ଣାର୍ ଅଽହ୍ଣାର୍ ବିଚାର୍ କଽଲୁହୁଣି,
ତଽବେ ଇସ୍ୱରାର୍ ବିଚାର୍ ତଽଲେ ନାୟ୍ଲୁହୁଣି । 32 ମଽତର୍
ଜଽଗତାର୍ ସେସ୍ ଦଽଣ୍ଡେ ହୁଣି ଅଽମିକ୍ ବଚାଉଁକ୍ ଇସ୍ୱର୍ ଅଽମିକ୍
ବିଚାର୍ କଽରି ସୁଦାରୁଲା । 33 ତଽବେ, ମର୍ ବାୟ୍ ବେଣିମଽନ୍,
ତୁମିମଽନ୍ ମାପ୍ରୁ ବଜି କାଉଁକେ ରୁଣ୍ଡତାବଽଲ୍ ହଽତି ଲକାର୍ ଗିନେ
ଜାଗାଜାଗି ଅଽଉଆ । 34 ତୁମିମଽନ୍କାର୍ ରୁଣ୍ଡତାର୍ ଜଽନ୍କଽରି
ଇସ୍ୱରାର୍ ଡଽଣ୍ଡାର୍ ଗିନେ ନାୟ୍ । ଇତାର୍ ଗିନେ ଜଦି କେ ବୁକେ
ଆଚେ, ତଽବେ ସେ ଗଽରେ କାଉଅ, ସଽରାସଽରି ବାକି ରିଲା
ସଽବୁ କଽତା ମୁଁୟ୍ ଆୟ୍ଲା ହଽଚେ ବୁଜାୟ୍ ଦଽୟ୍ନ୍ଦ ।

**12** ବାୟ୍ ଆର୍ ବେଣିମଽନ୍, ପବିତ୍ର ଆତ୍ମାର୍ ଦାନ୍ କଽତା
ତୁମିମଽନ୍କେ ନିକ କଽରି ଜାଣା, ଇତି ମର୍ ଇଚା । 2
ତୁମିମଽନ୍ ଜାଣା ଜେ, ଜଽଡେବଽଲ୍ ତୁମିମଽନ୍ ଅଜିଉଦି ରଽୟ୍
ଇସ୍ୱର୍କେ ଜାଣି ନଽରିଲାସ୍, ସଽଡେବଽଲ୍ ଜିବନ୍ ନୟ୍ଲା ମୁର୍ତି
ମଽନାର୍ ହୁଜା କଽରି ବିନ୍ ବାଟ୍ ଜାତିରିଲାସ୍ । 3 ସେତାର୍ ଗିନେ
ମୁୟ୍ଁ ତୁମିମଽନ୍କେ ଜାଣାଉଁଲେ, ଇସ୍ୱରାର୍ ଆତ୍ମାୟ୍ ଚାଲ୍ତା
ଲକ୍, "ଜିସୁ ସାୟ୍ପାର୍ ବଽଲି କଽଉ ନାହାରେ," ଆର୍ କୁୟ୍
ଲକ୍ ହେଁ ପବିତ୍ର ଆତ୍ମା ନଽହାୟ୍, "ଜିସୁକେ ମାପ୍ରୁ" ବଽଲି କଽଉ
ନାହାଁରେ । 4 ପବିତ୍ର ଆତ୍ମାର୍ ଦାନ୍ ବିନ୍ ବିନ୍ ରଽକମ୍, ମଽତର୍
ସେ ଗଟେକ୍ ପବିତ୍ର ଆତ୍ମା ସଽବୁ ଦଽୟ୍ଦ୍ । 5 ସେବାକାମ୍
ବିନ୍ ବିନ୍ ରଽକମାର୍ ଆଚେ, ମଽତର୍ ମାପ୍ରୁ ଗଟେକ୍ । 6 କାମ୍
ବିନ୍ବିନ୍ ରଽକମ୍, ମଽତର୍ ଇସ୍ୱର୍ ଗଟେକ୍, ସେ ସଽବୁ ଲକାର୍
ତଽୟ୍ ସଽବୁ ହୁରା କଽରେଦ୍ । 7 ମଽତର୍ ହଽତିଲକେ ଆତ୍ମାର୍
ଗୁଣ୍ ଦଽକାଉତା ଦାନ୍ ସଽବୁର୍ ବଽଲାର୍ ଗିନେ ଦିଆ ଅୟ୍ଦ୍ । 8
କାୟ୍ତାକ୍ବଽଲେକ୍ ଗଟ୍ଲକେ ଆତ୍ମା ସଽଙ୍ଗ ଗ୍ୟାନାର୍ ସଽବୁ
କଽଉଁକେ, ଆର୍ ବିନ୍ଲକେ ସେ ଗ୍ୟାନାର୍ କବୁର୍ ସିକାଉଁକ୍
ସକ୍ତି ଦଽୟ୍ଦ୍ । 9 ଆରେକ୍ ଗଟ୍ ଲକେ ସେ ଆତ୍ମା ତଽୟ୍
ବିସ୍ୱାସ୍, ଆରେକ୍ ଗଟେକ୍କେ ସେ ଆତ୍ମା ତଽୟ୍ ଉଜ୍ କଽର୍ତା
ସଽକ୍ତି ଦଽୟ୍ଦ୍ । 10 ବିନ୍ ଲକେ ବିନ୍ ବିନ୍ ସକ୍ତିର୍ କାମ୍ କଽର୍ତା
ସଽକ୍ତି; ଆରେକ୍ ଏକ୍ଲାକେ ଇସ୍ୱରାର୍ କବୁର୍ କଽଉତା ସଽକ୍ତି,
ବିନ୍ଲକେ ପବିତ୍ର ଆତ୍ମା ଆର୍ ବିଟାଲ୍ ଆତ୍ମା ଚିନ୍ତା ସଽକ୍ତି,
ଆରେଗଟ୍ ଲକେ ବିନ୍ବିନ୍ ନଽଉଆଁ ବାସା କଽଉତା ସଽକ୍ତି,
ଆରେକ୍ ଏକ୍ଲାକେ ବିନ୍ବିନ୍ ନଽଉଆଁ ବାସାର୍ ଅଽର୍ତ୍ କଽରୁକେ
ସଽକ୍ତି ଦିଆ ଅୟ୍ଦ୍ । 11 ମଽତର୍ ସେ ଗଟେକ୍ ହଽକା ପବିତ୍ର
ଆତ୍ମା ନିଜାର୍ ଇଚା ହଽର୍କାରେ ହଽତିଲକେ ଅଽଲ୍ଗା ଅଽଲ୍ଗା
କଽରି ଦାନ୍ ବାଟାକଽରି ହୁର୍ନ୍ କଽରେଦ୍ । 12 ଜଽନ୍କଽରି ଗଽଗାଲ୍
ଗଟେକ୍, ଆର୍ ସେତିର୍ ଅଽଙ୍ଗମଽନ୍ ଗାଦା, ମଽତର୍ ଗଽଗାଲାର୍
ସଽବୁ ଅଽଙ୍ଗମଽନ୍ ଗାଦା ଅୟ୍ଲେକ୍ ହେଁ, ଗଟେକ୍ ଗଽଗାଲ୍,
ସେରଽକମ୍ କ୍ରିସ୍ଟ ହେଁ ଗଟେକ୍ । 13 ଜୁୟ୍ତାର୍ ଗିନେ ଅଽମିମଽନ୍
ଜିଉଦି ଅଽଉଁଆ କି ଅଜିଉଦି ଲକ୍, ଗତିଦଽଙ୍ଗଲା ଅଽଉଁଆ କି
ନଽଉଁଆ, ସଽବୁ ଲକ୍ ତ ଗଟେକ୍ ଗଽଗାଲ୍ ଅଽଉଁକେ ଗଟେକ୍
ଆତ୍ମାୟ୍ ବାପ୍ତିସମ୍ ଅୟ୍ ଆଚୁ, ଆରେକ୍ ଗଟେକ୍ ଆତ୍ମା ହାୟ୍
ଆଚୁ । 14 କାୟ୍ତାକ୍ବଽଲେକ୍ ଗଽଗାଲ୍ତ ଗଟେକ୍ ଅଽଙ୍ଗ ତଽୟ୍
ତିଆର୍ ନାୟ୍, ମଽତର୍ ଗାଦେକ୍ ଅଽଙ୍ଗ ନଽୟ୍ ତିଆର୍ ଅୟ୍ଆଚେ
। 15 ହାଦ୍ ଜଦି କୟ୍ଦ୍, "ମୁୟ୍ଁ ଆତ୍ ନାୟ୍, ତଽବେ ଗଽଗାଲାର୍
ଅଽଙ୍ଗ ନଽୟ୍," ତଽବେ ଇତାର୍ ଗିନେ ସେରି ଗଽଗାଲାର୍ ଅଽଙ୍ଗ
ନଽୟ୍ କଽରି ରେଉଁ ନାହାରେ । 16 ଆରେକ୍ କାନ୍ ଜଦି କୟ୍ଦ୍,
"ମୁୟ୍ଁ ଆକି ନୟ୍, ସେତାକ୍ ଗଽଗାଲାର୍ ଅଽଙ୍ଗନୟ୍," ତଽବେ
ସେତାର୍ଗିନେ ସେରି ଗଽଗାଲାର୍ ଅଽଙ୍ଗ ନଽୟ୍ କଽରି ରେଉଁ
ନାହାରେ । 17 ସଽବୁ ଗଽଗାଲ୍ ଜଦି ଆକି ଅୟ୍ଦ୍, ତଽବେ
ସୁଣ୍ତାର୍ କୁୟ୍ତିହୁଣି? ସଽବୁ ଗଽଗାଲ୍ ଜଦି କାନ୍ ଅୟ୍ଦ୍, ତଽବେ
ସୁଙ୍ଗତାର୍ କୁୟ୍ତି । 18 ମଽତର୍ ଇସ୍ୱର୍ ଗଟେକ୍ ଗଟେକ୍ କଽରି
ଗଽଗାଲେ ନିଜାର୍ ଇଚା ହଽର୍କାରେ ଜଳିଆଚେ । 19 ଆର୍ ଜଦି
ସେ ସଽବୁ ଗଟେକ୍ ଅଽଙ୍ଗ ଅୟ୍ଦ୍, ତଽବେ ଗଽଗାଲ୍ କୁୟ୍ତି ।
20 ମଽତର୍ ସଽତ୍କଽରି ଅଽଙ୍ଗମଽନ୍ ଗାଦେକ୍ ମଽତର୍ ଗଽଗାଲ୍
ଗଟେକ୍ । 21 "ତର୍ତଽୟ୍ ମର୍ ଲଳା ନାୟ୍!" ବଽଲି ଆକି
ଆତ୍କେ କଽଉଁ ନାହାରେ, କି "ତର୍ତଽୟ୍ ମର୍ ଲଳା ନାୟ୍"
ବଽଲି ମୁଣ୍ଡ ହାଦ୍କେ କଽଉ ନାହାଁରେ । 22 ବଽଲେକ୍ ଗଽଗାଲାର୍
ସଽବୁ ଅଽଙ୍ଗମଽନ୍ ବଽଲେ ଦୁର୍ବୁଲ୍ ବଽଲି ଜାଣାହଽଲେଦ୍ ।
ଆଦମ୍ ସଽଙ୍ଗ ମିସିରିଲାକେ ସଽବୁ ମାନାୟ୍ ମଽଲାୟ୍ ଆରେକ୍
ଜଽଡ୍ବଽଲ୍ କ୍ରିସ୍ଟର୍ ସଽଙ୍ଗ ମିସ୍ଲାକେ ସଽବୁ ଲକ୍ମଽନ୍ ଜିବନ
ହାୟ୍ଲାୟ୍ । 23 ଆରେକ୍ ଗଽଗାଲାର୍ ଜୁୟ୍ ସଽବୁ ଅଽଙ୍ଗ ଅଽଦିକ୍
ଲାଡ୍ ନୟ୍ଲାର୍ ବଽଲି ଅଽମିମଽନ୍କ୍ ଜାଣା ହଽଲେଦ୍, ସେ
ସଽବୁ ଅଽଙ୍ଗକେ ଅଽମିମଽନ୍ ଅଽଦିକ୍ ଲାଡାର୍ ସଽଙ୍ଗ ଜଽତୁନ୍
କଽରୁନ୍ଦ; ଆର୍ ଅଽମାର୍ ଜୁୟ୍ ଅଽଙ୍ଗମଽନ୍କେ ଅଽମି ସଽବୁବଽଲ୍
ନଽଦେକାଉଁ, ସେତାକ୍ ଅଽମିମଽନ୍ ଅଽଦିକ୍ ଜଽତୁନ୍ ନେଉଁନ୍ଦ ।
24 ମଽତର୍ ଅଽମିମଽନାର୍ ସୁନ୍ଦର୍ ଗଽଗାଲାର୍ ଅଽଙ୍ଗମଽନାର୍
ସୁନ୍ଦର୍ ଅଽଉତା ଲଳା ନାୟ୍ । 25 ମଽତର୍ ଗଽଗାଲ୍ ବିତ୍ରେ

ବିରଦ୍ ନଃଗେଟେ ସେତାକ୍, ଅଃଙ୍ଗମଃନ୍ ସଃମାନ୍‌ବାବେ ହଃତି
ଅଃଙ୍ଗ ଏକ୍‌ଆରେକାର୍ ଗିନେ ଚିତା କଃର୍ତି । 26 ଆର୍, ଗଟେକ୍
ଅଃଙ୍ଗ ଦୁକ୍‌ବୟ୍‌ଗ୍ କଃଲେକ୍ ବିନ୍ ଅଃଙ୍ଗମଃନ୍ ତାର୍ ସଃଙ୍ଗ
ଦୁକ୍‌ବୟ୍‌ଗ୍ କଃର୍ତି, ଆର୍ ଗଟେକ୍ ଅଃଙ୍ଗ ଜଃଜ୍‌ମାନ୍ ହାୟ୍‌ଲେକ୍
ବିନ୍ ଅଃଙ୍ଗମଃନ୍ ସଃର୍ଦା ଅଃଉତି । 27 ତୁମିମଃନ୍‌କେ କ୍ରିସ୍ଟର୍
ଗଃଗାଲ୍, ଆର୍ ହଃତିଲକ୍ ସେ ଗଃଗାଲାର୍ ଅଃଙ୍ଗ । 28 ଆରେକ୍,
ଇସ୍ୱର୍ ମଣ୍ଡଳି ତଃୟ୍ ହଃର୍ତୁ ପେରିତ୍, ଦୁୟ୍ ଲଃମରେ ବାବ୍‌ବାଦି,
ତିନି ଲଃମରେ ଗୁରୁ, ହଃଚେ କାବା ଅଃଉତା ସଃକ୍ତି, ତାର୍‌ହେଚ
ଉଜ୍ କଃର୍ତା ସଃକ୍ତି, ହଃର୍‌କେ ଉହ୍‌କାର୍ କଃର୍ତା ସଃକ୍ତି, ଆର୍
ମୁଳିକାର୍ ସଃକ୍ତି, ବିନ୍‌ବିନ୍ ହଃର୍ ବାସା କଃଉତା ସଃକ୍ତି ଦେୟ୍
ଆଚେ । 29 ସେମଃନ୍ ସଃବୁ ଲକ୍ ପେରିତ୍, ବାବ୍‌ବାଦି, ଗୁରୁ
ନାୟ୍, ସେମଃନ୍ ସଃବୁ ଲକ୍‌କେ କାବା ଅଃଉତା କାମ୍ କଃରୁକେ
ସଃକ୍ତି ଦିଆ ନୟେ । 30 ସଃବୁ କାୟ୍ ଉଜ୍ କଃର୍ତା ସଃକ୍ତି ଗିନେ
ଆଚ୍‌ତି? ସଃବୁ ଲକ୍ କି ବିନ୍ ବାସାୟ୍ କଃତା କଃଉଁକେ ହାର୍ତି
କି? ସଃବୁ ଲକ୍ କି ବାସାର୍ ଅଃର୍ତ୍ କଃରୁ ହାର୍ତି କି? 31 ମଃତର୍
ବଃଡେ ମଲାର୍ ଦାନ୍ ସଃବୁ ହାଉଁକେ ଉଦ୍‌ଜଗି ଅଃଉଆ । ମୁୟ୍ଁ
ତୁମିମଃନ୍‌କେ ଗଟେକ୍ ଅଃଦିକ୍ ନିକ ବାଟ୍ ଦଃକାଉଁଲେ ।

13 ଜଦି ମୁୟ୍ଁ ମାନାୟ୍‌ମଃନାର୍ ଆର୍ ଦୁତ୍‌ମଃନାର୍ ବାସାୟ୍
କଃତା କୟ୍‌ନ୍ଁ, ମଃତର୍ ମର୍ ଲାଡ୍ ନରେୟ୍, ତଃବେ
ମୁଁୟ୍ ଗର୍ଜ୍‌ତା ଗଃଟା ନୟ୍‌ଲେକ୍ ଜଃମ୍‌ଜଃମ୍ ବାଜ୍‌ତା ବଃଡ୍
ଗିନି ହର୍ ଅୟ୍ ଆଚି । 2 ଆର୍, ଜଦି ମର୍ ତଃୟ୍ ଇସ୍ୱରାର୍
କବୁର୍ କଃଉତା ସଃକ୍ତି ରଃୟ୍‌ଦ୍; ମର୍‌ତଃୟ୍ ସଃବୁ ଗୁପ୍ତ ଅଃର୍ତ୍
ବୁଜୁକ୍ ସଃକ୍ତି ରେଉଁ ହାରେ; ସଃବୁ ଗିଆନ୍ ହାୟ୍‌ରଃୟ୍‌ନ୍ଁ, ଆର୍
ହଃର୍ବାଡ୍‌କେ ଗୁଚାଉତା ଗିନେ ମର୍ ବିସ୍ୱାସ୍ ରଃୟ୍‌ଦ୍, ମଃତର୍
ମର୍ ଜଦି ଲାଡ୍ ନଃରେୟ୍, ତଃବେ ମୁୟ୍ଁ କାୟ୍‌ରି ନାୟ୍ । 3
ଆରେକ୍ ମୁୟ୍ଁ ନୟ୍‌ଲା ଲକେ କାଳାଉଁକେ ମର୍ ସଃବୁ ବାଟା
କଃରି ଦଃୟ୍‌ନ୍ଁ, ଆରେକ୍ ଜଦି ମୁୟ୍ଁ ମର୍ ଗଃଗାଲ୍ ହଡୁକ୍ ସଃହି
ଦଃୟ୍‌ନ୍ଁ, ମଃତର୍ ମର୍ ଲାଡ୍ ନଃରେୟ୍, ତଃବେ ମର୍ କାୟ୍
ଲାବ୍ ନାୟ୍ । 4 ଲାଡ୍ ଦୁକ୍ ସଃମ୍ବାଳ୍‌ତାର୍, ଲାଡ୍ ଉହ୍‌କାର୍
କଃର୍ତାର୍ । ଡାରା ନଃକେରେ, ଗର୍ବ୍ ନଃକେରେ, ଅଃକାର୍
ନଃକେରେ 5 ମଃନେ ଲାଡ୍ ରିଲାର୍ ଗିନେ ରିସା ଜାତ୍ ନୟ୍,
ନିଜେ ଲାବ୍ ହାଉଁକେ ଉପାୟ୍ ନଃକଜେ କାକ୍ରି ନୟ୍, ଉହ୍‌କାର୍
ହାୟ୍ ନଃରିଲେକ୍ ହେଁ ମଃନେ ବେର୍ ନଃଦେରେ । 6 ଅଃଦର୍ମେ
ସଃର୍ଦା ନଃକେରେ ମଃତର୍ ସଃତ୍ ତଃୟ୍ ସଃର୍ଦା କଃରେଦ୍,
7 ଲବଦ୍ ସଃବୁ ସଃମ୍ବାଳେଦ୍, ସଃବୁ ସଃତ୍ କଃରେଦ୍, ସଃବୁ
ଆସା କଃରେଦ୍, ସଃବୁ କଃତାୟ୍ ସାସ୍‌ଦଃରି ରଃୟ୍‌ଦ୍ । 8 ଲାଡ୍
କଃବେହେଁ ନଃସେରେ, ଇସ୍ୱରାର୍ କବୁର୍ କଃଉତା ସଃକ୍ତି ରଃୟ୍‌ଦ୍,
ସେରି ସଃରେଦ୍, ଜଦି ବିନ୍ ବାସା କଃଉତା ସଃକ୍ତି ରଃୟ୍‌ଦ୍,
ସେସଃବୁ ସେସ୍ ଅୟ୍‌ଦ୍, ଜଦି ମାନାୟ୍‌ର୍ ଗିଆନ୍ ରଃୟ୍‌ଦ୍, ସେରି
ନଃସ୍ଟ ଅୟ୍‌ଦ୍ । 9 କାୟ୍‌ତାକ୍‌ବଃଲେକ୍ ଅଃମିମଃନାର୍ ଗିଆନାର୍
ଦାନ୍ ଆର୍ ଇସ୍ୱରାର୍ କବୁର୍ କଃଉତାର୍ ଗିଆନ୍ ଅଃଳକ୍ । 10
ମଃତର୍ ସଃବୁ କଃତାର୍ ହୁର୍ଣ୍ଣ କଃତା ଆୟ୍‌ଲେକ୍ ଅଃଳହଃଳ
କଃତା ନଃସ୍ଟ ଅୟ୍‌ଦ୍ । 11 ମୁୟ୍ଁ ସାନ୍ ରିଲାବଃଲ୍ ସାନ୍ ହିଲା
ହର୍ କଃତା କଃଉତିରିଲେ, ହିଲାହର୍ ବାବ୍‌ତି ରିଲେ, ହିଲା ହର୍
ବିଚାର୍ କଃର୍ତିରିଲେ; ବଃଡ୍ ଅୟ୍‌ଲାକ୍ ମୁଁୟ୍ ହିଲା ବଃଳାର୍ କଃତା
ସଃବୁ ଚାଡ୍‌ଲେ । 12 କାୟ୍‌ତାକ୍‌ବଃଲେକ୍ ଅଃବେ ମୁୟ୍ଁ ଦଃର୍ହାଣେ
ଦଃକ୍‌ଲା ହର୍ ଅଃଳକ୍ ଜାଣିଆଚି । ମଃତର୍ ସଃଡେବଃଲ୍ ମୁୟ୍ଁ
ନିକକଃରି ଜାଣିନ୍ଁ; ମଃତର୍ ସଃଡେବଃଲ୍, ମୁୟ୍ଁ ଜଃନ୍‌କଃରି
ଚିନ୍‌ଲାର୍, ସେରଃକମ୍ ହେଁ ଜାଣାହଃଳିନ୍ଁ । 13 ତଃବେ ବିସ୍ୱାସ୍,
ବର୍ସା, ଲାଡ୍, ଇ ତିନିଗଟ୍ ସଃବୁବଃଲ୍ ରଃୟ୍‌ଦ୍, ଆର୍ ଇମଃନାର୍
ବିତ୍ରେ ଲାଡ୍ ସଃବ୍‌କେ ବଃଡ୍ ।

14 ଲାଡେ ଅଃଦିକ୍ ଅଃଉଆ, ଆରେକ୍ ଆତ୍ମାର୍ ଦାନ୍‌ମଃନ୍
ହାଉଁକେ, ମୁଲ୍‌କଃରି ଜଃନ୍‌କଃରି ଇସ୍ୱରାର୍ କବୁର୍ ପର୍ଚାର୍
କଃରୁକେ ମଃନ୍ ଦିଆନେ ଲାଗିରିଆ । 2 କାୟ୍‌ତାକ୍‌ବଃଲେକ୍
ଜେ ବିନ୍ ବାସାୟ୍ କଃତା କୟ୍‌ଦ୍, ସେ ମାନାୟ୍‌କେ ନଃକୟ୍,
ମଃତର୍ ଇସ୍ୱର୍‌କେ କୟ୍‌ଦ୍, କାୟ୍‌ତାକ୍‌ବଃଲେକ୍ କେହେଁ ତାକେ
ବୁଜୁ ନାହାର୍ତି, ମଃତର୍ ସେ ଆତ୍ମା ତଃୟ୍ ଗୁପ୍ତ କଃତା କୟ୍‌ଦ୍
। 3 ମଃତର୍ ଜେ ଇସ୍ୱରାର୍ କବୁର୍ କୟ୍‌ଦ୍, ସେ, ମାନାୟ୍
ମଃନ୍‌କେ ଉହ୍‌କାର୍, ସଃର୍ଦା, ଆର୍ ଦୁକ୍‌ହାସ୍ରାଉତା କଃତା କୟ୍‌ଦ୍
। 4 ଜେ ବିନ୍ ବାସାୟ୍ କଃତା କୟ୍‌ଦ୍, ନିଜାର୍ ନିକ ଗିନେ
କୟ୍‌ଦ୍, ମଃତର୍ ଜେ ବାବ୍‌ବାଣି କୟ୍‌ଦ୍, ସେ ମଣ୍ଡଳିମଃନାର୍
ଉହ୍‌କାର୍ ଗିନେ କୟ୍‌ଦ୍ । 5 ତୁମିମଃନ୍ ସଃବୁଲକ୍ ବିନ୍ ବାସାୟ୍
କଃତା କଃଉଆ, ଇରି ମର୍ ମଃନ୍, ମଃତର୍ ତୁମିମଃନ୍ ଇସ୍ୱରାର୍
ବାବ୍‌ବାଣି କଃଉଆ, ଇରି ମର୍ ଅଃଦିକ୍ ମଃନ୍; ଜେ ବିନ୍ ବାସାୟ୍
କଃତା କୟ୍‌ଦ୍, ସେ ଜଦି ମଣ୍ଡଳିର୍ ଲାବାର୍ ଗିନେ ବାସାର୍ ଅଃର୍ତ୍
ନଃବୁଜାୟ୍‌ଦ୍, ତଃବେ ତାର୍ ବାଦୁଲେ ଜେ ଇସ୍ୱରାର୍ କଃତା
କୟ୍‌ଦ୍ ସେ ବଃଡ୍ । 6 ସେତାକ୍ ଏ ବାୟ୍‌ବେଣିମଃନ୍, ମୁୟ୍ଁ ଜଦି
ତୁମିମଃନ୍‌କାର୍ ହାକ୍ ଜାୟ୍ ଜାଣାୟ୍‌ଲା କଃତା, କି ଗିଆନ୍, କି
ଇସ୍ୱରାର୍ କଃତା, କି ବାବ୍‌ବାଣି କଃତା ନଃକୟ୍ଁ ଅଃବ୍‌କା ବିନ୍
ବାସାୟ୍ ହ୍‌କା କଃତା କୟ୍‌ନ୍ଁ, ସେତାକ୍ ମୁୟ୍ଁ ତୁମିମଃନ୍‌କାର୍
କାୟ୍ ଉହ୍‌କାର୍ କଃରିନ୍ଁ? 7 ସୁର୍ଲି ଅଃଉଅ କି ବିଣା ଅଃଉଅ,
ଜିବନ୍ ନୟ୍‌ଲା ବାଜାମଃନ୍ ବାଜ୍‌ଲେକ୍ ହେଁ ଜଦି ବାଜୁଣେ ବିନ୍
ନଃରେୟ୍, ତଃବେ ସୁର୍ଲିଏ କାୟ୍‌ରି ବାଜୁଲି କି ବିଣାୟ୍ କାୟ୍‌ରି
ବାଜୁଲି, ସେରି କଃନ୍‌କଃରି ଜାଣା ହଃଳେଦ୍? 8 ଆରେକ୍, କମ୍
ଜଦି ନିକକଃରି ନଃବାଜେ, ତଃବେ କେ ଜୁଜ୍ କଃରୁକେ ତିଆର୍
ଅୟ୍‌ଦ୍? 9 ସେରଃକମ୍ ତୁମିମଃନ୍‌କେ ହେଁ ଜଦି ବିନ୍‌ବାସାୟ୍
କଃତା ଅଃଉଆସ୍, ତଃବେ କାୟ୍‌ରି କଃଉଁଲାସ୍, ସେରି କଃନ୍‌କଃରି
ଜାଣାହଃଳେଦ୍? କାୟ୍‌ତାକ୍‌ବଃଲେକ୍ ଅଃଗାସ୍‌କେ କୟ୍‌ଲା ହର୍
ଅୟ୍‌ଦ୍ । 10 ଅଃଉଁ ହାରେ ଜଃଗତେ ଗାଦାଗଟ୍ ସଃବଦ୍ ଆଚେ,
ଆରେକ୍ କୁୟ୍ ସଃବଦ୍ ହେଁ ଅଃର୍ତ୍ ନଃୟ୍‌ଲାର୍ ନାୟ୍ । 11 ଇତାକ୍,
ମୁଁୟ୍ ଜଦି କୟ୍‌ଲା ଲକାର୍ କଃତାର୍ ଅଃର୍ତ୍ ବୁଜୁକ୍ ସଃକାତ୍
ନାୟ୍, ତଃବେ, ମୁଁୟ୍ ତାର୍ ଗିନେ ବିଦେସିଆ ହଃର୍ ଅୟ୍‌ନ୍ଁ,

ଆର୍ ସେ ମର୍ ହାକ୍ ବିଦେସିଆ ହର୍ ଅୟ୍‌ଦ୍ । 12 ସେରଃକେମ୍
ତୁମିମଃନ୍‌କେ ହେଁ ପବିତ୍ର ଆତ୍ମାର୍ ଦାନ୍‌ମଃନ୍ ହାଉଁକେ ଲାଗିହଃଲି
ରିଲେକ୍ ମଣ୍ଡଳିର୍ ଉହ୍‌କାର୍ ଗିନେ ସେ ସଃବୁ ଅଃଦିକ୍ ହାଉଁକେ
ଲାଗିହଃଲା । 13 ବଃଲେକ୍ ଜେ ବିନ୍ ବାସାୟ୍ କଃତା କୟ୍‌ଦ୍,
ସେ ଜଃନ୍‌କଃରି ସେ କଃତାର୍ ଅଃର୍ତ୍ କଃରୁହାରେ, ଇତାର୍ ଗିନେ
ପାର୍ତ୍‌ନା କଃର । 14 କାୟ୍‌ତାକ୍‌ବଃଲେକ୍ ମୁୟ୍ଁ ଜଦି ବିନ୍ ବାସାୟ୍
ପାର୍ତ୍‌ନା କଃରିନ୍ତ ତଃବେ ମର୍ ଆତ୍ମା ପାର୍ତ୍‌ନା କଃରେଦ୍, ମଃତର୍
ମର୍ ବୁଜ୍‌ତା ସଃକ୍ତି ସେତି ନଃରଃୟ୍ । 15 ତଃବେ କଃର୍ତାର୍
କାୟ୍‌ରି? ମୁୟ୍ଁ ମର୍ ଆତ୍ମା ତଃୟ୍ ପାର୍ତ୍‌ନା କଃରିନ୍ତ; ଆରେକ୍
ବୁଦିର୍ ସଃଙ୍ଗ ପାର୍ତ୍‌ନା କଃରିନ୍ତ, ମର୍ ଆତ୍ମାୟ୍ ମାପ୍ରୁର୍ ଗିତ୍
କୟ୍‌ଦ୍, ଆରେକ୍ ବୁଦିର୍ ସଃଙ୍ଗ ହେଁ ମାପ୍ରୁର୍ ଗିତ୍ କୟ୍‌ଦ୍ । 16
ନୟ୍‌ଲେକ୍‌ସଃରି ତୁମି ଜଦି ଆତ୍ମାର୍ ତଃୟ୍ ଦନ୍ୟବାଦ୍ କଃରାସ୍,
ତଃବେ ବିନ୍ ଲକ୍ ତୁମାର୍ କଃତା ନଃବୁଜ୍‌ଲେ କଃନ୍‌କଃରି ତୁମାର୍
ଦନ୍ୟବାଦ୍ ତଃୟ୍ ଆରେକ୍ ଆମେନ୍ ବଃଲି କଃଉତି । 17 ଜଦି
ତୁମି ନିକକଃରି ଇସ୍ୱର୍‌କେ ଦନ୍ୟବାଦ୍ ଦେଉଁଲାସ୍ ସଃତ୍, ମଃତର୍
ସେରି ବିନ୍ ଲକାର୍ ଉହ୍‌କାର୍ ନଃୟ୍ । 18 ମୁୟ୍ଁ ତୁମାର୍ ସଃବୁର୍
ତଃୟ୍‌ହୁଣି ଅଃଦିକ୍ ବିନ୍ ବାସାୟ୍ କଃତା କୟ୍‌ନ୍ତ ବଃଲି ଇସ୍ୱର୍‌କେ
ଦନ୍ୟବାଦ୍ ଦେଉଁଲେ । 19 ଅୟ୍‌ଲେକ୍ ହେଁ ମୁୟ୍ଁ ଜଃନ୍‌କଃରି ବିନ୍
ଲକେ ହେଁ ସିକାଉଁ ହାରି, ଇତାର୍ ଗିନେ ମଣ୍ଡଳିଏ ହଃର୍ ବାସାୟ୍
ଗଃଣୁନାହାର୍ତା କଃତା କଃଉତା ବାଦୁଲେ ବୁଦିର୍ ସଃଙ୍ଗ ହାଁତ୍‌ଗଟ୍
କଃତା କଃଉଁକେ ବଃଲ୍‌ହାୟ୍‌ନ୍ତ । 20 ଏ ବାୟ୍‌ବେଣିମଃନ୍, ବୁଦିଏ
ହିଲାହର୍ ନଃଉଆଁ, ମଃତର୍ କଃରାବ୍ ତଃୟ୍ ହିଲାହର୍ ଅଃଉଆ,
ମଃତର୍ ବୁଦିଏ ହୁର୍ନ୍ ବଃୟ୍‌ସାର୍ ଅଃଉଆ । 21 ଦଃର୍ମ୍‌ସାସ୍ତ୍ରେ
ଲେକା ଆଚେ, "ମାପ୍ରୁ କଃଉଁଲା, ବିନ୍ ବାସା କଃଉତା ଲକାର୍
ତଃୟ୍ ଆର୍ ବିନ୍ ଦେସାର୍ ବାସା କଃଉତା ଲକ୍‌ମଃନ୍‌କାର୍
ଟଣ୍ଡ ତଃୟ୍ ଅଃମି ଇ ଲକ୍‌ମଃନ୍‌କେ କଃତା କଃଉନ୍ତ, ସେନ୍
ଅୟ୍‌ଲେକ୍ ହେଁ ସେମଃନ୍ ଅଃମାର୍ କଃତା ନଃସୁଣ୍‌ତି ।" 22
ଇତାର୍ ଗିନେ ବିନ୍ ବାସାୟ୍ କଃତା କଃଉତାର୍ ବିସ୍ୱାସିମଃନାର୍
ଗିନେ ଚିନ୍‌ହର୍ ନୟ୍, ମଃତର୍ ଅବିସ୍ୱାସି ମଃନ୍‌କାର୍ ଗିନେ
ଚିନ୍‌ହର୍; ଆରେକ୍ ଇସ୍ୱରାର୍ କଃତା କଃଉମଃନାର୍ ହାଁୟ୍ ଚିନ୍
ହର୍ ନାୟ୍, ମଃତର୍ ବିସ୍ୱାସି ମଃନାର୍ ଗିନେ ଚିନ୍ ହର୍ । 23
ଆରେକ୍ ହେଁ ସଃବୁ ମଣ୍ଡଳି ଜଦି ରୁଣ୍ଡତି ଆର୍ ସଃବୁ ଲକ୍
ବିନ୍‌ବାସାୟ୍ କଃତା ଅଃଉତି, ଆରେକ୍ ଜେସେହେଁ ଆର୍ ଅବିସ୍ୱାସି
ଲକ୍‌ମଃନ୍ ଆସ୍ତି, ତଃନ୍‌ଅଲେ ତୁମିମଃନ୍‌କେ ବଃୟ୍ୟା ବଃଲି
ସେମଃନ୍ ନଃକ୍‌ଉତି କି? 24 ମଃତର୍ ଜଦି ସଃବୁଲକ୍ ବାବ୍‌ବାଣି
କଃଉତି, ଆର୍ ଗଟ୍ ଅଃବିସ୍ୱାସି କି ଜେସେ ଆସେଦ୍, ତଃବେ
ସେ ସଃବୁଲକାର୍ ତଃୟ୍ ଦସି ବଃଲି ଜାଣା ହଃଲେଦ୍, ସଃବୁ
ଲକାର୍ ତଃୟ୍ ବୁଜୁକ୍ ଅୟ୍‌ଦ୍ । 25 ତାର୍ ଗଃର୍ବାର୍ ଗୁପ୍ତ କଃତା
ଜାଣାହଃଲ୍‌ଲେକ୍, "ସେତି ସେ ମୁଣ୍ଡ୍ୟା ମାରେଦ୍ ଆର୍ ଇସ୍ୱର୍ ଜେ
ବାୟ୍‌ଦ୍‌ରେ ତୁମିମଃନାର୍ ବିତ୍ରେ ଆଚେ," ଇତି କୟ୍‌କଃରି ତାକେ
ସେବା କଃରେଦ୍ । 26 ଏ ବାୟ୍‌ବେଣିମଃନ୍, କାୟ୍‌ରି କଃର୍ତାର୍
ଆଚେ? ତୁମିମଃନ୍‌କେ ରୁଣ୍ଡତାବଃଲ୍ ଗିତ୍, କି ସିକ୍ୟା କି ଇସ୍ୱର୍
ଜାଣାୟ୍‌ଲାର୍ ଜାଣାହଃଲ୍‌ତା କଃତା କଃଉତାର୍, କି ବିନ୍‌ବାସା, କି
ବାସାର୍ ଅଃର୍ତ୍, ଇରଃକେମ୍ ସଃବୁର୍ କାୟ୍‌ରି କି କାୟ୍‌ରି ଆଚେ
। ସଃବୁ କଃତା ଉହ୍‌କାର୍ ଗିନେ କଃରା ଅଃଉଅ । 27 ଜଦି
କେ ହଃର୍ ବାସାୟ୍ କଃତା କୟ୍‌ଦ୍, ତଃବେ ଦୁୟ୍ କି ଅଃଦିକ୍
ଅୟ୍‌ଲେକ୍ ତିନିଲକ୍ ହାଲୁହାଲୁକଃରି କଃଉଅତ୍, ଆର୍ ଏକ୍ଲା
ଅଃର୍ତ୍ କଃର । 28 ମଃତର୍ ଜଦି କେହେଁ ଅଃର୍ତ୍ କଃରୁ ନଃରେୟ୍,
ତଃନ୍ ଅଲେ ସେ ମଣ୍ଡଳିଏ ଚିମ୍‌ରା ରେଉଅ, ଆର୍ ସିଣିନ୍ତ ଟାଣେ
ଇସ୍ୱର୍‌କେ କଃଉଅ । 29 ଆର୍ ଦୁୟ୍ କି ତିନିଗଟ୍ ବାବ୍‌ବାଦି ଲକ୍
ଇସ୍ୱରାର୍ କବୁର୍ କଃଉଅତ୍, ଆରେକ୍ ବିନ୍ ଲକ୍‌ମଃନ୍ ସେତାର୍
ବିଚାର୍ କଃରତ୍ । 30 ମଃତର୍ ବଃସି ରିଲା ବିନ୍ କାର୍ ଲଃଗେ
ଜଦି କାୟ୍ କଃତା ହଃଲେଦ୍, ହଃର୍ତୁ ଲକ୍ ଚିମ୍‌ରା ଅଃଉଆ ।
31 କାୟ୍‌ତାକ୍‌ବଃଲେକ୍ ଜଃନ୍‌କଃରି ସିକ୍ୟା ହାଉତି, ଆରେକ୍
ସଃବୁ ଲକ୍‌ମଃନ୍ ଚେତ୍‌ନା ହାଉତି, ଇତାର୍ ଗିନେ ତୁମିମଃନ୍‌କେ
ସଃବୁଲକ୍ ଗଟେକ୍ ଗଟେକ୍ କଃରି ହଃତିଲକ୍ ଇସ୍ୱରାର୍ କବୁର୍
କଃଉ ହାରାସ୍ । 32 ଇସ୍ୱରାର୍ କବୁର୍ କଃଉତା ଆତ୍ମା ବାବ୍‌ବାଦିର୍
ତଃଳେ ରେତା ଦଃର୍‌କାର୍ । 33 କାୟ୍‌ତାକ୍‌ବଃଲେକ୍ ଇସ୍ୱର୍
ବେଗଲ୍ କଃର୍ତା ଇସ୍ୱର୍ ନାୟ୍, ମଃତର୍ ସେ ସୁସ୍ତାକ୍ ମଃନ୍‌କଃର୍ତା
ଇସ୍ୱର୍ । ଜଃନ୍‌କଃରି ଇସ୍ୱରାର୍ ମଃନ୍‌କାର୍ ସଃବୁ ମଣ୍ଡଳି ତଃୟ୍
ଅଃଉଁଲି, 34 ସେରଃକେମ୍ ମାୟ୍‌ଜିମଃନ୍ ମଣ୍ଡଳି ତଃୟ୍ ଚିମ୍‌ରା
ରେଉଅତ୍, ବଃଲେକ୍ କଃତା କଃଉଁକେ ସେମଃନ୍ ଅଃଦିକାର୍
ହାୟ୍ ନଃକେର୍‌ତି, ମଃତର୍ ମସାର୍ ବିଦି ହଃର୍କାରେ ସେମଃନ୍
ମଦାଅୟ୍ ରେଉଅତ୍ । 35 ସେମଃନ୍ ଜଦି କାୟ୍ କଃତା ବୁଜୁକ୍
ମଃନ୍‌କଃର୍ତି, ତଃବେ ଅଃହ୍‌ଣା ଅଃହ୍‌ଣାର୍ ଡକ୍ରାସିମଃନ୍‌କେ
ହଃଚାରତ୍, କାୟ୍‌ତାକ୍‌ବଃଲେକ୍ ମଣ୍ଡଳି ବିତ୍ରେ କଃତା କଃଉତାର୍
ମାୟ୍‌ଜିମଃନାର୍ ଗିନେ ଲାଜାର୍ କଃତା । 36 କାୟ୍‌ରି ଇସ୍ୱରାର୍
କଃତା କାୟ୍ ତୁମିମଃନ୍‌କାର୍ ତଃୟ୍‌ହୁଣି ବାରାୟ୍ ଆସି ଆଚେ?
କି ଅଃବ୍‌କା ତୁମିମଃନ୍‌କାର୍ ତଃୟ୍ ଆସିଆଚେ? 37 କେ ଜଦି
ନିଜ୍‌କେ ବାବ୍‌ବାଦି କି ଆତ୍ମା ଦିଲାର୍ ଗିନେ ବଃଲି ବାବେଦ୍,
ତଃନ୍‌ଅଲେ ତୁମିମଃନ୍‌କେ ଜୁୟ୍‌ଜୁୟ୍‌ରି ଲେକୁଲେ, ସେରିମଃନ୍
ଜେ ମାପ୍ରୁର୍ ନିକ, ବିଦି ଇରି ସେ ଜାଣ । 38 ମଃତର୍ ସେ ଜଦି
ଇ ସଃବୁ କଃତାକ୍ ମଃନ୍ ନଃଦେୟ୍, ତଃବେ ତୁମି ହେଁ ତାକେ
ମଃନ୍ ଦିଆସ୍ ନାୟ୍ । 39 ଇତାକ୍ ଏ ମର୍ ବାୟ୍ ବେଣିମଃନ୍,
ଇସ୍ୱରାର୍ କବୁର୍ କଃଉଁକେ ମୁଲ୍‌କଃରି ଲାଗିହଃଲି ରିଆ; ଆର୍
ହଃର୍ ବାସାୟ୍ କଃତା କଃଉଁକେ ତେବାଉଆ ନାୟ୍ । 40 ମଃତର୍
ସଃବୁ କଃତା ଟିକ୍‌ବାବେ ସୁଦାରି କଃରି କଃରା ଅଃଉଅ ।

**15** ଏ ବାୟ୍‌ବେଣିମଃନ୍ ମୁୟ୍ଁ ତୁମିମଃନ୍‌କାର୍ ହାକ୍ ଜୁୟ୍
ନିକ କବୁର୍ ପର୍ଚାର୍ କଃରିରିଲେ, ଜୁୟ୍‌ରି ତୁମିମଃନ୍‌କେ
ମାନିରିଲାସ୍, ଜୁୟ୍‌ତି ହେଁ ତିର୍ ଅୟ୍ ଆଚାସ୍, ମୁୟ୍ଁ ଜୁୟ୍
ରଃକମେ ସେରି ତୁମାର୍ ହାକ୍ ପର୍ଚାର୍ କଃରିରିଲେ, ଇରି
ଏତାୟ୍ ଦେଉଁକ୍ ମଃନ୍‌କଃରୁଲେ । 2 ଜଦି ତୁମିମଃନ୍ ସେରି

ଜଃବର୍‌କଃରି ଦଃରିରିଆସ୍, ସେତାର୍ ଗିନେ ମୁକ୍ତି ହାଉଁଲାସ୍,
ନାୟ୍‌ଲେକ୍‌ତ ହଲ୍ୟାୟ୍ ତୁମିମଃନ୍‌କେ ବିସ୍ୱାସି ଅୟ୍‌ରିଲାସ୍ ।
3 କାୟ୍‌ତାକ୍‌ବଃଲେକ୍ ଜୁୟ୍‌ଜୁୟ୍ ବୁଦି ହାୟ୍‌ରିଲେ, ସେବିତ୍ରାର୍
ଇ ମୁଲ୍‌ସିକ୍ୟା ତୁମିମଃନ୍‌କେ ଦଃୟ୍‌ରିଲେ ବଃଲେକ୍, କ୍ରିସ୍ଟ
ସାସ୍ତର୍ ହଃର୍କାରେ ଅଃମିମଃନାର୍ ହାହାର୍ ଗିନେ ମଃଲା । 4
ସାସ୍ତର୍ ହଃର୍କାରେ ସେ ତହାଅୟ୍‌ଲା, ଆର୍ ତିନିଦିନେ ଜିବନ୍
ହାୟ୍ ଉଟ୍‌ଲା । 5 ସେ ପିତର୍, ଆର୍ ତାର୍‌ହଃଚେ ବାରଗଟ୍
ଚେଲାକେ ଦଃକାୟ୍ ଅୟ୍‌ଲା । 6 ତାର୍‌ହଃଚେ ଅଃକାର୍‌କେ ହାଁଚ୍‌ସ
ହୁଣି ଅଃଦିକ୍ ବାୟ୍‌ମଃନ୍ ତାର୍ ହଃଚେ ଜାତାଲକ୍ ଦଃକାୟ୍
ଅୟ୍‌ଲା; ସେମଃନ୍‌କାର ବିତ୍ରେ କଃତିଲକ୍ ଜିବନ୍ ଆଚ୍‌ତି, ମଃତର୍
ଚେଲେମଃନ୍ ମଃରିଜାୟ୍ ଆଚ୍‌ତି । 7 ତାର୍‌ହଃଚେ ସେ ଜାକୁବକେ,
ଆର୍ ହ୍‌ଚେ, ସବୁ ପେରିତ୍‌ମଃନ୍‌କ୍ ଦଃକାୟ୍ ଅୟ୍‌ଲା । 8
ସଃରାସଃରି ହଲ୍ୟା ଜଃଲମ୍ ଅୟ୍‌ଲା ହର୍ ଏକ୍ଲା ଜେ ମୁୟ୍ଁ, ସେ
ମକେ ହେଁ ଦଃକାୟ୍ ଅୟ୍‌ଲା । 9 କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍
ବିସ୍ୱାସି ଦଃଲ୍‌କେ କଃସ୍ଟ ଦଃୟ୍‌ଆଚି ସେତାକ୍ ପେରିତ୍‌ମଃନାର୍
ବିତ୍ରେ ମୁୟ୍ଁ ସଃବ୍‌କେ ସାନ୍ ଆର୍ ପେରିତ୍ ନାଉଁଏ ନାଉଁ ହୁଟୁକ୍
ଜୟ୍‌ଗ୍ ନାୟ୍ । 10 ମଃତର୍ ମୁୟ୍ଁ ଜାୟ୍‌ରି ଅୟ୍ ଆଚି, ସେରି
ଇସ୍ୱରାର୍ ଦଃୟ୍ୟାୟ୍ ଅୟ୍ ଆଚି, ଆର୍ ମକେ ଦିଲାର୍ ତାର୍ ଦଃୟ୍ୟା
ହଲ୍ୟା ଅୟ୍ ନଃକେରେ । ମଃତର୍ ମୁୟ୍ଁ ସେ ସଃବୁଲକାର୍
ତଃୟ୍‌ହୁଣି ଅଃଦିକ୍ କଃସ୍ଟ କଃରିଆଚି, ଅୟ୍‌ଲେକ୍ ହେଁ ମୁୟ୍ଁ ନାୟ୍
ମଃତର୍ ମର୍‌ସଃଙ୍ଗ ରିଲା ଦଃୟ୍ୟା ସେରି କଃରି ଆଚେ । 11
ସେତାକ୍ ମୁୟ୍ଁ କି ସେମଃନ୍ ଅଃଉଅତ୍ ଇରଃକମ୍ ଅଃମିମଃନ୍
ପର୍ଚାର୍ କଃରିରେଉଁନ୍ଁ, ଆର୍ ଇରଃକମ୍ ତୁମିମଃନ୍‌କେ ବିସ୍ୱାସି
ଅୟ୍ ଆଚାସ୍ । 12 କ୍ରିସ୍ଟ ଜେ ମଃଲାମଃନ୍‌କାର୍ ବିତ୍ରେ ହୁଣି
ଉଟିଆଚେ, ଇତି ଜଦି ପର୍ଚାର୍ କଃରାଜାୟ୍ ଆଚେ, ତଃବେ ମଃଲା
ଲକାର୍ ଆରେକ୍ ଉଟ୍‌ତାର୍ ନାୟ୍ ବଃଲି ତୁମିମଃନ୍‌କାର୍ ବିତ୍ରେ
ଚେଲେମଃନ୍ କଃନ୍‌କଃରି କଃଉଁଲାୟ୍ । 13 ଜଦି ମଃଲା ଲକାର୍
ଆରେକ୍ ଉଟ୍‌ତାର୍ ନାୟ୍, ତଃବେ କ୍ରିସ୍ଟ ହେଁ ଉଟି ନଃକେରେ
। 14 ଆର୍ ଜଦି କ୍ରିସ୍ଟ ଉଟି ନଃକେରେ, ତଃନ୍‌ଅଲେ ଅଃମାର୍
ପର୍ଚାର୍ ମିଚ୍, ତୁମିମଃନ୍‌କାର୍ ବିସ୍ୱାସ୍ ହେଁ ହଲ୍ୟା । 15 ଆର୍
ଅଃମିମଃନ୍ ଇସ୍ୱରାର୍ କଃତାର୍ ମିଚ୍ ସାକି, ଇତି ଜାଣାହଃଲୁଲି ।
କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍ ଇସ୍ୱରାର୍ ବିରଦେ ସାକିଦିଲୁହୁଣି
ସେ କ୍ରିସ୍ଟକେ ଉଟାୟ୍ ଆଚେ, ମଃତର୍ ଜଦି ମଃଲା ଲକ୍ ନୁଟ୍‌ତି,
ତଃବେ ସେ ଇସ୍ୱର୍ ତାକେ ଉଟାୟ୍ ନଃକେରେ । 16 ଜଦି ମଃଲା
ଲକ୍ ମଃର୍ନେହୁଣି ନୁଟ୍‌ତି, ତଃବେ କ୍ରିସ୍ଟ ହେଁ ନଃଉଟେ; 17 ଆର୍
ଜଦି କ୍ରିସ୍ଟ ଉଟି ନଃକରେ, ତଃବେ ତୁମିମଃନ୍‌କାର୍ ବିସ୍ୱାସ ହଲ୍ୟା,
ଆର୍ ତୁମିମଃନ୍‌କେ ଅଃବେ ହଃତେକ୍ ହାହେ ଆଚାସ୍ । 18
ତଃନ୍ ଅୟ୍‌ଲେକ୍ ଜୁୟ୍ ଲକ୍‌ମଃନ୍ କ୍ରିସ୍ଟର୍ ତଃୟ୍ ମଃରି ଆଚ୍‌ତି,
ସେମଃନ୍ ହେଁ ନାସ୍ ଅୟ୍ ଆଚ୍‌ତି । 19 ଜଦି ଇ ଜିବନାର୍ ଗିନେ
ହଃକା ଅଃମିମଃନ୍ କ୍ରିସ୍ଟର୍‌ତଃୟ୍ ଆସା କଃରିଆଚୁ, ତଃବେ ସଃବୁ
ମାନାୟ୍ ମଃନ୍‌କାର୍ ବିତ୍ରେ ଅଃମାର୍ ଅଃଦିକ୍ ଦୁକାର୍ କଃତା । 20
ମଃତର୍ ସଃତ୍‌କଃରି କ୍ରିସ୍ଟ ହଃର୍ତୁ ହଃଲ୍ ହର୍ ମଃଲା ଲକ୍‌ମଃନାର୍
ବିତ୍ରେ ହୁଣି ଉଟିଆଚେ । 21 କାୟ୍‌ତାକ୍‌ବଃଲେକ୍ ମାନାୟ୍‌ର୍
ତଃୟ୍ ହୁଣି ମଃର୍ନ୍ ଆୟ୍‌ଲି, ଆର୍ ସେରଃକମ୍ ମାନାୟ୍ ତଃୟ୍‌ହୁଣି
ମଃଲା ଲକ୍‌ମଃନ୍‌କାର୍ ଉଟ୍‌ତାର୍ ଆସି ଆଚେ । 22 ସେତାକ୍
ଆଦମ୍ ତଃୟ୍ ମିସିରିଲାକେ ଜଃନ୍‌କଃରି ସଃବୁଲକ୍ ମଃର୍ନ୍ ଡଃଣ୍ଡ
ହାଉତି, ସେ ରଃକମ୍ ହେଁ କ୍ରିସ୍ଟର୍ ତଃୟ୍ ମିସ୍‌ଲାକେ ସଃବୁ ଲକ୍
ଜିବନ୍ ହାଉତି । 23 ମଃତର୍ ସଃବୁଲକ୍ ଅଃହ୍‌ଣାର୍ ଅଃହ୍‌ଣାର୍
ଦଃଲେ ହଃର୍ତୁ ହଃଲ୍ ହର୍ କ୍ରିସ୍ଟ, ହଃଚେ କ୍ରିସ୍ଟର୍ ଆସ୍ତାବଃଲ୍ ତାର୍
ତଃୟ୍ ଆୟ୍‌ଲି ଲକ୍‌ମଃନ୍ । 24 ତାର୍‌ହଃଚେ ଜୁଗ୍ ବୁଡେଦ୍ ।
କ୍ରିସ୍ଟ ସଃବୁ ବିଟାଲ୍ ଆତ୍ମା, ଜାର୍‌ତଃୟ୍ ରାଜ୍‌କଃର୍ତାର୍, ଅଃଦିକାରି,
ଆର୍ ସଃକ୍ତି ଆଚେ ସେ ସଃବ୍‌କେ ଆରାୟ୍‌ଦ୍, ଆର୍ ତାର୍ ହଃଚେ
ଉବା ଇସ୍ୱର୍‌କେ ରାଇଜ୍ କଃରୁକେ ସଃହ୍ରି ଦଃୟ୍‌ଦ୍ । 25 ବଃଲେକ୍
ପର୍ବୁ ସଃବୁ ସଃତ୍ରୁ ମଃନ୍‌କେ ନିଜାର୍ ହାଦ୍ ତ୍‌ଳେ ନଃସେଙ୍ଗାଉତା
ହଃତେକ୍ ତାକେ ଜଃନ୍‌କଃରି ହେଁ ରାୟଃଜ୍ କଃରେଦ୍ । 26
ସଃରାସଃରି ସଃତ୍ରୁ ହର୍ ମଃର୍ନ୍‌କେ ବଃସମ୍ କଃରା ଅୟ୍‌ଦ୍ । 27
କାୟ୍‌ତାକ୍‌ବଃଲେକ୍ ସାସ୍ତର୍ କଃଉଁଲି ସେ ସଃବୁ କଃତା କ୍ରିସ୍ଟର୍
ହାଦ୍‌ତଃଳେ କଃରେଦ୍ । ଜଃଦ୍‌ବଃଲ୍ ସେ କୟ୍‌ଦ୍, ସଃବୁ କଃତା
ତାର୍ ଆୟ୍‌ତେ କଃରାଜାୟ୍ ଆଚେ, ଇରି ସଃତ୍, ସଃବୁ କଃତା ଜେ
ତାର୍ ଆୟ୍‌ତେ କଃଲା, ସେସଃବୁର୍ ବିତ୍ରେ ଇସ୍ୱର୍ ନାୟ୍ । 28 ଆର୍
ସଃବୁକଃତା କ୍ରିସ୍ଟର୍ ଆୟ୍‌ତେ କଃରାଗ୍‌ଲା ହଃଚେ ସଃବୁକଃତା
ତାର୍ ଆୟ୍‌ତେ କଃଲା, ନିଜେ କ୍ରିସ୍ଟ ହେଁ ତାର୍ ଆୟ୍‌ତେ ରଃୟ୍‌ଦ୍,
ଜଃନ୍‌କଃରି ଇସ୍ୱର୍ ରାୟ୍‌ଜ୍ ସଃବ୍‌କାର୍ ଉହ୍ରେ ଅୟ୍‌ଦ୍ । 29 ମଃଲା
ଲକାର୍ ଗିନେ ଜୁୟ୍ ଲକ୍‌ମଃନ୍ ବାପ୍ତିସମ୍ ଅଃଉତି, ସେମଃନାର୍
ବିସୟେ ତୁମି କାୟ୍‌ରି ଲେକ୍‌ଲାସ୍, କଃତେକ୍ ଲକାର୍ କଃତା
ଇସାବେ, ଜୁୟ୍ ଲକ୍‌ମଃନ୍ ମଃରି ନଃଉଟ୍‌ତି ସେମଃନାର୍ ଗିନେ
ବିନ୍ ଲକ୍‌କେ କାୟ୍‌ତାକ୍ ବାପ୍ତିସମ୍ ଦିଆ ଅୟ୍‌ଦ୍? 30 ଆରେକ୍
ଅଃମିମଃନ୍ କାୟ୍‌ତାକ୍ ହଃତିତର୍ ବିପ୍‌ତିଏ ହଃଲୁଲୁ । 31 ଏ
ବାୟ୍ ବେଣିମଃନ୍, ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ତଃୟ୍
ତୁମାର୍ ଗିନେ ମୁୟ୍ଁ ଜୁୟ୍ ଗଃର୍ବ୍ କଃରି ଆଚି, ସେତିର୍ ସଃୟ୍‌ତ୍
କଃରି କଃଉଁଲେ, ମୁୟ୍ଁ ସଃବୁ ଦିନ୍ ମଃରୁଲେ । 32 ଜଦି ଲକାର୍
ଚାଲ୍‌ଚାଲ୍‌ତି ହଃର୍କାରେ ମୁୟ୍ଁ ଏପିସିଏ ବଃନାର୍ ଜଃତୁମଃନାର୍
ହର୍ ଲକ୍‌ମଃନାର୍ ସଃଙ୍ଗ ଜୁଜ୍ କଃରିଆଚି, ତଃବେ ସେତି ମର୍
କାୟ୍ ଲାବ୍ ଅୟ୍‌ଲି? ଜଦି ମଃଲା ଲକ୍ ନଃଉଟ୍‌ତି, ତଃବେ
ଆସା, କଃତାରିଲା ହଃର୍କାରେ ଅଃମିମଃନ୍ "କାଉଆ ହିଉଆ
କଃରୁଆଁ କାୟ୍‌ତାକ୍‌ବଃଲେକ୍ କାଲି ଅଃମିମଃନ୍ ମଃରୁଆଁ ।" 33
ମଃତର୍ ତୁମିମଃନ୍ ବୁଲ୍‌କା ନାୟ୍, ନିକ ଚାଲାଚାଲ୍‌ତି କଃରାବ୍
ଚାଲ୍‌ଚାଲ୍‌ତି ନଃସ୍ଟ କଃରେଦ୍ । 34 ନ୍ୟାୟ୍‌ବାବେ ଜଃଗ୍ରାତ୍
ଅଃଉଆ ହାହ୍ କଃରା ନାୟ୍, କାୟ୍‌ତାକ୍‌ବଃଲେକ୍ କଃର୍ତାର୍
ଇସ୍ୱରାର୍ କଃତାୟ୍ ଗିଆନ୍ ନାୟ୍; ମୁୟ୍ଁ ତୁମିମଃନ୍‌କାର୍ ଲାଜାର୍
ଗିନେ ଇ କଃତା କଃଉଁଲେ । 35 କେ ହଃଚାରୁ ହାରେ, "ମଃଲା
ଲକ୍‌ମଃନ୍ କଃନକଃରି ଉଟ୍‌ତି? କଃନ୍‌କା ଗଃଗାଲେ ସେମଃନ୍

ଆସ୍ତି?” 36 ଏ ନିର୍ବୁଦିଆ, ତୁମି ନିଜେ ଜାୟ୍ରି ବୁଣାସ୍ ସେରି
ନଽମେଲେକ୍ ଜିବନ୍ ନଽହାୟ୍ । 37 ଆର୍ ଜୁୟ୍ ଗଽଗାଲ୍ ଅୟ୍ଦ୍
ସେରି ନଽବୁଣାସ୍, ମଽତର୍ ଗଅଁ ଅଽଉଅ କି ବିନ୍ ଜୁୟ୍ ତାସ୍
ହେଁ ଅଽଉଅ ସେରି ଅଽବ୍କା ମୁଞ୍ଜି ହଽକା । 38 ମଽତର୍ ଇସ୍ୱର୍
ଅଽହ୍ଣାର୍ ଇଚା ହଽର୍କାରେ ତାକେ ଗଽଗାଲ୍ ଦଽୟ୍ଦ୍, ଆର୍ ସଽବୁ
ବିଆନ୍ ବିତ୍ରେ ହଽତିତାକେ ସେ ଅଽହ୍ଣାର୍ ଗଽଗାଲ୍ ଦଽୟ୍ଦ୍ ।
39 ସଽବୁ ଜିବ୍ଜଽତୁର୍ ଗଽଗାଲ୍ ଅଽକାହର୍ ନଽରଽୟ୍, ମଽତର୍
ମାନାୟ୍ମଽନାର୍ ଗଟେକ୍ ରଽକମ୍ ଗଽଗାଲ୍, ଜଽତୁମଽନାର୍ ବିନ୍
ରଽକମ୍ ଗଽଗାଲ୍ ଆରେକ୍ ଚେଳେମଽନ୍କାର୍ ଆରେକ୍ ବିନ୍
ରଽକମ୍ ଗଽଗାଲ୍ ଆର୍ ମାଚ୍ ମଽନାର୍ ବିନ୍ ରଽକମ୍ ଗଽଗାଲ୍
। 40 ଅଽଗାସାର୍ ଗଽଗାଲ୍ ଆଚେ ଆର୍ ହୁର୍ତିବିର୍ ଗଽଗାଲ୍
ହେଁ ଆଚେ, ମଽତର୍ ସଽର୍ଗ୍ହୁରାର୍ ଗଽଗାଳାର୍ ଗଟେରଽକମ୍
ଉଜାଲ୍, ହୁର୍ତିବିର୍ ଗଽଗାଳାର୍ ବିନ୍ ରଽକମ୍ ଉଜାଲ୍ । 41
ବେଳାର୍ ଗଟେରଽକମ୍ ଉଜାଲ୍, ଜନାର୍ ଗଟ୍ରଽକମ୍ ଉଜାଲ୍
ଆର୍ ତାରାମଽନାର୍ ବିନ୍ ରଽକମ୍ ଉଜାଲ୍; ଉଜାଳେ ଗଟ୍ ତାରା
ଆରେଗଟ୍ ତାରା ତଽୟ୍ହୁଣି ବିନ୍ । 42 ତୁମିମଽନାର୍ ମଽର୍ନେହୁଣି
ଉଟ୍ତାର୍ ହେଁ ସେରଽକମ୍ । ନଽସ୍ଟେ ବୁଣା ଜାୟ୍ଦ୍, ମଽତର୍
ନଽସ୍ଟ ନଽୟ୍କଽରି ଉଟେଦ୍ । ତହ୍ତା ଗଽଗାଲ୍ ନଽସ୍ଟ ଅୟ୍ଦ୍,
ମଽତର୍ ଆରେକ୍ ଉଟ୍ଲା ଗଽଗାଲ୍ ନଽସ୍ଟ ନୟ୍ । 43 ଲାଡ୍
ନଽକେରି ବୁଣା ଜାୟ୍ଦ୍, ଜଽଜ୍ମାନ୍ ଅୟ୍ ଉଟେଦ୍; ଦୁର୍ବୁଳେ
ବୁଣା ଜାୟ୍ଦ୍ ସଽକାତ୍ ଅୟ୍ ଉଟେଦ୍ । 44 ସଽତ୍ ଗଽଗାଲ୍
ବୁଣା ଅୟ୍ଦ୍, ଆତ୍ମାର୍ ଗଽଗାଲ୍ ଉଟେଦ୍ । ଜଦି ସଽତ୍ ଗଽଗାଲ୍
ଆଚେ, ତଽବେ ଆତ୍ମାର୍ ଗଽଗାଲ୍ ହେଁ ଆଚେ । 45 ଇ ରଽକମ୍
ଲେକା ହେଁ ଆଚେ, ହଽର୍ତୁ ମାନାୟ୍ ଆଦମ୍ ଜିବନ୍ ରିଲାର୍
ଅୟ୍ଲା ସଽରାସଽରି ଆଦମ୍ ଜିବନ୍ ଦେତାର୍ ଆତ୍ମା ଅୟ୍ଲା
। 46 ମଽତର୍ ଜାୟ୍ରି ଜିବନାର୍ ସେରି ହଽର୍ତୁ ନାୟ୍, ମଽତର୍
ଜୁୟ୍ରି ଜିବନାର୍ ନୟ୍ ଜଽଗତାର୍, ସେରି ହଽର୍ତୁ ତାର୍ହଽଚେ
ଜିବନାର୍ । 47 ହଽର୍ତୁ ମାନାୟ୍ ଆଦମ୍ ହୁର୍ତିବିର୍, ମାଟିଏ ତିଆର୍
ଅୟ୍ରିଲା, ହଽଚେ ଆୟ୍ଲି ଆଦମ୍ ସଽର୍ଗେହୁଣି ଆୟ୍ଲାର୍ । 48
ଜୁୟ୍ମଽନ୍ ମାଟାୟ୍ ଗଽଲ୍ଲାର୍, ସେମଽନ୍ ମାଟାୟ୍ ହାଜ୍ଲାର୍
ସେ ମାନାୟ୍ହର୍, ଆରେକ୍ ଜୁୟ୍ ଲକ୍ମଽନ୍ ସଽର୍ଗ୍ହୁରେ ହୁଣି
ଆୟ୍ଲାର୍, ସେମଽନ୍ ସଽର୍ଗେ ହୁଣି ଆୟ୍ଲା ସେମାନାୟ୍ ହର୍
। 49 ଆର୍ ଅଽମିମଽନ୍ ହେଁ ମାଟାୟ୍ ହାଜ୍ଲାର୍ ସେ ମାନାୟ୍ର୍
ରୁହ୍ ଦଽରି ଆଚୁ, ସେରଽକମ୍ ସେ ସଽର୍ଗ୍ହୁରାର୍ ମାନାୟ୍ ହର୍
ଅଽଉଁଆ । 50 ଏ ବାୟ୍ ଆର୍ ବେଣିମଽନ୍, ମୁୟ୍ଁ ଇରି କଽଉଁଲେ,
ମାସ୍ ଆର୍ ବଽନିର୍ ଗଽଗାଲ୍ ଇସ୍ୱରାର୍ ରାଇଜ୍କେ ଅଽଦିକାର୍
କଽରୁ ନାହାରେ, କି ନଽସ୍ଟ ଅଽଉତାର୍ ନଽସ୍ଟ ନଽଉତାରିକ୍
ଅଽଦିକାର୍ କଽରୁ ନାହାରେ । 51 ଦଽକା, ମୁୟ୍ଁ ତୁମିମଽନ୍କେ
ଗଟ୍ ଗୁପ୍ତ କଽତା କଽଉଁଲେ, ଅଽମିମଽନାର୍ ବିତ୍ରେ ସଽବୁ ଲକ୍
ମଽରି ନଽକେରୁ । ମଽତର୍ ଅଽମିମଽନ୍ ବାଦ୍ଲି ଜଽଉଁନ୍ଦ । 52
ଇତି ଅଽକା ସଽଙ୍ଗ ଗଟେକ୍ ଆକି ମିଟ୍କାୟ୍, ସଽରାସଽରି କମ୍
ସଽବଦେ ଅଽମିମଽନ୍ ସଽବୁଲକ୍ ବାଦ୍ଲୁନ୍ଦ । କାୟ୍ତାକ୍ ବଽଲେକ୍
ତୁରି ବାଜେଦ୍, ଆର୍ ମଽଲା ଲକ୍ମଽନ୍ ନଽସ୍ଟ ନଽୟ୍କଽରି ଉଟ୍ତି
ଆର୍ ଅଽମିମଽନ୍ ବାଦ୍ଲୁନ୍ଦ । 53 କାୟ୍ତାକ୍ବଽଲେକ୍ ଇ ନଽସ୍ଟ
ଅଽଉତା ଗଽଗାଲ୍କେ ନଽସ୍ଟ ନଽଉତା ବଽସ୍ତ୍ରର୍ ହିନ୍ଦକ୍ ଅୟ୍ଦ୍ ।
ଆର୍ ଇ ଜଽଗତାର୍ ଗଽଗାଳକେ ଅଽମ୍ବ୍ରର୍ ବର୍ ହର୍ ବଽସ୍ତ୍ରର୍
ହିନ୍ଦକ୍ ଅୟ୍ଦ୍ । 54 ମଽତର୍ ଇ ନସ୍ଟ ଗଽଗାଲ୍ ନଽସ୍ଟନଽଉତା
ବଽସ୍ତ୍ରର୍ ଆର୍ ଇ ଜଽଗତାର୍ ଗଽଗାଲ୍ ଅଽମ୍ବ୍ରର୍ ହର୍ ବଽସ୍ତ୍ରର୍
ହିନ୍ଦ୍ଲା ହଽଚେ, ଇ ଲେକ୍ଲା କଽତା ସଽତ୍ ଅୟ୍ଦ୍, “ମଽର୍ନାର୍
ନାସ୍ ଗଽଟିଆଚେ ଆର୍ ଜିଣ୍ତାର୍ ହୁର୍ନ୍ ଅୟ୍ଆଚେ, 55 ରେ ମଽର୍ନ୍
କଽୟ୍ ତର୍ ଜିତାହାଣ୍? ରେ ମଽର୍ନ୍ କଽୟ୍ ତର୍ କାଲ୍?” (Hadēs
g86) 56 ମଽର୍ନ୍ କଽର୍ତା ସଽକ୍ତି ହାହେ ହୁଣି ହାୟ୍ଦ୍, ଆର୍ ହାହାର୍
ବଽଲ୍ ମସାର୍ ବିଦି; 57 ମଽତର୍ ଜୁୟ୍ ଇସ୍ୱର୍ ଅଽମିମଽନାର୍
ମାପ୍ରୁ ଜିସୁ କ୍ରିସ୍ଟର୍ ଗିନେ ଅଽମିମଽନ୍କ୍ ଜିତାୟ୍ଲା ଆଚେ, ତାର୍
ଦନ୍ୟବାଦ୍ ଅଽଉଅ । 58 ବଽଲେକ୍ ଏ ମର୍ ଲାଡାର୍ ବାୟ୍
ବେଣିମଽନ୍ ମାପ୍ରୁର୍ ସେବାୟ୍ ତୁମିମଽନ୍ କଽସ୍ଟ ହାୟ୍ଲାର୍ ହଲ୍ୟା
ନଽଜାୟ୍ଁ, ଇରି ଜାଣି ମାପ୍ରୁର୍ କାମେ ତିର୍ ଆର୍ ଅଽଟୁଆ ରଽୟ୍
ସଽବୁ ବଽଲ୍ ଅଽଦିକ୍ ଜଽଗ୍ରାତ୍ ଅଽଉଆ ।

**16** ଜିଉଦାର୍ ଦଽର୍ମିମଽନାର୍ ଗିନେ ଦାନ୍ ଦେଉଁକେ ଜଽନ୍କଽରି
ମୁୟ୍ଁ ଗାଲାତିର୍ ମଣ୍ଡଳିମଽନ୍କେ ଗଽଉଆରି କଽରିରିଲେ,
ତୁମିମଽନ୍ ହେଁ ସେନ୍ କଽରା । 2 ମୁୟ୍ଁ ଗଽଲେକ୍ ଜଽନ୍କଽରି
ଦାନ୍ ମାଗ୍ତାର୍ ଲଳା ନଽହେଳେ, ଇତାର୍ ଗିନେ ହଽତି ରୟ୍ବାର୍
ଦିନ୍ ତୁମିମଽନ୍କେ ଅଽହ୍ଣାର୍ ଅଽହ୍ଣାର୍ କାମାଉଣିର୍ ସୁବିଦା
ହଽର୍କାରେ ଅଽଳକ୍ ଅଽଳକ୍ ଜଽମା କଽରି ବିନେ ସଽଙ୍ଗାଉଆ
। 3 ଆର୍ ମୁୟ୍ଁ ଆୟ୍ଲେକ୍ ତୁମିମଽନ୍କେ ଜୁୟ୍ ଲକ୍ମଽନ୍
ପରିକ୍ୟାୟ୍ ଜିଣି ଆଚ୍ତି ବଽଲି ମଽନେ କଽରାସ୍, ମୁୟ୍ଁ ସେ
ମଽନ୍କେ ଚିଟି ଦଽୟ୍ ଜିରୁସାଲମେ ତୁମିମଽନ୍କାର୍ ଦିଲାର୍
ଦାନ୍ ନେଉଁକେ ହଽଟାୟ୍ନ୍ଦ । 4 ଆରେକ୍ ଜଦି ମୁୟ୍ଁ ଜାତାର୍
ଲଳା ଅୟ୍ଲେକ୍, ସେମଽନ୍ ମର୍ ସଽଙ୍ଗ ଜାତି । 5 ମଽତର୍
ମୁୟ୍ଁ ମାକିଦନିଆ ଅୟ୍ ଗଽଲାହଽଚେ, ତୁମିମଽନ୍କାର୍ ହାକ୍
ଆସିନ୍ଦ, ବଽଲେକ୍ ମୁୟ୍ଁ ମାକିଦନିଆ ଅୟ୍ ଜାୟ୍ନ୍ଦ 6 ଆର୍
ଅଽଉଁହାର୍ଲେକ୍ ତୁମିମଽନ୍କାର୍ ସଽଙ୍ଗ କଽତିଦିନ୍ ରଽୟ୍ନ୍ଦ ସିତ୍
ହଽଦ୍ନା ରଽୟ୍ନ୍ଦ ବଽଲି ବାବୁଲେ, ସେତାକ୍ ମୁୟ୍ଁ ଜେଣେ
ଗଽଲେକ୍ ହେଁ ତୁମିମଽନ୍ ମକେ ଉହ୍କାର୍ କଽରୁ ହାରାସ୍ । 7
କାୟ୍ତାକ୍ବଽଲେକ୍ ଇ ତର୍ ଜାତାବଽଲ୍ ତୁମିମଽନ୍କାର୍ ସଽଙ୍ଗ
ବେଟ୍ଗାଟ୍ ଅଽଉଁକେ ମଽନ୍କଽରୁଲେ, ବଽଲେକ୍ ମାପ୍ରୁ ରେଉଁକ୍
ଦିଲେକ୍ ତଽବେ ତୁମିମଽନାର୍ ସଽଙ୍ଗ ବୁଡେକ୍ ବିନ୍ ରେଉଁକେ
ଆସା କଽରୁଲେ । 8 ମଽତର୍ ମୁୟ୍ଁ ପେଣ୍ଟିକସ୍ଟ ହଽର୍ବାର୍ ଦିନ୍
ହଽତେକ୍ ଏପିସିଏ ରଽୟ୍ନ୍ଦ; 9 କାୟ୍ତାକ୍ବଽଲେକ୍ ମର୍ ବିରଦି
ମଽନ୍ ଗାଦେକ୍ ରିଲେକ୍ ହେଁ, ହଽଲ୍ ହାଉତା କାମ୍ କଽରୁକେ,
ମର୍ଗିନେ ଅସାର୍ ଦୁଆର୍ ଉଗାଳା ଅୟ୍ଆଚେ । 10 ଜଦି ତିମତି
ଜାୟ୍ଦ୍ ତଽବେ ଜଽନ୍କଽରି ନଽଡିରିକଽରି ତୁମିମଽନ୍କାର୍ ସଽଙ୍ଗ

ରଽୟ୍‌ଦ୍, ସେତାର୍ ଗିନେ ଦିଆନ୍ କଽରା କାୟ୍‌ତାକ୍‌ବଽଲେକ୍
ମୁୟ୍ଁ ଜଽନ୍‌କାର୍ ସେ ହେଁ ସେନ୍‌କାର୍ ମାପ୍ରୁର୍ କାମ୍ କଽରୁଲା ।
11 ଇତାକ୍ ତାକେ କେ ସାନ୍ ନଽକେର, ମଽତର୍ ସେ ଜଽନ୍‌କଽରି
ମର୍ ହାକ୍ ଆସୁ ହାରେ ଇତାର୍ ଗିନେ ତାକେ ସୁସ୍ତାୟ୍ ବାଟ୍
କାଡାୟ୍ ଦିଆସ୍, କାୟ୍‌ତାକ୍‌ବଽଲେକ୍ ବାୟ୍ ବେଣିମଽନାର୍ ସଽଙ୍ଗ୍
ଆସେଦ୍ ବଽଲି ମୁୟ୍ଁ ଜାଗିଆଚି । 12 ମଽତର୍ ବାୟ୍ ଆପଲାର୍
କଽତା କଽଉଁଲେ, ବାୟ୍‌ମଽନାର୍ ସଽଙ୍ଗ୍ ତୁମିମଽନ୍‌କାର୍ ହାକ୍
ଜଽଉଁକେ ମୁୟ୍ଁ ତାକେ ବେସି ଗଽଉଆରି କଽଲେ, ମଽତର୍
ଅଽବେ ଜଽଉଁକେ ତାର୍ ମୁଲ୍‌କେ ମଽନ୍ ନାୟ୍, ମଽତର୍ ସୁବିଦା
ମିଲ୍‌ଲେକ୍ ସେ ଜାୟ୍‌ଦ୍ । 13 ତୁମିମଽନ୍‌କେ ଜଽଗ୍ରାତ୍ ରଽୟ୍
ବିସ୍ୱାସେ ତିର୍ ଅୟ୍‌ରିଆ, ସାସ୍ ଦଽରି ବଽଲ୍ ହାଉଆ । 14
ସଽବୁ କାମ୍ ଲାଡେ କଽରା ଅଽଉଅ । 15 ଏ ବାୟ୍ ବେଣିମଽନ୍,
ମୁୟ୍ ଗଽଉଆରି କଽରୁଲେ, ସ୍ତିପାନ୍ ଆର୍ ତାର୍ ଗଽର୍‌କୁଟୁମ୍
ଜେ ଆକାୟାର୍ ହଽର୍ତୁ ଅୟ୍‌ଲା ବିସ୍ୱାସି; ଆର୍ ଦଽର୍ମିମଽନାର୍
ସେବାୟ୍ ଲାଗିହଽଲି ଆଚ୍‌ତି, ଇରି ତୁମିମଽନ୍ ଜାଣାସ୍ । 16
ଇ ହଽର୍କାରେ ଲକ୍‌ମଽନ୍‌କାର୍ ଆରେକ୍ ସଽବୁ ମିସ୍‌ଣେ କାମ୍
କଽର୍ତା ଲକ୍‌ମଽନ୍ ଆର୍ କଽସ୍ଟ କଽର୍ତା ଲକ୍‌ମଽନ୍‌କାର୍ କଽତା
ମାନା, ତୁମିମଽନ୍‌କେ ଇ ଗଽଉଆରି କଽରୁଲେ । 17 ସ୍ତିପାନ୍,
ପର୍ତୁନାତ୍ ଆର୍ ଆକାୟା ଆୟ୍‌ଲାକ୍ ମୁୟ୍ଁ ସଽର୍ଦା କଽରୁଲେ,
କାୟ୍‌ତାକ୍‌ବଽଲେକ୍ ତୁମିମଽନାର୍ ନଽରିଲାର୍ ଗିନେ ମର୍ ଜୁୟ୍
ଅକେଟ୍ ରିଲି, ସେରି ସେମଽନ ହୁରୁଣ୍ କଽରିଆଚ୍‌ତି 18 ଜୁୟ୍‌ତାର୍
ଗିନେ ସେମଽନ୍ ମର୍ ଆର୍ ତୁମିମଽନ୍‌କାର୍ ଆତ୍ମାକେ ସଽର୍ଦା
କଽରାୟ୍‌ଲାୟ୍; ତଽବେ ତୁମିମଽନ୍‌କେ ଇ ରଽକମ୍ ଲକ୍‌ମଽନ୍‌କେ
ଜୟ୍‌ଽଗ୍ ବଽଲି ଜାଣି ମାନ୍‌ତି କଽରା । 19 ଆସିଆ ଦେସାର୍
ମଣ୍ଡ୍‌ଲିମଽନ୍ ତୁମିମଽନ୍‌କେ ଦନ୍ୟବାଦ୍ ଜାଣାଉଁଲାୟ୍ । ଆକିଲା
ଆର୍ ପ୍ରିସ୍କିଲା ସେମଽନାର୍ ଗଽରାର୍ ମଣ୍ଡ୍‌ଲି ସଽଙ୍ଗ୍ ମାପ୍ରୁର୍
ତଽୟ୍ ତୁମିମଽନ୍‌କେ ଲାଡାର୍ ଦନ୍ୟବାଦ୍ ଜାଣାଉଁଲାୟ୍ । 20
ଇତିର୍ ବାୟ୍ ଆର୍ ବେଣି ସଽବୁଲକ୍ ତୁମିମଽନ୍‌କେ ଦନ୍ୟବାଦ୍
ଜାଣାଉଁଲାୟ୍, କ୍ରିସ୍ଟାନ୍ ପବିତ୍ର ଲାଡେ ହଽତିଲକ୍ ଦନ୍ୟବାଦ୍
କଽରାକଽରି ଅଽଉଆ । 21 ମୁୟ୍ଁ ପାଉଲ୍ ନିଜାର୍ ଆତେ ଇ ସଽବୁ
ଲେକି ଦନ୍ୟବାଦ୍ ଜାଣାଉଁଲେ । 22 ଜଦି, କେ ମାପ୍ରୁକେ ଲାଡ୍
ନଽକେରେ, ତଽବେ ସେ ସାୟ୍‌ପ୍ ହାଉଅ । ମାରାନାତା, ଅଽମାର୍
ମାପ୍ରୁ ଆସ । 23 ମାପ୍ରୁ ଜିସୁର୍ ଦଽୟା ତୁମିମଽନ୍‌କାର୍ ଉହ୍ରେ
ଅଽଉଅ । 24 କ୍ରିସ୍ଟ ଜିସୁର୍ ତଽୟ୍ ମର୍ ଲାଡ୍ ତୁମି ସଽବୁ ଲକାର୍
ଉହ୍ରେ ରେଉଅ ।

# ୨ କରନ୍ତି

1 ମୁୟ଼ୁଁ ପାଉଲ୍, ଇସ୍ୱରାର୍ ଇଚାୟ୍ କ୍ରିସ୍ଟ ଜିସୁର୍ ଗଟେକ୍
ପେରିତ୍ ଆର୍ ବାୟ୍ ତିମତି, କରନ୍ତି ମଣ୍ଡଳି ତଃୟ୍ ରେତା
ଇସ୍ୱରାର୍ ମଣ୍ଡଳି, ଆରେକ୍ ସଃବୁ ଆକାୟା ତଃୟ୍ ରେତା ସଃବୁ
ଦଃର୍ମିମଃନାର୍ ତଃୟ୍ ଚିଟି ଲେକୁଲୁ । 2 ଅଃମାର୍ ଉବା ଇସ୍ୱର୍
ଆର୍ ମାପ୍ରୁ ଜିସୁ କ୍ରିସ୍ଟ ତଃୟ୍‌ହୁଣି ଦଃୟା ଆର୍ ସୁସ୍ତା ତୁମିମଃନାର୍
ଉହ୍ରେ ଅଃଉଅ । 3 ଆସା, ଅଃମାର୍ ଇସ୍ୱର୍ ଆର୍ ମାପ୍ରୁ ଜିସୁ କ୍ରିସ୍ଟର୍
ଉବାକେ ଦନ୍ୟବାଦ୍ ଜାଣାଉଁଆ, ସେ ଦଃୟା କଃର୍ତା ଉବା ଆର୍
ଜାର୍ ତଃୟ୍‌ହୁଣି ସଃବୁ ସୁସ୍ତା ଆସେଦ୍ । 4 ସେ ଅଃମାର୍ ସଃବୁ
ଦୁକ୍‌କଃସ୍ଟେ ସୁସ୍ତା ଦଃୟ୍‌ଦ୍, ସେ ସୁସ୍ତା ତଃୟ୍ ଅଃମି କଃସ୍ଟ ବୟଃଗ୍
କଃର୍ତା ଦିନ୍ ଲକ୍‌ମଃନ୍‌କେ ସୁସ୍ତା ଦେଉଁ ହାରୁ, ଜୁୟ୍ ସୁସ୍ତା ଅଃମି
ନିଜେ ଇସ୍ୱର୍ ତଃୟ୍‌ହୁଣି ହାୟ୍‌ଆଚୁ । 5 କାୟ୍‌ତାକ୍‌ବଃଲେକ୍
କ୍ରିସ୍ଟର୍ ତଃୟ୍ ଆଚୁ ଗିନେ ଅଃମାର୍ ଦୁକ୍ ବୟଃଗ୍ ଜଃନ୍‌କଃରି
ବୁତେକ୍, ସେବାନ୍ୟା କ୍ରିସ୍ଟର୍ ତଃୟ୍ ଆଚ୍‌ତା ଗିନେ ଅଃମିମଃନାର୍
ଇସ୍ୱରାର୍ ସୁସ୍ତା ହେଁ ବୁତେକ୍ । 6 ମଃତର୍ ଅଃମିମଃନ୍ ଦୁକ୍
ବୟଃଗ୍ କଃଲେକ୍, ସେରି ତୁମାର୍ ସୁସ୍ତା ଆର୍ ମୁକ୍‌ଲାଉତାର୍
ଗିନେ । କି ଅଃମିମଃନ୍ ସୁସ୍ତା ହାୟ୍‌ଲେକ୍, ସେରି ତୁମିମଃନାର୍
ସୁସ୍ତାର୍ ଗିନେ; ଅଃମିମଃନ୍ ଜୁୟ୍ ରଃକମାର୍ ଦୁକ୍ ବୟଃଗ୍
କଃରୁଲୁ, ସେରଃକମ୍ ଦୁକ୍ ବୟଃଗ୍ ସାସ୍ ସଃଙ୍ଗ୍ ସଃମ୍ଭାଲୁକ୍
ସେ ସୁସ୍ତା କାମ୍ ହୁରୁଣ୍ କଃରୁଲି । 7 ଆର୍, ତୁମିମଃନାର୍
କଃତାୟ୍ ଅଃମିମଃନାର୍ ବଃର୍ସା ଅଃଟୁଆ ଆଚେ, ଜୁୟ୍‌ତାର୍ ଗିନେ
ତୁମିମଃନ୍‌କେ ଜଃନ୍‌କଃରି ଦୁକ୍ ବୟ୍‌ଗାର୍ ବାଗି ହାଉତା ଲକ୍,
ସେରଃକମ୍ ସୁସ୍ତାର୍ ହେଁ ବାଗ୍ ହାଉତା ଲକ୍, ଇତି ଅଃମିମଃନ୍
ଜାଣୁ । 8 କାୟ୍‌ତାକ୍‌ବଃଲେକ୍ ଏ ବାୟ୍ ଆର୍ ବେଣିମଃନ୍,
ଆସିଆ ହଲି ତଃୟ୍ ଅଃମାର୍ ଉହ୍ରେ ଗଃଟିରିଲା କଃସ୍ଟାର୍ କଃତା
ତୁମିମଃନ୍‌କେ ଜେ ଲୁକ୍‌ଣେ ରିଆ, ଇତି ଅଃମିମଃନାର୍ ମଃନ୍
ନାୟ୍; ଅଃମିମଃନ୍ ଅଃମିମଃନାର୍ ସଃକ୍ତିୟେ ଅଃଦିକ୍ ବାବେ ବଜ୍
ହାୟ୍ ରିଲୁ, ଇବାନ୍ୟାକି ଜିବନାର୍ ଆସା ହେଁ ଚାଡି ରିଲୁ । 9
ଅଃମିମଃନ୍ ମଃର୍ନ୍ ଡଃଣ୍ଡ ହାୟ୍‌ଆଚୁ ବଃଲି ବାବିରିଲୁ, ମଃତର୍
ଇ ସଃବୁ ଗଃଟ୍‌ଲି, ଜଃନ୍‌କଃରି ଅଃମିମଃନ୍ ଅଃହ୍‌ଣାର୍ ଉହ୍ରେ
ବଃର୍ସା ନଃକେରି, ମଃତର୍ ଜୁୟ୍ ଇସ୍ୱର୍ ମଃଲା ଲକ୍‌ମଃନ୍‌କେ
ଉଟାୟ୍‌ଦ୍, ତାର୍ ଉହ୍ରେ ବଃର୍ସା କଃରୁନ୍ତ । 10 ସେ ଅଃମିମଃନ୍‌କେ
ଇବାନ୍ୟା ବୟଃଙ୍କାର୍ ମଃର୍ତା ତଃୟ୍‌ହୁଣି ରଃକ୍ୟା କଃଲା ଆର୍
ରଃକ୍ୟା କଃରେଦ୍, ଆରେକ୍ ସେ ଜେ ଆସୁଲା ଦିନ୍‌ମଃନ୍ ହେଁ
ରଃକ୍ୟା କଃରେଦ୍, ତାର୍ ତଃୟ୍ ଅଃମିମଃନାର୍ ଇ ଆସା ଆଚେ
। 11 ତୁମିମଃନ୍‌କେ ହେଁ ତ ଅଃମାର୍ ସଃଙ୍ଗ୍ ମିସି ପାର୍ତନାୟ୍
ଅଃମିମଃନାର୍ ଉହ୍‌କାର୍ କଃରୁଲାସ୍ । ସେତାକ୍ ଅଃମାର୍ ଗିନେ
କଃରା ଅଃଉତା ଗାଦେକ୍ ପାର୍ତ୍‌ନାର୍ ଉତ୍ତୁର୍ ମିଳେଦ୍, ଆର୍ ଇସ୍ୱର୍
ଅଃମିକ୍ ଆସିର୍ବାଦ୍ କଃରେଦ୍; ଆର୍ ଗାଦେକ୍ ଲକାର୍ ମୁଏଁ ହୁଣି
ଅଃମିମଃନାର୍ ଗିନେ ଇସ୍ୱର୍‌କେ ବୁତେକ୍ ଦନ୍ୟବାଦ୍ ଦିଆ ଅୟ୍‌ଦ୍
। 12 ଜଃଗତେ, ମୁଲ୍‌କଃରି ତୁମିମଃନ୍‌କେ ଅଃମିମଃନ୍ ସଂସାରାର୍
ଗ୍ୟାନେ ବେବାର୍ ନଃକେରି, ମଃତର୍ ଇସ୍ୱରାର୍ ଦଃୟାୟ୍, ତାର୍
ପବିତ୍ର ଆର୍ ବିସ୍ୱାସ୍ ହଃର୍‌କାରେ ବେବାର୍ କଃରି ରିଲୁ ବଃଲି
ଅଃମିମଃନାର୍ ବାବ୍‌ନା ଜେ ସାକି ଦେଉଁଲି, ଇରି ଅଃମିମଃନାର୍
ଗିନେ ଗଃର୍ବାର୍ କଃତା । 13 କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ ଜାୟ୍
ଜାୟ୍‌ରି ହଳିକଃରି ବୁଜୁ ହାରାସ୍, ସେ ସଃବୁ ଚାଡି ଅଃମିମଃନ୍
ତୁମିମଃନାର୍ ତଃୟ୍ ଆରେକ୍ କାୟ୍‌ରି ଆସା ନଃଲେକୁ । 14
ଆରେକ୍, ଅଃମିମଃନାର୍ ମାପ୍ରୁ ଜିସୁର୍ ଆରେକ୍ ଆସ୍ତା ଦିନ୍,
ତୁମିମଃନାର୍ ଗିନେ ଜଃନ୍‌କଃରି ଅଃମିମଃନ୍ ଗଃର୍ବ୍ କଃରୁଲୁ,
ସେରଃକମ୍ ଅଃମିମଃନାର୍ ଗିନେ ଜେ ତୁମିମଃନ୍‌କେ ଗଃର୍ବ୍
କଃରୁଲାସ୍, ଇରି ତୁମିମଃନ୍ ଜଃନ୍‌କଃରି ଅଃମିମଃନାର୍ କଃତାୟ୍
ଆଦ୍‌ବାଗ୍ ବୁଜି ଆଚାସ୍, ସେବାନ୍ୟା ସେସ୍ ହଃତେକ୍ ବୁଜି ରିଆସ୍
ବଃଲି ମୁୟ଼ୁଁ ବଃର୍ସା କଃରୁଲେ । 15 ମୁୟ଼ୁଁ ସେ ସଃବୁ ତଃୟ୍ ସଃତ୍
କଃରି ତୁମାର୍ ହାକ୍ ହଃର୍ତୁ ଜଃଉଁକେ ମଃନ୍ ରିଲି ଜୁୟ୍‌ତାର୍ ଗିନେ
ତୁମିମଃନ୍ ମକ୍ ଦଃକି ଦୁୟ୍ ତରାର୍ ବଃଳ୍ ଦଃୟା ଲାବ୍ କଃରୁ
ହାରାସ୍, 16 ଆରେକ୍ ତୁମିମଃନାର୍ ଚଃମ୍ ଅୟ୍ ମାକିଦନିଆକ୍
ଜାୟ୍ ଆରେକ୍ ମାକିଦନିଆ ତଃୟ୍‌ହୁଣି ତୁମିମଃନାର୍ ତଃୟ୍ ଆସି
ତୁମିମଃନାର୍ ଉହ୍‌କାରେ ଜିଉଦା ହଲି ଜଃଉଁ ହାରି, ଇତାର୍
ଗିନେ ମୁୟ଼ୁଁ ସେ ବିସ୍ୱାସେ ହଃର୍ତୁମ୍ ତୁମାର୍ ତଃୟ୍ ଜଃଉଁକେ
ମଃନ୍ କଃର୍ତି ରିଲେ । 17 ତଃବେ ଇରଃକମ୍ ମଃନ୍ କଃର୍ତା
ତଃୟ୍ ମୁୟ଼ୁଁ କାୟ୍ ମିଚ୍ ବେବାର୍ କଃରି ରିଲେ? କି ମୁୟ଼ୁଁ ଜାୟ୍‌ରି
ଜଃଜ୍‌ନା କଃରିନ୍ଦ୍ର, ସେରି କାୟ୍ ମୁୟ଼ୁଁ ମର୍ ନିଜାର୍ ଉହ୍‌କାର୍ କଃରି
ରଃୟ୍‌ନ୍ଦ ଜେ, ମର୍ କଃତା "ହେଁ ଆର୍ ନାୟ୍" ଜୁଲେକ୍ ଅୟ୍‌ଦ୍
। 18 ସଃତ୍‌କଃରି ଇସ୍ୱର୍ ବିସ୍ୱାସି, ଇତାର୍ ଗିନେ ତୁମିମଃନାର୍
ଗିନେ ଅଃମିମଃନାର୍ କଃତା "ହେଁ" ଆର୍ "ନାୟ୍" ଜଳେକ୍ ଅଃଉଁ
ନାହାରେ । 19 କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍ ହୟ୍‌ସି ଜିସୁ କ୍ରିସ୍ଟ,
ଜେ ଅଃମିମଃନାର୍ ଗିନେ, ବଃଲେକ୍ ମର୍ ଗିନେ ଆର୍ ସିଲ୍‌ବାନ୍
ଆର୍ ତିମତିର୍ ଗିନେ ତୁମିମଃନାର୍ ବିତ୍ରେ ପର୍ଚାର୍ କଃରା ଅୟ୍‌ଲା,
ସେ "ହେଁ" ଆର୍ "ନାୟ୍" ନୟେ, ମଃତର୍ ଇସ୍ୱର୍ ତାର୍ ବିସୟେ
"ହେଁ ।" 20 ଜୁୟ୍‌ତାର୍ ଗିନେ ଇସ୍ୱରାର୍ ଜଃତେକ୍ ସଃୟ୍‌ତ୍ ଆଚେ,
ସେ ସଃବୁର୍ "ହେଁ" ଜିସୁ କ୍ରିସ୍ଟ ତଃୟ୍ ଆଚେ; ଇତାର୍ ଗିନେ
ହେଁ ଜିସୁ କ୍ରିସ୍ଟର୍ ତଃୟ୍ ଇସ୍ୱରାର୍ ଜଃଜ୍‌ମାନ୍ ଗିନେ ଅଃମିମଃନ୍
ସଃବୁବଃଳ୍ "ଆମେନ୍" ବଃଲି କଃଉନ୍ତ । 21 ସେ ଇସ୍ୱର୍ ନିଜେ,
ଜେ ଅଃମିମଃନ୍ ତୁମିମଃନାର୍ ସଃଙ୍ଗ୍ କ୍ରିସ୍ଟର୍ ତଃୟ୍ ଗଟେକ୍
କଃରି ତିର୍ କଃରିଆଚେ, ଆରେକ୍ ଅଃମିମଃନ୍‌କ୍ ଅବିସେକ୍
କଃରିଆଚେ; 22 ସେ ହେଁ ଅଃମିମଃନ୍‌କେ ବିନେ କଃରିଆଚେ ଆର୍
ଅଃମାର୍ ମଃନେ ତାର୍ ପବିତ୍ର ଆତ୍ମାକେ ଡାହୁନ୍ କଃଲାକ୍ ଅଃମାର୍
ଉହ୍ରେ ସେ ଅଃଦିକାର୍ କଃରିଆଚେ, ପବିତ୍ର ଆତ୍ମା ଅଃମାର୍ ଉହ୍ରେ
ଅଃଦିକାରାର୍ ମୁଦ୍ରା ଆର୍ ଆଗ୍‌ବାଟ୍ୟା ଜାୟ୍‌ରି ହାଉନ୍ତ ସେରି
ଇସ୍ୱରାର୍ ଚିନ୍ ଅୟ୍‌ଦ୍ । 23 ମଃତର୍ ଇସ୍ୱର୍‌କେ ସାକି, ସେ ମର୍
ମଃନ୍ ଜାଣିଆଚେ, ଇତାର୍ ଗିନେ ମୁୟ଼ୁଁ ତୁମିମଃନ୍‌କେ ଆରେକ୍

କଃସ୍ଟ ନଃଦେଉଁକେ ମୁୟ୍ଁ କରନ୍ତି ତଃୟ୍ ଆରେକ୍ ଜଃଉଁକେ ମଃନ୍ ନଃକେଲେ । 24 ତୁମିମଃନ୍‌କେ କୁୟ୍ କଃତା ବିସ୍ୱାସ୍ କଃରାସ୍ ଇ ବିସୟେ ତୁମାର୍ ଉହ୍ରେ ରାଜ୍ କଃରୁକେ ଚେସ୍ଟା ନଃକେରୁ, କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ ବିସ୍ୱାସେ ଅଃଟୁଆ ଅୟ୍ ତିର୍ ଅୟ୍ ଆଚାସ୍ । ମଃତର୍ ତୁମିମଃନ୍‌କେ ଅଃବ୍‌କା ସୁକି କଃରୁକେ ତୁମିମଃନାର୍ ସଃଙ୍ଗ୍ ମିଳିମିସି ଅଃମି କାମ୍ କଃରୁଲୁ ।

**2** ମଃତର୍ ତୁମାର୍ ତଃୟ୍ ମର୍ ଜାତାର୍ ଜଃନ୍‌କଃରି ଆରେକ୍ ତରେକ୍ ଦୁକାର୍ କଃତା ନୟେ, ଇରି ମୁୟ୍ଁ ମଃନେ ତିର୍ କଃଲେ । 2 କାୟ୍‌ତାକ୍‌ବଃଲେକ୍ ମୁୟ୍ଁ ଜଦି ତୁମିମଃନ୍‌କେ ଦୁକ୍ ଦଃୟ୍‌ନ୍ଲ, ତଃବେ କେ ମକ୍ ସଃର୍ଦା କଃରେଦ୍? ଅଃବ୍‌କା ତୁମିମଃନ୍‌କେ ହଃକା ମୁୟ୍ଁ ଦୁକ୍ ଦଃୟ୍ ଆଚି । 3 ଆରେକ୍ ତୁମାର୍ ତଃୟ୍‌ହୁଣି ମର୍ ସଃର୍ଦା ହାଉତା ଲଳା, ସେମଃନାର୍ ତଃୟ୍‌ହୁଣି ମୁୟ୍ଁ ଆସି ଜଃନ୍‌କଃରି ଦୁକ୍ ନଃହାୟ୍, ଇତାର୍ ଗିନେ ମୁୟ୍ଁ ଇ କଃତା ଲେକିରିଲେ, ଜୁୟ୍‌ତାର୍ ଗିନେ ମର୍ ସଃର୍ଦାୟ୍ ଜେ ତୁମିମଃନାର୍ ସଃର୍ଦା, ଇରି ତୁମି ସଃବୁଲକାର୍ କଃତାୟ୍ ମର୍ ବିସ୍ୱାସ୍ ଆଚେ । 4 କାୟ୍‌ତାକ୍‌ବଃଲେକ୍ ଗାଦେକ୍ କଃସ୍ଟ ଆର୍ ମଃନାର୍ ବେଦ୍‌ନା ତଃୟ୍ ବୁତେକ୍ ଆସୁ ସଃଙ୍ଗ୍ ମୁୟ୍ଁ ତୁମିମଃନ୍‌କେ ଲେକି ରିଲେ; ଜଃନ୍‌କଃରି ତୁମିମଃନ୍‌କେ ଦୁକି ଅଃଉଆସ୍, ଇବାନ୍ୟା ନାୟ୍, ମଃତର୍ ତୁମିମଃନାର୍ ଗିନେ ମର୍ ଜେ ଅଃଦିକ୍ ବୁତେକ୍ ଲାଡ୍ ଆଚେ, ଇରି ଜଃନ୍‌କଃରି ତୁମିମଃନ୍ ଜାଣାସ୍ । 5 ମଃତର୍ ଜଦି କେ ଦୁକ୍ ଦଃୟ୍‌ଆଚେ, ସେ ମକ୍ ଦୁକ୍ ନଃଦେୟ୍, ମଃତର୍ କଃତେକ୍ ଇସାବେ ତୁମି ସଃବୁ ଲକ୍‌କେ ଦୁକ୍ ଦଃୟ୍‌ଆଚେ । ମୁୟ୍ଁ ଅଃଦିକ୍ ଅଃଟୁଆ ଅଃଉଁକେ ମଃନ୍ ନଃକେରୁଲେ । 6 କଃତେକ୍ ଲକାର୍ ଗିନେ ଇବାନ୍ୟା ଲକ୍ ଜୁୟ୍ ଡଃଣ୍ଡ ହାୟ୍‌ଆଚେ, ସେରି ତାର୍ ଗିନେ ସଃରି । 7 ଇତାର୍ ଗିନେ କଃନ୍‌ସ୍ ଅୟ୍‌ଲେକ୍ ଇବାନ୍ୟା ଲକ୍ ଉବ୍ରି ରିଲା ଦୁକେ ବୁଡି ଜାୟ୍‌ଦ୍, ଇତାର୍ ଗିନେ ଅଃବେ ତୁମିମଃନ୍‌କେ ତାକେ କେମା କଃରା ଆର୍ ସୁସ୍ତା ଦିଆସ୍ । 8 ତଃବେ, ସେ ଜଃନ୍‌କଃରି ତୁମି ଲାଡ୍ କଃରୁଲାସ୍ ଜାଣେଦ୍, ଇତାର୍ ଗିନେ ଲାଡ୍ ବେବାର୍ ତିର୍ କଃରୁକେ ମୁୟ୍ଁ ତୁମିମଃନ୍‌କେ ଗଃଉଆରି କଃରୁଲେ । 9 କାୟ୍‌ତାକ୍‌ବଃଲେକ୍ ତୁମିମଃନ୍‌କେ ସଃବୁ କଃତା ଜେ ମାନୁକ୍ ସଃବୁବଃଲ୍ ଜଃଗ୍ରାତ୍ ଆଚାସ୍ କି ନାୟ୍, ତୁମିମଃନାର୍ କଃତାୟ୍ ସେତାର୍ ହଃର୍ମାଣ୍ ଜଃନ୍‌କଃରି ମୁୟ୍ଁ ହାୟ୍‌ନ୍ଲ, ଇତାର୍ ଗିନେ ହେଁ ସେ ଚିଟି ଲେକିରିଲେ । 10 ମଃତର୍ ତୁମିମଃନ୍‌କେ ଜାର୍ କାୟ୍‌ରି କେମା କଃରାସ୍, ମୁୟ୍ଁ ହେଁ ତାକେ କେମା କଃରିନ୍ଲ; କାୟ୍‌ତାକ୍‌ବଃଲେକ୍ ମୁୟ୍ଁ ଜଦି କାୟ୍‌ରି କେମା କଃରିଆଚି, ତଃବେ ଜାୟ୍‌ରି କେମା କଃରିଆଚି, ସେରି କ୍ରିସ୍ଟର୍ ମୁଏଁ ତୁମିମଃନାର୍ ଗିନେ କେମା କଃରି ଆଚି, 11 ଜୁୟ୍‌ତାର୍ ଗିନେ ସୟ୍‌ତାନ୍ ଅଃମିମଃନାର୍ ନଃସ୍ଟ କଃରୁକେ ବାଟ୍ ନାହାୟ୍ । କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍ ତାର୍ ସଃବୁ ଜଃଜ୍‌ନା କଃତା ଜାଣି ଆଚୁ । 12 ଆରେକ୍ କ୍ରିସ୍ଟ ନିକ କବୁର୍ ପର୍ଚାର୍ କଃରୁକେ ମୁୟ୍ଁ ତ୍ରୟାକ୍ ଆୟ୍‌ଲା ହଃଚେ ମାପ୍ରୁର୍ କାମ୍ ଗିନେ ବାଟ୍ ହର୍ ଦୁଆର୍ ଉଗାଳି ଅୟ୍‌ଆଚେ ବଃଲି ଜାଣ୍‌ଲେ । 13 ମଃତର୍ ଅଃମାର୍ ବାୟ୍ ତିତସ୍‌କେ ନଃଦେକି ମୁୟ୍ଁ ଆତ୍ମାୟ୍ ସୁସ୍ତା ନଃହାୟ୍‌ଲାକେ, ସେମଃନାର୍ ତଃୟ୍‌ହୁଣି ସେଲ ମାଗି ମାକିଦନିଆକ୍ ଗଃଲେ । 14 ମଃତର୍ ଇସ୍ୱର୍‌କେ ଦନ୍ୟବାଦ୍, କାୟ୍‌ତାକ୍‌ବଃଲେକ୍ ସେ ସଃବୁବଃଲ୍ ଅଃମିମଃନ୍ କ୍ରିସ୍ଟର୍ ସଃଙ୍ଗ୍ ମିସି ଆଚୁ, ସେତାର୍ ଗିନେ ଇସ୍ୱର୍ ଅଃମିକ୍ ଜିଣ୍‌ଲା ହଃର୍ବ୍ ମାନୁକ୍ ବାଟ୍ କାଡାୟ୍ ନେଉଁଲା, ଆର୍ ସଃବୁ ଟାଣେ କ୍ରିସ୍ଟର୍ ଗ୍ୟାନ୍ ହର୍ ବାସ୍ନା ଅଃମାର୍ ତଃୟ୍‌ହୁଣି ଜାଣାଉଁଲା । 15 କାୟ୍‌ତାକ୍‌ବଃଲେକ୍ ମୁକ୍ତି ହାଉତାର୍ ଆର୍ ନାସ୍ ଅଃଉତା ଲକ୍‌ମଃନାର୍ ବିତ୍ରେ ଉର୍ଜି ଅଃଉତା ଅଃମିମଃନ୍ ଇସ୍ୱରାର୍ ଆକାୟ୍ କ୍ରିସ୍ଟର୍ ନିକ ବାସ୍ନା ହର୍ । 16 କାୟ୍‌ତାକ୍‌ବଃଲେକ୍ ଜୁୟ୍ ଲକ୍‌ମଃନ୍ ନାସ୍ ଅୟ୍‌ଲାୟ୍ ଆଚ୍‌ତି, ଇତି ସେମଃନାର୍ ଗିନେ ମଃର୍ନ୍ ଦେଉଁକେ କଃରାବ୍ ବାସ୍ନା ହର୍, ମଃତର୍ ଜୁୟ୍ ଲକ୍‌ମଃନ୍ ମୁକ୍‌ଳି ଆଚ୍‌ତି, ସେମଃନାର୍ ଗିନେ ଇତି ଜିବନ୍ ଦେଉଁକେ ସୁନ୍ଦର୍ ବାସ୍ନା ହର୍ । ଆର୍ ଇରଃକମ୍ କଃସ୍ଟ କାମ୍ କେ କଃରୁ ହାରେ? 17 ଅଃମି ବିନ୍ ଲକାର୍ ହର୍ ଅଃମିମଃନ୍ ନିଜାର୍ ଲାବ୍ ଗିନେ ଇସ୍ୱରାର୍ କଃତା ପର୍ଚାର୍ ନଃକେରୁ, ମଃତର୍ ଅଃମି କ୍ରିସ୍ଟର୍ ଦଃଙ୍ଗ୍‌ଲା ହର୍ ଇସ୍ୱର୍ ଦିରା ବାବେ ଇସ୍ୱରାର୍ ସଃତ୍ କଃତା ପର୍ଚାର୍ କଃରୁଲୁ ।

**3** ଅଃମିମଃନ୍ କି ଆରେକ୍ ଗଟ୍‌ତର୍ ନିଜାର୍ ଗୁଣ୍‌ଗିତ୍ କଃଉଁକେ ଆରୁମ୍ କଃରି ଆଚୁ? କି ବିନ୍ କାର୍ ହର୍ ଅଃମି କାୟ୍ ତୁମିମଃନାର୍ ହାକ୍ କି ତୁମିମଃନାର୍ ଲଃଗେହୁଣି ଜାଣ୍‌ତା ଚିଟି ଲଳା କଃରୁଲୁ? 2 ତୁମିମଃନ୍‌କେ ତ ଅଃମିମଃନାର୍ ମଃନେ ଲେକା ଅୟ୍‌ଲାର୍ ଆର୍ ସଃବୁ ଲକ୍ ଜାଣ୍‌ତାର୍ ଆର୍ ଆରେକ୍ ହଳ୍‌ଲା ଅଃମିମଃନାର୍ ଚିଟି ହର୍ । 3 ଇ ଜାଣ୍‌ତା ଚିଟି କ୍ରିସ୍ଟ ନିଜେ ଲେକ୍‌ଲାର୍ ଆର୍ ଅଃମାର୍ ସେବାର୍ କାମେ ହଃଟାୟ୍‌ଲାର୍; ସେରି କାଳି ସଃଙ୍ଗ୍ ଲେକ୍‌ଲାର୍ ନାୟ୍, ମଃତର୍ ଜିବନ୍ ଇସ୍ୱରାର୍ ଆତ୍ମା ସଃଙ୍ଗ୍ ଲେକ୍‌ଲାର୍, ଟେଳା ହାଟାୟ୍ ନାୟ୍, ମଃତର୍ ଲକ୍‌ମଃନାର୍ ମଃନ୍ ହର୍ ହାଟା ତଃୟ୍ । 4 ଆର୍, କ୍ରିସ୍ଟର୍ ଗିନେ ଇସ୍ୱରାର୍ ଉହ୍ରେ ବଃର୍ସା କଃରି ଅଃମିମଃନାର୍ ଇରଃକମ୍ କଃତା କଃଉଁଲୁ । 5 ଅଃମିମଃନ୍ ଜେ ନିଜାର୍ ତଃୟ୍‌ହୁଣି କାୟ୍‌ରି ନଃଜାଣ୍‌ତା ଆସ୍ତି ବାର୍ କଃରୁକେ ଜୟ୍‌ଗ୍, ଇବାନ୍ୟା ନାୟ୍, ମଃତର୍ ଅଃମିମଃନାର୍ ଜୟ୍‌ଗ୍ ଇସ୍ୱର୍ ତଃୟ୍‌ହୁଣି । 6 ନଃଉଆଁ ନିଅମ୍‌କେ ବିନ୍ ଲକାର୍ ତଃୟ୍ ପର୍ଚାର୍ କଃରୁକେ ସେ ଅଃମିକ୍ ବଃଣ୍ଡାର୍‌ଗଃରିଆ କଃରିଆଚେ, ଇତି ଲେକ୍‌ଲା ନିଅମ୍ ନୟ୍, ମଃତର୍ ଆତ୍ମାର୍ । କାୟ୍‌ତାକ୍‌ବଃଲେକ୍ ଲେକ୍‌ଲା ନିୟମ୍ ଦେତାର୍, ମଃତର୍ ଆତ୍ମା ଜିବନ୍ ଦେତାର୍ । 7 ମସାର୍ ନିୟମ୍ ଟେଳା ଉହ୍ରେ ଲେକା ଅୟ୍‌ରିଲି, ଆର୍ ଇସ୍ୱରାର୍ ଜଃଜ୍‌ମାନାର୍ ସଃଙ୍ଗ୍ ଦିଆ ଜାୟ୍‌ରିଲି । ଅୟ୍‌ଲେକ୍ ହେଁ ଇସ୍ରାଏଲ୍ ହୟ୍‌ସିମଃନ୍ ମସାର୍ ମୁଏଁ ହୁଣି ଚଃନେକ୍ ରେତା ସେବା କାମାର୍ ଉଜାଳାର୍ ଗିନେ ତାର୍ ମୁଏଁ ତିର୍ ଆକାୟ୍ ଦଃକୁ ନଃହାୟ୍‌ଲାୟ୍ । ଜଦି ନିଅମ୍ ଆଣ୍‌ଲେକ୍ ହେଁ, ସେରି ଜଃଜ୍‌ମାନ୍ ସଃଙ୍ଗ୍ ଆସିରିଲି, 8 ତଃବେ ଇସ୍ୱରାର୍ ଆତ୍ମା

ତଃୟ୍ ହୁଣି ଆୟ୍‌ଲା ସେବାକାମାର୍ ନଃଉଆଁ ନିଅମ୍ କଃତେକ୍
ଅଃଦିକ୍ ଜଃଜ୍‌ମାନାର୍ ନୟେ? 9 କାୟ୍‌ତାକ୍‌ବଃଲେକ୍ ଜଦି
ଦଃଣ୍ଡଦେତା ସେବାକାମ୍ ଜଃଜ୍‌ମାନାର୍, ତଃବେ ମୁକ୍ତି ଆଣ୍‌ତା
ଦଃର୍ମ୍‌କାମ୍ ତ ଆରେକ୍ ଅଃଦିକ୍ ଜଃଜ୍‌ମାନାର୍ । 10 ଜୁୟ୍‌ତାର୍
ଗିନେ ଜାୟ୍‌ରି ଜଃଜ୍‌ମାନାର୍ ଅୟ୍‌ରିଲି, ସେରି ସେତିର୍ ବେସି
ଅଃଦିକ୍ ଜଃଜ୍‌ମାନାର୍ କଃତାର୍ ତୁଲ୍‌ନାୟ୍ ଜଃଜ୍‌ମାନ୍ ନୟ୍‌ଲାର୍
ଅୟ୍‌ଆଚେ । 11 କାୟ୍‌ତାକ୍‌ବଃଲେକ୍ ଚଃନେକ୍ ରେତା କଃତା
ଜଃଜ୍‌ମାନାର୍ ଅୟ୍‌ଲି, ତଃବେ ସଃବୁବଃଲ୍ ରେତା କଃତା ଆରେକ୍
ଅଃଦିକ୍ ଜଃଜ୍‌ମାନେ ଆଚେ । 12 ତଃବେ, ଇରଃକମ୍ ବଃର୍ସା
ହାୟ୍‌କଃରି ଅଃମିମଃନ୍ ବଃଡେ ସାସି ଲକ୍ । 13 ଆର୍, ଇସ୍ରାଏଲ୍
ହୟ୍‌ସିମଃନ୍ ଜଃନ୍‌କଃରି ସେ ଚଃନେକ୍ ରେତା ଜଃଜ୍‌ମାନ୍ ନଃସ୍ଟ
ଅଃଉତାର୍ ତିର୍ ଆକାୟ୍ ନଃଦେକ୍‌ତି, ସେତାର୍‌ଗିନେ ମସା
ଜଃନ୍‌କାର୍ ଅଃହ୍‌ଣାର୍ ମୁଏଁ ଅଡ୍‌ଣା ଡାହ୍‌ତିରିଲା, ଅଃମିମଃନ୍
ସେବାନ୍ୟା ନଃକେରୁ । 14 ମଃତର୍ ସେମଃନାର୍ ଗ୍ୟାନ୍‌କେ
ଅଃଟୁଆ ଅୟ୍‌ଆଚେ, କାୟ୍‌ତାକ୍‌ବଃଲେକ୍ ଆଜି ହଃତେକ୍ ହଃର୍ନା
ନିଅମ୍ ହଲ୍‌ତା ବଃଲ୍ ସେ ଅଡ୍‌ଣା ଡାହିଅୟ୍‌ଲାର୍ ହୁର୍ବାର୍ ହର୍
ଆଚେ, ଆର୍ କ୍ରିସ୍ଟର୍ ତଃୟ୍ ସେ ଅଡ୍‌ଣା ଡାହିଅୟ୍‌ଲାର୍ ଜେ ଲୁକି
ଜଃଉଁଲି, ଇରି ଜାଣା ନଃହେଲୁଲି । 15 ମଃତର୍ ଆଜି ହଃତେକ୍
ମସାର୍ ବିଦି ହଲ୍‌ତା ବଃଲ୍ ସେମଃନାର୍ ମଃନ୍ ଅଡ୍‌ଣାୟ୍ ଡାହିଅୟ୍
ରୟ୍‌ଦ୍ । 16 ଦଃର୍ମ୍ ସାସ୍ତରେ ଲେକାଆଚେ ଜୁୟ୍ ଲକ୍‌ମଃନ୍
ମାପ୍ରୁର୍ ତଃୟ୍ ବାଉଲ୍‌ତି "ସେମଃନାର୍ ଅଡ୍‌ଣା ଗୁଚା ଅୟ୍‌ଦ୍ ।"
17 ଇତି ଲେକା ଅୟ୍‌ଲା "ମାପ୍ରୁ" ଆତ୍ମା, ଆର୍ ଜୁୟ୍‌ତି ମାପ୍ରୁର୍
ଆତ୍ମା ସେତି ମୁକ୍ତ । 18 ମଃତର୍ ଅଃମିମଃନ୍ ସଃବୁ ଲକ୍ ଅଡ୍‌ଣା
ଡାହି ନଃଉତା ମୁଏଁ ଅଃବେ ତଃରାସ୍ ହାୟ୍ ଦଃର୍ହାଣେ ଦଃକ୍‌ଲା
ହର୍ ମାପ୍ରୁର୍ ଜଃଜ୍‌ମାନ୍ ଦଃକି ଦଃକି ଜଃଜ୍‌ମାନ୍ ଅବୁସ୍ତାୟ୍ ହୁଣି
ଅଃଦିକ୍ ଜଃଜ୍‌ମାନ୍ ହାୟ୍ ତାର୍ ସେ ମୁର୍ତି ଅୟ୍ ବାଦ୍‌ଲି ଆଚୁ ।
ଜୁୟ୍‌ତାର୍ ଗିନେ ମାପ୍ରୁ ଜେ କି ଆତ୍ମା, ତାର୍ ତଃୟ୍‌ହୁଣି ଇ ସଃବୁ
ଅଃଉଁଲି ।

4 ତଃବାର୍‌ଗିନେ, ଅଃମିମଃନ୍ ଦଃୟା ହାୟ୍ ଇ ସେବା କଃର୍ତା
ହଃଦ୍ ହାୟ୍‌ଆଚୁ ଲାଗି, ଅଃମି ସାସ୍ ନୟ୍‌ଲା ଲକ୍ ହର୍ ନାୟ୍,
2 ମଃତର୍ ଅଃମିମଃନ୍ ଲାଜାର୍ ଲୁକ୍‌ଲା କଃତା ସଃବୁ ଚାଡି
ଆଚୁ, ଇତାର୍ ଗିନେ ଅଃମିମଃନ୍ ଟକ୍‌ତା ଲକ୍ ହର୍ ଚାଲାଚାଲ୍‌ତି
ନଃକେରୁ କି ଇସ୍ୱରାର୍ କଃତା ମିଚେ ବେବାର୍ ନଃକେରୁ, ମଃତର୍
ସଃତ୍ ଜାଣାୟ୍‌କଃରି ଇସ୍ୱରାର୍ ମୁଏଁ ସଃବୁ ମାନାୟ୍‌ର୍ ବାଦ୍‌ନା
ଲଃଗେ ନିଜ୍‌ନିଜ୍‌କେ ଜୟ୍‌ଗ୍ ଦଃକାଉଁଲୁ । 3 ମଃତର୍ ଅୟ୍‌ଲେକ୍
ହେଁ ଅଃମିମଃନାର୍ ନିକ କବୁର୍ ଡାହି ଅୟ୍ ରଃୟ୍‌ଦ୍, ସେରି ନାସ୍
ହାୟ୍‌ଲା ଲକ୍‌ମଃନାର୍ ଗିନେ ଡାହି ଅୟ୍‌ଆଚେ । 4 ଇସ୍ୱରାର୍
ମୁର୍ତି ହର୍ ଜେ କ୍ରିସ୍ଟ ତାର୍ ଜଃଜ୍‌ମାନାର୍ ନିକ କବୁରାର୍ ଉଜାଲ୍
ଜଃନ୍‌କଃରି ଇରଃକମ୍ ଲକାର୍ ଗିନେ ଜାଣା ନଃହେଲେ, ଇତାର୍
ଗିନେ ଇ ଜଃଗତାର୍ ଅଃଦିକାରି ସୟ୍‌ତାନ୍ ଅବିସ୍ୱାସିମଃନାର୍
ଗ୍ୟାନ୍‌ଆକି କାଣା କଃରି ଆଚେ ସେମଃନ୍‌କେ ନଃଡିସେ ।
(aiōn g165) 5 ବଃଲେକ୍ ଅଃମିମଃନ୍ ଅଃମାର୍ ବିସୟେ ପର୍ଚାର୍
ନଃକେରୁ, ମଃତର୍ କ୍ରିସ୍ଟ ଜିସୁ ହଃକା ମାପ୍ରୁ ବଃଲି ପର୍ଚାର୍ କଃରୁଲୁ,
ଆରେକ୍ ଜିସୁର୍ ଗିନେ ଅଃମିମଃନ୍ ଜେ ତୁମିମଃନାର୍ ସେବାକାରି
। 6 କାୟ୍‌ତାକ୍‌ବଃଲେକ୍ ଜୁୟ୍ ଇସ୍ୱର୍ କୟ୍‌ରିଲା, "ଅଃନ୍ଦାର୍ ବିତ୍ରେ
ହୁଣି ଉଜାଲ୍ ଜାଣା ହଃଲ ।" ସେ ଇସ୍ୱର୍ ଅଃମିମଃନାର୍ ମଃନେ
ଉଜାଲ୍ ଦଃୟ୍‌ଆଚେ, ଜଃନ୍‌କଃରି ଅଃମି କ୍ରିସ୍ଟର୍ ମୁଏଁ ଜାଣା
ହଃଲ୍‌ଲା ଇସ୍ୱରାର୍ ଜଃଜ୍‌ମାନାର୍ ଗ୍ୟାନାର୍ ଉଜାଲ୍ ଜାଣୁହାରୁ ।
7 ମଃତର୍ ବଃଡେ ସଃକାତ୍ ଜେ ଇସ୍ୱରାର୍, ଆରେକ୍ ସେରି ଜେ
ଅଃମିମଃନାର୍ ତଃୟ୍‌ହୁଣି ବାରାୟ୍‌ଲାର୍ ନାୟ୍, ଇତି ଜଃନ୍‌କଃରି
ଜାଣା ହଃଲେଦ୍, ଇତାର୍ ଗିନେ ଅଃମିମଃନ୍ ଇ ସଃର୍ଗାର୍ ଦଃନ୍
ମାଟିର୍ ମାଡାୟ୍ ହାୟ୍‌ଆଚୁ । 8 ଅଃମିମଃନ୍ ସଃବୁ ରଃକମାର୍
କଃସ୍ଟ ବୟ୍‌ଗ୍ କଃରି ଆଚୁ, ଅୟ୍‌ଲେକ୍ ହେଁ ବାଡ୍ଗି ନଃହେଲୁ; ବୁଦି
ବାଣା ଅୟ୍ ଆଚୁ, ଅୟ୍‌ଲେକ୍ ହେଁ ଆସା ନଃଚାଡୁ । 9 ଅଃମିମଃନ୍
ତାଡ୍‌ନା ହାୟ୍‌ଆଚୁ, ଅୟ୍‌ଲେକ୍ ହେଁ ଇସ୍ୱର୍ ଅଃମିମଃନ୍‌କେ
କଃବେ ନଃଚାଡେ, ମଃଲା ହର୍ ଅୟ୍ ଆଚୁ, ଅୟ୍‌ଲେକ୍ ହେଁ
ନାସ୍ ନଃଉଁ । 10 ଅଃମିମଃନ୍ ସଃବୁବଃଲ୍ ଜିସୁର୍ ମଃର୍ନ୍ ବୟ୍‌ଗ୍
ଗଃଗାଲେ ଜାଣୁଲୁ, ଜଃନ୍‌କଃରି ଜିସୁର୍ ଜିବନ୍ ହେଁ ଅଃମିମଃନାର୍
ଗଃଗାଲେ ଜାଣା ହଃଲେଦ୍ । 11 କାୟ୍‌ତାକ୍‌ବଃଲେକ୍ ଜିସୁର୍
ଜିବନ୍ ଜଃନ୍‌କଃରି ଅଃମିମଃନାର୍ ହୁର୍ତିବିର୍ ଗଃଗାଲେ ଜାଣା
ହଃଲେଦ୍, ଇତାର୍ ଗିନେ ଅଃମିମଃନ୍ ଜିବନ୍ ଅୟ୍‌ଲେକ୍ ହେଁ
ସଃବୁବଃଲ୍ ଜିସୁର୍ ଗିନେ ମଃର୍ନାର୍ ମୁଏଁ ସଃହ୍ରି ଅୟ୍ ଆଚୁ । 12
ଇରଃକମ୍ ଅଃମିମଃନାର୍ ତଃୟ୍ ମଃର୍ନ୍, ମଃତର୍ ତୁମାର୍ ତଃୟ୍
ଜିବନ୍ କାମ୍ ହୁରଣ୍ କଃରୁଲି । 13 ସାସ୍ତୁର୍ କଃଉଁଲି, "ମୁୟ୍ଁ
ବିସ୍ୱାସ୍ କଃଲେ, ଇତାକ୍ କଃତା କୟ୍‌ଲେ ।" ସେ ବିସ୍ୱାସାର୍
ଆତ୍ମା ହାୟ୍‌ରିଲା ଗିନେ ଅଃମିମଃନ୍ ହେଁ ବିସ୍ୱାସ୍ କଃରୁଲୁ, ଇତାର୍
ଗିନେ କଃତା କଃଉଁଲୁ । 14 କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍
ସେ ଇସ୍ୱର୍‌କେ ଜାଣିଆଚୁ, ଜେ ମାପ୍ରୁ ଜିସୁକେ ଜିବନ୍ ଦଃୟ୍
ଉଟାୟ୍‌ଲା, ସେ ଅଃମିମଃନ୍‌କେ ହେଁ ଜିସୁର୍ ସଃଙ୍ଗ୍ ଜିବନ୍ ଦଃୟ୍
ଉଟାୟ୍‌ଦ୍ ଆର୍ ଅଃମିମଃନ୍‌କ୍ ତୁମିମଃନାର୍ ସଃଙ୍ଗ୍ ତାର୍‌ତଃୟ୍
ନଃୟ୍‌ଦ୍ । 15 ଜୁୟ୍‌ତାର୍ ଗିନେ ସଃବୁ କଃତା ତୁମିମଃନାର୍
ଗିନେ ଅଃଉଁଲି, ଇସ୍ୱରାର୍ ଦଃୟା ଆରେକ୍ ବାଡିକଃରି ଗାଦେକ୍
ଲକାର୍ ତଃୟ୍ ହଚ୍‌ଲେକ୍, ଆରେକ୍ ଅଃଦିକ୍ ଲକ୍ ସଃର୍ଦା ମଃନେ
ଇସ୍ୱରାର୍ ଜଃଜ୍‌ମାନ୍ ଗିନେ ଦନ୍ୟବାଦ୍ ଜାଣାଉତି । 16 ସେତାର୍
ଗିନେ ଅଃମିମଃନ୍ କାନିକଃର୍ମ୍ ନଃଉଁ, ମଃତର୍ ଅଃମାର୍ ହଃଦାର୍
ମାନାୟ୍ ନଃସ୍ଟ ଅୟ୍‌ଲେକ୍ ହେଁ ଅଃମିମଃନାର୍ ମଃନ୍ ବିତ୍ରାର୍
ମାନାୟ୍ ଦିନ୍‌କେ ଦିନ୍ ନଃଉଆଁ ଅଃଉଁଲି । 17 କାୟ୍‌ତାକ୍‌ବଃଲେକ୍
ଇ ଚଃନେକ୍ କାଲ୍ ରେତା ସଃମ୍ୱାଲ୍‌ତା କଃସ୍ଟ ଅଃଦିକ୍ ବୁଟେକ୍
କଃରି ଅଃମିମଃନାର୍ ଗିନେ ଅଃମ୍ବର୍ କାଲ୍ ରେତା ବଃଡେ
ଜଃଜ୍‌ମାନ୍ ହୁରୁଣ୍ କଃରୁଲି । ଇ ଅଃମ୍ବର୍ ଜଃଜ୍‌ମାନ୍ କଃସ୍ଟ
ତଃୟ୍‌ହୁଣି ଅଃଦିକ୍ ବଃଡ୍ । (aiōnios g166) 18 ଜୁୟ୍‌ତାର୍
ଗିନେ ଅଃମିମଃନ୍ ଡିସ୍ତା କଃତାକ୍ ନଃଦେକି ନଃଡିସ୍ତାର୍ କଃତାକ୍

ଦଃକୁଲୁ, କାୟ୍‌ତାକ୍‌ବଃଲେକ୍ ଡିସ୍ତା କଃତା ଚଃନେକ୍ କାଲ୍ ଗିନେ
ରଃୟ୍‌ଦ୍, ମଃତର୍ ନଃଡିସ୍ତାର୍ କଃତା ଅଃମ୍ବର୍ କାଲ୍ ଗିନେ ରଃୟ୍‌ଦ୍
। (aiōnios g166)

5 କାୟ୍‌ତାକ୍‌ବଃଲେକ୍ ଅଃମି ଜାଣିଆଚୁ, ଜୁୟ୍ ତୁମ୍ ହର୍
ହୁର୍ଟିବିର୍ ଗଃରେ ଅଃମି ଅଃବେ ବାସା କଃରୁଲୁ, ସେରି ନାସ୍
ଅୟ୍‌ଗଃଲେକ୍, ଇସ୍ୱର୍ ଅଃମିକ୍ ସଃର୍ଗେ ସଃବୁ ଦିନ୍ ରେତା ଗଃର୍
ଜାଗାୟ୍ ଦଃୟ୍‌ଦ୍ । ସେରି ମାନାୟ୍ ଆତେ ତିଆର୍ କଃଲାର୍ ନାୟ୍,
ମଃତର୍ ସେରି ନିଜେ ଇସ୍ୱର୍ ତିଆର୍ କଃଲାର୍, ଜୁୟ୍‌ରି ସଃବୁ
ଦିନ୍ ରଃୟ୍‌ଦ୍ । (aiōnios g166) 2 ଜୁୟ୍‌ତାର୍ ଗିନେ ଅଃମିମଃନ୍
ତ ଅଃମିମଃନାର୍ ସଃର୍ଗୀର୍ ଗଃର୍‌ହର୍ ବଃସ୍ତୁର୍ ହିନ୍ଧକ୍ ଗଟେକ୍
ମଃନେ ଇଚା କଃରି ଇ ଗଃରେ ରେଉଁରେଉଁ ଦୁକେ କାନ୍ଧଲୁ । 3
ମଃତର୍ ସେ ସଃର୍ଗୀର୍ ଗଃରେ ଗଃଲେକ୍, ଅଃମିମଃନ୍ ନଃଗ୍‌ଲା
ନଃଡିସୁ । 4 କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍ ଇ ତୁମ୍ ତଃୟ୍ ବାସା
କଃରି ବଜ୍ ବୟ୍ ଦୁକେ କାନ୍ଧଲୁ; ଜୁୟ୍‌ତାର୍ ଗିନେ ଅଃମିମଃନ୍ ଜେ
ହୁର୍ଟିବିର୍ ବଃସ୍ତୁର୍ ଚାଡୁକ୍ ମଃନ୍ କଃରୁଲୁ, ସେରି ନାୟ୍, ମଃତର୍
ଜିବନ୍ ଜଃନ୍‌କଃରି ମଃର୍ନ୍‌କେ ଡାହେଦ୍, ଇତାର୍ ଗିନେ ଇ ବଃସ୍ତୁର୍
ଉହ୍ରେ ସଃର୍ଗୀର୍ ବଃସ୍ତୁର୍ ହିନ୍ଧକ୍ ଅଃମିମଃନ୍ ମଃନ୍ କଃରୁଲୁ । 5
ଆର୍ ଜେ ଇତାର୍ ଗିନେ ଅଃମିମଃନ୍‌କେ ଜଃଗ୍ରାତ୍ କଃରି ଆଚେ,
ସେ ଇସ୍ୱର୍, ସେ ଅଃମିମଃନ୍‌କ୍ ସଃୟ୍‌ତ୍ ହଃର୍କାରେ ପବିତ୍ର ଆତ୍ମା
ହେଁ ଦାନ୍ କଃରିଆଚେ । 6 ତଃବେ ଅଃମିମଃନ୍ ସଃବୁବଃଲ୍ ସାସ୍
ଦଃରି ଆଚୁ, ଆର୍ ଇ ଗଃଗାଲାର୍ ଗଃରେ ଜୁୟ୍ ହଃତେକ୍ ବାସା
କଃରୁଲୁ, ସେ ହଃତେକ୍ ଜେ ଅଃମିମଃନ୍ ମାପ୍ରୁର୍ ଗଃରେହୁଣି
ଦୁରିକ୍ ବାସା କଃରୁଲୁ, ଇତି ଜାଣିଆଚୁ । 7 କାୟ୍‌ତାକ୍‌ବଃଲେକ୍
ଅଃମିମଃନ୍ ଡିସ୍ତା କଃତାୟ୍ ଜିବନ୍ ନଃକାଟି, ବିସ୍ୱାସେ ଜିବନ୍
କାଟୁଲୁ । 8 ହିଁ ଅଃମିମଃନ୍ ସାସି, ଆର୍ ଇ ଗଃଗାଲେ ହୁଣି ଦୁରିକ୍
ବାସା କଃରି ମାପ୍ରୁର୍ ତଃୟ୍ ବାସା କଃରୁଲାକ୍ ଅଃମିମଃନାର୍
ବୁତେକ୍ ସଃର୍ଦା । 9 ଇତାର୍ ଗିନେ ହେଁ ବାସା କଃର୍ତା ଲକ୍ ଅଃଉଆ
କି ହଃର୍‌ଦେସ୍ୟା ଅଃଉଆ, ତାର୍ ତଃୟ୍ ସଃର୍ଦାର୍ ଲକ୍ ଅଃଉଁକେ
ଅଃମିମଃନାର୍ ବଃଡେ ମଃନ୍ । 10 କାୟ୍‌ତାକ୍‌ବଃଲେକ୍ ନିକ
ଅଃଉଅ କି କଃରାବ୍ ଅଃଉଆ, ହଃତିଲକ୍ ଅଃହ୍‌ଣାର୍ ହୁର୍ଟିବିର୍
ଗଃଗାଲ୍ କଃଲା କାମ୍ ହଃର୍କାରେ ହଃଲ୍ ହାଉଁକ୍ କ୍ରିସ୍ଟର୍ ବିଚାର୍
କଃର୍ତା ଟାଣେ ଅଃମି ସଃବୁ ଲକେ ଜାଣାୟ୍ ଅଃଉଁକେ ଅୟ୍‌ଦ୍
। 11 ତଃବେ ମାପ୍ରୁକ୍ ଡିର୍‌ତା କଃତା ଜାଣ୍‌ଲାକ୍ ଅଃମିମଃନ୍
ଲକ୍‌ମଃନ୍‌କେ ସିକାଉଁଲୁ, ମଃତର୍ ଅଃମିମଃନ୍ ଇସ୍ୱରାର୍ ଚଃମେ
ନିକ କଃରି ଜାଣାୟ୍ ଅୟ୍ ଆଚୁ, ଆର୍ ତୁମିମଃନାର୍ ବାବ୍‌ନା
ତଃୟ୍ ହେଁ ଜେ ନିକକଃରି ଜାଣାୟ୍ ଅୟ୍ ଆଚୁ, ଇରି ମୁୟ୍ଁ ଆସା
କଃରୁଲେ । 12 ଅଃମିମଃନ୍ ଆରେକ୍ ଗଟ୍‌ତର୍ ତୁମାର୍ ଚଃମେ
ନିଜାର୍ ଗୁଣ୍‌ଗିତ୍ ନଃକଉଁ, ମଃତର୍ ଜୁୟ୍ ଲକ୍‌ମଃନ୍ ମଃନ୍‌ବିତ୍ରାର୍
କଃତାକ୍ ଗର୍ବ୍ ନଃକେରି ହଃଦାର୍ କଃତାୟ୍ ଗର୍ବ୍ କଃର୍ତି,
ସେମଃନ୍‌କେ ଜଃନ୍‌କଃରି ଉତ୍ତୁର୍ ଦେଉଁକ୍ ହାରାସ୍, ଇତାର୍
ଗିନେ ଅଃମିମଃନାର୍ ବାଟ୍ୟା ଗର୍ବ୍ କଃରୁକେ ତୁମିମଃନ୍‌କେ
ବାଟ୍ ଦେଉଁଲୁ । 13 କାୟ୍‌ତାକ୍‌ବଃଲେକ୍ ଜଦି ଅଃମିମଃନ୍
ନିର୍ବୁଦିଆ, ସେରି ଇସ୍ୱରାର୍ ଗିନେ, କି ଜଦି ଅଃମିମଃନ୍ ବୁଦିଆ,
ସେରି ତୁମିମଃନାର୍ ଗିନେ । 14 କାୟ୍‌ତାକ୍‌ବଃଲେକ୍ କ୍ରିସ୍ଟର୍
ଲାଡ୍ ଅଃମିମଃନ୍‌କ୍ ଆୟ୍‌ତ୍ କଃରି ଚାଲାଉଁଲି, ଜୁୟ୍‌ତାର୍ ଗିନେ
ଅଃମିମଃନ୍ ଇ ବିଚାର୍ କଃରୁଲୁ ଜେ, ଏକ୍ଲା ସଃବୁ ଲକାର୍
ଗିନେ ମଃର୍ନ୍ ବୟଃଗ୍ କଃରି ରିଲାକ୍ ସଃବୁ ଲକ୍ ମଃନାର୍
ବାଗିଦାରି ଅୟ୍‌ଲାୟ୍ । 15 ଆର୍ ସେ ସଃବୁ ଲକାର୍ ଗିନେ ମଃର୍ନ୍
ବୟଃଗ୍ କଃଲା, ଜଃନ୍‌କଃରି ଜୁୟ୍ ଲକ୍‌ମଃନ୍ ଜିବନ୍ ଆଚ୍‌ତି,
ସେମଃନ୍ ଆର୍ ଅଃହ୍‌ଣା ଅଃହ୍‌ଣାର୍ ଗିନେ ଜିବନ୍ ନଃକାଟି, ଜେ
ସେମଃନାର୍ ଗିନେ ମଃର୍ନ୍ ବୟଃଗ୍ କଃଲା ଆର୍ ଉଟ୍‌ଲା, ତାର୍
ଗିନେ ଜିବନ୍ କାଟ୍‌ତି । 16 ତଃବେ ଆଜିହୁଣି ଅଃମିମଃନ୍ ଗଃଗାଲ୍
ହଃର୍‌କାରେ କାକେ ବିଚାର୍ ନଃକେରୁ, ଜଦି କ୍ରିସ୍ଟକେ ଗଃଗାଲ୍
ହଃର୍କାରେ ଅଃମିମଃନ୍ ବିଚାର୍ କଃରିରିଲୁ, ଅୟ୍‌ଲେକ୍ ହେଁ ଅଃବେ
ଆର୍ ତାକେ ସେ ହଃର୍କାରେ ବିଚାର୍ ନଃକେରୁ । 17 ଇତାର୍ ଗିନେ
ଜେ କ୍ରିସ୍ଟର୍ ତଃୟ୍ ଆଚେ, ତଃବେ ସେ ନଃଉଆଁ କଃରି ଜଃଲମ୍
ଅୟ୍‌ଆଚେ; ହଃର୍ନା କଃତା ସଃବୁ ନଃସ୍ଟ ଅୟ୍‌ଆଚେ, ଦଃକ୍,
ସଃବୁ କଃତା ନଃଉଆଁ ଅୟ୍‌ଆଚେ । 18 ମଃତର୍ ସଃବୁ କଃତା
ଇସ୍ୱର୍ ତଃୟ୍‌ହୁଣି ଅୟ୍‌ଆଚେ; ସେ କ୍ରିସ୍ଟର୍ ତଃୟ୍ ଅଃହ୍‌ଣାର୍
ସଃଙ୍ଗ୍ ଅଃମିମଃନ୍ ମିସାୟ୍ ଆଚେ ଆର୍ ସେ ମିସାୟ୍‌ଲା ତଃୟ୍
ସେବା କଃର୍ତା ହଃଦ୍ ଅଃମିମଃନ୍‌କେ ଦଃୟ୍‌ଆଚେ । 19 ସେ
ମିସ୍‌ଲା ତଃୟ୍‌ର୍ କବୁର୍ ଇରି, ଇସ୍ୱର୍ କ୍ରିସ୍ଟର୍ ତଃୟ୍ ଜଃଗତ୍‌କେ
ଅଃହ୍‌ଣାର୍ ସଃଙ୍ଗ୍ ମାପ୍ରୁସାଦ୍ କଃଲା; ସେ ଜଃଗତେ ବାସାକଃର୍ତା
ଲକାର୍ ହାହ୍ କାମ୍ ନଃଗେଣି ସେ ମିସ୍‌ଲା ତଃୟ୍‌ର୍ କବୁର୍
ଅଃମିମଃନାର୍ ଚଃମେ ସଃହ୍ରି ଦଃୟ୍‌ଆଚେ । 20 ତଃବେ ଇସ୍ୱର୍
ଅଃମିମଃନ୍‌କେ କୁଦ୍‌ଲାର୍ ଗିନେ ଅଃମିମଃନ୍ କ୍ରିସ୍ଟର୍ ବାଟ୍ୟା
ରଃଜାଦୁତାର୍ କାମ୍ କଃରୁଲୁ; କ୍ରିସ୍ଟର୍ ବାଟ୍ୟା ଅୟ୍ ଅଃମିମଃନ୍
ଗଃଉଆରି କଃରୁଲୁ, ଇସ୍ୱର୍ ତୁମିକେ ସଃତ୍ତୁ ତଃୟ୍‌ହୁଣି ମାପ୍ରୁସାଦ୍
କଃରି ବାଦ୍‌ଲାଅ । 21 ଜାର୍ ତଃୟ୍ ହାହାର୍ ଚିନ୍ କଃଣ୍ଡେକ୍
ନଃରିଲି, ତାକେ ସେ ଅଃମିମଃନାର୍ ଗିନେ ହାହାର୍ ହୁଜା ହର୍
କଃଲା, ଜଃନ୍‌କଃରି ଅଃମିମଃନ୍ ତାର୍ ଦଃୟ୍ ଇସ୍ୱରାର୍ ଚଃମେ
ଦର୍ମି ହର୍ ଅଃଉଁନ୍ଧ ।

6 ଆରେକ୍ ହେଁ ଇସ୍ୱରାର୍ ଦଃୟ୍ୟା ହାୟ୍‌ଲାର୍ ଜଃନ୍‌କଃରି
ତୁମିମଃନାର୍ ତଃୟ୍ ହଲ୍ୟା ନୟେ, ଇତାର୍ ଗିନେ ଇସ୍ୱର୍
ସଃଙ୍ଗ୍ ଗଟେକ୍ ତଃୟ୍ କାମ୍ କଃରୁ କଃରୁ ଅଃମିମଃନ୍ ଗଃଉଆରି
କଃରୁଲୁ । 2 କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ଜାୟ୍‌ରି କଃଉଁଲା
ସୁଣା, “ମୁୟ୍ଁ ଦଃୟ୍ୟାର୍ ବଃଲ୍ ତୁମାର୍ ପାର୍ତ୍ନା ସୁଣ୍‌ଲେ, ଆର୍
ମୁକ୍ଲାଉଁଣିର୍ ଦିନ୍ ମୁୟ୍ଁ ତୁମାର୍ ଉହ୍‌କାର୍ କଃଲେ ।” ଦଃକା,
ଅଃବେ ବଃଡେ ଦଃୟ୍ୟାର୍ ବେଳା; ଅଃବେ ମୁକ୍ଲାଉଁଣିର୍ ଦିନ୍ । 3
ଜଃନ୍‌କଃରି ଅଃମିମଃନାର୍ ସେବାକଃର୍ତା ହଃଦ୍ ବାଦା ନାହାୟ୍,
ସେତାର୍‌ଗିନେ ଅଃମିମଃନ୍ କୁୟ୍ କଃତାୟ୍ ହେଁ ବାଦା ନଃଦେଉଁକେ
ଚେସ୍ଟା କଃରୁଲୁ । 4 ମଃତର୍ ଅଃମି ସଃବୁ ଅବୁସ୍ତାୟ୍ ନିଜ୍‌କେ

ଇସ୍ୱରାର୍ ସେବାକାରି ହର୍ ଚିନାୟ୍ ଦେଉଁଲୁ । ବୁଡେକ୍ ସାସ୍
ସଃଙ୍ଗ୍ ଅଃମି ସଃବୁ ରଃକମାର୍, କଃସ୍ଟ ତଃୟ୍, ଦୁର୍‌ଦଃସା ତଃୟ୍,
ବିପ୍‌ତି ତଃୟ୍ ସଃମ୍ଭାଳି ଆଚୁ, 5 ମାଡ୍ ତଃୟ୍, ଜଃଇଲେ ହୁର୍ଲା
ତଃୟ୍, ଗଃଣ୍ଡଗଲ୍ ତଃୟ୍, ହାୟ୍‌ଟି କଃର୍ତା ତଃୟ୍, ନଃସଉତା
ରାତି ତଃୟ୍, ବୁକାର୍ ତଃୟ୍, 6 ପବିତ୍ର ତଃୟ୍, ଗ୍ୟାନ୍ ତଃୟ୍,
ସଃମ୍ଭାଲ୍‌ତା ତଃୟ୍, ଦିରାବାବ୍ ତଃୟ୍, ପବିତ୍ର ଆତ୍ମାର୍ ତଃୟ୍,
ନିକ ଲାଡ୍ ତଃୟ୍, 7 ସଃତ୍ କଃତା ତଃୟ୍, ଇସ୍ୱରାର୍ ସଃକ୍ତି
ତଃୟ୍ । ଅଃମାର୍ କାତା ଆର୍ ଡେବ୍ରି ଆତେ ଦଃର୍ମାର୍ କଃଣ୍ଡାକାତି
ଆଚେ । 8 ଅଃମି ମାନ୍‌ତି ଆର୍ ଅମାନ୍ୟାର୍ ହାୟ୍‌ଆଚୁ । ଅଃମି
ଲାଜ୍ ହାୟ୍‌ଆଚୁ ଆର୍ ଗୁଣ୍‌ଗିଡ୍ ହାୟ୍‌ଆଚୁ । ମିଚ୍ କଃଉତା
ଲକାର୍ ହର୍ ଅୟ୍ ଆଚୁ ମଃତର୍ ଅଃମି ସଃତ୍ କଃଉତା ଲକ୍, 9
ନଃଚିନ୍‌ଲା ଲକାର୍ ହର୍ ମଃତର୍ ଚିନଃଲା ଲକ୍, ମଃଲା ଲକାର୍
ହର୍, ମଃତର୍ ଦଃକା, ଅଃମିମଃନ୍ ଜିବନ୍ ଆଚୁ, ଡଃଣ୍ଡ ହାୟ୍‌ଲା
ଲକାର୍ ହର୍, ମଃତର୍ ମାରାୟ୍ ନଃଉଁ, 10 ଦୁକାର୍ ଲକ୍ ହର୍,
ମଃତର୍ ସଃବୁବଃଲ୍ ସଃର୍ଦା, ଗଃରିବ୍ ଲକାର୍ ହର୍, ମଃତର୍
ଗାଦେକ୍ ଲକ୍‌କେ ଦଃନ୍ ଦେଉଁକେ ଲକ୍, କାୟ୍‌ରି ନଃହାଉତା
ଲକାର୍ ହର୍, ମଃତର୍ ସଃବୁ ହାୟ୍‌ଲା ଲକ୍ । 11 ଏ କରନ୍ତିର୍
ଲାଡାର୍ ବାୟ୍ ଆର୍ ବେଣିମଃନ୍, ତୁମିମଃନ୍‌କେ ଅଃମିମଃନାର୍
ସଃବୁ କଃତା କୟ୍‌ଆଚୁ, ଅଃମିମଃନ୍ ତୁମିକେ ମଃନ୍ ଦଃୟ୍
ଲାଡ୍ କଃରୁଲୁ । 12 ତୁମିମଃନାର୍ ହାକ୍ ଅଃମିମଃନାର୍ ଲାଡ୍
ଉଣା ନାୟ୍, ମଃତର୍ ତୁମିମଃନାର୍ ଲାଡ୍ ଉଣା । 13 ନିଜାର୍
ହିଲାମଃନ୍‌କେ କୟ୍‌ଲା ହର୍ ମୁୟଁ କଃଉଁଲେ, ଅଃମିମଃନ୍ ତୁମିକେ
ଜଃନ୍‌କଃରି ଲାଡ୍ କଃରୁଲୁ ସେବାନ୍ୟା ଅଃମିମଃନ୍‌କ୍ ହେଁ ଲାଡ୍
କଃରା । ତୁମିମଃନାର୍ ମଃନ୍ ହେଁ ଅସାର୍ କଃରି ଉଗାଲା ।
14 ଅବିସ୍ୱାସିମଃନାର୍ ସଃଙ୍ଗ୍ ସଃମାନ୍ ବାବେ ନିଜ୍‌କେ ଗଃଣାୟ୍
ଅଃଉଆ ନାୟ୍, କାୟ୍‌ତାକ୍‌ବଃଲେକ୍ ଦଃର୍ମ୍ ଆର୍ ଅଃଦଃର୍ମ୍
ବିତ୍ରେ କାୟ୍ ମିଳାମିସା? କି ଅଃନ୍ଦାର୍ ସଃଙ୍ଗ୍ ଉଜାଳାର୍ କାୟ୍
ମିଳାମିସା? 15 ସୟ୍‌ତାନ୍ ସଃଙ୍ଗ୍ କ୍ରିସ୍ଟର୍ କାୟ୍ ମିଳାମିସା? କି
ଅବିସ୍ୱାସି ସଃଙ୍ଗ୍ ବିସ୍ୱାସିର୍ କାୟ୍ ବାଗ୍? 16 ମୁର୍ତି ସଃଙ୍ଗ୍ ଇସ୍ୱରାର୍
ମନ୍ଦିରାର୍ କାୟ୍ ମିସାଣ୍ ଆଚେ? କାୟ୍‌ତାକ୍‌ବଃଲେକ୍ ଆମିମଃନ୍
ଜିବନ୍ ଇସ୍ୱରାର୍ ମନ୍ଦିର୍, ଜଃନ୍‌କଃରି ଇସ୍ୱର୍ କୟ୍‌ଆଚେ, "ମୁୟଁ
ସେମଃନାର୍ ବିତ୍ରେ ବାସା କଃରିନ୍ଧି, ଆର୍ ସେମଃନାର୍ ବିତ୍ରେ
ଚାଲାବୁଲା କଃରିନ୍ଧି; ମୁୟଁ ସେମଃନାର୍ ଇସ୍ୱର୍ ଅୟ୍‌ନ୍ଧି, ଆର୍
ସେମଃନ୍ ମର୍ ଲକ୍ ଅଃଉତି ।" 17 ଇତାର୍ ଗିନେ ମାପ୍ରୁ ଇରି
କଃଉଁଲା, "ତୁମିମଃନ୍ ସେମଃନାର୍ ବିତ୍ରେ ହୁଣି ବାରାୟ୍ ଆସା,
ଆର୍ ଅଃଲ୍‌ଗା ଅଃଉଆ, ଆର୍ ବିଟାଲ୍‌ରି ଚିଉଆ ନାୟ୍, ଆରେକ୍
ମୁୟଁ ତୁମିମଃନ୍‌କେ ଆଗଳି ଦଃରିନ୍ଧି । 18 ମୁୟଁ ତୁମିମଃନାର୍
ଉବାଦି ଅୟ୍‌ନ୍ଧି, ଆରେକ୍ ତୁମିମଃନ୍ ମର୍ ହଅ ଜିଇ ଅଃଉଆସ୍
ଇରି ସଃବ୍‌କେ ଜିଣା ସଃକ୍ତିମାନ୍ ମାପ୍ରୁ କଃଉଁଲା ।"

**7** ତଃବେ, ଏ ଲାଡାର୍‌ମଃନ୍, ଇ ସଃବୁ ସଃୟ୍‌ତ୍ ଅଃମିକ୍
ସଃୟ୍‌ତ୍ କଃରା ଅୟ୍‌ଆଚେ, ଗଃଗାଲ୍ ଆର୍ ଆତ୍ମାର୍ ସଃବୁ
ବିଟାଲ୍ ତଃୟ୍‌ହୁଣି ଅଃହ୍‌ଣା ଅଃହ୍‌ଣାକ୍ ନିର୍ମୁଳ୍ କଃରୁଆଁ, ଆରେକ୍
ଇସ୍ୱର୍‌କେ ଡିରିକଃରି ପବିତ୍ର ତଃୟ୍ ସିଦ୍ ଅଃଉଁଆ । 2
ତୁମିମଃନାର୍ ମଃନେ ଅଃମିମଃନ୍‌କ୍ ଟାଣ୍ ଦିଆ; ଅଃମିମଃନ୍ କାର୍
ଅଃନ୍ୟାୟ୍ ନଃକେରୁ, କାର୍ ନଃସ୍ଟ ନଃକେରୁ, କାର୍‌ତଃୟ୍ ହୁଣି
କାୟ୍‌ରି ଲାବ୍ କଃରୁକେ ଚେସ୍ଟା ନଃକେରୁ । 3 ମୁୟଁ ତୁମିମଃନ୍‌କେ
ଦଃସ୍ ଦେଉଁକ୍ ଇରି ନଃକୟ୍‌ଁ; କାୟ୍‌ତାକ୍‌ବଃଲେକ୍ ମୁୟଁ ହୁର୍ବେ
କୟ୍‌ଆଚି, ତୁମିମଃନ୍‌କେ ଅଃମିମଃନାର୍ ମଃନ୍‌ବିତ୍ରେ ଇବାନ୍ୟା
ଟାଣ୍ ହାୟ୍ ଆଚାସ୍ ଜେ, ମଃଲେକ୍ ଅଃମିମଃନ୍ ସଃଙ୍ଗେ ମଃରୁଆଁ,
ଆରେକ୍ ବାଚ୍‌ଲେକ୍ ସଃଙ୍ଗେ ବଚୁଆଁ । 4 ତୁମିମଃନାର୍ ତଃୟ୍
ମର୍ ହୁରାହୁରି ବିସ୍ୱାସ୍ ଆଚେ, ତୁମିମଃନାର୍ ବିସୟେ ମର୍ ବଃଡେ
ଗଃର୍ବ୍; ମୁୟଁ ସୁସ୍ତାୟ୍ ହୁର୍ନ୍ ଅୟ୍ ଆଚି, ଅଃମିମଃନାର୍ ସଃବୁ କଃସ୍ଟ
ତଃୟ୍ ମର୍ ସଃର୍ଦା ଉଚ୍‌ଳି ଜଃଉଁଲି । 5 କାୟ୍‌ତାକ୍‌ବଃଲେକ୍
ମାକିଦନିଆ ତଃୟ୍ ହଚ୍‌ଲା ହଃଚେ ହେଁ ହଃଦାୟ୍ ମାଡ୍‌ଗଲ୍ ଆର୍
ବିତ୍ରେ ଡିର୍, ଇବାନ୍ୟା ସଃବୁ ହଃର୍କାରେ କଃସ୍ଟ ବୟ୍ଃଗ୍ କଃଲାକ୍
ଅଃମିମଃନାର୍ ଗଃଗାଲ୍ ହେଁ ବିସାଉଁକ୍ ନଃହାୟ୍‌ଲି । 6 ଅୟ୍‌ଲେକ୍
ହେଁ ନିରାସ୍ ରିଲା ଲକ୍‌କେ ସୁସ୍ତା ଦଃୟ୍‌ଦ୍ ଜୁୟ୍ ଇସ୍ୱର୍, ସେ ତିତସ୍
ଆୟ୍‌ଲାକ୍ ଅଃମିମଃନ୍‌କ୍ ସୁସ୍ତା ଦିଲା । 7 ଆର୍ ସେ ଅଃବ୍‌କା
ଆୟ୍‌ଲାକ୍ ନାୟ୍, ମଃତର୍ ଜୁୟ୍ ସୁସ୍ତା ତଃୟ୍ ସେ ତୁମିମଃନାର୍
ହାକ୍ ଜୁୟ୍ ଜୁୟ୍ ସୁସ୍ତା ହାୟ୍‌ରିଲା, ସେ ହେଁ ସୁସ୍ତା ଦିଲା, ବଃଲେକ୍
ମର୍ ଗିନେ ତୁମାର୍ କଃଡେକ୍ ଦୁକ୍ ମରବାଚ୍ୟା ଅଃଉଁକେ କଃଡେକ୍
ସଃର୍ଦା ସେତାକ୍ ଜଃବର୍ ସଃର୍ଦା ଅୟ୍ ଆଚି । 8 ଜୁୟ୍‌ତାର୍
ଗିନେ ମର୍ ଚିଟି ତୁମିମଃନ୍‌କେ ଦୁକ୍ ଦିଲି ଅୟ୍‌ଲେକ୍ ହେଁ, ମୁୟଁ
ସେତାର୍‌ଗିନେ ଦୁକ୍ ନଃକେରି; ସେ ଚିଟି ତୁମିମଃନ୍‌କେ ଅଃଳକ୍
କାଳ୍ ହଃଡେକ୍ ଦିଲେ । 9 ଅଃବେ ସଃର୍ଦା ଅଃଉଁଲେ, ତୁମିମଃନ୍
ଜେ ଦୁକ୍ କଃଲାସ୍, ସେତାର୍‌ଗିନେ ନାୟ୍, ମଃତର୍ ତୁମିମଃନାର୍
ଦୁକ୍ ଜେ ତୁମିମଃନ୍‌କେ ବାଦ୍‌ଲାୟ୍‌ଲି, ସେତାର୍‌ଗିନେ; ଜୁୟ୍‌ତାର୍
ଗିନେ ଅଃମାର୍ ତଃୟ୍ ତୁମାର୍ ଜଃନ୍‌କଃରି କାୟ୍‌ରି ଉଣା
ନଃହେଳ ସେତାକ୍, ତୁମିମଃନ୍‌କେ ଇସ୍ୱରାର୍ ଇଚା ହଃର୍କାରେ
ଦୁକ୍ ହାୟ୍‌ଲାସ୍ । 10 କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍ ଇଚା
ହଃର୍କାରେ ଜୁୟ୍ ଦୁକ୍, ସେରି ମୁକ୍ତାଉତା ଗିନେ ଇବାନ୍ୟା ମଃନ୍
ବାଦ୍‌ଲାଉତାର୍ ଆଣେଦ୍, ଜୁୟ୍‌ତାର୍ ଗିନେ ମଃନ୍ ଦୁକ୍‌ନାୟ୍;
ମଃତର୍ ଜଃଗତାର୍ ଦୁକ୍ ମଃର୍ନ୍ ଆଣେଦ୍ । 11 ଦଃକା ଜୁୟ୍‌ତାର୍
ଗିନେ, ଇସ୍ୱରାର୍ ଇଚା ହଃର୍କାରେ ତୁମିମଃନ୍ ଇ ଦୁକ୍ ହାୟ୍‌ଲାସ୍,
ସେରି ତୁମିମଃନାର୍ ତଃୟ୍ କଃଡେକ୍ ସଃର୍ଦାର୍ କଃତା, କଃଡେକ୍
ବିରଦେ କୟ୍ ବାଞ୍ଛାଉତାର୍, କଃଡେକ୍ ରିସାକଃତା, କଃଡେକ୍
ଡିର୍, କଃଡେକ୍ ଇଚା, କଃଡେକ୍ ଉଦ୍‌ଜଗି, କଃଡେକ୍ ବାଦୁଲ୍‌ତାର୍
ଆଣିଆଚେ । ଇ ବିସୟେ ତୁମିମଃନ୍ ହୁରାହୁରି ନିର୍ଦସି ବଃଲି ଟିକ୍
ହଃର୍ମାଣ୍ ଦଃୟ୍ ଆଚାସ୍ । 12 ଇତାର୍ ଗିନେ ମୁୟଁ ତୁମିମଃନାର୍
ଚଃମେ ସେ ଚିଟି ଲେକ୍‌ଲେ, ଅୟ୍‌ଲେକ୍ ହେଁ ଜେ ଅଃନ୍ୟାୟ୍
କଃରିଆଚେ, ଆର୍ ଜେ ଅଃନ୍ୟାୟ୍ ସଃମ୍ଭାଳି ଆଚେ, ତାର୍
ଗିନେ ଲେକ୍‌ଲେ, ସେରି ନାୟ୍, ମଃତର୍ ଅଃମିମଃନାର୍ ଗିନେ

ତୁମିମଃନାର୍ ଇଚା ଜଃନ୍‌କଃରି ଇସ୍ୱରାର୍ ତଃୟ୍ ତୁମିମଃନାର୍
ବିତ୍ରେ ଜାଣା ହଃଲେଦ୍, ସେତାର୍‌ଗିନେ ଲେକ୍‌ଲେ । ତଃବେ
ଅଃମିମଃନ୍ ସୁସ୍ତା ହାୟ୍‌ଆଚୁ । 13 ଆରେକ୍ ଅଃମିମଃନାର୍ ସୁସ୍ତାୟ୍
ଅଃମିମଃନ୍ ତିତସାର୍ ସଃର୍ଦାର୍ ଗିନେ ଆରେକ୍ ଅଃଦିକ୍ ସଃର୍ଦା
କଃଲୁ, କାୟ୍‌ତାକ୍‌ବଃଲେକ୍ ତାର୍ ଆତ୍ମା ତୁମି ସଃବୁ ଲକାର୍ ତଃୟ୍
ଜିବନ୍ ଅୟ୍‌ଆଚେ । 14 ଜୁୟ୍‌ତାର୍ ଗିନେ ଜଦି କୁୟ୍ କଃତାୟ୍
ତିତସାର୍ ଚଃମେ ତୁମିମଃନାର୍ ବିସୟେ ମୁୟ୍ଁ ଗଃର୍ବ୍ କଃରି ଆଚି,
ତଃବେ ଲାଜ୍ ନଃକେରି, ମଃତର୍ ଜଃନ୍‌କଃରି ଅଃମିମଃନ୍ ସଃବୁ
କଃତାୟ୍ ତୁମିମଃନଃକ୍ ସଃତ୍ କୟ୍‌ରିଲୁ, ସେବାନ୍ୟା ତିତସାର୍
ମୁଏଁ ଅଃମିମଃନାର୍ ଗଃର୍ବ୍ ହେଁ ସଃତ୍ ବଃଲି ଜାଣା ଜଃଉଁଲି । 15
ଆର୍ ଜଃନ୍‌କା ଡିର୍ ଆର୍ ବେମ୍‌ରି ତଃୟ୍ ତୁମିମଃନ୍‌କେ ତାକେ
ଆଗଳି କଃରି ସଃବୁ ଲକ୍ ତାର୍ କଃତା ମାନ୍‌ଲାସ୍, ଇରି ଏତାୟ୍
କଃରି ତୁମାର୍ ହାକ୍ ତାର୍ ମଃନ୍‌ବିତ୍ରାର୍ ଲାଡ୍ ଅଃଦିକ୍ ବାଡୁଲି
। 16 ମୁୟ୍ଁ ଜେ ସଃବୁ କଃତାୟ୍ ତୁମିମଃନାର୍ ତଃୟ୍ ହୁରାହୁରି
ବିସ୍ୱାସ୍ କଃରୁ ହାରି, ଇତାର୍ ଗିନେ ସଃର୍ଦା କଃରୁଲେ ।

**8** ଏ ବାୟ୍‌ବେଣିମଃନ୍, ମାକିଦନିଆର୍ ବିସ୍ୱାସି ଦଃଲ୍ ବିତ୍ରେ
ଇସ୍ୱର୍ ଦିଲା ଜୁୟ୍ ଦଃୟା ଜାଣା ହଃଲି ଆଚେ, ସେରି
ଅଃମିମଃନ୍ ତୁମିମଃନ୍‌କେ ଜାଣାଉଁଲୁ; 2 ସେମଃନ୍ ବଃଡେ
କଃସ୍ଟ ହର୍ ପରିକ୍ୟାୟ୍ ହଃଲ୍‌ଲେକ୍ ହେଁ ସେମଃନାର୍ ବଃଡେ
ସଃର୍ଦାୟ୍ ବେସି ଗଃରିବ୍ ଅୟ୍ ହେଁ ଗାଦେକ୍ ନଃସେର୍ତା ଜଃବର୍
ସଃଦଃର୍ମେ ଦାନ୍ ଦଃୟ୍ ଆଚ୍‌ତି । 3 କାୟ୍‌ତାକ୍‌ବଃଲେକ୍ ମୁୟ୍ଁ
ସାକି ଦେଉଁଲେ ଜେ, ସେମଃନାର୍ ଇଚା ହଃର୍କାରେ ଦେଉଁକେ
ସଃକ୍ତି ହଃର୍କାରେ ଜଃବର୍‌କଃରି ସେମଃନ୍ ଦାନ୍ କଃରିଆଚ୍‌ତି
। 4 ଜିଉଦାର୍ ରିଲା ଇସ୍ୱରାର୍ ଲକ୍‌ମଃନାର୍ ଗିନେ ଉହ୍‌କାର୍
କଃରୁକେ ସେମଃନ୍ ଅଃମିକ୍ ଗଃଉଆରି କଃରି ରିଲାୟ୍ । 5
ଇତାକ୍ ସେମଃନ୍ ଜେ ଅଃବ୍‌କା ଅଃମିମଃନାର୍ ଆସା ହଃର୍କାରେ
କଃଲାୟ୍, ସେରି ନାୟ୍, ମଃତର୍ ଇସ୍ୱରାର୍ ଇଚା ତଃୟ୍ ଚାଲିକଃରି
ହଃର୍ତୁ ନିଜ୍‌ନିଜ୍‌କେ ମାପ୍ରୁର୍ ତଃୟ୍ ଆର୍ ଅଃମିମଃନାର୍ ତଃୟ୍
ସଃହ୍ରି ଦିଲାୟ୍ । 6 ଇତାକ୍ ତିତସ୍ ତୁମିମଃନାର୍ ବିତ୍ରେ ଇ ଦଃୟା
କଃର୍ତାର୍ ଜୁୟ୍ ହଃର୍କାରେ ମୁଳ୍ୟାୟ୍ ରିଲା, ସେ ହଃର୍କାରେ ସେରି
ଜଃନ୍‌କଃରି ସଃରାଉତି, ଇତାର୍ ଗିନେ ତାକେ ଗଃଉଆରି କଃରି
ସଃର୍ଦା କଃରାୟ୍‌ଲୁ । 7 ଆର୍ ତୁମିମଃନ୍ ସଃବୁବାଟ୍ ଅଃଦିକ୍
ମାଜନ୍ ଅୟ୍ ଆଚାସ୍, ବିସ୍ୱାସ୍, କଃଉତାସଃକ୍ତି, ଗ୍ୟାନ୍ ଆର୍
ସଃବୁ ରଃକମାର୍ ଉଦ୍‌ଜଗି, ଅଃମିମଃନ୍‌କ୍ ଉହ୍‌କାର୍ କଃରୁକେ
ତୁମିମଃନାର୍ ଅଃମିମଃନ୍‌କ୍ ଲାଡାର୍ ଗିନେ ତୁମିମଃନାର୍ ତଃୟ୍
ବୁତେକ୍ କଃରି ଦଃକା ଜଃଉଅ, ସେବାନ୍ୟା ଇ ଦଃୟା ହେଁ
ତୁମିମଃନାର୍ ତଃୟ୍ ବୁତେକ୍ କଃରି ଦଃକା ଜଃଉଅ । 8 ମୁୟ୍ଁ
ଆଦେସ୍ ଦିଲା ହର୍ ନଃକୟ୍ଁ, ଅଃମିମଃନାର୍ ଉଦ୍‌ଜଗିକ୍ କଃତାୟ୍
ଆଣି ତୁମିମଃନାର୍ ଲାଡାର୍ ଦିରାବାବ୍ ହେଁ ହଃର୍ମାଣ୍ ସଃଙ୍ଗ
କଃରୁକେ କଃଉଁଲେ । 9 କାୟ୍‌ତାକ୍‌ବଃଲେକ୍ ଅଃମିମଃନାର୍
ମାପ୍ରୁ ଜିସୁ କ୍ରିସ୍ଟର୍ ଦଃୟା ତୁମିମଃନ୍ ଜାଣି ଆଚାସ୍, ତୁମିମଃନ୍‌କେ
ଜଃନ୍‌କଃରି ତାର୍ ଗଃରିବ୍ ତଃୟ୍ ମାଜନ୍ ଅଃଉଆସ୍, ଇତାର୍
ଗିନେ ସେ ମାଜନ୍ ଅୟ୍‌ଲେକ୍ ହେଁ କଃନ୍‌କଃରି ତୁମିମଃନାର୍
ଗିନେ ଗଃରିବ୍ ଅୟ୍‌ଲା । 10 ଇ ବିସୟେ ମର୍ କଃଉତାର୍
ଇରି, ସେରି ତୁମିମଃନାର୍ ଗିନେ ନିକ, ଜୁୟ୍‌ତାର୍ ଗିନେ ଗଃଲା
ବଃର୍ସେ ହୁଣି ତୁମିମଃନ୍ ଜୁୟ୍ କାମ୍ କଃରୁକେ ଆରୁମ୍ କଃରି
ରିଲାସ୍ ସେରି ସଃରାଉଆ । ଅଃବ୍‌କା କାମ୍ ନାୟ୍, ମଃତର୍
ଇତି କଃରୁକେ ଆରୁମେ ଇଚା ହେଁ କଃରି ନଃରିଲାସ୍ । 11
ଅଃବେ ସେ କାମ୍ ସଃରାଉଆ, ଜଃନ୍‌କଃରି ଇଚା କର୍ତା ତଃୟ୍
ଜୁୟ୍ ରଃକମ୍ ଇଚା ମଃନ୍‌ବାବ୍ ରିଲି, ସେରଃକମ୍ ତୁମିମଃନାର୍
ଅବୁସ୍ତା ତଃୟ୍ କାମ୍ ହେଁ ସଃରେଦ୍ । 12 କାୟ୍‌ତାକ୍‌ବଃଲେକ୍ ଜଦି
ଦାନ୍‌କଃର୍ତାର୍ ମଃନ୍‌ବାବ୍ ରଃୟ୍‌ଦ୍, ତଃବେ ସେରି ଗଟେକ୍ ଲକାର୍
ନୟ୍‌ଲା ହଃର୍କାରେ ନିଆନାଁୟ୍, ମଃତର୍ ତାର୍ ଜାୟ୍‌ରି ଆଚେ, ସେ
ହଃର୍କାରେ ନିଆ ଅୟ୍‌ଦ୍ । 13 ଜୁୟ୍‌ତାର୍ ଗିନେ ବିନ୍ ଲକ୍‌ମଃନ୍
ଜଃନ୍‌କଃରି ସୁକ୍ ହାଉତି, ଆର୍ ତୁମିମଃନ୍ କଃସ୍ଟ ହାଉଆ,
ଇତାର୍ ଗିନେ ମୁୟ୍ଁ ଇରି ନଃକୟ୍ଁ । 14 ମଃତର୍ ସଃମାନ୍ ବାବ୍
ଦଃକାଜଃଉଁକ୍ ଅଃବାର୍ ବେଳାୟ୍ ତୁମିମଃନାର୍ ବୁତେକ୍ ତଃୟ୍
ସେମଃନାର୍ ଅକେଟ୍ ହୁରୁଣ୍ ଅଃଉଁଲି, ଜଃନ୍‌କଃରି ସେମଃନାର୍
ବୁତେକ୍ ତଃୟ୍ ହେଁ ତୁମିମଃନାର୍ ଅକେଟ୍ ହୁରୁଣ୍ କଃରାସ୍, ଆର୍
ଇରଃକମ୍ ସଃମାନ୍ ବାବ୍ ଦଃକା ଜାୟ୍‌ଦ୍ । 15 ଜଃନ୍‌କାର୍ ଦଃର୍ମ୍
ସାସ୍ତରେ ଲେକା ଆଚେ, “ଜେ ଅଃଦିକ୍ ରୁଣ୍ଡାୟ୍‌ଲା, ତାର୍ ନୁବୁର୍ଲି,
ଆର୍ ଜେ ଅଃଳକ୍ ରୁଣ୍ଡାୟ୍‌ଲା, ତାର୍ ଅକେଟ୍ ନୟ୍‌ଲି ।” 16
ମାପ୍ରୁର୍ ଦନ୍ୟବାଦ୍ ଅଃଉଅ, ବଃଲେକ୍ ଅଃମାର୍ ହର୍ ତିତସ୍
ହେଁ ତୁମିମଃନ୍‌କେ ଉହ୍‌କାର୍ କଃରୁକେ ମଃନ୍ କଃରିଆଚେ । 17
କାୟ୍‌ତାକ୍‌ବଃଲେକ୍ ସେ ଜେ ଅଃବ୍‌କା ଅଃମିମଃନାର୍ ଗଃଉଆରି
ସୁଣ୍‌ଲା ଆଚେ, ସେରି ନାୟ୍, ମଃତର୍ ସେ ନିଜେ ଅଃଦିକ୍
ଉଦ୍‌ଜଗି ଅୟ୍ ନିଜାର୍ ଇଚାୟ୍ ତୁମିମଃନାର୍ ଲଃଗେ ଜଃଉଁଲା
। 18 ଆରେକ୍, ତାର୍ ସଃଙ୍ଗ ଅଃମିମଃନ୍ ଆରେକ୍ ଗଟେକ୍
ବାୟ୍‌କ୍ ହଃଟାଉଁଲୁ; ନିକ କବୁର୍ ପର୍ଚାର୍ କଃତାୟ୍ ଗୁଣ୍‌ଗିଡ୍
କଃତା ସଃବୁ ବିସ୍ୱାସି ଦଃଳେ ଉର୍ଜି ଅୟ୍‌ଆଚେ । 19 ଅଃବ୍‌କା
ସେରି ନାୟ୍, ମଃତର୍ ସେ ହେଁ ଅଃମାର୍ ସେବା ତଃୟ୍ ଅୟ୍‌ଲା ଇ
ଦାନ୍ ଦିଲାର୍ ଜଃମା କଃରୁକେ ମାପ୍ରୁର୍ ଜଃଜ୍‌ମାନ୍ ଆର୍ ଅଃମାର୍
ଇଚାର୍ ଗିନେ ଅଃମାର୍ ସଃଙ୍ଗ ଜଃଉଁକେ ବିସ୍ୱାସି ଦଃଳାର୍ ତଃୟ୍
ବାଚି ଆଚୁ । 20 ଅଃମିମଃନାର୍ ଗିନେ ସଃର୍ଦାମଃନେ ଦିଲା
ସେବା ରଃକମାର୍ ଗାଦେକ୍ ଦାନ୍ ବିସୟେ କେ ଜଃନ୍‌କଃରି
ଅଃମିକ୍ ଦସି ନଃକେରେ, ସେତାର୍‌ଗିନେ ଜଃଗ୍ରାତ୍ ଅଃଉଁଲୁ ।
21 କାୟ୍‌ତାକ୍‌ବଃଲେକ୍ ଅଃବ୍‌କା ମାପ୍ରୁର୍ ଆକାୟ୍ ହଃକା ନାୟ୍,
ମଃତର୍ ନଃର୍‌ମଃନାର୍ ଆକାୟ୍ ହେଁ ଜାୟ୍‌ରି ନିକ, ସେସଃବୁ
ଅଃମିମଃନ୍ ଚିତା କଃରୁଲୁ । 22 ଅଃମିମଃନ୍ ଅଃମାର୍ ଆରେକ୍
ଗଟେକ୍ ବାୟ୍‌କ୍ ହେଁ ସେମଃନାର୍ ସଃଙ୍ଗେ ହଃଟାଉଁଲୁ, ତାକେ
ଅଃମିମଃନ୍ ଗାଦେକ୍ କଃତାୟ୍ ଗାଦେକ୍ ତର୍ ଉଦ୍‌ଜଗି ବଃଲି
ହଃର୍ମାଣ୍ ହାୟ୍‌ଆଚୁ, ଆରେକ୍ ଗାଦେକ୍ ତର୍ କଃଟାଲ୍ ବୁଜି

ତୁମିମଃନାର୍ ତଃୟ୍ ଅଃଟୁଆ ବିସ୍ୱାସି ଅୟ୍ ସେ ଅଃବେ ଆରେକ୍
ଅଃଦିକ୍ ଉଦ୍‌ଜଗି ଅୟ୍‌ଆଚେ । 23 ତିତସାର୍ କଃତା ଜଦି କେ
ହଃଚାରେଦ୍, ସେ ମର୍ ସଃଙ୍ଗୁଆଲି ଆର୍ ତୁମିମଃନାର୍ ଗିନେ
ମର୍ ସଃଙ୍ଗ କାମ୍ କଃର୍ତା ଲକ୍; କି ଜଦି ଅଃମିମଃନାର୍ ବାୟ୍‌ର୍
କଃତା ହଃଚାରେଦ୍, ସେମଃନ୍ ମଣ୍ଡ୍‌ଲିମଃନ୍ ହଃଟାୟ୍‌ଲା ଲକ୍,
ଆରେକ୍ କ୍ରିସ୍ଟ ଜିସୁର୍ ପେରିତ୍ ଆର୍ ଜଃଜ୍‌ମାନ୍ ରଃକମ୍ । 24
ତଃବେ, ତୁମିମଃନାର୍ ଲାଡ୍ ଆର୍ ତୁମିମଃନାର୍ କଃତାୟ୍ ଅଃମାର୍
ଗଃର୍ବାର୍ ହଃର୍ମାଣ୍ ବିସ୍ୱାସି ଦଃଲ୍‌ମଃନାର୍ ମୁଏଁ ସେମଃନ୍‌କେ
ଦଃକାଉଆ ।

9 ସଃତ୍‌କଃରି ଦଃର୍ମିମଃନାର୍ ସେବା ବିସୟେ ତୁମିମଃନାର୍
ଲଃଗେ ଲେକ୍‌ତାର୍ ମର୍ ଲଳା ନାୟ୍ । 2 କାୟ୍‌ତାକ୍‌ବଃଲେକ୍
ତୁମିମଃନାର୍ ଇଚା ଆଚେ ବଃଲି ମୁୟ୍‌ଁ ଜାଣି ଆଚି, ଆରେକ୍ ସେ
ବିସୟେ ମାକିଦନିଆର୍ ଲକ୍‌ମଃନାର୍ ତଃୟ୍ ତୁମିମଃନାର୍ ବିସୟେ
ମୁୟ୍‌ଁ ଗଃର୍ବ୍ କଃରୁଲେ, ମୁୟ୍‌ଁ କଃଉଁଲେ “ଆକାୟାର୍ ଲକ୍‌ମଃନ୍‌କେ
ଉହ୍‌କାର୍ କଃରୁକେ” ତୁମିମଃନାର୍ ସଃର୍ଦା ସେମଃନାର୍ ବିତ୍ରାର୍
ଅଃଦିକ୍ ଲକ୍‌କେ ଜଃଗ୍ରାତ୍ କଃରିଆଚେ । 3 ଅୟ୍‌ଲେକ୍ ହେଁ
ମୁୟ୍‌ଁ ବାୟ୍‌ବେଣିମଃନ୍‌କେ ହଃଟାଉଁଲେ, ଜଃନ୍‌କଃରି ଇ ବିସୟେ
ତୁମାର୍ କଃତା ଅଃମିମଃନାର୍ ଗଃର୍ବ୍ ହଲ୍ୟା ନୟେ, ଆରେକ୍
ମର୍ କଃତା ହଃର୍କାରେ ତୁମିମଃନ୍‌କେ ଦାନ୍ ଦେଉଁକେ ଜଃଗ୍ରାତ୍
ଅଃଉଆ, 4 କଃଡେବଃଲ୍ ମାକିଦନିଆର୍ କୁୟ୍ ଲକ୍ ଜଃବେ ମର୍
ସଃଙ୍ଗ ଆସି ତୁମିମଃନ୍‌କେ ଜଃଗ୍ରାତ୍ ନୟ୍‌ଲାର୍ ଦଃକେଦ୍, ତଃବେ
ତୁମିମଃନାର୍ କଃତା ସେନ୍‌ହଃକା ରେଉଅ ଅଃମିମଃନ୍ ଇ ଅଃଟୁଆ
ବିସ୍ୱାସ୍ କଃତାୟ୍ ଲାଜ୍ ଅଃଉଁଆ । 5 ଇତାକ୍ ତୁମିମଃନାର୍
ହୁର୍ବାର୍ ସଃୟ୍‌ତ୍ ଦାନ୍ ଜଃନ୍‌କଃରି ଲଃବାର୍ କଃତା ନଃୟ୍‌କଃରି
ନିଜାର୍ ଇଚାର୍ କଃତା ଅୟ୍‌ଦ୍, ଇତାକ୍ ହୁର୍ବେହୁଣି ସେ ଦାନ୍
ହାଉତାର୍ ଜଃଗ୍ରାତ୍ କଃରୁକେ ଆଗ୍‌ତୁ ତୁମିମଃନାର୍ ଲଃଗେ
ଜଃଉଁକେ ମୁୟ୍‌ଁ ବାୟ୍‌ବେଣିମଃନ୍‌କେ ଗଃଉଆରି କଃରୁକେ ଲଳା
ବଃଲି ମଃନେ ବାବ୍‌ଲେ । 6 ମଃତର୍ ଇରି ସଃତ୍, ଜେ ଅଃଳକ୍
ବୁଣେଦ୍, ସେ ହେଁ ଅଃଳକ୍ କାଟେଦ୍; ଆର୍ ଜେ ବୁତେକ୍ ବୁଣେଦ୍,
ସେ ହେଁ ବୁତେକ୍ କାଟେଦ୍ । 7 ହଃତି ଲକ୍ ଅଃହ୍‌ଣାର୍ ମଃନେ
ଜଃନ୍‌କଃରି ଲାଡ୍ କଃରିଆଚେ, ସେବାନ୍ୟା କଃର୍, ଅଃଲ୍‌ସିଆ
ବାବେ ନାୟ୍ କି ବଃଲ୍‌ମାଡାର୍ ଗିନେ ନାୟ୍, କାୟ୍‌ତାକ୍‌ବଃଲେକ୍
ଇସ୍ୱର୍ ସଃର୍ଦାମଃନେ ଦାନ୍‌ଦେତା ଲକ୍‌କେ ନିକ ହାୟ୍‌ଦ୍ । 8 ଆର୍
ସଃବୁ କଃତାୟ୍ ସଃବୁବଃଲ୍ ହୁରାହୁରି ବାବେ ହାୟ୍ ତୁମିମଃନ୍‌କେ
ଜଃନ୍‌କଃରି ସଃବୁ ନିକ କାମ୍ ଗିନେ ଅଃଦିକ୍ ହୁଣି ଅଦିକ୍‌ତର୍
ଦାନ୍ କଃରୁ ହାରାସ୍, ଇତାର୍ ଗିନେ ଇସ୍ୱର୍ ତୁମିମଃନ୍‌କେ ସଃବୁ
ରଃକମେ ଦଃୟା ଗାଦେକ୍ କଃରି ଦେଉଁକ୍ ଜୟ୍‌ଗ୍ । 9 ଜଃନ୍‌କଃରି
ସାସ୍ତରେ ଲେକା ଆଚେ, “ସେ ମେଲା ଆତେ ବାଟା କଃରିଆଚେ,
ସେ ଗଃରିବ୍‌ମଃନ୍‌କେ ଦାନ୍ ଦଃୟ୍ ଆଚେ, ତାର୍ ଦଃର୍ମ୍‌କାମ୍
ଜୁଗେଜୁଗେ ରଃୟ୍‌ଦ୍ ।” **(aiōn g165)** 10 ଆର୍, ଜେ ମୁଞ୍ଜି ବୁଣ୍‌ତା
ଲକ୍‌କେ ମୁଞ୍ଜି ଆର୍ କାଉଁକେ କାଦି ଜାଗାୟ୍‌ଦ୍, ସେ ବୁଣୁକ୍
ତୁମିମଃନାର୍ ଗିନେ ମୁଞ୍ଜି ଜାଗାୟ୍ ଦଃୟ୍‌ଦ୍ ଆର୍ ବାଡାୟ୍‌ଦ୍,
ଆରେକ୍ ତୁମିମଃନାର୍ ଦଃର୍ମ୍‌କାମ୍ ଜାତ୍ ଅୟ୍‌ଦ୍ । 11 ଇବାନ୍ୟା
ତୁମିମଃନ୍‌କେ ସଃବୁ କଃତାୟ୍ ମାଜନ୍ ଅୟ୍ ସଃବୁ ରଃକମାର୍
ଦାନ୍ କଃରୁ ହାରାସ୍, ଇତାର୍ ଗିନେ ସଃବୁ କଃତାୟ୍ ଇସ୍ୱର୍
ଦାନ୍‌କଃରେଦ୍ ଆର୍ ଗାଦେକ୍ ଲକ୍ ତାକେ ଦନ୍ୟବାଦ୍ ଦେତି । 12
ବଃଲେକ୍ ଇ ଦାନ୍ ହର୍ ସେବା ଅଃବ୍‌କା ଇସ୍ୱରାର୍ ଲକ୍‌ମଃନାର୍
ଅକେଟ୍ ହୁରୁଣ୍ କଃରୁଲି, ସେରି ନାୟ୍, ମଃତର୍ ସେତାର୍‌ଗିନେ
ଇସ୍ୱରାର୍ ଇଚାୟ୍ ହେଁ ଗାଦେକ୍ ଦନ୍ୟବାଦ୍ ଉଚ୍‌ଲି ଜଃଉଁଲି, 13
ବଃଲେକ୍ ସେବା କାମାର୍ ହଃର୍ମାଣ୍ ହାୟ୍ ଲକ୍‌ମଃନ୍ ତୁମିମଃନ୍‌କେ
ମାନ୍‌ତା କ୍ରିସ୍ଟର୍ ନିକ କବୁର୍ ମାନୁଲାୟ୍, ଆରେକ୍ ଇସ୍ୱରାର୍
ଲକମଃନାର୍ ଆର୍ ସଃବୁ ଲକାର୍ ହାକ୍ ତୁମାର୍ ମିସାଣାର୍
ଦିର୍‌ବାବ୍ ଗିନେ ଇସ୍ୱରାର୍ ଜଃଜ୍‌ମାନ୍ କଃରୁଲାୟ୍ । 14 ଆର୍
ତୁମିମଃନାର୍ ହାକ୍ ଇସ୍ୱରାର୍ ଅଃଦିକ୍ ଦଃୟା ଗିନେ ସେମଃନ୍
ହେଁ ତୁମିମଃନାର୍ ଗିନେ ପାର୍ତ୍‌ନାୟ୍ ଜଃବର୍ ସଃର୍ଦାସଃଙ୍ଗ ଲାଡ୍
ସଃଙ୍ଗ ପାର୍ତନାୟ୍ ତୁମିମଃନ୍‌କେ ଏତାଉତି । 15 ଇସ୍ୱରାର୍ ଇସାବ୍
କଃରୁ ନାହାର୍ତା ତାର୍ ଦାନାର୍ ଗିନେ ତାର୍ ଦନ୍ୟବାଦ୍ ଅଃଉଆ ।

10 ମୁୟ୍‌ଁ ପାଉଲ ତୁମିମଃନ୍‌କେ ନିଜାର୍ ଗଃଉଆରି ଜାଣାଉଁଲେ
ମୁୟ୍ ତୁମାର୍ ସଃଙ୍ଗ ରେତାବଃଲ୍ ଦିର୍, ଆର୍ ସୁସାର୍
ମଃତର୍ ଦୁରି ରିଲେକ୍ ତୁମିମଃନାର୍ ହାକ୍ ସାସି ଜେ ମୁୟ୍‌ଁ ପାଉଲ୍,
ମୁୟ୍‌ଁ ନିଜେ କ୍ରିସ୍ଟର୍ ଦିର୍ ଆର୍ ସୁସାର୍ ବାବ୍ ଏତାୟ୍ ଦଃୟ୍
ତୁମିମଃନ୍‌କେ ଗଃଉଆରି କଃରୁଲେ । 2 ହେଁ, ମୁୟ୍‌ଁ ପାର୍ତ୍‌ନା
କଃରୁଲେ ଜେ, ଅଃମିମଃନ୍ ସଂସାରାର୍ ବାବ୍‌ନା ହଃର୍କାରେ
ଚାଲାଚାଲ୍‌ତି କଃରୁଲୁ ବଃଲି ଜୁୟ୍ ଲକ୍‌ମଃନ୍ ମଃନେ ବାବ୍‌ତି,
ଇବାନ୍ୟା କାର୍‌କାର୍ ବିରଦେ ସାସ୍ ଦଃକାଉତା ଗିନେ ମୁୟ୍‌ଁ
ଜୁୟ୍ ଜଃଜ୍‌ନା କଃରି ଆଚି, ମୁୟ୍‌ଁ ଆସି ଜଃନ୍‌କଃରି ମକ୍
ସେରଃକମ୍ ସାସ୍ ଦଃକାଉଁକ୍ ନୟେ । 3 କାୟ୍‌ତାକ୍‌ବଃଲେକ୍
ଅଃମିମଃନ୍ ଜଃଗତେ ରଃୟ୍ ଚାଲାଚାଲ୍‌ତି କଃରୁଲୁ ସଃତ୍,
ମଃତର୍ ଅଃମିମଃନ୍ ଗଃଗାଲ୍ ବାବେ ଜଃଗତାର୍ ଜୁଜ୍ ନଃକେରୁ,
4 ଅଃମିମଃନ୍ ଜୁଜ୍ କଃର୍ତାବଃଲ୍ ଜୁୟ୍ ଅଃସ୍ତ୍‌ର୍‌ମଃନ୍ ବେବାର୍
କଃରୁଲୁ ସେରି ଜଃଗତାର୍ ଅଃସ୍ତ୍‌ର୍ ନାୟ୍ ମଃତର୍ ଇସ୍ୱରାର୍
ବଃଡେ ସଃକାତାର୍ ଅଃସ୍ତ୍‌ର୍, ଆର୍ ସେରି ସଃତ୍ରୁମଃନାର୍ ଅଃଟୁଆ
ଗଃଲ୍ ବଃସମ୍ କଃରୁକେ ବେବାର୍ କଃରୁଲୁ । ଅଃମିମଃନ୍
ହଲ୍ୟା କଃତା କାଟାକାଟି ଅଃଉତାର୍ ନସ୍ଟ କଃରୁଲୁ । 5 ଆର୍
ଇସ୍ୱରାର୍ ଗ୍ୟାନ୍ ବିରଦେ ଉଟ୍‌ଲା ସଃବୁ ଉଚ୍ କଃତା ବଃସମ୍
କଃରୁଲୁ, ଆରେକ୍ ହଃତି ଜଃଜ୍‌ନାକ୍ କ୍ରିସ୍ଟର୍ କଃତା ମାନୁକ୍
ବାନ୍ଧ୍‌ଲୁ । 6 ଆର୍, ଜଃଡେବଃଲ୍ ତୁମିମଃନ୍‌କେ ହୁରାହୁରି
ବାବେ କଃତା ମାନାସ୍, ସଃଡେବଃଲ୍ ସଃବୁ ଅମାନ୍ୟାକ୍ ନଃସ୍ଟ
କଃରୁକେ ଅଃମିମଃନ୍ ଜଃଗ୍ରାତ୍ ଆଚୁ । 7 ତୁମାର୍ ଚାରିବାଟ୍
କାୟ୍‌ରି ସଃବୁ ଗଃଟୁଲି, ଦଃକା । ଜଦି କେ ଆହ୍‌ଣାକେ କ୍ରିସ୍ଟର୍
ବଃଲି ବିସ୍ୱାସ୍ କଃରେଦ୍ ତଃବେ ସେ ଜଃନ୍‌କଃରି କ୍ରିସ୍ଟର୍,
ଅଃମିମଃନ୍ ହେଁ ସେବାନ୍ୟା କ୍ରିସ୍ଟର୍, ଇତି ସେ ଆରେକ୍ ନିଜେ

ବାବି ଦଃକ । 8 କାୟ୍‌ତାକ୍‌ବଃଲେକ୍ ଅଃମିମଃନାର୍ ଅଃଦିକାର୍
ବିସୟେ ମୁୟ଼ଁ କାୟ୍‌ରି ଅଃଦିକ୍ ଗଃର୍ବ କଃଲେକ୍ ହେଁ ଲାଜ୍
ନାହାୟ଼ଁ; ତୁମିମଃନ୍‌କେ ବଃସମ୍ କଃରୁକେ ମାପ୍ରୁ ଅଃମିମଃନ୍‌କ୍ ଇ
ଅଃଦିକାର୍ ନଃଦେୟ୍ ତୁମିମଃନାର୍ ନିକ କଃରୁକେ ଦଃୟ୍‌ଆଚେ
9 ମର୍ ଚିଟିମ୍‌ନାର୍ ତଃୟ୍ ମୁୟ଼ଁ ତୁମିମଃନ୍‌କେ ଡିରାଉଁଲେ ବଃଲି
ବାବା ନାୟ୍ । 10 କାୟ୍‌ତାକ୍‌ବଃଲେକ୍ ସେମଃନ୍ କଃଉତି,
"ପାଉଲାର୍ ଚିଟିସଃବୁ ବଃଡେ ହିତା ଆର୍ ସଃକାତ୍, ମଃତର୍ ମୁଏଁ
ତାର୍ ଗଃଗାଲ୍ ଦୁର୍ବୁଲ୍ ଆର୍ ତାର୍ କଃତା ହଲ୍ୟା ।" 11 ଅଃମିମଃନ୍
ଦୁରି ରଃୟ୍ ଚିଟି ତଃୟ୍ ଲେକି ଆଚୁ ଜଃନ୍‌କଃରି, ଲଃଗେ ରିଲେକ୍
ହେଁ କାମେ ହେଁ ସେବାନ୍ୟା କଃରୁନ୍ଁ, ଇରି ଇବାନ୍ୟା ଲକ୍‌ମଃନ୍
ବୁଜତ୍ । 12 ବଃଲେକ୍ ଜୁୟ୍ ଲକ୍‌ମଃନ୍ ନିଜାର୍ ଗୁଣ୍‌ଗିତ୍ କଃଉତି,
ସେମଃନାର୍ ବିତ୍ରେ କାର୍ କାର୍ ସଃଙ୍ଗ୍ ଅଃହ୍‌ଣା ଆହ୍‌ଣାକେ
ଗଃଣିତା ତୁଲ୍‌ନା କଃରୁକେ ଅଃମିମଃନ୍ ସାସ୍ କଃରୁନ୍‌କି; ମଃତର୍
ସେମଃନ୍ ନିଜେ ନିଜେ ଅଃହ୍‌ଣା ଅଃହ୍‌ଣାମଃନାର୍ ତଃୟ୍ ଅଃହ୍‌ଣା
ଅଃହ୍‌ଣାର୍ ଇସାବ୍ ଆର୍ ଅଃହ୍‌ଣା ଅଃହ୍‌ଣା ସଃଙ୍ଗ୍ ନିଜାର୍ ନିଜାର୍
ତୁଲ୍‌ନା କଃରି ନିର୍ବୁଦିଆ ଜାଣାଉତି । 13 ମଃତର୍ ଅଃମିମଃନ୍
ସଃନ୍ଦ୍ରି ଲିଙ୍ଗିକଃରି ଗଃର୍ବ୍ ନଃକେରୁ; ମଃତର୍ ତୁମିମଃନ୍‌କେ ହେଁ
ଅଃମିମଃନାର୍ ସିମା ତଃୟ୍ ମିସାଉଁକେ ଇସ୍ୱର୍ ଅଃମିମଃନାର୍
ଗିନେ ଇସାବ୍ ହର୍ ଜୁୟ୍ ସିମା ଡିଆର୍ କଃରି ଆଚେ, ସେତିର୍
ଇସାବ୍ ହଃର୍କାରେ ଗଃର୍ବ୍ କଃରୁନ୍ଁ । 14 କାୟ୍‌ତାକ୍‌ବଃଲେକ୍
ତୁମିମଃନ୍‌କେ ଅଃମିମଃନାର୍ ସିମା ନଃମିସ୍‌ଲା ହର୍ ଅଃମିମଃନ୍
ଜେ ସିମା ଲିଙ୍ଗିଲୁ, ସେରି ନାୟ୍, ଜଃନ୍‌କାର୍ କି କ୍ରିସ୍ଟର୍ ନିକ
କବୁର୍ ପର୍ଚାର୍ କଃରୁକଃରୁ ଅଃମିମଃନ୍ ତୁମିମଃନାର୍ ହଃତେକ୍
ହେଁ ହଃର୍ତୁ ଜାୟ୍‌ରିଲୁ । 15 ଅଃମିମଃନ୍ ଇସାବାର୍ ହଃଦାୟ୍ ଜାୟ୍
ବିନ୍ ଲକାର୍ କଃବାଲାର୍ କଃତାକ୍ ଗଃର୍ବ୍ ନଃକେରୁ, ମଃତର୍
ତୁମିମଃନାର୍ ବିସ୍ୱାସ୍ ବାଡ୍‌ତା ସଃଙ୍ଗ୍ ସଃଙ୍ଗ୍ ଅଃମିମଃନାର୍ ଇସାବ୍
ହଃର୍କାରେ ଅଃମିମଃନାର୍ କାମ୍ ତୁମିମଃନାର୍ ତଃୟ୍ ଜଃନ୍‌କଃରି
ଅଃଦିକ୍ ହୁଣି ଅଦିକ୍‌ତର୍ ଉର୍ଜି ଅୟ୍‌ଦ୍, ଇରି ବଃର୍ସା କଃରୁଲୁ,
16 ଆରେକ୍ ଅଃମିମଃନ୍ ବିନ୍‌ଲକାର୍ ସିମା ବିତ୍ରେ ତାର୍ କଃଲା
କାମ୍ କଃତାୟ୍ ଗଃର୍ବ୍ ନଃକେରି ତୁମିମଃନାର୍ ହଃଚାର୍ ହଲିମଃନ୍
ତଃୟ୍ ଜଃନ୍‌କଃରି ନିକ କବୁର୍ ପର୍ଚାର୍ କଃରୁକେ ହାରୁନ୍ଁ, ଇତି
ବଃର୍ସା କଃରୁଲୁ । 17 ଦଃର୍ମ୍ ସାସ୍ତ୍ରରେ ଲେକାଆଚେ, "ମଃତର୍
ଜେ ଗଃର୍ବ୍ କଃରେଦ୍, ସେ ମାପ୍ରୁର୍ କଃଲାକାମେ ଗଃର୍ବ୍ କଃର୍
।" 18 କାୟ୍‌ତାକ୍‌ବଃଲେକ୍ ଜେ ନିଜାର୍ ମାୟ୍‌ନ୍ କଃରେଦ୍, ସେ
କଃଟ୍‌ହାଲ୍ ଜିଣ୍‌ଲା ଲକ୍ ନାୟ୍, ମଃତର୍ ମାପ୍ରୁ ଜାର୍ ଗୁଣ୍‌ଗାୟ୍‌ଦ୍,
ସେ କଃଟ୍‌ହାଲ୍ ଜିଣ୍‌ଲା ଲକ୍ ।

**11** ତୁମିମଃନ୍ ଜଦି ମର୍ ଅଃଲେକ୍ ବୁଦି ଦଃରୁଲାସ୍, ତେବେ
ତ ତୁମିମଃନ୍ ମକ୍ ସଃମ୍ଭାଲୁଲାସ୍ । 2 କାୟ୍‌ତାକ୍‌ବଃଲେକ୍
ଇସ୍ୱରାର୍ କଃତାର୍ ଉଦ୍‌ଜଗି ତଃୟ୍ ମୁୟ଼ଁ ତୁମିମଃନାର୍ ଗିନେ
ଉଦ୍‌ଜଗି, ଜୁୟ୍‌ତାର୍ ଗିନେ କି ମୁୟ଼ଁ ତୁମିମଃନ୍‌କେ ସଃତିକାର୍
କଃନ୍ୟା ହର୍ ଗଟେକ୍ ବଃର ତଃୟ୍, ବଃଲେକ୍ କ୍ରିସ୍ଟର୍ ତଃୟ୍,
ସଃହ୍ରି ଦେଉଁକ୍ ବାଗ୍‌ଦାନ୍ କଃରିଆଚି । 3 ମଃତର୍ ସାହ୍ ଅଃହ୍‌ଣାର୍
ଚଃଲାକିକଃରି ହବାକ୍ ଜଃନ୍‌କଃରି ବୁଲ୍‌କାୟ୍‌ଲା, ସେବାନ୍ୟା
କଃଡେବଃଲ୍ ତୁମିମଃନାର୍ ମଃନ୍ କ୍ରିସ୍ଟର୍ ହାକ୍ ଦିର୍ ଆର୍ ପବିତ୍ର
ତଃୟ୍‌ହୁଣି ବାଣା ଅୟ୍‌ଦ୍, ମର୍ ଇ ଡିର୍ ଅଃଉଁଲି । 4 ବଃଲେକ୍
ଜୁୟ୍ ଜିସୁକେ ଅଃମିମଃନ୍ ପର୍ଚାର୍ ନଃକେଲୁ, ଇବାନ୍ୟା ବିନ୍
ଜିସୁକେ ଜଦି କେ ଆସି ପର୍ଚାର୍ କଃରେଦ୍, କି ଜୁୟ୍ ପବିତ୍ର ଆତ୍ମା
ତୁମିମଃନ୍ ନଃହାୟ୍‌ଲାସ୍, ଇବାନ୍ୟା ବିନ୍ ଗଟେକ୍ ପବିତ୍ର ଆତ୍ମା
ହାଉଆସ୍, କି ଜୁୟ୍ ନିକ କବୁର୍ ତୁମିମଃନ୍ ନଃଦେର୍ଲାସ୍, ଇବାନ୍ୟା
ଗଟେକ୍ ବିନ୍ ନିକ କବୁର୍ ହାଉଆସ୍, ସେତଃନ୍ ଅୟ୍‌ଲେକ୍
ତୁମିମଃନ୍ ତ ବଃଡେ ସଃମ୍ଭାଲ୍‌ତାର୍ ଲକ୍ । 5 କାୟ୍‌ତାକ୍‌ବଃଲେକ୍
ସେ "ବଃଡ୍ ପେରିତ୍‌ମଃନାର୍" ତଃୟ୍‌ହୁଣି ମୁୟ଼ଁ ଜେ କଃନ୍‌କଃରି
ହେଁ ସାନ୍ ନାୟ୍, ଇରି ମଃନେ ବାବୁଲେ । 6 ମଃତର୍ ଜଦି ମୁୟ଼ଁ
କଃତା କଃଉଁକେ ନାହାରି, ଅୟ୍‌ଲେକ୍ ହେଁ ଗିଆନେ ନଃହାର୍ତା
ଲକ୍ ନାୟ୍; ସଃତ୍‌କଃରି ଅଃମିମଃନ୍ ସଃବୁ ରଃକମେ ସଃବୁ
କଃତାୟ୍ ତୁମିମଃନାର୍ ହାକ୍ ଇତି ଜାଣାୟ୍‌ଲୁ । 7 ତୁମିମଃନ୍
ଜଃନ୍‌କଃରି ଉଚ୍ଚେ ଉଟାସ୍, ଇତାର୍ ଗିନେ ମୁୟ଼ଁ ଆହ୍‌ଣାକେ
ସୁସାର୍ କଃରି ଜେ କାୟ୍‌ରି ନଃନେତ୍ ତୁମିମଃନାର୍ ଚଃମେ
ଇସ୍ୱରାର୍ ନିକ କବୁର୍ ପର୍ଚାର୍ କଃଲେ, ଇତାର୍ ଗିନେ କାୟ୍
ହାହ୍ କଃଲେ? 8 ତୁମିମଃନାର୍ ସେବା କଃରୁକେ ମୁୟ଼ଁ ବିନ୍‌ବିନ୍
ମଣ୍ଡ୍‌ଲିମଃନାର୍ ତଃୟ୍‌ହୁଣି ବୁତି ନଃୟ୍ ସେମଃନ୍‌କେ ଚର୍‌ଲେ । 9
ମଃତର୍ ମୁୟ଼ଁ ତୁମିମଃନାର୍ ସଃଙ୍ଗ୍ ରେତାବଃଲ୍ ଜଃଡେବଃଲ୍
ମର୍ ଅକେଟ୍ ଅୟ୍‌ରିଲି, ସଃଡେବଃଲ୍ ମୁୟ଼ଁ କୁୟ୍ ଲକାର୍
ବଜ୍ ହର୍ ଅୟ୍‌ନଃରିଲେ, କାୟ୍‌ତାକ୍‌ବଃଲେକ୍ ମାକିଦନିଆର୍
ବାୟ୍‌ବେଣିମଃନ୍ ଆସି ମର୍ ଅକେଟ୍ ହୁରୁଣ୍ କଃରି ରିଲାୟ୍,
ଆରେକ୍ କାୟ୍ କଃତାୟ୍ ତୁମିମଃନାର୍ ବଜ୍ ହର୍ ନେଉଁକେ
ନିଜେ ଜଃଗ୍ରାତ୍ ଅୟ୍‌ରିଲେ, ଆର୍ ଜଃଗ୍ରାତ୍ ଅୟ୍‌ରଃୟ୍‌ନ୍ଁ । 10
ମର୍‌ତଃୟ୍ ରିଲା କ୍ରିସ୍ଟର୍ ସଃତ୍‌କେ ସାକି ମାନି ମୁୟ଼ଁ କଃଉଁଲେ
ଜେ, ଆକାୟାର୍ ହଲିମଃନାର୍ ତଃୟ୍ ମର୍ ଇ ଗଃର୍ବ୍ କେ ତେବାଉଁ
ନଃହାର୍‌ତି । କାୟ୍‌ତାକ୍? 11 ମୁୟ଼ଁ ତୁମିମଃନ୍‌କେ ଲାଡ୍ ନଃକେର୍ତା
ଗିନେ? ଇସ୍ୱର୍ ଜାଣୁଲା । 12 ମଃତର୍ ଗଃର୍ବାର୍ କଃତାୟ୍
ଅଃମାର୍ ହର୍ ଦଃକାଜଃଉଁକ୍ ଜୁୟ୍ ଲକ୍‌ମଃନ୍ ବାଟ୍ ଲଲ୍‌ତି
ମୁୟ଼ଁ ଜଃନ୍‌କଃରି ସେମଃନ୍‌କେ ବାଟ୍ ନଃଦଃୟ୍, ଇତାର୍ ଗିନେ
ମୁୟ଼ଁ ଜାୟ୍‌ରି କଃର୍‌ଲେ, ସେରି କର୍ତି ରଃୟ୍‌ନ୍ଁ । 13 ବଃଲେକ୍
ଇବାନ୍ୟା ଲକ୍ ବମ୍‌ଲାଉତା ପେରିତ୍ ଚେଲା ଆର୍ ଟକ୍ କାମ୍
କଃର୍ତା ଲକ୍, ସେମଃନ୍ କ୍ରିସ୍ଟର୍ ପେରିତ୍‌ମଃନାର୍ ବେସ୍ ଦଃର୍ତି
। 14 ଆର୍ ଇତି କାବା ଅଃଉତାର୍ ନଃୟ୍, କାୟ୍‌ତାକ୍‌ବଃଲେକ୍
ସୟ୍‌ତାନ୍ ନିଜେ ଉଜାଲ୍ ଦେଉଁକେ ଦୁତାର୍ ବେସ୍ ଦଃରେଦ୍ ।
15 ତଃବେ, ଜଦି ତାର୍ ସେବାକାରିମଃନ୍ ହେଁ ଦଃର୍ମାର୍ ସେବା
କଃର୍ତା ଲକାର୍ ବେସ୍ ଦଃର୍ତି, ତଃବେ ସେରି ବଃଡ୍ କଃତା ନାୟ୍;
ସେମଃନାର୍ ସେସ୍ ଦଃସା ସେମଃନାର୍ କାମ୍ ହଃର୍କାରେ ଗଃଟେଦ୍
। 16 ମୁୟ଼ଁ କଃଉଁଲେ, କେ ମକ୍ ନିର୍ବୁଦିଆ ବଃଲି ବାବା ନାୟ୍;

ମଽତର୍ ଜଦି ତୁମିମଽନ୍ ସେବାନ୍ୟା ମଽନେ ବାବାସ୍, ତଽବେ
ହେଁ ମକ୍ ନିର୍ବୁଦିଆ ହର୍ ମଽନେ ଦଽରା, ଜଽନ୍କଽରି ମୁୟ୍ଁ ହେଁ
ଅଽଳକ୍ ଗଽର୍ବ୍ କଽରୁ ହାରି । 17 ମୁୟ୍ଁ ଜାୟ୍ରି କଽଉଁଲେ, ସେରି
ମାପ୍ରୁର୍ କଽତା ହଽର୍କାରେ ନଽକୟ୍ଁ, ମଽତର୍ ନିର୍ବୁଦିଆର୍ ହର୍
ଇବାନ୍ୟା ଅଽଦିକ୍ ସାସେ ଗଽର୍ବ୍ କଽରି କଽଉଁଲେ । 18 ଗାଦେକ୍
ଲକ୍ମଽନ୍ ସଂସାରାର୍ ବାବ୍ନାୟ୍ ଗଽର୍ବ୍ କଽର୍ତା ଗିନେ ମୁୟ୍ଁ ହେଁ
ଗଽର୍ବ୍ କଽରିନ୍ଦ୍ର । 19 କାୟ୍ତାକ୍ବଽଲେକ୍ ତୁମିମଽନ୍କେ ବୁଦିଆ
ଦଽଙ୍ଗ୍ଳା ବଽଲି ସିନା ସଽର୍ଦାୟ୍ ନିର୍ବୁଦିଆମଽନ୍କେ ସଽମ୍ବାଲୁଲାସ୍
। 20 ଜଦି କେ ତୁମିମଽନ୍କେ ଗତିଦଽଙ୍ଗ୍ଳା କଽରି ସଽଙ୍ଗାୟ୍ଦ୍,
ତୁମିମଽନାର୍ ଦଽନ୍ବିତ୍ ଜୁରି ନଽୟ୍ଦ୍, ତୁମିମଽନ୍କେ ହାନ୍ଦାୟ୍
ହଽକାୟ୍ ଦଽରେଦ୍, ଅଽକାର୍ ଅୟ୍ଦ୍ କି ତୁମିମଽନାର୍ ମୁଏଁ
ଚାହୁଲ୍ ମାରେଦ୍, ତଽବେ ତୁମିମଽନ୍ ସେରି ସଽମ୍ବାଲୁଲାସ୍ । 21
ମୁୟ୍ଁ ଲାଜ୍ ସଽଙ୍ଗ୍ ମାନୁଲେ ଜେ, ଅଽମିମଽନ୍ ତ ଦୁର୍ବୁଲ୍ ଅୟ୍
ଆଚୁ । ଅୟ୍ଲେକ୍ ହେଁ ଜୁୟ୍ କଽତାୟ୍ କେ ସାସି ଆଚେ, ମୁୟ୍ଁ
ନିର୍ବୁଦିଆ ହର୍ କଽଉଁଲେ, ମୁୟ୍ଁ ହେଁ ସାସି । 22 ସେମଽନ୍ କାୟ୍
ଏବ୍ରିୟ? ମୁୟ୍ଁ ହେଁ ଏବ୍ରିୟ । ସେମଽନ୍ କାୟ୍ ଇସ୍ରାଏଲିୟ?
ମୁୟ୍ଁ ହେଁ ଇସ୍ରାଏଲିୟ । ସେମଽନ୍ କାୟ୍ ଅବ୍ରାହାମାର୍ ବଽଉଁସ୍?
ମୁୟ୍ଁ ହେଁ ଅବ୍ରାହାମାର୍ ବଽଉଁସାର୍ । 23 ସେମଽନ୍ କାୟ୍ କ୍ରିସ୍ଟର୍
ସେବାକାରି? ମୁୟ୍ଁ ବଽୟା ହର୍ କଽଉଁଲେ, ମୁୟ୍ଁ ସେମଽନାର୍
ତଽୟ୍ ହୁଣି ଅଽଦିକ୍ ବଽଡ୍ କ୍ରିସ୍ଟର୍ ସେବାକାରି, ଅଽଦିକ୍ କଽବାଲ୍
କଽର୍ତା ତଽୟ୍, ଅଽଦିକ୍ ଜଽଇଲ୍ ଡଽଣ୍ଡ ବଗ୍ତା ତଽୟ୍, ଇସାବ୍
ନୟ୍ଲା ମାଡ୍ ସଽମ୍ବାଲ୍ତାର୍ ତଽୟ୍, ତର୍କେ ତର୍ ମଽର୍ନାର୍
ମୁଏଁ ହଽଲ୍ତା ତଽୟ୍ । 24 ମୁୟ୍ଁ ଜିଉଦିମ୍ନାର୍ ତଽୟ୍ହୁଣି
ହାଁଚ୍ ତର୍ ଏକ୍ ଉଣା ଦୁୟ୍କଳି ଚାବୁକ୍ ମାଡ୍ କାୟ୍ଆଚି । 25
ରମିଅ ମଽନାର୍ ତଽୟ୍ ହୁଣି ତିନି ତର୍ ବେତ୍ଡାଙ୍ଗ୍ ସଽଙ୍ଗ୍ ମାଡ୍
କାୟ୍ଆଚି, ତରେକ୍ ଟେଳା ସଽଙ୍ଗ୍ ମାଡ୍ କାୟ୍ଆଚି, ତିନିତର୍
ଜାଜ୍ ବାଙ୍ଗାୟ୍ଲାକ୍ ସଽମ୍ବାଳି ଆଚି, ଡେଙ୍ଗ୍ ହାଣାୟ୍ ଗଟ୍ ଦିନ୍
ଗଟ୍ ରାତି କାଟି ଆଚି, 26 ଗାଦେକ୍ ତର୍ ଜାତାଆସ୍ତାର୍ କଽର୍ତା
ତଽୟ୍, ହୁର୍ହାଣି ବିପ୍ତି ତଽୟ୍, କଽଙ୍ଗାର୍ମଽନାର୍ ବିପ୍ତି ତଽୟ୍,
ଜିଉଦି ଜାତିର୍ ଆର୍, ଜେ ଅଜିଉଦି ସେମଽନାର୍ ଆତେହୁଣି,
ଗଽଲାର୍ ବିପ୍ତି ତଽୟ୍, ବଽନାର୍ ବିପ୍ତି ତଽୟ୍, ସଽମ୍ନ୍ଦାର୍
ବିପ୍ତି ତଽୟ୍, 27 ବଽମ୍ଳାଉତା ବାୟ୍ମଽନାର୍ ବିପ୍ତି ତଽୟ୍,
କଽବାଲ୍ ଆର୍ କଽସ୍ଟ ବୟଽଗ୍ କଽର୍ତା ତଽୟ୍, ଗାଦେକ୍ ତର୍
ନଽସଽଉତେ ରାତି କଽଟ୍ତା ତଽୟ୍, ବୁକ୍ ଆର୍ ସସେ, ଗାଦେକ୍
ତର୍ ଉହାସ୍ ତଽୟ୍, ସିତ୍ ଆର୍ ନଽଗ୍ଳା ତଽୟ୍ । 28 ବାକି
ସଽବୁ କଽତା ଚାଡି ଆରେକ୍ ଗଟେକ୍ କଽତା ହଽତି ଦିନ୍ ମର୍
ଉହ୍ରେ ମଣ୍ଡଳିମଽନାର୍ ଗିନେ ଚିତା ମାଡୁଲି । 29 କେ ଦୁର୍ବୁଲ୍
ଅୟ୍ଲେକ୍ ମୁୟ୍ଁ ହେଁ ଦୁର୍ବୁଲ୍ ଅୟ୍ନ୍ଦ୍ର, କେ ଜଦି ହାହ୍ କଽଲେକ୍
ମୁୟ୍ଁ ମଽନ୍ ଦୁକ୍ କଽରିନ୍ଦ୍ର । 30 ଜଦି ମର୍ ଗଽର୍ବ୍ କଽର୍ତାର୍
ଦଽର୍କାର୍ ହଽଲେଦ୍, ତଽବେ ମୁୟ୍ଁ ମର୍ ଦୁର୍ବୁଲ୍ କଽତାୟ୍ ଗଽର୍ବ୍
କଽରିନ୍ଦ୍ର । 31 ମୁୟ୍ଁ ଜେ ମିଚ୍ ନଽକଽଉଁଲେ, ଇରି ମାପ୍ରୁ ଜିସୁର୍
ଇସ୍ବର୍ ଉବା ଜାଣୁଲା; ସେ ଜୁଗେଜୁଗେ ଦନ୍ୟ । (aiōn g165)
32 ଦମେସକ୍ ତଽୟ୍ ଆରେସ୍ଟାର୍କ୍ ରଽଜାର୍ ସାସନ୍କାରି ମକ୍
ଦଽରୁକ୍ ସେ ଗଽଳେ ଜାଗୁଆଳିମଽନ୍କେ ଜାଗାୟ୍ରିଲା । 33
ଆର୍ ଡଽଲାୟ୍ ଗଟେକ୍ କୁଆଲ୍ କଽତି ଜର୍କା ବାଟ୍ୟା ମକ୍
ଉତ୍ରାୟ୍ ଦିଆ ଅୟ୍ଲି, ଆରେକ୍ ମୁୟ୍ଁ ତାର୍ ଆତେ ହୁଣି ବାଚ୍ଲେ
।

**12** ଜଦି ହେଁ ଗଽର୍ବ୍ କଽର୍ତାର୍ ନିକ ନାୟ୍, ଅୟ୍ଲେକ୍ ହେଁ ମକ୍
ଗଽର୍ବ୍ କଽରୁକେ ହଽଲୁଲି, ମୁୟ୍ଁ ମାପ୍ରୁର୍ ଦଽର୍ସନ୍ ଆର୍
ଜାଣାୟ୍ଲା କଽତା କୟ୍ଦ୍ । 2 ମୁୟ୍ଁ କ୍ରିସ୍ଟର୍ ଗଟେକ୍ ଲକ୍କେ
ଜାଣିଆଚି, ସେ ଚଽଉଦ ବର୍ସ୍ ହୁର୍ବେ ତିନି ଲଽମରାର୍ ସଽର୍ଗ୍
ହଽତେକ୍ ନିଆ ଅୟ୍ଲା, ସେ ଗଽଗାଳେ ରିଲା କି ଗଽଗାଳାର୍
ହଽଦାୟ୍ ରିଲା, ମୁୟ୍ଁ ନଽଜାଣି; ଇସ୍ବର୍ ଜାଣି ଆଚେ । 3 ହେଁ,
ମୁୟ୍ଁ ଇବାନ୍ୟା ଗଟେକ୍ ଲକ୍କେ ଜାଣିଆଚି, ତାକ୍ ପାରାଦେସେ
ନିଆ ଗଽଲି, ସେ ଗଽଗାଳେ ରିଲା କି ଗଽଗାଳାର୍ ହଽଦାୟ୍ ରିଲା,
ମୁୟ୍ଁ ନଽଜାଣି; ଇସ୍ବର୍ ଜାଣି ଆଚେ । 4 ଆର୍ ଜାୟ୍ରି ମାନାୟ୍
କଽଉଁକେ ଅଽଦିକାର୍, ଇବାନ୍ୟା ନଽକ୍ଉତା କଽତା ସୁଣ୍ଲା । 5
ଇବାନ୍ୟା ଗଟ୍ ଲକାର୍ କଽତାୟ୍ ଗଽର୍ବ୍ କଽରିନ୍ଦ୍ର, ମଽତର୍ ମର୍
ନିଜାର୍ ବିସୟେ ମର୍ ଦୁର୍ବୁଲ୍କ୍ ଚାଡି ଆର୍ କୁୟ୍ଲଽଗେ ଗଽର୍ବ୍
କଽରୁ ନାହାରି । 6 ଆର୍ ଗଽର୍ବ୍ କଽରୁକେ ମଽନ୍ ଅୟ୍ଲେକ୍ ହେଁ
ମୁୟ୍ଁ ନିର୍ବୁଦିଆ ଅଽଉଁ ନଽଚି, ଜୁୟ୍ତାର୍ ଗିନେ ମୁୟ୍ଁ ସଽତ୍ କୟ୍ଦ୍;
ମଽତର୍ କଽନ୍ଅୟ୍ଲେକ୍ କୁୟ୍ ଲକ୍ ଜୁୟ୍ରଽକମ୍ ଦଽକେଦ୍ କି
ମର୍ ତଽୟ୍ହୁଣି ଜୁୟ୍ ରଽକମ୍ ସୁଣେଦ୍, ମର୍ ହାକ୍ ଜାଣାୟ୍
ଅୟ୍ଲା କଽତାୟ୍ ଅଽଦିକ୍ ବଽଡ୍ ଗିନେ ଜଽନ୍କଽରି ମର୍ କଽତାୟ୍
ଅଽଦିକ୍ ବଽଲି ବାବତ୍ ନାୟ୍ ଇତାର୍ ଗିନେ ମୁୟ୍ଁ ତାକିଜଽଉଁଲେ
। 7 ମୁୟ୍ଁ ଜଽନ୍କଽରି ଅଽଦିକ୍ ଗଽର୍ବି ନଽୟ୍, ଇତାର୍ ଗିନେ ମର୍
ଗଽଗାଳେ ଗଟେକ୍ କାଟା ଦିଆଗଽଲି, ମକ୍ ମାରୁକେ ସୟ୍ତାନ୍
ଦୁତ୍କେ ହଽଟାୟ୍ଲି, ହେଁ, ଜଽନ୍କଽରି ମୁୟ୍ଁ ଅଽଦିକ୍ ଗଽର୍ବି
ନାୟ୍ । 8 ଜଽନ୍କଽରି ସେରି ମର୍ ତଽୟ୍ହୁଣି ଦୁରିକ୍ ଅୟ୍ଦ୍,
ଇତାର୍ ଗିନେ ମୁୟ୍ଁ ମାପ୍ରୁକ୍ ସେ ବିସୟେ ତିନିତର୍ ଗଽଉଆରି
କଽଲେ । 9 ଆର୍ ସେ ମକ୍ କୟ୍ଆଚେ, ମର୍ ଦଽୟା ତୁମାର୍
ଗିନେ ସଽରି, କାୟ୍ତାକ୍ବଽଲେକ୍ ଦୁର୍ବୁଲ୍ ତଽୟ୍ ମର୍ ସଽକ୍ତି
ହୁରୁଣ୍ ଅୟ୍ଦ୍ । ତଽବେ, ଜଽନ୍କଽରି କ୍ରିସ୍ଟର୍ ସଽକ୍ତି ମର୍ ଉହ୍ରେ
ଆସେଦ୍, ଇତାର୍ ଗିନେ ମୁୟ୍ଁ ବଽଡେ ସଽର୍ଦାୟ୍ ମଽତର୍ ମର୍
ଦୁର୍ବୁଲ୍ ତଽୟ୍ ଗଽର୍ବ୍ କଽରିନ୍ଦ୍ର । 10 ତଽବାର୍ଗିନେ କ୍ରିସ୍ଟର୍ ଗିନେ
ଦୁର୍ବୁଲ୍ ତଽୟ୍, ଅପ୍ମାନେ, ଦୁକେ, ତାଳ୍ନା ତଽୟ୍, ବିପ୍ତି ତଽୟ୍
ମୁୟ୍ଁ ସଽର୍ଦା ଅୟ୍ନ୍ଦ୍ର; କାୟ୍ତାକ୍ବଽଲେକ୍ ଜଽଡେବଽଲ୍ ମୁୟ୍ଁ
ଦୁର୍ବୁଲ୍, ସଽଡେବଽଲ୍ ମୁୟ୍ଁ ବଽଲ୍ବାନ୍ । 11 ମୁୟ୍ଁ ନିର୍ବୁଦିଆ
ହର୍ ବେବାର୍ କଽରିନ୍ଦ୍ର, ତୁମିମଽନ୍ ମକ୍ ବଽଲ୍ମାଡ୍ କଽଲାସ୍,
କାୟ୍ତାକ୍ବଽଲେକ୍ ମର୍ ଗୁଣ୍ଗିତ୍ କଽଉତାର୍ ତୁମିମଽନାର୍
ବିଦିରିଲି । ଅୟ୍ଲେକ୍ ହେଁ ମୁୟ୍ଁ ଜଦି କାୟ୍ରି ନାୟ୍, ତଽବେ ହେଁ
କାୟ୍ କଽତାୟ୍ ସେ ସଽରାସଽରି “ପେରିତ୍ମଽନାର୍” ତଽୟ୍ହୁଣି

ଉଣା ନାୟ୍ । 12 ଜୁୟ୍‌ସଃବୁ ଚିନ୍ ଆର୍ କାବାଅଉତା କାମ୍
ଆରେକ୍ ସଃକ୍ତିର୍ କାମ୍ ପେରିତ୍‌ମଃନାର୍ ଚିନ୍ ହର୍, ସେସଃବୁ
ସଃତ୍‌କଃରି ତୁମିମଃନାର୍ ବିତ୍ରେ ବଃଡେ ସାସେ ସାଦୁନ୍ ଅୟ୍‌ଆଚେ
। 13 କାୟ୍‌ତାକ୍ ବଃଲେକ୍ ମୁୟ୍ ନିଜେ ଜେ ତୁମିମଃନାର୍ ଉହ୍ରେ
ବଜ୍ ହର୍ ନଇଁ, ଇ ଗଟେକ୍ ବିସୟ୍ ଚାଡି ବାକି ମଣ୍ଡଳିମଃନାର୍
ତଃୟ୍‌ହୁଣି ତୁମିମଃନାର୍ ଲଃଗେ ସାନ୍ ଅୟ୍ ଆଚି? ମର୍ ଇ
ଦସ୍ କେମା କଃରା । 14 ଦଃକା, ମୁୟ୍ଁ ତୁମିମଃନାର୍ ଚଃମେ
ଜଃଉଁକେ ଇ ତିନିତର୍ ଜଃଗ୍ରାତ୍ ଆଚି, ଆର୍ ମୁୟ୍ଁ ତୁମିମଃନାର୍
ବଜ୍ ହର୍ ଅଃଉଁ ନଃଚି, କାୟ୍‌ତାକ୍‌ବଃଲେକ୍ ମୁୟ୍ଁ ତୁମିମଃନାର୍
ଦଃନ୍ ନଃଲଲି ତୁମିମଃନ୍‌କେ ଲଲୁଲେ । ଜୁୟ୍‌ତାର୍ ଗିନେ
ହିଲାଟକିମଃନାର୍ ହୟ୍‌ସି ଉବାସିମଃନାର୍ ଗିନେ ଅଃର୍ଜ୍‌ତା ନିକ
ନାୟ୍, ମଃତର୍ ହିଲାଟକିମଃନାର୍ ଗିନେ ହୟ୍‌ସି ଉବାସିମଃନାର୍
ଅଃର୍ଜ୍‌ତା ଦଃର୍‌କାର୍ । 15 ମୁୟ୍ଁ ତୁମିମଃନାର୍ ଆତ୍ମା ଗିନେ ବଃଡେ
ସଃର୍ଦାୟ୍ ଉହ୍‌କାର୍ କଃରିନ୍ନ, ହେଁ, ମର୍ ହଃରାଣ୍ ହଃତେକ୍
ହେଁ ଉହ୍‌କାର୍ କଃରିନ୍ନ । ମୁୟ୍ଁ ତୁମିମଃନ୍‌କେ ଅଃଦିକ୍ ଲାଡ୍
କଃରୁଲେ ବଃଲି କାୟ୍ ତୁମିମଃନ୍‌କେ ଉଣା ଲାଡ୍ କଃରାସ୍‌କି?
16 ମଃତର୍ ଜାୟ୍‌ରି ଅଃଉଆ, ମୁୟ୍ଁ ନିଜେ ତୁମିମଃନ୍‌କେ ବଜ୍
ନଃଲାଦ୍‌ଲେ, ମଃତର୍ କେକେ କଃଉଁ ହାରେଦ୍ ଚଃତୁର୍ ଅୟ୍ ମୁୟ୍ଁ
ତୁମିମଃନ୍‌କେ ଚଃଲାକି କଃରି ଦଃର୍ଲେ । 17 ମୁୟ୍ଁ ତୁମିମଃନାର୍
ଚଃମେ ଜୁୟ୍ ଲକ୍‌ମଃନ୍‌କେ ହଃଟାୟ୍ ଆଚି, ସେମଃନାର୍ ବିତ୍ରେ
କାର୍ ତଃୟ୍ ହୁଣି କି ତୁମିମଃନାର୍ ତଃୟ୍‌ହୁଣି କାୟ୍‌ରି ଲାବ୍ କଃରି
ଆଚି କି? 18 ମୁୟ୍ଁ ତିତସ୍‌କେ ଜଃଉଁକ୍ ଗଃଉଆରି କଃରିରିଲେ,
ଆରେକ୍ ତାର୍ ସଃଙ୍ଗେ ସେ ବାୟ୍‌କ୍ ହଃଟାୟ୍ ରିଲେ । ତିତସ୍
କାୟ୍ ତୁମିମଃନାର୍ ତଃୟ୍‌ହୁଣି କାୟ୍‌ରି ଲାବ୍ କଃରିଆଚେ?
ଅଃମିମଃନ୍ କାୟ୍ ଗଟେକ୍ ଆତ୍ମାୟ୍ ଚାଲାଚାଲ୍‌ତି ନଃକେରୁ?
ଅଃମିମଃନ୍ କାୟ୍ ଗର୍ଟେକ୍ ହାଦ୍ ଚିନେ ଇଣ୍ଡାବୁଲା ନଃକେରୁ?
19 ଅଃବେ ହଃତେକ୍ ତୁମିମଃନ୍‌କେ ବାବୁଲାସ୍, ଅଃମିମଃନ୍
ତୁମିମଃନାର୍ ଚଃମେ ଦଃସ୍ ଲୁକାଉଁଲୁ । ଇସ୍ୱରାର୍ ମୁଏଁ କ୍ରିସ୍ଟ
କୟ୍‌ଲା ବଃଲି ସେବାକାରି ବାବେ ଅଃମିମଃନ୍ କଃତା କଃଉଁଲୁ ।
ମଃତର୍ ଏ ଲାଡାର୍‌ମଃନ୍, ସଃବୁ କଃତା ତୁମିମଃନାର୍ ଉହ୍‌କାର୍
ଗିନେ କଃଉଁଲୁ । 20 କାୟ୍‌ତାକ୍‌ବଃଲେକ୍ କଃଡେବଃଲ୍ ମୁୟ୍ଁ
ଆୟ୍‌ଲେକ୍, ତୁମିମଃନ୍‌କେ ଜଃନ୍‌କଃରି ଦଃକୁକ୍ ମଃନ୍ କଃରୁଲେ,
ସେବାନ୍ୟା ତୁମିମଃନ୍‌କେ ନଃଦେକି, ଆର୍ ତୁମିମଃନ୍‌କେ ମକ୍
ଜଃନ୍‌କଃରି ଦଃକୁକ୍ ମଃନ୍ ନଃକେରାସ୍, ସେବାନ୍ୟା ଦଃକା,
ଇତାର୍ ଗିନେ ମୁୟ୍ଁ ଡିରୁଲେ; କଃନ୍‌ସ୍ ଅୟ୍‌ଲେକ୍ ଜିକାଟାଣା,
ଅଃକାର୍, ରିସା, ମାଡାଚଃଗା, ଲକାର୍ ଲିନ୍ଦା, କାନେ କଃଉଆ
କଇ, କୁଟ୍‌କପଟ୍, ମାଡ୍‌ଗଲ୍ ଅୟ୍‌ଦ୍; 21 କଃନ୍‌ସ୍ ଅୟ୍‌ଲେକ୍
ମୁୟ୍ଁ ଆରେକ୍ ଗଟ୍‌ତର୍ ଆୟ୍‌ଲେକ୍, ମର୍ ଇସ୍ୱର୍ ତୁମିମଃନାର୍
ବିସୟେ ମକ୍ ଆରେକ୍ ଗଟ୍‌ତର୍ ସାନ୍ କଃରେଦ୍, ଆରେକ୍
ଜୁୟ୍ ଲକ୍‌ମଃନ୍ ହୁର୍ବେ ହାହ୍ କଃରି ଆଚ୍‌ତି, ଆର୍ ଅଃହ୍‌ଣା
ଅଃହ୍‌ଣା କଃଲା ବିଟାଲ୍, ଦାରି ଆର୍ କଃରାବ୍ ଇଚା ଗିନେ ମଃନ୍
ନଃବାଦ୍‌ଲାଉତି, ଇବାନ୍ୟା ଗାଦେକ୍ ଲକାର୍ ଗିନେ ମୁୟ୍ଁ କାନ୍ଦିନ୍ନ
।

13 ଇତାର୍ ସଃଙ୍ଗେ ତିନିତର୍ ମୁୟ୍ଁ ତୁମିମଃନାର୍ ଲଃଗେ
ଜଃଉଁଲେ । ସାସ୍ତ୍ରର୍ ହଃର୍କାରେ, “ଦୁୟ୍ କି ତିନି ସାକିମଃନାର୍
ମୁଏଁ ସଃବୁ କଃତା ତିର୍ କଃରା ଅୟ୍‌ଦ୍ ।” 2 ଜୁୟ୍ ଲକ୍‌ମଃନ୍
ହୁର୍ବେ ହାହ୍ କଃରି ରିଲାୟ୍, ସେମଃନ୍‌କେ ଆର୍ ବାକି ସଃବୁ
ଲକ୍‌କେ ମୁୟ୍ଁ ଜଃନ୍‌କଃରି ହୁର୍ବେ ଦୁୟ୍‌ତର୍ ରିଲାବଃଲ୍ କୟ୍‌ରିଲେ,
ଅଃବେ ନଃରଃୟ୍ କଃରି ସେବାନ୍ୟା ହୁର୍ବେ ହୁଣି କଃଉଁଲେ ଜେ,
ଜଦି ମୁୟ୍ଁ ଆରେକ୍ ଗଟ୍‌ତର୍ ଜାୟ୍‌ନ୍ନ, ସେତଃନ୍ ଅୟ୍‌ଲେକ୍
ସେମଃନ୍ ଡଃଣ୍ଡ ଦେଉଁକ୍ ନଃଚାଡି । 3 କ୍ରିସ୍ଟ ଜେ ମର୍ ଦଃୟ୍
କଃତା କଃଉଁଲା, ଇ ବିସୟେ ତୁମିମଃନ୍‌କେ ଚାୟ୍ଁ ରେତାର୍
ହଃର୍ମାଣ୍ ହାଉଆସ୍ । ତୁମାର୍ ଗିନେ ସେ କଃବେହେଁ ନିଗାଲ୍
ନଃଉଁତି । ମଃତର୍ ତୁମାର୍ ଚଃମେ ସେ ସଃକ୍ତିର ପରିଚୟ୍
ଦଃୟ୍‌ଆଚେ, 4 କାୟ୍‌ତାକ୍‌ବଃଲେକ୍ ଜଦି ସେ ନିଗାଲ୍ ଗିନେ
କ୍ରୁସେ ଚଃଗାୟ୍‌ଲାୟ୍, ଅୟ୍‌ଲେକ୍ ହେଁ ଇସ୍ୱରାର୍ ସଃକ୍ତିଏ ସେ
ଜିବନ୍ ହାୟ୍‌ଲା । ଅଃମିମଃନ୍ ହେଁ ତାର୍‌ତଃୟ୍ ନିଗାଲ୍, ମଃତର୍
ଇସ୍ୱରାର୍ ସଃକ୍ତି ଗିନେ ଅଃମିମଃନ୍ ତୁମିମଃନାର୍ ଗିନେ ତାର୍
ସଃଙ୍ଗେ ଜିବନ୍ ଅଃଉଁଆ । 5 ତୁମିମଃନ୍ ବିସ୍ୱାସେ ଆଚାସ୍ କି
ନାୟ୍, ସେ ବିସୟେ ତୁମିମଃନ୍‌କେ ଅଃହ୍‌ଣା ଆହ୍‌ଣାକେ ପରିକ୍ୟା
କଃରା, ଅଃହ୍‌ଣା ଅଃହ୍‌ଣାର୍ ବିଚାର୍ କଃରା, ନୟ୍‌ଲେକ୍ ଜିସୁ କ୍ରିସ୍ଟ
ଜେ ତୁମିମଃନାର୍ ତଃୟ୍ ଆଚେ, ଇରି କି ତୁମିମଃନ୍‌କେ ନିଜାର୍
ନିଜାର୍ କଃତା ନଃଜାଣାସ୍? ଜଦି ଇରି ନୟେ, ତଃନ୍‌ଅୟ୍‌ଲେକ୍
ତୁମିମଃନ୍‌କେ ହୁରାହୁରି ପରିକ୍ୟାୟ୍ ଆରି ଆଚାସ୍ । 6 ମଃତର୍
ମୁୟ୍ଁ ଆସା କଃରୁଲେ, ଅଃମିମଃନ୍ ଜେ ପରିକ୍ୟା ସିଦ୍, ଇରି
ତୁମିମଃନ୍‌କେ ଜାଣାସ୍ । 7 ମଃତର୍ ତୁମିମଃନ୍‌କେ ଜଃନ୍‌କଃରି
କାୟ୍ କଃରାବ୍ କାମ୍ ନଃକେରାସ୍, ଇତାର୍ ଗିନେ ଅଃମିମଃନ୍
ଇସ୍ୱରାର୍ ଚଃମେ ପାର୍ତନା କଃରୁଲୁ । ଅଃମିମଃନ୍ ଜଃନ୍‌କଃରି
ପରିକ୍ୟା ସିଦ୍ ବଃଲି ଦଃକା ଜଃଉଁନ୍ନ, ଇତାର୍ ଗିନେ ପାର୍ତ୍‌ନା
ନଃକେରୁ, ମଃତର୍ ପରିକ୍ୟା ସିଦ୍ ନୟ୍‌ଲା ହର୍ ଦଃକା ଗଃଲେକ୍
ହେଁ ଜଃନ୍‌କଃରି ତୁମିମଃନ୍‌କେ ନିକ କାମ୍ କଃରାସ୍, ଇତାର୍
ଗିନେ ପାର୍ତ୍‌ନା କଃରୁଲୁ । 8 କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍
ସଃତ୍ ବିରଦେ କାୟ୍‌ରି କଃରୁ ନଃହାରୁ, ମଃତର୍ ସଃତ୍ ବାଟ୍ୟା
ଅୟ୍ କଃରୁ ହାରୁ । 9 ଅଃମିମଃନ୍ ଜଃଡେବଃଲ୍ ଦୁର୍ବୁଲ୍ ଆର୍
ତୁମିମଃନ୍‌କେ ସଃକାତ୍, ସଃଡେବଃଲ୍ ଅଃମିମଃନ୍ ସଃର୍ଦା କଃରୁନ୍ନ;
ତୁମିମଃନ୍ ଜଃନ୍‌କଃରି ସିଦ୍ ଅଃଉଆସ୍, ଇତି ହେଁ ଅଃମିମଃନ୍
ପାର୍ତନା କଃରୁଲୁ । 10 ଇତାର୍ ଗିନେ ନଃରଃୟ୍‌କଃରି ମୁୟ୍ଁ
ଇସାବ୍ ଲେକୁଲେ, ଜଃନ୍‌କଃରି ରଃୟ୍‌କଃରି ମାପୁ ମକ୍ ଜୁୟ୍
ଅଃଦିକାର୍ ବାଣ୍ଟୁକ୍ ନଃଦଃୟ୍ ତିଆର୍ କଃରୁକେ ଦଃୟ୍‌ଆଚେ,
ସେ ଅଃଦିକାର୍ ହଃର୍କାରେ ନିସ୍ଟୁର୍ ବେବାର୍ କଃରୁକେ ମକ୍ ନୟେ
। 11 ସଃରାସଃରି ବଃଲ୍, ଏ ବାୟ୍‌ବେଣିମଃନ୍, ସଃର୍ଦା କଃରା,
ସଃବୁ ବିସୟେ ଜୟ୍‌ଗ୍ ଅଃଉଆ, ଗ୍ୟାନ୍ ଦଃରା, ଗଟେକ୍ ମଃନ୍

ଅଃଉଆ, ସୁସ୍ତାୟ୍ ବାସା କଃରା, ଆର୍ ଲାଡ୍ ଆର୍ ସୁସ୍ତାର୍
ଇସ୍ୱର୍ ତୁମିମଃନାର୍ ସଃଙ୍ଗେ ରଃୟ୍ଦ୍ । 12 କ୍ରିସ୍ଟର୍ ଲାଡ୍
ଦଃୟ୍ ଏକ୍ଆରେକ୍କେ ଜୁଆର୍ କଃରା । ସଃବୁ ଦଃର୍ମିମଃନ୍
ତୁମିମଃନ୍‌କେ ଦନ୍ୟବାଦ୍ ଜାଣାଉଁଲାୟ୍ । 13 ମାପ୍ରୁ ଜିସୁ କ୍ରିସ୍ଟର୍
ଦଃୟା, ଇସ୍ୱରାର୍ ଲାଡ୍ 14 ଆର୍ ପବିତ୍ର ଆତ୍ମାର୍ ମିସାଣ୍ ତୁମି
ସଃବୁଲକାର୍ ଉହ୍ରେ ଅଃଉଆ ।

# ଗାଲାତିୟ୍

1 ମୁୟ୍ଁ ପାଉଲ୍ ଗଟେକ୍ ପେରିତ୍ । ମାନାୟ୍ ହୁଣି ନାୟ୍
କି ମାନାୟ୍‌ର୍ ଦଃୟ୍‌କଃରି ନାୟ୍, ମଃତର୍ ଜିସୁ କ୍ରିସ୍ଟର୍
ତଃୟ୍‌ହୁଣି ଆର୍ ଜୁୟ୍ ଇସ୍ୱର୍ ଉବା ତାକେ ମଃଲା ଲକ୍‌ମଃନାର୍
ତଃୟ୍‌ହୁଣି ଉଟାୟ୍‌ଲା ତାର୍ ତଃୟ୍‌ହୁଣି ହାୟ୍ ଆଚି । 2 ଆର୍
ମର୍ ସଃଙ୍ଗେ ରିଲା ସଃବୁ ବିସ୍ୱାସି ବାୟ୍‌ମଃନ୍ ଗାଲାତି ମଣ୍ଡଳିର୍
ବାୟ୍‌ବେଣିମଃନ୍‌କେ ଜୁଆର୍ ଜାଣାଉଁଲୁ । 3 ଅଃମିମଃନାର୍
ଇସ୍ୱର୍ ଉବା ଆର୍ ମାପୁ ଜିସୁ କ୍ରିସ୍ଟ ତଃୟ୍‌ହୁଣି ଦଃୟା ଆର୍
ସୁସ୍ତା ତୁମିମଃନ୍‌କେ ଅଃଉଅ । 4 ସେ ଅଃମାର୍ ଇସ୍ୱର୍ ଉବାର୍
ଇଚା ହଃର୍କାରେ ଇ ଅଃବାର୍ ଜଃଗତେ ହୁଣି ଅଃମିମଃନ୍‌କ୍
ମୁକ୍ଲାଉଁକ୍ ଅଃମିମଃନାର୍ ହାହାର୍ ଗିନେ ଅଃହ୍‌ଣାକ୍ ଦିଲା । (aiōn
g165) 5 ଜୁଗେଜୁଗେ ଇସ୍ୱରାର୍ ଜଃଜ୍‌ମାନ୍ ଅଃଉଅ, ଆମେନ୍
। (aiōn g165) 6 କ୍ରିସ୍ଟର୍ ଦଃୟାୟ୍ ଜେ ତୁମିମଃନ୍‌କେ କୁଦ୍‌ଲା,
ତାର୍ ତଃୟ୍‌ହୁଣି ଜେ ଅଃଡେକ୍ ବେଗି ମଃନ୍‌ବାଦ୍‌ଲାୟ୍ ବିନ୍
ନିକ କବୁର୍ ତଃୟ୍ ଟାଣି ଅୟ୍ ଆଚାସ୍ ମଃନ୍ ଦଃୟ୍ ଆଚାସ୍,
ଇତାକ୍ ମୁୟ୍ଁ କାବା ଅଃଉଁଲେ । 7 ସେରି “ବିନ୍ ନିକ କବୁର୍
ହେଁ ନାୟ୍,” ମଃତର୍ କଃତେକ୍ ତୁମିମଃନ୍‌କେ ବୁଲ୍‌କାଉଁଲାୟ୍
ତିର୍ ନଃକେରୁଲାୟ୍ । ଆର୍ କ୍ରିସ୍ଟର୍ ନିକ କବୁର୍‌କେ କଃରାବ୍
କଃରୁକେ ମଃନ୍ କଃରୁଲାୟ୍ । 8 ମଃତର୍ ଜୁୟ୍ ନିକ କବୁର୍
ଅଃମିମଃନ୍ ତୁମାର ତଃୟ୍ ପର୍ଚାର୍ କଃରି ଆଚୁ, ଜଦି ଅଃମିମଃନ୍
କି ସଃର୍ଗ୍‌ଦୁତ୍ ଅୟ୍‌ଲେକ୍ ହେଁ ଜେହେଁ ତାର୍ ତଃୟ୍‌ହୁଣି ବିନ୍ ନିକ
କବୁର୍ ପର୍ଚାର୍ କଃରେଦ୍ ତଃବେ ସେ ସାଇପ୍‌ହାଅ 9 ଜଃନ୍‌କଃରି
ଅଃମିମଃନ୍ ହୁର୍ବେ କୟ୍ ଆଚୁ, ସେନ୍‌ହର୍ ମୁୟ୍ଁ ଅଃବେ ଆରେକ୍
କଃଉଁଲେ । ଜୁୟ୍ ନିକ କବୁର୍ ତୁମିମଃନ୍ ଦଃରିରିଲାସ୍ ତାର୍
ତଃୟ୍‌ହୁଣି ଜଦି କୁୟ୍‌ଲକ୍ ତୁମାର୍ ତଃୟ୍ ବିନ୍ ନିକ କବୁର୍ ପର୍ଚାର୍
କଃରେଦ୍ ତଃବେ ସେ ସାଇପ୍ ହାଅ । 10 ମୁୟ୍ଁ କି ଅଃବେ
ମାନାୟ୍ ମଃନ୍‌କାର୍ କି ଇସ୍ୱରାର୍ ଲାଡାର୍ ଅଃଉଁକେ ଜଃତୁନ୍
କଃରୁଲେ? ଆର୍ ମାନାୟ୍‌ମଃନ୍‌କେ କାୟ୍ ସଃନ୍‌ମତ୍ କଃରୁକେ
ଉପାୟ୍ କଃରୁଲେ, ଜଦି ମୁୟ୍ଁ ଅଃବେ ହେଁ ମାନାୟ୍‌ମଃନ୍‌କେ
ସଃନ୍‌ମତ୍ କଃର୍ତି ରିଲେହୁଣି ତଃବେ ମୁୟ୍ଁ କ୍ରିସ୍ଟର୍ ଗତିଦଃଙ୍ଗ୍ଲା
ନୟ୍‌ଲେହୁଣି । 11 କାୟ୍‌ତାକ୍‌ବଃଲେକ୍ ଏ ବାୟ୍‌ବେଣିମଃନ୍ ଜୁୟ୍
ନିକ କବୁର୍ ମର୍ ତଃୟ୍‌ହୁଣି ପର୍ଚାର୍ ଅୟ୍‌ଆଚେ, ସେ କଃତାକ୍
ତୁମିମଃନ୍‌କେ ଜାଣାୟ୍ ଆଚି, ସେରି ମାନାୟ୍‌ର୍ ଇଚାୟ୍ ନାୟ୍ ।
12 ବଃଲେକ୍ ମୁୟ୍ଁ ସେରି ମାନାୟ୍ ତଃୟ୍‌ହୁଣି ହାୟ୍ ନଃକେରି କି
ସିକି ନଃକେରି ମଃତର୍ ଜିସୁ କ୍ରିସ୍ଟର୍ ତଃୟ୍‌ହୁଣି ହାୟ୍ ଆଚି । 13
ହୁର୍ବେ ଜିଉଦି ଦର୍ମକେ ମର୍ ଚାଲ୍‌ଚାଲ୍‌ତି କଃତାୟ୍ ତୁମିମଃନ୍ ତ
ସୁଣି ଆଚାସ୍, ମୁୟ୍ଁ ଇସ୍ୱରାର୍ ମଣ୍ଡଳିକେ ଦୁକ୍‌କଃସ୍ଟ ଦେତିରିଲେ,
ଆର୍ ତାକେ ନସ୍ଟ କଃରୁକେ ଦଃକ୍‌ତିରିଲେ । 14 ଆର୍ ଅଃମାର୍
ଦାଦି ମଃନ୍‌କାର୍ ଅୟ୍ ଆସ୍ତା ରିତିବିଦି ଗିନେ ବଃଲେ ସଃର୍ଦା
ଅୟ୍ ମର୍ ସଃଙ୍ଗାର୍ ବଃୟ୍‌ସାର୍ ନିଜ୍ ଜାତିର୍ ଲକ୍‌ମଃନ୍‌କାର୍
ବିତ୍ରେ ଅଃଦିକ୍ ଦଃର୍ମେ ଜାତିରିଲେ । 15 ମଃତର୍ ଜୁୟ୍ ଇସ୍ୱର୍
ମର୍ ଆୟାର୍ ହେଟେ ହୁଣି ମକେ ବାଚିରିଲା, ଆର୍ ଅଃହ୍‌ଣାର୍
ଦଃୟାୟ୍ ତାକେ ସେବାକଃରୁକେ ମକେ କୁଦିରିଲା । 16 ସେ
ଜଃଡ୍‌ବଃଲ୍ ଅଃହ୍‌ଣାର୍ ହୟ୍‌ସିକ୍ ମର୍ ତଃୟ୍ ଜାଣାଉଁକ୍ ମଃନ୍
କଃଲା, ଜଃନ୍‌କଃରି ମୁୟ୍ଁ ଅଜିଉଦି ବିତ୍ରେ ତାକେ ପର୍ଚାର୍ କଃରିନ୍,
ସଃଡେବଃଲ୍ ମୁୟ୍ଁ ମାନାୟ୍ ସଃଙ୍ଗ କଃତାବାର୍ତା କଃରୁକେ ଜାୟ୍
ନଃରିଲେ । 17 କି ମର୍ ହୁର୍ବେ ବାଚ୍‌ଲା ପେରିତ୍ ମଃନ୍‌କାର୍ ହାକ୍
ଜିରୁସାଲମ୍‌କେ ନଃଜାୟ୍ଁ ତଃତ୍‌କାଣ୍ ଆରବ୍‌କେ ବାରୟ୍‌ଗଃଲେ,
ଆରେକ୍ ମୁୟ୍ଁ ଦମେସକ୍‌କେ ବାଉଲି ଆୟ୍‌ଲେ । 18 ତାର୍
ହଃଚେ ତିନି ବଃର୍ସ୍ ଗଃଲାକେ ମୁୟ୍ଁ କେପା ସଃଙ୍ଗ ବେଟ୍ ଅଃଉଁକ୍
ଜିରୁସାଲମ୍‌କେ ଗଃଲେ; ଆର୍ ତାର୍ ସଃଙ୍ଗ ହଃନ୍କ ଦିନ୍ ରିଲେ । 19
ମଃତର୍ ମାପୁର୍ ବାୟ୍‌ସି ଜାକୁବ୍‌କେ ଚାଡି ପେରିତ୍ ମଃନାର୍ ବିନ୍
କାକେ ନଃଦେକ୍‌ଲେ । 20 ମୁୟ୍ଁ ଜୁୟ୍‌ସଃବୁ କଃତା ତୁମିମଃନ୍‌କେ
ଲେକୁଲେ ସେରି ସଃତ୍, ଦଃକା ଇସ୍ୱର୍ ଜାଣୁଲା, ମୁୟ୍ଁ ମିଚ୍
ନଃକୟ୍ଁ । 21 ହଃଚେ ମୁୟ୍ଁ ସିରିଆ ଆର୍ କିଲିକିଆକେ ଗଃଲେ ।
22 ଜିଉଦା ରାଜିର୍ କ୍ରିସ୍ଟର୍ ମଣ୍ଡଳିମଃନାର୍ ହାକ୍ ମୁୟ୍ଁ ନିଜ୍‌କେ
ଜାଣାୟ୍ ନଃରିଲେ । 23 ସେମଃନ୍ ଅଃବ୍‌କା ସୁଣ୍‌ତିରିଲାୟ୍,
ଜୁୟ୍ ଲକ୍ ହୁର୍ବେ ଅଃମିମଃନ୍‌କ୍ କଃସ୍ଟ ଦେତିରିଲା, ଗଟ୍‌ଦିନ୍ ଜୁୟ୍
ବିସ୍ୱାସ୍‌କେ ନଃସ୍ଟକଃରୁକ୍ ଦଃର୍‌ତିରିଲା, ସେରି ଅଃବେ ପର୍ଚାର୍
କଃରୁଲା । 24 ଆର୍ ସେତାକ୍ ସେମଃନ୍ ମର୍ ଗିନେ ଇସ୍ୱରାର୍
ଗୁଣ୍ କଃଉତି ରିଲାୟ୍ ।

2 ତାର୍ ହଃଚେ ଚଃଉଦ ବଃର୍ସ୍ ଗଃଲାକେ, ମୁୟ୍ଁ ବର୍ନବା
ସଃଙ୍ଗ ଆରେକ୍ ଜିରୁସାଲମ୍ ଗଃଲୁ, ତିତସ୍‌କେ ହେଁ ମର୍
ସଃଙ୍ଗେ ନଃୟ୍‌ରିଲେ । 2 କୁଦଃଲାକେ ମୁୟ୍ଁ ଗଃଲେ, ଆର୍
ମୁୟ୍ଁ ଅଜିଉଦି ମଃନ୍‌କାର୍ ବିତ୍ରେ ଜୁୟ୍ ନିକ କବୁର୍ ପର୍ଚାର୍
କଃରୁଲେ, ମୁୟ୍ଁ ସେମଃନ୍‌କେ ବୁଜାୟ୍‌ଦିଲେ, ମଃତର୍ ମର୍
ହୁର୍ବାର୍ ଆର୍ ଅଃବାର୍ କଃସ୍ଟାର୍ କାମ୍ ଜଃନ୍‌କଃରି ହଲ୍ୟାୟ୍ ନାୟ୍
ଇତାର୍ ଗିନେ ଜୁୟ୍ ଲକ୍‌ମଃନ୍ ମାନ୍‌ତିର୍ ଅଃବ୍‌କା ସେମଃନ୍‌କେ
ଅଃଲ୍‌ଗା କଃରି ବୁଜାୟ୍‌ଲେ । 3 ମଃତର୍ ମର୍ ସଃଙ୍ଗଆଳି
ତିତସ୍ ଜେ, ଗ୍ରିକ୍ ଲକ୍ ରିଲା, ସେ ହେଁ ସୁନତ୍ ଅଃଉଁକେ
ବଃଲ୍‌ମାଡ୍ କଃରା ଜାୟ୍‌ନଃରିଲି । 4 ଅଃମି ମଃନ୍‌କାର୍ ବିତ୍ରେ
କଃତିଗଟ୍ ବମଃଲାଉତା ବାୟ୍‌ର୍ ଗିନେ ଅଃନ୍‌କାର୍ ଅୟ୍‌ଲି ।
କ୍ରିସ୍ଟ ଜିସୁର୍ ତଃୟ୍ ଅଃମିମଃନାର୍ ଜୁୟ୍ ମୁକୁଲ୍‌ତାର୍ ଆଚେ,
ଚର୍ ହର୍ ସେତାର୍ ବୁଲ୍ ଦଃରି ଅଃମିମଃନ୍‌କ୍ ବିଦିର୍ ବାନ୍ଧଣେ
ସଃଙ୍ଗାଉଁକେ ସେମଃନ୍ ଲୁକ୍‌ଣେ ଆସି ରିଲାୟ୍ । 5 ମଃତର୍ ନିକ
କବୁରାର୍ ସଃତ୍ ଜଃନ୍‌କଃରି ତୁମିମଃନ୍‌କାର୍ ତଃୟ୍ ସଃବୁଦିନ୍
ରଃୟ୍‌ଦ୍, ଇତାର୍ ଗିନେ ଅଃମିମଃନ୍ ଚଃନେକ୍ ହେଁ ତଃଲେ ଅୟ୍
ସେମଃନ୍‌କେ ମାନି ନଃକେରି ରିଲୁ । 6 ଆର୍ ଜୁୟ୍ ଲକ୍‌ମଃନ୍
ନେତା ବଃଲି ଜାଣାସୁଣା ସେମଃନ୍ କଃନ୍‌କା ଲକ୍ ରିଲାୟ୍ ସେରି
ମର୍ ଗଃଲିକି ଆୟ୍‌ଲି ଇସ୍ୱର୍ ମାନାୟ୍‌ର୍ ମୁକ୍‌ମେଟ୍ ନଃଦେକେ
ସେ ନେତା ଲକ୍‌ମଃନ୍ ମକେ କାୟ୍ ନଃଉଆଁ ସିକ୍ୟା ନଃଦେତି ।

7 ମଽତର୍ ଗଟ୍‌ବାଟ୍ ଜଽଡେବଽଲ୍ ସେମଽନ୍ ଦଽକ୍‌ଲାୟ୍ ଜେ,
ଇସ୍ୱର୍ ପିତର୍‌କେ ଜଽନ୍‌କଽରି ସୁନ୍ନତ୍‌ମଽନ୍‌କାର୍ ବିତ୍ରେ, ମକେ
ସେନ୍‌କଽରି ଅସୁନତ୍‌ମଽନାର୍ ବିତ୍ରେ ନିକ କବୁର୍ ପର୍ଚାର୍ କଽର୍ତାର୍
କାମ୍ ସଽହ୍ରି ଦିଆ ଅୟ୍‌ଆଚେ । 8 କାୟ୍‌ତାକ୍‌ବଽଲେକ୍ ସୁନତ୍
ମଽନ୍‌କାର୍ ତଽୟ ପେରିତ୍ ହଽଦାର୍ କାମ୍ କଽରୁକେ, ଇସ୍ୱର୍
ପିତର୍‌କେ ବାଚ୍‌ଲା, ଅଜିଉଦିମଽନାର୍ ତଽୟ୍ କାମ୍ କଽରୁକେ ସେ
ମକେ ହେଁ ବଽଲ୍ ଦିଲା । 9 ଆର୍ ଜଽଡେବଽଲ୍ ସେମଽନ୍ ମକେ
ଦିଆ ଅୟ୍‌ଲା ଦଽୟା ବିସୟେ ବୁଜ୍‌ଲାୟ୍, ସଽଡେବଽଲ୍ ମୁଣ୍ଡ୍ରା ହର୍
ଡାକ୍‌ହୁଟା ଜାକୁବ, କେପା ଆର୍ ଜହନ୍ ମକେ ଆର୍ ବର୍ନବାକେ
ଉହ୍‌କାରାର୍ କାତା ଆତ୍ ଦିଲାୟ୍ ଜଽନ୍‌କଽରି ଅଽମିମଽନ୍ ଅଜିଉଦି
ତଽୟ୍ କାମ୍ କଽରୁନ୍ଧ ଆର୍ ସେମଽନ୍ ଜିଉଦି ମଽନ୍‌କାର୍ ବିତ୍ରେ
କାମ୍ କଽର୍ତି । 10 ଅଽମିମଽନ୍ ଜଽନ୍‌କଽରି ଗଽରିବ୍ ଲକ୍‌ମଽନ୍‌କେ
ଏତାଉଁନ୍ଧ, ସେମଽନ୍ ଅଽମିମଽନ୍‌କ୍ କୟ୍‌ଲାୟ୍ ସେରି କଽରୁକେ
ମୁୟ୍ଁ ହେଁ ସଽର୍ଦା ରିଲେ । 11 ମଽତର୍ ଜଽଡେବଽଲ୍ ପିତର୍
ଆନ୍ତିଅକିଆକ୍ ଆସିରିଲା, ସଽଡେବଽଲ୍ ମୁୟ୍ଁ ତାକେ ବିରଦ୍
କଽରିରିଲେ । କାୟ୍‌ତାକ୍‌ବଽଲେକ୍ ସେ ଦସି ରିଲା । 12
ତଽବେ ଜାକୁବକ୍ ତଽୟ୍‌ହୁଣି କଽତେକ୍ ଲକ୍ ଆସ୍ତା ହୁର୍ବେ ସେ
ଅଜିଉଦି ବିସ୍ୱାସିମଽନାର୍ ସଽଙ୍ଗ୍ କାତିରିଲା, ମଽତର୍ ଜଽଡେବଽଲ୍
ସେମଽନ ଆୟ୍‌ଲାୟ୍ ସଽଡେବଽଲ୍ ସେ ଜିଉଦି ବିସ୍ୱାସି ମଽନ୍‌କାର୍
ଡିରାର୍ ଗିନେ ସେମଽନ୍‌କାର ସଽଙ୍ଗ୍ ଚାଡିକଽରି ଅଽହ୍‌ଣାକ୍
ଅଽଲ୍‌ଗା କଽଲା । 13 ଆର୍ ବାକି ଜିଉଦି ବିସ୍ୱାସିମଽନ୍ ହେଁ
ପିତର୍ ସଽଙ୍ଗ୍ ସେନ୍‌କଽରି ହେଟ୍‌କୁଟିଆ ଚାଲ୍‌ଚାଲ୍‌ତି କଽଲାୟ୍,
ଅଽନ୍‌କଽରି କି ବର୍ନବା ହେଁ ସେମଽନ୍‌କାର ହେଟ୍‌କୁଟିଆୟ୍
ହଽଲ୍‌ଲା । 14 ମଽତର୍ ଜଽଡେବଽଲ୍ ମୁୟ୍ଁ ଦଽକ୍‌ଲେ ଜେ,
ସେମଽନ୍ ନିକ କବୁରାର୍ ସଽତ୍ ହଽର୍କାରେ ନିର୍ମାୟା ବାବେ ଜିବନ୍
ନଽକାଟୁଲାୟ୍, ସଽଡେବଽଲ୍ ମୁୟ୍ଁ ସଽବ୍‌କାର୍ ଚଽମେ ପିତର୍
କୟ୍‌ଲା, ତୁୟ୍ ଜିଉଦି ଅୟ୍ ଜଦି ଜିଉଦି ମଽନ୍‌କାର୍ ହର୍ ଜିବନ୍
ନଽକାଟି ଅଜିଉଦିମଽନାର୍ ହର୍ ଜିବନ୍ କାଟ୍‌ସି, ତଽବେ ତୁୟ୍
କଽନ୍‌କଽରି ଅଜିଉଦିମଽନ୍‌କେ ଜିଉଦି ମଽନ୍‌କାର୍ ହର୍ ଜିବନ୍
କାଟୁକ୍ ବଽଲ୍‌ମାଡ୍ କଽରୁଲିସ୍? 15 ସଽତ୍‌କଽରି ଆମିମଽନ୍
ଜଽଲମେ ହୁଣି ଜିଉଦି ଲକ୍, କଽଉତା ହଽର୍କାରେ ଅଜିଉଦି ନୟ୍
। 16 ଅୟ୍‌ଲେକ୍ ହେଁ ଚାଲ୍‌ଚାଲ୍‌ତି ତଽୟ୍ ମାନାୟ୍ ଦଽର୍ମି ବଽଲି
ଗଽଣା ନାୟ୍, ଅଽକାୟ୍ ଜିସୁ କ୍ରିସ୍ଟ ତଽୟ୍ ବିସ୍ୱାସ୍ ତଽୟ୍ ଜେ, ଦଽର୍ମି
ଗଽଣା ଅୟ୍‌ଦ୍, ଇରି ଜାଣି ଅଽମିମଽନ୍ ହେଁ ଜିସୁ କ୍ରିସ୍ଟର୍ ତଽୟ୍
ବିସ୍ୱାସ୍ କଽରିଆଚୁ । ଜଽନ୍‌କଽରି ମସାର୍ ବିଦିର୍ ଚାଲ୍‌ଚାଲ୍‌ତି
ତଽୟ୍ ଦଽର୍ମି ଗଽଣା ନାୟ୍ କ୍ରିସ୍ଟକେ ବିସ୍ୱାସ୍ ତଽୟ୍ ଦଽର୍ମି ଗଽଣା
ଅଽଉଁନ୍ଧ; କାୟ୍‌ତାକ୍‌ବଽଲେକ୍ ମସାର୍ ବିଦିର୍ ଚାଲ୍‌ଚାଲ୍‌ତି ତଽୟ୍
କୁୟ୍ ମାନାୟ୍ ଦଽର୍ମି ଗଽଣା ନାୟ୍ । 17 ମଽତର୍ କ୍ରିସ୍ଟ ତଽୟ୍ ଦଽର୍ମି
ଗଽଣା ଅଽଉଁକେ ମଽନ୍‌କରି ଅଽମିମଽନ୍ ନିଜେ ହେଁ ଜଦି ହାହି
ବଽଲି ଦଽକାଗଽଲୁ, ଇତାର୍ ଗିନେ ତଽବେ କ୍ରିସ୍ଟ ଦାୟ୍‌ତ୍‌କି? ସେରି
କଽବେହେଁ ନଽଅ 18 କାୟ୍‌ତାକ୍‌ବଽଲେକ୍ ମୁୟ୍ଁ ଜାୟ୍‌ଜାୟ୍‌ରି ବିଦି
ବାଡ୍ଗିଆଚି, ସେସଽବୁ ଜଦି ଆରେକ୍ ତରେକ୍ ତିଆର୍‌କଽରିନ୍ଧ,
ତଽବେ ମୁୟ୍ଁ ନିଜ୍‌କେ ଦସି ବଽଲି କଽଉଁଲେ । 19 ବିଦିର୍
ଗିନେ ମୁୟ୍ଁ ହୁରାହୁରି ମଽରିଆଚି ସେ ବିଦିର୍‌ଗିନେ ହଽକା ମୁୟ୍ଁ
ମଽରିଆଚି । ମଽତର୍ ମୁୟ୍ଁ ଅଽବେ ଇସ୍ୱରାର୍ ଗିନେ ଜିବନ୍ ଆଚି
। କ୍ରିସ୍ଟର୍ ସଽଙ୍ଗ୍ ତାର୍ କ୍ରୁସେ ମୁୟ୍ଁ ହେଁ ମଽରିଆଚି । 20 ମୁୟ୍ଁ ଆର୍
ଜିବନେ ନାୟ୍, ମଽତର୍ କ୍ରିସ୍ଟ ମର୍ ତଽୟ୍ ଜିବନ୍‌ଆଚେ; ଆରେକ୍
ମୁୟ୍ଁ ଗଽଗାଳେ ରଽୟ୍ ଅଽବେ ଜୁୟ୍ ଜିବନ୍ ଚାଲ୍‌ଚାଲ୍‌ତି, ସେରି
ବିସ୍ୱାସେ ଇସ୍ୱରାର୍ ଜୁୟ୍ ହୟ୍‌ସି ମକେ ଲାଡ୍‌କଽରି ମର୍ ଗିନେ
ଅଽହ୍‌ଣାକ୍ ହୁଜା ଦିଲା, ତାର୍ ତଽୟ୍ ବିସ୍ୱାସ୍ କଽରି ବଚୁଲେ ।
21 ମୁୟ୍ଁ ଇସ୍ୱରାର୍ ଦଽୟାକେ ନାୟ୍ ନଽବେଲି; ବଽଲେକ୍ ଜଦି
ମସାର୍ ବିଦି ତଽୟ୍ ଦଽର୍ମି ଲାବ୍ ଅୟ୍‌ଦ୍, ସେନ୍ ଅୟ୍‌ଲେକ୍ କ୍ରିସ୍ଟର
ମଽର୍ନ୍‌ଦଽଣ୍ଡ ହଲ୍ୟା ।

3 ଏ ନିର୍ବୁଦିଆ ଗାଲାତିୟ ମଽନ୍! ତୁମିକେ କେ ବୁଲ୍‌କାୟ୍‌ଲା?
ତୁମାର୍ ଆକି ଆଗେ ତ କ୍ରୁସେମଽଲା ଜିସୁ କ୍ରିସ୍ଟର୍ ରୁହ୍ ତୁମାର୍
ଆଗେ ଜାଣାୟ୍ ଦିଆ ଜାୟ୍ ଆଚେ । 2 ମୁୟ୍ଁ ତୁମିମଽନ୍‌କାର୍
ତଽୟ୍‌ହୁଣି ଅଽବ୍‌କା ଇରି ଜାଣୁକେ ମଽନ୍‌କଽରୁଲେ, ତୁମିମଽନ୍
କାୟ୍ ମସାର୍ ବିଦିର୍ ଚାଲ୍‌ଚାଲ୍‌ତି ଗିନେ କି ବିସ୍ୱାସେ ସୁଣ୍‌ଲାର୍
ଗିନେ ଆତ୍ମା ହାୟ୍‌ରିଲାସ୍? 3 ତୁମିମଽନ୍ କାୟ୍ ଇରଽକମ୍
ନିର୍ବୁଦିଆ? ଇସ୍ୱରାର୍ ଆତ୍ମାୟ୍ ମୁଳ୍ୟାୟ୍ କଽରି ତୁମିମଽନ୍ କାୟ୍
ନିଜାର୍ ଗଽଗାଳାର୍ ସଽକ୍ତିଏ ହୁର୍ନ୍ କଽରୁକେ ଇଚା କଽରୁଲାସ୍? 4
ସେତାର୍ ଗିନେ ତୁମିମଽନାର୍ ଅଽତେକ୍ କାମ୍ ସଽବୁ ହଲ୍ୟା କି?
ସେତିହୁଣି ତୁମିମଽନ୍ କାୟ୍ କାୟ୍‌ରିହେଁ ନଽସିକାସ୍ । 5 ବଽଲେକ୍
ଜେ, ତୁମିମଽନ୍‌କେ ଆତ୍ମା ଦଽୟ୍‌ଦ୍, ଆର୍ ତୁମିମଽନ୍‌କାର୍ ବିତ୍ରେ
ସଽକ୍ତିର୍ କାମ୍ କଽରେଦ୍ ସେ କି ମସାର୍ ବିଦିର୍ ଚାଲ୍‌ଚାଲ୍‌ତି
ଗିନେ ସେରି କଽରେଦ୍ କି ବିସ୍ୱାସେ ସୁଣ୍‌ତାର୍ ଗିନେ କଽରେଦ୍?
6 ଅବ୍ରାହାମାର୍ କଽତା ଏତାଉଆ, ସେ ଜଽନ୍‌କଽରି ଅବ୍ରାହାମ୍
ଇସ୍ୱର୍‌କେ ବିସ୍ୱାସ୍ କଽଲା, ଆର୍ ତାର୍ ଗିନେ ସେରି ଦଽର୍ମି ବଽଲି
ଗଽଣା ଅୟ୍‌ଲି । 7 ଇରି ତୁମି ଜାଣା ଜୁୟ୍ ଲକ୍‌ମଽନ୍ ବିସ୍ୱାସ୍
କଽର୍ତି, ସେମଽନ୍ ହଽକା ଅବ୍ରାହାମାର୍ ସଽତ୍ ହିଲାମଽନ୍ । 8
ଆଗେହୁଣି ସାସ୍ତରେ ଲେକାଆଚେ ବିସ୍ୱାସେ ଇସ୍ୱର୍ ଅଜିଉଦିକେ
ହେଁ ଦଽର୍ମି ବଽଲି ଗଽଣ୍‌ତା କଽରେଦ୍ । ଅବ୍ରାହାମ୍ ଚଽମେ ଇ
କଽତା ପର୍ଚାର୍ କଽରା ଜାୟ୍ ରିଲି, “ତର୍ ଲାଗି ଇସ୍ୱର୍ ହୁର୍ତିର୍
ସଽବୁ ଦେସାର୍ ଲକ୍ ମଽନ୍‌କେ ଆସିର୍ବାଦ୍ କଽରେଦ୍ ।” 9 ଇତାକ୍
ଜୁୟ୍ ଲକ୍‌ମଽନ୍ ବିସ୍ୱାସି ସେମଽନ୍ ବିସ୍ୱାସି ଅବ୍ରାହାମାର୍ ହର୍
ଆସିର୍ବାଦ୍ ହାଉତି । 10 କାୟ୍‌ତାକ୍‌ବଽଲେକ୍ ଜଽତେକ୍ ଲକ୍
ମସାର୍ ବିଦି ହଽର୍‌କାରେ କାମ୍ କଽର୍ତି ସେମଽନ୍ ସାଇପ୍‌ପାର୍
ତଽଳେ ଜିବନ୍ କାଟ୍‌ତି । ଜଽନ୍‌କଽରି ଲେକା ଆଚେ, “ଜୁୟ୍
ଲକ୍ ମସାର୍ ବିଦି ସାସ୍ତରେ ଲେକାର୍ ସଽବୁ କଽତା ମାନୁକ୍
ହଽତି ଦିନ୍ ମଽନ୍ ନଽକେରେ ସେ ଇସ୍ୱରାର୍ ସାଇପାର୍ ଜୟ୍‌ଗ୍
ଅୟ୍‌ଦ୍ ।” 11 ସେତାକ୍ ଇତି ନିକ ଜାଣା ହଽଲୁଲି ଜେ, କେହେଁ
ଇସ୍ୱରାର୍ ଆକାୟ୍ ଦଽର୍ମି ନୟ୍ କାୟ୍ ତାକ୍ ବଽଲେକ୍ ସାସ୍ତରେ

ଲେକା ଆଚେ ବିସ୍ୱାସାର୍ ଗିନେ ଇସ୍ୱର୍ ର୍ ତଃୟ୍ ନିର୍ଦସି ଗଃଣ୍ତି
ଅଃଉତା ଲକ୍ ହଃକା ଜିବନ୍ ରଃୟ୍ଦ୍ । 12 ବଃଲେକ୍ ବିସ୍ୱାସ୍
ମସାର୍ ବିଦିର୍ ମୁଳ୍ କଃତା ନାୟ୍, ମଃତର୍ ମସାର୍ ବିଦିଏ
ଲେକାଆଚେ ଜୁୟ୍ ଲକ୍ ମସାର୍ ବିଦି ସଃବୁ ମାନେଦ୍ ସେ ବଚେଦ୍
। 13 ଇତାର୍ ଗିନେ କ୍ରିସ୍ଟ ଅଃମାର୍ ଗିନେ ସାୟ୍ପ୍ ହାୟ୍ ମସାର୍
ବିଦିର୍ ସାଇପେ ହୁଣି ଅଃମିମଃନ୍କ୍ ମଲ୍ ଦଃୟ୍ ମୁକ୍ଲାୟ୍ଲା;
କାୟ୍ତାକ୍ବଃଲେକ୍ ଲେକା ଆଚେ, ଜୁୟ୍ ମାନାୟ୍ ଗଃଚେ ଉଚ୍କି
ଅୟ୍ଦ୍ ସେ ସାଇପାର୍ ଜୟ୍ଗ୍ ଅୟ୍ଦ୍ । 14 ଜିସୁ କ୍ରିସ୍ଟର୍ ଗିନେ
ଅବ୍ରାହାମାର୍ ଆସିର୍ବାଦ୍ ଜଃନ୍କଃରି ଅଜିଉଦି ମଃନ୍କାର୍ ଉହ୍ରେ
ହଃଲେଦ୍, ଆରେକ୍ ଅଃମିମଃନ୍ ଜଃନ୍କଃରି ବିସ୍ୱାସାର୍ ଗିନେ
ସଃୟ୍ତାର୍ ଆତ୍ମା ହାଉନ୍ଧ । 15 ଏ ବାୟ୍ ବେଣିମଃନ୍ ମୁୟ୍ଁ
ମାନାୟ୍ ବାବେ ବୁଜ୍ତା କଃତା କଃଉଁଲେ ଜଃଡେବଃଲ୍ ଦୁୟ୍ଲକ୍
କୁୟ୍ ବିସୟେ ଗଟେକ୍ ଗଃଜା ଲେକ୍ତି ତଃବେ କେ ହେଁ ସେ
ଗଜାକ୍ ବାଙ୍ଣ ନାହାର୍ତି କି ସେତି ଜଲୁ ନାହାର୍ତି । 16 ଇସ୍ୱର୍
ଅବ୍ରାହାମ୍ ଆର୍ ତାର୍ ହୟ୍ସି ମଃନ୍କେ ସଃୟ୍ତ୍ କଃରି ସଃବୁ
କୟ୍ରିଲା, ଗାଦେକ୍ ଲକ୍କେ ଦଃକିକଃରି ହୟ୍ସିମଃନ୍ ବଃଲି
କଃଉଆ ଅୟ୍ ନଃକେରେ, ମଃତର୍ ଗଟ୍ ଲକ୍କେ ବଃଲେକ୍
କ୍ରିସ୍ଟକେ ଦଃକିକଃରି ତୁମାର୍ ହଅକେ ବଃଲି କଃଉଆ ଅୟ୍ଆଚେ
। 17 ମର୍ କଃତା ଇରି ଜୁୟ୍ ବିଦି ଇସ୍ୱରାର୍ ଅଃଦିକାର୍ ହୁର୍ବେ
ତିର୍ କଃରା ଅୟ୍ରିଲି, ଚାରିସ କଳେ ଦଃସ୍ ବଃର୍ସ୍ ହଃଚେ ଦିଲା
ମାସାର୍ ବିଦି ସେରି ତିନିହଲ୍ୟା ନଃକେରେ ଜଃନ୍କଃରି ତାର୍
ତଃୟ୍ ସଃୟ୍ତ୍ ନଃସ୍ଟ କଃରାଜାୟ୍ଦ୍ । 18 ଇସ୍ୱର୍ ଦିଲା ସଃୟ୍ତ୍
ଆସିର୍ବାଦ୍ ହାଉତାର୍ ଜଦି ବିଦି ମାନ୍ତା ଉହ୍ରେ ବଃର୍ସା କଃରେଦ୍,
ତଃବେ ସେରି ତାର୍ ସଃୟ୍ତାର୍ ହଃଲ୍ ବଃଲି କଃଉଆ ନଃଜାୟ୍ଁ ।
ତଃବେ ଇସ୍ୱର୍ ହଃକା ତାର୍ ସଃୟ୍ତ୍ ହଃର୍କାରେ ସେ ଆସିର୍ବାଦ୍
ଅବ୍ରାହାମ୍କେ ଦଃୟ୍ଆଚେ । 19 ତଃବେ ମସାର୍ ବିଦି କାୟ୍ତାକ୍
ଦିଆ ଅୟ୍ଲି? ମାନାୟ୍ର୍ ମିଚ୍ କାମ୍ ସଃବୁ ଦଃକାୟ୍ ଦେଉଁକ୍
ତାର୍ ଇଚା ରିଲି, ଆର୍ ଅବ୍ରାହାମାର୍ ଜୁୟ୍ କୁଳ୍ ବଃଉଁସ୍କେ
ଦଃକି କଃରି ଇସ୍ୱର୍ ସେ ସଃୟ୍ତ୍ କଃରିରିଲା, ସେ ଲକାର୍ ଆସ୍ତା
ହଃତେକ୍ ବିଦିର୍ ଲଳା ରିଲି । ଗଟେକ୍ ସଃର୍ଗ୍ ଦୁତ୍ ଦଃୟ୍କଃରି
ବିଦି ଦିଆ ଅୟ୍ଲି । 20 ମାଲେବାଲ୍ୟା ଗଟେକ୍ ବାଟ୍ୟା ମୁଳ୍
ଲକ୍ ନାୟ୍, ମଃତର୍ ଇସ୍ୱର୍ ଗଟେକ୍ । 21 ତଃବେ ମସାର୍ ବିଦି
କାୟ୍ ଇସ୍ୱରାର୍ ସଃୟ୍ତାର୍ ବିରଦ୍ କଃରେଦ୍? ସେରି କଃବେହେଁ
ନଃୟ୍, କାୟ୍ତାକ୍ବଃଲେକ୍ ଜଦି ମାନାୟ୍କେ ଜିବନ୍ ଦେଉଁକ୍
ହାରେ ଅଃନ୍କାର୍ ମସାର୍ ବିଦି ଦିଆ ଅୟ୍ରିଲି ହୁଣି, ତଃବେ
ଦଃର୍ମି ସଃତ୍କଃରି ମସାର୍ ବିଦି ହର୍ ଅୟ୍ଲି ହୁଣି । 22 ମଃତର୍
ଜଃନ୍କଃରି ଜିସୁ କ୍ରିସ୍ଟର୍ ତଃୟ୍ ବିସ୍ୱାସାର୍ ଗିନେ ସଃୟ୍ତ୍ ବିସ୍ୱାସ୍
କଃର୍ତା ଲକ୍ମଃନ୍କେ ଦିଆ ଅୟ୍ଦ୍, ଇତାର୍ ଗିନେ ଦଃର୍ମ୍ ସାସ୍ତର୍
ସଃବୁ କଃତାକ୍ ହାହାର୍ ତଃଳେ ବଃଲି ଗଃଣ୍ନା କଃରିଆଚେ ।
23 ମଃତର୍ ସେ ବିସ୍ୱାସ୍ ଆସ୍ତା ହୁର୍ବେ ଜାଣାୟ୍ ଅଃଉଁକେ ଜାତା
ସେ ବିସ୍ୱାସ୍ ହାଉଁକେ ଅଃମିମଃନ୍ ମସାର୍ ବିଦି ତଃଳେ ବାନ୍ଧା
ଅୟ୍ ସଃଙ୍ଗାୟ୍ ଅୟ୍ରିଲୁ । 24 କ୍ରିସ୍ଟର୍ ଆସ୍ତା ହଃତେକ୍ ବିଦି
ଅଃମିମଃନ୍କ୍ ତଃଳେ କଃରିରିଲି । ମଃତର୍ ହଃଚେ ବିସ୍ୱାସ୍
ଗିନେ ଅଃମିମଃନ୍ ଇସ୍ୱରାର୍ ଆକାୟ୍ ଦଃର୍ମି ଗଃଣା ଗଃଲୁ । 25
ମଃତର୍ ଅଃବେ ସେ ବିସ୍ୱାସ୍ ହଚ୍ଲା ହଃଚେ ଅଃମିମଃନ୍ ଆର୍
ସେ ସିକ୍ୟା ଦେଉଁକେ ତଃଳେ ନାୟ୍ । 26 କାୟ୍ତାକ୍ବଃଲେକ୍
ତୁମିମଃନ୍ ସଃବୁ ଜିସୁ କ୍ରିସ୍ଟର୍ ତଃୟ୍ ବିସ୍ୱାସ୍ ତଃୟ୍ ଇସ୍ୱରାର୍
ହୟ୍ସି ଜିସି ଅୟ୍ ଆଚାସ୍ । 27 ଜଃବେ ତୁମିମଃନ୍ ଜଃତେକ୍
ଲକ୍ କ୍ରିସ୍ଟର୍ ଗିନେ ବାପ୍ତିସମ୍ ହାୟ୍ ଆଚାସ୍, ତୁମିମଃନ୍ ସଃବୁ
କ୍ରିସ୍ଟକେ ବଃସ୍ତର୍ ହର୍ ହୁଙ୍ଗ୍ରି ଆଚାସ୍ । 28 ଜିଉଦି କି ଗ୍ରିକ୍
ଗତିଦଃଙ୍ଗ୍ଲା କି ମୁକୁଲ୍ଲାର୍ ଅଃଣ୍ଡା କି ମାଇଜି, ତୁମିମଃନ୍କାର୍
ବିତ୍ରେ କାୟ୍ହେଁ ବିନ୍ ନାୟ୍, କାୟ୍ତାକ୍ବଃଲେକ୍ କ୍ରିସ୍ଟ ଜିସୁର୍
ତଃୟ୍ ତୁମିମଃନ୍ ଗଟେକ୍ । 29 ଆର୍ ଜଦି ତୁମିମଃନ୍ କ୍ରିସ୍ଟର୍,
ତଃବେ ତୁମିମଃନ୍ ତ ଅବ୍ରାହାମାର୍ ବଃଉଁସ୍, ଇସ୍ୱରାର୍ ସଃୟ୍ତ୍
ହଃର୍କାରେ ଅଃଦିକାରାର୍ ଜୟ୍ଗ୍ ।

4 ମଃତର୍ ମୁୟ୍ଁ କଃଉଁଲେ, ସଃବୁ ଦଃନାର୍ ସାଉକାର୍ ଅୟ୍ଲେକ୍
ହେଁ ବଃୟ୍ସ୍ ନଃଉତା ହଃତେକ୍ ଗତିଦଃଙ୍ଗ୍ଲା ହର୍ । 2
ମଃତର୍ ଉବାର୍ ତିର୍ ଅୟ୍ଲାର୍ ବେଳ୍ ହଃତେକ୍ ସାନ୍ ହିଲା ସେ,
ଦଃକାସୁଣା କଃରି ଲକମଃନାର୍ ତଃଳେ ରଃୟ୍ଦ୍ 3 ସେନ୍କଃରି
ଅଃମିମଃନ୍ ହେଁ ଜଃଡେବଃଲ୍ ଦଃର୍ମେ ହିଲା ରିଲୁ, ସଃଡେବଃଲ୍
ଜଃଗତାର୍ ହଃର୍ତୁ କଃତା ମଃନାର୍ ଗତିଦଃଙ୍ଗ୍ଲା ରିଲୁ । 4 ମଃତର୍
ବେଳା ହୁର୍ଲାକେ ଇସ୍ୱର୍ ଅଃହ୍ଣାର୍ ତଃୟ୍ ହୁଣି ତାର୍ ନିଜାର୍
ହୟ୍ସିକ୍ ହଃଟାୟ୍ଲା, ସେ ମାୟ୍ଜି ହୁଣି ଜଃଲମ୍ ଅୟ୍ ମସାର୍
ବିଦିର୍ ତଃଳେ ଅୟ୍ଲା । 5 ଜଃନ୍କଃରି ସେ ମଲ୍ ଦଃୟ୍ ମସାର୍
ବିଦି ତଃଳାର୍ ଲକ୍ମଃନ୍କେ ମୁକ୍ଲାୟ୍ଦ୍, ଆରେକ୍ ଅଃମିମଃନ୍
ହୟ୍ସିର୍ ଅଃଦିକାର୍ ହାଉନ୍ଧ । 6 ଆର୍ ତୁମିମଃନ୍ ହୟ୍ସି ଜିସି,
ଇତାର୍ ଗିନେ ଇସ୍ୱର୍ ଅଃହ୍ଣାର୍ ଚଃମେ ହୁଣି ନିଜାର୍ ହୟ୍ସିର୍
ଆତ୍ମାକେ ଅଃମିମଃନାର୍ ମଃନେ ହଃଟାୟ୍ଲା, ସେ ପବିତ୍ର ଆତ୍ମା
ମିସି ଉବା ମର୍ ଉବା ବଃଲି କୁଦ୍ତି । 7 ଇତାକ୍ ତୁମି ଆର୍
ଗତିଦଃଙ୍ଗ୍ଲା ନାୟ୍, ମଃତର୍ ହୟ୍ସି ଜିସି, ଆରେକ୍ ଜଦି ହୟ୍ସି
ଜିସି ତଃବେ ଇସ୍ୱରାର୍ ଅଃଦିକାରାର୍ ହଃଚେ ଅଃଦିକାରି । 8
ମଃତର୍ ହୁର୍ବେ ତୁମିମଃନ୍ ଇସ୍ୱର୍କେ ନଃଜାଣି ଜୁୟ୍ ଲକ୍ମଃନ୍
ସଃତ୍କଃରି ଇସ୍ୱରାର୍ ନଃଉତି ସେମଃନ୍କାର ଗତିଦଃଙ୍ଗ୍ଲା
ରିଲାସ୍ । 9 ମଃତର୍ ଅଃବେ ଇସ୍ୱର୍କେ ଜାଣି ଆଚାସ୍, ତଃବେ
ଇସ୍ୱରାର୍ ତଃୟ୍ ଜାଣାୟ୍ ଅୟ୍ ଆଚାସ୍, ତଃବେ କଃନ୍କଃରି
ଆରେକ୍ ଗଟ୍ତର୍ ବଃଲ୍ ନୟ୍ଲା ଆର୍ ଲଳାକ୍ ନୟ୍ଲାର୍ ହଃର୍ତୁ
କଃତାମଃନ୍କେ ବାଉଲି ଜାୟ୍ ଆରେକ୍ ସେ ସଃବୁର୍ ଗତିଦଃଙ୍ଗ୍ଲା
ଅଃଉଁକେ ମଃନ୍କଃରୁଲାସ୍ । 10 ତୁମିମଃନ୍ ନିକନିକରି ଦିନ୍,
ମାସ୍ ହଃର୍ବ୍ ଆର୍ ବଃର୍ସ୍ ମାନୁଲାସ୍ । 11 ତୁମିମଃନ୍କାର୍ ଗିନେ
ମୁୟ୍ଁ ଜୁୟ୍ କଃସ୍ଟ କଃରିଆଚି କଃଡେବଃଲ୍ ସେରି ତିନିହଲ୍ୟା
ଅୟ୍ଦ୍ ତୁମିମଃନ୍କାର୍ ଗିନେ ମର୍ ଇ ଡିର୍ ଅଃଉଁଲି । 12 ଏ
ବାୟ୍ମଃନ୍, ମୁୟ୍ଁ ତୁମିମଃନ୍କେ ଗଉଆରି କଃରୁଲେ, ତୁମିମଃନ୍

ମର୍ ହର୍ ଅଽଉଆ, କାୟ୍‌ତାକ୍‌ବଽଲେକ୍ ମୁୟ୍ଁ ତୁମିମଽନ୍‌କାର୍
ହର୍ ଅୟ୍ ଆଚି, ତୁମିମଽନ୍ ମକେ କାୟ୍ ଅଽନ୍ୟାୟ୍ ନଽକେରାସ୍
। 13 ମଽତର୍ ତୁମିମଽନ୍ ଜାଣାସ୍ ଜେ, ଗଽଗାଳାର୍ କଽସ୍ଟାର୍
ଗିନେ ମୁୟ୍ଁ ତୁମିମଽନ୍‌କାର୍ ଚମେ ହଽର୍ତୁ ତର୍ ନିକ କବୁର୍
ପର୍ଚାର୍ କଽରି ରିଲେ । 14 ଆର୍ ତୁମିମଽନ୍‌କାର୍ କଽଟ୍‌ହାଲ୍ ହର୍
ମର୍ ଗଽଗାଳାର୍ ଅବୁସ୍ତା ତୁମିମଽନ୍ ଏଳା କଽରା ନାୟ୍ କି ଗିଣ୍
କଽରାନାୟ୍, ମଽତର୍ ତୁମିମଽନ୍ ଇସ୍ୱରାର୍ ଗଟେକ୍ ଦୁତ୍ ହର୍
ଅଽନ୍‌କାର୍ କି କ୍ରିସ୍ଟ ଜିସୁର୍ ହର୍ ମକେ ଆଗଳା । 15 ତଽବେ
ତୁମିମଽନ୍‌କାର୍ ସେ ସଽର୍ଦା କେଣେ? କାୟ୍‌ତାକ୍‌ବଽଲେକ୍ ମୁୟ୍ଁ
ତୁମିମଽନ୍‌କାର୍ ବାଟ୍ୟା ସାକି ଦେଉଁଲେ, ଜେ ଅଽଉଁହାର୍ଲେକ୍
ତୁମିମଽନ୍ ନିଜାର୍ ଆକି କାଡି ମକେ ଦିଲାସ୍‌ହୁଣି । 16
ବଽଲେକ୍ ମୁୟ୍ଁ ତୁମିମଽନ୍‌କେ ସଽତ୍ କୟ୍‌ଲାକ୍ କି ତୁମିମଽନ୍‌କାର୍
ସଽତ୍ରୁ ଅୟ୍ ଆଚି? 17 ସେମଽନ୍ ତୁମିମଽନ୍‌କାର୍ କଽତାୟ୍
ସଽର୍ଦା ମଽତର୍ ନିକ ଇଚାୟ୍ ନାୟ୍, ଅୟ୍‌ଲେକ୍ ହେଁ ତୁମିମଽନ୍
ଜଽନ୍‌କାର୍ ସେମଽନ୍‌କାର କଽତାୟ୍ ସଽର୍ଦା ଅଽଉଆ ଇତାର୍
ଗିନେ ସେମଽନ୍ ତୁମିମଽନ୍‌କେ ମର୍ ତଽୟ୍‌ହୁଣି ଅଽଲ୍‌ଗା କଽରୁକେ
ମଽନ୍‌କଽରୁଲାୟ୍ । 18 ଅଽବ୍‌କା ମୁୟ୍ଁ ତୁମିମଽନ୍‌କାର୍ ସଽଙ୍ଗ
ରେତାବଽଲ୍ ନାୟ୍ ମଽତର୍ ସଽବୁବ୍‌ଲ୍ ନିକ କଽତାୟ୍ ସଽର୍ଦା
ଅଽଉତାର୍ ନିକ । 19 ଏ ମର୍ ହିଲାମଽନ୍ ଜଽଡେବଽଲ୍ ହଽତେକ୍
ତୁମିମଽନ୍‌କାର୍ ତଽୟ୍ କ୍ରିସ୍ଟ ରଽୟ୍ ନଽକେରେ ସେ ହଽତେକ୍
ତୁମିମଽନ୍‌କାର୍ ଗିନେ ଆରେକ୍ ଗଟ୍‌ତର୍ ହିଲା ହାଉତା ଦୁକାୟ୍
କଽସ୍ଟ ଅଽଉଁଲି । 20 ମୁୟ୍ଁ ଜଽନ୍‌କଽରି ଅଽବେ ତୁମିମଽନ୍‌କାର୍
ଚଽମେ ରଽୟ୍‌କଽରି ବିନ୍‌ରଽକମେ କଽତାକୟ୍ ହାର୍‌ଲେହୁଣି ଇରି
ମର୍ ମଽନ୍ କାୟ୍‌ତାକ୍‌ବଽଲେକ୍ ମୁୟ୍ଁ ତୁମିମଽନ୍‌କାର୍ କଽତାୟ୍
ବୁଦି ବାଣା ଅଽଉଁଲେ । ସଽତ୍ କଽରି ମୁୟ୍ଁ ତୁମିମଽନ୍‌କେ ବେସି
ଚିତା । 21 ମସାର୍ ବିଦି ତଽଳେ ଅଽଉଁକେ ମଽନ୍‌କଽରୁଲାସ୍ ଜେ,
ତୁମିମଽମନ୍ ମକେ କଽଉଆ ତୁମିମଽନ୍ କାୟ୍ ମସାର୍ ବିଦିର୍
କଽତା ନଽସୁଣାସ୍? 22 କାୟ୍‌ତାକ୍‌ବଽଲେକ୍ ଲେକା ଆଚେ,
ଅବ୍ରାହାମାର୍ ଜୁଳେକ୍ ହୟ୍‌ସି ରିଲାୟ୍, ଗଟେକ୍ ଗତିଦଽଙ୍ଗଲିର୍
ହୟ୍‌ସି ଆରେକ୍ ଗଟେକ୍ ବିବା ଅୟ୍‌ଲା ମାୟ୍‌ଜିର୍ । 23 ଜେ
ଗତିଦଽଙ୍ଗଲିର୍ ହୟ୍‌ସି ଗଽଗାଳାର୍ ଜଽଲମେ ଜଽଲମ୍ ଅୟ୍‌ଲା
ମଽତର୍ ଜେ ବିବା ମାୟ୍‌ଜିର୍ ହୟ୍‌ସି ସେ ସଽୟ୍‌ତ୍ ବଽଳେ
ଜଽଲମ୍ ଅୟ୍‌ଲା । 24 ଇ ସଽବୁ କଽତାର୍ ବାବ୍ ଆଚେ,
କାୟ୍‌ତାକ୍‌ବଽଲେକ୍ ଇ ମାଇଜି ମଽନ୍ ଜଽଳେକ୍ ବିଦି ହର୍ ଗଟେକ୍
ବିଦି ସିନୟ୍ ହଽର୍ବାତେ ହୁଣି ଆୟ୍‌ଲାର୍, ସେରି ଗତିଦଽଙ୍ଗଲା
ହିଲା ଜଽଲମ୍‌ଦିଲି, ହାଗାର୍ ସେ ହର୍ । 25 ହାଗାର୍, ଇରି ଆରବ୍
ଦେସେ ସିନୟ୍ ହଽର୍ବାତ୍‌କେ ବୁଜାୟ୍‌ଦ୍, ଆରେକ୍ ସେରି ଅଽବେ
ଆଚ୍‌ତା ଜିରୁସାଲମାର୍ ସଽମାନ୍, କାୟ୍‌ତାକ୍‌ବଽଲେକ୍ ଇରି
ଅଽହ୍‌ଣାର୍ ହିଲାମଽନ୍‌କାର୍ ସଽଙ୍ଗ ଗତିଦଽଙ୍ଗଲା ତଽଳେ ରଽୟ୍
ଆଚେ । 26 ମଽତର୍ ସଽର୍ଗାର୍ ଜିରୁସାଲମ୍ ମୁକୁଲ୍‌ଲାର୍, ସେ
ଅଽମିମଽନାର୍ ଆୟ୍ୟା । 27 ଜଽନ୍ ସାସ୍ତରେ ଲେକା ଆଚେ, "ଏଗା
ବାଞ୍ଜି ଇନ୍‌ମାନାର୍ ସଽର୍ଦା କଽର୍! ଏଗା ହିଲାହାଉତା ଦୁକା ନଽରିଲା
ବଽଲ୍ ଉଲ୍‌ଗାଟ୍ ଅୟ୍ କଽଉ, କାୟ୍‌ତାକ୍‌ବଽଲେକ୍ ଅଽଣ୍ଟା ରିଲା
ମାୟ୍‌ଜିର୍ ହିଲା ତଽୟ୍ ହୁଣି ହୟ୍‌ସି ଉବାସି ନୟ୍‌ଲା ହିଲାମଽନ୍
ଅଽଦିକ୍ ଅଽଉତି ।" 28 ଏ ବାୟ୍‌ବେଣିମଽନ୍ ତୁମିମଽନ୍ ଇସାକ୍
ହର୍ ଇସ୍ୱର୍ ସଽୟ୍‌ତାର୍ ହିଲାମଽନ୍ । 29 ମଽତର୍ ଗଽଗାଳାର୍
ଜଽଲମେ ଜେ ସେ ଜଽନ୍‌କଽରି ସଽଡେବଽଲ୍ ଆତ୍ମାର୍ ସଽୟ୍‌ତ୍
ହଽର୍କାରେ ଜଽଲମ୍ ଅୟ୍‌ଲା ତାକେ ଆର୍ଲା କଽର୍ତିରିଲା, ସେନ୍
ଅଽବେ ହେଁ ଗଽଟୁଲି । 30 ମଽତର୍ ସାସ୍ତର୍ କାୟ୍‌ରି କଽଉଁଲି? ଗତି
ମାୟ୍‌ଜି ଆର୍ ତାର୍ ହୟ୍‌ସିକ୍ ବାର୍‌କଽରା, କାୟ୍‌ତାକ୍‌ବଽଲେକ୍
ଗତିମାୟ୍‌ଜିର୍ ହୟ୍‌ସି ବିବା ମାୟ୍‌ଜିର୍ ହୟ୍‌ସିର୍ ସଽଙ୍ଗ ହଽଚେ
ଅଽଦିକାରି ନଽୟ୍ । 31 ବଽଲେକ୍ ବାୟ୍‌ମଽନ୍ ଅଽମିମଽନ୍ ଗତି
ମାୟ୍‌ଜିର୍ ହୟ୍‌ସି ନାୟ୍ ମଽତର୍ ବିବା ମାୟ୍‌ଜିର୍ ହୟ୍‌ସି ଜିସି
ମଽନ୍ ।

5 ମୁକୁଲ୍‌ତା ଗିନେ କ୍ରିସ୍ଟ ଅଽମିମଽନ୍‌କ୍ ମୁକ୍‌ଲାୟ୍ ଆଚେ;
ବଽଲେକ୍ ତିର୍ ଅୟ୍‌ରିଆ ଆର୍ ଗତିଦଽଙ୍ଗଲାର୍ ଜିଅଡାୟ୍
ଆରେକ୍ ଗଟ୍‌ତର୍ ଜଳାୟ୍ ନଽୱା । 2 ଦଽକା ମୁୟ୍ଁ ପାଉଲ୍
ତୁମିମଽନ୍‌କେ କଽଉଁଲେ, ଜଦି ତୁମିମଽନ୍‌କାର୍ ସୁନତ୍ ଅୟ୍‌ଦ୍,
ତଽବେ କ୍ରିସ୍ଟର୍ ତଽୟ୍ ତୁମିମଽନ୍‌କାର୍ କାୟ୍ ଲାବ୍ ନାୟ୍ । 3 ମୁୟ୍ଁ
ସୁନତ୍ ଅଽଉତା ହଽତି ଲକ୍‌କେ ଆରେକ୍ ଗଟ୍‌ତର୍ କଽଉଁଲେ ଜେ,
ସେ ସଽବୁ ମସାର୍ ବିଦି ମାନୁକ୍ ବାୟ୍‌ଦ୍‌ରେ ଲଳା । 4 ତୁମିମଽନ୍
ଜଽତେକ୍ ଲକ୍ ମସାର୍ ବିଦି ତଽୟ୍ ହୁଣି ଦଽର୍ମି ଗଽଣା ଅଽଉଁକେ
ମଽନ୍‌କଽରୁଲାସ୍, ତୁମିମଽନ୍ କ୍ରିସ୍ଟର୍ ତଽୟ୍‌ହୁଣି ଅଽଲ୍‌ଗା ଅୟ୍
ଆଚାସ୍, ତୁମିମଽନ୍ ଦଽୟ୍ୟା ତଽୟ୍ ହୁଣି ଦୁରି ଅୟ୍ ଆଚାସ୍ । 5
କାୟ୍‌ତାକ୍‌ବଽଲେକ୍ ଅଽମିମଽନ୍ ଆତ୍ମାର୍ ସଽକ୍ତି ତଽୟ୍ ବିସ୍ୱାସାର୍
ଗିନେ ଦଽର୍ମି ହାଉତା ବଽର୍ସାୟ୍ ଜାଗିଆଚୁ । 6 ବଽଲେକ୍ କ୍ରିସ୍ଟ
ଜିସୁର୍ ଦଽୟ୍ୟାୟ୍ ସୁନତ୍ କି ଅସୁନତ୍ କାୟ୍‌ରି ନାୟ୍, ମଽତର୍
ଲାଡେ କଽଲା ବିସ୍ୱାସ୍ ହଽକା ବଽଡ୍ । 7 ତୁମିମଽନ୍ ତ ନିକକଽରି
ଦଽବୁଲ୍‌ତି ରିଲାସ୍, କେ ତୁମିମଽନ୍‌କେ ଟେବାୟ୍‌ଲା, ତଽବେ
ସଽତାର୍ ଅମାନ୍ୟାର୍ ଅୟ୍ ଆଚାସ୍ । 8 ତୁମିମଽନ୍‌କାର୍ କୁଦ୍‌ଲା
ଇସ୍ୱରାର୍ ତଽୟ୍‌ହୁଣି ଇ ବୁଲ୍‌କାଉତାର୍ ନାସେ । 9 କଽତାୟ୍
ଆଚେ ଅଽକାୟ୍ କଽଣ୍ଡେକ୍ କମିର୍ ଚଽଟଽକ୍‌ଲାର୍ ସଽବୁ ବେଲାକେ
କମିର୍ କଽରେଦ୍ । 10 ସେରି ଜାୟ୍‌ରି ଅଽଉଅ, ତୁମିମଽନ୍
ଜେ ବିନ୍ ବାବ୍‌ନା ନଽକେରାସ୍ ଇରି ମୁୟ୍ଁ ତୁମିମଽନ୍‌କାର୍
କଽତାୟ୍ ମାପ୍ରୁର୍ ତଽୟ୍ ବଽଳେ ବିସ୍ୱାସ୍ କଽରୁଲେ, ମଽତର୍ ଜେ
ତୁମିମଽନ୍‌କେ ବାମ୍‌ଲାଉଁଲାୟ୍ ସେ ଜେହେଁ ଅଽଉଅ ଅଽହ୍‌ଣାର୍
ଡଽଣ୍ଡ ହାୟ୍‌ଦ୍ । 11 ମଽତର୍ ଏ ବାୟ୍‌ବେଣିମଽନ୍ ଜଦି ମୁୟ୍ଁ ଅଽବେ
ହେଁ ସୁନତ୍ ବିଦି ପର୍ଚାର୍ କଽରୁଲେ, ତଽବେ କାୟ୍‌ତାକ୍ ମୁୟ୍ଁ
ଅଽବେ ହେଁ କଽସ୍ଟ ହାଉଁଲେ, ଜଦି ସେରି ମୁୟ୍ କଽର୍ତି ରିଲେକ୍,
ତଽନ୍‌ଅୟ୍‌ଲେକ୍ ସେଦାହ୍ରେ କ୍ରିସ୍ଟର୍ କ୍ରୁସ୍ କଽତା କଽଲେକ୍ ମର୍
କାୟ୍‌ରି ବାଦାର୍ କଽତା ନୟ୍‌ଲି ହୁଣି । 12 ମୁୟ୍ ଇଚା କଽରୁଲେ,
ଇ ବିସୟେ ଜୁୟ୍ ଲକ୍‌ମଽନ୍ ତୁମିମଽନ୍‌କେ ବାମ୍‌ଲାଉଁଲାୟ୍,

ସେମଃନ୍ ସୁନତ୍ ନଃୟ୍‌କଃରି ସଃର୍ଣ୍ଣେ ଗଃଗାଲ୍ ନୟ୍‌ଲେକ୍ ନିକ
ଅୟ୍‌ଲି ହୁଣି । 13 କାୟ୍‌ତାକ୍‌ବଃଲେକ୍ ଏ ବାୟ୍‌ବେଣିମଃନ୍
ତୁମିମଃନ୍ ମୁକ୍‌ଲୁକ୍ କୁଦା ଅୟ୍ ଆଚାସ୍, ମଃତର୍ ଜଃଗ୍ରାତ୍,
ଅଃବ୍‌କା ତୁମାର୍ ମୁକୁଲ୍‌ତା ଗିନେ କେ ଗଃଗାଲାର୍ ଇଚା ହୁରୁଣ୍
କଃର୍ତାର୍ ଗିନେ ଚାଲ୍‌ଚାଲ୍‌ତି ନଃକେର; ମଃତର୍ ଲାଡେ ତୁମାର୍
ବିତ୍ରେ ଏକ୍ ଆରେକ୍ ସେବାକଃର । 14 କାୟ୍‌ତାକ୍‌ବଃଲେକ୍
ସଃବୁ ମସାର୍ ବିଦି ଇ ଗଟେକ୍ କଃତାୟ୍ ହୁରୁଣ୍ ଅୟ୍‌ଦ୍, ତୁମି
ଅଃହ୍‌ଣାର୍ ହାକିହଃଲ୍‌ସାକେ ନିଜାର୍ ହର୍ ଲାଡ୍ କଃରା ।
15 ମଃତର୍ ତୁମିମଃନ୍ ଜଦି ଚାବାଚାବି ଅୟ୍ ନିଜାର୍ ବିତ୍ରେ
ମାଡ୍‌ଗଲ୍ ଅଃଉଁଲାସ୍ ତଃବେ ଜଃଗ୍ରାତ୍ ନିଜାର୍ ନିଜାର୍ ବିତ୍ରେ
ନାସ୍ ଅଃଉଁଲାସ୍ । 16 ମର୍ ମଃନ୍ ଇରି ପବିତ୍ର ଆତ୍ମା ତଃୟ୍‌ହୁଣି
ଚାଲ୍‌ଚାଲ୍‌ତି କଃରା, ସେନ୍ ଅୟ୍‌ଲେକ୍ ତୁମିମଃନ୍ ଗଃଗାଲାର୍
ଇଚା ହୁରୁଣ୍ ନଃକେରାସ୍? 17 କାୟ୍‌ତାକ୍‌ବଃଲେକ୍ ଗଃଗାଲାର୍
ଇଚା ପବିତ୍ର ଆତ୍ମାର୍ ବିରଦ୍ ସେରଃକମ୍ ପବିତ୍ର ଆତ୍ମାର୍ ଇଚା
ଗଃଗାଲାର୍ ଇଚାର୍ ବିରଦି ବଃଲେକ୍ ଇ ଜଳେକ୍ ନିଜାର୍ ନିଜାର୍
ସଃତ୍ରୁ, ତଃବେ ତୁମିମଃନ୍ ଜାୟ୍‌ଜାୟ୍‌ରି ଇଚା କଃରାସ୍, ସେସଃବୁ
କଃରୁ ନଃହାରାସ୍ । 18 ମଃତର୍ ଜଦି ତୁମିମଃନ୍ ପବିତ୍ର ଆତ୍ମାୟ୍
ଚାଲାସ୍ ତଃବେ ମସାର୍ ବିଦିର୍ ତଃଳେ କଃଉଆସ୍ । 19
ଗଃଗାଲାର୍ କାମ୍ ସଃବୁତ ନିକକଃରି ଜାଣାସ୍ ଦାରି, ବିଟାଳ୍,
20 ମୁର୍ତିହୁଜା, ଗୁଣ୍ୟାକାମ୍, ବିରଦ୍, ଡାରା, ରିସା, ଲାଗାଲାଗି,
ଅଃକାର୍, ଗିଣ୍, ରିସା, ଅଃହାତାଣ୍, ଦଃଳ୍‌ବାଗ୍, 21 ଡାରା,
ମାତ୍‌ଉଆଳି, ରଃଙ୍ଗ ରଃସିଆ, ଅଃନ୍‌କାର୍ କାମ୍‌ମଃନ୍ ମୁୟ୍ଁ ହୁର୍ବେ
ଜଃନ୍‌କଃରି ତୁମିମଃନ୍‌କେ କୟ୍‌ରିଲେ, ଅଃବେ ହେଁ କଃଉଁଲେ,
ଜୁୟ୍ ଲକ୍‌ମଃନ୍ ଇ ସଃବୁ ହଃର୍କାର୍ କାମ୍ କଃର୍ତି, ସେମଃନ୍
ଇସ୍ୱରାର୍ ରାଇଜାର୍ ଅଃଦିକାରି ନଃଉଁତି । 22 ମଃତର୍ ଆତ୍ମାର୍
ହଲ୍ ଲାଡ୍, ସଃର୍ଦା, ସୁସ୍ତା, ଦୁକ୍‌ସଃମ୍ବାଳାତା, ଲକାର୍ ଦଃୟା
କଃର୍ତାର୍, ଦଃର୍ମି, ସଃତେ ରେତାର୍, 23 ସୁସାର୍ ଆର୍ ନିଜ୍‌କେ
ସଃମ୍ବାଲ୍‌ତାର୍ ଇ ସଃବୁ ବିରଦେ କାୟ୍‌ହେଁ ମସାର୍ ବିଦି ନାୟ୍ ।
24 ଜୁୟ୍ ଲକ୍‌ମଃନ୍ କ୍ରିସ୍ଟ ଜିସୁର୍ ତଃୟ୍ ସେମଃନ୍ ଗଃଗାଲ୍‌କେ
ସେତିର୍ ଦାରି କାମ୍ ଆର୍ ଇଚାକ୍ କୁସେ ମଃରାୟ୍ ଆତ୍‌ତି । 25
ଜଦି ଅଃମିମଃନ୍ ପବିତ୍ର ଆତ୍ମା ତଃୟ୍‌ହୁଣି ଜିବନ୍ ହାୟ୍‌ଆଚୁ,
ତଃବେ ପବିତ୍ର ଆତ୍ମା ଜିବନ୍‌କେ ହେଁ ଚାଲାଅ । 26 ଅଃମିମଃନ୍
ହଲ୍ୟା ଗଃର୍ବି ଅୟ୍ ନିଜାର୍ ନିଜାର୍ ବିତ୍ରେ ରିସା ନଃଦେରୁଆଁ ଆର୍
ନିଜାର୍ ନିଜାର୍ ବିତ୍ରେ ଡାରା ନଃକେରୁଆଁ ।

**6** ଏ ବାୟ୍‌ବେଣିମଃନ୍ ଜଦି କେ କାୟ୍ ଦଃସ୍‌କାମେ ଦଃରା
ହଃଳେଦ୍, ଆତ୍ମାର୍ ଜେ, ତୁମିମଃନ୍ ଦିର୍ ବାବେ ସେ ହଃର୍କାର୍
ଲକ୍‌କେ ସୁଦାରା ଆରେକ୍ କେଜାଣ୍ ନିଜେ ହେଁ କଃଟ୍‌ହାଳେ
ହଃଲୁହାରେ ଇତାର୍ ଗିନେ ଅଃହ୍‌ଣାର୍ କଃତାୟ୍ ଜଃଗ୍ରାତ୍ ଅଃଉଅ
। 2 ନିଜାର୍ ନିଜାର୍ ବିତ୍ରାର୍ ବଜ୍ ବଃଉଆ; ଇ ହଃର୍କାରେ
ତୁମିମଃନ୍ କ୍ରିସ୍ଟର୍ ବିଦି ହୁର୍ଣ୍ଣ କଃରାସ୍ । 3 ଜଦି କୁୟ୍ ଲକ୍
ହଲ୍ୟା ସାନ୍ ଅୟ୍‌ଲେକ୍ ହେଁ ଅଃହ୍‌ଣାକ୍ ବଃଡ୍ ବଃଲି ମଃନେ
କଃରେଦ୍, ତଃବେ ସେ ନିଜ୍‌କେ ଟକେଦ୍ । 4 ମଃତର୍ ହଃତିଲକ୍
ଅଃହ୍‌ଣାର୍ ଚାଲ୍‌ଚାତି ପରିକ୍ୟା କଃରି ଦଃକ୍‌ତା ଲଳା ଜଦି ନିକ
ଅୟ୍ ରଃୟ୍‌ଦ୍ ତଃନ୍‌ଅଲେ ସେ ବାୟ୍‌ଗ୍ ବଃଲି ଜାଣ ମଃତର୍
ବିନ୍‌ଲକାର୍ କାମ୍ ସଃଙ୍ଗ ନିଜାର୍ କାମ୍‌କେ ତୁଳ୍‌ନା କଃରି ଗଃର୍ବ୍
ନଃକେର । 5 କାୟ୍‌ତାକ୍‌ବଃଲେକ୍ ହଃତିଲକ୍ ଅଃହ୍‌ଣାର୍ ବଜ୍
ବଃଉଁକେ ହଃଳେଦ୍ । 6 ମଃତର୍ ଜେ ଇସ୍ୱରାର୍ କଃତାୟ୍
ସିକ୍ୟା ହାୟ୍‌ଦ୍ ସେ ସିକ୍ୟା ଦେତାଲକ୍‌କେ ନିଜାର୍ ସଃବୁ ନିକ
କଃତାୟ୍ ମିସାବିଳା କଃରାଉଆ । 7 ବୁଲ୍‌କା ନାୟ୍ ଇସ୍ୱର୍ ଲିନ୍ଦାର୍
ଜୟ୍‌ଗ୍ ନାୟ୍; କାୟ୍‌ତାକ୍‌ବଃଲେକ୍ ମାନାୟ୍ ଜାୟ୍‌ରି ବୁଣେଦ୍
ସେରି କାଟେଦ୍ । 8 ବଃଲେକ୍ ଜେ ଅଃହ୍‌ଣାର୍ ଗଃଗାଲ୍ ଗିନେ
ବୁଣେଦ୍ ସେ ଗଃଗାଲେ ହୁଣି ଉବୁଜ୍‌ଲା ନଃସ୍ଟଅଃଉତା ତାସ୍
କାଟେଦ୍ ମଃତର୍ ଜେ ଆତ୍ମାର୍ ଗିନେ ବୁଣେଦ୍ ସେ ଆତ୍ମାର୍
ତଃୟ୍ ହୁଣି ଉବୁଜ୍‌ଲା ଅଃମ୍ବ୍ରର୍ ଜିବନାର୍ ତାସ୍ କାଟେଦ୍ ।
**(aiōnios g166)** 9 ଅଃମିମଃନ୍ ନିକ କାମ୍ କଃରୁକେ ତାକି ନଃଜାଉଁ
କାୟ୍‌ତାକ୍‌ବଃଲେକ୍ ତାକି ନଃଗେଲେକ୍ ଟିକ୍ ବେଳାୟ୍ ତାସ୍
କାଟୁଆଁ 10 ବଃଲେକ୍ ଅଃମିମଃନ୍ ସୁବିଦା ହଃର୍କାରେ ସଃବ୍‌କାର୍
ବଃଲେକ୍ ଗଟ୍ କୁଟୁମ୍ ଅୟ୍‌ଲା ବିସ୍ୱାସି ସଃବ୍‌କାର୍ ନିକ କଃରୁଆଁ
। 11 ଦଃକା କଃନ୍‌କଃରି ବଃଡ୍ ବଃଡ୍ ଅଃକରେ ମର୍ ନିଜାର୍
ଆତେ ମୁୟ୍ଁ ତୁମିମଃନ୍‌କାର୍ ହାକ୍ ଲେକୁଲେ । 12 ଜୁୟ୍ ଲକ୍‌ମଃନ୍
ଦଃକାଉଁକେ କାମ୍ କଃରି ଡାକ୍ ହୁଟୁକ୍ ମଃନ୍ କଃର୍ତି ସେମଃନ୍
ତୁମିମଃନ୍‌କେ ସୁନତ୍ ଅଃଉଁକେ ବଃଲ୍‌ମାଡ୍ କଃର୍ତି; କ୍ରିସ୍ଟର୍ କୁସ୍
ଗିନେ ସେମଃନ୍ ଜଃନ୍‌କଃରି କଃସ୍ଟ ବୟ୍‌ଗ୍ ନଃକେର୍ତି ଅଃବ୍‌କା
ସେତାର୍ ଗିନେ ସେରି କଃର୍ତି । 13 କାୟ୍‌ତାକ୍‌ବଃଲେକ୍ ଜୁୟ୍
ଲକ୍‌ମଃନ୍ ସୁନତ୍ ବିଦି ମାନ୍‌ତି, ସେମଃନ୍ ନିଜେ ହେଁ ମସାର୍ ବିଦି
ନଃମାନ୍ତି ଅୟ୍‌ଲେକ୍ ହେଁ ସେମଃନ୍ ଜଃନ୍‌କଃରି ତୁମିମଃନ୍‌କାର୍
ଗଃଗାଲ୍ କଃତାୟ୍ ଗଃର୍ବ୍‌କଃରୁ ହାର୍ତି, ଇତାର୍ ଗିନେ ସେମଃନ୍
ତୁମିମଃନ୍‌କେ ସୁନତ୍ କଃରାଉଁକ୍ ମଃନ୍ କଃର୍ତି । 14 ମଃତର୍
ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ କୁସ୍ ଚାଡି ଆର୍ କାୟ୍‌ତି ଗଃର୍ବ୍
କଃର୍ତାର୍ ମର୍ ତଃୟ୍‌ହୁଣି ଦୁରିକ୍ ରେଅ; ତାର୍ ତଃୟ୍‌ହୁଣି ଜଃଗତ୍
ମର୍ ଗିନେ ଆର୍ ମୁୟ୍ଁ ଜଃଗତାର୍ ଗିନେ କୁସେ ମଃରି ଆଚି
। 15 କାୟ୍‌ତାକ୍‌ବଃଲେକ୍ ସୁନତ୍ କି ଅସୁନତ୍ କାୟ୍‌ରି ନାୟ୍,
ମଃତର୍ ନଃଉଆଁ ଉବୁଜ୍‌ତାର୍ ସାର୍ । 16 ଆର୍ ଜଃତିଲକ୍ ଇ
ବିଦି ହଃର୍କାରେ ଚାଲ୍‌ଚାଲ୍‌ତି କଃର୍ତି ସେମଃନ୍‌କାର ଉହ୍ରେ ଆର୍
ଇସ୍ୱରାର୍ ଲକ୍‌ମଃନାର୍ ଉହ୍ରେ ସୁସ୍ତା ଆର୍ ଦଃୟା ଅଃଉଅ ।
17 ସଃରାସଃରି ବଃଳ୍ ଅଃତେକ୍ ମୁୟ୍ କଃଉଁଲେ ଆଜିହୁଣି କେ
ମକେ ଆରେକ୍ କଃସ୍ଟ ନଃଦେଉଅ, କାୟ୍‌ତାକ୍‌ବଃଲେକ୍ ମୁୟ୍ଁ
ମର୍ ଗଃଗାଳେ ଜିସୁର୍ ଗାଉ ଚିନ୍ ବଃଉଁଲେ । 18 ଏ ବାୟ୍‌ମଃନ୍
ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଦଃୟା ତୁମିମଃନ୍‌କାର୍ ଆତ୍ମାର୍
ସଃଙ୍ଗ ରେଉଅ । ଆମେନ୍ ।

# ଏପିସିୟ

1 ପାଉଲ୍, ଇସ୍ୱରାର୍ ଇଚା ହଃର୍କାରେ ଜିସୁ କ୍ରିସ୍ଟର୍ ଗଟ୍ ପେରିତ୍,
ଏପିସିଏ ରେତା ସାଦୁ ଆର୍ କ୍ରିସ୍ଟ ଜିସୁର୍ ତଃୟ୍ ରେତା ବିସ୍ୱାସି
ମଃନାର୍ ହାକ୍ ଚିଟି ଲେକୁଲା । 2 ଅଃମିମଃନାର୍ ଉବା ଇସ୍ୱର୍
ଆର୍ ଜିସୁ କ୍ରିସ୍ଟର୍ ତଃୟ୍ ହୁଣି ଦଃୟା ଆର୍ ସୁସ୍ତା ତୁମିମଃନ୍କେ
ଅଃଉଅ । 3 ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଇସ୍ୱର୍ ଆର୍
ଉବା ଦନ୍ୟ ଅଃଉଅ, ସେ କ୍ରିସ୍ଟର୍ ତଃୟ୍ ଅଃମିମଃନ୍କ୍ ସଃବୁ
ଆତ୍ମିକ୍ ଆସିର୍ବାଦ୍ ଦଃୟ୍ ସଃର୍ଗ୍‌ହୁରେ ଆସିର୍ବାଦ୍ କଃରିଆଚେ
। 4 କ୍ରିସ୍ଟର୍ ତଃୟ୍ ମିସି ଅଃମି ଜଃନ୍‌କଃରି ଇସ୍ୱରାର୍ ଅଃଉଁନ୍ଡ
ସେତାକ୍ ଜଃଗତାର୍ ଉବ୍‌ଜାଣ୍ ହୁର୍ବେ ସେ ବାଚିଆଚେ, ବଃଲେକ୍
ଅଃମିମଃନ୍ ତାର୍ ଲାଡାର୍ ଗିନେ ପବିତ୍ର ଆର୍ ଦସି ନୟ୍‌ଲାର୍
ଅଃଉଁନ୍ଡ । 5 ଆର୍ ଜିସୁ କ୍ରିସ୍ଟର୍ ଲାଗି ସେ ନିଜାର୍ ଗିନେ
ହୟ୍‌ସି କଃରୁକେ ନିଜାର୍ ଇଚା ହଃର୍କାରେ ଅଃମିମଃନ୍କ୍ ଲାଡେ
ଆଗେହୁଣି ତିର୍ କଃଲା । 6 ଇରି ତାର୍ ଦଃୟାର୍ ଜଃଜ୍‌ମାନାର୍
ପ୍ରସଂସା ଗିନେ ଅୟ୍‌ଆଚେ; ସେ ଦଃୟା ସେ ଲାଡାର୍ ମାନାୟକେ
ଦଃୟ୍ ଅଃମିମଃନ୍କ୍ ଦାନ୍ ଦଃୟ୍ ଆଚେ । 7 କ୍ରିସ୍ଟର୍ ବଃନିର୍
ଗିନେ ଅଃମିମଃନ୍ ମୁକ୍ତି ହାୟ୍ ଆଚୁ, ସେରି ଇରି ଇସ୍ୱରାର୍ ଦଃୟା
କଃଡେକ୍ ବଃଡ୍ ଅଃମିମଃନାର୍ ହାହ୍ କେମା ଅୟ୍‌ଆଚେ । 8
ସେରି ସେ ଅଃମିକ୍ ଜଃବର୍ କଃରି ଦଃୟ୍ ଆଚେ । 9 ଇସ୍ୱର୍
ତାର୍ କଃବେ ନଃସେର୍ତା ଗିଆନ୍ ଆର୍ ବିତିରିଆ ଦଃକି ଜାୟ୍‌ରି
ମଃନେ ହାଚିରିଲା, ସେରି ସାଦୁନ୍ କଃରିଆଚେ ଆର୍ ତାକ୍ କ୍ରିସ୍ଟର୍
ଉହ୍‌କାରେ ହୁରୁଣ୍ କଃର୍ତା ହାଁୟ୍ ସେ ଜୁୟ୍ ଲୁକ୍‌ଣେ ମଃନ୍‌ହାଚି
ରିଲା ସେରି ଅଃମାର୍ ତଃୟ୍ ଜାଣାୟ୍ ଆଚେ । 10 ଜଃନ୍‌କଃରି
କାଳାର୍ ହୁର୍ନ୍ ଅଃଉତା କଃତା ଜଃଜ୍‌ନା ହଃର୍କାରେ ଟିକ୍ ବେଳାୟ୍
ଇସ୍ୱର୍ ସେସ୍ କଃରେଦ୍, ଜୁୟ୍‌ରି ସଃର୍ଗେ କି ହୁର୍ତିବିଏ ରେତା
ସଃବୁ କଃତା ସେ ନିଜାର୍ ଗିନେ କ୍ରିସ୍ଟର୍ ତଃୟ୍ ରୁଣ୍ଡାୟ୍‌ଦ୍ । 11
ତାର୍ ତଃୟ୍ ଅଃମିମଃନ୍ ଅଃଦିକାର୍ ହାୟ୍ ଆଚୁ, ବଃଲେକ୍ ଜୁୟ୍
ଇସ୍ୱର୍ ନିଜାର୍ ଇଚା ହଃର୍କାରେ ସଃବୁ ବିସୟ୍ କଃତା ସାଦୁନ୍
କଃରେଦ୍, ତାର୍ ଜଃଜ୍‌ନା ହଃର୍କାରେ ଅଃମିମଃନ୍କ୍ ହୁର୍ବେ ହୁଣି
ବାଚିଆଚେ । 12 ଜଃନ୍‌କଃରି କ୍ରିସ୍ଟର୍ ତଃୟ୍ ଅଃମିମଃନ୍ ହୁର୍ବେହୁଣି
ଆସା କଃରିରିଲୁ, ଅଃମିମଃନ୍ ଇସ୍ୱରାର୍ ଜଃଜ୍‌ମାନାର୍ ମୁଲ୍
ଅଃଉଁହାରୁ । 13 ତାର୍‌ତଃୟ୍ ତୁମିମଃନ୍‌ହେଁ ସଃତ୍ ବାକ୍ୟ ବଃଲେକ୍
ତୁମିମଃନାର୍ ମୁକ୍ତିର୍ ନିକ କବୁର୍ ସୁଣି ସଃତ୍‌କଃରି ସଃୟ୍‌ତ୍
କଃଲା ପବିତ୍ର ଆତ୍ମାୟ୍ ମୁଦ୍ରା ମାରା ଅୟ୍‌ଆଚେ । 14 ଇସ୍ୱର୍
ତାର୍ ଲକ୍‌ମଃନ୍ ହାଉତାର୍ ସଃୟ୍‌ତ୍ କଃଲା ଆଚେ ସେହଃର୍କାରେ
ଅଃମିମଃନ୍ ଆତ୍ମା ହାଉଁନ୍ଡ, ଆର୍ ବାୟଃଦ୍‌ରେ ଜୁଇମଃନ୍ ଇସ୍ୱରାର୍
ଅୟ୍ ଆଚ୍‌ତି ସେମଃନ୍‌କେ ଇସ୍ୱର୍ ହୁରା ଅଃଦିକାର୍ ଦଃୟ୍‌ଦ୍,
ତାର୍ ଜଃଜ୍‌ମାନ୍‌କେ ଦନ୍ୟବାଦ୍ ଅଃଉଅ । 15 ଇତାର୍ ଗିନେ
ସଃବୁ ବଃଲ୍ ମାପ୍ରୁ ଜିସୁର୍ ତଃୟ୍ ବିସ୍ୱାସ୍ ଆର୍ ଦଃର୍ମିମଃନ୍‌କେ
ତୁମି ଲାଡ୍ କଃର୍ତାର୍ ମୁୟ୍ଁ ସୁଣୁଲେ, 16 ତୁମିମଃନାର୍ ଗିନେ
ଇସ୍ୱର୍‌କେ ଦନ୍ୟବାଦ୍ କଃରିଆସୁଲେ, ମୁୟ୍ଁ ହେଁ ମର୍ ପାର୍ତାନାୟ୍
ତୁମାର୍ ନାଉଁ ଦଃରି ପାର୍ତ୍‌ନା କଃରିଲାଗୁଲେ । 17 ଜଃନ୍‌କଃରି
ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଇସ୍ୱର୍ ଜଃଜ୍‌ମାନାର୍ ଉବା,
ବିସୟେ ହୁରା ଗିଆନ୍ ହାଉଁକେ ତୁମିମଃନାର୍ ଗିଆନ୍ ଦେଉଁକେ
ଆତ୍ମାକେ ଦଃୟ୍‌ଦ୍, ତଃନ୍ ଅଲେ ତାକେ ସଃବୁଲକ୍ ଜାଣାସ୍ ।
18 ସେତାକ୍ ତୁମିମଃନାର୍ ମଃନ୍‌ବିତ୍ରାର୍ ଆକି ଉଗାଳି ଅୟ୍‌ଦ୍
ସେ କୁଦ୍‌ଲାର୍ ବଃର୍ସା କାୟ୍‌ରି ଜୁୟ୍ ବଃର୍ସାର୍ ଗିନେ ତୁମିମଃନ୍
ଦଃର୍ମିମଃନାର୍ ସଃଙ୍ଗ୍ କୁଦାୟ୍ ଅୟ୍ ଆଚାସ୍ ସେରି ଜାଣାସ୍ । 19
ତାର୍ ଲକ୍‌ମଃନାର୍ ଗିନେ ତାର୍ ସଃୟ୍‌ତ୍ କଃଲା ସଃକ୍ତି କଃଡେକ୍
ବଃଡ୍, ସେରି ତୁମିମଃନ୍ ଜାଣାସ୍ । 20 ଇସ୍ୱର୍ ସଃକ୍ତି କ୍ରିସ୍ଟର୍
ତଃୟ୍ ସାଦୁନ୍ କଃରି ତାକେ ମଃଲାର୍ ତଃୟ୍ ହୁଣି ଉଟାୟ୍ ସଃବୁ
ଅଃଦିକାର୍, ସଃକ୍ତି, ମୁଳିକା, ରାଜ୍ କଃର୍ତାର୍ ଦଃୟ୍ ସଃର୍ଗ୍‌ହୁରେ ଇ
ହୁରେ ସଃବ୍‌କାର୍ ନାଉଁ ତଃୟ୍‌ହୁଣି ଉଟ୍ୟା କଃରିଆଚେ । 21
କ୍ରିସ୍ଟ ସଃବୁ ସଃର୍ଗାର୍ ସାସନ୍‌କଃରୁ, ନାଉଁ ହାୟ୍‌ଲା ଅଃଦିକାରି,
ସଃକ୍ତିରିଲାର୍, ଅଃଦିକାରିମଃନାର୍ ଉହ୍ରେ ରାୟ୍‌ଜ୍ କଃରେଦ୍ ଇ
ଜଃଗତାର୍ ଆର୍ ସେ ଜଃଗତାର୍ ସଃବୁ ହଃଦ୍ ବିତ୍ରେ ସେ ହଃଦ୍
ସଃବାର୍ ଉଟ୍ୟା । (aiōn g165) 22 ଆର୍ ସଃବୁ ବିସୟ୍ କ୍ରିସ୍ଟର୍ ହାଦ୍
ତଃଳେ ସଃଙ୍ଗାୟ୍ ତାକେ ସଃବୁ ବିସୟ୍ ଉହ୍ରେ ତାକେ ସଃବ୍‌କେ
ଉଟ୍ୟା ମାପ୍ରୁ ବାବେ ମଣ୍ଡଳିକେ ଦିଲା ଆଚେ । 23 ବିସ୍ୱାସି ଦଃଲ୍
ତାର୍ ଗଃଗାଲ୍ ହର୍, ବଃଲେକ୍ ଜେ ସଃବୁ ବିସୟ୍‌କେ ହୁରାହୁରି
ହୁରୁଣ୍ କଃରେଦ୍ ସେରି ତାର୍ ନିଜାର୍ ହୁରୁଣ୍ ।

2 ହଃର୍ତୁ ତୁମିମଃନ୍ ଆତ୍ମିକ୍ ହଃର୍କାରେ ତୁମିମଃନାର୍ ଅମାନ୍ୟାର୍
ଆର୍ ହାହାର୍ ଗିନେ ମଃରି ରିଲାସ୍ । 2 ବଃଲେକ୍ ଜୁୟ୍
ଆତ୍ମା ଅଃବେ ହେଁ ଅମାନ୍ୟାର୍ ହିଲାମଃନାର୍ ତଃୟ୍ କାମ୍
ସାଦୁନ୍ କଃରୁଲି, ଜଃଗତାର୍ ଅଃଦିକାରିମଃନାର୍ ଇଚା ହଃର୍କାରେ
ତୁମିମଃନ୍‌ହେଁ ହୁର୍ବେ ଚାଲ୍‌ଚାଲ୍‌ତି କଃରି ହାହେ ମଃରି ରିଲାସ୍ ।
(aiōn g165) 3 ସେ ଅମାନ୍ୟାର୍ ହିଲାମଃନାର୍ ସଃଙ୍ଗ୍ ଅଃମିମଃନ୍
ସଃବୁଲକ୍ ହେଁ ଅଃକାବଃଲ୍ ଅଃମିମଃନାର୍ ଗଃଗାଳାର୍ ଇଚା
ହଃର୍କାରେ ଜିବନ୍‌କାଟି ଗଃଗାଳାର୍ ଆର୍ ବାବ୍‌ନାର୍ ଇଚା ହୁରୁଣ୍
କଃର୍ତିରିଲୁ ଆର୍ ବିନ୍‌ଲକାର୍ ହର୍ ମାପ୍ରୁର୍ ବିରଦି ରିଲୁ । 4
ମଃତର୍ ଅଃମିମଃନ୍ ହାହେ ମଃରି ରିଲେକ୍ ହେଁ ଦଃୟାକାରି
ଇସ୍ୱର୍, ସେ ଅଃମିମଃନ୍କ୍ ଜୁୟ୍ ବଃଡ୍ ଲାଡାର୍ ଗିନେ ଦଃୟା
କଃଲା, 5 ସେତାର୍ ଗିନେ ଅଃମିମଃନ୍କ୍ କ୍ରିସ୍ଟର୍ ସଃଙ୍ଗ୍ ଜିବନ୍
ହାଳାୟ୍ ଆଚେ, ଦଃୟାର୍ ଗିନେ ତୁମିମଃନ୍ ମୁକ୍ତି ହାୟ୍ ଆଚାସ୍
। 6 ଆରେକ୍ କ୍ରିସ୍ଟର୍ ସଃଙ୍ଗ୍ ଅଃମିମଃନ୍କ୍ ଉଟାୟ୍ କଃରି
ତାର୍ ସଃଙ୍ଗ୍ ଅଃମିମଃନ୍କ୍ ସଃର୍ଗ୍‌ହୁରେ ବଃସାୟ୍ ଆଚେ । 7
ଜଃନ୍‌କଃରି କ୍ରିସ୍ଟଜିସୁର୍ ତଃୟ୍ ସେ ଅଃମିମଃନ୍କ୍ ଦଃୟାକଃରି
ଆସୁଲା ଜଃଗତାର୍ ଗିନେ ନିଜାର୍ ଦଃୟାର୍ ଜଃବର୍ ଦଃନ୍
ଦଃକାଉଁକେ ସେ ଇରି କଃରିଆଚେ । (aiōn g165) 8 କାୟ୍‌ତାକ୍
ବଃଲେକ୍ ଦଃୟାର୍ ଗିନେ ବିସ୍ୱାସ୍ କଃଲାକ୍ ତୁମିମଃନ୍ ମୁକ୍ତି ହାୟ୍
ଆଚାସ୍; ସେରି ତୁମାର୍ ନିଜାର୍ ତଃୟ୍ ହୁଣି ଅୟ୍ ନଃକେରେ,

ସେରି ଇସ୍ୱର୍ ଦିଲାର୍ ଦାନ୍, 9 ଦଃର୍ମ୍ କଃର୍ମାର୍ ନାୟ୍, ସେତାକ୍
କେ ଇ ବିସୟେ ଗଃର୍ବ୍ ନଃକେର । 10 କାୟ୍‌ତାକ୍ ବଃଲେକ୍
ଅଃମିମଃନ୍ ଜୁୟ୍‌ରି ସେ ଗଃଲ୍‌ଲାର୍ ସଃବୁ ଉଃକମ୍ ସଃତ୍‌କାମ୍
କଃରୁନ୍ତ ବଃଲି ଇସ୍ୱର୍ ଆଗ୍‌ତୁ ହୁଣି ତିର୍ କଃରିରିଲା, ଅଃମି
କ୍ରିସ୍ଟ ଜିସୁର୍ ସଃଙ୍ଗ୍ ଚାଲାଚାଲ୍‌ତି କଃରି ମିସିରିଲାକେ ସେରି
ସାଦୁନ୍ ଅୟ୍‌ଆଚେ । 11 ବଃଲେକ୍ ତୁମିମଃନ୍ ହୁର୍ବେ ଜଃଡ୍‌ବଃଲ୍
ଗଃଗାଲେ ଅଜିଉଦି ରିଲାସ୍ ଆର୍ ଗଃଗାଲାର୍ ଇସାବେ ସୁନତି
ଅୟ୍‌ରିଲା ଲକ୍‌ମଃନାର୍ ହିସାବେ ଅସୁନତି ବଃଲାୟ୍ ଅଃଉତି
ରିଲାସ୍ । 12 ସଃଡେବଃଲ୍ ତୁମିମଃନ୍ କ୍ରିସ୍ଟର୍ ତଃୟ୍‌ହୁଣି ବିନେ
ରଃୟ୍ ଇସ୍ରାଏଲାର୍ ବଃଉଁସାର୍ ନଃୟ୍‌କଃରି, ସଃୟ୍‌ତ୍ କଃଲାର୍
ବିଦିର୍ ନଃରିଲାସ୍ ଆର୍ ଜଃଗତାର୍ ବଃର୍ସା ନୟ୍‌ଲାର୍ ଆର୍ ଇସ୍ୱର୍
ନୟ୍‌ଲାର୍ ଅୟ୍‌ରିଲାର୍ ସେରି ଏତାଉଆ । 13 ବଃଲେକ୍ ହୁର୍ବେ
ତୁମି ଦୁରି ରିଲାସ୍ ମଃତର୍ ଅଃବେ କ୍ରିସ୍ଟ ଜିସୁର୍ ତଃୟ୍ ତାର୍
ବଃନିର୍ ଗିନେ ଲଃଗେ ଅୟ୍ ଆଚାସ୍ । 14 କ୍ରିସ୍ଟ ସେ ନିଜେ ଜିଉଦି
ଆର୍ ଅଜିଉଦିକେ ମିସାୟ୍‌କଃରି ସୁସ୍ତା ଆଣିଆଚେ । ମଃଜାୟ୍
ରଃୟ୍ ଦୁୟ୍‌ବାଗ୍ କଃଲା କୁଡ୍‌କେ ନିଜାର୍ ଗଃଗାଲେ ବାଙ୍ଗାୟ୍
କଃରି ସଃତ୍ରୁ ନଃଉଁକେ ମିସାୟ୍ ଆଚେ । 15 ଜିଉଦି ମଃନାର୍
ବିଦିକେ ଇତିର୍ ବଲ୍ ଆର୍ ନିୟମେ ଲିବାୟ୍ ଦଃୟ୍‌ଆଚେ,
ଜଃନ୍‌କଃରି ସୁସ୍ତା ଆଣିକଃରି ଜିଉଦି ଆର୍ ଅଜିଉଦିମଃନ୍‌କେ
ହେଁ ଅଃହ୍‌ଣାର୍ ତଃୟ୍ ଗଟେକ୍ ନଃଉଆଁ ଲକ୍ ହର୍ ଉବ୍‌ଜାଣ୍
କଃରେଦ୍ । 16 ଆର୍ କୁସେ କ୍ରିସ୍ଟ ମଃରିକଃରି ସେମଃନାର୍
ସଃତ୍ରୁକେ ନସ୍ଟ କଃରି ଆଚେ; କୁସାର୍ ଗିନେ ସେ ଦୁୟ୍ ଦଃଲ୍‌କେ
ଗଟେକ୍ ଗଃଗାଲ୍ କଃରି ସେମଃନ୍‌କେ ଇସ୍ୱରାର୍ ତଃୟ୍ ମିସାୟ୍
ଆଚେ । 17 ଆର୍ ଦୁରି ରିଲା ଅଜିଉଦି ଲଃଗେ ରିଲା ଜିଉଦି,
ସେମଃନ୍ ସେ ଦୁୟ୍‌ବାଟ୍ୟା ହେଁ ଆସିକଃରି ସୁସ୍ତାରି ନିକ କବୁର୍
ପର୍ଚାର୍ କଃଲା 18 କାୟ୍‌ତାକ୍ ବଃଲେକ୍ ତାର୍ ଗିନେ ଅଃମିମଃନ୍
ସଃବୁ ଗଟେକ୍ ଆତ୍ମାୟ୍ ଉବାର୍ ଚଃମେ ଆସୁ ହାର୍‌ଲାୟ୍ ଆଚ୍‌ତି
। 19 ବଃଲେକ୍ ତୁମିମଃନ୍ ଆର୍ ବିନ୍‌ଦେସାର୍ କି ହଃର୍‌ବାସି
ନାୟ୍, ମଃତର୍ ସାଦୁମଃନାର୍ ସଃଙ୍ଗ୍ ରେତାର୍ ତାର୍ ରାଇଜାର୍
ଆର୍ ଇସ୍ୱରାର୍ ଗଃର୍ କୁଟୁମାର୍ । 20 ତୁମିମଃନ୍ ପେରିତ୍
ଆର୍ ବାବ୍‌ବାଦି ମଃନାର୍ କୁନାଦି ଉହ୍ରେ ତିଆର୍ ଅୟ୍ ଆଚାସ୍,
କ୍ରିସ୍ଟ ଜିସୁ ସେତିର୍ ମୁଲ୍‌ଟେଳା । 21 ତାର୍ ତଃୟ୍ ସଃବୁ ଗଃର୍
ଗଟ୍‌ତଃୟ୍ ଜଳି ଅୟ୍‌କଃରି ମାପ୍ରୁ ତଃୟ୍ ଗଟେକ୍ ପବିତ୍ର ମନ୍ଦିର୍
ହର୍ ବାଡାୟ୍‌ଦ୍ । 22 ତାର୍ ତଃୟ୍ ତୁମିମଃନ୍ ହେଁ ଇସ୍ୱରାର୍
ଆତ୍ମାର୍ ବାସା କଃର୍ତାର୍ ଗିନେ ଗଟେକ୍ ତଃୟ୍ ହାଜି ଅୟ୍ ଆଚାସ୍
।

**3** ଇତାର୍ ଗିନେ ତୁମାର୍ ହର୍ ଅଜିଉଦି ତୁମାର୍ ହାୟ୍ କ୍ରିସ୍ଟର୍ ବନ୍ଦି
ଅୟ୍‌ରିଲା ପାଉଲ୍ ମୁୟ୍ଁ ପାର୍ତ୍‌ନା କଃରୁଲେ । 2 ତୁମିମଃନ୍‌କାର୍
ବଃଲାର୍ ଗିନେ ଇ ସେବା କାମ୍ କଃରୁକେ ଇସ୍ୱରାର୍ ଦଃୟାର୍
ଗିନେ ମକେ ଦିଆଗଃଲାର୍ ବାୟ୍‌ଦ୍‌ରେ ତୁମିମଃନ୍ ସୁଣିଆଚାସ୍
। 3 ତଃବେ ଆଦେସ୍ ଦଃୟ୍ ବିତ୍ରି କଃତା ମକ୍ ଜାଣାୟ୍ ଆଚେ,
ଜଃନ୍‌କଃରିକି ମୁୟ୍ ହୁର୍ବେ ଚଟ୍‌କଃରି ଲେକିଆଚି । 4 ସେରି ହଲି
ମୁୟ୍ଁ କାୟ୍‌ରି ଲେକିଆଚି ସେରି କ୍ରିସ୍ଟର୍ ବିତ୍ରି କଃତାର୍ ଗିଆନ୍ ଜାଣୁ
ହାରାସ୍ । 5 ସେ ଗୁପ୍ତ କଃତା ଅଃବେ ଆତ୍ମାର୍ ଦଃୟ୍ ତାର୍ ପବିତ୍ର
ପେରିତ୍ ଆର୍ ବାବ୍‌ବାଦି ମଃନ୍‌କେ ଦଃୟ୍ ଜଃନ୍‌କଃରି ଜାଣା
ହଃଲି ଆଚେ, ହୁର୍ବ କାଳାର୍ ନଃର୍‌ମଃନ୍‌କେ ଜାଣାଇ ଦିଆଅୟ୍
ନଃରିଲି । 6 ଗୁପ୍ତରି ଇରି ନିକ କବୁରାର୍ ଗିନେ ଇସ୍ୱରାର୍
ଦଃୟା ଅଜିଉଦିମଃନ୍‌କେ ହେଁ ଦିଆ ଅୟ୍‌ଆଚେ । ସେମଃନ୍ ହେଁ
ଗଟେ ଗଃଗାଳାର୍ ଅଃଙ୍ଗ୍ ଆର୍ ଇସ୍ୱରାର୍ ସଃୟ୍‌ତ୍ ଜିସୁ କ୍ରିସ୍ଟର୍
ତଃୟ୍ କଃଲାର୍ ବାଗ୍ ହାଉତି । 7 ଇସ୍ୱରାର୍ ସେବାକାମ୍ କଃର୍ତା
ସଃକ୍ତି ମକ୍ ଦିଆଅୟ୍‌ଲି ସେତାକ୍ ତାର୍ ଦଃୟାର୍ ଦାନାର୍ ଗିନେ
ସେ ନିକ କବୁରାର୍ ସେବାକାରି ଅୟ୍ ଆଚି । 8 ମୁୟ୍ଁ ସଃବୁ
ସାଦୁମଃନାର୍ ବିତ୍ରେ ସାନ୍ ତଃୟ୍‌ହୁଣି ଅଃଦିକ୍ ସାନ୍, ମକ୍ ଅଜିଉଦି
ଲକ୍‌ମଃନ୍‌କାର୍ ଚଃମେ କଃବେ ନଃସେର୍ତା କ୍ରିସ୍ଟର୍ ଦାନାର୍ ନିକ
କବୁରାର୍ ପର୍ଚାର୍ କଃରୁକେ, 9 ଆରେକ୍ ସଃବୁ ତିଆର୍ କଃଲା,
ଇସ୍ୱରାର୍ ତଃୟ୍ ଆରୁମ୍ ନୟ୍‌ଲା କାଳେ ହୁଣି ଲୁକି ରିଲା, ଗୁପ୍ତ
କଃତା ବିସୟେ ତାର୍ ଇଚା କାୟ୍‌ରି ସେରି ଉଜାଳେ ଜାଣୁକେ
ଦିଆ ଅୟ୍‌ଆଚେ । (aiōn g165) 10 ଅଃମିମଃନ୍ ମାପ୍ରୁ ଜିସୁର୍
ତଃୟ୍ ଇସ୍ୱର୍ ଜୁୟ୍ କଃବେ ନଃସେର୍ତା ଜଃଜ୍‌ନା କଃରି ଅଃଦିକାରି
ଅୟ୍‌ରିଲା । 11 ଇସ୍ୱର୍ ତାର୍ ସଃବୁ ଦିନାର୍ ଲଳାର୍ ଗିନେ ଇରି
କଃଲା ଜୁୟ୍‌ରି କି ଜିସୁ କ୍ରିସ୍ଟର୍ ଦଃୟ୍ ହୁରୁଣ୍ କଃଲା । (aiōn g165)
12 ସେ ମାପ୍ରୁର୍ ତଃୟ୍ ବିସ୍ୱାସ୍ କ୍ରିସ୍ଟର୍ ତଃୟ୍ ମିସ୍‌ଲାର୍ ଗିନେ
ଅଃମିମଃନାର୍ ତାର୍ ତଃୟ୍ ସାସ୍ ଆଚେ ଆରେକ୍ ଇସ୍ୱରାର୍ ହାକ୍
ନଃଡିରି ଜଃଉଁକେ ବାଟ୍ ହାୟ୍‌ଆଚୁ । 13 ତଃବେ ମୁୟ୍ଁ ଗଃଉଆରି
କଃରୁଲେ, ତୁମିମଃନାର୍ ଗିନେ ମର୍ ଜୁୟ୍ କଃସ୍ଟ ସେତାର୍ ଗିନେ
ଆସା ଚାଡା ନାୟ୍, ସେରି ତ ତୁମିମଃନାର୍ ଜଃଜ୍‌ମାନ୍ । 14
ଇତାର୍ ଗିନେ ଜୁୟ୍ ଉବାର୍ ତଃୟ୍‌ହୁଣି ସଃର୍ଗ୍ ଆର୍ ହୁର୍ତିବିର୍
ଉବାର୍ ସଃବୁ କୁଳ୍‌ବଃଉଁସାର୍ ନାଉଁ ହାଉଁ ହାରିନ୍ତ । 15 ଜାର୍
ତଃୟ୍‌ହୁଣି ସଃବୁ କୁଟୁମ୍ ସଃର୍ଗେ ଆର୍ ହୁର୍ତିଏ ତାର୍ ନାଉଁ ଆଣି
ତାର୍ ହାଦେ ମାଣ୍ଡିକୁଟା ଦଃୟ୍ ପାର୍ତ୍‌ନା କଃରୁଲେ, 16 ଜଃନ୍‌କଃରି
ସେ ନିଜାର୍ ଜଃଜ୍‌ମାନାର୍ ଦଃନ୍ ହର୍ ନିଜାର୍ ଆତ୍ମାର୍ ଦଃୟ୍
ତୁମିମଃନ୍‌କେ ଆତ୍ମାର୍ ଜିବନ୍ ସଃକ୍ତି ହାୟ୍ ବପୁକାରି ଅଃଉଁକେ
ଦଃୟ୍‌ଦ୍ । 17 ମୁୟ୍ଁ ପାର୍ତ୍‌ନା କଃରୁଲେ ଜଃନ୍‌କଃରି ତୁମିମଃନାର୍
ବିସ୍ୱାସ୍ ବଃଲେ କ୍ରିସ୍ଟ ତୁମିମଃନାର୍ ମଃନ୍‌ବିତ୍ରେ ବାସା କଃରେଦ୍ ।
ମୁୟ୍ଁ ପାର୍ତ୍‌ନା କଃରୁଲେ, ଜଃନ୍‌କଃରି ତମାର୍ ମୁଲ୍ ଲାଡେ ତାହୁନ୍
ଅୟ୍‌ଦ୍ ଆର୍ ଅଃଟୁଆ ଅୟ୍‌ଦ୍ । 18 ଜଃନ୍ କଃରି ତୁମିମଃନ୍ ଲାଡେ
ବାନ୍ଧି ଅୟ୍ ଅଃଟୁଆ କଃରି ତିର୍ ଅୟ୍ ବୁଜୁ ନଃହାର୍ତା କ୍ରିସ୍ଟର୍ ଲାଡ୍
ସେରି ଜାଣା ଆର୍ ସବୁ ସାଦୁମଃନାର୍ ସଃଙ୍ଗ୍ ସେତି ଡେଙ୍ଗ୍ ଆର୍
ଅଃସାର୍, ଉଚ୍ ଆର୍ ବିତ୍ରି ଗିଆନ୍ ବୁଜୁକ୍ ସଃକ୍ତି ହାଉଆ । 19
ହେଁ ତୁମିମଃନ୍ କ୍ରିସ୍ଟର୍ ଲାଡାର୍ ଗବିର୍ ବୁଜୁ ନାହାରାସ୍, ଜଦି
ଇରି କଃବେ ହେଁ ହୁରା ହୁରି ଜାଣି ନୟ୍ । ଇରଃକମେ ତୁମିମଃନ୍
ଇସ୍ୱରାର୍ ଗୁଣାର୍ ହୁର୍ନ୍ ଜାଣୁ ହାରାସ୍ । 20 ଇସ୍ୱର୍ ଅଃମିମଃନାର୍

ମଽନ୍ ବିତ୍ରେ କାମ୍ ସାଦୁନ୍ କଽର୍ତା ଅଽହ୍ଣାର୍ ସଽକ୍ତି ହଽର୍କାରେ
ଅଽମିମଽନାର୍ ମାଗ୍ତାର୍ ଆର୍ ବାବ୍ତାର୍ ତଽୟ୍ହୁଣି ଅଽଦିକ୍
ବୁତେକ୍ ସାଦୁନ୍ କଽରେଦ୍; 21 ଜୁଗେଜୁଗେ ବଽଉଁସ୍ ବଽଉଁସ୍
ହଽତେକ୍ ମଣ୍ଡଳି ଆର୍ କ୍ରିସ୍ଟ ଜିସୁର୍ ତଽୟ୍ହୁଣି ତାର୍ ଜଽଜ୍ମାନ୍
ଅଽଉଅ । ଆମେନ୍ । (aiōn g165)

4 ମାପ୍ରୁର୍ ସେବାର୍ ଗିନେ ଇସ୍ୱରାର୍ କଽୟ୍ଦି ମୁୟ୍ଁ ପାଉଲ୍,
ମୁୟ୍ଁ ତୁମିମଽନ୍କେ ଗଽଉଆରି କଽରୁଲେ, ଇସ୍ୱର୍ କୁଦ୍ଲାକ୍
ତୁମିମଽନ୍ ଆସିଆଚାସ୍, ସେତିର୍ ଜୟଽଗ୍ ଚାଲାଚାଲ୍ତି କଽରା
। 2 ତଽବେ ସଽବୁ ରଽକମାର୍ ଲକ୍କେ ଦିର୍, ସୁସାର୍ ଆର୍
ଜଽବର୍ ମୁର୍ଚି ସଽବୁ ସଽମ୍ବାଳି ଏକ୍ଲା ଆରେକ୍ ଏକ୍ଲାକେ ଲାଡ୍
ଦଽକାଉଆ । 3 ଗଟେକ୍ ଅୟ୍ ସୁସ୍ତାୟ୍ ରେଉଁକେ ଦିଆନ୍ ଦିଆସ୍
ଜୁୟ୍ରିକି ଆତ୍ମା ଦିଲା ସାନ୍ତି ଗଟେ ତଽୟ୍ ବାନ୍ଦି ରଽକେଦ୍ ।
4 ଅଽମାର୍ ଗଟେକ୍ ଗଽଗାଲ୍, ଆତ୍ମା ହେଁ ଗଟେକ୍; ଆରେକ୍
ଗଟେକ୍ ବଽର୍ସା ଦଽୟ୍ ଇସ୍ୱର୍ ଅଽମିମଽନ୍କ୍ କୁଦିଆଚେ । 5
ଗଟେକ୍ ମାପ୍ରୁ, ଗଟେକ୍ ବିସ୍ୱାସ୍, ଗଟେକ୍ ବାପ୍ତିସମ୍ । 6 ସଽବୁ
ଲକାର୍ ଇସ୍ୱର୍ ଆର୍ ଉବା ଗଟେକ୍; ସେ ସଽବ୍କାର୍ ମାପ୍ରୁ,
ସେ ସଽବାର୍ ହାକ୍ ଆର୍ ସଽବାର୍ ମଽନ୍ ବିତ୍ରେ ଆଚେ । 7
କ୍ରିସ୍ଟ ଦିଲା ହଽର୍କାରେ ଆମିମଽନ୍ ସଽବୁ ଲକ୍ ଗଟେକ୍ ଗଟେକ୍
ଆତ୍ମାର୍ ଦାନ୍ ହାୟ୍ଆଚୁ । 8 ଦଽର୍ମ୍ ସାସ୍ତରେ ଇ କଽତା ଲେକା
ଆଚେ, “ଜଽଡେବଽଲ୍ ସେ ଉହ୍ରେ ଗଽଲା, ତାର୍ ସଽଙ୍ଗ୍ ଗାଦେକ୍
କଽୟ୍ଦିକେ ବାନ୍ଦିକଽରି ସେ ନିଲା, ଆରେକ୍ ମାନାୟ୍ମଽନ୍କେ
ଗାଦେକ୍ ଆତ୍ମାର୍ ବର୍ ଦିଲା ।” 9 “ସେ ଉହ୍ରେ ଗଽଲା,” ଇତିର୍
ଅଽର୍ତ୍ କାୟ୍ରି? ଇତିର୍ ଅଽର୍ତ୍, ହଽର୍ତୁ ସେ, ହୁର୍ତିବିର୍ ତଽଳେ
ଉତ୍ରି ରିଲା । 10 ତଽବେ ଜେ ଉତ୍ରିରିଲା, ସେ ଜଽନ୍କଽରି ସଽବୁ
ଜଽଗତ୍କେ ତାର୍ ମୁଏଁ ହୁର୍ନ୍ କଽରେଦ୍, ଇତାର୍ ଗିନେ ସେ
ହେଁ ସଽର୍ଗେ ଗଽଲା । 11 ସେ କଽତିଲକେ ବର୍ ଦଽୟ୍ ଆଚେ
କାକେ କାକେ ପେରିତ୍, କଽତିଲକେ ବାବ୍ବାଦି, କଽତିଲକେ
ନିକ କବୁର୍ ପର୍ଚାର୍କଽରୁ, ଆରେକ୍ କଽତିଲକେ ପାସ୍ଟର୍ ଆର୍
କଽତିଲକେ ସିକାଉଁକେ ବାଚିଆଚେ । 12 କ୍ରିସ୍ଟର୍ ଗଽଗାଲ୍ ତିଆର୍
କଽରୁକେ ମାପ୍ରୁର୍ ସେବା କାମ୍ ହାୟ୍ ଇସ୍ୱରାର୍ ଲକ୍ମଽନ୍କେ
ତିଆର୍ କଽରୁକେ ସେ ଇରି କଽରିଆଚେ । 13 ସେତାର୍ ଗିନେ
ଅଽମି ସଽବୁଲକ୍ ଅଽମାର୍ ବିସ୍ୱାସେ ଆର୍ ଇସ୍ୱରାର୍ ହୟ୍ସି
ଜିସୁର୍ କଽତାର୍ ଗିଆନେ ଗଟେକ୍ ଦଽଲ୍ ଅଽଉଁନ୍ଦ, କ୍ରିସ୍ଟର୍
ହର୍ ଅୟ୍କଽରି ଅଽମି ହୁର୍ନ୍ ଅଽଉଁନ୍ଦ 14 ହିଲାମଽନାର୍ ହର୍
ଅଽମି ଅଽଉଁ ନଽଚୁଆଁ । ହଽବନେ ଆର୍ ଉଲାଲେ ହଽତିତର୍
ଏଣେ ତେଣେ ଅଽଉତା ହର୍ ଲକେ ବିନ୍ କଽତା ସିକାୟ୍ ନେତା
ଟକୁଆମଽନାର୍ ଚଽଲାକି ସିକ୍ୟାୟ୍ ଗାବ୍ରା ଅଽଉଁ ନଽଚୁଆଁ ।
15 ମଽତର୍ ଲାଡେ ସଽତ୍ କୟ୍ ସଽବୁ ବିସୟେ କ୍ରିସ୍ଟର୍ ତଽୟ୍
ଅଽମିମଽନ୍ ବାଡୁଆଁ, ସେତ ତ ମୁଣ୍ଡ ହର୍ । 16 ତାର୍ ଆୟ୍ତେ
ଗଽଗାଲାର୍ ବିନ୍ ବିନ୍ ଅଽଙ୍ଗ୍ମଽନ୍ ଗଟେକ୍ ତଽୟ୍ ଜଳିଅଽଉତି
ଆର୍ ସେତି ରେତା ସଽନ୍ଦିମଽନାର୍ ଲାଗି ସଽଜାୟ୍ ଅୟ୍ ସଽବୁ
ଗଽଗାଲ୍ ହାଜି ଅୟ୍ଦ୍ । ସେତାକ୍ ସଽବୁ ଅଽଙ୍ଗ୍ମଽନ୍ ନିଜାର୍
କାମ୍ ଟିକ୍ ବାବେ କଽରୁଲାକେ ସଽବୁ ଗଽଗାଲ୍ ନିଜେ ଲାଡେ
ବାଡେଦ୍ । 17 ତଽବେ ମାପ୍ରୁ ନାଉଁଏ ମୁୟ୍ଁ ତୁମିମଽନ୍କେ ଜଽଗ୍ରାତ୍
କଽରାଉଁଲେ, ଅଜିଉଦି ଲକମଽନାର୍ ହର୍ ଜିବନ୍ କାଟା ନାୟ୍ ।
ସେମଽନ୍କାର ବାବ୍ନା କଽରାବ୍ 18 ଆର୍ ସେମଽନ୍କାର ମଽନ୍
ବାବ୍ନା ଅଽନ୍ଦାରେ ଆଚେ । ଇସ୍ୱର୍ ଦିଲା ଜିବନେ ସେମଽନ୍କାର
କାୟ୍ରି ହେଁ ବାଗ୍ ନାୟ୍ । କାୟ୍ତାକ୍ବଽଲେକ୍ ସେମଽନ୍ ମୁଲ୍କେ
ନଜାଣ୍ତି ଆର୍ ଅମାନ୍ୟାକାରି । 19 ସେମଽନ୍ ଲାଜ୍ ନୟ୍ଲାର୍,
ଅବଦ୍ର, ଆର୍ ମୁକ୍ତ ବାବେ ସଽବୁ ରଽକମ୍ ବିଟାଲ୍ କାମେ ଲାଗି
ରେତି । 20 ମଽତର୍ ତୁମିମଽନ୍ କ୍ରିସ୍ଟର୍ ତଽୟ୍ହୁଣି ସେ ରଽକମ୍
ନଽସିକାସ୍ । 21 ତୁମିମଽନ୍ ବାୟ୍ଦ୍ରେ ତାର୍ ବିସୟ୍ ସୁଣି
ଆଚାସ୍ ଆର୍ ଜିସୁର୍ ବିସୟେ ସଽତ୍ ହଽର୍କାରେ ତାର୍ ସଽଙ୍ଗେ
ରଽୟ୍ ସଽତ୍ ସିକ୍ୟା ହାୟ୍ଆଚାସ୍ । 22 ତଽବେ ଜୁୟ୍ ହଽର୍ନା
ଚାଲ୍ଚାଲ୍ତି ଦଽରି ତୁମିମଽନ୍ ଜିବନ୍ ଜିଉତି ରିଲାସ୍, ସେରି
ଚାଡିଦିଆସ୍, ବଽଲେକ୍ ତାର୍ ଟକ୍ତାର୍ ଲାଲ୍ସା ଗିନେ ତୁମାର୍
ଆତ୍ମା ନଽସ୍ଟ ଅଽଉତି ରିଲି । 23 ତୁମାର୍ ମଽନ୍ ଆର୍ ଜିବନ୍
ହୁରାହୁରି ନଽଉଆଁ ଅଽଉତା ଦଽର୍କାର୍ । 24 ଇସ୍ୱରାର୍ ହର୍
ତିଆର୍ ଅୟ୍ଲାର୍ ନଽଉଆଁ ଆତ୍ମା ହାଉଆ । ସେରି ତୁମାର୍ ଦଽର୍ମ୍
ଆର୍ ସଽତ୍ ପବିତ୍ର ବିସୟ୍ ଜିବନେ ଦକାଜଽଉଅ । 25 ମିଚ୍
କଽଉଆ ନାୟ୍, ଜିସୁର୍ ଲକମଽନ୍ ସଽବ୍କେ ସଽତ୍ କଽଉତା
ଦଽର୍କାର୍; ବଽଲେକ୍ ଅଽମିମଽନ୍ କ୍ରିସ୍ଟର୍ ଗଽଗାଲାର୍ ଗଟ୍ ଗଟ୍
ଅଽଙ୍ଗ୍ । 26 ରିସା ଅୟ୍ଲେକ୍ ହାହ୍ କଽରା ନାୟ୍; ବେଲ୍ ବୁଡ୍ତା
ଆଗ୍ତୁ ତୁମାର୍ ରିସା ଚାଡିଦିଆସ୍ । 27 ଆରେକ୍ ସୟ୍ତାନ୍କେ
ଟାଣ୍ ଦିଆସ୍ ନାୟ୍ । 28 ଚର୍ ଆରେକ୍ ଚର୍କାମ୍ କଽର ନାୟ୍,
ସଽତ୍ ଉପାୟେ ନିଜାର୍ ଗିନେ ଅଽର୍ଜୁକ୍ ଆର୍ ଗଽରିବ୍ମଽନ୍କେ
ଉହ୍କାର୍ କଽରୁକେ ସେ କାମ୍ କଽର୍ । 29 ତୁମାର୍ ଟଣ୍ଡେ ହୁଣି
କଽରାବ୍ କଽତା ନଽବାରାଅ । ତୁମାର୍ କଽତା ବଽଡେ ନିକ,
ଉହ୍କାର୍ ଆର୍ ଲାବ୍ ଦେତାରି ଅଽଉଅ । ତଽବେ ଜୁୟ୍ ମଽନ୍
ତୁମାର୍ କଽତା ସୁଣ୍ତି, ସେମଽନାର୍ ଗିନେ ସେରି ଦଽୟ୍ାର୍ ବିସୟ୍
ଅୟ୍ଦ୍ । 30 ଇସ୍ୱରାର୍ ପବିତ୍ର ଆତ୍ମାକେ ଦୁକ୍ ଦିଆସ୍ ନାୟ୍
। ବଽଲେକ୍ ପବିତ୍ର ଆତ୍ମା ତୁମାର୍ ଉହ୍ରେ ଇସ୍ୱରାର୍ ମୁଦ୍ରାଚିନ୍
ହର୍, ବାୟ୍ଦ୍ରେ ଗଟ୍ଦିନ୍ ଆସେଦ୍, ଇସ୍ୱର୍ ତୁମାର୍ ମୁକ୍ତି ସାଦୁନ୍
କଽରେଦ୍ ସେ ଆତ୍ମା ଇସ୍ୱର୍ ଅଽଦିକାର୍ କଽର୍ତା ଚିନ୍ । 31 ସଽବୁ
ରଽକମାର୍ ହିତାକଽସା, ରିସା ଆର୍ ଲିନ୍ଦା ଆର୍ ସଽବୁ ରଽକମାର୍
ଡାରା ତୁମିମଽନାର୍ ତଽୟ୍ ହୁଣି ଦୁର୍ କଽରା । 32 ଆର୍ ସଽବୁର୍
ହାଁୟ୍ ଦଽୟ୍ାକାରି ଅଽଉଆ, ଆର୍ କଽଉଁଣା ମଽନ୍ ଅଽଉଅ ଆର୍
କ୍ରିସ୍ଟର୍ ଗିନେ ଇସ୍ୱର୍ ତୁମିମଽନ୍କେ ଜଽନ୍କଽରି ଅଽଡେକ୍ ନିକ
କେମା କଽରି ଆଚେ ତୁମିମଽନ୍ହେଁ ସେନ୍କଽରି ସଽବ୍କେ କେମା
କଽରା ।

5 ତୁମିମଽନ୍ ଇସ୍ୱରାର୍ ଲାଡାର୍ ହିଲାମଽନ୍, ତଽବେ ତାର୍ ହର୍
ଅଽଉଁକେ ଚେସ୍ଟା କଽରା । 2 କ୍ରିସ୍ଟ ଜଽନ୍କଽରି ଅଽମିମଽନ୍କ୍

ଲାଡ୍ କଃଲା ଆର୍ ଇସ୍ୱର୍‌କେ ସଃର୍ଦା କଃରୁକେ ନିଜାର୍ ଜିବନ୍‌କେ
ଅଃମାର୍ ଗିନେ ବାସ୍ନା ବେଟି ଆର୍ ହୁଜା ହର୍ ସଃହ୍ରି ଦିଲା,
ତୁମିମଃନ୍ ହେଁ ସେ ରଃକମ୍ ଜିବନ୍ କାଟା । 3 ତୁମିମଃନ୍ ଇସ୍ୱରାର୍
ଲକ୍ ସେତାର୍ ଗିନେ ତୁମାର୍ ବିତ୍ରେ ଦାରିକାମ୍ ସଃବୁ ରଃକମ୍
ବିଟାଲ୍ କି ଲଃବ୍ ଅଃଳକ୍ ହେଁ ନଃରେଅ । 4 ଆରେକ୍ ଜୁୟ୍‌ସଃବୁ
ଲଳା ନାୟ୍, ଇରଃକମ୍ ତୁମାର୍ ବିତ୍ରେ ହିତାକଃସା ବାସା, ଅଃସାର୍
କଃତା ଟାପ୍ରାକିଆଲି ତୁମାର୍ ବିତ୍ରେ ନଃଉଆଁ, ମଃତର୍ ତୁମାର୍
ସଃବୁ କଃତାୟ୍ ଇସ୍ୱର୍‌କେ ଦନ୍ୟବାଦ୍ ଦେତିରିଆ । 5 ବଃଲେକ୍
ତୁମିମଃନ୍ ବାୟ୍‌ଦ୍‌ରେ ଜାଣା ଜେ, ଦାରିକାମ୍ କଃରୁମଃନ୍, ବିଟାଲ୍
ଜିବନ୍ କାଟୁ କି ଦଃନ୍‌ଲଃବି ସେ ତ ମୁର୍ତି ହୁଜାକଃରୁ ଏମଃନ୍ କ୍ରିସ୍ଟ
ଆର୍ ଇସ୍ୱରାର୍ ରାଇଜେ ଜଃଉଁ ନଃହାର୍‌ତି । 6 ଅଃର୍ଥ୍ ନୟ୍‌ଲା
କଃତା କୟ୍ କେ ତୁମିକେ ନଃବୁଲ୍‌କାଅ, ବଃଲେକ୍ ଇରଃକମ୍
କଃରାବ୍ କାମ୍ ଗିନେ ଜୁୟ୍ ଲକ୍‌ମଃନ୍ ଇସ୍ୱରାର୍ ବଲ୍ ମାନ୍‌ତି
ସେମଃନ୍‌କେ ଇସ୍ୱର୍ ଦଃଣ୍ଡ ଦଃୟ୍‌ଦ୍ । 7 ଇବାନ୍ୟା ଲକ୍‌ମଃନାର୍
ସଃଙ୍ଗ୍ ଅଃଉଆ ନାୟ୍ । 8 ତୁମିମଃନ୍ ହୁର୍ବେ ଅଃନ୍ଦାରେ ରିଲାସ୍,
ମଃତର୍ ଅଃବେ ମାପ୍ରୁର୍ ଅୟ୍‌ଲାକ୍ ତୁମିମଃନ୍ ଉଜାଳେ ଆଚାସ୍
। ତଃବେ ତୁମିମଃନ୍ ଉଜାଳାର୍ ହିଲାମଃନ୍‌କାର୍ ହର୍ ଜିବନ୍
କାଟା । 9 ଇରି ଗଟ୍ ଉଜାଲ୍ ବଃଲେକ୍ ସଃବୁ ରଃକମାର୍
ନିକରି, ଦଃର୍ମି, ସଃତ୍‌ରି ଜଃବର୍ ହଲ୍ ଆଣେଦ୍ । 10 ମାପ୍ରୁ
କାୟ୍‌ରି ମଃନ୍‌କଃରୁଲା, ସେରି ତୁମିମଃନ୍ କଜା । 11 ଲକମଃନ୍
ଅଃନ୍ଦାରେ ଜୁୟ୍ ସଃବୁ ଅଃସାର୍ କାମ୍ କଃରୁଲାୟ୍, ସେନ୍‌କା
କାମାର୍ ବାଗିଦାରି ଅଃଉଆ ନାୟ୍, ଆରେକ୍ ସେମଃନାର୍ ଦଃସ୍
ସଃବୁ ଉଜାଳେ ଦଃକାୟ୍ ଦିଆସ୍ । 12 ବଃଲେକ୍ ସେମଃନ୍
ଜାୟ୍‌ରି ସଃବୁ ଲୁକ୍‌ଣେ କଃର୍ତି, ସେସଃବୁ କଃତା କଃଉଁକେ ହେଁ
ଲାଜାର୍‌କଃତା । 13 ଜଃଡେବଃଲ୍ ସଃବୁ କଃତା ଉଜାଳେ ଆଣା
ଅୟ୍‌ଦ୍, ସଃଡେବଃଲ୍ ସେମଃନାର୍ ସଃତ୍ ଗୁଣ୍ ନିକକଃରି ଜାଣା
ହଃଳେଦ୍ । 14 ବଃଲେକ୍ ଉଜାଲ୍ ସଃବୁ ବିସୟ୍‌କେ ନିକକଃରି
ଦଃକାୟ୍‌ଦ୍ । ସେତାର୍ ଗିନେ ଲେକା ଆଚେ, "ଏ ନିଦଳାମଃନ୍
ଚେତା ଅଃଉଆ, ମଃଲା ଲକ୍ ମଃଲାତ୍‌ୟ୍ ହୁଣି ଉଟା, କ୍ରିସ୍ଟ
ତୁମିକେ ଉଜାଲ୍ ଦଃୟ୍‌ଦ୍ ।" 15 ତଃବେ ତୁମି କଃନ୍‌କଃରି
ଚାଲ୍‌ଚାଲ୍‌ତି କଃରାସ୍, ସେ ବିସୟେ ଜଃଗ୍ରାତ୍ ଅଃଉଆ, ମୁର୍କ୍
ହର୍ ନାୟ୍ ଗ୍ୟାନି ହର୍ ଚାଲାଚାଲ୍‌ତି କଃରା । 16 ନିକ କାମ୍
କଃରୁକେ ବେଳା ମିଲ୍‌ଲେକ୍ ଏଳା ଅଃଉଆ ନାୟ୍, ବଃଲେକ୍
ଇରି ନିକ ନୟ୍‌ଲା କାଲ୍ ଆସୁଲି । 17 ତଃବେ ମୁର୍କ୍ ନଃୟ୍‌କଃରି
ମାପ୍ରୁର୍ ଇଚା କାୟ୍‌ରି ସେରି ବୁଜା । 18 ମଃଦ୍ କାୟ୍ ମାତା
ନାୟ୍, ବଃଲେକ୍ ସେରି ତୁମାର୍ ସଃବୁ ନାସ୍ କଃରେଦ୍, ମଃତର୍
ପବିତ୍ର ଆତ୍ମାୟ୍ ହୁର୍ନ୍ ଅଃଉଆ । 19 ବଜନ୍ ଗିତ୍, ତୁତିଗାନ୍ ଆର୍
ବକ୍ତି ଗିତ୍ କୟ୍ ସଃବ୍‌କେ ସଃର୍ଦା କଃରାଉଆ । ତୁମାର୍ ମଃନ୍
ବିତ୍ରେ ହୁଣି ମାପ୍ରୁର୍ ଗିନେ ବଜନ୍ ଆର୍ ପବିତ୍ର ଗିତ୍ କଃଉଆ
। 20 ସଃବୁବଃଲ୍ ସଃବୁ ବିସୟ୍ ହାୟ୍ ମାପ୍ରୁ ଜିସୁ କ୍ରିସ୍ଟ ନାଉଁଏ
ଉବା ଇସ୍ୱର୍‌କେ ଦନ୍ୟବାଦ୍ ଦିଆସ୍ । 21 କ୍ରିସ୍ଟ‌କେ ମାନି ମାଇଜି
ଅଃଣ୍ଡାର୍ ତଃଳିଆ ଅଃଉଅ ଆର୍ ଅଃଣ୍ଡା ମାୟ୍‌ଜିର୍ ତଃଳିଆ
ଅଃଉଅ । 22 ଏ ମାୟ୍‌ଜିମଃନ୍ ତୁମିମଃନ୍ ଜଃନ୍‌କଃରି ମାପ୍ରୁର୍
ତଃଳିଆ, ସେନ୍‌କଃରି ନିଜାର୍ ନିଜାର୍ ଅଃଣ୍ଡାର୍ ତଃଳିଆ ଅଃଉଆ
। 23 ବଃଲେକ୍ କ୍ରିସ୍ଟ ଜଃନ୍‌କଃରି ମଣ୍ଡଳିର୍ ମୁଣ୍ଡ ହର୍, ଅଃଣ୍ଡା ହେଁ
ମାୟ୍‌ଜିର୍ ମୁଣ୍ଡ ହର୍, ଆରେକ୍ କ୍ରିସ୍ଟ ଅଃହ୍‌ଣାର୍ ଗଃଗାଲ୍‌ହର୍
ମଣ୍ଡଳିର୍ ମୁକ୍ତିକାରି । 24 ହେଁ ମଣ୍ଡଳି ଜଃନ୍‌କଃରି କ୍ରିସ୍ଟର୍
ତଃଳିଆ, ସେନ୍‌କଃରି ମାୟ୍‌ଜିମଃନ୍ ହେଁ ସଃବୁ ବିସୟେ ଅଃହ୍‌ଣା
ଅଃହ୍‌ଣାର୍ ଅଃଣ୍ଡାର୍ ତଃଳିଆ ଅଃଉଅତ୍ । 25 ଏ ଅଃଣ୍ଡାମଃନ୍,
କ୍ରିସ୍ଟ ଜଃନ୍‌କଃରି ମଣ୍ଡଳିକେ ଲାଡ୍ କଃରି, ତାର୍ ଗିନେ ନିଜାର୍
ଜିବନ୍ ଦିଲା, ତୁମିମଃନ୍ ହେଁ ଟିକ୍ ସେନ୍‌କଃରି ନିଜାର୍ ନିଜାର୍
ମାୟ୍‌ଜିମଃନ୍‌କେ ଲାଡ୍ କଃରା । 26 କ୍ରିସ୍ଟ ମଣ୍ଡଳିକେ ବାକ୍ୟ
ଆର୍ ହାଣାୟ୍ ଦୟ୍ ନିର୍ମୁଲ୍‌କଃରି ଇସ୍ୱର୍‌କେ ଦିଲା, 27 ଆରେକ୍
ମଣ୍ଡଳିକେ ଜଃଜ୍‌ମାନ୍ ସଃଙ୍ଗ୍ ପବିତ୍ର, ନିର୍ଦସି ଦାଗ୍ ନାୟ୍ ଆର୍
ସୁନ୍ଦର୍‌କଃରି ନିଜାର୍ କଃଲା । 28 ଅଃଣ୍ଡାମଃନ୍ ହେଁ ନିଜାର୍ ନିଜାର୍
ମାୟ୍‌ଜିମଃନ୍‌କେ ନିଜାର୍ ନିଜାର୍ ଗଃଗାଲ୍ ହର୍ ଲାଡ୍ କଃର୍ତା
ଦଃର୍‌କାର୍, ଜେ ନିଜାର୍ ମାୟ୍‌ଜିକ୍ ଲାଡ୍ କଃରେଦ୍, ସେ ନିଜ୍‌କେ
ଲାଡ୍ କଃରେଦ୍ । 29 କେ ହେଁ ନିଜାର୍ ଗଃଗାଲ୍‌କେ ଗିଣ୍ ନଃକେର୍
ମଃତର୍ ଗଃଗାଲାର୍ ହସ୍‌ହାଲ୍ କଃରେଦ୍ ଆର୍ ତାର୍ ଜଃତୁନ୍
କଃରେଦ୍, ସେନ୍‌କଃରି କ୍ରିସ୍ଟ ମଣ୍ଡଳିର୍ ଜଃତୁନ୍ ନେଉଁଲା । 30
କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍ ତାର୍ ଗଃଗାଲାର୍ ଅଃଙ୍ଗ୍‌ମଃନ୍
। 31 ସାସ୍ତ୍ରେ ଲେକା ଆଚେ- ଅଃଣ୍ଡା ଆୟ୍ସା ଉବାକେ ଚାଡି
ନିଜାର୍ ମାୟ୍‌ଜି ସଃଙ୍ଗ୍ ଗଟେକ୍ ଅଃଉତି, ଆର୍ ସେ ଦୁୟ୍‌ଲକ୍ ମିସି
ଗଟେ ଗଃଗାଲ୍ ଅଃଉତି । 32 ଇରି ଗଟେକ୍ ବିତ୍ରିକଃତା, ମଃତର୍
ମୁୟ୍ଁ କ୍ରିସ୍ଟ ଆର୍ ମଣ୍ଡଳି ବିସୟେ ଇରି କଃଉଁଲେ । 33 ମଃତର୍
ଇରି ତୁମିମଃନାର୍ ଗିନେ ହେଁ ଦଃର୍‌କାର୍, ସଃବୁ ଅଃଣ୍ଡା ନିଜାର୍
ମାୟ୍‌ଜିକ୍ ଜିବନ୍ ହର୍ ଲାଡ୍ କଃର, ଆର୍ ସଃବୁ ମାୟ୍‌ଜିମଃନ୍
ନିଜାର୍ ଅଃଣ୍ଡାକେ ମାନ୍‌ତି କଃର ।

**6** ଏ ହିଲାମଃନ୍, ମାପ୍ରୁର୍ ଗିନେ ନିଜାର୍ ନିଜାର୍ ଆୟ୍ସାଉବାର୍
ବଲ୍ ମାନ୍‌ତାର୍ ଟିକ୍; 2 ବଃଲେକ୍ ସେରି ଟିକ୍ କଃତା ।
ନିଜାର୍ ଆୟ୍ସା ଉବାକ୍ ମାୟ୍‌ନ୍ କଃରା, ସେରି ବିଦିଏ ସଃୟ୍‌ତ୍
କଃରି କଃଉଆ ଅୟ୍‌ଆଚେ । 3 ଜଃନ୍‌କଃରି ତୁମାର୍ ଉହ୍‌କାର୍
ଅୟ୍‌ଦ୍ ଆର୍ "ତୁମିମଃନ୍ ହୁର୍ତିବିଏ ବୁଡେକ୍ ବଃର୍ସ୍ ବାଚାସ୍ ।" 4
ଆରେକ୍ ଏ ଆୟ୍ସା ଉବାମଃନ୍, ନିଜାର୍ ନିଜାର୍ ହିଲାମଃନ୍‌କେ
ରିସା କଃରା ନାୟ୍, ମଃତର୍ ସେମଃନ୍‌କେ ମାପ୍ରୁର୍ ଗୁଣ୍ ଆର୍
ସିକ୍ୟା ଦଃୟ୍ ବାଡାଉଆ । 5 ଏ ଗତିଦଃଙ୍ଗ୍‌ଲାମଃନ୍, ତୁମିମଃନ୍
କ୍ରିସ୍ଟର୍ ବଲ୍‌କେ ଜଃନ୍‌କଃରି ମାନୁଲାସ୍, ସେନ୍‌କଃରି ମାନ୍‌ତି
ସଃଙ୍ଗ୍, ମଃନ୍ ଦଃୟ୍‌କଃରି ଇ ଜଃଗତାର୍ ନଃର୍ ସାଉକାର୍‌ମଃନାର୍
ବଲ୍ ମାନା । 6 ସାଉକାର୍ ତୁମିକେ ଦଃକ୍‌ତି ରିଲା ବଃଲ୍
ତାର୍‌ତଃୟ୍ ବଃଲ୍ ବଃଲାୟ୍ ଅଃଉଁକେ ଇରି ନଃକେରି, କ୍ରିସ୍ଟର୍
ଗତିଦଃଙ୍ଗ୍‌ଲା ହର୍ ତୁମାର୍ ସଃବୁ ମଃନ୍‌ହଃରାଣ୍ ଦଃୟ୍ ଇସ୍ୱରାର୍
ଇଚା ହୁରୁଣ୍ କଃରା । 7 ଲକ୍‌ମଃନାର୍ ସେବା କଃରୁଲୁ ବଃଲି

ନଃବାବି ମାପ୍ରୁର୍ ସେବା କଃଲା ହର୍ ସଃର୍ଦା ମଃନେ କଃରା । 8
ଏତାଉଆ, ସେ ଗତିଦଃଙ୍ଗ୍ଲା ଅଃଉଅ କି ନିଜାର୍ ତଃଲେ ରେଉଅ
ମାପ୍ରୁ ସଃବୁ ଲକେ ତାର୍ ସଃତ୍ କାମ୍ ହାଁୟ୍ ପୁରିସ୍କାର୍ ଦଃୟ୍ଦ୍ ।
9 ଆର୍ ଏ ସାଉକାର୍‌ମଃନ୍ ସଃବୁ ତୁମାର୍ ଗତିକଃଟୁମଃନ୍‌କେ
ନିକ ବେବାର୍ କଃରା ଆର୍ ସେମଃନ୍‌କେ ଦଃମ୍‌କାଉଆ ନାୟ୍
। ମଃନେରଃକା ତୁମି ଆର୍ ତୁମାର୍ ଦଃଙ୍ଗ୍ଲାମଃନ୍ ସଃବୁଲକ୍
ସେ ସଃର୍ଗାର୍ ମାପ୍ରୁର୍ ତଃଳେ; ସେ ସଃବ୍‌କେ ସଃମାନ୍ ବିଚାର୍
କଃରେଦ୍ । 10 ସଃରାସଃରି କଃତା ଇରି, ମାପ୍ରୁର୍ ସଃକ୍ତି ହାୟ୍
ତାର୍ ବଃଳେ ତିଆର୍ ଅୟ୍ ସଃକ୍ତିମାନ୍ ଅଃଉଅ । 11 ଇସ୍ୱର୍ ଦିଲା
ସଃବୁ ଜୁଜ୍ ଆସ୍ତ୍ରି ହିନ୍ଧି ଜଃଗ୍ରାତ୍ ଅଃଉଆ, ଜଃନ୍‌କଃରି ସୟ୍‌ତାନାର୍
କୁଟ୍‌କେ ଚଃଲାକି ବିରଦେ ଟିଆ ଅଃଉଁକେ ସଃକ୍ତି ହାଉଁହାରାସ୍
। 12 ବଃଲେକ୍ ଅଃମିମଃନ୍ ଇ ଜଃଗତାର୍ ମାନାୟ୍ ମଃନାର୍
ବିରଦେ ଜୁଜ୍ ନଃକେରୁ; ଅଃମି ଅଃଗାସାର୍ ସୟ୍‌ତାନାର୍ ସଃକ୍ତି
ଆର୍ ଇ ଅଃନ୍ଧାର୍ ଜୁଗାର୍ ସାସନ୍‌କଃର୍ତା, ଅଃଦିକାରି ଆର୍ ସଃବୁ
ହୁର୍ଟିବିର୍ ସଃକ୍ତି ବିରଦେ ଜୁଜ୍ କଃରୁଲୁ । (aiōn g165) 13 ତଃବେ
ଅଃବେ ଇସ୍ୱର୍ ଦିଲା ଜୁଜ୍ ସାଜଃବାଜ୍ ହିନ୍ଧା, ତଃନ୍‌ଅଃୟ୍‌ଲେକ୍
ବିପ୍‌ତି ବଃଳ୍ ତୁମିମଃନ୍ ସଃତ୍ରୁ ଜୁଜ୍ କଃରୁକେ ଆୟ୍‌ଲେକ୍ ଚେକୁ
ହାରାସ୍ ଆର୍ ସଃରାସଃରି ହଃତେକ୍ ଜୁଜ୍ କଃରି ଅଃଟୁଆ ରେଉଁ
ହାରାସ୍ । 14 ତଃବେ ସଃତ୍‌ହର୍ ଅଃଟାବିଳା ବାନ୍ଧି, ଦଃର୍ମି
ବୁକ୍‌ହାଟା ହିନ୍ଧା, 15 ହାଦେ ସୁସ୍ତାର୍ ନିକ କବୁର୍ ହର୍ ହାଣ୍ଡାୟ୍
ହିନ୍ଧି ଅଃଟୁଆ ଅୟ୍‌ରିଆ । 16 ଜଃନ୍‌କଃରି ସୟ୍‌ତାନାର୍ ଜୟ୍‌ବାଣ୍
ସଃବୁ ଲିବାଉଁକେ ସଃକ୍ତି ହାଉଆସ୍ ଇତାର୍ ଗିନେ ବିସ୍ୱାସ୍‌ହର୍
ଡାହୁଣ୍ ଦଃରା । 17 ଆରେକ୍ ମୁକ୍ତିର୍ ହର୍ ମୁଣ୍ଡ ଟହ୍ରି ହିନ୍ଧା ଆର୍
ପବିତ୍ର ଆତ୍ମା ଦିଲା ବଃଲେକ୍ ଇସ୍ୱରାର୍ ବାକ୍ୟହର୍ କଃଣ୍ଡା ଦଃରା
। 18 ପାର୍ଥନା ଆର୍ ଗଃଉଆରି ସଃଙ୍ଗ୍ ସଃବୁବଃଳ୍ ପବିତ୍ର ଆତ୍ମାର୍
ଉହ୍‌କାରେ ପାର୍ତନା କଃରା, ଆରେକ୍ ସଃବୁ ସାଦୁମଃନାର୍ ଗିନେ
ଚେତା ରଃୟ୍ ପାର୍ଥନା କଃରା । 19 ଆର୍ ମର୍ ଗିନେ ହେଁ ପାର୍ଥନା
କଃରା, ଜଃନ୍‌କଃରି ନିକ କବୁରାର୍ ବିତ୍ରିକଃତା ଜାଣାଉଁକ୍ ଆର୍
ନଃଡିରି ସେରି ପର୍ଚାର୍ କଃରୁକେ ଇସ୍ୱର୍ ମକ୍ ଟିକ୍ ବାକ୍ୟ ଦଃୟ୍ଦ୍
। 20 ଅଃବେ ସିକ୍ଲାୟ୍ ବାନ୍ଧାୟ୍ ଅୟ୍‌ରିଲେକ୍ ହେଁ ମୁଁ ନିକ କବୁର୍
ଗିନେ ଗଟେକ୍ କବୁର୍ କାରିଆ । ପାର୍ଥନା କଃରା, ଜଃନ୍‌କଃରି
ମୁୟ୍ଁ ସାସ୍ ସଃଙ୍ଗ୍ ଟିକ୍ ବାବେ ନିକ କବୁର୍ ପର୍ଚାର୍ କଃରୁ ହାରିନ୍ଧ ।
21 ମର୍ ଜୁଆର୍ ବଃଲେକ୍ ମୁୟ୍ଁ କଃନ୍‌କାର୍ ଆଚି, ଇରି ତୁମିମଃନ୍
ଜାଣୁ ହାରାସ୍, ଇତାର୍ ଗିନେ ଲାଡାର୍ ବାୟ୍ ଆର୍ ମାପ୍ରୁର୍ କାମେ
ବିସ୍ୱାସାର୍ ଜୟ୍‌ଗ୍ ସେବାକାରି ତୁକିକ, ସେ ତୁମିମଃନ୍‌କେ ସଃବୁ
କଃତା ଜାଣାୟ୍ଦ୍ । 22 ଅଃମି ସଃବୁଲକ୍ କଃନ୍‌କାର୍ ଆଚୁ, ସେ
କଃତା କୟ୍ ତୁମିମଃନ୍‌କେ ମଃନ୍‌ବିତ୍ରେ ସଃର୍ଦା କଃର୍ତା ହାଁୟ୍ ମୁୟ୍ଁ
ତାକେ ତୁମିମଃନାର୍ ହାକ୍ ହଃଟାୟ୍ ଆଚି । 23 ଉବା ଇସ୍ୱର୍
ଆର୍ ମାପ୍ରୁ ଜିସୁ କ୍ରିସ୍ଟ ସଃବୁ ବିସ୍ୱାସି ବାୟ୍ ଆର୍ ବେଣିମଃନ୍‌କେ
ସୁସ୍ତା, ଲାଡ୍ ଆର୍ ବିସ୍ୱାସ୍ ଦେଉଅ । 24 ଜଃତେକ୍ ଲକ୍ ଅଃମାର୍
ମାପ୍ରୁ ଜିସୁ କ୍ରିସ୍ଟକେ କଃବେ ନଃସେର୍ତା ଲାଡେ ଲାଡ୍ କଃରୁଲାୟ୍,
ସେମଃନ୍‌କେ ଇସ୍ୱରାର୍ ଦଃୟା ଅଃଉଅ ।

# ପିଲିପିୟ

1 ପିଲିପି ମଣ୍ଡଳିର୍ ମୁଲିକାମଃନ୍‌କେ, ସାଦୁମଃନ୍‌କେ ଆର୍
ସଃବୁ କ୍ରିସ୍ଟ ବିସ୍ୱାସିମଃନ୍‌କେ କ୍ରିସ୍ଟ ଜିସୁର୍ ସେବାକାରି ପାଉଲ୍
ଆର୍ ତିମତିର୍ ଚିଟି । 2 ଅଃମାର୍ ଉବା ଇସ୍ୱର୍ ଆର୍ ମାପ୍ରୁ
ଜିସୁ କ୍ରିସ୍ଟର୍ ତଃୟ୍‌ହୁଣି ଦଃୟା ଆର୍ ସୁସ୍ତା ତୁମିମଃନାର୍ ଉହ୍ଦେ
ଅଃଉଅ । 3 ମୁୟ୍ ତୁମିମଃନ୍‌କେ ଜଃତି ତର୍ ଏତାୟ୍‌ନ୍ଦ, ସଃତି
ତର୍ ମର୍ ଇସ୍ୱର୍‌କେ ଦନ୍ୟବାଦ୍ ଦେଉଁଲେ । 4 ତୁମିମଃନାର୍
ସଃବାର୍ ଗିନେ ସଃବୁବଃଲ୍ ମୁୟଁ ସଃର୍ଦାଅୟ୍ ପାର୍ତନା କଃରି
ଗଃଉଆରି କଃରୁଲେ 5 ତୁମିମଃନାର୍ ହଃର୍ତୁମ୍ ଦିନ୍ ତଃୟ୍ ହୁଣି
ଆଜି ହଃତେକ୍ ନିକ କବୁର୍ ବାଟ୍ୟା ତୁମିମଃନ୍ ଉହ୍କାର୍ କଃରି
ଆସୁଲାସ୍; 6 କାୟ୍‌ତାକ୍‌ବଃଲେକ୍ ଜେ ତୁମିମଃନାର୍ ମଃନ୍‌ବିତ୍ରେ
ନିକ କାମ୍ କଃରି ଆଚ୍‌ତି, ସେ କ୍ରିସ୍ଟ ଜିସୁର୍ ଆସ୍ତା ଦିନ୍ ହଃତେକ୍
ସେରି ସାଦୁନ୍ କଃରି ସିଦ୍ କଃରେଦ୍, ଇରି ତ ମୁୟ୍ ଅଃଟୁଆ ବାବେ
ବିସ୍ୱାସ୍ କଃରୁଲେ; 7 ଆର୍ ତୁମିମଃନାର୍ ବିସୟେ ମର୍ ଇବାନ୍ୟା
ବାବ୍‌ତା କଃତା, ତୁମିମଃନ୍ ସଃବୁ ମର୍ ବାନ୍ଧଣେ ଜଃନ୍‌କାର୍, ନିକ
କବୁରାର୍ ବାଟ୍ୟା ଆର୍ ସେତାର୍ ଟିକ୍ ହଃର୍ମାଣ୍ କଃର୍ତାର୍ ସେବାନ୍ୟା
ମର୍ ସଃଙ୍ଗ ଦଃୟାର୍ ବାଗିଦାରି, ଇତାର୍ ଗିନେ ମୁୟ୍ ତୁମିମଃନ୍‌କ୍
ମଃନ୍ ବିତ୍ରେ ଦଃରିଆଚି । 8 କାୟ୍‌ତାକ୍‌ବଃଲେକ୍ କ୍ରିସ୍ଟଜିସୁର୍
ହୁରା ଲାଡାର୍ ଦଃୟାୟ୍ ମୁୟଁ ତୁମିମଃନ୍‌କେ ସଃବ୍‌କେ ଦଃକୁକ୍
କଃଡେକ୍ ମଃନ୍‌କଃରୁଲେ, ମାପ୍ରୁ ଇ କଃତା ଜାଣୁଲା । 9 ଆର୍
ମର୍ ପାର୍ତ୍‌ନା ଇରି, ତୁମିମଃନାର୍ ଲାଡ୍, ଗିଆନ୍ ଆର୍ ସଃବୁ ନିକ
ବୁଜ୍‌ତା ସଃକ୍ତିଏ ଜଃବର୍ ଅଃଉଆ, 10 ଜଃନ୍‌କଃରି ତୁମିମଃନ୍‌କେ
ଅଃଦିକ୍ ନିକ ବିସୟ୍‌ମଃନ୍ ସଃବୁ ମଃନ୍ କଃରୁ ହାରାସ୍, ସେ ତଃନ୍
ଅୟ୍‌ଲେକ୍ ତୁମିମଃନ୍ କ୍ରିସ୍ଟର୍ ଆସ୍ତାର୍ ଦିନେ ନିର୍ମୁଲ୍ ଆର୍ ଲିନ୍ଦା
ନଃହାୟ୍ ରିଆସ୍ । 11 ଆର୍ ଇସ୍ୱରାର୍ ଜଃଜ୍‌ମାନ୍ ଆର୍ ଗୁଣ୍
ଗିତ୍ ଗିନେ ତୁମିମଃନାର୍ ଜିବନ୍ ଜିସୁ କ୍ରିସ୍ଟର୍ ଦିଲାର୍ ସଃବୁ ଦଃର୍ମ୍
ଗୁଣେ ହୁରୁଣ୍ ଅଃଉଆସ୍ । 12 ଏ ବାୟ୍‌ବେଣିମଃନ୍ ମର୍ ଗିନେ
ଜାୟ୍ ଜାୟ୍‌ରି ଗଃଟିଆଚେ ସେରି ସଃବୁ ତ ନିକ କବୁର୍ ବାଡୁକେ
ଅୟ୍‌ଆଚେ ଇରି ତୁମିମଃନ୍‌କେ ଜାଣାଉଁକେ ମୁୟ୍ ମଃନ୍‌କଃରୁଲେ;
13 ଜୁୟ୍‌ତାର୍ ଗିନେ ମକେ ବାନ୍ଧଣେ ବାନ୍ଦା ଜାୟ୍‌ଆଚେ ଇରି
କ୍ରିସ୍ଟର୍ ଗିନେ, ରଃଜାର୍ କୁଆଲ୍ ବିତ୍ରାର୍ ସଃବୁ ସଃଇନ୍ ଦଃଲ୍
ଆର୍ ବିନ୍‌ବିନ୍ ସଃବ୍‌କାର୍ ତଃୟ୍ ଜାଣାହଃଲ୍‌ଲି । 14 ଆରେକ୍
ହେଁ ଅଃଦିକ୍ ବାୟ୍‌ବେଣିମଃନ୍ ମର୍ ବାନ୍ଧଣ୍ ତଃୟ୍ ହୁଣି ମାପ୍ରୁର୍
ତଃୟ୍ ଆସା କଃରି ନଃଡିରିକଃରି ଇସ୍ୱରାର୍ କଃତା କଃଉଁକେ
ବେସି ସାସ୍ କଃରି ଆଚ୍‌ତି । 15 କେକେ ଅଃକାର୍ ଆର୍ ଲାଗାଜଳା
ଅୟ୍ କ୍ରିସ୍ଟକେ ପର୍ଚାର୍ କଃରୁଲାୟ୍ ସଃତ୍ ମଃତର୍ ଆର୍ କେକେ
ସଃତ୍‌କଃରି ସେରି କଃରୁଲାୟ୍ । 16 ମୁୟ୍ ନିକ କବୁରାର୍ ବାଟ୍ୟା
ଅୟ୍ କଃଉଁକେ ମକେ କୁଦାଜାୟ୍ ଆଚେ, ଇରି ଜାଣି ଜାଣି ଲାଡେ
କଃରୁଲେ । 17 ମଃତର୍ ବିନ୍ ଲକ୍‌ମଃନ୍ କୁଟ୍‌ବାବେ ନିଜାର୍
ଲାବ୍ ହାୟଁ କ୍ରିସ୍ଟକେ ପର୍ଚାର୍ କଃରୁଲାୟ୍ । ମୁଁୟ୍ ଜଃଇଲ୍ ଗଃରେ
ରିଲା ବଃଲ୍ ମର୍ ମଃନେ ଅଃଦିକ୍ ଦୁକ୍ ଦେଉଁକେ ସେମଃନ୍
ସିକ୍‌ଲି ସଃଙ୍ଗ ବାନ୍ଧଲାୟ୍ । 18 ସେତାକ୍ କୁଟ୍‌ମଃନେ ଅଃଉଅ କି
ସଃତ୍‌ମଃନେ ଅଃଉଅ, ଜଃନ୍‌କଃରିହେଁ ଅଃଉଅ, କ୍ରିସ୍ଟ ପର୍ଚାର୍
ଅଃଉଁଲା, ଇତାକ୍ ମୁୟଁ ସଃର୍ଦା ଅଃଉଁଲେ ହେଁ ସଃର୍ଦା କଃରିନ୍ଦ
। 19 କାୟ୍‌ତାକ୍‌ବଃଲେକ୍ ମୁୟଁ ଜାଣି, ତୁମିମଃନାର୍ ପାର୍ତନା
ଆର୍ ଜିସୁ କ୍ରିସ୍ଟର୍ ଆତ୍ମାର୍ ଉହ୍‌କାରେ ଇ ସଃବୁ ମର୍ ମୁକ୍ତିର୍
ହାଁୟ୍ ନିକ ଅୟ୍‌ଦ୍ । 20 ଇ କଃତାୟ୍ ମର୍ ଗଟେକ୍ ଆସା
ଆର୍ ବଃର୍ସା ଆଚେ, ମୁୟଁ କାୟ୍ କଃତାୟ୍ ହେଁ ଲାଜ୍ ନଃୟ୍,
ମଃତର୍ ସଃବୁବଃଲ୍ ଜଃନ୍‌କଃରି, ଅଃବେ ହେଁ ସେନ୍‌କଃରି ବଃଡେ
ସାସ୍ କଃରି ଜିବନେ ଅଃଉଅ ମଃର୍ନେ ଅଃଉଅ, କ୍ରିସ୍ଟକେ ମର୍
ଗଃଗାଲେ ଜଃଜ୍‌ମାନ୍ କଃରିନ୍ଦ । 21 ସଃତ୍‌କଃରି ମର୍ ଜିବନେ
ବାଚ୍‌ଲାବଃଲ୍ କ୍ରିସ୍ଟ ହଃକା ହଃର୍ତୁ, ତଃବେ ମର୍‌ଗିନେ ମଃର୍ନ୍‌ବୟ୍‌ଗ୍
ଲାବାର୍‌କଃତା । 22 ମଃତର୍ ଜଦି ଗଃଗାଲେ ବାଚି ରଃୟ୍ ମୁଁୟ୍
ଅଃଦିକ୍ ନିକ କାମ୍ କଃରୁ ହାରିନ୍ଦ, ତଃବେ ଜିବନ୍ କି ମଃର୍ନ୍
କାକେ ବାଚିନ୍ଦ, ଇରି ମୁଁୟ୍ ଜାଣୁ ନଃହାରୁଲେ । 23 ମୁୟଁ ଜଳେକ୍
କଃତାୟ୍ ବଃଡେ ଜଃଞ୍ଜାଳେ ହଃଳିଆଚି, ଇ ହୁରେ ହୁଣି ଜାୟ୍‌କଃରି
କ୍ରିସ୍ଟର୍ ସଃଙ୍ଗ ରେଉଁକେ ମର୍ ମଃନ୍, କାୟ୍‌ତାକ୍‌ବଃଲେକ୍ ସେରି
ବଃଡେ ଲାବ୍ । 24 ମଃତର୍ ତୁମାର୍ ଗିନେ ମୁୟଁ ଗଃଗାଲେ
ବାଚି ରେତାର୍ ନିକ । 25 ମୁୟଁ ନିକକଃରି ଇରି ଜାଣି ଆଚି,
ମୁୟଁ ରଃୟ୍‌ନ୍ଦ, ହେଁ, ବିସ୍ୱାସେ ତୁମିମଃନାର୍ ଜଃବର୍ ଅଃଉତାର୍
ଆର୍ ସଃର୍ଦାର୍ ଗିନେ ତୁମାର୍ ସଃବୁଲକାର୍ ସଃଙ୍ଗ ରଃୟଁନ୍ଦ 26
ଜଃନ୍‌କଃରି ତୁମିମଃନାର୍ ବିତ୍ରେ ମର୍ ଆରେକ୍ ରେତାର୍ ଗିନେ
ମର୍‌ଗିନେ କ୍ରିସ୍ଟର୍ ତଃୟ୍ ମିସି ତୁମିମଃନାର୍ ଗଃର୍ବ ଅଃଦିକ୍ ଅଃଉଁ
ହାରେଦ୍ । 27 ମର୍ ଇରି ଗଟେକ୍ ମଃନ୍, କ୍ରିସ୍ଟର୍ ନିକ କବୁରେ
ଜୟ୍‌ଗ୍ ଲକ୍ ହର୍ ବେବାର୍ କଃରା, ଜଃନ୍‌କଃରି ମୁୟଁ ଆସି
ତୁମିମଃନ୍‌କେ ଦଃକ୍‌ଲେକ୍ କି ନଃରେୟ୍‌କଃରିହେଁ ତୁମିମଃନାର୍
ବିସୟେ ସୁଣ୍‌ଲେକ୍ ଜାଣୁହାରି, ତୁମିମଃନ୍‌କେ ଗଟେକ୍ ଆତ୍ମାୟ୍
ତିର୍ ରଃୟ୍ ନିକ କବୁରାର୍ ବିସ୍ୱାସାର୍ ଗିନେ ଏକ୍‌ମଃନେ ଅଃକା
ସଃଙ୍ଗ ଚେସ୍ଟା କଃରୁଲାସ୍ । 28 ଆରେକ୍ କାୟ୍‌ହେଁ ବିସୟେ ବିରଦି
ମଃନ୍‌କାର୍ ଗିନେ ଡିରା ନାୟ୍; ସେରି ସେମଃନାର୍ ଗିନେ ନାସ୍
ଅଃଉତାର୍, ମଃତର୍ ତୁମାର୍ ମୁକ୍ତି ଅଃଉତାର୍ ଇସ୍ୱର୍ ଦିଲାର୍
ଗଟ୍ ଚିନ୍, 29 କାୟ୍‌ତାକ୍‌ବଃଲେକ୍ କ୍ରିସ୍ଟର୍ ତଃୟ୍ ହଃକା ବିସ୍ୱାସ୍
କଃରୁକେ ତୁମିମଃନ୍‌କେ ଦଃୟା କଃରା ଅୟ୍‌ଆଚେ ସେରି ନାୟ୍,
ମଃତର୍ ତାର୍ ଗିନେ ଦୁକ୍‌ବୟ୍‌ଗ୍ ହେଁ କଃରୁକେ ତୁମିମଃନକେ
ଦଃୟା କଃରା ଅୟ୍‌ଆଚେ । 30 ଆର୍ ମକେ ଜଃନ୍‌କଃରି ଜୁଜ୍
କଃର୍ତାର୍ ଦଃକି ରିଲାସ୍, ଆରେକ୍ ଅଃବେ କଃରୁଲେ ବଃଲି
ସୁଣୁଲାସ୍ ତୁମିମଃନ୍ ସେରଃକମ୍ ଜୁଜ୍ କଃରୁଲାସ୍ ।

2 କ୍ରିସ୍ଟର୍ ଆତ୍ମା ସଃଙ୍ଗ ମିସିରିଲାକେ ତୁମିମଃନ୍ ଜିବନେ ସଃକ୍ତି
ହାୟ୍ ଆଚାସ୍ ଆର୍ ତୁମାର୍ ଲାଡ୍ ତୁମିମଃନ୍‌କେ ଦୁକ୍
ହାସ୍ରାଉଁଲି । 2 ତଃନ୍‌ଅଲେ ତୁମିମଃନ୍ ଗଟେକ୍ ମଃନେ ଗଟେକ୍
ଲାଡେ, ଏକ୍ ମଃନ୍ ଆର୍ ଏକ୍ ବାବ୍‌ନାକାରି ଅୟ୍ ମର୍ ସଃର୍ଦା

ହୁରା କଃରା 3 ନିଜାର୍ ଲାବ୍ ହାଁୟ୍ କି ନିଜ୍‌କେ ଦଃକାୟ୍ ଅଃଉଁକେ
କାୟ୍ କାମ୍ କଃରା ନାୟ୍, ମଃତର୍ ତଃଳେହଃଳି ହଃତିଲକ୍
ବିନ୍‌ଲକେ ନିଜାର୍ ତଃୟ୍‌ହୁଣି ବଃଡ୍ ମଃନେ କଃରା । 4 ହଃତି
ଲକ୍ ଅଃହ୍‌ଣାର୍ କଃତାୟ୍ ହଃକା ଦିଆନ୍ ନଃଦେୟ୍ ବିନ୍ ଲକାର୍
କଃତା ହେଁ ଦିଆନ୍ ଦେଅ । 5 କ୍ରିସ୍ଟଜିସୁର୍ ଜଃନ୍‌କାର୍ ମଃନ୍
ରିଲି, ତୁମିମଃନାର୍ ସେହର୍ ମଃନ୍ ଅଃଉଅ । 6 ସେ ଇସ୍ୱର୍ ଅୟ୍
ହେଁ ଇସ୍ୱର୍ ସଃଙ୍ଗ ସଃମାନ୍ ରେଉଁକେ ନିଜାର୍ ହାୟ୍ଁ ଦଃରିରେତା
କଃତା ବଃଲି ନଃବାବ୍‌ଲା, 7 ମଃତର୍ ନିଜାର୍ ଇଚା ହଃର୍କାରେ
ସଃବୁ ଚାଡିକଃରି ମାନାୟ ହର୍ ଗତିଦଃଙ୍ଗ୍‌ଲା ଅୟ୍ ଅଃହ୍‌ଣାକ୍
ମଲ୍ ଗଃଣିତା ନଃକେଲା । 8 ଆରେକ୍ କୁସେ ମଃର୍ତା ହଃତେକ୍
ହେଁ, ମାୟ୍‌ନ୍‌କାରି ଅୟ୍‌କଃରି ଅଃହ୍‌ଣାକ୍ ସାନ୍ କଃଲା । 9
ଇତାର୍ ଗିନେ ଇସ୍ୱର୍ ତାକେ ସଃବ୍‌କେ ଅଃଦିକ୍ ବଃଡ୍ କଃରି
ଆଚେ, ଆରେକ୍ ସଃବ୍‌କାର୍ ନାଉଁ ତଃୟ୍‌ହୁଣି ଅଃଦିକ୍ ବଃଡ୍
ନାଉଁ ଦିଲା ଆଚେ, 10 ଜଃନ୍‌କଃରି ସଃର୍ଗ୍, ମଃୟ୍‌ଚ୍, ଆର୍
ହଃତାଳେ ରିଲା ହଃତି ଲକ୍ ଜିସୁର୍ ନାଉଁଏ ମୁଣ୍ଡିଆ ମାର୍ତି, 11
ଆରେକ୍, ଉବା ଇସ୍ୱରାର୍ ଜଃଜ୍‌ମାନାର୍ ଗିନେ ହଃତି ଜିବ୍ ଜିସୁ
କ୍ରିସ୍ଟ ମାପ୍ରୁ ବଃଲି କୟ୍‌ଦ୍ । 12 ବଃଲେକ୍ ଏ ମର୍ ଲାଡାର୍‌ମଃନ୍,
ଜଃନ୍‌କଃରି ତୁମିମଃନ୍ ସଃବୁ ବଃଳ୍ ମର୍ କଃତାମାନି ଆଚାସ୍,
ମୁୟ୍ଁ ରିଲା ବଃଳ୍ କଃଲା ହର୍ ନୟ୍, ମଃତର୍ ଅଃବେ ମୁୟ୍ଁ
ନୟ୍‌ଲା ବଃଳ୍ ହେଁ ଅଃଦିକ୍ ବିସ୍ୱାସେ ମର୍ କଃତା ମାନ୍‌ତାର୍
ଲଳା । ଆର୍ ତୁମାର୍ ମୁକ୍ତି ଅଃଉତାର୍ ଜଃନ୍‌କଃରି ହୁରା ଅୟ୍‌ଦ୍
ସେତାକ୍ ଡିରି କଃରି କାମ୍ କଃରା 13 କାୟ୍‌ତାକ୍‌ବଃଲେକ୍
ତୁମିମଃନ୍‌କେ ଇସ୍ୱରାର୍ ଇଚା ସାଦୁନ୍ କଃରୁକେ ମଃନ୍ କଃରୁକେ
ଆର୍ ଜୟ୍‌ଗ୍ କଃରୁକେ ନିଜେ ତୁମାର୍ ବିତ୍ରେ କାମ୍ କଃରେଦ୍ ।
14 ବିରଦ୍ ଆର୍ ଗାଣେଝ୍ଣ କଃତା କାଟାକାଟି ନଃୟ୍‌କଃରି ସଃବୁ
କାମ୍ କଃରା । 15 ଜଃନ୍‌କଃରି ତୁମିମଃନ୍ ନିର୍ଦସି ଆର୍ ନିର୍ମୁଲ୍
ଅୟ୍ ଇ କଃରାବ୍ ବିନ୍‌ବାଟ୍ ଜାତା ବଃଉଁସ୍ ବିତ୍ରେ ଇସ୍ୱରାର୍
ଲିନ୍ବା ନଃହାୟ୍‌ଲା ହିଲାମଃନ୍ ଅଃଉଅ, ସେମଃନାର୍ ବିତ୍ରେ
ତୁମିମଃନ୍‌କେ ଜିବନାର୍ ବାକ୍ୟ ଦଃରି ଜଃଗତେ ଉଜାଳ୍ ହର୍
ଜାଣା ହଃଲୁଲାସ୍ । 16 ବିନ୍ ଲକାର୍ ତଃୟ୍ ଜିବନ୍ କଃତା ପର୍ଚାର୍
କଃର୍ତା ବଃଳ୍ ତୁମି ଅଃଗାସ୍‌କେ ଉଜାଳ୍ କଃର୍ତାର୍ ତାରା ମଃନାର୍
ହର୍ ଉଜାଳ୍ ଅଃଉଅ । ତୁମିମଃନ୍ ଜଦି ଇରଃକମ୍ ଅଃଉଆସ୍
କ୍ରିସ୍ଟ ଆସ୍ତା ଦିନ୍ ତୁମିମଃନାର୍ ବିସୟେ ମୁୟ୍ଁ ଗଃର୍ବ୍ କଃରୁ ହାରି
କାୟ୍‌ତାକ୍‌ବଃଲେକ୍ ଇତି ଜାଣା ହଃଳେଦ୍ ମର୍ ସଃବୁ ଚେସ୍ଟା ଆର୍
କାମ୍ ହଲ୍ୟା ନାୟ୍ । 17 ଇସ୍ୱରାର୍ ସେବାକାମେ ତୁମାର୍ ବିସ୍ୱାସ୍
ତୁମିମଃନ୍ ଗଟ୍ ହୁଜାହର୍ ସେବା କଃରୁକେ ମଃନ୍ ବିତ୍ରେ ଆସେଦ୍
। ଆର୍ ଜଦି ମର୍ ବଃନି ତୁମିମଃନାର୍ ବିସ୍ୱାସାର୍ ସେବାୟ୍ ସୁର୍‌ତା
ହୁଜାକଃଲାର୍ ହର୍ ରଃକାୟ୍ ଅଃଉଁଲି, ତଃନ୍‌ଅଲେକ୍ ମୁୟ୍ଁ ସଃର୍ଦା
କଃରୁଲେ ଆର୍ ତୁମାର୍ ସଃବୁଲକାର୍ ସଃଙ୍ଗ ସଃର୍ଦା କଃରୁଲେ ।
18 ଆର୍ ସେରଃକମ୍ ତୁମିମଃନ୍ ହେଁ ସଃର୍ଦା କଃରା ଆର୍ ସେ
ସଃର୍ଦାୟ୍ ମକ୍ ମିସାଉଅ । 19 ମଃତର୍ ମୁୟ୍ଁ ତୁମିମଃନାର୍ ହାକ୍
ତିମତିକେ ବେଗି ହଃଟାୟ୍‌ନ୍ଚ ବଃଲି ମାପ୍ରୁ ଜିସୁର୍ ତଃୟ୍ ଆସା
କଃରୁଲେ, ଜଃନ୍‌କଃରି ତୁମିମଃନାର୍ ଅବୁସ୍ତା ଜାଣି ମୁୟ୍ଁ ହେଁ ସାସ୍
କଃରିନ୍ଚ । 20 କାୟ୍‌ତାକ୍‌ବଃଲେକ୍ ତାର୍ ମଃନ୍ ବାବ୍ ମର୍ ହର୍
ଆଚେ ଆର୍ ସେ ସଃତ୍‌କଃରି ତୁମାର୍ ହାୟ୍ ଦିଆନ୍ ଦେଉଁଲା ।
21 ବଃଲେକ୍ ସଃବୁଲକ୍ ଜିସୁ କ୍ରିସ୍ଟର୍ ବିସୟ୍ ଚେସ୍ଟା ନଃକେରି
ନିଜାର୍ ଲାବ୍ ଚେସ୍ଟା କଃର୍ତି । 22 ତିମତି ତ ପରିକ୍ୟା ଜିତ୍‌ଲା ଲକ୍,
ଇରି ତୁମିମଃନ୍ ଜାଣାସ୍; ହୟ୍‌ସି ଉବାସିର୍ ସେବା କଃଲାହର୍
ସେ ତ ନିକ କବୁରାର୍ କାମେ ମର୍ ସଃଙ୍ଗ ସେବା କଃରିରିଲା ।
23 ବଃଲେକ୍ ମକେ କାୟ୍‌ରି ଗଃଟେଦ୍, ସେରି ଜାଣୁକେ ତାକେ
ତର୍‌ହାକ୍ ହଃଟାୟ୍‌ନ୍ଚ ବଃଲି ଆସା କଃରୁଲେ । 24 ମଃତର୍ ମୁୟ୍ଁ
ମାପ୍ରୁର୍ ତଃୟ୍ ସଃତ୍ କଃରୁଲେ ମୁୟ୍ଁ ନିଜେ ହେଁ ତୁମାର୍ ହାକ୍
ବେଗି ଆସିନ୍ଚ । 25 ମଃତର୍ ମର୍ ବାୟ୍, ସଃଙ୍ଗଉଆଳି ସଃମାନ୍
ସଃଇନ୍ ଆର୍ ମର୍ ଅକେଟ୍ ଦୁର୍‌କାରି ତୁମିମଃନାର୍ ହଃଟାୟ୍‌ଲାର୍
ପେରିତ୍ ଆର୍ ସେବାକାରି ଏପାପ୍ରଦିତକେ ତୁମିମଃନାର୍ ହାକ୍
ହଃଟାଉଁକେ ମଃନେ ବାବୁଲେ । 26 କାୟ୍‌ତାକ୍‌ବଃଲେକ୍ ସେ
ତୁମିମଃନ୍‌କେ ଦଃକୁକେ ବଃଡେମଃନ୍, ଆର୍ ସେ ମଃଲୁହଃଳି
ଆଚେ ବଃଲି ତୁମିମଃନ୍ ସୁଣି ରିଲାକେ ତାର୍ ବଃଡେ ଦୁକ୍; 27
ହେଁ, ସେ ମଃଲା ହର୍ ରିଲା, ମଃତର୍ ତାକେ ଇସ୍ୱର୍ ଦଃୟ୍ୟା
କଃଲା, ଆର୍ ତାକେ ହଃକା ନାୟ୍, ମଃତର୍ ଜଃନ୍ ମର୍ ଉହ୍ରେ ହେଁ
ଦୁକାର୍ ଉହ୍ରେ ଦୁକ୍ ନଃଗେଟେ ଇତାର୍ ଗିନେ ହେଁ ମକେ ଦଃୟ୍ୟା
କଃଲା 28 ସେତାକ୍ ତୁମିମଃନ୍‌କେ ଜଃନ୍‌କଃରି ଆରେକ୍ ଗଟ୍‌ତର୍
ଦଃକି ସଃର୍ଦା ଆର୍ ମର୍ ଦୁକା ଜଃନ୍‌କଃରି ଉଣା ଅୟ୍‌ଦ୍ ଇତାର୍
ଗିନେ ତାକେ ମୁୟ୍ଁ ହଃଟାଉଁକେ ଅଃଦିକ୍ ମଃନ୍‌କଃରୁଲେ । 29
ତଃବେ ମାପ୍ରୁର୍ ଗିନେ ଗଟେକ୍ କ୍ରିସ୍ଟ ବିସ୍ୱାସି ବାୟ୍ ହଃର୍କାରେ
ତୁମିମଃନ୍ ତାକେ ସଃର୍ଦାୟ୍ ଦଃରା, ଆର୍ ଇରଃକମ୍ ଗୁଣ୍‌ବାନ୍
ଲକେ ମାୟ୍‌ନ୍ କଃରା । 30 କାୟ୍‌ତାକ୍‌ବଃଲେକ୍ ମର୍ ହାଁୟ୍
ତୁମିମଃନ୍ ଜୁୟ୍ ଉହ୍‌କାର୍ ଦେଉଁ ନାହାର୍ଲାର୍ କ୍ରିସ୍ଟର୍ କାମାର୍ ସିଦ୍
ହାୟ୍ ନିଜାର୍ ଜିବନ୍‌କେ ବିପ୍‌ତିଏ ହଃକାୟ୍ ମଃର୍ନ୍ ମୁଏଁ ହଃଳ୍‌ଲା
।

3 ସଃରାସଃରି, ଏ ମର୍ ବାୟ୍‌ବେଣିମଃନ୍, ମାପ୍ରୁର୍ ତଃୟ୍ ସଃର୍ଦା
କଃରା । ଗଟେରଃକମ୍ କଃତା ତୁମାର୍ ହାକ୍ ତର୍‌କେତର୍
ଲେକି ଲାଗୁକେ ମର୍ ହାଁୟ୍ କଃସ୍ଟ ନାୟ୍, ମଃତର୍ ସେରିମଃନ୍
ତୁମାର୍ ହାୟ୍ ନିକ । 2 କଃରାବ୍ କାମ୍ କଃରୁ ମଃନାର୍ ତଃୟ୍
ହୁଣି, ସୁନତ୍ ବିଦି ମାନୁକେ ଜିଦ୍ ଦଃରତାର୍ ଲକ୍‌ମଃନାର୍ ତଃୟ୍
ହୁଣି ଜାଗ୍ରତ୍; ଇରଃକମ୍ କୁକୁର୍‌ମଃନାର୍ ତଃୟ୍‌ହୁଣି ଜାଗ୍ରତ୍
3 କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍ ସଃତ୍‌କଃରି ସୁନତ୍ ହାୟ୍
ଆଚୁ, ଅଃମିମଃନ୍ ଇସ୍ୱରାର୍ ଆତ୍ମାୟ୍ ହୁଜା କଃରୁଲୁ, ଆରେକ୍
ତିରିବିଦି ବିସୟ୍ ଉହ୍ରେ ବଃର୍ସା ନଃକେରି କ୍ରିସ୍ଟ ଜିସୁର୍‌ଟାଣେ ଗଃର୍ବ୍
କଃରୁଲୁ । 4 ମୁୟ୍ଁ ତ ସଂସାରାର୍ ବିସୟ୍ ଉହ୍ରେ ହେଁ ବଃର୍ସା କଃରୁ
ହାର୍ଲେହୁଣି; ଜଦି ବିନ୍‌ଲକ୍ କେ ସଂସାରାର୍ କଃତା ଉହ୍ରେ ବଃର୍ସା
କଃରୁହାରେ ବଃଲି ବାବେଦ୍ ତଃବେ ମୁୟ୍ଁ ଅଃଦିକ୍ କଃରୁହାରି

। 5 ମୁୟ୍ଁ ଆଟ୍‌ଦିନ୍ ଅୟ୍‌ଲାକ୍ ସୁନତ୍ ହାୟ୍‌ଆଚି, ଇସ୍ରାଏଲ୍
ବଃଉଁସେ ଜଃଲମ୍ ଅୟ୍ ଆଚି, ବିନ୍ୟାମିନ୍ କୁଟୁମାର୍, ଏବ୍ରିୟ୍
ବଃନିଏ ଜାତ୍ ଗଟ୍ ଏବ୍ରିୟ୍, ମସାର୍ ବିଦିମାନୁ ହଃର୍କାରେ ଗଟ୍
ପାରୁସି, 6 ସଃବୁବାଟ୍ ଅଃଦିକ୍ ଉଦ୍‌ଜଗି ହିସାବେ ମଣ୍ଡଳିର୍ ଗଟ୍
ତାଲ୍‌ନା କାରି, ଆର୍ ବିଦି ମାନି ଦଃର୍ମି କଃତାୟ୍ ନିର୍ଦସି ଡିସ୍ତିରିଲେ
। 7 ମଃତର୍ ଜାୟ୍‌ରିସଃବୁ ମର୍ ହାୟ୍ଁ ଲାବ୍ ରିଲି, ସେରି ସଃବୁ
କ୍ରିସ୍ଟର୍ ହାଁୟ୍ ଲାବ୍ ନୟ୍‌ଲାର୍ ବଃଲି ମଃନେ କଃରୁଲେ । 8
ସଃତେକ୍‌ସେ ନୟ୍ ମୁୟ୍ଁ ମର୍ ମାପ୍ରୁ କ୍ରିସ୍ଟ ଜିସୁକେ ଜାଣ୍‌ଲାର୍
ଗିନେ ଜୁୟ୍ ଦଃନ୍ ଲାବ୍ କଃରି ଆଚି, ତାର୍ ତଃୟ୍‌ହୁଣି ବିନ୍ ସଃବୁ
ବିସୟ୍‌କେ ମୁୟ୍ଁ ଅଃବେ ଅଃସାର୍ ବଃଲି ଗଃଣ୍‌ତି କଃରୁଲେ; ତାର୍
ହାୟ୍ ମୁୟ୍ଁ ସଃବୁ ଚାଡିଆଚି । ଜଃନ୍‌କଃରି କ୍ରିସ୍ଟକେ ହାଉଁକେ
ହାରି । 9 ଆର୍ ତାର୍ ସଃଙ୍ଗ ହୁର୍ନ୍‌ବାବେ ମିସ୍ତାର୍ ଗିନେ ବିନ୍
ସଃବୁ ବିସୟ୍‌କେ କଃଉ ବଃଲି ଗଃଣ୍‌ତି କଃରୁଲେ । ଆରେକ୍,
ମସାର୍ ବିଦି ମାନ୍‌ତାର୍ ଗିନେ ନିଜାର୍ ଦଃର୍ମ ନଃହାୟ୍ କଃରି
କ୍ରିସ୍ଟକେ ବିସ୍ୱାସ୍ କଃଲାକ୍ ଇସ୍ୱର୍ ଦିଲା ବିସ୍ୱାସ୍ ମୁଳେ ଦଃର୍ମ୍
ହାୟ୍‌ଦ୍, 10 ଅଃବେ ମର୍ ଗଟେକ୍ ମଃନ୍ ମୁୟ୍ଁ ଜଃନ୍‌କଃରି
କ୍ରିସ୍ଟକେ ଜାଣିନ୍ଦ ଆର୍ ତାର୍ ସେ ମଃରି ଉଟ୍‌ଲା ସଃକ୍ତି ମଃନେ
ଏତାୟ୍ ତାର୍ ଦୁକ୍‌ବଗାର୍ ସଃମାନ୍ ଦୁକ୍ ମଃନେ ଏତାୟ୍ ମଃର୍ନେ
ହେଁ ତାର୍ ହର୍ ଅୟ୍‌ଦ୍, 11 ଆରେକ୍ କଃନ୍‌କଃରି ହେଁ ମଃଲା
ଲକାର୍ ବିତ୍ରେହୁଣି ଆରେକ୍ ଉଟ୍‌ତାର୍ ହାଉଁହାରି । 12 ମୁୟ୍ଁ
ଜେ ଅଃବେ ସେ ସଃବୁ ହାୟ୍‌ଆଚି କି ସିଦ୍ ଅୟ୍ ଆଚି, ସେରି
ନାୟ୍, ମଃତର୍ କ୍ରିସ୍ଟ ଜିସୁ ମକ୍ କୁଦି ରିଲାକେ ସେତାର୍ ଇନାମ୍
ହାଉଁକେ ଦଃବ୍‌ଲୁଲେ । 13 ଏ ବାୟ୍‌ମଃନ୍ ହଃଚାର୍ କଃତା ସଃବୁ
ମଃନେହୁଣି ଦୁର୍ କଃରି ଆଗ୍‌ବାଟାର୍ ବିସୟ୍‌ମଃନ୍ ମଃନେ ଦଃରି
କ୍ରିସ୍ଟ ଜିସୁର୍‌ତଃୟ୍ ଇସ୍ୱରାର୍ ସଃର୍ଗେ କୁଦ୍‌ଲାର୍ ହାଣ୍ ହାଉଁକ୍
ସଃରାସଃରି ହଃତେକ୍ ଦଃବୁଲେ 14 ମୁୟ୍ଁ ସଃଲ୍‌କେ ସଃନ୍ଦିଏ
ହଚୁକେ ଦଃବ୍‌ଲୁଲେ ପୁରିସ୍କାର୍ ହାୟ୍‌ନ୍ଦ ବଃଲି ଜୁୟ୍‌ତାର୍ ଗିନେ
ମକେ ଇସ୍ୱର୍ ଜିସୁ କ୍ରିସ୍ଟର୍ ଦଃୟ୍ ଜିବନେ କଃରି ଆଚେ ।
15 ତଃବେ, ଆସା, ଅଃମିମଃନ୍ ଜଃତିଲକ୍ ସିଦ୍, ଇହଃର୍କାର୍
ମଃନ୍‌ବାବ୍ ଦଃରୁଆଁ, ଆର୍ ଜଦି କାୟ୍ ବିସୟେ ତୁମିମଃନାର୍
ମଃନ୍‌ବାବ୍ ବିନ୍ ରଃକମ୍ ରିଲେକ୍, ତଃବେ ଇରି ହେଁ ଇସ୍ୱର୍
ତୁମିମଃନାର୍ ତଃୟ୍ ଜାଣାୟ୍‌ଦ୍ । 16 ଅଃମିମଃନ୍ ଜଃତେକ୍
ହଃତେକ୍ ଆଗେ ଜାୟ୍‌ଆଚୁ, ସେ ହଃର୍କାରେ ଜିବନ୍ କାଟୁଆଁ । 17
ଏ ବାୟ୍‌ବେଣିମଃନ୍, ତୁମିମଃନ୍ ଗଟେତଃୟ୍ ଅୟ୍ ମର୍ ହଃଚେ
ଆସା, ଆର୍ ଅଃମିମଃନାର୍ ତଃୟ୍ ଜୁୟ୍ ନିକ ଗୁଣ୍ ଦଃକୁଲାସ୍,
ଜୁୟ୍ ଲକ୍‌ମଃନ୍ ସେରଃକମ୍ ଜିବନ୍ କାଟୁଲାୟ୍ ସେମଃନ୍‌କେ
ଦଃକା । 18 କାୟ୍‌ତାକ୍‌ବଃଲେକ୍ ଇ ହର୍ ଗାଦାଲକ୍ ଆଚ୍‌ତି,
ଜୁୟ୍‌ମଃନାର୍ ବେବାର୍ ତୁମିମଃନ୍‌କେ ତର୍‌କେତର୍ କୟ୍‌ଆଚି,
ଆର୍ ଅଃବେ ହେଁ କାନ୍ଦିକାନ୍ଦି କଃଉଁଲେ, ସେମଃନ୍ କ୍ରିସ୍ଟର୍ ବିରଦି
। 19 ସେମଃନାର୍ ଦଃସା ନାସ୍ ଅୟ୍‌ଦ୍, ହେଟ୍ ସେମଃନାର୍
ଦେବ୍‌ତା, ସେମଃନ୍ ନିଜାର୍ ନିଜାର୍ ଲାଜ୍ କଃତାକ୍ ଜଃଜ୍‌ମାନାର୍
କଃତା ବଃଲି ମଃନେ କଃର୍ତି, ଆର୍ ଜଃଗତାର୍ ବିସୟ୍‌ମଃନ୍‌କେ
ମଃନ୍ ଦଃୟ୍‌ଆଚ୍‌ତି । 20 ଅଃମିମଃନ୍ ତ ସଃର୍ଗାର୍ ହଃର୍ଜା, ସେ
ଟାଣେହୁଣି ହେଁ ଅଃମିମଃନ୍ ମୁକ୍ତିକାରି ମାପ୍ରୁ ଜିସୁ କ୍ରିସ୍ଟର୍ ଆସ୍ତାର୍
ଜାଗୁଲୁ; 21 ସେ ଅଃହ୍‌ଣାର୍ ସଃକ୍ତିର୍ ସଃଙ୍ଗ ଜୁୟ୍ ସଃବୁ ବିସୟ୍
ନିଜାର୍ କାମ୍ ସାଦୁନ୍ କଃରୁହାରେ, ସେତାର୍‌ଗିନେ ଅଃମିମଃନାର୍
ଚାର୍ ଗଃଗାଲ୍‌କେ ବାଦ୍‌ଲାୟ୍‌କଃରି ଅଃହ୍‌ଣାର୍ ଜଃଜ୍‌ମାନାର୍
ଗଃଗାଲ୍ କଃରୁହାରେ ।

4 ତଃବେ ଏ ମର୍, ଲାଡାର୍ ବାୟ୍‌ବେଣିମଃନ୍ କ୍ରିସ୍ଟ, ମଃନ୍‌ବିତ୍ରାର୍
ସଃର୍ଦାର୍ ଆର୍ ମୁକୁଟ୍ ହର୍, ଇ ରଃକମ୍ ମାପ୍ରୁର୍ ତଃୟ୍
ତିର୍ ଅୟ୍‌ରିଆ । 2 ମାପ୍ରୁର୍ ତଃୟ୍ ଗଟେକ୍ ମଃନ୍ ଅଃଉଁକେ
ମୁୟ୍ଁ ଇୟ୍‌ଦିଆ ଆର୍ ସନ୍ତୁକି ଦୁୟ୍‌ଲକେ ଗଃଉଆରି କଃରୁଲେ
। 3 ଆରେକ୍, ଏ ସଃତ୍ ସଃଙ୍ଗଆଳି, ଇହର୍ ମାଇଜି ମଃନ୍‌କେ
ଉହ୍‌କାର୍ କଃରୁକେ ତୁମିମଃନ୍‌କେ ହେଁ ଗଃଉଆରି କଃରୁଲେ
କାୟ୍‌ତାକ୍ ବଃଲେକ୍ ଇମଃନ୍ କ୍ଲେମେନ୍‌ସ୍ ଆର୍ ମର୍ ବିନ୍
ସଃଙ୍ଗଆଳିମଃନାର୍ ସଃଙ୍ଗ ନିକ କବୁରେ ମର୍ ସଃଙ୍ଗ କାମ୍
କଃରି ଆଚ୍‌ତି; ସେ ମିସ୍‌ଣେ କଃରୁମଃନାର୍ ନାଉଁ ଜିବନ୍ ସାସ୍ତର୍
ତଃୟ୍ଁ ଆଚେ । 4 ସଃବୁବଃଲ୍ ମାପ୍ରୁର୍ ତଃୟ୍ ସଃର୍ଦା କଃରା,
ଆରେକ୍ କଃଉଁଲେ ସଃର୍ଦା କଃରା । 5 ତୁମିମଃନାର୍ ସୁଦାର୍‌ହାଣ୍
ସଃବୁଲକାର୍ ହାକ୍ ଜାଣାହଃଲ । ମାପ୍ରୁ ଆସ୍ତାର୍ ଲଃଗେ ଅୟ୍‌ଲିବେ
। 6 କୁୟ୍ ବିସୟେ ହେଁ ଚିତା କଃରା ନାୟ୍, ମଃତର୍ ସଃବୁ
ବିସୟେ ପାର୍ତ୍‌ନା ଆର୍ ଗଃଉଆରି କଃରି ଦନ୍ୟବାଦ୍ କଃରି
ତୁମିମଃନାର୍ ଗଃଉଆରି ଇସ୍ୱର୍‌କେ ଜାଣାଉଆ । 7 ତଃବେ ସଃବୁ
ମାନାୟ୍‌ମଃନାର୍ ଗୁପ୍ତକଃତା ଇସ୍ୱରାର୍ ସୁସ୍ତା, ସେରି ତୁମିମଃନାର୍
ଜିବନ୍ ଆର୍ ମଃନ୍‌କେ କ୍ରିସ୍ଟ ଜିସୁର୍ ସଃଙ୍ଗ ବାଚାୟ୍‌ଦ୍ । 8
ସଃରାସଃରି, ଏ ବାୟ୍‌ବେଣିମଃନ୍ ଜୁୟ୍ ସଃବୁ ବିସୟ୍ ସଃନ୍‌ମତାର୍
ସଃତ୍, ଲାଡାର୍, ଟିକ୍, ନିର୍ମୁଲ୍, ଡାକେହୁଟାରି, ବିସୟ୍ ରଃୟ୍‌ଦ୍,
ସେ ସଃବୁ ବିସୟ୍ ଚିତା କଃରା । 9 ତୁମିମଃନ୍ ସେ ସଃବୁ କଃତା
ମର୍ ତଃୟ୍‌ହୁଣି ସିକିଆଚାସ୍, ହାୟ୍‌ଆଚାସ୍, ଆର୍ ମର୍‌ତଃୟ୍;
ଦଃକିଆଚାସ୍, ସେରିମଃନ୍ କଃରା; ତଃବେ ସୁସ୍ତାକାରି ଇସ୍ୱର୍
ତୁମିମଃନାର୍ ସଃହା ଅୟ୍‌ଦ୍ । 10 ମାପ୍ରୁର୍ ସଃଙ୍ଗ ରଃୟ୍ ଜିବନ୍
କାଟ୍‌ତା ବଃଲ୍ ଅଃବେ ସଃରାସଃରି ମର୍ ହାଁୟ୍ ତୁମିମଃନାର୍ ଚିତା
ଜେ ଜାଣାହଃଲ୍‌ଲି, ଇତାର୍ ଗିନେ ମାପ୍ରୁର୍ ତଃୟ୍ ମୁୟ୍ଁ ବଃଡେ
ସଃର୍ଦା ଅଃଉଁଲେ; ସଃତ୍‌କଃରି ମର୍ ହାଁୟ୍ ତୁମିମଃନାର୍ ଚିତା
ରିଲି, ମଃତର୍ ଉପାୟ୍ ନଃରିଲି । 11 ଅକେଟାର୍ ଗିନେ ମୁୟ୍ଁ ଇରି
କଃଉଁଲେ, ସେରି ନାୟ୍, କାୟ୍‌ତାକ୍‌ବଃଲେକ୍ ମୁୟ୍ଁ ଜୁୟ୍ ଅବୁସ୍ତାୟ୍
ରିଲେକ୍ ହେଁ ସଃଲ୍‌ମତେ ରେଉଁକେ ସିକି ଆଚି । 12 ଅକେଟ୍
ଅୟ୍‌ଲେକ୍ ଚାଲୁକ୍ ଜାଣି ଆର୍ ଜଃବର୍ ରିଲେକ୍ ହେଁ ବୟଃଗ୍
କଃରୁକେ ଜାଣି; ସଃବୁ ଅବୁସ୍ତାୟ୍ ଆର୍ ସଃବୁ ବିସୟେ ହେଁ,
ବୁକେ ରେଉଁକେ ହେଁ ଜଃବର୍ ବୟଃଗ୍ କଃରୁକେ କି ଅକେଟେ
ହେଁ ଚାଲୁକ୍ ନିକକଃରି ସିକି ଆଚି । 13 ମର୍ ବଃଲ୍‌କାରିର୍
କ୍ରିସ୍ଟର୍ ଉହ୍‌କାରେ ମୁୟ୍ଁ ସଃବୁ କଃରୁହାରି । 14 ଅୟ୍‌ଲେକ୍ ହେଁ,

ତୁମିମଃନ୍‌କେ ମର୍ ଦୁକ୍‌ବୟ୍‌ଗାର୍ ବାଗିଦାରି ଅୟ୍‌ଲାର୍ ଗିନେ
ନିକକଃରି ଆଚି । 15 ଏ ପିଲିପିୟ ବାୟ୍‌ବେଣିମଃନ୍, ତୁମିମଃନ୍
ହେଁ ନିଜେ ଜାଣାସ୍, ନିକ କବୁର୍ ପର୍ଟାର୍ କଃରୁକେ ଆରୁମ୍
କଃର୍ତା ବଃଲ୍ ଜଃଡ୍‌ବଃଲ୍ ମୁୟ୍‌ଁ ମାକିଦନିଆ ହୁଣି ବାଉଲ୍‌ଲେ
ସଃଡେବଃଲ୍ ତୁମିମଃନ୍‌କେ ଚାଡି ଆରେକ୍ କୁୟ୍ ମଣ୍ଡ୍‌ଲି ହେଁ
ମର୍ ସଃଙ୍ଗ୍ ଅୟ୍ ଦେତାର୍ ନେତାର୍ ହିସାବ୍ ରଃକି ନଃରିଲାୟ୍
। 16 କାୟ୍‌ତାକ୍‌ବଃଲେକ୍ ତେସଲନିକିଏ ମୁୟ୍‌ଁ ରେତା ବଃଲ୍
ହେଁ ତୁମିମଃନ୍ ମର୍ ଅକେଟ୍ ଦୁର୍ କଃରୁକେ ବେସି ତର୍ ଦାନ୍
ହଃଟାୟ୍‌ରିଲାସ୍ । 17 ମଃତର୍ ଦାନ୍ ହାଉଁକ୍ ମର୍ ମଃନ୍ ନାୟ୍,
ଜୁୟ୍‌ତାର୍ ଗିନେ ତୁମିମଃନ୍ ଜଃବର୍ ଲାବ୍ ହାଉଆସ୍ । ସେତାର୍
ଗିନେ ମୁୟ୍ ଲାଲାୟ୍ ଅଃଉଁଲେ । 18 ମୁୟ୍‌ଁ ସଃବୁ ହାୟ୍‌ଆଚି,
ଆରେକ୍ ମର୍ ଜଃବର୍ ଆଚେ; ତୁମିମଃନ୍ ହଃଟାୟ୍ ରିଲାର୍ ଜୁୟ୍
ସଃବୁ ବିସୟ୍ ଏପାପ୍ରଦିତାର୍ ତଃୟ୍‌ହୁଣି ହାୟ୍‌ଆଚି, ସେରିମଃନ୍
ମର୍ ହାଁୟ୍ ଜଃବର୍; ସେ ସଃବୁ ଇସ୍ୱରାର୍ ସଃର୍ଦାର୍ ସୁନ୍ଦ୍ରର୍ ବାସ୍ନାରି
ଆର୍ ଇସ୍ୱରାର୍ ମଃନ୍‌କଃର୍ତା ହୁଜାହର୍ । 19 ଆରେକ୍, ମର୍
ଇସ୍ୱର୍ କ୍ରିସ୍ଟ ଜିସୁର୍ ତଃୟ୍ ତାର୍ ଜଃଜ୍‌ମାନାର୍ ଦଃନ୍ ହଃର୍କାରେ
ତୁମିମଃନାର୍ ସଃବୁଲକାର୍ ଅକେଟ୍ ହୁରୁଣ୍ କଃରେଦ୍ । 20
ଅଃମିମଃନାର୍ ଇସ୍ୱର୍ ଆର୍ ଉବାକେ ଜୁଗେଜୁଗେ ଜଃଜ୍‌ମାନ୍
ଅଃଉଅ । ଆମେନ୍ । (aiōn g165) 21 କ୍ରିସ୍ଟ ଜିସୁର୍ ନାଉଁଏ
ସେତି ରେତା ସଃବୁ ଦଃର୍ମିକେ ନମସ୍କାର୍ ଜାଣାଉଆ । ମର୍
ସଃଙ୍ଗ୍ ଇତି ରେତା ବାୟ୍‌ବେଣିମଃନ୍ ତୁମିମଃନ୍‌କେ ନମସ୍କାର୍
ଜାଣାଉଁଲାୟ୍ । 22 ଇତି ରିଲା ଇସ୍ୱରାର୍ ଦଃର୍ମିମଃନ୍ ସଃବୁଲକ୍,
ମୁଲ୍‌କଃରି ଜୁୟ୍‌ମଃନ୍ କାଇସରାର୍ କୁଆଳେ ଆଚ୍‌ତି, ସେମଃନ୍
ତୁମିମଃନ୍‌କେ ନମସ୍କାର୍ ଜାଣାଉଁଲାୟ୍ । 23 ମାପ୍ରୁ ଜିସୁ କ୍ରିସ୍ଟର୍
ଦଃୟା ତୁମିମଃନାର୍ ସଃବ୍‌କାର୍ ଆତ୍ମାର୍ ସଃଙ୍ଗ୍ ରେଉଅ ।

# କଲସି

1 ଇସ୍ୱରାର୍ ଇଚା ହଃର୍କାରେ ପାଉଲ୍ କ୍ରିସ୍ଟ ଜିସୁର୍ ଗଟେକ୍
ପେରିତ୍ ଚେଲା ଆର୍ ଅଃମାର୍ ବାୟ୍ ତିମତି । 2 କଲସିଏ
ରେତା ସାଦୁ ଆର୍ କ୍ରିସ୍ଟର୍ ତଃୟ୍ ବିସ୍ୱାସି ବାୟ୍‌ବେଣିମଃନ୍‌କାର୍
ହାକ୍ ଲେକୁଲା; ଅଃମିମଃନାର୍ ଉବା ଇସ୍ୱରାର୍ ତଃୟ୍ ଦଃୟା
ଆର୍ ସୁସ୍ତା ତୁମିମଃନ୍‌କେ ଅଃଉଅ । 3 ଅଃମିମଃନ୍ ତୁମିମଃନାର୍
ହାଁୟ୍ ପାର୍ତ୍ନା କଃରି ଅଃମାର୍ ମାପ୍ରୁ ଜିସୁ କ୍ରିସ୍ଟାର୍ ଉବାସି
ଇସ୍ୱର୍‌କେ ସଃବୁବଃଲ୍ ଦନ୍ୟବାଦ୍ ଦେଉଁଲୁ । 4 କ୍ରିସ୍ଟଜିସୁର୍
ତଃୟ୍ ତୁମିମଃନାର୍ ବିସ୍ୱାସ୍ ଆର୍ ସଃର୍ଗେ ତୁମିମଃନ୍‌କାର୍ ହାୟ୍
ସଃଙ୍ଗାୟ୍‌ଲା ବଃର୍ସା ଗିନେ ସଃବୁ ସାଦୁମଃନ୍‌କେ ତୁମିମଃନାର୍
ଲାଡ୍ ସୁଣି ଆଚୁ । 5 ସେ ବଃର୍ସାର୍ କଃତା ତୁମିମଃନ୍ ନିକ କବୁରାର୍
ସଃତ୍ କଃତାୟ୍ ହୁର୍ବେ ସୁଣିଆଚାସ୍ । ସେରି ତୁମାର୍ ଗିନେ
ସଃର୍ଗେ ସଃଙ୍ଗାୟ୍ ଅୟ୍‌ଆଚେ । 6 ଜୁୟ୍ ନିକ କବୁର୍ ତୁମିମଃନ୍
ହଃର୍ତୁ ସୁଣି ସଃତ୍ କଃଲାସ୍ ଆରେକ୍, ସେରି ଜଃନ୍‌କଃରି ସଃବୁ
ଅଃବେ ଜଃଗତେ ଉର୍ଜି ଅଃଉଁଲି, ଆର୍ ଆସିର୍ବାଦ୍ ଆଣିଆଚେ
ତୁମିମଃନ୍‌କେ ଜୁୟ୍ ଦିନ୍ ସେରି ସୁଣି ସଃତ୍‌କଃରି ଇସ୍ୱରାର୍
ଦଃୟାର୍ ବୁଦି ହାୟ୍‌ଲାସ୍, ସେଦିନ୍‌ହୁଣି ତୁମିମଃନାର୍ ବିତ୍ରେ
ହେଁ ସେରକମ୍ ଅୟ୍ ଆସୁଲି । 7 ଅଃମିମଃନାର୍ ସଃଙ୍ଗ ରେତା
ଲାଡାର୍ ସେବାକାରି ଏପାପ୍ରାର୍ ତଃୟ୍ ଇସ୍ୱରାର୍ ଆସିର୍ବାଦାର୍
ବିସୟ୍ ଜାଣିଆଚାସ୍ ଅଃମାର୍ ବାଦୁଲେ ଜେ କି କ୍ରିସ୍ଟର୍ ବିସ୍ୱାସି
ହାୟ୍‌ଟି କଃରୁ । 8 ସେ ହେଁ ପବିତ୍ର ଆତ୍ମା ଦିଲାର୍ ତୁମିମଃନାର୍
ଲାଡ୍ କଃତା ଅଃମିମଃନ୍‌କ୍ ଜାଣାୟ୍ ଆଚେ । 9 ଇତାର୍ ଗିନେ
ତୁମିମଃନାର୍ ବିସୟେ ସୁଣ୍‌ଲା ବଃଲ୍‌ହୁଣି ସଃବୁବଃଲ୍ ତୁମାର୍
ଗିନେ ପାର୍ତ୍ନା କଃରୁଲୁ । ପବିତ୍ର ଆତ୍ମା ଦିଲା ସଃବୁ ଗିଆନ୍ ଆର୍
ବୁଜ୍‌ତା ସଃକ୍ତି ସଃଙ୍ଗ ଇସ୍ୱରାର୍ ଇଚା ହୁର୍ନ୍ ବାବେ ଜଃନ୍‌କଃରି
ତୁମିମଃନ୍ ଜାଣୁ ହାରାସ୍ ଇତାର୍ ଗିନେ ତୁମାର୍ ହାୟ୍ ପାର୍ତ୍ନା
କଃରୁଲେ । 10 ତଃନ୍‌ଅଲେ ତୁମିମଃନ୍ ମାପ୍ରୁର୍ ଇଚା ହଃର୍କାରେ
ଜିବନ୍ କାଟୁ ହାରାସ୍ ଆର୍ ତାର୍ ସଃର୍ଦାର୍ କାମ୍ କଃରୁ ହାରାସ୍
। ତୁମିମଃନ୍ ସଃବୁ ରଃକମାର୍ ନିକ କାମ୍ କଃରୁ ହାରାସ୍ ।
ଆର୍ ଇସ୍ୱରାର୍ ବିସୟେ ତୁମାର୍ ଗିଆନ୍ ବାଡେଦ୍ । 11 ଆର୍
ସଃବୁ ବିସୟେ ସାସ୍‌ବାନ୍ଦତାର୍ ଆର୍ ଦିର୍‌ସୁସ୍ତାୟ୍ ଅଃଉଁକେ ତାର୍
ଜଃଜ୍‌ମାନ୍ ସଃକ୍ତି ହଃର୍କାରେ ସଃକ୍ତି ଅଃଉଆ । 12 ଆରେକ୍
ଜୁୟ୍ ଉବା ଉଜାଳେ ଦଃର୍ମିମଃନାର୍ ଅଃଦିକାରାର୍ ବାଟା ହାଉଁକେ
ତୁମିମଃନ୍‌କେ ଜୟଃଗ୍ କଃରିଆଚେ, ଇତାର୍ ଗିନେ ସଃର୍ଦାର୍
ସଃଙ୍ଗ ତାକେ ଦନ୍ୟବାଦ୍ କଃରା । 13 ସେ ଅଃମିମଃନ୍‌କ୍
ଅଃନ୍ଦାରାର୍ ଅଃଦିକାରେ ହୁଣି ରଃକ୍ୟା କଃରି ଅଃହ୍‌ଣାର୍ ଲାଡାର୍
ହୟ୍‌ସିର୍ ବିଦ୍‌ତି ନାୟ୍‌ଲାର୍ ରାଇଜ୍ ବିତ୍ରେ ଆଣିଆଚେ । 14
ଜିସୁର୍ ଗିନେ ଅଃମିମଃନ୍ ମୁକ୍ଲି ଆଚୁ ତାର୍ ଅଃର୍ତ୍ ଅଃଉଁଲି
ହାହ୍ କେମା ହାୟ୍ ଆଚୁ । 15 କ୍ରିସ୍ଟ ନଃଡିସ୍ତାର୍ ଇସ୍ୱରାର୍
ଡିସ୍ତାର୍ ବାନି ମୁର୍ତି, ସଃବୁ ଉବ୍‌ଜାଣାର୍ ହଃର୍ତୁ ଜାଦ୍ ଆର୍ ସଃବୁ
ଉବ୍‌ଜାଣ୍ ତଃୟ୍ ହୁଣି ବଃଡ୍ । 16 କାୟ୍‌ତାକ୍‌ବଃଲେକ୍ ଡିସ୍ତାର୍
ଆର୍ ନଃଡିସ୍ତାର୍ ଆସ୍ତିବାଡି, ସଃର୍ଗେ ଆର୍ ହୁର୍ତିଏ ସଃବୁ ବିସୟ୍
ସେ ଉବ୍‌ଜାଣ୍ କଃଲା, ରାଜ୍‌ଗାଦି କି ରଃଜାମଃନ୍ ଆର୍ ସଃବୁ
ଅଃଦିକାରିମଃନ୍‌କେ ଉବ୍‌ଜାୟ୍‌ଲା ଇସ୍ୱର୍ ସେ ନିଜେ ଆର୍ ତାର୍
ଗିନେ ସଃବୁ ଜଃଗତ୍ ଉବ୍‌ଜାଣ୍ କଃଲା ଆର୍ ତାର୍ ହାଁୟ୍ ଉବ୍‌ଜାଣ୍
ଅୟ୍‌ଆଚେ । 17 ସଃବୁ ଉବ୍‌ଜାଣ୍ ଅଃଉତା ହୁର୍ବେହୁଣି କ୍ରିସ୍ଟ
ଆଚେ ଆର୍ ତାର୍ ତଃୟ୍ ଜଳି ଅୟ୍‌ଲାକ୍ ସଃବୁ କଃତାର୍ ରୁହ୍
ଆଚେ । 18 ଆର୍ ସେ ମଣ୍ଡଳି ରୁହାର୍ ଗଃଗାଳାର୍ ମୁଣ୍ଡହର୍,
ସେ ମୁଳେହଃଣି, ମଃଲାମଃନ୍‌କାର୍ ବିତ୍ରେ ହଃର୍ତୁ ଉଟିରିଲା
ହଃର୍ତୁଜାତ୍ ହିଲା, ଜୁୟ୍‌ତାର୍ ଗିନେ ସେ ସଃବୁ ବିସୟେ ହଃର୍ତୁ
ଟାଣ୍ ହାଉତାର୍ ଜୟ୍‌ଗ୍ । 19 କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍ ଟିକ୍
କଃଲା ହଃର୍କାରେ ହୟ୍‌ସି ନିଜେ ଇସ୍ୱରାର୍ ହୁର୍ନ୍ ଗୁଣ୍ ଦଃରେଦ୍ ।
20 ହୟ୍‌ସି ଗିନେ ସଃବୁ ଜଃଗତ୍‌କେ ବାଉଳାୟ୍ ଆଣ୍ତୁକେ ଟିକ୍
କଃଲା ଆର୍ କ୍ରୁସେ ତାର୍ ହୟ୍‌ସିର୍ ମଃର୍ନ୍ ଗିନେ ତିର୍ କଃରିଆଚେ
। ଆର୍ ହୁର୍ତି ଆର୍ ସଃର୍ଗେ ରିଲାର୍ ସଃବୁ ବିସୟ୍‌କେ ନିଜାର୍
ତଃୟ୍ ବାଉଳାୟ୍ ଆଣେଦ୍ । 21 ଆର୍, ହୁର୍ବେ କଃରାବ୍ ବାବ୍‌ନା
ମିତ୍ କାମ୍ କଃରି ତୁମିମଃନ୍ ଇସ୍ୱରାର୍ ତଃୟ୍ ହୁଣି ବିନ୍ ରିଲାସ୍
ଆର୍ ମଃନେ ସଃତ୍ ନଃରିଲାସ୍ । 22 ମଃତର୍ ଅଃବେ ଇସ୍ୱର୍
ତୁମିମଃନ୍‌କେ ହେଁ ଅଃହ୍‌ଣାର୍ ମୁଏଁ ନିର୍ମୁଳ୍, ଲିନ୍ଦା ନଃହାୟ୍‌ଲାର୍
ଆର୍ ନିର୍ଦସି କଃରି ତାହୁନ୍ କଃରୁକେ କ୍ରିସ୍ଟର୍ ମାସାର୍ ଗଃଗାଳେ
ମଃଲାକେ ତୁମିମଃନ୍‌କେ ଆରେକ୍ ନିଜାର୍ ସଃଙ୍ଗ ମିସାୟ୍ ଆଚେ
। 23 ତୁମିମଃନ୍ ଜଃବେ ବିସ୍ୱାସେ ମୁଳ୍‌ରି ଜାଣି ଅଃଟୁଆ ରଃୟ୍
ନିକ କବୁରେ ରିଲା ବଃର୍ସା ଚାଡି ଏଣେ ତେଣେ ନଃଉଆଁ । ସେ
ସଃବୁ ଅଃଗାସ୍ ତଃଳେ ରିଲା ସଃବୁ ଜଃଗତେ ପର୍ଚାର୍ ଅୟ୍‌ଆଚେ
ତୁମିମଃନ୍ ସୁଣିଆଚାସ୍, ଆର୍ ମୁୟ୍ଁ ପାଉଲ୍ ସେତିର୍ ଗଟେକ୍
ସେବାକାରି ଅୟ୍ ଆଚି । 24 ମୁୟ୍ଁ ତୁମିମଃନାର୍ ଗିନେ ଜୁୟ୍
ସଃବୁ ଦୁକ୍ ବୟ୍‌ଗ୍ ତଃୟ୍, ଅଃବେ ସଃର୍ଦା କଃରୁଲେ, ଆର୍ କ୍ରିସ୍ଟର୍
ଜୁୟ୍ ଦୁକ୍‌ବୟ୍‌ଗ୍ ବାକିଆଚେ, ସେରି ମୁୟ୍ଁ ତାର୍ ଗଃଗାଳ୍ ହର୍
ମଣ୍ଡଳିର୍ ହାଁୟ୍ ମର୍ ଗଃଗାଳେ ହୁରୁଣ୍ କଃରୁଲେ । 25 ଇସ୍ୱର୍
ମକେ ଜୁୟ୍ ସେବାକାରି ହଃଦ୍ ତୁମିମଃନାର୍ ହାଁୟ୍ ଦଃୟ୍‌ଆଚେ
ସେ ହଃର୍କାରେ ମୁୟ୍ଁ ସେ ମଣ୍ଡଳିର୍ ଗଟ୍ ସେବାକାରି ଅୟ୍ ଆଚି,
ଜଃନ୍‌କଃରି ମୁୟ୍ଁ ଇସ୍ୱରାର୍ କଃତା ହୁର୍ଣ୍ଣକଃରି ପର୍ଚାର୍ କଃରିନ୍ଦ ।
26 ସେ ଗୁପ୍ତକଃତା ହୁର୍ବେ ଆର୍ ଦାଦିବାବୁ ମଃନାର୍ ତଃୟ୍‌ହୁଣି
ଗୁପ୍ତ ଅୟ୍‌ରିଲି, ମଃତର୍ ଅଃବେ ସେରି ତାର୍ ସାଦୁ ଲକ୍‌ମଃନାର୍
ତଃୟ୍ ଜାଣା ହଃଲିଆଚେ । (aiōn g165) 27 ଅଜିଉଦିମଃନାର୍
ତଃୟ୍ଁ ସେ ଗୁପ୍ତ କଃତାର୍ ଜଃଜ୍‌ମାନାର୍ ଦଃନ୍ ଜେ କାୟ୍‌ରି, ସେରି
ଇସ୍ୱର୍ ଅଃହ୍‌ଣାର୍ ଲକ୍‌ମଃନାର୍ ତଃୟ୍ କଃଉଁକେ ମଃନ୍‌କଃଲା;
ସେ ଗୁପ୍ତକଃତା ଇରି, ତୁମିମଃନାର୍ ବିତ୍ରେ କ୍ରିସ୍ଟ ସେ ଜଃଜ୍‌ମାନାର୍
ବଃର୍ସାହର୍ । 28 ତାକେ ଅଃମିମଃନ୍ ପର୍ଚାର୍ କଃରୁଲୁ, ଆର୍
ହଃତିଲକେ ଚେତ୍‌ନା ଆର୍ ହୁର୍ନ୍ ଗିଆନ୍ ସଃଙ୍ଗ ସିକ୍ୟା ଦେଉଁଲୁ,
ଜଃନ୍‌କଃରି ଅଃମିମଃନ୍ ହଃତିଲକେ କ୍ରିସ୍ଟର୍ ମିଳାମିସାୟ୍ ସିଦ୍

କଃରି ଦଃକାଉଁ ହାରୁ । 29 ଇ କାମ୍ ହୁରୁଣ୍ କଃରୁକେ ମର୍
ତଃୟ୍ ଚାଲ୍ତା କ୍ରିସ୍ଟ ଦଃୟ୍ ରିଲା ବଃଡ୍ ସଃକ୍ତିକେ କାମେ ଲାଗାୟ୍
ଜିବନ୍ ହଃରାଣ୍ ଦଃୟ୍ ଚେସ୍ଟା ଆର୍ କଃସ୍ଟ କଃରୁଲେ ।

**2** ତୁମିମଃନାର୍ ଆର୍ ଲାଅଦିକିଆର୍ ଲକ୍ମଃନାର୍, ଆରେକ୍
ଜଃତେକ୍ ଲକ୍ ମକେ ନଃଚିନି ନଃଜାଣି ଆଚ୍ତି, ସେ
ସଃବୁ ଲକାର୍ ଗିନେ ମୁୟ୍ଁ କଃତେକ୍ କଃସ୍ଟ କଃରିଆଚି ଇରି
ତୁମିମଃନ୍ ଜାଣା ବଃଲି ମର୍ ମଃନ୍ । 2 ମର୍ ମଃନ୍ ଇରି,
ଜଃନ୍କଃରି ତୁମିମଃନ୍ ସଃର୍ଦା ଅଃଉଆସ୍ ଏକ୍ ଆରେକ୍ ଲାଡେ
ବାନ୍ଦି ଅଃଉଆସ୍ ଆର୍ ସଃତ୍ ଗିଆନ୍ ଲାବ୍ କଃରି ମୁଲ୍ ବଃର୍ସା
ହର୍ ଦଃନ୍ ହାୟ୍ ହୁର୍ନ୍ ଅଃଦିକାରି ଅଃଉଆସ୍ ଇରି ମର୍ ମଃନ୍ ।
ଇତାର୍ ଗିନେ ତୁମିମଃନ୍ ସଃବୁଲକ୍ ଜାଣାସ୍ ଜେ କ୍ରିସ୍ଟ ହଃକା
ଇସ୍ୱରାର୍ ସେ ଗୁପ୍ତ କଃତା । 3 କ୍ରିସ୍ଟ ଅଃଉଁଲା ସେ କୁଚିକାଡା
ଜୁୟ୍ରି ଇସ୍ୱରାର୍ ବୁଦି ଆର୍ ଗିଆନ୍ ହର୍ ସଃବୁ ଲୁକାୟ୍ ରିଲା
ଦଃନାର୍ କାହାଟ୍ ଉଗାଳେଦ୍ । 4 କେ ତୁମିମଃନ୍କେ ଚଃଲାକି
କଃତାୟ୍ ବୁଲ୍କାୟ୍ ନଃକେରେ, ସେତାକ୍ ଇରି କଃଉଁଲେ । 5
କାୟ୍ତାକ୍ବଃଲେକ୍ ଜଦି ନିଜ୍ ଗଃଗାଳେ ମୁୟ୍ଁ ସେତି ନାୟ୍,
ଅୟ୍ଲେକ୍ ହେଁ ଆତ୍ମାୟ୍ ତୁମିମଃନାର୍ ସଃଙ୍ଗ ଆଚି । ତୁମିମଃନାର୍
ନିକରି ଆର୍ କ୍ରିସ୍ଟର୍ ତଃୟ୍ ଜଃବର୍ ବିସ୍ୱାସି ଇରି ଦଃକି ସଃର୍ଦା
ଅଃଉଁଲେ । 6 ବଃଲେକ୍, କ୍ରିସ୍ଟଜିସୁକେ ମାପ୍ରୁ ବଃଲି ମାନି ଆଚାସ୍,
ସେନ୍କଃରି ତାର୍ ସଃଙ୍ଗ ମିସିକଃରି ଜିବନ୍ କାଟା; 7 ତୁମିମଃନାର୍
ତଃୟ୍ ରିଲା ସିକ୍ୟା ହର୍କାରେ ବିସ୍ୱାସେ ଅଃଦିକ୍ ସଃକ୍ତି ଅଃଉଆ
। ତୁମିମଃନାର୍ ମଃନ୍ ଦନ୍ୟବାଦେ ହୁର୍ନ୍ ଅଃଉଅ । 8 ଜଃଗ୍ରାତ୍,
କେ ଜଃନ୍କଃରି ତୁମିକେ ଜଃଗତାର୍ ବାମାଉତାର୍ କଃରାବ୍
ଗିଆନେ ଆୟ୍ତେ ନଃରେକ ସେ ସଃବୁ ଗିଆନ୍ କ୍ରିସ୍ଟର୍ ସିକ୍ୟା
ତଃୟ୍ ହୁଣି ନାସେ ସେରି ମାନାୟ୍ ମଃନାର୍ ହୁର୍ବେ ହୁଣି ଚାଲି
ଆୟ୍ଲା ସିକ୍ୟା ଆର୍ ବିସ୍ୱାସ୍ ଉହ୍ରେ ସାସନ୍ କଃର୍ତିରିଲା ଗଃଗାଲ୍
ନାୟ୍ଲା ସଃକ୍ତି ମଃନାର୍ ସିକ୍ୟାର୍ ହଃଲ୍ । 9 ଅଃବ୍କା ମାନାୟ୍
ରୁହାର୍ କ୍ରିସ୍ଟର୍ ତଃୟ୍ ଇସ୍ୱରାର୍ ଗୁଣ୍ ହୁରୁଣ୍ କଃରି ରଃୟ୍ ଆଚେ
। 10 ତାର୍ ସଃଙ୍ଗ ମିସ୍ଲାର୍ ଗିନେ ତୁମିମଃନ୍ ଜିବନେ ହୁରୁଣ୍
ଲାବ୍ କଃରିଆଚାସ୍ ବିନ୍ ସଃବୁ ସଃକ୍ତି ଆର୍ ଅଃଦିକାରି ଉହ୍ରେ
କ୍ରିସ୍ଟର୍ ସାସନ୍ ହାଣ୍ ହଃକା ସଃବ୍କେ ବଃଡ୍ । 11 ଆରେକ୍
ହେଁ ଗଃଗାଳାର୍ ମଃନ୍ବାବ୍ ଚାଡିକଃରି ତୁମିମଃନ୍ କ୍ରିସ୍ଟର୍ ସଃଙ୍ଗ
ମିସିକଃରି ମାନାୟ୍ର୍ କଃର୍ତା ସୁନତ୍ ନଃୟ୍କଃରି କ୍ରିସ୍ଟର୍ ସୁନତ୍
ତଃୟ୍ ସୁନତ୍ ଅୟ୍ ଆଚାସ୍ । ସେରି ମାନାୟ୍ର୍ ହାହ୍ କଃଲା
ଗଃଗାଳାର୍ ସଃବୁ ସଃକ୍ତି ତଃୟ୍ ହୁଣି ମୁକ୍ଲାୟ୍ଦ୍ । 12 ତୁମିମଃନ୍
ବାପ୍ତିସମେ ତାର୍ ସଃଙ୍ଗ ମଃରି ଉଟି, ଜୁୟ୍ ଇସ୍ୱର୍ ତାକେ ମଃଲା
ତଃୟ୍ ହୁଣି ଉଟାୟ୍ଲା ତାର୍ କଃରୁହାର୍ତା ସଃକ୍ତିଏ ସଃତ୍ କଃରି
କ୍ରିସ୍ଟର୍ ସଃଙ୍ଗ ଆରେକ୍ ଉଟି ଆଚାସ୍ । 13 ହାହାର୍ ଗିନେ ଆର୍
ଗଃଗାଳେ ଅଜିଉଦି ରିଲାକେ ତୁମିମଃନ୍ ତ ମଃରି ରିଲାସ୍,
ତୁମିମଃନ୍କେ ହେଁ ଇସ୍ୱର୍ ତାର୍ ଜିବନ୍ ଦଃୟ୍ଆଚେ; ସେ ତ
ଅଃମିମଃନ୍କ୍ ସଃବୁ ହାହ୍ କେମା କଃରିଆଚେ । 14 ଆରେକ୍ ବିଦି
ଉହ୍ରେ ଅଃମିମଃନାର୍ ବିରଦେ ଜୁୟ୍ ଦଃସ୍ ଲେକା ରିଲି, ସେରି ସେ
ନାସ୍ କଃରି କୁସେ ମାରିକଃରି ଅଃମାର୍ ହାଁୟ୍ ରିଲାର୍ ହାହ୍ ଗୁଚାୟ୍
ଆଚେ 15 ଆରେକ୍ ସେ କୁସେ କ୍ରିସ୍ଟ ସଃବୁ ରଃକମାର୍ ସଃକ୍ତି
ଆର୍ ଅଃଦିକାରି ତଃୟ୍ ହୁଣି ନିଜ୍କେ ମୁକ୍ତ କଃରି ଆଚେ ଆର୍
ସେମଃନ୍କେ ବାନ୍ଦି କଃରି ନିଜେ ଜିଣିକଃରି ଜାତାବଃଲ୍ ସଃବୁ
ଲକାର୍ ମୁୟେ ସେମଃନ୍କେ ଲାଜ୍ କଃରାୟ୍ ଆଚେ । 16 କାଉଆ
ହିଉଆ କି ହଃର୍ବ୍, ଦଃର୍ମ୍ଦିନ୍ କି କଃଉଁଣାଜନ୍ ହଃର୍ବ୍ କି ବିସାଉଁଣି
ବାରାର୍ କଃତାୟ୍ କେ ତୁମିକେ ଦଃସି ବିଚାର୍ ନଃକେରତ୍ । 17
ସେରିମଃନ୍ ଅୟ୍ଲି ଆସୁଲା ଦିନେ ଗଃଟ୍ତା ବିସୟାର୍ ହାଁୟ୍
ଗଃଗାଲ୍ ହର୍, ମଃତର୍ କ୍ରିସ୍ଟ ହଃକା ସଃବୁ ବିସୟାର୍ ମୁଲ୍ । 18
ଜୁୟ୍ମଃନ୍ ଦଃର୍ସନ୍ ଚଃଲାକି ସୁସାର୍ ଆର୍ ସଃର୍ଗ୍ଦୁତ୍ ହୁଜା ଉହ୍ରେ
ମଃନ୍ ଦଃୟ୍ ନିଜ୍କେ ଗଃର୍ବ୍ କଃର୍ତି, ସେମଃନ୍କେ ଦଃକି ନିଜ୍କେ
ସାନ୍ ବାବାନାଁୟ୍ ଇହର୍ ଲକ୍ମଃନ୍ ନିଜ୍କେ ମାନାୟ୍ ମଃନାର୍
ବାବ୍ନାୟ୍ ହଲ୍ୟା ଗଃର୍ବେ ଗଃର୍ବ୍ କଃର୍ତି । 19 ଗଃଗାଳାର୍ ମୁଣ୍ଡ
ହର୍ କ୍ରିସ୍ଟର୍ ତଃୟ୍ ହୁଣି ସେମଃନ୍ ଦୁର୍ ଅୟ୍ ଆଚ୍ତି ତାର୍ତଃୟ୍
ହୁଣି ଗଃଗାଳାର୍ ସବୁ ଗଃଟିମଃନ୍ ଆର୍ ଚିର୍ମଃନାର୍ ଗିନେ
ଉହ୍କାର୍ ହାୟ୍ ଦୁମା ଅୟ୍ଦ୍ ଆର୍ ଗଃଗାଲ୍ ଇସ୍ୱରାର୍ ଇଚା
ହଃର୍କାରେ ବାଡେଦ୍ । 20 ତୁମିମଃନ୍ କ୍ରିସ୍ଟର୍ ସଃଙ୍ଗ ମଃରି ଆଚାସ୍
ଆର୍ ଇ ରାଜି ଉହ୍ରେ ରାଜ୍ କଃର୍ତା ସଃକ୍ତିମଃନାର୍ ବଃଳେହୁଣି
ମୁକ୍ଲି ଆଚାସ୍ । ତଃବେ କାୟ୍କଃରୁକ୍ ତୁମିମଃନ୍ ଜଃଗତାର୍
ଲକ୍ ହର୍ ଜିବନ୍ କାଟୁଲାସ୍? କାୟ୍କଃରୁକ୍ ତୁମିମଃନ୍ ଇହର୍
ବିଦି ସଃବୁ ମାନୁଲାସ୍, 21 “ଇରି ଦଃରା ନାୟ୍, ସେରି କାହାନାୟ୍,
ସେରି ଚିଉଆ ନାୟ୍ ।” 22 ଇସଃବୁ ବିସୟ୍ ଦୁୟ୍ ଦିନାର୍ । ଇରି
ବେବାର୍ ଅଃଉତା ସଃଙ୍ଗେ ସଃଙ୍ଗେ ହଲ୍ୟା ଅୟ୍ଦ୍ । ଇସଃବୁ
ଅଃବ୍କା ମାନାୟ୍ ହାଜ୍ଲା ନିଅମ୍ ଆର୍ ସିକ୍ୟା । 23 ବାୟ୍ଦ୍ରେ
ସଃର୍ଗ୍ଦୁତ୍ ହୁଜା, ଚଃଲାକି, ସୁସାର୍, ଦଃର୍ମି ଆର୍ ଗଃଗାଲ୍କେ
କଃସ୍ଟ ଦେତାର୍ ଗିନେ ଗିଆନାର୍ ନାଉଁ ହାଇ ଆଚେ, ମଃତର୍
ସେତିର୍ ମଲ୍ ନାୟ୍; ସେତାର୍ଗିନେ ଗଃଗାଳାର୍ ମଃନ୍ବାବାର୍
ହୁର୍ନ୍ ଅୟ୍ଦ୍ ।

**3** ତୁମିମଃନ୍ ଜଃବେ କ୍ରିସ୍ଟର୍ ସଃଙ୍ଗ ମଃରି ଉଟି ଆଚାସ୍, ତଃବେ
ଇସ୍ୱରାର୍ କାତାବାଟ୍ ବଃସିରିଲା କ୍ରିସ୍ଟର୍ ଜୁୟ୍ ରେତାଟାଣ୍,
ସେ ସଃର୍ଗାର୍ ବିସୟ୍ମଃନ୍ ମଃନ୍ ଦିଆସ୍ । 2 ହୁର୍ତିବିର୍ ବିସୟ୍
ମଃନେ ଦଃରିନଃକେରି ସଃର୍ଗାର୍ ବିସୟ୍ ମଃନେ ଦଃରା । 3
କାୟ୍ତାକ୍ବଃଲେକ୍ ତୁମିମଃନ୍ ମଃରି ଆଚାସ୍, ଆର୍ ତୁମିମଃନାର୍
ଜିବନ୍ ଇସ୍ୱରାର୍ ତଃୟ୍ କ୍ରିସ୍ଟର୍ ସଃଙ୍ଗ ଗୁପ୍ତ ଆଚେ । 4
ଅଃମିମଃନାର୍ ଜିବନ୍ ହର୍ ଜେ କ୍ରିସ୍ଟ, ଜଃଡ୍ବଃଲ୍ ସେ ଦଃକାୟ୍
ଅୟ୍ଦ୍, ସଃଡେବଃଲ୍ ତୁମିମଃନ ହେଁ ତାର୍ ସଃଙ୍ଗ ଜଃଜ୍ମାନେ
ଦଃକାୟ୍ ଅଃଉଆସ୍ । 5 ତୁମିମଃନାର୍ ହୁର୍ତିବିର୍ ଇଚାୟ୍, ବଃଲେକ୍
ଦାରିମଃନ୍ବାବ୍, ବିଟାଲ୍, କଃରାବ୍ ମଃନ୍ବାବ୍, ଚଃକ୍ତୁହାଣ୍,
ମୁର୍ତିହୁଜା ହର୍ ଲଃବ୍, ଇସଃବୁ ବିସୟେ ହୁଣି ଦୁରି ରିଆ । 6 ଇ
ସଃବୁ ଜେମଃନ୍ କର୍ତି ଆର୍ ଇସ୍ୱର୍କେ ନଃମାନ୍ତି ଇତାର୍ ଗିନେ

ଇସ୍ୱରାର୍ ରିସା ସେମଃନାର୍ ଉହ୍ରେ ଆସେଦ୍ । 7 ହଃର୍ତୁ ତୁମିମଃନ୍
ହେଁ ଇରିମଃନ୍ ଲଃବ୍କଃରି ସେରଃକମ୍ ଜିବନ୍ କାଟ୍ତି ରିଲାସ୍ ।
8 ମଃତର୍ ଅଃବେ ତୁମିମଃନ୍ ହେଁ ଇରିମଃନ୍ ବଃଲେକ୍, ରିସା,
ବେର୍, ଅଃକାର୍, ଲିନ୍ଦା, ଚଃକ୍ତୁକଃତା ଚାଡିଦିଆସ୍ । 9 ଏକ୍
ଆରେକ୍ ମିଚ୍ କଃଉଆ ନାୟ୍; ତୁମିମଃନ୍ ତ ହର୍ନା ଚାଲ୍ଚାଲ୍ତି
ଆର୍ 10 ସେତିର୍ ସଃବୁ କାମ୍ ଚାଡିକଃରି ନଃଉଆଁ ଗୁଣ୍ ଦଃରି
ଆଚାସ୍ ସେ ନଃଉଆଁ ଗୁଣ୍ ନିଜାର ଉବ୍ଜାଣ୍କାରି ରୁହ୍ ହଃର୍କାରେ
ହୁର୍ନ୍ ଗିଆନ୍ ହାଉଁକେ ନଃଉଆଁ ଅୟ୍ ଆଚାସ୍ । 11 ଇତାର୍ ଗିନେ
ଅଜିଉଦି ଆର୍ ଜିଉଦି ସୁନତ୍ ଆର୍ ଅସୁନତ୍ ନିଜାର୍ ବଃର୍ନ୍,
ବିନ୍ବଃର୍ନ୍, ଗତିଦଃଙ୍ଗ୍ଲା କି ହଃଦାସେ ରିଲାର୍ ଇ ଲକାର୍ ବିତ୍ରେ
କେହେଁ ବିନ୍ ନାୟ୍, ମଃତର୍ କ୍ରିସ୍ଟ ସଃବୁ ତଃୟ୍ଁ ସଃବୁର୍, ଆରେକ୍
ସଃବ୍କାର୍ ତଃୟ୍ ବାସାକଃରୁଲା । 12 ତୁମି ଇସ୍ୱରାର୍ ଲକ୍,
ସେ ତୁମିକେ ଲାଡ୍ କଃରି ସେ ନିଜାର୍ ଗିନେ ବାଚ୍ଲା, ସେତାର୍
ଗିନେ, କଃଉଁଣା ମଃନ୍, ଦଃୟା, ସୁସ୍ତା, ଦିର୍, ସଃମ୍ବାଲ୍ତାର୍ ହୁଙ୍ଗା
। 13 ଏକ୍ଲା ଆରେକ୍ ଏକ୍ଲାକେ ସଃମ୍ବାଳ, ଆରେକ୍ ଜଦି କାର୍
ବିରଦେ କଃତା ରିଲେକ୍, ଏକ୍ଲା ଆରେକ୍ ଏକ୍ଲାକେ କେମା କଃର;
ମାପ୍ରୁ ଜଃନ୍କଃରି ତୁମିମଃନ୍କେ କେମା କଃରି ଆଚେ, ତୁମିମଃନ୍
ହେଁ ସେ ରଃକମ୍ କେମା କଃରା । 14 ଆର୍ ଇ ଗୁଣ୍ ଉହ୍ରେ
ଲାଡ୍କେ ହୁଙ୍ଗା, ଇରି ସଃବୁ ସିଦ୍ କଃରି ଗଟେକ୍ କଃରେଦ୍ । 15
ଆର୍, କ୍ରିସ୍ଟର୍ ଦିଲା ଜୁୟ୍ ସୁସ୍ତା ବଗ୍ କଃରୁକେ ତୁମିମଃନ୍କେ
ଗଟେକ୍ ଗଃଗାଲ୍ ହର୍ କୁଦାୟ୍ ଅୟ୍ ଆଚାସ୍, ସେରି ତୁମିମଃନାର୍
ମଃନେ ରାୟ୍ଜ୍କଃର; ଆରେକ୍ ତୁମିମଃନ୍ ସଃବୁବଃଲ୍ ଦନ୍ୟବାଦ୍
ଦିଆସ୍ । 16 କ୍ରିସ୍ଟର୍ କଃତା ତୁମିମଃନାର୍ ମଃନେ ଜଃବର୍
ବାସାକଃର; ତୁମିମଃନ୍ ହଃତିଲକ୍ ହୁର୍ନ୍ ବୁଦିର୍ ସଃଙ୍ଗ୍ ସିକାଉଆ
ଆର୍ ଚେତାଉଆ, ଆରେକ୍ ଇସ୍ୱରାର୍ ଗିନେ ଗିତ୍ ପ୍ରସଂସା,
ଦଃର୍ମ୍ ଗିଆନେ ମଃନ୍ସଃହ୍ରି ଗିତ୍ କଃଉଆ । 17 ଆର୍ କଃତାୟ୍
କି କାମେ ତୁମିମଃନ୍ ଜାଇରି କଃରା, ସେରିମଃନ୍ ମାପ୍ରୁ ଜିସୁର୍
ନାଉଁଏ କଃରି, ତାର୍ ତଃୟ୍ଁ ଉବା ଇସ୍ୱର୍କେ ଦନ୍ୟବାଦ୍ ଦିଆସ୍ ।
18 ଏ ମାୟ୍ଜିମଃନ୍, ଜିସୁ ମାପ୍ରୁର୍ ମିଳାମିସାୟ୍ ଟିକ୍ ଚାଲ୍ଚାଲ୍ତି
ହଃର୍କାରେ ନିଜାର୍ ନିଜାର୍ ଅଃଣ୍ଡାର୍ କଃତାମାନି ଚାଲା । 19
ଏ ଅଃଣ୍ଡାମଃନ୍ ନିଜାର୍ ନିଜାର୍ ମାୟ୍ଜିମଃନ୍କେ ଲାଡ୍ କଃରା,
ସେମଃନ୍କେ ସାଦା ନାୟ୍ । 20 ଏ ହିଲାମଃନ୍, ସଃବୁ କଃତାୟ୍
ଆୟାଉବାର୍ ବଲ୍ ମାନା, କାୟ୍ତାକ୍ ବଃଲେକ୍ ଇରି ମାପ୍ରୁ ତଃୟ୍
ସଃର୍ଦାର୍ କଃତା । 21 ଏ ଆୟା ଉବାମଃନ୍ ନିଜାର୍ ନିଜାର୍
ହିଲାମଃନ୍କେ ରିସା କଃରାଉଆ ନାୟ୍, ବଃଲେକ୍ ଇତାର୍ ଗିନେ
ସେମଃନ୍ ମଃନ୍ ଉଣା କଃର୍ତି । 22 ଏ ଗତିଦଃଙ୍ଗ୍ଲାମଃନ୍ ନଃର୍
ସାଉକାର୍ ମଃନ୍କେ ସଃର୍ଦା କଃରାଉଁକ୍ କଃଲାହର୍ ଦଃକ୍ଣେ
କାମ୍ ନଃକେରି ମାପ୍ରୁକେ ଡିରି ମଃନ୍ସଃର୍ଦାୟ୍ ସଃବୁ କଃତାୟ୍
ତୁମିମଃନାର୍ ଜଃଗତାର୍ ମୁଳିକାର୍ କଃତାମାନା । 23 ତୁମିମଃନ୍
ଜାୟ୍ରିହେଁ କଃରାସ୍, ମାପ୍ରୁ ହାଁୟ୍ କଃଲାହର୍ ସଃର୍ଦାୟ୍ ସେରି
କଃରା, ମାନାୟ୍ ହାୟ୍ଁ କଃଲାହର୍ କଃରା ନାୟ୍; 24 ମଃନେ
ହଃକାଉଆ ମାପ୍ରୁର୍ ତଃୟ୍ହୁଣି ତାର୍ ହିଲାମଃନ୍ ହାଉତାର୍
ସଃଙ୍ଗାୟ୍ଲାର୍ ପୁରିସ୍କାର୍ ହାଉଆସ୍, କ୍ରିସ୍ଟ ସଃତ୍ଗୁରୁ ଇରିତ
ତୁମିମଃନ୍ ମାପ୍ରୁ କ୍ରିସ୍ଟକେ ସେବା କଃରୁଲାସ୍ ଇତି ଜାଣାସ୍ । 25
ବଃଲେକ୍ ଜେ ଦସ୍ କଃରେଦ୍, ସେ ନିଜାର୍ ଦଃସାର୍ ହଃଲ୍ ହାୟ୍ଦ୍
। କାୟ୍ତାକ୍ବଃଲେକ୍ ଇସ୍ୱର୍ ମୁକ୍ମେଟ୍ ନଃଦେକି ସଃବ୍କାର୍
ବିଚାର୍ କଃରେଦ୍ ।

4 ଏ ସାଉକାର୍ମଃନ୍, ସଃର୍ଗେ ତୁମିମଃନାର୍ ହେଁ ସାଉକାର୍
ଆଚେ ବଃଲି ଜାଣି ନିଜାର୍ ନିଜାର୍ ଗତିଦଃଙ୍ଗ୍ଲା ମଃନ୍କେ
ଟିକ୍ ଆର୍ ନିକ ବେବାର୍ କଃରା । 2 ସଃବୁବଃଲ୍ ପାର୍ତନାୟ୍ ଜିବନ୍
କାଟା ଆର୍ ଇସ୍ୱର୍କେ ଦନ୍ୟବାଦ୍ କଃରି ପାର୍ତନାୟ୍ ଜଃଗ୍ରାତ୍
ରିଆ । 3 ଅଃମାର୍ ହାୟ୍ଁ ହେଁ ପାର୍ତ୍ନା କଃରା, ଜଃନ୍କଃରି ବାକ୍ୟ
ପର୍ଚାର୍ କଃରୁକେ ଇସ୍ୱର୍ ଅଃମାର୍ ହାଁୟ୍ ଦୁଆର୍ ଉଗାଳେଦ୍
। ଆର୍ ଜଃନ୍କଃରି କ୍ରିସ୍ଟର୍ ଜୁୟ୍ ଗୁପ୍ତୁଗିଆନାର୍ ଗିନେ ମୁୟ୍ଁ
ଜଃୟ୍ଲେ ଆଚି । 4 ପାର୍ତ୍ନା କଃରା ଜଃନ୍କଃରି ମୁୟ୍ଁ ସଃତ୍
ବାବେ ଆର୍ ନିକକଃରି ସେରି ପର୍ଚାର୍ କଃରୁ ହାରିନ୍ଦ । 5 ସେରି
କଃରୁକେ ବେଳା ମିଳିଆଚେ, ସଃତ୍ ନଃକେର୍ତା ଲକ୍ମଃନାର୍
ତଃୟ୍ ବୁଦିର୍ ସଃଙ୍ଗ୍ ଚାଲ୍ଚାଲ୍ତି କଃରା । 6 ତୁମିମଃନାର୍
କଃତା ସଃବୁବଃଲ୍ ସଃର୍ଦାରି ଅଃଉଅ, ଦଃୟା ଲାଡାର୍ ଅଃଉଅ,
ଜଃନ୍କଃରି କାକେ କଃନ୍କଃରି ଟିକ୍ ଉତୁର୍ ଦେଉଁକେ ଅୟ୍ଦ୍
ସେରି ଜାଣୁ ହାରାସ୍ । 7 ଅଃମାର୍ ଲାଡାର୍ ବାୟ୍, ମାପ୍ରୁର୍
ସଃତ୍ ସେବାକାରି ଆର୍ ସଃଙ୍ଗ୍ଆଳି ତୁକିକ, ସେ ମର୍ ସଃବୁ
କଃତା ଜାଣାୟ୍ଦ୍ । 8 ସେତାର୍ ଗିନେ ମୁୟ୍ଁ ତାକେ ତୁମିମଃନାର୍
ହାକ୍ ହଃଟାୟ୍ଲେ, ଜଃନ୍କଃରି ତୁମିମଃନ୍ ଅଃମିମଃନାର୍ ଅବୁସ୍ତା
ବିସୟ୍ ଜାଣୁହାରାସ୍, ଆର୍ ତୁମିମଃନାର୍ ମଃନ୍ ତାର୍ ହାଁୟ୍
ସଃର୍ଦା ଅୟ୍ଦ୍ । 9 ତାର୍ସଃଙ୍ଗ୍ ମୁୟ୍ଁ ବିସ୍ୱାସି ଆର୍ ଲାଡାର୍
ବାୟ୍ ଅନିସିମକେ ହଃଟାୟ୍ଲେ, ସେ ତୁମିମଃନାର୍ ବିତ୍ରେ ଏକ୍ଲା
। ସେ ମର୍ ଇତିର୍ ସଃବୁ କବୁର୍ ତୁମିମଃନ୍କେ ଜାଣାୟ୍ଦ୍ ।
10 ମରସଃଙ୍ଗ୍ ଜଃଇଲେ ରିଲା ଆରିସ୍ତାର୍କ୍ ଆରେକ୍ ବର୍ନବାର୍
କୁଟୁମାର୍ ବାୟ୍ ମାର୍କ, ତାର୍ କଃତା ତୁମିମଃନ୍ ବିଦି ହାୟ୍ ଆଚାସ୍;
ସେ ଜଦି ତୁମାର୍ ହାକ୍ ଆସେଦ୍, ତଃବେ ତାକେ ମାନା, ସେ
ତୁମିମଃନ୍କେ ଦନ୍ୟବାଦ୍ ଜାଣାଉଁଲା । 11 ଆର୍ ଜୁସ୍ତ ନାଉଁଏ
ଡାକ୍ହୁଟା ଜିହସୁୟ ହେଁ ତୁମିମଃନ୍କେ ଜୁଆର୍ ଜାଣାଉଁଲା;
ଜିହୁଦିମଃନାର୍ ବିତ୍ରେ ସେମଃନ୍ ହଃକା ଇସ୍ୱରାର୍ ରାଇଜାର୍
ଗିନେ ମର୍ ସଃଙ୍ଗ୍ କାମ୍ କଃରୁ ଏମଃନ୍ ଉହ୍କାର୍ କଃରୁମଃନ୍ ।
12 ଏପାପ୍ରା, ଜେ ତୁମିମଃନାର୍ ବିତ୍ରେ ଏକ୍ଲା ତୁମିମଃନ୍କେ ଜୁଆର୍
ଜାଣାଉଁଲା, ସେତ କ୍ରିସ୍ଟ ଜିସୁର୍ ଗତିଦଃଙ୍ଗ୍ଲା ଆର୍ ନିଜାର୍
ପାର୍ତନାୟ୍ ତୁମିମଃନାର୍ ଗିନେ ସଃବୁବଃଲ୍ ଜିବନ୍ ସଃହ୍ରିଆଚେ,
ଜଃନ୍କଃରି ତୁମିମଃନ୍କେ ସିଦ୍ ଆର୍ ଇସ୍ୱରାର୍ ସଃବୁ ଇଚାକ୍
ହୁରୁଣ୍ କଃରି ଜାଣି ଅଃଟୁଆ ରିଆସ୍ । 13 କାୟ୍ତାକ୍ବଃଲେକ୍
ସେ ତୁମିମଃନାର୍ ଗିନେ ଆର୍ ଲାଅଦିକିଆ, ଆର୍ ହିରାପଲିଏ
ରିଲା ଲକମଃନାର୍ ହାୟ୍ଁ ତ ଅଃଦିକ୍ କଃସ୍ଟ କଃରୁଲା, ତାର୍

ଗିନେ ମୁୟ୍ଁ ଇ ସାକି ଦେଉଁଲେ । 14 ଲାଡାର୍ ବୟ୍‌ଦ୍ ଲୁକ ଆର୍
ଦିମା ତୁମିମଃନ୍‌କେ ଜୁଆର୍ ଜାଣାଉଁଲାୟ୍ । 15 ଲାଅଦିକିଆ
ତଃୟ୍ ରିଲା ବାୟ୍‌ବେଣିମଃନ୍‌କେ, ବେଣି ମୁନ୍‌ପା ଆର୍ ତାର୍
ଗଃରେ ରିଲା ମଣ୍ଡ୍‌ଳିକେ ଜୁଆର୍ ଜାଣାଉଆ । 16 ଆରେକ୍
ତୁମିମଃନାର୍ ବିତ୍ରେ ଇ ଚିଟି ହଲ୍‌ଲା ହଃଚେ ଲାଅଦିକିଆ ମଣ୍ଡ୍‌ଳିଏ
ହେଁ ଜଃନ୍‌କଃରି ହଲ୍‌ତା ଲଳା, ଆରେକ୍ ଲାଅଦିକିଆ ତଃୟ୍
ହୁଣି ଜୁୟ୍ ଚିଟି ଆସେଦ୍, ସେରି ହେଁ ତୁମିମଃନ୍ ହଳାସ୍ ଇତାର୍
ଗିନେ ଜଃତୁନ୍ କଃରା । 17 ଆର୍କିପପ୍‌କେ କଃଉଆ ତୁମି "ମାପ୍ରୁର୍
କାମେ ଜୁୟ୍ ସେବାର୍ ହଃଦ୍ ହାୟ୍‌ଆଚାସ୍ ସେରି ହୁରା କଃରୁକେ
ଜଃଗ୍ରାତ୍ ଅୟ୍‌ରିଆ ।" 18 ମୁୟ୍ଁ ପାଉଲ୍ ମର୍ ନିଜାର୍ ଆତେ
ଲେକି ଇ ଚିଟି ତଃୟ୍ ଜୁଆର୍ ଜାଣାଉଁଲେ, ମର୍ ବାନ୍ଧଣ୍ ବିତ୍ରେ
ରିଲାର୍ ଏତାଉଆ, ଇସ୍ୱରାର୍ ଦଃୟା ତୁମିକେ ଅଃଉଆ ।

# ୧ ତେସଲନିକି

1 ମୁୟେଁ ପାଉଲ୍, ସିଲା ଆର୍ ତିମତି ତେସଲନିକି ମଣ୍ଡଳିର୍
ଲକ୍‌ମଃନ୍‌କେ ଚିଟି ଲେକୁଲୁ । ଉବା ଇସ୍ୱରାର୍ ଆର୍ ମାପ୍ରୁ
ଜିସୁ କ୍ରିସ୍ଟର୍ ଦଃୟା ଆର୍ ସୁସ୍ତା ତୁମାର୍ ଉହ୍ରେ ଅଃଉଅ । 2
ଅଃମିମଃନ୍ ପାର୍ତ୍ନା କଃର୍ତା ବଃଳ୍ ତୁମିମଃନାର୍ ନାଉଁ ଦଃରି ତୁମାର୍
ସଃବୁଲକାର୍ ଗିନେ ସଃବୁବଃଳ୍ ଇସ୍ୱର୍‌କେ ଦନ୍ୟବାଦ୍ କଃରୁଲୁ
। 3 ଅଃମିମଃନାର୍ ଇସ୍ୱର୍ ଆର୍ ଉବାର୍ ଚଃମେ ଅଃମିମଃନ୍
ତୁମିମଃନାର୍ ବିସ୍ୱାସାର୍ କାମ୍, ଲାଡାର୍ କଃବାଲ୍ ଆର୍ ଅଃମାର୍
ମାପ୍ରୁ ଜିସୁ କ୍ରିସ୍ଟର୍ କଃତାକ୍ ତୁମାର୍ ବଃର୍ସା ସାସ୍ ଦଃର୍‌ତାର୍
କଃତା ସଃବୁବଃଳ୍ ଏତାଉଆ । 4 ଏ ଅଃମାର୍ ବାୟ୍‌ବେଣିମଃନ୍,
ଅଃମିମଃନ୍ ଜାଣି ଆଚୁ ଜେ, ଇସ୍ୱର୍ ତୁମିମଃନ୍‌କେ ଲାଡ୍ କଃରୁଲା
ଆର୍ ସେ ନିଜେ ତୁମିମଃନ୍‌କେ ବାଚିଆଚେ । 5 ଅଃମିମଃନ୍ ନିକ
କବୁର୍ ଅଃବ୍‌କା କଃତାୟ୍ ନାୟ୍, ମଃତର୍ ସଃକ୍ତି, ପବିତ୍ର ଆତ୍ମା
ଆର୍ ହୁରାକଃରି ତୁମିମଃନାର୍ ଲଃଗେ ଆୟ୍‌ଲି; ତୁମିମଃନାର୍
ସଃଙ୍ଗ୍ ରେତାବଃଳ୍ ତୁମିମଃନାର୍ ସଃଙ୍ଗ୍ ଅଃମିମଃନ୍ କଃନ୍‌କା
ଚାଲାଚାଲ୍‌ତି କଃରିରିଲୁ, ସେରି ତ ତୁମିମଃନ୍ ଜାଣି ଆଚାସ୍
। ଇରି ତୁମାର୍ ନିଜାର୍ ବଃଲ୍ ହାଁୟ୍, 6 ଆରେକ୍ ତୁମିମଃନ୍
ବଃଡେ ଦୁକ୍‌କଃସ୍ଟ ବଗ୍ କଃରି ହେଁ ପବିତ୍ର ଆତ୍ମା ଦିଲା ସଃର୍ଦାର୍
ସଃଙ୍ଗ୍ ସେ ମାପ୍ରୁର୍ କଃତାକ୍ ମାନିକଃରି ଅଃମାର୍ ଆର୍ ମାପ୍ରୁର୍
ହଃଚେ ଜାତି ରିଲାସ୍ । 7 ଇବାନ୍ୟା ତୁମିମଃନ୍ ମାକିଦନିଆ
ଆର୍ ଆକାୟା ଲଃଗେ ବାସା କଃର୍ତିରିଲା ସଃବୁ ବିସ୍ୱାସିମଃନାର୍
ବାଟ୍ ଦଃକାଉତା ଲକ୍ ହର୍ ଅୟ୍‌ରିଲାସ୍ । 8 ତୁମାର୍ ତଃୟ୍‌ହୁଣି
ଅଃବ୍‌କା ମାପ୍ରୁର୍ କଃତା ମାକିଦନିଆ ଆର୍ ଆକାୟା ତଃୟ୍
ପର୍ଚାର୍ ଅୟ୍‌ଆଚେ, ସେରି ନାୟ୍, ମଃତର୍ ଇସ୍ୱର୍‌କେ ତୁମାର୍
ବିସ୍ୱାସାର୍ କଃତା ସଃବୁହାକ୍ ଉର୍ଜି ଅୟ୍‌ଆଚେ, ସେ କଃତାକେ
ଚାଡି ଅଃମିମଃନ୍‌କେ କାୟ୍‌ରି ହେଁ ଲଳା ନାୟ୍ । 9 ଜୁୟ୍‌ତାର୍ ଗିନେ
ଲକ୍‌ମଃନ୍ ଅଃମିମଃନାର୍ ବିସୟେ କଃଉଁଲାୟ୍, ତୁମାର୍ ଲଃଗେ
ଅଃମିମଃନ୍ ଆସ୍ତାବଃଳ୍ ତୁମି କଃନ୍‌କଃରି ଆଗଳି ଦଃରିରିଲାସ୍,
ଆର୍ କଃନ୍‌କଃରି ତୁମିମଃନ୍‌କେ ମୁର୍ତି ହୁଜା ସଃବୁ ଚାଡିକଃରି
ଜିବନ୍ ଆର୍ ସଃତ୍ ଇସ୍ୱରାର୍ ସେବା କଃରୁଲାସ୍, 10 ଆରେକ୍
ସେ ଇସ୍ୱର୍ ଅଃହ୍‌ଣାର୍ ଜୁୟ୍ ହୟ୍‌ସିକ୍ ମଃଲା ଲକାର୍ ତଃୟ୍‌ହୁଣି
ଉଟାୟ୍‌ରିଲା, ଆସୁଲା କହ୍ ତଃୟ୍‌ହୁଣି ଅଃମିମଃନ୍‌କେ ରଃକ୍ୟା
କଃର୍ତା ସେ ଜିସୁକେ ସଃର୍ଗେ ହୁଣି ଆସ୍ତାର୍ ଜାଗିରେଉଉଁଆ ।

2 ଏ ଅଃମାର୍ ବାୟ୍‌ବେଣିମଃନ୍, ତୁମିମଃନ୍ ତ ନିଜେ ଜାଣି
ଆଚାସ୍, ତୁମିମଃନାର୍ ହାକ୍ ଅଃମି ଆସ୍ତାର୍ ହଲ୍ୟାୟ୍ ନଃଜାୟ୍;
2 ମଃତର୍ ଜଃନ୍‌କଃରି ତୁମିମଃନ୍ ଜାଣି ଆଚାସ୍, ଅଃମିମଃନ୍
ଇତାର୍ ହୁର୍ବେ ପିଲିପି ତଃୟ୍ ଦୁକ୍ ଆର୍ ଅପ୍‌ମାନ୍ ହାୟ୍‌ଲା
ହଃଚେ, ତୁମାର୍ ଲଃଗେ ବଃଡେ କଃସ୍ଟେ ନିକ କବୁର୍ ପର୍ଚାର୍
କଃରୁକେ ଇସ୍ୱରାର୍ ତଃୟ୍‌ହୁଣି ସାସ୍ ହାୟ୍‌ରିଲୁ । 3 ଅଃମାର୍
ସିକ୍ୟା ବାମ୍‌ଲାଉତାର୍, କି ବିଟାଲ୍, କି ତୁମିମଃନ୍‌କେ ଜଃଟୁକେ
ମଃନ୍ ସିକ୍ୟା ନଃରିଲି । 4 ମଃତର୍ ଅଃମିମଃନ୍ ଇସ୍ୱରାର୍ ଇଚା
ହଃର୍କାରେ ସଃବୁବଃଳ୍ କଃତା କଃଉଁଲୁ, ବଃଲେକ୍ ସେ ଅଃମିକ୍
ଜୟ୍‌ଗ୍ ବଃଲି ଅଃମାର୍ ଉହ୍ରେ ନିକ କବୁର୍ ପର୍ଚାର୍ କଃରୁକେ
ବଜ୍ ସଃହ୍ରି ଦଃୟ୍‌ଆଚେ । ମାନାୟ୍‌ମଃନ୍‌କେ ସଃର୍ଦା କଃରାଉଁକେ
ଅଃମି ସେରି ନଃକେରୁ, ମଃତର୍ ଜେ ଅଃମାର୍ ମଃନ୍‌କେ ପରିକ୍ୟା
କଃରେଦ୍, ସେ ଇସ୍ୱର୍‌କେ ସଃର୍ଦା କଃରାଉଁକେ ସେରି କଃରୁଲୁ ।
5 ତୁମିମଃନ୍ ଜାଣି ଆଚାସ୍, ଅଃମିମଃନ୍ କଃବେ ହେଁ ଚିକ୍‌ଣିଆ
କଃତା ନଃକଃଉଁ କି ଅଃମାର୍ ଲଃବ୍‌କେ ଲୁକାଉଁକେ ନଃଜେଟୁ,
ଇସ୍ୱର୍ ଇତାର୍ ସାକି । 6 ଅଃମି ତୁମିମଃନାର୍ ତଃୟ୍‌ହୁଣି ଅଃଉଆ
କି ବିନ୍ କାର୍ ତଃୟ୍‌ହୁଣି ଅଃଉଆ, କୁୟ୍ ମାନାୟ୍‌ର୍ ତଃୟ୍‌ହୁଣି
ହେଁ ଜଃଜ୍‌ମାନ୍ ହାଉଁକ୍ ଉପାୟ୍ ନଃକେରୁ । 7 ଅୟ୍‌ଲେକ୍
ହେଁ ଅଃମିମଃନ୍ କ୍ରିସ୍ଟର୍ ପେରିତ୍ ଅୟ୍ ଆଚୁ ବଃଲି ଅଃମିମଃନ୍
ତୁମାର୍ ତଃୟ୍‌ହୁଣି ମାନ୍‌ତି ହାଉଁକ୍ ଦାବି କଃରୁକେ ହାର୍‌ଲୁହୁଣି,
ମଃତର୍ ଅଃମିମଃନ୍ ତୁମିମଃନାର୍ ଲଃଗେ ସୁସାର୍ ଅୟ୍, ଆୟ୍‌ସି
ଜଃନ୍‌କଃରି ଅଃହ୍‌ଣାର୍ ହିଲାମଃନ୍‌କେ ଜଃତୁନ୍ କଃରେଦ୍,
ତୁମାର୍ ସଃଙ୍ଗ୍ ରିଲାବଃଳ୍ ଅଃମିମଃନ୍ ସେବାନ୍ୟା ତୁମାର୍ ସଃଙ୍ଗ୍
ଚାଲାଚାଲ୍‌ତି କଃରିରିଲୁ । 8 ତୁମିମଃନାର୍ ଗିନେ ଅଃମାର୍
ଲାଡ୍ ଆଚେ, ତଃବାର୍‌ଗିନେ ଅଃମିମଃନ୍ ତୁମିମଃନ୍‌କେ ଅଃବ୍‌କା
ଇସ୍ୱରାର୍ ନିକ କବୁର୍ ନାୟ୍, ମଃତର୍ ନିଜାର୍ ନିଜାର୍ ଜିବନ୍
ହେଁ ଦେଉଁକ୍ ମଃନ୍ କଃରିରିଲୁ, କାୟ୍‌ତାକ୍‌ବଃଲେକ୍ ତୁମିମଃନ୍
ଅଃମାର୍ ଲାଡାର୍ ଲକ୍ ଅୟ୍‌ରିଲାସ୍ । 9 ଏ ବାୟ୍‌ବେଣିମଃନ୍,
ଅଃମିମଃନ୍ କଃଡେକ୍ କଃସ୍ଟ କଃରି କାମ୍ କଃରି ଆଚୁ, ସେରି
ତୁମାର୍ ମଃନେ ଆଚେ; ଜଃନ୍‌କଃରି ଅଃମିମଃନ୍ ତୁମିମଃନାର୍
ଉହ୍ରେ କାର୍ ବଜ୍ ହର୍ ନଃଉତା ଗିନେ ଦିନ୍‌ରାତି କାମ୍ କଃରି
ଇସ୍ୱରାର୍ ନିକ କବୁର୍ ତୁମିମଃନାର୍ ଲଃଗେ ପର୍ଚାର୍ କଃରିରିଲୁ
। 10 ବିସ୍ୱାସି ଜେ ତୁମିମଃନ୍, ତୁମିମଃନାର୍ ସଃଙ୍ଗ୍ ଅଃମିମଃନ୍
କଃନ୍‌କଃରି ପବିତ୍ର, ଦଃର୍ମି ଆର୍ ନିର୍ଦସି ଚାଲାଚାଲ୍‌ତି କଃରିରିଲୁ,
ତୁମିମଃନ୍ ସେତିର୍ ସାକି ଆର୍ ଇସ୍ୱର୍ ନିଜେ ହେଁ ସେତିର୍ ସାକି
। 11 ତୁମିମଃନ୍ ତ ଜାଣାସ୍, ଉବାସି ଜଃନ୍‌କଃରି ଅଃହ୍‌ଣାର୍
ହିଲାମଃନ୍‌କେ ଜଃତୁନ୍ କଃରେଦ୍, ସେବାନ୍ୟା ଅଃମିମଃନ୍ ତୁମି
ସଃବୁ ଲକେ ସିକ୍ୟା ଦଃୟ୍ ଆର୍ ବଃର୍ସା ଦଃୟ୍ ଗଃଉଆରି
କଃରିରିଲୁ, 12 ଜଃନ୍‌କଃରି ତୁମିମଃନ୍ କୁଦ୍‌ଲା ଜୁୟ୍ ଇସ୍ୱର୍,
ତାର୍ ରାଇଜ୍ ଆର୍ ଜଃଜ୍‌ମାନାର୍ ଅଃଦିକାରି ଅଃଉଁକେ ତୁମିମଃନ୍
ଇସ୍ୱରାର୍ ଜୟ୍‌ଗ୍ ଚାଲାଚାଲ୍‌ତି କଃରା । 13 ଆର୍ ଇତାର୍ ଗିନେ
ଅଃମିମଃନ୍ ହେଁ ସଃବୁବଃଳ୍ ଇସ୍ୱର୍‌କେ ଦନ୍ୟବାଦ୍ କଃରୁଲୁ,
ଜଃଡେବଃଳ୍ ତୁମିମଃନ୍ ଅଃମି ପର୍ଚାର୍ କଃଲା ମାପ୍ରୁର୍ କଃତା
ସୁଣି ମଃନେ ଦଃର୍ଲାସ୍, ସଃଡେବଃଳ୍ ସେରି ମାନାୟ୍‌ର୍ କଃତା
ବଃଲି ମଃନେ ନଃଦେରି, ଇସ୍ୱରାର୍ କଃତା ବଃଲି ମଃନେ
ଦଃରିରିଲାସ୍, ଆର୍ ସଃତ୍‌କଃରି ସେରି ଇସ୍ୱରାର୍ କଃତା; ଆରେକ୍
ବିସ୍ୱାସି ଜେ ତୁମିମଃନ୍, ତୁମିମଃନାର୍ ମଃନ୍ ବିତ୍ରେ ସେରି
କାମ୍ କଃରୁଲି । 14 କାୟ୍‌ତାକ୍‌ବଃଲେକ୍ ଏ ବାୟ୍‌ବେଣିମଃନ୍,

ତୁମିମଃନ୍ କ୍ରିସ୍ଟ ଜିସୁର୍ ତଃୟ୍ ରେତା ଜିଉଦା ଦେସାର୍ ଇସ୍ୱର୍
ବିସ୍ୱାସି ଦଃଳାର୍ ହର୍ ଅୟ୍ ଆଚାସ୍, ଜଃନ୍କଃରି ସେମଃନ୍
ଜିଉଦିମଃନାର୍ ତଃୟ୍ହୁଣି ଜୁୟ୍ ସଃବୁ ଦୁକ୍ ବୟଃଗ୍ କଃରି
ରିଲାୟ୍, ତୁମିମଃନ୍କେ ହେଁ ନିଜାର୍ ଲକ୍ମଃନାର୍ ତଃୟ୍ହୁଣି
ସେ ସଃବୁ ଦୁକ୍ ବୟଃଗ୍ କଃରି ଆଚାସ୍ । 15 ସେ ଜିଉଦିମଃନ୍
ମାପ୍ରୁ ଜିସୁକେ, ଆରେକ୍ ବାବ୍ବାଦିମଃନ୍କେ ହେଁ ମାରି ରିଲାୟ୍,
ଆର୍ ଅଃମିମଃନ୍କେ କଃସ୍ଟ ଦିଲାୟ୍, ସେମଃନାର୍ ଗିନେ ଇସ୍ୱର୍
ବଃଡେ ଦୁକ୍ କଃରୁଲା ଆର୍ ସେ ସଃବୁ ଲକ୍ ମାନାୟ୍ ଜାତିର୍
ସଃତ୍ରୁ, 16 କାୟ୍ତାକ୍ବଃଲେକ୍ ଇସ୍ୱର୍ ଅଜିଉଦି ଲକ୍ମଃନ୍କେ
ମୁକ୍ଳାଉଁକ୍ ସେମଃନାର୍ ଲଃଗେ ନିକ କବୁର୍ ପର୍ଚାର୍ କଃରୁକେ
ସେମଃନ୍ ଅଃମିମଃନ୍କ୍ ବାଦା ଦେତି; ଇବାନ୍ୟା କଃରି ସେମଃନ୍
ସଃବୁବଃଲ୍ ଅଃହ୍ଣା ଅଃହ୍ଣାର୍ ହାହ୍ ହୁରୁଣ୍ କଃରୁଲାୟ୍; ମଃତର୍
ସେମଃନାର୍ ଉହ୍ରେ ଇସ୍ୱରାର୍ କହ୍ ସଃବୁ ଡାଳି ଅୟ୍ଲିନି । 17
ଏ ବାୟ୍ବେଣିମଃନ୍, ଅଃମିମଃନ୍ ମଃନେ ହୁଣି ନୟ୍, ମଃତର୍
ଗଃଗାଳେ ହୁଣି ଅଃମାର୍ ଗିନେ ତୁମିମଃନାର୍ ତଃୟ୍ହୁଣି ଅଃଲ୍ଗା
ଅୟ୍ରିଲୁ, ସେତାକ୍ ତୁମିମଃନ୍ ଦଃକୁକ୍ ମଃନ୍କଃରି ଅଃଦିକ୍
ଉପାୟ୍ କଃରିରିଲୁ । 18 ଇତାର୍ ଗିନେ ଅଃମିମଃନ୍ ତୁମାର୍ ଲଃଗେ
ଜଃଉଁକେ ମଃନ୍ ହାଚିରିଲୁ, ସଃତ୍କଃରି ମୁୟ୍ଁ ପାଉଲ୍ ତରେକ୍,
ଦୁୟ୍ତର୍ ମଃନ୍ ହାଚିରିଲେ, ମଃତର୍ ସୟ୍ତାନ୍ ଅଃମିମଃନ୍କ୍
ବାଦା ଦିଲି । 19 କାୟ୍ତାକ୍ବଃଲେକ୍ ଅଃମିମଃନାର୍ ମାପ୍ରୁ
ଜିସୁ ଆସ୍ତାବଃଲ୍ ତାର୍ ଲଃଗେ ଅଃମିମଃନାର୍ ବଃର୍ସା, ସଃର୍ଦା,
ଆର୍ ଗଃର୍ବାର୍ ମୁକୁଟ୍ କାୟ୍ରି? କାୟ୍ ତୁମିମଃନ୍ ନାୟ୍? 20
ତୁମିମଃନାର୍ ଗିନେ ତ ଅଃମାର୍ ଜଃଜ୍ମାନ୍ ଆର୍ ସଃର୍ଦାର୍ କଃତା
।

**3** ଇତାର୍ ଗିନେ ଅଃମିମଃନ୍ ଆରେକ୍ ସଃମ୍ଭାଳୁ ନଃହାର୍ଲୁ
। ତଃବେ ଆତିନି ତଃୟ୍ ଏକ୍ଲା ରେଉଁକ୍ ତିର୍ କଃଲୁ, 2
ଆରେକ୍ ତୁମିମଃନ୍କେ ତିର୍ ଆର୍ ତାହୁନ୍ କଃରୁକେ ଆର୍
ତୁମିମଃନାର୍ ବିସ୍ୱାସାର୍ କଃତାୟ୍ ତୁମିମଃନ୍କେ ସାସ୍ ଦେଉଁକ୍
କ୍ରିସ୍ଟର୍ ନିକ କବୁର୍ ପର୍ଚାର୍ କଃର୍ତା କାମେ ଇସ୍ୱର୍ ସଃଙ୍ଗ କାମ୍
କଃର୍ତା ଅଃମାର୍ ବାୟ୍ ତିମତିକେ ହଃଟାୟ୍ଲୁ, 3 ଜଃନ୍କଃରି
କେ ହେଁ ଇ ସଃବୁ ଦୁକ୍ କଃସ୍ଟାର୍ ଗିନେ ବିସ୍ୱାସ୍ ଚାଡି ହଃଚେ
ନଃଗୁଚ୍ତି । ଇତାର୍ ଗିନେ ଇସ୍ୱର୍ ଅଃମିମଃନ୍କ୍ ବାଚିଆଚେ
ବଃଲି ତୁମିମଃନ୍ ତ ନିଜେ ଜାଣି ଆଚାସ୍ । 4 କାୟ୍ତାକ୍ବଃଲେକ୍
ଅଃମିମଃନ୍ ଜେ ଦୁକ୍ ବୟଃଗ୍ କଃରୁକେ ଅୟ୍ଦ୍, ଇରି ଅଃମିମଃନ୍
ତୁମାର୍ ସଃଙ୍ଗ ରେତାବଃଲ୍ ତୁମିମଃନ୍କେ ଆଗ୍ତୁ ତର୍କେ ତର୍
କୟ୍ରିଲୁ, ଆରେକ୍ ସେବାନ୍ୟା ଗଃଟିଆଚେ, ଆର୍ ତୁମିମଃନ୍
ସେରି ଜାଣାସ୍ । 5 ଇତାର୍ ଗିନେ, କଃଡେବଃଲ୍ ସୟ୍ତାନ୍
ତୁମିମଃନ୍କେ କଃଟ୍ହାଲ୍ ବୁଜି ରଃୟ୍ଦ୍ ଆର୍ ଅଃମିମଃନାର୍
କାମ୍ ହଲ୍ୟାୟ୍ ଜାୟ୍ ରଃୟ୍ଦ୍, ଇ ମଃନେ ବାବି ମୁୟ୍ଁ ହେଁ
ଆରେକ୍ ସଃମ୍ଭାଳି ରେଉଁ ନାହାର୍ଲାକ୍ ତୁମିମଃନାର୍ ବିସ୍ୱାସାର୍
କଃତା ଜାଣୁକେ ତିମତିକ୍ ହଃଟାୟ୍ଲେ । 6 ମଃତର୍ ଅଃବେ
ତିମତି ତୁମାର୍ ଲଃଗେ ହୁଣି ଅଃମିମଃନାର୍ ଲଃଗେ ବାଉଳି
ଆସିଆଚେ, ଆର୍ ସେ ତୁମାର୍ ବିସ୍ୱାସ୍ ଆର୍ ଲାଡ୍ ବିସୟେ
ସଃର୍ଦାର୍ କବୁର୍ ଆଣିଆଚେ । ସେ ଅଃମିମଃନ୍କେ ଜାଣାୟ୍
ଆଚେ, ତୁମିମଃନ୍କେ ସଃବୁବଃଲ୍ ଅଃମାର୍ ନିକ ଚିତା କଃରୁଲାସ୍
ଆର୍ ଅଃମିମଃନ୍ ଜଃନ୍କଃରି ତୁମିକେ ଦଃକୁକ୍ ମଃନ୍ କଃରୁଲୁ,
ତୁମିମଃନ୍ ହେଁ ସେବାନ୍ୟା ଅଃମିମଃନ୍ ଦଃକୁକ୍ ମଃନ୍ କଃରୁଲାସ୍
। 7 ଇତାର୍ ଗିନେ ଏ ବାୟ୍ବେଣିମଃନ୍, ଅଃମିମଃନାର୍ ସଃବୁ
ବିପ୍ତି ଆର୍ ଦୁକ୍ବୟ୍ଗ୍ ବଃଲ୍ ତୁମାର୍ କଃତାୟ୍ ଦୁକ୍ ହାସ୍ରି
ଆଚି । ତୁମିମଃନାର୍ ଅଃଟୁଆ ବିସ୍ୱାସ୍ ହଃକା ଅଃମିମଃନ୍କେ
ବାଚାୟ୍ ଆଚେ । 8 କାୟ୍ତାକ୍ବଃଲେକ୍ ଅଃମିମଃନ୍ ଅଃବେ
ଜିବନ୍ ଆଚୁ, ଜଦି ତୁମିମଃନ୍ ଅଃବେ ହଃତେକ୍ ମାପ୍ରୁର୍ ତଃୟ୍
ତିର୍ ଆଚାସ୍ । 9 ସେତାକ୍, ଅଃମାର୍ ଇସ୍ୱର୍ ତଃୟ୍ ତୁମିମଃନାର୍
ଗିନେ ଅଃମିମଃନ୍ ଜୁୟ୍ ସଃବୁ ସଃର୍ଦାୟ୍ ସଃର୍ଦା ଅଃଉଁଲୁ, ସେତାର୍
ବାଦୁଲେ ତୁମାର୍ ଗିନେ ଇସ୍ୱର୍କେ ଦନ୍ୟବାଦ୍ ଦେଉଁଲୁ । 10
ତୁମିମଃନାର୍ ବିସ୍ୱାସେ ଜାୟ୍ରି ଉଣା ଆଚେ, ସେରି ହୁରୁଣ୍
କଃରୁକେ ଅଃମିମଃନ୍ ତୁମାର୍ ସଃଙ୍ଗ ଜଃନ୍କଃରି ମିସୁ ହାରୁ,
ଇତାର୍ ଗିନେ ଦିନ୍ରାତି ଇସ୍ୱର୍କେ ପାର୍ତ୍ନା କଃରୁଲୁ । 11
ଅଃମାର୍ ଇସ୍ୱର୍ ଉବା ନିଜେ ଆର୍ ଅଃମିମଃନାର୍ ମାପ୍ରୁ ଜିସୁ
ତୁମିମଃନାର୍ ଲଃଗେ ଆସୁକ୍ ଅଃମାର୍ ବାଟ୍ ତିଆର୍ କଃରିଦେଅ
। 12 ଆର୍ ତୁମିମଃନାର୍ ଗିନେ ଅଃମାର୍ ଲାଡ୍ ଜଃନ୍କଃରି
ଜଃବର୍, ସେବାନ୍ୟା ନିଜାର୍ ନିଜାର୍ ବିତ୍ରେ ଆର୍ ବିନ୍ ସଃବୁ
ଲକାର୍ ଗିନେ ମାପ୍ରୁ ତୁମିମଃନାର୍ ଲାଡ୍କେ ଅଃଦିକ୍ ବାଡାଅ ।
13 ସେ ତୁମିମଃନାର୍ ମଃନ୍ ତିର୍ କଃର, ତଃବେ ଅଃମାର୍ ମାପ୍ରୁ
ଜିସୁ ଜଃଡେବଃଲ୍ ଅଃହ୍ଣାର୍ ଦଃର୍ମିମଃନାର୍ ସଃଙ୍ଗ ଆସେଦ୍,
ସଃଡେବଃଲ୍ ତୁମିମଃନ୍କେ ଅଃମାର୍ ଉବା ଇସ୍ୱରାର୍ ମୁଏଁ ନିର୍ଦସି
ଆର୍ ପବିତ୍ର ଦଃକା ଜାହାସ୍ ।

**4** ସଃରାସଃରି ବଃଲ୍, ଏ ବାୟ୍ବେଣିମଃନ୍, ଇସ୍ୱର୍କେ ସଃର୍ଦା
କଃରୁକେ କଃନ୍କଃରି ଜିବନ୍ କାଟ୍ତା କଃତା, ସେ କଃତା
ତୁମିମଃନ୍ ଅଃମାର୍ ତଃୟ୍ହୁଣି ଜଃନ୍କଃରି ସିକ୍ୟା ହାୟ୍ରିଲାସ୍,
ଟିକ୍ ସେନ୍କଃରି ତୁମିମଃନ୍କେ ଜିବନ୍ କାଟି ଆସୁଲାସ୍, ମଃତର୍
ଇତାର୍ ତଃୟ୍ହୁଣି କଃଣ୍ଡେକ୍ ଅଃଦିକ୍ କଃରୁକେ ତୁମିମଃନ୍କେ
ଅଃବେ ମାପ୍ରୁ ଜିସୁର୍ ନାଉଁଏ ଗଃଉଆରି କଃରି ସାସ୍ ଦେଉଁଲୁ
। 2 କାୟ୍ତାକ୍ବଃଲେକ୍ ଅଃମିମଃନ୍ ମାପ୍ରୁ ଜିସୁର୍ ତଃୟ୍ହୁଣି
ଅଃଦିକାର୍ ହାୟ୍ ତୁମିମଃନ୍କେ ଜାୟ୍ଜାୟ୍ ବଲ୍ ଦଃୟ୍ଆଚି, ସେରି
ତୁମିମଃନ୍ ଜାଣାସ୍ । 3 କାୟ୍ତାକ୍ବଃଲେକ୍ ତୁମିମଃନ୍ ଜଃନ୍କଃରି
ପବିତ୍ର ଅଃଉଆସ୍, ଇତି ହଃକା ଇସ୍ୱରାର୍ ମଃନ୍, ବଃଲେକ୍
ତୁମିମଃନ୍ ଜଃନ୍କଃରି ବେସ୍ୟା ହାହେ ହୁଣି ଦୁରିକ୍ ରିଆସ୍, 4
ଆର୍ ତୁମିମଃନ୍ ଇସ୍ୱର୍କେ ନଃଜାଣ୍ତା ଜଃଗତାର୍ ଲକ୍ମଃନାର୍
ହର୍ ବେସ୍ୟା ନୟ୍କଃରି ପବିତ୍ର ଅଃଉଆ । 5 ସଃବୁଲକ୍ ଇସ୍ୱର୍କେ
ନଃଜାଣ୍ଲା ଲକ୍ମଃନାର୍ ହର୍ ନୟ୍କଃରି କଃନ୍କଃରି ପବିତ୍ର
ଆର୍ ମାନ୍ତି ବାବେ ଅଃହ୍ଣା ଅଃହ୍ଣାର୍ ମାୟ୍ଜି ସଃଙ୍ଗ ଜିବନ୍

କାଟୁକ୍ ଅୟ୍‌ଦ୍, ସେରି ଜାଣା । 6 ଆରେକ୍ ବିନ୍ କୁୟ୍ ବିସ୍ୱାସି
ବାୟ୍‌କ୍ ଅଃନ୍ୟାୟ୍ କଃରାନାୟ୍ କି ସେମଃନ୍‌କେ ଜଃଟା ନାୟ୍,
ଇ କଃତା ଅଃମି ଆଗ୍‌ତୁ କୟ୍‌ଆରୁ ଆର୍ ଅଃବେ ହେଁ ଜଃଗ୍ରାତ୍
କଃରାୟ୍ ସାକି ଦେଉଁଲୁ, ଜୁୟ୍ ଲକ୍‌କେ ସେବାନ୍ୟା କଃରେଦ୍
ମାପ୍ରୁ ସେମଃନ୍‌କେ ଡଃଣ୍ଡ ଦଃୟ୍‌ଦ୍ । 7 କାୟ୍‌ତାକ୍‌ବଃଲେକ୍
ଇସ୍ୱର୍ ଅଃମିମଃନ୍‌କେ ବିଟାଲ୍ ଜିବନ୍ କାଟୁକ୍ ନଃକୁଦି, ପବିତ୍ର
ଅଃଉଁକେ କୁଦି ଆଚେ । 8 ବଃଲେକ୍ ଜୁୟ୍ ଲକ୍ ଇ ସଃବୁ ସିକ୍ୟାକ୍
ନଃମାନେ, ସେ ନଃରାର୍ ସିକ୍ୟାକ୍ ନଃମାନେ ସେରି ନାୟ୍, ମଃତର୍
ଜୁୟ୍ ଇସ୍ୱର୍ ତୁମିମଃନାର୍ ମଃନେ ଅଃହ୍‌ଣାର୍ ପବିତ୍ର ଆତ୍ମା
ଦଃୟ୍‌ଦ୍, ତାକେ ନଃମାନେ । 9 କ୍ରିସ୍ଟବିସ୍ୱାସି ବାୟ୍‌ବେଣିମଃନ୍‌କେ
ତୁମାର୍ ଲାଡ୍ କଃର୍ତା କଃତା ତୁମିକେ ଆରେକ୍ ଅଃଦିକ୍ ଲେକଃତା
ଲଳା ନାୟ୍, କାୟ୍‌ତାକ୍‌ବଃଲେକ୍ ନିଜ୍‌ନିଜ୍‌କେ କଃନ୍‌କଃରି ଲାଡ୍
କଃରାସ୍, ସେରି ନିଜେ ଇସ୍ୱରାର୍ ଠଃୟ୍‌ହୁଣି ସିକି ଆଚାସ୍ । 10
ଆରେକ୍, ସଃତ୍‌କଃରି ମାକିଦନିଆର୍ ସଃବୁହାକ୍ ରେତା କ୍ରିସ୍ଟାନ୍
ବାୟ୍‌ବେଣିମଃନାର୍ ସଃଙ୍ଗ୍ ସେବାନ୍ୟା ବେବାର୍ କଃରୁଲାସ୍ ।
ଅୟ୍‌ଲେକ୍ ହେଁ ଏ ବାୟ୍‌ବେଣିମଃନ୍, ତୁମିମଃନ୍‌କେ ଜଃନ୍‌କଃରି
ଆରେକ୍ ଅଃଦିକ୍ ସେରି କଃରାସ୍, ସେତାର୍ ଗିନେ ଗଃଉଆରି
କଃରୁଲୁ । 11 ଆରେକ୍ ତୁମିମଃନ୍‌କେ ଦିଲା ଅଃମିମଃନାର୍
ଆଦେସ୍ ହଃର୍କାରେ ତୁମିମଃନ୍‌କେ ଜଃନ୍‌କଃରି ସୁସ୍ତାୟ୍ ବାସାକଃରି
ଅଃହ୍‌ଣା ଅଃହ୍‌ଣାର୍ କାମେ ଲାଗି ନିଜାର୍ ଜିବ୍‌କା ଅଃର୍ଜୁକ୍ ତୁମାର୍
ମଃନ୍ ଅଃଉଅ, ଇରି ତୁମିମଃନ୍ ରେଉଁକ୍ ଆର୍ ନିଜାର୍ ନିଜାର୍
ଆତେ କାମ୍ କଃରୁକେ ମାନ୍‌ତିର୍ କଃତା ବଃଲି ମଃନେ ବାବାସ୍,
ଇତାର୍ ଗିନେ ଅଃମିମଃନ୍ ତୁମିମଃନ୍‌କେ ଗଉଆରି କଃରୁଲୁ । 12
ଅଃନ୍‌କାର୍ କଃଲେକ୍ ତୁମିମଃନ୍ ଅଃବିସ୍ୱାସି ଲକ୍‌ମଃନାର୍ ଠଃୟ୍
ନିକ ଚାଲାଚାଲ୍‌ତି ଲକ୍ ଅଃଉଆସ୍, ଆର୍ ତୁମିମଃନାର୍ କାୟ୍‌ରି
ହେଁ ଅକେଟ୍ ନୟେ । 13 ଏ ବାୟ୍‌ବେଣିମଃନ୍, ବଃର୍ସା ନୟ୍‌ଲା
ବିନ୍ ସଃବୁ ଲକ୍‌ମଃନାର୍ ହର୍ ତୁମିମଃନ୍ ଜଃନ୍‌କଃରି ବଃଡେ
ମଃନ୍ନ୍‌କ୍ ନଃକେରାସ୍, ଇତାର୍ ଗିନେ ମଃଲା ଲକ୍‌ମଃନାର୍ କଃତା
ତୁମିମଃନ୍ ଜେ ଲୁକ୍‌ଣେ ରିଆ, ଇରି ଅଃମିମଃନାର୍ ମଃନ୍ ନାୟ୍ ।
14 କାୟ୍‌ତାକ୍‌ବଃଲେକ୍ ଜଦି ଅଃମିମଃନ୍ ବିସ୍ୱାସ୍ କଃରୁଲୁ, ଜିସୁ
ମଃରି ଆରେକ୍ ଉଟି ଆଚେ, ତଃବେ ଇସ୍ୱର୍ ହେଁ ଜିସୁର୍ ଠଃୟ୍
ବିସ୍ୱାସ୍ କଃରି ମଃରିରିଲା ଲକ୍‌ମଃନ୍‌କେ ସେରଃକମ୍ ତାର୍ ସଃଙ୍ଗ୍
ଆଣେଦ୍, ଇରି ହେଁ ବିସ୍ୱାସ୍ କଃର୍ତା ଲଳା । 15 ଅଃମିମଃନ୍ ମାପ୍ରୁର୍
କଃତା ହଃର୍କାରେ ତୁମିମଃନ୍‌କେ ଇରି କଃଉଁଲୁ, ଅଃମିମଃନ୍
ଜଃତେକ୍ ଲକ୍ ମାପ୍ରୁ ଆସ୍ତା ଦିନ୍ ହଃତେକ୍ ଜିବନ୍ ରଃୟ୍ ଉବ୍ରି
ରେଉଁନ୍ଦ୍, ଅଃମିମଃନ୍ କଃନ୍‌କଃରି ହେଁ ମଃଲା ଲକ୍‌ମଃନାର୍
ଠଃୟ୍‌ହୁଣି ଆଗ୍‌ତୁ ଜଃଉଁ ନଃହାରୁ । 16 କାୟ୍‌ତାକ୍‌ବଃଲେକ୍
ମାପ୍ରୁ ନିଜେ ଆଦେସ୍ ଦଃୟ୍ ବଃଡ୍ ଦୁତାର୍ କଃଟ୍ ଆର୍ ଇସ୍ୱରାର୍
ତୁରିବାଜା ସଃଙ୍ଗ୍ ସଃର୍ଗେ ହୁଣି ଉତ୍ରି ଆସେଦ୍, ସେତାକ୍ ଜୁୟ୍
ଲକ୍‌ମଃନ୍ କ୍ରିସ୍ଟକେ ବିସ୍ୱାସ୍ କଃରି ମଃରି ଆଚ୍‌ତି, ସେମଃନ୍
ଆଗ୍‌ତୁ ଉଟ୍‌ତି । 17 ହଃଚେ ଅଃମିମଃନ୍ ଜଃତେକ୍ ଲକ୍ ଜିବନ୍
ରଃୟ୍ ଉବ୍ରି ରେଉଁନ୍ଦ୍, ମାପ୍ରୁର୍ ସଃଙ୍ଗ୍ ବେଟ୍ ଅଃଉଁକେ ଅଃମିମଃନ୍
ସେମଃନାର୍ ସଃଙ୍ଗ୍ ମଃଜି ଅଃଗାସେ ଜିସୁର୍ ବେଟ୍ ଅଃଉଁକେ
ମେଗ୍‌ମାଳେ ଜଃଉନ୍ଦ୍; ଆର୍ ଇରଃକମ୍ ଅଃମିମଃନ୍ ସଃବୁବଃଲ୍
ମାପ୍ରୁର୍ ସଃଙ୍ଗ୍ ରେଉଁନ୍ଦ୍ । 18 ତଃବାର୍‌ଗିନେ ଇ ସଃବୁ କଃତା
କୟ୍ ତୁମିମଃନ୍‌କେ ନିଜାର୍ ନିଜାର୍ ବିତ୍ରେ ଦୁକ୍ ହାସ୍ରାଉଆ ।

5 ମଃତର୍ ଏ ବାୟ୍‌ବେଣିମଃନ୍, ଇ ସଃବୁ କଃତା କଃବେ ଆର୍
କଃନ୍‌କା ବେଳାୟ୍ ଗଃଟେଦ୍, ଇ କଃତା ତୁମିମଃନ୍‌କେ କାୟ୍‌ରି
ଲେକି ଜାଣାଉଁକ୍ ଲଳା ନାୟ୍ । 2 କାୟ୍‌ତାକ୍‌ବଃଲେକ୍ ରାତିଆ
ଚର୍ ଆୟ୍‌ଲି ହର୍ ମାପ୍ରୁର୍ ଦିନ୍ ଜେ ଆସେଦ୍, ଇରି ତୁମିମଃନ୍‌କେ
ନିକକଃରି ଜାଣା । 3 ଜଃଡେବଃଲ୍ ଲକ୍‌ମଃନ୍ "ସୁସ୍ତା ଆର୍
କାୟ୍ ବିପ୍‌ତି ନାୟ୍" ବଃଲି କଃଉତି ରେତି, ସଃଡେବଃଲ୍ ଆଙ୍ଗେ
ରିଲା ମାୟ୍‌ଜିର୍ ହିଲା ଜଃଲମ୍ କଃର୍ତା ଦୁକା ହର୍ ଦାପେ
ସେମଃନାର୍ ଉହ୍ରେ ବିପ୍‌ତି ଆସେଦ୍, ଆର୍ ସେମଃନ୍ କଃନ୍‌କଃରି
ହେଁ ବଚୁ ନଃହାର୍‌ତି । 4 ମଃତର୍ ଏ ବାୟ୍‌ବେଣିମଃନ୍, ତୁମିମଃନ୍
ଅଃନ୍ଧାରେ ବାସା ନଃକେରାସ୍, ତଃବେ ସେ ଦିନ୍ ତୁମିମଃନାର୍
ଲଃଗେ ଜଃଜ୍‌କ୍‌ଣେ ଚର୍ ଆୟ୍‌ଲା ହର୍ ଆସି ହଚେଦ୍ । 5
କାୟ୍‌ତାକ୍‌ବଃଲେକ୍ ତୁମିମଃନ୍ ସଃବୁଲକ୍ ଉଜାଲ୍ ଆର୍ ଦିନାର୍
ହିଲାମଃନ୍ । ଅଃମିମଃନ୍ ରାତି କି ଅଃନ୍ଧାରାର୍ ହିଲାମଃନ୍ ନୟ୍ ।
6 ତଃବାର୍‌ଗିନେ ଆସା, ଅଃମିମଃନ୍ ବିନ୍ ଲକାର୍ ହର୍ ନିଦୟ୍
ନଃକେରି, ଜଃଗ୍ରାତ୍ ରଃୟ୍ ଚେତ୍‌ନା ରେଉଁଆଁ । 7 ତଃବେ ଜୁୟ୍
ଲକ୍‌ମଃନ୍ ନିଦଉତି, ସେମଃନ୍ ରାତିୟା ନିଦଉତି, ଆର୍ ଜୁୟ୍
ଲକ୍‌ମଃନ୍ ମଃଦ୍ କାୟ୍ ମାତ୍‌ତି, ସେମଃନ୍ ରାତିୟା ମଃଦ୍ କାୟ୍
ମାତ୍‌ତି । 8 ମଃତର୍ ଆସା, ଅଃମିମଃନ୍ ଦିନାର୍ ହିଲାମଃନ୍,
ତଃବାର୍‌ଗିନେ ବିସ୍ୱାସ୍ ଆର୍ ଲାଡାର୍ ବୁକ୍‌ହାଟା ହିନ୍ଦ୍‌ଆଁ, ଆର୍
ହାହେ ହୁଣି ମୁକ୍ତି ହାଉତା ବଃର୍ସାର୍ ଟହ୍ରି ମୁଣ୍ଡେ ହିନ୍ଦି ଚେତ୍‌ନା
ରେଉଁଆ । 9 କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ଅଃମିମଃନ୍‌କେ ତାର୍
କହାର୍ ଲକ୍ ଅଃଉଁକେ ନଃବାଚି, ଅଃମିମଃନ୍ ଅଃମାର୍ ମାପ୍ରୁ
ଜିସୁ କ୍ରିସ୍ଟର୍ ଠଃୟ୍‌ହୁଣି ହାହେହୁଣି ମୁକ୍‌ଲୁକ୍ ବାଚି ଆଚେ । 10
କ୍ରିସ୍ଟ ଅଃମାର୍ ଗିନେ ମଃର୍ନ୍ ଡଃଣ୍ଡ ବୟଃଗ୍ କଃଲା, ଜଃନ୍‌କଃରି
ସେ ଆସ୍ତା ଦିନ୍ ଅଃମିମଃନ୍ ଜିବନ୍ ରେଉଁଆ କି ମଃରି ରେଉଁଆ,
ତାର୍ ସଃଙ୍ଗ୍ ଜିବନ୍ ରେଉଁନ୍ଦ୍ । 11 ଇତାର୍ ଗିନେ ଅଃବେ
ଜଃନ୍‌କଃରି କଃରୁଲାସ୍, ସେବାନ୍ୟା ଗଟ୍ ଲକ୍ ଆରେକ୍ ଗଟ୍
ଲକ୍‌କେ ଦୁକ୍ ହାସ୍ରାଉଆ ଆର୍ ଉହ୍‌କାର୍ କଃର୍ତି ରିଆ । 12 ଏ
ବାୟ୍‌ବେଣିମଃନ୍, ଅଃମିମଃନ୍ ତୁମିମଃନ୍‌କେ ଗଃଉଆରି କଃରୁଲୁ,
ଜୁୟ୍ ଲକ୍‌ମଃନ୍ ତୁମିମଃନାର୍ ବିତ୍ରେ କଃସ୍ଟ କଃର୍ତି ଆର୍ ମାପ୍ରୁର୍
ସେବା କାମେ ମୁଳିକା ହର୍ ଅୟ୍ ତୁମିମଃନ୍‌କ୍ ଚେତାୟ୍ ଦେତି,
ସେମଃନ୍‌କେ ମାନ୍‌ତି କଃରା, 13 ଆରେକ୍, ସେମଃନାର୍ କାମାର୍
ଗିନେ ସେମଃନ୍‌କେ ଲାଡ୍ କଃରା ଆର୍ ଅଃଦିକ୍ ମାନ୍‌ତି କଃରା ।
ନିଜାର୍ ନିଜାର୍ ବିତ୍ରେ ସୁସ୍ତାୟ୍ ରିଆ । 14 ଏ ବାୟ୍‌ବେଣିମଃନ୍,
ଅଃମିମଃନ୍ ତୁମିମଃନ୍‌କେ ଗଃଉଆରି କଃରୁଲୁ, କଃରାବ୍ କାମ୍
କଃର୍ତା ଲକ୍‌ମଃନ୍‌କେ ଚେତାୟ୍ ଦିଆସ୍, ଡିର୍‌ତା ଲକ୍‌ମଃନ୍‌କେ

ସାସ୍ ଦିଆସ୍, ନିଗାଲ୍ ଲକ୍‌ମଃନ୍‌କେ ଉହ୍‌କାର୍ କଃରା, ସଃବୁ
ଲକାର୍ କଃତା ସଃମ୍ବାଲା । 15 ଜଃଗ୍ରାତ୍, କୁୟ୍ ଲକ୍ କାର୍ ନଃସ୍ଟ
ବାଦୁଲେ ନଃସ୍ଟ ନଃକେର, ମଃତର୍ ତୁମିମଃନ୍‌କେ ସଃବୁବଃଲ୍
ନିଜାର୍ ନିଜାର୍ ବିତ୍ରେ ଆର୍ ସଃବୁ ଲକାର୍ ଉହ୍‌କାର୍ କଃରା ।
16 ସଃବୁବଃଲ୍ ସଃର୍ଦା କଃରା, 17 ସଃବୁବଃଲ୍ ପାର୍ତ୍‌ନା କଃରା,
18 ଦୁକେସୁକେ ସଃବୁଅବୁସ୍ତାୟ୍ ଇସ୍ୱର୍‌କେ ଦନ୍ୟବାଦ୍ କଃରା,
କାୟ୍‌ତାକ୍‌ବଃଲେକ୍ ତୁମିମଃନାର୍ ଗିନେ ଇସ୍ୱର୍ କ୍ରିସ୍ଟ ଜିସୁର୍
ତଃୟ୍ ଇରି ହଃକା ମଃନ୍ କଃରୁଲା । 19 ପବିତ୍ର ଆତ୍ମାକେ
ହଲ୍ୟାୟ୍ ନିଆ ନାୟ୍; 20 ଇସ୍ୱରାର୍ କବୁର୍‌କେ ଗିଣ୍ କଃରା
ନାୟ୍ । 21 ମଃତର୍ ସଃବୁ ବିସୟ୍‌କେ ପରିକ୍ୟା କଃରି ଦଃକା,
ଜାୟ୍‌ରି ସଃବୁ ସଃତ୍, ସେରି ସଃବୁ ଦଃରା । 22 ଆର୍ ସଃବୁ
ରଃକମାର୍ କଃରାବ୍ ତଃୟ୍‌ହୁଣି ଅଃଲ୍‌ଗା ଅୟ୍‌ରିଆ । 23 ଜୁୟ୍
ଇସ୍ୱର୍ ନିଜେ ଅଃମିମଃନ୍‌କେ ସୁସ୍ତା ଦଃୟ୍‌ଦ୍, ସେ ତୁମିମଃନ୍‌କେ
ସଃର୍ନେ ପବିତ୍ର କଃର, ଆରେକ୍ ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟ
ଆସ୍ତାବଃଲ୍ ତୁମିମଃନାର୍ ଆତ୍ମା, ଜିବନ୍, ଆର୍ ଗଃଗାଲ୍ ନିର୍ଦସି
ଅୟ୍ ରେଉଅ । 24 ଜେ ତୁମିମଃନ୍‌କେ କୁଦ୍‌ଲା ଆଚେ, ସେ ସେରି
ହୁରୁଣ୍ କଃରେଦ୍, କାୟ୍‌ତାକ୍‌ବଃଲେକ୍ ସେ ବିସ୍ୱାସାର୍ ଜୟ୍‌ଗ୍ ।
25 ଏ ବାୟ୍‌ବେଣିମଃନ୍, ଅଃମାର୍ ଗିନେ ହେଁ ପାର୍ତ୍‌ନା କଃରା ।
26 ସଃବୁ ବାୟ୍‌ବେଣିମଃନ୍‌କେ କ୍ରିସ୍ଟର୍ ପବିତ୍ର ଲାଡେ ଚୁମିକଃରି
ଦନ୍ୟବାଦ୍ କଃରା । 27 ସଃବୁ ବାୟ୍‌ବେଣିମଃନାର୍ ଲଃଗେ ଇ
ଚିଟି ହଲୁକ୍ ମୁୟଁ ମାପ୍ରୁର୍ ଅଃଦିକାରେ ଗଃଉଆରି କଃରୁଲେ ।
28 ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଦଃୟା ତୁମି ସଃବୁଲକାର୍
ଉହ୍ରେ ଅଃଉଅ ।

# ୨ ତେସଲନିକି

**1** ପାଉଲ୍, ସିଲା ଆର୍ ତିମତି ତଃୟ୍‌ହୁଣି ଉବା ଇସ୍ୱର୍ ଆର୍
ମାପ୍ରୁ ଜିସୁ କ୍ରିସ୍ଟ ତଃୟ୍ ରିଲା ତେସଲନିକି ବିସ୍ୱାସି ଦଃଳ୍‌କେ
ଚିଟି ଲେକୁଲେ । 2 ଉବା ଇସ୍ୱର୍ ଆର୍ ମାପ୍ରୁ ଜିସୁ କ୍ରିସ୍ଟ
ତଃୟ୍‌ହୁଣି ଦଃୟା ଆର୍ ସୁସ୍ତା ତୁମିମଃନାର୍ ଉହ୍ରେ ଅଃଉଅ । 3 ଏ
ବାୟ୍‌ବେଣିମଃନ୍, ତୁମିମଃନାର୍ ଗିନେ ଇସ୍ୱର୍‌କେ ସଃବୁବଃଳ୍
ଦନ୍ୟବାଦ୍ କଃର୍ତାର୍ ଅଃମିମଃନାର୍ ଲଳା, ଆର୍ ସେରି କଃର୍ତାର୍
ଟିକ୍, କାୟ୍‌ତାକ୍‌ବଃଲେକ୍ ତୁମିମଃନାର୍ ବିସ୍ୱାସ୍ ଦିନ୍‌କେ ଦିନ୍
ବାଡୁଲି, ଆରେକ୍ ନିଜାର୍ ନିଜାର୍ ବିତ୍ରେ ତୁମି ସଃବୁଲକାର୍ ଲାଡ୍
ବାଡୁଲି, 4 ଇବାନ୍ୟା ତୁମିମଃନ୍ ଜୁୟ୍ ସଃବୁ କଃସ୍ଟ ଆର୍ ଦୁକ୍
ବୟଃଗ୍ କଃରୁଲାସ୍, ସେତାର୍ ବିତ୍ରେ ତୁମିମଃନାର୍ ସଃମ୍ବାଲ୍‌ତାର୍
ଆର୍ ବିସ୍ୱାସ୍ ଗିନେ ଅଃମିମଃନ୍ ନିଜେ ଇସ୍ୱରାର୍ ବିସ୍ୱାସି ଦଃଳ୍
ତଃୟ୍‌ମଃନ୍ ତୁମିମଃନାର୍ ଗିନେ ଗର୍ବ୍ କଃରୁଲୁ । 5 ଇସ୍ୱରାର୍
ରାଇଜ୍ ଗିନେ ତୁମିମଃନ୍ ଜୁୟ୍ ଦୁକ୍ ବୟଃଗ୍ କଃରୁଲାସ୍, ସେତାର୍
ଜୟ୍‌ଗ୍ ବଃଲି ଜାଣାଉଁକେ ଇରି ତ ଇସ୍ୱରାର୍ ଟିକ୍ ବିଚାର୍
ଆର୍ ହଃର୍ମାଣ୍ । 6 ଜୁୟ୍‌ରି ଟିକ୍ ସେରି ସେ ସାଦୁନ୍ କଃରେଦ୍
ଆର୍ ଜୁୟ୍ ମଃନ୍ ତୁମିମଃନ୍‌କେ ତାଳ୍‌ନା କଃରୁଲାୟ୍ ଇସ୍ୱର୍
ସେମଃନ୍‌କେ ଡଃଣ୍ଡ ଦଃୟ୍‌ଦ୍ । 7 ଇସ୍ୱର୍ ତୁମାର୍ ଦୁକ୍‌ବଗାର୍
ସେସ୍ କଃରି ଅଃମିକ୍ ହେଁ ବିସାଉଁଣି ଦଃୟ୍‌ଦ୍ ଇସ୍ୱର୍ ଇ କାମ୍
ସାଦୁନ୍ କଃରେଦ୍, ମାପ୍ରୁ ଜିସୁ ଜଃଡେବଃଳ୍ ଅଃହ୍‌ଣାର୍ ସଃକ୍ତିମାନ୍
ଦୁତ୍‌ମଃନାର୍ ସଃଙ୍ଗ ଲାଗ୍‌ତା ଜୟ୍‌ସଃଙ୍ଗ ସଃର୍ଗେହୁଣି ଆସେଦ୍ । 8
ଜୁୟ୍ ଲକ୍‌ମଃନ୍ ଇସ୍ୱର୍‌କେ ନଃଜାଣ୍‌ତି ଆର୍ ଅଃମିମଃନାର୍ ମାପ୍ରୁ
ଜିସୁର୍ ନିକ କବୁର୍ ନଃମାନ୍‌ତି, ସେମଃନ୍‌କେ ସେ ସଃଡେବଃଳ୍
ଟିକ୍ ଡଃଣ୍ଡ ଦଃୟ୍‌ଦ୍ । 9 ସେ ଦିନ୍ ସେମଃନ୍ ଡଃଣ୍ଡ ହାଉତି,
ବଃଲେକ୍ ମାପ୍ରୁର୍ ତଃୟ୍‌ହୁଣି ଆର୍ ତାର୍ ସଃକ୍ତିର୍ ଜଃଜ୍‌ମାନ୍
ତଃୟ୍‌ହୁଣି ବାର୍‌କଃରା ଅୟ୍ ସଃବୁ ଦିନାର୍ ନାସ୍ ବୟଃଗ୍ କଃର୍ତି,
**(aiōnios g166)** 10 ମଃତର୍ ସେଦିନ୍ ସେ ତାର୍ ଲକ୍‌ମଃନାର୍
ତଃୟ୍ ହୁଣି ଆର୍ ସଃବୁ ବିସ୍ୱାସି ମଃନାର୍ ତଃୟ୍‌ହୁଣି ମାନ୍‌ତି
ଆର୍ ଜଃଜ୍‌ମାନ୍ ହାୟ୍‌ଦ୍, ଇମଃନାର୍ ବିତ୍ରେ ତୁମିହେଁ ମିସାସ୍
। କାୟ୍‌ତାକ୍ ବଃଲେକ୍ ଅଃମି ତୁମିକେ ଜୁୟ୍ ସଃବୁ ଦଃୟ୍ ରିଲୁ
ସେରି ତୁମି ସଃତ୍ କଃରି ଆଚାସ୍ । 11 ଇତାର୍ ଗିନେ ଅଃମାର୍
ଇସ୍ୱର୍ ନିଜେ ଜଃନ୍‌କଃରି ତୁମିମଃନ୍‌କେ କୁଡ୍‌ଲାର୍ ଜୟ୍‌ଗ୍ ବଃଲି
ଗଃଣିତା କଃରେଦ୍, ଆରେକ୍ ତୁମିମଃନାର୍ ସଃବୁ ସଃତ୍‌ଇଚା ଆର୍
ବିସ୍ୱାସାର୍ କାମ୍ ତାର୍ ସଃକ୍ତିୟେ ହୁରୁଣ୍ କଃରେଦ୍, ସେତାର୍‌ଗିନେ
ହେଁ ଅଃମିମଃନ୍ ସଃବୁବଃଳ୍ ତୁମିମଃନାର୍ ଗିନେ ପାର୍ତ୍‌ନା କଃରୁଲୁ
। 12 ସେବାନ୍ୟା ଅୟ୍‌ଲେକ୍ ଅଃମିମଃନାର୍ ଇସ୍ୱର୍ ଆର୍ ମାପ୍ରୁ
ଜିସୁ କ୍ରିସ୍ଟର୍ ଦଃୟା ହଃର୍କାରେ ଅଃମିମଃନାର୍ ମାପ୍ରୁ ଜିସୁର୍ ନାଉଁ
ତୁମିମଃନାର୍ ତଃୟ୍ ଜଃଜ୍‌ମାନ୍ ହାୟ୍‌ଦ୍, ଆର୍ ତୁମିମଃନ୍ ତାର୍
ତଃୟ୍ ଜଃଜ୍‌ମାନ୍ ହାଉଆସ୍ ।

**2** ଏ ବାୟ୍‌ବେଣିମଃନ୍, ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଆସ୍ତାର୍
ଆର୍ ତାର୍ ଚଃମେ ଅଃମିମଃନାର୍ ଗଟେତଃୟେଁ ରୁଣ୍ଡତା କଃତା
ତୁମିମଃନ୍‌କେ ମୁୟେଁ ଗଃଉଆରି କଃରୁଲେ, 2 ମାପ୍ରୁର୍ ଦିନ୍
କେଟ୍‌ଲିନି ବଃଲି ତୁମିମଃନ୍‌କେ କୁୟ୍ ହେଁ ଆତ୍ମା କି ମାପ୍ରୁର୍
କଃତା କି ଅଃମିମଃନାର୍ ତଃୟ୍‌ହୁଣି ଲେକା ଅୟ୍‌ଆଚେ ବଃଲି
ମଃନେ ବାବା ନାୟ୍, ଆର୍ କୁୟ୍ ହେଁ ଚିଟିର୍ ଗିନେ ସେଦାହ୍ରେ
ଏଣେ ତେଣେ ଅଃଉଆ ନାୟ୍ ଆର୍ ଡିରା ନାୟ୍ । 3 କେ ହେଁ
କଃନ୍‌କଃରି ତୁମିମଃନ୍‌କେ ନଃବୁଲ୍‌କାଅ, କାୟ୍‌ତାକ୍‌ବଃଲେକ୍
ହଃର୍ତ୍ତୁ ଜୁଜ୍ ଗଃଟେଦ୍, ସେ ଅଃଦଃର୍ମି ଲକ୍ ଆସେଦ୍; ଆର୍ ତାକେ
ନଃର୍କେ ହଃକାୟ୍ ନଃକେର୍ତା ହଃତେକ୍ ମାପ୍ରୁର୍ ଦିନ୍ ନାସେ । 4
ଇ ସେ ଅଃଦଃର୍ମି ମାନାୟ୍ ଜେ ହୁଜା ହାୟ୍ ଇସ୍ୱର୍‌କେ ବିରଦ୍
କଃରେଦ୍ । ଆର୍ ସଃବାର୍ ତଃୟ୍ ହୁଣି ସେ ନିଜ୍‌କେ ଅଃଦିକ୍
ବଃଡ୍ କଃରେଦ୍, ଆର୍ ଇବାନ୍ୟା ଇସ୍ୱରାର୍ ମନ୍ଦିରେ ବଃସି ସେ
ନିଜ୍‌କେ ଇସ୍ୱର୍ ବଃଲି ଦଃକାୟ୍ ଅୟ୍‌ଦ୍ । 5 ମୁୟେଁ ତୁମିମଃନାର୍
ସଃଙ୍ଗ ରେତା ବଃଳ୍ ଇ ସଃବୁ କଃତା ଜେ ତୁମିମଃନ୍‌କେ ତର୍‌କେ
ତର୍ କୟ୍‌ରିଲେ, ସେରି କାୟ୍ ତୁମିମଃନାର୍ ମଃନେ ନାୟ୍? 6
ଆର୍ ସେ ଅଃଦଃର୍ମି ମାନାୟ୍ ଟିକ୍‌ଅୟ୍‌ଲା ବେଲାୟ୍ ଜାଣାହ୍‌ଲୁକ୍
କାୟ୍‌ରି ବାଦା ଦେଉଁଲି, ସେରି ତ ତୁମିମଃନ୍ ଜାଣି ଆଚାସ୍ । 7
କାୟ୍‌ତାକ୍‌ବଃଲେକ୍ ଅଃଦଃର୍ମୀର୍ ବିତ୍ରିକଃତା ଅଃବେ ହଃତେକ୍
କାମ୍ କଃରୁଲି, ଚେକ୍‌ତା ଲକ୍ ଦୁର୍ ନଃଉତା ହଃତେକ୍ ସେରି
କାମ୍ କଃର୍ତି ରଃୟ୍‌ଦ୍ । 8 ସଃଡେବଃଳ୍ ସେ ବିଦିନୟ୍‌ଲା ଲକ୍
ଆସେଦ୍, ତାକେ ମାପ୍ରୁ ଜିସୁ ଅଃହ୍‌ଣାର୍ ମୁଆଁର୍ ହୁଣ୍ଡତା ବାଉ
ସଃଙ୍ଗ ମାରେଦ୍ ଆର୍ ଅଃହ୍‌ଣା ଆସ୍ତାର୍ ଜାଣାୟ୍ ତାକେ ନାସ୍
କଃରେଦ୍ । 9 ସେ ସୟ୍‌ତାନ୍ ସଃକ୍ତିଏ ବଃଳ୍‌ବାନ୍ ଅୟ୍ ଆସେଦ୍
ଆର୍ ଗାଦା ରଃକମ୍ କାବାଅଉତା କାମ୍ ସଃବୁ ରଃକମାର୍ ସାଦୁନ୍
କଃର୍ତାର୍ ଚଃଲାକି କଃରେଦ୍ । 10 ଗାଦେକ୍ ଲକ୍ ତାର୍ ଅଃଦଃର୍ମେ
ବେମ୍‌ରି ଅୟ୍ ନାସ୍ ଅଃଉତି । ଜୁୟ୍ ସଃତ୍‌କେ ମାନିକଃରି ତାର୍
ତଃୟ୍ ସଃତ୍‌କଃରି ସେମଃନ୍ ମୁକ୍ତି ହାୟ୍ ଲାୟ୍ ହୁଣି, ସଃତ୍‌କେ
ଲାଡ୍ ନଃକେଲାର୍ ଗିନେ ସେମଃନାର୍ ଇ ଦଃସା ଗଃଟେଦ୍ । 11
ଆର୍ ଇତାର୍ ଗିନେ ସେମଃନ୍ ଜଃନ୍‌କଃରି ମିଚ୍‌କେ ବିସ୍ୱାସ୍ କର୍ତି,
ସେତାର୍‌ଗିନେ ଇସ୍ୱର୍ ସେମଃନାର୍ ଲଃଗେ ବଃମ୍‌ଲାଉତା ସଃକ୍ତି
ହଃଟାୟ୍‌ଦ୍ । 12 ଜଃନ୍‌କଃରିକି ଜୁୟ୍ ଲକ୍‌ମଃନ୍ ସଃତ୍‌କେ ବିସ୍ୱାସ୍
ନଃକେରି କଃରାବ୍ କାମେ ସଃନ୍‌ମତ୍ ଅୟ୍ ଆଚ୍‌ତି, ସେମଃନ୍
ସଃବୁ ଲକ୍ ଦଃଣ୍ଡାର୍ ଜୟ୍‌ଗ୍ ବଃଲି ବିଚାର୍ କଃରା ଅଃଉତି । 13
ମଃତର୍ ଏ ମାପ୍ରୁର୍ ଲାଡାର୍ ବାୟ୍‌ବେଣିମଃନ୍, ତୁମିମଃନାର୍ ଗିନେ
ସଃବୁବଃଳ୍ ଇସ୍ୱର୍‌କେ ଦନ୍ୟବାଦ୍ କଃର୍ତାର୍ ଅଃମିମଃନାର୍ ଲଳା,
କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ଆତ୍ମାର୍ ନିର୍ମୁଲ୍ ଆର୍ ସଃତ୍ ତଃୟ୍
ବିସ୍ୱାସ୍ କଃରି ମୁକ୍‌ଲୁକ୍ ତୁମିମଃନ୍ ହଃର୍ତ୍ତୁ ଉଦାର୍ ହାଉଆସ୍ ଆର୍
ଗଟେକ୍ ପବିତ୍ର ଜାତି ଅଃଉଆସ୍ । 14 ସେତାର୍‌ଗିନେ ହେଁ ଇସ୍ୱର୍
ଅଃମିମଃନାର୍ ନିକ କବୁର୍ ତଃୟ୍ ଅଃମିମଃନାର୍ ମାପ୍ରୁ ଜିସୁ
କ୍ରିସ୍ଟର୍ ଜଃଜ୍‌ମାନ୍ ହାଉଁକ୍ ତୁମିମଃନ୍‌କେ କୁଦି ଆଚେ । 15 ତଃବେ

ଏ ବାୟ୍‌ବେଣିମଃନ୍, ତିର୍ ଅୟ୍‌ରିଆ, ଆରେକ୍ ଅଃମିମଃନାର୍
କଃତା କି ଚିଟି ତଃୟ୍ ତୁମିମଃନ୍ ଜୁୟ୍ ସିକ୍ୟା ହାୟ୍‌ଆଚାସ୍, ସେ
ସଃବୁ ମଃନେ ଦଃରି ରିଆ । 16 ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟ
ନିଜେ, ଜୁୟ୍ ଉବା ଇସ୍ୱର୍ ଅଃମିମଃନ୍‌କେ ଲାଡ୍ କଃରି ଦଃୟ୍ୟା
ତଃୟ୍ ଅଃମିକ୍ ଅଃମ୍ୱର୍ ସୁସ୍ତା ଆର୍ ନିକ ବଃର୍ସା ଦଃୟ୍‌ଆଚେ,
(aiōnios g166) 17 ସେ ନିଜେ ତୁମିମଃନାର୍ ମଃନ୍‌କେ ସୁସ୍ତା ଦଃୟ୍
ସଃବୁ ନିକ କାମ୍ ଆର୍ କଃତା ତଃୟ୍ ତିର୍ କଃର୍ ।

**3** ଏ ବାୟ୍‌ବେଣିମଃନ୍, ସଃରାସଃରି ଅଃମିମଃନାର୍ ଗିନେ
ପାର୍ତ୍‌ନା କଃରା, ମାପ୍ରୁର୍ କଃତା ତୁମିମଃନାର୍ ବିତ୍ରେ
ଜଃନ୍‌କଃରି ଉର୍ଜି ଅୟ୍‌ରିଲି, ସେରଃକମ୍ ସଃବୁହାକ୍ ବେଗି
ଉର୍ଜିଅୟ୍ ଜଃଜ୍‌ମାନ୍ ହାୟ୍‌ଦ୍, 2 ଆରେକ୍ ପାର୍ତ୍‌ନା କଃରା, ଇସ୍ୱର୍
ଜଃନ୍‌କଃରି ଅଃମିମଃନ୍‌କ୍ କଃରାବ୍ ଲକ୍ ଆର୍ ଦୁସ୍ଟ ଲକ୍‌ମଃନାର୍
ତଃୟ୍‌ହୁଣି ରଃକ୍ୟା କଃରେଦ୍ କାୟ୍‌ତାକ୍‌ବଃଲେକ୍ ସଃବୁ ଲକ୍
ନିକ କବୁର୍‌କେ ବିସ୍ୱାସ୍ ନଃକେର୍ତି । 3 ମଃତର୍ ମାପ୍ରୁ ବିସ୍ୱାସାର୍
ଜୟ୍‌ଗ୍, ସେ ତୁମିମଃନ୍‌କେ ତିର୍‌କଃରି ସୟ୍‌ତାନ୍ ତଃୟ୍‌ହୁଣି
ବାଚାୟ୍‌ଦ୍ । 4 ଅଃମିମଃନ୍ ଜୁୟ୍‌ସଃବୁ ବଲ୍ ଦଃୟ୍‌ଆଚୁ, ସେସଃବୁ
ଜେ ତୁମିମଃନ୍ କଃରୁଲାସ୍ ଆର୍ କଃରାସ୍, ଇରି ତୁମିମଃନାର୍
କଃତାୟ୍ ମାପ୍ରୁର୍ ତଃୟ୍ ଅଃମିମଃନାର୍ ବଃଡେ ବିସ୍ୱାସ୍ ଆଚେ
। 5 ଆର୍ ମାପ୍ରୁ ତୁମିମଃନାର୍ ମଃନ୍‌କ୍ ଇସ୍ୱରାର୍ ଲାଡ୍ ଆର୍
କ୍ରିସ୍ଟର୍ ସଃମ୍ବାଲ୍‌ତା ହର୍ ବାଟେ କାଡାୟ୍ ନେଉଅ । 6 ଏ
ବାୟ୍‌ବେଣିମଃନ୍, ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ନାଉଁଏ
ତୁମିମଃନ୍‌କେ ଇ ଆଦେସ୍ ଦେଉଁଲୁ, ଜୁୟ୍ ବାୟ୍‌ବେଣିମଃନ୍
ଅଃଲ୍‌ସିଆ ଜିବନ୍ କାଟ୍‌ତି ଆର୍ ଅଃମାର୍ ତଃୟ୍‌ହୁଣି ହାୟ୍‌ଲା
ସିକ୍ୟା ହଃର୍କାରେ ଜିବନ୍ ନଃକାଟେ, ଆର୍ ସେ ବାୟ୍‌ମଃନାର୍
ତଃୟ୍‌ହୁଣି ଅଃହ୍‌ଣା ଆହ୍‌ଣାକେ ଅଃଲ୍‌ଗା କଃରି ରିଆ । 7
କାୟ୍‌ତାକ୍‌ବଃଲେକ୍ କଃନ୍‌କଃରି ଅଃମିମଃନ୍‌କ୍ କାମ୍ ହଃର୍କାରେ
ତୁମିମଃନ୍‌କେ କଃର୍ତାର୍ ଲଲା, ସେରି ତୁମିମଃନ୍ ନିଜେ ଜାଣୁଲାସ୍;
ତୁମିମଃନାର୍ ସଃଙ୍ଗ୍ ରିଲାବଃଲ୍ ଅଃମିମଃନ୍ ଅଃଲ୍‌ସିଆ ଅୟ୍
ନଃରିଲୁ, 8 କି ତଃନେ ତଃନେ କାର୍ ଅଃର୍ନ୍ କାୟ୍‌ନଃରିଲୁ,
ମଃତର୍ ତୁମିମଃନାର୍ ବିତ୍ରେ କାର୍ ଉହ୍ରେ ବଜ୍ ହର୍ ନଃଉଁକ୍ କଃସ୍ଟ
ଆର୍ ଦୁକ୍ ସଃଙ୍ଗ୍ ଦିନ୍‌ରାତି କାମ୍ କଃରିରିଲୁ । 9 ତୁମିମଃନାର୍
ତଃୟ୍‌ହୁଣି କାୟ୍‌ରି ନେଉଁକ୍ ଜେ ଅଃମିମଃନାର୍ ଅଃଦିକାର୍ ନାୟ୍,
ସେରି ନାୟ୍, ମଃତର୍ ଜଃନ୍‌କଃରି ତୁମିମଃନ୍ ଅଃମିମଃନାର୍ କାମ୍
କଃରାସ୍, ଇତାର୍ ଗିନେ ଅଃମିକ୍ ଦଃକି ତୁମି ସିକୁକ୍ ସେବାନ୍ୟା
କଃଲୁ । 10 କାୟ୍‌ତାକ୍‌ବଃଲେକ୍ ତୁମିମଃନାର୍ ସଃଙ୍ଗ୍ ରେତାବଃଲ୍
ଅଃମିମଃନ୍ ତୁମିମଃନ୍‌କେ ଇ ବଲ୍ ଦଃୟ୍‌ରିଲୁ, "ଜୁୟ୍ ଲକ୍ କାମ୍
କଃରୁକେ ମଃନ୍ ନଃକେରେ, ସେ ଅଃର୍ନ୍ ହେଁ କାଉଅ ନାୟ୍ ।"
11 ତୁମିମଃନାର୍ ବିତ୍ରେ କେ କେ ଅଃଲ୍‌ସିଆ ଜିବନ୍ କାଟୁଲାୟ୍
ଆର୍ ନିଜାର୍ କାୟ୍ କାମ୍ ନଃକେରି ବିନ୍ ଲକାର୍ କାମେ ବାଦା
ଦେଉଁକ୍ ଲାଗିରେତି ବଃଲି ଅଃମିମଃନ୍ ସୁଣୁଲୁ । 12 ଇରଃକମ୍
ଲକ୍‌ମଃନ୍‌କେ ସୁସ୍ତା ବାବେ କାମ୍ କଃରି ନିଜାର୍ ନିଜାର୍ ଅଃର୍ନ୍
କାଉଁକେ ଅଃମିମଃନ୍ ମାପ୍ରୁ ଜିସୁ କ୍ରିସ୍ଟର୍ ନାଉଁଏ ଆଦେସ୍ ଆର୍
ଚେତ୍‌ନା ଦେଉଁଲୁ । 13 ମଃତର୍ ଏ ବାୟ୍‌ବେଣିମଃନ୍, ସଃତ୍ କାମ୍
କଃରୁକେ ତୁମିମଃନ୍ ତାକା ନାୟ୍ । 14 ଆର୍ ଜଃବେ କେ ଇ
ଚିଟି ତଃୟ୍ ଲେକା ଅୟ୍‌ଲା ଅଃମିମଃନାର୍ ସିକ୍ୟାକେ ନଃମାନେ,
ତଃବେ ସେ ଲକ୍‌କେ ଚିନି ରିଆ, ଆରେକ୍ ସେ ଜଃନ୍‌କଃରି ଲାଜ୍
ଅୟ୍‌ଦ୍, ଇତାର୍ ଗିନେ ତାର୍ ସଃଙ୍ଗ୍ ମିସାବିଲା କଃରାନାୟ୍ । 15
ଅୟ୍‌ଲେକ୍ ହେଁ ତାକେ ସଃତ୍ରୁ ବଃଲି ମଃନେ ବାବା ନାୟ୍, ମଃତର୍
ତାକେ କ୍ରିସ୍ଟ ବିସ୍ୱାସି ବାୟ୍ ବଃଲି ମଃନେ ବାବି ଚେତ୍‌ନା ଦିଆସ୍ ।
16 ସୁସ୍ତା ଦେଉଁକେ ମାପ୍ରୁ ନିଜେ ତୁମିମଃନ୍‌କେ ସଃବୁବଃଲ୍ ଆର୍
ସଃବୁ ରଃକମେ ସୁସ୍ତା ଦେଅ । ମାପ୍ରୁ ତୁମି ସଃବୁ ଲକାର୍ ସଃଙ୍ଗେ
ସଃଙ୍ଗେ ରେଅ । 17 ମୁୟ୍ଁ ପାଉଲ୍, ମର୍ ନିଜାର୍ ଆତେ ଲେକି
ଜୁଆର୍ ଜାଣାଉଁଲେ; ସଃବୁ ଚିଟି ତଃୟ୍ ଇରି ଚିନ୍ ହର୍, ମୁୟ୍ଁ
ଇବାନ୍ୟା ଲେକିନ୍ଦ । 18 ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଦଃୟ୍ୟା
ତୁମି ସଃବୁଲକାର୍ ଉହ୍ରେ ଅଃଉଆ ।

# ୧ ତିମତି

1 ମୁୟ୍ଁ ପାଉଲ୍ ଅଃମିମଃନାର୍ ମୁକ୍ଲାଉତା ଇସ୍ୱରାର୍ ଆର୍
ବଃର୍ସାକଃରି ଜିସୁ କ୍ରିସ୍ଟର୍ କୟ୍ଲା ହଃର୍କାରେ ଜିସୁ କ୍ରିସ୍ଟର୍ ଗଟ୍
ପେରିତ୍ । 2 ମର୍ ବିସ୍ୱାସାର୍ ହଅ ତିମତିକେ ଚିଟି ଲେକୁଲେ,
ଉବା ଇସ୍ୱର୍ ଆର୍ ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ତଃୟ୍ହୁଣି
ଉହ୍କାର୍, ଦଃୟା, ଆର୍ ସୁସ୍ତା ତର୍ ଉହ୍ରେ ଅଃଉଅ । 3
ମୁୟ୍ଁ ମାକିଦନିଆ ଜାତାବଃଲ୍ ତୁମିକେ ଜଃନ୍କଃରି ଗଃଉଆରି
କଃରିରିଲେ, ସେନ୍କଃରି ତୁୟ୍ ଏପିସିଏ ରଃୟ୍, କଃତିଲକ୍ ବୁଲ୍
ସିକ୍ୟା ଦେଉଁଲାୟ୍, ସେମଃନ୍କେ ସେରି ନଃକେରୁକେ କଃଉ । 4
ଆର୍ ସେମଃନ୍ ମଃନେ ହାଚ୍ଲାକଃତା ଆର୍ ନଃସେର୍ତା ବଃଉଁସାର୍
କଃତାୟ୍ ମଃନ୍ ଦେଅତ୍ନାୟ୍, ଇତାର୍ ଗିନେ ସେମଃନ୍କେ
କଃଉଆ, ସେରିସଃବୁ ବିସ୍ୱାସାର୍ କଃତାୟ୍ ଇସ୍ୱରାର୍ ବିଦିର୍
ଉହ୍କାର୍ ନାୟ୍, ମଃତର୍ କଃତା କାଟାକାଟି ଉବ୍ଜେଦ୍ ।
5 ମଃତର୍ ନିର୍ମୁଲ୍ ବୁଦି, ନିକ ମଃନ୍ ଆର୍ ନିର୍ମାୟା ବିସ୍ୱାସ୍
ତଃୟ୍ହୁଣି ଜୁୟ୍ ଲାଡ୍ ଉବ୍ଜେଦ୍, ତାକେ ଜଃଗ୍ରାତାର୍ ହାୟ୍ ମୁୟ୍ଁ
ଆଜି ଇ ଆଦେସ୍ ଦେଉଁଲେ । 6 କଃତେକ୍ ମାନାୟ୍ମଃନ୍ ଇ
ମୁଲ୍ କଃତାମଃନ୍କେ ହାସ୍ରିକଃରି କୁୟ୍ଅଲେ ଲଳାକେ ନାୟ୍ଲା
କଃତାୟ୍ ମାତି ବାଟ୍ ବାଣା ଅଃଉତି । 7 ସେମଃନ୍ ମସାର୍
ବିଦିର୍ ଗୁରୁମଃନ୍ ଅଃଉଁକେ ମଃନ୍କର୍ତି, ମଃତର୍ ଜୁୟ୍ କଃତା
ବଃଲ୍ମାଡ୍କଃରି ସିକ୍ୟା ଦେତି, ସେରି ନିଜେ ନଃବୁଜ୍ତି । 8
ଅଃମିମଃନ୍ ଜାଣୁ ବିଦିର୍ ନିକ ବେବାର୍ କଃଲେକ୍ ସେରି ନିକ । 9
ମଃତର୍ ମଃନେ ରଃକୁକ୍ ହଃଳେଦ୍, ଇ ବିଦି ଦଃର୍ମି ଲକ୍ମଃନାର୍
ଗିନେ ନୟେ । ବିଦିନୟ୍ଲା ଅଃଦଃର୍ମିମଃନାର୍ ଗିନେ ତିଆର୍
ଅୟ୍ଆଚେ । ଜୁୟ୍ମଃନ୍ ନିଜାର୍ ଇଚାୟ୍ ଚାଲ୍ତି, ଇସ୍ୱର୍କେ
ନଃଡିର୍ତି, ଜୁୟ୍ମଃନ୍ ହାହ୍ କାମେ ବୁଡି ଆଚ୍ତି, ଜୁୟ୍ମଃନାର୍
ଦଃର୍ମ୍ ବାବ୍ ଆର୍ ଜିବନ୍ ଦୁକାଉତାର୍ ନାୟ୍, ଜୁୟ୍ମଃନ୍ ଆୟ୍ସି
ଉବାସିକ୍ ମାରୁକ୍ ହେଁ ନଃଚାଡ୍ତି, 10 ବେସୁଆ, ଅଃଣ୍ଟାଅଃଣ୍ଟା
ମିସ୍ତାର୍, ମାନାୟ୍ ଚର୍, ବିସ୍ୱାସେ ବିସ୍ ଦେଉ, ଆରେକ୍ ଜୁୟ୍ମଃନ୍
ସବୁ ସଃତ୍ ସିକ୍ୟାୟ୍ ବିରଦ୍ କଃର୍ତି ସେମଃନାର୍ ହାୟ୍ ବିଦି
ଅୟ୍ଆଚେ । 11 ଇ ସିକ୍ୟା ଇସ୍ୱରାର୍ ଜଃଜ୍ମାନାର୍ ଗିନେ ନିକ
କବୁରାର୍ ସିକ୍ୟା ଦେଉଁକେ ମକେ ସଃହ୍ରି ଦିଆ ଅୟ୍ଲି ଆଚେ ।
12 ମର୍ ଉହ୍ରେ ଆସା କଃରି ଇ ସେବା କାମ୍ ଦଃୟାୟ୍ ଦୟ୍ଆଚେ
ଲାଗି ମାପ୍ରୁ ଜିସୁ କ୍ରିସ୍ଟକେ ଜୁଆର୍ କଃରୁଲେ, ସେ ମକେ ମର୍
କାମେ ସଃକ୍ତି ଦିଲା ଆଚେ, ସେ ମକେ ବିସ୍ୱାସ୍ ଜୟ୍ଗ୍ କଃରି
ସେବାକାରି ହଃଦେ ବାଚ୍ଲା ଆଚେ । 13 ମୁୟ୍ଁ ହୁର୍ବେ ଜିସୁକ୍ରିସ୍ଟର୍
ବିରଦେ ଲିନ୍ଦାକାରି, ତାଳ୍ନାକାରି ଆର୍ ହଃତ୍ୟାକାରି ରିଲେକ୍
ହେଁ, ମୁୟ୍ଁ ବିସ୍ୱାସ୍ ଗିନେ ନଃଜାଣିକଃରି ସେରି କଃରିରିଲେ,
ମଃତର୍ ମୁୟ୍ଁ କାୟ୍ରି କଃରୁଲେ ବଃଲି ଜାଣି ନଃରିଲାକ୍ ଇସ୍ୱର୍
ମକେ ଦଃୟା କଃଲା, ଅବିସ୍ୱାସ୍ ରିଲାକେ ସେରି କଃଲେ ।
14 ଆର୍ ଅଃମିମଃନାର୍ ମାପ୍ରୁର୍ ଉହ୍କାର୍ ଜଃବର୍ ମିଲ୍ଲାକେ
କ୍ରିସ୍ଟ ଜିସୁର୍ ଦଃୟା ବିସ୍ୱାସ୍ ଆର୍ ଲାଡ୍ ହଃର୍କାରେ ମକ୍ ଜଃବର୍
ଅୟ୍ଲି । 15 ହାହିମଃନ୍କେ ମୁକ୍ଲାଉଁକ୍ କ୍ରିସ୍ଟ ଜିସୁ ଜେ ଜଃଗତେ
ଆସିରିଲା, ଇ କଃତା ସଃତ୍ ଆର୍ ସଃବୁ ମାନ୍ତା ଜୟ୍ଗ୍, ସେ
ହାହିମଃନାର୍ ବିତ୍ରେ ମୁୟ୍ଁ ବଃଡ୍ ହାହି । 16 ଅୟ୍ଲେକ୍ ହେଁ
ଜୁୟ୍ ଲକ୍ମଃନ୍ ଆସୁଲା କାଳେ ଅଃମ୍ରର୍ ଜିବନ୍ ହାଉଁକେ ଜିସୁ
କ୍ରିସ୍ଟକେ ସଃତ୍କଃର୍ତି, ସେମଃନାର୍ ତଃୟ୍ ସାକିହର୍ ଅଃଉଁକେ
ମୁଲ୍ ହାହି ଜେ ମୁୟ୍ଁ, ମର୍ତଃୟ୍ ସେ ଜଃନ୍କଃରି ଅଃହ୍ଣାର୍
ବଃଡେ ସଃମ୍ବାଳ୍ତାର୍ ଦଃକାୟ୍ଦ୍, ଇତାର୍ ଗିନେ ମୁୟ୍ଁ ଦଃୟା
ହାୟ୍ଲେ । (aiōnios g166) 17 ନଃସ୍ଟନଃଉତା, ନଃଡିସ୍ତାର୍,
ଗଟେକ୍ ବଃଲି ଇସ୍ୱର୍ ଜେ ଜୁଗ୍ ଜୁଗାର୍ ରଃଜା, ତାର୍ ବଃଡେ
ମାୟ୍ନ୍ ଆର୍ ଜଃଜ୍ମାନ୍ ଜୁଗେଜୁଗେ ଅଃଉଅ । ଆମେନ୍ ।
(aiōn g165) 18 ଏ ମର୍ ହଅ, ତିମତି ତର୍ କଃତା ହୁର୍ବେ କଃଉଆ
ଅୟ୍ ରିଲା ସଃବୁ ବାବ୍ବାଣି ହଃର୍କାରେ ମୁୟ୍ଁ ତକେ ଇ ବଃଚନ୍
ଦେଉଁଲେ, ଜଃନ୍କଃରି ତୁୟ୍ ସେସଃବୁ ବାବ୍ବାଣି ତଃୟ୍ହୁଣି ନିକ
ଜୁଜ୍ କଃରୁ ହାର୍ସି, 19 ବିସ୍ୱାସ୍ ଆର୍ ନିର୍ମୁଲ୍ ମଃନ୍ ଦଃରିରେ,
ସେରି ଚାଡ୍ଲାକ୍ କଃତିଲକାର୍ ବିସ୍ୱାସ୍ ନଃସ୍ଟ ଅୟ୍ଆଚେ । 20
ସେମଃନାର୍ ବିତ୍ରେ ହୁମନାୟ ଆର୍ ଆଲେକ୍ଜେଣ୍ଡାର୍ ରିଲାୟ୍, ଇ
ଦୁୟ୍ଲକ୍ ଜଃନ୍କଃରି ଅଃଦିକାର୍ ହାୟ୍ ଇସ୍ୱର୍ ଲିନ୍ଦା ନଃକେର୍ତି,
ଇତାର୍ ଗିନେ ମୁୟ୍ଁ ସେମଃନ୍କେ ସୟ୍ତାନ୍ ଆତେ ସଃହ୍ରି ଦଃୟ୍
ଡଃଣ୍ଡ ଦଃୟ୍ ଆଚି ଅଃଉଁ ହାରେ ଇସ୍ୱର୍ ଲିନ୍ଦା ନଃକେରୁକେ
ସିକ୍ତି ।

2 ମୁୟ୍ଁ ହଃର୍ତୁ ଗଃଉଆରି କଃରୁଲେ ପାର୍ତ୍ନା କଃର୍ତା ବଃଲ୍ ସବୁ
ଲକାର୍ ହାୟ୍ଁ ପାର୍ତ୍ନା କଃରା, ଇସ୍ୱରାର୍ ତଃୟ୍ ପାର୍ତ୍ନା
ଗଃଉଆରି ଆର୍ ଦନ୍ୟବାଦ୍ ଜାଣାଉଆ, 2 ଇତାର୍ ଗିନେ
ସଃବୁଲକାର୍ ଜିବନେ ରଃଜା ଆର୍ ସାସନ୍ କଃରୁମଃନାର୍ ଗିନେ
ଗଃଉଆରି, ପାର୍ତନା, ବିନ୍ତି ଆର୍ ଦନ୍ୟବାଦ୍ ଦେଉଁକେ ମୁୟ୍ଁ
ହଃର୍ତୁ ଗଃଉଆରି କଃରୁଲେ । 3 ଇରଃକମ୍ ପାର୍ତ୍ନା ଅଃମିମଃନାର୍
ମୁକ୍ଲାଉତା ଇସ୍ୱରାର୍ ଆକାୟ୍ ନିକ ଆର୍ ମଃନ୍କେ ଗଃଲାର୍ ।
4 ସଃବୁ ଲକ୍ ଜଃନ୍କଃରି ମୁକ୍ତି ହାଉଅତ୍ ଆର୍ ସଃତ୍ ବିସୟେ
ଗ୍ୟାନ୍ ହାଅତ୍, ଇରି ସେ ମଃନ୍ କଃରୁଲା । 5 କାୟ୍ତାକ୍ବଃଲେକ୍
ଗଟେକ୍ ବଃଲି ଇସ୍ୱର୍ ଆଚେ, ଆର୍ ଇସ୍ୱର୍ ଆର୍ ମାନାୟ୍ମଃନାର୍
ବିତ୍ରେ ଗଟେକ୍ ହଃକା ମଃଜିର୍ ଲକ୍ ଆଚେ, ସେ କ୍ରିସ୍ଟ ଜିସୁ,
ଗଟେକ୍ ମାନାୟ୍ । 6 ଜିସୁ ସଃବୁ ଲକାର୍ ମୁକ୍ଲାଉତାର୍ ମଲ୍ ହର୍
ଆହ୍ଣାକେ ସହ୍ରିଦଃୟ୍ ଟିକ୍ ବେଳାୟ୍ ସେତିର୍ ସାକି ଅୟ୍ଆଚେ
। 7 ସେତାର୍ ଗିନେ ମୁୟ୍ଁ ଗଟେକ୍ ପର୍ଚାର୍କାରି ପେରିତ୍ ଆରେକ୍
ବିସ୍ୱାସ୍ ଆର୍ ସଃତ୍ କଃତାକ୍ ଅଜିଉଦି ଲକ୍ମଃନ୍କାର୍ ଗଟ୍ ଗୁରୁ
ହର୍ ବାଚିଅୟ୍ଲେ, ଇରି ମୁୟ୍ଁ ସଃତ୍ କଃଉଁଲେ ମିଚ୍ ନଃକୟ୍ଁ
। 8 ମୁୟ୍ଁ ମଃନ୍ କଃରୁଲେ ପାର୍ତନାୟ୍ ନିର୍ମୁଲ୍ ଆତ୍ ଟେକି
ସଃବୁଲକ୍ ପାର୍ତ୍ନା କଃରତ୍ ମଃନ୍ ବିତ୍ରାର୍ ସଃବୁ ରିସା ଚାଡତ୍ ।
9 ମାୟ୍ଜିମଃନ୍କେ ହେଁ ମର୍ ଗଃଉଆରି ସେମଃନ୍ ବେସି ମଲାର୍
ଚଃଉଁରିକସା ଆର୍ ସନାମାଳି ଆର୍ ହିରା ହିନ୍ଦି ନିଜଃକେ ସୁନ୍ଦର୍

ନଃକେରି ନିକ କାମେ ଦଃର୍ମି ବାବେ ଜାଣା ହଃଲତ୍ । 10 ଦଃର୍ମି
ମାୟ୍‌ଜିମଃନ୍ ତାକାର୍ ଲଲା ହଃର୍କାରେ ନିକ କାମ୍ ସଃଙ୍ଗ ଅଃହ୍‌ଣା
ଅଃହ୍‌ଣାକ୍ ଜଃଗ୍ରାତ୍ କଃରତ୍ । 11 ମାୟ୍‌ଜିମଃନ୍ ହୁରାହୁରି
ମାୟ୍‌ନ୍‌କାରି ଅୟ୍ ତୁନ୍‌ହଃଲି ସିକ୍ୟା ସୁଣି ମଃନେ ଦଃରତ୍ ।
12 ମାୟ୍‌ଜିକେ ସିକ୍ୟା ଦେଉଁକେ କି ଅଃଣ୍ଡା ଉହ୍ରେ ଅଃଦିକାର୍
କଃରୁକେ ମୁୟ୍ଁ ମାୟ୍‌ଜି ମଃନ୍‌କେ ସିକାଉଁକେ ନଃକୟ୍ଁ, ମଃତର୍
ସେମଃନ୍ ତୁନ୍‌ହଃଲି ସୁଣତ୍ । 13 କାୟ୍‌ତାକ୍‌ବଃଲେକ୍ ଇସ୍ୱର୍
ହଃର୍ତୁ ଆଦମ୍‌କେ ତିଆର୍ କଃଲା, ତାର୍‌ହଃଚେ ହବା । 14 ହଃର୍ତୁ
ଆଦମ୍‌କେ ସୟ୍‌ତାନ୍ ଟକି ନଃରିଲି, ମଃତର୍ ହବାକ୍ ହାହ୍‌କଃରି
ଇସ୍ୱରାର୍ କଃତା ନଃମାନ୍‌ତା ଦସେ ଦଃଣ୍ଡ ହାୟ୍‌ଲି । 15 ମଃତର୍
ମାୟ୍‌ଜିମଃନ୍ ନିକ ବୁଦିର୍ ସଃଙ୍ଗ, ବିସ୍ୱାସ୍, ଲାଡ୍, ଆର୍ ନିର୍ମୁଲ୍
ମଃନେ ତିର୍ ରିଲେକ୍, ସେମଃନ୍ ହିଲାକ୍ ଜଃଲମ୍ କଃଲେକ୍
ହାହେ ହୁଣି ମୁକ୍ତି ହାଉତି ।

3 ଇ କଃତା ସଃତ୍, କେ ଜଦି ମୁଲିକା ଅଃଉଁକେ ମଃନ୍‌କଃରେଦ୍,
ତଃବେ ସେ ନିକ କାମ୍ କଃରୁକେ ଇଚା କଃର୍ । 2 ବଃଲେକ୍
ଗଟ୍ ମଣ୍ଡଲିର୍ ମୁଲିକାର୍ ନିର୍ଦସି ଗୁଣ୍, ସେ ଗଟେକ୍ ମାୟ୍‌ଜିର୍
ଡକ୍ରାସି ଅୟ୍‌ବାର୍ ଆଚେ, ନିକ ଗୁଣାର୍, ନିକ ବୁଦି, ନିକ
ଚାଲାଚାଲ୍‌ତି, ଲକ୍‌ସସି ଆର୍ ସିକ୍ୟା ଦେଉଁକ୍ ପିଆସ୍ ଲକ୍
ଅୟ୍ ରଃୟ୍‌ଦ୍ । 3 ସେ ମଃଦୁଆ କି କୁନ୍ଦ୍ରିକାଡୁ ନଃୟ୍‌କଃରି,
ଦିର୍ ଆର୍ ଦିର୍ ମଃନାର୍, କାର୍ ସଃଙ୍ଗ ବିରଦ୍ ନୟ୍ ଆର୍
ଦଃନ୍ ଆସିଆ ନୟ୍‌ବାର୍ ଆଚେ । 4 ନିଜାର୍ କୁଟୁମ୍‌କେ
ନିକକଃରି ସାକାଲେଦ୍, ମଃନ୍ ଦିଆନେ ଅଃହ୍‌ଣାର୍ ହିଲାମଃନ୍‌କେ
ମାନାୟ୍‌କଃରି ରଃୟ୍‌ଦ୍ । 5 କେ ଜଦି ଅଃହ୍‌ଣାର୍ ଗଃର୍ କୁଟୁମ୍‌କେ
ଚାଲାଉଁକେ ନଃଜାଣେ, ତଃବେ ସେ କଃନ୍‌କଃରି ଇସ୍ୱରାର୍
ମଣ୍ଡଲିକେ ଜଃତୁନ୍ ନେଉଁହାରେ? 6 ସେ ନଃଉଆଁ ବିସ୍ୱାସି
ଅୟ୍‌ନଃରେଅ, ଜଃଡେବଃଲ୍ ବଃଡ୍‌ହାଣ୍ୟା ଅୟ୍ ସୟ୍‌ତାନ୍ ହର୍
ଡଃଣ୍ଡ ହାୟ୍‌ଦ୍ । 7 ସେ ଅଃବିସ୍ୱାସି ଲକ୍‌ମଃନାର୍ ତଃୟ୍ ହେଁ
ଡାକ୍‌ହୁଟା ଅୟ୍‌ରେବାର୍ ଆଚେ, ଅଃଉଁହାରେ ସେ ଲିନ୍ଦ୍ରା ହାୟ୍
ସୟ୍‌ତାନାର୍ ହାନ୍ଦ୍ରାୟ୍ ହଃଲେଦ୍ । 8 ସେରଃକମ୍ ମଣ୍ଡଲିର୍
ସେବାକାରିମଃନ୍ ନିର୍ମୁଲ୍ ବାବ୍‌ନା ସଃଙ୍ଗ ବିସ୍ୱାସାର୍ ଗବିର୍
ଗ୍ୟାନ୍‌କେ ଦଃରି ଦିର୍‌ସୁସାୟ୍ ଚଃର୍ନ୍‌ବାଡା ନଃୟ୍‌କଃରି, ସେମଃନ୍
ମଃଦ୍ ନଃକାଅତ୍ ଆର୍ ଦଃନ୍ ଆସିଆ ନୟ୍‌ବାର୍ ଆଚେ । 9
ଅଃମିମଃନାର୍ ଦଃର୍ମ୍ ବିସ୍ୱାସାର୍ ଜାଣାହଃଲ୍‌ଲାର୍ ସଃତ୍‌ମଃନ୍
ସେମଃନ୍ ନିର୍ମୁଲ୍ ମଃନେ ଅଃଟୁଆ ବାବେ ବିସ୍ୱାସ୍ କଃର୍ତି ରେବାର୍
ଆଚେ । 10 ସେମଃନ୍ ହେଁ ହଃର୍ତୁ ପରିକ୍ୟା ଜିଣତ୍ ଆର୍ ଲିନ୍ଦ୍ରା
ନଃବାରାୟ୍‌ଲେକ୍, ମଣ୍ଡଲିର୍ ସେବାକାରି ହଃଦେ ସେମଃନ୍‌କେ
ବାଚା । 11 ସେରଃକମ୍ ସେମଃନାର୍ ମାୟ୍‌ଜିମଃନ୍ ହେଁ ବିନ୍
ଲକ୍‌କେ ଲିନ୍ଦ୍ରାକାରି ନଃୟ୍‌କଃରି ଦିର୍ ସୁସ୍ତାୟ୍, ସୁଆଦ୍ କଃତା
ଆର୍ ସଃବୁ କଃତାୟ୍ ମାୟ୍‌ନ୍‌କାରିଣି ବିସ୍ୱାସି ଅଃଉତା ଲଲା ।
12 ସେବାକାରିମଃନ୍ ଗଟେକ୍ ମାୟ୍‌ଜିର୍ ଅଃଣ୍ଡା ଅଃଉତ୍ ଆର୍
ଅଃହ୍‌ଣା ମଃନ୍‌କାର୍ ହିଲାମଃନ୍‌କେ ଆର୍ ଗଃର୍ କୁଟୁମ୍‌କେ ନିକ
କଃରି ଚାଲାଅତ୍ । 13 କାୟ୍‌ତାକ୍‌ବଃଲେକ୍ ଜୁୟ୍‌ମଃନ୍ ନିକ
କଃରି ସେବାକାରିର୍ କାମ୍ କଃରି ଆଚ୍‌ତି, ସେମଃନ୍ ଅଃହ୍‌ଣା
ମଃନ୍‌କାର୍ ଗିନେ ନାମର୍ଡା ଆର୍ କ୍ରିସ୍ଟ ଜିସୁର୍ ତଃୟ୍ ବିସ୍ୱାସାର୍
ଗିନେ ଜଃବର୍ ସାସ୍ ହାଉତି । 14 ଇ ଚିଟି ଲେକ୍‌ଲା ବଃଲ୍
ମୁୟ୍ଁ ବେଗି ତୁମାର୍ ହାକ୍ ଆସିନ୍ଦ୍ର ବଃଲି ଆସା କଃରୁଲେ ।
15 ମଃତର୍ ଜଃଡେବଃଲ୍ ମୁୟ୍ଁ ବେଗି ଆସୁ ନଃହାରି, ତଃବେ
ଇସ୍ୱରାର୍ ଗଃରେ, ବଃଲେକ୍, ଜିବନ୍ ଇସ୍ୱରାର୍ ମଣ୍ଡଲିର୍ ସଃତାର୍
ମୁଣ୍ଡା ଆର୍ ମୁଲ୍ କୁନାଦି ତାର୍ ତଃୟ୍ କଃନ୍‌କଃରି ଚାଲାଚାଲ୍‌ତି
କଃରୁକେ ହଃଲେଦ୍, ସେରି ଜଃନ୍‌କଃରି ତୁମି ଜାଣାସ୍, ସେତାକ୍
ଇତି ସଃବୁ ତୁମିକେ ଲେକୁଲେ । 16 ଇସ୍ୱର୍ ମାନ୍‌ତିର୍ ଗୁପ୍ତ ଗ୍ୟାନ୍
ଜେ ବଃଡ୍‌କଃତା, ଇରି ସଃବୁ ଲକ୍ ମାନ୍‌ତି । ସେରି ଇରି, କ୍ରିସ୍ଟ
ଗଃଗାଲ୍ ଦଃରି ଦଃକାୟ୍ ଅୟ୍‌ଲା, ଆତ୍ମାୟ୍ ଦଃର୍ମି ବଃଲି ସଃତ୍
ବଃଲାୟ୍ ଅୟ୍‌ଲା, ଦୁତ୍‌ମଃନାର୍ ତଃୟ୍ ଦଃକାୟ୍ ଅୟ୍‌ଲା, ସଃବୁ
ବାସାର୍ ଲକ୍‌ମଃନାର୍ ତଃୟ୍ ପର୍ଚାର୍ ଅୟ୍‌ଲା, ଜଃଗତେ ତାକ୍
ସଃତ୍ କଃଲାୟ୍, ଜଃଜ୍‌ମାନେ ସଃର୍ଗେ ଗଃଲା ।

4 ସେସ୍‌କାଳେ କଃତେକ୍ ଲକ୍ ମିଚୁଆ ଗୁରୁମଃନାର୍ କଃତାୟ୍
ହଃଲି ବିସ୍ୱାସ୍ ଚାଡ୍‌ତି ଟକ୍‌ଗୁରୁ ମଃନାର୍ ବିସ୍ୱାସ୍ କଃର୍ତିରିଲା
ହାହ୍ ଆତ୍ମାର୍ ବିସ୍ୱାସେ ଜାତି ଆର୍ ଜଃତ୍‌କଃତ୍ ଅଃଉତି ।
2 ଇମଃନ୍ ବୁଲ୍‌କାଉତା ଆର୍ ମିଚୁଆମଃନ୍ ସେମଃନାର୍ ବୁଦି
ମଃଲାର୍ 3 ସେ ମିଚୁଆ ଗୁରୁମଃନ୍ ବିବାନଃଉଆ ବଃଲ୍‌ତି, ଆର୍
ବିନ୍‌ବିନ୍ କାଦି ତଃୟ୍‌ହୁଣି ବିନେ ରେଉଁକେ ସିକାଉତି । ବିସ୍ୱାସି
ଆର୍ ସଃତ୍ ଜାଣିରିଲା ଲକ୍‌ମଃନାର୍ ତଃୟ୍‌ହୁଣି ଦନ୍ୟବାଦ୍
ଦଃୟ୍ କାଉଁକେ ଇସ୍ୱର୍ ଇରିମଃନ୍ ଉବ୍‌ଜାଣ୍ କଃରିଆଚେ । 4
କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ଉବ୍‌ଜାୟ୍‌ଲାର୍ ସଃବୁ ନିକ, ଆର୍
ଦନ୍ୟବାଦ୍ ଦଃୟ୍ କାୟ୍‌ଲେକ୍ କାୟ୍‌ରିହେଁ ଚାଡ୍‌ତାର୍ ନାୟ୍
। 5 ବଲେକ୍, ଇସ୍ୱରାର୍ ବାକ୍ୟାୟ୍ ଆର୍ ପାର୍ତ୍‌ନାୟ୍ ସେରି
ନିର୍ମୁଲ୍ କଃରା ଅୟ୍‌ଦ୍ । 6 ତିମତି, ଇସଃବୁ କଃତାମଃନ୍
ବାୟ୍‌ବେଣିମଃନ୍‌କେ ସିକ୍ୟା ଦିଲେକ୍ କ୍ରିସ୍ଟଜିସୁର୍ ଗଟେକ୍ ନିକ
ସେବାକାରି ଅଃଉସି, ଆରେକ୍ ତୁମି ଜୁୟ୍ ବିସ୍ୱାସ୍ ଆର୍ ନିକ
ସିକ୍ୟାୟ୍ ଚାଲି ଆସି ଆଚାସ୍, ସେରଃକମ୍ ବାକ୍ୟାୟ୍ ହୁରା ଅଃଉସି
। 7 ଇସ୍ୱର୍ ଲାଜ୍ କଃର୍ତିରିଲା ମଲ୍‌ନୟ୍‌ଲା କଃତାମଃନ୍ ସୁଣାନାୟ୍
। ଇସ୍ୱର୍‌କେ ମାୟ୍‌ନ୍‌କାରି ଜିବନ୍ କାଟୁକ୍ ଅବ୍ୟାସ୍ କଃରା । 8
କାୟ୍‌ତାକ୍‌ବଃଲେକ୍ ଗଃଗାଲେ କେଲ୍‌ତାର୍ ଅଃଳକ୍ ଦିନ୍ ହାଇଁ
ଲାବ୍, ମଃତର୍ ଇସ୍ୱର୍‌କେ ମାୟ୍‌ନ୍ କଃର୍ତାର୍ ଇ କାଳେ ଆର୍ ସେ
କାଳେ ସଃୟ୍‌ତ୍ କଃଲା ଜିବନାର୍ ସଃବୁ କଃତାୟ୍ ଉହ୍‌କାର୍ । 9 ଇ
କଃତା ସଃତ୍ୟା ଆର୍ ହୁରାହୁରି ମାନ୍‌ତା ଜୟ୍‌ଗ୍ । 10 ଇତାର୍ ଗିନେ
ତ ଅଃମିମଃନ୍ ମଃନ୍‌ହଃରାଣ୍ ଦଃୟ୍ କଃସ୍ଟ ଆର୍ ଚେସ୍ଟାକ୍‌ରୁଲୁ,
ବଃଲେକ୍ ଜୁୟ୍ ଜିବନ୍ ଇସ୍ୱର୍ ସଃବୁ ମାନାୟ୍‌ର୍, ମୁଲ୍‌କଃରି
ବିସ୍ୱାସିମଃନାର୍ ମୁକ୍ଲାଉତା ଲକ୍, ତାର୍‌ତଃୟ୍ ଅଃମିମଃନାର୍ ଆସା
ଆଚେ । 11 ତୁୟ୍ ଇ ସଃବୁ ବିସୟ୍ ଆଦେସ୍ ଦଃୟ୍ ସିକ୍ୟା ଦେସ୍
। 12 ତର୍ ଦଃଙ୍ଗ୍‌ଲା ବଃଇଁସାର୍ ଗିନେ ତକେ କେହେଁ ଇନ୍‌ମାନ୍

ନଃକେରତ୍, ମଃତର୍ କଃତାୟ୍, ଚାଲାଚାଲ୍ତି ତଃୟ୍, ଲାଡେ,
ବିସ୍ୱାସେ, ଆର୍ ନିର୍ମୁଲ୍ ସଃଙ୍ଗ ବିସ୍ୱାସିମଃନାର୍ ଗଟେକ୍ ନିକ
ଲକାର୍ ହର୍ ଅଃଉ । 13 ମୁୟଁ ତର୍ତଃୟ୍ ଆସ୍ତା ହଃତେକ୍ ସାସ୍ତର୍
ହଲୁକ୍, ପର୍ଚାର୍ କଃରୁକେ ଆର୍ ସିକ୍ୟା ଦେଉଁକ୍ ମଃନ୍ ଦେସ୍ ।
14 ମଣ୍ଡଲିର୍ ପାରାଚିନ୍ମଃନ୍ ତର୍ ଉହ୍ରେ ଆତ୍ ସଃଙ୍ଗାୟ୍ଲାକ୍
ତକ୍ ଜୁୟ୍ ଆତ୍ମାର୍ ବର୍ ଦାନ୍ ଦିଆ ଅୟ୍ଆଚେ, ସେରି ଏଳା
କଃର୍ ନାୟ୍ । 15 ମୁୟଁ ଲେକିରିଲା ସଃବୁ କଃତା ମଃନ୍ଦଃୟ୍
କଃରି ମାନୁକେ ଅବ୍ୟାସ୍ କଃର୍ ତଃବେ ତର୍ କାମ୍ ଦାମ୍ ତୟ୍
ଟିକ୍ ବିସୟେ ଜଃଗ୍ରାତ୍ ରେ । 16 ନିଜାର୍ ବିସୟେ ଆର୍ ନିଜାର୍
ସିକ୍ୟା ବିସୟେ ଜଃଗ୍ରାତ୍ ଅଃଉ, ଇ ସଃବୁ ବିସୟେ ଲାଗିରେ,
କାୟ୍ତାକ୍ବଃଲେକ୍ ସେରି କଃଲେକ୍ ତୁୟ୍ ନିଜାର୍ ମୁକ୍ତି ଆର୍
ତର୍ ସିକ୍ୟା ସୁଣ୍ତା ଲକ୍ମଃନାର୍ ମୁକ୍ତି ହେଁ ସାଦୁନ୍ କଃରୁ ହାର୍ସି
।

**5** ତୁଇ ବୁଡାବୁଡିମଃନ୍କ୍ ଇନସ୍ତା କଃର୍ ନାୟ୍, ମଃତର୍ ଉବା
ହର୍ ମାନ୍ତି କଃରା, ଆର୍ ଦଃଙ୍ଗଲାମଃନ୍କେ ବାୟ୍ ହର୍,
2 ବୁଡାବୁଡିମଃନ୍କ୍ ଉବାଆୟା ହର୍ ଆର୍ ଦଃଙ୍ଗଲିମଃନ୍କେ
ନିର୍ମୁଲ୍ ମଃନେ ବେଣି ହର୍ ବାବି କଃରି ସେରଃକମ୍ କଃର୍ । 3
ସାହା ନୟ୍ଲା ରାଣ୍ଡିଲକେ ମାୟ୍ନ୍ କଃର୍ । 4 ମଃତର୍ ଜଦି ଗଟ୍
ରାଣ୍ଡିର୍ ହଇସିଜିସି କି ନାତିନାତ୍ଣି ରେତି, ତଃବେ ସେମଃନ୍
ହଃର୍ତୁ ନିଜାର୍ ଗଃରାର୍ କୁଟୁମାର୍ ଲକ୍କେ ମାୟ୍ନ୍ କଃରୁକେ
ଆର୍ ଆୟ୍ସି ଉବାସିମଃନ୍କେ ଲେଉଟି ଉହ୍କାର୍ କଃରୁକେ
ସିକତ୍ । କାୟ୍ତାକ୍ବଃଲେକ୍ ଇରି ତ ଇସ୍ୱରାର୍ ଆକାୟ୍ ନିକ
। 5 ଜୁୟ୍ ରାଣ୍ଡି ଏକ୍ଲା, ସେ ଇସ୍ୱରାର୍ ଉହ୍ରେ ଆସା କଃରି
ଦିନ୍ରାତି ଇସ୍ୱର୍କେ ଗଃଉଆରି କଃରି ଆର୍ ପାର୍ତ୍ନାୟ୍ ଲାଗି
ରେଉଅ । 6 ମଃତର୍ ଜେ ସୁକ୍ବୟ୍ଗେ ବୁଡିରୟ୍ଦ୍, ସେ ଜିବନ୍
ରିଲେକ୍ ହେଁ ମଃଲା ସଃମାନ୍ । 7 ସେମଃନ୍ ଜଃନ୍କଃରି ଲିନ୍ଦା
ନଃହାଉତି, ଇତାର୍ ଗିନେ ଇ ସଃବୁ ହେଁ ସେମଃନ୍କେ କଃଉ
। 8 ମଃତର୍ ଜଦି କେ ଅଃହ୍ଣାର୍ ଗଃରାର୍ ନିଜାର୍ ଗଃର୍
କୁଟୁମାର୍ ଜଃତୁନ୍ ନଃନେୟ୍, ସେ ବିସ୍ୱାସାର୍ କଃତା ନଃମାନି
ଆଚେ, ଆର୍ ସେ ଅବିସ୍ୱାସି ତଃୟ୍ହୁଣି ଅଃଦିକ୍ ହାହି । 9 ଜୁୟ୍
ରାଣ୍ଡିର୍ ବଃୟ୍ସ୍ ସାଟେ ହୁଣି ଉଣା ନାୟ୍, 10 ଆର୍ ଜେ ଗଟେକ୍
ଅଃଣ୍ଡାର୍ ମାୟ୍ଜି ଆର୍ ନିକ କାମାର୍ ଗିନେ ଡାକ୍ ହୁଟି ରଃୟ୍ଦ୍,
ବଃଲେକ୍ ସେ ଜଦି ହିଲାମଃନ୍କେ ନିକ ଜଃତୁନ୍ କଃରେଦ୍,
ବିନ୍ ଲକେ ଜଃତୁନ୍ କଃରେଦ୍, ଦଃର୍ମି ଲକାର୍ ହାଦ୍ ଦଃୟ୍ଦ୍,
ଦୁକିମଃନାର୍ ଦୁକ୍ ହାସ୍ରାୟ୍ଦ୍, ଆର୍ ସଃବୁ ନିକ କାମେ ଟିକ୍ତିକା
ରଃୟ୍ଦ୍, ତଃବେ ତାର୍ ନାମ୍ ରାଣ୍ଡି ବଃଲି ଗଃଣିତା କଃରା ।
11 ମଃତର୍ ଦଃଙ୍ଗଲି ରାଣ୍ଡି ମଃନ୍କେ ରାଣ୍ଡି ବଃଲି ମାନା ନାୟ୍,
କାୟ୍ତାକ୍ବଃଲେକ୍ ସେମଃନ୍ ଅଃଣ୍ଡାକେ ମିସୁକ୍ ମଃନ୍କଃରି କ୍ରିସ୍ଟ
ତଃୟ୍ହୁଣି ମଃନ୍ ବୁଲାୟ୍ଲେକ୍, ବିବା ଅଃଉଁକେ ମଃନ୍କଃର୍ତି ।
12 ସେମଃନ୍ ସେମଃନାର୍ ହଃର୍ତୁ କଃରି ରିଲା ସଃୟ୍ତ୍ ବାଙ୍ଗଲେକ୍
ସଃତ୍କଃରି ଡଃଣ୍ଡ ହାଉତି । 13 ଆରେକ୍ ହେଁ ସେମଃନ୍ ଦଃନ୍ଦି
ଅୟ୍ ଗଃର୍ ଗଃର୍ ବୁଲି ଅଃଲ୍ସିଆଣି ଅଃଉଁକେ ସିକ୍ତି, ଚୁଟା
ଅଃଲ୍ସିଆଣି ନାୟ୍, ମଃତର୍ ଲଳାକ୍ ନୟ୍ଲାର୍ ଆର୍ ଗାଣେଞ୍ଜ
କୟ୍ ନଃକ୍ଉତା କଃତା କଃଉତି । 14 ଇତାର୍ ଗିନେ ମର୍ ମଃନ୍
ଦଃଙ୍ଗଲି ରିଲା ରାଣ୍ଡିମଃନ୍ ବିବା ଅଃଉତ୍, ହିଲା ହାଅତ୍, ଗଃର୍
ଚାଲାଅତ୍, ସଃତୁକେ ଲିନ୍ଦା କଃରୁକ୍ କାୟ୍ ବାଟ୍ ନଃଦେଉଅତ୍
। 15 ବଃଲେକ୍ ଅଃବେ ହେଁ କେ କେ କ୍ରିସ୍ଟର୍ ତଃୟ୍ହୁଣି ଦୁରିକ୍
ଅୟ୍ ସୟ୍ତାନ୍ ହଃଚେ ଜାୟ୍ ବିନ୍ ବାଟେ ଗଃଲାୟ୍ ଆଚ୍ତି
। 16 ଜଦି କୁୟ୍ ବିସ୍ୱାସି ମାୟ୍ଜିର୍ ଗଃରେ ରାଣ୍ଡିମଃନ୍ ରେତି,
ତଃବେ ସେ ସେମଃନାର୍ ଜଃତୁନ୍ ନେଉଅ, ମଣ୍ଡଲି ଉହ୍ରେ ବଜ୍
ନଃଉଅ, ମଣ୍ଡଲି ଜଃନ୍କଃରି ଆସ୍ରା ନୟ୍ଲା ରାଣ୍ଡିମଃନାର୍ ଜଃତୁନ୍
ନେଉଁକ୍ ହାରେ । 17 ଜୁୟ୍ ପାରାଚିନ୍ ନିକ କଃରି ଚାଲାଉତି,
ମୁଳ୍କଃରି ଜୁୟ୍ମଃନ୍ ମାପ୍ରୁର୍ କଃତା ପର୍ଚାର୍ କଃର୍ତି ଆର୍ ସିକ୍ୟା
ଦେଉଁକେ କଃସ୍ଟ କଃର୍ତି, ସେମଃନ୍ ଦୁୟ୍ଗୁଣ୍ ମାୟ୍ନ୍ ହାଉତା
ଜୟ୍ଗ୍ । 18 ବଃଲେକ୍ ସାସ୍ତର୍ କଃଉଁଲି, “ଦାନ୍ ମାଡାଉତାବଃଳ୍
ବଃଇଲ୍ ମୁଏଁ କତ୍ରା ବାନ୍ଦାନାୟ୍ ।” ଆର୍ ହାୟ୍ଟି କଃର୍ତା ଲକ୍
ତାର୍ ବୁତି ହାଉତା ଜୟ୍ଗ୍ । 19 ଦୁୟ୍ କି ତିନି ଲକ୍ ସାକି
ନୟ୍ଲେକ୍ ପାରାଚିନ୍ମଃନାର୍ ବିରଦେ କୟ୍ଲା କଃତା ମାନା
ନାୟ୍ । 20 ଜୁୟ୍ମଃନ୍ ହାହ୍ କଃରୁଲାୟ୍, ସେମଃନ୍କେ ସଃବୁ
ଲକାର୍ ମୁଏଁ ଉଲିକଃରି କଃଉ, ଜଃନ୍କଃରି ବିନ୍ ଲକ୍ ହେଁ ଡିର୍ତି ।
21 ଇସ୍ୱରାର୍, କ୍ରିସ୍ଟ ଜିସୁର୍ ଆର୍ ବାଚ୍ଲାର୍ ଦୁତ୍ମଃନାର୍ ମୁୟେ
ଆଦେସ୍ ଦେଉଁଲେ, ହୁର୍ବାର୍ ମଃନ୍ବାବ୍ ହଃର୍କାରେ ନଃଚାଲିକଃରି
ଇସଃବୁ ମାନ୍, ଏକ୍ବାଟ୍ୟା ଅୟ୍ କାୟ୍ କାମ୍ ହେଁ କଃର୍ ନାୟ୍ ।
22 ଦଃର୍ଲାଦାହ୍ରେ କାର୍ ଉହ୍ରେ ଆତ୍ ସଃଙ୍ଗାୟ୍ ବର୍ ଦେସ୍ ନାୟ୍, କି
ବିନ୍ ଲକାର୍ ହାହାର୍ ସଃଙ୍ଗଆଲି ଅଃଉ ନାୟ୍, ଆର୍ ନିଜ୍କେ
ନିର୍ମୁଲ୍ କଃରି ରେ । 23 ଆର୍ ଅଃବ୍କା ହାଣି ନଃକାୟ୍କଃରି ତର୍
ହେଟ୍ ରଗ୍ ଆର୍ ତର୍କେ ତର୍ ଗଃଗାଳାର୍ ବେମାର୍ ତଃୟ୍ହୁଣି
ନିକ ଅଃଉଁକେ ଗୁଳିକ୍ ଗୁଳିକ୍ ଅଙ୍ଗୁର୍ ରଃସ୍ ସୁର୍ । 24 କାର୍
କାର୍ ହାହ୍ ବିଚାର୍ ଅଃଉତା ଆଗ୍ତୁ, ଜାଣାହଃଲେଦ୍ ଆର୍ କାର୍
କାର୍ ହଃଚେ ଜାଣା ହଃଲେଦ୍ । 25 ସେରଃକମ୍ ହେଁ ସଃତ୍ କାମ୍
ଆଗ୍ତୁ ଜାଣାହ୍ଲେଦ୍, ଆର୍ ଜାୟ୍ରି ଜାଣାନଃହେଲେ ସେରି
ଲୁକାୟ୍ ନୟ୍ ।

**6** କ୍ରିସ୍ଟ ବିସ୍ୱାସି ଗତିଦଃଙ୍ଗଲାମଃନ୍ ଜଃତେକ୍ ଆଚ୍ତି, ସେମଃନ୍
ଅଃହ୍ଣା ଅଃହ୍ଣା ସାଉକାର୍ ମଃନ୍କେ ଲଳା ହଃର୍କାରେ ମାନ୍ତି
ହାଉତା ଜୟ୍ଗ୍ ବଃଲି ଜାଣତ୍ ଜଃନ୍କଃରି ଇସ୍ୱରାର୍ ନାଉଁ ଆର୍
ସିକ୍ୟାର୍ ଲିନ୍ଦା ନୟ୍ । 2 ଆର୍ ଜୁୟ୍ ଲକ୍ମଃନାର୍ ସାଉକାର୍ମଃନ୍
ବିସ୍ୱାସି, ସେମଃନ୍ ଗତିଦଃଙ୍ଗଲାକ୍ ବାୟ୍ ବଃଲି ବାବିକଃରି
ଇନସ୍ତା ନଃକେରତ୍, ମଃତର୍ ଅଃଦିକ୍ ଜଃତୁନେ ସେମଃନାର୍
ଉହ୍କାର୍ କଃରତ୍, କାୟ୍ତାକ୍ବଃଲେକ୍ ଜୁୟ୍ମଃନ୍ ଉହ୍କାର୍
ହାଉତି, ସେମଃନ୍ ବିସ୍ୱାସି ଆର୍ ଲାଡାର୍ । ଇସଃବୁ କଃତା ସିକ୍ୟା
ଦେସ୍ ଆର୍ ପର୍ଚାର୍ କଃର୍ । 3 କେ ଜଦି ବିନ୍ ରଃକମ୍ ସିକ୍ୟା
ଦଃୟ୍କଃରି, ଅଃମାର୍ ଜିସୁ କ୍ରିସ୍ଟର୍ ଉହ୍କାର୍ କଃର୍ତା କଃତା ଆର୍

ଇସ୍ୱରାର୍ ମାନ୍‌ତି କଃର୍ତା ହଃର୍କାରେ ସିକ୍ୟା ନଃମାନେ, 4 ତଃବେ
ସେ ଚୁଚାୟ୍ ଗଃର୍ବ୍ ଆର୍ ବୁଦି ନଃୟ୍‌ଲାର୍ ଆର୍ କଃତା ଦଃରାଦଃରି
ଆର୍ କଃତା କାଟାକାଟି ତଃୟ୍ ଲାଗିରେତି, ଅଃକାର୍, ମାଡ୍‌ଗଲ୍,
ଲିନ୍ଦ୍ୱା, କଃରାବ୍ ଆହ୍ରାତ୍, 5 ଆର୍ ସେମଃନ୍ କାୟ୍‌ରି ବାବୁ ନାହାରି
ହଲ୍ୟା ଦଃରାଦଃରିଅୟ୍ ସଃତ୍ ବିସୟ୍‌ମଃନ୍‌କେ ନିକନାୟ୍ ବଃଲି
କଃଉତି । ଦଃର୍ମି ଅଃବ୍‌କା ଦଃନ୍ ହାଉତା ବାଟ୍ ବଃଲି ବାବ୍‌ତି । 6
ଦଃର୍ମିଲକ୍ ସଃତ୍ କଃରି ମାଜନ୍ ବଃଲେକ୍ ତାର୍ ଜଃତେକ୍ ଆଚେ
ସଃତେକ୍ ତଃୟ୍ ସଃର୍ଦା ଅୟ୍ ରଃୟ୍‌ଦ୍ । 7 ବଃଲେକ୍ ଅଃମିମଃନ୍
ଜଃଗତେ କାୟ୍‌ରି ହେଁ ଆଣି ନଃକେରୁ, ଆର୍ ଇତିହୁଣି କାୟ୍‌ରି
ହେଁ ସଃଙ୍ଗେ ନେଉଁ ନଃହାରୁ । 8 ତଃବେ ଅଃର୍ନ୍ ଆର୍ ବଃସ୍ତୁର୍
ରିଲେକ୍ ଅଃମାର୍ ହାଁୟ୍ ସଃରି । 9 ମଃତର୍ ଜୁୟ୍‌ମଃନ୍ ମାଜନ୍
ଅଃଉଁକେ ମଃନ୍‌କଃର୍ତି, ସେମଃନ୍ ପରିକ୍ୟାୟ୍ ଆର୍ ହାନ୍ଦ୍ୱାୟ୍, ଆର୍
ଗାଦା ରଃକମ୍ ନଃକେର୍ତା କାମ୍ ଆର୍ ନଃସ୍ଟଅଉତା ମଃନ୍‌ବାବେ
ହଃଲ୍‌ତି, ଇରିମଃନ୍ ମାନାୟ୍‌କେ ବଃସମ୍ ଆର୍ ନାସ୍ ଅଃଉତା
ସଃମ୍‌ନ୍ଦେ ବୁଡାୟ୍‌ଦ୍ । 10 କାୟ୍‌ତାକ୍‌ବଃଲେକ୍ ଦଃନ୍‌ଲଃବ୍
ସବୁ ନଃସ୍ଟଅଉତାର୍ ମୁଲ୍; କଃତିଲକ୍ ସେତାକ୍ ଆସା କଃରି
ବିସ୍ୱାସ୍ ଚାଡିକଃରି ବାଟ୍ ବାଣାଅୟ୍ ଆଚ୍‌ତି । ଆର୍ ବଃଡ୍ ଦୁକେ
ଅଃହ୍‌ଣା ଅଃହ୍‌ଣାର୍ ମଃନେ ଦୁକ୍ ହାୟ୍ ଆଚ୍‌ତି । 11 ମଃତର୍ ଏ
ତିମତି, ତୁୟ୍ ଗଟ୍ ଇସ୍ୱରାର୍ ଲକ୍, ତୁୟ୍ ଇସଃବୁ ଚାଡି କଃରି
ଦଃର୍ମକଃତା, ଇସ୍ୱରାର୍ ମାୟ୍‌ନ୍, ବିସ୍ୱାସ୍, ଲାଡ୍, ସାସ୍‌ଦଃର୍ତାର୍
ଆର୍ ସମ୍ଭାଳିକଃରି ରେଉଁକେ ଚେସ୍ଟା କଃର୍ । 12 ବିସ୍ୱାସାର୍ ନିକ
ଜୁଜେ ମଃନ୍ ହଃରାଣ୍ ସଃଙ୍ଗ୍ ଜୁଜ୍ କଃରି, ଅଃମ୍ଭର୍ ଜିବନ୍ ଦଃରି
ରେ; ସେତାର୍‌ଗିନେ ତ ତୁୟ୍ କୁଦାୟ୍‌ଅୟ୍ ଆଚ୍‌ସି ଆର୍ ଗାଦେକ୍
ସାକିମଃନାର୍ ଚଃମେ, ନିକ ସାକି ଦଃୟ୍ ଆଚ୍‌ସି । (aiōnios
g166) 13 ସଃବ୍‌କେ ଜିବନ୍ ଦେତା ଇସ୍ୱରାର୍ ମୁଏଁ, ଆର୍ ପନ୍ତିଅ
ପିଲାତର୍ ମୁୟେ ନିକ ସାକି ଦେଉଁକେ କ୍ରିସ୍ଟ ଜିସୁର୍ ମୁୟେ ମୁୟ୍
ତକେ କଃଉଁଲେ । 14 ତୁୟ୍ ଅଃମାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଆସ୍ତା
ହଃତେକ୍ ତକ୍ ଦିଲା ଦଃର୍ମ୍ ସିକ୍ୟାମଃନ୍‌କେ ମାୟ୍‌ନ୍‌କଃରି ନିର୍ମୁଳ୍
ଆର୍ ଲିନ୍ଦ୍ୱା ନଃହାୟ୍ ରେ । 15 ଇସ୍ୱରାର୍ ଟିକ୍ ବେଳା ଆୟ୍‌ଲେକ୍,
ସେରି ହୁରୁଣ୍ କଃରେଦ୍ । ସେ ବଃଡେ ବାୟ୍‌ଗ୍ ଗଟେକ୍ ବଃଲି
ଚଃକର୍‌ବତି, ଜେ ରଃଜାମଃନାର୍ ରଃଜା ଆର୍ ମାପ୍ରୁମଃନାର୍
ମାପ୍ରୁ । 16 ଇସ୍ୱର୍ ହଃକା ଅଃମ୍ଭର୍ ଆର୍ କେ ସେ ଜଃଗାୟ୍
ଜଃଉଁନାହାର୍ତା ଉଜାଳେ ବାସାକଃରୁଲା, ଜାକେ କୁୟ୍ ଜଃଗତ୍
କଃବେ ନଃଦେକେ କି ଦଃକୁନାହାରେ, ସେ ଟିକଃବେଳାୟ୍
ସେରି ଦଃକାୟ୍‌ଦ୍ । ଜୁଗ୍ ଜୁଗ୍ ହଃତେକ୍ ଇସ୍ୱରାର୍ ଜଃଜ୍‌ମାନ୍
ଆର୍ ସଃକ୍ତିମାନ୍ ଜାଣା ହଃଲେଦ୍, ଆମେନ୍ । (aiōnios g166)
17 ଜୁୟ୍‌ମଃନ୍ ଇ ଜଃଗତାର୍ ମାଜନ୍, ସେମଃନ୍ ଜଃନ୍‌କଃରି
ଗଃର୍ବିଆ ନଃଉତି ଆର୍ ନଃସ୍ଟଅଃଉତା ଦଃନ୍ ଉହ୍ରେ ବଃର୍‌ସା
ନଃକେର୍ତି, ମଃତର୍ ବୟ୍‌ଗ୍ କଃରୁକେ ସଃବୁ କଃତା ଅଃପର୍‌ବଲ୍
ଅଃମିମଃନ୍‌କ୍ ଦଃୟ୍‌ଦ୍ ଜୁୟ୍ ଇସ୍ୱର୍, ତାର୍ ଉହ୍ରେ ସଃବୁବଃଲ୍
ଆସା କଃରୁକେ କଃଉ । (aiōn g165) 18 ଆର୍ ବିନ୍ ଲକାର୍
ଉହ୍‌କାର୍ କଃରି ସବୁ ସଃତ୍ କାମେ ମାଜନ୍ ଅଃଉତି, ଆର୍
ଆତ୍ ମେଲାକଃରି ଆର୍ ମଃନ୍ ସଃର୍ଦାୟ୍ ଦାନ୍ କଃର୍ତି, ଇତାର୍
ଗିନେ ସେମଃନ୍‌କେ ଆଦେସ୍ ଦେସ୍ । 19 ଇରଃକମ୍ କଃଲେକ୍
ସେମଃନାର୍ ଆସୁଲା ଜିବନାର୍ ଗିନେ ନିକ ମୁଲ୍ ଦଃନ୍ ଅଃହ୍‌ଣା
ଅଃହ୍‌ଣାର୍ ଗିନେ ରୁଣ୍ଡାଉତି, ଜଃନ୍‌କଃରି ସଃତ୍ ଜିବନ୍ ହାଉତି ।
20 ଏ ତିମତି, ତକ୍ ଜାୟ୍‌ରି ଦିଆ ଅୟ୍‌ଆଚେ, ତାକେ ବାଚାୟ୍‌ରେ;
ଚୁଚାୟ୍ ବକୁଆ କଃତା ଆର୍ କଃଉଆ ଅୟ୍‌ଲା ଗ୍ୟାନାର୍ କଃତା
କାଟାକାଟି ଅଃଉତା ଲକମଃନାର୍ ତଃୟ୍‌ହୁଣି ଦୁରି ରେ । 21
କଃତିଲକ୍ ସେରିମଃନ୍ ମାନିକଃରି ବିସ୍ୱାସ୍ କଃତାୟ୍ ବାଟ୍ ବାଣା
ଅୟ୍‌ଆଚ୍‌ତି । ଇସ୍ୱରାର୍ ଦଃୟା ତର୍ ସଃଙ୍ଗେ ରେଉଅ ।

# ୨ ତିମତି

1 ମୁୟ୍ଁ ପାଉଲ୍ କ୍ରିସ୍ଟ ଜିସୁର୍‌ତଃୟ୍ ରିଲାର୍ ଜିବନାର୍ ସଃୟ୍‌ତ୍
ହଃର୍କାରେ ଇସ୍ୱରାର୍ ଇଚାୟ୍ କ୍ରିସ୍ଟ ଜିସୁର୍ ଗଟ୍ ପେରିତ୍ ।
2 ମର୍ ଲାଡାର୍ ହଅ ତିମତିର୍ ହାକ୍ ଇ ଚିଟି ଲେକୁଲେ; ଉବା
ଇସ୍ୱର୍ ଆର୍ ଅଃମିମଃନାର୍ ମାପୁ କ୍ରିସ୍ଟର୍ ତଃୟହୁଣି ଦଃୟା ଆର୍
ସୁସ୍ତା ତର୍ ଉହ୍ରେ ଅଃଉଅ । 3 ମର୍ ଦାଦିବାବୁମଃନାର୍ ହର୍
ନିର୍ମୁଲ୍ ମଃନେ ମୁୟ୍ଁ ଜୁୟ୍ ଇସ୍ୱର୍‌କେ ହୁଜା କଃରୁଲେ, ଦିନ୍ ରାତି
ମର୍ ପାର୍ତନାୟ୍ ସଃବୁବଃଲ୍ ତର୍ ନାଉଁ ଦଃରି ଇସ୍ୱର୍‌କେ ଜୁଆର୍
କଃରୁଲେ । 4 ମୁୟ୍ଁ ଜଃନ୍‌କଃରି ସଃର୍ଦାୟ୍ ହୁରା ଅୟ୍‌ନ୍ଦ, ଇତାର୍
ଗିନେ ତର୍ ଆସୁ ଏତାୟ୍ କଃରି ତକ୍ ଦଃକୁକେ ଅଃନାୟ୍ ମଃନ୍
କଃରୁଲେ । 5 କାୟ୍‌ତାକ୍ ବଃଲେକ୍ ଜୁୟ୍ ନିର୍ମାୟ୍ ବିସ୍ୱାସେ
ତର୍ ଆୟ୍‌ଦି ଇଉନିକି ଆର୍ ବୁଡିନାନା ଲଇ ତଃୟ୍ ରିଲି, ଆର୍
ତର୍‌ତଃୟ୍ ହେଁ ଆଚେ ବଃଲି ମର୍ ବେସି ବିସ୍ୱାସ୍, ତର୍ ସେ
ନିର୍ମାୟା ବିସ୍ୱାସ୍ କଃତା ମୁୟ୍ଁ ସୁଣି ଆଚି । 6 ଇତାର୍ ଗିନେ ମୁୟ୍ଁ
ତକ୍ ଏତାୟ୍ ଦେଉଁଲେ ଜେ, ତର୍ ତଃୟ୍ ଇସ୍ୱରାର୍ ଜୁୟ୍ ଦଃୟାର୍
ବର୍ ଦିଆ ଅୟ୍‌ଆଚେ, ସେରି ଆରେକ୍ ଗଃଟ୍‌ତର୍ ନଃଉଁଆ
କଃର୍ । 7 କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ଅଃମିକ୍ ଡିର୍‌ତା ଆତ୍ମା
ନଃଦ୍ୟ୍, ମଃତର୍ ସଃକ୍ତି, ଲାଡ୍ ଆର୍ ନିକ ବୁଦିର୍ ଆତ୍ମା ଦଃୟ୍
ଆଚେ । 8 ତଃବେ ଅଃମିମଃନାର୍ ମାପୁର୍ କଃତା ସାକିଦେତା
କଃତାୟ୍, କି ତାର୍ ହାୟ୍ କଃୟ୍‌ଦ୍‌କଃଟୁ ମୁୟ୍ଁ, ମର୍ ଗିନେ ହେଁ
ଲାଜ୍ ଅଃଉଅ ନାୟ୍ । ମଃତର୍ ଇସ୍ୱରାର୍ ସଃକ୍ତି ହଃର୍କାରେ
ନିକ କବୁରାର୍ ଗିନେ ମର୍ ସଃଙ୍ଗ କଃସ୍ଟ ସଃମ୍ବାଳା । 9 ସେ
ଅଃମିମଃନ୍‌କ୍ ମୁକ୍ଲାୟ୍ ଆଚେ, ଆର୍ ନିର୍ମୁଲ୍ କୁଦାଣେ କୁଦି ଆଚେ,
ଅଃମିମଃନାର୍ କାମ୍ କଃଲା ହଃର୍କାରେ ସେ ନଃକେରେ, ମଃତର୍
ତାର୍ ସଃୟ୍‌ତ୍ ଆର୍ ଦଃୟା ହଃର୍କାରେ କଃରିଆଚେ । ସେ ଦଃୟା
ଜୁଗ୍ ଆରୁମାର୍ ହୁର୍ବେ ହୁଣି ଜିସୁ କ୍ରିସ୍ଟର୍ ତଃୟ୍ ଅଃମିମଃନ୍‌କ୍ ଦିଆ
ଅୟ୍‌ରିଲି । (aiōnios g166) 10 ମଃତର୍ ଅଃବେ ଅଃମିମଃନ୍‌କ୍
ମୁକ୍ଲାଉତା ଲକ୍ କ୍ରିସ୍ଟ ଜିସୁର୍ ଜଃଲମ୍ ଅୟ୍‌ଲାକ୍ ଇ ସଃବୁ ଜାଣା
ହଃଲିଆଚେ; ସେ ମଃର୍ନାର୍ ସକ୍ତିକେ ନଃସ୍ଟ କଃଲା ଆଚେ ଆର୍
ନିକ କବୁର୍ ତଃୟ୍ ଜିବନ୍ ଆର୍ ନଃମେର୍ତାର୍ ଉଜାଳ୍ ଜାଣାୟ୍
ଆଚେ । 11 ସେ ନିକ କବୁରାର୍ ପର୍ଚାର୍ କଃରୁକେ, ଇସ୍ୱର୍
ମକ୍ ଗଟେକ୍ ପେରିତ୍ ଚେଲା ଆର୍ ଗୁରୁହର୍ ବାଚି ଆଚେ ।
12 ଇତାର୍ ଗିନେ ହେଁ ମୁୟ୍ଁ ଇ ସଃବୁ ଦୁକ୍ ବୟ୍‌ଗ କଃରୁଲେ;
ଅୟ୍‌ଲେକ୍ ହେଁ ଲାଜ୍ ନଃକେରି, କାୟ୍‌ତାକ୍‌ବଃଲେକ୍ ଜାର୍‌ତଃୟ୍
ମୁୟ୍ଁ ବିସ୍ୱାସ କଃରିଆଚି, ତାକେ ମୁୟ୍ଁ ଜାଣି, ଆର୍ ମୁୟ୍ଁ ତାର୍
ଆତେ ଜାୟ୍‌ରି ସଃହ୍ରିଆଚି, ସେରି ବଃଡ୍ ବିଚାର୍ ଦିନ୍ ହଃତେକ୍
ଦଃରିରେଉଁକ୍ ତାର୍ ସଃକ୍ତି ଆଚେ, ଇରି ମୁୟ୍ଁ ସଃତ୍‌କଃରି ବିସ୍ୱାସ୍
କଃରୁଲେ । 13 ମର୍‌ତଃୟ୍‌ହୁଣି ଜୁୟ୍ ସବୁ ଉହ୍‌କାର୍ କଃତା ସୁଣି
ଆଚାସ୍, କ୍ରିସ୍ଟ ଜିସୁର୍ କଃତା ବିସ୍ୱାସ୍ ଆର୍ ଲାଡେ ନିକକଃରି
ସେରି ଦଃରିରେ । 14 ତର୍ ଆତେ ଜୁୟ୍ ବଃଡ୍ ନିକ ବିସୟ୍‌ମଃନ୍
ଦିଆ ଅୟ୍‌ଆଚେ, ସେରି ଅଃମିମଃନାର୍ ତଃୟ୍ ବାସାକ୍‌ର୍ତା ପବିତ୍ର
ଆତ୍ମାର୍ ସଃକ୍ତିୟେ ସଃଙ୍ଗାଉଆ । 15 ଆସିଆର୍ ସଃବୁଲକ୍ ମକ୍
ଚାଡ୍‌ଲାୟ୍ ଆଚ୍‌ତି, ଇରି ତୁୟ୍ ଜାଣିଆଚ୍‌ସି; ପୁଗେଲ୍ ଆର୍
ହର୍ମଗେନା ସେମଃନାର୍ ବିତ୍ରେ ଆଚ୍‌ତି । 16 ଅନିସିପରାର୍ ଗଃର୍
କୁଟୁମଃକ୍ ମାପୁ ଦଃୟା କଃର, ବଃଲେକ୍ ସେମଃନ୍ ଗାଦେକ୍
ତର୍ ଆସି ମର୍ ଦୁକ୍ ହାସ୍ରାୟ୍ ଆଚ୍‌ତି, ଆରେକ୍ ମୁୟ୍ଁ ଆତ୍‌ଦଃଣ୍ଡା
ହିନ୍ଦ୍‌ଲା କଃତାୟ୍ ହେଁ ସେମଃନ୍ ଲାଜ୍ ନଃଉତି । 17 ମଃତର୍
ସେ ରମିଅ ଗଃଲେ ହଚ୍‌ଲା ଦାହ୍ରେ ମକେ ଜଃତୁନେ ଲଲି ମର୍
ସଃଙ୍ଗ ବେଟ୍ ଅୟ୍‌ଲା । 18 ବଃଡ୍ ବିଚାର୍ ଦିନ୍ ସେ ଜଃନ୍‌କଃରି
ମାପୁର୍ ଦଃୟା ହାୟ୍‌ଦ୍, ଇରି ମାପୁ ତାକେ ଦଃୟା କଃର, ଆର୍
ଏପିସିଏ ସେ କଃନ୍‌କଃରି ବୁତେକ୍ ଜଃତୁନ୍ କଃରିଆଚେ, ସେରି
ତୁମି ନିକକଃରି ଜାଣିଆଚାସ୍ ।

2 ତଃବେ, ଏ ମର୍ ହଅ, କ୍ରିସ୍ଟ ଜିସୁର୍ ତଃୟ୍ ମିସ୍‌ଲାକେ ଜୁୟ୍
ଦଃୟା ହାୟ୍‌ଲିସ୍, ସେତି ତୁୟ୍ ବପୁ ଅଃଉ । 2 ଆର୍ ଗାଦା
ସାକି ମଃନ୍‌କାର୍ ମୁଏଁ ଜୁୟ୍ ସଃବୁ କଃତା ମର୍ ତଃୟ୍ ହୁଣି ସୁଣି
ଆଚାସ୍, ଜୁୟ୍‌ମଃନ୍ ବିନ୍ ଲକ୍‌ମଃନ୍‌କେ ହେଁ ସିକାଉଁକେ ହାର୍ତି, ଇ
ରକମ୍ କଃତା ମାନତା ବିସ୍ୱାସି ଲକ୍‌ମଃନାର୍ ତଃୟ୍ ସେରିମଃନ୍
ସଃହ୍ରି ଦେସ୍ । 3 କ୍ରିସ୍ଟ ଜିସୁର୍ ଗଟ୍ ନିକ ସଃଇନ୍ ହର୍ ତାର୍
ଗିନେ କଃସ୍ଟ ସଃମ୍ବାଳ୍ । 4 କୁୟ୍ ଲକ୍ ସଃଇନ୍ କାମ୍ କଃରି
ଜଃଗତାର୍ ବିନ୍ କାମେ ମଃନ୍ ନଃଦେୟ୍, ଜଃନ୍‌କଃରି ସଃଇନ୍
ହଃଦ୍ ଦଃୟ୍‌ରିଲା ଲକ୍‌କେ ସେ ସଃବୁ ଦିନ୍ ସଃର୍ଦା କଃରାଉଁ ହାରେ
। 5 ଆରେକ୍ ହେଁ ଜଦି ଗଟ୍ କୁୟ୍ ଲକ୍ କେଲ୍‌ତା ତଃୟ୍ କେଲୁକ୍
ମିସେଦ୍, ସେ ବିଦି ହଃର୍କାରେ ସେରି ନଃକେଲେକ୍ ସେ ପୁରିସ୍କାର୍
ହାଉଁ ନାହାରେ । 6 ଜୁୟ୍ ତାସି କଃସ୍ଟ କଃରି ତାସ୍ ଉବ୍‌ଜାୟ୍‌ଦ୍,
ସେ ତାସି ହଃନ୍‌ଲା ତାସାର୍ ହଃର୍ତୁ ବାଗ୍ ହାଉତା ଜୟ୍‌ଗ୍ । 7
ମୁୟ୍ଁ ଜୁୟ୍‌ରି କଃଉଁଲେ, ସେରି ମଃନେ ଏତାଉ; ମାପୁ ତକ୍ ସଃବୁ
କଃତାର୍ ଅଃର୍ଦ୍ ବୁଜୁକ୍ ସଃକ୍ତି ଦଃୟ୍‌ଦ୍ । 8 ମୁୟ୍ଁ ପର୍ଚାର୍ କଃଲା
ନିକ କବୁର୍ ହଃର୍କାରେ ମଃଲା ଲକ୍‌ମଃନାର୍ ବିତ୍ରେ ଉଟିଆଚେ
ଆର୍ ଦାଉଦ୍ ବଃଉଁସେ ଜଲମ୍ ଅୟ୍‌ଲାର୍ ଜିସୁ କ୍ରିସ୍ଟକେ ଏତାଉ ।
9 ସେ ନିକ କବୁରାର୍ ଗିନେ ମୁୟ୍ଁ ଦସିହର୍ ଆତ୍‌ଦଃଣ୍ଡା ହିନ୍ଦ୍‌ତା
ହ୍‌ତେକ୍ କଃସ୍ଟ ବୟ୍‌ଗ୍ କଃରୁଲେ; ମଃତର୍ ଇସ୍ୱରାର୍ କଃତାକ୍
କେ ସିକ୍‌ଳି ସଃଙ୍ଗ ବାନ୍ଦ୍ ନାହାରେ । 10 ତଃବେ ଇସ୍ୱର୍ ବାଚ୍‌ଲା
ଲକ୍‌ମଃନ୍‌ହେଁ ଜଃନ୍‌କଃରି ଅଃମ୍ବ୍ରର୍ ଜଃଜ୍‌ମାନ୍ ସଃଙ୍ଗ କ୍ରିସ୍ଟ ଜିସୁ
ଦିଲା ମୁକ୍ତି ହାଉତି । ଇତାର୍ ଗିନେ ମୁୟ୍ଁ ସେମଃନାର୍ ହାୟ୍ଁ ସଃବୁ
କଃତା ସାସ୍ ଦଃରି ସଃମ୍ବାଳୁଲେ । (aiōnios g166) 11 ଇ କଃତା
ସଃତ୍ୟା, “ଜଦି ଅଃମିମଃନ୍ ତାର୍ ସଃଙ୍ଗ ମଃରି ଆଚୁ, ତଃବେ ତାର୍
ସଃଙ୍ଗ ହେଁ ବଚୁନ୍ଦ । 12 ଜଦି ଅଃମିମଃନ୍ ସାସ୍‌ଦଃରି ସମ୍ବାଳୁନ୍ଦ,
ତଃବେ ତାର୍ ସଃଙ୍ଗ ହେଁ ରାଜ୍ କଃରୁନ୍ଦ; ଜଦି ଅଃମିମଃନ୍ ତାକେ
ମାନ୍‌ତି ନଃକେରୁ, ତଃବେ ସେ ହେଁ ଅଃମିମଃନ୍‌କ୍ ମାୟ୍‌ନ୍
ନଃକେରେ । 13 ଜବେ ଅଃମିମଃନ୍ ଅବିସ୍ୱାସେ ରେଉଁନ୍ଦ, ତଃବେ
ହେଁ ସେ ସଃବୁବଃଲ୍ ସଃତେ ରଃୟ୍‌ଦ୍, କାୟ୍‌ତାକ୍‌ବଃଲେକ୍

ସେ ଅଃହ୍‌ଣାକ୍ ମିତ୍ ବଃଲି କଃଉ ନାହାରେ ।” 14 ଇସଃବୁ
କଃତା ଏତୁକଃରାୟ୍ ସୁଣ୍‌ତା ଲକାର୍ ଉହ୍‌କାର୍ ନୟ୍‌ଲାର୍ ଆର୍
ନାସ୍ ଅଃଉତା କଃତାକ୍ ଦଃରାଦଃରି ନଃଉଁକେ ସେମଃନ୍‌କେ
ମାପ୍ରୁର୍ ମୁଏଁ ନିକକଃରି ଆଦେସ୍ ଦେସ୍ । 15 ସଃତ୍ କଃତାକ୍
ଟିକ୍‌ବାବେ କୟ୍‌କଃରି, ଜୁୟ୍ କାମ୍ କଃର୍ତା ଲକାର୍ ଲାଜ୍‌କଃର୍ତା
ଲଳାନାୟ୍, ତାର୍‌ହଃର୍ ଇସ୍ୱରାର୍ ତଃୟ୍ ଆହ୍‌ଣାକେ ନିର୍ଦସି
ବଃଲାୟ୍ ଅଃଉଁକେ ଜଃତୁନ୍ କଃର । 16 ମଃତର୍ ଅଃସାର୍
କଃତାବାର୍ତା ତଃୟ୍‌ହୁଣି ଦୁରିକ୍ ଅୟ୍‌ରେ, ବଃଲେକ୍ ଜୁୟ୍‌ମଃନ୍
ସେତି ଲାଗିରେତି, ସେମଃନ୍ ହାହେ ଅଃଦିକ୍ ବାଡ୍‌ତି । 17 ଆର୍
ସେରଃକମାର୍ ସିକ୍ୟା ହୁଜ୍ ଅୟ୍‌ଲା ଗାଉ ହର୍ କରିଅୟ୍ କାୟ୍
ଜାୟ୍‌ଦ୍, ସେମଃନାର୍ ବିତ୍ରେ ହୁମନାୟ୍, ଆର୍ ପିଲିତ ସେରଃକମ୍;
18 ସେମଃନ୍ ମଃର୍ନେହୁଣି ଉଟ୍‌ତାର୍ ଅୟ୍ ସଃର୍ଲିନି କୟ୍ ସଃତେ
ହୁଣି ବାଟ୍ ବାଣା ଅୟ୍‌ଆଚ୍‌ତି, ଆର୍ କଃତିଲକାର୍ ବିସ୍ୱାସ୍‌କେ
ଉଲ୍‌ଟା କଃରି ଆଚ୍‌ତି । 19 ଅୟ୍‌ଲେକ୍ ହେଁ ଇସ୍ୱର୍ କଃଲା
ଅଃଟୁଆ କୁନାଦି ଡାଟ୍ ଆଚେ, ଆର୍ ତାର୍ ଉହ୍ରେ ଇରି ସିଲ୍‌ହଃଲି
ଆଚେ, ମାପ୍ରୁ ନିଜାର୍ ଲକ୍‌ମଃକେ ଜାଣି ଆଚେ, ଆର୍ ଜେ ହେଁ
ମାପ୍ରୁର୍ ନାଉଁ ଦଃରେଦ୍, ସେ ଅଃଦଃର୍ମେ ହୁଣି ଦୁରିକ୍ ରେଉଅ ।
20 ଗଟ୍ ବଃଡ୍ ଲକାର୍ ଗଃରେ ଅଃକାୟ୍ ସନା ଆର୍ ରୁହାର୍ ତଃୟ୍
ତିଆର୍ ଅୟ୍‌ଲା ଆସ୍ତି ରଃୟ୍‌ଦ୍, ସେରି ନାୟ୍, ମଃତର୍ ଗଃଚାର୍
ଆର୍ ମାଟିର୍ ଆସ୍ତି ହେଁ ରଃୟ୍‌ଦ୍; କଃତେକ୍‌ତାକ୍ ଲାଡ୍ କଃରୁକେ
ଅୟ୍‌ଦ୍ ଆର୍ କଃତେକ୍‌ତାକ୍ ଲାଡ୍ କଃରି ନୟ୍ । 21 ତଃବେ, ଜଦି
କେ ସେ ସଃବୁଲକାର୍ ତଃୟ୍‌ହୁଣି ନିଜ୍‌କେ ନିର୍ମୁଲ୍ କଃରେଦ୍,
ତଃନ୍ ଅଲେ ସେ ନିର୍ମୁଲ୍, ସାଉକାରାର୍ କାମେ ଲାଗ୍‌ତା ଜୟ୍‌ଗ୍,
ଆର୍ ସେ ସଃବୁ ନିକ କାମାର୍ ଗିନେ ତିଆର୍ ଅୟ୍, ଇରଃକମେ
ସଃବ୍‌କାର୍ ଗିନେ ଗଟ୍ ଲାଡାର୍ ଅୟ୍‌ଦ୍ । 22 ମଃତର୍ ତୁମି
ବେଣ୍ଡ୍ୟାବଃଳାର୍ କଃରାବ୍ ଇଚାୟ୍ ହୁଣି ଦୁରିକ୍ ରିଆ, ଜୁୟ୍‌ମଃନ୍
ନିର୍ମୁଲ୍ ମଃନେ ମାପ୍ରୁହାକ୍ ପାର୍ତ୍‌ନା କଃର୍ତି ସେ ମଃନ୍‌କାର୍ ସଃଙ୍ଗ୍
ଦଃର୍ମ, ବିସ୍ୱାସି, ଲାଡ୍ ଆର୍ ସୁସ୍ତାର୍ ହଃଚେ ହଃଚେ ଇଣ୍ଡା । 23
ବୁଦି ନୟ୍‌ଲାର୍ ଆର୍ ହଲ୍ୟା କଃତା କଃଉତା ଲକ୍‌ମଃନାର୍ ତଃୟ୍
ହୁଣି ଦୁରିକ୍ ରିଆ, କାୟ୍‌ତାକ୍‌ବଃଲେକ୍ ଇରଃକମ୍ କଃତାମଃନ୍
ଅଃବ୍‌କା ଗଃଣ୍ଡଗଲ୍ ଉବ୍‌ଜାୟ୍‌ଦ୍ । 24 ମାପ୍ରୁର୍ ଗତିଦଃଙ୍ଗ୍‌ଲା
ଗଃଣ୍ଡଗଲ୍ କଃର୍ତା ନିକ ନାୟ୍, ମଃତର୍ ସେ ସଃବୁ ଲକାର୍ ତଃୟ୍
ଦିର୍ ଆର୍ ନିକ ସିକ୍ୟା ଦେତା ଲକ୍ ଅଃଉତା ଦଃର୍କାର୍ । 25 ଆର୍
ସଃମ୍ଭାଲ୍‌ତା ଲକ୍ ଅଃଉତା ଦଃର୍କାର୍, ବିରଦି ଲକ୍‌କେ ଦିର୍‌ସୁସ୍ତାୟ୍
ବୁଜାଉତା ଦଃର୍କାର୍; ତଃନ୍‌ଅଲେ କେଜାଣ୍ ଇସ୍ୱର୍ ସେମଃନ୍‌କେ
ସଃତ୍ କଃତା ଜାଣୁକ୍ ମଃନ୍ ବାଦ୍‌ଲାଉତା ବଃର୍ ଦଃୟ୍‌ଦ୍ । 26
ଆର୍ ଜୁୟ୍ ସୟ୍‌ତାନ୍ ସେମଃନ୍‌କେ ତାର୍ ଇଚା ହୁରୁଣ୍ କଃରୁକେ
ବାନ୍ଧ୍‌ଲି ଆଚେ, ଚେତ୍‌ନା ଅୟ୍ ତାର୍ ହାନ୍ଦ୍ୱାୟ୍ ହୁଣି ମୁକୁଲ୍‌ତି ।

3 ମଃତର୍ ଇରି ଜାଣିରିଆ ଜେ, ସେସ୍ କାଳେ ବୟଃଙ୍କାର୍ ବେଳା
ଆସେଦ୍ 2 କାୟ୍‌ତାକ୍‌ବଃଲେକ୍ ଲକ୍‌ମଃନ୍ ନିଜ୍‌କେ ଲଃବଦ୍
କଃର୍ତି, ଦଃନ୍‌ଲଃବି, ଆହ୍‌ଣାକେ ଗର୍ବ, ଆକାରିଆ, ଲିନ୍ଦାକଃରୁ,
ଆୟ୍‌ସି ଉବାସିର୍ ଅମାନ୍ୟା, ଉହ୍‌କାର୍ ହାସୁର୍ତାର୍, ବିଟାଲ୍ 3
ଦଃୟ୍ୟା ନଃକେର୍ତି, କାର୍ ସଃଙ୍ଗ୍ ନଃମିସ୍ତାର୍, ଲିନ୍ଦା କଃର୍ତାର୍,
ନଃସେମ୍ଭାଲ୍‌ତାର୍, କଃର୍ନିଆ, ନିକରିକେ ଲାଡ୍‌ନଃକେର୍‌ତାର୍, 4
ବିସ୍ୱାସେ ବିସ୍ ଦେତି, କଃରାବ୍ କାମ୍ କଃରୁକେ ବଃଡେସାସି,
ବଃଡ୍‌ହାଣ୍ୟା ଅଃଉତି ଆର୍ ଲାଡ୍‌କାରି ଇସ୍ୱର୍‌କେ ଲାଡ୍ ନଃକେରି
ସଃର୍ଦାକଃରୁକ୍ ବଃଲ୍‌ହାଉତି । 5 ସେମଃନ୍ ଦଃର୍ମାର୍ ହଃଦାବାଟାର୍
ବେସ୍ ଦଃର୍ତି, ମଃତର୍ ଇତାର୍ ସଃକ୍ତିକେ ଚାଡିଦେତି, ଅଃନ୍‌କା
ଲକାର୍ ତଃୟ୍‌ହୁଣି ଦୁରିରିଆ । 6 ବଃଲେକ୍ ଇମଃନାର୍ ବିତ୍ରେ
ଅଃନ୍‌କା ଲକ୍‌ମଃନ୍ ଆଚ୍‌ତି, ଜୁୟ୍‌ମଃନ୍ ଗଃରେ ଗଃରେ ହୁରି
ହାହାର୍ ବଜେ ଆର୍ ବିନ୍‌ବିନ୍ ରଃକମାର୍ କଃରୁକେ ଇଚାୟ୍
ଚାଲ୍‌ତା ବୁଦି ନୟ୍‌ଲା ମାୟ୍‌ଜିମଃନ୍‌କେ ନିଜାର୍ ଆୟ୍‌ତେ ରଃକ୍‌ତି
। 7 ଇ ମାୟ୍‌ଜିମଃନ୍ ସଃବୁଦଃଲ୍ ସିକ୍‌ତି ରିଲେକ୍ ହେଁ ସଃତ୍
ଜାଣୁକ୍ କଃବେ ହେଁ ନଃହାର୍‌ତି । 8 ଆର୍ ଜଃନ୍‌କଃରି ଜନିସ୍
ଆର୍ ଜମ୍ବ୍ରିସ୍ ମସାର୍ ବାଦା ଦେତି ରିଲାୟ୍, ସେନ୍‌କଃରି ଇ
ଲକ୍‌ମଃନ୍ ହେଁ ସଃତାର୍ ବାଦା ଦେତି; ମୁଣ୍ଡବଃୟ୍ୟା ଅୟ୍ ବିସ୍ୱାସ୍
କଃତାୟ୍ ଟିକ୍ ଗ୍ୟାନେ ହୁର୍ନ୍ ନଃଉତି । 9 ମଃତର୍ ସେମଃନ୍
ଆରେକ୍ ଅଃଦିକ୍ ଆଗ୍‌ତୁ ଜଃଉଁ ନଃହାର୍‌ତି, ବଃଲେକ୍ ସେ ଦୁୟ୍
ଲକାର୍ ଅବୁଜ୍ୟାହାଣ୍ ଜଃନ୍‌କଃରି ଜାଣାହ୍‌ଲିରିଲି, ସେର୍‌କଃମ୍
ଇ ଲକାର୍ ହେଁ ସଃବୁ ଲକାର୍ ତଃୟ୍ ନିକକଃରି ଜାଣାହ୍‌ଲେଦ୍
। 10 ମଃତର୍ ତୁମି ମର୍ ସିକ୍ୟା, ଚାଲାଚାଲ୍‌ତି, ଇଚା, ବିସ୍ୱାସ୍,
ସଃମ୍ଭାଲ୍‌ତାର୍, ଲାଡ୍, ସାସ୍ 11 ତାଳ୍‌ନା ଆର୍ ଦୁକ୍ ବୟ୍‌ଗ୍
କଃରିଆଚାସ୍, ଆନ୍ତିଅକିଆ, ଇକନିଆ, ଆର୍ ଲୁସ୍ତ୍ରାୟ୍ ମକ୍
ସେରଃକମ୍ ତାଳ୍‌ନା ଅୟ୍‌ରିଲି; ମୁୟ୍ଁ ସେରି ସଃମ୍ଭାଳିରିଲେ,
ଆର୍ ମାପ୍ରୁ ମକ୍ ସେ ସଃବୁ ତଃୟ୍ ହୁଣି ରଃକ୍ୟା କଃରି ରିଲା,
12 ସଃତ୍ୟାକଃରି ଜୁୟ୍‌ମଃନ୍ କ୍ରିସ୍ଟ ଜିସୁର୍ ତଃୟ୍ ଦଃର୍ମ ଜିବନ୍
କାଟୁକ୍ ମଃନ୍‌କର୍ତି, ସେମଃନ୍ ତାଳନା ବୟ୍‌ଗ୍ କଃର୍ତି । 13
ମଃତର୍ ଦୁସ୍ଟଲକ୍ ଆର୍ ମିଚୁଆମଃନାର୍ ବାଟ୍ ମଃର୍ନ୍ ହାକ୍ କାଡାୟ୍
ନଃୟ୍‌ଦ୍, ସେମଃନ୍ ବିନ୍ ଲକେ ବୁଲ୍‌କାୟ୍ କଃରି ହଃଚେ ନିଜ୍‌କେ
ଜଃଟେଦ୍ । 14 ମଃତର୍ ତୁୟ୍ ଜୁୟ୍ ଜୁୟ୍‌ରି ସିକ୍ୟା ହାୟ୍‌ଆଚ୍‌ସି,
ଆର୍ ଜୁୟ୍ କଃତାମଃନ୍ ସଃତ୍ ବଃଲି ଜାଣିଆଚ୍‌ସି, ସେ ସଃବୁ
ତଃୟ୍ ତିର୍ ଅୟ୍‌ରେ, ବଃଲେକ୍ ତୁୟ୍ ଜାଣୁଲିସ୍ କାର୍ ତଃୟ୍‌ହୁଣି
ସେରିମଃନ୍ ସିକି ଆଚ୍‌ସି 15 ଆରେକ୍ ଜୁୟ୍ ଦଃର୍ମସାସ୍ତର୍ ଜିସୁ
କ୍ରିସ୍ଟର୍ ତଃୟ୍ ବିସ୍ୱାସ୍ କଃଲେକ୍ ତକ୍ ମୁକ୍ଲାଉତା ଗିଆନ୍ ଦେଉଁ
ହାରେ, ସେରି ତୁୟ୍ ହିଲାବଃଲ୍‌ହୁଣି ଜାଣିଆଚ୍‌ସି । 16 ସଃବୁ
ସାସ୍ତର୍ ଇସ୍ୱର୍ କୟ୍‌ଲାକ୍ ଲେକ୍‌ଲା ଆର୍ ସଃତ୍ ସିକ୍ୟା, ବୁଲ୍
କଃଲେକ୍ ଉଲ୍‌ତାର୍, ସୁଦାର୍ତାର୍, ଆର୍ ଦଃର୍ମ ଅଃଉତା ବିସୟେ
ସାସନାର୍ ହାୟ୍ଁ ଉହ୍‌କାରି, 17 ଜଃନ୍‌କଃରି ଇସ୍ୱରାର୍ ଲକ୍ ହୁର୍ନ୍
ଅୟ୍ ସଃବୁ ରଃକମାର୍ ନିକ କାମାର୍ ଗିନେ ଜୟ୍‌ଗ୍ ଅୟ୍‌ଦ୍ ।

4 ମୁୟ୍ଁ ଇସ୍ୱରାର୍ ମୁଏଁ, ଆର୍ ଜୁୟ୍ ଜିସୁକ୍ରିସ୍ଟର୍ ମୁଏଁ ଜେ କି
ମଃଲା ଲକ୍ ଆର୍ ଜିବନ୍ ରିଲା ଲକ୍‌ମଃନ୍‌କେ ହେଁ ବିଚାର୍
କଃରୁକେ ଜଃଉଁଲା, ତାର୍ ମୁଏଁ, ଆର୍ ତାର୍ ଆରେକ୍ ଆସ୍ତାର୍

ଆର୍ ରାଇଜାର୍ ସ୪ୟ୍‌ତ୍ କ୪ରି ତକ୍ ଆଦେସ୍ ଦେଉଁଲେ । 2
ମାପ୍ରୁର୍ କ୪ତା ପର୍ଚାର୍ କ୪ର୍, ବେଳା କି ଅବେଳାୟ୍‌ହେଁ ସେତିର୍
ଦିଆନ୍ ଦେସ୍, ହୁରା ସ୪ମ୍ବାଳିକ୪ରି ସିକ୍ୟାଦ୪ୟ୍ ବୁଜାୟ୍ ଦ୪ମ୍‌କି
ଦେସ୍ ଆର୍ କ୪ଡେ କ୪ଡେବ୪ଲ୍ ବ୪ର୍‌ସା ଦେସ୍ । 3 ବ୪ଲେକ୍
ବେଳା ଆସେଦ୍, ଜ୪ଡେବ୪ଲ୍ ସେମ୪ନ୍ ନିକ କ୪ତାର୍ ସିକ୍ୟା
ନ୪ସୁଣ୍‌ତି, ମ୪ତର୍ ସୁଣୁକ୍ ମଦୁର୍ କ୪ତାୟ୍ ସ୪ର୍ଦାଅୟ୍ ଇଚା
ହ୪ର୍କାରେ ନିଜାର୍ ହାଁୟ୍ ଗାଦାଗଟ୍ ଗୁରୁମ୪ନ୍‌କେ କୁଦ୍‌ତି ।
4 ଆର୍ ସ୪ତ୍ କ୪ତାୟ୍ କାନ୍ ନ୪ଦେୟ୍ ମ୪ନେହାଜି କୟ୍‌ଲା
କ୪ତାୟ୍ ମ୪ନ୍ଦେତି । 5 ମ୪ତର୍ ତୁୟ୍ ସ୪ବୁ କ୪ତାୟ୍ ଜ୪ଗ୍ରାତ୍
ଅ୪ଉ, ଦୁକ୍ ସ୪ମ୍ବାଳ୍, ନିକ କବୁର୍ ପର୍ଚାର୍ କ୪ର୍, କାମ୍ କ୪ର୍,
ତର୍ ସେବାର୍ କାମ୍ ହୁରୁଣ୍ କ୪ର୍ । 6 ମର୍ ଜିବନ୍‌କେ ହୁଜା
ଦ୪ୟ୍ ଇ ଜ୪ଗତ୍‌କେ ଚାଡି ଜାତା ବେଳା ଆସି ଆଚେ । 7 ମୁୟ୍ଁ
ନିକ ଜୁଜେ ହ୪ରାଣ୍ ଦ୪ୟ୍‌କ୪ରି ଜୁଜ୍ କ୪ରି ଆଚି, ସ୪ରାସ୪ରି
ହ୪ତେକ୍ ଦ୪ବ୍‌ଲୁଲେ ଆଚି, ମୁୟ୍ଁ ବିସ୍ୱାସ୍‌କେ ଦ୪ରି ଆଚି
। 8 ଆଜି ହ୪ତେକ୍ ମର୍ ଗିନେ ଦ୪ର୍ମାର୍ ମୁକୁଟ୍ ସ୪ଙ୍ଗ୍ଲାଅୟ୍
ଆଚେ, ସେରି ସେ ବିଚାର୍ ବିନ୍ ନ୍ୟାୟ୍‌ର୍ ବିଚାର୍ କ୪ର୍ତା ମାପ୍ରୁ
ମକେ ଦ୪ୟ୍‌ଦ୍, ମ୪ତର୍ ମକେ ହ୪କା ନୟ୍ ଜୁୟ୍‌ମ୪ନ୍ ତାର୍
ଆୟ୍‌ଲେକ୍ ଲାଡାର୍ ଅ୪ଉତି, ସେ ସ୪ବ୍‌କେ ହେଁ ଦ୪ୟ୍‌ଦ୍ । 9
ବେଗି ମର୍ ତ୪ୟ୍ ଆସୁକ୍ ଜ୪ତୁନ୍ ଅ୪ଉ 10 ବ୪ଲେକ୍ ଦିମା
ଇ ଅ୪ବାର୍ ଜ୪ଗତାର୍ ଲାଡ୍‌କ୪ରି ମକେ ଚାଡ୍‌ଲା ଆଚେ ଆର୍
ତେସଲନିକିକେ ଜାୟ୍‌ଆଚେ, କ୍ରେସ୍‌କେନେସ୍ ଗାଲାତିଆକେ,
ଆର୍ ତିତସ୍ ଦଲ୍ମତିଆକୁ ଜାୟ୍ ଆଚ୍‌ତି । (aiōn g165) 11 ଏକ୍ଲା
ଲୁକ ହ୪କା ମର୍ ସ୪ଙ୍ଗ୍ ଆଚେ, ମାର୍କକେ ମିସ୍‌ଣେ ତର୍ ସ୪ଙ୍ଗ୍
ଆଣ୍; ବ୪ଲେକ୍ ସେ ମର୍ ସେବା କାମେ ଉହ୍‌କାର୍ କ୪ରେଦ୍
। 12 ମୁୟ୍ଁ ତୁକିକକେ ଏପିସିଏ ହ୪ଟାୟ୍ ଆଚି । 13 ତ୍ରୟାଇ
କାର୍ପର୍ ଲ୪ଗେ ମୁୟ୍ଁ ଜୁୟ୍ ଆଙ୍ଗି ଚାଡି ଆସିଆଚି, ତୁୟ୍ ଆସ୍ତା
ବ୪ଲ୍ ସେରି ଆର୍ ପୁସ୍ତକ୍‌ମ୪ନ୍, ମୁଲ୍‌କ୪ରି ଚାମେ ତିଆର୍ କ୪ଲା
ପୁସ୍ତକ୍‌ମ୪ନ୍ ଆଣ୍ । 14 କାସାରି ଆଲେକ୍‌ଜେଣ୍ଡାର୍ ମର୍ ବୁତେକ୍
ନ୪ସ୍ଟ କ୪ଲା ଆଚେ; ମାପ୍ରୁ ତାର୍ କାମ୍ ହ୪ର୍କାରେ ତାକେ ଡ୪ଣ୍ଡ
ଦ୪ୟ୍‌ଦ୍ । 15 ତୁୟ୍ ହେଁ ତାର୍ ଚ୪ମେ ଜ୪ଗ୍ରାତ୍ ରେଏ, ବ୪ଲେକ୍
ସେ ଅ୪ମିମ୪ନାର୍ କ୪ତାର୍ ଅ୪ନାୟ୍ ବିରଦ୍ କ୪ରି ରିଲା । 16
ମର୍ ହ୪ର୍ତୁ ନିଜାର୍ ସାକି ଦେତା ବ୪ଲ୍ କେହେଁ ଆଡି ନୟ୍‌ଲାୟ୍,
ମ୪ତର୍ ସ୪ବୁଲକ୍ ଚାଡିଦିଲାୟ୍, ଇରି ସେମ୪ନ୍‌କାର ବିରଦେ
ଗଣିତା ନ୪ଅ । 17 ମ୪ତର୍ ମାପ୍ରୁ ମର୍‌ବାଟ୍ୟା ଅୟ୍ ମକେ ବ୪ଲ୍
ଦିଲା ଆର୍ ମୁୟ୍ଁ ସିଅଁବାଗାର୍ ମୁଏଁ ହୁଣି ର୪କ୍ୟା ହାୟ୍‌ଲେ,
ଜ୪ନ୍‌କ୪ରି ମର୍ ତ୪ୟ୍‌ହୁଣି ନିକ କବୁର୍ ହୁରୁଣ୍ କ୪ରି ପର୍ଚାର୍
ଅ୪ଉଁ ହାରେ ଆର୍ ଅଜିଉଦି ଲକ୍‌ମ୪ନ୍ ସେରି ସୁଣୁ ହାର୍ତି । 18
ମାପ୍ରୁ ମକ୍ ସ୪ବୁ କ୪ରାବ୍ କାମେ ହୁଣି ମୁକ୍ଲାୟ୍‌ଦ୍ ଆର୍ ମକ୍
ମୁକ୍‌ଲାୟ୍ କ୪ରି ନିଜାର୍ ସ୪ର୍ଗ୍ ରାଇଜେ ନ୪ୟ୍‌ଦ୍, ଜୁଗେଜୁଗେ
ତାର୍ ଜ୪ଜ୍‌ମାନ୍ ଅ୪ଉଅ । ଆମେନ୍ । (aiōn g165) 19 ପ୍ରିସ୍କିଲା,
ଆର୍ ଆକିଲା ଆର୍ ଅନିସିପରାର୍ ଗ୪ର୍ କୁଟୁମ୍‌କେ ମର୍ ଜୁଆର୍
ଜାଣାଉ । 20 ଏରାସ୍ଟ କରନ୍ତିୟେ ଆଚେ, ମ୪ତର୍ ତ୍ରପିମ୍
ମ୪ଲୁହ୪ଡି ରିଲାକେ ମୁୟ୍ଁ ତାକେ ମିଲିତିୟେ ଚାଡି ଆୟ୍‌ଲେ
ଆଚି । 21 ତୁୟ୍ ସିତ୍ ଆସ୍ତା ହୁର୍ବେ ଆସୁକ୍ ଜ୪ତୁନ୍ କ୪ର୍ ।
ଇଉବୁଲ୍, ପୁଦେନସ୍, ଲିନ୍, କ୍ଲାଉଦିଆ ଆର୍ ବାୟ୍‌ବେଣିମ୪ନ୍
ତକେ ଜୁଆର୍ ଜାଣାଉଁଲାୟ୍ । 22 ମାପ୍ରୁ ତର୍ ଆତ୍ମା ସ୪ଙ୍ଗ୍
ରେଉଅ । ତୁମାର୍ ଉହ୍ରେ ଦ୪ୟା ଅ୪ଉଅ ।

# ତିତସ୍

**1** ମୁୟ୍ଁ ପାଉଲ୍ ଇସ୍ୱରାର୍ ଗଟ୍ ଗତିଦଃଙ୍ଗ୍ଲା ଆର୍ ଜିସୁକ୍ରିସ୍ଟର୍
ଗଟେକ୍ ପେରିତ୍, ତିତସ୍‌କେ ଚିଟି ଲେକୁଲେ । ମୁୟ୍ ଇସ୍ୱରାର୍
ବାଚ୍‌ଲା ଲକ୍‌ମଃନ୍‌କେ ବିସ୍ୱାସେ ଅଃଟୁଆ କଃରୁକେ ଆର୍ ଅଃମ୍ବ୍ରର୍
ଜିବନ୍ ହାଉଁତା ଆସା ଉହ୍ରେ ସଃତ୍ 2 ଇସ୍ୱର୍ ବାଚ୍‌ଲାର୍ ଲକ୍‌ମଃନ୍
ସଃବୁ ଦିନାର୍ ଜିବନାର୍ ବଃର୍‌ସା ହାୟ୍, ଜଃନ୍‌କ୍‌ରି ବିସ୍ୱାସ୍
ଆର୍ ଇସ୍ୱର୍‌କେ ମାନ୍‌ତି କଃର୍ତା ସଃତ୍ ଗ୍ୟାନେ ବାଡ୍‌ତି, ଇତାର୍
ଗିନେ ମୁୟ୍ଁ ପେରିତ୍ ଅୟ୍ ଆଚି । (aiōnios g166) 3 ସେ
ଟିକ୍ ବେଲାୟ୍ ନିଜାର୍ କଃତା ପର୍ଚାର୍ କଃରାୟ୍ ଜାଣାୟ୍‌ଲା;
ସେକଃତା ପର୍ଚାର୍ କଃର୍ତା ବଃଜ୍ ଅଃମାର୍ ମୁକ୍ଲାଉତା ଇସ୍ୱରାର୍
କୟ୍‌ଲା ହର୍କାରେ ମକେ ସଃହ୍ରି ଦିଆଅୟ୍ ଆଚେ । 4 ତିତସ୍
ମର୍ ସଃମାନ୍ ବିସ୍ୱାସାର୍ ହଅ, ଉବା ଇସ୍ୱରାର୍ ଆର୍ ଉଦାର୍
କଃର୍ତା ଇସ୍ୱର୍ ଆର୍ ଅଃମିମଃନାର୍ ମୁକ୍ଲାଉତା କ୍ରିସ୍ଟ ଜିସୁର୍
ତଃୟ୍‌ହୁଣି ଦଃୟ୍ୟା ଆର୍ ସୁସ୍ତା ତର୍ ଉହ୍ରେ ଅଃଉଅ । 5 ନଃସେର୍ତା
ହାୟ୍‌ଟିମଃନ୍ ସଃରାଉଁକେ, ଆର୍ ମୁୟ୍ଁ କୟ୍‌ଲା ହଃର୍କାରେ ସଃବୁ
ଗଳେମଃନ୍ ମଣ୍ଡଳିର୍ ପାରାଚିନ୍ ମଃନ୍‌କେ ବାଚୁକେ ମୁୟ୍ଁ ତକ୍
କ୍ରିତିୟେ ଚାଡି ଆୟ୍‌ଲେ । 6 ଜୁୟ୍‌ଲକ୍ ନିର୍ଦସି ଆର୍ ଗଟେକ୍
ମାୟ୍‌ଜିର୍ ଅଃଣ୍ଡା ଅୟ୍ ରିବାର୍‌ଆଚେ, ତାର୍ ହିଲାମଃନ୍ ମାପ୍ରୁର୍
ବିସ୍ୱାସି ଅୟ୍ ରିବାର୍‌ଆଚେ । ଆର୍ କଃରାବ୍ କାମେ ଲିନ୍ଦା ହାୟ୍
ନଃରେବାର୍ ଆଚେ କି ଅମାନ୍ୟାର୍ ଅୟ୍ ନଃରେବାର୍ ଆଚେ,
ତାକେ ବାଚା । 7 ବଃଲେକ୍ ଗଟ୍ ମଣ୍ଡଳିର୍ ମୁଳିକା ଇସ୍ୱରାର୍
ବଃଣ୍ଡାର୍‌ଗଃରିଆ ହର୍ ଲିନ୍ଦା ନାହାୟ୍‌ଲା ଲକ୍ ଅୟ୍‌ବାର୍ ଆଚେ;
ସେ ନିଜାର୍ ଇଚାୟ୍ ଚାଲ୍‌ତା ଲକ୍ କି ବେଗି ରିସା ଅଃଉତା
ଲକ୍ ଅୟ୍ ନଃରେବାର୍ ଆଚେ, କି ମଃଦୁଆ କି କୁନ୍ଦିକାଡୁ, କି
ଦଃନ୍‌ଲଃବି ଅୟ୍ ନଃରେବାର୍ ଆଚେ । 8 ନିକରି ବଃଲ୍‌ହାଉ
ଲକ୍‌ସସି ଅୟ୍‌ରେବାର୍ ଆଚେ, ନିକ କଃତାକ୍ ଲାଡ୍‌କଃର୍ତା
ଲକ୍, ନିକ ବୁଦିର୍ ଲକ୍, ନ୍ୟାୟ୍ ବଃଲ୍‌ହାଉତା ଲକ୍, ପବିତ୍ର
ଆର୍ ମଃଦୁର୍ କଃତା ଅଃଉତା ଲକ୍ । 9 ଆରେକ୍ ଜଃନ୍‌କଃରି
ସେ ଉହ୍‌କାର୍ ଅଃଉତା ସିକ୍ୟା ଦଃୟ୍ ବଃର୍ସା ଦେଉଁକ୍ ଆର୍
ବିରଦେ କଃଉତା ଲକ୍‌ମଃନ୍‌କେ ଉତୁର୍ ଦେଉଁକେ ହାର୍ତି, ଇତାର୍
ଗିନେ ହାୟ୍‌ରିଲା ସିକ୍ୟା ହଃର୍କାରେ ବିସ୍ୱାସ୍ ଜୟ୍‌ଗ୍ ମାପ୍ରୁର୍
କଃତାକ୍ ନିକକଃରି ଦଃରି ରେଉଅତ । 10 ବଃଲେକ୍ ଗାଦେକ୍
ଅମାନ୍ୟା ଲକ୍, କଃରାବ୍ କଃତା କଃଉତା ଲକ୍ ଆର୍ ଟକ୍‌ତା
ଲକ୍ ଆଚ୍‌ତି, ମୁଲ୍‌କଃରି କ୍ରିସ୍ଟାନ୍ ଅୟ୍‌ଲା ଜିଉଦି ଲକ୍‌ମଃନାର୍
ବିତ୍ରେ ଆଚ୍‌ତି । 11 ସେମଃନାର୍ ଟଣ୍ଡ ମଦା କଃରାଉତା ଲଳା
। ସେମଃନ୍ ଦଃନାର୍ ଗିନେ କଃରାବ୍ ସିକ୍ୟା ଦଃୟ୍ ଗଟେକ୍
ଗଟେକ୍ ଗଃର୍‌କୁଟୁମ୍‌କେ ହୁରାବାବେ ବିନ୍ ବାଟେ ନଃୟ୍ ଆଚ୍‌ତି
। 12 ସେମଃନାର୍ ବିତ୍ରେ, ସେମଃନାର୍ ନିଜାର୍ ଜାତିର୍ ଗଟେକ୍
ବାବ୍‌ବାଦି କୟ୍‌ଆଚେ, କ୍ରିତିର୍ ଲକ୍‌ମଃନ୍ ସଃବୁବଃଲ୍ ମିଚ୍
କଃଉତି, ବିନ୍‌ଲକାର୍ ନଃସ୍ଟକଃରୁ ଆର୍ ଅଃଲ୍‌ସିଆ କାଉରାମଃନ୍
। 13 ସେମଃନାର୍ ଇ ସାକି ସଃତ୍ । ଇତାକ୍ ସେମଃନ୍ ଜଃନ୍‌କଃରି
ଜିଉଦିମଃନାର୍ ମଃନେ ହାଚ୍‌ଲା କଃତା ଆର୍ ସଃତ୍ କଃତାକ୍
ମୁଆଁସ୍ ନଃକେଲା ଲକ୍‌ମଃନ୍‌କେ 14 ସଃତ୍‌କେ ନଃମାତା
ମାନାୟ୍‌ମଃନାର୍ ବିଦି ଆର୍ ଜିଉଦିମଃନାର୍ ମଃନେ ହାଚ୍‌ଲା
ଲକ୍‌କଃତା ନଃମାନୁକେ ସେମଃନ୍‌କେ ସିକାଉଆ । 15 ନିର୍ମୁଲ୍
ଲକ୍‌ମଃନାର୍ ଗିନେ ସଃବୁହେଁ ନିର୍ମୁଲ୍, ମଃତର୍ ହାହେ ହଃଲ୍‌ଲା
ଆର୍ ଅବିସ୍ୱାସିମଃନାର୍ ଗିନେ କାୟ୍ କଃତା ହେଁ ନିର୍ମୁଲ୍ ନାୟ୍,
ମଃତର୍ ସେମଃନାର୍ ମଃନ୍ ଆର୍ ବାବ୍‌ନା ଇ ଜଳେକ୍ ହେଁ ବିଟାଳ୍
। 16 ସେମଃନ୍ ଇସ୍ୱର୍‌କେ ଜାଣିଆଚୁ ବଃଲି କଃଉତି, ମଃତର୍
ସେମଃନାର୍ କାମ୍ ତଃୟ୍ ମାନ୍‌ତି ନଃକେର୍ତି । ସେମଃନ୍ ମାନ୍‌ତି
ହାଉତା ଜୟ୍‌ଗ୍ ନାୟ୍ ଆର୍ ଅମାନ୍ୟା, ଆରେକ୍ ସଃବୁ ସଃତ୍
କାମାର୍ ଜୟ୍‌ଗ୍ ନୟ୍‌ଲାର୍ ।

**2** ମଃତର୍ ତୁମି ଉହ୍‌କାର୍ ସିକ୍ୟାର୍ ଟିକ୍ କଃତା କଃଉଆ । 2
ଅଃଦିକ୍ ବଃୟ୍ଁସାର୍ ଲଃକ୍‌ମଃନ୍ ମଃଦୁର୍ କଃତାୟ୍, ଦିର୍‌ସୁସ୍ତା,
ନିକବୁଦି ଆର୍ ବିସ୍ୱାସ୍, ଲାଡେ ଆର୍ ସଃମ୍ବାଲ୍‌ତାର୍ ସଃଙ୍ଗ ସଃକ୍ତି
ଅଃଉଁକେ, 3 ଆରେକ୍ ଅଃଦିକ୍ ବଃୟ୍ଁସାର୍ ମାୟ୍‌ଜିମଃନ୍‌କେ
ସେରଃକମ୍ ଲକାର୍ ଲିନ୍ଦାକାରି, ମଃଦେ ଗତି ନଃକେଟି ବେବାରେ
ନିକ ଆର୍ ନିକ ସିକ୍ୟା ଦେଉଁକେ ଗଃଉଆରି କଃରା; 4
ଇସ୍ୱରାର୍ କଃତା ଜଃନ୍‌କଃରି ଲିନ୍ଦା ନଃହାୟ୍, ଇତାକ୍ ସେମଃନ୍
ଦଃଙ୍ଗ୍‌ଲିମଃନ୍‌କେ ଡକ୍ରାସିର୍ କଃତା ମାନୁକ୍, ହିଲାକ୍ ଲବଦ୍
କଃରୁକେ ସିକାଉଁ ହାର୍‌ତି । 5 ନିକବୁଦି, ଅଃଣ୍ଡାକେ ପବିତ୍ର ବାବେ
ମାନ୍‌ତାର୍, ଗଃର୍ ସଃମ୍ବାଲ୍‌ତାର୍ ମାୟ୍‌ଜି, ଦିର୍‌ସୁସ୍ତାର୍, ଆର୍
ଅଃହ୍‌ଣା ଅଃହ୍‌ଣାର୍ ଡକ୍ରାସି ମଃନ୍‌କାର୍ କଃତା ମାନି ଚାଲୁକ୍
ସିକାଉ । ତଃବେ ଅଃମିକ୍ ଦିଆ ଅୟ୍‌ଲା ଇସ୍ୱରାର୍ କଃତାକ୍
ଲିନ୍ଦା ନଃକେର୍‌ତି । 6 ସେନ୍‌କଃରି ଦଃଙ୍ଗ୍ଲାମଃନ୍‌କେ ସଃବୁବାଟ୍
ନିକବୁଦିର୍ ଅଃଉଁକେ ସାହାସ ଦେସ୍; 7 ତୁୟ୍ ନିଜେ ନିଜାର୍ ଗୁଣେ
ସଃତ୍ କାମ୍ କଃଲାର୍ ଦଃକାଉ, ମଃନ୍‌ଗଃଳା ସିକ୍ୟାୟ୍ ନୟ୍, ଆର୍
ମଃନ୍ ଦିଆନ୍ ବାବ୍ ଆରେକ୍ ଉହ୍‌କାର୍ ଅଃଉତାର୍ ଅକାଟ୍ୟା
କଃତା କଃଉ । 8 ତଃବେ କେ ତକ୍ ଲିନ୍ଦା କଃତା କଃଉ ନଃହାର୍‌ତି
ଆର୍ ତର୍ ସଃତ୍ରୁମଃନ୍ ଅଃମାର୍ ବିରଦେ କଃରାବ୍ ଲିନ୍ଦା କଃତା
ଆଣୁ ନଃହାରି ଲାଜ୍ ହାଉତି । 9 ଗତିଦଃଙ୍ଗ୍ଲା ମଃନ୍‌କେ
ସିକାଉ ଜେ, ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍ ସାଉକାରାର୍ ତଃଳେ
ମାନିକଃରି ରେଅତ୍, ସଃବୁ କଃତାୟ୍ ସେମଃନ୍‌କାର ମଃନ୍‌ସଃର୍ଦା
କଃରାଅତ୍ । କଃତା ମେଣ୍ଟ ନୟ୍ କଃରି, 10 କାୟ୍‌ରିହେଁ ନଃଚରି
ମୁଲ୍‌କଃରି ହୁରାହୁରି ସଃତ୍ ଦଃକାଇ ଅଃଉଅତ୍, ଜଃନ୍‌କ୍‌ରି
ସେମଃନ୍ ସଃବୁ କଃତାୟ୍ ଅଃହ୍‌ଣାର୍ ମୁକ୍ଲାଉତାର୍ ଇସ୍ୱରାର୍
ସିକ୍ୟାର୍ ସନାମାଳି ହର୍ ଅଃଉତି । 11 ବଃଲେକ୍ ସଃବୁ ମାନାୟ୍‌ର୍
ମୁକୁଲ୍‌ତାର୍ ଗିନେ ଇସ୍ୱରାର୍ ଦଃୟ୍ୟା ଜାଣା ହଃଲିଆଚେ । 12
ଆର୍ ଅଃମିମଃନ୍ ଜଃନ୍‌କଃରି ଅଃଦଃର୍ମ୍ ଆର୍ ଜଃଗତାର୍ ଲାଳସା
ଚାଡିକଃରି ଇ ଆଜିର୍ ଜଃଗତେ ନିକବୁଦି, ଦଃର୍ମି ଇସ୍ୱର୍‌କେ
ସଃର୍ଦାକଃର୍ତା ଜିବନ୍ କାଟୁନ୍ଦ । (aiōn g165) 13 ବଃଡ୍ ଇସ୍ୱର୍

ଆର୍ ଅଃମିମଃନାର୍ ମୁକ୍ଲାଉତାର୍ କ୍ରିସ୍ଟଜିସୁର୍ ଜଃଜ୍ମାନ୍ ଦଃକୁକ୍
ଜାଗିରେଉନ୍ଲ, ଇତାର୍ ଗିନେ ବଃର୍ସା କଃରି ସିକ୍ୟା ଦେଉଁଲେ ।
14 ସେ ଜିସୁ କ୍ରିସ୍ଟ ଅଃମିମଃନ୍କ୍ ସବୁ ହାହେ ହୁଣି ମୁକ୍ଲାଉଁକେ
ଆର୍ ଅଃହ୍ଣାର୍ ଗିନେ ସଃତ୍କାମେ କାମିକା ନିଜାର୍ ଲକ୍ହେର୍
ନିର୍ମୁଲ୍ କଃରୁକେ ଅଃମିମଃନାର୍ ହାଁୟ୍ ଅଃହ୍ଣାକ୍ ଦିଲା । 15
ଇସଃବୁ କଃତା କୟ୍ ହୁରାହୁରି ଅଃଦିକାର୍ ସଃଙ୍ଗ ସୁଣ୍ତା ଲକେ
ବଃର୍ସା ଦେସ୍ ଆର୍ ଉଲ୍ । କେ ତକେ ଇନ୍ମାନ୍ ନଃକେର ।

**3** ଅଃଦିକାରି ଆର୍ ଅଃଦିକାର୍ ହାୟ୍ଲା ଲକାର୍ ତଃଲେ ରଃୟ୍
ଆର୍ ବାୟ୍ଦ୍ରେ ମାନୁକେ ଆରେକ୍ ସଃବୁ ରଃକମାର୍ ନିକ
କାମ୍ କଃରୁକେ ତିଆର୍ ଅଃଉଁକେ, 2 କାର୍ ଲିନ୍ଦା ନଃକେରୁକ୍,
କାର୍ ବିରଦି ନେଉଁକେ, ଦିରାଅଉଁକ୍, ସଃବୁ ଲକ୍ମଃନ୍କେ ସଃବୁ
ରଃକମାର୍ ଦିର୍ସୁସ୍ତା ବାବ୍ ଦଃକାଉଁକ୍ ସେମଃନ୍କେ ଏତାୟ୍
ଦେସ୍ । 3 କାୟ୍ତାକ୍ବଃଲେକ୍ ହଃର୍ତୁ ଅଃମିମଃନ୍ ହେଁ ନିର୍ବୁଦିଆ,
ଅମାନ୍ୟାକାରି, ବାଣା ଆର୍ ନାନା ରଃକମାର୍ କଃରାବ୍ ବୟ୍ଗ୍
ଆର୍ ସୁକ୍ ବୟ୍ଗାର୍ ଗତିଦଃଙ୍ଗ୍ଲା ରିଲୁ, ଆକାର୍, ଆର୍ ଡାରା
କଃତାୟ୍ ଦିନ୍ କାଟତି ରିଲୁ, ଲକ୍କେ ଲାଡ୍ ନଃକେର୍ତି ରିଲୁ
ଆର୍ ବିନ୍ ଲକ୍ମଃନ୍ ହେଁ ଅଃମିକ୍ ଗିଣ୍ କଃର୍ତି ରିଲାୟ୍ ।
4 ମଃତର୍ ଜଃଡ୍ବଃଲ୍ ଅଃମିମଃନାର୍ ମୁକ୍ଲାଉତାର୍ ଇସ୍ୱରାର୍
ଦଃୟା ଆର୍ ମାନାୟ୍ ଜାତିକେ ତାର୍ ଲାଡ୍ ଜାଣା ହଃଲ୍ଲି । 5
ସଃଡେବଃଲ୍ ସେ ଅଃମିମଃନାର୍ କଃଲା ଦଃର୍ମ୍ କାମାର୍ ଗିନେ
ନାୟ୍, ମଃତର୍ ଅଃହ୍ଣାର୍ ଦଃୟା ହଃର୍କାରେ, ଆରେକ୍ ଜଲମ୍
ଦଃୟ୍ ଆର୍ ପବିତ୍ର ଆତ୍ମା ନଃଉଁଆକଃରି ଅଃମିମଃନ୍କ୍ ମୁକ୍ଲାୟ୍
ଆଚେ । 6 ସେ ପବିତ୍ର ଆତ୍ମାକେ ସେ ଅଃମିମଃନାର୍ ମୁକ୍ଲାଉତା
ଜିସୁ କ୍ରିସ୍ଟର୍ ଗିନେ ଜଃବର୍ ଅଃମିମଃନ୍କ୍ ଦଃୟ୍ ଆଚେ । 7
ଜଃନ୍କଃରି ଅଃମିମଃନ୍ ତାର୍ ଦଃୟାର୍ ଗିନେ ଦଃର୍ମି ଗଃଣ୍ତି
ଅୟ୍ ବଃର୍ସା ହଃର୍କାରେ ଅଃମ୍ବର୍ ଜିବନାର୍ ଅଃଦିକାରି ଅଃଉଁନ୍ଲ
। (aiōnios g166) 8 ଇ କଃତା ବିସ୍ୱାସ୍ କଃର୍ତା ଜୟ୍ଃଗ୍, ଆର୍
ଜଃନ୍କଃରି ଇସ୍ୱର୍କେ ସଃତ୍ କଃର୍ତା ଲକ୍ମଃନ୍ ସଃବୁ ସଃତ୍କାମେ
ଦିନ୍କଃଟାଉଁକେ ମଃନ୍ ଦେତି, ଇତାର୍ ଗିନେ ଇ ସଃବୁ କଃତା
ନିକକଃରି ସିକାଉ ବଃଲି ମର୍ ମଃନ୍ । ଇ ସଃବୁ କଃତା ମାନାୟ୍
ମଃନ୍କାର୍ ହାୟ୍ଁ ନିକ ଆର୍ ଉହ୍କାର୍ କଃତା । 9 ମଃତର୍ ହଲ୍ୟା
ଦଃରାମ୍ସ୍କା, ଆଗାର୍ ହୁର୍ବାର୍ ବଉଁସାର୍ କଃତା, ବିରଦ୍, ଆର୍
ବିଦିର୍ କଃତାୟ୍ ଦଃରାଦଃରି ଅଃଉଆ ନାୟ୍, କାୟ୍ତାକ୍ବଃଲେକ୍
ସେରିମଃନ୍ ଉହ୍କାର୍ ନାୟ୍ ଆର୍ ମଲ୍ ନାୟ୍ । 10 ଜୁୟ୍ମଃନ୍
ବମ୍ଲାଉତା ମଃନାର୍, ତାକେ ତରେକ୍ କି ଦୁୟ୍ତର୍ ବୁଜାୟ୍ଲା
ହଃଚେ, ତାର୍ ତଃୟ୍ହୁଣି ଦୁରିରିଆ । 11 ଇ ରଃକ୍ମ୍ ଲକ୍ ଜେ
ବାଟ୍ବାଣା ଅୟ୍ଆଚେ, ଆର୍ ହାହ୍ କଃରି ଅଃହ୍ଣାକ୍ ଅଃହ୍ଣା
ଦସି କଃରିଆଚେ, ଇରି ତୁମି ଜାଣିଆଚାସ୍ । 12 ଜଃଡ୍ବଃଲ୍ ମୁୟ୍ଁ
ତର୍ ହାକ୍ ଆର୍ତେମା କି ତୁକିକକେ ହଃଟାୟ୍ନ୍ଲ, ସଃଡେବଃଲ୍
ନିକପଲିକେ ମର୍ ହାକ୍ ଆସୁକ୍ ଜଃତୁନ୍ ଅଃଉ, ବଃଲେକ୍
ସିତ୍ହଃଦ୍ନା ସେତି ରେଉଁକେ, ତିର୍ କଃରି ଆଚି । 13 ମସାର୍
ବିଦିଏ ଅକିଲ୍ ଜିନା ଆର୍ ଆପଲକେ ଜଃତୁନେ ଜାୟ୍ରି ଲଳା
ଦଃୟ୍କଃରି ଚାଡିଦେସ୍, ଜଃନ୍କଃରି ସେମଃନାର୍ କାୟ୍ରିହେଁ
ଅକେଟ୍ ନଃଉଅ । 14 ଅଃମାର୍ ଲକ୍ମଃନ୍ ହେଁ ଲଳାରିଲା
ଉହ୍କାର୍ ହାୟ୍ଁ ସଃତ୍ କାମେ ଲାଗି ରେଉଁକ୍ ସିକତ୍, ଜଃନ୍କଃରି
ସେମଃନ୍ କାମ୍ ନଃକେଲା ଲକାର୍ ହର୍ ନଃଉତି । 15 ମର୍
ସଃଙ୍ଗ ରିଲା ସଃବୁଲକ୍ ତକେ ଦନ୍ୟବାଦ୍ ଜାଣାଉଁଲାୟ୍, ବିସ୍ୱାସ୍
କଃତାୟ୍ ଜୁୟ୍ମଃନ୍ ଅଃମିମଃନ୍କ୍ ଲାଡ୍ କଃର୍ତି, ସେମଃନ୍କେ
ଦନ୍ୟବାଦ୍ ଜାଣାଉଆ, ତୁମି ସଃବୁ ଲକାର୍ ଉହ୍ରେ ଇସ୍ୱରାର୍
ଦଃୟା ଅଃଉଆ ।

# ପିଲିମନ୍

1 ମୁୟ୍ଁ ପାଉଲ୍, କ୍ରିସ୍ଟ ଜିସୁର୍ ଗିନେ କଽୟ୍‌ଦି, ଆର୍ ବାୟ୍ ତିମତି
ତଽୟ୍‌ହୁଣି ଅଽମିମଽନାର୍ ଲାଡାର୍ ଆର୍ ସଽଙ୍ଗଆଲି ପିଲିମନ୍,
2 ଆରେକ୍ ଅଽମାର୍ ବେଣି ଆପ୍‌ପିଆ ଆର୍ ଅଽମିମଽନାର୍ ସଽଙ୍ଗ
କ୍ରିସ୍ଟଦଽର୍ମ୍ ଗିନେ ଜୁଜ୍ ଲାଗ୍‌ଲା ସଽଇନ୍ ଆର୍କିପପ୍ ଆର୍ ତୁମାର୍
ଗଽରାର୍ ମଣ୍ଡଲି ହାକ୍ ଚିଟି ଲେକୁଲୁ । 3 ଅଽମିମଽନାର୍ ଉବା
ଇସ୍ୱର୍ ଆର୍ ମାପ୍ରୁ ଜିସୁ କ୍ରିସ୍ଟ ତଽୟ୍‌ହୁଣି ଦଽୟା ଆର୍ ସୁସ୍ତା
ତୁମିମଽନାର୍ ଉହ୍ରେ ଅଽଉଅ । 4 ବାୟ୍ ପିଲିମନ୍, ମୁୟ୍ଁ ମର୍
ପାର୍ତ୍‌ନାୟ୍ ତୁମାର୍ ନାଉଁ ଦଽରି ସଽବୁବଽଲ୍ ମର୍ ଇସ୍ୱର୍‌କେ
ଦନ୍ୟବାଦ୍ କଽରୁଲେ । 5 କାୟ୍‌ତାକ୍‌ବଽଲେକ୍ ମାପ୍ରୁ ଜିସୁ ଆର୍
ସଽବୁ ଇସ୍ୱରାର୍ ଲକ୍‌ମଽନାର୍ ତଽୟ୍ ତର୍ ଲାଡ୍ ଆର୍ ବିସ୍ୱାସାର୍
କଽତା ସୁଣି ଆଚି । 6 ଜଽନ୍‌କଽରି ତର୍ ବିସ୍ୱାସାର୍ ମିସାବିଲା,
ଅଽମିମଽନ୍ ଦିଆ ଅୟ୍‌ଲା ସଽବୁ ନିକ କଽତାର୍ ଗ୍ୟାନ୍ ତଽୟ୍
କ୍ରିସ୍ଟର୍ ହାକ୍ କାମ୍ ହୁରା ଅୟ୍‌ଦ୍ । 7 କାୟ୍‌ତାକ୍‌ବଽଲେକ୍, ଏ ବାୟ୍,
ପବିତ୍ର ଦଽର୍ମିମଽନାର୍ ମଽନ୍ ତର୍ ତଽୟ୍ ସୁସ୍ତା ଅୟ୍‌ନଽରିଲାକ୍,
ମୁୟ୍ଁ ତର୍ ଲାଡେ ହୁଣି ବୁତେକ୍ ସଽର୍ଦା ଆର୍ ସାସ୍ ହାୟ୍‌ଲେ ।
8 ତଽବେ ଜାୟ୍‌ରି ଟିକ୍, ସେ କଽତାକ୍ ତକ୍ କଽଉଁକେ କ୍ରିସ୍ଟର୍
ସେବାକାରି ହର୍, ଅୟ୍‌ଲେକ୍ ହେଁ ମର୍ ହୁରାହୁରି ସାସ୍ ଆଚେ
। 9 ଅୟ୍‌ଲେକ୍ ହେଁ ମୁୟ୍ଁ ବୁଡା ପାଉଲ୍, ଲାଡାର୍ ଗିନେ ତକ୍
ଗଽଉଆରି କଽରୁଲେ, କ୍ରିସ୍ଟ ଜିସୁର୍ ଗିନେ ଅଽବେ କଽୟ୍‌ଦି ଜେ
ମୁୟ୍ଁ । 10 ମର୍ ଇରଽକମ୍ ବାନ୍ଧଣ୍ ଅବୁସ୍ତାୟ୍ ଜାକେ ମୁୟ୍ଁ କ୍ରିସ୍ଟର୍
ଗିନେ ନିଜାର୍ ହିଲା ହର୍ ହାୟ୍‌ଆଚି, ଆତ୍ମିକ୍ ଉବା ହଽର୍କାରେ
ଅନିସିମ ଗିନେ ତକ୍ ଗଽଉଆରି କଽରୁଲେ । 11 ସେ ହୁର୍ବେ
ତର୍ ଗିନେ କୁୟ୍ କାମ୍‌କେ ନୟ୍‌ଲାର୍ ରିଲା, ମଽତର୍ ଅଽବେ
ତର୍ ଆର୍ ମର୍ ଗିନେ ଉହ୍‌କାରି ଅୟ୍‌ଆଚେ । 12 ସେ ତ ମର୍
ଜିବନ୍ ହର୍; ମୁୟ୍ଁ ତାକେ ତର୍ ତଽୟ୍ ବାଉଲାୟ୍ ହଽଟାଉଁଲେ
। 13 ନିକ କବୁର୍ ଗିନେ ବାନ୍ଧଣେ ରଽୟ୍ ତାକେ ତର୍ ଟାଣେ
ମର୍ ସେବା କଽରୁକେ ମର୍ ସଽଙ୍ଗ ରେଅ ବଽଲି ମର୍ ମଽନ୍
ଅଽଉତି ରିଲି । 14 ମଽତର୍ ତକ୍ ନଽହେଚାରି ମୁୟ୍ଁ କାୟ୍‌ରି
ହେଁ କଽରୁକେ ମଽନ୍ ନଽକେଲେ, ଜଽନ୍‌କଽରି ତର୍ ନିକ କାମ୍
ବଽଲ୍‌ମାଡେ କଽଲା ହର୍ ନଽୟ୍‌କଽରି, ନିଜାର୍ ଇଚା ହଽର୍କାରେ
ଅୟ୍‌ଦ୍ । 15 କାୟ୍‌ତାକ୍‌ବଽଲେକ୍ ଅଽଉଁ ହାରେ, ଜଽନ୍‌କଽରି ତୁୟ୍
ତାକେ ଆରେକ୍ ଗତିଦଽଙ୍ଗଲା ହର୍ ନଽହାୟ୍‌କଽରି, ଗତିଦଽଙ୍ଗଲା
ତଽୟ୍‌ହୁଣି ବଽଡ୍, ବଽଲେକ୍ ଗଟେକ୍ ଲାଡାର୍ ବାୟ୍ ହର୍ ସଽବୁ
ଦିନାର୍ ଗିନେ ହାଉଁ ହାର୍‌ସି, ଇତାର୍ ଗିନେ ସେ କଽତେକ୍ କାଳାର୍
ଗିନେ ତର୍ ତଽୟ୍‌ହୁଣି ଅଽଲ୍‌ଗା ଅୟ୍‌ରିଲା । (aiōnios g166)
16 ସେ ଆର୍ ଅଽବେ ଗତିଦଽଙ୍ଗଲା ନାୟ୍, ମଽତର୍ ମୁଲ୍‌କଽରି
ସେ ମର୍ ଗଟେକ୍ ଲାଡାର୍ ବାୟ୍, ତଽବେ ମାପ୍ରୁର୍ ତଽୟ୍ ଆର୍
ଗଽଗାଲେ ହେଁ ତର୍ ଗିନେ ଆରେକ୍ କଽତେକ୍ ଅଽଦିକ୍ ଲାଡାର୍
ନାୟ୍ । 17 ଇତାର୍ ଗିନେ ଜଦି ତୁୟ୍ ମକ୍ ଗଟେକ୍ ତର୍
ସଽଙ୍ଗଆଲି ବଽଲି ମଽନେ ବାବୁଲିସ୍, ତଽନ୍‌ଅୟ୍‌ଲେକ୍ ମକ୍
ଆଗଲି ଦଽର୍ଲା ହର୍ ତାକେ ଆଗଲି ଦଽର୍ । 18 ଜଦି ସେ ତର୍
ସଽଙ୍ଗ କାୟ୍ ଅଽନ୍ୟାୟ୍ କଽରି ରଽୟ୍‌ଦ୍ କି ତର୍ ତଽୟ୍‌ହୁଣି ରିଣ୍ୟା
ଅୟ୍ ରଽୟ୍‌ଦ୍, ତଽବେ ସେରି ମର୍ ଇସାବେ ଲେକ୍ । 19 ମୁୟ୍ଁ
ପାଉଲ୍, ନିଜାର୍ ଆତେ ଇତି ଲେକି ଦେଉଁଲେ, ମୁୟ୍ଁ ସେ ରିଣ୍
ସୁଜିନ୍ଧ । ତୁୟ୍ ନିଜେ ଜେ ମର୍ ତଽୟ୍‌ହୁଣି ସଽବୁ ଦିନାର୍ ରୁଣି,
ଇ କଽତା ମୁୟ୍ଁ ଆରେକ୍ କଽଉଁକେ ମଽନ୍ ନଽକେରୁଲେ । 20
ହେଁ, ମର୍ ବାୟ୍, ମାପ୍ରୁର୍ ସଽଙ୍ଗ ରେତାର୍ ତର୍ ଗିନେ ମର୍ ଲାବ୍
ଅଽଉଅ, କ୍ରିସ୍ଟର୍ ତଽୟ୍ ମର୍ ମଽନ୍‌କେ ସୁସ୍ତା ଦେ । 21 ତର୍ କଽତା
ମାନ୍‌ତା ତଽୟ୍ ମର୍ ବିସ୍ୱାସ୍ ରିଲାକ୍ ମୁୟ୍ଁ ତକ୍ ଲେକୁଲେ, ମୁୟ୍ଁ
ଜାଣି ଆଚି, ମୁୟ୍ଁ ଜାୟ୍‌ରି କଽଉଁଲେ, ତାର୍ ତଽୟ୍‌ହୁଣି ଅଽଦିକ୍
ହେଁ କଽର୍ତି । 22 ସେତାର୍ ସଽଙ୍ଗସଽଙ୍ଗ ମର୍ ଗିନେ ରେଉଁକ୍
ଟାଣ୍ ହେଁ ଟିକ୍ କଽରି ରେ, କାୟ୍‌ତାକ୍‌ବଽଲେକ୍ ତୁମିମଽନାର୍
ପାର୍ତ୍‌ନାର୍ ଗିନେ ତୁମିମଽନ୍‌କେ ଜେ ମକ୍ ଆରେକ୍ ହାଉଆସ୍,
ମୁୟ୍ଁ ଇତି ଆସା କଽରୁଲେ । 23 କ୍ରିସ୍ଟ ଜିସୁର୍ ଗିନେ ମର୍ ସଽଙ୍ଗାର୍
କଽୟ୍‌ଦି ରିଲା ଏପାପ୍ରା ତକ୍ ଦନ୍ୟବାଦ୍ ହଽଟାଉଁଲା, 24 ଆର୍
ମର୍ ସଽଙ୍ଗଆଲିମଽନ୍ ଜେ ମାର୍କ, ଆରିସ୍ତାର୍କ୍, ଦିମା ଆର୍ ଲୁକ
ହେଁ ତକ୍ ଦନ୍ୟବାଦ୍ ଜାଣାଉଁଲାୟ୍ । 25 ଅଽମିମଽନାର୍ ମାପ୍ରୁ
ଜିସୁ କ୍ରିସ୍ଟର୍ ଦଽୟା ତୁମିମଽନାର୍ ଆତ୍ମାର୍ ସଽଙ୍ଗ ଅଽଉ ।

# ଏବ୍ରି

1 ଇସ୍ୱର୍ ହୁର୍ବ୍ କାଲେ ବିନ୍‌ବିନ୍ ବେଲାୟ୍ ଆର୍ ବିନ୍‌ବିନ୍
ରଃକମେ ବାବ୍‌ବାଦିମଃନାର୍ ଦଃୟ୍ ଦାଦିବାବୁମଃନ୍‌କେ କଃତା
କୟ୍, 2 ଇ ସେସ୍ କାଲେ ହୟ୍‌ସିର୍ ଦଃୟ୍ ଅଃମିମଃନ୍‌କ୍ କଃତା
କୟ୍‌ଆଚେ; ତାକେ ସେ ସଃବୁ ବିସୟାର୍ ଅଃଦିକାରି କଃରି
ବାଚ୍‌ଲା, ତାର୍ ଦଃୟ୍ ହେଁ ସଃବୁ ଜଃଗତାର୍ ଉବ୍‌ଜାୟ୍‌ଲା;
(aiōn g165) 3 ସେ ତାର୍ ଜଃଜ୍‌ମାନାର୍ ଉଜାଲ୍ ଆର୍ ତାର୍
ଗ୍ୟାନାର୍ ମୁର୍ତି, ସେ ଅଃହ୍‌ଣାର୍ ସଃକାତ୍ ହୁର୍ନ୍ କଃତା ଦଃୟ୍
ସଃବୁ ବିସୟ୍ ଦଃରେଦ୍, ଆରେକ୍ ହାହ୍ କେମା କଃଲା ହଃଚେ
ସଃର୍ଗାର୍ ଇସ୍ୱରାର୍ କାତା କୁଚି ବାଟ୍ୟା ବଃସିଆଚେ । 4 ସେ ଜୁୟ୍
ଇସାବେ ସଃର୍ଗ୍ ଦୁତ୍‌ମଃନାର୍ ତଃୟ୍‌ହୁଣି ଅଃଦିକ୍ ବଃଡ୍ ନାଉଁଆର୍
ଅଃଦିକାରି ଅୟ୍‌ଆଚେ, ସେ ଇସାବେ ସେ ସେମଃନାର୍ ତଃୟ୍‌ହୁଣି
ଅଃଦିକ୍ ବଃଡ୍ ଅୟ୍‌ଆଚେ । 5 କାୟ୍‌ତାକ୍‌ବଃଲେକ୍ ଇସ୍ୱର୍
ଦୁତ୍‌ମଃନାର୍ ବିତ୍ରେ କାକେ କଃବେ ଇରି ନଃକୟ୍ଁ, “ତୁୟ୍ ମର୍
ହଅ, ଆଜି ମୁୟ୍ଁ ତକ୍ ଜଃଲମ୍ ଦଃୟ୍ ଆଚି ।” ଇସ୍ୱର୍ ହେଁ କୟ୍‌ଲା,
“ମୁୟ୍ଁ ତାର୍ ଉବାସି ଅୟ୍‌ନ୍ହ, ଆର୍ ସେ ମର୍ ହଅ ଅୟ୍‌ଦ୍ ।” 6
ଆରେକ୍ ଜୁୟ୍ ବେଲାୟ୍ ସେ ହଃର୍ତୁ ଜଃଲମ୍ ଅୟ୍‌ଲା ହୟ୍‌ସିକ୍
ଆରେକ୍ ଗଟ୍‌ତର୍ ଜଃଗତ୍ ବିତ୍ରେ ହଃଟାୟ୍‌ଦ୍, ସେ ବେଲାକ୍
ଦଃକି ସେ କଃଉଁଲା, “ଇସ୍ୱରାର୍ ସଃବୁ ଦୁତ୍ ତାକେ ଜୁଆର୍
କଃରତ୍ ।” 7 ଆର୍ ଇସ୍ୱର୍ ଦୁତ୍‌ମଃନାର୍ ବିସୟେ କଃଉଁଲା,
“ସେ ଅଃହ୍‌ଣାର୍ ଦୁତ୍‌ମଃନ୍‌କେ ବାଉ ହର୍ କଃରେଦ୍, ଆରେକ୍
ଅଃହ୍‌ଣାର୍ ସେବା କଃରୁମଃନ୍‌କେ ଜୟ୍‌ଉଲା ହର୍ କଃରେଦ୍ ।” 8
ମଃତର୍ ବିନ୍ ବାଟ୍ ସେ ହୟ୍‌ସିର୍ ବିସୟେ କଃଉଁଲା, ଏ ଇସ୍ୱର୍,
“ତର୍ ରାଇଜ୍ ଜୁଗେଜୁଗେ ରେତାର୍, ଆରେକ୍ ତୁୟ୍ ନ୍ୟାୟ୍ ସଃଙ୍ଗ୍
ତର୍ ଲକ୍‌ମଃନ୍‌କେ ସାସନ୍ କଃର୍ସି ।” (aiōn g165) 9 “ତୁୟ୍
ଦଃର୍ମ୍ କଃତାକ୍ ଲାଡ୍ କଃରୁଲିସ୍ ଆର୍ ଅଃଦଃର୍ମ୍ କଃତାର୍ ଗିଣ୍
କଃରୁଲିସ୍, ସେତାକ୍ ଏ ଇସ୍ୱର୍, ତର୍ ଇସ୍ୱର୍ ତକେ ବାଚିଆଚେ,
ତର୍ ସଃଙ୍ଗାଆଳି ମଃନାର୍ ତଃୟ୍‌ହୁଣି ତକ୍ ଅଃଦିକ୍ ସଃର୍ଦାର୍
ଜିତ୍‌ଚିକଣ୍ ଅବିସେକ୍ କଃରିଆଚେ ।” 10 ଆରେକ୍ କଃଉଁଲା,
“ଏ ମାପ୍ରୁ, ତୁୟ୍ ଆରୁମେ ହୁର୍ତିବିର୍ କୁନାଦି ତିଆର୍ କଃରି ଆଚ୍‌ସି,
ଆରେକ୍ ଅଃଗାସ୍ ତର୍ ଆତେ କଃଲା କାମ୍ । 11 ସେସଃବୁ ନାସ୍
ଅୟ୍‌ଦ୍, ମଃତର୍ ତୁୟ୍ ସଃବୁ ଦିନ୍ ରେସି; ସେ ସଃବୁ ବଃସ୍ତ୍ରର୍ ହର୍
ଚିରି ଅୟ୍‌ଦ୍,” 12 ଆରେକ୍ ତୁୟ୍ ହଃଚ୍ୟା ହର୍, ହିଁ ବଃସ୍ତ୍ରର୍ ହର୍
ସେ ସଃବୁ ଦୁଣା କଃର୍ସି, ଆର୍ ସେସଃବୁ ବାଦ୍‌ଲେଦ୍ । ମଃତର୍
ତୁୟ୍ ସଃବୁବଃଲ୍ ସଃମାନ୍, ଆରେକ୍ ତର୍ ବର୍ସ୍‌ମଃନ୍ ସେସ୍
ନୟେ । 13 ଆର୍ ମୁୟ୍ଁ ଜଃବେ ହଃତେକ୍ ତର୍ ସଃତ୍ରୁମଃନ୍‌କେ
ତର୍ ହାଦ୍ ତଃଳେ ନଃକେରି ଆଚି, ସେ ହଃତେକ୍ ମର୍ କାତା
ବାଟ୍ୟା ବଃସି ରେ, ଇରି ସେ ଦୁତ୍‌ମଃନାର୍ ବିତ୍ରେ କାକେ କଃବେ
ନଃକୟ୍ । 14 ତଃବେ ସଃର୍ଗଦୁତ୍ ମଃନ୍ କେ? ଇମଃନ୍ ଇସ୍ୱରାର୍
ସେବାକଃର୍ତା ଆତ୍ମା । ଆରେକ୍ ମୁକ୍ତିର୍ ଅଃଦିକାରି ଅଃଉତା
ଲକାର୍ ସେବା କଃରୁକେ ଇସ୍ୱର୍ ହଃଟାୟ୍‌ଲା ଆତ୍ମାମଃନ୍ ।

2 ବଃଲେକ୍, ଅଃମିମଃନାର୍ ସୁଣିରିଲା କଃତାକ୍ ଅଃଦିକ୍ ମଃନ୍
ଦେତାର୍ ଲଳା, ନୟ୍‌ଲେକ୍ କଃଡେବଃଲ୍ ଅଃମି ବାଟ୍ ବାଣା
ଅଃଉଁନ୍ହ । 2 କାୟ୍‌ତାକ୍‌ବଃଲେକ୍ ହୁର୍ବେ ଇସ୍ୱର୍ ସଃର୍ଗ୍ ଦୁତ୍‌ମଃନାର୍
ତଃୟ୍ ହୁଣି ଜାଣାୟ୍ ଆଚେ, ଟିକ୍ ବଃଲି ଜାଣା ହଃଲି ଆଚେ ଜୁୟ୍
ଲକ୍ ତାକେ ସାନ୍ କଃରି ମାନି ନଃକେରି ଆଚ୍‌ତି ସେମଃନ୍ ହାଉତା
ଡଃଣ୍ଡ ହାୟ୍ ଆଚ୍‌ତି । 3 ତଃବେ ଇବାନ୍ୟା ବଃଡ୍ ମୁକ୍ତି ଚାଡ୍‌ଲେକ୍
ଅଃମି କଃନ୍‌କଃରି ବରୁଆଁ? ସେରି ତ ହଃର୍ତୁ ମାପ୍ରୁର୍ ଦଃୟ୍
କଃଉଆ ଅୟ୍ ସୁଣ୍‌ଲା ଲକ୍‌ମଃନାର୍ ବାଟ୍ ଅୟ୍ ଅଃମିମଃନାର୍
ଲଃଗେ ସଃତ୍ ଜାଣାହଃଲ୍‌ଲି । 4 ସେ ବିସୟେ ଇସ୍ୱର୍ ହେଁ
ନିଜାର୍ ଇଚା ହଃର୍କାରେ ବିନ୍‌ବିନ୍ ଚିନ୍ ଆର୍ କାବା କାମ୍ ଆରେକ୍
ବିନ୍‌ବିନ୍ ସଃକ୍ତିର୍ କାମ୍ ଆର୍ ପବିତ୍ର ଆତ୍ମାର୍ ବିନ୍‌ବିନ୍ ଦାନ୍
ତଃୟ୍ ସାକି ଦଃୟ୍ ଆଚେ । 5 କାୟ୍‌ତାକ୍‌ବଃଲେକ୍ ଇସ୍ୱର୍ ଜୁୟ୍
ହୁର୍ତିବି ତିଆର୍ କଃରେଦ୍ ଆର୍ ଜୁୟ୍ ଆସୁଲା ଜଃଗତାର୍ କଃତା
ଅଃମିମଃନ୍ କଃଉଁଲୁ, ସେରି ସେ ଦୁତ୍‌ମଃନ୍‌କେ ସଃହ୍ରି ନଃଦେୟ୍
। 6 ବଃଲେକ୍ ଦଃର୍ମ୍ ସାସ୍ତ୍ରରେ ଇ ସାକି ଲେକା ଆଚେ, “ମାନାୟ୍
କେ, ଜ ତୁୟ୍ ତାକେ ଏତାଉତି ରେସି? ମାନାୟ୍ ହୟ୍‌ସି କେ ଜ,
ତୁୟ୍ ତାର୍ ଜଃତ୍ନ୍ ନେଉଁଲିସ୍? 7 ତୁୟ୍ ଦୁତ୍‌ମଃନାର୍ ତଃୟ୍‌ହୁଣି
ତାକେ ଅଃଳକ୍ ସାନ୍ କଃରି ଆଚ୍‌ସି, ତୁୟ୍ ତାକେ ଜଃଜ୍‌ମାନ୍
ଆର୍ ମାନ୍‌ତିର୍ ମୁକୁଟ୍ ହିନ୍ଦାୟ୍ ଆଚ୍‌ସି, 8 ସଃବୁ ବିସୟ୍ ଉହ୍ରେ
ଅଃଦିକାର୍ ଦଃୟ୍ ଆଚ୍‌ସି ।” ଇତାର୍ ଅଃର୍ତ୍ କାୟ୍ ବିସୟ୍ ହେଁ
ନଃଚାଡି ସଃବୁ ବିସୟେ ଅଃଦିକାର୍ ଦଃୟ୍ ଆଚେ, ଇତାର୍ ଗିନେ
ଜାଣାହଃଲୁଲି ଜେ ସବୁ ବିସୟ୍ ତାର୍ ରଃଜା କାମାର୍ ତଃଳେ
ଆଚେ । 9 ଅଃମି ଦଃକୁଲୁ ସଃର୍ଗ୍ ଦୁତ୍‌ମଃନାର୍ ତଃୟ୍‌ହୁଣି
ଅଃଳକ୍ ସାନ୍ କଃରା ଅୟ୍‌ରିଲି, ବଃଲେକ୍ ଜିସୁକେ ମଃର୍ନାର୍ ଦୁକ୍
ବୟଃଗ୍ ଗିନେ ଜଃଜ୍‌ମାନ୍ ଆର୍ ମାନ୍‌ତିର୍ ମୁକୁଟ୍ ହିନ୍ଦି ଆଚ୍‌ତାର୍
ଦଃକୁଲୁ, ଜଃନ୍‌କଃରି ଇସ୍ୱରାର୍ ଦଃୟାୟ୍ ସଃବୁ ମାନାୟ୍‌ର୍ ଗିନେ
ସେ ମଃର୍ନ୍ ଚାକିରିଲା । 10 କାୟ୍‌ତାକ୍‌ବଃଲେକ୍ ଜାର୍ ଗିନେ
ଆର୍ ଜେ ସଃବୁ ଉବ୍‌ଜାୟ୍ ଆଚେ, ଗାଦେକ୍ ହୟ୍‌ସିମଃନ୍‌କେ
ଜଃଜ୍‌ମାନେ ନେଉଁକେ କଃରିଆଚେ ବଃଲେକ୍ ସେମଃନ୍‌କେ
ମୁକ୍ତିର୍ ବାଟ୍‌କେ କାଡାୟ୍ ନେଉଁକେ ସେ ଜୟ୍‌ଗ୍ ଆଚେ । ବଃଲେକ୍
ଜିସୁ ହଃକା ମୁକ୍ତିର୍ ବାଟେ ସେମଃନ୍‌କେ କାଡାୟ୍ ନଃୟ୍‌ଦ୍ । 11
ତଃବେ ଜିସୁ ଆର୍ ଜୁୟ୍ ଲକେ ନିର୍ମୁଳ୍ ଅଃଉତି, ସେମଃନ୍ ସଃବୁ
ଗଟେକ୍ ଉବାର୍ ହୟ୍‌ସିମଃନ୍; ସେତାର୍ ଗିନେ ଜିସୁ ସେମଃନ୍‌କେ
ବାୟ୍‌ବେଣି ବଃଲି କଃଉଁକେ ଲାଜ୍ ନୟେ । 12 ଜିସୁ ଇସ୍ୱର୍‌କେ
କୟ୍‌ଦ୍, “ମୁୟ୍ଁ ଅଃହ୍‌ଣାର୍ ବାୟ୍‌ବେଣିମଃନାର୍ ତଃୟ୍ ତର୍ ନାଉଁ
ପର୍ଚାର୍ କଃରିନ୍ହ, ମୁୟ୍ଁ ସେମଃନାର୍ କୁଟୁମ୍ ବିତ୍ରେ ତର୍ ଗୁଣ୍‌ଗିତ୍
କୟ୍‌ଦ୍ ।” 13 ସେ ଇରି ହେଁ କୟ୍‌ଆଚେ ଆରେକ୍, “ମୁୟ୍ଁ ତାର୍
ତଃୟ୍ ମର୍ ବିସ୍ୱାସ୍ ସଃଙ୍ଗ୍ଲାୟ୍‌ନ୍ହ ।” ଆରେକ୍, “ଇସ୍ୱର୍ ଜୁୟ୍
ହିଲାମଃନ୍‌କେ ଦଃୟ୍ ଆଚେ ସେମଃନ୍ ଆଚ୍‌ତି ।” 14 ସେ ଜୁୟ୍

ମଃନ୍‌କେ ହିଲାମଃନ୍‌ ବଃଲିଆଚେ, ବଃନି ଆର୍‌ ମାସାର୍‌ ବାଗିଦାରି
ଅୟ୍‌ରିଲାର୍‌ ଗିନେ ସେ ହେଁ ନିଜେ ସେରଃକମ୍‌ ସେତିର୍‌ ବାଗିଦାରି
ଅୟ୍‌ଲା, ଜଃନ୍‌କଃରି ମଃର୍ନ୍‌ ଦଃୟ୍‌ ମଃର୍ନାର୍‌ ଅଃଦିକାରିକ୍‌,
ବଃଲେକ୍‌, ସୟ୍‌ତାନ୍‌କେ ନାସ୍‌ କଃରେଦ୍‌, ଜାର୍‌ତଃୟ୍‌ ମଃର୍ନାର୍‌
ଅଃଦିକାର୍‌ ଆଚେ । 15 ଆରେକ୍‌ ମଃର୍ନାର୍‌ ଡିରେ ଜୁୟ୍‌ ଲକ୍‌ମଃନ୍‌
ଜିବନ୍‌ଜାକ ଗତିଦଃଙ୍ଗଲାର୍‌ ବାନ୍ଧୁଣେ ରିଲାୟ୍‌, ସେମଃନ୍‌କେ ସେ
ମୁକ୍‌ଲାୟ୍‌ ଆଚେ । 16 ଇତିହୁଣି ନିକ ଜାଣାହଃଲୁଲି ଜେ ସେ
ସଃର୍ଗ୍‌ ଦୁତ୍‌ ମଃନାର୍‌ ଜଃତୁନ୍‌ ନଃନେୟ୍‌ ମଃତର୍‌ ଅବ୍ରାହାମାର୍‌
ହିଲାମଃନାର୍‌ ଜଃତୁନ୍‌ ନଃୟ୍‌ଦ୍‌ । 17 ବଃଲେକ୍‌, ସଃବୁ ବିସୟେ
ଅଃହ୍‌ଣାର୍‌ ବାୟ୍‌ବେଣିମଃନାର୍‌ ହର୍‌ ଅଃଉତାର୍‌ ତାର୍‌ ଲଳା ରିଲି,
ଜଃନ୍‌କଃରି ସେ ଲକ୍‌ମଃନାର୍‌ ହାହାର୍‌ ହାହ୍‌ ମାନ୍‌ତା ଗିନେ
ଇସ୍ୱରାର୍‌ ସେବା ବିସୟେ ଗଟେକ୍‌ ଦଃୟାକାରି ଆର୍‌ ବିସ୍ୱାସି ମୁଳ୍‌
ଜାଜକ୍‌ ଅୟ୍‌ଦ୍‌ । 18 କାୟ୍‌ତାକ୍‌ବଃଲେକ୍‌ ସେ ନିଜେ ପରିକ୍ୟାୟ୍‌
ହଃଳି ଦୁକ୍‌ ବୟଃଗ୍‌ କଃରିରିଲାର୍‌ ଗିନେ ପରିକ୍ୟାୟ୍‌ ହଃଳିରିଲା
ଲକ୍‌ମଃନାର୍‌ ଉହ୍‌କାର୍‌ କଃରୁକେ ହାରେ ।

**3** କ୍ରିସ୍ଟିଆନ୍‌ ସଃଙ୍ଗମଃନ୍‌ ଏ ଇସ୍ୱରାର୍‌ କୁଦାୟ୍‌ ଅୟ୍‌ଲାର୍‌ ପବିତ୍ର
ବାୟ୍‌ବେଣିମଃନ୍‌, ଅଃମିମଃନାର୍‌ ବିସ୍ୱାସାର୍‌ କଃତା ହଃର୍କାରେ
ପେରିତ୍‌ ଆର୍‌ ମୁଳ୍‌ ଜାଜକ୍‌ ଜିସୁର୍‌ କଃତା ବାବି ଦଃକା; 2
ମସା ଜଃନ୍‌କାର୍‌ ଇସ୍ୱରାର୍‌ ଗଃର୍‌ ବିତ୍ରେ ବିସ୍ୱାସି ରିଲା, ଇସ୍ୱର୍‌
ବାଚ୍‌ଲା ଜିସୁ ସେରଃକମ୍‌ ଇ କାମେ ଇସ୍ୱର୍‌ ତଃୟ୍‌ ବିସ୍ୱାସି ରିଲା
। 3 ଗଃର୍‌ ତଃୟ୍‌ହୁଣି ଗଃର୍‌ ତିଆର୍‌ କଃରୁ ଜଃନ୍‌କଃରି ଅଃଦିକ୍‌
ମାୟ୍‌ନ୍‌ ହାୟ୍‌ଦ୍‌, ସେବାନ୍ୟା ସେ ମସାର୍‌ ତଃୟ୍‌ହୁଣି ଅଃଦିକ୍‌
ଜଃଜ୍‌ମାନାର୍‌ ଜୟ୍‌ଗ୍‌ ବଃଲି ଗଃଣିତା ଅୟ୍‌ଆଚେ । 4 ଜଃନ୍‌କାର୍‌
କି ହଃତି ଗଃର୍‌ କୁୟ୍‌ ନୟ୍‌ଲେକ୍‌ କୁୟ୍‌ ଲକ୍‌ ତିଆର୍‌ କଃଲାର୍‌,
ମଃତର୍‌ ସଃବୁ ବିସୟାର୍‌ ଜେ ତିଆର୍‌ କଃର୍ତା ଲକ୍‌, ସେ ଇସ୍ୱର୍‌ ।
5 ଗଟ୍‌ ଦଃଙ୍ଗଲା ବାବେ ମସା ଇସ୍ୱରାର୍‌ ଗଃରେ ମାୟ୍‌ନ୍‌କାରି
ବିସ୍ୱାସି ଲକ୍‌ରିଲା, ଆର୍‌ ତାର୍‌ କାମ୍‌ ଇସ୍ୱର୍‌ ଆଗେ ଜାଣାଉତାର୍‌
ବିସୟ୍‌ ହର୍‌ ରିଲା । 6 ମଃତର୍‌ କ୍ରିସ୍ଟ ତାର୍‌ ହୟ୍‌ସି ଇସାବେ
ଇସ୍ୱରାର୍‌ ହୁରୁଣ୍‌ ଗଃରାର୍‌ ହର୍‌; ଜଦି ଅଃମିମଃନାର୍‌ ସାସ୍‌ ଆଚେ
ତଃବେ ଗଃର୍ବାର୍‌ କଃତା ଜେ ଅଃମିମଃନାର୍‌ ବଃର୍ସା, ଅଃଟୁଆ
ଆଚେ, ତଃବେ ଅଃମିମଃନ୍‌ ତ ତାର୍‌ ଗଃର୍‌ । 7 ବଃଲେକ୍‌
ପବିତ୍ର ଆତ୍ମା ଜଃନ୍‌କାର୍‌ କୟ୍‌ଦ୍‌, “ଆଜି ଜଦି ତୁମିମଃନ୍‌ ତାର୍‌
କଃତା ସୁଣାସ୍‌, 8 ଜଃନ୍‌କଃରି ରିସା ଜାତ୍‌ ଅଃଉତା ଟାଣେ ଆର୍‌
ବଃଟାୟ୍‌ ପରିକ୍ୟା ଦିନ୍‌ ଗଃଟିରିଲି, ସେବାନ୍ୟା ନିଜାର୍‌ ନିଜାର୍‌
ମଃନ୍‌ ଅଃଟୁଆ କଃରା ନାୟ୍‌ । 9 ସେ ବଃଟାୟ୍‌ ତୁମିମଃନାର୍‌
ଦାଦିବାବୁମଃନ୍‌ ପରିକ୍ୟା କଃରି ଅଃମିକ୍‌ ଲଲ୍‌ଲାୟ୍‌, ଆର୍‌ ଚାଳିସ୍‌
ବଃର୍ସ୍‌ ହଃତେକ୍‌ ଅଃମାର୍‌ କାମ୍‌ ଦଃକ୍‌ଲାୟ୍‌ । 10 ସେତାର୍‌ଗିନେ
ଅଃମି ଇ ବଃଉଁସ୍‌ ଉହ୍ରେ ରିସା ଅୟ୍‌ କୟ୍‌ଲୁ, ‘ସେମଃନ୍‌ ସଃବୁବଃଲ୍‌
ମଃନେ ବାଣା ଅୟ୍‌ଆଚ୍‌ତି, ସେମଃନ୍‌ ଅଃମାର୍‌ ବାଟ୍‌ ସଃବୁ
ନଃଜାଣ୍‌ତି । ଆର୍‌ ମର୍‌ ଆଦେସ୍‌ ମାନୁ ନଃଚ୍‌ତି । 11 ଇତାକ୍‌
ମୁୟ୍‌ଁ ନିଜେ ରିସା ଅୟ୍‌ ସଃୟ୍‌ତ୍‌ କଃଲେ, ସେମଃନ୍‌ ମୁୟ୍‌ଁ କୟ୍‌ଲା
ଦେସେ କଃବେହେଁ ହୁରୁ ନଃହାର୍‌ତି ।’” 12 ଏ ବାୟ୍‌ବେଣିମଃନ୍‌,
ଜଃଗ୍ରାତ୍‌, ଅଃଉଆ ଜଃନ୍‌କଃରି ତୁମାର୍‌ କାର୍‌ ମଃନ୍‌ ଜିବନ୍‌
ଇସ୍ୱରାର୍‌ ବିସ୍ୱାସ୍‌ ତଃୟ୍‌ହୁଣି ଦୁରି ନଃଜଃଉଅ । 13 ମଃତର୍‌
କଃଡେବଃଲ୍‌ ହାହାର୍‌ ଟକ୍‌ତା ତଃୟ୍‌ ତୁମିମଃନାର୍‌ ବିତ୍ରେ କେ
ଅଃଟୁଆ ମଃନାର୍‌ ଲକ୍‌ ଅୟ୍‌ଦ୍‌, ଇତାର୍‌ ଗିନେ ଆଜି ବେଳା ରେଉଁ
ରେଉଁ ହଃତି ଦିନ୍‌ ଗଟ୍‌ଲକ୍‌ ଆରେକ୍‌ ଗଟେ ଲକେ ଉହ୍‌କାର୍‌
କଃର । 14 ବଃଲେକ୍‌ ଆରୁମେ ଅଃମିମଃନାର୍‌ ଜୁୟ୍‌ ବିସ୍ୱାସ୍‌
ରିଲି, ସେରି ଜଦି ସେସ୍‌ ହଃତେକ୍‌ ଦଃରି ରେଉଁନ୍ଦୁ, ତଃବେ
କ୍ରିସ୍ଟର୍‌ ସଃଙ୍ଗାର୍‌ ବାଗିଦାରି ଅୟ୍‌ ରେଉଁନ୍ଦୁ । 15 କଃତା ଆଚେ,
“ଆଜି ଜଦି ତୁମିମଃନ୍‌ ତାର୍‌ କଃତା ସୁଣାସ୍‌, ଜଃନ୍‌କଃରି ରିସା
ଜଃନ୍‌ମାଉତା ଟାଣେ ଗଃଟିରିଲି, ସେମଃନ୍‌ ଇସ୍ୱରାର୍‌ ବିରଦି
ଅୟ୍‌ରିଲାୟ୍‌ ସେବାନ୍ୟା ନିଜାର୍‌ ନିଜାର୍‌ ମଃନ୍‌ ଅଃଟୁଆ କଃରା
ନାୟ୍‌ ।” 16 ତଃବେ ଜୁୟ୍‌ ଲକ୍‌ମଃନ୍‌ ସୁଣି ରିସା କଃରାୟ୍‌ଲାୟ୍‌?
ମସାର୍‌ ଦଃୟ୍‌ ମିସର୍‌ ଦେସେ ହୁଣି ଜୁୟ୍‌ ଲକ୍‌ମଃନ୍‌ ବାରାୟ୍‌
ଆସି ରିଲାୟ୍‌, ସେ ସଃବୁ ଲକ୍‌ମଃନ୍‌ କାୟ୍‌ ସେମଃନ୍‌ ନୟ୍‌?
17 ଆର୍‌ ଜୁୟ୍‌ ଲକ୍‌ମଃନାର୍‌ ଉହ୍ରେ ଚାଳିସ୍‌ ବଃର୍ସ୍‌ ହଃତେକ୍‌
ସେ ରିସା ଅୟ୍‌ରିଲା? ଜୁୟ୍‌ ଲକ୍‌ମଃନ୍‌ ହାହ୍‌ କଃରି ରିଲାୟ୍‌,
ଜୁୟ୍‌ ଲକ୍‌ମଃନାର୍‌ ମଃଲ୍‌ ବଃଟାୟ୍‌ ହଃକାୟ୍‌ ଅୟ୍‌ରିଲି, କାୟ୍‌
ସେମଃନାର୍‌ ଉହ୍ରେ ନାୟ୍‌? 18 ଇସ୍ୱର୍‌ ଜଃଡ୍‌ବଃଲ୍‌ ସଃୟ୍‌ତ୍‌ କଃରି
କୟ୍‌ରିଲା ସେହର୍‌ “ମର୍‌ ବିସାଉଁଣି ତଃୟ୍‌ ହୁରୁ ନଃହାର୍‌ତି” ସେ
ଇରି ଜାକେ କୟ୍‌ରିଲା ସେମଃନ୍‌ ଇସ୍ୱରାର୍‌ ବିରଦେ କୟ୍‌ରିଲା
ଲକ୍‌ମଃନ୍‌ । 19 ବଃଲେକ୍‌ ଅଃମିମଃନ୍‌ ଦଃକୁଲୁ ଜେ, ସେମଃନାର୍‌
ଅବିସ୍ୱାସାର୍‌ ଗିନେ ସେମଃନ୍‌ ସେ ସଃୟ୍‌ତ୍‌ କଃଲା କିଣାନ୍‌ ଦେସେ
ହୁରୁ ନଃହାୟ୍‌ଲାୟ୍‌ ।

**4** ଅଃମିକ୍‌ ବିସାଉଁଣି ତଃୟ୍‌ ହୁରୁକେ ଜୁୟ୍‌ ସଃୟ୍‌ତ୍‌ କଃରି ଇସ୍ୱର୍‌
କୟ୍‌ରିଲା ସେ ସଃୟ୍‌ତ୍‌ ଅଃବେ ହିଁ ଆଚେ, ସେ ସଃୟ୍‌ତାର୍‌
ଗିନେ ଡିରାର୍‌ ସଃଙ୍ଗ ଆସା, ଅଃମିମଃନ୍‌ ସେ ସଃୟ୍‌ତାର୍‌
ବିସାଉଁଣିକେ ସଃବୁ ଲକ୍‌ ହେଁ ହାଉଁ ହାରୁଆ ସେତାକ୍‌ ଜଃତୁନ୍‌
କଃରୁଆଁ । 2 କାୟ୍‌ତାକ୍‌ବଃଲେକ୍‌ ସେମଃନାର୍‌ ତଃୟ୍‌ ଜଃନ୍‌କାର୍‌,
ଅଃମିମଃନାର୍‌ ତଃୟ୍‌ ହେଁ ସେବାନ୍ୟା ନିକ କବୁର୍‌ ପର୍ଚାର୍‌
ଅୟ୍‌ଆଚେ, ମଃତର୍‌ ସୁଣ୍‌ତା ଲକ୍‌ ବିସ୍ୱାସ୍‌ ସଃଙ୍ଗ ସୁଣ୍‌ଲା କଃତା
ନିଜାର୍‌ ନଃକେଲାକ୍‌ ସେରି ସେମଃନାର୍‌ ହାକ୍‌ ଲାବ୍‌ ଦେତାର୍‌
ନୟ୍‌ଲି । 3 ଅଃମିମଃନ୍‌ ଜଃନ୍‌କାର୍‌ କି ବିସ୍ୱାସ୍‌ କଃରୁଲୁ, ଅଃବ୍‌କା
ଅଃମିମଃନ୍‌ ସେ ବିସାଉତା ତଃୟ୍‌ ଜଃଉଁନ୍ଦୁ, ସେ କୟ୍‌ଆଚେ,
“ଇତାକ୍‌ ଅଃମି ଅଃହ୍‌ଣାର୍‌ ରିସାୟ୍‌ ସଃୟ୍‌ତ୍‌ କଃଲୁ, ସେମଃନ୍‌
ଅଃମାର୍‌ ବିସାଉତା ତଃୟ୍‌ ନଃହୁର୍ତି । ମଃତର୍‌ ଜଃଗତାର୍‌ ଆରୁମେ
ତ ସଃବୁ କାମ୍‌ ସଃରି ରିଲି ।” 4 ବଃଲେକ୍‌ ସାତ୍‌ ଦିନାର୍‌ ବିସୟେ
ସାସ୍ତରେ କୁୟ୍‌ କୁୟ୍‌ଅଲେ ଟାଣେ କୟ୍‌ଆଚେ, “ଇସ୍ୱର୍‌ ସାତ୍‌
ଦିନାର୍‌ ଦିନ୍‌ ଅଃହ୍‌ଣାର୍‌ ସଃବୁ କାମେ ହୁଣି ବିସାୟ୍‌ଲା ।” 5 ଆର୍‌
ଇ ବିସୟେ ଆରେକ୍‌ ଲେକାଆଚେ, ଇସ୍ୱର୍‌ କୟ୍‌ଲା “ସେମଃନ୍‌
ଅଃମାର୍‌ ବିସାଉତା ତଃୟ୍‌ ନଃହୁର୍ତି ।” 6 ଜୁୟ୍‌ ଲକ୍‌ମଃନ୍‌

ହଃର୍ତୁ ନିକ କବୁର୍ ସୁଣିରିଲାୟ୍, ନିଜାର୍ ସଃତ୍‌ନାୟ୍‌ଲାର୍ ଗିନେ
ସେ ବିସାଉଁଣି ହାଉଁକେ ଜୟ୍‌ଗ୍ ନୟ୍‌ଲାୟ୍ । ଅଃବେ ବିନ୍
ଲକ୍‌ମଃନ୍ ସେ ବିସାଉଁଣି ହାଉଁକ୍ ସୁବିଦା ହାୟ୍‌ଲାୟ୍ । 7 ଆରେକ୍
ଗଟେକ୍ ଦିନ୍, ବଃଲେକ୍, ଆଜିର୍ ଦିନ୍ ଡିଆର୍ କଃରି ଅଃଡେକ୍
କାଲ୍ ହଃଚେ ଦାଉଦାର୍ ପୁସ୍ତକ୍ ତଃୟ୍ କଃଉଁଲା, ଜଃନ୍‌କାର୍
ହୁର୍ବେ କୟ୍‌ଆଚେ, "ଆଜି ଜଦି ତୁମିମଃନ୍ ତାର୍ କଃତା ସୁଣାସ୍,
ଅଃହ୍‌ଣା ଅଃହ୍‌ଣାର୍ ମଃନ୍ ଅଃଟୁଆ କଃରା ନାୟ୍ ।" 8 ବଃଲେକ୍
ଜଦି ଜିହସୟ୍ ସେମଃନ୍‌କେ ଇସ୍ୱର୍ ସଃୟ୍‌ତ୍ କଃଲା ବିସାଉଁଣି
ଦଃୟ୍‌ରେତାକ୍, ତଃବେ ଇସ୍ୱର୍ ହଃଚେ ଦିନ୍ ଗଟେକ୍ ବିସାଉଁଣିର୍
କଃତା ନଃକୟ୍‌ତାକ୍ । 9 ଇରି ଜାଣାହଃଲି ଆଚେ ଜେ ଇସ୍ୱରାର୍
ଲକ୍‌ମଃନାର୍ ଗିନେ ଗଟେକ୍ ଅଃଦିକ୍ ନିକ ବିସାଉଁଣି ବାକି ଆଚେ,
ତଃବେ ଇସ୍ୱରାର୍ ଲକ୍‌ମଃନାର୍ ଗିନେ ବିସାଉଁଣିବାର୍ ବୟଃଗ୍
କଃର୍ତାର୍ ବାକି ଆଚେ । 10 ଇସ୍ୱର୍ ଜଃନ୍‌କଃରି ନିଜାର୍ କାମେହୁଣି
ବିସାୟ୍‌ଲା, ସେ ରଃକମ୍ ସେମଃନ୍ ହେଁ ସେମଃନାର୍ କାମେ ହୁଣି
ବିସାଉଁଣି ହାୟ୍ ଆଚ୍‌ତି । 11 ଇତାକ୍ ଆସା, ଅଃମିମଃନ୍ ସେ
ବିସାଉତା ତଃୟ୍ ଜଃଉଁକେ ଜଃତ୍ନୁନ୍ କଃରୁଆଁ, ଜଃନ୍‌କଃରି କୁୟ୍
ଲକ୍ ଅମାନ୍ୟାର୍ ସେ କଃତା ହଃର୍କାରେ ଆରିନଃଜାୟ୍ । 12
କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍ କଃତା ଜିବନ୍ ଆର୍ କାମ୍ ହୁରା
କଃର୍ତାର୍, ଆରେକ୍ ଦୁୟ୍‌ବାଟ୍ ଦାର୍ ରେତା କଃଣ୍ଡା ତଃୟ୍‌ହୁଣି
ଅଃଦିକ୍ ଲାଗୁଣ୍, ଆର୍ ଜିବନ୍ ଆର୍ ଆତ୍ମା, ଗଃଟି ଆର୍ ଆଡ୍
ବିତ୍ରେ ରିଲା ସୁଇଁ ହଃତେକ୍ ବେଦି ଜାୟ୍‌ଦ୍ ଆରେକ୍ ମଃନାର୍
ଚିତା ଆର୍ ବାବାର୍ ନିକ ବିଚାର୍ କଃରେଦ୍ । 13 ଇସ୍ୱରାର୍ ମୁଏଁ
କେ ହେଁ ଲୁକ୍‌ଣେ ନାୟ୍, ମଃତର୍ ଜାର୍ ତଃୟ୍ ଅଃମିମଃନ୍ ଇସାବ୍
ଦେଉଁକ୍ ଅୟ୍‌ଦ୍, ତାକେ ଆକାୟ୍ ସଃବୁ ବିସୟ୍ ନଃଗ୍‌ଳା ଆର୍
ଉଗାଳି ଅୟ୍‌ଲାର୍ । 14 ତଃବେ ଅଃମି ଦଃର୍ମ ବିସ୍ୱାସ୍ କେ ମାନୁଲୁ
ସେରି ଅଃଟୁଆ କଃରି ଦଃରିରିଆ; ତଃବେ ସଃର୍ଗେ ସଃବୁହାକ୍
ବୁଲିଆଚେ ଜେ ଇସ୍ୱରାର୍ ହୟ୍‌ସି ଜିସୁ, ସେ ଅଃମିମଃନାର୍ ମୁଳ୍
ଜାଜକ୍ ଅୟ୍‌ଲାକ୍ ଆସା, ଅଃମିମଃନ୍ ଅଃମିମଃନାର୍ ବିସ୍ୱାସ୍
କଃତାକ୍ ଅଃଟୁଆ ବାବେ ଦଃରୁଆଁ । 15 କାୟ୍‌ତାକ୍‌ବଃଲେକ୍ ଜେ
ଅଃମିମଃନାର୍ ନିଗାଲ୍‌ତଃୟ୍ ଅଃମିମଃନ୍‌କ୍ ଦଃୟା ଦଃକାଉଁକ୍
ଜୟ୍‌ଗ୍, ଅଃମିମଃନାର୍ ଇବାନ୍ୟା ମୁଳ୍ ଜାଜକ୍ ନାୟ୍, ମଃତର୍
ସେ ହାହ୍ ନୟ୍‌ଲା ଲକ୍ ଅୟ୍ ଅଃମିମଃନାର୍ ହର୍ ସଃବୁ ରଃକମେ
ପରିକ୍ୟା କଃରାୟ୍ ଅୟ୍‌ଲା । 16 ତଃବେ ଆସା, ଦଃୟା ହାଉଁକେ
ଆରେକ୍ ଟିକ୍ ବେଳାୟ୍ ଉହ୍‌କାର୍ କାରିର୍ ଦଃୟା ହାଉତା ଗିନେ
ଅଃମିମଃନ୍ ସାସ୍ ସଃଙ୍ଗ୍ ଦଃୟାର୍ ସିଙ୍ଗାସଣ୍ ତଃୟ୍ ଜୁଆଁ ।

**5** କାୟ୍‌ତାକ୍‌ବଃଲେକ୍ ହଃତି ମୁଳ୍ ଜାଜକ୍ ଜଃନ୍‌କାର୍ ହାହ୍
ଗିନେ ଦାନ୍ ଆର୍ ହୁଜା ଦେଉଁକ୍ ହାର୍ଟି, ସେତାର୍‌ଗିନେ
ସେ ମାନାୟ୍‌ମଃନାର୍ ବିତ୍ରେ ହୁଣି ହଃଦ୍ ହାୟ୍ ଇସ୍ୱରାର୍
ସେବା କଃରୁକେ ଲକ୍‌ମଃନ୍ ବାଚ୍‌ତି । 2 ସେ ଅଗ୍ୟାନି ଆର୍
ବାଟ୍‌ବାଣା ଲକ୍‌ମଃନାର୍ ଗିନେ ଦଃୟା ଦଃକାଉଁକ୍ ଜୟ୍‌ଗ୍,
କାୟ୍‌ତାକ୍‌ବଃଲେକ୍ ସେ ନିଜେ ହେଁ ନିଗାଲ୍; 3 ଇତାର୍ ଗିନେ
ଲକ୍‌ମଃନାର୍ ଜଃନ୍‌କଃରି, ଅଃହ୍‌ଣାର୍ ଗିନେ ହେଁ ସେବାନ୍ୟା
ହାହାର୍ ମଲ୍ ହୁଜା ଦେଉଁକ୍ ତାର୍ ଦଃର୍‌କାର୍ । 4 ଆର୍ କେ ଇ
ମାନ୍‌ତିର୍ ହଃଦ୍ ନିଜେ ନଃଦେର୍ତି, ମଃତର୍ ହାରଣ୍‌କେ ଇସ୍ୱର୍
ଜଃନ୍‌କଃରି କୁଦ୍‌ଲା ସେବାନ୍ୟା ଇସ୍ୱରାର୍ ତଃୟ୍‌ହୁଣି କୁଦାୟ୍
ଅଃଉତା ଦଃର୍‌କାର୍ । 5 ସେବାନ୍ୟା କ୍ରିସ୍ଟ ହେଁ ମୁଳ୍ ଜାଜକ୍
ହଃଦାର୍ ଜଃଜ୍‌ମାନ୍ ନିଜେ ଲଳି ନଃରିଲା, ମଃତର୍ ଇସ୍ୱର୍ ତାକେ
ସେ ଜଃଜ୍‌ମାନ୍ ହଃଦ୍ ଦଃୟ୍‌ରିଲା, କାୟ୍‌ତାକ୍‌ବଃଲେକ୍ ସେ
ତାକେ କୟ୍‌ରିଲା, "ତୁୟ୍ ମର୍ ହଅ, ଆଜି ମୁୟଁ ତକ୍ ଜଃଲମ୍
ଦଃୟ୍‌ଆଚି ।" 6 ଆରେକ୍ ସେ ବିନ୍ ଟାଣେ କୟ୍‌ଆଚେ, "ତୁୟ୍
ମଲ୍‌କିସେଦକ୍ କଃର୍ତିରିଲା ହଃଦ୍ ହାୟ୍ ଜୁଗେଜୁଗେ ଜାଜକ୍
ଅୟ୍‌ରେସି ।" (aiōn g165) 7 ଜେ ତାକେ ମଃଲା ତଃୟ୍‌ହୁଣି
ବଚାଉଁକ୍ ହାରେ, ତାର୍ ଲଃଗେ ସେ ଅଃହ୍‌ଣାର୍ ହୁର୍ତିବିର୍ ଜିବନେ
ରେତାବଃଲ୍ ବୁଟେକ୍ କାନ୍ଦ୍‌ତାର୍ ଆର୍ ଆସୁ ସଃଙ୍ଗ୍ ପାର୍ତନା ଆର୍
ଗଉଆରି କଃରିରିଲା, ଆର୍ ଉତୁର୍ ହର୍ ବିପ୍‌ତି ତଃୟ୍‌ହୁଣି
ରଃକ୍ୟା ହାୟ୍ 8 ସେ ଇସ୍ୱରାର୍ ହୟ୍‌ସି ଅୟ୍‌ଲେକ୍ ହେଁ ଦୁକ୍
ବୟଃଗ୍ କଃରି କଃତା ମାନ୍‌ତାର୍ ସିକ୍‌ଲା, 9 ଇ ହଃର୍କାରେ ଇସ୍ୱର୍
ତାକେ ସିଦ୍ ମୁଳ୍ ଜାଜକ୍ ଅଃଉଁକେ ଜୟ୍‌ଗ୍ କଃଲା ଆରେକ୍ ସିଦ୍
ଅୟ୍ ନିଜାର୍ କଃତା ମାନ୍‌ତା ଲକ୍‌ମଃନାର୍ ଗିନେ ସଃବୁ ଦିନାର୍
ଗିନେ ମୁକ୍ତି ଆଣିରିଲା; (aiōnios g166) 10 ଇତାକ୍ ସେ ଇସ୍ୱରାର୍
ତଃୟ୍‌ହୁଣି ମଲ୍‌କିସେଦକାର୍ ଟାଣେ ମୁଳ୍ ଜାଜକ୍ ବଃଲି ନାଉଁ
ହାୟ୍‌ଲା । 11 ଇ ବିସୟେ ଅଃମିମଃନ୍ ଅଃନେକ୍ କଃତା କଃଉଁକେ
ମଃନ୍ କଃରୁଲୁ ମଃତର୍ ତୁମିମଃନ୍‌କେ ବୁଜାଉଁକେ କଃସ୍ଟ ବଃଲେକ୍
ତୁମିମଃନ୍ ଆତ୍ମିକ୍ ଜିବନେ ସୁଣୁକେ ଦିରା । 12 ବଃଲେକ୍ ଜଦି
ଅଃତେକ୍ ବେଲ୍ ବିତ୍ରେ ତୁମିମଃନାର୍ ସିକାଉତା ଲକ୍ ଅଃଉତା
ଦଃର୍‌କାର୍ ରିଲି, ଅୟ୍‌ଲେକ୍ ହେଁ ଇସ୍ୱରାର୍ କଃତାର୍ ଆରୁମ୍
ବିଦିମଃନ୍ କେ ଜେ ତୁମିମଃନ୍‌କେ ସିକାୟ୍‌ଦ୍, ଇରି ଆରେକ୍
ତୁମିମଃନାର୍ ଲଳା ଆଚେ; ଅଃଟୁଆ କାଦି ଲଳା ନାୟ୍, ମଃତର୍
ଦୁଦ୍ ତୁମିମଃନାର୍ ଲଳା । 13 ଜେ ଦୁଦ୍ କାତା ଲକ୍, ସେ ତ
ଦଃର୍ମାର୍ କଃତା ବିସୟେ ଅବ୍ୟାସ୍ ନାୟ୍, କାୟ୍‌ତାକ୍‌ବଃଲେକ୍
ସେ ହିଲା ହର୍ । 14 ମଃତର୍ ହୁର୍ନ୍‌ବାଡ୍‌ଲା ଲକ୍, ବଃଲେକ୍, ଜୁୟ୍
ଲକ୍‌ମଃନ୍ ଗ୍ୟାନାର୍ ହୁରୁଣ୍ ଅବ୍ୟାସ୍ ଗିନେ ବଃଲ୍‌ମଃନ୍କ ଜାଣୁକେ
ହାରେଦ୍, ସେମଃନାର୍ ଗିନେ ଅଃଟୁଆ କାଦି ଲଳା ।

**6** ଆସା ଆଗେ ଜୁଆଁ, ଅଃମିମଃନ୍ କ୍ରିସ୍ଟର୍ କଃତା ହଃର୍ତୁ ସିକ୍ୟା
ଚାଡିକଃରି ଗୁପ୍ତ ବିସୟାର୍ ସିକ୍ୟା ହଃଚେ ଜାତା ଲଳା
ଆର୍ ଇସ୍ୱର୍‌କେ ବିସ୍ୱାସ୍ କଃର୍ତା ଲଳା । 2 ବିନ୍‌ବିନ୍ ବାପ୍ତିସମ୍
ବିସୟେ ସିକ୍ୟା, ଆତେ ସଃହ୍ରି ଦେତାର୍, ମଃଲା ଲକ୍‌ମଃନ୍
ଆରେକ୍ ଉଟ୍‌ତାର୍ ଆର୍ ଅଃମ୍ବର୍ ବିଚାର୍ ହର୍ କୁନାଦି ଆରେକ୍
ନଃବେସାୟ୍ ସିଦ୍ ଲବ୍ କଃରୁକେ ଆଗ୍‌ହାକ୍ ଜୁଆଁ । (aiōnios
g166) 3 ଅଃମିକ୍ ଅଃବେ ଆଗ୍‌କେ ଜୁଆଁ ଜଦି ଇସ୍ୱର୍ ଇଚା
କଃରେଦ୍ । 4 କାୟ୍‌ତାକ୍‌ବଃଲେକ୍ ଜୁୟ୍ ଲକ୍‌ମଃନ୍ ତରେକ୍
ଉଜାଲ୍ ହାୟ୍ ଆଚ୍‌ତି, ସଃର୍ଗାର୍ ଦାନ୍‌କେ ଚାକି ଆଚ୍‌ତି, ପବିତ୍ର

ଆତ୍ମାର୍ ସଃଙ୍ଗାର୍ ବାଗିଦାରି ଅୟ୍ ଆଚ୍ତି । 5 ଇସ୍ୱରାର୍ ନିକ
କଃତା ଆର୍ ଆସୁଲା ଜଃଗତାର୍ ସଃକ୍ତି ଚାକି ଆଚ୍ତି । (aiōn
g165) 6 ସେମଃନ୍ ଜଦି ଦଃର୍ମ୍ ବାଣା ଅଃଉତି, ତଃନ୍ଅୟ୍ଲେକ୍
ମଃନ୍ ବାଦ୍ଲାଉତା ଗିନେ ସେମଃନ୍କେ ଆରେକ୍ ଗଟ୍ତର୍
ନଃଉଆଁ କଃରାୟ୍ ନୟେ, ବଃଲେକ୍ ଇସ୍ୱରାର୍ ହୟ୍ସିକେ କୁସେ
ଚଃଗାୟ୍ ଲାଜ୍ କଃରାଉଁଲାୟ୍ । 7 କାୟ୍ତାକ୍ବଃଲେକ୍ ଜୁୟ୍
ବୁୟେଁ ଅଃହ୍ଣାର୍ ଉହ୍ରେ ଅଦୁର୍ଲା ବଃର୍ସାହାଣି ସକେଦ୍, ଆର୍ ତାସି
ମଃନାର୍ ହାୟେଁ ତାସ୍ କାମାୟ୍ଦ୍ ସେ ବୁୟେଁ ଇସ୍ୱରାର୍ ଆସିର୍ବାଦ୍
ଆଚେ । 8 ମଃତର୍ ସେରି ଜଦି କାଟା ଆର୍ କାଟାବୁଟା ଗଃଚ୍
ଉବ୍ଜାୟ୍ଦ୍, ତଃବେ ସେରି ବିଲମ୍ ନଃଉତେ ସାୟ୍ପ୍ ହାୟ୍ଦ୍,
ଆର୍ ତାର୍ ସେସ୍ ଦଃସା ଜୟେ ହଡାଉତାର୍ ଅୟ୍ଦ୍ । 9 ମଃତର୍
ଏ ଲାଡାର୍ ବାୟ୍ବେଣିମଃନ୍, ଅଃମିମଃନ୍ ଜଦି ଇବାନ୍ୟା କଃଉଁଲୁ,
ଅୟ୍ଲେକ୍ ହେଁ ତୁମିମଃନାର୍ ଅବୁସ୍ତା ଜେ ସେତାର୍ ତଃୟ୍ହୁଣି
ନିକ ଆର୍ ମୁକ୍ତିହାଉତା ଲକ୍ ଅୟ୍ ଆଚାସ୍, ଇରି ଅଃମିମଃନ୍
ଜଃବର୍ ସଃତ୍ କଃରୁଲୁ । 10 ଇସ୍ୱର୍ ତୁମିମଃନାର୍ ବିସ୍ୱାସ୍
ଆର୍ ସାଦୁମଃନ୍କେ ଜୁୟ୍ ସେବା କଃରିଆଚାସ୍ ଆର୍ ଅଃବେ
ହେଁ କଃରୁଲାସ୍ ଲାଗି ତୁମିମଃନ୍ ତାର୍ ନାଉଁଆର୍ ଜୁୟ୍ ଲାଡ୍
କଃରୁଲାସ୍ ସେରି ଇସ୍ୱର୍ ହାସ୍ରିଜାୟ୍ଦ୍ ସେ ସେନ୍କା ହଃଟ୍କାର୍
ନୟ୍ । 11 ମଃତର୍ ଅଃମିମଃନାର୍ ଗଟେ ମଃନ୍ ସେସ୍ ହଃତେକ୍
ବିନ୍ ଲକେ ଲାଡ୍କଃରା, ତୁମିମଃନାର୍ ଲାଡ୍ ଆଚେ ତଃନ୍ ଅଲେ
ତୁମିମଃନାର୍ ଆସା କଃରିରିଲା ସବୁ ବିସୟ୍ ହୁରା ଅୟ୍ଦ୍, ସେସ୍
ହଃତେକ୍ ହେଁ ଜଃବର୍ ଆସା ରଃକି ସେରଃକମ୍ ଜଃତ୍ନ୍ ଅଃଉଆ
। 12 ଜଃନ୍କଃରି ତୁମିମଃନ୍ ସିତୁଲ୍ ନଃୟ୍କଃରି, ବିସ୍ୱାସି ଆର୍
ଅଃଟୁଆ ଲକ୍ମଃନାର୍ ହଃଚେ ଜାହା ଆର୍ ଇସ୍ୱର୍ ସଃୟ୍ତାର୍
ସଃବୁ ବିସୟ୍ ହାଉଆ । 13 ବଃଲେକ୍ ଇସ୍ୱର୍ ଜଃଡେବଃଲ୍
ଅବ୍ରାହାମ୍ ତଃୟ୍ ସଃୟ୍ତ୍ କଃରିରିଲା, ସଃଡେବଃଲ୍ ସେ ଆର୍
କୁୟ୍ ନିକ ନାଉଁ ନଃହାୟ୍ଲାକେ ଅଃହ୍ଣାର୍ ନାଉଁଏ ସଃୟ୍ତ୍
କଃଲା । 14 ସେ କୟ୍ଲା, "ମୁୟେଁ ବାୟ୍ଦ୍ରେ ତକ୍ ଆସିର୍ବାଦ୍
କଃରିନ୍ନ ଆର୍ ତର୍ ବଃଉଁସ୍କେ ଅଃଦିକ୍ ବାଡାୟ୍ନ୍ନ ।" 15
ଆର୍ ଇବାନ୍ୟା ବେସି ସଃମ୍ଡାଳି କଃରି ଅବ୍ରାହାମ୍ ସଃୟ୍ତାର୍
ହଃଲ୍ ହାୟ୍ଲା । 16 ମାନାୟ୍ମଃନ୍ ତ ନିଜାର୍ ତଃୟ୍ହୁଣି ବଃଡ୍
ଲକାର୍ ନାଉଁଏ ସଃୟ୍ତ୍ କଃର୍ତି, ଆର୍ କଃତା ତିର୍ କଃରୁକ୍
ସେମଃନାର୍ ସଃବୁ ଗଃଣ୍ଡଗଲ୍ ସେସ୍ ଅୟ୍ଦ୍ । 17 ଇତାର୍
ଗିନେ ଇସ୍ୱର୍ ସଃୟ୍ତାର୍ ଅଃଦିକାରିମଃନ୍କେ ଅଃହ୍ଣାର୍ ଇଚାର୍
ନଃବାଙ୍ଗ୍ତା ଅଃଦିକ୍ ନିର୍ମୁଳ୍ ବାବେ ଜାଣାଉଁକ୍ ଇଚା କଃରି
ସଃୟ୍ତ୍ ସଃଙ୍ଗ ହଃର୍ମାଣ୍ ହେଁ କଃରି ରିଲା । 18 ଜୁୟ୍ ଜଲେକ୍
ନଃବାଦୁଲ୍ତା ବିସୟେ ଇସ୍ୱର୍ ମିଚ୍ କଃଉତାର୍ କଃବେ ନୟେ,
ସେତାର୍ଗିନେ ମୁଏଁ ରିଲା ବଃର୍ସାକ୍ ଦଃର୍ତାର୍ ଗିନେ ବିସାଉତା
ଟାଣେ ଜାୟ୍ଆଚୁ, ତଃବେ ଅଃମିମଃନ୍ ଅଃଟୁଆ ସାସ୍ ହାଉଆଁ
। 19 ସେ ବଃର୍ସା ଅଃମିମଃନାର୍ ଆତ୍ମାକେ ତେବାଉତା ଆକଳି
ହର୍, ସେରି ଦୁୟ୍ବାଗ୍ କର୍ତା ବଃସ୍ତୁରାର୍ ବିଟ୍ରେ ହୁରି ଅଃଟୁଆ
ଆର୍ ନଃବାଙ୍ଗ୍ତାର୍ ଅୟ୍ଆଚେ । 20 ଅଃମିମଃନାର୍ ମୁଳିକା ହର୍
ଜିସୁ ହୁର୍ବେ ହୁଣି ସେତି ଜାୟ୍ଆଚେ । ସେ ମଲ୍କିସେଦକାର୍ ହର୍
ସଃବୁବଃଳାର୍ ଗିନେ ମୁଳ୍ ଜାଜକ୍ ଅୟ୍ଆଚେ । (aiōn g165)

7 ଇ ମଲ୍କିସେଦକ୍ ସାଲମାର୍ ରଃଜା ଆର୍ ବଃଡେ ସଃକାତ୍
ଇସ୍ୱରାର୍ ଜାଜକ୍ ରିଲା । ଜଃଡେବଃଲ୍ ଅବ୍ରାହାମ୍ ଆର୍ ତାର୍
ସଃଙ୍ଗଉଆଳିମଃନ୍ ରଃଜାମଃନ୍କେ ଆରାୟ୍ କଃରି ବାଉଲ୍ତା
ବଃଲ୍, ମଲ୍କିସେଦକ୍ ସେମଃନ୍କେ ବେଟ୍ଅୟ୍ ଆସିର୍ବାଦ୍ କଃଲା
। 2 ଅବ୍ରାହାମ୍ ହେଁ ତାର୍ ସଃବୁ ଜିନିସ୍ ତଃୟ୍ହୁଣି ଦଃସ୍ ବାଗେହୁଣି
ବାଗେକ୍ ଦଃୟ୍ରିଲା । ମଲ୍କିସେଦକାର୍ ଅଃର୍ତ୍ ଅଃଉଁଲି ଦଃର୍ମ୍
ରଃଜା, ଆର୍ ସାଲମାର୍ ରଃଜାର୍ ଅଃର୍ତ୍ ଅଃଉଁଲି ସୁସ୍ତାର୍ ରଃଜା ।
3 ଆର୍ ମଲ୍କିସେଦକାର୍ ଉବାସି କି ଆୟ୍ସି କି କୁଲ୍ବଃଉଁସ୍ କି
ଜିବନ୍ କି ମଃର୍ନ୍ କାୟ୍ରି ଜାଣାନାୟ୍ । ସେ ଇସ୍ୱରାର୍ ହୟ୍ସିର୍ ହର୍
କଃରାଜାୟ୍ ସଃବୁ ଦିନାର୍ ଜାଜକ୍ ଅୟ୍ଆଚେ । 4 ବାବି ଦଃକା,
ଇ ଲକ୍ କଃନ୍କାର୍ ବଃଡ୍ । ଡାକେହୁଟ୍ଲା ଅଃମାର୍ ଦାଦିବାବୁ
ଅବ୍ରାହାମ୍ ତାକେ ସଃବ୍କେ ନିକ ଜୁଜ୍ ତଃୟ୍ହୁଣି ଜିଣ୍ଲା ଦଃନାର୍
ଦଃସ୍ବାଗାର୍ ବାଗେକ୍ ଦଃୟ୍ରିଲା । 5 ଲେବି ବଃଉଁସାର୍
ହିଲାମଃନାର୍ ବିଟ୍ରେ ଜୁୟ୍ ଲକ୍ମଃନ୍ ଜାଜକ୍ ହଃଦ୍ ହାଉତି,
ସେମଃନ୍ ମସାର୍ ବିଦି ହଃର୍କାରେ ଇସ୍ରାଏଲ୍ ତଃୟ୍ହୁଣି, ବଃଲେକ୍,
ସେମଃନାର୍ ବାୟ୍ମଃନାର୍ ତଃୟ୍ହୁଣି ଦଃସ୍ବାଗାର୍ ବାଗେକ୍
ହାଉଁକ୍ ଆଦେସ୍ ହାୟ୍ ରେତି; ସେମଃନ୍ ଅବ୍ରାହାମ୍ ବଃଉଁସାର୍
ଲକ୍ ଅୟ୍ରିଲେକ୍ ହେଁ ସେମଃନାର୍ ତଃୟ୍ହୁଣି ଇରି ନେଉଁକେ
ଅୟ୍ଦ୍ । 6 ମଃତର୍ ଇ ମଲ୍କିସେଦକ୍ ସେମଃନାର୍ ବଃଉଁସାର୍
ଲକ୍ ନାୟ୍, ଅୟ୍ଲେକ୍ ହେଁ ସେ ଇସ୍ୱରାର୍ ସଃୟ୍ତ୍ ହାୟ୍ଲା
ଅବ୍ରାହାମାର୍ ତଃୟ୍ହୁଣି ଦଃସ୍ବାଗାର୍ ବାଗେକ୍ ନଃୟ୍କଃରି
ତାକ୍ ଆସିର୍ବାଦ୍ କଃରିରିଲା । 7 ଆସିର୍ବାଦ୍ ହାଉତା ଲକ୍ ତଃୟ୍
ହୁଣି ଆସିର୍ବାଦ୍ କଃର୍ତା ଲକ୍ ବଃଡ୍, ଇରି ସଃତ୍ କଃତା । 8
ଇବାନ୍ୟା କଃତାୟ୍, ଦଃସ୍ ବାଗାର୍ ତଃୟ୍ ହୁଣି ବାଗେକ୍ ହାଉତାର୍
ଜାଜକ୍ମଃନ୍ ମଃର୍ତା ଲକ୍ ହଃକା, ମଃତର୍ ମଲ୍କି ସେଦକ୍
ସେମଃନାର୍ ତଃୟ୍ ହୁଣି ହେଁ ବଃଲେକ୍ ସାସ୍ତ୍ର ସାକି ଦିଲା
ହଃର୍କାରେ ସେ ଅଃବେ ହେଁ ଜିବନ୍ ଆଚେ । 9 ଆର୍ ଅବ୍ରାହାମ୍
ମଲ୍କି ସେଦକାର୍ ୧୦ ବାଗେହୁଣି ବାଗେକ୍ ଦାନ୍ କଃଲାବଃଲ୍
ଜୁୟ୍ ଲେବିମଃନାର୍ ବଃଉଁସାର୍ ଜାଜକ୍ ମଃନ୍ ୧୦ ବାଗାର୍ ଗଟେ
ବାଗ୍ ନେତି ସେ ଲେବି ହେଁ ମଲ୍କିସେଦକ୍କେ ସେ ଦାନ୍ ଦଃୟ୍
ରିଲାୟ୍ ବଃଲି କଃଉଁ ହାରୁଆଁ । 10 କାୟ୍ତାକ୍ବଃଲେକ୍ ତାର୍
ଉବାସି ସଃଙ୍ଗ ମଲ୍କିସେଦକ୍ ବେଟ୍ ଅଃଉତାବଃଲ୍ ଲେବି ଜଃଲମ୍
ଅୟ୍ନଃରିଲା । 11 ଆରେକ୍ ହେଁ, ଜୁୟ୍ ଲେବିୟ ଜାଜକ୍ହଃଦ୍
ତଃଳେ ଲକ୍ମଃନ୍ ବିଦି ହାୟ୍ଲାୟ୍, ସେ ଜାଜକ୍ହଃଦ୍ ଦଃୟ୍
ଜଦି ସିଦ୍ ଲାବ୍ ଅୟ୍ରିଲେକ୍, ସେତଃନ୍ ଅୟ୍ଲେକ୍ ହାରଣାର୍
ଇସାବ୍ ହଃର୍କାରେ ଗଃଣିତା ନଃୟ୍କଃରି ମଲ୍କିସେଦକାର୍ ହର୍
ବିନ୍ ଗଟେକ୍ ଜାଜକ୍ ବାରାଉତାର୍ ଆର୍ କାୟ୍ ଲଳା ଗିଲି? 12
କାୟ୍ତାକ୍ବଃଲେକ୍ ଜାଜକ୍ହଃଦ୍ ଜଦି ବାଦ୍ଲେଦ୍, ତଃବେ ବିଦି

ହେଁ ବାୟ୍‌ଦ୍‌ରେ ବାଦ୍‌ଲେଦ୍ । 13 ଜୁୟ୍‌ତାର୍ ଗିନେ ଜାର୍ ବିସୟେ
ଇ ସଃବୁ କଃଉଆ ଅୟ୍‌ଦ୍, ସେ ବିନ୍ ଗଟେକ୍ କୁଟୁମାର୍ ଲକ୍,
ଜୁୟ୍ କୁଟୁମାର୍ କେ କଃବେ ବେଦିର୍ କାମ୍ ନଃକେରେ । 14
କାୟ୍‌ତାକ୍‌ବଃଲେକ୍ ଇରି ନିକଜାଣା ହଃଲୁଲି ଜେ, ଅଃମିମଃନାର୍
ମାପ୍ରୁ ଜିଉଦାର୍ କୁଟୁମେ ହୁଣି ଜଃଲମ୍ ଅୟ୍‌ଆଚେ ଜୁୟ୍ କୁଟୁମାର୍
ଜାଜକ୍‌ହଃଦ୍ ବିସୟେ ମସା କାୟ୍‌ରି ନଃକୟ୍ । 15 ଆର୍ ଇରି
ଇତି ହେଁ ଆରେକ୍ ଅଃଦିକ୍ ହଃଟିଚ୍ ଅୟ୍‌ଦ୍, ମଲ୍‌କିସେଦକାର୍
ହର୍ ଆରେକ୍ ଗଟେକ୍ ଜାଜକ୍ ବାରାୟ୍ ଆଚେ । 16 ସେ
ଗଃଗାଲାର୍ ବିଦି ହଃର୍କାରେ ଜାଜକ୍ ହଃଦ୍ ନଃହାୟ୍, ମଃତର୍
ଅଃମାର୍ ଜିବନାର୍ ସଃକ୍ତି ହଃର୍କାରେ ଜାଜକ୍ ହଃଦ୍ ହାୟ୍‌ଆଚେ
। 17 କାୟ୍‌ତାକ୍‌ବଃଲେକ୍ ତାର୍ ବିସୟେ ଦଃର୍ମ୍ ସାସ୍ତରେ ଇ
ସାକି ଲେକା ଆଚେ, "ତୁୟ୍ ମଲ୍‌କିସେଦକାର୍ ହର୍ ସଃବୁ ଦିନାର୍
ଜାଜକ୍ ଅଃଉସି ।" **(aiōn g165)** 18 ଇତାକ୍ ଗଟେକ୍ ବାଟ୍ୟା
ହୁର୍ବାର୍ ଆଦେସ୍ ନିଗାଲ୍ ଆର୍ ହଃଲ୍ ନଃହେଲ୍‌ଲାକ୍ ତାର୍ ନାସ୍
ଅୟ୍‌ଆଚେ । 19 କାୟ୍‌ତାକ୍‌ବଃଲେକ୍ ବିଦି କାୟ୍ ବିସୟେ ହେଁ
ସିଦ୍ କଃରି ନଃରିଲି, ଅଃବେ ଅଃମିମଃନ୍‌କ୍ ଗଟେକ୍ ସଃରାସଃରି
ସାସ୍ ଦିଆ ଜାୟ୍‌ଆଚେ, ସେତାର୍ ଗିନେ ଅଃମିମଃନ୍ ଇସ୍ୱରାର୍
ଚଃମେ ଅଃଉଁଆ । 20 ହାରଣାର୍ ବଃଉଁସ୍‌ମଃନ୍ ଜାଜକ୍ ହଃଦ୍
ହାଉତା ବଃଲ୍ କେହେଁ କଃବେ ସଃୟ୍‌ତ୍ ନଃଉତ୍ ଜାଜକ୍ ହଃଦ୍
ହାୟ୍ ନଃରିଲାୟ୍ । 21 ଜୁୟ୍‌ତାର୍ ଗିନେ ସେମଃନ୍ ତ ସଃୟ୍‌ତ୍
ନଃଉତେ ଜାଜକ୍ ଅୟ୍ ଆଚ୍‌ତି, ମଃତର୍ ଜେ ତାର୍ ବିସୟେ
ଇରି କୟ୍‌ଆଚେ, "ମାପ୍ରୁ ସଃୟ୍‌ତ୍ କଃରିଆଚେ, ଆର୍ ସେ ତାର୍
ସଃୟ୍‌ତ୍ ନଃବାଦ୍‌ଲାୟ୍, ତୁୟ୍ ସଃବୁ ଦିନାର୍ ଜାଜକ୍ ।" **(aiōn
g165)** 22 ଇତାର୍ ଗିନେ ଜିସୁ ଗଟେକ୍ ସଃବ୍‌କେ ଉଟ୍ୟା ବିଦି
ଦଃୟ୍‌ଆଚେ । 23 ହର୍ନା ନିତି ଇସାବେ ଜାଜକ୍‌ମଃନ୍ ତ ଗାଦେକ୍
ଅୟ୍‌ଆଚ୍‌ତି, ବଃଲେକ୍ ମଃର୍ନ୍ ସେମଃନ୍‌କେ ସଃବୁଦିନ୍ ରେଉଁକ୍
ନଃଦେୟ୍ । ସେତାକ୍ ଜାଜକ୍ ବାଦୁଲ୍‌ତି । 24 ମଃତର୍ ଜିସୁ
ଜୁଗେଜୁଗେ ରେତା ଲକ୍ ଲାଗି କଃବେ ନଃବାଦୁଲ୍‌ତା ଜାଜକ୍‌ହଃଦ୍
ହାୟ୍‌ଆଚେ । **(aiōn g165)** 25 ତଃବେ ତାର୍ ଦଃୟ୍ ଜୁୟ୍ ଲକ୍‌ମଃନ୍
ଇସ୍ୱରାର୍ ଚଃମେ ଅଃଉତି, ସେମଃନ୍‌କେ ସେ ହୁର୍ନ୍ ବାବେ
ମୁକ୍ଲାଉଁକ୍ ଜୟ୍‌ଗ୍, ଜୁୟ୍‌ତାକ୍ ସେମଃନାର୍ ଗିନେ ଇସ୍ୱରାର୍ ତଃୟ୍
ଗଃଉଆରି କଃରୁକେ ସେ ସଃବୁ ବଃଲ୍ ଜିବନ୍ ରଃୟ୍‌ଦ୍ । 26
ବଃଲେକ୍ ଇରଃକମ୍ ମୁଳ୍ ଜାଜକ୍ ଅଃମିମଃନାର୍ ବାଟ୍ୟା ଜୟ୍‌ଗ୍
ଆଚେ, ଜେ କି ପବିତ୍ର, ନିର୍ଦସି, ଲିନ୍ଦା ନୟ୍‌ଲାର୍, ହାହିମଃନାର୍
ତଃୟ୍‌ହୁଣି ବିନେ ଅୟ୍‌ଲାର୍, ଆରେକ୍ ଅଃଗାସ୍ ମଃଣ୍ଡଳାର୍ ଉହ୍ରେ
ଉଟ୍‌ଲା । 27 ସେ ମୁଳ୍ ଜାଜକ୍‌ମଃନାର୍ ହର୍ ହଃତି ଦିନ୍ ହଃର୍ତୁମେ
ଅଃହ୍‌ଣାର୍ ହାହ୍ ଗିନେ ଆର୍ ହଃଚେ ଲକ୍‌ମଃନାର୍ ହାହ୍ ଗିନେ
ହୁଜା ଦେତାର୍ ତାର୍ ଲଳା ନାୟ୍, କାୟ୍‌ତାକ୍‌ବଃଲେକ୍ ଅଃହ୍‌ଣାକ୍
ହୁଜା ଦଃୟ୍ ସେ ଗଟେତର୍‌କେ ଇରି କଃରି ଆଚେ । 28 ଜୁୟ୍‌ତାର୍
ଗିନେ ବିଦିଏ ନିଗାଲ୍ ରିଲା ମାନାୟ୍‌କେ ମୁଳ୍ ଜାଜକ୍ ହଃଦେ
ବାଚେଦ୍, ମଃତର୍ ଜୁୟ୍ ସଃୟ୍‌ତ୍ କଃତା ବିଦିର୍ ହଃଚେ ଅୟ୍‌ରିଲି,
ସେରି ଜୁଗେଜୁଗେ ହଃତେକ୍ ସିଦ୍ ହାୟ୍‌ଲା ହୟ୍‌ସିକ୍ ବାଚେଦ୍ ।
**(aiōn g165)**

**8** ଅଃମିମଃନ୍ ଜାୟ୍‌ରି କଃଉଁଲୁ, ସେତିର୍ ମୁଳ୍ ବିସୟ୍ ଇରି,
ଅଃମିମଃନାର୍ ଇବାନ୍ୟା ଗଟେକ୍ ମୁଳ୍ ଜାଜକ୍ ଆଚେ, ଜେ
ସଃର୍ଗାର୍ ବଃଡେ ଜଃଜ୍‌ମାନାର୍ ରାଜ୍‌ଗାଦିର୍ କାତା ବାଟ୍ୟା ବଃସି
ଆଚେ । 2 ସେ ବଃଡେ ପବିତ୍ର ଜଃଗାର୍ ଆରେକ୍ ଜୁୟ୍ ଟିକ୍
ତୁମ୍ ମାନାୟ୍ ତିଆର୍ କଃଲାର୍ ନୟ୍, ମଃତର୍ ଇସ୍ୱର୍ ସେରି
ତିଆର୍ କଃରିଆଚେ । 3 ହଃତି ମୁଳ୍ ଜାଜକ୍ ଦାନ୍ ଆର୍ ହୁଜା
ଜଲେକ୍ ଟେକି ଦେଉଁକ୍ ରେତି, ତଃବେ ଅଃମାର୍ ମୁଳ୍‌ଜାଜକାର୍
ହେଁ ଟେକି ଦେଉଁକ୍ ହୁଜା ରେତା ଦଃର୍‌କାର୍ । 4 ସେ ଜଦି
ଇ ହୁର୍ତିବିଏ ରିଲେକ୍ ସେ ମୁଳେ ହୁଣି ଜାଜକ୍ ଅଃଉଁ ନାହାର୍ଲା
ହୁଣି, ବଃଲେକ୍ ଜିଉଦି ବିଦି ହଃର୍କାରେ ହୁଜାଦେଉଁକେ ଜାଜକ୍
ମଃନ୍ ଆଚ୍‌ତି । 5 ସେମଃନ୍ ଜାଜକ୍‌ମଃନାର୍ କାମ୍ ସେରି
ସଃର୍ଗାର୍ କଃତା ଆର୍ ଅଃବ୍‌କା ସାୟ୍ ସେ । ମସାର୍ ବଃଲ୍‌ହୁଣି
ଇରଃକମ୍ ଅୟ୍ ଆସୁଲି । ମସା ଜଃଡେବଃଲ୍ ଗଟ୍ ତୁମ୍ ହାଜୁକ୍
ଜାତିରିଲା ଇସ୍ୱର୍ ତାକେ କୟ୍ ରିଲା "ଦଃକ୍ ହର୍ବାତ୍ ଉହ୍ରେ
ଜୁୟ୍‌ରଃକମ୍ ଦଃକାୟ୍ ଆଚି ସେରଃକମ୍ ସଃବୁ ବିସୟ୍ ତିଆର୍
କଃର୍ ।" 6 ମଃତର୍ ଅଃବେ ଜିସୁକେ ଜୁୟ୍ ଜାଜକ୍ କାମ୍ ଦିଆ
ଜାୟ୍‌ଆଚେ ସେରି ଅଃମିମଃନାର୍ ଜାଜକ୍ କାମେହୁଣି ଅଃଦିକ୍
ନଃକେରି । ସେହର୍ ଇସ୍ୱର୍ ଆର୍ ମାନାୟ୍ ବିଟ୍ରେ ସେ ଜୁୟ୍ ନିଅମ୍
କଃରିଆଚେ ସେରି ଅଃଦିକ୍ ନିକ, କାୟ୍‌ତାକ୍‌ବଃଲେକ୍ ନିଅମ୍
ଇସାବେ ବେସି ନିକ ବିସୟ୍‌ମଃନ୍ ଦେଉଁକେ ଜଃବାଉ କଃରାଜାୟ୍
ଆଚେ । 7 ବଃଲେକ୍ ହଃର୍ତୁ ନିୟମେ ଜଦି ଦସ୍ ନଃରିଲେକ୍
ହଃଚାର୍ ନିୟମାର୍ କଃତା ଲଳା ନଃରିଲି । 8 ଜୁୟ୍‌ତାର୍ ଗିନେ
ସେ ସେତିର୍ ଦଃସ୍ ଜାଣାୟ୍ କଃରି ସେମଃନ୍‌କେ କଃଉଁଲା,
"ମାପ୍ରୁ କଃଉଁଲା, ଦଃକା, ବେଲା ଆସୁଲି, ଜଃଡେବଃଲ୍ ଅଃମି
ଇସ୍ରାଏଲ୍ ବଃଉଁସ୍ ଆର୍ ଜିଉଦା ବଃଉଁସ୍ ସଃଙ୍ଗ୍ ଗଟେକ୍ ନଃଉଆଁ
ନିଅମ୍ ତିଆର୍ କଃରୁନ୍ଁ । 9 ଜୁୟ୍ କାଳେ ଅଃମି ସେମଃନାର୍
ଦାଦିବାବୁମଃନ୍‌କେ ଆତ୍ ଦଃରି ମିସର୍ ଦେସେ ହୁଣି ବାର୍‌କଃରି
ଆଣିରିଲୁ, ସଃଡେବଃଲ୍ ସେମଃନାର୍ ସଃଙ୍ଗ୍ ଅଃମି ଜୁୟ୍ ନିଅମ୍
କଃରିରିଲୁ, ଇରି ସେରଃକମେ ନାୟ୍; ଜୁୟ୍‌ତାର୍ ଗିନେ ସେମଃନ୍
ଅଃମାର୍ ନିୟମେ ତିର୍ ଅୟ୍‌ନଃରିଲାୟ୍, ଆର୍ ଅଃମି ସେମଃନାର୍
ହାକ୍ ମଃନ୍ ନଃଦିଲୁ, ଇରି ମାପ୍ରୁ କଃଉଁଲା । 10 ମାପ୍ରୁର୍ ଇରି
କଃଉଁଲା, ତାର୍ ହଃଚେ ମୁୟ୍ଁ ଇସ୍ରାଏଲ୍ ବଃଉଁସ୍ ସଃଙ୍ଗ୍ ଜୁୟ୍
ନିୟମ୍ ତିଆର୍ କଃରିନ୍ଁ, ସେରି ଇରି, ମୁୟ୍ଁ ସେମଃନାର୍ ବାବ୍‌ନା
ତଃୟ୍ ମସାର୍ ବିଦି ଦଃୟ୍‌ନ୍ଁ, ସେମଃନାର୍ ମଃନେ ସେରି ଲେକିନ୍ଁ
। 11 ମୁୟ୍ଁ ସେମଃନାର୍ ଇସ୍ୱର୍ ଅୟ୍‌ନ୍ଁ, ସେମଃନ୍ ମର୍ ଲକ୍
ଅଃଉତି; ଆରେକ୍, ମାପ୍ରୁକ୍ ଜାଣା ବଃଲି କୟ୍ ସେମଃନ୍ ହଃତିଲକ୍
ନିଜାର୍ ନିଜାର୍ ସଃଙ୍ଗାର୍ ଗଃଲେ ବାସା କଃର୍ତା ଲକ୍‌କେ, ଆର୍
ହଃତିଲକ୍ ନିଜାର୍ ନିଜାର୍ ବାୟ୍‌ବେଣିକେ ସିକ୍ୟା ନଃଦେତି,
ଜୁୟ୍‌ତାର୍ ଗିନେ ସାନ୍ ତଃୟ୍‌ହୁଣି ବଃଡ୍ ହଃତେକ୍ ସଃବୁଲକ୍

ଅଃମିକ୍ ଜାଣ୍ତି । 12 ବଃଲେକ୍ ମୁୟଁ ସେମଃନାର୍ ଅଃଦଃର୍ମ୍
ସଃବୁ କେମା କଃରିନ୍ବ, ଆରେକ୍ ସେମଃନାର୍ ହାହ୍ ସଃବୁ ଏତାଉଁ
ନଃଚି ।” 13 ସେ ନଃଉଆଁ ନିୟମ୍ ବଃଲି କୟ୍‌ଲାର୍ ଗିନେ ହଃର୍ତୁର୍
ନିୟମ୍‌କେ ହଃର୍ନା କଃରିଆଚେ; ଆର୍ ଜାୟ୍‌ରି ହଃର୍ନା ସେରି ସଃରି
ଜାୟ୍‌ଆଚେ, ସେରି ବୁଡ୍‌ତା ବେଳା ଚଃମେ ଅୟ୍‌ଲିନି ।

**9** ହଃର୍ତୁ ନିୟମାର୍ ହେଁ ପାର୍ତ୍‌ନା ବିସୟେ ବିନ୍‌ବିନ୍ ବିଦିବିଦାନ୍
ଆର୍ ଗଟେକ୍ ହୁର୍ତିବିର୍ ପବିତ୍ର ଟାଣ୍ ରିଲି । 2 ବଃଲେକ୍
ଗଟେକ୍ ତୁମ୍ ତିଆର୍ ଅୟ୍‌ରିଲି, ସେତିର୍ ହଃର୍ତୁ ବାବେ ଦିହ୍‌ରୁକା,
ଟେବୁଲ୍ ଆର୍ ଦାନ୍ ଦିଲା ରୁଟି ରିଲି; ତାକେ ପବିତ୍ର ଜଃଗା
ବଃଲି କଃଉତି । 3 ଆରେକ୍ ପର୍ଦା ହଃଚ୍‌ବାଟ୍ୟା ଜୁୟ୍ ବାଗ୍ ରିଲି,
ତାକେ ମୁଲ୍ ପବିତ୍ର ଟାଣ୍ ବଃଲି କଃଉତି । 4 ସେତି ସନାର୍
ଦିହ୍‌ବେଦି ଆର୍ ଚାରିବାଟ୍ ସନା ଡାଲାୟ୍‌ଲାର୍ ନିୟମ୍ ହେଳି
ରିଲି । ସେ ନିୟମ୍ ହେଳି ତଃୟ୍ ମାନ୍ନା ସଃଙ୍ଗାୟ୍‌ଲା ଗଟେକ୍
ସନାର୍ କଣ୍ଡି ରିଲି, ହାରଣାର୍ ଗଃଜା ଅୟ୍ ହଃତାର୍ ବାରାୟ୍‌ଲା
ଡାଙ୍ଗ ଆର୍ ଦଃସ୍‌ଗଟ୍ ବିଦି ଲେକାରିଲା ଜଳେକ୍ ଟେଳାର୍ ହାଟା
ରିଲି । 5 ଆର୍ ତାର୍ ଉହ୍ରେ ହାହ୍ କେମା କଃର୍ତାତଃୟ୍ ଚାୟ୍
କଃର୍ତା ଇସ୍ୱରାର୍ ଜଃଜ୍‌ମାନ୍ ଚିନାଉତା ଜଳେକ୍ କିରୁବ୍ ଦୁତ୍‌ମଃନ୍
ରିଲାୟ୍, ସେ ସଃବୁ ବିସୟେ ଅଃବେ ଅଃମିମଃନ୍ ନିକକଃରି
କଃଉଁକେ ଲଳା ନାୟ୍ । 6 ଇରି ଇରଃକମେ ତିଆର୍ ଅୟ୍‌ଆଚେ,
ତଃବାର୍ ଗିନେ ଜାଜକ୍‌ମଃନ୍ ପାର୍ତ୍‌ନା କଃରୁକେ ତୁମାର୍ ହଃର୍ତୁମ୍
ବାଗେ ସଃବୁବଃଲ୍ ହୁର୍ତି, 7 ମଃତର୍ ଆରେଗଟ୍ ବଃକ୍ରାୟ୍ ଅଃବ୍‌କା
ମୁଲ୍ ଜାଜକ୍ ବଃର୍ସ୍‌କେ ତରେକ୍ ହୁରେଦ୍, ଆର୍ ସେ ଅଃହ୍‌ଣାର୍
ଆର୍ ଲକ୍‌ମଃନ୍ ଲୁକ୍‌ଣେ ବିଦି ନଃମାନ୍‌ଲା ହାହାର୍ ଗିନେ ହୁଜା
ଦେତା ବଃନି ନଃୟ୍‌କଃରି ବିତ୍ରେ ହୁର୍ତି । 8 ସେତାକ୍ ପବିତ୍ର
ଆତ୍ମା ଇରି ଜାଣାଉଁଲି ଜେ, ହଃର୍ତୁ ତୁମ୍ ରେତା ହଃତେକ୍ ବଃଡେ
ପବିତ୍ର ଜଃଗାୟ୍ ହୁରୁକ୍ ବାଟ୍ ଉଗାଳା ନୟେ । 9 ଇ ହଃର୍ତୁ ତୁମ୍
ଅଃବାର୍ ବେଳାର୍ ଗିନେ ଚିନ୍ ହଃର୍କାରେ, ଆର୍ ସେ ହଃର୍କାରେ
ଦାନ୍ ଆର୍ ହୁଜା ଜଳେକ୍‌କେ ଟେକି ଦିଆ ଜଃଉଁଲି, ମଃତର୍
ଲକ୍‌କେ ମଃନାର୍ ସିଦ୍ ଦାନ୍ କଃରୁ ନାହାରେ । 10 ଆରେକ୍
କାତାର୍, ହିଉତାର୍ ଆର୍ ନିର୍ମୁଲ୍ କଃରୁକେ ଗଃଗାଳାର୍ ରିତିବିଦି
ମାନ୍‌ତା କଃତା ହଃକା । 11 ମଃତର୍ ଅଃବେ ଜୁୟ୍ ନିକ ବିସୟ୍
ଅଃମିମଃନ୍ ହାୟ୍ ଆଚୁ ମୁଲ୍ ଜାଜକ୍ ହର୍ କ୍ରିସ୍ଟ ଆସି ଆଚେ
ସେ ଜୁୟ୍ ପାର୍ତ୍‌ନା ଗଃରାର୍ କାମ୍ କଃରୁଲା ସେରି ବଃଡ୍, ଆର୍
ସଃର୍ଗେ ଅଃଦିକ୍ ହୁର୍ନ୍ କଃର୍ତା ତୁମ୍ । 12 ମଃତର୍ ଜିସୁ ସେ ବଃଡେ
ପବିତ୍ର ଟାଣେ ଅଃହ୍‌ଣାର୍ ବଃନି ନଃୟ୍ ଗଟେତର୍‌କେ ମୁଲ୍ ପବିତ୍ର
ଜଃଗାୟ୍ ହୁରିକଃରି ସଃବୁ ଦିନାର୍ ମୁକ୍ତି ହୁରୁଣ୍ କଃରି ଆଚେ ।
(aiōnios g166) 13 ହର୍ନା ବିଦି ହଃର୍କାରେ ଜଦି ଚେଳିଗଃଡ୍ରା ଆର୍
ବଃୟ୍‌ଲ୍‌ମଃନାର୍ ବଃନି ଆରେକ୍ ଅସୁଚିମଃନାର୍ ଉହ୍ରେ ଚିଚ୍‌ଲା
ହସୁର୍ ଚାର୍ ଗଃଗାଲ୍‌କେ ପବିତ୍ର କଃରେଦ୍, 14 ତଃବେ ଜୁୟ୍ କ୍ରିସ୍ଟ
ସଃବୁବଃଲ୍ ଆତ୍ମାର୍ ଦଃୟ୍ ଅଃହ୍‌ଣାକ୍ ଦାଗ୍ ନୟ୍‌ଲା ହୁଜା ହର୍
ଇସ୍ୱରାର୍ ଚଃମେ ଟେକି ଦିଲା, ତାର୍ ବଃନି କଃତେକ୍ ଅଃଦିକ୍
ଅଃମାର୍ ଇସ୍ୱରାର୍ ସେବା କଃରୁକେ ମଃଲା କାମେ ହୁଣି ଅଃମାର୍
ମଃନ୍‌କେ ନିର୍ମୁଲ୍ ନଃକେରେ । (aiōnios g166) 15 ଇତାର୍ ଗିନେ
କ୍ରିସ୍ଟ ନଃଉଆଁ ନିୟମାର୍ ମଃଜିର୍ ଲକ୍ ଅୟ୍‌ଆଚେ, ଜଃନ୍‌କଃରି
ହଃର୍ତୁ ନିଅମ୍ ଦଃସ୍ କେମା କଃରୁକେ ସକ୍ତି ରିଲାକେ ଲକ୍ ମଃନ୍
ଜୁୟ୍ ହାହ୍ କଃରିରିଲାୟ୍ ସେତି ହୁଣି ସେମଃନ୍ ମୁକ୍ତି ଲାବ୍ କଃର୍ତି
। (aiōnios g166) 16 ଗଟ୍ ଗଜାଲେକା କାମେ ଲାଗାଉଁକେ ଗଜା
କଃଲାର୍ ଲକ୍ ମଃଲାର୍ ହଃର୍ମାଣ୍ ଦଃର୍କାର୍ । 17 ଜୁୟ୍‌ତାର୍
ଗିନେ ମଃଲେକ୍ ଗଜା ଅଃଦିକ୍ ମଲ୍ ଅୟ୍‌ଦ୍, ବଃଲେକ୍ ଗଃଜା
କଃରିରିଲା ଲକ୍ ଜିବନ୍ ରେତା ହଃତେକ୍ ସେରି କଃବେ ହେଁ
କାମେ ନଃଲାଗେ । 18 ଇତାର୍ ଗିନେ ହଃର୍ତୁର୍ ନିୟମ୍ ହେଁ ବଃନି
ସଃଙ୍ଗ ତିର୍ ଅୟ୍‌ରିଲି । 19 ହଃର୍ତୁ ମସା ଲକ୍‌ମଃନ୍‌କେ ବିଦିଏ
ଲେକାଅୟ୍‌ଲା ଆଦେସ୍ ଲକ୍‌ମଃନ୍‌କେ ଜାଣାୟ୍‌ଲା । ହଃଚେ
ହାଣି, ମେଣ୍ଡାରମ୍ ଆର୍ ଏସବ୍ ହଃତାର୍ ସଃଙ୍ଗ ହସୁ ଆର୍ ଚେଳିର୍
ବଃନି ନଃୟ୍ ନିୟମ୍ ପୁସ୍ତକ୍ ଆର୍ ସଃବୁ ଲକ୍‌ମଃନାର୍ ଉହ୍ରେ
ଚିଚ୍‌ଲା, 20 ଆର୍ ସେ କୟ୍‌ଲା “ଇସ୍ୱର୍ ତୁମିମଃନାର୍ ବିସୟେ
ନିୟମ୍ କଃରିଆଚେ, ସେ ନିଅମାର୍ ବଃନି ଇରି ।” 21 ଆରେକ୍
ହେଁ ସେ ତୁମ୍ ତଃୟ୍ ଆର୍ ହୁଜା ଗିନେ ବେବାର୍ କଃର୍ତା ସଃବୁ
ଆସ୍ତି ଉହ୍ରେ ସେବାନ୍ୟା ବଃନି ଚିଚ୍‌ଲା, 22 ଆରେକ୍ ମସାର୍
ବିଦି ହଃର୍କାରେ ସଃବୁ ବିସୟ୍ ବଃନି ତଃୟ୍ ନିର୍ମୁଲ୍ ଅୟ୍‌ଦ୍, ଆର୍
ବଃନି ଚିଚ୍‌ଲେକ୍ ହଃକା ହାହ୍ କେମା ଅୟ୍‌ଦ୍ । 23 ଜୁୟ୍ ବିସୟ୍
ମଃନ୍ ସଃର୍ଗାର୍ ମୁଲ୍ ବିସୟ୍ ହର୍, ସେରି ମଃନ୍ ବଃନିଏ ନିର୍ମୁଲ୍
ଅଃଉତାର୍ ରିଲି ସେତାକ୍ ସଃର୍ଗାର୍ ବିସୟାର୍ ଗିନେ ନିକ ହୁଜା
ଲଳା । 24 ବଃଲେକ୍ ସଃତ୍ ମୁଲ୍ ପବିତ୍ର ଜଃଗା ବିସୟ୍ ଜେ
ଆତେ ତିଆର୍ କଃଲା, ସେତି କ୍ରିସ୍ଟ ନଃହୁରି ଅଃମିମଃନାର୍ ଗିନେ
ଅଃବେ ଇସ୍ୱରାର୍ ମୁଏଁ ଟିଆ ଅଃଉତା ଗିନେ ସଃର୍ଗେ ହୁରି ଆଚେ
। 25 ଜଃନ୍‌କଃରି ମୁଲ୍ ଜାଜକ୍ ହସୁ ବଃନି ନଃୟ୍ ବଃର୍ସ୍‌କେ ବଃର୍ସ୍
ମୁଲ୍ ପବିତ୍ର ଜଃଗାୟ୍ ଜାୟ୍‌ଦ୍, ସେବାନ୍ୟା ସେ ଜେ ତର୍‌କେ ତର୍
ଅଃହ୍‌ଣାକ୍ ସଃହ୍ରି ଅୟ୍‌ଦ୍, ସେରି ନାୟ୍; 26 ସେବାନ୍ୟା ଅୟ୍‌ଲେକ୍
ଜଃଗତାର୍ ଆରୁମେ ହୁଣି ତର୍‌କେ ତର୍ ତାକେ ମଃର୍ନ୍ ବୟଃଗ୍
କଃରୁକେ ଅୟ୍‌ରିଲିହୁଣି; ମଃତର୍ ଅଃବେ ସେ ଜୁଗ୍ ସେସ୍ ବଃଲ୍
ହଃତେକ୍ ଅଃହ୍‌ଣାକ୍ ହୁଜା ହର୍ ସଃହ୍ରି ଦଃୟ୍‌କଃରି ହାହ୍ ଦୁର୍
କଃରୁକେ ଜାଣାୟ୍ ଅୟ୍‌ଆଚେ । (aiōn g165) 27 ମାନାୟ୍‌ମଃନାର୍
ଗିନେ ଜଃନ୍‌କାର୍ ତରେକ୍ ମଃତର୍ ମଃର୍ନ୍, ଆର୍ ତରେକ୍ ମଃତର୍
ବିଚାର୍ ଆଚେ । 28 ସେବାନ୍ୟା କ୍ରିସ୍ଟ ହେଁ ଗାଦେକ୍ ଲକାର୍
ହାହ୍ ବୟ୍‌ନେଉଁକେ ତରେକ୍ ହଃକା ସଃହ୍ରି ଅୟ୍‌ଆଚେ, ଆରେକ୍
ତରେକ୍ ହାହ୍ ଗିନେ ନାୟ୍, ମଃତର୍ ଜୁୟ୍ ଲକ୍‌ମଃନ୍ ତାକେ ଜାଗି
ଆଚ୍‌ତି, ସେମଃନାର୍ ମୁକ୍ତିର୍ ଗିନେ ଦଃକାୟ୍ ଅଃଉତି ।

**10** ବଃଲେକ୍ ଜିଉଦି ବିଦି ସଃତ୍ ବିସୟାର୍ ସାୟ୍ ହର୍, ସେ
ସଃବୁ ବିସୟାର୍ ନଃବାଦୁଲ୍‌ତା ରୁହ୍ ନୟ୍‌ଲାକ୍ ଜାଜକ୍‌ମଃନ୍
ବଃର୍ସ୍‌କେ ବଃର୍ସ୍ ସଃବୁବଃଲ୍ ସେ ଗଟେକ୍ ରଃକମାର୍ ହୁଜା
ଟେକି ଦେତାର୍ ଗିନେ ହୁଜାକଃରୁମଃନ୍‌କେ ସେରି କଃବେହେଁ

ସିଦ୍ କଃରୁ ନାହାରେ । 2 ଜଦି ଲକ୍‌ମଃନ୍ ହୁଜା ଦିଲେକ୍ ସବୁ
ହୁଜା ସଃର୍ଲି ହୁଣି ତାକ୍ ଆରେକ୍ ସେମଃନ୍ ହାହି ବଃଲି ବାବି
ନଃକେଲାୟ୍‌ହୁଣି, 3 ମଃତର୍ ସେସଃବୁ ହୁଜା ତଃୟ୍ ବଃର୍ସ୍‌କେ
ବଃର୍ସ୍ ହାହ୍‌କେ ଏତାଉଁକେ ଅଃଉଁଲି । 4 କାୟ୍‌ତାକ୍‌ବଃଲେକ୍
ବଃୟ୍‌ଲ୍ ଆର୍ ଚେଳିର୍ ବଃନି ଜେ ହାହ୍ ନଃୟ୍‌ଦ୍, ଇରି କଃବେ
ହେଁ ନୟ୍ । 5 ସେତାର୍ ଗିନେ କ୍ରିସ୍ଟ ଜଃଗତେ ଆସ୍ତା ହୁର୍ବେ
ଇସ୍ୱର୍‌କେ କୟ୍‌ରିଲା, “ହସୁ ହୁଜା ଆର୍ ଦାନ୍ ଦେତା ତଃୟ୍ ତର୍
ମଃନ୍ ନାୟ୍, ମଃତର୍ ତୁୟ୍ ମର୍ ଗିନେ ଗଟେକ୍ ଗଃଗାଲ୍ ତିଆର୍
କଃରିଆଚ୍‌ସି । 6 ହସୁହୁଜା ଆର୍ ହାହ୍ କେମା ଅଃଉତା ହୁଜା
ତଃୟ୍ ତୁୟ୍ ସଃର୍ଦା ନୟ୍‌ଲିସ୍ । 7 ସଃଡେବଃଲ୍ ମୁୟ୍ଁ କୟ୍‌ଲେ,
‘ଦଃକା, ସାସ୍ତରେ ମର୍ ବିସୟେ ଲେକା ଆଚେ, ଏ ଇସ୍ୱର୍, ତର୍
ଇଚା ହୁରୁଣ୍ କଃରୁକେ ମୁୟ୍ଁ ଆସିଆଚି ।’” 8 କ୍ରିସ୍ଟ କୟ୍‌ଲା,
“ହୁଜା ଦେତାର୍, ଦାନ୍ ଦେତାର୍, ହସୁହୁଜା ଆର୍ ହାହ୍ କେମା
ଅଃଉତା ହୁଜା ତୁୟ୍ ଲଲୁ ନଃଚ୍‌ଲିସ୍, କି ସେତି ତର୍ ସଃର୍ଦା
ନଃରିଲି” ଜାୟ୍‌ରି ସଃବୁ ବିଦି ହଃର୍କାରେ ସଃହ୍ରି ଦେଉଁକ୍ ଅୟ୍‌ଦ୍
। 9 ତାର୍‌ହଃଚେ ସେ କଃଉଁଲା, “ଦଃକ୍, ତର୍ ଇଚା ହୁରୁଣ୍
କଃରୁକେ ମୁୟ୍ଁ ଆସିଆଚି ।” ହଃଚାର୍ ନିୟମ୍ ତାହୁନ୍ କଃରୁକେ
ସେ ହଃର୍ତୁର୍ ବିଦି ନାସ୍ କଃରିଆଚେ । 10 ଇସ୍ୱରାର୍ ଜଃଜ୍‌ନାକେ
ଜିସୁ କ୍ରିସ୍ଟ ହୁରୁଣ୍ କଃଲାକ୍ ତାର୍ ଗଃଗାଲ୍‌କେ ଗଟେତର୍‌କେ
ସଃବୁ ଲକାର୍ ହାଁୟ୍ ସଃହ୍ରି ଦିଲାକ୍ ଅଃମିମଃନ୍ ହାହେ ହୁଣି
ନିର୍ମୁଲ୍ ଅୟ୍‌ଲୁ । 11 ଆରେକ୍ ହେଁ, ସଃବୁ ଜାଜକ୍ ହଃତି ଦିନ୍
ସେବା କଃରୁକେ ଆର୍ ତର୍‌କେତର୍ ସେ ଗଟେକ୍ ରଃକମାର୍
ହୁଜା ଦେଉଁକ୍ ଟିଆ ଅୟ୍ ରେତି; ଇରଃକମ୍ ହୁଜା କଃବେ ହେଁ
ହାହ୍ କେମା କଃରୁ ନାହାରେ । 12 ମଃତର୍ ସେ ହାହ୍ ଗିନେ
ଅଃବ୍‌କା ଗଟେକ୍ ହୁଜା ଟେକି ଦିଲା ହଃଚେ ଇସ୍ୱରାର୍ କାତା
ବାଟ୍ୟା ସଃବୁ ଦିନାର୍ ଗିନେ ବଃସ୍‌ଲା । 13 ସେ ଦିନ୍‌ମଃନ୍ ଇସ୍ୱର୍
ସଃତ୍ରୁମଃନ୍‌କେ ତାର୍ ହାଦ୍ ତଃଳେ ସଃଙ୍ଗାଉତା ହଃତେକ୍ ସେ
ଜାଗୁଲା । 14 ଗଟେକ୍ ମଃତର୍ ହୁଜା ଟେକି ଦିଲା ତଃୟ୍ ସେ
ପବିତ୍ର କଃରା ଅୟ୍‌ରିଲା ଲକ୍‌ମଃନ୍‌କେ ସଃବୁ ଦିନାର୍ ଗିନେ ସିଦ୍
କଃରିଆଚେ । 15 ଆର୍ ପବିତ୍ର ଆତ୍ମା ହେଁ ଅଃମିମଃନ୍ ସାକି
ଦଃୟ୍‌ଆଚେ । 16 ବଃଲେକ୍ ମାପ୍ରୁ ଇ କଃତା କଃଉଁଲା, “ସେ
ବେଳା ହଃଚେ ମୁୟ୍ଁ ସେମଃନାର୍ ସଃଙ୍ଗ ଜୁୟ୍ ନିୟମ୍ ସଃଙ୍ଗାୟ୍
ଆଚି, ସେରି ଇ ନଃଉଆଁ ନିଅମ୍, ମୁୟ୍ଁ ସେମଃନାର୍ ବାବ୍‌ନାୟ୍
ନିଜାର୍ ବିଦି ଦଃୟ୍‌ନ୍ବ, ଆରେକ୍ ସେମଃନାର୍ ମଃନେ ସେସଃବୁ
ଲେକିନ୍ବ,” 17 ଆର୍ ସେ କଃଉଁଲା ସେମଃନାର୍ ହାହ୍ ଆର୍
ସେମଃନାର୍ ଦଃସ୍ ସଃବୁ ମୁୟ୍ଁ ଆରେକ୍ ଏତାଉଁକେ ନଃଚି । 18
ହାହ୍ କେମା ଅଃଉତା ଟାଣେ ହାହ୍ ଗିନେ ଆରେକ୍ ହୁଜା ଟେକି
ଦେତାର୍ ଦଃର୍‌କାର୍ ନାୟ୍ । 19 ତଃବେ ଏ ବାୟ୍‌ବେଣିମଃନ୍,
ଜିସୁର୍ ମଃର୍ନ୍ ଲାଗି ଅଃମିମଃନ୍ ବଃଡେ ପବିତ୍ର ଜଃଗାୟ୍ ହୁରୁକେ
ଅଃଦିକାର୍ ହାୟ୍ ଆଚୁ । 20 ସେ ତାର୍ ଗଃଗାଲ୍ ହର୍ ପର୍ଦା
ବାଟ୍ ଦଃୟ୍ ଅଃମିମଃନାର୍ ଗିନେ ଗଟେକ୍ ନଃଉଆଁ ଜିବନ୍
ବାଟ୍ ଉଗାଳି ଆଚେ । 21 ଆରେକ୍ ଇସ୍ୱରାର୍ ଗଃର୍ ଅଃବେ
ଅଃମିମଃନାର୍ ଗଟେକ୍ ବଃଡ୍ ଜାଜକ୍ ଆତେ ଆଚେ । 22 ଆସା,
ଅଃମିମଃନ୍ କ୍ରିସ୍ଟର୍ ବଃନିସଃଙ୍ଗ ଦୟ୍‌କଃରି ବିଟାଲ୍ ବାବ୍‌ନା ନିର୍ମୁଲ୍
କଃରୁଆଁ ଆର୍ ନିର୍ମୁଲ୍ ହାଣାୟ୍ ଗଃଗାଲ୍ ଦୟ୍‌କଃରି ଦିର୍ ମଃନେ
ହୁର୍ନ୍ ବିସ୍ୱାସେ ଇସ୍ୱରାର୍ ଚଃମେ ଅଃଉଁଆ; 23 ଅଃମିମଃନ୍ ଜୁୟ୍
ସାସ୍ କଃରିଆଚୁ, ସେରି ଅଃଟୁଆ ବାବେ ନିକକଃରି ଦଃରୁଆଁ,
କାୟ୍‌ତାକ୍‌ବଃଲେକ୍ ଜେ ସଃୟ୍‌ତ୍ କଃରିଆଚେ, ସେ ବିସ୍ୱାସାର୍
ଜୟ୍‌ଗ୍ । 24 ଆରେକ୍ ଲାଡ୍ ଆର୍ ସଃତ୍ କାମେ କଃତା ସିକାଉଁକ୍
ଏକ୍‌ଆରେକାର୍ ବିସୟେ ମଃନ୍ ଦେଉଁଆ । 25 ଆର୍ କେକେ
ଜଃନ୍‌କଃରି ମଣ୍ଡଳିର୍ ପାର୍ତ୍‌ନା ଚାଡି ରେତି, ଅଃମିମଃନ୍ ସେବାନ୍ୟା
କଃରୁ ନଃଚୁଆଁ, ମଃତର୍ ଏକ୍‌ଆରେକ୍‌କେ ସାସ୍ ଦେଉଁଆ,
ମୁଲ୍‌କଃରି ଜଃଡେବଃଲ୍ ତୁମିମଃନ୍ ମାପ୍ରୁର୍ ଦିନ୍ ଚଃମେ ଅୟ୍
ଆସୁଲି ବଃଲି ଦଃକୁଲାସ୍ । 26 କାୟ୍‌ତାକ୍‌ବଃଲେକ୍ ସଃତ୍ ଗ୍ୟାନ୍
ହାୟ୍‌ଲା ହଃଚେ ଜଦି ଅଃମିମଃନ୍ ଜାଣି ସୁଣି ନିଜାର୍ ଇଚାୟ୍
ହାହ୍ କଃର୍ତି ରେଉଁନ୍ବ, ତଃବେ ଆର୍ ହାହ୍ କେମା କଃର୍ତା ହୁଜା
ହାହେ ହୁଣି ମୁକ୍‌ଲାଉଁ ନାହାରେ । 27 ମଃତର୍ ବିଚାର୍ ଗଟେକ୍
ରଃକମାର୍ ବୟ୍‌ଙ୍କାର୍ ଜାଗ୍‌ତାର୍ ଆର୍ ବିରଦିମଃନ୍‌କେ ନାସ୍
କଃର୍ତା ବୟ୍‌ଙ୍କାର୍ ଜୟ୍ ଉବ୍ରି ରଃୟ୍‌ଦ୍ । 28 କେ ମସାର୍ ବିଦିକ୍
ଅମାନ୍ୟା କଃଲେକ୍, ସେ ଦଃୟା ନଃହାୟ୍ ଦୁୟ୍ କି ତିନି ଲକାର୍
ସାକିର୍ ମୁଏଁ ମାରା ଅୟ୍‌ଦ୍ । 29 ତଃବେ ବାବି ଦଃକା, ଜେ
ଇସ୍ୱରାର୍ ହୟ୍‌ସିକ୍ ହାଦ୍‌ତଃଳେ କଃରି ଆଚେ, ନିଅମାର୍ ଜୁୟ୍
ବଃନିଏ ସେ ପବିତ୍ର କଃରା ଅୟ୍‌ରିଲା, ତାକେ ହଲ୍ୟା ବଃଲି
ମଃନେ କଃରିଆଚେ ଆର୍ ଦଃୟା ଦେତା ଆତ୍ମାକେ ଲିନ୍ଦା କଃରି
ଆଚେ, ସେ କଃତେକ୍ ଅଃଦିକ୍ ଦଃଣ୍ଡାର୍ ଜୟ୍‌ଗ୍ ନୟ୍ । 30
ବଃଲେକ୍ “ବାଦ୍‌ଲା ନେତାର୍ ଅଃମାର୍ ଅଃଦିକାର୍, ଅଃମି କାମାର୍
ହଃଲ୍ ଦେଉଁନ୍ବ,” ଜେ ଇ କଃତା କୟ୍‌ଆଚେ, “ତାକେ ଅଃମିମଃନ୍
ଜାଣିଆଚୁ; ଆରେକ୍ ମାପ୍ରୁ ଅଃହ୍‌ଣାର୍ ଲକ୍‌ମଃନାର୍ ଟିକ୍ ବିଚାର୍
କଃରେଦ୍ ।” 31 ଜିବନ୍ ଇସ୍ୱରାର୍ ଆତେ ଦଃରା ହଃଲ୍‌ଲେକ୍
ବୟ୍‌ଙ୍କାର୍ ବିସୟ୍ । 32 ମଃତର୍ ଇସ୍ୱରାର୍ ଉଜାଲ୍ ହାୟ୍‌ଲା ହଃଚେ
ଜଃଡେବଃଲ୍ ତୁମିମଃନ୍ ନାନା ଦୁକ୍ ବୟଃଗ୍ ହର୍ କଃସ୍ଟାର୍ ଜୁଜ୍
ସଃମ୍ଭାଳି ରିଲାସ୍, ସେ ହୁର୍ବାର୍ ବେଳାକ୍ ଏତାଉଆ । 33 ଗଟେକ୍
ବେଳାୟ୍ ମାନ୍‌ତି ହାୟ୍ ନଃରିଲାସ୍ ଆର୍ ତୁମି କଃସ୍ଟ ହାୟ୍‌ରିଲାସ୍,
ବିନ୍ ବେଳାୟ୍ ସେ ରଃକମ୍ ଚାଲାଚାଲ୍‌ତି ହାଉତା ଲକ୍‌ମଃନାର୍
ବାଗିଦାର୍ ଅୟ୍‌ରିଲାସ୍ । 34 କାୟ୍‌ତାକ୍‌ବଃଲେକ୍ କଃଇଦିମଃନାର୍
ସଃଙ୍ଗ ଦୁକ୍ ବୟ୍‌ଗ୍ କଃରି ରିଲାସ୍, ଆର୍ ତୁମିମଃନାର୍ ନିଜାର୍ ଜେ
ଅଃଦିକ୍ ନିକ ଆର୍ ସଃବୁଦିନ୍ ରେତା ଦଃନ୍ ଆଚେ, ଇରି ଜାଣି
ସଃର୍ଦାୟ୍ ତୁମିମଃନାର୍ ଦଃନ୍ ଚରି ନିଲାକ୍ ସଃମ୍ଭାଳିରିଲାସ୍ । 35
ସେତାକ୍ ତୁମିମଃନାର୍ ସାସ୍ ଚାଡା ନାୟ୍, ବଃଲେକ୍ ସେତି ବଃଡ୍
ପୁରିସ୍କାର୍ ଆଚେ । 36 ଜୁୟ୍‌ତାର୍ ଗିନେ ତୁମିମଃନ୍ ଇସ୍ୱରାର୍ ଇଚା
ହୁରୁଣ୍ କଃରି ସଃୟ୍‌ତାର୍ ହଃଲ୍ ହାଉଁ ହାରାସ୍, ସେତାର୍‌ଗିନେ
ତୁମିମଃନ୍ ସଃମ୍ଭାଲ୍‌ତାର୍ ଲକ୍ ଅଃଉତାର୍ ଦଃର୍‌କାର୍ । 37

ବଽଲେକ୍ ସାସ୍ତରେ ଲେକା ଆଚେ, “ଆରେକ୍ ଅଽଳକ୍ ବେଳା
ମଽତର୍ ଆଚେ, ଜାର୍ ଆସ୍ତାର୍ ଆଚେ, ସେ ଆସେଦ୍ ଆର୍ ବେଳ୍
ନଽକେରେ । 38 ଅଽମାର୍ ଦଽର୍ମି ମାନାୟ୍ ବିସ୍ୱାସାର୍ ଗିନେ
ବଚେଦ୍, ମଽତର୍ ଜଦି ଜେକି ହଽଚେ ବାଉଳେଦ୍, ମର୍ ଆତ୍ମା
ତାର୍ ତଽୟ୍ ସଽର୍ଦା ନାୟ୍ ।” 39 ମଽତର୍ ଜୁୟ୍ ଲକ୍‌ମଽନ୍ ନାସ୍
ଅଽଉଁକ୍ ହଽଚେ ବାଉଳ୍‌ତି, ଅଽମିମଽନ୍ ସେମଽନାର୍ ଦଽଳାର୍
ଲକ୍ ନାୟ୍, ମଽତର୍ ଜୁୟ୍ ଲକ୍‌ମଽନ୍ ଆତ୍ମାର୍ ମୁକ୍ତି ହାଉଁକ୍ ବିସ୍ୱାସ୍
କଽର୍ତି, ଅଽମିମଽନ୍ ସେମଽନାର୍ ଦଽଳାର୍ ଲକ୍ ।

**11** ବିସ୍ୱାସ୍ ଆସା କଽର୍ତା ବିସୟାର୍ ମୁଲ୍‌ବୁଇଁ ଆର୍ ନଽଡିସ୍ତାର୍
ବିସୟାର୍ ସଽତ୍ ଗ୍ୟାନ୍ । 2 ହୁର୍ବ୍ କାଳେହୁଣି ପାରାଚିନ୍‌ମଽନ୍
ସେମଽନାର୍ ବିସ୍ୱାସ ଗିନେ ଇସ୍ୱରାର୍ ମଽନ୍‌କେଗଽଲା ଲକ୍
ଅୟ୍‌ରିଲାୟ୍ । 3 ବିସ୍ୱାସାର୍ ଗିନେ ଅଽମିମଽନ୍ ବୁଜୁଲୁ ଜେ,
ଜଽଗତାର୍ ସଽବୁ ଇସ୍ୱରାର୍ କଽତା ତଽୟ୍ ତିଆର୍ ଅୟ୍‌ଆଚେ,
ତଽବେ କାୟ୍‌ରିହେଁ ଆକାୟ୍ ଡିସ୍ତା ବିସୟେ ହୁଣି ନଽଉବ୍‌ଜେ
। (aiōn g165) 4 ବିସ୍ୱାସାର୍ ଗିନେ ହେବଲ୍ ଇସ୍ୱରାର୍ ଚଽମେ
କଇନ ତଽୟ୍‌ହୁଣି ଅଽଦିକ୍ ନିକ ହୁଜା ଟେକି ଦିଲା, ସେତାର୍
ଗିନେ ସେ ଦଽର୍ମି ବଽଲି ଜାଣାହଽଲ୍‌ଲା, ଇସ୍ୱର୍ ନିଜେ ତାର୍
ଦିଲା ଦାନ୍ ବିସୟେ ସାକି ଦିଲା, ଆର୍ ସେ ମଽରି ରିଲେକ୍ ହେଁ
ବିସ୍ୱାସାର୍ ଗିନେ ଆଜି ହଽତେକ୍ କଽତା କଽଉଁଲା । 5 ବିସ୍ୱାସାର୍
ଗିନେ ହନକ ମଽର୍ନ୍ ବୟଽଗ୍ ନଽକେରି ସଽର୍ଗେ ଗଽଲା; ସେ
ଆର୍ ଦଽକା ନଽଗେଲା, କାୟ୍‌ତାକ୍‌ବଽଲେକ୍ ଇସ୍ୱର୍ ତାକେ
ସଽର୍ଗେ ନଽୟ୍‌ରିଲା । ସାସ୍ତରେ ଲେକାଆଚେ ସେ ଜେ ଇସ୍ୱରାର୍
ଲାଡାର୍ ଲକ୍, ସଽର୍ଗେ ଜାତା ହୁର୍ବେ ସେତାର୍ ସାକି ହାୟ୍‌ରିଲା
। 6 ଆର୍ ବିସ୍ୱାସ୍ ନୟ୍‌ଲେକ୍ କଽବେ ହେଁ ତାର୍ ଲାଡାର୍ ଲକ୍
ଅୟ୍‌ନୟ୍, କାୟ୍‌ତାକ୍‌ବଽଲେକ୍ ଇସ୍ୱର୍ ଜେ ଆଚେ, ଆର୍ ସେ ଜେ
ତାକେ ଲଳ୍‌ତା ଲକ୍‌ମଽନ୍‌କେ ପୁରିସ୍କାର୍ ଦଽୟ୍‌ଦ୍, ଇରି ତାର୍
ଲଽଗେ ଆସ୍ତା ଲକ୍ ବିସ୍ୱାସ୍ କଽର୍ତା ଲଳା । 7 ବିସ୍ୱାସ୍ ଗିନେ ନହ
ସେ ବେଳା ହଽତେକ୍ ଜାଣାୟ୍‌ଲା ବିସୟେ ଆଦେସ୍ ହାୟ୍ ବକ୍ତି
ସଽଙ୍ଗ୍ ଅଽହ୍‌ଣାର୍ କୁଟୁମ୍‌କେ ମୁକ୍ତି କଽରୁକେ ଗଟେକ୍ ହାଣିଜାଜ୍
ତିଆର୍ କଽଲା, ଆରେକ୍ ସେ ବିସ୍ୱାସ୍ ଗିନେ ନହ ଜଽଗତ୍‌କେ
ଦସି କଽରି ବିସ୍ୱାସ୍ ହଽର୍କାରେ ଦଽର୍ମି ଅଽଉଁ ହାର୍ଲା । 8 ବିସ୍ୱାସ୍
ଗିନେ ଅବ୍ରାହାମ୍ କୁଦ୍‌ଲା ଦାହ୍ରେ, ଜୁୟ୍ ଦେସ୍ ସେ ଅଽଦିକାର୍ ହର୍
ହାଉଁକ୍ ଜାତିରିଲା, କଽତାମାନି ସେତି ବାରାୟ୍ ଗଽଲା, ଆରେକ୍
ସେ କୁୟ୍‌ତି ଜଽଉଁଲା, ସେରି ନଽଜାଣ୍‌ଲେକ୍ ହେଁ ବାରାୟ୍ ଗଽଲା
। 9 ବିସ୍ୱାସ୍ ଗିନେ ସେ ବିଦେସି ହର୍ ସଽୟ୍‌ତ୍ କଽଲା ଦେସେ
ବାସାକଽଲା । ଆର୍ ଇସ୍ୱରାର୍ ଆଦେସ୍ ହାୟ୍ ଇସାକ୍ ଆର୍
ଜାକୁବର୍ ସଽଙ୍ଗ୍ ତୁମ୍ ତଽୟ୍ ବାସାକଽଲାୟ୍ । 10 ବଽଲେକ୍ ଜୁୟ୍
ଗଽଳ୍ କୁନାଦି ବଽସା ଅୟ୍‌ଆଚେ, ଆରେକ୍ ଜାର୍ ମେସ୍ତୁରି ଆର୍
ତିଆର୍ କଽର୍ତା ଲକ୍ ନିଜେ ଇସ୍ୱର୍, ଅବ୍ରାହାମ୍ ସେ ଗଽଳ୍‌କେ
ଜାଗି ରିଲା । 11 ବିସ୍ୱାସାର୍ ଗିନେ ସାରା ନିଜେ ହେଁ ସଽୟ୍‌ତ୍
କଽଲା ଲକ୍‌କେ ବିସ୍ୱାସ୍ କଽରି ବୁଡି ଅୟ୍‌ଲେକ୍ ହେଁ ଜାତିର୍ ହଽର୍ତୁ
ଆୟ୍‌ସି ଅଽଉଁକେ ସଽକ୍ତି ହାୟ୍‌ଲି । ଇସ୍ୱର୍ ତାର୍ ସଽୟ୍‌ତ୍ ହୁରୁଣ୍
କଽରେଦ୍ ବଽଲି ଅବ୍ରାହାମାର୍ ବିସ୍ୱାସ୍ ରିଲି । 12 ଇତାର୍ ଗିନେ
ହେଁ ମଽଲା ହର୍ ଗଟେକ୍ ଲକାର୍ ତଽୟ୍‌ହୁଣି ଅଽଗାସାର୍ ତାରା
ମଽନାର୍ ହର୍ ଅଲେକାର୍ ଆର୍ ସଽମଽନ୍ଦ୍ କଽଣ୍ଡାୟ୍ ରେତା ବାଲି
ହର୍ ଗଽଣୁ ନଽହାର୍ତା ଗଟେକ୍ ଜାତି ଜାତ୍‌ଅୟ୍‌ଲାୟ୍ । 13 ଇ
ସଽବୁଲକ୍ ବିସ୍ୱାସେ ହଽରାଣ୍ ଚାଡ୍‌ଲାୟ୍, ସେମଽନ୍ ସଽୟ୍‌ତ୍
କଽଲା ହଽଲ୍ ନଽହାୟ୍‌ଲାୟ୍, ମଽତର୍ ଦୁରିକ୍ ହୁଣି ସେରି ଦଽକି
ଜୁଆର୍ ଜାଣାୟ୍‌ଲାୟ୍ ଆର୍ ହୁର୍ତିୟେ ଅଽହ୍‌ଣାମଽନ୍‌କେ ବିଦେସି
ଆର୍ ହଽର୍ବାସି ବଽଲି ମାନ୍‌ଲାୟ୍ । 14 କାୟ୍‌ତାକ୍‌ବଽଲେକ୍ ଜୁୟ୍
ଲକ୍‌ମଽନ୍ ଇବାନ୍ୟା କଽତା କଽଉତି, ସେମଽନ୍ ଜେ ନିଜାର୍
ଗଟେକ୍ ଦେସ୍ ଲଳୁଲାୟ୍, ଇରି ସେମଽନ୍ ଜାଣାଉଁଲାୟ୍ । 15
ଆରେକ୍ ଜୁୟ୍ ଦେସେ ହୁଣି ସେମଽନ୍ ବାରାୟ୍ ଆସି ରିଲାୟ୍, ସେ
ଦେସ୍‌କେ ସେମଽନ୍ ଏତାୟ୍ ନଽକେର୍‌ତି ରିଲାୟ୍ ଜଦି ସଽତ୍‌କଽରି
ସେ ଦେସ୍‌କେ ଏତାୟ୍‌ଲାୟ୍ ହୁଣି, ସେରି ଅୟ୍‌ଲେକ୍ ସେମଽନ୍‌କେ
ବାଉଳି ଜଽଉଁକେ ବାଟ୍ ହାୟ୍‌ଲାୟ୍ ହୁଣି । 16 ମଽତର୍ ସେମଽନ୍
ଗଟେକ୍ ସଽବ୍‌କେ ନିକ, ବଽଲେକ୍ ସଽର୍ଗ୍ ଦେସ୍‌କେ ମଽନ୍ କଽରି
ରିଲାୟ୍; ଇତାର୍ ଗିନେ ଇସ୍ୱର୍ ସେମଽନାର୍ ଇସ୍ୱର୍ ବଽଲି ଡାକେ
ହୁଟୁକ୍ ସେମଽନାର୍ ବିସୟେ ଲାଜ୍ ନୟ୍, କାୟ୍‌ତାକ୍‌ବଽଲେକ୍
ସେ ସେମଽନାର୍ ଗିନେ ଗଟେକ୍ ଗଽଳ୍ ତିଆର୍ କଽରିଆଚେ ।
17 ବିସ୍ୱାସାର୍ ଗିନେ ଅବ୍ରାହାମ୍‌କେ ପରିକ୍ୟା ବଽଳ୍ ଇସାକ୍‌କେ
ଟେକି ଦେଉଁକେ ରାଜି ଅୟ୍‌ରିଲା, ଜୁୟ୍ ଲକ୍ ସଽୟ୍‌ତ୍ ସଽବୁ
ହାୟ୍‌ରିଲା, ଜାକେ କଽଉଆ ଜାୟ୍‌ରିଲି, 18 ଇସ୍ୱର୍ କୟ୍‌ରିଲା,
ମୁୟ୍ଁ ତକେ ଜୁୟ୍ ବଽଉଁସ୍ ଦଽୟ୍‌ନ୍ଦ୍ ବଽଲି ସଽୟ୍‌ତ୍ କଽରିରିଲେ,
ସେରି ଇସାକ୍ ତଽୟ୍‌ହୁଣି ତର୍ ବଽଉଁସ୍ ଡାକେ ହୁଟେଦ୍ । 19
ବଽଲେକ୍ ଇସ୍ୱର୍ ଜେ ମଽଲା ଲକ୍‌ମଽନ୍‌କେ ହେଁ ଉଟାଉଁକ୍
ହାରେ, ଅବ୍ରାହାମ୍ ଇରି ସେ ମଽନେ ଜାଣିରିଲା, ଆର୍ ଅବ୍ରାହାମ୍
ଇସାକ୍‌କେ ମଽରି ଗଽଲାକେ ହେଁ ଆରେକ୍ ହାୟ୍‌ଲା । 20
ବିସ୍ୱାସାର୍ ଗିନେ ଇସାକ୍ ଆସୁଲା ଦିନାର୍ ବିସୟେ ହେଁ ଜାକୁବକ୍
ଆର୍ ଏସାଉକେ ଆସିର୍ବାଦ୍ କଽଲା । 21 ବିସ୍ୱାସାର୍ ଗିନେ ଜାକୁବ
ମଽର୍ତା ଆଗ୍‌ତୁ ଜସେପାର୍ ଦୁୟ୍ ହୟ୍‌ସିକେ ଆସିର୍ବାଦ୍ କଽଲା,
ଆରେକ୍ ଅଽହ୍‌ଣାର୍ ଡାଙ୍ଗ୍ ଟିହେ ଡେରାୟ୍ ଅୟ୍ ଇସ୍ୱର୍‌କେ
ଜୁଆର୍ କଽଲା । 22 ବିସ୍ୱାସାର୍ ଗିନେ ଜସେପ୍ ମଽର୍ତାବଽଳ୍
ଇସ୍ରାଏଲାର୍ ହୟ୍‌ସିମଽନାର୍ ମିସର୍ ଦେସେ ହୁଣି ବାଉଳି ଜାତା
ବିସୟେ କୟ୍‌ଲା, ଆରେକ୍ ଅଽହ୍‌ଣାର୍ ମଽଲ୍‌କେ କଽନ୍ କଽରା
ଅୟ୍‌ଦ୍ ସେରି କୟ୍‌ରିଲା । 23 ବିସ୍ୱାସାର୍ ଗିନେ ମସାର୍ ଉବାସି
ଆୟ୍‌ସି ତାର୍ ଜଽଲମ୍ ଅୟ୍‌ଲା ବଽଳ୍ ତାକେ ଗଟେକ୍ ସୁନ୍ଦର୍
ହିଲା ବଽଲି ଦଽକି ରଽଜାର୍ ଆଦେସ୍‌କେ ନଽଡିରି ତିନିମାସ୍
ହଽତେକ୍ ତାକେ ଲୁକାୟ୍ ସଽଙ୍ଗ୍‌ଲାୟ୍‌ଲାୟ୍ । 24 ବିସ୍ୱାସାର୍ ଗିନେ
ମସା ବେଣ୍ଡ୍ୟା ବଽୟ୍‌ସ୍ ଅୟ୍‌ଲାକ୍ ପାରର୍ ଜିସିର୍ ହୟ୍‌ସି ବଽଲାୟ୍
ଅଽଉଁକେ ନଽଚ୍‌ଲା । 25 ହାହେ ରଽୟ୍ ଅଽଳକ୍ କାଳ୍ ସୁକ୍‌ବୟ୍‌ଗ୍
କଽର୍ତା ବାଦୁଲେ ଇସ୍ୱରାର୍ ଲକ୍‌ମଽନାର୍ ସଽଙ୍ଗ୍ ଦୁକ୍ ବୟଽଗ୍

କଃରୁକେ ସେ ମଃନ୍‌କଃଲା, 26 ଆରେକ୍ ମିସରାର୍ ସଃବୁ
ଦଃନାର୍ ବାଦୁଲେ କ୍ରିସ୍ଟର୍ ଲିନ୍ହାର୍ ବାଗିଦାରି ଅଃଉଁକେ ଅଃଦିକ୍
ନିକ ଦଃନ୍ ବଃଲି ମଃନେ କଃଲା, କାୟ୍‌ତାକ୍‌ବଃଲେକ୍ ସେ
ପୁରିସ୍କାର୍ ଦେତାବଃଲ୍‌କ୍ ଦଃକ୍‌ଲା । 27 ବିସ୍ୱାସାର୍ ଗିନେ ସେ
ରଃଜାର୍ ରିସାକ୍ ନଃଡିରି ମିସର୍ ଚାଡ୍‌ଲା, ଜୁୟ୍‌ତାର୍ ଗିନେ ସେ
ନଃଡିସ୍ତାର୍ ଇସ୍ୱର୍‌କେ, ଦଃକ୍‌ଲା ହର୍ ସେ ହଃଚ୍‌ଗୁଚା ନଃଦିଲା ।
28 ବିସ୍ୱାସାର୍ ଗିନେ ସେ ମୁକ୍ଲାଉଁଣି ହଃର୍ବ୍ ଆର୍ ବଃନି ଚିଚ୍‌ତା
ବିଦି ମାନୁକେ କୟ୍‌ଲା, ଜଃନ୍‌କଃରି ଇସ୍ରାଏଲାର୍ ହଃର୍ତୁ ଜଃଲମ୍
ଅୟ୍‌ଲା ହିଲାମଃନ୍‌କେ ମାରୁ ଆୟ୍‌ଲା ଦୁତ୍ ମାରୁ ନଃଚ୍‌ଲା । 29
ବିସ୍ୱାସ୍ ଗିନେ ସେମଃନ୍ ସୁକ୍‌ଲା ବୁଏଁ ଲିଙ୍ଗ୍‌ଲା ହର୍ ସୁପ୍ ସାଗର୍
ବିତୁର୍ ଅୟ୍ ଲିଙ୍ଗ୍‌ଲାୟ୍, ମଃତର୍ ମିସରାର୍ ଲକ୍‌ମଃନ୍ ସେବାନ୍ୟା
ଲିଙ୍ଗ୍‌କେ ଚେସ୍ଟା କଃରୁକେ ଜାୟ୍ ବୁଡି ମଃଲାୟ୍ । 30 ଇସ୍ରାଏଲାର୍
ଲକ୍‌ମଃନ୍ ବିସ୍ୱାସ୍ ଗିନେ ଜିରିହ ଗଃଳାର୍ କଃଡି ଚାରିବେଲ୍‌ତ୍
ସାତ୍ ବିନ୍ ହଃତେକ୍ ବୁଲ୍‌ଲା ହଃଚେ କୁର୍ପ୍ ନାସ୍ ଅୟ୍‌ଲି । 31
ବିସ୍ୱାସ୍ ଗିନେ ରାହବ୍ ଦାରି ଚର୍‌ମଃନ୍‌କେ ସୁସ୍ତାୟ୍ ରେଉଁକ୍
ଜଃଗା ଦିଲାକ୍ ଇସ୍ୱରାର୍ କଃତା ନଃମାନ୍‌ତା ଲକ୍‌ମଃନାର୍ ସଃଙ୍ଗ୍
ନାସ୍ ନୟ୍ ରଃକ୍ୟା ହାୟ୍‌ଲି । 32 ମୁୟ୍ଁ ଆରେକ୍ ଅଃଦିକ୍ କାୟ୍‌ରି
କୟ୍‌ଦ୍? ଗିଦିଅନ୍, ବାରାକ୍, ସାମ୍‌ସନ୍, ଜିପ୍ତହ, ଦାଉଦ୍, ସାମୁଏଲ୍
ଆର୍ ବାବ୍‌ବାଦିମଃନାର୍ ବିସୟେ ଜଦି ମୁୟ୍ଁ କୟ୍‌ନ୍ଦ ତଃବେ ବେଳ୍
ନଃକେଟେ । 33 ବିସ୍ୱାସାର୍ ଗିନେ ସେମଃନ୍ ବିନ୍ ବିନ୍ ଦେସ୍‌ମଃନ୍
ଜିତ୍‌ଲାୟ୍, ଦଃର୍ମ୍ ହୁରା କଃଲାୟ୍, ଇସ୍ୱରାର୍ ସଃୟ୍‌ତାର୍ ହଃଲ୍
ହାୟ୍‌ଲାୟ୍, ସିମାବାଗ୍ ମଃନାର୍ ଟଣ୍ଡ ମୁଦ୍‌ଲାୟ୍, 34 ଜୁୟ୍‌ମଃନ୍
ଲିବାୟ୍‌ଲାୟ୍, କଃଣ୍ଡାର୍ ଦାରେ ହୁଣି ବାଚ୍‌ଲାୟ୍, ନିଗାଲ୍ ବେଳାୟ୍
ସଃକାତ୍‌କାରି ଅୟଃଲାୟ୍, ଜୁଜେ ଜିଣ୍‌ଲାୟ୍, ଆରେକ୍ ଇସ୍ୱର୍‌କେ
ନଃଜାଣ୍‌ତା ଲକ୍‌ମଃନାର୍ ସଃଇନ୍‌ମଃନ୍‌କେ ମାରି କଃଦ୍‌ଲାୟ୍ ।
35 ମାୟ୍‌ଜିମଃନ୍ ବିସ୍ୱାସାର୍ ଗିନେ ଅଃହ୍‌ଣା ଅଃହ୍‌ଣାର୍ ମଃଲା
ଲକ୍‌ମଃନ୍‌କେ ଆରେକ୍ ଉଟ୍‌ଲାକେ ହାୟ୍‌ଲାୟ୍; ବିନ୍‌ଲକ୍‌ମଃନ୍
ଅଃଦିକ୍ ନିକ କଃରି ଆରେକ୍ ଉଟି ଉଦାର୍ ହାଉଁକ୍ ଇଚା ନଃକେରି
ବଃଡେ ଦୁକ୍ ବୟଃଗ୍ କଃଲାୟ୍ । 36 ବିନ୍‌ଲକ୍‌ମଃନ୍ ଏମଃନ୍‌କେ
କର୍ଡା ମାର୍‌ଲାୟ୍, କିଜ୍ୟାୟ୍‌ଲାୟ୍, କଃତିଲକେ ସିକ୍‌ଲି ବାନ୍ଦି
ଜଃଇଲେ ହଃକାୟ୍‌ଲାୟ୍ । 37 କେକେ ଟେଳା ମାଡେ ମାର୍‌ଲାୟ୍,
କେକେ ତାଡ୍‌ନା ହାୟ୍‌ଲାୟ୍, କଃତିଲକେ କଃର୍ତ୍ ସଃଙ୍ଗ୍ ଦୁୟ୍‌କଃଣ୍ଡ
କଃରାଗଃଲି, ଆରେକ୍ କଃତିଲକେ କଃଣ୍ଡା ସଃଙ୍ଗ୍ ମାର୍‌ଲାୟ୍
କଃତିଲକେ ମେଣ୍ଡା ଆର୍ ଚେଳିର୍ ଚାଲେ ଗୁଳ୍ୟାୟ୍‌ଲାୟ୍, ଅକେଟ୍
ଅୟ୍‌ଲି, ମଃନେ ଦୁକ୍ ଆର୍ କଃସ୍ଟ ହାୟ୍‌ଲାୟ୍ । 38 ଇରଃକମ୍
ଲକ୍‌ମଃନାର୍ ଗିନେ ହୁର୍ତିଏ ଟାଣ୍ ନଃରିଲି, ସେମଃନ୍ ବଃଟା,
ହଃର୍ବାତ୍, ହାର୍, ଆରେକ୍ ହୁର୍ତିବିର୍ ବିତ୍ରେ ବୁଲ୍‌ଲାୟ୍ । 39
ବିସ୍ୱାସାର୍ ଗିନେ ଇ ସଃବୁଲକ୍ ନିକ ବଃଲାୟ୍ ଅୟ୍ ହେଁ ସଃୟ୍‌ତାର୍
ହଃଲ୍ ନଃହାୟ୍‌ଲାୟ୍, 40 ବଃଲେକ୍ ଇସ୍ୱର୍ ଅଃମିମଃନାର୍ ଗିନେ
ଅଃଦିକ୍ ନିକ ବିସୟ୍ ତିଆର୍ କଃରି ସଃଙ୍ଗାୟ୍ ରିଲା, ଜଃନ୍‌କଃରି
ସେମଃନ୍ ଅଃମିମଃନାର୍ ସଃଙ୍ଗ୍ ସିଦ୍ ଲାବ୍ କଃରୁକେ ହାର୍ତି । ଇରି
ଇସ୍ୱରାର୍ ମଃନ୍ ରିଲି ।

**12** ଇରଃକମ୍ ସାକିମଃନ୍ ଅଃତେକ୍ ଲକ୍ ଅଃମାର୍ ଚାରି ହାକ୍
ଆଚ୍‌ତି ସେତାକ୍ ଆସା ଜୁୟ୍ ସଃବୁ ବିସୟ୍ ଅଃମିକ୍ ବାଦା
ଦେଉଁଲି ଆର୍ ଜୁୟ୍ ସଃବୁ ବିସୟ୍ ଅଃମିମଃନ୍‌କ୍ ହାହେ ଜିକି
ନେଉଁଲି ସେ ସଃବୁ ଚାଡି ବିସ୍ୱାସେ ଅଃଟୁଆ ରଃୟ୍ ଅଃମାର୍
ହାୟ୍ ତିଆର୍ ଅୟ୍‌ରିଲା ବାଟେ ଜାତି ରେଉଁଆ । 2 ଜିସୁ
ଅଃହ୍‌ଣାର୍ ମୁଏଁ ରିଲା ସଃତ୍ ସଃର୍ଦା ଗିନେ ଲିନ୍ହାକ୍ ନଃମାନି
କଃରି ସଃମ୍ବାଳି କଃରି କୁସ୍‌ଉହ୍ରେ ମଃର୍ନ୍ ବୟଃଗ୍ କଃଲା, ଆରେକ୍
ଇସ୍ୱରାର୍ ସିଙ୍ଗାସଣାର୍ କାତା ବାଟ୍ୟା ବଃସି ଆଚେ । 3 ତୁମିମଃନ୍
ଜଃନ୍‌କଃରି ଅଃହ୍‌ଣା ଅଃହ୍‌ଣାର୍ ମଃନେ ନଃତାକାସ୍; ଇତାର୍
ଗିନେ ହାହିମଃନାର୍ ତଃୟ୍‌ହୁଣି ଅଃହ୍‌ଣାର୍ ବିରଦେ କଃଡେକ୍
ବିରଦ୍ ହାଣ୍ ସଃମ୍ବାଳ୍‌ଲା, ତାର୍ ବିସୟେ ବାବି ଦଃକା । 4
ତୁମିମଃନ୍ ହାହ୍ ବିରଦେ ଜୁଜ୍ କଃରି ଅଃବେ ହଃତେକ୍ ତୁମାର୍
ବଃନି ଜାତା ହଃତେକ୍ ବାଦା ନଃଦିଆସ୍ । 5 ଆର୍ ହିଲାମଃନାର୍
ହର୍ ତୁମିମଃନାର୍ ଗିନେ ଲେକା ଅୟ୍‌ଲା ଇ ସଃର୍ଦାର୍ କଃତା
ହାସ୍ରି ଆଚାସ୍, "ଏ ମର୍ ହଅ, ମାପ୍ରୁର୍ ସାସନ୍‌କେ ଉସାସେ
ନେ ନାୟ୍, କି ତାର୍ ତଃୟ୍‌ହୁଣି ଉଣା ସୁଣ୍‌ଲେକ୍ ତାକା ନାୟ୍
। 6 କାୟ୍‌ତାକ୍‌ବଃଲେକ୍ ମାପ୍ରୁ ଜାକେ ଲାଡ୍ କଃରେଦ୍, ତାକେ
ସାସନ୍ କଃରେଦ୍, ଆରେକ୍ ଜୁୟ୍ ହିଲାକ୍ ନିଜାର୍ ବଃଲେଦ୍,
ତାକେ ଡଃଣ୍ଡ ଦଃୟ୍‌ଦ୍ ।" 7 ସାସନାର୍ ଗିନେ ତ ତୁମିମଃନ୍ ଦୁକ୍
ସଃମ୍ବାଳୁଲାସ୍; ଇସ୍ୱର୍ ତୁମିମଃନାର୍ ସଃଙ୍ଗ୍ ହଅ ହର୍ ବେବାର୍
କଃରୁଲା, କାୟ୍‌ତାକ୍‌ବଃଲେକ୍ ଉବା ଜାକେ ସାସନ୍ ନଃକେରେ,
ଇବାନ୍ୟା ହଅ କେ ଆଚେ? 8 ମଃତର୍ ଜୁୟ୍ ସାସନାର୍ ସଃବୁ
ବାଗ୍‌ହାୟ୍‌ଲାର୍, ଜଦି ତୁମିମଃନ୍ ସେତିର୍ ବାଗି ନାୟ୍, ତଃବେ
ତୁମିମଃନ୍ ହଅ ନାୟ୍, ବିନ୍ ଅଃଣ୍ଡା ତଃୟ୍‌ହୁଣି ଜଃଲମ୍ ଅୟ୍‌ଲା
ହିଲା । 9 ଆରେକ୍ ହେଁ, ଅଃମିମଃନାର୍ ସାସନ୍‌କାରି ଅଃମିମଃନାର୍
ଗଃଗାଳାର୍ ଉବାମଃନ୍‌କେ ଅଃମିମଃନ୍ ମାନ୍‌ତି କଃରୁଲୁ; ତଃବେ
ଆତ୍ମିକ୍ ଉବାର୍ କଃତେକ୍ ଅଃଦିକ୍ କଃରି ତାର୍ ତଃଳେ ରଃୟ୍
ଜିବନ୍ ନଃହାଉଁ? 10 ଅଃମିମଃନାର୍ ଜଃଗତାର୍ ଉବାମଃନାର୍
ଆକାୟ୍ ଜାୟ୍‌ରି ନିକ ସେ ହଃର୍କାରେ ସେମଃନ୍ ଅଃଳକ୍ ଦିନାର୍
ଗିନେ ଅଃମିମଃନ୍‌କେ ସାସନ୍ କଃଲାୟ୍; ମଃତର୍ ଅଃମିମଃନ୍
ଜଃନ୍‌କଃରି ତାର୍ ପବିତ୍ର ତଃୟ୍ ବାଗିଦାରି ଅଃଉଁନ୍ଦ, ଇତାର୍
ଗିନେ ସେ ଅଃମିମଃନାର୍ ବଃଲାର୍ ଗିନେ ସାସନ୍ କଃରେଦ୍ । 11
ସାସନ୍ ଅଃବେ ସଃର୍ଦାର୍ ବଃଲି ଜାଣା ନଃହେଳି ଦୁକାର୍ ବଃଲି
ଜାଣା ଅୟ୍‌ଦ୍; ଅୟ୍‌ଲେକ୍ ଜୁୟ୍ ଲକ୍‌ମଃନ୍ ସେତାର୍ ତଃୟ୍ ସିକ୍ୟା
ହାୟ୍ ଆଚ୍‌ତି, ସେରି ହଃଚେ ସେମଃନ୍‌କେ ସୁସ୍ତାର୍ ହଃଲ୍ ହର୍
ଦଃର୍ମି ଦଃନ୍ ଦଃୟ୍‌ଦ୍ । 12 ବଃଲେକ୍, ତୁମିମଃନାର୍ ତାକ୍‌ଲା
ଆତ୍ ଆର୍ ନିଗାଲ୍ ମାଣ୍ଡିକ୍ ସଃକୋତ୍ କଃରା । 13 ଆରେକ୍
ସଃଳ୍‌କ୍ ବାଟେ ଇଣ୍ଡାବୁଲା କଃରା, ଜଃନ୍‌କଃରି ଚଟା ଗଡ୍ ଅଃଦିକ୍
ମଃଲୁ ନଃହେଳି ଉଜ୍ ଅୟ୍‌ଦ୍ । 14 ସଃବୁ ଲକାର୍ ସଃଙ୍ଗ୍ ସୁସ୍ତାୟ୍

ରେଉଁକ୍ ଚେସ୍ଟା କଽରା, ଆର୍ ପବିତ୍ର ରଽୟ୍ ଜିବନ୍ କାଟୁକେ
ଚେସ୍ଟା କଽରା ବଽଲେକ୍ ସେରି ନୟ୍‌ଲେକ୍ ଇସ୍ୱର୍ କେ ଦଽକୁ
ନାହାରାସ୍ । 15 କଽନ୍‌ସ୍ ଅୟ୍‌ଲେକ୍ କେକେ ଇସ୍ୱରାର୍ ଦଽୟାୟ୍
ହୁଣି ଦୁରିକ୍ ଅଽଉତି କି କୁୟ୍ ହିତାର୍ ମୁଲ୍ ଆକରି କଽରି ବାଡି
ତୁମିମଽନ୍‌କେ ନାସ୍ କଽରେଦ୍, ଆର୍ ସେତାର୍ ଗିନେ ଗାଦେକ୍
ଲକ୍ ବିଟାଲ୍ ଅଽଉତି । 16 କି କେ ଅଽଦର୍ଽମି, କି ତରେକାର୍
କାଦିର୍ ଗିନେ ଅଽହ୍‌ଣାର୍ ବଽଡ୍ ହିଲା ଅଽଉତା ଅଽଦିକାର୍ ବିକୁ
ଜେ ଏସାଉ, ତାର୍ ହର୍ ଅଽଦର୍ଽମି ଅୟ୍‌ଦ୍, ଇ ବିସୟେ ଅଽଦିକ୍
ଜଽଗ୍ରାତ୍ ଅଽଉଆ । 17 ତୁମିମଽନ୍ ତ ଜାଣି ଆଚାସ୍, ହଽଚେ
ସେ ଆସିର୍ବାଦାର୍ ଅଽଦିକାରି ଅଽଉଁକେ ମଽନ୍ କଽଲାକ୍ ହେଁ
ମାନ୍‌ତି ନଽହାୟ୍‌ଲା, ଆରେକ୍ ନିଜାର୍ ଦଽସ୍ ମାନ୍‌ତା ଗିନେ
କାନ୍ଦିକଽରି ଜଽତୁନେ ଚେସ୍ଟା କଽଲାକ୍ ହେଁ ସେରି ଆରେକ୍
କଽରୁକେ ବାଟ୍ ନଽହାୟ୍‌ଲା । 18 କାୟ୍‌ତାକ୍‌ବଽଲେକ୍ ତୁମିମଽନ୍
ଚୁୟ୍‌ଲା ସିନୟ୍ ହଽର୍ବାତ୍ ଆର୍ ଲାଗ୍‌ତା ଜୟ୍ ଲଽଗେ ଆରେକ୍
ବୁଆଲ୍ ମେଗ୍, ଅଽନ୍ଦାର୍, ବଽତାସ୍, 19 ତୁରିର୍ ସଽବ୍‌ଦ୍ ଆର୍
ବାକ୍ୟର୍ ସଽବ୍‌ଦ୍ ଲଽଗେ ନାୟ୍‌ଲାସ୍; ସୁଣ୍‌ତା ଇସ୍ରାଏଲ୍ ଲକ୍
ସେ ସଽବ୍‌ଦ୍ ସୁଣି ଜଽନ୍‌କଽରି ସେମଽନ୍‌କେ ଆରେକ୍ କୁୟ୍
କଽତା କଽଉଆ ନଽଜାୟ୍ଁ, ଇରି ଗଽଉଆରି କଽରି ରିଲେ । 20
“ଜୁୟ୍‌ତାର୍ ଗିନେ କୁୟ୍ ଜଽତୁ ହେଁ ଜଦି ସେ ହଽର୍ବାତ୍ ଚୁୟ୍‌ଦ୍,
ତଽବେ ସେ ଟେଳାର୍ ମାଡେ ମାରା ଅୟ୍‌ଦ୍,” ଇ ଜୁୟ୍ ଆଦେସ୍
ଦିଆ ଜାୟ୍‌ରିଲି, ସେରି ସେମଽନ୍ ସଽମ୍ବାଲୁ ନଽହାୟ୍‌ଲାୟ୍ । 21
ଆର୍ ସେ ଦଽକ୍‌ତାର୍ ଇରଽକମ୍ ବୟ୍‌ଙ୍କାର୍ ରିଲି ଜେ, ମସା ହେଁ
କୟ୍‌ଲା, “ମୁୟ୍ଁ ବେସି ଡିର୍‌ଲେ ଆର୍ ତଽର୍‌ତଽରୁଲେ ।” 22
ମଽତର୍ ତୁମିମଽନ୍ ସିଅନ୍ ହଽର୍ବାତ୍ ଆର୍ ଜିବନ୍ ଇସ୍ୱରାର୍ ଗଽଲ୍,
ବଽଲେକ୍ ସଽର୍ଗାର୍ ଜିରୁସାଲମ୍, ଅଲେକାର୍ ଦୁତ୍ ବାହିନିର୍
ହଽର୍ବ୍, 23 ସଽର୍ଗେ ଲେକା ଅୟ୍‌ଲା ହଽର୍ତୁ ଜଽଲମ୍ ଅୟ୍‌ଲା
ଲକ୍‌ମଽନାର୍ ମଣ୍ଡଳି, ସଽବୁଲକାର୍ ବିଚାର୍ କଽର୍ତା ଇସ୍ୱର୍, ହୁର୍ନ୍
ଅୟ୍‌ଲା ଦଽର୍ମି ଲକ୍‌ମଽନାର୍ ଆତ୍ମାମଽନାର୍ ତୟ୍ ଆସି ଆଚାସ୍ ।
24 ନଽଉଆଁ ନିଅମାର୍ ମୁଳିକା ଜିସୁ, ଆରେକ୍ ଜୁୟ୍ ଚିଚ୍‌ତା ବଽନି
ହେବଲାର୍ ତଽୟ୍‌ହୁଣି ଅଽଦିକ୍ ନିକ କଽତା କୟ୍‌ଦ୍, ସେତାର୍
ଲଽଗେ ଆସିଆଚାସ୍ । 25 ଜଽଗ୍ରାତ୍, ଜେ କଽତା କଽଉଁଲା, ତାକେ
ମାନା; କାୟ୍‌ତାକ୍‌ବଽଲେକ୍ ଜେ ହୁର୍ତିଏ ଆଦେସ୍ ଦିଲାକ୍, ତାକେ
ନଽମାନ୍‌ଲାକ୍ ସେମଽନ୍ ଜଦି ବଚୁ ନାହାର୍ଲାୟ୍, ତଽବେ ଜେ ସଽର୍ଗେ
ହୁଣି ଆଦେସ୍ ଦେଉଁଲା, ତାର୍ ତଽୟ୍‌ହୁଣି ଦୁରିକ୍ ଅୟ୍‌ଲେକ୍
ଅଽମିମଽନ୍ ଜେ ବଚୁକେ ନଽହାରୁଆଁ, ଇରି ବାୟ୍‌ଦ୍‌ରେ ସଽତ୍
କଽତା । 26 ସଽଡେବଽଲ୍ ତାର୍ ଟଣ୍ଡ ହୁର୍ତିବିକ୍ ଲଽଦ୍‌ବଽଦାୟ୍‌ଲି,
ମଽତର୍ ଅଽବେ ସେ ସଽୟ୍‌ତ୍ କଽରି କୟ୍‌ଆଚେ, ଆରେକ୍
ଗଚ୍‌ତର୍ ମୁୟ୍ଁ ଜେ ଅଽବ୍‌କା ହୁର୍ତିବିକ୍ ଲଽଦ୍‌ବଽଦାୟ୍‌ନ୍ଦ, ସେରି
ନାୟ୍, ମଽତର୍ ଅଽଗାସ୍‌କେ ହେଁ ତଽର୍‌ତଽରାୟ୍‌ନ୍ଦ । 27 ଆରେକ୍
ଗଚ୍‌ତର୍ ବଽଲି କୟ୍‌ଲା ଗିନେ ଇରି ବୁଜା ହଽଲୁଲି ଜେ ଟଽଲ୍‌ମଽଲ୍
ନଽଉତା ବିସୟ୍‌ମଽନାର୍ ଗିନେ ଟଽଲ୍‌ମଽଲ୍ ଅଽଉତା ବିସୟ୍,
ବଽଲେକ୍ ଉବୁଜ୍‌ଲା ସଽବୁ ବିସୟ୍ ବାଦ୍‌ଲେଦ୍ । 28 ତଽବେ
ଆସା ଅଽମି ମାପ୍ରୁକେ ଦନ୍ୟବାଦ୍ ଦେଉଁଆ ବଽଲେକ୍ ଅଽମି
ଲଽଦ୍‌ବଽଦ୍ ନଽଉତାର୍ ରାଇଜ୍ ହାୟ୍‌ଆଚୁ, ସେତାର୍‌ଗିନେ ଅଽମି
ଦନ୍ୟବାଦ୍ ଦେଉଁଆ ଆର୍ ବକ୍ତି ଆର୍ ଡିର୍ ସଽଙ୍ଗ ଇସ୍ୱରାର୍
ସଽର୍ଦାର୍ ଲକ୍ ଅୟ୍ ତାର୍ ହୁଜା କଽରୁଆଁ । 29 କାୟ୍‌ତାକ୍‌ବଽଲେକ୍
ଅଽମିମଽନାର୍ ଇସ୍ୱର୍ ନାସ୍‌କାରି ଜୟ୍ ହର୍ ।

**13** କ୍ରିସ୍ଟ ବିସ୍ୱାସି ବାୟ୍‌ବେଣି ହର୍ ନିଜାର୍ ନିଜାର୍ ବିତ୍ରେ
ଲାଡ୍ କଽର୍ତି ରିଆ । 2 ଆୟ୍‌ଲା ଗତ୍‌କେ ସେବା
କଽର୍ତାର୍ ହାସ୍ରା ନାୟ୍, ସେତାର୍ ଗିନେ କୁୟ୍ କୁୟ୍ ଲକ୍‌ମଽନ୍
ଲୁକ୍‌ଣେ ଦୁତ୍‌ମଽନ୍‌କେ ଗଽରେ ସେବାକଽରି ଆଚ୍‌ତି । 3
ନିଜ୍‌କେ କୟ୍‌ଦିମଽନାର୍ ସଽଙ୍ଗଆଳି ହର୍ ବାବି, ଆରେକ୍ ନିଜେ
ଗଽଗାଲ୍ ଦଽରି ଆଚାସ୍ ବଽଲି ଜାଣି ଦୁକ୍ ବୟ୍‌ଽଗ୍ କଽର୍ତା
ଲକ୍‌ମଽନାର୍ ସଽଙ୍ଗ ସଽମାନ୍ ଦୁକ୍‌ବଗ୍‌କଽରି ସେମଽନ୍‌କେ
ଏତାଉଆ । 4 ବିବା ସଽବୁ ଲକାର୍ ବିତ୍ରେ ମାନ୍‌ତିର୍ ଅଽଉଅ ଆର୍
ମାୟ୍‌ଜିଅଽଣ୍ଡା ସଽଉତାର୍ ନିର୍ମୁଳ୍ ଅଽଉଅ, କାୟ୍‌ତାକ୍‌ବଽଲେକ୍
ଇସ୍ୱର୍ ଗଽଗାଳାର୍ ସୁକ୍ ଲଲ୍‌ତା ଲକାର୍ ଆର୍ ଦାରିମଽନାର୍
ବିଚାର୍ କଽରେଦ୍ । 5 ଚାଲାଚାଲ୍‌ତି ତଽୟ୍ ଦଽନ୍ ଲଽବି ଅଽଉଆ
ନାୟ୍, ତୁମିମଽନାର୍ ଜାୟ୍‌ରି ଆଚେ, ସେତି ସୁସ୍ତାୟ୍ ରିଆ,
ବଽଲେକ୍ ଇସ୍ୱର୍ ନିଜେ କୟ୍‌ଆଚେ, “ମୁୟ୍ଁ ତୁମିକେ କଽବେହେଁ
ନଽଚାଡି, ମୁୟ୍ଁ ତୁମିକେ କଽବେହେଁ ହାସ୍ରି ନଽଜାୟ୍ଁ ।” 6 ବଽଲେକ୍
ଅଽମିମଽନ୍ ସାସ୍‌ଅୟ୍ କଽଉ ହାରୁ, “ମାପ୍ରୁ ମର୍ ଉହ୍‌କାରି, ମୁୟ୍ଁ
ନଽଡିରି; ମାନାୟ୍ ମର୍ କାୟ୍ କଽରୁ ହାରେ?” 7 ଜୁୟ୍ ଲକ୍‌ମଽନ୍
ତୁମିମଽନ୍‌କେ ଇସ୍ୱରାର୍ କଽତା କୟ୍‌ରିଲାୟ୍, ତୁମିମଽନାର୍
ସେବାନ୍ୟା ମୁଳିକାମଽନ୍‌କେ ଏତାଉଆ; ସେମଽନାର୍ ଜିବନାର୍
ସଽରାସଽରି ଜାତାର୍ ମୁଏଁ ସଽଙ୍ଗାୟ୍ ସେମଽନାର୍ ବିସ୍ୱାସାର୍ ହଽଚେ
ଜାତା ଲକ୍ ଅଽଉଆ । 8 ଜିସୁ କ୍ରିସ୍ଟ କାଲି, ଆଜି ଆର୍ ସଽବୁବଽଲ୍
ସଽମାନ୍ । (aiōn g165) 9 ବିନ୍‌ବିନ୍ ଆର୍ ଉଲ୍‌ଟା ରଽକମାର୍
ସିକ୍ୟା ତଽୟ୍ ଗାବ୍‌ରା ଅଽଉଆ ନାୟ୍, କାୟ୍‌ତାକ୍‌ବଽଲେକ୍ କାତା
ଜିନିସ୍ ତଽୟ୍ ନାୟ୍; ମଽତର୍ ଇସ୍ୱରାର୍ ଦଽୟା ତଽୟ୍ ମଽନ୍
ତିର୍ ଅଽଉତାର୍ ନିକ; ଜୁୟ୍ ଲକ୍‌ମଽନ୍ କାଦିହିଦିର୍ ରିତିବିଦି
ହଽର୍ବ୍ ମାନ୍‌ତି, ସେମଽନାର୍ କାୟ୍ ଲାବ୍ ନୟେ । 10 ଜୁୟ୍ ହୁଜା
ବେଦିର୍ ଜିନିସ୍ ତୁମାର୍ ଜିଉଦି ଜାଜକ୍‌ମଽନ୍ କାଉଁକେ ଅଽଦିକାର୍
ନାୟ୍, ଅଽମିମଽନାର୍ ଇବାନ୍ୟା ଗଟେକ୍ ହୁଜାବେଦି ଆଚେ ।
11 କାୟ୍‌ତାକ୍‌ବଽଲେକ୍ ଜୁୟ୍ ସଽବୁର୍ ବଽନି ହାହାର୍ ମଲ୍ ହର୍
ହୁଜା ଦେଉଁକ୍ ମୁଲ୍‌ଜାଜକ୍ ବଽଡ୍ ପବିତ୍ର ଜଽଗାୟ୍ ଆଣେଦ୍ ସେ
ସଽବୁ ଜଽତୁର୍ ଗଽଗାଲ୍‌ମଽନ୍‌କେ ହାଳାମୁଣ୍ଡେ ହଡା ଅୟ୍‌ଦ୍ । 12
ସେବାନ୍ୟା ଜିସୁ ହେଁ ଅଽହ୍‌ଣାର୍ ବଽନିଏ ଜଽନ୍‌କଽରି ଲକ୍‌କେ
ପବିତ୍ର କଽରେଦ୍, ଇତାର୍ ଗିନେ ହାଡାମୁଣ୍ଡେ ମଽର୍ନ୍ ବୟ୍‌ଽଗ୍
କଽଲା । 13 ବଽଲେକ୍ ଆସା ଅଽମିମଽନ୍ ତାର୍ ହର୍ ଲିନ୍ଦା
ସଽମ୍ବାଳି କଽରି ଚାଉଁଣି କଽଲା ହଽଦାୟ୍ ତାର୍ ଲଽଗେ ଜୁଉଁଆ ।
14 କାୟ୍‌ତାକ୍‌ବଽଲେକ୍ ଇରି ଅଽମିମଽନାର୍ ସଽବୁ ଦିନାର୍ ଗଽଲ୍

ନାୟ୍, ମଃତର୍ ଅଃମିମଃନ୍ ଆସ୍ତା ଦିନାର୍ ଗଃଲ୍‌କେ ଲଲୁଲୁ । 15
ତଃବେ ଆସା, ଅଃମିମଃନ୍ ଇସ୍ୱରାର୍ ଗିନେ ଗୁଣ୍‌ଗିତ୍ ହର୍ ହୁଜା,
ବଃଲେକ୍ ତାର୍ ନାଉଁ ଦଃର୍ତା ଅଟିର୍ ହଃଲ୍ ସଃବୁବଃଲ୍ ଟେକି
ଦେଉଁଆ । 16 ଲକାର୍ ଉହ୍‌କାର୍ ଆର୍ ଦାନ୍ କଃରୁକେ ହାସ୍ରା ନାୟ୍,
କାୟ୍‌ତାକ୍‌ବଃଲେକ୍ ଇବାନ୍ୟା ହୁଜାୟ୍ ଇସ୍ୱର୍ ବେସି ସଃର୍ଦା ଅୟ୍‌ଦ୍
। 17 ତୁମିମଃନାର୍ ନେତାମଃନାର୍ କଃତା ମାନି ସେମଃନାର୍
ତଃଳେ ରିଆ, କାୟ୍‌ତାକ୍‌ବଃଲେକ୍ ଜୁୟ୍ ଲକ୍‌ମଃନ୍‌କେ ଇସାବ୍
ଦେଉଁକ୍ ଅୟ୍‌ଦ୍, ସେମଃନ୍ ତୁମିମଃନାର୍ ଆତ୍ମାର୍ ବିସୟେ
ଜାଗ୍‌ତା କାମ୍ କଃର୍ତି, ଜଃନ୍‌କଃରି ସେମଃନ୍ ସେରି ମଃନ୍ଙ୍କ୍ ଅୟ୍
ନଃକେରି ମଃନ୍ ସଃର୍ଦାୟ୍ କଃରୁ ହାର୍ତି; ମଃନ୍ଙ୍କ୍ ଅୟ୍ କଃଲେକ୍
ତୁମିମଃନାର୍ ଲାବ୍ ନୟେ । 18 ଅଃମିମଃନାର୍ ଗିନେ ପାର୍ତ୍‌ନା
କଃରା, କାୟ୍‌ତାକ୍‌ବଃଲେକ୍ ଅଃମିମଃନାର୍ ବିସ୍ୱାସ୍ ଆଚେ ଜେ,
ଅଃମିମଃନାର୍ ନିକ ଚାଲାଚାଲ୍‌ତି ଆଚେ, ବଃଲେକ୍ ସବୁବଃଲ୍
ନିକକାମ୍ କଃରୁକେ ଅଃମିମଃନାର୍ ଗଟେକ୍ ଇଚା । 19 ଆର୍ ମୁୟ୍ଁ
ଜଃନ୍‌କଃରି ବେଗି ତୁମିମଃନାର୍ ଚଃମେ ଆସୁ ହାରି, ଇତାର୍ ଗିନେ
ପାର୍ତ୍‌ନା କଃରୁକେ ତୁମିମଃନ୍‌କେ ମୁଲ୍‌କଃରି ଗଃଉଆରି କଃରୁଲେ
। 20 ଜୁୟ୍ ସୁସ୍ତା ଦେତା ଇସ୍ୱର୍ ସଃବୁଦିନ୍ ରେତା ନିଅମାର୍
ବଃନିର୍ ଗିନେ ମୁଲ୍ ମେଣ୍ଢା ଗଃଉଳିଆ, ବଃଲେକ୍ ଅଃମିମଃନାର୍
ମାପ୍ରୁ ଜିସୁକେ ମଃଲା ଲକ୍‌ମଃନାର୍ ବିତ୍ରେ ଲେଉଟାୟ୍ ଆଣ୍‌ଲା ।
(aiōnios g166) 21 ସୁସ୍ତାକାରି ଇସ୍ୱର୍ ତାର୍ ଆକାୟ୍ ଜାୟ୍‌ରି ସଃର୍ଦା
ଲାଗେଦ୍, ସେରି ସେ ଅଃମିମଃନାର୍ ମଃନ୍‌ବିତ୍ରେ ଜିସୁ କ୍ରିସ୍ଟର୍
ଗିନେ ହୁରା କଃରି ତାର୍ ଇଚା ହୁରୁଣ୍ କଃରୁକେ ତୁମିମଃନ୍‌କେ
ସଃବୁ ସଃତ୍ କାମେ ସିଦ୍ କଃର । ଜୁଗେଜୁଗେ ଜଃଜ୍‌ମାନ୍ ତାର୍
ଅଃଉଅ । ଆରେକ୍ । (aiōn g165) 22 ଏ ବାୟ୍‌ବେଣିମଃନ୍ ମୁୟ୍ଁ
ତୁମିମଃନ୍‌କେ ଗଃଉଆରି କଃରୁଲେ, ଇ ଉପ୍‌ଦେସ୍‌କେ ମଃନ୍
ଦିଆସ୍ । ମୁୟ୍ଁ ହଃଦେକ୍ ତୁମିମଃନ୍‌କେ ସଃର୍ଦାକଃରୁକେ ଲେକି
ଆଚି । 23 ଅଃମିମଃନାର୍ ବାୟ୍ ତିମତି ମୁକ୍‌ଲି ଆଚେ ବଃଲି
ଜାଣା; ଜଦି ସେ ବେଗି ଆସେଦ୍, ତଃବେ ତାର୍ ସଃଙ୍ଗ୍ ମିସି ମୁୟ୍ଁ
ତୁମିମଃନାର୍ ସଃଙ୍ଗ୍ ବେଟ୍ ଅୟ୍‌ନ୍ଁ । 24 ତୁମିମଃନାର୍ ସଃବୁ
ନେତା ଆର୍ ବିସ୍ୱାସିମଃନ୍‌କେ ଅଃମାର୍ ଜୁଆର୍ ଜାଣାଉଆ । ଜୁୟ୍
ଲକ୍‌ମଃନ୍ ଇତାଲିଆ ହୁଣି ଆସି ଆଚ୍‌ତି, ସେମଃନ୍ ତୁମିମଃନ୍‌କେ
ଜୁଆର୍ ଜାଣାଉଁଲାୟ୍ । 25 ତୁମି ସଃବୁ ଲକାର୍ ଉହ୍ରେ ଇସ୍ୱରାର୍
ଦଃୟା ଅଃଉଅ ।

# ଜାକୁବ

**1** ମୁୟ଼ଁ ଜାକୁବ ଇସ୍ୱର୍ ଆର୍ ମାପ୍ରୁ ଜିସୁ କ୍ରିସ୍ଟର୍ ଗତିଦଃଙ୍ଗ୍ଲା ହୁର୍ତି
ସଃରା ଜଃତ୍କଃତ୍ ଅୟ଼୍ରିଲା ଇସ୍ୱରାର୍ ବାରଗଟ୍ ବଃଉଁସାର୍
ଲକ୍ମଃନ୍କେ ଜୁଆର୍ ଜାଣାୟ଼୍କଃରି ଇ ଚିଟି ଲେକୁଲେ । 2
ଏ ମର୍ ବାୟ଼୍ବେଣିମଃନ୍, ତୁମିମଃନ୍ ଜଃଡେବଃଲ୍ ବିନ୍ବିନ୍
ରଃକମାର୍ ପରିକ୍ୟାୟ଼୍ ହଃଲାସ୍, ସଃଡେବଃଲ୍ ସେରି ବଃଡେ
ବାୟ଼୍ଗାର୍ କଃତା ବଃଲି ମଃନେ ବାବା । 3 କାୟ଼୍ତାକ୍ବଃଲେକ୍
ଇରଃକମ୍ ଦୁକ୍ କଃସ୍ଟ ହାୟ଼୍ଲା ବଃଲ୍ ବିସ୍ୱାସେ ତିର୍ ଅୟ଼୍ ରିଲେକ୍
ସଃମ୍ବାଲ୍ତାର୍ ସଃକ୍ତି ବାଡେଦ୍, ଇରି ତ ଜାଣି ଆଚାସ୍ । 4 ଆର୍
ତୁମିମଃନ୍ ଜଃନ୍କଃରି କୁୟ଼୍ କଃତାୟ଼୍ ହେଁ ଉଣା ନୟ଼୍ ଆର୍
ହୁର୍ନ୍ ଅଃଉଆସ୍, ଇତାର୍ ଗିନେ ତୁମିମଃନ୍ ସେସ୍ ହଃତେକ୍
ସଃମ୍ବାଳି ରିଆ । 5 ମଃତର୍ ତୁମିମଃନାର୍ ବିତ୍ରେ ଜଦି କାର୍ ଗ୍ୟାନ୍
ଉଣା ରଃୟ଼୍ଦ୍, ତଃବେ ଜୁୟ଼୍ ଇସ୍ୱର୍ ଦଃସ୍ ନଃଦେରି ମେଲା
ଆତେ ସଃବ୍କେ ଦାନ୍ କଃରେଦ୍, ତାର୍ ଚଃମେ ସେ ପାର୍ତ୍ନା
କଃର, ତଃବେ ତାକ୍ ଦିଆ ଅୟ଼୍ଦ୍ । 6 ମଃତର୍ ସେ ପାର୍ତ୍ନା
କଃର୍ତା ବଃଲ୍ କାୟ଼୍ରି ହେଁ ଅଃହ୍ରାତ୍ ନଃକେରି ବିସ୍ୱାସ୍ ସଃଙ୍ଗ
ପାର୍ତ୍ନା କଃର, କାୟ଼୍ତାକ୍ବଃଲେକ୍ ଜେ ଅଃହ୍ରାତ୍ କଃରେଦ୍,
ସେ ବାଉଏ ଏଣେ ତେଣେ ଅଃଉତା ସଃମ୍ନ୍ଦାର୍ ଉଲାଲ୍ ହର୍ ।
7 ସେରଃକମ୍ ଲକ୍ ମାପ୍ରୁର୍ ତଃୟ଼୍ହୁଣି କାୟ଼୍ରି ହାୟ଼୍ନ୍ଦ ବଃଲି
ମଃନେ କଃର ନାୟ଼୍ । 8 ସେ ତ ଦୁୟ଼୍ମଃନ୍ୟା ଲକ୍, ଅଃହ୍ଣାର୍
ସଃବୁ ରଃକମାର୍ ବିସୟେ ତିର୍ ଅୟ଼୍ ନଃରେୟ଼୍ । 9 ଅଃର୍କିତ୍
କ୍ରିସ୍ଟବିସ୍ୱାସି ବାୟ଼୍ବେଣିକେ ଇସ୍ୱର୍ ଉଟାୟ଼୍ଲେକ୍ ଗଃର୍ବ୍ କଃର,
10 କ୍ରିସ୍ଟିଆନ୍ ମାଜନ୍ ଜଃଡେବଃଲ୍ ତଃଳେ ହଃଳେଦ୍ ସଃଡେବଃଲ୍
ସେ ଗଃର୍ବ୍ କଃର । କାୟ଼୍ତାକ୍ବଃଲେକ୍ ରଃନାର୍ ହୁଲ୍ ହର୍
ସେ ଜଃଳି ଜାୟ଼୍ଦ୍ । 11 ବେଲ୍ ଉଦି ଜଃବର୍ କଃରା କଃଲେକ୍
ରଃନ୍ ଜଃନ୍କଃରି ସୁକି ଜାୟ଼୍ଦ୍ ଆର୍ ତାର୍ ହୁଲ୍ ଜଃଳି ଜାୟ଼୍ଦ୍,
ଆରେକ୍ ତାର୍ ସୁନ୍ଦର୍ ରୁହ୍ ନଃସ୍ଟ ଅୟ଼୍ଦ୍; ସେବାନ୍ୟା ଦଃନି ଲକ୍
ହେଁ ଅଃହ୍ଣାର୍ ସଃବୁ ବାଟ୍ କମ୍ଜି ଜାୟ଼୍ଦ୍ । 12 ଜୁୟ଼୍ ଲକ୍
ପରିକ୍ୟା ସଃମ୍ବାଳେଦ୍, ତାର୍ ବାୟ଼୍ଗ୍, କାୟ଼୍ତାକ୍ବଃଲେକ୍ ମାପ୍ରୁ
ଅଃହ୍ଣାର୍ ଲକ୍ମଃନ୍କେ ଜୁୟ଼୍ ଜିବନ୍ ମୁକୁଟ୍ ଦେଉଁକେ ସଃୟ଼୍ତ୍
କଃରିଆଚେ, ଜେ ଇସ୍ୱରାର୍ ଲାଡାର୍ ପରିକ୍ୟା ସିଦ୍ ଅୟ଼୍ଲା
ହଃଚେ ସେ ଲକ୍ ଜିବନ୍ ମୁକୁଟ୍ ହାୟ଼୍ଦ୍ । 13 କେ ପରିକ୍ୟାୟ଼୍
ହଃଲ୍ଲେକ୍, "ମର୍ ଇ ପରିକ୍ୟା ଇସ୍ୱର୍ ତଃୟ଼୍ହୁଣି ଅଃଉଁଲି,"
ବଃଲି କଃଉଅ ନାୟ଼୍, କାୟ଼୍ତାକ୍ବଃଲେକ୍ ଇସ୍ୱର୍ କଃରାବ୍ ତଃୟ଼୍
ପରିକ୍ୟା କଃରାୟ଼୍ ଅଃଉଁ ନାହାରେ, ଆର୍ ସେ ନିଜେ କାକେ
ପରିକ୍ୟା ନଃକେରେ । 14 ମଃତର୍ ମାନାୟ଼୍ ଅଃହ୍ଣାର୍ କଃରାବ୍
ଇଚା ତଃଳେ ହଃଳି ଆର୍ ଆସା ଅୟ଼୍ ପରିକ୍ୟାୟ଼୍ ହଃଲ୍ତି ।
15 ତାର୍ହଃଚେ ସେ କଃରାବ୍ ଇଚା ଆଙ୍ଗେ ଅୟ଼୍କଃରି ହାହ୍କେ
ଜଃଲମ୍ କଃରେଦ୍, ଆରେକ୍ ହାହ୍ ବାଡିକଃରି ହୁର୍ନ୍ ଅୟ଼୍ ମଃର୍ନ୍
ଗଃଟାୟ଼୍ଦ୍ । 16 ଏ ମର୍ ଲାଡାର୍ ବାୟ଼୍ବେଣିମଃନ୍, ଉଲୁ ଅଃଉଆ
ନାୟ଼୍ । 17 ସଃବୁ ନିକ ଦାନ୍ ଆର୍ ସଃବୁ ନିକ ବର୍ ସଃର୍ଗାର୍
ଉବାର୍ ତଃୟ଼୍ହୁଣି ଆସେଦ୍, ସେ ଅଃଗାସାର୍ ସଃବୁ ଉଜାଲ୍ମଃନ୍
ବେଲ୍, ଜଃନ୍, ତାରାମଃନ୍କେ ହାଜିଆଚେ ସେ ସଃବୁବଃଲ୍
ସଃମାନ୍ ରଃୟ଼୍ଦ୍ । 18 ସଃବୁ ଜଃଗତ୍ ବିତ୍ରେ ଅଃମି ଜଃନ୍କଃରି
ହଃର୍ତୁ ଟାଣ୍ ହାଉଁନ୍ଦ ଇତାର୍ ଗିନେ ସେ ନିଜାର୍ ଇଚାୟ଼୍ ସଃତ୍
ବଚନେ ଅଃମିମଃନ୍କ୍ ତିଆର୍ କଃଲା । 19 ଏ ମର୍ ଲାଡାର୍
ବାୟ଼୍ବେଣିମଃନ୍, ତୁମିମଃନ୍ ଇରି ଜାଣି ଆଚାସ୍ । ହଃତି ଲକ୍
ସୁଣୁକେ ଚଃଚଲ୍ ଅଃଉଆ, କଃତା କଃଉଁକେ ଦିର୍ ଆର୍ ରିସା
ଅଃଉଁକେ ଦିର୍ ଅଃଉଆ । 20 କାୟ଼୍ତାକ୍ବଃଲେକ୍ ମାନାୟ଼୍ର୍
ରିସା ଇସ୍ୱର୍ ମଃନ୍ କଃର୍ତା ଦଃର୍ମ୍ କାମ୍ ହୁରୁଣ୍ ନଃକେରେ । 21
ତଃବେ ତୁମିମଃନ୍ ସଃବୁ ରଃକମାର୍ କଃରାବ୍ ଅବ୍ୟାସ୍ ଆର୍
ଦୁସ୍ଟ କାମ୍ ଚାଡି, ଇସ୍ୱରାର୍ ତଃୟ଼୍ ନିଜ୍କେ ସଃହ୍ରି ଦିଆସ୍ ଆର୍
ତୁମାର୍ ମଃନ୍ବିତ୍ରେ ସେ ଜୁୟ଼୍ ବାକ୍ୟ ବୁଣି ଆଚେ ଆର୍ ଜୁୟ଼୍ରି
ତୁମିମଃନାର୍ ଆତ୍ମାକ୍ ମୁକ୍ଲାଉଁକ୍ ହାରେଦ୍ ସେରି ଦଃରିରିଆ । 22
ମଃତର୍ ଅଃବ୍କା ସୁଣିକଃରି ଅଃହ୍ଣା ଅଃହ୍ଣାକ୍ ନଃଜେଟି ମାପ୍ରୁର୍
ବାକ୍ୟ ହଃର୍କାରେ କାମ୍ କଃରା । 23 କାୟ଼୍ତାକ୍ବଃଲେକ୍ ଜଦି
କେ ମାପ୍ରୁର୍ କଃତା ହଃର୍କାରେ କାମ୍ ନଃକେରି ଅଃବ୍କା ସୁଣି ସୁଣି
ରଃୟ଼୍ଦ୍, ତଃବେ ସେ ଦଃର୍ହାଣେ ଅଃହ୍ଣାର୍ ମୁଉଁକେ ଦଃକ୍ତା
ମାନାୟ଼୍ ହର୍ । 24 ତଃବେ ସେ ଅଃହ୍ଣାକ୍ ଦଃକ୍ଲା ହଃଚେ
ବାରାୟ଼୍ ଜାୟ଼୍ ସେ କଃନ୍କା ଲକ୍, ସେରି ସେଦାହ୍ରେ ହାସ୍ରି ଜାୟ଼୍ଦ୍
। 25 ମଃତର୍ ନଃର୍ମଃନାର୍ ମୁକ୍ତି ହାୟ଼ୁଁ ଗଟେକ୍ ହୁର୍ନ୍ ବିଦି ଆଚେ
। ଜୁୟ଼୍ଲକ୍ ସେରି ସୁଣିକଃରି ହାସ୍ରି ନଃଜାୟ଼୍ ଆର୍ ସେ ବିଦିକେ
ମଃନ୍ହଃରାଣ୍ ଦଃୟ଼୍ ନିଜାର୍ ଜିବନେ ମାନେଦ୍, ତାର୍ ସଃବୁ
କାମ୍କେ ଇସ୍ୱର୍ ଆସିର୍ବାଦ୍ କଃରେଦ୍ । 26 ଜଦି କେ ଅଃହ୍ଣାକ୍
ଦଃର୍ମିଲକ୍ ବଃଲି ମଃନେ ବାବେଦ୍, ଆର୍ ନିଜାର୍ ଜିବ୍କେ ଆୟ଼୍ତ୍
ନଃକେରେ ସେ ନିଜ୍କେ ଟକୁଲା ତାର୍ ଦଃର୍ମ୍ କାମ୍ ସଃବୁ ହଲ୍ୟା ।
27 ଟୁରାହିଲା ଆର୍ ରାଣ୍ଡିମଃନ୍କେ ସେମଃନାର୍ ଦୁକାର୍ ବେଳାୟ଼୍
ଜଃତୁନ୍ ନେତାର୍ ଆରେକ୍ ଜଃଗତେ ହୁଣି ଅଃହ୍ଣାକ୍ ନିର୍ଦସି
କଃରି ରଃକ୍ୟା କଃର୍ତାର୍, ଇରି ଅଃମାର୍ ଇସ୍ୱର୍ ଆର୍ ଉବାର୍
ଚଃମେ ନିକ ଆର୍ ନିର୍ମୁଲ୍ ଦଃର୍ମ୍କାମ୍ ।

**2** ଏ ମର୍ ବାୟ଼୍ବେଣିମଃନ୍, ଅଃମିମଃନ୍ ଜଃଜ୍ମାନାର୍ ମାପ୍ରୁ
ଜିସୁ କ୍ରିସ୍ଟ ତଃୟ଼୍ ବିସ୍ୱାସ୍ କଃରି ରିଲାକେ ମାନାୟ଼୍ମଃନାର୍
ମୁକ୍ମେଟ୍ ବିଚାର୍ କଃରାନାୟ଼୍ । 2 କାୟ଼୍ତାକ୍ବଃଲେକ୍ ଜଦି
ସନାର୍ ହାଜେର୍ ଆର୍ ବୁଡେକ୍ ମଲାର୍ ବଃସ୍ତ୍ରର୍ ହିନ୍ଦିକଃରି
କୁୟ଼୍ ଲକ୍ ତୁମାର୍ କୁଟୁମେ ଆସେଦ୍, ଆରେକ୍ ଗଟେକ୍ ଅଃର୍କିତ୍
ଲକ୍ ମେଳି ବଃସ୍ତ୍ରର୍ ହିନ୍ଦିକଃରି ଆସେଦ୍, 3 ଆର୍, ତୁମିମଃନ୍
ବୁଡେକ୍ ମଲାର୍ ବଃସ୍ତ୍ରର୍ ହିନ୍ଦିରିଲା ଲକ୍କେ ମାନ୍ତି କଃରି
କଃଉଆସ୍, "ଆଉ ଇତି ନିକ ଟାଣେ ବଃସ୍ ।" ଆର୍ ଅଃର୍କିତ୍
ଲକ୍କେ କଃଉଆସ୍, "ସେତି ଟିଆ ଅଃଉ ।" ନୟ଼୍ଲେକ୍ "ତଃଳେ
ବଃସ୍ ।" 4 ତଃନ୍ଅୟ଼୍ଲେକ୍ ତୁମିମଃନ୍ ଅଃହ୍ଣା ଅଃହ୍ଣାର୍
ବିତ୍ରେ ସାନ୍ ବଃଡ୍ ବାବି ଉଲ୍ଟା କାମ୍ ଆର୍ କଃରାବ୍ ବାବେ

ବିଚାର୍ କଃରୁଲାସ୍ । 5 ଏ ମର୍ ଲାଡାର୍ ବାୟ୍‌ବେଣିମଃନ୍,
ସୁଣା, ଇସ୍ୱର୍ କାୟ୍ ଇ ଜଃଗତାର୍ ଅଃର୍କିତ୍‌ମଃନ୍‌କେ ବିସ୍ୱାସାର୍
ଦଃନେ ମାଜନ୍ ଅଃଉଁକେ ବାଚି ନଃକେରେ କି? ଆରେକ୍
ଅଃହ୍‌ଣାର୍ ଲାଡ୍‌କାରିମଃନ୍‌କେ ଜୁୟ୍ ରାଇଜ୍ ଦଃୟ୍‌ଦ୍ ତାର୍
ଅଃଦିକାରି ଅଃଉଁକେ ଜଃବାଉ ନଃଦେୟ୍ କି? 6 ମଃତର୍
ତୁମିମଃନ୍ ଅଃର୍କିତ୍‌ମଃନ୍‌କେ ମାନ୍‌ତି ନଃକେରୁଲାସ୍ । ମାଜନ୍‌ମଃନ୍
ତୁମିମଃନ୍‌କେ ଆର୍ଲା ନଃକେରୁଲାୟ୍ ଆର୍ ତୁମିମଃନ୍‌କେ ବିଚାର୍
କଃର୍ତା ଟାଣେ ଜିକି ନଃନେଉଁଲାୟ୍ କି? 7 ଜୁୟ୍ ଜିସୁକ୍ରିସ୍ଟର୍ ନାଉଁଏ
ତୁମିମଃନ୍ ଡାକ୍ ହୁଟି ଆଚାସ୍, ସେମଃନ୍ କାୟ୍ ସେ ନାଉଁକେ ଲିନ୍ଦା
ନଃକେରୁଲାୟ୍? 8 “ତୁମିମଃନ୍ ଅଃହ୍‌ଣାର୍ ହାକିହଃଲ୍‌ସାକେ
ଅଃହ୍‌ଣାର୍ ହର୍ ଲାଡ୍ କଃରା,” ଦଃର୍ମ୍ ସାସ୍ତରାର୍ ଇ ଇସ୍ୱର୍
ରାଇଜାର୍ ବିଦିକ୍ ଜଦି ସଃତ୍‌କଃରି ମାନୁଲାସ୍, ତଃବେ ବଃଲ୍
କଃରୁଲାସ୍ । 9 ମଃତର୍ ଜଦି ମାନାୟ୍‌ର୍ ମୁକ୍‌ମେଟ୍ ଦଃକି ବିଚାର୍
କଃରାସ୍, ତଃବେ ହାହ୍ କଃରୁଲାସ୍, ଆରେକ୍, ମସାର୍ ବିଦି
ହଃର୍କାରେ ଦସି ବଃଲି ଜାଣା ହଃଲୁଲାସ୍ । 10 କାୟ୍‌ତାକ୍‌ବଃଲେକ୍
ଜୁୟ୍‌ଲକ୍ ସଃବୁ ବିଦି ମାନେଦ୍, ମଃତର୍ ଗଟେକ୍ ବିଦି ତଃୟ୍ଁ
ଜଟ୍ୟାୟ୍ ଅୟ୍‌ଦ୍ ତଃବେ ସେ ସଃବୁ ବିଦି ନଃମାନ୍‌ତା ଦସେ
ଡଃଣ୍ଡ ହାୟ୍‌ଦ୍ । 11 ବଃଲେକ୍ ଜୁୟ୍ ଇସ୍ୱର୍ ଦାରିକାମ୍ କଃରା
ନାୟ୍ ବଃଲି କୟ୍‌ରିଲା, ସେ ହେଁ ନଃର୍ ଅଃତ୍ୟା କଃରାନାୟ୍
ବଃଲି କୟ୍‌ରିଲା, ତଃବେ ତୁମି ଜଦି ଦାରିକାମ୍ ନଃକେରି ନଃର୍
ଅଃତ୍ୟା, କଃରାସ୍ ତଃବେ ତୁମି ବିଦି ନଃମାନ୍‌ତା ଲକ୍ ଅୟ୍
ଆଚାସ୍ । 12 ଜୁୟ୍ ମୁକ୍ତି ସାଦୁନ୍ କାରି ମସାର୍ ବିଦି ଦଃୟ୍ ଜେ
ତୁମିମଃନ୍ ବିଚାର୍ କଃରାୟ୍ ଅଃଉଆସ୍, ଇରି ଜାଣି ସେବାନ୍ୟା
କଃତା କଃଉଆ ଆର୍ କାମ୍ କଃରା । 13 କାୟ୍‌ତାକ୍‌ବଃଲେକ୍
ଜୁୟ୍‌ମଃନ୍ ବିନ୍ ଲକେ ଦଃୟ୍ୱା ନଃକେର୍‌ତି, ଇସ୍ୱର୍ ସେମଃନ୍‌କେ
ଦଃୟ୍ୱା ନଃକେରେ ମଃତର୍ ଜୁୟ୍‌ମଃନ୍ ବିନ୍‌ଲକେ ଦଃୟ୍ୱା ଦଃକାୟ୍
ଆଚ୍‌ତି ବିଚାର୍ ବଃଲ୍ ଇସ୍ୱର୍ ସେମଃନ୍‌କେ ଦଃୟ୍ୱା କଃରେଦ୍
। 14 ଏ ମର୍ ବାୟ୍‌ବେଣିମଃନ୍, ଜଦି କେ ମର୍ ବିସ୍ୱାସ୍ ଆଚେ
ବଃଲି କୟ୍‌ଦ୍, ମଃତର୍ ତାର୍ କାମ୍ ନଃରେୟ୍, ତଃବେ ତାର୍
କଃତାର୍ କାୟ୍ ଲାବ୍? ଇବାନ୍ୟା ବିସ୍ୱାସ୍ କାୟ୍ ତାକ୍ ମୁକ୍ତି କଃରୁ
ହାରେ? 15 ଜଦି ଗଟେକ୍ ବାୟ୍ କି ବେଣିର୍ ବଃସ୍ତର୍ କି ହଃତି
ଦିନାର୍ ହଃଲିବାତ୍ୟା ନଃରେୟ୍, 16 ଆର୍ ତୁମିମଃନାର୍ ବିତ୍ରେ
କେ ତାର୍ ଗଃଗାଳାର୍ ଗିନେ ଲଳାରିଲା କାୟ୍‌ରି ହେଁ ନଃଦେୟ୍
କୟ୍‌ଦ୍, “ଇସ୍ୱର୍ ତକେ ଆସିର୍ବାଦ୍ କଃର, ସୁସ୍ତା ଆର୍ ମଃନ୍‌ହୁର୍ତି
ଅୟ୍ ସଃର୍ଦାୟ୍ ଜାଆ!” ତଃବେ ସେତିର୍ କାୟ୍ ଲାବ୍? 17 ବିସ୍ୱାସ୍
ହେଁ ସେରଃକମ୍, କାମ୍ ନୟ୍‌ଲା ବିସ୍ୱାସ୍ ନିଜେ ମଃଲାର୍ । 18
ମଃତର୍ କେଅଲେ କୟ୍‌ଦ୍, “ଗଟ୍‌ଲକାର୍ ବିସ୍ୱାସ୍ ଆଚେ, ଆରେକ୍
ଗଟ୍‌ଲକାର୍ କାମ୍ ଆଚେ” ମଃତର୍ ମୁୟ୍ଁ କୟ୍‌ଦ୍, “କାମ୍ ନଃକେରି
ତର୍ ବିସ୍ୱାସ୍ ମକ୍ ଦଃକାଉ, ଆର୍ ମୁଁୟ୍ କାମ୍ କଃରି ତୁମିକେ
ମର୍ ବିସ୍ୱାସ୍ ଦଃକାୟ୍‌ନ୍ଦ ।” 19 ଇସ୍ୱର୍ ଜେ ଗଟେକ୍, ଇରି ତୁମି
ବିସ୍ୱାସ୍ କଃରୁଲାସ୍, ବଃଲ୍ କଃତା । ବୁତ୍‌ମଃନ୍ ହେଁ ବିସ୍ୱାସ୍ କଃରି
ଡିରିକଃରି ତଃର୍‌ହଃର୍ ଅଃଉଁଲାୟ୍ । 20 ମଃତର୍ ଏ ନିର୍ବୁଦିଆ
ମାନାୟ୍, କାମ୍ ନୟ୍‌ଲା ବିସ୍ୱାସ୍ ଜେ ହଲ୍ୟା, ଇରି କାୟ୍ ଜାଣୁକ୍
ମଃନ୍ ନଃକେରୁଲିସ୍? 21 ଅଃମିମଃନାର୍ ଉବା ଅବ୍ରାହାମ୍ ବେଦି
ଉହ୍ରେ ଅଃହ୍‌ଣାର୍ ହୟ୍‌ସି ଇସାକ୍‌କେ ହୁଜା କଃର୍ତା ବଃଲ୍ କାୟ୍
କାମ୍ ତଃୟ୍ ଇସ୍ୱରାର୍ ତଃୟ୍ ଦଃର୍ମି ଗଃଣ୍‌ତି ଅୟ୍‌ନଃରିଲା? 22
ତୁମି ଦଃକୁଲାସ୍ ଜେ, ବିସ୍ୱାସ୍ ତାର୍ କାମାର୍ ସଃଙ୍ଗେ ରିଲି, ଆର୍
କାମାର୍ ଗିନେ ବିସ୍ୱାସ୍ ହୁର୍ନ୍ ଅୟ୍‌ଲି । 23 ସେତାକ୍ ସାସ୍ତରାର୍
ଇ କଃତା ହୁରୁଣ୍ ଅୟ୍‌ଲି, “ଅବ୍ରାହାମ୍ ଇସ୍ୱର୍ ତଃୟ୍ ବିସ୍ୱାସ୍
କଃଲା, ଆର୍ ତାର୍ ବିସ୍ୱାସ୍ ଗିନେ ଇସ୍ୱର୍ ତଃୟ୍ ସେରି ଦଃର୍ମି
ବଃଲି ଗଃଣିତା ଅୟ୍‌ଲା;” ଆରେକ୍ ସେ ଇସ୍ୱରାର୍ ମିତ୍ର ବଃଲି
ଡାକେହୁଟ୍‌ଲା । 24 ଅଃବ୍‌କା ବିସ୍ୱାସ୍ କଃଲେକ୍ ମାନାୟ୍ ଦଃର୍ମି
ବଃଲି ଗଃଣିତା ନଃହୟ୍, ମଃତର୍ କାମ୍ ତଃୟ୍ ଜେ ଦଃର୍ମି ବଃଲି
ଗଃଣିତା ଅୟ୍‌ଦ୍, ଇରି ତୁମିମଃନ୍ ଦଃକୁଲାସ୍ । 25 ସେରଃକମ୍
ରାହବ୍ ବେସୁଆଣି ହେଁ ଇସ୍ରାଏଲ୍ ଦେସାର୍ ସର୍‌କାରିଆମଃନ୍‌କେ
ଗଃରେ ଜଃଗା ଦଃୟ୍ ଆର୍ ବିନ୍ ବାଟ୍ ଦଃୟ୍ ସେମଃନ୍‌କେ
ହଃଟାୟ୍‌ଲାକେ କାୟ୍ କାମ୍ ତଃୟ୍ ଦଃର୍ମି ବଃଲି ଗଃଣିତା ନୟ୍‌ଲି?
26 କାୟ୍‌ତାକ୍‌ବଃଲେକ୍ ଆତ୍ମା ନୟ୍‌ଲେକ୍ ଗଃଗାଲ୍ ଜେ ମଃଲାର୍,
ସେରଃକମ୍ କାମ୍ ନୟ୍‌ଲା ବିସ୍ୱାସ୍ ହେଁ ମଃଲାର୍ ।

3 ଏ ମର୍ ବାୟ୍‌ବେଣିମଃନ୍, ତୁମିମଃନାର୍ ବିତ୍ରେ ଗାଦେକ୍ ଗୁରୁ
ଅଃଉଆ ନାୟ୍; ବଃଲେକ୍ ତୁମିମଃନ୍ ଜାଣିଆଚାସ୍ ଜେ,
ଅଃମାର୍ ହର୍ ଗୁରୁମଃନ୍ ବିନ୍ ଲକାର୍ ତଃୟ୍ ହୁଣି ଅଃଦିକ୍
ଜଃବର୍ ଡଃଣ୍ଡ ହାଉତି । 2 ଜଃନ୍‌କାର୍ ଅଃମିମଃନ୍ ସଃବୁଲକ୍
ଗାଦେକ୍ କଃତାୟ୍ ଜଟ୍ୟାୟ୍ ଅଃଉଁନ୍ଦ । ଜଦି କେ ତାର୍ କଃତାୟ୍
ବୁଲ୍ ନଃକେରେ, ତଃବେ ସେ ବଃଡେ ସିଦ୍ ମାନାୟ୍ ଆର୍ ସଃବୁ
ଗଃଗାଲ୍‌କେ ହେଁ ସେ ଆୟ୍‌ତ୍ କଃରୁକେ ହାରେ । 3 ଅଃମିମଃନ୍
ଗଳାମଃନ୍‌କେ ଆୟ୍‌ତ୍ କଃରୁକେ ସେମଃନାର୍ ଟଣ୍ଡେ ବାକୁର୍
ବାନ୍ଦଲୁ, ତଃବାର୍‌ଗିନେ ସେମଃନାର୍ ସଃବୁ ଗଃଗାଲ୍‌କେ ହେଁ
ଅଃମାର୍ ଇଚାୟ୍ ବୁଲାଉଁ ହାରୁଲୁ । 4 ଦଃକା, ହାଣିଜାଜ୍ ହେଁ
କଃଡେକ୍ ବଃଡ୍ ଅୟ୍ ଜଃବର୍ ବାଉଏ ଚାଲ୍‌ତି ରିଲେକ୍ ହେଁ
ଗଟେକ୍ ସାନ୍ ମଙ୍ଗ ସଃଙ୍ଗ ଡାୟ୍‌ବର୍ ତାର୍ ଇଚା ହଃର୍କାରେ
ବୁଲାୟ୍‌ଦ୍ । 5 ସେବାନ୍ୟା ଜିବ୍ ହେଁ ଗଟେକ୍ ଗଃଗାଳାର୍ ସାନ୍
ଅଃଙ୍ଗ, ମଃତର୍ ଇରି ବଃଡେ ଗଃର୍ବାର୍ କଃତା କୟ୍‌ଦ୍ । ଦଃକା,
ଇଡିକଃଣ୍ଡ ଜୟ୍ ତିହ୍‌ଲାୟ୍ କଃଡେକ୍ ବଃଡ୍ ବଃନେ ଜୟ୍ ଲାଗେଦ୍
। 6 ଜିବ୍ ହେଁ ଜୟ୍ ହର୍; ବେସି ମିଚ୍ ବିସୟ୍ୱାର୍ ଜଃଗତ୍; ଆରେକ୍
ସେରି ଅଃମାର୍ ଗଃଗାଲ୍ ବିତ୍ରେ ରିଲାର୍ ଗିନେ ମିଚ୍ ସଃକ୍ତି
ଅଃଦିକାର୍ କଃରି ଅଃମାର୍ ସଃବୁ ଜିବନ୍‌କେ ବିଟାଲ୍ କଃରେଦ୍
ଆର୍ ନଃର୍କ୍ ଜୟେ ଅଃମାର୍ ଜିବନ୍‌କେ ହଡାୟ୍‌ଦ୍ । (Geenna
g1067) 7 କାୟ୍‌ତାକ୍‌ବଃଲେକ୍ ସଃବୁ ରଃକମାର୍ ଜଃତୁ, ଚେଳେ,
ବୁୟେଁ ରାଙ୍ଗତା ଜିବ୍ ଆର୍ ହାଣାୟ୍ ରେତା ଜିବ୍‌ଜଃତୁ ମାନାୟ୍
ଆୟ୍‌ତ୍ କଃରୁକେ ହାରେଦ୍, ଆରେକ୍ ଆୟ୍‌ତ୍ କଃରି ଆଚେ । 8
ମଃତର୍ ଜିବ୍‌କେ କେହେଁ ଆୟ୍‌ତ୍ କଃରୁ ନଃହାରେ, କଃରାବ୍

କାମ୍ କଋରୁକେ କଋବେ ହେଁ ନଋହୁଣ୍ଟେ, ସେରି ମଋର୍ନ୍ ଆଣ୍ତା
ବିସେ ହୁର୍ନ୍ ଅୟ୍‌ଆଚେ । 9 ଇ ଜିବ୍ ସଋଙ୍ଗ୍ ଅଋମିମଋନ୍ ମାପ୍ରୁ
ଆର୍ ଉବାକ୍ ଦନ୍ୟବାଦ୍ କଋରୁଲୁ, ଆରେକ୍ ଇ ଜିବ୍ ସଋଙ୍ଗ୍
ଇସ୍ୱରାର୍ ହର୍ ତିଆର୍ ଅୟ୍‌ଲା ମାନାୟ୍‌କେ ସାୟ୍‌ପ୍ ଦେଉଁଲୁ ।
10 ଗଟେକ୍ ଟଣ୍ଡେ ହୁଣି ଦନ୍ୟବାଦ୍ ଆର୍ ସାୟ୍‌ପ୍ ବାରାଉଁଲି ।
ଏ ମର୍ ବାୟ୍‌ବେଣିମଋନ୍ ଇବାନ୍ୟା ଅଋଉତାର୍ ନିକ ନୟ୍ । 11
ଚିଉଆ କାୟ୍ ଗଟେକ୍ ବାଟ୍ ଦଋୟ୍ ମଋଦୁର୍ ଆର୍ ହିତା ଦୁୟ୍
ରଋକମାର୍ ହାଣି ବାର କଋରେଦ୍? 12 ଏ ମର୍ ବାୟ୍‌ବେଣିମଋନ୍,
ଡୁମ୍ବୁର୍ ଗଋଚେ କାୟ୍ ଜିତ୍ ହଋଲ୍ ହଋଲେଦ୍ ଆର୍ ଅଙ୍ଗୁର୍ ମାଲେ
କାୟ୍ ଡୁମ୍ବୁର୍ ହଋଲ୍ ହଋଲୁ ହାରେଦ୍? କଋରିଆ ହାଣି ବାରାଉତା
ଚିଉଆ ତଋୟ୍ ହେଁ ମଋଦୁର୍ ହାଣି ନଋବାରେ । 13 ତୁମାର୍ ବିତ୍ରେ
ଗ୍ୟାନି ଆର୍ ବୁଦିଆ ଲକ୍ କେ ଆଚେ? ସେ ଗ୍ୟାନ୍ ଆର୍ ଦିର୍
ସଋଙ୍ଗ୍ ସଋବୁବଋଲ୍ ନିକ କାମ୍ ତଋୟ୍ ଅଋହ୍‌ଣାର୍ କାମ୍ କଋରି
ଦଋକାଅ । 14 ମଋତର୍ ଜଦି ତୁମିମଋନାର୍ ମଋନ୍ ବିତ୍ରେ ହିତା
ଅଋକାର୍ ଆର୍ ନିଜାର୍ ଇଚା ହୁର୍ନ୍ କଋର୍ତାର୍ ରଋୟ୍‌ଦ୍, ସେବାନ୍ୟା
ଅୟ୍‌ଲେକ୍ ସଋତ୍ ବିରଦେ ଗଋର୍ବ୍ କଋରା ନାୟ୍ ଆର୍ ମିଚ୍ କଋଉଆ
ନାୟ୍ । 15 ଇବାନ୍ୟା ଗ୍ୟାନ୍ ସଋର୍ଗେ ହୁଣି ନାସେ, ମଋତର୍
ସେରି ଜଋଗତାର୍, ଗଋଗାଲାର୍ ଆର୍ ସୟ୍‌ତାନାର୍ ତଋୟ୍‌ହୁଣି
ଆସି ରଋୟ୍‌ଦ୍ । 16 କାୟ୍‌ତାକ୍‌ବଋଲେକ୍ ଜୁୟ୍‌ତି ଡାରା ଆର୍
ନିଜେ ହଋକା ବଋଲ୍ ଅଋଉତା ଇଚା ରଋୟ୍‌ଦ୍, ସେ ଟାଣେ ସଋବୁ
ରଋକମାର୍ ଗଋଣ୍ଡଗଲ୍ ଆର୍ କଋରାବ୍ କାମ୍ ରଋୟ୍‌ଦ୍ । 17 ମଋତର୍
ସଋର୍ଗେ ହୁଣି ଆୟ୍‌ଲା ଗ୍ୟାନ୍ ହଋର୍ତୁକଋରି ପବିତ୍ର, ତାର୍‌ହଋଚେ
ସୁସ୍ତା, ଦିର୍‌ମଋନାର୍, କଋତା ମାନ୍‌ତାର୍, ଦଋୟ୍ୟା ଆର୍ ନିକ ହଋଲେ
ହୁର୍ନ୍, ଅଋହ୍ରାତ୍ ନୟ୍‌ଲାର୍ ଆର୍ କୁଟ୍ ନୟ୍‌ଲାର୍ । 18 ଆରେକ୍
ସୁସ୍ତା କଋର୍ତା ଲକ୍‌ମଋନାର୍ ତଋୟ୍‌ହୁଣି ସୁସ୍ତାର୍ ମୁଞ୍ଜି ବୁଣା ଅୟ୍‌ଦ୍
ଆର୍ ଦଋର୍ମ୍ ହର୍ ହଋଲ୍ କାଟ୍‌ତି ।

**4** ତୁମିମଋନାର୍ ବିତ୍ରେ ଜୁଜ୍ ଆର୍ ଲାଗାଜଳା କୁୟ୍‌ତିହୁଣି
ଅୟ୍‌ଦ୍? କାୟ୍ ତୁମିମଋନାର୍ ଗଋଗାଲାର୍ ଅଋଙ୍ଗ୍‌ମଋନାର୍
ବିତ୍ରେ ଜୁଜ୍ କଋର୍ତାର୍ ସୁକାର୍ ଇଚା ତଋୟ୍‌ହୁଣି ନୟ୍? 2 ବଲେକ୍
ତୁମିମଋନ୍ ଜାୟ୍‌ରି ହାଉଁକେ ଇଚା କଋରି ରିଆସ୍, ମଋତର୍ ସେରି
ହାଉଁ ନଋହାର୍‌ଲେକ୍; ତୁମିମଋନ୍ ଅଋତ୍ୟା କଋରୁକେ ତିଆର୍
ଅଋଉଁଲାସ୍, ଜାୟ୍‌ରି ହାଉଁକେ ତୁମାର୍ ଜଋବର୍ ଇଚା ଅୟ୍‌ଦ୍,
ସେରି ନଋହାୟ୍‌ଲେକ୍ ତୁମିମଋନ୍ ଲାଗାଜଳା ଆର୍ ଜୁଜ୍ କଋରାସ୍ ।
ତୁମିମଋନ୍ ଇଚା କଋଲା ବିସୟ୍ ନଋହାଉଆସ୍, କାୟ୍‌ତାକ୍‌ବଋଲେକ୍
ତୁମିମଋନ୍ ଇସ୍ୱର୍‌କେ ମାଗି ନଋରିଆସ୍ । 3 ତୁମିମଋନ୍ ମାଗି
ରିଆସ୍, ମଋତର୍ ନଋହାଉଆସ୍, କାୟ୍‌ତାକ୍‌ବଋଲେକ୍ ଅଋହ୍‌ଣା
ଅଋହ୍‌ଣାର୍ ସୁକାର୍ ଗିନେ କଋରାବ୍ କାମାର୍ ଗିନେ ମାଗି ରିଆସ୍
। 4 ଏ ଦାରିଆ ଲକ୍‌ମଋନ୍, ଜଋଗତ୍ ସଋଙ୍ଗ୍ ମିତ୍ର ଅୟ୍‌ଲେକ୍,
ଇସ୍ୱରାର୍ ସଋତ୍ରୁ ଅଋଉଁକେ ଅୟ୍‌ଦ୍, ଇରି କାୟ୍ ନଋଜାଣାସ୍?
ବଋଲେକ୍ ଜୁୟ୍ ଲକ୍ ଜଋଗତାର୍ ମିତ୍ର ଅଋଉଁକେ ମଋନ୍ କଋରେଦ୍;
ସେ ଅଋହ୍‌ଣାକ୍ ଇସ୍ୱରାର୍ ସଋତ୍ରୁ ବଋଲି ଜାଣାୟ୍ ଅୟ୍‌ଦ୍ । 5
କି ତୁମିମଋନ୍ କାୟ୍ ଦଋର୍ମ୍ ସାସ୍ତ୍ରରେ ଇ କଋତାକ୍ ହଲ୍ୟା ବଋଲି
ମଋନେ ବାବୁଲାସ୍, ଜୁୟ୍ ଆତ୍ମାକେ ଇସ୍ୱର୍ ଅଋମିମଋନାର୍ ବିତ୍ରେ
ବାସା କଋରୁକେ ଦଋୟ୍‌ଆଚେ, ସେ ଅଋମିମଋନ୍‌କ୍ ହୁରାହୁରି
ଅଋଦିକାର୍ କଋରୁକେ ବଋଡେ ମଋନ୍ କଋରୁଲା । 6 ମଋତର୍ ଇସ୍ୱର୍
ହେଁ ଅଋଦିକ୍ ଦଋୟ୍ୟା କଋରେଦ୍; ଇତାକ୍ ସାସ୍ତ୍ରରେ ଲେକାଆଚେ,
"ଇସ୍ୱର୍ ଆକାରିମଋନ୍‌କେ ବିରଦ୍ କଋରେଦ୍, ମଋତର୍ ଦିର୍‌ସୁସାର୍
ଲକ୍‌ମଋନ୍‌କେ ଦଋୟ୍ୟା କଋରେଦ୍ ।" 7 ତଋବେ ତୁମିମଋନ୍ ଇସ୍ୱରାର୍
ତଋଲେ ନିଜ୍‌କେ ସଋହ୍ରି ଦିଆସ୍, ସୟ୍‌ତାନ୍‌କେ ଟାଣ୍ ଦିଆସ୍ ନାୟ୍,
ତଋନ୍‌ଅୟ୍‌ଲେକ୍ ସେ ତୁମାର୍ ତଋୟ୍‌ହୁଣି ହଋଲାୟ୍ ଜାୟ୍‌ଦ୍ ।
8 ଇସ୍ୱରାର୍ ଚଋମେ ଆସା, ତଋବେ ସେ ତୁମିମଋନାର୍ ଚଋମେ
ଅୟ୍‌ଦ୍ । ଏ ହାହିମଋନ୍, ତୁମିମଋନାର୍ ଆତ୍ ନିର୍ମୁଲ୍ କଋରା,
ଆରେକ୍ ଏ ଦୁୟ୍ ମଋନ୍ୟାମଋନ୍, ତୁମିମଋନାର୍ ମଋନ୍ ନିର୍ମୁଲ୍
କଋରା । 9 ନିଜାର୍ ହାହ୍ ଏତାଉଆ ଆର୍ ମଋନେଦୁକ୍ କଋରି
କାନ୍ଦା; ତୁମିମଋନାର୍ ନିଚଲ୍‌ତାର୍ କାନ୍ଦତାର୍ ଆର୍ ତୁମାର୍ ସଋର୍ଦା
ଦୁକେ ବାଦ୍‌ଲ । 10 ମାପ୍ରୁର୍ ତଋୟ୍ ଅଋହ୍‌ଣା ଅଋହ୍‌ଣାକ୍ ସାନ୍
କଋରା, ତଋବେ ସେ ତୁମିମଋନ୍‌କେ ବଋଡ୍ କଋରେଦ୍ । 11 ଏ
ବାୟ୍‌ବେଣିମଋନ୍, ତୁମିମଋନ୍ ଏକ୍‌ଆରେକ୍‌କେ ଲିନ୍ଦା କଋତା
କଋଉଆ ନାୟ୍ । ଜେ ବାୟ୍‌କ୍ ଲିନ୍ଦା କଋତା କୟ୍‌ଦ୍ କି ବିଚାର୍
କଋରେଦ୍, ସେ ମସାର୍ ବିଦିର୍ ଗାଣେଞ୍ଜ୍ କଋତା କୟ୍‌ଦ୍ ଆର୍
ବିଚାର୍ କଋରେଦ୍ । ମଋତର୍ ତୁମି ଜଦି ବିଦିର୍ ବିଚାର୍ କଋରାସ୍,
ତଋନ୍‌ଅୟ୍‌ଲେକ୍ ତୁମି ମସାର୍ ବିଦିର୍ ମାୟ୍‌ନ୍‌କାରି ନଋୟ୍‌କଋରି,
ସେତିର୍ ବିଚାର୍ କଋର୍ତା ଲକ୍ । 12 ଇସ୍ୱର୍ ହଋକା ବିଦି ଦେତାଲକ୍
ଆର୍ ବିଚାର୍‌କଋର୍ତା ଲକ୍, ସେ ବଚାଉଁ ହାରେଦ୍ ଆର୍ ନାସ୍ କଋରୁ
ହାରେଦ୍; ସେତାର୍‌ଗିନେ ହାକିହଋଲ୍‌ସାକେ ବିଚାର୍ କଋରୁଲାସ୍
ଜେ, ତୁମି, ତୁମି କେ ହାକିହଋଲ୍‌ସାର୍ ବିଚାର୍ କଋରୁଲାସ୍? 13
ଅଋବେ ଦଋକା, ଜୁୟ୍‌ମଋନ୍ କଋଉଁଲାସ୍, ଆଜି ନୟ୍‌ଲେକ୍ କାଲି
ଅଋମିମଋନ୍ ଅମ୍‌କ ଗଋଲେ ଜଋଉଁନ୍ଦ୍ ଆର୍ ସେତି ଗଟେକ୍ ବଋର୍ସ୍
ହଋତେକ୍ ରଋୟ୍ ବେପାର୍ ବାଟ୍ କଋରି ଲାବ୍ କଋରୁନ୍ଦ୍ । 14
ମଋତର୍ କାଲି କାୟ୍‌ରି ଗଋଟେଦ୍, ସେରି ତୁମିମଋନ୍ ନଋଜାଆସ୍ ।
ତୁମାର୍ ଜିବନ୍ କୁଳି ଦୁଆଁ ହର୍, ଚଋନେକ୍‌ସେ ରଋୟ୍‌ଦ୍ ଆର୍ ତାର୍
ହଋଚେ କେଣେକି ମଋୟ୍ୟାଅୟ୍‌ଦ୍ । 15 ଇତାର୍ ଗିନେ ମାପ୍ରୁର୍ ଇଚା
ଅୟ୍‌ଲେକ୍ ଅଋମିମଋନ୍ ଜିବନ୍ ରଋୟ୍ ଇରି କଋରୁଆଁ କି ସେରି
କଋରୁଆଁ, ଇବାନ୍ୟା କଋଉତାର୍ ତୁମାର୍ ଦଋର୍‌କାର୍ । 16 ମଋତର୍
ଅଋବେ ତୁମିମଋନ୍ ବଋଡ୍‌ହାଣ୍ ଅୟ୍ ଗଋର୍ବ୍ କଋରୁଲାସ୍; ଇରଋକମ୍
ଗଋର୍ବ୍ କଋର୍ତାର୍ କଋରାବ୍ ଅୟ୍‌ଦ୍ । 17 ମଋନେ ରଋକା, ଜେ ସଋତ୍
କାମ୍ କଋରୁକେ ଜାଣି ସେରି ନଋକେରେ, ତାର୍ ହାହ୍ ଅୟ୍‌ଦ୍ ।

**5** ଅଋବେ ଦଋକା, ଏ ମାଜନ୍ ଲକ୍‌ମଋନ୍, ତୁମିମଋନାର୍ ଉହ୍ରେ
ଆସୁଲା ଦୁକ୍ ଦଋଣ୍ଡାର୍ ଗିନେ ଏତାୟ୍ ଏତାୟ୍ କଋରି କାନ୍ଦା
ଆର୍ ରଋଦନ୍ କଋରା । 2 ତୁମିମଋନାର୍ ଦଋନ୍‌ବିତ୍ ନଋସ୍ଟ ଅୟ୍‌ଲିନି,
ତୁମିମଋନାର୍ ବଋସ୍ତ୍ର୍‌କେ ଅଲ୍‌ମା କାୟ୍‌ଲାୟ୍‌ନି, 3 ଆରେକ୍
ତୁମାର୍ ସନା ଆର୍ ରୁହାୟ୍ କିଲୁଆ ଲାଗ୍‌ଲିନି, ଆର୍ ସେ କିଲୁଆ

ତୁମାର୍ ବିରଦେ ସାକି ଦଃୟ୍ଦ୍ ଆର୍ ଜୟ୍ ହର୍ ତୁମିମଃନାର୍
ଗଃଗାଲ୍କେ କାୟ୍ଦ୍ । ଇ ସେସ୍କାଳେ ତୁମିମଃନ୍ ଦଃନ୍ ଅଃର୍ଜି
ଆଚାସ୍ । 4 ଦଃକା, ତୁମାର୍ ହଃଦାର୍ ତାସ୍ କାଟୁମଃନ୍କେ
ଟକିକଃରି ତୁମିମଃନ୍ ଜୁୟ୍ ବୁତି ନଃଦିଆସ୍, ସେମଃନ୍ ତୁମାର୍
ବିରଦେ କାନ୍ଧୁଲାୟ୍, ଆରେକ୍ ତାସ୍ କାଟୁମଃନାର୍ କାନ୍ଧତାର୍
ସଃର୍ଗାର୍ ସଃଇନ୍ ମଃନାର୍ ମାପ୍ରୁ ସୁଣିଆଚେ । 5 ତୁମିମଃନ୍
ହୁର୍ତିବିଏ ସୁକ୍ ବୟଃଗ୍ କଃଲାସ୍ ଆର୍ ମଃନ୍ ସଃର୍ଦାୟ୍ ଦିନ୍ କାଟି
ଆଚାସ୍, ତୁମିମଃନ୍ ମଃର୍ନ୍ ଦିନାର୍ ଗିନେ ନିଜ୍କେ ଦୁମା କଃରି
ଆଚାସ୍ । 6 ତୁମିମଃନ୍ ଦଃର୍ମି ଲକ୍କେ ଦସି କଃରି ମଃର୍ନେ ମାରି
ଆଚାସ୍, ସେ ତୁମିମଃନାର୍ ବିରଦ୍ ନଃକେରେ । 7 ବଃଲେକ୍,
ଏ ବାୟ୍ବେଣିମଃନ୍, ମାପ୍ରୁ ଆସ୍ତା ହଃତେକ୍ ସାସ୍ ଦଃରି ରିଆ ।
ଦଃକା, ତାସି ତାସ୍ ହଃଦାୟ୍ ହୁଣି ବଃଡେମଲାର୍ ହଃଲ୍ ହାଉଁକେ
ସାସ୍ ଦଃରି ଆରୁମ୍ ଆର୍ ସେସ୍ ବଃର୍ସା ନଃଉତା ହଃତେକ୍
ଜାଗି ରଃୟ୍ଦ୍ । 8 ତୁମିମଃନ୍ ହେଁ ସଃମ୍ବାଳି କଃରି ଅଃହ୍ଣା
ଅଃହ୍ଣାର୍ ମଃନ୍କେ ତିର୍ କଃରା, କାୟ୍ତାକ୍ବଃଲେକ୍ ମାପ୍ରୁର୍
ଆସ୍ତା ଦିନ୍ ଚଃମେ ଅୟ୍ଲିନି । 9 ଏ ବାୟ୍ବେଣିମଃନ୍, ତୁମିମଃନ୍
ଜଃନ୍କଃରି ଡଃଣ୍ଡ ନଃହାଉଆସ୍, ଇତାର୍ ଗିନେ ଏକ୍ଆରେକାର୍
ଦଃସ୍ ଦଃରା ନାୟ୍, ଦଃକା, ବିଚାର୍କଃର୍ତା ଲକ୍ ଦୁଆର୍ଲଃଗେ
ଟିଆ ଅୟ୍ଆଚେ । 10 ଏ ବାୟ୍ବେଣିମଃନ୍, ଜୁୟ୍ ବାବ୍ବାଦିମଃନ୍
ମାପ୍ରୁର୍ ନାଉଁଏ କଃତା କୟ୍ରିଲାୟ୍, ସେମଃନ୍କେ ମଃନେ
ଏତାଉଆ । ସେମଃନାର୍ ଦୁକ୍ ବୟଃଗ୍ ଆର୍ ସଃମ୍ବାଳ୍ଲାର୍ ଦଃକି
ତୁମିମଃନ୍ ସିକା । 11 ଦଃକା, ଜୁୟ୍ମଃନ୍ ସଃମ୍ବାଳି ରିଲାୟ୍,
ଅଃମିମଃନ୍ ସେମଃନାର୍ ବାୟ୍ଗ୍ ବଃଲି କଃଉଁଲୁ । ତୁମିମଃନ୍
ଆୟୁବାର୍ ସଃମ୍ବାଳ୍ତା କଃତା ସୁଣି ଆଚାସ୍, ଆରେକ୍ ମାପ୍ରୁର୍
ସଃରାସଃରି କାମ୍ ଦଃକି ଜାଣି ଆଚାସ୍ ଜେ, ସେ ଦଃୟାୟ୍
ହୁର୍ନ୍ । 12 ମୁଳ୍କଃରି, ଏ ବାୟ୍ବେଣିମଃନ୍, ହଃର୍ମାଣ୍ କଃରା
ନାୟ୍, ସଃର୍ଗାର୍ ହଃର୍ମାଣ୍ ଅଃଉଅ କି ହୁର୍ତିବିର୍ ହଃର୍ମାଣ୍ ଅଃଉଅ
କି ବିନ୍ କୁୟ୍ ହଃର୍ମାଣ୍ ଅଃଉଅ; ମଃତର୍ ତୁମାର୍ ହେଁ କଃତା
ହେଁ ଅଃଉଅ, ନାୟ୍ କଃତା ନାୟ୍ ଅଃଉଅ, ତଃନ୍ଅୟ୍ଲେକ୍
ତୁମିମଃନ୍ ଇସ୍ୱରାର୍ ବିଚାର୍ ବିନ୍ ଡଃଣ୍ଡ ନଃହାଉଆସ୍ । 13
ତୁମିମଃନାର୍ ବିତ୍ରେ କାୟ୍ କେ ଦୁକ୍ ବୟଃଗ୍ କଃରୁଲାସ୍? ସେ
ପାର୍ତ୍ନା କଃର । କେ କାୟ୍ ସଃର୍ଦାୟ୍ ଆଚେ? ସେ ମାପ୍ରୁର୍ ଗିତ୍
କୟ୍ ଇସ୍ୱର୍କେ ଦନ୍ୟବାଦ୍ କଃର୍ । 14 ତୁମିମଃନାର୍ ବିତ୍ରେ କେ
କାୟ୍ ମଃଲୁ ହଃଳି ଆଚେ? ସେ ମଣ୍ଡଳିର୍ ପାରାଚିନ୍ମଃନ୍କେ
କୁଦାଅ ସେମଃନ୍ ମାପ୍ରୁର୍ ନାଉଁଏ ଚିକଣ୍ ଲାଗାୟ୍ ତାର୍ ଗିନେ
ପାର୍ତ୍ନା କଃରତ୍ । 15 ବିସ୍ୱାସାର୍ ପାର୍ତନା ସେ ରଗିକେ ଉଜ୍
କଃରେଦ୍, ଆରେକ୍ ମାପ୍ରୁ ତାକ୍ ଉଟାୟ୍ଦ୍ ଆର୍ ଜଦି ସେ ହାହ୍
କଃରି ରଃୟ୍ଦ୍, ତଃବେ ତାକ୍ କେମା କଃରେଦ୍ । 16 ତଃବେ,
ଏକ୍ ଆରେକାର୍ ଚଃମେ ଅଃହ୍ଣା ଅଃହ୍ଣାର୍ ହାହ୍ ମାନିଜଃହା,
ଆରେକ୍ ଉଜ୍ ଅଃଉଁକେ ଏକ୍ଆରେକାର୍ ଗିନେ ପାର୍ତନା କଃରା ।
ଦଃର୍ମି ଲକାର୍ ପାର୍ତ୍ନା ଗାଦେକ୍ କାମ୍ ସାଦୁନ୍ କଃରୁ ହାରେ । 17
ଏଲିୟ୍ ଅଃମାର୍ ହର୍ ଲକ୍ ରିଲା; ବଃର୍ସା ନଃଉତା ଗିନେ ସେ
ଗଟେକ୍ ମଃନେ ପାର୍ତ୍ନା କଃଲା, ଆରେକ୍ ତିନି ବଃର୍ସ୍ ଚଅ ମାସ୍
ହଃତେକ୍ ହୁର୍ତିବିଏ ବଃର୍ସା ନଃୟ୍ଲି । 18 ସେ ଆରେକ୍ ଗଟ୍ତର୍
ପାର୍ତ୍ନା କଃଲାକ୍ ଅଃଗାସେ ହୁଣି ବଃର୍ସା ଅୟ୍ଲି, ଆରେକ୍ ବୁୟ୍ଁ
ଅଃହ୍ଣାର୍ ହଃଲ୍ ହଃଲାୟ୍ଲି । 19 ଏ ମର୍ ବାୟ୍ବେଣିମଃନ୍,
ତୁମାର୍ ବିତ୍ରେ ଜଦି କେ ସଃତ୍ ବାଟେ ହୁଣି ବାଣା ଅୟ୍ଦ୍, ଆରେକ୍
କେ ତାକ୍ ବାଉଳାୟ୍ ଆଣେଦ୍, 20 ତଃବେ ଜୁୟ୍ଲକ୍ ହାହିକେ
ନଃସ୍ଟବାଟେ ହୁଣି ବାଉଳାୟ୍ ଆଣେଦ୍, ସେ ଜେ ତାର୍ ଆତ୍ମାକେ
ମଃର୍ନେ ହୁଣି ମୁକ୍ଲାୟ୍ଦ୍ ଆର୍ ତାର୍ ନିଜାର୍ ସଃବୁ ହାହ୍ କେମା
ଅୟ୍ଦ୍, ଇରି ଜାଣା ।

# ୧ ପିତର୍

1 ମୁୟ଼ଁ ପିତର୍ ଜିସୁ କ୍ରିସ୍ଟର୍ ଗଟ୍ ପେରିତ୍ ଚେଲା, ପନ୍ତୁ,
ଗାଲାତିଆ, କାପାଦକିଆ, ଆସିଆ ଆର୍ ବିତୁନିଆୟ୍ ବିନ୍
ବିନ୍ ଜୁୟ୍ ହଃର୍ବାସିମଃନ୍, ଇସ୍ୱରାର୍ ବାଚ୍ଲା ଲକ୍ମଃନେକେ
ଚିଟି ଲେକୁଲେ । 2 ଉବା ଇସ୍ୱରାର୍ ହୁର୍ବାର୍ ଗିଆନ୍ ହଃର୍କାରେ
ଆତ୍ମାୟ୍ ନିର୍ମୁଲ୍ ଅୟ୍ ମାୟ୍ନ୍କାରି ଆର୍ ଜିସୁ କ୍ରିସ୍ଟର୍ ବଃନିଏ ଚିଟି
ଅଃଉଁକେ କୁଦ୍ଲାର୍ ଅୟ୍ଆଚ୍ତି । ତୁମିମଃନାର୍ ଉହ୍ରେ ଇସ୍ୱରାର୍
ଜଃବର୍ ଦଃୟା ଆର୍ ସୁସ୍ତା ଅଃଉଅ । 3 ଅଃମିମଃନାର୍ ମାପ୍ରୁ
ଜିସୁକ୍ରିସ୍ଟାର୍ ଇସ୍ୱର୍ ଆର୍ ଉବା ଇସ୍ୱରାର୍ ଜୁଆର୍; ବଃଲେକ୍
ସେ ତାର୍ ଅଲେକାର୍ ଦଃୟାୟ୍ ଜିସୁ କ୍ରିସ୍ଟକେ ମଃର୍ନେ ହୁଣି
ଉଟାୟ୍ କଃରି ଅଃମିକ୍ ନଃଉଆଁ ଜିବନ୍ ଦଃୟ୍ଆଚେ । ଇରି
ଅଃମିମଃନ୍କ୍ ଜିବନ୍ ବଃର୍ସାୟ୍ ହୁର୍ନ୍ କଃରିଆଚେ । 4 ତଃବେ
ଇସ୍ୱର୍ ତାର୍ ଲକମଃନାର୍ ଗିନେ ଜୁୟ୍ ବେସିମଲାର୍ ଆସିର୍ବାଦ୍
ସଃଜ୍ଗାଇ ଆଚେ, ସେରି ହାଉଁକେ ଅଃମିମଃନ୍ ଜାଗି ଆଚୁ ।
ସେରି ସେ ସଃର୍ଗେ ତୁମାର୍ ହାଇଁ ସଃଜ୍ଗାଇ ଆଚେ, ସେତି
ସେରି ନଃସ୍ଟ ନଃୟ୍, କିଲୁଆ ନୟେ କି କଃବେ ନଃସେରେ
। 5 ଜୁୟ୍ ମୁକ୍ତି ସେସ୍ କାଳେ ଡିସାହଃଲ୍ତାର୍ ଆଚେ, ସେରି
ହାଉଁକେ ତୁମିମଃନ୍ ବିସ୍ୱାସ୍ କଃରି ଇସ୍ୱରାର୍ ସଃକ୍ତିଏ ରଃକ୍ୟା
ହାୟ୍ ଆଚାସ୍ । 6 ଇତାର୍ ଗିନେ ତୁମିମଃନ୍ ସଃର୍ଦା କଃରା,
ଅଃୟ୍ଲେକ୍ହେଁ ଅଃବେ ଅଃଳକ୍ ଦିନାର୍ ଗିନେ ତୁମିମଃନ୍କେ
ଗାଦା ପରିକ୍ୟାୟ୍ ଦୁକ୍ବୟ୍ଗ୍ କଃରୁକେ ଅୟ୍ଦ୍ । 7 ଜଃନ୍କଃରି
ଜୟେ ପରିକ୍ୟା ଅୟ୍ ନଃସ୍ଟ ଅଃଉତା ସନା ତଃୟ୍ହୁଣି ଅଃଦିକ୍
ବଃଡେ ମଲ୍ ତୁମିମଃନାର୍ ପରିକ୍ୟା ଜିଣ୍ଲା ବିସ୍ୱାସ୍, ସେରି
ଜିସୁ କ୍ରିସ୍ଟର୍ ଆସ୍ତା ବଃଳ୍ ଗୁଣାର୍ ଆର୍ ଜଃଜ୍ମାନାର୍ ଆର୍
ମାୟ୍ନାର୍ କଃତା ଅୟ୍ଦ୍ 8 ତୁମିମଃନ୍ ତାକ୍ ନଃଦେକି ଲାଡ୍
କଃରୁଲାସ୍, ଆରେକ୍ ଅଃବେ ହେଁ ନଃଦେକ୍ଲେକ୍ ହେଁ ତାର୍ତଃୟ୍
ବିସ୍ୱାସ୍ କଃରି, କଃତାୟ୍ କୟ୍ନଃଉତାର୍ ଆର୍ ଜଃଜ୍ମାନ୍ କଃରି
ସଃର୍ଦାୟ୍ ସଃର୍ଦା ଅଃଉଁଲାସ୍, 9 ସେ ବିସ୍ୱାସାର୍ ହଃଳ୍ ହର୍
ତୁମିମଃନାର୍ ଆତ୍ମାର୍ ମୁକ୍ତି, ହାୟ୍ଆଚାସ୍ । 10 ଇ ଉଦାର୍ ବିସୟେ
ବାବ୍ବାଦିମଃନ୍ ତୁମିମଃନାର୍ ଗିନେ ଟିକ୍ ଅୟ୍ଲାର୍ ଦଃୟାର୍
କଃତା ଆଗ୍ତୁ ଗଃଟ୍କଃତା କଃତା ଜାଣାୟ୍ଲାୟ୍, ଆରେକ୍ ସେ
ମୁକ୍ତିର୍ କଃତା ଜଃତୁନେ ଲଳ୍ଲାୟ୍ ଆର୍ ନିକକଃରି ଦଃକ୍ଲାୟ୍
। 11 କ୍ରିସ୍ଟର୍ ଦୁକ୍ ବୟ୍ଗ୍ ଆର୍ ତାର୍ ହଃଚାର୍ ଜଃଜ୍ମାନାର୍
କଃତାୟ୍ ହୁର୍ବେହୁଣି ସାକିଦେତା ଲକ୍ ଜେ ସେମଃନାର୍ ମଃଜାର୍
କ୍ରିସ୍ଟର୍ ଆତ୍ମା, ସେ କୁୟ୍ରି କି କୁୟ୍ ରଃକମାର୍ କାଳ୍କେ ଦଃକି
କୟ୍ଆଚେ, ସେରି ସେମଃନ୍ ନିକକଃରି ଲଳ୍ଲାୟ୍ । 12 ଇସ୍ୱର୍
ସେ ବାବ୍ବାଦିମଃନାର୍ ତଃୟ୍ ଜେ ଅଃହ୍ଣା ଅଃହ୍ଣାର୍ ସେବା
ନଃକେରି ତୁମାର୍ ଜଃତୁନ୍ କଃର୍ତି ରିଲାୟ୍, ଇରି ସେମଃନ୍କାର
ତଃୟ୍ ଜାଣାହ୍ଲିରିଲି, ଆର୍ ସେ ସଃବୁ କଃତା ସଃର୍ଗେହୁଣି
ହଃଟାୟ୍ଲାର୍ ପବିତ୍ର ଆତ୍ମାର୍ ସଃକ୍ତିଏ ତୁମିମଃନାର୍ ହାକ୍ ନିକ
କବୁର୍ ପର୍ଚାର୍ କଃର୍ତା ଲକ୍ମଃନାର୍ ଗିନେ ଅଃବେ ତୁମି ମଃନ୍କେ
ଜାଣାୟ୍ ଦିଆ ଅୟ୍ଆଚେ; ସେ ସଃବୁ ବିସୟ୍ ଦୁତ୍ମଃନ୍ ନିକକଃରି
ଦଃକୁକ୍ ମଃନ୍କଃର୍ତି । 13 ତଃବେ ଅଃହ୍ଣା ଅଃହ୍ଣାର୍ ମଃନ୍ହର୍
ଅଃଟାବିଲା ବାନ୍ଦିକଃରି ଜାଗ୍ରତ୍ ରିଆ, ଆର୍ ଜିସୁ କ୍ରିସ୍ଟର୍ ଆୟ୍ଲା
ବଃଳ୍ ଜୁୟ୍ ଦଃୟାର୍ ଉଦାର୍ ତୁମାର୍ ଉହ୍ରେ ଅୟ୍ଦ୍, ସେତି
ହୁରାହୁରି ଆସା କଃରା । 14 ଇସ୍ୱରାର୍ ବଲ୍ ମାନା । ତୁମିମଃନାର୍
ହୁର୍ବାର୍ ନଃଜାଣ୍ତା ବଃଳାର୍ କଃରାବ୍ ବାବ୍ନା ହର୍ ନଃଉଆଁ, 15
ମଃତର୍ ତୁମିମଃନ୍କେ କୁଦ୍ଲା ଲକ୍ ଜଃନ୍କାର୍ ପବିତ୍ର, ତୁମିମଃନ୍
ହେଁ ମାୟ୍ନ୍କାରି ହିଲାମଃନାର୍ ହର୍ ସଃବୁ ଚାଲାଚାଲ୍ତି ତଃୟ୍
ସେ ରଃକମ୍ ପବିତ୍ର ଅଃଉଆ । 16 ଜଃନ୍କଃରି ସାସ୍ତରେ ଲେକା
ଆଚେ, “ତୁମିମଃନ୍ ପବିତ୍ର ଅଃଉଆ, କାୟ୍ତାକ୍ବଃଲେକ୍ ମୁଁୟ୍
ପବିତ୍ର ।” 17 ଆର୍ ଜେ ମୁକ୍ମେଟ୍ ନଃକେରି ହଃତି ଲକାର୍ କାମ୍
ହଃର୍କାରେ ବିଚାର୍ କଃରେଦ୍, ତାକେ ଜଦି ଉବା ବଃଲି କଃଉଁଲାସ୍
ତଃବେ ଅଃହ୍ଣା ଅଃହ୍ଣାର୍ ହଃର୍ବାସି କାଳେ ଡିର୍ ସଃଙ୍ଗ୍ ବାସା
କଃରା; 18 ଜଃନ୍କଃରି ତୁମିମଃନ୍ ଜାଣା ଜେ, ତୁମିମଃନାର୍
ଦାଦିବାବୁମଃନାର୍ କଃରିଆସ୍ତା ତିରିବିଦିର୍ ହଲ୍ୟା ଚାଲାଚାଲ୍ତି
ହୁଣି ରୁହା କି ସନା ହର୍ ନଃସ୍ଟ ଅଃଉତା ଆସ୍ତି ତଃୟ୍ହୁଣି
ମୁକ୍ଲୁ ନାହାରାସ୍ । 19 ମଃତର୍ କୁନ୍ ନୟ୍ଲାର୍ ଆର୍ ନିର୍ଦସି
ମେଣ୍ଡାହିଲାର୍ ହର୍ କ୍ରିସ୍ଟର୍ ବଃଡେ ମଲାର୍ ବଃନିଏ ମୁକ୍ଲି ଆଚାସ୍
। 20 ସେ ଜଃଗତ୍ ଉବ୍ଜାଣ୍ ହୁର୍ବେ ହୁଣି ଟିକ୍ ଅୟ୍ ତୁମିମଃନାର୍
ଗିନେ ସେସ୍କାଳେ ଜାଣାୟ୍ ଅୟ୍ଆଚେ; 21 ଜୁୟ୍ ଇସ୍ୱର୍ ତାକେ
ମଃଲା ଲକାର୍ ତଃୟ୍ ହୁଣି ଉଟାୟ୍ ଜଃଜ୍ମାନ୍ କଃଲା ଆଚେ,
ସେ ଇସ୍ୱର୍ ତଃୟ୍ ତୁମିମଃନ୍ ତାର୍ ଗିନେ ବିସ୍ୱାସ୍ କଃରୁଲାସ୍,
ଇତାର୍ ଗିନେ ଇସ୍ୱର୍ ତୁମିମଃନାର୍ ବିସ୍ୱାସ୍ ଆର୍ ବଃର୍ସାର୍ ଟାଣ୍
ଅୟ୍ଆଚେ । 22 ଅଃବେ ତୁମିମଃନ୍ ସେତାର୍ ହଃଚେ ଜାତା ଲକ୍
ଅୟ୍ରିଲାକ୍, ନିଜ୍ ନିଜ୍କେ ନିର୍ମୁଲ୍ କଃରି ଆଚାସ୍, ତୁମିମଃନ୍
ସଃତ୍ ମାନିକଃରି ହେଟ୍କପଟିଆ ନଃୟ୍କଃରି ବାୟ୍ମଃନ୍କେ
ଲାଡ୍ କଃର୍ତାର୍ ଗିନେ ଅଃହ୍ଣା ଅଃହ୍ଣାର୍ ଆତ୍ମାକେ ନିର୍ମୁଲ୍ କଃରି
ରିଲାକେ ମଃନ୍ ଦେୟ୍କଃରି ଏକ୍ମଃନେ ତୁମାର୍ ତୁମାର୍ ବିତ୍ରେ
ଲାଡ୍ କଃରା । 23 ଜଃନ୍କଃରି ତୁମିମଃନ୍ ନଃସ୍ଟ ଅଃଉତା ବିଆନେ
ହୁଣି ନାୟ୍ ମଃତର୍ ନସ୍ଟ ନଃଉତାର୍ ବିଆନେ ହୁଣି ବଃଲେକ୍
ଇସ୍ୱରାର୍ ଜିବନ୍ ଆର୍ ସଃବୁ ଦିନାର୍ ବଃଚନେ ଆରେକ୍ ଗଟ୍ତର୍
ଜଃର୍ନ୍ ଅୟ୍ ଆଚାସ୍ । (aiōn g165) 24 ସାସ୍ତରେ ଲେକା ଆଚେ,
“ନଃର୍ ଜାତି ରଃନ୍ହର୍ ସେମଃନାର୍ ସଃବୁ ତଃରାସ୍ ବଃନାର୍
ହୁଲ୍ ହର୍ । ରଃନ୍ ସୁକିଜାୟ୍ଦ୍ ଆର୍ ହୁଲ୍ ଜଃଳିଜାୟ୍ଦ୍ । 25
ମଃତର୍ ଇସ୍ୱରାର୍ ବଃଚନ୍ ଜୁଗେଜୁଗେ ରଃୟ୍ଦ୍ ।” ଇରି ସେ
ନିକ କବୁରାର୍ କଃତା, ଜୁୟ୍ରି ତୁମାର୍ ତଃୟ୍ ପର୍ଚାର୍ ଅୟ୍ରିଲି ।
(aiōn g165)

2 ତଃବେ ମାପ୍ରୁ ଜେ ଉହ୍କାର୍ କାରି ଇରି ଜଦି ଚାକି ଆଚାସ୍
ତଃବେ ସଃବୁ ରଃକମାର୍ ଦୁସ୍ଟ କାମ୍ ମିଚ୍ ଆର୍ ହେଟ୍କୁଟ୍,
ଅଃକାର୍ ଆର୍ ଗାଣେଞ୍ଜ ଚାଡା । 2 ସଃବୁ ରଃକମ୍ ଦୁସ୍ଟ, ଚଃଲାକି,

କୁଟ୍ ଚାଡି କ୪ଉଁଣା ହିଲା ହର୍ ନିର୍ମୁଲ୍ ଅ୪ଉଆ । ସ୪ବୁବ୪ଲ୍
ଆତ୍ମିକ୍ ଦୁଦ୍ କାଉଁକେ ମ୪ନ୍କ୪ରା । ତ୪ବେ ତୁମିମ୪ନ୍ ମୁକ୍ତି
ହାଉତା ଜିବନେ ବାଡୁ ହାରାସ୍ । 3 ଜ୪ନ୍କ୪ରି ସାସ୍ତରେ
ଲେକାଆଚେ- "ଇସ୍ୱର୍ କ୪ଡେକ୍ ନିକ ଦ୪ୟା କାରି ଅୟ୍ଆଚେ,
ତୁମିମ୪ନ୍ ଚାକିଆଚାସ୍ ।" 4 ଜିବନ୍ ଟେଳା ହର୍ ଜେ ସେ ମାପ୍ରୁ,
ଜ୪ଗତାର୍ ଲକ୍ମ୪ନ୍ ତାକ୍ ନ୪ମାନ୍ଲାୟ୍ ସ୪ତ୍, ମ୪ତର୍ ଇସ୍ୱର୍
ତ୪ୟ୍ ବାଚ୍ଲାର୍ ଆର୍ ବ୪ଡେ ମଲାର୍, ତାର୍ ହାକ୍ ଆସା 5 ତାର୍
ତ୪ୟ୍ ଆସି ତୁମିମ୪ନ ହେଁ ଜିସୁ କ୍ରିସ୍ଟାର୍ ଦ୪ୟ୍ ଇସ୍ୱରାର୍ ତ୪ୟ୍
ମ୪ନ୍କେ ଗ୪ଲାହର୍ ଆତ୍ମିକ୍ ହୁଜା ଦେଉଁକେ ପବିତ୍ର ଜାଜକ୍
ଅ୪ଉଁକେ ଜିବନ୍ ଟେଳାହର୍ ଗଟେକ୍ ଆତ୍ମିକ୍ ଗ୪ର୍ ହର୍ ତିଆର୍
ଅ୪ଉଆ । 6 କାୟ୍ତାକ୍ବ୪ଲେକ୍ ସାସ୍ତରେ ଲେକା ଆଚେ,
"ଦ୪କା, ମୁଁୟ୍ ସିଅନେ ଗଟେକ୍ ବାଚ୍ଲାର୍ ଆର୍ ବ୪ଡେ ମଲାର୍
କନାର୍ ମୁଲ୍ଟେଳା ଗାଡୁଲେ ଆର୍ ଜେ ତାର୍ତ୪ୟ୍ ବିସ୍ୱାସ୍
କ୪ରେଦ୍ ସେ ଲାଜ୍ ନ୪ହାୟ୍ ।" 7 ତ୪ବେ ବିସ୍ୱାସ୍ କ୪ରୁଲାସ୍
ଜେ ତୁମିମ୪ନ୍, ତୁମିମ୪ନ୍ ସେ ବ୪ଡେମଲାର୍ ବାଗ୍ ହାଉତା ଲକ୍,
ମ୪ତର୍ ଜୁୟ୍ମ୪ନ୍ ଅବିସ୍ୱାସି, "ଗ୪ର୍ ବାନ୍ଧମ୪ନ୍ ଜୁୟ୍ ଟେଳାକେ
ନ୪ଚ୍ଲାୟ୍, ସେରି ସେମ୪ନାର୍ ହାୟଁ କନାର୍ ମୁଲ୍ ଟେଳା ଅୟ୍ଲି
।" 8 ଆରେକ୍ ପବିତ୍ର ସାସ୍ତରେ ଲେକା ଆଚେ, "ଇ ଟେଳାୟ୍
ଗାଦେକ୍ ଲକ୍ ଜଟ୍ୟାୟ୍ ଅ୪ଉତି ଆର୍ ଇ ଟେଳା ସେମ୪ନ୍କେ
ନାସ୍ କ୪ରେଦ୍ ।" ସେମ୪ନ୍ ଇସ୍ୱରାର୍ ବ୪ଚନ୍କେ ନ୪ମାନି
ଜଟ୍ୟାୟ୍ ଅୟ୍ଲାୟ୍, ଇରି ରିଲି ଇସ୍ୱରାର୍ ଜ୪ଜ୍ନା । 9 ମ୪ତର୍
ଜେ, ତୁମିମ୪ନ୍କେ ଅ୪ନ୍ଧାରେ ହୁଣି ନିଜାର୍ କାବାଅ୪ଉତା ଉଜାଲ୍
ଲ୪ଗେ କୁଦି ଆଚେ, ତୁମିମ୪ନ୍ ଜ୪ନ୍କ୪ରି ତାର୍ ଗୁଣ୍ କିର୍ତନ୍
କ୪ରାସ୍, ଇତାର୍ ଗିନେ ତୁମିମ୪ନ୍ ଗଟ୍ ବାଚ୍ଲାର୍ ବ୪ଉଁସ୍
ର୪ଜାର୍ ଜାଜକ୍ମ୪ନ୍ ପବିତ୍ର ଜାତି ଆର୍ ଇସ୍ୱରାର୍ ନିଜାର୍
ଲକ୍ ଅୟ୍ ଆଚାସ୍ । 10 ହୁର୍ବେ ତୁମିମ୪ନ୍ ଇସ୍ୱରାର୍ ଲକ୍ ଅୟ୍
ନ୪ରିଲାସ୍, ମ୪ତର୍ ଅ୪ବେ ଇସ୍ୱରାର୍ ଲକ୍ ଅୟ୍ ଆଚାସ୍, ହୁର୍ବେ
ତୁମିମ୪ନ୍ ଇସ୍ୱରାର୍ ଦ୪ୟା ହାୟ୍ ନ୪ରିଲାସ୍, ମ୪ତର୍ ଅ୪ବେ
ଦ୪ୟା ହାୟ୍ ଆଚାସ୍ । 11 ଏ ଲାଡାର୍ ବାୟ୍ବେଣିମ୪ନ୍ ତୁମିମ୪ନ୍
ବିଦେସି ଆର୍ ହ୪ର୍ବାସି ବ୪ଲି ମୁଁୟ୍ ତୁମିମ୪ନ୍କେ ଗ୪ଉଆରି
କ୪ରୁଲେ, ଗ୪ଗାଳାର୍ କ୪ରାବ୍ ଇଚା ଚାଡା, ସେରିମ୪ନ୍ ଆତ୍ମାର୍
ବିରଦେ ଜୁଜ୍ କ୪ରେଦ୍ । 12 ତୁମିମ୪ନ୍ ଅଜିଉଦିମ୪ନାର୍
ତ୪ୟ୍ ବଲ୍ ଜିବନ୍ କାଟା, ଜ୪ନ୍କ୪ରି ସେମ୪ନ୍ ଜୁୟ୍ତାର୍
ଗିନେ ତୁମିମ୪ନ୍କେ ଦୁସ୍ଟକାମ୍ କ୪ରୁମ୪ନ୍ ବ୪ଲି ଲିନ୍ଦା କ୪ର୍ତି,
ତୁମିମ୪ନାର୍ ନିକ କାମ୍ ଦ୪କି ସେ ବିସୟେ କ୍ରିସ୍ଟ ଆସ୍ତା ଦିନ୍
ଇସ୍ୱରାର୍ ଗୁଣ୍ ଗାଉତି । 13 ମାପ୍ରୁର୍ ଗିନେ ଗ୪ଉଆରି କ୪ରୁଲେ
ସ୪ବୁଲକ୍ ର୪ଜାମ୪ନାର୍ କ୪ତା ମାନା । 14 ସ୪ବ୍କେ ବ୪ଡ୍
ର୪ଜା ଅ୪ଉଅ କି ଦୁସ୍ଟ କାମ୍ କ୪ରୁ ମ୪ନ୍କେ ଟିକ୍ ଡ୪ଣ୍ଡ
ଦେଉଁକେ ଆର୍ ସ୪ତ୍ କାମ୍ କ୪ରୁମ୪ନ୍କେ ଦନ୍ୟବାଦ୍ ଦେତା
ଗିନେ ସେମ୪ନାର୍ ତ୪ୟ୍ ହୁଣି ଆୟ୍ଲାର୍ ଚାଲାଉତା ଲକ୍
ଅ୪ଉତ୍, ସେମ୪ନାର୍ ତ୪ଳେ ଚାଲା । 15 ବ୪ଲେକ୍ ତୁମିମ୪ନ୍
ଜେ ସ୪ତ୍ କାମ୍ କ୪ରି ନିର୍ବୁଦ୍ଧିଆମ୪ନାର୍ ଗିଆନ୍ ନୟ୍ଲା କ୪ତା
ବ୪ନ୍ଦ କ୪ରା, ଇରି ଇସ୍ୱରାର୍ ଇଚା । 16 ତୁମିମ୪ନାର୍ ତ୪ଳେ
ନ୪ରିଲେକ୍ ହେଁ ତୁମିମ୪ନାର୍ ମୁକୁଲ୍ଲାର୍ ଦୁସ୍ଟ କାମାର୍ ଡାହ୍ଣା
ହର୍ ବେବାର୍ ନ୪କେରି ଇସ୍ୱରାର୍ ଗତିଦ୪ଙ୍ଗଲା ଅୟ୍ ନିକ କାମ୍
କ୪ରା । 17 ସ୪ବ୍କେ ଲାଡ୍ କ୪ରା, ବିସ୍ୱାସି ବାୟ୍ବେଣିମ୪ନ୍କେ
ମାୟ୍ନ୍ ଦ୪କାଉଆ । ଇସ୍ୱର୍କେ ଡିରା, ର୪ଜାକେ ମାୟ୍ନ୍
କ୪ରା । 18 ଏ ଦ୪ଙ୍ଗଲାମ୪ନ୍ ତୁମିମ୪ନ୍ ଡିରିକ୪ରି ନିଜାର୍
ନିଜାର୍ ସାଉକାର୍ମ୪ନାର୍ କ୪ତା ମାନା, ଆର୍ ନିକ ଆର୍
ଦ୪ର୍ମି ସାଉକାରାର୍ ହ୪କା ନାୟ୍, ମ୪ତର୍ ଦ୪ୟା ନ୪କେର୍ତା
ଲକ୍ମ୪ନ୍କେ ହେଁ ମାନା । 19 ବ୪ଲେକ୍ କେ ଜ୪ବେ ଇସ୍ୱର୍କେ
ନିଜେ ମାନି ଅ୪ନ୍ୟାୟେ ଦୁକ୍ ବୟ୍ଗ୍ କ୪ରି କ୪ସ୍ଟ ସ୪ମ୍ଭାଳେଦ୍,
ତ୪ବେ ଇସ୍ୱର୍ ଦ୪ୟା କ୪ରେଦ୍ । 20 ତ୪ବେ ତୁମିମ୪ନ୍ ଦ୪ସ୍
କ୪ରି ନିଜାର୍ ନିଜାର୍ ଦ୪ସାର୍ ଗିନେ ଦୁକ୍ ସ୪ମ୍ଭାଳାସ୍, ତ୪ବେ
ସେତାର୍ ଗିନେ କାୟ୍ ଲାବ୍? ମ୪ତର୍ ଜଦି ନିକ କାମ୍ କ୪ରି
ଦୁକ୍ ସ୪ମ୍ଭାଳାସ୍, ତ୪ବେ ସେରି ଇସ୍ୱରାର୍ ତ୪ୟ୍ ସ୪ର୍ଦାର୍ କ୪ତା
। 21 ଇତାର୍ ଗିନେ ହ୪କା ତୁମିମ୪ନ୍ ଆସି ଆଚାସ୍, କାୟ୍ତାକ୍
ବ୪ଲେକ୍ ତୁମିମ୪ନ୍ ଜ୪ନ୍କ୪ରି କ୍ରିସ୍ଟର୍ ହାଦ୍ ଚିନ୍କେ ଅୟ୍
ଜ୪ହାସ୍, ସେତାର୍ ଗିନେ ସେ ହେଁ ତୁମାର୍ ଗିନେ ଦୁକ୍ ବୟ୍ଗ୍
କ୪ରି ତୁମିମ୪ନ୍କେ ସେହର୍ କ୪ରୁକେ ଦ୪କାୟ୍ ଜାୟ୍ ଆଚେ;
22 ସେ କାୟ୍ ହାହ୍ ହେଁ ନ୪କେଲା, କି ତାର୍ ମୁଏଁ କାୟ୍ ମିଚ୍
କ୪ତା ନ୪ରିଲି । 23 ତାକେ ଲିନ୍ଦା କ୪ଲା ବ୪ଲ୍ ସେ ଲେଉଟି
ଲିନ୍ଦା ନ୪କେଲା; ଦୁକ୍ ବୟ୍ଗ୍ କ୪ଲା ବ୪ଲ୍ ସେମ୪ନ୍କେ ବିରଦ୍
କ୪ରୁକେ ନ୪ଡିରାୟ୍ଲା, ମ୪ତର୍ ନ୍ୟାୟ୍ ବିଚାର୍ କାରିର୍ ଆତେ
ସ୪ବୁ ସ୪ହ୍ରି ଦିଲା । 24 ଅ୪ମିମ୪ନ୍ ଜ୪ନ୍କ୪ରି ହାହାର୍ ଗିନେ
ମ୪ରିକ୪ରି ଦ୪ର୍ମି ଅ୪ଉଁକେ ଜିବନ୍ କାଟୁନ୍ଧ, ଇତାର୍ ଗିନେ
ସେ ଅ୪ହ୍ଣାକ୍ କ୍ରୁସ୍ ଉହ୍ରେ ନିଜାର୍ ଗ୪ଗାଳେ ଅ୪ମିମ୪ନାର୍
ସ୪ବୁ ହାହ୍ ବୟ୍ଲା; ତାକେ ମାଡ୍ ହ୪ଲ୍ଲାକେ ତୁମିମ୪ନ୍ ଉଜ୍
ଅୟ୍ ଆଚାସ୍ । 25 ବ୪ଲେକ୍ ତୁମିମ୪ନ୍ ମେଣ୍ଢାହର୍ ବିନ୍ ବାଟ୍
ଜାୟ୍ରିଲାସ୍, ମ୪ତର୍ ଅ୪ବେ ତୁମିମ୪ନାର୍ ଆତ୍ମାର୍ ଗ୪ଉଳିଆ
ଆର୍ ମୁଳିକା ହାକ୍ ବାଉଳି ଆସି ଆଚାସ୍ ।

3 ସେର୪କମ୍, ଏ ମାୟ୍ଜିମ୪ନ୍, ତୁମିମ୪ନ୍ ନିଜାର୍ ନିଜାର୍
ଡକ୍ରାଦିମ୪ନାର୍ କ୪ତା ମାନା ଜ୪ନ୍କ୪ରି ସେମ୪ନାର୍ ବିତ୍ରେ
କେ କେ ମାପ୍ରୁର୍ କ୪ତାକ୍ ନ୪ମାନ୍ଲେ ହେଁ ତୁମିମ୪ନାର୍ ଡିରାର୍
ସ୪ଙ୍ଗ ନିକ ବେବାର୍ ଦ୪କି ମାପ୍ରୁର୍ କ୪ତାୟ୍ ନୟ୍ଲେକ୍ହେଁ
ଅ୪ହ୍ଣା ଅ୪ହ୍ଣାର୍ ଡକୁର୍ସି ମନାର୍ ବେବାର୍ ଦ୪କି ବାଦୁଲ୍ତି
। 2 କାୟ୍ତାକ୍ ବ୪ଲେକ୍ ତୁମାର୍ ନିକଗୁଣ୍ କ୪ଡେ ନିକ ଦ୪କି
ସେମ୪ନ୍ ସିକ୍ତି । 3 ଆର୍ ସୁନ୍ଧର୍କ୪ରି କସା ବାନ୍ଧତାର୍, ସନାର୍
ମାଳି, ସୁନ୍ଧର୍ ହ୪ଚ୍ୟା ହିନ୍ଧତାର୍, ଅ୪ନ୍କ୪ରି ଜୁୟ୍ ହ୪ଦାର୍
ବେସ୍, ସେରି ତୁମିମ୪ନାର୍ ବେସ୍ ନ୪ଉଅ । 4 ମ୪ନ୍ ବିତ୍ରାର୍
ଜୁୟ୍ କ୪ଉଁଣା ଆର୍ ସାନ୍ତି ରିଲା ଗୁପ୍ତ ମ୪ନ୍ବାବ୍ ଇସ୍ୱରାର୍
ଆକାୟ୍ ବ୪ଡେ ମଲ୍, ସେରି ହ୪କା ତୁମିମ୪ନାର୍ ନ୪ସ୍ଟ ନ୪ଉତା

ବେସ୍ ଅଃଉଅ । 5 ବଃଲେକ୍ ହୁର୍ବ୍ କାଲାର୍ ଦଃର୍ମି ମାୟ୍‌ଜିମଃନ୍
ଇସ୍ୱରାର୍ ତଃୟ୍ ଆସା କଃରି ଅଃହ୍‌ଣା ଅଃହ୍‌ଣାର୍ ଡକ୍ରାସିମଃନାର୍
କଃତା ମାନି ଇ ରଃକମ୍ ଅଃହ୍‌ଣା ଅଃହ୍‌ଣାକ୍ ବେସ୍ ବାନ୍ଧତି
ରିଲାୟ୍ । 6 ସାରା ସେରଃକମ୍ ଗଟେକ୍ ମାୟ୍‌ନ୍‌କାରି ମାୟ୍‌ଜି
ରିଲି । ସେ ଅବ୍ରାହାମାର୍ କଃତା ମାନି ତାକ୍ ମାପ୍ରୁ ବଃଲି କଃଉତି
ରିଲି । ତୁମିମଃନ୍ ଜଦି କୁୟ୍ ବିସୟେ ହେଁ ନଃଡିରି ନିକ ନିକ
ମାନ୍‌ତିର୍ କାମ୍ କଃରାସ୍, ତଃବେ ତୁମିମଃନ୍ ହେଁ ତାର୍ ଜିସି । 7 ଏ
ଅଃଣ୍ଡ୍ରାମଃନ୍, ସେନ୍‌କଃରି ତୁମାର୍ ମାୟ୍‌ଜିମଃନ୍‌କେ ଦୁର୍ବଲ୍ ବଃଲି
ଜାଣି ସେମଃନ୍‌କେ ସଃମ୍ମାଳି କଃରି ବାସା କଃରା । ସେମଃନ୍‌କେ
ମାୟ୍‌ନ୍ କଃରା । ସେମଃନ୍ ହେଁ ତୁମିମଃନାର୍ ସଃଙ୍ଗ୍ ଇସ୍ୱରାର୍
ତଃୟ୍ ଜିବନ୍ ହର୍ ଦାନ୍ ହାଉତି । ତୁମିମଃନ୍ ସେମଃନ୍‌କେ ଟିକ୍
ବେବାର୍ କଃଲେକ୍, ତୁମିମଃନାର୍ ପାର୍ତନାୟ୍ ବାଦା ନାସେ । 8
ସଃରାସଃରି କଃତା ଇରି, ତୁମିମଃନ୍ ସଃବୁଲକ୍ ଗଟେକ୍‌ମଃନ୍
ଅୟ୍, ସଃବୁଲକାର୍ ଦୁକେ ସୁକେ ଉହ୍‌କାର୍ ଅଃଉଆ, ବାୟ୍‌ଲାଡେ
ଲାଡ୍ କଃରା, କଃଉଁଣା ମଃନ୍, ଆର୍ ଦିର୍‌ମଃନାର୍ ଅଃଉଆ । 9
ନଃସ୍ଟ ବାଦୁଲେ ଆରେକ୍ ନଃସ୍ଟ ନଃକେରି ଆର୍ ଲିନ୍ଦା ବାଦୁଲେ
ଆରେକ୍ ଲିନ୍ଦା ନଃକେରି ତାର୍ ବାଦୁଲେ ଆସିର୍ବାଦ୍ କଃରା,
କାୟ୍ କଃରୁକେ ବଃଲେକ୍ ତୁମିମଃନ୍ ଆସିର୍ବାଦାର୍ ଅଃଦିକାରି
ଅଃଉଅାସ୍, ଇତାର୍ ଗିନେ କୁଦା ଅୟ୍ ଆଚାସ୍ । 10 ସାସ୍ତ୍ରରେ
ଲେକା ଆଚେ, "ଜଦି ଜେ ଜିବନେ ସୁକ୍ ବୟ୍‌ଗ୍ କଃରୁକେ
ଆର୍ ସୁକାର୍ ଦିନ୍ ଦଃକୁକ୍ ମଃନ୍ କଃରେଦ୍, ସେ କଃରାବ୍
କଃତାୟ୍ ଅଃହ୍‌ଣାର୍ ଜିବ୍‌କେ ଆର୍ ଦଃର୍ମ ଜଃଟ୍‌ତା କଃତାୟ୍
ହୁଣି ଅଃହ୍‌ଣାର୍ ଟଣ୍ଡ୍‌କେ ମଦା କଃର । 11 ସେ କଃରାବ୍ କାମ୍
ଚାଡିକଃରି ସଃତ୍ କାମ୍ କଃର; ସେ ସୁସ୍ତା କଜି ତାର୍ ହଃଚେ
ହଃଚେ ଜଃଉଅ । 12 ବଃଲେକ୍ ଦଃର୍ମିମଃନାର୍ ହାକ୍ ମାପ୍ରୁର୍
ଆକି ଆଚେ, ସେମଃନାର୍ ପାର୍ତନାକ୍ ତାର୍ କାନ୍ ଉଗାଲା ଆଚେ,
ମଃତର୍ ମାପ୍ରୁର୍ ଟଣ୍ଡ ଦୁସ୍ଟ କାମ୍ କଃରୁମଃନାର୍ ବିରଦି ।" 13
ଆର୍ ତୁମିମଃନ୍ ଜଦି ନିକ ବିସୟେ ତିକ୍‌ତିକା ଅଃଉଅାସ୍
ତଃବେ କେ ତୁମିମଃନାର୍ ନଃସ୍ଟ କଃରେଦ୍? 14 ଆର୍ ଜଦି ଦଃର୍ମ୍
କାମାର୍ ଗିନେ ତୁମିମଃନ୍‌କେ ଦୁକ୍ ବୟ୍‌ଗ୍ କଃରୁକେ ହଃଲେଦ୍,
ତଃନ୍‌ଅଲେ ତୁମିମଃନାର୍ ବାୟ୍‌ଗ୍ । ସେମଃନ୍ ଡିରାୟ୍‌ଲେକ୍ ଡିରା
ନାୟ୍ କି ଚିତା କଃରାନାୟ୍ । 15 ମଃତର୍ କ୍ରିସ୍ଟକେ ମାପ୍ରୁ ବଃଲି
ନିଜାର୍ ନିଜାର୍ ମଃନ୍ ବିତ୍ରେ ନିର୍ମୁଳେ ମାୟ୍‌ନ୍ କଃରା । ତୁମି କାୟ୍
କଃରୁକେ ବଃର୍ସା କଃରୁଲାସ୍ ବଃଲି କେ ହଃଚାର୍‌ଲେକ୍, ତାକେ
ଉତୁର୍ ଦେଉଁକେ ଜଃଗ୍ରାତ୍ ରିଆ, 16 ମଃତର୍ ଦିର୍ ବାବେ ଆର୍
ଡିରାର୍ ସଃଙ୍ଗ୍ ନିକ ବୁଦିର୍ ସଃଙ୍ଗ୍ ଉତୁର୍ ଦିଆସ୍ । ଜଃନ୍‌କଃରି
ତୁମିକେ ଲିନ୍ଦା କଃରୁମଃନ୍ ଜୁୟ୍ ବିସୟେ ତୁମିମଃନାର୍ କ୍ରିସ୍ଟାନ୍
ଗୁଣାର୍ ଦଃସ୍ ଦେତି, ସେତି ସେମଃନ୍ ଲାଜ୍ ହାଉତି । 17
ବଃଲେକ୍ ଦୁସ୍ଟ କାମାର୍ ଗିନେ ଦୁକ୍ ବୟ୍‌ଗ୍ କଃର୍ତା ବାଟା ମଃତର୍
ଜଦି ଇସ୍ୱରାର୍ ଇଚା ଅୟ୍‌ଦ୍, ତଃବେ ସଃତ୍‌କାମ୍ କଃରି ଦୁକ୍
ବୟ୍‌ଗ୍ କଃର୍ତାର୍ ନିକ । 18 ବଃଲେକ୍ ତୁମିମଃନ୍‌କେ ଇସ୍ୱରାର୍
ହାକ୍ ଆଣୁକେ କ୍ରିସ୍ଟ ହେଁ ଦଃର୍ମି ଅୟ୍ ଅଃଦଃର୍ମିମଃନାର୍ ହାୟ୍
ହାହାର୍ ଗିନେ ତରେକ୍ ମଃର୍ନ୍ ବୟ୍‌ଗ୍ କଃଲା । ସେ ଗଃଗାଳେ
ମଃର୍ନ୍ ବୟ୍‌ଗ୍ କଃଲା ସଃତ୍, ମଃତର୍ ଆତ୍ମାୟ୍ ଜିବନ୍ ହାୟ୍‌ଲା
। 19 ସେତିର୍ ଗିନେ ହେଁ ସେ କଃୟ୍‌ଦି ଆତ୍ମାମଃନାର୍ ତଃୟ୍
ଜାୟ୍ ପର୍ଚାର୍ କଃଲା । 20 ହୁର୍ବ୍ କାଳେ ନହର୍ ବଃଲ୍ ଜାଜ୍
ହାଜ୍‌ତା ବଃଲ୍, ଜଃଡେବଃଲ୍ ଇସ୍ୱର୍ ବେସିଦିନ୍ ସଃମ୍ଭାଳିକଃରି
ଜାଗ୍‌ତି ରିଲା, ସଃଡେବଃଳ ସେମଃନ୍ ଅମାନ୍ୟା ଅୟ୍‌ରିଲାୟ୍
। ସେ ଜାଜେ ହୁରିକଃରି ଅଃଳକ୍ ଲକ୍ ବଃଲେକ୍ ଅଃକାୟ୍
ଆଟ୍ ଲକ୍, ରାଜିବୁଡା ହାଣାୟ୍‌ହୁଣି ରଃକ୍ୟା ହାୟ୍‌ଲାୟ୍ । 21
ବାପ୍ତିସମ୍ ସେରଃକମ୍, ବଃଲେକ୍ ଗଃଗାଳାର୍ ମେଳି ଦଃଉତାର୍
ନାୟ୍, ମଃତର୍ ଇସ୍ୱରାର୍ ହାକ୍ ନିର୍ମୁଳ୍ ଜିବନ୍ ହାଉଁକେ ପାର୍ତ୍‌ନା
ଜିସୁ କ୍ରିସ୍ଟର୍ ଆରେକ୍ ଉଟ୍‌ଲାର୍ ଗିନେ ଅଃବେ ତୁମିମଃନ୍‌କେ
ମୁକ୍ତି କଃରୁଲି । 22 ସେ ଜିସୁ କ୍ରିସ୍ଟ ସଃର୍ଗେ ଜାୟ୍ ଇସ୍ୱରାର୍
କାତାବାଟ୍ୟା ବଃସିଆଚେ, ଆର୍ ଦୁତ୍‌ମଃନ୍, ଅଃଦିକାରିମଃନ୍
ଆର୍ ସଃକ୍ତିକାରିମଃନ୍ ତାର୍ ତଃଳେ ଆଚ୍‌ତି ।

4 କ୍ରିସ୍ଟ ଗଃଗାଳେ ଦୁକ୍ ବୟ୍‌ଗ୍ କଃରି ରିଲାକ୍ ତୁମିମଃନ୍ ହେଁ
ସେରଃକମ୍ ମଃନ୍ ଦଃରି ଅଃହ୍‌ଣାମଃନ୍‌କେ ନିକ କଃରି ତିଆର୍
କଃରା, ବଃଲେକ୍ ଜେ କ୍ରିସ୍ଟର୍ ଗିନେ ଗଃଗାଳେ ଦୁକ୍‌ବୟ୍‌ଗ୍
କଃରିଆଚେ, ସେ ହାହ୍ ଚାଡି ଆଚେ, 2 ଜଃନ୍‌କଃରି ତୁମିମଃନ୍
ଇ ଜଃଗତାର୍ ଜିବନାର୍ ବାକି କାଲ୍ ମାନାୟ୍‌ର୍ କଃରାବ୍ ଇଚା
ହଃର୍କାରେ ଜିବନ୍‌କାଟି ନଃକେରି ଇସ୍ୱରାର୍ ଇଚା ହଃର୍କାରେ ଜିବନ୍
କାଟା । 3 ସେତାକ୍ ଅଜିଉଦିମଃନାର୍ ଇଚା ହଃର୍କାରେ କାମ୍ କଃରି
ତୁମିମଃନ୍ ଜଃତି ଦିନ୍ କଃରାବ୍ କାମ୍, କଃରାବ୍ ଇଚା, ମଃଦ୍
କାତାର୍, ରଃଙ୍ଗ୍‌ରଃସିଆ, ମାତୁଆଳି ଆର୍ କିଚ୍‌କିଚା ମୁର୍ତିହୁଜା
କଃର୍ତି ରିଲାସ୍ । 4 ଇ ରଃକମ୍ ଉତ୍‌ହାତ୍ ବାଟେ ତୁମିମଃନ୍
ସେମଃନାର୍ ସଃଙ୍ଗ୍ ଦଃବ୍‌ଳି ନଃଜାହାସ୍, ଇରି ସେମଃନ୍ କାବା
ଅୟ୍ ତୁମିମଃନାର୍ ବେସି ଲିନ୍ଦା କଃର୍ତି । 5 ମଃତର୍ ଜୁୟ୍ ଇସ୍ୱର୍
ଜିବନ୍ ରିଲା ଆର୍ ମଃଲାଲକ୍‌ମଃନାର୍ ବିଚାର୍ କଃରେଦ୍, ତାର୍
ଚଃମେ ସେମଃନ୍‌କେ ଇସାବ୍ ଦେଉଁକେ ହଃଲେଦ୍ । 6 ବଃଲେକ୍
ଇତାର୍ ଗିନେ ହଃକା ମଃଲା ଲକାର୍ ତଃୟ୍ ହେଁ ନିକ କବୁର୍
ପର୍ଚାର୍ ଅୟ୍‌ଲି, ଜଃନ୍‌କଃରି ସେମଃନ୍ ମାନାୟ୍‌ମଃନାର୍ ହର୍
ଗଃଗାଳେ ବିଚାର୍ କଃରା ଅୟ୍‌ଲେକ୍ ହେଁ, ଇସ୍ୱରାର୍ ହର୍ ଆତ୍ମାୟ୍
ଜିବନ୍ ଅଃଉତି । 7 ମଃତର୍ ସଃବୁ ବିସୟାର୍ ସଃରାସଃରି
ଦିନ୍ ଲଃଗେ ଅୟ୍‌ଲିବେ । ବଃଲେକ୍ ନିକ ବୁଦିର୍ ଅଃଉଆ
ଆର୍ ପାର୍ତ୍‌ନା କଃରୁକେ ମଃନ୍ ତିର୍ କଃରି ଜଃଗ୍ରାତ୍ ରିଆ । 8
ମୁଲ୍‌କଃରି ତୁମିମଃନ୍ ମଃନ୍‌ହଃରାଣ୍ ସଃଙ୍ଗ୍ ଲାଡ୍ କଃରାକଃରି
ଅଃଉତି ରିଆ, ବଃଲେକ୍ ଲାଡ୍ ବୁତେକ୍ ହାହ୍ ଡାହେଦ୍ । 9 କଃଟି
ନଃୟ୍‌କଃରି ଏକ୍‌ଆରେକ୍‌କେ ଗଃରେ କୁଦା । 10 ହଃତି ଲକ୍ ହେଁ
ଜଃନ୍‌କଃରି ଦଃୟା ହାୟ୍ ଆଚାସ୍, ସେ ରଃକମ୍ ଇସ୍ୱରାର୍ ସଃବୁ
ବାଟାର୍ ଦଃୟାର୍ ନିକ ବଃଣ୍ଡାର୍‌ଗଃରିଆ ହର୍ ଏକ୍‌ଆରେକାର୍
ସେବା କଃରା । 11 କେ ଜଦି ପର୍ଚାର୍ କଃରେଦ୍, ତଃବେ ସେ

ଇସ୍ୱରାର୍ ବାକ୍ୟର୍ ପର଼୍ାର୍କଃରୁ ହର୍ ପର୍ଚାର୍ କଃର; କେ ଜଦି
ସେବା କଃରେଦ୍, ତଃବେ ଇସ୍ୱରାର୍ ସଃକ୍ତି ହାୟ୍ଲା ଲକ୍ ହର୍
ସେବା କଃର, ଜଃନ୍କଃରି ଜିସୁ କ୍ରିସ୍ଟର୍ ଗିନେ ଇସ୍ୱର୍ ଜଃଜ୍ମାନ୍
ହାୟ୍ଦ୍; ଜୁଗେଜୁଗେ ଜଃଜ୍ମାନ୍ ଆର୍ ସଃକ୍ତି ତାର୍ । ଆମେନ୍
। (aiōn g165) 12 ଏ ଲାଡାର୍ ବାୟ୍ବେଣିମଃନ୍ ତୁମିମଃନାର୍
ପରିକ୍ୟା ଗିନେ ଜୁୟ୍ ଦୁକ୍ ବୟ୍ଗାର୍ ହର୍ ଜୟ୍ ଆୟ୍ଲି ଆଚେ,
ସେରି କାବା ଅଃଉତା ଗଃଟ୍ଣା ବଃଲି କାବା ଅଃଉଆ ନାୟ୍
। 13 ମଃତର୍ ଜଃତେକ୍ ମାଡ୍ କ୍ରିସ୍ଟର୍ ଦୁକ୍ ବୟ୍ଗାର୍ ବାଗି
ଅଃଉଁଲାସ୍ ସଃତେକ୍ ମାଡ୍ ସଃର୍ଦା କଃରା ଜଃନ୍କଃରି ତାର୍
ଜଃଜ୍ମାନ୍ ଜାଣାହଃଲ୍ତା ବଃଲ୍ ହେଁ ତୁମିମଃନ୍ ବଃଡେ ସଃର୍ଦା
କଃରାସ୍ । 14 ଜଦି ତୁମିମଃନ୍ କ୍ରିସ୍ଟର୍ ନାଉଁଆର୍ ଗିନେ ଲିନ୍ଦା
ହାଉଁଲାସ୍, ତଃନ୍ଅୟ୍ଲେକ୍ ତୁମିମଃନାର୍ ବାୟ୍ଗ୍, ବଃଲେକ୍
ଜଃଜ୍ମାନାର୍ ଆତ୍ମା, ବଃଲେକ୍ ଇସ୍ୱରାର୍ ଆତ୍ମା, ତୁମିମଃନାର୍
ତଃୟ୍ ଉତ୍ତୁଲି । 15 ଇତାର୍ ଗିନେ ତୁମିମଃନାର୍ ବିତ୍ରେ କେ ଜଦି
ନଃର୍ ହଃତ୍ୟାକାରି, କି ଚର୍, କି କଃରାବ୍ ବେବାର୍ କଃରୁ, କି
ଅଃଦିକାର୍ ନୟ୍ଲା ଗାଣେଜ୍ଞକଃଉ, ଅୟ୍ ଦଃଣ୍ଡ ବୟ୍ଗ୍ ନଃକେର
। 16 ମଃତର୍ କେ ଜଦି କ୍ରିସ୍ଟାନ୍ ଅୟ୍ ଡଃଣ୍ଡ ବୟ୍ଗ୍ କଃରେଦ୍,
ତଃନ୍ଅୟ୍ଲେକ୍ ସେ ଲାଜ୍ ନଃଉଅ, ମଃତର୍ ଇ ନାଉଁଆର୍ ଗିନେ
ଇସ୍ୱରାର୍ ଗୁଣ୍ କଃଉଆ । 17 ବଃଲେକ୍ ଇସ୍ୱରାର୍ ଗଃରେହୁଣି
ଆରୁମ୍ କଃରି ବିଚାର୍ କଃର୍ତା ବେଳା ଅୟ୍ଲିବେ; ଆର୍ ଜଦି ହଃର୍ତୁ
ଅଃମାର୍ ତଃୟ୍ ଆରୁମ୍ ଅୟ୍ଦ୍, ତଃବେ ଜୁୟ୍ମଃନ୍ ଇସ୍ୱରାର୍
ନିକ କବୁରାର୍ ବଲ୍ ନଃମାନ୍ତି, ସେମଃନ୍କାର ସଃରାସଃରି
ଦଃସା କଃନ୍କାର୍ ନୟ୍? 18 ସାସ୍ତରେ ଲେକା ଆଚେ, "ଦଃର୍ମି
ଜଦି କଃସ୍ଟେ ମୁକ୍ତି ହାୟ୍ଦ୍ ତେବେ ଅଃଦଃର୍ମି ଆର୍ ହାହି କୁୟ୍ତି ମୁଁ
ଦଃକାୟ୍ଦ୍?" 19 ତଃବେ, ଜୁୟ୍ମଃନ୍ ଇସ୍ୱରାର୍ ଇଚା ହଃର୍କାରେ
ଦୁକ୍ ବୟ୍ଗ୍ କଃର୍ତି, ସେମଃନ୍ ସଃତ୍ କାମ୍ କଃରି ତାର୍ ତଃୟ୍
ହୁରାହୁରି ବଃର୍ସା କଃରତ୍ । ସେମଃନାର୍ ଉବ୍ଜାଣ୍କାରି ଇସ୍ୱର୍
ସଃବୁବଃଲ୍ ତାର୍ ଜଃବାଉ ରଃକ୍ୟା କଃରେଦ୍ ।

5 ମୁୟ୍ ଗଟେକ୍ ବଃୟ୍ସେ ବଃଡ୍ ଇସାବେ କ୍ରିସ୍ଟର୍ ଦୁକ୍ ବୟ୍ଗାର୍
ସାକି ଆର୍ ଆସୁଲା ଜଃଜ୍ମାନାର୍ ବାଗିଦାରି ଜେ ମୁୟ୍,
ମୁଁୟ୍ ତୁମିମଃନାର୍ ବିତ୍ରେ ରିଲା ପାରାଚିନ୍ମଃନ୍କେ ଗଃଉଆରି
କଃରୁଲେ । 2 ତୁମିମଃନାର୍ ଦାୟ୍ତେ ରିଲା ଇସ୍ୱରାର୍ ମଃନ୍ଦାକେ
ହସ୍ହାଲ୍ କଃରା । ବାଦ୍ୟ ଅୟ୍କଃରି ନାୟ୍, ମଃତର୍ ଇସ୍ୱରାର୍
ଇଚା ହଃର୍କାରେ ସଃର୍ଦାମଃନେ, ଦଃନ୍ ଲାବାର୍ ଗିନେ ନାୟ୍,
ମଃତର୍ ସଃର୍ଦାୟ୍ ସେରି କଃରା । 3 ଆରେକ୍ ଜୁୟ୍ମଃନାର୍
ଦାୟ୍ତ୍ ତୁମାର୍ ଆତେ ସଃର୍ହି ଦିଆ ଅୟ୍ଲି ଆଚେ, ସେମଃନାର୍
ଉହ୍ରେ ଅଃଦିକାର୍ ନଃଦେକାୟ୍ ମଃନ୍ଦାର୍ ବାଟ୍ ଦଃକାୟ୍ଲା ହର୍
ସେରି କଃରା । 4 ଜଃଡେବଃଲ୍ ମୁଲ୍ ମେଣ୍ଡା ଗଃଉଳିଆ ଆୟ୍ଲା
ବଃଲ୍ ତୁମିମଃନ୍ ଜଃଜ୍ମାନାର୍ ନଃସ୍ଟ ନଃଉତା ମୁକୁଟ୍ ହାଉଁଲାସ୍
ଜୁୟ୍ରି ତାର୍ ଜିକ୍ ଜିକା ଅଃଉତାର୍ କଃବେ ଆରାୟ୍ ନଃକେରେ
। 5 ସେରଃକମ୍ ଏ ଦଃଙ୍ଗଲାମଃନ୍, ତୁମିମଃନ୍ ପାରାଚିନ୍
ମଃନାର୍ ତଃଳେ ରିଆ । ସଃବୁଲକ୍ ଅଃହ୍ଣା ଅଃହ୍ଣାକ୍ ଦିର୍
ହର୍ ବଃସ୍ତର୍ ହିନ୍ଦା, କାୟ୍ତାକ୍ ବଃଲେକ୍ ସାସ୍ତର୍ କଃଉଁଲି,
"ଇସ୍ୱର୍ ଆକାରିମଃନ୍କେ ସାନ୍ କଃରି ଦିର୍ସୁସ୍ତାର୍ ଲକ୍ମଃନ୍କେ
ଦଃୟ୍ା କଃରେଦ୍ ।" 6 ବଃଲେକ୍ ଇସ୍ୱରାର୍ ବଃଲ୍କାରି ଆତ୍
ତଃଳେ ଅଃହ୍ଣା ଅଃହ୍ଣାକ୍ ସଃହ୍ରି ଦିଆସ୍, ଜଃନ୍କଃରି ସେ
ତୁମିମଃନ୍କେ ଟିକ୍ ବେଳାୟ୍ ଉହ୍ରେ ଉଟାୟ୍ଦ୍ । 7 ତୁମିମଃନାର୍
ସଃବୁ ଚିତାର୍ ବଜ୍ ଇସ୍ୱରାର୍ ଉହ୍ରେ ଚାଡିଦିଆସ୍, ବଃଲେକ୍ ସେ
ତୁମିମଃନାର୍ ଗିନେ ଚିତା କଃରୁଲା । 8 ଜାଗ୍ରତ୍ ଅୟ୍ ଜାଗି ରିଆ
। ତୁମିମଃନାର୍ ବିରଦି ସୟ୍ତାନ୍ ସିମାବାଗ୍ ହର୍ ଗଃର୍ଜାଣ୍ କଃରି
କାକେ ମାଡିବଃସେଦ୍, ଇରି ଲଳି ବୁଲୁଲି । 9 ବିସ୍ୱାସେ ତିର୍
ରଃୟ୍ ତାକ୍ ତେବାଉଆ, ଆରେକ୍ ଇରି ଜାଣା ଜେ, ଜଃଗତେ
ରିଲା ବିସ୍ୱାସି ବାୟ୍ବେଣି ମଃନ୍କେ ହେଁ ଇରଃକମ୍ ଦୁକ୍ ବୟ୍ଗ୍
ଗଃଟୁଲି । 10 ସଃବୁ ଦଃୟ୍ାକାରି ଜୁୟ୍ ଇସ୍ୱର୍ ଅଃହ୍ଣାର୍ ସଃବୁ
ଦିନାର୍ ଜଃଜ୍ମାନାର୍ ତାର୍ ସଃଙ୍ଗ ବାଗ୍ହାଉଁକ୍ କ୍ରିସ୍ଟ ଜିସୁର୍
ଗିନେ ତୁମିମଃନ୍କେ କୁଦି ଆଚେ, ସେ ତୁମିମଃନାର୍ ଚଃନେକାର୍
ଦୁକ୍ବୟ୍ଗାର୍ ହଃଚେ ତୁମିମଃନ୍କେ ହୁର୍ନ୍, ସୁସ୍ତା, ବପୁ, ଆର୍
ନାଉଁ ବାସ୍ କଃରାୟ୍ଦ୍ । (aiōnios g166) 11 ବଲ୍ବପୁ ଜୁଗେଜୁଗେ
ତାର୍ ଆମେନ୍ । (aiōn g165) 12 ଇସ୍ୱରାର୍ ସଃତ୍ ଦଃୟ୍ା
ଜେ ଇ ରଃକ୍ମ୍, ଇ ବିସୟେ ସାକି ଅୟ୍ ତୁମିମଃନ୍କେ ସାସ୍
ଦେଉଁକେ ସିଲାର୍ ଉହ୍କାରେ ମୁୟ୍ ହଃଦେକ୍ ଚିଟି ଲେକ୍ଲେ;
ମୁୟ୍ ଜାଣ୍ଲା ହଃର୍କାରେ ସେ ଗଟ୍ ସଃତ୍ ବାୟ୍ । ତୁମିମଃନ୍ ଇ
ଦଃୟ୍ାୟ୍ ତୁମିମଃନ୍ ତିର୍ ଅୟ୍ରିଆ । 13 ତୁମାର୍ ସଃଙ୍ଗ ବାଚ୍ଲା
ବାବିଲନାର୍ ମଃଣ୍ଡଳି ଆର୍ ମର୍ ଦଃର୍ମା ହଅ, ମାର୍କ ତୁମିମଃନ୍କେ
ଜୁଆର୍ ଜାଣାଉଁଲା । 14 କ୍ରିସ୍ଟିଆନ୍ ଲାଡେ ଏକ୍ଆରେକ୍କେ
ଜୁଆର୍ କଃରା । କ୍ରିସ୍ଟର୍ ତଃୟ୍ ରିଲା ତୁମିମଃନ୍କେ ସୁସ୍ତା ଅଃଉଅ
।

# ୨ ପିତର୍

1 ସିମନ୍ ପିତର୍, ଜିସୁ କ୍ରିସ୍ଟର୍ ଗଟେକ୍ ଗତିଦଃଙ୍ଗ୍ଲା ଆର୍
ପେରିତ୍ ଅଃମିମଃନାର୍ ଇସ୍ୱରାର୍ ଆର୍ ମୁକ୍ତିକାରି ଜିସୁକ୍ରିସ୍ଟାର୍
ଦଃର୍ମି ଲାଗି ଜୁୟ୍‌ମଃନ୍ ଅଃମିମଃନାର୍ ସଃଙ୍ଗେ ସଃମାନ୍ ବାବେ
ଜଃବର୍ ମଲାର୍ ବିସ୍ୱାସ୍ ହାୟ୍ ଆଚ୍‌ତି ସେମଃନାର୍ ହାକ୍ ଚିଟି
ଲେକୁଲେ । 2 ଇସ୍ୱର୍ ଆର୍ ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍
ବିସୟାର୍ ଗିଆନ୍ ଗିନେ ତୁମିମଃନ୍‌କେ ଦଃୟା ଆର୍ ସୁସ୍ତା ବୁଟେକ୍
ଅଃଉଅ । 3 ଜେ ଅଃହ୍‌ଣାର୍ ଜଃଜ୍‌ମାନ୍ ଆର୍ ସଃତ୍‌ଗୁଣେ
ଅଃମିମଃନ୍‌କ୍ କୁଦିଆଚେ, ତାର୍ ବିସୟାର୍ ଗିଆନ୍ ତଃୟ୍ ଇସ୍ୱରାର୍
ସଃକ୍ତି ଅଃମିମଃନ୍‌କ୍ ଜିବନ୍ ଆର୍ ଦର୍ମି ଜିବନ୍ ଅଃଉଁକେ ସଃବୁ
ଲଳାରିଲାର୍ ବିସୟ୍ ଦାନ୍ ଦଃୟ୍ ଆଚେ । 4 ସେତାର୍‌ଗିନେ
ସେ ଅଃମିମଃନ୍‌କ୍ ବଃଡେ ମଲାର୍ ଆର୍ ସଃବ୍‌କେ ଉଟ୍ୟା
ସଃୟ୍‌ତ୍‌ମଃନ୍ ଦିଲାଆଚେ, ଜଃନ୍‌କଃରି ସେରିସଃବୁ ତଃୟ୍‌ହୁଣି
ତୁମିମଃନ୍ କଃରାବ୍ ଇଚା ତଃୟ୍‌ହୁଣି ଜୁୟ୍ ନାସ୍‌ଅଃଉତା ଜଃଗତେ
ଆଚେ, ସେତିହୁଣି ବାଚିକ୍‌ରି ଇସ୍ୱରାର୍ ଗୁଣାର୍ ବାଟା ହାଉଆସ୍
। 5 ହେଁ ଇତାର୍ ଗିନେ ତୁମିମଃନ୍ ବଃଡେ ଜଃତୁନାର୍ ସଃଙ୍ଗ୍
ବିସ୍ୱାସ୍ ସଃଙ୍ଗ୍ ସଃତ୍‌ଗୁଣ୍, ସଃତ୍‌ଗୁଣ୍ ସଃଙ୍ଗ୍ ଗିଆନ୍, 6 ଗିଆନାର୍
ସଃଙ୍ଗ୍ ନିଜ୍‌କେ ସଃମ୍ବାଲ୍‌ତାର୍, ସଃମ୍ବାଲ୍‌ତା ସଃଙ୍ଗ୍ ସାସ୍, ସାସ୍
ସଃଙ୍ଗ୍ ଦଃର୍ମି ଜିବନ୍, 7 ଦଃର୍ମିଜିବନ୍ ସଃଙ୍ଗ୍ ବାୟ୍ ଲାଡ୍, ଆରେକ୍
ବାୟ୍ ଲାଡ୍ ସଃଙ୍ଗ୍ ଲାଡ୍ ମିସାଉଆ । 8 ଇସଃବୁ ତୁମାର୍ ତଃୟ୍
ବାଡ୍‌ଲେକ୍ ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟାର୍ କଃତାର୍ ଗିଆନେ
ହୁର୍ନ୍ ଅଃଉଁକେ ତୁମିମଃନ୍‌କେ ଅଃଲ୍‌ସିଆ ଆର୍ ହଃଲ୍ ନୟ୍‌ଲା ହର୍
ନଃଉଁଆସ୍ । 9 ମଃତର୍ ଇ ସଃବୁ ଜାର୍ ତଃୟ୍ ନାୟ୍, ସେ ଦୁରିକ୍
ଦଃକ୍‌ତା ହର୍ ନଃୟ୍‌କଃରି କାଣା ଅୟ୍‌ଆଚେ, ଆରେକ୍ ଅଃହ୍‌ଣାର୍
ଆଗେ କ୍‌ରିରିଲା ହାହେହୁଣି ନିର୍ମୁଲ୍ ଅୟ୍‌ଲା କଃତା ହାସ୍ରି ଆଚେ
। 10 ବଃଲେକ୍ ଏ ବାୟ୍‌ବେଣିମଃନ୍, ତୁମିମଃନ୍ ଅଃହ୍‌ଣା
ଅଃହ୍‌ଣାର୍ କୁଦ୍‌ଲାର୍ ଆର୍ ବାଚ୍‌ଲାର୍ ତିର୍ କଃରୁକେ ଅଃଦିକ୍
ଜାଗ୍ରତ୍ ଅଃଉଆ; ବଃଲେକ୍ ଇବାନ୍ୟା କଃଲେକ୍ ତୁମିମଃନ୍
କଃବେହେଁ ବିସ୍ୱାସେ ହୁଣି ଜଟ୍ୟାୟ୍ ନଃଉଁଆସ୍ । 11 ଆର୍
ଇରଃକମ୍ ଅଃମିମଃନାର୍ ମାପ୍ରୁ ଆର୍ ମୁକ୍ତିକଃର୍ତା ଜିସୁ କ୍ରିସ୍ଟର୍
ସଃବୁ ଦିନାର୍ ରାଇଜେ ସଃର୍ଦାୟ୍ ଜଃଉଁକେ ତୁମିମଃନ୍‌କେ ଦିଆ
ଅୟ୍‌ଦ୍ । (aiōnios g166) 12 ବଃଲେକ୍ ତୁମିମଃନ୍ ଜଦି ଇ
ସଃବୁ କଃତା ଜାଣାସ୍ ଆର୍ ହାୟ୍‌ରିଲା ସଃତି ତିର୍ କଃରା ଅୟ୍
ଆଚାସ୍, ଅୟ୍‌ଲେ, ହେଁ ମୁଁୟ୍ ଇ ସଃବୁ କଃତା ତୁମିମଃନ୍‌କେ
ଏତାୟ୍ ଦେଉଁକେ ସଃବୁବଃଲ୍ ଜାଗ୍ରତ୍ ଅୟ୍‌ନ୍ଦ ରଃୟ୍‌ଦ୍ । 13
ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟ ମକେ ଜଃନ୍‌କଃରି ଜାଣାୟ୍
ଆଚେ, ସେ ହଃର୍କାରେ ବେଗି ମକେ ଇ ଗଃଗାଲ୍ ହର୍ ତୁମ୍
ଜେ ଚାଡୁକ୍ ଟିକ୍ ଅୟ୍‌ଦ୍ । 14 ବେଗି ମୁୟ୍ଁ ଇ ନଃସ୍ଟ ଅଃଉତା
ଗଃଗାଲେ ହୁଣି ଦୁରି ଜାୟ୍‌ନ୍ଦ, ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟ
କୟ୍ ଆଚେ । 15 ଆର୍ ମୁୟ୍ଁ ମଃଲା ହଃଚେ ତୁମିମଃନ୍ ଇସଃବୁ
କଃତା ଜଃନ୍‌କଃରି ସଃବୁବଃଲ୍ ଏତାଉଁ ହାରାସ୍, ଇତାର୍ ଗିନେ
ମୁୟ୍ଁ ଜଃତୁନ୍ କଃରିନ୍ଦ । 16 କାୟ୍‌ତାକ୍‌ବଃଲେକ୍ ଅଃମିମଃନ୍
ଜଃଡ୍‌ବଲ୍ ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ସଃକ୍ତି ଆର୍ ଆସ୍ତା
କଃତା ତୁମିମଃନ୍‌କେ ଜାଣାୟ୍‌ଲୁ, ସଃଡେବଃଲ୍ ଚଃଲାକି ସଃଙ୍ଗ୍
କାୟ୍ କଃତା ହେଁ ମଃନେ ହାଜି କୟ୍ ନଃରିଲୁ ମଃତର୍ ତାର୍
ଜଃଜ୍‌ମାନାର୍ ଆକାୟ୍ ଦଃକ୍‌ଲା ସାକି ଅୟ୍‌ରିଲୁ । 17 ବଃଲେକ୍
ଜଃଡ୍‌ବଲ୍ ବଃଡେ ଜଃଜ୍‌ମାନ୍ ବିତ୍ରେହୁଣି ତାର୍ ଗିନେ ଇ କଃତା
ସୁଣାଗଃଲି, “ଏ ମର୍ ଲାଡାର୍ ହଅ, ତର୍ ତଃୟ୍ଁ ମର୍ ବଃଡେ
ସଃଲ୍‌ମତ୍, ସଃଡେବଃଲ୍ ସେ ଉବା ଇସ୍ୱରାର୍ ତଃୟ୍‌ହୁଣି ମାୟ୍‌ନ୍
ଆର୍ ଜଃଜ୍‌ମାନ୍ ହାୟ୍‌ଲା ।” 18 ଅଃମିମଃନ୍ ତାର୍ ସଃଙ୍ଗ୍ ପବିତ୍ର
ହଃର୍ବାତେ ରିଲାବଃଲ୍ ନିଜେ ଅଃଗାସେ ହୁଣି ଆୟ୍‌ଲାର୍ ଇ
କଃତା ସୁଣ୍‌ଲୁ । 19 ଇତାକ୍ ବାବ୍‌ବାଦିମଃନ୍ କୟ୍‌ରିଲା ବାବ୍‌ବାଣି
ଅଃମିମଃନାର୍ ତଃୟ୍ ଅଃଦିକ୍ ଅଃଟୁଆ ଅୟ୍‌ଆଚେ, ତୁମିମଃନ୍
ସେରି ଜିଙ୍ଗ୍‌ଜିଙ୍ଗା ଅଃନ୍ଦାର୍ ଟାଣେ କଃଚ୍‌ତା କୁପି ହର୍ ମଃନେ
ବାବି ଉଜାଲ୍ ନଃହାଉତା ହଃତେକ୍ ଆର୍ ତୁମିମଃନାର୍ ମଃନେ
ହାଉଁତିଆ ତାରା ନଃଉଦ୍‌ତା ହଃତେକ୍ ତାକେ ମଃନ୍ ଦିଆନ୍
କଃଲେକ୍ ନିକ ଅୟ୍‌ଦ୍ । 20 ହଃର୍ତୁ ଇରି ଜାଣା ଜେ, ସାସ୍ତରାର୍
କୁୟ୍ ହେଁ ବଃଚନ୍ ଅଃଲ୍‌ଗା ବାବେ ବାଡାୟ୍‌କଃରି କଃଉତା
ବିସୟ୍ ନଃୟ୍ । 21 କାୟ୍‌ତାକ୍ ବଃଲେକ୍ କୁୟ୍ ବାବ୍‌ବାଣି କଃବେ
ହେଁ ମାନାଇର୍ ଇଚାୟ୍ ଉବ୍‌ଜି ନଃକେରେ, ମଃତର୍ ଇସ୍ୱର୍
ହଃଟାୟ୍‌ଲା ପେରିତ୍ ମାନାୟ୍‌ମଃନ୍ ପବିତ୍ର ଆତ୍ମାୟ୍ ହୁର୍ନ୍ ଅୟ୍
କଃତା କୟ୍‌ରିଲାୟ୍ ।

2 ମଃତର୍ ଲକ୍‌ମଃନାର୍ ବିତ୍ରେ ମିଚ୍ ବାବ୍‌ବାଦିମଃନ୍ ହେଁ
ଜାତ୍ ଅୟ୍‌ଲାୟ୍, ସେରଃକମ୍ ତୁମିମଃନାର୍ ବିତ୍ରେ ହେଁ ମିଚ୍
ଗୁରୁମଃନ୍ ବାରାଉତି; ସେମଃନ୍ ନାସ୍ ଅଃଉତାର୍ ବୁଲ୍‌କିଜାତାର୍
ଲୁକ୍‌ଣେ କୟ୍‌କଃରି ସେମଃନାର୍ ଗେନ୍‌ତା ମାପ୍ରୁକେ ନଃମାନ୍‌ତି,
ଆର୍ ଅଃହ୍‌ଣାମଃନାର୍ ନାସ୍ କଃର୍ତି । 2 ଆର୍ ଗାଦାଲକ୍
ସେମଃନାର୍ କଃରାବ୍ କାମାର୍ ହଃଚେ ଜାତି, ସେତାକ୍ ଇମଃନାର୍
ଗିନେ ସଃତ୍ ବାଟ୍ ଲିନ୍ଦା ହାୟ୍‌ଦ୍ । 3 ସେମଃନ୍ ଦଃନ୍ ଲଃବେ
ଚଃଲାକି କଃତା କୟ୍ ତୁମି ମଃନ୍‌କାର୍ ତଃୟ୍‌ହୁଣି ଟଃକା ଲାବ୍
କଃରୁକେ ଉପାୟ୍ କଃର୍ତି; ମଃର୍ ବୁଟେକ୍ ଦିନ୍‌ହୁଣି ଇସ୍ୱର୍
ଇମଃନାର୍ ବିଚାର୍ କଃରି ଆସୁଲା, ସେମଃନାର୍ ଦଃଣ୍ଡ ବୁଟେକ୍
ଦିନ୍ ହୁଣି ଗଃଟିଆସୁଲି ଆର୍ ସେମଃନାର୍ ନାସ୍ ବିଲମ୍ ନୟ୍
। 4 ବଃଲେକ୍ ଇସ୍ୱର୍ ହାହ୍ କଃଲା ଦୁତ୍‌ମଃନ୍‌କେ ନଃଚାଡି
ନଃର୍କେ ହଃକାୟ୍ ବିଚାର୍ କଃରୁକେ ଅଃନ୍ଦାର୍ କାଲେ ସଃଙ୍ଗାୟ୍
ଆଚେ; (Tartaroō g5020) 5 ସେ ହର୍ନା ଜଃଗତ୍ କେ ହେଁ
ନଃଚାଡ୍‌ଲା, ମଃତର୍ ଦଃର୍ମ ପର୍ଚାର୍ କଃରୁ ନହକେ ବିନ୍ ସାତ୍
ଲକ୍ ସଃଙ୍ଗ୍ ରଃକ୍ୟାକଃରି ଦଃର୍ମ୍ ବାଣା ଜଗତେ କେ ହାଣି
ମାରାୟ୍ ବୁଡାୟ୍‌ଲା । 6 ତାର୍‌ହଃଚେ ଇସ୍ୱର୍ ସଦମ୍ ଆର୍ ଗମ୍‌ରା
ଗଃଲ୍‌କେ ବସମ୍ କଃରି ସଃବୁ କୁରୁପ୍‌ନାସ୍ ଅଃଉଁକେ ଦଃଣ୍ଡ ଦିଲା
ଆର୍ ସେମଃନ୍‌କେ ଆସ୍ତା କାଳାର୍ ହାହିମଃନ୍‌କେ ସେରକମ୍

ଗଃଟେଦ୍ ବଃଲି ଦଃକାୟ୍‌ଲା । 7 ଚଃକ୍ତୁ ଗୁଣ୍ ରିଲା ଲକ୍‌ମଃନାର୍
କଃରାବ୍ ଗଟିକଃର୍ତାର୍ ଗିନେ କାକ୍ରି ଅୟ୍ ରିଲା ଦଃର୍ମି ଲତକେ
ଇସ୍ୱର୍ ରଃକ୍ୟାକଃଲା । 8 ସେତାକ୍ ସେ ଦଃର୍ମି ଲକ୍ ସେମଃନାର୍
ସଃଙ୍ଗ୍ ବାସାକଃରି ସେ ମଃନ୍‌କାର୍ ବିଦିନୟ୍‌ଲା ଦୁସ୍କକାମ୍ ଦଃକି
ଆର୍ ସେରି ସୁଣି ହଃତିଦିନ୍ ଅଃହ୍‌ଣାର୍ ଦଃର୍ମି ଜିବନେ କଃସ୍ଟ
ହାଉତିରିଲା । 9 ଇରଃକମ୍ ମାପ୍ରୁ ବିସ୍ୱାସି ମଃନ୍‌କେ ପରିକ୍ୟାୟ୍
ହୁଣି ରଃକ୍ୟା କଃରୁକେ । 10 ଆର୍ ହାହି ମଃନ୍‌କେ, ମୁଲ୍‌କଃରି
ଜୁୟ୍‌ମଃନ୍ ଗଃଗାଲେ କଃରାବ୍ ଚଃକ୍ତୁକାମେ ଚାଲିକଃରି ମାପ୍ରୁକେ
ନଃମାନ୍ତି ସେମଃନ୍‌କେ ବିଚାର୍ ଦିନାର୍ ଦଃଣ୍ଡ ତଃଲେ ରଃକୁକ୍
ଜାଣେଦ୍ । ସେମଃନ୍ ବଃଡେସାସି ଆର୍ ନିଜାର୍ ଇଚାୟ୍ ଚାଲି
ମାପ୍ରୁର୍ ଜଃଜ୍‌ମାନ୍ ସଃକ୍ତିକେ ଲିନ୍ଦ୍ରା କଃରୁକେ ନଃଡିର୍‌ତି । 11
ଅଃଦିକ୍ ବଲ୍ ଆର୍ ସଃକ୍ତିମାନ୍ ଦୁତ୍‌ମଃନ୍ ହେଁ ମାପ୍ରୁର୍ ଲିନ୍ଦ୍ରାକଃରି
ସେ ମଃନ୍‌କାର୍ ବିଚାର୍ ନଃକେର୍‌ତି । 12 ମଃତର୍ ଇମଃନ୍
ବୁଦି ନୟ୍‌ଲା ହସୁ ହର୍, ଗୁଣେ ଜଃପଟ୍ ଆର୍ ନାସ୍ ଅଃଉଁକେ
ଜାତ୍‌ଅୟ୍, ଜୁୟ୍ ଜୁୟ୍ କଃତା ଗୁପ୍ତୁ, ସେରିମଃନ୍ ଲିନ୍ଦ୍ରା କଃରି
ସେରି ନାସ୍ ଅଃଉତାବଃଲ୍ ସେମଃନ୍ ନିଜେ ନାସ୍ ଅଃଉତି ।
13 ଆର୍ ଅଃନ୍ୟାୟ୍‌ର୍ ହଃଲ୍‌ହର୍ ଅଃଦଃର୍ମିର୍ ହଃଲ୍ ହାଉତି
ସେମଃନ୍ ଦିନ୍‌ବଃଲ୍ ସୁକ୍‌ବଗ୍ କଃର୍ତି ଆର୍ ଦାଗି ଆର୍ ଲିନ୍ଦ୍ରା
ଉବ୍‌ଜାଉମଃନ୍ ଅୟ୍ ତମାର୍ ସଃଙ୍ଗ୍ କାଉଆ ହିଉଆ ଅୟ୍ ସୁକ୍
ବଗ୍ କଃଲା ବଃଲ୍ ସେମଃନ୍ ନିଜାର୍ ଚଃଲାକି ହାହ୍ କାମେ ସଃର୍ଦା
ବୟ୍‌ଗ୍ କଃରୁକଃରୁ ମାତିଜାତି । 14 ସେମଃନାର୍ ଆକି ଦାରିକାମ୍
କଃରୁକେ ବଃର୍ତି ଅୟ୍ ହାହ୍ କାମେ ହୁଣି ନଃଚାଡେ, ସେମଃନ୍
ଚଃନ୍‌ଚଃନ୍ ମଃନାର୍ ଲକମଃନ୍‌କେ ବୁଲ୍‌କାଉତି, ସେ ମଃନ୍‌କାର୍
ମଃନ୍ ଦଃନ୍ ଲାବାର୍ ଗିନେ ଦଃନ୍ଦି ଅଃଉତି, ସେମଃନ୍ ସାୟ୍‌ପ୍
ହାୟ୍‌ଲା ଲକାର୍ ହିଲାମଃନ୍ । 15 ସେମଃନ୍ ନିୟମ୍ ନଃୟ୍‌ଲା
ଦଃର୍ମା ହାଉଁକ୍ ବଃଲ୍‌ହାଉତା ବିୟରାର୍ ହୟ୍‌ସି ବିଲିଆମାର୍ ବାଟ୍
ଦଃର୍ଲାୟ୍ ଆର୍ ସଃତ୍ ବାଟ୍ ଚାଡିକଃରି ଅଃଦଃର୍ମାର୍ ବାଟ୍ ଗଃଲାୟ୍
। 16 ମଃତର୍ ସେ ଅଃହ୍‌ଣାର୍ ଦଃସାର୍ ଗିନେ ଉଣାସୁଣି ରିଲା
ଗଟେକ୍ ଟଣ୍ଡନଃହୁଟ୍‌ତା ହସୁ ମାନାୟ୍ କୟ୍‌ଲା ହର୍ କଃତା କୟ୍
ବାବ୍‌ବାଦିର୍ ବଃୟାଜାକ୍ ବଃନ୍ଦକଃଲି । 17 ଇ ମିଚ୍ ଗୁରୁମଃନ୍
ହାଣି ନୟ୍‌ଲା ଚିଉଆ ଆର୍ ବଃତାସେ ଉଡି ଜାତା ବାଦୁଲ୍ ହର୍,
ଇସ୍ୱର୍ ସେ ମଃନ୍‌କାର୍ ହାୟ୍ଁ ଜିଙ୍ଗ୍‌ଜିଙ୍ଗା ଅଃନ୍ଦ୍ରାର୍ ସଃଙ୍ଗାୟ୍‌ଲା
ଆଚେ । (questioned) 18 ବଃଲେକ୍ ସେମଃନ୍ ଅଃର୍ଦ୍ ନଃୟ୍‌ଲା
ଅଃକାର୍ କଃତା କୟ୍ କଃରାବ୍ ଚାଲାଚାଲ୍‌ତି କଃର୍ତା ଲକ୍‌ମଃନାର୍
ତଃୟହୁଣି ରଃକ୍ୟା ହାଉତିରିଲା ଲକ୍‌ମଃନ୍‌କେ ଗଃଗାଲାର୍ ସୁକ୍
ସଃର୍ଦା ଚଃକ୍ତୁହାଣେ ମଃନ୍ ଟାଣ୍‌ତି । 19 ସେମଃନ୍ ସେମଃନ୍‌କେ
ମୁକ୍ତିର୍ ସଃୟ୍‌ତ୍ କଃର୍ତି, ମଃତର୍ ନିଜେ ନାସ୍‌ଅଃଉତା ତଃୟ୍
ଗତି ଆଚ୍‌ତି; ବଃଲେକ୍ ଜାର୍ ତଃୟ୍ ଆରିଆଚେ ସେ ସେତିର୍
ଗତିଦଃଙ୍ଗ୍‌ଲା । 20 ବଃଲେକ୍ ସେମଃନ୍ ଜଦି ମାପ୍ରୁ ଆର୍ ମୁକ୍ତିକାରି
ଜିସୁ କ୍ରିସ୍ଟର୍ କଃତାର୍ ଗିଆନାର୍ ଗିନେ ଜଃଗତାର୍ ବିଟାଲେ ହୁଣି
ରଃକ୍ୟାହାୟ୍ ଆରେକ୍ ଗଚ୍‌ତର୍ ସେତିର୍ ବାନ୍ଧଣେ ବାନ୍ଧି ଅୟ୍
ଆରେକ୍ ଜାତି, ତଃନ୍‌ଅୟ୍‌ଲେକ୍ ସେମଃନାର୍ ହଃର୍ତୁ ଦଃସା ତଃୟ୍
ହୁଣି ସଃରାସଃରି ଦଃସା ଅଃଦିକ୍ ମଃନ୍ଦ ଅୟ୍‌ଦ୍ । 21 ବଃଲେକ୍
ଦଃର୍ମାର୍ ବାଟ୍ ଜାଣି ନିଜାର୍ ତଃୟ୍ ସଃହ୍ରିଦିଲା ପବିତ୍ର ଆଦେସ୍
ତଃୟ୍‌ହୁଣି ବାଉଲ୍‌ତା ବାଦୁଲେ ମୁଳେ ହୁଣି ସେ ବାଟ୍ ଜାଣି
ନଃରିଲେକ୍ ସେମଃନ୍‌କେ ନିକ ଅୟ୍‌ଲି ହୁଣି । 22 ସେମଃନ୍‌କେ
ଜୁୟ୍‌ରି ଗଃଟି ଆଚେ ତଃୟ୍ ହୁଣି ଇ ପର୍ବାଦ୍ ହଃର୍ମାଣ୍ ଆଚେ
"କୁକୁର୍ ଉକାଳି ଆରେକ୍ କାୟ୍, ଗୁସ୍ରାକେ ଦୟ୍‌ଲେକ୍ ଆରେକ୍
କାଦୟ୍ ଡୁଳେଦ୍ ।"

3 ଏ ଲାଡାର୍ ବାୟ୍‌ବେଣିମଃନ୍, ମୁୟ୍ଁ ଅଃବେ ତୁମିମଃନାର୍ ହାକ୍
ଦୁୟ୍‌ଲଃମ୍ବର୍ ଚିଟି ନିର୍ମୁଳ୍ ବାବ୍‌ନାୟ୍ ଲେକୁଲେ । 2 ତୁମିମଃନ୍
ଜଃନ୍‌କଃରି ପବିତ୍ର ବାବ୍‌ବାଦିମଃନାର୍ ଗିନେ ଆଗେହୁର୍ବେ
କୟ୍‌ଲା କଃତାସଃବୁ ଆର୍ ତୁମିମଃନାର୍ ପେରିତ୍‌ମଃନାର୍ ଗିନେ
କୟ୍‌ଲା ମାପ୍ରୁ ଆର୍ ମୁକ୍ତିକାରିର୍ ଆଦେସ୍ ସଃବୁ ଏତାୟ୍ ଲାଗା,
ଇତାର୍ ଗିନେ ଜଳେକ୍ ଚିଟି ତଃୟ୍ ହେଁ ତୁମିମଃନ୍‌କେ ଏତାୟ୍
ଦଃୟ୍ ତୁମିମଃନାର୍ ସଃଲ୍‌କାର୍ ମଃନ୍‌କେ ଚଃଚଲ୍ କଃରୁକେ
ମଃନ୍‌କଃରୁକେ । 3 ହଃର୍ତୁ ଇରି ଜାଣା ଜେ, ଇ ସେସ୍‌କାଳେ
କଃତେକ୍ ନିଜାର୍ କଃରାବ୍ ଇଚା ହଃର୍କାରେ ଚାଲ୍‌ତା ସଃତ୍‌କେ
ଗେଙ୍ଗ୍‌ଲାଉତି । 4 ସେମଃନ୍ ଆସିକଃରି ଗେଙ୍ଗ୍‌ଲାଇ କଃରି କଃଉତି,
"ଜିସୁ ଆସ୍ତାର୍ ସଃୟ୍‌ତ୍ କଃୟ୍ ତଃବେ? କାୟ୍‌ତାକ୍ ବଃଲେକ୍
ଅଃମାର୍ ଦାଦିବାବୁ ମଃନାର୍ ମଃଲା ଦିନେହୁଣି ଅଃବେ ହଃତେକ୍
ସଃବୁ ବିସୟ୍ ଉବ୍‌ଜାଣ୍ ଆରୁମେ ଜଃନ୍‌କାର ରିଲି ସେନ୍‌କାର୍
ଆଚେ" 5 ସେମଃନ୍ ଜାଣି ଜାଣି ହାସ୍ରି ଜାତି ଜେ, ଇସ୍ୱରାର୍
କଃତାୟ୍ ହୁର୍ବେ ଅଃଗାସ୍ ମଃଣ୍ଡଲ୍ ଆର୍ ହୁର୍ତିବିକେ ଉବ୍‌ଜାଣ୍
ଅୟ୍‌ଲି ହୁର୍ତିବି ହାଣାୟ୍ ହୁଣି ଉବ୍‌ଜାଣ୍ ଅୟ୍‌ଲି ଆର୍ ହାଣାୟ୍ ହୁର୍ନ୍
ରିଲା ହୁର୍ତିବି ରିଲି । 6 ଆର୍ ସେ ହଃର୍ନା କାଳାର୍ ଜଃଗତ୍ ହାଣାୟ୍
ବୁଡି ନାସ୍ ଅୟ୍‌ଲି । 7 ଆର୍ ଅଃବେ ଆଚ୍‌ତାର୍ ଅଃଗାସ୍ ମଃଣ୍ଡଳ୍
ଆର୍ ହୁର୍ତିବି ସେ ବାକ୍ୟ ହଃର୍କାରେ ହାହି ଲକ୍‌ମଃନାର୍ ବିଚାର୍
ଆର୍ ନାସାର୍ ଦିନ୍ ହଃତେକ୍ ଜୟ୍‌ର୍ ଗିନେ ଆଚେ । ଜୁୟ୍‌ଦିନ୍
ଅଃଦଃର୍ମିମଃନ୍ ବିଚାରେ ନାସ୍ ଅଃଉତି । 8 ଏ ଲାଡାର୍‌ମଃନ୍,
ମାପ୍ରୁର୍ ତଃୟ୍ ଗଟେକ୍ ଦିନ୍ ଜେ ଅଃଜାର୍ ବଃର୍ସ୍ ହର୍ ଆର୍
ଅଃଜାର୍ ବଃର୍ସ୍ ଜେ ଗଟେକ୍ ଦିନ୍ ହର୍, ମୁଲ୍‌କଃରି ଇ କଃତା
ତୁମିମଃନ୍ ହାସ୍ରା ନାୟ୍ । 9 ବିଲମ୍ ବଃଲି ଜଃନ୍‌କଃରି କଃତେକ୍
ଲକ୍ ବାବୁଲାୟ୍, ମାପ୍ରୁ ଅଃହ୍‌ଣାର୍ ସଃୟ୍‌ତ୍ କଃଲାର୍ ସେ ରଃକମ୍
ବିଲମ୍ ନଃକେରେ; ମଃତର୍ କେ ହେଁ ଜଃନ୍‌କଃରି ନାସ୍ ନଃଉତି,
ସଃବୁଲକ୍ ମଃନ୍ ବାଦ୍‌ଲାଉତି, ଇରି ଇଚା କଃରି ସେ ତୁମିମଃନାର୍
ଗିନେ ବୁତେକ୍ ବିନ୍ ହଃତେକ୍ ଜାଗିକଃରି ଆଚେ । 10 ମାପ୍ରୁର୍
ଦିନ୍ ଚର୍ ହର୍ ହଚେଦ୍ । ସେ ଦିନ୍ ଅଃଗାସ୍ ମଃଣ୍ଡଲ୍ ବଃଡେ
ସଃବଦ୍ ସଃଙ୍ଗ୍ ନାସ୍ ଅୟ୍‌ଦ୍, ଆର୍ ଉବୁଜ୍‌ଲାର୍ ବଃଡେ ତାହାତାର୍
ଗିନେ ତଃର୍‌ଲି ଜାୟ୍‌ଦ୍ ଆର୍ ହୁର୍ତି ଆର୍ ସେତିର୍ ଆସ୍ତି ସଃବୁ ହଡି
ଜାୟ୍‌ଦ୍ । 11 ସେ ଦିନାର୍ ଆସ୍ତାର୍ ଜାଗିକଃରି, ସେରି ଜଃନ୍‌କଃରି
ବେଗି ଆସେଦ୍, ଇତାର୍ ଗିନେ ତୁମିମଃନ୍ କଃନ୍‌କଃରି ସଃବୁବଃଲ୍

ନିକ ଗୁଣାର୍ ଆର୍ ଦଃର୍ମି ଅଃଉତା ଲଳା । 12 ଇ ସଃବୁ ବିସୟ୍
ଇରଃକମ୍ ନାସ୍ ଅଃଉତାର୍ ଗିନେ, ଇସ୍ୱରାର୍ ଜୁୟ୍ ଦିନ୍ ଅଃଗାସ୍
ମଃଣ୍ଡଳ୍ ଜୟ୍‌ଲାଗି ଆଜିଜାୟ୍‌ଦ୍ ଆର୍ ଉବ୍‌ଜାଣ୍ ଅଇଲାର୍ ସଃବୁ
ବଃଡେ ତଃହାତେ ତଃର୍‌ଲି ଜାୟ୍‌ଦ୍, 13 ଅଃମିମଃନ୍ ତାର୍ ସଃୟ୍‌ତ୍
ହଃର୍କାରେ ଗଟ୍ ନଃଉଆଁ ଅଃଗାସ୍ ଆର୍ ନଃଉଆଁ ହୁର୍ତିବିକେ
ଜାଗିଆଚୁ, ଜୁୟ୍‌ରି ଦଃର୍ମିଲକାର୍ ବାସ୍ କଃର୍ତା ଟାଣ୍ ଅୟ୍‌ଦ୍ । 14
ତଃବେ ଏ ଲାଡାର୍‌ମଃନ୍, ତୁମିମଃନ୍ ଇସଃବୁ ବିସୟ୍ ଜାଗିଆଚାସ୍
ଲାଗି ତାର୍ ମୁଏଁ ଜଃନ୍‌କଃରି ନିର୍ଦସି ଆର୍ ଲିନ୍ଦା ନଃହାଉତାର୍
ଅୟ୍ ସୁସ୍ତାୟ୍ ରେତାର୍ ଦଃକାଜାହାସ୍ ଇତାର୍ ଗିନେ ଜଃତୁନ୍
କଃରା । 15 ଆର୍, ଅଃମାର୍ ମାପ୍ରୁର୍ ବଃଡେ ସଃମ୍ଭାଲ୍‌ତାର୍
ମୁକ୍ତି ହାଉତାର୍ ବଃଲି ଜାଣା । ଅଃମିମଃନାର୍ ଲାଡାର୍ ବାୟ୍
ପାଉଲ୍‌ହେଁ ଅଃହ୍‌ଣାକ୍ ଦିଆଅୟ୍‌ଲା ଗିଆନ୍ ହଃର୍କାରେ ତୁମିମଃନ୍
ହାକ୍ ସେରଃକମ୍ ଲେକିଆଚେ । 16 ସେ ଅଃହ୍‌ଣାର୍ ସଃବୁ ଚିଟି
ଲଃଗେହେଁ ଇସଃବୁ କଃତା ଲେକିକଃରି ସେରଃକମ୍ କଃଉଁଲା;
ସେସଃବୁ ତଃୟ୍ ଇରଃକମ୍ କଃତେକ୍ କଃତା ଆଚେ, ଜୁୟ୍‌ରିକି
ବୁଜୁକ୍ ବଃଡେ କଃସ୍ଟ, ଆର୍ ଅସିକିତ୍ ଉତ୍‌ହାତ୍ୟା ଲକେ ଅଃହ୍‌ଣା
ଅଃହ୍‌ଣାର୍ ନାସ୍ କଃରୁକେ ବିନ୍ ସଃବୁ ସାସ୍ତର୍ ଜଃନ୍‌କଃରି, ସେ
ସଃବୁର୍ ହେଁ ସେରଃକମ୍ ବିନ୍ ଅଃର୍ଦ୍ କଃର୍ତି । 17 ବଃଲେକ୍,
ଏ ଲାଡାର୍‌ମଃନ୍, ତୁମିମଃନ୍ ହଃର୍ତୁ ଜାଣି ଜାଗ୍ରତ୍ ଅୟ୍‌ରିଆ,
ଚଃନେମଃନେ କଃରାବ୍ କଃରୁମଃନାର୍ ବୁଲ୍ କଃତାୟ୍ ହଃଲି
ତୁମିମଃନ୍‌ହେଁ ନିଜେ ଅଃଟୁଆ ରଃୟ୍ ଅଦ୍ରି ନଃଜାହା । 18 ମଃତର୍
ଅଃମିମଃନାର୍ ମାପ୍ରୁ ଆର୍ ମୁକ୍ତିକାରି ମାପ୍ରୁ ଜିସୁ କ୍ରିସ୍ଟର୍ ଦଃୟା
ଆର୍ ଗିଆନେ ବାଡା । ଅଃବେ ଆର୍ ଜୁଗେଜୁଗେ ଜଃଜ୍‌ମାନ୍
ଅଃଉଅ, ଆମେନ୍ । **(aiōn g165)**

# ୧ ଜହନ୍

**1** ଆରୁମେ ଜେ ରିଲା ଜାର୍ ବାକ୍ୟ ଅଃମିମଃନ୍ ସୁଣି ଆଚୁ,
ଜାକେ ନିଜ୍ଆକାୟ୍ ଦଃକି ଆଚୁ । ଆର୍ ନିଜାର୍ ଆତେ ଚୁୟ୍
ଆଚୁ, ସେ ଜିବନ୍ ହର୍ କଃତାକ୍ ତୁମିମଃନ୍କେ ଜାଣାଉଁଲୁ ।
2 ସେ ଜିବନ୍ ଦଃକାୟ୍ ଅୟ୍ଲା ଆର୍ ଅଃମିମଃନ୍ ଦଃକିଆଚୁ
ଆର୍ ସାକି ଦେଉଁଲୁ; ଜୁୟ୍ ଅଃମ୍ବର୍ ଜିବନ୍ ଉବାର୍ ସଃଙ୍ଗ ରିଲା
ଆର୍ ଅଃମିମଃନାର୍ ତଃୟ୍ ଦଃକାୟ୍ ଅୟ୍ଲା, ତାର୍ କଃତା
ତୁମିମଃନ୍କେ ଜାଣାଉଁଲୁ । (aiōnios g166) 3 ଜାୟ୍ରି ଅଃମିମଃନ୍
ଦଃକି ଆଚୁ ଆର୍ ସୁଣି ଆଚୁ ସେରି ତୁମିମଃନ୍କେ ହେଁ ଜାଣାଉଁଲୁ,
ଜଃନ୍କଃରି ତୁମିମଃନ୍ ହେଁ ଅଃମିମଃନାର୍ ସଃଙ୍ଗ ମିସାବିଲା
କଃରୁ ହାରାସ୍, ଅଃମିମଃନାର୍ ଉବା ଆର୍ ତାର୍ ହୟ୍ସି ଜିସୁ
କ୍ରିସ୍ଟର୍ ସଃଙ୍ଗ ଆଚେ । 4 ଅଃମିମଃନାର୍ ସଃର୍ଦା ଜଃନ୍କଃରି
ହୁର୍ନ୍ ଅୟ୍ଦ୍ ଇତାର୍ ଗିନେ ଅଃମିମଃନ୍ ଇ ସଃବୁ ଲେକୁଲୁ ।
5 ଅଃମିମଃନ୍ ତାର୍ ତଃୟ୍ ହୁଣି ଜୁୟ୍ କବୁର୍ ସୁଣି ଆଚୁ ଆର୍
ତୁମିମଃନ୍କେ ଜାଣାଉଁଲୁ ସେରି ଇରି ଇସ୍ୱର୍ ଉଜାଲ୍ ଆର୍ ତାର୍
ଟାଣେ ଅଃଳକ୍ ହେଁ ଅଃନ୍ଦାର୍ ନାୟ୍ 6 ତାର୍ ସଃଙ୍ଗ ଅଃମାର୍ ମିସାଣ୍
ଆଚେ, ଇରି କୟ୍ ଜଦି ଅଃମିମଃନ୍ ଅଃନ୍ଦାରେ ଜିବନ୍ କାଟୁନ୍ଦ,
ସେନ୍ଅୟ୍ଲେକ୍ ଅଃମିମଃନ୍ ମିଚୁଆମଃନ୍ ଆର୍ ସଃତେ ଜିବନ୍
ନଃକାଟୁଲୁ । 7 ମଃତର୍ ସେ ଜଃନ୍କଃରି ଉଜାଲେ ବାସାକାରି,
ଅଃମିମଃନ୍ ଜଦି ସେନ୍କଃରି ଉଜାଲେ ଚାଲ୍ଚାଲ୍ତି କଃରୁଲୁ,
ତଃବେ ଅଃମିମଃନାର୍ ବିତ୍ରେ ମିସିକଃରି ଆଚେ । ଆରେକ୍
ତାର୍ ହୟ୍ସି ଜିସୁର୍ ବଃନି ସଃବୁ ହାହେ ହୁଣି ଅଃମିମଃନ୍କ୍
ନିର୍ମୁଲ୍ କଃରେଦ୍ । 8 ଅଃମିମଃନାର୍ ହାହ୍ ନାୟ୍ ଇରି ଜଦି
କଃଉନ୍ଦ ତଃନ୍ଅୟ୍ଲେକ୍ ଅଃହ୍ଣା ଅଃହ୍ଣାକ୍ ଜଃଟୁଲୁ । ଆରେକ୍
ଅଃମାର୍ ତଃୟ୍ ସଃତ୍ ନାୟ୍ । 9 ଜଦି ଅଃମିମଃନ୍ ଇସ୍ୱରାର୍
ତଃୟ୍ ନିଜ୍ନିଜ୍କେ ହାହି ବଃଲି କଃଉନ୍ଦ ତଃବେ ସେ ଅଃମାର୍
ହାହ୍ କେମା କଃରୁକେ ଆର୍ ସଃବୁ ଅଃଦଃର୍ମେ ହୁଣି ଅଃମିମଃନ୍କ୍
ନିର୍ମୁଲ୍ କଃରୁକେ ବିସ୍ୱାସାର୍ ଜୟ୍ଗ୍ ଆର୍ ନ୍ୟାୟ୍ବାନ୍ । 10
ଅଃମିମଃନ୍ ହାହ୍ ନଃକେରୁ ଇରି ଜଦି କଃଉନ୍ଦ ତଃନ୍ଅଲେ
ଅଃମିମଃନ୍ ତାକେ ମିଚୁଆ କଃରୁନ୍ଦ ଆରେକ୍ ତାର୍ ବାକ୍ୟ ଅଃମାର୍
ତଃୟ୍ ନାୟ୍ ।

**2** ଏ ମର୍ ଲାଡାର୍ ହିଲାମଃନ୍ ତୁମିମଃନ୍ ଜଃନ୍କଃରି ହାହ୍
ନଃକେରାସ୍, ଇତାର୍ ଗିନେ ମୁଁୟ୍ ଇ ସଃବୁ ତୁମିମଃନାର୍
ହାକ୍ ଲେକୁଲେ । ମଃତର୍ କେ ଜଦି ହାହ୍ କଃରେଦ୍ ସେନ୍
ଅୟ୍ଲେକ୍ ଉବାର୍ ଚଃମେ ଅଃମିମଃନାର୍ ଗିନେ ଗଃଉଆରି
କଃରୁକେ ଗଟ୍ ମାନାୟ୍ ଆଚେ ସେ ଅଃଉଁଲା ଦଃର୍ମି ଜିସୁ କ୍ରିସ୍ଟ ।
2 ଆର୍ ସେ ଅଃମିମଃନାର୍ ହାହାର୍ ଗିନେ, ଅଃକାୟ୍ ଅଃମାର୍
ହାହାର୍ ଗିନେ ନଃୟ୍ ମଃତର୍ ହୁର୍ତି ଜାକର୍ ହାହାର୍ ଗିନେ ହେଁ
ହୁଜା ଅୟ୍ଆଚେ । 3 ଜଦି ଅଃମିମଃନ୍ ତାର୍ ଆଦେସ୍ ମାନୁନ୍ଦ
ତଃବେ ଅଃମିମଃନ୍ ସେତି ହୁଣି ଜାଣୁ ହାରୁନ୍ଦ ଜେ, ଅଃମିମଃନ୍
ତାକ୍ ଜାଣିଆଚୁ । 4 ତାର୍ ବିଦି ନଃମାନିକଃରି ତାକ୍ ଜାଣି ବଃଲି
ଜେ କୟ୍ଦ୍, ସେ ମିଚୁଆ ଆର୍ ତାର୍ ତଃୟ୍ ସଃତ୍ ନାୟ୍ 5
ମଃତର୍ ଜେ, ତାର୍ ବଲ୍ ମାନେଦ୍ ତାର୍ ତଃୟ୍ ଇସ୍ୱରାର୍ ଲାଡ୍
ସଃତ୍କଃରି ହୁର୍ନ୍ ଅୟ୍ଆଚେ । ଇତାର୍ ଗିନେ ଅଃମିମଃନ୍ ଜାଣୁନ୍ଦ
ଜେ, ଅଃମିମଃନ୍ ତାର୍ ତଃୟ୍ ଆଚୁ । 6 ଜେ ତାର୍ ତଃୟ୍ ଆଚି
ବଃଲି କୟ୍ଦ୍ ସେ ଜିସୁର୍ ହର୍ ଜିବନ୍ କାଟ୍ତାର୍ ହେଁ ଲଳା
ଆଚେ । 7 ଏ ଲାଡାର୍ ବାୟ୍ବେଣିମଃନ୍ ମୁଁୟ୍ ତୁମିମଃନାର୍
ହାକ୍ କାୟ୍ହେଁ ନଃଉଆଁ ଆଦେସ୍ ନଃଲେକି ମଃତର୍ ଆରୁମେ
ଜୁୟ୍ ହଃର୍ନା ବଲ୍ ତୁମିମଃନ୍ ହାୟ୍ ଆଚାସ୍, ସେରି ଲେକୁଲେ,
ଜୁୟ୍ ବିସୟ୍ ତୁମିମଃନ୍ ସୁଣି ଆଚାସ୍ ସେରି ହଃକା ସେ ହଃର୍ନା
ଆଦେସ୍, 8 ଆରେକ୍ ଗଟ୍ତର୍, ମୁଁୟ୍ ନଃଉଆଁ ଆଦେସ୍ ହର୍
ମଃତର୍ ତୁମିମଃନାର୍ ହାକ୍ ଲେକୁଲେ ଇରି ତାର୍ ତଃୟ୍ ଆର୍
ତୁମାର୍ ତଃୟ୍ ସଃତ୍ ବଃଲି ଜାଣା ହଃଲେଦ୍ । କାୟ୍ତାକ୍ବଃଲେକ୍
ଅଃନ୍ଦାର୍ ଗୁଚିଜଃଉଁଲି ଆର୍ ସଃତ୍ ଉଜାଲ୍ ଜାଣା ହଃଲ୍ଲିନି
। 9 ଜେ ନିଜାର୍ ବାୟ୍ ଆର୍ ବେଣିକେ ଲାଡ୍ନଃକେରି କୟ୍ଦ୍
ଜେ, ସେ ଉଜାଲେ ଆଚେ, ମଃତର୍ ସେ ଅଃବେ ହଃତେକ୍ ହେଁ
ଅଃନ୍ଦାରେ ଆଚେ । 10 ଜେ ଅଃହ୍ଣାର୍ ବାୟ୍ବେଣିକେ ଲାଡ୍
କଃରେଦ୍ ସେ ଉଜାଲେ ରଃୟ୍ଦ୍, ଆରେକ୍ ସେ କଃନ୍କଃରିହେଁ
ଜଟ୍ୟାୟ୍ ନୟ୍ । 11 ମଃତର୍ ଜେ ଅଃହ୍ଣାର୍ ବାୟ୍ବେଣିକେ ଗିଣ୍
କଃରେଦ୍ ସେ ଅଃନ୍ଦାରେ ଆଚେ, ଆରେକ୍ ଅଃନ୍ଦାରେ ବାଟ୍ ଇଣ୍ଡି
କେଣେ ଜଃଉଁଲା ସେରି ନିଜେ ନଃଜାଣେ ବଃଲେକ୍ ଅଃନ୍ଦାର୍
ତାର୍ ଆକିକେ କାଣା କଃରି ଆଚେ । 12 ଏ ଇସ୍ୱରାର୍ ହିଲାମଃନ୍
ମୁଯ୍ଁ ତୁମାର୍ ହାକ୍ ଲେକୁଲେ, ବଃଲେକ୍ ଜିସୁର୍ ନାଉଁଆର୍
ଗିନେ ତୁମାର୍ ହାହ୍ କେମା ଅୟ୍ଆଚେ । 13 ଏ ଉବାମଃନ୍
ମୁଁୟ୍ ତୁମିମଃନାର୍ ହାକ୍ ଲେକୁଲେ, ବଃଲେକ୍ ଜେ ମୁଳେ ହୁଣି
ଆଚେ ତାକ୍ ତୁମିମଃନ୍ ଜାଣି ଆଚାସ୍ । ଏ ଦଙ୍ଗଲା ହିଲାମଃନ୍
ମୁଁୟ୍ ତୁମିମଃନାର୍ ହାକ୍ ଲେକୁଲେ, ବଃଲେକ୍ ତୁମିମଃନ୍ ହାହ୍
ଆତ୍ମାକେ ଆରାୟ୍ ଆଚାସ୍ । 14 ହିଲାମଃନ୍ ମୁଁୟ୍ ତୁମିମଃନାର୍
ହାକ୍ ଲେକ୍ଲେ, ବଃଲେକ୍ ତୁମିମଃନ୍ ଉବାକ୍ ଜାଣି ଆଚାସ୍
। ଏ ଉବାମଃନ୍ ମୁଁୟ୍ ତୁମାର୍ ହାକ୍ ଲେକ୍ଲେ, ବଃଲେକ୍ ଜେ
ମୁଳେ ହୁଣି ଆଚେ ତାକ୍ ତୁମିମଃନ୍ ଜାଣିଆଚାସ୍, ଏ ଦଙ୍ଗଲା
ହିଲାମଃନ୍ ମୁଁୟ୍ ତୁମାର୍ ହାକ୍ ଲେକ୍ଲେ, ବଃଲେକ୍ ତୁମିମଃନ୍
ସଃକାତିଆ ଆରେକ୍ ଇସ୍ୱରାର୍ ବିସୟ୍ ତୁମାର୍ ତଃୟ୍ ଆଚେ
ଆର୍ ତୁମିମଃନ୍ ହାହ୍ ଆତ୍ମାକେ ଆରାୟ୍ ଆଚାସ୍ । 15 ଇ
ଜଃଗତ୍କେ କି ଜଃଗତାର୍ ବିସୟ୍କେ ଲାଡ୍ କଃରାନାୟ୍ । କେ
ଜଦି ଇ ଜଃଗତ୍କେ ଲାଡ୍ କଃରେଦ୍ ଉବାର୍ ଲାଡ୍ ତାର୍ ତଃୟ୍
ନାୟ୍ । 16 ବଃଲେକ୍ ଗଃଗାଳାର୍ ଇଚା ଆକିର୍ ଇଚା ଆର୍
ଅଃମାର୍ ଜାୟ୍ ଦଃନ୍ ଆଚେ ସେତାର୍ ଗିନେ ଜଃଗତାର୍ ଗଃର୍ବ୍
କଃର୍ତାର୍, ଜଃଗତେ ରିଲା ଇସଃବୁ ବିସୟ୍ ଉବାର୍ ତଃୟ୍ ହୁଣି
ନାୟ୍, ମଃତର୍ ସଃଙ୍ଗସାରେ ହୁଣି ଆସିଆଚେ । 17 ଜଃଗତ୍
ଆର୍ ସେତିର୍ ଇଚା ଦୁୟ୍ଦିନିଆ, ମଃତର୍ ଜେ ଇସ୍ୱରାର୍ ଇଚା

ହାଲେଦ୍ ସେ ଜୁଗେଜୁଗେ ରଃୟ୍ଦ୍ । (aiōn g165) 18 ଏ
ହିଲାମଃନ୍ ସେସ୍‌କାଲ୍ ହଚ୍‌ଲିନି, ଆରେକ୍ ମିଚ୍ କ୍ରିସ୍ଟ ଆସେଦ୍
ବଃଲି ତୁମିମଃନ୍ ଜଃନ୍‌କଃରି ସୁଣି ରିଲାସ୍, ସେନ୍‌କଃରି ଅଃବେ
ହେଁ ଗାଦେକ୍ ମିଚ୍ କ୍ରିସ୍ଟମଃନ୍ ବାର୍‌ଲାୟ୍‌ନି; ଇତାକ୍ ଅଃମିମଃନ୍
ଜାଣୁଲୁ ଜେ ସେସ୍ କାଲ୍ ହଚ୍‌ଲିନି । 19 ସେମଃନ୍ ଅଃମିମଃନାର୍
ବିତ୍ରେ ହୁଣି ବାରାୟ୍‌ଲାୟ୍, ମଃତର୍ ଅଃମାର୍ ଦଃଳାର୍ ଲକ୍
ନଃରିଲାୟ୍; ବଃଲେକ୍ ଜଦି ସଃତ୍‌କଃରି ଅଃମାର୍ ଦଃଳାର୍ ଲକ୍
ଅୟ୍‌ରିଲେକ୍, ଅଃମାର୍ ସଃଙ୍ଗ୍ ରିଲାୟ୍‌ହୁଣି; ମଃତର୍ ସେମଃନ୍ ଜେ
ଅଃମାର୍ ଦଃଳାର୍ ଲକ୍ ନୟ୍ ଇରି ଜଃନ୍‌କଃରି ଜାଣା ହଃଲେଦ୍
ଇତାର୍ ଗିନେ ସେମଃନ୍ ବାରାୟ୍ ଗଃଲାୟ୍ । 20 ତୁମିମଃନ୍ ସେ
ପବିତ୍ର ମାନାୟ୍ ତଃୟ୍‌ହୁଣି ଦାନ୍ ହାୟ୍ ରିଲାକ୍ ତୁମି ସଃବୁଲକ୍
ଗିଆନ୍ ହାୟ୍ ଆଚାସ୍ । 21 ତୁମିମଃନ୍ ସଃତ୍ ଜାଣି ନଃରିଲାର୍
ଗିନେ ମୁଁୟ୍ ଜେ ତୁମିମଃନାର୍ ହାକ୍ ଲେକ୍‌ଲେ ସେରି ନାୟ୍,
ମଃତର୍ ତୁମିମଃନ୍ ସଃତ୍ ଜାଣିରିଲାକ୍ ଲେକୁଲେ । ସଃତେହୁଣି
ମିଚ୍ ଜାତ୍ ନୟ୍ ବଃଲି ଜାଣିରିଲାକ୍ ମୁଁୟ୍ ତୁମାର୍ ହାକ୍ ଲେକ୍‌ଲେ
। 22 ଜିସୁ ଜେ କ୍ରିସ୍ଟ ଇରି ଜେ ନଃମାନେ ତାର୍ ତଃୟ୍ ହୁଣି ଆର୍
ମିଚୁଆ କେ? ଜେ ଇସ୍ୱର୍ ଆର୍ କ୍ରିସ୍ଟକେ ନଃମାନେ ସେ କ୍ରିସ୍ଟ
ବିରଦି । 23 ଜେ ଇସ୍ୱରାର୍ ହୟ୍‌ସିକ୍ ନଃମାନେ ସେ ଇସ୍ୱର୍‌କେ
ନଃହାୟ୍; ଜେ କ୍ରିସ୍ଟକେ ମାନେଦ୍ ସେ ଇସ୍ୱର୍‌କେ ହେଁ ହାୟ୍ ଆଚେ
। 24 ତୁମିମଃନ୍ ଆରୁମେ ଜାୟ୍‌ରି ସୁଣି ଆଚାସ୍ ସେରି ତୁମାର୍
ତଃୟ୍ ରେଅ । ତୁମିମଃନ୍ ଆରୁମେ ଜାୟ୍‌ରି ସୁଣି ଆଚାସ୍, ସେରି
ଜଦି ତୁମାର୍ ତଃୟ୍ ରଃୟ୍ଦ୍ ତଃବେ ତୁମିମଃନ୍ ହେଁ କ୍ରିସ୍ଟର୍ ଆର୍
ଇସ୍ୱର୍ ତଃୟ୍ ରିଆସ୍ । 25 ଆର୍ ସେ ଅଃମିମଃନ୍‌କ୍ ଜାୟ୍‌ରି
ଜଃବାଉ କଃରି ଆଚେ, ସେରି ଅଃମ୍ବର୍ ଜିବନ୍ । (aiōnios g166)
26 ଜୁୟ୍ ଲକ୍‌ମଃନ୍ ତୁମିମଃନ୍‌କେ ଟକୁକେ ଉପାୟ୍ ହାଚ୍‌ତି,
ସେମଃନାର୍ ବିସୟେ ମୁଁୟ୍ ତୁମାର୍ ହାକ୍ ଇ ସଃବୁ ଲେକ୍‌ଲେ
। 27 ମଃତର୍ ତୁମିମଃନ୍‌କେ କ୍ରିସ୍ଟ ଜିସୁ ତାର୍ ପବିତ୍ରଆତ୍ମାୟ୍
ହୁର୍ନ୍ କଃରିଆଚେ, ତାର୍ ଆତ୍ମା ତୁମାର୍ ତଃୟ୍ ରେତା ହଃତେକ୍
ତୁମିମଃନ୍‌କେ ବିନ୍‌ଲକ୍ ସିକ୍ୟା ଦଃୟ୍ଦ୍, ଇରି ତୁମିମଃନାର୍ ଲଳା
ନାୟ୍, ପବିତ୍ର ଆତ୍ମା ସଃବୁ ବିସୟେ ଟିକ୍ ସିକ୍ୟା ଦଃୟ୍ଦ୍ ତାର୍
ସିକ୍ୟା ମିଚ୍ ନୟ୍ । ସେ ପବିତ୍ର ଆତ୍ମାର୍ ସିକ୍ୟା ମାନିକଃରି କ୍ରିସ୍ଟର୍
ସଃଙ୍ଗ୍ ମିସିକଃରି ରିଆ । 28 ତଃବେ ଏ ହିଲାମଃନ୍ କ୍ରିସ୍ଟର୍
ତଃୟ୍ ମିସିରିଆ, ତଃବେ ସେ ଜଃଡେବଃଲ୍ ଆସେଦ୍, ତାର୍ ଆସ୍ତା
ବଃଲ୍ ତାର୍ ମୁଏଁ ଅଃମିମଃନ୍ ଲାଜ୍ ନଃହାୟ୍ ସାସ୍ ସଃଙ୍ଗ୍ ବେଟ୍
ଅଃଉଁନ୍ଲୁ । 29 ଅଃମିମଃନ୍ ଜାଣୁ ଜେ, କ୍ରିସ୍ଟ ନ୍ୟାୟ୍‌କାରି ଇରି ହେଁ
ଅଃମିମଃନ୍ ଜାଣୁ ଜେ, ଜୁୟ୍‌ମଃନ୍ ଦଃର୍ମ୍ କାମ୍ କଃର୍ତି ସେମଃନ୍
ଇସ୍ୱରାର୍ ହିଲାମଃନ୍ ।

3 ଦଃକା ଉବା ଅଃମିମଃନ୍‌କ୍ କଃଡେକ୍ ଲାଡ୍ କଃରି ଆଚେ
ଜେ, ଅଃମିମଃନ୍ ଇସ୍ୱରାର୍ ହିଲା ବଃଲି ଡାକେହୁଟୁନ୍ଲୁ, ଆର୍
ସଃତ୍‌କଃରି ଅଃମିମଃନ୍ ତାର୍ ହିଲାମଃନ୍, ଇତାର୍ ଗିନେ ଜଃଗତ୍
ଅଃମିମଃନ୍‌କ୍ ନଃଚିନୁଲି ବଃଲେକ୍ ସେରି ତାକ୍ ଚିନି ନଃରିଲି ।
2 ଏ ଲାଡାର୍ ବାୟ୍‌ବେଣିମଃନ୍ ଅଃବେ ଅଃମିମଃନ୍ ଇସ୍ୱରାର୍
ହିଲାମଃନ୍ ଆର୍ ଅଃମିମଃନ୍ କଃନ୍ ଅଃଉଁନ୍ଲୁ ସେରି ଅଃବେ
ହଃତେକ୍ ଜାଣା ନଃହେଲେତା ଅଃମିମଃନ୍ ଜାଣୁଲୁ ଜେ, ସେ
ଜଃଡେବଃଲ୍ ଆସେଦ୍ ସଃଡେବଃଲ୍ ଅଃମିମଃନ୍ ତାର୍, ହର୍
ଅଃଉଁନ୍ଲୁ, ବଃଲେକ୍ ସେ ଜଃନ୍‌କାର୍ ଅଃମିମଃନ୍ ସେନ୍‌ହର୍ ତାକ୍
ଦଃକୁନ୍ଲୁ 3 ଆର୍ ଜେ କେ ତାର୍ ଟାଣେ ଇ ବଃର୍ସା କଃଲା ଆଚେ
ଇସ୍ୱର୍ ଜଃନ୍‌କାର୍ ପବିତ୍ର, ସେ ସେନ୍ କଃରି ଅଃହ୍‌ଣାକ୍ ପବିତ୍ର
କଃରେ । 4 ଜୁୟ୍ ଲକ୍ ହାହ୍ କଃରେଦ୍, ସେ ହେଁ ମସାର୍ ବିଦିବିଦାନ୍
ଅମାନ୍ୟା କଃରେଦ୍ କାୟ୍‌ଃତାକ୍‌ବଃଲେକ୍ ବିଦି ଅମାନ୍ୟା କଃର୍ତାର୍
ହଃକା ହାହ୍ । 5 ତୁମିମଃନ୍ ଜାଣା ଜେ, ସେ ହାହ୍ ବୟ୍ ନେତାର୍
ଗିନେ ଆୟ୍‌ଲା, ଆର୍ ତାର୍ ଟାଣେ ହାହ୍ ନଃରିଲି । 6 ଜୁୟ୍
ଲକ୍ ତାର୍ ତଃୟ୍ ରଃୟ୍ଦ୍ ସେ ହାହ୍ ନଃକେରେ; ଜୁୟ୍‌ଲକ୍ ହାହ୍
କଃରେଦ୍, ସେ ତାକ୍ ନଃଦେକେ କି ତାକ୍ ନଃଜାଣେ । 7 ଏ
ହିଲାମଃନ୍, କେ ତୁମିକେ ଟକି ନଃକେର୍ ଜୁୟ୍‌ଲକ୍ ଦଃର୍ମ୍ ଜିବନ୍
କାଟେଦ୍ ଜିସୁ ଜଃନ୍‌କଃରି ଦଃର୍ମି ସେ ସେନ୍‌କାର୍ ଦଃର୍ମି ଅୟ୍ଦ୍;
8 ଜେ ହାହ୍ କଃରେଦ୍ ସେ ସୟ୍‌ତାନ୍ ତଃୟ୍‌ହୁଣି ଜାତ୍ ବଃଲେକ୍
ସୟ୍‌ତାନ୍ ଆରୁମେ ହୁଣି ହାହ୍ କଃରି ଆସୁଲି । ସୟ୍‌ତାନାର୍
କାମ୍‌କେ ନାସ୍ କଃରୁକେ ତ ଇସ୍ୱରାର୍ ହୟ୍‌ସି ଆୟ୍‌ଲା । 9
ଜୁୟ୍‌ଲକ୍ ଇସ୍ୱରାର୍ ତଃୟ୍‌ହୁଣି ଜାତ୍ ସେ ହାହ୍ ବୁଡି ନଃରେୟ୍
ବଃଲେକ୍ ଇସ୍ୱରାର୍ ବିଆନ୍ ତାର୍ ତଃୟ୍ ରଃୟ୍ଦ୍, ଆର୍ ସେ
ଇସ୍ୱରାର୍ ତଃୟ୍‌ହୁଣି ଜଃଲମ୍ ଅୟ୍‌ରିଲାକ୍ ହାହ୍ କଃରୁ ନାହାରେ
। 10 ଇତି କେ ଇସ୍ୱରାର୍ ହିଲା ଆର୍ କେ ସୟ୍‌ତାନାର୍ ହିଲା,
ଇରି ଜାଣା ହଃଲେଦ୍; ଜୁୟ୍‌ଲକ୍ ଦଃର୍ମ୍ ଜିବନ୍ ନଃକାଟେ, କି
କ୍ରିସ୍ଟିଆନ୍ ବାୟ୍‌ବେଣିକେ ଲାଡ୍ ନଃକେରେ ସେ ଇସ୍ୱର୍ ତଃୟ୍‌ହୁଣି
ଜଃଲମ୍ ନୟ୍ । 11 ବଃଲେକ୍ ଅଃମିମଃନ୍ ଜେ ଏକ୍ ଆରେକ୍‌କେ
ଲାଡ୍‌କଃରା ଆର୍ ଏକ୍ ଆରେକ୍‌କେ ଲାଡ୍‌କଃର୍ତା ଦଃର୍‌କାର୍, ଇ
କଃତା ତୁମିମଃନ୍ ମୁଳେହୁଣି ସୁଣି ଆଚାସ୍ । 12 ହାହ୍ ଆତ୍ମାର୍
ହିଲା ଜେ କଇନ ତାର୍ ହର୍ ଅଃଉଆ ନାୟ୍, ସେ ନିଜାର୍ ବାୟ୍‌କ୍
ମଃର୍ନେ ମାର୍‌ଲା ଆର୍ ସେ ତାକ୍ କାୟ୍‌ତାକ୍ ଅଃତ୍ୟା କଃଲା?
ବଃଲେକ୍ ତାର୍ କାମ୍ ହୁରାହୁରି ହାହ୍ ଆର୍ ତାର୍ ବାୟ୍‌ର୍ କାମ୍
ଟିକ୍ ରିଲି । 13 ଏ ବାୟ୍‌ବେଣିମଃନ୍ ଜଃଗତ୍ ଜଦି ତୁମିକେ ଗିଣ୍
କଃରେଦ୍ ତୁମିମଃନ୍ କାବା ଅଃଉଆ ନାୟ୍ । 14 ଜଦି ଅଃମିମଃନ୍
ବିସ୍ୱାସି ବାୟ୍‌ବେଣି ମଃନ୍‌କେ ଲାଡ୍‌କଃରୁଲୁ, ଅଃମିମଃନ୍ ଜାଣୁଲୁ
ଜେ ଅଃମିମଃନ୍ ମଃର୍ନ୍‌କେ ଜିଣିକଃରି ଜିବନେ ହଚି ଆଚୁ,
ସେତାକ୍ ଅଃମିମଃନ୍ ବିସ୍ୱାସି ବାୟ୍‌ବେଣି ମଃନ୍‌କେ ଲାଡ୍ କଃରୁଲୁ
। ଜେ ଲାଡ୍ ନଃକେରେ, ଅଃବେ ହେଁ ସେ ମଃର୍ନାର୍ ତଃଳେ
ଆଚେ । 15 ଜେ ଅଃହ୍‌ଣାର୍ ବାୟ୍‌ବେଣିକେ ଲାଡ୍ ନଃକେରେ ସେ
ନଃର୍‌ମାରୁ; ଆର୍ ନଃର୍‌ମାରୁ ତଃୟ୍ ଜେ ଅଃମ୍ବର୍ ଜିବନ୍ ନାୟ୍
ଇରି ତୁମିମଃନ୍ ଜାଣା (aiōnios g166) 16 ଜିସୁକ୍ରିସ୍ଟ ଅଃମାର୍ ଗିନେ
ଜିବନ୍ ଦିଲାକ୍, ଅଃମିମଃନ୍ ଲାଡ୍ କାୟ୍‌ରି ଜାଣି ଆଚୁ; ଆରେକ୍
ବାୟ୍ ବେଣିମଃନାର୍ ଗିନେ ହେଁ ଅଃମାର୍ ଜିବନ୍ ଦେତାର୍ ଲଳା

। 17 ମଃତର୍ ଜେ ଜଃଗତାର୍ ଦଃନେ ଦଃନି ଅୟ୍ ଅଃହ୍ଣାର୍
ବାୟ୍ବେଣିର୍ ଅକେଟ୍ ଦଃକ୍ଲେକ୍ ହେଁ ତାକେ ଦଃୟା ନଃକେରେ
ତାର୍ ତଃୟ୍ ଇସ୍ୱରାର୍ ଲାଡ୍ କଃନ୍କଃରି ରେଉଁ ହାରେ? 18 ଏ
ହିଲାମଃନ୍ ଆସା ଅଃମିମଃନ୍ କଃତାୟ୍ କି ଟଣ୍ଟେ ଲାଡ୍ ନଃକେରି
କାମେ ଆର୍ ସଃତ୍କଃରି ଲାଡ୍ କଃରୁଆଁ । 19 ଅଃମିମଃନାର୍
କାମାର୍ ଗିନେ ଅଃମିମଃନ୍ ସଃତାର୍ ହିଲାମଃନ୍ ମଃନେ ବଃଲି
ଜାଣୁ ହାରୁ । 20 ଆରେକ୍ ଜୁୟ୍ ବିସୟ୍ ହେଁ ଅଃମାର୍ ଜିବନ୍
ଅଃମିମଃନ୍କ୍ ଦସି କଃରେଦ୍, ସେ ବିସୟେ ସେତାର୍ ଗିନେ
ତାର୍ ଚଃମେ ଅଃହ୍ଣାମଃନାର୍ ମଃନ୍କେ ତିର୍ କଃରୁ ହାରୁଆଁ;
ବଃଲେକ୍ ଇସ୍ୱର୍ ଅଃମାର୍ ମଃନ୍ତଃୟ୍ହୁଣି ବଃଡ୍ ଆର୍ ସେ
ସଃବୁ ଜାଣେଦ୍ 21 ଏ ଲାଡାର୍ ବାୟ୍ମଃନ୍, ଅଃମାର୍ ମଃନ୍ ଜଦି
ଅଃମିକ୍ ଦସି ନଃକେରେ, ତଃନ୍ଅୟ୍ଲେକ୍ ଇସ୍ୱରାର୍ ଚଃମେ
ଅଃମାର୍ ସାସ୍ ଆଚେ । 22 ଆର୍ ଅଃମିମଃନ୍ ଜାୟ୍ରି ହେଁ ମାଗୁନ୍ତ
ସେରି ସଃବୁ ତାର୍ ତଃୟ୍ହୁଣି ହାଉଁନ୍ତୁ, ବଃଲେକ୍ ଅଃମିମଃନ୍
ତାର୍ ବିଦି ମାନୁଲୁ, ଆର୍ ତାର୍ ଆକାୟ୍ ଜାୟ୍ରି ନିକ ସେରି
କଃରୁଲୁ । 23 ତାର୍ ବଲ୍ ଇରି ଜେ, ଅଃମିମଃନ୍ ତାର୍ ହୟ୍ସି
ଜିସୁ କ୍ରିସ୍ଟର୍ ନାଉଁଏ ବିସ୍ୱାସ୍ କଃରୁଆଁ ଆର୍ ସେ ଦିଲା ବିଦି
ହଃର୍କାରେ ସଃବ୍କେ ଲାଡ୍ କଃର୍ତାର୍ ଆଚେ । 24 ଜେ ତାର୍ ବିଦି
ମାନେଦ୍, ସେ ତାର୍ ତଃୟ୍ ରଃୟ୍ଦ୍, ଆର୍ ଇସ୍ୱର୍ ସେ ଲକାର୍
ତଃୟ୍ ରଃୟ୍ଦ୍; ଆର୍ ସେ ଜେ, ଅଃମାର୍ ତଃୟ୍ ରଃୟ୍ଦ୍ ଇରି
ଅଃମିମଃନ୍ ସେ ଦିଲା ପବିତ୍ର ଆତ୍ମା ଇରି ଅଃମିମଃନ୍କ୍ ଜାଣାଉଁଲି
।

4 ଏ ଲାଡାର୍ ବାୟ୍ମଃନ୍ ସଃବୁ ଆତ୍ମାକେ ବିସ୍ୱାସ୍ କଃରାନାୟ୍
ମଃତର୍ ଆତ୍ମାମଃନ୍ ଇସ୍ୱରାର୍ ତଃୟ୍ହୁଣି ଆସି ଆଚ୍ତି କି ନାୟ୍
ଇରି ସେମଃନ୍କେ ପରିକ୍ୟା କଃରି ଦଃକା କାୟ୍ତାକ୍ବଃଲେକ୍
ଜଃଗତେ ଅଃନେକ୍ ମିଚ୍ ବାବ୍ବାଦି ବାରାୟ୍ ଆଚ୍ତି । 2 ଇତାର୍
ଗିନେ ତୁମିମଃନ୍ ଇସ୍ୱରାର୍ ଆତ୍ମାକେ ଚିନୁ ହାରାସ୍, ଜିସୁ କ୍ରିସ୍ଟ
ଜେ ମାନାୟ୍ ଗଃଗାଲ୍ ଦଃରି ଆସି ଆଚେ ଇରି ଜୁୟ୍ ଆତ୍ମା
ମାନେଦ୍ ସେ ଇସ୍ୱରାର୍ ତଃୟ୍ହୁଣି ଆସି ଆଚେ 3 ଆର୍ ଜୁୟ୍
ଆତ୍ମା ଜିସୁକେ ନଃମାନେ, ସେ ଇସ୍ୱରାର୍ ତଃୟ୍ହୁଣି ନାସେ;
ଇରି ମିଚ୍ କ୍ରିସ୍ଟର୍ ଆତ୍ମା ଜାର୍ ଆସ୍ତା ବିସୟ୍ ତୁମିମଃନ୍ ସୁଣି
ଆଚାସ୍, ଆରେକ୍ ସେରି ଅଃବେ ହେଁ ଜଃଗତେ ଆସିଆଚେ
। 4 ଏ ଲାଡାର୍ ହିଲାମଃନ୍ ତୁମିମଃନ୍ ଇସ୍ୱରାର୍ ତଃୟ୍ହୁଣି
ଜାତ୍ ଆର୍ ତୁମିମଃନ୍ ମିଚ୍ ବାବ୍ବାଦିମଃନ୍କେ ଜିଣି ଆଚାସ୍
କାୟଃତାକ୍ବଃଲେକ୍ ତୁମାର୍ତଃୟ୍ ବାସ୍ କଃର୍ତି ରିଲା ଆତ୍ମା,
ଜଃଗତେ ବାସ୍ କଃର୍ତା ଆତ୍ମା ତଃୟ୍ ହୁଣି ତାର୍ତଃୟ୍ହୁଣି ବଃଡ୍ ।
5 ମିଚ୍ ବାବ୍ବାଦିମଃନ୍ ଇ ଜଃଗତାର୍, ସେମଃନ୍ ଜଃଗତାର୍ କଃତା
କଃଉତି ଆର୍ ଜଃଗତାର୍ ଲକ୍ମଃନ୍ ସେମଃନାର୍ କଃତା ସୁଣ୍ତି ।
6 ମଃତର୍ ଅଃମିମଃନ୍ ଇସ୍ୱରାର୍ ତଃୟ୍ହୁଣି ଜାତ୍, ଜେ ଇସ୍ୱର୍କେ
ଜାଣେଦ୍, ସେ ଅଃମାର୍ କଃତା ସୁଣେଦ୍, ଜେ ଇସ୍ୱରାର୍ ତଃୟ୍ହୁଣି
ଜାତ୍ନଃକେରେ ସେ ଅଃମାର୍ କଃତା ନଃସୁଣେ, ଇତାର୍ ଗିନେ
ଅଃମିମଃନ୍ ସଃତ୍କାରି ଆତ୍ମା ଆର୍ ମିଚ୍ ଆତ୍ମାକେ ଚିନୁକେ ହାରୁନ୍ତ
। 7 ଏ ଲାଡାର୍ ବାୟ୍ବେଣିମଃନ୍ ଆସା ଅଃମିମଃନ୍ ଏକ୍ଆରେକ୍
ଲାଡ୍ କଃରୁଆଁ, ବଃଲେକ୍ ଲାଡ୍ ଇସ୍ୱରାର୍ ତଃୟ୍ହୁଣି ଜଃଲମ୍,
ଆର୍ ଜୁୟ୍ଲକ୍ ଲାଡ୍ କଃରେଦ୍, ସେ ଇସ୍ୱରାର୍ ତଃୟ୍ହୁଣି ଜଃଲମ୍
ଆର୍ ସେ ଇସ୍ୱର୍କେ ଜାଣେଦ୍ । 8 ଜେ ଏକ୍ଆରେକ୍କେ ଲାଡ୍
ନଃକେରେ, ସେ ଇସ୍ୱର୍କେ ନଃଜାଣେ, କାୟଃତାକ୍ବଃଲେକ୍
ଇସ୍ୱର୍ ତ ଲାଡ୍କାରି 9 ଇରି ହଃକା ଇସ୍ୱରାର୍ ଲାଡ୍ ଅଃମାର୍
ତଃୟ୍ ଜାଣା ହଃଲିଆଚେ ଜେ, ଇସ୍ୱର୍ ଅଃହ୍ଣାର୍ ଗଟେକ୍ବଃଲି
ହୟ୍ସିକେ ଜଃଗତେ ହଃଟାୟ୍ଲା, ଜଃନ୍କଃରିକି ଅଃମିମଃନ୍
ଜିସୁର୍ ଗିନେ ଅଃମାର୍ ଜିବନ୍ ହାଉନ୍ତ । 10 ଅଃମିମଃନ୍ ଜେ,
ଇସ୍ୱର୍କେ ଲାଡ୍ କଃଲୁ ସେରି ନଃୟ୍, ମଃତର୍ ସେ ଅଃମିମଃନ୍କ୍
ଲାଡ୍ କଃଲା, ଆରେକ୍ ଅଃହ୍ଣାର୍ ହୟ୍ସିକେ ଅଃମିମଃନାର୍ ହାହ୍
ବୟ୍ନେଉଁକେ ହଃଟାୟ୍ଲା ଇତି ଇସ୍ୱରାର୍ ଲାଡ୍ ଜାଣାହଃଲୁଲି ।
11 ଏ ଲାଡାର୍ ବାୟ୍ବେଣିମଃନ୍, ଇସ୍ୱର୍ ଜଦି ଅଃମିକ୍ ଇରଃକମ୍
ଲାଡ୍ କଃଲା, ତଃବେ ଅଃମି ହେଁ ଏକ୍ଆରେକ୍କେ ଲାଡ୍ କଃର୍ତା
ଲଳା ଆଚେ । 12 କେ ହେଁ କଃବେ ଇସ୍ୱର୍କେ ନଃଦେକେ;
ଅଃମିମଃନ୍ ଜଦି ଏକ୍ଆରେକ୍କେ ଲାଡ୍ କଃରୁନ୍ତ ତଃନ୍ଅୟ୍ଲେକ୍
ଇସ୍ୱର୍ ଅଃମାର୍ ତଃୟ୍ ଆଚେ ଆର୍ ତାର୍ ଲାଡ୍ ଅଃମାର୍ ଟାଣେ
ହୁରୁଣ୍ ଅୟ୍ଆଚେ । 13 ଅଃମିମଃନ୍ ଜେ, ତାର୍ ତୟ୍ ଆଚୁ
ଆର୍ ସେ ଅଃମାର୍ ତଃୟ୍ ଆଚେ, ଇରି ଅଃମିମଃନ୍ ଜାଣୁଲୁ,
କାୟ୍ତାକ୍ବଃଲେକ୍ ଇସ୍ୱରାର୍ ଅଃମିମଃନ୍କ୍ ଅଃହ୍ଣାର୍ ପବିତ୍ର
ଆତ୍ମାକେ ଦିଲା ଆଚେ । 14 ଉବା ଜେ ହୟ୍ସିକେ ଜଃଗତାର୍
ମୁକ୍ତିକାରି ଅଃଉତା ଗିନେ ହଃଟାୟ୍ଲା ଆଚେ, ଇରି ଅଃମିମଃନ୍
ଦଃକି ଆଚୁ ଆର୍ ସାକି ଦେଉଁଲୁ । 15 ଜେ ଜିସୁକେ ଇସ୍ୱରାର୍
ହୟ୍ସି ବଃଲି ମାନେଦ୍ ଇସ୍ୱର୍ ତାର୍ ତଃୟ୍ ଆଚେ ଆର୍ ସେ
ଇସ୍ୱରାର୍ ତଃୟ୍ ଆଚେ । 16 ଆରେକ୍ ଅଃମିମଃନାର୍ ଗିନେ
ଇସ୍ୱରାର୍ ଜୁୟ୍ ଲାଡ୍ ଆଚେ, ସେରି ଅଃମିମଃନ୍ ଜାଣି ଆଚୁ,
ଆର୍ ବିସ୍ୱାସ୍ କଃରି ଆଚୁ । ଇସ୍ୱର୍ ତ ଲାଡ୍; ଜେ ଲାଳେ ରଃୟ୍ଦ୍
ସେ ଇସ୍ୱରାର୍ ତଃୟ୍ ରଃୟ୍ଦ୍ ଆର୍ ଇସ୍ୱର୍ ତାର୍ ତଃୟ୍ ରଃୟ୍ଦ୍
। 17 ଇସ୍ୱର୍କେ ମାନି ଜିବନ୍ କାଟ୍ତାର୍ ଗିନେ ଇସ୍ୱରାର୍ ଲାଡ୍
ଅଃମାର୍ ତଃୟ୍ ସିଦ୍ ଅୟ୍ଆଚେ । ଇତି ଲାଡ୍ ଅଃମାର୍ ବିତ୍ରେ
ହୁରା ଅୟ୍ଆଚେ ଜେ, ବିଚାର୍ ଦିନ୍ ଅଃମିମଃନ୍ ସାସ୍ ହାଉନ୍ତ
ବଃଲେକ୍ ସେ ଜଃନ୍କଃରି ଆଚେ, ଅଃମିମଃନ୍ ହେଁ ଇ ଜଃଗତେ
ସେନ୍ କଃରିଆଚୁ । 18 ଲାଳେ ଡିର୍ ନଃରେୟ୍; ମଃତର୍ ହୁରା
ଲାଡ୍ ଡିର୍କେ ଦୁର୍ କଃରେଦ୍, ବଃଲେକ୍ ଡିର୍ ସଃଙ୍ଗ୍ ଡଃଣ୍ଡ
ମିସିଆଚେ ଆର୍ ଜେ ଡିରେଦ୍, ସେ ଲାଡେ ହୁର୍ନ୍ ନାୟ୍ । 19
ଇସ୍ୱର୍ ହର୍ତୁମ୍ ଅଃମିମଃନ୍କ୍ ଲାଡ୍ କଃଲାକ୍ ଅଃମିମଃନ୍ କଃଲୁ ।
20 ଇସ୍ୱର୍କେ ଲାଡ୍ କଃରୁଲେ ବଃଲି କୟ୍କଃରି ଜଦି କେ ବିସ୍ୱାସି
ବାୟ୍ବେଣିକେ ଗିଣ୍ କଃରେଦ୍ ତଃନ୍ଅଲେ ସେ ମିଚୁଆ, ତଃବେ
ଜୁୟ୍ ବାୟ୍କ୍ ଦଃକୁଲା, ଜଦି ତାକେ ଲାଡ୍ ନଃକେରେ, ତଃବେ
ଜୁୟ୍ ଇସ୍ୱର୍କେ ସେ ନଃଦେକେ, ତାକ୍ ଲାଡ୍ କଃରୁ ନାହାରେ ।

21 ଜେ ଇସ୍ୱର୍‌କେ ଲାଡ୍ କଃରେଦ୍ ସେ ଅଃହ୍‌ଣାର୍ ବାୟ୍‌ବେଣିକେ
ହେଁ ଲାଡ୍ କଃର ଇ ବିଦି ଅଃମିମଃନ୍ ତାର୍ ତଃୟ୍‌ହୁଣି ହାୟ୍ ଆଟୁ
।

**5** ଜେ ଜିସୁକେ କ୍ରିସ୍ଟ ବଃଲି ବିସ୍ୱାସ୍ କଃରେଦ୍ ସେ ଇସ୍ୱରାର୍
ତଃୟ୍‌ହୁଣି ଜଃଲମ୍, ଆର୍ ଜେ ଜଃଲମ୍ ଦେଉଁକେ ଲାଡ୍
କଃରେଦ୍ ସେ ତାର୍ ତଃୟ୍‌ହୁଣି ଜଃଲମ୍ ଅୟ୍‌ରିଲା ହିଲାମଃନ୍‌କେ
ହେଁ ଲାଡ୍ କଃରେଦ୍ 2 ଅଃମିମଃନ୍ ଜଃଡେବଃଲ୍ ଇସ୍ୱର୍‌କେ ଲାଡ୍
କଃରୁନ୍ଣ୍ଡ ଆର୍ ତାର୍ ବିଦି ମାନୁନ୍ଣ୍ଡ ସଃଡେବଃଲ୍ ଜାଣୁ ହାରୁନ୍ଣ୍ଡ
ଜେ ଅଃମିମଃନ୍ ଇସ୍ୱରାର୍ ହିଲାମଃନ୍‌କେ ଲାଡ୍ କଃରୁଲୁ । 3
ବଃଲେକ୍ ଇସ୍ୱର୍‌କେ ଲାଡ୍ କଃର୍ତା ଅଃର୍ତ୍ ଅଃଉଁଲି ତାର୍ ବଲ୍
ମାନ୍‌ତାର୍, ଆର୍ ତାର୍ ବିଦି ସଃବୁ ଜଃବର୍ କଃସ୍ଟ ନାୟ୍ । 4
ଜେ ଇସ୍ୱରାର୍ ତଃୟ୍‌ହୁଣି ଜାତ୍ ସେ ଜଃଗତ୍‌କେ ଜିଣିଆଚେ,
ଆର୍ ଜୁୟ୍‌ରି ଜଃଗତ୍‌କେ ଜିଣି ଆଚେ, ସେରି ଅଃମାର୍ ବିସ୍ୱାସ୍
। 5 ଜିସୁ ଇସ୍ୱରାର୍ ହୟ୍‌ସି, ଇରି ଜେ ବିସ୍ୱାସ୍ କଃରେଦ୍, ସେ
ହଃକା ଜଃଗତ୍‌କେ ଜିଣେଦ୍ । 6 ଜିସୁ କ୍ରିସ୍ଟ ଇସ୍ୱରାର୍ ହୟ୍‌ସି
ବଃଲି ବାପ୍ତିସମ୍ ଦଃୟ୍ ଆର୍ ନିଜାର୍ ବଃନି ଦଃୟ୍ ମାନାୟ୍‌ର୍
ମୁକ୍ତି ସାଦୁନ୍ କଃଲାର୍ ଗିନେ ଜାଣାୟ୍ ରିଲା, ମଃତର୍ ହାଣାୟ୍
ହଃକା ନୟ୍ ମଃତର୍ ବଃନି ଆର୍ ହାଣି ନଃୟ୍ ଆସିରିଲା, ଆତ୍ମା
ହେଁ ଇତିର୍ ସାକି ଦେଉଁଲା ଆତ୍ମା ସେ ସଃତ୍ । 7 ଆର୍ ଇ
ତିନି ହଃକା ସାକି ଆଚ୍‌ତି । 8 ଆତ୍ମା, ହାଣି, ଆର୍ ବଃନି ଇ
ତିନିଗଟ୍ ସାକି ଏକ୍ । 9 ଅଃମିମଃନ୍ ଜଦି ନଃରାର୍ ସାକି ସଃତ୍
କଃରୁନ୍ଣ୍ଡ, ତଃବେ ଇସ୍ୱରାର୍ ସାକି ସେ ସାକି ତଃୟ୍‌ହୁଣି ବଃଡ୍,
ଆର୍ ଇସ୍ୱରାର୍ ସାକି ଇରି ଜେ, ସେ ଅଃହ୍‌ଣାର୍ ହୟ୍‌ସିର୍ କଃତା
ସାକି ଦଃୟ୍ ଆଚେ । 10 ଜେ ଇସ୍ୱରାର୍ ହୟ୍‌ସିର୍ ତଃୟ୍ ବିସ୍ୱାସ୍
କଃରେଦ୍ ସେ ଅଃହ୍‌ଣାର୍ ଗଃର୍ବେ ହୁଣି ଇ ସାକି ହାୟ୍ ଆଚେ;
ଜେ ଇସ୍ୱରାର୍ ସାକି ବିସ୍ୱାସ୍ ନଃକେରେ, ସେ ଇସ୍ୱର୍‌କେ ମିଚୁଆ
କଃରି ଆଚେ, କାୟଃତାକ୍‌ବଃଲେକ୍ ଇସ୍ୱର୍ ଅଃହ୍‌ଣାର୍ ହୟ୍‌ସି
ବିସୟେ ଜୁୟ୍ ସାକି ଦଃୟ୍ ଆଚେ, ସେତି ସେ ବିସ୍ୱାସ୍ ନଃକେରେ
। 11 ସେ ସାକି ଜେ, ଇସ୍ୱର୍ ଅଃମିମଃନ୍‌କ୍ ଅଃମ୍ବ୍ରର୍ ଜିବନ୍ ଦଃୟ୍
ଆଚେ, ଆରେକ୍ ସେ ଜିବନ୍ ତାର୍ ହୟ୍‌ସି ଟାଣେ ଆଚେ ।
(aiōnios g166) 12 ଜେ ହୟ୍‌ସିକ୍ ହାୟ୍ ଆଚେ, ସେ ଜିବନ୍ ହାୟ୍
ଆଚେ; ଜେ, ଇସ୍ୱରାର୍ ହୟ୍‌ସିକେ ନଃହାୟ୍, ସେ ଜିବନ୍‌କେ ହେଁ
ନଃହାୟ୍ । 13 ଇସ୍ୱରାର୍ ହୟ୍‌ସିର୍ ନାଉଁଏ ବିସ୍ୱାସ୍ କଃରୁଲାସ୍
ଜେ, ତୁମିମଃନ୍, ତୁମିମଃନ୍ ଜଃନ୍‌କଃରି ଜାଣା ଜେ, ତୁମିମଃନ୍
ଅଃମ୍ବ୍ରର୍ ଜିବନ୍ ହାୟ୍ ଆଚାସ୍, ଇତାର୍ ଗିନେ ମୁଁୟ୍ ତୁମିମଃନାର୍
ଇସଃବୁ ଲେକ୍‌ଲେ । (aiōnios g166) 14 ଅଃମିମଃନ୍ ଜଃବେ
ତାର୍ ଇଚା ହଃର୍କାରେ ଜାୟ୍ ହେଁ ପାର୍ତ୍‌ନା କଃରୁନ୍ଣ୍ଡ, ତଃବେ
ସେ ଅଃମାର୍ ସେ ପାର୍ତ୍‌ନା ସୁଣେଦ୍, ତାର୍ ଚଃମେ ଅଃମାର୍ ଇ
ସାସ୍ ଆଚେ । 15 ଆର୍ ଅଃମିମଃନ୍ ତାର୍ ହାକ୍ ଜାୟ୍‌ରି ହେଁ
ପାର୍ତ୍‌ନା କଃରୁନ୍ଣ୍ଡ, ସେରି ସେ ସୁଣେଦ୍ ବଃଲି ଜଦି ଅଃମିମଃନ୍
ଜାଣୁଲୁ, ତଃବେ ତାର୍ ଟାଣେ ଜାୟ୍‌ରି ପାର୍ତ୍‌ନା କଃରି ଆଚୁ,
ସେରି ସଃବୁ ଜେ ହାୟ୍ ଆଚୁ ଇରି ହେଁ ଜାଣୁକେ ଦଃର୍‌କାର୍ । 16
କେ ଜଃବେ ବାୟ୍‌କ୍ ହାହ୍ କଃର୍ତାର୍ ଦଃକାସ୍ ଆର୍ ସେ ହାହ୍
ମଃର୍ତା ହାହ୍ ଅୟ୍ ନଃରେୟ୍, ତାର୍ ହାଁୟ୍ ଇସ୍ୱର୍‌କେ ପାର୍ତ୍‌ନା
କଃରା, ଆର୍ ଇସ୍ୱର୍ ତାକେ କେମା କଃରି ଜିବନ୍ ଦଃୟ୍‌ଦ୍ ।
ଜୁୟ୍ ଲକାର୍ ହାହ୍ ମଃର୍ନ୍ ହାଉତାର୍ ସେ ବିସୟେ ମୁୟ୍ଁ ପାର୍ତ୍‌ନା
କଃରୁକେ ମୁୟ୍ଁ ନଃକୟ୍ଁ । 17 ସଃବୁ ଅଃଦଃର୍ମ୍ ହାହ୍, ମଃତର୍
ସଃବୁ ହାହ୍ ମଃର୍ତା ହାହ୍ ନାୟ୍ । 18 ଜେ ଇସ୍ୱରାର୍ ତଃୟ୍‌ହୁଣି
ଜାତ୍, ସେ ଜେ ହାହେ ବୁଡି ନଃରେୟ୍ ମଃତର୍ ସେ ଇସ୍ୱରାର୍
ତଃୟ୍‌ହୁଣି ଜଃଲମ୍ ଅୟ୍ ନିଜ୍‌କେ ରଃକ୍ୟା କଃରେଦ୍, ଆର୍ ହାହ୍
ଆତ୍ମା ତାକ୍ ଚିଉଁକ୍ ନାହାରେ ଇରି ଅଃମିମଃନ୍ ଜାଣି ଆଚୁ । 19
ଅଃମିମଃନ୍ ଜେ ଇସ୍ୱରାର୍ ତଃୟ୍‌ହୁଣି ଜଃଲମ୍ ଆର୍ ଜଃଗତ୍‌ଜାକ
ଜେ ହାହ୍ ଆତ୍ମାର୍ ତଃଳେ ଆଚେ, ଇରି ଅଃମିମଃନ୍ ଜାଣି ଆଚୁ
। 20 ଆରେକ୍ ହେଁ ଅଃମିମଃନ୍ ଜାଣୁ ଜେ, ଇସ୍ୱରାର୍ ହୟ୍‌ସି
ଆସି ଆଚେ ଆର୍ ସଃତ୍ ଇସ୍ୱର୍ ତାକେ ଜାଣୁକେ ଅଃମିମଃନ୍‌କ୍
ଗିଆନ୍ ଦଃୟ୍ ଆଚେ; ଆରେକ୍ ଅଃମିମଃନ୍ ସେ ସଃତ୍ ତଃୟ୍
ବଃଲେକ୍ ତାର୍ ହୟ୍‌ସି ଜିସୁ କ୍ରିସ୍ଟର୍ ତଃୟ୍ ରେଉଁଆ । ସେ ସଃତ୍
ଇସ୍ୱର୍ ଆର୍ ସେ ହଃକା ଅଃମ୍ବ୍ରର୍ ଜିବନ୍ । (aiōnios g166) 21 ଏ
ହିଲାମଃନ୍ ମିଚ୍ ମୁର୍ତି ଦେବାଦେବି ମଃନାର୍ ତଃୟ୍‌ହୁଣି ଅଃହ୍‌ଣା
ଅଃହ୍‌ଣାକ୍ ବଚାଉଆ ।

# ୨ ଜହନ୍

1 ପାରାଚିନ୍ ଜେ ମୁଁୟ୍, ମୁଁୟ୍ ମାପ୍ରୁ ବାଚ୍‌ଲା ମାୟ୍‌ଜିଟକି,
ଆର୍ ଇସ୍ୱରାର୍ ହିଲାମଽନାର୍ ହାକ୍ ଇ ଚିଟି ଲେକୁଲେ ।
ସେମଽନ୍‌କେ ମୁଁୟ୍ ସଽତ୍‌କଽରି ଲାଡ୍ କଽରୁଲେ, ଆର୍ ଅଽକାୟ୍
ମୁଁୟ୍ ନାୟ୍ ମଽତର୍ ସଽତ୍ ଜାଣି ରେତା ସଽବୁ ଲକ୍ ହେଁ ଲାଡ୍
କଽର୍ତି । 2 ଜୁୟ୍ ସଽତ୍ ଅଽମିମଽନାର୍ ମଽନ୍‌ବିତ୍ରେ ଆଚେ
ଆର୍ ସଽବୁବଽଲ୍ ଅଽମାର୍ ସଽଙ୍ଗ୍ ରଽୟ୍‌ଦ୍, ସେ ସଽତାର୍ ଗିନେ
ସେମଽନ୍‌କେ ଲାଡ୍ କଽରୁଲୁ । (aiōn g165) 3 ଉବା ଇସ୍ୱର୍
ଆର୍ ସେ ଉବାର୍ ହୟ୍‌ସି ଜିସୁ କ୍ରିସ୍ଟର୍ ତଽୟ୍ ହୁଣି ଉହ୍‌କାର୍,
ଦଽୟା ଆର୍ ସୁସ୍ତା ଅଽମାର୍ ସଽଙ୍ଗ୍ ସଽତ୍ ଆର୍ ଲାଡେ ରଽୟ୍‌ଦ୍
। 4 ତୁମାର୍ ହିଲାମଽନାର୍ ବିତ୍ରେ କଽତେକ୍ ଉବାର୍ ତଽୟ୍‌ହୁଣି
ହାୟ୍‌ରିଲା ବିଦି ହଽର୍କାରେ ସଽତେ ଚାଲ୍‌ଚାଲ୍‌ତି ଜାଣି ମୁଁୟ୍
ବଽଡେ ସଽର୍ଦା । 5 ଲାଡାର୍ ଆୟା ଅଽବେ ମୁଁୟ୍ ଜେ ତର୍ ହାକ୍
ନଽଉଆଁ ବିଦି ଲେକୁଲେ ସେରି ନାୟ୍, ମଽତର୍ ଆରୁମେ ହୁଣି
ହାୟ୍‌ଲା ବଲ୍‌କେ ଲେକି ଗଽଉଆରି କଽରୁଲେ ଜେ, ଅଽମିମଽନ୍
ସଽବ୍‌କେ ଅଽହ୍‌ଣା ଅଽହ୍‌ଣା ମଽନ୍‌କାର୍ ବିତ୍ରେ କଽରୁନ୍ଡ୍ । 6
ଆର୍ ଅଽମିମଽନ୍ ଜେ, ତାର୍ ବିଦି ହଽର୍କାରେ ଚାଲ୍‌ଚାଲ୍‌ତି
କଽରୁଆଁ, ଇରି ହଽକା ଲାଡାର୍ ଅଽର୍ଦ୍ । ତୁମିମଽନ୍ ଆରୁମେ
ହୁଣି ଜାୟ୍‌ରି ସୁଣି ଆଚାସ୍, ସେ ହଽର୍କାରେ ଚାଲ୍‌ଚାଲ୍‌ତି କଽରା
ଇରି ସେ ବଲ୍ । 7 ବଽଲେକ୍ ଜୁୟ୍ ଲକ୍‌ମଽନ୍ ଜିସୁ କ୍ରିସ୍ଟ
ନଽର୍ ଗଽଗାଲ୍ ଦଽରି ଆସି ଆଚେ ବଽଲି ବିସ୍ୱାସ୍ ନଽକେର୍‌ତି,
ଇରଽକମ୍ ଗାଦେକ୍ ଟକୁମଽନ୍ ଜଽଗତେ ବାରାୟ୍ ଆସି ଆଚ୍‌ତି
। ଇବାନ୍ୟା ଲକ୍ ଅଽଉଁଲାୟ୍ ଟକୁମଽନ୍ ଆର୍ କ୍ରିସ୍ଟର୍ ସଽତ୍ରୁ ।
8 ତୁମିମଽନ୍ ଜଽନ୍‌କଽରି ଅଽମିମଽନାର୍ କଽଲା କାମାର୍ ହଽଲ୍
ଆରାୟ୍ ନଽକେରି ଜଽନ୍‌କଽରି ସେତିର୍ ହୁର୍ନ୍ କଽରି ପୁରିସ୍କାର୍
ହାଉଆସ୍; ସେତାର୍ ଗିନେ ନିଜାର୍ ନିଜାର୍ ବିସୟେ ଜଽଗ୍ରାତ୍
ରିଆ । 9 ଜୁୟ୍‌ଲକ୍ କ୍ରିସ୍ଟର୍ ସିକ୍ୟାର୍, ବିତ୍ରେ ନଽରେୟ୍ ଜଦି ବିନେ
ଜାୟ୍‌ଦ୍, ସେ ଇସ୍ୱର୍‌କେ ନଽହାୟ୍; ସିକ୍ୟାର୍ ବିତ୍ରେ ରଽୟ୍‌ଦ୍,
ସେ ଉବାକ୍ ଆର୍ ହୟ୍‌ସିକ୍ ଦୁୟ୍‌ଲକେ ହାୟ୍ ଆଚେ । 10 କେ
ଜଦି ଇ ସିକ୍ୟା ନଽୟ୍ ତୁମିମଽନାର୍ ହାକ୍ ଆସେଦ୍, ତଽବେ ତାକ୍
ତୁମାର୍ ଗଽରେ କୁଦାନାୟ୍ କଽରାନାୟ୍, ଆର୍ ତର୍ ସୁସ୍ତା ଅଽଉଅ
ବଽଲି କୟ୍‌କଽରି ତାକେ ଜୁଆର୍ କଽରାନାୟ୍ । 11 ବଽଲେକ୍
ଜୁୟ୍‌ଲକ୍ ତାର୍ ସୁସ୍ତା ଅଽଉଅ ବଽଲି କୟ୍‌ଦ୍, ସେ ତାର୍ କଽରାବ୍
କାମାର୍ ବାଗିଦାରି ସଽଇନ୍ । 12 ତୁମିମଽନାର୍ ହାକ୍ ଗାଦେକ୍
କଽତା ଲେକ୍‌ତାର୍ ଆଚେ, ମଽତର୍ କାଗଜେ ଆର୍ ପେନେ
ସେରି ଲେକୁକେ ମଽନ୍ ନଽକେରୁଲେ ମର୍ ଆସା ଜେ, ତୁମାର୍
ଲଽଗେ ଆସି ନିଜେ ମୁକାମୁକି କଽତାବାର୍ତା କଽରିନ୍ଡ୍, ଜଽନ୍‌କଽରି
ଅଽମିମଽନାର୍ ସଽର୍ଦା ହୁର୍ନ୍ ଅୟ୍‌ଦ୍ । 13 ଇସ୍ୱର୍ କୁଦ୍‌ଲାର୍ ତୁମାର୍
ବେଣିର୍ ହିଲାମଽନ୍ ତୁମିକେ ଜୁଆର୍ ଜାଣାଉଁଲାୟ୍ ।

# ୩ ଜହନ୍

1 ପାରାଚିନ୍ ଜହନ୍ ଜେ ମୁୟ୍ଁ, ମର୍ ଲାଡାର୍ ଗାୟର୍ ହାକ୍ ଇ
ଚିଟି ଲେକୁଲେ, ତାକେ ମୁଁୟ୍ ସଃତ୍କଃରି ଲାଡ୍ କଃରୁଲେ
। 2 ଲାଡାର୍ ସଃଙ୍ଗ, ତର୍ ଆତ୍ମାର୍ ଜଃନ୍କଃରି ସୁବ୍ ଅଃଉଁଲି,
ସେନ୍କଃରି ସଃବୁ ବିସୟେ ତର୍ ସୁବ୍ ଅଃଉଅ ଆର୍ ତର୍
ଗଃଗାଲ୍ ସଃବୁବଃଲ୍ ନିକ ରେଅ, ଇରି ମର୍ ପାର୍ତନା ।
3 କାୟ୍ତାକ୍ବଃଲେକ୍ କଃତେକ୍ ବିସ୍ୱାସି ବାୟ୍ମଃନ୍ ଆସି
ଜଃଡେବଃଲ୍ ସଃତ୍ ଉହ୍ରେ ତର୍ ସଃର୍ଦା, ଆଚେ ଆର୍ କଃନ୍କଃରି
ଜିବନେ ସଃତ୍ ଚାଲାଚାଲ୍ତି କଃରୁଲିସ୍, ଇ କଃତା ସାକି ଦିଲାୟ୍
ସଃଡେବଃଲ୍ ମୁଁୟ୍ ବଃଡେ ସଃର୍ଦା ଅୟ୍ଲେ । 4 ମର୍ ହିଲାମଃନ୍
ଜେ ସଃତେ ରଃୟ୍ ଜିବନ୍ କାଟୁଲାୟ୍ ବଃଲି ସୁଣ୍ଲେକ୍ ମୁଁୟ୍
ବଃଡେ ସଃର୍ଦା ଅୟ୍ନ୍ଦ । 5 ଲାଡାର୍ ସଃଙ୍ଗ, ତୁମି ବାୟ୍ମଃନ୍କେ
ମୁଲ୍କଃରି ହଃର୍ବାସି କ୍ରିସ୍ଟିଆନ୍ ଗୁରୁମଃନ୍କେ ଜାୟ୍ରି କଃରୁଲିସ୍
ସେରି ସଃତ୍କଃରି କଃରୁଲିସ୍ । 6 ସେମଃନ୍ ମଣ୍ଡଳିଏ ତର୍ ଲାଡ୍
କଃତା ସାକି ଦଃୟ୍ ଆଚ୍ତି; ଜୁୟ୍ ଜଦି ସେମଃନ୍କେ ଇସ୍ୱରାର୍
ଜୟ୍ଗ୍ ଉହ୍କାର୍ ଦଃୟ୍ ବାଟ୍ କାଡାୟ୍ ଦେସି, ତଃବେ ନିକ କାମ୍
କଃର୍ସି, 7 ବଃଲେକ୍ ସେମଃନ୍ ଅଜିଉଦିମଃନାର୍ ତଃୟ୍ହୁଣି କାୟ୍ରି
ହେଁ ଉହ୍କାର୍ ନଃନେୟ୍ କ୍ରିସ୍ଟର୍ ନାଉଁ ଗିନେ ବାରାୟ୍ ଆଚ୍ତି ।
8 ବଃଲେକ୍ ଅଃମିମଃନ୍ ଜଃନ୍କଃରି ସଃତ୍ ଗିନେ ସେମଃନାର୍
ସଃଙ୍ଗ କାମ୍ କଃରୁ ହାରୁନ୍ଦ; ଇତାର୍ ଗିନେ ସେମଃନାର୍ ଉହ୍କାର୍
କଃର୍ତାର୍ ଅଃମାର୍ କାମ୍ । 9 ମୁଁୟ୍ ତୁମାର୍ ମଣ୍ଡଳିକେ ଗଟେକ୍
ସାନ୍ ଚିଟି ଲେକି ରିଲେ, ମଃତର୍ ମଣ୍ଡଳି ବିତ୍ରେ ବଃଡ୍ ଅଃଉଁକେ
ମଃନ୍କଃରି ଦିୟତ୍ରପା ମର୍ କଃତାକ୍ ନଃଦେର୍ଲାୟ୍ । 10 ସେ
ଅଃମିମଃନାର୍ ବିରଦେ କଃରାବ୍ କଃତା କୟ୍ ଅଃମିମଃନ୍କ୍ ଲିନ୍ଦା
କଃରୁଲା, ଆରେକ୍ ସଃତେକ୍ସେ ନୟ୍, ନିଜେ ବାୟ୍ମଃନାର୍
ସେବା ନଃକେରୁଲା, ଆରେକ୍ ବିନ୍ ଲକ୍ମଃନ୍ ଉହ୍କାର୍ କଃରୁକେ
ମଃନ୍ କଃଲେକ୍, ସେମଃନ୍କେ ନଃକେରାଉଁଲା, ଆର୍ ମଣ୍ଡଳି
ତଃୟ୍ହୁଣି ସେନଃନ୍କେ ବାର୍କଃରୁଲା; ମୁଁୟ୍ ଗଃଲେକ୍ ତାର୍
ଇରି ସଃବୁ କଃଲା କଃରାବ୍ କାମ୍ ମଃନେ ଏତାୟ୍ ଦଃୟ୍ନ୍ଦ ।
11 ଲାଡାର୍ ସାଙ୍ଗ, ଜୁୟ୍ ମଃନ୍ଦ କାମାର୍ ହଃଚେ ନଃଜାୟ୍କଃରି
ସଃତ୍ କାମାର୍ ହଃଚେ ଜାଆ, ଜେ ସଃତ୍ କାମ୍ କଃରେଦ୍ ସେ
ଇସ୍ୱରାର୍ ତଃୟ୍ହୁଣି ଜାତ୍, ଜେ କଃରାବ୍ କାମ୍ କଃରେଦ୍ ସେ
ଇସ୍ୱର୍କେ ନଃଜାଣେ । 12 ଦିମିତ୍ରିୟର୍ କଃତା ସଃବୁଲକ୍ ନିକ
ସାକି ଦେଉଁଲାୟ୍; ସଃତ୍ ନିଜେ ହେଁ ସାକି ଦେଉଁଲି; ଅଃମିମଃନ୍
ହେଁ ସାକି ଦେଉଁଲୁ । ଆର୍ ଅଃମିମଃନାର୍ ସାକି ଜେ ସଃତ୍
ଇରି ତୁମି ଜାଣୁଲାସ୍ । 13 ତୁମାର୍ହାକ୍ ମର୍ ଗାଦେକ୍ କଃତା
କଃଉତାର୍ ଆଚେ, ମଃତର୍ ସିରାୟ୍ ଆର୍ ପେନ୍ ତଃୟ୍ଁ ସେରି
ଲେକୁକେ ମଃନ୍ ନଃକେରୁଲେ । 14 ମର୍ ଆସା ଜେ, ବେଗି
ତୁମାର୍ ସଃଙ୍ଗ ବେଟ୍ ଅୟ୍ଦ୍ ଆର୍ ଅଃମିମଃନ୍ ଗଟେତଃୟ୍ ବଃସି
ଗଟିକଃତା କଃରୁଆଁ । ତୁମାର୍ ଉହ୍ରେ ସୁସ୍ତା ଅଃଉଅ; ତୁମାର୍
ମିତ୍ରମଃନ୍ ତୁମିକେ ନାଉଁ ଦଃରି ଜୁଆର୍ ଜାଣାଉଁଲାୟ୍ । ଅଃମାର୍
ସଃବୁ ମିତ୍ରମଃନ୍କେ ମର୍ ନିଜାର୍ ଜୁଆର୍ ଜାଣାଉଆ ।

# ଜିଉଦା

**1** ମୁୟଁ ଜିଉଦା, ଜିସୁ କ୍ରିସ୍ଟର୍ ଗଟେକ୍ ଗତିଦଃଙ୍ଗ୍ଲା ଆର୍
ଜାକୁବର୍ ବାୟ୍‌ସି ଜୁୟ୍ ଲକ୍‌ମଃନ୍‌କେ ମାପ୍ରୁ କୁଦିଆଚେ
ଉବା ଇସ୍ୱରାର୍ ଲାଡାର୍ ଲକ୍ ଆରେକ୍ ଜିସୁ କ୍ରିସ୍ଟର୍ ଗିନେ
ରଃକ୍ୟାହାୟ୍‌ଲାର୍ ସେମଃନାର୍ ହାକ୍ ଚିଟି ଲେକୁଲେ । 2
ଇସ୍ୱରାର୍ ଦଃୟା, ସୁସ୍ତା ଆର୍ ଲାଡ୍ ହୁର୍ନ୍‌କଃରି ତୁମାର୍ ଉହ୍ରେ
ଅଃଉଅ । 3 ଏ ଲାଡାର୍ ମଃନ୍ ମୁଁୟ୍ ତୁମାର୍ ହାକ୍ ଅଃମିମଃନାର୍
ସଃବୁଲକ୍ ହାୟ୍ ରିଲା ମୁକ୍ତି ବିସୟେ ତୁମିମଃନାର୍ ହାକ୍ ଲେକୁକ୍
ବଃଡେ ଜଃତୁନ୍ ଅୟ୍ ଦଃର୍ମିମଃନାର୍ ହାକ୍ ଗଟେକ୍‌ତର୍ ସଃହ୍ରିଦିଲା
ବିସ୍ୱାସ୍ ଗିନେ ମଃନ୍ ହଃରାଣ୍ ସଃଙ୍ଗ୍ କୁଜ୍ କଃରୁକେ ତୁମିମଃନ୍ କେ
ସାସ୍ ଦେଉଁକେ ଲେକୁକ୍ ମଃନ୍‌କଃଲେ । 4 କାୟଃତାକ୍‌ବଃଲେକ୍
ହୁର୍ବାର୍ ସାସ୍ତରେମଃନ୍ ଡଃଣ୍ଡାର୍ ଜୟ୍‌ଗ୍ ବଃଲି ଲେକା ଅୟ୍‌ରିଲା
କଃତେକ୍ ଲକ୍ ତୁମିମଃନାର୍ ବିତ୍ରେ ଲୁକ୍‌ଣେ ଆସି ଆଚ୍‌ତି,
ସେମଃନ୍ ଅଃଦଃର୍ମି, ଅଃମିମଃନାର୍ ଇସ୍ୱରାର୍ ଦଃୟାକ୍ ଉଲ୍‌ଟା
ବାବେ କଃରାବ୍ ଇଚାୟ୍ ବେବାର୍ କଃର୍ତି ଆରେକ୍ ଅଃମିମଃନାର୍
ଗଟେକ୍ ବଃଲି ସାଉକାର୍ ଆର୍ ମାପ୍ରୁ ଜିସୁ କ୍ରିସ୍ଟକେ ନଃମାନ୍‌ତି । 5
ଅୟ୍‌ଲେକ୍ ହେଁ ତୁମିମ୍‌ମନ୍ ସଃବୁ କଃତା ନିକକଃରି ଜାଣି ଆଚାସ୍
ତଃବେ ହେଁ ମୁଁୟ୍ ତୁମିମଃନ୍‌କେ ଏତାୟ୍ ଦେଉଁକ୍ ମଃନ୍ କଃରୁଲେ
ଜେ, ମାପ୍ରୁ ମିସର୍ ଦେସେ ହୁଣି ଲକ୍‌ମଃନ୍‌କେ ମୁକ୍ଲାୟ୍‌ଲା, ଆର୍
ଜୁୟ୍ ଲକ୍‌ମଃନ୍ ସଃତ୍ ନକେଲାୟ୍, ସେମଃନ୍‌କେ ନାସ୍ କଃଲା ।
6 ଆରେକ୍ ସଃର୍ଗାର୍ ଜୁୟ୍ ଦୁତ୍‌ମଃନ୍ ଅଃହ୍‌ଣା ଅଃହ୍‌ଣାର୍ ବଃଡ୍
ହଃଦେ ନଃରେୟ୍ ନିଜାର୍ ନିଜାର୍ ବାସାକ୍ର୍ତା ଟାଣ୍ ଚାଡ୍‌ଲାୟ୍
ସେମଃନ୍‌କେ ମାପ୍ରୁ ବଃଡ୍ ବିଚାର୍ ଦିନ୍ ହଃତେକ୍ ସଃବୁ ଦିନାର୍
ବାନ୍ଧ୍‌ଣେ ବାନ୍ଧିକଃରି ଅଃନ୍ଦାର୍ ଟାଣେ ସଃଙ୍ଗ୍ଲାୟ୍ ଆଚେ । (aïdios
g126) 7 ସେନ୍‌କାର୍ ସଦମ୍ ଆରେକ୍ ଗମ୍‌ରା ଆର୍ ସେମଃନାର୍
ଚାରିବାଟାର୍ ଗଃଲାର୍ ଲକ୍‌ମଃନ୍ ଦାରି ଆର୍ କଃରାବ୍ କାମ୍
କଃଲାକ୍ ସଃବୁ ଦିନାର୍ ଜୟେ ଦଃଣ୍ଡବୟ୍‌ଗ୍ କଃରି ଦଃକ୍‌ଲା
ହର୍ ଅୟ୍ ଆଚ୍‌ତି । (aiōnios g166) 8 ସେରଃକମ୍ ଅୟ୍‌ଲେକ୍
ହେଁ ଚଃହ୍ନେ ଦଃକୁମଃନ୍ ହେଁ ସେ ହର୍ ଗଃଗାଲ୍‌କେ, ବିଟାଲ୍
କଃର୍ତି, ସେମଃନ୍ ମାପ୍ରୁ ଚାଲାଉତାର୍ ଅମାନ୍ୟା କଃର୍ତି ଆର୍
ଜଃଜ୍‌ମାନାର୍ ସଃର୍ଗ୍ ଦୁତ୍‌ମଃନ୍‌କେ ଲିନ୍ଦାକଃର୍ତି । 9 ମଃତର୍
ସଃର୍ଗାର୍ ମୁଲ୍ ଦୁତ୍ ମିକାଏଲ୍ ମସାର୍ ମଃଲା ଗଃଗାଲ୍ ବିସୟେ
ସୟ୍‌ତାନ୍ ସଃଙ୍ଗ୍ ଦଃରାମ୍‌ସ୍ନା ବଃଲ୍ ଲିନ୍ଦା କଃରି ତାର୍ ବିଚାର୍
କଃରୁକେ ସାସ୍ କଃରିନଃରିଲା ମଃତର୍ ଅଃତେକ୍ କୟ୍‌ଲା ମାପ୍ରୁ
ତଃକ୍ ଦଃକାଦେଉଅ । 10 ମଃତର୍ ଇ ଲକ୍‌ମଃନ୍ ଜୁୟ୍ ସଃବୁ
କଃତା ନଃଜାଣ୍‌ତି ସେସଃବୁର୍ ଲିନ୍ଦା କଃର୍ତି, ଆରେକ୍ ଗିଆନ୍
ନଃୟ୍‌ଲା ହସୁ ହର୍ ଜାୟ୍‌ଜାୟ୍‌ରି ଅଃଳକ୍ ବୁଜ୍‌ତି, ସେତାର୍
ଗିନେ ନାସ୍ ଅଃଉତି । 11 ଚି, ସେମଃନ୍ ଦଃଣ୍ଡାର୍ ଜୟ୍‌ଗ୍,
କାୟଃତାକ୍‌ବଃଲେକ୍ ସେମଃନ୍ କଇନାର୍ ବାଟେ ଗଃଲାୟ୍
ଆଚ୍‌ତି, ଡାବୁ ଲ୍‌ବାର୍ ଗିନେ ବିଲିଆମାର୍ ହର୍ ବୁଲ୍‌କି ଆଚ୍‌ତି
ଆର୍ କରହ ରଃକମ୍ ବିରଦ୍ କଃରି ସେମଃନ୍ ନାସ୍ ଅୟ୍ ଆଚ୍‌ତି
। 12 ସେମଃନ୍ ନିଲାଜ୍ ହାଣେ ତୁମାର୍ ସଃଙ୍ଗ୍ କାଉଆ ହିଉଆ
କଃରି ତୁମିମଃନାର୍ ଲାଡାର୍ ବଜିର୍ ବାଗ୍‌ହାଉ ହର୍ ଅଃଉତି,
ସେମଃନ୍ ଅଃହ୍‌ଣାର୍ ଅଃହ୍‌ଣାର୍ ହେଟ୍ ହୁରାଉତି, ସେମଃନ୍
ହଃବନେ ଉଡ୍‌ତା ହାଣି ନୟ୍‌ଲା ମେଗ୍ ହର୍; ସେମଃନ୍ ଦୁୟ୍‌ତର୍
ମଃଲାର୍ ଚେରେ ହୁଣି ଉଟ୍‌କି ଅୟ୍‌ଲା ବଃଦ ଦଃସ୍ରା ମାସାର୍
ହଃଲ୍ ନୟ୍‌ଲା ଗଃଚ୍ ହର୍ । 13 ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍
ଲାଜ୍ ହର୍ ହେହ୍ନୁଲ୍ ବାନ୍ୟା ଉକାଲ୍‌ତା ସଃମ୍‌ନ୍ଦାର୍ ତିର୍ ନୟ୍‌ଲା
ଉଲାଲ୍ ହର୍, ସେମଃନ୍ ଏଣେ ତେଣେ ବୁଲ୍‌ତା ତାରା ହର୍ ।
ସେମଃନାର୍ ଗିନେ ବଃଡେ ଅଃନ୍ଦାର୍ ଟାଣ୍ ସଃବୁ ଦିନାର୍ ଗିନେ
ସଃଙ୍ଗ୍ଲାଜାୟ୍ ଆଚେ । (aiōn g165) 14 ଆଦମାର୍ ତଃୟ୍‌ହୁଣି
ସାତ୍ କୁଲ୍‌ବଃଉଁସ୍ ଜେ ହନକ୍ ସେ ହେଁ ସେମଃନାର୍ ବିସୟେ
ବାବ୍‌ବାଣି ପର୍ଚାର୍ କଃରି କୟ୍‌ରିଲା ମାପ୍ରୁ ଅଃଜାର୍ ଅଃଜାର୍
ସଃର୍ଗାର୍ ପବିତ୍ର ଦୁତ୍‌ମଃନାର୍ ସଃଙ୍ଗ୍ । 15 ଦଃକା ମାପ୍ରୁ ସଃବ୍‌କାର୍
ବିଚାର୍ କଃରୁକେ, ଆରେକ୍ ଅଃଦଃର୍ମି ଲକ୍‌ମଃନ୍ ସଃବୁ ନିଜାର୍
ନିଜାର୍ ଜିବନ୍ କାଟ୍‌ତାବଃଲ୍ ଅଃଦଃର୍ମେ ଜୁୟ୍‌ସଃବୁ ଅଃଦଃର୍ମ୍
କାମ୍ କଃରି ଆଚ୍‌ତି ଆର୍ ଅଃଦଃର୍ମି ହାହିମଃନ୍ ତାର୍ ବିରଦେ
ଜୁୟ୍‌ସଃବୁ ଲିନ୍ଦା କଃତା କୟ୍ ଆଚ୍‌ତି ସେସଃବୁ ସେମଃନ୍‌କେ
ଦସିକଃରି ଡଃଣ୍ଡ ଦେଉଁକେ । 16 ଏ ଲକ୍‌ମଃନ୍ ସଃବୁବଃଲ୍
ଗାଣେଙ୍ଗ୍‌କାରି ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍ ଅବୁସ୍ତାୟ୍ ସଃର୍ଦା
ନାୟ୍ ଆର୍ ନିଜାର୍ ନିଜାର୍ କଃରାବ୍ ଇଚାୟ୍ ଚାଲ୍‌ତି; ସେମଃନାର୍
ଟଣ୍ଡ ବଃଡ୍‌ବଃଡ୍ କଃତା କୟ୍‌ଦ୍ ଆର୍ ସେମଃନ୍ ନିଜାର୍ ଲାବ୍
ଗିନେ ବିନ୍ ଲକେ ମୁଏଁ ମୁଏଁ ହଃକା ନିକ ବଃଲି କଃଉତି ।
17 ମଃତର୍ ଏ ଲାଡାର୍‌ମଃନ୍ ଅଃମିମଃନାର୍ ମାପ୍ରୁ ଜିସୁ କ୍ରିସ୍ଟର
ପେରିତ୍‌ମଃନ୍ ହୁର୍ବେ ଜୁୟ୍‌ସଃବୁ କଃତା କୟ୍‌ଆଚ୍‌ତି ସେରି ସଃବୁ
ଏତାଉଆ; 18 ସେମଃନ୍ କଃନ୍‌କଃରି ତୁମିମଃନ୍‌କେ କଃଉତି
ରିଲାୟ୍, ସେସ୍‌କାଳେ ନିଜାର୍ ନିଜାର୍ କଃରାବ୍ ଇଚାୟ୍ ଚାଲ୍‌ତା
ଇସ୍ୱର୍ ବିରଦି ଲକ୍‌ମଃନ୍ ବାରାୟ୍ ତୁମିମଃନ୍‌କେ ଗେଙ୍ଗ୍ଲାଉତି ।
19 ଏ ଲକ୍‌ମଃନ୍ ଦଃଲ୍ ବାଗ୍‌ବାଗ୍ କଃର୍ତି । ସେମଃନ୍ ଜଃଗତାର୍
ମଃନ୍ କଃର୍ତି, ଆର୍ ସେମଃନ୍ ଇସ୍ୱରାର୍ ଆତ୍ମା ନୟ୍‌ଲାର୍ । 20
ମଃତର୍ ଏ ଲାଡାର୍ ବାୟ୍‌ବେଣିମଃନ୍, ତୁମିମଃନ୍ ଅଃହ୍‌ଣାମଃନାର୍
ବଃଡେ ପବିତ୍ର ବିସ୍ୱାସ୍ ଉହ୍ରେ ଦଃର୍ମ୍ ଜିବନ୍ ହର୍ ଗଃର୍ ବାନ୍ଧା,
ପବିତ୍ର ଆତ୍ମାୟ୍ ପାର୍ଦ୍ନା କଃରା । 21 ଆର୍ ମାପ୍ରୁ ଜିସୁ କ୍ରିସ୍ଟାର୍
ଦଃୟାୟ୍ ଅଃମ୍ରର୍ ଜିବନ୍ ହାଉତା ହାୟ୍‌ଁ ଜାଗୁ ଜାଗୁ ଇସ୍ୱରାର୍
ଲାଡେ ତିର୍ ରିଆ । (aiōnios g166) 22 ଜୁୟ୍ ଲକ୍‌ମଃନ୍ ଅଃହ୍ରାତ୍
ତଃୟ୍ ହଃଲ୍‌ତି, ସେମଃନାର୍ ମଃନ୍ ବିତ୍ରେ ବିସ୍ୱାସ୍ ଦଃକାଉଆ ।
23 ବୁଲ୍‌ତଃୟ୍ ହଃଳି ନାସ୍ ଅଃଉଁକେ ଜାତିରିଲା ଲକ୍‌ମଃନ୍‌କେ
ଜୟେହୁଣି ବଚାଉଆ । ଆରେକ୍ କଃତେକ୍ ଲକାର୍ ହାହ୍ କାମେ
ମାଟି କାୟ୍‌ଲା ହଃଚ୍ୟାକେ ହେଁ ଗିଣ୍ କଃରା, ମଃତର୍ ଡିରାର୍
ସଃଙ୍ଗ୍ ସେମଃନ୍‌କେ ଦଃୟା ଦଃକାଉଆ । 24 ଜେ ତୁମିକେ
ଅଦୁର୍ଲାର୍ ତଃୟ୍‌ହୁଣି ବଚାଉଁକ୍ ଆର୍ ଅଃହ୍‌ଣାର୍ ଜଃଜ୍‌ମାନାର୍

ମୁଏଁ ନିର୍ଦସି ଆର୍ ସଃର୍ଦା କଃରି ଟିଆ କଃରୁକେ ସଃକ୍ତି ଆଚେ ।
25 ଅଃମିମଃନାର୍ ସେ ଗଟେକ୍ ମଃତର୍ ମୁକ୍ତିକଃର୍ତା ଇସ୍ୱରାର୍
ଜଃଜ୍‌ମାନ୍, ଉଜାଲ୍, ସଃକାତ୍ ଆର୍ ଅଃଦିକାର୍ ଅଃମାର୍ ମାପ୍ରୁ
ଜିସୁ କ୍ରିସ୍ଟର୍ ଦଃୟ୍ ଜାର୍ ଆରୁମ୍ ନୟ୍‌ଲା କାଳେ ହୁଣି ଅଃବେ
ଆର୍ ଜୁଗେଜୁଗେ ତାର୍ ଆମେନ୍ । **(aiōn g165)**

# ପ୍ରକାସିତ୍

**1** ଜୁୟ୍ ସଃବୁ ବଃଡେ ବେଗି ଗଃଟୁକ୍ ଜଃଉଁଲି, ଇସ୍ୱର୍ ଜିସୁ
କ୍ରିସ୍ଟ ତଃୟ୍ ଜାଣାରିଲା ସଃବୁ କଃତା ଇ ବଇ ତଃୟ୍ ଲେକା
ଅୟ୍ଆଚେ । ସେ ସଃବୁ ବିସୟ୍ ତାର୍ ଗତିଦଃଣ୍ଗ୍ଲା ମଃନ୍କେ
ଜାଣାଉଁକେ କ୍ରିସ୍ଟ ଗଟେକ୍ ସଃର୍ଗ୍ ଦୁତ୍କେ ହଃଟାୟ୍ ତାର୍
ଗତିଦଃଣ୍ଗ୍ଲା ଜହନ୍କେ ସେରି ଜାଣାୟ୍ଲା । 2 ଆର୍ ଜହନ୍
ନିଜେ ଜାୟ୍ରି ସଃବୁ ଦଃକିଆଚେ, ସେ ବିସୟେ ଇତି ଜାଣାୟ୍
ଆଚେ । ଇ ବଇ ତଃୟ୍ ଇସ୍ୱରାର୍ କବୁର୍ ଆର୍ ଜିସୁ କ୍ରିସ୍ଟ
ଜାଣାୟ୍ଲା ସଃତ୍ ସାକି ବିସୟ୍ ଆଚେ । 3 ଜୁୟ୍ ଲକ୍ ଇ ବଇ
ହଳେଦ୍ ଆର୍ ଜୁୟ୍ମଃନ୍ ଇ ବାବ୍ବାଣି ସୁଣି ତାର୍ ଆଦେସ୍ମଃନ୍
ମାନ୍ତି, ସେମଃନାର୍ ସଃତ୍କଃରି ବାୟ୍ଗ୍; କାୟ୍ତାକ୍ବଃଲେକ୍
ସେ ସଃବୁ ଗଃଟ୍ତା ବେଳା ଚଃମେ ଆୟ୍ଲିନି । 4 ଜହନ୍
ଆସିଆ ଦେସାର୍ ସାତ୍ ଗଟ୍ ମଣ୍ଡଳିକ୍ ଲେକୁଲା, ଜେ ଅଃବେ
ଆଚେ, ଜେ ହୁର୍ବେ ରିଲା, ଆର୍ ଜାର୍ ଆସ୍ତାର୍ ଆଚେ, ତାର୍
ତଃୟ୍ହୁଣି ଦଃୟା ଆର୍ ସୁସ୍ତା ଆର୍ ତାର୍ ସିଙ୍ଗାସଣ୍ ମୁଏଁ ରିଲା
ସାତ୍ ଗଟ୍ ଆତ୍ମା ତଃୟ୍ହୁଣି, 5 ଆରେକ୍ ବିସ୍ୱାସାର୍ ଜୟ୍ଗ୍ ସାକି,
ମଃଲା ଲକ୍ମଃନାର୍ ତଃୟ୍ହୁଣି ହଃର୍ତୁ ଉଟ୍ଲାର୍ ଆର୍ ହୁର୍ତିବିର୍
ରଃଜାମଃନାର୍ ରଃଜା ଜିସୁ କ୍ରିସ୍ଟର୍ ତଃୟ୍ହୁଣି ଦଃୟା ଆର୍ ସୁସ୍ତା
ତୁମିମଃନାର୍ ଉହ୍ରେ ଅଃଉଅ । ସେ ଅଃମିମଃନ୍କ୍ ଲାଡ୍ କଃରୁଲା
ଆର୍ ଅଃହ୍ଣାର୍ ବଃନି ସଃଙ୍ଗ୍ ଅଃମିମଃନ୍କ୍ ଅଃମାର୍ ହାହେ
ହୁଣି ମୁକ୍ଳାୟ୍ ଆଚେ, 6 ଆରେକ୍ ତାର୍ ଉବାସି ଇସ୍ୱରାର୍
ସେବା କଃରୁକେ ଅଃମିକ୍ ଗଟେକ୍ ଜାଜକାର୍ କୁଳ୍ବଃଉଁସ୍ କଃରି
ବାଚିଆଚେ । ସଃବୁ ଜଃଜ୍ମାନ୍ ଆର୍ ସଃକାଡ୍ ଜୁଗେଜୁଗେ
ଜିସୁ କ୍ରିସ୍ଟର୍ ଅଃଉଅ । ଆମେନ୍ । **(aiōn g165)** 7 ଦଃକା, ସେ
ମେଗ୍ଉହ୍ରେ ଆସୁଲା, ହୁର୍ତିଏ ବାସା କଃର୍ତା ସଃବୁ ଲକ୍ ତାକ୍
ଦଃକ୍ତି, ଇରଃକମ୍ କି ଜୁୟ୍ମଃନ୍ ତାକ୍ ବୁସି ରିଲାୟ୍, ସେମଃନ୍
ହେଁ ଦଃକ୍ତି, ଆର୍ ହୁର୍ତିବିର୍ ସଃବୁ ଲକ୍ ତାର୍ ଆସ୍ତାର୍ ଗିନେ
ଏତାୟ୍ ଏତାୟ୍ କାନ୍ଦ୍ତି । ଇ ସଃବୁ ବାୟ୍ଦ୍ରେ ଗଃଟେଦ୍!
ଆମେନ୍ । 8 ମାପ୍ରୁ ସଃବ୍କେ ସଃକ୍ତିମାନ୍ ସେ ଇସ୍ୱର୍ କଃଉଁଲା,
“ମୁଁୟ୍ ଆରୁମ୍ ଆର୍ ସେସ୍ ।” ସେ ଅଃବେ ଆଚେ, ହୁର୍ବେ ରିଲା
ଆର୍ ସେ ଆସ୍ତା ଦିନ୍ ଆସେଦ୍ । 9 ମୁୟ୍ ଜହନ୍, ତୁମାର୍ ଗଟେକ୍
ବାୟ୍, ଜିସୁର୍ ଚେଲା ହର୍ ତାର୍ ରାଇଜାର୍ ଲକ୍ମଃନାର୍ ଉହ୍ରେ
ଅଃଉତା ତାଳ୍ନା ସାସ୍ ସଃଙ୍ଗ୍ ସଃମ୍ବାଲୁକ୍ ମୁୟ୍ ତୁମିମଃନାର୍
ଗଟେକ୍ ବାଗିଦାରି । ଜିସୁ ଜାଣାୟ୍ରିଲା ସଃତ୍ ଆର୍ ଇସ୍ୱରାର୍
କଃତା ପର୍ଚାର୍ କଃରି ରିଲାକ୍ ମକ୍ ପାତ୍ମସ୍ ନାଉଁଆର୍ ସଃମ୍ନ୍ଦ୍
ମଃଜିର୍ ବୁଏଁ ନିଆ ଗଃଲି । 10 ମୁଁୟ୍ ମାପ୍ରୁର୍ ବିନ୍ ଆତ୍ମାୟ୍
ହୁର୍ନ୍ ଅୟ୍ ମର୍ ହଃତ୍ ବାଟ୍ୟା ତୁରି ସଃବ୍ଦ୍ ହର୍ ଗଟେକ୍ ବଃଡ୍
ସଃବଦେ ଇରି କଃଉତି ରିଲାର୍ ସୁଣ୍ଲେ, 11 ଗଟ୍ ଲକ୍ ମକ୍
କୟ୍ଲା, “ତୁୟ୍ ଜୁୟ୍ରି ଦଃକୁଲିସ୍, ସେରି ଗଟେକ୍ ପୁସ୍ତକ୍ ତଃୟ୍
ଲେକ୍, ଆର୍ ଏପିସିଏ, ସୁମର୍ନା, ପର୍ଗାମ୍, ତୁୟତିରା, ସାର୍ଦି,
ପିଲାଦେଲ୍ପିଆ ଆର୍ ଲାଅଦିକିଆ ଇ ସାତ୍ଗଟ୍ ଗଃଳେ ରିଲା
ମଣ୍ଡଳିମଃନ୍କେ ହଃଟାଉ ।” 12 କେ ମର୍ ସଃଙ୍ଗ୍ କଃତା ଅଃଉଁଲା,
ଇରି ଦଃକୁକ୍ ମୁଁୟ୍ ହଃଟ୍ବାଟ୍ ଲେଉଟ୍ଲେ ଆର୍ ସାତ୍ ଗଟ୍
ସନାର୍ ଦିହ୍ରୁକା ଦଃକ୍ଲେ । 13 ଆରେକ୍ ସେ ଦିହ୍ମଃନାର୍
ମଃଜାୟ୍ ନଃରାର୍ ହୟ୍ସି ହର୍ ଗଟେକ୍ ଲକ୍; ସେ ହାଦ୍ ହଃତେକ୍
ବଃସ୍ତ୍ରର୍ ଡାହି ଅୟ୍ଆଚେ ଆର୍ ଉରେ ସନାର୍ ବାନ୍କଣ୍ ବାନ୍ଦି
ଅୟ୍ଆଚେ । 14 ତାର୍ ମୁଣ୍ଡାର୍ ବାଲ୍ କଃରାଟେଲା ହର୍ ଆର୍
ଉଲ୍ ହର୍ ଚିଟ୍ ଦବ୍, ଆର୍ ତାର୍ ଆକି ଜୟ୍ ହର୍ ଲାଗ୍ତିରିଲି ।
15 ତାର୍ ଜଳେକ୍ ହାଦ୍ ବଃଟିର୍ ଜୟ୍ସଃଙ୍ଗ୍ ସୁଦ୍ କଃଲା ହିତୁଳ୍
ହର୍ ଜିକ୍ଜିକ୍ତି ରିଲି ଆର୍ ତାର୍ ଟଣ୍ଡାର୍ ସଃବ୍ଦ୍ ଉହ୍ରେ ହୁଣି
ଅଦୁର୍ତା ହାଣିର୍ ସଃବ୍ଦ୍ ହର୍ । 16 ସେ ଅଃହ୍ଣାର୍ କାତା ଆତେ
ସାତ୍ଗଟ୍ ତାରାମଃନ୍କେ ଦଃରିରିଲା, ଆର୍ ତାର୍ ଟଣ୍ଡେହୁଣି
ଦୁୟ୍ବାଟ୍ ଦାର୍ ରିଲା କଃଣ୍ଡା ବାରାୟ୍ଲି, ଆର୍ ତାର୍ ମୁଉଁ ମୁଣ୍ଡେ
ବେଳାର୍ ବେଲ୍ ହର୍ ଉଜାଲ୍ ରିଲି । 17 ତାକ୍ ଦଃକି ମୁଁୟ୍ ମଃଲା
ହର୍ ଅୟ୍ ତାର୍ ହାଦ୍ ତଃଳେ ଅଦୁର୍ଲେ । ସେତାକ୍ ସେ ମର୍ ଉହ୍ରେ
ବୁଜ୍ଣି ଆତ୍ ସଃଙ୍ଗାୟ୍ କୟ୍ଲା, “ଡିର୍ ନାୟ୍, ମୁଁୟ୍ ହଃର୍ତୁ ଆର୍
ସେସ୍ । 18 ଆରେକ୍ ମୁୟ୍ ନିଜେ ଜିବନ୍! ମୁଁୟ୍ ମଃଲେ, ଆର୍
ଦଃକ୍, ମୁଁୟ୍ ଅଃବେ ସଃବୁ ଦିନାର୍ ଗିନେ ଜିବନ୍, ଆରେକ୍ ମର୍
ଆତେ ମଃର୍ନ୍ ଆର୍ ହଃତାଳାର୍ କୁଚିକାଡା ଆଚେ । **(aiōn g165,
Hadēs g86)** 19 ତଃବେ, ଜାୟ୍ ଜାୟ୍ରି ଦଃକ୍ଲିସ୍, ଜାୟ୍ ଜାୟ୍ରି
ଅଃବେ ଗଃଟୁଲି ଆର୍ ଜୁୟ୍ସଃବୁ ଆସୁଲା ଦିନେ ଗଃଟେଦ୍, ସେରି
ସଃବୁ ଲେକିରେ । 20 ମର୍ ବୁଜ୍ଣି ଆତେ ରିଲା ଜୁୟ୍ ସାତ୍ଗଟ୍
ତାରା ଦଃକ୍ଲିସ୍, ସେତାର୍ ଆର୍ ସାତ୍ଗଟ୍ ସନା ଦିହାର୍ ବିତ୍ରି
କଃତା ଇରି, ସେ ସାତ୍ଗଟ୍ ତାରା ସାତ୍ଗଟ୍ ମଣ୍ଡଳିର୍ ଦୁତ୍ମଃନ୍
ଆର୍ ସାତ୍ଗଟ୍ ଦିହ୍ରୁକା ସାତ୍ଗଟ୍ ମଣ୍ଡଳି ।”

**2** “ଏପିସିଏ ରିଲା ମଣ୍ଡଳିର୍ ଦୁତ୍କେ ଲେକ୍, ‘ଜେ କାତା
ଆତେ ସାତ୍ଗଟ୍ ତାରା ଦଃରେଦ୍ ଆର୍ ସାତ୍ଗଟ୍ ସନାର୍
ଦିହ୍ରୁକାମଃନାର୍ ବିତ୍ରେ ଚାଲାବୁଲା କଃରେଦ୍, ସେ ଇରି କଃଉଁଲା
। 2 ମୁଁୟ୍ ତୁମାର୍ କାମ୍, କଃସ୍ଟ ଆର୍ ସଃମ୍ବାଲ୍ତାର୍ ଜାଣିଆଚି;
ଆରେକ୍ ମୁୟ୍ ଜାଣି ଆଚି, ତୁମି ଜେ ଦୁସ୍ଟମଃନାର୍ କାମ୍ ସଃମ୍ବାଲୁ
ନଃହାରାସ୍ । ଆରେକ୍ ଜୁୟ୍ମଃନ୍ ଅଃହ୍ଣା ଅଃହ୍ଣାକ୍ ପେରିତ୍
ଚେଲା ବଃଲି କଃଉତି, ମଃତର୍ ସଃତ୍କଃରି ସେମଃନ୍ ପେରିତ୍
ଚେଲା ନାୟ୍, ସେମଃନ୍କେ ତୁମି ପରିକ୍ୟା କଃରି ମିଚ୍ କଃଉତା
ଲକ୍ମଃନ୍ ବଃଲି ହର୍ମାଣ୍ କଃରି ଆଚାସ୍ । 3 ଆରେକ୍ ସାସ୍ ଦଃରି
ମର୍ ନାଉଁଆର୍ ଗିନେ କଃସ୍ଟ ସଃମ୍ବାଳି ଆଚାସ୍ ଆର୍ ନଃତାକାସ୍,
ଇରି ହେଁ ମୁଁୟ୍ ଜାଣି । 4 ଅୟ୍ଲେକ୍ ହେଁ ତୁମାର୍ ବିରଦେ ମର୍ ଇ
କଃତା ଆଚେ, ତୁମି ଆଗ୍ତୁ ଲାଡ୍ କଃଲା ହର୍ ମକ୍ ଅଃବେ ଲାଡ୍
ନଃକେରୁଲାସ୍ । 5 ତୁମିମଃନ୍ କଃନ୍କଃରି ଅଃତେକ୍ ତଃଳେ ଅୟ୍
ଗଃଲାସ୍, ସେରି ଏତାୟ୍ କଃରି ହାହେହୁଣି ମଃନ୍ ବାଦ୍ଲାଉଆ
ଆର୍ ଆଗ୍ତୁର୍ କାମ୍ ସଃବୁ କଃରା; ଜଦି ତୁମିମଃନ୍ ହାହେହୁଣି
ବାଉଳି ନଃକେରାସ୍, ତଃବେ ମୁଁୟ୍ ତୁମାର୍ ଲଃଗେ ଆସି ତୁମାର୍

ଦିହ୍‌କେ ରିଲା ଟାଣେହୁଣି ଗୁଚାୟ୍‌ ଦେଉଁନ୍ଧ । 6 ମଃତର୍‌,
ତୁମାର୍‌ ଇ ବଃଲ୍‌ ଗୁଣ୍‌ ଆଚେ ଜେ, ମୁଁୟ୍‌ ନିକଲାତିଅମଃନାର୍‌
ଜୁୟ୍‌ ସଃବୁ କାମ୍‌କେ ଗିଣ୍‌ କଃରୁଲେ, ତୁମି ହେଁ ସେସଃବୁ ଗିଣ୍‌
କଃରୁଲାସ୍‌ ।'" 7 "ଜଦି ତୁମିମଃନାର୍‌ କାନ୍‌ ଆଚେ, ତଃବେ
ମଣ୍ଡଲିମଃନ୍‌କେ ପବିତ୍ର ଆତ୍ମା କାୟ୍‌ରି କଃଉଁଲି, ସେରି ସୁଣା ।
ଜୁୟ୍‌ ଲକ୍‌ ଜିଣେଦ୍‌, ତାକ୍‌ ମୁଁୟ୍‌ ଇସ୍ୱରାର୍‌ ବାଲାର୍‌ ଜିବନ୍‌ ଗଃଚେ
ହଃଲ୍‌ଲା ହଃଲ୍‌ କଃଉଁକେ ଅଃଦିକାର୍‌ ଦଃୟ୍‌ନ୍ଧ ।" 8 "ସୁମର୍ନା
ତଃୟ୍‌ ରିଲା ମଣ୍ଡଲିର୍‌ ଦୁତ୍‌କେ ଲେକ୍‌, ଜେ ହଃର୍ତୁ ଆର୍‌ ସେସ୍‌,
ଜେ ମଃରି କଃରି ଆରେକ୍‌ ଜିବନ୍‌ ଅୟ୍‌ଲା, ସେ ଇରି କଃଉଁଲା,
9 ମୁଁୟ୍‌ ତୁମାର୍‌ କଃସ୍ଟ ଆର୍‌ ତୁମିମଃନ୍‌ ଗଃରିବ୍‌ ବଃଲି ଜାଣି,
ମଃତର୍‌ ତୁମିମଃନ୍‌ ସଃତ୍‌କଃରି ଦଃନି ଆର୍‌ ଜୁୟ୍‌ମଃନ୍‌ ଅଃହ୍‌ଣା
ଅଃହ୍‌ଣାକ୍‌ ଜିଉଦି ବଃଲି କଃଉତି, ମଃତର୍‌ ସଃତ୍‌କଃରି ଜିଉଦି
ନାୟ୍‌, ମଃତର୍‌ ସୟ୍‌ତାନ୍‌ ଦଃଲ୍‌, ସେମଃନ୍‌ ତୁମାର୍‌ ବିରଦେ
ଲିନ୍ଦା କଃତା କଃଉଁଲାୟ୍‌ ବଃଲି ହେଁ ମୁଁୟ୍‌ ଜାଣି । 10 ଜୁୟ୍‌
ସଃବୁ ଦୁକ୍‌ ବୟଃଗ୍‌ କଃରୁକେ କଃଉଁଲାସ୍‌, ସେ ସଃବୁର୍‌ ଗିନେ
ଡିରା ନାୟ୍‌; ସୁଣା, ତୁମିମଃନଃକ୍‌ ପରିକ୍ୟା କଃରୁକେ ସୟ୍‌ତାନ୍‌
ତୁମିମଃନାର୍‌ ବିତ୍ରେ କାକେ କାକେ ଜଃଇଲେ ହୁରାୟ୍‌ଦ୍‌, ଆର୍‌
ତୁମିମଃନ୍‌ ଦଃସ୍‌ ଦିନ୍‌ କଃସ୍ଟ ବୟଃଗ୍‌ କଃରାସ୍‌ । ତୁମି ମଃର୍ନ୍‌
ହଃତେକ୍‌ ବିସ୍ୱାସ୍‌ କଃରି ରିଆ, ସେତାକ୍‌ ମୁଁୟ୍‌ ତୁମିକେ ଜିବନାର୍‌
ମୁକୁଟ୍‌ ଦଃୟ୍‌ନ୍ଧ ।" 11 "ଜଦି ତୁମିମଃନାର୍‌ କାନ୍‌ ଆଚେ, ତଃବେ
ମଣ୍ଡଲିମଃନ୍‌କେ ପବିତ୍ର ଆତ୍ମା କାୟ୍‌ରି କଃଉଁଲି, ସେରି ସୁଣା
। ଜୁୟ୍‌ ଲକ୍‌ମଃନ୍‌ ଜିଣ୍‌ତି, ହଃଚେ ମଃର୍ତା ମଃର୍ନ୍‌ ସେମଃନ୍‌କେ
ନଃସ୍ଟ କଃରୁ ନାହାରେ ।" 12 "ପର୍ଗାମ୍‌ ତଃୟ୍‌ ରେତା ମଣ୍ଡଲିର୍‌
ଦୁତ୍‌କେ ଲେକ୍‌, ଜାର୍‌ ତଃୟ୍‌ ଦୁୟ୍‌ବାଟ୍‌ ଦାର୍‌ ରିଲା ଲାଗୁଣ୍‌ କଃଣ୍ଡା
ଆଚେ, ସେ ଇରି କଃଉଁଲା । 13 ଜୁୟ୍‌ଲଃଗେ ସୟ୍‌ତାନାର୍‌
ସିଙ୍ଗାସଣ୍‌ ଆଚେ, ସେତି ତୁମିମଃନ୍‌ ବାସା କଃରୁଲାସ୍‌, ଇରି
ମୁୟ୍‌ ଜାଣିଆଚି; ଅୟ୍‌ଲେକ୍‌ ହେଁ ତୁମିମଃନାର୍‌ ମର୍‌ ନାଉଁ ଉପ୍ରେ
ଅଃଟୁଆ ବିସ୍ୱାସ୍‌ ଆଚେ, ଇବାନ୍ୟା କି ମର୍‌ ଗଟେକ୍‌ ବିସ୍ୱାସି
ଦଃଙ୍ଗ୍‌ଲା ଆନ୍ତିପାକ୍‌ ସୟ୍‌ତାନ୍‌ ବାସା କଃର୍ତା ତଃୟ୍‌ ଜଃଡେବଃଲ୍‌
ମଃର୍ନେ ମାର୍‌ଲାୟ୍‌, ସଃଡେବଃଲ୍‌ ହେଁ ତୁମି ମର୍‌ ତଃୟ୍‌ ବିସ୍ୱାସ୍‌
କଃର୍ତାର୍‌ ଚାଡି ନଃରିଲାସ୍‌ । 14 ମଃତର୍‌ ତୁମାର୍‌ ବିରଦେ ମର୍‌
କଃତେକ୍‌ କଃତା ଆଚେ, ସେତି ତୁମାର୍‌ ସଃଙ୍ଗେ ରେତା କଃତେକ୍‌
ଲକ୍‌ ବିଲିଆମାର୍‌ କଃତାୟ୍‌ ଇଣ୍ଡିଲାୟ୍‌ । ସେ ବିଲିଆମ୍‌ ମୁର୍ତି ହୁଜା
କଃଲା ବଗ୍‌ କାଉଁକେ ଆର୍‌ ଦାରି କାମ୍‌ କଃରୁକେ ଇସ୍ରାଏଲାର୍‌
ଲକ୍‌ମଃନ୍‌କେ ସୁତ୍ରାଉଁକ୍‌ ବାଲାକକେ ସିକାଉତି ରିଲା । 15
ସେବାନ୍ୟା ହେଁ ନିକଲାତିଅର୍‌ କଃତା ମାନ୍‌ତା କଃତେକ୍‌ ଲକ୍‌
ତୁମାର୍‌ ବିତ୍ରେ ଆଚ୍‌ତି । 16 ଅଃବେ ତୁମିମଃନ୍‌ ହାହେହୁଣି ମଃନ୍‌
ବାଦ୍‌ଲାଉଆ; ନୟ୍‌ଲେକ୍‌ ମୁଁୟ୍‌ ବେଗି ତୁମାର୍‌ ଲଃଗେ ଆସି
ମର୍‌ ଟଣ୍ଡେହୁଣି ବାରାଉତା କଃଣ୍ଡା ସଃଙ୍ଗେ ସେମଃନାର୍‌ ସଃଙ୍ଗେ
ଜୁଜ୍‌ କଃରିନ୍ଧ ।" 17 "ଜଦି ତୁମିମଃନାର୍‌ କାନ୍‌ ଆଚେ, ତଃବେ
ମଣ୍ଡଲିମଃନ୍‌କେ ପବିତ୍ର ଆତ୍ମା କାୟ୍‌ରି କଃଉଁଲି, ସେରି ସୁଣା
। ଜେ ଜିଣେଦ୍‌, ତାକ୍‌ ମୁଁୟ୍‌ ଲୁକ୍‌ଣେ ରିଲା ମାନ୍ନା ଦଃୟ୍‌ନ୍ଧ ।
ଆରେକ୍‌ ହେଁ ନଃଉଆଁ ନାଉଁ ଲେକା ଅୟ୍‌ରିଲା ଗଟେକ୍‌ ଦବ୍‌
ଟେଲା ସେମଃନ୍‌କେ ଦଃୟ୍‌ନ୍ଧ ସେ ନଃଉଆଁ ନାଉଁ କାୟ୍‌ରି, ଟେଲା
ଦଃର୍‌ତାର୍‌ ଲକ୍‌କେ ଚାଡି ବିନ୍‌ ଲକ୍‌ କେହେଁ ଜାଣୁ ନଃହାର୍‌ତି ।"
18 "ତୁୟତିରା ତଃୟ୍‌ ରିଲା ମଣ୍ଡଲିର୍‌ ଦୁତ୍‌କେ ଲେକ୍‌, ଇସ୍ୱରାର୍‌
ଜୁୟ୍‌ ହୟ୍‌ସିର୍‌ ଆକି ଲାଗ୍‌ତା ଜୟ୍‌ ହର୍‌ ଆର୍‌ ହାଦ୍‌ ଜିକ୍‌ଜିକା
ହିତୁଲ୍‌ ହର୍‌, ସେ ଇରି କଃଉଁଲା, 19 ମୁଁୟ୍‌ ତୁମାର୍‌ କାମ୍‌, ଲାଡ୍‌,
ବିସ୍ୱାସ୍‌, ସେବା ଆର୍‌ ସଃମ୍ଭାଲ୍‌ତାର୍‌ ଜାଣି, ଆରେକ୍‌ ତୁମାର୍‌
ହୁର୍ବାର୍‌ କାମ୍‌ମଃନାର୍‌ ତଃୟ୍‌ହୁଣି ଅଃବାର୍‌ କାମ୍‌ ଜେ ଅଃଦିକ୍‌,
ଇରି ହେଁ ଜାଣି । 20 ଅୟ୍‌ଲେକ୍‌ ହେଁ ତୁମାର୍‌ ବିରଦେ ମର୍‌ ଇ
କଃତା ଆଚେ, ଜିଜିବଲ୍‌ ନାଉଁଆର୍‌ ଜୁୟ୍‌ ମାୟ୍‌ଜି ଅଃହ୍‌ଣାକ୍‌
ବାବ୍‌ବାଦିଣି ବଃଲି କୟ୍‌ ମର୍‌ ଗତି ଦଃଙ୍ଗ୍‌ଲାମଃନ୍‌କେ ଦାରିକାମ୍‌
କଃରାଉଁଲି ଆର୍‌ ମୁର୍ତିହୁଜା କଃଲାର୍‌ ବଗ୍‌ କାଉଁକେ ସିକ୍ୟା ଦଃୟ୍‌
ବିନ୍‌ବାଟେ ନେଉଁଲି, ତୁମି ତାର୍‌ କଃରାବ୍‌ କାମ୍‌କେ ସଃମ୍ଭାଲୁଲାସ୍‌
। 21 ମୁଁୟ୍‌ ତାକ୍‌ ହାହେହୁଣି ମଃନ୍‌ ବାଦ୍‌ଲାଉଁକ୍‌ ବେଲା ଦିଲେକ୍‌
ହେଁ ସେ ଅଃହ୍‌ଣାର୍‌ ଦାରି କାମେ ହୁଣି ମଃନ୍‌ ବାଦ୍‌ଲାଉଁକ୍‌
ମଃନ୍‌ ନଃକେରୁଲି । 22 ଦଃକା, ମୁଁୟ୍‌ ତାକ୍‌ ରଗ୍ୟା କଃରି
ଟାଟାୟ୍‌ ହଃକାୟ୍‌ନ୍ଧ, ଆର୍‌ ଜୁୟ୍‌ମଃନ୍‌ ତାର୍‌ ସଃଙ୍ଗେ ଦାରିକାମ୍‌
କଃର୍ତି, ସେମଃନ୍‌ ତାର୍‌ ସଃଙ୍ଗେ ମିସି କଃର୍ତା କାମେ ହୁଣି ମଃନ୍‌
ନଃବାଦ୍‌ଲାୟ୍‌ଲେକ୍‌ ମୁଁୟ୍‌ ସେମଃନ୍‌କେ ବଃଡେ ଦୁକ୍‌କଃସ୍ଟେ
ହଃକାୟ୍‌ନ୍ଧ, 23 ଆରେକ୍‌ ମୁଁୟ୍‌ ତାର୍‌ ହିଲାମଃନକେ ହେଁ ନାସ୍‌
କଃରିନ୍ଧ । ସେତାକ୍‌ ମୁଁୟ୍‌ ଜେ ମଃନାର୍‌ କଃତା ଆର୍‌ ଗଃର୍ବ୍‌କ୍‌
ପରିକ୍ୟା କଃର୍ତା ଲକ୍‌, ଆରେକ୍‌ ତୁମାର୍‌ ସଃବୁ ଲକ୍‌କେ ଅଃହ୍‌ଣା
ଅଃହ୍‌ଣାର୍‌ କାମ୍‌ ହଃର୍କାରେ ହଃଲ୍‌ ଦେତା ଲକ୍‌, ଇରି ମଣ୍ଡଲିମଃନ୍‌
ଜାଣ୍‌ତି । 24 ମଃତର୍‌ ତୁମିମଃନ୍‌କେ, ବଃଲେକ୍‌ ତୁୟତିରା ତଃୟ୍‌
ରେତା ଜୁୟ୍‌ ବିନ୍‌ ଲକ୍‌ମଃନ୍‌ ଇ କଃତା ନଃମାନ୍‌ତା ଲକ୍‌ ନାୟ୍‌
ଆର୍‌ ଜାକେ ସୟ୍‌ତାନାର୍‌ ବିତ୍ରି ସିକ୍ୟା ବଃଲି କଃଉତି, ସେରି
ନଃଜାଣୁ, ତୁମିମଃନ୍‌କେ ମୁଁୟ୍‌ କଃଉଁଲେ, ତୁମାର୍‌ ଉପ୍ରେ ମୁଁୟ୍‌
ଆର୍‌ କାୟ୍‌ହେଁ ବଜ୍‌ ନଃଦେଉଁ । 25 ଅଃବ୍‌କା ତୁମାର୍‌ ଲଃଗେ
ଜାୟ୍‌ରି ଆଚେ, ସେରି ମୁଁୟ୍‌ ଆସ୍ତା ହଃତେକ୍‌ ଅଃଟୁଆ କଃରି ଦଃରି
ରିଆ । 26 ଜୁୟ୍‌ଲକ୍‌ ଜିଣେଦ୍‌ ଆର୍‌ ସେସ୍‌ ହଃତେକ୍‌ ମର୍‌ କାମ୍‌
କଃରେଦ୍‌, ମୁଁୟ୍‌ ଜଃନ୍‌କଃରି ମର୍‌ ଉବାର୍‌ ତଃୟ୍‌ହୁଣି ଅଃଦିକାର୍‌
ହାୟ୍‌ଆଚି, ସେରି ସେମଃନ୍‌କେ ଦଃୟ୍‌ନ୍ଧ । 27 ସେ ହୁର୍ତିର୍‌
ଲକେ ଲଃଉଆ ଡାଙ୍ଗ୍‌ ସଃଙ୍ଗେ ସାସନ୍‌ କଃରେଦ୍‌, ଆର୍‌ ସେମଃନ୍‌
ମାଟି ଡକାହର୍‌ କଃଣ୍ଡେ କଃଣ୍ଡେ କଃରୁକେ ଅଃଦିକାର୍‌ ଦଃୟ୍‌ନ୍ଧ, 28
ଆରେକ୍‌ ମୁଁୟ୍‌ ସେମଃନ୍‌କେ ସଃକାଲାର୍‌ ତାରା ଦଃୟ୍‌ନ୍ଧ ।" 29
"ଜଦି ତୁମିମଃନାର୍‌ କାନ୍‌ ଆଚେ, ତଃବେ ମଣ୍ଡଲିମଃନ୍‌କେ ପବିତ୍ର
ଆତ୍ମା କାୟ୍‌ରି କଃଉଁଲି, ସେରି ସୁଣା ।"

3 "ସାର୍ଦି ତଃୟ୍‌ ରିଲା ମଣ୍ଡଲିର୍‌ ଦୁତ୍‌କେ ଲେକ୍‌, ଜେ ଇସ୍ୱରାର୍‌
ସାତ୍‌ଗଟ୍‌ ଆତ୍ମା ଆର୍‌ ସାତ୍‌ଗଟ୍‌ ତାରା ଦଃରିଆଚେ, ସେ
ଇରି କଃଉଁଲା, ମୁଁୟ୍‌ ତୁମାର୍‌ କାମ୍‌ ଜାଣି, ତୁମିମଃନ୍‌ ନାଉଁକ୍‌

ଜିବନ୍ ଆଚାସ୍, ମଃତର୍ ସଃତ୍ୟାକଃରି ମଃରି ଆଚାସ୍ । 2
ଜଃଗ୍ରାତ୍ ଅଃଉଆ, ଆରେକ୍ ଜାୟ୍‌ରି ଅଃବେ ଆଚେ, ନଃସ୍ଟ
ଅଃଉତା ଆଗ୍‌ତୁ ସେରି ବାଡାଉଆ; କାୟ୍‌ତାକ୍‌ବଃଲେକ୍ ମୁଁୟ୍
ତୁମାର୍ ସଃବୁ କାମ୍‌କେ ଅଃମାର୍ ଇସ୍ୱରାର୍ ଚଃମେ ନିର୍ଦସି ବଃଲି
ନଃଦେକି । 3 ଇତାର୍ ଗିନେ କୁୟ୍ ରଃକମାର୍ ସିକ୍ୟା ହାୟ୍
ଆଚାସ୍ ଆର୍ ସୁଣି ଆଚାସ୍, ସେରି ଏତାୟ୍ କଃରି ମାନା ଆର୍
ମଃନ୍ ବାଦ୍‌ଲାଉଆ; ଜଦି ଜଃଗ୍ରାତ୍ ନଃଉଆସ୍, ତଃବେ ମୁଁୟ୍ ଚର୍
ହର୍ ଆସିନ୍ନ, ଆର୍ କୁୟ୍ ବେଳାୟ୍ ତୁମାର୍ ଚଃମେ ଆସି ହଚିନ୍ନ,
ସେରି ତୁମି ଜାଣୁ ନାହାରାସ୍ । 4 ଅୟ୍‌ଲେକ୍ ହେଁ ଜୁୟ୍‌ମଃନ୍
ଅଃହ୍‌ଣା ଅଃହ୍‌ଣାର୍ ବଃସ୍ତୁର୍ ମେଲି ନଃକେର୍ତି, ତୁମାର୍ ବିତ୍ରେ
ସାର୍ଦି ତଃୟ୍ ଇବାନ୍ୟା କଃତେକ୍ ଲକ୍ ଆଚ୍‌ତି; ସେମଃନ୍ ଦବ୍
ବଃସ୍ତୁର୍ ହିନ୍ଦି ମର୍ ସଃଙ୍ଗ ଚାଲାବୁଲା କର୍ତି, କାୟ୍‌ତାକ୍‌ବଃଲେକ୍
ସେମଃନ୍ ଜୟ୍‌ଗ୍ । 5 ଜୁୟ୍‌ଲକ୍ ଜିଣେଦ୍, ସେ ଇବାନ୍ୟା ଦବ୍
ବଃସ୍ତୁର୍ ହିନ୍ଦେଦ୍, ଆର୍ ମୁଁୟ୍ ଜିବନାର୍ ସାସ୍ତୁର୍ ତଃୟ୍‌ହୁଣି ତାର୍
ନାଉଁକ୍ କଃନ୍‌କଃରି ହେଁ ନଃଲିବାୟ୍ ଅଃମାର୍ ଉବା ଆର୍ ତାର୍
ଦୁତ୍‌ମଃନାର୍ ମୁଏଁ ସେମଃନ୍‌କେ ମର୍ ଲକ୍ ବଃଲି କୟ୍‌ନ୍ନ ।" 6
"ଜଦି ତୁମିମଃନାର୍ କାନ୍ ଆଚେ, ତଃବେ ମଣ୍ଡଲିମଃନ୍‌କେ ପବିତ୍ର
ଆତ୍ମା କାୟ୍‌ରି କଃଉଁଲି, ସେରି ସୁଣା ।" 7 "ପିଲାଦେଲ୍‌ପିଆ
ତଃୟ୍ ରେତା ମଣ୍ଡଲିର୍ ଦୁତ୍‌କେ ଲେକ୍, ଜେ ପବିତ୍ର ଆର୍ ସଃତ୍,
ଜାର୍ ଆତେ ଦାଉଦାର୍ କୁଚିକାଡା ଆଚେ, ଜେ ଉଗାଲ୍‌ଲେକ୍
କେ ଡାହୁ ନଃହାର୍‌ତି, ଆର୍ ଡାହ୍‌ଲେକ୍ କେ ଉଗାଲୁ ନଃହାର୍‌ତି,
ସେ ଇରି କଃଉଁଲା, 8 ମୁଁୟ୍ ତୁମାର୍ କାମ୍ ଜାଣି ଆଚି, ଦଃକ୍,
ମୁଁୟ୍ ତୁମାର୍ ମୁଏଁ ଗଟେକ୍ ଦୁଆର୍ ଉଗାଳି ଆଚି, କେ ସେରି
ଡାହୁକ୍ ନଃହାର୍‌ତି, କାୟ୍‌ତାକ୍‌ବଃଲେକ୍ ତୁମାର୍ ସଃକ୍ତି ଉଣା,
ଅୟ୍‌ଲେକ୍ ହେଁ ତୁମି ମର୍ କଃତା ମାନି, ମର୍ ନାଉଁକ୍ ନଃଜାଣୁ
ବଃଲି ନଃକଃଉଆସ୍ । 9 ଦଃକା, ଜୁୟ୍‌ମଃନ୍ ଜିଉଦି ନୟ୍,
ମଃତର୍ ମିଚେ ଆହ୍‌ଣାମଃନ୍‌କ୍ ଜିଉଦି ବଃଲି କଃଉତି, ଇବାନ୍ୟା
ସୟ୍‌ତାନାର୍ ଦଃଳାର୍ ଲକ୍‌ମଃନ୍‌କେ ମୁଁୟ୍ ଆଣି ତୁମାର୍ ହାଦ୍
ତଃଳେ ଜୁଆର୍ କଃରାୟ୍‌ନ୍ନ, ଆର୍ ମୁଁୟ୍ ଜେ ତୁମିକେ ଲାଡ୍
କଃରୁଲେ, ଇରି ସେମଃନ୍‌କେ ଜାଣାଉଁନ୍ନ । 10 ତୁମି ମର୍ ଆଦେସ୍
ହଃର୍କାରେ ସଃମ୍ଭାଳି କଃରି ଆଚାସ୍, ଇତାର୍ ଗିନେ ହୁର୍ତିୟେ ବାସା
କଃର୍ତା ଲକ୍‌ମଃନ୍‌କେ ପରିକ୍ୟା କଃରୁକେ ସଃବୁ ଜଃଗତ୍ ଉହ୍ରେ
ଜୁୟ୍ ପରିକ୍ୟାର୍ ବେଳ୍ ଆସେଦ୍, ସେତିହୁଣି ହେଁ ମୁଁୟ୍ ତୁମିକେ
ବଚାୟ୍‌ନ୍ନ । 11 ମୁଁୟ୍ ବେଗି ଆସୁଲେ, ତୁମାର୍ ଜିଣ୍‌ଲା ମୁକୁଟ୍‌କେ
ଜଃନ୍‌କଃରି କେ ଚରିକଃରି ନଃନେୟ୍, ଇତାର୍ ଗିନେ ତୁମାର୍
ତଃୟ୍ ଜାୟ୍‌ରି ଆଚେ ସେରି ଅଃଟୁଆ କଃରି ଦଃରି ରିଆ । 12
ଜୁୟ୍‌ଲକ୍ ଜିଣେଦ୍, ମୁଁୟ୍ ତାକ୍ ଅଃମାର୍ ଇସ୍ୱରାର୍ ମନ୍ଦିରାର୍ ମୁଣ୍ଡି
ହର୍ କଃରିନ୍ନ, ସେ ଆରେକ୍ ସେତିହୁଣି ହଃଦାୟ୍ ଜଃଉଁ ନାହାରେ;
ମୁଁୟ୍ ଅଃମାର୍ ଇସ୍ୱରାର୍ ନାଉଁ ଆର୍ ସଃର୍ଗୋହୁଣି ତାର୍ ତଃୟ୍‌ହୁଣି
ଆସ୍ତା ଜୁୟ୍ ଜିରୁସାଲମ୍, ଅଃମାର୍ ଇସ୍ୱରାର୍ ସେ ଗଃଳାର୍ ନାଉଁ,
ଆରେକ୍ ମର୍ ନିଜାର୍ ନଃଉଆଁ ନାଉଁ ତାର୍ ଉହ୍ରେ ଲେକିନ୍ନ ।"
13 "ଜଦି ତୁମିମଃନାର୍ କାନ୍ ଆଚେ, ତଃବେ ମଣ୍ଡଲିମଃନ୍‌କେ
ପବିତ୍ର ଆତ୍ମା କାୟ୍‌ରି କଃଉଁଲି, ସେରି ସୁଣା ।" 14 "ଲାଅଦିକିଆ
ମଣ୍ଡଲିର୍ ଦୁତ୍‌କେ ଲେକ୍, ଜେ ସଃତ୍, ଜେ ବିସ୍ୱାସାର୍ ଜୟ୍‌ଗ୍ ଆର୍
ସଃତ୍ୟା ସାକି, ଜେ ଇସ୍ୱରାର୍ ଉବ୍‌ଜାଣାର୍ ଆରୁମ୍ । ସେ ଇରି
କଃଉଁଲା । 15 ମୁଁୟ୍ ତୁମାର୍ କାମ୍ ଜାଣି, ତୁମି କାକର୍ ନାୟ୍ କି
ତାହାତ୍ ନାୟ୍; ତୁମି କାକର୍ କି ତାହାତ୍ ରିଲେକ୍ ନିକ ଅୟ୍‌ଲି ହୁଣି
। 16 ଇତାର୍ ଗିନେ ତୁମି କାକର୍ କି ତାହାତ୍ ନଃୟ୍‌କଃରି ନଃକ୍
ଉସୁମ୍ ଅୟ୍ ଆଚାସ୍, ଇତାର୍ ଗିନେ ମୁଁୟ୍ ତୁମିକେ ମର୍ ଟଣ୍ଡେ
ହୁଣି ଉକାଲୁକ୍ ଜଃଉଁଲେ । 17 ତୁମି କଃଉଁଲାସ୍, ମୁୟ୍‌ଁ ମାଜନ୍,
ମର୍ ବୁତେକ୍ ସଃମ୍ପତି ଆଚେ, ମର୍ କାୟ୍‌ରି ହେଁ ଅକେଟ୍ ନାୟ୍;
ମଃତର୍ ତୁମାର୍ ବାୟ୍‌ଗ୍ ଜେ କଃରାବ୍, ତୁମି ଦୁକି, ଗଃରିବ୍,
କାଣା ଆର୍ ନଃଗ୍‌ଳା, ଇରି ନଃଜାଣାସ୍ । 18 ଇତାର୍ ଗିନେ
ମୁୟ୍‌ଁ ତୁମିକେ ଇ ସିକ୍ୟା ଦେଉଁଲେ, ତୁମି ମାଜନ୍ ଅଃଉତା ଗିନେ
ଜୟେ ନିର୍ମୁଳ୍ ଅୟ୍‌ଲା ସନା, ଆର୍ ତୁମାର୍ ନଃଗ୍‌ଳା ରେତା
ଲାଜ୍ ଜଃନ୍‌କଃରି ଜାଣା ନଃହେଲେ, ଇତାର୍ ଗିନେ ହିନ୍ଦୁକ୍ ଦବ୍
ବଃସ୍ତୁର୍, ଆରେକ୍ ଦଃକୁ ହାର୍‌ତା ଗିନେ ଆକାୟ୍ ଲାଗାଉଁକ୍
ଆକିକାଜଳ୍ ମର୍ ତଃୟ୍‌ହୁଣି ଆସି ଗେନା । 19 ମୁୟ୍‌ଁ ଜଃତେକ୍
ଲକ୍‌କେ ଲାଡ୍ କଃରୁଲେ, ସେମଃନ୍‌କେ ଉଳିନ୍ନ ଆର୍ ସାସନ୍
କଃରିନ୍ନ; ବଃଲେକ୍ ତିକ୍‌ତିକା ଅୟ୍ ମଃନ୍ ବାଦ୍‌ଲାଉଆ । 20
ଦଃକା, ମୁୟ୍‌ଁ ଦୁଆର୍ ଲଃଗେ ଟିଆ ଅୟ୍ କାହାଟେ ମାରୁଲେ; ଜଦି
କେ ମର୍ ଟଣ୍ଡ ସୁଣି କାହାଟ୍ ଉଗାଳେଦ୍, ତଃନ୍‌ଅୟ୍‌ଲେକ୍ ମୁୟ୍‌ଁ
ଗଃରେ ହୁରି ତାର୍ ଲଃଗେ ଜାୟ୍‌ନ୍ନ, ଆରେକ୍ ମୁଁୟ୍ ତାର୍ ସଃଙ୍ଗ
କାୟ୍‌ନ୍ନ ଆର୍ ସେ ମର୍ ସଃଙ୍ଗ କାୟ୍‌ଦ୍ । 21 ମୁୟ୍‌ଁ ଜଃନ୍‌କାର୍
ଜିଣିକଃରି ଅଃମାର୍ ଉବାର୍ କାତାବାଟ୍ୟା ବଃସି ଆଚି, ସେରଃକମ୍
ଜେ ଜିଣେଦ୍, ମୁୟ୍‌ଁ ତାକ୍ ମର୍ ସଃଙ୍ଗ ମର୍ ସିଙ୍ଗାସଣେ ବଃସୁକ୍
ଅଃଦିକାର୍ ଦଃୟ୍‌ନ୍ନ ।" 22 "ଜଦି ତୁମିମଃନାର୍ କାନ୍ ଆଚେ,
ତଃବେ ମଣ୍ଡଲିମଃନ୍‌କେ ପବିତ୍ର ଆତ୍ମା କାୟ୍‌ରି କଃଉଁଲି, ସେରି
ସୁଣା ।"

**4** ଇତାର୍ ହଃଚେ ମୁଁୟ୍ ଦଃକ୍‌ଲେ, ଆର୍ ଦଃକା, ସଃର୍ଗେ ଗଟେକ୍
ଦୁଆର୍ ଉଗାଳା ଆଚେ; ଆରେକ୍ ତୁରିର୍ ସଃବ୍‌ଦ୍ ହର୍ ମର୍
ସଃଙ୍ଗ କଃତା ଅଃଉତା ଜୁୟ୍ ଟଣ୍ଡ ମୁୟ୍‌ଁ ହୁର୍ବେ ସୁଣି ରିଲେ, ସେରି
କୟ୍‌ଲି, "ଇହାକ୍ ଉଟିଆଉ; ଜୁୟ୍‌ସଃବୁ ଇତାର୍‌ହଃଚେ ବାୟ୍‌ଦ୍‌ରେ
ଗଃଟେଦ୍, ସେ ସଃବୁ ମୁଁୟ୍ ତକ୍ ଦଃକାୟ୍‌ନ୍ନ ।" 2 ସେଦାହ୍ରେ ମୁୟ୍‌ଁ
ଆତ୍ମାୟ୍ ହୁର୍ନ୍ ଅୟ୍‌ଲେ, ଆର୍ ଦଃକା, ସଃର୍ଗେ ଗଟେକ୍ ସିଙ୍ଗାସଣ୍
ସଃଙ୍ଗାୟ୍‌ଲାର୍ ଆଚେ, ଆରେକ୍ ସଃର୍ଗେ ସିଙ୍ଗାସଣ୍ ଉହ୍ରେ ଗଟେକ୍
ଲକ୍ ବଃସି ଆଚେ । 3 ବଃସିରିଲା ଲକାର୍ ରୁହ୍ ହିରା ଆର୍
ମଣି ହର୍, ଜିକ୍‌ଜିକା ଡିସ୍ତିରିଲି ଆର୍ ସିଙ୍ଗାସଣାର୍ ଚାରିବେଲ୍‌ତ୍
ଗଟେକ୍ ଲିଙ୍ଗିଲାଟି, ଆର୍ ମରକତ ମଣି ହର୍ ଡିସ୍ତୁ ରିଲି । 4
ଆରେକ୍ ସିଙ୍ଗାସଣାର୍ ଚାରି ବାଟ୍ୟା ଚାରିଗଟ୍ ସିଙ୍ଗାସଣ୍ ସଃଙ୍ଗ
ଅୟ୍‌ଆଚେ ଆର୍ ସିଙ୍ଗାସଣ୍‌ମଃନାର୍ ଉହ୍ରେ ଚବିସ୍‌ଗଟ୍ ପାରାଚିନ୍
ବଃସି ଆଚ୍‌ତି, ସେମଃନ୍ ଦବ୍‌ଳା ବଃସ୍ତୁର୍ ହିନ୍ଦି ଆଚ୍‌ତି ଆର୍

ସେମଃନାର୍ ମୁଣ୍ଡ ଉହ୍ରେ ସନାର୍ ମୁକୁଟ୍ । 5 ସିଙ୍ଗାସଣ୍ ତଃୟ୍ହୁଣି
ବିଜ୍ଲି, ବିନ୍ବିନ୍ ଟଣ୍ଣ ଆର୍ ମେଗାର୍ ଗଃର୍ଜାଣ୍ ବାରାଉଁଲି, ଆର୍
ସିଙ୍ଗାସଣାର୍ ମୁୟେ ଜୟ୍ଲାଗ୍ତା ସାତ୍ଗଟ୍ କୁପି ଲାଗୁଲି, ଇ
ସାତ୍ଗଟ୍ କୁପି ଇସ୍ୱରାର୍ ସାତ୍ଗଟ୍ ଆତ୍ମା । 6 ସିଙ୍ଗାସଣ୍ ମୁୟେ
କାଚ୍ ହର୍ ହଃଟିଚ୍ ଗଟେକ୍ ସଃମ୍ନ୍ଦ; ସିଙ୍ଗାସଣ୍ ଚାରିବାଟାର୍
ମଃଜାୟ୍ ଚାରିଗଟ୍ ଜଃତୁ ରିଲାୟ୍, ସେମଃନାର୍ ଆଗ୍ବାଟ୍ ଆର୍
ହଃଚ୍ବାଟ୍ ଆକିମଃନ୍ ରିଲି । 7 ହଃର୍ତୁ ଜଃତୁ ସିମାବାଗ୍ ହର୍, ଦୁୟ୍
ଲଃମର୍ ଜଃତୁ ସଃଣ୍ଡ ହର୍, ତିନି ଲଃମ୍ବର୍ ଜଃତୁର୍ ମୁଉଁ ନଃର୍
ମୁଉଁ ହର୍, ଆରେକ୍ ଚାରି ଲଃମ୍ବର୍ ଜଃତୁ ଉଡ୍ତା ରାବଣ୍ ହର୍
। 8 ହଃତି ଜଃତୁର୍ ଚଅ ଚଅ ଗଟ୍ ଡେଣା, ସେ ଡେଣାମଃନାର୍
ହଃଦାବାଟ୍ ଆର୍ ବିତୁର୍ ବାଟ୍ ଅଃକାୟ୍ ହୁର୍ନ୍ ଆଚେ । ସେମଃନ୍
ଦିନ୍ରାତି ନଃବିସାୟ୍ କଃଉଁଲାୟ୍, "ଜେ ସଃବ୍କେ ସଃକାତ୍,
ଜେ ରିଲା, ଆଚେ ଆର୍ ଆସୁକ୍ ଆଚେ, ସେ ମାପ୍ରୁ ଇସ୍ୱର୍
ପବିତ୍ର, ପବିତ୍ର, ପବିତ୍ର ।" 9 ଜିବ୍ଜଃତୁମଃନ୍ ଜଃଡେବଃଲ୍
ସେ ସିଙ୍ଗାସଣେ ବଃସିରିଲା ସଃବୁବଃଲ୍ ଜିବନ୍ ରେତା ଲକ୍କେ
ଜଃଜ୍ମାନ୍, ମାନ୍ତି ଆର୍ ଜୁଆର୍ କଃର୍ଦି ରିଲାୟ୍, (aiōn g165) 10
ସଃଡେବଃଲ୍ ଚବିସ୍ ପାରାଚିନ୍ ସିଙ୍ଗାସଣେ ବଃସିରିଲା ଲକାର୍
ଚଃମେ ମୁର୍ଣ୍ଡିଆ ମାରି ସଃବୁବଃଲ୍ ଜିବନ୍ ରେତା ଲକ୍କେ ଜୁଆର୍
କଃଲାୟ୍ ଆର୍ ସିଙ୍ଗାସଣାର୍ ମୁଏଁ ଅଃହ୍ଣା ଅଃହ୍ଣାର୍ ମୁକୁଟ୍
ସଃଙ୍ଗାୟ୍ କଃଉଁଲାୟ୍, (aiōn g165) 11 "ଏ ଅଃମିମଃନାର୍ ମାପ୍ରୁ
ଇସ୍ୱର୍, ତୁୟ୍ ଜଃଜ୍ମାନ୍, ମାନ୍ତି ଆର୍ ସଃକ୍ତି ହାଉଁକ୍ ଜୟ୍ଗ୍,
ତୁୟ୍ ସଃବୁ ଉବ୍ଜାଣ୍ କଃରି ଆଚ୍ସି, ଆର୍ ତର୍ ଇଚାୟ୍ ସେସଃବୁ
ଜିବନ୍ ହାୟ୍ ଉବ୍ଜାଣ୍ ଅୟ୍ଆଚେ ।"

**5** ମୁୟ୍ଁ ସିଙ୍ଗାସଣେ ବଃସ୍ଲା ଲକାର୍ ବୁଜ୍ଣି ଆତେ ଗଟେକ୍
ହଃର୍ନା ପୁସ୍ତକ୍ ଦଃକ୍ଲେ, ସେରି ଦୁୟ୍ ବାଟ୍ୟା ଲେକା ଅୟ୍ଲାର୍
ଆର୍ ସାତ୍ ଗଟ୍ ମୁଦ୍ରା ମାରା ଅୟ୍ଆଚେ । 2 ଆର୍ ମୁୟ୍ଁ
ଗଟେକ୍ ବଃଡେ ସଃକାତାର୍ ଦୁତ୍ ଦଃକ୍ଲେ, ସେ ବଃଡ୍ ଟଣ୍ଡେ
ପର୍ଚାର୍ କଃରି କଃଉତି ରିଲା, "କେ ଇ ମୁଦ୍ରା ସଃବୁ ବାଙ୍ଗାୟ୍
ପୁସ୍ତକ୍ ଇଟାଉଁକ୍ ଜୟ୍ଗ୍?" 3 ମଃତର୍ ସର୍ଗେ, ହୁର୍ତିବିଏ ଆର୍
ହଃତାଳେ କେ ସେ ପୁସ୍ତକ୍ ଇଟାଉଁକ୍ କି ସେରି ଦଃକୁକ୍ ଜୟ୍ଗ୍
ନୟ୍ଲାୟ୍ । 4 ସେ ପୁସ୍ତକ୍ ଇଟାଉଁକ୍ କି ସେରି ଦଃକୁକ୍
ଜୟ୍ଗ୍ କେ ନଃମିଳ୍ଲାକ୍ ମୁୟ୍ଁ ବେସି କାନ୍ଦଲେ । 5 ସେତାକ୍
ପାରାଚିନ୍ମଃନାର୍ ବିତ୍ରେହୁଣି ଗଟେକ୍ ଲକ୍ ମକ୍ କୟ୍ଲା, "କାନ୍ଦ
ନାୟ୍, ଦଃକ୍, ଜେ ଜିଉଦା ବଃଉଁସେ ଜଃଲମ୍ ସିମାବାଗ୍ ଆର୍
ଦାଉଦାର୍ ମୁଲ୍, ସେ ପୁସ୍ତକାର୍ ସାତ୍ଗଟ୍ ମୁଦ୍ରା ବାଙ୍ଗି, ସେରି
ଇଟାଉଁକ୍ ଜିଣି ଆଚେ ।" 6 ସଃଡେବଃଲ୍ ମୁୟ୍ଁ ଦଃକ୍ଲେ,
ସିଙ୍ଗାସଣ୍, ଚାରିଜଃତୁ ଆର୍ ପାରାଚିନ୍ମଃନାର୍ ମଃଜାୟ୍ ଗଟେକ୍
ମେଣ୍ଡା ହିଲା ଟିଆ ଅୟ୍ଆଚେ, ସେ ମଃରି ଉଟ୍ଲା ହର୍ ଡିସ୍ତିରିଲା,
ତାର୍ ସାତ୍ଗଟ୍ ସିଙ୍ଗ ଆର୍ ସାତ୍ଗଟ୍ ଆକି; ସେ ସଃବୁ ଆକି
ସଃବୁ ହୁର୍ତିୟେ ହଃଟାୟ୍ଲା ଇସ୍ୱରାର୍ ସାତ୍ଗଟ୍ ଆତ୍ମା । 7
ସେ ମେଣ୍ଡାହିଲା ଆସି ସିଙ୍ଗାସଣେ ବଃସିରିଲା ଲକାର୍ କାତା
ଆତେ ହୁଣି ସେ ପୁସ୍ତକ୍ ନିଲା । 8 ସେ ପୁସ୍ତକ୍କେ ନିଲା ଦାହ୍ରେ
ସେ ଚାରିଜିବ୍ ଆର୍ ଚବିସ୍ ପାରାଚିନ୍ ମେଣ୍ଡା ହିଲାର୍ ମୁୟେ
ମୁର୍ଣ୍ଡିଆ ମାର୍ଲାୟ୍; ସେମଃନାର୍ ସଃବ୍କାର୍ ଆତେ ବିଣା ଆର୍
ଦଃର୍ମିମଃନାର୍ ପାର୍ତ୍ନା ହର୍ ଦୁହ୍ଣି ତଃୟ୍ ହୁର୍ନ୍ ଅୟ୍ଲା ସନାର୍
କପା ରିଲି । 9 ସେମଃନ୍ ଗଟେକ୍ ନଃଉଆଁ ଗିତ୍ କୟ୍କଃରି
କୟ୍ଲାୟ୍, "ତୁୟ୍ ସେ ପୁସ୍ତକ୍ ନେଉଁକ୍ ଆର୍ ସେତିର୍ ମୁଦ୍ରା
ସଃବୁ ବାଙ୍ଗକ୍ ଜୟ୍ଗ୍, କାୟ୍ତାକ୍ବଃଲେକ୍ ତୁୟ୍ ମଃରି ରିଲିସ୍,
ଆରେକ୍ ଅଃହ୍ଣାର୍ ବଃନି ତଃୟ୍ ସଃବୁ କୁଟୁମ୍, ବିନ୍ବିନ୍ ବାସାର୍
ଲକ୍, ବିନ୍ବିନ୍ ବଃଉଁସ୍ ଆର୍ ଜାତି ବିତ୍ରେ ଇସ୍ୱରାର୍ ଗିନେ
ଲକ୍ମଃନ୍କେ ଗେନି ଆଚ୍ସି । 10 ଆରେକ୍ ସେମଃନ୍କେ
ଅଃମିମଃନାର୍ ଇସ୍ୱରାର୍ ଗିନେ ରଃଜାର୍ ବଃଉଁସ୍ ଆର୍ ଜାଜକ୍
କଃରି ଆଚ୍ସି; ଆର୍ ସେମଃନ୍ ହୁର୍ତି ଉହ୍ରେ ରାଜ୍ କଃର୍ତି ।" 11
ତାର୍ହଃଚେ ମୁୟ୍ଁ ଦଃକ୍ଲେ, ଆରେକ୍ ସିଙ୍ଗାସଣ୍, ଜିବ୍ଜଃତୁ
ଆର୍ ପାରାଚିନ୍ମଃନାର୍ ଚାରିବାଟ୍ୟା ଗାଦାଗାଦା ଦୁତ୍ମଃନାର୍
ଟଣ୍ଣ ସୁଣ୍ଲେ; ସେମଃନ୍ ଅଃଜାର୍ ଅଃଜାର୍ ଆର୍ ଲାକ୍ ଲାକ୍
ରିଲାୟ୍ । 12 ସେମଃନ୍ ବଃଡ୍ ଟଣ୍ଡେ କଃଉତି ରିଲାୟ୍, "ସଃକାତ୍,
ଦଃନ୍, ଗ୍ୟାନ୍, ସଃକ୍ତି, ମାନ୍ତି, ଜଃଜ୍ମାନ୍ ଆର୍ ଗୁଣ୍ଗିତ୍ ହାଉଁକ୍
ମଃରିରିଲା ମେଣ୍ଡା ହିଲା ହଃକା ଜୟ୍ଗ୍ ।" 13 ଆର୍ ମୁୟ୍ଁ ସର୍ଗେ,
ହୁର୍ତି, ହଃତାଲ୍ ଆର୍ ସଃମ୍ନ୍ଦେ ରିଲା ସଃବୁ ଉବୁଜ୍ଲା ଜଃତୁ,
ହେଁ, ସେତି ରିଲା ସଃବୁ ଇରି କଃଉତାର୍ ସୁଣ୍ଲେ, "ଗୁଣ୍ଗିତ୍,
ମାନ୍ତି, ଜଃଜ୍ମାନ୍ ଆର୍ ରାଜ୍ କଃର୍ତାର୍ ଜୁଗେଜୁଗେ ସିଙ୍ଗାସଣେ
ବଃସିରିଲା ଲକାର୍ ଆର୍ ମେଣ୍ଡାହିଲାର୍ ଅଃଉଅ ।" (aiōn g165)
14 ସେତାକ୍ ଚାରି ଜିବ୍ଜଃତୁ କୟ୍ଲାୟ୍, "ଆମେନ୍ ।" ଆରେକ୍
ପାରାଚିନ୍ମଃନ୍ ମୁର୍ଣ୍ଡିଆ ମାରି ଜୁଆର୍ କଃଲାୟ୍ ।

**6** ତାର୍ହଃଚେ ମୁୟ୍ଁ ମେଣ୍ଡାହିଲାକେ ସାତ୍ଗଟ୍ ମୁଦ୍ରା ବିତ୍ରେହୁଣି
ହଃର୍ତୁ ମୁଦ୍ରାକ୍ ବାଙ୍ଗତାର୍ ଦଃକ୍ଲେ, ଆର୍ ଚାରି ଜିବ୍ଜଃତୁ
ବିତ୍ରେ ହୁଣି ଏକ୍ଲାକେ ବିଜ୍ଲିର୍ ସଃବଦ୍ ହର୍ ଇରି କଃଉତାର୍
ସୁଣ୍ଲେ, "ଆଉ ।" 2 ସେତାକ୍ ମୁୟ୍ଁ ଦଃକ୍ଲେ, ଆର୍ ଦଃକା,
ଗଟେକ୍ ଦବ୍ ଗଳା, ଆରେକ୍ ତାକ୍ ଚାଲାଉତା ଲକାର୍ ଆତେ
ଗଟେକ୍ ଦଃଣୁ, ତାକ୍ ଗଟେକ୍ ମୁକୁଟ୍ ଦିଆ ଅୟ୍ଲି, ଆର୍ ସେ
ଜିଣ୍ତା ଲକ୍ ଅୟ୍ ଜିଣୁକ୍ ବାରାୟ୍ ଗଃଲା । 3 ମେଣ୍ଡାହିଲା
ଜଃଡେବଃଲ୍ ଦୁୟ୍ ଲଃମ୍ବର୍ ମୁଦ୍ରା ବାଙ୍ଗଲା, ସଃଡେବଃଲ୍ ମୁୟ୍ଁ
ଦୁୟ୍ ଲମ୍ବର୍ ଜିବ୍ଜଃତୁକ୍ ଇରି କଃଉତାର୍ ସୁଣ୍ଲେ, "ଆଉ
।" 4 ସେତାକ୍ ଆରେକ୍ ଗଟେକ୍ ଗଳା ବାରାୟ୍ଲି, ସେରି
ରଃତା ରଃଙ୍ଗାର୍; ଲକ୍ମଃନ୍ ଜଃନ୍କଃରି ଏକ୍ ଆରେକ୍କେ
ଅଃତ୍ୟା କଃର୍ତି, ଇତାର୍ ଗିନେ ହୁର୍ତିବିର୍ ସୁସ୍ତା ଦୁର୍ କଃରୁକେ
ତାକ୍ ଚାଲାଉତା ଲକ୍କେ ଅଃଦିକାର୍ ଦିଆଗଃଲି, ଆରେକ୍
ତାକ୍ ଗଟେକ୍ ବଃଡ୍ କଃଣ୍ଡା ଦିଆ ଅୟ୍ଲି । 5 ମେଣ୍ଡାହିଲା
ଜଃଡେବଃଲ୍ ତିନି ଲଃମ୍ବର୍ ମୁଦ୍ରା ବାଙ୍ଗଲା, ସଃଡେବଃଲ୍ ମୁଁୟ୍
ତିନି ଲଃମର୍ ଜିବ୍ ଇରି କଃଉତାର୍ ସୁଣ୍ଲେ, "ଆଉ ।" ସେତାକ୍
ମୁଁୟ୍ ଦଃକ୍ଲେ, ଆର୍ ଦଃକା, ଗଟେକ୍ କଃଳିଆ ରଃଙ୍ଗାର୍ ଗଳା,

ଆରେକ୍ ତାକ୍ ଚାଲାଉତା ଲକାର୍ ଆତେ ଗଟେକ୍ ନାହ୍ତା ଡାଙ୍ଗ
। 6 ଆର୍ ମୁୟ୍ଁ ଚାରି ଜିବ୍‌ଜଃତୁ ତୟ୍‌ହୁଣି ବାରାୟ୍‌ଲା ହର୍ ଇ
ଟଣ୍ଡ ସୁଣ୍‌ଲେ, "ଦିନେକାର୍ ବୁତି ଡାବୁ ତଃୟ୍ ଗଟେକ୍ କେଜି
ଗଅଁ ଆର୍ ଦିନେକାର୍ ବୁତି ଡାବୁ ତଃୟ୍ ତିନି କେଜି ଜବ ଅୟ୍‌ଦ୍
। ମଃତର୍ ତୁମି ଚିକଣ୍ ଆର୍ ଅଙ୍ଗୁର୍ ରଃସ୍ ନଃସ୍ଟ କଃରାନାୟ୍
।" 7 ମେଣ୍ଡାହିଲା ଜଃଡେବଃଲ୍ ଚାରି ଲଃମ୍ବର୍ ମୁଦ୍ରା ବାଙ୍ଗ୍‌ଲା,
ସଃଡେବଃଲ୍ ମୁୟ୍ଁ ଚାରି ଲଃମ୍ବର୍ ଜିବ୍‌ଜଃତୁ ଇରି କଃଉତାର୍
ସୁଣ୍‌ଲେ, "ଆଉ ।" 8 ସେତାକ୍ ମୁୟ୍ଁ ଦଃକ୍‌ଲେ, ଆର୍ ଦଃକା,
ଗଟେକ୍ ବେଜା ରଃଙ୍ଗାର୍ ଗଳା, ତାକ୍ ଚାଲାଉତା ଲକାର୍ ନାଉଁ
ମଃର୍ନ୍, ଆରେକ୍ ହଃତାଲ୍ ତାର୍ ହଃଚେ ହଃଚେ ଜାତି ରିଲି; କଃଣ୍ଡା,
କଃତାର୍, ମଃର୍ଡି ଆର୍ ହୁର୍ତି ବଃନାର୍ ଜଃତୁମଃନାର୍ ତଃୟ୍ ନାସ୍
କଃରୁକେ ହୁର୍ତିବିର୍ ଚାରିବାଗ୍ ଉହ୍ରେ ସେମଃନ୍‌କେ ଅଃଦିକାର୍
ଦିଆ ଅୟ୍‌ଲି । (Hadēs g86) 9 ମେଣ୍ଡାହିଲା ଜଃଡେବଃଲ୍ ହାଁଚ୍
ଲଃମ୍ବର୍ ମୁଦ୍ରା ବାଙ୍ଗ୍‌ଲା, ସଃଡେବଃଲ୍ ଜୁୟ୍‌ମଃନ୍ ଇସ୍ୱରାର୍
କଃତାର୍ ଗିନେ ଆର୍ ସେମଃନ୍ ଦିଲା ସାକିର୍ ଗିନେ ମଃରି
ରିଲାୟ୍, ସେମଃନାର୍ ଆତ୍ମା ମୁଁୟ୍ ବେଦି ତଃଳେ ଦଃକ୍‌ଲେ ।
10 ସେମଃନ୍ ଉଲ୍‌ଗାଟେ କଃଉତି ରିଲାୟ୍, "ଏ ପବିତ୍ର ଆର୍
ସଃତ୍ ମାପ୍ରୁ, ଆର୍ କଃତେକ୍ କାଲ୍ ତୁୟ୍ ନ୍ୟାୟ୍ ବିଚାର୍ ନଃକେରି
ହୁର୍ତିବିର୍ ଲକ୍‌ମଃନାର୍ ତଃୟ୍‌ହୁଣି ଅଃମିମଃନ୍‌କ୍ ଅଃତ୍ୟା କଃଲା
ବାଦ୍‌ଲା ନଃନେସି?" 11 ସେତାକ୍ ସେମଃନ୍ ହଃତି ଲକ୍‌କେ ଦବ୍
ବଃସ୍ତ୍ର ଦିଆ ଅୟ୍‌ଲି, ଆରେକ୍ ସେମଃନାର୍ ଜୁୟ୍ ସଃଙ୍ଗାର୍
ଦଃଙ୍ଗ୍‌ଲା ଆର୍ ବାୟ୍‌ମଃନ୍ ସେମଃନାର୍ ହର୍ ହେଁ ମାରା ଅଃଉତି,
ସେମଃନାର୍ ଲଃମ୍ବର୍ ହୁର୍ନ୍ ନଃଉତା ହଃତେକ୍ ଆର୍ କଃତେକ୍
କାଲ୍ ବିସାଉଁକ୍ ସେମଃନ୍‌କେ କଃଉଆ ଅୟ୍‌ଲି । 12 ମେଣ୍ଡାହିଲା
ଚଅ ଲଃମ୍ବର୍ ମୁଦ୍ରା ବାଙ୍ଗାଉତା ବଃଳ୍ ମୁୟ୍ଁ ଦଃକ୍‌ଲେ, ଦର୍ତି
ଲଃଦ୍‌ବଃଦ୍‌ଲି, ବେଲ୍ ରଃମ୍‌ତଃୟ୍ ତିଆର୍ ଅୟ୍‌ଲା ଚାଦର୍ ହର୍
କଃଳିଆ ଅୟ୍‌ଲି ଆର୍ ଜଃନ୍ ହୁରାହୁରି ବଃନି ରଃଙ୍ଗ ଅୟ୍‌ଲି । 13
ଜଃବର୍ ବାଉର୍ ବଃଳେ ଡୁମ୍ବୁର୍ ଗଃଚାର୍ ନାହାକ୍ତା ହଃଲ୍‌ସଃବୁ
ଜଃନ୍‌କଃରି ଅଦ୍ରେଦ୍, ସେବାନ୍ୟା ଅଃଗାସାର୍ ତାରାସଃବୁ ହୁର୍ତିୟେ
ଅଦୁର୍‌ଲାୟ୍ । 14 ଅଃଗାସ୍ ମଃଣ୍ଡ୍‌ଲା ଚାମ୍‌ଲାର୍ ପୁସ୍ତକ୍ ଗୁଲ୍ୟାୟ୍
ଅୟ୍‌ଲା ହର୍ ଗୁଲ୍ୟାୟ୍ ଅୟ୍ ଲୁକ୍‌ଲି, ଆରେକ୍ ହଃର୍ବାତ୍ ଆର୍
ଚାରିବେଲ୍‌ତ୍ ହାଣି ଆର୍ ମଃଜାୟ୍ ମାଟି ରିଲା ଜଃଗାମଃନ୍
ଏଣେ ତେଣେ ଅୟ୍‌ଲି । 15 ଆର୍ ହୁର୍ତିବିର୍ ରଃଜାମଃନ୍,
ମଃନ୍ତ୍ରିମଃନ୍, ସଃଇନ୍‌ମଃନାର୍ ଉହ୍ରେ ବଃଡ୍ ସଃଇନ୍ ଆର୍ ମାଜନ୍
ଲକ୍‌ମଃନ୍, ସଃକାତ୍ ଲକ୍‌ମଃନ୍ ଆର୍ ଗତିଦଃଙ୍ଗ୍‌ଲା ଆର୍ ଗତି
ନଃକେଟ୍‌ତା ଲକ୍‌ମଃନ୍ ସଃବୁ ଟେଳାଅଃଡୁ ଆର୍ ହଃର୍ବାତାର୍
ଟେଳା ହାରେମଃନ୍ ଅଃହ୍‌ଣା ଅଃହ୍‌ଣାକ୍ ଲୁକାୟ୍‌ଲାୟ୍ । 16
ଆରେକ୍, ସେମଃନ୍ ହଃର୍ବାତ୍ ଆର୍ ଟେଳାମଃନ୍‌କେ କୟ୍‌ଲାୟ୍,
"ଅଃମିମଃନାର୍ ଉହ୍ରେ ଅଦ୍ରି ସିଙ୍ଗାସଣେ ବଃସିରିଲା ଲକ୍ ତଃୟ୍‌ହୁଣି
ଆର୍ ମେଣ୍ଡାହିଲାର୍ ରିସା ତଃୟ୍‌ହୁଣି ଅଃମିମଃନ୍‌କ୍ ଲୁକାୟ୍
ସଃଙ୍ଗାଉ । 17 କାୟ୍‌ତାକ୍‌ବଃଲେକ୍ ସେମଃନାର୍ ରିସାର୍ ବଃଡ୍
ବିନ୍ କେଟି ଆଚେ, ଆର୍ କେ ଟିଆ ଅଃଉଁ ହାରେ?"

7 ତାର୍‌ହଃଚେ ମୁୟ୍ଁ ଦଃକ୍‌ଲେ, ହୁର୍ତି କି ସଃମ୍‌ନ୍ଦ ବୁଏଁ କି କୁୟ୍
ଗଃଚ୍ ଉହ୍ରେ ଜଃନ୍‌କଃରି ବାଉ ନଃଦୁକେ, ଇତାର୍ ଗିନେ
ହୁର୍ତିବିର୍ ଚାରି କଣେ ଚାରି ଗଟ୍ ଦୁତ୍ ଟିଆ ଅୟ୍ ହୁର୍ତିବିର୍ ଚାରି
କନେ ବାଉକ୍ ଡେବାୟ୍ ଦଃରି ଆଚ୍‌ତି । 2 ଆରେକ୍ ମୁଁୟ୍ ଗଟେକ୍
ଦୁତ୍‌କେ ହୁର୍ବ୍ ଦିଗେ ହୁଣି ଉଟି ଆସ୍ତାର୍ ଦଃକ୍‌ଲେ; ତାର୍ ଆତେ
ଜିବନ୍ ଇସ୍ୱରାର୍ ମୁଦ୍ରା ରିଲି । ହୁର୍ତି ଆର୍ ସଃମ୍‌ନ୍ଦ ନଃସ୍ଟ କଃରୁକେ
ଅଃଦିକାର୍ ଦିଆ ଅୟ୍‌ଲା ସେ ଚାରି ଗଟ୍ ଦୁତ୍‌କେ ସେ କୁଦି କୟ୍‌ଲା,
3 "ଅଃମିମଃନ୍ ତୁମିମଃନାର୍ ଇସ୍ୱରାର୍ ସେବାକାରିମଃନାର୍
କଃହାଳେ ମୁଦ୍ରା ନଃମାର୍ତା ହଃତେକ୍ ତୁମିମଃନ୍ ହୁର୍ତି କି ସଃମ୍‌ନ୍ଦ
କି ଗଃଚ୍‌ମଃନ୍‌କ୍ ନଃସ୍ଟ କଃରାନାୟ୍ ।" 4 ତାର୍‌ହଃଚେ ମୁଦ୍ରା
ମାରା ଅୟ୍‌ଲା ଲକ୍‌ମଃନାର୍ ଲଃମ୍ବର୍ ମୁୟ୍ଁ ସୁଣ୍‌ଲେ, ଇସ୍ରାଏଲାର୍
ହୟ୍‌ସିମଃନାର୍ ସଃବୁ ବଃଉଁସ୍ ବିଟ୍ରେ ହୁଣି ୧୪୪,୦୦୦ ଲକ୍‌କେ
ମୁଦ୍ରା ମାରା ଅୟ୍‌ଲି । 5 ଜିଉଦା ବଃଉଁସେ ହୁଣି ବାର ଆଜାର୍,
ରୁବେନ୍ ବଃଉଁସେ ହୁଣି ବାର ଆଜାର୍, ଗାଦ ବଃଉଁସେ ହୁଣି
ବାର ଆଜାର୍, ମୁଦ୍ରାମାର୍‌ଲାର୍, 6 ଆସେର୍ ବଃଉଁସେ ହୁଣି ବାର
ଆଜାର୍, ନପ୍ତାଲି ବଃଉଁସେ ହୁଣି ବାର ଆଜାର୍, ମନସି ବଃଉଁସେ
ହୁଣି ବାର ଆଜାର୍, 7 ସିମିୟନ୍ ବଃଉଁସେ ହୁଣି ବାର ଆଜାର୍,
ଲେବି ବଃଉଁସେ ହୁଣି ବାର ଆଜାର୍, ଇସାକାର୍ ବଃଉଁସେ ହୁଣି
ବାର ଆଜାର୍, 8 ସୁବ୍‌ଲନ୍ ବଃଉଁସେ ହୁଣି ବାର ଆଜାର୍,
ଜସେପ୍ ବଃଉଁସେ ହୁଣି ବାର ଆଜାର୍, ବିନ୍ୟାମିନ୍ ବଃଉଁସେ
ହୁଣି ବାର ଆଜାର୍ ମୁଦ୍ରା ମାର୍‌ଲାର୍ । 9 ଇତାର୍ ହଃଚେ ମୁଁୟ୍
ଦଃକ୍‌ଲେ, ଆର୍ ଦଃକା, ସଃବୁ ଜାତି, ସଃବୁ କୁଟୁମ୍, ସଃବୁ
ଦେସ୍, ଆର୍ ସଃବୁ ବାସାର୍ ଅଲେକାର୍ ଗଟେକ୍ ଲକ୍ ଦଃଲ୍ ଦବ୍
ବଃସ୍ତ୍ର ହିନ୍ଦି ଆର୍ କଃଜ୍ରି ଡାଲ୍ ଆତେ ଦଃରି ସିଙ୍ଗାସଣ୍ ଆର୍
ମେଣ୍ଡାହିଲାର୍ ମୁୟେ ଟିଆ ଅୟ୍ ଆଚ୍‌ତି । 10 ସେମଃନ୍ ଆଉଲି
ଅୟ୍ କଃଉଁଲାୟ୍, "ମୁକ୍ଲାଉତାର୍ ସିଙ୍ଗାସଣେ ବଃସ୍‌ଲା ଇସ୍ୱରାର୍
ଆର୍ ମେଣ୍ଡାହିଲାର୍ କାମ୍ ।" 11 ଆରେକ୍ ସଃବୁ ଦୁତ୍ ସିଙ୍ଗାସଣ୍,
ପାରାଚିନ୍‌ମଃନ୍ ଆର୍ ଚାରି ଜିବ୍ ଚାରିବାଟ୍ ଟିଆ ଅୟ୍‌ଆଚ୍‌ତି,
ଆର୍ ସିଙ୍ଗାସଣାର୍ ମୁୟେ ଲଃହ୍‌ଟିକଃରି ଇସ୍ୱର୍‌କେ ଜୁଆର୍ କଃରି
12 କଃଉଁଲାୟ୍, "ଆମେନ୍; ଗୁଣ୍‌ଗିତ୍, ଜଃଜ୍‌ମାନ୍ ଗ୍ୟାନ୍, ଜୁଆର୍,
ମାନ୍‌ତି, ବଃଳ୍ ଆର୍ ସଃକାତ୍ ଜୁଗେଜୁଗେ ଅଃମାର୍ ଇସ୍ୱରାର୍;
ଆମେନ୍ ।" (aiōn g165) 13 ଆରେକ୍ ପାରାଚିନ୍ ମଃନାର୍ ବିଟ୍ରେ
ହୁଣି ଗଟେକ୍ ଲକ୍ ମକ୍ ହଃଚାର୍ଲା, "ଦବ୍ ବଃସ୍ତ୍ର ହିନ୍ଧ୍‌ଲା ଏ
ଲକ୍‌ମଃନ୍ କେ ଆର୍ ସେମଃନ୍ କୁୟ୍‌ତି ହୁଣି ଆସି ଆଚ୍‌ତି?"
14 ମୁୟ୍ଁ ତାକ୍ କୟ୍‌ଲେ, "ଏ ମର୍ ମାପ୍ରୁ, ତୁୟ୍ ହ୍‌କା ସେରି
ଜାଣି ଆଚ୍‌ସି ।" ସେତାକ୍ ସେ ମକ୍ କୟ୍‌ଲା, "ଇମଃନ୍ ବଃଡ୍
ଦୁକ୍‌କଃସ୍ଟେ ହୁଣି ବାରାୟ୍ ଆସି ଆଚ୍‌ତି ଆର୍ ମେଣ୍ଡାହିଲାର୍
ବଃନି ତଃୟ୍ ଅଃହ୍‌ଣା ଅଃହ୍‌ଣାର୍ ବଃସ୍ତ୍ର ଦଃୟ୍ ଦବ୍ କଃରି
ଆଚ୍‌ତି । 15 ସେତାର୍‌ଗିନେ ସେମଃନ୍ ଇସ୍ୱରାର୍ ସିଙ୍ଗାସଣ୍

ମୁଏଁ ରଽୟ୍ ଦିନ୍ରାତି ତାର୍ ହୁଜା କଽର୍ତି, ଆରେକ୍ ସିଙ୍ଗାସଣେ
ବଽସିରିଲା ଲକ୍ ସେମଽନାର୍ ବିସାଉଁଣି ଗଽର୍ ଅୟ୍‌ଦ୍ । 16
ସେମଽନ୍‌କେ ଆର୍ କଽବେ ହେଁ ବୁକ୍ କି ସସ୍ ନଽଲାଗେ, ଆରେକ୍
ବେଲ୍ କି କୁୟ୍ ତଽହାତ୍‌ରି ସେମଽନ୍‌କେ ହଡାଉଁ ନାହାରେ,
17 କାୟ୍‌ତାକ୍‌ବଽଲେକ୍ ସିଙ୍ଗାସଣାର୍ ବଽସିରିଲା ମେଣ୍ଢାହିଲା
ସେମଽନାର୍ ଗଽଉଳିଆ ଅୟ୍‌ଦ୍ ଆର୍ ଜିବନ୍ ଦେତା ହାଜ୍ରା
ହାଣିର୍ ଚଽମେ ସେମଽନ୍‌କେ କାଡାୟ୍ ନଽୟ୍‌ଦ୍, ଆରେକ୍ ଇସ୍ୱର୍
ସେମଽନାର୍ ଆକିର୍ ସଽବୁ ଆସୁ ହୁଚି ଦଽୟ୍‌ଦ୍ ।”

8 ମେଣ୍ଢାହିଲା ଜଽଡେବଽଲ୍ ସାତ୍ ଲଽମ୍ବର୍ ମୁଦ୍ରା ବାଙ୍ଗ୍‌ଲା,
ସଽଡେବଽଲ୍ ସଽର୍ଗେ ହାକାହାକି ଅଦା ଗଣ୍ଟା ହଽତେକ୍ ଚିମ୍‌ରା
ଚାହି ଗଽଲି । 2 ତାର୍‌ହଽଚେ ମୁୟ୍ଁ ଇସ୍ୱରାର୍ ମୁୟେ ଟିଆ ଅୟ୍‌ଲା
ସାତ୍ ଗଟ୍ ଦୁତ୍‌କେ ଦଽକ୍‌ଲେ, ସେମଽନ୍‌କେ ସାତ୍‌ଗଟ୍ ତୁରି
ଦିଆ ଅୟ୍‌ଲି । 3 ସେତାକ୍ ଆରେକ୍ ଗଟେକ୍ ଦୁତ୍ ଆସି ବେଦି
ଲଽଗେ ଟିଆ ଅୟ୍‌ଲି, ତାର୍ ଆତେ ସନାର୍ ବଽତିରୁକା ରିଲି,
ଆରେକ୍ ସିଙ୍ଗାସଣ୍ ମୁଁ ଲଽଗାର୍ ସନାର୍ ବେଦି ଉହ୍ରେ ସଽବୁ ଦଽର୍ମି
ଲକ୍‌ମଽନାର୍ ପାର୍ତ୍‌ନା ସଽଙ୍ଗ୍ ମିସୁକ୍ ତାକ୍ ଗାଦେକ୍ ଦୁହ୍‌ଣି ଦିଆ
ଅୟ୍‌ଲି । 4 ସେତାକ୍ ଦୁତାର୍ ଆତେହୁଣି ଦୁହ୍‌ଣିର୍ ଦୁଆଁ ଦଽର୍ମି
ଲକ୍‌ମଽନାର୍ ପାର୍ତ୍‌ନା ସଽଙ୍ଗ୍ ଇସ୍ୱର୍ ମୁୟେ ଉଟ୍‌ଲି । 5 ହଽଚେ
ସେ ଦୁତ୍ ବଽତିରୁକା ଦଽରି ବେଦିର୍ ଜୟେ ସେରି ହୁର୍ନ୍ କଽରି ହୁର୍ତି
ଉହ୍ରେ ହଽକାୟ୍‌ଲା । ସେତାକ୍ ବିଜ୍‌ଲି ସଽବ୍‌ଦ୍, ବିନ୍‌ବିନ୍ ସଽବ୍‌ଦ୍,
ଉଜାଲ୍ ଆର୍ ମାଟି ଲଦ୍‌ବଽଦ୍‌ଲି । 6 ସଽଡେବଽଲ୍ ସାତ୍‌ଗଟ୍ ତୁରି
ଦଽର୍ଲା ସାତ୍‌ଗଟ୍ ଦୁତ୍ ତୁରି ସଽବଦ୍ କଽରୁକେ ଜଽଗ୍ରାତ୍ ଅୟ୍‌ଲାୟ୍
। 7 ହଽର୍ତୁ ଦୁତ୍ ତୁରି ସଽବ୍‌ଦ୍ କଽଲା ଦାହ୍ରେ ବଽନି ମିସ୍‌ଲା ଟେଲା
ଆର୍ ଜୟ୍ ଆସି ହୁର୍ତିୟେ ହଽକାୟ୍ ଅୟ୍‌ଲି; ସେତାକ୍ ହୁର୍ତି ଆର୍
ଗଽଚ୍‌ମଽନାର୍ ତିନିବାଗ୍ ହୁଣି ଗଟେକ୍ ବାଗ୍ ଆରେକ୍ ସଽବୁ
କଽଚା ହଽତ୍ରିଆ ଡିସ୍ତା ରଽନ୍ ସଽବୁ ହଡିଗଽଲି । 8 ଦୁୟ୍ ଲଽମ୍ବର୍
ଦୁତ୍ ତୁରି ସଽବଦ୍ କଽଲାଦାହ୍ରେ ଜଽନ୍‌କଽରି ଜୟ୍‌ଲାଗ୍‌ତା ଗଟେକ୍
ବଽଡ୍ ହଽର୍ବାତ୍ ସଽମ୍‌ନ୍ଦ୍ରେ ହଽକାୟ୍ ଅୟ୍‌ଲି । ସେତାକ୍ ସଽମ୍‌ନ୍ଦାର୍
ତିନିବାଗ୍ ହୁଣି ଗଟେ ବାଗ୍ ବଽନି ଅୟ୍‌ଗଽଲି, 9 ଆରେକ୍
ସଽମ୍‌ନ୍ଦ୍ରେ ରିଲା ଜଽତୁମଽନାର୍ ତିନିବାଗ୍ ମଽଲାୟ୍ ଆର୍ ଡଙ୍ଗାର୍
ତିନିବାଗ୍ ନଽସ୍ଟ ଅୟ୍‌ଲି । 10 ତିନି ଲଽମରାର୍ ଦୁତ୍ ତୁରି ସଽବ୍‌ଦ୍
କଽଲାଦାହ୍ରେ ଜୟ୍‌ଦାଉ ହର୍ ଲାଗ୍‌ତା ଗଟେକ୍ ବଽଡ୍ ତାରା
ଅଽଗାସେ ହୁଣି ଉଟ୍‌କି ଅୟ୍ ଗାଡ୍ ମଽନାର୍ ତିନିବାଗେ ହୁଣି ଗଟେ
ବାଗ୍ ହାଜ୍ରାହାଣି ଉହ୍ରେ ଅଦୁର୍ଲି । 11 ସେ ତାରାର୍ ନାଉଁ “ହିତା ।”
ସେତାକ୍ ହାଣିର୍ ୩ ବାଗ୍ ହୁଣି ଗଟେ ବାଗ୍ ହିତା ଅୟ୍‌ଲି, ଆର୍
ଗାଦେକ୍ ଲକ୍ ସେ ହାଣିର୍ ଗିନେ ମଽଲାୟ୍, ବଽଲେକ୍ ସେରି
ହିତା କଽରା ଜାୟ୍‌ରିଲି । 12 ଚାରି ଲଽମ୍ବର୍ ଦୁତ୍ ତୁରି ସଽବ୍‌ଦ୍
କଽଲା ଦାହ୍ରେ, ବେଲ୍, ଜଽନ୍ ଆର୍ ତାରାମଽନାର୍ ତିନିବାଗ୍ ହୁଣି
ଗଟେବାଗ୍ ଦଽକା ହାୟ୍‌ଲାକ୍ ସେସଽବୁର୍ ତିନିବାଗାର୍ ଗଟେ
ବାଗ୍ ଅଽନ୍ଦାର୍ ଅୟ୍‌ଲି, ଦିନାର୍ ତିନିବାଗାର୍ ଗଟେ ବାଗ୍ ଉଜାଲ୍
ନୟ୍‌ଲି ଆର୍ ରାତି ହେଁ ସେରଽକମ୍ ଅୟ୍‌ଲି । 13 ହଽଚେ ମୁୟ୍ଁ
ଦଽକ୍‌ଲେ, ଆର୍ ଅଽଗାସାର୍ ମଽଜି ବାଗେ ଉଡ୍‌ତିରିଲା ଗଟେକ୍
ରାବଣ୍ ଚେଳେ ଉଲ୍‌ଗାଟ୍ ଅୟ୍ ଇରି କଽଉତି ରିଲାର୍ ସୁଣ୍‌ଲେ,
ଚି! ଚି! ଚି! ହୁର୍ତିବିର୍ ଦୁକ୍ ହାଉତା ଲକ୍‌ମଽନ୍, କାୟ୍‌ତାକ୍‌ବଽଲେକ୍
ଆରେକ୍ ତିନି ଗଟ୍ ଦୁତ୍ ତୁରି ସଽବ୍‌ଦ୍ କଽରୁକେ ଜଽଉଁଲାୟ୍ ।

9 ତାର୍‌ହଽଚେ ହାଁଚ୍ ଲଽମ୍ବର୍ ଦୁତ୍ ମରି ସଽବ୍‌ଦ୍ କଽଲାଦାହ୍ରେ,
ମୁୟ୍ଁ ଅଽଗାସେ ହୁଣି ଗଟେକ୍ ତାରା ହୁର୍ତିବି ଉହ୍ରେ ଅଦୁର୍ତାର୍
ଦଽକ୍‌ଲେ; ତାକ୍ ହଽତାଳାର୍ କୁଚିକାଡା ଦିଆ ଜାୟ୍‌ରିଲି ।
(Abyssos g12) 2 ସେ ହଽତାଲ୍ ଉଗାଲ୍‌ଲା ଦାହ୍ରେ ସେତିହୁଣି
ବଽଡ୍ ବଽଟିର୍ ଜୟ୍‌ଦୁଆଁ ହର୍ ଦୁଆଁ ଉଟ୍‌ଲି, ଆର୍ ସେ ହଽତାଳାର୍
ଦୁଆଁର୍ ଗିନେ ବେଲ୍ ଆରେକ୍ ଅଽଗାସ୍ ଅଽନ୍ଦାର୍ ଅୟ୍‌ଲି ।
(Abyssos g12) 3 ଦୁଆଁ ବିତ୍ରେ ହୁଣି ଜିଟ୍‌କା ବାରାୟ୍ ହୁର୍ତି ତଽୟ୍
ଆୟ୍‌ଲାୟ୍, ସେମଽନ୍‌କେ ହୁର୍ତିବିର୍ ମିଚ କାକ୍‌ଳାର୍ ସଽକ୍ତି ହର୍
ସଽକ୍ତି ଦିଆଗଽଲି । 4 ହୁର୍ତିବିର୍ ରଽନ୍ କି କଽଚା ହଽତ୍ରିଆ ସାଗ୍
ଗଽଚ୍ କି କୁୟ୍ ଗଽଚାର୍ ନଽସ୍ଟ ନଽକେରି, ଜୁୟ୍ ଲକ୍‌ମଽନାର୍
କାହାଲେ ଇସ୍ୱରାର୍ ଚିନ୍ ନାୟ୍, ଅଽବ୍‌କା ସେମଽନାର୍ ନଽସ୍ଟ
କଽରୁକେ ସେମଽନ୍‌କେ କଽଉଆ ଅୟ୍‌ଲି । 5 ସେମଽନ୍‌କେ ମଽର୍ନେ
ନଽମାରି କଽରି ହାଁଚ୍ ମାସ୍ ହଽତେକ୍ ସେମଽନ୍‌କେ ଦୁକ୍ କଽସ୍ଟ
ଗଽଟାଉଁକ୍ ସେମଽନ୍‌କେ ଅଽଦିକାର୍ ଦିଆ ଅୟ୍‌ଲି । ମିଚକାକ୍‌ଳା
ନଽର୍‌ମଽନ୍ ଚାବ୍‌ଲେକ୍ ଜଽନ୍‌କାର୍ କଽସ୍ଟ ଅୟ୍‌ଦ୍, ଇ କଽସ୍ଟ
ସେରଽକମ୍ । 6 ସଽଡେବଽଲ୍ ନଽର୍‌ମଽନ୍ ମଽର୍ନ୍‌କେ ଲଲ୍‌ତି,
ମଽତର୍ କଽନ୍‌କଽରି ହେଁ ତାକ୍ ହାଉଁ ନାହାର୍‌ତି; ସେମଽନ୍ ମଽରୁକ୍
ମଽନ୍ କଽର୍ତି, ମଽତର୍ ମଽର୍ନ୍ ସେମଽନାର୍ ତଽୟ୍ ହଽଲାୟ୍‌ଦ୍
। 7 ଜିଟ୍‌କା ମଽନାର୍ ରୁହ୍ ଜୁଜାର୍ ଗିନେ ତିଆର୍ ଅୟ୍‌ଲା
ଗଲାମଽନାର୍ ହର୍, ସେମଽନାର୍ ମୁଣ୍ଡାର୍ ଅଡ୍‌ଣି ସନାର୍ ମୁକୁଟ୍
ହର୍, ଆରେକ୍ ସେମଽନାର୍ ମୁଉଁ ନଽର୍‌ମଽନାର୍ ମୁଉଁ ହର୍;
8 ମାୟ୍‌ଜିମଽନାର୍ ବାଲ୍ ହର୍ ସେମଽନାର୍ ବାଲ୍ ସିମାବାଗାର୍
ଦାତ୍ ହର୍ ସେମଽନାର୍ ଦାତ୍; 9 ଲଽଉଆ ଉର୍‌ହାଟା ହର୍
ସେମଽନାର୍ ଉର୍‌ହାଟା, ଆରେକ୍ ରଽତ୍ ଆର୍ ଜୁଜ୍ ହଽଦାୟ୍
ଦଽବୁଲ୍‌ତା ଗାଦେକ୍ ଗଲାମଽନାର୍ ସଽବ୍‌ଦ୍ ହର୍ ସେମଽନାର୍
ହଽକିର୍ ସଽବ୍‌ଦ୍ । 10 ମିଚ୍ କାକ୍‌ଳାର୍ ଲେଞ୍ଜ୍ ଆର୍ କାଲ୍
ହର୍ ସେମଽନାର୍ ଲେଞ୍ଜ୍ ଆର୍ କାଲ୍; ହାଁଚ୍ ମାସ୍ ହଽତେକ୍
ନଽର୍‌ମଽନାର୍ ନଽସ୍ଟ କଽରୁକେ ସେମଽନାର୍ ଲେଞ୍ଜେ ସଽକ୍ତି
ରିଲି । 11 ହଽତାଳାର୍ ଦୁତ୍ ସେମଽନାର୍ ରଽଜା, ତାର୍ ନାଉଁ
ଏବ୍ରି ବାସାୟ୍ ଅବଦନ୍, ଆର୍ ଗ୍ରିକ୍ ବାସାୟ୍ ଆପଲିଅନ୍, ଜାର୍
ନାଉଆର୍ ଅଽର୍ତ୍ ନାସ୍‌କାରି । (Abyssos g12) 12 ହଽର୍ତୁ ବଽଡେ
ବିପ୍‌ତି ଗଽଲି, ଦଽକା, ଇତାର୍‌ହଽଚେ ଆରେକ୍ ଜଳେକ୍ ବିପ୍‌ତି
ଆସୁଲି । 13 ଚଅ ଲଽମରାର୍ ଦୁତ୍ ତୁରି ସଽବଦ୍ କଽଲା ଦାହ୍ରେ
ମୁୟ୍ଁ ଇସ୍ୱରାର୍ ମୁୟେ ରିଲା ସନାର୍ ବେଦିର୍ ସିଙ୍ଗ୍‌ମଽନାର୍ ତଽୟ୍
ହୁଣି ଗଟେକ୍ ସଽବ୍‌ଦ୍ ସୁଣ୍‌ଲେ, 14 ସେରି ତୁରି ଦଽରିରିଲା ଚଅ
ଲଽମ୍ବର୍ ଦୁତ୍ କୟ୍‌ଲା, “ପରାତ୍ ବଽଡ୍ ଗାଡେ ବନ୍ଦି ଅୟ୍‌ରିଲା
ଚାରିଗଟ୍ ଦୁତ୍‌କେ ଚାଡି ଦିଆସ୍ ।” 15 ସେତାକ୍ ନଽର୍‌ମଽନାର୍

୩ ବାଗାର୍ ବାଗେକ୍ ଲକ୍‌କେ ମାରୁକ୍ ଇ ଜୁୟ୍ ଚାରିଗଟ୍ ଦୁତ୍
ସେ ବେଲା, ବିନ୍, ମାସ୍ ଆର୍ ବଃର୍ସ୍ ଗିନେ ତିଆର୍ ଅୟ୍‌ରିଲାୟ୍,
ସେମଃନ୍ ଚାଡା ଅୟ୍‌ଲାୟ୍ । 16 ଗଲାୟ୍ ଚଃଗ୍‌ଲା ସଃୟ୍‌ନ୍‌ମଃନ୍
୨୦୦ ଲାକ୍ ରିଲାୟ୍; ମୁଁୟ୍ ସେମଃନାର୍ ଲଃମ୍ବର୍ ସୁଣ୍‌ଲେ ।
17 ଆର୍ ମୁଁୟ୍ ଚଃହ୍ନେ ଗଃଲା ଆର୍ ସେମଃନ୍‌କେ ଚାଲାଉତା
ଲକ୍‌କେ ଇବାନ୍ୟା ଦଃକ୍‌ଲେ, ସେମଃନାର୍ ବୁକ୍‌ହାଟା ଜୟ୍
ରଃଙ୍ଗ୍, ନିଳିଆ ରଃଙ୍ଗ ଆର୍ ଅଃଲ୍‌ସିଆ ରଃଙ୍ଗ୍; ଗଲାମଃନାର୍
ମୁଣ୍ଡ ସିମାବାଗ୍‌ମଃନାର୍ ମୁଣ୍ଡ ହର୍, ଆର୍ ସେମଃନାର୍ ଟଣ୍ଡେ ହୁଣି
ଜୟ୍, ଦୁଆଁ ଆର୍ ଗଃନ୍ଧ ବାରାଉତି ରିଲି । 18 ସେମଃନାର୍ ଟଣ୍ଡେ
ହୁଣି ବାରାଉତା ଜୟ୍, ଦୁଆଁ ଆର୍ ଗଃନ୍ଧକ୍ ହର୍ ଇ ତିନିଗଟ୍
ବିବ୍‌ତି ତଃୟ୍ ନଃର୍‌ମଃନାର୍ ୩ ବାଗାର୍ ବାଗେକ୍ ମାରା ଗଃଲାୟ୍
। 19 କାୟ୍‌ତାକ୍‌ବଃଲେକ୍ ଗଲାମଃନାର୍ ସଃକ୍ତି ସେମଃନାର୍ ଟଣ୍ଡେ
ଆର୍ ଲେଞ୍ଜେ ରିଲି, ଜୁୟ୍‌ତାର୍ ଗିନେ ସେମଃନାର୍ ଲେଞ୍ଜ ସାହ୍
ହର୍ ଆର୍ ମୁଣ୍ଡ ରିଲାର୍; ସେତାର୍ ସଃଙ୍ଗ ସେମଃନ୍ ନଃସ୍ଟ କଃର୍ତି
। 20 ଜୁୟ୍ ବାକିରିଲା ନଃର୍‌ମଃନ୍ ଇ ସଃବୁ କଃସ୍ଟ ତଃୟ୍ ମାରା
ଅୟ୍‌ନଃରିଲାୟ୍, ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍ ଆତେ କଃଲା
କାମେ ହୁଣି ମଃନ୍ ନଃବାଦ୍‌ଲାୟ୍‌ଲାୟ୍, ବଃଲେକ୍ ଡୁମାମଃନାର୍
ହୁଜା, ଆରେକ୍ ଦଃକୁକ୍, ସୁଣୁକ୍ ଆର୍ ଇଣ୍ଟକ୍ ନଃହାର୍ତା ସନା,
ରୁହା, ହିତୁଳ୍, ଟେଳା ଆର୍ ଗଃଚେ ତିଆର୍ ଅୟ୍‌ଲା ମୁର୍ତିର୍
ସେବା ନଃଚାଡ୍‌ଲାୟ୍ । 21 ଆର୍ ସେମଃନ୍ ଅଃହ୍‌ଣାମଃନାର୍
ନଃର୍ ଅଃତ୍ୟା, ମନ୍ତର୍, ଦାରିକାମ୍ ଆର୍ ଚର୍ କାମେ ହୁଣି ମଃନ୍
ନଃବାଦ୍‌ଲାୟ୍‌ଲାୟ୍ ।

**10** ତାର୍‌ହଃଚେ ମୁଁୟ୍ ଆରେକ୍ ଗଟେକ୍ ସଃକ୍ତିମାନ୍ ଦୁତ୍‌କେ
ସଃର୍ଗେ ହୁଣି ଉତ୍ରି ଆସ୍ତାର୍ ଦଃକ୍‌ଲେ; ସେ ମେଗେ ଡାହି
ଅୟ୍‌ରିଲା, ତାର୍ ମୁଣ୍ଡ ଉହ୍ରେ ଲିଡ୍ଗିଲାଟି, ତାର୍ ମୁଉଁ ବେଲ୍ ହର୍
ଆର୍ ହାଦ୍ ଜୟ୍ ମୁଣ୍ଟା ହର୍ । 2 ତାର୍ ଆତେ ଗଟେକ୍ ଉଗାଳା
ରିଲା ସାନ୍ ବଇ ରିଲି । ସେ ଅଃହ୍‌ଣାର୍ କାତାହାଦ୍ ସଃମ୍‌ନ୍ଦ
ଉହ୍ରେ ଆର୍ ଡେବ୍ରିହାଦ୍ ହୁର୍ତି ଉହ୍ରେ ସଃଙ୍ଗାୟ୍ କଃରି, 3 ସିମାବାଗ୍
ଗଃର୍ଜ୍‌ଲା ହର୍ ଗଃର୍ଜାଣ୍ ସଃବଦେ କୁଦି କୟ୍‌ଲା, ସେ କୁଦି
କୟ୍‌ଲା ଦାହ୍ରେ ସାତ୍‌ଗଟ୍ ମେଗ୍ ଗଃର୍ଜାଣ୍ ଅଃହ୍‌ଣା ଅଃହ୍‌ଣାର୍
ସଃବ୍‌ଦ୍ ସୁଣାୟ୍‌ଲାୟ୍ । 4 ସେ ସାତ୍‌ଗଟ୍ ମେଗ୍ ଗଃର୍ଜାଣ୍ ଅଃହ୍‌ଣା
ଅଃହ୍‌ଣାର୍ ସଃବ୍‌ଦ୍ ସୁଣାୟ୍‌ଲା ଦାହ୍ରେ ମୁଁୟ୍ ଲେକୁକ୍ ଜାତିରିଲେ,
ସଃଡେବଃଲ୍ ମୁଁୟ୍ ମର୍ ହାକ୍ ଅଃଗାସେ ହୁଣି ଆୟ୍‌ଲା ଇ
କଃତା ସୁଣ୍‌ଲେ, “ସେ ସାତ୍‌ଗଟ୍ ମେଗ୍ ଗଃର୍ଜାଣ୍ ଜାୟ୍‌ସଃବୁ
ସୁଣାୟ୍‌ଲାୟ୍, ସେ ସଃବୁ ମୁଦ୍ରା ମାରିକଃରି ସଃଙ୍ଗାଉ, ଲେକ୍ ନାୟ୍
।” 5 ତାର୍‌ହଃଚେ ଜୁୟ୍ ଦୁତ୍‌କେ ମୁଁୟ୍ ସଃମ୍‌ନ୍ଦ ଆର୍ ହୁର୍ତି ଉହ୍ରେ
ଠିଆ ଅଃଉତାର୍ ଦଃକିରିଲେ, ସେ ଅଃହ୍‌ଣାର୍ କାତାଆତ୍ ସଃର୍ଗ୍
ବାଟ୍ ଉଟାୟ୍, 6 ଜେ ସଃର୍ଗ୍, ହୁର୍ତି, ସଃମ୍‌ନ୍ଦ ଆର୍ ସେ ବିତ୍ରେ
ରିଲା ସଃବୁ ବିସୟ୍ ଉବ୍‌ଜାୟ୍ ଆଚେ, ସେ ସଃବୁବଃଲ୍ ଜିବନ୍
ରେତା ଲକାର୍ ନାଉଁଏ ସଃୟ୍‌ତ୍ କଃରି କୟ୍‌ଲା, ଆର୍ ବିଲମ୍
ନାୟ୍; (aiōn g165) 7 ମଃତର୍ ଇସ୍ୱର୍ ଅଃହ୍‌ଣାର୍ ସେବାକାରି
ବାବ୍‌ବାଦିମଃନାର୍ ହାକ୍ ଜାଣାୟ୍‌ଲା ବଃଲ୍ କବୁର୍ ହଃର୍କାରେ
ସାତ୍ ଲଃମ୍ବର୍ ଦୁତ୍ କଃତା ପର୍ଚାର୍ କଃର୍ତା ବଃଲ୍, ବଃଲେକ୍
ଜଃଡେବଃଲ୍ ସେ ତୁରି ସଃବ୍‌ଦ୍ କଃରୁକେ ଜାୟ୍‌ଦ୍, ସଃଡେବଃଲ୍
ଇସ୍ୱରାର୍ ବିତ୍ରି ଜଃଜ୍‌ନା ହେଁ ହୁରୁଣ୍ କଃରେଦ୍ । 8 ଆରେକ୍
ମୁୟ୍ ଅଃଗାସେ ହୁଣି ଜୁୟ୍ ସଃବ୍‌ଦ୍ ସୁଣ୍‌ଲେ, ସେରି ଆରେକ୍
ଗଟ୍‌ତର୍ ମର୍ ହାକ୍ ସଃବ୍‌ଦ୍ କଃରି କୟ୍‌ଲା, ଜାଆ, ସଃମ୍‌ନ୍ଦ
ଆର୍ ହୁର୍ତି ଉହ୍ରେ ଠିଆ ଅୟ୍‌ରିଲା ଦୁତାର୍ ଆତେ ଜୁୟ୍ ପୁସ୍ତକ୍
ଉଗାଳା ଆଚେ, ସେରି ନେଏ । 9 ସେତାକ୍ ମୁଁୟ୍ ସେ ଦୁତାର୍
ଲଃଗେ ଜାୟ୍ ସାନ୍ ବଇ ମକ୍ ଦେଉଁକ୍ ତାକ୍ କୟ୍‌ଲେ । ସେ ମକ୍
କୟ୍‌ଲା, ଇରି ନଃୟ୍ କାଆ; ଇରି ତର୍ ହେଟ୍‌କେ ହିତା କଃରେଦ୍,
ମଃତର୍ ତର୍ ଟଣ୍ଡକେ ଇରି ମଃଉଁ ହର୍ ସୁଆଦ୍ ଲାଗେଦ୍ । 10
ସେତାକ୍ ମୁଁୟ୍ ଦୁତାର୍ ଆତେ ହୁଣି ସେ ସାନ୍ ବଇକ୍ ନଃୟ୍ ସେରି
କାୟ୍‌ଲେ; ସେରି ମର୍ ଟଣ୍ଡକେ ମଃଉଁ ହର୍ ସୁଆଦ୍ ଲାଗ୍‌ଲି,
ମଃତର୍ ସେରି କାୟ୍‌ଲା ହଃଚେ ମର୍ ହେଟ୍ ହିତା ଅୟ୍‌ଗଃଲି ।
11 ତାର୍‌ହଃଚେ ମକ୍ କଃଉଆ ଅୟ୍‌ଲି, ଗାଦେକ୍ ବଃଉଁସ୍, ଜାତି,
ବିନ୍‌ବିନ୍ ବାସାର୍ ଲକ୍‌ମଃନ୍ ଆର୍ ରଃଜାମଃନାର୍ ବିସୟେ ତକ୍
ଆରେକ୍ ଗଟ୍‌ତର୍ ବାବ୍‌ବାଣି କଃଉଁକେ ଅୟ୍‌ଦ୍ ।

**11** ହଃଚେ ମକ୍ ଗଃଜ୍‌ଡାଙ୍ଗ ହର୍ ଗଟେକ୍ ଡାଙ୍ଗ ଦିଆ ଅୟ୍‌ଲି ।
ଗଟେକ୍ ଲକ୍ ମକ୍ କୟ୍‌ଲା, “ଉଟ୍, ଇସ୍ୱରାର୍ ମନ୍ଦିର୍, ବେଦି
ଆର୍ ଜୁୟ୍ ଲକ୍‌ମଃନ୍ ସେତିର୍ ସେବା କଃର୍ତି, ସେମଃନ୍‌କେ ନାହ୍
। 2 ମଃତର୍ ମନ୍ଦିରାର୍ ହଃଦାୟ୍ ରିଲା କୁଆଲ୍‌କେ ଚାଡିଦେସ୍,
ସେରି ନାହ୍ ନାୟ୍, କାୟ୍‌ତାକ୍‌ବଃଲେକ୍ ସେରି ଅଜିଉଦିମଃନ୍‌କେ
ଦିଆ ଅୟ୍‌ଆଚେ, ସେମଃନ୍ ୪୨ ମାସ୍ ହଃତେକ୍ ପବିତ୍ର ଗଃଲ୍‌କେ
ହାଦ୍ ତଃଳେ ମାଡ୍‌ତି । 3 ଆର୍ ଅଃମି ଅଃମାର୍ ଜଳେକ୍ ସାକିକ୍
ଅଃଦିକାର୍ ଦେଉଁନ୍ଦ ଜେ, ସେମଃନ୍ ବାସ୍ତାର୍ ବଃସ୍ତ୍ର ହିନ୍ଦିକଃରି
୧,୨୬୦ ବିନ୍ ହଃତେକ୍ ବାବ୍‌ବାଣି କଃଉତି ।” 4 ସେମଃନ୍
ହୁର୍ତିବିର୍ ମାପ୍ରୁର୍ ମୁୟେ ଠିଆ ଅୟ୍ ରିଲା ଜଳେକ୍ ଜିତ୍ ଗଃଚ୍
ଆର୍ ଜଳେକ୍ ଦିହ୍ ହର୍ । 5 କେ ଜଦି ସେମଃନାର୍ ନଃସ୍ଟ
କଃରୁକେ ମଃନ୍ କଃରେଦ୍, ତଃବେ ସେମଃନାର୍ ମୁୟେ ହୁଣି ଜୟ୍
ବାରାୟ୍ ସେମଃନାର୍ ସଃତ୍ରୁମଃନ୍‌କେ ନାସ୍ କଃରେଦ୍; କେ ଜଦି
ସେମଃନାର୍ ନଃସ୍ଟ କଃରୁକେ ମଃନ୍ କଃରେଦ୍, ତାକ୍ ଇବାନ୍ୟା
କଃରି ମଃରୁକ୍ ଅୟ୍‌ଦ୍ । 6 ସେମଃନ୍ ବାବ୍‌ବାଣି କଃଉତା ବଃଲ୍
ଜଃନ୍‌କଃରି ବଃର୍ସା ନଃମାରେ, ଇତାର୍ ଗିନେ ଅଃଗାସ୍ ବଃନ୍ଦ
କଃରୁକେ ସେମଃନାର୍ ଅଃଦିକାର୍ ଆଚେ, ଆରେକ୍ ଜଃତେକ୍
ତର୍ ମଃନ୍, ସଃତେକ୍ ତର୍ ହାଣିକ୍ ବଃନି କଃରି ବାଦ୍‌ଲାଉଁକ୍ ଆର୍
ହୁର୍ତିବିକ୍ ସଃବୁ ରଃକମାର୍ ମଃର୍ଡି ସଃଙ୍ଗ ମାରୁକ୍ ହେଁ ସେମଃନାର୍
ଅଃଦିକାର୍ ଆଚେ । 7 ସେମଃନାର୍ ସାକି ସଃର୍ଲା ହଃଚେ ହଃତାଲ୍
କୁଣ୍ଡେ ହୁଣି ଜୁୟ୍ ଜଃତୁ ଆସେଦ୍, ସେ ସେମଃନାର୍ ସଃଙ୍ଗ ଜୁଜ୍
କଃରେଦ୍ ଆର୍ ସେମଃନ୍‌କେ ଜିଣି କଃରି ମାରେଦ୍ । (Abyssos
g12) 8 ସେ ସେମଃନ୍‌କେ ଆରାୟ୍ କଃରି ଅଃତ୍ୟା କଃରେଦ୍,
ସେତାକ୍ ଜୁୟ୍ ବଃଡ୍ ଗଃଳକେ ଆତ୍ମିକ୍ ବାବେ ସଦମ୍ ଆର୍

ମିସର୍ ବ୪ଲି କ୪ଉଆ ଜାୟ୍‌ଦ୍, ଜୁୟ୍‌ଲ୪ଗେ ସେମ୪ନାର୍ ମାପ୍ରୁ
ହେଁ କ୍ରୁସ୍ କାଟେ ମ୪ରି ରିଲା, ସେ ବ୪ଡ୍ ଗ୪ଲାର୍ ରାଜ୍ ର୪ସ୍ତାୟ୍
ସେମ୪ନାର୍ ମ୪ଲ୍ ହ୪ଲି ର୪ୟ୍‌ଦ୍ । 9 ଆର୍ ବିନ୍ ବିନ୍ ବ୪ଉଁସ୍,
କୁଟୁମ୍, ବାସାବାଦି ଆର୍ ଜାତିର୍ ଲକ୍‌ମ୪ନ୍ ତିନି ବିନ୍ ଆର୍ ଗଟ୍
ଅଳି ହ୪ତେକ୍ ସେମ୪ନାର୍ ମ୪ଲ୍‌କେ ଦ୪କ୍‌ତି ଆର୍ ମ୪ଲ୍ ତହୁକ୍
ନ୪ଦେତି । 10 ସ୪ଡେବ୪ଲ୍ ହୁର୍ତି ତ୪ୟ୍ ବାସା କ୪ର୍ତା ଲକ୍‌ମ୪ନ୍
ସେମ୪ନାର୍ ମ୪ଲା କବୁର୍ ସୁଣି ସ୪ର୍ଦା ଆର୍ ଆନନ୍ଦ କ୪ର୍ତି,
ଆରେକ୍ ଏକ୍ ଆରେକ୍‌କେ ଇନାମ୍ ଦେତି, କାୟ୍‌ତାକ୍‌ବ୪ଲେକ୍
ଇ ଦୁୟ୍ ବାବ୍‌ବାଦି ହୁର୍ତି ତ୪ୟ୍ ବାସା କ୪ର୍ତା ଲକ୍‌ମ୪ନ୍‌କେ କ୪ସ୍ଟ
ଦେତି ରିଲାୟ୍ । 11 ତିନିଦିନ୍ ଆର୍ ଗଟେ ଅଳି ହ୪ଚେ ଇସ୍ୱର୍
ତ୪ୟ୍‌ହୁଣି ଜିବନ୍ ବାଉ ଆସି ସେମ୪ନାର୍ ତ୪ୟ୍ ହୁର୍ଲି । ସେତାକ୍
ସେମ୪ନ୍ ହାଦେ ଟିଆ ଅୟ୍‌ଲାୟ୍, ଆର୍ ସେମ୪ନ୍‌କେ ଦ୪କ୍‌ତା
ଲକ୍‌ମ୪ନ୍ ଜ୪ବର୍ ଡିର୍‌ଲାୟ୍ । 12 ସ୪ଡେବ୪ଲ୍ ସେମ୪ନ୍
ଅ୪ଗାସେ ହୁଣି ବ୪ଡ୍ ସ୪ବଦେ ଇ କ୪ତା ସୁଣ୍‌ଲାୟ୍, “ଇତି ଉଟି
ଆସା ।” ସେତାକ୍ ସେମ୪ନ୍ ମେଗେ ଡାହି ଅୟ୍ ସ୪ର୍ଗେ ଗ୪ଲାୟ୍,
ଆର୍ ସେମ୪ନାର୍ ସ୪ତ୍ରୁମ୪ନ୍ ସେମ୪ନ୍‌କେ ଦ୪କ୍‌ଲାୟ୍ । 13
ସ୪ଡେବ୪ଲ୍ ବ୪ଡ୍ ବୁମିକମ୍ପ କୟ୍‌ଲି ଆର୍ ଗ୪ଲାର୍ ୧୦ ବାଗାର୍
ଗଟ୍ ବାଗ୍ ବୁମିସାତ୍ ଅୟ୍‌ଲି, ଆରେକ୍ ବୁମିକମ୍ପେ ୭,୦୦୦ ଲକ୍
ମ୪ଲାୟ୍ ଆର୍ ବାକି ରିଲା ଲକ୍ ଡିରି କ୪ରି ସ୪ର୍ଗାର୍ ଇସ୍ୱରାର୍
ଜ୪ଜ୍‌ମାନ୍ ଗିତ୍ କୟ୍‌ଲାୟ୍ । 14 ଦୁୟ୍ ଲ୪ମ୍ବର୍ ବିପ୍‌ତି ଗ୪ଲି;
ଦ୪କା, ତିନି ଲ୪ମ୍ବର୍ ବିପ୍‌ତି ବେଗି ଆସୁଲି । 15 ସାତ୍ ଲ୪ମ୍ବର୍
ଦୁତ୍ ତୁରି ବାଜାୟ୍‌ଲା ଦାହ୍ରେ ସ୪ର୍ଗେ ବ୪ଡ୍ ସ୪ବ୍‌ଦ୍ଧ ସ୪ଙ୍ଗ୍ ଇ
କ୪ତା ଆୟ୍‌ଲି, “ଜ୪ଗତ୍ ଉହ୍ରେ ରାଜ୍ ଅ୪ମିମ୪ନାର୍ ମାପ୍ରୁର୍
ଆର୍ ତାର୍ କ୍ରିସ୍ଟର୍ ଆତେ ଦିଆ ଅୟ୍‌ଆଚେ, ଆର୍ ସେ ଜୁଗେଜୁଗେ
ରାଜ୍ କ୪ରେଦ୍ ।” (aiōn g165) 16 ସେତାକ୍ ଇସ୍ୱରାର୍ ମୁୟେ
ଅ୪ହ୍‌ଣା ଅ୪ହ୍‌ଣାର୍ ସିଙ୍ଗାସଣେ ବ୪ସି ରିଲା ୨୪ ପାରାଚିନ୍ ମୁଣ୍ଡ୍ୟା
ମାରିକ୪ରି ଇସ୍ୱର୍‌କେ ଜୁଆର୍ କ୪ଲାୟ୍ । 17 ଆର୍ କୟ୍‌ଲାୟ୍,
“ଏ ମାପ୍ରୁ, ସ୪ବ୍‌କେ ସ୪କ୍ତିମାନ୍ ଇସ୍ୱର୍, ଅ୪ବେ ଆଚ୍‌ସି ଆର୍
ହୁର୍ବେ ରିଲିସ୍ ଜେ ତୁୟ୍, ଅ୪ମିମ୪ନ୍ ତର୍ ଦନ୍ୟବାଦ୍ କ୪ରୁଲୁ,
କାୟ୍‌ତାକ୍‌ବ୪ଲେକ୍ ତୁୟ୍ ଅ୪ହ୍‌ଣାର୍ ବ୪ଡ୍ ସ୪କ୍ତି ଦ୪ରିକ୪ରି
ରାଜ୍ କ୪ର୍ତା ଅ୪ଦିକାର୍ ହାୟ୍‌ଆଚ୍‌ସି । 18 ଅଜିଉଦି ଲକ୍‌ମ୪ନ୍
ରିସା ଅୟ୍‌ରିଲାୟ୍, ମ୪ତର୍ ତର୍ ରିସା ଆୟ୍‌ଲି ଆଚେ, ଆରେକ୍
ମ୪ଲା ଲକ୍‌ମ୪ନାର୍ ବିଚାର୍ କ୪ର୍ତା ବ୪ଲ୍ ଆର୍ ତର୍ ଦ୪ଙ୍ଗ୍‌ଲା
ବାବ୍‌ବାଦିମ୪ନ୍‌କେ, ଦ୪ର୍ମିମ୪ନ୍ କେ ଆର୍ ତର୍ ନାଉଁକ୍ ଡିର୍ତା
ସାନ୍ ବ୪ଡ୍ ସ୪ବୁ ଲକ୍‌କେ ପୁରିସ୍କାର୍ ଦେତାର୍ ଆର୍ ହୁର୍ତିବିକ୍
ନାସ୍‌କାରିମ୪ନ୍‌କ୍ ନାସ୍ କ୪ର୍ତାର୍ ବେଳା ଆୟ୍‌ଲି ଆଚେ ।” 19
ସ୪ଡେବ୪ଲ୍ ସ୪ର୍ଗେ ରେତା ଇସ୍ୱରାର୍ ମନ୍ଦିର ଉଗାଳି ଅୟ୍‌ଲି
ଆର୍ ତାର୍ ମନ୍ଦିର୍ ବିତ୍ରେ ତାର୍ ନିଅମାର୍ ହେଳି ଦ୪କାଗ୪ଲି,
ଆରେକ୍ ବିଜ୍‌ଲି, ବିନ୍ ବିନ୍ ସ୪ବ୍‌ଦ୍ଧ, ମେଗ୍ ଗ୪ର୍ଜାଣ୍, ବୁମିକମ୍ପ
ଆର୍ ଜ୪ବର୍ କ୪ରା ଟେଳା ବ୪ର୍ସା ଅୟ୍‌ଲି ।

12 ହ୪ଚେ ଅ୪ଗାସେ ଗଟେକ୍ ବ୪ଡ୍ ଚିନ୍ ଦ୪କା ଗ୪ଲି;
ବେଲ୍ ହିନ୍ଦିରିଲା ଗଟେକ୍ ମାୟ୍‌ଜି, ତାର୍ ହାଦ୍ ତ୪ଳେ
ଜ୪ନ୍ ଆର୍ ମୁଣ୍ଡେ ବାରଗଟ୍ ତାରା ଲାଗିରିଲା ଗଟେକ୍ ମୁକୁଟ୍
। 2 ସେ ଆଙ୍ଗେ ଅୟ୍ ହିଲା ଜ୪ଲମ୍ କ୪ର୍ତା ଦୁକାକ୍ କାନ୍ଦିକ୪ରି
ହିଲା ଜ୪ଲମାର୍ କ୪ସ୍ଟ ହାଉତିରିଲି । 3 ଅ୪ଗାସେ ଆରେକ୍
ଗଟେକ୍ ଚିନ୍ ଦ୪କା ଗ୪ଲି; ଦ୪କା, ଗଟେକ୍ ବ୪ଡ୍ କାଲ୍‌ସାହ୍,
ତାର୍ ସାତ୍‌ଗଟ୍ ମୁଣ୍ଡ ଆର୍ ଦ୪ସ୍‌ଗଟ୍ ସିଙ୍ଗ୍, ମୁଣ୍ଡ ମ୪ନାର୍ ଉହ୍ରେ
ସାତ୍‌ଗଟ୍ ମୁକୁଟ୍ । 4 ତାର୍ ଲେଞ୍ଜ୍ ଅ୪ଗାସାର୍ ତିନିବାଗାର୍ ଗଟେ
ବାଗ୍ ତାରାମ୪ନ୍‌କେ ଜିକି କ୪ରି ହୁର୍ତି ତ୪ୟ୍ ହ୪କାୟ୍‌ଲି । ଆର୍
ସେ ସାହ୍, ହିଲା ହାଉଁକ୍ ଜାତା ମାୟ୍‌ଜି ହିଲା ହାୟ୍‌ଲା ଦାହ୍ରେ
ତାର୍ ହିଲାକ୍ ଗିଲୁକ୍ ତାର୍ ମୁୟେ ଟିଆ ଅୟ୍‌ଲି । 5 ଜେ ସ୪ବୁ
ଜାତିକ୍ ଲ୪ଉଆର୍ ଡାଙ୍ଗ୍ ସ୪ଙ୍ଗ୍ ସାସନ୍ କ୪ରେଦ୍, ଇବାନ୍ୟା
ଗଟେକ୍ ଅ୪ଣ୍ଡୋ ହିଲାକ୍ ସେ ମାୟ୍‌ଜି ଜ୪ଲମ୍ କ୪ଲି, ଆର୍ ତାର୍
ହିଲା ଇସ୍ୱର୍ ଆର୍ ତାର୍ ସିଙ୍ଗାସଣ୍ ଚ୪ମେ ଉଟାୟ୍ ନିଆଗ୪ଲି ।
6 ଆରେକ୍, ସେ ମାୟ୍‌ଜି ବ୪ଟା ହାକ୍ ହ୪ଳାୟ୍ ଗ୪ଲି, ସେତି
୧,୨୬୦ ବିନ୍ ହ୪ତେକ୍ ରେଉଁକ୍ ତାର୍ ଗିନେ ଇସ୍ୱର୍ ତିଆର୍
କ୪ଲା ଗଟେକ୍ ଜ୪ଗା ରିଲି । 7 ତାର୍‌ହ୪ଚେ ସ୪ର୍ଗେ ଜୁଜ୍
ଅୟ୍‌ଲି, ମିକାଏଲ୍ ଆର୍ ତାର୍ ଦୁତ୍‌ମ୪ନ୍ ସେ ସାହ୍ ଆର୍ ତାର୍
ଦୁତ୍‌ମ୪ନାର୍ ସ୪ଙ୍ଗ୍ ଜୁଜ୍ କ୪ଲାୟ୍ । ସେତାକ୍ ସେ ସାହ୍ ଆର୍
ତାର୍ ଦୁତ୍‌ମ୪ନ୍ ହେଁ ଜୁଜ୍ କ୪ଲାୟ୍, 8 ମ୪ତର୍ ସେମ୪ନ୍ ଜିଣୁକ୍
ନ୪ହାର୍ଲାୟ୍, ଆରେକ୍ ସ୪ର୍ଗେ ସେମ୪ନ୍ ଟାଣ୍ ନାହାୟ୍‌ଲାୟ୍
। 9 ସେତାକ୍ ସ୪ବୁ ଜ୪ଗତ୍‌କେ ଟକ୪ତାର୍, ଦିଆବଲ୍ ଆର୍
ସୟ୍‌ତାନ୍ ନାଉଁଏ ଡାକ୍ ହୁଟ୍‌ଲା ସେ ବ୪ଡ୍ ସାହ୍, ସେ ହ୪ର୍ନା
ନାଗ୍, ସେ ଅ୪ହ୍‌ଣାର୍ ଦୁତ୍‌ମ୪ନାର୍ ସ୪ଙ୍ଗ୍ ହୁର୍ତି ତ୪ୟ୍ ହ୪କାୟ୍
ଅୟ୍‌ଲି । 10 ସ୪ଡେବ୪ଲ୍ ମୁୟ୍ଁ ସ୪ର୍ଗେ ଇ ବ୪ଡ୍ ଟଣ୍ଡ ସୁଣ୍‌ଲେ,
ଅ୪ବେ ଅ୪ମିମ୪ନାର୍ ଇସ୍ୱରାର୍ ମୁକ୍ତି, ସ୪କାତ୍ ଆର୍ ରାଇଜ୍
ଆରେକ୍ ତାର୍ କ୍ରିସ୍ଟର୍ ଅ୪ଦିକାର୍ ଆସିଆଚେ, କାୟ୍‌ତାକ୍‌ବ୪ଲେକ୍
ଅ୪ମିମ୪ନାର୍ ବାୟ୍‌ବେଣିମ୪ନାର୍ ଲିନ୍ଦ୍ରାକ୪ରୁ, ଜେ ଦିନ୍ ରାତି
ସେମ୪ନାର୍ ବିରଦେ ଅ୪ମାର୍ ଇସ୍ୱରାର୍ ଚ୪ମେ ଅ୪ମାର୍ ଦ୪ସ୍
କ୪ଉତିରିଲି, ସେ ତ୪ଳେ ହ୪କା ଅୟ୍‌ଆଚେ । 11 ଆର୍ ସେମ୪ନ୍
ମେଣ୍ଢା ହିଲାର୍ ବ୪ନିର୍ ଅ୪ହ୍‌ଣା ଅ୪ହ୍‌ଣାର୍ ସାକିର୍ କ୪ତା ତ୪ୟ୍
ତାକ୍ ଜିଣି ଆଚ୍‌ତି, ଆରେକ୍ ସେମ୪ନ୍ ମ୪ର୍ନ୍ ହ୪ତେକ୍ ଅ୪ହ୍‌ଣା
ଅ୪ହ୍‌ଣାର୍ ଜିବନ୍‌କେ ଲାଡ୍ ନ୪କେର୍ତି ରିଲାୟ୍ । 12 ବ୪ଲେକ୍,
ଏ ସ୪ର୍ଗ୍ ଆର୍ ସେତି ବାସା କ୪ର୍ତା ଲକ୍‌ମ୪ନ୍, ସ୪ର୍ଦା କ୪ରା;
ମ୪ତର୍ ଚି! ହୁର୍ତି ଆର୍ ସ୪ମ୍‌ନ୍ଦ୍ର, ତୁମିମ୪ନ୍ ଦ୪ଣ୍ଡୋର୍ ଜୟ୍‌ଗ୍,
କାୟ୍‌ତାକ୍‌ବ୪ଲେକ୍ ବେଲ୍ ବେସି ଅ୪ଳକ୍ ବ୪ଲି ଜାଣି ଦିଆବଲ୍
ଅ୪ହ୍‌ଣାର୍ ବ୪ଡେ ରିସାର୍ ସ୪ଙ୍ଗ୍ ତୁମିମ୪ନାର୍ ହାକ୍ ଉତ୍ରି
ଜାୟ୍‌ଆଚେ । 13 ସାହ୍ ଅ୪ହ୍‌ଣାକ୍ ହୁର୍ତିୟେ ହ୪କା ଅ୪ଉତାର୍
ଦ୪କି ସେ ଅ୪ଣ୍ଡୋହିଲା ଜ୪ଲମ୍ କ୪ଲା ମାୟ୍‌ଜିକେ କ୪ସ୍ଟ ଦିଲି
। 14 ସେତାକ୍ ସେ ମାୟ୍‌ଜି ଜ୪ନ୍‌କ୪ରି ସାହାର୍ ମୁୟେ ହୁଣି
ର୪କ୍ୟା ହାୟ୍ ତିନିବ୪ର୍ସ୍ ଚଅ ମାସ୍ ହ୪ତେକ୍ ବାଚି ରୟ୍‌ଦ୍,

ଇତାର୍ ଗିନେ ବଃଟାୟ୍ ରିଲା ଅଃହ୍ଣାର୍ ଜଃଗାୟ୍ ଉଡି ଜଃଉଁକେ
ତାକ୍ ବଃଡ୍ ରାବଣ୍ ଚେଳେର୍ ଜଳେକ୍ ଡେଣା ଦିଆ ଅୟ୍ଲି
। 15 ସେ ମାୟ୍ଜିକେ ହାଣାୟ୍ ବାସାଉଁକ୍ ସାହ୍ ତାର୍ ହଃଚେ
ଅଃହ୍ଣାର୍ ମୁୟେ ହୁଣି ଗାଡ୍ ହର୍ ହାଣି ଉକାଲ୍ଲି । 16 ମଃତର୍
ହୁର୍ତି ଅଃହ୍ଣାର୍ ଟଣ୍ଡ ମେଲାକଃରି ସାହ୍ ଟଣ୍ଡେ ହୁଣି ବାରାୟ୍ଲା
ଗାଡ୍କେ ଗିଳି କଃରି ମାୟ୍ଜିର୍ ଉହ୍କାର୍ କଃଲି । 17 ସେତାକ୍
ସାହ୍ ମାୟ୍ଜିର୍ ଉହ୍ରେ ବଃଡେ ରିସା ଅୟ୍, ତାର୍ ବଃଉଁସାର୍ ଜୁୟ୍
ବାକିରିଲା ଲକ୍ମଃନ୍ ଇସ୍ୱରାର୍ ଆଦେସ୍ ମାନ୍ତି ଆର୍ ଜିସୁର୍
ବିସୟେ ସାକି ଦେତି, ସେମଃନାର୍ ସଃଙ୍ଗ୍ ଜୁଜ୍ କଃରୁକେ ଗଃଲି
।

**13** ଆର୍ ସେ ସଃମ୍ନ୍ଦ୍ରାର୍ ବାଲି ଉହ୍ରେ ଟିଆ ଅୟ୍ଲି ।
ତାର୍ହଃଚେ ମୁଁୟ୍ ସଃମ୍ନ୍ଦ ବିତ୍ରେହୁଣି ଗଟେକ୍ ଜଃନ୍ତୁକ୍
ଉଟି ଆସ୍ତାର୍ ଦଃକ୍ଲେ, ତାର୍ ଦଃସ୍ ଗଟ୍ ସିଙ୍ଗ୍ ଆର୍ ସାତ୍
ଗଟ୍ ମୁଣ୍ଡ, ତାର୍ ସିଙ୍ଗ୍ ମଃନାର୍ ତଃୟ୍ ଦଃସ୍ ଗଟ୍ ମୁକୁଟ୍ ଆର୍
ମୁଣ୍ଡମଃନାର୍ ଉହ୍ରେ ଇସ୍ୱର୍ ଲିନ୍ଦ୍ନା ଚିନାଉତାର୍ ବିନ୍ବିନ୍ ନାଉଁ । 2
ଇ ଜୁୟ୍ ଜଃନ୍ତୁକ୍ ଦଃକ୍ଲେ, ସେରି ଚିତାବାଗ୍ ହର୍, ତାର୍ ହାଦ୍
ବାଲୁର୍ ହାଦ୍ ହର୍ ଆର୍ ଟଣ୍ଡ ସିମାବାଗାର୍ ଟଣ୍ଡ ହର୍ । ସେ ସାହ୍
ତାର୍ ଅଃହ୍ଣାର୍ ସଃକ୍ତି, ସିଙ୍ଗାସଣ୍ ଆର୍ ମଃହା ଅଃଦିକାର୍ ଦିଲି
। 3 ତାର୍ ମୁଣ୍ଡମଃନାର୍ ବିତ୍ରେ ହୁଣି ଗଟେକ୍ ମୁଣ୍ଡେ ଜଃନ୍କାର୍
ବୟଃଙ୍କାର୍ ମାଡ୍ ଅୟ୍ରିଲି । ଆର୍ ତାର୍ ସେ ମଃର୍ନ୍ ଦେତା ଗାଉ
ଉଜ୍ ଅୟ୍ଲି, ଆରେକ୍ ସଃବୁ ହୁର୍ତି ସେ ଜଃନ୍ତୁ ବିସୟେ କାବା
ଅୟ୍ ତାର୍ ହଃଚେହଃଚେ ଗଃଲାୟ୍ । 4 ଆରେକ୍ ସାହ୍ ସେ
ଜଃନ୍ତୁକ୍ ଅଃହ୍ଣାର୍ ଅଃଦିକାର୍ ଦିଲାକ୍ ସେମଃନ୍ ସାହ୍କେ ଜୁଆର୍
କଃଲାୟ୍; ସେମଃନ୍ ଜଃନ୍ତୁକ୍ ହେଁ ଜୁଆର୍ କଃରି କୟ୍ଲାୟ୍, "ଇ
ଜଃନ୍ତୁ ହର୍ କେ? ଆର୍ କେ ତାର୍ ସଃଙ୍ଗ୍ ଜୁଜ୍ କଃରୁ ହାରେ?" 5
ତାକ୍ ଅଃକାର୍ ଆର୍ ଇସ୍ୱରାର୍ ଲିନ୍ଦ୍ନା କଃତା କାଉଁକେ ଟଣ୍ଡ ଦିଆ
ଅୟ୍ଲି, ଆର୍ ୪୨ ମାସ୍ ହଃତେକ୍ ସାସନ୍ କଃରୁକେ ଅଃଦିକାର୍
ଦିଆଗଃଲି । 6 ସେତାକ୍ ସେ ଟଣ୍ଡ ହୁଟାୟ୍ ଇସ୍ୱର୍ ଲିନ୍ଦ୍ନାର୍ କଃତା
କୟ୍ ତାର୍ ନାଉଁ ଆର୍ ତାର୍ ତୁମ୍ ଆରେକ୍ ସଃର୍ଗେ ବାସା କଃର୍ତା
ଲକ୍ମଃନାର୍ ଲିନ୍ଦ୍ନା କଃଲି । 7 ସଃବୁ ଦଃର୍ମିମଃନାର୍ ସଃଙ୍ଗ୍ ଜୁଜ୍
କଃରୁକେ ଆର୍ ସେମଃନାର୍ ଉହ୍ରେ ଜିଣୁକ୍ ତାକ୍ ଅଃଦିକାର୍
ଦିଆ ଅୟ୍ଲି, ଆର୍ ସଃବୁ କୁଟୁମ୍, ଦେସ୍, ବିନ୍ ବିନ୍ ବାସାର୍
ଲକ୍, ଆର୍ ଜାତି ଉହ୍ରେ ତାକ୍ ଅଃଦିକାର୍ ଦିଆଗଃଲି । 8 ଜୁୟ୍
ମଃନାର୍ ନାଉଁ ଜଃଗତ୍ ଉବ୍ଜାଣ୍ ଅଃଉତା ହୁର୍ବେ ମାରା ଅୟ୍ଲା
ମେଣ୍ଡାହିଲାର୍ ଜିବନ୍ ପୁସ୍ତକ୍ ତଃୟ୍ ଲେକା ନୟ୍, ହୁର୍ତି ତଃୟ୍
ବାସା କଃର୍ତା ସେ ସଃବୁ ଲକ୍ ତାକ୍ ଜୁଆର୍ କଃର୍ତି । 9 ଜାର୍
କାନ୍ ଆଚେ, ସେ ସୁଣ । 10 କେ ଜଦି ବନ୍ଦି କଃରା ଅୟ୍ଦ୍,
ସେତଃନ୍ ଅୟ୍ଲେକ୍ ସେ ବନ୍ଦି ଅୟ୍ଜାୟଦ୍; କେ ଜଦି କଃଣ୍ଡା
ସଃଙ୍ଗ୍ ମାରେଦ୍, ତଃବେ ସେ ନିଚୟ୍ କଃଣ୍ଡା ସଃଙ୍ଗ୍ ମାରା ଜାୟଦ୍
। ଇରଃକମ୍ ବେଳାୟ୍ ଦଃର୍ମିମଃନାର୍ ସଃମ୍ବାଲ୍ତାର୍ ଆର୍ ବିସ୍ୱାସ୍
ଲଳା । 11 ତାର୍ହଃଚେ ମୁୟଁ ଆରେକ୍ ଗଟେକ୍ ଜଃନ୍ତୁକ୍ ବୁୟେଁ
ହୁଣି ଉଟି ଆସ୍ତାର୍ ଦଃକ୍ଲେ; ମେଣ୍ଡାହିଲା ହର୍ ତାର୍ ଜଳେକ୍
ସିଙ୍ଗ୍, ଆର୍ ସେ ହୁର୍ବାର୍ ସାହ୍ ହର୍ କଃତା କଃଉତି ରିଲି । 12 ସେ
ହଃର୍ତୁ ଜଃନ୍ତୁ ଜାର୍ ଗାଉ ଉଜ୍ ଅୟ୍ରିଲି, ସେ ସଃବୁ ଅଃଦିକାର୍
ତାର୍ ଦଃକ୍ଣେ ଚାଲାୟ୍ଦ୍, ଆର୍ ସେ ଜୁୟ୍ ହଃର୍ତୁ ଜଃନ୍ତୁର୍ ମଃର୍ନ୍
ଦେତା ଗାଉ ଉଜ୍ ଅୟ୍ରିଲି, ତାକ୍ ଜୁଆର୍ କଃରୁକେ ହୁର୍ତି ଆର୍
ସେତି ବାସା କଃର୍ତା ଲକ୍ମଃନ୍କେ ବଃଲ୍ମାଡ୍ କଃଲି । 13 ସେ
ବଃଡେ ବଃଡେ କାବା ଅଃଉତା ଚିନ୍ ଦଃକାୟ୍ଦ୍, ଇରଃକମ୍
କି ନଃର୍ମଃନାର୍ ଦଃକ୍ଣେ ଅଃଗାସେ ହୁଣି ହୁର୍ତି ଉହ୍ରେ ଜୟ୍
ବଃର୍ସା କଃରାୟ୍ଲି । 14 ଆର୍ ସେ ଜଃନ୍ତୁର୍ ଦଃକ୍ଣେ ଜୁୟ୍
କାବା ଅଃଉତା କାମ୍ କଃରୁକେ ସେ ଅଃଦିକାର୍ ହାୟ୍ରିଲି,
ସେତାର୍ ସଃଙ୍ଗ୍ ସେ ହୁର୍ତିଏ ବାସା କଃର୍ତା ଲକ୍ମଃନ୍କେ ବୁଲ୍କାୟ୍
କଃରି, ଜୁୟ୍ ଜଃନ୍ତୁ କଃଣ୍ଡା ସଃଙ୍ଗ୍ ମାଡ୍ କାୟ୍ ରିଲେକ୍ ହେଁ
ଜିବନ୍ ରିଲି, ତାର୍ ଗଟେକ୍ ମୁର୍ତି ତିଆର୍ କଃରୁକେ ସେମଃନ୍କେ
ଆଦେସ୍ ଦିଲି । 15 ଜଃନ୍ତୁର୍ ମୁର୍ତି ଜଃନ୍କଃରି କଃତା କଃଉ
ହାରେ ଆର୍ ଜଃତେକ୍ ଲକ୍ ଜଃନ୍ତୁର୍ ସେ ମୁର୍ତିକେ ଜୁଆର୍
ନଃକେରେ, ସେମଃନ୍ ଜଃନ୍କଃରି ମାରା ଅଃଉତି, ଇତାର୍ ଗିନେ
ତାକ୍ ସେ ଜଃନ୍ତୁର୍ ମୁର୍ତିକେ ଜିବନ୍ ଦାନ୍ କଃରୁକେ ଅଃଦିକାର୍
ଦିଆ ଗଃଲି । 16 ଆର୍ ସେ ସାନ୍ ଆର୍ ବଃଡ୍, ମାଜନ୍ ଆର୍
ଗଃରିବ୍; ଗତିଦଃଙ୍ଗ୍ଲା ଲକ୍ ଆର୍ ଗତି ଦଃଙ୍ଗ୍ଲା ନଃକେଟ୍ତା
ଲକ୍ ସଃବ୍କେ ସେମଃନାର୍ କାତା ଆତେ ନୟ୍ଲେକ୍ କାହାଲେ
ଗଟେକ୍ ଚିନ୍ ଦଃରୁକ୍ ବଃଲ୍ମାଡ୍ କଃଲି । 17 ଆରେକ୍ ସେ
ଚିନ୍ ବଃଲେକ୍ ଜଃନ୍ତୁର୍ ନାଉଁ କି ତାର୍ ନାଉଁଆର୍ ଲଃମ୍ବର୍ ଦଃରି
ନଃରିଲା ଲକ୍ମଃନ୍କେ ଗେନାବିକା କଃରୁକେ ମଃନା କଃରେଦ୍
। 18 ଇତି ଗ୍ୟାନ୍ ଦଃର୍କାର୍, ଜାର୍ ବୁଦି ଆଚେ, ସେ ଜଃନ୍ତୁର୍
ଲଃମ୍ବର୍ ଇସାବ୍ କଃର, କାୟ୍ତାକ୍ବଃଲେକ୍ ସେରି ଗଟେକ୍
ନଃରାର୍ ଲଃମ୍ବର୍, ଆର୍ ତାର୍ ଲଃମ୍ବର୍ ଅଃଉଁଲି, ୬୬୬ ।

**14** ତାର୍ହଃଚେ ମୁୟଁ ଦଃକ୍ଲେ, ଆର୍ ଦଃକା, ସିଅନ୍ ହଃର୍ବାତ୍
ଉହ୍ରେ ମେଣ୍ଡାହିଲା, ଆର୍ ଜୁୟ୍ ଲକ୍ମଃନାର୍ କାହାଲେ
ତାର୍ ନାଉଁ ଆର୍ ତାର୍ ଉବାସିର୍ ନାଉଁ ଲେକାଅୟ୍ ରିଲି,
ଇରଃକମ୍ ୧୪୪,୦୦୦ ଲକ୍କେ ତାର୍ ସଃଙ୍ଗ୍ ଟିଆ ଅୟ୍ରିଲାର୍
ଦଃକ୍ଲେ । 2 ଆରେକ୍ ମୁୟଁ ସଃର୍ଗେ ହୁଣି ହାଣି ଅଦୁର୍ତାର୍ ଆର୍
ଗଃଲ୍ଗଃଳି ସଃବ୍ଦ୍ ହର୍ ଗଟେକ୍ ସଃବ୍ଦ୍ ସୁଣ୍ଲେ, ଜୁୟ୍ ସଃବ୍ଦ୍
ମୁୟଁ ସୁଣ୍ଲେ, ସେରି ବିଣା ବାଜାଉତା ଲକ୍ମଃନାର୍ ବିଣାର୍
ସଃବ୍ଦ୍ ହର୍ । 3 ସେମଃନ୍ ସିଙ୍ଗାସଣ୍, ଚାରିଜିବ୍ ଆର୍ ପାରାଚିନ୍
ମଃନାର୍ ଚଃମେ ଗଟେକ୍ ନଃଉଆଁ ଗିତ୍ କୟ୍ଲାୟ୍, ଆରେକ୍
ହୁର୍ତିଏ ହୁଣି ଗେନ୍ଲା ସେ ୧୪୪,୦୦୦ ଲକ୍କେ ଚାଡି ଆରେକ୍
କେ ହେଁ ସେ ଗିତ୍ ସିକୁ ନାହାର୍ଲାୟ୍ । 4 ସେମଃନ୍ ମାୟ୍ଜିମଃନାର୍
ସଃଙ୍ଗ୍ ନଃମିସି ଡିଣ୍ଡା ରିଲାୟ୍, କାୟ୍ତାକ୍ବଃଲେକ୍ ସେମଃନ୍
ପବିତ୍ର ରିଲାୟ୍ । ମେଣ୍ଡାହିଲା ଜୁୟ୍ ଜଃଗାୟ୍ ଜାୟ୍ଦ୍, ସେ
ଜଃଗାୟ୍ ସେମଃନ୍ ତାର୍ ହଃଚେହଃଚେ ଜାତି । ସେମଃନ୍ ଇସ୍ୱର୍
ଆର୍ ମେଣ୍ଡାହିଲାର୍ ଗିନେ ହଃର୍ତୁ ଜାତ୍ ଅୟ୍ଲା ହଃଲ୍ ହର୍

ନଃର୍ମଃନାର୍ ବିତ୍ରେ ହୁଣି ଗେନା ଅୟ୍ ଆଚ୍ତି । 5 ସେମଃନାର୍
ଟଣ୍ଡେ କାୟ୍ ହେଁ ମିଚ୍ କଃତା ନାୟ୍, ସେମଃନ୍ ନିର୍ଦସି । 6
ହଃଚେ ମୁଁୟ୍ ଆରେକ୍ ଗଟେକ୍ ଦୁତ୍‌କେ ଅଃଗାସାର୍ ମଃଜାୟ୍
ଉଡ୍‌ତାର୍ ଦଃକ୍‌ଲେ, ସେ ହୁର୍ତିଏ ବାସା କଃର୍ତା ସଃବୁ ଜାତି,
କୁଟୁମ୍, ବିନ୍‌ବିନ୍ ବାସାର୍ ଲକ୍ ଆର୍ ବଃଉଁସାର୍ ଲକାର୍ ତଃୟ୍
ପର୍ଚାର୍ କଃରୁକେ ଗଟେକ୍ ସଃବୁ ଦିନ୍ ରେତା ନିକ କବୁର୍
ହାୟ୍ ବଃଡ୍ ଟଣ୍ଡେ କୟ୍‌ଲା, (aiōnios g166) 7 "ଇସ୍ୱର୍‌କେ
ଡିରା ଆର୍ ତାକ୍ ଜଃଜ୍‌ମାନ୍ ଦିଆସ୍, କାୟ୍‌ତାକ୍‌ବଃଲେକ୍ ତାର୍
ବିଚାର୍ ବେଳା ଆସି କେଟିଆଚେ, ଆରେକ୍ ଜେ ଅଃଗାସ୍,
ହୁର୍ତି, ସଃମ୍‌ନ୍ଦ ଆର୍ ଚିଉଆହାଣିମଃନ୍ ଉବ୍‌ଜାୟ୍ ଆଚେ, ତାକ୍
ଜୁଆର୍ କଃରା ।" 8 ହଃର୍ତୁ ଦୁତାର୍ ହଃଚେ ହଃଚେ ଆରେକ୍
ଏକ୍ଲା, ବଃଲେକ୍ ଦୁୟ୍ ଲଃମ୍ବର୍ ଦୁତ୍ ଆସି କୟ୍‌ଲା, "ଜୁୟ୍ ବଃଡ୍
ଗଃଲ୍ ବାବିଲ୍ ସଃବୁ ଜାତିକ୍ ଅଃହ୍‌ଣାର୍ ଦାରିକାମାର୍ ହର୍
ମଃଦ୍ ଡୁକାୟ୍ ଆଚେ, ସେ ନାସ୍ ଅୟ୍‌ଆଚେ ।" 9 ସେମଃନାର୍
ହଃଚେ ଆରେକ୍ ଏକ୍ଲା, ବଃଲେକ୍ ତିନି ଲଃମ୍ବର୍ ଦୁତ୍ ଆସି ବଃଡ୍
ଟଣ୍ଡେ କୟ୍‌ଲା, "ଜଦି କେ ସେ ଜଃତୁ ଆର୍ ତାର୍ ମୁର୍ତି କେ
ଜୁଆର୍ କଃରେଦ୍, ଆରେକ୍ ଅଃହ୍‌ଣାର୍ କଃହାଲେ କି ଆତେ
ତାର୍ ଚିନ୍ ଦଃରେଦ୍, 10 ତଃବେ ସେ ହେଁ ଇସ୍ୱରାର୍ ରିସାର୍
ଜୁୟ୍ ମଃଦ୍ କି କାୟ୍‌ରି ନଃମିସାୟ୍ କଃରି ତାର୍ ରିସାର୍ କପାୟ୍
ତିଆର୍ କଃରା ଅୟ୍‌ଆଚେ, ସେରି ଡୁକେଦ୍, ଆରେକ୍ ପବିତ୍ର
ଦୁତ୍‌ମଃନାର୍ ଆର୍ ମେଣ୍ଡାହିଲାର୍ ମୁଏଁ ଜୟ୍ ଆର୍ ଗଃନ୍ଦକ୍ ଲଃଗେ
ଡଃଣ୍ଡ ହାୟ୍‌ଦ୍ । 11 ଇରଃକମ୍ ଲକ୍‌ମଃନାର୍ ଦଃଣ୍ଡାର୍ ଦୁଆଁ
ଜୁଗେ ଜୁଗେ ଉଟ୍‌ତି ରଃୟ୍‌ଦ୍; ଜୁୟ୍ ଲକ୍‌ମଃନ୍ ଜଃତୁ ଆର୍
ତାର୍ ମୁର୍ତି କେ ଜୁଆର୍ କଃର୍ତି, ଆରେକ୍ ତାର୍ ନାଉଁଏ ଚିନ୍
ଦଃର୍ତି, ସେମଃନାର୍ ଜୁଗେଜୁଗେ ବିସାଉଁଣି ନାୟ୍ ।" (aiōn g165)
12 ଇତି ଦଃର୍ମିମଃନାର୍, ବଃଲେକ୍ ଜୁୟ୍ ଲକ୍‌ମଃନ୍ ଇସ୍ୱରାର୍
ଆଦେସ୍ ମାନ୍‌ତି ଆର୍ ଜିସୁକେ ବିସ୍ୱାସ୍ କଃର୍ତି, ସେମଃନ୍‌କେ
ସଃମ୍ବାଲୁକ୍ ହଃଲେଦ୍ । 13 ଆରେକ୍ ମୁୟ୍ଁ ସଃର୍ଗେ ହୁଣି ଇ କଃତା
ସୁଣ୍‌ଲେ, "ଇରି ଲେକ୍, ଜୁୟ୍ ଲକ୍‌ମଃନ୍ ଅଃବେ ମାପ୍ରୁର୍ ତଃୟ୍
ରଃୟ୍ ମଃର୍ତି, ସେମଃନାର୍ ବାୟ୍‌ଗ୍ ।" ହେଁ ଆତ୍ମା କଃଉଁଲି,
"ଇରି ବାୟ୍‌ଦ୍‌ରେ ଗଃଟେଦ୍, ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍
କଃବାଲେ ହୁଣି ବିସାଉତି, କାୟ୍‌ତାକ୍‌ବଃଲେକ୍ ସେମଃନାର୍ କାମ୍
ସେମଃନାର୍ ସଃଙ୍ଗ ଜାୟ୍‌ଦ୍ ।" 14 ତାର୍‌ହଃଚେ ମୁଁ ଦଃକ୍‌ଲେ,
"ଆର୍ ଦଃକା, ଦବ୍ ରଃଙ୍ଗାର୍ କଃଣ୍ଡେକ୍ ମେଗ୍, ତାର୍ ଉହ୍ରେ
ନଃରାର୍ ହୟ୍‌ସି ହର୍ ଏକ୍ଲା ବଃସିଆଚେ, ତାର୍ ମୁଣ୍ଡେ ସନାର୍
ମୁକୁଟ୍ ଆର୍ ଆତେ ଲାଗୁଣ୍ ଇଳା । 15 ସେତାକ୍ ମନ୍ଦିରେ
ହୁଣି ଆରେକ୍ ଗଟେକ୍ ଦୁତ୍ ବାରାୟ୍ ସେ ମେଗେ ବଃସି ରିଲା
ଲକ୍‌କେ ବଃଡ୍ ଟଣ୍ଡେ କୟ୍‌ଲା, ତର୍ ଇଳା ଲାଗାୟ୍ ତାସ୍ କାଟ୍,
କାୟ୍‌ତାକ୍‌ବଃଲେକ୍ କାଟ୍‌ତା ବେଳା ଆସିଆଚେ, ଆର୍ ହୁର୍ତିବିର୍
ତାସ୍ ହାକି ଆଚେ । 16 ଇରି ସୁଣି, ସେ ମେଗେ ବଃସିରିଲା
ମାନାୟ୍ ହୁର୍ତିଏ ଇଳା ଲାଗାୟ୍ ସେତିର୍ ତାସ୍ କାଟ୍‌ଲା ।" 17
ତାର୍‌ହଃଚେ ସଃର୍ଗାର୍ ମନ୍ଦିରେ ହୁଣି ଆରେକ୍ ଗଟେକ୍ ଦୁତ୍
ବାରାୟ୍‌ଲା, ତାର୍ ଆତେ ହେଁ ଗଟେକ୍ ଲାଗୁଣ୍ ଇଳା ରିଲି । 18
ଆରେକ୍ ବେଦି ଲଃଗେ ହୁଣି ଆରେକ୍ ଗଟେକ୍ ଦୁତ୍ ବାରାୟ୍‌ଲା,
ସେ ଜୟ୍‌ଉହ୍ରେ ଅଃଦିକାର୍ ହାୟ୍‌ଆଚେ; ଜାର୍ ଆତେ ଲାଗୁଣ୍
ଇଳା ରିଲି, ତାକ୍ ବେସି ସଃବଦେ କୁଦିକଃରି କୟ୍‌ଲା, ତର୍
ଲାଗୁଣ୍ ଇଳା ଲାଗାଉ ଆର୍ ହୁର୍ତିବିର୍ ଅଙ୍ଗୁର୍ ଜୁବ୍‌ଲା ସଃବୁ
ରୁଣ୍ଡାଉ, କାୟ୍‌ତାକ୍‌ବଃଲେକ୍ ସେତିର୍ ଅଙ୍ଗୁର୍ ହଃଲ୍ ସଃବୁ ହାକି
ଆଚେ । 19 ସେତାକ୍ ସେ ଦୁତ୍ ହୁର୍ତିଏ ଅଃହ୍‌ଣାର୍ ଇଳା ଲାଗାୟ୍
ସେତିର୍ ଅଙ୍ଗୁର୍ ହଃଲ୍ ସଃବୁ ରୁଣ୍ଡାୟ୍‌ଲା ଆର୍ ଇସ୍ୱରାର୍ ରିସାର୍
ବଃଡ୍ ଅଙ୍ଗୁର୍ କୁଣ୍ଡେ ସେସଃବୁ ହଃକାୟ୍‌ଲା । 20 ଗଃଳାର୍
ହଃଦାୟ୍ ସେ ଅଙ୍ଗୁର୍‌କୁଣ୍ଡ ମାଡା ଅୟ୍‌ଲି, ଆର୍ ସେତିହୁଣି ବଃନି
ବାରାୟ୍ ୨ ମିଟେର୍ ଉଚ୍ ହଃତେକ୍ ଉଟି ୩୦୦ ମିଲମିଟେର୍
ହଃତେକ୍ ହୁର୍ ଗଃଲି ।

15 ତାର୍‌ହଃଚେ ମୁୟ୍ଁ ସଃର୍ଗେ ଆରେକ୍ ଗଟେକ୍ ବଃଡେ
ବୟ୍‌ଃଙ୍କାର୍ ଚିନ୍ ଦଃକ୍‌ଲେ, ସାତ୍‌ଗଟ୍ ଦୁତ୍, ସେମଃନାର୍
ଆତେ ସାତ୍‌ଗଟ୍ ମଃର୍ଡି, କାୟ୍‌ତାକ୍‌ବଃଲେକ୍ ଇ ମଃର୍ଡିମଃନାର୍
ଇସ୍ୱରାର୍ ସଃରାସଃରି ରିସା । 2 ଆର୍ ମୁୟ୍ଁ ଦଃକ୍‌ଲେ, ଜଃନ୍‌କଃରି
ଜୟ୍ ମିସ୍‌ଲା ଗଟେକ୍ କାଚ୍ ସଃମ୍‌ନ୍ଦ, ଆରେକ୍ ଜୁୟ୍ ଲକ୍‌ମଃନ୍
ଜଃତୁ, ତାର୍ ମୁର୍ତି ଆର୍ ତାର୍ ନାଉଁଆର୍ ଲଃମ୍ବର୍ ଉହ୍ରେ ଜିଣି
ଆଚ୍‌ତି, ସେମଃନ୍ ଇସ୍ୱରାର୍ ବିଣା ଦଃରି କାଚାର୍ ସଃମ୍‌ନ୍ଦେ
ଟିଆ ଅୟ୍‌ଆଚ୍‌ତି । 3 ସେମଃନ୍ ଇସ୍ୱରାର୍ ଦଃଙ୍ଗଳା ମସା
ଆର୍ ମେଣ୍ଡାହିଲାର୍ ଗିତ୍ କୟ୍ କଃଉଁଲାୟ୍, "ଏ ମାପ୍ରୁ, ସଃବ୍‌କେ
ସଃକ୍ତିମାନ୍ ଇସ୍ୱର୍, ତର୍ କାମ୍ ସଃବୁ କଃଡେକ୍ ବଃଡ୍ ଆର୍
କାବା ଅଃଉତାର୍; ଏ ସଃବୁ ଜାତିମଃନାର୍ ରଃଜା, ତର୍ ବାଟ୍
ସଃବୁ ଟିକ୍ ଆର୍ ସଃତ୍ । 4 ଏ ମାପ୍ରୁ, କେ ତକ୍ ନଃଡିରେ? କେ
ତର୍ ନାଉଁଏ ଜଃଜ୍‌ମାନ୍ ଗିତ୍ ନଃକୟ୍ଁ? କାୟ୍‌ତାକ୍‌ବଃଲେକ୍
ଅଃବ୍‌କା ତୁୟ୍‌ହଃକା ପବିତ୍ର; ସଃବୁ ଜାତି ଆସି ତକ୍ ଜୁଆର୍
କଃର୍ତି, କାୟ୍‌ତାକ୍‌ବଃଲେକ୍ ତର୍ ବିଦି କାମ୍‌ସଃବୁ ଜାଣା ହଃଲି
ଆଚେ ।" 5 ଇତାର୍‌ହଃଚେ ମୁୟ୍ଁ ଦଃକ୍‌ଲେ, ସଃର୍ଗେ ରିଲା ସାକି
ତୁମାର୍ ମନ୍ଦିରାର୍ ଦୁଆର୍ ଉଗାଳି ଅୟ୍‌ଲି । 6 ଆର୍ ମନ୍ଦିରେ
ହୁଣି ସାତ୍‌ଗଟ୍ ମଃର୍ଡି ଦଃର୍ଲା ସାତ୍‌ଗଟ୍ ଦୁତ୍ ବାରାୟ୍ ଆୟ୍‌ଲାୟ୍,
ସେମଃନ ମଣି ଲାଗିରିଲା ନିର୍ମୁଲ୍ ଆର୍ ଉଜାଲ୍ ମଃସ୍‌ଣି ବଃସ୍ତର୍
ହିନ୍ଦି ରିଲାୟ୍, ଆରେକ୍ ସେମଃନାର୍ ବୁକେ ସନାର୍ ବୁକ୍‌ହାଟାର୍
ବାନ୍ଧଣ୍ ବାନ୍ଦି ଅୟ୍‌ରିଲାୟ୍ । 7 ସେତାକ୍ ଚାରିଜଃତୁ ବିତ୍ରେ
ଗଟେକ୍ ଜଃତୁ ସଃବୁବଃଲ୍ ଜିବନ୍ ରେତା ଇସ୍ୱରାର୍ ରିସାୟ୍ ହୁର୍ନ୍
ଅୟ୍‌ରିଲା ସାତ୍‌ଗଟ୍ ସନାର୍ କପା ସେ ସାତ୍‌ଗଟ୍ ଦୁତ୍‌କେ ଦିଲା ।
(aiōn g165) 8 ଆର୍ ଇସ୍ୱରାର୍ ଜଃଜ୍‌ମାନ୍ ଆର୍ ସଃକ୍ତିର୍ ଦୁଆଁୟ୍
ମନ୍ଦିର୍ ହୁର୍ନ୍ ଅୟ୍‌ଲି, ସାତ୍‌ଗଟ୍ ଦୁତ୍‌ମଃନାର୍ ସାତ୍‌ଗଟ୍ ମଃର୍ଡି
ନଃସେର୍ତା ହଃତେକ୍ କେ ହେଁ ମନ୍ଦିରେ ହୁରୁ ନଃହାୟ୍‌ଲାୟ୍ ।

**16** ତାର୍‌ହଃଚେ ମୁୟ୍ ମନ୍ଦିରେ ହୁଣି ଗଟେକ୍ ବଃଡ୍ ଟଣ୍ଡେ
ସାତ୍‌ଗଟ୍ ଦୁତ୍‌ମଃନ୍‌କେ କଃଉତାର୍ ସୁଣ୍‌ଲେ, "ଜାହା
ଆର୍ ଇସ୍ୱରାର୍ ସାତ୍‌ଗଟ୍ ରିସାର୍ କପା ହୁର୍ତି ଉହ୍ରେ ଡାଳା ।"
2 ଇରି ସୁଣି ହଃର୍ତୁ ଦୁତ୍ ଜାୟ୍ ହୁର୍ତି ଉହ୍ରେ ଅଃହ୍‌ଣାର୍ କପା
ଡାଲ୍‌ଲା । ସେତାର୍‌ଗିନେ ଜୁୟ୍‌ମଃନ୍ ଜଃତୁର୍ ଚିନ୍ ଦଃରିରିଲାୟ୍
ଆର୍ ତାର୍ ମୁର୍ତି କେ ଜୁଆର୍ କଃରି ରିଲାୟ୍, ସେମଃନାର୍
ଗଃଗାଳେ ବଃଡେ କଃସ୍ଟ ଦେତା ବିସ୍ ହଃଟ୍‌କା ଅୟ୍‌ଲି । 3
ତାର୍‌ହଃଚେ ଦୁୟ୍ ଲଃମର୍ ଦୁତ୍ ଅଃହ୍‌ଣାର୍ କପା ସଃମ୍‌ନ୍ଦ ଉହ୍ରେ
ଡାଲ୍‌ଲା । ସେତାର୍‌ଗିନେ ସେରି ମଃଲା ଲକାର୍ ବଃନି ହର୍
ଅୟ୍‌ଲି, ଆର୍ ସଃମ୍‌ନ୍ଦେ ରିଲା ସଃବୁ ଜିବ୍ ଜଃତୁମଃନ୍ ଜିବନ୍
ଗଃଲି । 4 ତାର୍‌ହଃଚେ ତିନି ଲଃମରାର୍ ଦୁତ୍ ଅଃହ୍‌ଣାର୍ କପା
ଗାଡ୍ ଆର୍ ଜର୍‌ଣାହାଣି ମଃନାର୍ ଉହ୍ରେ ଡାଲ୍‌ଲା । ସେତାକ୍
ସେସଃବୁ ବଃନି ଅୟ୍‌ଗଃଲି । 5 ସଃଡେବଃଲ୍ ମୁୟ୍ ହାଣି
ଅଃଦିକାରି ଦୁତ୍‌କେ ଇରି କଃଉତାର୍ ସୁଣ୍‌ଲେ, "ଏ ଅଃବାର୍
ଆର୍ ହୁର୍ବାର୍, ଆରେକ୍ ପବିତ୍ର ଜେ ଜୁୟ୍ ନ୍ୟାୟ୍‌କଃର୍ତା ଲକ୍
ବଃଲି ଇବାନ୍ୟା ବିଚାର୍ କଃରି ଆଚ୍‌ସି । 6 ଜୁୟ୍‌ତାର୍ ଗିନେ
ସେମଃନ୍ ଦଃର୍ମିମଃନାର୍ ଆର୍ ବାବ୍‌ବାଦିମଃନ୍‌କେ ମାରି ରିଲାୟ୍,
ଆର୍ ଜୁୟ୍ ସେମଃନ୍‌କେ ସୁର୍‌ତା ଗିନେ ବଃନି ଦଃୟ୍ ଆଚ୍‌ସି,
ସେମଃନ୍ ସେରି ହାଉତାର୍ ଜୟ୍‌ଗ୍ ।" 7 ତାର୍‌ହଃଚେ ମୁୟ୍ ବେଦି
ତଃୟ୍‌ହୁଣି ଇରି ସୁଣ୍‌ଲେ, "ହିଁ, ଏ ମାପ୍ରୁ, ସଃବ୍‌କେ ସଃକାତାର୍
ଇସ୍ୱର୍, ତର୍ ସଃବୁ ବିଚାର୍ ସଃତ୍ ଆର୍ ଟିକ୍ ।" 8 ତାର୍‌ହଃଚେ
ଚାରି ଲଃମ୍ବର୍ ଦୁତ୍ ଅଃହ୍‌ଣାର୍ କପା ବେଲ୍ ଉହ୍ରେ ଡାଲ୍‌ଲା ।
ସେତାକ୍ ତାକ୍ ମାନାୟ୍‌ମଃନ୍‌କେ ଜୟେ ବଃସମ୍ କଃରୁକେ ସଃକ୍ତି
ଦିଆଗଃଲି । 9 ସଃଡେବଃଲ୍ ମାନାୟ୍‌ମଃନ୍ ବଃଡେ ତଃହାତେ
ହଡି ରିସା ଅୟ୍ ଜୁୟ୍ ଇସ୍ୱରାର୍ ଇ ସଃବୁ କଃସ୍ଟ ଉହ୍ରେ ଅଃଦିକାର୍
ଆଚେ, ତାର୍ ନାଉଁଏ ଲିନ୍ଦା କଃଲାୟ୍, ତାକ୍ ଜଃଜ୍‌ମାନ୍ ଦେଉଁକେ
ମଃନ୍ ବାଦ୍‌ଲାଉଁକ୍ ନଃଚ୍‌ଲାୟ୍ । 10 ତାର୍‌ହଃଚେ ହାଁଚ୍ ଲଃମ୍ବର୍
ଦୁତ୍ ଅଃହ୍‌ଣାର୍ କପା ସେ ଜଃତୁର୍ ସିଙ୍ଗାସଣ୍ ଉହ୍ରେ ଡାଲ୍‌ଲା ।
ସେତାକ୍ ତାର୍ ରାଇଜ୍ ଅଃନ୍ଦାର୍ ଅୟ୍‌ଲି, ଆର୍ ଲକ୍‌ମଃନ୍ ବଃଡେ
ଦୁକାମଃନାର୍ ଗିନେ ଅଃହ୍‌ଣା ଅଃହ୍‌ଣାର୍ ଜିବ୍ କଃତୁକ୍ ଲାଗ୍‌ଲାୟ୍
। 11 ଆରେକ୍ ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍ ବଃଡେ ଦୁକା ଆର୍
ଗାଉମଃନାର୍ ଗିନେ ସଃର୍ଗାର୍ ଇସ୍ୱରାର୍ ଲିନ୍ଦା କଃଲାୟ୍ ଆର୍
ଅଃହ୍‌ଣା ଅଃହ୍‌ଣାର୍ କଃରାବ୍ କାମେ ହୁଣି ମଃନ୍ ବାଦ୍‌ଲାଉଁକ୍
ନଃଚ୍‌ଲାୟ୍ । 12 ତାର୍‌ହଃଚେ ଚଅ ଲଃମ୍ବର୍ ଦୁତ୍ ଅଃହ୍‌ଣାର୍ କପା
ପରାତ୍ ନାଉଁଆର୍ ଗାଡ୍ ଉହ୍ରେ ଡାଲ୍‌ଲା । ସେତାକ୍ ବେଲ୍ ଉଦ୍‌ତି
ଦିଗେ ହୁଣି ଆସ୍ତା ସଃତୁ ରଃଜାମଃନାର୍ ଗିନେ ବାଟ୍ ତିଆର୍
ଅଃଉତା ଗିନେ ସେତିର୍ ହାଣି ସୁକି ଗଃଲି । 13 ତାର୍‌ହଃଚେ
ମୁୟ୍ ଦଃକ୍‌ଲେ, ସାହ୍ ଟଣ୍ଡେହୁଣି, ଜଃତୁର୍ ଟଣ୍ଡେହୁଣି ଆର୍
ବମ୍‌ଲାଉତା ବାବ୍‌ବାଦିର୍ ଟଣ୍ଡେହୁଣି ବେଙ୍ଗ ହର୍ ତିନିଗଟ୍ ବିଟାଲ୍
ଆତ୍ମା ବାରାୟ୍‌ଲାୟ୍ । 14 ସେମଃନ୍ କାବା ଅଃଉତା କାମ୍ କଃର୍ତା
ବୁତ୍ ଆତ୍ମାମଃନ୍ । ଇ ତିନିଗଟ୍ ଆତ୍ମାମଃନ୍ ସଃକ୍ତିମାନ୍ ଇସ୍ୱରାର୍
ବଃଡ୍ ଦିନାର୍ ଜୁଜାର୍ ଗିନେ ସଃବୁ ଜଃଗତାର୍ ରଃଜାମଃନ୍‌କେ
ଗଟେତଃୟ୍ କଃରୁକେ ସେମଃନାର୍ ହାକ୍ ବାରାୟ୍ ଗଃଲାୟ୍ । 15
"ସୁଣା, ମୁୟ୍ ଚର୍ ହର୍ ଆସୁଲେ । ଜେ ଜଃଗ୍ରାତ୍ ରଃୟ୍ ଅଃହ୍‌ଣାର୍
ବଃସ୍ତ୍ରର୍ ବାଚାୟ୍‌ଦ୍, ତାର୍ ବାୟ୍‌ଗ୍, କାୟ୍‌ତାକ୍‌ବଃଲେକ୍ ସେରି
କଃଲେକ୍ ସେ ନଃଗ୍‌ନା ଅୟ୍ ନଃବୁଲେ ଆର୍ ଲକ୍‌ମଃନ୍ ତାକ୍
ଲାଜ୍ ନଃକେରାଉତି ।" 16 ତାର୍‌ହଃଚେ ସେ ବିଟାଲ୍ ଆତ୍ମାମଃନ୍
ହୁର୍ତିର୍ ରଃଜାମଃନ୍‌କେ ଏବ୍ରି ବାସାୟ୍ ହର୍ମିଗିଦନ୍ ନାଉଁଆର୍
ଗଟେକ୍ ଜଃଗାୟ୍ ରୁଣ୍ଡାୟ୍‌ଲାୟ୍ । 17 ତାର୍‌ହଃଚେ ସାତ୍ ଲମ୍ବର୍
ଦୁତ୍ ଅଃହ୍‌ଣାର୍ କପା ଅଃଗାସେ ଡାଲ୍‌ଲା । ସେତାକ୍ ମନ୍ଦିର୍
ବିତ୍ରେ ହୁଣି ସିଙ୍ଗାସଣେ ହୁଣି ଇ ବଃଡ୍ ସଃବଦ୍ ଅୟ୍‌ଲି, "ସଃରି
ଗଃଲି ।" 18 ସଃଡେବଃଲ୍ ବିଜ୍‌ଲି, ବିନ୍ ବିନ୍ ସଃବ୍‌ଦ୍ ଆର୍
ବିଜ୍ ମାର୍ତା ସଃବ୍‌ଦ୍, ଆରେକ୍ ବଃଡ୍ ବୁମିକମ୍ପ ଅୟ୍‌ଲି । ହୁର୍ତିଏ
ମାନାୟ୍ ଉବ୍‌ଜାଣ୍ ଅୟ୍‌ଲା ବଃଲ୍ ହୁଣି ଇବାନ୍ୟା ବୟଃଙ୍କାର୍
ବୁମିକମ୍ପ ଆର୍ କଃବେ ଅୟ୍‌ନଃରିଲି । 19 ସେତାକ୍ ସେ ବଃଡ୍
ଗଃଲ୍ ତିନି ବାଗ୍ ଅୟ୍ ବାଟା ଅୟ୍‌ଲି ଆର୍ ସଃବୁ ଦେସାର୍
ଗଃଲ୍‌ମଃନ୍ ମାଟାୟ୍ ମିସ୍‌ଲି । ଆର୍ ବାବିଲ୍ ନାଉଁଆର୍ ବଃଡ୍
ଗଃଲ୍‌କେ ଇସ୍ୱର୍ ଅଃହ୍‌ଣାର୍ ବୁତେକ୍ ରିସାର୍ ମଃଦ୍ କପାୟ୍ ହୁଣି
ସୁରାଉଁକ୍ ଏତାୟ୍‌ଲା । 20 ଆରେକ୍ ଚାରିବେଲ୍‌ତି ହାଣି ରିଲା
ଦେସ୍, ସଃବୁ ଡଙ୍ଗର୍ ଆର୍ ହର୍ବାତ୍‌ମଃନ୍ ଆରେକ୍ ନଃଡିସ୍‌ଲି । 21
ଅଃଗାସେ ହୁଣି ମାନାୟ୍‌ମଃନାର୍ ଉହ୍ରେ ବଃଡ୍ ବଃଡ୍ କଃରାଟେଳା
ବଃର୍ସା ଅୟ୍‌ଲି, କଃରା ଟେଳାମଃନ୍ ଗଟେକ୍ ଗଟେକ୍ ୫୦ କେଜି
ଅଜନାର୍, ଆର୍ କଃରାଟେଳା ବଃର୍ସାର୍ ଗିନେ ମାନାୟ୍‌ମଃନ୍
ଇସ୍ୱରାର୍ ଲିନ୍ଦା କଃଲାୟ୍, କାୟ୍‌ତାକ୍‌ବଃଲେକ୍ ସେ କଃସ୍ଟ ବଃଡେ
ବୟଃଙ୍କାର୍ ।

**17** ତାର୍‌ହଃଚେ ସାତ୍ ଲଃମ୍ବର୍ କପା ଦଃର୍‌ଲା ସାତ୍ ଲଃମ୍ବର୍
ଦୁତ୍‌ମଃନାର୍ ବିତ୍ରେ ହୁଣି ଗଟେକ୍ ଆସି ମକ୍ କୟ୍‌ଲା,
"ଇତି ଆଉ, ଜୁୟ୍ ଡାକ୍‌ହୁଟା ବେସ୍ୟା ବୁତେକ୍ ହାଣି ରିଲା ଉହ୍ରେ
ବଃସି ଆଚେ, 2 ଜାର୍ ସଃଙ୍ଗ ହୁର୍ତିବିର୍ ରଃଜାମଃନ୍ ଦାରି କଃରି
ଆଚ୍‌ତି ଆର୍ ହୁର୍ତିଏ ବାସା କଃର୍ତା ଲକ୍‌ମଃନ୍ ଜାର୍ ଦାରି କାମାର୍
ମଃଦେ ମାତି ଆଚ୍‌ତି, ତାର୍ ଡଃଣ୍ଡ ତକ୍ ଦଃକାୟ୍‌ନ୍ଦେ ।" 3 ସେତାକ୍
ସେ ମକ୍ ଆତ୍ମାୟ୍ ସୁକ୍‌ଲା ବଃଟାୟ୍ ନିଲାକ୍ ମୁୟେଁ ଗଟେକ୍ ମାୟ୍‌ଜି
ଲକ୍‌କେ ଗଟେକ୍ ରଃତା ରଃଙ୍ଗାର୍ ଜଃତୁ ଉହ୍ରେ ବଃସି ରିଲାର୍
ଦଃକ୍‌ଲେ । ସେ ଜଃତୁର୍ ସଃବୁ ଗଃଗାଳେ ଇସ୍ୱରାର୍ ଲିନ୍ଦାକ୍
ଚିନାଉତାର୍ ନାଉଁଏ ବଃର୍ତି, ଆର୍ ତାର୍ ସାତ୍ ଗଟ୍ ମୁଣ୍ଡ ଆର୍
ଦଃସ୍‌ଗଟ୍ ସିଙ୍ଗ । 4 ମାୟ୍‌ଜି ବେଜା ରଃଙ୍ଗାର୍ ଆର୍ ରଃତା
ରଃଙ୍ଗାର୍ ବଃସ୍ତ୍ରର୍ ହିନ୍ଦିରିଲି, ଆରେକ୍ ସନା, ବୁତେକ୍ ମଲାର୍
ମଣି ଆର୍ ମୁକ୍ତାୟ୍ ସଃଜ୍ ଅୟ୍‌ଆଚେ । ତାର୍ ଆତେ ଗଟେକ୍
ସନା କପା, ସେରି ବାନ୍ୟା ଜିନିସ୍ ଆର୍ ତାର୍ ଦାରି ହର୍ ବିଟାଲ୍
କାମେ ହୁର୍ନ୍ । 5 ତାର୍ କାହାଳେ ଇ ବିତ୍ରି ବାବ୍ ରିଲା ଗୁପ୍ତ
ନାଉଁ ଲେକା ରିଲି, "ବଃଡ୍ ଗଃଲ୍ ବାବିଲ୍, ଦାରିମଃନାର୍ ଆର୍
ହୁର୍ତିବିର୍ ସଃବୁ ବାନ୍ୟା କଃର୍ତାର୍ ଜିନିସାର୍ ଆୟ୍‌ସି ।" 6 ମୁୟ୍

ସେ ମାୟ୍‌ଜିକ୍ ଦଃର୍ମିମଃନାର୍ ଆର୍ ଜିସୁର୍ ସାକିମଃନାର୍ ବଃନି
କାତାତଃୟ୍ ମାତ୍‌ତାର୍ ଦଃକ୍‌ଲେ । ତାକ୍ ଦଃକି ମୁଁୟ୍ ବଃଡେ
କାବା ଅୟ୍‌ଲେ । 7 ସେତାକ୍ ଦୁତ୍ ମକ୍ କୟ୍‌ଲା, "କାୟ୍‌ତାକ୍
କାବା ଅୟ୍‌ଲିସ୍? ମୁୟ୍ ତକ୍ ସେ ମାୟ୍‌ଜିର୍ ଆର୍ ସେ ବଃସ୍‌ଲା
ସାତ୍‌ଗଟ୍ ମୁଣ୍ଡ ଆର୍ ଦଃସ୍‌ଗଟ୍ ସିଙ୍ଗ୍ ରିଲା ଜୁୟ୍ ଜଃନ୍ତୁ, ତାର୍
ବିତ୍ରି କଃତା ବୁଜାୟ୍ ଦଃୟ୍‌ନ୍ଧି । 8 ସେ ଜୁୟ୍ ଜଃନ୍ତୁକ୍ ତୁୟ୍
ଦଃକ୍‌ଲିସ୍, ସେରି ରିଲି, ଅଃବେ ନାୟ୍, ଆରେକ୍ ସେରି ହଃତାଲ୍
କୁଣ୍ଡେ ହୁଣି ଉଟି ନାସ୍ ହାୟ୍‌ଦ୍ । ସେତାକ୍ ହୁର୍ତିଏ ବାସା କଃର୍ତା
ଜଃତେକ୍ ଲକାର୍ ନାଉଁ ଜଃଗତାର୍ ଉବଃଜାଣ୍ ଅଃଉତା ହୁର୍ବେ
ଜିବନ୍ ପୁସ୍ତକା ତଃୟ୍ ଲେକା ନାୟ୍, ସେମଃନ୍ ସଃଡେବଃଲ୍ ସେ
ଜଃନ୍ତୁକ୍ ଦଃକ୍‌ତି ଜେ ସେରି ରିଲି, ଅଃବେ ନାୟ୍ ହଃଚେ ଆସେଦ୍,
ସଃଡେବଃଲ୍ ସେମଃନ୍ କାବା ଅଃଉତି ।" **(Abyssos g12)** 9 "ଇ
ଜଃଗାୟ୍ ବୁଦି ରିଲା ମଃନ୍ ଦଃର୍‌କାର୍ । ସେ ସାତ୍‌ଗଟ୍ ମୁଣ୍ଡ
ସାତ୍‌ଗଟ୍ ହଃର୍ବାତ୍‌କେ ବୁଜାୟ୍‌ଦ୍, ଇ ସାତ୍‌ଗଟ୍ ହଃର୍ବାତ୍ ଉହ୍ରେ
ମାୟ୍‌ଜି ବଃସିଆଚେ, ସେ ସାତ୍‌ଗଟ୍ ମୁଣ୍ଡ ସାତ୍‌ଗଟ୍ ରଃଜାକ୍
ହେଁ ବୁଜାୟ୍‌ଦ୍ । 10 ସେମଃନାର୍ ବିତ୍ରେ ହାଁଚ୍ ଲକ୍ ନାସ୍ ଅୟ୍
ଆଚ୍‌ତି, ଗଟେକ୍ ଲକ୍ ଅଃବେ ଆଚେ, ଆରେକ୍ ଗଟେକ୍ ଲକ୍
ଅଃବେ ହଃତେକ୍ ନାସେ, ସେ ଆୟ୍‌ଲେକ୍ ଅଃଳକ୍ କାଲ୍ ହଃକା
ରଃୟ୍‌ଦ୍ । 11 ଆରେକ୍ ଜୁୟ୍ ଜଃନ୍ତୁ ରିଲି ସେ ଆର୍ ଅଃବେ ନାୟ୍,
ସେ ଆଟ୍ ଲମ୍ବ୍ରର୍ ଅୟ୍‌ଲେକ୍ ହେଁ ସେ ସାତ୍‌ଗଟ୍ ରଃଜାମଃନାର୍
ବିତ୍ରେ ଗଟେକ୍, ଆର୍ ସେ ହେଁ ବେଗି ନାସ୍ ଅୟ୍‌ଦ୍ । 12 ଆର୍
ଜୁୟ୍ ଦଃସ୍‌ଗଟ୍ ସିଙ୍ଗ୍ ଦଃକ୍‌ଲିସ୍, ସେ ସଃବୁ ଦଃସ୍‌ଗଟ୍ ରଃଜାକେ
ବୁଜାଉଁଲି । ସେମଃନ୍ ଅଃବେ ହଃତେକ୍ ରାଇଜ୍ ନଃହାଉତି,
ମଃତର୍ ଜଃନ୍ତୁ ସଃଙ୍ଗ୍ରେ ଗଟେକ୍ ଗଣ୍ଟା ହଃତେକ୍ ରଃଜାମଃନାର୍
ହର୍ ଅଃଦିକାର୍ ହାଉତି । 13 ସେମଃନ୍ ଏକ୍ ମଃନାର୍ ଲକ୍, ଆର୍
ସେମଃନ୍ ସେ ଜଃନ୍ତୁକ୍ ଅଃହ୍‌ଣାମଃନାର୍ ସଃକ୍ତି ଆର୍ ଅଃଦିକାର୍
ଦେତି । 14 ସେମଃନ୍ ମେଣ୍ଡା ହିଲାର୍ ସଃଙ୍ଗ୍ ଜୁଜ୍ କଃର୍ତି,
ଆର୍ ମେଣ୍ଡା ହିଲା ସେମଃନ୍‌କେ ଜିଣେଦ୍, କାୟ୍‌ତାକ୍‌ବଃଲେକ୍
ସେ ମାପ୍ରୁମଃନାର୍ ମାପ୍ରୁ ଆର୍ ରଃଜାମଃନାର୍ ରଃଜା, ଆରେକ୍
ଜୁୟ୍‌ମଃନ୍ ତାର୍ ସଃଙ୍ଗ୍ ଆଚ୍‌ତି, ସେ କୁଦ୍‌ଲା, ବାଚ୍‌ଲା ଆର୍
ବିସ୍ୱାସି ଲକ୍‌ମଃନ୍‌କେ ହେଁ ଜିଣେଦ୍ ।" 15 ଆର୍ ମକ୍ ସେ
କୟ୍‌ଲା, "ଜୁୟ୍ ହାଣି ଚଃମେ ଜୁୟ୍ ଦାରିଆଣିକ୍ ବଃସି ରିଲାର୍
ଦଃକ୍‌ଲିସ୍, ସେ ହାଣି ବିନ୍ ବିନ୍ ଗସ୍ଟି, ଲକ୍, ଜାତି ଆର୍ ବାସାବାଦି
ଲକ୍‌ମଃନ୍‌କେ ବୁଜାୟ୍‌ଦ୍ । 16 ଆରେକ୍ ଜୁୟ୍ ଦଃସ୍‌ଗଟ୍ ସିଙ୍ଗ୍
ଦଃକ୍‌ଲିସ୍, ସେ ସଃବୁ ଆର୍ ସେ ଜଃନ୍ତୁ ଦାରିଆଣିକ୍ ଗିଣ୍ କଃର୍ତି
ଆର୍ ତାର୍ ତଃୟ୍‌ହୁଣି ସଃବୁ ଜିକି ନେତି ଆର୍ ତାକ୍ ନଃଗ୍‌ଲା
କଃର୍ତି ଆର୍ ତାର୍ ମାସ୍ କାତି ଆର୍ ତାକ୍ ଜୟେ ହଡାଉତି । 17
କାୟ୍‌ତାକ୍‌ବଃଲେକ୍ ଇସ୍ୱରାର୍ ସବୁ ବାକ୍ୟ ଜଃବେ ହଃତେକ୍
ହୁରା ନୟେ, ସେ ହଃତେକ୍ ସେମଃନ୍ ଜଃନ୍‌କଃରି ତାର୍ ଇଚାକ୍
ହୁରୁଣ୍ କଃର୍ତି ଆର୍ ଗଟେକ୍ ମଃନ୍ ଅୟ୍ ଅଃହ୍‌ଣାମଃନାର୍ ରାଇଜ୍
ଜଃନ୍ତୁକ୍ ଦାନ୍ କଃର୍ତି, ଇତାର୍ ଗିନେ ଇସ୍ୱର୍ ସେମଃନାର୍ ମଃନେ
ଜାଣାୟ୍ ଦିଲା ।" 18 "ଆର୍ ଜୁୟ୍ ମାୟ୍‌ଜିକେ ଦଃକ୍‌ଲିସ୍, ସେ
ହୁର୍ତିବିର୍ ରଃଜାମଃନାର୍ ଉହ୍ରେ ରାଜ୍ କଃର୍ତା ବଃଡ୍ ଗଃଳ୍‌କେ
ବୁଜାୟ୍‌ଦ୍ ।"

**18** ତାର୍‌ହଃଚେ ମୁୟ୍ ଆରେକ୍ ଗଟେକ୍ ଦୁତ୍‌କେ ସଃର୍ଗେ ହୁଣି
ଉତ୍ରି ଆସ୍ତାର୍ ଦଃକ୍‌ଲେ । ସେ ଅଃଦିକାର୍ ହାୟ୍‌ରିଲା
ଆର୍ ତାର୍ ଜଃଜ୍‌ମାନ୍ ସଃବୁ ହୁର୍ତିକ୍ ଉଜାଳ୍ କଃର୍ତି ରିଲି ।
2 ସେ ବଃଡେ ଉଲ୍‌ଗାଟ୍ ଅୟ୍‌କଃରି କୟ୍‌ଲା, "ତାର୍ ବଃସମ୍
ଅୟ୍‌ଆଚେ! ବଃଡ୍ ଗଃଳ୍ ବାବିଲନ୍ ବଃସମ୍ ଅୟ୍‌ଆଚେ, ସେରି
ଅଃବେ ଡାଣି ଆର୍ ହାହ୍ ଆତ୍ମାମଃନାର୍ ରେତା ଟାଣ୍ ଅୟ୍‌ଆଚେ
। ସଃବୁ ରଃକମାର୍ ବିଟାଲ୍ ଆର୍ ଗିଣ୍‌ଗିଣା ଚେଳେମଃନ୍ ସେତି
ବାସା ବାନ୍ଧି ଆଚ୍‌ତି । 3 କାୟ୍‌ତାକ୍‌ବଃଲେକ୍ ସେ ସଃବୁ ମାନାୟ୍
ଜାତିକ୍ ତାର୍ ଦାରିକାମାର୍ ମଃଦ୍ ସୁରାୟ୍ ଆଚେ, ହୁର୍ତିବିର୍
ରଃଜାମଃନ୍‌କେ ତାର୍ ସଃଙ୍ଗ୍ ଦାରି କାମାର୍ ହାହେ ବୁଡାୟ୍ ଆଚେ
। ଜଃଗତାର୍ ବେପାରିମଃନ୍ ତାର୍ ନଃହୁଣ୍ଡତା ଦାରିକାମାର୍
ଗିନେ ଅଃଦିକ୍ ଦଃନ୍ ହାୟ୍ ଦଃନି ଅୟ୍‌ଆଚ୍‌ତି ।" 4 ହଃଚେ
ମୁୟ୍ ସଃର୍ଗେ ହୁଣି ଆରେକ୍ ଗଟେକ୍ ସଃବ୍‌ଦ୍ ଇରି କଃଉତାର୍
ସୁଣ୍‌ଲେ, "ଏ ମର୍ ଲକ୍‌ମଃନ୍ ବାରାୟ୍ ଆସା! ତାର୍ ଲଃଗେ ହୁଣି
ବାରାୟ୍ ଆସା! ତୁମିମଃନ୍ ତାର୍ ହାହେ ଆରେକ୍ ବୁଡି ରିଆ
ନାୟ୍; ସେ ଜୁୟ୍ ଦଃଣ୍ଡ ହାୟ୍‌ଦ୍, ସେତିର୍ ବାଗିଦାରି ଅଃଉଆ
ନାୟ୍ । 5 କାୟ୍‌ତାକ୍‌ବଃଲେକ୍ ତାର୍ ହାହ୍‌ମଃନ୍ ଗାଦ୍ ଅୟ୍‌କଃରି
ସଃର୍ଗ୍ ହଃତେକ୍ ହେଁ ଉଟି ଆଚେ, ଆର୍ ଇସ୍ୱର୍ ତାର୍ ହାହ୍‌କାମ୍
ସଃବୁ ଏତାୟ୍ ଆଚେ । 6 ସେ ଜଃନ୍‌କଃରି ତୁମିମଃନାର୍ ସଃଙ୍ଗ୍
ବେବାର୍ କଃରି ଆଚେ, ତୁମିମଃନ୍ ତାର୍ ସଃଙ୍ଗ୍ ଟିକ୍ ସେରଃକମ୍
ବେବାର୍ କଃରା । ସେ ଜାୟ୍‌ରି କଃରି ଆଚେ, ତାକ୍ ତାର୍ କଃଲା
କାମାର୍ ଦୁୟ୍‌ଗୁଣ୍ ହଃଲ୍ ବାଉଳାୟ୍ ଦିଆସ୍ । ଆର୍ ତୁମିମଃନ୍‌କେ
କାଳାଉଁକ୍ ସେ ଜୁୟ୍ ମଃଦ୍ ତିଆର୍ କଃରି ରିଲି, ତାର୍ ଦୁୟ୍‌ଗୁଣ୍
ହିତା ମଃଦ୍ ତାର୍ କାତା କପାୟ୍ ହୁର୍ନ୍ କଃରା । 7 ସେ ନିଜ୍‌କେ
ଜଃତେକ୍ ଜଃଜ୍‌ମାନ୍ କଃର୍ତିରିଲି, ଆର୍ ଜଃଡେକ୍ ମାଜନେ
ବୁଡି ରେତି ରିଲି, ସେ ଇସାବେ ତାକ୍ ଦୁକ୍ କଃସ୍ଟ ଦିଆସ୍ ।
କାୟ୍‌ତାକ୍‌ବଃଲେକ୍ ସେ ମଃନେ ମଃନେ କଃଉଁଲି, 'ମୁୟ୍ ଇତି
ରାଣି ଅୟ୍ ବଃସିଆଚି! ମୁୟ୍ ରାଣ୍ଡି ନାୟ୍, ମକ୍ କଃବେ ହେଁ
ଦୁକ୍ ନାସେ ।' 8 ତାର୍ ଇ ସଃବୁ ହାହାର୍ ଗିନେ, ରଗ୍, ଦୁକ୍,
କଃତାର୍, ମଃର୍ଡି ଗଟ୍‌ଦିନ୍ ତାକ୍ ଅଃକାବଃଲ୍ ଗଃଟେଦ୍, ଆରେକ୍
ସେ ଜୟେ ଚିଡ୍‌ତେ ବଃସମ୍ ଅୟ୍ ଜାୟ୍‌ଦ୍ । କାୟ୍‌ତାକ୍‌ବଃଲେକ୍
ତାର୍ ଜେ ବିଚାର୍ କଃରୁଲା, ସେ ମାପ୍ରୁ ଇସ୍ୱର୍ ବଃଡେ ସଃକ୍ତିମାନ୍
।" 9 ହୁର୍ତିବିର୍ ଜୁୟ୍ ବଃଡ୍ ରଃଜାମଃନ୍ ତାର୍ ସଃଙ୍ଗ୍ ଦାରି ଆର୍
ହାହ୍ ବେବାର୍ କଃରି ରିଲାୟ୍, ସେମଃନ୍ ତାର୍ ଜୟ୍‌ର୍ ଦୁଆଁ
ଦଃକି କାନ୍ଧତି । 10 ତାର୍ ଦୁକ୍ କଃସ୍ଟାର୍ ବାଗିଦାରି ଅଃଉଁକ୍
ଡିରିକଃରି ସେମଃନ୍ ତାର୍ ତଃୟ୍‌ହୁଣି ଦୁରିକ୍ ଟିଆ ଅୟ୍ ରେତି
ଆର୍ ହାୟ୍, ହାୟ୍ କଃରି କଃଉତି, "କଃଡେକ୍ ବୟଃଙ୍କାର୍, ଜୁୟ୍
ଡଃଣ୍ଡ ହାଉତା ଜୟ୍‌ଗ୍ । ତୁୟ୍ କି ସେ ସଃକ୍ତିମାନ୍ ବଃଡ୍ ଗଃଳ୍

ବାବିଲନ୍! ଅଃକାୟ୍ ଗଟେକ୍ ଗଣ୍ଟା ବିତ୍ରେ ଜୁୟ୍ ଅଃତେକ୍ ଡଃଣ୍ଡ
ହାୟ୍‌ଲିସ୍ ।" 11 ଆର୍ ହୁର୍ତିବିର୍ ବେପାରିମଃନ୍ ତାର୍ ଗିନେ
କାନ୍ଦୁତି ଆର୍ ଦୁକ୍ କଃର୍ତି, କାୟ୍‌ତାକ୍‌ବଃଲେକ୍ ସେମଃନାର୍
ବିକ୍‌ତା ଜିନିସ୍‌ମଃନ୍ ଗେନ୍‌ତା ଲକ୍ ଆରେକ୍ କେ ହେଁ ନାୟ୍ ।
12 ସେମଃନାର୍ ସନା, ରୁହା, ମଣି, ମୁକ୍ତା, ମଃସିଣ୍ ବଃସ୍ତୁର୍,
ବେଜା ରଃଙ୍ଗାର୍ ବଃସ୍ତୁର୍, ପଟୁବସ୍ତୁର୍, ସିନ୍ଦୁର୍ ରଃଙ୍ଗାର୍ ବଃସ୍ତୁର୍,
ସଃବୁ ରଃକମାର୍ ଚନ୍ଦନ୍ ଦାରୁ, ଆତି ଦାତେ ତିଆର୍ ଅୟ୍‌ଲା
ସଃବୁ ରଃକମାର୍ ଜିନିସ୍, ବୁତେକ୍ ମଲାର୍ ଦାରୁମଃନ୍, ହିତୁଲ୍,
ଲଃଉଆ ଆର୍ ମାର୍ବଃଲ୍ ହଃକ୍‌ଣାୟ୍ ତିଆର୍ ଅୟ୍‌ଲା ସଃବୁ
ରଃକମାର୍ ଜିନିସ୍, 13 ଦାରୁଚିନି, ବିନ୍‌ବିନ୍ ମିସ୍‌ଲା ଜିନିସ୍,
ଦୁହ୍‌ଣି, ବାସ୍ନା ଲାଗାଉତା ଜିନିସ୍, କୁନ୍ଦୁରୁ, ମଃଦ୍, ଚିକଣ୍, ମଇଦା,
ଗଅଁ, ଗାଇଗଃରୁ, ମେଣ୍ଢା, ଗଳା, ରଃତ୍, ଗତିଦଃଙ୍ଗ୍‌ଲା ଆର୍
ନଃର୍‌ମଃନାର୍ ଗଃଗାଳାର୍ ଜିବନ୍‌କେ ଗେନ୍‌ତା ଲକ୍ ହେଁ କେ
ନଃରେତି । 14 ବେପାରିମଃନ୍ ତାକ୍ କଃଉତି, "ତର୍ ସୁକ୍ ବୟ୍‌ଗ୍
କଃର୍ତା ସଃବୁ ନିକନିକରି ମଃୟ୍ଯା ଅୟ୍‌ଗଃଲି ଆର୍ ତର୍ ଦଃନାର୍
ଜିକ୍‌ଜିକା ଆରେକ୍ ନାୟ୍‌ନି । ତୁୟ୍ ସେ ସଃବୁକ୍ ଆରେକ୍ କଃବେ
ହେଁ ଲେଉଟି ନଃହାଉସି ।" 15 ଜୁୟ୍ ବେପାରିମଃନ୍ ସେ ଗଃଳେ
ବେପାର୍ କଃରି ମାଜନ୍ ଅୟ୍‌ରିଲାୟ୍, ସେମଃନ୍ ତାର୍ ଦୁକ୍
ବୟ୍‌ଗାର୍ ବାଗି ଅଃଡଁକ୍ ଡିରିକଃରି ଦୁରିକ୍ ଟିଆ ଅୟ୍ କାନ୍ଦିକଃରି
ଆର୍ ଦୁକ୍ କଃରି, 16 କଃଉତି, "ହାୟ୍ ହାୟ୍, ଦଃଣ୍ଡାର୍ ଜୟ୍‌ଗ୍
ବଃଡ୍ ଗଃଳ୍ । ସେ ମଃସିଣ୍ ବଃସ୍ତୁର୍, ବେଜା ରଃଙ୍ଗାର୍ ଆର୍
ସିନ୍ଦୁର୍ ରଃଙ୍ଗାର୍ ବଃସ୍ତୁର୍ ହିନ୍ଦୁତି ରିଲି, ଆରେକ୍ ସନା, ମଣି
ଆର୍ ମୁକ୍ତାୟ୍ ଡାହି ଅୟ୍‌ରିଲି । 17 ମଃତର୍ ଗଟେକ୍ ଗଣ୍ଟା
ବିତ୍ରେ ସେ ଇ ସଃବୁ ଦଃନ୍‌ବିତ୍ ଆରାୟ୍‌ଲି ।" ଜାଜ୍‌ମଃନାର୍
ମୁଳିକାମଃନ୍, ହାଣିଜାଜେ ଚଃଗି ଜାତା ଲକ୍‌ମଃନ୍, ଜାଜ୍‌ମଃନାର୍
ଡାୟ୍‌ବର୍‌ମଃନ୍ ଆର୍ ସଃମ୍ନ୍ଦ ବେପାରିମଃନ୍ ବେସି ଦୁରିକ୍ ଟିଆ
ଅୟ୍‌ଲାୟ୍ । 18 ଆର୍ ହଡ୍‌ତା ଗଃଳାର୍ ଦୁଆଁ ଦଃକି ଆଉଲି
ଅୟ୍‌କଃରି କୟ୍‌ଲାୟ୍, "ଇ ବଃଡ୍ ଗଃଳ୍ ହର୍ ଆରେକ୍ କୁୟ୍
ଗଃଳ୍ ନଃରିଲି ।" 19 ସେମଃନ୍ ଅଃହ୍‌ଣା ଅଃହ୍‌ଣାର୍ ମୁଣ୍ଡେ
ଦୁଳି ବିତ୍ରି ଏତାୟ୍ ଏତାୟ୍ କାନ୍ଦିକଃରି କୟ୍‌ଲାୟ୍, "ଚି, ଚି,
ଦଃଣ୍ଡାର୍ ଜୟ୍‌ଗ୍ ବଃଡ୍ ଗଃଳ୍ । ସଃମ୍ନ୍ଦେ ଜାଆ ଆସ୍ ଅଃଉତା
ଡଙ୍ଗାମଃନ୍ ତାର୍ ଦଃନେ ମାଜନ୍ ଅୟ୍‌ରିଲାୟ୍, ମଃତର୍ ଗଟେକ୍
ଗଣ୍ଟା ବିତ୍ରେ ସେ ସଃବୁ ଆରାୟ୍ ଆଚେ ।" 20 ଏ ସଃର୍ଗ୍, ସେ
ବଃସମ୍ ଅୟ୍‌ଲାକ୍ ସଃର୍ଦା କିଆଲି କଃରା । ଏ ଦଃର୍ମି ଲକ୍‌ମଃନ୍,
ଏ ପେରିତ୍ ଚେଲାମଃନ୍ ଆର୍ ବାବ୍‌ବାଦିମଃନ୍, ସଃର୍ଦା ଅଃଉଆ ।
କାୟ୍‌ତାକ୍‌ବଃଲେକ୍ ତୁମିମଃନାର୍ ଉହ୍ରେ ସେ ଜାୟ୍‌ରି କଃରିରିଲି,
ସେତାର୍‌ଗିନେ ଇସ୍ୱର୍ ତାକ୍ ବିଚାର୍ ଡଃଣ୍ଡ ଦଃୟ୍‌ଆଚେ । 21
ତାର୍‌ହଃଚେ ଗଟେକ୍ ସଃକ୍ତିସାଲି ଦୁତ୍ ଜଃତା ଟେଳା ହର୍ ଗଟେକ୍
ବଃଡ୍ ଟେଳା ନଃୟ୍ ସଃମ୍ନ୍ଦେ ହଃକାୟ୍‌ଲା ଆର୍ କୟ୍‌ଲା, "ବଃଡ୍
ବଃଳ୍ ବାବିଲନ୍ ଇରଃକମ୍ କଃରି ହଃକାଅୟ୍‌ଦ୍ ଆର୍ ତାକ୍ କେ
ହେଁ କଃବେ ଦଃକୁ ନଃହାର୍‌ତି । 22 ବିଣା, କି ଗିତ୍‌କୁଳିଆ, ସୁର୍ଲି
କି ମରି ବାଜୁଣ୍, କଃବେ ଆର୍ ତର୍ ଲଃଗେ ସୁଣା ନଃଜାୟ୍‌ଁ ।
କୁୟ୍ ହେଁ ମେସ୍ତୁରି ତର୍ ତଃୟ୍ ଆରେକ୍ ନଃଡିସ୍ତି; କି ଜଃତାର୍
ରୁତ୍‌ତା ସଃବଦ୍ ସୁଣା ନଃଜାୟ୍‌ଁ । 23 ତର୍ ତଃୟ୍ ଆରେକ୍
କଃବେ ହେଁ କୁପି ଉଜାଲ୍ ନଃଲାଗେ; କି ବଃର କଃନ୍ୟାର୍ କଃତା
ସୁଣା ନଃଜାୟ୍‌ଁ । କାୟ୍‌ତାକ୍‌ବଃଲେକ୍ ତର୍ ବେପାରିମଃନ୍ ହୁର୍ତିଏ
ବଃଡ୍ ସଃକ୍ତିସାଲି ଅୟ୍‌ରିଲାୟ୍, ତର୍ ଜାଦୁ ବିଦ୍ୟା ତଃୟ୍ ଜୁୟ୍
ହୁର୍ତିବିର୍ ସଃବୁ ଲକ୍‌କେ ବାମ୍‌ଲାୟ୍ କଃରି ସଃଙ୍ଗାୟ୍ ରିଲିସ୍ ।"
24 ଆରେକ୍ ଇ ବଃଡ୍ ଗଃଳେ ହୁର୍ତିବିର୍ ଗାଦେକ୍ ବାବ୍‌ବାଦି ଆର୍
ଦଃର୍ମିମଃନ୍‌କେ ମଃର୍ନେ ମାରା ଅୟ୍‌ରିଲି । ଇ ସଃବୁ ହାହାର୍
ଗିନେ ସେ ସଃମାନ୍ ଇସାବେ ଡଃଣ୍ଡ ହାୟ୍‌ଆଚେ ।

**19** ଇତାର୍ ହଃଚେ ମୁୟ୍ ଜାୟ୍‌ରି ସୁଣୁଲେ, ସେରି ସଃର୍ଗାର୍
ଗଟ୍ ଅଲେକାର୍ ଲକ୍‌ମଃନ୍ଦାର୍ କାଲାହୁଲିର୍ ସଃବ୍‌ଦ୍ ହର୍
ଲାଗ୍‌ତି ରିଲି । ସେମଃନ୍ କଃଉତି ରିଲାୟ୍, "ଇସ୍ୱରାର୍ ସ୍ତୁତି
କଃରା । ଅଃମାର୍ ଇସ୍ୱର୍ ମୁକ୍ତି, ଜଃଜ୍‌ମାନ୍ ଆର୍ ସଃକ୍ତିର୍
ଅଃଦିକାରି । 2 ତାର୍ ବିଚାର୍ ସଃତ୍ ଆର୍ ନ୍ୟାୟ୍ କଃରାବ୍
କାମେ ହୁର୍ତିବିକ୍ ବିଟାଲ୍ କଃର୍ତା ବେସ୍ୟାଣିକ୍ ସେ ଟିକ୍ ଡଃଣ୍ଡ
ଦଃୟ୍‌ଆଚେ । ଇସ୍ୱରାର୍ ସେବାକାରିମଃନ୍‌କେ ମଃର୍ନେ ମାରି
ରିଲାକ୍ ସେ ତାକ୍ ଡଃଣ୍ଡ ଦଃୟ୍‌ଆଚେ ।" 3 ମୁୟ୍ ସୁଣ୍‌ଲେ,
ସେମଃନ୍ ଆରେକ୍ କାଲାହୁଲି ଅୟ୍ କୟ୍‌ଲାୟ୍, "ହାଲେଲୁୟା;
ସେ ବଃଡ୍ ଗଃଳ୍‌କେ ବଃସମ୍ କଃର୍ତା ଜୟ୍ ଦୁଆଁ ଜୁଗେଜୁଗେ
ଉହ୍ରେ ଉଟ୍‌ତି ରଃୟ୍‌ଦ୍ ।" (aiōn g165) 4 ସିଙ୍ଗାସଣେ ବଃସିରିଲା
ଇସ୍ୱରାର୍ ଚଃମେ ୨୪ ଗଟ୍ ପାରାଚିନ୍‌ମଃନ୍ ଆର୍ ସେ ଚାରିଗଟ୍
ଜିବନ୍ ଜଃନ୍ତୁ ମୁଣ୍ଡ୍ୟା ମାରି ଇସ୍ୱରାର୍ ସେବା କଃଲାୟ୍ । ସେମଃନ୍
କୟ୍‌ଲାୟ୍, "ଆମେନ୍, ହାଲେଲୁୟା ।" 5 ତାର୍‌ହଃଚେ ଇସ୍ୱରାର୍
ସିଙ୍ଗାସଣେ ହୁଣି ଗଟେକ୍ ସଃବଦ୍ ସୁଣା ଅୟ୍‌ଲି, "ଏ ଇସ୍ୱରାର୍
ଗତିଦଃଙ୍ଗ୍‌ଲା ଆର୍ ସେବା କଃରୁମଃନ୍, ତାକ୍ ଡିର୍ତା ସାନ୍ ଆର୍
ବଃଡ୍ ଲକ୍‌ମଃନ୍, ସଃବୁ ଲକ୍ ତାର୍ ଗୁଣ୍‌ଗିତ୍ କଃଉଆ ।" 6
ସଃଡେବଃଳ୍ ମୁୟ୍ ସୁଣ୍‌ଲେ, ଅଲେକାର୍ ଲକ୍‌ମଃନ୍ଦାର୍ ସଃବଦ୍,
ବୁତେକ୍ ହାଣି ଅଦୁର୍ତା ସଃବଦ୍ ଆର୍ ଜଃବର୍ ମେଗ୍ ଗଃର୍ଜାଣାର୍
ସଃବ୍‌ଦ୍ ହର୍ ଗଟେକ୍ ସଃବ୍‌ଦ୍ ଇରି କଃଉତାର୍ ସୁଣ୍‌ଲେ,
"ହାଲେଲୁୟା, କାୟ୍‌ତାକ୍‌ବଃଲେକ୍ ଅଃମାର୍ ମାପ୍ରୁ ସଃବ୍‌କେ
ସଃକ୍ତିମାନ୍ ଇସ୍ୱର୍, ସେ ହଃକା ଅଃମାର୍ ରଃଜା । 7 ଆସା
ଅଃମିମଃନ୍ ସଃର୍ଦା ଆର୍ ଗିତ୍‌ନାଟ୍ କଃରୁଆଁ, ତାର୍ ବଃଡ୍ ନିକଗୁଣ୍
ଗିନେ ଜଃଜ୍‌ମାନ୍ କଃରୁଆଁ! କାୟ୍‌ତାକ୍‌ବଃଲେକ୍ ମେଣ୍ଢାହିଲାର୍
ବିବା ଅଃଉତା ବେଳା ଆସି ଆଚେ, ଆର୍ ତାର୍ କଃନ୍ୟା ସେତାର୍
ଗିନେ ଅଃହ୍‌ଣାକ୍ ତିଆର୍ କଃରି ଆଚେ । 8 ତାକ୍ ହିନ୍ଦୁତା
ଗିନେ ଦବ୍‌ଳା ଆର୍ ପବିତ୍ର ମଃସୁଣ୍ ବଃସ୍ତୁର୍ ଦିଆ ଅୟ୍‌ଲି ।"
ସେ ମଃସିଣ୍ ବଃସ୍ତୁର୍ ଇସ୍ୱରାର୍ ଲକ୍‌ମଃନାର୍ ଦଃର୍ମ୍‌କାମ୍ ।
9 ସଃଡେବଃଳ୍ ସଃର୍ଗ୍ ଦୁତ୍ ମକ୍ କୟ୍‌ଲା, "ଇରି ଲେକି ରେ,
ଜୁୟ୍‌ମଃନ୍ ମେଣ୍ଢାହିଲାର୍ ବିବା ବଜିଏ କୁଦା ଜାୟ୍ ଆଚ୍‌ତି,
ସେମଃନାର୍ ବାୟ୍‌ଗ୍ ।" ସେ ଆରେକ୍ ମକ୍ କୟ୍‌ଲା, "ଇ ସଃବୁ

ଇସ୍ୱରାର୍ ସ୪ତ୍ କ୪ତା ।” 10 ସେତାକ୍ ମୁୟ୍ ସେ ଦୁତ୍‌କେ
ଜୁଆର୍ କ୪ରୁକେ ତାର୍ ହାଦ୍ ତ୪ଳେ ଡୁଲ୍‌ଲେ । ମ୪ତର୍ ସେ
ମକ୍ କୟ୍‌ଲା, “ଜ୪ଗ୍ରାତ୍, ଇର୪କମ୍ କ୪ର୍ ନାୟ୍, ମୁୟ୍ ତର୍
ହର୍ ଆର୍ ତର୍ ବାୟ୍‌ମ୪ନାର୍ ହର୍ ଜିସୁର୍ ଗଟେକ୍ ଗତିଦ୪ଙ୍ଗ୍ଲା
। ତୁମିମ୪ନାର୍ ହର୍ ମୁୟ୍ ହେଁ ଜିସୁ ଜାଣାୟ୍‌ଲା ସ୪ତ୍‌କେ
ଦ୪ରିଆଚି । ଇସ୍ୱର୍‌କେ ହ୪କା ହୁଜା କ୪ରା । ଜିସୁ ଜାଣାୟ୍
ରିଲା ସ୪ତ୍ ଆତ୍ମା ହ୪କା ବାବ୍‌ବାଦିମ୪ନ୍‌କେ ସିକ୍ୟା ଦ୪ୟ୍‌ଦ୍ ।”
11 ତାର୍‌ହ୪ଚେ ମୁୟ୍ ଦ୪କ୍‌ଲେ, ସ୪ର୍ଗ୍ ଦୁଆର୍ ଉଗାଳି ଅୟ୍‌ଆଚେ
ଆର୍ ସେତି ଗଟେକ୍ ଦବ୍‌ଳା ର୪ଙ୍ଗ୍ଲାର୍ ଗ୪ଳା ଆଚେ । ସେ ଗଳା
ଚାଲାଉତା ଲକାର୍ ନାଉଁ ବିସ୍ୱାସାର୍ ଜୟ୍‌ଗ୍ ଆର୍ ସ୪ତ୍ । ତାର୍
ବିଚାର୍ ନ୍ୟାୟ୍ ଆର୍ ଦ୪ର୍ମେ ଜୁଜ୍ କ୪ରୁକେ ବାଚା ଅୟ୍‌ଆଚେ
। 12 ତାର୍ ଆକି ଜୟ୍ ଅଳା ହର୍ ଆର୍ ତାର୍ ମୁଣ୍ଡେ ଗାଦେକ୍
ମୁକୁଟ୍ ରିଲି । ତାର୍ ଗଟେକ୍ ନାଉଁ ଲେକା ଜାୟ୍‌ରିଲି, ମ୪ତର୍
ସେରି କାୟ୍‌ରି, ତାକ୍ ଚାଡି ଆରେକ୍ କେ ହେଁ ନ୪ଜାଣ୍‌ତି । 13
ସେ ହିନ୍ଦ୍‌ରିଲା ବ୪ସ୍ତୁର୍ ବ୪ନି ତ୪ୟ୍ ବୁଡାୟ୍ ଅୟ୍‌ରିଲି । ସେ
“ଇସ୍ୱରାର୍ ବାକ୍ୟ” ନାଉଁଏ ଜାଣାସୁଣା । 14 ସ୪ର୍ଗାର୍ ସ୪ଇନ୍
ମ୪ନ୍ଦା ନିର୍ମୁଲ୍, ଦବ୍, ମ୪ସିଣ୍ ବ୪ସ୍ତୁର୍ ହିନ୍ଦି ଦବ୍ ଗଳାମ୪ନାର୍
ଉହ୍ରେ ଚ୪ଗି ତାର୍ ହ୪ଚେ ହ୪ଚେ ଜାତି ରିଲାୟ୍ । 15 ତାର୍ ଟଣ୍ଡେ
ହୁଣି ଗଟେକ୍ ଦାରୁଆ କ୪ଣ୍ଡା ବାରାଉତି ରିଲି । ସେ କ୪ଣ୍ଡା ସ୪ଙ୍ଗ୍
ସେ ହୁର୍ତିବିର୍ ସ୪ବୁ ଜାତିକ୍ ଆରାୟ୍‌ଦ୍ । ଆରେକ୍ ସେମ୪ନ୍‌କେ
ସେ ଲ୪ଉଆ ଡାଙ୍ଗ୍ ସ୪ଙ୍ଗ୍ ସାସନ୍ କ୪ରେଦ୍ ଆର୍ ସ୪ବ୍‌କେ
ସ୪କ୍ତିମାନ୍ ଇସ୍ୱରାର୍ ଜ୪ବର୍ ରିସା ହର୍ ଅଙ୍ଗୁର୍‌କେ ସେ ଗ୪ଣା
କୁଣ୍ଡେ ନିଜେ ହିଳିକ୪ରି ଅଙ୍ଗୁର୍ ର୪ସ୍ ବାର୍ କ୪ରେଦ୍ । 16 ତାର୍
ବ୪ସ୍ତୁର୍ ଉହ୍ରେ ଆର୍ ଜ୪ଙ୍ଗେ ଇ ନାଉଁ ଲେକା ଅୟ୍‌ରିଲି, “ର୪ଜା
ମ୪ନାର୍ ର୪ଜା ଆର୍ ମାପ୍ରୁ ମ୪ନାର୍ ମାପ୍ରୁ ।” 17 ତାର୍‌ହ୪ଚେ
ମୁୟ୍ ଗଟେକ୍ ଦୁତ୍‌କେ ବେଲ୍ ଉହ୍ରେ ଟିଆ ଅୟ୍‌ରିଲା । ସେ
ଅ୪ଗାସେ ଉଡ୍‌ତା ଚେଳେମ୪ନ୍‌କେ ଆଉଲି ଅୟ୍‌କ୪ରି କୟ୍‌ଲା,
“ଆସା, ଇସ୍ୱରାର୍ ବ୪ଡ୍ ବଜିଏ ଜ୪ଉଁକେ ଗଟେତ୪ୟ୍ଁ ରୁଣ୍ଡା
। 18 ର୪ଜା, ସ୪ଇନ୍, ସ୪ଇନ୍‌ମ୪ନାର୍ ମୁଳିକା, ଗଳା, ଆର୍
ଗଳା ଚାଲାଉ, ଗତିଦ୪ଙ୍ଗ୍ଲା, ସ୍ୱାଦିନ୍, ବ୪ଡ୍ କି ସାନ୍ ସ୪ବ୍‌କାର୍
ମାସ୍ ଆସିକ୪ରି କାହା ।” 19 ତାର୍‌ହ୪ଚେ ମୁୟ୍ ଦ୪କ୍‌ଲେ, ସେ
ଗଳା ଚାଲାଉ ଆର୍ ତାର୍ ସ୪ଇନ୍ ଦ୪ଳ୍ ବିରଦେ ଜୁଜ୍ କ୪ରୁକେ
ସେ ଜ୪ତୁ ଆର୍ ହୁର୍ତିବିର୍ ସ୪ବୁ ର୪ଜାମ୪ନ୍ ଆର୍ ସେମ୪ନାର୍
ସ୪ଇନ୍ ଦ୪ଳ୍ ଗଟେକ୍ ଅୟ୍‌ଲାୟ୍ । 20 ସେ ଜୁଜ୍‌ତ୪ୟ୍ ଜ୪ତୁ
ଆର୍ ତାର୍ ମୁଏଁ କାବା ଅ୪ଉତା କାମ୍ କ୪ର୍ତା ସେ ବ୪ମ୍‌ଲାଉତା
ବାବ୍‌ବାଦି ଦ୪ରା ହ୪ଳି ବନ୍ଦି ଅୟ୍‌ଲାୟ୍ । ଜୁୟ୍ ଲକ୍‌ମ୪ନାର୍
ତ୪ୟ୍ ଜ୪ତୁର୍ ଚିନ୍ ରିଲି ଆର୍ ଜୁୟ୍‌ମ୪ନ୍ ତାର୍ ମୁର୍ତି କେ
ସେବା କ୪ର୍ତି ରିଲାୟ୍, ଜ୪ତୁ ତାର୍ କାବା ଅ୪ଉତା କାମ୍ ତ୪ୟ୍
ସେମ୪ନ୍‌କେ ବାମ୍‌ଲାୟ୍ ରିଲି । ସେ ଜ୪ତୁ ଆର୍ ସେ ବମ୍‌ଲାଉତା
ବାବ୍‌ବାଦି ଗ୪ନ୍ଧକ୍ ଜୟ୍‌କୁଣ୍ଡେ ଜିବନ୍ ଜିବନ୍ ହ୪ବ୍‌ଲାୟ୍‌ଲାୟ୍
। (Limnē Pyr g3041 g4442) 21 ଆରେକ୍ ସେମ୪ନାର୍ ସ୪ଇନ୍
ଦ୪ଳ୍, ସେ ଗଳାଚାଲାଉର୍ ଟଣ୍ଡେ ହୁଣି ବାରାଉତା କ୪ଣ୍ଡା ସ୪ଙ୍ଗ୍
ମାରା ଅୟ୍‌ଲାୟ୍ । ଅ୪ଗାସାର୍ ସ୪ବୁ ଚେଳେମ୪ନ୍ ମ୪ନ୍ ଇଚାୟ୍
ସେମ୪ନାର୍ ମାସ୍ କାୟ୍‌ଲାୟ୍ ।


**20** ତାର୍‌ହ୪ଚେ ମୁୟ୍ଁ ଆରେକ୍ ଗଟେକ୍ ଦୁତ୍‌କେ ସ୪ର୍ଗେ ହୁଣି
ଉତ୍ରି ଆସ୍ତାର୍ ଦ୪କ୍‌ଲେ, ତାର୍ ଆତେ ହ୪ତାଲ୍ ରାଜିର୍
କୁଚିକାଡା ଆର୍ ଗଟେକ୍ ବଜ୍ ସିକ୍ଲି ରିଲି । (Abyssos g12) 2
ସେରି ସେ ହ୪ର୍ନା ନାଗ୍ ସାହ୍, ସେ ଡାଣି ଆର୍ ସୟ୍‌ତାନ୍‌କେ
ଦ୪ରି ୧,୦୦୦ ବ୪ର୍ସ୍ ହ୪ତେକ୍ ସିକ୍‌ଲି ତ୪ୟ୍ ବାନ୍ଧଲା ।
3 ଆରେକ୍ ତାକ୍ ହ୪ତାଲ୍ କୁଣ୍ଡେ ହ୪କାୟ୍ ସେତିର୍ ଦୁଆର୍
ଡାହ୍‌ଲାୟ୍ ଆର୍ ଦୁଆରେ ମୁଦ୍ରା ମାର୍‌ଲାୟ୍ । ଏକ୍ ଆଜାର୍
ବ୪ର୍ସ୍ ନ୪ସେର୍ତା ହ୪ତେକ୍ ସେ ଆରେକ୍ କୁୟ୍ ଦେସାର୍ ଲକ୍‌କେ
ବାମ୍‌ଲାଉଁ ନାହାରେ । ତାର୍‌ହ୪ଚେ କ୪ତେକ୍ ବେଳାର୍ ଗିନେ
ତାକ୍ ଚାଡା ଅୟ୍‌ଦ୍ । (Abyssos g12) 4 ତାର୍‌ହ୪ଚେ ମୁୟ୍ ସିଙ୍ଗାସଣ୍
ସ୪ବୁ ଦ୪କ୍‌ଲେ, ସେମ୪ନାର୍ ଉହ୍ରେ ବ୪ସିରିଲା କ୪ତେକ୍
ଲକ୍‌ମ୪ନ୍‌କେ ବିଚାର୍ କ୪ରୁକେ ଅ୪ଦିକାର୍ ଦିଆ ଜାୟ୍‌ଆଚେ
। ଆରେକ୍ ହେଁ ମୁୟ୍ କ୪ତେକ୍ ମ୪ଲା ଲକ୍‌ମ୪ନାର୍ ଆତ୍ମାକେ
ଦ୪କ୍‌ଲେ, ସେମ୪ନ୍ ଜିସୁ ଜାଣାୟ୍‌ରିଲା କ୪ତା ଆର୍ ଇସ୍ୱରାର୍
କ୪ତା ପର୍ଚାର୍ କ୪ର୍ତି ରିଲାକ୍ ମ୪ର୍ତେ ମାରା ଜାୟ୍‌ରିଲାୟ୍ ।
ସେମ୪ନ୍ ଜ୪ତୁ କି ତାର୍ ମୁର୍ତି କେ ସେବା କ୪ରି ନ୪ରିଲାୟ୍, କି
କାହାଲ୍ ଆର୍ ଆତେ ସେ ଜ୪ତୁର୍ ଚିନ୍ ଗଦାୟ୍ ଅୟ୍‌ନ୪ରିଲାୟ୍
। ସେମ୪ନ୍ ଆରେକ୍ ଜିବନ୍ ହାୟ୍ କ୍ରିସ୍ଟର୍ ସ୪ଙ୍ଗ୍ ୧,୦୦୦ ବ୪ର୍ସ୍
ରାଇଜ୍ କ୪ଲାୟ୍ । 5 ବାକି ମ୪ଲା ଲକ୍‌ମ୪ନାର୍ ବିତ୍ରେ ସେ
୧,୦୦୦ ବ୪ର୍ସ୍ ନ୪ସେର୍ତା ହ୪ତେକ୍ କେ ହେଁ ଜିବନ୍ ହାୟ୍
ନ୪ରିଲାୟ୍ । ଇରି ହ୪କା ମ୪ଲା ଲକ୍‌ମ୪ନ୍ ହ୪ର୍ତୁ ଉଟ୍‌ତାର୍
। 6 ମ୪ଲା ଲକ୍‌ମ୪ନାର୍ ଇ ହ୪ର୍ତୁ ଉଟ୍‌ତା ତ୪ୟ୍ ଜୁୟ୍‌ମ୪ନ୍
ମିସି ଆଚ୍‌ତି, ସେମ୪ନାର୍ କ୪ଡେକ୍ ବାୟ୍‌ଗ୍ ଆର୍ କ୪ଡେକ୍
ସ୪ର୍ଦା । ସେମ୪ନାର୍ ଉହ୍ରେ ଆରେକ୍ ମ୪ର୍ନାର୍ ଅ୪ଦିକାର୍ ନାୟ୍
। ମ୪ତର୍ ସେମ୪ନ୍ ଇସ୍ୱରାର୍ ଆର୍ କ୍ରିସ୍ଟର୍ ଜାଜକ୍ ଅୟ୍ କ୍ରିସ୍ଟର୍
ସ୪ଙ୍ଗ୍ ୧,୦୦୦ ବ୪ର୍ସ୍ ହ୪ତେକ୍ ରାଇଜ୍ କ୪ର୍ତି । 7 ସେ ୧,୦୦୦
ବ୪ର୍ସ୍ ସ୪ର୍ଲା ହ୪ଚେ ସୟ୍‌ତାନ୍‌କେ ବାନ୍ଧଣେ ହୁଣି ମୁକ୍‌ଲାୟ୍ ଦିଆ
ଅୟ୍‌ଦ୍, 8 ଆର୍ ସେ ଗଗ୍ ଆର୍ ମାଗଗ୍ ହର୍ ହୁର୍ତିବିର୍ ଚାରିହାକ୍
ସ୪ମ୍‌ନ୍ଦାର୍ ବାଲି ହର୍ ବିତ୍ରି ଅୟ୍‌ରିଲା ଜାତିମ୪ନାର୍ ଅଲେକାର୍
ଦ୪ଳ୍‌କେ ସୟ୍‌ତାନ୍ ବାମ୍‌ଲାୟ୍ କ୪ରି ଜୁଜ୍ ଗିନେ ଗଟେ ତ୪ୟ୍
କ୪ରୁକେ ବାରାୟ୍ ଜାୟ୍‌ଦ୍ । 9 ସେମ୪ନ୍ ହୁର୍ତିବିର୍ ଚାରିହାକ୍
ବିତ୍ରି ଅୟ୍ ଦ୪ର୍ମି ଲକ୍‌ମ୪ନାର୍ ଜ୪ଗା ମ୪ନ୍‌କେ ଆର୍ ଇସ୍ୱରାର୍
ଲାଡାର୍ ଗ୪ଲ୍‌ମ୪ନ୍‌କେ ବେଲ୍‌ତି । ମ୪ତର୍ ସ୪ଡେବ୪ଲ୍ ସ୪ର୍ଗେ
ହୁଣି ଜୟ୍ ଅଦ୍ରି ସେମ୪ନ୍‌କେ ବ୪ସମ୍ କ୪ରେଦ୍ । 10 ଆର୍
ଜୁୟ୍ ଗ୪ନ୍ଧକ୍ ଜୟ୍ ଲାଗ୍‌ତା କୁଣ୍ଡେ ଜ୪ତୁ ଆର୍ ବମ୍‌ଲାଉତା
ବାବ୍‌ବାଦିକେ ହ୪କା ଅୟ୍‌ରିଲି, ବ୪ମ୍‌ଲାଉତା ସୟ୍‌ତାନ୍‌କେ ହେଁ
ସେଲ୪ଗେ ହ୪କା ଅୟ୍‌ଦ୍ । ସେମ୪ନ୍ ବିନ୍ ରାତି ଜୁଗେଜୁଗେ
କ୪ସ୍ଟ ବୟ୍‌ଗ୍ କ୪ର୍ତି । (aiōn g165, Limnē Pyr g3041 g4442) 11

ତାର୍‌ହଃଚେ ମୁୟ୍ ଗଟେକ୍ ବଃଡ୍ ଦବ୍‌ଳା ରଃଙ୍ଗାର୍ ସିଙ୍ଗାସଣ୍ ଆର୍
ସେତି ବଃସି ରିଲା ଗଟେକ୍ ଲକ୍‌କେ ଦଃକ୍‌ଲେ । ତାର୍ ମୁୟେ
ହୁଣି ହୁର୍ତି ଆର୍ ଅଃଗାସ୍ ମଃଣ୍ଡଳ୍ ହଃଳାୟ୍‌ଲାୟ୍ ଆର୍ ସେରିମଃନ୍
ନଃଡିସ୍‌ଲି 12 ଆରେକ୍ ମୁୟ୍ ସାନ୍ ଆର୍ ବଃଡ୍ ସଃବୁ ମଃଲା
ଲକ୍‌ମଃନ୍‌କେ ସିଙ୍ଗାସଣାର୍ ମୁୟେ ଟିଆ ଅୟ୍‌ରିଲାର୍ ଦଃକ୍‌ଲେ ।
ଆର୍ ପୁସ୍ତକ୍‌ମଃନ୍ ସଃବୁ ଉଗାଳା ଅୟ୍‌ଲି, ଆର୍ ଜିବନ୍ ପୁସ୍ତକ୍
ନାଉଁଆର୍ ଆରେକ୍ ଗଟେକ୍ ପୁସ୍ତକ୍ ଉଗାଳା ଅୟ୍‌ଲି । ସେ ଜିବନ୍
ବଇ ତଃୟ୍ ଲକ୍‌ମଃନାର୍ କଃଲା କାମ୍‌ମଃନାର୍ ବିସୟେ ଜାୟ୍‌ରି
ସଃବୁ ଲେକା ଅୟ୍‌ରିଲି, ସେ ହଃର୍କାରେ ସେମଃନାର୍ ବିଚାର୍
କଃରା ଅୟ୍‌ଲି । 13 ଆର୍ ସଃମ୍‌ନ୍ଦ ଅଃହ୍‌ଣାର୍ ବିତ୍ରେ ମଃରିରିଲା
ଲକ୍‌ମଃନ୍‌କେ ସଃହ୍ରି ଦିଲି । ଆରେକ୍ ମଃର୍ନ୍ ଆର୍ ହଃତାଳ୍
ସେମଃନାର୍ ତଃୟ୍ ରିଲା ମଃଲା ଲକ୍‌ମଃନ୍‌କେ ସଃହ୍ରି ଦିଲାୟ୍
। ଆର୍ ସେମଃନ୍ ସଃବୁ ଲକ୍ ନିଜାର୍ ନିଜାର୍ କଃଲା କାମ୍
ହଃର୍କାରେ ବିଚାର୍ କଃରା ଅୟ୍‌ଲି । (Hadēs g86) 14 ତାର୍‌ହଃଚେ
ମଃର୍ନ୍ ଆର୍ ହଃତାଳ୍‌କେ ସେ ଜୟ୍ ଲାଗ୍‌ତା କୁଣ୍ଡେ ହଃକା ଗଃଲି
। ଇ ଜୟ୍ ଲାଗ୍‌ତା କୁଣ୍ଡ ଅୟ୍‌ଲି, ଦୁୟ୍ ଲମ୍ବର୍ ମଃର୍ନ୍ । (Hadēs
g86, Limnē Pyr g3041 g4442) 15 ଜୁୟ୍ ଲକ୍‌ମଃନାର୍ ନାଉଁ ଜିବନ୍
ସାସ୍ତର୍ ତଃୟ୍ ଲେକା ଅୟ୍‌ନଃରିଲି, ସେମଃନ୍‌କେ ସେ ଜୟ୍
ଲାଗ୍‌ତା କୁଣ୍ଡେ ହିଙ୍ଗା ଅୟ୍‌ଲି । (Limnē Pyr g3041 g4442)

**21** ସଃରାସଃରି ହଃଚେ ମୁୟ୍ ଗଟେକ୍ ନଃଉଆଁ ଅଃଗାସ୍ ଆର୍
ନଃଉଆଁ ହୁର୍ତି ଦଃକ୍‌ଲେ । ହଃର୍ନା ଅଃଗାସ୍, ହଃର୍ନା ହୁର୍ତି
ନଃସ୍ଟ ଅୟ୍‌ରିଲି, ଆର୍ ସଃମ୍‌ନ୍ଦ ନଃରିଲି । 2 ଆର୍ ଗଟେକ୍ ପବିତ୍ର
ଗଃଳ୍, ନଃଉଆଁ ଜିରୁସାଲମ୍, କଃନ୍ୟା ବେସେ ଟିଆର୍ ଅୟ୍
ସଃର୍ଗାର୍ ଇସ୍ୱରାର୍ ତଃୟ୍‌ହୁଣି ହୁର୍ତି ଉହ୍ରେ ଉତୁର୍ତାର୍ ଦଃକ୍‌ଲେ ।
3 ଆରେକ୍ ସଃର୍ଗାର୍ ସିଙ୍ଗାସଣେ ହୁଣି ଗଟେକ୍ ସଃବ୍‌ଦ୍ ଆୟ୍‌ଲି,
"ଅଃବେ ଇସ୍ୱରାର୍ ବାସା କର୍ତା ଟାଣ୍ ମାନାୟ୍‌ମଃନାର୍ ତଃୟ୍
ଆଚେ, ସେ ସେମଃନାର୍ ସଃଙ୍ଗ୍ ବାସା କଃରେଦ୍ ଆର୍ ସେମଃନ୍
ତାର୍ ନିଜାର୍ ଲକ୍ ଅଃଉତି । ଇସ୍ୱର୍ ନିଜେ ସେମଃନାର୍ ସଃଙ୍ଗ୍
ବାସା କଃରେଦ୍ ଆର୍ ସେ ସେମଃନାର୍ ଇସ୍ୱର୍ ଅୟ୍‌ଦ୍ । 4
ଇସ୍ୱର୍ ସେମଃନାର୍ ଆକିର୍ ସଃବୁ ଆସୁ ହୁଚି ଦଃୟ୍‌ଦ୍ । ମଃର୍ନ୍,
ଦୁକ୍, କାନ୍ଦ୍‌ତାର୍ କି ଦୁକା ଆରେକ୍ ନଃରେୟ୍ । ସଃବୁ ହଃର୍ନା
ବିସୟ୍ ନାସ୍ ଅୟ୍‌ଆଚେ ।" 5 ସିଙ୍ଗାସଣ୍ ଉହ୍ରେ ବଃସ୍‌ଲା ଲକ୍
କୟ୍‌ଲା, "ହେଁ ମୁୟ୍ ସଃବୁ ବିସୟ୍ ନଃଉଆଁ କଃରିଆଚି ।"
ଆରେକ୍ ସେ ମକ୍ ଆଦେସ୍ ଦିଲା, "ଇ ସଃବୁ କଃତା ଲେକ୍,
କାୟ୍‌ତାକ୍‌ବଃଲେକ୍ ଇରି ସଃତ୍ ଆର୍ ବିସ୍ୱାସାର୍ ଜୟ୍‌ଗ୍ ।"
6 ଆରେକ୍ ହେଁ ସେ କୟ୍‌ଲା, "କାମ୍ ସଃରି ଆଚେ । ମୁୟ୍
ହଃର୍ତୁ ଆର୍ ସଃରାସଃରି, ଆରୁମ୍ ଆର୍ ସେସ୍ । ଜାକେ ସସ୍
ଲାଗୁଲି, ଜିବନ୍ ହାଜ୍ରା ହାଣି ବାରାଉତା ତଃୟ୍‌ହୁଣି ବିନାମଲେ
କାଉଁକେ ଦଃୟ୍‌ନ୍ଦ । 7 ଜୁୟ୍‌ମଃନ୍ ଜିଣ୍ତି, ମୁୟ୍ ସେମଃନ୍‌କେ
ଇ ପୁରିସ୍କାର୍ ଦଃୟ୍‌ନ୍ଦ, ମୁୟ୍ ସେମଃନାର୍ ଇସ୍ୱର୍ ଅୟ୍‌ନ୍ଦ ଆର୍
ସେମଃନ୍ ମର୍ ହିଲା ଅଃଉତି । 8 ମଃତର୍ ଜୁୟ୍‌ମଃନ୍ ଡିର୍‌କୁଳା,
ଅବିସ୍ୱାସି, କଃରାବ୍ ଚାଲାଚାଲ୍‌ତି, ନଃର୍ ମାରୁ, ଦାରିକଃରୁ,
ହାଙ୍ଗୁଣ୍ କଃରୁ, ମୁର୍ତି ହୁଜାକଃରୁ ଆର୍ ମିଚ୍ କଃଉତା ଲକ୍,
ଇବାନ୍ୟା ସଃବୁ କଃରାବ୍ କାମ୍ କର୍ତା ଲକ୍‌ମଃନାର୍ ଗିନେ ଟିକ୍
କଃଲା ଟାଣ୍ ଆଚେ, ଗଃନ୍ଦକ୍ ସଃଙ୍ଗ୍ ଜୟ୍ ଲାଗ୍‌ତା କୁଣ୍ଡ ସେତି
ଆଚେ, ସେମଃନ୍ ଦୁୟ୍‌ତରାର୍ ମଃର୍ନ୍ ବୟ୍‌ଗ୍ କଃର୍ତି ।" (Limnē Pyr
g3041 g4442) 9 ତାର୍‌ହଃଚେ ସାତ୍ ଗଟ୍ ସେସ୍ ମଃର୍ଡି ହୁର୍ନ୍ ଅୟ୍‌ଲା
ସାତ୍ ଗଟ୍ କପା ଦଃରି ରିଲା ସାତ୍ ଗଟ୍ ଦୁତ୍‌ମଃନାର୍ ବିତ୍ରେ
ଗଟେକ୍ ଲକ୍ ମର୍ ଲଃଗେ ଆସି କୟ୍‌ଲା, ଆଉ, ମେଣ୍ଢାହିଲାର୍
ଡକୁର୍ସି ନଃଉଆଁ କଃନ୍ୟାକେ ଦଃକ୍‌ସି । 10 ସେତାକ୍ ସେ ମକ୍
ଆତ୍ମାୟ୍ ଗଟେକ୍ ବଃଡ୍ ଆର୍ ଉଚ୍ ହଃର୍ବାତେ ନଃୟ୍ ପବିତ୍ର ଗଃଳ୍
ଜିରୁସାଲମ୍‌କେ ଦଃକାୟ୍‌ଲା, ସେରି ସଃର୍ଗାର୍ ଇସ୍ୱରାର୍ ଚଃମେ
ହୁଣି ଉତ୍ରି ଆସ୍ତି ରିଲି ଆର୍ ଇସ୍ୱରାର୍ ଜଃଜ୍‌ମାନେ ଜଃଳ୍‌କ୍‌ତି ରିଲି
। 11 ସେ ଗଃଳ୍ କାଚ୍ ହର୍ ଉଜାଳ୍ ଆର୍ ବଃଡେ ମଲାର୍ ମଣି
ହର୍ ଜିକ୍‌ଜିକ୍‌ତି ରିଲି । ଆର୍ ତାର୍ ମଣି ଇସ୍ୱରାର୍ ଜଃଜ୍‌ମାନେ
ଜଃଳ୍‌କ୍‌ତି ରିଲି । 12 ତାର୍ ଗଟେକ୍ ବଃଡ୍ ଉଚ୍ କଃତି ରିଲି । ଇ
କଃତିର୍ ବାରଗଟ୍ ଦୁଆରେ ବାରଗଟ୍ ସଃର୍ଗ୍ ଦୁତ୍ ଜାଗି ରିଲାୟ୍
। ଆର୍ ସେ ଦୁଆର୍ ମଃନାର୍ ଉହ୍ରେ ଇସ୍ରାଏଲାର୍ ବାରଗଟ୍
ବଃଉଁସାର୍ ନାଉଁ ଲେକା ଅୟ୍‌ରିଲି । 13 କଃତିର୍ ଚାରିବାଟ୍
ତିନିଗଟ୍ ଲେକ୍ ଦୁଆର୍ ରିଲି, ବେଳ୍ ଉଦ୍‌ତି ଦିଗେ ତିନିଗଟ୍,
ଦକିଣ୍ ଦିଗେ ତିନିଗଟ୍, ଉତୁର୍ ଦିଗେ ତିନି ଗଟ୍ ଆର୍ ପସ୍ଚିମ୍
ଦିଗେ ତିନି ଗଟ୍ । 14 ଗଃଳାର୍ ଇ କଃତି, ବାରଗଟ୍ ଟେଳାର୍
କୁନାଦି ଉହ୍ରେ ଟିଆର୍ ଅୟ୍‌ରିଲି ଆର୍ ସେ ବାରଗଟ୍ କୁନାଦି
ଉହ୍ରେ ମେଣ୍ଢାହିଲାର୍ ବାରଗଟ୍ ପେରିତ୍ ଚେଲାମଃନାର୍ ନାଉଁ
ଲେକାୟ୍‌ରିଲି । 15 ମର୍ ସଃଙ୍ଗ୍ କଃତା ଅଃଉତା ଦୁତାର୍ ଆତେ
ଗଃଳ୍, କଃତି, ଆର୍ ଦୁଆର୍‌ମଃନ୍‌କେ ନାହୁକ୍ ଗଟେକ୍ ସନାର୍
ନାହ୍‌ତା ଡାଙ୍ଗ୍ ରିଲି । 16 ଗଃଳ୍ ଚାରି କନିଆ ରିଲି, ତାର୍ ଡେଙ୍ଗ୍
ଆର୍ ଅଃସାର୍ ସଃମାନ୍ ରିଲି । ଦୁତ୍ ତାର୍ ନାହ୍‌ତା ଡାଙ୍ଗେ
ଗଃଳ୍‌କେ ନାହ୍‌ଲା । ତାର୍ ଡେଙ୍ଗ୍, ଅଃସାର୍ ଆର୍ ଉଚ୍ ସଃମାନ୍
୨,୪୦୦ କିଲମିଟେର୍ ରିଲି । 17 ଦୁତ୍ କଃତିର୍ ଉଚ୍ ହେଁ ନାହ୍‌ଲା
। ସେରି ୬୦ ମିଟେର୍ ରିଲି । 18 ସେ କଃତି ମଣି ତଃୟ୍ ଟିଆର୍
ଅୟ୍‌ରିଲି ଆର୍ ଗଃଳ୍ କାଚ୍ ହର୍ ନିର୍ମୁଳ୍ ସୁଦ୍ ସନାୟ୍ ଟିଆର୍
ଅୟ୍‌ରିଲି । 19 ଗଃଳାର୍ ଚାରିହାକ୍ ରିଲା କଃତିର୍ କୁନାଦି ଲଃଗେ
ମଣି ମାଣିକ୍ୟ ଡଃସା ଅୟ୍‌ରିଲି, ହଃର୍ତୁ କୁନାଦି ଲଃଗେ ହିରା, ଦୁୟ୍
ଲଃମ୍ବର୍ ତଃୟ୍ ନିଳକାନ୍ତ ମଣି, ତିନି ଲଃମ୍ବର୍ ତଃୟ୍ ବଇଦୁର୍ଜ୍ୟ
ମଣି, ଚାରି ଲଃମର୍ ତଃୟ୍ ମରକତ ମଣି, 20 ହାଚ୍ ଲଃମ୍ବର୍
ତଃୟ୍ ପୁଲକ ମଣି, ଚଅ ଲଃମ୍ବର୍ ତଃୟ୍ ମାଣିକ୍ୟ, ସାତ୍ ଲଃମ୍ବର୍
ତଃୟ୍ ପୁସ୍ପ ରାଗ୍ ମଣି, ଆଟ୍ ଲଃମ୍ବର୍ ତଃୟ୍ ପିରଜ୍ ମଣି, ନଅ
ଲଃମ୍ବର୍ ତଃୟ୍ ଗମେଦକ୍ ମଣି, ଦଃସ୍ ଲଃମ୍ବର୍ ତଃୟ୍ ଲୁସନିୟ
ମଣି, ଏଗାର୍ ଲଃମ୍ବର୍ ତଃୟ୍ ଇନ୍ଦ୍ରନିଳ ମଣି ଆର୍ ବାର ଲଃମ୍ବର୍
ତଃୟ୍ ବାସ୍ମା ମଣି ରିଲି । 21 ବାରଗଟ୍ ଦୁଆର୍ ଅଃଉଁଲି ବାରଗଟ୍
ମୁକ୍ତା, ହଃତି ଦୁଆର୍ ଗଟେକ୍ ଗଟେକ୍ ମୁକ୍ତା ସଃଙ୍ଗ୍ ଟିଆର୍

ଅୟ୍ରିଲି । ଗଃଳାର୍ ବାଟ୍ ସଃବୁ ସୁଦ୍ ସନାୟ୍ ତିଆର୍ ଅୟ୍ରିଲି ।
22 ମୁୟ୍ ଗଃଳେ କୁୟ୍ ହେଁ ମନ୍ଦିର୍ ନଃଦେକି, କାୟ୍ତାକ୍ବଃଲେକ୍
ନିଜେ ସଃବ୍କେ ସଃକାତ୍ ମାପ୍ରୁ ଇସ୍ୱର୍ ଆର୍ ମେଣ୍ଢାହିଲା ସେତିର୍
ମନ୍ଦିର୍ । 23 ଗଃଳ୍କେ ଉଜାଲ୍ କଃରୁକେ ବେଲ୍ ଜନାର୍ ଲଳା
ନାୟ୍, କାୟ୍ତାକ୍ବଃଲେକ୍ ଇସ୍ୱରାର୍ ଜଃଜ୍ମାନେ ସେରି ଉଜାଲ୍
ଅଃଉତି ରିଲି ଆର୍ ମେଣ୍ଢାହିଲା ସେତିର୍ କୁପି । 24 ହୁର୍ତିବିର୍ ସଃବୁ
ଲକ୍ ତାର୍ ଉଜାଲେ ଚାଲାବୁଲା କଃର୍ତି । ହୁର୍ତିବିର୍ ରଃଜାମଃନ୍
ଇତି ସେମଃନାର୍ ଦଃନ୍ବିତ୍ ଆଣି ଦେତି । 25 ଗଃଳାର୍ ସଃବୁ
ଦୁଆର୍ ସଃବୁବଃଲ୍ ଉଗାଲା ରଃୟ୍ଦ୍ । ସେତିର୍ ଦୁଆର୍ ସଃବୁ
କଃବେ ହେଁ ବଃନ୍ଦ କଃରା ନୟେ । କାୟ୍ତାକ୍ବଃଲେକ୍ ସେତି
କଃବେ ରାତି ନୟେ । 26 ସଃବୁ ଦେସାର୍ ଦଃନ୍ବିତ୍ ଆର୍
ଜଃଜ୍ମାନ୍ ଇ ଗଃଳେ ଆସି ରୁଣ୍ଡେଦ୍ । 27 କାୟ୍ ହେଁ ବିଟାଲ୍
ଆସ୍ତି ଇତି ଆଣା ନୟେ । ବାନ୍ୟା କଃର୍ତା କାମେ ବୁଡ୍ଲା ଦୁସ୍ଟ
ଲକ୍ ଆର୍ ମିଚ୍ କଃଉତା ଲକ୍ମଃନ୍ ଇ ଗଃଳେ ହୁରୁ ନଃହାର୍ତି ।
ଜୁୟ୍ ଲକ୍ମଃନାର୍ ନାଉଁ ମେଣ୍ଢାହିଲାର୍ ଜିବନ୍ ପୁସ୍ତକ୍ ତଃୟ୍
ଲେକା ଅୟ୍ ରଃୟ୍ଦ୍, ସେମଃନ୍ ହଃକା ଇ ଗଃଳ୍ ବିତ୍ରେ ହୁରୁକ୍
ହାର୍ତି ।

22 ନଃଉଆଁ ହୁର୍ତି ତଃୟ୍ କାଚ୍ ହର୍ ନିର୍ମୁଲ୍ ଜିବନ୍ ହାଣିର୍
ଗଟେକ୍ ଗାଡ୍ ଦୁତ୍ ମକ୍ ଦଃକାୟ୍ଲା । ଇ ଗାଡ୍ ଇସ୍ୱର୍
ଆର୍ ମେଣ୍ଢାହିଲାର୍ ସିଙ୍ଗାସଣେ ହୁଣି ବାରାୟ୍, 2 ଗଃଳାର୍ ମଃଜି
ରଃସ୍ତା ବାଟ୍ ଅୟ୍ଜାତି ରିଲି । ଗାଡାର୍ ଦୁୟ୍ କଣ୍ଟି ବାଟ୍ ଜିବନ୍
ଗଃଚ୍ ଆଚେ । ସେରି ବଃର୍ସାର୍ ହଃତି ମାସେ, ହଃଲ୍ ହଃଲେଦ୍
ଆର୍ ଇତାର୍ ହଃତାର୍ ରଗ୍ ଉଜ୍ କର୍ତାର୍ । 3 ଇସ୍ୱରାର୍ ସାୟ୍ପ୍
ହାୟ୍ଲାର୍ କାୟ୍ରି ହେଁ ସେ ଗଃଳେ ଦଃକୁକ୍ ନଃମିଳେ । ଇସ୍ୱର୍
ଆର୍ ମେଣ୍ଢାହିଲାର୍ ସିଙ୍ଗାସଣ୍ ସେ ଗଃଳାର୍ ମଃଜାୟ୍ ରଃୟ୍ଦ୍
। ଆର୍ ସେତି ତାର୍ ସେବାକାରିମଃନ୍ ତାର୍ ଅଃର୍ଦନା କଃର୍ତି
। 4 ସେମଃନ୍ ତାର୍ ମୁଁ ଦଃକ୍ତି ଆର୍ ସେମଃନାର୍ କାହାଳେ
ତାର୍ ନାଉଁ ଲେକା ଅୟ୍ଦ୍ । 5 ସେତି ଆରେକ୍ ରାତି ନୟେ
ଆର୍ କୁପି କି ବେଲ୍ ଉଜାଲ୍ ସେମଃନାର୍ ଆରେକ୍ ଲଳା ନାୟ୍,
କାୟ୍ତାକ୍ବଃଲେକ୍ ମାପ୍ରୁ ଇସ୍ୱର୍ ସେମଃନାର୍ ଉଜାଲ୍ ଅୟ୍ଦ୍
ଆର୍ ସେମଃନ୍ ରଃଜା ହର୍ ସଃବୁବଃଲ୍ ରାଇଜ୍ କଃର୍ତି । (aiōn
g165) 6 ଦୁତ୍ ମକ୍ କୟ୍ଲା, "ଇସଃବୁ କଃତା ସଃତ୍ ଆର୍ ବଃର୍ସାର୍
ଜୟ୍ଗ୍ । ଜାୟ୍ ଜାୟ୍ରି ବେଗି ଗଃଟେଦ୍, ସେରି ତାର୍ ସେବାକାରି
ମଃନ୍କେ ଜାଣାଉଁକ୍ ବାବ୍ବାଦିମଃନ୍କେ ଆତ୍ମିକ୍ ବୁଦି ଦେତା
ଇସ୍ୱର୍ ତାର୍ ଦୁତ୍କେ ହଃଟାୟ୍ ଆଚେ ।" 7 ଜିସୁ କଃଉଁଲା, "ସୁଣ୍,
ମୁୟ୍ ବେଗି ଆସୁଲେ, ଜୁୟ୍ମଃନ୍ ଇ ପୁସ୍ତକ୍ ତଃୟ୍ ଜାଣାୟ୍ରିଲା
ବାବ୍ବାଣିକେ ମଃନ୍ ଦଃୟ୍ ମାନ୍ତି, ସେମଃନାର୍ ବାୟ୍ଗ୍ ।" 8
ମୁୟ୍ ଜହନ୍, ଇ ସଃବୁ ବିସୟ୍ ନିଜେ ସୁଣିଆଚି ଆର୍ ଦଃକିଆଚି ।
ସଃବୁ ସୁଣ୍ଲା ଆର୍ ଦଃକ୍ଲା ହଃଚେ, ଜୁୟ୍ ଦୁତ୍ ମର୍ ତଃୟ୍ ସେରି
ଜାଣାୟ୍ଲା, ତାର୍ ହାଦ୍ ତଃଳେ ଡୁଳି ତାକ୍ ଜୁଆର୍ କଃରୁକେ
ଜାତି ରିଲେ । 9 ମଃତର୍ ସେ କୟ୍ଲା, "ସେବାନ୍ୟା କଃର୍ ନାୟ୍,
କାୟ୍ତାକ୍ବଃଲେକ୍ ମୁୟ୍ ହେଁ ତର୍ ହର୍ ଗଟେକ୍ ଗତିଦଃଙ୍ଗ୍ଲା
। ତର୍ ଜୁୟ୍ ବାବ୍ବାଦି ବାୟ୍ମଃନ୍ ଆର୍ ଜୁୟ୍ ସଃବୁ ଲକ୍ ଇ
ପୁସ୍ତକାର୍ କଃତା ହଃର୍କାରେ କଃତା ମାନି ରେତି, ସେମଃନାର୍
ହର୍ ମୁଏଁ ହେଁ ଗଟେକ୍ ସେବାକାରି । ଇସ୍ୱର୍କେ ଜୁଆର୍ କଃର୍
।" 10 ସେ ଆରେକ୍ ମକ୍ କୟ୍ଲା, "ଇ ପୁସ୍ତକାର୍ ଆସୁଲା ଦିନ୍
ଗଃଟ୍ତା କଃତା ମୁଦ୍ରାମାରି ସଃଙ୍ଗାଉଁ ନାୟ୍, କାୟ୍ତାକ୍ବଃଲେକ୍
ଇ ସଃବୁ ଗଃଟ୍ତା ବେଳା ଚଃମେ ଆୟ୍ଲିନି । 11 ତଃବେ ଇ
କଃତା ଜାଣି କଃରି ଜେ ଜାୟ୍ରି ଇଚା ସେରି କଃର । ଦସ୍ କାମ୍
କଃରୁ ଜଦି ଇଚା କଃରେଦ୍, ସେ ଆରେକ୍ ଦସ୍ କାମ୍ କଃର ।
ବିଟାଲ୍ ମାନାୟ୍ ବିଟାଲ୍ ଅୟ୍ ରେଉଅ । ମଃତର୍ ଜେ ଟିକ୍ କାମ୍
କଃରୁ, ସେ ଟିକ୍ କାମ୍ କଃରୁକେ ଚାଡ ନାୟ୍ । ଜେ ପବିତ୍ର ସେ
ପବିତ୍ର ଅୟ୍କଃରି ରେଉଅ ।" 12 ଜିସୁ କଃଉଁଲା, "ସୁଣା, ମୁୟ୍
ବେଗି ଆସୁଲେ, ହଃତି ଲକ୍କେ ନିଜାର୍ ନିଜାର୍ କାମ୍ ହଃର୍କାରେ
ହଃଲ୍ ଦେଉଁକ୍ ମୁୟ୍ ପୁରିସ୍କାର୍ ଦଃରି ଆସିନ୍ଦ । 13 ମୁୟ୍ ହଃର୍ତୁ
ଆର୍ ସଃରାସଃରି, ଆରୁମ୍ ଆର୍ ସେସ୍ ।" 14 ଜୁୟ୍ ଲକ୍ମଃନ୍
ନିଜାର୍ ନିଜାର୍ ବଃସ୍ତ୍ରର୍ ଦଃୟ୍ ନିର୍ମୁଲ୍ କଃରିଆଚ୍ତି, ସେମଃନାର୍
ବାୟ୍ଗ୍ । ଜିବନ୍ ଗଃଚାର୍ ହଲ୍ କାଉଁକେ ଆର୍ ଦୁଆର୍ ଦଃୟ୍
ଗଃଳ୍ ବିତ୍ରେ ହୁରୁକ୍ ସେମଃନାର୍ ଅଃଦିକାର୍ ଆଚେ । 15 ମଃତର୍
ବିଟାଲ୍ ଗୁଣାର୍ ଲକ୍, ଜଃତର୍ ମଃତର୍ କର୍ତା ଲକ୍, ନଃର୍ ମାର୍ତା
ଲକ୍, ମୁର୍ତିହୁଜା କଃର୍ତା ଲକ୍, ମିଚ୍ କଃଉତା ଲକ୍ ଆର୍ ତାଳ୍ନା
କଃର୍ତା ଲକ୍ମଃନ୍ ସଃବୁ ଗଃଳାର୍ ହଃଦାୟ୍ ରେତି । 16 "ମୁୟ୍ଁ
ଜିସୁ । ମଣ୍ଡଳିମଃନାର୍ ତଃୟ୍ ତୁମିମଃନାର୍ ନିକର୍ ଗିନେ ଇ
ସଃବୁ ବିସୟ୍ ସାକି ଦେଉଁକ୍ ମର୍ ଦୁତ୍କେ ହଃଟାୟ୍ ଆଚି । ମୁୟ୍
ଦାଉଦ୍ ବଃଉଁସାର୍ । ମୁୟ୍ ସେ ଉଜାଲ୍ ସଃକାଳାର୍ ତାରା ।" 17
ପବିତ୍ର ଆତ୍ମା ଆର୍ ସେ ନଃଉଆଁ କଃନ୍ୟା କଃଉଁଲାୟ୍, ଆସା ।
ସୁଣ୍ତା ହଃତି ଲକ୍ ହେଁ କଃଉତି, ଆସା । ଜୁୟ୍ ଲକ୍କେ ସସ୍
ଲାଗୁଲି, ସେ ଆସ । ଜିବନ୍ ଦେତା ହାଣି କାଉଁକେ ଜାର୍ ଇଚା,
ସେ ଆସି ମଲ୍ ନଃଦେତେ ସେରି ନେଉଅ । 18 ମୁୟ୍ ଜହନ୍ ।
ଜୁୟ୍ ଲକ୍ମଃନ୍ ଇ ପୁସ୍ତକାର୍ ଆସୁଲା ଦିନ୍ ଗଃଟ୍ତା ବିସୟ୍ ସଃବୁ
ସୁଣ୍ତି, ସେମଃନ୍କେ ମୁୟ୍ ସାକି ଦଃୟ୍ ଜଃଗ୍ରାତ୍ କଃରାଉଁଲେ,
ଜଦି ଇତି କେ କାୟ୍ରି ଜଳେଦ୍, ତଃବେ ଇ ପୁସ୍ତକ୍ ତଃୟ୍ ଲେକା
ଅୟ୍ଲା ମଃର୍ଡି ତଃୟ୍ ଇସ୍ୱର୍ ତାକ୍ ଡଃଣ୍ଡ ଦଃୟ୍ଦ୍ । 19 ଆର୍ ଇ
ପୁସ୍ତକାର୍ ଆସୁଲା ଦିନ୍ ଗଃଟ୍ତା ବିସୟେ ହୁଣି କେ ଜଦି କାୟ୍ରି
ଚାଡେଦ୍, ତଃବେ ଇସ୍ୱର୍ ତାକ୍ ଇ ପୁସ୍ତକ୍ ତଃୟ୍ ଲେକା ଅୟ୍ଲା
ଜିବନ୍ ଗଃଚାର୍ ହଃଲ୍ ଆର୍ ପବିତ୍ର ଗଃଳ୍ ନଃଦେୟ୍ । 20 ଜେ ଇ
ସଃବୁ ବିସୟେ ସାକି ଦେଉଁଲା, ସେ କଃଉଁଲା, "ଇରି ସଃତ୍କଃରି
ଅୟ୍ଦ୍ । ମୁୟ୍ ବେଗି ଆସୁଲେ । ସେରି ସେ ଅଃଉଅ । ମାପ୍ରୁ ଜିସୁ
ଆଉ ।" 21 ମାପ୍ରୁ ଜିସୁର୍ ଦଃୟା ସଃବୁ ଲକାର୍ ଉହ୍ରେ ଅଃଉଅ ।
ଆମେନ୍ ।




ଆର୍ ଗଟେକ୍ ପବିତ୍ର ଗଃଲ୍, ନଃଉଆଁ ଜିରୁସାଲମ୍, କଃନ୍ୟା ବେସେ ତିଆର୍ ଅୟ୍ ସଃର୍ଗୀର୍ ଇସ୍ୱରାର୍ ତଃୟ୍‌ହୁଣି ହୁର୍ଟି ଉହ୍ରେ ଉତୁର୍ତାର୍ ଦଃକ୍‌ଲେ ।
ଆରେକ୍ ସଃର୍ଗୀର୍ ସିଙ୍ଗାସଣେ ହୁଣି ଗଟେକ୍ ସଃବ୍‌ଦ୍ ଆୟ୍‌ଲି, "ଅଃବେ ଇସ୍ୱରାର୍ ବାସା କଃର୍ତା ଟାଣ୍ ମାନାୟ୍‌ମଃନାର୍ ତଃୟ୍ ଆଚେ, ସେ ସେମଃନାର୍
ସଃଙ୍ଗ୍ ବାସା କଃରେଦ୍ ଆର୍ ସେମଃନ୍ ତାର୍ ନିଜାର୍ ଲକ୍ ଅଃଉତି । ଇସ୍ୱର୍ ନିଜେ ସେମଃନାର୍
ସଃଙ୍ଗ୍ ବାସା କଃରେଦ୍ ଆର୍ ସେ ସେମଃନାର୍ ଇସ୍ୱର୍ ଅୟ୍‌ଦ୍ ।
ପ୍ରକାସିତ୍ 21:2-3

# Reader's Guide

ବଡ଼ ପରଜା at AionianBible.org/Readers-Guide

The Aionian Bible republishes public domain and Creative Common Bible texts that are 100% free to copy and print. The original translation is unaltered and notes are added to help your study. The notes show the location of eleven special Greek and Hebrew Aionian Glossary words to help us better understand God's love for individuals and for all mankind, and the nature of afterlife destinies.

Who has the authority to interpret the Bible and examine the underlying Hebrew and Greek words? That is a good question! We read in 1 John 2:27, *"As for you, the anointing which you received from him remains in you, and you do not need for anyone to teach you. But as his anointing teaches you concerning all things, and is true, and is no lie, and even as it taught you, you remain in him."* Every Christian is qualified to interpret the Bible! Now that does not mean we will all agree. Each of us is still growing in our understanding of the truth. However, it does mean that there is no infallible human or tradition to answer all our questions. Instead the Holy Spirit helps each of us to know the truth and grow closer to God and each other.

The Bible is a library with 66 books in the Protestant Canon. The best way to learn God's word is to read entire books. Read the book of Genesis. Read the book of John. Read the entire Bible library. Topical studies and cross-referencing can be good. However, the safest way to understand context and meaning is to read whole Bible books. Chapter and verse numbers were added for convenience in the 16th century, but unfortunately they can cause the Bible to seem like an encyclopedia. The Aionian Bible is formatted with simple verse numbering, minimal notes, and no cross-referencing in order to encourage the reading of Bible books.

Bible reading must also begin with prayer. Any Christian is qualified to interpret the Bible with God's help. However, this freedom is also a responsibility because without the Holy Spirit we cannot interpret accurately. We read in 1 Corinthians 2:13-14, *"And we speak of these things, not with words taught by human wisdom, but with those taught by the Spirit, comparing spiritual things with spiritual things. Now the natural person does not receive the things of the Spirit of God, for they are foolishness to him, and he cannot understand them, because they are spiritually discerned."* So we cannot understand in our natural self, but we can with God's help through prayer.

The Holy Spirit is the best writer and he uses literary devices such as introductions, conclusions, paragraphs, and metaphors. He also writes various genres including historical narrative, prose, and poetry. So Bible study must spiritually discern and understand literature. Pray, read, observe, interpret, and apply. Finally, *"Do your best to present yourself approved by God, a worker who does not need to be ashamed, properly handling the word of truth."* 2 Timothy 2:15. *"God has granted to us his precious and exceedingly great promises; that through these you may become partakers of the divine nature, having escaped from the corruption that is in the world by lust. Yes, and for this very cause adding on your part all diligence, in your faith supply moral excellence; and in moral excellence, knowledge; and in knowledge, self-control; and in self-control patience; and in patience godliness; and in godliness brotherly affection; and in brotherly affection, love. For if these things are yours and abound, they make you to be not idle nor unfruitful to the knowledge of our Lord Jesus Christ,"* 2 Peter 1:4-8.

# Glossary

ବଡ଼ ପରଜା at AionianBible.org/Glossary

The Aionian Bible un-translates and instead transliterates eleven special words to help us better understand the extent of God's love for individuals and all mankind, and the nature of afterlife destinies. The original translation is unaltered and a note is added to 64 Old Testament and 200 New Testament verses. Compare the meanings below to the Strong's Concordance and Glossary definitions.

### ***Abyssos*** g12

*Greek:* proper noun, place
*Usage:* 9 times in 3 books, 6 chapters, and 9 verses
*Meaning:*

Temporary prison for special fallen angels such as Apollyon, the Beast, and Satan.

### ***aïdios*** g126

*Greek:* adjective
*Usage:* 2 times in Romans 1:20 and Jude 6
*Meaning:*

Lasting, enduring forever, eternal.

### ***aiōn*** g165

*Greek:* noun
*Usage:* 127 times in 22 books, 75 chapters, and 102 verses
*Meaning:*

A lifetime or time period with a beginning and end, an era, an age, the completion of which is beyond human perception, but known only to God the creator of the aiōns, Hebrews 1:2. Never meaning simple endless or infinite chronological time in Greek usage. Read Dr. Heleen Keizer and Ramelli and Konstan for proofs.

### ***aiōnios*** g166

*Greek:* adjective
*Usage:* 71 times in 19 books, 44 chapters, and 69 verses
*Meaning:*

From start to finish, pertaining to the age, lifetime, entirety, complete, or even consummate. Never meaning simple endless or infinite chronological time in Koine Greek usage. Read Dr. Heleen Keizer and Ramelli and Konstan for proofs.

### ***eleēsē*** g1653

*Greek:* verb, aorist tense, active voice, subjunctive mood, 3rd person singular
*Usage:* 1 time in this conjugation, Romans 11:32
*Meaning:*

To have pity on, to show mercy. Typically, the subjunctive mood indicates possiblity, not certainty. However, a subjunctive in a purpose clause is a resulting action as certain as the causal action. The subjunctive in a purpose clause functions as an indicative, not an optative. Thus, the grand conclusion of grace theology in Romans 11:32 must be clarified. God's mercy on all is not a possibility, but a certainty. See ntgreek.org.

***Geenna*** g1067
*Greek:* proper noun, place
*Usage:* 12 times in 4 books, 7 chapters, and 12 verses
*Meaning:*
Valley of Hinnom, Jerusalem's trash dump, a place of ruin, destruction, and judgment in this life, or the next, though not eternal to Jesus' audience.

***Hadēs*** g86
*Greek:* proper noun, place
*Usage:* 11 times in 5 books, 9 chapters, and 11 verses
*Meaning:*
Synonomous with Sheol, though in New Testament usage Hades is the temporal place of punishment for deceased unbelieving mankind, distinct from Paradise for deceased believers.

***Limnē Pyr*** g3041 g4442
*Greek:* proper noun, place
*Usage:* Phrase 5 times in the New Testament
*Meaning:*
Lake of Fire, final punishment for those not named in the Book of Life, prepared for the Devil and his angels, Matthew 25:41.

***Sheol*** h7585
*Hebrew:* proper noun, place
*Usage:* 66 times in 17 books, 50 chapters, and 64 verses
*Meaning:*
The grave or temporal afterlife world of both the righteous and unrighteous, believing and unbelieving, until the general resurrection.

***Tartaroō*** g5020
*Greek:* proper noun, place
*Usage:* 1 time in 2 Peter 2:4
*Meaning:*
Temporary prison for particular fallen angels awaiting final judgment.

# Glossary +

AionianBible.org/Bibles/Bodo-Parja---BOPO-Bible/Noted

Glossary references are below. Strong's Hebrew and Greek number notes are added to 64 Old Testament and 200 New Testament verses. Questioned verse translations do not contain Aionian Glossary words and may wrongly imply *eternal* or *Hell*. * The note placement is skipped or adjusted for verses with non-standard numbering.

## *Abyssos*

ଲୁକ 8:31
ରମିୟ 10:7
ପ୍ରକାସିଡ୍ 9:1
ପ୍ରକାସିଡ୍ 9:2
ପ୍ରକାସିଡ୍ 9:11
ପ୍ରକାସିଡ୍ 11:7
ପ୍ରକାସିଡ୍ 17:8
ପ୍ରକାସିଡ୍ 20:1
ପ୍ରକାସିଡ୍ 20:3

## *aïdios*

ରମିୟ 1:20
ଜିଉଦା 1:6

## *aiōn*

ମାତିଉ 12:32
ମାତିଉ 13:22
ମାତିଉ 13:39
ମାତିଉ 13:40
ମାତିଉ 13:49
ମାତିଉ 21:19
ମାତିଉ 24:3
ମାତିଉ 28:20
ମାର୍କ 3:29
ମାର୍କ 4:19
ମାର୍କ 10:30
ମାର୍କ 11:14
ଲୁକ 1:33
ଲୁକ 1:55
ଲୁକ 1:70
ଲୁକ 16:8
ଲୁକ 18:30
ଲୁକ 20:34
ଲୁକ 20:35
ଜହନ୍ 4:14
ଜହନ୍ 6:51
ଜହନ୍ 6:58
ଜହନ୍ 8:35
ଜହନ୍ 8:51
ଜହନ୍ 8:52
ଜହନ୍ 9:32
ଜହନ୍ 10:28
ଜହନ୍ 11:26
ଜହନ୍ 12:34
ଜହନ୍ 13:8
ଜହନ୍ 14:16
ପେରିଡ୍ 3:21
ପେରିଡ୍ 15:18
ରମିୟ 1:25
ରମିୟ 9:5
ରମିୟ 11:36
ରମିୟ 12:2
ରମିୟ 16:27
୧ କରନ୍ତି 1:20
୧ କରନ୍ତି 2:6
୧ କରନ୍ତି 2:7
୧ କରନ୍ତି 2:8
୧ କରନ୍ତି 3:18
୧ କରନ୍ତି 8:13
୧ କରନ୍ତି 10:11
୨ କରନ୍ତି 4:4
୨ କରନ୍ତି 9:9
୨ କରନ୍ତି 11:31
ଗାଲାତିୟ 1:4
ଗାଲାତିୟ 1:5
ଏପିସିୟ 1:21
ଏପିସିୟ 2:2
ଏପିସିୟ 2:7
ଏପିସିୟ 3:9
ଏପିସିୟ 3:11
ଏପିସିୟ 3:21
ଏପିସିୟ 6:12
ପିଲିପିୟ 4:20
କଲସି 1:26
୧ ତିମତି 1:17
୧ ତିମତି 6:17
୨ ତିମତି 4:10
୨ ତିମତି 4:18
ତିତସ୍ 2:12
ଏବ୍ରି 1:2
ଏବ୍ରି 1:8
ଏବ୍ରି 5:6
ଏବ୍ରି 6:5
ଏବ୍ରି 6:20
ଏବ୍ରି 7:17
ଏବ୍ରି 7:21
ଏବ୍ରି 7:24
ଏବ୍ରି 7:28
ଏବ୍ରି 9:26
ଏବ୍ରି 11:3
ଏବ୍ରି 13:8
ଏବ୍ରି 13:21
୧ ପିତର୍ 1:23
୧ ପିତର୍ 1:25
୧ ପିତର୍ 4:11
୧ ପିତର୍ 5:11
୨ ପିତର୍ 3:18
୧ ଜହନ୍ 2:17
୨ ଜହନ୍ 1:2
ଜିଉଦା 1:13
ଜିଉଦା 1:25
ପ୍ରକାସିଡ୍ 1:6
ପ୍ରକାସିଡ୍ 1:18
ପ୍ରକାସିଡ୍ 4:9
ପ୍ରକାସିଡ୍ 4:10
ପ୍ରକାସିଡ୍ 5:13
ପ୍ରକାସିଡ୍ 7:12
ପ୍ରକାସିଡ୍ 10:6
ପ୍ରକାସିଡ୍ 11:15
ପ୍ରକାସିଡ୍ 14:11
ପ୍ରକାସିଡ୍ 15:7
ପ୍ରକାସିଡ୍ 19:3
ପ୍ରକାସିଡ୍ 20:10
ପ୍ରକାସିଡ୍ 22:5

## *aiōnios*

ମାତିଉ 18:8
ମାତିଉ 19:16
ମାତିଉ 19:29
ମାତିଉ 25:41
ମାତିଉ 25:46
ମାର୍କ 3:29
ମାର୍କ 10:17
ମାର୍କ 10:30
ଲୁକ 10:25
ଲୁକ 16:9
ଲୁକ 18:18
ଲୁକ 18:30
ଜହନ୍ 3:15
ଜହନ୍ 3:16
ଜହନ୍ 3:36
ଜହନ୍ 4:14
ଜହନ୍ 4:36
ଜହନ୍ 5:24
ଜହନ୍ 5:39
ଜହନ୍ 6:27
ଜହନ୍ 6:40
ଜହନ୍ 6:47
ଜହନ୍ 6:54
ଜହନ୍ 6:68

ଜହନ୍ 10:28
ଜହନ୍ 12:25
ଜହନ୍ 12:50
ଜହନ୍ 17:2
ଜହନ୍ 17:3
ପେରିତ୍ 13:46
ପେରିତ୍ 13:48
ରମିୟ 2:7
ରମିୟ 5:21
ରମିୟ 6:22
ରମିୟ 6:23
ରମିୟ 16:25
ରମିୟ 16:26
୨ କରନ୍ଥି 4:17
୨ କରନ୍ଥି 4:18
୨ କରନ୍ଥି 5:1
ଗାଲାତିୟ 6:8
୨ ତେସଲନିକି 1:9
୨ ତେସଲନିକି 2:16
୧ ତିମତି 1:16
୧ ତିମତି 6:12
୧ ତିମତି 6:16
୨ ତିମତି 1:9
୨ ତିମତି 2:10
ତିତସ୍ 1:2
ତିତସ୍ 3:7
ପିଲିମନ୍ 1:15
ଏବ୍ରି 5:9
ଏବ୍ରି 6:2
ଏବ୍ରି 9:12
ଏବ୍ରି 9:14
ଏବ୍ରି 9:15
ଏବ୍ରି 13:20
୧ ପିତର୍ 5:10
୨ ପିତର୍ 1:11
୧ ଜହନ୍ 1:2
୧ ଜହନ୍ 2:25
୧ ଜହନ୍ 3:15
୧ ଜହନ୍ 5:11
୧ ଜହନ୍ 5:13
୧ ଜହନ୍ 5:20
ଜିଉଦା 1:7
ଜିଉଦା 1:21
ପ୍ରକାସିତ୍ 14:6

## eleēsē

ରମିୟ 11:32

## Geenna

ମାତିଉ 5:22
ମାତିଉ 5:29
ମାତିଉ 5:30
ମାତିଉ 10:28
ମାତିଉ 18:9
ମାତିଉ 23:15
ମାତିଉ 23:33
ମାର୍କ 9:43
ମାର୍କ 9:45
ମାର୍କ 9:47
ଲୁକ 12:5
ଜାକୁବ 3:6

## Hadēs

ମାତିଉ 11:23
ମାତିଉ 16:18
ଲୁକ 10:15
ଲୁକ 16:23
ପେରିତ୍ 2:27
ପେରିତ୍ 2:31
୧ କରନ୍ଥି 15:55
ପ୍ରକାସିତ୍ 1:18
ପ୍ରକାସିତ୍ 6:8
ପ୍ରକାସିତ୍ 20:13
ପ୍ରକାସିତ୍ 20:14

## Limnē Pyr

ପ୍ରକାସିତ୍ 19:20
ପ୍ରକାସିତ୍ 20:10
ପ୍ରକାସିତ୍ 20:14
ପ୍ରକାସିତ୍ 20:15
ପ୍ରକାସିତ୍ 21:8

## Sheol


Genesis 37:35
Genesis 42:38
Genesis 44:29
Genesis 44:31
Numbers 16:30
Numbers 16:33
Deuteronomy 32:22
1 Samuel 2:6
2 Samuel 22:6
1 Kings 2:6
1 Kings 2:9
Job 7:9
Job 11:8
Job 14:13
Job 17:13
Job 17:16
Job 21:13
Job 24:19
Job 26:6
Psalms 6:5
Psalms 9:17
Psalms 16:10
Psalms 18:5
Psalms 30:3
Psalms 31:17
Psalms 49:14
Psalms 49:15
Psalms 55:15
Psalms 86:13
Psalms 88:3
Psalms 89:48
Psalms 116:3
Psalms 139:8
Psalms 141:7
Proverbs 1:12
Proverbs 5:5
Proverbs 7:27
Proverbs 9:18
Proverbs 15:11
Proverbs 15:24
Proverbs 23:14
Proverbs 27:20
Proverbs 30:16
Ecclesiastes 9:10
Song of Solomon 8:6
Isaiah 5:14
Isaiah 7:11
Isaiah 14:9
Isaiah 14:11
Isaiah 14:15
Isaiah 28:15
Isaiah 28:18
Isaiah 38:10
Isaiah 38:18
Isaiah 57:9
Ezekiel 31:15
Ezekiel 31:16
Ezekiel 31:17
Ezekiel 32:21
Ezekiel 32:27
Hosea 13:14
Amos 9:2
Jonah 2:2
Habakkuk 2:5

## Tartaroō


୨ ପିତର୍ 2:4

## Questioned


୨ ପିତର୍ 2:17




ବିସ୍ୱାସ୍ ଗିନେ ଅବ୍ରାହାମ୍ କୁଦ୍ଲା ଦାହ୍ରେ, ଜୁୟ୍ ଦେସ୍ ସେ ଅଃଦିକାର୍ ହର୍ ହାଉଁକ୍ ଜାତିରିଲା, କଃତାମାନି ସେତି ବାରାୟ୍ ଗଃଲା, ଆରେକ୍ ସେ କୁୟ୍ତି ଜଃଉଁଲା, ସେରି ନଃଜାଣ୍ଲେକ୍ ହେଁ ବାରାୟ୍ ଗଃଲା । - ଏବ୍ରି 11:8




*"When Pharaoh had let the people go, God didn't lead them by the way of the land of the Philistines, although that was near; for God said, 'Lest perhaps the people change their minds when they see war, and they return to Egypt'"* Exodus 13:17




କାୟ୍ତାକ୍ବଃଲେକ୍ ନଃରାର୍ ହୟ୍ସି ହେଁ ସେବା ହାଉଁକ୍ ନାସେ, ମଃତର୍ ସେବା କଃରୁକେ ଆର୍ ଗାଦେକ୍ ଲକାର୍ ଗିନେ ମୁକ୍ଲାଉତା ମଲ୍ ହର୍ ଅଃହ୍ଣାର୍ ଜିବନ୍ ଦେଉଁକେ ଆସି ଆଚେ । - ମାର୍କ 10:45




ପାଉଲ୍, କ୍ରିସ୍ଟ ଜିସୁର୍ ଗତିଦଃଙ୍ଗ୍ଲା ଆର୍ କୁଦ୍ଲାର୍ ଗଟ୍ ପେରିତ୍, ଆର୍ ଅଃହ୍ଣାର୍ ହୟ୍ସି ଅଃମାର୍ ମାପ୍ରୁ ଜିସୁ କ୍ରିସ୍ଟର୍ ବିସୟେ ନିଜାର୍ ଜୁୟ୍ ନିକ କବୁର୍ ଦଃର୍ମସାସ୍ତରେ ଅଃହ୍ଣାର୍ ବାବ୍ବାଦି ମଃନ୍କାର୍ ତଃୟ୍ ହୁର୍ବେ ସଃୟ୍ତ୍ କଃରିରିଲା, ସେ ନିକ କବୁର୍ । - ରମିୟ 1:1

# Creation 4004 B.C.

| | |
|---|---|
| Adam and Eve created | 4004 |
| Tubal-cain forges metal | 3300 |
| Enoch walks with God | 3017 |
| Methuselah dies at age 969 | 2349 |
| God floods the Earth | 2349 |
| Tower of Babel thwarted | 2247 |
| Abraham sojourns to Canaan | 1922 |
| Jacob moves to Egypt | 1706 |
| Moses leads Exodus from Egypt | 1491 |
| Gideon judges Israel | 1245 |
| Ruth embraces the God of Israel | 1168 |
| David installed as King | 1055 |
| King Solomon builds the Temple | 1018 |
| Elijah defeats Baal's prophets | 896 |
| Jonah preaches to Nineveh | 800 |
| Assyrians conquer Israelites | 721 |
| King Josiah reforms Judah | 630 |
| Babylonians capture Judah | 605 |
| Persians conquer Babylonians | 539 |
| Cyrus frees Jews, rebuilds Temple | 537 |
| Nehemiah rebuilds the wall | 454 |
| Malachi prophecies the Messiah | 416 |
| Greeks conquer Persians | 331 |
| Seleucids conquer Greeks | 312 |
| Hebrew Bible translated to Greek | 250 |
| Maccabees defeat Seleucids | 165 |
| Romans subject Judea | 63 |
| Herod the Great rules Judea | 37 |

(The Annals of the World, James Uusher)

# Jesus Christ born 4 B.C.

# New Heavens and Earth

| | |
|---|---|
| | Christ returns for his people |
| 1956 | Jim Elliot martyrd in Ecuador |
| 1830 | John Williams reaches Polynesia |
| 1731 | Zinzendorf leads Moravian mission |
| 1614 | Japanese kill 40,000 Christians |
| 1572 | Jesuits reach Mexico |
| 1517 | Martin Luther leads Reformation |
| 1455 | Gutenberg prints first Bible |
| 1323 | Franciscans reach Sumatra |
| 1276 | Ramon Llull trains missionaries |
| 1100 | Crusades tarnish the church |
| 1054 | The Great Schism |
| 997 | Adalbert marytyrd in Prussia |
| 864 | Bulgarian Prince Boris converts |
| 716 | Boniface reaches Germany |
| 635 | Alopen reaches China |
| 569 | Longinus reaches Alodia / Sudan |
| 432 | Saint Patrick reaches Ireland |
| 397 | Carthage ratifies Bible Canon |
| 341 | Ulfilas reaches Goth / Romania |
| 325 | Niceae proclaims God is Trinity |
| 250 | Denis reaches Paris, France |
| 197 | Tertullian writes Christian literature |
| 70 | Titus destroys the Jewish Temple |
| 61 | Paul imprisoned in Rome, Italy |
| 52 | Thomas reaches Malabar, India |
| 39 | Peter reaches Gentile Cornelius |
| 33 | Holy Spirit empowers the Church |

(Wikipedia, Timeline of Christian missions)

# Resurrected 33 A.D.

<table>
<tr><td colspan="3">What are we?</td><td colspan="2">Genesis 1:26 - 2:3</td></tr>
<tr><td colspan="3">How are we sinful?</td><td colspan="2">Romans 5:12-19</td></tr>
<tr><td colspan="3" rowspan="3">Where are we?</td><td colspan="2"></td></tr>
<tr><td colspan="2">Innocence</td></tr>
<tr><td>Eternity Past</td><td>Creation 4004 B.C.</td></tr>
<tr><td rowspan="14">Who are we?</td><td rowspan="3">God</td><td>Father</td><td rowspan="3">John 10:30<br><br>God's perfect fellowship</td><td rowspan="7">Genesis 1:31<br><br>God's perfect fellowship with Adam in The Garden of Eden</td></tr>
<tr><td>Son</td></tr>
<tr><td>Holy Spirit</td></tr>
<tr><td rowspan="3">Mankind</td><td>Living</td><td rowspan="11">Genesis 1:1<br><br>No Creation<br>No people</td></tr>
<tr><td>Deceased believing</td></tr>
<tr><td>Deceased unbelieving</td></tr>
<tr><td rowspan="6">Angels</td><td>Holy</td></tr>
<tr><td>Imprisoned</td><td rowspan="5">Genesis 1:31<br><br>No Fall<br>No unholy Angels</td></tr>
<tr><td>Fugitive</td></tr>
<tr><td>First Beast</td></tr>
<tr><td>False Prophet</td></tr>
<tr><td>Satan</td></tr>
<tr><td colspan="3">Why are we?</td><td colspan="2">Romans 11:25-36, Ephesian 2:7</td></tr>
</table>

Mankind is created in God’s image, male and female He created us

Sin entered the world through Adam and then death through sin

## When are we? ▼

<table>
<tr><td colspan="4">Fallen</td><td>Glory</td></tr>
<tr><td>Fall to sin<br>No Law</td><td>Moses’ Law<br>1500 B.C.</td><td>Christ<br>33 A.D.</td><td>Church Age<br>Kingdom Age</td><td>New Heavens<br>and Earth</td></tr>
<tr><td colspan="4">1 Timothy 6:16<br>Living in unapproachable light</td><td rowspan="7">Acts 3:21<br>Philippians 2:11<br>Revelation 20:3<br><br>God’s<br>perfectly<br>restored<br>fellowship<br>with all<br>Mankind<br>praising<br>Christ<br>as Lord<br>in the<br>Holy<br>City</td></tr>
<tr><td colspan="2">John 8:58<br>Pre-incarnate</td><td>John 1:14<br>Incarnate</td><td>Luke 23:43<br>Paradise</td></tr>
<tr><td colspan="2">Psalm 139:7<br>Everywhere</td><td colspan="2">John 14:17<br>Living in believers</td></tr>
<tr><td colspan="4">Ephesians 2:1-5<br>Serving the Savior or Satan on Earth</td></tr>
<tr><td colspan="4">Luke 16:22<br>Blessed in Paradise</td></tr>
<tr><td colspan="4">Luke 16:23, Revelation 20:5,13<br>Punished in Hades until the final judgment</td></tr>
<tr><td colspan="4">Hebrews 1:14<br>Serving mankind at God’s command</td></tr>
<tr><td colspan="4">2 Peter 2:4, Jude 6<br>Imprisoned in Tartarus</td><td rowspan="4">Matthew 25:41<br>Revelation 20:10<br><br>Lake of Fire<br>prepared<br>for the<br>Devil<br>and his<br>Angels</td></tr>
<tr><td colspan="3" rowspan="3">1 Peter 5:8, Revelation 12:10<br><br>Rebelling against Christ<br>Accusing mankind</td><td>Revelation 20:13<br>Thalaasa</td></tr>
<tr><td>Revelation 19:20<br>Lake of Fire</td></tr>
<tr><td>Revelation 20:2<br>Abyss</td></tr>
</table>

For God has bound all over to disobedience in order to show mercy to all

# Destiny

ବଡ଼ ପରଜା at AionianBible.org/Destiny


The Aionian Bible shows the location of eleven special Greek and Hebrew Aionian Glossary words to help us better understand God’s love for individuals and for all mankind, and the nature of after-life destinies. The underlying Hebrew and Greek words typically translated as *Hell* show us that there are not just two after-life destinies, Heaven or Hell. Instead, there are a number of different locations, each with different purposes, different durations, and different inhabitants. Locations include 1) Old Testament *Sheol* and New Testament *Hadēs*, 2) *Geenna*, 3) *Tartaroō*, 4) *Abyssos*, 5) *Limnē Pyr*, 6) *Paradise*, 7) *The New Heaven*, and 8) *The New Earth*. So there is reason to review our conclusions about the destinies of redeemed mankind and fallen angels.

The key observation is that fallen angels will be present at the final judgment, 2 Peter 2:4 and Jude 6. Traditionally, we understand the separation of the Sheep and the Goats at the final judgment to divide believing from unbelieving mankind, Matthew 25:31-46 and Revelation 20:11-15. However, the presence of fallen angels alternatively suggests that Jesus is separating redeemed mankind from the fallen angels. We do know that Jesus is the helper of mankind and not the helper of the Devil, Hebrews 2. We also know that Jesus has atoned for the sins of all mankind, both believer and unbeliever alike, 1 John 2:1-2. Deceased believers are rewarded in Paradise, Luke 23:43, while unbelievers are punished in Hades as the story of Lazarus makes plain, Luke 16:19-31. Yet less commonly known, the punishment of this selfish man and all unbelievers is before the final judgment, is temporal, and is punctuated when Hades is evacuated, Revelation 20:13. So is there hope beyond Hades for unbelieving mankind? Jesus promised, *“the gates of Hades will not prevail,”* Matthew 16:18. Paul asks, *“Hades where is your victory?”* 1 Corinthians 15:55. John wrote, *“Hades gives up,”* Revelation 20:13.

Jesus comforts us saying, *“Do not be afraid,”* because he holds the keys to *unlock* death and Hades, Revelation 1:18. Yet too often our *Good News* sounds like a warning to *“be afraid”* because Jesus holds the keys to *lock* Hades! Wow, we have it backwards! Hades will be evacuated! And to guarrantee hope, once emptied, Hades is thrown into the Lake of Fire, never needed again, Revelation 20:14.

Finally, we read that anyone whose name is not written in the Book of Life is thrown into the Lake of Fire, the second death, with no exit ever mentioned or promised, Revelation 21:1-8. So are those evacuated from Hades then, *“out of the frying pan, into the fire?”* Certainly, the Lake of Fire is the destiny of the Goats. But, do not be afraid. Instead, read the Bible's explicit mention of the purpose of the Lake of Fire and the identity of the Goats, *“Then he will say also to those on the left hand, ‘Depart from me, you cursed, into the consummate fire which is prepared for... the devil and his angels,’”* Matthew 25:41. Bad news for the Devil. Good news for all mankind!

Faith is not a pen to write your own name in the Book of Life. Instead, faith is the glasses to see that the love of Christ for all mankind has already written our names in Heaven. *“If the first fruit is holy, so is the lump,”* Romans 11:16. Though unbelievers will suffer regrettable punishment in Hades, redeemed mankind will never enter the Lake of Fire, prepared for the devil and his angels. And as God promised, all mankind will worship Christ together forever, Philippians 2:9-11.




ତଃବେ ତୁମିମଃନ୍ ଜାୟ୍ ସଃବୁ ବାସାର୍ ରିଲା ଲକ୍ମଃନ୍କେ ଉବା, ହଅ ଆର୍ ପବିତ୍ର ଆତ୍ମାର୍ ନାଉଁଏ ବାପ୍ତିସମ୍ ଦଃୟ୍, ସେମଃନ୍କେ ଚେଲା କଃରା । - ମାତିଉ 28:19